

Source: Author, Digitized by PPRACHIN, SOA

ମୂଲ୍ୟବୋଧର ସନ୍ଧାନ

(ଆତ୍ମଜୀବନୀ)

ରାସବିହାରୀ ବେହେରା

ଗ୍ରନ୍ଥମନ୍ଦିର, ବିନୋଦବିହାରୀ, କଟକ-୨

Source: Author, Digitized by PPRACHIN, SOA

Mulyabodhara Sandhana : *an autobiography*
Written by : **Sri Rasabihari Behera**, Ex-M.P. & Cabinet Minister
Published by : **Grantha Mandir**, Binodebehari, Cuttack-2
Ph. : (0671) 2308234, 9437025148 (M)
Printed at : **Optima offset prints**, Sutahat, Cuttack-1
First Edition : 2016
Price : Rs. 600/-

ପ୍ରକାଶକ : ମନୋଜ କୁମାର ମହାପାତ୍ର
ଗ୍ରନ୍ଥମନ୍ଦିର, ବିନୋଦ ବିହାରୀ, କଟକ-୨

ମୁଦ୍ରଣ : **ଅପ୍‌ଟିମା ଅଫ୍‌ସେଟ୍ ପ୍ରିଣ୍ଟସ୍**
ସୂତାହାଟ, କଟକ-୭୫୩ ୦୦୧

ପ୍ରଥମ ପ୍ରକାଶ : ୨୦୧୬

ମୂଲ୍ୟ : ଟ. ୬୦୦/-

Source: Author, Digitized by PPRACHIN, SOA

ଉତ୍ସର୍ଗ

ମୋର ଅଜା (ଜେଜେବାପା) ଅଖିଳଚନ୍ଦ୍ର ବେହେରା

ଆଇ (ଜେଜେମା) ସତ୍ୟଭାମା ଦେବୀ

ପିତା ପ୍ରସନ୍ନ କୁମାର ବେହେରା

ମାତା ବିଦ୍ୟୁଲତା ବେହେରା

ବଡବାପା ସୁରେଶଚନ୍ଦ୍ର ବେହେରା

ବଡମା' ନୀରବତୀ ଦେବୀଙ୍କୁ

ସ୍ମରଣ କରି ''ମୂଲ୍ୟବୋଧର ସନ୍ଧାନ''କୁ

ଉତ୍ସର୍ଗ କରୁଛି ।

Source: Author, Digitized by PPRACHIN, SOA

୧। ଆଈ, ସତ୍ୟଭାମା ଦେବୀ, ଅଜା ଅଖିଳ ଚନ୍ଦ୍ର ବେହେରା।

୨। ଲେଖକଙ୍କ ପିତା ଓ ମାତା – ପ୍ରସନ୍ନ କୁମାର ଓ ବିଦ୍ୟୁଲତା।

Source: Author, Digitized by PPRACHIN, SOA

୩ । ବଡବାପା, ବଡ ମା । ସୁରେଶ ଚନ୍ଦ୍ର ଓ ନିରବତୀ ।

୪ । ଶ୍ୱଶୁର, ଶାଶୁ, କୁମୁଦନାଥ ବାବୁ ଓ ମନୋରମା ଦେବୀ ।

Source: Author, Digitized by PPRACHIN, SOA

୫। ଲେଖକ ଓ ସହଧର୍ମିଣୀ ରାଜେଶ୍ୱରୀ କାନାଡର ନାଏଗ୍ରା ଜଳପ୍ରପାତର ବଗିଚାରେ।

୬। ଅଭିତୋଷ, ପୁଷ୍ପାଞ୍ଜଳୀ (ଝିଅ), ଆଶୁତୋଷ, ଡକ୍ଟର ମନୋଜ ପଣ୍ଡା(ଜ୍ୱାଇଁ)।

Source: Author, Digitized by PPRACHIN, SOA

୭। ମମତା, ପ୍ରତ୍ୟୁଶ, ପ୍ରତୀକ, ନୀଳକଣ୍ଠ (ବଡପୁଅ)।

୮। ପ୍ରତ୍ୟୁଶ, ପ୍ରତୀକ, ବ୍ରତ ସମୟରେ ବାପ ମାଙ୍କ ସହିତ।

Source: Author, Digitized by PPRACHIN, SOA

୯। ଅଶ୍ୱିନୀ ପାଢୀ, ଅଞ୍ଜଳୀ(ଝିଅ) ଅର୍ପଣ, ଅନନ୍ୟା(ନାତି, ନାତୁଣି)।

୧୦। ଡକ୍ଟର ରମଣୀ ରଞ୍ଜନ ମୁଣ୍ଡ, ରୀତାଞ୍ଜଳୀ ଓ ରଚ୍ନା(ନାତୁଣୀ)।

Source: Author, Digitized by PPRACHIN, SOA

୧ ୧। ଲେଖକ ଓ ସହଧର୍ମଣୀ କାନାଡର ପାର୍କରେ –
ଶୁବୋଧ ନେଗୀ(ଜ୍ୱାଇଁ) ସ୍ମିତା (ଝିଅ) ନାତୁଣୀ ସୃଷ୍ଟି, ସିଭିକା, ସାନ୍‌ଭି)।

୧ ୨। ଶୀତିକଣ୍ଠ, ସୁନୀତା, ସ୍ନେହା, ଶିକ୍ଷା(ନାତୁଣୀ)।

Source: Author, Digitized by PPRACHIN, SOA

୧୩। ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ସହ ଲେଖକ
କୃଷି ମନ୍ତ୍ରୀ ଥିବା ସମୟରେ ଆଲୋଚନାରତ (୧୯୮୭)।

୧୪। ରାଜ୍ୟପାଳ ବି. ଡି. ଜତ୍ତି, ଲେଖକ (ଭବାନୀପାଟଣା ନଗରପାଳ)
ଏବଂ ସଦସ୍ୟଙ୍କ ଗହଣରେ ୧୯୭୩ ମସିହାରେ ନାଗରିକ ସମ୍ବର୍ଦ୍ଧନା।

Source: Author, Digitized by PPRACHIN, SOA

୧୫। ଉପଶିକ୍ଷାମନ୍ତ୍ରୀ ଜଗନ୍ନାଥ ପଟ୍ଟନାୟକଙ୍କ ସହ ବାଲାଜୀ ହାଇସ୍କୁଲର ଉଦ୍‌ଘାଟନ ସମୟ ।

୧୬। ହାଇସ୍କୁଲର ଉଦ୍‌ଘାଟନ ସମୟରେ ଗ୍ରାମବାସୀଙ୍କ ସହ (ମହିଚଲା)।

Source: Author, Digitized by PPRACHIN, SOA

୧୭। ଋଷିକେଶରେ ଲେଖକ, ସ୍ୱାମୀ ଚିଦାନନ୍ଦ ମହାରାଜଙ୍କ ସହ।

୧୮ । ସିନେ ତାରକା ସୁନୀଳଦତ୍ତ, ଲେଖକ ଓ ଶ୍ରୀ ଦତ୍ତଙ୍କ ସହଯୋଗୀ ।
(କୋଣାର୍କ ପରିଦର୍ଶନ ସମୟରେ)

୧୯ । ନୂଆଦିଲ୍ଲୀ ଓଡ଼ିଶାଭବନ ପ୍ରାଙ୍ଗଣରେ ଜାନକୀ ବଲ୍ଲଭ ପଟ୍ଟନାୟକ କେନ୍ଦ୍ରମନ୍ତ୍ରୀ, ଶ୍ରୀମତୀ ଇନ୍ଦିରା ଗାନ୍ଧୀ, ପ୍ରଧାନମନ୍ତ୍ରୀଙ୍କୁ ପିପିଲି ନିର୍ମିତ ଗାର୍ଡ଼େନ ଅମ୍ବ୍ରେଲା ପ୍ରଦାନ ।

Source: Author, Digitized by PPRACHIN, SOA

୨୦। କଳାହାଣ୍ଡି ଲେଖକ କଳାପରିଷଦ ଓ ଜୟପୁର ସାହିତ୍ୟ ସଂସଦ ଆନୁକୁଲ୍ୟରେ ଲେଖକଙ୍କୁ 'ବିଦ୍ୟାରତ୍ନ' ଉପାଧି ପ୍ରଦାନ ଲେଖକଙ୍କ ସହଧର୍ମିଣୀ ପାଖରେଅଛନ୍ତି ପ୍ରଫେସର୍ ଚନ୍ଦ୍ରଶେଖର ରଥ, ସାହିତ୍ୟିକ, ଗାଳ୍ପିକ ସମ୍ବର୍ଦ୍ଧିତ କରୁଛନ୍ତି । ଅନୁଷ୍ଠାନ ସଭାପତି ଭବାନୀଶଙ୍କର ବାବୁ, ଶ୍ରୀ ଦାସରଥି ନନ୍ଦ, ଲେଖକ, ପ୍ରାଣବନ୍ଧୁ କର, ଗଦାଧର ରାୟଗୁରୁ ।

୨୧। ଓଡ଼ିଆ ସାହିତ୍ୟ ଏକାନେମୀଦ୍ୱାରା ଲେଖକଙ୍କୁ ସଂସ୍କୃତିମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ବରିଷ୍ଠ ସାହିତ୍ୟିକ ସାତକଡ଼ି ହୋତା, ଡକ୍ଟର ରାମଚନ୍ଦ୍ର ବେହେରା, ସଭାପତି, ବିଜୟ ନାୟକ, ସଚିବ ।

Source: Author, Digitized by PPRACHIN, SOA

୨୨ । ମାନ୍ୟବର ରାଜ୍ୟପାଳ ଶ୍ରୀ ବିଶ୍ୱମ୍ଭର ପାଣ୍ଡେ ଓ ଲେଖକ ।



୨୩ । କୃଷି ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବ ଲେଖକ ପ୍ରୋଚାନ୍ସେଲର୍, ଭାଇସ୍‌ଚାନ୍ସେଲର ଓ ଚାନ୍ସେଲର୍ ବିଶ୍ୱମ୍ଭର ପାଣ୍ଡେ ମାନ୍ୟବର ରାଜ୍ୟପାଳ ।

Source: Author, Digitized by PPRACHIN, SOA

୨୪। ଜୟନ୍ତ କୁମାର ବେହେରା, ସଭାପତି, ମହାବୀର ସାଂସ୍କୃତିକ
ଅନୁଷ୍ଠାନର ଉତ୍ସବରେ ଲେଖକଙ୍କ ସହ ସଦସ୍ୟ ବୃନ୍ଦ।

୨୫। ସାନପୁଅ ଶିତିକଣ୍ଠର ବ୍ରତୋପନୟନ ସମୟରେ
ସ୍ତ୍ରୀ ରାଜେଶ୍ୱରୀ, ଶ୍ୟାମା, ନରେଶ, ସୂର୍ଯ୍ୟପ୍ରସାଦ।

Source: Author, Digitized by PPRACHIN, SOA



୨୬। ବଡବୋହୂ ମମତା, ସ୍ତ୍ରୀ ରାଜେଶ୍ୱରୀ, ପ୍ରତୀକ (ନାତି) ଲେଖକ, ପ୍ରତ୍ୟୁଷ (ନାତି)।



୨୭। ବଡପୁଅ ନୀଳକଣ୍ଠର ବ୍ରତୋପନୟନ ସମୟରେ ସୁରେଶ ଚନ୍ଦ୍ର ବେହେରା (ବଡବାପା) ଲେଖକ, ଶ୍ୟାମାପଦ ବାବୁ (ପୁଅର ମାମୁ) ଭବାନୀଶଙ୍କର ବାବୁ (ମାମୁ)।

Source: Author, Digitized by PPRACHIN, SOA

୨୮ ବାପାଙ୍କ ସହିତ ପରିବାର ଜନ।

୨୯। ଆମେରିକାରେ ବାସ କରୁଥିବା ଭାଇ ସରୋଜ (ବଡବାପାଙ୍କ ପୁଅ), (ଭାତୃବଧୂ, ପୁତୁରା) ସୁନୀତି ଓ ସଂଜୀବ।

Source: Author, Digitized by PPRACHIN, SOA

୩୦ । ଆମେରିକାର ବାସକରୁଥିବା ସଂଜୀବର ବାହାଘର ସମୟରେ ଲେଖକ ଓ ପରିବାରଜନ

୩୧ । ଲେଖକ ହାଇସ୍କୁଲ୍‌ରେ ପଢୁଥିବା ସମୟରେ କାକା ଓ ସହପାଠୀ ପ୍ରହଲ୍ଲାଦ କିଶୋରଙ୍କ ସହ ।

Source: Author, Digitized by PPRACHIN, SOA

୩୨। ମୋ ଗାଁ ମହିଚଲାର ଜଗନ୍ନାଥ ମନ୍ଦିର।

୩୩ । ସମ୍ବଲପୁର କଳାଶ୍ରୀ ଉତ୍ସବରେ ସମ୍ମାନିତ ।

Source: Author, Digitized by PPRACHIN, SOA

ମୁଖବନ୍ଧ

'ମୂଲ୍ୟବୋଧର ସନ୍ଧାନ' ମୋର ଆତ୍ମଜୀବନୀ କହ ଅବା ହୃଦୟର ଖୋଲାକଥା କହ, ଘଟଣା ବହୁଳ ଜୀବନର ଘଟଣାକୁ ନେଇ ଏହା ଲେଖାଯାଇଛି । ବହୁ ଦ୍ୱନ୍ଦ୍ୱ, ଦୋଳାୟମାନ ଭିତରେ ମୋର ଜୀବନ ଗତି କରିଛି । ଅନେକ ଭୁଲ୍ ବୁଝାମଣାର ଶିକାର ହୋଇଛି । ଏହି ଆତ୍ମଜୀବନୀ ମାଧ୍ୟମରେ ଏ ସବୁ ପ୍ରକାଶ ପାଇଛି । କେତେ କ୍ଷେତ୍ରରେ ବ୍ୟକ୍ତିଗତ ସମ୍ବେଦନ ପ୍ରକାଶ ପାଇଛି । ଜୀବନରେ ଅନେକ ଘଟଣା ଘଟିଛି, ସବୁକୁ ଲେଖିଲେ ପୁସ୍ତକର କଳେବର ବୃଦ୍ଧି ପାଇଯିବ । ମୋର କାର୍ଯ୍ୟଧାରା ମଧ୍ୟରେ ଅନେକ ପ୍ରସଙ୍ଗ କାର୍ଯ୍ୟକାରୀ ହୋଇ ରୂପାୟିତ ହୋଇଛି, ସେ ମଧ୍ୟରୁ କିଛି ଜୀବନୀ ପୁସ୍ତକରେ ସ୍ଥାନ ପାଇଛି । ଅନେକ ବିଫଳତା ମଧ୍ୟ ସ୍ଥାନ ପାଇଛି ।

ଜୀବନୀ ସାହିତ୍ୟ ଅତ୍ୟନ୍ତ ପ୍ରାଚୀନ । ଏହା ପ୍ରାଚୀନ କାଳରୁ ଲୋକଲୋଚନକୁ ଆସିଛି । ମହର୍ଷି ବାଲ୍ମୀକିଙ୍କ ଆଦି ସାହିତ୍ୟର ମୂଳଉତ୍ସ ହେଉଛି ମର୍ଯ୍ୟାଦା ପୁରୁଷ ଶ୍ରୀରାମଚନ୍ଦ୍ରଙ୍କ ଜୀବନୀ କାହାଣୀ ।

ବ୍ୟାସଦେବଙ୍କ ରଚିତ 'ଶ୍ରୀମଦ୍ ଭାଗବତ'ରେ ଭଗବାନ୍ ଶ୍ରୀକୃଷ୍ଣଙ୍କ ଦିବ୍ୟ ଜୀବନୀ ରୂପାୟିତ ହୋଇଛି । ସେହିଭଳି ଅହିଂସା ମନ୍ତ୍ରରେ ଜଗତକୁ ଅଭିମନ୍ତ୍ରିତ କରି ଧରାପୃଷ୍ଠରୁ ଉପନିବେଶବାଦର ବିଲୋପ ପାଇଁ ସଂକଳ୍ପ ପୂର୍ବକ ଭାରତକୁ ବ୍ରିଟିଶ୍ ଶାସନରୁ ମୁକ୍ତ କରିବାରେ ସଫଳ ହୋଇଥିଲେ ମହାତ୍ମା ଗାନ୍ଧୀ । ୧୫ ଅଗଷ୍ଟ, ୧୯୪୭ରେ ଭାରତ ସ୍ୱାଧୀନତା ପାଇଲା । ସ୍ୱାଧୀନତା ସ୍ୱପ୍ନରେ ମୁ ମଧ୍ୟ ବିଭୋର ହୋଇପଡିଥିଲି । ଗାନ୍ଧୀ ଆତତାୟୀର ଗୁଳିରେ ଶିକାର ହୋଇଥିବା ଦୁଃସମ୍ବାଦରେ ମର୍ମାହତ ହୋଇଛି । ସେହି ମହାତ୍ମା ଗାନ୍ଧୀଙ୍କ ଆତ୍ମଜୀବନୀ ଏକ ଉଚ୍ଚକୋଟୀର ଲେଖା । ସତ୍ୟକୁ ତାଙ୍କ ଜୀବନ କାଳରେ କାର୍ଯ୍ୟକାରୀ କରିବାରେ ସେ ସଫଳ ହୋଇ ପାରିଛନ୍ତି । ପଣ୍ଡିତ ଜବାହାର ଲାଲ ନେହେରୁଙ୍କ ଆତ୍ମଜୀବନୀ ମଧ୍ୟ ଅତି ଉଚ୍ଚକୋଟୀର ।

ଫକୀରମୋହନ ସେନାପତିଙ୍କ ଆତ୍ମଜୀବନୀ ମଧ ପାଠକଙ୍କ ପାଇଁ ପ୍ରେରଣାଦାୟକ । ବହୁ ମହାନ୍ ଗୁଣୀ ବ୍ୟକ୍ତି ଆତ୍ମଜୀବନୀ ଲେଖି ଯାଇଛନ୍ତି । ପଣ୍ଡିତ ନୀଳକଣ୍ଠ ଦାସଙ୍କ ଲିଖିତ 'ଆତ୍ମ ଜୀବନ' ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ଅର୍ଦ୍ଧଶତାବ୍ଦୀର ଓଡିଶା ଓ ତହିଁରେ ମୋର ସ୍ଥାନ' ଚିନ୍ତାମଣି ମହାନ୍ତିଙ୍କ ଲିଖିତ 'ଜୀବନ ପଞ୍ଜିକା', କବିଚନ୍ଦ୍ର କାଳିଚରଣ ପଟ୍ଟନାୟକଙ୍କ ଲିଖିତ 'କୁମ୍ଭାରଚକ' ବିଶିଷ୍ଟ ଔପନ୍ୟାସିକ କାଳିନ୍ଦୀଚରଣ ପାଣିଗ୍ରାହୀଙ୍କ

Source: Author, Digitized by PPRACHIN, SOA

ମୁଖବନ୍ଧ

'ଅଙ୍ଗେ ଯାହା ଲିଭାଇଛି' ଡକ୍ଟର ଶ୍ରୀରାମଚନ୍ଦ୍ର ଦାଶଙ୍କ 'ମୋ' ଅକୁହା କାହାଣୀ' ଜଷ୍ଟିସ୍ ହରିହର ମହାପାତ୍ରଙ୍କ 'ଜୀବନ ଓ ଜୀବିକା' ଅନନ୍ତ ପଣ୍ଡାଙ୍କ ଲିଖିତ 'ମୋ' ଜୀବନ ସ୍ମୃତି' ନାଟ୍ୟକାର ମନୋରଞ୍ଜନ ଦାସଙ୍କ ରଚିତ 'ସ୍ମୃତି ସଂଳାପ', ବିନୋଦ କାନୁନ୍‌ଗୋଙ୍କ 'ଋଣ ପରିଶୋଧ', ବିଶିଷ୍ଟ ଔପନ୍ୟାସିକ ଗୋପୀନାଥ ମହାନ୍ତିଙ୍କ 'ସ୍ରୋତସ୍ୱତୀ', ରାମକୃଷ୍ଣ ନନ୍ଦଙ୍କ 'ଜୀବନ ତରଙ୍ଗ' ସମାଜସେବୀ ଲକ୍ଷ୍ମୀନାରାୟଣ ସାହୁଙ୍କ 'ମୋର ବାରବୁଲା ଜୀବନ' ମନମୋହନ ଚୌଧୁରୀଙ୍କ 'କସ୍ତୁରୀମୃଗ ସମ' ହୃଦାନନ୍ଦ ରାୟଙ୍କ 'ଜାଣେ ଅନୁଭବୀ ଅନୁଭବରେ' ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କ 'ମୋ ଜୀବନ ଅନ୍ୟଏକ ଉପନ୍ୟାସ' ଫତୁରାନନ୍ଦଙ୍କ ''ମୋ' ଫୁଟା ଡଙ୍ଗାର କାହାଣୀ'' ଐତିହାସିକ ମନ୍ମଥନାଥ ଦାସଙ୍କ 'ଜୀବନର ପଥପ୍ରାନ୍ତେ ଦିଗନ୍ତର ଦୃଶ୍ୟ' ବରିଷ୍ଠ ଆଡ୍‌ଭୋକେଟ୍ ଗଙ୍ଗାଧର ରଥଙ୍କ 'ଭୁଲିନାହିଁ', ଅର୍ଥନୀତିଜ୍ଞ ଡକ୍ଟର ବୈଦ୍ୟନାଥ ମିଶ୍ରଙ୍କ 'ସ୍ମୃତି ତୀର୍ଥ', ପ୍ରାବନ୍ଧିକ ଚିତ୍ତରଞ୍ଜନ ଦାସଙ୍କ 'ମିତ୍ରସ୍ୟ ଚକ୍ଷୁସା' ନାଟ୍ୟକାର ଗୋପାଳ ଛୋଟରାୟଙ୍କ 'ପଥିକ', ଡକ୍ଟର ହରେକୃଷ୍ଣ ମହତାବଙ୍କ 'ସାଧନାରପଥେ', ଭୁବନେଶ୍ୱର ବେହେରାଙ୍କ 'ଗାଁର ଡାକ', ଜଗଦୀଶ ପ୍ରସାଦ ପତିଙ୍କ 'କିଛିସ୍ମୃତି କିଛି ଅନୁଭୂତି' ପ୍ରଭୃତି ଓଡିଆ ସାହିତ୍ୟର ଉପାଦେୟ ଜୀବନୀ ପୁସ୍ତକ । ଗୋଦାବରୀଶ ମିଶ୍ରଙ୍କ ରଚିତ 'ଅର୍ଦ୍ଧ ଶତାବ୍ଦୀର ଓଡିଶା ଓ ତହିଁରେ ମୋର ସ୍ଥାନ', କଥାକାର ସୁରେନ୍ଦ୍ର ମହାନ୍ତିଙ୍କ ରଚିତ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୀବନୀ 'କୁଳବୃଦ୍ଧ' ଓ 'ଶତାବ୍ଦୀର ସୂର୍ଯ୍ୟ' ବାସ୍ତବିକ ମୋତେ ବହୁବାର ପଢିବା ପାଇଁ ଆଗ୍ରହ ସୃଷ୍ଟି କରିଛି । ସୁରେନ୍ଦ୍ର ମହାନ୍ତିଙ୍କ ଜୀବନସ୍ମୃତି 'ପଥ ଓ ପୃଥିବୀ' ଏକ ଚମତ୍କାର ଜୀବନୀ ପୁସ୍ତକ ।

ମୋର ଆତ୍ମଜୀବନୀ ଲେଖିବା ପାଇଁ ଅନେକ ବନ୍ଧୁ ମୋତେ ବାରମ୍ବାର ପରାମର୍ଶ ଦେଇଛନ୍ତି । ସେତେବେଳେ ମନରେ ବହୁ ପ୍ରଶ୍ନ ଉଙ୍କି ମାରୁଥାଏ । ମନରେ କୁଣ୍ଠାଭାବ ଦେଖା ଦେଇଥାଏ । କଣ ଆବଶ୍ୟକ ଅଛି ? ଯଦି ଲେଖିବି କେତେଦୂର ପାଠକ ତାହା ଗ୍ରହଣ କରିବେ ? ବନ୍ଧୁମାନଙ୍କ ପରାମର୍ଶ ଗ୍ରହଣକରି ଆତ୍ମଜୀବନୀ ଲେଖିବା ପାଇଁ ନିଷ୍ପତ୍ତି ନେଲି । ଆତ୍ମକଥା ଲେଖିବାର ଉଦ୍ଦେଶ୍ୟ ରହିଛି । ଅତୀତକୁ ସମୀକ୍ଷା କରିବା ସହ ବର୍ତ୍ତମାନକୁ ନେଇ ଭବିଷ୍ୟତ ପାଇଁ ଚିନ୍ତା ଉଦ୍ରେକ କରିବା । ଅତୀତର ଘଟଣାବଳୀ, ଆଶା, ନିରାଶା, ସଫଳତା, ବିଫଳତାର ଆତ୍ମସମୀକ୍ଷା ଆତ୍ମ ଜୀବନୀରେ ପ୍ରତିଫଳିତ ହୋଇଥାଏ । ମୁଁ ମୋର ଜୀବନ କାଳ ମଧ୍ୟରେ ଅନେକ ଲୋକଙ୍କ ସାନ୍ନିଧ୍ୟ ଲାଭକରି ବହୁ ଅଭିଜ୍ଞତା ଅର୍ଜନ କରିବାର ସୁଯୋଗ ପାଇଛି । ଜଣେ ଜିଜ୍ଞାସୁ ମଣିଷ ଅନ୍ୟମାନଙ୍କଠୁ ଅନେକ କଥା ଶିଖିବାର ସୁଯୋଗ ପାଇଥାଏ । ସେହିଭଳି ସୁଯୋଗ ପାଇପାରି ଅନେକ ଭାବରେ ଉପକୃତ ହୋଇଛି । ମୁଁ ତାର ଉପଯୋଗ କରିଛି । ପରସ୍ପର ଆଳାପ ଆଲୋଚନା, ପରସ୍ପର

Source: Author, Digitized by PPRACHIN, SOA

ମଧ୍ୟରେ ଭାବର ଆଦାନପ୍ରଦାନ–ଏ ସମସ୍ତ ସମନ୍ୱୟରେ ଆମର ସଂସ୍କୃତି ଗଢିଉଠିଛି । ତେଣୁ ମଣିଷ ସମାଜକୁ ଏକ ସଂସ୍କୃତି ସମ୍ପନ୍ନ କରି ଗଢି ତୋଳିବା ପାଇଁ ସମାଜରେ ବହୁ ସାଂସ୍କୃତିକ ଅନୁଷ୍ଠାନ ସୃଷ୍ଟି ହୋଇଛି । ଏଥିପାଇଁ ବହୁ ବ୍ୟକ୍ତିଙ୍କ ପ୍ରୟାସ ଜାରି ରହିଛି ଏବଂ ଆଗକୁ ଜାରି ରହିବ । ଇତିହାସ ଆମକୁ ଭବିଷ୍ୟତ ପାଇଁ ମାର୍ଗ ଦର୍ଶନ କରିଥାଏ । ତେଣୁ ଏହା ନିରପେକ୍ଷ ହେବା ଉଚିତ । ଅତୀତର ଘଟଣାବଳୀ ଯଦି ଇତିହାସ ପୃଷ୍ଠା ମଣ୍ଡନ କରିଥାଏ; ତେବେ, ଆତ୍ମଜୀବନୀ ମଧ୍ୟ ଅତୀତର ଘଟଣାବଳୀକୁ ନେଇ ରଚିତ ହେଲେ ମଧ୍ୟ ତାହା ସଂପୂର୍ଣ୍ଣ ଇତିହାସ ପଦବାଚ୍ୟ ହୋଇ ନ ଥାଏ ।

'ମୂଲ୍ୟବୋଧର ସନ୍ଧାନ' କେବଳ ମୋର ଜୀବନ କାହାଣୀ ନୁହେଁ; ତା' ସହିତ ସମସାମୟିକ ବହୁ ଘଟଣା, ଯାହା ଆଜି ଅତୀତ ଇତିହାସର ବିଷୟବସ୍ତୁ ହୋଇଛି । ତାକୁ ମୋର ଅନୁଭୂତି ସହ ଅବଚେତନ ମନର ଭାବ ସହ ଉପସ୍ଥାପନ କରିଛି । ସତ୍ୟର ଅନୁଗାମୀ ବ୍ୟକ୍ତି ସଦା ନମ୍ର ହେବା ଉଚିତ । ବାଳକ ସୁଲଭ ଗୁଣର ଅଧିକାରୀ ପକ୍ଷେ ଏହା ସରଳ ଓ ସୁଗମ ହୋଇଥାଏ । ମୋର ଲେଖା ପଢି ଯଦି ମୋ' ମନରେ ଅହମିକାର ଭାବନା ପାଠକ ପାଠିକା ପାଇ ପାରନ୍ତି ତେବେ ତାହା ମୋର ମନର ଭାବନାକୁ ସ୍ପଷ୍ଟ ଭାବରେ ପ୍ରକାଶ କରିବାରେ ଅକ୍ଷମ ହୋଇଛି । ସେଥିପାଇଁ ମୁଁ ମୋର ଦୋଷ ସ୍ୱୀକାର କରି ନେଉଛି । ରାଜନୀତି ସହିତ ଜଡିତ ରହିଥିଲେ ମଧ୍ୟ ସାହିତ୍ୟ, ସଂସ୍କୃତି, କ୍ରୀଡାଠୁ ମୁଁ ନିଜକୁ ଦୂରେଇ ରଖି ପାରି ନାହଁ । ରାଜନୀତି ହିଁ ସବୁଠୁ ଶ୍ରେଷ୍ଠ ନୀତି । ମାତ୍ର ଆମେ ହିଁ ତାକୁ କଳୁଷିତ କରି ଦେଇଛୁ । ରାଜନୀତିର ଲକ୍ଷ୍ୟ ହେଉଛି ସମାଜର ଉନ୍ନତି କରିବା, ସାହିତ୍ୟର ଲକ୍ଷ୍ୟ ମଧ୍ୟ ମଣିଷ ମନରେ ସାଂସ୍କୃତିକ ଚେତନା ସୃଷ୍ଟିକରି ସମାଜକୁ ସଂସ୍କୃତି ସମ୍ପନ୍ନ କରି ଗଢି ତୋଳିବା । ତେଣୁ ମୋ' ମତରେ ସାହିତ୍ୟ ଓ ରାଜନୀତି ପରସ୍ପର ପରିପୂରକ ।

ରାଜନୀତିରେ ଯେ ଯେତେ ସାଲିସ କରିପାରିବ ସେ ସେତେ ସଫଳତା ପାଇପାରିବ । ଏତକ ନ ହେଲେ ରାଜନୀତିରେ ତିଷ୍ଠିବା ସମ୍ଭବପର ନୁହେଁ । ତଥାପି ମୁଁ ରାଜନୀତିର ନୀତି ଆଦର୍ଶକୁ ଛାଡିପାରିଲି ନାହିଁ । ସେଥିରେ ମୁଁ ଶାନ୍ତି ପାଇଛି । ରାଜନୀତି, କ୍ରୀଡା, ସଂସ୍କୃତି ସହ ସାମ୍ବାଦିକତା ପ୍ରତି ମୋର ଆକର୍ଷଣ ରହିଛି । ସମ୍ବାଦପତ୍ର ଲୋକମତକୁ ଜାଗ୍ରତ କରିବାରେ ଏକ ଶକ୍ତିଶାଳୀ ମାଧ୍ୟମ । ଇଲୋକଟ୍ରୋନିକ ଯୁଗରେ ମଧ୍ୟ ଖବର କାଗଜର ଗୁରୁତ୍ୱ ରହିଛି । ଏବେ ମଧ୍ୟ ଅନେକ ଲୋକ ଖବର କାଗଜ ପଢୁଛନ୍ତି ।

୧୯୨୦ମସିହାରେ ରେଡିଓର ପ୍ରସାର ଘଟିଲା । ରେଡିଓରୁ ସମ୍ବାଦ ଶୁଣି ଖବର କାଗଜ ପ୍ରତି ଆଗ୍ରହ କମିଗଲା । ମାତ୍ର ଆଜିକାଲି ସମ୍ବାଦପତ୍ରରେ ଆକର୍ଷଣୀୟ ଫଟୋ

Source: Author, Digitized by PPRACHIN, SOA

ଦେଇ ବିଭିନ୍ନ ସମ୍ବାଦ ପରିବେଷଣ ହେବା ଫଳରେ ଖବର କାଗଜର ଗୁରୁତ୍ୱ ବୃଦ୍ଧି ପାଇଛି । ପରେ ପ୍ରତିଦ୍ୱନ୍ଦ୍ୱୀ ରୂପେ ଟେଲିଭିଜନ ଆସିଲା । ଟେଲିଭିଜନରେ ଚଳନ୍ତି ଦୃଶ୍ୟ ଦେଖି ଲୋକେ ଆକୃଷ୍ଟ ହେଲେ । ତଥାପି ଆଜି ବି ଖବରକାଗଜର ଗୁରୁତ୍ୱ କମି ନାହିଁ । ତେଣୁ ଦିନକୁଦିନ ଖବର କାଗଜର ପାଠକ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ସେହି ପ୍ରେରଣା ବଳରେ ମୁଁ ମଧ୍ୟ 'ଅର୍ଜ୍ଜି' ସାପ୍ତାହିକ ଖବର କାଗଜ ପ୍ରକାଶ କରି ଆସୁଛି । ନୂତନ ଲେଖକ, କବି, କବୟିତ୍ରୀଙ୍କ ଲେଖାକୁ ପ୍ରକାଶ କରି ଉତ୍ସାହିତ କରି ଆସୁଛି ।

ମୋର ଅନୁଭୂତି ଓ କଳ୍ପନା ବିଳାସ ଅନ୍ୟଠାରୁ ଭିନ୍ନ ନୁହେଁ । ତଥାପି ତାକୁ ପ୍ରକାଶ କରିଛି । ପିଲାଟି ଦିନରୁ ମୋ' ମନରେ କିଛି କରିବା ପାଇଁ ସ୍ୱପ୍ନ ଦେଖିଥିଲି । ସ୍ୱପ୍ନକୁ ବାସ୍ତବରେ ପରିଣତ କରିବା ପାଇଁ ପ୍ରୟାସ କରିଛି । ମୋର ଜନ୍ମମାଟିର ଉନ୍ନତି ପାଇଁ ମନରେ ଭରି ରହିଥିବା ସ୍ୱପ୍ନକୁ ସାକାର କରିବା ପାଇଁ ଯେତେବେଳେ ଯେଉଁ ସୁଯୋଗ ମିଳିଛି ସେତେବେଳେ ତାକୁ ତନ୍-ମନ୍-ଧନ ଦେଇ କାର୍ଯ୍ୟକାରୀ କରିବାରେ ମୋର ସମସ୍ତ ଶକ୍ତିକୁ ବିନିଯୋଗ କରି ଲାଗିପଡିଛି । କେତେଦୂର ସଫଳ ହୋଇଛି, ତାହା ସହୃଦୟ ପାଠକ ପାଠିକାଙ୍କ ବିଚାର ଉପରେ ଛାଡି ଦେଇଛି ।

ଯେଉଁମାନଙ୍କ ଅକ୍ଲାନ୍ତ ପରିଶ୍ରମରେ 'ମୂଲ୍ୟବୋଧର ସନ୍ଧାନ' ପୁସ୍ତକ ଲୋକ ଲୋଚନକୁ ଆସିବାରେ କ୍ଷମ ହୋଇଛି ସେମାନଙ୍କୁ ଏହି ଅବସରରେ ମୋର କୃତଜ୍ଞତା ଜଣାଉଛି । ଏହି ପୁସ୍ତକକୁ ମୁଦ୍ରଣ ଯୋଗ୍ୟ କରିବା ପାଇଁ ନୀଳକଣ୍ଠ ବେହେରାଙ୍କ ଉଦ୍ୟମ ପ୍ରଶଂସନୀୟ । ବିରଞ୍ଚି ନାରାୟଣ ମୁଣ୍ଡ ପ୍ରୁଫ୍ ଦେଖିବାରେ ପୂର୍ଣ୍ଣ ସମୟ ଦେଇଥିବା ଯୋଗୁଁ ଧନ୍ୟବାଦ ଅର୍ପଣ କରୁଛି । ପୁସ୍ତକର ପୂର୍ଣ୍ଣାଙ୍ଗ କଳେବର ଦେଖିବା ପୂର୍ବରୁ ପ୍ରାଧ୍ୟାପକ ବିଶ୍ୱମ୍ଭର ପାଢୀ ହଠାତ୍ ଆମଠୁ ବିଦାୟ ନେଇଗଲେ । ତାଙ୍କୁ ମଧ ଏହି ଅବସରରେ ସ୍ମରଣ କରୁଛି । ଅଧ୍ୟାପକ ଡକ୍ଟର ଦାଶରଥି ଆଚାର୍ଯ୍ୟ ପ୍ରୁଫ୍ ଦେଖିବା ସହ ଆବଶ୍ୟକ ସ୍ଥଳେ ବିଭିନ୍ନ ଉପାଦେୟ ପଂକ୍ତି ସଂଯୋଜନା ପାଇଁ ପରାମର୍ଶ ଦେଇଛନ୍ତି । ତାଙ୍କ ପରାମର୍ଶ ପୁସ୍ତକର ଗୁରୁତ୍ୱ ଓ ଗାମ୍ଭୀର୍ଯ୍ୟ ବୃଦ୍ଧି କରିବାରେ ସହାୟକ ହୋଇଛି । ତେଣୁ ତାଙ୍କୁ ମୋ' ହୃଦୟର ଅଶେଷ ଶୁଭେଚ୍ଛା ଜଣାଉଛି । ଗ୍ରନ୍ଥପ୍ରକାଶନରେ ଗ୍ରନ୍ଥମନ୍ଦିର, କଟକ ସମସ୍ତ ଦାୟିତ୍ୱ ବହନ କରିଥିବା ଯୋଗୁଁ ତାଙ୍କୁ କୃତଜ୍ଞତା ଜଣାଉଛି ।

ଇତି

ଶ୍ରୀ ବିହାରୀ ବେହେରା

Source: Author, Digitized by PPRACHIN, SOA

ଭୂମିକା

ମୂଲ୍ୟବୋଧର ଅନୁସଂଧାନରେ ସଂଧାନୀ ମଣିଷଟିର ଆତ୍ମଚରିତ – 'ମୂଲ୍ୟବୋଧର ସନ୍ଧାନ'

''ଆତ୍ମଜୀବନୀ ହେଉଛି ନିଜେ ଆପଣା ଜୀବନଟିକୁ ବଞ୍ଚିଥିବାର କାହାଣୀ, ଏକ ବାଟ ଚାଲିଥିବାର କାହାଣୀ, ଏକ ସ୍ୱକୀୟ ଜୀବନାବିଷ୍କାର ଓ ଜୀବନ ପରିଚୟର କାହାଣୀ'' । ଏ କଥାଟି କହିଥିଲେ ଚିତ୍ତ ଭାଇ ପ୍ରିୟ ଚିତ୍ତରଂଜନ ଦାସ ତାଙ୍କର 'ଗ୍ରନ୍ଥ-ମନ୍ଥନ' ଗ୍ରନ୍ଥର ୧୪୬ପୃଷ୍ଠାରେ । ଚିତ୍ତ ଭାଇ ତାଙ୍କର ଆତ୍ମଜୀବନୀ 'ମିତ୍ରସ୍ୟ ଚକ୍ଷୁସା' ଲେଖିଯାଇଛନ୍ତି ଓ ସେ ତାଙ୍କ ବାଟ ଚାଲିବାର ନିଆରା ଢଙ୍ଗ ନିଜେ ବଂଚିଥିବା ଜୀବନ-ଶୈଳୀର ଭିନ୍ନବାଗ ଓ ବହୁ ଦେଶବିଦେଶ ବୁଲି, ବହୁ ଶାସ୍ତ୍ର ଅଧ୍ୟୟନ କରି ଜୀବନଟିକୁ ଯେମିତି ଆବିଷ୍କାର କରିଛନ୍ତି ସେ କଥା ଅତି ଚମତ୍କାର ଶୈଳୀରେ କହିଛନ୍ତି । ଏ ଦୃଷ୍ଟିରୁ ଜଣେ ଅତି ବର୍ଷିଆନ୍ ରାଜନୀତିଜ୍ଞ, ସଫଳ ଔପନ୍ୟାସିକ, ନିପୁଣ କୃଷି ବିଶାରଦ, ଯଶସ୍ୱୀ ସାରସ୍ୱତ ସଂଗଠକ ଓ ଅତ୍ୟନ୍ତ ନିଷ୍ଠାପର କ୍ରୀଡାସଂଗଠକ ଶ୍ରୀ ରାସବିହାରୀ ବେହେରାଙ୍କ ଆତ୍ମ ଚରିତ 'ମୂଲ୍ୟବୋଧର ସଂଧାନ' ବିଚାରଣୀୟ । ଏଇଠି କହିବା ଉଚିତ ହେବ ଯେ, କେବଳ କଳାହାଣ୍ଡି ନୁହେଁ, ସମଗ୍ର ଓଡିଶାର ଶିକ୍ଷା, ସ୍ୱାସ୍ଥ୍ୟ, ପ୍ରଶାସନ, କ୍ରୀଡା, ସମାଜସେବା, ସାହିତ୍ୟ ଓ ରାଜନୀତି କ୍ଷେତ୍ରରେ କଳାହାଣ୍ଡିର ଯେଉଁ ବ୍ରାହ୍ମଣ ପରିବାର ଗୁଡିକର ଅବଦାନ ଅନସ୍ୱୀକାର୍ଯ୍ୟ, ସେମାନେ ମୁଖ୍ୟତଃ ହେଲେ ବେହେରା, ପଣ୍ଡା, ନେଗୀ, ପାଢୀଯୋଷୀ, ରଥ, ଆଚାର୍ଯ୍ୟ, ତ୍ରିପାଠୀ, ମିଶ୍ର ଇତ୍ୟାଦି ସାଙ୍ଗାଧାରୀ । ଶ୍ରୀ ବେହେରା ଏଇଭଳି ବେହେରା ସାଂଙ୍ଗାଧାରୀ ବ୍ରାହ୍ମଣ, ମହିଚଲା ଗାଁର ଜଣେ କୁଳୀନ ବ୍ରାହ୍ମଣଙ୍କର ସୁପୁତ୍ର । ସଂପ୍ରତି ସେ ଭବାନୀପାଟଣାରେ ଅବସ୍ଥାନ କରୁଥିଲେ ହେଁ ତାଙ୍କର ମୂଳଚେରଟି ଅତି ଦୃଢ ଭାବରେ ଅଛି ମହିଚଲା ଗାଁର ମାଟିରେ । ଗାଁଟି ଭବାନୀପାଟଣାରୁ ନବରଙ୍ଗପୁର ଆଡକୁ ଜାତୀୟ ରାଜପଥ ନଂ ୨୬ରେ ଗଲେ ବାମ ପାର୍ଶ୍ୱରେ ପଡିବ । ଏହି ମହିଚଲା ଗାଁରେ ୧୯୩୮ ଜୁନ୍ ମାସ, ୧୩ତାରିଖରେ ତାଙ୍କର ଜନ୍ମ ଓ ଏଗାର ଜଣ ଭାଇ ଭଉଣୀଙ୍କ ଭିତରେ ରାସବିହାରୀ ହିଁ ଜ୍ୟେଷ୍ଠ । ଗୋଟିଏ ଗ୍ରାମୀଣ ପରିବେଶ, ସାରଳୀ ସ୍ୱିଗ୍ଧ ଜୀବନ ଯାପନ, ପିତାମାତାଙ୍କର ଅଶେଷ କଲ୍ୟାଣ, ଧାର୍ମିକ ବିଶ୍ୱାସବୋଧ, ଗ୍ରାମ୍ୟଜୀବନ ଉପରେ ପୁରାଣ ଶାସ୍ତ୍ରର ପ୍ରଭାବ ତଥା ବସନ୍ତ,

Source: Author, Digitized by PPRACHIN, SOA

ଆକ୍ଷିଧରା ଭଳି ରୋଗବ୍ୟାଧି ଭିତରେ ବଢିଥିବା ସେଦିନର ସୁକୁମାର ବାଳକଟିର ଜୀବନପଥ ଓ ବାଟ ଚାଲିବାର କାହାଣୀ ପରବର୍ତ୍ତୀ କାଳରେ ମହିଚଲାର ସୀମିତ ଭୌଗୋଳିକ ପରିସୀମା ଅତିକ୍ରମ କରି ଏକ ମହାଦିଗନ୍ତ ଆଡକୁ ପ୍ରସାରିତ ହୋଇଥିଲା । କହିବା ନିଷ୍-ପ୍ରୟୋଜନ ରାସବିହାରୀଙ୍କର ଏଇ ଜୀବନର ମହାଦିଗନ୍ତ ଇନ୍ଦ୍ରଧନୁର ସପ୍ତରଙ୍ଗ ଭଳି ସାତଟି ବର୍ଣ୍ଣାଢ୍ୟ ରଙ୍ଗରେ ବିଭୂଷିତ । ସେହି ସାତଟି ରଙ୍ଗହେଲା, ତାଙ୍କ ଜୀବନର କ୍ରୀଡା, ସାହିତ୍ୟ, ରାଜନୀତି, ଓକିଲାତି, ପତ୍ରିକା ସଂପାଦନା, ସମାଜସେବା ଓ କୃଷି ପ୍ରତି ସମର୍ପିତ ଏକ ସଫଳ ବ୍ୟକ୍ତିସତ୍ତା ।

ବାଣୀ ନିରାଜନାର ଆଦ୍ୟ ଓଁକାର :

ରାସବିହାରୀ ବାବୁଙ୍କର ପିଲାଦିନେ ଅଙ୍କ ଭଲ ହେଉ ନ ଥିଲା, ମାତ୍ର ସେ ଥିଲେ ମାନସାଙ୍କରେ ଧୂରନ୍ଧର । ତା'ସହିତ ବାପାଙ୍କର ପାଠ ପାଇଁ ତାଗିଦା, ଅଜାଙ୍କର ବାପାଙ୍କୁ ସସ୍ନେହ ଶାସନ ଓ ମା'ଙ୍କର ଧାର୍ମିକ ତଥା ସାଂସ୍କୃତିକ ପ୍ରଭାବ ପରବର୍ତ୍ତୀ ଜୀବନରେ ତାଙ୍କୁ ସାରସ୍ୱତ ସ୍ରଷ୍ଟାଟିଏ ହେବା ଦିଗରେ ବେଶ୍ ଅନୁପ୍ରାଣିତ କରିଥିଲା । ଫଳସ୍ୱରୂପ ସେ ଛାତ୍ରାବସ୍ଥାରୁ ସାରସ୍ୱତ ସାଧନାରେ ବ୍ରତୀହୋଇଥିଲେ ଓ 'ସାଗର' ନାମ ପତ୍ରିକା ସଂପାଦନା ହାତକୁ ନେଇଥିଲେ ଏବଂ କଲେଜରେ ପଢିବା ବେଳକୁ ଜଣେ ତରୁଣ ଗାଳ୍ପିକ ଭାବରେ ସେ 'ନୀରବ ଅଶ୍ରୁ' ନାମକ ଗପଟିଏ ଲେଖି ବଂଧୁ ମହଲରେ ଏକ ସ୍ୱତନ୍ତ୍ର ପରିଚିତ ସୃଷ୍ଟିକରିପାରିଥିଲେ । ତେବେ 'ସାଗର' ପତ୍ରିକାରେ ପ୍ରକାଶିତ 'ଅଭିଳାଷ' ଗଳ୍ପଟି ତାଙ୍କର ପ୍ରଥମ ପ୍ରକାଶିତ ଗଳ୍ପ । (ପୃ-୭୫) ।

ପରବର୍ତ୍ତୀ କାଳରେ ସେ 'କଳାହାଣ୍ଡି ଲେଖକ କଳାପରିଷଦ' ଗଠନ ଦିଗରେ ମନ ପ୍ରାଣ ଢାଳିଦେଇଛନ୍ତି ଓ ବିଧିବଦ୍ଧ ଭାବରେ ୧୯୬୨ଏପ୍ରିଲ ୨୮ତଥା ୨୯ ତାରିଖ ଏଇ ଦୁଇଦିନ ଧରି ସାହିତ୍ୟ ସଭାର ଆୟୋଜନ କରିଛନ୍ତି ଧର୍ମଗଡଠାରେ । ଏ ଅନୁଷ୍ଠାନଟିର ସମ୍ବିଧାନ ପ୍ରଣୟନ, ସ୍ଥାୟୀ ଗୃହନିର୍ମାଣ, ସରକାରୀ ସ୍ଥାନନିରୂପଣ ଓ ମଂଜୁରୀ ପ୍ରଦାନ ତଥା ଗୃହନିର୍ମାଣ ଦିଗରେ ଉଦ୍ୟମ କରି ସଫଳ ହୋଇଥିଲେ । ସଂପ୍ରତି ଏହି 'କଳାହାଣ୍ଡି ଲେଖକ କଳା ପରିଷଦ' କଳାହାଣ୍ଡି ଜିଲ୍ଲାର ଏକ ମର୍ଯ୍ୟାଦାବନ୍ତ ସାହିତ୍ୟାନୁଷ୍ଠାନ ।

କେବଳ ସାଙ୍ଗଠନିକ ଦକ୍ଷତା ନୁହେଁ ଲେଖକୀୟ ଦକ୍ଷତା ପ୍ରତିପାଦନରେ ମଧ୍ୟ ଶ୍ରୀଯୁକ୍ତ ବେହେରାଙ୍କ ପଦଚିହ୍ନ ସ୍ୱୀକାର୍ଯ୍ୟ । ଗଳ୍ପଲେଖା ସହିତ ଉପନ୍ୟାସ, ପ୍ରବନ୍ଧ, ଭ୍ରମଣ କାହାଣୀ ଓ ଆତ୍ମଜୀବନୀ ରଚନା ତାଙ୍କ ସାରସ୍ୱତ ପ୍ରତିଭାର ଗୋଟିଏ ଗୋଟିଏ ବିପୁଳ ସମ୍ଭାବନାମୟ ଦିଗନ୍ତ । ଫଳତଃ ସେ ଓଡିଆ ସାରସ୍ୱତ ଜଗତକୁ ଦେଇଛନ୍ତି, ପ୍ରବନ୍ଧ ମଂଜରୀ, ପ୍ରବନ୍ଧ ମଂଜୁଷା, ପ୍ରବନ୍ଧ ମଞ୍ଜୁଳ ନାମକ ପ୍ରବନ୍ଧ ସଂକଳନ; ବିଜୟୀ,

Source: Author, Digitized by PPRACHIN, SOA

ଅଧିକାର ଓ ସେଇ ପାହାଡ଼ତଳ ନାମକ ତିନୋଟି ଉପନ୍ୟାସ ତଥା 'ରକ୍ତତୀର୍ଥ' ନାମକ ଏକ ଐତିହାସିକ ଉପନ୍ୟାସ । ଅଧିକନ୍ତୁ 'କାନାଡା' ଦେଶର ପର୍ଯ୍ୟଟନ ଅନୁଭୂତିକୁ ଆଧାର କରି ତାଙ୍କ କଲମରୁ ସୃଷ୍ଟି ହୋଇଛି ଅନନ୍ୟସୃଷ୍ଟି କାନାଡା(୨୦୧୦) । ଅନ୍ୟ-ପକ୍ଷରେ ତାଙ୍କର ସାରସ୍ୱତ ପ୍ରତିଭାକୁ ସ୍ୱୀକୃତି ଜଣାଇ ବହୁ ଅନୁଷ୍ଠାନ ତାଙ୍କୁ ସମ୍ମାନିତ ଓ ସମ୍ବର୍ଦ୍ଧିତ କରିବା ସଙ୍ଗେ ସଙ୍ଗେ 'ଓଡିଶା ସାହିତ୍ୟ ଏକାଡେମୀ' ତାଙ୍କ ପ୍ରତିଭାକୁ ମଧ୍ୟ ସମ୍ମାନ ଜଣାଇଛନ୍ତି ୨୦୧୦ମସିହାରେ । ଏତଦ୍‌ଭିନ୍ନ ଶ୍ରୀ ବେହେରା ଏବେ ମଧ୍ୟ ସାହିତ୍ୟ ସାଧନାରୁ ବିରତ ହୋଇନାହାନ୍ତି, 'ଅର୍ଜି' ନାମକ ପତ୍ରିକା ଓ ପ୍ରକାଶନ ସଂସ୍ଥା ମାଧ୍ୟମରେ ନିଜକୁ ନିୟୋଜିତ କରିଛନ୍ତି ବାଣୀ ନିରାଜନାରେ ।

ବୃତ୍ତି ପାଇଁ ମୂଲ୍ୟ ଓ ମୂଲ୍ୟବୋଧ ବ୍ରତରେ :

ମାଟ୍ରିକ୍ ପାସ୍ କରିବାପରେ ସେ ଖଲିକୋଟ କଲେଜ ବ୍ରହ୍ମପୁର ଯାଇଛନ୍ତି ଉଚ୍ଚଶିକ୍ଷା ନିମନ୍ତେ । ପରେ କଟକରୁ ଏଲ୍.ଏଲ୍.ବି ଡିଗ୍ରୀ ହାସଲ ପାଇଁ ମଧୁସୂଦନ ଲ' କଲେଜରେ ନାମ ଲେଖାଇଛନ୍ତି । ହୁଏତ ତାଙ୍କ ବାପା ଆଶା କରୁଥିଲେ, ଜ୍ୟେଷ୍ଠପୁତ୍ରଟି ଜଣେ ଓକିଲ ହେବ ଓ ମାସକୁ ମାସ ମୁଠା ମୁଠା ଟଙ୍କା ଉପାର୍ଜନ କରିବ । ମାତ୍ର ରାସବିହାରୀ ବାବୁଙ୍କର ଜୀବନ ପ୍ରତି ଦୃଷ୍ଟିଭଙ୍ଗୀ ଭିନ୍ନ । କଳାକୋଟ୍ ସହିତ ଧଳାପ୍ୟାଣ୍ଟ ଓ ଧଳାସାର୍ଟ ପିନ୍ଧି କଚେରୀ ପରିସରରେ ମହକିଲ ଖୋଜୁଥିବା ମଣିଷଟିଏ ସେ ନଥିଲେ । ବରଂ ସେ ଜୀବନର ଶେଷ ଅପରାହ୍ନଯାଏ କେବଳ ଶୁଭ୍ରବସ୍ତ୍ର ପରିହିତ ଜଣେ ଶାନ୍ତ, ସରଳ, ସଚେତନ, ସଚ୍ଚୋଟ, ସସ୍ନେହୀ ମଣିଷଟିଏ ହୋଇ ରହିବାକୁ ପସନ୍ଦ କରିଥିଲେ ।

ଦ୍ୱିତୀୟ ଦିଗଟି ହେଲା ତାଙ୍କର ରାଜନୈତିକ ଜୀବନର ଉତ୍‌ଥାନ ଓ ପତନ ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି, ବିଶିଷ୍ଟ ଐତିହାସିକ ଓ ଗବେଷକ ଡକ୍ଟର ମନ୍ମଥ ନାଥ ଦାସ ରାଜ୍ୟସଭାକୁ ମନୋନୀତ ହେବା ପରେ ଥରେ ତୃଣ ମୂଳ କଂଗ୍ରେସର ଜଣେ ବଙ୍ଗୀୟନେତାଙ୍କୁ ଭେଟିବାପରେ ସେହି ବଙ୍ଗାଳୀ ରାଜନେତା କହିଥିଲେ ରାଜନୀତି କରିବାକୁ ହେଲେ **'ଟାକା ଦିତେ ହବେ, ଟାକା ନିତେ ହବେ, ଟାକା ରାଖ୍‌ତେ ହବେ'** । (ରାଜନୀତି ପାଇଁ ଟଙ୍କା ଦେବାକୁ ହେବ, ଟଙ୍କା ନେବାକୁ ହେବ ଓ ଟଙ୍କା ସଂଚୟ କରି ରଖିବାକୁ ହେବ ।) ସଂପ୍ରତି ବିନା ପଇସାରେ ରାଜନୀତି କ୍ଷେତ୍ରରେ ସଫଳ ହେବା ବା ନିର୍ବାଚନ ବୈତରଣୀ ପାରିହେବା ସମ୍ଭବ ନୁହେଁ । ମାତ୍ର ରାଜନୀତି ଯଦି ସତକୁ ସତ ଲୋକକଲ୍ୟାଣ ଭିତ୍ତିକ ସେବା ହୁଏ, ତାହାହେଲେ ସେଇ ମୂଲ୍ୟବୋଧ ଉପରେ ନିଜର ରାଜନୈତିକ ଆଦର୍ଶକୁ ପ୍ରତିଷ୍ଠାକରି ହେବକି ନାହିଁ ତାହାହିଁ ରାସବିହାରୀ ବାବୁଙ୍କ ପାଇଁ ଥିଲା ତାଙ୍କ ରାଜନୈତିକ ଜୀବନର ଗୋଟିଏ ବଡ ଆହ୍ୱାନ ।

Source: Author, Digitized by PPRACHIN, SOA

ସତୁରୀ ଦଶକ ବେଳକୁ ବିଜୁବାବୁ ଓଡିଶାର ଜଣେ ତୁଙ୍ଗନେତା ଭାବେ ନିଜକୁ ପ୍ରତିପାଦିତ କରି ସାରିଥାନ୍ତି । ତଥାପି ତାଙ୍କର ବିରୋଧୀ ଥିଲେ ପ୍ରବଳ, ଭବାନୀପାଟଣାରେ ବିଜୁବାବୁ ସାଧାରଣ ନିର୍ବାଚନ ପ୍ରଚାର ପାଇଁ ଆସିଥାନ୍ତି । ସେତେବେଳକୁ ରାସବାବୁ ରାଜନୀତି କ୍ଷେତ୍ରକୁ ଆସି ନ ଥାନ୍ତି । ମାତ୍ର ତାଙ୍କ ବାପା ଶ୍ରୀ ପ୍ରସନ୍ନ କୁମାର ବେହେରା ଥାଆନ୍ତି ଜିଲ୍ଲା କଂଗ୍ରେସ ସଭାପତି । ବିଜୁବାବୁ କହିବାକୁ ଆରମ୍ଭ କରିବା ମାତ୍ରେ ବିରୋଧୀ ସ୍ୱତନ୍ତ୍ର ଦଳ ତରଫରୁ ଆରମ୍ଭ ହେଲା ଅତର୍କିତ ଟେକା ପଥର ମାଡ । 'ବିଜୁବାବୁଙ୍କ ମୁଣ୍ଡ ଫାଟି ଝରଝର ରକ୍ତ ବୋହିଲା । ତାଙ୍କର ସମସ୍ତ ଖଦଡକୁର୍ତ୍ତା, ଧୋତି ରକ୍ତାକ୍ତ ହୋଇଗଲା । ଦୁର୍ବୃତ୍ତମାନେ ସେତିକିରେ କ୍ଷାନ୍ତ ହେଲେ ନାହିଁ । ଯେତେ କଂଗ୍ରେସକର୍ମୀ ଥିଲେ ସମସ୍ତଙ୍କ ମୁଣ୍ଡ ଫଟାଇ କ୍ଷତବିକ୍ଷତ ରକ୍ତାକ୍ତ କରି ପକାଇଲେ' । (ମୂଲ୍ୟବୋଧର ସନ୍ଧାନ– ପୃ.୧୦୬) ସେଦିନ ରାସବିହାରୀଙ୍କ ପିତା ବି ରକ୍ତାକ୍ତ ଓ କ୍ଷତାକ୍ତ । ହଠାତ୍ ଖେଳପଡିଆରୁ ଆସି ରାସ ବିହାରୀ ସାଇକେଲଟି ଷ୍ଟାଣ୍ଡରେ ରଖି ପହଁଚି ଗଲେ । ବିଜୁବାବୁ କହିଲେ **'ରାସ ବିହାରୀ ଭାଷଣ ଦେ, ମୁଁ ବସୁଛି'** । (ପୃ.୧୦୭) । ରାସବିହାରୀଙ୍କ ଭାଷଣ ଥିଲା ଏକଛତ୍ରବାଦ, ପୁଞ୍ଜିବାଦ ଓ ସାମନ୍ତବାଦ ବିରୋଧୀ ତଥା ଭାରତୀୟ ସମାଜ ପାଇଁ କଣ ଦରକାର ତାହାର ଯୁକ୍ତି ସଙ୍ଗତ ଉପସ୍ଥାପନା । ତାପରଠୁ ରାସବାବୁ ବିଜୁବାବୁଙ୍କର ପ୍ରିୟ ଯୁବନେତା ପାଲଟିଗଲେ ଓ କଳାହାଣ୍ଡି, ବଲାଙ୍ଗିରର ସବୁତକ ସଭାକୁ ଗଲେ ବିଜୁଙ୍କ ସହିତ ।

ପରେ ବିଜୁଙ୍କ ପ୍ରତିଷ୍ଠିତ 'କଳିଙ୍ଗ' **(ଅଧୁନା ଲୁପ୍ତ)** ଖବର କାଗଜର ସାମ୍ବାଦିକ ହୋଇଛନ୍ତି ରାସବିହାରୀ । ପରବର୍ତ୍ତୀ ଜୀବନରେ ରାସବିହାରୀ ବାବୁ ରାଜନୀତିର ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଛନ୍ତି ପ୍ରଚଣ୍ଡ ଆତ୍ମ ବିଶ୍ୱାସ ଧରି । ଜିତିଛନ୍ତି, ହାରିଛନ୍ତି, ମନ୍ତ୍ରୀ ହୋଇଛନ୍ତି, ବିଧାୟକ ହୋଇଛନ୍ତି ଓ ଦିଲ୍ଲୀ ଯାଇଛନ୍ତି ସାଂସଦ ଭାବରେ । ବିଜୁବାବୁ ତାଙ୍କୁ ଉତ୍ସାହିତ କରିଛନ୍ତି ସକ୍ରିୟ ରାଜନୀତିରେ ଅଂଶ ଗ୍ରହଣ କରିବା ପାଇଁ । ମାତ୍ର ରାସବିହାରୀବାବୁ ରାଜନୀତି ଜୀବନର ପ୍ରଥମ ପାହାଚରେ ହିଁ ଉପଲବ୍ଧି କରିଥିଲେ **'ରାଜନୈତିକ ଜୀବନରେ ଧୈର୍ଯ୍ୟ ସାହସ ହେଉଛି ସଫଳତାର ମାପକାଠି । ବିପଦ ଆପଦକୁ ଭ୍ରୂକ୍ଷେପ ନ କରି ବିରୋଧୀଙ୍କଠାରେ ପ୍ରତିହିଂସାଭାବ ପୋଷଣ ନ କରି ନିଜ କର୍ତ୍ତବ୍ୟ କରିଯିବା ଉଚିତ'** । (ମୂଲ୍ୟବୋଧର ସନ୍ଧାନ)

ଏହା ପରଠୁ ରାସବାବୁ ପଛକୁ ଫେରି ନାହାନ୍ତି । ବିଜୁବାବୁଙ୍କ ପ୍ରତିଷ୍ଠିତ 'କଳିଙ୍ଗ' ଖବର କାଗଜର ସାମ୍ବାଦିକତା କରିଛନ୍ତି । ସଂପାଦକ ଓ ବିଶିଷ୍ଟ ଔପନ୍ୟାସିକ ସୁରେନ୍ଦ୍ର ମହାନ୍ତିଙ୍କୁ ରୋକ୍‌ଠୋକ୍ ଜବାବ୍ ଦେଇଛନ୍ତି । ଭବାନୀପାଟଣା ମ୍ୟୁନିସ୍‌ପାଲ୍‌ଟି ନିର୍ବାଚନରେ ଅବତୀର୍ଣ୍ଣ ହୋଇଛନ୍ତି, ସଫଳ ହୋଇଛନ୍ତି ଏବଂ ନଗରପାଳ ମଧ୍ୟ ହୋଇଛନ୍ତି ।

Source: Author, Digitized by PPRACHIN, SOA

ଏହାପରେ ୧୯୮୦ପରଠୁ ସାଂସଦ, ବିଧାୟକ, ମନ୍ତ୍ରୀ ଆଦି ପଦମଣ୍ଡନ କରିଛନ୍ତି । କିନ୍ତୁ କ୍ରମଶଃ ସମଗ୍ର ଭାରତ ବର୍ଷ ଓ ଓଡିଶାର ରାଜନୀତି ପଙ୍କିଳ ପଲ୍ୱଳରେ ପରିଣତ ହେଲାବେଳକୁ ରାସବିହାରୀବାବୁ କୌଣସି ପରିସ୍ଥିତିରେ ମୂଲ୍ୟବୋଧ ସହିତ ସାଲିସ୍ କରି ନାହାନ୍ତି । ସୌଜନ୍ୟ ଦୃଷ୍ଟିରୁ ମହାରାଜା ପ୍ରତାପ କେଶରୀ ଦେଓଙ୍କୁ ସାକ୍ଷାତ କରି ତାଙ୍କର ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି ଯଦିଚ ଅପ୍ରତିଦ୍ୱନ୍ଦ୍ୱୀନେତା ପ୍ରତାପ କେଶରୀ ଦେଓଙ୍କୁ ହରାଇବା ରାସବାବୁଙ୍କ ପାଇଁ ଗୋଟାଏ ବଡ ଚାଲେଞ୍ଜ ଥିଲା । ଠିକ୍ ସେମିତି ଟ୍ରେନ୍‌ରେ ନ ଯାଇ ପ୍ଲେନରେ ଯିବା ଓ ଜଣେ ନେତାଙ୍କୁ ଅନୁଗୃହୀତ କଲାଭଳି ପ୍ରସ୍ତାବ ସେ ରୋକ୍‌ଠୋକ୍ ପ୍ରତ୍ୟାଖାନ କରିଛନ୍ତି କାରଣ ସେ ବୁଝିଥିଲେ – **'ପ୍ରଲୋଭନ କେଡେ ସହଜରେ ମଣିଷକୁ ତଳକୁ ଟାଣି ନେଇଥାଏ । ଆମ ସଂସ୍କାର, ସଂସ୍କୃତି ଓ ପରଂପରା ମହାନ୍ ବୋଲି କହିଥାଉ । ମାତ୍ର ଦିନକୁ ଦିନ ସେହି ମହାନ୍ ପରଂପରା ଠାରୁ ଆମେ ଦୂରେଇ ଗଲାଭଳି ମନେହେଉଛି'** । (ମୂଲ୍ୟବୋଧର ସନ୍ଧାନ) । ପୁନଶ୍ଚ ରାସବିହାରୀ ବାବୁ ଅତି ସ୍ପଷ୍ଟ ସ୍ୱରରେ ଉଚ୍ଚାରଣ କରିଛନ୍ତି ଯେ, ସେ କୃଷିମନ୍ତ୍ରୀ ଥିବାବେଳେ ଆଉ ଜଣେ ମନ୍ତ୍ରୀ (ଉପକୂଳ ଅଞ୍ଚଳର) ଆସି ବିଳମ୍ବିତ ରାତିରେ ତାଙ୍କ ଉପରେ ଚାପ ପକାଇଛନ୍ତି କଟକ ସେଣ୍ଟ୍ରାଲ ବ୍ୟାଙ୍କ୍‌ର ସେକ୍ରେଟେରୀଙ୍କୁ ରାତିସୁଦ୍ଧା ବଦଳି କରାଯିବ । ତାହାପୁଣି ବର୍ତ୍ତମାନ ଏହି ମୁହୂର୍ତ୍ତରେ । ମାତ୍ର ରାସବିହାରୀ ବାବୁ ବିବେକ ବିରୁଦ୍ଧରେ ପାଦଟିଏ ମଧ୍ୟ ଆଗକୁ ପକାଇନାହାନ୍ତି । କହିବା ନିଷ୍ପ୍ରୟୋଜନ ଏହା ହିଁ ତାଙ୍କର ମୂଲ୍ୟବୋଧ ଭିତ୍ତିକ ରାଜନୈତିକ ଜୀବନ ।

ଅସାଧାରଣ ଖେଳଓ୍ୱାର୍ଡ ମନୋବୃତ୍ତି ସଂପନ୍ନ ମଣିଷଟିଏ :

ବିଗତ ପଞ୍ଚତିରିଶ ବର୍ଷ ଧରି ଏହି ଲେଖକ ରାସବିହାରୀ ବାବୁଙ୍କୁ ଦେଖି ଆସୁଛି, ସବୁବେଳେ ଧଳାପ୍ୟାଣ୍ଟ ଓ ଧଳାଫୁଲସାର୍ଟ୍ । ଲାଗେ ସରଳ, ଅମାୟିକ, ସଂସ୍କୃତି ସଂପନ୍ନ, ସ୍ୱଚ୍ଛ ଭଦ୍ରଲୋକଟିଏ । ମାତ୍ର ଭିତରେ ଭିତରେ ଅପୂର୍ବ କ୍ରୀଡାପ୍ରେମୀ ମଣିଷଟିଏ ବୋଲି ସେ ବାହାରକୁ ମୋଟେ ଜଣା ପଡନ୍ତି ନାହିଁ । ଅବଶ୍ୟ ଡେଙ୍ଗା ମଣିଷଟିଏ ସେ । ତେଣୁ ତାଙ୍କ ଚେହେରା କ୍ରିକେଟ୍, ଭଲିବଲ୍ କିମ୍ବା ବ୍ୟାଡମିଣ୍ଟନ୍ ପାଇଁ ଉପଯୁକ୍ତ ମନେ-ହେବା ସ୍ୱାଭାବିକ । ସେ ବ୍ରହ୍ମପୁରରେ ପାଠ ପଢିବା ବେଳେ ୪ଜଣ ସାଙ୍ଗକୁ ଏକଜୁଟ୍ କରି ବ୍ୟାଡମିଣ୍ଟନ ଖେଳ ଆରମ୍ଭ କରନ୍ତି, ପରେ ଲ'କଲେଜ ଛାତ୍ର ଥିବାବେଳେ ଏହି ଖେଳ ପାଇଁ ଡକ୍ଟର ପ୍ରାଣକୃଷ୍ଣ ପରିଜାଙ୍କଠାରୁ ପୁରସ୍କାର ଗ୍ରହଣ କରନ୍ତି ଏବଂ ଏହାପରେ ସମଗ୍ର କଳାହାଣ୍ଡି ଜିଲ୍ଲାରେ ବିଭିନ୍ନ ସ୍ଥାନରେ କ୍ରୀଡା ପ୍ରତିଯୋଗିତା ଆୟୋଜନଠୁ ଆରମ୍ଭ କରି ତାଙ୍କର ମାନସସନ୍ତାନ **'ଲାଲ ବାହାଦୂର ଶାସ୍ତ୍ରୀ ଷ୍ଟାଡିୟମ ନିର୍ମାଣ'** ଯାଏ ସେ

Source: Author, Digitized by PPRACHIN, SOA

ବହୁ ମାଇଲ୍ ଖୁଣ୍ଟ ଅତିକ୍ରମ କରିଛନ୍ତି । କଳାହାଣ୍ଡି ଜିଲ୍ଲା ପିଲାଙ୍କ ଭିତରେ କ୍ରୀଡାନୈପୁଣ୍ୟ ଭରପୁର ଅଛି, ଏତକ ପ୍ରମାଣିତ କରିବା ପାଇଁ ସେ ପ୍ରଥମେ ଅନ୍ତଃଜିଲ୍ଲା ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଆୟୋଜନ କରିଛନ୍ତି, ପରେ ଏକଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ଷ୍ଟାଡିୟମ ନିର୍ମାଣ ସ୍ୱପ୍ନ ଦେଖିଛନ୍ତି ଓ ଏହି ସ୍ୱପ୍ନ ସାକାର କରିଛନ୍ତି ମଧ୍ୟ ।

ପରେ କଳାହାଣ୍ଡି କ୍ରୀଡା ସଂଗଠନର ସଂପାଦକ ଦାୟିତ୍ୱ ନିର୍ବାହ କରିଛନ୍ତି, କଳାହାଣ୍ଡିରେ ଷ୍ଟାଡିୟମ୍ ନିର୍ମାଣ ସଂଭବ କରିଛନ୍ତି ଏବଂ ତାଙ୍କର ସାଙ୍ଗଠନିକ ଦକ୍ଷତା ନିଷ୍ଠା ଓ କ୍ରୀଡାଜଗତ ପ୍ରତି ଐକାନ୍ତିକ ମନୋଭାବ ହେତୁ ୧୯୭୩ବେଳକୁ ସର୍ବ ଭାରତୀୟ କ୍ରୀଡା ପ୍ରତିଯୋଗିତା ପାଇଁ 'ଓଡିଶା ଆଥ୍‌ଲେଟିକ୍ ଟିମ୍'ର ମ୍ୟାନେଜର ଦାୟିତ୍ୱ ଅତ୍ୟନ୍ତ ସଫଳତାର ସହ ସଂପନ୍ନ କରିଛନ୍ତି । ସବୁଠାରୁ ଉଲ୍ଲେଖଯୋଗ୍ୟ କଥା ହେଲା, ପଶ୍ଚିମବଙ୍ଗର ଦୁର୍ଗାପୁର ଷ୍ଟିଲ୍‌ପ୍ଲାଣ୍ଟ ପରିସରରେ ଏହି କ୍ରୀଡାର ଆୟୋଜନ ହେଉଥାଏ ଓ ସେଥିରେ ରାସବିହାରୀବାବୁଙ୍କ ନେତୃତ୍ୱରେ ଓଡିଶା ଯେଉଁ ସଫଳତାର ଚରମଶିଖରରେ ଉପନୀତ ହୋଇଥିଲା ତାହା ଆଜି ସକାଳସୁଦ୍ଧା ଅନତିକ୍ରମଣୀୟ ହୋଇ ରହିଛି । ସେଥିରେ **'ଓଡିଶା ସର୍ବମୋଟ ୪୫ଟି ପଦକ ପାଇଲା । ସେ ମଧ୍ୟରୁ ୧୮ଟି ସ୍ୱର୍ଣ୍ଣପଦକ, ୧୭ଟି ରୌପ୍ୟ ପଦକ, ୧୦ଟି ତାମ୍ର ପଦକ । ୧୮ଟି ସ୍ୱର୍ଣ୍ଣ ପଦକ ମଧ୍ୟରୁ ୭ଟି ନୂତନ ଜାତୀୟ ରେକର୍ଡ ପ୍ରାପ୍ତ ସ୍ୱର୍ଣ୍ଣ ପଦକ'** । (ମୂଲ୍ୟବୋଧର ସଂଧାନ-(ପୃ. ୨୧୨) । ଓଡିଶା ଦ୍ୱିତୀୟ ଶ୍ରେଷ୍ଠ ଦଳବୋଲି ବିବେଚିତ ହେଲା । ଭୈରବ ମହାନ୍ତି ଆତ୍ମବିଭୋର ହୋଇ କହିଥିଲେ-ରାସବିହାରୀ ମେଜିକ୍ କରିଦେଲେ ।

ଓଡିଶା ଓ କଳାହାଣ୍ଡିର ବିକାଶ କ୍ଷେତ୍ରରେ ତାଙ୍କ ଭୂମିକା :

ସ୍ୱୀକାର କରିବାରେ ଦ୍ୱିଧା ନାହିଁ ଯେ କଳାହାଣ୍ଡି ଜିଲ୍ଲା ବିଶେଷକରି ଅବିଭକ୍ତ କଳାହାଣ୍ଡି ଓଡିଶାର ଗୋଟିଏ ଅନଗ୍ରସର ଜିଲ୍ଲା । ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ଜଳସେଚନ, ଶିଳ୍ପ ସବୁଦିଗରୁ ଏ ଜିଲ୍ଲାଟି ପଛୁଆ ଜିଲ୍ଲା ବୋଲି ବିବେଚିତ । ଏକଦା କଳାହାଣ୍ଡିର ଚିତ୍ର କହିଲେ ମରୁଡି ପ୍ରବଣ ଏକ ଜିଲ୍ଲାବୋଲି ବୁଝାଉଥିଲା । ମାତ୍ର ସଂପ୍ରତି କଳାହାଣ୍ଡିର କେସିଙ୍ଗାଠାରୁ ଭବାନୀପାଟଣା ମଧ୍ୟରେ ଯେତେଗୋଟି ବଡବଡ ରାଇସମିଲ ଅଛି, ମାତ୍ର ୩୫କିଲୋମିଟରର ବ୍ୟବଧାନ ଭିତରେ ଏତେଗୁଡିଏ ବିଶାଳ ରାଇସମିଲ ଓଡିଶାର ଅନ୍ୟ କେଉଁଠି ନାହିଁ । ତାହା ସଂଭବ ହୋଇଛି କେବଳ ଇନ୍ଦ୍ରାବତୀ ନଦୀବନ୍ଧ ଯୋଜନା ଯୋଗୁ । ଯାହାପ୍ରତି ରାସବିହାରୀଙ୍କ ଅବଦାନ ଅନସ୍ୱୀକାର୍ଯ୍ୟ । ସେହିପରି କୋକସରା ନିକଟବର୍ତ୍ତୀ 'ବେହେରା କ୍ଷୁଦ୍ରଜଳସେଚନ ଯୋଜନା' ପ୍ରସଙ୍ଗ ସେ ପାର୍ଲିଆମେଣ୍ଟରେ ଉତ୍ଥାପନ କରିଛନ୍ତି ଓ ମଜାର କଥା ହେଉଛି ତତ୍‌କାଳୀନ ଜଳସେଚନ ମନ୍ତ୍ରୀଙ୍କର ଧାରଣା ହୋଇଛି ଯେ, ରାସବିହାରୀ ବେହେରା ତମ ନାମରେ ବେହେରା

Source: Author, Digitized by PPRACHIN, SOA

ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବାକୁ ଯାଇଛନ୍ତି ଏମ୍.ପି ହେବାପରେ । ଅବଶ୍ୟ 'ବେହେରା' ଗୋଟିଏ ନଦୀର ନାମ ।

ସେହିପରି ବରଗଡ ଚିନିକଳ, ନୟାଗଡ ଚିନିକଳ, କଳାହାଣ୍ଡିର ଭତରାମାନଙ୍କୁ ଆଦିବାସୀ ମାନ୍ୟତା ପ୍ରଦାନ, କୃଷିର ବିକାଶ, ବିହନ ଉତ୍ପାଦନରେ ଓଡିଶାକୁ ସ୍ୱାବଲମ୍ବୀ କରିବା ପ୍ରୟନ୍ନ, ସମବାୟ କ୍ଷେତ୍ରରେ ସଂସ୍କାର ଆଦି ତାଙ୍କ ରାଜନୈତିକ ଜୀବନର ଗୋଟିଏ ଗୋଟିଏ ଅଲିଭା ସ୍ୱାକ୍ଷର ।

ସମାଜସେବୀ ରାସବିହାରୀ :

ରାସବିହାରୀବାବୁ ବାହାରକୁ ଦିଶନ୍ତି ରାଜନେତା । ମାତ୍ର ଅନ୍ତରାତ୍ମା ଭିତରେ ସେ ଜଣେ ଅତ୍ୟନ୍ତ ସମ୍ବେଦନଶୀଳ ଲେଖକୀୟ ବ୍ୟକ୍ତିସତ୍ତା । ସମାଜର ପୀଡିତ, ଅସହାୟ, ନିଃସ୍ୱ, ଦରିଦ୍ରମାନଙ୍କ ପାଇଁ ସେ ସଦାସର୍ବଦା ସହାନୁଭୂତି ସଂପନ୍ନ । ସେ ଉପଲବ୍ଧିକରିଥିଲେ କଳାହାଣ୍ଡିର ଅନଗ୍ରସରତା ପାଇଁ ଶିକ୍ଷାର ଅଭାବ ଗୋଟିଏ ବଡଦିଗ । ତେଣୁ ଶିକ୍ଷାର ପ୍ରସାର, ପାଠାଗାର ଆନ୍ଦୋଳନର ପ୍ରସାର, ସ୍କୁଲକଲେଜ ସ୍ଥାପନ ଓ ଏଥି ସହିତ କୃଷି-ଭିତ୍ତିକ ସମାଜଜୀବନର ସୁଧାର ଆଣିବା ଦିଗରେ ସେ ଯତ୍ନଶୀଳ ଥିଲେ । ଫଳସ୍ୱରୂପ କଳାହାଣ୍ଡିରେ ଗୋଟିଏ ସାଂସ୍କୃତିକ ଜାଗରଣ ଆଣିବାକୁ ସେ ସକ୍ଷମ ହୋଇଥିଲେ । ପ୍ରେସ୍ ପ୍ରତିଷ୍ଠା, ବହି ବ୍ୟବସାୟ, ଯୁବଲେଖକ ସମ୍ମେଳନୀରେ ଯୋଗଦାନ, ଖଡିଆଳର ମରୁଡି ସଂପର୍କରେ ରିପୋର୍ଟ ପ୍ରକାଶ, ଜିଲ୍ଲାପାଠାଗାର ପ୍ରତିଷ୍ଠା, ବିଭିନ୍ନ ଆଦିବାସୀ ବହୁଳ ଅଞ୍ଚଳରେ ସ୍କୁଲ, ଛାତ୍ରାବାସ ପ୍ରତିଷ୍ଠା, ଅପହଞ୍ଚ ସୂର୍ଯ୍ୟଗଡରେ ପ୍ରବେଶ ଆଦି ବହୁକ୍ଷେତ୍ରରେ ତାଙ୍କର ଭୂମିକା ହିଁ ଗୋଟିଏ ଗୋଟିଏ ଅମଳୀନ କୀର୍ତ୍ତି ।

ସକାଳର ସଜଫୁଟା ଫୁଲ ପରି ତାଙ୍କର ସ୍ମୃତି ସବୁ ସତେଜ :

ରାସବିହାରୀ ବାବୁଙ୍କର ସ୍ମୃତିଶକ୍ତି ଅତ୍ୟନ୍ତ ପ୍ରଖର । ଆବାଲ୍ୟରୁ ଅଦ୍ୟାବଧି ତାଙ୍କର ସ୍ମୃତିପଟ୍ଟରେ ସଯତ୍ନେ ସାଇତା ହୋଇଛି ଅଜସ୍ର ସ୍ମୃତିରାଜି । ସ୍ମୃତିମଗ୍ନ ଅତଳ ଗହ୍ୱରରୁ ସେ ଗୋଟିଗୋଟି କରି ସାଉଁଟି ଆଣିଛନ୍ତି ଧାରାବାହିକ ଭାବରେ ଗୋଟିକ ପରେ ଗୋଟିଏ ପ୍ରସଙ୍ଗ । ଯେମିତିକା ମନେ ହେଉଛି, ସେ ପାଖାପାଖି ଅଶୀବର୍ଷ ବୟସରେ (ଏବେ ୭୭ପୂରିଲା) ଉପନୀତ ହୋଇଥିଲେ ମଧ୍ୟ ସବୁକଥା ଲାଗୁଛି ସକାଳର ସଜଫୁଟା ଫୁଲ ପରି ସତେଜ, ସୁବାସିତ ଓ ଆକର୍ଷଣୀୟ । କେବେ ସାପ କାମୁଡିଲା, କେବେ ବାଘ ହାବୁଡରୁ ରକ୍ଷା ପାଇଲେ, କେବେ ରଜଦୋଳି ଗୀତ, କେବେ ଗାଁକୁ ବିଜୁଳି ଆସିଲା, କେବେ ଆଖିଧରା, କେବେ ବସନ୍ତରୋଗ, କେବେ ଗାନ୍ଧିଜୀଙ୍କ ଦେହାନ୍ତ, ମହତାବଙ୍କ ଦେହାନ୍ତ, ନେହେରୁଙ୍କ ଦେହାନ୍ତ ତ କେବେ ଭୀମଭୋଇଙ୍କ ସାଧନା ପୀଠ ଖଲିଆପାଲି

Source: Author, Digitized by PPRACHIN, SOA

ଦର୍ଶନ ଏମିତି ଅଜସ୍ର କଥା ସେ ଆଦୌ ଭୁଲି ପାରି ନାହାନ୍ତି ।

ରାଜନେତା ଭାବରେ ବିଜୁ ପଟ୍ଟନାୟକ, ହରେକୃଷ୍ଣ ମହତାବ, ଜାନକୀବଲ୍ଲଭ ପଟ୍ଟନାୟକ, ରାଜୀବ ଗାନ୍ଧି, ଇନ୍ଦିରା ଗାନ୍ଧି, ବିରେନ୍ ମିତ୍ର ପ୍ରମୁଖଙ୍କ ସ୍ମୃତି ଯେପରି ତାଙ୍କର ସ୍ମୃତି ପଟ୍ଟରେ ସଜୀବ; ସେମିତି ଶିକ୍ଷକ ଭାବରେ ସଚ୍ଚିଦାନନ୍ଦ କାନୁନଗୋ ସଂସ୍କୃତ ପଣ୍ଡିତ ବାଚସ୍ପତି ଗଣେଶ୍ୱର ରଥ, ଅଧ୍ୟାପକ ରାଜକିଶୋର ରାୟ ଓ ଚନ୍ଦ୍ରଶେଖର ରଥ, ଆଇନମନ୍ତ୍ରୀ ଲିଙ୍ଗରାଜ ପାଣିଗ୍ରାହୀ ପ୍ରଭୃତିଙ୍କ ସ୍ମୃତି ସେମିତି ସତେଜ ରହିଛି । ଏତଦ୍‌ଭିନ୍ନ କଂଗ୍ରେସ ଦଳର କାହ୍ନୁଚରଣ ଲେଙ୍କା, ବ୍ରଜ ମୋହନ ମହାନ୍ତି, ରାମଚନ୍ଦ୍ର ରଥ, ଯୋଗେଶ ଚନ୍ଦ୍ର ରାଉତଙ୍କ ଭଳି ବହୁ ରାଜନେତାଙ୍କ ସହିତ ତାଙ୍କର ବନ୍ଧୁତାର କଥା ସ୍ମରଣ କରିଛନ୍ତି । ଅଧିକନ୍ତୁ ବରିଷ୍ଠ ରାଜନେତାମାନଙ୍କର ମୂଲ୍ୟବାନ ପରାମର୍ଶ ଓ ସମୟୋଚିତ ଉପଦେଶ ତାଙ୍କର ପଲଟିକାଲ କ୍ୟାରିୟରକୁ ଅଧିକ ନୀତିବାନ କରି ଗଢିବା ଦିଗରେ ସହାୟକ ହୋଇଛି ।

ଓଡିଆ ଆତ୍ମଚରିତ ଜଗତ ଓ ରାସବିହାରୀଙ୍କ ''ମୂଲ୍ୟବୋଧର ସଂଧାନ'' :

ଫକୀରମୋହନ ସେନାପତିଙ୍କ 'ଆତ୍ମଜୀବନ ଚରିତ' ଓଡିଆ ଭାଷାର ପ୍ରଥମ ପୂର୍ଣ୍ଣାଙ୍ଗ ଆତ୍ମଜୀବନୀ । ଏହା ପ୍ରଥମେ କିଛିବର୍ଷ ଧରି ପ୍ରକାଶିତ 'ଉତ୍କଳ ସାହିତ୍ୟ' ପତ୍ରିକାରେ ଓ ପରେ 'ସତ୍ୟବାଦୀ' ପତ୍ରିକାର ଧାରାବାହିକ ଭାବେ ପ୍ରକାଶିତ ହୋଇ ଶେଷରେ ବହି ଆକାରରେ ପ୍ରକାଶିତ ହୋଇଛି । ଓଡିଆ ଭାଷାରେ ଲିଖିତ, ପ୍ରକାଶିତ, ଅପ୍ରକାଶିତ, ସଂପୂର୍ଣ୍ଣ ଓ ଅସଂପୂର୍ଣ୍ଣ ଆତ୍ମଚରିତ ଗୁଡିକୁ ଭିତ୍ତିକରି ଏହି ଲେଖକର ମହାନିବନ୍ଧ (ପି.ଏଚ.ଡି ସନ୍ଦର୍ଭ) ପ୍ରଥମେ ଉପସ୍ଥାପିତ ହୋଇଥିଲା । ଏହି ଲେଖକର ପୂର୍ବରୁ ଡକ୍ଟର ଲାବଣ୍ୟ ନାୟକ ଓ ଡକ୍ଟର ହେମନ୍ତ କୁମାର ଦାସ ଓଡିଆ ଭାଷାରେ ଲିଖିତ ଆତ୍ମଜୀବନୀ ସଂପର୍କରେ ଆଲୋଚନା କରିଥିଲେ ତାହା ସଂପୂର୍ଣ୍ଣ ନୁହେଁ । ତେବେ ଫକୀରମୋହନଙ୍କଠାରୁ ରାସବିହାରୀଙ୍କ ଯାଏ ଓଡିଆ ଭାଷାରେ ଯେଉଁମାନେ ଆତ୍ମଜୀବନୀ ଲେଖିଯାଇଛନ୍ତି ସେମାନଙ୍କର ସଂଖ୍ୟା ଦୁଇଶହ କିମ୍ବା ତା'ଠାରୁ ଅଳ୍ପ କମ୍ ବେଶୀ ହୋଇପାରେ ।

ରାସବିହାରୀବାବୁଙ୍କ ଜନ୍ମମାଟି କଳାହାଣ୍ଡିରୁ ଓଡିଆ ଆତ୍ମ ଜୀବନୀ ସାହିତ୍ୟକୁ ଯେଉଁମାନେ ପରିପୁଷ୍ଟ କରିଛନ୍ତି, ସେମାନଙ୍କ ମଧ୍ୟରେ ନିମ୍ନଲିଖିତ ଲେଖକମାନଙ୍କ ଭୂମିକା ସ୍ମରଣୀୟ । ସେମାନେ ହେଲେ –

(୧) ମହାରାଜା ପ୍ରତାପ କେଶରୀ ଦେଓ – Memoirs of a byegone era

(୨) ନାଟ୍ୟରଶ୍ମୀ ପ୍ରଫୁଲ୍ଲକୁମାର ରଥ – ମୋ ଖେଳଘର

(୩) ଶ୍ରୀ ଗୋବିନ୍ଦ ରଥ – ହଜିଲା ଦିନର କଥା

Source: Author, Digitized by PPRACHIN, SOA

(୪) ଶ୍ରୀ କାଳୀପ୍ରସାଦ ମିଶ୍ର
(୫) ଶ୍ରୀ ଗୌରଚନ୍ଦ୍ର ମିଶ୍ର
(୬) ଶ୍ରୀ ଭବାନୀଶଙ୍କର ପଣ୍ଡା

ଏବଂ ପ୍ରଫେସର ଭୁବନେଶ୍ୱର ବେହେରାଙ୍କ ଆତ୍ମଜୀବନୀ ମୂଳକ ଉପନ୍ୟାସ 'ଗାଁର ଡାକ' (ଏହାର ଇଂରାଜୀ ଅନୁବାଦ ତାଙ୍କର ସୁପୁତ୍ର ଶ୍ରୀ ବିନୟ କୁମାର ବେହେରା, ଆଇ.ପି.ଏସ୍ କରିସାରିଛନ୍ତି) ତଥା ଆଂଶିକ ଭାବେ ଲିଖିତ କୋମନାର (ଏବେ ନୂଆପଡା ଜିଲ୍ଲା) ଗଦାଧର ମିଶ୍ରଙ୍କ ଆତ୍ମଜୀବନୀ । କଳାହାଣ୍ଡି ଜିଲ୍ଲାର ଲେଖକମାନଙ୍କଦ୍ୱାରା ଲିଖିତ ଏ ସମସ୍ତ ଆତ୍ମଜୀବନୀ ଏହି ଲେଖକ ପଢିବା ସୁଯୋଗ ପାଇନାହିଁ, କେବଳ 'ଗାଁର ଡାକ'ଭିନ୍ନ । ତେବେ ଓଡିଆ ଭାଷାର ଲିଖିତ ପ୍ରାୟ ସମସ୍ତ ଆତ୍ମଜୀବନୀ ଏହି ଲେଖକର ଦୃଷ୍ଟିକୁ ଆସିଛି । ତନ୍ମଧ୍ୟରୁ କିଛି ସାହିତ୍ୟ ପଦବାଚ୍ୟ ନୁହନ୍ତି । କାରଣ କେବଳ ମୁଁ, ମୋର, ମୋତେ ସର୍ବସ୍ୱ ବ୍ୟକ୍ତିଗତ ଜୀବନାନୁଭୂତି ବା ଗଲି ଅଇଲି ଯାହା ଦେଖିଲି ତାହା ଲେଖିଲି ତାହା ସାହିତ୍ୟର ମର୍ଯ୍ୟାଦା ଲାଭ କରିପାରିବ ନାହିଁ । ତା'ସତ୍ତ୍ୱେ ଅନେକ ଆତ୍ମଚରିତ ଉଚ୍ଚକୋଟୀର ସାରସ୍ୱତ ମୂଲ୍ୟ ବହନ କରୁଅଛି । ଯେଉଁଠି ଲେଖକଙ୍କର ବ୍ୟକ୍ତିଗତ ଜୀବନ ଚିତ୍ର ସହିତ ସମକାଳୀନ ସମୟର ପ୍ରାଣସ୍ପନ୍ଦନ (TIME IMPULSE) ଚମତକାର ବାକ୍‌ଭଙ୍ଗୀରେ ପରିସ୍ପନ୍ଦିତ ହୋଇଛି ତାହା ହିଁ ପାଠକକୁ ମୁଗ୍ଧ କରିଛି ଅନେକ କାଳ ଯାଏ । କାରଣ ଜୀବନୀ (Biography) ସତ୍ୟକୁ ବିଶ୍ୱାସ ଯୋଗ୍ୟ ଭାବରେ ପରିବେଷଣ କଲାବେଳେ ଆତ୍ମଜୀବନୀ (Autobiography) ଅଧିକ ବାସ୍ତବ ସତ୍ୟର ନିକଟତର ଭାବରେ ପରିବେଷଣ କରିଥାଏ । ଯାହାକୁ କୁହାଯାଏ– ' x x x biography gives us truth convincingly autobiography ought to do it yet move convincingly as we have already seen it in first hand information about the individual' (*Naik Dr. D. G*, Art of Autobiography page-15) ' କିମ୍ବା ଏହି କଥାକୁ ଆଉ ଟିକିଏ ଅଧିକ ସ୍ପଷ୍ଟ ଭାବରେ କହିଲେ କୁହାଯିବ, 'Autobiography is the individual's most reliable view of himself, where as biography is the view of individual by another, (Art of Autobigraphy, page-14)

ଅଧିକନ୍ତୁ ଜଣେ ଆତ୍ମଜୀବନୀକାର ନିଜକୁ ଯେପରି ଭାବେ (ପାପ-ପୁଣ୍ୟ, ଆଲୋକ-ଅନ୍ଧକାର, ଉତ୍‌ଥାନ-ପତନ ଓ ସୁ ଓ କୁ) ଜାଣନ୍ତି, ସେପରି ଅନ୍ୟକେହି ଜାଣିବା ସମ୍ଭବପର ନୁହେଁ ।

Source: Author, Digitized by PPRACHIN, SOA

ଏହି ମାନଦଣ୍ଡରେ ବିଚାରକଲେ ରାସବିହାରୀବାବୁଙ୍କ ଆତ୍ମଜୀବନୀ 'ମୂଲ୍ୟବୋଧର ସଂଧାନ' ତାଙ୍କର ସାମଗ୍ରିକ ବ୍ୟକ୍ତିସତ୍ତା ସଂପର୍କରେ ଏକ ନିର୍ଭରଯୋଗ୍ୟ ଦଲିଲ୍ ସ୍ରୁ ଓ କୁ ବିଶ୍ୱାସ କରୁଥିବା ତଥା ବ୍ୟକ୍ତିଗତ ଜୀବନରେ ପାଳନ କରୁଥିବା ମୂଲ୍ୟବୋଧ ଭିତ୍ତିକ ଜୀବନଯାତ୍ରାର ଏକ ବିଶ୍ୱସ୍ତ ଦସ୍ତାବିଜ୍ ।

ରାସବିହାରୀବାବୁଙ୍କ ଶବ୍ଦଚୟନ :

ରାସବିହାରୀ ବାବୁ ଏକାଧାରାରେ ରାଜନୀତିଜ୍ଞ, କ୍ରୀଡାବିତ, ସମାଜସେବୀ, ସାହିତ୍ୟିକ ଓ ସାଧାରଣ ଚାଷୀଟିଏ ହୋଇଥିବାରୁ ସେ ପ୍ରାୟତଃ ପାତ୍ରମୁଖୀ ଭାଷା ପ୍ରୟୋଗ କରିଛନ୍ତି । ବିଶେଷ କରି ତାଙ୍କ ଲେଖାରେ କଳାହାଣ୍ଡିଆଭାଷା (ସମ୍ବଲପୁରୀ କିମ୍ବା କୋଶଲୀ ଦୁହେଁ) ପ୍ରୟୋଗରେ ସେ ଖୁବ୍ ଯତ୍ନବାନ । ଯେପରିକି –

ଗଡରା-ଖାସିମେଣ୍ଢା, ପଲା-ଧାନତଳି
ବନ୍ଧ-ପୋଖରୀ, ଶରଗିଗଛ-ଶାଳଗଛ
କୋତରୀ-ମାଛ ବିଶେଷ
ଟେଙ୍ଗଣା– ''
ଜରିଏଲ୍ – ''
ଆଟ – ଜମିର କିସମ
ମାଲ – ''
ବେର୍ଣ୍ଣା – ''

ସେହିପରି ରାଜନେତା ଭାବେ ଲୋକଙ୍କୁ ଭେଟି ତାଙ୍କ ତୁଣ୍ଡରେ ଅବିକଳ ଭାଷା ହିଁ ଆଣି ଥୋଇଛନ୍ତି ।

ରାସବିହାରୀଙ୍କ ଜୀବନ ଦର୍ଶନ :

ଜୀବନ ଓ ଜଗତ ପ୍ରତି ରାସବିହାରୀବାବୁଙ୍କ ଦୃଷ୍ଟିକୋଣ ବେଶ୍ ନିଆରା । ସେ ରାଜନୀତି, କ୍ରୀଡାସଂଗଠନ, ସାହିତ୍ୟ, ସାମ୍ବାଦିକତା, ସମାଜସେବା, ପତ୍ରିକା ସଂପାଦନା, ପୁସ୍ତକ ବ୍ୟବସାୟ, ଭ୍ରମଣ ପ୍ରିୟ ମନୋଭାବ ଆଦିର ମିଳିତ ସୁନ୍ଦର ରାଗମଲ୍ଲାରଟିଏ । ଆମର ପ୍ରାଥମିକ ଶିକ୍ଷା ବିପର୍ଯ୍ୟସ୍ତ ଏବେ । ଏ ସଂପର୍କରେ ତାଙ୍କର ମତହେଲା– **'ଶିଶୁକୁ ମୂଳରୁ ଭଲଭାବେ ବୁଝିବା ଓ ଆପଣାର କରିବା ଶିକ୍ଷକ ଓ ଅଭିଭାବକ ମାନଙ୍କର ପ୍ରାଥମିକ କର୍ତ୍ତବ୍ୟ । ଶିଶୁମାନଙ୍କ ମନରେ ଏକ ପ୍ରକାର ସ୍ୱତନ୍ତ୍ରତା ଭରି ରହିଛି । ତେଣୁ ଉପଯୁକ୍ତ ଲାଳନପାଳନଦ୍ୱାରା ସେମାନଙ୍କ ସହ ମିଶି ସେମାନଙ୍କ ମନରେ ଆତ୍ମବିଶ୍ୱାସ୍ ସୃଷ୍ଟି କରିପାରିଲେ ଶିଶୁର ଅଶେଷ କଲ୍ୟାଣ ସାଧିତ**

Source: Author, Digitized by PPRACHIN, SOA

ହୋଇଥାଏ' । (ମୂଲ୍ୟବୋଧର ସଂଧାନ– (ପୃ.୧୨) । ସେହିପରି ଗ୍ରାମାଞ୍ଚଳରେ ଅକାଳ-ମୃତ୍ୟୁ ଏକ ସାଧାରଣ କଥା । ଲୋକେ ଚେରୀ, ମୂଳୀ ଉପରେ ନିର୍ଭର କରି ବଞ୍ଚନ୍ତି । ତେଣୁ ତାଙ୍କର ମତହେଲା– ଅକାଳରେ ମୃତ୍ୟୁଠୁ ବଳି ମର୍ମନ୍ତୁଦ ଯନ୍ତ୍ରଣା ଆଉ କିଛି ନାହିଁ । ଏହାକୁ ରୋକିବା ହିଁ ଆମର ସବୁଠୁ ବଡ କାମ ହେବା ଉଚିତ । ସବୁକଥା ସମ୍ଭବ ହୋଇପାରେ, ଦରକାର କେବଳ ସାହସ ଓ ଆତ୍ମବିଶ୍ୱାସ । (ପୃ.୨୮) । ସେହିପରି ଭାରତୀୟ ଦର୍ଶନରେ ବିଶ୍ୱାସୀ ରାସବିହାରୀ ବିଶ୍ୱାସ କରନ୍ତି ଯେ 'ମଣିଷର ମନଶୁଦ୍ଧ ରହିଲେ କାମନା ମୋହଯୁକ୍ତ ଶତ୍ରୁ ସହଜରେ ଆକ୍ରମଣ କରିବା ସମ୍ଭବ ହୋଇନଥାଏ ।'(ପୃ-୩୨) ସମଗ୍ର ବହିଟିରେ ଏଭଳି ପରିପକ୍ୱ ମଣିଷଟିର ଜୀବନ ପ୍ରତି ଦୃଷ୍ଟିଭଙ୍ଗୀ ଅନାୟାସ ଲକ୍ଷ୍ୟ ।

ସାମଗ୍ରିକ ଆକଳନ :

ମୂଲ୍ୟଯୁକ୍ତ ଟିକସ (VAT) ଯୁଗରେ ମୂଲ୍ୟବୋଧ ଖୋଜୁଥିବା ମଣିଷଟିଏ ରାସବିହାରୀବାବୁ । ଯେଉଁ ସମୟରେ ସରପଞ୍ଚ, ୱାର୍ଡମେମ୍ବରଟିଏ ହେବାକୁ ହେଲେ ଲକ୍ଷ ଲକ୍ଷ, ବିଧାୟକ/ସାଂସଦ ହେବାକୁ ହେଲେ କୋଟି କୋଟିଟଙ୍କା ଦରକାର ପଡେ ସେ ଯୁଗରେ କେବଳ ବଳିଷ୍ଠ, ସ୍ୱଚ୍ଛ, ନିର୍ମଳ ବ୍ୟକ୍ତିତ୍ୱନେଇ ରାଜନୀତିର ରଣାଙ୍ଗନରେ ଅବତୀର୍ଣ୍ଣ ହେବା ଏକ ବିଡମ୍ବନା ମାତ୍ର । ତା ସତ୍ତ୍ୱେ ରାସବିହାରୀବାବୁଙ୍କର ବିଶ୍ୱାସ ଅଛି ମୂଲ୍ୟବୋଧ ଭିତ୍ତିକ ଜୀବନଟିଏ ଜୀଇଁ ହେବ । ଏହି ଆତ୍ମଜୀବନୀଟି ତାଙ୍କର ବ୍ୟକ୍ତିତ୍ୱ ଭଳି ସରଳ, ସ୍ୱଚ୍ଛ, ପରିଚ୍ଛନ୍ନ, ନିଷ୍କପଟ, ସ୍ୱଚ୍ଛଳ ପାହାଡୀ ଝରଣାଟି ସଦୃଶ ସଦା ପ୍ରବହମାନ । ପାହାଡିଆ ଅଞ୍ଚଳରୁ ବା ମହିଚଲାରୁ ଦିଲ୍ଲୀଚଲୋ ଯାଏ କିମ୍ୱା ଭୁବନେଶ୍ୱର ଯାଏ ଅଥବା ସୁଦୂର କାନାଡା, ଆମେରିକା ଯାଏ ସବୁଠି ସେହି ଭଲ ମଣିଷଟିଏ ଭାବରେ ବଞ୍ଚିବାର ଦୁର୍ବାର ଅଭୀପ୍‌ସା ହିଁ ତାଙ୍କ ଆତ୍ମଚରିତର କଥାବସ୍ତୁ । ଖୁବ୍ ସାହସର ସହିତ ସେ ବହୁତ ସଂଗୋପିତ ଅଧ୍ୟାୟ ଖୋଲିଛନ୍ତି, ସତ କହିବାକୁ ଡରିନାହାନ୍ତି । ତେବେ ଅଭାବ ରହିଗଲା ତାଙ୍କର ଟିକିଏ ତାଙ୍କର ବାକ୍‌ଭଙ୍ଗୀ ଆଉ ଟିକିଏ ରସାଳ, କାବ୍ୟିକ ଛଟା ଭିତ୍ତିକ, ନାଟକୀୟ ଆବେଗମଣ୍ଡିତ ତଥା ଉପନ୍ୟାସ ସୁଲଭ ଉତ୍କଣ୍ଠାପୂର୍ଣ୍ଣ ହୋଇଥିଲେ ଆହୁରି କମନୀୟ କାନ୍ତିଯୁକ୍ତ ହୋଇପାରିଥାନ୍ତି । ତା'ସତ୍ତ୍ୱେ ସମଗ୍ର ଆତ୍ମଜୀବନୀଟିର ଆତ୍ମିକ ଆବେଦନ ଖୁବ୍ ପ୍ରାଣବନ୍ତ ।

ଡକ୍ଟର ଅଜାମ୍ବର ମଲ୍ଲ

ପ୍ରାକ୍ତନ ପ୍ରାଧ୍ୟାପକ, ଓଡିଆ ବିଭାଗ ଡି.ଏ. ଭି. କଲେଜ, ଟିଟିଲାଗଡ,

ଜିଲ୍ଲା-ବଲାଙ୍ଗିର ।

Source: Author, Digitized by PPRACHIN, SOA

ସୂଚୀପତ୍ର

ପ୍ରଥମ ପରିଚ୍ଛେଦ	- ଶୈଶବ ଓ ଶିକ୍ଷା	୨
ଦ୍ୱିତୀୟ ପରିଚ୍ଛେଦ	- କଲେଜ ଜୀବନ	୪୩
ତୃତୀୟ ପରିଚ୍ଛେଦ	- ଆଇନ ଅଧ୍ୟୟନ ଓ ବୃତ୍ତିଗତ ଜୀବନର ଆରମ୍ଭ	୫୭
ଚତୁର୍ଥ ପିରଚ୍ଛେଦ	- କଳାହାଣ୍ଡିର ସାଂସ୍କୃତିକ ଜାଗରଣ	୮୩
ପଞ୍ଚମ ପରିଚ୍ଛେଦ	- ବିଜୁ ପଟ୍ଟନାୟକଙ୍କ ସାନ୍ନିଧ	୧୦୫
ଷଷ୍ଠ ପରିଚ୍ଛେଦ	- 'କଳିଙ୍ଗ' ଖବର କାଗଜରେ ସାମ୍ବାଦିକତା	୧୧୦
ସପ୍ତମ ପରିଚ୍ଛେଦ	- ମହାରାଜାଙ୍କ ଭ୍ରମ ଓ ପ୍ରତିକ୍ରିୟା	୧୩୨
ଅଷ୍ଟମ ପରିଚ୍ଛେଦ	- କଳାହାଣ୍ଡି କ୍ରୀଡ଼ା ସଙ୍ଗଠନର ସମ୍ପାଦକ	୧୪୮
ନବମ ପରିଚ୍ଛେଦ	- ଭବାନୀପାଟଣା ପୌରସଂସ୍ଥାର ନଗରପାଳ	୧୬୯
ଦଶମ ପରିଚ୍ଛେଦ	- ଅଶୀ ଦଶକର ରାଜନୈତିକ ସ୍ଥିତି	୧୯୦
ଏକାଦଶ ପରିଚ୍ଛେଦ	- ସଫଳତା ଓ ସୌଭାଗ୍ୟର ପୁଲକ	୨୦୭
ଦ୍ୱାଦଶ ପରିଚ୍ଛେଦ	- ଓଡିଶା ବିଧାନସଭାରେ ମୋର ଭୂମିକା	୨୨୦
ତ୍ରୟୋଦଶ ପରିଚ୍ଛେଦ	- କଳାହାଣ୍ଡିର ସାଂସଦ	୨୪୧
ଚତୁର୍ଦ୍ଦଶ ପରିଚ୍ଛେଦ	- ରାଜନୈତିକ ଷଡଯନ୍ତ୍ରର ଶିକାର ଓ ଅନନ୍ୟ ସଫଳତା	୩୦୨
ପଞ୍ଚଦଶ ପରିଚ୍ଛେଦ	- ଓଡିଶା ସରକାରଙ୍କ କ୍ୟାବିନେଟ୍ ମନ୍ତ୍ରୀ	୩୩୮
ଷୋଡଶ ପରିଚ୍ଛେଦ	- ଅପ୍ରୀତିକର ରାଜନୈତିକ ଚାପକୁ ଅସ୍ୱୀକାର	୪୪୧
ସପ୍ତଦଶ ପରିଚ୍ଛେଦ	- ସ୍ୱାଭିମାନ ସହ ସମ୍ପୃକ୍ତ କେତୋଟି ରାଜନୈତିକ ଘଟଣା	୪୫୦
ଅଷ୍ଟାଦଶ ପରିଚ୍ଛେଦ	- ସାହିତ୍ୟ ସାଧନା, କୃଷି ଓ ପର୍ଯ୍ୟଟନ	୪୬୬
ଊନବିଂଶ ପରିଚ୍ଛେଦ	- ବ୍ୟକ୍ତିଗତ ପଠନ ରୁଚି ଓ ପାଠାଗାର	୪୭୬
ବିଂଶ ପରିଚ୍ଛେଦ	- ଭାରତୀୟ ଗଣତନ୍ତ୍ରର ବିକାଶଧାରା	୫୨୦
ଏକବିଂଶ ପରିଚ୍ଛେଦ	- ମାତୃସ୍ମୃତି	୫୩୯

--

Source: Author, Digitized by PPRACHIN, SOA

ମୂଲ୍ୟବୋଧର ସନ୍ଧାନ

Source: Author, Digitized by PPRACHIN, SOA

ପ୍ରଥମ ପରିଚ୍ଛେଦ

ଶୈଶବ ଓ ଶିକ୍ଷା

ଜନ୍ମ ଓ ପାରିବାରିକ ପରିଚୟ :

ସଦର ମହକୁମା ଭବାନୀପାଟଣାଠାରୁ ଚାଳିଶ କି.ମି. ଦୂରରେ ଦକ୍ଷିଣପୂର୍ବ କୋଣରେ ଜୁନାଗଡ ବ୍ଲକ ଅନ୍ତର୍ଗତ ମହିଚଲା ଗ୍ରାମ । ସବୁଜିମା ପରିବେଷ୍ଟିତ ଛୋଟିଆ ଗ୍ରାମଟି । ସେତେବେଳେ ଲୋକସଂଖ୍ୟା ପ୍ରାୟ ଦୁଇଶହ ପାଖାପାଖି । ବୈଶାଖ ମାସ କୃଷ୍ଣପକ୍ଷ ତୃତୀୟା ରବିବାର ରାତ୍ର ଘ.୭.୩୦ମି. ସମୟରେ ଏହି ପଲ୍ଲୀ ଗାଁରେ ୧୯୩୮ ଜୁନ୍ ମାସ ତେର ତାରିଖ ଦିନ ମୋର ଜନ୍ମ । ଇତିହାସ ଅବା ଭୂଗୋଳ ପୋଥିରେ ମୋ ଗାଁର ନାଁ କିଛି ନ ଥିଲେ ମଧ୍ୟ ପାଖ ଆଖ ଗାଁ ମଧ୍ୟରେ ମୋ ଗାଁର କିଛିଟା ଗୁରୁତ୍ୱ ଥିଲା ।

ବାପା, ମା'ଙ୍କ ଆମେ ଥିଲୁ ଏଗାର ଜଣ ସନ୍ତାନ ସନ୍ତତି । ଚାରିପୁଅ, ସାତ ଝିଅ । ମୁଁ ଜ୍ୟେଷ୍ଠ ପୁଅ । ବାପା ମା'ଙ୍କ ପ୍ରତି ମୋର ପ୍ରଗାଢ଼ ଭକ୍ତି ଥିଲା । ସମୟେ ସମୟେ ବାପା ମୋ ଉପରେ କଠୋର ହେଉଥିଲେ । ତେଣୁ ଭୟରେ ବାପାଙ୍କଠୁ ଦୂରତା ରକ୍ଷା କରି ଚଳୁଥିଲି । ବାପା ଗଣିତ, ବିଜ୍ଞାନ ଶାସ୍ତ୍ରରେ ଜ୍ଞାନୀ ଥିଲେ । ତେଣୁ ତାଙ୍କ ପୁଅର ମଧ୍ୟ ଗଣିତରେ ପାରଦର୍ଶିତା ରହିବା କଥା । ପିଲାଦିନେ ମାନସାଙ୍କରେ ମୁଁ ଆଗୁଆ ଥିଲି । ମାତ୍ର ଗଣିତ ପାଠରେ ସେଭଳି କୃତିତ୍ୱ ପ୍ରଦର୍ଶନ କରିପାରୁ ନ ଥିଲି । ତେଣୁ ବାପା, ମୋ ଉପରେ ରାଗୁଥିଲେ । ବାପା ମୋ ଉପରେ ରାଗିଲେ ଅଜା ବାପାଙ୍କୁ ଶାସନ କରୁଥିଲେ । ମା' ମୋତେ ତାଙ୍କ ସ୍ନେହବୋଳା କୋଳରେ ମୋ ମନକୁ ଭୁଲାଇ ଦେଉଥାନ୍ତି ।

ମା' ମୋର ଧର୍ମ ପରାୟଣା ଥିଲେ । ତିଥି ବାରକୁ ନେଇ ଧାର୍ମିକ ବ୍ରତ ପାଳନ କରୁଥିଲେ । ବେମାର ପଡିଲେ ମଧ୍ୟ ବ୍ରତ ଉପବାସ ଛାଡୁ ନଥିଲେ । କାର୍ତ୍ତିକ, ମାର୍ଗଶିର, ପୌଷ ମାସରେ ମଧ୍ୟ ପ୍ରଚଣ୍ଡ ଶୀତରେ ସକାଳୁଉଠି ଗାଧୋଇ ଶୁଦ୍ଧହୋଇ ପୂଜା ବିଧିରେ ଲାଗି ଯାଉଥିଲେ । କାର୍ତ୍ତିକମାସରେ ସୋମବାର ଶିବପୂଜା, ମାର୍ଗଶିରମାସରେ ଗୁରୁବାର ଲକ୍ଷ୍ମୀପୂଜା ଏବଂ ପୌଷ ମାସରେ ରବିବାର ଗୁଡିକରେ ସୂର୍ଯ୍ୟପୂଜା । ଗୃହିଣୀମାନେ ପରିବାରର ଶୁଭ ମନାସୀ ପ୍ରାତଃ କାଳରୁ ସମ୍ପାଦନ କରିଥାନ୍ତି । ଆଗରୁ ଝୋଟି ଦେଇ

Source: Author, Digitized by PPRACHIN, SOA

ଘରକୁ ଲକ୍ଷ୍ମୀ ଦେବୀଙ୍କୁ ଆବାହନ କରିଥାନ୍ତି । ଏହାଦ୍ୱାରା ଘରର ପବିତ୍ରତା ରକ୍ଷା ହେବା ସଙ୍ଗେ ସଙ୍ଗେ ମନରେ ଶୁଦ୍ଧତା ସହ ଧର୍ମ ଭାବନା ସଂଚାରିତ ହୁଏ । ଶୁଦ୍ଧ ମନରେ ଉତ୍ତମ କାର୍ଯ୍ୟ ପାଇଁ ମନୋନିବେଶ କରାଯାଇଥାଏ ।

ଭାରତୀୟମାନଙ୍କ ମଧ୍ୟରେ ଧର୍ମ ପ୍ରତି ଅଟଳ ବିଶ୍ୱାସ ରହିଛି । ଏହା ଆମ ସଂସ୍କୃତି ସହ ଯୋଡି ହୋଇ ରହିଛି । ଏବେ ମଧ୍ୟ ଭାରତରେ ମକର-ମେଳା, ଗଙ୍ଗା-ସାଗର-ମେଳା, ମହାକୁମ୍ଭ-ମେଳାରେ ସ୍ନାନର ମହିମା ହ୍ରାସ ପାଇନାହିଁ । ସ୍ନାନାର୍ଥୀଙ୍କ ସୁବିଧା ପାଇଁ ବହୁ ପୁଣ୍ୟବନ୍ତ ମହାନ ବ୍ୟକ୍ତିମାନେ ନଦୀକୂଳରେ ସୁନ୍ଦର ପାବଚ୍ଛ ଏବଂ ଘାଟମାନ ଗଢ଼ି ଦେଇଛନ୍ତି । ସେହିମାନେ ଆଜି ମଧ୍ୟ ଆମ ସ୍ମରଣୀୟ । ଗଙ୍ଗାନଦୀ ଜଙ୍ଗଲ ପାର୍ବତ୍ୟ ଉପତ୍ୟକା ତଥା ବିଭିନ୍ନ ଅଞ୍ଚଳର ମୃତ୍ତିକା ଉପରେ ପ୍ରବାହିତ ହୋଇ ଆସିଥିବାରୁ ଏହାର ଜଳରେ ଔଷଧୀୟ ଏବଂ ଧାତବ ତତ୍ତ୍ୱ ଭରି ରହିଥିବା ଯୋଗୁଁ ଏହା ପବିତ୍ର ଏବଂ ଶୁଦ୍ଧ । ତେଣୁ ଦୀର୍ଘଦିନ ପାଖରେ ରଖିଲେ ମଧ୍ୟ ଜଳ ଶୁଦ୍ଧ, ନିର୍ମଳ ହୋଇ ବ୍ୟବହାର ଉପଯୋଗୀ ହୋଇଥାଏ । ଭାରତୀୟଙ୍କ ପାଇଁ ପ୍ରାତଃ ସ୍ନାନ ସ୍ୱାସ୍ଥ୍ୟପ୍ରଦ ଅଟେ । ଆମ ବାହା, ବ୍ରତ, ହୋମ କାର୍ଯ୍ୟରେ ପୂଜକ ମନ୍ତ୍ର ଉଚ୍ଚାରଣ ସମୟରେ ଜମ୍ବୁଦ୍ୱୀପ 'ଆର୍ଯ୍ୟାବର୍ତ୍ତ', ଭାରତ ବର୍ଷ, କୋଶଳ ପ୍ରଦେଶ, ଆଦି ଉଚ୍ଚାରଣ କରି ଆମ ଭୂଖଣ୍ଡର ମହିମା ଆମକୁ ସ୍ମରଣ କରାଇ ଦେଇଥାନ୍ତି । ଆମ ଭୂଖଣ୍ଡ, ଅରଣ୍ୟ, ପର୍ବତ, ଉପତ୍ୟକା, ନଦୀ, ପ୍ରସ୍ରବଣ ପ୍ରଭୃତିରେ ଭରପୂର ଓ ଖ୍ୟାତ । ଗିରିରାଜ ହିମାଳୟ, ବିନ୍ଧ୍ୟ, ମହେନ୍ଦ୍ରାଦି ପର୍ବତରୁ ନିର୍ଗତ ନଦୀ ସମୂହ ଚତୁର୍ଦ୍ଦିଗରେ ବ୍ୟାପିଯାଇଛି । ତେଣୁ ଆମର ପୂର୍ବପୁରୁଷମାନେ ନଦୀରେ ସ୍ନାନକରି ତର୍ପଣ କରୁଥିଲେ । ନଦୀ ଜଳ ଆମର ଦୈନନ୍ଦିନ ବ୍ୟବହାର ଉପଯୋଗୀ ହେବା ସଙ୍ଗେ ସଙ୍ଗେ ଚାଷ ଜମି ପାଇଁ ଆବଶ୍ୟକୀୟ ଜଳସେଚନର ସୁବିଧା ଯୋଗାଇ ଶସ୍ୟ ଉତ୍ପାଦନ ଦ୍ୱାରା ଧରିତ୍ରୀକୁ ଶସ୍ୟ ଶ୍ୟାମଳା କରିପାରିଛି । ନୌ-ପରିବହନ ପାଇଁ ଉପଯୁକ୍ତ ସୁଯୋଗ ସୃଷ୍ଟି କରିଛି । ପ୍ରାଚୀନ କାଳରେ ଆର୍ଯ୍ୟ ଋଷିଗଣ ବ୍ରାହ୍ମମୁହୂର୍ତ୍ତରେ ନଦୀରେ ସ୍ନାନକରି ସୂର୍ଯ୍ୟଙ୍କୁ ଜଳାର୍ଘ୍ୟ ପ୍ରଦାନ କରୁଥିଲେ । ପ୍ରାତଃକାଳୀନ ମୁକ୍ତ ବାୟୁରେ ପ୍ରଚୁର ଅମ୍ଳଜାନ ଭରି ରହିଛି । ପ୍ରାତଃ ଭ୍ରମଣ ଶରୀର ଓ ମନ ପାଇଁ ଅତି ଉପାଦେୟ ।

ଅଜା, ପ୍ରତିଦିନ ପ୍ରାତଃ ସ୍ନାନ କରି ପୂଜାରେ ବସି ଗୀତା, ପୁରାଣ ପାଠ କରୁଥିଲେ । କାଠର ପିଢ଼ାରେ ପୋଥି ରଖି ଫୁଲ ଚନ୍ଦନ ପ୍ରଦାନ କରୁଥିଲେ । ପ୍ରତିଦିନ ଚନ୍ଦନ ଛିଟିକା ପଡି ପଡି ପୁରାଣର ମଲାଟ ଚନ୍ଦନରେ ଭରି ରହିଥାଏ । ଏହି ପରିବେଶର ପ୍ରଭାବରେ ଗୀତା, ଭାଗବତ, ରାମାୟଣ, ମହାଭାରତ ପ୍ରତି ମୋର ପିଲାଦିନରୁ ଆକର୍ଷଣ ବଢ଼ିଥିଲା ।

ମୋର ବାପା ଶ୍ରୀଯୁକ୍ତ ପ୍ରସନ୍ନ କୁମାର, ମା' ଶ୍ରୀମତୀ ବିଦ୍ୟୁତ୍‌ଲତା, ପିତାମହ ଶ୍ରୀଯୁକ୍ତ ଅଖିଳଚନ୍ଦ୍ର, ପିତାମହୀ ଶ୍ରୀମତୀ ଭାମାଦେବୀ । ଅଜା (ଜେଜେବାପା) ମୋର

Source: Author, Digitized by PPRACHIN, SOA

ହୃଷ୍ଟପୁଷ୍ଟ ଡେଙ୍ଗା ମଣିଷ । ରାଜାରାଜୁଡା ଶାସନ ସେତେବେଳେ ଚାଲିଥାଏ । ସେ ଥିଲେ ଗ୍ରାମର ଗଉନ୍ତିଆ । ଖଣ୍ଡମଣ୍ଡଳରେ ତାଙ୍କ ମାନ ସମ୍ମାନ ଅଧିକ । ଗଉନ୍ତିଆ ହିସାବରେ ତାଙ୍କର ବିଶେଷ ମର୍ଯ୍ୟାଦା ଥିଲା । ମାତ୍ର ତାଙ୍କ ଅନ୍ତେ ଆଉ କିଏ ଆମ ବଂଶରେ ଗଉନ୍ତିଆ ହୋଇ ନାହାନ୍ତି ।

ଦେଶ ସ୍ୱାଧୀନ ହେଲା । ରାଜୁଡା ଶାସନ ମଧ୍ୟ ଲୋପ ପାଇଲା । ବାପା ଭବାନୀପାଟଣା ବ୍ରଜମୋହନ ହାଇସ୍କୁଲରୁ ମ୍ୟାଟ୍ରିକ୍ ପାସ୍ କଲାପରେ କଟକ ରେଭେନ୍ସା କଲେଜରେ ନାମ ଲେଖାଇଲେ । ରେଭେନ୍ସା କଲେଜରୁ ବି.ଏସ୍‌ସି. ପାସ୍ କଲାପରେ ଏହ୍ଲାବାଦରେ ଆଇନ ଶିକ୍ଷା ସମାପ୍ତ କରିଥିଲେ । ଏହ୍ଲାବାଦରେ ଆଇନ ଶିକ୍ଷା କରୁଥିବା ସମୟରେ ଛାତ୍ରମାନଙ୍କ ସହିତ ମିଳିତ ହୋଇ ''ଆନନ୍ଦଭବନ''ରେ ପଣ୍ଡିତ ଜବାହାରଲାଲ ନେହେରୁଙ୍କ ସହିତ ସାକ୍ଷାତ କରି ସ୍ୱାଧୀନତା ଆନ୍ଦୋଳନ ସମୟର ବହୁକଥା ଶୁଣିଥିଲେ । ସ୍ୱାଧୀନତାଆନ୍ଦୋଳନ ସଭାରେ ମଧ୍ୟ ବନ୍ଧୁମାନଙ୍କ ସହିତ ମିଳିତ ହୋଇ ନେହେରୁ ଏବଂ ଗାନ୍ଧୀଙ୍କ ଭାଷଣ ଶୁଣିଥିଲେ । ବାପା ସ୍ୱାଧୀନତା ଆନ୍ଦୋଳନରେ ମଧ୍ୟ ଯୋଗଦେଇଥିଲେ । ନେହେରୁଙ୍କ ପିତା ମୋତିଲାଲ ନେହେରୁ ''ଆନନ୍ଦଭବନକୁ'' ଦେଶକୁ ଅର୍ପଣ କରିଦେଇଥିଲେ । ବର୍ତ୍ତମାନ ତାହା ଏକ ଦର୍ଶନୀୟ ସ୍ଥାନରୂପେ ପରିଗଣିତ ହୋଇଛି ।

ବାପା ଏଲ୍.ଏଲ୍.ବି. ଶିକ୍ଷା ସମାପ୍ତ ପରେ ଭବାନୀପାଟଣା ବାର୍‌ରେ ଜଣେ ସଭ୍ୟ ଭାବେ ଯୋଗଦେଇ କିଛିଦିନ ଓକିଲାତି କଲେ । ପରେ ଧର୍ମଗଡକୁ ଚାଲିଯାଇ ସେଠି ଓକିଲାତି କଲେ । ଆଇନ କ୍ଷେତ୍ରରେ ତାଙ୍କ ପାରଦର୍ଶିତା ସେ ବହୁ କ୍ଷେତ୍ରରେ ପ୍ରମାଣିତ କରିପାରିଥିଲେ । ଧର୍ମଗଡରେ ହାଇସ୍କୁଲ୍ ପ୍ରତିଷ୍ଠା, ଧର୍ମଗଡ କ୍ଲବ ପ୍ରତିଷ୍ଠା ପ୍ରଭୃତିରେ ମୁଖ୍ୟ ଭୂମିକା ନିଭାଇଥିଲେ । ଦୀର୍ଘଦିନ ଧର୍ମଗଡ ହାଇସ୍କୁଲର ସଂପାଦକ ଦାୟିତ୍ୱ ତୁଲାଇଥିଲେ ଏବଂ ସ୍କୁଲକୁ ସୁପ୍ରତିଷ୍ଠିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥିଲେ ।

ଅଜା ସ୍ପଷ୍ଟ ଅନୁଭବ କରିପାରୁଥିଲେ, ଯୁଗ ବଦଳିବାକୁ ଆରମ୍ଭ କରିଛି । ନାଲି ଆଖି ଦେଖାଇବା ଦିନ ସରିସରି ଆସୁଛି । ଏଣିକି ଆସିବ ବିଦ୍ୟାବଳ ସଙ୍ଗେ ବୁଦ୍ଧିବଳର ଦିନ । ତେଣୁ ତାଙ୍କ ପୁଅ, ନାତିମାନଙ୍କୁ ସୁଶିକ୍ଷିତ କରିବା ପାଇଁ ସେ ପିଲାଟି ଦିନରୁ ଯତ୍ନ କରି ଆସିଥିଲେ । ଆମର ଏକାନ୍ନବର୍ତ୍ତୀ ପରିବାର । ତେଣୁ ସମସ୍ତଙ୍କ ଭଲମନ୍ଦ ଅଜା ବୁଝୁଥିଲେ । ଘରର ମୂଲିଆ, ଗୋରୁଗାଈ, ଘୋଡା ସମସ୍ତଙ୍କ କଥା ବୁଝୁଥିଲେ । ବଳଦମାନଙ୍କ ପାଇଁ ଦାନା, କୋଳଥ ସିଝା ପ୍ରଭୃତି ମଧ୍ୟ ବୁଝୁଥିଲେ ।

ମୁଁ ଏକ ରକ୍ଷଣଶୀଳ ପରିବାରରେ ବଢ଼ିଥିବା ଯୋଗୁଁ ପାଞ୍ଜିର ବାର, ତିଥି, ନକ୍ଷତ୍ର ନିର୍ଦ୍ଦେଶ ଅନୁସାରେ ମୋର ଯାତ୍ରା, ଦୈନନ୍ଦିନ ଶୁଭକାର୍ଯ୍ୟ ନିୟନ୍ତ୍ରିତ ହେଉଥିଲା ।

Source: Author, Digitized by PPRACHIN, SOA

ଜ୍ୟୋତିଷଙ୍କ ପାଖରେ କୋଷ୍ଠୀ ଗଣନା କରାଯାଇଥାଏ । ମାଟିରେ କୁଣ୍ଡଳୀ (ଚକ୍ର) କାଟି, ହାତ ପାପୁଲିର ରେଖା ଦେଖି, ଜ୍ୟୋତିଷ କିଛିକ୍ଷଣ ଚିନ୍ତାକରି କହିଲେ. . . "ଜାତକ ପଞ୍ଚମରେ ଓ ଶୁକ୍ର ଶନିର ପ୍ରଭାବ । ପିଲା ବୁଦ୍ଧିମାନ ଓ କର୍ମଯୋଗୀ ହେବ । ପିଲାର ଭାଗ୍ୟରେ ରାଜଯୋଗ ଅଛି" । ଜ୍ୟୋତିଷଙ୍କ କଥା ଶୁଣି ଅଜା ପିଲାଦିନରୁ ଆମ ପାଠପଢ଼ା ପ୍ରତି ସଜାଗ ରହିଥିଲେ । କୌଣସି ଦୂରଯାତ୍ରା କରିବା ପୂର୍ବରୁ ପାଞ୍ଜି ଦେଖି ଶୁଭଯୋଗ ଓ ଲଗ୍ନ ସ୍ଥିରକରି ଯାତ୍ରା ସ୍ଥିର କରାଯାଉଥିଲା । ଜ୍ୟୋତିଷ ଶାସ୍ତ୍ର ପୁରୁଣା ପ୍ରଥା ଅନୁସାରେ ଚାଲିଛି । ଏବେ ମଧ୍ୟ ପୁରୁଣା ବିଶ୍ୱାସ ଯାଇନାହିଁ ।

ଗ୍ରାମୀଣ ପରିବେଶରେ ପିଲାଦିନ :

ସ୍କୁଲ ପାଠପଢ଼ା ପରେ ଖେଳ କୌତୁକରେ ମୋର ସମୟ ଅତିବାହିତ ହେଉଥିଲା । ଅନ୍ଧାର ହୋଇଗଲେ ସହଳ ବିଛଣାରେ ଗଡି ନିଘୋଡ ନିଦରେ ଶୋଇଯାଉଥିଲି । ଘର ଚଟିଆମାନଙ୍କ କିଚିରି ମିଚିରି ଶବ୍ଦରେ ରାତି ପାହୁଥିଲା । କାଉର କା' କା' ଶବ୍ଦରେ ବିଛଣାରୁ ଉଠିପଡୁଥିଲି । ବାହାରେ ନିତ୍ୟକର୍ମ ସାରି ଘରକୁ ଫେରି ଆସୁଥିଲି । ପାଇଖାନା ନ ଥିଲା । ପୋଖରୀ ପାଖ ପଡିଆକୁ ଚାଲି ଯାଉଥିଲି । ସେଠି ଝାଡା ଯାଇ ମାଟି ହାତ ହୋଇ ମୁହଁ, ଗୋଡ, ହାତ ଧୋଇ ଘରକୁ ଫେରିଆସୁଥିଲି । ଶରଗି ଦାନ୍ତକାଠି (ଶାଳ) ଅବା କଅଁଳ ଖଜୁରି ଦାନ୍ତକାଠି, ଅବା ଲିମ୍ବ ଦାନ୍ତକାଠିରେ ଦାନ୍ତ ଘସି, କୁଳି କରି ମୁହଁ ଧୋଇ ନେଉଥିଲି । ପାଣି ଢ଼ାଳଟିଏ ଧରି ଦାନ୍ତ ଘସି ନେଉଥିଲି । ମୁହଁ ଧୋଇ ସାରିଲା ପରେ ମା' ପଣତକାନିରେ ମୁହଁ ପୋଛି ନେଉଥିଲି । ମୁଢ଼ି, ଚୁଡା, ହୁଡୁମ ଥିଲା ମୋର ପ୍ରାତଃ ଜଳଖିଆ । ଗୁଡ ମଧ୍ୟ ଆବଶ୍ୟକ ପଡୁଥିଲା । ଖରାଦିନେ ଉପରଓଳି ପଖାଳ, ଓଡି ପଖାଳରେ କାମ ଚଳିଯାଉଥିଲା ।

ସକାଳ ହୋଇଗଲେ ସୁପ୍ତ ଗାଁଟି ଚଳଚଞ୍ଚଳ ହୋଇଉଠେ । ଆମ ଘରେ ଅନେକ ଗାଈଗୋରୁ ଥିଲେ । ଜଣେ ଆସି ଗାଈ ଦୁହିଁ ଘରକୁ କ୍ଷୀର ଆଣିଦେଇ ଗାଈ ଗୁହାଳ ଫିଟାଇ ବାହାରକୁ ଚରାଇବା ପାଇଁ ନେଇଯାଉଥିଲା । ଗାଁର ଅନ୍ୟ ଗୁହାଳର ଗାଈମାନଙ୍କୁ ଜଣେ ଗଉଡ ଚରାଉଥିଲା । ଗାଁ ଦାଣ୍ଡରେ ଗଉଡ ଡାକ ଦିଏ, ଗାଈ ଗୁହାଳ ଫିଟାଇ ଦେବା ପାଇଁ । ଘରର ଘରଣୀ ଦୌଡିଯାଇ ଗୁହାଳ ଫିଟାଇ ଦିଅନ୍ତି । ନ ହେଲେ ଗଉଡ ଗାଈ ଗୋଠ ନେଇ ଚାଲିଗଲେ ତା ପାଖକୁ କାହାକୁ କହି ପଠାଇବାକୁ ପଡିଥାଏ । ମାରଣା ଓ ଗୋଠଛଡା ଗାଈମାନଙ୍କ ବେକରେ କାଠର ବେଷ୍ଟ ଲଗା ଯାଇଥାଏ, କାହା ବେକରେ ଘଣ୍ଟି ବନ୍ଧା ଯାଇଥାଏ । ଅମାନିଆ ଗାଈମାନେ ପର ବାଡିରେ ଅବା ପର କ୍ଷେତରେ ପଶି ପନିପରିବା, ଶସ୍ୟ ପ୍ରଭୃତି ଉଜାଡି ଦେଉଥିଲେ । ତେଣୁ ଅନ୍ୟମାନଙ୍କୁ

Source: Author, Digitized by PPRACHIN, SOA

ଏହି ଅମାନିଆ ଗାଈ ବଳଦମାନଙ୍କ ପ୍ରତି ସତର୍କ ହେବାପାଇଁ ଏହିଭଳି ବ୍ୟବସ୍ଥା ହୋଇଥାଏ । ଘାସପଡିଆରେ ପେଟେ ଖାଇ ଗୋଧୂଳି ସମୟରେ ଗାଈ ଗୋଠ ଗୁହାଳକୁ ଫେରି ପାକୁଳିମାରି ଆରାମରେ ବିଶ୍ରାମ ନିଅନ୍ତି । ସନ୍ଧ୍ୟା ଆଗମନ ସଙ୍ଗେସଙ୍ଗେ ପକ୍ଷୀମାନେ ରାବକରି ନିଜ ନିଜ ବସାକୁ ଫେରି ଆସନ୍ତି । ଛୁଆମାନଙ୍କୁ ଥରେ ଦେଖିନେଇ ସେମାନଙ୍କ ତୁଣ୍ଡରେ ଆହାର ପୂରାଇ ଦିଅନ୍ତି । ମା' ଆସିଗଲେ ଛୁଆମାନଙ୍କ ମଧ୍ୟରେ ମଧ୍ୟ ପ୍ରତିଯୋଗିତା ଆରମ୍ଭ ହୋଇଯାଏ ଯେ, କେମିତି ତା ମା' ତାକୁ ଆଗ ଖାଇବାକୁ ଦେଉ, ସବୁ ଖାଦ୍ୟ ତାକୁ ଏକା ମିଳୁ । ଛୁଆମାନଙ୍କ ମଧ୍ୟରେ ମଧ୍ୟ ଖୁମ୍ପାଖୁମ୍ପି ଚାଲିଥାଏ । ମା' ତା ଥଣ୍ଟରୁ କାଢ଼ି ଛୁଆମାନଙ୍କୁ ଗୋଟିଏ ପରେ ଗୋଟିଏ ଛୁଆକୁ ଖାଦ୍ୟ ଖୁଆଇ ଦେଉଥାଏ । ମା' ଆଗରେ ସବୁ ଛୁଆ ସମାନ । ସବୁ ଛୁଆ ପ୍ରତି ସମାନ ପ୍ରେମ, ସ୍ନେହ ଭରି ରହିଥାଏ । ପଶୁ, ପକ୍ଷୀ, ମଣିଷ ସଭିଙ୍କ ମନ ଏବଂ ହୃଦୟରେ ସମାନ ବାତ୍ସଲ୍ୟ ପ୍ରେମ ଓ ମମତା ଭରି ରହିଥାଏ ।

ଆମ ଗାଁ ସ୍କୁଲ ହତା ମଧ୍ୟରେ ଥିବା ଧଳା ସୁନ୍ଦର ମଲ୍ଲୀ, ତରାଟ ଫୁଲ, ନାଲି, ହଳଦିଆ ମନ୍ଦାର ଫୁଲ ମୋ ମନ ମୋହି ନେଉଥାଏ । ସୁନ୍ଦର ପରିବେଶ ମନରେ ଅପାର ଆନନ୍ଦ ପ୍ରଦାନ କରୁଥାଏ । ସ୍କୁଲ ବଗିଚାର କମଳା ଗଛରେ ଥିବା ଅସଂଖ୍ୟ କମଳା ଫଳ ମନରେ ଆକର୍ଷଣ ଭରି ଦେଉଥାଏ । ସ୍କୁଲର ପ୍ରଧାନ ଶିକ୍ଷକ ଶ୍ରୀ ହରପ୍ରସାଦ ପ୍ରଧାନଙ୍କ କଡ଼ା ନିୟମରେ କୌଣସି ପିଲା କମଳା ତୋଳିବାକୁ ସାହସ କରୁନଥାନ୍ତି । କମଳା ପାଚିଲେ ତାକୁ ତୋଳି ସମସ୍ତ ପିଲାଙ୍କୁ ବାଣ୍ଟି ଦିଆଯାଉଥିଲା । ତେଣୁ ପିଲାମାନେ ଜାଣିଥାନ୍ତି କମଳା ପାଚିଲେ ତାହା ତାଙ୍କୁ ମିଳିବ । ତେଣୁ ଦୁଷ୍ଟ ପିଲା ମଧ୍ୟ ଲୋଭିଲା ନୟନରେ ଅନାଇ ତୋଳିବା ପାଇଁ ମନ ବଳାଉ ନ ଥାଏ । ଗାଁ ଚାରିପାଖେ ପୋଖରୀ । ବଡ ବନ୍ଧ, କୋଡା ବନ୍ଧ, ଆଡ କଟା, ମହାଜନ ବନ୍ଧ, ପୁଝାରୀ ବନ୍ଧ ଏହିଭଳି ବହୁ ବନ୍ଧର ସମାରୋହରେ ଗାଁର ଜଳକଷ୍ଟ ଅବା ଚାଷୀଙ୍କ ଜମିରେ ଜଳର ଅଭାବ ପଡୁନଥାଏ । ବର୍ଷାର ଅନଟନ ସମୟରେ ଚାଷୀ ଏହି ଜଳର ସଦ୍ ବିନିଯୋଗ କରି ଚାଷ କ୍ଷେତ୍ରକୁ ଉଠାଇ ନେଉଥିଲେ । ପୂର୍ବପୁରୁଷମାନେ ତାକୁ ଖୋଳାଇ ଜଳ-ଭଣ୍ଡାର ସୃଷ୍ଟିକରି, ନିଜ ନିଜ ଜମିକୁ ପାଣି ମଡାଇବା ସଙ୍ଗେ ସଙ୍ଗେ ପିଇବା ଓ ଗାଧୋଇବା ପାଇଁ ତଥା ଗାଈଗୋରୁଙ୍କର ତୃଷା ନିବାରଣ ପାଇଁ ସହଜ ଉପଲବ୍ଧ ଜଳର ବ୍ୟବସ୍ଥା କରିଥିଲେ । ବଡ ବନ୍ଧରେ ଗାଈଗୋରୁ ଧୋଇବା ଅବା ପିଇବା ପାଇଁ ଗାଈଗୋରୁଙ୍କୁ ଛାଡୁ ନ ଥିଲେ । ତାହା କେବଳ ସର୍ବସାଧାରଣଙ୍କ ପିଇବା ଏବଂ ଗାଧୋଇବା ପାଇଁ ବ୍ୟବହୃତ ହେଉଥିଲା । ପାଣି ଥିଲା ଦିବ୍ୟ ନିର୍ମଳ ଏବଂ ସୁଶୀତଳ । ବର୍ତ୍ତମାନ ମଧ୍ୟ ସେଠାରେ ସେହି ନିୟମ ପ୍ରଚଳିତ ହୋଇ ରହିଛି ।

Source: Author, Digitized by PPRACHIN, SOA

ଗାଁ ଲୋକ ଦିନତମାମ ବିଲରେ ଖଟି କ୍ଳାନ୍ତ ହୋଇପଡିଥାନ୍ତି । ତେଣୁ ସନ୍ଧ୍ୟା ସମୟରେ କ୍ଳାନ୍ତି ଦୂର ପାଇଁ ଜଣେ ପୁରାଣ ପାଠ କରୁଥିଲେ । ସେଠି ଗାଁ ଲୋକେ ଏକତ୍ର ହୋଇ ମନଦେଇ ଶୁଣି ସମୟ ଅତିବାହିତ କରୁଥିଲେ । ମୁଁ ମଧ୍ୟ ସେଠି ବସି ପୌରାଣିକ କାହାଣୀମାନ ଶୁଣି ଉଲ୍ଲସିତ ହେଉଥିଲି । ଅବସର ବିନୋଦନ ଏବଂ ମନୋରଞ୍ଜନ ପାଇଁ ଏବଂ ନୀତିଶିକ୍ଷା ପାଇଁ ପୁରାଣ ପାଠ ଅତି ଉପାଦେୟ ।

ସ୍କୁଲ ପାଖକୁ ଲାଗି ବିରାଟ ଆମ୍ବ ତୋଟା । କଞ୍ଚା ସୁଆଦିଆ ଆମ୍ବଖିଆ ସ୍ମୃତି ଏବେ ମଧ୍ୟ ମନରେ ଲାଖି ରହିଛି । ମନେପଡିଲେ ପାଟିରୁ ଲାଳ ଗଡିପଡୁଛି । ଆମ ଗାଁ ଆଡକଟାର ମାଛ, ଛୋଟ ଚିଙ୍ଗୁଡି, କେରାଣ୍ଡି, କୋତରୀ, ଟେଙ୍ଗଣା, ଜରିଏଲ ଆଦି ନାନା ପ୍ରଜାତିର ମାଛ ଆଜିକାଲି ଦେଖିବାକୁ ସ୍ୱପ୍ନ ହୋଇଯାଇଛି । ପୋଖରୀଟି ଆଜି କାଲିକାର ରୋହି, ଭାକୁର ମାଛରେ ଭରପୂର । ଇଲିଶି, ମାଗୁର ମାଛ ଭଳି କିସମ୍‌ର ମାଛ ଧୀରେ ଧୀରେ କମିବାରେ ଲାଗିଛି ।

ଗ୍ରାମୀଣ ବିଶ୍ୱାସ ଓ ଲୋକକଥା :

ସେତେବେଳେ ସନ୍ଧ୍ୟା ସମୟରେ ଗାଁ ପୋଖରୀ ହୁଡାରେ ସାଙ୍ଗ ମେଳରେ ବୁଲିବାବେଳେ, କେହି କେହି ବ୍ରହ୍ମରାକ୍ଷସ ଦେଖି ଆମ ଆଗରେ ସେମାନଙ୍କର ଅନୁଭୂତି ବର୍ଣ୍ଣନା କରୁଥିଲେ । ରାତିରେ ଡାଆଣୀ, ଚିରିଗୁଣୀ, ଭୂତ ପ୍ରେତ ମାନ ଗାଁ ମୁଣ୍ଡରେ ଥିବା ବହଳିଆ ଗଛରେ ବସିଥିବା କଥା ମଧ୍ୟ ପଡୁଥିଲା । ପିଲାଦିନେ ଅନେକ ଭୂତ, ଚିରୁଗୁଣୀ କଥା ଶୁଣିଥିଲି । ଭୂତ କଥା ମଧ୍ୟ ବିଭିନ୍ନ ଭାବରେ ପଡୁଥିଲା । ରାତିରେ ଚିରୁଗୁଣୀ କିପରି ନିଆଁ ଜାଳି ମଶାଣିରେ ଗୋଡ ଲମ୍ବାଇ ମଲା ପିଲାକୁ ଜୀଆଁଇ ତାକୁ ସେକି ଖେଳାଇବା ଦୃଶ୍ୟ ବର୍ଣ୍ଣନା କରିଥିବା ଘଟଣାମାନ ଆଜି ମଧ୍ୟ ଆଖି ଆଗରେ ଝଲସି ଉଠୁଛି । ସେତେବେଳେ ଚିରିଗୁଣୀ ପୂରା ଲଙ୍ଗଳା ହୋଇ ଉପରକୁ ଗୋଡ ଟେକି ମଶାଣିରେ ବିଷ୍ଠା ଖାଇବା ପ୍ରଭୃତି ଶୁଣି ଛାତି ମୋର ଥରି ଉଠୁଥିଲା । ଆମ ଗାଁ ଦିଅଁ ଦେବତା, ଠାକୁରାଣୀ ରାତିରେ ତାଙ୍କ ବାହନ ବାଘ ପିଠିରେ ବସି ନିଶାର୍ଦ୍ଧରେ ଗାଁ ଦାଣ୍ଡ ପରିକ୍ରମା କରୁଥିବାର ଦୃଶ୍ୟ ମଧ୍ୟ କେହି କେହି ବର୍ଣ୍ଣନା କରୁଥାନ୍ତି । ଏଭଳି କଥା ଶୁଣି ଛାତି ମୋର ଧଡ୍ ଧଡ୍ ହୋଇଉଠେ । ପାଖ ସାଙ୍ଗପିଲା ପାଖକୁ ଲାଗି ବସି ଭୟାର୍ତ୍ତ ଚାହାଣିରେ କହୁଥିବା ପିଲା ମୁହଁକୁ ଚାହିଁ ରହେଁ । ବ୍ରହ୍ମ ରାକ୍ଷସୀ, ଡାହାଣୀ, ପିଶାଚୁଣୀ, ପିଲାଖିଆ ଡାଆଣୀ, ପିଲାକୁ କୋଳରେ ଶୁଆଇ ସେକୁଥିବା ଦୃଶ୍ୟ, କିଏ କାମୁଡି କରି ଖାଇଯାଉଥିବା ଦୃଶ୍ୟ କଥା ଶୁଣିଲେ ମନରେ ଭୟ ହେବା ସ୍ୱାଭାବିକ । କେବଳ ଯେ ଏକା ମୋ ଗାଁରେ ଏଭଳି କଥା ଶୁଣିବାକୁ ମିଳୁଥାଏ ତାହା ନୁହେଁ, ପାଖାପାଖି ଗାଁରେ

Source: Author, Digitized by PPRACHIN, SOA

ମଧ୍ୟ ଏଭଳି କଥା ଶୁଣାଯାଉଥାଏ । ଏଭଳି କଥାମାନ ଶୁଣି ପିଲାଦିନରୁ ଦେବଦେବୀ ପ୍ରତି ମନରେ ଭୟ, ଶ୍ରଦ୍ଧା, ଭକ୍ତି ଆସିଯାଇଥାଏ । ଭୂତ, ପ୍ରେତ କାହାଣୀ ଗ୍ରାମ୍ୟ ଜୀବନର ଏକ ଅଂଶ ଥିଲା । ଏହା ସତ୍ୟ ଆଧାରିତ କି କପୋଳ କଳ୍ପିତ ତା ଭିନ୍ନ କଥା, ଏ ସବୁ ଲୋକକଥା ଓ ଲୋକଙ୍କ ବିଶ୍ୱାସର କଥା ।

ମନ୍ତ୍ରତନ୍ତ୍ର କଥା, ଗାରିଡୀ ଓ ଭୂତ ପ୍ରେତକୁ ନେଇ ଅନେକ କାଳ୍ପନିକ ଲେଖା ପ୍ରକାଶ ପାଇଛି । ତାକୁ ପଢ଼ିବା ପାଇଁ ମନ ଛଟପଟ ହୁଏ । 'ବେତାଳ ପଞ୍ଚବିଂଶତି'ରେ ଅନେକ କଥା ବର୍ଣ୍ଣନା କରାହୋଇଛି । ଗାଁରେ ଆଗଭଳି ଗଛ ନାହିଁ କି ଭୂତ ନାହିଁ, ଲୋକଙ୍କ ମନରୁ ଭୂତଭୟ ହଜି ଗଲାଣି । ଲୋକ କାହାଣୀ କବର ନେଲାଣି ।

କାହାଣୀ ଶୁଣିବା ଆଗ୍ରହ ମଣିଷର ଏକ ସହଜାତ ପ୍ରବୃତ୍ତି । ଆଗକାଳରେ ରାଜଦରବାରରେ କବି, ଶିଳ୍ପୀ, ବିଦୂଷକମାନଙ୍କ ସହିତ କଥାକାର ବା ଗାଳ୍ପିକମାନଙ୍କୁ ମଧ୍ୟ ସମ୍ମାନ ଦିଆଯାଉଥିଲା । ପିଲାବେଳେ ମୁଁ ଏକା କାହିଁକି, ସଭିଏଁ; ବୁଢ଼ୀମାଆମାନଙ୍କଠାରୁ ଗପ ଶୁଣି ଅନେକ ଭାବନା ଭିତରେ ଡୁବିଯାଇଥାନ୍ତି । ଅବସର ବିନୋଦନ, ମନୋରଞ୍ଜନ ଏବଂ ନୀତି ଶିକ୍ଷା ପ୍ରଭୃତି କଥା-ସାହିତ୍ୟରୁ ମିଳିଥାଏ । ତେଣୁ ସବୁ ଦେଶରେ, ସବୁ ଯୁଗରେ କଥା-ସାହିତ୍ୟର ଆଦର ଅଛି । ଯକ୍ଷ, ଗନ୍ଧର୍ବ, କିନ୍ନର, ମୁନି, ଋଷି ଓ ଦେବଦେବୀଙ୍କର ରୋମାଞ୍ଚକର କାହାଣୀ, ରାଜକୁମାର, ରାଜକୁମାରୀଙ୍କ ବିରହ ମଧୁର ମିଳନର ପ୍ରେମ କାହାଣୀ, ସାଧବ ସାଧବାଣୀମାନଙ୍କ ବାଣିଜ୍ୟ ବେପାର କାହାଣୀ, ଭୂତ, ପ୍ରେତ, ଡାହାଣୀ, ଚିରୁଗୁଣୀ ଓ ଅସୁର ଅସୁରୁଣୀମାନଙ୍କ ଲୋମ ହର୍ଷଣମୂଳକ କାହାଣୀ, ତଥା ବାଘମାମୁ ଓ ବିଲୁଆନନା ପ୍ରଭୃତି ବନ୍ୟ ପଶୁପକ୍ଷୀମାନଙ୍କ ଶିଶୁ ମନଲୋଭା ଶିକ୍ଷାଦାନ କାହାଣୀ ମୁଁ ପିଲାଟି ଦିନରୁ ପଢ଼ିଛି । ଏହା ମୋ ଜୀବନରେ ଅନେକ ପ୍ରଭାବ ପକାଇଛି । ପଢ଼ିବାର ସ୍ପୃହା ମୋର ବୃଦ୍ଧିପାଇଛି । ତେଣୁ ମୁଁ ଅନେକ ଉପକୃତ ହୋଇଛି ।

ଭାରତୀୟ କଥା-ସାହିତ୍ୟର ମୂଳ କର୍ତ୍ତା ହେଉଛନ୍ତି କଥାକାର ଗୁଣାଢ଼୍ୟ । ତାଙ୍କ ରଚିତ 'ବୃହତ୍ କଥା', ଏ ଦେଶର କଥା ସାହିତ୍ୟ ଭଣ୍ଡାରର ଏକ ଉପାଦେୟ ଗ୍ରନ୍ଥ । ପୁରପଲ୍ଲୀରେ ଆମ ଲୋକ ମୁଖରୁ ପ୍ରଚାରିତ ବହୁ କଥା ମୁଁ ଶୁଣିଛି । ତାକୁ ସଂଗ୍ରହ କରିବା ପାଇଁ ଉଦ୍ୟମ କଲା ବେଳକୁ ସେମାନେ ସଂସାରରୁ ବିଦାୟ ନେଇଯାଇଛନ୍ତି । ଏହିଭଳି ଅନେକ ଲୋକ ମୁଖରୁ ପ୍ରଚାରିତ କଥା ସଂଗୃହୀତ ହୋଇପାରି ନାହିଁ ।

ପୁରାକାଳରେ ରାଜ ସ୍ୱୀକୃତି ବିନା ଅବା ରାଜ ପୃଷ୍ଠପୋଷକତା ବିନା ସ୍ରଷ୍ଟାଙ୍କ ରଚିତ ଗ୍ରନ୍ଥର ପ୍ରଚାର ବା ପ୍ରସାର ସମ୍ଭବ ନ ଥିଲା । ସ୍ରଷ୍ଟା ଗୁଣାଢ଼୍ୟ ରାଜାଙ୍କ ସ୍ୱୀକୃତି ପାଇବା ପାଇଁ ରାଜ ଦରବାରକୁ ଯାଇ ସମସ୍ତ କଥା ରାଜାଙ୍କୁ ଅବଗତ କରାଇଲେ ।

Source: Author, Digitized by PPRACHIN, SOA

ମାତ୍ର ରାଜା ଏଥିପାଇଁ ଆଗ୍ରହ ଦେଖାଇଲେ ନାହିଁ । ଗୁଣାଢ୍ୟ ହତାଶ ହୋଇ ମନ ଦୁଃଖରେ ନିର୍ଜନ ବଣକୁ ଚାଲିଗଲେ ଏବଂ ଜ୍ଞାନଯଜ୍ଞ ଆରମ୍ଭ କଲେ । ସେ ବଣରେ ପଶୁପକ୍ଷୀଙ୍କୁ ତାଙ୍କ ଗଳ୍ପ ଶୁଣାଇଲେ । ଗଳ୍ପର ଆନନ୍ଦରେ ନିଜେ ମଗ୍ନ ହୋଇ ପଡୁଥାନ୍ତି ଅବା କ୍ଷୋଭ ବିଷାଦରେ ନିଜେ ଲୁହ ଢ଼ାଳି ସେହି ମହାନ ଗ୍ରନ୍ଥର କାହାଣୀଗୁଡିକୁ ପଢ଼ି, ପୋଥିର ପୃଷ୍ଠା-ପରେ-ପୃଷ୍ଠା ନିଆଁରେ ବିସର୍ଜନ କରି ଦେଉଥିଲେ। ନୀରବରେ ପ୍ରତିବାଦ କରି ଆତ୍ମାହୁତି ଦେବାକୁ ସ୍ଥିର କରିଥିଲେ । ମଣିଷ ସମାଜରେ ଏହା ହିଁ ପ୍ରଥମ ନୀରବ ପ୍ରତିବାଦ ରୂପେ ମନେ ପକାଯାଇଥାଏ । କବିଙ୍କ ଏହି ଆତ୍ମାହୁତି ସମ୍ବାଦ ଗୁପ୍ତଚରଠୁ ରାଜା ଶୁଣି ସେହି ନିର୍ଜନ ବନଭୂମିକୁ ଯାଇ ଗୁଣାଢ୍ୟଙ୍କୁ ପୋଥି ନଷ୍ଟ ନ କରିବା ପାଇଁ ଅନୁରୋଧ କରିଥିଲେ । ଗୁଣାଢ୍ୟଙ୍କ ଶତ ଲକ୍ଷ ଶ୍ଳୋକ ମଧ୍ୟରୁ ପୋଡାନହୋଇ ରହି ଯାଇଥିବା ପ୍ରାୟ ଏକ ଲକ୍ଷ ଶ୍ଳୋକ ରାଜାଙ୍କୁ ସମର୍ପିତ ହୋଇଥିଲା । ସେହି ବଞ୍ଚି ଯାଇଥିବା ଶ୍ଳୋକ ହିଁ ‘ବୃହତ୍ କଥା’ ରୂପେ ପ୍ରସିଦ୍ଧ ଲାଭ କରିଛି । କାଳକ୍ରମେ ତନ୍ମଧ୍ୟରୁ ଅନେକ ନଷ୍ଟ ହୋଇଗଲା ପରେ ଅବଶିଷ୍ଟାଂଶରୁ ତିନିଖଣ୍ଡ ସଂସ୍କୃତ ଗ୍ରନ୍ଥ ରଚିତ ହୋଇଥିଲା ଯଥା, ନେପାଳର ବୁଦ୍ଧ ସ୍ୱାମୀକୃତ ‘ବୃହତ୍-କଥା-ଶ୍ଳୋକ-ସଂଗ୍ରହ’, କ୍ଷେମେନ୍ଦ୍ର କୃତ ‘ବୃହତ୍-କଥା-ମଞ୍ଜରୀ’ ଏବଂ କାଶ୍ମୀରର ସୋମଦେବଙ୍କ ‘କଥା-ସରିତ-ସାଗର’ । ସୋମଦେବ ଥିଲେ ବିଖ୍ୟାତ କବି ବାଣଭଟ୍ଟଙ୍କ ପୁତ୍ର । ‘କଥା ସରିତ-ସାଗର’ କଥା ଉପକଥାର ଏକ ମହାସାଗର । ତାକୁ ପ୍ରତ୍ୟେକ ବ୍ୟକ୍ତି ପାଠ କରିବା ଉଚିତ । ପିଲାଟି ଦିନରୁ କଥା ଓ କାହାଣୀ ବହି ପଢ଼ିବା ଆଗ୍ରହ ମୋର ବଢ଼ିଯାଇଛି । କାହାଣୀ ପଢ଼ି ଅପାର ତୃପ୍ତି ପାଇଥାଏ ।

ଗାଁରେ ବସନ୍ତ ରୋଗ :

ପିଲା ଦିନର ଗୋଟିଏ କଥା ମୋର ମନେ ପଡିଯାଉଛି । ଗାଁରେ ବସନ୍ତ ରୋଗ ପ୍ରତିବର୍ଷ ବ୍ୟାପିଯାଏ । ଥରେ ରୋଗ ଆରମ୍ଭ ହେଲେ ପ୍ରତ୍ୟେକ ଘରେ ରୋଗୀ ସଂଖ୍ୟା ବୃଦ୍ଧି ପାଇଚାଲେ । ନିଆଁରେ ଧୂପ ପକାଇ ରୋଗୀକୁ ଧୂପ ଧୂଆଁ ଦିଆଯାଏ । ପରେ ଟିକାର ବ୍ୟବସ୍ଥା ହେଲା । ରୋଗରୁ ରକ୍ଷା ପାଇବା ପାଇଁ ଟିକାଦିଆ ବ୍ୟବସ୍ଥା ହେଲା । ଟିକା ଦେବା ବେଳକୁ ସାରା ଗାଁରେ ଭୟ ସଂଚାର ହୋଇଯାଏ । ବସନ୍ତ ରୋଗରୁ ମୁକ୍ତ ହେବାପାଇଁ ଟିକା ଦେବା ଏକ ସରକାରୀ କାର୍ଯ୍ୟକ୍ରମ । ଏଥିପାଇଁ ପିଲାଙ୍କ ଭିତରେ ଭୟ ସଂଚାର ହୋଇଥାଏ । ପିଲାଏ ବିଲବାଡିରେ, ପାଳ ଗଦାରେ ଯାଇ ଲୁଚନ୍ତି । ମାତ୍ର ମୁଁ ଟିକା ଦେବାବେଳେ କେବେବି ଲୁଚି ନାହିଁ । ଗୋବୀଜଟିକା ଗୋଟିଏ ହାତରେ ୨ଟି ଅବା ତିନୋଟି ଏକା ସାଙ୍ଗରେ ନେବାକୁ ପଡେ । ଟିକା ନେବା ପରେ ଭୀଷଣ

Source: Author, Digitized by PPRACHIN, SOA

କଷ୍ଟ ହୁଏ । କିଛିକ୍ଷଣ ପରେ ଦେହରେ ଜ୍ୱର ହୁଏ । ତା ପରେ ଟିକା ପାଚେ । ହଳଦୀ ଅବା ନିମ୍ବପତ୍ର ବଟା ଦେଇ ଟିକା ଫୁଲାକୁ କମାଯାଏ । ତା ପରେ ଭଲ ହୋଇଯାଏ ।

ଆଖି ରୋଗ :

ଆଖି ରୋଗ ମଧ୍ୟ ପ୍ରତିବର୍ଷ ପିଲାଙ୍କ ଭିତରେ ବ୍ୟାପି ଯାଉଥାଏ । ମୁଁ ମଧ୍ୟ ଏହି ରୋଗରେ ଆକ୍ରାନ୍ତ ହୋଇଛି । ସେତେବେଳେ ଆଖି ରୋଗ ପାଇଁ ଔଷଧ ମିଳୁ ନ ଥିଲା । ତେଣୁ କଦଳୀ ଗଛର କଅଁଳ ବାହୁଙ୍ଗାରୁ ରସ ଚିପୁଡ଼ି ଆଖିରେ ପକାଯାଉଥିଲା । ଆଖିରେ ଗଜା ହୋଇଗଲେ ବିପଦ । ତେଣୁ ସତର୍କ ରହିଲେ ରକ୍ଷା । ଏହିଭଳି ଅବହେଳା ଫଳରେ କେତେକଙ୍କ ଆଖି ନଷ୍ଟ ହୋଇଯାଉଥିଲା । ମୋତେ ଆଖିରୋଗ ହେଲେ ମା' ଏଥିପ୍ରତି ସଚେତନ ରହି ଅନ୍ଧାର କୋଠରୀକୁ ନେଇ ଆଖି ଖୋଲିବାକୁ କହୁଥିଲେ । ଆଖି ମୋର ବନ୍ଦ ହୋଇ ରହିଥାଏ । ତେଣୁ ଅନ୍ଧାର ଘରେ ଧୀରେ ଧୀରେ ଆଖି ଖୋଲୁଥିଲି । ମା' ମୋ ଆଖିରେ କଦଳୀ ବାହୁଙ୍ଗାର ଚିପୁଡ଼ା ରସ ପକାଇ ଦେଉଥିଲେ । ଆଖି ଥଣ୍ଡା ହୋଇ ବିନ୍ଧିବା, ଗଡ଼ିବା କମି ଯାଉଥିଲା । ଆଖିକୁ ଆରାମ ଲାଗୁଥିଲା । ଏମିତି କିଛିଦିନ ବ୍ୟବହାର ପରେ ଆଖି ଭଲ ହୋଇଯାଉଥିଲା । ମା'ଙ୍କ ସ୍ନେହଭରା ସ୍ପର୍ଶରେ ମୋ ଆଖିର ଯନ୍ତ୍ରଣା ଅନେକ ପରିମାଣରେ କମି ଯାଉଥିଲା । ପିଲାଦିନେ ଅଝଟ ହୋଇ ରାହା ଧରି କାନ୍ଦୁଥିଲି । ସେତେବେଳେ ମା' ମୋତେ ବୁଝାଉଥିଲେ । ଅନେକ ମନଭୁଲାଣିଆ କଥା କହି ମୋ ମନକୁ ଭୁଲାଇ ଦେଉଥିଲେ । ମା'ର ଆଦର ଯତ୍ନ ପ୍ରଭୃତି ମନେ ପଡୁଛି । ଅନେକ ସ୍ମୃତି ଆସି ଆଜି ମନରେ ଦେଖା ଦେଉଛି । ପିଲାଦିନର ମନଭୁଲା ସମୟ କୁଆଡେ ହଜିଗଲାଣି ।

ବାଲ୍ୟ ଶିକ୍ଷା :

ମୋର ବାଲ୍ୟ ଶିକ୍ଷା ଅଜାଙ୍କ ତତ୍ତ୍ୱାବଧାନରେ ହୋଇଥିଲା । ପ୍ରାଇମେରୀ ସ୍କୁଲରେ ପାଠ ପଢୁଥିବା ସମୟରେ ଅଧିକ ଜ୍ଞାନ ଅର୍ଜନ ପାଇଁ ଏବଂ ପ୍ରାଥମିକ ଶିକ୍ଷା ପ୍ରତି ଗୁରୁତ୍ୱ ଦେଇ ଅଜା ଆମ ପାଇଁ କଟକରୁ ଜଣେ ଶିକ୍ଷକଙ୍କୁ ଅଣାଇ ଚାଟଶାଳୀରେ ପଢ଼ାଇବା ପାଇଁ ଦାୟିତ୍ୱ ଅର୍ପଣ କରିଥିଲେ । ସେତେବେଳେ କଟକର ଶିକ୍ଷକମାନଙ୍କ ଯୋଗ୍ୟତା ଅଧିକ ମନେ ହେଉଥିଲା । ମୋର ଅଜା ଅଧିକ ଉଚ୍ଚ ଶିକ୍ଷା ପାଇ ନ ଥିଲେ ମଧ୍ୟ ସେ ତାଙ୍କ ଜୀବନକାଳ ମଧ୍ୟରେ ଯାହା ଶିକ୍ଷା ପାଇଥିଲେ, ସେଥିରୁ ଶିକ୍ଷା ପ୍ରତି ସେ କେତେ ଅନୁପ୍ରାଣିତ ହୋଇ କେତେ ଗୁରୁତ୍ୱ ଦେଉଥିଲେ ତାହା ଆଜି ମୁଁ ସ୍ପଷ୍ଟ ବୁଝିପାରୁଛି । ତାଙ୍କ ଜ୍ୟେଷ୍ଠ ପୁତ୍ର ପ୍ରସନ୍ନ କୁମାର ମୋର ବାପା, ତାଙ୍କ ଭ୍ରାତୃଷ୍ପୁତ୍ର ସୁରେଶ ଚନ୍ଦ୍ର, ମୋର ବଡବାପା ପ୍ରଭୃତିଙ୍କୁ ଉଚ୍ଚ ଶିକ୍ଷିତ କରିବାପାଇଁ ସେ ସଦା

Source: Author, Digitized by PPRACHIN, SOA

ଯତ୍ନଶୀଳ ହୋଇଥିଲେ । ତେଣୁ ଆମମାନଙ୍କ ଶିକ୍ଷା ପାଇଁ ପ୍ରାଥମିକ ସ୍କୁଲ ସ୍ତରରୁ ସେ ସଚେତନ ଥିଲେ । ତାଙ୍କର ବ୍ୟବହାରିକ ଜ୍ଞାନ ଉଚ୍ଚକୋଟୀର ଥିଲା । ତେଣୁ କୌଣସି ଏକ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଶୁ ସମାଧାନ ଏବଂ ଅନ୍ୟଠୁ କାମ ଆଦାୟ କରିବାର ଦକ୍ଷତା ତାଙ୍କ ପାଇଁ ସହଜସାଧ୍ୟ ହେଉଥିଲା । ପ୍ରଥମକରି ରାଜ୍ୟରେ ଯେତେବେଳେ 'ଲୋକ ଅଦାଲତ' ପ୍ରଚଳିତ ହେଲା ସେ ତାର ଦାୟିତ୍ୱ ସୁଚାରୁ ରୂପେ ତୁଲାଇ ଗ୍ରାମ୍ୟ ବିବାଦ ଗୁଡିକ ତୁଟାଇଥିଲେ । ବୁଝିବିଚାରି କାର୍ଯ୍ୟ କରିବା ନୀତି ଅଜାଙ୍କ ମନରେ ସଦା ଜାଗ୍ରତ ଥାଏ । ଯେ' ଲାଭରେ ଉଲ୍ଲସିତ ହୁଏ ନାହିଁ, ଅବା କ୍ଷତିରେ ଦୁଃଖ କରେନାହିଁ, ସେଭଳି ଭାବନାର ମଣିଷ ଥିଲେ ସିଏ । ମଣିଷ ଏ ସଂସାରକୁ କପର୍ଦ୍ଦକ ଶୂନ୍ୟ ହୋଇ ଆସିଥାଏ ଏବଂ ସଂସାରରୁ ବିଦାୟ ନେବା ସମୟରେ ମଧ୍ୟ ଗୋଟିଏ ହେଲେ ପଇସା ନ ନେଇ ବିଦାୟ ନେଇ ଥାଏ । ଧର୍ମପ୍ରତି ମୋ ଅଜାଙ୍କ ଅଚଳାଚଳ ବିଶ୍ୱାସ ଭରିରହିଥିଲା ।

ତତ୍କାଳୀନ ପ୍ରାଥମିକ ଶିକ୍ଷା ବ୍ୟବସ୍ଥା :

ଗାଁ ମୁଣ୍ଡରେ ପ୍ରାଇମେରୀ ସ୍କୁଲ । ରାଜୁଡା ସମୟରେ ନିର୍ମିତ ସୁନ୍ଦର ବିରାଟ କୋଠା ଟିଏ । ଖପରିଲି ଛାଉଣି । ଗ୍ରାମର ବୟସ୍କ ଲୋକମାନଙ୍କଠୁ ଶୁଣିଥିଲି, ପ୍ରଥମେ ଆମ ଗାଁରେ ଚାଟଶାଳୀରେ କେବଳ ପୁଅପିଲାମାନେ ପାଠ ପଢୁଥିଲେ । ଆମ ଗାଁ ଚାଟଶାଳୀରେ ''ସାତ୍ତ୍ୱିକ ଗୁରୁ'' ମୋତେ ପ୍ରଥମେ ଶିକ୍ଷା ଦେଇଥିଲେ । ସ୍ଲେଟରେ ଶୂନ ଉପରେ ଖଡି ବୁଲାଇ ଦେଇଥିଲେ । ଏହିଭଳି ଅନେକ ଗ୍ରାମରେ ଚାଟଶାଳୀମାନ ପ୍ରତିଷ୍ଠିତ ହୋଇଥିଲା । ପରେ ପରେ କେତେକ ଚାଟଶାଳୀକୁ ପ୍ରାଥମିକ ବିଦ୍ୟାଳୟରେ ପରିଣତ କରାଗଲା । ଧୀରେ ଧୀରେ ଚାଟଶାଳୀ ଲୋପ ପାଇ ସେହି ସ୍ଥାନରେ ପ୍ରାଥମିକ ବିଦ୍ୟାଳୟମାନ ପ୍ରତିଷ୍ଠା ହେଲା । ଶିକ୍ଷକମାନେ ଶିକ୍ଷା ବିଭାଗରୁ ଦରମା ପାଇଲେ । ବ୍ରିଟିସ ସରକାରଙ୍କ ଅମଳରେ ୧୮୭୨ ମସିହାରେ କେମ୍ପବେଲ୍‌ଙ୍କଦ୍ୱାରା ପ୍ରାଥମିକ ଶିକ୍ଷାବ୍ୟବସ୍ଥା ପ୍ରଚଳିତ ହୋଇଥିଲା । ଆମ ଗାଁ ମହିଚଲା ସ୍କୁଲ ୧୯୦୪ ମସିହାରେ ବିଧିବଦ୍ଧ ଭାବରେ ପରିଚାଳିତ ହେଲା । ଇତି ମଧ୍ୟରେ ତାର ଶତବାର୍ଷିକୀ ଉତ୍ସବ ମୋ' ସଭାପତିତ୍ୱରେ ପାଳିତ ହୋଇଯାଇଛି । ଏହି ସ୍କୁଲର ଶହେବର୍ଷର ସମସ୍ତ ଛାତ୍ର-ଛାତ୍ରୀଙ୍କ ନାମ ରେଜିଷ୍ଟରରୁ ସଂଗୃହୀତ ହୋଇ ଶତବାର୍ଷିକୀ ଉତ୍ସବର ସ୍ମରଣିକାରେ ପ୍ରକାଶିତ ହୋଇଛି । ଶହେବର୍ଷର ରେକର୍ଡ ମିଳିବା ଏକ ଗୌରବ କଥା । ଆମସ୍କୁଲଠୁ ଆହୁରି ପୁରାତନ ଜୁନାଗଡ ବ୍ଲକର ''ଚିଚୈଗୁଡା ସ୍କୁଲ''ର ଶତବାର୍ଷିକୀ ଉତ୍ସବ ବହୁଆଗରୁ ପାଳିତ ହୋଇଯାଇଛି । ଏତେ ସତ୍ତ୍ୱେ ସାକ୍ଷରମାନଙ୍କ ସଂଖ୍ୟାବୃଦ୍ଧି ନୈରାଶ୍ୟଜନକ । ପିଲାମାନେ ନିୟମିତ ପଢିବାକୁ

Source: Author, Digitized by PPRACHIN, SOA

ସ୍କୁଲକୁ ଆସୁନଥିଲେ । ସେମାନେ ପାଠପଢା ଅଧାରୁ ବିଦ୍ୟାଳୟ ଛାଡି ଚାଲିଯାଉଥିଲେ । ଶିକ୍ଷକମାନଙ୍କ ମାଡ ଭୟରେ କେତେ ପିଲା ସ୍କୁଲର ପାଦ ମାଡୁନଥିଲେ । ଯେଉଁ ପିଲା ସ୍କୁଲରେ ଅନୁପସ୍ଥିତ ରହୁଥିଲା, ତାର ବାପା, ରାଜାଙ୍କ ନିର୍ଦ୍ଦେଶରେ ବେଠି କାମରେ ଲାଗୁଥିଲେ । ବିଶେଷତଃ, ରାସ୍ତା କାମରେ ନିୟୋଜିତ ହେଉଥିଲେ । ପିଲାମାନେ ଅଧାରୁ ପାଠପଢା ଛାଡି ବିଦ୍ୟାଳୟରେ ଅନୁପସ୍ଥିତ ରହିବା ଫଳରେ ସାକ୍ଷର ହୋଇ ପାରୁନଥିଲେ । ପିତାମାତା ମଧ୍ୟ ପିଲାଙ୍କ ପାଠପଢା ପ୍ରତି ଗୁରୁତ୍ୱ ଦେଉନଥିଲେ । ଶିକ୍ଷିତ ହେଲେ ସଚେତନ ହେବା ସଙ୍ଗେ ମଣିଷର ବ୍ୟକ୍ତିତ୍ୱ ବିକାଶରେ ସହାୟକ ହୋଇଥାଏ । ଫଳରେ ମଣିଷର ଚିନ୍ତା ଚେତନାର ବିକାଶ ଘଟିଥାଏ । ସାକ୍ଷର ହେବାରେ ଯେ ଯଥେଷ୍ଟ ଗୁରୁତ୍ୱ ଅଛି ଏହା ପିତାମାତା ହୃଦୟଙ୍ଗମ କରିପାରି ନ ଥିଲେ । ତେଣୁ ପୁଅଝିଅମାନଙ୍କୁ ବାପ ମା'ମାନେ ତାଙ୍କ ଦୈନନ୍ଦିନ ରୋଜଗାରରେ ଅବା ଗୃହ କାର୍ଯ୍ୟରେ ସହଯୋଗ କରିବାପାଇଁ କାର୍ଯ୍ୟରେ ଲଗାଉଥିଲେ । ପୁଅ ଜମିରେ ହଳ କରିବ, ଅବା ଛେଳି, ଗାଈ, ଗୋରୁ ଚରାଇବ । ଝିଅମାନେ ମା'କୁ ଘରର ଯାବତୀୟ ରନ୍ଧାରେ ସାହାଯ୍ୟ କରିବେ ଅବା ମା' କାମକୁ ଚାଲିଗଲେ, ଘରେ ଛୋଟ ଭାଇ ଭଉଣୀମାନଙ୍କୁ ଜଗାରଖା କରିବେ । ଏଇଟା ଥିଲା ଅଭିଭାବକମାନଙ୍କର ସାମାନ୍ୟ ଅଭିଳାଷ ।

ନିରକ୍ଷରତା ଯେ ଗୋଟିଏ ସାଂଘାତିକ ସାମାଜିକ ବ୍ୟାଧି, ଏହି କଥାକୁ ଲୋକେ ଉପଲବ୍ଧି କରିପାରିନଥିଲେ । ଏବେ ଲୋକେ ସଚେତନ ହେଲେଣି, ତଥାପି ଆଶାଜନକ ସଚେତନତା ବୃଦ୍ଧି ପାଇନାହିଁ । ପାର୍ବତ୍ୟ ଅଞ୍ଚଳର ଅବସ୍ଥା ଆହୁରି ଶୋଚନୀୟ । ଆଦିବାସୀ ବହୁଳ ଅଞ୍ଚଳରେ ଶିକ୍ଷା ଆମ ସମସ୍ତଙ୍କ ସକାଶେ ଉଦ୍ଦିଷ୍ଟ, ଶିକ୍ଷା ଆମ ସମସ୍ତଙ୍କର ହିଁ ପ୍ରାପ୍ୟ ଓ କାମ୍ୟ ଏ କଥା ଏ ପର୍ଯ୍ୟନ୍ତ ଅନେକେ ବୁଝିପାରି ନାହାନ୍ତି । ଶିଶୁକୁ ଭଲଭାବରେ ବୁଝିବା ଏବଂ ତଦନୁଯାୟୀ ଶିଶୁ ପାଇଁ ଅନୁକୂଳ ପରିବେଶଟିଏ ଗଢ଼ି ତୋଳିବା ହେଉଛି ଶିକ୍ଷାର ପ୍ରାଥମିକ ଉଦ୍ଦେଶ୍ୟ । ଆମ ଶିକ୍ଷା ବ୍ୟବସ୍ଥାରେ ଶିକ୍ଷାଦାନ, ଶିଶୁର ଲାଳନ ପାଳନ ସହ ଶିଶୁର ମାନସିକ, ଶାରୀରିକ ବିକାଶ ପାଇଁ ସୁଯୋଗ ଥିବା ଆବଶ୍ୟକ । ଫଳରେ ସ୍କୁଲରୁ ଶିଶୁ ମନରେ ଶୃଙ୍ଖଳା ଜ୍ଞାନ ସହ ମନୋବଳ ବୃଦ୍ଧିର ବିକାଶ ସମ୍ଭବ ହୋଇଥାଏ । ଶିଶୁକୁ ମୂଳରୁ ଭଲଭାବରେ ବୁଝିବା ଓ ଆପଣାର କରିବା ଶିକ୍ଷକ ଓ ଅଭିଭାବକମାନଙ୍କର ପ୍ରାଥମିକ କର୍ତ୍ତବ୍ୟ । ଶିଶୁମାନଙ୍କ ମନରେ ମଧ୍ୟ ଏକପ୍ରକାର ସ୍ୱତନ୍ତ୍ରତା ଭରି ରହିଛି । ତେଣୁ ଉପଯୁକ୍ତ ଲାଳନ ପାଳନଦ୍ୱାରା ସେମାନଙ୍କ ସହ ମିଶି ସେମାନଙ୍କ ମନରେ ଆତ୍ମବିଶ୍ୱାସ ସୃଷ୍ଟି କରିପାରିଲେ ଶିଶୁର ଅଶେଷ କଲ୍ୟାଣ ସାଧିତ ହୋଇଥାଏ । ପିଲାଟି ଦିନରୁ ସେମାନଙ୍କ ନୈତିକତା ଓ ଚରିତ୍ରବତ୍ତା ପ୍ରତି ଦୃଷ୍ଟି ଦେଲେ ସେମାନେ ଧୀରେ ଧୀରେ ସଚେତନ ହୋଇଥାନ୍ତି । ଆମ

Source: Author, Digitized by PPRACHIN, SOA

ଜାତୀୟ ସରକାର ତଥା ପ୍ରାନ୍ତୀୟ ସରକାର ବାସ୍ତବତାଠାରୁ ଦୂରେଇ ନ ଯାଇ ସ୍କୁଲଶିକ୍ଷା ପ୍ରତି ପ୍ରାଧାନ୍ୟ ଦେଇ କାର୍ଯ୍ୟପନ୍ଥା ଗ୍ରହଣ କଲେ ଶିଶୁମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ ହେବ ।

ମୂଳରୁ ଅଜା ଶିକ୍ଷା ପ୍ରତି ଗୁରୁତ୍ୱ ଦେଇ ସ୍କୁଲ ଶିକ୍ଷା ପରେ ସ୍ୱତନ୍ତ୍ର ଶିକ୍ଷକ ମାଧ୍ୟମରେ ପ୍ରଶିକ୍ଷଣର ବ୍ୟବସ୍ଥା କରିଥିଲେ । ମୋର କାକା (ବାପାଙ୍କ ସାନଭାଇ) ପ୍ରହଲ୍ଲାଦ କିଶୋର । ସେ ଓ ମୁଁ ଆମେ ଦୁହେଁ ଏକା କ୍ଲାସରେ ପଢୁଥିଲୁ । ମୋର ବଡବାପାଙ୍କ ପୁଅ, ଗୋପବନ୍ଧୁ ମଧ୍ୟ ଆମ ସହିତ ପଢୁଥିଲା । ସ୍କୁଲ ପାଠ ପରେ ଘରେ ଟ୍ୟୁସନ୍ ପଢୁ । ରାତ୍ରରେ ଲଣ୍ଠନ ଲଗାଇ ପଢୁ । ବିଜୁଳିବତୀର ପ୍ରଶ୍ନ ହିଁ ନ ଥିଲା ।

ଆଲୋକ ବ୍ୟବସ୍ଥା :

ମଣିଷ ସୃଷ୍ଟି ହେବା ପରେ ଦିନରେ ସୂର୍ଯ୍ୟ କିରଣରେ ଆତଯାତ ହେଉଥିଲା । ରାତ୍ରିରେ ଅନ୍ଧକାରରେ ଛପି ରହୁଥିଲା । ସୂର୍ଯ୍ୟ ଅସ୍ତ ହୋଇଗଲା ପରେ ରାତ୍ରି ହେବାମାତ୍ରେ ଅନ୍ଧକାର ମଧ୍ୟରେ ସମସ୍ତ ଅଞ୍ଚଳ ଛପି ରହୁଥିଲା । ତେଣୁ ଏହି ଅନ୍ଧକାରରୁ ମୁକ୍ତ ହେବା ପାଇଁ ମଣିଷ ମନରେ ଚିନ୍ତା ଉଦ୍ରେକ ହେଲା, ରାତ୍ରିର ଅନ୍ଧକାର ଦୂର ପାଇଁ ଆଲୋକର ଆବଶ୍ୟକତା ପଡିଲା । ସେଥିପାଇଁ ଯେଉଁମାନଙ୍କ ପ୍ରୟାସରେ ପ୍ରଥମ ଦୀପ ଆବିର୍ଭାବ ହେଲା, ସେମାନେ ନିଶ୍ଚୟ ଆମର ସ୍ମରଣୀୟ । ବର୍ତ୍ତମାନ ଆମେ ଦୀପଟିଏ ସହଜରେ ଜାଳି ଅନ୍ଧକାରକୁ ଦୂର କରିପାରିଛୁ । ମାତ୍ର ପ୍ରଥମେ ଯେଉଁ ମଣିଷର ମସ୍ତିଷ୍କରୁ ଦୀପ ଆବିଷ୍କୃତ ହୋଇଥିଲା ସିଏ ନିଶ୍ଚିତ ରୂପେ ଆଜି ଆମର ପୂଜ୍ୟ, ନମସ୍ୟ । ମୋର ଛାଏଁ ଛାଏଁ ମନେ ପଡୁଛି, ଆମ ଘରମାନଙ୍କରେ ମାଟି ରୁଖାରେ ତେଲ ପକାଇ ଦୀପ ଜଳୁଥିଲା । ତା ପରେ ଚିମିନି ଆସିଲା । ଛିଣ୍ଡା କନାକୁ ସରୁ ଆକାରରେ ବଟି ଚିମିନିର ଉପର ନଳାରେ ପୁରାଇ ମାଟି ତେଲ ପକାଇଲେ ଚିମିନି ଜଳୁଥିଲା । ସେଥିରୁ ଧୂଆଁ ବାହାରି ନାକ ଭିତରେ ପଶି ନାକକୁ ଓ ପାଖରେ ଥିବା ସମସ୍ତ ପଦାର୍ଥକୁ କଳା କରିଦେଉଥିଲା । ତା ପରେ ଆସିଲା ଲଣ୍ଠନ । ଲଣ୍ଠନ ଆଲୁଅରେ ଘର ଆଲୋକିତ ହେଲା । ଘରେ ଜଡାତେଲର ଦୀପ ଜଳୁଥିଲା । ପବନ ହେଲେ ଫଟ୍‌କିନା ଲିଭିଯାଉଥିଲା । ଦୀପ ଲିଭିଯାଉଥିବା ଯୋଗୁଁ, ତାକୁ ଘୋଡାଇବା ପାଇଁ କାଚ ତିଆରି ଲ୍ୟାମ୍ପ ସବୁ ଆସିଲା । ଧୀରେ ଧୀରେ ଧଳା କିରୋସିନି ମିଳିଲା । ସେଥିରେ ଡିବିରି, ଲଣ୍ଠନ, ଲ୍ୟାମ୍ପ ସବୁ ଜଳିଲା । ପ୍ରଥମେ ତାକୁ ମାଟି ତେଲ କୁହାଯାଉଥିଲା । ଗାଁ ରାସ୍ତା କଡରେ ଖୁଣ୍ଟ ପୋତା ହୋଇ ରାସ୍ତାକୁ ଆଲୋକିତ କରାଯାଉଥିଲା । ଅନେକ ଗାଁରେ ମଧ୍ୟ ଖୁଣ୍ଟ ପୋତା ଯାଇ ରାସ୍ତା ଆଲୋକିତ କରିବା ଫଳରେ ଚୋର ଭୟ କମିଲା । ତା ପରେ ଆସିଲା ଗ୍ୟାସ୍ ଲାଇଟ୍ । ଗ୍ୟାସ୍‌ବତୀ, ପେଟ୍ରୋମାକ୍ସ ଆଲୁଅରେ ଲୋକେ ନାଟକ ଅଭିନୟ କରିବା

Source: Author, Digitized by PPRACHIN, SOA

ସଙ୍ଗେ ସଙ୍ଗେ, ବାହାଘର ଭୋଜିରେ ପେଟ୍ରୋମାକ୍ସର ଆବଶ୍ୟକତା ବୃଦ୍ଧି ପାଇଲା । ତାପରେ ଆସିଲା ବିଜୁଳିବତୀ । ବିଜୁଳିବତୀ ଆଲୁଅରେ ଘର ଉଦ୍‌ଭାସିତ ହୋଇଉଠିଲା । ଆକାଶରେ ତାରା ଖଞ୍ଜି ହେଲାପରି ଘରଦ୍ୱାର ରାସ୍ତାଘାଟରେ ବିଜୁଳି ଆଲୁଅ ବିଛାଇ ହୋଇଗଲା । ଦେଖୁ ଦେଖୁ ଗୋଟିଏ ପରେ ଗୋଟିଏ ସବୁ ବଦଳି ଯାଇଛି । ଆଖି ଆଗରେ ସବୁ ଝଲସି ଉଠୁଛି ସେହି ପୁରୁଣା ଘଟଣାମାନ । ସବୁ ମନେ ହେଉଛି କାଲିକା ଘଟଣାମାନ ଭଳି । ଏ ପୃଥିବୀ କ୍ଷଣେ କ୍ଷଣକେ ଆନ । ଆଜି ଯାହା ଅଛି କାଲିକି ତାହା ଭିନ୍ନ ରୂପରେ ଦେଖାଦେଉଛି । ଏହିଭଳି ବହୁ ପରିବର୍ତ୍ତନ ଘଟି ଚାଲିଛି । ଆଗକୁ ଆହୁରି ବିରାଟ ପରିବର୍ତ୍ତନ ଘଟି ଚାଲିବ । ଅନିତ୍ୟତା ହିଁ ଏ ସଂସାରର ଏକମାତ୍ର ନିତ୍ୟ ବସ୍ତୁ ।

ସ୍କୁଲରେ ଗଣେଶ ପୂଜା, ସରସ୍ୱତୀ ପୂଜା ହେଉଥାଏ । ସରସ୍ୱତୀ ପୂଜା ସମୟରେ ଗୀତ ଗାଉଥିଲୁ । ଗୀତ ମନେରହିଛି ''ବନ୍ଦଇ ହରି ଦେବ ମୁରାରି, ଲକ୍ଷ୍ମୀ ଦେବୀଙ୍କର କାନ୍ତ, ଅଭୟବର ଦ୍ୟନ୍ତୁ କୁମର ସେ ପ୍ରଭୁ ଦେବ ଅନନ୍ତ''। ପ୍ରତିଦିନ ନିୟମିତ ଭାବରେ ସ୍କୁଲ ଯିବା, ସ୍କୁଲରୁ ବହିବସ୍ତାନି ଧରି, ଫେରି ଖେଳାଖେଳି କରିବା । ପରେ ସନ୍ଧ୍ୟା ହୋଇଗଲେ, ଗୋଡହାତ ଧୋଇ ଟ୍ୟୁସନ ପଢ଼ିବା ପ୍ରତି ଅଜା ସତର୍କ ଦୃଷ୍ଟି ରଖିଥାନ୍ତି । ମଧୁସୂଦନ ରାଓଙ୍କ ଲିଖିତ 'ବର୍ଣ୍ଣବୋଧ' ପ୍ରଥମ ଶ୍ରେଣୀରେ ପଢ଼ିଲି । 'ଶିଶୁ-ବୋଧ' ଦ୍ୱିତୀୟ ଶ୍ରେଣୀରେ ଏବଂ 'ବାଳବୋଧ' ତୃତୀୟ ଶ୍ରେଣୀରେ ପଢ଼ିଥିଲି । ଗଣିତ ଶିକ୍ଷା ପାଇଁ ରତ୍ନାକର ଗରାବଡୁଙ୍କ 'ପାଟିଗଣିତ' ଏବଂ ଦାଶରଥି ପାଣିଗ୍ରାହୀଙ୍କ ରଚିତ ଗଣିତ ପଢ଼ା ଯାଉଥିଲା । ଚାଟଶାଳୀରେ ଅବଧାନ ଖଜୁରି ପଟିରେ ବସି ପଣକିଆ ଓ ଫଳା ପ୍ରଭୃତି ସ୍ୱରଧରି ବୋଲିବାକୁ କହୁଥିଲେ । ସ୍ଲେଟରେ ଅଙ୍କ କଷୁଥିଲୁ । ଛେପପକାଇ 'ଦୁଇ' ଯିବାକୁ ପଡୁଥିଲା । ଛେପ ଶୁଖିବା ପୂର୍ବରୁ ଫେରି ଆସିବାକୁ ପଡିବ, ନହେଲେ ପିଠିରେ ପଡିବ ପାହାର । ସ୍ୱରଧରି ଗୀତ ବୋଲିବା ଭଳି ପଣକିଆ ମୁଖସ୍ଥ କରୁଥିଲୁ ।

କ୍ରୀଡା ଓ ମନୋରଂଜନ :

ମୁଁ ଆଗରୁ କହିଛି, ପିଲାଦିନରୁ ଖେଳପ୍ରତି ମୋର ଆଗ୍ରହ ଅଧିକ ଥିଲା । ବାପା କଟକରୁ ଘରକୁ ଆସିଲେ ଆମ ପାଇଁ ରିଙ୍ଗବଲ, ବ୍ୟାଡମିଣ୍ଟନ, ଚେସ, ଲୁଡୁ, କ୍ୟାରମବୋର୍ଡ ଏବଂ ତଟ ଆଣିଦେଉଥିଲେ । ତେଣୁ ମୁଁ ଏବଂ ମୋର କାକା ପ୍ରହଲ୍ଲାଦ କିଶୋର ଖେଳ ଅଭ୍ୟାସର ସୁଯୋଗ ବାଲ୍ୟ କାଳରୁ ପାଇଥିଲୁ । ତେଣୁ ହାଇସ୍କୁଲରେ ପ୍ରତି ପ୍ରତିଯୋଗିତାରେ ଆମେ ଦୁହେଁ, ପ୍ରତ୍ୟେକ ଖେଳରେ ଚାମ୍ପିୟାନ ହୋଇ ପୁରସ୍କାର ପାଉଥିଲୁ । କଲେଜ ପ୍ରତିଯୋଗିତାରେ ମଧ୍ୟ ମୁଁ ସେହି ଧାରାକୁ ବଜାୟ ରଖିଥିଲି ।

ମୋର ପିଲାବେଳର କଥା ମନେ ପଡୁଛି । କାଚର ଛବି ଦେଖାଇବା କଳା

Source: Author, Digitized by PPRACHIN, SOA

'ବାଇସ୍କୋପ' ଆମ ଗାଁକୁ ଆସିଥାଏ । ଜର୍ମାନ ଯୁଦ୍ଧର ଛବି ଦେଖାଉଥାଏ । ପୃଥିବୀ ପୃଷ୍ଠରେ ଦ୍ୱିତୀୟ ମହାସମର ଲାଗିଯାଇଥାଏ । ସମଗ୍ର ପୃଥିବୀରେ ଭୟ ଆତଙ୍କ ଖେଳିଯାଇଥାଏ । ଜାପାନର ହିରୋସୀମା, ନାଗାସାକି ଉପରେ ଆମେରିକା ୧୯୪୫ ମସିହାରେ ବୋମା ପକାଇଦେବା ଯୋଗୁଁ, ବହୁ ଲୋକଙ୍କ ମୃତ୍ୟୁ ହୋଇଯାଇଥାଏ । ଏ ଖବର ମଧ୍ୟ ଚାରିଆଡେ ଖେଳିଯାଇଥାଏ । ସେହି ଯୁଦ୍ଧର ଛବିକୁ ବାଇସ୍କୋପରେ ଦେଖାଯାଉଥାଏ । ପିଲାମାନେ ଛବି ଦେଖାରେ ଲାଗିଯାଇଥାନ୍ତି । ମା'ଠୁ ଅଣାଏ ମାଗିନେଇ ବାଇସ୍କୋପରେ ଯୁଦ୍ଧର ବିଭୀଷିକା ଦେଖି ଦେହ, ମୁହଁ ମୋର ଭୟରେ ଥରିଉଠିଲା । ଯୁଦ୍ଧ କେତେ ଭୟାବହ ସେହି ଦିନ ମୁଁ ଉପଲବ୍ଧି କରିପାରିଲି ।

ଭବାନୀପାଟଣା 'ଅନନ୍ତ ନାଟ୍ୟ ସଂସ୍ଥା' ଗାଁକୁ ଗାଁ ବୁଲି ନାଟକ ପ୍ରଦର୍ଶନ କରୁଥିଲେ । ଆମ ଗାଁରେ ମଧ୍ୟ ନାଟକ ପ୍ରଦର୍ଶନ କରିଥିଲେ । ପରେ 'ଆଦଲ ନାଟ୍ୟ ସଂସ୍ଥା' ଦ୍ୱାରା ଭବାନୀପାଟଣାର କଳାକାରମାନେ ନାଟକ ଦେଖାଇଥିଲେ । ଏଥିରେ ମହିଳାମାନେ ମଧ୍ୟ ଅଂଶ ଗ୍ରହଣ କରିଥିଲେ । ଗାଁର ରାମଲୀଳା ନାଟଠୁ ଏ ଆଉ ଏକ ଭିନ୍ନ ପ୍ରକାର ନାଟକ ଦେଖି ନାଟକ ପ୍ରତି ମୋର ଆଗ୍ରହ ସୃଷ୍ଟି ହୋଇଥିଲା ।

ବାଲ୍ୟ ଶିକ୍ଷା ମଣିଷ ଜୀବନରେ ଅଶେଷ ପ୍ରଭାବ ପକାଇଥାଏ । ତେଣୁ ପରବର୍ତ୍ତୀ ଜୀବନରେ ଖେଳ, କଳା, ସଂସ୍କୃତିର ବିକାଶ ପାଇଁ ଅନେକ କାର୍ଯ୍ୟ କରିବା ସୁଯୋଗ ପାଇପାରି କାର୍ଯ୍ୟକାରୀ କରାଇବାରେ ମଧ୍ୟ ସଫଳ ହୋଇଥିଲି ।

ଗାଁ ସ୍କୁଲରେ ପାଠ ଶେଷ କରି ଜୁନାଗଡ ଏମ୍.ଇ. ସ୍କୁଲରୁ ଷଷ୍ଠ ଶ୍ରେଣୀ ପାସ୍ କଲି । ପରେ ଚାରବାହାଲ ଏମ୍.ଇ. ସ୍କୁଲରୁ ସପ୍ତମ ପାସ କରି ଭବାନୀପାଟଣା ବି.ଏମ୍. ହାଇସ୍କୁଲରେ ପଢ଼ିଲି । ଖରା ଛୁଟିରେ ଘରକୁ ଆସିଲେ ରାମାୟଣ, ମହାଭାରତ ପ୍ରଭୃତି ପଢୁଥିଲି । ତାହା ମୋତେ ଭବିଷ୍ୟତରେ ପୁସ୍ତକ ପଢ଼ିବା ଆଗ୍ରହ ସୃଷ୍ଟି କରିଥିଲା । ଏ ପର୍ଯ୍ୟନ୍ତ ସେହି ଅଭ୍ୟାସରେ ପ୍ରତିଦିନ ତିନି ଚାରି ଘଣ୍ଟା ନ ପଢ଼ିଲେ ମନରେ ଶାନ୍ତି ମିଳେ ନାହିଁ । ତେଣୁ ଆଜି ପର୍ଯ୍ୟନ୍ତ ବହି ପ୍ରତି ମୋର ଆକର୍ଷଣ ଅଧିକ । ଅଜାଙ୍କ ପୁରାଣ, ଭାଗବତର ଚନ୍ଦନ ଛିଟା ଏବଂ ମଲ୍ଲୀ ଫୁଲର ବାସନା ଆଜି ସୁଦ୍ଧା ମୋର ଅବଚେତନ ମନରୁ ପାସୋରି ପାରିନାହିଁ ।

ଗ୍ରାମ୍ୟ ତୋଟାର ଆକର୍ଷଣ, ଗ୍ରାମ୍ୟ ପୋଖରୀର ସ୍ୱଚ୍ଛ ଜଳରାଶି, ତୋଟାର ଶିରି ଶିରି ପବନରେ ଆମ୍ବ ବଉଳର ମଧୁର ବାସନା, ଚତୁର୍ଦ୍ଦିଗରେ ଡେଙ୍ଗା ଡେଙ୍ଗା ବଟ, ପିପଲ, ଶିଶୁ ବୃକ୍ଷ ପ୍ରଭୃତି ସଗର୍ବେ ଛିଡା ହୋଇ ରହିଥିବା ଦୃଶ୍ୟ ମନରେ ଲାଖି ରହିଛି । ସ୍କୁଲ ସାମନା ରାସ୍ତା କଡର ବଟବୃକ୍ଷ ପତ୍ର ଗହଳିରେ ଅସଂଖ୍ୟ ବିଭିନ୍ନ ଜାତିର ପକ୍ଷୀଙ୍କ କାକଳି ମୋ ମନରେ ଭାବାନ୍ତର ସୃଷ୍ଟି କରିଥାଏ ।

Source: Author, Digitized by PPRACHIN, SOA

ତେଣୁ ପିଲାଦିନର ଗାଁ ମାଟିର ସ୍ମୃତି, ପ୍ରକୃତିର ଅପୂର୍ବ ସମାବେଶ, ମୋତେ ପ୍ରକୃତିକୁ ଭଲ ପାଇବା ରହସ୍ୟ ଶିଖାଇ ଦେଇଛି । ପିଲାଦିନରୁ ମୋ ମନରେ ଶିକ୍ଷା ସହିତ ଶୃଙ୍ଖଳା, ସମୟାନୁବର୍ତ୍ତିତା ପ୍ରତି ପ୍ରାଧାନ୍ୟ ଦେଇ କଟକରୁ ଆସିଥିବା ଟ୍ୟୁସନ ଶିକ୍ଷକ ସୁଦର୍ଶନ ଦାସ ମୋତେ ସଚେତନ କରାଇ ଦେଇଥିଲେ । ସମୟ ପ୍ରତି ସଚେତନ ହୋଇ ପାରିଲେ ମଣିଷର ଅଶେଷ ଉପକାର ହୋଇପାରିଥାଏ । ଶୃଙ୍ଖଳା ଜ୍ଞାନ ମୁଁ ପିଲାଦିନରୁ ପାଇ ପାରିଥିଲି । ତାହା ମୋର ବାସ୍ତବ ଜୀବନରେ ବହୁ କ୍ଷେତ୍ରରେ ସହାୟକ ହୋଇଛି । କର୍ତ୍ତବ୍ୟପ୍ରତି ନିଷ୍ଠା, ଆନ୍ତରିକତା, ଶୃଙ୍ଖଳା ମଣିଷକୁ ଗଢ଼ି ତୋଳିବାରେ ଅନେକ ସହାୟକ ହୋଇଥାଏ । ତେଣୁ ବାଲ୍ୟଜୀବନର ପ୍ରଭାବ ମଣିଷକୁ ପଥପ୍ରଦର୍ଶକ ରୂପେ କାର୍ଯ୍ୟ କରିଥାଏ । ଜ୍ଞାନ ଆହରଣ ତୃଷ୍ଣା ଯେତିକି ବଢ଼ିବ, ସାହିତ୍ୟ ତଥା ଜାତି, ଅଧିକରୁ ଅଧିକ ସମୃଦ୍ଧ ହୋଇପାରିବ । ଜ୍ଞାନ ପିପାସାରୁ ଅନେକ ଦିଗ ଉନ୍ମୋଚିତ ହୋଇଛି । ଏହିଦୃଷ୍ଟିରୁ ମୋର ବାଲ୍ୟ ଜୀବନ ମୋତେ ବହୁଭାବରେ ପ୍ରଭାବିତ କରିଛି । ପିଲାଦିନେ ମୋତେ ଗପ ଶୁଣିବାକୁ ଭାରି ଭଲ ଲାଗୁଥିଲା । ମା'ଠୁ ଶୁଣିଛି, ଆଈମା'ଠୁ ଶୁଣିଛି, ରାଜାପୁଅ, ରାଜାଝିଅ, କଲୁରିବେଣ୍ଟ, ବୁଢ଼ୀ ମାଲୁଣୀ କଥା, ରଜାପୁଅକୁ ଫୁଲ ଶୁଙ୍ଘାଇ ଦିନରେ ମେଣ୍ଢା, ରାତିରେ ଭେଣ୍ଡା କରିପାରୁଥିବା କଥା, ସାତ ତାଳ ପଙ୍କ ଭିତରେ ଅସୁରୁଣୀର ଜୀବନ ନାଟିକା କଥା... ନାନା ବାୟା ଗୀତ ପ୍ରଭୃତି... ଶୁଣୁ ଶୁଣୁ କେତେବେଳେ ମୋତେ ନିଦ ହୋଇଯାଏ... ନିଘୋଡ ନିଦରେ ଶୋଇପଡେ...।

ମାମୁଘର ସରଗପୁର :

ପିଲାଦିନେ ମା'ଙ୍କ ସହିତ ମାମୁଘର କଲମପୁର ବ୍ଲକର 'ବଲାଗାଁ'କୁ ଟାଙ୍ଗା ଗାଡିରେ ବସି ଯାଇଛି । ଆମ ଗାଁଠୁ ଦୂରତା ସାତ ମାଇଲ । ବଡି ଭୋରରୁ ଗାଡିରେ ବସି ସୂର୍ଯ୍ୟ ଉଦୟ ହେବା ପରେ ଗାଁରେ ପହଞ୍ଚି ଯାଉଥିଲୁ । ମୋର ଅଜା ଦ୍ୱାରକାନାଥ ବେହେରା, ଆଈ ରମାଦେବୀ, ତାଙ୍କର ଦୁଇ ପୁଅ ଦୁଇ ଝିଅ । ମୁକ୍ତେଶ୍ୱର ବଡମାମୁ ଏବଂ ଯୁଗଳ କିଶୋର ସାନମାମୁ । ମୋର ମା' ବଡମାମୁଙ୍କ ଜନ୍ମପରେ ଜନ୍ମ ହୋଇଥିଲେ । ତା ପରେ ମାଉସୀ ହେମଲତାଙ୍କ ଜନ୍ମ । ଅଜା, ଆଈ, ମାମୁ, ମାଇଁ ଆମକୁ ଦେଖି ଖୁସିରେ ଗଦ୍ ଗଦ୍ ହୋଇ ଉଠୁଥିଲେ । ଖରା ସମୟରେ ଅଜା ମୋତେ ଆକଟ କରି ପୂର୍ବାହ୍ନ ଭୋଜନ ପରେ କୁଆଡେ ଛାଡୁ ନ ଥିଲେ । ତେଣୁ ଖରା ସମୟଟା ତାଙ୍କ ପାଖରେ ପଙ୍ଖା ବିଞ୍ଚିହୋଇ ଶେଯରେ ଗଡିଥାଏ । ମାମୁପୁଅ ଭାଇ ଶଙ୍କର, କୁଞ୍ଜ, ରାହାସ ପ୍ରଭୃତି ସାଙ୍ଗମାନଙ୍କ ସହିତ ମିଶି ପୋଖରୀରେ ଗୋଧୋଇବା, ଆମ୍ବଗଛ ଚଢ଼ି ଆମ୍ବ ଖାଇବା କଥାସବୁ ମନେ ପଡିଯାଏ ।

Source: Author, Digitized by PPRACHIN, SOA

କାକାଙ୍କ ଦେହାନ୍ତ ସ୍ମୃତି :

ପିଲାଦିନର ଏକ ଅଭୁଲା ସ୍ମୃତି ଆଜି ବି ମନରେ ଲାଖି ରହିଛି । ମୋର ଛୋଟ କାକା ଶକ୍ତ ବେମାରରେ ପଡିଲେ । ଦିନକୁ ଦିନ ତାଙ୍କର ଜ୍ୱର ବଢ଼ି ଚାଲିଲା । କମିବାର କୌଣସି ଲକ୍ଷଣ ଦେଖାଗଲା ନାହିଁ । ଡକ୍ଟର ଅଭାବ । ଗାଁ ବୈଦ୍ୟ ଔଷଧ ଦେଉଥିଲେ । କିଛି ଖାଇଲେ ନାହିଁ । ମୁଁ ପ୍ରତିଦିନ ସକାଳରେ ଆମ ଘର ବାଡିରେ ଥିବା ଖଜୁରି ଗଛରୁ ତଳେ ପଡୁଥିବା ପାଚିଲା ଖଜୁରି ଗୋଟାଇ ଆଣି ତାକୁ ଧୋଇ ଖଣ୍ଡିଏ ଖଣ୍ଡିଏ ଛିଣ୍ଡାଇ ତାଙ୍କୁ ଖାଇବାକୁ ଦିଏ । ସେ ସେତକ ମୁହଁରେ ହସ ଫୁଟାଇ ଖାଉଥିଲେ । ସେହି ଟିକକ ଖାଦ୍ୟ ତାଙ୍କ ପେଟକୁ ଯାଉଥାଏ । ତାଙ୍କର ଖାଇବା, ଜିଭ ବୁଲାଇବା ଆଜି ପର୍ଯ୍ୟନ୍ତ ମୋ ମୁହଁରେ ଲାଖି ରହିଛି । ଦିନେ ସମସ୍ତଙ୍କୁ ଦୁଃଖ ସାଗରରେ ଭସାଇ ଦେଇ ସେ ଚାଲିଗଲେ ଆର ପାରିକୁ । ସେ ଦିନ ମୋ ମନରେ ଏକ ନିଃସଙ୍ଗ ଭାବ ଖେଳିଗଲା । ମୁଁ ନିଜକୁ ଏକାକୀ ମନେକଲି । ଘରେ କାନ୍ଦ ବୋବାଳି ପଡିଲା । ମୃତ୍ୟୁ ସହ ଏହା ମୋର ପ୍ରଥମ ପରିଚୟ । ମୃତ୍ୟୁ ମୁଁ ଦେଖି ନ ଥିଲି । କେବଳ ତା' ନାଁ ଶୁଣିଥିଲି । ସେ ମରିଗଲେ । ମୁଁ ଭାବିଲି ଏ ଦୁନିଆରେ ଅନେକ ପରିବର୍ତ୍ତନ ଘଟିବ । ମାତ୍ର କିଛି ଘଟିଲା ନାହିଁ । ସେମିତି ଦିନ ରାତି ଠିକ୍ ତା'ରି ବାଟରେ ଚାଲିଥାଏ । କେବଳ ମୁଁ ଘର କୋଣରେ ବସି କାନ୍ଦୁଥିଲି । ଘରର ସଭିଙ୍କ ମୁହଁରେ ଲୁହ ଭରି ରହିଥାଏ । ଆଈମା ରାହା ଧରି କାନ୍ଦୁଥାନ୍ତି । ତାଙ୍କର ଶେଷ ଜୀବନ ପର୍ଯ୍ୟନ୍ତ ଆଈମା ଏ ଦୁଃଖ ପାସୋରି ପାରିଲେ ନାହିଁ । ମୋ ମନରେ ଏକ ବିଷଣ୍ଣ ଭାବ ଛାଇଗଲା । ମୁଁ କିଛି ବୁଝି ପାରୁ ନ ଥାଏ । କିନ୍ତୁ ମନରେ ଦୁଃଖ ଭରି ରହିଥାଏ । ମୋତେ ଶୂନ୍‌ଶାନ୍ ହୋଇଗଲା ଭଳି ମନେ ହେଲା । ଦିନ ବିତିଗଲା, ରାତି ଆସିଲା । ରାତି ହେଲାପରେ ଆକାଶରେ ଅଗଣିତ ତାରା ଛାଇ ହୋଇଯାଇଥିଲା । ମୋ ମନରେ ଏକ ଧାରଣା ଖେଳି ରହିଥାଏ, ଯେ ମରିଯାଏ ସେ ତାରା ହୋଇଯାଏ । ମୁଁ ସେହି ତାରାମାନଙ୍କ ଭିତରେ ତାଙ୍କୁ ଖୋଜିବାକୁ ଲାଗିଲି । ଏମିତି ଖୋଜି ଚାଲିଥାଏ । ଖୋଜିବାରେ ଅନ୍ତ ନ ଥାଏ । ଘରେ ଏକୁଟିଆ ଥିବା ସମୟରେ ତାଙ୍କରି କଥା ମନେ ପକାଇ କାନ୍ଦିଲି । ମୋ ମନରେ ଏକପ୍ରକାର ବିଷଣ୍ଣତା ଭରି ଯାଇଥାଏ । ଏତେ ବର୍ଷ ବିତିଗଲାଣି ତଥାପି ତାଙ୍କର ଶେଷ ହଳଦିଆ ଚେହେରା ଆଜି ମଧ୍ୟ ମୋ ଆଖି ଆଗରେ ଝଲସି ଉଠୁଛି । ତାଙ୍କର ଚେହେରା ମୋ ସ୍ମୃତିରେ ଅସ୍ପଷ୍ଟ ହୋଇ ରହିଯାଇଛି । ଯେତେବେଳେ ଛାଇ ଛାଇକା ମନେପଡେ । ଅତୀତର ଦୁଃଖଦ ସ୍ମୃତି ଧୀରେ ଧୀରେ କର୍ମମୟ ଜୀବନ ମଧ୍ୟରେ ଖେଳ କୌତୁକ ମଧ୍ୟରେ ଲିଭି ଲିଭିଯାଏ । ତଥାପି କେଜାଣି କାହିଁକି ସେହି ମୋର ବାଲ୍ୟସ୍ମୃତି ମୋତେ ଏକାକୀତ୍ୱ ଭାବନା ଭିତରକୁ ଟାଣି ନେଇଗଲା ।

Source: Author, Digitized by PPRACHIN, SOA

ଚାର୍‌ବାହାଲ ବାଳିକା ସ୍କୁଲ :

ଗାଁ ସ୍କୁଲରେ ତୃତୀୟ ଶ୍ରେଣୀ ପଢ଼ିବା ସମୟରେ ବାର୍ଷିକ ପରୀକ୍ଷା ଦେବାପାଇଁ ଚାରିମାଇଲ ଦୂରରେ ଅବସ୍ଥିତ ଚାରବାହାଲ ଗ୍ରାମର କେନ୍ଦ୍ର ସ୍କୁଲକୁ ଯିବାକୁ ପଡୁଥିଲା । ମୋର କାକା ପ୍ରହଲ୍ଲାଦକିଶୋର ଓ ଭାଇ ଗୋପବନ୍ଧୁଙ୍କ ସହିତ ଟାଙ୍ଗା ଗାଡିରେ ଶୁଭ ମୁହୂର୍ତ୍ତ ଦେଖି ପାହାନ୍ତିଆ ବ୍ରାହ୍ମମୁହୂର୍ତ୍ତରେ ବାହାରି ଚାରବାହାଲ ଗ୍ରାମକୁ ଯାଇଥିଲୁ । ଚାରବାହାଲରେ ସେତେବେଳେ ବାଳିକା ସ୍କୁଲ ପ୍ରତିଷ୍ଠିତ ହୋଇଥିଲା । ଗ୍ରାମର ପ୍ରାୟ ୧୦ଜଣ ଝିଅ ବାଳିକା ସ୍କୁଲରେ ରହି ପଢୁଥାନ୍ତି । ଆମେ ସେଇଠି ପହଞ୍ଚିବା ପରେ ସ୍କୁଲ ବାରଣ୍ଡାରେ ବସିଲୁ । ଝାପ୍‌ସା ଝାପ୍‌ସା ଅନ୍ଧାର । ସୂର୍ଯ୍ୟ ପୂର୍ବାକାଶରେ ଉଇଁବାକୁ ତଥାପି ବିଳମ୍ବ ଥାଏ । ଲଣ୍ଠନଟିଏ ମିଟିମିଟି ଜଳୁଥାଏ । ସେଠାରେ ଆମକୁ ଝିଅମାନେ ଗୀତଗାଇ ସ୍ୱାଗତ କଲେ । ସେ ମଧ୍ୟରୁ ଜଣେ ଝିଅ ''କହ ହନୁ ମୋର କାନ୍ତର କୁଶଳ'' ଗୀତ ଅତି ମଧୁର କଣ୍ଠରେ ଗାଇଲା । ତାର କଣ୍ଠର ଲାଳିତ୍ୟ ମୋତେ ମୁଗ୍ଧ କରିଦେଲା । ବାଳିକା ସ୍କୁଲର ପ୍ରଧାନ ଶିକ୍ଷକ ଥାଆନ୍ତି ଆମ ନିକଟବର୍ତ୍ତୀ ଗ୍ରାମ' ଅମ୍ବାଦୋଳାର ଯୋଗେଶ୍ୱର ବେହେରା । ମାନ୍ୟରେ ସେ ମୋର ଅଜା । ଚାରବାହାଲ ଗ୍ରାମର ସ୍ୱାଧୀନତା ସଂଗ୍ରାମୀ ସମାଜସେବୀ ଶଙ୍କର ପ୍ରସାଦ ପଣ୍ଡାଙ୍କ ଉଦ୍ୟମରେ ଗଙ୍ଗାଧର ମୁଣ୍ଡ, ରାସବିହାରୀ ପଣ୍ଡା, ରାମପ୍ରସାଦ ବେଲଦାର ପ୍ରଭୃତିଙ୍କ ସହଯୋଗରେ ନାରୀ ଶିକ୍ଷାର ପ୍ରସାର ପାଇଁ ଏହି ବାଳିକା ସ୍କୁଲ ସ୍ୱାଧୀନତା ପୂର୍ବରୁ ପ୍ରତିଷ୍ଠିତ ହୋଇଥିଲା ।

ଗ୍ରାମ୍ୟ ପାଠାଗାର :

ଶଙ୍କର ପ୍ରସାଦ ପଣ୍ଡାଙ୍କ ଉଦ୍ୟମରେ ସୁନ୍ଦର 'ପାଠାଗାର' ଟିଏ ମଧ୍ୟ ଗ୍ରାମରେ ପ୍ରତିଷ୍ଠିତ ହୋଇଥିଲା । ବହୁ ପୁସ୍ତକ ସଂଗୃହୀତ ହୋଇ ବିରାଟ କୋଠରୀରେ ଗଚ୍ଛିତ ହୋଇ ଲୋକଙ୍କ ପଢ଼ିବା ପାଇଁ ସୁଯୋଗ ସୃଷ୍ଟି କରିପାରୁଥିଲା । ଆଜିକାଲି ପାଠାଗାର ପ୍ରତି ଶିକ୍ଷିତ ଲୋକଙ୍କ ଆଗ୍ରହ ନ ଥିବା ବେଳେ ସ୍ୱାଧୀନତା ପୂର୍ବରୁ ପାଠାଗାର ପ୍ରତି ଲୋକଙ୍କ ଆକର୍ଷଣ କଥା ଭାବିଲେ ମନରେ ପୁଲକ ସୃଷ୍ଟିକରେ । ହାଇସ୍କୁଲରେ ପଢ଼ିବା ସମୟରେ ମୁଁ ମଧ୍ୟ ଖରା ଛୁଟିରେ ଆମ ଗାଁରୁ ସାଇକେଲରେ ଯାଇ ଏହି ପାଠାଗାରରୁ ବହୁ ପୁସ୍ତକ ଆଣି ତାକୁ ପଢ଼ି ଫେରାଇ ଦେଉଥିଲି । ଅନେକ ବହି ପଢ଼ିଛି । ମନକୁ ପସନ୍ଦ ନ ହେଲେ ତାହା ମୁଁ ଭୁଲି ଯାଇଥାଏ । ଅନେକ ବହି ମନକୁ ସ୍ପର୍ଶ କରିଛି । ତାକୁ ବାରମ୍ବାର ପଢ଼ିଛି । ସେହି ବହିର ପ୍ରଭାବ ମନରେ ପଡିଛି । 'ଟମ କକାଙ୍କ କୁଟୀର' (ଅଙ୍କଲ ଟମ୍‌ସ୍ କେବିନ) ବହି ମୁଁ ଏହି ପାଠାଗାରରୁ ନେଇ ପଢ଼ିବାର ସୁଯୋଗ ପାଇଥିଲି । ସେତେବେଳେ ଏହି ବିଶ୍ୱ ପ୍ରସିଦ୍ଧ ପୁସ୍ତକର ବ୍ୟାପକ ପ୍ରସାର

Source: Author, Digitized by PPRACHIN, SOA

ହୋଇଥିଲା । ଦାସତ୍ୱ ପ୍ରଥା ବିରୁଦ୍ଧରେ ଏକା ଆମେରିକା କାହିଁକି ସମଗ୍ର ବିଶ୍ୱରେ ଚହଳ ପକାଇ ଦେଇଥିଲା । ମିସେସ୍ ହାରିଏଟ୍ ଏଲିଜାବେଥ୍ ବିଚର୍ ଷ୍ଟୋ ଏହି ପୁସ୍ତକର ଲେଖିକା । ଶ୍ରୀ ଉଦୟନାଥ ଷଡଙ୍ଗୀ ଏହାକୁ ଅନୁବାଦ କରିଛନ୍ତି ।

ଗାନ୍ଧୀ ସ୍ମୃତି :

ତୃତୀୟ ଶ୍ରେଣୀ ଉତ୍ତୀର୍ଣ୍ଣ ହେଲା ପରେ ଚତୁର୍ଥ ଶ୍ରେଣୀ ଗାଁ ସ୍କୁଲରେ ପଢ଼ିଲି । ଭାରତ ସ୍ୱାଧୀନତା ଆନ୍ଦୋଳନର କର୍ଣ୍ଣଧାର ମହାତ୍ମା ଗାନ୍ଧୀଙ୍କ ନାମରେ ଅନେକ କଥା ଶୁଣିବାକୁ ମିଳୁଥାଏ । ଗାନ୍ଧୀଙ୍କୁ ସରକାର ଜେଲରେ ଭର୍ତ୍ତି କରି ଦେଇଛନ୍ତି । ଗାନ୍ଧୀଙ୍କୁ ରେଳଡବାରୁ ମଧ୍ୟ ବାହାର କରି ଦେଉଛନ୍ତି, ଏମିତି କେତେ କଥା । ସ୍କୁଲରେ ପଢ଼ିବା ସମୟରେ ମହାତ୍ମା ଗାନ୍ଧୀଙ୍କ ବାର୍ତ୍ତା ଯୋଗୁଁ ସମଗ୍ର ଦେଶରେ ଚହଳ ପଡି ଯାଇଥାଏ । ତାର ପ୍ରଭାବ ଆମ ଗାଁରେ ମଧ୍ୟ ପଡିଥାଏ । ଲୋକଙ୍କ ଆର୍ଥିକ ଉନ୍ନତି ପାଇଁ ଏବଂ ଲୋକେ ସ୍ୱାବଲମ୍ବୀ ହେବା ପାଇଁ ଲୋକଙ୍କୁ ସୂତା କାଟିବା ପାଇଁ ଗାନ୍ଧୀ ଆହ୍ୱାନ ଦେଲେ । ଲୋକେ ତାଙ୍କ କଥାକୁ ଆଗ୍ରହରେ ଗ୍ରହଣ କରିବାକୁ ଲାଗିଲେ । ଆମ ଗାଁ ସ୍କୁଲରେ ମଧ୍ୟ ଆମକୁ ସୂତା କାଟିବା ପାଇଁ ଉତ୍ସାହିତ କରାଗଲା । ମୁଁ ତକଲିରେ ସୂତା କାଟିବା ପାଇଁ ତକଲି, କପା ଯୋଗାଡ କରି ସୂତା କାଟିଲି । ମନରେ ନୂତନ ଉତ୍ସାହ ଖେଳି ଯାଇଥାଏ । ସୂତା କାଟିବା ଏକ ପୁଣ୍ୟ କାମ, ସାହସିକ କାମ । ସୂତା କାଟିବା ଦେଶର ଏକ ଆଦର୍ଶ କାମ ରୂପେ ପରିଗଣିତ ହେଉଥାଏ । ମହାତ୍ମା ଗାନ୍ଧୀ ସୂତାକାଟି ଆମ ସଭିଙ୍କି ସାମିଲ କରି ଆମ ଦେଶର ଗରିବୀ ଦୂର କରିବା ପାଇଁ ଉଦ୍ୟମ କରୁଛନ୍ତି । ଲୋକଙ୍କୁ କାମରେ ନିୟୋଜିତ କରି ବଳକା ସମୟରେ ସୂତା କାଟି ତାକୁ ବିକ୍ରି କରି ତାରି ଅର୍ଥରେ ଲୋକଙ୍କ ଆୟ ବୃଦ୍ଧି କରିପାରିବେ । ତତ୍ ସଙ୍ଗେ ସଙ୍ଗେ ଲୋକଙ୍କ ଆବଶ୍ୟକ ବସ୍ତ୍ର ମଧ୍ୟ ସହଜରେ ମିଳି ପାରିବ । ପୁଅ, ଝିଅ, ମହିଳାମାନେ ଘରେ ବସି ସଭିଏଁ ସୂତା କାଟି ତାକୁ ବିକି କିଛି ଅର୍ଥ ଉପାର୍ଜନ କରି ଘରଖର୍ଚ୍ଚ ତୁଲାଇ ପାରିବେ । ଆଳସ୍ୟରେ ସମୟ ନଷ୍ଟ ନ କରି ପରିଶ୍ରମ କରି ଘର ଖର୍ଚ୍ଚ ତୁଲାଇବା ପରିବାର ପାଇଁ ମଙ୍ଗଳଦାୟକ । ମୁଁ ଅର୍ଥନୀତିର ଏ ଗହନ କଥା ବୁଝୁ ନ ଥିଲେ ମଧ୍ୟ ଆଗ୍ରହରେ ସୂତା କାଟିବାରେ ମନ ଦେଲି । ସୂତା କାଟି ଅନେକ ଆନନ୍ଦପାଇଛି । ଏହା ଏକ ସୂକ୍ଷ୍ମ କାମ । ସୂତା କାଟିବା ବେଳକୁ ମନରେ ଏକାଗ୍ରତା ବୃଦ୍ଧି ପାଇଥାଏ । ଅନେକ ଛାତ୍ରଙ୍କ ଏଥିପ୍ରତି ଆଗ୍ରହ ନଥିଲା । ଅନେକଙ୍କୁ ଶିଖାଇଲେ ମଧ୍ୟ ଶିଖିଲେ ନାହିଁ । ମାତ୍ର ମୁଁ ନିୟମିତ ସୂତା କାଟି ଆମ ଶିକ୍ଷକଙ୍କୁ ସୂତା ଯୋଗାଇ ଦେଉଥିଲି । ପିଲାଦିନେ ଆମେ ଯେଉଁ ଶିକ୍ଷା ପରିବାରଠୁ ଅବା ଗୁରୁଜନଠୁ ପାଇଥାଉଁ ତାହା ବଡ ହେଲା ପର୍ଯ୍ୟନ୍ତ ପ୍ରଭାବ ପକାଇଥାଏ ।

Source: Author, Digitized by PPRACHIN, SOA

ଦେଶ ସ୍ୱାଧୀନ ହେଲା :

୧୯୪୭ ମସିହା ଅଗଷ୍ଟ ପନ୍ଦର ତାରିଖ ଦିନ ଭାରତ ସ୍ୱାଧୀନତା ପାଇଲା । ଏହି ଖବର ଏବେ ବି ମୋ ମନରେ ସଂଜୀବିତ ହୋଇ ରହିଛି । ଇଂରେଜ ସରକାର ଆମ ଦେଶ ଛାଡି ସାତ ସମୁଦ୍ର, ତେର ନଈ, ପାର ହୋଇ ପୁଣି ତାଙ୍କ ଦେଶ ଇଂଲଣ୍ଡକୁ ଫେରି ଯାଇଛନ୍ତି । ଏଇନେ ଆମେ ଆମ ଦେଶ ଶାସନ କରିବୁ । ଆମେ ଆମ ଭାଗ୍ୟ ନିୟନ୍ତ୍ରଣ କରିବୁ । ଲୋକଙ୍କ ଅଭାବ ଅନଟନ ଦୂର ହେବ!! ଏମିତି କେତେ କଥା ଲୋକଙ୍କ ମୁହଁରୁ ଶୁଣୁଥାଏ । ଜାତୀୟ ପତାକା ଗ୍ରାମର ବୟୋଜ୍ୟେଷ୍ଠ ଅଖିଳଚନ୍ଦ୍ର ବେହେରା ଉତ୍ତୋଳନ କଲେ । ତ୍ରିରଙ୍ଗା ପତାକା ଫରଫର୍ ହୋଇ ଉଚ୍ଚରେ ଦୋହଲିଲା । ବାପା, ବଡବାପା ସମବେତ ଜନତାକୁ ଉଦ୍‌ବୋଧନ ଦେଲେ । ଗାଁର ଛୋଟ ଛୋଟ ପିଲାମାନଙ୍କର ମହାତ୍ମାଗାନ୍ଧୀ, ଜବାହାରଲାଲ ନେହେରୁ, ସର୍ଦ୍ଦାର ବଲ୍ଲଭଭାଇ ପଟେଲ ପ୍ରଭୃତି ଜାତୀୟ ସ୍ତରର ନେତାମାନଙ୍କ ନାମରେ ଜୟ ଶବ୍ଦ ଲଗାଇ ନାରାବାଜି କରୁଥିଲେ । ସେମାନଙ୍କର ଭାରତ ମାତା ଜିନ୍ଦାବାଦ ଧ୍ୱନିରେ ଗାଁ ଦାଣ୍ଡ ପ୍ରକମ୍ପିତ ହେଉଥିଲା । ସ୍ୱାଧୀନ ଭାରତର ମର୍ମ ମୁଁ ସେତେବେଳେ କିଛି ବୁଝି ନ ଥିଲି, ମାତ୍ର; ଲୋକଙ୍କ ଆଗ୍ରହ ଉଲ୍ଲାସ ମଧ୍ୟରେ ସାଙ୍ଗ ମେଳରେ ମୁଁ ମଧ୍ୟ ଭୋଳ ହୋଇ ଯାଇଥିଲି । ଗାଁ ଦାଣ୍ଡରେ ଲୋକେ ବିସ୍ମୟ ନୟନରେ, ପୁଲକିତ ମନରେ ଏକ ନୂଆ ସକାଳକୁ ସ୍ୱାଗତ କରୁଥାନ୍ତି । ପୂର୍ବ ଆକାଶରେ ସୂର୍ଯ୍ୟ ଉଇଁ ଆସେ । ମାତ୍ର ସେ ଦିନ ସତେ ଅବା ସୂର୍ଯ୍ୟ ନୂଆ ରୂପରେ ଆମକୁ ଛୁଇଁ ଗଲେ । ଆମ ମନରେ ନୂଆ ଭାବନା ଖେଳିଗଲା । ପିଲାଙ୍କ ପାଟିତୁଣ୍ଡ ସହ ମିଷ୍ଟାନ୍ନ ବଣ୍ଟନରେ ଗାଁ ଦାଣ୍ଡ ଦୁଲୁକି ଉଠୁଥାଏ । ବୁଢ଼ା ବୁଢ଼ୀଠୁ ଯୁବକମାନଙ୍କ ମଧ୍ୟରେ ଅପାର ଆନନ୍ଦ ସୃଷ୍ଟି କରୁଥାଏ । ବାସ୍ତବରେ ଗାନ୍ଧୀ ଥିଲେ ଜଣେ ଆଦର୍ଶବାଦୀ କର୍ମଯୋଗୀ । ତାଙ୍କର ପ୍ରଗାଢ଼ ଉଦ୍ୟମରେ ଦେଶ ଆଜି ସ୍ୱାଧୀନ ହୋଇପାରିଛି । ତାଙ୍କ ବ୍ୟକ୍ତିତ୍ୱରେ ଏକ ଯାଦୁକାରୀ ଶକ୍ତି ରହିଛି । ତାଙ୍କରି କଥାରେ ଅନେକ ପ୍ରଭାବ ରହିଛି । ତାଙ୍କ କଥାକୁ ଲୋକେ ବେଦବାକ୍ୟ ଭଳି ଗ୍ରହଣ କରି ନେଉଥାନ୍ତି । ଜଣେ ଏକାକୀ ସମାଜକୁ ବଦଳାଇ ଦେଇ ପାରିବେ ନାହିଁ । ସେଥିପାଇଁ ଲୋକଙ୍କ ସହଯୋଗ ଦରକାର । ଲୋକେ ତାଙ୍କୁ ଅକୁଣ୍ଠ ଚିତ୍ତରେ ସହଯୋଗ ପ୍ରଦାନ କରିଛନ୍ତି । ରାଜନୈତିକ କ୍ଷେତ୍ରରେ ତାଙ୍କ ଅବଦାନ ଅନନ୍ୟ ।

ଭାରତ ସ୍ୱାଧୀନ ହେଲା ପରେ ସ୍କୁଲ ଛାତ୍ରଛାତ୍ରୀମାନଙ୍କୁ ଗୋଟିଏ ବର୍ଷରେ ଦୁଇଟି ଶ୍ରେଣୀ ଉତ୍ତୀର୍ଣ୍ଣ ହେବା ପାଇଁ ସୁଯୋଗ ମିଳିଥିଲା । ସ୍ୱାଧୀନତା ଆନ୍ଦୋଳନରେ ବହୁ ଛାତ୍ରଛାତ୍ରୀ ପାଠପଢ଼ା ଛାଡି 'ବାନରସେନାରେ' ଯୋଗ ଦେଇଥିଲେ ଓ ସ୍ୱାଧୀନତା ଆନ୍ଦୋଳନରେ ଅଂଶ ଗ୍ରହଣ କରିଥିଲେ । ପ୍ରଭୁ ରାମଚନ୍ଦ୍ର ଲଙ୍କାଧିପତି ରାବଣକୁ ନିପାତ

Source: Author, Digitized by PPRACHIN, SOA

କରିବା ପାଇଁ ସେତୁବନ୍ଧ ବାନ୍ଧିବା ସମୟରେ ଗୁଣ୍ଡୁଚିମୂଷା ପାଣିରେ ବୁଡି, ବାଲିରେ ଗଡି ସେହି ବାଲି ସେତୁବନ୍ଧରେ ଝାଡି ସେତୁବନ୍ଧ ନିର୍ମାଣରେ ସାହାଯ୍ୟ କଲା ଭଳି, ଛାତ୍ରଛାତ୍ରୀଙ୍କ ବାନର ସେନା ମଧ୍ୟ ସ୍ୱାଧୀନତା ଆନ୍ଦୋଳନରେ ଗୁଣ୍ଡୁଚିମୂଷା ସଦୃଶ ସାହାଯ୍ୟ କରିଥିଲେ । ତେଣୁ ସ୍କୁଲ ଛାତ୍ରଛାତ୍ରୀଙ୍କ ପାଠପଢ଼ା କ୍ଷତିକୁ ଭରଣ କରିବା ପାଇଁ ଏହି ସୁଯୋଗ ପ୍ରଦାନ କରାଯାଇଥିଲା । ଆମ ସ୍କୁଲ ମଧ୍ୟ ଏହି ସୁବିଧା ପାଇ ପାରିଥିଲା । ତେଣୁ ଚତୁର୍ଥ, ପଞ୍ଚମ ଶ୍ରେଣୀକୁ ମୋତେ ଗୋଟିଏ ବର୍ଷରେ ଉତ୍ତୀର୍ଣ୍ଣ ହେବାପାଇଁ ସେହି ବର୍ଷ ହିଁ ସୁଯୋଗ ମିଳିଥିଲା ।

ଗାନ୍ଧିଜୀଙ୍କ ବିୟୋଗ ବାର୍ତ୍ତା :

ସେହିଭଳି ଆଉ ଏକ ଅବିସ୍ମରଣୀୟ ସନ୍ଧ୍ୟା ହେଉଛି, କୋଟି ଜନତାର ପ୍ରିୟନେତା, ସମସ୍ତଙ୍କ ପ୍ରିୟ ବାପୁଜୀ, ଯେ ସଦା ସତ୍ୟ ପ୍ରତି ଆସକ୍ତ, ବିଂଶ ଶତାବ୍ଦୀର ବିଶ୍ୱ ବିବେକ ପାଇଁ ଏକ ଉଜ୍ଜ୍ୱଳ ଦୀପ୍ତି ସ୍ତମ୍ଭ, ମହାମାନବ ମହାତ୍ମା ଗାନ୍ଧୀ ଆତତାୟୀ ଗୁଳିରେ ନିହତ ହେବା ସମ୍ବାଦ ରେଡିଓରୁ ଶୁଣି, ସମସ୍ତଙ୍କୁ ବିସ୍ମୟ ଓ ଦୁଃଖରେ ଅଭିଭୂତ କରି ପକାଇଲା । ଗାନ୍ଧୀଙ୍କ ମୃତ୍ୟୁରେ ସ୍ତବ୍ଧ ହୋଇଗଲା ଭାରତ ବର୍ଷ, ସ୍ତବ୍ଧ ହୋଇଗଲା ସମଗ୍ର ବିଶ୍ୱ । ସ୍ତବ୍ଧ ହୋଇଗଲା ମଣିଷର ଆତ୍ମା, ବିବେକ । ସତ୍ୟ ଓ ଅହିଂସାର ପ୍ରତୀକ ଶେଷରେ ଆତତାୟୀର ଗୁଳିରେ ଶିକାର ହେଲେ । ସେ ଦିନ ଥିଲା ୧୯୪୮ ଜାନୁଆରୀ ତିରିଶ ତାରିଖ । ସେ ଥିଲେ ପ୍ରକୃତରେ ଜାତିର ଜନକ । ଯେଉଁ ଆଲୋକ ସେ ଜାଳିଥିଲେ ତାହା ତ ଚିର ଦିନ ପାଇଁ ଜାଜ୍ୱଲ୍ୟମାନ ହୋଇ ରହିଥିବ । କିନ୍ତୁ ତାଙ୍କ ଭୌତିକ ଶରୀରର ଜୀବନ ଦୀପ ଆଜି ନିର୍ବାପିତ ହୋଇଗଲା ।

ଗାଁରେ କେବଳ ଆମ ଘରେ ରେଡିଓ ଥିଲା । ରେଡିଓରୁ ଖବର ଶୁଣି ବାପା, ବଡବାପାଙ୍କ ଘରକୁ କୋହଭରା ହୃଦୟରେ ଦୌଡିଗଲେ । ଏ ଦୁଃସମ୍ବାଦ ଶୁଣି ସଭିଏଁ ଘରର ଜଣେ ଆତ୍ମୀୟ ମୁରବିଙ୍କ ଅକାଳ ବିୟୋଗ ଘଟିଗଲା ଭଳି ଭୋ ଭୋ କରି କାନ୍ଦି ଉଠିଲେ । କ୍ରନ୍ଦନ ଶୁଣି ପାଖ ପଡିଶା ଲୋକ ଗୋଟି ଗୋଟି ଆସି ରୁଣ୍ଡ ହେଲେ, ଘଟଣା କ'ଣ ଜାଣିବା ପାଇଁ । ଧୀରେ ଧୀରେ ଲୋକେ ସବୁ କଥା ଜାଣିଗଲେ । ମହାତ୍ମା ଗାନ୍ଧୀଙ୍କ ଅକାଳ ବିୟୋଗ ଖବର କ୍ଷଣିକ ମଧ୍ୟରେ ଚତୁର୍ଦ୍ଦିଗ ବ୍ୟାପିଗଲା । ଏକ ଶୋକାକୁଳ ପରିବେଶ । ବଡବାପାଙ୍କ ଘରେ ମହାତ୍ମା ଗାନ୍ଧୀଙ୍କ ଫଟୋରେ ସମସ୍ତେ ଫୁଲ ଚଢ଼ାଇ ତାଙ୍କୁ ଶେଷ ପ୍ରଣତି ଜଣାଇଥିଲୁ । ସଭିଙ୍କ ମନରେ ଦୁଃଖର ଛାୟା ଖେଳି ଯାଇଥାଏ । ପ୍ରଜ୍ୱଳିତ ଆଲୋକ ବର୍ତ୍ତିକା ସତେ ଯେପରି ଅଚାନକ ଲିଭି ଚତୁର୍ଦ୍ଦିଗ ଅନ୍ଧକାର ହୋଇଗଲା ଭଳି ମନେ ହେଲା ।

Source: Author, Digitized by PPRACHIN, SOA

ଅସତ୍ୟ ଉପରେ ସତ୍ୟର ବୈପ୍ଳବିକ ବିଜୟ ଯେ ଆଣିଦେଇ ପାରିଥିଲେ, ଅପବିତ୍ରତା ବିରୁଦ୍ଧରେ ପବିତ୍ରତାର ବିଜୟ ଆଣିଥିବା ମହାନ ବ୍ୟକ୍ତି, ହିଂସା ବିରୁଦ୍ଧରେ ମାନବିକତାର ବିଜୟ ପାଇଁ ସଂଗ୍ରାମ କରି ବିଜୟ ହାସଲ କରିଥିବା ବ୍ୟକ୍ତି, ହିଂସାର ଶିକାର ହେବା ସବୁଠୁ ଦୁଃଖଦାୟକ ଏବଂ ମର୍ମନ୍ତୁଦ ଘଟଣା ।

ପାଖରେ ଛିଡା ହୋଇ ବିଷଣ୍ଣ ମନରେ ମୁଁ ସଭିଙ୍କି ଅନାଇ ରହିଥାଏ । ଆଖିରୁ ମୋର ଲୁହ ଧାର ବୋହି ଚାଲିଥାଏ । ବାପା ମୋତେ ପାଖକୁ ଟାଣିନେଲେ । ମୋର ଆଖିରୁ ଥପ୍ ଥପ୍ ଲୁହ ଗଡିପଡିଲା । କୋହଭରା ହୃଦୟରେ ବଡବାପା ମୋ ଆଖିରୁ ଲୁହ ପୋଛିଦେଲେ । ମାତ୍ର ସେମାନଙ୍କ ଆଖିରେ ଲୁହ ଟଳଟଳ ହେଉଥାଏ । ରାତିରେ ଚାରିଆଡେ ଶୂନ୍‌ଶାନ୍ । କାହାରି ଘରେ ଚୁଲି ଜଳି ନାହିଁ । ଗାଁ ଦାଣ୍ଡରେ ନିଆଁ ଜାଳି ଗାଁଟା ସାରା ଲୋକେ ମୁହଁମାରି ଘେରି ବସିଥାନ୍ତି । ମନେ ହେଉଥାଏ ଘରର ମୁରବି ମରିଯାଇଛନ୍ତି । ଏକ ଗଭୀର ଅବସାଦ ସଭିଙ୍କି ଘେରି ରହିଥାଏ । କିଛି ଲୋକ ଦୁଃଖରେ କହୁଥାନ୍ତି, ''ହେ ପ୍ରଭୁ ଏ କିପରି ହେଲା''??

ସର୍ପାଘାତରୁ ରକ୍ଷା ପାଇଲି :

ସ୍କୁଲ ଛୁଟି ପରେ ଘରକୁ ଆସି ଗାଧୋଇ ଖାଇ ସାରି ମାଷ୍ଟର ବସାକୁ ଆସି ଖରା ସମୟରେ ହସ୍ତାକ୍ଷର ଲେଖିବା ନିୟମିତ କାମ । ଅକ୍ଷର ସୁନ୍ଦର ହେବାପାଇଁ ହସ୍ତାକ୍ଷର ଲିଖନ ପ୍ରତି ଗୁରୁତ୍ୱ ଦିଆଯାଉଥିଲା । ମୁଁ ଘରୁ ଆସି ନିୟମିତ ହସ୍ତାକ୍ଷର ଲେଖୁଥିଲି । ଭଲ ଅକ୍ଷର ମଧ୍ୟ ବିଦ୍ୟା ଶିକ୍ଷାର ମୂଳ ଅଙ୍ଗ । ଭଲ ଅକ୍ଷର ଲେଖିବା, ଚିତ୍ରକଳା, ଗୀତ, ନାଟ ମଧ୍ୟ ଛାତ୍ର ଜାଣିବା ଉଚିତ । ଗାଁ ଶିକ୍ଷକଙ୍କୁ 'ମାଷ୍ଟର'ବୋଲି ଗାଁ ଲୋକେ କହୁଥିଲେ । ଶିକ୍ଷକ ରହିବା ପାଇଁ ସ୍ୱତନ୍ତ୍ର ଘର ଥିଲା । ତାକୁ 'ମାଷ୍ଟର ବସା' କୁହାଯାଉଥିଲା । ଘରୁ ଆସି ନିୟମିତ ହସ୍ତାକ୍ଷର ଲେଖୁଥିଲି । ମାଷ୍ଟରେ ବସା କୋଠରିରେ ଯେଉଁଠି ଆମେ ବସି ପାଠ ପଢୁଥିଲୁ ସେହି କୋଠରିର କବାଟ ଖୋଲି ବେଞ୍ଚ ତଳେ ରଖାଯାଇଥିବା କାଳି ଦୁଆତ ଆଣିବା ସମୟରେ ଆଗରୁ ଲମ୍ବ ହୋଇ ଶୋଇ ରହିଥିବା ନାଗସାପ ହାତ ବଢ଼ାଇବା କ୍ଷଣି ଫଣା ଟେକି ଫଁ ଶବ୍ଦ କଲା । ନାଗ ସାପକୁ ଦେଖି ଭୟରେ ଚିତ୍କାର କରି ଘର ଭିତରୁ ବାହାରକୁ ଦୌଡି ପଳାଇ ଆସିଲି । ମୋର ଭୟାର୍ତ୍ତ ଚିତ୍କାର ଶୁଣି ରନ୍ଧା ଘର ଭିତରେ ଆମ ସ୍କୁଲ ଶିକ୍ଷକ ଧର୍ମଗଡ ନିକଟସ୍ଥ ଛେଣ୍ଡିଆ ଗ୍ରାମର ତ୍ରିନାଥ ମୁଣ୍ଡ ରନ୍ଧାକାମ ଛାଡି ଦୌଡି ଆସିଲେ ଏବଂ ବେଞ୍ଚ ତଳେ ବିରାଟକାୟ ନାଗ ସାପକୁ ଦେଖି ଭୟରେ ଥରିଉଠିଲେ । ମୋତେ କୁଣ୍ଢାଇ ଆଶ୍ୱାସନା ଦେବା ସଙ୍ଗେ ସଙ୍ଗେ ସାପ କାମୁଡିଲାକି ବୋଲି ପ୍ରଶ୍ନକରି ଚାଲିଥାନ୍ତି ଏବଂ ମୋର ଗୋଡହାତକୁ ଅନାଇ ନେଉଥାନ୍ତି ।

Source: Author, Digitized by PPRACHIN, SOA

ସେତେବେଳେ ତାଙ୍କ ପ୍ରଶ୍ନର କୌଣସି ଉତ୍ତର ଦେବା ଅବସ୍ଥାରେ ମୁଁ ନଥାଏ । ଭୟରେ ଥରି ଯାଉଥାଏ । ମୁହଁ କଳା ପଡିଯାଇଥାଏ । ମୋ ଚିତ୍କାର ଶୁଣି ପାଖଆଖ ଲୋକ ରୁଣ୍ଡ ହୋଇ ଯାଇଥାନ୍ତି । ମୋର ମଧ୍ୟମ କାକା ରାଜକିଶୋର କ୍ଷେତରୁ ଫେରୁଥାନ୍ତି । ଗାଁ ଲୋକେ ରୁଣ୍ଡ ହୋଇଥିବା ଦେଖି ପାଖକୁ ଆସି ନାଗ ସାପକୁ ଦେଖିଲେ । ସାପ ପାଖକୁ ଯିବାକୁ ଅବା ମାରିବାକୁ କାହାର ସାହସ ହେଉନଥାଏ । ସେ କିନ୍ତୁ ସାଙ୍ଗେସାଙ୍ଗେ ଗୋଟିଏ ଠେଙ୍ଗା ଯୋଗାଡ କରି ଆଣି ସାପକୁ ଆୟତ୍ତ କରିଥିଲେ । ଦୁଆତ ଆଣିବା ସମୟରେ ମୋର ହାତ ସାପ ଉପରେ ପଡି ନ ଥିଲା । ସାପ ଦେହରେ ଆଘାତ ନ ହେବା ପର୍ଯ୍ୟନ୍ତ ଅବା ତାର ଜୀବନ ପ୍ରତି ବିପଦ ନ ଆସିବା ପର୍ଯ୍ୟନ୍ତ ସେ ମଣିଷକୁ ଚୋଟ ମାରେ ନାହିଁ । ତେଣୁ ସେ ଦିନ ନିଶ୍ଚିତ ସାପ କାମୁଡାରୁ ରକ୍ଷା ପାଇ ଯାଇଥିଲି । ରକ୍ଷାପାଇବା ଈଶ୍ୱରଙ୍କ ଅନୁଗ୍ରହ ବୋଲି ମନେ କଲି । ଭଗବାନ ମୋତେ ରକ୍ଷା କଲେ ।

ଆଉ ଏକ ଦିନର ଘଟଣା । ସ୍କୁଲରୁ ଫେରି ଘରେ ପାହାଚରେ ବସି ପଖାଳ ଖାଉଛି । ନାଗସାପ ମୂଷାକୁ ଧରିବା ପାଇଁ ଗୋଡାଉଛି । ମୂଷା ଚିତ୍କାର କରି ପ୍ରାଣ ବିକଳରେ ଆତ୍ମରକ୍ଷା ପାଇଁ ଦୌଡି ପଳାଉଛି । ଚିତ୍କାର ଶୁଣି କୌତୂହଳ ହୋଇ ସିଡି ଉପରକୁ ଚଢ଼ିଗଲି । ଗୋଟିଏ ପଟେ ମୂଷା ଭୟ ବିକଳରେ ପଳାଇ ଯାଉଛି, ଅନ୍ୟପଟେ ସାପ ତାର ଖାଦ୍ୟକୁ ପାଇବା ପାଇଁ ଗୋଡାଉଛି । ସେହି ମଧ୍ୟରେ ମୋତେ ସାପ ଦେଖିବାରୁ ତାର ଗତି ରୋଧ ହୋଇଗଲା । ଖାଦ୍ୟ, ଖାଦକ ମଧ୍ୟରେ ମୁଁ ପ୍ରତିବନ୍ଧକ ରୂପେ ଦେଖାଦେଲି । ତେଣୁ ସାପ ଫଣାଟେକି ଫୁ, ଫୁ ଫୁତ୍କାର କରି ତାର ଖାଦ୍ୟ ଖସି ଯାଇଥିବା ଯୋଗୁଁ ରୋଷ ନୟନରେ ଅନାଇ ମୋତେ ଚୋଟ ମାରିବାକୁ ଉଦ୍ୟମ କଲା । ମୁଁ ଭୟରେ ଚିତ୍କାର କରି ସିଡି ତଳକୁ କଚାଡି ହୋଇ ଗଡି ପଡିଲି । ମୋର ଚିତ୍କାର ଶୁଣି ମା' ଦୌଡି ଆସିଲେ । ମୁଁ ଲହୁ ଲୁହାଣ ହୋଇ ତଳକୁ ଗଡି ଆସିଥାଏ । ସିଡି ଉପରେ ସାପକୁ ଦେଖି ମା' ଚିତ୍କାର କଲେ । ଅନ୍ୟମାନେ ଗୋଟି ଗୋଟି କରି ଦୌଡି ଆସିଲେ । ମୁଣ୍ଡ ଆଉଁସି ମୋତେ ସାନ୍ତ୍ୱନା କରିବାକୁ ଲାଗିଲେ । ସିଡିରୁ ଗଡି ମୁଣ୍ଡରେ ବିରାଟ ଆବୁ ହୋଇଯାଇଥାଏ । ଲୋକଙ୍କ ପାଟି ଶୁଣି ସାପ ଧୀରେ ସେଠୁ ଖସିଗଲା । ଏହିଭଳି ଦୁଇଥର ନିଶ୍ଚିତ ବିପଦ ମୁହଁରୁ ବର୍ତ୍ତିଯାଇଛି ।

ଜୁନାଗଡ ଏମ୍.ଇ. ସ୍କୁଲର ଛାତ୍ର :

ଧର୍ମଗଡ କେନ୍ଦ୍ର ସ୍କୁଲରେ ଅଞ୍ଚଳର ପଞ୍ଚମ ଶ୍ରେଣୀ ଛାତ୍ରଛାତ୍ରୀ ପରୀକ୍ଷା ଦେବାର ବ୍ୟବସ୍ଥା ଥିଲା । ଚାରବାହାଲ ଗ୍ରାମର ରାମପ୍ରସାଦ ବେଲଦାର, କୃଷ୍ଣାଦେବୀ ମଧ୍ୟ ଇଂରାଜୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଥିଲେ । ସେ ଜଣେ ଆଦର୍ଶ ଶିକ୍ଷକ ରୂପେ ବେଶ୍ ଖ୍ୟାତି ଅର୍ଜନ କରିଥିଲେ । ଦୂରରେ ଛିଡା ହୋଇ ମୁଁ ତାଙ୍କୁ ଅନାଇ ରହିଥାଏ । ପାଖକୁ

Source: Author, Digitized by PPRACHIN, SOA

ଯିବାକୁ ସାହସ ନ ଥାଏ । ମୁଁ ମଧ୍ୟ ଆମ ଗ୍ରାମର ଛାତ୍ରଛାତ୍ରୀଙ୍କ ସହିତ ପରୀକ୍ଷା ଦେଇ ଉତ୍ତୀର୍ଣ୍ଣ ହେଲାପରେ ଜୁନାଗଡ ଏମ୍.ଇ. ସ୍କୁଲରେ ପଢ଼ିବା ସ୍ଥିର ହେଲା । ଖରା ଛୁଟି ପରେ ସ୍କୁଲରେ ନାମ ଲେଖାଇବା ପାଇଁ ସ୍ଥିର ହେଲା । ଆମ ଗାଁରୁ ଜୁନାଗଡର ଦୂରତା ନଅ ମାଇଲ ଅବା ଚଉଦ କିଲୋମିଟର । ଗାଁରୁ ଜୁନାଗଡ ଆସିବା ସମୟରେ ଶଗଡ ଗାଡିରେ ଆସିଥିଲୁ । ମାତ୍ର ବଳଦିଆମାଳ ଗ୍ରାମ ଆସିଗଲେ ଶଗଡିଆମାନଙ୍କ ମନରେ ଛନକା ପସେ । କଚ୍ଚା ସଡକ । ପହିଲି ବର୍ଷାରେ ଚିକଟା ମାଟିର ଅଠାରେ ଗାଡି ଚକ ଆଉ ଗଡିପାରେ ନାହିଁ । ଶଗଡ, ବଳଦ, ଶଗଡିଆ ଗୋଟିଏ ଜାଗାରେ ଅଟକି ରହିଥାନ୍ତି । ଆଗକୁ ଯିବା ଅବା ପଛକୁ ଘୁଞ୍ଚିବା ଆଉ ସମ୍ଭବ ହେଉ ନ ଥାଏ । ଗାଁର ଲୋକ, ଆମ ଅସହାୟ ଅବସ୍ଥା ଦେଖି ଦଳ ଦଳ ହୋଇ ଆସି ଗାଡିକୁ ଠେଲି, ବଳଦକୁ ପାହାରେ ଦେଇ ହାଁ, ହାଁ, ପାଟିତୁଣ୍ଡ କରି ଶଗଡକୁ ସେହି ଚିକଟା ଅଠାରୁ ମୁକୁଳାଇ ଆଗକୁ ଗଡାଇ ଦିଅନ୍ତି । ଗାଡି ପୁଣି ଆଗକୁ ଗଡି ଚାଲେ । ଗାଁରୁ ଏ ମୁଣ୍ଡରୁ ସେ ମୁଣ୍ଡ ପର୍ଯ୍ୟନ୍ତ ପ୍ରାୟ ଫର୍ଲଙ୍ଗେ ରାସ୍ତା ପାଇଁ ଅତିକ୍ରମ କରିବାକୁ ଦୁଇ ଘଣ୍ଟାରୁ ମଧ୍ୟ ଅଧିକ ସମୟ ଲାଗି ଯାଉଥିଲା । ବଳଦିଆମାଳ ଗ୍ରାମକୁ ପାରି କରିବା ପାଇଁ ଗାଡି ସହିତ ଦୁଇଜଣ ଶଗଡିଆ ଆସିଥାନ୍ତି । ବଳଦ ହାଲିଆ ହୋଇ ନିଃଶ୍ୱାସ ମାରି ଆଗକୁ ଗଡିଚାଲେ । ଗାଡି ଭିତରେ କାକା ପ୍ରହଲ୍ଲାଦ, ଭାଇ ଗୋପ ସହିତ ବସି ରହି ଆମେ ବଳଦିଆମାଳ କାଦୁଅ କେତେ କଷ୍ଟ ଦାୟକ ତାହା ଦେଖୁଥାଉ । ତା' ପରେ ହାତୀ ନଦୀ । ନଦୀରେ ପୋଲ ହୋଇ ନ ଥାଏ । ନଦୀ ବାଲି ଏବଂ ଆଣ୍ଠୁଏ ପାଣିରେ ଗାଡି ପୁଣି ଗଡି ଚାଲେ । ନଦୀ ପାର ହେଲା ପରେ ସମସ୍ତେ ନିଶ୍ୱାସ ମାରନ୍ତି । ବଳଦ ମଧ୍ୟ ନଦୀରେ ପେଟେ ପାଣି ପିଇ ଆଗକୁ ବଢ଼େ । ଶଗଡ ଗଡ ଗଡ କରି ଆଗକୁ ଗଡିଚାଲେ । ଟିକିଏ ପରେ ବଳଦ ମଧ୍ୟ ନିଃଶ୍ୱାସ ମାରେ ।

ହାତୀ ନଦୀ ତଟରେ ବିରାଟ ଆମ୍ବ ତୋଟା । ଜୁନାଗଡ ଆଗରୁ ରାଜାଙ୍କ ରାଜଧାନୀ ଥିଲା । ମହାମାରୀ ହେବା ଫଳରେ ରାଜଧାନୀ ଭବାନୀପାଟଣାକୁ ଉଠି ଆସିଲା । ଜୁନାଗଡ ବହୁ ମନ୍ଦିରରେ ଭରପୂର । ଛଅ କୋଡି ବନ୍ଧ, ନଅ କୋଡି ତୋଟା ପାଇଁ ପ୍ରସିଦ୍ଧ । ସ୍କୁଲ ପାଖରେ ପୁରୁଣା ଗଡ ଖାଇ । ସ୍କୁଲରେ ନୂଆ ବନ୍ଧୁ ସବୁ ଜୁଟି ଯାଉଥାନ୍ତି । ଶ୍ରୀ ନୀଳାଦ୍ରିନାଥ ପଣ୍ଡା ସ୍କୁଲର ପ୍ରଧାନ ଶିକ୍ଷକ । ସେ ଆମ ଗାଁ ପାଖ ମାଳିଗୁଡା ଗ୍ରାମର ଲୋକ । ସେ ଆମ ରହିବା ବ୍ୟବସ୍ଥା କରାଇ ଦେଲେ । ହଷ୍ଟେଲର ବଗଡା ଭାତ, ଡାଲିପାଣି ଏବଂ ଚଣା ତରକାରୀ ଖାଇବାକୁ ମିଳୁଥାଏ । ନୂଆ ନୂଆ ଅଡୁଆ ଲାଗିଲା, ଏଣେ ଘର କଥା ମନେପଡିଲା । ମାତ୍ର ପରେ ପରେ ସବୁ ଅଭ୍ୟାସରେ ପରିଣତ ହୋଇଗଲା । ହଷ୍ଟେଲ ସୁପରିନ୍‌ଟେନ୍‌ଡେଣ୍ଟ ପୁରନ୍ଦର ବାଣୁଆ, ସ୍ୱତନ୍ତ୍ର ଦୃଷ୍ଟି

Source: Author, Digitized by PPRACHIN, SOA

ଦେଇ ଆମର ଭଲମନ୍ଦ ବୁଝୁଥିଲେ । ସ୍କୁଲ ଛୁଟି ପରେ ଡୁ ଡୁ ଖେଳ, ବାଘ ଛେଳି ଖେଳ, ବୋହୂ ଚୋରି, ପିଠୋ, ଗିର୍ଲିଦଣ୍ଡା ପ୍ରଭୃତି ଖେଳୁଥିଲୁ । ପୋଖରୀ ପହଁରା, ଘୋଡାଚଢ଼ା ପାଇଁ ମଧ୍ୟ ସୁଯୋଗ ମିଳିଲା । ଯେଉଁମାନଙ୍କ ପାଖରେ ଘୋଡା ଥାଏ, ସେମାନେ ମୋ'ଠୁ ଅଣାଏ ନେଇ ମୋତେ ଘୋଡା ଚଢ଼ା ଶିଖାଇ ଦେଲେ । ସେତେବେଳେ ଟଙ୍କାକୁ ଷୋଳ ଅଣା ବା ୬୪ ପଇସା । ଅଣାକୁ ଚାରି ପଇସା । ମୁଁ ପ୍ରତିଦିନ ସ୍କୁଲ ଛୁଟି ପରେ ଘୋଡା ଚଢ଼ାରେ ମନ ବଳାଇଲି । ଛୁଟି ଦିନମାନଙ୍କରେ ନଦୀ ପାଖକୁ ଚାଲିଆସେ, ଘୋଡା ଚଢ଼ିବା ସଉକରେ । ଆମ ଘରେ ଅଜାଙ୍କ ଘୋଡା ଥିଲା । ରାଜାମାନେ ଗଉନ୍ତିଆମାନଙ୍କୁ ବାହାରୁ ଘୋଡା ଆଣି ଚଢ଼ା ଦରରେ ଯୋଗାଇ ଦେଉଥିଲେ । ସେହି ଶାଳବନ୍ଧା ଘୋଡାକୁ ମଧ୍ୟ ଚଢ଼ିଥିଲି । ଅନେକବାର କଚଡା ମଧ୍ୟ ଖାଇଛି । ତଥାପି ସଉକ ଛାଡିପାରି ନ ଥିଲି ।

ଦିନେ ଦିନେ ନଦୀ ତଟକୁ ଆସି ମଧ୍ୟ ଘୋଡା ଚଢ଼ିବା ପାଇଁ ସୁଯୋଗ ମିଳୁ ନ ଥିଲା । ସୁଯୋଗ ନ ପାଇଲେ ଉଦାସ ମନରେ ଆମ୍ବ ଗଛର ଛାଇ ତଳେ ଦୀର୍ଘ ସମୟ ବସି ରହେ । ନୀରବ ପରିବେଶ ଓ ପ୍ରକୃତି କୋଳରେ ବସିବାରେ ମୋତେ ଭାରି ଭଲ ଲାଗୁଥିଲା । ପ୍ରକୃତିର ଦିଗନ୍ତ ବିସ୍ତାରୀ ବକ୍ଷ ଭିତରେ ଆମ୍ବ ଗଛର ଗଣ୍ଡିରେ ମୋର ଶରୀରକୁ ଲୋଟାଇ ଦେଇଥାଏ । ନୂଆ ଫଗୁଣର ସୁଲୁ ସୁଲୁ ଶୀତଳ ପବନ, ଧୀର ମନ୍ଥର ଗତିରେ ମୋତେ ସ୍ପର୍ଶ କରି ମୋ ମନରେ କୁତ୍‌କୁତ୍ ଭାବ ସୃଷ୍ଟି କରୁଥାଏ । ଅସଂଖ୍ୟ ଆମ୍ବ ଗଛରେ ସ୍ଥାନଟି ଭରି ରହିଥାଏ । କିଛି ଦୂରରେ ଲୋକେ ନିଜ ନିଜ କାର୍ଯ୍ୟରେ ବ୍ୟସ୍ତ ରହିଥାନ୍ତି । ଆମ୍ବ ଗଛମାନଙ୍କରେ ଘିଅ ରଙ୍ଗର ବଉଳର ବାସନାରେ ସ୍ଥାନଟି ମହକି ଉଠୁଥାଏ । ବଉଳର ମଧୁର ବାସନାରେ ମୋ ମନ ପୁଲକିତ ହୋଇ ଯାଉଥାଏ । କେଉଁ ଆମ୍ବ ଗଛର ବଉଳରେ କସି ଧରିବା ଆରମ୍ଭ ହୋଇଯାଇଥାଏ । ମହୁ ମାଛିମାନେ ଗୁଣୁ ଗୁଣୁ ଶବ୍ଦ କରି ମହୁ ସଂଗ୍ରହ କରିବାରେ ଲାଗିଯାଇଥାନ୍ତି । କେଉଁ ଗଛରେ ଚଣା ଆକାରରେ ସବୁଜ କଷି ଧରିଥାଏ । ବହଳିଆ ଆମ୍ବଡାଳର ପତ୍ର ଭିତରେ କୋଇଲି ଛପି ରହି ତାର ସୁମଧୁର କଣ୍ଠସ୍ୱର ଶୁଣାଇ ମୋ ମନକୁ ଚହଲାଇ ଦେଉଥାଏ । କୋଇଲିର କୁହୁ ସ୍ୱନ ମୋ ମନରେ ହସ ଚହଟାଇ ଦେଉଥାଏ । ଆମ୍ବଗଛର ବହଳିଆ ପତ୍ର ଭିତରେ ବସି କୋଇଲି ଚତୁର୍ଦ୍ଦିଗକୁ ଅନାଇ ସମୟେ ସମୟେ ତାର ସ୍ୱର ଶୁଣାଇ ଚାଲିଥାଏ । ଆମ୍ବ ଗଛର ବହଳିଆ ଛାଇରେ ବସି ନିର୍ଜନ ବେଳାର ଶାନ୍ତ କମନୀୟ ପରିବେଶକୁ ମନ ଭରି ଉପଭୋଗ କରି ନେଉଥାଏ । ପାଖରେ ହାତୀ ନଦୀର ପାଣି ଖଳ ଖଳ ନାଦରେ ବୋହି ଯାଉଥାଏ । ଗାଈ, ବଳଦମାନଙ୍କ ନଦୀର ଗୋଟିଏ ପଟରୁ ଆରପଟକୁ ଯିବା ଆସିବା ଲାଗି ରହିଥାଏ । ଏହିପରି କିଛିକ୍ଷଣ ବସି ରହିଲାପରେ

Source: Author, Digitized by PPRACHIN, SOA

ପ୍ରକୃତିସ୍ଥ ହୋଇ ବସିବା ସ୍ଥାନରୁ ଉଠି ଦ୍ରୁତ ପାଦରେ ଚାଲି ହଷ୍ଟେଲକୁ ଫେରି ଆସିଲି । ସାଙ୍ଗମାନଙ୍କ ଗହଣରେ ମିଶିଗଲି ।

ମରଣ ମୁହଁରୁ ବଞ୍ଚିଲି :

ଜୁନାଗଡରେ ପଢୁଥିବା ସମୟରେ ସପ୍ତମ ଶ୍ରେଣୀ ପ୍ରାରମ୍ଭରୁ ମୁଁ ଜ୍ୱରରେ ପଡିଲି । ମୋର ଜଣେ ସ୍କୁଲ ସାଥୀ କୁଞ୍ଜ ବିହାରୀ, ମାନ୍ୟରେ କାକା; ତାଙ୍କ ଗ୍ରାମ ଖଲିଆପାଲିକୁ ତାଙ୍କ ସହିତ ଚାଲି ଆସିଲି । ଖବର ପାଇ ଅଜା ଶଗଡ ପଠାଇ ଚିକିତ୍ସା ପାଇଁ ଗାଁକୁ ନେଇଗଲେ । ଗାଁର କବିରାଜ ବ୍ରଜମୋହନ ପଣ୍ଡା ଅଞ୍ଚଳର ଜଣେ ଦକ୍ଷ କବିରାଜ ରୂପେ ଜଣାଶୁଣା । ତାଙ୍କ ହାତ ଯଶର ଖ୍ୟାତି ମଧ୍ୟ ପ୍ରସାରିତ ହୋଇଥାଏ । ନିମୋନିଆ ଜ୍ୱରରୁ ଟାଇଫଏଡ ହେଲା । ଗାଁ ବୈଦ୍ୟ ଔଷଧ ଦେଉଥାନ୍ତି । ମୁଁ ଜୀବନ ମରଣ ସଂଗ୍ରାମ କରି ଚାଲିଥାଏ । ଦିନକୁ ଦିନ ବଂଚିବାର ଆଶା ଟିକକ ମଉଳି ଯାଉଥାଏ । ବୈଦ୍ୟ ତାଙ୍କ ନିଜ ପ୍ରସ୍ତୁତି ଔଷଧ ଦେଉଥାନ୍ତି । ଦିନକୁ ଦିନ ମୁଁ ଦୁର୍ବଳ ହୋଇ ପଡୁଥାଏ । ମୋର ଜୀବନ ବର୍ତ୍ତିକା ମଧ୍ୟ ଶେଷ ହୋଇ ଆସୁଥାଏ । ମାତ୍ର ବୈଦ୍ୟ ମହାଶୟ ଆଶା ଛାଡି ନ ଥାନ୍ତି । ଘରର ସଭିଙ୍କ ମୁହଁରେ ଅଜଣା ଆଶଙ୍କା ଛାଇ ହୋଇଯାଇଥାଏ । ମୋର ଶେଷ ମୁହୂର୍ତ୍ତ ପହଞ୍ଚିଗଲାଣି ବୋଲି ଏକ ଧାରଣା ସୃଷ୍ଟି ହୋଇଥାଏ । ବୈଦ୍ୟ ମହାଶୟ ଦିନ ରାତି ଏକାକରି ତାଙ୍କ ଔଷଧ ଦେଇ ଚାଲିଥାନ୍ତି । ସାବଧାନତା ସହ ଜଗିରହି ସେବା ଶୁଶ୍ରୂଷା ଫଳରେ ଜ୍ୱରଟା ଆୟତ୍ତକୁ ଆସିଲା । ଶେଷ ମୁହୂର୍ତ୍ତରେ ଯମରାଜ ମୋ ପ୍ରତି ଦୟା ଦେଖାଇଲେ । ଜୀବନ ମରଣ ସଂଗ୍ରାମରେ ମୁଁ ବଞ୍ଚିଗଲି । ଧୀରେ ଧୀରେ ଜୀବନ ଫେରି ପାଇଲି । ମୁଁ ଯେତେବେଳେ ବେହୋସ୍ ହୋଇ ଖଟରେ ପଡି ରହିଥାଏ, କିଏ ମୋତେ ଔଷଧ ଦେଉଛି ତାହା ଜାଣିପାରେ ନାହିଁ । କିନ୍ତୁ ଆରୋଗ୍ୟ ହୋଇଗଲା ପରେ ସେବା ଶୁଶ୍ରୂଷା କରିଥିବା ଏବଂ ମୋ ପାଇଁ ଦିନ ରାତି ଖଟିଥିବା ମୋ ମା' ଓ ବୈଦ୍ୟଙ୍କ ପାଇଁ ମୋ ହୃଦୟ ଆନନ୍ଦରେ ଗଦ୍ ଗଦ୍ ହୋଇ ଉଠୁଥାଏ । ଏତେ ବଡ ବିପଦରେ ମଧ୍ୟ ଅଜାଙ୍କ ଧୈର୍ଯ୍ୟ ମୋତେ ସମୟ ସମୟରେ ଚକିତ କରିଦିଏ । ସେମାନଙ୍କ ପାଇଁ ମୋ ହୃଦୟ କୃତଜ୍ଞତାରେ ଭରିଯାଇଥାଏ ।

ମା'ଠୁ ଶୁଣିଛି ସମସ୍ତେ ଶଙ୍କାକୁଳ ଅବସ୍ଥାରେ ମୋତେ ଚାହିଁ ରହିଥିବା ସମୟରେ ବାପା ଉଦ୍‌ବିଗ୍ନ ହୋଇ ଭବାନୀପାଟଣାରେ ଡାକ୍ତର ଦେଖାଇବା ପାଇଁ ଅଜାଙ୍କୁ କହିଲେ । ମାତ୍ର ଅଜାଙ୍କ କବିରାଜ ଉପରେ ପୂର୍ଣ୍ଣ ଭରସା ରହିଥାଏ । ଶେଷରେ ତାଙ୍କରି ବିଶ୍ୱାସରେ ହିଁ ମୁଁ ମରଣ ମୁହଁରୁ ଫେରି ଆସି ପାରିଥିଲି । ପୁର୍ନଜନ୍ମ ପାଇଥିଲି । ଧୀରେ ଧୀରେ ମୁଁ ଖଟରୁ ଉଠି ବସିଲି । ପୁଣି ଚାଲିବା ଆରମ୍ଭ କଲି । ଖଟ ଧରି ଅବା ମା' ହାତ

Source: Author, Digitized by PPRACHIN, SOA

ଧରି ପୁଣି ଚାଲିଲି । ମା ମୋତେ ହାତ ଧରି ଛିଡା କରାଇଛନ୍ତି । ଆଗକୁ ବଢ଼ିବା ପାଇଁ ରାହା ଦେଖାଇଛନ୍ତି । ଅଜା ମୋର ମନରେ ଦମ୍ଭ ବିଶ୍ୱାସ ଆଣି ଦେଇଛନ୍ତି । ଏହିପରି ନୂଆ ଜୀବନ ସଂଚାର ହେଲା, ମୁଣ୍ଡର ବାଳ ଔଷଧ ପ୍ରଭାବରେ ଗୋଟି ଗୋଟି ହୋଇ ଉପୁଡି ପଡିଲା । ଧୀରେ ଧୀରେ ନୂଆ ବାଳ ମୁଣ୍ଡରେ ଗଜୁରିଲା । ଭାବିଲି ଦୁର୍ଭାଗ୍ୟ କେବଳ ମୋର ଏକା ଘଟିଛି । ମାତ୍ର ଯାହା ଦେଖିଛି, ଅନେକ ଲୋକଙ୍କ ଜୀବନ କାଳ ମଧ୍ୟରେ ଦୁଃଖ ଭିତରେ ଅନେକ ସମୟରେ ମଣିଷ ଜୀବନରେ ଯାହା ଘଟେ ସେଥିରେ ତାର କିଛି ହାତ ନ ଥାଏ । ମୋର ନୂଆ ଜୀବନ ମୋତେ ନୂଆ ଆଲୋକ ଦେଖାଇଲା ଭଳି ମନେ ହେଲା । ଅନେକ ବିପଦରୁ ବଞ୍ଚିଛି । ତେଣୁ ମୋର ଜୀବନକୁ ଅନ୍ୟର ସୁଖ ପାଇଁ, ଅନ୍ୟର ମଙ୍ଗଳ ପାଇଁ ନିଜକୁ ଉତ୍ସର୍ଗ କରିବା ପାଇଁ ସେଦିନ କେଜାଣି କାହିଁକି ମନରେ ଭାବନା ଖେଳିଗଲା । ସେଥିପାଇଁ ମୋ ମନକୁ, ମୋର ଶରୀରକୁ, ସେହିଭଳି ପ୍ରସ୍ତୁତ କରିବା ପାଇଁ ମନ ଭିତରେ ଆତ୍ମବିଶ୍ୱାସ ବୃଦ୍ଧି ପାଇଲା । ସୁସ୍ଥ ହୋଇ ଚଲାବୁଲା କରିବା ପାଇଁ ମୋତେ ଚାରିମାସରୁ ଉର୍ଦ୍ଧ୍ୱ ସମୟ ଲାଗିଥିଲା ।

ମୋତେ ଟାଇଫଏଡ୍ ଜ୍ୱର ହେଲା ବେଳକୁ ମୃତ୍ୟୁକୁ ଅତି ନିକଟରୁ ଦେଖିଲା ଭଳି ମନେ ହେଉଥାଏ । ଧୀରେ ଧୀରେ ମୁଁ ଚେତା ଶୂନ୍ୟ ହୋଇଗଲି । ମୁଁ କେବେ ମରଣ କାମନା କରି ନାହିଁ । କୌଣସି ବ୍ୟକ୍ତି ମରଣ କାମନା କରିବା ମଧ୍ୟ ଉଚିତ ନୁହେଁ । ଦୁଃଖ କଷ୍ଟର ମୁକାବିଲା କରି ଜଣେ ଅଧିକ ଶକ୍ତିଶାଳୀ ହୋଇପାରିବ । ଭଗବାନ ଆମ ପାଖକୁ ଆସି ଆମକୁ ସାହାଯ୍ୟ କରିବେ ନାହିଁ । ନିଜକୁ ହିଁ ତାର ସମ୍ମୁଖୀନ ହେବାକୁ ପଡିବ । ସେଥିରେ ହିଁ ନିଜ ମନରେ ଦମ୍ଭ ଆତ୍ମବିଶ୍ୱାସ ବୃଦ୍ଧି ପାଇବ । ଏ ସଂସାରରେ ସର୍ବଶକ୍ତିମାନ ଈଶ୍ୱର ଅଛନ୍ତି । ତାଙ୍କରି ଲୀଳା ଖେଳା ଏ ସଂସାରରେ ଅହରହ ଚାଲିଛି । ଆମେ ତାକୁ ହେୟ ମନେ କରିବା ଠିକ୍ ହେବ ନାହିଁ । ଭଗବାନ ଅଛନ୍ତି ବୋଲି ଆମକୁ ବିପଦରୁ ରକ୍ଷା ମଧ୍ୟ ମିଳୁଛି । ସେଥିପାଇଁ ମୁଁ ଅନେକ ବିପଦରୁ ରକ୍ଷା ପାଇଛି । ଈଶ୍ୱରଙ୍କ ଭଳି ଏ ଦୁନିଆରେ ସୈତାନଟିଏ ବି ଅଛି । ତାହାରି ଯୋଗୁଁ ଆମକୁ ଅନେକ କଷ୍ଟ ଭୋଗିବାକୁ ପଡିଥାଏ । ତେଣୁ ଏ ଦୁନିଆଟା ହେଉଛି ଭଲ ମନ୍ଦର ଦୁନିଆ । ସେଥିପାଇଁ ମଣିଷ ଉଭୟର ସମ୍ମୁଖୀନ ହୋଇ ନିଜର କର୍ତ୍ତବ୍ୟ କରି ଚାଲିଥାଏ । କର୍ତ୍ତବ୍ୟ କରିବା ହିଁ ଆମର ମୌଳିକ ଦାୟିତ୍ୱ । ଏଥିରେ ହିଁ ଭବିଷ୍ୟତ ଗଠନ ହୋଇଥାଏ ।

ମଣିଷ ଜନ୍ମ ହେଲେ ଦିନେ ମୃତ୍ୟୁ ସୁନିଶ୍ଚିତ । ମରଣକୁ ଯେତେ ଡରିବ ତୁମେ ସେତେ ଦୁଃଖ କଷ୍ଟ ଭୋଗିବ । ବିପଦ ଆପଦକୁ ସାମନା କରିବା ହିଁ ସାହସିକତାର କାମ ।

Source: Author, Digitized by PPRACHIN, SOA

ଶକ୍ତ ବେମାରରୁ ମୁଁ ଆରୋଗ୍ୟ ହେଲାପରେ ମୋତେ ନୂଆ ଜୀବନ ମିଳିଲା । ନୂଆ ଜୀବନ ମୋ ମନରେ ଆତ୍ମବିଶ୍ୱାସ ବୃଦ୍ଧି କଲା । ନାଗସାପ କାମୁଡାରୁ ବଂଚିଛି, ଶକ୍ତ ବେମାରରୁ ବଂଚିଛି । ଆଗକୁ ଆଉ କଣ ବିପଦ ଅଛି ମୁଁ ଜାଣେ ନାହିଁ । ତେଣୁ ନୂଆ ଦୁନିଆ ମୋତେ ସବୁ ନୂଆ ନୂଆ ମନେ ହେଉଥାଏ ।

କବିରାଜଙ୍କ ଚିକିତ୍ସାରେ ଏବଂ ମୋ ମା'ଙ୍କ ସେବା ଶୁଶ୍ରୂଷାରେ ମୋର ଜୀବନ ବଂଚିଛି । କବିରାଜଙ୍କୁ ଦେଖିଲେ, ମୋ ମୁଣ୍ଡ ଭକ୍ତିରେ ନଇଁଯାଏ । ତାଙ୍କ କବିରାଜ ଜୀବନର ସାର୍ଥକତା ରୂପେ ମୁଁ ଏ ସଂସାରରେ ବିଚରଣ କରୁଥିବା ଦେଖି ତାଙ୍କ ମନରେ ହସ ଚହଟିଯାଏ ।

ପରେ ମୁଁ ଜାଣିବାକୁ ପାଇଲି, ଆୟୁର୍ବେଦ ହେଉଛି ପଞ୍ଚମ ବେଦ । ଆୟୁର୍ବେଦ ଚିକିତ୍ସା ପାଇଁ ଗ୍ରାମାଞ୍ଚଳରେ ବ୍ୟାପକ ବ୍ୟବସ୍ଥା ହେବା ଉଚିତ । ଏବେ ମଧ୍ୟ ଗ୍ରାମାଞ୍ଚଳରେ ଚିକିତ୍ସାର ଅଭାବ ଫଳରେ ଲକ୍ଷ ଲକ୍ଷ ଲୋକ ଅକାଳରେ ମୃତ୍ୟୁବରଣ କରୁଛନ୍ତି । ଅକାଳରେ ମୃତ୍ୟୁଠୁ ବଳି ମର୍ମନ୍ତୁଦ ଯନ୍ତ୍ରଣା ଆଉ କିଛି ନାହିଁ । ଏହାକୁ ରୋକିବା ହିଁ ଆମର ସବୁଠୁ ବଡ କାମ ହେବା ଉଚିତ । ସବୁ କଥା ସମ୍ଭବ ହୋଇପାରେ, ଦରକାର କେବଳ ସାହସ ଏବଂ ଆତ୍ମ ବିଶ୍ୱାସ ।

ଏତେ କଥା ଭାବି ମନ ଛଟପଟ ହୁଏ । ସୁଖ ଦୁଃଖର ଏ ସଂସାର । ଯେତେ ସୁଖ ସେତେ ଦୁଃଖ ଏ ସଂସାରରେ ଭରି ରହିଛି । ସଂସାରରେ ମୃତ୍ୟୁର ଗତି ଅବିରାମ, ବିରାମ ନାହିଁ । ମୃତ୍ୟୁ ପାଖରେ ସାନ ବଡ କିଛି ଫରକ ନାହିଁ । ତଥାପି ମଣିଷ ନିଜ ଦାୟିତ୍ୱ ପ୍ରତି ସଚେତନ ରହି ନିଷ୍ଠାର ସହ, ଆନ୍ତରିକତା ସହ, ଉଦ୍ୟମ କଲେ ଅସହାୟ ରୋଗୀଙ୍କୁ ଉପଯୁକ୍ତ ସେବା ଶୁଶ୍ରୂଷା ପ୍ରଦାନ କଲେ ବହୁ ଲୋକ ଉପକୃତ ହୋଇ ଅକାଳ ମୃତ୍ୟୁରୁ ବଂଚି ଯାଇପାରିବେ ।

ଗାଁରେ ରଜପର୍ବ :

ପ୍ରତ୍ୟେକ ଭାରତୀୟ ଧର୍ମ ବିଶ୍ୱାସୀ । ଆମକୁ ଅନେକେ ବହୁ ଈଶ୍ୱରବାଦୀ ବୋଲି କହିଥାନ୍ତି । ସଂସ୍କାର ହେଉଛି ବଳବାନ । ସାମାଜିକ ସଂସ୍କାର ଆମ ମନରେ ଅନେକ ଭଲ ପ୍ରଭାବ ପକାଇଥାଏ । ବିଦେଶୀମାନେ ଆମକୁ ଧର୍ମଭୀରୁ ବୋଲି କହିବାରେ ମଧ୍ୟ କୁଣ୍ଠାବୋଧ କରନ୍ତି ନାହିଁ । ମାତ୍ର ବାସ୍ତବରେ ତାହା ନୁହେଁ । ଆମେ ପିଲାଟି ଦିନରୁ ପ୍ରକୃତି ସହ ଯୋଡି ହୋଇ ରହିଛୁ । ତେଣୁ ପ୍ରକୃତି ସହ ଆମ ସଂପର୍କ ବେଶି । ଆମ ସଂସ୍କୃତି ପରମ୍ପରା ସହିତ ଆବାହମାନ କାଳରୁ ଗଢି ଆସୁଛି । ଆମେ କେବଳ ଭଗବାନ ବିଶ୍ୱାସୀ ନୋହୁ । ଆମେ ପୂଜାକରୁ ପୃଥିବୀର ଅନେକ ବସ୍ତୁକୁ । ପୂଜାକରୁ

Source: Author, Digitized by PPRACHIN, SOA

ଭକ୍ତିପୂତ ସମ୍ମାନ କରୁ । ସେଥିରେ କୌଣସି ଶଠତା ନ ଥାଏ । ମନ, ହୃଦୟ ସହିତ ଦିଅଁ, ଦେବତା, ମାଟି ମା'କୁ ପୂଜା କରିଥାଉ । ମାଟିକୁ ଆମେ ସମ୍ମାନ କରୁ, ମାଟିକୁ ମା' ଭଳି ପୂଜା କରୁ । ଏହା ଆମ ପରମ୍ପରା ଭାବେ ଆମର ବାପ, ମା, ଅଜା, ଆଈଙ୍କଠୁ ଆମ ନିକଟକୁ ଏବଂ ତାହା ତାଙ୍କ ବାପ, ମା, ଅଜା, ଆଈଙ୍କଠୁ ତାଙ୍କ ନିକଟକୁ ତା ଆଗରୁ ଚଳି ଆସୁଛି । ଆମର ପୂର୍ବ ପୁରୁଷମାନେ ବଂଶାନୁକ୍ରମେ ଆମକୁ ଏହି ଶିକ୍ଷା ଦେଇ ଆସୁଛନ୍ତି ।

'ମା' ଯେପରି ସନ୍ତାନ ଜନ୍ମ କରି ବଂଶ ବୃଦ୍ଧି କରିଥାଏ, ଠିକ୍ ସେହିଭଳି ମାଟି ମା' ମଧ୍ୟ ଉତ୍ପାଦନ ବୃଦ୍ଧି କରି ମାନବ ସମାଜକୁ ପାଳନ ପୋଷଣ କରିଥାଏ । ନାରୀ ଯେପରି ରଜୋବତୀ ହୋଇଥାନ୍ତି, ଧରିତ୍ରୀମାତା ମଧ୍ୟ ସେହିଭଳି ରଜୋବତୀ ହୋଇଥାନ୍ତି । ତେଣୁ ଆମେ ପ୍ରତ୍ୟେକ ଭାରତୀୟ ରଜ ସଂକ୍ରାନ୍ତି ପାଳନ କରିଥାଉ । ସେହି ଦିନ ଜମିରେ ହଳ କିମ୍ବା କୌଣସି କଠିଣ କାମ କରି ନ ଥାଉ । ଧରିତ୍ରୀ ମାତାର ଆଘାତ ହେବ ଏହି ବିଶ୍ୱାସରେ । ପ୍ରକୃତି ସହ ଜୀବନକୁ ଉପଭୋଗ କରିବା ପର୍ବ ରଜପର୍ବ । ଆଷାଢ଼ ମାସର ସଂକ୍ରାନ୍ତିକୁ ରଜ ସଂକ୍ରାନ୍ତି କୁହାଯାଏ ।

ଗ୍ରୀଷ୍ମ ଋତୁ ଶେଷ ବେଳକୁ ରଜ ସଂକ୍ରାନ୍ତି ପାଳିତ ହୋଇଥାଏ । ବସୁମତୀ ଅପେକ୍ଷା କରିଥାନ୍ତି ନବ ଆଷାଢ଼ର ପହିଲି ବର୍ଷାକୁ । ଚାଷୀ ଚାଷ ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଇଥାଏ । ରଜ ଏକ କୃଷିଭିତ୍ତିକ ପର୍ବ । ପୃଥିବୀକୁ ମାଟି ମା'କୁ ମର୍ଯ୍ୟାଦା ଦେବାର ପର୍ବ । ରଜରେ ଝିଅ, ବୋହୂମାନେ ନୂଆ ଲୁଗା ପିନ୍ଧି ଘରେ ପ୍ରସ୍ତୁତ କରିଥିବା ପୋଡପିଠା ଖାଇ, ରଜପାନ ପାଟିରେ ପକାଇ, ସାହି ପଡିଶା, ବନ୍ଧୁ ବାନ୍ଧବମାନଙ୍କୁ ପୋଡପିଠା ବାଣ୍ଟି ତାଙ୍କ ଖୁସି ବଢାନ୍ତି । ଦଳ ଦଳ ହୋଇ ଝିଅ ବୋହୂମାନେ ଘର ଘର ବୁଲି ସାଙ୍ଗ ମେଳରେ ହସ ଖୁସିରେ ସମୟ କଟାଇ ଦିଅନ୍ତି । ଗାଁ ଆମ୍ବ ତୋଟାର ଡାଳରେ ରଜ ଦୋଳି ବାନ୍ଧି ଫୁଲରେ ସଜାଇ ଦୋଳି ଗୀତ ଗାଇ ଲୋକଙ୍କ ମନ କିଣି ନେଇଥାନ୍ତି । ''ବନସ୍ତେ ଡାକିଲା ଗଜ, ବରଷକେ ଥରେ ଆସିଛି ରଜ ଲୋ

ଘେନି ନୂଆ ସଜବାଜ ।

ରାଶିରୁ ଛାଡିଲା ଚୋପା, ଗୋଡରେ ନାଇଛି ସରୁ ଅଳତା ଲୋ

ମଥାରେ ସିନ୍ଦୂର ଟୋପା ।

ପଣସ ପାଚିଲା ବନେ, ବନ ପୋଡିଗଲେ ଦୁନିଆ ଜାଣେ ଲୋ,

ମନ କଥା କିଏ ଜାଣେ''?

ସୁମଧୁର କଣ୍ଠ ସ୍ୱରରେ କୁଆଁରୀ କନ୍ୟାମାନଙ୍କ ସହ ନୂଆ ବୋହୂମାନେ ମିଳିତ ହୋଇ ରଜର ମଉଜ ନେଉଥାନ୍ତି ।

Source: Author, Digitized by PPRACHIN, SOA

ରଜ ଆମ ସାଂସ୍କୃତିକ ପରମ୍ପରାର ଏକ ଉଲ୍ଲେଖନୀୟ ପର୍ବ । ଏହା ଯୁଗ ଯୁଗ ଧରି ଚଳି ଆସୁଛି ଏବଂ ଆଗାମୀ ଭବିଷ୍ୟତ ପାଇଁ ମଧ୍ୟ ଏହା ଚାଲିଥିବ ।

ବିହନ ଯାତ୍ରା ଓ ଧରଣୀ ପୂଜା :

ଜମିରେ ବୀଜ ବପନ କରିବା ପୂର୍ବରୁ ଆମ ଗାଁରେ ବିହନ ଯାତ୍ରା ହୋଇଥାଏ । ମୁଁ ଆଜି ବିହନ ଯାତ୍ରାର ମର୍ମ ଉପଲବ୍ଧି କରିପାରୁଛି । ଗାଁର ପୂର୍ବ ଦିଗରେ ଘଂଚ ବୃକ୍ଷ ଗହଳି ମଧ୍ୟରେ ମାଟି ଦେବତା ମାଟି ତଳେ ଲୁଚି ରହିଥାନ୍ତି । ଗାଁ ପୂଜାରୀ ମାଟି ଖୋଳି ଦେବତା କେତେ ତଳେ ଅଛନ୍ତି ଏବଂ ଏ ବର୍ଷ କିପରି ବର୍ଷା ହେବ, କିପରି ଫସଲ ହେବ, ମାଟିର ଗୁଣ ନିର୍ଣ୍ଣୟ କରି ସଭିଙ୍କ କହନ୍ତି । ପୂଜାରୀଙ୍କ କଥାକୁ ଗାଁ ଲୋକେ ଗ୍ରହଣ କରି ଆଗାମୀ ଭବିଷ୍ୟତ ଚାଷ ଉପରେ ଧାରଣା କରି ପ୍ରସ୍ତୁତ ହୁଅନ୍ତି । ଗାଁ ମୁଖିଆ ପ୍ରତ୍ୟେକ ଘରୁ ବିହନ ସଂଗ୍ରହକରି ମାଟି ମା'କୁ ପୂଜା କରିଥାନ୍ତି । ପ୍ରତ୍ୟେକ ପଡାରେ ଚାଷୀମାନେ ନିଜ ନିଜ ଭକ୍ତି ଭାବନା ଅନୁସାରେ ଭୋଗ ପ୍ରଦାନ କରିଥାନ୍ତି ଏବଂ ଭୋଗ ରାନ୍ଧି ଖିଆପିଆ କରିଥାନ୍ତି । ମାଟି ଦେବତାଙ୍କୁ ବୋଦା ବଳି ଦିଆଯାଏ । ତାକୁ ପ୍ରସାଦ ଆକାରରେ ସଭିଏଁ ଭୋଗ କରନ୍ତି । ପରେ ଖୋଳା ହୋଇଥିବା ମାଟିକୁ ପୁଣି ପୋତା ଯାଇଥାଏ । ମାଟି ଘୋଡାଇବା ସମୟରେ ପୂଜାରୀ ଦେହରେ ପାଣି ଢ଼ଳା ଯାଇଥାଏ । ସେ ମାଟି ପୋତି ଚାଲିଥାନ୍ତି । ଗାତ ଭିତରେ ଥିବା ପଥର ଖଣ୍ଡ ଯୁଗଯୁଗ ଧରି ମାଟି ଦେବତା ରୂପେ ସଭିଙ୍କ ପୂଜା ପାଇ ଆସୁଛନ୍ତି । ପିଲା ଦିନର ସ୍ମୃତି ଏବେ ମଧ୍ୟ ଜୀବନ୍ତ ରହିଛି । ପୃଥିବୀକୁ ସମ୍ମାନ କରିବା, ମା' ମାଟିକୁ ସମ୍ମାନ କରିବା ଆମେ ଆମ ପୂର୍ବ ପୁରୁଷ ଅମଳରୁ ଦେଖି ଶିଖି ଆସିଛୁ ।

ଧରିତ୍ରୀ ମାତା ତାଙ୍କ ଦେହରେ ଚାଷ କରିବା ପାଇଁ ଆମକୁ ଅନୁମତି ପ୍ରଦାନ କରନ୍ତି । ପୂଜାରୀ ପୂଜା କରୁଥିବା ଧୂପଗନ୍ଧରେ ସ୍ଥାନଟି ମହ ମହ ହୋଇ ଉଠେ । ଏହି ଧୂପ, ଯାହାକୁ ଆମେ ଝୁଣା କହୁ ସେ ମଧ୍ୟ ଗୋଟିଏ ଗଛର ଅଠା । ସେହି ଗଛ ମଧ୍ୟ ମା' ମାଟିରୁ ସୃଷ୍ଟି । ସେହି ଗଛରୁ ଝୁଣା ସୃଷ୍ଟି ହୋଇଥାଏ । ଶାଳ ଗଛର ସୁଗନ୍ଧଯୁକ୍ତ ଶୁଖିଲା ରସ ହେଉଛି ଝୁଣା । ମା' ମାଟି ପାଇଁ ପାଣିର ମଧ୍ୟ ଆବଶ୍ୟକ । ତେଣୁ ଜଳ ଦେବତାଙ୍କୁ ମଧ୍ୟ ଆମେ ପୂଜା କରୁ । ଜଳର ସଦ୍‌ବ୍ୟବହାର ପାଇଁ ଆମେ ପିଲାଟି ଦିନରୁ ଲୋକମାନଙ୍କଠୁ ତାଗିଦ୍ ଶୁଣି ଆସିଛୁ । 'ଜଳ ହିଁ ଜୀବନ' ଏହା ଆମେ ଉପଲବ୍ଧି କରିପାରିଛୁ । ଆମ ଶରୀରର ୭୦ଭାଗ ଜଳରେ ହିଁ ପରିପୂର୍ଣ୍ଣ । ଜଳ ବିନା ଆମେ ବଞ୍ଚି ପାରିବୁ ନାହିଁ । ଆମର ପୂର୍ବପୁରୁଷମାନେ ଜଳର ମହତ୍ତ୍ୱ ବୁଝିଥିଲେ ବୋଲି ପୋଖରୀ, କଟା, କୂପ ଖୋଳି ଜଳକୁ ସଂଚିତ କରି ନିଜର ବ୍ୟବହାର ସହିତ ଚାଷର

Source: Author, Digitized by PPRACHIN, SOA

ଆବଶ୍ୟକତା ପାଇଁ ଜଳସେଚନ ମାଧ୍ୟମରେ ଚାଷକୁ ରକ୍ଷା କରି ଆସିଛନ୍ତି । ଯୁଗଯୁଗ ଧରି ଜଳର ମହତ୍ତ୍ୱ ପ୍ରତିପାଦିତ ହୋଇ ଆସୁଛି ।

ମାତ୍ର ଆଜି ଆମେ ଜଳର ମହତ୍ତ୍ୱକୁ ଉପଲବ୍ଧି କରୁଥିଲେ ମଧ୍ୟ ସଚେତନତାର ଅଭାବ ଫଳରେ ଜଳ କଷ୍ଟ ଭୋଗୁଛୁ । ଆମେ ବୀଜ କହିଲେ ଧାନକୁ ହିଁ ବେଶି ଗ୍ରହଣ କରୁ । ସମସ୍ତ ଶସ୍ୟ ବୀଜଭୁକ୍ତ । ଆମର ଦୈନନ୍ଦିନ ଖାଦ୍ୟ ପାଇଁ, ଜୀବନ ଧାରଣ ପାଇଁ ଚାଉଳ, ଗହମ ଅତି ଆବଶ୍ୟକ । ଧାନ ବିହନକୁ ଘରେ ସାଇତି ରଖି ପୁଡ଼ା ବାନ୍ଧି ବିହନକୁ ଯତ୍ନ ସହକାରେ ରଖିବା ଆମର ପ୍ରଥମ କର୍ତ୍ତବ୍ୟ । ଶୁଭ ମୁହୂର୍ତ୍ତ ଠିକ୍ କରି ଧାନ ବିହନ ବୁଣିବା ପାଇଁ ଅନୁକୂଳ ହୋଇଥାଏ । ଘରର ମୁରବି, ଯେ ଧାନ ବିହନ ବୁଣିବା ପାଇଁ ଅନୁକୂଳ କରିବେ ପ୍ରାତଃ ସ୍ନାନ କରି ଧାନ ବିହନ ରଖିଥିବା ସ୍ଥାନରେ ପୂଜା କରି ଧାନ ନେଇ ଜମିରେ ଅନୁକୂଳ କରିଥାନ୍ତି । ତେଣୁ ଆମ ସହିତ ଆମ ସଂସ୍କୃତି ଓ ପରମ୍ପରା ବର୍ଷ ବର୍ଷ ଧରି ଚଳି ଆସୁଛି ।

ଧରିତ୍ରୀ, ଜଳ ଦେବତା, ଇନ୍ଦ୍ର, ଚନ୍ଦ୍ର, ସୂର୍ଯ୍ୟ, ଆମର ପୂଜା ପାଇଥାନ୍ତି । ଧରିତ୍ରୀକୁ ଆମେ ପୂଜା କରୁ, ମା’ ଆମେ ତୁମର ସନ୍ତାନ, ଆମକୁ ଲାଳନ ପାଳନ କରିବା ତୁମର କାମ । ଆମର ଦୁଇଓଳି ପେଟପୂରା ଖାଦ୍ୟ ଆମେ ତୁମଠୁ ପାଇବୁ । ଆମର ଶସ୍ୟ ବୃଦ୍ଧି ହେଉ । ତାକୁ ଖାଇ ଆମେ ଭଲରେ ରହିବୁ । ଏହି ଭାବରେ ପୂଜାବିଧି ହୋଇଥାଏ । ଦିଅଁ ଦେବତାକୁ ନୈବେଦ୍ୟ ଅର୍ପଣ କରୁ । ଆମର ବିଶ୍ୱାସ, ପରମେଶ୍ୱର ଏହି ବିଶ୍ୱ-ବ୍ରହ୍ମାଣ୍ଡର ସୃଷ୍ଟିକର୍ତ୍ତା, ପାଳନକର୍ତ୍ତା । ତଥାପି ସମୟର ଆବଶ୍ୟକତା ଦୃଷ୍ଟିରୁ ସେ ପ୍ରାଣୀମାନଙ୍କ ଉଦ୍ଧାର ନିମନ୍ତେ ବୈକୁଣ୍ଠ ଧାମ ଛାଡ଼ି ମାନବ ସମାଜର କଲ୍ୟାଣ ପାଇଁ ମନୁଷ୍ୟ ରୂପେ ଅବତୀର୍ଣ୍ଣ ହୋଇ ସମସ୍ତଙ୍କ ଦୁଃଖ ଲାଘବ କରି ଅବତାର ରୂପେ ପୂଜା ପାଇଛନ୍ତି । ଆମର ପୂର୍ବପୁରୁଷମାନଙ୍କଠୁ ଆଜି ପର୍ଯ୍ୟନ୍ତ ଆମେ ଏହି କଥାକୁ ବିଶ୍ୱାସ କରି ଆସିଛୁ । ଏହି ସଂସାରରେ ନାନା ଭୋଗ, ବିଳାସ, ଲାଳସା ପ୍ରତ୍ୟେକ ମଣିଷକୁ ଘାରି ରଖିଛି । ତେଣୁ ଏଥିରୁ ଦୂରେଇ ରହିବା ପାଇଁ ମଣିଷକୁ ଆନ୍ତରିକ ଉଦ୍ୟମ କରିବାକୁ ପଡ଼ିବ । ପଙ୍କ ଭିତରୁ ପଦ୍ମର ସୃଷ୍ଟି । ପାଣି ଭିତରେ ଥିଲେ ମଧ୍ୟ ଉପରେ ଥିବା ପଦ୍ମକୁ ଜଳ ସ୍ପର୍ଶ କରେ ନାହିଁ । କେତେ ପଦ୍ମ ପାଣି ଭିତରେ ରହି ବଢୁଥାନ୍ତି । ଆଉ କେତେ ଜଳ ଉପରକୁ ଫୁଟି ଆସିବା ପାଇଁ ଅପେକ୍ଷା କରିଥାନ୍ତି । ଆଉ କେତେ ଫୁଟି ସୂର୍ଯ୍ୟାଲୋକ ସଂସ୍ପର୍ଶରେ ଆସିଥାନ୍ତି । ଜଳ ସେମାନଙ୍କ କ୍ଷତି କରିପାରେ ନାହିଁ । ମଣିଷ ମଧ୍ୟ ଠିକ୍ ଏହିଭଳି ଅବସ୍ଥାରେ ଗତି କରୁଛି । ସାତ୍ତ୍ୱିକ ପ୍ରକୃତିର ମଣିଷକୁ ଲାଳସା, ବିଳାସ ସ୍ପର୍ଶ କରିପାରେ ନାହିଁ । ସେ ଧର୍ମ ଦିଗକୁ ଆକୃଷ୍ଟ ହୋଇଥାଏ ।

ଭଗବାନ କୃଷ୍ଣ ଜଗତର ମଙ୍ଗଳ ପାଇଁ ଦୁଷ୍ଟମାନଙ୍କୁ ଦମନ କରିଛନ୍ତି । ସେମାନଙ୍କ

Source: Author, Digitized by PPRACHIN, SOA

ଦୌରାତ୍ମ୍ୟରୁ ମାନବ ସମାଜକୁ ଉଦ୍ଧାର କରିଛନ୍ତି । ମହା ପ୍ରତାପୀ କଂସକୁ ନିଧନ କରିଛନ୍ତି । ଅଘା, ବକାସୁରକୁ ବଧ କରିଛନ୍ତି । ରାକ୍ଷସରାଜ ନରକର ଗର୍ବ ଚୂର୍ଣ୍ଣ କରିଛନ୍ତି ।

ଭଗବାନ ରାମଚନ୍ଦ୍ର ଦୁଷ୍ଟ ଅସୁରମାନଙ୍କୁ ନିଧନ କରି ମୁନିଋଷିମାନଙ୍କ ପୂଜାବିଧି ପାଳନ କରିବାରେ ସହାୟକ ହୋଇଛନ୍ତି । ପରାକ୍ରମୀ ଦୁଷ୍ଟ ରାବଣକୁ ସବଂଶେ ନିଧନ କରି ମାତା ସୀତା ହରଣର ଉଚିତ ଦଣ୍ଡ ପ୍ରଦାନ କରିଛନ୍ତି । ଏସବୁ ପୁରାଣର କଥା ଆମ ମନକୁ ଧରି ରଖିଛି । ପୁରାଣ ପାଠ କରି ମୁଁ ଅନେକ ଜ୍ଞାନ ପାଇଛି । ମୋ ମନକୁ ପୁରାଣର ବହୁ କଥା ସ୍ପର୍ଶ କରିଛି । ମହାଭାରତ, ରାମାୟଣ ପଢ଼ିଲେ ଅନେକ କଥା ଶିଖିବାକୁ ମିଳିଥାଏ । ତେଣୁ ସମୟ ଏବଂ ସୁଯୋଗ ମିଳିଲେ ଛୁଟି ଦିନମାନଙ୍କରେ ଧର୍ମ ପୁସ୍ତକ ଓ ପୁରାଣ ପଢ଼ିବାରେ ମନ ଦେଇଥାଏ ।

ଭଗବାନ ବୁଦ୍ଧଙ୍କୁ ଆମେ ଅବତାର ରୂପେ ପୂଜା କରୁ । ମାତ୍ର ଭଗବାନ ବୁଦ୍ଧ ଏଭଳି କୌଣସି ସଂଗ୍ରାମ କରି ଦୁଷ୍ଟ ଦମନ କରି ନାହାନ୍ତି । ଭଗବାନ ଶ୍ରୀକୃଷ୍ଣ, ପ୍ରଭୁ ରାମଚନ୍ଦ୍ର ସଂଗ୍ରାମ କରିଛନ୍ତି । ଦୁଷ୍ଟ ଦମନ କରିଛନ୍ତି । ମାତ୍ର ଭଗବାନ ବୁଦ୍ଧ ମଣିଷର ବାହ୍ୟ ଶତ୍ରୁ ବିରୁଦ୍ଧରେ ଯୁଦ୍ଧ ନ କରି ମଣିଷର ନିଜ ଭିତରେ ଯେଉଁ ପରାକ୍ରମୀ ଦୈତ୍ୟ ମଣିଷକୁ ନାନା ଯାତନା ଦେଉଛନ୍ତି, ଯଥା - ବାସନା, ବିଦ୍ୱେଷ, ସ୍ୱାର୍ଥପରତା, କ୍ଷଣସ୍ଥାୟୀ ସୁଖ, ସମ୍ଭୋଗ ପ୍ରଭୃତି ପାଶବିକ ପ୍ରବୃତ୍ତି ରୂପକ ଅତ୍ୟାଚାରୀ ଦୈତ୍ୟମାନଙ୍କୁ ନିଧନ କରି ମଣିଷ ମନରେ ଭରି ରହିଥିବା ଦୁଃଖକୁ ସମୂଳେ ନାଶ କରିବା ପାଇଁ ଉଦ୍ୟମ କରିଛନ୍ତି । ମଣିଷ ମନକୁ ଶୃଙ୍ଖଳିତ କରିପାରିଲେ ମଣିଷ ମନରେ ଭରି ରହିଥିବା ଦୁଃଖ ସହଜରେ ନାଶ ହେବ । ବୁଦ୍ଧ ତାଙ୍କ ପ୍ରବଚନ ମାଧ୍ୟମରେ ମଣିଷକୁ ସତ୍ ପଥରେ ଆଣିବାକୁ ଉଦ୍ୟମ କରିଛନ୍ତି । ମଣିଷର ମନ ଶୁଦ୍ଧ ରହିଲେ କାମନା ମୋହଯୁକ୍ତ ଶତ୍ରୁ ସହଜରେ ଆକ୍ରମଣ କରିବା ସମ୍ଭବ ହୋଇ ନ ଥାଏ ।

ଭୂତପ୍ରେତର ବିଶ୍ୱାସ :

ନିଛାଟିଆ ନିର୍ଜନ ସ୍ଥାନରେ ଅନେକ ସମୟ ବସିଲେ ଅନେକ କଥା ମୋ ମନକୁ ସ୍ପର୍ଶ କରିଥାଏ । ଏମିତି ବସି ରହିଲେ ମନରେ ଅନେକ ଭାବନା ଖେଳିଯାଏ । ଏକ ଅଜଣା ରାଇଜକୁ ମନ ଚାଲିଯାଏ । ଝାପ୍ସା ଝାପ୍ସା ଅନ୍ଧାରରେ ଦୀର୍ଘ ସମୟ ବସି ରହେ । ଗଛଡାଳରେ ଏକୁଟିଆ ବସିଥିବା ଏକ ଅଜଣା ପକ୍ଷୀ ମୋତେ ଦେଖି ଆଶଙ୍କାରେ ଫୁର୍ କିନା ଉଡିଯାଏ । ମୋ ମନ କଳ୍ପନା ରାଇଜରୁ ବାସ୍ତବ ଜୀବନକୁ ଫେରି ଆସେ । ନିଛାଟିଆ ପରିବେଶ ମନରେ ଏକ ଅଜଣା ଆଶଙ୍କା ଖେଳାଇଦିଏ । ଦୁର୍ବଳ ମୁହୂର୍ତ୍ତ ମଣିଷ ମନରେ ଅନେକ ଭାବନା ସୃଷ୍ଟି କରେ । ଝାପ୍ସା ଝାପ୍ସା ଅନ୍ଧାରରେ କିଏ

Source: Author, Digitized by PPRACHIN, SOA

ଜଣେ ପଦଚାରଣ କଲାଭଳି ମୁଁ ଅନୁଭବ କରେ । ମନରେ ଶଙ୍କା ଜାତହୁଏ । ଅନେକ ଥର ଏଭଳି ଭାବନା ମୋ ଅବଚେତନ ମନରେ ସୃଷ୍ଟି ହୋଇଛି । ମନେହୁଏ, ଦୂରରେ କିଏ ଜଣେ ଛିଡା ହୋଇଛି, ମାତ୍ର ତାକୁ ଆଖିରେ ଦେଖି ହୁଏନା । ମନର କଳ୍ପନା ଭିତରେ ଦେଖିଲା ଭଳି ଅନୁଭବ କରିହୁଏ । ହଠାତ୍ ଭୂତ କଥା ଆସି ମନରେ ଖେଳିଯାଏ । ମୋର ଲୋମ ମୂଳ ଟାଙ୍କୁରି ଉଠେ । ଅଭିଶପ୍ତ ଆତ୍ମା ତାର ଅଶାନ୍ତ ଅତୃପ୍ତ କାମନା ନେଇ ଘୂରି ବୁଲୁଥିବା ଭଳି ମନେ ହୁଏ ।

ପବନର ଶିରିଶିରି ଶବ୍ଦ... ବେଦନାର କୋହ... କରୁଣ ସ୍ୱର – ଏ ସବୁ ମଣିଷର କଳ୍ପନା ମାତ୍ର । ତଥାପି ଏଥିରେ ସତ୍ୟତା ଥିଲାଭଳି ଭାବନା ଖେଳେ । ଏମିତି ମୋ ମନରେ ବାରମ୍ବାର ଭାବନା ଖେଳିଛି । ସେହି ଭାବନା ଭିତରେ ପୂରାପୂରି ବୁଡିଯାଏ କିଛିକ୍ଷଣ ପରେ ପୁଣି ସଚେତନ ହୁଏ ।

ମଣିଷକୁ ଭୂତ ଧରେ ବୋଲି ବୟସ୍କ ଲୋକମାନେ ଆମକୁ କହିଛନ୍ତି । ଏ ପର୍ଯ୍ୟନ୍ତ ଅନେକ ଲୋକଙ୍କ ମନରେ ଏ ବିଶ୍ୱାସ ରହିଛି । ଆଜିକାଲି ମଧ୍ୟ ଭୂତ ପ୍ରେତ ପ୍ରତି ମଣିଷର ବିଶ୍ୱାସ ତୁଟି ନାହିଁ । ମୁଁ ଜାଣିବାରେ ଜୁନାଗଡ ଏମ୍.ଇ. ସ୍କୁଲରେ ପଢ଼ିବା ସମୟରେ ମୋର ଅନେକ ସାଙ୍ଗକୁ ଭୂତ ଧରିଥିଲା । ସେମାନଙ୍କ ଦେହ ମନରୁ ଭୂତ ଛଡାଇବା ପାଇଁ ଗାଲରେ ଭୀଷଣ ଚାପୁଡା ପଡିଥିଲା । ପିଠିରେ ମଧ୍ୟ ମାଡ ପଡିଥାଏ । ସେହି ମାଡରେ ଭୂତ ତା ମନରୁ ଚାଲି ନ ଗଲେ ମରିଚ ଧୂଆଁ ଦେଇ ସେମାନଙ୍କୁ କଷ୍ଟ ଦିଆଯାଏ । ଧୂଆଁ ଧାସରେ ଭୂତ ଲାଗିଥିବା ପିଲା ଚିତ୍କାର କରିଉଠେ । ଭୂତ ଭୟରେ ପଳାଇଯାଏ । ତା ପରେ ସେହି ପିଲା ସ୍ୱାଭାବିକ ଭାବରେ କଥା କହିଥାଏ । ଏହା ମୁଁ ଆଖିରେ ଦେଖିଛି ।

ଭୂତ କାହିଁକି ଲାଗେ ଏଇନେ ମୁଁ ବୁଝୁଛି । ଭୂତ ଲାଗିବା ଅନ୍ୟମାନଙ୍କ ପାଇଁ ଆଶ୍ଚର୍ଯ୍ୟ ହୋଇପାରେ, ମାତ୍ର ଏହା ସତ । ମୁଁ ମୋର ଛାତ୍ର ଜୀବନରେ ମୋର ଅନ୍ତରଙ୍ଗ ସାଙ୍ଗମାନଙ୍କୁ କିଭଳି ଭୂତ ଛଡା ଯାଇଛି ନିଜ ଆଖିରେ ଦେଖିଛି । ଆମ ଶରୀରରେ ଶିରା, ପ୍ରଶିରା ଜାଲ ବୁଣିଲା ଭଳି ବିଛାଇ ହୋଇ ରହିଛି । ଶିରା ପ୍ରଶିରାରେ ଏକ ପ୍ରତିରୋଧ ଶକ୍ତି ମଧ୍ୟ ଅଛି । ତା ସତ୍ତ୍ୱେ ଅନ୍ଧାର ରାତିରେ ନିଛାଟିଆ ସ୍ଥାନରେ ଥିବା ଗହଳିଆ ବୃକ୍ଷରେ ଭୂତ ଛପି ରହିଥିବା ମଣିଷ ମନର ବିଶ୍ୱାସ । ସେହି ମୁହୂର୍ତ୍ତରେ କୌଣସି ବାଳକ ଅବା ବାଳିକା ସେହି ନିଛାଟିଆ ଜାଗାକୁ ଝାଡା ଯାଇଥିବା ଅବସ୍ଥାରେ ଅବା ନିଛାଟିଆ ଅନ୍ଧାର ରାସ୍ତାରେ ବାଳକ ବାଳିକା ମନରେ ଦୁର୍ବଳତା ଦେଖାଦିଏ । ଏକ ଅଜଣା ଭୟ ଜାତହୁଏ । ଭୟରେ ଦେହର ଲୋମ ଟାଙ୍କୁରି ଉଠେ । ସେହି ମୁହୂର୍ତ୍ତରେ ଏକ ଅଜ୍ଞାତ ଅନୁଭୂତି ଦେହରେ ଖେଳି ଯାଇଥାଏ । ଭୟରେ ଦେହ ଥରି

Source: Author, Digitized by PPRACHIN, SOA

ଉଠେ । ମଣିଷର ଶିରା ପ୍ରଶିରାଗୁଡିକ ପ୍ରତିରୋଧ ଶକ୍ତି ହରାଇଥାନ୍ତି । ମନର ଦୁର୍ବଳତାର ସୁଯୋଗ ନେଇ ଅଜ୍ଞାତ ଶକ୍ତି ତା ମନକୁ କାବୁ କରିନିଏ । ଏହି ମୁହୂର୍ତ୍ତଟି ହିଁ ତା' ମନରେ ଭୂତର ପ୍ରଭାବ ସୃଷ୍ଟିକରେ । ଭୂତ ପ୍ରତି ଆମ ମନରେ ଭୟ ଥିବା ଯୋଗୁଁ ସେହି ଭୟ ମନରେ ସଞ୍ଚାରିତ ହୋଇଥାଏ । ଏହାକୁ ଆମେ ଭୂତ ଲାଗିଲା କହିଥାଉଁ ।

ଶାରୀରିକ ପ୍ରକ୍ରିୟାର ବ୍ୟତିକ୍ରମ ହିଁ ଭୂତର କଳ୍ପନା । ମୋ ସାଙ୍ଗମାନଙ୍କୁ ଭୂତ ଧରିଥିବାର ଏହିଭଳି ଅବସ୍ଥା ମୁଁ ପିଲାଦିନେ ଦେଖିଛି । ବର୍ତ୍ତମାନ ମଧ୍ୟ ପୋଲିସ ଫାଣ୍ଡିରେ ପୂଜା ପାର୍ବଣ ହୋଇ ଭୂତ ଭୟରେ ଫାଣ୍ଡି ଚାରିପାଖେ ମନ୍ତ୍ର ପାଣି ଛିଞ୍ଚା ହେଉଛି । ଭୂତ ଲୁଚିଥିଲେ ପଳାଇବ । ଭୂତ ହେଉଛି ଅଶରୀରୀ । ତେଣୁ ମନ୍ତ୍ର ପାଠ କଲେ ଭୂତ ପଳାଇବ । ମନର ଭ୍ରମରେ ଏଭଳି କାଣ୍ଡ ହେଉଛି । ମଣିଷ ମନର ଦୁର୍ବଳତାର ଏ ଏକ ପରିପ୍ରକାଶ ।

ଚାରବାହାଲ ଏମ୍.ଇ. ସ୍କୁଲକୁ ସ୍ଥାନାନ୍ତର :

ଏ ଭିତରେ ଚାରବାହାଲ ଗ୍ରାମରେ ନୂଆକରି ଏମ୍.ଇ. ସ୍କୁଲ ଆରମ୍ଭ ହୋଇଯାଇଥାଏ । ଜୁନାଗଡ ଏମ୍.ଇ. ସ୍କୁଲରୁ ନାମ କଟାଇ କାକା ପ୍ରହଲ୍ଲାଦ, ଭାଇ ଗୋପର ନାମ ଚାରବାହାଲ ସ୍କୁଲରେ ଲେଖାହେଲା । ଗ୍ରାମର ଜବାହାରଲାଲ ପଣ୍ଡା, ଦେଉଣ୍ଡିର ଖଲିପ୍ରସାଦ ଠାକୁର ଏବଂ ମୁଁ ଏହିଭଳି ୫ଜଣ ଛାତ୍ରକୁ ନେଇ ସପ୍ତମ ଶ୍ରେଣୀ ଆରମ୍ଭ ହେଲା ।

ମାଲିଗୁଡା ଗ୍ରାମର ବଦ୍ରିକା ପଣ୍ଡା ଏ.ଏସ୍.ଆଇ. ଜଣେ ଦକ୍ଷ ସଂଗଠକ । ଗାଁର ଶଙ୍କର ପ୍ରସାଦ ପଣ୍ଡା, ରାସବିହାରୀ ପଣ୍ଡା ପ୍ରଭୃତିଙ୍କ ଉଦ୍ୟମରେ ସ୍କୁଲ କାର୍ଯ୍ୟ ଆରମ୍ଭ ହେଲା । ଦୀର୍ଘ ଦିନ ଅସୁସ୍ଥତା ଯୋଗୁଁ ଦେହ ସୁସ୍ଥ ହେଲାପରେ ଘରେ ଆଉ ବସି ରହିବା ପାଇଁ ମନ ହେଉ ନ ଥାଏ । ମନ ଛଟପଟ ହେଉଥାଏ ସ୍କୁଲ ଯିବି, ସାଙ୍ଗମାନଙ୍କ ସହିତ ମିଶିବି । ଅନେକ ଦିନ ହେବ ସ୍କୁଲ ଯାଇନାହିଁ । ନିର୍ଦ୍ଦିଷ୍ଟ ଦିନରେ ମୁଁ ଚାରବାହାଲ ସ୍କୁଲରେ ଯୋଗ ଦେଲି । ମୋର ଦୁର୍ବଳ ଶରୀରକୁ ଦେଖି ଶିକ୍ଷକମାନଙ୍କ ମୋ ପ୍ରତି ଯଥେଷ୍ଟ ସହାନୁଭୂତି ଥିଲା । ତେଣୁ ଶିକ୍ଷକମାନେ ମୋର ସ୍ୱତନ୍ତ୍ର ଯତ୍ନ ନେଉଥିଲେ ।

ଚାରବାହାଲ ଏମ.ଇ. ସ୍କୁଲରେ ପଢିବା ସମୟରେ ସ୍କୁଲ ଶିକ୍ଷକମାନଙ୍କ ଦରମା ଏବଂ ପରିଚାଳନା ପାଇଁ ଅର୍ଥର ଅଭାବ ଦେଖାଗଲା । ନୂଆକରି ଏହା ସର୍ବସାଧାରଣଙ୍କ ଦ୍ୱାରା ପରିଚାଳିତ ହେଉଥିଲା । ତେଣୁ ବଦାନ୍ୟ ବ୍ୟକ୍ତିମାନଙ୍କର ସହାୟତା ପାଇବା ପାଇଁ ଆମେ ସପ୍ତମ ଶ୍ରେଣୀ ଛାତ୍ରମାନେ ବିଭିନ୍ନ ଗ୍ରାମକୁ ଯାଇ ଖଳା ଭିକ୍ଷା ଧାନ ସଂଗ୍ରହ କରି ତାକୁ ବିକ୍ରି କରି ସ୍କୁଲ ପରିଚାଳନାରେ ସାହାଯ୍ୟ କରିଥିଲୁ । ତେଣୁ

Source: Author, Digitized by PPRACHIN, SOA

ମନରେ ଆତ୍ମବିଶ୍ୱାସ ବୃଦ୍ଧି ପାଇଥିଲା । ଲୋକଙ୍କ ସହଯୋଗରେ ଶିକ୍ଷାନୁଷ୍ଠାନମାନ ପରିଚାଳିତ ହେଉଥିଲା । ସ୍କୁଲ ପଢାପଢି ସମୟ ବାହାରେ ଖେଳିବା ଏବଂ ବଗିଚା କାମରେ ମନ ଦେଉଥିଲି । ସ୍କୁଲ ପରିସରରେ ବଗିଚାଟିଏ ଥାଏ । ବଗିଚାରେ ପନିପରିବା ଚାଷ ପାଇଁ ମୋର ପ୍ରବଳ ଆଗ୍ରହ ଥିଲା । ତେଣୁ ଟମାଟୋ, କୋବି, ବାଇଗଣ ଚାଷ ପ୍ରତି ମୁଁ ଯତ୍ନ ନେଉଥିଲି । କୃଷି ବିଭାଗ-ତରଫରୁ ପନିପରିବା ପ୍ରଦର୍ଶନୀ ଚାରବାହାଲ ଗ୍ରାମରେ ହୋଇଥିଲା । ସେହି ପ୍ରଦର୍ଶନୀରେ ବଗିଚାରେ ମୁଁ ଫଳାଇଥିବା ଟମାଟୋ ଉତ୍କୃଷ୍ଟ ବିବେଚିତ ହୋଇଥିଲା ଏବଂ ମୋତେ ପୁରସ୍କାର ମିଳିଥିଲା ।

ସ୍କୁଲ ଛାତ୍ରମାନଙ୍କୁ ନେଇ ନାଟକ ମଞ୍ଚସ୍ଥ କରିଥିଲୁ । 'ବୀର ଅଭିମନ୍ୟୁ' ପୌରାଣିକ ନାଟକ । ଚାରବାହାଲ ଗ୍ରାମରେ ପ୍ରତିବର୍ଷ ଦୋଳ ପୂର୍ଣ୍ଣମୀ ବେଳକୁ ଗାଁର କଳାକାରମାନଙ୍କ ଦ୍ୱାରା ଦୀର୍ଘ ଦିନରୁ ନାଟକ ମଞ୍ଚସ୍ଥ ହୋଇ ଆସୁଛି । 'କୃପାସିନ୍ଧୁ ନାଟ୍ୟ ସଂସ୍ଥା' ଆନୁକୂଲ୍ୟରେ ନାଟକ ମଞ୍ଚସ୍ଥ ହୋଇ ଦୋଳ ପୂର୍ଣ୍ଣମୀ ଉତ୍ସବଟିକୁ ଜାକଜମକରେ ପାଳନ କରାଯାଏ ଏବଂ ରଙ୍ଗ ଖେଳାଯାଏ । ଏହି ନାଟ୍ୟ ସଂସ୍ଥା ସ୍ୱାଧୀନତା ପୂର୍ବରୁ ଆରମ୍ଭ ହୋଇଛି । ଏହାର ଏକ ସ୍ଥାୟୀ ରଙ୍ଗମଞ୍ଚ ମଧ୍ୟ ଅଛି । ଗ୍ରାମାଞ୍ଚଳର କଳାକାରମାନେ ଅଂଶ ଗ୍ରହଣ କରି ନାଟକ ମଞ୍ଚସ୍ଥ କରିବାରେ ସୁଯୋଗ ପାଇଥାନ୍ତି । ମୋର ମନ୍ତ୍ରିତ୍ୱ ସମୟରେ 'ବିନାୟକ ପାତ୍ରଙ୍କୁ' ବିଶିଷ୍ଟ କଳାକାର ହିସାବରେ ମାସିକ ପେନ୍‌ସନ୍ ବ୍ୟବସ୍ଥା କରାଇ ତାଙ୍କ କଳାର ନୈପୁଣ୍ୟ ପାଇଁ ସମ୍ମାନ କରା-ଯାଇଥିଲା । ଚକୁଲି ଗ୍ରାମର ଦେବଦୁର୍ଲ୍ଲଭ ରାୟଗୁରୁଙ୍କୁ ମଧ୍ୟ ନାଟ୍ୟ ନିର୍ଦ୍ଦେଶକ ତଥା ବିଶିଷ୍ଟ କଳାକାର ରୂପେ ମାସିକ ପେନ୍‌ସନ୍ ପ୍ରଦାନ ବ୍ୟବସ୍ଥା କରିପାରିଥିଲି ।

ବ୍ରଜମୋହନ ହାଇସ୍କୁଲରେ ଅଧ୍ୟୟନ :

ସପ୍ତମ ଶ୍ରେଣୀ ବୋର୍ଡ ପରୀକ୍ଷା ଆରମ୍ଭ ହେଲେ ଅଞ୍ଚଳର ସମସ୍ତ ଛାତ୍ର କେନ୍ଦ୍ର ସ୍କୁଲ ଧର୍ମଗଡରେ ପରୀକ୍ଷା ଦେଉଥିଲୁ । ସପ୍ତମ ଶ୍ରେଣୀ ଉତ୍ତୀର୍ଣ୍ଣ ହେଲା ପରେ ଭବାନୀପାଟଣା ବି.ଏମ୍. ହାଇସ୍କୁଲରେ ଅଷ୍ଟମ ଶ୍ରେଣୀରେ ନାମ ଲେଖାଇଥିଲି । ହଷ୍ଟେଲରେ ସ୍ଥାନାଭାବ ଯୋଗୁ ମୁଁ ଏବଂ ମୋର କାକା ଦୁହେଁ ସହରର ବିଶିଷ୍ଟ ଆଇନଜ୍ଞ କାଳୀପ୍ରସାଦ ବାବୁଙ୍କ ଘରେ ରହି ମାସକ ପରେ ଛାତ୍ରାବାସରେ ସିଟ୍ ମିଳିବା ପରେ ଯାଇ ରହିଥିଲୁ । କାଳୀପ୍ରସାଦ ବାବୁ ମୋର ବାପାଙ୍କ ମାମୁ । ସେ ଥିଲେ ଜଣେ ଦକ୍ଷ ଆଇନଜ୍ଞ ଏବଂ ସମାଜସେବୀ ।

ଛାତ୍ରାବାସର ସୁପରିନ୍‌ଟେଣ୍ଡେଣ୍ଟ୍ ଥିଲେ ଜଣେ ଦକ୍ଷ ପ୍ରଶାସକ ଏବଂ ଶିକ୍ଷକ । ତାଙ୍କ ନାମ ମହେଶ୍ୱର ମିଶ୍ର । ତାଙ୍କ ପେଟ ପୁଥଲାକାର ଥିବାରୁ ସ୍କୁଲ ପିଲାମାନେ ତାଙ୍କୁ

Source: Author, Digitized by PPRACHIN, SOA

ପେଟୁ ଆଜ୍ଞା ଭାବେ ଜାଣିଥାନ୍ତି । ତାଙ୍କର ଶାସନ ଥିଲା କଠୋର । ଆମେ ହଷ୍ଟେଲ ଛାତ୍ର ପ୍ରାତଃରୁ ଉଠି ହଷ୍ଟେଲ ବାରଣ୍ଡାରେ ପ୍ରାର୍ଥନା କରିବୁ । ସମସ୍ତ ଛାତ୍ର ଘଣ୍ଟା ବାଜିଲା ପରେ ନିଦରୁ ଉଠି ମୁହଁ ଧୋଇ ପ୍ରାର୍ଥନାରେ ଯୋଗ ଦେବାକୁ ବାଧ୍ୟ । ଯେଉଁ ଛାତ୍ର ଆଳସ୍ୟ ବଶତଃ ଉଠି ନ ପାରିଲା ତା ପାଇଁ ବେତ୍ରାଘାତ ସୁନିଶ୍ଚିତ । ତେଣୁ ମାଡ ଡରରେ ମୁଁ ମଧ୍ୟ ଠିକ୍ ସମୟରେ ଉଠି ପ୍ରାର୍ଥନାରେ ଯୋଗ ଦେଉଥିଲି । ପ୍ରର୍ଥନା ପରେ ରୋଲ୍‌କଲ ହେବ । ପରେ ନିଜ ନିଜ ନିତ୍ୟ କର୍ମ ସାରି ସକାଳ ୯ ଘଣ୍ଟା ପର୍ଯ୍ୟନ୍ତ ପାଠ ପଢିବୁ । ସାତଟା ପୂର୍ବରୁ ପ୍ରାତଃ ଭୋଜନ ପାଇଁ ଅନୁମତି ଥିଲା । ମୁଢି, ଚିନାବାଦାମ, ଗୁଡ, ରାସ୍ତା କଡରେ ଥିବା 'ବିଦ୍ୟା ଦୋକାନ'ରୁ କିଣି ଜଳଖିଆ କରି ନେଉଥିଲି । ନିଜ ନିଜ ସିଟ୍‌ରେ ବସି ନଅ ଘଣ୍ଟା ପର୍ଯ୍ୟନ୍ତ ପଢିଲା ପରେ କୂଅ ମୂଳକୁ ଗାଧୋଇବା ପାଇଁ ଚାଲିଯିବୁ । ଗାଧୋଇ ସ୍କୁଲ ପୋଷାକ ପିନ୍ଧି, ଭାତ ସହ ପାଣିଚିଆଡାଲି, ତରକାରି ଖାଇ ସ୍କୁଲ ଚାଲିଯାଉଥିଲି । ସ୍କୁଲ ପଢା ସମୟରେ ବଡ ରିସେସ୍‌ରେ ହରି ଗୁଡିଆ ପ୍ରତ୍ୟେକ ଛାତ୍ରଙ୍କୁ ଦୁଇ ଖଣ୍ଡ ପୁରି ତରକାରି ଅବା ଦହିବଡା, ଅବା ଗାଣ୍ଠିଆ ଯୋଗାଇ ଦେଉଥିଲେ । କ୍ଲାସ୍ ମନିଟର୍ କମନ୍‌ରୁମ୍ ବାରଣ୍ଡାକୁ ଯାଇ ପ୍ରତି କ୍ଲାସ୍ ପାଇଁ ରଖାଯାଇଥିବା ଜଳଖିଆ ଝୁଡି ଆଣି ଛାତ୍ରମାନଙ୍କୁ ପ୍ରଦାନ କରିବେ । ଏଥିପାଇଁ ଛାତ୍ରମାନେ ସ୍କୁଲ ଫିଜ୍ ସହ ଜଳଖିଆ ପାଇଁ ବାରଅଣା ବା ଆଜିକାଲିର ୭୫ ପଇସା ଦେଉଥିଲୁ । ପ୍ରତି କ୍ଲାସ୍‌ରେ ପଢାପଢି ପ୍ରତି ପ୍ରଧାନଶିକ୍ଷକଙ୍କ ସ୍ୱତନ୍ତ୍ର ଦୃଷ୍ଟି ଥିଲା । ସ୍କୁଲ ଛୁଟି ପରେ କଚେରି ପଡିଆ ଅବା ପୁରୁଣା ପଡା ପଡିଆକୁ ଅବା ବଡ ଖେଳ ପଡିଆକୁ ଫୁଟବଲ ଖେଳିବା ପାଇଁ ଚାଲି ଯାଉଥିଲି । ବର୍ତ୍ତମାନ ବଡ ଖେଳପଡିଆ 'ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ' ନାମରେ ଖ୍ୟାତ । ବର୍ତ୍ତମାନ କଚେରି ପଡିଆ ଅବା ପୁରୁଣାପଡା ପଡିଆ ଆଉ ନାହିଁ । ଏଠାରେ ଘର ତିଆରି ହୋଇ ଭର୍ତ୍ତି ହୋଇ ଗଲାଣି । ଷ୍ଟେଟବ୍ୟାଙ୍କ ଅଫ୍ ଇଣ୍ଡିଆ, ଶିଶୁଭବନ ପ୍ରଭୃତି ନିର୍ମାଣ ହୋଇଛି । ବି.ଏମ୍. ହାଇସ୍କୁଲ ପାଇଁ ପ୍ରଦତ୍ତ ଖେଳ ପଡିଆରେ ମଧ୍ୟ କୋର୍ଟ କୋଠାମାନ ନିର୍ମାଣ ହୋଇଯିବା ଦ୍ୱାରା ଖେଳ ପଡିଆ ହୋଇ ଆଉ କିଛି ରହି ନାହିଁ । ଫଳରେ ଶାରୀରିକ ବିକାଶ ପାଇଁ କ୍ରୀଡା ପ୍ରାଙ୍ଗଣର ଆବଶ୍ୟକତା ଯଥାଯଥ ଭାବରେ ପୂରଣ ହୋଇପାରୁ ନାହିଁ ।

ହାଇସ୍କୁଲ ଶିକ୍ଷକମାନେ ମୋର ଆଶାକୁ ବୃଦ୍ଧି କରିବାରେ ସହାୟକ ହୋଇଥିଲେ । ଆମ ସ୍କୁଲରେ ପ୍ରଧାନଶିକ୍ଷକ ସଚ୍ଚିଦାନନ୍ଦ କାନୁନଗୋ ତାଙ୍କ ପରେ ମଦନମୋହନ ପ୍ରଧାନ ମୋର ପଥ ପ୍ରଦର୍ଶକ ରୂପେ କାର୍ଯ୍ୟ କରିଥିଲେ । ଶୃଙ୍ଖଳା ପ୍ରତି ସଦାସର୍ବଦା ସଚେତନ ଥିଲେ । ତେଣୁ ତାର ପ୍ରଭାବ ମୋ ଉପରେ ପଡିଥିଲା । ସମସ୍ତେ ଜଣେ ଜଣେ ଆଦର୍ଶ ଶିକ୍ଷକ । ସେମାନଙ୍କ ଅସାଧାରଣ ବ୍ୟକ୍ତିତ୍ୱ ମୋତେ ଆକୃଷ୍ଟ କରିଥିଲା ।

Source: Author, Digitized by PPRACHIN, SOA

ପ୍ରଥମ ପରିଚ୍ଛେଦ

ଛାତ୍ର ଧର୍ମଘଟ :

୧୯୫୧ ଜୁଲାଇ ମାସରେ ସମଗ୍ର ଓଡିଶାରେ ଛାତ୍ର ଧର୍ମଘଟ ଦୀର୍ଘଦିନ ଚାଲୁ ରହିଲା । ଛାତ୍ରମାନଙ୍କ ମାସିକ ଦେୟ ଫିଜ୍‌କୁ ଏକ ଟଙ୍କାରୁ ଦୁଇ ଟଙ୍କାକୁ ବୃଦ୍ଧି-କରାଗଲା । କଟକରେ ଏହାର ଦୃଢ ପ୍ରତିବାଦ କରାଗଲା । ପରେ ସମଗ୍ର ଓଡିଶାରେ ଏହାର ପ୍ରଭାବ ବ୍ୟାପିଗଲା । ସେତେବେଳେ ମାନ୍ୟବର ନବକୃଷ୍ଣ ଚୌଧୁରୀ ଓଡିଶାର ମୁଖ୍ୟମନ୍ତ୍ରୀ ଥିଲେ । ରେଭେନ୍‌ସା କଲେଜ ହଲରେ ଓଡିଶା ବିଧାନ ସଭାର ଅଧିବେଶନ ହେଉଥାଏ । ଛାତ୍ର ଛାତ୍ରୀମାନେ ପିକେଟିଙ୍ଗ କଲେ । ଶିକ୍ଷାମନ୍ତ୍ରୀ ଥାନ୍ତି ପଣ୍ଡିତ ଲିଙ୍ଗରାଜ ମିଶ୍ର । କଂଗ୍ରେସର ଜଣେ ସଭ୍ୟ ବିଜୁ ପଟ୍ଟନାୟକ ରେଭେନ୍ସା କଲେଜ ଅଧକ୍ଷକଙ୍କୁ ଛାତ୍ରମାନଙ୍କୁ ସମ୍ଭାଳି ପାରୁନଥିବା ଯୋଗୁଁ ଭର୍ତ୍ସନା କରିଥିଲେ ।

ସେହି ସମୟରେ ବି.ଏମ୍. ହାଇସ୍କୁଲରେ ମୁଁ ଅଷ୍ଟମ ଶ୍ରେଣୀ ଛାତ୍ର । ଛାତ୍ରମାନଙ୍କ ମଧ୍ୟରେ ମଧ୍ୟ ଫିଜ୍ ବୃଦ୍ଧିର ପ୍ରତିବାଦ ଗୁଞ୍ଜରଣ ଆରମ୍ଭ ହୋଇ ଯାଇଥିଲା । ଉପର କ୍ଲାସର ଛାତ୍ରମାନଙ୍କ ଆହ୍ୱାନ କ୍ରମେ, ସ୍କୁଲର ପ୍ରଧାନଶିକ୍ଷକଙ୍କ ବାରଣ ସତ୍ତ୍ୱେ, ଆମେ ସମସ୍ତ ଛାତ୍ର ସ୍କୁଲର ବାହାରକୁ ଚାଲି ଆସିଲୁ । ଛାତ୍ରମାନେ ଶିକ୍ଷକମାନଙ୍କୁ ବାଟ ଓଗାଳି ବାରଣ କଲେ । ସ୍କୁଲ ହତା ବାହାର ପାହାଚରେ ଶୋଇ ରହିଲୁ । ମୁଁ ମଧ୍ୟ ଅନ୍ୟ ସାଥୀମାନଙ୍କ ସହିତ ଶୋଇ ରହିଲି । କେତେ ଜଣ ଶିକ୍ଷକ ଆମକୁ ଡେଇଁ ସ୍କୁଲକୁ ଚାଲିଗଲେ । ଆନ୍ଦୋଳନ ଦୀର୍ଘ ଦିନ ଚାଲୁ ରହିଲା । ଆନ୍ଦୋଳନରେ ଛାତ୍ରମାନଙ୍କ ଜିତ୍ ହେଲା । ଛାତ୍ରମାନଙ୍କ ଦରମାବୃଦ୍ଧି ସ୍ଥଗିତ ରହିଲା । ସରକାର ତାଙ୍କ ଆଦେଶ ପ୍ରତ୍ୟାହାର କରିନେଲେ । ଏହି ଆନ୍ଦୋଳନ ମୋ ମନରେ ଗଭୀର ପ୍ରଭାବ ପକାଇଥିଲା । ଛାତ୍ରମାନଙ୍କ ଏକଜୁଟ୍ ମନୋଭାବ ହିଁ ସରକାରଙ୍କୁ ତାଙ୍କ ଆଦେଶ ପ୍ରତ୍ୟାହାର କରିବା ପାଇଁ ବାଧ୍ୟ କରିଥିଲା । ଦୃଢ ମନୋବଳ ଏବଂ ଏକତା ହିଁ ସବୁଠୁ ଶକ୍ତିଶାଳୀ । ମୋ ସ୍ୱପ୍ନର ମଞ୍ଜି ମୋ ମନ ଭିତରେ ମସ୍ତିଷ୍କରେ ବୁଣା ହୋଇଯାଇଥିଲା ।

ମଣିଷର ଅତୀତକୁ ନେଇ ବର୍ତ୍ତମାନ ଏବଂ ବର୍ତ୍ତମାନକୁ ନେଇ ଭବିଷ୍ୟତ ତିଆରି ହୋଇଥାଏ । ସ୍କୁଲରେ ପାଠ ପଢିବା ସମୟରେ ଡିଟେକ୍‌ଟିଭ୍ ବହି, କାହାଣୀ ବହି ପଢିବା ପାଇଁ ମୋ ମନରେ ଆଗ୍ରହ ସୃଷ୍ଟି ହେଲା । ସ୍କୁଲ ପାଠାଗାରରୁ ଅବା ବାହାରୁ ଲୋକମାନଙ୍କଠୁ ସଂଗ୍ରହ କରି ଅନେକ ବହି ପଢିଥିଲି । ବିଶେଷ କରି ମିରା ସିରିଜ୍, ନରବଳି ସିରିଜ୍, ରବୀନ୍ ସିରିଜ୍, କୌତୁକ କଥା କାହାଣୀ ପ୍ରଭୃତି ପଢିଥିଲି । ସେହି ପିଲାଟି ଦିନରୁ ପାଠ୍ୟ ପୁସ୍ତକ ସହ ବାହ୍ୟ ପୁସ୍ତକ ମଧ୍ୟ ଲୁଚେଇ ଲୁଚେଇ ପଢୁଥିଲି । କେବଳ ଡିଟେକ୍‌ଟିଭ୍ ବହି ପଢୁଥିଲି ତାହା ନୁହେଁ ଅନେକ ଜୀବନୀ, ଉପନ୍ୟାସ, ଗପ ବହି ମଧ୍ୟ ପଢୁଥିଲି ।

Source: Author, Digitized by PPRACHIN, SOA

ସ୍କୁଲରେ ପଢିବା ବେଳଠୁ ଛବି ଆଙ୍କିବା ସଉକ୍ ଥିଲା । କାଗଜ ପେନ୍‌ସିଲ୍‌ରେ ଛବି ଆଙ୍କିଲି । ରଙ୍ଗ ପେନ୍‌ସିଲ୍ ମଧ୍ୟ ମିଳିବା ଆରମ୍ଭ ହୋଇଥାଏ । ହେମନ୍ତ ପତି ଆମ ସ୍କୁଲର ଡ୍ରଇଙ୍ଗ୍ ଶିକ୍ଷକ । ସେ ଜଣେ ଦକ୍ଷ ଚିତ୍ରକର । ସେ ବହୁ ଚିତ୍ର ଆଙ୍କି ଘରେ ରଖିଥିଲେ । ତାଙ୍କଦ୍ୱାରା ଚିତ୍ର ପ୍ରଦର୍ଶନୀ ମଧ୍ୟ ହୋଇଥିଲା । ସ୍କୁଲ ଛୁଟି ପରେ ତାଙ୍କ ଘରକୁ ଯାଇ ଚିତ୍ର ଆଙ୍କିବା ତାଙ୍କଠୁ ଶିଖୁଥିଲି । ଘରେ ଗୁରୁମା ମୋତେ ସ୍ନେହରେ ଖାଇବାକୁ ଦେଉଥିଲେ । ମୁଁ ଦୁଇଟି ଛବି ଆଙ୍କିଥିଲି । ଜବାହରଲାଲ ନେହେରୁ ଏବଂ ଆବ୍ରାହମ ଲିଙ୍କନ୍ । ବହୁତ ଭଲ ହୋଇଥିଲା । ଅନେକ ତାକୁ ତାରିଫ୍ କରିଥିଲେ । ତାକୁ କାଠଫ୍ରେମରେ ବନ୍ଧାଇ ଆମ ଘର କାନ୍ଥରେ ଟଙ୍ଗାଇ ଦେଇଥିଲି । ଭାରତୀୟ କଳା ଉପରେ ପତି ସାରଙ୍କ ଗଭୀର ଅଧ୍ୟୟନ ଥିଲା । ବାପା ମୋ ପାଇଁ ରଙ୍ଗବକ୍ସ କିଣି ଆଣି ଦେଇଥିଲେ ।

ସ୍କାଉଟ୍ ଛାତ୍ରର ସେବା :

ସନ୍ଧ୍ୟା ପ୍ରାର୍ଥନାପରେ ମୁଁ ନିଜ କୋଠରିରେ ବସି କ୍ଲାସ ବହି ପଢିବାରେ ବ୍ୟସ୍ତ । ଅନ୍ୟ ସାଥୀମାନେ ମଧ୍ୟ ନିଜ ସିଟ୍‌ରେ ବସି ପଢାରେ ମନ ଲଗାଇ ଦେଇଥାନ୍ତି । ହଠାତ୍ ଆକାଶ ନାଲି ରଙ୍ଗରେ ଆଲୋକିତ ହୋଇ ଉଠିଲା । କୌତୂହଳରେ ମୁଁ ପଢା ଛାଡି ବାହାରକୁ ଚାଲିଆସିଲି । ଦେଖିଲି ଦୂରରେ ଆକାଶକୁ ନିଆଁ ହୁତ୍ ହୁତ୍ ହୋଇ ଜଳି ଉଠୁଛି । ସତେ ଯେପରି ସମଗ୍ର ଆକାଶକୁ ଗ୍ରାସି ଯିବ । ସେହି ନିଆଁ ଧାସରେ ପାଖ ପଡିଶା ଲୋକଙ୍କ ଚିତ୍କାର ଶୁଣିବାକୁ ମିଳିଲା । ଦୂରରେ ଲୋକଙ୍କ ଧାଁ ଦୌଡ ଲାଗି ଯାଇଥାଏ । ବ୍ୟତିବ୍ୟସ୍ତ ହୋଇ ହଷ୍ଟେଲ ଭିତରକୁ ଚାଲି ଆସି ପାଟିକଲି ''ନିଆଁ ଲାଗିଯାଇଛି'' । ହଷ୍ଟେଲ ସୁପରିନ୍‌ଟେଣ୍ଡେଣ୍ଟ୍ କୋଠରି ଭିତରୁ ବାହାରି ଆସି ଦେଖିଲେ, ସମଗ୍ର ଅଞ୍ଚଳ ନିଆଁ ଆଲୁଅରେ ଆଲୋକିତ ହୋଇ ଯାଇଛି । ପିଲାମାନେ ସମସ୍ତେ ରୁଣ୍ଡହୋଇ ସେହି ଆଲୋକ ଆଡକୁ ଭୟାର୍ତ୍ତ ଚାହାଣିରେ ଅନାଇ ରହିଥାନ୍ତି ।

ହଷ୍ଟେଲର ଅଧିକାଂଶ ଛାତ୍ର ଏନ.ସି.ସି. ଅବା ସ୍କାଉଟ୍ ଛାତ୍ର । ମୋର ଶାରୀରିକ ଦୁର୍ବଳତା ଯୋଗୁଁ ମୁଁ ସ୍କାଉଟ୍‌ରେ ମିଶିଥାଏ । ସେବା କାର୍ଯ୍ୟ ପାଇଁ ସ୍କାଉଟର ମୁଖ୍ୟ ଭୂମିକା ସମ୍ପର୍କରେ ଆମ ଗାଇଡ୍ ଆମକୁ ପରାମର୍ଶ ଦେଇଥାନ୍ତି । ଘରପୋଡିଠୁ ବିପଦ ଆଉ କିଛି ନାହିଁ । ଏହି ଭଳି ବିପଦ ସମୟରେ ସାହାଯ୍ୟ ସହଯୋଗ କରିବା ଆମର ପରମ କର୍ତ୍ତବ୍ୟ । ପରିସ୍ଥିତିର ଗୁରୁତ୍ୱ ଉପଲବ୍ଧି କରି ଶିକ୍ଷକଙ୍କ ଅନୁମତି କ୍ରମେ ହଷ୍ଟେଲର ଛାତ୍ରମାନେ କାଳ ବିଳମ୍ବ ନ କରି ଶୃଙ୍ଖଳିତ ଭାବରେ ଦୁଇଧାଡିରେ ଛିଡାହୋଇ ଘଟଣା ସ୍ଥଳକୁ ଦୌଡିଗଲୁ । ନିଆଁ ଧାସରେ ପାଖକୁ ଯିବାକୁ କିଏ ସାହସ କରୁନଥାନ୍ତି । ପାଖ

Source: Author, Digitized by PPRACHIN, SOA

ଆଖ ଲୋକ ଯେଉଁମାନେ ପହଞ୍ଚି ଯାଇଥିଲେ ମୁମୂର୍ଷୁ ଅବସ୍ଥାରେ ଦୁଇ ଜଣଙ୍କୁ ନିଆଁ ଧାସରୁ ଉଦ୍ଧାର କରିଥିଲେ । ସେମାନଙ୍କୁ ହସପିଟାଲକୁ ଚିକିତ୍ସା ପାଇଁ ପଠାଇ ଦିଆ ଯାଇଥିଲା ।

ସହରର ମାନ୍ୟଗଣ୍ୟ ବ୍ୟକ୍ତି, ବିଶିଷ୍ଟ କଳାକାର, ନାଟ୍ୟ ନିର୍ଦ୍ଦେଶକ ଉଦୟନାଥ ନନ୍ଦଙ୍କ ଘରଟି ପୋଡି ଧ୍ୱଂସ ହୋଇଯାଇଥିଲା । ତାଙ୍କରି ଭାଇ ଈଶ୍ୱରୀ ପ୍ରସାଦ ନନ୍ଦଙ୍କ ଟ୍ରକ୍ ବ୍ୟବସାୟ ଥିଲା । ଟ୍ରକ୍‌ରେ ପେଟ୍ରୋଲ ଭରିବା ପାଇଁ ଘରେ ରଖାଯାଇଥିବା ଡ୍ରମ୍‌ରୁ ଡ୍ରାଇଭର, କ୍ଲିନର୍ ପେଟ୍ରୋଲ୍ ପାଇପ୍ ସାହାଯ୍ୟରେ କାଢିବା ସମୟରେ ଜଣେ କୋଠରି ବାହାରକୁ ଆସି ବିଡି ପିଇବା ପାଇଁ ଦିଆସିଲି ମାରିବା ଫଳରେ ତାର ନିଆଁ ଧାସରେ ପେଟ୍ରୋଲରୁ ନିର୍ଗତ ଗ୍ୟାସରେ ନିଆଁ ଲାଗି ହଠାତ୍ ଜଳି ଉଠିଥିଲା ଏବଂ ସମଗ୍ର କୋଠରିକୁ ଜାଳି ଦେଲା । ପେଟ୍ରୋଲ ଡ୍ରମ୍‌ର ନିଆଁ ପ୍ରଚଣ୍ଡ ରୂପରେ ଜଳି ଉଠିବା ଫଳରେ ସାରା ଆକାଶ ସ୍ୱର୍ଣ୍ଣ ବର୍ଣ୍ଣ ଧାରଣ କଲା । ସମଗ୍ର ସହର ନିଆଁ ଆଲୋକରେ ଆଲୋକିତ ହୋଇ ଭୟ ସଂଚାର କଲା । ଲୋକେ ରାସ୍ତା କଡର ବାଲି, ନିଆଁ ଉପରେ ପକାଉଥାନ୍ତି । ମାତ୍ର, ନିଆଁ ଲିଭିବାର କୌଣସି ସୂଚନା ଦେଖାଗଲା ନାହିଁ । ବରଂ, ପେଟ୍ରୋଲ୍ ଡ୍ରମ୍‌ରୁ ନିର୍ଗତ ହୋଇ ଅଧିକ ଜଳିବାରେ ଲାଗିଥାଏ । ପାଖକୁ ଯାଇ ଆୟତ୍ତ କରିବା ମଧ୍ୟ ସମ୍ଭବ ହେଉନଥାଏ ।

ଏହିଭଳି ପରିସ୍ଥିତି ଦେଖି ଆମେ ଛାତ୍ରଗଣ ଆମର କର୍ତ୍ତବ୍ୟ ସ୍ଥିର କରିନେଲୁ । ଈଶ୍ୱରୀ ନନ୍ଦ ମୋ ବାପାଙ୍କ ଅତି ପ୍ରିୟ ଘନିଷ୍ଠ ବ୍ୟକ୍ତି । ତାଙ୍କ ସହିତ ମୋର ମଧ୍ୟ ଆଗରୁ ପରିଚୟ ହୋଇଛି । ଘରର ଅନ୍ୟାନ୍ୟ ଅଂଶକୁ ରକ୍ଷା କରିବା ପାଇଁ ସମସ୍ତେ ବ୍ୟସ୍ତ ଥାନ୍ତି । ଘରର ମାଠିଆରେ ଯାହା ପାଣିଥିଲା ଅଜାଡିବାରେ ଲାଗିଥାନ୍ତି । ମୁଁ ତାଙ୍କ ପାଖକୁ ଯାଇ କହିଲି, ‘‘ଆମେ ହଷ୍ଟେଲ ଛାତ୍ରମାନେ ଆସିଛୁ ଆମକୁ ପାଣି ଦେଖାଇ ଦିଅନ୍ତୁ, ମାଠିଆ, ବାଲଟି, ଗରା ଯାହା ଅଛି ଯୋଗାଇ ଦିଅନ୍ତୁ’’ । ସେ ତୁରନ୍ତ ତାଙ୍କ ବାଡିପଟେ ଥିବା ଛୋଟ ଗାଡିଆ ଆମକୁ ଦେଖାଇ ଦେଲେ । ସମସ୍ତ ଛାତ୍ର ଦୁଇ ଧାଡିରେ ଛିଡା ହୋଇ ପୋଖରୀଠୁ ନିଆଁ ପର୍ଯ୍ୟନ୍ତ ଯେତେଦୂର ଯାଇ ପାରିବୁ ଠିଆ ହୋଇଗଲୁ । ପୋଖରୀରୁ ବାଲଟି, ମାଠିଆରେ ପାଣି ଭର୍ତ୍ତି କରି ଗୋଟିଏ ଲାଇନ୍‌ରେ ଜଣେ ଜଣକ ହାତକୁ ବଢାଇ ଦେଉଥିଲୁ । ଶେଷମୁଣ୍ଡରେ ଥିବା ଯୁବକ ମାଠିଆ, ବାଲଟି ପାଣି ନିଆଁ ଉପରେ ଢାଳି ଅନ୍ୟ ଲାଇନରେ ଥିବା ପିଲାଙ୍କ ହାତକୁ ବଢାଇ ଦେଉଥାନ୍ତି । ଖାଲି ମାଠିଆ ବାଲଟି ହାତକୁ ହାତ ହୋଇ ପୋଖରୀ ପର୍ଯ୍ୟନ୍ତ ଚାଲିଆସି ପୁଣି ପାଣି ଭର୍ତ୍ତି ହୋଇ ହାତକୁ ହାତ ବଢିଯାଉଥାଏ । ଏପରି ଅନବରତ ପାଣି ଢାଳିବା ପରେ ନିଆଁ ଆୟତ୍ତ ହେଲା । ନିଆଁ ଆୟତ୍ତ ହୋଇ ରାସ୍ତାରେ ପାଣି ଭାସି ଯାଉଥାଏ ।

Source: Author, Digitized by PPRACHIN, SOA

ଧୂଆଁରେ ଚାରିଆଡେ ଅନ୍ଧାର ହୋଇ ଯାଇଥାଏ । ଆକାଶ ଏକ ପ୍ରକାର ଧୂମାଚ୍ଛନ୍ନ ହୋଇ ଯାଇଥାଏ । ଆମ ମାନଙ୍କର ପେଣ୍ଟ, ସାର୍ଟ ଓଦା, ମୁଣ୍ଡବାଳ ଅସ୍ତବ୍ୟସ୍ତ । ମୁହଁ ଝାଳରେ ବୁଡି ଯାଇଥାଏ । ଛାତ୍ରମାନେ ପାଣିରେ ତିନ୍ତି, ଝାଳନାଳ ହୋଇ ଏକ ବୃହତ୍ ବିପଦକୁ ଟାଳି ଦେଇ ପାରିଥିଲେ । ଛାତ୍ରମାନଙ୍କ ଶୃଙ୍ଖଳିତ କାର୍ଯ୍ୟ ପାଇଁ ଉପସ୍ଥିତ ଲୋକେ ଉଚ୍ଚ ପ୍ରଶଂସା କରିଥିଲେ । ଛାତ୍ରମାନଙ୍କ ଧୈର୍ଯ୍ୟ, ସାହସ ଶୃଙ୍ଖଳା ଯୋଗୁଁ ସଭିଙ୍କ ମନରେ ଆତ୍ମ-ବିଶ୍ୱାସ ବୃଦ୍ଧି ପାଇଥିଲା । ଆମେ ସମସ୍ତେ ଶ୍ରାନ୍ତ, କ୍ଳାନ୍ତ ହୋଇ ପଡିଥିଲୁ । ମାତ୍ର ମନରେ ଭରି ରହିଥାଏ ଉତ୍ସାହ । ଗଡ ଜିଣିଲା ଭଳି ଆନନ୍ଦ ମନରେ ଦୌଡି ଦୌଡି ହଷ୍ଟେଲକୁ ଫେରି ଆସିଥିଲୁ ।

ସ୍କୁଲରେ ଡ୍ରାମା ହେବ । ସେଥିପାଇଁ ଦୁଇଦଳ ମଧ୍ୟରେ ପ୍ରତିଯୋଗିତା ଆରମ୍ଭ ହୋଇଗଲା । ପ୍ରଧାନଶିକ୍ଷକ କେବଳ ଗୋଟିଏ ଡ୍ରାମା ପାଇଁ ଅନୁମତି ପ୍ରଦାନ କରିବେ । ଯେଉଁ ଡ୍ରାମା ଉତ୍କୃଷ୍ଟ ବିବେଚିତ ହେବ, ସେହି ଡ୍ରାମା କେବଳ ସ୍କୁଲରେ ପ୍ରଦର୍ଶିତ ହେବ । ତେଣୁ ଦୁଇଦଳ ମଧ୍ୟରେ ରିହରସେଲ ଯୋରସୋରରେ ଆରମ୍ଭ ହୋଇଗଲା । ଆମେ ହଷ୍ଟେଲ ଛାତ୍ରମାନେ ପୌରାଣିକ ନାଟକ ଅଶ୍ୱିନୀକୁମାର ଘୋଷଙ୍କ ଲିଖିତ 'ବୀର ଅଭିମନ୍ୟୁ' ମଞ୍ଚସ୍ଥ କରିବା ପାଇଁ ନିୟମିତ ଅଭ୍ୟାସ କରୁଥିଲୁ । କଳାକାର, ନାଟ୍ୟ ନିର୍ଦ୍ଦେଶକ ଉଦୟନାଥ ନନ୍ଦ ଆମକୁ ନିର୍ଦ୍ଦେଶ ଦେଉଥିଲେ । ପ୍ରଧାନଶିକ୍ଷକ ଏବଂ ଅନ୍ୟ ଶିକ୍ଷକମାନେ ଉଭୟ ଦଳର ଛାତ୍ରମାନଙ୍କ ନାଟକ ରିହରସେଲ ଦେଖିଲେ । ସର୍ବସମ୍ମତିକ୍ରମେ ଛାତ୍ରାବାସର ଛାତ୍ରମାନଙ୍କଦ୍ୱାରା ଅନୁଷ୍ଠିତ 'ବୀର ଅଭିମନ୍ୟୁ ନାଟକ' ମଞ୍ଚସ୍ଥ ହେବାପାଇଁ ଯୋଗ୍ୟ ବିବେଚିତ ହେଲା । ମୁଁ ମଧ୍ୟ ଏହି ନାଟକରେ ଅଭିନୟ କରିଥିଲି । ପ୍ରହ୍ଲାଦକିଶୋର ବେହେରା, ବୀର ଅଭିମନ୍ୟୁ ପାର୍ଟ କରିଥିଲେ । ତାଙ୍କ ରୋଲ ଉତ୍କୃଷ୍ଟ ହୋଇଥିବା ଯୋଗୁଁ ସେ ବହୁ ସମ୍ମାନ ପାଇ ପାରିଥିଲେ । ଗୋପ, ଜବହରଲାଲ, ପ୍ରସନ୍ନ ମୁଣ୍ଡ, ଗୌର ମିଶ୍ର ପ୍ରଭୃତି ମଧ ଅଂଶଗ୍ରହଣ କରିଥିଲେ ।

ବାର୍ଷିକ କ୍ରୀଡା ପ୍ରତିଯୋଗିତା ଠିକ୍ ସମୟରେ ଅନୁଷ୍ଠିତ ହେଉଥିଲା । ମୁଁ ୧୦୦ ମିଟର ଦୌଡରେ ଅଂଶ ଗ୍ରହଣ କରିଥିଲି । ମାତ୍ର ପୁରସ୍କାର ପାଇ ପାରିଲି ନାହିଁ । ମନରେ ଦୁଃଖ ହେଲା । ପ୍ରତିବର୍ଷ ସ୍କୁଲର କ୍ରୀଡା ପ୍ରତିଯୋଗିତା, ସ୍କୁଲର ପୁରସ୍କାର ବିତରଣ ଉତ୍ସବ ନିଶ୍ଚିତ ଭାବରେ ଯଥା ସମୟରେ ହେଉଥିଲା । ରିଙ୍ଗବଲ୍, ବ୍ୟାଡ୍‌ମିଣ୍ଟନ୍, କ୍ୟାରମ୍ ପ୍ରତିଯୋଗିତାରେ ମୁଁ ଏବଂ ମୋର କାକା ପ୍ରହଲ୍ଲାଦ ଅନେକ ଥର ଚମ୍ପିୟାନ ହୋଇ ପୁରସ୍କୃତ ହୋଇଛୁ । ଖେଳରେ ହାର୍‌ଜିତ ରହିଥାଏ । ହାରିଲେ ମଧ ତାକୁ ଖେଳୁଆଡ ମନୋବୃତ୍ତି ନେଇ ଗ୍ରହଣ କରିବାକୁ ପଡିବ । ଆମକୁ ଆମର ଭୁଲରୁ ଶିକ୍ଷା ଗ୍ରହଣ କରିବାକୁ ପଡିବ । ଏଥିପାଇଁ ଅଶେଷ ଧୈର୍ଯ୍ୟ ଓ ସହନଶୀଳତା ଆବଶ୍ୟକ ।

Source: Author, Digitized by PPRACHIN, SOA

ନିଜର କୃତିତ୍ୱ ପାଇଁ ବହୁ ସମୟ ଲାଗି ରହିବାକୁ ପଡ଼ିବ ।

ନବମ ଶ୍ରେଣୀକୁ ଉତ୍ତୀର୍ଣ୍ଣ ହେଲି । ଅପ୍‌ସନାଲ ବିଷୟ ନେବାକୁ ହେଉଥାଏ । ସ୍କୁଲରେ ମ୍ୟାଥ୍‌ମେଟିକସ୍, ଫିଜିଓଲୋଜି ଏବଂ ସଂସ୍କୃତ ସବ୍‌ଜେକ୍ଟ ଥିଲା । ନୂଆକରି ଏଗ୍ରିକଲ୍‌ଚର୍ ଅପ୍‌ସନାଲ୍ ପ୍ରଚଳନ ହେଲା । ନୂଆ ସବ୍‌ଜେକ୍ଟ । ତେଣୁ ମୋ ମନ ଏଥିପାଇଁ ଆକୃଷ୍ଟ ହେଲା । ମୁଁ ଏଗ୍ରିକଲ୍‌ଚର୍ ଅପ୍‌ସନାଲ ନେଇ ପଢ଼ିଲି । କିଛି ନୂଆ ବିଷୟ ଜାଣିବା ଓ କରିବା ପ୍ରବୃତ୍ତି ହିଁ ମୋତେ ଏଥିପାଇଁ ଆକୃଷ୍ଟ କଲା । ମୋର ଭବିଷ୍ୟତ ଜୀବନରେ ଏହା ବହୁ ସହାୟକ ହୋଇଥିଲା । ଚାଷ ସମ୍ବନ୍ଧରେ ଅନେକ ଜ୍ଞାନ ଆହରଣ କରି ସେତେବେଳେ ମୋ ଗାଁରେ ପ୍ରଥମ କରି ଜାପାନୀ ପ୍ରଣାଳୀ ଚାଷ ୧୯୫୩ ମସିହାରେ ଆରମ୍ଭ କରାଇଥିଲି । ଆମ ଜମିରେ ପ୍ରଥମେ ଧାଡ଼ିରୂଆ ଆରମ୍ଭ ହୋଇଥିଲା । ଧାନ ରୋଉଥିବା ମହିଳାମାନେ ଗାଳି କରିଥିଲେ, ବେଶି ସମୟ ନଷ୍ଟ ହେଉଥିବା ଯୋଗୁଁ । ସେଥିରେ ଦୁଃଖ ନ କରି ଖେଳଓ୍ୱାଡ୍ ମନୋଭାବରେ ତାହା ଗ୍ରହଣ କରିନେଲି । ତିତିକ୍ଷା ହିଁ ମଣିଷକୁ ଠିକ୍ ବାଟରେ ଆଗେଇ ନେବାରେ ସହାୟକ ହୋଇଥାଏ । ପ୍ରତ୍ୟେକ କଥାକୁ ଉପଯୋଗ କରି ଶିଖିବାକୁ ହେବ ।

ଅଖିଳଚନ୍ଦ୍ର କ୍ଲବ ନିର୍ମାଣ ଓ ନାଟ୍ୟାଭିନୟ :

ମ୍ୟାଟ୍ରିକ ପରୀକ୍ଷା ମାର୍ଚ୍ଚ ପ୍ରଥମ ସପ୍ତାହରେ ଶେଷ ହୋଇଯାଏ । ପରୀକ୍ଷା ଫଳ ବାହାରିବାକୁ ମେ' ଶେଷ ହୋଇଯିବ । ଏହି ଦୀର୍ଘ ସମୟ ମୁଁ ଗାଁରେ କଟାଇଥାଏ । ଚାରବାହାଲ ପାଠାଗାର ଆମ ଅଞ୍ଚଳର ଶ୍ରେଷ୍ଠ ପାଠାଗାର । ଏହି ପାଠାଗାରକୁ ଦେଖି ମୋ ମନରେ ଭାବନା ଖେଳିଲା, ଆମ ଗାଁରେ ମଧ୍ୟ ଏହି ଭଳି ଏକ ପାଠାଗାର ପ୍ରତିଷ୍ଠା କଲେ ଭଲ ହୁଅନ୍ତା । ଆମ ଗାଁରେ ମଧ୍ୟ କ୍ଲବ ଘର ପାଇଁ ପ୍ରତ୍ୟେକ ସଭ୍ୟଙ୍କଠୁ ଚାରିଅଣା ଲେଖାଏଁ ମାସିକ ସଭ୍ୟଚାନ୍ଦା ଦେବା ପାଇଁ ସ୍ଥିର ହୋଇଥାଏ । ମାତ୍ର ନିୟମିତ କିଏ ମଧ୍ୟ ଦେଉ ନ ଥିଲେ । ଏହି ଭଳି ପ୍ରତ୍ୟେକ ସଭ୍ୟଙ୍କ ପାଖରେ ବର୍ଷବର୍ଷ ଧରି ସଭ୍ୟଚାନ୍ଦା ଆଦାୟ ନହୋଇ ପଡ଼ିରହିଥାଏ । ମୋ ମନରେ ଏକ ଭାବନା ଖେଳିଲା । ମୋ ସାଙ୍ଗମାନଙ୍କୁ କହିଲି, ''ସଭ୍ୟ ଚାନ୍ଦା ଆଦାୟ କରି ସେହି ଅର୍ଥରେ କ୍ଲବ ଘର ନିର୍ମାଣ କଲେ କେମିତି ହେବ''? ସଭିଏଁ କହିଲେ, ''ବହୁତ ଭଲ ହେବ'' । ମାତ୍ର ସଭିଏଁ ସଭ୍ୟ ଚାନ୍ଦା ଦେବେ ତ? ମୁଁ ଉପାୟ ସ୍ଥିର କରି କହିଲି, ''କାଲି ଦିନ ୧୨ଟା ପରେ ଅସ୍ଥାୟୀ ପାଠାଗାର ସମ୍ମୁଖରେ ମୁଁ ଅନଶନରେ ବସିବି । ଯେତେବେଳ ପର୍ଯ୍ୟନ୍ତ ସଭ୍ୟମାନଙ୍କ ଟଙ୍କା ଆଦାୟ ନ ହେବ ମୁଁ ଅନଶନରୁ ଉଠିବି ନାହିଁ'' । ଆମ ଭିତରେ ସବୁ ଦିଗରୁ ବିଚାର କରି କାର୍ଯ୍ୟକ୍ରମ ସ୍ଥିର ହେଲା । ନିର୍ଦ୍ଦିଷ୍ଟ ସମୟରେ ମୁଁ ଅନଶନରେ

Source: Author, Digitized by PPRACHIN, SOA

ବସି ପଡିଲି । ଧଳା କାଗଜରେ ବଡ ବଡ ଅକ୍ଷରରେ ଲେଖା ହେଲା ''କ୍ଲବ ଘର ଚାନ୍ଦା ଆଦାୟ ପାଇଁ ଅନଶନ''। ସେହି କାଗଜକୁ କାନ୍ଥରେ ଅଠା ଲଗାଇ ମାରି ଦିଆଗଲା । ଗାଁରେ ହଇଚଇ ଖେଳିଗଲା । କଥାଟା ସମସ୍ତେ ଜାଣିଲେ । କ୍ଲବ ସଭାପତି ରାଜକିଶୋର ବେହେରା ସଭ୍ୟଚାନ୍ଦା ଖାତା ଧରି ଆସିଲେ । ମୋର ଅଜା ମଧ୍ୟ ଖବର ପାଇ ଆସିଗଲେ । ଗାଁର ସମସ୍ତେ ରୁଣ୍ଡ ହୋଇଥାନ୍ତି । ସମସ୍ତ ଘଟଣା ଜାଣି ଅଜା କହିଲେ, ''ଜଣେ ପିଲା ନ ଖାଇ ନ ପିଇ ଡହଡହ ଝାଞ୍ଜି ଖରାଟାରେ ଅଡି ବସିଛି । ତୁମେ ସବୁ ତୁମର ସଭ୍ୟ ଚାନ୍ଦା ଯାହାର ଯେତେ ହୋଇଛି ଆଣି ଦେଇ ଦିଅ । ଟଙ୍କା ଆଦାୟ ନ ହେବା ପର୍ଯ୍ୟନ୍ତ ସେ ଉଠିବ ନାହିଁ ବୋଲି ଜିଦ୍ ଧରିଛି''। ସଭିଁଙ୍କ ମଧ୍ୟରେ ଏକ ଗୁଞ୍ଜରଣ ଖେଳିଗଲା । ନିଜ ନିଜ ହିସାବ ଜାଣିନେଇ ସଭ୍ୟମାନେ ଗୋଟି ଗୋଟି ଘରକୁ ଚାଲିଯାଇ ଟଙ୍କା ଆଣି ସଭାପତିଙ୍କୁ ପ୍ରଦାନ କଲେ । ସଭ୍ୟ ଚାନ୍ଦା ବାବଦକୁ ସର୍ବମୋଟ ୬୮୦ ଟଙ୍କା ଆଦାୟ ହେଲା । ମୋ ମନରେ ଆନନ୍ଦ ଖେଳିଗଲା । ଅନଶନରେ ବସିବାଦ୍ୱାରା ଲୋକଙ୍କ ମନରେ ଆଗ୍ରହ ବୃଦ୍ଧି ପାଇଲା ।

ସେତିକ ଟଙ୍କାରେ କ୍ଲବ ଘର ହୋଇପାରିବ ନାହିଁ । ଗାଁ ଲୋକେ ଉତ୍ସାହିତ ହୋଇ କିଏ ବାଲି, କିଏ ଇଟା, କିଏ ସିମେଣ୍ଟ ଓ କିଏ ଶ୍ରମ ପ୍ରଦାନ କରିବା ପାଇଁ ପ୍ରସ୍ତୁତ ହୋଇଗଲେ । ଯାହା ନିଅଣ୍ଟ ପଡିବ ଅଜା ଭରଣ କରିବେ । କ୍ଲବ ଘର ନିର୍ମାଣ ହେବ । କିଏ ବା ମନା କରିବେ କାହିଁକି? ସବୁ ଠିକ୍ ହୋଇ କାମ ମଧ୍ୟ ଆରମ୍ଭ ହୋଇଗଲା । ନିର୍ଦ୍ଦିଷ୍ଟ ଦିନ ଭିତରେ କାମ ମଧ୍ୟ ଶେଷ ହୋଇଗଲା । ଏକ ପୂର୍ଣ୍ଣାଙ୍ଗ ଘର ପ୍ରତିଷ୍ଠିତ ହେଲା । ନାମ ରଖାଗଲା 'ଅଖିଳଚନ୍ଦ୍ର କ୍ଲବ୍,' ବା ଏ.ସି. କ୍ଲବ । କାର୍ଯ୍ୟଟି ଯଥାସମୟରେ ପୂର୍ଣ୍ଣାଙ୍ଗ ହୋଇଥିବା ଯୋଗୁଁ ଲୋକଙ୍କ ମନରେ ଉତ୍ସାହ ଖେଳି ଯାଇଥାଏ । କ୍ଲବ୍ ଆନୁକୂଲ୍ୟରେ ପ୍ରତି ବର୍ଷ ନାଟକ ମଞ୍ଚସ୍ଥ ହୁଏ । ପ୍ରଥମ ବର୍ଷ ପୌରାଣିକ ନାଟକ 'ବଭ୍ରୁବାହନ' ମଞ୍ଚସ୍ଥ ହୋଇଥିଲା । ତାର ପରବର୍ଷ ସାମାଜିକ ନାଟକ 'ଚନ୍ଦ୍ରଭାନୁ' ମଞ୍ଚସ୍ଥ ହୋଇଥିଲା । ଗ୍ରାମାଞ୍ଚଳରେ ସାମାଜିକ ନାଟକ ମଞ୍ଚସ୍ଥ ହେବା ଏହା ବୋଧହୁଏ ପ୍ରଥମ । ଗ୍ରାମାଞ୍ଚଳମାନଙ୍କରେ ସେତେବେଳେ କେବଳ ପୌରାଣିକ ନାଟକମାନ ମଞ୍ଚସ୍ଥ ହେଉଥିଲା । ଚାରବାହାଲ, ଜୟପାଟଣା, ଧର୍ମଗଡ, ମଦନପୁର ରାମପୁର, ଭବାନୀପାଟଣା ପ୍ରଭୃତିରେ ନାଟକଗୁଡିକ ମଞ୍ଚସ୍ଥ ହେଉଥିଲା । ଆଗ୍ରହ ସହିତ କିଛି କରିବା ପାଇଁ ମନ ଟାଣି ନଉଥିଲା ।

— —

Source: Author, Digitized by PPRACHIN, SOA

ଦ୍ୱିତୀୟ ପରିଚ୍ଛେଦ

କଲେଜ ଜୀବନ

ଓଡ଼ିଶାରେ ଉଚ୍ଚ ଶିକ୍ଷାନୁଷ୍ଠାନର ଅଭ୍ୟୁଦୟ :

ସ୍କୁଲ ଶିକ୍ଷା ସମାପ୍ତ ପରେ କଲେଜରେ ନାମ ଲେଖାଇବା ପାଇଁ ସ୍ଥିର ହେଲା । ମୁଁ ଆର୍ଟସ୍ ପଢ଼ିବି ବୋଲି ସ୍ଥିର କଲି । କଳାହାଣ୍ଡିରେ ସେତେବେଳେ କଲେଜ ପ୍ରତିଷ୍ଠିତ ହୋଇନଥାଏ । ଶିକ୍ଷା ପ୍ରତି ଲୋକଙ୍କ ମନରେ ଚେତନା ଆରମ୍ଭ ହୋଇଯାଇଥାଏ । ନିରକ୍ଷରତା ଗୋଟିଏ ସାଂଘାତିକ ସାମାଜିକ ବ୍ୟାଧି । ଏହା ଧୀରେ ଧୀରେ ଲୋକଙ୍କ ମନରେ ଭାବନା ଖେଳାଉଥାଏ । ଓଡିଶାର ବିଭିନ୍ନ ଜାଗାରେ ତାର ପ୍ରଭାବ ପଡି ଚାଲିଥାଏ । କଟକ ରେଭେନ୍ସା କଲେଜ ଓଡିଶାର ଗୋଟିଏ ଆଦର୍ଶ ଶିକ୍ଷାନୁଷ୍ଠାନ । ଏଥିପାଇଁ ଓଡିଶାର ତତ୍‌କାଳୀନ କମିସନର ଟି.ଇ.ରେଭେନ୍‌ସାଙ୍କ ଅବଦାନ ସ୍ମରଣୀୟ । ଏହା ୧୮୬୮ ମସିହାରେ ଆରମ୍ଭ ହୋଇଥିଲା । ସେତେବେଳେ ଗୋରାସାହେବମାନେ ମହାବିଦ୍ୟାଳୟର ଅଧ୍ୟକ୍ଷ ହେଉଥିଲେ । ୰ଶ୍ୟାମସୁନ୍ଦର ତ୍ରିପାଠୀ ରେଭେନ୍‌ସା ମହାବିଦ୍ୟାଳୟର ପ୍ରଥମ ଓଡିଆ ଅଧ୍ୟକ୍ଷ । ଡ. ପ୍ରାଣକୃଷ୍ଣ ପରିଜା ଦ୍ୱିତୀୟ ଓଡିଆ ଅଧ୍ୟକ୍ଷ । ସେତେବେଳେ ଶିକ୍ଷାନୁଷ୍ଠାନସବୁ କଲିକତା ବିଶ୍ୱବିଦ୍ୟାଳୟ ଅଧୀନରେ ପରିଚାଳିତ ହେଉଥିଲା । ତା'ପରେ ୧୯୧୭ ବେଳକୁ ପାଟନା ବିଶ୍ୱବିଦ୍ୟାଳୟ ଅଧୀନକୁ ଆସିଲା ।

୧୯୪୩ ମସିହାରେ ଓଡିଶାରେ ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠିତ ହେଲା । ମାତ୍ର, ବିଭିନ୍ନ ବିଷୟର ଶିକ୍ଷା ପାଇଁ ବିଭାଗମାନ ଖୋଲି ନ ଥିଲା । ତେଣୁ ଏମ୍.ଏ., ଏମ୍.କମ୍., ଲ' ପଢ଼ିବା ପାଇଁ ଓଡିଶାର ଛାତ୍ରମାନେ ପାଟନା ଯାଉଥିଲେ । କେତେକ ଛାତ୍ର କଲିକତା, ଆହ୍ଲାବାଦ, ବନାରସ ଯାଉଥିଲେ ।

ମୋର ବାପା ରେଭେନ୍‌ସା କଲେଜରୁ ବି.ଏସସି. ପାସ୍ କଲାପରେ ଲ' ପଢ଼ିବା ପାଇଁ ଏହ୍ଲାବାଦ ଯାଇଥିଲେ ।

୧୯୩୭ ମସିହାରେ ଓଡିଶା ପ୍ରଦେଶରେ ଗୋଟିଏ ସ୍ୱତନ୍ତ୍ର ବିଶ୍ୱବିଦ୍ୟାଳୟ ସ୍ଥାପନ ପାଇଁ ପଣ୍ଡିତ ନୀଳକଣ୍ଠ ଦାସଙ୍କ ଅଧ୍ୟକ୍ଷତାରେ ପ୍ରଥମ କଂଗ୍ରେସ ମନ୍ତ୍ରିମଣ୍ଡଳ ଗଠନ ହେଲାପରେ କମିଟି ଗଠନ ହୋଇଥିଲା । ସେମାନେ ତୁରନ୍ତ ବିଶ୍ୱବିଦ୍ୟାଳୟ ସ୍ଥାପନ ପାଇଁ ସୁପାରିସ କରିଥିଲେ ।

Source: Author, Digitized by PPRACHIN, SOA

୧୯୪୩ରେ ପାରଳା ମହାରାଜାଙ୍କ ମନ୍ତ୍ରିମଣ୍ଡଳରେ ଶିକ୍ଷାମନ୍ତ୍ରୀ ପଣ୍ଡିତ ଗୋଦାବରୀଶ ମିଶ୍ର ଏହାକୁ କାର୍ଯ୍ୟକାରୀ କରିଥିଲେ । ୧୯୪୩ ମସିହାରେ 'ଉତ୍କଳ ବିଶ୍ୱବିଦ୍ୟାଳୟ ଆଇନ' ସ୍ୱୀକୃତି ଲାଭକଲା । ବିଶ୍ୱବିଦ୍ୟାଳୟ ଅଧୀନରେ କମ୍ ସଂଖ୍ୟକ ମହାବିଦ୍ୟାଳୟ ଥିବା ଯୋଗୁଁ, ଏହାର ସଂଖ୍ୟା ବୃଦ୍ଧି ପାଇଁ ଅଧିକ ଉଚ୍ଚ ବିଦ୍ୟାଳୟ, ମହାବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଉଦ୍ୟମ ହେଲା । ୧୯୪୪ରେ ସମ୍ବଲପୁର, ପୁରୀ, ବାଲେଶ୍ୱରଠାରେ ଜିଲ୍ଲା ଉଚ୍ଚଇଂରାଜୀ ବିଦ୍ୟାଳୟ କଳା ଓ ବିଜ୍ଞାନର ମହାବିଦ୍ୟାଳୟମାନ ଖୋଲିଲା । ୧୯୪୫ରେ କୋରାପୁଟ ଜିଲ୍ଲା ଜୟପୁରଠାରେ ଆଇ.ଏ., ଆଇ.ଏସ୍.ସି ସରକାରୀ ମହାବିଦ୍ୟାଳୟରେ ସ୍ଥାପିତହେଲା । ବହୁ ବେସରକାରୀ ମହାବିଦ୍ୟାଳୟମାନ ମଧ୍ୟ ପ୍ରତିଷ୍ଠିତ ହେଲା । ପାରଳା ମହାରାଜାଙ୍କଦ୍ୱାରା 'କୃଷ୍ଣଚନ୍ଦ୍ର ଗଜପତି କଲେଜ' ପାରଳାଖେମୁଣ୍ଡିରେ ପ୍ରତିଷ୍ଠିତ ହେଲା । ବ୍ରହ୍ମପୁରଠାରେ ମହାରାଜା ହରିହର ମର୍ଦ୍ଦରାଜଙ୍କ ଉଦ୍ୟମରେ 'ଖଲ୍ଲିକୋଟ କଲେଜ' ପ୍ରତିଷ୍ଠିତ ହେଲା । ଏହାକୁ ଆନ୍ଧ୍ର ବିଶ୍ୱବିଦ୍ୟାଳୟରୁ କାଢ଼ି ଆଣି ଉତ୍କଳ ବିଶ୍ୱବିଦ୍ୟାଳୟର ନିୟନ୍ତ୍ରଣରେ ରଖାଗଲା । ମୁଁ ଏହି ଖଲ୍ଲିକୋଟ କଲେଜରେ ୧୯୫୫ ମସିହାରେ ଆଇ.ଏ.ରେ ନାମ ଲେଖାଇଲି ।

ଖଲ୍ଲିକୋଟ ରାଜା ହରିହର ମର୍ଦ୍ଦରାଜ :

ଅତୀତରେ ଉତ୍କଳର କପିଳେନ୍ଦ୍ର ଦେବ, ପୁରୁଷୋତ୍ତମ ଦେବ, ପ୍ରତାପରୁଦ୍ର ଦେବ ପ୍ରଭୃତି ଚକ୍ରବର୍ତ୍ତୀ ରାଜାମାନଙ୍କୁ ଦାକ୍ଷିଣାତ୍ୟ ଅଭିଯାନ ସମୟରେ ଖଲ୍ଲିକୋଟ ଦେଇ ଯିବାକୁ ହେଉଥାଏ । ଭୂୟାଁ ସେନା ସର୍ଦ୍ଦାର ଖଲ୍ଲିକୋଟ ରାଜାଙ୍କୁ ପୂର୍ଣ୍ଣ ସମର୍ଥନ ଦେଇ ଆସୁଥିଲେ । ତେଣୁ ଯୁଦ୍ଧଯାତ୍ରାପଥ ସୁଗମ ହେଉଥିଲା । ଉତ୍କଳର ଚକ୍ରବର୍ତ୍ତୀ ରାଜାମାନେ ଦାକ୍ଷିଣାତ୍ୟ ଅଭିଯାନରୁ ବିଜୟ ମଣ୍ଡିତ ହୋଇ ଫେରୁଥିଲେ । ସେଥିପାଇଁ ଓଡିଶାର ମହାରାଜାମାନେ ଖଲ୍ଲିକୋଟ ରାଜାଙ୍କୁ 'ମର୍ଦ୍ଦରାଜ ଉପାଧିରେ' ଭୂଷିତ କରିଥିଲେ ।

ବ୍ରିଟିଶ୍ ସରକାର ଓଡିଶାକୁ ଚାରିଖଣ୍ଡ କରି ଖଣ୍ଡେ ମାନ୍ଦ୍ରାଜରେ, ଖଣ୍ଡେ ବଙ୍ଗଳାରେ, ଖଣ୍ଡେ ବିହାରରେ ଓ ଆରଖଣ୍ଡ ମଧ୍ୟପ୍ରଦେଶରେ ଯୋଗକରି ଓଡିଶାର ମେରୁଦଣ୍ଡକୁ ଭାଙ୍ଗି ଦେଇଥିଲେ । ଏସବୁ ଦେଖି ମର୍ଦ୍ଦରାଜଙ୍କୁ ବହୁତ ବାଧିଲା । ବାଲ୍ୟକାଳରୁ ହରିହର ମର୍ଦ୍ଦରାଜ ବିଶାଳ ଅଖଣ୍ଡ ଓଡିଶାର ସ୍ୱପ୍ନ ଦେଖିଥିଲେ । ମୟୂରଭଞ୍ଜ ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜଦେଓଙ୍କ ଭଗିନୀ ଜେମାଙ୍କୁ ହରିହର ମର୍ଦ୍ଦରାଜ ବିବାହ କରିଥିଲେ ।

ଚିଲିକା ହ୍ରଦ ନିକଟବର୍ତ୍ତୀ ରମ୍ଭା ପ୍ରାସାଦରେ ହରିହର ମର୍ଦ୍ଦରାଜ, ରାମଚନ୍ଦ୍ର ଭଞ୍ଜ ଦେଓ, ମଧୁସୂଦନ ଦାସ, ଶ୍ୟାମସୁନ୍ଦର ରାଜଗୁରୁ, ହରିହର ପଣ୍ଡା ପ୍ରଭୃତି ଓଡିଶାର ମିଶ୍ରଣ ପାଇଁ ଗଭୀର ଆଲୋଚନା କରିଥିଲେ । ସେହି ଆଲୋଚନା ମଧ୍ୟରୁ ହିଁ 'ଉତ୍କଳ

Source: Author, Digitized by PPRACHIN, SOA

ସମ୍ମିଳନୀ'ର ପରିକଳ୍ପନା ସୃଷ୍ଟିହେଲା । ତାର ବାସ୍ତବତା ନେଇ 'ଉତ୍କଳ ସମ୍ମିଳନୀ'ର ବହୁ ଅଧିବେଶନ ରମ୍ଭାରେ ବସିଥିଲା ।

ଜାତିକୁ ରକ୍ଷା କରିବାକୁ ହେଲେ ଜାତିର ଭାଷାକୁ ପ୍ରଥମେ ରକ୍ଷା କରିବାକୁ ପଡିବ । ତାର ସଂସ୍କୃତିକୁ ରକ୍ଷା କରିବାକୁ ପଡିବ । ସେଥିରେ ଉଦ୍‌ବୁଦ୍ଧ ହୋଇ ହରିହର ମର୍ଦ୍ଦରାଜ ବ୍ରହ୍ମପୁରରେ ଖଲ୍ଲିକୋଟ କଲେଜ ପ୍ରତିଷ୍ଠା କଲେ । ଲୋକେ ଏକାଠି ବସି ସଂସ୍କୃତି, କଳା, ନାଟକର ବିକାଶ ପାଇଁ ଚିନ୍ତା କରିବା ନିମନ୍ତେ ବ୍ରହ୍ମପୁର ଟାଉନ ହଲ ମଧ୍ୟ ପ୍ରତିଷ୍ଠା କଲେ । ବୋଇରାଣୀ ଓ ଖଲ୍ଲିକୋଟ ଉଚ୍ଚବିଦ୍ୟାଳୟ ମଧ୍ୟ ସ୍ୱନାମଧନ୍ୟ ଏହି ମର୍ଦ୍ଦରାଜଙ୍କଦ୍ୱାରା ପ୍ରତିଷ୍ଠିତ ହୋଇଥିଲା ।

ଖଲ୍ଲିକୋଟ କଲେଜର ଛାତ୍ର :

ମୁଁ କଲେଜରେ ଯୋଗ ଦେବା ସମୟରେ ରାମଚନ୍ଦ୍ର ମର୍ଦ୍ଦରାଜ ଖଲ୍ଲିକୋଟ କଲେଜର ସଭାପତି ଥିଲେ । ଲିଙ୍ଗରାଜ ପାଣିଗ୍ରାହୀ କାର୍ଯ୍ୟକାରୀ ସଭାପତି ରୂପେ କାର୍ଯ୍ୟ ପରିଚାଳନା କରୁଥିଲେ । ନୃସିଂହ ପାଢୀ ପ୍ରିନ୍‌ସିପାଲ ଦାୟିତ୍ୱରେ ଥିଲେ । କଳାହାଣ୍ଡିରେ କୌଣସି କଲେଜ ନଥିବା ଯୋଗୁଁ କଲେଜରେ ପଢିବାପାଇଁ ବାହାର ଜିଲ୍ଲାକୁ ଯାଉଥିଲି । ସେତେବେଳେ ଯେଉଁମାନେ ସାଇନ୍‌ସ ପଢୁଥିଲେ ସେମାନେ ପାରଳାଖେମୁଣ୍ଡି ଯାଉଥିଲେ । ଗୋପବନ୍ଧୁ ବେହେରା, ତ୍ରିଲୋଚନ ସିଂହ, ଫକୀର ନାରାୟଣ ପଣ୍ଡା ପ୍ରଭୃତି ପାର୍ଲାଖେମୁଣ୍ଡିରେ ନାମ ଲେଖାଇ ଥିଲେ । ଆର୍ଟ୍‌ସ, କମର୍ସ ପଢିବା ପାଇଁ ସମ୍ବଲପୁର ଯାଉଥିଲେ । ମୁଁ ଆର୍ଟ୍‌ସ ପଢିଲି । ତେଣୁ ବ୍ରହ୍ମପୁର ଖଲ୍ଲିକୋଟ କଲେଜରେ ପଢିବା ପାଇଁ ସ୍ଥିରକଲି । ରେଭେନ୍‌ସା କଲେଜ ଓଡିଶାର ଖ୍ୟାତନାମା କଲେଜ । ମାତ୍ର ସେଠାରେ ସିଟ୍ ମିଳିବା ସମ୍ଭବ ହେଉନଥିଲା । ତେଣୁ ଓଡିଶାର ଦ୍ୱିତୀୟ ବୃହତ୍ତମ କଲେଜ ଖଲ୍ଲିକୋଟ କଲେଜରେ ନାମ ଲେଖାଇବା ପାଇଁ ସ୍ଥିରହେଲା । ସେଠି ମୋର କୌଣସି ପରିଚିତ ଲୋକନଥିଲେ । ଜଣେ ଲୋକାଲ ଗାର୍ଡିଆନ୍ ଆବଶ୍ୟକ ପଡିବ । ଖ୍ୟାତନାମା ନାଟ୍ୟ ନିର୍ଦ୍ଦେଶକ ଉଦୟନାଥ ନନ୍ଦଙ୍କ ଜ୍ୱାଇଁ ଚନ୍ଦ୍ରଶେଖର ରଥ ସେହି କଲେଜର ଇଂରାଜୀ ଅଧ୍ୟାପକ । ତାଙ୍କ ପାଖକୁ ଶ୍ରୀ ନନ୍ଦ ମୋ ସମ୍ବନ୍ଧରେ ଚିଠି ଲେଖିଲେ । ସେହି ଚିଠି ପାଇଲା ପରେ ମୋର ମନ ଆଶ୍ୱସ୍ତ ହେଲା ।

ପ୍ରଥମକରି ମୁଁ ଟ୍ରେନ୍‌ରେ ଏକୁଟିଆ ଯାତ୍ରା କରିବି । ତେଣୁ ଜଣେ ବୟସ୍କ ଲୋକ ମୋତେ କେସିଙ୍ଗା ଷ୍ଟେସନରୁ ବିଜୟନଗରମ ପର୍ଯ୍ୟନ୍ତ ମୋ ସହିତ ଯିବେ । ସେଠି ମୋତେ ବ୍ରହ୍ମପୁର ଯାଉଥିବା ଟ୍ରେନ୍‌ରେ ବସାଇ ସେ ଫେରି ଆସିବେ । ଏହିଭଳି ଟ୍ରେନ୍‌ରେ ମୁଁ ପ୍ରଥମ ଯାତ୍ରା କଲି । ମନରେ ନାନା ଆଶଙ୍କା ଖେଳି ଯାଉଥାଏ ।

Source: Author, Digitized by PPRACHIN, SOA

ନୂଆକରି ବ୍ରହ୍ମପୁର ଯାଉଛି । କେଉଁଠି ରହିବି, କଲେଜରେ ନାମ ଲେଖା ହୋଇପାରିବ କି ନାହିଁ । ଏହିଭଳି ବିଭିନ୍ନ ପ୍ରଶ୍ନ ମନରେ ଉଙ୍କି ମାରୁଥାଏ । ଏମିତି ନାନା ଭାବନା ମଧ୍ୟରେ ଟ୍ରେନ୍‌ରେ ବସି ଦୂରକୁ ଅନାଇ ରହିଥାଏ ।

ନିର୍ଦ୍ଦିଷ୍ଟ ସମୟରେ ଟ୍ରେନ୍ ବ୍ରହ୍ମପୁର ଷ୍ଟେସନରେ ପହଞ୍ଚିଗଲା । ଟ୍ରେନ୍‌ରୁ ଓହ୍ଲାଇ ଜଣେ କୁଲି ହାତରେ ମୋର ବକ୍ସ, ବେଡିଙ୍ଗ ବୁହାଇ ଷ୍ଟେସନ୍ ବାହାରକୁ ଆସି ରିକ୍‌ସାରେ ବସି ସିଧା କଲେଜ ହଷ୍ଟେଲକୁ ଚାଲି ଆସିଲି । ସମସ୍ତେ ନୂଆ, କିଏ ମୋର ଚିହ୍ନା ଲୋକ ନ ଥାନ୍ତି । ମୋତେ ବଡ ଅଡୁଆ ଲାଗୁଥାଏ ।

ହଠାତ୍ ମୋର ଜଣେ ସ୍କୁଲ ସାଥୀ ବୈଦ୍ୟନାଥ ରଥ ମୋତେ ଦେଖିଲେ ଏବଂ ପାଟିକଲେ, ‘‘ରାସବିହାରୀ ତୁମେ କୁଆଡେ’’? ମୋ ନା ଶୁଣି ଚମକି ପଡି ବୁଲି ଦେଖିଲି ସ୍କୁଲ ବନ୍ଧୁ ବୈଦ୍ୟନାଥ । ଆଶ୍ଚର୍ଯ୍ୟରେ ମୁହଁରେ ହସ ଖେଳାଇ ତାଙ୍କୁ ଅନାଇ ରହିଲି । ସେ ମୋ ପାଖକୁ ଚାଲି ଆସି ଆଶ୍ଚର୍ଯ୍ୟ ଚାହାଣିରେ ମୋତେ ଦେଖି କହିଲେ, ‘‘କଣ ଏଠି ପଢିବା ପାଇଁ ଚାଲି ଆସିଲ’’? ଖୁସିରେ ତାଙ୍କୁ କୁଣ୍ଢାଇ କହିଲି ‘‘ହଁ ପଢିବା ପାଇଁ ଚାଲିଆସିଲି’’ । ‘‘ଭଲ କଲ, ଭଲ କଲ । ମୁଁ ଆଗରୁ ଆସି ଯାଇଛି । ମୁଁ ବି ସାଙ୍ଗଟିଏ ଖୋଜୁଥିଲି । ହଷ୍ଟେଲରେ ମୋତେ ମଧ୍ୟ ସିଟ୍ ମିଳିନାହିଁ । କମନ୍ ରୁମରେ ରହିଛି । ଚାଲ ମୋ ସହିତ ତୁମେ ମଧ୍ୟ ସେଠି ରହିବ । କଲେଜରେ ନାମ ଲେଖା ପରେ ହଷ୍ଟେଲରେ ସିଟ୍ ମିଳିବ’’ ।

ବନ୍ଧୁ ବୈଦ୍ୟନାଥ ଏମିତି କହି ମୋର ସୁଟ୍‌କେଶକୁ ଧରି ଚାଲିଲେ । ମୁଁ ମଧ୍ୟ ମୋର ବେଡିଙ୍ଗ ଧରି ତାଙ୍କ ପଛେ ପଛେ ଚାଲିଲି । ମୋ ମନରୁ ଏକ ବିରାଟ ବୋଝ ଖସି ପଡିଲା ଭଳି ମନେ ହେଲା । କମନ୍ ରୁମରେ ଦୁଇ ବନ୍ଧୁ ବସି ଅନେକ କଥାବାର୍ତ୍ତା ହେଲୁ । ମେସ୍ ମ୍ୟାନେଜରଙ୍କୁ ସାକ୍ଷାତ କରି ଖାଇବା ପାଇଁ ମୋର ମିଲ୍ ପକାଗଲା । ତା ପରଦିନ ଅଧ୍ୟାପକ ଶ୍ରୀ ଚନ୍ଦ୍ରଶେଖର ରଥଙ୍କ ସହ ସାକ୍ଷାତ କରି ତାଙ୍କଠୁ ଆଶ୍ୱାସନା ପାଇଲି । ଯଥା ସମୟରେ କଲେଜରେ ମୋର ନାମ ଲେଖା ହୋଇଗଲା । କଲେଜ ଫଣ୍ଡକୁ କୋଡିଏ ଟଙ୍କା ଡୋନେସନ ଦେଲି । ଭି.ଏମ୍. ହଷ୍ଟେଲରେ (ମହାରାଣୀ ଭିକ୍ଟୋରିଆଙ୍କ ସ୍ମୃତିରେ ଏହି ହଷ୍ଟେଲ ପ୍ରତିଷ୍ଠିତ) ହଷ୍ଟେଲରେ ନାମ ଲେଖା ହୋଇଗଲା, ରୁମ୍ ମଧ୍ୟ ମିଳିଗଲା । ବୈଦ୍ୟନାଥ ଏବଂ ମୋତେ ଅଲଗା ରୁମ ମିଳିଲା । ହଷ୍ଟେଲ ସିଟ୍ ମିଳିଗଲା ପରେ ମନ ମୋର ଆଶ୍ୱସ୍ତ ହେଲା ।

ଛାତ୍ରାବାସ ଜୀବନ :

ଛାତ୍ର ଜୀବନ ହେଉଛି ଏକ ମୂଲ୍ୟବାନ ଜୀବନ । ବିଶେଷକରି କଲେଜ ଜୀବନରେ ହିଁ ଯୁବକ ନିଜ ଜୀବନର ଲକ୍ଷ୍ୟସ୍ଥଳ ପାଇଁ ଦିଗ ନିର୍ଣ୍ଣୟ କରିଥାଏ । ଛାତ୍ର

Source: Author, Digitized by PPRACHIN, SOA

ଜୀବନର ଅନୁଭୂତି ମୋ ଜୀବନରେ ମୂଳଦୁଆ ରୂପେ କାର୍ଯ୍ୟ କରିଥିଲା । ସେହି ମୂଳଦୁଆ ଉପରେ ମୁଁ ମୋ ଜୀବନର ଗୋଟିଏ ପରେ ଗୋଟିଏ ସୋପାନ ଆରୋହଣ କରିବାର ସୁଯୋଗ ପାଇ ପାରିଥିଲି । ପୁସ୍ତକକୀଟ ନ ହୋଇ ସେବା, ସଂଗଠନ, ସଂସ୍କୃତି, ଅନୁଷ୍ଠାନ ସହ ଜଡିତ ରହି ନିଜକୁ ସାମିଲ କରି ନେଉଥିଲି । କଲେଜକୁ ଯାଇ କ୍ଲାସ୍ ଶେଷରେ ହଷ୍ଟେଲକୁ ଫେରି ଆସି, ବିଜିପୁର ହୋଟଲରୁ ହଷ୍ଟେଲ ପିଅନ ଗଦା ହାତରେ ଜଳଖିଆ ମଗାଇ ଖାଇ ଖେଳିବା ପାଇଁ ଚାଲି ଯାଉଥିଲି । ନିୟମିତ ଭଲିବଲ୍ ଖେଳିବା ଅବା କେଉଁ ଦିନ ସାଙ୍ଗମାନଙ୍କ ସହ କଲେଜ ପଡିଆକୁ ଯାଇ ଫୁଟବଲ ଖେଳିବା ମୋର ଅଭ୍ୟାସରେ ପରିଣତ ହୋଇ ଯାଇଥାଏ ।

ବ୍ୟାଡ୍‌ମିଣ୍ଟନ୍ ଖେଳରେ କୃତିତ୍ୱ :

ହଷ୍ଟେଲର ଚାରିଜଣ ସାଙ୍ଗକୁ ଏକଜୁଟ କରି ବ୍ୟାଡମିଣ୍ଟନ ଖେଳିବା ପାଇଁ ସ୍ଥିରକଲୁ । ବ୍ରହ୍ମପୁରରେ ଭଲବଲ ବ୍ୟାଡ୍‌ମିଣ୍ଟନ ଖେଳା ଯାଉଥାଏ । କିଏ ମଧ ସଟଲ୍ କର୍କ ବ୍ୟାଡମିଣ୍ଟନ ଖେଳୁ ନ ଥିଲେ । ଆମେ ଚାରିଜଣ ସାଙ୍ଗ ଚାନ୍ଦା କରି ନେଟ୍, ର୍ୟାକେଟ୍, ସଟଲ୍‌କର୍କ, ବଜାରରୁ କିଣି ଆଣି ହଷ୍ଟେଲ ପଡିଆରେ କୋର୍ଟ କାଟିଲୁ ଏବଂ ଲାଇନରେ ଚୂନ ଦେଇ, ପୋଲପୋତି, ନେଟ୍ ବାନ୍ଧି ବ୍ୟାଡ୍‌ମିଣ୍ଟନ ଖେଳିଲୁ । ଆମକୁ ଅଶେଷ ପରିଶ୍ରମ କରିବାକୁ ପଡିଥିଲା ।

ନୂଆକରି ବ୍ୟାଡମିଣ୍ଟନ୍ ଖେଳ ହେଉଥିବା ଦେଖି ହଷ୍ଟେଲ ଛାତ୍ରମାନେ ରୁଣ୍ଡ ହୋଇ ଉପଭୋଗ କରିଥିଲେ । କଲେଜ ହଷ୍ଟେଲରେ ନୂଆକରି ବ୍ୟାଡମିଣ୍ଟନ୍ ଖେଳ ଆରମ୍ଭ କରିଥିବା ଯୋଗୁଁ ଖେଳ ଉପରେ ଚର୍ଚ୍ଚା ହେଉଥାଏ । ପ୍ରିନ୍‌ସିପାଲଙ୍କ ଅନୁମତି ନେଇ କଲେଜର ଡ୍ରାମା ହଲ୍ ସମ୍ମୁଖରେ ସିମେଣ୍ଟ ଚଟାଣରେ କୋର୍ଟ କାଟିଲୁ । ନୂଆ ନେଟ୍, ନୂଆ ବ୍ୟାଡମିଣ୍ଟନ୍ ର୍ୟାକେଟ୍ ସଟଲକର୍କ କଲେଜ ଫଣ୍ଡରୁ କିଣି ଜଣେ ଅଧ୍ୟାପକଙ୍କୁ ଅନୁରୋଧ କଲୁ, ଉଦଘାଟନ କରିବା ପାଇଁ । ଅଧ୍ୟାପକ ଚନ୍ଦ୍ରଶେଖର ରଥ ଜଣେ ଖେଳାଳି । ସେ ଏହା ଉଦ୍‌ଘାଟନ କରି ଆମ ଉଦ୍ୟମ ପାଇଁ ପ୍ରଶଂସା କରିଥିଲେ । କଲେଜ ପ୍ରାଙ୍ଗଣରେ ପ୍ରତିଦିନ ବ୍ୟାଡମିଣ୍ଟନ୍ ଖେଳ ହେଲା । ଦିନକୁ ଦିନ ଛାତ୍ରମାନଙ୍କ ସହିତ ଅଧ୍ୟାପକ ମାନେ ମଧ ଆସି ଆମ ସହିତ ଖେଳିଲେ । ଖେଳ ପ୍ରତି ମୋର ଆଗ୍ରହ ଏବଂ ଉଦ୍ୟମ ଦେଖି ହଷ୍ଟେଲର ଛାତ୍ରମାନେ ମୋତେ କ୍ରୀଡା ସମ୍ପାଦକ ଭାବରେ ନିର୍ବାଚନ କଲେ । ଧୀରେ ଧୀରେ ବ୍ରହ୍ମପୁର ସହରରେ ବ୍ୟାଡମିଣ୍ଟନ ଖେଳର ପ୍ରସାର ଘଟିଲା । ମୁଁ ଏବଂ ମୋର ସାଥୀ ଭୂପେନ୍ଦ୍ର ହୋତା ଇଣ୍ଟର କଲେଜରେ ମଧ ଯୋଗଦାନ କରି ପ୍ରତିଯୋଗିତାରେ ବିଜୟୀ ହୋଇ କଲେଜ ପାଇଁ ଗୌରବ ଆଣିଥିଲୁ ।

Source: Author, Digitized by PPRACHIN, SOA

କଟକରେ ରିଲିଫ୍ ବଣ୍ଟନ :

୧୯୫୫ ମସିହାର ଏକ ଭୟାବହ ଘଟଣା ସମ୍ବନ୍ଧରେ ଖବର କାଗଜ ପଢି ଜାଣିବାକୁ ପାଇଲି । 'ଦଳେଇ ଘାଇ' ଭାଙ୍ଗି ଯାଇଛି । ଅନେକ ଲୋକ ଜଳର ପ୍ରଖର ସ୍ରୋତରେ ଭାସି ଯାଇଛନ୍ତି । ଘର ଛାତ ଉଚ୍ଚତାରେ ନାଆ ଚାଲିଛି । ହଜାର ହଜାର ଗାଈ, ଗୋରୁଙ୍କ ପତ୍ତା ମିଳୁ ନାହିଁ । ଘର ଦ୍ୱାର ଭାଙ୍ଗି ଯାଇଛି । ବହୁ ଘର ପ୍ରଖର ଜଳ ସ୍ରୋତରେ ଭାସିଯାଇଛି । ଅନେକ ଲୋକଙ୍କ ରହିବା ପାଇଁ ଘର ନାହିଁ । ଖୋଲା ଆକାଶ ତଳେ ପିଲାଛୁଆ ଧରି ନିଃସହାୟ ଲୋକେ ଉଚ୍ଚ ଜାଗାରେ ଆଶ୍ରୟ ନେଇଛନ୍ତି । ଲୋକଙ୍କ କରୁଣ ବିଳାପ ସର୍ବତ୍ର ଶୁଣିବାକୁ ମିଳୁଛି । ଦୁର୍ଗତ ଲୋକଙ୍କୁ ସାହାଯ୍ୟ କରିବା ପାଇଁ ଆଗଭର ହୋଇ ବାହାରିବା ସମ୍ପର୍କରେ ମୁଁ ପିଲାଟି ଦିନରୁ ବାପାଙ୍କଠୁ ଶିଖିଥିଲି । ଏ ପ୍ରବୃତ୍ତି ସାରା ଜୀବନ ମୋତେ ସହାୟକ ହୋଇଛି ।

କଲେଜ ଆଗରେ ଅନେକ ଛାତ୍ର ସମବେତ ହୋଇ ଏହି ଦୁର୍ଦ୍ଦଶା ଉପରେ ଆଲୋଚନା କରୁଥାନ୍ତି । ମୁଁ ମଧ୍ୟ ସେମାନଙ୍କ ଆଲୋଚନାରେ ଅଂଶ ଗ୍ରହଣକଲି । ଆମେ ସ୍ଥିରକଲୁ ଯେ, ଆମ କଲେଜର ଛାତ୍ରମାନେ ଲୋକଙ୍କୁ ସାହାଯ୍ୟ କରିବା ପାଇଁ କଟକ ଯିବୁ । ସେଥିପାଇଁ ଦିନ ସମୟ ମଧ୍ୟ ସ୍ଥିର ହେଲା । କଲେଜରେ ଏକ ସ୍ୱେଚ୍ଛାସେବୀ ଦଳ ମଧ୍ୟ ଗଠନ ହୋଇଗଲା । ସହରର ବଦାନ୍ୟ ବ୍ୟକ୍ତିମାନଙ୍କଠୁ ବସ୍ତ୍ର, ଖାଦ୍ୟ ସାମଗ୍ରୀ, ସଂଗୃହୀତ ହେଲା । ଆମେ କେତେଜଣ ଛାତ୍ର ଏକତ୍ର ହୋଇ ଚାଉଳ, ଚୁଡା, କପଡା ସଂଗ୍ରହକରି ଆଣି କଲେଜରେ ଜମା କରୁଥିଲୁ । କଲେଜ ବାରଣ୍ଡାରେ ସିଲାଇ ମେସିନ୍ ପକାଇ କଲେଜ ଛାତ୍ରୀମାନେ ପେଣ୍ଟ, ସାର୍ଟ, ଫ୍ରକ୍, ସିଲାଇ କରୁଥାନ୍ତି । କଲେଜରେ ଏକ ପ୍ରକାର ସହଯୋଗ ମନୋଭାବ ଖେଳି ଯାଇଥାଏ ।

ସ୍ୱେଚ୍ଛାସେବୀ ମାନେ ନିର୍ଦ୍ଦିଷ୍ଟ ଦିନରେ ପ୍ରସ୍ତୁତ ହୋଇ ଟ୍ରେନ୍‌ରେ କଟକ ଅଭିମୁଖେ ଯାତ୍ରା କଲେ । ସ୍ୱେଚ୍ଛାସେବୀମାନଙ୍କୁ କଲେଜର ଏକ ବ୍ୟାଚ୍ ପିନ୍ଧିବାକୁ ଦିଆଯାଇଥାଏ । ମୁଁ ସ୍ୱେଚ୍ଛାସେବୀମାନଙ୍କ ସାର୍ଟରେ ସେଫ୍‌ଟିପିନ୍ ମାରି ପିନ୍ଧାଇ ଦେଲି । ଆମ ଭିତରେ ଗୋଟିଏ ପ୍ରକାର ସେବା ମନୋଭାବ ଏବଂ ଏକତାବଦ୍ଧ ଭାବନା ଖେଳି ଯାଇଥାଏ । ଆମେ ସମସ୍ତେ କଟକ ରେଳ ଷ୍ଟେସନ୍‌ରେ ଓହ୍ଲାଇ ଶୃଙ୍ଖଳା ସହିତ ଚାଲି ଚାଲି ସଂଗୃହୀତ ସାମଗ୍ରୀକୁ ରିକ୍ସାରେ ରଖି ରେଭେନ୍ସା କଲେଜ ଛାତ୍ରମାନଙ୍କ ସହିତ ପରାମର୍ଶ କଲୁ । ତଦନୁସାରେ କେତୋଟି ନିର୍ଦ୍ଦିଷ୍ଟ ଅଞ୍ଚଳକୁ ଯାଇ ସଂଗୃହୀତ ଖାଦ୍ୟ, ବସ୍ତ୍ର ବାଣ୍ଟିଥିଲୁ । ଦିନ ଦିନ ଧରି ଲୋକେ ଭୋକ ଉପବାସରେ ରହିଥାନ୍ତି । ସୁତରାଂ, ଆମ ଖାଦ୍ୟ ବସ୍ତ୍ରକୁ ଆନନ୍ଦରେ ଗ୍ରହଣ କରିନେଲେ । ସେମାନଙ୍କର ସବୁକିଛି ଥିଲା; କିନ୍ତୁ, ଆଜି କିଛି ନାହିଁ । ଆଜି ସେମାନେ ଅସହାୟ । ନଈ ବଢ଼ିର ଭୟାବହତା

Source: Author, Digitized by PPRACHIN, SOA

ଓ ଲୋକଙ୍କ ଅସହାୟତା ତଥା ଦୁଃଖ ଦୁର୍ଦ୍ଦଶା ଦେଖି ମୋ ମନରେ ଅଶେଷ ଦୁଃଖ ଜାତ ହେଲା । ଏହା ମୋ ମନରେ ଗଭୀର ପ୍ରଭାବ ପକାଇଲା ।

ଦୌଡ ପ୍ରତିଯୋଗିତାରେ ସଫଳତା :

ଖଲ୍ଲିକୋଟ କଲେଜର ତିନୋଟି ହଷ୍ଟେଲ ଭିନ୍ନ ଭିନ୍ନ ସ୍ଥାନରେ ଥିଲା । ଭି.ଏମ. ହଷ୍ଟେଲ, ଗୋପବନ୍ଧୁ ହଷ୍ଟେଲ ଏବଂ ନୂଆ ହଷ୍ଟେଲ । ମୁଁ କଲେଜ ଛାଡିବା ପରେ ରାଧାକୃଷ୍ଣ ହଷ୍ଟେଲ ପ୍ରତିଷ୍ଠିତ ହେଲା । ମୁଁ କ୍ରୀଡା ସଂପାଦକ ରୂପେ ଦାୟିତ୍ୱ ନେଇଥାଏ । ଅଧ୍ୟାପକ ଚନ୍ଦ୍ରଶେଖର ରଥ, ଗୋପବନ୍ଧୁ ଛାତ୍ରାବାସର ସୁପରିନ୍‌ଟେଣ୍ଡେଣ୍ଟ ହିସାବରେ ଖେଳ ପରିଚାଳନା କରୁଥାନ୍ତି । ଶୃଙ୍ଖଳା ସହିତ ଗୋଟିଏ ପରେ ଗୋଟିଏ କ୍ରୀଡା ପ୍ରତିଯୋଗିତା ହୋଇ ଚୂଡାନ୍ତ ଫଳାଫଳ ଘୋଷଣା ହେଉଥାଏ । ୮୦୦ ମିଟର ଦୌଡ ପାଇଁ ଦୁଇଜଣ ଛାତ୍ର ଆସି ଟ୍ରାକ୍‌ରେ ଛିଡା ହେଲେ । ମାତ୍ର ଦୁଇଜଣ ପ୍ରତିଯୋଗୀଙ୍କୁ ଦେଖି ରଥ ସାର୍ ସ୍ପଷ୍ଟ ମନା କରିଦେଲେ । ପ୍ରତିଯୋଗିତାରେ ଅନ୍ତତଃ ତିନିଜଣ ଛାତ୍ର ଅଂଶ ଗ୍ରହଣ ନ କଲେ ପ୍ରତିଯୋଗିତା ପାଇଁ ଅନୁମତି ଦେବି ନାହିଁ । ଅଂଶ ଗ୍ରହଣ କରିଥିବା ଛାତ୍ରମାନେ ନିରାଶ ହୋଇଗଲେ । ମୋତେ ଆସି ଅନୁରୋଧ କଲେ ସାର୍‌ଙ୍କୁ' କହିବା ପାଇଁ । ମୁଁ ଡରି ଡରି ରଥ ସାରଙ୍କୁ କହିଲି, ''ପିଲାମାନଙ୍କ ଆଗ୍ରହ ଭାଙ୍ଗି ଯିବ, ଦୌଡିବା ପାଇଁ ଅନୁମତି ଦିଅନ୍ତୁ'' ।

ରଥ ସାର୍ ମୋ ଆଡକୁ କଠୋର ଦୃଷ୍ଟିରେ ଚାହିଁ କହିଲେ, ''ତୁମର ଯଦି ତୁମ ସାଙ୍ଗମାନଙ୍କ ପାଇଁ ଏତେ ଦରଦ ତାହାହେଲେ ତୁମେ ୮୦୦ ମିଟର ଦୌଡରେ ଯୋଗଦାନ କର । ତିନି ଜଣ ପ୍ରତିଦ୍ୱନ୍ଦ୍ୱୀ ହୋଇ ଯିବ । ମୁଁ ଅନୁମତି ଦେଇଦେବି'' । ଆଦେଶ ଦେଲେ, ସାଙ୍ଗମାନଙ୍କ ଆଗ୍ରହ ପୂରଣ ପାଇଁ ଯାଅ ପ୍ରସ୍ତୁତ ହୋଇ ଆସ । ସାରଙ୍କ ନିର୍ଦ୍ଦେଶ ମୋ ପାଇଁ ଏକ ଆହ୍ୱାନ ସଦୃଶ ମନେ ହେଲା । ମୁଁ ମୋର ଫୁଲ ପେଣ୍ଟ ସାର୍ଟ ବାହାର କରି ହାପ୍ ପ୍ୟାଣ୍ଟ ବ୍ୟାନିଅନ୍ ପିନ୍ଧି ପ୍ରତିଯୋଗୀଙ୍କ ସହ ସାମିଲ ହେଲି । ମନରେ ସାହସ ଆସୁ ନ ଥାଏ, ମାତ୍ର; ମନରେ ଦମ୍ଭ ଭରି ରହିଥାଏ । ସ୍କୁଲରେ ଥରେ ଦୌଡ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲି । ମାତ୍ର ମୋର ନିୟମିତ ଖେଳ ଅଭ୍ୟାସ ଜାରି ରହିଥାଏ ।

ରେଫରୀ ଆମକୁ ଲାଇନ୍‌ରେ ଛିଡା ହେବା ପାଇଁ ନିର୍ଦ୍ଦେଶ ଦେଲେ । ଅନ୍-ଯୋର ମାର୍କ-ଗେଟ-ସେଟ – ପିସ୍ତଲ ଗର୍ଜିଉଠିଲା । ଆମେ ଦୌଡ ଆରମ୍ଭ କରିଦେଲୁ । ମୁଁ ସମସ୍ତଙ୍କୁ ଟପି ଦ୍ରୁତ ଗତିରେ ଆଗେଇ ଚାଲିଥାଏ । ଅନ୍ୟମାନଙ୍କୁ ବହୁ ପଛରେ ପକାଇ ଦେଇ ମୁଁ ପ୍ରଥମ ସ୍ଥାନ ଅଧିକାର କଲି । ମୁଁ ନିଜକୁ ନିଜେ ମଧ୍ୟ ବିଶ୍ୱାସ କରି

Source: Author, Digitized by PPRACHIN, SOA

ପାରୁନଥାଏ । ରଥ ସାର୍ ଦୌଡି ଆସି ମୋତେ ଟେକି ନେଇ ଆଶ୍ଚର୍ଯ୍ୟ ନୟନରେ ଚାହିଁ ରହି ହସି ହସି କହିଲେ, "ତୁମଠି ଏତେ ପ୍ରତିଭା ଅଛି, ଅଥଚ ତାକୁ ଲୁଚାଇ ରଖିଛ ? ସାବାସ୍ । ତୁମର ବେଷ୍ଟ ଟାଇମିଙ୍ଗ ହୋଇଛି" ।

ମୋର ବନ୍ଧୁମାନେ ମୋତେ ଘେରିଯାଇ ଅଭିନନ୍ଦନ ଜଣାଉଥାନ୍ତି । ମୁଁ ଅଣ ନିଃଶ୍ୱାସୀ ହୋଇ ସ୍ମିତ ହାସ୍ୟରେ ସଭିଙ୍କ ଅଭିନନ୍ଦନ ଗ୍ରହଣ କରୁଥାଏ । ତାପରେ ମୁଁ ଆଉ ପଛକୁ ଫେରି ଚାହିଁ ନାହିଁ । କଲେଜ ପ୍ରତିଯୋଗିତାରେ ଅଂଶ ଗ୍ରହଣ କଲି । କଲେଜର କୃତୀ କ୍ରୀଡକ ହିସାବରେ ଆନ୍ତଃକଲେଜ ପ୍ରତିଯୋଗିତାରେ ମଧ୍ୟ ଖଲ୍ଲିକୋଟ କଲେଜ ତରଫରୁ ୮୦୦, ୧୫୦୦ ମିଟର ଦୌଡରେ ଅଂଶ ଗ୍ରହଣ କରିବା ସହିତ ୪ X ୪୦୦ ମିଟର ରିଲେରେ ମଧ ଅଂଶ ଗ୍ରହଣ କରି ପୁରସ୍କୃତ ହୋଇଥିଲି । ଲକ୍ଷ୍ୟପଥ ଦୂରୁହ ମନେ ହେଉଥିଲା । ମାତ୍ର ଆଗ୍ରହର ସହିତ ଦୃଢ ରହି ତାକୁ ଅତିକ୍ରମ କରିବାକୁ ଚେଷ୍ଟା କଲି । ତାର ଫଳାଫଳ ମଧ ଯଥା ସମୟରେ ପାଇ ପାରିଲି ।

ଜଣକ ପାଖରେ ପ୍ରତିଭା ଥିଲେ, ନିଷ୍ଠା ଥିଲେ ପ୍ରତିକୂଳ ପରିସ୍ଥିତିରେ ମଧ ସାଫଲ୍ୟ ମିଳିଥାଏ । ଏୟା ମୋ ମନରେ ବଦ୍ଧମୂଳ ଧାରଣା ସୃଷ୍ଟି କଲା । ଖେଳ, କ୍ରୀଡା ପ୍ରତି ମୋର ଆଗ୍ରହ ଆହୁରି ବୃଦ୍ଧି ପାଇଲା ।

ବ୍ରହ୍ମପୁରରେ ହୋରିଖେଳ :

ବ୍ରହ୍ମପୁର ସହରରେ 'ହୋରିଖେଳ' ପ୍ରତି ଆଗ୍ରହ ନଥାଏ । ଆମ କଲେଜରେ ମଧ୍ୟ ତାର ପ୍ରଭାବ ପଡିଥିବାରୁ ହୋରିଖେଳ ଛୁଟି ମିଳେନାହିଁ । ଉତ୍ତରଭାରତରେ ହୋରିଖେଳ ଧୁମ୍‌ଧାମ୍‌ରେ ପାଳିତ ହୋଇଥାଏ । ମାତ୍ର ଦକ୍ଷିଣ ଭାରତରେ ହୋରିଖେଳ ପ୍ରାୟ କେହି ଖେଳନ୍ତି ନାହିଁ । ତେଣୁ ତାର ପ୍ରଭାବ ମଧ ବ୍ରହ୍ମପୁରରେ ପଡିଥାଏ । ହଷ୍ଟେଲ ଛାତ୍ରମାନଙ୍କୁ ମିଳିତ କରି ବିଶେଷତଃ ସମ୍ବଲପୁର, ବଲାଙ୍ଗିର, କଳାହାଣ୍ଡି ଛାତ୍ରମାନେ ଏକତ୍ର ହୋଇ ପ୍ରଥମ ବର୍ଷ ହଷ୍ଟେଲରେ ହୋରି ଖେଳିଲୁ । ବହୁ ଛାତ୍ର ହଷ୍ଟେଲ ରୁମ୍‌ରେ କବାଟ ଦେଇ ଝରକା ବନ୍ଦ କରି ଲୁଚିଲେ । ପେଣ୍ଟ, ସାର୍ଟ, ରଙ୍ଗ ହୋଇ ନଷ୍ଟ ହୋଇଯିବ ବୋଲି ଡରିଲେ । କବାଟ କିଳି ଆମକୁ ଗାଳି ଦେଲେ । ସେମାନଙ୍କ ଗାଳିକୁ ଭ୍ରୂକ୍ଷେପ ନକରି ଆନନ୍ଦ ଉଲ୍ଲାସରେ ହୋରି ଖେଳି ଆମେ ଆନନ୍ଦ ଉପଲବ୍ଧ କଲୁ ।

ବ୍ରହ୍ମପୁର ସହରରେ ଆନ୍ଧ୍ରର ପ୍ରଭାବ ଅଧିକ । ଅନେକ ଆନ୍ଧ୍ରଲୋକ ସ୍ଥାୟୀ ବାସିନ୍ଦା ହୋଇଗଲେଣି । ତେଲୁଗୁଙ୍କ ସଂଖ୍ୟା ଓ ପ୍ରଭାବ ମଧ୍ୟ ଅଧିକ । ବ୍ରହ୍ମପୁର ସହରରେ ତେଲଗୁ ସିନେମାହଲ୍ ଅଧିକ । ହିନ୍ଦୀ ତୁଳନାରେ ତେଲଗୁ ସିନେମା ଦୀର୍ଘ ଦିନ ଚାଲିଥାଏ । ଓଡିଆ ସିନେମା କ୍ୱଚିତ ଦେଖିବାକୁ ମିଳେ ।

Source: Author, Digitized by PPRACHIN, SOA

ତା ପର ବର୍ଷ ଆମେ ସ୍ଥିରକଲୁ, ହୋରିଖେଳ ଦିନ ରଙ୍ଗ ନେଇ କଲେଜ ପିଲାମାନଙ୍କୁ ଏବଂ ଅଧ୍ୟାପକମାନଙ୍କୁ ବୋଳିବୁ । ଆମେ ପଶ୍ଚିମାଞ୍ଚଳର ଯୁବକମାନେ ଏକଯୁଟ ହୋଇ ଚିତ୍କାର କରି 'ହୋରିରେ ହୋରି' କହି ଚାଳିଶ, ପଚାଶ ଜଣ ଯୁବକ ରଙ୍ଗ ବେରଙ୍ଗ ମୁହଁରେ ପିଲାମାନଙ୍କ ଉପରକୁ ରଙ୍ଗ ପକାଇଲୁ । କଲେଜରେ ହଇଚଇ ପଡିଗଲା । ପ୍ରିନ୍ସିପାଲ ରାଗି ଆମକୁ ଆକଟ କରିବା ପାଇଁ ଚେଷ୍ଟା କଲେ । ମାତ୍ର ଆମେ ମାନିଲୁ ନାହିଁ । ଛାତ୍ର, ଅଧ୍ୟାପକମାନେ ରଙ୍ଗରେ ନାଲି ପଡି ଯାଇଥାନ୍ତି । କଲେଜ ଝିଅମାନେ ଭୟଭୀତ ହୋଇ ଗୋଟିଏ କୋଣରେ ଛିଡା ହୋଇଥାନ୍ତି । ମୁଁ ସେମାନଙ୍କ ପାଖକୁ ଯାଇ ସେମାନଙ୍କ ହାତରେ ଫଗୁ ପ୍ରଦାନ କଲି । ସେମାନେ ଆଶଙ୍କାରେ ତାହା ମୋଠୁ ଗ୍ରହଣ କଲେ । ଆମେ କଲେଜରେ ରଙ୍ଗ ପକାଇ ସାରିଲାପରେ ଦଳ ବଳ ହୋଇ ବାରାକ୍ ଆଡକୁ ଆଗେଇଲୁ । ଦଳବଳ ହୋଇ ଏତେ ଲୋକ ରଙ୍ଗ ବେରଙ୍ଗ ଅବସ୍ଥାରେ ଆସୁଥିବା ଦେଖି ଏବଂ 'ହୋରିରେ ହୋରି' ଶବ୍ଦ ଶୁଣି ଲୋକେ ଦୋକାନ ବଜାର ବନ୍ଦ କରିଦେଲେ। କେତେକ ଲୋକ ସୋଡା ବୋତଲ ଫିଙ୍ଗି ଆମକୁ ଆକ୍ରମଣ କଲେ । ନିଜକୁ ରକ୍ଷାକରି ଆମେ 'ହୋରିରେ ହୋରି' ଚିତ୍କାର କରି ସେମାନଙ୍କୁ ରଙ୍ଗ ପକାଇ ଚାଲିଲୁ ।

ଏହିଭଳି ରଙ୍ଗଖେଳ ପ୍ରଥମ କରି ବ୍ରହ୍ମପୁର ସହରରେ ୧୯୫୬ ମସିହାରେ ଆରମ୍ଭ ହେଲା । କଲେଜ ମଧ୍ୟ ପ୍ରତିବର୍ଷ ହୋରିଖେଳ ପାଇଁ ଛୁଟି ଘୋଷଣା କଲା ।

ଛାତ୍ରଜୀବନରେ ରାଜନୈତିକ ସଂପୃକ୍ତି :

୧୯୫୭ ମସିହାରେ ସାଧାରଣ ନିର୍ବାଚନ ପାଇଁ ଘୋଷଣା ହୋଇ ଯାଇଥାଏ । ଆମ କଲେଜର ପରିଚାଳନା କମିଟିର କାର୍ଯ୍ୟକାରୀ ସଭାପତି ଲିଙ୍ଗରାଜ ପାଣିଗ୍ରାହୀ କଲେଜର ସମସ୍ତ କାର୍ଯ୍ୟ ପରିଚାଳନା କରୁଥାନ୍ତି । ସେ ହାଇକୋର୍ଟର ମୁଖ୍ୟ ବିଚାରପତି ପଦରୁ ଅବସର ଗ୍ରହଣ କଲାପରେ ଡକ୍ଟର ହରେକୃଷ୍ଣ ମହତାବଙ୍କ ଅନୁରୋଧ କ୍ରମେ କଂଗ୍ରେସଦଳର ପ୍ରାର୍ଥୀ ହୋଇଥାନ୍ତି । ମୁଁ ଆମ ହଷ୍ଟେଲର ଚାରିଜଣ ଛାତ୍ରଙ୍କୁ ଏକଜୁଟ କରି ଚିକିଟି ଯାଇ ରାଜପ୍ରସାଦରେ ରହି, ଲିଙ୍ଗରାଜ ପାଣିଗ୍ରାହୀଙ୍କ ପାଇଁ ପ୍ରଚାର କରିଥିଲି । ସର୍ବସାଧାରଣ ସଭାରେ ମଧ୍ୟ ଛାତ୍ରମାନେ ଭାଷଣ ଦେଇଥିଲୁ । ସାଧାରଣସଭାରେ ମାଇକ୍‌ରେ ଭାଷଣଦେବା ଏହା ମୋ ପାଇଁ ଏବଂ ସମସ୍ତଙ୍କ ପାଇଁ ମଧ୍ୟ ପ୍ରଥମ ଥିଲା । ମୋ ବନ୍ଧୁ ବଲାଙ୍ଗିରର ରମେଶ ଚନ୍ଦ୍ର ଠାକୁର । ତାଙ୍କ ବାପା ବ୍ରଜମୋହନ ଠାକୁର ମଧ୍ୟ ନିର୍ବାଚନରେ ଜୟଯୁକ୍ତ ହୋଇ ଉପବାଚସ୍ପତି ହୋଇଥିଲେ । ଲିଙ୍ଗରାଜ ପାଣିଗ୍ରାହୀ ଜୟଯୁକ୍ତ ହୋଇ ଶିକ୍ଷାମନ୍ତ୍ରୀ ହୋଇଥିଲେ ଏବଂ ପରେ ଓଡିଶା

Source: Author, Digitized by PPRACHIN, SOA

ବିଧାନସଭାର ବାଚସ୍ପତି ମଧ୍ୟ ହୋଇଥିଲେ ।

ରାଜନୀତିରେ ଜଡିତ ହେବା ଫଳରେ ପଢାପଢିରେ କ୍ଷତି ହେଲା । ଦୀର୍ଘଦିନ କଲେଜରେ ଅନୁପସ୍ଥିତ ରହିବା ଫଳରେ ଅଧ୍ୟାପକମାନେ ମୋ ଉପରେ ଅସନ୍ତୋଷ ପ୍ରକାଶ କଲେ । ପଢାପଢିର କ୍ଷତିକୁ ଭରଣ କରିବା ପାଇଁ ସାଥୀମାନଙ୍କଠୁ କଲେଜ ନୋଟ ଆଣି ଅଧିକ ପରିଶ୍ରମ କରିଥିଲି । ମାତ୍ର ପରିଶ୍ରମର ଫଳ ମିଳି ନ ଥିଲା ।

ଏକ ଅସଫଳ ଆନ୍ଦୋଳନ ଓ ତା'ର କୁପରିଣାମ :

ଆମ କଲେଜ ପରିଦର୍ଶନ ପାଇଁ ଓଡିଶାର ମାନ୍ୟବର ରାଜ୍ୟପାଳ ଭୀମସେନ ସାଚାର ଆସିଥିଲେ । କଲେଜ ପରିଚାଳନା କମିଟି ତରଫରୁ ଲିଙ୍ଗରାଜ ପାଣିଗ୍ରାହୀ ଅଧ୍ୟାପକମାନଙ୍କୁ ପୂରା ଡ୍ରେସ୍‌ରେ କଲେଜ ଆସିବା ପାଇଁ ନିର୍ଦ୍ଦେଶ ଦେଲେ । ସମସ୍ତ ଅଧ୍ୟାପକ ପେଣ୍ଟସାର୍ଟ ସହ ଟାଇ ପିନ୍ଧି କୋଟ୍ ପରିଧାନ କରି ଆସିବେ । ଯେଉଁ ଅଧ୍ୟାପକମାନଙ୍କ କୋଟ୍ ନ ଥିଲା ନୂଆ ତିଆରି କରି ପିନ୍ଧି ଆସିଥିଲେ । କଲେଜରେ ଏକ ସ୍ୱତନ୍ତ୍ର ବାତାବରଣ ଖେଳି ଯାଇଥିଲା ।

ଯଥା ସମୟରେ ମହାମାନ୍ୟ ରାଜ୍ୟପାଳ ମହାଶୟ ଆସି ଶ୍ରୀ ପାଣିଗ୍ରାହୀ, ପ୍ରିନ୍ସିପାଲ ନରସିଂହ ପାଢୀଙ୍କ ଗହଣରେ ବିଭିନ୍ନ କ୍ଲାସ ପରିଦର୍ଶନ କରି ଚାଲି ଯାଉଥାନ୍ତି । କିଛି ଦୂର ରାଜ୍ୟପାଳ ଆଗେଇ ଗଲାପରେ ଶ୍ରୀ ପାଣିଗ୍ରାହୀ କମର୍ସ ଅଧ୍ୟାପକ ମିଷ୍ଟର ଜ୍ୟୋତିଷଙ୍କୁ ଆଙ୍ଗୁଠି ଠାରି ଡାକିଲେ । ଅଧ୍ୟାପକ ଡେସ୍କ ଉପରେ ଛିଡାହୋଇ ପିଲାମାନଙ୍କୁ କମର୍ସ ପଢ଼ାଉଥିଲେ । ପାଣିଗ୍ରାହୀଙ୍କ ଇଙ୍ଗିତରେ ତଳକୁ ଓହ୍ଲାଇ ପାଖକୁ ଚାଲି ଆସିଲେ । ରୋଷ ନୟନରେ ଶ୍ରୀ ପାଣିଗ୍ରାହୀ ତାଙ୍କୁ ଅନାଇ ପ୍ରଶ୍ନ କଲେ, ''ପାଠ ପଢାଇବା ସମୟରେ ପାନ ଖାଉଛନ୍ତି କାହିଁକି''? ଅଧ୍ୟାପକ ଟିକିଏ ଶଙ୍କି କହିଲେ, ''ସାର୍' ଏ ମୋର ଅଭ୍ୟାସ'' । ''ଡୋଣ୍ଟ୍ ଟକ୍ ନନ୍‌ସେନ୍ସ''। ଏତକ କହି ତରତର ହୋଇ ଶ୍ରୀ ପାଣିଗ୍ରାହୀ ଚାଲିଗଲେ ରାଜ୍ୟପାଳଙ୍କ ସହ ମିଶିବା ପାଇଁ ।

ଛାତ୍ରମାନଙ୍କ ସମ୍ମୁଖରେ ଏଭଳି କଠୋର ଶବ୍ଦ ଶୁଣି ଅଧ୍ୟାପକ ଜ୍ୟୋତିଷ ସ୍ତମ୍ଭୀ-ଭୂତ ହୋଇ ଡେସ୍କ ଉପରକୁ ଉଠିଆସିଲେ । ସେ ପିଲାମାନଙ୍କ ମୁହଁକୁ ଅନାଇ ପାରିଲେ ନାହିଁ । ଛାତ୍ରମାନେ ମଧ୍ୟ ଘଟଣା କଣ ବୁଝି ନ ପାରି କେବଳ 'ନନ୍‌ସେନ୍ସ' ଶବ୍ଦ' ଶୁଣି ଅଧ୍ୟାପକଙ୍କ ମୁହଁକୁ ବିଷାଦଭରା ନୟନରେ ଆଶ୍ଚର୍ଯ୍ୟ ହୋଇ ଅନାଇ ରହିଲେ । ଅଧ୍ୟାପକ ମହାଶୟଙ୍କ ହୃଦୟରେ କୋହ ଜାତ ହେଲା । ସେ ଆଉ ପଢାଇ ପାରିଲେ ନାହିଁ । ଆଖିରୁ ଲୁହ ଥପ୍ ଥପ୍ ଗଡି ପଡିଲା । କ୍ଲାସରେ ଛିଡା ହେବା ଅବସ୍ଥାରେ ନ ଥିଲେ । ତୁରନ୍ତ ଡେସ୍କରୁ ଓହ୍ଲାଇ ବାହାରି ଆସିଲେ ।

Source: Author, Digitized by PPRACHIN, SOA

ମହାମାନ୍ୟ ରାଜ୍ୟପାଳ ଚାଲି ଯାଇଥାନ୍ତି । କଲେଜରେ ଏକ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହୋଇ ଯାଇଥାଏ । କମର୍ସ ଛାତ୍ରମାନେ ତାଙ୍କ ପ୍ରିୟ ଅଧ୍ୟାପକଙ୍କ ଆଖିରେ ଲୁହ ଦେଖିବାରୁ ସେମାନଙ୍କ ମନରେ ଏହା ଗଭୀର ପ୍ରଭାବ ପକାଇ ଥାଏ । ଛାତ୍ରମାନେ ଏକଯୁଟ ହୋଇ କଲେଜ ୟୁନିୟନ ସଭାପତି ଶିରୀଷ ପଟ୍ଟନାୟକଙ୍କୁ ଭେଟି ସମସ୍ତ ଘଟଣା ବର୍ଣ୍ଣନା କରି ତାର ପ୍ରତିକାର ପାଇଁ ଦାବି କଲେ ।

ଛାତ୍ରମାନଙ୍କ ମଧ୍ୟରେ ଏକ ଉତ୍ତେଜନା ଭାବ ଖେଳିଗଲା । ମୁହୂର୍ତ୍ତକ ମଧ୍ୟରେ ଛାତ୍ରମାନେ ଏକଯୁଟ ହୋଇ ଶ୍ରୀ ପାଣିଗ୍ରାହୀ, ଅଧ୍ୟାପକଙ୍କ ପ୍ରତି କଟୁମନ୍ତବ୍ୟ ପାଇଁ କ୍ଷମା ମାଗିବା ସକାଶେ ସ୍ଲୋଗାନ୍ ଆରମ୍ଭ କରିଦେଲେ । କଥାଟା ପ୍ରିନ୍‌ସିପାଲଙ୍କ ପାଖରେ ଯାଇ ପହଞ୍ଚିଲା । ସେ ପାରୁପର୍ଯ୍ୟନ୍ତ ଚେଷ୍ଟା କଲେ ଛାତ୍ରମାନଙ୍କୁ ଶାନ୍ତ କରାଇବା ପାଇଁ । କମର୍ସ ଅଧ୍ୟାପକ ଜ୍ୟୋତିଷ ସାର୍ ମଧ ଛାତ୍ରମାନଙ୍କୁ ଶାନ୍ତ ହେବା ପାଇଁ ଅନୁରୋଧ କଲେ । ପାଳ ଗଦାରେ ନିଆଁ ଲାଗିଗଲେ କ୍ଷଣକରେ ଯେପରି ବ୍ୟାପିଯାଏ, ଠିକ୍ ସେହିଭଳି ଛାତ୍ରମାନେ କ୍ଷଣିକ ମଧ୍ୟରେ ଏକଯୁଟ ହୋଇ ସ୍ଲୋଗାନ ଦେବା ଆରମ୍ଭ କରିଦେଲେ । ଛାତ୍ରମାନଙ୍କ ବିରାଟ ପ୍ରୋସେସନ୍ ଆଗକୁ ବଢି ଚାଲିଲା ଲିଙ୍ଗରାଜ ପାଣିଗ୍ରାହୀଙ୍କ ଘର ଆଡକୁ । କଲେଜ ୟୁନିୟନ ତରଫରୁ ଏକ ଦରଖାସ୍ତ ମଧ ଲେଖା ଯାଇଥାଏ, ଶ୍ରୀ ପାଣିଗ୍ରାହୀ ତାଙ୍କ ମନ୍ତବ୍ୟ ପାଇଁ ଦୁଃଖ ପ୍ରକାଶ କରି ଅଧ୍ୟାପକଙ୍କୁ କ୍ଷମା ମାଗନ୍ତୁ । ଆମେ ସମସ୍ତେ ଗେଟ୍ ସମ୍ମୁଖରେ ଛିଡା ହୋଇ ସ୍ଲୋଗାନ ଦେଉଥାଉ ।

ଚାରିଜଣ ଛାତ୍ର ଦରଖାସ୍ତ ସହ ଭିତରକୁ ଯିବାପାଇଁ ଡକାଗଲା । ୟୁନିୟନ ସଭାପତି ଶିରୀଷ ପଟ୍ଟନାୟକ ଦରଖାସ୍ତଟିକୁ ମୋ ହାତକୁ ବଢାଇଦେଲେ । ଆଉ ତିନି ଜଣ ଛାତ୍ରଙ୍କ ସହ ଭିତରକୁ ଯାଇ ଶ୍ରୀ ପାଣିଗ୍ରାହୀଙ୍କୁ ଭେଟି, ମୁଁ ଧରିଥିବା ଦରଖାସ୍ତ ବଢାଇ ଦେଲି । ଶ୍ରୀ ପାଣିଗ୍ରାହୀ ମୋ' ହାତରୁ ଦରଖାସ୍ତ ନେଇ ପଢିଲେ ଏବଂ ବିରକ୍ତରେ ଫିଙ୍ଗି ଦେଲେ । ରାଗରେ କହିଲେ, ''ତୁମ ଅଧ୍ୟାପକଙ୍କୁ ମୂର୍ଖ କହି ନାହିଁ, ମୂର୍ଖଙ୍କ ଭଳି କାହିଁକି କହୁଛ, ମୁଁ ଏହା କହିଲି । ତାଙ୍କ କଥାଟା ମୂର୍ଖଙ୍କ ଭଳି, ସେ ମୂର୍ଖ ନୁହନ୍ତି''।

ଶ୍ରୀ ପାଣିଗ୍ରାହୀ ହାଇକୋର୍ଟର ଚିଫ୍ ଜଷ୍ଟିସ୍ । ଆଇନରେ ଦକ୍ଷ । ତାଙ୍କ ଆଇନ ଯୁକ୍ତି ଉପରେ ଆମେ ସଭିଏଁ ନିରୁତ୍ତର । ଭୀଷଣ ପାଟିକରି ଆମକୁ ଘରୁ ବାହାରି ଯିବା ପାଇଁ ନିର୍ଦ୍ଦେଶଦେଲେ ଏବଂ କହିଲେ, ''ଯାଅ ବିଜିପୁର ବନ୍ଧରେ ବୁଡି ମର''। ବାହାରେ ଛାତ୍ରମାନେ ଭୀଷଣ ପାଟିକରି ଆମକୁ ଚାଲି ଆସିବା ପାଇଁ ଇସାରା ଦେଲେ । ତିନି ଦିନ ଧର୍ମଘଟ ଚାଲୁ ରହିଲା । ମାତ୍ର ତାର କୌଣସି ପ୍ରଭାବ ପଡିଲା ନାହିଁ। ବରଂ, ଅଧ୍ୟାପକ ଛାତ୍ରମାନଙ୍କୁ ଉସ୍‌କାଇ କଲେଜ ବାତାବରଣ କଳୁଷିତ

Source: Author, Digitized by PPRACHIN, SOA

କରିଥିବା ଅଭିଯୋଗ ଆଣି ତାଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ କଲେଜରୁ ବହିଷ୍କୃତ କରି ଦେଇଥିଲେ । ଅଥଚ, ଅଧ୍ୟାପକ ମୂଳରୁ ଛାତ୍ରମାନଙ୍କୁ ଧର୍ମଘଟ ନ କରିବା ପାଇଁ ପ୍ରବର୍ତ୍ତାଇ ଥିଲେ । ବିନା କାରଣରେ ତାଙ୍କୁ ଦୋଷୀ ସାବ୍ୟସ୍ତ କରି ଦିଆଗଲା । ହୋ'ରେ ମାତି ଆନ୍ଦୋଳନକଲେ ଫଳ ଶୁଭଙ୍କର ହୋଇ ନ ଥାଏ । ପ୍ରତିହିଂସା ପରାୟଣ ହୋଇ ନିଜ ଅହମିକା ପାଇଁ ଆନ୍ଦୋଳନ ସଦା ବର୍ଜନୀୟ । ସେଥି ପାଇଁ ଛାତ୍ରମାନେ ସଚେତନ ହେବା ଆବଶ୍ୟକ । ସେହିଦିନ ଏହି ଅନୁଭୂତି ଆମର ଜାତ ହୋଇଥିଲା ।

ବି.ଏ. ଶ୍ରେଣୀ :

ଆଇ.ଏ. ପାସ୍ କରି ମୁଁ ଅନ୍ୟ କେଉଁ କଲେଜକୁ ନ ଯାଇ ବି.ଏ.ରେ ଖଲ୍ଲିକୋଟ କଲେଜରେ ନାମ ଲେଖାଇଲି । ବି.ଏ. ରେ ନୂଆ କରି ଲ.'-ବିଷୟବସ୍ତୁ ଉପରେ କ୍ଲାସ୍ ଖୋଲିବା ପାଇଁ ସ୍ଥିର ହୋଇଥାଏ । କଲେଜରେ ଇତିହାସ, ପୋଲିଟିକାଲ ସାଇନ୍ସ, ଓଡିଆ, ଫିଲୋସଫି ଭଳି ଆର୍ଟସରେ ଲ. ମଧ୍ୟ ନୂଆକରି ଖୋଲିଲା । ନୂଆ ବିଷୟବସ୍ତୁ ବୋଲି ଅନେକ ଏଥିପାଇଁ ଆଗ୍ରହ ପ୍ରକାଶ କଲେ ନାହିଁ । ଅନେକଙ୍କ ମନରେ ପ୍ରଶ୍ନଉଠିଲା, ମନରେ ଆଶଙ୍କା ଦେଖାଦେଲା, 'କିପରି ପଢାହେବ, ପରୀକ୍ଷାରେ କିପରି ଫଳାଫଳ ହେବ'? ତେଣୁ ବିଷୟବସ୍ତୁ ପ୍ରତି ଛାତ୍ରମାନଙ୍କ ମନରେ ଆଶଙ୍କା ଭରି ଯାଇଥାଏ । ମାତ୍ର ମୋ ମନରେ ଦମ୍ଭଥାଏ । ବାପା ମୋର ଜଣେ ଆଇନଜ୍ଞ । ତେଣୁ ବାପାଙ୍କ ଆଇନ ସମ୍ବନ୍ଧୀୟ ଜ୍ଞାନ ଉପରେ ମୋର ସାଧାରଣ ଧାରଣା ଥାଏ । ଆବଶ୍ୟକ ପଡିଲେ ବାପାଙ୍କ ସାହାଯ୍ୟ ସହଯୋଗ ନେଇପାରିବି । ତେଣୁ ଆଗ୍ରହର ସହିତ ମୁଁ ହିଷ୍ଟ୍ରି ଏବଂ ଲ. ସବ୍‌ଜେକ୍ଟ ନେଇ ବି.ଏ. ରେ ନାମ ଲେଖାଇଲି । ଆଉ ଜଣେ ଛାତ୍ର ଅଭିମନ୍ୟୁ ମଧ୍ୟ ନାମ ଲେଖାଇଥାନ୍ତି । ଆମେ ଦୁଇଜଣ ଛାତ୍ର । ଅଧ୍ୟାପକ ରୂପେ ବ୍ରହ୍ମପୁର ବାର ଏସୋସିଏସନର ସଭ୍ୟ, ଉତ୍କଳ ସମ୍ମିଳନୀର କର୍ଣ୍ଣଧାର ବସନ୍ତ କୁମାର ପାଣିଗ୍ରାହୀ ଯୋଗ ଦେଇଥାନ୍ତି । ଲ. ପରୀକ୍ଷାରେ ଭଲ ମାର୍କ ମଧ୍ୟ ମିଳିଲା ।

ଦିନକୁ ଦିନ ମୁଁ, କଲେଜରେ ଖେଳ, ସାଂସ୍କୃତିକ କାର୍ଯ୍ୟକ୍ରମ, କଲେଜ ୟୁନିୟନ୍ ପ୍ରଭୃତି କାର୍ଯ୍ୟରେ ସକ୍ରିୟ ଅଂଶ ଗ୍ରହଣ କଲି । କଲେଜର ଅଭାବ ଅସୁବିଧା ନେଇ କଲେଜ ପ୍ରିନ୍ସିପାଲଙ୍କ ପାଖରେ ଆପତ୍ତି ଅଭିଯୋଗ କରି ଛାତ୍ରମାନଙ୍କ ନ୍ୟାୟପୂର୍ଣ୍ଣ ଦାବି ହାସଲ କଲି । ବି.ଏ. ଫାଇନାଲ ୟର୍‌ରେ କ୍ଲାସ ପ୍ରତିନିଧି ହିସାବରେ ମଧ୍ୟ ବହୁ ଭୋଟରେ ନିର୍ବାଚିତ ହୋଇ କଲେଜ ୟୁନିୟନର ଜଣେ ସଦସ୍ୟ ରୂପେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଲି ।

Source: Author, Digitized by PPRACHIN, SOA

କଲେଜର ପାଠାଗାର ନିୟମିତ ଖୋଲିବା, ପାଠାଗାର ପାଇଁ ନୂତନ ପୁସ୍ତକ ଖରିଦ କରିବା, ପାଠାଗାର ପାଇଁ ଆବଶ୍ୟକ ଖବର କାଗଜ, ମ୍ୟାଗାଜିନ୍ ପ୍ରଭୃତି ନିୟମିତ ଆସିବା, କଲେଜ ଛାତ୍ରମାନଙ୍କ ପାଇଁ ସାଇକେଲ ଷ୍ଟାଣ୍ଡ ନିର୍ମାଣ କରିବା ପ୍ରଭୃତି ଉନ୍ନୟନ ମୂଳକ କାର୍ଯ୍ୟରେ କଲେଜ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରି ବହୁକାର୍ଯ୍ୟ ହାସଲ କରିବାରେ କ୍ଷମ ହୋଇଥିଲି । କଲେଜର ସାଂସ୍କୃତିକ କାର୍ଯ୍ୟକ୍ରମ, ଡ୍ରାମାରେ ଭାଗ ନେବା ସହ କଲେଜ କ୍ରୀଡାରେ ଭାଗ ନେବା ପ୍ରଭୃତିରେ ମୋର କୃତିତ୍ୱ ପ୍ରଦର୍ଶନ କରିପାରିଥିଲି । କଲେଜର 'ମକ୍ ପାର୍ଲିଆମେଣ୍ଟ' ରେ ଭାଗନେଇ ବାକ୍‌ଚାତୁରୀରେ ସଭିଙ୍କ ଦୃଷ୍ଟି ଆକର୍ଷଣ କରି ପାରିଥିଲି । କଲେଜର ପ୍ରତ୍ୟେକ କାର୍ଯ୍ୟରେ ଅଂଶ ଗ୍ରହଣ କରି ଅନେକ କାର୍ଯ୍ୟ ଶିଖି ଭବିଷ୍ୟତରେ ମୋର କର୍ମମୟ ଜୀବନରେ ତାକୁ କାର୍ଯ୍ୟକାରୀ କରି ସଫଳତା ପାଇ ପାରିଥିଲି ।

ଅଧ୍ୟାପକ ଚିନ୍ତାମଣି ଦାସଙ୍କ ପ୍ରେରଣା ଓ 'ପ୍ରବନ୍ଧ ମଞ୍ଜରୀ' ପ୍ରକାଶ :

ମୋ' ସାରସ୍ୱତ ଜୀବନର ଉଷା କାଳରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ସମୟ । ବି.ଏ. କ୍ଲାସରେ ଓଡିଆ ଅଧ୍ୟାପକ ଚିନ୍ତାମଣି ଦାସ ଟ୍ୟୁଟେରିଏଲ କ୍ଲାସରେ ପ୍ରବନ୍ଧ ଲେଖିବା ପାଇଁ କହୁଥିଲେ । ୪୫ମିନିଟ ପିରିୟଡ ଭିତରେ ପ୍ରବନ୍ଧ ଲେଖି ଅଧ୍ୟାପକଙ୍କୁ ଖାତା ପ୍ରଦାନ କରୁଥିଲୁ । ସେ ତାହା ଘରକୁ ନେଇ ସଂଶୋଧନ କରି ମତାମତ ସହ ଫେରସ୍ତ କରି ପରାମର୍ଶ ଦେଉଥିଲେ । ଟ୍ୟୁଟେରିଏଲ କ୍ଲାସ ଛାତ୍ରମାନଙ୍କ ପାଇଁ ଅତି ଉପାଦେୟ । ମୁଁ ଏହାର ପୂର୍ଣ୍ଣ ସୁଯୋଗ ନେଇଥିଲି । ମୋର ପ୍ରବନ୍ଧ ସବୁ ପାଠକରି ଅଧ୍ୟାପକ ମହାଶୟ ମୋର ପ୍ରଶଂସା କରିଥିଲେ । ''ତୁମ ପ୍ରବନ୍ଧ ଭାବ ଉଦ୍ରେକ କରୁଛି । ଅଧିକ ଅଧ୍ୟୟନ କଲାପରେ ତୁମ ପ୍ରବନ୍ଧ ଲେଖା ଆହୁରି ଉପାଦେୟ ହେବ । ସେଥି ପାଇଁ ବହୁ ପ୍ରବନ୍ଧ ପୁସ୍ତକ ପାଠକରି ଜ୍ଞାନ ଆହରଣ କର''।

ଅଧ୍ୟାପକଙ୍କ ପରାମର୍ଶ ମୋ ମନରେ ପ୍ରେରଣା ସୃଷ୍ଟିକଲା । ମୁଁ ଅଧିକ ପ୍ରବନ୍ଧ ପୁସ୍ତକ ପଢିବାରେ ମନ ବଳାଇଲି । ମୋର ପ୍ରବନ୍ଧ ସମୂହକୁ ପୁସ୍ତକ ଆକାରରେ ପ୍ରକାଶ ପାଇଁ ଆଗ୍ରହ ସୃଷ୍ଟି ହେଲା । ଅଜାଙ୍କଠୁ ଅର୍ଥ ଆଣି ବ୍ରହ୍ମପୁର 'ସ୍ୱରାଜ ପ୍ରେସ'ରେ ୧୯୫୯ ମସିହାରେ 'ପ୍ରବନ୍ଧ ମଞ୍ଜରୀ' ବହି ଛପା ହେଲା । ଅଧ୍ୟାପକ ଚିନ୍ତାମଣି ଦାସ ମୁଖବନ୍ଧ ଲେଖିଛନ୍ତି । 'ପ୍ରବନ୍ଧ ମଞ୍ଜରୀ' ପୁସ୍ତକ ପ୍ରକାଶ ପାଇଲାପରେ କଲେଜରେ ଚହଳ ପଡିଗଲା । ପ୍ରିନ୍ସିପାଲଙ୍କୁ ଏବଂ ଅଧ୍ୟାପକମାନଙ୍କୁ ପୁସ୍ତକ ଉପହାର ପ୍ରଦାନ କଲି । ପ୍ରିନ୍ସିପାଲ ମୋର ପୁସ୍ତକ ଦେଖି ଆଗ୍ରହରେ ଆଶୀର୍ବାଦ କରି କହିଲେ, ''ଜଙ୍ଗଲି, ତୋର ଲେଖା ଲେଖି ପ୍ରତି ଆଗ୍ରହ ଥିବା ଆଜି ଜାଣିଲି'' । କଳାହାଣ୍ଡି ଭଳି ଏକ ଘଞ୍ଚ ଜଙ୍ଗଲ ଅଞ୍ଚଳରୁ

Source: Author, Digitized by PPRACHIN, SOA

ଯାଇ ମୁଁ ବ୍ରହ୍ମପୁରରେ ପଢୁଥିବା ଯୋଗୁଁ ମୋତେ ସ୍ନେହରେ ସେ ''ଜଙ୍ଗଲି'' କହୁଥିଲେ । ବହୁ ଛାତ୍ରଛାତ୍ରୀ ମୋର ପ୍ରବନ୍ଧ ବହି ପାଠ କରି ମୋତେ ଅଭିନନ୍ଦନ ଜଣାଇ ଥିଲେ ।

'ବିଜୟୀ' ଉପନ୍ୟାସ ପ୍ରକାଶ :

କଲେଜ ଜୀବନର ସମସ୍ତ ଘଟଣାକୁ ନେଇ 'ବିଜୟୀ ଉପନ୍ୟାସ' ଲେଖିଲି । ଖଲ୍ଲିକୋଟ କଲେଜରୁ ବି.ଏ. ପାସ କଲାପରେ ମଧୁସୂଦନ ଲ. କଲେଜରେ ନାମ ଲେଖାଇଲି । ସେହି ସମୟରେ ମୋର 'ବିଜୟୀ' ଉପନ୍ୟାସ ୧୯୬୧ ମସିହାରେ କଟକର 'ତାରାତାରିଣୀ ପୁସ୍ତକ ପ୍ରକାଶନୀ' ପ୍ରକାଶ କରିଥିଲେ । ଖଲ୍ଲିକୋଟ କଲେଜର ଲ. ଏସୋସିଏସନର ସ୍ୱତନ୍ତ୍ର ଅଧିବେଶନରେ କଟକ ଲ. କଲେଜର ଅଧ୍ୟାପକ ଡକ୍ଟର ଘୋଷ, ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଥିଲେ ।

ଖଲ୍ଲିକୋଟ କଲେଜ ପ୍ରିନ୍ସିପାଲ ଶ୍ରୀ ନରସିଂହ ପାଢୀଙ୍କୁ 'ବିଜୟୀ ଉପନ୍ୟାସ' ପ୍ରଦାନ କରିଥିଲି । କଲେଜ ଷ୍ଟ୍ରାଇକ୍ ସମୟରେ ଛାତ୍ରମାନଙ୍କ ସ୍ଲୋଗାନରେ ପ୍ରିନ୍ସିପାଲ୍‌ଙ୍କ ପାଟିରୁ ପିକା ଖସିପଡିବା କଥା ଲେଖା ହୋଇଥିବାରୁ, ତାକୁ ପଢି ସେ କହିଲେ, ''ପିକା ନ ଲେଖି ଚୁରୁଟ ଲେଖି ନ ଥାନ୍ତୁ ? ଏତେ ବଡ କଲେଜର ପ୍ରିନ୍ସିପାଲ୍ ପିକା ପିଉଥିବା ଲୋକେ ଜାଣିଲେ କଣ ଭାବିବେ''?? ମୁ ଉତ୍ତରରେ କହିଲି, ''ସାର୍, ଆପଣ ପିକା ପିଅନ୍ତି, ଚୁରୁଟ କେବେ ପିଅନ୍ତି ନାହିଁ । ତେଣୁ ପିକା ପିଇବା କଥା ଲେଖିଲି'' । ମୋ ପିଠିରେ ହାତ ରଖି ମୋତେ ସ୍ନେହରେ କହିଲେ, ''ସତରେ ତୁ ଜଙ୍ଗଲିଟାଏ''। 'ବିଜୟୀ' ଉପନ୍ୟାସ ବ୍ରହ୍ମପୁର ଖଲ୍ଲିକୋଟ କଲେଜ ଛାତ୍ରଛାତ୍ରୀ ମାନଙ୍କଦ୍ୱାରା ବେଶ୍ ଆଦୃତ ହୋଇଥିଲା । ବ୍ରହ୍ମପୁରରେ ପୁସ୍ତକର ଆଦର ଅତ୍ୟଧିକ । ଦ୍ୱିତୀୟ ସଂସ୍କରଣ ପ୍ରକାଶ ପାଇଲା ୧୯୬୨ରେ । ବହୁ ମୁଦ୍ରଣ ହୋଇ ଯାଇଛି । ଡ.କୃଷ୍ଣଚରଣ ବେହେରା, ରେଭେନ୍ସା କଲେଜ, ଭଦ୍ରକ କଲେଜର ଓଡିଆ ଅଧ୍ୟାପକ, ଗବେଷକ, ଏହି ଉପନ୍ୟାସ ଉପରେ ପୂର୍ଣ୍ଣାଙ୍ଗ ସମୀକ୍ଷା କରି ପୁସ୍ତକର ଗୁରୁତ୍ୱ ବଢାଇ ଦେଇଛନ୍ତି । ଲେଖକର ଲେଖାର ଉପଯୁକ୍ତ ସମାଲୋଚନା ହେବା ଆବଶ୍ୟକ । ତାହା ଲେଖକକୁ ପ୍ରେରଣା ଦେଇଥାଏ ।

ଅଧ୍ୟାପକ ଡ.ଶଙ୍କରଲାଲ ପୁରୋହିତ, ତାର ହିନ୍ଦୀ ଅନୁବାଦ କରିଛନ୍ତି । ଦିଲ୍ଲୀର ସ୍ୱନାମଧନ୍ୟ 'ବାଣୀ ପ୍ରକାଶନୀ' ଦରିଆଗଞ୍ଜଦ୍ୱାରା ଏହା ମୁଦ୍ରିତ ହୋଇ ସମଗ୍ର ଭାରତ ବର୍ଷରେ ବ୍ୟାପକ ପ୍ରସାର ହୋଇ ପାରିଛି ।

--

Source: Author, Digitized by PPRACHIN, SOA

ତୃତୀୟ ପରିଚ୍ଛେଦ

ଆଇନ ଅଧ୍ୟୟନ ଓ ବୃତ୍ତିଗତ ଜୀବନର ଆରମ୍ଭ

ଆଇନଶାସ୍ତ୍ର ଅଧ୍ୟୟନ :

ଉତ୍କଳଗୌରବ ମଧୁସୂଦନ ଦାସଙ୍କ ନାମରେ ଲ.' କଲେଜ ପ୍ରତିଷ୍ଠିତ ହୋଇଥାଏ । କଲେଜର ସ୍ୱତନ୍ତ୍ର ଗୃହ ନିର୍ମାଣ ହୋଇ ନ ଥାଏ । ତେଣୁ ରେଭେନ୍ସା କଲେଜରେ ସକାଳ ଘ. ୬.୩୦ ମି. ରୁ ୯ଟା ପର୍ଯ୍ୟନ୍ତ ମର୍ଣ୍ଣିଙ୍ଗ କଲେଜ ଏବଂ ସନ୍ଧ୍ୟା ୬ଟାରୁ ୮ଘଣ୍ଟା ପର୍ଯ୍ୟନ୍ତ ସାନ୍ଧ୍ୟ କଲେଜ ନିୟମିତ ହେଉଥାଏ । ଓଡିଶାର ସର୍ବବୃହତ୍ ରେଭେନ୍ସା କଲେଜରେ ପଢିବା ସୁଯୋଗ ମିଳି ନଥିଲେ ମଧ୍ୟ ଲ.' କଲେଜ ଛାତ୍ର ହିସାବରେ ରେଭେନ୍ସା କଲେଜ କୋଠରିରେ ବସି ଲ. ପଢିବା ସୁଯୋଗ ମିଳିଥିଲା । ମୋର ଭାଇ କୁଞ୍ଜବିହାରୀ ସେତେବେଳେ ରେଭେନ୍ସା କଲେଜରେ ଆଇ.ଏ.ରେ ନାମ ଲେଖାଇଥାଏ । ସେ ମୋ ସହିତ 'ସୁଷମା ଭବନ'ରେ ରହିଥିଲା । ରେଭେନ୍ସା କଲେଜ ଓଡିଶାର ଗର୍ବ ଏବଂ ଗୌରବ । ତେଣୁ ଛାତ୍ରମାନଙ୍କ ମଧ୍ୟରେ ରେଭେନ୍ସା କଲେଜରେ ପଢିବା ପାଇଁ ପ୍ରବଳ ଆଗ୍ରହ । ମାତ୍ର ଅନେକ ଛାତ୍ରଙ୍କୁ ସେ ସୁଯୋଗ ମିଳି ନଥାଏ ।

ଲ. କଲେଜର ବାର୍ଷିକ ଉତ୍ସବରେ ଡ.ପ୍ରାଣକୃଷ୍ଣ ପରିଜା ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥାନ୍ତି । ଡକ୍ଟର ପରିଜା ଜଣେ ଆର୍ନ୍ତଜାତିକ ଖ୍ୟାତି ସମ୍ପନ୍ନ ଗବେଷକ ଓ ଜଣେ ବୈଜ୍ଞାନିକ ଭାବେ ଦେଶର ଗୌରବ । ସେହି ମହାନ ବ୍ୟକ୍ତିଙ୍କ ହସ୍ତରୁ ମୁଁ କଲେଜର ବ୍ୟାଡମିଣ୍ଟନ ପ୍ରତିଯୋଗିତାର ପୁରସ୍କାର ଗ୍ରହଣ କରିଥିଲି ।

ରେଭେନ୍ସା କଲେଜର ସୂର୍ଯ୍ୟଘଡି :

ସୂର୍ଯ୍ୟ ଘଡି ରେଭେନ୍ସା କଲେଜ ପରିସରରେ ଅଛି । ଘଣ୍ଟାର ଉଦ୍ଭାବନ ହୋଇ ନ ଥାଏ । ତେଣୁ ସମୟ ଜାଣିବା ପାଇଁ ମଣିଷ ମନରେ ଅନେକ ଭାବନା ଖେଳୁଥାଏ । ସୂର୍ଯ୍ୟକୁ ଦେଖି ସମୟ ଅନ୍ଦାଜ କରାଯାଇଥିଲା । ସେଥିରେ ମଣିଷ ସନ୍ତୋଷ ପାଇ ପାରିଲା ନାହିଁ । ସୂର୍ଯ୍ୟକୁ ନେଇ ସମୟ ଜାଣିବା ପାଇଁ ଉଦ୍ୟମ ଜାରି ରହିଲା । ସୂର୍ଯ୍ୟ ଘଡି ହେଉଛି ମଣିଷଦ୍ୱାରା ସୃଷ୍ଟ ପ୍ରଥମ ଘଣ୍ଟା । ଯାହାର ବ୍ୟବହାର ଏବେ ମଧ୍ୟ ରହିଛି ।

Source: Author, Digitized by PPRACHIN, SOA

ଆକାଶରେ ସୂର୍ଯ୍ୟକୁ ଦେଖି ମଣିଷ ସମୟ ଠିକ୍ କରୁଥିଲା । ଦିନର ବିଭିନ୍ନ ସମୟର ଛାଇକୁ ନେଇ ସମୟର ଗଣନା ହେଲା । ଛାଇ ବିଭିନ୍ନ ସମୟରେ ଲମ୍ୱା ହୋଇଥାଏ, ସାନ ବଡ ହୋଇଥାଏ । ସୂର୍ଯ୍ୟର ଅବସ୍ଥିତିକୁ ଦେଖି ସମୟ ଜାଣିବା ଅପେକ୍ଷା ଛାଇକୁ ଦେଖି ସମୟ ଜାଣିବା ଅଧିକ ସୁବିଧା ଜନକହେଲା । ଏବେ ମଧ ଗାଁରେ ଚାଷୀ ଖେତରେ ହଳକରିବା ସମୟରେ ଅବା ଧାନପଲା ରୋଇବା ସମୟରେ ଛାଇକୁ ଦେଖି ହଳ ଢ଼ିଲିଥାଏ । ଏହାପରେ ସୂର୍ଯ୍ୟ ଘଡିର ଉଦ୍‌ଭାବନ ସହଜ ହେଲା । ମଣିଷର ଚିନ୍ତା ଚେତନାର ବିକାଶ ଘଟିଲା । ସେହି ଚିନ୍ତାର ଫଳ ସ୍ୱରୂପ ସୂର୍ଯ୍ୟ ଘଡିର ଉଦ୍‌ଭାବନ ।

ରେଭେନ୍ସା କଲେଜର ସୂର୍ଯ୍ୟ ଘଡି ଅତି ପୁରାତନ । ମୁଁ ସେଠି ଛିଡା ହୋଇ ସୂର୍ଯ୍ୟକୁ ଦେଖି ସେହି ଘଡିରୁ ସମୟ ଜାଣି ମୋର ପିନ୍ଧିଥିବା ଘଣ୍ଟା ସହ ମିଶାଇ ଥିଲି । ଦିଲ୍ଲୀର 'ଯନ୍ତର ମନ୍ତର' ମଧ୍ୟ ସୂର୍ଯ୍ୟ ଘଡିର ପରିକଳ୍ପନା । ଏବେ ମଧ୍ୟ ବହୁଲୋକ 'ଯନ୍ତରମନ୍ତର'କୁ ଦେଖିବାକୁ ଆସିଥାନ୍ତି ।

ନାଟ୍ୟାଭିନୟ ପ୍ରସଙ୍ଗ :

ଲ. କଲେଜରେ ପଢିବା ସମୟରେ କଲେଜ ନାଟକ ପାଇଁ ଦିନ ସମୟ ସ୍ଥିର ହେଲା । ୧୪ଶ ଶତାବ୍ଦୀର ଫ୍ରାନ୍ସର ତତ୍‌କାଳୀନ ଅବସ୍ଥାକୁ ନେଇ 'ଭଦ୍ରଲୋକ' ନାଟକ ମଞ୍ଚସ୍ଥ କରିବା ପାଇଁ ସ୍ଥିର ହେଲା । ଓଡିଶାର ଅନ୍ୟତମ ପ୍ରଖ୍ୟାତ ଲେଖକ ମନୋରଞ୍ଜନ ଦାସ ନାଟକ ଲେଖିଥାନ୍ତି । ବିଶିଷ୍ଟ ସିନେମା କଳାକାର, ଅନନ୍ତ ମହାପାତ୍ର ନିର୍ଦ୍ଦେଶନା ଦେଇଥିଲେ । କଲେଜର ଛାତ୍ରମାନଙ୍କ ମଧ୍ୟରେ ନାଟକରେ ଅଂଶଗ୍ରହଣ ପାଇଁ ପ୍ରବଳ ପ୍ରତିଦ୍ୱନ୍ଦ୍ୱିତା ହେଲା । ମୁଁ ନାଟକରେ ଅଂଶ ଗ୍ରହଣ ପାଇଁ ମନୋନୀତ ହୋଇଥିଲି । 'ରେଲ୍‌ୱେ ହଲ୍'ରେ ଦୁଇଦିନ ନାଟକ ମଞ୍ଚସ୍ଥ ହୋଇଥିଲା । ସେତେବେଳେ ଫ୍ରାନ୍ସରେ କେଉଁ ପୋଷାକ ପିନ୍ଧୁଥିଲେ ତାର ଏକ ପୁସ୍ତକ ଅଣାଯାଇ, ତତ୍‌କାଳୀନ ପୋଷାକ ତିଆରି ହୋଇଥିଲା । ଆମେ ସମସ୍ତେ କଳାକାର ତାହା ପରିଧାନ କରି ନାଟକରେ ଅଂଶଗ୍ରହଣ କରିଥିଲୁ ।

ପରୀକ୍ଷାମୂଳକ ନାଟକ ଦେଖି ଲୋକଙ୍କ ମଧ୍ୟରେ ପ୍ରବଳ ଆଗ୍ରହ ସୃଷ୍ଟି ହୋଇଥିଲା । ଛାତ୍ର, ଛାତ୍ରୀ ତଥା ବିଶିଷ୍ଟ ଦର୍ଶକଙ୍କ ଗହଣରେ ହଲ୍ ଭରପୂର ହୋଇ ଯାଇଥିଲା । ନୂତନ ଦୃଷ୍ଟିଭଙ୍ଗୀ ନେଇ ମନୋରଞ୍ଜନ ଦାସଙ୍କ ପରୀକ୍ଷାମୂଳକ 'ଭଦ୍ରଲୋକ' ନାଟକ ମଞ୍ଚସ୍ଥ ହୋଇଥିବାରୁ ନାଟ୍ୟକାର ଏବଂ ନିର୍ଦ୍ଦେଶକ ମଧ୍ୟ ଉଚ୍ଚ ପ୍ରଶଂସିତ ହୋଇଥିଲେ । କଳାକାରମାନେ ମଧ୍ୟ ନିଖୁଣ କଳା ପ୍ରଦର୍ଶନରେ ତାଙ୍କ ପାରଦର୍ଶିତା ପାଇଁ ଉଚ୍ଚପ୍ରଶଂସିତ ହୋଇଥିଲେ । ଅତୀତର ଏକ ଘଟଣା ସହିତ ଆମେ କଳାକାରଗଣ ଏକାତ୍ମ ହୋଇ

Source: Author, Digitized by PPRACHIN, SOA

ଯାଇଥିଲୁ । ଓଡିଶାର ସମସ୍ତ ଦୈନିକ ଖବର କାଗଜ ଉଚ୍ଚ ପ୍ରଶଂସା କରିଥିଲେ । ଅଭିନେତାମାନେ ଜନତାର ସମ୍ମୁଖରେ ନାଟ୍ୟକଳା ମାଧ୍ୟମରେ ସେ ଯୁଗର ସାମାଜିକ ଜୀବନକୁ ପ୍ରତିଫଳିତ କରିଥିଲୁ । ନାଟକରେ ଅଭିନୟ କରିବା ଏକ ଜୀବନ୍ତ କଳା । ସେଥିରେ ମଣିଷ ମନର ସୂକ୍ଷ୍ମତାର ପରିପ୍ରକାଶ ଘଟିବାରେ ସହାୟକ ହୋଇଥାଏ । ମଞ୍ଚରେ ଅଭିନୟ କରିବା ସମୟରେ ସଂଳାପ୍ କହିବାରେ ଭୁଲ ହୋଇଗଲେ ସମ୍ମୁଖର ଦର୍ଶକ ବୃନ୍ଦ ତାଳି ମାରିଦିଅନ୍ତି । ତେଣୁ ମୁଁ ଆଗରୁ ସତର୍କ ରହି ସଂଳାପକୁ ମୁଖସ୍ତ କରିନେଇଥିଲି ।

ଲ. କଲେଜର ଅଧ୍ୟାପକମାନେ 'ଭଦ୍ରଲୋକ' ନାଟକକୁ ଏକ ପରୀକ୍ଷାମୂଳକ ସଫଳ ନାଟକ ରୂପେ ବର୍ଣ୍ଣନା କରି ଭୂୟସୀ ପ୍ରଶଂସା କରିଥିଲେ । ମୁଁ ମୋର ଛାତ୍ର ଜୀବନ ସମୟରେ ଏବଂ ପରେ 'ଭରସା', 'ଚକ୍ରୀ', 'ବୀର ଅଭିମନ୍ୟୁ', 'ଚନ୍ଦ୍ରଭାନୁ', 'ଭାଇଭାଉଜ', 'କାରାଗାର' ପ୍ରଭୃତି ସାମାଜିକ, ପୌରାଣିକ ଏବଂ ଐତିହାସିକ ନାଟକରେ ଅଭିନୟ କରିବାର ସୁଯୋଗ ପାଇଥିଲି ।

କଟକରେ ଲ. ପଢିବା ସମୟରେ ମୁଁ କେବେ ସିନେମା ଦେଖିବାର ସୁଯୋଗ ପାଇ ପାରିଲି ନାହିଁ । ସେତେବେଳେ ସିନେମା ଟିକଟ କଳାବଜାରରେ ବିକ୍ରି ହେଉଥାଏ । ଲୋକେ ମଧ୍ୟ ଲାଇନରେ ଛିଡା ହୋଇ ଟିକଟ କାଟିବା ଅପେକ୍ଷା, କଳାବଜାରରେ ଅଧିକ ଟଙ୍କା ଦେଇ ଟିକଟ କିଣି ସିନେମା ଦେଖିବାରେ ଆଗ୍ରହ ପ୍ରକାଶ କରୁଥାନ୍ତି । ଏହାଦ୍ୱାରା କଳାବଜାରୀମାନେ ଲାଭବାନ ହେଉଥିବା ସଙ୍ଗେ ସଙ୍ଗେ କଳାବଜାରକୁ ସାଧାରଣ ଭଦ୍ରଲୋକ ପ୍ରୋତ୍ସାହନ ଦେବା ଭଳି ମନେ ହେଉଥାଏ ।

ମୁଁ ସ୍ଥିରକରି ନେଇଥାଏ କଳାବଜାରରେ ଟିକଟ କିଣି କେବେବି ସିନେମା ଦେଖିବି ନାହିଁ । ସେହି ସମୟରେ 'ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ' ଅବା 'ଜନତା ରଙ୍ଗମଞ୍ଚ'ରେ ପେସାଦାର ନାଟ୍ୟ ସଂସ୍ଥା ମାନେ ନିୟମିତ ପୌରାଣିକ ଅବା ସାମାଜିକ ନାଟକ ମଞ୍ଚସ୍ଥ କରୁଥିଲେ । ଅବଶ୍ୟ ସାମାଜିକ ନାଟକ ଅଧିକ ମଞ୍ଚସ୍ଥ କରୁଥିଲେ ।

ବୈଷ୍ଣବ ପାଣିଙ୍କ ଗୀତିନାଟ୍ୟ ମଧ୍ୟ ବିଭିନ୍ନ ସ୍ଥାନରେ ଖୋଲା ରଙ୍ଗମଞ୍ଚରେ ଦର୍ଶକ ଦେଖିବାର ସୁଯୋଗ ପାଉଥିଲେ । ମୁଁ ମଧ୍ୟ ମୋର ବନ୍ଧୁମାନଙ୍କ ସହ ବୈଷ୍ଣବ ପାଣିଙ୍କ ନାଟକ ଦେଖିବାର ସୁଯୋଗ ପାଇଛି । ସେତେବେଳେ ନାଟ୍ୟ ଜଗତରେ ଅଶ୍ୱିନୀକୁମାର ଘୋଷ, କାଳୀଚରଣ ପଟ୍ଟନାୟକ, ମନୋରଞ୍ଜନ ଦାସ, ଗୋପାଳ ଛୋଟରାୟ, କାର୍ତ୍ତିକଚନ୍ଦ୍ର ଘୋଷ, ରାମଚନ୍ଦ୍ର ମିଶ୍ର, ଭଞ୍ଜକିଶୋର ପଟ୍ଟନାୟକ ପ୍ରଭୃତି ନାଟ୍ୟ ଜଗତରେ ଚହଳ ପକାଇ ସାରିଥିଲେ । ମହାବିଦ୍ୟାଳୟ, ବିଦ୍ୟାଳୟମାନଙ୍କରେ ମଧ୍ୟ ନାଟକ ମଞ୍ଚସ୍ଥ ହେଉଥିଲା । ନାଟକ ମଞ୍ଚସ୍ଥ ହେବା ବିଦ୍ୟାଳୟର ଏକ ଗୁରୁତ୍ୱପୂର୍ଣ୍ଣ

Source: Author, Digitized by PPRACHIN, SOA

କାର୍ଯ୍ୟ । ଛାତ୍ରଛାତ୍ରୀ, ଜନତା ଏହା ଉପଭୋଗ କରିଥାନ୍ତି । ଗ୍ରାମାଞ୍ଚଳମାନଙ୍କ ମଧ୍ୟରେ ମଧ୍ୟ ନାଟକ ମଞ୍ଚସ୍ଥ ହେଉଥିଲା । ମୁଁ ଆମ ମହିଚଲା ଗ୍ରାମରେ ମଧ୍ୟ ବହୁ ନାଟକ ମଞ୍ଚସ୍ଥ କରିବାରେ ମୁଖ୍ୟ ଭୂମିକା ନିଭାଇଥିଲି ।

ବର୍ତ୍ତମାନ ନାଟକ ମଞ୍ଚସ୍ଥ ହେବା ସ୍ଥାନ ପୂରଣ କରିଛି ମେଲୋଡି ଏବଂ ଅନ୍ୟାନ୍ୟ ମନୋରଞ୍ଜନ କାର୍ଯ୍ୟକ୍ରମ । ସିନେମା, ଟେଲିଭିଜନ ପ୍ରଚାର ହେବା ଫଳରେ ଲୋକଙ୍କର ରୁଚିର ମଧ୍ୟ ପରିବର୍ତ୍ତନ ଘଟିବାରେ ଲାଗିଛି । ସାଂସ୍କୃତିକ ଅନୁଷ୍ଠାନରେ ନାଟକ ପରିବେଷଣ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ଥିଲା । ମାତ୍ର ଧୀରେ ଧୀରେ ନାଟକ ମଞ୍ଚସ୍ଥ ହେବା କ୍ଷେତ୍ରରେ ଅବକ୍ଷୟ ଘଟିଲା । କଳାହାଣ୍ଡି ଜିଲ୍ଲାରେ 'କଳାହାଣ୍ଡି ଲେଖକ କଳାପରିଷଦ' ଆନୁକୁଲ୍ୟରେ ପ୍ରଫୁଲ୍ଲ ରଥଙ୍କ ବହୁ ନାଟକ ମଞ୍ଚସ୍ଥ କରାଯାଇଥିଲା । ନାଟକ କ୍ଷେତ୍ରରେ ପ୍ରଫୁଲ୍ଲ ବାବୁ ମଧ୍ୟ ସ୍ମରଣୀୟ । 'ମହାବୀର ସାଂସ୍କୃତିକ ଅନୁଷ୍ଠାନ' ମଧ୍ୟ ନାଟ୍ୟକଳାକୁ ବଞ୍ଚାଇ ରଖିବାରେ ଉଦ୍ୟମ ଅବ୍ୟାହତ ରଖିଛନ୍ତି । ଏଠାରେ ପ୍ରତିବର୍ଷ ନାଟକ ପ୍ରତିଯୋଗିତା ଅନୁଷ୍ଠିତ ହୋଇ କଳାକାର ଲେଖକଙ୍କୁ ସମ୍ମାନିତ କରାଯାଇଥାଏ । ପୂର୍ବରୁ ଏଠାରେ ଅଶୋକ କୁମାର ପାତ୍ର, ସୋହନଲାଲ ଅଗ୍ରୱାଲଙ୍କ ଲିଖିତ ନାଟକ ମଞ୍ଚସ୍ଥ ହୋଇଥିଲା ।

ଉତ୍କଳ ଗୌରବଙ୍କ ସ୍ମୃତି :

ଓଡିଆ ଜାତିର ଗର୍ବ ଏବଂ ଗୌରବ ପ୍ରଥମ ବାରଏଟ ଲ ମଧୁସୂଦନ ଦାସଙ୍କ ନାମରେ ଲ'କଲେଜ ପ୍ରତିଷ୍ଠିତ ହୋଇଛି । ଅର୍ଦ୍ଧ ଶତାବ୍ଦୀ ବ୍ୟାପୀ ସଂଗ୍ରାମ କରି ଓଡିଶାକୁ ଏକତ୍ର କରିବା ସ୍ୱପ୍ନ ସାକାର କରିବା ପୂର୍ବରୁ ତାଙ୍କର ଜୀବନ ଦୀପ ଲିଭି ଯାଇଥିଲା । ତାଙ୍କ ମୃତ୍ୟୁର ଦୁଇବର୍ଷ ପରେ ୧୯୩୬ ରେ ଓଡିଶା ସ୍ୱତନ୍ତ୍ର ପ୍ରଦେଶ ରୂପେ ଗଠିତ ହେଲା । ମଧୁସୂଦନଙ୍କ ଜନ୍ମ ଏପ୍ରିଲ ତା. ୨୮ କୁ ଆଇନଜୀବୀ ଦିବସ ରୂପେ ପାଳନ କରାହୋଇ ଆସୁଛି । ଆଇନଜୀବୀମାନଙ୍କ ପ୍ରତି ତାଙ୍କ ବାର୍ତ୍ତାଥିଲା, ନିଜ କର୍ତ୍ତବ୍ୟ ପ୍ରତି ନିଷ୍ଠା ଓ ପେସା ପ୍ରତି ଗଭୀର ଆନୁଗତ୍ୟ । ପ୍ରତ୍ୟେକଙ୍କ ଧ୍ୟେୟ ହେବା ଉଚିତ । ସେ କହିଥିଲେ, ଓଡିଆ ଜାତି ଯେବେଠାରୁ ଶ୍ରମକୁ ହେୟ ମନେ କରିଛି ସେବେଠାରୁ ତାର ଅବକ୍ଷୟ ଆରମ୍ଭ ହୋଇଛି । କଠିନ ଶାରୀରିକ ଶ୍ରମ ଛଡା ସମୃଦ୍ଧିର ଅନ୍ୟ ସାଧନ ହେଲା ସାଧୁତା ଓ ସହଯୋଗୀ ଉଦ୍ୟମ ।

ଆମଠି ଏହି ଦୁଇଟିର ଘୋର ଅଭାବ । ଓଡିଆ ଆଜି ଦରିଦ୍ର । କାରଣ ସେ ଆଜି ମନରେ, ଚିନ୍ତାରେ ହୋଇ ପଡିଛି ଦରିଦ୍ର । ଦରିଦ୍ରତା ଧନରେ ନ ଥାଏ । ଦରିଦ୍ରତା ମନରେ ଥାଏ । କଥାରେ ପରା ଅଛି, ଯାହାର ମନ ଯେତେ, ତାହାର ପ୍ରଭୁ

Source: Author, Digitized by PPRACHIN, SOA

ସେତେ । ଆମେ ଯଦି ମନରେ ଦରିଦ୍ର ହେଉ ଶତ ଚେଷ୍ଟା ସତ୍ତ୍ୱେ ଆମକୁ କିଏ ଧନରେ ଧନୀ କରି ଦେଇ ପାରିବ ନାହିଁ । ଆଜି ଆମେ ଶ୍ରମ ପ୍ରତି କୁଣ୍ଠିତ । ଯେବେଠାରୁ ଆମ ସମାଜରେ ଶ୍ରମର ମର୍ଯ୍ୟାଦା ରହିଲା ନାହିଁ, ସେହି ଦିନଠାରୁ ଆରମ୍ଭ ହେଲା ଆମ ଦାରିଦ୍ର୍ୟ ।

ଏହାର ସମାଧାନ ଆମ ହାତରେ ରହିଛି । ନିଜ କର୍ତ୍ତବ୍ୟ ପ୍ରତି ସଚେତନ ରହି ପରିଶ୍ରମ କଲେ ଆମେ ଆମ ଭାଗ୍ୟକୁ ପରିବର୍ତ୍ତନ କରିପାରିବା । କଠୋର ପରିଶ୍ରମ ହିଁ ମଣିଷକୁ ଆଗକୁ ବଢ଼ିବା ପାଇଁ ପ୍ରେରଣା ଯୋଗାଇଥାଏ । ସମ୍ପଦ ସୃଷ୍ଟି କରିବାରେ କ୍ଷମ ହୋଇଥାଏ । ତାର ଦୁଇଟି ହାତର ବଳରେ ସେ ତାର ନ୍ୟାଯ୍ୟ ପ୍ରାପ୍ୟ ପାଇବାରେ କ୍ଷମ ହୋଇଥାଏ । ମାତ୍ର ଆମେ ପରିଶ୍ରମ ପ୍ରତି ବିମୁଖ ହୋଇ ପଡ଼ିଛୁ । ତେଣୁ ଆଜି ଆମର ଏହି ଦୁରବସ୍ଥା । କର୍ମ ହିଁ ଧର୍ମ, ଆମେ ସେହି ମୂଳମନ୍ତ୍ରରୁ ବିଚ୍ୟୁତ ହୋଇଛୁ । ଏବେ ମଧ୍ୟ ସମୟ ଅତିକ୍ରାନ୍ତ ହୋଇ ନାହିଁ । କଠିନ ପରିଶ୍ରମ କରି ଆମେ ଆମର ସମସ୍ତ ଦୁଃଖ କଷ୍ଟକୁ ଦୂରେଇ ଆଗକୁ ଆଗେଇ ପାରିବୁ । ପିଲାଦିନରୁ କଠିନ ପରିଶ୍ରମ କରି ନିଜକୁ ଗଢ଼ିବା ପାଇଁ ଉଦ୍ୟମ କରି ଥିବା ଯୋଗୁଁ ବର୍ତ୍ତମାନ ମଧ୍ୟ ମୁଁ କର୍ତ୍ତବ୍ୟ ପ୍ରତି ସଚେତନ ରହି ଅନେକ କାର୍ଯ୍ୟ କରିବାରେ ସଫଳ ହୋଇ ପାରିଛି । ଅନ୍ୟମାନଙ୍କ ମନର ବିଫଳତାର ମୂଳ କାରଣ ହେଉଛି, ନିଷ୍ଠା, ଆନ୍ତରିକତା ଏବଂ ଧୈର୍ଯ୍ୟର ଅଭାବ ।

ଜର୍ନାଲିଜମ୍‌ର ସ୍ୱପ୍ନ ଓ ପତ୍ରିକା ସମ୍ଭାବନା :

କଟକ ରେଲୱେ ଫାଟକ ଡେଇଁ ମୟୂରଭଞ୍ଜ କୋଠି ନିକଟରେ ଥିବା ଏକ ଭଡାଘରେ 'ସୁଷମା ଭବନରେ' ଆମେ ଅନେକ କଲେଜ ଛାତ୍ର ମେସ୍‌କରି ରହିଥିଲୁ । ଲ. କଲେଜର କ୍ଲାସ୍ ଶେଷ ହେବାପରେ ସାଇକେଲରେ ସୁଷମା ଭବନକୁ ଫେରିଆସି ଖିଆପିଆ ସାରି ବିଭିନ୍ନ ବହି ପଢ଼ିବାରେ ସୁଯୋଗ ମିଳିଲା । କାର୍ଲମାର୍କ୍‌ସଙ୍କ 'ଦାସ କ୍ୟାପିଟାଲ' ବହି କିଣି ପଢ଼ିଲି । ବହୁ କମ୍ ଦାମରେ ସୁନ୍ଦର ବନ୍ଧାଇ ବହି ମିଳୁଥିଲା । ବହି ପଢ଼ିବା ମୋର ପିଲା ଦିନରୁ ସଉକ୍ । ତଥାପି ସମୟ ବାହାର କରି ଗୋଟିଏ ପ୍ରେସ୍‌ରେ କାମ କରିବା ପାଇଁ ମନ ସ୍ଥିର କଲି । ଲ. କଲେଜରେ ନାମ ଲେଖାଇଥାଏ; ମାତ୍ର, ଜର୍ନାଲିଜମ ପଢ଼ିବା ପାଇଁ ମନ ବ୍ୟାକୁଳ । ଓଡ଼ିଶାରେ ଜର୍ନାଲିଜମ ପାଇଁ କୌଣସି ସୁଯୋଗ ନ ଥାଏ । ସେତେବେଳେ ମାଡ୍ରାସରେ ପଢ଼ିବା ପାଇଁ ସୁଯୋଗ ଥିଲା । ମାଡ୍ରାସ କଲେଜକୁ ଦରଖାସ୍ତ କରି ଅପେକ୍ଷା କଲି ।

ବାପା ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ, ପ୍ରବୀଣ ରାଜନୀତିଜ୍ଞ, ସୁସାହିତ୍ୟିକ ଡ.

Source: Author, Digitized by PPRACHIN, SOA

ହରେକୃଷ୍ଣ ମହତାବଙ୍କୁ କହି ମୋତେ ତାଙ୍କ 'ପ୍ରଜାତନ୍ତ୍ର ପ୍ରେସ୍'ରେ କାମ କରିବା ପାଇଁ ସୁଯୋଗ ଦେବାକୁ ଅନୁରୋଧ କଲେ । ଆନନ୍ଦରେ ଡ.ମହତାବ ସମ୍ମତି ପ୍ରଦାନ କଲେ । ପ୍ରେସ୍‌ରେ ସକାଳ ୧୧ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ କାମ ଶିଖିବା ପାଇଁ ସମ୍ମତି ପ୍ରଦାନ କଲେ । ଜାନକୀବଲ୍ଲଭ ପଟ୍ଟନାୟକ, ପ୍ରଜାତନ୍ତ୍ରର ସଂପାଦକ ଥା'ନ୍ତି । ଚିନ୍ତାମଣି ମହାପାତ୍ର ବାର୍ତ୍ତା ସଂପାଦକ ଥା'ନ୍ତି । ଡ଼.ମହତାବ ସେମାନଙ୍କ ସହିତ ମୋତେ ପରିଚୟ କରାଇଦେଲେ ।

ପ୍ରଜାତନ୍ତ୍ର ପାଇଁ ସମ୍ବାଦ ଲେଖିବା, ସାମ୍ବାଦିକମାନଙ୍କ ପାଖରୁ ଆସିଥିବା ସମ୍ବାଦର ହେଡିଙ୍ଗ ଦେବା କାର୍ଯ୍ୟ ପ୍ରଭୃତିର ଦାୟିତ୍ୱ ମୋ ଉପରେ ଅର୍ପଣ କରାଗଲା । ଇଂରାଜୀ ଖବର କାଗଜ 'ଇଷ୍ଟର୍ଣ୍ଣ ଟାଇମ୍‌ସ'ର ମଧ୍ୟ ନ୍ୟୁଜ ଲେଖିବା, ନିଉଜର ହେଡିଙ୍ଗ ଦେବା କାର୍ଯ୍ୟ ମଧ୍ୟ କରୁଥିଲି । ଏହିପରି ପ୍ରାୟ ବର୍ଷଟିଏ ପ୍ରଜାତନ୍ତ୍ର ଅଫିସ୍‌ରେ କାମ କରିବା ସୁଯୋଗ ପାଇ ଏବଂ ଓଡିଶାର ବିଶିଷ୍ଟ ସାମ୍ବାଦିକ, ରାଜନେତା, ଲେଖକମାନଙ୍କ ସହ ସାକ୍ଷାତ ଆଲୋଚନା ପ୍ରଭୃତି ମୋ ମନରେ ଗଭୀର ପ୍ରଭାବ ପକାଇଲା । ମାଡ୍ରାସରେ ଜର୍ନାଲିଜମ ପଢିବା ପାଇଁ, ମୁଁ ଦେଇଥିବା ଦରଖାସ୍ତର ସ୍ୱୀକୃତି ମିଳିଲା । ନିର୍ଦ୍ଦିଷ୍ଟ ଦିନରେ କଲେଜରେ ନାମ ଲେଖାଇବା ପାଇଁ ମଧ୍ୟ ସୂଚାଇ ଦିଆଯାଇଥିଲା ।

ବାପାଙ୍କୁ ମୋର ମନ କଥା କହିଲି । ମାତ୍ର ବାପା ଏଥିରେ ରାଜି ହେଲେ ନାହିଁ । ମୁଁ ଲ. ପଢା ଶେଷକରି ଓକିଲାତି କରିବା ପାଇଁ ବାପା ଚାହୁଁଥିଲେ । ତାଙ୍କର ଏତେ ବଡ 'ଆଇନ ପୁସ୍ତକର ପାଠାଗାର' ଆଉ କିଏ ବ୍ୟବହାର କରିବ ? ତେଣୁ ବାପା ଚାହୁଁଥିଲେ ମୁଁ ଜଣେ ଆଇନଜ୍ଞ ଭାବେ କାର୍ଯ୍ୟ କରିବି, ତାଙ୍କୁ ସହଯୋଗ କରିବି ।

ମୁଁ ବି.ଏ.ରେ ଲ. ସବଜେକ୍ଟ ନେଇ ପାସ୍ କଲାପରେ ଲ. କଲେଜରେ ନାମ ଲେଖାଇବାରୁ ବାପା ବହୁତ ଖୁସି ହୋଇଥିଲେ । ମାତ୍ର, ମୁଁ ଲ.' କୁ ଜ୍ଞାନ ଆହରଣ ପାଇଁ ମୋର ସବ୍‌ଜେକ୍ଟ ରୂପେ ଗ୍ରହଣ କରିଥିଲି । ଆଇନ ବ୍ୟବସାୟ ପାଇଁ ମୋର ଆଗ୍ରହ ନ ଥିଲା । ମାତ୍ର, ମୂଳରୁ ସାମ୍ବାଦିକତା ପ୍ରତି ଆଗ୍ରହ ସୃଷ୍ଟି ହୋଇଥିଲା । ସାମ୍ବାଦିକତା କରିବି, ସାହିତ୍ୟ ପତ୍ରିକା ପ୍ରକାଶ କରିବି, ଲେଖାଲେଖି ପ୍ରତି ଆଗ୍ରହ ବୃଦ୍ଧି ପାଇବ– ଏହା ମୋର ଆଶା ।

ସାମ୍ବାଦିକତାକୁ ସମାଜସେବା ଭାବେ ଗ୍ରହଣ କରିଥିଲି । ଗଣତନ୍ତ୍ରର ଚତୁର୍ଥସ୍ତମ୍ଭ ରୂପେ ଖବର କାଗଜ ପ୍ରତି ଏବେ ମଧ୍ୟ ଜନସାଧାରଣଙ୍କ ଅତୁଟ ବିଶ୍ୱାସ ରହିଛି । ତେଣୁ ଜଣେ ସାମ୍ବାଦିକ ହୋଇ ଏଥିରେ ନିୟୋଜିତ ହେବା ପାଇଁ ମନ ବଳାଇଲି । ସାଂସ୍କୃତିକ, ସାମାଜିକ, ସାହିତ୍ୟିକ, ବାତାବରଣ ମଧ୍ୟରେ ମୁଁ ନିଜକୁ ଗଢି ତୋଳିବାରେ କ୍ଷମ ହେବି । ଏହା ହିଁ ମୋ ମନରେ ସେତେବେଳେ ଧାରଣା ସୃଷ୍ଟି ହୋଇଥିଲା ।

Source: Author, Digitized by PPRACHIN, SOA

ଜର୍ନାଲିଜମ୍ ପାଇଁ ସୁଯୋଗ ମିଳିବା ସତ୍ତ୍ୱେ ତାର ସଦ୍‌ବିନିଯୋଗ କରି ପାରିଲି ନାହିଁ। ତେଣୁ ମୋ ମନରେ ଦୁଃଖ ରହିଗଲା । ବାପା ଚାହୁଁଛନ୍ତି ମୁଁ ଓକିଲାତି କରିବି, ମାତ୍ର; ମୁଁ ଚାହୁଁନାହିଁ । ଏହା ହିଁ ମୋ ପାଇଁ ଦ୍ୱନ୍ଦ୍ୱ ସୃଷ୍ଟି କରିଥାଏ । ଲ.' କ୍ଲାସରେ ଦ୍ୱିତୀୟ ବର୍ଷ ଆରମ୍ଭରୁ ପଢ଼ା ଛାଡ଼ି ଗାଁ କୁ ଚାଲି ଆସିଲି । ଜର୍ନାଲିଜମ୍ କରିବା ସ୍ୱପ୍ନ ଆଉ ବାସ୍ତବରେ ରୂପାୟିତ ହୋଇ ପାରିଲା ନାହିଁ । ଘରେ ବସି ରହିବା ପାଇଁ ମଧ୍ୟ ଭଲ ଲାଗିଲା ନାହିଁ । 'ସାଗର' ସାହିତ୍ୟ ପତ୍ରିକାର ସମ୍ପାଦକ କାର୍ଯ୍ୟ କରୁଥାଏ । ସେଥିରେ ସମସ୍ତ ସମୟ ବିନିଯୋଗ ପାଇଁ ମନ ସ୍ଥିର କଲି ।

ମାତ୍ର, ମୋର ବନ୍ଧୁମାନେ ପରାମର୍ଶ ଦେଲେ, ନିଜର କିଛି ଉପାର୍ଜନ ନ ଥାଇ ପତ୍ରିକାଟିଏ ଚଳାଇବା କଷ୍ଟକର । ତାହା ମଧ୍ୟ ସତ । ଯେଉଁ କେତୋଟି 'ସାଗର' ପ୍ରକାଶ ପାଇଥାଏ ତାର ଛପାଖର୍ଚ୍ଚ କାଗଜ ଖର୍ଚ୍ଚ ପ୍ରେସକୁ ଦେଲା ବେଳକୁ ଅନେକ କଷ୍ଟ ପଡୁଥାଏ । ସଭ୍ୟ ସଂଗ୍ରହ ଅର୍ଥରୁ କାଗଜ ଖର୍ଚ୍ଚ ଦେବା ମଧ୍ୟ ସମ୍ଭବ ହେଉ ନ ଥାଏ । ଖବର କାଗଜ ଟିଏ, ସାହିତ୍ୟ ପତ୍ରିକାଟିଏ ଚଳାଇବା କେତେ କଷ୍ଟକର ମୁଁ ଧୀରେ ଧୀରେ ଉପଲବ୍ଧି କଲି । ସରକାରୀ ବିଜ୍ଞାପନ ମିଳିବା ସମ୍ଭବ ନ ଥାଏ । ବିଜ୍ଞାପନର ଅର୍ଥ ବିନା ପତ୍ରିକାଟି ତିଷ୍ଠିବା ସମ୍ଭବ ନୁହେଁ ।

ସରକାରୀ ଚାକିରିଟିଏ କରିବା ପାଇଁ ମନ ମାନୁ ନ ଥାଏ । ଜିଲ୍ଲାରେ କୌଣସି ପ୍ରତିଷ୍ଠିତ ପ୍ରେସ୍ ନ ଥିଲା ଏବଂ ଯେଉଁ ପ୍ରେସ୍ ଥିଲା ତାହା ମଧ୍ୟ ଠିକ୍ ଭାବରେ ଚାଲୁ ନ ଥାଏ । ଏହି ଭଳି ପରିସ୍ଥିତିରେ 'ସାଗର' ପତ୍ରିକାକୁ ଜୟପୁର 'ବିକାଶ ପ୍ରତିଷ୍ଠାନ'ରେ ପ୍ରକାଶ ପାଇଁ ଉଦ୍ୟମ କଲୁ । ପ୍ରଫୁଲ୍ଲ ରଥ ଏଥି ପାଇଁ ଉଦ୍ୟମ ଆରମ୍ଭ କରିଦେଇଥାନ୍ତି । କବି ଯୁଗଳ ଯୋଷୀ ସହଯୋଗ କରୁଥାନ୍ତି । ଧାର, ଉଧାରରେ ମୋର କିଛି ଅର୍ଥ ସାହାଯ୍ୟରେ 'ସାଗର' ପ୍ରକାଶ ହେଉଥାଏ । 'ସାଗର'ର ବିକ୍ରି ହେଉଥାଏ, ମାତ୍ର, ଏଜେଣ୍ଟ ମାନେ ମଧ ଠିକ୍ ଭାବରେ ଟଙ୍କା ପ୍ରଦାନ କରୁନଥିଲେ । ତଥାପି ପତ୍ରିକା ପ୍ରକାଶ ପାଉଥାଏ ।

ଟିଟିଲାଗଡରେ ପ୍ରେସ୍ କାର୍ଯ୍ୟ ଆରମ୍ଭ ହେବା ପରେ ଜୟପୁରରୁ ଟିଟିଲାଗଡ ପାଖ ପଡିବା ଦୃଷ୍ଟିରୁ ଏଠାରେ 'ସାଗର' ପ୍ରକାଶ ପାଇଲା । ଗଦାଧର ରାୟଗୁରୁ, ରାମଚନ୍ଦ୍ର ରଥ ହେରିକା ଟିଟିଲାଗଡ ଯାଇ ପ୍ରେସ୍ ମାଲିକଙ୍କ ସହ କଥା ବାର୍ତ୍ତା ହୋଇ 'ସାଗର' ଛପା କାର୍ଯ୍ୟକୁ ଆଗେଇ ନେଲେ । ଏତେ ଅସୁବିଧା ସତ୍ତ୍ୱେ 'ସାଗର' ଯଥାସାଧ୍ୟ ଠିକ୍ ସମୟରେ ପ୍ରକାଶ ପାଇ ଚାଲିଥାଏ ।

Source: Author, Digitized by PPRACHIN, SOA

ବିବାହ :

ମୋ ଜୀବନର ଅନ୍ୟ ଏକ ଘଟଣା ଏଠି କହି ରଖିବା ଠିକ୍ ହେବ ଭାବି କହୁଛି । ବି.ଏ. ପରୀକ୍ଷା ପରେ ମୋର ବାହାଘର ସ୍ଥିର ହୋଇ ଯାଇଥାଏ । ପରୀକ୍ଷା ସାରି ଶୀଘ୍ର ଚାଲି ଆସିବା ପାଇଁ ଅଜା ଚିଠିରେ ସୂଚାଇ ଦେଇଥିଲେ । ମୋର ବାହାଘର ପାଇଁ ଦିନ ସମୟ ସ୍ଥିର ହୋଇ ସାରିଛି । ବନ୍ଧୁ ବାନ୍ଧବଙ୍କୁ ନିମନ୍ତ୍ରଣ ଦେବା ଆରମ୍ଭ ହୋଇ ଯାଇଛି ।

ମୋର ବାହାଘର ସମୟରେ ମୋର ଭଉଣୀ ସରୋଜିନୀ ଏବଂ ମୋର କାକା ଝିଅ ଶୁଭାଷିନୀର ମଧ୍ୟ ବାହାଘର ସ୍ଥିର ହୋଇଛି । ତେଣୁ ବାହାଘର ସମୟ ବଦଳାଇବା ସମ୍ଭବ ନୁହେଁ । ଆମେ ସମସ୍ତେ ଏକାନ୍ନ ପରିବାର ମଧ୍ୟରେ ରହୁଥିଲୁ । ବାପାଙ୍କର ଚାରି ଭାଇ ଦୁଇ ଭଉଣୀ । ବାପାଙ୍କ ତଳଭାଇ କୃଷ୍ଣମୋହନ ଯାଇ ଅମ୍ବାଦୋଳା ଗ୍ରାମରେ ତାଙ୍କ ପରିବାର ସହ ରହନ୍ତି । ଅନ୍ୟ ଦୁଇ ଭାଇ ରାଜକିଶୋର ଏବଂ ପ୍ରହଲ୍ଲାଦକିଶୋର ସମସ୍ତେ ମହିଚଲାରେ ଏକାଠି ରହନ୍ତି । ମୋର ବାହାଘର ପରେ ମୋର ମଧ୍ୟମ କାକା ରାଜକିଶୋରଙ୍କ ପାଇଁ ନୂଆ ଘର ତିଆରି ହେଲା । ସେ ସେଠିକି ଯାଇ ରହିଲେ । ଯେଉଁ ଦିନ ସେ ଅନ୍ୟତ୍ର ରହିବା ପାଇଁ ଚାଲିଗଲେ, ସେଦିନ ମୋ ମନରେ ବହୁତ କଷ୍ଟ ହୋଇଥିଲା । ଆମେ ସମସ୍ତେ ଏକାଠି ଏତେ ଦିନ ରହି ଆସିଥିଲୁ । ବର୍ତ୍ତମାନ ସେ ଆମଠୁ ଯାଇ ଅଲଗା ରହିବେ । ମୁଁ ମନଦୁଃଖ କରୁଥିବା ଦେଖି ଅଜା ମୋତେ ସାନ୍ତ୍ୱନା ଦେଲେ, କାକା ମଧ୍ୟ ଦୁଃଖ ନ କରିବା ପାଇଁ ବୁଝାଇଲେ । ଦିନକୁ ଦିନ ପରିବାର ସଂଖ୍ୟା ବୃଦ୍ଧି ଯୋଗୁଁ ପୃଥକ ରହିବାର ଆବଶ୍ୟକତା ଉପଲବ୍ଧି କରି ଅଜା ତାଙ୍କ କାର୍ଯ୍ୟ ସମ୍ପାଦନ କରି ଚାଲିଥାନ୍ତି ।

ଆଗରୁ ନିର୍ମିତ ପୁରୁଣା ଘରେ ପ୍ରହଲ୍ଲାଦକିଶୋର ମୋର ସାନକାକା ରହିଲେ । ବାପା ଆଉ ଏକ ଘରେ ରହିଲେ ।

ଆମେ ଚାରି ଭାଇ, ସାତ ଭଉଣୀ, ବିରାଟ ପରିବାର । ବାଲ୍ୟ ବିବାହ ଯଦିଚ ନ ଥିଲା, ତଥାପି ପିଲାଟି ଦିନରୁ ମୋ ପାଇଁ ଅଜା ଝିଅ ଠିକ୍ କରି ସାରିଥାନ୍ତି । ଭବାନୀପାଟଣାର କୁମୁଦନାଥ ବାବୁଙ୍କ ବଡ ଝିଅ ରାଜେଶ୍ୱରୀଙ୍କ ସହ ନିର୍ବନ୍ଧ ହୋଇଥାଏ । କୁମୁଦନାଥ ବାବୁ ଜଣେ ଆଇନଜ୍ଞ । ଅଜା ମଧ ସେହି ପରିବାରରେ ବାହା ହୋଇଥିଲେ । ମୋର ଆଇ (ଜେଜେ ମାତା) ଭାମାଦେବୀ ହେଉଛନ୍ତି ଟଙ୍କଧର ବାବୁଙ୍କ କନ୍ୟା । ତାଙ୍କ ଜ୍ୟେଷ୍ଠ ପୁତ୍ର ଗଙ୍ଗାଧର ବାବୁଙ୍କ ପୋଷ୍ୟ ପୁତ୍ର କୁମୁଦନାଥ ବାବୁ । ଗଙ୍ଗାଧର ବାବୁଙ୍କ ଗୋଟିଏ ଝିଅ ଜନ୍ମ ହୋଇଥିଲେ । ତାଙ୍କ ପୁତ୍ର ଜନ୍ମ ହୋଇନଥିବା ଯୋଗୁଁ ସେ ତାଙ୍କ ଭ୍ରାତା ମଧୁସୂଦନଙ୍କ ମଧ୍ୟମ ପୁତ୍ର କୁମୁଦନାଥଙ୍କୁ

Source: Author, Digitized by PPRACHIN, SOA

ପୋଷ୍ୟପୁତ୍ର ରୂପେ ଗ୍ରହଣ କରିଥିଲେ। ଧର୍ମଗଡ ନିକଟବର୍ତ୍ତୀ ବଗୋଡ ଗ୍ରାମର ସାରଦାପ୍ରସାଦ ପ୍ରହରାଜ ଏବଂ ତାଙ୍କ ସହଧର୍ମିଣୀ ବାସନ୍ତୀ ଦେବୀଙ୍କ ଗୋଟିଏ ପୁଅ ଗୋପବନ୍ଧୁ ଏବଂ ଝିଅ ମନୋରମା । କୁମୁଦନାଥ ବାବୁ ଓ ମନୋରମା ଦେବୀଙ୍କ ଜ୍ୟେଷ୍ଠା କନ୍ୟା ରାଜେଶ୍ୱରୀଙ୍କ ସହ ପିଲାଟି ଦିନରୁ ମୋର ବିବାହ ସ୍ଥିର ହୋଇଛି।

କଲେଜ ପଢା ଶେଷକରି ଘରକୁ ଯେତେବେଳେ ଫେରେ ସେତେବେଳେ, ତାଙ୍କ ଘରେ କିଛି ସମୟ ରହି ବ୍ରହ୍ମପୁରରୁ ମୁଁ ଆଣିଥିବା ସ୍ନେହ ଉପହାର ପିପରମେଣ୍ଟ ଡବା ଶାଳକମାନଙ୍କୁ ପ୍ରଦାନ କରେ । ଶ୍ୟାମା ଏବଂ ରାଜେନ୍ଦ୍ର ତାହା ନେଇ ତାଙ୍କ ବଡ ଭଉଣୀକୁ ପ୍ରଦାନ କରୁଥିଲେ।

ପିଲାଟି ଦିନରୁ ନିର୍ବନ୍ଧ ସିନା ହୋଇଛି, ମାତ୍ର ଉଭୟଙ୍କର ଦେଖା ସାକ୍ଷାତ ହେବା ସମ୍ଭାବନା ନଥାଏ। ବାହା ନହେବା ପର୍ଯ୍ୟନ୍ତ ଦେଖିବାରେ ଅବା କଥାବାର୍ତ୍ତା କରିବାରେ କଟକଣା ଲାଗିଥାଏ । ତେଣୁ ଅକସ୍ମାତ୍ ଦେଖା ହେଲେ ମଧ୍ୟ କଥା ହେବା ସମ୍ଭବ ହୁଏ ନାହିଁ । ସାମାଜିକ ଚାଲିଚଲଣର ଶୃଙ୍ଖଳା ଭିତରେ ଗତି କରିବାକୁ ପଡୁଥାଏ ।

ଏହା ମଧ୍ୟ ଗୋଟିଏ ଦୃଷ୍ଟିରୁ ମୋ ପାଇଁ ଲାଭଦାୟକ ହୋଇଛି । କଲେଜରେ ପଢିବା ସମୟରେ ଅନେକ ଝିଅଙ୍କ ସାନ୍ନିଧ୍ୟରେ ଆସିଛି । ମୁଁ ସେମାନଙ୍କୁ କେବେ ମଧ୍ୟ ଯୌବନର ଉଦ୍ଦାମରେ ପ୍ରେମ ନୟନରେ ଅନାଇ ନାହିଁ । କୌଣସି ଦୁର୍ବଳ ମୁହୂର୍ତ୍ତରେ ମନରେ ବିକାର ସୃଷ୍ଟି ହେଲେ, ମୋ ମାନସ ଚକ୍ଷୁରେ ଭାସି ଆସେ ମୋର ଭାବୀ ସ୍ତ୍ରୀର ମୁହଁ। ଯାହା ସହିତ ମୋର ସଂପର୍କ ପିଲାଟିଦିନରୁ ଯୋଡିହୋଇ ଯାଇଛି। ସମୟ ଆସିଲେ ସେ ମୋର ସହଧର୍ମିଣୀ ହେବେ। ଏହି ଶୁଦ୍ଧ ଭାବନା ମୋ ମନକୁ ଶୃଙ୍ଖଳିତ କରିବାରେ ସହାୟକ ହୋଇଥିଲା। ମନ ଥରେ ଶୃଙ୍ଖଳିତ ହେଲେ ମଣିଷ ପ୍ରତି କ୍ଷେତ୍ରରେ କାର୍ଯ୍ୟ କରିବାରେ କ୍ଷମ ହୋଇଥାଏ । ଶୃଙ୍ଖଳିତ ମଣିଷ ପ୍ରତ୍ୟେକ କାର୍ଯ୍ୟରେ ସଚେତନ ହୋଇଥାଏ।

ଭାରତରେ ବିବାହ ବନ୍ଧନ ଅତି ଦୃଢ, ଦାମ୍ପତ୍ୟ ଜୀବନ ଅତି ପବିତ୍ର । ବିବାହ ବନ୍ଧନଦ୍ୱାରା ଦୁଇଟି ଆତ୍ମା ଯୋଡି ହୋଇଥାଏ। ତେଣୁ ବିବାହ ପୂର୍ବରୁ ବରକନ୍ୟାଙ୍କ ଜାତକ (ଜନ୍ମକୋଷ୍ଠୀ) ମେଳ କରାଯାଏ। ପ୍ରସ୍ତାବିତ ବରକନ୍ୟାର ଦୁଇ ଜାତକ ମଧ୍ୟରେ ରାଜଯୋଟକ ମେଳକୁ ସର୍ବଶ୍ରେଷ୍ଠ କୁହାଯାଏ । ଅକ୍ଷୟ ତୃତୀୟା ପୂର୍ବଦିନ ୨୮.୦୪.୧୯୬୦ରେ ମୋର ବିବାହ ହେଲା।

ନିର୍ଦ୍ଦିଷ୍ଟ ଦିନରେ ଧୁମ୍ ଧାମରେ ବାହାଘର ହୋଇଗଲା । ସେତେବେଳେ ଗାଡି, ମଟର ଏତେ ସୁବିଧା ନ ଥିଲା । ତେଣୁ ଆମେ ବରଯାତ୍ରୀମାନେ ଗୋଟିଏ ଟ୍ରକ୍‌ରେ ମହିଚଲା ଗ୍ରାମରୁ ଭବାନୀପାଟଣା ଆସିଥିଲୁ । ଭବାନୀପାଟଣାରେ ଗୋଟିଏ କାର୍ ଠିକ୍

Source: Author, Digitized by PPRACHIN, SOA

କରି ବର ବେଶରେ ସଜ୍ଜିତହୋଇ କାରରେ ବସି ଶିଙ୍ଗ ବାଦ୍ୟକାରମାନଙ୍କ ଚିତ୍ତାକର୍ଷକ ବାଦ୍ୟ ଏବଂ ନୃତ୍ୟର ତାଳେ ତାଳେ ବରଯାତ୍ରୀ କନ୍ୟାପକ୍ଷଙ୍କ ଘରେ ପହଞ୍ଚି ଯାଇଥିଲୁ । ଠିକ୍ ମୁହୂର୍ତ୍ତରେ ଏବଂ ଲଗ୍ନରେ ମୋର ବିବାହ ସମ୍ପନ୍ନ ହେଲା । ବରପକ୍ଷ ପୁରୋହିତ ଚକୁଳି ଗ୍ରାମର ରାମଚନ୍ଦ୍ର ମୁଣ୍ଡ ଏବଂ କନ୍ୟାପକ୍ଷ ପୁରୋହିତ ତିଓ୍ୱାଡି ବିବାହ ସମ୍ପନ୍ନ କଲେ । ସେ ତ୍ରିପାଠୀରୁ ତିଓ୍ୱାଡି ନାମରେ ପରିଚିତ । ଭୋଜି ଖାଇ ବର ପକ୍ଷର ସମସ୍ତେ ଗାଁକୁ ଫେରିଗଲେ । ମୁଁ ଏକୁଟିଆ ଶ୍ୱଶୁର ଘରେ ରହିଗଲି । ତା ପରଦିନ କନ୍ୟାକୁ ଧରି ଗାଁ କୁ ଆସିଲି । ବରକନ୍ୟାକୁ ମା, କାକୀ ଏବଂ ଅନ୍ୟମାନେ ବନ୍ଦାପନା କରି ଘରକୁ ପାଛୋଟି ନେଲେ । ହୁଳହୁଳିରେ ଘର କମ୍ପି ଉଠୁଥାଏ । ବୋହୂ ଝିଅ, ମହିଳାମାନେ ଉତ୍ସୁକ ନୟନରେ ନୂଆ ବୋହୂର ମୁହଁ ଦେଖିବାକୁ ଅନାଇ ରହିଥାନ୍ତି ।

ଏହି ଅବସରରେ ଶ୍ରୀ ରାଜକୁମାର ମିଶ୍ର କବିରତ୍ନଙ୍କଦ୍ୱାରା ରଚିତ ମାଙ୍ଗଳିକ କବିତା ଛପାହୋଇ ଲୋକଙ୍କୁ ବିତରଣ କରାଯାଇଥିଲା ।

ଇତି ମଧ୍ୟରେ ମୁଁ ଧର୍ମଗଡ ହାଇସ୍କୁଲରେ ସହକାରୀ ଶିକ୍ଷକ ରୂପେ ଯୋଗ ଦେଲି । ନିଜ ଘର ଥାଏ, ସେଇଠି ରହିଲି । ମୋର ସ୍କୁଲ ସାଥୀ ପ୍ରେମଲାଲ ପ୍ରଧାନ ଲ.' ପଢ଼ା ଶେଷ କରି ଆସି ପ୍ରଧାନ ଶିକ୍ଷକ ରୂପେ ଯୋଗ ଦେଇଥାନ୍ତି । ମୋର ମାସିକ ଦରମା ଟ.୧୩୦ଙ୍କା । ସେଥିରୁ ଅଧା ଟଙ୍କା ମୋର ଭାଇ ଗଗନର ପଢ଼ା ଖର୍ଚ୍ଚ ପାଇଁ ପ୍ରଦାନ କରୁଥିଲି । ପରେ ସେ ଲ.' ପଢ଼ି ବାପାଙ୍କ ଆଇନ ବ୍ୟବସାୟରେ ଯୋଗଦେଇ ଧର୍ମଗଡରେ ଓକିଲାତି କଲା । ବାପାଙ୍କ ଯେଉଁ ଆଶା ମୁଁ ପୂରଣ କରିପାରିନଥିଲି ତାହା ସେ ପୂରଣ କଲା । ତାର ଜ୍ୟେଷ୍ଠ ପୁଅ ଲିଙ୍ଗରାଜ (ମିଟୁ) ସେଇଠି ରହି ଓକିଲାତି କରୁଛି ।

ଧର୍ମଗଡ ସ୍କୁଲରେ ଶିକ୍ଷକତା :

ସ୍କୁଲର ସହକାରୀ ଶିକ୍ଷକ ରୂପେ ଯୋଗ ଦେଇ ଛାତ୍ରମାନଙ୍କ ପଢ଼ାପଢ଼ିରେ ମନ ଲଗାଇ ଦେଲି । ସନ୍ଧ୍ୟା ସମୟରେ ମଧ୍ୟ ଛାତ୍ରାବାସକୁ ଯାଇ ପିଲାମାନେ ନିଜ ନିଜ ସିଟ୍‌ରେ ବସି ପଢୁଛନ୍ତି କି ନାହିଁ ତାହା ତଦାରଖ କରୁଥାଏ । ସ୍କୁଲ ଛାତ୍ରମାନଙ୍କ ସହିତ ମୁଁ ନିଜକୁ ସାମିଲ କରି ନେଇଥାଏ ।

ସ୍କୁଲର ଆର୍ଥିକ ପରିସ୍ଥିତି ସ୍ୱଚ୍ଛଳ ନ ଥିଲା । ସ୍କୁଲ ପରିଚାଳନା କମିଟି ସଂପାଦକ କୃଷ୍ଣମୋହନ ପଟ୍ଟଯୋଷୀଙ୍କ ସହ ପରାମର୍ଶ କରି ସର୍ବସାଧାରଣଙ୍କଠୁ ଅର୍ଥ ସଂଗ୍ରହ କରିବା ପାଇଁ ସ୍ଥିର କରି କାର୍ଯ୍ୟକ୍ରମ ଗ୍ରହଣ କରାଗଲା । ପ୍ରତି ଶୁକ୍ରବାର ବଜାର ଦିନ ଦୋକାନୀମାନଙ୍କଠୁ ଅର୍ଥ ସଂଗ୍ରହ କରିବାପାଇଁ ସ୍ଥିରକରି କାର୍ଯ୍ୟକ୍ରମ ଗ୍ରହଣ କରାଗଲା ।

Source: Author, Digitized by PPRACHIN, SOA

ଦୋକାନୀମାନେ ମଧ୍ୟ ସ୍ୱତଃ ପ୍ରବୃତ୍ତ ହୋଇ ସ୍କୁଲ ପାଣ୍ଠିକୁ ଅର୍ଥ ପ୍ରଦାନ କଲେ । ଏହି ଭଳି ଭାବରେ ପ୍ରତି ଶୁକ୍ରବାର ଦିନ ଦୋକାନୀମାନଙ୍କଠୁ ଅର୍ଥ ସଂଗ୍ରହ ହୋଇ ବର୍ଷ ଶେଷ ବେଳକୁ ପ୍ରାୟ ବାର ହଜାର ଟଙ୍କା ସ୍କୁଲ ପାଣ୍ଠିରେ ଜମା କରାଯାଇଥିଲା ।

ସ୍କୁଲରେ ନିୟମିତ ପଢାପଢି ବ୍ୟବସ୍ଥାର ତଦାରଖ ସହ ସ୍କୁଲ ପିଲାମାନଙ୍କ ଖେଳକୁଦର ବିକାଶ ପ୍ରତି ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଦୃଷ୍ଟି ରଖୁଥିଲି । ଧର୍ମଗଡରେ ବହୁ ସରକାରୀ କର୍ମଚାରୀ, ଶିକ୍ଷକ, ଆଇନଜୀବୀ, ସାଧାରଣ ନାଗରିକମାନଙ୍କ ସମାଗମ ହୋଇଥାଏ । ସେମାନଙ୍କ ସାନ୍ଧ୍ୟ ମନୋରଞ୍ଜନ ପାଇଁ କ୍ଲବ ଘରକୁ ସକ୍ରିୟ କରାଗଲା । ମୁଁ ସଭାପତି ରୂପେ ନିର୍ବାଚିତ ହେଲି । କ୍ଲବ ଘର ନିୟମିତ ଖୋଲା ଯାଉଥାଏ । ଦୈନିକ ଖବର କାଗଜ, ମ୍ୟାଗାଜିନ ପ୍ରଭୃତି ନିୟମିତ ଆସିବା ଫଳରେ ଦିନକୁ ଦିନ ସଭ୍ୟ ସଂଖ୍ୟା ମଧ୍ୟ ବୃଦ୍ଧି ପାଇବାରେ ଲାଗିଲା । କ୍ଲବରେ କ୍ୟାରମ୍, ତାସ, ଚେସ୍, ଲୁଡୁ ପ୍ରଭୃତି ଖେଳର ସୁବିଧାଜନକ ବ୍ୟବସ୍ଥା ହେବା ଫଳରେ କ୍ଲବ୍ ଘର ଜୀବନ୍ତ ହୋଇ ଉଠିଲା । କ୍ଲବ ତରଫରୁ ଜିଲ୍ଲା ବ୍ୟାଡ୍‌ମିଣ୍ଟନ୍, ଜିଲ୍ଲା ଭଲିବଲ୍ ଟୁର୍ଣ୍ଣାମେଣ୍ଟ, ଜିଲ୍ଲା ଫୁଟବଲ ଟୁର୍ଣ୍ଣାମେଣ୍ଟ ହେବା ଫଳରେ ଲୋକଙ୍କ ମନରେ ଏକ ପ୍ରକାର ଗଠନ ମୂଳକ ମନୋଭାବ ସୃଷ୍ଟି ହେବାରେ ଲାଗିଲା । ଜିଲ୍ଲାର ଖେଳାଳିମାନେ ଧର୍ମଗଡରେ ଅନୁଷ୍ଠିତ ହେଉଥିବା ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବାରୁ ଧର୍ମଗଡ କ୍ଲବର କର୍ମତତ୍‌ପରତା ସେମାନଙ୍କ ମନରେ ପ୍ରଭାବ ପକାଇ ଥିଲା । ଧର୍ମଗଡ କ୍ଲବ ଏକ ଜୀବନ୍ତ ଅନୁଷ୍ଠାନ ରୂପେ ପ୍ରତୀୟମାନ ହେଲା । କ୍ଲବ ତରଫରୁ ଏକ ସାମାଜିକ ନାଟକ, ଏକ ପୌରାଣିକ ନାଟକ ମଧ୍ୟ ମଞ୍ଚସ୍ଥ ହେଲା । ଧର୍ମଗଡ ସହର ସଦାସର୍ବଦା ଚଳଚଞ୍ଚଳ ହୋଇ ଉଠିଲା । ପାଠାଗାରକୁ ମଧ୍ୟ ବହୁ ଲୋକ ଆସି ବହି, ଖବର କାଗଜ, ମ୍ୟାଗାଜିନ୍ ପଢି ସମୟର ସଦ୍ ବ୍ୟବହାର କରିବାକୁ ଲାଗିଲେ ।

ପାଠାଗାର ହେଉଛି ସହରର ଆତ୍ମା ସଦୃଶ । ଜଣେ ପାଠକ ପୁସ୍ତକଟିଏ ପାଠ କରି ଅନେକ ଦୃଷ୍ଟିରୁ ନିଜ ମନକୁ ପ୍ରସାରିତ କରିବାରେ ସୁଯୋଗ ପାଇଥାଏ । ଭଲ ବହିଟିଏ ପଢିବା ପାଇଁ ପ୍ରତ୍ୟେକ ଶିକ୍ଷିତ ବ୍ୟକ୍ତି ଆଗ୍ରହ ପ୍ରକାଶ କରିବା ଉଚିତ । ସେହି ଦୃଷ୍ଟିରୁ ଧର୍ମଗଡ ପାଠାଗାର ଲୋକଙ୍କ ମନରେ ସୃଜନଶୀଳ ଚିନ୍ତା ଉଦ୍ରେକ କରିବାରେ ସଫଳ ହୋଇଥିଲା । ସୁପ୍ତସହର ସଦା ଚଳଚଞ୍ଚଳ ହୋଇ ଉଠିଥିଲା ।

ମୁଁ ପ୍ରତିଦିନ ସକାଳ ୧୦ଟାରୁ ସନ୍ଧ୍ୟା ୬ଘଣ୍ଟା ପର୍ଯ୍ୟନ୍ତ ସ୍କୁଲ କାର୍ଯ୍ୟରେ ମଜ୍ଜି ଯାଉଥିଲି । ସ୍କୁଲର ଛାତ୍ରମାନଙ୍କୁ ନେଇ ଏକ 'ମକ୍ ପାର୍ଲିଆମେଣ୍ଟ' କରିବା ପାଇଁ ସ୍ଥିର କରି ପ୍ରସ୍ତୁତି ଆରମ୍ଭ କରିଦେଲି । ଛାତ୍ରମାନଙ୍କୁ ନିୟମିତ ତାଲିମ ଦେଲି । କ୍ରମେ ପ୍ରଧାନମନ୍ତ୍ରୀ, ବିରୋଧୀ ଦଳର ନେତା, ଅନ୍ୟାନ୍ୟ ମନ୍ତ୍ରୀ ଓ ସଦସ୍ୟ, ଛାତ୍ରମାନଙ୍କ

Source: Author, Digitized by PPRACHIN, SOA

ମଧ୍ୟରୁ ମନୋନୀତ ହେଲେ । ଶିକ୍ଷକମାନଙ୍କୁ ମଧ୍ୟ ଏଥିରେ ସଂପୃକ୍ତ କରି ମକ୍ ପାର୍ଲିଆମେଣ୍ଟ ପାଇଁ ଦିନ ସ୍ଥିର ହେଲା । ସହରର ବିଶିଷ୍ଟ ବ୍ୟକ୍ତିମାନଙ୍କୁ ଆମନ୍ତ୍ରଣ କରାଗଲା । ବରିଷ୍ଠ ଆଇନଜ୍ଞ ଅର୍ଜୁନ ପଟ୍ଟଯୋଷୀଙ୍କୁ ବାଚସ୍ପତି ଦାୟିତ୍ୱ ତୁଲାଇବା ପାଇଁ ଅନୁରୋଧ କରାଗଲା । ସେ ଆମ ଅନୁରୋଧ ରକ୍ଷା କରି ଆଗ୍ରହର ସହିତ ଦାୟିତ୍ୱ ତୁଲାଇ ଥିଲେ । କଳାହାଣ୍ଡି ଜିଲ୍ଲାରେ ଛାତ୍ର ଛାତ୍ରୀମାନଙ୍କଦ୍ୱାରା ମକ୍ ପାର୍ଲିଆମେଣ୍ଟ ଅନୁଷ୍ଠିତ ହେବା ପ୍ରଥମ ଘଟଣା । ଏହା ଦେଖିବା ପାଇଁ ପ୍ରାୟ ଦୁଇ ହଜାର ଦର୍ଶକ ହାଇସ୍କୁଲ ପ୍ରାଙ୍ଗଣରେ ଉପସ୍ଥିତ ରହି କୌତୂହଳରେ ସଦସ୍ୟମାନଙ୍କ ଆଲୋଚନା ଶୁଣି ମକ୍ ପାର୍ଲିଆମେଣ୍ଟର ମଜା ଉଠାଇଥିଲେ ।

ପ୍ରଶ୍ନ ଛଳରେ ଜଣେ ସାଂସଦ ପ୍ରଶ୍ନ କଲେ, ଓଡିଶା ପ୍ରଦେଶର, କଳାହାଣ୍ଡି ଜିଲାର ରାସ୍ତାଘାଟ ଅତି ଶୋଚନୀୟ । ଫଳରେ ଲୋକେ ଯାତାୟାତରେ ବହୁ ଅସୁବିଧା ଭୋଗୁଛନ୍ତି । ଏଥିପାଇଁ ମାନ୍ୟବର ବିଭାଗୀୟ ମନ୍ତ୍ରୀ କଣ ପ୍ରତିକାର କାର୍ଯ୍ୟକ୍ରମ ଗ୍ରହଣ କରିଛନ୍ତି ?

ବିଭାଗୀୟ ମନ୍ତ୍ରୀ ଉଠି କହିଲେ, କଳାହାଣ୍ଡିର ରାସ୍ତା ଘାଟର ଅବସ୍ଥା ଅତି ଦୟନୀୟ । ଏହା ମୋ ଦୃଷ୍ଟିକୁ ଆସିଛି । ଲୋକଙ୍କ ଯାତାୟାତ ସୁବିଧା ପାଇଁ ଆଗାମୀ ବର୍ଷ ଜଳ ଯାତ୍ରାର କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି । ଭବାନୀପାଟଣା ଘୋଡାଘାଟ ନାଳର ଜଳକୁ ଆଶା ସାଗରରେ ପକାଇ କେନାଲ୍ ମାଧମରେ ଶଗଡା ନଦୀରୁ ହାତୀ ନଦୀ ସହ ସଂଯୋଗ କରି ଧର୍ମଗଡ ପାଖ ସାଲୁର ଜୋର ଦେଇ ଛେଣ୍ଡିଆ ପାଖରେ ତେଲନଦୀ ରେ 'ବନ୍ଦର' ବ୍ୟବସ୍ଥା କରାଯାଇଛି । ଫଳରେ, ଲୋକେ ଇଞ୍ଜିନ ଚାଳିତ ଜାହାଜରେ ସହଜରେ ଧର୍ମଗଡରୁ ଭବାନୀପାଟଣା ଏବଂ ଭବାନୀପାଟଣାରୁ ଧର୍ମଗଡ କମ୍ ସମୟରେ ଯାଇ ଆସି ପାରିବେ ।

ମନ୍ତ୍ରୀଙ୍କ ଏହି ଉତ୍ତରରେ ସରକାରୀ ଦଳର ସଦସ୍ୟମାନେ ଟେବୁଲ ବାଡେଇ ମନ୍ତ୍ରୀଙ୍କ ଉତ୍ତରକୁ ସ୍ୱାଗତ ଜଣାଇଲେ । ଉପସ୍ଥିତ ଜନତା ହର୍ଷ ଧ୍ୱନିରେ କରତାଳି ଦେଲେ । ଦର୍ଶକଙ୍କ ହର୍ଷ ଧ୍ୱନିରେ ସଭାସ୍ଥଳ କମ୍ପି ଉଠିଲା ।

ମାନ୍ୟବର ବାଚସ୍ପତି ସଭା ପରିଚାଳନା ପାଇଁ ଅର୍ଡର ଅର୍ଡର କହି ଶାନ୍ତି ରକ୍ଷା କରିଥିଲେ । ଏହିଭଳି ଅନେକ କୌତୁକିଆ ପ୍ରଶ୍ନ ଉତ୍ତର, ବିରୋଧୀ ଦଳର ନେତାଙ୍କ ଓଜସ୍ୱିନୀ ଭାଷଣ ଏବଂ ପ୍ରଧାନମନ୍ତ୍ରୀଙ୍କ ଗୁରୁ ଗମ୍ଭୀର ଭାଷଣ ଦର୍ଶକଙ୍କୁ ବହୁ ଆମୋଦ ପ୍ରଦାନ କରିଥିଲା । ଧର୍ମଗଡ ହାଇସ୍କୁଲର ମକ୍‌ପାର୍ଲିଆମେଣ୍ଟ ସହରରେ ତଥା ଜିଲ୍ଲାରେ ଚର୍ଚ୍ଚାର ବିଷୟ ହୋଇ ଲୋକଙ୍କ ମନରେ ଆଲୋଡନ ସୃଷ୍ଟି କରିଥିଲା ।

୧୯୬୨ ମସିହାର ମକ୍‌ପାର୍ଲାମେଣ୍ଟର ହାସ୍ୟୋଦ୍ଦିପକ ନଦୀ, ନାଳ, ଯୋର

Source: Author, Digitized by PPRACHIN, SOA

ସଂଯୋଜନା ଆଜି ବାସ୍ତବ କ୍ଷେତ୍ରରେ ମଧ୍ୟ ପାର୍ଲିଆମେଣ୍ଟରେ ଆଲୋଚିତ ହୋଇ 'ନଦୀ ସଂଯୋଗ ଯୋଜନା' କାର୍ଯ୍ୟକାରୀ କରିବା ପାଇଁ ଉଦ୍ୟମ ଜାରି ରହିଛି । ଅଟଳବିହାରୀ ବାଜପେୟୀ ତାଙ୍କର ପ୍ରଧାନମନ୍ତ୍ରିତ୍ୱ ସମୟରେ ଏଥି ପ୍ରତି ଗୁରୁତ୍ୱ ଦେଇଥିଲେ । ଜମି ଅଧିଗ୍ରହଣକୁ କେନ୍ଦ୍ରକରି ବହୁ ବାଦ-ବିବାଦ ଯୋଗୁଁ କାର୍ଯ୍ୟକ୍ରମ ମନ୍ଥର ହୋଇ ଯାଇଛି । ନଦୀ ସଂଯୋଜନାର ଆବଶ୍ୟକତା ଏବେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ।

ସ୍କୁଲ ଛାତ୍ରମାନଙ୍କୁ ନେଇ ଏକ ସାମାଜିକ ନାଟକ ମଞ୍ଚସ୍ଥ ହୋଇଥିଲା । ସ୍କୁଲ ଛାତ୍ର ଛାତ୍ରୀମାନଙ୍କ ମଧ୍ୟରେ ଅନେକ ପ୍ରତିଭା ଲୁଚି ରହିଛି । ସେମାନଙ୍କୁ ସୁଯୋଗ ଏବଂ ସୁବିଧା ମିଳିଲେ ତାହା ପରିପ୍ରକାଶ ହୋଇଥାଏ । ଛାତ୍ରମାନଙ୍କ ପାଠ ପଢ଼ା ସହ ବାର୍ଷିକ କ୍ରୀଡା ପ୍ରତିଯୋଗିତା, ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ପ୍ରଭୃତି ସ୍କୁଲ ଶିକ୍ଷାର ଅଂଶ ବିଶେଷ । ତେଣୁ ସେଗୁଡିକ ନିୟମିତ ପ୍ରତି ସ୍କୁଲରେ ପାଳିତ ହେବା ଉଚିତ । ସ୍କୁଲର ବହୁମୁଖୀ କାର୍ଯ୍ୟକ୍ରମ ଫଳରେ ପିଲାମାନଙ୍କ ଏବଂ ଅଭିଭାବକମାନଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି ହେଲା । ଏତେ କାର୍ଯ୍ୟକ୍ରମ ପାଇଁ ମୋତେ ଅଧିକ ସମୟ ଦେବାକୁ ପଡୁଥିଲା । ଅବଶ୍ୟ ଅନ୍ୟ ଶିକ୍ଷକବନ୍ଧୁମାନେ ପୂର୍ଣ୍ଣ ସହଯୋଗ ପ୍ରଦାନ କରୁଥିଲେ ।

ଧର୍ମଗଡରୁ ମହିଚଲାର ଦୂରତ୍ୱ ମାତ୍ର ୧୨କି.ମି. । ତଥାପି ତିନି ଚାରିମାସ ମୁଁ ଗାଁକୁ ଯାଇପାରୁ ନ ଥିଲି । ଦୀର୍ଘ ଦିନ ଧରି ମୁଁ ଗାଁକୁ ଯାଇ ପାରୁ ନ ଥିବା ଯୋଗୁଁ ଅଜା ମୋ ଉପରେ ଅସନ୍ତୋଷ ପ୍ରକାଶ କରୁଥିଲେ । ସେ କହୁଥିଲେ "ତୁ ଜଣେ ସହକାରୀ ଶିକ୍ଷକ ! ସେଥିରେ ଫେର୍ ତୋର ସମୟ ହେଉ ନାହିଁ, ଗାଁ କୁ ଆସିବା ପାଇଁ"?

ସତରେ ମୁଁ ସ୍କୁଲ ପରିସର ମଧ୍ୟରେ ଏବଂ ଧର୍ମଗଡ କ୍ଲବରେ ମୋର ସମସ୍ତ ସମୟ, ଶକ୍ତିକୁ ପୂର୍ଣ୍ଣଭାବରେ ବିନିଯୋଗ କରିଦେଇ ଥିବା ଯୋଗୁଁ ଗାଁକୁ ଆସି ପାରୁନଥିଲି । ତେଣୁ ମୋ ଉପରେ ଅଜା ଅସନ୍ତୋଷ ପ୍ରକାଶ କରିବା ସ୍ୱାଭାବିକ । ମୋର କଥାଶୁଣି ସ୍ତ୍ରୀ ମଧ୍ୟ ମନରେ କିଛି ଭାବୁନଥିଲେ । ସେ ମୋତେ ଚାହିଁ ହସି କହିଥିଲେ, "ତମେ ତ କାମରେ ଲାଗିଗଲେ ଲାଗିଯାଅ । ତେଣୁ ସମୟ ବାହାର କରି ଗାଁକୁ ଆସିବା ସମ୍ଭବ ହେଉନଥିବ । ରବିବାର ଦିନଟିଏ ତୁମକୁ ଛୁଟି ମିଳୁଥିଲା । ସେ ଦିନ ମଧ୍ୟ ଅନ୍ୟ କାମରେ ଲାଗିଥିଲେ ଆଉ ଆସି ପାରିବ କେମିତି"? ତାଙ୍କ ଓଠରୁ ଲାଜ ମିଶା ଚାପାହସ ଦେଖି ଆତ୍ମ ବିଭୋର ହୋଇ ଯାଇଥିଲି ।

ମୋର ଦୀର୍ଘ ଅନୁପସ୍ଥିତିକୁ ସ୍ତ୍ରୀ ସହଜ ଭାବରେ ଗ୍ରହଣ କରି ନେଇଥିବା ଯୋଗୁଁ ମୁଁ ଆଶ୍ୱସ୍ତ ହେଲି । ସ୍ୱାମୀ ସ୍ତ୍ରୀ ଦାମ୍ପତ୍ୟ ଜୀବନରେ ଉଭୟେ ଉଭୟଙ୍କୁ ଏବଂ ପ୍ରତ୍ୟେକ କଥାକୁ ସହଜ ଏବଂ ସ୍ୱାଭାବିକ ଭାବରେ ଗ୍ରହଣ କରିନେଲେ ହିଁ ଦାମ୍ପତ୍ୟ ଜୀବନ ସୁଖମୟ ହୋଇଥାଏ ।

Source: Author, Digitized by PPRACHIN, SOA

କ୍ଷୁଦ୍ରଗଳ୍ପ ଲିଖନ ଓ ପାଠକୀୟ ତାଗିଦା :

'ସାଗର' ପତ୍ରିକାରେ ମୋର ଏକ କ୍ଷୁଦ୍ରଗଳ୍ପ 'ଅଭିଳାଷ' ପ୍ରକାଶ ପାଇଲା । ଜଣେ ଶିକ୍ଷକର ଆଦର୍ଶବୋଧ, ସରଳତା, ନିଷ୍ଠା, କର୍ତ୍ତବ୍ୟବୋଧ ସମାଜକୁ ଦିଗ୍‌ଦର୍ଶନ ଦେବାରେ ସହାୟକ ହୋଇଥାଏ । ତେଣୁ ଜଣେ ଶିକ୍ଷକ ଏଭଳି ଆଦର୍ଶରେ ଅନୁପ୍ରାଣିତ ହୋଇ କର୍ତ୍ତବ୍ୟ ପଥରେ ଆଗେଇବା ଉଚିତ । ଏହି ମର୍ମରେ ମୋର ଏହି କ୍ଷୁଦ୍ରଗଳ୍ପଟି ପ୍ରକାଶିତ ହୋଇଥାଏ ।

ସତକୁ ସତ ମୁଁ ଜଣେ ଶିକ୍ଷକ ରୂପେ କାର୍ଯ୍ୟ କରୁଥାଏ । ତେଣୁ ମୋର ଅନେକ ବନ୍ଧୁ ସେହି କ୍ଷୁଦ୍ରଗଳ୍ପ ପଢି ମୋ ଉପରେ ସେମାନଙ୍କ ଅସନ୍ତୋଷ ଭାବ ପ୍ରକାଶ କଲେ ।

''ଆମେ ତୁମଠୁ ବହୁତ କିଛି ଆଶା କରିଥିଲୁ । ମାତ୍ର ତମେ ଶେଷକୁ ଜଣେ ଶିକ୍ଷକ ରୂପେ କାର୍ଯ୍ୟ କରି ସନ୍ତୋଷ ପ୍ରକାଶ କଲ''।

ମୁଁ ସେମାନଙ୍କ କଥା ଶୁଣି କେବଳ ହସିଲି । ଶିକ୍ଷକ ଜୀବନର ଆଦର୍ଶ, କର୍ତ୍ତବ୍ୟନିଷ୍ଠା ମୋର ଭବିଷ୍ୟତ ଜୀବନର ପାଥେୟ ରୂପେ ମୁଁ ଗ୍ରହଣ କରି ନେଇଥିଲି ।

ଖଲ୍ଲିକୋଟ କଲେଜରେ ପଢୁଥିବା ସମୟରେ କଲେଜ ମ୍ୟାଗାଜିନ୍‌ରେ ମଧ୍ୟ 'ନୀରବ ଅଶ୍ରୁ' ଶୀର୍ଷକ କ୍ଷୁଦ୍ରଗଳ୍ପଟିଏ ପ୍ରକାଶ ପାଇଥିଲା । ବ୍ରହ୍ମପୁରରେ ପ୍ରକାଶ ପାଉଥିବା 'ଛାତ୍ର ମ୍ୟାଗାଜିନ୍' ରେ ମଧ୍ୟ ଗୋଟିଏ କ୍ଷୁଦ୍ରଗଳ୍ପ ପ୍ରକାଶ ପାଇଥିଲା । ଅନେକ କ୍ଷୁଦ୍ରଗଳ୍ପ ଲେଖିଛି । ମାତ୍ର ଉପନ୍ୟାସ, ପ୍ରବନ୍ଧ ଲେଖିବାରେ ମନୋନିବେଶ କଲାପରେ କ୍ଷୁଦ୍ରଗଳ୍ପ ଲେଖା ପ୍ରତି ଆଉ ଧ୍ୟାନ ଦେଲି ନାହିଁ । ବର୍ତ୍ତମାନ ପୁଣି କ୍ଷୁଦ୍ରଗଳ୍ପ ଲେଖିବା ପାଇଁ ମନ ବଳାଇଛି ।

ସତକୁ ସତ ଧର୍ମଗଡ ସ୍କୁଲରେ ପିଲାମାନଙ୍କ ପାଠ ପଢାସହ ସାଂସ୍କୃତିକ ଚେତନା ଜାଗ୍ରତ ପାଇଁ, କ୍ରୀଡାର ବିକାଶ ପାଇଁ, ମୁଁ କାର୍ଯ୍ୟରେ ଲାଗି ରହିଥିଲି । ମୋ ମନରେ ଏକ ଧାରଣା ସୃଷ୍ଟି ହୋଇଥାଏ, ଶିକ୍ଷାର ମୂଳ ଲକ୍ଷ୍ୟ ହେଉଛି, ସାମାଜିକ ଓ ସାଂସ୍କୃତିକ ବିକାଶ ।

କଳାହାଣ୍ଡି ଲେଖକ କଳା ପରିଷଦ ଗଠନ :

କଳାହାଣ୍ଡିର ଲେଖକ କଳାକାରମାନଙ୍କୁ ଏକତ୍ର କରି ସାଂସ୍କୃତିକ ଚେତନାକୁ ଲୋକାଭିମୁଖୀ କଲେ କବି, ସାହିତ୍ୟିକ, କଳାକାରମାନଙ୍କ ମନରେ ପ୍ରେରଣା ସୃଷ୍ଟି ହୋଇ ସାହିତ୍ୟ ସୃଷ୍ଟି କରିବାରେ ତାହା ଅଧିକ ଉପଯୋଗୀ ହୋଇ ପାରିବ ବୋଲି ମୋର ହୃଦୟଙ୍ଗମ ହେଲା । ତେଣୁ ଜିଲ୍ଲାର ଲେଖକ, କଳାକାରମାନଙ୍କୁ ଏକତ୍ର କରି ଏକ ସାହିତ୍ୟ ସଭା ଧର୍ମଗଡ ପଞ୍ଚାୟତ ଭବନରେ ଅନୁଷ୍ଠିତ ହୋଇଥିଲା । ଧର୍ମଗଡର

Source: Author, Digitized by PPRACHIN, SOA

ବରିଷ୍ଠ ଆଇନଜ୍ଞ କୃଷ୍ଣମୋହନ ପଟ୍ଟଯୋଷୀ ଅଭ୍ୟର୍ଥନା କମିଟିର ସଭାପତି ରୂପେ ସମସ୍ତଙ୍କୁ ସ୍ୱାଗତ କରିଥିଲେ । ଜୁନାଗଡ ବ୍ଲକର ବି.ଡି.ଓ. ମିଷ୍ଟର ବି.କେ. ମୂର୍ତ୍ତି ଜଣେ ଉଚ୍ଚକୋଟୀର ସାହିତ୍ୟିକ । ତେଲଗୁ ସାହିତ୍ୟର ଜଣେ ନାମଜାଦା ଲେଖକ । ସେହି ମହାଶୟ ସାହିତ୍ୟିକମାନଙ୍କୁ ଉଦ୍‌ବୋଧନ ଦେଇଥିଲେ । ଭବାନୀପାଟଣାର ଲେଖକ ବନ୍ଧୁମାନେ ଏବଂ ଗ୍ରାମାଞ୍ଚଳର ବହୁ ଲେଖକ ସେଠି ସମବେତ ହୋଇଥିଲେ । ୧୯୬୨ ମସିହା ଏପ୍ରିଲ ତା. ୨୮ ଏବଂ ତା. ୨୯ ରିଖ ଦୁଇ ଦିନ ସାହିତ୍ୟ ସଭା ଅନୁଷ୍ଠିତ ହୋଇଥିଲା । ଲେଖକମାନଙ୍କ ମଧ୍ୟରେ ନୂତନ ଉତ୍ସାହ ଖେଳିଗଲା । ସେଇଠି ସମସ୍ତଙ୍କ ମିଳିତ ଚିନ୍ତାରେ 'କଳାହାଣ୍ଡି ଲେଖକ କଳା ପରିଷଦ' ସୃଷ୍ଟି ହେଲା । ଡାକ୍ତର ସୋମେଶ୍ୱର ବେହେରା ସଭାପତି ଏବଂ ମୁଁ ସଂପାଦକ ରୂପେ ନିର୍ବାଚିତ ହେଲୁ । କୁମୁଦ ପଣ୍ଡା ସହ ସଂପାଦକ ଏବଂ ପର୍ଶୁରାମ ମୁଣ୍ଡ, ପ୍ରଫୁଲ୍ଲ କୁମାର ରଥ, ଲାବଣ୍ୟନିଧି ଭୋଇ ପ୍ରଭୃତି ସଭ୍ୟ ରୂପେ ନିର୍ବାଚିତ ହେଲେ ।

ଏକ ପ୍ରସ୍ତାବ ଗୃହୀତ ହେଲା ଯେ, ରାସବିହାରୀ ବେହେରା ଯଦି ଅନ୍ୟତ୍ର ଚାଲିଯାନ୍ତି, ତେବେ 'କଳାହାଣ୍ଡି ଲେଖକ କଳା ପରିଷଦ'ର ସ୍ଥାନ ମଧ୍ୟ ପରିବର୍ତ୍ତନ ହେବ । ଧର୍ମଗଡରୁ ଶିକ୍ଷକତା କାମ ଛାଡି ମୁଁ ଭବାନୀପାଟଣା ଚାଲି ଯିବାର ସମ୍ଭାବନା ଥିବା ଯୋଗୁଁ ଏହିଭଳି ପ୍ରସ୍ତାବ ଗୃହୀତ ହୋଇଥିଲା ।

'ଲେଖକ କଳା ପରିଷଦ' ଗଠନର ମୁଖ୍ୟ ଭୂମିକା ନିଭାଇ ଲେଖକ କଳାକାରମାନଙ୍କୁ ଏକତ୍ର କରି ଅନୁଷ୍ଠାନ ଗଢିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ଯୋଗୁଁ ଏହି ଅନୁଷ୍ଠାନର ଭବିଷ୍ୟତର ସମସ୍ତ ପ୍ରାରମ୍ଭିକ ଦାୟିତ୍ୱ ମୋ ଉପରେ ଅର୍ପଣ କରାଯାଇଥିଲା । ଛୋଟ ଶିଶୁର ଲାଳନ ପାଳନ ମା' ଉପରେ ନିର୍ଭର କରିଥାଏ । ଠିକ୍ ସେହିଭଳି ପ୍ରାରମ୍ଭିକ ଶିଶୁ ଅବସ୍ଥାରେ ଅନୁଷ୍ଠାନକୁ ଶୃଙ୍ଖଳିତ ଭାବରେ ଗଢିବା ପାଇଁ ମୁଁ ସମସ୍ତ ଦାୟିତ୍ୱ ଆଗ୍ରହର ସହିତ ବହନ କରିଥିଲି । ମୁଁ ମଧ୍ୟ ମୋର ସାଧ୍ୟମତେ ପ୍ରାରମ୍ଭିକ ଅବସ୍ଥାରୁ ତାର ସମ୍ବିଧାନ ପ୍ରଣୟନ, ସ୍ଥାୟୀ ଗୃହ ନିର୍ମାଣ ପାଇଁ ସରକାରୀ ପ୍ଲଟ ମଞ୍ଜୁରି ସକାଶେ ଆବେଦନ, ଗୃହ ନିର୍ମାଣ ପାଇଁ ଅର୍ଥର ବ୍ୟବସ୍ଥା ଏବଂ ସଭ୍ୟ ସଂଗ୍ରହ ପ୍ରତି ପ୍ରାଧାନ୍ୟ ଦେଇ କାର୍ଯ୍ୟକ୍ରମ ଗ୍ରହଣ କରିବା ଫଳରେ ଆଜି 'କଳାହାଣ୍ଡି ଲେଖକ କଳା ପରିଷଦ' ଏକ ବୃହତ୍ ଅନୁଷ୍ଠାନ ରୂପେ ପରିଗଣିତ ହୋଇ ପାରିଛି । ମୁଁ ସଭାପତି ଦାୟିତ୍ୱରେ ଥିବା ସମୟରେ ପ୍ରଭାତ ହୋତା ଏବଂ ତାଙ୍କ ପରେ ଗଦାଧର ରାୟଗୁରୁ ସଂପାଦକ ଦାୟିତ୍ୱ ତୁଳାଇଥିଲେ ।

ଧର୍ମଗଡ ହାଇସ୍କୁଲର ପରୀକ୍ଷା ଏପ୍ରିଲ ତା ୨୦ ସୁଦ୍ଧା ଶେଷ ହୋଇଗଲା । ପରୀକ୍ଷା ଖାତା ମୂଲ୍ୟାୟନ କରିବା ଶିକ୍ଷକର କାମ । ଛାତ୍ରମାନଙ୍କ ପରୀକ୍ଷା ଶେଷ

Source: Author, Digitized by PPRACHIN, SOA

ହୋଇଥିବା ଯୋଗୁଁ ସ୍କୁଲକୁ ଆସି ପ୍ରେଜେଣ୍ଟ ପକାଇ ଘରକୁ ଚାଲି ଯାଉଥିଲି । ପରୀକ୍ଷା ଶେଷ ପରେ ପଢାପଢି ପ୍ରାୟ ହେଉନଥାଏ । ଶିକ୍ଷକମାନେ ମଧ୍ୟ ପରୀକ୍ଷା ଖାତା ଦେଖାରେ ବ୍ୟସ୍ତ ଥାନ୍ତି । ସେହି ସମୟରେ ପିଲାମାନଙ୍କ ପଢାପଢିର କ୍ଷତି ନହେବା ଦୃଷ୍ଟିରୁ ସାହିତ୍ୟ-ସଭା ପାଇଁ ଉଦ୍ୟମ କଲି । ଖାତାଦେଖା ପରେ ହାତରେ ମଧ୍ୟ ଯଥେଷ୍ଟ ସମୟ ଥାଏ । ତେଣୁ ଅଭ୍ୟର୍ଥନା କମିଟି ଗଠନ, ଲେଖକମାନଙ୍କର ଆଗମନ ଓ ସେମାନଙ୍କର ରହିବା, ଖାଇବା ପ୍ରଭୃତି ବ୍ୟବସ୍ଥା ମୋତେ କରିବାକୁ ପଡିବ। ମୁଁ ଯେଉଁ ଘରେ ଏକୁଟିଆ ରହୁଥିଲି, ସେଇଠି ସେମାନଙ୍କ ପାଇଁ ରହିବା ବ୍ୟବସ୍ଥା କରାଗଲା। ହୋଟେଲରେ ଖାଇବା ବ୍ୟବସ୍ଥା କରାଗଲା। ମୋ ପାଇଁ ଯିଏ ରାନ୍ଧୁଥିଲା, ସିଏ (ଲମ୍ଫ) ସମସ୍ତଙ୍କ ପାଇଁ ଚାହା ଜଳଖିଆ ବ୍ୟବସ୍ଥା କଲା। କୌଣସି ଅସୁବିଧା ହୋଇନଥିଲା।

ଅନ୍ୟାୟର ପ୍ରତିବାଦ ଓ ଜେଲ ଭୋଗ :

ସ୍କୁଲ ପରୀକ୍ଷା ଫଳ ମେ’ ୫ତାରିଖ ଦିନ ଘୋଷଣା କରାଗଲା । ମେ ସାତ ତାରିଖ ଦିନ ପରିଚାଳନା କମିଟିର ସଭା ଡକାଗଲା । ତା ପରଦିନ ଗ୍ରୀଷ୍ମ ଛୁଟି ହେବ । ଧର୍ମଗଡ ଏସ୍.ଡି.ଓ. ପରିଚାଳନା କମିଟିର ସଭାପତି । ସଭାରେ ସ୍କୁଲର ପରୀକ୍ଷା ଫଳ, ସ୍କୁଲର ଆୟବ୍ୟୟ ଆଲୋଚନା ସହ ମୋରି ଉଦ୍ୟମରେ ସର୍ବସାଧାରଣଙ୍କଠୁ ଅର୍ଥ ସଂଗ୍ରହ କରି ସ୍କୁଲର ଆର୍ଥିକ ଉନ୍ନତିରେ ସହାୟକ ହୋଇଥିବା ଯୋଗୁଁ ମୋତେ ଧନ୍ୟବାଦ ମଧ୍ୟ ଦିଆଗଲା । ସଂପାଦକ କୃଷ୍ଣମୋହନ ପଟ୍ଟଯୋଷୀ ମଧ୍ୟ ତାଙ୍କ ମତାମତ ପ୍ରଦାନ କଲେ ।

ଏସ୍.ଡି.ଓ.ଙ୍କୁ ସାହିତ୍ୟ ସଭାକୁ ନ ଡାକିବାରୁ :

ମିଟିଙ୍ଗ୍ ଚାଲିଥିବା ସମୟରେ ସଭାପତି କହିଲେ, ‘‘ସ୍କୁଲର ପ୍ରଧାନ ଶିକ୍ଷକ ଏବଂ ସହକାରୀ ଶିକ୍ଷକ ରାସବିହାରୀ ବେହେରା ଏପ୍ରିଲ ତା ୨୭, ୨୮, ୨୯ ତିନି ଦିନ ସ୍କୁଲରେ ଅନୁପସ୍ଥିତ ଥିଲେ । ତେଣୁ ସେମାନଙ୍କ ତିନି ଦିନର ଦରମା ପ୍ରଦାନ କରାଯିବ ନାହିଁ । ସେମାନେ ସ୍କୁଲରେ ଉପସ୍ଥିତ ନ ରହି ଅନ୍ୟ କାର୍ଯ୍ୟରେ ବ୍ୟସ୍ତ ରହିଥିବାରୁ ତିନି ଦିନର ଦରମା କଟାଗଲା’’ ।

ଶିକ୍ଷକମାନଙ୍କ ପ୍ରତିନିଧି ହିସାବରେ ମୁଁ ମିଟିଙ୍ଗ୍‌ରେ ଉପସ୍ଥିତ ଥିଲି । ସଭାପତିଙ୍କ ଏହିଭଳି ପକ୍ଷପାତ ଘୋଷଣାରେ ମନରେ ତୀବ୍ର ପ୍ରତିକ୍ରିୟା ଦେଖା ଦେଲା । ମୁଁ ପ୍ରତିବାଦ କଲି । ‘‘ପରୀକ୍ଷା ସରିଯାଇଥାଏ । ସ୍କୁଲରେ ପାଠ ପଢା ହେଉନଥାଏ । ପରୀକ୍ଷା ଖାତା ଦେଖାରେ ଆମ ବ୍ୟସ୍ତତା ଭିତରେ ମଧ ଏକ ସାହିତ୍ୟ ସଭା ଅନୁଷ୍ଠିତ ହୋଇଥିଲା । ତଥାପି ଆମେ ସ୍କୁଲକୁ ଆସି ଛାତ୍ରମାନଙ୍କ ଉପସ୍ଥାନ ନେଇ ସ୍କୁଲ କାର୍ଯ୍ୟସାରି ସାହିତ୍ୟ

Source: Author, Digitized by PPRACHIN, SOA

ସଭାରେ ଯୋଗ ଦେଇଥିଲୁ । ତେଣୁ ଆମେ ସ୍କୁଲରେ ଅନୁପସ୍ଥିତ ନ ଥିଲୁ । ଆମେ ଏଭଳି କୌଣସି ଭୁଲ କରି ନାହୁଁ ଅବା ସ୍କୁଲ କାର୍ଯ୍ୟରେ ଅବହେଳା କରିନାହୁଁ । ଆମର ଦରମା କାଟ ହେବା ଯଥାର୍ଥ ହେଉ ନାହିଁ । ଦରମା ଟଙ୍କା ବଡ ପ୍ରଶ୍ନ ନୁହେଁ, ଯେଉଁ ଅନୁଷ୍ଠାନ ପାଇଁ ଦିନ ରାତି ଏକା କରି ନିଃସ୍ୱାର୍ଥ ଭାବରେ କାର୍ଯ୍ୟ କରିଥିଲୁ, ସେହି ଅନୁଷ୍ଠାନରୁ ଏହିଭଳି ବ୍ୟବହାର ପାଇବୁ ବୋଲି ଆମେ ଆଶା କରି ନ ଥିଲୁ । ଆମର ଆତ୍ମ ସମ୍ମାନ ହିଁ ପ୍ରଶ୍ନ ରୂପେ ଦେଖା ଦେଇଛି । ମୁଁ ଯୋର ଦେଇ କହିଲି ଏହିଭଳି ବ୍ୟବହାର ଯଥାର୍ଥ ହେଉ ନାହିଁ''।

ସଭାପତି ତାଙ୍କ ଅହମିକାରେ କହିଲେ, ''ତୁମମାନଙ୍କ ଯୁକ୍ତିର କୌଣସି ଯଥାର୍ଥତା ନାହିଁ । ମୁଁ ଯାହା ନିର୍ଦ୍ଦେଶ ଦେଇଛି ତାହା ହିଁ କାର୍ଯ୍ୟକାରୀ କରାଯିବ'' ।

ପ୍ରଧାନ ଶିକ୍ଷକ ଏବଂ ମୁଁ ମିଟିଙ୍ଗ୍ ବାହାରକୁ ଚାଲି ଆସିଲୁ । ମୁଁ କହିଲି, ''ତିନି ଦିନର ଦରମା କାଟରେ ସ୍କୁଲର ଆର୍ଥିକ ଲାଭ କିଛି ହେବ ନାହିଁ । ଆମେ ବରଂ ତିନି ମାସର ଦରମା ସ୍କୁଲକୁ ପ୍ରଦାନ କରିଦେବା'' । ଦୁହେଁ ଏକମତ ହୋଇ ମିଟିଙ୍ଗକୁ ଫେରି ଆସିଲୁ ଏବଂ ମୁଁ ଘୋଷଣା କଲି, ''ସଭାପତି ମହାଶୟ ! ଆପଣ ଅକାରଣରେ ଆମର ତିନି ଦିନର ଦରମା କାଟ କରି ଅନ୍ୟାୟ କରିଛନ୍ତି । ତେଣୁ ଆମେ ସ୍ୱତଃପ୍ରବୃତ୍ତ ହୋଇ ସ୍କୁଲ ପାଣ୍ଠିକୁ ତିନି ମାସର ଦରମା ଅର୍ପଣ କଲୁ''।

ସଭାପତି ମହାଶୟ ଆଶ୍ଚର୍ଯ୍ୟ ହୋଇ ରାଗରେ ରୋଷ କଷାୟିତ ନୟନରେ ଅନାଇ ରହିଲେ । ଏହିଭଳି ଏକ ଅପ୍ରୀତିକର ପରିବେଶ ସେଠାରେ ସୃଷ୍ଟିହେଲା ।

ପରେ ମୁଁ ବୁଝିଲି, ଧର୍ମଗଡରେ ଏତେ ବଡ ସାହିତ୍ୟ ସଭା ହେଲା । ସେ ସବ୍‌ଡିଭିଜନର ଏସ୍.ଡି.ଓ. ଅଥଚ, ତାଙ୍କୁ ମୁଖ୍ୟ ଅତିଥି ରୂପେ ନିମନ୍ତ୍ରଣ ନ କରି ତାଙ୍କ ଅଧସ୍ତନ ଜଣେ ବି.ଡି.ଓ.ଙ୍କୁ ମୁଖ୍ୟ ଅତିଥି ରୂପେ ନିମନ୍ତ୍ରଣ କରାଯାଇଥିବାରୁ ତାଙ୍କ ପ୍ରତି ଏହାକୁ ଏକ ଅପମାନ ରୂପେ ଗ୍ରହଣ କରି ସେହି ରାଗରେ ସେ ଆମ ବିରୁଦ୍ଧରେ ତାଙ୍କ କ୍ଷମତାର ଅପବ୍ୟବହାର କରିଥିଲେ ।

ମାତ୍ର, ମୁଁ ଏତେ ଗଭୀରକୁ ଯାଇନଥିଲି । ଜୁନାଗଡ ବି.ଡି.ଓ. ମୂର୍ତ୍ତି ବାବୁ ତେଲଗୁ ସାହିତ୍ୟର ଜଣେ ସୁକବି, ସୁଲେଖକ । ସାହିତ୍ୟସଭାର ଉଦ୍‌ଘାଟନ ପାଇଁ ସେ ହିଁ ଉପଯୁକ୍ତ ବ୍ୟକ୍ତି । ସାହିତ୍ୟିକ ହିସାବରେ ଆମେ ତାଙ୍କୁ ନିମନ୍ତ୍ରଣ କରିଥିଲୁ । ଧର୍ମଗଡର ଉଦ୍ୟୋକ୍ତା ମାନେ ମଧ୍ୟ ତାହା ଠିକ୍ ମନେ କରିଥିଲେ । ଆମ ସେହି ସଭାରେ ଧର୍ମଗଡର ଜଣେ ସରକାରୀ କର୍ମଚାରୀ ଆର୍ଡ ଅଫିସର ବି.ଏସ୍. ବହିଦାର ମଧ୍ୟ ଉପସ୍ଥିତ ଥିଲେ । ସାହିତ୍ୟ ସଭାକୁ ଜଣେ ସୁସାହିତ୍ୟିକ ଉଦ୍‌ଘାଟନ କରିବାର ଯଥାର୍ଥତା ସମସ୍ତେ ଉପଲବ୍ଧି କରି ମତ ପୋଷଣ କରିବା ଫଳରେ ଆମେ ଶ୍ରୀମୁର୍ତ୍ତିଙ୍କୁ ଅନୁରୋଧ କରିଥିଲୁ ।

Source: Author, Digitized by PPRACHIN, SOA

କ୍ଷମତା ମଣିଷକୁ କିପରି ଅନ୍ଧ କରିଦିଏ ଏବଂ କ୍ଷମତାକୁ ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ଲୋକେ କିପରି ବିନିଯୋଗ କରିଥାନ୍ତି ତାହା ଏହିପରି ଗୋଟିଏ ପରେ ଗୋଟିଏ ଘଟଣାରୁ ସ୍ପଷ୍ଟ ହୋଇ ଅଞ୍ଚଳରେ ଏକ ଅଶାନ୍ତ ବାତାବରଣ ସୃଷ୍ଟି ହୋଇ ଚାଲିଲା ।

ରାଧାକୃଷ୍ଣ ମନ୍ଦିରର ନାମକରଣ ବିବାଦ :

ଜନ ସାଧାରଣଙ୍କ ଅର୍ଥରେ ନିର୍ମିତ ଧର୍ମଗଡ ମନ୍ଦିର ପୂର୍ଣ୍ଣାଙ୍ଗ ହେଲା । ମନ୍ଦିର ପ୍ରତିଷ୍ଠା ପାଇଁ ଉଦ୍ୟମ ଆରମ୍ଭ ହୋଇଗଲା । ରାଧାକୃଷ୍ଣଙ୍କ ବିଗ୍ରହ ଅଣାଗଲା । ଶୁଭଦିନ ଏବଂ ମୁହୂର୍ତ୍ତ ସ୍ଥିର କରାଗଲା । ପ୍ରସ୍ତୁତି କମିଟି ବସି ସବୁ ଠିକ୍ ଠାକ୍ କଲେ । ମନ୍ଦିର ନାମ ବହୁ ପୂର୍ବରୁ ବ୍ରଜମୋହନ ମନ୍ଦିର ରେକର୍ଡରେ ଥିବା ଜାଣି ମୋ ମନରେ ବହୁ ପ୍ରଶ୍ନ ଜାତ ହେଲା । ବ୍ରଜମୋହନ ଦେଓ କଳାହାଣ୍ଡି ଜିଲ୍ଲାର ପୂର୍ବତନ ମହାରାଜା । ତାଙ୍କ ନାମରେ 'ବ୍ରଜମୋହନ ହାଇସ୍କୁଲ' ପ୍ରତିଷ୍ଠିତ ହୋଇଛି । ତାଙ୍କର ପ୍ରତିମୂର୍ତ୍ତି ମଧ୍ୟ ଭବାନୀପାଟଣା ସହରରେ ପ୍ରତିଷ୍ଠିତ ହୋଇଛି । ତାଙ୍କ ନାମରେ 'ବ୍ରଜମୋହନ ସାହିତ୍ୟ ସମିତି' ଗଠିତ ହୋଇଛି । ଏଥିରେ କୌଣସି ଭୁଲ ହୋଇ ନାହିଁ । ମାତ୍ର, ବ୍ରଜମୋହନ ଶ୍ରୀକୃଷ୍ଣଙ୍କ ନାମ ହୋଇଥିଲେ ମଧ ସେହି ବ୍ୟକ୍ତିଙ୍କ ନାମରେ ମନ୍ଦିର ନାମକରଣ ହେବା ଯଥାର୍ଥ ହେଉ ନାହିଁ। ଲୋକେ ମଧ୍ୟ ଏହି ନାମକରଣ ନେଇ ମନେ ମନେ ଅସନ୍ତୋଷ ପ୍ରକାଶ କରୁଥାନ୍ତି । ଅନେକେ ଏହି ନାମକରଣକୁ ନାପସନ୍ଦ କରୁଥାନ୍ତି । ମାତ୍ର, କିଏ ମଧ୍ୟ ଖୋଲା ଖୋଲି ମତ ପୋଷଣ କରୁନଥାନ୍ତି । ଏକ ଅଜଣା ଭୟ ସେମାନଙ୍କ ମନକୁ ଆଚ୍ଛନ୍ନ କରି ଦେଉଥାଏ ।

ସମସ୍ତଙ୍କ ମନୋଭାବ ମୁଁ ଜାଣିଲାପରେ ସେହି ସଭାରେ କହିଲି, ''ବ୍ରଜମୋହନ ଦେଓ କଳାହାଣ୍ଡିର ପୂର୍ବତନ ମହାରାଜା । ତାଙ୍କ ନାମରେ ଶିକ୍ଷାନୁଷ୍ଠାନ, ସାଂସ୍କୃତିକ ଅନୁଷ୍ଠାନ ରହିଛି । ମାତ୍ର ଧର୍ମାନୁଷ୍ଠାନରେ ତାଙ୍କ ନାମରେ ବିଗ୍ରହ ସ୍ଥାପିତ ହେବା ଲୋକଙ୍କ ଧର୍ମ ବିଶ୍ୱାସ ଉପରେ ଆଘାତ ପହଞ୍ଚାଇବ । ମନ୍ଦିରରେ ରାଧାକୃଷ୍ଣ ବିଗ୍ରହ ପ୍ରତିଷ୍ଠିତ ହେବେ । ତେଣୁ ମନ୍ଦିରର ନାମ ରାଧାକୃଷ୍ଣ ମନ୍ଦିର ହେବା ଉଚିତ''। କଥାଟା ସମସ୍ତଙ୍କ ମନକୁ ପାଇଲା । ମାତ୍ର, ଏସ୍.ଡି.ଓ. ମହାଶୟ ତାକୁ ଗ୍ରହଣ କଲେ ନାହିଁ । ସେ ତାଙ୍କ ନିଷ୍ପତ୍ତିରେ ନଛୋଡବନ୍ଧା । ଯାହା ଆଗରୁ ନାମକରଣ ହୋଇଛି ତାହା ହିଁ ରହିବ ।

ଏସ୍. ଡି. ଓ.ଙ୍କ କଥା ଲୋକଙ୍କ ମନକୁ ପାଇଲାନାହିଁ । ମାତ୍ର, କିଏ କିଛି କହିଲେ ନାହିଁ । କିଏ କାହିଁକି ଚିହ୍ନା ପଡିବ ?

ନିର୍ଦ୍ଦିଷ୍ଟ ଦିନ ଆସିଲା । ମନ୍ଦିର ପ୍ରାଙ୍ଗଣରେ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥାଏ । ଖୋଳ, କୀର୍ତ୍ତନରେ ସ୍ଥାନଟି ମୁଖରିତ ହୋଇଉଠିଥାଏ । ପୂଜକ ମହାଶୟ

Source: Author, Digitized by PPRACHIN, SOA

ମନ୍ଦିରରେ ବିଗ୍ରହଙ୍କ ପ୍ରାଣ ପ୍ରତିଷ୍ଠା କରି ପୂଜା କରୁଥାନ୍ତି । ଏସ୍.ଡି.ଓ. ମହାଶୟ କର୍ତ୍ତା ହୋଇ ମନ୍ଦିର ବାହାରକୁ ଆସି ଘୋଷଣା କଲେ, ବର୍ତ୍ତମାନ ମନ୍ଦିରର ନାମକରଣ କରାଯିବ ।

ଉପସ୍ଥିତ ଜନତା ଏକ ସ୍ୱରରେ କହିଲେ, ''ରାଧାକୃଷ୍ଣ ମନ୍ଦିର କି ଜୟ'' । ରାଧାକୃଷ୍ଣ ମନ୍ଦିର ନାମରେ ଚତୁର୍ଦ୍ଦିଗ କମ୍ପି ଉଠିଲା । କର୍ତ୍ତା ବିସ୍ମୟ ନୟନରେ ଅଗଣିତ ଜନତାଙ୍କ ଉଚ୍ଛ୍ୱସିତ କଣ୍ଠରେ ରାଧାକୃଷ୍ଣ ମନ୍ଦିର ଉଚ୍ଚାରଣ ଶୁଣି ସ୍ତମ୍ଭୀଭୂତ ହୋଇ କିଛି-କ୍ଷଣ ଅନାଇ ମନ୍ଦିର ଭିତରକୁ ଫେରି ଆସିଲେ । ଜନ ସମୂହଙ୍କ ଭାବନା ଆଗରେ ପ୍ରାଶାସନିକ ପ୍ରଭାବ ତୁଚ୍ଛ ହୋଇଗଲା । ଜନସମୂହ ଆଜି ପର୍ଯ୍ୟନ୍ତ 'ରାଧାକୃଷ୍ଣ ମନ୍ଦିର' ଭାବରେ ମନ୍ଦିରକୁ ଭକ୍ତିପୂତ ଶ୍ରଦ୍ଧା ଭକ୍ତି ଅର୍ପଣ କରି ଆସୁଛନ୍ତି ।

ଧର୍ମଗଡରେ ଗୋଟିଏ ପରେ ଗୋଟିଏ ନୂଆ ଘଟଣା ଘଟି ଚାଲିଥାଏ । ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା ହେଲାପରେ ଏସ୍.ଡି.ଓ. ମହାଶୟଙ୍କ ରାଗ ଅହମିକା ବଢି ଯାଇଥାଏ । ନାମକରଣ ସମୟରେ ଏକ ସ୍ୱରରେ ସ୍ୱତଃ ପ୍ରବୃତ୍ତ ଭାବରେ 'ରାଧାକୃଷ୍ଣ ମନ୍ଦିର କି ଜୟ' ସ୍ୱର କିଏ ଲୋକଙ୍କୁ ଶିଖାଇ ନ ଥିଲେ । ଲୋକେ ହିଁ ବହୁ ଆଗରୁ ରାଧାକୃଷ୍ଣ ମନ୍ଦିର ପାଇଁ ଅର୍ଥ ପ୍ରଦାନ କରିଥିଲେ ଏବଂ ସେହି ନାମରେ ହିଁ ଜାଣିଥିଲେ । ନାମକରଣ ଥିଲା କେବଳ ଏକ ଔପଚାରିକତା ମାତ୍ର ।

ଧର୍ମଗଡ କ୍ଲବ ବିବାଦ :

ଏସ୍.ଡି.ଓ. ଅଯଥା ଅନ୍ୟମାନଙ୍କ ଉପରେ ଭୋକ ବିକଳରେ ତାଟିଆ କାମୁଡା ଭଳି ହେଉଥାନ୍ତି । ତାଙ୍କ ରାଗ ଶେଷକୁ ଯାଇ ପଡିଲା ଧର୍ମଗଡର କ୍ଲବ ଉପରେ । ପ୍ରେମଲାଲ ପ୍ରଧାନ ବହୁ ଆଗରୁ କ୍ଲବର ଗୋଟିଏ ସାଇଡ୍ କୋଠରୀରେ ଭଡା ନେଇ ରହୁଥିଲେ । ତାଙ୍କୁ ସେଠୁ ବାହାରି ଯିବା ପାଇଁ ଏସ୍.ଡି.ଓ. ନିର୍ଦ୍ଦେଶ ଦେଲେ । ଏସ୍.ଡି.ଓ.ଙ୍କ ନିର୍ଦ୍ଦେଶ ଅନ୍ୟାୟ ବୋଲି ସେ ପ୍ରତିବାଦ କଲେ । କ୍ଲବର ସଭାପତି ମୁଁ ଥିଲି । ସର୍ବସାଧାରଣଙ୍କଦ୍ୱାରା ଏହି କ୍ଲବ ଦୀର୍ଘ ଦିନରୁ ପରିଚାଳିତ ହୋଇ ଆସୁଥିଲା । ସୌଜନ୍ୟ ଦୃଷ୍ଟିରୁ ମଧ୍ୟ ମୋତେ କୌଣସି ସୂଚନା ଦିଆ ଗଲା ନାହିଁ । ଏସ୍.ଡି.ଓ. କେବଳ ପ୍ରତିଶୋଧ ପରାୟଣ ହୋଇ ଉଠିଥିଲେ ।

ଜଣେ ଖିଆଲି ପ୍ରଶାସକ କ୍ଷମତାର କିପରି ଅପବ୍ୟବହାର କରନ୍ତି ଏସବୁ ତାର ଗୋଟିଏ ଗୋଟିଏ ଜ୍ୱଳନ୍ତ ଉଦାହରଣ । ସାଧାରଣ ଘଟଣାକୁ ନେଇ ସାଧାରଣ ସ୍ତରରେ ଅସନ୍ତୋଷ ଭିନ୍ନ କଥା । ମାତ୍ର, ଜଣେ ଅଞ୍ଚଳର ସର୍ବମୟ ପ୍ରଶାସକ ଅସହିଷ୍ଣୁ ମନୋଭାବ ପ୍ରକାଶ କରି କ୍ଷମତାର ଅପବ୍ୟବହାର କରିବା ଚିନ୍ତାଜନକ । ଜଣେ

Source: Author, Digitized by PPRACHIN, SOA

ପ୍ରଶାସକ ଅସହିଷ୍ଣୁ ମନୋଭାବ ପରିହାର କରିବା ଉଚିତ । ସମାଜରେ ଶାନ୍ତି, ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ସୃଷ୍ଟି କରିବା ବଦଳରେ ଅଶାନ୍ତ ବାତାବରଣ ସୃଷ୍ଟି କରିବା ସବୁଠୁ ମାରାତ୍ମକ ଏବଂ ଦୁଃଖ ଦାୟକ ।

ପ୍ରେମଲାଲଙ୍କ ଆପତ୍ତି ଏସ୍.ଡି.ଓ. ମହାଶୟ ନ ଶୁଣିବା ଯୋଗୁଁ, ସେ ତାଙ୍କ ବିରୁଦ୍ଧରେ ଅନଶନ କଲେ । ଲିଖିତ ଭାବରେ ତାଙ୍କୁ ଜଣାଇ ଦେଲେ ।

ରାଜ୍ୟରେ କଂଗ୍ରେସ ସରକାର ଚାଲିଥାଏ । ମୋର ବାପା ପ୍ରସନ୍ନ କୁମାର ବେହେରା ଜିଲ୍ଲା କଂଗ୍ରେସ ସଭାପତି ଥାନ୍ତି । କ୍ଲବକୁ ନେଇ ଏକ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହେଲା । ଏସ୍.ଡି.ଓ. କାହା କଥା ଶୁଣିବା ଅବସ୍ଥାରେ ନ ଥିଲେ । ରାଗରେ ପ୍ରତିହିଂସା ପରାୟଣ ହୋଇ ନିଜ ବିବେକ ବୁଦ୍ଧି ହରାଇ ଦେଇଥିଲେ । ତା ପରଦିନ କ୍ଲବକୁ ନେଇ ୧୪୪ ଧାରା ଜାରି କଲେ । ସହର ତଥା ଆଖ ପାଖ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଗଲା । ପ୍ରେମଲାଲଙ୍କ ଅନଶନ ଦୁଇ ଦିନ ହୋଇ ଯାଇଥାଏ । ସେ ଦୁର୍ବଳ ହୋଇ ପଡିଥାନ୍ତି । ମାତ୍ର ମନରେ ଦୃଢ ଥାନ୍ତି । ତାଙ୍କୁ ଏରେଷ୍ଟ କରିବା ପାଇଁ ପୁଲିସ ଆସିଲେ । ମୁଁ ସେଠି ଉପସ୍ଥିତ ଥାଏ । ମୁଁ ତାର ପ୍ରତିବାଦ କଲି । ଦୁର୍ବଳ ଶରୀର ଯୋଗୁଁ ତାଙ୍କୁ ଜିପ୍‌ରେ ବସାଇ କୋର୍ଟକୁ ନିଆଯିବ । ସେ ଚାଲିବା ଅବସ୍ଥାରେ ନଥିଲେ; ମାତ୍ର, କୌଣସି ପ୍ରାଇଭେଟ ଜିପ୍ କିଏ ଦେଲେ ନାହିଁ । ସମସ୍ତେ ଏସ୍.ଡି.ଓ. ଙ୍କ କାର୍ଯ୍ୟର ତୀବ୍ର ଅସନ୍ତୋଷ ପ୍ରକାଶ କରୁଥାନ୍ତି ।

ମୁଁ ପୁଲିସକୁ କହିଲି, "ଆସନ୍ତା କାଲି କୋର୍ଟ ସମୟରେ ଆମେ ତାଙ୍କୁ ନେଇ କୋର୍ଟରେ ପହଞ୍ଚାଇ ଦେବୁ" । ଏସ୍.ଡି.ଓ. ଙ୍କ ଏହିଭଳି ଆକ୍ରୋଶ ମୂଳକ କାର୍ଯ୍ୟରେ ପୁଲିସ ମଧ୍ୟ ଅସନ୍ତୁଷ୍ଟ । ଏକ ଶାନ୍ତିପୂର୍ଣ୍ଣ ସହରରେ ଅଶାନ୍ତ ବାତାବରଣ ଖେଳାଇ ଦେଇଥିବା ଯୋଗୁଁ ଜିଲ୍ଲାସ୍ତରରୁ ସବ୍‌ଡିଭିଜନ ସ୍ତର ପର୍ଯ୍ୟନ୍ତ ସମସ୍ତ ପୁଲିସ ଅଫିସର କର୍ମଚାରୀ ଅସନ୍ତୁଷ୍ଟ ଥିଲେ ।

କ୍ଲବର ପ୍ରପର୍ଟି ସିଜ୍ କରି ଚାର୍ଜ ନେବା ପାଇଁ ବି.ଡି.ଓ. ଆସି କ୍ଲବ ଘର ଖୋଲି ଲିଷ୍ଟ୍ କରୁଥାନ୍ତି । ମୁଁ ୧୪୪ ଧାରାକୁ ବିରୋଧ କରି, କ୍ଲବ ଘର ଭିତରକୁ ପଶି ଆସି ସଭାପତିଙ୍କ ଚୌକିରେ ବସି ବି.ଡି.ଓ.ଙ୍କ କାର୍ଯ୍ୟର ଦୃଢ ପ୍ରତିବାଦ କଲି । ମୁଁ ୧୪୪ ଧାରାକୁ ବିରୋଧ କରିବା ଫଳରେ ପରିସ୍ଥିତି ଭିନ୍ନ ମୋଡ ନେଲା । କ୍ଲବର ସଭାପତି ହିସାବରେ ବି.ଡି.ଓ ଙ୍କୁ କ୍ଲବ ଘରୁ ବାହାରି ଯିବା ପାଇଁ ନିର୍ଦ୍ଦେଶ ଦେଲି । ଏସ୍.ଡି.ଓ ଙ୍କ ଅନ୍ୟାୟ ୧୪୪ ଧାରାକୁ ମୁଁ ବିରୋଧ କରୁଛି । କ୍ଲବର ମୁଁ ନିର୍ବାଚିତ ସଭାପତି ଅଛି । ଯଦି କ୍ଲବକୁ ନେଇ ଏସ.ଡି.ଓ. ଙ୍କ ଅଭିଯୋଗ ଅଛି, ତେବେ ସଭାପତି ବିରୁଦ୍ଧରେ କେସ୍ କରି ପାରନ୍ତି । ବି.ଡି.ଓ. ମୋର ମନୋଭାବ ସ୍ପଷ୍ଟ ଜାଣିପାରିଲେ । ଲୋକେ

Source: Author, Digitized by PPRACHIN, SOA

ମଧ୍ୟ ୧୪୪ ଧାରା ଜାରି ହୋଇଥିବା ସତ୍ତ୍ୱେ ମୋ କଥାକୁ ପୂର୍ଣ୍ଣ ସମର୍ଥନ ଦେଇ ମୋ ପାଖରେ ଜମା ହେବା ଫଳରେ ବି.ଡି.ଓ. ଭୟଭୀତ ହୋଇ କ୍ଲବ ଘରୁ ଚାଲିଯାଇ ସମସ୍ତ ଘଟଣା ଏସ.ଡି.ଓ. ଙ୍କୁ ଜଣାଇ ଦେଲେ । ୧୪୪ ଧାରା ଭଙ୍ଗ କରିଥିବା ସତ୍ତ୍ୱେ ମୋ ବିରୁଦ୍ଧରେ ଏସ.ଡି.ଓ. କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ନାହିଁ ।

ଏସ୍.ଡି.ଓ.ଙ୍କ କୋର୍ଟରେ ବିକ୍ଷୋଭ :

ତା ପରଦିନ ହଜାର ହଜାର ଲୋକଙ୍କ ପଟୁଆରରେ ଗୋଟିଏ ଖଟରେ ଶୁଆଇ ପ୍ରେମଲାଲଙ୍କୁ ନେଇ ଏସ୍.ଡି.ଓ.ଙ୍କ କୋର୍ଟରେ ପହଞ୍ଚାଇ ଦେଲୁ । ଏସ୍.ଡି.ଓ.ଙ୍କ ବିରୁଦ୍ଧରେ ସ୍ଲୋଗାନ ଦିଆ ଯାଉଥାଏ । ''ଅତ୍ୟାଚାରୀ ଏସ୍.ଡି.ଓ.ଙ୍କ ଜୁଲମ ହାଏ ହାଏ...। ଜୁଲମ ତୁରନ୍ତ ବନ୍ଦ କର । ଏସ୍.ଡି.ଓ. ଙ୍କୁ ତୁରନ୍ତ ବହିଷ୍କାର କର'' । କୋର୍ଟ ଅଫିସ୍ ପାଖରେ ହଜାର ହଜାର ଲୋକଙ୍କ ସମାଗମ ହୋଇଥାଏ । ଲୋକେ କୌତୂହଳୀ ହୋଇ ଭୟାର୍ତ୍ତ ଚାହାଣିରେ ଘଟଣାକୁ ଅନାଇ ରହିଥାନ୍ତି । ଏକ ଶାନ୍ତି ପୂର୍ଣ୍ଣ ସହରରେ ଏ ଅଶାନ୍ତି ସଭିଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟିକରିଥାଏ । ଏ ପରି ଅଶାନ୍ତି ଓ ଘଟିଥିବା ଘଟଣା ଦେଖି ସମସ୍ତେ ବିସ୍ମୟରେ ପରିସ୍ଥିତିକୁ ଅନାଇ ରହିଥାନ୍ତି ।

କୋର୍ଟ୍ କାର୍ଯ୍ୟ ଆରମ୍ଭ ହେଲା । ପ୍ରେମଲାଲଙ୍କ ବିରୁଦ୍ଧରେ ଚାର୍ଜ ଫ୍ରେମ୍ ହୋଇ ଜେଲ୍‌କୁ ପଠାଇ ଦିଆଗଲା । ମୋ ସହିତ ବହୁ ଲୋକ ଏହାକୁ ଦୃଢ ପ୍ରତିବାଦ କଲୁ । ଏସ.ଡି.ଓ. ଆମକୁ କୋର୍ଟ୍ ଅବମାନନା ଦୋଷରେ ସାବ୍ୟସ୍ତ କରି ଏରେଷ୍ଟ କରିବା ପାଇଁ ପୁଲିସକୁ ନିର୍ଦ୍ଦେଶ ଦେଲେ ।

ଆଶ୍ଚର୍ଯ୍ୟ କଥା, ସମସ୍ତଙ୍କୁ ଚକିତ କରି କୋର୍ଟ୍ ଇନ୍‌ସପେକ୍ଟର୍ କୋର୍ଟ୍ ଭିତରେ ଏସ୍.ଡି.ଓ.ଙ୍କ ଆଦେଶକୁ ପ୍ରତିବାଦ କଲେ । ସେମାନେ ନିର୍ଦ୍ଦୋଷ । ଏସ୍.ଡି.ଓ. ବଡ ବଡ ଆଖିରେ ସ୍ତମ୍ଭୀଭୂତ ହୋଇ ବିସ୍ମୟରେ କୋର୍ଟ୍ ଇନ୍‌ସ୍‌ପେକ୍ଟର୍‌ଙ୍କୁ ଅନାଇରହିଲେ । ଏସ୍.ଡି.ଓ ହତବାକ ହୋଇ କିଛି କ୍ଷଣ ମୂକ ହୋଇ ବସି ରହିଲେ । କୋର୍ଟ୍ ପରିସରରେ ଥିବା ଓକିଲ ସମୂହ, କର୍ମଚାରୀ ବୃନ୍ଦ, ସାଧାରଣ ଲୋକେ ବିସ୍ଫାରିତ ନୟନରେ କୋର୍ଟ୍ ବାବୁଙ୍କୁ ଅନାଇ ରହିଲେ ।

କିଛି କ୍ଷଣ ପରେ ଏସ୍.ଡି.ଓ. ସଚେତନ ହୋଇ କୋର୍ଟ୍ ଇନ୍‌ସ୍‌ପେକ୍ଟର୍‌ଙ୍କ ବିରୁଦ୍ଧରେ କୋର୍ଟ୍ ନିର୍ଦ୍ଦେଶ ଅବମାନନା କରିଥିବା ଯୋଗୁଁ ଉପର ହାକିମକୁ ସମସ୍ତ ବିଷୟ ଜଣାଇବା ପାଇଁ ତତ୍‌ପର ହୋଇ ଉଠିଲେ । ଏସ୍.ଡି.ଓ.ଙ୍କ ବିରୁଦ୍ଧରେ ସାଧାରଣ ଜନତା, କର୍ମଚାରୀ, ପୁଲିସ ପ୍ରଭୃତିଙ୍କ ତୀବ୍ର ଅସନ୍ତୋଷର ଏ ଏକ ସ୍ୱତଃସ୍ଫୂର୍ତ୍ତ ପ୍ରତିଫଳନ ।

ମୁଁ ଏହି ମୁହୂର୍ତ୍ତରେ କୋର୍ଟ୍ ଇନ୍‌ସପେକ୍ଟର୍‌ଙ୍କୁ ଟାଣି ଆଣି ଆଶ୍ଚର୍ଯ୍ୟ ହୋଇ ପ୍ରଶ୍ନ

Source: Author, Digitized by PPRACHIN, SOA

କଲି..., ''ବର୍ତ୍ତମାନ ଆପଣଙ୍କ ବିରୁଦ୍ଧରେ ଏସ୍.ଡି.ଓ. କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ'' । କୋର୍ଟ୍ ଇନ୍‌ସପେକ୍ଟର୍ ପ୍ରମୋଦ ମହାନ୍ତି ଉତ୍ତେଜିତ ହୋଇ ପଡିଥାନ୍ତି । ଏସ୍.ଡି.ଓ.ଙ୍କ ଆଦେଶ ଅନ୍ୟାୟ, ତେଣୁ ପ୍ରତିବାଦ କଲି । ମୁଁ ତାଙ୍କୁ ଟାଣି ନେଇ ତାଙ୍କ ଅଫିସ ରୁମ୍‌କୁ ଗଲି । ଫୋନ୍ କରି ସମସ୍ତ ଘଟଣା ଏସ୍.ପି.ଙ୍କୁ ଜଣାଇ ଦେଲି । ସମସ୍ତ ପୁଲିସ୍ ବିଭାଗ ଆଗରୁ ଏସ୍.ଡି.ଓ.ଙ୍କ କାର୍ଯ୍ୟ କଳାପରେ ଅସନ୍ତୁଷ୍ଟ ଥିଲେ । ସେ ଯେଉଁଠି ଦାୟିତ୍ୱରେ ରହନ୍ତି ସେଇଠି ସେ ଅସନ୍ତୋଷ ସୃଷ୍ଟି କରିଥାନ୍ତି । ଭବାନୀପାଟଣାରେ ଥିବା ସମୟରେ ମଧ୍ୟ ଅସନ୍ତୋଷ ସୃଷ୍ଟିହୋଇଥିଲା । କ୍ଷମତା ତାଙ୍କୁ ଅନ୍ଧକରି ଦେଉଥାଏ । ସାଧାରଣ ଲୋକଙ୍କୁ ହେୟ ଚକ୍ଷୁରେ ଦେଖୁଥାନ୍ତି । ଜଣେ ଜଣେ ଅଫିସରଙ୍କ କର୍ଯ୍ୟକଳାପ ସମାଜରେ କିପରି ଅଶାନ୍ତି ସୃଷ୍ଟି କରେ ତାହା ଏଠି ପ୍ରତିଫଳିତ ହୋଇଛି । ଏସ୍.ପି. ମୋ'ଠୁ ସମସ୍ତ ଘଟଣା ଶୁଣି ମୋତେ ଆଶ୍ୱାସନା ଦେଲେ, କୋର୍ଟ୍ ଇନ୍‌ସପେକ୍ଟର୍‌ଙ୍କୁ ଫୋନ୍‌ରେ ପରାମର୍ଶ ଦେଲେ । ସେଦିନ ଏଟେଣ୍ଡେନ୍ସ ରେଜିଷ୍ଟରରେ ସେ ଦସ୍ତଖତ କରିନଥିଲେ ।

ଜେଲ ଭୋଗ :

ମୋ ସହିତ ଶହ ଶହ ଲୋକ ଜେଲ ଯିବାପାଇଁ ପ୍ରସ୍ତୁତ ଥିଲେ । ଲୋକଙ୍କ ଭିତରେ ଏକ ପ୍ରକାର ଉତ୍ତେଜନା ଭାବ ଖେଳି ଯାଇଥାଏ । ମାତ୍ର ଏତେ ଲୋକ ଜେଲ ଭିତରକୁ ଗଲେ ଜେଲ ଭିତରେ ଏକ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହେବ । ଏକେତ ଜେଲରେ ଯେତେ ଜଣ ରହିବା କଥା ତାଠୁ ଅଧିକ କଏଦୀ ଅଛନ୍ତି । ତେଣୁ ୫ଜଣ କେବଳ ପ୍ରତିବାଦରେ ଜେଲ ଯିବା ପାଇଁ ସ୍ଥିର ହେଲା । ୫ଜଣଙ୍କ ନାମରେ କେସ୍ ଦାୟର ହେଲା । ଆମେ ଏରେଷ୍ଟ ହେଲୁ । ଆମକୁ ହାଜତ ଭିତରେ ନ ରଖି କୋର୍ଟ୍ ଇନ୍‌ସପେକ୍ଟର୍ ତାଙ୍କ ଅଫିସରେ ବସାଇ ଚାହା ପିଇବା ପାଇଁ ଦେଇଥାନ୍ତି । ଏ ଖବର ଏସ୍.ଡି.ଓ.ଙ୍କ କାନକୁ ଗଲା । କୋର୍ଟ୍ ଇନ୍‌ସପେକ୍ଟର୍‌ଙ୍କୁ ଡକାଇ ଦୋଷୀମାନଙ୍କୁ ହାଜତ ଭିତରେ ରଖିବା ପାଇଁ ନିର୍ଦ୍ଦେଶ ଦେଲେ ।

କୋର୍ଟ୍ ଇନ୍‌ସପେକ୍ଟର୍ ଦୃଢତାର ସହ ଉତ୍ତର ଦେଲେ, ''ସେମାନେ ମୋ' ହେପାଜତରେ ଅଛନ୍ତି । ସେମାନେ ପଳାଇ ଯିବେ ନାହିଁ । ତେଣୁ ମୁଁ ହାଜତରେ ରଖି ନାହିଁ'' । କୋର୍ଟ୍ ଇନ୍‌ସପେକ୍ଟର୍‌ଙ୍କଠୁ ଏହିଭଳି ଶୁଣି ଅସ୍ୱାଭାବିକ ତିକ୍ତତା ଭିତରେ ସନ୍ଧ୍ୟା ପୂର୍ବରୁ ଆମକୁ ଜେଲକୁ ପଠାଇ ଦିଆଗଲା ।

ପୁଲିସ ପରିବେଷ୍ଟନୀ ମଧ୍ୟରେ କୋର୍ଟ୍ ରୁମରୁ ଆମେ ଜେଲ ଅଭିମୁଖେ ଚାଲିଲୁ । ହଜାର ହଜାର ଜନତା ଆମକୁ ବିଷଣ୍ଣ ମୁହଁରେ ଅନାଇ ରହିଥାନ୍ତି । ସ୍ଲୋଗାନ୍ ଦିଆଯାଉଥାଏ । ''ଏସ୍.ଡି.ଓ. ମୁର୍ଦ୍ଦାବାଦ, ଅତ୍ୟାଚାରୀ ଏସ୍.ଡି.ଓ. ମୁର୍ଦ୍ଦାବାଦ''

Source: Author, Digitized by PPRACHIN, SOA

ସ୍ୱରରେ କୋର୍ଟ ପରିସର କମ୍ପିଉଠିଲା । ଏସ୍.ଡି.ଓ.ଙ୍କ ଅହଙ୍କାର ଓ ଆକ୍ରୋଶର ପରିଣତି ସ୍ୱରୁପ ଧର୍ମଗଡ ଅଞ୍ଚଳରେ ଏକ ଅଶାନ୍ତ ବାତାବରଣ ସୃଷ୍ଟି ହୋଇଗଲା । ଶାସକ ଉପର ମୁହଁ ହେଲେ ବା କ୍ଷମତାର ମୋହରେ ସାଧାରଣଲୋକଙ୍କୁ ହେୟ ଚକ୍ଷୁରେ ଦେଖିଲେ ପରିସ୍ଥିତି ଭିନ୍ନ ରୂପ ନେଇଥାଏ । ଶାସନ ଲୋକାଭିମୁଖୀ ନ ହୋଇ ଲୋକ ବିରୋଧୀ ହେବା ଦୁର୍ଭାଗ୍ୟଜନକ। ଅନ୍ୟାୟକୁ ଅନ୍ୟାୟ କହି ପ୍ରତିବାଦ କରିବା ମଣିଷର ଧର୍ମ ଏବଂ କର୍ତ୍ତବ୍ୟ । ଗଣତନ୍ତ୍ରରେ ଗଣ ହିଁ ପ୍ରଭୁ । ବ୍ୟବସ୍ଥା ତାର କାର୍ଯ୍ୟଧାରାର ପ୍ରତୀକ । ସେ କଥାକୁ ଭୁଲି ଯିବା ଅନୁଚିତ ହେବ ।

ଜେଲ ଭିତରକୁ ଯିବା ପୂର୍ବରୁ ଜେଲର ଫାଟକ ସମ୍ମୁଖରେ କଏଦୀମାନେ ସମବେତ ହୋଇ ଜୟ ଜୟକାର କରି ଆମକୁ ସ୍ୱାଗତ ଜଣାଇଲେ । ସେମାନେ ଜେଲ୍ କର୍ମଚାରୀମାନଙ୍କଠୁ ଆମର ସମସ୍ତ ଖବର ସଂଗ୍ରହ କରି ନେଇଥାନ୍ତି । ଆମେ ଆସିବା ପୂର୍ବରୁ ପ୍ରେମଲାଲ ପ୍ରଧାନ ଆଗରୁ ଆସି ଯାଇଥାନ୍ତି । ଜେଲ ଭିତରେ ଏକ ପ୍ରକାର ହଇଚଇ ଖେଳି ଯାଇଥାଏ । କଏଦୀମାନଙ୍କ ରହିବା ସ୍ଥଳକୁ ସଫା କରି ଆମ ୫ଜଣଙ୍କ ପାଇଁ ସ୍ଥାନ ନିରୂପଣ କରି ରହିବା ବ୍ୟବସ୍ଥା କରାଗଲା । ସ୍ଥାନାଭାବରୁ ଅନ୍ୟ କଏଦୀମାନେ ତଳେ ଶୋଇଲେ ।

ଜେଲ ହେଉଛି ଭଗବାନ୍ ଶ୍ରୀକୃଷ୍ଣଙ୍କ ଜନ୍ମସ୍ଥାନ । ତେଣୁ ଅନେକ ଭାରତୀୟ ଜେଲକୁ ତୀର୍ଥ ସ୍ଥଳୀଭାବେ ଗ୍ରହଣ କରିଥାନ୍ତି । ସ୍ୱାଧୀନତା ଆନ୍ଦୋଳନ ସମୟରେ ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ହଜାର ହଜାର ଲୋକ ଜେଲବରଣ କରିଥିଲେ । ଦେଶର ବହୁ ନେତୃବୃନ୍ଦ ଜେଲରେ ବର୍ଷ ବର୍ଷ କଟାଇଛନ୍ତି । ସେମାନଙ୍କ ତ୍ୟାଗ ବଳିଦାନରେ ଆମ ଦେଶ ସ୍ୱାଧୀନ ହୋଇଛି ।

ତେଣୁ ଆମେ ମଧ୍ୟ ଆନ୍ଦୋଳନକାରୀମାନେ ସେମାନଙ୍କ ପଦାଙ୍କ ଅନୁସରଣ କରି ଅନ୍ୟାୟର ପ୍ରତିବାଦ କରି ତୀର୍ଥସ୍ଥଳୀକୁ ଆସିଛୁ ।

କଏଦୀମାନେ ସ୍ୱାଗତ କରି ଆମକୁ ତାଙ୍କ ବଳିଷ୍ଠ ବାହୁରେ ଟେକି ନେଇ ଜୟ ଜୟକାର କରିବାରେ ଲାଗିଯାଇଥାନ୍ତି । ଆମକୁ ଦେଖି ସେମାନଙ୍କ ମନ ହାଲକା ହୋଇ ଯାଇଥାଏ । ମୁହଁରେ ହସ ଫୁଟି ଉଠିଥାଏ ।

ଜେଲ ଭିତରେ ରାତିର ଶୋଇବା ପାଇଁ ଓାର୍ଡ ଭିତରେ ସାଢେ ପାଞ୍ଚଫୁଟ ଲମ୍ୱ ଦୁଇଫୁଟ ଚୌଡା ଓ ଦେଢ ଫୁଟ ଉଚ୍ଚର ଏକ ସିମେଣ୍ଟ ପିଣ୍ଡି ଖଟର କାର୍ଯ୍ୟ କରିଥାଏ । ସେଥିରେ ଜେଲର କମ୍ୱଳ ବିଛାଇ ଶୋଇବାକୁ ହୁଏ । ନୂଆ ଜାଗା ତେଣୁ ନିଦ ସହଜରେ ହେଲାନାହିଁ । ଜେଲଖାନାରେ ଶୋଇଥିବା ସମୟରେ ରାତ୍ର ଜଗୁଆଳର ବୁଟ୍ ଶବ୍ଦ ସହିତ ସାବଧାନ ଡାକ ତଥା କଏଦୀମାନଙ୍କ ନାମ ଧରି ଡାକିବା ସମୟରେ ମୋ'

Source: Author, Digitized by PPRACHIN, SOA

ଛାତି ଧଡ୍ ଧଡ୍ କଲା । ସେତେବେଳେ ମୁଁ ଅନୁଭବ କଲି ମୁଁ ମଧ୍ୟ ଜଣେ ବନ୍ଦୀ । ନା ଶୁଣୁ ଶୁଣୁ କଏଦୀମାନେ ଶୋଇଥିବା ବିଛଣାରୁ ଧଡ୍ ପଡ୍ ଉଠି ପଡି ନିଜର ଉପସ୍ଥିତି ଜଣାଉଥାନ୍ତି । ଏଥିରେ ସେମାନେ ଅଭ୍ୟସ୍ତ ହୋଇ ଯାଇଥାନ୍ତି । ଡାକ ପଡିବା କ୍ଷଣି ଉଠି ନ ପଡିଲେ ସକାଳୁ ଦଣ୍ଡର ଭୟ ମଧ୍ୟ ଅଛି ।

ପ୍ରତିଦିନ କଚେରୀ ଲୋକାରଣ୍ୟ ହୋଇ ଯାଉଥିଲା । ଧର୍ମଗଡ କଚେରୀ ପାଖରେ ହଜାର ହଜାର ଜନତା ଏଭଳି ଆନ୍ଦୋଳନ ଦେଖି ସଭିଙ୍କ ମନରେ ଉତ୍କଣ୍ଠା ବଢ଼ିଯାଇଥାଏ ।

ତା ପରଦିନ ଆମ ପାଇଁ ଘରୁ ବିଛଣା ଅଣାହେଲା । ତାକୁ ଆମେ ବ୍ୟବହାର କରିଥିଲୁ । ଜେଲ ଭିତରେ ମଧ୍ୟ ଅନଶନ ଜାରି ରହିଲା । ଖବର ରାଜ୍ୟ ସରକାରଙ୍କ କାନକୁ ଗଲା । ସମାଧାନ ବାଟ ବାହାର କରିବା ପାଇଁ ପ୍ରଦେଶ କଂଗ୍ରେସ କମିଟି ସଭାପତି ବିଜୟ କୁମାର ପାଣି ତୁରନ୍ତ ଧର୍ମଗଡ ଆସି ଜେଲ ଭିତରେ ଆମମାନଙ୍କ ସହିତ ଆଲୋଚନା କରି ଅନଶନ ଭଙ୍ଗ କରିବା ପାଇଁ ଅନୁରୋଧ କଲେ । ତାଙ୍କ ସହିତ ଜିଲ୍ଲା କଂଗ୍ରେସ ସଭାପତି ମୋର ବାପା ମଧ୍ୟ ଆସିଥାନ୍ତି ।

ମୁଁ ଏସ୍.ଡି.ଓ.ଙ୍କ ମନମୁଖି କାର୍ଯ୍ୟର ତୀବ୍ର ସମାଲୋଚନା କଲି । ଏହିପରି ଜଣେ ପ୍ରତିହିଂସା ପରାୟଣ ଅତ୍ୟାଚାରୀ ଏସ୍.ଡି.ଓ. ତାଙ୍କ ସହଯୋଗୀ ବି.ଡି.ଓ. ଏବଂ ଡାକ୍ତରଙ୍କୁ ତୁରନ୍ତ ବଦଳି କରାଯାଉ । ଏସ୍.ଡି.ଓ.ଙ୍କ ବିରୁଦ୍ଧରେ ଆମେ ଯେଉଁ ଅଭିଯୋଗ ପ୍ରଦାନ କଲୁ ତାକୁ ତଦନ୍ତ କରାଯାଇ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟକ୍ରମ ସରକାର ତୁରନ୍ତ ଗ୍ରହଣ କରନ୍ତୁ । ମୋଠୁ ଏତକ ଶୁଣି ଆମର ସମସ୍ତ ସହଯୋଗୀ ଏକ ସ୍ୱରରେ ପ୍ରଦେଶ କଂଗ୍ରେସ ସଭାପତିଙ୍କୁ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ଦୃଢ ଦାବି କଲେ । ପ୍ରଦେଶ କଂଗ୍ରସ ସଭାପତି ଶ୍ରୀ ବିଜୟ ପାଣି ଆମକୁ ନିର୍ଭର ପ୍ରତିଶ୍ରୁତି ପ୍ରଦାନ କଲେ । ପ୍ରେମଲାଲଙ୍କୁ ଫଳରସ ପିଆଇ ଅନଶନ ଭଙ୍ଗ କରି ସେ ଫେରିଗଲେ । ସାତଦିନ ଭିତରେ ଏସ୍.ଡି.ଓ., ଡାକ୍ତର, ବି.ଡି.ଓ. ବଦଳି ହୋଇ ବିଦାୟ ନେଲେ ।

ଜେଲରୁ ମୁକ୍ତି :

ତିନିଦିନ ଜେଲ ଭିତରେ ରହି ଆମେ ଜେଲରୁ ମୁକ୍ତ ହେଲୁ । ଜେଲରେ ରହିଥିବା ସମୟରେ କଏଦୀମାନଙ୍କୁ ପେଟ ପୂରା ଖାଦ୍ୟ, ଭଲ ତରକାରୀ ନିୟମିତ ମିଳିଲା । ତାହା ସେମାନଙ୍କ ପ୍ରାପ୍ୟ । ମାତ୍ର, ଆଗରୁ ସେମାନଙ୍କୁ ଏହିଭଳି ଖାଦ୍ୟ ମିଳୁନଥିଲା । ଆମ ଉପସ୍ଥିତିରେ କଏଦୀମାନଙ୍କ ପାଇଁ ଦୈନିକ ମେନୁ ଖାଦ୍ୟ ପରିବେଷଣ କଲେ । କଏଦୀମାନେ ଏତେ ଦିନପରେ ପେଟପୂରା ଖାଦ୍ୟ ଖାଇ

Source: Author, Digitized by PPRACHIN, SOA

ସନ୍ତୋଷ ପ୍ରକାଶ କରିଥିଲେ ।

ତେଣୁ ଆମେ ଜେଲରୁ ବାହାରିବା ସମୟରେ ସେମାନଙ୍କ ମନରେ ଦୁଃଖ ଜାତ ହେଲା । ସେମାନଙ୍କ ସହିତ ଆମେ ମିଶି ଯାଇଥିଲୁ । ହସଖୁସିରେ ଦିନ କଟି ଯାଇଥିଲା । ତେଣୁ କୋହଭରା ହୃଦୟରେ ଦୁଃଖଭରା ନୟନରେ ଆମକୁ କଏଦୀମାନେ ବିଦାୟ ଦେଲେ ।

ଜେଲ ଭିତରେ ରହିଥିବା ସମୟରେ ସେମାନଙ୍କ ଦୁଃଖ କାହାଣୀ ଶୁଣି ଏକପ୍ରକାର ଆତ୍ମୀୟ ଭାବ ବଢି ଯାଇଥିଲା । ଯାହା ଆଇନଗତ ଭାବରେ ସମ୍ଭବ ସେହି ଭଳି କଏଦୀମାନଙ୍କୁ ଆଶ୍ୱାସନା ଦେଇ ଆମେ ପରେ କେତେକଙ୍କୁ ଆଇନ ସହଯୋଗ ପ୍ରଦାନ କରି ବେଲ୍‌ରେ ଆଣିବାରେ କ୍ଷମ ହୋଇଥିଲୁ ।

ଜେଲରୁ ବିଦାୟ ନେବା ସମୟରେ ମୋ ଆଖି ଛଳ ଛଳ ହୋଇ ଉଠିଥିଲା । ହାତ ହଲାଇ ସେମାନଙ୍କଠୁ ବିଦାୟ ନେଇ ଆସିଲୁ । ମୋ ସହିତ ଗୋବର୍ଦ୍ଧନ ମିଶ୍ର, ପ୍ରେମ ଲାଲ ପ୍ରଧାନ, ହରିହର ନାଏକ, ମୋହନ ପାତ୍ର ପ୍ରଭୃତି ମଧ୍ୟ ଜେଲ ଭିତରୁ ବାହାରକୁ ଆସିଲେ ।

ଆମକୁ ଫୁଲମାଳ ଦେଇ ସାଧାରଣ ଜନତା ଜୟ ଜୟକାରରେ ଉଚ୍ଛ୍ୱସିତ ସ୍ୱାଗତ ଜଣାଇଲେ । ଆମକୁ ସ୍ୱାଗତ ଜଣାଇବା ପାଇଁ ଧର୍ମଗଡ ଖେଳପଡିଆରେ ଆଠ, ଦଶ ହଜାର ଲୋକଙ୍କ ବିରାଟ ସମାଗମ ହୋଇଥାଏ । ଏକ ବିରାଟ ପଟୁଆରରେ ଜେଲ୍ ଫାଟକରୁ ଆମକୁ ପାଛୋଟି ନିଆଗଲା । କୌଣସି ରାଜ... ଉଦ୍ଦେଶ୍ୟ ନେଇ ଏ ଆନ୍ଦୋଳନ ହୋଇନଥିଲା । କେବଳ ଅନ୍ୟାୟର ପ୍ରତିବାଦ କରିବା ପାଇଁ ଏବଂ ଜଣେ ସ୍ୱେଚ୍ଛାଚାରୀ ପ୍ରଶାସକର ପ୍ରତିହିଂସା ମନୋଭାବ ବିରୁଦ୍ଧରେ ଆମେ ଏ ସ୍ୱର ଉତ୍ତୋଳନ କରିଥିଲୁ । ତେଣୁ ଧର୍ମଗଡ କ୍ଲବର ସଭାପତି ହିସାବରେ ମୋର୍ ବିବେକ ଅନୁମୋଦିତ କାର୍ଯ୍ୟକ୍ରମ ଗ୍ରହଣ କରିଥିଲି ।

କଳାହାଣ୍ଡିର ପଟ୍ଟାୟତ ତଥା ରାଜ୍ୟସଭା ସଦସ୍ୟ ବୀରକେଶରୀ ଦେଓ ସମାଜବାଦୀ ପାର୍ଟିର ନେତା ପ୍ରଦେଶୀ ନାଏକ ପ୍ରଭୃତି ଏହି ସଭାରେ ଉଦ୍‌ବୋଧନ ଦେଇ ଏସ୍.ଡି.ଓ.ଙ୍କ ମନମୁଖି କାର୍ଯ୍ୟର ତୀବ୍ର ନିନ୍ଦା କରିଥିଲେ । ସମସ୍ତ ରାଜନୈତିକ ଦଳ ଏଥିରେ ସାମିଲହୋଇ ଅନ୍ୟାୟର ପ୍ରତିବାଦ କରିଥିଲେ । ମିଟିଙ୍ଗ୍ ସରିବା ପରେ ସମସ୍ତଙ୍କ ସହ ବାକ୍ୟ ବିନିମୟ କରି ସେମାନଙ୍କୁ ବିଦାୟ ଦେଇ ମୁଁ ଗାଁକୁ ଚାଲିଆସିଲି । ଅଜା ତାଙ୍କ ମନର ଦୁଃଖ ମୋ ଆଗରେ କହିଲେ । ମୁଁ ତାଙ୍କ ମନର କଷ୍ଟ ଲାଘବ କରିପାରିଲି କି ନାହିଁ, ମୋ ମନରେ ସନ୍ଦେହ ରହିଗଲା ।

Source: Author, Digitized by PPRACHIN, SOA

ରାଜନୈତିକ ଜୀବନରେ ମହାତ୍ମା ଗାନ୍ଧୀ, ଜବାହାରଲାଲ ନେହେରୁ, ଡକ୍ଟର ମହତାବ, ବିଜୁ ପଟ୍ଟନାୟକ ପ୍ରଭୃତି ମଧ୍ୟ ଜେଲ ଯାଇଛନ୍ତି । ତେଣୁ ଏହା ଏକ ସାଧାରଣ ଘଟଣା । ଏଥିରେ ଦୁଃଖ କରିବାର କୌଣସି କାରଣ ନାହିଁ !

ଅଜା ମୋ କଥା ଶୁଣି ମନକୁ ବୁଝାଇବା ପାଇଁ ଚେଷ୍ଟା କଲେ । ଜେଲରୁ ଫେରି ଘରକୁ ଆସିଲା ପରେ ଗାଁରେ ଚହଳ ପଡି ଯାଇଥାଏ । ବହୁ ସଂଖ୍ୟାରେ ଲୋକେ ମୋତେ ଦେଖିବା ପାଇଁ ଆସି ରୁଣ୍ଡ ହୋଇଥାନ୍ତି । ନୂଆ କଥାଟାଏ ଘଟି ଯାଇଛି । କେବେ ନ ଶୁଣିଲା କଥା, କେବେ ନ ଦେଖିଲା କଥା, ଏହିଭଳି ଏକ ଘଟଣା ଘଟି ଯାଇଛି । ତେଣୁ ସଭିଁଙ୍କ ମନରେ ଆଶଙ୍କା ଉତ୍‌କଣ୍ଠା ଭରି ରହିଥାଏ ।

ଘରକୁ ଆସିଲି । ମୋତେ ଦେଖି ମା'ର ଆଖିରୁ ଲୁହ ବୋହି ଆସିଲା । ଆଈ ଆଖି ଛଳ ଛଳ କରି ପାଖରେ ଆସି ଛିଡା ହେଲେ । ମୋର ସ୍ତ୍ରୀ ଦୂରରେ ଛିଡା ହୋଇ ମୋତେ ଦେଖି ନେଉଥିଲେ । ଏକ ଅସ୍ୱାଭାବିକ ପରିସ୍ଥିତି । ସଭିଙ୍କି ଥରେ ଦେଖି ନେଇ ବୁଝାଇଲି ।

''ମା' ମୁଁ କିଛି ଭୁଲ କାମ କରିନାହିଁ'' । ମା' ମୋର, ତାର ପୁଅ ଜେଲ ଯିବା ଖବର ଶୁଣିବା ଦିନଠୁ ନ ଖାଇ ନ ପିଇ ଆଖିରୁ ଲୁହ ଗଡାଇ ଘରେ ପଡି ରହିଥିଲେ । ଆଜି ତାଙ୍କ ସେହି ପୁଅ ତାଙ୍କ ଆଖି ସାମନାରେ । ମୋତେ ଦେଖି ମା ମନରେ ଦମ୍ଭ ଆସିଲା । ତେଣୁ କୋହଭରା ନୟନରେ ମୋତେ ଅନାଇ ମୋର ମୁହଁ ଶୁଖି ଯାଇଥିବା ଦେଖି ମୋ'ପାଇଁ ପାଣି ଆଣି ଗୋଡ ହାତ ଧୋଇ ନେବା ପାଇଁ କହି ତର ତର ହୋଇ ରନ୍ଧା ଘରକୁ ଚାଲିଗଲେ ଖାଦ୍ୟ ପ୍ରସ୍ତୁତ କରିବା ପାଇଁ ।

ସନ୍ଧ୍ୟା ଧୀରେ ଧୀରେ ନଇଁ ଆସୁଥାଏ । ପଶ୍ଚିମ ଆକାଶରେ ସୂର୍ଯ୍ୟଦେବ ବିଦାୟ ନେଇ ସାରିଥାନ୍ତି । ବିଭିନ୍ନ ଜାତିର ବିହଙ୍ଗମାନେ ନିଜ ନିଜ ନୀଡରେ ଆଶ୍ରୟ ନେଇଥାନ୍ତି । ଧୀରେ ଧୀରେ ଲୋକମାନେ ମଧ୍ୟ ମୋତେ ଦେଖିଲାପରେ ନିଜ ନିଜ ଘରକୁ ବାହୁଡି ଯାଉଥାନ୍ତି । ମୋର ଅତି ଘନିଷ୍ଠ କିଛି ଲୋକ ବସି ରହିଥାନ୍ତି, ମୋ ସହିତ ଆଳାପ ଆଲୋଚନା କରିବା ପାଇଁ । ମୁହଁ ହାତ ଧୋଇ ଲୁଗାପଟା ବଦଳାଇ ଫୁର୍ତ୍ତି ମନରେ ଆସି ସେମାନଙ୍କ ସହିତ ଆଳାପ ଆଲୋଚନାରେ ସମୟ ବିତାଇ ଦେଲି ।

--

Source: Author, Digitized by PPRACHIN, SOA

ଚତୁର୍ଥ ପରିଚ୍ଛେଦ

କଳାହାଣ୍ଡିର ସାଂସ୍କୃତିକ ଜାଗରଣ

ବହି ବ୍ୟବସାୟ :

ଧର୍ମଗଡ ହାଇସ୍କୁଲ ଛାଡି ମୁଁ ଭବାନୀପାଟଣା ଚାଲି ଆସିଲି। ଭବାନୀପାଟଣା ଗାନ୍ଧୀଚୌକ ପାଖରେ ଗୋଟିଏ ଘର ଭଡାନେଇ ଏକ ପୁସ୍ତକ ଦୋକାନ, 'କଳାହାଣ୍ଡି ଷ୍ଟୁଡେଣ୍ଟସ୍ ଷ୍ଟୋର' ପ୍ରତିଷ୍ଠା କଲି। ମୋର ବହିପଢା ସଉକ ମେଣ୍ଟିବ ଏବଂ କିଛି ଉପାର୍ଜନ କରି ମୋର ଘରଖର୍ଚ୍ଚ ତୁଲାଇ ପାରିବି। ଏହି ଭାବନାରେ ବୁକ୍ ଷ୍ଟୋର ଖୋଲିଲି।

ମୋର ବହି ବ୍ୟବସାୟ ଠିକ୍ ଭାବରେ ଚାଲିଥାଏ। ସ୍କୁଲ, କଲେଜ ପାଠ୍ୟ ପୁସ୍ତକ ସହ ଲାଇବ୍ରେରୀ ପୁସ୍ତକ ମଧ୍ୟ ଯୋଗାଇ ଦେଉଥାଏ। କଟକ ବହି ଦୋକାନରୁ ପୁସ୍ତକ ସବୁ ଆସୁଥାଏ। ବିକ୍ରିବଟା ମଧ ଠିକ୍ ଚାଲୁଥାଏ। ମୁଁ ଯେତେବେଳେ ପୁସ୍ତକ ବ୍ୟବସାୟରେ ଲାଗିଗଲି ତା ସହିତ ପରିପୂରକ ରୂପେ ଗୋଟିଏ ଛାପାଖାନା (ପ୍ରେସ୍) ବସାଇବା ଠିକ୍ ହେବ ବୋଲି ଚିନ୍ତାକଲି।

ସାମାଜିକ ଜୀବନରେ ଅବା ରାଜନୈତିକ ଜୀବନରେ ସାଧୁତା, ସରଳତା ମଣିଷକୁ ମଣିଷ ରୂପରେ ପ୍ରତିଷ୍ଠିତ କରିବାରେ ସହାୟକ ହୋଇଥାଏ। ତେଣୁ ପ୍ରତ୍ୟେକ ଜୀବନରେ ସାଧୁତା ସହ ସରଳ ଜୀବନ ବିତାଇଲେ ମଣିଷ କେବେ ଭ୍ରଷ୍ଟାଚାର ଆଡକୁ ପାଦ ପକାଇବ ନାହିଁ। ମଣିଷ ସାଧାରଣତଃ ନିଜ ଆବଶ୍ୟକତାଠୁ ଅଧିକ ଲୋଭର ବଶବର୍ତ୍ତୀ ହେଲେ ନିଜ ଅଜାଣତରେ ଦୁର୍ନୀତି ଆଡକୁ ଢଳିପଡିବ । ତେଣୁ ସେଥିରୁ ନିଜକୁ ବଞ୍ଚାଇ ରଖି ନିଜର ଆର୍ଥିକ ଉପାର୍ଜନକୁ ଦେଖି ସରଳତା ଭିତରେ ଗତିକଲେ, ମଣିଷ ନିଶ୍ଚେ ଠିକ୍ ମାର୍ଗରେ ପରିଚାଳିତ ହୋଇ ପାରିବ।

ତେଣୁ ବହି ବ୍ୟବସାୟରେ ଥିଲେ ମଧ୍ୟ କାହାକୁ ଲାଞ୍ଚ ଦେଇ ବ୍ୟବସାୟ ବଢାଇବା ପାଇଁ ମୁଁ କେବେ ଉଦ୍ୟମ କରିନାହିଁ । ସରକାରୀ ସପ୍ଲାଇ ପାଇଁ ଟେଣ୍ଡର ହେଲେ ମୁଁ ମଧ ଟେଣ୍ଡର ପକାଏ। ମାତ୍ର, କେବେ ଟେଣ୍ଡର ପାଇପାରିଲି ନାହିଁ। ଟେଣ୍ଡର ପାଇବା ପାଇଁ ଯାହା ବିଦ୍ୟା ଦରକାର ତାହା ମୋ' ଦ୍ୱାରା ହୋଇ ପାରିଲା ନାହିଁ । ତେଣୁ ବ୍ୟବସାୟ ବୃଦ୍ଧି କରିବା ମୋ ପକ୍ଷେ ସମ୍ଭବ ହେଲା ନାହିଁ ।

Source: Author, Digitized by PPRACHIN, SOA

ପ୍ରେସ୍ ପ୍ରତିଷ୍ଠା :

ପ୍ରେସ୍ ପ୍ରତିଷ୍ଠା ପାଇଁ ମନ ବଢିଲା । 'ସାଗର' ପତ୍ରିକାର ପ୍ରକାଶନରେ ଅସୁବିଧା ମୁଁ ଅନୁଭବ କରୁଥିଲି । ତେଣୁ ନିଜର ପ୍ରେସ୍‌ଟିଏ ହେଲେ ପତ୍ରିକା ପ୍ରକାଶନ ପାଇଁ ସୁବିଧା ହେବ । ଅନ୍ୟାନ୍ୟ ପୁସ୍ତକ ମଧ୍ୟ ପ୍ରକାଶ ପାଇପାରିବ । ତେଣୁ ଶୀଘ୍ର ପ୍ରେସ୍‌ଟିଏ ପ୍ରତିଷ୍ଠା ପାଇଁ ଲାଗିପଡିଲି । ଏଥି ପାଇଁ ଅର୍ଥ ଆବଶ୍ୟକ । ମୋର ବହି ଦୋକାନରୁ ଯାହା ଲାଭ ହେଉଥିଲା, ସେଥିରୁ ମୋର ମାସିକ ଖର୍ଚ୍ଚ ଓ କର୍ମଚାରୀ ଖର୍ଚ୍ଚ ଚଳି ଯାଉଥିଲା । ଗାଁ ରୁ ଚାଉଳ, ପନିପରିବା ମଧ୍ୟ ଆସୁଥିଲା । ଘରଣୀ ମଧ୍ୟ ଆୟ ଦେଖି ବ୍ୟୟ କରିବା ନୀତି ଶିଖି ଯାଇଥିଲେ । ତେଣୁ ଘର ପରିଚାଳନାରେ କୌଣସି ଅସୁବିଧା ହେଉ ନ ଥିଲା । ବହି ବ୍ୟବସାୟରୁ ଅଧିକ ଅର୍ଥ ସଞ୍ଚୟ କରିପାରି ନ ଥିଲି । ବ୍ୟବସାୟ ଯେଉଁ ଭଳି ବ୍ୟାପକ ହେବା କଥା ସେହିଭଳି ହୋଇ ପାରିଲା ନାହିଁ ।

ମୋ ମନ କଥା ଅଜାଙ୍କୁ କହିଲି । ପ୍ରେସ ପାଇଁ ପାଞ୍ଚ ହଜାର ଟଙ୍କା ସାହାଯ୍ୟ ମାଗିଲି । ଏ ଭିତରେ କଟକର ମୋର ଜଣେ ବନ୍ଧୁଙ୍କୁ ଖବର ଦେଲି । କାହାର ପ୍ରେସ୍ ବିକ୍ରି ହେଉଥିଲେ ମୋତେ ତୁରନ୍ତ ଜଣାଇବ । ମୁଁ ଏକ ପ୍ରେସ୍ କିଣିବା ପାଇଁ ଆଗ୍ରହୀ । କଟକ ବାଙ୍କାବଜାର ପୁସ୍ତକ ବ୍ୟବସାୟୀ 'ତାରା ତାରିଣୀ ପୁସ୍ତକ ଭଣ୍ଡାର'ର ମାଲିକ ରାଜକୃଷ୍ଣ ମିଶ୍ର ମୋଠୁ ସମସ୍ତ ଖବର ଜାଣିଲା ପରେ ତାଙ୍କ ନଜରରେ ପ୍ରେସ୍ ବିକ୍ରି ହେଉଥିବା ଖବର ସଂଗ୍ରହ କରି ମୋତେ ଖବର ଦେଲେ ।

ଗୋଟିଏ ପୁରୁଣା ପ୍ରେସ୍ । ତାର ପ୍ରିଣ୍ଟିଙ୍ଗ ମେସିନ୍, କଟିଙ୍ଗ୍ ମେସିନ୍, ଓଡିଆ ଏବଂ ଇଂରାଜୀ ଅକ୍ଷର ସହ ସମସ୍ତ ଆସବାବ ବିକ୍ରି କରିଦେବ । ସେ ଯାହା କହୁଛନ୍ତି, ନିଜେ ଆସିଲାପରେ ଏଠିକା ଜଣେ ପ୍ରେସ୍ ସମ୍ବନ୍ଧରେ ଜାଣିଥିବା ବ୍ୟକ୍ତିଙ୍କୁ ନେଇ ମୂଲ ଚାଲ କରିବା । ପାଞ୍ଚ ହଜାର ଟଙ୍କା ହେଲେ ଠିକ୍ ହେବ । ତେଣୁ ମୁଁ ସେଠାକୁ ଗଲାପରେ ଉକ୍ତ ବ୍ୟକ୍ତିଙ୍କୁ ନେଇ ମୂଲଚାଲ କରିବାର ଠିକ୍ ହେଲା ।

ମୋର ବନ୍ଧୁଙ୍କଠୁ ସମସ୍ତ ଖବର ପାଇଲା ପରେ ଗୋଟିଏ ଟ୍ରକ୍ ଠିକ୍ କରି ମୁଁ କଟକ ଅଭିମୁଖେ ବାହାରି ପଡି... ଅଜା ମୋତେ ପାଞ୍ଚ ହାଜାର ଟଙ୍କା ଦେଲେ । ମୋ ପାଖରେ ଥିବା ହଜାରେ ଟଙ୍କା ସେଥିରେ ମିଶାଇଲି । କଟକରେ ପ୍ରେସ୍ ମାଲିକଙ୍କ ସହ ସାକ୍ଷାତ କରି ମୋର ବନ୍ଧୁମାନଙ୍କ ସହ ମିଳିତ ହୋଇ ପ୍ରେସ୍ ଦେଖିଲି । ମୂଲଚାଲ କରିବାରୁ ତାହା ପାଞ୍ଚହଜାର ଟଙ୍କାରେ ଛିଣ୍ଡିଗଲା । ଛୋଟିଆ ପ୍ରିଣ୍ଟିଙ୍ଗ୍ ମେସିନ୍ । ଆମେରିକା ନିର୍ମିତ ଡଟପନ ମେସିନ୍ । ସମସ୍ତ ପ୍ରେସ୍ ଆସବାବପତ୍ର ଟ୍ରକ୍‌ରେ ଲୋଡ୍ କରି ଟଙ୍କା ଚୁକ୍ତିକରି ରସିଦ୍ ନେଇ ମୁଁ ଫେରି ଆସିଲି ।

Source: Author, Digitized by PPRACHIN, SOA

ମେସିନ୍ ସବୁ ଖୋଲା ଯାଇଥାଏ । ତାକୁ ପୁଣି ଫିଟ୍ କରିବା ପାଇଁ ଜଣେ କାରିଗର କଟକରୁ ଆସିଥାନ୍ତି । କମ୍ପୋଜିଟର, ମେସିନ୍ ମ୍ୟାନ୍, ହେଲପର, ଏହିଭଳି ତିନି ଜଣଙ୍କୁ ମାସିକ ଦରମାରେ ନିଯୁକ୍ତି ଦେଲି । କାମ ବଢିଲେ ଅଧିକ କମ୍ପୋଜିଟର୍ ଆବଶ୍ୟକ ପଡିବ । ସେଥିପାଇଁ କିଛି ଯୁବକଙ୍କୁ ତାଲିମଦେବା ବ୍ୟବସ୍ଥା ମଧ୍ୟ କଲି । କଟକ କାରିଗର ମେସିନ୍ ଚଳାଇ ଦେଇ ବିଦାୟ ନେଇଗଲେ । ପ୍ରେସ୍ କାମ ଆରମ୍ଭ ହେଲା । ଶୁଭ ଉଦ୍‌ଘାଟନ ମଧ୍ୟ ଛୋଟକାଟରେ ହୋଇଗଲା । ପ୍ରେସ୍‌ର ଅନୁଭୂତି ମୋର ନଥାଏ । ମାତ୍ର 'ପ୍ରଜାତନ୍ତ୍ର ପ୍ରେସ୍'ରେ ବର୍ଷଟିଏ କାମ କଲା ଭିତରେ ପ୍ରେସ୍‌ର କାମ ଦେଖିଛି । କମ୍ପୋଜିଟର୍‌ର କାମ ଦେଖିଛି । ସେହି ଅନୁଭୂତିରେ ମୁଁ ମୋର ପ୍ରେସ୍ ଚଳାଇ ନେବାରେ କୌଣସି ଅସୁବିଧା ହେଲାନାହିଁ । ଦିନକୁ ଦିନ ଲୋକେ ଜାଣିଲେ କାମ ମଧ ଆସିଲା ।

ଭଡାଘରେ ପ୍ରେସ୍ ଏବଂ ବୁକ୍ ଷ୍ଟୋର ଚାଲିଥାଏ । ମନରେ ସ୍ଥିର କଲି ମୋର ନିଜର ଘରଟିଏ ପ୍ରେସ୍ ପାଇଁ ଆବଶ୍ୟକ । ଭଡା ଦେଇ ଦୀର୍ଘ ଦିନ ରହିବା ଅପେକ୍ଷା ନିଜ ଘରଟିଏ ହେଲେ ଭଡା ଖର୍ଚ୍ଚ ବଞ୍ଚି ଯିବ ।

ଅଜା ମୋତେ ପୂର୍ଣ୍ଣ ସହଯୋଗ ପ୍ରଦାନ କଲେ । ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଘରକାମ ମଧ୍ୟ ପୂର୍ଣ୍ଣାଙ୍ଗ ହୋଇଗଲା । ଭଡାଘରୁ ମେସିନ୍ ଖୋଲି, ମୋର ନୂଆ ଘରକୁ ନେଇ ଆସିଲି । ମୋର ପ୍ରେସ୍ କର୍ମଚାରୀ ମାନେ ହିଁ ଏ ସମସ୍ତ କାମ ଠିକ୍ ଭାବରେ ତୁଲାଇ ନେଲେ । ପୁରୁଣା ଅକ୍ଷର ବଦଳାଇ ନୂଆ ଅକ୍ଷର କଟକ ସମାଜ ଫାଉଣ୍ଡ୍ରିରୁ ଆଣାଗଲା । ଅକ୍ଷର ସମାଜ୍ ଅଫିସ୍ ଏବଂ ଅନ୍ୟାନ୍ୟ ଫାଉଣ୍ଡ୍ରିରୁ ମଧ୍ୟ ମିଳୁଥାଏ । ପ୍ରେସ୍ ଯେଉଁ ଦିନ ଆଣିଲି ସେହିଦିନ ମୋର ପରିବାର ସଂଖ୍ୟା ବୃଦ୍ଧି ପାଇ ନବ ଜାତ କନ୍ୟା ମୋ ଘରକୁ ଆସିଲା । ଆନନ୍ଦରେ ମନ ଗଦ୍ ଗଦ୍ ହୋଇ ଉଠିଲା । ମୋର ଜ୍ୟେଷ୍ଠା କନ୍ୟା ପୁଷ୍ପାଞ୍ଜଳିର ନାମକରଣ ଉତ୍ସବର ଆୟୋଜନ ହେଲା । ସ୍ନେହରେ ତାକୁ ସମସ୍ତେ 'ଡଲି' ଡାକିଲେ ।

କଳାହାଣ୍ଡିରେ ସାଂସ୍କୃତିକ ଜାଗରଣ :

'କଳାହାଣ୍ଡି ଲେଖକ କଳା ପରିଷଦ' ଓ 'ମହାବୀର ସାଂସ୍କୃତିକ ଅନୁଷ୍ଠାନ' ଗଠିତ ହେଲା ପରେ ଜିଲ୍ଲାରେ ଏକ ସାଂସ୍କୃତିକ ନବଜାଗରଣ ସୃଷ୍ଟିହେଲା । 'କଳାହାଣ୍ଡି ଲେଖକ କଳା ପରିଷଦ'ର ବରିଷ୍ଠ ସଭ୍ୟମାନଙ୍କ ମଧ୍ୟରେ ବିପୁଳ ଉତ୍ସାହ ଦେଖାଦେଲା । 'ସାଗର' ପତ୍ରିକାର ମଧ୍ୟ ପ୍ରକାଶନ ନିୟମିତ ହେଲା । ଲେଖକ, ଲେଖିକାଙ୍କ ଲେଖା ପ୍ରକାଶ ପାଇବା ଫଳରେ ସେମାନଙ୍କ ମଧ୍ୟରେ ବିପୁଳ ଉତ୍ସାହ ସୃଷ୍ଟିହେଲା । କବି, ଲେଖକ ମାନେ ଲେଖି ଚାଲୁଥାନ୍ତି; ମାତ୍ର, ତାହା ପ୍ରକାଶ ପାଇବାର ସୁଯୋଗ ନ ଥିଲା । ପୁସ୍ତକ

Source: Author, Digitized by PPRACHIN, SOA

ପ୍ରକାଶନ ପାଇଁ କଟକ ବାଙ୍କା ବଜାରର ପ୍ରକାଶକଙ୍କ ଉପରେ ନିର୍ଭର କରିବାକୁ ପଡୁଥିଲା । ସେହିଭଳି ପରିସ୍ଥିତିରେ କଳାହାଣ୍ଡି, ବଲାଙ୍ଗିର, କୋରାପୁଟ ପ୍ରଭୃତି ଜିଲ୍ଲାର ନୂତନ ଲେଖକଙ୍କ ଲେଖା ପ୍ରକାଶ ପାଇବା ଏତେ ସହଜ ନୁହେଁ । ଅବଶ୍ୟ ମୋର 'ବିଜୟୀ' ଉପନ୍ୟାସ କଟକ ବାଙ୍କାବଜାର 'ତାରାତାରିଣୀ ପ୍ରକାଶନୀ'ଦ୍ୱାରା ପ୍ରକାଶିତ ହେଲା । 'ପ୍ରବନ୍ଧ ମଞ୍ଜରୀ'ର ଦ୍ୱିତୀୟ ସଂସ୍କରଣ କଟକର ଲିଙ୍ଗରାଜ ପଣ୍ଡାଙ୍କ ପୁସ୍ତକ୍ ପ୍ରକାଶନୀ ପ୍ରକାଶ କରି ମୋତେ ଉପକୃତ କଲେ ।

ଜଣେ ସମୀକ୍ଷକ ହିଁ ଜଣେ ଲେଖକଙ୍କୁ ପାଠକଙ୍କ ପାଖରେ ପହଞ୍ଚାଇ ପାଠକ ମନରେ ଉପନ୍ୟାସ ହେଉ ଅବା କବିତା ହେଉ ତାର ଗୁରୁତ୍ୱ ବୃଦ୍ଧି କରିବାରେ କ୍ଷମ ହୋଇଥାଏ । ମୋ ଉପନ୍ୟାସ ଲେଖାକୁ ନେଇ ବିଭିନ୍ନ ସାହିତ୍ୟ ପତ୍ରିକାରେ ସମୀକ୍ଷାମାନ ପ୍ରକାଶ ପାଇଲା; ଅଥଚ, ଯାହାଙ୍କ ସମୀକ୍ଷାରେ ମୋର ସାହିତ୍ୟିକ ମର୍ଯ୍ୟାଦା ବୃଦ୍ଧି ପାଇଲା ସେହି ସମୀକ୍ଷକ ମହାଶୟଙ୍କ ସହିତ ମୋର ବ୍ୟକ୍ତିଗତ ପରିଚୟ ମଧ୍ୟ ହୋଇ ପାରିଲାନାହିଁ । ତେଣୁ ମନରେ ଦୁଃଖ ରହି ଯାଇଥାଏ । ମନ ଘାଣ୍ଟି ଚକଟି ହେଉଥାଏ । ଅବଶ୍ୟ ବହୁ ବିଳମ୍ବରେ କଟକରେ ତାଙ୍କ ବାସ ଭବନରେ ପରିଚିତ ହେଲି । ଓଡିଆ ଅଧ୍ୟାପକ ଡକ୍ଟର କୃଷ୍ଣଚରଣ ବେହେରା 'ବିଜୟୀ' ଉପନ୍ୟାସ ଉପରେ ପୂର୍ଣ୍ଣାଙ୍ଗ ସମୀକ୍ଷା କରିଛନ୍ତି ।

ଓଡିଶାର ବିଶିଷ୍ଟ ଲେଖକମାନେ କଳାହାଣ୍ଡି ଆସି ଏଠାକାର ବିଭିନ୍ନ ସାହିତ୍ୟ ସଭାରେ ଉଦବୋଧନ ଦେଇ ସାହିତ୍ୟାନୁରାଗୀମାନଙ୍କ ମନରେ ଉତ୍ସାହ ଖେଳାଇ ଦେଉଥାନ୍ତି । ଏଥିରେ ଗାଳ୍ପିକ ରାଜକିଶୋର ରାୟ, ଅଧ୍ୟାପକ ଗୋବିନ୍ଦ ଚନ୍ଦ୍ର ଉଦ୍‌ଗାତା, କବି ରବି ସିଂହ ପ୍ରଭୃତି ଯୋଗ ଦେଇଥିଲେ । କଳାହାଣ୍ଡିର ଲେଖକ, ସାହିତ୍ୟିକମାନଙ୍କ ସଭାରେ ଭାଷଣ ଦେଇ ଅଧ୍ୟାପକ ରାଜକିଶୋର ରାୟ ଏତେ ଲୋକଙ୍କ ସମାବେଶ ଦେଖି ଏବଂ ସଭାରେ ତାଙ୍କ ଭାଷଣକୁ ଆଗ୍ରହର ସହିତ ଶୁଣୁଥିବା ଜାଣି ସେ ଉତ୍ସାହିତ ହୋଇ ମୋତେ କହିଲେ, ''ରାସବିହାରୀ, ମୋତେ ଆଉ ଦିନଟିଏ ଭାଷଣ ଦେବା ପାଇଁ ସୁଯୋଗ ଦେଲେ ମୁଁ ଖୁସି ହେବି । ଏତେ ଲୋକଙ୍କ ସମାଗମ ଏବଂ ସଭାରେ ଏ'ଭଳି ଶୃଙ୍ଖଳା ସହ ବକ୍ତାର ଭାଷଣ ଶୁଣିବା ମୁଁ କେଉଁଠି ଦେଖି ନାହିଁ''।

ମୁଁ ଅଧ୍ୟାପକ ରାଜକିଶୋର ରାୟଙ୍କ କଥା ଶୁଣି ନମ୍ରତାର ସହ କହିଲି, ''ସାର୍, ଏ ତ ଆମ ପାଇଁ ଏକ ଗୌରବର କଥା । ଆପଣ ଆଉ ଦିନେ ଭାଷଣ ଦେଲେ ଆମ ଶ୍ରୋତା ମଣ୍ଡଳୀ ଉପକୃତ ହେବେ'' ।

ଶ୍ରୀ ରାୟ ଦ୍ୱିତୀୟ ଦିନ ସାହିତ୍ୟ ସଭାରେ ହଜାର ହଜାର ଶ୍ରୋତାଙ୍କ ଉପସ୍ଥିତିରେ ତାଙ୍କର ସାରଗର୍ଭକ ଏବଂ ହୃଦୟସ୍ପର୍ଶୀ ଭାଷଣଦେଇ ଲୋକଙ୍କୁ ମୁଗ୍ଧ କରି ଦେଇଥିଲେ ।

Source: Author, Digitized by PPRACHIN, SOA

ଚତୁର୍ଥ ପରିଚ୍ଛେଦ

ମଣିଷ ନିଜ ମନର ଭାବ ପ୍ରକାଶ ପାଇଁ ଭାଷାର ସାହାଯ୍ୟ ନେଇଥାଏ । ଭାଷା ବିନା କୌଣସି ଜାତିର ସ୍ଥିତି ସମ୍ଭବ ନୁହେଁ । ସାଂସ୍କୃତିକ ବିକାଶ ପାଇଁ ଅନେକ ଉଦ୍ୟମ ହୋଇଥାଏ । ଠିକ୍ ସେହିଭଳି ସାହିତ୍ୟ ପାଇଁ ମଧ୍ୟ ବିଭିନ୍ନ ଉଦ୍ୟମ ବିଭିନ୍ନ ଅନୁଷ୍ଠାନ ମାଧମରେ ଏବେ ମଧ୍ୟ ଜାରି ରହିଛି । ଉନ୍ନତମାନର ସାହିତ୍ୟ ଗୋଟିଏ ଜାତିକୁ ବିଶ୍ୱଦରବାରରେ ପ୍ରତିଷ୍ଠିତ କରିବାରେ ସଫଳ ହୋଇଥାଏ । ତେଣୁ ବ୍ୟକ୍ତି ସହିତ ସାହିତ୍ୟର ବିଶେଷତଃ, ପାରମ୍ପରିକ ସାହିତ୍ୟର ସଂପର୍କ ପାଇଁ ଭାଷାର ସଂହତି ଆବଶ୍ୟକ । ଏହି ଭଳି ବିଭିନ୍ନ ସମୟରେ ବିଭିନ୍ନ ସ୍ୱନାମଧନ୍ୟ ଲେଖକମାନଙ୍କ ସମାଗମରେ କଳାହାଣ୍ଡି ଜିଲ୍ଲାରେ ଏକ ସାଂସ୍କୃତିକ ବାତାବରଣ ସୃଷ୍ଟି ହେଲା । 'କଳାହାଣ୍ଡି ଲେଖକ କଳା ପରିଷଦ', 'ମହାବୀର ସାଂସ୍କୃତିକ ଅନୁଷ୍ଠାନ'ର ଗୌରବ ସମଗ୍ର ରାଜ୍ୟରେ ବୃଦ୍ଧି ପାଇବାରେ ଲାଗିଲା ।

'ମହାବୀର ସାଂସ୍କୃତିକ ଅନୁଷ୍ଠାନ' ମାଧ୍ୟମରେ ଛୋଟ ଛୋଟ ପିଲାମାନଙ୍କ ସାଂସ୍କୃତିକ ବିକାଶ ସହିତ ଖେଳକୁଦ ତଥା ଅନ୍ୟାନ୍ୟ କ୍ରୀଡା ପ୍ରତି ମଧ୍ୟ ଧ୍ୟାନ ଦିଆଗଲା । ଶିଶୁମାନଙ୍କ ଚିତ୍ରାଙ୍କନ, ଉତ୍ତମ ସ୍ୱାସ୍ଥ୍ୟ ରକ୍ଷା ପ୍ରଭୃତି ବହୁ ସୃଜନଶୀଳ ଚିନ୍ତାଧାରାରେ କାର୍ଯ୍ୟକରିବା ସଙ୍ଗେ ସଙ୍ଗେ କଳାହାଣ୍ଡିର ଲୋକ ସଂସ୍କୃତି, ଲୋକକଳା, ଘୁମୁରା ପ୍ରଭୃତି ନୃତ୍ୟ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେଇ କାର୍ଯ୍ୟକ୍ରମ ନିୟମିତ କରାହେଲା । ଶିଶୁଦିବସ ନଭେମ୍ବର ତା ୧୪ ଦିନ ୧୯୬୪ ମସିହାରେ ଚାଚା ନେହେରୁଙ୍କ ଜନ୍ମ ତିଥିରେ ମୋ'ରି ସଭାପତିତ୍ୱରେ 'ମହାବୀର ସାଂସ୍କୃତିକ ଅନୁଷ୍ଠାନ' ପ୍ରତିଷ୍ଠିତ ହେଲା ।

'କଳାହାଣ୍ଡି ଲେଖକ କଳା ପରିଷଦର' ସମ୍ବିଧାନ ପ୍ରଣୟନ କରାଯାଇ କାର୍ଯ୍ୟକାରୀ ସଭାରେ ଆଲୋଚିତ ହୋଇ ତାକୁ ସୋସାଇଟି ରେଜିଷ୍ଟ୍ରସନ୍ ୧୮୬୦ ଆଇନ୍ ମୁତାବକ ୧୯୬୨ରେ ରେଜିଷ୍ଟ୍ରେସନ ଅଫିସ୍‌ରେ ପ୍ରଦାନ କରାଗଲା ଏବଂ ତାହା ୧୯୬୩ ମସିହାରେ ସରକାରୀ ସ୍ୱୀକୃତି ଲାଭ କଲା ।

ସେହିଭଳି 'ମହାବୀର ସାଂସ୍କୃତିକ ଅନୁଷ୍ଠାନ'କୁ ରେଜିଷ୍ଟ୍ରିଭୁକ୍ତ କରାଇବା ପାଇଁ ୧୯୬୪ରେ ଦରଖାସ୍ତ ପ୍ରଦାନ କରାଗଲା, କିନ୍ତୁ ତହିଁରେ ସରକାରୀ ମୋହର ଲଗାଇବାରେ ବିଳମ୍ବ ହେଲା । ମାତ୍ର, ୧୯୬୪ ରୁ ହିଁ ସ୍ୱୀକୃତି ମିଳିଲା । ଏ ସମସ୍ତ ଅନୁଷ୍ଠାନର ରେଜିଷ୍ଟ୍ରେସନ୍ କରାଇବାରେ ଏବଂ ସମ୍ବିଧାନ ପ୍ରଣୟନରେ ପ୍ରଫୁଲ୍ଲ ରଥ, ଭବାନୀଶଙ୍କର ପଣ୍ଡା (ଭଗତ) ମୋତେ ସହଯୋଗ ପ୍ରଦାନ କରିଥିଲେ ।

ସାଧାରଣ ଅନୁଷ୍ଠାନମାନ ଲୋକ ସାଧାରଣଙ୍କ ସହଯୋଗରେ ପରିଚାଳିତ ହେବା ଉଚିତ । ସଭ୍ୟମାନଙ୍କ ମାସିକ ସଭ୍ୟ ଚାନ୍ଦାରେ ତାହା ପରିଚାଳିତ ହେଲେ, ସଭ୍ୟ ସଂଖ୍ୟା ମଧ୍ୟ ବୃଦ୍ଧି ପାଇବ ଏବଂ ଅନୁଷ୍ଠାନ ପ୍ରତି ଅନେକ ସଭ୍ୟ ଅନୁରକ୍ତ ରହିବେ ।

Source: Author, Digitized by PPRACHIN, SOA

ସ୍ଥାୟୀ ପାଣ୍ଠି ସୃଷ୍ଟି ହେଲେ ସଭ୍ୟମାନେ ସଭ୍ୟ ଚାନ୍ଦା ଦେବା ପାଇଁ ଆଗ୍ରହ ପ୍ରକାଶ କରିବେ ନାହିଁ । ଯେଉଁଠି ଲୋକସାଧାରଣଙ୍କ ସାହାଯ୍ୟ ସହଯୋଗରେ ଅନୁଷ୍ଠାନ ଗଢି ଉଠିଥାଏ ସେହି ଅନୁଷ୍ଠାନ ଦୀର୍ଘ ସ୍ଥାୟୀ ହୋଇଥାଏ । ଯେଉଁଠି ବ୍ୟକ୍ତିଗତ ଆର୍ଥିକ ସାହାଯ୍ୟରେ ଅନୁଷ୍ଠାନ ଗଢି ଉଠିଥାଏ ତାହା ସ୍ଥାୟୀ ଭାବରେ କାର୍ଯ୍ୟ କରିବାରେ ବିଫଳ ହୋଇଥାଏ ।

କଳାହାଣ୍ଡି ଜିଲ୍ଲାର ପୁରାତନ 'ବ୍ରଜମୋହନ ସାହିତ୍ୟ ସମିତି' (୧୯୪୫) ଏହିଭଳି ଭାବରେ ପ୍ରତିଷ୍ଠିତ ହୋଇଥିବା ଯୋଗୁଁ ମହାରାଜାଙ୍କ ଆର୍ଥିକ ସହାୟତା ନ ମିଳିବା ଫଳରେ ସଭ୍ୟମାନେ ଅନୁଷ୍ଠାନକୁ ଚଳାଇବାରେ କ୍ଷମ ହୋଇ ନ ଥିଲେ । ସଭ୍ୟମାନଙ୍କ ଉଦ୍ୟମରେ ତାହା ପରିଚାଳିତ ହେବା ପାଇଁ ମହାରାଜା ଚାହୁଁଥିଲେ । ମାତ୍ର, ସଭ୍ୟମାନେ ଆଉ ଆଗ୍ରହୀ ନ ହେବା ଫଳରେ ଅନୁଷ୍ଠାନର କାର୍ଯ୍ୟଧାରା ଧିମେଇ ଗଲା ।

କଳାହାଣ୍ଡି ଜିଲ୍ଲାର ସାଂସ୍କୃତିକ ଜାଗରଣରେ 'ବ୍ରଜମୋହନ ସାହିତ୍ୟ ସମିତି'ର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଉକ୍ତ ସମିତିର ବାର୍ଷିକ ସାହିତ୍ୟ ସଭା ଦୀର୍ଘ ୭ଦିନ ଧରି ମହାରାଜାଙ୍କ ସଭା ମଣ୍ଡପରେ ଅନୁଷ୍ଠିତ ହୋଇ ଜିଲ୍ଲାରେ ଏବଂ ଜିଲ୍ଲା ବାହାରେ ଏକ ସାଂସ୍କୃତିକ ଜାଗରଣ ସୃଷ୍ଟି କରି ପାରିଥିଲା । ଓଡିଶାର ବହୁ ବିଖ୍ୟାତ କବି, ଲେଖକ, ସୁବକ୍ତା ଏବଂ ଐତିହାସିକଗଣ ବିଭିନ୍ନ ଦିନମାନଙ୍କରେ ଏଥିରେ ଯୋଗଦେଇ ଉପସ୍ଥିତ ଶ୍ରୋତା ମଣ୍ଡଳୀରେ ସାହିତ୍ୟିକ ଚେତନା ସୃଷ୍ଟି କରିବାରେ ସଫଳ ହୋଇଥିଲେ । ବିଭିନ୍ନ ସମୟରେ ବକ୍ତୃତା ପ୍ରତିଯୋଗିତାରେ ଭାଗନେଇ ମୁଁ ମଧ୍ୟ ପ୍ରଥମ ପୁରସ୍କାର ପାଇଥିଲି । ତେଣୁ ଏହିଭଳି ସାଂସ୍କୃତିକ ଅନୁଷ୍ଠାନର ବିଲୋପ ନିଶ୍ଚିତ ଭାବେ ଦୁଃଖ ଦାୟକ । କର୍ମକର୍ତ୍ତାମାନେ ମଧ୍ୟ ଜଣକର ସାହାଯ୍ୟ ଉପରେ ନିର୍ଭର କରି ଅପେକ୍ଷା କରିବା ହିଁ ବିଫଳତାର ମୂଳ କାରଣ । ଜଣକ ଉପରେ ନିର୍ଭର ନକରି ଗଣଙ୍କ ସହଯୋଗରେ ଅନୁଷ୍ଠାନ ଗଢିବା ଶ୍ରେୟସ୍କର ।

ଅନୁଷ୍ଠାନ ଗଢିବା ଭିତରେ ମୋର ଅନେକ ଅଭିଜ୍ଞତା ହେଲା । ଲୋକଙ୍କଦ୍ୱାରା କୌଣସି କାର୍ଯ୍ୟ କରିବାକୁ ହେଲେ ଧୈର୍ଯ୍ୟ ରଖିବାକୁ ହେବ । କୌଣସି ସଂସ୍କାରମୂଳକ କାର୍ଯ୍ୟ କରିବାକୁ ହେଲେ ସାମାଜର ସହାୟତା ମିଳିବା ଏତେ ସହଜ ନୁହେଁ । ସଂସ୍କାର ପାଇଁ ଅନେକେ ଉଦାସୀନ । ଏତକ ମୁଁ ଭଲ ଭାବରେ ଜାଣିଗଲି । ଧୈର୍ଯ୍ୟର ସହିତ ସଭ୍ୟମାନଙ୍କ ଉଦାସୀନତାକୁ ଲକ୍ଷ୍ୟ ରଖି ମୁଁ ମୋର କାର୍ଯ୍ୟରେ ଆଗେଇ ଚାଲିଲି । ଧୀରେ ଧୀରେ ଲୋକଙ୍କ ମନରେ ପରିବର୍ତ୍ତନ ଦେଖାଗଲା । ଦିନେ ଯାହା ସେମାନଙ୍କ ମନରେ ସନ୍ଦେହ ସୃଷ୍ଟି କରୁଥିଲା ତାକୁ ସେମାନେ ପୁନଃ ସ୍ୱାଗତ କଲେ । ତେଣୁ ନୂଆ

Source: Author, Digitized by PPRACHIN, SOA

କାମଟିଏ କଲାବେଳକୁ ଧୈର୍ଯ୍ୟର ସହ ପ୍ରତିକୂଳ ପରିସ୍ଥିତିକୁ ସମ୍ମୁଖୀନ ହୋଇ ଆଗେଇ ଚାଲିବାକୁ ପଡେ ।

କଳାହାଣ୍ଡିର ପାଞ୍ଚଜଣ କବିଙ୍କ ଲେଖାକୁ ନେଇ 'ପଞ୍ଚ ପାଖୁଡାର ଫୁଲ' ଶୀର୍ଷକ ଏକ କବିତା ସଂକଳନ 'କଳାହାଣ୍ଡି ଲେଖକ କଳା ପରିଷଦ' ଦ୍ୱାରା ପ୍ରକାଶ ପାଇଲା । ସେକେଣ୍ଡାରୀ ଟ୍ରେନିଂ ସ୍କୁଲର ଜଣେ ଉଚ୍ଚମାନର କଳାକାର କଳାଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପ୍ରଧାନ ତାର ପ୍ରଚ୍ଛଦ ଚିତ୍ର ଅଙ୍କନ କରିଥିଲେ । 'ସାଗର' କଭର ପେଜ୍ ଏବଂ 'ପଞ୍ଚ ପାଖୁଡାର ଫୁଲ' କଭର ପେଜ୍ କଟକର 'ରଏଲ୍ ହାଫ୍ ଟୋନ୍' ପ୍ରିଣ୍ଟିଙ୍ଗ୍‌ପ୍ରେସ୍‌ରେ ପ୍ରିଣ୍ଟ୍ କରାଗଲା । ମଲ୍‌ଟି କଲରର ସ୍ଥାନୀୟ ପ୍ରେସରେ ପ୍ରିଣ୍ଟିଙ୍ଗ ହେବା ସେତେବେଳେ ସମ୍ଭବ ନ ଥିଲା ।

'କଳାହାଣ୍ଡି ଲେଖକ କଳା ପରିଷଦ'ର ଏକ ସ୍ଥାୟୀ ଗୃହ ପାଇଁ ସରକାରଙ୍କଠୁ ୧୦ ଡେସିମିଲ୍ ଜାଗା ପାଇଁ ଦରଖାସ୍ତ କଲି । ସାଇଟ୍ ସିଲେକସନ କମିଟି ସ୍ଥାନ ନିରୂପଣ କରି ଜିଲ୍ଲାପାଳଙ୍କୁ ଜଣାଇ ଦେଲେ । ପରେ ଜିଲ୍ଲାପାଳଙ୍କ ଅଫିସ୍‌ରୁ ସଲାମୀ ବାବଦକୁ ନିର୍ଦ୍ଦିଷ୍ଟ ଦିନ ଆବଶ୍ୟକୀୟ ଅର୍ଥ ଟ୍ରେଜେରୀରେ ଡିପୋଜିଟ୍ କରିବା ପାଇଁ ସୂଚନା ଦିଆଗଲା । ଅନୁଷ୍ଠାନର କୌଣସି ସ୍ଥାୟୀ ପାଣ୍ଠି ନ ଥିଲା । କଳା ପରିଷଦର ଆର୍ଥିକ ପରିସ୍ଥିତିକୁ ସୁଦୃଢ କରିବା ପାଇଁ ଯେତେ ନାଟକ ମଞ୍ଚସ୍ଥ ହୋଇଥିଲା, ସେଥିରୁ କୌଣସି ଅର୍ଥ ବଳି ପାରୁନଥିଲା । ଟିକଟ ଆୟରୁ ବ୍ୟୟ ବଳି ଯାଉଥିଲା । ଶେଷକୁ ଗୋଟିଏ ହିନ୍ଦୀ ନାଟକ ମଧ୍ୟ କଳା ପରିଷଦର ପ୍ରସ୍ତାବିତ ସ୍ଥାନରେ ମଞ୍ଚସ୍ଥ ହେଲା । ମାତ୍ର, ସେହି ନାଟକରୁ ମଧ୍ୟ କୌଣସି ଆର୍ଥିକ ସାହାଯ୍ୟ ମିଳିବା ସମ୍ଭବ ହେଲାନାହିଁ ।

କଳା ପରିଷଦ ପାଇଁ ସରକାର ପ୍ରଦାନ କରିଥିବା ସ୍ଥାନଟିକୁ ଆଣିବାକୁ ପଡିବ । ତେଣୁ ସଲାମୀ ଟଙ୍କା ମୋ ହାତରୁ ଦେଇ ପ୍ଲଟ ରେଜିଷ୍ଟ୍ରେସନ୍ କରିଦେଲି । କଳା-ପରିଷଦ ହାତକୁ ପ୍ଲଟ ଆସିଗଲା । ସ୍ଥାୟୀ ଗୃହ ନିର୍ମାଣ ପାଇଁ ବିଧିବଦ୍ଧ କାର୍ଯ୍ୟ ପନ୍ଥା ଗ୍ରହଣ କଲି । ପ୍ଲାନ ଏଷ୍ଟିମେଟ୍ ପ୍ରସ୍ତୁତ କରି କେନ୍ଦ୍ର ସରକାରଙ୍କୁ ରାଜ୍ୟ ସରକାରଙ୍କ ଜରିଆରେ ଦରଖାସ୍ତ ପ୍ରଦାନ କଲି । ରାଜ୍ୟ ସରକାର କେନ୍ଦ୍ରକୁ ଆମ ପ୍ଲାନ ଏଷ୍ଟିମେଟ୍ ସହ ମତାମତ ଦେଇ ପଠାଇ ଦେଲେ । ମୁଁ ଲୋକସଭା ସଦସ୍ୟ ଥିବା ସମୟରେ ସେଠି ବିଭାଗୀୟ ମନ୍ତ୍ରୀ ଏବଂ ସେକ୍ରେଟାରୀଙ୍କ ସହ ସାକ୍ଷାତ କରି ଆମ ଦରଖାସ୍ତ ବିଚାର ପାଇଁ ଅନୁରୋଧ କଲି । ଲେଖକ କଳା ପରିଷଦର ଗୃହ ପାଇଁ ଅର୍ଥ ଆଂଶିକ ମଞ୍ଜୁର ହେଲା । କଳା ପରିଷଦର ଗୃହ ନିର୍ମାଣ କାର୍ଯ୍ୟ ମଧ୍ୟ ଆରମ୍ଭ ହୋଇଗଲା । ସେତେବେଳେ ପ୍ରଭାତ ହୋତା ସଂପାଦକ ଦାୟିତ୍ୱରେ ଥିଲେ । ପରେ ଲୋକସଭା ସଦସ୍ୟ ଶ୍ରୀ ଚିନ୍ତାମଣି ପାଣିଗ୍ରାହୀଙ୍କଦ୍ୱାରା ଆମ ଦରଖାସ୍ତର ପୂର୍ଣ୍ଣାଙ୍ଗ ଅର୍ଥ ମଞ୍ଜୁରୀ ପାଇଁ ଉଦ୍ୟମ ବାସ୍ତବିକ ପ୍ରଶଂସନୀୟ । ଏଥିପାଇଁ ତତ୍‌କାଳୀନ କଳା ପରିଷଦ୍‌ର ସେକ୍ରେଟାରୀ

Source: Author, Digitized by PPRACHIN, SOA

ଗଦାଧର ରାୟଗୁରୁ ତାଙ୍କ ପାଖକୁ ନିୟମିତ ପତ୍ର ବିନିମୟ କରି କେନ୍ଦ୍ରର ପୂର୍ଣ୍ଣାଙ୍ଗ ଅର୍ଥ ମଞ୍ଜୁରୀ ପାଇଁ ଅହରହ ଉଦ୍ୟମ ଜାରି ରଖିଲେ । ଅର୍ଥ ମଧ୍ୟ ମଞ୍ଜୁର ହେଲା । ସେହି ଅର୍ଥରେ କଳା ପରିଷଦର କୋଠା ନିର୍ମାଣ ହେଲା ।

ମଣିପୁରର ମହାମାନ୍ୟବର ରାଜ୍ୟପାଳ ଚିନ୍ତାମଣି ପାଣିଗ୍ରାହୀ କଳାହାଣ୍ଡି ଆସି କଳା ପରିଷଦର ଗୃହ ଉଦ୍‌ଘାଟନ କରିଥିଲେ । ଏହି ଉଦ୍‌ଘାଟନ ଉତ୍ସବରେ 'ସାଗର' ପତ୍ରିକାର ଏକ ସ୍ୱତନ୍ତ୍ର ସଂଖ୍ୟା 'ସ୍ମରଣିକା' ଆକାରରେ ପ୍ରକାଶ ପାଇଥିଲା । କଳା ପରିଷଦର ସଭାପତି ହିସାବରେ ମୁଁ ତାଙ୍କୁ ସ୍ୱାଗତ କରିଥିଲି । ପରିଷଦର ସଂପାଦକ ଗଦାଧର ରାୟଗୁରୁ ବିବରଣୀ ପାଠ କରିଥିଲେ । ପରେ କଳାହାଣ୍ଡିର ଲୋକସଭା ସଦସ୍ୟ ବିକ୍ରମକେଶରୀ ଦେଓ ତାଙ୍କ ଲ୍ୟାଡ୍ ପାଣ୍ଠିରୁ ଆର୍ଥିକ ସାହାଯ୍ୟ ପ୍ରଦାନ କରିବା ଫଳରେ ଅନେକ କାର୍ଯ୍ୟ ଆଗେଇ ଚାଲିଛି । ପରବର୍ତ୍ତି ସଦସ୍ୟ ଭକ୍ତଚରଣ ଦାସ ତାଙ୍କ ଲ୍ୟାଡ୍ ଫଣ୍ଡରୁ ଅର୍ଥ ପ୍ରଦାନ କରି ସହଯୋଗର ହାତ ବଢାଇଛନ୍ତି । ପରେ ଭବାନୀଶଙ୍କର ବାବୁ ଦୀର୍ଘ ସମୟ ଧରି ଏହି ଅନୁଷ୍ଠାନର ଜଣେ ଦକ୍ଷ ସଭାପତି ଭାବରେ କାର୍ଯ୍ୟ କରିଥିଲେ । ତାଙ୍କ ସମୟରେ ଅନୁଷ୍ଠାନଟି ସର୍ବ ଭାରତୀୟ ସ୍ତରରେ ସଙ୍ଗୀତ କ୍ଷେତ୍ରରେ ସୁନାମ ଅର୍ଜନ କରିଥିଲା ।

ସମ୍ବଲପୁର ଯୁବ-ଲେଖକ-ସମ୍ମିଳନୀରେ ଯୋଗଦାନ :

'ଯୁବ-ଲେଖକ-ସମ୍ମିଳନୀ' ସମ୍ବଲପୁରରେ ଅନୁଷ୍ଠିତ ହେବ । ନିମନ୍ତ୍ରଣପତ୍ର ପାଇଲା ପରେ କଳାହାଣ୍ଡିର ପାଞ୍ଚଜଣ ଲେଖକଙ୍କୁ ସାଥିରେ ନେଇ ସମ୍ବଲପୁର ଅଧିବେଶନରେ ଯୋଗ ଦେଲି । ଓଡିଶାର ସାହିତ୍ୟିକ, ଗାଳ୍ପିକ, କବିମାନଙ୍କ ଏହା ଏକ ମିଳନ କ୍ଷେତ୍ର । ସମଗ୍ର ରାଜ୍ୟର ବହୁ ଖ୍ୟାତି ସମ୍ପନ୍ନ ଲେଖକ ଲେଖିକା ପ୍ରତିବର୍ଷ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥାନ୍ତି । ୧୯୬୪ ମସିହା ଡିସେମ୍ବର ତା. ୨୯, ୩୦, ୩୧ ତିନିଦିନ ବ୍ୟାପୀ ପୁରୀର ଅନ୍ନପୂର୍ଣ୍ଣା ରଙ୍ଗ ମଞ୍ଚରେ 'ଓଡିଆ ଯୁବ-ଲେଖକ-ସମ୍ମିଳନୀ'ର ପ୍ରଥମ ଅଧିବେଶନ କଥାକାର ଅଖିଳମୋହନ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ସତ୍ୟ ମହାପାତ୍ର ସଂପାଦକ କାର୍ଯ୍ୟ ତୁଲାଇଥିଲେ । ଡକ୍ଟର ହରେକୃଷ୍ଣ ମହତାବ ଏହାକୁ ଉଦ୍‌ଘାଟନ କରିଥିଲେ । ପ୍ରତିବର୍ଷ ବିଭିନ୍ନ ଜିଲ୍ଲାରେ ଯୁବ ଲେଖକ ସମ୍ମିଳନୀ କ୍ରମାନ୍ୱୟରେ ଅନୁଷ୍ଠିତ ହେଉଥିଲା । ଜୟପୁରର ରାମନାଥ ପଣ୍ଡାଙ୍କଦ୍ୱାରା ପ୍ରକାଶିତ ଏବଂ ସଂପାଦିତ 'ସାହିତ୍ୟ ସମାଚାର'କୁ ଯୁବ-ଲେଖକ-ସମ୍ମିଳନୀର ମୁଖପତ୍ର ରୂପେ ଘୋଷଣା କରାଗଲା । ୧୯୬୬ରେ ଭଦ୍ରକରେ ଏହି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା ।

Source: Author, Digitized by PPRACHIN, SOA

ଯୁବ-ଲେଖକ-ସମ୍ମିଳନୀର ମୂଳ ଉଦ୍ଦେଶ୍ୟ ଥିଲା, ସୁଲଭ ମୂଲ୍ୟରେ ବିଭିନ୍ନ ପୁସ୍ତକ ପ୍ରକାଶ କରି ପାଠକ ସଂଖ୍ୟା ବୃଦ୍ଧି କରିବା । କମ୍ ମୂଲ୍ୟରେ ପାଠକଙ୍କ ପାଖକୁ ବହି ଯୋଗାଇ ଦିଆ ଯାଇ ପାରିବ । ବିଭିନ୍ନ ଜିଲ୍ଲା, ବ୍ଲକ ଏବଂ ଗ୍ରାମାଞ୍ଚଳରେ ପାଠାଗାର ଆନ୍ଦୋଳନକୁ ବ୍ୟାପକ କରି ପାଠାଗାର ପ୍ରତିଷ୍ଠା କରି ପାଠକ ସଂଖ୍ୟା ବୃଦ୍ଧି କରାଯିବ । ଓଡିଆ ଭାଷା ସାହିତ୍ୟ ଉପରେ ଗବେଷଣା କରାଯିବ । ମହତ୍ ଉଦ୍ଦେଶ୍ୟ ନେଇ କାର୍ଯ୍ୟକ୍ରମ ଆରମ୍ଭ ହେଲା । ମାତ୍ର, ଆଜି ଯୁବ ଲେଖକ ସମ୍ମିଳନୀ ସେହି ଉଦ୍ଦେଶ୍ୟ ପୂରଣ କରିବାରେ କେତେ ଦୂର ସମର୍ଥ ହୋଇଛି ତାହା ସମୀକ୍ଷା ହେବା ଉଚିତ ।

ସମ୍ବଲପୁର ସଭାମଣ୍ଡପ ସୁନ୍ଦର ଭାବରେ ସଜ୍ଜିତ ହୋଇଥାଏ । ସମ୍ମୁଖ ଭାଗରେ ବହୁ ପ୍ରଖ୍ୟାତ କବି, ଲେଖକ, ଲେଖିକା ବସିଥାନ୍ତି । ବହୁ ସାହିତ୍ୟାନୁରାଗୀ ଶ୍ରୋତାମାନଙ୍କଦ୍ୱାରା ସ୍ଥାନଟି ଭରପୂର ହୋଇ ଯାଇଥାଏ ।

ଜଣେ ନୀରବ ଶ୍ରୋତା ହିସାବରେ ମୁଁ ସମସ୍ତଙ୍କ ଭାଷଣ ଶୁଣୁଥାଏ । ଅଧିକାଂଶ ବକ୍ତା ସେମାନଙ୍କ ଭାଷଣ ମାଧ୍ୟମରେ ଭାଷା ବିନା ଜାତିର ସ୍ଥିତି ସମ୍ଭବ ନୁହେଁ ବୋଲି ଦୃଢ ସ୍ୱରରେ କହିଲେ ।

ଜଣେ ବକ୍ତା ତାଙ୍କ ଅଭିଭାଷଣକୁ ଆହୁରି ଯୁକ୍ତିସଙ୍ଗତ କରିବା ପାଇଁ କହିଲେ । ଜର୍ଜ ବର୍ଣ୍ଣାର୍ଡ ଶ' ଜଣେ ବିଶ୍ୱ ବିଖ୍ୟାତ ନାଟ୍ୟକାର । ତାଙ୍କର ମତ ହେଉଛି, ଯେଉଁ ଜାତିର ନାଟକର ଭାଷା ଯେତେ ଉନ୍ନତ ସେ ଜାତି ସେତେ ଉନ୍ନତ ଓ ସଂସ୍କୃତି ସମ୍ପନ୍ନ । ଉଚ୍ଚାଙ୍ଗ ସାହିତ୍ୟ ଗୋଟିଏ ଜାତିକୁ ବିଶ୍ୱ ଦରବାରରେ ପ୍ରତିଷ୍ଠିତ କରିଥାଏ । ଅଧ୍ୟୟନ କିମ୍ବା ଅନୁଭବ ନ ଥିଲେ କୌଣସି ଭାଷାର ସାହିତ୍ୟ ସମୃଦ୍ଧ ହୋଇ ନ ଥାଏ ଅବା ପରିମାର୍ଜିତ ହୋଇନଥାଏ । ନିଜ ମାତୃଭାଷା ନିଜ ନିଜ ମଧ୍ୟରେ ସମନ୍ୱୟ ରକ୍ଷାକରେ, ନିଜ ନିଜ ଭିତରେ ଆତ୍ମୀୟତାର ଭାବ ଜାଗ୍ରତ କରେ । ଆମ ଚାଲି ଚଳନ, ପୋଷାକ ପରିଚ୍ଛଦ ଭିନ୍ନ ଭିନ୍ନ ଥିଲେ ମଧ୍ୟ ଗୋଟିଏ ଭାଷା ବ୍ୟବହାର କରୁଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ଭାଷାଗତ ସଂହତି ପ୍ରତିଷ୍ଠିତ ହୋଇଥାଏ ।

ତାଙ୍କ ଭାଷଣ ଶୁଣି ଆମେ ବସିଥିବା ଶ୍ରୋତା ମଣ୍ଡଳୀ ଆନନ୍ଦରେ କରତାଳି ପ୍ରଦାନ କଲୁ । ଆଉ ଜଣେ ସାହିତ୍ୟିକ ବନ୍ଧୁ ଷ୍ଟେଜ ଉପରକୁ ଚାଲିଯାଇ ବଜ୍ର ଗମ୍ଭୀର ସ୍ୱରରେ କହିଲେ, ନିଜ ମାତୃଭାଷାଦ୍ୱାରା ସମାଜରେ ଜୀବନ ଯାପନ କରିବା ସ୍ୱଚ୍ଛନ୍ଦ ହୋଇପାରେ । ମାତ୍ର, ଜଣେ ଉଚ୍ଚ ଗରିମା ସମ୍ପନ୍ନ ବ୍ୟକ୍ତି ହିସାବରେ ଜୀବନ ଯାପନ କରିବାକୁ ହେଲେ ସଂକୀର୍ଣ୍ଣତାର ଶୃଙ୍ଖଳ ଛିନ୍ନ କରି ଏକାଧିକ ଭାଷା ଶିକ୍ଷା କରିବା ଆବଶ୍ୟକ । ଆଜିର ଏହି ବିଶାଳ ପୃଥିବୀରେ ମନୁଷ୍ୟ ପରସ୍ପର ଏତେ ନିକଟତମ

Source: Author, Digitized by PPRACHIN, SOA

ପଡୋଶୀ ହୋଇ ଗଲାଣି ଯେ, ସେ ଏକାଧିକ ଭାଷା ଶିକ୍ଷା ନ କଲେ ଆଧୁନିକ ସଭ୍ୟତା ସହ ତାଳ ଦେଇ ଚାଲି ପାରିବ ନାହିଁ । ହିନ୍ଦୀ ଆମର ରାଷ୍ଟ୍ର ଭାଷା ତାହାକୁ ମଧ୍ୟ ଆମକୁ ଜାଣିବାକୁ ପଡିବ । ସେହିଭଳି ବିଶ୍ୱକୁ ଜାଣିବାକୁ ହେଲେ ଇଂରାଜୀ ଭାଷା ଜାଣିବା ଅତି ଆବଶ୍ୟକ । ମୁଁ ନୀରବରେ ବସିରହି ବକ୍ତାମାନଙ୍କ ଭାଷଣକୁ ଆଗ୍ରହର ସହିତ ଶୁଣୁଥାଏ । ମୋତେ ମନେ ହେଉଥାଏ ସତେ ଯେପରି କ୍ଲାସରେ ବସି ଜଣେ ଛାତ୍ରରୂପେ ମୁଁ ଅଧ୍ୟାପକଙ୍କ ଭାଷଣ ଶୁଣୁଛି ।

ଆଉ ଜଣେ ବକ୍ତା ତାଙ୍କ ଭାଷଣ ଆରମ୍ଭ କରି ଦେଇଥାନ୍ତି । ଆମ୍ଭେ ସମସ୍ତେ ଭାରତୀୟ ନାଗରିକ । ମାତ୍ର ଆମେ ପଡୋଶୀର ଭାଷାକୁ ମଧ୍ୟ ସହଜରେ ଗ୍ରହଣ କରି ପାରୁନାହୁଁ । ଏହି ହୀନ ଆଞ୍ଚଳିକ ବୈଷମ୍ୟବାଦ ଆମକୁ ପରସ୍ପରଠୁ ଦୂରେଇ ନେଉଛି । ଦିନକୁ ଦିନ ଦେଶରେ ବିରାଟ ପରିବର୍ତ୍ତନ ଘଟି ଚାଲିଛି । ବିଜ୍ଞାନର ଅଗ୍ରଗତି ଫଳରେ ଆମେ ଗୋଟିଏ ବିଶ୍ୱ-ଗ୍ରାମ ଭିତରେ ବାସ କରିଛୁ । ଆମର ଚିନ୍ତା ଚେତନାର ଦ୍ରୁତ ପରିବର୍ତ୍ତନ ଘଟି ଚାଲିଛି । ଆମେ ପ୍ରାଚୀନତାକୁ ତ୍ୟାଗ କରି ନୂତନତା ଆଡକୁ ଆଗେଇ ଚାଲିଛୁ । ତେଣୁ ଯୁବ ଲେଖକ ଲେଖିକାଙ୍କ ଚିନ୍ତାଧାରା ମଧ୍ୟ ତାଙ୍କ ଭାଷା ସ୍ୱରରେ ପରିଲକ୍ଷିତ ହେଉଛି । ତେଣୁ ସବୁ ସଂକୀର୍ଣ୍ଣତା, ଆଞ୍ଚଳିକତା, ବିଭେଦକୁ ତ୍ୟାଗ କରି ସାହିତ୍ୟର ସର୍ବାଙ୍ଗୀଣ ଉନ୍ନତି ପାଇଁ ନିଜର ଶକ୍ତି ସାମର୍ଥ୍ୟକୁ ବିନିଯୋଗ କରିବା ଆବଶ୍ୟକ ।

ବିଭିନ୍ନ ବକ୍ତାଙ୍କ ଭାଷଣ ଶୁଣି ମୁଁ ବହୁ ଉତ୍ସାହିତ ହୋଇ କରତାଳି ଦେଇ କେତେକଙ୍କ ସହ କରମର୍ଦ୍ଦନ କରି ଉତ୍ସାହିତ କରୁଥାଏ । ଶ୍ରୋତା ମଣ୍ଡଳୀଙ୍କ ମଧ୍ୟରେ ଏକ ପ୍ରକାର ଉତ୍ସାହ ଉଦ୍ଦୀପନା ଖେଳି ଯାଇଥାଏ ।

ଦ୍ୱିତୀୟ ପର୍ଯ୍ୟାୟରେ ସାଂଗଠନିକ ଆଲୋଚନା ମଧ୍ୟ ଜୋରସୋରରେ ଚାଲିଲା । ସୌହାର୍ଦ୍ଦ୍ୟପୂର୍ଣ୍ଣ ସାହିତ୍ୟିକ ବାତାବରଣ ଉତ୍ତେଜନା ପୂର୍ଣ୍ଣ ବାତାବରଣ ଆଡକୁ ଗଡିଲା । ବକ୍ତାମାନେ ଜୋରଦେଇ ସଂଗଠନକୁ ନିଜ ନିଜ ଆଡକୁ ଢ଼ଳାଇ ନେବାପାଇଁ ଉଦ୍ୟମ ଆରମ୍ଭ କଲେ । କର୍ମକର୍ତ୍ତା ନିର୍ବାଚନବେଳକୁ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହୋଇ ଯାଇଥାଏ । ବସିଥିବା ସାହିତ୍ୟିକମାନଙ୍କ ମଧରେ ଏକ ଅନିଶ୍ଚିତ ଆଶା ଆଶଙ୍କାର ବାତାବରଣ ସୃଷ୍ଟି ହେଉଥିବା ମୁଁ ଉପଲବ୍ଧି କରିପାରୁଥିଲି । ମୋର ମନେ ହେଉଛି, ହଠାତ୍ ସାହିତ୍ୟିକମାନଙ୍କ ମଧରେ ବିଭାଜନ ସୃଷ୍ଟିହୋଇଗଲା ଏବଂ ତାହା ଦୁଇ ଗୋଷ୍ଠୀରେ ବିଭକ୍ତ ହୋଇଗଲା । ଦଳେ ଉପକୂଳବର୍ତ୍ତୀ ସାହିତ୍ୟିକ ଏବଂ ଆଉ ଦଳେ ପଶ୍ଚିମାଞ୍ଚଳବାସୀ ସାହିତ୍ୟିକ । ଏହିଭଳି ବିଭାଜିତ ବାତାବରଣ ଦେଖି ମୋ ମନରେ ଉଦ୍‌ବେଗ ସୃଷ୍ଟି ହେଲା ।

କ୍ଷଣିକ ପୂର୍ବରୁ ଯେଉଁମାନେ ସାହିତ୍ୟିକମାନଙ୍କ ମଧ୍ୟରେ ଭାଷାଗତ ସଂହତି

Source: Author, Digitized by PPRACHIN, SOA

ଉପରେ ଦୃଢ କଣ୍ଠରେ ଭାଷଣ ଦେଉଥିଲେ, ସେହିମାନେ ଆନୁଷ୍ଠାନିକ ନିର୍ବାଚନରେ ବିଭାଜିତ ହୋଇ ଗୋଷ୍ଠୀଗତ ଭାବନାର ଶିକାର ହେବା ମୋ ମନରେ ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିଥାଏ ।

ତିକ୍ତତା ଚରମ ସୀମାକୁ ଚାଲିଗଲା । ଯୁକ୍ତି ତର୍କ ହୋଇ ପରିସ୍ଥିତି ଜ଼ଟିଳ ହୋଇଗଲା । ସଭାସ୍ଥଳ ଛାଡି କେତେ ଜ଼ଣ ଉପକୂଳବର୍ତ୍ତୀ ସାହିତ୍ୟିକ ନିଜ ବେଗ୍ ବେଗେଜ୍ ଧରି ରାସ୍ତାକୁ ଚାଲି ଆସିଲେ ବସ୍ ଅବା ଟ୍ରେନ୍ ଧରିବା ପାଇଁ ।

ମୁଁ ଏସବୁ ଦେଖି ନୀରବରେ ଆଉ ବସି ରହିପାରିଲି ନାହିଁ । କାର୍ଯ୍ୟକାରୀ କମିଟିକୁ ମୁଁ ନିର୍ବାଚିତ ହୋଇଥାଏ । ଷ୍ଟେଜ୍ ଉପରକୁ ଚାଲିଆସି ମାଇକ୍‌ରେ ଘୋଷଣା କଲି, ‘‘ଯେଉଁ ପରିସ୍ଥିତିରେ ମୁଁ କାର୍ଯ୍ୟକାରୀ କମିଟିର ସଭ୍ୟ ରୂପେ ନିର୍ବାଚିତ ହୋଇଛି ବର୍ତ୍ତମାନ ସେହି ପଦରୁ ମୁଁ ଇସ୍ତଫା ପ୍ରଦାନ କରୁଛି । ଆମ ଭିତରେ ଭାଇଚାରା ଭାବନା ସୃଷ୍ଟି ନ ହୋଇ ବିଭେଦ ସୃଷ୍ଟି ହେବା ଦୁଃଖଦାୟକ’’ ।

ମୋର ଇସ୍ତଫା ଘୋଷଣା ଶୁଣି ଚାଲି ଯାଉଥିବା ସାହିତ୍ୟିକ ବନ୍ଧୁମାନେ ଗୋଟି ଗୋଟି ଫେରି ଆସିବାକୁ ଲାଗିଲେ । ଅନ୍ୟ ବନ୍ଧୁମାନେ ମୋତେ ଘେରି ଯାଇ ପ୍ରଶ୍ନକରି ଚାଲିଥାନ୍ତି, ‘‘ଆପଣ ଇଏ କ’ଣ କଲେ’’? ଫେରିଯାଉଥିବା ସାହିତ୍ୟିକମାନେ ଫେରିଆସି କହିଲେ, ‘‘ଆପଣ ଜଣେ ପଶ୍ଚିମାଞ୍ଚଳର ବ୍ୟକ୍ତି ହୋଇ କାର୍ଯ୍ୟକାରୀ କମିଟିରୁ ଇସ୍ତାଫା ପ୍ରଦାନ କରିବା ଯୋଗୁଁ ଆପଣଙ୍କ ମତ ଶୁଣିବା ପରେ ଆମ ମନରୁ ଦୁଃଖ ଚାଲିଗଲା । ତେଣୁ ଆମେ ଫେରି ଆସିଲୁ’’ ।

ସାହିତ୍ୟିକମାନଙ୍କ ଭିତରେ ଏହିଭଳି ସଂକୀର୍ଣ୍ଣ ଭାବନାକୁ ମୁଁ ପସନ୍ଦ କରେନା । ସୌହାର୍ଦ୍ଦ୍ୟ ପୂର୍ଣ୍ଣ ବାତାବରଣ ଫେରାଇ ଆଣିବା ପାଇଁ ମୋତେ ବହୁ ଉଦ୍ୟମ କରିବାକୁ ପଡିଲା । ବିଶୃଙ୍ଖଳିତ ସଭାକୁ ପୁଣି ଶୃଙ୍ଖଳିତ କରିବା ପାଇଁ ସଭାପତି ଉଦ୍ୟମ କରି ଶେଷରେ ସଫଳ ହୋଇଥିଲେ ଏବଂ ଆଲୋଚନା ଯଥାରୀତି ହୋଇଥିଲା । ୧୯୬୫ ମସିହା ସମ୍ବଲପୁର ଅଧିବେଶନ ପରେ ସୌହାର୍ଦ୍ଦ୍ୟ ପୂର୍ଣ୍ଣ ବାତାବରଣ ମଧ୍ୟରେ ହୋଇଥିଲା । ଯୁବଲେଖକ ସମ୍ମିଳନୀର ଏକ ନିଶ୍ଚିତ ବିଭାଜନ ଘଟିବା ବେଳକୁ ମୁଁ ଜଣେ ସାହିତ୍ୟାନୁରାଗୀ ବ୍ୟକ୍ତି ଭାବରେ ତାକୁ ଖୋଲା ହୃଦୟରେ ଏକ ସଚେତନ ଭାବ ସୃଷ୍ଟି କରିବାରେ ସାଧ୍ୟମତେ ଉଦ୍ୟମ କରିଥିଲି । ଏହା ମଧ ମୋତେ ଆତ୍ମସନ୍ତୋଷ ଦେଇଥିଲା ।

ଜିଲ୍ଲା କ୍ରୀଡାସଂସ୍ଥାର କର୍ମକର୍ତ୍ତା ନିର୍ବାଚନ :

କଳାହାଣ୍ଡି କ୍ରୀଡାସଂସ୍ଥାର କର୍ମକର୍ତ୍ତାମାନଙ୍କ କାର୍ଯ୍ୟପ୍ରଣାଳୀ ଆନୁଷ୍ଠାନିକ ଭାବରେ

Source: Author, Digitized by PPRACHIN, SOA

ହେଉନଥିଲା । ଜିଲ୍ଲାର ବିଶିଷ୍ଟ ଆଇନଜ୍ଞମାନେ ଏହି ସଂସ୍ଥାର ଦାୟିତ୍ୱ ଗୋଟିଏ ପରେ ଗୋଟିଏ ନେଇ ଆସୁଥିଲେ । ଜିଲ୍ଲା କଲେକ୍ଟର ସଭାପତି ରହୁଥିଲେ । ମାସିକ କିମ୍ବା ବାର୍ଷିକ ଅଧିବେଶନ ବିଧିବଦ୍ଧ ଭାବରେ ହେଉନଥିଲା । କ୍ରୀଡାସଂସ୍ଥାର ରେଜିଷ୍ଟ୍ରେସନ୍ ମଧ୍ୟ ହୋଇ ନ ଥିଲା । ପ୍ରତିବର୍ଷର ଆୟବ୍ୟୟ ହିସାବର ଅଡିଟ୍ ମଧ୍ୟ ନିୟମିତ ହେଉ ନଥିଲା । ସମୟ ସମୟରେ ମଧ୍ୟ ଆନ୍ତଃଜିଲ୍ଲା ଫୁଟବ୍‌ଲ ଟୁର୍ଣ୍ଣାମେଣ୍ଟରେ ଆର୍ଥିକ ଅନଟନ ଯୋଗୁଁ ଜିଲ୍ଲା ଫୁଟବଲ୍ ଟିମ୍ ଯୋଗ ମଧ୍ୟ ଦେଇପାରୁ ନ ଥିଲା । କଳାହାଣ୍ଡିରେ ଫୁଟବଲ ଖେଳ ପ୍ରତି ଜନସାଧାରଣଙ୍କ ମଧ୍ୟରେ ପ୍ରବଳ ଆଗ୍ରହ ଭରି ରହିଥାଏ । କଳାହାଣ୍ଡି ଜିଲ୍ଲା ଆନ୍ତଃଜିଲ୍ଲା ଫୁଟବଲ୍ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିନ ପାରିଲେ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ଖେଳିଯାଏ । ବାର୍ଷିକ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହେଉଥାଏ, ମାତ୍ର ନୀତି ନିୟମ ସହ ହେଉନଥାଏ । କ୍ରୀଡାସଂସ୍ଥାର ସଂପାଦକ କୋର୍ଟ୍‌ରୁ ତାଙ୍କ କାମ ଶେଷ କରି ଫେରି ଆସିଲେ ଦୁଇ ତିନୋଟି ଇଭେଣ୍ଟର ପ୍ରତିଯୋଗିତା ହୋଇ ପୁଣି ବନ୍ଦ ହୋଇ ଯାଉଥାଏ । ଏହି ଭଳି ପ୍ରତିଯୋଗିତା ଦେଖି କ୍ରୀଡକମାନଙ୍କ ମନରେ ଅସନ୍ତୋଷ ଭାବ ସୃଷ୍ଟି ହେଲା ଓ ଏହା ଏକ ବିଦ୍ରୋହ ପରିସ୍ଥିତି ଆଡକୁ ଗତି କଲା । ପୁଅ, ଝିଅ, ସମସ୍ତେ ମିଳିତ ହୋଇ ପ୍ରୋସେସନ୍‌ରେ ଜିଲ୍ଲାପାଳଙ୍କ ଭବନକୁ ଯାଇ ସମସ୍ତ ହାଲ ଜଣାଇଲେ । ସେତେବେଳ ପର୍ଯ୍ୟନ୍ତ କ୍ରୀଡାସଂସ୍ଥାର ସଭାପତି ଜିଲ୍ଲାପାଳ କ୍ରୀଡା ପ୍ରତିଯୋଗିତା ହେଉଥିବା ଜାଣିନଥିଲେ । ସେତେବେଳେ କଳାହାଣ୍ଡିର ଜିଲ୍ଲାପାଳ ଥାନ୍ତି ଜଗନ୍ନାଥପ୍ରସାଦ ଦାସ । ସମସ୍ତ ଘଟଣା ଜାଣିଲା ପରେ ସନ୍ଧ୍ୟା ୫ଘଣ୍ଟା ସମୟରେ କଲେକଟରଙ୍କ ଇଜଲାସ୍‌ରେ, ସହରର କ୍ରୀଡାପ୍ରେମୀମାନଙ୍କ ଏକ ସଭା ଅନୁଷ୍ଠିତ ହେଲା । ଜିଲ୍ଲା କ୍ରୀଡାସଂସ୍ଥାକୁ ଭାଙ୍ଗି ଦେଇ ଏକ ଏଡ୍‌ହକ୍ କମିଟିର ତତ୍ତ୍ୱାବଧାନରେ ଜିଲ୍ଲା କ୍ରୀଡା ପ୍ରତିଯୋଗିତାକୁ ଶୃଙ୍ଖଳାର ସହିତ ପରିଚାଳିତ କରି ମନୋନୀତ କ୍ରୀଡକ ମାନଙ୍କୁ ଓଡିଶା ଅଲମ୍ପିକ ପ୍ରତିଯୋଗିତାରେ ଅଂଶ ଗ୍ରହଣ ପାଇଁ ପଠାଗଲା । ଜିଲ୍ଲା କ୍ରୀଡାସଂସ୍ଥାର ନୂତନ କର୍ମକର୍ତ୍ତା ନିର୍ବାଚନ ପାଇଁ ଦିନ ସମୟ ଧାର୍ଯ୍ୟ ହୋଇ ତାହା ସମସ୍ତଙ୍କୁ ସୂଚାଇ ଦିଆଗଲା ।

ପ୍ରଥମ କରି ବିଧିବଦ୍ଧ ଭାବରେ କ୍ରୀଡା ସଂସ୍ଥାର କର୍ମକର୍ତ୍ତା ନିର୍ବାଚନ ହେବ । ସେଥିପାଇଁ ଖେଳାଳି, କ୍ରୀଡା ସଂଗଠକମାନଙ୍କ ମଧ୍ୟରେ ଉତ୍ସାହ ଖେଳି ଯାଇଥାଏ । ସମସ୍ତଙ୍କ ମନରେ ଗୋଟିଏ ପ୍ରଶ୍ନ ସୃଷ୍ଟି ହୋଇଥାଏ, ଜଣେ ଉତ୍ସାହୀ କ୍ରୀଡାପ୍ରେମୀ ଯୁବକ ହସ୍ତରେ ଦାୟିତ୍ୱ ଅର୍ପଣ କରାଯିବ, ଯିଏ କି; ଏଥିପାଇଁ ସମୟଦେଇ ପାରୁଥିବ । ସହରରେ ଆଲୋଚନା ଜୋର ଧରିଥାଏ । ଦିନକୁ ଦିନ ଆଲୋଚନା ସରଗରମ ହୋଇ ଉଠିଲା । ଏଥିଲେଟିକ୍ ଏସୋସିଏସନ୍‌ରେ ସଂପାଦକ କିଏ ହେବ ତାହା ହିଁ

Source: Author, Digitized by PPRACHIN, SOA

ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ହୋଇଥାଏ । ଜଣେ ପୂରା ସମୟ ଦେଇ କାର୍ଯ୍ୟକଲେ କଳାହାଣ୍ଡିରେ ଖେଳର ବିକାଶ ହୋଇ ପାରିବ । ସେଥିପାଇଁ ଲୋକ କିଏ, ଯେ କି; ସମୟ ଦେଇ ଏସୋସିଏସନ୍ ପାଇଁ କାର୍ଯ୍ୟ କରିବ । ଏମିତି ଅନିଶ୍ଚିତତା ମଧ୍ୟରେ କିଛି ଦିନ ବିତିଗଲା । ଏଣେ ଘୋଷିତ ଦିନ ପାଖେଇ ଆସୁଥାଏ । ମାତ୍ର ସଂପାଦକ ଦାୟିତ୍ୱ ନେବା ପାଇଁ କିଏ ମଧ୍ୟ ପ୍ରସ୍ତୁତ ନଥାନ୍ତି । ଆଶାୟୀ ଓକିଲ ଅସନ୍ତୋଷ ହେବେ । ଆଯଥା ଶରବ୍ୟ ହେବାର ଭୟ ଥାଏ ।

ତେଣୁ ମନରେ ସଂପାଦକ ହେବା ପାଇଁ ଆଗ୍ରହ ଥିଲେ ମଧ୍ୟ କେହି ହେଲେ ଆଗକୁ ବଢ଼ିବାକୁ ସାହସ କରିପାରୁ ନ ଥିଲେ । ପରିଶେଷରେ କିଛି ଆଗ୍ରହୀ ଖେଳାଳି, ବିଭିନ୍ନ କ୍ଲବର କର୍ମକର୍ତ୍ତା ଆସି ମୋତେ ଅନୁରୋଧ କଲେ, ଆପଣ ସଂପାଦକ ଦାୟିତ୍ୱ ବହନ କରିବାକୁ ପଡ଼ିବ ।

ଧର୍ମଗଡ଼ରେ ମୁଁ ଥିବା ସମୟରେ ଜିଲ୍ଲା ସ୍ତରୀୟ ଫୁଟବଲ୍, ଭଲିବଲ୍, ବ୍ୟାଡ୍‌ମିଣ୍ଟନ୍ ଟୁର୍ଣ୍ଣାମେଣ୍ଟ ଦେଖି ଏବଂ ଏଥିରେ ମୁଁ ସକ୍ରିୟ ଭୂମିକା ନିଭାଇ ଥିବା ଦେଖି ମୋ ଉପରେ ଆଶା ରଖି ସେମାନେ ମୋତେ ଏ ଅନୁରୋଧ କଲେ ।

ମୁଁ ସେମାନଙ୍କ କଥା ଶୁଣି, ଜଣେ ଦୁଇଜଣଙ୍କ ନାଁ ଦେଲି । ମାତ୍ର, ସେମାନେ ମଙ୍ଗିଲେ ନାହିଁ । ମୁଁ ସମସ୍ତଙ୍କ ସହ କଥା ହେଲା ପରେ ତୁମକୁ କହିବି ବୋଲି କଥାଟାକୁ ଟାଳି ଦେବା ପାଇଁ ଉଦ୍ୟମ କଲି । ମାତ୍ର, ସେମାନେ ନଛୋଡ ବନ୍ଧା । ସେମାନେ ମନସ୍ଥିର କରି ନେଇଥାନ୍ତି, ମୁଁ ହିଁ ଏଥିପାଇଁ ସମୟ ଦେଇ ଅନୁଷ୍ଠାନକୁ ବାଟରେ ପକାଇ ପାରିବି ।

ମାତ୍ର, ମୁଁ ସାଂସ୍କୃତିକ ଅନୁଷ୍ଠାନ, ସାହିତ୍ୟ ପତ୍ରିକା 'ସାଗର' କାର୍ଯ୍ୟରେ ବ୍ୟସ୍ତ ଥିବା ଯୋଗୁଁ ପୂରା ସମୟ ଦେବା ମୋ' ପକ୍ଷେ ସମ୍ଭବ ହେବ ନାହିଁ । କେତେ ବିଶିଷ୍ଟ ବ୍ୟକ୍ତି ମୋର ପ୍ରାର୍ଥିତ୍ୱକୁ ସହଜରେ ଗ୍ରହଣ କରି ପାରିଲେ ନାହିଁ ।

କ୍ରୀଡା ଚିନ୍ତାଧାରାଠୁ ସେମାନଙ୍କ ଚିନ୍ତାଧାରା ଭିନ୍ନ । ମାତ୍ର ବିଭିନ୍ନ କ୍ରୀଡା ଅନୁଷ୍ଠାନର କର୍ମକର୍ତ୍ତାମାନେ ସେହିମାନଙ୍କୁ ମଧ୍ୟ ସ୍ୱଷ୍ଟ ଶୁଣାଇ ଦେଲେ, ଆପଣମାନେ ବିରୋଧ କଲେ ମଧ୍ୟ ଆମେ ଆଉ ଏଥର ଶୁଣିବୁ ନାହିଁ । ଆମେ ଚାହୁଁ ଏକ ଗତିଶୀଳ କ୍ରୀଡା ଅନୁଷ୍ଠାନ ।

ପରିଶେଷରେ ଯେଉଁମାନେ ମୋର ପ୍ରାର୍ଥିତ୍ୱକୁ ବିରୋଧ କରୁଥିଲେ, ସେମାନେ ଆସି ମୋତେ ଜଣାଇଲେ, ସମସ୍ତେ ତୁମ ପ୍ରାର୍ଥିତ୍ୱକୁ ସାଦରେ ଗ୍ରହଣ କରି ନେଇଛନ୍ତି । ଆମେ ମଧ୍ୟ ପୂର୍ଣ୍ଣ ସମର୍ଥନ ପ୍ରଦାନ କରୁଛୁ ।

ଏତକ କହି ମୋ ସହିତ ସମସ୍ତେ କର ମର୍ଦ୍ଦନ କଲେ । ଏହିଭଳି ଏକ ସଂଶୟ

Source: Author, Digitized by PPRACHIN, SOA

ଏବଂ ଉତ୍ତେଜନାମୟ ପରିବେଶ ମଧ୍ୟରେ କଲେକ୍ଟରଙ୍କ ଇଜ୍‌ଲାସରେ ଜିଲ୍ଲା କ୍ରୀଡା ସଂସ୍ଥାର ବିଧିବଦ୍ଧ ନିର୍ବାଚନ ହେଲା ।

ଜିଲ୍ଲାପାଳ ସଭାପତି ହେଲେ ଏବଂ ମୁଁ ସର୍ବସମ୍ମତି କ୍ରମେ ସଂପାଦକ ରୂପେ ନିର୍ବାଚିତ ହେଲି । ଜଣେ ଉପସଭାପତି, ଜଣେ କୋଷାଧ୍ୟକ୍ଷ, ଜଣେ ସହକାରୀ ସଂପାଦକ ଏବଂ ୭ ଜଣ ସଦସ୍ୟ ନିର୍ବାଚିତ ହେଲେ ।

ସମ୍ପାଦକ ଦାୟିତ୍ୱ ନିର୍ବାହ :

ସମ୍ପାଦକର ଦାୟିତ୍ୱ ଥିଲା ମୋ ପାଇଁ ଏକ ଚ୍ୟାଲେଞ୍ଜ ସଦୃଶ । ତେଣୁ କ୍ରୀଡା ସଂସ୍ଥାର, ସମ୍ବିଧାନ ପ୍ରଣୟନ, ସୋସାଇଟି ରେଜିଷ୍ଟ୍ରେସନ୍ ଏକ୍ଟ ୧୮୬୦ ମସିହା ଅନୁଯାୟୀ ରେଜିଷ୍ଟ୍ରେସନ୍ କାର୍ଯ୍ୟ ମଧ୍ୟ ଯଥା ସମୟରେ ସଂପନ୍ନ କଲି । ଏଥିପାଇଁ ସମ୍ବିଧାନ ପ୍ରଣୟନ ଏବଂ କାର୍ଯ୍ୟକାରୀ କମିଟିରେ ଅନୁମୋଦିତ ହେବା ପ୍ରଭୃତି କାର୍ଯ୍ୟ ମଧ୍ୟ ଯଥା ସମୟରେ ସଂପନ୍ନ ହେଲା । ଖେଳପଡିଆର ସୀମା ନିର୍ଦ୍ଧାରଣ ପାଇଁ ତହସିଲଦାରଙ୍କୁ ସାକ୍ଷାତ କରି ମୋର ଲିଖିତ ଦରଖାସ୍ତ ପ୍ରଦାନ କଲି । ଆର ଆଇ, ପଟ୍ୱାରୀ ଯଥାସମୟରେ ଆସି ଖେଳପଡିଆର ସୀମା ନିର୍ଦ୍ଧାରଣ କରିଦେଇ ଗଲେ । ଖେଳ ପଡିଆର ସ୍ଥାନ ଚିହ୍ନଟ ହୋଇ ଚୂନ ପ୍ରଦାନ କରିବା ଫଳରେ ସମସ୍ତେ ଖେଳପଡିଆର ସୀମା ଜାଣିଗଲେ । ପୁରୁଣା ସିନେମାହଲ ପର୍ଯ୍ୟନ୍ତ ତାର ସୀମା ନିର୍ଦ୍ଧାରିତ ହେଲା ।

ସେତେବେଳେ ଭବାନୀପାଟଣାରେ ବ୍ୟାଙ୍କ୍ ପ୍ରତିଷ୍ଠିତ ହୋଇ ନ ଥାଏ । ତେଣୁ ସଭାପତି ଏବଂ କୋଷାଧ୍ୟକ୍ଷଙ୍କ ସ୍ୱାକ୍ଷରରେ ଡାକଘରେ ପାସ୍ ବୁକ୍ ଖୋଲା ଗଲା । ବିଧିବଦ୍ଧ ଭାବରେ ପ୍ରତିମାସରେ କାର୍ଯ୍ୟକାରୀ କମିଟିର ସଭା ଜିଲ୍ଲାପାଳଙ୍କ ରେସ୍ ଅଫିସ୍‌ରେ ଅବା ହୁଇଲର୍ କ୍ଲବରେ ଅନୁଷ୍ଠିତ ହେଲା । ମିଟିଙ୍ଗ୍‌ର ବିବରଣୀ ଲିପିବଦ୍ଧ ହୋଇ ରେକର୍ଡ୍ ରଖାଗଲା । ପ୍ରତ୍ୟେକ ସଭ୍ୟଙ୍କ ଦସ୍ତଖତ ମଧ୍ୟ ରହିଲା । ଏକ ଶୃଙ୍ଖଳା ମଧ୍ୟରେ କାର୍ଯ୍ୟ ପରିଚାଳିତ ହେଲା । ଷ୍ଟାଡିୟମ୍ ନିର୍ମାଣ ଉଦ୍ଦେଶ୍ୟରେ ବିଧିବଦ୍ଧ କାର୍ଯ୍ୟାପନ୍ଥା ଗ୍ରହଣ ପାଇଁ ଏକ ସବ୍‌କମିଟି ମଧ୍ୟ ଗଠିତ ହେଲା ।

ମୁଁ ଦାୟିତ୍ୱ ଗ୍ରହଣ କଲାପରେ ମୋର କାର୍ଯ୍ୟଧାରା ଦେଖି, ଷ୍ଟାଡିୟମ୍ ନିର୍ମାଣ ପାଇଁ ଚିନ୍ତା ଉଦ୍ରେକ ହୋଇ କମିଟି ଗଠନ ହୋଇଥିବା ଜାଣି ଖେଳାଳିମାନଙ୍କ ମଧ୍ୟରେ ତଥା ଖେଳପ୍ରେମୀମାନଙ୍କ ମନରେ ବିପୁଳ ଉତ୍ସାହ ଖେଳି ଯାଇଥାଏ ।

ଫୁଟବଲ୍, ଭଲିବଲ୍, ଏଥ୍‌ଲେଟିକ୍ସ୍ ପ୍ରଭୃତି ପ୍ରତି ପ୍ରାଧାନ୍ୟ ଦେଇ କାର୍ଯ୍ୟକ୍ରମ ପ୍ରସ୍ତୁତ ହେଲା । ଫୁଟବଲ୍ ଖେଳାଳିମାନେ ନିୟମିତ ବଡି ସକାଳୁ ପଡିଆକୁ ଆସି ଖେଳ ଅଭ୍ୟାସ ଜାରି ରଖିବା ପାଇଁ ନୋଟିସ୍ ଦେଲି । ଖେଳାଳିମାନେ ମଧ୍ୟ ଆଗ୍ରହର

Source: Author, Digitized by PPRACHIN, SOA

ସହିତ ଖେଳପଡିଆକୁ ଆସି ଖେଳ ଅଭ୍ୟାସରେ ଲାଗିଗଲେ । ମୁଁ ମଧ୍ୟ ପ୍ରତିଦିନ ବଡି ସକାଳୁ ପଡିଆକୁ ଆସି ଖେଳାଳିମାନଙ୍କ ଖେଳ ଅଭ୍ୟାସ ଦେଖୁଥାଏ । ମୋର ଉପସ୍ଥିତି ସେମାନଙ୍କୁ ଆହୁରି ଉତ୍ସାହିତ କରୁଥାଏ ।

ଖେଳାଳିମାନଙ୍କ ଶାରୀରିକ ବିକାଶକୁ ଆଖି ଆଗରେ ରଖି ନିୟମିତ ସକାଳୁ ଗୋଟିଏ ସିଝା ଅଣ୍ଡା ଖାଇବାକୁ ଯୋଗାଇ ଦିଆଗଲା । ଖେଳ ଶେଷ କରି ଫେରିବା ପରେ ଗୋଟିଏ ଗ୍ଲାସ ଦୁଧ ମଧ୍ୟ ପିଇବାକୁ ଦିଆଗଲା । ତେଣୁ ଖେଳାଳିମାନେ ମଧ୍ୟ ଆଗ୍ରହର ସହିତ ଖେଳରେ ମଜ୍ଜିଗଲେ ।

ବିଭିନ୍ନ ସ୍ତରରେ କ୍ରୀଡା ପ୍ରତିଯୋଗିତାର ଆୟୋଜନ :

ମୁଁ ସ୍କୁଲଗୁଡିକୁ ଯାଇ ପ୍ରଧାନଶିକ୍ଷକମାନଙ୍କ ସହିତ ସାକ୍ଷାତ କରି ପିଲାମାନଙ୍କୁ ନିୟମିତ ଖେଳ ଖେଳିବା ପାଇଁ ଏବଂ ବାର୍ଷିକ-କ୍ରୀଡା-ପ୍ରତିଯୋଗିତା କରି ପୁରସ୍କୃତ କରିବା ପାଇଁ ଅନୁରୋଧ ଜଣାଇ ଶିକ୍ଷାନୁଷ୍ଠାନମାନଙ୍କରେ ଖେଳକୁ ପ୍ରାଧାନ୍ୟ ଦେବାପାଇଁ ଚିନ୍ତା ଉଦ୍ରେକ କଲି । ଜିଲ୍ଲାରେ ଏକ ପ୍ରକାର ଖେଳର ବାତାବରଣ ସୃଷ୍ଟି ହେଲା । ଗାର୍ଲସ୍ ହାଇସ୍କୁଲ୍‌କୁ ଯାଇ ପ୍ରଧାନଶିକ୍ଷୟିତ୍ରୀଙ୍କ ସହ ସାକ୍ଷାତ୍ କରି ଝିଅମାନଙ୍କୁ ଖେଳ ପ୍ରତି ଆକୃଷ୍ଟ କରାଗଲା । ଝିଅମାନଙ୍କ ମଧ୍ୟରେ ମଧ୍ୟ ବିପୁଳ ଉତ୍ସାହ ଦେଖାଗଲା । ଭଲିବଲ୍ କୋର୍ଟ୍ କଟାଯାଇ ଝିଅମାନେ ଖେଳ ଅଭ୍ୟାସ ଆରମ୍ଭ କରିଦେଲେ । ରାଜ୍ୟ 'ସ୍ପୋର୍ଟସ୍ କାଉନ୍‌ସିଲ୍' ଭୁବନେଶ୍ୱରରୁ ଭଲିବଲ୍ କୋଚ୍ ଅଣାଇ ଝିଅମାନଙ୍କୁ ନିୟମିତ ତାଲିମ ପ୍ରଦାନ କରାଗଲା । ଯେଉଁ ଝିଅମାନଙ୍କ ସ୍ପୋର୍ଟସ୍ ପ୍ରତି ଆଗ୍ରହଥାଏ, ସେମାନଙ୍କୁ ମନୋନୀତ କରି ସ୍ପୋର୍ଟସ୍ ପ୍ରାକଟିସ୍ କରିବା ପାଇଁ ସୁଯୋଗ ସୃଷ୍ଟି କରାଗଲା ।

ଗ୍ରାମାଞ୍ଚଳରେ ଫୁଟବଲ୍ ଖେଳର ପ୍ରସାର ପାଇଁ ଗ୍ରାମ୍ୟ ଫୁଟବଲ୍ ପ୍ରତିଯୋଗିତା ଅନୁଷ୍ଠିତ ହେଲା । ପ୍ରତିଯୋଗିତା ସମୟରେ ଗ୍ରାମାଞ୍ଚଳରେ ହଜାର ହଜାର ଦର୍ଶକ ସମବେତ ହୋଇ ଖେଳାଳିଙ୍କୁ ଉତ୍ସାହିତ କରି ଖେଳ ଉପଭୋଗ କଲେ । ଗ୍ରାମାଞ୍ଚଳ ମାନଙ୍କରେ ବୋକା, ଗଡରା (ଖାସି ମେଣ୍ଢା) ମାରି ଭୋଜି କରି ଖେଳାଳିମାନଙ୍କୁ ସ୍ୱାଗତ କଲେ । ସମଗ୍ର ଜିଲ୍ଲାରେ ଫୁଟବଲ୍ ଖେଳ ପ୍ରତି ଏକ ପ୍ରକାର ଅଭୂତପୂର୍ବ ଅନୁରାଗର ବାତାବରଣ ସୃଷ୍ଟିହେଲା । ଫଳରେ ଗ୍ରାମାଞ୍ଚଳର ବହୁ ଫୁଟବଲ୍ ଖେଳାଳିଙ୍କ ପ୍ରତିଭା ବିକଶିତ ହେବା ପାଇଁ ସୁଯୋଗ ସୃଷ୍ଟି ହେଲା । ସମସ୍ତେ ଜିଲ୍ଲା ସ୍ତରୀୟ ନକ୍‌ଆଉଟ୍ ଟୁର୍ଣ୍ଣାମେଣ୍ଟ୍‌ରେ ଅଂଶଗ୍ରହଣ କରିବା ସୁଯୋଗ ପାଇ ପାରିଲେ । ପ୍ରତିଭାଧାରୀ ଖେଳାଳି ମାନେ ଜିଲ୍ଲା ଏବଂ ରାଜ୍ୟ ପ୍ରତିଯୋଗିତାରେ ଭାଗ ନେଇ ନିଜର ପରାକାଷ୍ଠା ଦେଖାଇବାରେ ସୁଯୋଗ ପାଇଲେ ।

Source: Author, Digitized by PPRACHIN, SOA

ଏଥିଲେଟିକ୍ସ୍ ଏସୋସିଏସନ୍ ମାଧ୍ୟମରେ ବିଭିନ୍ନ ଅଞ୍ଚଳର ଫୁଟବଲ୍ ଟିମ୍‌ମାନଙ୍କୁ ଡକାଇ ଭବାନୀପାଟଣା ଖେଳପଡିଆରେ ପ୍ରଦର୍ଶନୀ ଫୁଟବଲ୍ ମ୍ୟାଚ୍‌ମାନ ଅନୁଷ୍ଠିତ ହେଲା । ରାୟପୁର, ସମ୍ବଲପୁର, ବଲାଙ୍ଗିର, କୋରାପୁଟ, ୱାଲଟିୟର ପ୍ରଭୃତି ସହର ମାନଙ୍କରୁ ଫୁଟବଲ୍ ଟିମ୍ ସବୁ ଆସି ଜିଲ୍ଲା ଫୁଟବଲ୍ ଟିମ୍ ସହିତ ପ୍ରଦର୍ଶନୀ ମ୍ୟାଚ୍‌ରେ ଅଂଶ ଗ୍ରହଣ କରିଥିଲେ । ଫୁଟବଲ୍ ଖେଳ ଦେଖିବା ପାଇଁ ଦଶ ହଜାରରୁ ଊର୍ଦ୍ଧ୍ୱ ଦର୍ଶକ ଉପସ୍ଥିତ ରହି ଖେଳ ଉପଭୋଗ କରୁଥିଲେ । ଦର୍ଶକମାନଙ୍କ ଉପସ୍ଥିତି ହିଁ ଖେଳାଳିମାନଙ୍କୁ ଉତ୍ସାହିତ କରିଥାଏ । ଫୁଟବଲ୍ ସିଜନ୍‌ରେ ଲିଗ୍‌ମ୍ୟାଚ୍, ନକ୍ ଆଉଟ୍ ମ୍ୟାଚ୍‌ମାନ ଅନୁଷ୍ଠିତ ହେଲା ।

ଜିଲ୍ଲା ସ୍ତରରେ ନିୟମିତ ଭଲିବଲ୍ ପ୍ରତିଯୋଗିତା ହେଲା । ଜିଲ୍ଲା ସ୍ପୋର୍ଟସ୍ ଆନୁକୂଲ୍ୟରେ ତିନିଦିନ ଧରି ବିଭିନ୍ନ ଇଭେଣ୍ଟସ୍‌ମାନ ଅଲମ୍ପିକ୍ ନିୟମ ଅନୁଯାୟୀ ଅନୁଷ୍ଠିତ ହେଲା । ମାର୍ଚ୍ଚ୍ ପାଷ୍ଟ୍ ହୋଇ ପତାକାକୁ ସ୍ୟାଲୁଟ୍ ପ୍ରଦାନ କରିବା, ମୁଖ୍ୟ-ଅତିଥିଙ୍କଦ୍ୱାରା କ୍ରୀଡା ଉଦ୍‌ଘାଟନ ଘୋଷଣା କରିବା ପ୍ରଭୃତି ନିୟମମାନ ପାଳନ କରାଗଲା । ଜଣେ ବରିଷ୍ଠ କୃତୀ କ୍ରୀଡାକାର ଶପଥ ଗ୍ରହଣ କରିବା ସହିତ ସମସ୍ତ କ୍ରୀଡାକାର ମଧ୍ୟ ନିଜ ନିଜ ଗ୍ରୁପ୍‌ର ପତାକା ନୁଆଇଁ ଶପଥ ଗ୍ରହଣ କରିବେ । କ୍ରୀଡା ଉତ୍ସବ ଶେଷ ଦିନ ପତାକାକୁ ତଳକୁ ଅଣାଯାଇ ଚାରିଜଣ କ୍ରୀଡାକାର ତାହାକୁ ଚାରିକୋଣରେ ଧରି ସ୍ଲୋ ମାର୍ଚ୍ଚରେ ବିଭିନ୍ନ ଦଳ ପାଖକୁ ମାର୍ଚ୍ଚ୍ କରି ଯିବେ ଓ ସମସ୍ତ ଖେଳାଳି ସମ୍ମାନ ପ୍ରଦର୍ଶନ କଲାପରେ, ତାକୁ ଯତ୍ନର ସହ ଭାଙ୍ଗି ମୁଖ୍ୟଅତିଥିଙ୍କୁ ପ୍ରଦାନ କରିବେ । ସେହି ପତାକାକୁ ମୁଖ୍ୟଅତିଥି କ୍ରୀଡା ସଂସ୍ଥାର ସଂପାଦକଙ୍କୁ ପ୍ରଦାନ କରିବେ । ଆଗାମୀ ବର୍ଷ ବ୍ୟବହାର କରିବା ପାଇଁ ସଂପାଦକ ଯତ୍ନର ସହ ତାକୁ ସାଇତି ରଖିବେ ।

ଏହିଭଳି ପତାକା ପ୍ରତି ସମ୍ମାନ ପ୍ରଦର୍ଶନ ପ୍ରଭୃତି ଅଲମ୍ପିକ ନିୟମାବଳୀ ଉପରେ କ୍ରୀଡାକାରମାନଙ୍କୁ ତାଲିମ ଦେଇ କ୍ରୀଡାର ମହତ୍ତ୍ୱ ବୃଦ୍ଧି କରି ଖେଳାଳି, ଦର୍ଶକମାନଙ୍କୁ କ୍ରୀଡାର ମହତ୍ତ୍ୱ, ଗୁରୁତ୍ୱ ଉପଲବଧି ପାଇଁ ସୁଯୋଗ ସୃଷ୍ଟି କରାଗଲା । କ୍ରୀଡାରେ ଅଂଶ ଗ୍ରହଣ କରିଥିବା ଶ୍ରେଷ୍ଠ କ୍ରୀଡାକାରମାନଙ୍କୁ ଅଲମ୍ପିକ ପ୍ରତିଯୋଗିତାମାନଙ୍କରେ ମନୋନୀତ କରି ରାଜ୍ୟ ସ୍ତରୀୟ କ୍ରୀଡା ପ୍ରତିଯୋଗିତାରେ ଅଂଶ ଗ୍ରହଣ କରାଇ ବହୁ ପୁରସ୍କାର ପାଇବାର ସୁଯୋଗ ସୃଷ୍ଟି କରାଗଲା । ଏପିରକି ୧୦୦, ୨୦୦ ମିଟର୍ ଦୌଡରେ, ହର୍ଡଲ୍‌ସରେ କଳାହାଣ୍ଡିର କ୍ରୀଡାକାର ମାନେ ନୂତନ ରେକର୍ଡ୍ ସୃଷ୍ଟି କଲେ । କଳାହାଣ୍ଡି କ୍ରୀଡାକାରମାନଙ୍କ ରେକର୍ଡ୍ ବହୁ ବର୍ଷ ପର୍ଯ୍ୟନ୍ତ ଅନ୍ୟ କ୍ରୀଡାକାରମାନେ ଟପିପାରି ନ ଥିଲେ । ତ୍ରିଭୁବନ ଦଣ୍ଡସେନା ୧୦୦,୨୦୦ ମିଟର ରେସ୍‌ରେ ନୂତନ ରେକର୍ଡ୍ ସୃଷ୍ଟି କରିଥିଲେ । ଖଡ୍‌ଗଧାରୀ ନାଏକ ହର୍ଡଲ୍‌ସ୍‌ରେ ନୂତନ ରେକର୍ଡ୍ ସୃଷ୍ଟି କରିଥିଲେ ।

Source: Author, Digitized by PPRACHIN, SOA

ଜିଲ୍ଲାରେ ବ୍ୟାଡ୍‌ମିଣ୍ଟନ୍ ପ୍ରତିଯୋଗିତା ହେଲା । ଟେନିସ୍ ଖେଳାଳିମାନଙ୍କୁ ଉତ୍ସାହିତ କରାଗଲା ।

ଖେଳାଳିମାନଙ୍କ ସହିତ, ବ୍ୟାଡମିଣ୍ଟନ୍ ଓ ଟେନିସ୍ ଖେଳରେ ମୁଁ ମଧ୍ୟ ନିୟମିତ ଭାଗ ନେଉଥିଲି । କଳାହାଣ୍ଡି ଟେନିସ୍ ଖେଳାଳିମାନେ ଜୁନିୟର୍ ଟେନିସ୍ ପ୍ରତିଯୋଗିତାରେ ରାଜ୍ୟସ୍ତରୀୟ ଚମ୍ପିୟାନ୍ ମଧ୍ୟ ହୋଇଥିଲେ । କଟକ ବାରବାଟି ଷ୍ଟାଡିୟମ୍‌ରେ କଳାହାଣ୍ଡି ଟେନିସ୍ ଖେଳାଳିମାନେ ଚମ୍ପିୟାନ୍ ହେବା ଦେଖି ସମସ୍ତେ ବିସ୍ମିତ ହୋଇ ଯାଇଥିଲେ । ରାଜେନ୍ଦ୍ର କୁମାର ବାବୁ, ମନୋଜ ଦାସ ରାଜ୍ୟସ୍ତରୀୟ ଟେନିସ୍ ଚମ୍ପିୟାନ୍ ହୋଇଥିଲେ । ବ୍ୟାଡମିଣ୍ଟନ୍ ଖେଳରେ ଶ୍ୟାମାପଦ ବାବୁ ତାଙ୍କ ଶ୍ରେଷ୍ଠତ୍ୱ ପ୍ରତିପାଦନ କରିଥିଲେ । ତେଣୁ ବର୍ଷ ତମାମ ଖେଳପଡିଆ ଚଳଚଞ୍ଚଳ ହୋଇ ଉଠିଲା ।

ଟେନିସ୍ ଖେଳ ପ୍ରତି ଜିଲ୍ଲାପାଳ ଜଗନ୍ନାଥ ପ୍ରସାଦ ଦାସ ବିଶେଷ ଆଗ୍ରହ ଦେଖାଇଲେ । ତାଙ୍କ ଉଦ୍ୟମରେ ହୁଇଲର୍ସ କ୍ଲବ୍ ପ୍ରାଙ୍ଗଣରେ ସିମେଣ୍ଟ୍ କୋର୍ଟ୍ ନିର୍ମାଣ ହେଲା । ଜିଲ୍ଲାପାଳ ସରକାରୀ ଗସ୍ତରେ ବିଭିନ୍ନ ବ୍ଲକକୁ ଯାଇ ସନ୍ଧ୍ୟା ୪ଟା ସୁଦ୍ଧା ଫେରିଆସି ଟେନିସ୍ କୋର୍ଟରେ ଆସି ଖେଳୁଥିଲେ । ଜିଲ୍ଲାପାଳଙ୍କ ଟେନିସ୍ ଖେଳ ପ୍ରତି ଆଗ୍ରହ ଦେଖି ବହୁ ଅଫିସର୍ ମଧ୍ୟ ଟେନିସ୍ ଖେଳିବା ପାଇଁ ଆଗ୍ରହ ପ୍ରକାଶ କଲେ । ଟେନିସ୍ ଖେଳାଳି ବୃଦ୍ଧି ପାଇବା ଫଳରେ ନାଇଟ କୋର୍ଟ୍ କରିବାପାଇଁ ସ୍ଥିର କରାଗଲା । ଉଚ୍ଚ ଖମ୍ବ ପୋତି ଫ୍ଲଡ୍ ଲାଇଟ୍ ବ୍ୟବସ୍ଥା କରାଗଲା । ରାତ୍ର ଆଠଟା ପର୍ଯ୍ୟନ୍ତ ନାଇଟ୍ କୋର୍ଟ୍‌ରେ ଖେଳ ଚାଲିଲା । ସକାଳୁ ମଧ୍ୟ ଅନେକ ଖେଳାଳି ଆସି ଟେନିସ୍ ଖେଳିଲେ । କଳାହାଣ୍ଡି ଜିଲ୍ଲାରେ ଉଚ୍ଚମାନର ଟେନିସ୍ ଖେଳାଳିମାନେ ଥିଲେ । କୁମୁଦନାଥ ବାବୁ, ଗଣାଧିପ ଭୋଇ, ଜେ.ପି. ଦାସ (କଲେକ୍ଟର) ପରମାନନ୍ଦ ବେହେରା, ମିଷ୍ଟର୍ ରାଓ ପ୍ରଭୃତି ।

ମୁଁ ସେମାନଙ୍କ ସମକକ୍ଷ ଖେଳାଳି ନ ଥିଲି । ତେଣୁ ନିୟମିତ ସକାଳେ ଅଭ୍ୟାସ କରି ମୁଁ ମୋର ଖେଳର ମାନ ବୃଦ୍ଧିକରି ଭଲ ଟେନିସ୍ ଖେଳାଳିମାନଙ୍କ ସହିତ ଖେଳିବା ସୁଯୋଗ ପାଇଲି । ମୋର ଟେନିସ୍ ଖେଳର ଷ୍ଟାଣ୍ଡାର୍ଡ୍ ଉନ୍ନତି କରିପାରିଥିବା ଯୋଗୁଁ, ଜେ.ପି. ଦାସ ମୋତେ ସ୍ୱାଗତ କରିଥିଲେ ।

ଦିନକୁ ଦିନ ଟେନିସ୍ ଖେଳରେ ଏତେ ସଂଖ୍ୟକ ଖେଳାଳି ଆସିବା ଫଳରେ ଅନେକ ଖେଳାଳି ଖେଳିବା ପାଇଁ ସୁଯୋଗ ପାଇପାରିଲେ ନାହିଁ । ତେଣୁ ସେମାନଙ୍କ ଆଗ୍ରହକୁ ଦେଖି ଖେଳପଡିଆରେ ଏକ କୋର୍ଟ୍ ବ୍ୟବସ୍ଥା କରି ନୂତନ ଖେଳାଳିଙ୍କୁ ଖେଳିବାର ସୁଯୋଗ ସୃଷ୍ଟି କରାଗଲା । ବିଶେଷତଃ, ଯୁବ ଖେଳାଳିମାନଙ୍କ ମନରେ ଉତ୍ସାହ ଦେଖାଗଲା । ଏସୋସିଏସନ୍‌ର ପିଅନ୍ ପୂର୍ଣ୍ଣକୁ ପ୍ରତି ସପ୍ତାହରେ ୧୦ଟଙ୍କା

Source: Author, Digitized by PPRACHIN, SOA

ପ୍ରଦାନ କରୁଥିଲି । ସେ ଗୋବର ସଂଗ୍ରହ କରି ତାକୁ ଆଣି ଘସି, ପଡିଆର ଟେନିସ୍ କୋର୍ଟ୍‌ରେ ଚୂନ ଦେଇ ପ୍ରସ୍ତୁତ କରୁଥିଲା । ଜିଲ୍ଲା ଏଥ୍‌ଲେଟିକ୍‌ସ୍ ଏସୋସିଏସନ୍ ତରଫରୁ ଟେନିସ୍ ନେଟ୍ ଖରିଦ କରିଦିଆଗଲା ।

ଯୁବ ଖେଳାଳିମାନେ ନିୟମିତ ଖେଳ ଅଭ୍ୟାସ ପୂର୍ବକ କଠିନ ପରିଶ୍ରମ କରି ରାଜ୍ୟସ୍ତରୀୟ ଆନ୍ତଃଜିଲ୍ଲା ଟେନିସ୍ ଟୁର୍ଣ୍ଣାମେଣ୍ଟ୍‌ରେ ଭାଗ ନେଇ ଚମ୍ପିୟାନ୍ ହେବାର ଗୌରବ ଅର୍ଜନ କରିପାରିଥିଲେ ।

ନିଷ୍ଠା ଓ ଆନ୍ତରିକତା ସହ କାର୍ଯ୍ୟକଲେ ଅସମ୍ଭବ ମଧ୍ୟ ସମ୍ଭବ ହୋଇଥାଏ । ଏହା ବହୁ କ୍ଷେତ୍ରରେ ପ୍ରମାଣିତ ହୋଇଛି ।

ଆନ୍ତଃଜିଲ୍ଲା ଫୁଟବଲ ଟୁର୍ଣ୍ଣାମେଣ୍ଟ୍ ପରିଚାଳନା କରିବା ପାଇଁ କଳାହାଣ୍ଡି ଏଥ୍‌ଲେଟିକ୍‌ସ୍ ଏସୋସିଏସନ୍‌କୁ ସୁଯୋଗ ମିଳିଲା । ସେଥିପାଇଁ, ଗ୍ରାମ୍ୟ ଇଞ୍ଜିନିୟର୍ ବିଭାଗର ଟିଣ ଚଦର ଏବଂ ପି.ଏଚ.ଡି. ବିଭାଗର ସରୁ ପାଇପ ଆଣି ଖେଳପଡିଆକୁ ଘେରାଇ ଶିଆଳିପଟି ଦଉଡିରେ ବାନ୍ଧି ଦିଆଗଲା । ବାହାରୁ ମନେ ହେଉଥାଏ ଯୁଦ୍ଧ ପାଇଁ ଏକ ଦୁର୍ଗ ପ୍ରସ୍ତୁତି ଚାଲିଛି । ଚାରିଅଣା (ପଚିଶ ପଇସା) ଟିକଟ କରି ଆନ୍ତଃଜିଲ୍ଲା ଫୁଟବଲ ଟୁର୍ଣ୍ଣାମେଣ୍ଟ ପରିଚାଳନା କଲି । ପ୍ରତିଦିନ ଦଶହଜାରରୁ ବାରହଜାର ପର୍ଯ୍ୟନ୍ତ ଦର୍ଶକ ଖେଳ ଦେଖି ଉପଭୋଗ କରୁଥିଲେ । ଫଳରେ ଏସୋସିଏସନ୍‌ଦ୍ୱାରା ଦୈନିକ ଅଢ଼େଇ ହଜାରରୁ ତିନି ହଜାର ପର୍ଯ୍ୟନ୍ତ ଅର୍ଥ ଉପାର୍ଜନ ହେଉଥିଲା । ଯେଉଁ ବର୍ଷ ଟିଣ ଚଦର ମିଳୁ ନ ଥିଲା, ବାଉଁଶ ତାଟି ଖରିଦ୍ କରି ତାକୁ ଖେଳ ପଡିଆରେ ଘେରାଇ ଟିକଟ ବିକ୍ରୟ କରାଯାଉଥିଲା । ମ୍ୟାଚ ସରିଲା ପରେ ସେହି ତାଟିକୁ ନିଲାମ କରି ଦିଆଯାଉଥିଲା ଏବଂ ଉପାର୍ଜିତ ଅର୍ଥ ଅନୁଷ୍ଠାନର ପାସବୁକ୍‌ରେ ଡିପୋଜିଟ୍ କରାଯାଉଥିଲା । ଏସୋସିଏସନ୍‌ର ବହୁ ସଦସ୍ୟ ପୂର୍ଣ୍ଣପ୍ରାଣରେ ସହଯୋଗ କରୁଥିଲେ । ଏଥିପାଇଁ ନବୀନ ପାତ୍ର, ଉମେଶ ମହାପାତ୍ର, ଦୁର୍ଗାପ୍ରସାଦ ମିଶ୍ର ପ୍ରଭୃତିଙ୍କ ସହଯୋଗ ପ୍ରଶଂସନୀୟ ।

ବାହାର ଜିଲ୍ଲାରୁ ଆସୁଥିବା ଖେଳାଳିମାନଙ୍କୁ ଉତ୍ତମ ଖାଦ୍ୟ ଯୋଗାଇ ଦିଆଯାଉଥିଲା । ତେଣୁ ଯେତେବେଳେ ଆନ୍ତଃଜିଲ୍ଲା ଫୁଟବଲ ଟୁର୍ଣ୍ଣାମେଣ୍ଟ୍ କଥା 'ଓଡିଶା ଫୁଟବଲ୍ ଏସୋସିଏସନ୍'ରେ ଆଲୋଚନା ପଡେ ସେତେବେଳେ ପ୍ରଥମ କରି 'କଳାହାଣ୍ଡି ଏଥ୍‌ଲେଟିକ୍‌ସ୍ ଏସୋସିଏସନ୍'କୁ ସୁଯୋଗ ଦେବାପାଇଁ ସଭ୍ୟମାନେ ଦାବି କରୁଥିଲେ । ଖେଳାଳିମାନଙ୍କୁ ସୁବିଧା ପ୍ରଦାନ ସହ, ହଜାର ହଜାର ଦର୍ଶକଙ୍କ ଗହଣରେ ଶୃଙ୍ଖଳାର ସହ ସମସ୍ତଙ୍କୁ ଆପ୍ୟାୟିତ କରି ବିରଳ ଆତିଥେୟତା ପ୍ରଦର୍ଶନ କରୁଥିବା ଯୋଗୁଁ ଖେଳାଳିଙ୍କ ପ୍ରଥମ ପସନ୍ଦ କଳାହାଣ୍ଡି ହିଁ ଥିଲା ।

Source: Author, Digitized by PPRACHIN, SOA

ଲାଲ୍‌ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ୍ ନିର୍ମାଣ :

ଷ୍ଟାଡିୟମ ନିର୍ମାଣ ପାଇଁ ଏସ୍‌ଟିମେଟ୍ ସହ ପ୍ଲାନ୍ ଏବଂ ଏକ ରିପୋର୍ଟ୍ କାର୍ଯ୍ୟକାରୀ କମିଟିର ଅନୁମୋଦନ ପାଇଁ ଉପସ୍ଥାପନ କଲି । ମୋର ପ୍ରସ୍ତାବ ଶୁଣି ସଭ୍ୟମାନେ ଏକ ସ୍ୱରରେ କହିଲେ, ‘‘ଯେଉଁ ଏସୋସିଏସନ୍ ପିଅନ୍‌ର ଦରମା ୨୦ଟଙ୍କା ନିୟମିତ ଦେଇପାରୁ ନାହିଁ ସେହି ଏସୋସିଏସନ୍ ଫେରେ ଏକଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ଟଙ୍କାରେ ଷ୍ଟାଡିୟମ୍ ନିର୍ମାଣ କରିବା ସମ୍ଭବ ନୁହେଁ । ଏହା ଏକ ଅବାସ୍ତବ ପ୍ରସ୍ତାବ’’ । ତେଣୁ ସଭ୍ୟମାନେ ମୋର ପ୍ରସ୍ତାବକୁ ନାକଚ କରିଦେଲେ ।

ସତକୁସତ ପିଅନ୍‌ର ଦରମା ଛଅମାସର ବାକି ଥିଲା ।

ମୁଁ ସଂପାଦକ ଦାୟିତ୍ୱ ଗ୍ରହଣ କଲାପରେ ତାର ସମସ୍ତ ପ୍ରାପ୍ୟ ପ୍ରଦାନ କରି ତାର ମାସିକ ଦରମା ୪୦ ଟଙ୍କାକୁ ବୃଦ୍ଧି କରିଦେଲି । ସେ ମଧ୍ୟ ବହୁତ ଖୁସି ହୋଇ ଆହୁରି ଅଧିକ ଉତ୍ସାହରେ କାମରେ ଲାଗିଗଲା । କାର୍ଯ୍ୟକାରୀ କମିଟିରେ ମାସିକ ଅଧିବେସନରେ ଷ୍ଟାଡିୟମ ପ୍ରସ୍ତାବ ଏଜେଣ୍ଡାରେ ସ୍ଥାନ ପାଉଥିଲା । ମାତ୍ର, ସଭ୍ୟମାନେ ସହମତ ହୋଇପାରୁ ନ ଥିଲେ । ମୁଁ ଯେତେ ବୁଝାଇବା ପାଇଁ ଚେଷ୍ଟା କଲେ ମଧ୍ୟ ସେମାନେ ବୁଝିବା ପାଇଁ ପ୍ରସ୍ତୁତ ନ ଥିଲେ । ତଥାପି ସଭିଙ୍କ ସହମତି ପାଇବା ପାଇଁ ଉଦ୍ୟମ ଜାରି ରଖିଲି ।

ଇଚ୍ଛା ଥିଲେ ଉପାୟ ଆପେ ଆପେ ଆସେ । ଦୃଢ଼ ଇଚ୍ଛାଶକ୍ତି ବଳରେ ଅସମ୍ଭବ ମଧ୍ୟ ସମ୍ଭବ ହୋଇଥାଏ । ବର୍ତ୍ତମାନର କର୍ମ ଉପରେ ଭବିଷ୍ୟତର ଭିତ୍ତିଭୂମି ଗଢ଼ି ଉଠିଥାଏ । କାର୍ଯ୍ୟ ହାସଲ ପାଇଁ ନିଜ ଭିତରେ ଦୃଢ଼ ଇଚ୍ଛାଶକ୍ତି, ସଂକଳ୍ପଟିଏ ଲୋଡ଼ା ।

ଏ ମଧ୍ୟରେ କଳାହାଣ୍ଡି ଜିଲ୍ଲାପାଳ ବଦଳି ହୋଇଯାଇଥାନ୍ତି । ନୂତନ ଜିଲ୍ଲାପାଳ ମଧ୍ୟ ଆସି ନ ଥାନ୍ତି । ଏ.ଡି.ଏମ୍. ପି.ସି. ପଣ୍ଡା ଜିଲ୍ଲାପାଳ ଦାୟିତ୍ୱରେ ଥାନ୍ତି । ତାଙ୍କ ଅଫିସ୍‌ରେ ଏସୋସିଏସନ୍‌ର ମିଟିଙ୍ଗ୍ ବସିଥାଏ । ସେଠି ମଧ୍ୟ ଷ୍ଟାଡିୟମ୍ ନିର୍ମାଣ ପ୍ରସ୍ତାବ ମୁଁ ଉପସ୍ଥାପନ କଲି ।

କଲେକ୍ଟର୍ ଇନ୍‌ଚାର୍ଜ୍ ମହାଶୟ ମୋ ମୁହଁକୁ ଚାହିଁ କହିଲେ, ‘‘ତୁମେ ପ୍ରାୟ ଅନେକ ମିଟିଙ୍ଗ୍‌ରେ ଷ୍ଟାଡିୟମ୍ ନିର୍ମାଣ କଥା ଉଠାଉଛ । ମାତ୍ର, କେଉଁଆଡୁ ଏତେ ଟଙ୍କା ଆସିବ’’ ?

ମୁଁ ତାଙ୍କୁ କହିଲି, ‘‘କଳାହାଣ୍ଡିର ଲୋକସଂଖ୍ୟା ୫ ଲକ୍ଷରୁ ଉର୍ଦ୍ଧ୍ୱ । ସେମାନଙ୍କ ମଧ୍ୟରୁ ଲକ୍ଷେ ଲୋକ ଯଦି ଏକ ଟଙ୍କା ଲେଖାଏଁ ଦେବେ ଏକ ଲକ୍ଷ ଟଙ୍କା ଆଦାୟ ହୋଇଯିବ । ସେହି ଟଙ୍କାରେ ଆମେ ଷ୍ଟାଡିୟମ୍ ନିର୍ମାଣ କରିପାରିବା । ବହୁ ବଦାନ୍ୟ ବ୍ୟକ୍ତି ୫, ୧୦, ୨୦ ଟଙ୍କା ସାହାଯ୍ୟ ଦେଇ ପାରିବେ । କେବଳ ମନ ଏବଂ ଆଗ୍ରହ

Source: Author, Digitized by PPRACHIN, SOA

ଥିଲେ ଏହା ସମ୍ଭବ । ସେଥିପାଇଁ ଉଦ୍ୟମ ଦରକାର । ସମସ୍ତଙ୍କ ସହଯୋଗ ଦରକାର'' ।

ମୋଠୁ ଏଭଳି କଥା ଶୁଣି ଏବଂ ଏଥିପାଇଁ ସମସ୍ତଙ୍କ ସହଯୋଗ ହେଲେ ଏହା ସମ୍ଭବ ବୋଲି ମୁଁ ଦୃଢ଼ ସ୍ୱରରେ କହିବା ପରେ ତାଙ୍କ ମନରେ ତାର ପ୍ରଭାବ ପଡିଲା ।

ସେ ମୁହଁରେ ହସ ଖେଳାଇ ଉତ୍ସାହର ସହିତ କହିଲେ, ''ତୁମ ଯୋଜନାର ଚିନ୍ତାଧାରା ସମସ୍ତଙ୍କ ପାଇଁ ଗ୍ରହଣୀୟ । ମୁଁ ପ୍ରଥମେ ଏକ ଟଙ୍କା ଷ୍ଟାଡିୟମ୍ ନିର୍ମାଣ ପାଇଁ ପ୍ରଦାନ କଲି'' । କଲେକ୍ଟର୍ ମହାଶୟ ତାଙ୍କ ସାର୍ଟ୍ ପକେଟ୍‌ରୁ ଏକ ଟଙ୍କା କାଢ଼ି ମୋ ହାତରେ ଅର୍ପଣ କଲେ । ଉପସ୍ଥିତ ସମସ୍ତ ସଭ୍ୟଙ୍କୁ ଦେଖିନେଇ କହିଲେ, ''ଆପଣ ମାନେ ମଧ୍ୟ କିଛି ସାହାଯ୍ୟ କରନ୍ତୁ'' । ଯାହା ପାଖରେ ଟ.୧, ଟ.୨, ଟ.୫, ଟ.୧୦ ଥିଲା ସମସ୍ତେ ପ୍ରଦାନ କଲେ । ସେଠାରେ ସର୍ବମୋଟ ଟ.୪୭ଙ୍କା ଆଦାୟ ହେଲା ।

ସେହି ସଂଗୃହୀତ ଟଙ୍କା ଦେଖି ଉତ୍ସାହିତ ହୋଇ ମୁଁ ଆନନ୍ଦରେ ଗଦ୍‌ଗଦ୍ ହୋଇ କହିଲି ''ଏଥର ଷ୍ଟାଡିୟମ୍ ନିର୍ମାଣ ହେବ'' ।

ଷ୍ଟାଡିୟମ୍ ନିର୍ମାଣ ପାଇଁ କାର୍ଯ୍ୟକାରୀ କମିଟି ଅନୁମୋଦନ କଲା । ଏତେ ଦିନର ଆଶା କାର୍ଯ୍ୟକାରୀ କମିଟିଦ୍ୱାରା ଗୃହୀତ ହେବା ଯୋଗୁଁ ମୁଁ ଆନନ୍ଦିତ ହେଲି । ମନରେ ବିପୁଳ ଉତ୍ସାହ ଖେଳିଗଲା ।

ଅନୁମୋଦନ ପରେ ମୋର ଦାୟିତ୍ୱ ବୃଦ୍ଧି ପାଇଲା । ପି.ଡବ୍ଲୁ.ଡି. ସରକାରୀ ସଂସ୍ଥା ଦ୍ୱାରା ନିର୍ମାଣ କରିବା ପାଇଁ ସ୍ଥିର ହେଲା । ମାତ୍ର, ସେମାନେ ୧୫% ସୁପରଭିଜନ୍ ଚାର୍ଜ୍ ନେବେ । ଏଷ୍ଟିମେଟ୍‌ର ସମସ୍ତ ଟଙ୍କା ଆଗରୁ ଡିପୋଜିଟ୍ କରିବାକୁ ପଡିବ । ଆମ ପାଖରେ ଏତେ ଟଙ୍କା ନାହିଁ । ସୁପରଭିଜନ୍ ଚାର୍ଜ ଅଧିକ ଯୋଗୁଁ ଆମ ଖର୍ଚ୍ଚ ବଢ଼ିଯିବ ।

ଆମ ଜିଲ୍ଲାର ଦୟାନିଧି ବାବୁ ସେତେବେଳେ ପୂର୍ତ୍ତ ବିଭାଗର କ୍ୟାବିନେଟ୍ ମନ୍ତ୍ରୀ ଥିଲେ । ମୁଁ ତାଙ୍କୁ ଯାଇ ଭେଟିଲି । ସୁପରଭିଜନ୍ ଚାର୍ଜ୍ ୨% ବଲାଙ୍ଗିର ଜିଲ୍ଲାର ରେଡକ୍ରସ୍ ବିଲ୍‌ଡିଙ୍ଗ୍ ପାଇଁ ଦିଆଯାଇଥିବା ଦୃଷ୍ଟିରୁ ସର୍ବସାଧାରଣ କ୍ରୀଡା ଅନୁଷ୍ଠାନକୁ ମଧ୍ୟ ସେହିଭଳି ୨%ରେ ସୁପରଭିଜନ ଚାର୍ଜ ନେଇ କାର୍ଯ୍ୟ କରିବା ପାଇଁ ଅନୁରୋଧ କଲି । ମାତ୍ର, ତାହା ସମ୍ଭବ ହେଲା ନାହିଁ । ତେଣୁ ନିରାଶ ହୋଇ ଫେରିଆସିଲି ।

କାର୍ଯ୍ୟକାରୀ କମିଟିରେ ସମସ୍ତ ବିଷୟ ପୁଙ୍ଖାନୁପୁଙ୍ଖ ଭାବରେ ଆଲୋଚନାହେଲା । ସର୍ବସମ୍ମତି କ୍ରମେ ସ୍ଥିର ହେଲା, ଏସୋସିଏସନ୍ ପାଇଁ ଜଣେ ଦକ୍ଷ ଇଞ୍ଜିନିୟର୍ ସ୍ୱେଚ୍ଛାରେ ତଦାରଖ କଲେ, ଏସୋସିଏସନ୍ ଜଣେ ଠିକାଦାରଙ୍କୁ ଦାୟିତ୍ୱ ଅର୍ପଣ କରିବ । କେତେ ସଭ୍ୟ କହିଲେ ପି.ଡବ୍ଲୁ.ଡି. ଇଞ୍ଜିନିୟରଙ୍କୁ ଅନୁରୋଧ କରାଯାଉ । ସରକାର ସୁପରଭିଜନ୍ ଚାର୍ଜ୍ ୧୫% ରୁ କମାଇବା ସମ୍ଭବ ନୁହେଁ, ଜାଣିଲା ପରେ ପି.ଡବ୍ଲୁ.ଡି. ଇଞ୍ଜିନିୟର୍

Source: Author, Digitized by PPRACHIN, SOA

ଆମ ଦାୟିତ୍ୱ ଗ୍ରହଣ କରିବା ସମ୍ଭବ ନୁହେଁ । ତେଣୁ ସବୁ ଦିଗରୁ ବିଚାର କରି ମୁଁ ମତ ଦେଲି, ''ଇନ୍ଦ୍ରମଣି କର ଜଣେ ଦକ୍ଷ ଇଞ୍ଜିନିୟର । ତାଙ୍କୁ ଅନୁରୋଧ କରାଯାଉ'' । ମୋ କଥା ସଭିଙ୍କ ମନକୁ ପାଇଲା । ତେବେ କିଏ ଠିକା ନେବ ? ପୁରୁଣାପଡାର ଗଉନ୍ତିଆ ଘାସିରାମ ପ୍ରଧାନ ସେତେବେଳେ ନାମଜାଦା ଠିକାଦାର ରୂପେ ଜଣାଶୁଣା ଥିଲେ । ତେଣୁ ବହୁ ଆଲୋଚନା ପରେ ତାଙ୍କୁ ଅନୁରୋଧ କରିବା ପାଇଁ ସ୍ଥିର ହେଲା । ଏସୋସିଏସନ୍‌ର ତିନିଜଣ ସଦସ୍ୟ ତାଙ୍କ ସହିତ ସାକ୍ଷାତ କରି ଷ୍ଟାଡିୟମ୍ ନିର୍ମାଣ କାମ କରିବା ପାଇଁ ଅନୁରୋଧ କଲୁ । ଆମଠୁ ସମସ୍ତ କଥା ଶୁଣି ସେ ମନା କଲେ । ''ମୁଁ ଅନେକ କାର୍ଯ୍ୟରେ ବ୍ୟସ୍ତ । ତେଣୁ ଆପଣମାନଙ୍କ କାମ ନେବା ମୋ ପକ୍ଷେ ସମ୍ଭବ ହେବ ନାହିଁ'' । ତାଙ୍କଠୁ ନିରାଶବାଣୀ ଶୁଣି ଆମେ ଫେରି ଆସିଲୁ ।

ଉପଯୁକ୍ତ ଠିକାଦାର ନ ହେଲେ ଏତେ ବଡ କାମ କରିବା ସହଜ ନୁହେଁ । ଆମ ଭିତରେ ବହୁ ଆଲୋଚନା ପରେ ସର୍ବସମ୍ମତି କ୍ରମେ କ୍ଷୀରାବ୍ଧି ବିଶ୍ୱାଳଙ୍କୁ ଦାୟିତ୍ୱ ଦେବା ପାଇଁ ସ୍ଥିର ହେଲା । ତାଙ୍କ ମତାମତ ମଧ୍ୟ ନିଆଗଲା । ଆମର ଆର୍ଥିକ ପରିସ୍ଥିତି ମଧ୍ୟ ତାଙ୍କୁ ସୂଚାଇ ଦିଆଗଲା । ସବୁ ଜାଣି, ସେ ଆଗ୍ରହରେ ଷ୍ଟାଡିୟମ୍ କାମ କରିବା ପାଇଁ ସମ୍ମତି ପ୍ରଦାନ କଲେ ।

ଇଞ୍ଜିନିୟର୍ ଇନ୍ଦ୍ରମଣି କର ତାଙ୍କ ଖଲାରେ ଥାନ୍ତି । ତାଙ୍କ ପାଖକୁ ଯାଇ ସାକ୍ଷାତ କଲୁ । ମୁଁ ସବୁ କଥା କହିଲି । ଆପଣ ଆମ ଷ୍ଟାଡିୟମ୍ କାମର ତଦାରଖ ଦାୟିତ୍ୱ ଗ୍ରହଣ କଲେ ଆମେ ଉପକୃତ ହେବୁ ।

ମୋ'ଠୁ ସମସ୍ତ କଥା ଶୁଣି ଷ୍ଟାଡିୟମ୍‌ର ଆର୍ଥିକ ପରିସ୍ଥିତି ଜାଣି ଏବଂ ଠିକାଦାରଙ୍କ ପେମେଣ୍ଟ ଦେବାରେ କୌଣସି ଅସୁବିଧା ହେବ ନାହିଁ ବୋଲି ନିର୍ଭର ପ୍ରତିଶ୍ରୁତି ପାଇବାପରେ ସେ ଦାୟିତ୍ୱ ନେବା ପାଇଁ ସମ୍ମତି ପ୍ରଦାନ କଲେ ।

ମୁଁ ପୁଣି କହିଲି, ''ଏଥିପାଇଁ ଆପଣଙ୍କୁ ଆମେ ଅଧିକ ଆର୍ଥିକ ସାହାଯ୍ୟ ଦେଇପାରିବୁ ନାହିଁ । ଯାହା... ଆବଶ୍ୟକ...''।

ସେ ହସି କହିଲେ, ''ତୁମେ ସବୁ ଯେମିତି ସ୍ୱେଚ୍ଛାରେ କାମ କରି ଚାଲିଛ, ସେଇଭଳି ମୁଁ ମଧ୍ୟ ସ୍ୱେଚ୍ଛାରେ କାମ କରିବି । ତୁମମାନଙ୍କ ପରିଶ୍ରମ ତୁଳନାରେ ମୋ ପରିଶ୍ରମ ଅଧିକ ନୁହେଁ ''।

ତାଙ୍କଠୁ ଏତକ ଶୁଣି ଆମେ ବହୁତ ଖୁସି ହେଲୁ । ମୁଁ ତାଙ୍କୁ ଷ୍ଟାଡିୟମ୍‌ର ପ୍ଲାନ ଦେଖାଇଲି । ପ୍ରଥମେ ଖେଳପଡିଆର ଚତୁଃପାର୍ଶ୍ୱ ୭ ଏକର ଜମିରେ ଆଠଫୁଟ ଉଚ୍ଚର ପାଚେରୀ ନିର୍ମିତ ହେବ । ପୁନାଦି କଂକ୍ରିଟ ପଡିବ । ୨୫ ଇଞ୍ଚ ପିଲାର୍ ଏବଂ ୧୫ ଇଞ୍ଚ ଦିୱାଲ୍ ନିର୍ମିତ ହେବ । ମୋଠୁ ସମସ୍ତ କଥା ଶୁଣି ସେ କହିଲେ, ''ମୋତେ

Source: Author, Digitized by PPRACHIN, SOA

ପ୍ଲାନ ଦେଇଯାଅ, ମୁଁ ତାର ଏଷ୍ଟିମେଟ୍ ତିଆରି କରିଦେବି'' । ମୋତେ ଦେଖି ପୁଣି କହିଲେ, ''ନାତିଆ... ଦୁଇ ଦିନ ପରେ ଘରକୁ ଆସିବ । ସବୁ କାଗଜ ନେଇଯିବ'' ।

କଥାବାର୍ତ୍ତା କରି ଆମେ ଫେରି ଆସିଲୁ । ମୋ ମୁଣ୍ଡରୁ ଏକ ବିରାଟ ବୋଝ ଖସି ଯାଇଥାଏ ।

ଇଞ୍ଜିନିୟର୍ ହିସାବରେ ଇନ୍ଦ୍ରମଣି କର ଜଣେ ଦକ୍ଷ ବ୍ୟକ୍ତି । ରାଜୁଡା ସମୟରୁ ତାଙ୍କ କାର୍ଯ୍ୟ ଦକ୍ଷତା ପ୍ରମାଣିତ । ତେଣୁ ତାଙ୍କ ତଦାରଖରେ ଷ୍ଟାଡିୟମ୍ କାମ ହୋଇ ପାରିବ ବୋଲି ମୋର ବିଶ୍ୱାସ ଜାତ ହେଲା ।

--

Source: Author, Digitized by PPRACHIN, SOA

ପଞ୍ଚମ ପରିଚ୍ଛେଦ

ବିଜୁ ପଟ୍ଟନାୟକଙ୍କ ସାନ୍ନିଧ

ଭବାନୀପାଟଣାରେ ବିଜୁ ପଟ୍ଟନାୟକ :

ସାଧାରଣ ନିର୍ବାଚନ ଘୋଷଣା ହୋଇ ଯାଇଥାଏ । ରାଜନୈତିକ ଦଳମାନେ ନିର୍ବାଚନ ପାଇଁ ପ୍ରସ୍ତୁତିରେ ଲାଗିଯାଇଥାନ୍ତି । ଦିନକୁ ଦିନ ରାଜନୀତିର ଉଷ୍ଣତା ବୃଦ୍ଧି ପାଇବାରେ ଲାଗିଥାଏ । ରାଜନୈତିକ ଶୋଭାଯାତ୍ରା, ସଭା ଆରମ୍ଭ ହୋଇ ଯାଇଥାଏ । କଳାହାଣ୍ଡି ଜିଲ୍ଲାକୁ ବିଜୁ ପଟ୍ଟନାୟକଙ୍କ ଗସ୍ତ ମଧ୍ୟ ଆରମ୍ଭ ହୋଇ ଯାଇଥାଏ । ସେ କଂଗ୍ରେସ ଦଳର କର୍ଣ୍ଣଧାର ରୂପେ ନିର୍ବାଚନରେ ନେତୃତ୍ୱ ନେଇଥାନ୍ତି । କଳାହାଣ୍ଡି ଜିଲ୍ଲା କଂଗ୍ରେସ ଦଳ ତରଫରୁ ଭବାନୀପାଟଣା ସହରର ମଧ୍ୟସ୍ଥଳୀ ଗାନ୍ଧୀଛକଠାରେ ସାଧାରଣସଭା ପାଇଁ ପେଣ୍ଡାଲ୍ ପ୍ରସ୍ତୁତ କରାଯାଇଥାଏ । ବାର୍‌ଲାଇଟ୍ ଝଲମଲରେ ସ୍ଥାନଟି ଝଲସି ଉଠୁଥାଏ । ଧୀରେ ଧୀରେ ଜନଗହଳି ବଢ଼ି ଚାଲିଥାଏ । ଦଳ ତରଫରୁ ମାଇକ୍‌ରେ ବାରମ୍ବାର ଘୋଷଣା ହେଉଥାଏ, ବିଜୁ ପଟ୍ଟନାୟକ ଅଳ୍ପ ସମୟ ମଧ୍ୟରେ ଆସି ପହଞ୍ଚିଯିବେ ।

ଲୋକଙ୍କ ଭିତରେ ବିଜୁ ପଟ୍ଟନାୟକଙ୍କ ଆଗମନ ନେଇ ଉତ୍ସୁକତା ବଢ଼ି ଚାଲିଥାଏ । ଯଥା ସମୟରେ ବିଜୁ ପଟ୍ଟନାୟକ ସଭାସ୍ଥଳକୁ ଆସି ଉପସ୍ଥିତ ହଜାର ହଜାର ଜନତାଙ୍କୁ ତାଙ୍କ ଚିରାଚରିତ ଢ଼ଙ୍ଗରେ ହାତ ହଲାଇ ଅଭିବାଦନ ଜଣାଇଲେ । ବିଜୁ ପଟ୍ଟନାୟକ ଜିନ୍ଦାବାଦ ଧ୍ୱନିରେ ସଭାସ୍ଥଳ କମ୍ପି ଉଠିଲା । ଜିଲ୍ଲା ସ୍ତରୀୟ ନେତାମାନଙ୍କ ସଂକ୍ଷିପ୍ତ ଭାଷଣ ଗୋଟିଏ ପରେ ଗୋଟିଏ ଶେଷ ହେଲା ।

ବିରୋଧୀଙ୍କ ହିଂସାତ୍ମକ ପ୍ରତିକ୍ରିୟା :

ବିଜୁ ପଟ୍ଟନାୟକ ମଞ୍ଚରେ ସଦର୍ପେ ଛିଡା ହୋଇ ତାଙ୍କ ଭାଷଣ ଦେବାପାଇଁ ଆରମ୍ଭ କରିବା କ୍ଷଣି, ଆଗରୁ ପ୍ରସ୍ତୁତ ହୋଇ ରହିଥିବା ବିରୋଧୀ ସ୍ୱତନ୍ତ୍ରଦଳର କିଛି ଲୋକ ପାଟିତୁଣ୍ଡ କରି ସଭା ମଞ୍ଚକୁ ଟେକା ପଥର ବୃଷ୍ଟି କଲେ । ଟେକା ପଥର ମାଡରେ ବାର୍‌ଲାଇଟ ସବୁ ଗୋଟି ଗୋଟି ଢୁ ଢୁ ହୋଇ ଫାଟି ଯିବାରୁ କ୍ଷଣିକ ମଧ୍ୟରେ

Source: Author, Digitized by PPRACHIN, SOA

ସ୍ଥାନଟି ଅନ୍ଧକାର ହୋଇଗଲା । ସେହି ଅନ୍ଧକାରର ସୁଯୋଗ ନେଇ ଭଡାଟିଆ ଗୁଣ୍ଡାମାନେ ଏବଂ କିଛି ରାଜନୈତିକ ପ୍ରତିହିଂସା ପରାୟଣ ବ୍ୟକ୍ତି ଠେଙ୍ଗାରେ ବିଜୁ ପଟ୍ଟନାୟକଙ୍କ ମୁଣ୍ଡକୁ ଶକ୍ତ ପ୍ରହାର କଲେ । ସେହି ଶବ୍ଦ ଶୁଣି ପାଖରେ ଥିବା ଲୋକ ଚମକି ପଡିଲେ । ବିଜୁ ପଟ୍ଟନାୟକଙ୍କ ମୁଣ୍ଡ ଫାଟି ଝରଝର ରକ୍ତ ବୋହିଲା । ତାଙ୍କର ସମସ୍ତ ଖଦଡ କୁର୍ତ୍ତା, ଧୋତି ରକ୍ତାକ୍ତ ହୋଇଗଲା । ଦୁର୍ବୃତ୍ତମାନେ ସେଥିରେ ଶାନ୍ତ ହେଲେ ନାହିଁ । ଯେତେ କଂଗ୍ରେସ ଦଳର ମୁଖ୍ୟ ଉପସ୍ଥିତ ଥିଲେ, ସେମାନେ ସମସ୍ତଙ୍କ ମୁଣ୍ଡ ଫଟାଇ କ୍ଷତ ବିକ୍ଷତ କରି ରକ୍ତାକ୍ତ କରି ପକାଇଲେ । ସଭାସ୍ଥଳ ପାଟି ତୁଣ୍ଡରେ କମ୍ପି ଉଠିଲା । ସତେ ଯେପରି ତାହା ଏକ ରଣ କ୍ଷେତ୍ରରେ ପରିଣତ ହୋଇ ଯାଇଥାଏ ।

ଜଣେ କଂଗ୍ରେସ କର୍ମୀ ଯୋଗାଡ କରି ଏକ ପେଟ୍ରୋମାକ୍ସ ଲାଇଟ ଆଣି ପେଣ୍ଡାଲ୍ ଉପରେ ରଖିଲେ । କିଛି କଂଗ୍ରେସ କର୍ମୀ ରକ୍ତାକ୍ତ କଂଗ୍ରେସ ନେତାଙ୍କୁ ଗାଡିରେ ବସାଇ ହସ୍‌ପିଟାଲ୍ ନେଇଯାଉଥାନ୍ତି, ସେବା ଶୁଶ୍ରୂଷା ପାଇଁ ।

ବିଜୁ ପଟ୍ଟନାୟକଙ୍କ ଅବସ୍ଥା ଗୁରୁତର ହୋଇ ପଡୁଥାଏ ଏବଂ ମୁଣ୍ଡରୁ ଅଜସ୍ର ରକ୍ତସ୍ରାବ ହୋଇ ସମଗ୍ର ଶରୀର ରକ୍ତାକ୍ତ ହୋଇ ଯାଇଥାଏ । ମାତ୍ର, ଏତେ ସତ୍ତ୍ୱେ ସେ ସଭାସ୍ଥଳ ଛାଡିବା ପାଇଁ ପ୍ରସ୍ତୁତ ନ ଥିଲେ । ମୁଣ୍ଡରେ ଆଘାତ ଯନ୍ତ୍ରଣା ଯୋଗୁଁ ଆଖିପତା ମୁଦି ହୋଇ ଯାଉଥାଏ ।

ମୁଁ ଏଠି ସଭା କରିଯିବି । ଅନ୍ୟମାନଙ୍କୁ ତୁରନ୍ତ ହସପିଟାଲ ନେଇଯାଅ । କର୍ମୀମାନେ ଆହୁରି ତତ୍‌ପର ହୋଇ ଉଠିଲେ । ଆଘାତ ପ୍ରାପ୍ତ ଲୋକଙ୍କୁ ହସ୍‌ପିଟାଲ୍ ନେବାପାଇଁ । ସଭା ସ୍ଥଳରେ ଏକ ପ୍ରକାର ବିଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୋଇ ଯାଇଥାଏ । ପୁଲିସ ପରିସ୍ଥିତିକୁ ଦେଖି ଟେକାପଥର ଫିଙ୍ଗୁଥିବା ଲୋକଙ୍କୁ ଘଉଡାଇବା ଆରମ୍ଭ କରିଦେଲା ।

ବିଜୁବାବୁଙ୍କ ଉଦ୍‌ବୋଧନ :

ମୁଁ ସେତେବେଳେ ଖେଳପଡିଆରୁ ମ୍ୟାଚ ଶେଷ କରି ବନ୍ଧୁମାନଙ୍କ ସହ ଷ୍ଟାଡିୟମ କାମ କେବେ ଆରମ୍ଭ କରାଯାଇ ପାରିବ ସେ ସମ୍ବନ୍ଧରେ ଆଲୋଚନା କରି, ସାଇକେଲରେ ଫେରି ଆସିଲି । ଗାନ୍ଧୀଚୌକରେ ଲୋକେ ଧାଁ ଦୌଡ କରୁଥିବା ଦେଖିଲି । ଜନତାଙ୍କ ଭିଡ ଭିତରେ ସାଇକେଲ ନେବା ସମ୍ଭବ ନ ଥିବା ଯୋଗୁଁ, ପାଖ ଦୋକାନରେ ସାଇକେଲ ଷ୍ଟାଣ୍ଡ ଦେଇ ତାଲା ପକାଇ ରଖିଦେଲି । ଦୋକାନୀଠୁ ସବୁକଥା ଶୁଣିନେଲି । ବାପା ମଧ୍ୟ ଦୁର୍ବୃତ୍ତମାନଙ୍କଦ୍ୱାରା ଆଘାତ ପ୍ରାପ୍ତ ହୋଇ ଡାକ୍ତରଖାନାରେ ରହିଥାନ୍ତି । କିଛି ସମୟ ପରେ ଶୁଣିଲି, ବାପା ବେଣ୍ଡିଜ୍ ବାନ୍ଧି ଘରକୁ

Source: Author, Digitized by PPRACHIN, SOA

ଫେରି ଆସିଲେଣି । ଷ୍ଟେଜ୍ ପାଖକୁ ଚାଲିଗଲି । ବିଜୁ ପଟ୍ଟନାୟକ ରକ୍ତାକ୍ତ ହୋଇ ବସି ରହିଥାନ୍ତି । ଆଖି ପତାରେ ମଧ୍ୟ ମାଡ ବାଜି ଫୁଲି ଯାଇଥାଏ । ମୁଣ୍ଡରୁ ରକ୍ତ ବୋହି ଚାଲିଥାଏ । ଗୋଟିଏ ଗାମୁଛା ଭିଡି ହୋଇଥିଲେ ମଧ୍ୟ ମୁଣ୍ଡରୁ ରକ୍ତସ୍ରାବ ବନ୍ଦ ହେଉ ନ ଥାଏ । ତଥାପି ସଭାରେ ଭାଷଣ ଦେବା ପାଇଁ ମାଇକ୍ ପ୍ରସ୍ତୁତ କରିବା ପାଇଁ କହିଲେ । ମାଇକ୍ ବାଜି ଉଠିଲା । ବିଜୁ ପଟ୍ଟନାୟକ ଦୁଇଜଣଙ୍କ ସାହାଯ୍ୟରେ ଛିଡା ହୋଇ ଅଳ୍ପ ସମୟ ପାଇଁ ଭାଷଣ ଦେଲେ । ‘‘ସାମନ୍ତବାଦୀ ରାଜା ମହାରାଜାମାନଙ୍କ ଦିନ କାଳ ସରି ଆସୁଛି । ଯେଉଁମାନେ ଆଜି ମୋର ଉପରେ ତଥା ମୋ’ ଦଳ ଉପରେ ଆକ୍ରମଣ କରିଛନ୍ତି ଦିନ ଆସିବ ସେମାନେ ମଧ୍ୟ ଏହିଭଳି ଦଶା ଭୋଗିବେ । ଚୋରଙ୍କ ଭଳି ଲୁଚି ପଥର ଫିଙ୍ଗିବା, ସଭା ଭଣ୍ଡୁର କରିବା ଏ କେଉଁ ପୌରୁଷତା’’ ? ସେ ଆଉ କିଛିକ୍ଷଣ ଅସ୍ପଷ୍ଟ ସ୍ୱରରେ କହି ବସି ପଡିଲେ ।

ବିଜୁବାବୁଙ୍କ ନିର୍ଦ୍ଦେଶକ୍ରମେ ସଭାମଞ୍ଚରେ ମୋର ପ୍ରତିବାଦ :

ମୁଁ ପାଖରେ ଛିଡା ହୋଇଥିଲି । ମୋତେ ଦେଖି କହିଲେ, ‘‘ରାସବିହାରୀ, ଭାଷଣ ଦେ । ମୁଁ ବସୁଛି’’ । ମୁଁ ତାଙ୍କ ମୁହଁକୁ ଥରେ ଅନାଇ ଦେଇ ତାଙ୍କଠୁ ମାଇକ ନେଇ ଭାଷଣ ଦେଲି । ରାଜନୈତିକ ଦଳ ସହ ମୁଁ ସଂପୃକ୍ତ ନୁହେଁ । ବାପା ଜିଲ୍ଲା କଂଗ୍ରେସ ଦଳର ସଭାପତି ଥିଲେ ମଧ୍ୟ ମୁଁ ରାଜନୀତିରେ ଜଡିତ ନ ଥିଲି । ମାତ୍ର, ସେଦିନର ଘଟଣା, ମୋ ବାପାଙ୍କ ଉପରେ ଆକ୍ରମଣ, ବିଜୁ ପଟ୍ଟନାୟକଙ୍କ ଅବସ୍ଥା ଦେଖି ମୋ ମନରେ ଏକ ଉତ୍ତେଜନା ଭାବ ଖେଳିଗଲା । ଦୃଢ଼ ସ୍ୱରରେ ଏଭଳି ଗୁଣ୍ଡାମିକୁ ମୁଁ ବିରୋଧ କଲି । କଠୋର ସ୍ୱରରେ ନିନ୍ଦା କଲି । ‘‘ରାଜନୀତିରେ ହିଂସାକୁ ଆଶ୍ରୟ ଦେବା ଉଚିତ ନୁହେଁ । ଭାରତ ହେଉଛି ଏକ ଗଣତାନ୍ତ୍ରିକ ରାଷ୍ଟ୍ର । ଭାରତର ଜନମାନସ ପୁଞ୍ଜିବାଦ ଓ ଏକଛତ୍ରବାଦର ବିରୋଧୀ । ତେଣୁ ଯେଉଁମାନେ ହିଂସା ଆଚରଣ ପୂର୍ବକ ସମାଜରେ ଅରାଜକତା ସୃଷ୍ଟିକରି ସାମନ୍ତବାଦର ପ୍ରଭାବ ବିସ୍ତାର କରିଥାନ୍ତି ଏବଂ ଲୋକମତକୁ ଚାପି ଦେବାପାଇଁ ଉଦ୍ୟମ କରିଥାନ୍ତି ତାହା କେବେ ସଫଳ ହୋଇନଥାଏ । ଗଣତନ୍ତ୍ରର ମୂଳ ଅର୍ଥ ସମତା ମନୋଭାବ । ବର୍ତ୍ତମାନ ଆମ ସମ୍ବିଧାନରେ ଗଣତାନ୍ତ୍ରିକ ସମାଜବାଦ ଘୋଷିତ ହୋଇଛି । ସମାଜବାଦର ଅର୍ଥ ମଧ୍ୟ ସମତା ରକ୍ଷା କରିବା । ଭାରତୀୟ ସମାଜରେ ରାଜନୈତିକ, ଆର୍ଥିକ ସମତା ସାଙ୍ଗକୁ ସାମାଜିକ ସମତା ମଧ୍ୟ ଲୋଡା’’ । ଏହି ଭାବରେ ମୋର ଓଜସ୍ୱିନୀ ଭାଷଣ ଦେଇ ନୀରବ ରହିଲି । ଉପସ୍ଥିତ ଜନତା ମଧ୍ୟ ନୀରବରେ ମୋ ଭାଷଣ ଶୁଣିଲେ ।

ବିଜୁ ପଟ୍ଟନାୟକ ମୋତେ ଦେଖି କହିଲେ, ତୁ ତ ଭଲ ଭାଷଣ ଦେଉଛୁ ।

Source: Author, Digitized by PPRACHIN, SOA

କାଲିଠୁ ମୋର କଳାହାଣ୍ଡି, ବଲାଙ୍ଗିର ଗସ୍ତରେ, ତୁ ମୋ ସହିତ ରହି ଭାଷଣ ଦେବୁ। ଧନ୍ୟବାଦ ଦେଇ ମିଟିଙ୍ଗ ଶେଷ କରାଗଲା ।

ବିଜୁବାବୁଙ୍କ ବ୍ୟକ୍ତିତ୍ୱ :

ତୁରନ୍ତ ବିଜୁ ବାବୁଙ୍କ ଚିକିତ୍ସା ପାଇଁ ସମସ୍ତେ ବ୍ୟସ୍ତ ହୋଇପଡିଲେ । ତାଙ୍କୁ ଗାଡିରେ ବସାଇ ଆଇ.ବି.କୁ ନିଆଗଲା । ଆଗରୁ ଡାକ୍ତରମାନେ ଆସି ଅପେକ୍ଷା କରି ରହିଥିଲେ । ସାଙ୍ଗେ ସାଙ୍ଗେ ତାଙ୍କ ମୁଣ୍ଡର ରକ୍ତସ୍ରାବ ବନ୍ଦ କରିବା ପାଇଁ ଡାକ୍ତରମାନେ ଲାଗିପଡି ମୁଣ୍ଡକୁ ସଫା କରି ପଟି ବାନ୍ଧିଦେଲେ । ଇଞ୍ଜେକସନ, ଔଷଧ ଦେଲେ । କିଛି କ୍ଷଣ ପରେ ସାମାନ୍ୟ ତରଳ ଖାଦ୍ୟ ଖାଇ ପୂର୍ଣ୍ଣ ବିଶ୍ରାମ ନେବାପାଇଁ ଡାକ୍ତରମାନେ ପରାମର୍ଶ ଦେଲେ । ସେ ଟିକିଏ ସୁସ୍ଥବୋଧ କରି ତାଙ୍କ ଲୋକଙ୍କୁ କିଛି ପରାମର୍ଶ ଦେଇ ବିଶ୍ରାମ ନେଲେ ।

ଜଣେ ଦକ୍ଷ କ୍ରୀଡାବିତ, ଖେଳାଳି, ଚମ୍ପିୟାନ ବିଜୁ ପଟ୍ଟନାୟକ ମୁଣ୍ଡରେ ଏଭଳି ଆଘାତ ପାଇବା ସତ୍ତ୍ୱେ ତାଙ୍କ କ୍ରୀଡା ମନୋଭାବ ସ୍ପଷ୍ଟ ବାରି ହେଉଥାଏ । କଟକରୁ ପେଶୱାର ୪୦୦୦ କିଲୋମିଟର ସେ ସାଇକେଲରେ ଦୁଃସାହାସିକ ଯାତ୍ରା କରିଥିଲେ । ବିଜୁ ବାବୁ ଥିଲେ ଏକ ଦୁର୍ଦ୍ଧର୍ଷ ପାଇଲଟ୍ । ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଋଷିଆ ଯାଇ ନାଜି ବିରୋଧୀ ଲାଲ୍ ବାହିନୀକୁ ସାହାଯ୍ୟ କରିଥିଲେ । ୧୯୪୭ ମସିହାରେ କାଶ୍ମୀର ଉପରେ ପାକିସ୍ତାନର ଅଚାନକ ଆକ୍ରମଣକୁ ପ୍ରତିରୋଧ କରିବା ପାଇଁ କାଶ୍ମୀରକୁ ପ୍ରଥମ ସେନାଦଳ ନେଇ ଶ୍ରୀନଗର ବିମାନ ଘାଟିରେ ପହଞ୍ଚାଇ ଥିଲେ । ୧୯୬୨ ମସିହାରେ ଚୀନ ଆକ୍ରମଣ ବେଳେ କଳିଙ୍ଗ ଏୟାରୱେଜ ସମେତ ନେଫା, ଲଦାଖ ଅଞ୍ଚଳକୁ ବିମାନ ନେଇ ଅତ୍ୟାବଶ୍ୟକ ସାମଗ୍ରୀ ପହଞ୍ଚାଇଥିଲେ । ଡଚ ସୈନ୍ୟଙ୍କ କଡା ପହରା ସତ୍ତ୍ୱେ, ନିଜ ଜୀବନକୁ ବିପନ୍ନ କରି ଭାରତର ପ୍ରଧାନମନ୍ତ୍ରୀ ପଣ୍ଡିତ ନେହେରୁଙ୍କ ପରାମର୍ଶରେ ସୁକର୍ଣ୍ଣ ପ୍ରଭୃତିଙ୍କୁ ନିଜ ବିମାନରେ ଉଡାଇ ଆଣି ଉଦ୍ଧାରକରି ଭାରତରେ ପହଞ୍ଚାଇ ଦେଇଥିଲେ । ଏହି ଦୁର୍ଦ୍ଧର୍ଷ ପାଇଲଟଙ୍କୁ ସୋଭିଏଟ୍ ଋଷିଆ ଋଷର ସର୍ବୋଚ୍ଚ ସମ୍ମାନ 'ଅର୍ଡର୍ ଅଫ୍ ଲେନିନ୍' ଉପାଧିରେ ଭୂଷିତ କରିଥିଲେ । ସେହିପରି ଇଣ୍ଡୋନେସିଆର ସରକାର ବିଜୁ ବାବୁଙ୍କୁ 'ଭୂମିପୁତ୍ର' ସମ୍ମାନରେ ସମ୍ମାନିତ କରିଥିଲେ । ସେ ହିଁ ଓଡିଶାରେ ଦୈନିକ ମଜୁରି ୨୫ ଟଙ୍କାକୁ ବୃଦ୍ଧି କରାଇ ଦେଇଥିଲେ ଏବଂ ରାଉରକେଲା ଇସ୍ପାତ କାରଖାନା, ସୁନାବେଡା ମିଗ୍ ବିମାନ କାରଖାନା, ପାରାଦ୍ୱୀପ ବନ୍ଦର ପ୍ରତିଷ୍ଠା କରିବାରେ ସଫଳ ହୋଇଥିଲେ ।

Source: Author, Digitized by PPRACHIN, SOA

ରାଜନୈତିକ ପରାମର୍ଶ :

ସେତେବେଳର ସେହି ଦୁର୍ଦ୍ଧର୍ଷ ବିଜୁ ପଟ୍ଟନାୟକ ଏହିଭଳି ଅମାନବିକ, କାପୁରୁଷ ଆକ୍ରମଣରେ ଅବା ବିଚଳିତ ହେବେ କାହିଁକି ? ମୁଣ୍ଡରେ ପଟିବନ୍ଧା ହୋଇଥିବା ସତ୍ତ୍ୱେ ସେ ତାଙ୍କ ଷ୍ଟେସନ୍ ୱାଗନ୍ ଭ୍ୟାନ୍‌ରେ ଆଗରୁ ସ୍ଥିର ହୋଇଥିବା ସଭାମାନଙ୍କରେ ଯୋଗଦେଲେ । ମୁଁ ତାଙ୍କ ସହିତ ବିଭିନ୍ନ ସଭାରେ ଯୋଗ ଦେଇ ଭାଷଣ ଦେଲି । ତାଙ୍କ ସହିତ ଭ୍ୟାନ୍‌ରେ ଯାତ୍ରା କଲାବେଳେ ଅନେକ ଆଲୋଚନା ହୋଇଥିଲା । କଂଗ୍ରେସ ଦଳରେ ସକ୍ରିୟ ଭୂମିକା ନିଭାଇବା ପାଇଁ ମୋତେ ପରାମର୍ଶ ଦେଲେ ।

ମାତ୍ର, ମୁଁ ସାଂସ୍କୃତିକ ଅନୁଷ୍ଠାନ, କ୍ରୀଡା ଅନୁଷ୍ଠାନରେ କାର୍ଯ୍ୟ କରୁଥିବା ଯୋଗୁଁ ରାଜନୀତି କ୍ଷେତ୍ରକୁ ବର୍ତ୍ତମାନ ଆସିବା ସମ୍ଭବ ହେବ ନାହିଁ ବୋଲି ମୋର ମତ ପ୍ରଦାନ କଲି । ସେ ମୋ କଥା ଶୁଣିଲେ, ମାତ୍ର କିଛି କହିଲେ ନାହିଁ । ତାଙ୍କ ମନରେ ମୋ ପ୍ରତି କଣ ଧାରଣା ହେଲା, ଅବଶ୍ୟ ମୁଁ କିଛି ଜାଣି ପାରିଲି ନାହିଁ । ମାତ୍ର, ମୋ ମନରେ ଧାରଣା ହେଲା, ରାଜନୈତିକ ଜୀବନରେ ଧୈର୍ଯ୍ୟ, ସାହସ ହେଉଛି ସଫଳତାର ମାପକାଠି । ବିପଦ ଆପଦକୁ ଭ୍ରୂକ୍ଷେପ ନ କରି ବିରୋଧୀଙ୍କ ଠାରେ ପ୍ରତିହିଂସା ମନୋଭାବ ପୋଷଣ ନ କରି ନିଜ କର୍ତ୍ତବ୍ୟ କରିଯିବା ଉଚିତ । ଯେଉଁମାନେ ବିଜୁ ବାବୁଙ୍କ ଉପରେ ଆକ୍ରମଣ କରି ରକ୍ତାକ୍ତ କରି ଦେଇଥିଲେ ସେମାନଙ୍କୁ ସେ ଜାଣନ୍ତି । ମାତ୍ର, ପୁଲିସ କେସ୍ କରିବାକୁ ସ୍ପଷ୍ଟ ମନା କରିଦେଲେ । ରାଜନୀତିରେ କିଏ ଶତ୍ରୁ ନୁହନ୍ତି, ସମୟ ଆସିଲେ ସେହିମାନେ ମିତ୍ର ହୁଅନ୍ତି । ତାଙ୍କ ଧୈର୍ଯ୍ୟ, ସାହସ, କ୍ଷମା ମନୋଭାବକୁ ମୁଁ ପ୍ରଶଂସା ନ କରି ରହିପାରିଲି ନାହିଁ । ଏହାହିଁ ମଣିଷ ପଣିଆ ।

— —

Source: Author, Digitized by PPRACHIN, SOA

ଷଷ୍ଠ ପରିଚ୍ଛେଦ

'କଳିଙ୍ଗ' ଖବର କାଗଜରେ ସାମ୍ବାଦିକତା

କଳିଙ୍ଗରେ ଜିଲ୍ଲା ପ୍ରତିନିଧି :

ନୂଆକରି ଦୈନିକ ଖବରକାଗଜ 'କଳିଙ୍ଗ' କଟକରୁ ପ୍ରକାଶପାଇଲା । ସୁସାହିତ୍ୟିକ, ସୁବକ୍ତା, ବାମପନ୍ଥୀ ନେତା ମନମୋହନ ମିଶ୍ର ତାହାର ସମ୍ପାଦକ ଦାୟିତ୍ୱ ବହନ କଲେ । ଦେବେନ୍ଦ୍ର ମହାନ୍ତି ପରିଚାଳନା ଦାୟିତ୍ୱରେ ରହିଲେ । ବିଜୁ ବାବୁଙ୍କ ପୂର୍ଣ୍ଣ ସହଯୋଗରେ ପ୍ରେସ୍ ପ୍ରତିଷ୍ଠିତ ହୋଇ କାର୍ଯ୍ୟ ଆରମ୍ଭହେଲା । ବିଭିନ୍ନ ଜିଲ୍ଲାରୁ ଜିଲ୍ଲା ସ୍ତରୀୟ ସାମ୍ବାଦିକମାନେ ମନୋନୀତ ହେଲେ । କଳାହାଣ୍ଡି ଜିଲ୍ଲା ପାଇଁ ଗଙ୍ଗାଧର ହୋତା ମନୋନୀତ ହେଲେ । ସେ ସକ୍ରିୟ ରାଜନୀତିରେ ଅଧିକ ସମୟ ଦେଉଥିଲେ । ପରେ କଳାହାଣ୍ଡି ଜିଲ୍ଲା ପାଇଁ ମୁଁ ମନୋନୀତ ହେଲି । ମାସିକ ଦରମା ମିଳୁ ନ ଥିଲା । ୫୦ ଟଙ୍କା ସ୍ଥାୟୀ ଭତ୍ତା ସହ, ପ୍ରତି କଲମ ନ୍ୟୁଜ୍ ପାଇଁ ପାଞ୍ଚଟଙ୍କା ପ୍ରଦାନ କରାଯାଉଥିଲା । ମାସ ଶେଷ ବେଳକୁ ଯେତେ କଲମ ସମ୍ବାଦ ବାହାରିଥିବ ସେହି ହିସାବରେ ବିଲ୍ ହୋଇ ସାମ୍ବାଦିକମାନଙ୍କୁ ପାରିତୋଷିକ ପ୍ରଦାନ କରାଯାଉଥିଲା । ମୁଁ ପ୍ରତି ମାସରେ ୧୮୦ ଟଙ୍କାରୁ ୨୭୦ ଟଙ୍କା ପର୍ଯ୍ୟନ୍ତ ପ୍ରାପ୍ୟ ପାଉଥିଲି । ସମ୍ବାଦ ପରିବେଷଣ ଉପରେ ସବୁ ନିର୍ଭର କରୁଥିଲା । ତେଣୁ ପ୍ରତି ମାସରେ ମୁଁ ଅଧିକ ନ୍ୟୁଜ୍ ପଠାଇ ଅଧିକ ପାରିତୋଷିକ ପାଉଥିଲି । ନ୍ୟୁଜ୍ ପ୍ରେରଣରେ ମଧ୍ୟ ଅବହେଳା କରୁ ନ ଥିଲି ।

ଦିନକୁ ଦିନ 'କଳିଙ୍ଗ'ର ପ୍ରସାର ମଧ୍ୟ ବୃଦ୍ଧି ପାଇବାକୁ ଲାଗିଲା । ଆଗରୁ ମୁଁ ପ୍ରଜାତନ୍ତ୍ର ପ୍ରେସ୍‌ରେ କାମ ଶିଖିଛି । ମୋତେ ଏହି ନୂଆ ସାମ୍ବାଦିକତା କାମ ବେଶ୍ ଉତ୍ସାହ ପ୍ରଦାନ କଲା । ଅନେକ ଗୁରୁତ୍ୱପୂର୍ଣ୍ଣ ସମ୍ବାଦ ପ୍ରକାଶ ପାଇଲା । ପ୍ରତିଦିନ କଳାହାଣ୍ଡି ଜିଲ୍ଲା ସମ୍ବାଦ ନିର୍ଦ୍ଦିଷ୍ଟ ସ୍ଥାନରେ ସ୍ୱତନ୍ତ୍ର ଭାବରେ ପ୍ରକାଶ ପାଇଲା । ଫଳରେ ଲୋକଙ୍କର ଖବରକାଗଜ ପ୍ରତି ଆଗ୍ରହ ବୃଦ୍ଧି ପାଇଲା । ତେଣୁ କଳିଙ୍ଗ ଖବରକାଗଜର ବିକ୍ରି ମଧ୍ୟ ଏଠାରେ ବୃଦ୍ଧି ପାଇଲା ।

Source: Author, Digitized by PPRACHIN, SOA

ସତୁରି ଦଶକରେ ଓଡିଶାର ରାଜନୈତିକ ପରିବେଶ :

ଲୋକଙ୍କ ମଧ୍ୟରେ ନୂତନ ଭାବନା ନୂତନ ଜାଗରଣ ସୃଷ୍ଟି ପାଇଁ ଖବରକାଗଜ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥାଏ । ତେଣୁ ଲୋକମତକୁ ପ୍ରଭାବିତ କରିବାପାଇଁ 'କଳିଙ୍ଗ' ପତ୍ରିକାର ସୃଷ୍ଟି । ବିଜୁ ବାବୁଙ୍କ ମନରେ ଏକ ବଦ୍ଧମୂଳ ଧାରଣା ସୃଷ୍ଟି ହୋଇ ଯାଇଥାଏ, ଲୋକଙ୍କ ମାନସିକ ପରିବର୍ତ୍ତନ ଆବଶ୍ୟକ । ରାଜ୍ୟରେ ଭରି ରହିଥିବା ସାମନ୍ତବାଦୀ ସାମାଜିକ ବ୍ୟବସ୍ଥା ଓ ମନୋଭାବକୁ ଲୋକଙ୍କ ମନରୁ ହଟାଇବାକୁ ପଡିବ । ଏହି ମନୋଭାବକୁ ନ ଭାଙ୍ଗିଲେ ଓଡିଶାରେ ଶିଳ୍ପ, କୃଷିର ବିକାଶ ତ୍ୱରାନ୍ୱିତ ହୋଇ ପାରିବ ନାହିଁ । ଓଡିଶାର ରାଜନୀତିକୁ ଜାତୀୟ ରାଜନୀତି ସହିତ ସାମିଲ କରି ନ ପାରିଲେ ଓଡିଶାର ବିକାଶ ସମ୍ଭବ ନୁହେଁ ।

ବିଜୁ ବାବୁ ସାମନ୍ତବାଦୀ ମନୋଭାବର ଘୋର ବିରୋଧୀ । ଏକ ପ୍ରଗତିବାଦୀ ଚିନ୍ତାଧାରାରେ ସେ ସଦା ଉଦବୁଦ୍ଧ । ତେଣୁ କେନ୍ଦ୍ର ଉପରେ ଚାପ ପକାଇ ଓଡିଶାର ମିଳିତ ସରକାରକୁ ଭାଙ୍ଗି ୧୯୬୧ ମସିହାରେ ବିଜୁ ବାବୁଙ୍କ ନେତୃତ୍ୱରେ କଂଗ୍ରେସ ଦଳ ନିର୍ବାଚନ ମଏଦାନକୁ ଓହ୍ଲାଇଲା । କଂଗ୍ରେସ ଦଳ ୮୨ଟି ଆସନରେ ଜୟଯୁକ୍ତ ହେଲା । ଗଣତନ୍ତ୍ର ପରିଷଦ ୩୭ଟି ଆସନରେ ଜୟଯୁକ୍ତ ହେଲା । ବିଜୁ ବାବୁ ଓଡିଶାର ମୁଖ୍ୟମନ୍ତ୍ରୀ ହେଲେ । ଭିତ୍ତିଭୂମିର ବିକାଶ ପାଇଁ ପ୍ରାଧାନ୍ୟ ଦେଇ କାର୍ଯ୍ୟକ୍ରମ ଗ୍ରହଣ କଲେ । ପାରାଦ୍ୱୀପ ବନ୍ଦର, ହାଇଓ୍ୱେ, ଦୈତାରି ଲୁହାପଥର ପ୍ରକଳ୍ପ ପ୍ରଭୃତି କାର୍ଯ୍ୟକ୍ରମ ଦ୍ରୁତ ଗତିରେ ଆଗେଇ ଚାଲିଲା ।

ଓଡିଶା ହେଉଛି ଏକ କୃଷି ବହୁଳ ରାଜ୍ୟ । କୃଷିର ବିକାଶ ପାଇଁ ଆଧୁନିକ ଜ୍ଞାନ କୌଶଳ ସହ ଉପଯୁକ୍ତ ଶିକ୍ଷା ଏବଂ ତାଲିମ ପ୍ରାପ୍ତ ଶିକ୍ଷିତ ଯୁବକ ଆବଶ୍ୟକ । ତେଣୁ ୧୯୬୨ ମସିହାରେ ଭୁବନେଶ୍ୱରଠାରେ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠିତ ହେଲା ।

ପଞ୍ଚାୟତିରାଜର ସୁପରିଚାଳନା ପାଇଁ କେନ୍ଦ୍ର ସରକାର, 'ବଳବନ୍ତ ମେହେଟା'ଙ୍କ ନେତୃତ୍ୱରେ ପଞ୍ଚାୟତ କାର୍ଯ୍ୟଧାରା, କିପରି ସୁନିୟନ୍ତିତ ଭାବରେ ପରିଚାଳିତ ହୋଇପାରିବ, ସେଥିପାଇଁ ରିପୋର୍ଟ ପ୍ରଦାନ କରିଥିଲେ । ମେହେଟାଙ୍କ ସୁପାରିଶ ଅନୁସାରେ ତ୍ରିସ୍ତରୀୟ ପଞ୍ଚାୟତିରାଜ ପାଇଁ ବିହିତ କାର୍ଯ୍ୟପନ୍ଥା ଗ୍ରହଣ କରାଗଲା ।

ବିଜୁ ବାବୁ ମୁଖ୍ୟମନ୍ତ୍ରୀ ଦାୟିତ୍ୱ ନେଲାପରେ ଅମଲାତନ୍ତ୍ରର ଦାୟିତ୍ୱକୁ ପ୍ରଗତିଶୀଳ କରିବା ପାଇଁ ଅନେକ କାର୍ଯ୍ୟକ୍ରମ ଗ୍ରହଣ କଲେ । ତେଣୁ କାର୍ଯ୍ୟଧାରାରେ ଅନେକ କ୍ଷେତ୍ରରେ ଆଇନଗତ ସମସ୍ୟା ସୃଷ୍ଟି ହେଲା । ବିରୋଧୀଦଳ ତାଙ୍କ ବିରୁଦ୍ଧରେ ଦୁର୍ନୀତି ଅଭିଯୋଗ ଆଣିଲେ ।

Source: Author, Digitized by PPRACHIN, SOA

ଗଣତନ୍ତ୍ର ପରିଷଦ ଓ ପ୍ରଜା ସୋସାଲିଷ୍ଟ ପାର୍ଟି ମିଳିତ ହୋଇ ଅଭିଯୋଗ କଲେ । ନିର୍ବାଚନ ସମୟରେ ବିଜୁ ବାବୁ ଲୋକଙ୍କୁ ଯେଉଁ ପ୍ରତିଶ୍ରୁତି ଦେଇଥିଲେ, ଯଥା- ସଭିଙ୍କ ପାଇଁ ଟାଇଲ ଘର, ଗାଁ ଲୋକଙ୍କୁ ପିଇବା ପାଇଁ ନଳପାଣି ପ୍ରଭୃତି କେବଳ ଲୋକ ଦେଖାଣିଆ ବୋଲି ବିରୋଧୀଦଳ ଚାରିଆଡେ ପ୍ରଚାର କରି ଲୋକଙ୍କ ମନରେ ଅସନ୍ତୋଷଭାବ ସୃଷ୍ଟିକଲେ ।

ଲୋକେ କାହାର ସୁନାମ ଶୁଣିବା ପାଇଁ ଆଗ୍ରହୀ ନୁହନ୍ତି । ମାତ୍ର ନିନ୍ଦା, ଅପବାଦ ଶୁଣିବାକୁ ବେଶି ଆଗ୍ରହୀ ହୋଇଥାନ୍ତି । ତେଣୁ ଦିନକୁ ଦିନ ଜନ ଅସନ୍ତୋଷ ତୀବ୍ର ହୋଇ ଉଠିଲା । ପାରାଦ୍ୱୀପ ବନ୍ଦରରେ ପଡୁଥିବା ପଥର ସମୁଦ୍ର ଭିତରକୁ ଭାସି ଯାଉଛି । ପାରାଦ୍ୱୀପ ବନ୍ଦର କେବଳ ଲୋକଦେଖାଣିଆ । ରାଜକୋଷର ଟଙ୍କା ଲୁଟ୍ କରିବା ଏକମାତ୍ର ଲକ୍ଷ୍ୟ । ଏହିଭଳି ଅପପ୍ରଚାର ବଢ଼ିବଢ଼ି ଚାଲିଥାଏ । ନିୟମିତ ଖବରକାଗଜ ପଢ଼ି ଲୋକଙ୍କ ମନରେ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରୁଥାଏ ।

ତାମିଲନାଡୁର ତତ୍କାଳୀନ ମୁଖ୍ୟମନ୍ତ୍ରୀ 'କାମରାଜ ନାଦାର' ଜାତୀୟ କଂଗ୍ରେସ ଦଳର ସଭାପତି ରୂପେ ନିର୍ବାଚିତ ହୋଇଥାନ୍ତି । ତାଙ୍କ ଯୋଜନା ମତେ କେତେକ ରାଜ୍ୟର ବଳିଷ୍ଠ ନେତାମାନେ ମନ୍ତ୍ରୀପଦ ତ୍ୟାଗକରି ଦଳର ସଂଗଠନ ଦାୟିତ୍ୱ ନେଲେ ଦଳ ସୁଦୃଢ଼ ହେବ । 'କାମରାଜ ଯୋଜନା' ଅନୁଯାୟୀ ଓଡିଶାର ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ପ୍ରଦାନକଲେ । ସେତେବେଳେ ତାଙ୍କ ଘନିଷ୍ଠ ବନ୍ଧୁ ବୀରେନ ମିତ୍ର ଓଡିଶାର ମୁଖ୍ୟମନ୍ତ୍ରୀ ହେଲେ ।

୧୯୬୪ ଜାନୁୟାରୀ ୧୦, ୧୧ ତାରିଖ ଭୁବନେଶ୍ୱରଠାରେ ଜାତୀୟ କଂଗ୍ରେସ ଦଳର ଅଧିବେଶନ ଅନୁଷ୍ଠିତ ହୋଇଥିଲା । କଂଗ୍ରେସ ସଭାପତି କାମରାଜ ନାଦାର ଏଥିରେ ସଭାପତିତ୍ୱ କରିଥିଲେ । ଭାରତର ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହେରୁ, ଲାଲବାହାଦୁର ଶାସ୍ତ୍ରୀ, ଇନ୍ଦିରା ଗାନ୍ଧୀ ପ୍ରଭୃତି ବହୁ ନେତା ଏହି ଅଧିବେଶନରେ ଯୋଗ ଦେଇଥିଲେ । ଏହି ଅଧିବେଶନରେ 'ଗଣତାନ୍ତ୍ରିକ ସମାଜବାଦ ନୀତି' ଗ୍ରହଣ କରାଗଲା । ଆଗରୁ ଆମର ଗଣତନ୍ତ୍ର ଥିଲା, ଏବେ ସମାଜବାଦ ଯୋଡି ଦିଆଗଲା । ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହେରୁ ମୂଳରୁ କଂଗ୍ରେସର ଆଦର୍ଶ ସମାଜବାଦ ବୋଲି ଘୋଷଣା କରିଥିଲେ । ୧୯୬୪ ମସିହାରେ ଭୁବନେଶ୍ୱରରେ ଅନୁଷ୍ଠିତ କଂଗ୍ରେସ ଅଧିବେଶନରେ 'ଗଣତାନ୍ତ୍ରିକ ସମାଜବାଦ' କଂଗ୍ରେସର ଆଦର୍ଶ ବୋଲି ଗୃହୀତ ହୋଇଥିଲା ।

ସମାଜବାଦଦ୍ୱାରା ସମସ୍ତଙ୍କ ପାଇଁ ଖାଦ୍ୟ, ବସ୍ତ୍ର, ଗୃହ ନିଶ୍ଚିତ ମିଳିପାରିବ ଏହି ଭାବନାକୁ ନେଇ ଅଗ୍ରାଧିକାର ପ୍ରଦାନ କରାଗଲା ।

Source: Author, Digitized by PPRACHIN, SOA

ମୁଁ ଏହି ଅଧିବେଶନରେ ଜଣେ ଦର୍ଶକ ହିସାବରେ ଯୋଗଦେଇ ନେତୃମଣ୍ଡଳୀଙ୍କ ଭାଷଣ ଶୁଣିଥିଲି । ବହୁ ପାଖରୁ ଦେଶର ବଡ ବଡ ନେତାମାନଙ୍କୁ ଦେଖିବା ଏବଂ ତାଙ୍କ ମତାମତ ଶୁଣିବା ସୁଯୋଗ ମିଳିଲା । ସାମ୍ବାଦିକ ପାସ୍ ମୋ ପାଖରେ ଥିବାଯୋଗୁଁ ପାଖରୁ ଅନେକ ଫଟୋ ଉଠାଇବା ସୁଯୋଗ ନେଇଥିଲି । ଆମ ଜିଲ୍ଲାରୁ ମଧ୍ୟ ପାଞ୍ଚଜଣ ଯୁବକ କଂଗ୍ରେସ ସେବାଦଳରେ ତାଲିମ ପାଇ କାର୍ଯ୍ୟରତ ଥିଲେ । ବହୁ ଆଡମ୍ବରରେ କଂଗ୍ରେସ ଅଧିବେଶନ ଅନୁଷ୍ଠିତ ହୋଇଥିଲା ।

ପ୍ରଧାନମନ୍ତ୍ରୀ ନେହେରୁଙ୍କ ସ୍ୱାସ୍ଥ୍ୟର ଅବନତି ଘଟିଥାଏ । ଆଲୋଚନାରେ ସକ୍ରିୟ ଭୂମିକା ନେଇପାରୁ ନ ଥିଲେ, ତଥାପି ଦର୍ଶକର ଆଖି ତାଙ୍କ ଉପରେ ଲାଖି ରହିଥାଏ । ଏତେ ଅସୁସ୍ଥତା ସତ୍ତ୍ୱେ ବିଜୁ ପଟ୍ଟନାୟକଙ୍କ ଅନୁରୋଧ କ୍ରମେ ସେ ହେଲିକେପ୍ଟରରେ ଟିକରପଡା ବନ୍ଧ ଯୋଜନାର ଶୁଭ ଦେବାକୁ ଯାଇଥିଲେ । ତାଙ୍କ ଶାରୀରିକ ଅସୁସ୍ଥତା ବୃଦ୍ଧି ପାଇଲା । ତୁରନ୍ତ ସେ ଦିଲ୍ଲୀ ଚାଲିଗଲେ ।

ବୀରେନ ମିତ୍ରଙ୍କ ମୁଖ୍ୟମନ୍ତ୍ରିତ୍ୱ ସମୟରେ ଓଡିଶାରେ ଛାତ୍ର-ଆନ୍ଦୋଳନ ତୀବ୍ର ହେଲା । ବୀରେନ ମିତ୍ର ଚାପର ସମ୍ମୁଖୀନ ହୋଇ ଇସ୍ତଫା ଦେଲେ । ୧୯୬୫ ଫେବୃୟାରୀ ୨୧ତାରିଖ ଦିନ ସଦାଶିବ ତ୍ରିପାଠୀ ଓଡିଶାର ମୁଖ୍ୟମନ୍ତ୍ରୀ ହେଲେ । ବିଭିନ୍ନ ମନ୍ତ୍ରିମଣ୍ଡଳରେ ସେ ରାଜସ୍ୱ ବିଭାଗର ମନ୍ତ୍ରିତ୍ୱ ସୁଚାରୁ ରୂପେ ତୁଲାଇ ବହୁ ଅଭିଜ୍ଞତା ହାସଲ କରିଥିଲେ । ସେ ଜଣେ ଆଦର୍ଶ ବ୍ୟକ୍ତି, ନିଷ୍ପାପର ରାଜନୀତିଜ୍ଞ ଥିଲେ ।

ଡକ୍ଟର ହରେକୃଷ୍ଣ ମହତାବ କଂଗ୍ରେସ ଦଳ ତ୍ୟାଗକରି ତାଙ୍କ ନେତୃତ୍ୱରେ ୧୯୬୬ ମେ ୫ତାରିଖ ଦିନ 'ଜନକଂଗ୍ରେସ ଦଳ' ଗଠନ କଲେ । ଓଡିଶାର ରାଜାରାଜୁଡାଙ୍କ 'ଗଣତନ୍ତ୍ର ଦଳ', ଡକ୍ଟର ରାଜଗୋପାଳଚାରୀଙ୍କ ନେତୃତ୍ୱରେ ପ୍ରତିଷ୍ଠିତ ଏକ ରକ୍ଷଣଶୀଳ ଦଳ 'ସ୍ୱତନ୍ତ୍ର ଦଳ'ରେ ମିଶିଗଲେ ।

୧୯୬୭ ନିର୍ବାଚନରେ କଂଗ୍ରେସ ଦଳର ସଂଖ୍ୟା ୩୧କୁ ଖସି ଆସିଲା । ବିଜୁ ପଟ୍ଟନାୟକ ୪ଟି ବିଧାନସଭା ଏବଂ ଗୋଟିଏ ଲୋକସଭା ଆସନରେ ନିର୍ବାଚନ ଲଢ଼ି ସମସ୍ତ ଆସନରୁ ପରାସ୍ତ ହେଲେ । 'ସ୍ୱତନ୍ତ୍ର ଦଳ' ଏବଂ 'ଜନକଂଗ୍ରେସ ଦଳ' ମିଳିତ ହୋଇ ୭୫ଟି ଆସନ ପାଇଲେ । ସେତେବେଳେ ପାଟଣା ମହାରାଜା ରାଜେନ୍ଦ୍ର ନାରାୟଣ ସିଂହଦେଓ ୧୯୬୭ ମାର୍ଚ୍ଚ ୮ତାରିଖ ଦିନ ମୁଖ୍ୟମନ୍ତ୍ରୀ ହେଲେ । ପବିତ୍ରମୋହନ ପ୍ରଧାନ ଉପମୁଖ୍ୟମନ୍ତ୍ରୀ ହେଲେ । ସଦାଶିବ ତ୍ରିପାଠୀ ବିରୋଧୀ ଦଳର ନେତା ହେଲେ ।

ରାଜେନ୍ଦ୍ର ନାରାୟଣ ସିଂହଦେଓ ଜଣେ ଧୀରସ୍ଥିର ବିଜ୍ଞ ଶାସକ ରୂପେ ସୁନାମ ଅର୍ଜନ କଲେ । ପବିତ୍ରମୋହନ ପ୍ରଧାନ ବିଭିନ୍ନ ଜିଲ୍ଲା ଗସ୍ତକରି ସଭା ସମିତିରେ ତାଙ୍କ

Source: Author, Digitized by PPRACHIN, SOA

ଚିରା ସାର୍ଟକୁ ଦେଖାଇ ବିଜୁ ପଟ୍ଟନାୟକ ସାର୍ଟକୁ ଚିରି ତାଙ୍କୁ ମାଡ ମାରିଥିଲେ ବୋଲି ବର୍ଣ୍ଣନା କରୁଥାନ୍ତି । ଲୋକେ କୌତୂହଳ ହୋଇ ନେତାମାନଙ୍କ କାର୍ଯ୍ୟକଳାପ ଶୁଣୁଥିଲେ । କଳାହାଣ୍ଡି ଗସ୍ତରେ ଆସି କଲେକ୍‌ଟୋରିଏଟ ପ୍ରାଙ୍ଗଣରେ ସୁସଜ୍ଜିତ ମଞ୍ଚରୁ ତାଙ୍କ ଭାଷଣ ପ୍ରଦାନ କରିଥିଲେ । ସେହି ସଭାରେ ମୁଁ ମଧ ଉପସ୍ଥିତ ରହି ପବିତ୍ରମୋହନ ପ୍ରଧାନଙ୍କ ଭାଷଣ ଶୁଣିଥିଲି ।

ଓଡିଶାର ରାଜନୀତି ଦିନକୁ ଦିନ ଜଟିଳ ଓ ପଙ୍କିଳ ହୋଇଯାଉଥାଏ । ନେତାମାନଙ୍କ ଜନହିତକର କାର୍ଯ୍ୟ ପ୍ରତି ଧ୍ୟାନ କମିଯାଇଥାଏ । ବିଜୁ ପଟ୍ଟନାୟକ, ବୀରେନ ମିତ୍ର, ସଦାଶିବ ତ୍ରିପାଠୀ ଏବଂ ଅନ୍ୟ ମନ୍ତ୍ରୀମାନଙ୍କ ବିରୁଦ୍ଧରେ ଦୁର୍ନୀତି ଅଭିଯୋଗର ତଦନ୍ତ ପାଇଁ ଦାବି ହେଲା । ଫଳରେ ତଦନ୍ତ ପାଇଁ 'ଖାନ୍ନା କମିଶନ' ବସିଲା । ବିରୋଧୀଦଳ ନେତା ସଦାଶିବ ତ୍ରିପାଠୀ ରାଷ୍ଟ୍ରପତିଙ୍କ ପାଖରେ ଲିଖିତ ଦାବି ଉପସ୍ଥାପନ କରି ରାଜେନ୍ଦ୍ର ନାରାୟଣ ସିଂହଦେଓ, ଡକ୍ଟର ମହତାବ ଏବଂ ପବିତ୍ରମୋହନ ପ୍ରଧାନଙ୍କ ବିରୁଦ୍ଧରେ ଦୁର୍ନୀତି ତଦନ୍ତ ପାଇଁ ଦାବି କଲେ । ଫଳରେ 'ମୁଧଲିକର କମିଶନ' ବସିଲା ।

ଓଡିଶାର ରାଜନୀତି ଏକପ୍ରକାର ପ୍ରତିହିଂସା ପରାୟଣ ହୋଇ ଅନିଶ୍ଚିତତା ଆଡକୁ ଗତି କରୁଥାଏ । ରାଜନେତାମାନେ ତାଙ୍କ ସମସ୍ତ ଶକ୍ତି ଓ ସମୟକୁ ପ୍ରତିହିଂସା ମନୋଭାବ ନେଇ ବିନିଯୋଗ କରିବା ଫଳରେ ସାଧାରଣ ଜନତାଙ୍କ ଅର୍ଥନୈତିକ ପ୍ରଗତି ଧିମେଇଗଲା ।

ଦଳ ବିରୋଧୀ କାର୍ଯ୍ୟ ପାଇଁ ବିଜୁ ପଟ୍ଟନାୟକ, କଂଗ୍ରେସ ଦଳରୁ ବହିଷ୍କୃତ ହେଲେ । ସେ ଏକ ଆଞ୍ଚଳିକ ଦଳ 'ଉତ୍କଳ କଂଗ୍ରେସ ଦଳ' ଗଠନ କଲେ । ତାଙ୍କ ସହିତ ୭୩ଜଣ ବିଧାୟକ ସାମିଲ ହେଲେ ଏବଂ ସରକାର ଗଠନ କଲେ । ଅବଶିଷ୍ଟ ୮ଜଣ ବିଧାୟକ, ବିନାୟକ ଆଚାର୍ଯ୍ୟଙ୍କ ସହିତ କଂଗ୍ରେସ ଦଳରେ ରହିଲେ ।

ଓଡିଶାର ଅନ୍ୟ ଏକ ବୃହତ ବ୍ୟବସାୟ ବିଶେଷତଃ, ପଶ୍ଚିମ ଓଡିଶାରୁ ସଂଗୃହୀତ କେନ୍ଦୁପତ୍ରକୁ ନେଇ ଦୁର୍ନୀତି ଲୋକଲୋଚନକୁ ଆସିଲା । 'ଗଣତନ୍ତ୍ର ପରିଷଦ' ପରେ 'ସ୍ୱତନ୍ତ୍ର ଦଳ' ଏଥିରେ ସଂପୂର୍ଣ୍ଣ ଲିପ୍ତ ହୋଇଯାଇଥିଲା । କେନ୍ଦୁପତ୍ର ଠିକାଦାରମାନଙ୍କଠୁ ଅଞ୍ଚଳର ରାଜାରାଜୁଡାମାନେ ବହୁ ଅର୍ଥ ସଂଗ୍ରହକରି ତାଙ୍କ ଦଳକୁ ପରିପୁଷ୍ଟ କରିଥିଲେ । କେନ୍ଦୁପତ୍ର ଠିକାଦାରମାନଙ୍କୁ ଅନୁକମ୍ପା ଦେଖାଇ ଜଙ୍ଗଲ ବିଭାଗ ମନ୍ତ୍ରୀ ଯେଉଁ ନିଷ୍ପତ୍ତି ନେଲେ ତା ଫଳରେ ଓଡିଶା ରାଜକୋଷର ୪୦ କୋଟି ଟଙ୍କା କ୍ଷତି ହୋଇଥିଲା । ସରକାରରେ ତିକ୍ତତା ବୃଦ୍ଧି ପାଇଚାଲିଥାଏ । ଜନକଂଗ୍ରେସ ଦଳ ମିଳିତ ମନ୍ତ୍ରିମଣ୍ଡଳରୁ ଓହରି ଆସିଲା । ଫଳରେ ମୁଖ୍ୟମନ୍ତ୍ରୀ ଇସ୍ତଫା ଦେଲେ । ତା ପୂର୍ବରୁ ସରଜୁ ପ୍ରସାଦଙ୍କ

Source: Author, Digitized by PPRACHIN, SOA

ଅଧ୍ୟକ୍ଷତାରେ କମିଶନ ବସାଇ ଡକ୍ଟର ମହତାବ ଏବଂ ଅନ୍ୟମାନଙ୍କ ବିରୁଦ୍ଧରେ ତଦନ୍ତ ଚଳାଇଲେ । ରାଜ୍ୟରେ ରାଷ୍ଟ୍ରପତି ଶାସନ ଜାରି ହେଲା ।

ଓଡିଶା ରାଜନୀତି ଏହି ସମୟ ମଧ୍ୟରେ କେବଳ ଚରିତ୍ର ସଂହାର, କମିଶନ, ତଦନ୍ତ ପ୍ରଭୃତି କାର୍ଯ୍ୟରେ ଲିପ୍ତ ରହିବାରୁ ଓଡିଶାର ଅର୍ଥନୈତିକ ପ୍ରଗତି ମନ୍ଥର ହୋଇଗଲା । ରାଜ୍ୟରେ ଉନ୍ନୟନମୂଳକ କାର୍ଯ୍ୟ ଠପ୍ ହୋଇଗଲା । ସାଧାରଣ ଜନତାଙ୍କ ଦୁଃଖର ସୀମା ବୃଦ୍ଧି ପାଇଲା ।

'କଳିଙ୍ଗ' ପତ୍ରିକା ପୋଡି :

'କଳିଙ୍ଗ' ପତ୍ରିକାର ସାମ୍ବାଦିକ ହିସାବରେ ମୋର ଦାୟିତ୍ୱ ବୃଦ୍ଧି ପାଇଥାଏ । ଅନେକ ନୂଆନୂଆ ସମ୍ବାଦ ସେଥିରେ ପ୍ରକାଶ ପାଉଥାଏ । ରାଜ୍ୟରେ ଯେତେବେଳେ ଛାତ୍ର ଆନ୍ଦୋଳନ ମୁଣ୍ଡ ଟେକିଲା ବିଭିନ୍ନ ଜିଲ୍ଲାରେ ଏହି ସମ୍ବାଦ ପତ୍ରକୁ ଛାତ୍ରମାନେ ରାଗରେ ପୋଡିବାକୁ ଲାଗିଲେ । ଗ୍ରାହକମାନେ ଆଉ 'କଳିଙ୍ଗ' ଖବର କାଗଜ ପଢ଼ିବାକୁ ପାଇଲେ ନାହିଁ । କଟକରୁ ବସ୍‌ରେ ଆସୁଥିବା 'କଳିଙ୍ଗ' ଖବରକାଗଜ ବଣ୍ଡଲକୁ ବିଭିନ୍ନ ଜିଲ୍ଲାରେ ଛାତ୍ରମାନେ ବସ୍‌ଷ୍ଟାଣ୍ଡରୁ ଛଡାଇ ନେଇ ପୋଡି ପକାଇଲେ । ମାତ୍ର କଳାହାଣ୍ଡି ଜିଲ୍ଲାରେ ସେହିଭଳି କାଗଜ ପୋଡାଯାଇ ନ ଥିଲା ।

ବିଜୁବାବୁଙ୍କ ସମୀକ୍ଷା :

ବିଜୁ ପଟ୍ଟନାୟକ ଏଥିରେ ବ୍ୟତିବ୍ୟସ୍ତ ହୋଇ, ସମସ୍ତ ଜିଲ୍ଲା ସାମ୍ବାଦିକମାନଙ୍କ ଏକ ବୈଠକ କଟକ ବାରବାଟୀ ଷ୍ଟାଡିୟମରେ ଡକାଇଲେ । ମୁଁ ମଧ୍ୟ କଳାହାଣ୍ଡି ଜିଲ୍ଲା ପ୍ରତିନିଧି ହିସାବରେ ଯୋଗ ଦେଇଥିଲି । ବିଜୁ ପଟ୍ଟନାୟକ ମଧ୍ୟ ସମସ୍ତ ଜିଲ୍ଲା ସାମ୍ବାଦିକମାନଙ୍କ ସହ ଜିଲ୍ଲାୱାରୀ ପ୍ରଶ୍ନକରି ପରିସ୍ଥିତି ଜାଣିବାକୁ ଚାହିଁଲେ । ସଭିଏଁ ଗୋଟି ଗୋଟି ନିଜ ଜିଲ୍ଲା କଥା କହିଲେ । ସେମାନେ କହିଲେ, ''ଆମ ଜିଲ୍ଲାରେ 'କଳିଙ୍ଗ' ପେପର ଆଉ ଲୋକମାନଙ୍କ ପାଖରେ ପହଞ୍ଚି ପାରୁନାହିଁ । ଦିନକୁ ଦିନ ଗ୍ରାହକ ସଂଖ୍ୟା କମି କମି ଯାଉଛି'' ।

ବିଜୁ ପଟ୍ଟନାୟକ ବସି ନୀରବରେ ସବୁ ଶୁଣୁଥାନ୍ତି । ମୋ ଆଡକୁ ଦେଖି ପ୍ରଶ୍ନ କଲେ, ''ରାସବିହାରୀ! ତୋ ଜିଲ୍ଲାର ହାଲଚାଲ କଣ''?

ମୁଁ ସମସ୍ତଙ୍କୁ ଥରେ ଦେଖିନେଇ କହିଲି, 'କଳିଙ୍ଗ' ଖବରକାଗଜ ମୋ ଜିଲ୍ଲାରେ ଏ ପର୍ଯ୍ୟନ୍ତ ପୋଡାଯାଇ ନାହିଁ । ଭବାନୀପାଟଣା ସହରରେ ଗ୍ରାହକ ସଂଖ୍ୟା ୨୬୦ ରୁ ୩୦୦ ଉପରକୁ ଟପି ଯାଇଛି'' । ବିଭିନ୍ନ ଜିଲ୍ଲାର ସାମ୍ବାଦିକମାନେ ମୋ ମୁହଁକୁ ଆଶ୍ଚର୍ଯ୍ୟରେ ଅନାଇ ରହିଲେ । ସମସ୍ତଙ୍କ ମନରେ ଏକ ଅବିଶ୍ୱାସ ଭାବନା ଖେଳି

Source: Author, Digitized by PPRACHIN, SOA

ଯାଇଥାଏ । ଥରେ ମୋ ମୁହଁକୁ ଅନାଇନେଇ ବିଜୁ ପଟ୍ଟନାୟକ ଆଶ୍ଚର୍ଯ୍ୟ ହୋଇ ପ୍ରଶ୍ନକଲେ, ''ସବୁ ଜିଲ୍ଲାରେ 'କଳିଙ୍ଗ' ପେପରକୁ ପୋଡି ଦିଆ ଯାଉଛି, ଗ୍ରାହକ ସଂଖ୍ୟା କମି ଯାଉଚି, ମାତ୍ର ତୋ ଜିଲ୍ଲାରେ ଏହାକୁ ପୋଡାଯାଉ ନାହିଁ । ଗ୍ରାହକ ସଂଖ୍ୟା ମଧ ବୃଦ୍ଧି ପାଉଛି । ତୋ'ଠୁ ନୂଆକଥା ଶୁଣିବାକୁ ମିଳିଲା । କଥା କଣ''?

ମୋ'ଠୁ ଉତ୍ତର ଶୁଣିବା ପାଇଁ ମୋ ମୁହଁକୁ ସଭିଏଁ ଚାହିଁ ରହିଲେ । ମୁଁ ଦୃଢ଼ ନିଶ୍ଚିତ ସ୍ୱରରେ କହିଲି, ''ଛାତ୍ରମାନଙ୍କ ଆନ୍ଦୋଳନ ସମ୍ବାଦ, ତାଙ୍କ ସଭାସମିତି ଭାଷଣ, କିଏ କିଏ ଭାଷଣ ପ୍ରଦାନ କଲେ ତାଙ୍କ ସମସ୍ତଙ୍କ ନାମ ଏଥିରେ ପ୍ରକାଶ ପାଉଛି । ତାହା ପଢ଼ି ସେମାନେ ଆଗ୍ରହର ସହିତ 'କଳିଙ୍ଗ' ପତ୍ରିକାକୁ କିଣି ନେଇ ନିଜ ସାଙ୍ଗମାନଙ୍କ ସହିତ ବସି ଖୁସିରେ ପଢ଼ନ୍ତି । ତେଣୁ ମୋ ଜିଲ୍ଲାରେ 'କଳିଙ୍ଗ' ପତ୍ରିକାର ପ୍ରସାର ହେଉଛି । ଛାତ୍ରମାନଙ୍କ ନାମ ଖବର କାଗଜରେ ବାହାରୁଛି । ତେଣୁ ସେମାନେ ଖବରକାଗଜ ପୋଡିବେ କାହିଁକି''?

ମୋ କଥା ଶୁଣି ସମସ୍ତେ ଚୁପ୍ ହୋଇ ବସି ରହିଲେ । ମୋ କଥାର ସତ୍ୟାସତ୍ୟ ଜାଣିବା ପାଇଁ ପୁରୁଣା ତିନି ଚାରିଦିନର ଖବରକାଗଜ ମଗାଇ ଆଣି କଳାହାଣ୍ଡି ସମ୍ବାଦ ଗୋଟି ଗୋଟି ପଢ଼ି, କୌଣସି ପଦଟିଏ ମଧ ନ କହି ବିଜୁ ପଟ୍ଟନାୟକ ବସି ରହିଲେ ।

ଶେଷରେ ତାଙ୍କ ଅଭିଭାଷଣରେ ସେ କହିଲେ, ''ଖବର ପ୍ରକାଶ ବେଳକୁ ଖବରକୁ ଟୁଇଷ୍ଟ କରି ମଧ ପ୍ରକାଶ କରାଯାଇ ପାରିବ । ଯାହା ସତ୍ୟ ତାକୁ ପ୍ରକାଶ କରିବା ସାମ୍ବାଦିକତାର ଧର୍ମ । ଜଣେ ସାମ୍ବାଦିକ ତାର ଧର୍ମ ପାଳନ କରୁଛି । ରାଜନୈତିକ ଦଳର ପ୍ରରୋଚନାରେ ଛାତ୍ରମାନେ ପଡି ନ ଯିବା ପାଇଁ ସଦାସର୍ବଦା ସତର୍କ ରହିବା ଉଚିତ'' ।

ନୀରବରେ ମୁଁ ବସିରହି ତାଙ୍କ ଭାଷଣ ଶୁଣୁଥାଏ । ''ଜଣେ ସାମ୍ବାଦିକ ତାର ଧର୍ମ ପାଳନ କରୁଛି'' ଏହା କେବଳ ମୋ ଉପଲକ୍ଷେ ସେ ମତ ପୋଷଣ କରିଥିଲେ ।

ପୁଣି ବିଜୁବାବୁ କହିବାକୁ ଲାଗିଲେ, ''ତଥାପି 'କଳିଙ୍ଗ' ପତ୍ରିକା ଏକ ରାଜନୈତିକ ଆଭିମୁଖ୍ୟ ନେଇ ପ୍ରକାଶିତ ହେଉଅଛି । ତେଣୁ ରାଜନୀତି ସହିତ ସାମ୍ବାଦିକତାର ସମନ୍ୱୟ ରକ୍ଷାକରି ତୁମେ ତୁମର କର୍ତ୍ତବ୍ୟ କରିଚାଲ । 'କଳିଙ୍ଗ' ପତ୍ରିକା ପୋଡିବା ମନୋବୃତ୍ତିରୁ ପାଠକଙ୍କୁ ଓହରାଇ ପତ୍ରିକାକୁ ବଞ୍ଚାଇ ତାର ପ୍ରସାର ପାଇଁ ଉଦ୍ୟମ କର'' ।

ବିଜୁ ବାବୁ ସଂକ୍ଷିପ୍ତ ଭାଷଣ ଦେଇ ବ୍ୟକ୍ତିଗତ ଭାବେ ଜିଲ୍ଲା ପ୍ରତିନିଧିମାନଙ୍କ ସହିତ ଆଲୋଚନା କରି ବିଭିନ୍ନ ଜିଲ୍ଲା ସମ୍ବନ୍ଧରେ ବହୁ କଥା ଜାଣିବାକୁ ଚେଷ୍ଟାକଲେ ।

Source: Author, Digitized by PPRACHIN, SOA

'କଳିଙ୍ଗ'ରେ କଳାହାଣ୍ଡିର ମରୁଡି ସମ୍ପର୍କୀୟ ରିପୋର୍ଟ ପ୍ରକାଶ :

୧୯୬୫ ମସିହାରେ କଳାହାଣ୍ଡି ଜିଲ୍ଲାରେ ବର୍ଷାର ଅଭାବ ଫଳରେ ମରୁଡି ପରିସ୍ଥିତି ଦେଖାଦେଲା । ଚାଷୀ ଉଚ୍ଚ ଜମି ଓ ମଧ୍ୟମ କିସମ ଜମିରୁ (ଆଣ୍ଟ, ମାଲ, ବେର୍ଣ୍ଣା ଜମି) କିଛି ପାଇଲେ ନାହିଁ । ଯେଉଁଠି ପାଣି ମାଡିବାର କିଛି ସୁବିଧା ଥିଲା, ବନ୍ଧ, କଟା କାଟି କିଛି ଜମିରେ ପାଣି ମଡାଇ କିଛି ଧାନ ଆଦାୟ କଲେ । ଏକେତ ଆଶାନୁରୂପ ବର୍ଷା ହୋଇ ନାହିଁ । ତେଣୁ ବନ୍ଧ କଟାରେ ମଧ୍ୟ ବର୍ଷା ଜଳ ଜମି ରହିଲା ନାହିଁ । ଗାଁମାନଙ୍କରେ ଲୋକେ ପିଇବା ପାଇଁ ପାଣି ନିଅଣ୍ଟ ପଡିବ ବୋଲି ଜାଣି ଚାଷ ଜମିକୁ ପାଣି ଛାଡିଲେ ନାହିଁ । ତେଣୁ ଦିନକୁ ଦିନ ଜିଲ୍ଲାରେ ଏକ ଭୟାବହ ପରିସ୍ଥିତି ସୃଷ୍ଟି ହୋଇ ଚାଲିଥାଏ ।

'କଳିଙ୍ଗ' ଖବରକାଗଜର ଜିଲ୍ଲା ସାମ୍ବାଦିକ ହିସାବରେ ମୁଁ ବିଭିନ୍ନ ଅଞ୍ଚଳ ଗସ୍ତକରି ଖବର ପ୍ରଦାନ କରୁଥିଲି । ମରୁଡି ସମ୍ବନ୍ଧରେ ପ୍ରତିଦିନ ଏଥିରେ ବିସ୍ତୃତ ଭାବରେ ଖବର ପ୍ରକାଶ ପାଉଥାଏ । ଖଡିଆଳ, ସିନାପାଲି, ବୋଡେନ, କୋମନା ଅବସ୍ଥା ଅତି ଶୋଚନୀୟ ହୋଇ ପଡିଥାଏ । ଅଞ୍ଚଳଟି ସମ୍ପୂର୍ଣ୍ଣ ମରୁଡି ପ୍ରଭାବିତ ଅଞ୍ଚଳ ରୂପେ ପରିଣତ ହେଉଥାଏ । ଏକ ପ୍ରକାର ଭୟାବହ ଦୁର୍ଭିକ୍ଷ ପରିସ୍ଥିତି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ ।

ଦିନକୁ ଦିନ ବାହାର ରାଜ୍ୟର ସାମ୍ବାଦିକମାନେ କଳାହାଣ୍ଡି ଜିଲ୍ଲାକୁ ଆସି ସ୍ଥାନୀୟ ପରିସ୍ଥିତି ଅନୁଧ୍ୟାନ କରି ତାଙ୍କ ନିଜ ନିଜ ଇଂରାଜୀ, ହିନ୍ଦୀ ଖବରକାଗଜରେ କଙ୍କାଳସାର ଲୋକଙ୍କ, ଶିଶୁଙ୍କ ଫଟୋ ସହ ଖବର ପ୍ରକାଶ କରୁଥାନ୍ତି । ରାଜ୍ୟ ସ୍ତରୀୟ ବିଭିନ୍ନ ପତ୍ରିକାର ସାମ୍ବାଦିକମାନେ କଳାହାଣ୍ଡି ଗସ୍ତରେ ଆସି ପ୍ରତ୍ୟକ୍ଷ ଭାବରେ ଖବର ସଂଗ୍ରହକରି ବଡ ବଡ ହେଡିଙ୍ଗରେ ମରୁଡିର ଖବର ପ୍ରକାଶ କରିବାରେ ଲାଗିଲେ । ସେତେବେଳେ କଲିକତାରୁ ପ୍ରକାଶିତ ଇଂରାଜୀ 'ଅମୃତ ବଜାର ପତ୍ରିକା'ର ସାମ୍ବାଦିକ ନୀତୀଶ ଚକ୍ରବର୍ତ୍ତୀ କଳାହାଣ୍ଡି ଆସି ମରୁଡିର କରାଳ ଚିତ୍ର ଫଟୋସହ ପ୍ରକାଶ କଲେ । ତାହା ମୁଁ ପଢ଼ି ସତ୍ୟାସତ୍ୟ ଜାଣି 'କଳିଙ୍ଗ' ପତ୍ରିକାରେ ବିଶଦ ଭାବରେ ପ୍ରକାଶ କରିବା ପାଇଁ ମନ ସ୍ଥିର କଲି ।

ଭବାନୀପାଟଣା ସହରରୁ ୫କି.ମି. ଦୂରରେ ଅବସ୍ଥିତ 'ଯମୁନା ସାଗର' ପ୍ରୋଜେକ୍ଟ କାମ ସ୍ୱଚକ୍ଷୁରେ ଦେଖି ସମସ୍ତ ତଥ୍ୟ ସଂଗ୍ରହ କରି ଖବର ପ୍ରକାଶ କରିବା ପାଇଁ ସ୍ଥିର କରିନେଲି । କାମ କରୁଥିବା ସମୟରେ ଗଲେ କାର୍ଯ୍ୟରତ ଶ୍ରମିକମାନଙ୍କଠୁ ସବୁ ତଥ୍ୟ ସଂଗ୍ରହ ହୋଇ ପାରିବ ବୋଲି ସ୍ଥିର କଲି । ଠିକାଦାର ଅନୁପସ୍ଥିତ ଥିବା ଜାଣି ସାଇକେଲରେ କାମ ସ୍ଥାନକୁ ଗଲି । ମୋର ପିନ୍ଧିଥିବା ପେଣ୍ଟ, ସାର୍ଟ ଖୋଲିଦେଇ

Source: Author, Digitized by PPRACHIN, SOA

ଗୋଟିଏ ମଇଳା ଧୋତିକୁ ଲେଙ୍ଗୁଟି ମାରି, ଯେପରି ଶ୍ରମିକ ତାର କାମବେଳେ ପିନ୍ଧିଥାଏ ସେହିଭଳି ପିନ୍ଧି, ମୁଣ୍ଡରେ ଗାମୁଛା ଠେକା ପକାଇ, ମାଟି ହାଣୁଥିବା ସ୍ଥାନକୁ ଗଲି । ମୋର ଶରୀର ଦୁର୍ବଳ, ପତଳା ଶରୀର, ପ୍ରଚଣ୍ଡଖରାରେ ଦେହ ତାତି ଯାଇଥାଏ । ଖରା ଟାଏଁ ଟାଏଁ ମାରୁଥାଏ । ସହରରୁ ସାଇକେଲରେ ଆସିଥିବା ଯୋଗୁଁ ଏବଂ ଖରା ଧାସରେ ମୁହଁ ଝାଉଁଳି ଯାଇଥାଏ । ଧୀରେ ଧୀରେ ପାଦ ପକାଇ କାମ କରୁଥିବା ଲୋକମାନଙ୍କ ପାଖରେ ପହଞ୍ଚିଲି । ସେମାନେ ମୁଣ୍ଡ ଉଠାଇ ମୋତେ କିଛି ସମୟ ଦେଖିନେଲେ । ବୋଧହୁଏ ତାଙ୍କ ଭଳି ଜଣେ ଦିନ ମଜୁରିଆ ବୋଲି ମନରେ ଭାବି ପ୍ରଶ୍ନକଲେ, ''କେନ୍‌ଆଡେ ଆଏଲୁ''?

ମୁଁ ସେମାନଙ୍କ ପାଖରେ ମାଟିରେ ବସିପଡିଲି । ମୁହଁ ଝାଳକୁ ଗାମୁଛାରେ ପୋଛିନେଇ କହିଲି, ''କାମ୍ ଧାମ୍ ମିଲ୍‌ବା ବୋଲି ଆସିଛେଁ'' ।

ମୋ ମନ କଥା ଜାଣିଗଲା ପରେ ସେମାନେ ନିଜ ନିଜ କାମରେ ଲାଗିଗଲେ । କୋଦାଳରେ ମାଟି ହାଣି ଚାଲିଥାନ୍ତି ।

ଜଣେ କହିଲା, ''ଦେଖ୍‌ନୁ କେନ୍ତା ଖରା, କାମ କରି ମରମ ଝାଳ ଭକ୍ ଭକ୍ ଫୁଟୁଛେ, ଏନେ ସାଗର ପେନ୍ ଟପ୍ ଟପ୍ ଡହକୁଛେ । ଆଁଠେକ୍ ପେନ୍ । ସେ ପେନ୍‌ନେ ପେନ୍‌କୁଆ ଭଳିଆ ବୁଡ୍ ଦେମୁଁ । ସେ ପେନ୍‌କେ ଫେର ପିମୁଁ । ଝାଡାବାନ୍ତି ହିକରି ମରମୁଁ'' ।

ଆଉ ଜଣେ କହିଲା, ''ପଅର ଦିନ୍ ଭଟାଙ୍ଗ ପଦର ଗାଁର ରଏଧର ମରିଗଲା, ତିନି ଦିନ୍ ହିଛେ ଫଗନୁ ଭେଣିଆ ପିଲା ଝାଡାବାନ୍ତିନେ ମରିଗଲା । ପରଦିନ ତା ମା' ବୁଢ୍ୱୀ ଡମନୀ ମରିଗଲା । ଇନ୍‌ତି ଝାଡା ବାନ୍ତି ବେମାରନେ ଲୋକେ ମରୁଛନ୍ । ତୁଇ ଆସିକରି ଇଠାନେ କେଁ କାମ କରବୁ? ଦୁସରା କେନ୍‌ଠାନ୍‌କେ ଯାଇ କରି କାମ କର । କାମ କରି ପେଟ୍ ପୋଷବା ଆମର ଜୀବ୍‌କା'' ।

ପାଖରେ ପଡିଥିବା ତୁକ୍‌ଡା କାଗଜ ଏବଂ ତଳେ ପଡିଥିବା ଅଙ୍ଗାରଟିଏ ଗୋଟାଇ ଆଣି ସେମାନେ କହୁଥିବା ନା'ସବୁ ଟିପିନେଲି । ସେମାନେ କିଛି ଜାଣି ପାରିଲେନାହିଁ । କିଛି ସମୟ ବସି ସୁଖ ଦୁଃଖ କଥା ହୋଇ କହିଲି, ''ହେନ୍ତା ହେଲେ ମୁଇ ଇଠାନେ କାମ୍ କାଁ ଯେ କରବି । ଯାଏଁସି ସହରକେ କାମ୍ ଗୁଟେ ଯୁଟାବି, ଆରୁ କେଁ କରିବି'' । ଏତକ କହି ମୁହଁ ଶୁଖାଇ ସେମାନଙ୍କଠୁ ବିଦାୟ ନେଇ ଚାଲି ଆସିଲି । ଆସି ଗଛ ଉହାଡରେ ରଖିଥିବା ସାଇକେଲରୁ ମୋର ପେଣ୍ଟ, ସାର୍ଟ ଆଣି ପିନ୍ଧି ସହରକୁ ତୁରନ୍ତ ଫେରି ଆସିଲି ।

Source: Author, Digitized by PPRACHIN, SOA

ମୁଁ ଯେଉଁ ତଥ୍ୟ ସଂଗ୍ରହ କରିବା ପାଇଁ ଯାଇଥିଲି, କେଉଁମାନଙ୍କ ମୃତ୍ୟୁ ହୋଇଛି ଏବଂ ସେମାନେ ସବୁ କେଉଁ ଗ୍ରାମର, ଏହି ସମସ୍ତ ତଥ୍ୟ ମିଳିଗଲା । ପରେ ସେଠିକି ଯାଇ ଦେଖିଲି, ଯାହା ଶୁଣିଲି, ସମସ୍ତ ପରିସ୍ଥିତିକୁ ନେଇ ସେହି ମାନସିକ ବାତାବରଣ ଭିତରେ ମୋର ସମ୍ବାଦ ଲେଖି ଡାକ୍‌ରେ 'କଳିଙ୍ଗ' ଖବରକାଗଜ ଅଫିସକୁ ପଠାଇଦେଲି । 'କଳିଙ୍ଗ' ପତ୍ରିକାରେ ତିନିଦିନ ପରେ ଦ୍ୱିତୀୟ ପୃଷ୍ଠାରେ ବଡ ବଡ ହେଡିଙ୍ଗ ଦେଇ ମୋ ନାଁ' ସହିତ ସାମ୍ବାଦିକ ଯୋଡି ଖବରଟି ପ୍ରକାଶ ପାଇଲା । ଖବରକାଗଜରେ ଲମ୍ବା-ଚୌଡା ପାଞ୍ଚ କଲମର ସମ୍ବାଦ ପ୍ରକାଶ ପାଇଲା । ସେହି ସମ୍ବାଦରେ ରାଜ୍ୟରେ ତଥା କଳାହାଣ୍ଡି ଜିଲ୍ଲାରେ ଚହଳ ପଡିଗଲା । ଜିଲ୍ଲା ପ୍ରଶାସନ ତଥା ରାଜନୈତିକ ଦଳ ମଧ୍ୟରେ ଚାଞ୍ଚଲ୍ୟ ଖେଳିଗଲା । ଜିଲ୍ଲାପାଳ ମୋତେ ଡକାଇ, ''ଏଭଳି ଚାଞ୍ଚଲ୍ୟ ସମ୍ବାଦ ପ୍ରକାଶ କରି ଲୋକଙ୍କୁ ଅଯଥା ବିଭ୍ରାନ୍ତ କରୁଛ'' ବୋଲି ମତ ପୋଷଣ କଲେ । ମୁଁ ଦୃଢ଼ତାର ସହ କହିଲି, ''ଯାହା ପ୍ରକାଶ ପାଇଛି ତାହା ସଂପୂର୍ଣ୍ଣ ସତ୍ୟ । ଝାଡା ବାନ୍ତିରେ ଯେଉଁମାନଙ୍କ ମୃତ୍ୟୁ ହୋଇଛି, ତାହା ମଧ୍ୟ ସତ୍ୟ । ଆପଣ ଅନୁସନ୍ଧାନ କଲେ ପ୍ରକୃତ ଘଟଣା ଜାଣିପାରିବେ'' ।

ଜିଲ୍ଲାପାଳ ସମସ୍ତ କଥା ଉପଲବ୍ଧି କରିପାରି ମୋଠୁ ସମସ୍ତ ତଥ୍ୟ ଜାଣିବା ପାଇଁ ପ୍ରୟାସ କଲେ । ସମସ୍ତ କଥା ଗୋଟି ଗୋଟି ତାଙ୍କୁ କହିଲି । ଯେଉଁମାନେ ସେଠି କାମ କରୁଛନ୍ତି ସେମାନଙ୍କୁ ସ୍ୱଚ୍ଛ ପିଇବା ପାଣି ମିଳୁ ନାହଁ, ପିଇବା ପାଇଁ ସ୍ୱଚ୍ଛ ପାଣି ମିଳୁ ନ ଥିବା ଯୋଗୁଁ ଝାଡାବାନ୍ତି ବ୍ୟାପିଛି । ଖରାରେ ଅତ୍ୟଧିକ ପରିଶ୍ରମ ଏବଂ ଦୂଷିତ ଜଳ ହିଁ ରୋଗର ମୂଳ କାରଣ । ହାଡଭଙ୍ଗା ପରିଶ୍ରମ କରି ଠିକ୍ ସମୟରେ ପେଟପୂରା ଖାଇବାକୁ ନ ମିଳିଲେ ଏବଂ ପ୍ରଚଣ୍ଡ ଖରାରେ ଦୂଷିତ ପାଣି ପିଇଲେ ରୋଗ ହେବା ସୁନିଶ୍ଚିତ ।

ତେଣୁ ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ କାର୍ଯ୍ୟପନ୍ଥା ଗ୍ରହଣ କଲେ ଶ୍ରମିକମାନେ ଉପକୃତ ହେବେ । କଳାହାଣ୍ଡି ଜିଲ୍ଲାପାଳ ଥାନ୍ତି ଜଗନ୍ନାଥ ପ୍ରସାଦ ଦାସ । ସେ ଜଣେ ଦକ୍ଷ ପ୍ରଶାସକ । ମୋଠୁ ସମସ୍ତ ତଥ୍ୟ ସଂଗ୍ରହକରି ସେ ତୁରନ୍ତ ତାର ପ୍ରତିକାର ପାଇଁ କାର୍ଯ୍ୟପନ୍ଥା ଗ୍ରହଣ କରିଥିଲେ ।

ପ୍ରଶାସନ ସମ୍ବାଦର ଗୁରୁତ୍ୱ ଅନୁସାରେ କାର୍ଯ୍ୟପନ୍ଥା ଗ୍ରହଣ କଲେ ସାଧାରଣ ଲୋକେ ଉପକୃତ ହୋଇଥାନ୍ତି । ଖବରକାଗଜ ଜାଗ୍ରତ ପ୍ରହରୀ ସଦୃଶ ପ୍ରଶାସନକୁ ସାହାଯ୍ୟ ସହଯୋଗ ଦେଇଥାଏ । ମାତ୍ର ଆଜିକାଲି ପ୍ରଶାସନ, ଖବରକାଗଜ ସମ୍ବାଦକୁ ଗ୍ରହଣ ନ କରି ହେୟ ମନେ କରିବା ଫଳରେ ପ୍ରଶାସନ ହିଁ ଶେଷକୁ ଅପଦସ୍ତ ହୋଇଥାଏ । ପ୍ରଶାସନ ସମ୍ବାଦ ପ୍ରତି ଗୁରୁତ୍ୱ ନ ଦେବା ଯୋଗୁଁ ସାଧାରଣ ଜନତା

Source: Author, Digitized by PPRACHIN, SOA

ହନ୍ତସନ୍ତ ହୋଇଥାନ୍ତି ।

'କଳିଙ୍ଗ'ରେ ପ୍ରକାଶିତ ସମ୍ବାଦକୁ ନେଇ ରାଜନୈତିକ ଦଳ ମଧ୍ୟରେ ଝଡ ସୃଷ୍ଟି ହୋଇ ଯାଇଥାଏ । କଂଗ୍ରେସ ଦଳ ଏହା ତାଙ୍କ ସରକାରଙ୍କ ମର୍ଯ୍ୟାଦା ଉପରେ ପ୍ରଶ୍ନ ବୋଲି, ମୋ ବିରୁଦ୍ଧରେ ବିଜୁ ବାବୁଙ୍କୁ ଭେଟି ଜିଲ୍ଲା ସଭାପତି, ସଂପାଦକ ଏବଂ ଠିକାଦାର ତାଙ୍କ ଦୃଷ୍ଟିକୁ ଆଣିଲେ । 'କଳିଙ୍ଗ'ର ଖବରକୁ ନେଇ ଜିଲ୍ଲାରେ ରାଜନୈତିକ ଉଷ୍ଣତା ବୃଦ୍ଧି ପାଇଥାଏ । ସମସ୍ତ ଦଳ ଚଳଚଞ୍ଚଳ ହୋଇ ଯାଇଥାନ୍ତି ।

ବିରୋଧୀଦଳ ତୁରନ୍ତ ସହର ତମାମ ମାଇକ୍‌ରେ ପ୍ରଚାର କରି ସନ୍ଧ୍ୟା ଛଅଘଣ୍ଟା ସମୟରେ ଏକ ସାଧାରଣ ସଭା ଆହ୍ୱାନ କଲେ । ତତ୍‌କାଳୀନ କଳାହାଣ୍ଡି ଲୋକସଭା ସଦସ୍ୟ ପ୍ରତାପକେଶରୀ ଦେଓ ଏବଂ ଅନ୍ୟାନ୍ୟ ନେତୃ ସ୍ଥାନୀୟ ବ୍ୟକ୍ତିମାନେ ସରକାରଙ୍କ ବିରୁଦ୍ଧରେ ଠିକାଦାରଙ୍କ ବିରୁଦ୍ଧରେ ଭାଷଣ ପ୍ରଦାନ କଲେ । 'କଳିଙ୍ଗ' ସାମ୍ବାଦିକ ସରକାରଙ୍କ ପ୍ରକୃତ ସ୍ୱରୂପ ଲୋକ ଲୋଚନକୁ ଆଣିଥିବା ଯୋଗୁଁ ବାସ୍ତବିକ ସେ ପ୍ରଶଂସା ପାଇବା ପାଇଁ ହକ୍ ବୋଲି ମତ ପୋଷଣ କଲେ ।

ଖବର ପ୍ରକାଶ ପାଇଲା ପରେ ଜିଲ୍ଲା ପ୍ରଶାସନ ତତ୍‌ପର ହୋଇ ଦୃଷ୍ଟାନ୍ତ ମୂଳକ ଅନେକ କାର୍ଯ୍ୟକ୍ରମ ଗ୍ରହଣ କରିବା ଫଳରେ ଶ୍ରମିକମାନେ ଉପକୃତ ହୋଇଥିଲେ । ଯୋଜନା କାର୍ଯ୍ୟ ମଧ୍ୟ ଉନ୍ନତ ହୋଇ ପାରିଥିଲା ।

ବିଭିନ୍ନ ଖବରକାଗଜରେ ମରୁଡି ଉପରେ ଅନେକ ଖବର ପ୍ରକାଶ ପାଉଥାଏ । ମରୁଡି ସମୟରେ ଲୋକଙ୍କୁ କାମ ଯୋଗାଇବା ପାଇଁ ଅନେକ କର୍ମ ନିଯୁକ୍ତି ଯୋଜନା କାର୍ଯ୍ୟକାରୀ ହେଉଥାଏ । କେଉଁଠି ଠିକାଦାର ଲାଭଖୋର ମନୋବୃତ୍ତିରେ ଶ୍ରମିକମାନଙ୍କ ଭଲମନ୍ଦ ପ୍ରତି ସଚେତନ ନ ହୋଇ କାର୍ଯ୍ୟ କରୁଥିବା ଯୋଗୁଁ ଅନେକ ସମୟରେ ଲୋକେ ଝାଡା, ବାନ୍ତିରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରୁଥିବା ଘଟଣା ଏବଂ ମୃତ୍ୟୁବରଣ କରିଥିବା ଲୋକଙ୍କ ତଥ୍ୟ ପ୍ରକାଶ ସମଗ୍ର ଜିଲ୍ଲାରେ ଚାଞ୍ଚଲ୍ୟ ଖେଳାଇ ଦେଇଥାଏ । ସରକାରରେ ମଧ୍ୟ ଏହା ଆଲୋଡନ ସୃଷ୍ଟି କରିଥାଏ । ଫଳରେ ପ୍ରଶାସନ ମଧ୍ୟ ଅତି ତତ୍‌ପର ହୋଇ ଉଠିଲେ ।

'କଳିଙ୍ଗ'ର ସମ୍ପାଦକ ସୁରେନ୍ଦ୍ର ମହାନ୍ତିଙ୍କ ସହ ସାକ୍ଷାତ :

କଟକରୁ 'କଳିଙ୍ଗ' ସଂପାଦକଙ୍କ ଟେଲିଗ୍ରାମ ପାଇଲି । ତୁରନ୍ତ ସାକ୍ଷାତ କରିବା ପାଇଁ ନିର୍ଦ୍ଦେଶ ଥାଏ । ମୁଁ ସେହି ଦିନ ସନ୍ଧ୍ୟା ବସରେ କଟକ ଯାଇ ଜଣେ ବନ୍ଧୁଙ୍କ ଘରେ ରହି ସକାଳ ୧୦ଘଣ୍ଟା ସମୟରେ କଟକରୁ ତୁଳସୀପୁର 'କଳିଙ୍ଗ' ପତ୍ରିକାର ଅଫିସରେ ପହଞ୍ଚି ଗଲି । ମନମୋହନ ମିଶ୍ର ସଂପାଦକ ପଦବୀରୁ ବିଦାୟ ନେଇଥାନ୍ତି ।

Source: Author, Digitized by PPRACHIN, SOA

ସୁରେନ୍ଦ୍ର ମହାନ୍ତି ସଂପାଦକ ଦାୟିତ୍ୱରେ ଥାଆନ୍ତି । ତାଙ୍କ ଅନୁମତି ନେଇ ଭିତରକୁ ଗଲି ଏବଂ ମୋର ପରିଚୟ ପ୍ରଦାନ କଲି । ଆଗରୁ ମୋ ବାବଦରେ ସମସ୍ତ ତଥ୍ୟ ସେ ଜିଲ୍ଲା କଂଗ୍ରେସ ସଭାପତି ଏବଂ ଅନ୍ୟମାନଙ୍କଠୁ ଶୁଣି ନେଇ ସାରିଥାନ୍ତି । ମୋ ପ୍ରତି ତାଙ୍କ ମନରେ କେଜାଣି କାହିଁକି ରାଗ ଭରି ରହିଥାଏ ।

ମୋର ପରିଚୟ ପାଇଲା ପରେ ମୋ ଉପରେ ବର୍ଷି ଚାଲିଲେ । ''କାହିଁକି ତୁମେ ଏଭଳି ସମ୍ବାଦ ଲେଖିଲ ? ଜଣେ ବରିଷ୍ଠ ଯୋଗ୍ୟ ସଭାପତି ବିରୁଦ୍ଧରେ ଏହିଭଳି ସମ୍ବାଦ ଦେବା ଠିକ୍ କରିନାହଁ'' ।

ସେ ରାଗି ପୁଣି କହିଲେ, ''ତୁମକୁ କିଏ ସାମ୍ବାଦିକ ଦାୟିତ୍ୱ ଦେଲା'' ? ଏହିଭଳି ସେ ଅନେକ କଥା କହିଗଲେ । ମନରେ ଥିବା ସମସ୍ତ ରାଗ ସେ ଝାଡିଦେଇ ସାରିଥାନ୍ତି ।

ମୁଁ ଆଗରୁ ଶୁଣିଛି ସେ ବଦ୍‌ରାଗୀ । ମାତ୍ର, ମୁଁ ନୀରବରେ ତାଙ୍କ କଥା ଶୁଣି କିଛିକ୍ଷଣ ପରେ କହିଲି ।

''ସାର୍ ! ମୋର ଲେଖା ଯଦି ଠିକ୍ ନ ଥିଲା, ଆପଣ ସଂପାଦକ ହିସାବରେ ତାକୁ ପ୍ରକାଶ କରିବା ପାଇଁ ଦେଇ ନ ଥାନ୍ତେ । ଆପଣଙ୍କ ପୂର୍ବରୁ ମନମୋହନ ମିଶ୍ର ସଂପାଦକ ଦାୟିତ୍ୱରେ ଥିବା ସମୟରେ ମୋତେ ଜିଲ୍ଲା ସାମ୍ବାଦିକ ହିସାବରେ ଦାୟିତ୍ୱ ଅର୍ପଣ କରାଯାଇଥିଲା'' ।

ଯେମିତି ମୁଁ ଏତକ କହିଦେଇଛି, ସେ ରାଗି ଚୌକିରୁ ଉଠିପଡି ଆଖି ନାଲି କରି ମୋ ଆଡକୁ ତରାଟି ପ୍ରଶ୍ନ କଲେ, ''କଣ କହିଲ'' ?

ମୁଁ ଶାନ୍ତ ଚିତ୍ତରେ କହିଲି, ''ସାର୍ ! ଆପଣ ରାଗନ୍ତୁ ନାହିଁ । ମୁଁ କୌଣସି ଭୁଲ ତଥ୍ୟ ଦେଇନାହିଁ । ବରଂ, ଯେଉଁମାନେ ଆଗରୁ ଆସି ମୋ ବାବଦରେ ଯାହା ଆପଣଙ୍କୁ କହିଛନ୍ତି, ସେମାନେ ଆପଣଙ୍କୁ ଭୁଲ ତଥ୍ୟ ଦେଇଛନ୍ତି । ମୁଁ ଜିଲ୍ଲା ସଭାପତିଙ୍କ ବିରୁଦ୍ଧରେ କିଛି ଲେଖିନାହିଁ । ବରଂ, ଠିକାଦାର ଠିକ୍ ଭାବରେ କାର୍ଯ୍ୟ କରୁ ନ ଥିବା କଥା ଲେଖିଛି । ଶ୍ରମିକମାନଙ୍କୁ ଭଲ ପିଇବା ପାଣି ଯୋଗାଇ ଦେଇଥିଲେ, ଝାଡା, ବାନ୍ତି ବ୍ୟାପୀ ନ ଥାନ୍ତା ଅବା ଲୋକଙ୍କ ମୃତ୍ୟୁ ହୋଇ ନ ଥାନ୍ତା । ମୁଁ କେବଳ ଏକ ମାନବିକ ପ୍ରଶ୍ନକୁ ଉତ୍‌ଥାପନ କରିଛି'' ।

ସଂପାଦକ ମହାଶୟ ମୋତେ ଥରେ ଦେଖିନେଇ ଚୌକିରେ ବସିପଡିଲେ । ପୁଣି କହିଲି, ''ସାର୍ ! ଆପଣ ଯାହାଙ୍କୁ ଜଣେ ଦକ୍ଷ ସଭାପତି କହୁଛନ୍ତି, କଲମର ଶକ୍ତି କେତେ ତାହା ଆପଣ ଅଳ୍ପ ଦିନ ଭିତରେ ପ୍ରମାଣ ପାଇବେ'' ।

Source: Author, Digitized by PPRACHIN, SOA

ସୁରେନ୍ଦ୍ର ମହାନ୍ତି ଜଣେ ଦକ୍ଷ ସାମ୍ବାଦିକ, ସୁ ସାହିତ୍ୟିକ । ଓଡିଆ ସାହିତ୍ୟର ଜଣେ ଶ୍ରେଷ୍ଠ ଆଲୋଚକ ଗାଳ୍ପିକ ଏବଂ ଔପନ୍ୟାସିକ । ମୁଁ କଲେଜରେ ପଢୁଥିବା ସମୟରେ ତାଙ୍କ ରଚିତ 'କୃଷ୍ଣଚୂଡା' କ୍ଷୁଦ୍ରଗଳ୍ପ ଆମ କ୍ଲାସର ପାଠ୍ୟ ପୁସ୍ତକ ଥିଲା । ଏହିଭଳି ଜଣେ ବରିଷ୍ଠ ସାହିତ୍ୟିକଙ୍କ ସହ ମୋର ସମ୍ବାଦକୁ ନେଇ ଝଡ ସୃଷ୍ଟି ହୋଇଥିଲା ।

ତାଙ୍କ ପାଟି ତୁଣ୍ଡ ଶୁଣି ଅନ୍ୟ କର୍ମଚାରୀମାନେ ଶଙ୍କି ଯାଇଥାନ୍ତି । ତାଙ୍କ ଅଫିସରୁ ବାହାରି ଆସିବା ପରେ ମୁଁ ଯାଇ ମ୍ୟାନେଜର ବୈଦ୍ୟନାଥ ବାବୁଙ୍କ ସହ ସାକ୍ଷାତ କଲି । ପତଳା ଲମ୍ବା ମଣିଷ, ଦୀପ୍ତିବନ୍ତ ଚକ୍ଷୁ ଯୁଗଳ । ଗମ୍ଭୀର ମୁହଁ ସହ ପ୍ରସନ୍ନତା ଭାବ ଭରି ରହିଥାଏ ।

ମୋତେ ବସିବା ପାଇଁ କହିଲେ । ତାଙ୍କ ସମ୍ମୁଖ ଚୌକିରେ ବସି ତାଙ୍କ ମୁହଁକୁ ଅନାଇଲି । ଅତି ଶାନ୍ତଶିଷ୍ଟ ଭାବରେ ସେ ମୋତେ ବୁଝାଇ କହିଲେ, ''ରାସବିହାରୀ! ସଂପାଦକ ଏମିତି ରାଗନ୍ତି, ମାତ୍ର; ମନରେ କିଛି ରଖନ୍ତି ନାହିଁ । ପୁଣି ତାଙ୍କୁ ଭେଟିଲେ ତୁମ ସହ ହସି ହସି କଥା ହେବେ । କିଛି ନ ଭାବି ତୁମ କାମ ତୁମେ କରିଚାଲ'' । ଏଭଳି ସାନ୍ତ୍ୱନା ଦେଇ ସେ ମୋଠୁ ଜିଲ୍ଲାର ଅନେକ କଥା ସଂଗ୍ରହ କରି ମୋତେ ବିଦାୟ ଦେଲେ ।

ଜିଲ୍ଲା କଂଗ୍ରେସ ସଭାପତି ବଦଳିଲେ :

କଟକରୁ ଭବାନୀପାଟଣା ଫେରି ଆସିଲି । ଦିନଟିଏ ପରେ ପୁଣି ଏକ ଟେଲିଗ୍ରାମ୍ ପାଇଲି । ସେତେବେଳେ ଫୋନ୍‌ର ବ୍ୟବହାର ଆଜିକାଲି ଭଳି ଏତେ ହୋଇନଥାଏ । ତେଣୁ ଟେଲିଗ୍ରାମ୍ ହିଁ ଏକମାତ୍ର ମାଧ୍ୟମ, ସହଜରେ ଜରୁରୀ ଖବର ମିଳିବା ପାଇଁ । ଟେଲିଗ୍ରାମ୍‌ରେ ମୋତେ ଜଣାଇ ଦିଆଯାଇଥାଏ, ବିଜୁ ପଟ୍ଟନାୟକଙ୍କୁ ଖଡିଆଳରେ ସାକ୍ଷାତ କର ।

ଟେଲିଗ୍ରାମ୍ ପାଇଲା ପରେ ଗୋଟିଏ କାର୍ ଠିକ୍ କରି ଖରିଆର ଅଭିମୁଖେ ବାହାରି ପଡିଲି । ମୋ' ସହିତ ମାଣିକେଶ୍ୱରୀ ହାଇସ୍କୁଲର ପ୍ରଧାନ-ଶିକ୍ଷକ ଭବାନୀଶଙ୍କର ବାବୁ ମଧ୍ୟ ବିଜୁବାବୁଙ୍କ ସହ ସାକ୍ଷାତ କରିବା ପାଇଁ ଚାହିଁଲେ । ଦୁହେଁ ବାହାରି ପଡିଲୁଁ ।

ଖଡିଆଳରେ ଜିଲ୍ଲା କଂଗ୍ରେସ କମିଟିର ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥାଏ । ବିଜୁ ବାବୁ ସେଥିରେ ଯୋଗଦେବା ପାଇଁ ଆସିଥାନ୍ତି । 'କଳିଙ୍ଗ' ଖବର କାଗଜରେ ପ୍ରକାଶ ପାଇଥିବା ଚାଞ୍ଚଲ୍ୟକର ସମ୍ବାଦ ଜିଲ୍ଲାର ରାଜନୀତିରେ ଉଥୁଲ ପୁଥୁଲ ହେଉଥାଏ । ସଭିଙ୍କ ମନରେ ରାଜନୈତିକ ଆଲୋଡନ ଖେଳି ଯାଇଥାଏ ।

Source: Author, Digitized by PPRACHIN, SOA

ଜଣେ ଠିକାଦାରଙ୍କୁ ଜିଲ୍ଲା ସଭାପତି ଖୋଲମଖୋଲା ସମର୍ଥନ ଦେଇ ସାମ୍ବାଦିକଙ୍କ ବିରୁଦ୍ଧରେ ଯିବା ଘଟଣାକୁ କଂଗ୍ରେସ କର୍ମୀ, ନେତା ଠିକ୍ ମନେ କରୁ ନ ଥାନ୍ତି । ତେଣୁ କଂଗ୍ରେସ ଦଳ ମଧ୍ୟରେ ତାର ଆଲୋଚନା ହୋଇ ବିହିତ ପ୍ରତିକାର ପାଇଁ ସଭିଏଁ ଏକଜୁଟ ହୋଇଥାନ୍ତି ।

ସଭାପତିଙ୍କୁ କାଢ଼ି ତାଙ୍କ ସ୍ଥାନରେ ଆଉ ଜଣକୁ ସଭାପତି ମନୋନୀତ କରିବା ପାଇଁ ମଧ୍ୟ କଥା ଯୋର ଧରିଥାଏ । ଖଡିଆଳର ପୂର୍ବତନ ରାଜାସାହେବ ଅନୁପ ସିଂହଦେଓ ରାଜ୍ୟ ମନ୍ତ୍ରିମଣ୍ଡଳରେ ଜଣେ ସଦସ୍ୟ ଥାନ୍ତି । ବିଜୁ ବାବୁ ତାଙ୍କ ସହିତ ପରାମର୍ଶ କରି ସଭାପତି ପରିବର୍ତ୍ତନରେ ସହମତ ହୋଇ ସଭାପତି ପରିବର୍ତ୍ତନ କଲେ ।

ସମୟ ଓ ପରିସ୍ଥିତିକୁ ଦେଖି କାମ ଆଦାୟ କରିବାରେ ବିଜୁ ବାବୁ ଧୁରନ୍ଧର । ସଭିଙ୍କ ମତ ନେଇ ସେ କାମ କରିଥାନ୍ତି । ନିଜ ମତକୁ କେବେ ଦଳରେ ଲଦି ଦିଅନ୍ତି ନାହିଁ । ତେଣୁ ତାଙ୍କ କାର୍ଯ୍ୟ ପ୍ରଣାଳୀକୁ କର୍ମୀଗଣ ସମର୍ଥନ କରୁଥିବା ଯୋଗୁଁ ସେମାନଙ୍କ ପାଖରେ ସେ ପ୍ରିୟ ହୋଇ ପାରିଥାନ୍ତି ।

ଖଡିଆଳରେ ବିଜୁବାବୁଙ୍କ ପରାମର୍ଶ :

ଖଡିଆଳ ଆଇ.ବି.ରେ ବିଜୁ ବାବୁଙ୍କ ସହ ଭେଟ ହେଲା । ବାରଣ୍ଡାରେ ବସି ସିଗାରେଟ୍ ଟାଣୁଥାନ୍ତି । ତାଙ୍କ ମନରେ ଅନେକ ଭାବନା ଖେଳୁଥାଏ । ମୁଁ ପାଖକୁ ଯାଇ ତାଙ୍କୁ ନମସ୍କାର ଜଣାଇଲି । ମୋତେ ଦେଖି ପ୍ରଶ୍ନକଲେ, ‘‘କେତେବେଳେ ଆସିଲୁ’’ ? ପାଖରେ ଖାଲି ପଡିଥିବା ଚୌକି ଦେଖାଇ ‘‘ସେଠି ବସ୍’’ କହିଲେ । ବସି କହିଲି, ‘‘ଆପଣଙ୍କୁ ସାକ୍ଷାତ କରିବା ପାଇଁ ସଂପାଦକ ମହାଶୟ ଟେଲିଗ୍ରାମ୍ କରିଥିଲେ । କଟକରେ ମଧ୍ୟ ତାଙ୍କୁ ସାକ୍ଷାତ କରିଥିଲି । ସେ ମୋ କାମ ଉପରେ ଅସନ୍ତୁଷ୍ଟ’’ ।

ବିଜୁ ବାବୁ ମୋଠୁ ଏତକ ଶୁଣି, ମୋତେ ଦେଖି ହସି କହିଲେ, ‘‘ମୁଁ ସବୁ ଜାଣିଛି । ତୁ’ ତୋ’ କାମ କରୁଛୁ । ତାଙ୍କୁ ମଧ୍ୟ କହି ଦେଇଛି । ଛାତ୍ର ଆନ୍ଦୋଳନ ସମୟରେ ଛାତ୍ରମାନଙ୍କ ସପକ୍ଷରେ ତୋର ସମ୍ବାଦ ପଢ଼ିଛି । ଏପରିକି ଧର୍ମଗଡ ହାଇସ୍କୁଲର ପରିଚାଳନାଗତ ବିଶୃଙ୍ଖଳା ସମ୍ବାଦ ମଧ୍ୟ ପଢ଼ିଛି । ହାଇସ୍କୁଲ ପରିଚାଳନା କମିଟିର ସଂପାଦକ ତୋ’ ବାପା ପ୍ରସନ୍ନ କୁମାର ବେହେରା । ସେହି ସମ୍ବାଦ ମଧ୍ୟ କଳିଙ୍ଗରେ ପ୍ରକାଶ ପାଇଛି । ସତ୍ୟ ପ୍ରକାଶ କରିବା ସାମ୍ବାଦିକର ଧର୍ମ । ଏହା ସେ ବୁଝିଛି । ସବୁକଥା ମୁଁ ତୁମ ସଂପାଦକଙ୍କୁ ବୁଝାଇ ଦେଇଛି’’ । ମୋତେ ଦେଖିନେଇ ପୁଣି ସେ କହିଲେ, ‘‘ତୁ’ ତୋ’ କାମ କରିଚାଲ’’ । ମୋତେ ବୁଝାଇବା ପାଇଁ ପୁଣି କହିଲେ, ‘‘ରାଜନୈତିକ ଦଳରେ ନେତାର ଆବଶ୍ୟକତା ସହ ଅନ୍ୟମାନଙ୍କର

Source: Author, Digitized by PPRACHIN, SOA

ସହଯୋଗର ଆବଶ୍ୟକତା ମଧ୍ୟ ପଡିଥାଏ । ଏତକ ଆଖି ଆଗରେ ରଖି ତୁ ତୋର କାମ କରିଚାଲ । ତୋ' ସମ୍ବାଦକୁ ନେଇ ଦଳ ଭିତରେ, ଜିଲ୍ଲା ଭିତରେ ଅନେକ ପ୍ରତିକ୍ରିୟା ସୃଷ୍ଟି ହୋଇଛି'' ।

ବିଜୁ ବାବୁଙ୍କ ଏହିଭଳି ସହାନୁଭୂତି ଓ ସାନ୍ତ୍ୱନା ମୂଳକ କଥା ଶୁଣି ମୋ ମନରେ ଏକପ୍ରକାର ଉତ୍ସାହ ଉଦ୍ଦୀପନା ଭାବ ଖେଳିଗଲା । ମୋର ସମ୍ବାଦ ପରିବେଷଣରେ କୌଣସି ତ୍ରୁଟି ନାହିଁ, ଏହା ମୁଁ ଉପଲବ୍ଧି କଲି । ଯାହା ସତ୍ୟ ତାହା ନ୍ୟାୟସଙ୍ଗତ ଏବଂ ଯୁକ୍ତିସଙ୍ଗତ । ଯେତେବେଳେ ସତ୍ୟ ସମ୍ବାଦ ପରିବେଷଣ ହୁଏ, ତାହା ସଭିଙ୍କ ଗ୍ରହଣୀୟ ମଧ୍ୟ ହୋଇଥାଏ । ସତ୍ୟ ଅନୁସନ୍ଧାନ କରୁଥିବା ସମ୍ବାଦିକ ମନରେ ମଧ୍ୟ ଶାନ୍ତି ମିଳେ । ସତ୍ୟ ପ୍ରକାଶ ହେଲେ କିଛି ଲୋକ ଆଘାତ ପ୍ରାପ୍ତ ହୋଇଥାନ୍ତି । ତଥାପି, ସତ୍ୟ ପ୍ରକାଶ ହେବା ଉଚିତ । ଏହା ହିଁ ସାମ୍ବାଦିକତାର ମୂଳମନ୍ତ୍ର । ମାଣିକେଶ୍ୱରୀ ହାଇସ୍କୁଲର ପ୍ରଧାନ ଶିକ୍ଷକ ମଧ୍ୟ ବିଜୁ ବାବୁଙ୍କୁ ଭେଟିଲେ । ଆମେ ଫେରି ଆସିଲୁ ।

ଅସିଠୁ ମସିର ପ୍ରଭାବ କେତେ ଶକ୍ତିଶାଳୀ ସେଦିନ ଉପଲବ୍ଧି କଲି । ମୋ ମନରେ ଆତ୍ମବିଶ୍ୱାସ ବୃଦ୍ଧି ହେଲା । ଜିଲ୍ଲା ସଭାପତି ବିଦାୟନେଇ ନୂତନ ସଭାପତି ମନୋନୀତ ହେଲେ ।

ଖଡିଆଳର ଭୟାବହ ମରୁଡି :

କଳାହାଣ୍ଡି ଜିଲ୍ଲା ଖଡିଆଳ ଅଞ୍ଚଳରେ ଭୟାବହ ମରୁଡି ପରିସ୍ଥିତି ଦେଖା ଦେଇଥାଏ । ପ୍ରାୟ ଶହେ ବର୍ଷ ପୂର୍ବରୁ ୧୮୬୬ରେ ଓଡିଶାରେ ଭୟାବହ ନ'ଅଙ୍କ ଦୁର୍ଭିକ୍ଷ ପଡିଥିଲା । ଓଡିଶାର ଲୋକସଂଖ୍ୟାର ପ୍ରାୟ ଏକ ତୃତୀୟାଂଶ ଲୋକ ଖାଦ୍ୟାଭାବ ଓ ଜଳକଷ୍ଟରେ ମୃତ୍ୟୁ ମୁଖରେ ପଡିଲେ । ମଣିଷକୃତ ଦୁର୍ଭିକ୍ଷର ତଥା ପ୍ରଶାସନର ଉଦାସୀନତାରେ ଲୋକେ ମୃତ୍ୟୁବରଣ କଲେ । ଠିକ୍ ସେହି ଦୁର୍ଭିକ୍ଷର ଯେପରି ଶହେ ବର୍ଷ ପରେ ୧୯୬୬ ମସିହାରେ ଖଡିଆଳ, ସିନାପାଲି, ବୋଡେନ, କୋମନା ତଥା ବଲାଙ୍ଗିର ଜିଲ୍ଲାର କେତେ ଅଞ୍ଚଳରେ ନ'ଅଙ୍କ ଦୁର୍ଭିକ୍ଷର ଯେପରି ପୁନରାବୃତ୍ତି ଘଟିଛି । ଅଞ୍ଚଳଟି ଦୁର୍ଭିକ୍ଷ କବଳରେ ପଡିଯାଇଛି । ନଈ, ନାଳ ସବୁ ଦିନକୁ ଦିନ ଶୁଖିବାକୁ ଲାଗିଥାଏ । ଅଞ୍ଚଳର ବୃହତ ନଦୀ ଏବଂ ଚିରସ୍ରୋତା ଉଦନ୍ତୀ ନଦୀର ଧାରା କ୍ଷୀଣ ହୋଇ ଆସୁଥାଏ । ଲୋକଙ୍କ ଭିତରେ ଏକ ପ୍ରକାର ବିଷାଦର ଛାୟା ଖେଳି ଯାଇଥାଏ । ସତେ ଯେପରି ଲୋକଙ୍କ ମୁହଁରୁ କିଏ ହସ ଛଡାଇ ନେଇ ଯାଇଛି । ଗାଁ ଗଣ୍ଡାରେ ଚୋର ଡାକୁଙ୍କ ପ୍ରାଦୁର୍ଭାବ ମଧ୍ୟ ଦିନକୁ ଦିନ ବଢ଼ି ଚାଲିଥାଏ । ଦେଖୁ ଦେଖୁ କୂଅ, ପୋଖରୀ ସବୁ ଶୁଖିଗଲା । ପିଇବା ପାଣି ମୁନ୍ଦାଏ ମଧ୍ୟ ମିଳିବା

Source: Author, Digitized by PPRACHIN, SOA

କଷ୍ଟକର ହୋଇ ପଡିଲା । ଗାଈଗୋରୁଙ୍କ ଅବସ୍ଥା କହିଲେ ନ ସରେ । ଚତୁର୍ଦ୍ଦିଗରେ ପାନୀୟ ଜଳର ଉତ୍କଟ ଅଭାବ ପରିଲକ୍ଷିତ ହେଉଥାଏ । ମାଇଲ ମାଇଲ ଗଲେ ମଧ୍ୟ ପିଇବା ପାଣି କେଉଁଠି ମିଳିଲା ନାହିଁ । ଗୋରୁଗାଈମାନେ ଖାଇବାକୁ ନ ପାଇ ଏବଂ ପିଇବା ପାଇଁ ପାଣି ନ ପାଇ ଅସ୍ଥି-କଙ୍କାଳ ସାର ହୋଇ ଗଲେଣି । କେଉଁଠି କାହା ଘରେ ପାଳ ଗଣ୍ଡାଏ ମଧ୍ୟ ନାହିଁ । ଧାନ ତ ଅମଳ ହୋଇ ପାରିଲା ନାହିଁ, ପାଳ ଆସିବ କୁଆଡୁ ? ପିଲା ବୁଢ଼ା ସଭିଙ୍କ ମୁହଁରେ ହସ ଆଉ ଦେଖିବାକୁ ମିଳୁ ନ ଥାଏ । ଗାଲସବୁ ଭିତରକୁ ପସି ଯାଇଥାଏ । ଆଖି କୋଟରଗତ ହୋଇ ଗଲାଣି । ଅନେକ ଦିନ ଧରି ଲୋକେ ଗଣ୍ଡିଏ ମଧ୍ୟ ଖାଇବାକୁ ପାଇ ନାହାନ୍ତି ।

ଧଳା ଆକାଶରେ କେଉଁଠି କଳାମେଘ ଦେଖିଲେ ଲୋକେ ଆତୁର ହୋଇ ଆକାଶକୁ ଅନାଇ ରହିଥାନ୍ତି । ନିରାଶା ଭିତରେ ଆଶାଟିଏ ଉଙ୍କି ମାରିଲା ଭଳି ମନେ ହେଉଥାଏ । ସତେ ଏ କଳାମେଘ ବର୍ଷିବ କି ? ବୁଢ଼ା ବୁଢ଼ୀମାନେ ଇନ୍ଦ୍ରଦେବତାଙ୍କୁ ଆତୁର ହୋଇ ସ୍ମରଣ କରୁଥାନ୍ତି । ଏମିତି ବେଳେ ବେଳେ ମନରେ ଆଶା ଉଙ୍କି ମାରି ପୁଣି ନିରାଶରେ ହା ହତାଶମୟ ହୋଇଯାଉଥାଏ । ଦିନକୁ ଦିନ ମନର ଯାହା ଆଶା ଟିକକ ଥିଲା, ସେତକ ମଧ୍ୟ ମଉଳି ଗଲାଣି । ହତା ଗୋରୁଗାଈ ଖୋଲା ପଡିଆରେ କୁଟାଟିଏ ମିଳିଯିବା ଆଶା ନେଇ ଆତୁର ନୟନରେ ଚାରିଆଡେ ଅନାଇ ଘୂରି ବୁଲିଲେ । ଦିନ ଦିନ ଧରି କିଛି ନ ଖାଇ ଆଉ କେତେଦିନ ସମ୍ଭାଳି ରହି ପାରିବେ ? ଦିନକୁ ଦିନ ସେମାନେ ଦୁର୍ବଳ ହୋଇପଡୁଥାନ୍ତି । ସେମାନଙ୍କର ଗୋଡ ଥରିବା ଆରମ୍ଭ କରି ଦେଇଥାଏ । ଥର ଥର ହୋଇ ତଳେ କଚାଡି ହୋଇ ପଡୁଥାନ୍ତି । କିଛି ସମୟ ଦମ୍ଭ ନେଇ ପୁଣି ଲଡବଡ ହୋଇ କିଛି ଦୂର ଚାଲି ଢୁ କିନା ତଳେ ପଡି ଛଟପଟ ହୋଇ ଆଖି ତରାଟି ମରି ପଡୁଥାନ୍ତି । ସମଗ୍ର ଅଞ୍ଚଳଟି ଏକ ଶ୍ମଶାନରେ ପରିଣତ ହେବାକୁ ଲାଗିଥାଏ । ଗାଈଗୋରୁଙ୍କ ଶବରେ ପରିବେଶ ଦୁର୍ଗନ୍ଧମୟ ହୋଇ ପଡିଥାଏ ।

ଲୋକଙ୍କ ମନରୁ ଦମ୍ଭ ଭାଙ୍ଗି ଯାଇଥାଏ । ମରୁଡିର କରାଳ ଛାୟା ସମଗ୍ର ଅଞ୍ଚଳକୁ ଛାଇ ଯାଇଥାଏ । ସଭିଙ୍କ ମନରେ ବିଷାଦ ଭାବନା ଭରି ଯାଇଥାଏ । ବିପଦରୁ ରକ୍ଷା ପାଇବା ପାଇଁ ଆତୁର ନୟନରେ ସମସ୍ତେ ଉପରକୁ ଅନାଇ ରହିଥାନ୍ତି । ସତେ କଣ ଭଗବାନଙ୍କ କରୁଣା ଟିକକ ପଡିବ କି ? ଏ ଦୁଃଖରୁ ଆମକୁ ରକ୍ଷା କରିବେ କି ? ଏକ ବିଷାଦର ଭାବନା ସଭିଙ୍କି ଘାରି ଦେଇଥାଏ ।

ସରକାର ଗାଁ ଗଣ୍ଡାରେ ଲୋକଙ୍କୁ କାମ ଯୋଗାଇବା ପାଇଁ ମାଟି କାମ ଆରମ୍ଭ କରିଦେଲେ । କାମ ମିଳୁଥିବା ଜାଣି, ଲୋକେ କାମ କରି ଉପାର୍ଜନ କରିବା ଆଶା ନେଇ ରୁଣ୍ଡ ହେଲେ । ମାତ୍ର, ଲୋକେ କାମ ମଧ୍ୟ କରି ପାରିଲେ ନାହିଁ । ଦୀର୍ଘ ଦିନ

Source: Author, Digitized by PPRACHIN, SOA

ଭୋକରେ ରହି କାମ କରିବା ଶକ୍ତି ଟିକକ ମଧ୍ୟ ହରାଇ ଦେଇଥାନ୍ତି । ଅସ୍ଥି କଙ୍କାଳସାର ହୋଇ ପଡିଥାନ୍ତି । ପୁଅ ଝିଅମାନଙ୍କ ପଞ୍ଜରାହାଡ ବାରି ହୋଇ ଯାଉଥାଏ । ପେଟ, ମୁହଁ ସବୁ ଫୁଲି ଯାଇଥାଏ । ଶହଶହ ସଂଖ୍ୟାରେ ଅସ୍ଥି କଙ୍କାଳସାର ପୁଅ, ଝିଅ ମଣିଷକୁ ଦେଖିଲେ ମରୁଡିର ଭୟାବହତା ସହଜରେ ଉପଲବ୍ଧି କରି ହୋଇ ଯାଉଥାଏ ।

ମୁଁ 'କଳିଙ୍ଗ' ପତ୍ରିକାର ସାମ୍ବାଦିକ ହିସାବରେ ଅଞ୍ଚଳର ବିଭିନ୍ନ ସ୍ଥାନ ବୁଲି ସ୍ୱଚକ୍ଷୁରେ ଅନେକ ଘଟଣା ଦେଖି, ''ମରୁଡିର ଭୟାବହତାର ତୁରନ୍ତ ପ୍ରତିକାର କରା ନ ଗଲେ ପରିସ୍ଥିତି ଅସମ୍ଭାଳ ହୋଇପଡିବ'' ବୋଲି ଖବର ପ୍ରକାଶ କଲି ।

ଦିନକୁ ଦିନ ମରୁଡି ପରିସ୍ଥିତିର ଉଦ୍‌ବେଗଜନକ ଖବରମାନ 'କଳିଙ୍ଗ'ରେ ପ୍ରକାଶ ପାଉଥିବା ଯୋଗୁଁ ଜିଲ୍ଲା ପ୍ରଶାସନ ତତ୍‌ପର ହୋଇ ଉଠୁଥାନ୍ତି । ଲୋକଙ୍କୁ ତୁରନ୍ତ ରିଲିଫ ଯୋଗାଇ ଦେବା ପାଇଁ ସମ୍ବାଦ ପ୍ରକାଶ ପାଇଲା । ଅନାହାର ମୃତ୍ୟୁ ସମ୍ବାଦ ମଧ୍ୟ ଗୋଟି ଗୋଟି ପ୍ରକାଶ ପାଇଲା ।

ଭୋକରେ ପିଲାମାନେ ଡହଳ ବିକଳ ହୋଇ ପଡୁଥାନ୍ତି । ଯୁବକମାନେ ମଧ୍ୟ ଖାଦ୍ୟ ଅଭାବରେ ଶକ୍ତିହୀନ ହୋଇ ପଡୁଥାନ୍ତି । ପୁଷ୍ଟିହୀନତାର ଶିକାର ଜନିତ ଦୁର୍ବଳତା ସଭିଙ୍କୁ ଗ୍ରାସି ଯାଇଥାଏ । କ୍ଷୀଣ ଶରୀର ଦେଖିଲେ ମନେ ହେଉଥାଏ ପଚିଶ ବର୍ଷର ଭେଣ୍ଡା ଯୁବକ ପଚାଶ ବର୍ଷର ବୃଦ୍ଧ ପାଲଟି ଯାଇଛି ।

ଭୋକ ଦାଉରୁ ରକ୍ଷା ପାଇବା ପାଇଁ ମା' ମାନେ, ସେମାନଙ୍କ ଛୁଆଙ୍କୁ ଥିଲା ଘରେ ଦେଇ ଦେଲେ ଗଣ୍ଡେ ଖାଇ ବଞ୍ଚିଯିବ, ଏହି ଆଶାରେ ପିଲାମାନଙ୍କୁ ତାଙ୍କ ପାଖରେ ଛାଡି ଦେଇ କିଛି ଅର୍ଥ ପାଇ, ସେହି ଅର୍ଥରେ କିଛିଦିନ ବଞ୍ଚିଯିବାର ଆଶା ନେଇ ଚାଲି ଯାଉଥିଲେ । ଖବର କାଗଜରେ ବଡ ବଡ ଅକ୍ଷରରେ ପ୍ରକାଶ ପାଇଲା 'ପିଲା ବିକ୍ରି ସମ୍ବାଦ' । ସମଗ୍ର ଦେଶରେ ଚହଳ ପଡିଗଲା ।

କଳାହାଣ୍ଡିର ପୂର୍ବତନ ଜିଲ୍ଲାପାଳ ଜେ.ପି. ଦାସଙ୍କ ଏକ କବିତା 'କଳାହାଣ୍ଡି' କେନ୍ଦ୍ର ସାହିତ୍ୟ ଏକାଡେମୀ ଦ୍ୱାରା ପ୍ରକାଶିତ 'ଆହ୍ନିକ'ରେ ପ୍ରକାଶିତ ହୋଇଥିଲା । ଏହି କବିତାଟି ଇଂରାଜୀ ଏବଂ ଅନ୍ୟାନ୍ୟ ଭାରତୀୟ ଭାଷାରେ ଅନୁବାଦ ହୋଇ ସମଗ୍ର ଦେଶରେ ଚହଳ ପକାଇଦେଲା । ମରୁଡିର ବହୁ ବର୍ଷ ପରେ ଏହି କବିତା ପ୍ରକାଶ ପାଇଥିଲା ।

ମାନଚିତ୍ରକୁ ଏଥର ଅଲଗା ରଖିଦିଅ ।
ସେଠାକୁ ଯିବା ପାଇଁ ହେଲିକେପ୍ଟରର ପ୍ରୟୋଜନ ନାହିଁ ।
ଯେଉଁଠାରେ ଅନାହାର ସେଠାରେ ହିଁ କଳାହାଣ୍ଡି ।

Source: Author, Digitized by PPRACHIN, SOA

ଷଷ୍ଠ ପରିଚ୍ଛେଦ

କଳାହାଣ୍ଡି ସମଗ୍ର ବିଶ୍ୱରେ କ୍ଷୁଧା, ଦାରିଦ୍ର୍ୟ ଓ ଅବହେଳାର ଏକ ପ୍ରତୀକ ରୂପେ ଗଣ୍ୟ ହେଲା ।

ଦିନକୁ ଦିନ ଗାଁମାନ ଜନଶୂନ୍ୟ ହୋଇ ଯାଉଥାଏ । ଗଣ୍ଡେ ଖାଦ୍ୟ କେଉଁଠି ମିଳିବା ଆଶାରେ ଲୋକେ ଗାଁ ଛାଡି ଚାଲି ଯାଉଥାନ୍ତି । ସ୍ୱେଚ୍ଛାସେବୀ ଅନୁଷ୍ଠାନମାନେ ଅନ୍ନଛତ୍ର ଖୋଲି ଦେଲେଣି । ସରକାରୀ ସ୍ତରରେ ମଧ୍ୟ ପରିସ୍ଥିତିକୁ ସମ୍ଭାଳିବା ପାଇଁ ଅନ୍ନଛତ୍ର ଖୋଲି ଦେଇଥାନ୍ତି । ଅନ୍ନଛତ୍ରମାନଙ୍କରେ ଦିନକୁ ଦିନ ଭିଡ ବଢ଼ିବାରେ ଲାଗିଲା । ମୁଠାଏ ଅନ୍ନ ପାଇଁ ପ୍ରବଳ ଭିଡ । ଠେଲାପେଲା, ଗାଳିଗୁଲଜ ମଧ୍ୟ ଲାଗି ଯାଉଥାଏ । ଏକେତ ଭୋକିଲା, ତହିଁରେ ଦୁର୍ବଳ ଶରୀର । ଠେଲାପେଲାରେ କେତେକ ପଡି ଯାଉଥାନ୍ତି । ତଳେ ପଡିଯିବା ଲୋକଙ୍କ ଉପରେ ଚଢ଼ିଯାଇ ପଛରେ ପଡିଥିବା ଲୋକ ଆଗକୁ ମାଡି ଯାଉଥାନ୍ତି । ସେମାନେ ଆହତ ହୋଇ ଚିତ୍କାର କରୁଥାନ୍ତି । ଭିଡକୁ ସମ୍ଭାଳିବା ପାଇଁ ସ୍ୱେଚ୍ଛାସେବୀ ଦଳ ଅଣ୍ଟାଭିଡି ଆଗକୁ ବାହାରିପଡି ପରିସ୍ଥିତିକୁ ସମ୍ଭାଳି ନେଲେ । ପଙ୍ଗତରେ ବସିଥିବା ଲୋକଙ୍କୁ ଖାଦ୍ୟ ମିଳିଗଲେ ଆଗ ପେଟ ଭର୍ତ୍ତି କରି ଖାଇ ଦେଉଥାନ୍ତି । ତଥାପି ଆଉ ଗଣ୍ଡାଏ ଅନ୍ନ ମିଳିବା ଆଶାରେ ଅପେକ୍ଷା କରିଥାନ୍ତି ।

ଜିଲ୍ଲାର ଏହି ଭଳି ଭୟାବହ ପରିସ୍ଥିତି ଜାତୀୟ ସ୍ତରର ବିଭିନ୍ନ ଖବରକାଗଜରେ ଲୋକଙ୍କ ଅସ୍ଥି କଙ୍କାଳ ଛବି ସହ ଖବର ଆକାରରେ ପ୍ରକାଶ ପାଇଲା । ସମଗ୍ର ଦେଶରେ ଚହଳ ପଡିଗଲା । ରାଜ୍ୟ ସରକାର ମଧ୍ୟ ପରିସ୍ଥିତିର ଗୁରୁତ୍ୱ ଉପଲବ୍ଧି କରିପାରି ରିଲିଫ୍ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଜଣେ ସ୍ୱତନ୍ତ୍ର ରିଲିଫ୍ କମିସନର ନିଯୁକ୍ତି କଲେ । ଜଣେ ଦକ୍ଷ ଆଇ.ଏ.ଏସ୍. ଭି.ଏସ୍. ମ୍ୟାଥୁସ୍ ଏହାର ଦାୟିତ୍ୱରେ ରହିଲେ । ଓଡିଶାର ମୁଖ୍ୟମନ୍ତ୍ରୀ ସେତେବେଳେ ସଦାଶିବ ତ୍ରିପାଠୀ ଥା'ନ୍ତି ।

ଓଡିଶା ତଥା ଦେଶର ବହୁ ସମାଜସେବୀ ଖଡିଆଳ ଅଞ୍ଚଳ ଆସି ସିନାପାଲି, ବୋଡେନ ଅଞ୍ଚଳ ଯାଇ ସବୁ ଦେଖି ତାଙ୍କ ରିପୋର୍ଟରେ ସରକାରଙ୍କୁ ସମସ୍ତ ତଥ୍ୟ ଜଣାଇଦେଲେ । ସମାଜସେବୀ ରମାଦେବୀ କୋହଭରା ହୃଦୟରେ ବିଷାଦପୂର୍ଣ୍ଣ ନୟନରେ ଜଟିଳ ପରିସ୍ଥିତି ଦେଖି ସମସ୍ତ ଘଟଣା ଭାରତ ସରକାରଙ୍କ ଦୃଷ୍ଟିକୁ ଆଣିଲେ ।

ଗାନ୍ଧିବାଦୀ ଇଂରାଜୀ ପ୍ରଫେସର ସର୍ବେଶ୍ୱର ଦାସ ମଧ୍ୟ କଳାହାଣ୍ଡିକୁ ଆସି ସବୁ ଦେଖି ଜିଲ୍ଲା ପ୍ରଶାସକ ତଥା ରାଜ୍ୟ ସରକାରଙ୍କ ଦୃଷ୍ଟିକୁ ସମସ୍ତ କଥା ଆଣିଲେ ।

ଗାଁ ଦାଣ୍ଡରେ ଦଳ ଦଳ ବୁଭୁକ୍ଷିତ ମୁଠାଏ ଅନ୍ନ ପାଇଁ ଘୁରି ବୁଲୁଥାନ୍ତି । ଘର ଆଗରେ ଛିଡା ହୋଇ ''ଏ ମା'... ମୁଠାଏ ଖାଇବାକୁ ଦିଅ... ଦୟାକର...'' । କ୍ଷୀଣକଣ୍ଠ ଶୁଭୁଥାଏ ।

Source: Author, Digitized by PPRACHIN, SOA

ଦିନକୁ ଦିନ କଳାହାଣ୍ଡି. ଆଫ୍ରିକାର ସୋମାଲିଆ ସଦୃଶ ଲୋକଙ୍କ ଦୃଷ୍ଟିକୁ ଆସିଲା । ଜାତୀୟ ସ୍ତରରେ କଳାହାଣ୍ଡିର ଚର୍ଚ୍ଚା ବଢ଼ି ଚାଲିଲା ।

କ୍ଷୁଧା, ଦାରିଦ୍ର୍ୟର ପ୍ରତୀକ ରୂପେ କଳାହାଣ୍ଡି ପରିଚିତ ହେଲା । ଅନାହାର ମୃତ୍ୟୁ ସମ୍ବାଦ ଖବରକାଗଜରେ ପ୍ରକାଶ ପାଇଲା ପରେ ରାଜ୍ୟ ସରକାର ମଧ୍ୟ ବିଚଳିତ ହୋଇପଡିଲେ । ଅମଲାତନ୍ତ୍ର ଦାରୁଣ ଦୁର୍ଦ୍ଦଶାକୁ ଘୋଡାଇବା ପାଇଁ ଉଦ୍ୟମ କଲେ ମଧ୍ୟ ସମ୍ବାଦପତ୍ରର ବିସ୍ତୃତ ସମ୍ବାଦ, ସମାଜସେବୀମାନଙ୍କ କରୁଣ ଚିତ୍ର, ଶାସନ କଳକୁ ଦୋହଲାଇ ଦେଲା । ଅନାହାରରେ ମୃତ୍ୟୁବରଣ କରୁଥିବା ସମ୍ବାଦ କେନ୍ଦ୍ର ସରକାରଙ୍କୁ ମଧ୍ୟ ଚହଲାଇ ଦେଲା ।

ସମ୍ବାଦର ପ୍ରଭାବ ସଦାବେଳେ ରହିଛି । ଅତୀତରେ ମଧ୍ୟ ବ୍ରିଟିଶ ଅମଳରେ ଶାସକମାନଙ୍କୁ ମଧ୍ୟ ଚହଲାଇ ଦେଇଥିଲା । ସେତେବେଳେ ୧୮୬୬ ନ'ଅଙ୍କ ସମୟରେ ଇଂଲଣ୍ଡର ଶାସକମାନଙ୍କ ତଥା ଲୋକପ୍ରତିନିଧିଙ୍କ ମଧ୍ୟରେ ମଧ୍ୟ ଆଲୋଚନା ହୋଇ ନିଜ ନିଜର ଦୋଷ ଦୁର୍ବଳତାକୁ ଘୋଡାଇବା ପାଇଁ ଉଦ୍ୟମ କରିଥିଲେ । ପୁରୀର ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ରାଜତ୍ୱର ୯ମ ଅଙ୍କ ୧୮୬୬।୬୭ ସାଲରେ ଓଡିଶାର ଏହି ଭୟାନକ ଦୁର୍ଭିକ୍ଷ ପଡିଥିଲା । ଏହି ସମୟରେ ୮ ଲକ୍ଷ ଲୋକଙ୍କର ମୃତ୍ୟୁ ହୋଇଥିଲା । ଯେଉଁମାନେ ସେହି ସମୟରେ ଅନ୍ନଛତ୍ରରେ ଖାଇଥିଲେ ସେମାନେ ସମାଜଚ୍ୟୁତ ହୋଇଥିଲେ । ସେମାନଙ୍କୁ ''ଛତରଖିଆ'' ଆଖ୍ୟା ଦିଆ ଯାଇଥିଲା । ଧୀରେ ଧୀରେ ବହୁ ସମାଜସେବୀ ପରିସ୍ଥିତିର ଗୁରୁତ୍ୱ ଉପଲବ୍ଧି କରି, ଅଞ୍ଚଳକୁ ଆସି ସହଯୋଗର ହାତ ବଢ଼ାଇ ଥିଲେ । ସମାଜସେବୀ ବିରଜା ରାୟ ଥିଲେ ସେମାନଙ୍କ ମଧ୍ୟରେ ଅନ୍ୟତମ ।

ଦିନକୁ ଦିନ ଦୁର୍ଭିକ୍ଷର ଭୟାବହତା ବଢ଼ି ବଢ଼ି ଚାଲିଥାଏ । ଭୋକ ଉପବାସରେ ଲୋକେ ବହୁ ସଂଖ୍ୟାରେ ମୃତ୍ୟୁବରଣ କଲେ । 'ଭାରତ ସେବକ ସମାଜ' ଏବଂ ବହୁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଦିନରାତି ଲୋକଙ୍କ ସେବାରେ ଲାଗିଗଲେ । ଲୋକଙ୍କୁ ରନ୍ଧାଖାଦ୍ୟ ଖଡିଆଳ, ସିନାପାଲି, ବୋଡେନ ପ୍ରଭୃତି ଅଞ୍ଚଳରେ ଯୋଗାଇ ଦିଆଗଲା । ଭବାନୀଶଙ୍କର ପଟ୍ଟନାୟକ 'ଭାରତ ସେବକ ସମାଜ'ର ଦାୟିତ୍ୱ ନେଇଥିଲେ । ଆଶୁତୋଷ ସ୍ୱାଇଁ ପ୍ରଭୃତି ତାଙ୍କୁ ସହଯୋଗ କରୁଥିଲେ । ଖବର ତୁରନ୍ତ ପ୍ରଚାର ହୋଇଗଲା । ତୁଣ୍ଡ ବାଇଦ ସହସ୍ର କୋଶ । ଗାଁ ଗଣ୍ଡାରୁ ଲୋକେ ରିଲିଫ ଖାଦ୍ୟ ଖାଇବା ପାଇଁ ହଜାର ହଜାର ସଂଖ୍ୟାରେ ଆସି ପହଞ୍ଚିଗଲେ । ଏତେ ଲୋକଙ୍କୁ ସମ୍ଭାଳିବା ସହଜ ହେଲା ନାହିଁ । ପରିସ୍ଥିତି ଦେଖି ସ୍ଥାନୀୟ ବହୁ ଯୁବକ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଅଣ୍ଟାଭିଡି ବାହାରି ପଡିଲେ । ଦିନକୁ ଦିନ ଲୋକେ କଙ୍କାଳସାର ହୋଇ

Source: Author, Digitized by PPRACHIN, SOA

ଦୁର୍ବଳ ହୋଇପଡୁଥାନ୍ତି । ଗ୍ରାମାଞ୍ଚଳରୁ ଲୋକେ ରିଲିଫ କ୍ୟାମ୍ପରେ ପହଞ୍ଚିବା ପାଇଁ ଚାଲି ଚାଲି ଆସି ନ ପାରି ବାଟରେ ମଧ୍ୟ କିଛି ଲୋକ ମୃତ୍ୟୁବରଣ କଲେ । ପ୍ରଚଣ୍ଡ ରୌଦ୍ରତାପରେ ଏବଂ ଜଳାଭାବରେ ମଧ୍ୟ ଲୋକେ ମରି ପଡିଲେ । ଖବରକାଗଜରେ ସମ୍ବାଦ ପ୍ରକାଶ ପାଇଲା ପରେ ବିଭିନ୍ନ ଆଡୁ ଖାଦ୍ୟ ସାମଗ୍ରୀ ଏବଂ ଲୁଗାପଟା ଆସି ଏଠାରେ ପହଞ୍ଚିଲା ।

ଖଡିଆଳ, ସିନାପାଲି ଏବଂ ବୋଡେନ ଅଞ୍ଚଳର ରାସ୍ତାଘାଟମାନ ମଧ୍ୟ ଅତି ଶୋଚନୀୟ । ରାସ୍ତାରେ, ଗେଟି, ମେଟାଲ, ମୁରୁମ ବର୍ଷ ବର୍ଷ ଧରି ପଡି ରହିଥାଏ । ଅଥଚ ରାସ୍ତାରେ ତାକୁ ବିଛାଇ ରାସ୍ତାକୁ ଠିକ୍ କରିବା ପାଇଁ ନା ଠିକାଦାର ନା ପ୍ରଶାସନ କେହି ହେଲେ ଏଥିପାଇଁ କୌଣସି ତତ୍‌ପରତା ଦେଖାଉ ନ ଥିଲେ । କଣ୍ଟ୍ରାକ୍ଟର ତାର ପାଉଣା ଆଗରୁ ନେଇ ସାରିଲାଣି । ରାସ୍ତା ଯେମିତି ଥିଲା ତାହାଠାରୁ ଆହୁରି ଶୋଚନୀୟ ହୋଇ ଯାଇଥାଏ । ରାସ୍ତାରେ ଚାଲିବା ମଧ୍ୟ ସମ୍ଭବ ହେଉ ନ ଥାଏ । କିଏ ଦେଖିବାକୁ ନାହିଁ, ଅବା କିଏ ବୁଝିବାକୁ ମଧ୍ୟ ନାହିଁ ।

ପାଣିର ଅଭାବରେ ଚାରିଆଡେ ହାହାକାର ପଡି ଯାଇଥାଏ । ଭୋକ ସହିତ ଶୋଷରେ ମଣିଷ ଉହଳ ବିକଳ ହୋଇ ଯାଉଥାଏ । ଥିଲାବାଲା ଘରର ମୁରବିମାନେ ମଧ୍ୟ ଗାଈ, ଗୋରୁଙ୍କୁ ଗୁହାଳରେ ଆଉ ଆକଟ ନ କରି ଛାଡି ଦେଲେଣି । ପାଣି ଟିକିଏ ପାଇବା ପାଇଁ ଚାରିଆଡକୁ ଅନାଇ ଦୂର ସ୍ଥାନକୁ ଚାଲି ଗଲେଣି । ଗାଈ, ଗୋରୁମାନେ ଆଉ ନିଜ ନିଜ ଗୁହାଳକୁ ଫେରିଆସି ପାରିଲେ ନାହିଁ । ଶୋଷରେ ରାସ୍ତାରେ ପଡି ଛଟପଟ ହୋଇ ମରି ପଡିଲେଣି ।

ଚାଷୀଙ୍କ ସାହା ଭରସା ବଳଦ, ଗାଈ, ଗୋରୁ ଗୋଟି ଗୋଟି ହୋଇ ମରି ଯିବାରୁ କୃଷକମାନଙ୍କ ମେରୁଦଣ୍ଡ ମଧ୍ୟ ଦୋହଲିଗଲା ।

ଲୋକଙ୍କୁ ତଥା ଗାଈଗୋରୁଙ୍କୁ ଜଳ ଯୋଗାଇବା ପାଇଁ ଯୁଦ୍ଧକାଳୀନ ଭିତ୍ତିରେ ପୋଖରୀର ପଙ୍କ ଉଦ୍ଧାର କରି ପିଇବା ପାଣିର ଅନ୍ତତଃ ସୁବିଧା ହେଲା । ଯେତେ କାର୍ଯ୍ୟ ହେଉଥିଲେ ମଧ୍ୟ ତାହା ସମୁଦ୍ରକୁ ଶଙ୍ଖେ ସଦୃଶ ମନେହେଲା ।

ଦିନକୁ ଦିନ ଅନ୍ନଛତ୍ରମାନଙ୍କରେ ଭିଡ ବଢ଼ିବା ସଙ୍ଗେ ସଙ୍ଗେ ଏତେ ଲୋକଙ୍କ ମଳ, ମୂତ୍ରରେ ସ୍ଥାନଟି ଅପରିଷ୍କାର ହୋଇଗଲା । ସଂକ୍ରାମକ ରୋଗର ଆଶଙ୍କା କରି ସରକାରୀ ସ୍ତରରେ ସତର୍କତା ଅବଲମ୍ବନ କରାଗଲା । ବ୍ଲିଚିଙ୍ଗ ପାଉଡର, ଫିନାଇଲ ପକାଇ ଅନ୍ନଛତ୍ର ଅଞ୍ଚଳକୁ ପରିଷ୍କାର ପରିଚ୍ଛନ୍ନ ରଖାଗଲା । ମାତ୍ର, ପ୍ରଚଣ୍ଡ ଖରା ଦାଉରୁ ଲୋକଙ୍କୁ ରକ୍ଷା କରିବା ସମ୍ଭବ ହେଲା ନାହିଁ ।

Source: Author, Digitized by PPRACHIN, SOA

ବହୁ ଗ୍ରାମରେ ଆବଶ୍ୟକ ପରିମାଣର ପାଣିର ଉତ୍କଟ ସମସ୍ୟା ଦେଖାଦେଲା । ଯାହା ପାଖରେ ଯାହା ସଂଚିତ ପଦାର୍ଥ ଥିଲା ସେସବୁ ବିଶେଷକରି, ସୁନା, ରୂପାକୁ ମଧ୍ୟ ଅଧା ଦାମରେ ବିକି ସେମାନେ ଖାଦ୍ୟ ପଦାର୍ଥ ସଂଗ୍ରହ କଲେ । ଘରର କଂସାବାସନ ମଧ୍ୟ ବିକ୍ରି ହୋଇଗଲା । ତଥାପି ସେମାନଙ୍କ ପେଟ ପୂରିଲା ନାହିଁ । ମାତା-ପିତା ପିଲାଙ୍କୁ ଆହାର ଦେଇ ପାରିଲେ ନାହିଁ । ଭୋକ ଦାଉରେ କେତେ ଦିନ ଆଉ ଏମିତି ପଡି ରହିବେ? ପୁଅ, ଝିଅ, ବୁଢ଼ା, ବୁଢ଼ୀ ସଭିଙ୍କ ଆଖିରେ ଆତଙ୍କର ଛାୟା ଖେଳି ଯାଇଥାଏ । ଭୋକ ସମ୍ଭାଳି ନ ପାରି ଝିଅ, ବୋହୂମାନେ ମଧ୍ୟ ପରିବାର ପ୍ରତି ମାୟା ମମତା ତୁଟାଇ ପେଟ ଚାଖଣ୍ଡ ପାଇଁ ଘର ଛାଡି ଚାଲିଗଲେ । କଳାହାଣ୍ଡି ଜିଲ୍ଲାର ଭୟାବହ ଦୁର୍ଭିକ୍ଷ ପରିସ୍ଥିତି ସ୍ୱଚକ୍ଷୁରେ ଦେଖିବା ପାଇଁ ଭାରତର ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ଉଡାଜାହାଜରେ ଦିଲ୍ଲୀରୁ ଆସି ରାୟପୁରରେ ଓହ୍ଲାଇ, ହେଲିକେପ୍ଟର ଯୋଗେ ଖଡିଆଳ ଅଞ୍ଚଳରେ ପହଞ୍ଚିଲେ ।

ଅସ୍ଥି କଙ୍କାଳସାର ମଣିଷକୁ ଦେଖି ଇନ୍ଦାରା ଗାନ୍ଧୀ ନିଜ ଚକ୍ଷୁକୁ ମଧ୍ୟ ବିଶ୍ୱାସ କରିପାରିଲେ ନାହିଁ । ସେହି କଙ୍କାଳସାର ମଣିଷକୁ ଦେଖିଲା ପରେ ଦାରିଦ୍ର୍ୟ ଓ ଅଭାବର ଛାପ ସେମାନଙ୍କ ଆଖି ଓ ମୁହଁରୁ ବେଶ୍ ପରିସ୍ଫୁଟ ହେଉଥାଏ, ତାହା ସେ ସ୍ପଷ୍ଟ ଉପଲବ୍ଧି କରିପାରିଲେ ।

'କଳିଙ୍ଗ' ଖବରକାଗଜର ସାମ୍ବାଦିକ ହିସାବରେ ମୁଁ ପାଖେ ପାଖେ ଥାଏ । ଏହିଭଳି ଅସ୍ଥି କଙ୍କାଳସାର ଅର୍ଦ୍ଧ ଜୀବନ୍ତ ମଣିଷ ଦେଖିବେ ବୋଲି ସେ ଆଶା କରି ନ ଥିଲେ । ମାତ୍ର ଯାହା ଦେଖିଲେ ତାହା ହିଁ ସତ୍ୟ ।

ମରୁଡି ପ୍ରପୀଡିତ, ଅନାହାର କ୍ଲିଷ୍ଟ, ଖଡିଆଳ, ସିନାପାଲି, ବୋଡେନର ହଜାର ହଜାର ଭୋକିଲା ଜନତାଙ୍କ ଅଶ୍ରୁଭରା ନୟନ, ଭୋକିଲା ପେଟ, ଅସ୍ଥି କଙ୍କାଳସାର ମଣିଷକୁ ଦେଖି ସେ ଶୋକରେ ଅଭିଭୂତ ହୋଇଗଲେ । ସେହି ସମୟରେ ଜେ.ପି.ଦାସ କଳାହାଣ୍ଡିର ଜିଲ୍ଲାପାଳ ଦାୟିତ୍ୱରେ ଥିଲେ ।

ଯୁବକ ଜିଲ୍ଲାପାଳଙ୍କୁ ଦେଖି ସନ୍ଦେହରେ ଶ୍ରୀମତୀ ଗାନ୍ଧୀ ରିଲିଫ କମିସନର ମ୍ୟାଥୁସ୍‌ଙ୍କୁ ପ୍ରଶ୍ନ କରିଥିଲେ... ''କଣ ଏହି ଯୁବକ କଳାହାଣ୍ଡିର ଜିଲ୍ଲାପାଳ''?

ଉତ୍ତରରେ ମ୍ୟାଥୁସ୍ କହିଲେ... ''ୟେସ୍... ମ୍ୟାଡମ୍...'' ।

ଲୋକଙ୍କୁ ପୁଷ୍ଟିକର ଖାଦ୍ୟ, ପାନୀୟ ଜଳ, ରହିବା ପାଇଁ ବାସଗୃହ, ଆବଶ୍ୟକ ବସ୍ତ୍ର, ତୁରନ୍ତ ଯୋଗାଇଦେବା ପାଇଁ ରିଲିଫ କମିସନର ଏବଂ ଜିଲ୍ଲାପାଳଙ୍କୁ ଶ୍ରୀମତୀ ଗାନ୍ଧୀ ନିର୍ଦ୍ଦେଶ ଦେଲେ । ରାଜ୍ୟର ମୁଖ୍ୟମନ୍ତ୍ରୀ ଏବଂ ବରିଷ୍ଠ କଂଗ୍ରେସ ନେତା ବିଜୁ

Source: Author, Digitized by PPRACHIN, SOA

ପଟ୍ଟନାୟକ, କଳାହାଣ୍ଡି ଲୋକସଭା ସଦସ୍ୟ ପ୍ରତାପକେଶରୀ ଦେଓ ଏବଂ ମୁଖ୍ୟମନ୍ତ୍ରୀ ସଦାଶିବ ତ୍ରିପାଠୀ ମଧ୍ୟ ପାଖେ ପାଖେ ଥାନ୍ତି ।

ଭାରତର ପ୍ରଧାନମନ୍ତ୍ରୀଙ୍କ କଳାହାଣ୍ଡିର ମରୁଡି ପ୍ରପୀଡିତ ଅଞ୍ଚଳକୁ ଗସ୍ତ, ସମଗ୍ର ବିଶ୍ୱରେ ଚହଳ ପକାଇ ଦେଲା । ଦେଶ, ବିଦେଶରୁ ବହୁ ସାହାଯ୍ୟ ଆସି ପହଞ୍ଚିଲା । ସାହାଯ୍ୟ କେତେ ଭୋକିଲା ଲୋକଙ୍କ ପାଖରେ ପହଞ୍ଚିଲା, କେତେ ବାଟ ମାରଣା ମଧ୍ୟ ହୋଇଗଲା । ଏହିଭଳି ଦୁର୍ଦ୍ଦିନ ସମୟରେ ମଣିଷ ପ୍ରତି ସହାନୁଭୂତିଶୀଳ ମାନବିକତା ପ୍ରକାଶ ପାଇବା ପରିବର୍ତ୍ତେ, ତହିଁରୁ ଫାଏଦା ଉଠାଉଥିବା ମଣିଷର ଅମଣିଷ ପଣିଆ ମଧ୍ୟ କେତେ କ୍ଷେତ୍ରରେ ଦେଖିବାକୁ ମିଳିଲା ।

ଆଗାମୀ ଚାଷ ପାଇଁ ଚାଷୀଙ୍କୁ ବ୍ୟାପକ ଭାବରେ 'ତକାବି ଋଣ' ବିନା ସୁଧରେ ଯୋଗାଇ ଦିଆଗଲା । ପ୍ରତ୍ୟେକ ଚାଷୀ ଯେପରି ଋଣ ପାଇ ଚାଷ ଉଠାଇ ପାରିବେ, ସେଥିପାଇଁ ଜିଲ୍ଲାପାଳ ଏବଂ ରିଲିଫ କମିସନରଙ୍କୁ ପ୍ରଧାନମନ୍ତ୍ରୀ ସ୍ୱତନ୍ତ୍ର ଦୃଷ୍ଟି ରଖି କାର୍ଯ୍ୟ କରିବା ପାଇଁ ସତର୍କ କରାଇଦେଲେ । କଳାହାଣ୍ଡି ଜିଲ୍ଲାପାଳ ବିଭିନ୍ନ ବ୍ଲକ ଗସ୍ତକରି 'ତକାବି ଋଣ' ଠିକ ଭାବରେ ଚାଷୀ ଯେପରି ପାଇ ପାରିବେ ସେ ବିଷୟ ତଦାରଖ କରିବା ଫଳରେ ଅଧସ୍ତନ କର୍ମଚାରୀମାନେ ମଧ୍ୟ ତତ୍ପର ହୋଇ କାର୍ଯ୍ୟକଲେ । ଫଳରେ ବହୁ ଚାଷୀ 'ତକାବି ଋଣ' ପାଇ ତାକୁ ଚାଷ କାର୍ଯ୍ୟରେ ବିନିଯୋଗ କରି ଉପକୃତ ହୋଇ ପାରିଥିଲେ ।

ଜିଲ୍ଲାପାଳମାନଙ୍କ ତତ୍ପରତା ଯୋଗୁଁ ଜିଲ୍ଲାର କର୍ମଚାରୀମାନଙ୍କ କାର୍ଯ୍ୟଧାରା ଠିକ୍ ଭାବରେ କାର୍ଯ୍ୟକାରୀ ହୋଇଥାଏ । ସୁପ୍ତ ଶାସନକୁ ଜାଗ୍ରତ କରିବା ପାଇଁ ଜିଲ୍ଲାପାଳମାନଙ୍କ ମୁଖ୍ୟ ଭୂମିକା ରହିଛି ।

— —

Source: Author, Digitized by PPRACHIN, SOA

ସପ୍ତମ ପରିଚ୍ଛେଦ

ମହାରାଜାଙ୍କ ଭ୍ରମ ଓ ପ୍ରତିକ୍ରିୟା

ସ୍ୱତନ୍ତ୍ର ପାର୍ଟିର ନିର୍ବାଚନ ପ୍ରଚାର ପ୍ରଣାଳୀ :

୧୯୬୬ ମେ' ମାସର ଶେଷ ଆଡକୁ ସାଧାରଣ ନିର୍ବାଚନ ହେଲା । ତା' ପୂର୍ବରୁ ଇନ୍ଦିରାଗାନ୍ଧୀ ପ୍ରଧାନମନ୍ତ୍ରୀ ଭାବରେ ଖଡିଆଳ ଅଞ୍ଚଳକୁ ମରୁଡି ସମୟରେ ଆସିଥିଲେ । ତତ୍‌କାଳୀନ କଳାହାଣ୍ଡି ଲୋକସଭା ସଦସ୍ୟ ପ୍ରତାପକେଶରୀ ଦେଓ ପ୍ରଧାନମନ୍ତ୍ରୀଙ୍କ ପାଖରେ ଥିବା ଫଟୋ ଉଠିଥାଏ । ପ୍ରଚଣ୍ଡ ଖରାରୁ ରକ୍ଷା ପାଇବା ପାଇଁ ପଛରୁ ଜଣେ ଛତା ଟେକି ରଖିଥିବା ଫଟୋ ଉଠା ଯାଇଥାଏ । ଶ୍ରୀମତୀ ଇନ୍ଦିରା ଗାନ୍ଧୀ ଏବଂ ପ୍ରତାପକେଶରୀ ଦେଓଙ୍କ ଫଟୋ ସହିତ 'ସ୍ୱତନ୍ତ୍ର ଦଳ'ର ତାରା ଚିହ୍ନ ସହ କ୍ୟାଲେଣ୍ଡର ପୋଷ୍ଟର ହଜାର ହଜାର ଛାପି ନିର୍ବାଚନ ସମୟରେ ଲୋକଙ୍କୁ ବଣ୍ଟାଗଲା । କେତେ ଲୋକ ଇନ୍ଦିରା ଗାନ୍ଧୀଙ୍କ ଫଟୋ ସହ କଳାହାଣ୍ଡି ମହାରାଜା ପ୍ରତାପକେଶରୀ ଦେଓଙ୍କ ଫଟୋକୁ କଳାହାଣ୍ଡିର ରାଜା, ରାଣୀଙ୍କ ଫଟୋ ବୋଲି ମଧ୍ୟ ପ୍ରଚାର କଲେ । ଆଉ କେତେ ପ୍ରଚାର କଲେ ଇନ୍ଦିରା ଗାନ୍ଧୀ କଳାହାଣ୍ଡି ମହାରାଜାଙ୍କୁ ସମର୍ଥନ କରନ୍ତି, ତେଣୁ ଦୁହିଁଙ୍କ ଫଟୋ ସହିତ ତାରା ଚିହ୍ନ ରହିଛି ।

ସେତେବେଳେ ଗ୍ରାମାଞ୍ଚଳରେ ଇନ୍ଦିରା ଗାନ୍ଧୀଙ୍କ ଜନହିତକର କାର୍ଯ୍ୟକଳାପର ପ୍ରସାର ଜୋର ଧରିଥାଏ । ତାର ଫାଏଦା ଉଠାଇବା ପାଇଁ ଏହା ଏକ ରାଜନୈତିକ ଚାଲ । ଆଗରୁ କଳାହାଣ୍ଡି ଜିଲ୍ଲାରେ ମହାରାଜାଙ୍କ ଅଶେଷ ପ୍ରଭାବ ଥାଏ । ତେଣୁ ତାଙ୍କ ପ୍ରାର୍ଥୀମାନେ ଅବାଧରେ ଜୟଯୁକ୍ତ ହୋଇ ଆସୁଥାନ୍ତି । କଂଗ୍ରେସ ଦଳର ଶୋଚନୀୟ ପରାଜୟ ହେଉଥାଏ । ଧୀରେ ଧୀରେ ମହାରାଜାଙ୍କ ପ୍ରଭାବ କମି କମି ଆସୁଥାଏ ।

ମୋର ମନେ ଅଛି, ମୁଁ ଯେତେବେଳେ ବାପାଙ୍କ ନିର୍ବାଚନ ପ୍ରଚାର ସମୟରେ ଜୁନାଗଡ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଥୁଆମୂଳ ରାମପୁର ଅଞ୍ଚଳକୁ କଂଗ୍ରେସ ଦଳର ପ୍ରଚାରରେ ଗଲି, ଇନ୍ଦିରା ଗାନ୍ଧୀଙ୍କ ଦଳର କଂଗ୍ରେସ ପ୍ରାର୍ଥୀ ପ୍ରସନ୍ନ କୁମାର ବେହେରାଙ୍କୁ 'ଗାଈ ବାଛୁରୀ' ଚିହ୍ନରେ ଭୋଟ ଦେବା ପାଇଁ କହିଲି, ସଭାରେ କିଛି ଲୋକ ମୋତେ ବିରୋଧ କଲେ ।

Source: Author, Digitized by PPRACHIN, SOA

‘‘ଇନ୍ଦିରା ଗାନ୍ଧୀଙ୍କ ଚିହ୍ନ ତାରା ଚିହ୍ନ । କଳାହାଣ୍ଡି ମହାରାଜା ଆମକୁ କହିଛନ୍ତି । ଇନ୍ଦିରା ଗାନ୍ଧୀ ଏବଂ ରାଜାଙ୍କ ଫଟୋ ଆମ ପାଖରେ ଅଛି । ସେଠି ତାରା ଚିହ୍ନ ଅଛି । ରାଜା କେବେ ମିଛ କହିବେ ନାହିଁ । ତୁ’ ବାବୁ ମିଛ କହୁଛୁ’’ ।

ମୁଁ ତାଙ୍କୁ ଯେତେ ବୁଝାଇବା ପାଇଁ ଚେଷ୍ଟା କଲି, ମାତ୍ର ସେମାନେ ମୋ କଥା ଶୁଣିବାକୁ ପ୍ରସ୍ତୁତ ନ ଥିଲେ । ମିଛ, ସତରେ ପରିଣତ ହୋଇ ଯାଇଥାଏ । ସତ କିମ୍ଭୂତ କିମାକାର ରୂପ ଧାରଣ କରି ଜନମାନସକୁ ଆଚ୍ଛାଦିତ କରି ଦେଇଥାଏ ।

ଏହିଭଳି ବହୁ ଘଟଣା ରାଜନୀତିର ରୂପକୁ କିଭଳି ପ୍ରଭାବିତ କରି ଦେଉଥାଏ, ତାର ଏକ ନିଖୁଣ ଚିତ୍ର ପ୍ରଦାନ କରିଛନ୍ତି ଆମେରିକାର ଜଣେ ସାମ୍ବାଦିକ ଲେଖକ ଏଫ୍.ଜି. ବଏଲି । ଓଡିଶା ରାଜନୀତି ଉପରେ ଗବେଷଣା କରି ସେ ଦୁଇଖଣ୍ଡ ପୁସ୍ତକ ପ୍ରକାଶ କରିଛନ୍ତି ।

‘ପଲଟିକ୍ସ ଇନ୍ ଓଡିଶା ଇନ୍ ଦ ୟର ୧୯୫୯’ ପୁସ୍ତକରେ ସେ ଲେଖିଛନ୍ତି, ରାଜନୀତିକୁ ଭଲ ଭାବରେ ଜାଣିବା ପାଇଁ ସେ କଳାହାଣ୍ଡି ଜିଲ୍ଲାର ବହୁ ଗ୍ରାମ ବୁଲିଛନ୍ତି । ସେତେବେଳେ କାଶୀପୁର କଳାହାଣ୍ଡି ଜିଲ୍ଲାରେ ଥିଲା । କାଶୀପୁରର ବିଶିପୁର ଗ୍ରାମକୁ ସେ ଯାଇଛନ୍ତି ।

କାଶୀପୁର ପ୍ରସଙ୍ଗରେ ମହାରାଜାଙ୍କ ଉତ୍ତର :

କଳାହାଣ୍ଡି ଜିଲ୍ଲାର କାଶୀପୁର ଯେତେବେଳେ ଚାଲିଯାଇ କୋରାପୁଟ ଜିଲ୍ଲାରେ ମିଶିଗଲା, ସେତେବେଳେ ମୁଁ ବ୍ରହ୍ମପୁର ଖଲ୍ଲିକୋଟ କଲେଜର ଛାତ୍ର । ଏ ସମ୍ପର୍କରେ କଳାହାଣ୍ଡି ଲୋକସଭା ସଦସ୍ୟଙ୍କୁ ଏକ ପତ୍ର ପୋଷ୍ଟକାର୍ଡରେ ଲେଖି ଏମ୍.ପି.ଙ୍କ ଠିକଣାରେ ପଠାଇ ଦେଲି । ସେଥିରେ ଦର୍ଶାଇଥିଲି, କଳାହାଣ୍ଡିରୁ କାଶୀପୁର ଚାଲିଯାଇ କୋରାପୁଟ ଜିଲ୍ଲାରେ ମିଶିଲା; ଅଥଚ, ଆପଣ ଆମ ଜିଲ୍ଲାର ଲୋକପ୍ରତିନିଧି ହୋଇ ମଧ୍ୟ ତାର ପ୍ରତିବାଦ କଲେ ନାହିଁ । ତେଣୁ ଆମେ କଳାହାଣ୍ଡି ବାସୀ ଦୁଃଖିତ । ଜଣେ ଛାତ୍ର ହିସାବରେ ମୋ’ ମନର ପ୍ରତିକ୍ରିୟା ଜଣାଇ ଦେଇଥିଲି । ମାତ୍ର, ସେ ତାକୁ ସହଜରେ ଗ୍ରହଣ କରିପାରି ନ ଥିଲେ । ବହୁ ବର୍ଷ ପରେ ତାର ପ୍ରତ୍ୟୁତ୍ତର ତାଙ୍କଠୁ ଶୁଣିଲି । ‘କଳାହାଣ୍ଡି ଲେଖକ କଳା ପରିଷଦ’ର ଏକ ସାଂସ୍କୃତିକ ସଭାରେ ପ୍ରତାପକେଶରୀ ଦେଓ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥାନ୍ତି । ସମ୍ମୁଖରେ ମୁଁ ଶ୍ରୋତା ହିସାବରେ ବସିଥାଏ । ମୋତେ ଦେଖି ତାଙ୍କ ଭାଷଣରେ କହିଲେ, ‘‘ରାସବାବୁ ଛାତ୍ର ଥିବା ସମୟରେ ମୋତେ ଚିଠି ଲେଖିଥିଲେ, କାଶୀପୁର କଳାହାଣ୍ଡିରୁ ଚାଲିଯିବା ଯୋଗୁଁ ସେ ଦୁଃଖ ପ୍ରକାଶ କରିଥିଲେ । କାଶୀପୁର କଳାହାଣ୍ଡିରୁ ଯାଇ କୋରାପୁଟରେ ମିଶିଲା ।

Source: Author, Digitized by PPRACHIN, SOA

ପାକିସ୍ତାନରେ ତ ମିଶିଲା ନାହିଁ'' । ଏତକ କହି ହସିଲେ । ସାହିତ୍ୟ ସଭାରେ ତାଙ୍କ ଭାଷଣ ସହ ତାଙ୍କ ମନ୍ତବ୍ୟର ତାଳ ମେଳ ଖାଉ ନ ଥିବା ଯୋଗୁଁ ଅନ୍ୟମାନେ କଥାଟା ସ୍ପଷ୍ଟ ବୁଝି ପାରିଲେ ନାହିଁ । ମାତ୍ର, ମୁଁ ସ୍ପଷ୍ଟ ବୁଝି ପାରିଲି । ମୋର ପ୍ରଶ୍ନର ଉତ୍ତର ୨୦/୨୨ ବର୍ଷ ପରେ ତାଙ୍କଠୁ ପାଇଲି ।

ସାମ୍ବାଦିକ ଏଫ୍.ଜି. ବଏଲି ତାଙ୍କ ପୁସ୍ତକରେ ଦର୍ଶାଇଛନ୍ତି, କଳାହାଣ୍ଡି ମହାରାଜା ନିର୍ବାଚନ ଜିଣିଗଲା ପରେ ଆଉ ଲୋକଙ୍କ ପାଖକୁ ତାଙ୍କ ସମସ୍ୟା ଜାଣିବା ପାଇଁ ଯାଆନ୍ତି ନାହିଁ। ବାରମ୍ବାର ସେମାନଙ୍କ ପାଖକୁ ଗଲେ ରାଜାଙ୍କୁ ଦେଖିବା ଆକର୍ଷଣ କମିଯିବ। ତେଣୁ ପାଞ୍ଚ ବର୍ଷରେ ଥରେ ନିର୍ବାଚନ ସମୟରେ ସେ ଗ୍ରାମାଞ୍ଚଳକୁ ଗସ୍ତ କରନ୍ତି। ଫଳରେ ଦୀର୍ଘ ଦିନ ପରେ ରାଜାଙ୍କୁ ଦେଖିବା ପାଇଁ ଲୋକଙ୍କ ଭିଡ ବଢ଼ିଥାଏ। ରାଜା ଲୋକଙ୍କୁ ତାଙ୍କ ଭାଷଣରେ ଯାହା କହନ୍ତି, ଲୋକେ ତାଙ୍କ ଉପରେ ବିଶ୍ୱାସ ରଖି ସାଦରେ ଗ୍ରହଣ କରିଥାନ୍ତି।

ସେହି ବହିରେ ନିର୍ବାଚନ ପ୍ରଚାର କିପରି କରାଯାଏ ତାହା ମଧ୍ୟ ସେ ଦର୍ଶାଇଛନ୍ତି।

ରାଜାଙ୍କ ଦଳର ବିଶ୍ୱସ୍ତ ଲୋକ ଖଦଡ ଧୋତି, ଖଦଡ ସାର୍ଟ, ଖଦଡ ଟୋପି ପରିଧାନ କରି ଗାଁକୁ ଯାଇ ସେହି ଗାଁର ବରିଷ୍ଠ କଂଗ୍ରେସ ନେତାଙ୍କ ଘରେ ଦୁଇ ତିନି ଦିନ ରହି, ସେହି ଗାଁର ଓ ପାଖ ଆଖ ଗାଁର ସମସ୍ତ ତଥ୍ୟ ସଂଗ୍ରହ କରିଥାନ୍ତି ।

ଗାଁର କଂଗ୍ରେସ ଦଳର ବରିଷ୍ଠ ନେତା ମଧ୍ୟ ଆଗନ୍ତୁକ ଦଳର ବ୍ୟକ୍ତିଙ୍କୁ କଂଗ୍ରେସ କର୍ମୀ ମନେକରି ତାଙ୍କ ରହିବା, ଖାଇବାର ସମସ୍ତ ସୁବିଧା କରାଇ କଂଗ୍ରେସ କର୍ମୀମାନଙ୍କ ସହିତ ପରିଚୟ କରାଇ ଦେଇଥାନ୍ତି । ଗାଁ ଲୋକ ମଧ୍ୟ ଆଗନ୍ତୁକ କର୍ମୀମାନଙ୍କ ସହିତ ମିଶି ଭଲ ମନ୍ଦ ରାଜନୀତି କଥା ସେମାନଙ୍କୁ ଶୁଣାଇ ସେମାନଙ୍କ ସହିତ ଘନିଷ୍ଠ ହୋଇ ଯାଇଥାନ୍ତି। ଏହିଭଳି କିଛି ଦିନ ରହି, ସେମାନେ ଅନ୍ୟ ଦୂର ଯାଗାକୁ ଚାଲିଯିବେ। ଯିବା ସମୟରେ ଗାଁର ଅନ୍ୟ କଂଗ୍ରେସ କର୍ମୀମାନଙ୍କୁ କହିଯିବେ, ''ତୁମ ଗ୍ରାମର ଲୋକଙ୍କ ସୁବିଧା ପାଇଁ କଂଗ୍ରେସ ଦଳ ତରଫରୁ ଯାହା ଟଙ୍କା ପଠାଇ ଦିଆଯାଇଛି, ତାହା ତୁମ ଗାଁର ମୁଖିଆଙ୍କୁ ଦେଇଯାଉଛୁଁ । ଗାଁରେ ତୁମେମାନେ ବସି ବାଣ୍ଟି ନେଇଯିବ'' ।

ଏହିଭଳି କଥା ଗାଁରେ ଦୁଇ ତିନିଜଣଙ୍କ ପାଖରେ ଚୁପ୍‌ଚାପ୍ କହି ଚାଲିଯିବେ। ଆଉ ସେମାନଙ୍କ ଦେଖା ଦର୍ଶନ ସେହି ଅଞ୍ଚଳରେ ମିଳିବ ନାହିଁ । ତାଙ୍କ ସମ୍ବନ୍ଧରେ ଆଉ କିଏ କିଛି ଜାଣିପାରିବେ ନାହିଁ ।

ଯେଉଁ କଂଗ୍ରେସ କର୍ମୀମାନେ ଗାଁ ମୁଖିଆଙ୍କୁ ଟଙ୍କା ଦେଇଥିବା କଥା ଶୁଣିଥିବେ, ସେମାନେ ମିଳିତ ହୋଇ ଗାଁ ମୁଖିଆଙ୍କୁ ଭେଟି କହିବେ, ''କଂଗ୍ରେସ ପାର୍ଟି ତରଫରୁ

Source: Author, Digitized by PPRACHIN, SOA

ନେତା ପଠାଇଥିବା ଟଙ୍କା ଗାଁର ଉନ୍ନତିରେ ଖର୍ଚ୍ଚ କରିବା'' ।

ଗାଁ ମୁଖିଆ ଟଙ୍କା କଥା ଶୁଣି ଆଶ୍ଚର୍ଯ୍ୟ ହୋଇ କହିବେ, ''କାହିଁ ମୋତେ ତ ଯେଉଁମାନେ ଆସିଥିଲେ କିଛି ଟଙ୍କା ଦେଇ ନାହାନ୍ତି''?

ମୁଖିଆଙ୍କ କଥା ଶୁଣି ଗାଁ ଲୋକେ ଅବିଶ୍ୱାସ କରି ଜଣେ ଆଉ ଜଣକୁ କହିବେ, ''ତୁ ତ ପାଖରେ ଥିଲୁ, କଣ କହିଛନ୍ତି କହୁନାହୁଁ''!

ଏତକ ଶୁଣୁ ଶୁଣୁ ଅନ୍ୟ ଜଣେ ମଧ ଚଟ୍ କିନା କହିବ ।

''ଗାଁରେ ଖର୍ଚ୍ଚ କରିବା ପାଇଁ ନେତା ପଠାଇଥିବା ଟଙ୍କା ତୁମକୁ ସେମାନେ ଦେଇଥିବା କଥା ଆମକୁ କହିଛନ୍ତି'' ।

''ସେମାନେ ମିଛ କାହିଁକି କହିବେ? ସେମାନେ କେତେ ଭଦ୍ରଲୋକ । କେତେ ମେଳାପି ଲୋକ'' ।

ଗାଁ ମୁଖିଆ ଏବଂ ଗାଁ ଲୋକଙ୍କ ମଧ୍ୟରେ ଅବିଶ୍ୱାସ, ଅସନ୍ତୋଷ ବୃଦ୍ଧିପାଇ ସେମାନଙ୍କ ମନ ଫାଟିଯାଏ । ତିକ୍ତତା ବୃଦ୍ଧିପାଇ ପାଟିତୁଣ୍ଡ ହୁଏ । ଏ କଥା ଗାଁରେ ସଭିଏଁ ଜାଣିଯିବେ । ଗାଁ ମୁଖିଆଙ୍କ ପ୍ରତି ଲୋକଙ୍କ ଅବିଶ୍ୱାସ ବୃଦ୍ଧିପାଇବ । ଗାଁ ମୁଖିଆ ଏକୁଟିଆ ହୋଇଯିବେ । ଗାଁ ଲୋକେ ଉତ୍ୟକ୍ତ ହୋଇ କଂଗ୍ରେସକୁ ଭୋଟ ଦେବୁ ନାହିଁ ବୋଲି ଶପଥ ନେବେ ।

''ଗାଁ ମୁଖିଆ, ଟଙ୍କାକୁ ହଡପ କରି ଦେଇଛି । ସେ ଟଙ୍କା ଖାଇଛି, ସେ ଭୋଟ ଦେଉ । ଆମେ କଂଗ୍ରେସକୁ ଭୋଟ ଦେବୁ ନାହିଁ'' ।

ଏହିଭଳି କଂଗ୍ରେସ ଦଳ ପ୍ରତି ଗାଁମାନଙ୍କରେ ଅବିଶ୍ୱାସ, ରାଗ, ଘୃଣା ସୃଷ୍ଟିକରି ମିଛ ଖବରରେ ଲୋକେ ମିଛକୁ ସତ ବୋଲି ଗ୍ରହଣ କରି କଂଗ୍ରେସକୁ ଆଉ ଭୋଟ ଦିଅନ୍ତି ନାହିଁ। କଂଗ୍ରେସ ଦଳ ପ୍ରତି ଜନ ଅସନ୍ତୋଷର ଫାଏଦା ରାଜାଙ୍କ ଦଳ ସହଜରେ ହାତେଇ ନେଇ ଜୟଯୁକ୍ତ ହୋଇଥାନ୍ତି । ଏଭଳି ବହୁ ଚାଞ୍ଚଲ୍ୟକର ଘଟଣା ସେ ତାଙ୍କ ପୁସ୍ତକରେ ବର୍ଣ୍ଣନା କରିଛନ୍ତି ।

ନିର୍ବାଚନରେ 'କଂଗ୍ରେସ ଦଳ'ର ପରାଜୟ ହେଲା । 'ସ୍ୱତନ୍ତ୍ର ଦଳ' ଏବଂ 'ଜନକଂଗ୍ରେସ' ଦଳର ମିଳିତ ମନ୍ତ୍ରିମଣ୍ଡଳ ଗଠନ ହେଲା । କଳାହାଣ୍ଡି ଜିଲ୍ଲାରେ ମଧ୍ୟ କଂଗ୍ରେସ ଦଳର ଶୋଚନୀୟ ପରାଜୟ ହେଲା ।

ମୋ' ସମ୍ପର୍କରେ ମହାରାଜାଙ୍କ ଭ୍ରମ ଓ ପ୍ରତିକ୍ରିୟା :

କଳାହାଣ୍ଡି ଲୋକସଭା ସଦସ୍ୟ ଭୋଟ ଦିନ ମହିଚଲା ବୁଥ୍‌କୁ କିପରି ଭୋଟ ପଡୁଛି, ତାହା ଦେଖିବାକୁ ଗଲେ । ମହିଚଲା ଗ୍ରାମ ହେଉଛି କଂଗ୍ରେସ ପ୍ରାର୍ଥୀ ପ୍ରସନ୍ନ

Source: Author, Digitized by PPRACHIN, SOA

କୁମାର ବେହେରାଙ୍କ ଗ୍ରାମ । ତେଣୁ ସେଠି ଭୋଟ୍ ହେର୍‌ଫେର୍ ଆଶଙ୍କା କରି ସେ ଯାଇଥାଆନ୍ତି । ମାତ୍ର, ସେଭଳି କିଛି ଦେଖିବାକୁ ପାଇଲେ ନାହିଁ । ସେ ଫେରିଆସି ତାଙ୍କ ଜିପ୍ ଗାଡିରେ ବସି ରାସ୍ତାରେ ଗାଡି ଚଳାଇ ନେଲେ । ରାସ୍ତା କଡରେ ଛୋଟ ଛୋଟ ପିଲାମାନେ ନିଜ ନିଜ ଭିତରେ ଧୂଳି ଫିଙ୍ଗାଫିଙ୍ଗି ହୋଇ ଖେଳୁଥିଲେ । ଧୂଳି ଫିଙ୍ଗାଫିଙ୍ଗି ମଧ୍ୟରେ ରାଜାଙ୍କ ଗାଡିରେ ଧୂଳି ପଡିଲା । ରାଜା ତାଙ୍କ ଗାଡିକୁ ଅଟକାଇ ପାଟିକଲେ । ଏ ପିଲାମାନେ ଧୂଳି ଫିଙ୍ଗୁଛ? ଗାଡିରୁ ତାଙ୍କ ଦଳୀୟ କର୍ମୀମାନେ ଡେଇଁ ପଡି ପିଲାଙ୍କୁ ଧରି ପିଟିବା ପାଇଁ ଦୌଡିଲେ । ପିଲାଏ ଭୟରେ ଚିତ୍କାର କରି ଦୌଡି ପଳାଇଲେ ।

ଜଣେ କର୍ମୀ ପାଟିକଲା, ''ଏଇଟା କଣ ତୁମକୁ ତୁମ ଗାଁର ରାସବିହାରୀ ଶିଖାଇଛି? ରାଜାଙ୍କୁ ଧୂଳି ଝିଟିବା ପାଇଁ''?

ଗାଁ ଲୋକେ ରୁଣ୍ଡ ହୋଇଗଲେ । ଏକେତ ନିର୍ବାଚନ ସମୟ । ଗାଁରେ ଲୋକେ ଦଳ ଦଳ ହୋଇ ନିର୍ବାଚନ ଫଳାଫଳ ଉପରେ ନିଜ ନିଜ ଭିତରେ ଆଲୋଚନା କରୁଥାନ୍ତି । ରାଜାଙ୍କ ପାଖକୁ ଚାଲିଆସି ନମସ୍କାର ଜଣାଇ କହିଲେ, ''ପିଲାମାନେ ଧୂଳି ଖେଳୁଥିଲେ, ଧୂଳି ପଡିଗଲା । ମାଫ୍ କରି ଦିଅନ୍ତୁ । ଆପଣ ଯାଆନ୍ତୁ'' ।

ମାତ୍ର, ରାଜାଙ୍କ ମୁହଁରେ ରାଗ ଫୁଟି ଉଠିଲା । ''ଏଇଟା କଣ ରାସବିହାରୀ ଶିଖେଇଥିଲା''?

ଗାଁ ଲୋକେ ପୁଣି କହିଲେ, ''ରାସ ବାବୁ ନିର୍ବାଚନ ପ୍ରଚାରରେ ଯାଇଛନ୍ତି । ଆଜକୁ ତିନି ଚାରି ଦିନ ହେବ ଗାଁକୁ ଆସି ନାହାନ୍ତି । ତାଙ୍କ କଥା କାହିଁକି ପକାଉଛନ୍ତି''?

ରାଜା ଏବଂ ତାଙ୍କ ପାର୍ଶ୍ୱଚରମାନେ ରାଗ ତମତମ ହୋଇ ମୋ' ବିରୁଦ୍ଧରେ ଶୋଧି ଗାଡିରେ ବସି ଚାଲିଗଲେ ।

ଭୋଟ ଦେବା କାର୍ଯ୍ୟ ଶେଷ ହୋଇଗଲା ପରେ ସନ୍ଧ୍ୟାରେ ମୁଁ ଘରକୁ ଫେରିଲି । ଆସି ଗାଁରେ ଲୋକଙ୍କଠୁ ସମସ୍ତ ହାଲ ଶୁଣିଲି । ଯେଉଁ ପିଲାମାନେ ଧୂଳି ଖେଳୁଥିଲେ ସେମାନଙ୍କୁ ମଧ୍ୟ ଡକାଇଲି । ଭୟରେ ସେମାନଙ୍କ ମୁହଁ କଳା ପଡି ଯାଇଥାଏ । ସେମାନଙ୍କୁ ଆଶ୍ୱାସନା ଦେଲି । ସେମାନେ ନିଜ ନିଜ ଭିତରେ ଧୂଳି ଫିଙ୍ଗାଫିଙ୍ଗି ହେଉଥିଲେ । ସେତିକିବେଳେ ରାଜାଙ୍କ ଗାଡି ଆସି ଯାଇଛି ଏବଂ ତାଙ୍କ ଗାଡିରେ ମଧ୍ୟ ଧୂଳି ପଡି ଯାଇଛି ।

ଏହି ଛୋଟ ଘଟଣାଟି କିପରି ବିରାଟ ରୂପ ଧାରଣ କଲା ଏବଂ ବିନା କାରଣରେ ମୁଁ ମଧ୍ୟ ଅପବାଦର ଶିକାର ହେଲି ଏହା ବାସ୍ତବିକ ବିସ୍ମୟର ବିଷୟ ।

Source: Author, Digitized by PPRACHIN, SOA

ବିଜୁ ପଟ୍ଟନାୟକଙ୍କୁ ଆକ୍ରମଣ କରି ରକ୍ତାକ୍ତ କରିଥିବା ମିଟିଙ୍ଗରେ, ମୁଁ ତାର ଦୃଢ଼ ପ୍ରତିବାଦ କରିଥିଲି । ସାଂସ୍କୃତିକ କାର୍ଯ୍ୟକ୍ରମ, କ୍ରୀଡା କାର୍ଯ୍ୟକ୍ରମରେ ମୁଁ ଆଗଭର ହୋଇ ବାହାରି ପଡୁଛି । କାଶୀପୁର କଳାହାଣ୍ଡିରୁ ଚାଲିଯିବା ପରେ ଚିଠି ଲେଖି ତାର ପ୍ରତିବାଦ କରିଛି । ଏ ସବୁକୁ ନେଇ ରାଜାଙ୍କ ମନ ଭିତରେ ମୋ' ପ୍ରତି ରାଗ, ଅସହିଷ୍ଣୁଭାବ ବଢ଼ି ଚାଲିଥାଏ । ତାଙ୍କ ପାଖ ଲୋକମାନେ ମଧ୍ୟ ତିଳକୁ ତାଳ କରି ରାସବିହାରୀ ଆଗକୁ ବାହାରୁଛି, ତାକୁ ସାବାଡ୍ କରିବାକୁ ହେବ ବୋଲି ମୋ' ବିରୁଦ୍ଧରେ ଅପପ୍ରଚାର କରୁଥାନ୍ତି । ସାଧାରଣତଃ ଅସହିଷ୍ଣୁ ବ୍ୟକ୍ତି ଭୟ ସଂଚାର କରି ପ୍ରତିପକ୍ଷକୁ ଦବାଇ ଦେବାକୁ ଉଦ୍ୟମ କରିଥାନ୍ତି । ତେଣୁ ଜିଲ୍ଲାରେ ଅପପ୍ରଚାର କରି ସେ ଏକପ୍ରକାର ଭୟ ଆତଙ୍କର ବାତାବରଣ ସୃଷ୍ଟି କରି ଚାଲିଲେ ।

ମାତ୍ର, ମୁଁ ସାହସର ସହିତ ତାର ସମ୍ମୁଖୀନ ହୋଇଥିଲି । ମୋ' ପ୍ରତି ହୋଇଥିବା ଅବିଚାର, ଗୋଟିଏ ପରେ ଗୋଟିଏ ଅପପ୍ରଚାର ମୋ' ଜୀବନର ଗତିପଥକୁ ପ୍ରଭାବିତ କରିଥିଲା । ମନ ମୋର ଆହୁରି ଦୃଢ଼ ହୋଇଯାଇଥିଲା ।

ମହିଚଲାରୁ ଭବାନୀପାଟଣା ମଧ୍ୟରେ ପଡୁଥିବା ବୁଥ୍ ପରିଦର୍ଶନ ସମୟରେ ରାଜାଙ୍କ ପାଖଲୋକ ମହିଚଲାରେ ରାଜାଙ୍କ ଗାଡିରେ ଧୂଳି ପଡିବା ଘଟଣାକୁ ବିଭିନ୍ନ ରୂପ ଦେଇ ପ୍ରଚାର କରି ଚାଲିଲେ ।

ଅପପ୍ରଚାରକୁ ଲୋକେ ଶୀଘ୍ର ଗ୍ରହଣ କରି ନେଇଥାନ୍ତି ।

ମୋ' ବିରୁଦ୍ଧରେ ଲୋକଙ୍କ ମଧ୍ୟରେ ଘୃଣା, ରାଗ ଅଳ୍ପ ସମୟ ମଧ୍ୟରେ ସୃଷ୍ଟି ହୋଇଗଲା । ସେହିଭଳି ଏକ ପରିସ୍ଥିତିର ମୁଁ ଶିକାର ହେଲି ।

ବିନ୍ଦୁ ବିସର୍ଗରେ କୌଣସି ସଂପର୍କ ମୋର ନ ଥିଲେ ମଧ୍ୟ ମୋର କଥା ଶୁଣିବା ଅବସ୍ଥାରେ କିଏ ନ ଥିଲେ ।

ତା' ଆରଦିନ ମୁଁ ଭବାନୀପାଟଣା ଚାଲି ଆସିଲି । ମୋର ନିକଟ ସଂପର୍କୀୟମାନେ ସବୁକଥା ମୋଠୁ ଜାଣିବାକୁ ଚେଷ୍ଟାକଲେ । ନିର୍ବାଚନ ସମୟ ଭିତରେ ମୋର ଆଉ ରାଜାଙ୍କର କୌଣସି ସ୍ଥାନରେ ମଧ୍ୟ ସାକ୍ଷାତ ହୋଇ ନାହିଁ । ମୋ' ନାଁଟା ଅଯଥାରେ ଯୋଡି ମୋତେ ବଦନାମ କରାଯାଉଛି । ଲୋକଙ୍କୁ ଅଯଥା ଉତ୍ତେଜିତ କରାଯାଉଛି ।

ସହରରେ ଏକ ପ୍ରକାର ଆତଙ୍କର ବାତାବରଣ ସୃଷ୍ଟି ହୋଇ ଯାଇଥାଏ । ମୋତେ ଜୀବନରେ ମାରିଦେଇ ପ୍ରତିଶୋଧ ନେବାପାଇଁ ମଧ୍ୟ ପ୍ରଚାର ହେଉଥାଏ । କଥାଟା ପୁଲିସ କାନକୁ ମଧ୍ୟ ଗଲା । ଜିଲ୍ଲା ଏସ୍.ପି. ମୋତେ ଡକାଇ ମୋ'ର ନିରାପତ୍ତା ପାଇଁ ପୁଲିସ ସାହାଯ୍ୟ ଦେବାପାଇଁ ମୋତେ କହିଲେ । ଆପଣ ଖଣ୍ଡିଏ ଦରଖାସ୍ତ ଲେଖି ଆମକୁ ଦିଅନ୍ତୁ । ଆମେ ଆପଣଙ୍କୁ ପୁଲିସ ସେକ୍ୟୁରିଟି ଦେବୁ ।

Source: Author, Digitized by PPRACHIN, SOA

ମୁଁ ମୋ'ର ଆତ୍ମସମ୍ମାନ ଦୃଷ୍ଟିରୁ ତାହା ଗ୍ରହଣ କରି ନ ଥିଲି । ମୁଁ ଏପରି କୌଣସି ଭୁଲ କରିନାହିଁ ଯାହା ପାଇଁ ମୁଁ ପୁଲିସ ସାହାଯ୍ୟ ନେବି । ଆବଶ୍ୟକ ପଡିଲେ ମୁଁ ତାର ସାମନା କରିବି ।

ଦୋଷୀ ସାବ୍ୟସ୍ତ ଲୋକଙ୍କୁ ଲୋକେ ସାଧାରଣତଃ କ୍ଷମା କରନ୍ତି ନାହିଁ । ମାତ୍ର, ମୁଁ ବିନା ଦୋଷରେ ମଧ୍ୟ ଦୋଷୀ । ଏଥିପାଇଁ ମୁଁ କେବେ କାହାକୁ କ୍ଷମା ମାଗିବା ପ୍ରଶ୍ନ ଉଠୁନାହିଁ । କ୍ଷମା ଓ ଅନୁକମ୍ପାକୁ ମୁଁ ପସନ୍ଦ କରେ ନାହିଁ । ଆତ୍ମସମ୍ମାନର ସହ ପ୍ରତ୍ୟେକ ମଣିଷର ଜୀଇଁବାର ଅଧିକାର ଅଛି । ସ୍ୱାଭିମାନୀ ପଣ ପ୍ରତ୍ୟେକଙ୍କ ମୁଣ୍ଡଟେକି ବଞ୍ଚିବାର ମୂଳ ନୀତି ହେବା ଉଚିତ । ପଦଲେହନକାରୀମାନେ ସଦାବେଳେ ଅନ୍ୟ ନଜରରେ ଘୃଣାର ପାତ୍ର ହୋଇଥାନ୍ତି ।

ସମାଜରେ ବିକଳ୍ପ ଅବା ପ୍ରଗତିଶୀଳ ଚିନ୍ତାଧାରାକୁ ପାଶବିକ ବଳରେ ଚାପିଦେବା ଉଦ୍ୟମ ସାମନ୍ତବାଦୀ ମନୋଭାବ ନୁହେଁକି ? ଏହି ଶ୍ରେଣୀର କିଛି ଲୋକ, କିଛି ଲାଭ ଆଶାରେ ଯେତେ ତଳକୁ ଖସିଯିବା କଥା ସେତେ ତଳକୁ ଖସି ଯାଇଥାନ୍ତି । ଜଣେ କୁଟିଳ ମନା ଲୋକ ସଦାବେଳେ ନିଜେ ବୁଣିଥିବା ଜାଲରେ ନିଜେ ଛନ୍ଦି ହୋଇପଡେ । ବିଳମ୍ବ ହେଲେ ମଧ୍ୟ ଏହା ଦିନେ ନା ଦିନେ ସତ୍ୟରେ ପରିଣତ ହୋଇଥାଏ । ଏହା ମୋ' ମନରେ ଦୃଢ଼ ହୋଇ ମୋତେ ଶକ୍ତି ପ୍ରଦାନ କରୁଥାଏ ।

ସହରର ଚାରିଆଡେ ପ୍ରଚାର ହେଉଥାଏ ମୋତେ ଦିନେ ନା ଦିନେ ମାରି ଦିଆଯିବ । ମୋ' ପ୍ରେସ୍‌କୁ ପୋଡି ଦିଆଯିବ । ଏହିଭଳି ଗୁଜବ ଚାରିଆଡେ ଖେଳିଯାଇଥାଏ ।

ସତକୁ ସତ ମୋ'ର ପ୍ରେସ୍ କର୍ମଚାରୀମାନେ ଆଉ କାମକୁ ଆସିଲେ ନାହିଁ । ସେମାନଙ୍କ ଘରକୁ ଯାଇ ରାଜାଙ୍କ ପାର୍ଶ୍ୱଚରମାନେ ସେମାନଙ୍କୁ ଧମକ ଦେଉଥାନ୍ତି । ''ତୁମ ପ୍ରେସ୍ ମାଲିକର ଜୀବନ ରହିବ କି ନାହିଁ କେଜାଣି ତୁମେ ଆଉ କାମକୁ ଯାଅ ନାହିଁ । ନ ହେଲେ ତୁମକୁ ମଧ୍ୟ ମାଡ ପଡିବ'' । କର୍ମଚାରୀମାନେ ଭୟରେ ପ୍ରେସ୍‌କୁ ଆଉ କାମ କରିବା ପାଇଁ ଆସିଲେ ନାହିଁ । ପ୍ରେସ୍ ଖୋଲି ମୁଁ ଏକୁଟିଆ ବସି ରହିଲି ।

ମୋ' ବନ୍ଧୁବାନ୍ଧବଙ୍କ ମଧ୍ୟରେ ଆଶଙ୍କା ଖେଳି ଯାଇଥାଏ । ମୋ'ର ଶ୍ୱଶୁର କୁମୁଦନାଥ ବାବୁ ମୋ' ଘରକୁ ଆସି ମୋତେ ବୁଝାଇଲେ । ''ତୁମ ଜୀବନ ପ୍ରତି ବିପଦ ଅଛି । ତୁମେ କିଛିଦିନ ଗାଁରେ ରହିଯାଅ'' ।

ମୁଁ କହିଲି, ''ଅକାରଣରେ ମୋ' ବିରୁଦ୍ଧରେ କୁତ୍ସାରଟନା କରାଯାଉଛି । ମୁଁ ଏମିତି କେତେଦିନ ଲୁଚି ରହିବି ? ଯାହା ହେବ ଦେଖାଯିବ'' ।

ମୋର ଜିଦ୍ ଦେଖି ତାଙ୍କ ଆଶଙ୍କା ଆହୁରି ବଢ଼ିଗଲା । ତେଣୁ ମୋ'ର ନିରାପତ୍ତା,

Source: Author, Digitized by PPRACHIN, SOA

ପ୍ରେସ୍‌କୁ ପୋଡିଦେବା ଭୟ ତାଙ୍କ ମନକୁ ଘାରି ଦେଇଥାଏ ।

ମୋ'ର ସ୍ତ୍ରୀଙ୍କ ଡେଲିଭରି ସମୟ । ତେଣୁ ଗାଁରେ ବାପା, ମା'ଙ୍କ ପାଖରେ ସେ ଥାନ୍ତି । ତେଣୁ ମୁଁ ହୋଟେଲରେ ଖିଆପିଆ କରୁଥାଏ ।

ସନ୍ଧ୍ୟା ଚାରିଟାରେ ହୋଟେଲ୍‌ରୁ ଜଳଖିଆ ଖାଇ ବାହାରକୁ ଆସି ମୋ'ର ସାଇକେଲ ଷ୍ଟାଣ୍ଡ ଖୋଲୁଛି, ଜଣେ ଆସି ମୋ'ର ଗତିରୋଧ କଲା । ମୁଁ ସାଇକେଲ ଷ୍ଟାଣ୍ଡ ଖୋଲି ତାକୁ ଅନାଇଲି । ଏହି ମୁହୂର୍ତ୍ତରେ ଆଉ ଜଣେ ବ୍ୟକ୍ତି ମୋ'ର ପାଖକୁ ଚାଲିଆସି ହଠାତ୍ ମୋ' ଗାଲରେ ଶକ୍ତ ପ୍ରହାର କଲା । ସେହି ଶବ୍ଦରେ ଗାନ୍ଧିଚୌକ ପ୍ରତିଧ୍ୱନିତ ହେଲା ଭଳି ମନେ ହେଲା । ପୁଣି ସେଠାରେ ଆଉ ଜଣେ ଆସି ମୋତେ ଶକ୍ତ ଧକ୍କା ଦେଲା । ସମ୍ଭାଳି ନ ପାରି ମୁଁ ତଳେ ପଡିଗଲି । ଦୂରରୁ ଆଉ ଜଣେ ପଥର ଧରି ଅସଭ୍ୟ ଭାଷାରେ ଗାଳି ଦେଇ ଦୌଡି ଆସୁଥାଏ । ହୋଟେଲ୍ ମାଲିକ କୈଳାସ ମୁଣ୍ଡ ଶବ୍ଦ ଶୁଣି ଚୌକିରୁ ଉଠିପଡି ରାସ୍ତା ଉପରକୁ ଦୌଡିଆସି ହାତ ଟେକି ପାଟିକଲେ, "ହାଁ... ହାଁ... ଏସବୁ କଣ କରୁଛ? ଜଣକୁ ଅକାରଣରେ କଣ ମାରିଦେବ"?

ପାଖ ଲୋକମାନେ ମଧ୍ୟ ଦୌଡି ଆସିଲେ, ମୋତେ ତଳୁ ଉଠାଇଲେ । ତଳେ ପଡି ଯାଇଥିବା ଯୋଗୁଁ ମୋ'ର ହାତ କହୁଣି ଖଣ୍ଡିଆ ହୋଇ ରକ୍ତ ବୋହୁଥାଏ । ପାଖରେ ପୁଲିସ ଷ୍ଟେସନ୍ । ସେମାନେ ମଧ୍ୟ ଲୋକଙ୍କ ପାଟିତୁଣ୍ଡ ଶୁଣି ଧାଁ ଦୌଡ ଦେଖି ଦୌଡି ଆସିଲେ ।

ପୁଲିସ୍‌କୁ ଦେଖି ଦୁର୍ବୃର୍ତ୍ତମାନେ ଦୌଡି ପଳାଇଲେ । ଭଦ୍ରଲୋକମାନେ ମଧ୍ୟ ଭଦ୍ରଲୋକୀ ସାଜି ପରିସ୍ଥିତିକୁ ସଜାଗ ଦୃଷ୍ଟିରେ ଚାହିଁ ରହିଲେ ଏବଂ ଦୁର୍ବୃର୍ତ୍ତମାନଙ୍କୁ ଉସ୍‌କାଇ, କୌଣସି ପ୍ରତିରୋଧ ହେଲେ ସାହାଯ୍ୟ କରିବେ ବୋଲି ସେମାନଙ୍କ ମନରେ ସାହସ ଦେଉଥିଲେ ।

ଏମାନେ ହେଉଛନ୍ତି ତଥାକଥିତ କଜଳ ପାତିଆ ଭଦ୍ରଲୋକ । ଭଦ୍ର ପୋଷାକର ଆବରଣ ତଳେ ଏମାନେ ଜଣେ ଜଣେ ଚାଟୁକାର ।

ମୋତେ ଜୀବନରେ ମାରିଦେବା ପାଇଁ ଯେଉଁ ଚକ୍ରାନ୍ତ ହୋଇଥିଲା, ତାହାର ଆଂଶିକ ସଫଳତା ସେମାନେ ପାଇଲେ । ପରିସ୍ଥିତି ଯେଉଁ ଉତ୍ତେଜନାପୂର୍ଣ୍ଣ ହୋଇ ଉଠିଥିଲା, ବର୍ତ୍ତମାନ ତାହା ପ୍ରଶମିତ ହେବାକୁ ଲାଗିଲା । ନିଆଁ ଧାସରେ ଚୂଲିରେ ବସିଥିବା ଦୁଧ ଉତୁରିଲା ବେଳକୁ ପାଣି ଢ଼ାଳିଦେଲେ ତାହା ଯେପରି ଥମିଯାଏ ବର୍ତ୍ତମାନ ସେହିଭଳି ପରିସ୍ଥିତି ।

କ୍ଷଣିକ ମଧ୍ୟରେ ସମଗ୍ର ସହରରେ କଥାଟା ପ୍ରଚାରିତ ହୋଇଗଲା । ପୁଲିସ ଆସି ମୋତେ ଥାନାକୁ ନେଇଗଲେ । ଯେଉଁ ଦୁର୍ବୃତ୍ତମାନେ ମିଳିତ ହୋଇ ମୋତେ ଆକ୍ରମଣ

Source: Author, Digitized by PPRACHIN, SOA

କଲେ ମୁଁ କାହାକୁ ଚିହ୍ନିନାହିଁ । କିଏ ସେମାନେ ମୁଁ କାହାକୁ ଜାଣେ ନାହିଁ ।

ବହୁ ଲୋକ ଉତ୍ତେଜିତ ହୋଇ ପୁଲିସ ଆଗରେ ପାଟିତୁଣ୍ଡ କରୁଥାନ୍ତି । କିଛି ଲୋକ କହୁଥାନ୍ତି, "ଜଣେ ପଥର ଉଠାଇଥିଲା, ହୋଟେଲ ମାଲିକ ବାହାରି ନ ଥିଲେ ପଥରରେ ଛେଚି ଦେଇଥାନ୍ତେ" । ଆଉ ଜଣେ କହୁଥାନ୍ତି, "ଛୁରୀଟିଏ ଧରି ଜଣେ ଦୌଡି ଆସୁଥିଲା ଛୁରୀରେ ଭୁସିଦେବା ପାଇଁ । ପୁଲିସକୁ ଦେଖି ଦୌଡି ପଳାଇଗଲା । ଏମାନେ ସମସ୍ତେ ଏକଜୁଟ ହୋଇ ଛପି ରହି ସମୟକୁ ଅପେକ୍ଷା କରି ରହିଥିଲେ" ।

"ଜଳଖିଆ ଖାଇ, ରାସ ବାବୁ ହୋଟେଲରୁ ବାହାରିବା କ୍ଷଣି ଜଣେ ଆସି କାଳେ ପଳାଇବେ ଭାବି ତାଙ୍କ ସାଇକେଲକୁ ଧରି ଅଟକାଇଲା । ଜଣେ ଦୁର୍ବୃତ୍ତ ଏହି ସମୟରେ ଆକ୍ରମଣ କଲା, ଜଣେ ଧକ୍କା ଦେଇ ତଳେ ପକାଇଦେଲା । ହୋଟେଲ ମାଲିକ ବାହାରି ନ ଥିଲେ ସତରେ ସମସ୍ତଙ୍କ ଆଗରେ ପଥରରେ ତାଙ୍କ ମୁଣ୍ଡକୁ ଛେଚି ଦେଇଥାନ୍ତେ" । ଲୋକେ ଏହିଭଳି କଥାବାର୍ତ୍ତା ହେଉଥାନ୍ତି ।

ପୁଲିସ ଏ ମଧ୍ୟରେ ସ୍ପଟ୍‌କୁ ଯାଇ ପଡିଥିବା ସେହି ପଥରକୁ ସଂଗ୍ରହ କରି ନେଇ ଆସିଥାଏ ।

କେତେ ରାଗ, ଘୃଣା, ପ୍ରତିଶୋଧ ପରାୟଣ ମନୋଭାବ ଏମାନଙ୍କ ମନ ଭିତରେ ଭର୍ତ୍ତି କରି ଦିଆଯାଇଥିଲା । ହେଲା, ଏଥର ସେମାନେ ଶାନ୍ତ ହେବେ ।

ଗାନ୍ଧିଚୌକରେ ଲୋକଙ୍କ ଭିଡ ବଢ଼ି ଚାଲିଥାଏ । ଭବାନୀପାଟଣା ସହରର ଏ ହେଉଛି ମଧ୍ୟସ୍ଥଳୀ । ଚତୁର୍ଦ୍ଦିଗକୁ ରାସ୍ତା ଖେଳି ଯାଇଥାଏ । ତେଣୁ ଏଠାରେ ସଦାବେଳେ ଲୋକ ଗହଳି ।

ପୁଲିସ ମୋତେ ପ୍ରାଥମିକ ଚିକିତ୍ସା ପାଇଁ ହସ୍‌ପିଟାଲ ନେଇଗଲା । ଡାକ୍ତରଙ୍କ ଶୁଶ୍ରୂଷାରେ ମୁଁ ସୁସ୍ଥ ଅନୁଭବ କଲି । କାନ ଭିତରେ ପର୍ଦ୍ଦା ଉପରେ ଆଘାତ ଆଶଙ୍କା କରି ଡାକ୍ତର ଔଷଧ ପକାଇଲେ । ହାତର କହୁଣି ଖଣ୍ଡିଆ ହୋଇ ରକ୍ତ ବୋହୁଥିଲା, ସ୍ପିରିଟ୍‌ରେ ପରିଷ୍କାର କରି ଔଷଧ ଲଗାଇଦେଲେ । ମୁଁ ଟିକିଏ ସୁସ୍ଥ ବୋଧ କଲି ।

ଯେଉଁମାନେ ମୋତେ ଆକ୍ରମଣ କଲେ ପୁଲିସ ସମସ୍ତଙ୍କ ନାମ ଲୋକଙ୍କଠୁ ସଂଗ୍ରହ କରି ନେଇଥାଏ । ଆଗରୁ ପୁଲିସ ରେକର୍ଡରେ ମଧ୍ୟ ମୋର ଜୀବନ ପ୍ରତି ଯେ, ବିପଦ ଅଛି ତାହା ରେକର୍ଡ ହୋଇଛି ।

ବର୍ତ୍ତମାନ ଘଟଣା ଘଟିଛି ଏବଂ ଆଶଙ୍କା ପ୍ରମାଣିତ ହୋଇଛି । ତେଣୁ ପୁଲିସ ଦୁର୍ବୃର୍ତ୍ତମାନଙ୍କୁ ଧରିବା ପାଇଁ ତତ୍‌ପର ହୋଇଉଠିଲା ।

ସହରର ଦୁଇଜଣ ଆଇନଜ୍ଞ ବାର୍ ଏସୋସିଏସନ୍‌ର ସଭାପତି କାଳିପ୍ରସାଦ ବାବୁ ଏବଂ ଅନ୍ୟଜଣେ ବରିଷ୍ଠ ଆଇନଜ୍ଞ ଗଙ୍ଗାଧର ହୋତା ଦୁହେଁ ମିଳିତ ହୋଇ କଳାହାଣ୍ଡି

Source: Author, Digitized by PPRACHIN, SOA

ମହାରାଜାଙ୍କୁ ଭେଟି ମୋ' ଉପରେ ହୋଇଥିବା ଆକ୍ରମଣର ସତ୍ୟାସତ୍ୟ ଜାଣିବା ପାଇଁ ଚାହିଁଲେ । ସେମାନେ ପ୍ରଶ୍ନ କଲେ, ''ସତରେ କଣ ରାସବିହାରୀ ବେହେରା ଆପଣଙ୍କୁ ଧୂଳି ଝିଟି ଥିଲେ''?

ପ୍ରତାପକେଶରୀ ଦେଓ କହିଲେ, ''ନିର୍ବାଚନ ସମୟରେ ମୋ' ସହିତ ରାସବିହାରୀଙ୍କ ସହ କୌଣସି ସ୍ଥାନରେ ମଧ୍ୟ ଭେଟ ହୋଇ ନାହିଁ । ଧୂଳି ଝିଟିବା ପ୍ରଶ୍ନ ଉଠିଲା କେଉଁଠି''?

କାଳିବାବୁ ଏଡ୍‌ଭୋକେଟ୍ ପୁଣି ପ୍ରଶ୍ନକଲେ, ''ତେବେ ତାଙ୍କ ଉପରକୁ ଆପଣଙ୍କ ଦଳର ଲୋକେ ଆକ୍ରମଣ କଲେ କାହିଁକି''?ମନରେ ବିରକ୍ତଭାବ ପ୍ରକାଶ କରି ଶ୍ରୀ ଦେଓ କହିଲେ, ''ସେ କଥା ମୁଁ କେମିତି କହିପାରିବି? କାହିଁକି ତାଙ୍କୁ ଆକ୍ରମଣ କଲେ ମୁଁ କିଛି ଜାଣି ନାହିଁ । ରାସବିହାରୀ ମୋତେ ଧୂଳି ଝିଟି ନାହାନ୍ତି'' ।

ଏହିଭଳି ପ୍ରଶ୍ନୋତ୍ତର ଛଳରେ ଦୁଇ ବରିଷ୍ଠ ଆଇନଜ୍ଞ ସମସ୍ତ ତଥ୍ୟ ଜାଣି ଫେରି ଆସିଲେ ।

କାହା ବିରୁଦ୍ଧରେ କିଛି କହିବାର ମୋ'ର ନାହିଁ । ଯେତେବେଳେ ସେମାନଙ୍କ ରାଗ, ରୋଷ ପ୍ରଶମିତ ହେବ, ସତ କଥା କଣ ସେମାନେ ବୁଝିଯିବେ । ନିଜେ ସବୁ ଜାଣିଯିବେ । ସତ ଆପେ ଆପେ ପଦାକୁ ଫୁଟି ଆସିବ ।

ମୋ' ମନରେ ଅନେକ ପ୍ରଶ୍ନ ଉଙ୍କି ମାରୁଥାଏ । ମନରେ ଅନେକ ଭାବନା ଖେଳି ଯାଉଥାଏ। ''ଭଗବାନ ସତେ କଣ ମୋ' ଧୈର୍ଯ୍ୟ ପରୀକ୍ଷା କରୁଛନ୍ତି? ଏ ଦଣ୍ଡ, ଅପମାନ ବହନ କରିବା ପାଇଁ ଭଗବାନ ତୁମକୁ ଯଥେଷ୍ଟ ଶକ୍ତି ପ୍ରଦାନ କରିଛନ୍ତି। ସେଥିପାଇଁ ଭଗବାନ ତୁମର ଧୈର୍ଯ୍ୟ ପରୀକ୍ଷା ପାଇଁ ଦଣ୍ଡ ଦେଉଛନ୍ତି । ତାକୁ ତୁମେ ଭଗବାନଙ୍କ ଅନୁଗ୍ରହ ବୋଲି ମନେକର। ସମୟ ଆସିବ ତୁମ ମନରେ ଦୁଃଖ ପରିବର୍ତ୍ତେ ଭଲ ସମୟ ଫେରି ଆସିବ। ଦୁଃଖ, କଷ୍ଟ, ଅପମାନ ସହ୍ୟକରିବା ଶକ୍ତି ତୁମକୁ ଆହୁରି ସୁଦୃଢ଼ କରିବ। ତୁମକୁ ସତ୍ ପଥରେ ଚାଲିବା ପାଇଁ ଆହୁରି ଅଧିକ ଶକ୍ତି ପ୍ରଦାନ କରିବ''। ଏହିଭଳି ଭାବନା ମନରେ ଆଣି ମୋ' ମନକୁ ମୁଁ ଶାନ୍ତ କରିଦେଇଥାଏ। ମନରେ ଦୁଃଖ, ବିଷାଦ, ପ୍ରତିହିଂସା ଭାବନା ସୃଷ୍ଟି ହେଉନଥାଏ। ସୃଜନଶୀଳ ପଥରେ ଚାଲିବା ପାଇଁ ମୋତେ ଆତ୍ମବିଶ୍ୱାସ ଭରି ଦେଇଥାଏ।

ଯେଉଁ ବ୍ୟକ୍ତିମାନେ ମୋ' ଉପରେ ଆକ୍ରମଣ କରିଛନ୍ତି ଅବା ସହଯୋଗ କରିଛନ୍ତି, ମୁଁ ସେମାନଙ୍କୁ ଦୋଷ ଦେଉନାହିଁ । ସେମାନଙ୍କୁ ବୁଝାଇ ଦିଆଯାଇଛି, ମୁଁ ରାଜାଙ୍କ ବିରୁଦ୍ଧରେ ହାତ ଉଠାଇଛି । ଅତିରଞ୍ଜିତ କରି କଥାକୁ ବନାଇ ଚୂନାଇ ମୋ' ବିରୁଦ୍ଧରେ ଅନେକ କୁତ୍ସାରଟନା କରାଯାଇଛି । ସେମାନଙ୍କ କଥାରେ ସେମାନଙ୍କ

Source: Author, Digitized by PPRACHIN, SOA

ବିଶ୍ୱାସ ଆସିଯାଇଛି । ଦିନକୁ ଦିନ ଘଟଣା ଯେତେବେଳେ ସ୍ୱଚ୍ଛ ହୋଇଆସିଲା, ଯେଉଁମାନେ ଏ ଷଡଯନ୍ତ୍ର ରଚନା କରିଥିଲେ ସେମାନେ ମଧ୍ୟ ବଞ୍ଚିତ ହେଲେ ।

ମୁଁ ନିର୍ଦ୍ଦୋଷ, ତେଣୁ ମୋ' ଉପରେ ହୋଇଥିବା ଆକ୍ରମଣ ନିନ୍ଦାଜନକ ବୋଲି ମତ ପୋଷଣ ହେଲା । ମୋ' ପ୍ରତି ଲୋକଙ୍କ ସ୍ନେହ, ଶ୍ରଦ୍ଧା, ସମ୍ମାନ ବୃଦ୍ଧି ପାଇଲା । ପ୍ରକାଶ୍ୟରେ କହିପାରୁ ନ ଥିଲେ ମଧ୍ୟ ଲୋକଙ୍କ ମନରେ ଏକ ପ୍ରକାର ଅବିଶ୍ୱାସ ଭାବ ବୃଦ୍ଧି ପାଇଲା ।

ଦିନକୁ ଦିନ ପରିସ୍ଥିତିର ବିରାଟ ପରିବର୍ତ୍ତନ ଘଟି ଚାଲିଥାଏ । ମୋ'ର ମାନ ମର୍ଯ୍ୟାଦା ବୃଦ୍ଧି ପାଇବାରେ ଲାଗିଥାଏ । ଚକ୍ରାନ୍ତକାରୀମାନଙ୍କ ବିରୁଦ୍ଧରେ ସାଧାରଣ ଲୋକଙ୍କ ଭିତରେ ଦ୍ୱେଷଭାବ ବୃଦ୍ଧି ପାଇଲା ।

ମୋ' ମନରେ ଏକ ଧାରଣା ସୃଷ୍ଟି ହେଲା, ଏଥର ପରିସ୍ଥିତି ଶାନ୍ତ ହୋଇ ପଡିବ ।

ମୁଁ ସିନା ପରିସ୍ଥିତି ଶାନ୍ତ ହୋଇଯିବ ବୋଲି ଭାବୁଥିଲି, ମାତ୍ର; ଘଟଣା ସେତେ ସହଜ ହୋଇ ନ ଥିଲା ।

ସହିଯିବା ମଣିଷର ଭଲ ଗୁଣ ହୋଇପାରେ, ମାତ୍ର; ଅନ୍ୟାୟକୁ ସହିବା ଭଳି ଖରାପ କଥା ଆଉ କିଛି ନାହିଁ ।

ମୋ'ର ବନ୍ଧୁ, ବାନ୍ଧବ, ହିତାକାଂକ୍ଷୀମାନଙ୍କ ମନରେ ମୋ' ପ୍ରତି ଆକ୍ରମଣର ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହେଲା । ମୁଁ ସିନା କଥାଟାକୁ ସହଜରେ ଗ୍ରହଣ କରିନେବାକୁ କହିଲି; ମାତ୍ର; ସେମାନେ ତାହା ସହଜରେ ଗ୍ରହଣ କରି ପାରିଲେ ନାହିଁ ।

କଣ୍ଟାକୁ କଣ୍ଟାରେ କଢ଼ାଯାଏ, ଏହା ସେମାନଙ୍କ ମନରେ ଧାରଣା ସୃଷ୍ଟି ହେଲା ।

ଦିନକର ଘଟଣା, ମୋର ହିତାକାଂକ୍ଷୀ ବ୍ୟକ୍ତିମାନେ ଜଗନ୍ନାଥ ମନ୍ଦିରର ରାସ୍ତାରେ ସ୍ୱତନ୍ତ୍ର ପାର୍ଟି ଅଫିସ ସାମନା ଦେଇ ଯାଉଥିବା ସମୟରେ ଯେଉଁ ବ୍ୟକ୍ତି ମୋ' ଉପରେ ଆକ୍ରମଣ କରିଥିଲା, ତାକୁ ଦେଖି ସେମାନେ ଆଉ ନିଜକୁ ସମ୍ଭାଳି ପାରିଲେ ନାହିଁ । ପାର୍ଟି ଅଫିସ୍ ବାରଣ୍ଡାରେ ସେହି ବ୍ୟକ୍ତି ତାଙ୍କ ଦଳର କର୍ମୀମାନଙ୍କ ସହିତ କଥା ହେଉଥିଲା । ତାକୁ ସେମାନେ ହାତଠାରି ରାସ୍ତାକୁ ଆସିବା ପାଇଁ କହିଲେ । ସେ ଯେମିତି ପାଖକୁ ଆସିଛି, ତା' ଉପରେ ଏକ ଶକ୍ତ ଚାପୁଡା ପ୍ରହାର ପଡିଲା । ମାଡରେ ସେ ତଳେ ପଡିଗଲା ।

ଦଳର ଜଣେ ନେତା ଉପରେ ମାଡ ହେଉଥିବା ଦେଖି ପାର୍ଟି ଅଫିସରେ ଯେତେ କର୍ମୀ ଥିଲେ ଭୟରେ ଦୌଡି ପଳାଇଲେ । ପାପମନ ସଦା ଶଙ୍କି ରହିଥାଏ ।

ଦୁର୍ବୃତ୍ତ ଉପରେ ଏଭଳି ମାଡ ପ୍ରହାର ହେଲା ଯେ, ସେ ବିକଳରେ ଚିତ୍କାର

Source: Author, Digitized by PPRACHIN, SOA

କରୁଥାଏ, "ମୋତେ ଜୀବନରେ ମାରି ଦିଅ ନାହିଁ, ମୁଁ ତୁମ ପାଦ ଧରୁଛି । ମୁଁ ଭୁଲ କରିଛି, ମୋତେ କ୍ଷମା କରିଦିଅ" । ତଥାପି ତା ଉପରେ ଲାତ, ବିଧା, ଚାପୁଡ଼ା ଅନବରତ ପ୍ରହାର ଚାଲିଥାଏ । ତାର ବିକଳ ଚିତ୍କାର ଶୁଣି ସାମନାରେ ଥିବା ଔଷଧ ଦୋକାନର ମାଲିକ ବୈଷ୍ଣବ ତ୍ରିପାଠୀ ଆଗକୁ ଚାଲିଆସି ମାଡ ଦେଉଥିବା ବ୍ୟକ୍ତିଙ୍କ ହାତଧରି କହିଲେ, "ତାର ପରିଣାମ ସେ ଭୋଗି ସାରିଲାଣି । ସେ ମରିଯିବ, ତାକୁ ଛାଡିଦିଅ" । ସେ ଘରୁ ପାଣି ମଗାଇ ପାଣି ପିଆଇ ତାକୁ ସାନ୍ତ୍ୱନା କରି ସେଠୁ ବିଦାୟ କରିଦେଲେ ।

ବହୁ ଆଗରୁ ପୁଲିସ ମଧ୍ୟ ଏହି ଦୁର୍ବୃତ୍ତର ତଲାସରେ ଥିଲା । ନିର୍ବାଚନ ସମୟରେ ଧର୍ମଗଡ ବ୍ଲକର ଧଅଁରପୁର ଗ୍ରାମର ଜଣେ କଂଗ୍ରେସ ନେତା ମନଧର ସେଠିଆଙ୍କ ଘରକୁ ପୋଡିଦେଇ ତାଙ୍କୁ ଜୀବନରେ ମାରିଦେବା ପାଇଁ ସେ ଧମକ ଦେଇଥିଲା । ତେଣୁ ଘରପୋଡି ଏବଂ ଅନ୍ୟର ଜୀବନ ପ୍ରତି ବିପଦ ଆଶଙ୍କାରେ ଏହି ଦୁର୍ବୃତ୍ତ ଉପରେ ନନ୍ ବେଲେବଲ୍ ୱାରେଣ୍ଟ ଜାରି ହୋଇଥିଲା । ସେହି କେସ୍‌ରେ ପୁଲିସ ତା' ଘରକୁ ଯାଇ ଏରେଷ୍ଟ କରି ହାତକଡି ପକାଇ ଦୌଡିରେ ବାନ୍ଧି ରାସ୍ତାରେ ଚଲାଇ ଚଲାଇ ଆଣିଲା । ଲୋକେ କୌତୂହଳ ହୋଇ ତାକୁ ଚାହିଁ ରହିଥାନ୍ତି ।

ସ୍ୱତନ୍ତ୍ର ଦଳର ସରକାର । ଅବଶ୍ୟ ମିଳିତ ସରକାର । ତଥାପି ଦଳର ଜଣେ ବରିଷ୍ଠ କର୍ମୀକୁ ପୁଲିସ ଯେଉଁଭଳି ଏରେଷ୍ଟ କରି ଥାନାକୁ ଆଣିଲା ଦଳର ଏମ୍.ପି., ଏମ୍.ଏଲ୍.ଏ.ମାନେ ସହଜରେ ବରଦାସ୍ତ କରିପାରିଲେ ନାହିଁ ।

ପୁଲିସ ଥାନାକୁ ଏମ୍.ଏଲ୍.ଏ.ଙ୍କ ନେତୃତ୍ୱରେ କର୍ମୀମାନେ ଯାଇ ହାଜତରେ ସେହି ଦୁର୍ବୃତ୍ତକୁ ରଖିଥିବା ଦେଖି ସେମାନଙ୍କ ରାଗ ବଢ଼ି ଯାଇଥାଏ ।

ଥାନା ବାବୁଙ୍କ ଉପରେ ଏମ୍.ଏଲ୍.ଏ. ପାଟିତୁଣ୍ଡ କଲେ ।

ସେମାନଙ୍କ ପାଟିତୁଣ୍ଡ ଶୁଣି ଥାନାବାବୁ ଏମ୍.ଏଲ୍.ଏ.ଙ୍କୁ କହିଲେ, "ଆଜ୍ଞା ଏହି ଲୋକଙ୍କ ବିରୁଦ୍ଧରେ ଘରପୋଡି କେସ୍‌ରେ ୱାରେଣ୍ଟ ଥିଲା । ସେଥିପାଇଁ ତାକୁ ଏରେଷ୍ଟ କରାଯାଇଛି । ସେ ଜଣେ କ୍ରିମିନାଲ୍ । ତେଣୁ ଆମେ ଆମର କର୍ତ୍ତବ୍ୟ କରିଛୁ" ।

ଏମ୍.ଏଲ୍.ଏ.ଙ୍କ ଧମକ ଚମକର ପ୍ରଭାବ ନ ପଡିବା ଦେଖି ରାଗ ଗରଗର ହୋଇ ପାଟିତୁଣ୍ଡ କରି ଦେଖିନେବୁ କହି ସେମାନେ ଫେରିଗଲେ ।

ଥାନାବାବୁ ପ୍ରମୋଦ ମହାନ୍ତି ଜଣେ ସାହାସୀ କର୍ମପରାୟଣ ପୁଲିସ ଅଫିସର୍ । ସେ କହିଲେ, "କ୍ଷମତା ଆପଣଙ୍କ ହାତରେ । ଆପଣ ଚାହିଁଲେ ମୋତେ ଏ ଥାନାରୁ ଆଉ ଏକ ଥାନାକୁ ବଦଳି କରିଦେବେ । ମୋ'ର ଚାକିରିତ ନେଇ ପାରିବେ ନାହିଁ । ଯେଉଁଠିକୁ ଗଲେ ଆମେ ଆମ କାମ କରିବୁ" ।

Source: Author, Digitized by PPRACHIN, SOA

ସତକୁ ସତ କିଛି ଦିନ ପରେ ତାଙ୍କ ବଦଳି ହୋଇଯାଇଥିଲା । ବଦଳି ହେବା ପୂର୍ବରୁ ସେ ଦୁର୍ବୃତ୍ତମାନଙ୍କୁ ଏରେଷ୍ଟ କରିନେଇ ଭିତରେ ଭର୍ତ୍ତି କରି ଦେଇଥିଲେ ।

କଳାହାଣ୍ଡି କଲେଜରେ ଛାତ୍ରମାନଙ୍କ ବିରୋଧ :

ଓଡିଶାର ମାନ୍ୟବର ଶିକ୍ଷାମନ୍ତ୍ରୀ ବନମାଳୀ ପଟ୍ଟନାୟକ କଳାହାଣ୍ଡି କଲେଜ କାର୍ଯ୍ୟକ୍ରମ ଏବଂ ମାଣିକେଶ୍ୱରୀ ହାଇସ୍କୁଲ ଉଦ୍‌ଘାଟନ ଉତ୍ସବରେ ଯୋଗ ଦେବା ପାଇଁ ଆସିଥାନ୍ତି । ସାଥିରେ କଳାହାଣ୍ଡି ଲୋକସଭା ସଦସ୍ୟ ମଧ୍ୟ ଥାଆନ୍ତି । କଲେଜ ଫଙ୍କ୍‌ସନ୍‌ରେ ଶିକ୍ଷାମନ୍ତ୍ରୀ ଭାଷଣ ଦେଉଥାନ୍ତି । ଛାତ୍ରମାନେ କଲେଜର ଅଭାବ ଅସୁବିଧା ପୂରଣ ହେଉ ନ ଥିବା ଯୋଗୁଁ ପାଟିତୁଣ୍ଡ କରୁଥାନ୍ତି । ଏହିଭଳି ଉତ୍ତେଜନା ଏବଂ ବିଶୃଙ୍ଖଳା ପରିସ୍ଥିତି ଦେଖି ଲୋକସଭା ସଦସ୍ୟ ପ୍ରତାପକେଶରୀ ଦେଓ ମାଇକ୍‌ଧରି ଛାତ୍ରମାନେ ପାଟିତୁଣ୍ଡ ନ କରିବା ପାଇଁ କହିଲେ । ତାଙ୍କ କଥା ଛାତ୍ରମାନେ ନ ଶୁଣିବାରୁ ସେ ରାଗି କହିଲେ, ‘‘ଏମିତି ଯଦି ପାଟିତୁଣ୍ଡ କରି ବିଶୃଙ୍ଖଳା କରିବ ତେବେ କଲେଜକୁ ବନ୍ଦ କରିଦିଆଯିବ’’ ।

ଏତକ ଯେମିତି ଛାତ୍ରମାନେ ଶୁଣିଛନ୍ତି, ନିଆଁରେ ଘିଅ ପଡିଲା ଭଳି ସେମାନେ ଉତ୍ତେଜିତ ହୋଇ ପେଣ୍ଡାଲ୍ ଉପରକୁ ମାଡି ଚାଲିଲେ । ପରିସ୍ଥିତି ଅଣଆୟତ୍ତ ହେଉଥିବା ଦେଖି ପୁଲିସ କର୍ଡନ୍ କରି ନେତୃମଣ୍ଡଳୀଙ୍କୁ ସୁରକ୍ଷା ପାଇଁ ସେଠୁ ନେଇଗଲେ । ଛାତ୍ରମାନେ ଉତ୍ତେଜିତ ହୋଇ ପଡିଥାନ୍ତି । ‘‘କଲେଜ କ’ଣ କାହାର ବାପର ସଂପତ୍ତି । ଯିଏ ଯେତେବେଳେ ଚାହିଁବ ସେତେବେଳେ ବନ୍ଦ କରିଦେବ’’ । ଶିକ୍ଷାମନ୍ତ୍ରୀ ଏବଂ ଏମ୍.ପି.ଙ୍କ ବିରୁଦ୍ଧରେ ଛାତ୍ରମାନେ ସ୍ଲୋଗାନ ଦେଉଥାନ୍ତି । ଏତିକିବେଳେ ଟେକାପଥର ବୃଷ୍ଟି ଆରମ୍ଭ ହେଲା । ପିଲାମାନେ ହାତରେ ଯିଏ ଯାହା ପାଇଲେ ନେତାମାନଙ୍କୁ ଲକ୍ଷ୍ୟକରି ଫିଙ୍ଗିଲେ । କିଏ ହାତରେ ଧରିଥିବା ବହି, ଖାତା, କିଏ ଟେକା, ପଥର ଫିଙ୍ଗିଲେ । କେତେ ସେମାନଙ୍କ ଦେହରେ ବାଜିଲା କେତେ ବାହାରେ ପଡିଲା ।

ପରିସ୍ଥିତି ଅଣଆୟତ୍ତ ହୋଇପଡୁଥିବା ଦେଖି ପୁଲିସ୍ ସେମାନଙ୍କୁ ଗାଡିରେ ବସାଇ ସେଠୁ ଦ୍ରୁତ ଗତିରେ ଖସି ପଳାଇଗଲେ ।

ଏଣେ ଛାତ୍ରଛାତ୍ରୀମାନେ ଉତ୍ତେଜିତ ହୋଇ ପ୍ରୋସେସନ୍ କରି ଏମ୍.ପି. କ୍ଷମା ମାଗନ୍ତୁ ବୋଲି ସ୍ଲୋଗାନ୍ ଦେଇ ଚାଲିଥାନ୍ତି ।

ହଠାତ୍ କଲେଜରେ ଏହିଭଳି ଏକ ଉତ୍ତେଜନାପୂର୍ଣ୍ଣ ଘଟଣା ପାଇଁ କିଛି ଚାଟୁକାରଙ୍କ ରାଗ ମୋ’ ଆଡକୁ ଢଳିଲା । ‘‘ରାସବିହାରୀ ଶିଖାଇ ପିଲାମାନଙ୍କୁ

Source: Author, Digitized by PPRACHIN, SOA

ଉତ୍ତେଜିତ କରାଇଛି । ନ ହେଲେ ପିଲାମାନେ ମହାରାଜାଙ୍କ ଉପରେ ଏତେ ରାଗିଲେ କାହିଁକି'' ?

ମାତ୍ର, ଏହି ଘଟଣା ସହ ମୋ'ର କୌଣସି ସଂପର୍କ ନ ଥିଲା ।

ପରିବର୍ତ୍ତନର ସୁଅକୁ କେହି ରୋକି ପାରି ନାହାନ୍ତି ।

ସେ ତାରି ବାଟରେ ଠିକ୍ ଭାବରେ ଆଗେଇ ଚାଲିଥାଏ । ଜଗତରେ କିଛି ବି ସ୍ଥାୟୀ ନୁହେଁ । ଯଦି କିଛି ସ୍ଥାୟୀ ତାହା ହେଉଛି ପରିବର୍ତ୍ତନ । ପରିବର୍ତ୍ତନ ହିଁ ଚିରନ୍ତନ ।

ତେଣୁ ସବୁଦିନ ଯେ ଲୋକେ ଅନ୍ଧ ଭଳି ସବୁକଥାକୁ ହିଁ ଭରିବେ ଏହା କେବେ ସମ୍ଭବ ନୁହେଁ ।

ପାପମନ ସଦାବେଳେ ଶଙ୍କି ରହିଥାଏ । କିଛି ଚାଟୁକାର ଏହିଭଳି ସୁଯୋଗରେ ଫାଏଦା ଉଠାଇବାକୁ ଚାଟୁ କଥା କହି ରାଜାଙ୍କ ମନକୁ ଚହଲାଇବା ପାଇଁ ଉଦ୍ୟମ କଲେ । ସେହି ପାପମନର ଶଙ୍କା ସେମାନଙ୍କୁ ଭୂତ ଭଳି ଗୋଡାଇଥାଏ ।

ପଚ୍ଚାୟତ ବୀରକେଶରୀ ଦେଓଙ୍କ ଭୟ :

ଏଥ୍‌ଲେଟିକ୍‌ସ୍ ଏସୋସିଏସନର ଏକ ଫୁଟବଲ୍ ପ୍ରଦର୍ଶନୀ ମ୍ୟାଚ୍ ପାଇଁ 'ସମ୍ବଲପୁର ଟିମ୍' ଏବଂ 'କଳାହାଣ୍ଡି ଟିମ୍'ର ମ୍ୟାଚ ଠିକ୍ ହୋଇଥାଏ । ଦିନ ତିନିଟାରେ ଖେଳ ଆରମ୍ଭ ପାଇଁ ସମୟ ଘୋଷଣା କରାଯାଇଥାଏ । ରାଜ୍ୟସଭା ସଦସ୍ୟ ବୀରକେଶରୀ ଦେଓଙ୍କୁ ମୁଖ୍ୟ ଅତିଥି ରୂପେ ନିମନ୍ତ୍ରଣ କରାଯାଇଥାଏ । ସେକ୍ରେଟାରୀ ହିସାବରେ ମୁଁ ତାଙ୍କ ସହିତ ଆଲୋଚନା କରି ଠିକ୍ ସନ୍ଧ୍ୟା ତିନିଟା ପୂର୍ବରୁ ପଡିଆରେ ପହଞ୍ଚିବା ପାଇଁ ଅନୁରୋଧ କଲି । ସେ ମଧ୍ୟ ପୂର୍ଣ୍ଣ ପ୍ରତିଶ୍ରୁତି ଦେଲେ, ଠିକ୍ ସମୟରେ ପହଞ୍ଚିବା ପାଇଁ । ସମୟ ଅତିକ୍ରାନ୍ତ ହୋଇ ଚାଲିଥାଏ । ନିର୍ଦ୍ଦିଷ୍ଟ ସମୟ ଆସି ପହଞ୍ଚିଗଲା । ଉଭୟ ଦଳ ପଡିଆରେ ଛିଡା ହୋଇଗଲେ । ମୁଖ୍ୟ ଅତିଥିଙ୍କ ସହ ପରିଚିତ ହୋଇ କରମର୍ଦ୍ଦନ କରିବା ପାଇଁ । ମାତ୍ର ମୁଖ୍ୟ ଅତିଥି ଆସିଲେ ନାହିଁ । ବିଳମ୍ବ ହେଲେ ଖେଳ ପାଇଁ ଅନ୍ଧାର ହୋଇଯିବ । ଖେଳ ଠିକ୍ ଭାବରେ ହୋଇପାରିବ ନାହିଁ । ତେଣୁ ରେଫରୀଙ୍କୁ ନିର୍ଦ୍ଦେଶ ଦେଲି ଖେଳ ଆରମ୍ଭ କରିବା ପାଇଁ । ହାପ୍ ଟାଇମ୍‌ରେ ଉଭୟ ଦଳଙ୍କ ସହ ମୁଖ୍ୟ ଅତିଥିଙ୍କ ପରିଚୟ ହେବ । ମ୍ୟାଚ୍ ୧୦ ମିନିଟ୍ ବିଳମ୍ବରେ ଆରମ୍ଭ ହେଲା । ହାପ୍ ଟାଇମ୍ ପାଖ ହୋଇ ଆସିଲା, ମାତ୍ର; ଅତିଥିଙ୍କ ଦେଖା ଦର୍ଶନ ମିଳିଲା ନାହିଁ ।

ଠିକ୍ ସେତିକିବେଳେ ଗୋଟିଏ ଜିପ୍‌ରେ କେସିଙ୍ଗା ଏମ୍.ଏଲ୍.ଏ. ମଦନପୁର ରାମପୁର ଜମିଦାର ୰ଦୁର୍ଗାମାଧବ ସିଂହଦେଓଙ୍କ ପୁତ୍ର ଶରତଚନ୍ଦ୍ର ସିଂହଦେଓ (ଟୁକୁବାବୁ)

Source: Author, Digitized by PPRACHIN, SOA

ଆସି ଗାଡିରୁ ଓହ୍ଲାଇ ମୋତେ କହିଲେ, ''ପଞ୍ଚାୟତଙ୍କ ଦେହ ଅସୁସ୍ଥ, ସେ ଆସିପାରିବେ ନାହିଁ''।

ମୁଁ ଆଶ୍ଚର୍ଯ୍ୟ ହୋଇଗଲି । ରାଜ୍ୟସଭା ସଦସ୍ୟ ମୋ' ସହିତ ଦିନ ୧୧ଟାରେ କଥା ହୋଇଛନ୍ତି । ସୁସ୍ଥ ସବଳ ଥିଲେ । ହଠାତ୍ କଣ ହେଲା ଅସୁସ୍ଥ ହୋଇ ପଡିଲେ ? ଏମ୍.ଏଲ୍.ଏ. ମହାଶୟ ଏତକ ଖବର ଦେଇ ତର ତର ହୋଇ ଗାଡିରେ ବସି ଚାଲିଗଲେ । ମୁଁ ତାଙ୍କୁ ମ୍ୟାଚ୍ ଦେଖିବା ପାଇଁ ଅନୁରୋଧ କଲି, ମାତ୍ର; କାମ ଅଛି କହି ସେ ଚାଲିଗଲେ । ଉପସ୍ଥିତ ଜିଲ୍ଲାପାଳ ମ୍ୟାଚ୍ ଶେଷ ପରେ ଖେଳାଳିଙ୍କୁ ପୁରସ୍କାର ଦେଇ ସମ୍ମାନିତ କଲେ ।

ଖେଳ ଶେଷ ପରେ ମୁଁ ଯେତେବେଳେ ଖେଳପଡିଆରୁ ଫେରିଗଲି, ଗାନ୍ଧିଚୌକରେ ବୀରକେଶରୀ ଦେଓଙ୍କ ସହ ସାକ୍ଷାତ ହେଲା । ଅସୁସ୍ଥତାର କୌଣସି ଲକ୍ଷଣ ତାଙ୍କଠାରେ ଦେଖିବାକୁ ନ ପାଇ ବିସ୍ମିତ ହୋଇ ତାଙ୍କ ମୁହଁକୁ ଅନାଇ ରହିଲି ।

''ରାସ ! ମୁଁ ଯାଇପାରିଲି ନାହିଁ । ସରି'', କହି ସେ ମୋ' ହାତ ଧରିପକାଇଲେ ଓ ମୋତେ ଡର ମାଡିଲା, ସେଥିପାଇଁ ଗଲି ନାହିଁ'' ବୋଲି କହିଲେ ।

ମୁଁ ଆଶ୍ଚର୍ଯ୍ୟ ହୋଇ ତାଙ୍କ ମୁହଁକୁ ଅନାଇ ପ୍ରଶ୍ନକଲି, ''ଡର ମାଡିଲା କଣ ପାଇଁ'' ?

ସେ ପୁଣି କହିଲେ, ''ସତରେ ରାସ ! ଯେଉଁଲୋକ ତୋତେ ଆକ୍ରମଣ କଲା, ତାକୁ ଆମ ଦଳର ଅଫିସ ସମ୍ମୁଖରେ ମାଡ ହେଲା । ପୁଲିସ୍ ତାକୁ ଘର ପୋଡି କେସ୍‌ରେ ହାତକଡି ଦେଇ ଚଲାଇ ଚଲାଇ ଆଣିଲା । ଦାଦାଙ୍କୁ (କଳାହାଣ୍ଡି ଲୋକସଭା ସଦସ୍ୟ) କଲେଜ୍‌ରେ ସେହିଭଳି ଆକ୍ରମଣ ହେଲା ।

ଆମ ଲୋକ ସବୁ ମୋତେ କହିଲେ, ଏବେ ତୁମର ପାଳି ପଡିଛି । ଖେଳପଡିଆରେ ମୋତେ ମାଡ ହେବ । ସତରେ ମୁଁ ଡରିଗଲି । ଆଉ ଆସିଲି ନାହିଁ'' ।

''ମୁଁ ଆପଣଙ୍କୁ ନିମନ୍ତ୍ରଣ କରିବି, ଆଉ ଲୋକ ଲଗାଇ ଆପଣଙ୍କୁ ମାଡ ମାରିବି ? ଏହା କିପରି ଆପଣ ଭାବିଲେ ଆଉ ଡରିଗଲେ'' ?

ପଞ୍ଚାୟତ ଅତି ଖୋଲା ହୃଦୟର ଲୋକ । ସେ କୌଣସି କଥାକୁ ଚପାଇ ରଖନ୍ତି ନାହିଁ । ଯାହା ଭାବନ୍ତି ସ୍ପଷ୍ଟ କରି କହି ଦିଅନ୍ତି ।

ତେଣୁ ତାଙ୍କ ଦଳ ଭିତରେ ଖେଳି ଯାଇଥିବା ଅହେତୁକ ଭୟ, ଆତଙ୍କ ସଭିଙ୍କ ମନକୁ ଭୂତ ଗୋଡାଇଲା ଭଳି ଗୋଡାଇ ଚାଲିଛି ।

ଥରେ ମଣିଷ ମନରେ ଭୟ ଆଶଙ୍କା ଖେଳିଗଲେ ସହଜରେ ମନରୁ ଅପସରି ଯାଇ ନ ଥାଏ । ସବୁ ମଣିଷର ଏକ ମନ୍ଦ ଦିଗ ରହିଛି । ସମୟ ଅନୁସାରେ ତାହା

Source: Author, Digitized by PPRACHIN, SOA

ପ୍ରକଟ ହୋଇଥାଏ । ଭୟ ହେଉଛି ସମସ୍ତ ଦୁର୍ବଳତାର ପ୍ରଥମ ସୋପାନ । ଧୀରେ ଧୀରେ ମଣିଷକୁ ତାର ପତନ ଆଡକୁ ଟାଣି ନେଇଥାଏ ।

ତାହା ହିଁ ଗୋଟି ଗୋଟି ହୋଇ ଘଟି ଚାଲିଥାଏ । ସଦାବେଳେ ସତ୍ୟର ଜୟ ହୋଇଥାଏ ।

ସମସ୍ତଙ୍କ ଜୀବନରେ ବିପଦ ଆସେ, ଦୁଃଖ ଆସେ ଏବଂ ଉତ୍କଟ ସମସ୍ୟା ଦେଖାଦିଏ । ଯିଏ ଧୈର୍ଯ୍ୟର ସହିତ ପ୍ରତିକ୍ରିୟାଶୀଳ ନହୋଇ ତାର ମୁକାବିଲା କରିଥାଏ, ସେ ନିଶ୍ଚିତ ଭାବରେ ତାର ସୁଫଳ ପାଇଥାଏ ।

ସେଥିପାଇଁ ଅଟଳ ବିଶ୍ୱାସ, ଅସୀମ ଧୈର୍ଯ୍ୟ ଏବଂ ନିରବଚ୍ଛିନ୍ନ ଉଦ୍ୟମର ଆବଶ୍ୟକତା ରହିଛି ।

ଏହିପରି ଜଟିଳ ପରିସ୍ଥିତିରେ ମଧ୍ୟ ମୁଁ ମୋ'ର କର୍ତ୍ତବ୍ୟ କରି ଚାଲିଥାଏ । ଧୈର୍ଯ୍ୟ ହିଁ ମଣିଷକୁ ଜୀବନ ଯୁଦ୍ଧରେ ଅବତୀର୍ଣ୍ଣ ହେବାପାଇଁ ଓ ସଂସାରର ଯାବତୀୟ ପ୍ରତିକୂଳ ପରିସ୍ଥିତି ସହ ଯୁଝିବା ପାଇଁ ଦମ୍ଭ ପ୍ରଦାନ କରିଥାଏ ।

ଯେଉଁମାନେ ମୋ'ର ଅନିଷ୍ଟ କରିବା ପାଇଁ ଷଡଯନ୍ତ୍ର କରିଥିଲେ, ସେହି ଷଡଯନ୍ତ୍ରରେ ସେହିମାନେ ପଡିଗଲେ ।

କଥାରେ ଅଛି, ଯିଏ ଯେଉଁ ଗାତ ପର ପାଇଁ ଖୋଳିଥାଏ, ସେ ସେହି ଗାତରେ ହିଁ ପଡିଯାଏ । ଏହା ସର୍ବତ୍ର ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ହୋଇଯାଇଥାଏ ।

ମୁଁ ଏକ ସାଧାସିଧା ଜୀବନ ଅତିବାହିତ କରୁଥାଏ । କୌଣସି ବାହ୍ୟ ଆଡମ୍ବର ମୋ'ର ନ ଥିଲା । ଅଳ୍ପ ଲାଭରେ ଚାଲିବା ପାଇଁ ବହି ଦୋକାନ ଏବଂ ପ୍ରେସ୍ ପ୍ରତିଷ୍ଠା କଲି । ଅଳ୍ପ ଆୟରେ ମୋତେ ସନ୍ତୋଷ ମିଳୁଥିଲା । ଅଳ୍ପରେ ସନ୍ତୁଷ୍ଟ ହେଉଥିବା ଲୋକ ବଡ ସ୍ୱପ୍ନ ଦେଖିପାରେ, କିନ୍ତୁ ମୁଁ ଛୋଟ ଛୋଟ ସ୍ୱପ୍ନ ପୂରଣ କରି ଶାନ୍ତିର ଜୀବନ ଅତିବାହିତ କରୁଥିଲି ।

--

Source: Author, Digitized by PPRACHIN, SOA

ଅଷ୍ଟମ ପରିଚ୍ଛେଦ

କଳାହାଣ୍ଡି କ୍ରୀଡା ସଙ୍ଗଠନର ସମ୍ପାଦକ

କ୍ରୀଡାନୁଷ୍ଠାନର ଦାୟିତ୍ୱ ହସ୍ତାନ୍ତର :

ମୋ' ମନରେ ଏକ ଦୃଢ଼ ଧାରଣା ସୃଷ୍ଟି ହୋଇ ଚାଲିଥାଏ । ତେଣୁ ସାଂସ୍କୃତିକ ଅନୁଷ୍ଠାନ, କ୍ରୀଡା ଅନୁଷ୍ଠାନମାନଙ୍କରେ ରାଜନୀତିର ପ୍ରବେଶକୁ ମୁଁ ପସନ୍ଦ କରେ ନାହିଁ । ଏହି ଅନୁଷ୍ଠାନମାନଙ୍କୁ ରାଜନୀତିଠୁ ଦୂରେଇ ରଖିବା ଉଚିତ । ରାଜନେତାମାନେ ମଧ୍ୟ ସାଂସ୍କୃତିକ, କ୍ରୀଡା ଅନୁଷ୍ଠାନରେ ରାଜନୀତି ପୂରାଇବା ଠିକ୍ ନୁହେଁ ।

ମୁଁ କୌଣସି ରାଜନୈତିକ ଦଳରେ ଯୋଗଦେଇ ନ ଥିଲେ ମଧ୍ୟ, ରାଜନୈତିକ ପରିବାରର ଲୋକ । କଂଗ୍ରେସ ଦଳର ନୀତି ସହ ମୁଁ ନିଜକୁ ଖାପ ଖୁଆଇ ନେଇଛି । ତେଣୁ ମୋ'ର ବିପକ୍ଷ ମତବାଦୀ ଲୋକେ ମୋତେ ତାଙ୍କ ଦୃଷ୍ଟିରେ ଦେଖୁଥାନ୍ତି । ମୁଁ ସାଂସ୍କୃତିକ ଅବା କ୍ରୀଡା ଅନୁଷ୍ଠାନରେ କେବେ ରାଜନୀତି ଅଭିପ୍ରାୟ ନେଇ କୌଣସି କାର୍ଯ୍ୟ କରିନାହିଁ । ବରଂ, ସବୁ ସତର୍କତା ସହିତ ରାଜନୀତିଠୁ ଦୂରରେ ରହି କାର୍ଯ୍ୟ କରିଛି । ତଥାପି ମୋ'ର କେତେଜଣ ବନ୍ଧୁଙ୍କ ମନୋଭାବ ଜାଣି ମୁଁ ନିଜେ କ୍ରୀଡା ଅନୁଷ୍ଠାନର ଦାୟିତ୍ୱରୁ ନିଜକୁ ଦୂରେଇ ନେଲି ।

ନୂତନ କର୍ମକର୍ତ୍ତା ନିର୍ବାଚନ :

ନୂତନ କର୍ମକର୍ତ୍ତା ନିର୍ବାଚିତ ହେଲେ । କିଛି ଲୋକ ଖୁସି ହେଲେ । ମାତ୍ର, ଅନେକ ଖେଳାଳି ଅସନ୍ତୋଷ ପ୍ରକାଶ କଲେ । କିଛି ଉତ୍ସାହୀ ବ୍ୟକ୍ତି ଉତ୍ସାହିତ ହୋଇ ଷ୍ଟାଡିୟମ୍ ନିର୍ମାଣ ପାଇଁ ଶୁଭ ପ୍ରଦାନ କରିବା ପାଇଁ ଦିନ ଏବଂ ଅତିଥି ସ୍ଥିର କରି କାର୍ଯ୍ୟକ୍ରମ ଗ୍ରହଣ କଲେ । କଳାହାଣ୍ଡି ଲୋକସଭା ସଦସ୍ୟଙ୍କୁ ନିମନ୍ତ୍ରଣ କରାଗଲା ଶୁଭ ଦେବାପାଇଁ । କେତେ ମଧ୍ୟ ଷ୍ଟାଡିୟମ୍‌ର ନାମ ପରିବର୍ତ୍ତନ କରିବା ପାଇଁ ଭିତିରି ଉଦ୍ୟମ ଆରମ୍ଭ କରିଦେଲେ । ମାତ୍ର, ଖେଳାଳିମାନେ ତଥା ସଚେତନ ନାଗରିକ ଏହାର ତୀବ୍ର ବିରୋଧ କଲେ । ଫଳରେ ନାମକରଣ ପରିବର୍ତ୍ତନ ସଫଳ ହୋଇପାରିଲା ନାହିଁ । ବହୁ ଆଡମ୍ବରରେ ଭିତ୍ତି ପ୍ରସ୍ତର ସ୍ଥାପନ କରାଗଲା । ମୁଖ୍ୟ ଅତିଥି କଳାହାଣ୍ଡି ଲୋକସଭା ସଦସ୍ୟ ଷ୍ଟାଡିୟମ୍ ନିର୍ମାଣ ପାଇଁ ଆବଶ୍ୟକ ସ୍ଥଳେ, ପନ୍ଦରରୁ କୋଡିଏ ହଜାର ଟଙ୍କା ଆର୍ଥିକ ସାହାଯ୍ୟ ପ୍ରଦାନ କରିବା ପାଇଁ ମଧ୍ୟ ଘୋଷଣା କଲେ । ଘନ ଘନ କରତାଳିରେ ସଭାସ୍ଥଳ କମ୍ପି ଉଠିଲା ।

Source: Author, Digitized by PPRACHIN, SOA

କିଛି ଲୋକ ଆଶା କଲେ ଷ୍ଟାଡିୟମ୍ କାମ ଏଥର ଆଗେଇବ । ଦିନ ଗଡି ଚାଲିଥାଏ, ମାତ୍ର, ଷ୍ଟାଡିୟମ ନିର୍ମାଣ ସମ୍ବନ୍ଧରେ କିଏ ନା' ଧରୁନଥାନ୍ତି । ପଦ ପଦବୀରେ ସମସ୍ତେ ସନ୍ତୁଷ୍ଟ । ମାତ୍ର, ସେହି ପଦର ବିନିଯୋଗରେ କିପରି କାର୍ଯ୍ୟପନ୍ଥା ଗ୍ରହଣ କରି ଲକ୍ଷ୍ୟ ହାସଲ କରାଯିବ, ସେଥିପାଇଁ କାହାରି ଆନ୍ତରିକ ଉଦ୍ୟମ ନ ଥାଏ । ତେଣୁ ଯେଉଁ ଉତ୍ସାହ ଉଦ୍ଦୀପନାରେ ସଭିଙ୍କି ନେଇ ଏସୋସିଏସନ୍ କାମ ଆଗେଇ ଥିଲା, ସେହି ଉତ୍ସାହ ଦିନକୁ ଦିନ କମିବାରେ ଲାଗିଲା । ଏଥିପାଇଁ ସମୟ ଦେଇ କାର୍ଯ୍ୟକ୍ରମ ଗ୍ରହଣ କରିବା ଏତେ ସହଜ ନୁହେଁ । କହିବା ଏବଂ କାର୍ଯ୍ୟକାରୀ କରିବା ମଧ୍ୟରେ ଆମର ବହୁ ତାରତମ୍ୟ ରହିଯାଉଥିବା ଯୋଗୁଁ ଆମର ଅନେକ କାର୍ଯ୍ୟକ୍ରମ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ସମ୍ଭବ ହୋଇପାରି ନ ଥାଏ । ସମୟର ଅପଚୟ ହୋଇ ପ୍ରକଳ୍ପର ବହୁ ବିଳମ୍ବ ହୋଇଯାଇଥାଏ ।

ବହି ଦୋକାନ ବନ୍ଦ ହେଲା :

ମୁଁ ମୋ'ର ପ୍ରେସ୍ କାମ ଏବଂ ବହି ଦୋକାନ କାମରେ ସମୟ ଟିକକ ବିନିଯୋଗ କଲି । ବହି ଦୋକାନ ଆଗରୁ ନିୟମିତ ଖୋଲା ନ ହେବା ଯୋଗୁଁ ବିଶେଷତଃ, ଟେଷ୍ଟପେପର ସବୁ ବିକ୍ରି ନ ହୋଇ ପଡି ରହିଲା । ଏହି ପୁସ୍ତକ ଏକ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ବିକ୍ରି ହେବା କଥା । କ୍ଲାସ୍ ବହି ମଧ୍ୟ ବିକ୍ରି ନ ହୋଇ ପଡି ରହିଲା । ଫଳରେ ବହି ଦୋକାନର ବହୁ କ୍ଷତି ହେଲା । ପରେ ମୁଁ ଟେଷ୍ଟ ପେପର୍ ଏବଂ କିଛି ବହିକୁ ଠୁଙ୍ଗା କାଗଜ ଓଜନରେ କେଜି ୫୦ ପଇସା ଦରରେ ୨୫ ଟଙ୍କା, ୩୦ ଟଙ୍କାର ଟେଷ୍ଟ ପେପରକୁ ବିକ୍ରି କରିଦେଲି । ଦୋକାନର ଅଶେଷ କ୍ଷତି ହୋଇ ବନ୍ଦ ହୋଇଗଲା । 'କଳାହାଣ୍ଡି ଷ୍ଟୁଡେଣ୍ଟସ୍‌ଷ୍ଟୋର' ସବୁଦିନ ପାଇଁ ବନ୍ଦ ହୋଇଗଲା । ବେପାର ବଣିଜର ସାଧନା କଠୋର ସାଧନା । ଇଂରେଜ୍ ଜାତି ଏହି କଠୋର ସାଧନା କରି ସଫଳତା ପାଇ ପାରିଛି ।

''ଅକାଳେ ସକାଳେ କଲି ବେଉସା
ମୁଣ୍ଡରେ ବାଜିଲା କୁରାଢ଼ି ଫସା''

– ଏ ଢ଼ଗଢ଼ମାଳି ଶୀର୍ଷକର ଅର୍ଥ ହେଉଛି ଯେ, ବ୍ୟବସାୟ ଜାଣିନାହିଁ ସେ ବ୍ୟବସାୟ କଲେ କ୍ଷତି ହୁଏ । ତେଣୁ ମୋର ବହୁ କ୍ଷତି ହେଲା ।

ପ୍ରେସ୍‌ରେ ଦୁର୍ଘଟଣା :

ପଞ୍ଚାୟତ ନିର୍ବାଚନ ଆରମ୍ଭ ହୋଇଯାଇଥାଏ । ମୋ'ର ପ୍ରେସ୍ କର୍ମଚାରୀମାନେ ଭୟରେ କାମକୁ ଆସୁ ନ ଥାନ୍ତି । ତେଣୁ ପ୍ରେସ୍ ମଧ୍ୟ ଏକ ପ୍ରକାର ବନ୍ଦ ହୋଇଥାଏ ।

Source: Author, Digitized by PPRACHIN, SOA

ଜୁନାଗଡ ବ୍ଲକ୍‌ର ଅନ୍ତର୍ଲା ଗ୍ରାମର ଜଣେ ଦକ୍ଷ କମ୍ପୋଜିଟର୍ ବିନୋଦ ବିହାରୀ ବାରିକଙ୍କୁ ଅନୁରୋଧ କଲି ଏବଂ ଅଧିକ ଦରମା ଦେଇ ଆଣିଲି । କମ୍ପୋଜିଟର୍ କାମ ପାଇଁ ଲୋକ ମିଳିଗଲେ । ମାତ୍ର, ପ୍ରେସ୍ ମେସିନ୍ ଚଳାଇବ କିଏ ? ଶେଷକୁ ଲୋକ ଜୁଟାଇ ନପାରିବା ଯୋଗୁଁ ମୁଁ ନିଜେ ଦୁଇମାସ ପ୍ରେସ୍ ମେସିନ୍ ଚଳାଇଥିଲି । ଟ୍ରେଡଲ୍ ମେସିନ୍ । ମୋଟର୍ ଫିଟ୍ ହୋଇ ନ ଥାଏ । ଗୋଡରେ ମାଡି ପେଡଲ୍‌ରେ ଚାପ ଦେଇ ମେସିନ୍ ଚଲାଯାଉଥାଏ । ମୁଁ ମେସିନ୍ ଚଳାଇ ପଞ୍ଚାୟତ ନିର୍ବାଚନ ପାଇଁ ପୋଷ୍ଟର୍ ଛାପିଲି । ଲୋକଙ୍କୁ ଜଣାଇଦେବା ପାଇଁ ଚାହେଁ ଯେ, ମୋର ପ୍ରେସ୍ ଚାଲିଛି ବନ୍ଦ ହୋଇଯାଇ ନାହିଁ । ଝାଳନାଳ ହୋଇ ମୋ'ର କାମ କରି ଚାଲିଥାଏ । ହାତକୁ ମଧ୍ୟ ପରିଶ୍ରମର ପଇସା ଆସୁଥାଏ । ମନରେ ଆତ୍ମବିଶ୍ୱାସ, ଆତ୍ମତୃପ୍ତି ଭାବ ଖେଳି ଯାଇଥାଏ ।

ଦିନେ ହଠାତ୍ ମୋ'ର ଅସାବଧାନତା ଯୋଗୁଁ ପ୍ରେସ୍‌ର ଛପାକାମ ଚାଲିଥିବା ସମୟରେ ମୋ'ର ହାତରେ ମେସିନ୍ ପଡିଗଲା । ଡାହାଣ ହାତରେ ଥିବା ଆଙ୍ଗୁଠିରେ ମୁଦି ମେସିନ୍‌ରେ ଚାପି ହୋଇଗଲା । ମୋ'ର ଆଙ୍ଗୁଠି ମୁଦି ସହ ଲୋଚାକୁଚା ହୋଇ ଚାପି ହୋଇଗଲା । ଯନ୍ତ୍ରଣାରେ ମୁଁ ଚିତ୍କାର କରି ଉଠିଲି । କମ୍ପୋଜିଟର୍ ଦୌଡି ଆସି ମେସିନ୍‌କୁ ପଛକୁ ହଟାଇ ମୋ' ହାତକୁ କାଢ଼ିଲେ । ଯନ୍ତ୍ରଣାରେ ମୋ'ର ଦୁଇ ଆଖିରୁ ଲୁହ ଗଡି ପଡୁଥାଏ ।

ସୁନାରି ତାର କଟର୍‌ରେ ନ କାଟିଲେ ମୁଦି ବାହାରିବା ସହଜ ନୁହେଁ । ପ୍ରେସ୍ କାମ ବନ୍ଦ କରି ସାଇକେଲ୍ ପଛରେ ବସି ମୋ'ର ପରିଚିତ ଜଣେ ସୁନାରି ପାଖକୁ ଯାଇ ଡାହାଣ ହାତ ଦେଖାଇଲି । ସେ ସାଙ୍ଗେ ସାଙ୍ଗେ ମୁଦିକୁ କାଟି ବାହାର କରିଦେଲେ । ମୁଦି ଚାପି ହୋଇ ଆଙ୍ଗୁଠିକୁ ଦାବି ଦେବା ଫଳରେ ସେହି ସ୍ଥାନ କ୍ଷତ ବିକ୍ଷତ ହୋଇଯାଇଥାଏ । ଡାକ୍ତରଖାନା ଯାଇ ଇଞ୍ଜେକ୍‌ସନ ନେଲି ଓ ଔଷଧ ଲଗାଇ ସୁସ୍ଥ ବୋଧକଲି । ମେସିନ୍ ଆସ୍ତେ ଆସ୍ତେ ଚାଲୁଥିବା ଯୋଗୁଁ ଏକ ବଡ ବିପଦରୁ ବଞ୍ଚିଗଲି । ମେସିନ୍ ସ୍ପିଡ୍ ଥିଲେ ଆଙ୍ଗୁଠି ହାଡ ଭାଙ୍ଗି ଯାଇଥାନ୍ତା । ପ୍ରେସ୍ ମେସିନ୍ ଆଉ ଚଳାଇବା ମୋ' ପକ୍ଷେ ସମ୍ଭବ ହେଲା ନାହିଁ । ଲୋକଙ୍କ କାମ ଯାହା ରଖା ଯାଇଥିଲା କମ୍ପୋଜିଟର ଦ୍ୱାରା ମେସିନ୍ ଚଳାଇ ଲୋକଙ୍କ କାମ ଦେଇ ଦିଆଗଲା । ପରେ ମେସିନ୍ ମ୍ୟାନ୍ ମିଳିବାରୁ ପ୍ରେସ୍‌ର ଯଥାରୀତି କାମ ଚାଲିଲା ।

ଷ୍ଟାଡିୟମ୍ ନିର୍ମାଣର ପୁନଃ ପଦକ୍ଷେପ :

ଦିନ ପରେ ଦିନ ଗଡି ଚାଲିଥାଏ । ମାତ୍ର, ଷ୍ଟାଡିୟମର ନାଁ' ଆଉ କିଏ ଧରୁ ନ ଥାନ୍ତି । ବିନା ଅର୍ଥରେ ଷ୍ଟାଡିୟମ୍ ହେବ କିପରି ? ମହାରାଜାଙ୍କ ପ୍ରତିଶ୍ରୁତି ଟଙ୍କା

Source: Author, Digitized by PPRACHIN, SOA

ପାଇବା ପାଇଁ ଏସୋସିଏସନ୍ କର୍ମକର୍ତ୍ତାମାନେ ଯାଇ ତାଙ୍କୁ ସୂଚାଇ ଦେଲେ ।

ଆଜି ଆସ କାଲି ଆସ, କଥା ଶୁଣି ମାସରୁ ବର୍ଷ ଗଡି ଚାଲିଲା । ମାତ୍ର, ଟଙ୍କା ମିଳି ପାରିଲା ନାହିଁ । ଖେଳ ପ୍ରେମୀମାନେ ଅସନ୍ତୋଷ ହୋଇ ଭିତ୍ତି ସ୍ତମ୍ଭକୁ ଭାଙ୍ଗିଦେଲେ । ଖେଳାଳି, ଖେଳପ୍ରେମୀମାନଙ୍କର ଦିନକୁ ଦିନ ଧୈର୍ଯ୍ୟଚ୍ୟୁତି ଘଟିବାରେ ଲାଗିଥାଏ । ଏସୋସିଏସନ୍‌ର କୌଣସି ବିଶେଷ କାର୍ଯ୍ୟକ୍ରମ ଆଉ ଲୋକେ ଦେଖିବାକୁ ପାଇଲେ ନାହିଁ । ତେଣୁ ଲୋକଙ୍କ ମନରେ ଅସନ୍ତୋଷ ଭାବ ଖେଳି ଯାଇଥାଏ ।

ଇଞ୍ଜିନିୟର୍ ମହାଶୟ ମଧ୍ୟ ଷ୍ଟାଡିୟମ୍ ନିର୍ମାଣ କାମ ସମ୍ବନ୍ଧୀୟ ଆଲୋଚନା ଅବା ଚିନ୍ତାଧାରା ନ ଦେଖି ସେ ଓଲଟା କର୍ମକର୍ତ୍ତାମାନଙ୍କୁ ପ୍ରଶ୍ନ କରୁଥାନ୍ତି । କିନ୍ତୁ, କିଏ ତାର ଠିକ୍ ଉତ୍ତର ଦେଇପାରୁନଥାନ୍ତି ।

ଖେଳାଳି, ଖେଳପ୍ରେମୀମାନେ ଦୀର୍ଘଦିନ ପରେ ମୋ' ପାଖକୁ ଆସି ଏସୋସିଏସନ୍ କାର୍ଯ୍ୟରେ ମନ ବଳାଇବା ପାଇଁ ଅନୁରୋଧ କଲେ । ଆପଣ ଆଗକୁ ନଆସିଲେ ଷ୍ଟାଡିୟମ୍ ନିର୍ମାଣ ସମ୍ଭବ ନୁହେଁ । ସଂପୂର୍ଣ୍ଣ ଦୁଇ ବର୍ଷ ମୁଁ ଏସୋସିଏସନ୍ କାର୍ଯ୍ୟରୁ ଦୂରେଇ ରହିଲି । ଯେଉଁମାନଙ୍କ ଉପରେ ଦାୟିତ୍ୱ ଅର୍ପଣ କରାଯାଇଥିଲା ସେମାନେ ମଧ୍ୟ ଉପଲବ୍ଧି କଲେ ଯେ, ବିନା ଅର୍ଥରେ ଷ୍ଟାଡିୟମ୍ ନିର୍ମାଣ ସହଜ କଥା ନୁହେଁ । ସେମାନେ ଆଗକୁ ଚିନ୍ତା କରିପାରିଲେ ନାହିଁ । ପରିସ୍ଥିତିକୁ ଉପଲବ୍ଧି କରିପାରି ଆପେଆପେ ଦୂରେଇ ଗଲେ ।

ଜିଲ୍ଲାରେ କ୍ରୀଡାର ବିକାଶ ପାଇଁ ଷ୍ଟାଡିୟମ୍ ନିର୍ମାଣ ଅତି ଆବଶ୍ୟକ । ମୁଁ ଜଣେ ଖେଳପ୍ରେମୀ, ଖେଳ ସଂଗଠକ ହିସାବରେ ଏକଥା ଭଲଭାବରେ ଉପଲବ୍ଧି କରୁଥିଲି । ତେଣୁ ପରିସ୍ଥିତିର ଗୁରୁତ୍ୱ ଉପଲବ୍ଧି କରି ଏସୋସିଏସନ୍‌ର ବାର୍ଷିକ ଅଧିବେସନରେ ପୁନଃ ସଂପାଦକ ଦାୟିତ୍ୱ ପାଇଁ ସର୍ବସମ୍ମତିକ୍ରମେ ନିର୍ବାଚିତ ହେଲି । ଷ୍ଟାଡିୟମ୍ ନିର୍ମାଣ ପାଇଁ ମୁଁ ଯେଉଁଠି କାମ ଛାଡି ଯାଇଥିଲି, ଦୁଇବର୍ଷ ପରେ ପୁଣି ମୁଁ ସେଇଠୁ କାମ ଆରମ୍ଭ କଲି ।

ଇଞ୍ଜିନିୟରଙ୍କୁ ସାକ୍ଷାତକରି ଷ୍ଟାଡିୟମ୍ କାମ ଆରମ୍ଭ କରିବା ପାଇଁ ତାଙ୍କ ସହିତ ଆଲୋଚନା କଲି ।

ମୁଁ ସଂପାଦକ ଦାୟିତ୍ୱ ବହନ କରିବା ଜାଣି ସେ ଖୁସି ହେଲେ । "ନାତିଆ, ତୁମେ ଆସିଲ, ଏଥର କାମ ଚାଲିବ । ମୋ'ର ସେ ବିଶ୍ୱାସ ଆସିଯାଇଛି"। ଇଞ୍ଜିନିୟର ମହାଶୟ ଏତକ କହି ହସି ହସି ମୋତେ କାମ ସମ୍ବନ୍ଧରେ ପରାମର୍ଶ ଦେଲେ । ଠିକାଦାରଙ୍କୁ କାମ ଆରମ୍ଭ କରିବା ପାଇଁ ଲିଖିତ ନିର୍ଦ୍ଦେଶ ଦେଲି । ସମସ୍ତେ ମୋ'ର ନିର୍ଦ୍ଦେଶକୁ ଅପେକ୍ଷା କରିଥିଲେ ।

Source: Author, Digitized by PPRACHIN, SOA

ଶୁଭ ମୁହୂର୍ତ୍ତ ଦେଖି ଅନୁକୂଳ କରି ନିରାତମ୍ବର ପୂଜା ବିଧି କରି କାମ ଆରମ୍ଭ ହେଲା । ପୁନାଦି ମାଟି ଖୋଳିବାପାଇଁ ଲୋକ ଲାଗି ଯାଇଥାନ୍ତି । ବାଲି, ଚିପ୍ସ୍, ଇଟା, ସିମେଣ୍ଟ ଯୋଗାଡ ହୋଇଗଲା । ଷ୍ଟାଡିୟମ୍ ନିର୍ମାଣ ପାଇଁ ପାଣିର ଆବଶ୍ୟକତା ଦୃଷ୍ଟିରୁ ଟ୍ୟୁବ୍‌ୱେଲ୍ କାମ ମଧ୍ୟ ଆରମ୍ଭ ହୋଇଗଲା । ପ୍ଲାନ୍ ଅନୁଯାୟୀ କାମ ଆଗେଇ ଚାଲିଲା ।

ଏସୋସିଏସନ୍‌ର କର୍ମକର୍ତ୍ତାଙ୍କ ପରିବର୍ତ୍ତନରେ ଏତେ ଶୀଘ୍ର ଏତେ କଥା ଘଟିଯାଇ ପାରେ, ତାହା ଦେଖି ସଭିଏଁ ଆଶ୍ଚର୍ଯ୍ୟରେ ଅନାଇ ରହିଥାନ୍ତି ।

ପୁନାଦି ଖୋଳା କାମ ସରିବା ମାତ୍ରେ ବାଲି ଫୁଟେ ପଡି କଂକ୍ରିଟ୍ ପଡିଲା । ପାଣି କିଓରିଙ୍ଗ କରିବା ପରେ ପୁନାଦି କାନ୍ଥ ଯୋଡିବା ଆରମ୍ଭ ହୋଇଗଲା । ଦୁଇସ୍ତର ଇଟା ଯୋଡା ହେବା ପରେ ପୁଣି କିଓରିଙ୍ଗ କରାଗଲା । ଇଞ୍ଜିନିୟରଙ୍କ ପରାମର୍ଶ ଥାଏ ପାଣି କିଓରିଙ୍ଗ ଯେମିତି କମ୍ ନ ହୁଏ । ମୁଁ ନିଜେ ଛିଡା ହୋଇ କାମ ତଦାରଖ କରୁଥାଏ । ଖରା ଧାସରୁ ରକ୍ଷା ପାଇବା ପାଇଁ ଛତା ଧରି ଘଣ୍ଟା ଘଣ୍ଟା କାମ ତଦାରଖ କରୁଥାଏ । ତେଣୁ ମୂଳରୁ କାମ ଠିକ୍ ଭାବରେ ହୋଇ ଦୃଢ଼ ହେଲା । ସ୍ୱାଧୀନତା ପରେ ଏହିଭଳି ଦୃଢ଼ କାମ କ୍ୱଚିତ ଦେଖିବାକୁ ମିଳେ । ବାଉଣ୍ଡ୍ରିୱାଲ୍ ଉପରକୁ ଉଠିଗଲା ପରେ ଲୋକଙ୍କ ବିଶ୍ୱାସ ହେଲା, ଏଥର ଷ୍ଟାଡିୟମ୍ କାମ ଆଗେଇବ, ଆଉ କିଏ ରୋକି ପାରିବେ ନାହିଁ ।

ମୁଁ ଦାୟିତ୍ୱ ନେଲାପରେ ଲୋକଙ୍କ ବିଶ୍ୱାସ ଦୃଢ଼ ହେଲା । କାମ ମଧ୍ୟ ଆଗେଇ ଚାଲିଲା । ମୁଁ କିଛି ସାଥୀଙ୍କୁ ଧରି ଯେଉଁଦିନ ଷ୍ଟାଡିୟମ କାମ ବନ୍ଦ ରହେ, ସେହିଦିନ କେସିଙ୍ଗା, ଜୁନାଗଡ, ଧର୍ମଗଡ ପ୍ରଭୃତି ସହରାଞ୍ଚଳକୁ ଯାଇ ଷ୍ଟାଡିୟମ୍ ନିର୍ମାଣ ପାଇଁ ଲୋକଙ୍କଠୁ ଆର୍ଥିକ ସାହାଯ୍ୟ ମଧ୍ୟ ଗ୍ରହଣ କଲି । ଲୋକେ ମଧ୍ୟ ଶ୍ରଦ୍ଧାରେ ଉତ୍ସାହର ସହ ଆର୍ଥିକ ସାହାଯ୍ୟ ପ୍ରଦାନ କରୁଥାନ୍ତି । ଭଲ କାମ ପାଇଁ ସହଯୋଗ ସଦାବେଳେ ମିଳିଥାଏ । ଏଥିପାଇଁ ଆନ୍ତରିକତା ସହ ଉଦ୍ୟମ ଦରକାର । ଖେଳାଳି ଏବଂ ଲୋକେ ଆଲୋଚନା କରୁଥାନ୍ତି, ଅଯଥା କେବଳ ଦୀର୍ଘ ସମୟ ନଷ୍ଟ ହୋଇଗଲା ।

ଆନ୍ତଃଜିଲ୍ଲା ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ପ୍ରଦର୍ଶନୀ ମ୍ୟାଚ୍ ପ୍ରଭୃତି ଯଥାରୀତିରେ ଆରମ୍ଭ ହେଲା । ପ୍ରତ୍ୟେକ ମ୍ୟାଚ୍ ପାଇଁ ୨୫ ନୂ.ପ. ଟିକଟ୍ କରି ଏସୋସିଏସନ୍‌ର ଆର୍ଥିକ ପରିସ୍ଥିତିକୁ ସୁଦୃଢ଼ କରାଗଲା । ସ୍ୱତନ୍ତ୍ର ଭାବେ କିଛି ଦର୍ଶକଙ୍କୁ ଖେଳ ସମୟରେ ଚେୟାର୍ ଯୋଗାଇଦେଇ ସିଜନ୍ ଟିକଟ୍ ୨୫ଟଙ୍କା ପ୍ରତ୍ୟେକ ଚେୟାର୍ ପାଇଁ ଆଦାୟ କରାଗଲା । ଲୋକେ ମଧ୍ୟ ଆଗ୍ରହର ସହ ଆନ୍ତଃଜିଲ୍ଲା ଫୁଟବଲ୍ ଟୁର୍ଣ୍ଣାମେଣ୍ଟର ସିଜନ୍ ଟିକଟ କିଣି ଷ୍ଟାଡିୟମ୍ ନିର୍ମାଣକୁ ସାହାଯ୍ୟ କଲେ ।

କର୍ତ୍ତବ୍ୟରେ ଯଦି ନିଷ୍ଠା ଓ ଆନ୍ତରିକତା ରହେ, ତେବେ କୌଣସି କାର୍ଯ୍ୟ ଅଟକି ଯାଇ ନ ଥାଏ । ଯେ କୌଣସି କାର୍ଯ୍ୟର ସଫଳତା ପାଇଁ ମଧ୍ୟ ଏକ ଭିତ୍ତିଭୂମିର

Source: Author, Digitized by PPRACHIN, SOA

ଆବଶ୍ୟକତା ରହିଥାଏ । ସେଥିପାଇଁ ଉଦ୍ୟୋକ୍ତାଙ୍କୁ ଭିତ୍ତିଭୂମି ପ୍ରସ୍ତୁତ କରିବାକୁ ପଡିବ । ଲୋକଙ୍କ ବିଶ୍ୱାସ ଭାଜନ ହେବାକୁ ପଡିବ । ପ୍ରତ୍ୟେକ ଅନୁଷ୍ଠାନ ପାଇଁ ଏହା ହିଁ ମୂଳ ଭିତ୍ତିଭୂମି ରୂପେ କାର୍ଯ୍ୟ କରିଥାଏ ।

ଆମ ଦେଶର ତଥା ଆମ ରାଜ୍ୟର ବିଭିନ୍ନ ବଣ ଜଙ୍ଗଲରେ ବାଉଁଶ ଗଛ ଦ୍ରୁତ ବଢ଼ି ଯିବା ଦୃଶ୍ୟ ପ୍ରାୟ ସମସ୍ତେ ଦେଖିଛନ୍ତି । ବାଉଁଶ ମଞ୍ଜି ମାଟିତଳେ ଦୀର୍ଘଦିନ ପୋତି ହୋଇ ରହିଥାଏ । ଯେତେବେଳେ ବର୍ଷାପାଣି ପଡି ମାଟି ଓଦା ହୁଏ, ବାଉଁଶ ଗଜା ମାଟି ଉପରକୁ ବାହାରିପଡେ ଓ ଛଅ ସାତ ସପ୍ତାହ ମଧ୍ୟରେ ବିରାଟ ଆକାରରେ ବଢ଼ିଯାଏ । ମଞ୍ଜି ମାଟି ଭିତରେ ପୋତି ହୋଇ ମାଟି ତଳେ ଏକ ଚେର ପ୍ରକ୍ରିୟା ସୃଷ୍ଟି କରିଥାଏ । ସେଥିପାଇଁ ଯେତେବେଳେ ପାଣି, ପବନ, ଆଲୁଅ ସଂସ୍ପର୍ଶରେ ଆସିଯାଏ, ଗଜା ବାହାରକୁ ଚାଲିଆସି ଦ୍ରୁତ ଗତିରେ ବଢ଼ିଯାଏ ।

ଠିକ୍ ସେହିଭଳି ମୋ' ଉପରେ ସଭିଙ୍କ ଦୃଢ଼ ବିଶ୍ୱାସ ଏବଂ ମୋତେ ଦାୟିତ୍ୱ ଅର୍ପଣ କଲାପରେ ଜନସାଧାରଣଙ୍କର ସଦିଚ୍ଛା ଓ ଖେଳାଳିଙ୍କ ଉତ୍ସାହରେ ମୋ'ର କର୍ମ ତତ୍ପରତା ବୃଦ୍ଧିପାଇ ଷ୍ଟାଡିୟମ୍ କାମ ଦ୍ରୁତ ଗତିରେ ଆଗେଇ ଚାଲିଲା ।

ମୋ'ର ସମସ୍ତ ସମୟ ଦେଇ ଷ୍ଟାଡିୟମ୍ ବାଉଣ୍ଡ୍ରି ଓ୍ୟାଲ୍ ଏବଂ ବିଲ୍ଡିଙ୍ଗ୍ କାମ ପୂର୍ଣ୍ଣାଙ୍ଗ କରିବି ଏହି ଦୃଢ଼ ମାନସିକତା ନେଇ କାମରେ ଲାଗିଯାଇଥାଏ ।

ଏସୋସିଏସନ୍‌ର ସଭ୍ୟମାନଙ୍କ ପରାମର୍ଶରେ ରାଜ୍ୟ ପୂର୍ତ୍ତମନ୍ତ୍ରୀ ଦୟାନିଧି ନାଏକଙ୍କୁ ଜିଲ୍ଲା ବ୍ୟାଡ୍‌ମିଣ୍ଟନ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟନ ପାଇଁ ଅନୁରୋଧ କଲି । ମାଣିକେଶ୍ୱରୀ ହାଇସ୍କୁଲରେ ଟୁର୍ଣ୍ଣାମେଣ୍ଟ୍‌ର ପ୍ରସ୍ତୁତି ହୋଇଥାଏ । ମୋ' ଅନୁରୋଧ ରକ୍ଷା କରି ମାନ୍ୟବର ମନ୍ତ୍ରୀ ଆସି ଉଦ୍‌ଘାଟନ କଲେ । ପ୍ରତିଯୋଗିତା ଶେଷ ପରେ ଖେଳାଳିଙ୍କୁ ପୁରସ୍କାର ପ୍ରଦାନ କଲେ ।

ସେହି ଉତ୍ସବରେ ଷ୍ଟାଡିୟମ୍ ସମ୍ବନ୍ଧରେ ସଂକ୍ଷିପ୍ତ ଧାରଣା ଦେଇ ମାନ୍ୟବର ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କଲି । ଆପଣ ଆମ ଜିଲ୍ଲାର ଜଣେ ଯୋଗ୍ୟତମ ସନ୍ତାନ । ଓଡିଶା ସରକାରଙ୍କ ପୂର୍ତ୍ତ ଏବଂ ପରିବହନ ବିଭାଗର କ୍ୟାବିନେଟ ମନ୍ତ୍ରୀ ଦାୟିତ୍ୱରେ ଅଛନ୍ତି । ଆପଣଙ୍କ ସାହାଯ୍ୟ ସହଯୋଗରେ ଷ୍ଟାଡିୟମ୍ ନିର୍ମାଣ ପୂର୍ଣ୍ଣାଙ୍ଗ ହେବ ବୋଲି ଆମେ ଆଶା କରୁ ।

ମୋର ଉତ୍ସାହ ପୂର୍ଣ୍ଣ ବାକ୍ୟ ଶୁଣିବା ପରେ ଉପସ୍ଥିତ ଦର୍ଶକ ଓ ଖେଳାଳିଗଣ କରତାଳି ଦେଇ, 'ପୂର୍ତ୍ତମନ୍ତ୍ରୀ ଦୟାନିଧି ବାବୁ ଜିନ୍ଦାବାଦ' ସ୍ୱରରେ ସ୍ଥାନଟି କମ୍ପାଇ ଦେଇଥିଲେ ।

ଦୟାନିଧିବାବୁ ବହୁ ଉତ୍ସାହିତ ହୋଇ ତାଙ୍କ ଅଭିଭାଷଣରେ କହିଲେ, ''ଆପଣମାନେ ଷ୍ଟାଡିୟମ୍ ନିର୍ମାଣରେ ଲାଗିପଡିଛନ୍ତି । ଆପଣମାନେ ଏହିଭଳି ଏକ

Source: Author, Digitized by PPRACHIN, SOA

ଉତ୍ସବକୁ ଡାକି ମୋତେ ସମ୍ମାନିତ କରିଛନ୍ତି । ମୁଁ ଏହି ମା' ମାଟିର ସନ୍ତାନ, ଷ୍ଟାଡିୟମ୍ ନିର୍ମାଣ ପାଇଁ ସମସ୍ତ ସାହାଯ୍ୟ ସହଯୋଗ ପ୍ରଦାନ କରିବି'' ।

ପୁଣି ଘନଘନ କରତାଳି ଏବଂ ଜୟ ଧ୍ୱନିରେ ସଭାସ୍ଥଳ କମ୍ପି ଉଠିଲା । ସଭା ଶେଷ ପରେ ମୋ' ସହିତ ସେ କେତେ ଆଲୋଚନା କରି ପ୍ରତିଶ୍ରୁତି ଦେଇ ବିଦାୟ ନେଇଗଲେ ।

ସତକୁ ସତ ତା ଆରଦିନ ଜଣେ କିଏ ପାଖାପାଖି ଚାରି କୁଇଣ୍ଟାଲ ଲୁହାରଡ୍ ଏବଂ ଦୁଇ ଟ୍ରକ୍ ବାଲି ଆଣି ପଡିଆରେ କାମ ଚାଲୁଥିବା ସ୍ଥାନରେ ପକାଇ ଦେଇଗଲେ । ମାତ୍ର, ଆମ ଦୁର୍ଭାଗ୍ୟକୁ, ତା' ପରଦିନ ଯାହା ଆସିଥିଲା ତାହା ପୁଣି ଯିଏ ପକାଇଥିଲା ସେ ନେଇଗଲା ।

ଅନେକେ ଏଥିପାଇଁ ଦୁଃଖ ପ୍ରକାଶ କଲେ । ଏ ରହସ୍ୟ ଅନେକେ ବୁଝିଗଲେ ।

ପରେ ଯେତେବେଳେ ମନ୍ତ୍ରୀଙ୍କ ସହ ମୋ'ର ଦେଖା ହେଲା, ସେ ଦୁଃଖ ପ୍ରକାଶ କଲେ । ''ସାହାଯ୍ୟ କରିବା ପାଇଁ ଚାହୁଁଥିଲି, କରିପାରିଲି ନାହିଁ'' । ସେ ଟିକିଏ ଅପ୍ରସ୍ତୁତ ହୋଇ ମର୍ମାହତ ହେଲେ ।

ଷ୍ଟାଡିୟମ୍ ଛାତ ପକାଇବା ପାଇଁ ବହୁ ଅର୍ଥ ଆବଶ୍ୟକ । ଲୁହାରଡ୍ କିଣାଯିବ ଏବଂ ଛାତ ପାଇଁ ଆବଶ୍ୟକ ଗିଟି, ବାଲି, ସିମେଣ୍ଟ ପ୍ରଭୃତି ପାଇଁ ଯଥେଷ୍ଟ ଅର୍ଥ ଆବଶ୍ୟକ । ଲୁହା ରଡ୍ ମଧ୍ୟ ବଜାରରେ ମିଳୁ ନଥାଏ । ଦେଶରେ ଲୁହା ରଡ୍ ଉତ୍ପାଦନ ମଧ୍ୟ ଆଶାଜନକ ହୋଇପାରି ନଥିଲା । ତେଣୁ ଆଗରୁ ସଂଗ୍ରହ କରିବାକୁ ପଡିବ ।

ରାଉରକେଲା ଷ୍ଟିଲ୍‌ପ୍ଲାଣ୍ଟ, ରାୟପୁର ନିକଟସ୍ଥ ଭିଲାଇ ଷ୍ଟିଲ୍‌ପ୍ଲାଣ୍ଟ, ବେଙ୍ଗଲ୍‌ର ଦୁର୍ଗାପୁର ଷ୍ଟିଲ୍‌ପ୍ଲାଣ୍ଟ ସବୁ ପ୍ରତିଷ୍ଠିତ ହୋଇଥାଏ । ମାତ୍ର, ଲୋକଙ୍କ ଆବଶ୍ୟକତା ଅନୁଯାୟୀ ଷ୍ଟିଲ୍ ଉତ୍ପାଦନ ହେଉ ନ ଥାଏ । ତେଣୁ ଲୋକଙ୍କ ଆବଶ୍ୟକ ସମୟରେ ଲୁହା ଛଡ ମିଳୁ ନଥାଏ । ଘର ଛାତ ପାଇଁ ୩/୮ ଇଞ୍ଚ ରଡ୍ ବଜାରରେ ମିଳୁ ନ ଥାଏ । ଷ୍ଟାଡିୟମ ଛାତ ପାଇଁ ବହୁ ଅର୍ଥର ଆବଶ୍ୟକ ଥାଏ । ତେଣୁ ମୁଁ ସଦାବେଳେ ଟଙ୍କାର ଯୋଗାଡରେ ଥାଏ ।

ଓଡିଶା ଅଲମ୍ପିକ୍ ଏସୋସିଏସନ୍‌ର ସହଯୋଗ :

ଓଡିଶା ଅଲମ୍ପିକ୍ ସେକ୍ରେଟାରୀଙ୍କୁ ଆର୍ଥିକ ସାହାଯ୍ୟ ପାଇଁ ଅନୁରୋଧ କରି ଚିଠି ଲେଖିଲି । ବାର୍ଷିକ କ୍ରୀଡା ପ୍ରତିଯୋଗିତାରେ ମୁଖ୍ୟଅତିଥି ଭାବେ ଯୋଗଦେବା ପାଇଁ ଅନୁରୋଧ ପତ୍ର ମଧ୍ୟ ପଠାଇଲି ।

ହଠାତ୍ ଦିନେ ପୂର୍ବତନ ଜିଲ୍ଲାପାଳ ଜେ.ପି. ଦାସ ମୋ' ଘର ଆଗରେ ଗାଡି

Source: Author, Digitized by PPRACHIN, SOA

ରଖି ହର୍ଣ୍ଣ ଦେଲେ । କଳାହାଣ୍ଡିରେ ସେ କଲେକ୍ଟର ଥିବା ସମୟରେ ତାଙ୍କର ପୂର୍ବତନ ଷ୍ଟେନୋ କୃଷ୍ଣଚନ୍ଦ୍ର ମହାନ୍ତି (କୁଶା ମହାନ୍ତି ନାମରେ ପରିଚିତ) ମଧ୍ୟ ଆସିଥାନ୍ତି । ଗାଡିରୁ ଓହ୍ଲାଇ ଘର ଭିତରକୁ ଆସି ରାସ ଦାଦା' ବୋଲି ଡାକିଲେ । ମୋତେ ଶ୍ରଦ୍ଧାରେ ସେ ଦାଦା ଡାକୁଥିଲେ ।

ମୁଁ ଘରୁ ବାହାରି ଆସି କୁଶା ବାବୁଙ୍କୁ ଦେଖି ନମସ୍କାର କଲି । ସେ କହିଲେ, ''ଆସ, ଆମ ପୂର୍ବତନ କଲେକ୍ଟର ଆସିଛନ୍ତି''।

ମୁଁ ବାହାରକୁ ଆସି ପୂର୍ବତନ କଲେକ୍ଟରଙ୍କୁ ଦେଖି ନମସ୍କାର ଜଣାଇ ଘରକୁ ଆସିବା ପାଇଁ ଅନୁରୋଧ କଲି ।

ସେ ଗାଡିରେ ବସି କହିଲେ, ''ଚାଲ, ତୁମ ଷ୍ଟାଡିୟମ୍‌ର କାମ ଆଗେ ଦେଖି ଆସିବା । ଶୀଘ୍ର ଆସ, ଯିବା'' ।

ମୁଁ ଘର ଭିତରକୁ ଯାଇ ପେଣ୍ଟ, ସାର୍ଟ ପିନ୍ଧି ଆସି ଗାଡିରେ ବସିଲି ଏବଂ ଆମେ ଷ୍ଟାଡିୟମ ଗଲୁଁ । ଷ୍ଟାଡିୟମ୍‌ର ବାଉଣ୍ଡ୍ରି ୱ୍ୟାଲ୍ ପ୍ରାୟ ସମ୍ପୂର୍ଣ୍ଣ ହେବା ଅବସ୍ଥାରେ । ବିଲଡିଙ୍ଗ କାମ ସମ୍ପୂର୍ଣ୍ଣ କରିବା ପାଇଁ ସେଣ୍ଟ୍ରିଙ୍ଗ୍ ହୋଇ ପଡି ରହିଛି ।

ମୁଁ କହିଲି, ''ଛାତ ପକାଇବା ପାଇଁ ଅତି କମ୍‌ରେ ୨୫ ହଜାର ଟଙ୍କା ଆବଶ୍ୟକ । ଏତେ ଟଙ୍କା ଆମ ପାଖରେ ନାହିଁ । ତେଣୁ ଓଡିଶା ଅଲମ୍ପିକ୍ ସେକ୍ରେଟାରୀ ଭୈରବ ଚନ୍ଦ୍ର ମହାନ୍ତିଙ୍କୁ ଅନୁରୋଧ କରିଛୁ''।

ଓଡିଶା ରାଜନୀତିର ପଟ୍ଟ ପରିବର୍ତ୍ତନ ହେବାଫଳରେ ରାଜେନ୍ଦ୍ର ନାରାୟଣ ସିଂହଦେଓ ମୁଖ୍ୟମନ୍ତ୍ରୀ ହେବା ପରେ ବାରବାଟୀ ରାଫଲ୍‌କୁ ବନ୍ଦ କରି ଦିଆଗଲା । ଲଟେରୀ ଅର୍ଥରୁ ବାରବାଟୀ ଷ୍ଟାଡିୟମ୍ ନିର୍ମାଣ ସହ ଓଡିଶାର ସମସ୍ତ ଜିଲ୍ଲାରେ ଗୋଟିଏ ଲେଖାଏଁ ଷ୍ଟାଡିୟମ୍ ନିର୍ମାଣ ଏବଂ କ୍ରୀଡାର ବିକାଶ ପାଇଁ ପ୍ରତିବର୍ଷ ଆର୍ଥିକ ସାହାଯ୍ୟ ମିଳି ଆସୁଥିଲା । ମାତ୍ର, ରାଫଲ୍ ବନ୍ଦ ହୋଇଯିବାପରେ ଜିଲ୍ଲାମାନଙ୍କୁ ଷ୍ଟାଡିୟମ୍ ନିର୍ମାଣ ପାଇଁ ଆଉ ଆର୍ଥିକ ସାହାଯ୍ୟ ମିଳିବା ସମ୍ଭବ ହେଲା ନାହିଁ । ତେଣୁ ଷ୍ଟାଡିୟମ୍ ନିର୍ମାଣ ଆଗେଇ ପାରୁ ନାହିଁ ।

ସରକାରଙ୍କ ଆର୍ଥିକ ଅସ୍ୱଚ୍ଛଳତା ଯୋଗୁଁ କ୍ରୀଡାର ବିକାଶ ନିମନ୍ତେ ସରକାର ଆର୍ଥିକ ସାହାଯ୍ୟ ପ୍ରଦାନ କରିପାରୁ ନାହାନ୍ତି ।

ମାତ୍ର, ଯେଉଁ ଉଦ୍ୟମରେ ଓଡିଶାର କ୍ରୀଡାର ବିକାଶ ପାଇଁ ଅର୍ଥ ପ୍ରଦାନ କରାଯାଇ ପାରୁଥିଲା, ତାହା ବନ୍ଦ ହୋଇଯିବା ଫଳରେ ଓଡିଶାରେ କ୍ରୀଡାର ବିକାଶରେ ଚରମ ବିପର୍ଯ୍ୟୟ ଦେଖାଦେଲା । ଜାତୀୟ ସ୍ତରରେ ଖେଳାଳି ସୃଷ୍ଟି କରିବାରେ ଓଡିଶା ବହୁ ପଛରେ ପଡିଗଲା ।

Source: Author, Digitized by PPRACHIN, SOA

ଜେ.ପି. ଦାସ କଟକ ଫେରିଯାଇ ଆମ ଷ୍ଟାଡିୟମ୍ ସମ୍ବନ୍ଧରେ ସମସ୍ତ ବିଷୟ ଭୈରବ ବାବୁଙ୍କୁ କହିଲେ ।

କଳାହାଣ୍ଡି ଭଳି ଏକ ଅନୁନ୍ନତ ଜିଲ୍ଲାରେ ପ୍ରତିକୂଳ ଅବସ୍ଥାରେ ଜଣେ ଦିନରାତି ପରିଶ୍ରମ ପୂର୍ବକ ଅର୍ଥ ସଂଗ୍ରହ କରି ଷ୍ଟାଡିୟମ୍ ନିର୍ମାଣରେ ଲାଗି ପଡିଛି । ତାକୁ ଆପଣ ଅଲମ୍ପିକ୍ ତରଫରୁ ଆର୍ଥିକ ସାହାଯ୍ୟ ପ୍ରଦାନ ନକଲେ ଷ୍ଟାଡିୟମ୍ ବିଲଡିଙ୍ଗ୍ ଛାତ ପଡିବା ସମ୍ଭବ ହେବ ନାହିଁ ।

ଭୈରବ ବାବୁଙ୍କ ଉପରେ ଏହାର ପ୍ରଭାବ ନିଶ୍ଚୟ ପଡିଛି । ଆମ ନିମନ୍ତ୍ରଣ ରକ୍ଷା କରି ହେଉ ଅବା ଜେ.ପି. ଦାସଙ୍କ କହିବା ଦୃଷ୍ଟିରୁ ହେଉ ଭୈରବ ମହାନ୍ତି କଳାହାଣ୍ଡିର ବାର୍ଷିକ କ୍ରୀଡା ଉତ୍ସବରେ ଯୋଗଦାନ କରି ଖେଳାଳିମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ ।

ଓଡିଶା ଅଲମ୍ପିକ୍ ସେକ୍ରେଟାରୀ ଏବଂ କ୍ରୀଡା ଜଗତର ଜଣେ ପ୍ରବାଦ ପୁରୁଷ ଭୈରବ ମହାନ୍ତି କଳାହାଣ୍ଡି ଆସି କ୍ରୀଡାବିତ୍‌ମାନଙ୍କୁ ପୁରସ୍କାର ପ୍ରଦାନ କରିଥିବା ଯୋଗୁଁ ଖେଳାଳି ତଥା ଖେଳପ୍ରେମୀମାନଙ୍କ ମଧ୍ୟରେ ବିପୁଳ ଉତ୍ସାହ ଖେଳି ଯାଇଥାଏ ।

ଷ୍ଟାଡିୟମ୍‌ର ଅଗ୍ରଗତି ଦେଖି ସେ ବିସ୍ମୟରେ ମୋତେ ପ୍ରଶ୍ନ କଲେ । ''ଏତେ ବଡ କାମ ଆରମ୍ଭ କରିଦେଇଛ''?

ମୁଁ ତାର ଉତ୍ତରରେ କହିଲି, ''ଆରମ୍ଭ କରିଦେଇଛି, ତାକୁ ପୂର୍ଣ୍ଣାଙ୍ଗ କରିବା ଆପଣଙ୍କ ଉପରେ ନିର୍ଭର କରୁଛି''।

ଭୈରବବାବୁ, ବିଭୂତି ଭୂଷଣ ଦାସ ଅଲମ୍ପିକ୍‌ର ଯୁଗ୍ମ ସଂପାଦକ, ଉଭୟେ ଷ୍ଟାଡିୟମ୍ ବୁଲି ସବୁ ଦେଖି ସନ୍ତୁଷ୍ଟ ହେଲେ । ଖେଳାଳିମାନେ ଓ ଖେଳପ୍ରେମୀମାନେ ଆସି ଭୈରବବାବୁ ଏବଂ ବିଭୂତି ବାବୁଙ୍କୁ ସମ୍ମାନ ଜଣାଇ ଆର୍ଥିକ ସାହାଯ୍ୟ ପାଇଁ ଅନୁରୋଧ କଲେ ।

ଷ୍ଟାଡିୟମ୍ ନିର୍ମାଣ ପାଇଁ ସଭିଙ୍କ ଆଗ୍ରହ ଉତ୍ସାହ ଦେଖି ସେମାନେ ବହୁତ ଖୁସି ହେଲେ ।

କଟକ ଫେରିଯାଇ ଏକ ସ୍ୱତନ୍ତ୍ର କାର୍ଯ୍ୟକାରୀ ମିଟିଙ୍ଗ୍‌ରେ ଆଲୋଚନା କରି କଳାହାଣ୍ଡିର 'ଲାଲବାହାଦୂର ଶାସ୍ତ୍ରୀ ଷ୍ଟାଡିୟମ୍' ପାଇଁ ୧୫,୦୦୦ ଟଙ୍କାର ଚେକ୍ ପ୍ରଦାନ କରିଥିଲେ ।

ମୋ' ମନରେ ଦମ୍ଭ ଓ ଉତ୍ସାହ ଖେଳିଗଲା । ଯଥାସମୟରେ ଷ୍ଟାଡିୟମ୍‌ର ଛାତ ପଡିଲା । ଛାତ ପଡିବା ଦିନ ପ୍ରଚଣ୍ଡ ଶୀତରେ ପୂରା ରାତ୍ର କାମ ତଦାରଖ କରି ଛାତ ପକାଇବା ସମୟରେ ଜଗି ରହିଲି ।

ଆରଦିନ ସକାଳ ଆଠଟା ବେଳକୁ ଇଞ୍ଜିନିୟର୍ ମହାଶୟ ଆସି ଛାତ ପଡି

Source: Author, Digitized by PPRACHIN, SOA

ଯାଇଥିବା ଦେଖି ମୋତେ ପ୍ରଶ୍ନ କଲେ । ''ଛାତ ପଡିବା ସମୟରେ କିଏ ଥିଲେ''?

''ମୁଁ ଥିଲି । ପୂରା ରାତି ତମାମ କାମ ହେଲା । ପାହାନ୍ତିଆ ବେଳକୁ କାମ ସରିଲା'' ।

ଠିକାଦାର ବାବୁ ଆସି କହିଲେ, ''ଖାଇବା ପାଇଁ ମଧ୍ୟ ଆଜ୍ଞା ଘରକୁ ଯାଇ ନାହାନ୍ତି । ତାଙ୍କ ରାତ୍ର ଭୋଜନ ପାଇଁ ତାଙ୍କ ଘରୁ ଟିଫିନ୍ କାରିଅର୍‌ରେ ଜଣେ ଆଣି ଦେଇଗଲା'' ।

ମୁଁ ସେତେବେଳ ପର୍ଯ୍ୟନ୍ତ ଶୀତରୁ ରକ୍ଷା ପାଇବା ପାଇଁ ରାତ୍ର ପୋଷାକରେ କୋଟ୍, ଟୋପି ପିନ୍ଧି ରହିଥାଏ ।

ମୋତେ କିଛିକ୍ଷଣ ଦେଖିନେଇ ଇଞ୍ଜିନିୟର ମହାଶୟ ମୁହଁରେ ହସ ଖେଳାଇ କହିଲେ, ''ନାତିଆ ତୁମେ ମତେ ବଳିଗଲ । ମୁଁ ମୋ'ର ଯୁବାବସ୍ଥାରେ ସାଇକେଲ୍‌ରେ ଆମପାଣି ଯାଇ ଘାଟିକାମ ଦେଖି ସନ୍ଧ୍ୟାକୁ ଭବାନୀପାଟଣା ଫେରି ଆସୁଥିଲି'' । ଭବାନୀପାଟଣାଠୁ ଆମପାଣି ଦୂରତା ''ପାଇ ରାସ୍ତା''ରେ ପ୍ରାୟ ୪୫ କି.ମି. ହେବ ।

ଦିନରାତି ପରିଶ୍ରମ କରି ଅନୁଷ୍ଠାନକୁ ଛିଡା କରିବା ଏତେ ସହଜ ନୁହେଁ । ମାତ୍ର, ତୁମେ ସବୁ ସମ୍ଭାଳି ନେଉଛ । ସେ ମୋତେ ଟାଣିନେଇ କୁଣ୍ଢାଇ ପକାଇଲେ ।

ଛାତ ପଡିଯାଇଥିବା ଯୋଗୁଁ ଠିକାଦାର ମଧ୍ୟ ଆଶ୍ୱସ୍ତ । ଇଞ୍ଜିନିୟର୍ ମହାଶୟ ସମସ୍ତ କାମ ଦେଖି ପାଣି ଦେବା ପାଇଁ ଛାତ ଉପରେ ଛୋଟ ଛୋଟ ପଟି କାମ ଆରମ୍ଭ ହୋଇଯାଇଥିବା ଯୋଗୁଁ ତାଗିଦ୍ କରି କହିଲେ, ''ଦୁଇଓଳି ପାଣି ଭର୍ତ୍ତି ହୋଇ ରହିବ । ଅନ୍ତତଃ ଏକ ମାସ ପାଇଁ ପାଣି ଦେବାକୁ ପଡିବ । ଯେପରି କମ୍ ନ ହୁଏ'' ।

ମୋତେ ଦେଖି ପୁଣି କହିଲେ, ''ନାତିଆ ତୁମ ମୁଣ୍ଡରୁ ଗୋଟିଏ ବିରାଟ ବୋଝ ଖସି ଯାଇଛି । ନିଶ୍ଚିନ୍ତ ମନରେ ଘରକୁ ଯାଅ । ଗାଧୋଇ ଜଳଖିଆ ଖାଇ ଆଜି ପୂରା ବିଶ୍ରାମ ନେବ । ରାତି ତମାମ ଅନିଦ୍ରା ଯୋଗୁଁ ଆଖି ଲାଲ ପଡିଯାଇଛି'' ।

ବି.ଏମ୍. ହାଇସ୍କୁଲ୍ ପ୍ରଧାନଶିକ୍ଷକଙ୍କ ହୀନ ଉଦ୍ୟମ :

ଷ୍ଟାଡିୟମ୍ କାମ ଚାଲିଥିବା ସମୟରେ ବି.ଏମ୍. ହାଇସ୍କୁଲ ଏବଂ ମାଣିକେଶ୍ୱରୀ ହାଇସ୍କୁଲ୍‌ର ଫୁଟବଲ୍ ଖେଳକୁ ନେଇ ଝଗଡା ହେଲା । ତାର ପ୍ରତିକ୍ରିୟା ସ୍ୱରୂପ ଷ୍ଟାଡିୟମ ବିରୁଦ୍ଧରେ ବି.ଏମ୍. ହାଇସ୍କୁଲ୍‌ର ଛାତ୍ରମାନେ ଧର୍ମଘଟ କରି ରାଜରାସ୍ତାରେ ସ୍ଲୋଗାନ୍ ଦେଇ ସହର ପରିକ୍ରମା କଲେ । ଯୁଗ୍ମ ସଂପାଦକ ଅରୁଣ ପାତ୍ର ଏବଂ ମୋ' ବିରୁଦ୍ଧରେ ସ୍ଲୋଗାନ୍ ଦେଲେ । ଷ୍ଟାଡିୟମ୍ ନିର୍ମାଣ ହେଉଥିବା ଖେଳପଡିଆ ବି.ଏମ୍. ହାଇସ୍କୁଲ୍‌ର । ତେଣୁ ଷ୍ଟାଡିୟମ୍‌କୁ ଭାଙ୍ଗି ପଡିଆ ହାଇସ୍କୁଲ୍‌କୁ ହସ୍ତାନ୍ତର କରାଯାଉ ।

Source: Author, Digitized by PPRACHIN, SOA

ହାଇସ୍କୁଲ୍‌ର ପ୍ରଧାନ ଶିକ୍ଷକ ପିଲାମାନଙ୍କୁ ଉତ୍ତେଜିତ କରାଇ ଧର୍ମଘଟ ଡାକରା ଦେଇଥାନ୍ତି । ମୁଁ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ସମସ୍ତ ଘଟଣା ଜଣାଇଦେଲି । ଏକ ଜରୁରୀ ମିଟିଙ୍ଗ ହୁଇଲର୍ କ୍ଲବରେ ଅନୁଷ୍ଠିତ ହେଲା । ସେହି ହୁଇଲର୍ କ୍ଲବ୍ ବର୍ତ୍ତମାନ ମ୍ୟୁନିସିପାଲ୍‌ଟି ଅଫିସ୍ ହୋଇଛି । ଜିଲ୍ଲାର ସମସ୍ତ ଗଣ୍ୟମାନ୍ୟ ବ୍ୟକ୍ତିଙ୍କୁ ଏହି ସଭାରେ ଯୋଗ ଦେବାପାଇଁ ନିମନ୍ତ୍ରଣ କରାଯାଇଥିଲା ।

ଷ୍ଟାଡିୟମ୍ ନିର୍ମାଣର ଅଗ୍ରଗତି ଦେଖି କିଛି ଅସହିଷ୍ଣୁ ବ୍ୟକ୍ତି ମୋ' ଉପରେ ସନ୍ତୁଷ୍ଟ ନଥାନ୍ତି । ଅନ୍ୟମାନେ ଯେଉଁ କାମ କରିପାରୁ ନ ଥାନ୍ତି, ମୁଁ ତାକୁ କରି ଦେଉଥିବା ଯୋଗୁଁ ସେମାନେ ଖୁସି ନ ଥିଲେ । ଏଇଟା ଏକ ମୌକା ମନେକରି ମୋ' ବିରୁଦ୍ଧରେ ନାନା ଶୁଣା କଥାରେ ଅଭିଯୋଗ ଆଣିଲେ ।

ଜଣେ ସଦସ୍ୟ କହିଲେ, "ଅଡିଟ୍‌ରେ ଅନେକ ହେରଫେର୍ ହୋଇଥିବା ଦର୍ଶା-ଯାଇଛି" । ଜିଲ୍ଲାପାଳ ମିଷ୍ଟର ଏସ୍.କେ. ବସୁ ଏସୋସିଏସନ୍‌ର ସଭାପତି ରୂପେ ଅଡିର୍ଟ ରିପୋର୍ଟ ଆଗରୁ ପଢ଼ିସାରି ସମସ୍ତ କଥା ଜାଣି ନେଇଥାନ୍ତି ।

ସଭାପତି ତାଙ୍କ ଅଭିଭାଷଣରେ କହିଲେ, "ଜଣେ ସରକାରୀ ଅଡିଟର୍ ଏହି ରିପୋର୍ଟ୍ ପ୍ରଦାନ କରିଛନ୍ତି । ରାଜ୍ୟ ସରକାରଙ୍କ କଲଚରାଲ୍ ଡିପାର୍ଟମେଣ୍ଟ ତରଫରୁ ସେ ଆସି ଅଡିର୍ଟ୍ କରି ରିପୋର୍ଟ୍ ଦେଇଛନ୍ତି । ବର୍ତ୍ତମାନର ସେକ୍ରେଟାରୀ ମିଷ୍ଟର ବେହେରା ହିଁ ସରକାରୀ ଅଡିଟ୍ କରିବା ପାଇଁ ଅନୁରୋଧ କରିଥିଲେ ।

ରିପୋର୍ଟର ସ୍ୱଚ୍ଛତା ପାଇଁ ସେ ମୋରି ପରାମର୍ଶରେ ଏହା କରିଥିଲେ । ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଜଣେ ଅଡିଟ୍ ରିପୋର୍ଟ ପାଠ କଲେ । ଯେଉଁ ପିରିୟଡ୍‌ରେ ଅଡିଟ୍ ହୋଇଛି, ସେତେବେଳେ ମିଷ୍ଟର ବେହେରା ସେକ୍ରେଟାରୀ ନ ଥିଲେ । ଅନ୍ୟ ଜଣେ ସେକ୍ରେଟାରୀ ଥିଲେ । ସେହି ପିରିୟଡର ଆର୍ଥିକ ବିଶୃଙ୍ଖଳା ଦର୍ଶାଯାଇଛି" ।

ଉପସ୍ଥିତ ସମସ୍ତ ସଭ୍ୟ ସମସ୍ତ ଘଟଣା ସ୍ପଷ୍ଟ ଜାଣିଗଲେ । ସେହି ସମୟର ସେକ୍ରେଟାରୀ ମଧ୍ୟ ଉପସ୍ଥିତ ଥିଲେ । ପଣସ ଖାଇ ଅନ୍ୟ ମୁଣ୍ଡରେ ଅଠା ବୋଳିବା ନୀତି ତାଙ୍କ ପାଇଁ ବୁମେରାଙ୍ଗ ହେଲା ।

"ବର୍ତ୍ତମାନର ସେକ୍ରେଟାରୀଙ୍କୁ ଆର୍ଥିକ ଶୃଙ୍ଖଳା ରକ୍ଷା ପାଇଁ ଯାହା ଖର୍ଚ୍ଚ ହେଉଛି ବିଲ୍‌ରେ "ପାସ୍ ଫର୍ ପେମେଣ୍ଟ" ଲେଖାଯାଇ ସେକ୍ରେଟାରୀ ଏବଂ ଜିଲ୍ଲାପାଳ, ସଭାପତିଙ୍କ ଦସ୍ତଖତରେ ଟଙ୍କା ପ୍ରଦାନ କରାଯାଉଛି । ସଭାପତି ଏବଂ ଟ୍ରେଜରରଙ୍କ ଦସ୍ତଖତରେ ଡାକଘରୁ ଟଙ୍କା ଡ୍ର ହେଉଛି ।

ସମସ୍ତ ଆର୍ଥିକ ଶୃଙ୍ଖଳା ଭିତରେ କାର୍ଯ୍ୟ କରାଯାଉଛି । ତେଣୁ ଟଙ୍କା ଆତ୍ମସାତର ପ୍ରଶ୍ନ ଉଠୁ ନାହିଁ । ଯଦି କା' ମନରେ ସନ୍ଦେହ ରହୁଛି, ତେବେ ଜିଲ୍ଲାପାଳ ହିସାବରେ

Source: Author, Digitized by PPRACHIN, SOA

ଅନୁଷ୍ଠାନର ସଭାପତି ଦାୟିତ୍ୱରେ ଯେହେତୁ ମୁଁ ଅଛି, ମୁଁ ମଧ ଦାୟୀ । ଯେହେତୁ ମୋରି ସ୍ୱାକ୍ଷରରେ ଟଙ୍କା ଅନ୍ୟକୁ ପ୍ରଦାନ କରାଯାଉଛି'' ।

ଜିଲ୍ଲାପାଳଙ୍କ ଏହିଭଳି ମତାମତ ଶୁଣିଲା ପରେ ସମସ୍ତଙ୍କ ମନରୁ ମୋ' ବିରୁଦ୍ଧରେ ଥିବା ଅସନ୍ତୋଷଗୁଡିକ ପାଣି ଫୋଟକା ଭଳି ମିଳାଇଗଲା ।

ଯେଉଁ ପ୍ରଧାନ ଶିକ୍ଷକ ଏ ହୀନ ଉଦ୍ୟମର କର୍ଣ୍ଣଧାର, ତାର୍ କିଛିଦିନ ପରେ ସ୍କୁଲ୍‌ର ଆର୍ଥିକ ବିଶୃଙ୍ଖଳା ଘଟାଇ, ସ୍କୁଲ ଟ୍ରେଜେରୀ ଲୁଟ କରି, ସ୍କୁଲ ଶିକ୍ଷକମାନଙ୍କ ସର୍ଭିସ୍ ବହିକୁ ନଷ୍ଟ କରିଦେଇ ଅନ୍ୟତ୍ର ବଦଳି ହୋଇଯାଇଥିଲେ । ପରେ ତାଙ୍କ ବିରୁଦ୍ଧରେ କେସ୍ ହୋଇ ଦରମାରୁ ଟ୍ରେଜେରୀ ଟଙ୍କା ଭରଣ ହୋଇଥିଲା ।

ପାପ କେବେ ଲୁଚି ରହେ ନାହିଁ । ଆଜି ନ ହେଲେ କାଲି ସେ ପ୍ରକଟ ହେବ । ସତ୍ୟ ସାତ ତାଳ ପଙ୍କ ତଳେ ଛପି ରହିଥିଲେ ମଧ ସତ୍ୟ ରୂପରେ ହିଁ ପ୍ରକଟ ହେବ ।

ଏ ହେଉଛି ବିଶ୍ୱ ବ୍ରହ୍ମାଣ୍ଡର ଗୁଢ଼ ରହସ୍ୟ । ଏହାକୁ ଜାଣିବା ଏତେ ସହଜ ନୁହେଁ । ସଂସାରରେ କିଛି ବି ଘଟଣା ଉଦ୍ଦେଶ୍ୟହୀନ ହୋଇ ନ ଥାଏ ।

ଜିଲ୍ଲାରେ ଅନେକ ଘଟଣା ଘଟି ଚାଲିଥାଏ । ଲୋକେ ମଧ ଧୈର୍ଯ୍ୟର ସହିତ ମୋ'ର ନିଃସ୍ୱାର୍ଥପର କାର୍ଯ୍ୟ ଦେଖି ସନ୍ତୁଷ୍ଟ ଥା'ନ୍ତି । କୌଣସି ଆବିଳତା ନଥାଇ ସର୍ବସାଧାରଣ କାର୍ଯ୍ୟରେ ମନ ବଳାଇଲେ ଲୋକେହିଁ ତୁମକୁ ସହଯୋଗର ହାତ ବଢ଼ାଇବେ । ତାହା ହିଁ କାର୍ଯ୍ୟ କରୁଥିବା ବ୍ୟକ୍ତିପ୍ରତି ଶକ୍ତି ପ୍ରଦାନ କରିଥାଏ । ଅନ୍ୟ ଲୋକକୁ ସନ୍ଦେହ କରିବା କିଛି ଲୋକଙ୍କ ମାନସିକ ପ୍ରବୃତ୍ତି । ତା' ସତ୍ତ୍ୱେ ଯେଉଁ ଲକ୍ଷ୍ୟ ନେଇ କାର୍ଯ୍ୟ କରାଯାଉଥିବ ତାକୁ ଧୈର୍ଯ୍ୟର ସହିତ ସମସ୍ତ ପ୍ରତିକୂଳତା ସତ୍ତ୍ୱେ ଆଗେଇ ନେବାକୁ ପଡିବ । ମୋ' ମନରେ ଏହି ଆତ୍ମବିଶ୍ୱାସ ସୃଷ୍ଟି ହୋଇ ଚାଲିଥାଏ ।

ପୁନଃ ପ୍ରତିବନ୍ଧକ ଓ ତା'ର ସମାଧାନ :

ମୋ' ବିରୁଦ୍ଧରେ ଯେତେ ପ୍ରକାର ହୀନ ଉଦ୍ୟମ ସବୁ ଚାଲିଥାଏ, ମୁଁ ସେତେ ଦୃଢ଼ ହୋଇ ଉଠିଥାଏ । ତାର ମୁକାବିଲା କରି ଆଗେଇବା ପାଇଁ ଆହୁରି ସଂକଳ୍ପବଦ୍ଧ ହେଉଥାଏ ।

କିଛି ମାସ ବିତିଗଲା ପରେ ହଠାତ୍ ଦିନେ ଏକ ଜରୁରୀ ଚିଠି ଜିଲ୍ଲାପାଳଙ୍କ ଅଫିସରୁ ଆସି ପହଞ୍ଚିଲା । ଚିଠି ପଢ଼ି ବିସ୍ମିତ ହେଲି । ଷ୍ଟାଡିୟମ୍ ବିଲଡିଙ୍ଗ୍‌ର ସମ୍ମୁଖ ପଡିଆରେ ବାଉଣ୍ଡ୍ରି ୱାଲ୍ ନ ଦେବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥାନ୍ତି । ଆଦେଶ ଅମାନ୍ୟ କଲେ ଫୋର୍ସ୍ ଲଗାଇ ୱାଲ୍ ଭାଙ୍ଗି ଦିଆଯିବ । ଏହିଭଳି ଚିଠି ଦେଖି ସଭ୍ୟମାନେ ମଧ ଆଶ୍ଚର୍ଯ୍ୟ ହୋଇଗଲେ ।

Source: Author, Digitized by PPRACHIN, SOA

ମୋ' ମନରେ ବିରାଟ ପ୍ରଶ୍ନ ଉଙ୍କି ମାରି ଚାଲିଥାଏ, ସତେ କଣ ଷ୍ଟାଡିୟମ୍ ନିର୍ମାଣରେ ଏହିଭଳି ଗୋଟିଏ ପରେ ଗୋଟିଏ ପ୍ରତିବନ୍ଧକ ସୃଷ୍ଟି ହୋଇ ଚାଲିଥିବ ?

ମୁଁ ଯାଇ ଜିଲ୍ଲାପାଳଙ୍କୁ ଭେଟିଲି । ମାତ୍ର, ମୋ' ସହିତ ଷ୍ଟାଡିୟମ୍ ସମ୍ବନ୍ଧରେ କିଛି ଆଲୋଚନା ନ କରି ସେ କହିଲେ, ''ଯାହା ଅଫିସିଆଲ୍ ଚିଠି ଯାଇଛି ସେହି ଅନୁସାରେ କାର୍ଯ୍ୟକର । ଏଥର ତୁମେ ଯାଇପାର'' !

ଜିଲ୍ଲାପାଳଙ୍କ ଏହିଭଳି ରୋକ୍ ଠୋକ୍ କଥା ଶୁଣି ମୋ' ମନରେ ଅନେକ ପ୍ରଶ୍ନ ଉଙ୍କି ମାରିଲା । ଯେଉଁ ଜିଲ୍ଲାପାଳ ମୋ' କାର୍ଯ୍ୟ ପ୍ରଣାଳୀ, ଆର୍ଥିକ ଶୃଙ୍ଖଳା ପ୍ରତି ସଭିଙ୍କ ମନରେ ବିଶ୍ୱାସ ସ୍ଥାପନ କରି ଦୃଢ଼ ମତ ପୋଷଣ କରିଥିଲେ ଏବଂ ଷ୍ଟାଡିୟମ୍ କାମକୁ ଆଗେଇ ନେବା ପାଇଁ ସଭିଙ୍କୁ ସହଯୋଗ କରିବା ପାଇଁ କହିଥିଲେ, ସେହି ଜିଲ୍ଲାପାଳ ହଠାତ୍ ଷ୍ଟାଡିୟମ୍ ନିର୍ମାଣକୁ ବନ୍ଦ ରଖିବା ପାଇଁ ଲିଖିତ ଆଦେଶ ଦେବା ବାସ୍ତବିକ ମୋତେ ଆଶ୍ଚର୍ଯ୍ୟ କରି ଦେଇଥାଏ । କଥାର ମୂଳ ଜାଣିବା ପାଇଁ ମୋ' ମନରେ ନାନା ପ୍ରଶ୍ନ ସୃଷ୍ଟି ହୋଇଥାଏ ।

ଦିନେ ମୁଁ ଜିଲ୍ଲା କଲେକ୍ଟୋରିଏଟ ଅଫିସ୍‌ର ଷ୍ଟୋର ରୁମ୍‌କୁ ଗଲି । ଇନ୍‌ଚାର୍ଜଙ୍କ ସହ କଥା ହେଲି । ସେ ସମସ୍ତ କଥା ଜାଣିଥାନ୍ତି । ଷ୍ଟାଡିୟମ୍ କାମ ଆଗେଇବାରେ ମଧ୍ୟ ତାଙ୍କ ପୂର୍ଣ୍ଣ ସମର୍ଥନ ସହାନୁଭୂତି ରହିଛି ।

ମାତ୍ର, ଯେଉଁ ଚିଠି ଏସୋସିଏସନ୍ ସେକ୍ରେଟାରୀଙ୍କୁ ପ୍ରଦାନ କରାଯାଇଛି ତାହା ଷ୍ଟାଡିୟମ ଅଗ୍ରଗତିରେ ପ୍ରତିବନ୍ଧକ ସୃଷ୍ଟି କରିବ । ତେଣୁ ସେ ମଧ୍ୟ ବ୍ୟକ୍ତିଗତ ଭାବେ ଖୁସି ନୁହନ୍ତି ।

ସରଗକୁ ନିଶୁଣି ନାହିଁ କି ବଡ ଲୋକଙ୍କୁ ଉତ୍ତର ନାହିଁ । ମୋତେ ଭିତରକୁ ଡାକି ନେଇ ଥରେ ଚାରିଆଡକୁ ଅନାଇ ଗୁପ୍ତରେ ସମସ୍ତ କାଗଜ ଦେଖାଇଦେଲେ ।

କଳାହାଣ୍ଡି ଲୋକସଭା ସଦସ୍ୟଙ୍କ ନାଗସାପ ଚିହ୍ନିତ ଲେଟର୍‌ପ୍ୟାଡ୍‌ରେ ଜିଲ୍ଲାପାଳଙ୍କୁ ଚିଠି ଲେଖାଯାଇଛି । ଷ୍ଟାଡିୟମ୍ ସମ୍ମୁଖ ପ୍ଲଟ୍ ସ୍ଥାନୀୟ ଲୋକଙ୍କୁ ପ୍ରଦାନ କରିବା ପାଇଁ । ମୁଁ ସମସ୍ତ ଚିଠି ପାଠ କଲି । ପଢ଼ି ଗମ୍ଭୀର ହୋଇଗଲି ।

ସହରର କିଛି ବିଶିଷ୍ଟ ବ୍ୟକ୍ତିଙ୍କୁ ଷ୍ଟାଡିୟମ୍‌ର ସମ୍ମୁଖ ପ୍ଲଟ୍ ପ୍ରଦାନ କରାଗଲେ ଏବଂ ଏହା ଷ୍ଟାଡିୟମ୍‌ର ଅଧୀନରେ ନ ରହିଲେ ଷ୍ଟାଡିୟମ୍ ଶ୍ରୀହୀନ ହୋଇଯିବ । ହଜାର ହଜାର ଲୋକ ଷ୍ଟାଡିୟମ୍ ଭିତରକୁ ପ୍ରବେଶ କରିବେ । ସେମାନଙ୍କ ଯାତାୟାତ ପାଇଁ ଯଥେଷ୍ଟ ଖୋଲା ସ୍ଥାନ ଆବଶ୍ୟକ । ଦ୍ୱିତୀୟତଃ, ଅତିଥି ଅଭ୍ୟାଗତ ଆସିଲେ ସେମାନଙ୍କ ଗାଡି ପାର୍କିଙ୍ଗ୍ ପାଇଁ, ତାଙ୍କୁ ସ୍ୱାଗତ କରିବା ପାଇଁ ମଧ୍ୟ ସ୍ଥାନ ଆବଶ୍ୟକ । ତେଣୁ ଷ୍ଟାଡିୟମ୍ ବିଲଡିଙ୍ଗ୍‌ର ସମ୍ମୁଖ ଅଂଶ ଅତି ଗୁରୁତ୍ୱପୂର୍ଣ୍ଣ । ସେହି ଅଂଶ ଅନ୍ୟ ବିଶିଷ୍ଟ ବ୍ୟକ୍ତିଙ୍କୁ

Source: Author, Digitized by PPRACHIN, SOA

ପ୍ରଦାନ କଲେ ଷ୍ଟାଡିୟମ୍‌ର ବହୁ କ୍ଷତି ହେବ । ତାକୁ ରକ୍ଷା କରିବା ପାଇଁ ମୁଁ ଦୃଢ଼ ସଂକଳ୍ପ ହେଲି ।

ମୁଁ ସମସ୍ତ ଘଟଣା ଜାଣି ଏସୋସିଏସନ୍‌ର ସଭ୍ୟମାନଙ୍କୁ କିଛି କହିଲି ନାହିଁ । ମୁଁ ସତକଥା କହିଲେ ମଧ୍ୟ କିଛି ଲୋକ ବିଶ୍ୱାସ କରିବେ ନାହିଁ । ସାମନ୍ତବାଦୀ ମନୋଭାବ ସେମାନ୍‌ଙ୍କ ମନକୁ ଜାବୋଡ଼ି ଧରି ରଖିଛି । ଏତେ ସହଜରେ ସେମାନ୍‌ଙ୍କ ମନରୁ ତାହା ଦୂରେଇ ଯାଇପାରିବ ନାହିଁ । ତେଣୁ ମୁଁ ନୀରବ ରହି ଜିଲ୍ଲାପାଳଙ୍କୁ ଏକାନ୍ତରେ ଭେଟି ସବୁକଥା କହିଲି ।

''ମୁଁ ଯାହା କାମ କରୁଛି, ତାହା ଜିଲ୍ଲାର ସ୍ୱାର୍ଥ ପାଇଁ, ଖେଳାଳି, ଖେଳପ୍ରେମୀମାନଙ୍କ ପାଇଁ । ଏତେ ଭିତରକୁ ଯାଇ ତିକ୍ତତା ବୃଦ୍ଧି ପାଇଁ ଚାହୁଁ ନ ଥିଲି । ତେଣୁ ଏସୋସିଏସନ୍‌ର କାର୍ଯ୍ୟରୁ ଓହରି ଯାଇଥିଲି । ଆପଣ ହିଁ ମୋତେ ଦାୟିତ୍ୱ ମୁଣ୍ଡାଇବା ପାଇଁ କହିଲେ । ମୁଁ ଦାୟିତ୍ୱ ନେଇ ଷ୍ଟାଡିୟମ୍ ବିଲଡିଙ୍ଗ୍, ବାଉଣ୍ଡ୍ରି ୱାଲ୍ ପୂର୍ଣ୍ଣାଙ୍ଗ କରିବାରେ ଲାଗିଛି । ମାତ୍ର, ଆପଣ ଯେଉଁ ଚିଠି ଦେଇଛନ୍ତି, ଆଉ କାମ ଆଗେଇ ପାରିବ ନାହିଁ'' ।

କିଛି ନ ଲୁଚାଇ ସ୍ପଷ୍ଟ ଭାବରେ କହିଦେଲି, ''ମୁଁ ସମସ୍ତ ଘଟଣା ଜାଣି ଯାଇଛି । ଚିଠି ମଧ୍ୟ ପଢ଼ି ସାରିଛି'' ।

ଜିଲ୍ଲାପାଳ ମୋ' ମୁହଁକୁ ପ୍ରଶ୍ନବାଚୀ ଦୃଷ୍ଟିରେ ଅନାଇଲେ । ସେ ଗମ୍ଭୀର ହୋଇଗଲେ ।

କିଛିକ୍ଷଣ ପରେ କହିଲେ, ''ସରକାର ତାଙ୍କର...'' ।

ଜିଲ୍ଲାପାଳଙ୍କ ମନରେ ଶଙ୍କା ରହିଯାଇଥାଏ, ସେ କିଛି ବର୍ଷ ତଳେ ଧର୍ମଗଡ ଏସ୍.ଡି.ଓ. ଥିବା ସମୟରେ ଜଣେ ବିଧାୟକ ସରକାରଙ୍କଠୁ ପ୍ରେସ୍ ପାଇଁ ଋଣ ନେଇ ଟଙ୍କା ପରିଶୋଧ ନ କରିବା ଫଳରେ ତାଙ୍କ ନାମରେ ସାର୍ଟିଫିକେଟ୍ କେସ୍ ହେଲା ।

ଜଣେ ବିଧାୟକଙ୍କ ପ୍ରତି ଧର୍ମଗଡ ଏସ.ଡି.ଓ.ଙ୍କ କାର୍ଯ୍ୟ ଯଥାର୍ଥ ହୋଇ ନାହିଁ । ତେଣୁ ଏହା ତାଙ୍କ ସମ୍ମାନରେ ଆଞ୍ଚ ଆଣିଛି ।

ତେଣୁ ଏସ୍.ଡି.ଓ. ସ୍ୱାଭିମାନ ହନନ ଦୋଷରେ ଦୋଷୀ ସାବ୍ୟସ୍ତ ହୋଇଥିଲେ । ବିଧାନସଭାଗୃହରେ ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ହୋଇଥିଲା ଓ ସେ କ୍ଷମା ମାଗିଥିଲେ

ଓଡିଶା ବିଧାନସଭା ଇତିହାସରେ ସେ ହିଁ ଜଣେ ଆଇ.ଏ.ଏସ୍. ଅଫିସର୍ କ୍ଷମା ମାଗିଥିଲେ ।

ତେଣୁ ସେ ଆଜି ସତର୍କ ହୋଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି । ଜିଲ୍ଲାପାଳ ମଧ୍ୟ ସ୍ପଷ୍ଟ ଜାଣିଛନ୍ତି, ଚିଠି ବଳରେ ଷ୍ଟାଡିୟମ୍ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରିବ ନାହିଁ ।

Source: Author, Digitized by PPRACHIN, SOA

କଲେକ୍ଟର୍ ମହାଶୟ ମଧ୍ୟ ପରିସ୍ଥିତିର ଗୁରୁତ୍ୱ ଉପଲବ୍ଧି କରିପାରି ନୀରବ ହୋଇ ବସି ରହି ମୋ' ମୁହଁକୁ ଅନାଇ ରହିଲେ ।

ମୁଁ ତାଙ୍କୁ ଅନୁରୋଧ କଲି, ''ଆପଣ ମୋତେ ଏହିଭଳି ଅଫିସିଆଲ୍ ଚିଠି ଲେଖନ୍ତୁ । ମୁଁ ୧୦ଦିନ ଭିତରେ ବାଉଣ୍ଡ୍ରି ଓ୍ୱାଲ୍ କାମ ଶେଷ କରିଦେବି'' ।

କଲେକ୍ଟର୍ ମୋ' ମୁହଁକୁ ଚାହିଁ ଆଶ୍ଚର୍ଯ୍ୟ ହୋଇ ପ୍ରଶ୍ନ କଲେ, ''ଟଙ୍କା ଅଛି ନା ଖାଲି ଯୋଶ୍‌ରେ କହି ଯାଉଛ''?

''ଟଙ୍କାର ଅଭାବ ପଡିଲେ, ଲୋକଙ୍କ ପାଖରେ ହାତ ପତାଇଲେ ମୋତେ ଆବଶ୍ୟକ ଅର୍ଥ ମିଳିଯିବ । ଏ ପର୍ଯ୍ୟନ୍ତ କୌଣସି କାର୍ଯ୍ୟ ଅଟକି ଯାଇନାହିଁ । ଆପଣ ନିଶ୍ଚିନ୍ତ ରହନ୍ତୁ । ମୁଁ କାମ ଠିକ୍ ସମୟରେ ସାରିଦେବି''।

''ପ୍ରଶାସନ ସହ ଘନିଷ୍ଠତା ଯୋଗୁଁ ଜିଲ୍ଲାର ସ୍ୱାର୍ଥ ଦୃଷ୍ଟିରୁ ବହୁ ପ୍ରଶାସକ ମୋତେ ପୂର୍ଣ୍ଣ ସହଯୋଗ ପ୍ରଦାନ କରିବା ଫଳରେ ଅନେକ କାର୍ଯ୍ୟ କରିବାରେ ସଫଳ ହୋଇଛି'' ।

ସତକୁ ସତ ବାଉଣ୍ଡ୍ରି ଓ୍ୱାଲ୍ ଦ୍ରୁତ ଗତିରେ ଆଗେଇ ଚାଲିଲା । ସରକାରୀ ଚିଠି ମଧ୍ୟ ମୋ' ପାଖକୁ ଆସୁଥାଏ, କାମ ବନ୍ଦ କରିବା ପାଇଁ । ମାତ୍ର, ଦ୍ୱିଗୁଣିତ ଉତ୍ସାହରେ ମୁଁ କାମକୁ ଆଗେଇ ନେଉଥାଏ । କାମ ଦ୍ରୁତ ଗତିରେ ଆଗେଇ ଚାଲିଥାଏ । ଅର୍ଥ ସଂଗ୍ରହ କରି କାମକୁ ପୂର୍ଣ୍ଣାଙ୍ଗ କରିବା ପାଇଁ ଲାଗିଯାଇଥାଏ ଦିନରାତି ସମାନ କରି ।

କିଛିଦିନ ବିତିଗଲା ପରେ ହଠାତ୍ କଲେକ୍ଟରଙ୍କ ବଦଳି ଆଦେଶ ଆସିଗଲା । ଏସୋସିଏସନ୍‌ର ସଭାପତି ହିସାବରେ କଲେକ୍ଟରଙ୍କୁ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କଲୁ ।

ସେ ତାଙ୍କ ବିଦାୟ ସମ୍ବର୍ଦ୍ଧନାର ଉତ୍ତରରେ କହିଲେ, ''ଷ୍ଟାଡିୟମର ଏଥିଲେଟିକ୍ ଏସୋସିଏସନ୍‌ର ସଭାପତି ହିସାବରେ ଷ୍ଟାଡିୟମ୍‌ରେ ଫୁଟବଲ୍ ଖେଳ ସମୟରେ ଅନେକ ଲୋକଙ୍କୁ ଭେଟିବାର ସୁଯୋଗ ପାଇଛି । ସେମାନଙ୍କଠୁ ଜିଲ୍ଲାର ଅନେକ କଥା ଜାଣି ପାରିଛି । ମୋ' ପାଇଁ ଷ୍ଟାଡିୟମ୍ ଥିଲା ଏକ ମାଧ୍ୟମ । କୋହଭରା ହୃଦୟରେ ସେ ପୁଣି କହିଲେ, ଷ୍ଟାଡିୟମ୍‌ର ସମ୍ମୁଖ ଅଂଶ ଷ୍ଟାଡିୟମ୍ ପାଇଁ ଅତି ଗୁରୁତ୍ୱପୂର୍ଣ୍ଣ । ଏହି ସ୍ଥାନ ଖଣ୍ଡିକ ଷ୍ଟାଡିୟମ ହସ୍ତରେ ନ ରହିଲେ ତାହା ଶ୍ରୀହୀନ ହୋଇଯିବ । ତେଣୁ ତାର ସୁରକ୍ଷା ଦାୟିତ୍ୱ ତୁମ ମାନଙ୍କର'' ।

କଲେକ୍ଟର ବିଦାୟ ନେଇଗଲେ । ମାତ୍ର, ତାଙ୍କ ବିଦାୟ କାଳୀନ ମନ୍ତବ୍ୟ ସଭିଙ୍କ ହୃଦୟକୁ ସ୍ପର୍ଶ କରି ଯାଇଥାଏ ।

ସଭ୍ୟମାନେ ମୋତେ ପ୍ରଶ୍ନ କରୁଥାନ୍ତି, ''କଲେକ୍ଟର୍ ଷ୍ଟାଡିୟମ୍ ସମ୍ମୁଖ ପ୍ଲଟ୍ ପାଇଁ ଏମିତି ଇମୋସନାଲ୍ ହେଲେ କାହିଁକି''?

Source: Author, Digitized by PPRACHIN, SOA

ମୁଁ କିଛି ନ କହି, ତା' ଆରଦିନ ଦୁଇଜଣ ସଭ୍ୟଙ୍କୁ ନେଇ ସେହି ଚିଠି ଦେଖାଇଲି । ସେମାନେ ମଧ୍ୟ ଚିଠି ପଢ଼ି ଆଶ୍ଚର୍ଯ୍ୟ ହେଲେ ।

ଲୋକ ପ୍ରତିନିଧିମାନେ ଲୋକଙ୍କ ପ୍ରଭାବରେ ପଡି ଅନେକ ସମୟରେ ଅନିଚ୍ଛା ସତ୍ତ୍ୱେ ବାଧ୍ୟ ହୋଇ ଏହିଭଳି ଅପ୍ରୀତିକର କାମ କରି ଦେଇଥାନ୍ତି । ଯେଉଁମାନେ ନେତୃତ୍ୱ ନେଉଥାନ୍ତି ଦେଶର, ଜାତିର ଅବା ଅନୁଷ୍ଠାନ ପାଇଁ ସେମାନେ ପ୍ରକୃତ ସମସ୍ୟାକୁ ବୁଝିବା ଏବଂ ଅନ୍ୟର ଶ୍ରଦ୍ଧାଭାଜନ ହୋଇପାରିବା ଭଳି କାର୍ଯ୍ୟ କରିବା ଆବଶ୍ୟକ । ନଚେତ୍ ଭଲ କରୁକରୁ ଶେଷରେ ତାହା ଭେଲ ହୋଇଯାଇଥାଏ ।

ଆଜି ରାଜନେତାମାନେ ବ୍ୟକ୍ତି ସ୍ୱାର୍ଥ ଅପେକ୍ଷା ସମୂହ ସ୍ୱାର୍ଥ ପ୍ରତି ପ୍ରାଧାନ୍ୟ ଦେଉ ନଥିବା ଯୋଗୁଁ ଅନେକ କ୍ଷେତ୍ରରେ ଅଶାନ୍ତି, ଅସନ୍ତୋଷ ବୃଦ୍ଧି ପାଉଛି । ସମାଜରେ ଦୁଃଖ, କଷ୍ଟ, ରୋଗ, ଶୋକ, ଦାରିଦ୍ର୍ୟ, କୁସଂସ୍କାର ଭରି ରହିଛି । ଲୋକେ ଦୁଃଖରେ କାଳାତିପାତ କରୁଛନ୍ତି । ସେମାନଙ୍କ ପାଖକୁ ଯାଇ ତାଙ୍କ ଦୁଃଖରେ ଭାଗୀଦାର ହୋଇ ତାର ନିରାକରଣ ପାଇଁ ଉଦ୍ୟମ କରିବାକୁ ପଡିବ । ସେତକ ହୋଇପାରିଲେ ସମାଜରେ ଅନେକ ପରିବର୍ତ୍ତନ ଘଟିପାରିବ ।

ରାଜନେତାମାନେ ଦିନରାତି ରାଜନୀତିରେ ବ୍ୟସ୍ତ ରହିବା ଫଳରେ ସେମାନଙ୍କ ମନରୁ ଗଠନମୂଳକ ମନୋଭାବ ଦୂରେଇ ଯାଇଛି । ଏହା ସେମାନଙ୍କ କ୍ଷତି ସହିତ ସମାଜର ମଧ୍ୟ ଅନେକ କ୍ଷତି ଘଟାଉଅଛି ।

ଷ୍ଟାଡିୟମ୍ ପୂର୍ଣ୍ଣାଙ୍ଗ ହେବା ପାଇଁ ଯାଉଛି । ତେଣୁ ତାର ଉଦ୍‌ଘାଟନ ପାଇଁ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଲାଲବାହାଦୂର ଶାସ୍ତ୍ରୀଙ୍କ ସହଧର୍ମିଣୀ ଶ୍ରୀମତୀ ଲଳିତା ଶାସ୍ତ୍ରୀଙ୍କୁ ଅନୁରୋଧ କରିବା ପାଇଁ ସ୍ଥିର ହେଲା । ଯଥାସମୟରେ ମୋ'ର ଅନୁରୋଧ ପତ୍ର ଦିଲ୍ଲୀ ଠିକଣାରେ ପଠାଇଦେଲି । ପରେ ଉତ୍ତର ମିଳିଲା ।

''ଆପଣଙ୍କ ଚିଠି ପାଇ ବହୁତ ଖୁସିହେଲି । ମୋ' ସ୍ୱାମୀଙ୍କ ନାମରେ ଆପଣମାନେ ଏକ ଷ୍ଟାଡିୟମ୍ ନିର୍ମାଣ କରିଥିବା ପ୍ରସଙ୍ଗ ମୋତେ ବହୁତ ଆନନ୍ଦ ପ୍ରଦାନ କଲା । ମାତ୍ର, ମୋ'ର ଶାରୀରିକ ଦୁର୍ବଳତା ଯୋଗୁଁ ଏତେ ଦୂର ଯାଇ ଉଦ୍‌ଘାଟନ ଉତ୍ସବରେ ଯୋଗ ଦେବା ପାଇଁ ସମ୍ଭବ ହେବ ନାହିଁ । ସେଥିପାଇଁ ମୁଁ ଦୁଃଖିତ । ଆପଣମାନଙ୍କ କାର୍ଯ୍ୟ ପାଇଁ ଓ ଆପଣମାନଙ୍କ ଉତ୍ସାହ ପାଇଁ ମୋ'ର ସମସ୍ତ ଆଶୀର୍ବାଦ ରହିଲା'' ।

ପ୍ରତ୍ୟେକ କାର୍ଯ୍ୟରେ ଆରମ୍ଭ ବେଳର ଆଗ୍ରହ ଓ ଉତ୍ସାହ ଧୀରେ ଧୀରେ ପର ମୁହୂର୍ତ୍ତ ବେଳକୁ ଆଉ ନ ଥାଏ । ତେଣୁ ଅନେକ କାର୍ଯ୍ୟ ଧିମେଇ ଯାଇଥାଏ ଏବଂ ଅନେକ ମଧ୍ୟ ବିଫଳ ହୋଇଥାନ୍ତି । ମାତ୍ର, ମୁଁ ଯେଉଁ କାର୍ଯ୍ୟରେ ଲାଗିଥିଲେ ମଧ୍ୟ ମନପ୍ରାଣ ଦେଇ ଆନ୍ତରିକତା ସହ ତାକୁ କାର୍ଯ୍ୟକାରୀ କରିଥାଏ । ତେଣୁ ତାହା ପୂର୍ଣ୍ଣାଙ୍ଗ

Source: Author, Digitized by PPRACHIN, SOA

କରିବାରେ ସଫଳ ହୋଇଥାଏ ।

ଲୋକେ ମଧ୍ୟ ଚାନ୍ଦା ଦେବା ପାଇଁ ଆଗ୍ରହ ପ୍ରକାଶ କରି ନିଜ ନାମରେ ଚାନ୍ଦାର ପ୍ରତିଶ୍ରୁତି ଲେଖାଇ ଦିଅନ୍ତି । ମାତ୍ର, ଦେବାବେଳକୁ ଟାଳଟୁଳ କରନ୍ତି । ଏହିଭଳି ଲୋକଙ୍କ ଦାୟିତ୍ୱ ଜ୍ଞାନ, କର୍ତ୍ତବ୍ୟ ଜ୍ଞାନ ମନ୍ଥର । ମୁଁ ଏହିଭଳି ଅବସ୍ଥାର ମଧ୍ୟ ସମ୍ମୁଖୀନ ହୋଇଛି ।

ମୁଁ ମୂଳରୁ ରସିଦ ବହି ଛପାଇ ନେଇଥାଏ । ବିଶେଷତଃ, ସାଧାରଣ ଲୋକହିତକର କାର୍ଯ୍ୟମାନଙ୍କରେ ଟଙ୍କା ହିସାବ ରଖିବା ପାଇଁ ରସିଦ ବହି ଛପାଇ ନେବା ଉଚିତ । କେତେ ବହି ଛପାହେଲା, ତାର ମଧ୍ୟ ହିସାବ ରହିବା ଉଚିତ । ସଭା ସମିତିର ବିବରଣୀ ମଧ୍ୟ ଲେଖାହେବା ଆବଶ୍ୟକ । ଏହାଦ୍ୱାରା ଶୃଙ୍ଖଳା ରହିବା ସହିତ, ଗତ ଅଧିବେଶନର ବିଷୟବସ୍ତୁର ଆଲୋଚନା ମଧ୍ୟ ଜଣା ପଡିଯିବ । ଜମା ଟଙ୍କାକୁ ଡାକ ଘରେ ଅବା ବ୍ୟାଙ୍କ୍‌ରେ ଗଚ୍ଛିତ ରଖିବା ଆବଶ୍ୟକ । ପ୍ରତ୍ୟେକ ଅନୁଷ୍ଠାନ ଖର୍ଚ୍ଚବାର୍ଚ୍ଚ ପାଇଁ ତୀକ୍ଷ୍ଣ ଦୃଷ୍ଟି ଦେବା ଆବଶ୍ୟକ । ଅନେକ ଏହା କରନ୍ତି ନାହିଁ । ଲୋକେ ଟଙ୍କା ଦେଲେ ସେମାନଙ୍କୁ ରସିଦ୍ ଦେବା ଉଚିତ୍ । ଫଳରେ ପ୍ରତ୍ୟେକ ହିସାବ ରହିବ ଏବଂ ଏହା ଆର୍ଥିକ ଶୃଙ୍ଖଳାର ସହାୟକ ହୋଇପାରିବ । ସର୍ବସାଧାରଣ ଅନୁଷ୍ଠାନରେ ହିସାବ କିତାବ ରଖିବା ଅତି ଆବଶ୍ୟକ । ସେଥିରେ ଲୋକଙ୍କ ବିଶ୍ୱାସ ଜନ୍ମିଥାଏ । ଉପଯୁକ୍ତ ହିସାବ କିତାବ ବିନା ନିର୍ମଳ ଭାବନା ଏବଂ କାର୍ଯ୍ୟ କରିବା ବିଶ୍ୱାସ ସୃଷ୍ଟିହେବା ସମ୍ଭବ ନୁହେଁ ।

ଯାହାର ଭାବନା ଯେମିତି ତାର ଫଳ ମଧ୍ୟ ସେମିତି ହୋଇଥାଏ । ତେଣୁ ମୁଁ ସଦାବେଳେ ଆର୍ଥିକ ଶୃଙ୍ଖଳା ପ୍ରତି ସଚେତନ ରହି ମୋ'ର କର୍ତ୍ତବ୍ୟ କରି ଚାଲିଥାଏ । ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ମୁଁ ମୋ'ର କର୍ତ୍ତବ୍ୟ ପଥରେ ଆଗେଇ ଚାଲିଥାଏ । ପ୍ରତିକୂଳ ପରିସ୍ଥିତି ହିଁ ମୋତେ ଆଗକୁ ବଢ଼ିବା ପାଇଁ ମନରେ ଦମ୍ଭ ଏବଂ ଦୃଢ଼ ବିଶ୍ୱାସ ସୃଷ୍ଟି କରିଥିଲା ।

ମଣିଷର ଆଚରଣ ତାର ସଂକଳ୍ପରୁ ହିଁ ସୃଷ୍ଟି ହୋଇଥାଏ । ସଂକଳ୍ପ ପ୍ରଥମେ ମନରେ ହିଁ ସୃଷ୍ଟି ହୋଇଥାଏ । ତେଣୁ ମନକୁ କୌଣସି କ୍ଷେତ୍ରରେ ଉପେକ୍ଷା କରାଯାଇ ପାରିବ ନାହିଁ । ମଣିଷ ଯେଉଁଭଳି କାମନା କରିବ ତାର ସଂକଳ୍ପ ସେହିଭଳି ହେବା ଉଚିତ । ଯେପରି ସଂକଳ୍ପ କରିବ ତାର ବିବେକ ସେହିଭଳି କର୍ମ କରିବା ପାଇଁ ପଥ ପ୍ରଦର୍ଶକ ଭାବେ କାର୍ଯ୍ୟ କରିବ । ସେହିଭଳି ଚିନ୍ତାଧାରାରେ କାର୍ଯ୍ୟ ହେଲେ ବିଫଳତା ଦେଖାଦେଇ ନ ଥାଏ । ସେଥିରେ ସଫଳତା ହିଁ ଦେଖା ଦେଇଥାଏ ।

ଷ୍ଟାଡିୟମର ବାଉଣ୍ଡ୍ରି ୱାଲ୍ ଏବଂ ବିଲଡିଙ୍ଗ୍ ନିର୍ମାଣର ଯେଉଁ କାର୍ଯ୍ୟକ୍ରମ ଆମେ ହାତକୁ ନେଇଥିଲୁ ତାହା ପୂରଣ ହେଲା । ତେଣୁ ମୋ' ମନରେ ଏକପ୍ରକାର ଆନନ୍ଦ ଖେଳି ଯାଇଥାଏ । ବହୁ ପ୍ରତିବନ୍ଧକକୁ ଆଡେଇ ଆଜି ଆମେ ଆମ କାର୍ଯ୍ୟ ଶେଷ କରି

Source: Author, Digitized by PPRACHIN, SOA

ପାରିଛୁ । ପରବର୍ତ୍ତୀ କାର୍ଯ୍ୟ ଅନ୍ୟ ପିଢ଼ିଙ୍କୁ ଅର୍ପଣ କରାଯିବ । ସର୍ବସାଧାରଣ ଅନୁଷ୍ଠାନରେ ପଦବୀ ଦୃଷ୍ଟିରୁ ଜଣେ ଦୀର୍ଘଦିନ ମାଡିବସିବା ମୋ' ମତରେ ଠିକ୍ ନୁହେଁ । ତେଣୁ ମୁଁ ଯଥାସମୟରେ ଅନ୍ୟମାନଙ୍କୁ ଦାୟିତ୍ୱ ଦେଇ ବିଦାୟ ନେଇଯିବା ଠିକ୍ ମନେ କଲି ।

ମୋ' ମନରେ ଏକ ପ୍ରକାର ଆନନ୍ଦ ଉଲ୍ଲାସ ଖେଳି ଯାଇଥାଏ । ଷ୍ଟାଡିୟମ୍ ଛାତ ଉପରେ ଏକୁଟିଆ ବସିରହି ନୀଳଆକାଶକୁ ନିର୍ନିମେଷ ନୟନରେ ନିରୀକ୍ଷଣ କରୁଥାଏ । ଆକାଶରେ ବିଭିନ୍ନ ପକ୍ଷୀ ନିଜ ନିଜ ନୀଡକୁ ଫେରି ଆସୁଥାନ୍ତି । ଧୀରେ ଧୀରେ ଆକାଶର ରଙ୍ଗ ମଧ୍ୟ ବଦଳିବାକୁ ଆରମ୍ଭ କଲା ।

ପଶ୍ଚିମାକାଶରେ ସୂର୍ଯ୍ୟାସ୍ତର ସୁନେଲି ଆଭାରେ ଚତୁର୍ଦ୍ଦିଗ ଉଦ୍‌ଭାସିତ ହୋଇ ଅପୂର୍ବ ରଙ୍ଗରେ ଫୁଟି ଉଠିଲା । ପାଖରେ ଥିବା ଗୁଣ୍ଡି ଡଙ୍ଗରର ମେଘ ସୁନେଲି ରଙ୍ଗରେ ଅପୂର୍ବ ଶୋଭା ଧାରଣ କଲା । ସନ୍ଧ୍ୟା ଆଗମନ ପ୍ରାୟ... ଧୀରେ ଧୀରେ ଅନ୍ଧାର ମାଡି ଆସୁଛି । 'ଲାଲବାହାଦୂର ଶାସ୍ତ୍ରୀ ଷ୍ଟାଡିୟମ୍'ର ଖେଳ ପଡିଆଟି ଜନଶୂନ୍ୟ ହୋଇ ଯାଇଥାଏ । ମୁଁ ଏ ଅପୂର୍ବ ପରିବେଶକୁ ଏବଂ ପ୍ରକୃତିର ବିଭିନ୍ନ ରଙ୍ଗର ଛିଟାକୁ ଅପଲକ ନୟନରେ ଅନାଇ ରହିଥାଏ । ଖୋଲା ପ୍ରାଙ୍ଗଣର ସୁଲୁସୁଲିଆ ପବନରେ ମନ ମୋ'ର ମଜ୍ଜି ଯାଇଥାଏ ।

ଭାବାବେଗରେ ମୁଁ ଏମିତି ବସି ରହିଥିବା ସମୟରେ ଜଣେ ବନ୍ଧୁଙ୍କ ଡାକରେ ସଚେତନ ହୋଇ ତଳକୁ ଓହ୍ଲାଇ ଆସିଲି ।

ହାଇସ୍କୁଲ, ଡାକ୍ତରଖାନା ପ୍ରତିଷ୍ଠା :

ଅଶିକ୍ଷା, ନିରକ୍ଷରତା, ଦାରିଦ୍ର୍ୟ, ସ୍ୱାସ୍ଥ୍ୟ ସୁବିଧାରୁ ବଞ୍ଚିତ ହେବା ପ୍ରଭୃତି ବିଷୟମାନ ଆମ ଦେଶ ତଥା ରାଜ୍ୟ ପାଇଁ ପ୍ରଧାନ ସମସ୍ୟା । ଦେଶ ସ୍ୱାଧୀନତା ପାଇଲା ପରେ ଦେଶର ବିକାଶ ପାଇଁ ଯୋଜନା ପ୍ରଣୟନ ହୋଇ କାର୍ଯ୍ୟାରମ୍ଭ ହେଲା । ସ୍ୱେଚ୍ଛାସେବୀ ମାନେ ମଧ୍ୟ ଜାତୀୟ ଭାବନାରେ ଉଦ୍‌ବୁଦ୍ଧ ହୋଇ ଦେଶ ଗଠନରେ ସହଯୋଗର ହାତ ବଢ଼ାଇଲେ । ଦେଶର ବିକାଶରେ ଭାଗିଦାର ହେବା ପାଇଁ ଆମ ରାଜ୍ୟ ଓଡିଶା କୌଣସି କ୍ଷେତ୍ରରେ ପଛେଇ ଯାଇନାହିଁ । ଓଡିଶାର ସବୁଠାରୁ ପଛୁଆ ଅଞ୍ଚଳ କଳାହାଣ୍ଡି ଜିଲ୍ଲା ଶିକ୍ଷା କ୍ଷେତ୍ରରେ ବହୁ ପଛରେ ପଡିଯାଇଛି । 'କୋଠାରି କମିଶନ' ମଧ୍ୟ ତାଙ୍କ ରିପୋର୍ଟରେ ଦର୍ଶାଇଛନ୍ତି, କଳାହାଣ୍ଡି ଶିକ୍ଷା କ୍ଷେତ୍ରରେ ସମଗ୍ର ଦେଶରେ ସବୁଠୁ ପଛରେ ପଡିରହିଛି । ୧୯୬୫-୬୬ ମସିହା ସୁଦ୍ଧା ସାକ୍ଷରତା ହାର ମାତ୍ର ଛଅ ପ୍ରତିଶତ । ସ୍ୱାସ୍ଥ୍ୟ କ୍ଷେତ୍ରରେ ମଧ୍ୟ ଓଡିଶା ବହୁ ପଛରେ ପଡି ରହିଛି ।

ସ୍ୱାଧୀନତା ପରେ କଳାହାଣ୍ଡି ଜିଲ୍ଲାରେ ଲୋକଙ୍କ ଭିତରେ ଶିକ୍ଷାର ପ୍ରସାର ପାଇଁ

Source: Author, Digitized by PPRACHIN, SOA

ନବଜାଗରଣ ସୃଷ୍ଟି ହେଲା । ଗ୍ରାମାଞ୍ଚଳରେ ଶିକ୍ଷାର ପ୍ରସାର ପାଇଁ ଉଦ୍ୟମ ଜାରି ରହିଲା । ଗରିବ ଘରର ପିଲାମାନେ ଘରେ ଗଣ୍ଡିଏ ଖାଇ ସ୍କୁଲ ଯାଇ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ପାସ୍ କରି ହାଇସ୍କୁଲ୍ ଶିକ୍ଷା ପୂର୍ଣ୍ଣାଙ୍ଗ କରିପାରିବେ । ତେଣୁ ଗ୍ରାମାଞ୍ଚଳମାନଙ୍କରେ ଏମ୍.ଇ. ସ୍କୁଲ୍ ପ୍ରଥମେ ପ୍ରତିଷ୍ଠିତ ହେଲା । ଚାରବାହାଲ ଏମ୍.ଇ. ସ୍କୁଲ୍ ପ୍ରତିଷ୍ଠିତ ହେଲାପରେ ମହିଚ଼ଲା ସ୍କୁଲ, ଶୋଷିଆ ସ୍କୁଲ, ମଥୁରା, ଚିଚୈଗୁଡା ସ୍କୁଲ୍ ସବୁ ପ୍ରତିଷ୍ଠିତ ହେଲା ।

ଏହିଭଳି ଜନସାଧାରଣଙ୍କ ଉଦ୍ୟମରେ ଶହ ଶହ ସ୍କୁଲ୍ ପ୍ରତିଷ୍ଠିତ ହେଲା । ଲୋକେ ସ୍ୱତଃ ପ୍ରବୃତ୍ତ ହୋଇ ଜମି, ଅର୍ଥ ପ୍ରଦାନ କରି ଏପରିକି ସ୍ୱେଚ୍ଛାରେ ଶିକ୍ଷକତା କରି ଅନୁଷ୍ଠାନ ସବୁ ଗଢ଼ି ଚାଲିଲେ । ତାର କିଛି ବର୍ଷ ପରେ ହାଇସ୍କୁଲ୍‌ମାନ ମଧ୍ୟ ପ୍ରତିଷ୍ଠିତ ହେଲା । ଚାରବାହାଲ ହାଇସ୍କୁଲ୍ ପ୍ରତିଷ୍ଠିତ ହେଲାପରେ ମହିଚଲା ସ୍କୁଲ୍, ଶୋଷିଆ ସ୍କୁଲ୍, ମଥୁରା, ଚିଚୈଗୁଡାରେ ମଧ୍ୟ ହାଇସ୍କୁଲ୍ ପ୍ରତିଷ୍ଠିତ ହେଲା ।

ଏହିଭଳି ଗ୍ରାମାଞ୍ଚଳରେ ଏକ ଶୈକ୍ଷିକ ବାତାବରଣ ସୃଷ୍ଟି ହୋଇ ଶିକ୍ଷା କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଦେଖାଦେଲା । କଳାହାଣ୍ଡି ଜିଲ୍ଲାରେ ଏମ.ଇ. ସ୍କୁଲ, ହାଇସ୍କୁଲ୍ ପ୍ରତିଷ୍ଠା କରିବାରେ ଲୋକେ ସ୍ୱତଃ ପ୍ରବୃତ୍ତ ହୋଇ ଜମି, ଅର୍ଥ ପ୍ରଦାନକରି ସ୍କୁଲଗୃହ ମଧ୍ୟ ନିର୍ମାଣ କଲେ । ସରକାରଙ୍କଠୁ ଆର୍ଥିକ ସହାୟତା ନ ମିଳିବା ପର୍ଯ୍ୟନ୍ତ ଶିକ୍ଷକମାନଙ୍କ ଦରମା ମଧ୍ୟ ହାଇସ୍କୁଲ୍ କମିଟି ପ୍ରଦାନ କଲେ । ଲୋକଙ୍କ ସ୍ୱତଃପ୍ରବୃତ୍ତ ଅର୍ଥ, ଜମି, ଶ୍ରମ ଦାନରେ କଳାହାଣ୍ଡି ଜିଲ୍ଲାରେ ଶିକ୍ଷା କ୍ଷେତ୍ରରେ ଏକ ନବଜାଗରଣ ସୃଷ୍ଟିହେଲା ।

ସ୍ୱାଧୀନତା ପୂର୍ବରୁ କଳାହାଣ୍ଡିରେ ୫ଟି ଏମ୍.ଇ. ସ୍କୁଲ୍ ଓ ଭବାନୀପାଟଣାରେ ବି.ଏମ୍. ହାଇସ୍କୁଲ୍ ଏବଂ ପରେ ଖଡିଆଳ ରାଜା ଏ.ଟି. ହାଇସ୍କୁଲ୍ ପ୍ରତିଷ୍ଠିତ ହୋଇଥିଲା । ଶିକ୍ଷା କ୍ଷେତ୍ରରେ ନୂତନ ଉତ୍ସାହ ଫଳରେ କଳାହାଣ୍ଡି ଜିଲ୍ଲାରେ ଚାରିଶହ ଏମ୍.ଇ. ସ୍କୁଲ ଏବଂ ସହସ୍ରାଧିକ ହାଇସ୍କୁଲ୍ ପ୍ରତିଷ୍ଠା ହେବା କମ୍ ଗୌରବ କଥା ନୁହେଁ ।

ଗ୍ରାମାଞ୍ଚଳର ବିକାଶ ପାଇଁ ଶିକ୍ଷାର ବିକାଶ ଅତି ଆବଶ୍ୟକ । ଆମ ବାପା, ବଡବାପା ହାରିକାଙ୍କଦ୍ୱାରା ଏମ୍.ଇ. ସ୍କୁଲ୍ ପ୍ରତିଷ୍ଠା ପରେ ସମୟର ଆବଶ୍ୟକତା ଦୃଷ୍ଟିରୁ ହାଇସ୍କୁଲ୍ ପ୍ରତିଷ୍ଠା ଅପରିହାର୍ଯ୍ୟ ହୋଇପଡିଲା । ତେଣୁ ଜନସାଧାରଣଙ୍କ ମିଳିତ ଉଦ୍ୟମରେ ମହିଚଲାର 'ଅଖିଳଚନ୍ଦ୍ର କ୍ଲବ' ଗୃହରେ ସମସ୍ତେ ସମବେତ ହୋଇ ଏ ଦିଗରେ ଉଦ୍ୟମ ଆରମ୍ଭ କରିଦେଲେ । ଦୀର୍ଘ ଆଲୋଚନା ପରେ ସ୍କୁଲ ଗୃହର ନାମକରଣ 'ବାଲାଜୀ ଉଚ୍ଚ ବିଦ୍ୟାପୀଠ' ରଖାଗଲା । ବାଲାଜୀ ହେଉଛନ୍ତି ମୋ'ର ଅଜାଙ୍କ ବାପା । ଏହି ସ୍କୁଲ କମିଟିରେ ରାଜକିଶୋର ବେହେରା ସଭାପତି ଏବଂ ମୁଁ ସଂପାଦକ ରୂପେ ନିର୍ବାଚିତ ହେଲୁ । ହରେକୃଷ୍ଣ ବେହେରାଙ୍କ ସହଧର୍ମିଣୀ ଶ୍ରୀମତୀ ସ୍ୱର୍ଣ୍ଣଲତା ଦେବୀ, ତାଙ୍କ ନାମରେ ଥିବା ଜମି ସ୍କୁଲଗୃହ ନିର୍ମାଣ ପାଇଁ ପ୍ରଦାନକଲେ । ଜମିର ମଧ୍ୟ ରେଜିଷ୍ଟ୍ରେସନ୍

Source: Author, Digitized by PPRACHIN, SOA

ହୋଇଗଲା । ପରେ ପ୍ରତିଶ୍ରୁତି ଦେଇଥିବା ଟଙ୍କା ସଂଗ୍ରହ କରାଯାଇ ସ୍କୁଲ୍‌ର ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ ହେଲା । ଆତ୍ମବିଶ୍ୱାସ ସହ କାର୍ଯ୍ୟକଲେ କାର୍ଯ୍ୟ ସଫଳ ହୋଇଥାଏ । ପୁରୁଷୋତ୍ତମ ସିଂହଙ୍କୁ ପ୍ରଧାନ ଶିକ୍ଷକ ରୂପେ ନିଯୁକ୍ତି ପ୍ରଦାନ କରାଗଲା । ସ୍କୁଲ୍ ପରିସରକୁ ସୁନ୍ଦର ସବୁଜ କରି ରଖିବା ପାଇଁ ମୁଁ ମୂଳରୁ ଉଦ୍ୟମ କରିଥିଲି । ତେଣୁ କାଜୁ ଗଛ ଲଗାଯାଇ ସ୍କୁଲ୍‌ର ୱାଚ୍ ମ୍ୟାନ୍ ରୂପେ ଗ୍ରାମର ଜଣେ ଯୁବକ ଲୋଚନକୁ ନିଯୁକ୍ତି ଦେଇ ଗଛ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବା ପାଇଁ ତାଗିଦ୍ କରି ଦିଆଗଲା । ପ୍ରାଥମିକ ଅବସ୍ଥାରେ ଗଛରେ ପାଣି ଦେବା ଫଳରେ ଗଛ ଛନଛନ ହୋଇ ବଢ଼ିଲା । ଆଜି ସେହିଗଛ ବଡ ହୋଇ ସ୍କୁଲ୍‌ର ପରିବେଶକୁ ସୁନ୍ଦର ସବୁଜ କରି ରଖିଛି । ଗଛର ଫଳ ପିଲାମାନଙ୍କ ପ୍ରିୟ ଖାଦ୍ୟରେ ପରିଣତ ହୋଇଛି ।

ଗ୍ରାମବାସୀଙ୍କଠୁ ଅର୍ଥ ସଂଗ୍ରହ କରି ସ୍କୁଲ୍ ଗୃହ ଓ ପାଚେରୀ କାମ ଆରମ୍ଭ ହୋଇଗଲା । ଜଙ୍ଗଲ ବିଭାଗର ଅନୁମତି ନେଇ, ମଦନପୁର-ରାମପୁର ଜଙ୍ଗଲରୁ କାଠ ଆଣି ସେଠି କରତ କଳରେ ସାଇଜ୍ କରାଯାଇ ତାକୁ ଟ୍ରକ୍‌ରେ ଲୋଡ୍ କରି ଅଣାଯାଇ ସ୍କୁଲ୍ ଗୃହରେ ବିନିଯୋଗ କରାଗଲା । ସ୍କୁଲ୍ ଗୃହ ଏବଂ ପାଚେରୀ ଯଥାସମୟରେ ସମ୍ପୂର୍ଣ୍ଣ ହେଲା । ମୁଁ ମନ୍ତ୍ରୀ ହେବା ପରେ ଶିକ୍ଷା ବିଭାଗର ଅର୍ଥ ମଞ୍ଜୁର କରାଯାଇ ନୂତନ ବିଲଡିଙ୍ଗ୍ ନିର୍ମାଣ ହେଲା । ଆଦିବାସୀ ବିଭାଗ ତରଫରୁ ମଧ୍ୟ ଗୋଟିଏ ଛାତ୍ରାବାସ ନିର୍ମାଣ କରାଗଲା । ତା.୦୧.୦୭.୭୩ରେ ସ୍କୁଲ ଅଖିଳଚନ୍ଦ୍ର ବେହେରାଙ୍କ ଦ୍ୱାରା ଉଦ୍‌ଘାଟିତ ହେଲା । ସେତେବେଳେ ଉପଶିକ୍ଷା ମନ୍ତ୍ରୀ ଜଗନ୍ନାଥ ପଟ୍ଟନାୟକ ମଧ୍ୟ ଉପସ୍ଥିତ ଥିଲେ । ତା.୧୪.୧୧.୭୪ରେ ସ୍କୁଲଗୃହ ଉଦ୍‌ଘାଟିତ ହୋଇଥିଲା । ୨୪. ୦୩. ୭୪ ରେ ସରକାର ଏହାକୁ ମଞ୍ଜୁର ପ୍ରଦାନ କରିଥିଲେ ।

ଦିନକୁ ଦିନ ସ୍କୁଲ୍‌ରେ ଛାତ୍ରଛାତ୍ରୀଙ୍କ ସଂଖ୍ୟା ବୃଦ୍ଧି ପାଇବାକୁ ଲାଗିଲା । ସ୍କୁଲ୍‌ର ସମସ୍ତ ବିଭାଗର ଶିକ୍ଷକ ନିଯୁକ୍ତି ପାଇଥିଲେ । ତେଣୁ ସ୍କୁଲ୍‌ରେ ଶିକ୍ଷାର ଉପଯୁକ୍ତ ବାତାବରଣ ସୃଷ୍ଟି ହେବା ସହ ପ୍ରତିବର୍ଷ ବାର୍ଷିକ କ୍ରୀଡା ପ୍ରତିଯୋଗିତା, ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହେଲା । ଛାତ୍ରଛାତ୍ରୀମାନଙ୍କ ଶାରୀରିକ ବିକାଶ ସହ ମାନସିକ ବିକାଶ ପ୍ରତି ପ୍ରାଧାନ୍ୟ ଦେବା ଫଳରେ ସେମାନେ ବିଶେଷ ଉପକୃତ ହେଲେ ଏବଂ ଅଭିଭାବକମାନଙ୍କ ମନରେ ସନ୍ତୋଷଭାବ ପ୍ରକାଶ ପାଇଲା ।

ସ୍କୁଲ୍‌ମାନଙ୍କ ମଧ୍ୟରେ ନିୟମିତ ପୁରସ୍କାର ବିତରଣ ଉତ୍ସବ ହେବା ଆବଶ୍ୟକ । ଏହାଦ୍ୱାରା ଛାତ୍ରମାନଙ୍କ ମଧ୍ୟରେ ଛପି ରହିଥିବା ପ୍ରତିଭା ପରିପ୍ରକାଶ ହେବା ପାଇଁ ସୁଯୋଗ ମିଳିଥାଏ । ସ୍କୁଲ୍‌ର ପାଠପଢ଼ା ସହିତ ଶାରୀରିକ ବିକାଶ ପ୍ରତି ମଧ୍ୟ ପ୍ରାଧାନ୍ୟ ଦେବା ଆବଶ୍ୟକ । ପ୍ରତ୍ୟେକ ହାଇସ୍କୁଲ୍‌ର ନିଜର ଖେଳପଡିଆ ରହିବା ଅତି ଆବଶ୍ୟକ ।

Source: Author, Digitized by PPRACHIN, SOA

ତେଣୁ ମୁଁ ମୂଳରୁ ଏଥିପ୍ରତି ଦୃଷ୍ଟିଦେଇ ନିୟମିତ ସ୍କୁଲ୍‌କୁ ଆସି ଶିକ୍ଷକ, ଛାତ୍ରଛାତ୍ରୀମାନଙ୍କ ସହିତ ମିଶି ସେମାନଙ୍କୁ ନିଜ ନିଜ କର୍ତ୍ତବ୍ୟ ପ୍ରତି ସଚେତନ କରିଦେବା ଫଳରେ ଶିକ୍ଷକମାନେ ମଧ୍ୟ ଉତ୍ସାହିତ ହୋଇ ଆଗ୍ରହର ସହିତ ଅନେକ କାର୍ଯ୍ୟ ସୁଚାରୁ ରୂପେ କରି ଯାଉଥିଲେ ।

ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟ ସେବା ପାଇଁ ଡାକ୍ତରଖାନା ମଧ୍ୟ ପ୍ରତିଷ୍ଠିତ ହେଲା । ଶିକ୍ଷା, ସ୍ୱାସ୍ଥ୍ୟର ସୁବିଧା ହେଲା ପରେ ଲୋକେ ତାଙ୍କ ମୌଳିକ ସମସ୍ୟାର ସୁବିଧା ପାଇ ପାରୁଛନ୍ତି । ଗ୍ରାମରେ ଜଣେ ଡାକ୍ତର ରହିବା ଫଳରେ ଲୋକେ ବହୁ ଭାବରେ ଉପକୃତ ହୋଇପାରୁଛନ୍ତି । ଚାରବାହାଲ ଡାକ୍ତରଖାନା ପ୍ରତିଷ୍ଠା ହେଲାପରେ, ମହିଚଲା ଡାକ୍ତରଖାନା ଖୋଲାଗଲା । ଚାରବାହାଲ ମୋ'ର ନିର୍ବାଚନ ମଣ୍ଡଳୀ ଏବଂ ମହିଚଲା ମୋ'ର ଜନ୍ମଭୂମି । ତେଣୁ ଏ ଉଭୟ ପ୍ରତି ମଧ୍ୟ ମୋ'ର ଦାୟିତ୍ୱ ରହିଛି । ତେଣୁ କିଛି ରାଜନୈତିକ ବ୍ୟକ୍ତି ଏହାକୁ କେନ୍ଦ୍ରକରି ଏକ ଅସନ୍ତୋଷ ବାତାବରଣ ସୃଷ୍ଟିକରି, ମୋ' ବିରୁଦ୍ଧରେ ଅପପ୍ରଚାର କଲେ । ମାତ୍ର, ମୁଁ ଦୃଢ଼ ନିଶ୍ଚିତ ଥାଏ, ଦୁଇ ଗ୍ରାମରେ ଡାକ୍ତରଖାନା ପ୍ରତିଷ୍ଠିତ ହେବ ଏବଂ ଲୋକେ ଉପକୃତ ହେବେ । ପରିଶେଷରେ ତାହା ସମ୍ଭବ ହୋଇଥିଲା । ଆମେ ଯେଉଁମାନେ ରାଜନୀତି ସହିତ ଜଡିତ, ସେ ନେତା ହେଉ ଅବା କର୍ମୀ ହେଉ, ନିଜ ଦଳର ସ୍ୱାର୍ଥ ପାଇଁ ପ୍ରଥମେ ଚିନ୍ତା କରୁ । ସମୂହ ଜନସାଧାରଣ ପ୍ରତି ଆମେ ଆମ ଦାୟିତ୍ୱକୁ ଭୁଲିଯାଉ । ତେଣୁ ପ୍ରତ୍ୟେକ କ୍ଷେତ୍ରରେ ଏହିଭଳି ସଂକୀର୍ଣ୍ଣ ରାଜନୈତିକ ମତରୁ ଊର୍ଦ୍ଧ୍ୱକୁ ଉଠି ନ ପାରିବା ଫଳରେ ଆମର ଗଠନମୂଳକ ଉନ୍ନୟନ କାର୍ଯ୍ୟ ମଧ୍ୟ ବାଧାପ୍ରାପ୍ତ ହୋଇଥାଏ । ମୁଁ ଏହିଭଳି ପରିସ୍ଥିତିର ସମ୍ମୁଖୀନ ହୋଇ ମୋ'ର କର୍ତ୍ତବ୍ୟକୁ ସୁଚାରୁ ରୂପେ ସଂପନ୍ନ କରିପାରିଥିଲି ।

ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟର ସୁବିଧା ଧୀରେ ଧୀରେ ଲୋକଙ୍କୁ ମିଳିଲା । ଗ୍ରାମାଞ୍ଚଳର ଯୁବକମାନଙ୍କୁ କାମରେ ଲଗାଇ ପାରିଲେ ଅନେକ କାର୍ଯ୍ୟ ସହଜ ସାଧ୍ୟ ହୋଇଥାଏ । ତାହା ଗ୍ରାମର ବିକାଶରେ ସହାୟକ ହୋଇଥାଏ ।

--

Source: Author, Digitized by PPRACHIN, SOA

ନବମ ପରିଚ୍ଛେଦ

ଭବାନୀପାଟଣା ପୌର ସଂସ୍ଥାର ନଗରପାଳ

ଭବାନୀପାଟଣା ପୌର ନିର୍ବାଚନରେ ବିଜୟ :

୧୯୭୩ ମସିହାରେ ପୌର ନିର୍ବାଚନ ପାଇଁ ସରକାରଙ୍କ ଘୋଷଣାନାମା ପ୍ରକାଶ ପାଇଲା । ରାଜନୈତିକ ଦଳମାନଙ୍କ ମଧ୍ୟରେ ତତ୍‌ପରତା ବୃଦ୍ଧି ପାଇଲା । କଳାହାଣ୍ଡି ଜିଲ୍ଲାରେ 'ଗଣତନ୍ତ୍ର ପରିଷଦ' ପରେ ପରେ 'ସ୍ୱତନ୍ତ୍ର ଦଳ'ରେ ପରିଣତ ହୋଇ ତାର ଆଧିପତ୍ୟ ବିସ୍ତାର କରି ଚାଲିଥାଏ । ଅତୀତରେ ପୌର ନିର୍ବାଚନରେ କଂଗ୍ରେସ ଦଳ କେବେ ଆଶାଜନକ ସଫଳତା ପାଇ ନ ଥାଏ । ତେଣୁ କଂଗ୍ରେସ ଦଳ ମଧ୍ୟରେ ସେପରି ପ୍ରସ୍ତୁତି ଯୋର ଧରି ନ ଥାଏ । ତଥାପି ଦଳର ପ୍ରାର୍ଥୀ ଚୟନ ହୋଇଗଲା । ମୋତେ କଂଗ୍ରେସ ଦଳ ତରଫରୁ ୱାର୍ଡ଼୍‌ମେମ୍ବର୍ ପାଇଁ ପ୍ରାର୍ଥୀ ଚୟନ କରାଯାଇଥାଏ । ପୂର୍ବରୁ ଦଳୀୟ ପ୍ରାର୍ଥୀ ରୂପେ ମୁଁ କେବେ ନିର୍ବାଚନ ଲଢ଼ି ନାହିଁ ।

ମୋତେ ମୋ' ନିଜ ୱାର୍ଡରେ ନ ଦେଇ ବଜାରପଡାର ୫ ନମ୍ବର ୱାର୍ଡ ତରଫରୁ ପ୍ରାର୍ଥୀ ହେବାପାଇଁ ମନୋନୀତ କରାଗଲା । ମୋତେ ମୋ'ର ୱାର୍ଡ ନଂ.୬ରେ ପ୍ରାର୍ଥୀ କରିବା ପାଇଁ ଦଳକୁ ଅନୁରୋଧ କଲି । ମାତ୍ର, ମୋତେ ଅନ୍ୟ ୱାର୍ଡରେ ପ୍ରାର୍ଥୀ ହେବା ପାଇଁ ସ୍ଥିର ହୋଇସାରିଛି । ତେଣୁ ମୋ'ର ଅନୁରୋଧ ଗ୍ରହଣୀୟ ହେଲା ନାହିଁ । ମୁଁ କିଛି ବୁଝିପାରିଲି ନାହିଁ, ମୋତେ କାହିଁକି ମୋ' ୱାର୍ଡରେ ଦିଆଗଲା ନାହିଁ ?

ଦଳ ମନୋନୀତ ୱାର୍ଡରେ ମୁଁ ନୋମିନେସନ ଫାଇଲ୍ କଲି । ଦିନକୁ ଦିନ ନିର୍ବାଚନ ପ୍ରଚାର ଆରମ୍ଭ ହୋଇଗଲା । ପ୍ରଚାରରେ ସଭିଏଁ ଲାଗିଗଲେ । ସ୍ୱତନ୍ତ୍ର ଦଳ ତରଫରୁ ମାରୱାଡି ସମାଜର 'ଗୁରୁ' ଜଣେ ବୟସ୍କ ସମ୍ମାନନୀୟ ବ୍ୟକ୍ତି ଜଗଜୀବନ ଲାଲ୍ ଶର୍ମା ପ୍ରତିଥର ନିର୍ବାଚିତ ହୋଇ ଆସୁଛନ୍ତି । ସେ ଏଥର ମଧ୍ୟ ମୋ' ବିରୁଦ୍ଧରେ ପ୍ରାର୍ଥୀ ହେଲେ । ସେ ୱାର୍ଡ଼୍‌ରେ ବୁଲି ପ୍ରଚାର କରନ୍ତି ନାହିଁ । ସମସ୍ତେ ତାଙ୍କ ପାଖକୁ ଆସି ତାଙ୍କୁ ଭେଟି ସେମାନଙ୍କ ପୂର୍ଣ୍ଣ ସମର୍ଥନ ଜଣାଇ ଚାଲିଯାଆନ୍ତି । ସେହିଭଳି ଏକ ୱାର୍ଡରେ ମୋ' ଭଳି ଜଣେ ନବାଗତ ତଥା ରାଜନୀତିରେ ଅନଭିଜ୍ଞ ବ୍ୟକ୍ତି ପ୍ରାର୍ଥୀ ହେବା ଏତେ ସହଜ ନୁହେଁ । ବିଶେଷତଃ, ବଜାର ଅଞ୍ଚଳରେ ଅଧିକାଂଶ ମାରୱାଡି ସମାଜର ଲୋକ । ସେମାନେ ସ୍ୱତନ୍ତ୍ର ଦଳର ପ୍ରାର୍ଥୀଙ୍କୁ ଗୁରୁଭଳି ସମ୍ମାନ କରନ୍ତି । ତେଣୁ ସେ ସେହି ୱାର୍ଡରେ ଅନେକବାର

Source: Author, Digitized by PPRACHIN, SOA

ନିର୍ବାଚିତ ହୋଇ ସାରିଛନ୍ତି ।

ନିର୍ବାଚନର ଗତିବିଧି ଦେଖି ମୁଁ ପ୍ରମାଦ ଗଣିଲି । ନିର୍ବାଚନ ପ୍ରଚାର ସମୟରେ ମୁଁ ମଧ୍ୟ ବୟସ୍କ ସମ୍ମାନନୀୟ ବ୍ୟକ୍ତି ହିସାବରେ ମୋ'ର ପ୍ରତିଦ୍ୱନ୍ଦ୍ୱୀଙ୍କ ପାଖକୁ ଯାଇ ସମସ୍ତେ ତାଙ୍କ ପାଖରେ ବସିଥିବା ସମୟରେ ତାଙ୍କୁ ଭେଟି ମୋ'ର ପ୍ରଣାମ ଜଣାଇ କିଛି କଥାବାର୍ତ୍ତା ହୋଇ ଫେରିଆସେ ।

ସେ ମୋତେ ଦେଖି ହସି କହନ୍ତି, ''ଯାଓ ବେଟା ତୁମ୍‌ରା କାମ୍ ମେ ଲଗେ ରହୋ''। ଏତକ କହି ହସି ମୋତେ ଆଶୀର୍ବାଦ କରନ୍ତି ।

ମୋର ୱାର୍ଡ୍‌ର ଶବରପଡାକୁ ସନ୍ଧ୍ୟାରେ ନିର୍ବାଚନ ପ୍ରଚାରରେ ଗଲି । ମୁଁ କଂଗ୍ରେସ ଦଳର ପ୍ରାର୍ଥୀ ହୋଇଥିବା ଜାଣି ସେମାନେ ମୋତେ ଗାଳି କଲେ । ମୋତେ ଧମକ ଦେଲେ ।

''ଇ ଫେର୍ ରାଜା ବିରୁଦ୍ଧରେ ଲଢ଼ବା, ଦେଖମା କେନ୍ତା ଯିତ୍‌ବା'', ଏତକ କହି ମୋତେ ତାଚ୍ଛଲ୍ୟ କଲେ । ''ଯା... ଯା...ଆମେ ତୋକେ ଭୋଟ ନେଇ ଦେଉଁ । ରଜାକେ ନେଇ ଦେମୁଁ ଯେ, ଆରୁ ତୋକେ ଭୋଟ ଦେବୁଁ...''?

କିଛି ଲୋକ ମାତାଲ୍ ହୋଇ କଂଗ୍ରେସ ଲୋକମାନଙ୍କୁ ଗାଳି କଲେ ।

ମୁଁ ବୁଝାଇବା ପାଇଁ ଚେଷ୍ଟା କଲି, ମାତ୍ର, ସେମାନେ ମୋ' କଥା ଶୁଣିବା ଅବସ୍ଥାରେ ନ ଥିଲେ ।

ପରିସ୍ଥିତି ଦେଖି ମୁଁ ଚିନ୍ତିତ ହୋଇପଡ଼ିଲି । ସବୁ ଆଡକୁ ଭାବି ମୋ' ମନ ଅସ୍ଥିର ହୋଇପଡିଲା । ମାରୱାଡ଼ି ସଂପ୍ରଦାୟର ଭୋଟ ମିଳିବା କାଠିକର ପାଠ । ଅନ୍ୟ ପଡାର ଭୋଟ ମଧ୍ୟ ଏତେ ସହଜ ନୁହେଁ । ତେବେ ମୁଁ କେଉଁ ଭୋଟରେ ଜୟଯୁକ୍ତ ହେବି? ଶବରପଡାରୁ ନିରାଶ ହୋଇ ଫେରି ଆସିଲି । ମୋ'ର ଚିନ୍ତା ବଢ଼ି ଚାଲିଥାଏ ।

ସକାଳ ଛଅଟା ବେଳକୁ ଶବରପଡାର ଛଅ, ସାତ ଜଣ ଲୋକ ମୋ' ପାଖକୁ ଆସି ମୋତେ ଡାକିଲେ । ବାହାରକୁ ଆସି ସେମାନଙ୍କୁ ସାକ୍ଷାତ କଲି । ମୋତେ ନମସ୍କାର ଜଣାଇ କହିଲେ, ସେମାନେ ଗତକାଲି ମୋତେ ଗାଳିକରି ଫେରାଇ ଦେଇଥିବା ଯୋଗୁଁ ତାଙ୍କ ପୁଅମାନେ ଏବଂ ତାଙ୍କ ପଡାର ଯୁବକମାନେ ଆମକୁ ଗାଳି କଲେ ।

''ଷ୍ଟାଡିୟମ୍ ସେକ୍ରେଟାରୀ ଆମ ପଡାକୁ ଭୋଟ ପାଇଁ ଆସିଥିଲେ । ତାଙ୍କୁ ତୁମେ ଗାଳି କରିଛ''? ଏତକ କହି ପୁଣି ମୁଣ୍ଡିଆମାରି କହିଲେ, ''ସତ କହୁଛୁ ଆମେ ପିଇ ଦେଇଥିଲୁ । ଷ୍ଟାଡିୟମ୍ ସେକ୍ରେଟାରୀ ଆଜ୍ଞା ଆସିଛନ୍ତି ବୋଲି ଆମେ ଜାଣି ନ ଥିଲୁ । ଆମକୁ ମାଫ୍ କରିଦିଅନ୍ତୁ । ଆପଣ ଛିଡା ହୋଇଛନ୍ତି, ଆମେ ଆପଣଙ୍କୁ ଭୋଟ ଦେବୁ'' ।

ସେମାନେ ଅନୁତପ୍ତ ହୃଦୟରେ ମନର କଥା ଖୋଲି କହିଲେ । ସେମାନଙ୍କୁ ବୁଝାସୁଝା କରି ବିଦାୟ ଦେଲି । ସେମାନେ ସମସ୍ତେ ଷ୍ଟାଡିୟମ୍ କାମ ପାଇଁ ଶଗଡରେ

Source: Author, Digitized by PPRACHIN, SOA

ବାଲି, ଇଟାଭାଟିରୁ ଇଟା ଆଣିବା ପରି ମଜୁରି କାମ କରି ଆସିଛନ୍ତି । ତାଙ୍କ ମଜୁରି ପଇସା ସପ୍ତାହର ମଙ୍ଗଳବାର ଦିନ ନିଶ୍ଚୟ ପାଇ ଯାଉଥିଲେ ।

ସତକୁ ସତ ଷ୍ଟାଡିୟମ୍ ସେକ୍ରେଟାରୀ ନାଁରେ ମୋ'ର ଲୋକଙ୍କ ଉପରେ ଏତେ ପ୍ରଭାବ ପଡିଛି, ସେହିଦିନ ହିଁ ମୁଁ ପ୍ରଥମେ ଜାଣିଲି । ନିଃସ୍ୱାର୍ଥସେବା ଲୋକଙ୍କ ଉପରେ ଅପାର ପ୍ରଭାବ ପକାଇବାରେ କ୍ଷମ ହୋଇଥାଏ । ମୋ' ଦଳର ଅନ୍ୟ ପ୍ରାର୍ଥୀମାନଙ୍କ ପାଇଁ ବିଭିନ୍ନ ୱାର୍ଡ଼କୁ ପ୍ରଚାର ପାଇଁ ଗଲେ, ଷ୍ଟାଡିୟମ୍ ସେକ୍ରେଟାରୀ ହିସାବରେ ମୁଁ ବେଶ୍ ଜଣାଶୁଣା ହୋଇ ଯାଇଥିବା ଅନୁଭବ କଲି ।

ବହୁ ପରିଶ୍ରମ କରି ସହର ତମାମ ପ୍ରଚାର କରି ସଂଗଠନକୁ ସୁଦୃଢ଼ କରି ଚାଲିଥାଏ ।

ନିର୍ଦ୍ଦିଷ୍ଟ ଦିନ ଭୋଟ ହେଲା । ମୁଁ ମୋ'ର ୱାର୍ଡରେ ଇଲେକସନ୍ ଚମ୍ପିୟାନ୍ ହୋଇ ବହୁ ଭୋଟରେ ଜୟଯୁକ୍ତ ହେଲି । ସର୍ବମୋଟ ୧୫ଟି ୱାର୍ଡରୁ କଂଗ୍ରେସ ଦଳ ୭ଟି ୱାର୍ଡରେ ଜୟଯୁକ୍ତ ହେଲା । ୨ଜଣ ସୋସାଲିଷ୍ଟ୍ ପାର୍ଟି ମୂଳରୁ ଆମ ସହିତ ସାମିଲ ହୋଇ ନିର୍ବାଚନ ପରିଚାଳନା କରିଥିଲେ । ସେମାନେ ଜୟଯୁକ୍ତ ହେଲାପରେ ଆମକୁ ସମର୍ଥନ ଜଣାଇଲେ । ନିର୍ବାଚନ ପୂର୍ବରୁ ବୁଝାମଣା ହୋଇଥିଲା ।

ନଗରପାଳ ଦାୟିତ୍ୱ ଗ୍ରହଣ ଓ କେତେକ ସଂସ୍କାରମୁଖୀ କାର୍ଯ୍ୟ :

ସ୍ୱତନ୍ତ୍ର ପାର୍ଟି ଛଅଟି ୱାର୍ଡରେ ଜୟଯୁକ୍ତ ହୋଇ ବିରୋଧୀ ଦଳରେ ରହିଲେ । ୱାର୍ଡ୍ ସଭ୍ୟମାନଙ୍କ ବହୁମତରେ ମୁଁ ନଗରପାଳ ରୂପେ ନିର୍ବାଚିତ ହେଲି । ନିର୍ବାଚନ ସମୟରେ ଦେଇଥିବା ପ୍ରତିଶ୍ରୁତି ସବୁ ପାଳନ କରିବା ପାଇଁ ମୋ'ର ପ୍ରଥମ ଅଧିବେଶନରେ ଘୋଷଣା କଲି । ସହରରେ ଲୋକଙ୍କୁ ପ୍ରଥମେ ପାନୀୟ ଜଳ ଯୋଗାଣର ଆବଶ୍ୟକତାକୁ ଗୁରୁତ୍ୱ ଦିଆଗଲା । ଜଳ ଯୋଗାଣ କାର୍ଯ୍ୟ ବହୁ ବର୍ଷ ଆଗରୁ ସ୍ଥିର ହୋଇଥିଲେ ସୁଦ୍ଧା ତାହା କାର୍ଯ୍ୟକାରୀ ହୋଇପାରି ନ ଥିଲା । ୧୫ ଲକ୍ଷ ଟଙ୍କାର ଯୋଜନା ବଢ଼ି ବଢ଼ି ଆଜି ୪୫ ଲକ୍ଷ ଟଙ୍କାରେ ଆସି ପହଞ୍ଚିଛି । ସମୟ ଅତିବାହିତ ହୋଇ ଚାଲିଥିଲେ ଯୋଜନାର ମୂଳ ଅଟକଳ ମଧ୍ୟ ଜିନିଷପତ୍ରର ମୂଲ୍ୟ ବୃଦ୍ଧି ଦୃଷ୍ଟିରୁ ବୃଦ୍ଧି ପାଇଥାଏ । ଭବାନୀପାଟଣା ସହରରୁ ୧୨ କି.ମି. ଦୂର ଶଗଡା ନଦୀରୁ ଜଳ ଆସି ଭବାନୀପାଟଣା ସହରବାସୀଙ୍କୁ ବିଶୁଦ୍ଧ ପିଇବା ପାଣି ଯୋଗାଇଦେବା ପ୍ରଥମ କାମ ।

ସାଇକେଲ ଟିକସ ଟ.୩ଙ୍କା ଅଛି, ତାହା ଲୋକଙ୍କୁ ବାଧୁଛି । ତେଣୁ ତାକୁ ୫୦ ପଇସା କରିବା ପାଇଁ ଆମେ ନିର୍ବାଚନ ସମୟରେ ଲୋକଙ୍କୁ ପ୍ରତିଶ୍ରୁତି ଦେଇଥିଲୁ । ମ୍ୟୁନିସିପାଲିଟି ହାଇସ୍କୁଲ୍ କୋଠା ନିର୍ମାଣ ହେବ, ସହରରେ ସାଂସ୍କୃତିକ ବିକାଶ ତଥା ସାଧାରଣ ସଭାସମିତି ପାଇଁ ଟାଉନହଲ୍ ଆବଶ୍ୟକ । ତାକୁ ମଧ୍ୟ ପୂରଣ କରିବାକୁ

Source: Author, Digitized by PPRACHIN, SOA

ପଡ଼ିବ । ଟାଉନହଲ୍‌ଟିଏ ସହର ପାଇଁ ଅତି ଆବଶ୍ୟକ । ଏଠାରେ ଲୋକେ ଏକତ୍ର ହୋଇ ସହର ତଥା ଜିଲ୍ଲାର ବିଭିନ୍ନ ସମସ୍ୟାଉପରେ ଆଲୋଚନା କରିଥାନ୍ତି । ସହରର ପ୍ରାଣକେନ୍ଦ୍ର ରୂପେ ଟାଉନହଲ୍ କାର୍ଯ୍ୟ କରିବ । ସର୍ବସାଧାରଣଙ୍କ ପାଇଁ ପାଠାଗାର ମଧ୍ୟ ନାହିଁ । ଯାହା ଥିଲା ତାହା ଧ୍ୱଂସ ପାଇ ଯାଇଛି । 'ହୁଇଲରସ୍ କ୍ଲବ୍'ରେ ବହିପତ୍ର ଯାହାଥିଲା ସମସ୍ତେ ଯିଏ ଯାହା ପାରିଲା ନେଇଗଲେ । ପାଠାଗାର ସହରର ବୌଦ୍ଧିକ ଜୀବନ ପାଇଁ ଅତି ଆବଶ୍ୟକ । ଗୋଟିଏ ସାଂସ୍କୃତିକ ପୀଠର ମଧ୍ୟ ଆବଶ୍ୟକତା ଅଛି, ଯାହା କଳା, ସଂସ୍କୃତିର ଏକ ସାଧନା ପୀଠ ରୂପେ କାର୍ଯ୍ୟ କରିପାରିବ ।

ଆଗରୁ 'କଳାହାଣ୍ଡି ଲେଖକ କଳା ପରିଷଦ', 'ମହାବୀର ସାଂସ୍କୃତିକ ଅନୁଷ୍ଠାନ' ପ୍ରତିଷ୍ଠିତ ହୋଇଯାଇଛି । ସହରର ଗୁଣାତ୍ମକ ବିକାଶ ପାଇଁ ଏସବୁ ଅତି ଆବଶ୍ୟକ । ଖେଳାଳିଙ୍କ ଗୁଣାତ୍ମକ ଖେଳର ବିକାଶ ପାଇଁ ଷ୍ଟାଡିୟମ୍ ଆବଶ୍ୟକ । ଏ ଦିଗରେ ମୁଁ ମୋର କର୍ତ୍ତବ୍ୟ ଯଥାସାଧ୍ୟ ଭାବରେ ସମ୍ପନ୍ନ କରି ଅନେକ କ୍ଷେତ୍ରରେ ସଫଳ ହୋଇଛି । ତଥାପି ଅନେକ କାମ ବାକି ରହିଯାଇଛି ।

ବର୍ତ୍ତମାନ ମୋ' ଉପରେ ସହରର ସର୍ବାଙ୍ଗୀନ ବିକାଶ ପାଇଁ ଏକ ପୂର୍ଣ୍ଣ ସୁଯୋଗ ଅପେକ୍ଷା କରିଛି । ସମସ୍ତ ଦିଗ ପ୍ରତି ଆଖି ରଖି ଏହି ସୁଯୋଗର ସଦ୍‌ବିନିଯୋଗ ପାଇଁ ମୋ'ର ମନ, ପ୍ରାଣ ଦେଇ କାର୍ଯ୍ୟାରମ୍ଭ କଲି ।

ଭୁବନେଶ୍ୱର ଯାଇ ଅର୍ବାନ୍ ଡାଇରେକ୍ଟର୍‌ଙ୍କ ସହ ସାକ୍ଷାତ କରି ପୌରସଂସ୍ଥାର ସମସ୍ୟା ସବୁ ତାଙ୍କ ଦୃଷ୍ଟିକୁ ଆଣିଲି ।

ସେ ମୋତେ ନଗରପାଳ ରୂପେ ଦେଖି ବିସ୍ମିତ ହୋଇ ଅତି ବ୍ୟସ୍ତ ହୋଇ କହିଲେ, ''ଆପଣ ଏତେ କମ୍ ବୟସରେ ଓଡ଼ିଶାର ସବୁଠୁ ଓ୍ୱାର୍ଷ୍ଟ ମ୍ୟୁନିସିପାଲିଟିର ନଗରପାଳ ଦାୟିତ୍ୱ କାହିଁକି ନେଲେ ? ଓଡ଼ିଶାର ସବୁଠୁ ବଦନାମି ମ୍ୟୁନିସିପାଲିଟି ହେଉଛି ଭବାନୀପାଟଣା ମ୍ୟୁନିସିପାଲିଟି । ଆପଣ ତୁରନ୍ତ ଇସ୍ତଫା ଦେଇଦିଅନ୍ତୁ । ଅଯଥା ଏହି ମ୍ୟୁନିସିପାଲ୍‌ଟିର ନଗରପାଳ ହୋଇ ନିନ୍ଦାର ଭାଗିଦାର ହୁଅନ୍ତୁ ନାହିଁ'' ।

ଡାଇରେକ୍ଟର୍‌ଙ୍କଠୁ ଏହିଭଳି ହତାଶ ବାକ୍ୟ ଶୁଣି ମୁଁ ବିବ୍ରତ ହୋଇପଡ଼ିଲି । ତାଙ୍କଠୁ ସାହାଯ୍ୟ ସହଯୋଗ ପାଇ ମ୍ୟୁନିସିପାଲିଟିକୁ ଠିକ୍ ଭାବରେ ଚଳାଇ ପାରିବି ବୋଲି ଆଶା କରି ତାଙ୍କୁ ଭେଟିଥିଲି । ମାତ୍ର, ମୁଁ ଏସବୁ କଣ ଶୁଣୁଛି ? କିଛି ସମୟ ଗୁମ୍ ହୋଇ ତାଙ୍କ ସମ୍ମୁଖ ଚୌକିରେ ବସି ରହିଲି । ମୋ' ମନରେ ଅନେକ ପ୍ରଶ୍ନ ଖେଳିଗଲା ।

ପରେ ମୁଁ ମୋ' ମନକୁ ସ୍ଥିର କରି କହିଲି, ''ଲୋକେ ମୋତେ ବିଶ୍ୱାସରେ ନିର୍ବାଚିତ କରି ନଗରପାଳ ଦାୟିତ୍ୱ ଦେଇ ସାରିଛନ୍ତି । ସେମାନଙ୍କ ବିଶ୍ୱାସ ଭାଜନ ହେବା ପାଇଁ ମୁଁ ଏହି ଚାରିବର୍ଷ ମଧ୍ୟରେ ମ୍ୟୁନିସିପାଲିଟିକୁ ବାଟକୁ ଆଣିବି । ସମସ୍ତ

Source: Author, Digitized by PPRACHIN, SOA

ପଡି ରହିଥିବା କାମକୁ ପୂର୍ଣ୍ଣାଙ୍ଗ କରିବି । ୱାର୍ଷ୍ଟ ମ୍ୟୁନିସିପାଲିଟିକୁ ଓଡିଶାର ବେଷ୍ଟ ମ୍ୟୁନିସିପାଲଟିରେ ପରିଣତ କରିବି'' ।

ମୋ'ଠୁ ଏହିଭଳି ଦୃଢ଼ୋକ୍ତି ଶୁଣି ଡାଇରେକ୍ଟର ମହାଶୟ, ଆଶ୍ଚର୍ଯ୍ୟ ହୋଇ ମୋ' ମୁହଁକୁ ଚାହିଁ ରହିଲେ ।

ମୁଁ ଫେର୍ କହିଲି । ''ଆପଣ ଡାଇରେକ୍ଟର୍ ଥିବେ, ମୁଁ ଭବାନୀପାଟଣା ସହରର ନଗରପାଳ ଥିବି । ମୁଁ ତାକୁ ଶ୍ରେଷ୍ଠ ମ୍ୟୁନିସିପାଲିଟିରେ ପରିଣତ କରିବି । ମୋ'ର କଥା ପ୍ରମାଣ କରିବି । ଆପଣ ତାହା ଦେଖିବେ'' ।

ମୋତେ ଚାହିଁନେଇ ମୁହଁରେ ହସ ଫୁଟାଇ ଡାଇରେକ୍ଟର୍ ମହେଶ ପ୍ରସାଦ ରଥ କହିଲେ, ''ଆତ୍ମବିଶ୍ୱାସ ସହ ଏଭଳି ଦୃଢ଼ୋକ୍ତି ମୁଁ କେବେ କାହାଠୁ ଶୁଣି ନ ଥିଲି । ଆଜି ଆପଣଙ୍କଠୁ ଶୁଣି ମୋ' ମନରେ ବିଶ୍ୱାସ ଆସି ଯାଇଛି । ଆପଣ ପାରିବେ, ନିଶ୍ଚେ ପାରିବେ'' ।

ତାଙ୍କ ଦୀର୍ଘ ଅନୁଭୂତି ମଧ୍ୟରେ ମୋ' ପ୍ରତି ତାଙ୍କ ମନରେ ରହିଥିବା ସନ୍ଦେହ ଦୂର ହେଲା । ମୋ' ସହିତ ବିସ୍ତୃତ ଆଲୋଚନା କରି ଭବାନୀପାଟଣା ସହର ପାଇଁ ଜଳ ଯୋଗାଣ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ସମସ୍ତ ପରାମର୍ଶ ଦେଲେ । ଏଲ୍.ଆଇ.ସି ଲୋନ୍ ଆଣି କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବା ପାଇଁ ପରାମର୍ଶ ଦେଲେ । ନହେଲେ ଖର୍ଚ୍ଚ ଆହୁରି ବଢ଼ିଯିବ । ଅତୀତରେ ମ୍ୟୁନିସିପାଲିଟିର ଅବହେଳା ଯୋଗୁଁ ଲୋକଙ୍କ ମଧ୍ୟରେ ଜଳଯୋଗାଣ କଷ୍ଟ ବୃଦ୍ଧିପାଇ ଚାଲିଛି ।

ମୁଁ ତାଙ୍କୁ ଭରସା ଦେଲି, ଆଗାମୀ କାଉନସିଲ୍ ମିଟିଙ୍ଗରେ ତାକୁ ପାସ୍ କରି ସମସ୍ତ କାଗଜପତ୍ର ଠିକ୍ କରି ଆଣି ତୁରନ୍ତ ଅର୍ଥ ମଞ୍ଜୁର କରାଇ କାର୍ଯ୍ୟ ଆରମ୍ଭ କରାଯିବ । ପି.ଏଚ୍.ଡି. ଯେତେ ଶୀଘ୍ର କାର୍ଯ୍ୟ ଶେଷ କରିବ ସେତେ ଶୀଘ୍ର ସହରବାସୀ ପିଇବା ପାଣି ପାଇ ପାରିବେ ।

ଟାଉନହଲ୍, ପାଠାଗାର, ମ୍ୟୁନିସିପାଲିଟି ହାଇସ୍କୁଲ କୋଠା, ରାସ୍ତାଘାଟ, ନାଳନର୍ଦ୍ଦମା ପ୍ରଭୃତି ପାଇଁ ଗ୍ରାଣ୍ଟ, କର୍ମଚାରୀମାନଙ୍କ ମାସିକ ଦରମା ନିୟମିତ ପ୍ରଦାନ ପ୍ରଭୃତି ଉପରେ ବିଶଦ ଆଲୋଚନା କଲି ।

ଡାଇରେକ୍ଟର୍ ମହାଶୟ ଅଫିସ୍ କର୍ମଚାରୀମାନଙ୍କୁ ଡାକି ''ଭବାନୀପାଟଣା ମ୍ୟୁନିସିପାଲିଟି ପାଇଁ ତାଙ୍କ ଯାହା ଗ୍ରାଣ୍ଟ, ବକେୟା ପ୍ରାପ୍ୟ ଅଛି ତୁରନ୍ତ ବିଲ୍ କରିଦିଅ, ନଗରପାଳ ନେଇଯିବେ'' ବୋଲି ମୌଖିକ ନିର୍ଦ୍ଦେଶ ଦେଲେ ।

ଡାଇରେକ୍ଟର୍‌ଙ୍କଠୁ ନିର୍ଦ୍ଦେଶ ପାଇବା ପରେ କର୍ମଚାରୀମାନେ କାମରେ ଲାଗି ସମସ୍ତ ଗ୍ରାଣ୍ଟ ରିଲିଜ୍ କରିଦେଲେ । ପୂର୍ବ ବିନିଯୋଗପତ୍ର ବା ୟୁଟିଲାଇଜେସନ୍

Source: Author, Digitized by PPRACHIN, SOA

ସାର୍ଟିଫିକେଟ୍ ମୁଁ ଭବାନୀପାଟଣା ଫେରିଗଲା ପରେ ତୁରନ୍ତ ତାକ ଯୋଗେ ପଠାଇ ଦେବି ବୋଲି କହିଲି ।

ମ୍ୟୁନିସିପାଲିଟି ପରିଚାଳନା ପାଇଁ ଡାଇରେକ୍ଟର୍ ତଥା କର୍ମଚାରୀମାନଙ୍କ ଆଲୋଚନାରୁ ଅନେକ କଥା ଜାଣିଗଲି । ତାହା ମୋତେ ମୋ'ର ଦୈନନ୍ଦିନ କାର୍ଯ୍ୟ ପରିଚାଳନାରେ ଅନେକ ସହାୟକ୍ ହୋଇଥିଲା ।

ଗୋଟିଏ ସର୍ବସାଧାରଣ ଅନୁଷ୍ଠାନ ପରିଚାଳନା ପାଇଁ ଆର୍ଥିକ ଶୃଙ୍ଖଳା ଅଧିକ ଗୁରୁତ୍ୱପୂର୍ଣ୍ଣ । ସେଥିପ୍ରତି ଗୁରୁତ୍ୱ ଦେଇ ମୁଁ ମୋ'ର କାର୍ଯ୍ୟକ୍ରମ ଆରମ୍ଭ କଲି । ମ୍ୟୁନିସିପାଲିଟି ଆର୍ଥିକ ଶୃଙ୍ଖଳା ପାଇଁ ଯେଉଁଦିନ ଯେତେ ଟ୍ୟାକ୍ସ କଲେକସନ୍ ହେଉଥିଲା, ସେହିଦିନ ଅଫିସ୍‌ରେ ଟ୍ୟାକ୍ସ କଲେକ୍ଟର୍ ମାନେ ତାହା ଡିପୋଜିଟ୍ କରିବେ । ଯେଉଁମାନେ ତାଙ୍କ କର୍ତ୍ତବ୍ୟ ଖିଲାପ କରିବେ ସେମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଲିଖିତ ଭାବରେ ସମସ୍ତଙ୍କୁ ସୂଚାଇ ଦିଆଗଲା ।

ଯେଉଁ କର୍ମଚାରୀମାନେ ଦୀର୍ଘଦିନରୁ ବିଶୃଙ୍ଖଳାରେ ବଢ଼ି ଆସିଛନ୍ତି ତାଙ୍କ ଜୀବନରେ ଏମିତି କେତେ ନଗରପାଳ ଦେଖି ଆସିଛନ୍ତି, ସେହିମାନଙ୍କ ଉପରେ ମୋ'ର ଆର୍ଥିକ ଶୃଙ୍ଖଳା ପାଇଁ ନିର୍ଦ୍ଦେଶର ସାମାନ୍ୟତମ ପ୍ରଭାବ ମଧ୍ୟ ପଡିଲା ନାହିଁ । କଂସାରୀ ଘରର ପାରାକୁ କୁଲା ଢ଼ାଉଁ ଢ଼ାଉଁ ମାନେ କିଛି ନୁହେଁ । ସେହିଭଳି ସେମାନଙ୍କୁ ମନେହେଲା ।

ଲୋକଙ୍କଠୁ ଟିକସ ସଂଗ୍ରହ କରି ସେମାନେ ତାଙ୍କ ନିଜ ବ୍ୟବସାୟରେ ବିନିଯୋଗ କରି ପରେ ଡିପୋଜିଟ୍ କରିବା ସେମାନଙ୍କ ଅଭ୍ୟାସରେ ପରିଣତ ହୋଇ ଯାଇଥାଏ ।

ମୋ'ର ଆଦେଶ ଯଥାଯଥ ଭାବରେ କାର୍ଯ୍ୟକାରୀ ହେଉ ନ ଥିବା ଯୋଗୁଁ ଏକ୍‌ଜିକ୍ୟୁଟିଭ୍ ଅଫିସରଙ୍କୁ ତାଗିଦ୍ କଲି । ଯେଉଁ କର୍ମଚାରୀ ସଂଗୃହୀତ ଟ୍ୟାକ୍ସ ଅର୍ଥ ଅଫିସ୍‌ରେ ଡିପୋଜିଟ୍ କରୁ ନାହାନ୍ତି, ସେମାନଙ୍କୁ ପ୍ରଥମେ ୱାର୍ନିଙ୍ଗ୍ ଦିଅନ୍ତୁ । ପରେ ଆବଶ୍ୟକ ପଡିଲେ ତଦନ୍ତ କରି କାର୍ଯ୍ୟରୁ ଅନ୍ତର କରାଯିବ । ଏହିଭଳି କଠୋର କାର୍ଯ୍ୟପନ୍ଥା ଗ୍ରହଣ କରିବା ଫଳରେ କିଛି ପରିମାଣରେ ଆର୍ଥିକ ଶୃଙ୍ଖଳା ଆସି ଯାଇଥିଲା । ମାତ୍ର, ସଂପୂର୍ଣ୍ଣ ଆସିପାରି ନ ଥାଏ । ବାଧ୍ୟ ହୋଇ ଜଣକୁ ଚାକିରିରୁ ଅନ୍ତର କରାଯାଇଥିଲା ।

ଆର୍ଥିକ ଶୃଙ୍ଖଳା ପାଇଁ ଏହା ଅତି ଆବଶ୍ୟକ ଥିଲା । କର୍ମଚାରୀମାନଙ୍କ ବକେୟା ପ୍ରାପ୍ୟ ଟଙ୍କା ତାଙ୍କ ଇନ୍‌କ୍ରିମେଣ୍ଟ ସମ୍ବନ୍ଧିତ ପ୍ରାପ୍ୟ ଦୀର୍ଘ ବର୍ଷରୁ ପଡି ରହିଥିଲା । ଭୁବନେଶ୍ୱର ଡାଇରେକ୍ଟର୍‌ଙ୍କ ଅଫିସରେ ବସି ମଞ୍ଜୁର କରାଇ ଆଣିଲି । ଇନ୍‌କ୍ରିମେଣ୍ଟ ବାବଦକୁ ପ୍ରାପ୍ୟ ଟଙ୍କା ଏକ ସଙ୍ଗରେ ପାଇ କର୍ମଚାରୀମାନେ ଆନନ୍ଦିତ ହୋଇଥିଲେ । ମୋ'ର କାର୍ଯ୍ୟଧାରା ସେମାନଙ୍କ ମନରେ ସନ୍ତୋଷ ଭାବ ବୃଦ୍ଧି କଲା । ଅଫିସ୍

Source: Author, Digitized by PPRACHIN, SOA

କର୍ମଚାରୀମାନେ ଆଶା କରି ନ ଥିବା ଇନ୍‌କ୍ରିମେଣ୍ଟ ଏତେ ଶୀଘ୍ର ପାଇ ଯାଇଥିବା ଯୋଗୁଁ ଦୁଇଗୁଣ ଉତ୍ସାହରେ କାମରେ ଲାଗିଗଲେ । ଅଫିସ୍ ଗତିଶୀଳ ହୋଇଉଠିଲା ।

ନଗରପାଳ ଦାୟିତ୍ୱ ମୋତେ ସମୟ ପ୍ରତି ସଚେତନ କରାଇବା ସହ କର୍ମ ତତ୍‌ପରତା ଭାବ ଜାଗ୍ରତ କରିବାରେ କ୍ଷମ ହୋଇଥିଲା । ସହରକୁ ଏକ ବିକାଶଶୀଳ ସହର ରୂପେ ପରିଗଣିତ କରିବା ପାଇଁ ମନରେ ସଂକଳ୍ପ ଜାତ ହେଲା । ସହରର ଗୁଣାତ୍ମକମାନ ବୃଦ୍ଧି ସହ ପରିବେଶ ସନ୍ତୁଳନ ରଖି ଯୋଜନା ପ୍ରଣୟନ କରିବା ପାଇଁ ପ୍ରାଥମିକ ଉଦ୍ୟମ କଲି । ଏ ସମସ୍ତ କାର୍ଯ୍ୟ ପାଇଁ ଜଣେ ନଗରପାଳର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ । ସେ ନଗରର ପ୍ରଥମ ନାଗରିକ । ସମସ୍ତଙ୍କ ଗ୍ରହଣ ହେଲା ଭଳି କାର୍ଯ୍ୟ କରିବାକୁ ପଡିବ । ସେଥିପାଇଁ ସକାରାତ୍ମକ ରାଜନୈତିକ ଇଚ୍ଛାଶକ୍ତି ଥିବା ଦରକାର ।

ଟାଉନ୍‌ହଲ୍ ନିର୍ମାଣ ପଦକ୍ଷେପ :

ବିଭିନ୍ନ ସମୟରେ ସହରବାସୀଙ୍କ ସର୍ବନିମ୍ନ ସୁବିଧା ପ୍ରତି ସଂପୃକ୍ତ ପୌରପାଳିକା ମାନେ ଯଥାଯଥ ସମୟ ଏବଂ ଧ୍ୟାନ ଦେଇପାରି ନାହାନ୍ତି । ସହରବାସୀଙ୍କ ଯେଉଁ ପିଇବା ପାଣି ଆବଶ୍ୟକ, ତାହା ବହୁ ଆଗରୁ ସଂପନ୍ନ ହେବା ଦରକାର, ମାତ୍ର ତାହା ହୋଇ ପାରି ନାହିଁ । ତେଣୁ ମୁଁ ଦାୟିତ୍ୱ ନେଲାପରେ ତାକୁ ପ୍ରାଧାନ୍ୟ ଦେଇ କାର୍ଯ୍ୟକ୍ରମ ଗ୍ରହଣ କରିଛି । ସହର ପାଇଁ ଟାଉନହଲ୍, ପାର୍କ, ପାଠାଗାର, ଶିକ୍ଷାନୁଷ୍ଠାନ ମଧ୍ୟ ଆବଶ୍ୟକ । ଏହା ସହିତ ନାଳନର୍ଦ୍ଦମା ସଫା, ରାସ୍ତାଘାଟର ଉନ୍ନତିକରଣ, ଡ୍ରେନ୍‌ର ସୁବିଧା ପ୍ରତି ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭାବରେ କାର୍ଯ୍ୟକ୍ରମ ନିଆଗଲା ।

ସହରକୁ ପ୍ରତିଦିନ ଗ୍ରାମାଞ୍ଚଳରୁ ଆସୁଥିବା ଶ୍ରମଜୀବୀମାନଙ୍କ ପାଇଁ ମ୍ୟୁନିସିପାଲିଟି ଜରିଆରେ ଚାଉଳ ବିକ୍ରିର ମଧ୍ୟ ବ୍ୟବସ୍ଥା କରାଗଲା । ଶ୍ରମିକମାନେ କାମ ସାରି ମଜୁରି ଟଙ୍କାରେ ଚାଉଳ କିଣି ଘରକୁ ଫେରି ପାରୁଥିଲେ । ସେତେବେଳେ ଲୋକଙ୍କୁ ଆବଶ୍ୟକ ଚାଉଳ ମିଳିବାରେ ବହୁ ଅସୁବିଧା ହେଉଥିଲା । ହାତରେ ଟଙ୍କା ଥିଲେ ମଧ୍ୟ ଆବଶ୍ୟକ ଚାଉଳ ମିଳିପାରୁ ନ ଥିଲା ।

ଓଡିଶାର ମାନ୍ୟବର ରାଜ୍ୟପାଳ ବି.ଡି.ଜାଟି କଳାହାଣ୍ଡି ଗସ୍ତରେ ଆସିବାର ସ୍ଥିର ହେଲା । ଜିଲ୍ଲାପାଳଙ୍କ ସହ ପରାମର୍ଶ କରି ମ୍ୟୁନିସିପାଲିଟି ତରଫରୁ ନାଗରିକ ସମ୍ବର୍ଦ୍ଧନା ଦିଆଯିବ । ଟାଉନହଲ୍ ନିର୍ମାଣର ଭିତ୍ତି ପ୍ରସ୍ତର ମାନ୍ୟବର ରାଜ୍ୟପାଳ ପ୍ରଦାନ କରିବେ । କାଉନସିଲ୍ ମିଟିଙ୍ଗରେ ତାହାସବୁ ଗୃହୀତ ହେଲା । ଜିଲ୍ଲାପାଳଙ୍କୁ ଅନୁରୋଧ କଲି, ଟାଉନହଲ୍ ଭିତ୍ତି ପ୍ରସ୍ତର ପ୍ରଦାନ ନିମନ୍ତେ ସ୍ଥାନ ପ୍ରଦାନ କରିବା ପାଇଁ । ଆମେ ଯେଉଁ ସ୍ଥାନ ପାଇଁ ଅନୁରୋଧ କରିଥିଲୁ, ଜିଲ୍ଲାପାଳ ତାହା ନ ଦେଇ ବଜାର ଏରିଆ ଭିତରେ

Source: Author, Digitized by PPRACHIN, SOA

ଟାଉନହଲ ନିର୍ମାଣ ପାଇଁ ମଂଡ ପ୍ରଦାନକଲେ । ସାଇଡ୍ ସିଲେକ୍ସନ୍ କମିଟି ସଦସ୍ୟମାନେ ମଧ୍ୟ ଉପସ୍ଥିତ ଥାନ୍ତି ।

ମୁଁ ତାର ଦୃଢ଼ ପ୍ରତିବାଦ କରି କହିଲି, ''ଦିନକୁ ଦିନ ସହରର ଲୋକସଂଖ୍ୟା ବୃଦ୍ଧି ସହ ବଜାରରେ ଦୋକାନ ଏବଂ ଲୋକଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଉଛି । ତେଣୁ ସେହି ବଜାର ସ୍ଥାନ ମଧ୍ୟରେ ଟାଉନହଲ ନିର୍ମାଣହେଲେ ବଜାରକୁ ଆସୁଥିବା ବ୍ୟବସାୟୀ, ଗ୍ରାହକଙ୍କ ଅସୁବିଧା ହେବ । ବଜାର ପାଇଁ ଅନ୍ୟତ୍ର ସ୍ଥାନ ନିରୂପଣ ନ କରି ବଜାରକୁ ଭାଙ୍ଗିଦେବା ଠିକ୍ ହେବ ନାହିଁ''।

ଜିଲ୍ଲାପାଳ ମୋତେ ବାଧ୍ୟ କଲେ, ''ସେଇଠି ହିଁ ଟାଉନହଲ୍ ହେବ ଏବଂ ରାଜ୍ୟପାଳ ସେଇଠି ହିଁ ଭିତ୍ତି ପ୍ରସ୍ତର ସ୍ଥାପନ କରିବେ'' ।

ମୁଁ ତାଙ୍କ ମୁହଁକୁ ଆଶ୍ଚର୍ଯ୍ୟରେ ଚାହିଁ ପ୍ରଶ୍ନ କଲି, ''ମୋ'ର ବିନା ସମ୍ମତିରେ ରାଜ୍ୟପାଳ କିପରି ଭିତ୍ତି ପ୍ରଦାନ କରିବେ ? ଆପଣ ଯଦି ଆମେ ମାଗିଥିବା ସ୍ଥାନ ନ ଦିଅନ୍ତି ତେବେ ଟାଉନହଲ୍ ଭିତ୍ତି ପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଆମେ ସ୍ଥଗିତ ରଖିବୁ'' ।

ଜିଲ୍ଲାପାଳ ମୋ' ଉପରେ ତାଙ୍କ ଆଧିପତ୍ୟ ଜାହିର କରିବା ପାଇଁ ଉଦ୍ୟମ କଲେ । ମୁଁ ତାଙ୍କୁ ସ୍ପଷ୍ଟ ଭାବରେ ଶୁଣାଇ ଦେଲି, ''ମୁଁ ହେଉଛି ନଗରପାଳ, ଅନ୍ୟ ଅର୍ଥରେ ସିଟି ଫାଦର୍ । ଆମେ ଯେଉଁସ୍ଥାନ ପାଇଁ ଦରଖାସ୍ତ କରିଛୁ, 'ସହରର ମଧ୍ୟସ୍ଥଳ' ସେହି ସ୍ଥାନ ଆମକୁ ଦିଅନ୍ତୁ । ନ ହେଲେ ଏହି କାର୍ଯ୍ୟକ୍ରମ ଆମେ ବନ୍ଦ କରିଦେବୁ'' ।

ଜିଲ୍ଲାପାଳ ଅସନ୍ତୋଷ ପ୍ରକାଶ କରି ମୋତେ କହିଲେ, ''ତାହା ହେଲେ ମୋତେ ରେଜ୍ୟୁଲେସନ୍ କରି ଜଣାଅ'' ।

ମୁଁ ତୁରନ୍ତ ଏକ ଜରୁରୀକାଳୀନ କାଉନସିଲ୍ ମିଟିଙ୍ଗ ଡକାଇ ଜିଲ୍ଲାପାଳଙ୍କ ସହିତ ମୋ'ର ହୋଇଥିବା ଆଲୋଚନା ଏବଂ ମାର୍କେଟକୁ ଭାଙ୍ଗିଦେବା ସହ ସେହି ସ୍ଥାନରେ ଟାଉନହଲ୍ ନିର୍ମାଣ ପାଇଁ ଭିତ୍ତି ପ୍ରସ୍ତର ରାଜ୍ୟପାଳ ଦେବାପାଇଁ ଜିଲ୍ଲାପାଳଙ୍କ ପ୍ରସ୍ତାବର ସବିଶେଷ ଆଲୋଚନା କଲି ।

ସମସ୍ତେ ଦୃଢ଼ସ୍ୱରରେ କହିଲେ, ''ମାର୍କେଟ ଭାଙ୍ଗି ଆମେ ଟାଉନହଲ୍ ନିର୍ମାଣ କରିପାରିବୁ ନାହିଁ । ସହରର ମଧ୍ୟସ୍ଥଳୀରେ ଥିବା ଆମେ ମାଗିଥିବା ପ୍ଲଟ୍ ମ୍ୟୁନିସିପାଲିଟିକୁ ପ୍ରଦାନ କଲେଯାଇ ରାଜ୍ୟପାଳ ଶୁଭ ପ୍ରଦାନ କରିବେ ନ ହେଲେ ଟାଉନ୍‌ହଲ୍ ଭିତ୍ତି ପ୍ରଦାନ କାର୍ଯ୍ୟକ୍ରମ ସ୍ଥଗିତ ରଖାଯିବ'' ।

ମ୍ୟୁନିସିପାଲିଟି କାଉନସିଲ୍‌ଦ୍ୱାରା ଗୃହୀତ ପ୍ରସ୍ତାବ ନେଇ ଜିଲ୍ଲାପାଳଙ୍କୁ ପ୍ରଦାନ କଲି । ସେହି ପ୍ରସ୍ତାବ ଦେଖି ଜିଲ୍ଲାପାଳ ବିଚଳିତ ହୋଇଗଲେ । ତାଙ୍କ ଆଶା ଥିଲା ମ୍ୟୁନିସିପାଲିଟିରେ ମୋ' ପ୍ରସ୍ତାବ ଗୃହୀତ ହୋଇପାରିବ ନାହିଁ ।

Source: Author, Digitized by PPRACHIN, SOA

ଯଥାସମୟରେ ମହାମାନ୍ୟବର ରାଜ୍ୟପାଳ କଳାହାଣ୍ଡି ଗସ୍ତରେ ଆସିଲେ । ତାଙ୍କୁ ମ୍ୟୁନିସିପାଲିଟି ତରଫରୁ ନାଗରିକ ସମ୍ବର୍ଦ୍ଧନା ପ୍ରଦାନ କରାଗଲା । ସେଠାରେ ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ବୁଦ୍ଧିଜୀବୀ, କ୍ରୀଡାପ୍ରେମୀ, ସଂଗଠକ ଏବଂ ଉତ୍ସାହୀ ଯୁବକ, ମହିଳା ଯୋଗଦାନ କରିଥିଲେ ୧୯୭୪ ମସିହାରେ ।

ଡେସ୍କରେ ବସିଥିବା ସମୟରେ ମୋତେ ମାନ୍ୟବର ରାଜ୍ୟପାଳ ପ୍ରଶ୍ନକଲେ "ଟାଉନ୍‌ହଲ୍ ଶୁଭ ଦେବାରେ ଅସୁବିଧା କଣ ହେଲା ?"

ମୁଁ ତାଙ୍କୁ ନମ୍ରତାର ସହ କହିଲି, "ଜିଲ୍ଲାପାଳ ଆମେ ମାଗିଥିବା ସ୍ଥାନ ପ୍ରଦାନ ନ କରିବା ଯୋଗୁଁ ଭିତ୍ତି ପ୍ରସ୍ତର କାର୍ଯ୍ୟକ୍ରମ ହୋଇପାରିଲା ନାହିଁ" ।

ମହାମାନ୍ୟବର ରାଜ୍ୟପାଳ ଜିଲ୍ଲାପାଳଙ୍କୁ କହିଲେ "ନଗରପାଳଙ୍କ କଥା ଆପଣ ରଖିବା ଉଚିତ"।

ସେତେବେଳେ କଳାହାଣ୍ଡି ଜିଲ୍ଲାପାଳ ଥାଆନ୍ତି ଆର୍.ସି. ରାଏ ।

ରାଜ୍ୟରେ ରାଷ୍ଟ୍ରପତି ଶାସନ ଚାଲିଥାଏ । ଜଣେ ବରିଷ୍ଠ ଆଇ.ଏ.ଏସ୍. ଅଫିସର ସତରାୱାଲ, ରାଜ୍ୟପାଳଙ୍କ ପରାମର୍ଶଦାତା ରୂପେ ଯୋଗ ଦେଲେ । ମାନ୍ୟବର ରାଜ୍ୟପାଳ ସମସ୍ତ ନଗରପାଳଙ୍କ ଏକ ସଭାଡକାଇ, ସେମାନଙ୍କ ସମସ୍ୟା ଜାଣିବାପାଇଁ ଚାହିଁଲେ । ରାଜ୍ୟପାଳ ତାଙ୍କ କାର୍ଯ୍ୟବ୍ୟସ୍ତତା ମଧ୍ୟରେ ସଭାରେ ଘଣ୍ଟାଏ ଉପସ୍ଥିତ ରହିବେ । ତାଙ୍କ ଉପସ୍ଥିତିରେ ପାଞ୍ଚ ଜଣ ନଗରପାଳଙ୍କୁ କହିବା ପାଇଁ ସୁଯୋଗ ମିଳିଲା ।

କଟକ ନଗରପାଳ ବିଶ୍ୱନାଥ ପଣ୍ଡିତ, ବ୍ରହ୍ମପୁର ନଗରପାଳ ବିନାୟକ ଆଚାର୍ଯ୍ୟ, ଭବାନୀପାଟଣା ନଗରପାଳ ରାସବିହାରୀ ବେହେରା, ଜୟପୁର ନଗରପାଳ ଜଗଦୀଶ ପ୍ରସାଦ ନାଏକ ଏବଂ ରାୟଗଡା ନଗରପାଳ କୃଷ୍ଣଚନ୍ଦ୍ର ବକ୍‌ସିପାତ୍ର ।

ବିଶ୍ୱନାଥ ପଣ୍ଡିତ ଜଣେ ଶ୍ରମିକ ନେତା ଏବଂ ଜଣେ ସ୍ୱାଧୀନତା ସଂଗ୍ରାମୀ । ୧୯୭୭ ମସିହାରେ କଟକ ବିଧାୟକ ରୂପେ ସେ ନିର୍ବାଚିତ ହୋଇଥିଲେ ।

ବିନାୟକ ଆଚାର୍ଯ୍ୟ ଜଣେ ଆଦର୍ଶ ଶିକ୍ଷକ । ପରେ ବ୍ରହ୍ମପୁର ବିଧାୟକ ରୂପେ ନିର୍ବାଚିତ ହୋଇ ଓଡିଶାର ମୁଖ୍ୟମନ୍ତ୍ରୀ ହୋଇଥିଲେ ।

ଜଗଦୀଶ ପ୍ରସାଦ ନାଏକ ଜଣେ ଆଦର୍ଶବାଦୀ ପୌର ନଗରପାଳ ରୂପେ ବହୁବର୍ଷ ଧରି ଦାୟିତ୍ୱ ତୁଲାଇଥିଲେ ।

କୃଷ୍ଣଚନ୍ଦ୍ର ବକ୍‌ସିପାତ୍ର, ହରିଶ୍ଚନ୍ଦ୍ର ବକ୍‌ସିପାତ୍ର ଓଡିଶାର ମାନ୍ୟବର ମନ୍ତ୍ରୀଙ୍କ ବଡ ଭାଇ । କୃଷ୍ଣଚନ୍ଦ୍ର ବହୁବାର ରାୟଗଡା ପୌର ନିର୍ବାଚନ ମଣ୍ଡଳୀରେ ଜୟଯୁକ୍ତ ହୋଇ ମ୍ୟୁନିସିପାଲିଟିର ଅନେକ ଉନ୍ନତିମୂଳକ କାର୍ଯ୍ୟ ପାଇଁ ପ୍ରଶଂସନୀୟ ହୋଇପାରିଛନ୍ତି । ତାଙ୍କ ନାମରେ ରାୟଗଡା ଟାଉନ୍‌ହଲ୍ ନିର୍ମିତ ହୋଇଛି ।

Source: Author, Digitized by PPRACHIN, SOA

ମୁଁ ମୋ'ର ଅଭିଭାଷଣରେ କହିଲି, ନଗରପାଳ, ଜିଲ୍ଲାପାଳ, ରାଜ୍ୟପାଳଙ୍କ ମଧ୍ୟରେ ସୁସଂପର୍କ ରହିବା ନିତାନ୍ତ ଜରୁରୀ । ଭବାନୀପାଟଣା (ମ୍ୟୁନିସିପାଲିଟି) ନଗରପାଳଙ୍କଦ୍ୱାରା କରାଯାଇଥିବା ଅନୁରୋଧକୁ ମାନ୍ୟବର ରାଜ୍ୟପାଳ ଟାଉନ୍‌ହଲ୍ ଭିତ୍ତିପ୍ରସ୍ତର ପ୍ରଦାନ ପାଇଁ ସମ୍ମତି ଦେଇଥିବା ସତ୍ତ୍ୱେ, କଳାହାଣ୍ଡି ଜିଲ୍ଲାପାଳ ସ୍ଥାନ ପ୍ରଦାନ ନ କରିବା ଫଳରେ ମାନ୍ୟବର ରାଜ୍ୟପାଳ ଭିତ୍ତି ପ୍ରସ୍ତର ପ୍ରଦାନ କରିପାରିଲେ ନାହିଁ । ଏହା ପ୍ରଶାସନର ଗର୍ହିତ କାମ । ତେଣୁ ତୁରନ୍ତ ଏହାର ପ୍ରତିକାର ହେବା ଉଚିତ ।

ମୁଁ ସଭାରେ ଯାହା ଭାଷଣ ଦେଲି, ତାହା ପ୍ରୋସିଡିଙ୍ଗସ୍‌ରେ ଲିପିବଦ୍ଧ ହେଲା । ପରେ ତାର ଅନୁସନ୍ଧାନ ପାଇଁ ଦକ୍ଷିଣାଞ୍ଚଳ ଆର.ଡି.ସି. ହମ୍ମିଦ ମହମ୍ମଦ, ଭବାନୀପାଟଣା ମ୍ୟୁନିସିପାଲିଟିକୁ ତଦନ୍ତ ପାଇଁ ଆସିଲେ । ତଦନ୍ତରେ ସହଯୋଗ ପାଇଁ ମ୍ୟୁନିସିପାଲିଟି ଡାଇରେକ୍ଟର ମହେଶ ପ୍ରସାଦ ରଥ ମଧ୍ୟ ଆସିଥାନ୍ତି ।

ମ୍ୟୁନିସିପାଲିଟି ଅଫିସକୁ ଆସି ଜିଲ୍ଲାପାଳଙ୍କ ଉପସ୍ଥିତିରେ ଆର.ଡି.ସି. ତଦନ୍ତ ଆରମ୍ଭ କଲେ ।

ସାଇଟ୍ ସିଲେକ୍‌ସନ କମିଟି ରିପୋର୍ଟ, ଜିଲ୍ଲାପାଳଙ୍କ ମତାମତ, ମ୍ୟୁନିସିପାଲିଟି ରେଜ୍ୟୁଲେସନ୍ ପ୍ରଭୃତିକୁ ମୁଁ ଉପସ୍ଥାପନ କଲି । ଟାଉନ୍‌ହଲ୍ ପ୍ଲାନ, ଟାଉନ୍ ପ୍ଲାନ୍ ମ୍ୟାପ୍ ମଧ୍ୟ ଟେବୁଲରେ ରହିଥାଏ ।

ମୁଁ ଜିଲ୍ଲାପାଳଙ୍କ ଜିଦ୍‌ଖୋର ମନୋଭାବ ଏବଂ ତାଙ୍କ ସୁପ୍ରିମେସି ମନୋଭାବକୁ ନାପସନ୍ଦ କଲି ।

ମୁଁ ଠିକ୍ ଭାବରେ ଜାଣିଥାଏ, ଆର୍.ଡି.ସି. କଳାହାଣ୍ଡି କଲେକ୍ଟର୍ ଥିବା ସମୟରେ ବର୍ତ୍ତମାନର ମାର୍କେଟ୍ ଯେଉଁଠି ଅଛି, ସେ ତାହା ଉଦ୍‌ଘାଟନ କରିଥିଲେ । ତେଣୁ ମାର୍କେଟ୍‌ରେ ଟାଉନ୍‌ହଲ୍ ନିର୍ମାଣ ହେଲେ ମାର୍କେଟ୍ ପାଇଁ ସ୍ଥାନ ନିଅଣ୍ଟ ପଡି ବ୍ୟବସାୟୀ ଏବଂ ଗ୍ରାହକଙ୍କ ଅସୁବିଧା ହୋଇଥାନ୍ତା । ସେ ସ୍ୱଷ୍ଟ ସବୁକଥା ଉପଲବ୍ଧି କରିପାରିଲେ ।

ମୁଁ ପୁଣି ଆର୍.ଡି.ସି.ଙ୍କୁ କହିଲି, "ଆପଣ ଟାଉନ୍ ମ୍ୟାପ୍ ଦେଖି ଟାଉନ୍‌ହଲ ପାଇଁ ସ୍ଥାନ ନିରୂପଣ କରି ଦିଅନ୍ତୁ"।

ଆର୍.ଡି.ସି. ହସି ହସି ମୋତେ କହିଲେ, "ମୋ' ଉପରେ ଭରସା କରୁଛ"?

ମୁଁ ପୁଣି କହିଲି, "ଆପଣ ମଧ୍ୟ ଦିନେ କଳାହାଣ୍ଡି ଜିଲ୍ଲାପାଳ ଥିଲେ । ତେଣୁ ଆପଣ ଜିଲ୍ଲା ସମ୍ବନ୍ଧରେ ସବୁକଥା ଜାଣନ୍ତି" ।

ସେ ହସି, "ଆଣ ଟାଉନ୍ ପ୍ଲାନ ମ୍ୟାପ୍ ଦେଖିବା" କହି, ଟାଉନ୍‌ର ମଧ୍ୟସ୍ଥଳ ହିଁ ଟାଉନ୍‌ହଲ୍ ପାଇଁ ଉପଯୁକ୍ତ ବୋଲି ପ୍ରକାଶ କଲେ ଏବଂ ମଧ୍ୟସ୍ଥଳ ପ୍ଲଟକୁ ଚିହ୍ନଟ କରି ମୋତେ କହିଲେ, "ଏଇ ଜାଗାଟା ଟାଉନ୍‌ହଲ୍ ପାଇଁ ଉପଯୁକ୍ତ" ।

Source: Author, Digitized by PPRACHIN, SOA

ମୁଁ କହିଲି, ''ମୋ'ର ଦରଖାସ୍ତରେ ମଧ୍ୟ ଆପଣ ଦର୍ଶାଇଥିବା ସେହି ପ୍ଲଟ୍ ପାଇଁ ହିଁ ନିବେଦନ ରଖିଛି । ଟାଉନ୍‌ହଲ୍ ପାଇଁ ତାହା ହିଁ ଉପଯୁକ୍ତ ସ୍ଥାନ । ସହରର ମଧ୍ୟ ଭାଗରେ ତାହା ଅଛି'' ।

ପ୍ଲଟ୍ ଫାଇନାଲ୍ ହୋଇଗଲା ପରେ ଆମ ମ୍ୟୁନିସିପାଲିଟି ଫଣ୍ଡରେ ମାତ୍ର ଏକଲକ୍ଷ ଟଙ୍କା ଗଚ୍ଛିତ ଥିଲା । ପାଖରେ ମ୍ୟୁନିସିପାଲିଟି ଡାଇରେକ୍ଟର ବସିଥିଲେ । ସେ କହିଲେ ଆମେ ୫୦ ହଜାର ଟଙ୍କା ଗ୍ରାଣ୍ଟ ଆକାରରେ ଦେବୁ ।

ରାଜ୍ୟପାଳ ସ୍ୱୀକୃତି ଦେଇଥିବା ସତ୍ତ୍ୱେ, ଟାଉନ୍‌ହଲ୍ ପାଇଁ କଲେକ୍ଟର ପ୍ଲଟ୍ ନ ଦେବା ଯୋଗୁଁ ଆର୍.ଡି.ସି. ତାଙ୍କ ଉପରେ ଅସନ୍ତୋଷ ପ୍ରକାଶ କଲେ ।

ଆର୍.ଡି.ସି. ମହାଶୟଙ୍କୁ ମୁଁ ପୁଣି ଅନୁରୋଧ କଲି, ''ଆପଣ ଏଇଠି ପ୍ଲଟ ପାଇଁ ନିର୍ଦ୍ଦେଶ ଦିଅନ୍ତୁ'' ।

ମ୍ୟୁନିସିପାଲିଟି ଅଫିସ୍‌ରେ ଅର୍ଡର୍ ଟାଇପ୍ ହେଲା । ଆର୍.ଡି.ସି. ଓ କଲେକ୍ଟର ସ୍ୱାକ୍ଷର କଲେ । ପ୍ଲଟ ଭବାନୀପାଟଣା ମ୍ୟୁନିସିପାଲିଟିକୁ ହସ୍ତାନ୍ତର ହେଲା ।

ଓଡିଶା ସରକାରଙ୍କ ଶିକ୍ଷା ବିଭାଗର ଉପମନ୍ତ୍ରୀ ଜଗନ୍ନାଥ ପଟ୍ଟନାୟକଙ୍କୁ ଅନୁରୋଧ କଲି, ଆସି ଶୁଭ ଦେବା ପାଇଁ । ତୁରନ୍ତ ଆସିଲେ ଏବଂ ଶୁଭ ପ୍ରଦାନ କଲେ । ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମ ଶେଷ ହେବାକ୍ଷଣି ଟାଉନ୍‌ହଲ୍ ନିର୍ମାଣ କାର୍ଯ୍ୟ ଦ୍ରୁତ ଗତିରେ ଆଗେଇ ଚାଲିଲା । ମ୍ୟୁନିସିପାଲିଟି ହାଇସ୍କୁଲ୍ ବିଲଡିଙ୍ଗ୍ ମଧ୍ୟ ପୂର୍ଣ୍ଣାଙ୍ଗ ହେଲା । ଶାସନର ପରିବର୍ତ୍ତନ ହେବା ଯୋଗୁଁ ଆଗତୁରା ମ୍ୟୁନିସିପାଲିଟିମାନଙ୍କୁ ଭାଙ୍ଗି ଦିଆଗଲା । ମୋ' ପରେ ଟାଉନ୍‌ହଲ୍ କାମ ଧିମେଇ ଗଲା । ତାକୁ ପୂର୍ଣ୍ଣାଙ୍ଗ କରିବା ପାଇଁ ଦୀର୍ଘ ସମୟ ଲାଗିଗଲା ।

ଜିଲ୍ଲା ପାଠାଗାର ପ୍ରତିଷ୍ଠା :

ପୁରୁଣାପଡା ଏମ୍.ଇ. ସ୍କୁଲ୍ ଅବ୍ୟବସ୍ଥା ମଧ୍ୟରେ ଗତି କରୁଥିଲା । ପିଲାମାନଙ୍କ ପାଠପଢ଼ାରେ ବ୍ୟାଘାତ ହେଉଥିଲା । ତେଣୁ ମ୍ୟୁନିସିପାଲିଟି ଏମ୍.ଇ. ସ୍କୁଲ୍‌ର ଦାୟିତ୍ୱ ନିଜ ହାତକୁ ନେଲା ।

ସେତେବେଳେ ଜିଲ୍ଲା ପାଇଁ ମଞ୍ଜୁର ହୋଇ ଆସିଥିବା ପାଠାଗାର ନିମିତ୍ତ ସ୍ଥାନର ଅଭାବ ଦେଖାଇ ଅନ୍ୟ ଜିଲ୍ଲାକୁ ନେଇଯିବା ପାଇଁ ସାଂସ୍କୃତିକ ବିଭାଗ ସ୍ଥିର କଲେ ।

ମୁଁ ଜାଣିଲା ପରେ ତୁରନ୍ତ ହସ୍ତକ୍ଷେପ କରି କଲଚରାଲ୍ ଡାଇରେକ୍ଟରଙ୍କୁ ପତ୍ର ଲେଖି ଜଣାଇଦେଲି, ଭବାନୀପାଟଣା ମ୍ୟୁନିସିପାଲିଟି ପାଠାଗାର ପାଇଁ ସ୍ଥାନ ପ୍ରଦାନ କରିବ । ତେଣୁ ଜିଲ୍ଲା ପାଠାଗାର ତୁରନ୍ତ ଭବାନୀପାଟଣାରେ ପ୍ରତିଷ୍ଠା କରାଯାଉ ।

Source: Author, Digitized by PPRACHIN, SOA

ଆଗରୁ ବ୍ୟବହୃତ ହେଉଥିବା ମ୍ୟୁନିସିପାଲିଟି ଗ୍ୟାରେଜ, ଯାହା ଦୈନିକ ବଜାର ମଧ୍ୟରେ ଥିଲା ତାକୁ ଅନ୍ୟତ୍ର ଘୁଞ୍ଚାଇ ସେଇଠି ପାଠାଗାର ପ୍ରତିଷ୍ଠିତ ହେଲା । ପରେ ଟାଉନ୍ ହଲ୍‌ର ଉପର କୋଠରୀରେ ପାଠାଗାର କାର୍ଯ୍ୟକ୍ରମ ଚାଲିଲା । କିଛି ବର୍ଷ ପରେ କଲ୍‌ଚରାଲ୍ ବିଭାଗ ତରଫରୁ ସ୍ୱତନ୍ତ୍ର କୋଠା ନିର୍ମିତ ହୋଇ ପାଠାଗାର ବସ୍‌ଷ୍ଟାଣ୍ଡ ସମ୍ମୁଖରେ ବର୍ତ୍ତମାନ ଚାଲିଛି ।

ପାଠାଗାର ପ୍ରତି ଆମର ଆକର୍ଷଣ ବଢ଼ିବା କଥା । ମାତ୍ର ସେହିଭଳି ବଢ଼ିପାରି ନାହିଁ । ଜଣେ ଉତ୍ତମ ପାଠକ ସଦାସର୍ବଦା ଭଲ ଭଲ ପୁସ୍ତକ ସଂଗ୍ରହ କରି ପାଠ ପଢ଼ିବାକୁ ମନ ବଳାଇଥାଏ । ଭଲ ପୁସ୍ତକ ସମ୍ବନ୍ଧରେ ଜାଣିଗଲା ପରେ ଯେତେ ଦୂରରେ ଥିଲେ ମଧ୍ୟ ସଂଗ୍ରହ କରିବା ପାଇଁ ଲାଗିପଡି ଉଦ୍ୟମ କଲେ ସଫଳ ହୋଇଥାଏ ।

ମାତ୍ର, ଦିନକୁ ଦିନ ଓଡିଆ ପାଠକଙ୍କ ଘୋର ଅଭାବ ପରିଲକ୍ଷିତ ହେଉଛି । ସ୍କୁଲ, କଲେଜ ଛାତ୍ରଛାତ୍ରୀଙ୍କ ମଧ୍ୟରେ ମଧ୍ୟ କ୍ଲାସ ପୁସ୍ତକ ବ୍ୟତୀତ ଅନ୍ୟ ପୁସ୍ତକ ପଢ଼ିବା ପାଇଁ ବିଶେଷ ଆଗ୍ରହ ନାହିଁ । ଦିନକୁ ଦିନ ଆମ ମା'ମାଟି ମାତୃଭୂମି, ମାତୃଭାଷା ପ୍ରତି ଶ୍ରଦ୍ଧା କମି କମି ଯାଉଛି ।

କର୍ମମୟ ଜୀବନରେ ଆଜି ମଣିଷ ସଦା ବ୍ୟସ୍ତ । ଏହା ଆମ ସାମାଜିକ ଜୀବନର ଦୁର୍ବଳତା କହିଲେ ଅତ୍ୟୁକ୍ତି ହେବ ନାହିଁ । ଏହାଦ୍ୱାରା ଆମ ସାମାଜିକ ଅବକ୍ଷୟ ପାଇଁ ପଥ ଉନ୍ମୁକ୍ତ ହେଉଛି ।

ଯେଉଁ ବ୍ୟକ୍ତି ପଢ଼ିପାରେ କିନ୍ତୁ ପଢ଼େ ନାହିଁ, ଲେଖିପାରେ କିନ୍ତୁ ଲେଖେ ନାହିଁ, କହିପାରେ କିନ୍ତୁ କହେ ନାହିଁ, ସେହି ବ୍ୟକ୍ତି ସମାଜର ଅଶିକ୍ଷିତ ବ୍ୟକ୍ତିଠୁ ନ୍ୟୂନ ମନେହୁଏ ।

ଶିକ୍ଷାର ମୂଳ ଲକ୍ଷ୍ୟ ହେଉଛି ସାମାଜିକ ଉନ୍ନତି, ସାଂସ୍କୃତିକ ବିକାଶ ସହ ମଣିଷ ମଧ୍ୟରେ ସଚେତନ ଭାବ ବୃଦ୍ଧି କରିବା । ତେଣୁ ପାଠାଗାର ପ୍ରତି ଲୋକେ ଆକୃଷ୍ଟ ହୋଇ ନିୟମିତ ପୁସ୍ତକ ପଠନ ଓ ଖବରକାଗଜ ପଠନ କ୍ଷେତ୍ରରେ ଅଭ୍ୟାସ ବୃଦ୍ଧି କରିବା ଉଚିତ ।

ପୁସ୍ତକ କେବଳ ପାଠକର ମନୋରଞ୍ଜନ ପାଇଁ ଉଦ୍ଦିଷ୍ଟ ନୁହେଁ । ଜଣେ ପାଠକ ପୁସ୍ତକଟି ପାଠକରି ଅନେକ ଦୃଷ୍ଟିରୁ ନିଜ ମନକୁ ପ୍ରସାରିତ କରିବାର ସୁଯୋଗ ପାଇଥାଏ । ସେହି ଦୃଷ୍ଟିରୁ ପାଠାଗାର ବିଭିନ୍ନ ସହର, ଗ୍ରାମାଞ୍ଚଳରେ ମଧ୍ୟ ପ୍ରତିଷ୍ଠିତ ହେବା ଉଚିତ । ଲୋକଙ୍କ ପଢ଼ିବା ମନୋଭାବ ସୃଷ୍ଟି କରିବାକୁ ପଡିବ । ସେଥିରେ ସମାଜର ଅଶେଷ ମଙ୍ଗଳ ସାଧିତ ହୋଇଥାଏ । ପ୍ରତ୍ୟେକ ଆଗ୍ରହୀ ବ୍ୟକ୍ତି ମଧ୍ୟ ନିଜ ଘରେ ପାଠାଗାର ପ୍ରତିଷ୍ଠା କରିବା ଉଚିତ । ପ୍ରତି ମାସରେ ପୁସ୍ତକ କିଣିବା ପାଇଁ କିଛି ଅର୍ଥ ବ୍ୟୟ କରିବା ଉଚିତ ।

Source: Author, Digitized by PPRACHIN, SOA

କଳାହାଣ୍ଡିର ପାଠାଗାର ଅନ୍ୟତ୍ର ଚାଲି ଯାଉଥିବା ଜାଣି, ତୁରନ୍ତ ହସ୍ତକ୍ଷେପ କରିବା ଫଳରେ ପାଠାଗାର ପ୍ରତିଷ୍ଠିତ ହେଲା । ମାତ୍ର, ଯେଉଁ ମହତ୍ ଉଦ୍ଦେଶ୍ୟ ନେଇ ପାଠକ ସଂଖ୍ୟା ବୃଦ୍ଧି ହେବା କଥା ତାହା ଆଜି ପର୍ଯ୍ୟନ୍ତ ସମ୍ଭବ ହୋଇପାରିଲା ନାହିଁ ।

ବ୍ରହ୍ମପୁର ମ୍ୟୁନିସିପାଲିଟି ପାଠାଗାର, କଟକର ପଢ଼ିହାରି ପାଠାଗାର ଓ ବିଭିନ୍ନ ପାଠାଗାରମାନଙ୍କରେ ପାଠକ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ଏ ଦିଗରେ ନିରନ୍ତର ଉଦ୍ୟମ ଆବଶ୍ୟକ ।

ଭବାନୀପାଟଣା ସହରକୁ ଜଳ ଯୋଗାଣ :

ସହରର ଜଳ ଯୋଗାଣ ନିମନ୍ତେ ଏଲ୍.ଆଇ.ସି. ଋଣ ପ୍ରଦାନ କରିବା ପାଇଁ ମ୍ୟୁନିସିପାଲିଟି ତରଫରୁ ଯେଉଁ ଆବେଦନ କରାଯାଇଥିଲା, ତାହା ତୁରନ୍ତ ମଞ୍ଜୁର ହୋଇଆସିଲା । ସେଥିରୁ ଦୁଇ ତୃତୀୟାଂଶ ମ୍ୟୁନିସିପାଲିଟିକୁ ଦେବାକୁ ପଡିବ ଏବଂ ଅବଶିଷ୍ଟ ଏକ ତୃତୀୟାଂଶ ରାଜ୍ୟ ସରକାର ଭରଣ କରିବେ । ସେଥିପାଇଁ ରାଜ୍ୟ ସରକାରଙ୍କ ସହିତ ଚୁକ୍ତିପତ୍ର ସ୍ୱାକ୍ଷର ହେଲା । ୪୫ ଲକ୍ଷ ଟଙ୍କା ମଞ୍ଜୁର ହୋଇ ଆସିଲା । ସେହି ଅର୍ଥ ତୁରନ୍ତ ପି.ଏଚ୍.ଡି. ଅଫିସ୍‌ରେ ଡିପୋଜିଟ୍ କରି ଦିଆଗଲା । ସେମାନେ ମଧ୍ୟ ଟଙ୍କା ପାଇଁ ଅପେକ୍ଷା କରି ରହିଥିଲେ । ପି.ଏଚ୍.ଡି. ଟେଣ୍ଡର କରି କାର୍ଯ୍ୟାରମ୍ଭ କଲା । ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ କାର୍ଯ୍ୟ ଶେଷ କରିବା ପାଇଁ ଦ୍ରୁତ ଗତିରେ କାମ ଆଗେଇ ଚାଲିଲା । ଶଗଡା ନଦୀ ପାର୍ଶ୍ୱରେ ପାଓ୍ୱାର ହାଉସ୍ ବାନ୍ଦୋପଲା ଗାଁରେ ଫିଲ୍‌ଟରିଙ୍ଗ ହାଉସ୍ ସହ ଶଗଡାରୁ ପାଇପ୍ ଲାଇନ ପକାଯାଇ ସହରକୁ ତୁରନ୍ତ ଜଳ ଯୋଗାଇ ଦିଆଗଲା । ଆଗରୁ ସହରରେ ୧୮ଟି ଷ୍ଟାଣ୍ଡ ପୋଷ୍ଟ ଥିଲା । ଆହୁରି ୧୦୦ଟି ଷ୍ଟାଣ୍ଡ ପୋଷ୍ଟ ପ୍ରତିଷ୍ଠିତ ହେଲା । ଅବଶିଷ୍ଟ ଷ୍ଟାଣ୍ଡ ପୋଷ୍ଟ ଦ୍ୱିତୀୟ ପର୍ଯ୍ୟାୟରେ କର୍ଯ୍ୟକାରୀ ହୋଇଥିଲା । ବହୁ ବର୍ଷରୁ ପଡି ରହିଥିବା ଜଳଯୋଗାଣ କାର୍ଯ୍ୟକ୍ରମ ସଫଳ ହେବା ଯୋଗୁଁ ସହରବାସୀ ଆଶ୍ୱସ୍ତ ହୋଇଥିଲେ ।

ସରକାର ହଠାତ୍ ମ୍ୟୁନିସିପାଲିଟିମାନଙ୍କୁ ଭାଙ୍ଗିଦେବା ଫଳରେ ଓଭରହେଡ୍ ଟ୍ୟାଙ୍କ ନିର୍ମିତ ହୋଇ ପାରିଲା ନାହିଁ । ସେଥିପାଇଁ ଦଶ ଲକ୍ଷ ଟଙ୍କା ଓଭର୍ ହେଡ୍ ଟ୍ୟାଙ୍କ ପାଇଁ ଗଚ୍ଛିତ ରଖି ଦିଆଗଲା । ପରେ ତାହା ନିର୍ମିତ ହୋଇଥିଲା ।

ଲୋକଙ୍କ ଆମୋଦ ପ୍ରମୋଦ ପାଇଁ ପାର୍କର ମଧ୍ୟ କଳେବର ବୃଦ୍ଧି କରାଗଲା । ସବୁଜ ଘାସର ଗାଲିଚା ପ୍ରସ୍ତୁତ କରାଯାଇ, ସୁନ୍ଦର ଭାବରେ ବିଭିନ୍ନ ଗଛ ଲଗାଯାଇ ଲୋକଙ୍କ ମନକୁ ଆକୃଷ୍ଟ କରି ନିୟମିତ ପାର୍କ ଖୋଲା ରହିଲା । ଦିନକୁ ଦିନ ଲୋକେ ମଧ୍ୟ ପାର୍କର ସୌନ୍ଦର୍ଯ୍ୟରେ ଆକୃଷ୍ଟ ହୋଇ ସମୟ ଅତିବାହିତ କଲେ । ସାଇକେଲ୍

Source: Author, Digitized by PPRACHIN, SOA

ଲାଇସେନ୍ସ ପଚାଶ ପଇସାକୁ କମାଇ ଦେବା ଫଳରେ ଲୋକେ ସ୍ୱତଃ ପ୍ରବୃତ୍ତ ହୋଇ ମ୍ୟୁନିସିପାଲିଟି ଅଫିସକୁ ଆସି ପଇସା ଦେଇ ସାଇକେଲ୍ ଟୋକନ୍ ନେଇଯାଉଥିଲେ । ମ୍ୟୁନିସିପାଲିଟିର ମଧ୍ୟ ପୂର୍ବ ତୁଳନାରେ ସାଇକେଲ୍ ଲାଇସେନ୍ସରୁ ପାଞ୍ଚଗୁଣାରୁ ଅଧିକ ଆୟ ହେଲା ।

କମ୍ ଟିକସରେ ବହୁ ଆୟ ସଦାବେଳେ ଗ୍ରହଣୀୟ । ଲୋକଙ୍କୁ ନ ବାଧିଲା ଭଳି ଟିକସ ବସାଇବା ଉଚିତ । ହୋଲଡିଙ୍ଗ ଟିକସରେ ମଧ୍ୟ ରିହାତି ଦେବା ଫଳରେ ୯୦ ପ୍ରତିଶତରୁ ଊର୍ଦ୍ଧ୍ୱ ଟିକସ ଆଦାୟ ହୋଇଥିଲା ।

ମ୍ୟୁନିସିପାଲିଟିର ବହୁମୁଖୀ ଉନ୍ନୟନ କାର୍ଯ୍ୟକ୍ରମ ଜଳ ଯୋଗାଣ, ଟାଉନହଲ ନିର୍ମାଣ, ଶିକ୍ଷାନୁଷ୍ଠାନର ସଂପ୍ରସାରଣ, ପାର୍କର ଉନ୍ନୟନ, ପାଠାଗାର, ରାସ୍ତାଘାଟର ସଂପ୍ରସାରଣ, ନାଳନର୍ଦ୍ଦମାର ନିର୍ମାଣ, ପରିଷ୍କାର ପରିଚ୍ଛନ୍ନତା ପ୍ରତି ପ୍ରାଧାନ୍ୟ, ନିୟମିତ ନାଳରେ ଫିନାଇଲ ପକାଇ ପରିଷ୍କାର ପରିଚ୍ଛନ୍ନ ରଖିବା ପ୍ରଭୃତି ସଂସ୍କାରମୁଖୀ କାର୍ଯ୍ୟ ଯୋଗୁଁ ଭବାନୀପାଟଣା ମ୍ୟୁନିସିପାଲିଟିକୁ ଓଡିଶାର ଶ୍ରେଷ୍ଠ ମ୍ୟୁନିସିପାଲିଟି ରୂପେ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କୁ ସୁପାରିଶ କରିବା ଫଳରେ କେନ୍ଦ୍ର ସରକାର ଭବାନୀପାଟଣା ମ୍ୟୁନିସିପାଲିଟିକୁ ୧୯୭୪-୭୫ ମସିହାରେ ସ୍ୟୁରେଜ୍ ସ୍କିମ୍ ପାଇଁ ୨୫ ଲକ୍ଷ ଟଙ୍କା ପ୍ରଦାନ କଲେ । ସେହି ପ୍ରଦତ୍ତ ଅର୍ଥରେ ସ୍ୟୁରେଜ୍ ସ୍କିମ୍ କାର୍ଯ୍ୟ ଆରମ୍ଭ ହୋଇ ମାଟି ତଳେ ୨୫ ଲକ୍ଷ ଟଙ୍କାର କାମ ପୋତା ହୋଇ ପଡି ରହିଛି । ପରବର୍ତ୍ତୀ କାର୍ଯ୍ୟକ୍ରମ ଗ୍ରହଣ ନ କରିବା ଫଳରେ ତାର ଅଗ୍ରଗତି ଏ ପର୍ଯ୍ୟନ୍ତ ହୋଇ ପାରିଲା ନାହିଁ । ଜାତୀୟ ସଂପତ୍ତିର ଏ ଏକ ଅପଚୟ ।

ନଗରପାଳଙ୍କ କଳାପାହାଡୀ ଶାସନ :

ମୁଁ ମୋ'ର ଘର ବାହାର କୋଠରୀରେ ବସି ସକାଳର ଚାହା ପାନ କରୁଛି ଏବଂ ଖବରକାଗଜ ଉପରେ ଆଖି ବୁଲାଇ ନେଉଛି । ଠିକ୍ ଏତିକିବେଳେ ମାଇକ୍‌ରେ ଶୁଣିବାକୁ ପାଇଲି ମ୍ୟୁନିସିପାଲିଟି ଚେୟାରମ୍ୟାନଙ୍କ କଳାପାହାଡୀ ଶାସନ । ବ୍ରଜମୋହନ ଦେଓଙ୍କ ଷ୍ଟାଚ୍ୟୁ ଭାଙ୍ଗି ଚୁରମାର ।

ରିକ୍ସାରେ ସଦର ବିଧାୟକ ଜଗମୋହନ ନାଏକ ବସି ମାଇକ୍‌ରେ ପ୍ରଚାର କରୁଥାନ୍ତି । ଜଣେ ପ୍ରଚାର ପତ୍ର ମଧ୍ୟ ବାଣ୍ଟି ଚାଲିଥାଏ । ଜଣେ ଆଣି ମୋତେ ମଧ୍ୟ ପ୍ରଚାର ପତ୍ର ଦେଇଗଲେ ।

ଷ୍ଟାଚ୍ୟୁ ଭାଙ୍ଗିବା ଶୁଣି ମୁଁ ଆଶ୍ଚର୍ଯ୍ୟ ହୋଇଗଲି । ପ୍ରଚାର ପତ୍ରକୁ ମଧ୍ୟ ପଢ଼ିଲି । ମୁଁ ଚେୟାରମ୍ୟାନ, ମୋ' ବିରୁଦ୍ଧରେ ବିଷୋଦଗାର ହେଉଥାଏ । ସେତେବେଳେ

Source: Author, Digitized by PPRACHIN, SOA

ସକାଳ ଘ.୭.୩୦ମି. ହେବ । ମୁଁ ଘର ଭିତରକୁ ଯାଇ ସାର୍ଟ ପିନ୍ଧି ଘଟଣା କଣ ଜାଣିବା ପାଇଁ ମନରେ ଉଦ୍‌ବେଗ ବଢ଼ିବାରୁ ବାହାରିବା ପାଇଁ ପ୍ରସ୍ତୁତ ହେଉଥିଲି ।

ଠିକ୍ ସେତିକିବେଳେ ମୋ' ଘର ବାହାରେ ଡାକ ଶୁଭିଲା ''ରାସବିହାରୀ! ରାସବିହାରୀ! ଘରେ ଅଛ''?

ମୁଁ ତରତର ହୋଇ ବାହାରକୁ ଚାଲି ଆସି ଦେଖିଲି, ସମ୍ମୁଖରେ ଆମ ହାଇସ୍କୁଲ୍‌ର ପୂର୍ବତନ ସଂସ୍କୃତ ପଣ୍ଡିତ ବାଚସ୍ପତି ଗଣେଶ୍ୱର ରଥ । ଭାରତୀୟ ସଂସ୍କୃତ ସାହିତ୍ୟରେ ଜଣେ ବିଶିଷ୍ଟ କବି ଓ ପଣ୍ଡିତ ଭାବରେ ମଧ୍ୟ ତାଙ୍କର ସୁଖ୍ୟାତି ସେତେବେଳକୁ ଭାରତ ବିଦିତ ହୋଇଥିଲା । ନିଜର ପ୍ରତିଭା, ପାଣ୍ଡିତ୍ୟ ଓ ବିଦ୍ୱତ୍ତା ବଳରେ ସେ ଅଯୋଧ୍ୟାରୁ 'ବେଦାନ୍ତାଳଙ୍କାର' ଏବଂ କଳାହାଣ୍ଡି ମହାରାଜା ପ୍ରତାପକେଶରୀ ଦେଓଙ୍କ ରାଜସଭାରୁ 'ବାଚସ୍ପତି' ଉପାଧି ଲାଭ କରିଥିଲେ । ସେହିପରି କାଶୀ ସ୍ଥିତ ହିନ୍ଦୁ ବିଶ୍ୱବିଦ୍ୟାଳୟ ଦ୍ୱାରା ମଧ୍ୟ ସମ୍ମାନିତ ହୋଇଥିଲେ । ସେତେବେଳକୁ ତାଙ୍କ ଦ୍ୱାରା ପ୍ରଣୀତ ସଂସ୍କୃତ ଗ୍ରନ୍ଥ 'ଶ୍ରୀ ପୁରୁଷୋତ୍ତମ ଚରିତମ୍' ମହାକାବ୍ୟ, 'ଶ୍ରୀ ଲିଙ୍ଗରାଜାୟନମ୍' ଖଣ୍ଡକାବ୍ୟ, ଶ୍ରୀ ସକଳେଶ୍ୱର ଶତକମ୍, ଶକ୍ତି ଶତକମ୍ ଓ ଶକ୍ତି ମହିମ୍ନସ୍ତବ ଗୀତିକାବ୍ୟ ଏବଂ ସମ୍ପାଦିତ ଗ୍ରନ୍ଥ 'ବ୍ରତବିଧାନ ପଦ୍ଧତି' ଓ 'ଚଣ୍ଡୀବିଧାନ ପଦ୍ଧତି' ଭାରତୀୟ ସଂସ୍କୃତ ବିଦ୍ୱାନ ମଣ୍ଡଳୀରେ ସମାଦୃତ ହୋଇସାରିଥିଲା । ସେ ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ମଧ୍ୟ ସମ୍ବର୍ଦ୍ଧିତ ହୋଇଥିଲେ । ଏଭଳି ଜଣେ ଋଷି ପ୍ରତିମ ବ୍ୟକ୍ତିତ୍ୱଙ୍କୁ ମୋର ଘର ସମ୍ମୁଖରେ ଦେଖି ପ୍ରକୃତରେ ମୁଁ ଆନନ୍ଦ ଓ ବିସ୍ମୟରେ ମୁଁ ତାଙ୍କୁ ଅନାଇଲି ।

ସେ ମୋତେ ସ୍କୁଲରେ ପାଠ ପଢ଼ାଇଛନ୍ତି । ମୁଁ ବାହାରକୁ ଆସି ଦଣ୍ଡବତ କରି ବସିବା ପାଇଁ ଅନୁରୋଧ କଲି ।

''ମୁଁ ଏଠି ବସିବା ପାଇଁ ଆସି ନାହିଁ'' । ମୋତେ ଦେଖି ଦୁଃଖରେ ଏବଂ ରାଗରେ କହିଲେ । ''ତୁ' ଏଭଳି ଚଣ୍ଡାଳର କାମ କଲୁ କାହିଁକି? ଷ୍ଟାଚ୍ୟୁକୁ ଭାଙ୍ଗିଦେଲୁ...''? ମୁହଁ ତାଙ୍କ ଲାଲ ପଡିଯାଇଥାଏ ।

ତାଙ୍କ ରାଗ ଦେଖି ଏବଂ କ୍ରୋଧାନ୍ୱିତ କଥା ଶୁଣି ମୋ' ମନରେ ଦୁଃଖ ହେଲା । ଅତି ନମ୍ର ଭାବରେ କହିଲି, ''ନା'ସାର୍! ମୁଁ ଷ୍ଟାଚ୍ୟୁ ଭାଙ୍ଗି ନାହିଁ । ଘଟଣା କଣ ମୁଁ କିଛି ଜାଣେ ନାହିଁ''। ମୋ' ମୁହଁରେ ଦୁଃଖର ବେଦନା ଫୁଟି ଉଠିଲା ।

ସେ ମଧ୍ୟ ନରମ ହୋଇଯାଇ କହିଲେ, ''ମୁଁ ତ ସେହି ରାସ୍ତାରେ ଆସିଲି । ଷ୍ଟାଚ୍ୟୁ ତ ଅଛି । ମାତ୍ର, ଲୋକ ଜମିଛନ୍ତି'' ।

ସେତେବେଳେ ତାଙ୍କ ମୁହଁରେ ଥାଏ ପ୍ରଶ୍ନବାଚୀ । ସେ ମୋ'ର ବେଦନାଭରା ମୁହଁକୁ ଦେଖି କହିଲେ, ''ତୁ' ତାହାହେଲେ ଭାଙ୍ଗି ନାହୁଁ? ମୋ'ର ମଧ୍ୟ ସେହି

Source: Author, Digitized by PPRACHIN, SOA

ବିଶ୍ୱାସ । ରାସବିହାରୀ ଏହିଭଳି କାମ କେବେ କରିବ ନାହିଁ । ଘଟଣା କ'ଣ ମୋତେ ସନ୍ଧ୍ୟାରେ ତୁ' ଜଣାଇବୁ'' ।

''ମୁଁ ସେହି ସ୍ଥାନକୁ ଯାଉଛି । ସବୁ ବୁଝି ଆପଣଙ୍କୁ ନିଶ୍ଚୟ ଜଣାଇବି'' । ମୋ'ଠୁ ଏତକ ଶୁଣି ପଣ୍ଡିତ ମହାଶୟ ବିଦାୟ ନେଲେ ।

ସେତେବେଳେ ମୋ' ଲ୍ୟାଣ୍ଡ ଫୋନ ବାଜି ଉଠିଲା । ଭିତରକୁ ଯାଇ ଫୋନ୍ ଉଠାଇଲି । କଲେକ୍ଟରଙ୍କ ଷ୍ଟେନୋ କହୁଥାନ୍ତି, ''କଲେକ୍ଟର୍ ଆପଣଙ୍କ ସହିତ କଥା ହେବେ'' । ''ଦିଅନ୍ତୁ...'' । କଲେକ୍ଟର୍ କହିଲେ, ''ଷ୍ଟାଚ୍ୟୁ ପାଖକୁ ମୁଁ ଏବଂ ଏସ୍.ପି. ଯାଉଛୁ । ଆପଣ ମଧ୍ୟ ସେଠାକୁ ଆସନ୍ତୁ''। ଉତ୍ତରରେ କହିଲି, ''ମୁଁ ମଧ୍ୟ ବାହାରିଛି, ସେଇଠି ସାକ୍ଷାତ ହେବ''। ଏତକ କହି ଫୋନ ରଖିଦେଲି ।

ଷ୍ଟାଚ୍ୟୁ ପାଖରେ ଲୋକଙ୍କ ଭିଡ ଜମି ଯାଇଥାଏ । ମାତ୍ର, ଷ୍ଟାଚ୍ୟୁ ଅକ୍ଷୁଣ୍ଣ ଅବସ୍ଥାରେ ଥାଏ । ସମସ୍ତେ ବିସ୍ମୟରେ ଷ୍ଟାଚ୍ୟୁକୁ ଅନାଇ ରହିଥାନ୍ତି ।

ସମସ୍ତଙ୍କ ମନରେ ଅବିଶ୍ୱାସ, ସନ୍ଦେହଭାବ ଖେଳିଗଲା । ମିଛରେ ନିନ୍ଦା କରିବା ପାଇଁ ଏଇଟା ଗୋଟିଏ ଫିକର । କାହିଁ ଷ୍ଟାଚ୍ୟୁ ତ ଭାଙ୍ଗି ନାହିଁ । ଯେମିତି ଥିଲା ସେମିତି ଅଛି । ଲୋକେ ନିଜ ନିଜ ଭିତରେ କୁହାକୁହି ହେଉଥାନ୍ତି । ନିଜ ନିଜ ଭିତରେ ଆଖି ଠରାଠରି ହେଉଥାନ୍ତି... ସବୁ ମିଛ... ।

କଲେକ୍ଟର, ଏସ୍.ପି. ପାଖକୁ ଯାଇ ତନ୍ନ ତନ୍ନ ବୁଲି ଦେଖିଲେ । ମାତ୍ର, ଷ୍ଟାଚ୍ୟୁର କୌଣସି କ୍ଷତ ଚିହ୍ନ ଦେଖିବାକୁ ପାଇଲେ ନାହିଁ ।

ଭିଡ ଭିତରୁ ଦୁଇ ଜଣ ଲୋକ ଆସି ଏସ୍.ପି.ଙ୍କୁ କହିଲେ, ''ଆମେ ଗଲା ରାତିରେ ସେକେଣ୍ଡ ସୋ ସିନେମା ଦେଖି ଫେରି ଆସି ଏଇଠି ପଥର ବେଞ୍ଚରେ ବସି ସିଗାରେଟ ପିଇଥିଲୁ । ସେହି ବେଞ୍ଚକୁ କିଏ ନେଇ ଯାଇଛି'' ।

କଥାରେ ସୂତ୍ର ବାହାରି ପଡିଲା । ଷ୍ଟାଚ୍ୟୁର ଚାରିପଟେ ବସିବା ପାଇଁ ପଥର ବେଞ୍ଚ ସବୁ ଲାଗି ରହିଛି । ସେଥିରୁ ଗୋଟିଏ ବେଞ୍ଚକୁ ରାତ୍ର ୧୨ଟା ପରେ ସେକେଣ୍ଡ ସୋ ସିନେମା ସରିବା ପରେ କୌଣସି ଦୁର୍ବୃତ୍ତ ଭାଙ୍ଗି ନେଇ ଯାଇଛି । ଏହା ଦ୍ୱାରା ଚେୟାରମ୍ୟାନ୍‌କୁ ବଦନାମ କରିବା ପାଇଁ କାର୍ଯ୍ୟ କରାଯାଇଛି ।

ଏସ୍.ପି.,କଲେକ୍ଟର ସେହି ବ୍ୟକ୍ତିମାନଙ୍କୁ ପ୍ରଶ୍ନ କରି ସେମାନଙ୍କ କହିବା କଥା ଠିକ୍ ବୋଲି ଉପଲବ୍ଧି କଲେ । ସେତେବେଳେ ନୂଆ 'ସତ୍ୟମ୍ ସିନେମା' ହଲ ପ୍ରତିଷ୍ଠିତ ହୋଇ ନ ଥାଏ ।

କଲେକ୍ଟର୍ ଏବଂ ଏସ୍.ପି. କଥାର ମୂଳ ଜାଣିବା ପାଇଁ ଚେଷ୍ଟା କରୁଥାନ୍ତି । ମୁଁ ତାଙ୍କୁ ପ୍ରଶ୍ନ କଲି, ''ଆପଣମାନେ କେତେବେଳେ ପ୍ରଚାର ପତ୍ର ପାଇଲେ''? ଦୁହେଁ

Source: Author, Digitized by PPRACHIN, SOA

କହିଲେ, ''ସକାଳ ଘ.୭.୧୦ମି. ଭିତରେ'' ।

ମୁଁ ପୁଣି କହିଲି, ''ମୁଁ ଗୋଟିଏ ପ୍ରେସ୍‌ର ପରିଚାଳକ । ମୋ'ର ନିଜର ପ୍ରେସ୍ ଅଛି । ଏହି ଯେଉଁ ପ୍ରଚାର ପତ୍ର ବଣ୍ଟା ଯାଇଛି ତାର କମ୍ପୋଜ୍ କରିବା ପାଇଁ ଘଣ୍ଟାଏ ଦରକାର । ପ୍ରୁଫ୍ ଦେଖିବା ପାଇଁ ୧୦ ମିନିଟ୍ ଦରକାର । ତାକୁ ସଂଶୋଧନ କରି ଚେସ୍‌ରେ ଭର୍ତ୍ତି କରି କି ବୋର୍ଡ଼ ଲଗାଇ ମେସିନକୁ ଉଠାଇ ପ୍ରିଣ୍ଟ କରିବା ପାଇଁ ଘଣ୍ଟାଏ ଦରକାର । ବର୍ତ୍ତମାନ କୌଣସି ପ୍ରେସ୍ ଖୋଲା ହୋଇ ନାହିଁ । ତେଣୁ ପୂର୍ବରୁ ପ୍ରିଣ୍ଟ କରି ରାତ୍ର ୧୨ଟା ପରେ ପଥର ବେଞ୍ଚକୁ ଭାଙ୍ଗି ଚେୟାରମ୍ୟାନ୍‌କୁ ବଦନାମ କରିବା ପାଇଁ ପୂର୍ବ ପରିକଳ୍ପିତ ଏ ଏକ ଷଡଯନ୍ତ୍ର'' ।

ଏସ୍.ପି., କଲେକ୍ଟର୍ ଏ ଦିଗ ପ୍ରତି ସଚେତନ ନ ଥିଲେ । ପ୍ରେସ୍ ଖୋଲିବ ଦିନ ୧୦ଟା ପରେ । ମାତ୍ର, ତାର ବହୁ ପୂର୍ବରୁ ପ୍ରଚାର ପତ୍ର ପ୍ରିଣ୍ଟ ହୋଇ ସକାଳ ୭ଟାରୁ ବଣ୍ଟା ହେଉଛି । ଏହାର ଅର୍ଥ ସମସ୍ତଙ୍କ ଆଖିରେ ଜଳ ଜଳ ହୋଇ ଦେଖାଗଲା ।

କଳାହାଣ୍ଡି ଲୋକସଭା ସଦସ୍ୟ, ନଗରପାଳଙ୍କ କଳାପାହାଡ଼ୀ ଶାସନର ଫଳ ସ୍ୱରୂପ ବ୍ରଜମୋହନ ଷ୍ଟେଚ୍ୟୁ ଭଙ୍ଗା ଯାଇଥିବା ଘଟଣାର ତଦନ୍ତ ପାଇଁ ରାଷ୍ଟ୍ରପତିଙ୍କୁ ଟେଲିଗ୍ରାମ୍ ମାଧ୍ୟମରେ ଜଣାଇ ଦେଇଥାନ୍ତି ।

ମହାମାନ୍ୟବର ରାଷ୍ଟ୍ରପତି ମଧ୍ୟ ଆମ ରାଜ୍ୟ ହୋମ୍ ସେକ୍ରେଟାରୀଙ୍କୁ ନିର୍ଦ୍ଦେଶ ଦେଇଥାନ୍ତି, ତୁରନ୍ତ ସମସ୍ତ ଘଟଣା ଅନୁସନ୍ଧାନ କରି ଜଣାଇବା ପାଇଁ ।

ଜିଲ୍ଲାପାଳ, ଏସ୍.ପି. ଲୋକଙ୍କଠୁ ତଥ୍ୟ ସଂଗ୍ରହ କରି ସ୍ୱଚକ୍ଷୁରେ ସମସ୍ତ ଘଟଣା ଦେଖି, ଶୁଣି, ଆଗରୁ ପ୍ରଚାର ପତ୍ର ପ୍ରିଣ୍ଟିଂ ହୋଇଥିବା ଜାଣି, ଘଟଣାର ଏକ ପୂର୍ଣ୍ଣାଙ୍ଗ ରିପୋର୍ଟ୍ ରାଜ୍ୟ ସରକାରଙ୍କ ହୋମ୍ ସେକ୍ରେଟାରୀଙ୍କୁ ପ୍ରଦାନ କଲେ ।

ରାଜ୍ୟ ଗୃହ ସଚିବଙ୍କ ସହ ସାକ୍ଷାତ :

ମୁଁ ମ୍ୟୁନିସିପାଲିଟି ଅଫିସ୍‌ରେ ବସି କାର୍ଯ୍ୟରତ ଥିବା ସମୟରେ ହଠାତ୍ ହୋମ୍ ସେକ୍ରେଟାରୀଙ୍କଠୁ ଟେଲିଗ୍ରାମ୍ ପାଇଲି । ସେଥିରେ ଭୁବନେଶ୍ୱରରେ ତୁରନ୍ତ ତାଙ୍କୁ ସାକ୍ଷାତ ପାଇଁ ନିର୍ଦ୍ଦେଶ ଥାଏ ।

ସନ୍ଧ୍ୟା ବସ୍‌ରେ ଟିକଟ କାଟି ମୁଁ ଭୁବନେଶ୍ୱର ଗଲି । ତା' ଆରଦିନ ହୋମ୍ ସେକ୍ରେଟାରୀଙ୍କୁ ତାଙ୍କ ଅଫିସରେ ଭେଟିଲି ।

ସେତେବେଳେ ଗୃହ ସଚିବ ଥାନ୍ତି ପଦ୍ମନାଭ ମିଶ୍ର ।

ତାଙ୍କୁ ଭେଟି ମୋ'ର ପରିଚୟ ପ୍ରଦାନ କଲି ।

ସେ ମୋତେ ବସିବା ପାଇଁ କହି କିଛି ସମୟ ମୋ' ମୁହଁକୁ ଅନାଇ ରହିଲେ ।

Source: Author, Digitized by PPRACHIN, SOA

''ଆପଣଙ୍କ ନାମରେ ଅଭିଯୋଗ ହୋଇଛି, ବ୍ରଜମୋହନ ଦେଓଙ୍କ ଷ୍ଟେଚ୍ୟୁ ଆପଣ ଭାଙ୍ଗି ଦେଇଛନ୍ତି'' ।

''ନା... ମୁଁ ଷ୍ଟେଚ୍ୟୁ ଭାଙ୍ଗି ନାହିଁ'' । ଦୃଢ଼ ସ୍ୱରରେ କହି ତାଙ୍କ ମୁହଁକୁ ଚାହିଁ ରହିଲି । ସେ ଟିକିଏ ଅସନ୍ତୋଷ ପ୍ରକାଶ କରି, ପୁଣି କହିଲେ... ''ମହାରାଜା କଣ ମିଛଟାରେ ଅଭିଯୋଗ ଆଣିଛନ୍ତି''?

ମୁଁ ପୁଣି କହିଲି, ''ରାଜା, ମହାରାଜାମାନେ କେବେ ମିଛ କହନ୍ତି ନାହିଁ । ତାଙ୍କ କଥାକୁ ଆପଣ ଗ୍ରହଣ କରି ରାଷ୍ଟ୍ରପତିଙ୍କୁ ରିପୋର୍ଟ୍ ଦେଇଦେବା ଉଚିତ । ମୋତେ ଡାକି ତଦନ୍ତ କରିବା ଆବଶ୍ୟକ ନ ଥିଲା'' ।

ମୋ'ଠୁ ଏହିଭଳି ରୋକ୍‌ଠୋକ୍ ଉତ୍ତର ଶୁଣି ସେ ମୋ' ମୁହଁକୁ ଆଶ୍ଚର୍ଯ୍ୟରେ ଚାହିଁ ରହିଲେ କିଛିକ୍ଷଣ ।

ମୋତେ ଚାହିଁ ପୁଣି ପ୍ରଶ୍ନ କଲେ, ''ଆପଣଙ୍କ ଘର କେଉଁଠି''?

ମୁଁ ଉତ୍ତରରେ କହିଲି, ''ମୁଁ ଭବାନୀପାଟଣା ସହରର ବାସିନ୍ଦା ହୋଇ ନ ଥିଲେ, ନଗରପାଳ ହୋଇଥାନ୍ତି କେମିତି''?

ସେ ଆହୁରି ଦ୍ୱନ୍ଦ୍ୱରେ ପଡିଗଲେ । ମୋ'ର ସାଙ୍ଗିଆ 'ବେହେରା' ଥିବା ଜାଣି ତାଙ୍କ କୌତୂହଳ ବଢ଼ି ଚାଲିଥାଏ ।

ସେ ମୋ' ମୁହଁକୁ ଭଲ ଭାବରେ ଚାହିଁନେଇ ପ୍ରଶ୍ନ କଲେ, ''ସୁରେଶ ଚନ୍ଦ୍ର ବେହେରାଙ୍କୁ ଜାଣନ୍ତି''?

ମୁହଁରେ ସ୍ମିତ ହାସ୍ୟରେଖା ଖେଳାଇ କହିଲି, ''ସେ ମୋ' ବଡବାପା'' ।

ତାଙ୍କ ମୁହଁରେ ହସ ଫୁଟି ଉଠିଲା, ମନରୁ ସମସ୍ତ ସନ୍ଦେହ ଦୂର ହୋଇଗଲା ।

''ଆପଣ ତାହାହେଲେ ପ୍ରସନ୍ନ କୁମାର ବେହେରାଙ୍କ ପୁଅ''?

ନମ୍ରତା ସହ କହିଲି, ''ହଁ ସାର'' ।

''ତୁମେ ଛୋଟ ଥିବାବେଳେ ଦେଖିଥିଲି । ତୁମେ ଆଜି ଭବାନୀପାଟଣା ସହରର ନଗରପାଳ''!

ତାଙ୍କ ସ୍ନେହ, ଶ୍ରଦ୍ଧାର ଭାବନାରେ ମୁଁ ଆପଣରୁ ହୋଇଗଲି ତୁମେ ।

ସେ ପୁଣି କହିଲେ, ''ଏଥର ବୁଝିବାରେ ମୋ'ର ଆଉ କିଛି ବାକିରହିଲା ନାହିଁ'' ।

ତୁମ ପରିବାର ସହ ରାଜ ପରିବାରର ରାଜନୈତିକ ଦ୍ୱନ୍ଦ୍ୱ ଲାଗି ରହିଛି । ତାର ପରିଣାମର ଏ ମଧ୍ୟ ଏକ ଘଟଣା ।

ସମଗ୍ର ଓଡିଶାର ୩୧୪ଟି ବ୍ଲକ୍ ମଧ୍ୟରୁ, ସ୍ୱାଧୀନତାପରେ ପ୍ରଥମ ଅବସ୍ଥାରେ ଓଡିଶାର ୪ଟି ବ୍ଲକ୍ ପ୍ରୋଜେକ୍ଟ ବ୍ଲକ୍ ରୂପେ କାର୍ଯ୍ୟ କରୁଥିଲା । କଳାହାଣ୍ଡି ଜିଲ୍ଲାର

Source: Author, Digitized by PPRACHIN, SOA

'ଜୁନାଗଡ ବ୍ଲକ୍' ତନମଧ୍ୟରୁ ଗୋଟିଏ ବ୍ଲକ୍ । ସେତେବେଳେ ପ୍ରୋଜେକ୍ଟ ଡାଇରେକ୍ଟର୍ ଭାବରେ ଆଜିର ଗୃହ ସଚିବ ପଦ୍ମନାଭ ମିଶ୍ର କାର୍ଯ୍ୟ କରୁଥିଲେ । ସେହି ସମୟରେ ଜୁନାଗଡର ପ୍ରୋଜେକ୍ଟ ଚେୟାରମ୍ୟାନ୍ ରୂପେ ମୋ'ର ବଡବାପା ସୁରେଶ ଚନ୍ଦ୍ର ବେହେରା ନିର୍ବାଚିତ ହୋଇ କାର୍ଯ୍ୟ କରୁଥିଲେ ।

ତେଣୁ କଳାହାଣ୍ଡିର ରାଜନୈତିକ ପରିସ୍ଥିତି, ଗୃହ ସଚିବ ଭଲଭାବରେ ଜାଣିଥାନ୍ତି । କଳାହାଣ୍ଡି ଜିଲ୍ଲାପାଳ ଏବଂ ଏସ୍.ପି.ଙ୍କ ରିପୋର୍ଟ୍ ସେ ପାଇ ସାରିଥାନ୍ତି । ସମସ୍ତ ଘଟଣାର ସଂତ୍ୟାସତ୍ୟ ରିପୋର୍ଟ୍ ମହାମାନ୍ୟବର ରାଷ୍ଟ୍ରପତିଙ୍କ ପାଖକୁ ସେ ପଠାଇ ଦେଲେ ।

ହୋମ୍ ସେକ୍ରେଟାରୀଙ୍କଠୁ ବିଦାୟ ନେବା ପୂର୍ବରୁ ତାଙ୍କୁ ଏକ ଅନୁରୋଧ କଲି । ''ବ୍ରଜମୋହନ ଦେଓଙ୍କ ମୂର୍ତ୍ତି ବର୍ତ୍ତମାନ ସୁଦ୍ଧା ମ୍ୟୁନିସିପାଲିଟିକୁ ହସ୍ତାନ୍ତର ହୋଇନାହିଁ । ଯେଉଁ ବେଞ୍ଚ ପଥରଖଣ୍ଡ ଭାଙ୍ଗି ଦିଆ ଯାଇଥିଲା, ତାହା ମଧ୍ୟ ରାଜବାଟିରେ ଅଛି'' ।

''ଆପଣ ଦୟାକରି କଳାହାଣ୍ଡି ମହାରାଜାଙ୍କୁ ଚିଠିଲେଖନ୍ତୁ । ସେ ଲିଖିତ ଆକାରରେ ଭବାନୀପାଟଣା ମ୍ୟୁନିସିପାଲିଟିକୁ ମୂର୍ତ୍ତିର ସୁରକ୍ଷା ଦାୟିତ୍ୱ ଅର୍ପଣ କରନ୍ତୁ । ମୁଁ ନଗରପାଳ ହିସାବରେ ଆପଣଙ୍କୁ ନିର୍ଭର ପ୍ରତିଶ୍ରୁତି ଦେଉଛି, ମହାରାଜାଙ୍କ ଚିଠି ପାଇବା କ୍ଷଣି, ମ୍ୟୁନିସିପାଲିଟିର ଟଙ୍କା ମଞ୍ଜୁର କରି ତାର ଚତୁର୍ଦ୍ଦିଗରେ ଲୁହା ବାଡ ଦେଇ ସୁରକ୍ଷିତ ରଖାଯିବ । ପ୍ରାଚୀନ 'ମନୁମେଣ୍ଟ'କୁ ସୁରକ୍ଷିତ ରଖିବା ଆମର ମୌଳିକ କର୍ତ୍ତବ୍ୟ ।

ମୋ'ଠୁ ଏତକ ଶୁଣି ସେ ଖୁସି ହୋଇ ମୋତେ ଆଶୀର୍ବାଦ ପ୍ରଦାନ କଲେ ।

କଳାହାଣ୍ଡି ମହାରାଜା ମ୍ୟୁନିସିପାଲିଟିକୁ ଚିଠି ଲେଖି ଷ୍ଟାଚ୍ୟୁ ହସ୍ତାନ୍ତର କଲେ । ଷ୍ଟାଚ୍ୟୁର ଦାୟିତ୍ୱ ମ୍ୟୁନିସିପାଲିଟି ବହନ କଲା, ଅର୍ଥ ମଞ୍ଜୁର କରାଯାଇ ଷ୍ଟାଚ୍ୟୁର ଚତୁଃ ପାର୍ଶ୍ୱରେ ଲୁହାବାଡ ପ୍ରଦାନ କରି ସୁରକ୍ଷିତ ରଖାଗଲା ।

ଏମିତି ଗୋଟିଏ ପରେ ଗୋଟିଏ ଅସତ୍ୟ ଘଟଣାକୁ ସତ୍ୟ ରୂପ ଦେବା ପାଇଁ ଉଦ୍ୟମ ହେଉଥିବା ଯୋଗୁଁ ମୋ' ମନ ଦୃଢ଼ ହେଉଥାଏ ।

ପ୍ରତ୍ୟେକ କ୍ଷେତ୍ରରେ ଶତ୍ରୁତା ରହିଛି । ଅନେକେ ଅନ୍ୟର ଉନ୍ନତିକୁ ସହ୍ୟ କରି ପାରନ୍ତି ନାହିଁ । ସମୟ ସମୟରେ ନିଜ ନିଜ ମଧ୍ୟରେ ଭୁଲ ବୁଝାମଣା ଯୋଗୁଁ ଶତ୍ରୁଭାବ ଫୁଟି ଉଠିଥାଏ । ଦିନକୁ ଦିନ ଏସବୁ ଘଟଣା ମୋ' ମନରେ କୌତୂହଳ ଭାବ ସୃଷ୍ଟି କରିଥାଏ ଏବଂ ମନକୁ ଆହୁରି ଦୃଢ଼ କରି ଦେଉଥାଏ ।

ଏତେ ଦେଖି ଏତେ ଘଟଣା ସବୁ ଅଙ୍ଗେ ନିଭାଇ ମଧ୍ୟ, ମୋ' ମନରେ କାହା ପ୍ରତି ଖରାପ ଧାରଣା ସୃଷ୍ଟି ହୋଇ ନ ଥାଏ ।

ଆମକୁ ମନେ ରଖିବାକୁ ହେବ, ଏହିଭଳି ପ୍ରତିରୋଧ ମଧ୍ୟ ଅନ୍ୟକୁ ଦୃଢ଼ ହେବା ପାଇଁ ପ୍ରେରଣା ଯୋଗାଇଥାଏ । ମନରେ ଦମ୍ଭ ଆଣିଦେଇଥାଏ ।

Source: Author, Digitized by PPRACHIN, SOA

ଜୀବନର ପ୍ରତ୍ୟେକ କ୍ଷେତ୍ରରେ ସଂଘର୍ଷ ରହିଛି । ସଂଘର୍ଷ ନ ଥିଲେ ମଣିଷ ନିଷ୍କ୍ରିୟ ହୋଇପଡନ୍ତା । ମହାପୁରୁଷମାନେ ଆମକୁ ବାରମ୍ବାର ସୂଚାଇ ଦେଇଛନ୍ତି, ତୁମର ଭିନ୍ନ ମତ ଥିବା ସତ୍ତ୍ୱେ ତୁମକୁ ତୁମର କର୍ତ୍ତବ୍ୟରେ ଆଗେଇ ଚାଲିବାକୁ ପଡିବ । ତୁମକୁ ବୁଝିବାକୁ ହେବ, ତୁମର ବିରୋଧୀମାନେ ତୁମର ମିତ୍ର ସ୍ୱରୂପ କାର୍ଯ୍ୟ କରୁଛନ୍ତି ବୋଲି । ମୋ'ର ପ୍ରତ୍ୟେକ କାର୍ଯ୍ୟରେ ପ୍ରତିରୋଧର ସମ୍ମୁଖୀନ ହୋଇଛି । ମୁଁ ମୋ'ର ଚିନ୍ତାଧାରାରେ ତାର ସମ୍ମୁଖୀନ ହୋଇଛି ଏବଂ ପ୍ରତି କ୍ଷେତ୍ରରେ ସଫଳତା ମଧ୍ୟ ପାଇଛି । ତେଣୁ ଦୁଃଖ ବଦଳରେ ଅପାର ତୃପ୍ତି ପାଇଛି । ବନ୍ଧୁ ଘେରରେ ରହିଥିବା ଲୋକ ଆଗକୁ ବଢ଼ିବା ପାଇଁ ଉତ୍ସାହ ପାଇଥାଏ, ମାତ୍ର; ମୁଁ ସଦାବେଳେ ବିରୋଧୀ ଘେରରେ ରହିଥିବା ଯୋଗୁଁ ଆଗକୁ ଯିବା ପାଇଁ ମୋତେ ବାଟ ତିଆରି କରିବାକୁ ପଡୁଥାଏ । ସେଥିପାଇଁ ବିବେକ ମୋ'ର ସହାୟକ ହୋଇଥାଏ । ସବୁ ଦୁଃଖ ଯନ୍ତ୍ରଣା ସତ୍ତ୍ୱେ ଆଶା ହିଁ ଆମକୁ ବଢ଼ିବାରେ ସହାୟକ ହୋଇଥାଏ ।

ସରକାରଙ୍କ ଅଧୀନରୁ ସରାଇଘର ଅଣାଗଲା :

ମୁଁ ଭବାନୀପାଟଣା ମ୍ୟୁନିସିପାଲିଟି ଚେୟାରମ୍ୟାନ୍ ଥିବା ସମୟରେ ସପ୍ଲାଇ ଡିପାର୍ଟମେଣ୍ଟର ଅଫିସ୍ ଯେଉଁଠି ଥିଲା ତାହା ଅନ୍ୟତ୍ର ଉଠିଗଲା । ସରକାରୀ କୋଠା ନିର୍ମାଣ ହେବା ପରେ ସେମାନେ ଉଠିଗଲେ ।

ମୁଁ ସେତେବେଳେ ଜିଲ୍ଲାପାଳଙ୍କୁ କାଗଜପତ୍ର ସହ ଯୁକ୍ତି ଦର୍ଶାଇଲି, ସରାଇଘର ଅର୍ଥ ପାନ୍ଥଶାଳା । ତାହାକୁ ସର୍ବସାଧାରଣଙ୍କ ସମ୍ପତ୍ତି ରୂପେ ସ୍ୱୀକାର କରି ମ୍ୟୁନିସିପାଲିଟିକୁ ହସ୍ତାନ୍ତର କରିବା ଉଚିତ । ମୋ'ର ଯୁକ୍ତି ଏବଂ ରେକର୍ଡ୍‌ସବୁ ଦେଖିଲା ପରେ ଜିଲ୍ଲାପାଳ ଉପଲବ୍ଧି କରିପାରି ତାହା ମ୍ୟୁନିସିପାଲିଟିକୁ ହସ୍ତାନ୍ତର କରିବା ପାଇଁ ସମ୍ମତି ପ୍ରଦାନ କରିଥିଲେ ।

ମାତ୍ର, ତତ୍‌କାଳୀନ ଉପଜିଲ୍ଲାପାଳ ତାକୁ ସରକାରଙ୍କ ଅଧୀନରେ ରଖିବା ପାଇଁ ଚେଷ୍ଟାକଲେ । ଗୋଟିଏ କୋଠରୀରେ ଟାଉନ ଆର୍.ଆଇ. ରେକର୍ଡ୍‌ପତ୍ର ରଖି ଆଗରୁ କାର୍ଯ୍ୟ କରୁଥିଲେ । ତାହା ବହୁ ଆଗରୁ ଉଠିଯାଇ ଅନ୍ୟତ୍ର କାର୍ଯ୍ୟକାରୀ ହେଉଥିଲା । ମାତ୍ର, ଉପଜିଲ୍ଲାପାଳ ମହାଶୟ ସମସ୍ତ ଅଫିସ୍ ଉଠିଗଲା ପରେ ସେହି ଗୋଟିଏ ରୁମ୍‌କୁ ଟାଉନ୍ ଆର୍.ଆଇ. ଅଫିସ୍ କାର୍ଯ୍ୟ କରୁଛି ବୋଲି ଦର୍ଶାଇ ସମସ୍ତ କୋଠରୀ ସରକାରଙ୍କ ଅଧୀନରେ ରଖିବା ପାଇଁ ଉଦ୍ୟମ କରିଥିଲେ । ତେଣୁ ଫାଇଲ୍‌ପତ୍ର ଭର୍ତ୍ତିକରି କୋଠରୀରେ ତାଲା ପକାଇ ଦେଲେ । ସେ ଏତେ ତରବରରେ କାର୍ଯ୍ୟ କଲେ ଯେ, ବହୁ ଦିନରୁ ପଡି ରହିଥିବା ଗାଈ ଗୋବର ମଧ୍ୟ ସଫା କରି ପାରିଲେ ନାହିଁ ।

Source: Author, Digitized by PPRACHIN, SOA

ସପ୍ଲାଇ ଡିପାର୍ଟମେଣ୍ଟ ଚାଲିଗଲା ପରେ ତାହା ଖୋଲା ରହି ଆବର୍ଜନାମୟ ହୋଇଯାଇଥିଲା । ଗାଈ, ଗୋରୁମାନେ ପଶି ଆସି ମଳ ତ୍ୟାଗକରି ଦୂଷିତ କରି ଦେଇଥିଲେ ।

ଏ.ଡି.ଏମ୍. ମହାଶୟ ତାଲା ପକାଇବା ଖବର ଜାଣିବା ପରେ, ମୁଁ ଜିଲ୍ଲାପାଳଙ୍କ ସହ କଥାବାର୍ତ୍ତା କଲି । ଆପଣ ଆମକୁ ପ୍ରତିଶ୍ରୁତି ଦେଇଥିବା କଥାରୁ ଓହରିଯିବା ଠିକ୍ ହେବ ନାହିଁ । ଆପଣ ସ୍ପଟ୍‌କୁ ଆସି ସମସ୍ତ ବିଷୟ ଅନୁଧ୍ୟାନ କରି ଫଏସଲା ନିଅନ୍ତୁ ।

ଜିଲ୍ଲାପାଳ, ନଗରପାଳ ଏବଂ ଉପଜିଲ୍ଲାପାଳ ପ୍ରଭୃତି ସରାଇଘରକୁ ଯାଇ ସେଠି ଫଏସଲା କଲେ ।

ଏ.ଡି.ଏମ୍. କହିଲେ, ''ବହୁ ଦିନରୁ ଆର୍.ଆଇ. ଅଫିସ ଏଠି କାର୍ଯ୍ୟକାରୀ ହେଉଛି'' ।

ମୁଁ ତାର ଦୃଢ଼ ପ୍ରତିବାଦ କଲି ଏବଂ କହିଲି, ''ତାକୁ ଖୋଲି ଦେଖାଯାଉ ଜିଲ୍ଲାପାଳ ନିଜେ ରୁମ୍ ଭିତରକୁ ଯାଇ ଦେଖନ୍ତୁ'' ।

ରୁମ୍‌ର ତାଲା ଖୋଲାଗଲା । କବାଟ ଖୋଲି ଭିତରକୁ ପଶି ଜିଲ୍ଲାପାଳ ଦେଖିଲେ, ଟେବୁଲ୍ ଉପରେ ଅସ୍ତବ୍ୟସ୍ତ ହୋଇ ଫାଇଲ ଭର୍ତ୍ତି ହୋଇଛି । ଗୋବର ଗନ୍ଧରେ କୋଠରୀ ଭିତରକୁ ଯିବା ସମ୍ଭବ ନୁହେଁ । ମଣିଷ ବସି ଅଫିସ କାମ କରିବା ତ ଦୂରର କଥା ।

ନାକରେ ରୁମାଲ ଦେଇ ଜିଲ୍ଲାପାଳ ରୁମ୍‌ରୁ ବାହାରି ଆସିଲେ ।

ଏ.ଡି.ଏମ୍. ଆଡକୁ ଅସନ୍ତୁଷ୍ଟ ଦୃଷ୍ଟି ନିକ୍ଷେପ କରି କହିଲେ, ଆପଣ ଏହିଭଳି କାହିଁକି କଲେ ? ଏହି ସ୍ଥାନଟି ସର୍ବସାଧାରଣଙ୍କ ବ୍ୟବହାର ପାଇଁ ମୁଁ ହସ୍ତାନ୍ତର କରି ସାରିଛି ।

ମୁଁ ସେତେବେଳେ ଯଦି ହସ୍ତକ୍ଷେପ କରିନଥାନ୍ତି, ସରକାରଙ୍କ ହାତରୁ ସର୍ବସାଧାରଣଙ୍କ ହାତକୁ ସରାଇଘର ଆସିପାରି ନଥାନ୍ତା । ମୋ'ର ଉଦ୍ଦେଶ୍ୟ ମ୍ୟୁନିସିପାଲିଟି ତାର ରକ୍ଷଣାବେକ୍ଷଣ ଦାୟିତ୍ୱ ନେବା ସଙ୍ଗେ 'ମ୍ୟୁନିସିପାଲିଟି ହାଇସ୍କୁଲ୍', 'ମହାବୀର ସାଂସ୍କୃତିକ ଅନୁଷ୍ଠାନ'ର ସଭାସମିତି ପ୍ରଭୃତି କାର୍ଯ୍ୟ ପାଇଁ ସଦା ବ୍ୟବହୃତ ହୋଇପାରିବ । ଏହି ବିଚାରରେ ତାହାକୁ ସରକାରଙ୍କ କର୍ତ୍ତୃତ୍ୱରୁ ସର୍ବସାଧାରଣଙ୍କ କର୍ତ୍ତୃତ୍ୱକୁ ଅଣାଯାଇଥିଲା ।

ଯୋଜନାବଦ୍ଧ ଭାବରେ ସାଂସ୍କୃତିକ ଅନୁଷ୍ଠାନ ସହ ଶିକ୍ଷାନୁଷ୍ଠାନର ସମନ୍ୱୟରେ ଏହା କାର୍ଯ୍ୟକାରୀ ହେବା ଆବଶ୍ୟକ । ଭବିଷ୍ୟତକୁ ଦୃଷ୍ଟିରେ ରଖି ଏହି ସ୍ଥାନଟି ପାଇଁ କାର୍ଯ୍ୟ କରିଥିଲି । ମ୍ୟୁନିସିପାଲିଟି ହାଇସ୍କୁଲ୍ ପାଇଁ ଖେଳପଡିଆ ନିର୍ଦ୍ଦିଷ୍ଟ କରାଯାଇଥିଲା । ମାତ୍ର, ମୋ' ପରେ ତାକୁ ଅନ୍ୟ କାର୍ଯ୍ୟରେ ବ୍ୟବହାର କରାଗଲା । ସହରରେ ଛାତ୍ରଛାତ୍ରୀମାନଙ୍କ ପାଇଁ ଖେଳପଡିଆର ଅଭାବ ପୁଣି ବଢ଼ିଗଲା ।

Source: Author, Digitized by PPRACHIN, SOA

ଦଶମ ପରିଚ୍ଛେଦ

ଅଶୀ ଦଶକର ରାଜନୈତିକ ସ୍ଥିତି

ବିଧାନସଭା ନିର୍ବାଚନ ଲଢ଼େଇ :

ମୋ' ପରେ ମନମୋହନ ମାଥୁର ଜନସାଧାରଣଙ୍କ ଦ୍ୱାରା ନିର୍ବାଚିତ ହୋଇ ନଗରପାଳ ହୋଇଥିଲେ । ତାଙ୍କ ପରେ ବସନ୍ତ କୁମାର ଦାସ ନିର୍ବାଚିତ ହୋଇଥିଲେ । ପରେ ସେମାନେ ରାଜ୍ୟସଭାକୁ ମଧ୍ୟ ନିର୍ବାଚିତ ହୋଇଥିଲେ । ମୁଁ ଭବାନୀପାଟଣା ନଗରପାଳ ଦାୟିତ୍ୱରେ ଥିବା ସମୟରେ ହଠାତ ମୋତେ କୋକସରା ନିର୍ବାଚନ ମଣ୍ଡଳୀର କଂଗ୍ରେସ ପ୍ରାର୍ଥୀ ହେବା ପାଇଁ ଦଳୀୟ ଟିକଟ ପ୍ରଦାନ କରାଗଲା । ମୁଁ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବାପାଇଁ ଦରଖାସ୍ତ କରିନଥିଲି ଅବା ପ୍ରସ୍ତୁତ ନ ଥିଲି । ଶ୍ରୀମତୀ ନନ୍ଦିନୀ ଶତପଥୀଙ୍କ ନେତୃତ୍ୱରେ ନିର୍ବାଚନ ହେଉଥାଏ । ମୁଁ କୋକସରା ନିର୍ବାଚନରେ ଲଢ଼ି ପରାଜିତ ହେଲି । ସ୍ୱତନ୍ତ୍ର ଦଳ ତରଫରୁ ଚନ୍ଦ୍ରଭାନୁ ସିଂହଦେଓ ଜୟଯୁକ୍ତ ହେଲେ । ଫଳାଫଳ ଦେଖି ନନ୍ଦିନୀଦେବୀ କହିଲେ, କଳାହାଣ୍ଡିରେ ଆମେ ଅଧିକ ଦୃଷ୍ଟି ଦେଇଥିଲେ କଂଗ୍ରେସ ଜୟଯୁକ୍ତ ହୋଇପାରିଥାନ୍ତା ।

ସେତେବେଳେ ସଭିଙ୍କ ମନରେ ବିଶେଷତଃ, ନେତୃମଣ୍ଡଳୀଙ୍କ ମନରେ ଧାରଣା ସୃଷ୍ଟି ହୋଇଥାଏ, କଳାହାଣ୍ଡି ରାଜା-ରାଜୁଡାଙ୍କ ଗଡ । ସେମାନେ ମଧ୍ୟ ବହୁ ସଂଖ୍ୟାରେ ପ୍ରଥମ ନିର୍ବାଚନଠୁ ଜୟଯୁକ୍ତ ହୋଇ ଆସୁଛନ୍ତି । ତେଣୁ କଂଗ୍ରେସ ଦଳ ଜିଣିବା ଏତେ ସହଜ ନୁହେଁ । ମାତ୍ର, ମୋର ନିର୍ବାଚନ ଫଳାଫଳ ବ୍ୟବଧାନ ଅତି କମ୍ ଥିଲା । ରାଜା-ରାଜୁଡାଙ୍କ ଗଡ ଯୋଗୁଁ କଳାହାଣ୍ଡିର କଂଗ୍ରେସ ପ୍ରାର୍ଥୀମାନଙ୍କୁ ନେତୃମଣ୍ଡଳୀର ସହଯୋଗ ମିଳୁ ନ ଥିଲା ।

ମୁଁ ନିର୍ବାଚନରେ ପରାଜିତ ହୋଇଥିଲେ ମଧ୍ୟ ନିୟମିତ ନିର୍ବାଚନ ଅଞ୍ଚଳ ଗସ୍ତ କରି ଲୋକ ସଂପର୍କ ରକ୍ଷା କରୁଥିଲି । ନିର୍ବାଚିତ ପ୍ରାର୍ଥୀ ଅଞ୍ଚଳ ଗସ୍ତ କରୁ ନ ଥିବା ସମୟରେ ପରାଜିତ ପ୍ରାର୍ଥୀ ଗସ୍ତ କରି ଲୋକଙ୍କ ସମସ୍ୟା ସହିତ ଜଡିତ ହେବା ଫଳରେ ଲୋକଙ୍କ ମନରେ ପରିବର୍ତ୍ତନ ଘଟିବାରେ ଲାଗିଲା । ମୁଁ ନିର୍ବାଚିତ ଲୋକପ୍ରତିନିଧି

Source: Author, Digitized by PPRACHIN, SOA

ନଥିଲେ ସୁଦ୍ଧା ଅଞ୍ଚଳର ସମସ୍ୟା ସହିତ ଜଡିତ ହେବା ଫଳରେ ଲୋକଙ୍କ ବିଶ୍ୱାସ ମୋ' ପ୍ରତି ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଲା ।

ଦେଶରେ ଗୋଟିଏ ପରେ ଗୋଟିଏ ଘଟଣା ଦ୍ରୁତ ଗତିରେ ଘଟି ଚାଲିଥାଏ । ଜାତୀୟ କଂଗ୍ରେସ ଦଳ ମଧ୍ୟରେ ମଧ୍ୟ ଅନ୍ତର୍ଦ୍ୱନ୍ଦ୍ୱ ବଢ଼ି ବଢ଼ି ଚାଲିଥାଏ । ଏହିଭଳି ବହୁମୁଖୀ ସଂଘର୍ଷ ମଧ୍ୟରେ ଥାଇ ମଧ୍ୟ, ହଠାତ୍ ଦିନେ ସମଗ୍ର ଦେଶକୁ ଚହଲ ପକାଇଦେଲା ଭଳି ଏକ ଘଟଣା ଘଟିଗଲା । ୧୯୬୮ ମସିହାରେ ଦେଶର ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ୧୪ଟି ବ୍ୟାଙ୍କ୍‌କୁ ଜାତୀୟକରଣ କରିଦେଲେ । ସମଗ୍ର ଦେଶରେ ଚହଳ ପଡିଗଲା । ଏହା ଏକ ଯୁଗାନ୍ତକାରୀ ପଦକ୍ଷେପ ରୂପେ ଲୋକଙ୍କ ମନରେ ଧାରଣାହେଲା । ଲୋକେ ଆନନ୍ଦରେ ଆତ୍ମହରା ହୋଇଗଲେ । ଲୋକଙ୍କ ମନରେ ବିଶ୍ୱାସ ସ୍ଥାପନ ହେଲା, ଶେଷରେ ସରକାର ଗରିବ ଲୋକଙ୍କ ପାଇଁ କିଛି କାମ କଲେ ।

ବ୍ୟାଙ୍କ ଜାତୀୟକରଣ ଓ ସରକାରୀ ଋଣ ଛାଡ ପ୍ରସଙ୍ଗ :

ସେତେବେଳେ ଟି.ଭି.ର ପ୍ରସାର ହୋଇ ନ ଥାଏ । ମାତ୍ର, ବ୍ୟାଙ୍କ ଜାତୀୟକରଣ ସମୟରେ ଦେଶର ଏ ମୁଣ୍ଡରୁ ସେ ମୁଣ୍ଡ ପର୍ଯ୍ୟନ୍ତ ଲୋକେ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଜୟ ଜୟକାର କରିବାକୁ ଲାଗିଲେ । ସାଧାରଣଲୋକେ ରାସ୍ତା ଉପରେ ଖୁସିରେ ନାଚିବାକୁ ଲାଗିଲେ । ସେତେବେଳର ପରିସ୍ଥିତିକୁ ଯେ ଦେଖି ନାହିଁ, ଅନୁଭବ କରି ନାହିଁ, ସେ ଆଜି ବିଶ୍ୱାସ କରି ପାରିବ ନାହିଁ । ୧୯୮୦ରେ ଆଉ ୬ଟି ବ୍ୟାଙ୍କକୁ ମଧ୍ୟ ଜାତୀୟକରଣ କରାଗଲା ।

ଆଗରୁ ବ୍ୟାଙ୍କମାନଙ୍କରେ କେବଳ ବଡ ବଡ ବ୍ୟବସାୟୀମାନଙ୍କ ସଂପର୍କ ଥିଲା । ସେହିମାନେ ହିଁ ବ୍ୟାଙ୍କରେ ଦେବା ନେବା କାର୍ଯ୍ୟ କରୁଥିଲେ । ସାଧାରଣଲୋକଙ୍କ ପାଇଁ ବ୍ୟାଙ୍କ ସେବା ସ୍ୱପ୍ନ ଭଳି ମନେ ହେଉଥିଲା । ସାଧାରଣଲୋକେ ବ୍ୟାଙ୍କକୁ ଦେଖି ଶଙ୍କା ମନରେ ଭାବୁଥିଲେ, ଏହା ବଡ ଲୋକଙ୍କ ପାଇଁ ଉଦ୍ଦିଷ୍ଟ, ଆମ ଭଳି ସାଧାରଣ ଲୋକଙ୍କ ପାଇଁ ନୁହେଁ ।

ତେଣୁ ଜନସାଧାରଣଙ୍କ ପାଖରେ ବ୍ୟାଙ୍କ ସେବା ପହଞ୍ଚାଇବା ଏବଂ ଜାତୀୟ ଅର୍ଥନୀତିର ଅଭିବୃଦ୍ଧି ଘଟାଇ ସାଧାରଣଲୋକଙ୍କୁ ଉପକୃତ କରାଇବା ନିଶ୍ଚିତ ରୂପେ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କ ଏକ ବଳିଷ୍ଠ ପଦକ୍ଷେପ ।

ବ୍ୟାଙ୍କ ଜାତୀୟକରଣ ପରେ ବ୍ୟାଙ୍କ ବ୍ୟବସାୟର ସଂପ୍ରସାରଣ କରାଯାଇ ଗ୍ରାମାଞ୍ଚଳରେ ମଧ୍ୟ ବ୍ୟାଙ୍କର ଶାଖା ଖୋଲାଗଲା । ଗ୍ରାମାଞ୍ଚଳର ଲୋକମାନେ ମଧ୍ୟ ବ୍ୟାଙ୍କରେ ଟଙ୍କା ଜମା ରଖିଲେ ଏବଂ ଟଙ୍କା ଋଣ ଆକାରରେ ମଧ୍ୟ ପାଇ ପାରିଲେ ।

Source: Author, Digitized by PPRACHIN, SOA

୧୯୮୦ ମସିହାରେ ମୁଁ ଲୋକସଭା ସଦସ୍ୟ ଥିବା ସମୟରେ 'ଜୟପାଟଣା' ଏବଂ କୋକସରା ବ୍ଲକର 'କାଶୀବାହାଲ' ଗ୍ରାମରେ ବ୍ୟାଙ୍କ ପ୍ରତିଷ୍ଠା ହେଲା । ମୁଁ ଏହି ଦୁଇଟି ବ୍ୟାଙ୍କକୁ ଉଦ୍‌ଘାଟନ କରିଥିଲି ।

ଜାତୀୟକରଣ ହେବା ପରେ ବ୍ୟାଙ୍କମାନେ ସାଧାରଣ କୃଷକକୁ ଚାଷ ପାଇଁ, ଘର ନିର୍ମାଣ ପାଇଁ ଋଣ ପ୍ରଦାନ କଲେ । ସେହିପରି ଛୋଟ ଛୋଟ ବ୍ୟବସାୟୀମାନେ ଋଣ ନେଇ କାରବାର କରି ଲାଭବାନ ହୋଇ ପାରିଲେ । ଯେଉଁମାନେ ଅର୍ଥର ସଦ୍‌ବିନିଯୋଗ କଲେ ସେମାନେ ଉପକୃତ ହୋଇପାରିଲେ । ଯେଉଁମାନେ ଋଣ ନେଇ ଅସଦ୍‌ବିନିଯୋଗ କଲେ ସେମାନଙ୍କର କ୍ଷତି ହେଲା । ଋଣ ପରିଶୋଧ କରି ପାରିଲେ ନାହିଁ ।

ବ୍ୟାଙ୍କମାନେ ବ୍ୟାପକ ଭାବେ ଋଣ ପ୍ରଦାନ କରିବା ଫଳରେ ଋଣ ଆଦାୟ ଆଶାଜନକ ହୋଇ ପାରିଲା ନାହିଁ । ଫଳରେ ଅନେକ ବ୍ୟାଙ୍କ କ୍ଷତିରେ ପଡିଲେ ।

ସରକାର ବ୍ୟାଙ୍କମାନଙ୍କ କ୍ଷତିକୁ ଦେଖି, ଋଣ ନେଇ ଖିଲାପ କରିଥିବା ଚାଷୀ, ଛୋଟ ବ୍ୟବସାୟୀମାନଙ୍କୁ ଆଉ ଋଣ ଦେଲେ ନାହିଁ । ଫଳରେ, ସେମାନଙ୍କ ଅର୍ଥନୈତିକ ଅଧୋଗତି ଘଟିଲା । ନିର୍ବାଚନକୁ ଆଖି ଆଗରେ ରଖି ସରକାର ଋଣ ଛାଡ ଯୋଜନା କାର୍ଯ୍ୟକାରୀ କଲେ । ସେହି ଅର୍ଥ ସରକାର ବ୍ୟାଙ୍କକୁ ଭରଣା କଲେ ।

ଏହା ଦ୍ୱାରା ଗରିବ ଚାଷୀ, ଛୋଟ ଛୋଟ ବ୍ୟବସାୟୀ ଉପକୃତ ହେଲେ । ମାତ୍ର, ଅର୍ଥନୀତି ଦୃଷ୍ଟିରୁ ବିଚାର କଲେ, ଋଣ ଛାଡ ନୀତି ଆମ ଅର୍ଥନୀତିକୁ ବହୁ ଭାବରେ ପ୍ରଭାବିତ କରିଛି । ଲୋକଙ୍କ ମଧ୍ୟରେ ଋଣ ନେଇ ଋଣ ପରିଶୋଧ ନ କରିବା ମନୋଭାବ ସୃଷ୍ଟି ଯୋଗୁଁ, ସେମାନଙ୍କ ପରିଶ୍ରମ କରି ଉପାର୍ଜନ କରିବା ମନୋଭାବ ବଦଳରେ ଠକିବା ମନୋଭାବ ବଳବତ୍ତର ହେଉଛି । ଏ ଚିନ୍ତାଧାରା ଜାତୀୟ ଚରିତ୍ରକୁ ମଧ୍ୟ ପ୍ରଭାବିତ କରୁଛି ।

ଯେଉଁମାନେ ନିୟମିତ ଋଣ ପରିଶୋଧ କରୁଥିଲେ ସେମାନଙ୍କ ମନରେ ମଧ୍ୟ ଅସନ୍ତୋଷ ଭାବ ଦେଖାଦେଲା । ଯେ ସରକାରକୁ ଠକି ପାରିଲା ସେ ଲାଭବାନ ହେଲା । ଯେ ଆଇନର ଶୃଙ୍ଖଳା ଭିତରେ କାମକଲା ସେ ଟଙ୍କା ଭରଣା କଲା । ତେଣୁ ଋଣ ଖିଲାପି ମନୋଭାବ ସୃଷ୍ଟି ହୋଇ ଜାତୀୟ ଚରିତ୍ର ଉପରେ କୁ ପ୍ରଭାବ ପକାଇଲା । ଧୁଆମୂଳା, ଅଧୁଆମୂଳାକୁ ସମାନ ଚକ୍ଷୁରେ ଦେଖିବା ଭଳି ଅବସ୍ଥା ସୃଷ୍ଟି ହେଲା । ତେଣୁ ରାଜନୀତିର ସଂକୀର୍ଣ୍ଣ ଲାଭରେ ଆମ ଅର୍ଥନୀତିର କ୍ଷତି ଘଟିଲା । ଜାତୀୟ ଅର୍ଥନୀତିରେ ତାର କୁପ୍ରଭାବ ପଡିଲା ।

Source: Author, Digitized by PPRACHIN, SOA

ଓଡିଶାର କୃଷି, ସମବାୟ, ହରିଜନ ଓ ଆଦିବାସୀ କଲ୍ୟାଣ ବିଭାଗର, ମୁଁ ମନ୍ତ୍ରୀ ଦାୟିତ୍ୱରେ ଥିବା ସମୟରେ ଯେଉଁ ଆଦିବାସୀମାନେ ସମବାୟ ବିଭାଗରୁ ୨୦୦ ଟଙ୍କାରୁ ୧୦୦୦ ଟଙ୍କା ପର୍ଯ୍ୟନ୍ତ ଋଣ ନେଇ ଋଣ ସୁଝିପାରି ନାହାନ୍ତି, ସେମାନେ ନିଶ୍ଚିତ ଭାବରେ ଅତି ଗରିବ ଶ୍ରେଣୀର ଲୋକ । ସେମାନଙ୍କ ତାଲିକା କରି, ତାର ଅନୁସନ୍ଧାନ କରି ପ୍ରକୃତରେ ସେମାନେ ଋଣ ଶୁଝିବା ପାଇଁ ଅସମର୍ଥ ଜାଣି, ସେମାନଙ୍କ ଋଣ ସରକାରଙ୍କ ଦ୍ୱାରା ପରିଶୋଧ କରାଇ ଋଣମୁକ୍ତ କରିବା ଫଳରେ ସେମାନେ ପୁନଃ ଋଣ ନେଇ ତାଙ୍କର ଅର୍ଥନୈତିକ ଉନ୍ନତି କରି ପାରିଥିଲେ ।

୧୯୭୨ ମସିହାରେ ବିଶ୍ୱନାଥ ଦାସ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଲେ । ଉତ୍କଳ କଂଗ୍ରେସ ଦଳର ସହଯୋଗରେ କେନ୍ଦ୍ରର ବେତାର ମନ୍ତ୍ରୀ ନନ୍ଦିନୀ ଶତପଥୀ ୧୯୭୨ ମସିହା ଜୁନ୍ ୧୪ତାରିଖ ଦିନ ଓଡିଶାରେ ନୂତନ ମନ୍ତ୍ରିମଣ୍ଡଳ ଗଠନ କଲେ । ସେତେବେଳେ ରାଜେନ୍ଦ୍ର ନାରାୟଣ ସିଂହଦେଓ ବିରୋଧୀ ଦଳ ନେତା ଥିଲେ । ଉତ୍କଳ କଂଗ୍ରେସ ଦଳ ଆଠମାସ ପରେ ସମର୍ଥନ ପ୍ରତ୍ୟାହାର କରିନେଲା । ଫଳରେ ମନ୍ତ୍ରିମଣ୍ଡଳର ପତନ ଘଟିଲା ।

ରାଜ୍ୟରେ ରାଷ୍ଟ୍ରପତି ଶାସନ ହେଲା ଏବଂ ପରେ ନିର୍ବାଚନ ହେଲା । ୧୯୭୪ ମସିହା ମାର୍ଚ୍ଚ ମାସ ୬ତାରିଖ ଦିନ ନନ୍ଦିନୀ ଶତପଥୀ ପୁଣି ଓଡିଶାର ମୁଖ୍ୟମନ୍ତ୍ରୀ ହେଲେ । ୧୪୭ଜଣ ସଦସ୍ୟ ବିଶିଷ୍ଟ ବିଧାନ ସଭାରେ ୭୧ଜଣ କଂଗ୍ରେସ ସଦସ୍ୟ ଥିଲେ । ୭ଜଣ କମ୍ୟୁନିଷ୍ଟ ସଦସ୍ୟ, ୩ଜଣ ସ୍ୱାଧୀନ ସଦସ୍ୟ ସରକାରଙ୍କୁ ସମର୍ଥନ ଜଣାଇଲେ । ନନ୍ଦିନୀ ଦେବୀ ୧୯୭୬ ମସିହା ଡିସେମ୍ବର ୧୬ତାରିଖ ପର୍ଯ୍ୟନ୍ତ ଓଡିଶାର ମୁଖ୍ୟମନ୍ତ୍ରୀ ଦାୟିତ୍ୱ ତୁଲାଇ ଥିଲେ । ତାଙ୍କ ସମୟରେ ସେ ଅନେକ ସଂସ୍କାର ମୂଳକ କାର୍ଯ୍ୟକ୍ରମ ଗ୍ରହଣ କରିଥିଲେ । ଭୂସଂସ୍କାର ଆଇନ, ଯୌତୁକ ନିରୋଧ ଆଇନ, ଗୋତିପ୍ରଥା ଉଚ୍ଛେଦ ଆଇନ କାର୍ଯ୍ୟକାରୀ କରି ରାଜ୍ୟରେ ଏକପ୍ରକାର ନୂତନ ଜାଗରଣ ସୃଷ୍ଟି କରିଥିଲେ ।

ଜରୁରିକାଳୀନ ପରିସ୍ଥିତି ଓ ନିର୍ବାଚନରେ ତା'ର ପ୍ରଭାବ :

୧୯୭୫ ମସିହା ଜୁନ୍ ୨୫ତାରିଖ ଦିନ ଇନ୍ଦିରା ଗାନ୍ଧୀ ଦେଶରେ ଜରୁରୀ ପରିସ୍ଥିତି ଘୋଷଣା କଲେ । ଏହି ଘୋଷଣା କେବଳ ମୋ' ପାଇଁ କାହିଁକି ଅନେକଙ୍କ ପାଇଁ ହୃଦୟ ବିଦାରକ ଥିଲା । ୧୯ମାସ ଦେଶରେ ଜରୁରୀ ପରିସ୍ଥିତି ଥିଲା । ଫକିରୁଦ୍ଦିନ ଅଲ୍ଲୀ ଅହମ୍ମଦ ସେତେବେଳେ ଦେଶର ରାଷ୍ଟ୍ରପତି ଥାଆନ୍ତି ।

ଦେଶର ଏହିପରି ଜଟିଳ ରାଜନୈତିକ ପରିସ୍ଥିତିରେ ଗାନ୍ଧିବାଦୀ ନେତା ଜୟପ୍ରକାଶ ନାରାୟଣ ସେନାକୁ ମଧ୍ୟ ଆହ୍ୱାନ ଦେଲେ, ସରକାରୀ ଆଦେଶ ଅମାନ୍ୟ କରିବାପାଇଁ ।

Source: Author, Digitized by PPRACHIN, SOA

୧୯୭୧ ମସିହା ବଙ୍ଗଳାଦେଶ ଯୁଦ୍ଧ ପରଠାରୁ ଦେଶରେ ବାହ୍ୟ ଇମର୍ଜେନ୍‌ସି ଲାଗୁ ହୋଇ ରହିଥିଲା । ତେଣୁ ଦେଶର ଜଟିଳ ରାଜନୈତିକ ପରିସ୍ଥିତି ଦେଖି ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ସିଦ୍ଧାର୍ଥ ଶଙ୍କର ରାୟ ଯେ କି ଜଣେ ବିଶିଷ୍ଟ ଆଇନଜ୍ଞ, ଇନ୍ଦିରାଗାନ୍ଧୀଙ୍କୁ ଇମର୍ଜେନ୍‌ସି ଲାଗୁ କରିବା ପାଇଁ ପରାମର୍ଶ ଦେଲେ । ପ୍ରଧାନମନ୍ତ୍ରୀ ଯେତେବେଳେ ରାଷ୍ଟ୍ରପତି ଭବନକୁ ଗଲେ, ତାଙ୍କ ସହିତ ସିଦ୍ଧାର୍ଥ ଶଙ୍କର ରାୟ ମଧ୍ୟ ଯାଇଥିଲେ ।

ସମସ୍ତ ଭାରତବାସୀ ନିଦ୍ରାଦେବୀଙ୍କ କୋଳରେ ଆଶ୍ରୟ ନେଇଥିବା ସମୟରେ ଗାନ୍ଧିବାଦୀ ନେତା ଜୟପ୍ରକାଶ ନାରାୟଣ, ମୋରାର୍‌ଜୀ ଦେଶାଇ, ଚନ୍ଦ୍ରଶେଖର, ବିଜୁ ପଟ୍ଟନାୟକ ପ୍ରଭୃତି ନେତୃବୃନ୍ଦ ବନ୍ଦୀ ହେଲେ । ଓଡିଶାର ବହୁ ବିରୋଧୀଦଳ ନେତା ମଧ୍ୟ ବନ୍ଦୀ ହେଲେ । କୋରାପୁଟ ଜିଲ୍ଲାର ହରିଶ୍ଚନ୍ଦ୍ର ବକ୍‌ସିପାତ୍ର ଯିଏ କି ପ୍ରଥମେ କମ୍ୟୁନିଷ୍ଟ ମତବାଦୀ ଓ ପରେ କଂଗ୍ରେସ ଦଳର ଜଣେ ବରିଷ୍ଠ ନେତା, ମାତ୍ର; ପରେ ଦଳ ଛାଡି ଜନତା ଦଳରେ ସାମିଲ ହୋଇଥିଲେ, ସେ ମଧ୍ୟ ବନ୍ଦୀ ହୋଇ ଭବାନୀପାଟଣା ଜେଲ୍‌ରେ ଥାଆନ୍ତି । ତାଙ୍କ ଆଖିରେ ଯନ୍ତ୍ରଣା ହେବାରୁ ବନ୍ଦୀ ଥିବା ଅବସ୍ଥାରେ ସେ ପୁଲିସ ଏସ୍‌କର୍ଟ୍‌ରେ ଭବାନୀପାଟଣା ଡାକ୍ତରଖାନା ଆସି ଚିକିତ୍ସିତ ହୋଇଥିଲେ ।

ସେଦିନ ମୁଁ ମଧ୍ୟ ମୋରି କାମରେ ଡାକ୍ତରଖାନା ଯାଇଥିଲି । ଦୂରରୁ ଦେଖିଲି, ଆଖିରେ ଧଳା କନା ଘୋଡାଇ ବକ୍‌ସିପାତ୍ର ବସିଛନ୍ତି । ତାଙ୍କୁ ଦୁଇଜଣ ପୁଲିସ୍ କନେଷ୍ଟବଲ୍ ଜଗି ରହିଥାଆନ୍ତି । କୌତୂହଳରେ ତାଙ୍କ ପାଖକୁ ଚାଲିଯାଇ ନମସ୍କାର ଜଣାଇଲି । ଆଖିରେ ଔଷଧ ପକାଯାଇଥାଏ, ତେଣୁ ତାଙ୍କ ଦୁଇ ଆଖି ବନ୍ଦ ଥାଏ । ମୋ'ର କଣ୍ଠସ୍ୱର ଶୁଣିପାରି, ମୋତେ ଜାଣି କହିଲେ, ‘‘ରାସବିହାରୀ! ତୁମେ କୁଆଡେ ଆସିଲ’’? ଆଶ୍ଚର୍ଯ୍ୟ ହୋଇ ଅଣ୍ଡାଳି ମୋ' ହାତ ଧରି ପାଖରେ ବସାଇଲେ । ପୁଲିସ୍ କନେଷ୍ଟବଲ୍‌ମାନେ ମୋ'ର ପରିଚିତ । ସେମାନଙ୍କୁ ଇସାରା ଦେଲି ଟିକିଏ ଦୂରରେ ରହିବା ପାଇଁ । ସେମାନେ ଟିକିଏ ଦୂରକୁ ଚାଲିଗଲେ ।

ଆମେ ଗୋଟିଏ ଦଳରେ ଥିବା ସମୟରେ ଦଳୀୟ କାର୍ଯ୍ୟରେ, କୋକସରା ମଧ୍ୟବର୍ତ୍ତୀ ଇଲେକ୍‌ସନ୍ ସମୟରେ ନିର୍ବାଚନ ପରିଚାଳନାରେ କଳାହାଣ୍ଡି ଆସି, ଆମପାଣି ଡାକବଙ୍ଗଳାରେ ରହି କୋକସରା, ଜୟପାଟଣା ପ୍ରଭୃତି ଅଞ୍ଚଳ ବୁଲି ପ୍ରଚାର କରିଥିଲୁ । କୋକସରା ବିଧାୟକ ରଘୁନାଥ ପ୍ରହରାଜଙ୍କ ଅକାଳ ବିୟୋଗ ଫଳରେ ସେହି ସ୍ଥାନ ପୂରଣ ପାଇଁ ମଧ୍ୟବର୍ତ୍ତୀ ନିର୍ବାଚନ ହୋଇଥିଲା । କଂଗ୍ରେସ ଦଳ ତରଫରୁ କୋକସରା ବ୍ଲକର ଦାବ୍ରିଗୁଡା ଗ୍ରାମର ଗଣେଶରାମ ନାଏକ ପ୍ରାର୍ଥୀ ହୋଇଥିଲେ ।

Source: Author, Digitized by PPRACHIN, SOA

ମୋତେ ପାଖରେ ପାଇ ଆଖିରେ ଯନ୍ତ୍ରଣା ସତ୍ତ୍ୱେ, ସେ ଖୁସି ହୋଇ ଅନେକ କଥା ହେଲେ । ମୋତେ ପ୍ରଶ୍ନ କଲେ, ''ପାଖରେ ଆଉ କିଏ ଅଛନ୍ତିକି''? ମୁଁ କହିଲି, ''ପୁଲିସ କନେଷ୍ଟବଲ୍ ଟିକିଏ ଦୂରରେ ଅଛନ୍ତି'' । ଏତକ ଜାଣିଲା ପରେ ସେ ମୋ' ହାତଧରି କହିଲେ, ''ରାସବିହାରୀ! ତୁମକୁ ମୋ'ର ଗୋଟିଏ ଅନୁରୋଧ'' । ମୁଁ ସାଙ୍ଗେ ସାଙ୍ଗେ କହିଲି, ''କଣ କହନ୍ତୁ...'' ।

ସେ ଟିକିଏ କୋହଭରା ସ୍ୱରରେ କହିଲେ, ''ମା'ଙ୍କ ଦେହ ଅସୁସ୍ଥ'' ।

''ତୁମେ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଦେବୀଙ୍କୁ କହି ମୋତେ ପ୍ୟାରୋଲରେ କିଛିଦିନ ଛାଡିଦେବା ପାଇଁ ଅନୁରୋଧ କଲେ ମୁଁ ଯାଇପାରିବି । ତୁମେ କହିଲେ ନନ୍ଦିନୀ ଦେବୀ ତୁମ କଥା ରଖିବେ । ମୁଁ ଜେଲ୍ ମାର୍ଫତରେ ମୋ'ର ଦରଖାସ୍ତ ପଠାଇ ଦେଇଛି । ଏମିତି ଦରଖାସ୍ତ ପଡି ରହିବ, ମାତ୍ର; ମୋତେ ଛାଡ୍ ମିଳିବ ନାହିଁ'' ।

ମୁଁ ତାଙ୍କ କଥା ଶୁଣି କହିଲି, ''ମୁଁ ଶୀଘ୍ର ଭୁବନେଶ୍ୱର ଯାଇ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ସବୁକଥା କହି, ଆପଣଙ୍କୁ ଜେଲରୁ ବାହାରିବା ବନ୍ଦୋବସ୍ତ କରିବି'' ।

ସେ ପୁଣି କହିଲେ, ''ମୋ'ର ବିଶ୍ୱାସ, ତୁମେ କହିଲେ ମୋତେ ନିଶ୍ଚେ ଛାଡ ମିଳିବ । ମା'ଙ୍କ ଏହି ଅସମୟରେ ଯାଇ କିଛିଦିନ ସେବା ଯତ୍ନ କରି ପାରିବି । ଅକସ୍ମାତ ତୁମ ସହ ଭେଟ ହେବା ସୁଯୋଗ ମିଳିଗଲା । ମୋତେ ବହୁତ ଖୁସି ଲାଗିଲା, ଜଣେ ପୁରାତନ ବନ୍ଧୁଙ୍କୁ ଭେଟି'' ।

ତାଙ୍କୁ ନିର୍ଭର ପ୍ରତିଶ୍ରୁତି ଦେଇ, ପୁଲିସକୁ ପାଖକୁ ଆସିବା ପାଇଁ ଇସାରା ଦେଇ ତାଙ୍କଠୁ ବିଦାୟ ନେଲି ।

ଭୁବନେଶ୍ୱର ଯାଇ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଭେଟି ସମସ୍ତ କଥା ଜଣାଇ ତୁରନ୍ତ ବକ୍ସିପାତ୍ରଙ୍କୁ ଜେଲରୁ ଛାଡିବା ପାଇଁ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ଫଳରେ ଶୀଘ୍ର ତାଙ୍କୁ ଛାଡି ଦିଆଯାଇଥିଲା ।

ଦେଶରେ ସାଧାରଣ ନିର୍ବାଚନ ହେଲା । କଂଗ୍ରେସ ଦଳର ଶୋଚନୀୟ ପରାଜୟ ହେଲା । ଇନ୍ଦିରା ଗାନ୍ଧୀ ମଧ୍ୟ ପରାଜିତ ହେଲେ । ଜନତାଦଳ ବିପୁଳ ଭୋଟରେ ଜୟଯୁକ୍ତ ହେଲା । ମୋରାର୍‌ଜୀ ଦେଶାଇ ଦେଶର ପ୍ରଧାନମନ୍ତ୍ରୀ ହେଲେ ।

୧୯୭୭ ମସିହା ଜୁନ୍ ୧୦ ତାରିଖ ଦିନ ଓଡିଶାରେ ମଧ୍ୟବର୍ତ୍ତୀ ନିର୍ବାଚନ ହେଲା । ଜନତାଦଳ ଜୟଯୁକ୍ତ ହେଲେ । କଂଗ୍ରେସ ଦଳର ଶୋଚନୀୟ ପରାଜୟ ହେଲା । ନୀଳମଣି ରାଉତରାୟଙ୍କ ନେତୃତ୍ୱରେ ଓଡିଶାରେ ମନ୍ତ୍ରୀମଣ୍ଡଳ ଗଠିତ ହେଲା । ହରିଶ୍ଚନ୍ଦ୍ର ବକ୍ସିପାତ୍ର ମଧ୍ୟ ଶିକ୍ଷମନ୍ତ୍ରୀ ଭାବେ କ୍ୟାବିନେଟ୍‌ମନ୍ତ୍ରୀ ଦାୟିତ୍ୱ ଗ୍ରହଣ କଲେ । ମୁଁ କୋକସରା ବିଧାୟକ ଭାବରେ କଂଗ୍ରେସ ଦଳ ତରଫରୁ ନିର୍ବାଚିତ ହୋଇଥିଲି ।

Source: Author, Digitized by PPRACHIN, SOA

ସମଗ୍ର ଦେଶରେ କଂଗ୍ରେସ ବିରୁଦ୍ଧରେ ଜନମତ ସୃଷ୍ଟି ହୋଇଥିବା ସତ୍ତ୍ୱେ କଳାହାଣ୍ଡି, କୋରାପୁଟ ଅବିଭକ୍ତ ଜିଲ୍ଲାରେ କଂଗ୍ରେସ ସମର୍ଥନ ବଳବତ୍ତର ରହିଥିଲା । ଓଡିଶାରେ କଂଗ୍ରେସ ଦଳ ୨୬ଟି ଆସନରେ ଜୟଯୁକ୍ତ ହେଲା । କଳାହାଣ୍ଡି ଜିଲ୍ଲାରୁ ୮ଟି ନିର୍ବାଚନ ମଣ୍ଡଳୀରୁ ୫ଟିରେ କଂଗ୍ରେସ ଦଳ ଜୟଯୁକ୍ତ ହୋଇଥିଲା । ଅବିଭକ୍ତ କୋରାପୁଟ ଜିଲ୍ଲାରେ ୮ଟି ନିର୍ବାଚନ ମଣ୍ଡଳୀରେ କଂଗ୍ରେସ ଜୟଯୁକ୍ତ ହୋଇଥିଲା । ଅବଶିଷ୍ଟ ବିଭିନ୍ନ ଜିଲ୍ଲାରୁ କଂଗ୍ରେସ ପ୍ରାର୍ଥୀ ନିର୍ବାଚିତ ହୋଇଥିଲେ ।

ଇନ୍ଦିରା ଗାନ୍ଧୀଙ୍କୁ ବିରୋଧ ଓ ସମର୍ଥନ :

ଜୟପ୍ରକାଶ ନାରାୟଣ ଦେଶର ଜଣେ ସମ୍ମାନନୀୟ ନେତା । ଭୂଦାନ ଆନ୍ଦୋଳନର ଅନ୍ୟତମ କର୍ଣ୍ଣଧାର । ତାଙ୍କ ନେତୃତ୍ୱରେ ସମଗ୍ର ଦେଶରେ ଇନ୍ଦିରା ଗାନ୍ଧୀଙ୍କ ବିରୁଦ୍ଧରେ ବିକ୍ଷୋଭ ପ୍ରଦର୍ଶନ କରାଗଲା । ରାଜନାରାୟଣ ଇନ୍ଦିରା ଗାନ୍ଧୀଙ୍କ ନିର୍ବାଚନକୁ ଅସିଦ୍ଧ ଘୋଷଣା ପାଇଁ କୋର୍ଟରେ ଆବେଦନ କରିଥିଲେ । କୋର୍ଟ ଇନ୍ଦିରା ଗାନ୍ଧୀଙ୍କ ନିର୍ବାଚନକୁ ଅସିଦ୍ଧ ଘୋଷଣା କଲେ । ଫଳରେ ଯେଉଁମାନେ ଇନ୍ଦିରାଗାନ୍ଧୀଙ୍କ ବିରୁଦ୍ଧରେ ଆନ୍ଦୋଳନ କରୁଥିଲେ, ସେମାନେ ଉତ୍ସାହିତ ହୋଇ ଆନ୍ଦୋଳନକୁ ଆହୁରି ତୀବ୍ର କରିବା ପାଇଁ ଏକତ୍ର ହେଲେ ।

ଜୟପ୍ରକାଶ ନାରାୟଣ ସରକାରଙ୍କ ଆଦେଶକୁ ନ ମାନିବା ପାଇଁ ମିଲିଟାରୀକୁ ମଧ୍ୟ ଆହ୍ୱାନ ଦେଲେ । ପରିସ୍ଥିତି ଅଣଆୟତ୍ତ ହୋଇ ଆସୁଥିବା ଜାଣି ଇନ୍ଦିରା ଗାନ୍ଧୀ ଦେଶରେ ଜରୁରୀ ପରିସ୍ଥିତି ଘୋଷଣା କଲେ ।

କିଏ କିଛି ଜାଣିବା ପୂର୍ବରୁ ଦେଶର ବହୁ ବିରୋଧୀଦଳ ନେତାଙ୍କୁ ରାତାରାତି ଜେଲ୍ ଭିତରେ ଭର୍ତ୍ତି କରିଦେଲେ । ପ୍ରେସ୍ ଉପରେ କଟକଣା ଜାରି କରାଗଲା । ପ୍ରକୃତ ସତ୍ୟ ଘଟଣା ଆଉ ଲୋକ ଲୋଚନକୁ ଆସି ପାରିଲା ନାହିଁ ।

୧୯୭୭ ମସିହାରେ ୫ଗୋଟି ଦଳର ସମ୍ମିଶ୍ରଣରେ ଜନତା ଦଳ ପ୍ରତିଷ୍ଠିତ ହେଲା । ଇନ୍ଦିରା ଗାନ୍ଧୀଙ୍କୁ ଗୁପ୍ତ ରିପୋର୍ଟ ମିଳିଲା, ଶୀଘ୍ର ନିର୍ବାଚନ ହେଲେ କଂଗ୍ରେସ ଦଳ ବିପୁଳ ଭୋଟରେ ଜୟଯୁକ୍ତ ହେବ । ଗଣତନ୍ତ୍ରର ପୁନଃ ପ୍ରତିଷ୍ଠା ପାଇଁ ତାଙ୍କ ମନ ଭିତରେ ମଧ୍ୟ ଝଡ ସୃଷ୍ଟି ହୋଇଥାଏ । ୧୯୭୭ ମସିହାର ମାର୍ଚ୍ଚ ମାସରେ ଲୋକସଭା ନିର୍ବାଚନ ହେଲା ।

ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଏବଂ ଚକିତ କଲାଭଳି ଘଟଣା ଘଟିଗଲା । ଇନ୍ଦିରା ଗାନ୍ଧୀ ପରାସ୍ତ ହେଲେ । କଂଗ୍ରେସ ଦଳର ଶୋଚନୀୟ ପରାଜୟ ହେଲା ।

ଜନତା ଦଳ ମଧ୍ୟରେ ପ୍ରଧାନମନ୍ତ୍ରୀ ପଦ ପାଇଁ ଦ୍ୱନ୍ଦ୍ୱ ସୃଷ୍ଟି ହେଲା । ଶେଷରେ

Source: Author, Digitized by PPRACHIN, SOA

ଜୟପ୍ରକାଶ ନାରାୟଣଙ୍କ ପରାମର୍ଶ କ୍ରମେ ମୋରାର୍‌ଜୀ ଦେଶାଇ ପ୍ରଧାନମନ୍ତ୍ରୀ ହେଲେ । କୃଷକ ନେତା ଚରଣ ସିଂହ ଏବଂ ବୟୋଜ୍ୟେଷ୍ଠ ଜଗଜ୍ଜୀବନ ରାମ ମଧ୍ୟ ପ୍ରଧାନମନ୍ତ୍ରୀ ପଦ ପାଇଁ ଆଶାୟୀ ଥିଲେ । ଚରଣ ସିଂହ ଘରୋଇ ମନ୍ତ୍ରୀ ଦାୟିତ୍ୱରେ ସାମୟିକ ସନ୍ତୁଷ୍ଟ ରହିଲେ । ବିଜୁ ପଟ୍ଟନାୟକ କେନ୍ଦ୍ରରେ ଇସ୍ପାତ ମନ୍ତ୍ରୀ ଦାୟିତ୍ୱ ବହନ କଲେ ।

କେନ୍ଦ୍ରରେ ନୂତନ ଜନାଦେଶ ଯୋଗୁଁ ବହୁ ରାଜ୍ୟର ଶାସନକୁ ଭାଙ୍ଗିଦେଇ ରାଷ୍ଟ୍ରପତି ଶାସନ ଜାରି କରାଗଲା ।

୧୯୭୭ ଜୁନ୍ ୧୦ ତାରିଖ ଦିନ ଓଡିଶାରେ ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ ହେଲା । ଏଠାରେ ମଧ୍ୟ କଂଗ୍ରେସ ଦଳର ଶୋଚନୀୟ ପରାଜୟ ହେଲା । ଜନତା ଦଳର ବରିଷ୍ଠ ନେତା ନୀଳମଣି ରାଉତରାୟ ରାଜ୍ୟର ମୁଖ୍ୟମନ୍ତ୍ରୀ ହୋଇ ଜୁନ୍ ୨୬ ତାରିଖ ଦିନ ଶପଥ ଗ୍ରହଣ କଲେ ।

ମୁଁ କୋକସରା ନିର୍ବାଚନ ମଣ୍ଡଳୀରୁ କଂଗ୍ରେସ ଦଳର ପ୍ରାର୍ଥୀ ଭାବରେ ବିଧାନସଭାକୁ ନିର୍ବାଚିତ ହେଲି । ଓଡିଶା ବିଧାନସଭାରେ ବିରୋଧୀଦଳର ନେତା ଭାବେ ଚିନ୍ତାମଣି ପାଣିଗ୍ରାହୀ ମନୋନୀତ ହେଲେ । ମୁଁ କଂଗ୍ରେସ ବିଧାୟକ ଦଳର ସେକ୍ରେଟାରୀ ଭାବେ ମନୋନୀତ ହେଲି ।

କଂଗ୍ରେସ ଦଳର ପରାଜୟ ପାଇଁ ଦଳର ନେତୃମଣ୍ଡଳୀ ଇନ୍ଦିରା ଗାନ୍ଧୀଙ୍କୁ ଦାୟୀ କଲେ । ଦଳ ମଧ୍ୟରେ ବିବାଦ ବୃଦ୍ଧି ପାଇବାକୁ ଲାଗିଲା । ଦିନକୁ ଦିନ କଂଗ୍ରେସ ଦଳ ମଧ୍ୟରେ ଇନ୍ଦିରା ଗାନ୍ଧୀଙ୍କ ବିରୁଦ୍ଧରେ ବିରୋଧଭାବ ବୃଦ୍ଧି ପାଇବାରେ ଲାଗିଲା ।

ଆମ ରାଜ୍ୟର ବିରୋଧୀଦଳ ନେତା ଇନ୍ଦିରା ଗାନ୍ଧୀଙ୍କ ବିରୁଦ୍ଧରେ ଥାନ୍ତି । ମାତ୍ର, ମୁଁ ଇନ୍ଦିରା ଗାନ୍ଧୀଙ୍କ ସମର୍ଥନରେ ଥିଲି । କଂଗ୍ରେସ ବିଧାୟକମାନଙ୍କ ବୈଠକରେ ମୁଁ ସ୍ପଷ୍ଟ ଭାବରେ କହିଲି, ‘‘ଇନ୍ଦିରା ଗାନ୍ଧୀ କ୍ଷମତାରେ ନ ଥିଲେ ମଧ୍ୟ, ସେ କଂଗ୍ରେସ ଦଳର ନେତ୍ରୀ, ତାଙ୍କୁ ବାଦ୍ ଦେଲେ କଂଗ୍ରେସ ଦଳର ସ୍ଥିତି ଆହୁରି ଶୋଚନୀୟ ହୋଇ ପଡ଼ିବ । ସାମୟିକ ବିପର୍ଯ୍ୟୟ ହୋଇଥିଲେ ମଧ୍ୟ ସେ ଏବେ ମଧ୍ୟ ଦଳର ନେତ୍ରୀ । କ୍ଷମତା ଥିବା ସମୟରେ ଆମେ ତାଙ୍କୁ ନେତା ବୋଲି ମାନିବା, କ୍ଷମତା ଚାଲିଗଲେ ତାଙ୍କୁ ବିରୋଧ କରିବାର ମୁଁ ପକ୍ଷପାତୀ ନୁହେଁ’’ ।

ମୋର ଏହିଭଳି ସ୍ପଷ୍ଟ ମତ ଶୁଣି ବିରୋଧୀ ଦଳ ନେତା ମୋ’ ଉପରେ ଭୀଷଣ ରାଗିଗଲେ । ମାତ୍ର, ମୁଁ ମୋ ମତରେ ଦୃଢ଼ ରହିଲି ।

ବିରୋଧୀ ଦଳ ନେତାଙ୍କ ଭୟରେ କିଏ କିଛି କହୁ ନ ଥିଲେ ମଧ୍ୟ, ମୋ’ ମତକୁ କିଛି ବିଧାୟକଙ୍କ ସମର୍ଥନ ଥିଲା । ତଥାପି, ଖୋଲାଖୋଲି କିଏ କିଛି କହି ନ ଥିଲେ । ଦୁଇ ମତ, ଦଳ ଭିତରେ ସ୍ପଷ୍ଟ ବାରି ହୋଇଗଲା ।

Source: Author, Digitized by PPRACHIN, SOA

ବିରୋଧୀ ଦଳ ନେତା ବିଭିନ୍ନ ଜିଲ୍ଲା ଗସ୍ତ କରି ଇନ୍ଦିରା ଗାନ୍ଧୀଙ୍କ ବିରୁଦ୍ଧରେ କଂଗ୍ରେସ ଦଳ ଭିତରେ ମତ ସୃଷ୍ଟି କରିବାରେ ଲାଗିଲେ । କଳାହାଣ୍ଡି ଜିଲ୍ଲାକୁ ମଧ୍ୟ ଗସ୍ତରେ ଆସିଲେ । ଜୁନାଗଡ ଧର୍ମଶାଳାରେ କଂଗ୍ରେସ ଦଳର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହେଲା । ବିରୋଧୀ ଦଳ ନେତା ଚିନ୍ତାମଣି ପାଣିଗ୍ରାହୀ ମୋ' ମନୋଭାବ ଆଗରୁ ଜାଣି ସାରିଥାନ୍ତି । ତେଣୁ ସଭାରେ ମୋତେ କହିବା ପାଇଁ ସୁଯୋଗ ନ ଦେଇ କହିଲେ, ''କର୍ମୀମାନେ କହନ୍ତୁ'' ।

କିଛି କର୍ମୀ ଇନ୍ଦିରା ଗାନ୍ଧୀଙ୍କ ବିରୁଦ୍ଧରେ ମତ ପୋଷଣ କଲେ, ମାତ୍ର, ବହୁ ଲୋକ ଇନ୍ଦିରା ଗାନ୍ଧୀଙ୍କୁ ସମର୍ଥନ କରି କହିଲେ । ପାଦେ ଆଗକୁ ଚାଲିଯାଇ କହିଲେ, ''ଆମେ ଇନ୍ଦିରା ଗାନ୍ଧୀଙ୍କ ମୁହଁକୁ ଦେଖି କଂଗ୍ରେସ ବିଧାୟକମାନଙ୍କୁ ଭୋଟ ଦେଇ ନିର୍ବାଚିତ କରିଛୁ । ସେମାନେ ଇନ୍ଦିରା ଗାନ୍ଧୀଙ୍କୁ ସମର୍ଥନ ନ କଲେ କଂଗ୍ରେସ ଦଳ ପ୍ରତି ବିଶ୍ୱାସ ଘାତକତା କରିବେ'' ।

ଜିଲ୍ଲାର କିଛି ବିଧାୟକ ଏବଂ ନେତା ଦ୍ୱନ୍ଦ୍ୱରେ ପଡିଥାନ୍ତି । ଜଗନ୍ନାଥ ପଟ୍ଟନାୟକ ଇନ୍ଦିରା ଗାନ୍ଧୀଙ୍କ ବିରୁଦ୍ଧରେ ଥାନ୍ତି, ଭୂପିନ୍ଦ୍ର ବାବୁ ଦ୍ୱନ୍ଦ୍ୱରେ ଥାନ୍ତି । ମୋ' ମତ ସହ ନର୍ଲା ବିଧାୟକ ତେଜରାଜ ମାଝୀଙ୍କ ମତ ଥାଏ ।

ମୁଖ୍ୟ ଅତିଥି ଚିନ୍ତାମଣି ପାଣିଗ୍ରାହୀ ଏକ ସାର ଗର୍ଭକ ଭାଷଣ ଦେଲେ । କଂଗ୍ରେସ ଦଳର ବିପର୍ଯ୍ୟୟ ପାଇଁ ଇନ୍ଦିରା ଗାନ୍ଧୀ ହିଁ ଦାୟୀ, ଏହି ମତ ଉପସ୍ଥାପନ କରି ସେ କଂଗ୍ରେସ କର୍ମୀମାନଙ୍କୁ ପ୍ରଭାବିତ କରିବା ପାଇଁ ଉଦ୍ୟମ କଲେ ।

ସଭା ସାଙ୍ଗ ହେବା ପୂର୍ବରୁ ମୋତେ ଧନ୍ୟବାଦ ଦେବା ପାଇଁ କହିଲେ । ଚିନ୍ତାମଣି ବାବୁ ପୁଣି କହିଲେ, ''ଦୁଇ ତିନୋଟି ବାକ୍ୟରେ ଆପଣ ଧନ୍ୟବାଦ ସାରି ଦିଅନ୍ତୁ । ଆଜି ଯାହା ଭାଷଣ ହେଲା, ତାକୁ ପ୍ରୋସିଡିଙ୍ଗ୍‌ରେ ରେକର୍ଡ କରନ୍ତୁ ନାହିଁ'' ।

ତାଙ୍କ ମତକୁ ସମର୍ଥନ ଜଣାଇ ଧନ୍ୟବାଦ ଦେବା ପାଇଁ ଛିଡା ହେଲି ।

କର୍ମୀମାନଙ୍କ ମଧ୍ୟରେ ଗୁଞ୍ଜରଣ ସୃଷ୍ଟି ହୋଇ ଯାଇଥାଏ । ମୋତେ ସଭାରେ ଭାଷଣ ଦେବା ପାଇଁ ସୁଯୋଗ ଦେଇ ନ ଥିବା ଯୋଗୁଁ, ମୋର କୌଣସି ମତ ଶୁଣି ନ ପାରି ନିରାଶରେ ବସି ମୋ ମୁହଁକୁ ସଭିଏଁ ଉତ୍‌କଣ୍ଠାର ସହିତ ଚାହିଁ ରହିଥାନ୍ତି ।

ମୁଁ ମୋର ସଂକ୍ଷିପ୍ତ ଧନ୍ୟବାଦ ଭାଷଣରେ କହିଲି, ''ଓଡିଶାର ବିରୋଧୀ ଦଳର ନେତା ଚିନ୍ତାମଣି ପାଣିଗ୍ରାହୀ ତଥା ବହୁ କଂଗ୍ରେସ ନେତୃବୃନ୍ଦ କଳାହାଣ୍ଡି ଆସି କର୍ମୀ ସମ୍ମିଳନୀରେ ଯୋଗ ଦେଇଥିବା ଯୋଗୁଁ ଜିଲ୍ଲା କଂଗ୍ରେସ ଦଳ ତରଫରୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରୁଛି'' ।

''ମୋତେ ଦୁଇ ତିନୋଟି ବାକ୍ୟରେ ମୋର ଧନ୍ୟବାଦ ଭାଷଣକୁ ସୀମିତ

Source: Author, Digitized by PPRACHIN, SOA

କରିବା ପାଇଁ ଏବଂ ଆଜି ସଭାରେ ଯାହା ଆଲୋଚନା ହେଲା ତାକୁ ପ୍ରୋସିଡିଙ୍ଗ୍ ଖାତାରେ ଲିପିବଦ୍ଧ ନ କରିବା ପାଇଁ ବିରୋଧୀ ଦଳ ନେତା ପରାମର୍ଶ ଦେଇଥିବା ଦୃଷ୍ଟିରୁ ତାହା ଆଜି ଲିପିବଦ୍ଧ କରାଯାଉ ନାହିଁ । ମାତ୍ର, ଆପଣମାନଙ୍କ ହୃଦୟରେ ଇନ୍ଦିରା ଗାନ୍ଧୀଙ୍କ ପ୍ରତି ଥିବା ଯେଉଁ ଦରଦ ଏବଂ ଉଦ୍‌ବେଗ ଆପଣମାନେ ପ୍ରକାଶ କରିଛନ୍ତି ଏବଂ ନିଜ ନିଜ ହୃଦୟରେ ଇନ୍ଦିରା ଗାନ୍ଧୀଙ୍କ ନାମ ଲିପିବଦ୍ଧ କରିଥିବା ଯୋଗୁଁ କାଗଜ କଲମରେ ତାହା ଲିପିବଦ୍ଧ କରିବା ଆବଶ୍ୟକ ପଡିବ ନାହିଁ । ସେଥିପାଇଁ ଆପଣମାନଙ୍କୁ ମଧ୍ୟ ମୋର ହୃଦୟର ଗଭୀର ପ୍ରଦେଶରୁ ଧନ୍ୟବାଦ ଅର୍ପଣ କରୁଛି'' ।

ମୋ'ର ଧନ୍ୟବାଦ ଭାଷଣ ଶେଷ ହେବା କ୍ଷଣି, 'ଇନ୍ଦିରା ଗାନ୍ଧୀକି ଜୟ' ଧ୍ୱନି ଶବ୍ଦରେ ସଭା ସ୍ଥଳ ପ୍ରକମ୍ପିତ ହୋଇ ଉଠିଲା । ମୋ'ର ମନର ଭାବନା ଲୋକେ ଜାଣିଗଲା ପରେ, ତାଙ୍କ ମନରୁ ସଂଶୟ ଦୂର ହେଲା । ଖୋଲା ହୃଦୟରେ ଲୋକେ ଇନ୍ଦିରା ଗାନ୍ଧୀଙ୍କୁ ସ୍ୱାଗତ ଜଣାଇଲେ । ସେମାନଙ୍କ ମନରେ ହସ ଚହଟିଲା'' ।

ଇନ୍ଦିରା ଗାନ୍ଧୀଙ୍କ ଜୟ ଧ୍ୱନି ଶୁଣି, ବିରୋଧୀ ଦଳ ନେତା ବ୍ୟତିବ୍ୟସ୍ତ ହୋଇ ମୋ ମୁହଁକୁ କଠୋର ଦୃଷ୍ଟିରେ ଚାହିଁ କହିଲେ, ''ରାସବିହାରୀ! ଏ କଣ କଲ''?

ମୁଁ ସ୍ପଷ୍ଟ ଭାବରେ କହିଲି, ''ସାଧା କାଗଜ କଲମର ରେକର୍ଡଠୁ ଲୋକଙ୍କ ହୃଦୟର ରେକର୍ଡ କେତେ ପ୍ରବଳ ଏଥିରୁ ଆପଣ ଅନୁମାନ କରନ୍ତୁ । ଏବେ ମଧ୍ୟ ସମୟ ଅଛି, କର୍ମୀମାନଙ୍କ ମନୋଭାବ ଜାଣିଲା ପରେ ଆପଣମାନଙ୍କ ମତ ପରିବର୍ତ୍ତନ ହେବା ଉଚିତ''।

ଚିନ୍ତାମଣିବାବୁ ଉଦ୍‌ବିଗ୍ନ ହୋଇ ମୋ' ବାପାଙ୍କୁ କହିଲେ, ''ପ୍ରସନ୍ନ ବାବୁ! ଆପଣଙ୍କ ପୁଅକୁ ବୁଝାନ୍ତୁ, ଏମିତି ଭୁଲକାମ କରନ୍ତୁ ନାହିଁ'' ।

ବାପା କହିଲେ, ''ସେ ଛୋଟ ପିଲା ନୁହେଁ, ମୁଁ ତାକୁ କଣ ବୁଝାଇବି''?

ଚିନ୍ତାମଣିବାବୁ ବ୍ୟତିବ୍ୟସ୍ତ ହୋଇ, ମନରେ ଅସନ୍ତୋଷ ଭାବ ଖେଳାଇ ସେଠୁ ଜୟପୁର କର୍ମୀ ସମ୍ମିଳନୀରେ ଯୋଗଦେବା ପାଇଁ ଚାଲିଗଲେ ।

ମୁଁ ଭୁବନେଶ୍ୱର ଫେରିଯାଇ, ଜାନକୀବାବୁଙ୍କ ସହ ଆଲୋଚନା କଲି । ସେଠାରେ ଆମର ପରବର୍ତ୍ତୀ ପଦକ୍ଷେପ ନେବା ପାଇଁ ସ୍ଥିର କରାଗଲା ।

କଂଗ୍ରେସ ଭବନ ସଂଗଠନ କଂଗ୍ରେସ ଦାୟିତ୍ୱରେ ଥାଏ । ଇନ୍ଦିରା ଗାନ୍ଧୀ ସମର୍ଥକ ଦଳ ପାଇଁ ଅଫିସ ଗୃହ ନ ଥାଏ । ଯୋଗେଶ ଚନ୍ଦ୍ର ରାଉତ ପୂର୍ବତନ ମନ୍ତ୍ରୀ, ଜାନକୀ ବାବୁଙ୍କ ଜଣେ ଘନିଷ୍ଠ ବନ୍ଧୁ । ସେ ଆମ ସହିତ ନ ଥିଲେ ମଧ୍ୟ ତାଙ୍କ ଘର ଅଫିସ ପାଇଁ କିଛିଦିନ ବ୍ୟବହୃତ ହେଲା । ପରେ ମୋ'ର ଏମ୍.ଏଲ୍.ଏ. କ୍ୱାର୍ଟର୍ସ ଇନ୍ଦିରା କଂଗ୍ରେସ ଦଳ ପାଇଁ କେନ୍ଦ୍ରବିନ୍ଦୁ ରୂପେ କାର୍ଯ୍ୟକଲା ।

ଜାନକୀବାବୁ, ବ୍ରଜମୋହନ ମହାନ୍ତି, କାହ୍ନୁଚରଣ ଲେଙ୍କା, ରାମଚନ୍ଦ୍ର ରଥ

Source: Author, Digitized by PPRACHIN, SOA

ଏମ୍.ପି. ପ୍ରଭୃତି ମୋ' କ୍ୱାର୍ଟରକୁ ଆସି ଦଳର କାର୍ଯ୍ୟକ୍ରମ ଉପରେ ଆଲୋଚନା କରି ମୀମାଂସା ଗ୍ରହଣ କରୁଥିଲେ ।

କେନ୍ଦ୍ରରେ କଂଗ୍ରେସର ବିଭାଜନ ଘଟି ଯାଇଥାଏ । ଇନ୍ଦୀରା ଗାନ୍ଧୀଙ୍କୁ ସମର୍ଥନ ଜଣାଇ ବିଧାୟକ ହିସାବରେ ମୋ'ର ନାମ ପ୍ରଥମେ ଘୋଷଣା ହେବା ସହ ନର୍ଲା ବିଧାୟକ ତେଜରାଜ ମାଝୀଙ୍କ ନାମ ଘୋଷଣା ହେଲା । ପରେ କଣ୍ଟାବାଞ୍ଜି ଏମ୍.ଏଲ୍.ଏ. ପ୍ରସନ୍ନ ପାଲ ସମର୍ଥନ ଜଣାଇଲେ, ତା' ପରଦିନ ମୟୁରଭଞ୍ଜର ଆଦିବାସୀ ବିଧାୟକ ରମେଶ ସୋରେନଙ୍କ ନାମ ଘୋଷଣା ହେଲା ।

ଏହିପରି ପ୍ରତିଦିନ ଜଣ ଜଣଙ୍କ ନାମ ଘୋଷଣା ରେଡିଓରେ ହେଉଥାଏ । ଅନ୍ତତଃ ୧୫ଜଣ ବିଧାୟକ, ଏକ ଦଶମାଂସ ସଦସ୍ୟ ସମର୍ଥନ ଜଣାଇଲେ, ଦଳର ନେତା ପରିବର୍ତ୍ତନ ହେବ ।

ତେଣୁ ପ୍ରତିଦିନ ମୁଁ ବିଭିନ୍ନ ବିଧାୟକଙ୍କ କ୍ୱାର୍ଟରକୁ ଯାଇ ତାଙ୍କ ସମର୍ଥନ ମିଳିବା ପାଇଁ ଉଦ୍ୟମ ଜାରି ରଖିଲି । ମୁଁ ବିଧାୟକମାନଙ୍କ କ୍ୱାର୍ଟରକୁ ଗଲେ ମୋତେ ଦେଖି ଆଶଙ୍କାରେ, ଘର କବାଟ ଅଧା ମେଲା କରି ଭିତରୁ ତୁନି ତୁନି କରି କହନ୍ତି, ''ପରେ ଆସିବ କଥାବାର୍ତ୍ତା ହେବା । କାଳେ କିଏ ଦେଖି ଦେବ? କଥାଟା ବିରୋଧୀ ଦଳ ନେତାଙ୍କ କାନକୁ ଚାଲିଯିବ'' ।

ସେହି ସମୟରେ ଓଡିଶା ବିଧାନସଭାରେ ସର୍ବଭାରତୀୟ ବାଚସ୍ପତି ସମ୍ମିଳନୀ ଅନୁଷ୍ଠିତ ହେଉଥାଏ । ମୋ'ର ଏବଂ ନର୍ଲା ବିଧାୟକଙ୍କ ନାମ ଇନ୍ଦିରା ଗାନ୍ଧୀଙ୍କ ସମର୍ଥକ ଭାବରେ ରେଡିଓରେ ଏବଂ ଖବର କାଗଜରେ ଘୋଷଣା ହେବା ଜାଣି ବିଭିନ୍ନ ରାଜ୍ୟର ବାଚସ୍ପତିମାନେ ଆଶ୍ଚର୍ଯ୍ୟ ହୋଇଗଲେ । ସଭିଙ୍କ ମନରେ କୌତୂହଳ ବୃଦ୍ଧି ପାଇଲା । ଓଡିଶା ବିଧାନସଭା ଲବିରେ ମନ୍ତ୍ରୀ ହରିଶ୍ଚନ୍ଦ୍ର ବକ୍ସିପାତ୍ର ମୋତେ ଭେଟି ମୋ' ଉପରେ ଅସନ୍ତୁଷ୍ଟ ହୋଇ କହିଲେ, ''ରାସବିହାରୀ! ଏ ଭଳି ଭୁଲଟିଏ କାହିଁକି କଲ''? ଅନ୍ୟ ରାଜ୍ୟର ବାଚସ୍ପତିଙ୍କୁ ମୋ' ସହିତ ପରିଚିତ କରାଇ କହିଲେ, ''ଏହି ସେ ବିଧାୟକ, ଯେ କି ଇନ୍ଦିରା ଗାନ୍ଧୀଙ୍କୁ ସମର୍ଥନ ଜଣାଇଛନ୍ତି'' ।

ବାଚସ୍ପତି ମହାଶୟମାନେ ମୋ' ଚାରିଆଡେ ଘେରିଯାଇ ମୁଣ୍ଡରୁ ତଳ ପର୍ଯ୍ୟନ୍ତ ଦେଖିନେଲେ । ଗମ୍ଭୀର ହୋଇ ଜଣେ କହିଲେ, ''ଆପଣ ଜଣେ ଯୁବକ, ଆପଣଙ୍କ ଭବିଷ୍ୟତ ଅଛି; ଅଥଚ, ଏଭଳି ଭୁଲଟିଏ କରିପକାଇଲେ କାହିଁକି''? ସେମାନେ ତାଙ୍କ ମୁହଁରେ ବିରକ୍ତ ଭାବ ପ୍ରକାଶ କରି କହିଲେ, ''ଇନ୍ଦିରା ଗାନ୍ଧୀଙ୍କୁ ଜେଲରେ ଭର୍ତ୍ତି କରାଯିବ, ଆବଶ୍ୟକ ହେଲେ ଫାଶି ଦିଆଯିବ'' । ସବୁ ମାନ୍ୟବର ବାଚସ୍ପତି ମହାଶୟଙ୍କ ମନ୍ତବ୍ୟ ଶୁଣି, ମୁହଁରେ ହସ ଖେଳାଇ କହିଲି, ''ଅତି ନିକଟ ଭବିଷ୍ୟତରେ

Source: Author, Digitized by PPRACHIN, SOA

ଇନ୍ଦିରା ଗାନ୍ଧୀ ହିଁ ପୁଣି ଭାରତର ପ୍ରଧାନମନ୍ତ୍ରୀ ହେବେ''।

ସେମାନେ ମୋର ଦୃଢ଼ୋକ୍ତିରେ ଭବିଷ୍ୟତ କଥା ଶୁଣି ବିସ୍ମୟରେ ମୋ' ମୁହଁକୁ ଚାହିଁ ନେଇ ତାଚ୍ଛଲ୍ୟ କରି କହିଲେ, ''ଆପଣଙ୍କ ଏହା ଦିବା ସ୍ୱପ୍ନ'' । ମୁଁ ଫେରେ କହିଲି, ''ସମୟ ହିଁ ତାର ଉତ୍ତର ଦେବ । ଆପଣ ସେ ସମୟ ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ। ସେତେବେଳେ ମୋ' କଥା ମନେ ପକାଇବେ'' ।

ବକ୍‌ସିପାତ୍ର ମୋ ମୁହଁକୁ ବିସ୍ମୟ ନୟନରେ ଚାହିଁ ରହିଥାନ୍ତି । ବାଚସ୍ପତିମାନଙ୍କ ସହିତ ମୋର ଆତ୍ମ ବିଶ୍ୱାସର ସହ ଦୃଢ଼ୋକ୍ତିକୁ ନେଇ ଆଲୋଚନା କରୁଥାନ୍ତି । ମୋତେ ସମସ୍ତେ କୌତୂହଳରେ ଅନେଇ ରହି ନିଜ ନିଜ ମଧ୍ୟରେ ଆଲୋଚନା କରୁଥାନ୍ତି ।

ପ୍ରଗାଢ଼ ଉଦ୍ୟମ କରି, ଠିକ୍ ସମୟରେ ଆମ ରାଜ୍ୟରେ ବିଧାନସଭାରେ ଇନ୍ଦିରା କଂଗ୍ରେସ ଦଳର ସଂଖ୍ୟା ଗରିଷ୍ଠତା ହେଲା । ଗଞ୍ଜାମ ଜିଲ୍ଲାର ହିଞ୍ଜିଳିକାଟୁ ବିଧାୟକ ପୂର୍ବତନ ମନ୍ତ୍ରୀ ବୃନ୍ଦାବନ ନାୟକ ଇନ୍ଦିରା କଂଗ୍ରେସ ଦଳର ନେତା ରୂପେ ମନୋନୀତ ହେଲେ । ତାଙ୍କ ସହିତ ଗୋପାଳପୁର ବିଧାୟକ ଘନଶ୍ୟାମ ବେହେରା ସହଯୋଗ ଦେଲେ । ୨୬ଜଣ କଂଗ୍ରେସ ଦଳର ବିଧାୟକଙ୍କ ମଧ୍ୟରୁ ୨୦ ଜଣ ବିଧାୟକ ଇନ୍ଦିରା କଂଗ୍ରେସ ଦଳକୁ ସମର୍ଥନ ଜଣାଇଲେ ।

ଦିନକୁ ଦିନ ରାଜ୍ୟରେ, ଦେଶରେ ରାଜନୈତିକ ରୂପରେଖର ବିରାଟ ପରିବର୍ତ୍ତନ ଘଟି ଚାଲିଥାଏ । କେନ୍ଦ୍ରରେ ଜନତା ଦଳ ମଧ୍ୟରେ ପ୍ରଧାନମନ୍ତ୍ରୀ ପଦ ପାଇଁ ବିବାଦ ଲାଗି ଯାଇଥାଏ ।

ସେତେବେଳେ ଇନ୍ଦିରା ଗାନ୍ଧୀ ବିହାରର 'ବେଲଚି'ରେ ହରିଜନମାନଙ୍କ ଉପରେ ହୋଇଥିବା ଅତ୍ୟାଚାର ଜାଣିବା ପରେ, ସେହି ଅଗମ୍ୟ ଅଞ୍ଚଳକୁ ଯାଇ ସେମାନଙ୍କୁ ଆଶ୍ୱାସନା ଦେବା ପାଇଁ ବାହାରି ପଡିଲେ । ଆବଶ୍ୟକ ସ୍ଥଳେ ଦୁର୍ଗମ ରାସ୍ତା ଅତିକ୍ରମ କରିବା ପାଇଁ ହାତୀ ଉପରେ ବସି ମଧ୍ୟ ଯାତ୍ରା କଲେ । ଏପରିକି ପାଦରେ ଚାଲି ଚାଲି ମଧ୍ୟ ଯାଇ ବେଲଚିରେ ପହଞ୍ଚିଲେ ।

ସେହି ନିର୍ଯ୍ୟାତିତ ଓ ଦଳିତମାନେ, ସେମାନଙ୍କର ଏହି ଦୁର୍ଦ୍ଦିନ ସମୟରେ ଇନ୍ଦିରା ଗାନ୍ଧୀ ତାଙ୍କ ପାଖରେ ପହଞ୍ଚି ତାଙ୍କୁ ଆଶ୍ୱାସନା ଦେବା ଦେଖି ଏବଂ ଏତେ କଷ୍ଟ ସ୍ୱୀକାର କରି ଆସି ପାଖରେ ଛିଡା ହୋଇଥିବା ଯୋଗୁଁ ସେମାନେ ଆନନ୍ଦରେ ଗଦ୍ ଗଦ୍ ହୋଇ ବାଷ୍ପରୁଦ୍ଧ ହୋଇଗଲେ । କୋହ ସମ୍ବରଣ କରି, ଇନ୍ଦିରା ଗାନ୍ଧୀଙ୍କ ଜୟଧ୍ୱନି କରିବାକୁ ଲାଗିଲେ । ''ଅଧେ ରୁଟି ଖାଏଙ୍ଗେ, ଇନ୍ଦିରା ଗାନ୍ଧୀକୋ ଫେର୍ ଲାଏଙ୍ଗେ''।

ବାସ୍ତବିକ ବେଲଚି ଗସ୍ତ ଇନ୍ଦିରା ଗାନ୍ଧୀଙ୍କ ପ୍ରତି ସମଗ୍ର ଦେଶରେ ଏକ

Source: Author, Digitized by PPRACHIN, SOA

ସହାନୁଭୂତି ବାତାବରଣ ଖେଳାଇଦେଲା । ଲୋକଙ୍କ ମନରେ ତାଙ୍କ ପ୍ରତି ରାଗ ଯାହାଥିଲା କମିବାରେ ଲାଗିଲା ।

ଏହାପରେ ଦେଶର ବିଭିନ୍ନ ଅଞ୍ଚଳ ଗସ୍ତ କରି ସେ ଲୋକଙ୍କ ସହାନୁଭୂତି ଅର୍ଜନ କରିବାରେ ଲାଗିଲେ ।

ଇନ୍ଦିରା ଗାନ୍ଧୀ କର୍ଣ୍ଣାଟକ ଚିକମାଗାଲୁରରୁ ମଧ୍ୟବର୍ତ୍ତୀ ନିର୍ବାଚନରେ ପୁଣି ଲୋକସଭାକୁ ବହୁ ଭୋଟରେ ଜୟଯୁକ୍ତ ହୋଇ ଆସିଲେ । ନିର୍ବାଚନ ସମୟରେ ଇନ୍ଦିରା ଗାନ୍ଧୀଙ୍କ ବିରୁଦ୍ଧରେ ବିରୋଧୀଦଳ ପ୍ରାର୍ଥିନୀ ସୁଷମାସ୍ୱରାଜ ବହୁ ଅଭିଯୋଗ ଆଣିଲେ । ମାତ୍ର, ନିର୍ବାଚନ ମଣ୍ଡଳୀର ଭୋଟର୍‌ମାନେ ବହୁ ଭୋଟରେ ଇନ୍ଦିରା ଗାନ୍ଧୀଙ୍କୁ ବିଜୟ ମଣ୍ଡିତ କରି ଲୋକସଭାକୁ ପଠାଇଲେ ଅଥଚ, ଲୋକସଭାରେ ଜନତା ଦଳର ସଦସ୍ୟବୃନ୍ଦ ତାଙ୍କୁ ବସାଇ ଦେଲେ ନାହିଁ । ବହୁମତରେ ତାଙ୍କ ବିରୁଦ୍ଧରେ ଅଭିଯୋଗ ଆଣି ତାଙ୍କୁ ଲୋକସଭାରୁ ବିତାଡିତ କରାଗଲା । ୧୯୭୮ ଡିସେମ୍ବର ୧୯ତାରିଖ ଦିନ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ, ନିର୍ବାଚିତ ଲୋକସଭା ସଦସ୍ୟା ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କୁ ବହିଷ୍କାର କରିଦିଆଗଲା । ସେ ଦିନ ମୁଁ ଲୋକସଭାର ଦର୍ଶକ ଗ୍ୟାଲେରିରେ ବସି ମାନ୍ୟବର ଲୋକସଭା ସଦସ୍ୟଙ୍କ ଯୁକ୍ତିତର୍କ ଶୁଣିଥିଲି ।

ତାଙ୍କ ବିରୁଦ୍ଧରେ ମହାଅଭିଯୋଗ ଆଣି ତାଙ୍କ ସଭ୍ୟ ପଦକୁ ରଦ୍ଦ କରିଦେଲେ । ଯେଉଁ ମାଧ୍ୟମ ଅବଲମ୍ବନ କରି ଜନତାପାର୍ଟି ନିର୍ବାଚିତ ଲୋକପ୍ରତିନିଧିଙ୍କ ସଭ୍ୟପଦ ରଦ୍ଦ କଲେ, ବାସ୍ତବିକ ଗଣତାନ୍ତ୍ରିକ ଇତିହାସରେ ତାହା ଏକ କଳଙ୍କମୟ ଘଟଣା ରୂପେ ସବୁଦିନ ପାଇଁ ରହିଗଲା ।

ଇନ୍ଦିରା ଗାନ୍ଧୀଙ୍କ ଜରୁରୀ କାଳୀନ ପରିସ୍ଥିତି ଘୋଷଣା ଓ ଘଟଣା ଏକ କଳୁଷିତ ଅଧ୍ୟାୟ । ସେଥିପାଇଁ ମୋ' ମନରେ ମଧ୍ୟ ଦୁଃଖ ହୋଇଥିଲା । ମୁଁ ଇନ୍ଦିରା ଗାନ୍ଧୀଙ୍କ ସଂସ୍ପର୍ଶରେ ଆସିଲା ପରେ ଉପଲବ୍ଧି କରିପାରିଲି ଇନ୍ଦିରା ଗାନ୍ଧୀ ମଧ୍ୟ ଏଥିପ୍ରତି ମର୍ମାହତ ହୋଇଥିଲେ । ଅବସ୍ଥା ଚକ୍ରରେ ପଡି, ଅନିଚ୍ଛା ସତ୍ତ୍ୱେ, ବାଧ୍ୟ ହୋଇ ଏହା ଘୋଷଣା କରିଥିଲେ । ତେଣୁ ପୁନଃ ଗଣତନ୍ତ୍ର ଫେରାଇ ଆଣିବା ପାଇଁ ତାଙ୍କ ବିବେକ ତାଙ୍କୁ ବାରମ୍ବାର ଦଂଶନ କରିଛି । ସୁତରାଂ, ତୁରନ୍ତ ସାଧାରଣ ନିର୍ବାଚନ ଘୋଷଣା କରି ନିଜ ମନକୁ ସେ ଆଶ୍ୱସ୍ତ କରିଥିଲେ ।

ମାତ୍ର, ଇନ୍ଦିରା ଗାନ୍ଧୀଙ୍କ ଏହି ମର୍ମ ବେଦନାକୁ ଅନେକେ ସହଜରେ ଗ୍ରହଣ କରନ୍ତି ନାହିଁ । ସେମାନଙ୍କ ମନ ଭିତରେ ଭରି ରହିଥିବା ରାଗ ଓ ପ୍ରତିହିଂସା ମନୋଭାବର କେବଳ ପରିପ୍ରକାଶ ହୋଇଥାଏ ।

ମୁଁ ନିଜେ ମଧ୍ୟ ଉପଲବ୍ଧି କରିଛି, ସର୍ବଭାରତୀୟ ବାଚସ୍ପତି ସମ୍ମିଳନୀରେ ଓଡିଶା

Source: Author, Digitized by PPRACHIN, SOA

ବିଧାନସଭା କକ୍ଷରେ ମାନ୍ୟବର ବାଚସ୍ପତିମାନଙ୍କ ମନର ରାଗ, ଘୃଣାଭାବ ସେମାନଙ୍କ ମନକୁ କିପରି ଜର୍ଜରିତ କରି ରଖିଥାଏ । ତେଣୁ ଇନ୍ଦିରା ଗାନ୍ଧୀଙ୍କୁ ଫାଶି ଦେବା ପାଇଁ ମଧ୍ୟ ଚିନ୍ତା ଉଦ୍ରେକ କରୁଥାନ୍ତି ।

ଏହିଭଳି ସପକ୍ଷ ଏବଂ ବିପକ୍ଷ ମତବାଦ ମଧ୍ୟରେ ଜଣେ ଲୋକପ୍ରିୟ ବିରୋଧୀ ଦଳର ନେତା ତଥା ସମାଜବାଦୀ ଚିନ୍ତାଧାରାର ଜଣେ ଜାତୀୟ ନେତା ମଧୁ ଲିମିୟାଙ୍କ ଉକ୍ତିର ଯଥାର୍ଥତା ପ୍ରଣିଧାନ ଯୋଗ୍ୟ ।

ସେ ତାଙ୍କ ଏକ ପୁସ୍ତକରେ ଲେଖିଛନ୍ତି, "ଇମର୍ଜେନ୍ସି ସମୟରେ ସେ ୧୯ ମାସ ଜେଲରେ ଥିଲେ" । ସେହି ପୁସ୍ତକରେ ସେ ପୁଣି ଲେଖିଛନ୍ତି, "ଇନ୍ଦିରା ଗାନ୍ଧୀ ହେଉଛନ୍ତି ଜବାହାରଲାଲଙ୍କ କନ୍ୟା, ମହାତ୍ମା ଗାନ୍ଧୀଙ୍କ ଆଦର୍ଶ ତାଙ୍କ ମନ ଓ ହୃଦୟକୁ ପ୍ରଭାବିତ କରିଛି । ତେଣୁ ସେହି କାଳରାତ୍ରିର ଘଟଣାକୁ ସେ ପୋସୋରି ପାରି ନାହାନ୍ତି । ଗଣତନ୍ତ୍ର ପ୍ରତି ତାଙ୍କର ପୂର୍ଣ୍ଣ ଆସ୍ଥା ଥିଲା । ତେଣୁ ସମୟ ଏବଂ ସୁଯୋଗକୁ ଅପେକ୍ଷା କରି ସେ ପୁନଃ ଗଣତନ୍ତ୍ର ପ୍ରତିଷ୍ଠା ପାଇଁ ଉଦ୍ୟମ କଲେ" ।

ଇମର୍ଜେନ୍ସି ପାଇଁ କେବଳ ଇନ୍ଦିରା ଗାନ୍ଧୀଙ୍କୁ ଦୋଷ ଦେଲେ ଠିକ୍ ହେବ ନାହିଁ । ଭାରତରେ କିଛି ଲୋକଙ୍କ ଦ୍ୱାରା ସେତେବେଳେ ଯେଉଁ ପରିସ୍ଥିତି ସୃଷ୍ଟି କରାଗଲା, ସେଥିପାଇଁ ସେମାନେ ମଧ୍ୟ କିଛି ଦୋଷ ମୁଣ୍ଡାଇବାକୁ ପଡିବ । ଇନ୍ଦିରା ଗାନ୍ଧୀଙ୍କ ମସ୍ତବଡ ଭୁଲ ଥିଲା, ସମ୍ବାଦପତ୍ର ଉପରେ କଟକଣା ଜାରି କରିବା ।

ଯେଉଁ ଜନତାପାର୍ଟି ଇନ୍ଦିରା ଗାନ୍ଧୀଙ୍କୁ ଏବଂ କଂଗ୍ରେସ ଦଳକୁ ପରାଜିତ କଲା, ସେହି ଜନତାପାର୍ଟି ମଧ୍ୟ ସମ୍ବିଧାନକୁ ଆଡେଇ ଇମର୍ଜେନ୍ସି ଘୋଷଣା ନ କରି ମଧ୍ୟ, ଗଣତାନ୍ତ୍ରିକ ନୀତି ନିୟମକୁ ଉଲ୍ଲଙ୍ଘନ କରି ଅନେକ କାର୍ଯ୍ୟ କରିଗଲା । ସେତେବେଳେ ପ୍ରତିଦିନ ରେଡିଓ ଖୋଲିଲେ କେବଳ ଇନ୍ଦିରା ଗାନ୍ଧୀଙ୍କ ବିରୁଦ୍ଧରେ ପ୍ରଚାର ଚାଲିଲା । ଲୋକେ ମଧ୍ୟ ଶୁଣି ଶୁଣି ଅତିଷ୍ଠ ହୋଇ ପଡିଲେ । ମନରେ ସରକାରଙ୍କ ବିରୁଦ୍ଧରେ ବିରକ୍ତଭାବ ସୃଷ୍ଟି ହେଲା । ଲୋକେ ପୂର୍ବ ସରକାର ଏବଂ ବର୍ତ୍ତମାନର ସରକାରକୁ ତୁଳନା କରିବାର ସୁଯୋଗ ପାଇପାରିଲେ ।

ଲୋକେ ଭଲଭାବରେ ଜାଣିଛନ୍ତି, କେବଳ ଗଣତାନ୍ତ୍ରିକ ପଦ୍ଧତିରେ ହିଁ ଭାରତକୁ ଶାସନ କରାଯାଇ ପାରିବ । ତାହା ପୁନଃ ୧୯୮୦ ନିର୍ବାଚନରେ ପ୍ରମାଣିତ ହେଲା । ଲୋସସଭା ନିର୍ବାଚନରେ କଂଗ୍ରେସ ବହୁମତରେ ଜୟଯୁକ୍ତ ହୋଇ ପୁଣି ଶାସନକୁ ଫେରି ଆସିଲା ।

ଯେଉଁ ଭାରତୀୟ ଜନସାଧାରଣ ଇନ୍ଦିରା ଗାନ୍ଧୀଙ୍କ ଏକଛତ୍ରବାଦ ମନୋଭାବକୁ ପସନ୍ଦ ନ କରି ଗାଦିଚ୍ୟୁତ କରିଥିଲେ, ସେହି ଜନସାଧାରଣ ପୁଣି ଜନତା ଦଳର

Source: Author, Digitized by PPRACHIN, SOA

ଅଗଣତାନ୍ତ୍ରିକ କାର୍ଯ୍ୟକଳାପକୁ ଦେଖି ଅସନ୍ତୁଷ୍ଟ ହୋଇ ସେମାନଙ୍କୁ ମଧ୍ୟ କ୍ଷମତାଚ୍ୟୁତ କଲେ । ତେଣୁ ଜନସାଧାରଣଙ୍କ ଶକ୍ତି ଅସୀମ । ସଦାବେଳେ ତାର ସଦ୍‌ବିନିଯୋଗ ହେବା ଫଳରେ ଗଣତନ୍ତ୍ର ଆଜି ଦୃଢ଼ ହୋଇ ଚାଲିଛି ।

ଜନତା ସରକାରଙ୍କ ସମୟରେ ଇନ୍ଦିରା ଗାନ୍ଧୀଙ୍କ ବିରୁଦ୍ଧରେ ବିଭିନ୍ନ କେସ୍ ଦାୟାର ହେଲା । ତାଙ୍କୁ ଏରେଷ୍ଟ କରି ଜେଲରେ ଭର୍ତ୍ତି କରି ଦିଆଗଲା । ଇନ୍ଦିରା ଗାନ୍ଧୀଙ୍କୁ ଏରେଷ୍ଟ କରିବା ଫଳରେ ସମଗ୍ର ଦେଶରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହେଲା । ଆନ୍ଦୋଳନ, ବିକ୍ଷୋଭ, ଜେଲଭରୋ ନାରାବାଜି ପ୍ରଭୃତି ସମଗ୍ର ଦେଶରେ ଏକ ଉତ୍ତେଜନା ମୂଳକ ବାତାବରଣ ସୃଷ୍ଟି ହେଲା ।

ନୂତନ ଇନ୍ଦିରା କଂଗ୍ରେସ ଦଳ ଗଠନ ହେଲା ପରେ ଜାନକୀ ବାବୁ ଦଳର ସଭାପତି ହେଲେ ଏବଂ ମୁଁ ଜେନେରାଲ ସେକ୍ରେଟାରୀ ଭାବେ ମନୋନୀତ ହେଲି । ଦିନକୁ ଦିନ ବିପୁଳ ଉତ୍ସାହର ସହିତ ସଂଗଠନକୁ ପ୍ରସାରିତ କରାଗଲା ।

କଳାହାଣ୍ଡି ଜିଲ୍ଲାରେ ଜେଲଭରୋ ଆନ୍ଦୋଳନ ପାଇଁ କଂଗ୍ରେସ କର୍ମୀମାନଙ୍କୁ ଆହ୍ୱାନ ଦେଲି । ଶହ ଶହ ଲୋକ ଜେଲ ଯିବା ପାଇଁ ପ୍ରସ୍ତୁତ ହୋଇଗଲେ । ଇନ୍ଦିରା ଗାନ୍ଧୀଙ୍କୁ ଯେତେଦିନ ପର୍ଯ୍ୟନ୍ତ ଜେଲରୁ ମୁକ୍ତ କରା ନ ଯାଇଛି, ସେତେଦିନ ପର୍ଯ୍ୟନ୍ତ ଆମେ ଜେଲରୁ ବାହାରିବୁ ନାହିଁ ।

ଆମ ଭିତରୁ କିଛି ଲୋକ ଦିନଟିଏ ଜେଲଯାଇ ପ୍ରତୀକ ଭାବେ ଜେଲଭରୋ ଆନ୍ଦୋଳନରେ ସାମିଲ ହୋଇ ତାଙ୍କ କର୍ତ୍ତବ୍ୟ ଶେଷ କରିଦେବା ପାଇଁ ଚାହିଁଲେ । ମାତ୍ର, ମୁଁ ସ୍ପଷ୍ଟ କରିଦେଲି, ଇନ୍ଦିରା ଗାନ୍ଧୀଙ୍କୁ ମୁକ୍ତ ନ କଲା ପର୍ଯ୍ୟନ୍ତ ମୁଁ ଜେଲରୁ ବାହାରିବି ନାହିଁ ।

ବାଧ୍ୟ ହୋଇ ଯେଉଁମାନେ ଦିନଟିଏ ଜେଲ ଯାଇ ଚାଲିଆସିବା ପାଇଁ ଚାହୁଁଥିଲେ, ସେମାନେ ମଧ୍ୟ ମତ ପରିବର୍ତ୍ତନ କରି ସାତ ଦିନ ଜେଲ ଭିତରେ ବନ୍ଦୀ ହୋଇ ରହିଲେ । ଇନ୍ଦିରା ଗାନ୍ଧୀଙ୍କୁ ମୁକ୍ତ କଲାପରେ ଭବାନୀପାଟଣା ଜେଲରୁ ଆମେ ମୁକ୍ତ ହୋଇଥିଲୁ । ଏଥିରେ ଭୁପିନ୍ଦ୍ର ସିଂହ, ଗିରୀଶ ଚନ୍ଦ୍ର ପୁରୋହିତ, ମହେଶ୍ୱର ବରାଡ, ଧୋବା ବାଗ ପ୍ରଭୃତି ଅଂଶଗ୍ରହଣ କରିଥିଲେ । ପ୍ରାୟ ୪୦ଜଣ ସଭ୍ୟ ଜେଲରେ ଥିଲେ ।

ଦଳୀୟ ଅନ୍ତର୍ଦ୍ୱନ୍ଦ୍ୱ ଓ ଅସ୍ଥିରତା :

ମୋରାରଜୀ ଦେଶାଇ ପ୍ରଧାନମନ୍ତ୍ରୀ ଥିବା ସତ୍ତ୍ୱେ, ଚରଣ ସିଂ ଏବଂ ଜଗଜ୍ଜୀବନ ରାମ ପ୍ରଧାନମନ୍ତ୍ରୀ ହେବା ପାଇଁ ଉଦ୍ୟମ ଜାରି ରଖିଲେ । କେହି କାହାର ନେତୃତ୍ୱ ସ୍ୱୀକାର କରିବା ପାଇଁ ସେତେବେଳେ ପ୍ରସ୍ତୁତ ନ ଥିଲେ ।

Source: Author, Digitized by PPRACHIN, SOA

କେବଳ ଜନତା ଦଳରେ ଅନ୍ତର୍ଦ୍ୱନ୍ଦ୍ୱ ଥିଲା ତାହା ନୁହେଁ, କଂଗ୍ରେସ ଦଳରେ ମଧ୍ୟ ଅନ୍ତର୍ଦ୍ୱନ୍ଦ୍ୱ ଭରି ରହିଥିଲା । କଂଗ୍ରେସ ଦଳର ସଭାପତି ବ୍ରହ୍ମାନନ୍ଦ ରେଡ୍ଡି, ଇନ୍ଦିରା ଗାନ୍ଧୀଙ୍କ ପ୍ରତି ବିମୁଖ ଥିଲେ । ସେ ତାଙ୍କୁ ଆଡେଇ ସମସ୍ତ କାର୍ଯ୍ୟ କରି ଚାଲିଥାନ୍ତି ଏବଂ ଦଳର କୌଣସି କାର୍ଯ୍ୟକ୍ରମ ସମ୍ବନ୍ଧରେ ତାଙ୍କ ସହିତ ଆଲୋଚନା ମଧ୍ୟ କରୁ ନ ଥାନ୍ତି । ସଂସଦୀୟ ଦଳର ନେତା ୱାଇ.ଭି ଚଭନ ମଧ୍ୟ ଇନ୍ଦିରା ଗାନ୍ଧୀଙ୍କୁ ଆଡେଇ ଚାଲିଲେ । ତେଣୁ ଇନ୍ଦିରା ଗାନ୍ଧୀ ଭଲ ଭାବରେ ବୁଝିଗଲେ, ଏମାନଙ୍କ ସହିତ ମିଶି ସେ ଆଉ କାମ କରି ପାରିବେ ନାହିଁ ।

କଂଗ୍ରେସ ଦଳର ବିଭାଜନ ହେଲା । ଫଳରେ ଇନ୍ଦିରା ଗାନ୍ଧୀଙ୍କ ନେତୃତ୍ୱରେ ୧୯୭୮ ମସିହାରେ ନୂତନ ଇନ୍ଦିରା କଂଗ୍ରେସ ଦଳ ସୃଷ୍ଟି ହେଲା । ବ୍ରହ୍ମାନନ୍ଦ ରେଡ୍ଡି କଂଗ୍ରେସ ଦଳର ସଭାପତି ପଦରୁ ଇସ୍ତଫା ଦେଲେ । ସ୍ୱରଣ ସିଂ କଂଗ୍ରେସ ଦଳର ସଭାପତି ହେଲେ । ତେଣୁ ତାଙ୍କ କଂଗ୍ରେସକୁ କଂଗ୍ରେସ ଏସ୍ କୁହାଗଲା ।

ଦିନକୁ ଦିନ ଜନତା ଦଳରେ ବିବାଦ ତୀବ୍ର ହେଲା । ଜୟପ୍ରକାଶ ନାରାୟଣ ସେମାନଙ୍କୁ ବୁଝାଇବା ପାଇଁ ସମସ୍ତ ଉଦ୍ୟମ କରି ମଧ୍ୟ ନେତୃମଣ୍ଡଳୀଙ୍କ ମନୋଭାବ ପରିବର୍ତ୍ତନ କରିପାରିଲେ ନାହିଁ । ତାଙ୍କ ସମସ୍ତ ଉଦ୍ୟମ ବିଫଳ ହୋଇଗଲା । ତେଣୁ ଦୁଃଖରେ ମର୍ମାହତ ହୋଇ ମାନସିକ ଯନ୍ତ୍ରଣାର ଶିକାର ହୋଇ ସେ ପାଟନା ଚାଲିଗଲେ ।

ଦିନକୁ ଦିନ ଜୟପ୍ରକାଶ ନାରାୟଣଙ୍କ ସ୍ୱାସ୍ଥ୍ୟର ଅବନତି ଘଟି ଚାଲିଥାଏ । ତାଙ୍କୁ ଡାଇଲେସିସ୍‌ରେ ରଖାଗଲା । କ୍ରମଶଃ ପ୍ରତିଦିନ ତାଙ୍କ ସ୍ୱାସ୍ଥ୍ୟ ଉଦବେଗଜନକ ହୋଇ ପଡୁଥାଏ । ତାଙ୍କ ମୃତ୍ୟୁ ହୋଇ ନ ଥାଏ, ମାତ୍ର ପ୍ରଧାନମନ୍ତ୍ରୀ ମୋରାରାଜୀ ଦେଶାଇ ଏକ ଭୁଲ ଖବର ଲୋକସଭାରେ ପ୍ରକାଶ କଲେ, 'ଜୟପ୍ରକାଶ ଆଉ ନାହାନ୍ତି' । ଜାତୀୟ ଖବର କାଗଜରେ ମଧ୍ୟ ଏହା ପ୍ରକାଶ ପାଇଲା । ପ୍ରଧାନମନ୍ତ୍ରୀ ଭୁଲ ଖବର ପାଇଁ ଲୋକସଭାରେ କ୍ଷମା ମାଗିଲେ ।

ଜୟପ୍ରକାଶ ନାରାୟଣ ସେହି ସମ୍ବାଦ ଖବର କାଗଜରୁ ପଢ଼ି ମର୍ମାହତ ହେଲେ । କିଛି ଦିନପରେ ଜୟପ୍ରକାଶ ନାରାୟଣଙ୍କ ବିୟୋଗ ଘଟିଲା । ସମଗ୍ର ଦେଶ ତାଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କଲା ।

ଗୃହମନ୍ତ୍ରୀ ଚରଣ ସିଂ ତାଙ୍କ ଜନ୍ମ ମହୋତ୍ସବରେ ଶକ୍ତି ପ୍ରଦର୍ଶନ ପାଇଁ ଦିଲ୍ଲୀରେ କୃଷକ ସମାବେଶ କରିଥାନ୍ତି । ଇନ୍ଦିରା ଗାନ୍ଧୀ, ଚରଣ ସିଂହଙ୍କ ଜନ୍ମ ମହୋତ୍ସବ ଉପଲକ୍ଷେ ସଭା ମଣ୍ଡପକୁ ଏକ ବିରାଟ ପୁଷ୍ପମାଲ୍ୟ ପ୍ରେରଣ କରିଥିଲେ ।

Source: Author, Digitized by PPRACHIN, SOA

ଚରଣ ସିଂହ ତାଙ୍କ ଭାଷଣରେ କହିଲେ ''ଇନ୍ଦିରା ବହନ୍, ମେରେ ଲିଏ ଫୁଲକି ମାଲା ଭେଜେ ହେଁ ''। ଚରଣ ସିଂହଙ୍କୁ ସେହି ବିରାଟ ଫୁଲମାଳ ପିନ୍ଧାଇ ଦିଆଗଲା। ଉପସ୍ଥିତ ଜନତା ଇନ୍ଦିରା ଗାନ୍ଧୀଙ୍କ ଜୟ ଧ୍ୱନିରେ ସଭାସ୍ଥଳ କମ୍ପାଇ ଦେଲେ । ସେହି ପୁଷ୍ପମାଳ ଉପହାର ମାଧ୍ୟମରେ ଇନ୍ଦିରା ଗାନ୍ଧୀ ସେହି ମୁହୂର୍ତ୍ତରେ ହିଁ ଲକ୍ଷ ଲକ୍ଷ ଜନତାଙ୍କ ହୃଦୟ କିଣି ନେଇଗଲେ ।

ଜନତା ଦଳର ଅନ୍ତର୍ଦ୍ୱନ୍ଦ୍ୱର ସମାଧାନ ନ ହେବା ଦେଖି, ମୋରାରାଜୀ ଦେଶାଇ ପ୍ରଧାନମନ୍ତ୍ରୀ ପଦ ତ୍ୟାଗ କଲେ ।

କଂଗ୍ରେସ ଦଳର ସମର୍ଥନରେ ଚରଣସିଂହ ପ୍ରଧାନମନ୍ତ୍ରୀ ହେଲେ । ଇନ୍ଦିରା ଗାନ୍ଧୀଙ୍କ ମନରେ ଦୃଢ଼ ଧାରଣା ସୃଷ୍ଟି ହୋଇ ଚାଲିଥାଏ ଯେ, କ୍ଷମତା ପାଇଁ ଜନତାଦଳ ଭିତରେ ଶକ୍ତି କ୍ଷୟ ହୋଇଚାଲିଛି । କ୍ଷମତା ପାଇଁ ଦଳମଧ୍ୟରେ ବିଭାଜନ ମଧ୍ୟ ଘଟି ଚାଲିଥାଏ । ତେଣୁ ଇନ୍ଦିରା ଗାନ୍ଧୀ ସମୟକୁ ଅପେକ୍ଷା କରିଥିଲେ । ଉପଯୁକ୍ତ ସମୟ ଦେଖି ପ୍ରଧାନମନ୍ତ୍ରୀ ଚରଣ ସିଂହଙ୍କୁ ସେ କେତୋଟି ସର୍ତ୍ତ ପ୍ରଦାନ କଲେ । ତାହା ଚରଣ ସିଂହ ଗ୍ରହଣ କରି ପାରିଲେନାହିଁ । ଫଳରେ କଂଗ୍ରେସ ଦଳ ସମର୍ଥନ ପ୍ରତ୍ୟାହାର କରିନେଲା ।

ଲୋକସଭାରେ ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ନ ଦେଖି ଚରଣ ସିଂହ ଇସ୍ତଫା ପ୍ରଦାନ କଲେ । ଏଥିପାଇଁ ସେ ଲୋକସଭା ଆହ୍ୱାନ କରି ନ ଥିଲେ ।

— —

Source: Author, Digitized by PPRACHIN, SOA

ଏକାଦଶ ପରିଚ୍ଛେଦ

ସଫଳତା ଓ ସୌଭାଗ୍ୟର ପୁଲକ

ଜାତୀୟ କ୍ରୀଡା ପ୍ରତିଯୋଗିତା :

୧୯୭୩ ମସିହାରେ ସର୍ବଭାରତୀୟ କ୍ରୀଡା ପ୍ରତିଯୋଗିତା ପଶ୍ଚିମବଙ୍ଗର ଦୁର୍ଗାପୁର ଠାରେ ଅନୁଷ୍ଠିତ ହେଉଥାଏ । ଓଡିଶା ଅଲମ୍ପିକ୍‌ର ମନୋନୀତ କ୍ରୀଡାକାରମାନେ ମଧ୍ଯ ସେଥିରେ ଯୋଗଦେବା ପାଇଁ ଅନୁମତି ପ୍ରାପ୍ତ ହୋଇଥାନ୍ତି । 'ଦୁର୍ଗାପୁର ଷ୍ଟିଲପ୍ଲାଣ୍ଟ' ଏହି ଉତ୍ସବ ପରିଚାଳନାର ପୂର୍ଣ୍ଣ ଦାୟିତ୍ୱ ନେଇଥାନ୍ତି । ବ୍ରହ୍ମପୁର ଏଥ୍‌ଲେଟିକ୍ ଏସୋସିଏସନ୍‌ର ସଭ୍ୟ ରମେଶ ସାହୁ ଓଡିଶା ଅଲମ୍ପିକ୍‌ଦ୍ୱାରା ମ୍ୟାନେଜର୍ ରୂପେ ମନୋନୀତ ହୋଇଥିଲେ । କୌଣସି କାରଣ ବଶତଃ ସେ ମ୍ୟାନେଜର୍ ଦାୟିତ୍ୱ ତୁଲାଇ ପାରିବେ ନାହିଁ ବୋଲି ଜଣାଇଦେଲେ । ତାଙ୍କ ଦାୟିତ୍ୱ ମୋତେ ଅର୍ପଣ କରି ଜେନେରାଲ ମ୍ୟାନେଜର ଭାବେ ମୋ' ନାମ ଘୋଷଣା କରାଗଲା । ଆଉ କାହାକୁ ସହଯୋଗୀ ରୂପେ ଦାୟିତ୍ୱ ଅର୍ପଣ କଲେ ନାହିଁ । ରମେଶ ସାହୁ ଖଲ୍ଲିକୋଟ କଲେଜର ପି.ଇ.ଟି, ଦାୟିତ୍ୱ ତୁଲାଇ ଥିଲେ । ସେ ଥିଲେ ମୋ'ର ଖେଳ ଶିକ୍ଷକ ।

ସେହି ସମୟରେ ମୁଁ ଭାରତ ଏବଂ ଇଂଲଣ୍ଡ କ୍ରିକେଟ୍ ଟେଷ୍ଟମ୍ୟାଚ ଦେଖିବା ପାଇଁ କଲିକତାରେ ଥାଏ । ହଠାତ୍ ଏକ ଟେଲିଗ୍ରାମ୍ ମୋତେ ମିଳିଲା । ସେଥିରେ ଦର୍ଶାଯାଇ ଥିଲା, ଆପଣଙ୍କୁ 'ଓଡିଶା ଏଥ୍‌ଲେଟିକ୍ ଟିମ୍'ର ଜେନେରାଲ୍ ମ୍ୟାନେଜର୍ ଦାୟିତ୍ୱ ଅର୍ପଣ କରି 'ଓଡିଶା ଅଲମ୍ପିକ୍ ଏସୋସିଏସନ୍' ମନୋନୀତ କରିଛି । ଶୀଘ୍ର ଆସି ଦାୟିତ୍ୱ ଗ୍ରହଣ କରନ୍ତୁ । ଟେଲିଗ୍ରାମ୍ ପାଇଲାପରେ କ୍ରିକେଟ୍ ମ୍ୟାଚ୍ ଆଉ ଦୁଇଦିନ ବାକିଥିବା ସତ୍ତ୍ୱେ ମୋ' ଟିକଟ ଆଉଜଣେ ବନ୍ଧୁଙ୍କୁ ଦେଇ ମୁଁ ତୁରନ୍ତ ଟ୍ରେନ୍‌ଯୋଗେ କଟକ ଫେରି ଆସିଲି ।

ବାରବାଟୀ ଷ୍ଟାଡିୟମ୍‌ରେ ଅଲମ୍ପିକ୍ ସେକ୍ରେଟାରୀ ଭୈରବ ବାବୁଙ୍କୁ ସାକ୍ଷାତ କରି ତାଙ୍କ ପରାମର୍ଶରେ 'ଓଡିଶା ଏଥଲେଟିକ ଟିମ୍'ର ଦାୟିତ୍ୱ ବହନ କଲି । ୪୦ ଜଣ ପୁଅ ଏବଂ ୨୫ ଜଣ ଝିଅ ଏଥ୍‌ଲେଟ୍‌ସ୍ ମନୋନୀତ ହୋଇଥାନ୍ତି । ଲେଡି ମ୍ୟାନେଜର୍, ଲେଡି କୋଚ୍, ପୁରୁଷ କୋଚ୍, ଜଣେ ପିଅନ ଏହିଭଳି ୭୦ ଜଣଙ୍କ ପାଇଁ ଟ୍ରେନ୍ ଟିକଟ୍ ରିଜର୍ଭ ହୋଇଥାଏ । ଆମ ପାଇଁ ଏକ ସ୍ୱତନ୍ତ୍ର ରେଳ ବଗି ପ୍ରଦାନ କରାଯାଇଥାଏ ।

Source: Author, Digitized by PPRACHIN, SOA

ପଡିଆରେ ପ୍ରତ୍ୟେକ ପୁଅ, ଝିଅ ଖେଳାଳିମାନଙ୍କ ଚାଲିଚଳନ, କ୍ରୀଡାରେ ତାଙ୍କ ଆଗ୍ରହ ସହ କୋଚ୍‌ର ପରାମର୍ଶ ପ୍ରଭୃତି ମୁଁ ଅନୁଧ୍ୟାନ କରୁଥାଏ । ଦୁର୍ଗାପୁର ଯିବା ପୂର୍ବରୁ ସମସ୍ତ ଏଥ୍‌ଲେଟ୍, କୋଚ୍, ମ୍ୟାନେଜର୍‌ଙ୍କ ଫଟୋ ଅଲମ୍ପିକ ସେକ୍ରେଟାରୀ ଭୈରବ ବାବୁଙ୍କ ଏବଂ ଅନ୍ୟ କର୍ମକର୍ତ୍ତାମାନଙ୍କ ସହ ଉଠାଗଲା । ଅଲମ୍ପିକ୍ ପ୍ରାଙ୍ଗଣରେ ଆମକୁ ବିଦାୟ ଶୁଭେଚ୍ଛା ଜଣାଇବା ପାଇଁ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା ।

ଅଲମ୍ପିକ୍ ସେକ୍ରେଟାରୀ ଭୈରବ ବାବୁ ତାଙ୍କ ଭାଷଣରେ, ''ଓଡିଶା ଅନ୍ତତଃ ୧୩ଟି ମ୍ୟାଡଲ୍ ପାଇବା ପାଇଁ ଯୋଗ୍ୟ । ଓଡିଶାର କ୍ରୀଡାକାରମାନେ ଉଦ୍ୟମ କରି ପୁରସ୍କୃତ ହେବେ ବୋଲି ଆଶା ପୋଷଣ କରୁଛି'' ବୋଲି କହି ଖେଳାଳିଙ୍କୁ ଉତ୍ସାହିତ କଲେ । ସର୍ବଭାରତୀୟ ସ୍ତରରେ ଓଡିଶା କେବଳ ୧୯୭୧ 'ଜାତୀୟ କ୍ରୀଡା ପ୍ରତିଯୋଗିତା'ରେ କଟକର ବାରବାଟୀଷ୍ଟାଡିୟମରେ ଅନୁଷ୍ଠିତ ହୋଇଥିବା ସମୟରେ ସର୍ବମୋଟ ୩ଟିମ୍ୟାଡାଲ୍ ପାଇବା ପାଇଁ କ୍ଷମ ହୋଇଥିଲା । ସେ ମଧ୍ୟରୁ କଳାହାଣ୍ଡିର କ୍ରୀଡାକାର ଭୁପିନ୍ଦ୍ର ସିଂହ ୮୦୦ ମିଟର ଏବଂ ୧୫୦୦ ମିଟର ଦୌଡରେ ଦୁଇଟି ସ୍ୱର୍ଣ୍ଣ ପଦକ ପାଇଥିଲେ'' ।

ଜାତୀୟ କ୍ରୀଡା ପ୍ରତିଯୋଗିତାରେ ଓଡିଶାର ସ୍ଥାନ ନୈରାଶ୍ୟଜନକ । ତେଣୁ ୧୩ଟି ଜିଲ୍ଲା ପାଇଁ ୧୩ଟି ମ୍ୟାଡାଲ୍ ଆଶା କରିବା ବ୍ୟତୀତ ଅଧିକ ଆଶା କରାଯାଇ ନପାରେ । ଏହିଭଳି ଏକ ଦୟନୀୟ ପରିସ୍ଥିତିରେ ମୁଁ ଓଡିଶାର କ୍ରୀଡାକାରମାନଙ୍କୁ ନେଇ ଦୁର୍ଗାପୁର ଯାଉଛି । ଟ୍ରେନ୍ ବଗିରେ ଆମ କ୍ରୀଡାକାରମାନଙ୍କ ବ୍ୟତୀତ ଆଉ ବାହାରୁ କିଏ ମଧ୍ୟ ନ ଥିଲେ । ତେଣୁ ସମସ୍ତଙ୍କ ବର୍ଥ ବ୍ୟବସ୍ଥା ପରେ କ୍ରୀଡାକାରମାନଙ୍କ ମାନସିକ ପରିସ୍ଥିତିକୁ ଦେଖି ସେମାନଙ୍କୁ ଶୃଙ୍ଖଳିତ କରି ରଖିବା ପାଇଁ କେତୋଟି ପରାମର୍ଶ ଦେଲି ।

ବେଙ୍ଗଲ୍‌ରେ ସେତେବେଳେ ନକ୍‌ସାଲାଇଟ୍‌ମାନଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଇଥାଏ । ଦୁର୍ଗାପୁର ମଧ୍ୟ ଏକ ନକ୍‌ସଲ୍ ପ୍ରବଣ ଅଞ୍ଚଳ ରୂପେ ପରିଗଣିତ ହୋଇଥାଏ । ତେଣୁ କ୍ରୀଡାକାରମାନଙ୍କୁ ଶୃଙ୍ଖଳିତ କରିବା ପାଇଁ ଉଦ୍ୟମ କରୁଥାଏ । ଆଗରୁ ଟିମ୍ ସବୁ ଜାତୀୟ କ୍ରୀଡା ପ୍ରତିଯୋଗିତାରେ ଯୋଗ ଦେଇ, ଅଥଚ; ପ୍ରତିଯୋଗିତା ପ୍ରତି ଗୁରୁତ୍ୱ ନ ଦେଇ ବୁଲାବୁଲି, ଫୁର୍ତ୍ତି କରିବା, ସିନେମା ଦେଖିବା ପ୍ରଭୃତି ପ୍ରତି ଅଧିକ ଗୁରୁତ୍ୱ ଦେଉଥିବାର ବହୁ ବଦ୍‌ନାମ ଖବର ଶୁଣିଥିଲି । ତେଣୁ ଖେଳାଳିମାନଙ୍କୁ ମୂଳରୁ ଶୃଙ୍ଖଳିତ କରିବା ପାଇଁ ମୋ'ର ପ୍ରୟାସ ଆରମ୍ଭ କରି ଦେଇଥାଏ ।

କ୍ରୀଡାକାରମାନଙ୍କୁ ମାନସିକ ସ୍ତରରେ ପ୍ରସ୍ତୁତ କରିବା ଏକ ମୁଖ୍ୟ କାର୍ଯ୍ୟ । ମୁଁ ତାକୁ ସଫଳତାର ସହ କାର୍ଯ୍ୟକାରୀ କରିବା ପାଇଁ ଉଦ୍ୟମ କରିଥିଲି । ମୋ'ର ଦୀର୍ଘ ଅନୁଭୂତି ମୋତେ ଏ ଦିଗରେ କାର୍ଯ୍ୟକାରୀ କରିବା ପାଇଁ ସହାୟକ ହୋଇଥିଲା ।

Source: Author, Digitized by PPRACHIN, SOA

କ୍ରୀଡାକାରମାନଙ୍କ ମନରେ ଉତ୍ସାହ, ଆତ୍ମବିଶ୍ୱାସ ସୃଷ୍ଟି କରିବାକୁ ପଡିବ । କ୍ରୀଡା ପ୍ରାଙ୍ଗଣରେ ଓହ୍ଲାଇବା ପୂର୍ବରୁ ମାନସିକ ପ୍ରସ୍ତୁତି ଅତି ଆବଶ୍ୟକ । ପ୍ରତିକୂଳ ପରିସ୍ଥିତିରେ କ୍ରୀଡାକାରମାନଙ୍କ ପରାମର୍ଶଦାତାର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ । ମାନସିକ ସ୍ତରରେ କ୍ରୀଡାକାରମାନଙ୍କୁ ପ୍ରସ୍ତୁତି କରିବା ପାଇଁ ଆନ୍ତରିକ କାର୍ଯ୍ୟକ୍ରମ ଗ୍ରହଣ କରିବାକୁ ପଡିଥାଏ । ମ୍ୟାନେ୍ଜର ଦାୟିତ୍ୱ ଅତି ଗୁରୁତ୍ୱପୂର୍ଣ୍ଣ । ସବୁ ଦିଗକୁ ବିଚାରକରି ମାନ୍‌ସିକ, ଶାରୀରିକ ପ୍ରସ୍ତୁତି ପାଇଁ ଦୃଷ୍ଟିଦେଇ କାର୍ଯ୍ୟ କରିବାକୁ ପଡିଥାଏ । ନିୟମିତ ଶାରୀରିକ ଅଭ୍ୟାସକୁ ପ୍ରୋତ୍ସାହିତ କରିବା ଏକ ଅନ୍ତର୍ନିହିତ ଗୁଣ । କ୍ରୀଡାକାରମାନଙ୍କ ଭିତରେ ଛପି ରହିଥିବା ସୁପ୍ତ ଶକ୍ତିକୁ ଜାଗ୍ରତ କରି ଆଗକୁ ବଢ଼ିବା ପାଇଁ ପ୍ରେରଣା ଯୋଗାଇ ଦେବାକୁ ପଡିବ ।

ଜାତୀୟ କ୍ରୀଡା ପ୍ରତିଯୋଗିତା ପାଇଁ ନିର୍ଦ୍ଦିଷ୍ଟ ଦିନ ଆସି ପହଞ୍ଚିଗଲା । ମାର୍ଚ୍ଚ ପାଷ୍ଟ ସମୟରେ ଓଡିଶାର ଜଣେ ଏଥ୍‌ଲେଟ୍ ମାର୍ଚ୍ଚ ପାଷ୍ଟରେ ଯୋଗ ନ ଦେବା ମୋତେ ଆଶ୍ଚର୍ଯ୍ୟ କରିଦେଲା । ମୋ'ର ଅଜ୍ଞାତରେ ସେହି ଯୁବକ 'ଶାନ୍ତିନିକେତନ' ଚାଲି ଯାଇଛନ୍ତି । ଶୃଙ୍ଖଳା ପ୍ରତି ଏତେ ଗୁରୁତ୍ୱ ଦେବା ସତ୍ତ୍ୱେ ଜଣେ ଏଥ୍‌ଲେଟ୍‌ର ଅନୁପସ୍ଥିତି ବାସ୍ତବିକ ଏକ ଚରମ ବିଶୃଙ୍ଖଳା । ତେଣୁ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେଇ ତାଙ୍କୁ କ୍ରୀଡାରେ ଅଂଶଗ୍ରହଣରୁ ବାଦ୍ ଦେଲି ।

ନିୟମିତ ବିଶୃଙ୍ଖଳିତ ଦଳକୁ ଶୃଙ୍ଖଳାରେ ଆଣିବା ଏତେ ସହଜ ନୁହେଁ । ତା' ଆରଦିନ ଜାଣିଲି, ଲେଡି ମ୍ୟାନେଜର୍ ୩ଜଣ ଏଥ୍‌ଲେଟ୍‌କୁ ଧରି ସେକେଣ୍ଡ ସୋ ସିନେମା ଦେଖିବା ପାଇଁ ଚାଲିଯାଇଛନ୍ତି ।

ମୁଁ ଜାଣିଲା ପରେ ମୋ' ପାଖରେ ଥିବା ଅଚଳ ଟ୍ରେନ୍ ଟିକଟ ଦେଖାଇ ଲେଡି ମ୍ୟାନେଜର୍ ଏବଂ ଲେଡି ଏଥ୍‌ଲେଟ୍‌ଙ୍କୁ କହିଲି, ''ତୁମର ରିଟର୍ଣ୍ଣ ଟିକଟ ହୋଇଯାଇଛି, ଯାଅ କଟକରେ ବସି ସିନେମା ଦେଖିବ'' ।

ଲେଡି ମ୍ୟାନେଜରଙ୍କୁ କହିଲି, ''ଦଳକୁ ଶୃଙ୍ଖଳିତ କରିବା ଦାୟିତ୍ୱ ତୁମର । ମାତ୍ର, ତୁମେ ବିଶୃଙ୍ଖଳିତ ଆଚରଣ କରୁଛ । ଅତୀତରେ ଏହିଭଳି ବିଶୃଙ୍ଖଳା କରିଥିବା ଘଟଣା ମୁଁ ଜାଣିବାକୁ ପାଇଛି'' ।

ଲେଡି ମ୍ୟାନେଜର୍ ଆଖିରେ ଲୁହ ଛଳ ଛଳ କରି, ତାଙ୍କ ଭୁଲ ପାଇଁ କ୍ଷମା ମାଗିଲେ । ଯେଉଁ ଏଥ୍‌ଲେଟ୍‌ମାନେ ସେକେଣ୍ଡ ସୋ ସିନେମା ଦେଖିବା ପାଇଁ ଗଲେ ସେହିମାନେ ତା' ଆରଦିନ ସକାଳ ମିଟ୍‌ରେ ଅଂଶଗ୍ରହଣ କରି, ରାତ୍ର ଅନିଦ୍ରା ଏବଂ ଶାରୀରିକ ଦୁର୍ବଳତା ଯୋଗୁଁ କୃତକାର୍ଯ୍ୟ ହୋଇପାରିଲେ ନାହିଁ ।

ଦଳକୁ ଶୃଙ୍ଖଳିତ କରିବା ପାଇଁ ମୋତେ ମୂଳରୁ କଠୋର ହେବାକୁ ପଡିଲା । ମୋ'ର ଏହିଭଳି କଠୋର କାର୍ଯ୍ୟକ୍ରମ ଦେଖି ବହୁ କ୍ରୀଡାକାର ମୋତେ ଭକ୍ତି,

Source: Author, Digitized by PPRACHIN, SOA

ଶ୍ରଦ୍ଧାରେ ସମ୍ମତି ଜଣାଇଲେ । ଦଳକୁ ଶୃଙ୍ଖଳିତ କରିବା ପାଇଁ ଏହା ଅତି ଆବଶ୍ୟକ ବୋଲି, ସେମାନେ ଉପଲବ୍ଧି କଲେ ।

ଦୁର୍ଗାପୁର ଷ୍ଟିଲପ୍ଲାଣ୍ଟ ମ୍ୟାନେଜର୍ ଜାତୀୟ କ୍ରୀଡା ପ୍ରତିଯୋଗିତାର ପରିଚାଳନା ଦାୟିତ୍ୱରେ ଥାନ୍ତି । ବିଭିନ୍ନ ରାଜ୍ୟର ଜେନେରାଲ୍ ମ୍ୟାନେଜରମାନଙ୍କ ପାଇଁ ସ୍ୱତନ୍ତ୍ର ଗାଡି, ସ୍ୱତନ୍ତ୍ର ଗେଷ୍ଟହାଉସ୍, ସ୍ୱତନ୍ତ୍ର ଖାଦ୍ୟର ବ୍ୟବସ୍ଥା କରିଥିଲେ । ମୁଁ ତାହା ପରିତ୍ୟାଗ କରି, କ୍ରୀଡାକାରମାନଙ୍କ ସହିତ ରହିଲି । ସେମାନଙ୍କ ମେସ୍‌ରେ ଖାଇଲି । ସେମାନଙ୍କୁ ପ୍ରତିଦିନ ସକାଳ ୪ଟାରେ ଉଠାଇ ନିତ୍ୟକର୍ମ ଶେଷ କରି ପ୍ରାତଃ ଅଭ୍ୟାସ ପାଇଁ ମୁଁ ମଧ୍ୟ ସେମାନଙ୍କ ସହିତ ପଡିଆରେ ଉପସ୍ଥିତ ରହିଲି । ଫଳରେ କ୍ରୀଡାକାରମାନଙ୍କ ମଧ୍ୟରେ ବିପୁଳ ଉତ୍ସାହ ଉଦ୍ଦୀପନା ଖେଳି ଯାଇଥାଏ ।

ପ୍ରତିଯୋଗିତା ଆରମ୍ଭ ହୋଇ ଯାଇଥାଏ । ପ୍ରଥମ ପ୍ରତିଯୋଗିତା ଦିନଠୁ, ଓଡିଶା ବିଭିନ୍ନ ପ୍ରତିଯୋଗିତାରେ ତାର ଶ୍ରେଷ୍ଠତ୍ୱ ପ୍ରତିପାଦନ କରି ଚାଲିଥାଏ । ଗୋଟିଏ ପରେ ଗୋଟିଏ ମ୍ୟାଡେଲ୍ ଓଡିଶାକୁ ମିଳୁଥାଏ ।

ସେତେବେଳେ ଟି.ଭି.ର ପ୍ରଚଳନ ହୋଇ ନ ଥାଏ । ରେଡିଓ ଅବା ଦୈନନ୍ଦିନ ଖବରକାଗଜହିଁ ଏକମାତ୍ର ଗଣମାଧ୍ୟମ । ରେଡିଓ ଏବଂ ଇଂରାଜୀ ଖବରକାଗଜରେ ଓଡିଶାର କୃତିତ୍ୱ ପ୍ରକାଶ ପାଇବାରେ ଲାଗିଲା । ଓଡିଶାର କ୍ରୀଡାକାର ତଥା ବାରବାଟୀ ଷ୍ଟାଡିୟମ୍‌ର କ୍ରୀଡାକାର, ସଂଗଠକମାନଙ୍କ ମଧ୍ୟରେ ଚହଳ ପଡିଗଲା । ଓଡିଶାର କୃତିତ୍ୱ ରେଡିଓରୁ ଶୁଣି, ଖବରକାଗଜରୁ ପଢ଼ି ସେମାନେ ନାଚିବାରେ ଲାଗିଲେ । ଭୈରବବାବୁ ଏବଂ ଅନ୍ୟମାନେ ଆଉ ସମ୍ଭାଳି ନପାରି ମୋତେ ଟେଲିଗ୍ରାମ କଲେ । ଆମେ ଦୁର୍ଗାପୁର ପହଞ୍ଚୁଛୁ । ଆମ ପାଇଁ ରହିବା ବ୍ୟବସ୍ଥା କର । ପ୍ରତିଯୋଗିତାର ତିନିଦିନ ପରେ ଭୈରବ ବାବୁ, ବିଭୂତି ବାବୁ, କୈଳାସ ବାବୁ ପ୍ରଭୃତି ଆସି ପହଞ୍ଚିଗଲେ । ସେମାନେ ଠିକ୍ ଖବର ଜାଣିବା ପାଇଁ ଅସ୍ଥିର ହୋଇପଡିଥାନ୍ତି । ମୋତେ ପ୍ରଶ୍ନ କଲେ, ''ଓଡିଶା କେତୋଟି ମ୍ୟାଡେଲ୍ ପାଇଲାଣି''? ମୁଁ କହିଲି, ''୨୭ଟି ମ୍ୟାଡେଲ୍ ପାଇ ସାରିଲାଣି'' ।

୨୭ଟି ମ୍ୟାଡେଲ୍ ଶୁଣୁଶୁଣୁ ଆଶ୍ଚର୍ଯ୍ୟରେ ମୋ' ମୁହଁକୁ ଚାହିଁ ଭୈରବବାବୁ କହିଲେ, ''ରାସବିହାରୀ! ଏଠି ତୁମର ମ୍ୟାଜିକ ଦେଖିଲା ଭଳି ମନେ ହେଉଛି । ଆହୁରି ଦୁଇ ଦିନ ପ୍ରତିଯୋଗିତା ଅଛି । ଓଡିଶା କେତୋଟି ମ୍ୟାଡେଲ୍ ପାଇବ ବୋଲି ଆଶା କରୁଛ''?

ମୁଁ ନିଶ୍ଚିତ ହୋଇ କହିଲି, ''ଅନ୍ତତଃ ଓଡିଶା ୪୦ ରୁ ଊର୍ଦ୍ଧ୍ୱ ମ୍ୟାଡେଲ୍ ପାଇବ'' । ଆଶ୍ଚର୍ଯ୍ୟରେ ସେମାନେ ମୋ' ମୁହଁକୁ ଚାହିଁ ରହିଲେ । ଓଡିଶାର କୃତିତ୍ୱରେ ସେମାନେ ଆତ୍ମବିଭୋର ହୋଇପଡିଥାନ୍ତି ।

ମୁଁ ସେମାନଙ୍କ ରହିବା, ଖାଇବା ବ୍ୟବସ୍ଥା କରିଦେଲି । ମୋ' ପାଇଁ ଯେଉଁ

Source: Author, Digitized by PPRACHIN, SOA

କୋଠରୀ ମିଳିଥିଲା ସେଠି ସେମାନଙ୍କ ସମସ୍ତ ସୁବିଧା କରି ମୁଁ କ୍ରୀଡାକାରମାନଙ୍କ ଗ୍ୟାଲେରିକୁ ଚାଲି ଆସିଲି । ପ୍ରତିଯୋଗିତା ଚାଲିଥାଏ ।

ତା' ପରଦିନ କ୍ରୀଡା ପ୍ରତିଯୋଗିତା ଚାଲିଥାଏ । ଭୈରବ ବାବୁ, ବିଭୂତି ବାବୁ ପ୍ରଭୃତି ବସି ପ୍ରତିଯୋଗିତା ଦେଖୁଥାନ୍ତି । ମୁଁ କିଛି ସମୟ ସେମାନଙ୍କ ସହିତ ବସି କିଛି କଥାବାର୍ତ୍ତା କରି, ପୁଣି କ୍ରୀଡାକାରମାନଙ୍କ ଗ୍ୟାଲେରିକୁ ଫେରି ଆସି ସେମାନଙ୍କ ସହ ବସି ପ୍ରତିଯୋଗିତା ଦେଖୁଥାଏ ।

ଜୁନିୟର ଝିଅମାନଙ୍କ ୧୬ ବର୍ଷରୁ କମ୍ ହାଇଜମ୍ପ ଅନୁଷ୍ଠିତ ହେଉଥାଏ । ଓଡିଶାର ଦୁଇଜଣ କ୍ରୀଡାକାର ଉଚ୍ଚ ଡିଆଁରେ ଅଂଶ ଗ୍ରହଣ କରିଥାନ୍ତି । ସେ ମଧ୍ୟରୁ ଜଣେ ବାଦ୍ ପଡିଗଲାଣି । ଆମେ ସଭିଏଁ ଉତ୍କଣ୍ଠାର ସହ ପ୍ରତିଯୋଗିତା ଦେଖି ଚାଲିଥାଉ । ବିଭିନ୍ନ ରାଜ୍ୟର ଗୋଟିଏ ପରେ ଗୋଟିଏ କ୍ରୀଡାକାର ବାଦ୍‌ପାଇ ଫାଇନାଲ୍ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଉଥାଏ । ୫ ଫୁଟ୍ ୨ ଇଞ୍ଚ ଉଚ୍ଚ ଡିଆଁ ପାଇଁ ସ୍ଥିର ହୋଇଥାଏ । ସମସ୍ତେ ଗୋଟିଏ ପରେ ଗୋଟିଏ ବାଦ୍ ପଡି ଯାଉଥାନ୍ତି । ଓଡିଶା ତାକୁ ଅତିକ୍ରମ କରି ପ୍ରଥମ ସ୍ଥାନ ଅଧିକାର କଲା । ଆମେ ଗ୍ୟାଲେରିରେ ବସି ଆନନ୍ଦରେ କରତାଳି ଦେଇ ନାଚି ଉଠିଲୁ । ପୁଣି ତାଙ୍କୁ ସୁଯୋଗ ଦିଆଗଲା ଏବଂ ଅଧ ଇଞ୍ଚ ବୃଦ୍ଧି କରାଗଲା ଜାତୀୟ ରେକର୍ଡ ସୃଷ୍ଟି କରିବା ପାଇଁ । ଆମେ ଉତ୍କଣ୍ଠାର ସହ ହାଇଜମ୍ପ ପୋଷ୍ଟକୁ ଅନାଇ ରହିଥାଉ । ମୋ' ଛାତି ଧଡ୍ ଧଡ୍ କରୁଥାଏ । ନିର୍ନିମେଷ ନୟନରେ ମୁଁ ସେହି ହାଇଜମ୍ପ ପୋଷ୍ଟକୁ ଚାହିଁ ରହିଥାଏ ।

ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରି ଜାତୀୟ ରେକର୍ଡ ସୃଷ୍ଟି କରି ଓଡିଶାର କ୍ରୀଡାକାର 'ଉଷାରାଣୀ ମିଶ୍ର' ନୂତନ ଜାତୀୟ ରେକର୍ଡ ସୃଷ୍ଟି କଲେ ।

ମାଇକ୍‌ରେ ଘୋଷଣା ହୋଇ ଚାଲିଥାଏ । ଉପସ୍ଥିତ ୧୦ହଜାର ଦର୍ଶକ ଛିଡା ହୋଇ କରତାଳି ଦେଇ ନୂତନ ଜାତୀୟ ରେକର୍ଡ ପାଇଁ ଅଭିନନ୍ଦନ ଜଣାଉଥାନ୍ତି । କ୍ରୀଡାକାରମାନେ ମୋତେ କୁଣ୍ଢାଇ ଆନନ୍ଦରେ ନାଚି ଉଠିଲେ । ଆନନ୍ଦରେ ଭାବବିହ୍ୱଳ ହୋଇ ମୋ'ର ଆଖିରୁ ଆନନ୍ଦ ଅଶ୍ରୁ ଥପ୍ ଥପ୍ ହୋଇ ଗଡି ପଡୁଥାଏ ।

ପୁରସ୍କାର ବିତରଣ ପାଇଁ ଘୋଷଣା ହେଲା । ଆମେ ସବୁ ଛିଡା ହୋଇଥାଉ । ଯେଉଁ ଏଥଲେଟ୍ ଜାତୀୟ ରେକର୍ଡ ସୃଷ୍ଟି କରିଥାନ୍ତି ତାଙ୍କ ପାଇଁ ଜାତୀୟ ସଙ୍ଗୀତ ଗାନ କରି ଜାତୀୟ ପତାକା ଉଡୁଥିବ, ସେ ପୁରସ୍କାର ପାଇବେ । ମୁଖ୍ୟ ଅତିଥି ଫୁଲତୋଡା ଦେଇ ସ୍ୱର୍ଣ୍ଣପଦକ ପିନ୍ଧାଇ ଦେଲେ ।

ମୋ' ସହିତ ଭୈରବବାବୁ ଏବଂ ଅନ୍ୟମାନେ ଛିଡା ହୋଇ ରହିଥାନ୍ତି । ଜାତୀୟ ସଙ୍ଗୀତ ଗାନ ହେଉଥାଏ । ଆନନ୍ଦରେ ଛାତି ମୋ'ର ଗର୍ବରେ ଫୁଲି ଉଠୁଥାଏ ।

Source: Author, Digitized by PPRACHIN, SOA

ସେତିକିବେଳେ ଦେଖିଲି, ଭୈରବ ବାବୁଙ୍କ ଦୁଇ ଆଖିରୁ ଲୁହ ଧାର ବୋହି ଚାଲିଛି । ମୁଁ ଆଶ୍ଚର୍ଯ୍ୟ ହୋଇ ଅଳ୍ପ ସ୍ୱରରେ କହିଲି, ''ସାର୍ ଆପଣଙ୍କ ଆଖିରେ ଲୁହ'' ।

''ହଁ, ରାସବିହାରୀ ! ମୁଁ ଏହି ଦିନ ପାଇଁ ଦୀର୍ଘ ଦିନରୁ ଅପେକ୍ଷା କରି ରହିଥିଲି । କେବେ ଓଡ଼ିଶା ଜାତୀୟ ରେକର୍ଡ ସୃଷ୍ଟି କରି ପୁରସ୍କାର ପାଇବ । ଆଜି ମୋ'ର ଆଶା ପୂରଣ ହୋଇଛି । ତେଣୁ ଆନନ୍ଦରେ ମୋ'ର ଆଖିରୁ ଲୁହ ଗଡି ପଡୁଛି'' ।

ଘନ ଘନ କରତାଳିରେ ପୁରସ୍କାର ବିତରଣ ଉତ୍ସବ ସମାପ୍ତ ହେଲା । ଓଡିଶାର ଗର୍ବ ଏବଂ ଗୌରବ, ଜାତୀୟ କ୍ରୀଡା ବିଜେତା ଉଷାରାଣୀ ମିଶ୍ର ସ୍ୱର୍ଣ୍ଣପଦକ ପାଇ ଆଣି ମୋତେ ଧରାଇଦେଇ ମୋ'ର ଏବଂ ଅନ୍ୟମାନଙ୍କ ପଦସ୍ପର୍ଶ କରି ନମସ୍କାର କଲେ ।

ଆନନ୍ଦରେ ମୋ'ର, ଭୈରବ ବାବୁଙ୍କ ଏବଂ ଅନ୍ୟମାନଙ୍କ ଆଖିରୁ ଆନାନ୍ଦାଶ୍ରୁ ଗଡି ଯାଉଥିବା ଅବସ୍ଥାରେ ଉଷାରାଣୀଙ୍କୁ ଆଶୀର୍ବାଦ ପ୍ରଦାନ କଲୁ ।

ଦୁର୍ଗାପୁର ସହ ସମଗ୍ର ବଙ୍ଗଳାରେ ଓଡିଶାର ସୁନାମ, ଖେଳି ଯାଇଥାଏ । ଓଡିଶାର ବହୁ ଇଞ୍ଜିନିୟର୍ ଦୁର୍ଗାପୁର ଷ୍ଟିଲପ୍ଲାଣ୍ଟରେ କାମ କରୁଥାନ୍ତି । ଓଡିଶାର ଗୌରବରେ ସେମାନେ ମଧ୍ୟ ଗୌରବାନ୍ୱିତ ହୋଇଥାନ୍ତି । ଓଡିଶାର କ୍ରୀଡାକାରମାନଙ୍କୁ ସମ୍ବର୍ଦ୍ଧନା ଦେବା ପାଇଁ ଏକ ସଭା ଏବଂ ରାତ୍ର ଭୋଜନ ବ୍ୟବସ୍ଥା ହୋଇଥାଏ । ଓଡିଶାର ବହୁ ବ୍ୟକ୍ତି; ଯେଉଁମାନେ ଦୁର୍ଗାପୁରରେ ଥାନ୍ତି, ସେହି ସମ୍ବର୍ଦ୍ଧନା ସଭାରେ ଉପସ୍ଥିତ ଥା'ନ୍ତି । ଏହିଭଳି ସମ୍ବର୍ଦ୍ଧନାରେ ମୁଁ ମଧ୍ୟ ଅଭିଭୂତ ହୋଇ ଯାଇଥିଲି । ମୋତେ ମଧ୍ୟ ମୋ'ର କର୍ତ୍ତବ୍ୟନିଷ୍ଠା ଏବଂ ଦଳକୁ ଶୃଙ୍ଖଳିତ କରି ରଖିଥିବା ଯୋଗୁଁ ପ୍ରଶଂସା କରୁଥାନ୍ତି । ଭୈରବ ବାବୁ ତାଙ୍କ ଉତ୍ତରରେ କ୍ରୀଡାକାରମାନଙ୍କୁ ମନୋବଳ ଦେବାପାଇଁ ବହୁ ଉତ୍ସାହବାଣୀ ଶୁଣାଇଲେ । ଆଜି ସେମାନଙ୍କ କୃତିତ୍ୱରେ ଓଡିଶାର ସୁନାମ ବୃଦ୍ଧି ପାଇଥିବା ଯୋଗୁଁ ସମଗ୍ର ଓଡିଶା ଆଜି ଗୌରବାନ୍ୱିତ ।

ରାତ୍ର ନଅଟା ପରେ ଏଥିଲେଟ୍‌ମାନଙ୍କୁ ନେଇ ବିଶ୍ରାମ ପାଇଁ ଆମେ ଚାଲିଗଲୁ । ଆରଦିନ ପ୍ରସ୍ତୁତି ପାଇଁ ଏଥିଲେଟ୍‌ମାନଙ୍କ ପୂର୍ଣ୍ଣ ବିଶ୍ରାମ ଆବଶ୍ୟକ ।

ଓଡିଶା ସର୍ବମୋଟ ୪୫ଟି ପଦକ ପାଇଲା । ସେ ମଧ୍ୟରୁ ୧୮ଟି ସ୍ୱର୍ଣ୍ଣ ପଦକ, ୧୭ଟି ରୌପ୍ୟ ପଦକ, ୧୦ଟି ତାମ୍ର ପଦକ । ୧୮ଟି ସ୍ୱର୍ଣ୍ଣ ପଦକ ମଧ୍ୟରୁ ୭ଟି ନୂତନ ''ଜାତୀୟ ରେକର୍ଡ ପ୍ରାପ୍ତ ସ୍ୱର୍ଣ୍ଣପଦକ'' ।

ମୁଁ ମଧ୍ୟ ଏତେ ଆଶା କରି ନ ଥିଲି ଯେ ଏଭଳି ଫଳାଫଳ ହେବ । କ୍ରୀଡା କ୍ଷେତ୍ରରେ ଏଭଳି ଯୁଗାନ୍ତକାରୀ ସଫଳତା ମିଳିବ ।

ଓଡିଶା ସର୍ବଭାରତୀୟ କ୍ଷେତ୍ରରେ ଦ୍ୱିତୀୟ ଶ୍ରେଷ୍ଠ ଦଳ ରୂପେ ପରିଗଣିତ ହୋଇଛି । ବଙ୍ଗଳା ପ୍ରଥମ ସ୍ଥାନ ଅଧିକାର କରିଛି । ବଙ୍ଗଳା ୫୧ଟି ମେଡାଲ

Source: Author, Digitized by PPRACHIN, SOA

ପାଇଥିଲା । ଶୃଙ୍ଖଳାରେ ଓଡ଼ିଶା ପ୍ରଥମ ସ୍ଥାନ ହାସଲ କରି ପୁରସ୍କୃତ ହୋଇଛି । ଆମେ ଦୁର୍ଗାପୁରରୁ ବିଦାୟ ନେଇ ଟ୍ରେନ୍‌ରେ ବସିବା ସମୟରେ ଦୁର୍ଗାପୁରରେ ରହୁଥିବା ଓଡ଼ିଆ ଇଞ୍ଜିନିୟରମାନେ ପ୍ରତ୍ୟେକ କ୍ରୀଡାକାରମାନଙ୍କୁ ଏକ କେ.ଜି. ସନ୍ଦେଶ (ବଙ୍ଗଳା ମିଠା) ପ୍ରଦାନ କରି, ମ୍ୟାନେଜରଙ୍କ ପାଇଁ ୪୫ କେ.ଜି.ର ତିନୋଟି ବିରାଟ ସନ୍ଦେଶ ପ୍ୟାକେଟ୍ ପ୍ରଦାନ୍ କରି ଅଭିନନ୍ଦନ ଜଣାଇ ବିଦାୟ ଦେଲେ । ବଙ୍ଗଳାରେ ଓଡ଼ିଶାର ଗୌରବ ବୃଦ୍ଧି କରିଥିବା ଯୋଗୁଁ ପ୍ରତ୍ୟେକ ଓଡ଼ିଆ ଗର୍ବିତ ମନେ କରୁଥିଲେ ।

ଆମଠି ଶକ୍ତି ଅଛି, ସାମର୍ଥ୍ୟ ଅଛି, ତାକୁ ଉପଯୁକ୍ତ ମାର୍ଗରେ ପରିଚାଳିତ କଲେ ଆମେ ମଧ ଶ୍ରେଷ୍ଠତ୍ୱ ପାଇବାରେ କ୍ଷମ ହୋଇପାରିବା । ଏହା କ୍ରୀଡାକାରମାନେ ଜାତୀୟ ସ୍ତରରେ ପ୍ରମାଣିତ କରି ଦେଇଛନ୍ତି ।

କଲିକତା ହୁଗୁଳି ରେଳ ଷ୍ଟେସନ୍‌ରେ ଓଡ଼ିଶା ଏଥ୍‌ଲେଟିକ୍ ଟିମ୍‌କୁ ଏବଂ ବିଶେଷତଃ ଉଷାରାଣୀଙ୍କୁ ଦେଖିବାପାଇଁ କ୍ରୀଡାପ୍ରେମୀମାନଙ୍କ ମଧ୍ୟରେ ଉତ୍ସାହ ଉଦ୍ଦୀପନା ଖେଳିଯାଇ ଏକ ବିରାଟ ସମାଗମ ହୋଇଥାଏ । ଭିଡରୁ ରକ୍ଷା ପାଇବା ପାଇଁ ମୋତେ ପୁଲିସର ସାହାଯ୍ୟ ନେବାକୁ ପଡିଥିଲା । ଉଷାକୁ ଦେଖିବା ଏବଂ ତାଙ୍କ ଅଟୋଗ୍ରାଫ୍ ନେବା ପାଇଁ ଭିଡ ହୋଇଥାଏ । ବଙ୍ଗଳା ପୁଲିସ୍ ଆମକୁ ରକ୍ଷା କରି ବହୁ ସହଯୋଗ ଦେଇଥିଲେ ।

ମୁଁ ଟିମ୍ ସହିତ କଟକ ଫେରି ଆସିଥାଏ । କଟକ ଷ୍ଟେସନ୍‌ରେ ଓହ୍ଲାଇବା କ୍ଷଣି ହଜାର ହଜାର କ୍ରୀଡାପ୍ରେମୀ ରେଳ ଷ୍ଟେସନରେ ମୋତେ ଫୁଲତୋଡା, ଫୁଲମାଳ ଦେଇ ସ୍ୱାଗତ କଲେ । ଫୁଲମାଳରେ ମୋତେ ପୋତି ପକାଇଲେ । ସେଦିନର ଏହିଭଳି ସମ୍ମାନ ଓ ଅଭ୍ୟର୍ଥନା ପ୍ରକୃତରେ ଅକଳ୍ପନୀୟ । ଅଗଣିତ ଉତ୍ସାହୀ କ୍ରୀଡାପ୍ରେମୀଙ୍କ ସମାଗମରେ ଷ୍ଟେସନ୍ ଭରପୂର ହୋଇଯାଇଥାଏ । ଟ୍ରେନ୍‌ର ଯାତ୍ରୀମାନେ ଓଡ଼ିଶା କ୍ରୀଡାକାରମାନଙ୍କ କ୍ରୀଡା ନୈପୁଣ୍ୟ ଖବରକାଗଜରୁ ପଢ଼ିଥିଲେ । ତେଣୁ କେତେ ଯାତ୍ରୀ କ୍ରୀଡାକାରମାନଙ୍କୁ ଆଖିପୂରାଇ ଦେଖିବା ପାଇଁ ଭିଡକୁ ଆହୁରି ବଢ଼ାଇ ଦେଇଥାନ୍ତି । ସମସ୍ତ କ୍ରୀଡାକାରମାନଙ୍କୁ ଫୁଲତୋଡା ଦେଇ ସମ୍ବର୍ଦ୍ଧିତ କରାଗଲା ।

ଓଡ଼ିଶା ପାଇଁ ଏହିଭଳି ଗୌରବ ଆଣିଥିବା ଯୋଗୁଁ ସେମାନେ ତାର ହକ୍‌ଦାର । ମୁଁ ଲୋକଙ୍କ ଆଗ୍ରହ ଉତ୍ସାହ ଦେଖି ଅଭିଭୂତ ହୋଇଗଲି । ସାରା କଟକ ସହର ଉତ୍ସବ ମୁଖରିତ ହୋଇ ଉଠିଥାଏ । ରେଳଷ୍ଟେସନ୍ ବାହାରେ ହଜାର ହଜାର ଦର୍ଶକ କ୍ରୀଡାକାରମାନଙ୍କୁ ଦେଖିବା ପାଇଁ ଉତ୍ସାହର ସହ ଅପେକ୍ଷା କରି ରହିଥାନ୍ତି । କଟକ ଷ୍ଟେସନ୍‌ରୁ ବିରାଟ ପ୍ରୋସେସନ୍ ବାହାରିଲା । ରେଳଷ୍ଟେସନ୍‌ରୁ ବାରବାଟୀ ଷ୍ଟାଡିୟମ୍ ପର୍ଯ୍ୟନ୍ତ ବ୍ୟାପକ ପ୍ରୋସେସନ୍‌ରେ ୧୦, ୧୫ ହଜାର ଦର୍ଶକଙ୍କର ଭିଡ ଜମିଥାଏ । ଏହିଭଳି ସମ୍ବର୍ଦ୍ଧନା ଉତ୍ସବ ମୁଁ କେବେ ଦେଖି ନ ଥିଲି ।

Source: Author, Digitized by PPRACHIN, SOA

ଜଣେ ମୋତେ ସହାସ୍ୟ ବଦନରେ କହିଲେ, ''ଆପଣ କ୍ରୀଡା କ୍ଷେତ୍ରରେ କେବଳ ଜିଣି ନାହାନ୍ତି, ଏ ଏକ ଗଡ ଜିଣିଲା ଭଳି ଘଟଣା । ଆପଣ ଆଜି ସଭିଙ୍କ ମନ ଜିଣି ନେଇଛନ୍ତି । ଖାଲି ସେତିକି ନୁହେଁ, ଯେଉଁମାନେ ଆପଣଙ୍କୁ କ୍ରୀଡାକାରମାନଙ୍କ ଟିମ୍ ନେଇ ଷ୍ଟେସନ୍‌ରେ ଦୁର୍ଗାପୁର ଯିବା ସମୟରେ ତାଚ୍ଛଲ୍ୟ କରି ଅନେକ କମେଣ୍ଟ୍ କରିଥିଲେ, ସେମାନଙ୍କ ମୁହଁ ବନ୍ଦ ହୋଇଯାଇଛି''। ଅନେକ କଥା ସେତେବେଳେ ଶୁଣିଥିଲି, ମାତ୍ର କିଛି କହି ନ ଥିଲି ।

ଯାହା ଆମ କ୍ରୀଡାକାରମାନଙ୍କ ପ୍ରାପ୍ୟ ସେମାନେ ତାହା ପାଇ ସାରିଛନ୍ତି । ମୁଁ କେବଳ ସେମାନଙ୍କ ତତ୍ତ୍ୱାବଧାରକ ଭାବେ ପାଖେ ପାଖେ ରହି ମୋ'ର କର୍ତ୍ତବ୍ୟ କରିଛି ।

ତୁଣ୍ଡ ବାଇଦ ସହସ୍ର କୋଶ । କ୍ରୀଡାକାରମାନଙ୍କ କୃତିତ୍ୱ, ଖେଳାଳି, କ୍ରୀଡାପ୍ରେମୀଙ୍କ ମନରେ ବିପୁଳ ଉତ୍ସାହ ସୃଷ୍ଟି କରିଥାଏ । ବିଶେଷତଃ, ଜାତୀୟ ସଙ୍ଗୀତ ଗାନ କରି ଓଡିଶାର କ୍ରୀଡାକାରମାନେ ସାତଟି ନୂତନ ଜାତୀୟ ରେକର୍ଡ ସୃଷ୍ଟି ସହିତ ସାତଟି ସ୍ୱର୍ଣ୍ଣପଦକ ପ୍ରାପ୍ତି ଜନିତ କୃତିତ୍ୱ ପାଇଁ ସଭିଏଁ ଆତ୍ମହରା ହୋଇପଡିଥାନ୍ତି । ହାଇଜମ୍ପ, ହର୍ଡଲସ୍ ପ୍ରଭୃତି କୃତିତ୍ୱରେ ଓଡିଶାର ସ୍ଥାନ ସର୍ବଭାରତୀୟ ସ୍ତରରେ ସର୍ବାଗ୍ରେ ।

ବାରବାଟୀ ଷ୍ଟାଡିୟମରେ ଓଡିଶାର କ୍ରୀଡାକାରମାନଙ୍କୁ ସମ୍ବର୍ଦ୍ଧିତ କରାଯିବା ପାଇଁ ଷ୍ଟାଡିୟମ୍ ଲନ୍‌ରେ ଆୟୋଜନ ହୋଇଥାଏ । ହଜାର ହଜାର ଦର୍ଶକ, କ୍ରୀଡାପ୍ରେମୀ ଏବଂ କୃତୀ କ୍ରୀଡାକାରମାନେ ବସି ରହି ହସ କୌତୁକରେ ମଜ୍ଜି ଯାଇଥାନ୍ତି ।

ଅଲମ୍ପିକ୍ ସଂପାଦକ ଭୈରବ ଚନ୍ଦ୍ର ମହାନ୍ତି ସମସ୍ତ କ୍ରୀଡାକାରମାନଙ୍କୁ ଥରେ ଦେଖିନେଇ ମୋ' ଆଡକୁ ଦୃଷ୍ଟି ପକାଇଲେ । ମୁଁ ପାଖରେ ନୀରବରେ ବସିଥାଏ ।

ଭୈରବ ବାବୁ କ୍ରୀଡାକାରମାନଙ୍କୁ ସ୍ୱାଗତ କରି କହିଲେ, ''ସର୍ବଭାରତୀୟ କ୍ରୀଡାପ୍ରତିଯୋଗିତାରେ ଓଡିଶା ଅତୀତରେ ୩ଟି ମ୍ୟାଡଲ୍‌ରୁ ଅଧିକ ପାଇ ନ ଥିଲା । ତେଣୁ ଏ ବର୍ଷ ଏକା ବେଳକେ ୪୫ ଟି ମେଡାଲ୍ ପାଇ ଆମକୁ ଚକିତ କରିଦେଇଛି । ଏହି ମେଡାଲ୍ ପାଇବାରେ କ୍ରୀଡାକାରମାନଙ୍କ କୃତିତ୍ୱ ନିଶ୍ଚୟ ଅଛି । ମାତ୍ର, ଦୁର୍ଗାପୁରରେ ରହି ମୁଁ ଯାହା ଦେଖିଲି ଏବଂ ଅନୁଭବ କଲି, କ୍ରୀଡାକାରମାନଙ୍କୁ ଉତ୍ସାହିତ କରି ସେମାନଙ୍କ ମନରେ ଦୃଢ଼ ଆତ୍ମବିଶ୍ୱାସ ପ୍ରତିଷ୍ଠା କରିବାରେ ଜେନେରାଲ୍ ମ୍ୟାନେଜର୍‌ଙ୍କ ଭୂମିକା ମଧ୍ୟ ଅତି ଗୁରୁତ୍ୱପୂର୍ଣ୍ଣ । ଯଥାସମୟରେ ଖେଳାଳିମାନଙ୍କୁ ଉତ୍ସାହିତ କରିବାରେ ମ୍ୟାନେଜର୍ ଯେଉଁଭଳି ପ୍ରତି ଇଭେଣ୍ଟରେ କ୍ରୀଡାକାରମାନଙ୍କୁ ମନୋବଳ ଦେଉଥାନ୍ତି, ତାହା ମୁଁ ଦେଖି ଅଭିଭୂତ ହୋଇଯାଇଥିଲି । ମ୍ୟାନେଜରଙ୍କ ଦାୟିତ୍ୱ କେବଳ ଟିମ୍ ପରିଚାଳନା ନୁହେଁ । ଟିମ୍‌ର କ୍ରୀଡାକାରମାନଙ୍କ ମନରେ ଆତ୍ମବିଶ୍ୱାସ ସୃଷ୍ଟି କରି ଦମ୍ଭ, ଉତ୍ସାହ ପ୍ରଦାନ କରିବା ମଧ୍ୟ ଅତି ଆବଶ୍ୟକ । ଏହା ମୁଁ ଉପଲବ୍ଧି କଲି । ସକାଳୁ କ୍ରୀଡା

Source: Author, Digitized by PPRACHIN, SOA

ଶେଷ ପର୍ଯ୍ୟନ୍ତ ମ୍ୟାନେଜର୍ ଯେଉଁଭଳି ଚଳଚଞ୍ଚଳ ରହି ଉତ୍ସାହବାଣୀ ପ୍ରଦାନ କରି କ୍ରୀଡାକାରମାନଙ୍କ ମନରେ ଆତ୍ମବିଶ୍ୱାସ ସୃଷ୍ଟି କରି ପଡିଆକୁ ପଠାଇ ପଠିରେ ପେଟ୍ କରୁଥାନ୍ତି, ତାହା ଯୋଗୁଁ ହିଁ ଆଜି ଏହିଭଳି ସଫଳତା ଓଡିଶାକୁ ମିଳିଛି । ସେଥିପାଇଁ ଜେନେରାଲ୍ ମ୍ୟାନେଜର୍ ରାସବିହାରୀ ବେହେରାଙ୍କୁ ମଧ୍ୟ ଅଭିନନ୍ଦନ ଜଣାଉଛି । ଏହି ଗୌରବର ହକ୍ ରାସ୍‌ବିହାରୀଙ୍କର'' ଘନ ଘନ କରତାଳିରେ ସଭାସ୍ଥଳ କମ୍ପି ଉଠିଲା ।

ଜର୍ଜ ପଟ୍ଟନାୟକ ଜଣେ ଶ୍ରେଷ୍ଠ ଫୁଟବଲ ଖେଳାଳି ଓ ଦନ୍ତ ଚିକିତ୍ସକ । ଓଡିଶାର ବରେଣ୍ୟ ରାଜନେତା ବିଜୁ ପଟ୍ଟନାୟକଙ୍କ ବଡଭାଇ ।

ସେ ତାଙ୍କ ଅଭିଭାଷଣରେ କହିଲେ, ''ବାସ୍ତବିକ ରାସବିହାରୀ ଓଡିଶା କ୍ରୀଡାଜଗତକୁ ନୂତନ ଦିଗ୍‌ଦର୍ଶନ ଦେଇଛନ୍ତି । ତାଙ୍କର ଏହି କୃତିତ୍ୱ ବହୁ ବର୍ଷ ଧରି ଅପରାଜେୟ ହୋଇ ରହିଥିବ । ସେ ଆଜି ଆମ ସମସ୍ତଙ୍କ ସମ୍ମାନକୁ ହାତେଇ ନେଇଛନ୍ତି । ଯେଉଁ କ୍ରୀଡାକାରମାନେ ଆଜି ଓଡିଶାକୁ ଗୌରବାନ୍ୱିତ କରିଛନ୍ତି ସମସ୍ତଙ୍କୁ ମୋ'ର ଆଶୀର୍ବାଦ ପ୍ରଦାନ କରୁଛି'' ।

ଶୈଳେନ୍ ରାଏ, ନନ୍ଦନନ୍ଦନ ମହାପାତ୍ର, କାମିନୀ ପଟ୍ଟନାୟକ, ବିଭୂତିଭୂଷଣ ଦାସ, ମୂର୍ତ୍ତି ବାବୁ, ବ୍ରଜେନ୍ ଦତ୍ତ ପ୍ରଭୃତି ମଧ୍ୟ ଉଦ୍‌ବୋଧନ ଦେଇ କ୍ରୀଡାକାରମାନଙ୍କ ଉଚ୍ଚ ପ୍ରଶଂସା କଲେ ।

ମୁଁ ମୋ'ର ଉତ୍ତରରେ କହିଲି, ''ଓଡିଶାର କ୍ରୀଡାକାରମାନଙ୍କ ଶୃଙ୍ଖଳାହିଁ ଆଜି ସେମାନଙ୍କୁ ବହୁ କ୍ଷେତ୍ରରେ ସଫଳତା ଆଣିବାରେ କ୍ଷମ ହୋଇଛି । ସର୍ବଭାରତୀୟ ସ୍ତରରେ ଗୋଟିଏ ସେକେଣ୍ଡ ଅବା ଅଧ ଇଞ୍ଚ ପାଇଁ ମଧ୍ୟ ପ୍ରତିଯୋଗିତା ହୋଇଥାଏ । ତେଣୁ ଶରୀର ଓ ମନକୁ ସୁସ୍ଥ ରଖି ପାରିଲେ କ୍ରୀଡାକାର ସଫଳତା ଅର୍ଜ୍ଜନ କରିଥାଏ । କ୍ରୀଡାକାର ତାଲିମ ପାଇଥାଏ, ମାତ୍ର; ବିଶୃଙ୍ଖଳା ଭିତରେ ସେ ସଫଳତା ପାଇବାରେ କ୍ଷମ ହୋଇ ନ ଥାଏ ।

ବାସ୍ତବିକ ଓଡିଶା ଦଳରେ ଶୃଙ୍ଖଳା ବଜାଇ ରଖିବା ପାଇଁ, ମୁଁ କଠୋର କାର୍ଯ୍ୟପନ୍ଥା ଗ୍ରହଣ କରିଥିଲି । ଜଣେ କ୍ରୀଡାକାର ମୋତେ ନ ଜଣାଇ ମାର୍ଚ୍ଚ ପାଷ୍ଟରେ ଯୋଗ ଦେଲେ ନାହିଁ । ତେଣୁ ତାଙ୍କୁ ଶୃଙ୍ଖଳା ଦୃଷ୍ଟିରୁ କ୍ରୀଡାପ୍ରତିଯୋଗିତାରୁ ବଞ୍ଚିତ କରିଥିଲି । ସେ ମୋ'ର ନିର୍ଦ୍ଦେଶକୁ ନମ୍ରତାର ସହ ଗ୍ରହଣ କରିନେଇ ଜଣେ ଶାନ୍ତଶିଷ୍ଟ ଯୁବକ ଭଳି ଦୋଷକୁ ସ୍ୱୀକାର କରିନେଇଥିବା ଯୋଗୁଁ ମୋତେ, ଦଳରେ ଶୃଙ୍ଖଳା ରକ୍ଷା କରିବା ସମ୍ଭବ ହେଲା ।

ସେ ରାଗରେ ଦଳରେ ବିଶୃଙ୍ଖଳା ସୃଷ୍ଟି କରିଥିଲେ, ପରିସ୍ଥିତି ଭିନ୍ନ ହୋଇଥାନ୍ତା । ତେଣୁ ମୋ'ର ପନିସମେଣ୍ଟ୍ ଗ୍ରହଣ କରି ଆଦର୍ଶ ପ୍ରତିଷ୍ଠା କରିଥିବା ଯୋଗୁଁ ତାଙ୍କୁ ଆଜି

Source: Author, Digitized by PPRACHIN, SOA

ଏହି ଅବସରରେ ଅଭିନନ୍ଦନ ଜଣାଉଛି । ତାଙ୍କୁ କ୍ରୀଡାପ୍ରତିଯୋଗିତାରୁ ବଞ୍ଚିତ କରିଥିବା ଯୋଗୁଁ, ସେଦିନ ରାତ୍ରରେ ମୁଁ ଶୋଇ ପାରି ନ ଥିଲି । ମୋ'ର ଆଖିରୁ ଅନବରତ ଅଶ୍ରୁ ବର୍ଷଣ ହୋଇଥିଲା । ମୋ'ର କଠୋର ଆଦେଶକୁ ସେ ନୀରବରେ ଗ୍ରହଣ କରି ନେଇଥିବା ଯୋଗୁଁ ତାଙ୍କୁ ଧନ୍ୟବାଦ ଦେଉଛି''।

ସେହି କ୍ରୀଡାକାର ତାଙ୍କ ବସିବା ସ୍ଥାନରୁ ଉଠିଆସି ସର୍ବ ସମ୍ମୁଖରେ ମୋ'ର ପଦସ୍ପର୍ଶ କରି କାନ୍ଦିପକାଇଲେ । ''ସାର୍ ! 'ଆପଣଙ୍କ ମୋ'ପ୍ରତି ଏତେ ସ୍ନେହ ମମତା ଥିବା ଜାଣି ବାସ୍ତବିକ ମୁଁ ଆଜି ଗର୍ବିତ । ଆପଣ ମୋତେ ଦଣ୍ଡ ଦେଇ ନାହାନ୍ତି, ବରଂ ଶୃଙ୍ଖଳା ପ୍ରତି ମୋତେ ସଚେତନ କରାଇ ଦେଇଛନ୍ତି'' ବୋଲି କାନ୍ଦ କାନ୍ଦ ହୋଇ କହିଲେ ।

ମୁଁ ତାଙ୍କୁ କୁଣ୍ଢାଇ ପକାଇଲି । ସେ ପରେ ପୁଲିସ ବିଭାଗର ଜଣେ କର୍ତ୍ତବ୍ୟନିଷ୍ଠ ଅଫିସର ରୂପେ ସମ୍ମାନିତ ହୋଇଥିଲେ । ତାଙ୍କ ମୁହଁଟି ଝଲଝଲ ଦିଶୁଛି । ମାତ୍ର ନା'ଟା ମନେ ପଡୁନାହିଁ ।

କ୍ରୀଡାକାରମାନଙ୍କ ବିଦାୟ ନେବା ସମୟ ହୋଇଗଲା । ପୁଅ, ଝିଅ ସମସ୍ତେ ନିଜ ନିଜ ଜିଲ୍ଲାକୁ ଚାଲିଯିବେ । ଯିବାବେଳେ ପୁଅ, ଝିଅ ସଭିଏଁ ମୋ' ପାଦ ସ୍ପର୍ଶ କରି ଅଶ୍ରୁଳ ନୟନରେ ବିଦାୟ ନେଉଥାନ୍ତି ।

ପାଖରେ ଭୈରବ ବାବୁ, ଜର୍ଜ ପଟ୍ଟନାୟକ, ବିଭୂତିଭୂଷଣ ଦାସ, ବ୍ରଜେନ୍ ଦତ୍ତ, ଶୈଳେନ ରାୟ, ମୂର୍ତ୍ତି ବାବୁ ପ୍ରଭୃତି ବୟସ୍କମାନେ ଛିଡା ହୋଇଥାନ୍ତି ।

ଜର୍ଜ ପଟ୍ଟନାୟକ ଏହି ଦୃଶ୍ୟ ଦେଖି କହିଲେ, ''ସତରେ ରାସବିହାରୀ ! ତମେ ଆମର ସମସ୍ତ ଗୌରବ ହରଣ କରି ନେଇଛ । ବୟସ୍କ ହିସାବରେ, ଆମକୁ ପଦସ୍ପର୍ଶ କରି ନମସ୍କାର ନ କରି ତୁମକୁ ଯେଭଳି ପାଦଛୁଇଁ ନମସ୍କାର କରୁଛନ୍ତି ଏବଂ ବିଦାୟ ନେଉଛନ୍ତି ବାସ୍ତବିକ ଏହା ହୃଦୟସ୍ପର୍ଶୀ'' ।

ମୁଁ କହିଲି, ''ଏହି ଦଶଦିନ ମୁଁ ସେମାନଙ୍କ ପରିବାରର ମୁରବି ଥିଲି । ତେଣୁ ବିଦାୟ ମୋ' ପାଇଁ ଏବଂ ସେମାନଙ୍କ ପାଇଁ ଦୁଃଖଦାୟକ'' ।

ଅନୁଭୂତି ସମ୍ପନ୍ନ ଜର୍ଜ ପଟ୍ଟନାୟକ କହିଲେ, ''ଯେଉଁ ବ୍ୟକ୍ତି ମାନସିକ ଭାବେ ଯେତେ ଦୃଢ଼, ସେହି ବ୍ୟକ୍ତି ସେତେ ଉଦାର, ସେତେ ଶାନ୍ତ, ସେତେ ସହାନୁଭୂତି ସମ୍ପନ୍ନ । ଆଜି ଏ ସବୁ ଦେଖି ମନେ ହେଉଛି, ତୁମ ଯୋଗୁଁ ଓଡିଶା ଏଭଳି ସମ୍ମାନ ପାଇବାରେ ହକ୍‌ଦାର ହୋଇଛି''।

ପ୍ରତିବର୍ଷ ଜାତୀୟ କ୍ରୀଡାପ୍ରତିଯୋଗିତା ଦେଶର ବିଭିନ୍ନ ପ୍ରଦେଶରେ ହୋଇଥାଏ । ମାତ୍ର, ଆଜିପର୍ଯ୍ୟନ୍ତ ଓଡିଶା ସର୍ବଭାରତୀୟ ସ୍ତରରେ ୧୯୭୩ ଦୁର୍ଗାପୁର ଜାତୀୟ କ୍ରୀଡାପ୍ରତିଯୋଗିତାର ସମ୍ମାନ ଏବଂ ମ୍ୟାଡେଲ୍ ପ୍ରାପ୍ୟକୁ ଟପି ପାରିଲା ନାହିଁ ।

Source: Author, Digitized by PPRACHIN, SOA

ଆମଠି ଶକ୍ତି ଅଛି, ସାମର୍ଥ୍ୟ ଅଛି, ଉପଯୁକ୍ତ ତାଲିମ ମଧ୍ୟ ମିଳୁଛି । ମାତ୍ର, ତାକୁ ଠିକ୍ ଭାବରେ ଠିକ୍ ବାଟରେ ପହଞ୍ଚାଇବା ପାଇଁ ଉପଯୁକ୍ତ ନେତୃତ୍ୱ ସହ ନିଷ୍ଠା ଓ ଆନ୍ତରିକତା ଆବଶ୍ୟକ । ଏବେ ମଧ୍ୟ ତାହା ହିଁ ଅଭାବ ରହିଛି । କୋମଳମତି ବାଳକ, ବାଳିକାଙ୍କ ମନ ସର୍ବଦା ଚଞ୍ଚଳ ଥାଏ । ତେଣୁ ସେମାନଙ୍କୁ ଶୃଙ୍ଖଳିତ କରି, ମାନସିକ ଏବଂ ଶାରୀରିକ ଶୃଙ୍ଖଳାକୁ ସୁନିୟନ୍ତ୍ରିତ କରି ବାଟ କଢ଼ାଇବାକୁ ପଡିଥାଏ ।

ତେଣୁ ଦୀର୍ଘ ଚାଳିଶ ବର୍ଷରୁ ଅଧିକ ଅତିକ୍ରାନ୍ତ ହୋଇଯାଇଥିଲେ ମଧ୍ୟ ଆଜି ବି ମୁଁ ଆଶା କରିଛି, ଓଡିଶା କେବେ ୧୯୭୩ ଜାତୀୟ କ୍ରୀଡା ପ୍ରତିଯୋଗିତାକୁ ଟପି ଆହୁରି ଅଧିକ ପୁରସ୍କାର ପାଇପାରିବ । ମୋ'ର ଆଶା କେବେ ପୂରଣ ହେବ? ଓଡିଶାର କ୍ରୀଡା ସଂଗଠକଙ୍କ ଉପରେ ତାହା ନିର୍ଭର କରୁଛି । ସେହି ସମୟକୁ ମୁଁ ଏବେ ମଧ୍ୟ ଆଶା କରି ରହିଛି ।

ବାଘ ହାବୁଡରୁ ବଞ୍ଚିଗଲି :

ନୂଆ ସ୍କୁଟରଟିଏ ସମ୍ବଲପୁରରୁ କିଣି ଆଣିଲି । ସେତେବେଳେ ଲାମ୍ବ୍ରେଟା ଅବା ବଜାଜ୍ ସ୍କୁଟର୍ ମାର୍କେଟ୍‌କୁ କମ୍ ଆସୁଥାଏ । ଉତ୍ପାଦନ କମ୍ ହେଉଥାଏ । ସ୍କୁଟରଟିଏ ପାଇବା ପାଇଁ ଟ.୫୦୦ଙ୍କା ଅଗ୍ରୀମ ବାବଦକୁ ଆଗରୁ ବାନ୍ଧି ନମ୍ବର ଲଗାଇ ଦୀର୍ଘଦିନ ଅପେକ୍ଷା କରିବାକୁ ପଡୁଥାଏ । ସ୍କୁଟର୍ ଉତ୍ପାଦନ ଆଶା ଜନକ ଭାବରେ ବୃଦ୍ଧି ପାଇ ନ ଥାଏ । ମୁଁ ମଧ୍ୟ ଦୀର୍ଘଦିନ ଅପେକ୍ଷା କଲା ପରେ, ସମ୍ବଲପୁର ୟୁନିଭରସିଟିର ଜଣେ ଅଧ୍ୟାପକ ମୋତେ ତାହା ପ୍ରଦାନ କଲେ । ମୋ'ର ଭାଇ ଅଧ୍ୟାପକ ଗୋପବନ୍ଧୁ ବେହେରା ସମସ୍ତ ପ୍ରାପ୍ୟ ଚୁକ୍ତି କରିବାରେ ସହଯୋଗ କରିଥିଲା । ସ୍କୁଟର୍ ମୁଁ ନେଇ ଆସିଲି । ଆଗରୁ ମୁଁ ସ୍କୁଟର୍ ଚଳାଇବା ଶିଖି ନେଇ ଥାଏ । ମୋ'ର ଜଣେ ବନ୍ଧୁ ଯାମିନୀକାନ୍ତ ମୁଣ୍ଡ ଓ ମୁଁ ଦୁହେଁ ସମ୍ବଲପୁର ଯାଇ ସ୍କୁଟର୍ ଚଳାଇ ଭବାନୀପାଟଣା ଫେରି ଆସିଥିଲୁ ।

ସ୍କୁଟର୍ ଆଣିବା ପରେ ଅଜା, ବାପାଙ୍କୁ ଦେଖାଇବା ପାଇଁ ମହିଚଲା ଗ୍ରାମକୁ ଯାଇ ସେମାନଙ୍କୁ ଭେଟିଲି । ଘରର ସମସ୍ତଙ୍କ ସହ ଭେଟି କଥାବାର୍ତ୍ତା ହୋଇ ମୁଁ ଭବାନୀପାଟଣା ପୁଣି ଫେରି ଆସିବା କଥା । ଅଜାଙ୍କ ସହିତ ସାକ୍ଷାତ କରି ଆସିବା ସମୟରେ ସେ କହିଲେ, ''ଶୀଘ୍ର ଯା' । ଜାରିଙ୍ଗ ଜଙ୍ଗଲରେ ବାଘ ଅଛି । ଅନ୍ଧାର ହୋଇଗଲେ ବିପଦ ଅଛି'' । ଏମିତି କଥାବାର୍ତ୍ତା ହେଉଛି, ବାପା ଆସିଲେ । ତାଙ୍କ ସହିତ କିଛି ସମୟ କଥାବାର୍ତ୍ତା ହେଲି ।

ମୋ'ର ବିଳମ୍ବ ହେଉଥିବା ଦେଖି ଅଜା ପୁଣି କହିଲେ, ''ଆଜି ଘରେ ରହି ଯା', କାଲି ସକାଳୁ ଭବାନୀପାଟଣା ଚାଲିଯିବୁ''।

Source: Author, Digitized by PPRACHIN, SOA

ମୁଁ ତାଙ୍କ କଥା ଶୁଣି କହିଲି, ‘‘ମୋ’ର କାମ ଅଛି’’ ।

‘‘ଯଦି ଯିବୁ ଶୀଘ୍ର ଚାଲି ଯା’, ଡେରି କରନା’’ । ଅଜାଙ୍କ ତାଗିଦ୍ ପରେ ଭବାନୀପାଟଣା ଅଭିମୁଖେ ସ୍କୁଟର୍ ଚଳାଇ ଆସିଲି ।

କାର୍ତ୍ତିକ ପୂର୍ଣ୍ଣମୀ । ଆକାଶରେ ଧଳା ଜହ୍ନ ଉଇଁଥାନ୍ତି । ଧଳା ଜହ୍ନରୁ ଝରି ପଡୁଥିବା ଅମୃତ ମୋ’ ମନକୁ ଉଲ୍ଲସିତ କରି ଦେଇଥାଏ । ଜୁନାଗଡ ପହଞ୍ଚିଲା ପରେ ମୁଁ ସ୍କୁଟର୍ ଲାଇଟ୍ ଜଳାଇଲି । ଶୀତ ପଡି ଆସୁଥାଏ । ଅସଂଖ୍ୟ ପୋକ ଲାଇଟ୍ ଆଲୁଅରେ ଆଗକୁ ଉଡି ଆସୁଥାନ୍ତି । ପୋକ ଦାଉରୁ ରକ୍ଷା ପାଇବା ପାଇଁ କିଛି ସମୟ ଲାଇଟ୍ ଲିଭାଇ, ଜହ୍ନ ଆଲୁଅରେ ସ୍କୁଟର୍ ଚଳାଇଲି । ଜାରିଙ୍ଗ ଜଙ୍ଗଲ ପାଖ ଆସିଲା ପରେ ଗଛର ଛାଇ ଯୋଗୁଁ ଅନ୍ଧାର ଦିଶିଲା । ତେଣୁ ସ୍କୁଟର୍ ଲାଇଟ୍ ପୁଣି ଜଳାଇଲି ।

ଶୁନ୍‌ଶାନ୍ ଘନ ଜଙ୍ଗଲ । କେଉଁଠି ଝଙ୍କାଳିଆ ଗଛ ଠିଆ ହୋଇଛି, କେଉଁଠି ଛାଡି ଛାଡି ଗଛ, ବୁଦା ସ୍ତବ୍ଧ ପରିବେଷ୍ଟନୀ ମଧ୍ୟରେ ନିଶ୍ଚଳ ହୋଇ ରହିଛି ।

ଜାରିଙ୍ଗ ଜଙ୍ଗଲରେ କିଛି ଦୂର ଗଲାପରେ, ସ୍କୁଟର ଆଲୁଅରେ ନିଆଁହୁଳା ପରି ଆଖି ଦୁଇଟି ଦପ୍ ଦପ୍ ଜଳିଲା ଭଳି ମନେ ହେଲା । ଏତେ ଉଜ୍ଜ୍ୱଳ ଆଖି, ବାଘ ଆଖି ଛଡା ଅନ୍ୟ କିଛି ନୁହେଁ । ଅନ୍ୟ ବଣ୍ୟ ପଶୁ ହୋଇଥିଲେ ଏତେ ଉଜ୍ଜ୍ୱଳ ଆଖି ଦିଶି ନ ଥାନ୍ତା । ଏହିଭଳି ଭାବି ଗତି କରୁଥିବା ବେଳେ ପିଚୁ ରାସ୍ତା କଡରେ ବସିଥିବା ବାଘର ସମ୍ପୂର୍ଣ୍ଣ ଶରୀର ସ୍କୁଟର୍ ଆଲୁଅରେ ଝଲସି ଉଠିଲା । ଅନ୍ଧାରରେ ତାକୁ ପୋକ ଘେରି ଯାଇଥିବା ଯୋଗୁଁ ପାଟି ଆଁ କରି ପୋକକୁ ଗିଳି ପକାଉଥାଏ । ପାଟି ଆଁ କରିଥିବା ସମୟରେ ଦାନ୍ତସବୁ ଦେଖିଲା ପରେ ମୋ’ର ହାଲୁକା ଉଡିଗଲା । ରକ୍ତ ମୋ’ର ଟକ୍ ଟକ୍ କଲା । ବାଘ ମଧ୍ୟ ସତର୍କ ହୋଇ ଲାଙ୍ଗୁଡ ଟେକି ହଲାଇଲା । ଆଖିରେ ଲାଇଟ ପଡିଥିବା ଯୋଗୁଁ ଆଖି ବନ୍ଦ କରି ବସି ରହିଲା । ସମ୍ପୂର୍ଣ୍ଣ ବାଘକୁ ଦେଖି ଛାତି ମୋର ଥରି ଉଠିଲା । ଲୋମକୂପ ଠିଆ ହୋଇଗଲା ।

କ୍ଷଣିକ ମଧ୍ୟରେ କେତେକ ଭାବନା ଖେଳିଗଲା । ସ୍କୁଟର ସ୍ଲୋ କରି ଫେରିଗଲେ, ଆଖିରୁ ଆଲୁଅ ଖସିଗଲେ ସେହି ମୌକାରେ ମୋତେ ଅନୁଧାବନ କରି ଆକ୍ରମଣକରିବ । ତେଣୁ ମୁହୂର୍ତ୍ତକ ମଧ୍ୟରେ ମୋ’ ମନରେ ବିଶ୍ୱାସ ଜାତ ହେଲା, ବାଘ ମୁହଁରେ ଲାଇଟ ପକାଇ ସ୍କୁଟରର ଏକ୍ସିଲେଟର ବଢ଼ାଇ ଚାଲିଯିବା ବ୍ୟତୀତ ମୋର ଅନ୍ୟ ଉପାୟନାହିଁ ।

ନିକଟକୁ ନ ଆସିବା ପର୍ଯ୍ୟନ୍ତ ଭୟକୁ ଭୟ କରିବ । କିନ୍ତୁ ଭୟ ସମ୍ମୁଖକୁ ଆସିଗଲେ ତାକୁ ଭୟ ନ କରି ଉଚିତ ପ୍ରତିକାର କରିବ । ମଣିଷ ବିପଦ ସମୟରେ ଧୈର୍ଯ୍ୟର ସହିତ ସାମନା କରିବା ଛଡା ଅନ୍ୟ ଉପାୟ ନ ଥାଏ । ମୋର ଆଜି ସେହି ଅବସ୍ଥା । ତେଣୁ ପିଚୁ ରାସ୍ତା କଡରେ ଥିବା ବାଘ ଉପରେ ଆଲୁଅ ପକାଇ ସ୍କୁଟରର

Source: Author, Digitized by PPRACHIN, SOA

ଗତି ବଢ଼ାଇଲି । ସାଏଁ କିନା ବାଘକୁ ଅତିକ୍ରମ କରି ସ୍କୁଟର ଛୁଟି ଚାଲିଥାଏ । ମୋ' ପାଇଁ ଜୀବନର ଏ ପାରି କି ସେପାରି ଅବସ୍ଥା ଆସି ଯାଇଥାଏ । ବାଘ ଆଖିରୁ ଲାଇଟ ଚାଲିଯିବା ପରେ ସ୍କୁଟରର ସାଏଁ ଗତି ଶବ୍ଦ ବାଘ ମନରେ ଭୟ ଜାତ କରିବା ସ୍ୱାଭାବିକ । ବାଘ ଯେଉଁ ଆଡକୁ ମୁହଁ କରି ବସିଥିଲା, ସ୍କୁଟର ତାକୁ ଅତିକ୍ରମ କଲାପରେ ଆଖିରୁ ଆଲୁଅ ଅପସରିଯିବା କ୍ଷଣି ଲମ୍ଫ ପ୍ରଦାନ କରି, ରାସ୍ତାର ଅପର ପାର୍ଶ୍ୱରେ ଦୁଲ୍‌କିନା କଚାଡି ହୋଇ ପଡିଲା । ଦୂରରୁ ମୁଁ କେବଳ ଏକ ଶବ୍ଦ ଶୁଣିଲି ।

ସ୍କୁଟରର ଗତି ବଢ଼ି ଚାଲିଥାଏ । ଥଣ୍ଡା ପବନରେ ଦେହ ମୋର ଥରି ଉଠୁଥାଏ । ଦୂରରୁ ରାସ୍ତା ଉପରେ ଗାଡିର ଆଲୁଅ ଦିଶିଲା । ମୋ' ମନରେ ଦମ୍ଭ ଆସିଲା । ମନର ଭୟ ତଥାପି ଲାଖି ରହିଥାଏ ।

ଜଙ୍ଗଲରେ ଅନେକ ସମୟରେ ବାଘର ମୁହାଁମୁହିଁ ହୋଇଛି । ମାତ୍ର, ସେତେବେଳେ ଜିପ୍‌ଗାଡିରେ ଶିକାରୀମାନଙ୍କ ସହିତ ବନ୍ଧୁକ ଥାଇ ମୁହାଁମୁହିଁ ହୋଇଛି । ଶିକାରୀ ହାତରେ ବନ୍ଧୁକ ଥିଲେ ମଧ୍ୟ ବାଘ ଉପରକୁ ଗୁଳି ଫୁଟାଇ ନ ଥାନ୍ତି । ଶିକାରୀ ଗୁଳିରେ ବାଘ ଆଘାତ ପ୍ରାପ୍ତ ହେଲେ ଘାଏଲା ବାଘ ଆକ୍ରମଣ କରିବା ସୁନିଶ୍ଚିତ । ଘାଏଲା ବାଘ ହିଂସ୍ର ହୋଇ ଶିକାରୀକୁ ମାରି ଦେଇଥାଏ । ତେଣୁ ବଡ ବଡ ଶିକାରୀମାନେ ମଧ୍ୟ ଗଛ ଉପରେ ମାଟୁ କରି ସେଠି ବସି ବାଘ ଶିକାର କରିଥାନ୍ତି । ଯେଉଁ ବ୍ୟକ୍ତି ଦୁଃସାହସ କରି ଗାଡି ଉପରୁ ଅବା ଚାଲିକରି ବାଘ ଶିକାର କରିଛନ୍ତି, ଅନେକ ସମୟରେ ସେମାନେ ବିପଦ ବରଣ କରିଥିବା କଥା ଶୁଣିବାକୁ ମିଳିଥାଏ । ବଣ କୁକୁରକୁ ବାଘର ଭାରି ଡର । ବଣୁଆ ଛେଳିକୁ ମଧ୍ୟ ତାର ଭାରି ଡର । ସମୟେ ସମୟେ ମହାବଳ ବାଘ ମଧ୍ୟ ଦଳବଦ୍ଧ ବଣୁଆ କୁକୁରକୁ ସାମନା କରି ପାରି ନ ଥାଏ ।

ଦୂରରୁ ଆସୁଥିବା ଗାଡି ମୋ' ପାଖକୁ ଆସିବା ପୂର୍ବରୁ ମୁଁ ସ୍କୁଟର ଗତି କମାଇ ରାସ୍ତାକଡରେ ରହି, ଗାଡିକୁ ଇସାରାଦେଲି ରଖିବାପାଇଁ । ଗାଡି ରଖିବାପରେ ''ଜାରିଙ୍ଗରେ ବାଘ ଅଛି, ସାବଧାନରେ ଯାଅ'' କହି, ମୁଁ ମୋର ସ୍କୁଟର ଛୁଟାଇ ଚାଲିଲି ।

ଆଶଙ୍କାରେ ଥରେ ପଛକୁ ଅନାଇଲି । ମାତ୍ର, ବାଘର ଚିହ୍ନବର୍ଣ୍ଣ ଦେଖିବାକୁ ପାଇଲି ନାହିଁ । ମନରେ ଦମ୍ଭ ଆସି ଯାଇଥାଏ । ଚାରିଆଡେ ଜହ୍ନ ଆଲୁଅରେ ଧରିତ୍ରୀ ଉଦ୍‌ଭାସିତ ହୋଇ ଉଠିଥାଏ । ନୀରବତା ମଧ୍ୟରେ ନିଶ୍ଚିତ ଅରଣ୍ୟ ଶୋଭା ଉପଭୋଗ କରିବା ପାଇଁ ମୋ ମନରେ କୌଣସି ଭାବନା ଖେଳୁନଥାଏ । ନିଶ୍ଚିତ ବିପଦରୁ ବଞ୍ଚି ଯାଇଥିବା ଯୋଗୁଁ ପରମେଶ୍ୱରଙ୍କୁ ମୋର ଅଶେଷ ଧନ୍ୟବାଦ ଜଣାଉଥାଏ । ସ୍କୁଟର ମୋର ସାଏଁ ସାଏଁ ହୋଇ ରାସ୍ତା କଡର ଗଛକୁ ପାର ହୋଇ ଆଗକୁ ଗଡି ଚାଲିଥାଏ, ଶୀଘ୍ର ଘରେ ପହଞ୍ଚି ପ୍ରିୟଜନଙ୍କୁ ଦେଖିବା ପାଇଁ ।

Source: Author, Digitized by PPRACHIN, SOA

ଦ୍ୱାଦଶ ପରିଚ୍ଛେଦ

ଓଡିଶା ବିଧାନସଭାରେ ମୋର ଭୂମିକା

ଓଡିଶା ବିଧାନସଭାରେ ଇନ୍ଦିରା କଂଗ୍ରେସ ଦଳର ଭୂମିକା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଥାଏ ।

କେନ୍ଦୁଝର ଘୂର୍ଣ୍ଣିବାତ୍ୟା :

କେନ୍ଦୁଝର ଜିଲ୍ଲାର ଆନନ୍ଦପୁର ଅଞ୍ଚଳରେ ପୁରୁଣା ବାନ୍ଧଗୋଡାପଡା ଗ୍ରାମରେ ଘୂର୍ଣ୍ଣିବାତ୍ୟା ସୃଷ୍ଟି ହୋଇ ଅନେକ ଧନ ଜୀବନ ନଷ୍ଟ ହେଲା । କଂଗ୍ରେସ ଦଳର ସଭାପତି ଜାନକୀ ବାବୁ ଖବର ପାଇ ମୋତେ ଖବର ଦେଲେ । ତୁମେ ତୁରନ୍ତ ଯାଇ ପରିସ୍ଥିତି ଅନୁଧାନ କରି ଫେରି ଆସିଲେ କଂଗ୍ରେସ ଦଳ ତରଫରୁ ରିଲିଫ ଯୋଗାଇ ଦିଆଯିବ । ମୁଁ ଦଳର ସାଧାରଣ ସଂପାଦକ ହିସାବରେ ଦାୟିତ୍ୱ ଗ୍ରହଣ କରି ସାରିଥାଏ ।

ତୁରନ୍ତ ଗୋଟିଏ ଜିପ୍‌ରେ ଯାଇ ଯାହା ଦେଖିଲି, ମୁଁ ବିସ୍ମିତ ହୋଇଗଲି । ଏକ ନାଳରୁ ଘୂର୍ଣ୍ଣିଝଡ ସୃଷ୍ଟି ହୋଇ ପ୍ରବଳ ବେଗରେ ବୋହି ନିକଟରେ ଥିବା ଧନେଇ ପାହାଡରେ ପିଟି ହୋଇ ପୁଣି ସେହି ଝଡ ଫେରି ପୁରୁଣା ବାନ୍ଧଗୋଡାପଡା ଗ୍ରାମକୁ ଧ୍ୱଂସ କରିଦେଲା । ଝଡବାତ୍ୟାରେ ୧୭୮ଜଣ ଲୋକ ମୃତ୍ୟୁବରଣ କଲେ । ଗାଁର ଏକ ପୋଖରୀର ସାତଫୁଟ୍ ପାଣି ପଙ୍କ ସହିତ ବାତ୍ୟାରେ ଉଡିଗଲା । ଫଳରେ ଗାଁର ଗେହ୍ଲେଇ ପୋଖରୀ ଏକ ଚଟାଣରେ ପରିଣତ ହୋଇଗଲା । ଗାଈ, ଗୋରୁ ବହୁ ସଂଖ୍ୟାରେ ମୃତ୍ୟୁବରଣ କଲେ । ଘରଦ୍ୱାର ଭାଙ୍ଗିଗଲା । ଶଗଡଚକ, ସାଇକେଲ ପ୍ରଭୃତି ବାତ୍ୟାରେ ଉଡିଯାଇ ଗଛର ଡାଳରେ ଓହଳିଥାନ୍ତି । ଗଛ ସବୁ ଚେର ସହିତ ଉପୁଡିଯାଇ ମାଟିରେ ଶୋଇ ରହିଲା । ଘୂର୍ଣ୍ଣି ଝଡର ପ୍ରଚଣ୍ଡତା ଏଥିରୁ ଅନୁମେୟ । ଏହା ୧୯୭୮ ମସିହାର ଏପ୍ରିଲ ତା.୧୬ର ଘଟଣା । ଘୂର୍ଣ୍ଣିଝଡର ପ୍ରଭାବରେ ନିକଟସ୍ଥ ଗ୍ରାମର ମଧ୍ୟ ଅଶେଷ କ୍ଷତି ହୋଇଥିଲା । ଆହତମାନଙ୍କୁ ଆନନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା ।

ମୁଁ ଲୋକଙ୍କଠୁ ଯାହା ଶୁଣିଲି, ଆଖିରେ ଯାହା ଦେଖିଲି, ଫେରି ଆସି ସମସ୍ତ ତଥ୍ୟ ଜାନକୀ ବାବୁଙ୍କୁ ପ୍ରଦାନ କଲି । ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ ସମସ୍ତ ଖବର ଜଣାଇ ତୁରନ୍ତ ସାହାଯ୍ୟ ପ୍ରଦାନ ପାଇଁ ଅନୁରୋଧ କଲି ।

କଂଗ୍ରେସ ସଭାପତିଙ୍କ ନେତୃତ୍ୱରେ ଆମେ ସମସ୍ତେ ଆନନ୍ଦପୁର ଯାଇ ରିଲିଫ

Source: Author, Digitized by PPRACHIN, SOA

ସାମଗ୍ରୀ ବଣ୍ଟନ କଲୁ । ଲୋକଙ୍କୁ ଆଶ୍ୱାସନା ଦେଇ ଓ ସେମାନଙ୍କ ଦୁଃଖରେ ସମବେଦନା ଜ୍ଞାପନ କରି, ତିନିଦିନର ରିଲିଫ୍ ଖାଦ୍ୟ ଯୋଗାଇବା ପାଇଁ ସମସ୍ତ ବ୍ୟବସ୍ଥାକରି ଫେରି ଆସିଲୁ ।

ବିଧାନସଭାରେ କଳାହାଣ୍ଡି ବନ୍ୟା ପ୍ରସଙ୍ଗ :

୧୯୭୭ ପ୍ରଳୟଙ୍କରୀ ବନ୍ୟା ଫଳରେ କଳାହାଣ୍ଡି ଜିଲ୍ଲାର ପିପଲନାଳା କ୍ଷୁଦ୍ର ଜଳସେଚନ ଯୋଜନା ଭାଙ୍ଗିଗଲା । ବର୍ଷାଜଳ ଏବଂ ପ୍ରୋଜେକ୍ଟ ଜଳର ମିଶ୍ରଣର ପ୍ରଭାବରେ ତଳ ମୁଣ୍ଡରେ ଥିବା ପୋଲ ସବୁ ଭାଙ୍ଗିଗଲା । ପ୍ରବଳ ବନ୍ୟା ଫଳରେ ନଦୀତଟ ଚାଷ ଜମି ସବୁ ବାଲିଚର ହୋଇଗଲା । ତେଲନଦୀ, ହାତୀନଦୀ ତଟ ଚାଷଜମିର ବହୁ କ୍ଷତି ଘଟିଲା । ବନ୍ୟା ପ୍ରକୋପ କମିବା ପରେ ହଜାର ହଜାର ଏକର ଚାଷ ଜମି ପୋକ ଦାଉରେ ସଂପୂର୍ଣ୍ଣ ନଷ୍ଟ ହୋଇଗଲା । ଜିଲ୍ଲାର ଚାଷୀ ସର୍ବସ୍ୱାନ୍ତ ହୋଇ ହା ହତାଶ ହୋଇ ପଡିଲେ ।

ବର୍ଷାକାଳୀନ ବିଧାନସଭାରେ କଳାହାଣ୍ଡିର ପ୍ରଳୟଙ୍କରୀ ବନ୍ୟା ପରିସ୍ଥିତିକୁ ଉତ୍ଥାପନ କଲି । କଳାହାଣ୍ଡିରେ ବନ୍ୟାଦ୍ୱାରା ବାଲିଚର ହୋଇଯିବା ଫଳରେ ଚାଷ ଜମି କ୍ଷତିଗ୍ରସ୍ତ ହୋଇଛି । ପୁଣି ବନ୍ୟା ଛାଡି ଯିବା ପରେ ଚାଷଜମିରେ ପୋକ ଲାଗିଯିବା ଯୋଗୁଁ ଚାଷୀ ମୁଣ୍ଡରେ ହାତ ଦେଇ ବସିଛନ୍ତି ।

ମୋର ଏହିଭଳି ମତାମତ ଶୁଣି ତତ୍‌କାଳୀନ ରାଜସ୍ୱ ମନ୍ତ୍ରୀ ମାନ୍ୟବର ପ୍ରତାପ ମହାନ୍ତି ଉଠିପଡି ମୋତେ ଦେଖି ତାଚ୍ଛଲ୍ୟ କରି କହିଲେ, ‘‘କଳାହାଣ୍ଡି! ଫେରେ ବନ୍ୟା...’’। ତାହାପରେ ହା... ହା... କରି ତାଚ୍ଛଲ୍ୟରେ ହସି ଦେଲେ । ତାଙ୍କ ଦଳର ମାନ୍ୟବର ସଦସ୍ୟମାନେ ସେମ୍... ସେମ୍... କହି ଟେବୁଲ ବାଡେଇ ମୋତେ ବସିଯିବା ପାଇଁ ପାଟିକଲେ ।

ବିଧାୟକମାନଙ୍କ ମନ୍ତବ୍ୟରେ ମୁଁ ବିସ୍ମିତ ହୋଇ ମୋରି ଦଳର ବିଧାୟକ ବନ୍ଧୁମାନଙ୍କୁ କହିଲି, ‘‘କଳାହାଣ୍ଡିରେ ପ୍ରଳୟଙ୍କରୀ ବନ୍ୟାକୁ ସରକାରୀ ଦଳ ହେୟଜ୍ଞାନ କରି ଘଟଣାକୁ ବାଏଁ ବାଏଁ ଉଡାଇଦେବା ପାଇଁ ଉଦ୍ୟମ କରୁଛନ୍ତି । ବର୍ତ୍ତମାନ ପୁଣି ମୁଁ ମୋର ଅଭିଭାଷଣ ଆରମ୍ଭ କରୁଛି । ଆପଣମାନେ ଟେବୁଲ ବାଡେଇ ସରକାରୀ ଦଳକୁ ପାନେ ଶିକ୍ଷା ଦେବାକୁ ପଡିବ’’ । ଆମ କଂଗ୍ରେସ ଦଳର ବିଧାୟକମାନେ ଉତ୍ସାହିତ ହୋଇ ମୋତେ ମୋର ଭାଷଣ ପ୍ରଦାନ କରିବା ପାଇଁ କହିଲେ ।

ପୁଣି ମୁଁ ଉଠି, ‘‘ବାଚସ୍ପତି ମହାଶୟ’’! କହିବା କ୍ଷଣି ଜନତାଦଳର ସଦସ୍ୟମାନେ ପାଟିକରି ମୋତେ କୁହାଇ ଦେଲେ ନାହିଁ ।

Source: Author, Digitized by PPRACHIN, SOA

ମୁଁ ସେମାନଙ୍କ ପାଟି ତୁଣ୍ଡରେ ଦବି ନ ଯାଇ, ମାନ୍ୟବର ବାଚସ୍ପତିଙ୍କୁ ମୋତେ କହିବା ପାଇଁ ସୁଯୋଗ ଦେବା ପାଇଁ ଅନୁରୋଧ କଲି ।

ତୁରନ୍ତ ବାଚସ୍ପତି ମହାଶୟ ହସ୍ତକ୍ଷେପ କରି କହିଲେ, ‘‘କୋକସରା ବିଧାୟକ ରାସବିହାରୀ ବେହେରାଙ୍କୁ ତାଙ୍କ ବକ୍ତବ୍ୟ ଦେବା ପାଇଁ ସୁଯୋଗ ଦିଆ ଯାଇଛି । କିଏ ବି ଏଥିରେ ପ୍ରତିବନ୍ଧକ ସୃଷ୍ଟି କରନ୍ତୁ ନାହିଁ’’ ।

‘‘ସାଇଲେନ୍ସ ପ୍ଲିଜ୍...’’

ମୁଁ ମୋର ବକ୍ତବ୍ୟ ଆରମ୍ଭ କଲି ।

‘‘ବାଚସ୍ପତି ମହାଶୟ... ଆମେ ଭାବିଥିଲୁ, ଆମର ବିଶ୍ୱାସ ମଧ୍ୟ ଅଛି, ମାନ୍ୟବର ରାଜସ୍ୱ ମନ୍ତ୍ରୀ ଜଣେ ଅଭିଜ୍ଞ ଏବଂ ଦକ୍ଷ ବ୍ୟକ୍ତି । ମାତ୍ର, ଦୁଃଖର କଥା ତାଙ୍କର ଭୌଗୋଳିକ ଜ୍ଞାନର ମଧ୍ୟ ଅଭାବ ରହିଛି । କଳାହାଣ୍ଡି କହିଲେ ସେ ଭାବୁଛନ୍ତି ଏକ ବଣ ପାହାଡ ଜିଲ୍ଲା । ଏଠି ନଦୀ ଆସିଲା କେଉଁଠି ଯେ ବନ୍ୟା ହେବ ? ତାଙ୍କର ଏପରି ଭାବନା ହିଁ ଆମ ପାଇଁ ଦୁର୍ଭାଗ୍ୟ’’ ।

ମୋ’ଠୁ ଏତକ ଶୁଣି ଆମ ଦଳର ମାନ୍ୟବର ସଦସ୍ୟମାନେ ଟେବୁଲ ବାଡେଇବା ଆରମ୍ଭ କରିଦେଲେ ।

ମାନ୍ୟବର ବାଚସ୍ପତି ‘‘ସାଇଲେନ୍ସ ପ୍ଲିଜ୍’’ କହି ଶାନ୍ତ କରୁଥାନ୍ତି ।

ମୁଁ ଫେରେ କହିଲି, ‘‘କଳାହାଣ୍ଡି ହେଉଛି ଏକ ନଦୀ ବହୁଳ ଜିଲ୍ଲା । କଳାହାଣ୍ଡିରେ ଇନ୍ଦ୍ରାବତୀ ବହୁମୁଖୀ ଯୋଜନା କାର୍ଯ୍ୟକାରୀ ହେବାକୁ ଯାଉଛି । କଳାହାଣ୍ଡିର ଥୁଆମୂଳ-ରାମପୁର ବ୍ଲକ ଅନ୍ତର୍ଗତ ମରଡିଗୁଡାରୁ ଇନ୍ଦ୍ରାବତୀ ନଦୀର ଉତ୍ପତ୍ତି ହୋଇଛି । ଏହି ଜିଲ୍ଲାରେ ହାତୀ ନଦୀ, ଶଗଡା ନଦୀ, ରେତ ନଦୀ, ରାହୁଲ ନଦୀ, ଉଦନ୍ତୀ ନଦୀ, ନାଗାବଳୀ, ବଂଶଧାରା ପ୍ରଭୃତି ଅନେକ ନଦୀ ରହିଛି । କଳାହାଣ୍ଡି ଏକ ନଦୀ ବହୁଳ ଜିଲ୍ଲା । ଏ ଜ୍ଞାନ ମଧ୍ୟ ମାନ୍ୟବର ମନ୍ତ୍ରୀଙ୍କ ନାହିଁ’’ ।

ମୁଁ ପୁଣି ଯୋର ଦେଇ କହିଲି, ‘‘ଓଡିଶାର ଉପକୂଳ ଅଞ୍ଚଳରେ ଯେତେବେଳେ ପ୍ରଳୟଙ୍କରୀ ବନ୍ୟା ହୁଏ, ସେତେବେଳେ କଳାହାଣ୍ଡିର ବଡ ନଦୀ ତେଲ ନଦୀର ପାଣି ଓଡିଶାର ବଡ ନଦୀ ମହାନଦୀରେ ପଡି ମିଶ୍ରଣ ହୋଇଥାଏ । ଏହା ଉପକୂଳକୁ ପ୍ରବାହିତ ହୋଇ ଆସେ । ଏ ଜ୍ଞାନ ମଧ୍ୟ ମାନ୍ୟବର ମନ୍ତ୍ରୀଙ୍କ ନାହିଁ’’ ।

ଆମ ଦଳର ସଦସ୍ୟମାନେ ମୋର ଭାଷଣରେ ଉତ୍ସାହିତ ହୋଇ ଟେବୁଲ ବାଡେଇ ‘ହିୟର’ ‘ହିୟର’ କରି ଚାଲିଥାନ୍ତି ।

ବାଚସ୍ପତି ମହାଶୟ ପୁଣି ‘‘ସାଇଲେନ୍ସ ପ୍ଲିଜ୍’’ କହି ପରିସ୍ଥିତିକୁ ଶାନ୍ତ କଲେ । ମାନ୍ୟବର ମନ୍ତ୍ରୀ ମୋର ତଥ୍ୟପୂର୍ଣ୍ଣ ଭାଷଣ ଶୁଣି, ଉଠିପଡି କଥାକୁ ଟାଳିବା ପାଇଁ

Source: Author, Digitized by PPRACHIN, SOA

କହିଲେ... "ରାସବିହାରୀ ବାବୁ...! ମୁଁ କଣ କହୁଥିଲି କି"... ତାଙ୍କ କଥାରେ ମୁଁ ଦବି ନ ଯାଇ ପୁଣି ପ୍ରତିବାଦ କରି କହିଲି, "ଆପଣ କଣ କହିଲେ, ତାହା ବିଧାନସଭାର ପ୍ରୋସିଡିଙ୍ଗରେ ରେକର୍ଡ୍ ହୋଇ ରହିଛି ମୁଁ କଣ କହୁଛି, ତାହା ମଧ୍ୟ ପ୍ରୋସିଡିଙ୍ଗରେ ରେକର୍ଡ୍ ହେଉଛି । ତେଣୁ ଆପଣ ମୋର ବକ୍ତବ୍ୟରେ ପ୍ରତିବନ୍ଧକ ନ ହୋଇ, ମୁଁ କଣ କହୁଛି, ମୋ ଜିଲ୍ଲାର ଶୋଚନୀୟ ପରିସ୍ଥିତି ସମ୍ପର୍କରେ ତାହା ଶୁଣନ୍ତୁ ଏବଂ ଜାଣନ୍ତୁ" ।

ମାନ୍ୟବର ବାଚସ୍ପତି ମଧ୍ୟ ମୋତେ ଶୀଘ୍ର ସାରିବା ପାଇଁ ସୂଚାଇ ଦେଲେ । ବାଚସ୍ପତିଙ୍କ ନିର୍ଦ୍ଦେଶରେ ମୁଁ ପୁଣି କହିଲି । "କଳାହାଣ୍ଡିରେ ବନ୍ୟା ଫଳରେ ହଜାର ହଜାର ଏକର ଚାଷ ଜମି ବାଲିଚର ହୋଇଛି । ଫଳରେ ଚାଷୀ ଆଜି ସର୍ବସ୍ୱାନ୍ତ ହୋଇଯାଇଛି । ହାତୀନଦୀ କୂଳ ଏବଂ ତେଲନଦୀ କୂଳର ଚାଷ ଜମି ସବୁ କ୍ଷତିଗ୍ରସ୍ତ ହୋଇଛି । ଯେଉଁ ଚାଷ ଗଣ୍ଡିକ ବନ୍ୟାରୁ ବଂଚି ଯାଇଥିଲା ସେହି ଚାଷ ଜମିରେ ଅସଂଖ୍ୟ ପୋକ ଲାଗିଯିବା ଦ୍ୱାରା ହଜାର ହଜାର ହେକ୍ଟର ଅଞ୍ଚଳ ନଷ୍ଟ ହେବାରେ ଲାଗିଛି । ଚାଷୀ ଆଜି ମୁଣ୍ଡରେ ହାତ ଦେଇ ବସି ରହିଛି । ଅଥଚ, ସରକାର ନାହିରେ ତେଲ ଦେଇ ଆରାମରେ ଶୋଇ ଯାଇଛନ୍ତି । ଏଣେ ଆନ୍ଧ୍ରପ୍ରଦେଶରେ ଚାଷ ଜମିରେ ପୋକ ଲାଗିଥିବା ଯୋଗୁଁ ଆନ୍ଧ୍ର ସରକାର ଚାଷୀଙ୍କ ଜମିକୁ ପୋକ ଦାଉରୁ ରକ୍ଷା କରିବା ପାଇଁ ଉଡାଜାହାଜରେ ଔଷଧ ସିଞ୍ଚନ କରୁଛନ୍ତି । ମାତ୍ର, ଆମ ରାଜ୍ୟ ସରକାର କଳାହାଣ୍ଡି ଚାଷୀଙ୍କ ଏହିଭଳି ଦୁର୍ଦ୍ଦିନରେ କ୍ଷତବିକ୍ଷତ ଚାଷୀଙ୍କ କଟା ଘା'ରେ ଚୂନ ବୋଳି କଟୁ ମନ୍ତବ୍ୟ ଦେଇ ଆଘାତ ଦେଉଛନ୍ତି" । "ସେମ୍... ସେମ୍"... ପାଟି ହେଲା ।

"ମୁଁ ମାନ୍ୟବର ମନ୍ତ୍ରୀଙ୍କ ବକ୍ତବ୍ୟକୁ ଦୃଢ଼ ବିରୋଧ କରୁଛି ଏବଂ ରାଜ୍ୟ ସରକାରଙ୍କୁ ଅନୁରୋଧ କରୁଛି, କଳାହାଣ୍ଡିର ଦୁର୍ଦ୍ଦିନରେ ଚାଷୀଙ୍କ ଜମିରୁ ବାଲି ଉଦ୍ଧାର୍ ପାଇଁ ଚାଷୀଙ୍କୁ ଆର୍ଥିକ ସାହାଯ୍ୟ ଦେବା ସଙ୍ଗେ ସଙ୍ଗେ, ଟ୍ରାକ୍ଟର ଅବା ବାଲି ଉଦ୍ଧାର ପାଇଁ ବୃହତ ମେସିନ ବ୍ୟବହାର କରାଯାଉ ଏବଂ ଚାଷୀଙ୍କ ଜମିକୁ ପୋକ ଦାଉରୁ ରକ୍ଷା କରିବା ପାଇଁ ତୁରନ୍ତ ଉଡାଜାହାଜରେ ଔଷଧ ସିଞ୍ଚନ କରିବା ପାଇଁ ଉଦ୍ୟମ ଜାରି ରଖି ଚାଷୀଙ୍କୁ ଏହି ଦୁର୍ଦ୍ଦିନରୁ ରକ୍ଷା କରାଯାଉ"।

ଆମ ଦଳର ବିଧାୟକମାନେ ଉତ୍ସାହିତ ହୋଇ ଟେବୁଲ ବାଡେଇ ମୋତେ ପୂର୍ଣ୍ଣ ସମର୍ଥନ କରିଥିଲେ । ସରକାରୀ ଦଳର ସଦସ୍ୟମାନେ ମଧ୍ୟ ପରିସ୍ଥିତିର ଗମ୍ଭୀରତା ଉପଲବ୍ଧି କରିପାରି ନୀରବରେ ବସି ମୋର ବକ୍ତବ୍ୟ ଶୁଣିଥିଲେ ।

ମାନ୍ୟବର ମୁଖ୍ୟମନ୍ତ୍ରୀ ମଧ୍ୟ ଉପସ୍ଥିତ ରହି ମୋର ବକ୍ତବ୍ୟ ଶୁଣିଥିଲେ ।

ମୋର ଅଭିଭାଷଣ ପରେ ରାଜ୍ୟ ସରକାର କଳାହାଣ୍ଡି ଚାଷୀଙ୍କ ଜମିରୁ ବାଲିଚର ପାଇଁ ତୁରନ୍ତ ୪୦ ଲକ୍ଷ ଟଙ୍କା ମଞ୍ଜୁର କରିଥିଲେ । ବାହାର ରାଜ୍ୟରୁ ଉଡାରେ

Source: Author, Digitized by PPRACHIN, SOA

ଉଡାଜାହାଜ ଆଣି ଚାଷୀଙ୍କ ଜମିରେ ଔଷଧ ସିଞ୍ଚନକରି ପୋକକୁ ନିୟନ୍ତ୍ରଣ କରାଇଥିଲେ । ଔଷଧ ସିଞ୍ଚନ ସମୟରେ ସେହି ଉଡାଜାହାଜ ଦୁର୍ଘଟଣାଗ୍ରସ୍ତ ହୋଇ, କୁନାଗଡ ବ୍ଲକର କୋଟେନ ଗାଁ ପାଖ ହାତୀନଦୀରେ ପଡି ଯାଇଥିଲା । ପାଇଲଟ ଅଳ୍ପକେ ରକ୍ଷାପାଇ ଯାଇଥିଲେ । ଉଡାଜାହାଜ ଭାଙ୍ଗି ନଷ୍ଟ ହୋଇ ଯାଇଥିଲା । ତାକୁ ଖଣ୍ଡ ଖଣ୍ଡ କରି ଟ୍ରକ୍ ଯୋଗେ ସ୍ଥାନାନ୍ତରିତ କରାଯାଇଥିଲା ।

ବିଧାନସଭାରେ ବିରୋଧୀ ଦଳର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ । ସରକାରଙ୍କୁ ପ୍ରଭାବିତ କରିବା ଭଳି ଯୁକ୍ତି ଉପସ୍ଥାପନ କରିବା ଅତି ଆବଶ୍ୟକ । ଜଣେ ବିଧାୟକଙ୍କ ପାଇଁ ଅଧିକ ଅଧ୍ୟୟନ, ଅଧିକ ଜ୍ଞାନର ମଧ୍ୟ ଆବଶ୍ୟକତା ରହିଛି । ସେଥିପାଇଁ ଉଦ୍ୟମ କରି, ତଥ୍ୟ ସଂଗ୍ରହକରି ଯୁକ୍ତିଯୁକ୍ତ ଭାବରେ ତାକୁ ଉପସ୍ଥାପନ କରିବାକୁ ପଡିବ ।

ମାତ୍ର, ଆଜିକାଲି ଅନେକ ବିଧାୟକ ବିଧାନସଭାର ପାଠାଗାରକୁ ଯାଇ ତାଙ୍କ ପୂର୍ବବର୍ତ୍ତୀ ବିଧାୟକମାନେ ତାଙ୍କ ନିର୍ବାଚନ ମଣ୍ଡଳୀ ଉପରେ କଣ କହିଛନ୍ତି ତାକୁ ଜାଣିବା ପାଇଁ ଆଗ୍ରହ ପ୍ରକାଶ କରନ୍ତି ନାହିଁ । ଏଥି ପ୍ରତି ସେମାନେ ସଚେତନ ଥିଲା ଭଳି ମଧ୍ୟ ମନେ ହୁଏ ନାହିଁ । ଅନେକ ବିଧାୟକ ପାଠାଗାର ଯିବାର ଆବଶ୍ୟକତା ଉପଲବ୍ଧି କରନ୍ତି ନାହିଁ କିମ୍ବା ବିଧାନସଭାର ପାଠାଗାରର ମହତ୍ତ୍ୱ ମଧ୍ୟ ଉପଲବ୍ଧି କରନ୍ତି ନାହିଁ ।

ତେଣୁ ବିଧାନସଭାରେ ଯୁକ୍ତି ସଙ୍ଗତ ମନ୍ତବ୍ୟ ଶୁଣିବାକୁ ମିଳୁ ନାହିଁ । ଅବଶ୍ୟ କିଛି ବିଧାୟକ ଅନେକ ସମୟରେ ବହୁ ତଥ୍ୟପୂର୍ଣ୍ଣ ମତାମତ ପ୍ରଦାନ କରୁଛନ୍ତି । ଏହା ସେମାନଙ୍କ ଜ୍ଞାନର ପରିମାପକ ରୂପେ ଜଣାପଡୁଛି ।

ଅପହଞ୍ଚ ସୂର୍ଯ୍ୟଗଡ :

ବଣ ପାହାଡ ଘେରା ଥୁଆମୂଳ-ରାମପୁର ବ୍ଲକ ଅନ୍ତର୍ଗତ ଯୁବରାଜପୁର ପଞ୍ଚାୟତର ଗୋପୀନାଥପୁର ଗ୍ରାମର ଜଣେ ଉତ୍ସାହୀ ଯୁବକ ରାମ ନାଏକ ମୋତେ ଚିଠି ଲେଖି ଜଣାଇଲେ, ‘‘ଇନ୍ଦ୍ରାବତୀ ନଦୀର ପାଣି ଘେରରେ ମାଲିଗାଁ ପଞ୍ଚାୟତର ‘ସୂର୍ଯ୍ୟଗଡ ଗ୍ରାମ’ର ୧୬ଜଣ ଲୋକଙ୍କର ଭୋକ ଉପବାସରେ ମୃତ୍ୟୁ ହୋଇଯାଇଛି’’ । ମୁଁ ଏହି ଖବର ପାଇ ବିଧାନସଭାରେ ପ୍ରକାଶ କଲି । ‘‘ମୁଁ ଆଶଙ୍କା କରୁଛି ଯେ, ଇନ୍ଦ୍ରାବତୀ ନଦୀ ଘେରରେ କିଛି ଲୋକଙ୍କ ଅକାଳ ମୃତ୍ୟୁ ହୋଇଯାଇଛି । ସରକାର ଠିକ୍ ଖବର ଜାଣିବା ପାଇଁ ତୁରନ୍ତ ପଦକ୍ଷେପ ଗ୍ରହଣ କରନ୍ତୁ’’ ।

ଏହା ଉତ୍‌ଥାପନ କରି ରାତ୍ର ବସ୍‌ରେ ଭବାନୀପାଟଣା ଆସି, ସକାଳ ୧୦ଟାରେ ଜିଲ୍ଲାପାଳଙ୍କୁ ସମସ୍ତ ଘଟଣା କହିଲି । ବିଧାନସଭାରେ ଏହା ଉଠାଇ ସାରିଲିଣି ବୋଲି ମଧ୍ୟ ଜଣାଇ ଦେଲି ।

Source: Author, Digitized by PPRACHIN, SOA

ସେତେବେଳ ପର୍ଯ୍ୟନ୍ତ ଜିଲ୍ଲାପାଳ କିଛି ଜାଣି ନ ଥାନ୍ତି । ତାଙ୍କ ପାଖରେ କୌଣସି ରିପୋର୍ଟ ପହଞ୍ଚିପାରି ନ ଥାଏ ।

ବିଧାନସଭାରେ କଥାଟା ପଡି ସାରିଲାଣି ଅଥଚ ସେ ଜାଣନ୍ତି ନାହିଁ? ତେଣୁ ଜିଲ୍ଲାପାଳ ବ୍ୟତିବ୍ୟସ୍ତ ହୋଇ ମୋତେ କହିଲେ, ''ମୁଁ କଣ କରିବି ଆପଣ କହନ୍ତୁ''? ମୁଁ ତାଙ୍କୁ ପରାମର୍ଶ ଦେଲି, ''ତୁରନ୍ତ ଜଣେ ଅଫିସରଙ୍କୁ ସ୍ପଟକୁ ପଠାଇ, ଘଟଣାର ସତ୍ୟାସତ୍ୟ ଜାଣିବା ପାଇଁ ଉଦ୍ୟମ କରି ପ୍ରତିକାରମୂଳକ କାର୍ଯ୍ୟପନ୍ଥା ଗ୍ରହଣ କରନ୍ତୁ'' ।

ସାଙ୍ଗେ ସାଙ୍ଗେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ସଦର ତହସିଲଦାର ନବରଙ୍ଗପୁର ଦେଇ ତେନ୍ତୁଳିଖୁଣ୍ଟି ବ୍ଲକ୍ ଅତିକ୍ରମ କରି ସୂର୍ଯ୍ୟଗଡ ଯାଇ ତିନିଦିନ ପରେ ଫେରିଆସି ଜିଲ୍ଲାପାଳଙ୍କୁ ଜଣାଇଲେ, ୧୮ଜଣଙ୍କ ମୃତ୍ୟୁ ହୋଇଯାଇଛି ।

ଶ୍ରୀ ଭ୍ରମରବର ଜେନା କଳାହାଣ୍ଡି ଜିଲ୍ଲାପାଳ ରୂପେ ଦାୟିତ୍ୱରେ ଥା'ନ୍ତି । ଜିଲ୍ଲାପାଳ ସମସ୍ତ ଘଟଣା ଠିକ ଭାବରେ ଜାଣି ବ୍ୟତିବ୍ୟସ୍ତ ହୋଇପଡିଲେ । ଏହାକୁ ରାଜନୈତିକ ରୂପ ଦେଇ ସମଗ୍ର ରାଜ୍ୟରେ ଚହଳ ସୃଷ୍ଟି ହେବ । ଜିଲ୍ଲାପାଳ ହିସାବରେ ତାଙ୍କ ପାଖରେ କୌଣସି ଖବର ନ ଥାଇ ବିଧାନସଭା ପର୍ଯ୍ୟନ୍ତ କଥାଟା ଚାଲିଯାଇ ସାରିଲାଣି । ମୁଁ ବିରୋଧୀ ଦଳର ସଦସ୍ୟ । ତେଣୁ ତାଙ୍କ ମନରେ ଆଶଙ୍କା ଆହୁରି ଦୃଢ଼ୀଭୂତ ହୋଇଯାଇଥାଏ ।

ଜିଲ୍ଲାପାଳଙ୍କ ମନରେ ଆଶ୍ୱାସନା ଏବଂ ବିଶ୍ୱାସ ଦେଇ କହିଲି, ତୁରନ୍ତ ସରକାରୀ ରିଲିଫ୍ ସେମାନଙ୍କ ପାଖରେ ପହଞ୍ଚାଇ ଦିଆଯାଉ । ସମସ୍ତଙ୍କୁ ସାତ ଦିନ ପର୍ଯ୍ୟନ୍ତ ଖାଦ୍ୟ ଯୋଗାଇ ଦିଆଯାଉ । ମୁଁ ନିଜେ ଯାଇ ସେମାନଙ୍କୁ ସାକ୍ଷାତ କରିବି । ସମସ୍ତଙ୍କୁ ତୁରନ୍ତ ସାତ ଦିନର ରିଲିଫ ପ୍ରଦାନ କରାଗଲା ।

ସେତେବେଳେ ଥୁଆମୂଳ ରାମପୁରର ଏହି ଯୁବରାଜପୁର ଅଞ୍ଚଳ ଅଗମ୍ୟ ଥିଲା । ଗାଡି ମଟରର କୌଣସି ସୁବିଧା ନାହିଁ । ଭବାନୀପାଟଣାରୁ ଥୁଆମୂଳ-ରାମପୁରକୁ ସବୁଦିନିଆ ରାସ୍ତା ନିର୍ମିତ ହୋଇ ନ ଥାଏ । ଲୋକେ ଚାଲି ଚାଲି ଯିବା ଆସିବା କରୁଥାନ୍ତି ।

ମୁଁ ଜୟପାଟଣା ପର୍ଯ୍ୟନ୍ତ ବସ୍‌ରେ ଯାଇ, ସେଠୁ ମଟରସାଇକେଲରେ ବେଙ୍ଗେର ଗ୍ରାମ ପର୍ଯ୍ୟନ୍ତ ଗଲି । ମୋ' ସହିତ ଆଉ ଦୁଇଜଣ ଯାଉଥାନ୍ତି । ସେଠି ସୁମନ୍ତ ଯୋଷୀଙ୍କ ଘରେ ଜଳଯୋଗ କରି, ସନ୍ଧ୍ୟା ସୁଦ୍ଧା ମହୁଲପାଟଣା ପାଦରେ ଚାଲି ଚାଲି ପହଞ୍ଚିବାକୁ ପଡିବ । ଅଗମ୍ୟ, ଦୁର୍ଗମ ତଥା ବିପଦପୂର୍ଣ୍ଣ ଘଞ୍ଚ ଜଙ୍ଗଲ ମଧ ଦେଇ ସୂର୍ଯ୍ୟାସ୍ତ ପୂର୍ବରୁ ପହଞ୍ଚିବାକୁ ପଡିବ । ଯାନବାହନର କୌଣସି ସୁବିଧା ନାହିଁ । ଆମେ ଚାଲି ଚାଲି ସନ୍ଧ୍ୟା ପୂର୍ବରୁ ମହୁଲପାଟଣାରେ ପହଞ୍ଚିଗଲୁ । ବିଧାୟକ ଆସିଥିବା ଜାଣି ଗ୍ରାମ ଲୋକେ

Source: Author, Digitized by PPRACHIN, SOA

କୌତୂହଳରେ ଆମ ପାଖକୁ ଆସିଲେ ଏବଂ ହଠାତ୍ ଆମ ଆଗମନର କାରଣ ଜାଣି ସେମାନେ ମଧ୍ୟ ତତ୍ପର ହୋଇ ସରପଞ୍ଚଙ୍କୁ ଖବର ଦେଲେ ପଞ୍ଚାୟତ ଅଫିସ ଗୃହ ଖୋଲିବା ପାଇଁ । ରାତ୍ରରେ ପଞ୍ଚାୟତ ଘରେ ରହି ସରପଞ୍ଚଙ୍କ ସହାୟତାରେ ରାତ୍ର ଭୋଜନ କରି ବିଶ୍ରାମ ନେଲୁ । ସକାଳୁ ପୁଣି କିଛି ଦୂର ଚାଲି, ଇନ୍ଦ୍ରାବତୀ ନଦୀ କୂଳରେ ପହଞ୍ଚି ଡଙ୍ଗାରେ ଇନ୍ଦ୍ରାବତୀ ନଦୀ ପାର ହୋଇ, ଯୁବରାଜପୁରର ରେଭନ୍ୟୁ ଡାକବଙ୍ଗଳାରେ ରହିଲୁ । ସେଠାରେ ଆମର ନିତ୍ୟକର୍ମ ସାରି ଜଳଯୋଗ କଲୁ ଏବଂ ପୁଣି ଆମ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ପାଇଁ ପ୍ରସ୍ତୁତ ହୋଇ ଗଲୁ । ସେଠାରୁ ଗୋପୀନାଥପୁର ପ୍ରାୟ ୨ କି.ମି. ହେବ ଆମେ ସମସ୍ତେ ଚାଲି ଚାଲି ଯାଇ ରାମ ନାଏକଙ୍କୁ ଭେଟିଲୁ । ଆମକୁ ଦେଖି ସେ ଆନନ୍ଦରେ ଗଦ୍ ଗଦ୍ ହୋଇ ସ୍ୱାଗତ କଲେ । ତାଙ୍କ ବାପା ତ୍ରିନାଥ ନାଏକ ପୂର୍ବତନ ସରପଞ୍ଚ, ଆନନ୍ଦରେ ଅଧୀର ହୋଇପଡିଲେ । ଆମେ ତାଙ୍କ ଘରେ କଥାବାର୍ତ୍ତା ହୋଇ ଚାହା ପିଇ ପୁଣି ଆମର ଯାତ୍ରା ଆରମ୍ଭ କଲୁ । ଗୋପୀନାଥପୁରରୁ ମାଲିଗାଁ ପହଞ୍ଚିବାକୁ ଆହୁରି ୩ କି.ମି. ଯିବାକୁ ପଡିବ । ସମସ୍ତେ ଆଗ୍ରହରେ ପାଦକୁ ପାଦ ମିଳାଇ ଆଗେଇ ଚାଲିଲୁ । ମାଲିଗାଁର ଲୋକମାନଙ୍କ ସହିତ ସାକ୍ଷାତ କରି ସମସ୍ତ ଖବର ଆମେ ସ୍ପଷ୍ଟ ଜାଣିଗଲୁ । ସେଠୁ ପାହାଡ ଉପରେ ଚଢ଼ି ଚଢ଼ି ଆମେ ସୂର୍ଯ୍ୟଗଡରେ ପହଞ୍ଚିଗଲୁ । ଦିନ ପ୍ରାୟ ୧୧ଟା ହେବ, ହଠାତ୍ ଏତେ ଲୋକଙ୍କୁ ଦେଖି ଗାଁ ଲୋକେ ଭୟଭୀତ ହୋଇ ଦୌଡି ପଳାଇଲେ । ସ୍ତ୍ରୀଲୋକମାନେ କବାଟ୍ କିଳି ଘର ଭିତରେ ଲୁଚିଗଲେ । ପୁଅ ଝିଅମାନେ ଭୟରେ ଚିତ୍କାର କରି ମା' ପଣତକାନି ଭିତରେ ଛପିଗଲେ ।

ଏସବୁ ଦୃଶ୍ୟ ଦେଖି ମୁଁ ନିଜକୁ ବିଶ୍ୱାସ କରିପାରିଲି ନାହିଁ । ଟିକିଏ ପରେ ମୁଁ ଡାକ ଛାଡିଲି, ''ଆରେ ଆସ, ଆସ ଆମେ ସବୁ ତୁମ ଲୋକ । ତୁମ ସରପଞ୍ଚ, ତୁମ ଚେୟାରମ୍ୟାନ, ତୁମ ଏମ୍.ଏଲ୍.ଏ. ଆସିଛୁ'' ।

ଆମ ଡାକ ଶୁଣି ସେମାନେ ରହିଗଲେ । ତଥାପି ମନରେ ଅବିଶ୍ୱାସ ଭାବନା ଖେଳି ରହିଥାଏ ।

ଯେଉଁ ସ୍ତ୍ରୀଲୋକମାନେ ଭୟଭୀତ ହୋଇ ଘର କୋଣରେ ଲୁଚି ରହିଥିଲେ, ଆମ ଡାକ ଶୁଣି ମନରେ ବିଶ୍ୱାସ ଆଣି ସେମାନେ ଗୋଟି ଗୋଟି ପଦାକୁ ଆସି, ତାଙ୍କ ଲୋକଙ୍କୁ ହାତଠାରି ଡାକିଲେ ।

ସେମାନେ ଧୀରେ ଧୀରେ କୌତୂହଳୀ ହୋଇ ପାଖକୁ ଆସିଲେ । ମୁଁ ସେମାନଙ୍କୁ କହିଲି, ''ମୁଁ ତୁମର ଏମ୍.ଏଲ୍.ଏ । ତୁମର ଦୁଃଖ ଖବର ଶୁଣିଆସିଛି । ତୁମ ଗାଁର ଲୋକେ ପାଣି ଘେରରେ ରହି ମରି ଯାଇଥିବା ଖବର ଶୁଣି ତୁମକୁ ଦେଖିବା ପାଇଁ ଆସିଛି ।''

Source: Author, Digitized by PPRACHIN, SOA

ସେମାନେ ମୋ' କଥା ଠିକ୍ ଭାବରେ ବୁଝିପାରିଲେ ନାହିଁ । ଜଣେ ସାହସ କରି ପଚାରିଲା, ''ଏମ୍.ଏଲ.ଏ. କେଁଟା'' (କଅଣ) ? ମୁଁ ତାଙ୍କୁ କହିଲି, ''ତୁମେ ମୋତେ ଭୋଟ ଦେଲ, ତୁମ ଭୋଟରେ ମୁଁ ଜୟଯୁକ୍ତ ହୋଇ ଏମ୍.ଏଲ୍.ଏ. (ବିଧାୟକ) ହୋଇଛି'' ।

ତଥାପି ସେମାନଙ୍କ ମନରେ ଏମ୍.ଏଲ୍.ଏ. (ବିଧାୟକ) ସମ୍ବନ୍ଧରେ କିଛି ଧାରଣା ହେଲା ନାହିଁ । ସେମାନେ କେବଳ ୱାର୍ଡ ମେମ୍ବରଙ୍କୁ ଜାଣନ୍ତି । ସରପଞ୍ଚଙ୍କୁ ମଧ୍ୟ କାଁ ଭାଁ ଦେଖିଛନ୍ତି । ଚେୟାରମ୍ୟାନ୍ କଣ ଜାଣନ୍ତି ନାହିଁ ।

ମୋ ସହିତ ଚେୟାରମ୍ୟାନ୍ ବନମାଳୀ ନାଏକ ଯାଇଥିଲେ । ତାଙ୍କୁ ପରିଚିତ କରାଇଦେଲି । ଏ ତୁମର ଚେୟାରମ୍ୟାନ୍ । ସେମାନେ ପ୍ରଥମ କରି ଚେୟାରମ୍ୟାନଙ୍କୁ ଦେଖିଲେ । ପ୍ରଥମ କରି ମୋତେ ମଧ୍ୟ ଏମ୍.ଏଲ୍.ଏ. ଭାବରେ ଦେଖିବାକୁ ସୁଯୋଗ ପାଇଲେ । ଏହା ପୂର୍ବରୁ କୌଣସି ଏମ୍.ଏଲ୍.ଏ. ସେହି ଅଞ୍ଚଳକୁ ଯାଇ ନାହାନ୍ତି । ଭୋଟ ପ୍ରଚାର ସମୟରେ ଅବା ଭୋଟ ପାଇଲା ପରେ କିଏ ମଧ୍ୟ ଯାଇ ନାହାନ୍ତି ।

ଗ୍ରାମର ସମସ୍ତଙ୍କୁ ଏକାଠି ବସାଇ ସେମାନଙ୍କ କଥା ଶୁଣିଲି । ସେମାନଙ୍କ ସେହି ଭୟାବହ ଦୁଃଖର କାହାଣୀ ସେମାନେ ମୋତେ କହିଲେ । ପାଣି ଘେରରେ ଭୋକରେ ୪/୫ ଦିନ ରହିବା ଫଳରେ ବୁଢ଼ା ବୁଢ଼ୀ, ପିଲା ଛୁଆମାନେ ମରି ଗଲେ । ଆମେ କେବଳ ବଞ୍ଚିରହିଲୁ । ବର୍ଷା ପାଣିରେ ଅନେକଙ୍କ ଘର ଭାଙ୍ଗି ଯାଇଥାଏ । ମୁଁ ନେଇଥିବା ବିସ୍କୁଟ୍ ପ୍ୟାକେଟ ସମସ୍ତଙ୍କୁ ପ୍ରଦାନକଲି । ପୁଅ ଝିଅମାନେ ଆନନ୍ଦରେ ନାଚି ଉଠିଲେ । ପିଲାଙ୍କ ହସରେ ବାପା ମା'ମାନଙ୍କ ମୁହଁରେ ମଧ୍ୟ ହସ ଚହଟି ଆସିଲା । ସତେ ଏମାନେ କେତେ ନିରାଶ, କେତେ ଅସହାୟ । ସେମାନଙ୍କ କାହା ପାଖରେ କିଛି ଅଭିଯୋଗ ନାହିଁ, ସେମାନଙ୍କ ଦୁଃଖ ବୁଝିବାପାଇଁ ସରକାରୀ କର୍ମଚାରୀମାନଙ୍କ ପାଖରେ ସମୟନାହିଁ । ଏହି ହେଉଛି ପାର୍ବତ୍ୟାଞ୍ଚଳର ଦୟନୀୟ ଏବଂ ଶୋଚନୀୟ ଅବସ୍ଥା । ସରକାରଙ୍କ ଉନ୍ନୟନମୂଳକ ଯୋଜନା ସେମାନଙ୍କ ପାଖରେ ପହଞ୍ଚିବା ସମ୍ଭବ ହୋଇ ନାହିଁ ।

ସମସ୍ତଙ୍କ କ୍ଷୟକ୍ଷତି ଆକଳନ କରି ତଥ୍ୟ ସଂଗ୍ରହ କରି ଆଣିଲି । ପରେ ସେମାନଙ୍କ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା ।

ଗ୍ରାମ ଲୋକମାନେ ମୋତେ କହିଲେ, ''ଭୋଟ ସମୟରେ ସରକାରଙ୍କ କାଗଜ ଆସିଲେ, ଗାଁର ଦୁଇଜଣ ଲୋକ ଗାଁକୁ ପ୍ରତିନିଧିତ୍ୱ କରି ଯୁବରାଜପୁରକୁ ୬ କି.ମି. ଯାଇ ଭୋଟ ଦିଅନ୍ତି । କାହାକୁ ଭୋଟ ଦିଅନ୍ତି, କିଏ ଭୋଟରେ ଜିଣିଲା ସେମାନେ ଜାଣି ପାରନ୍ତି ନାହିଁ''।

ସରକାରଙ୍କ ଉନ୍ନୟନ ଯୋଜନା କଣ, ତାହା ସେମାନଙ୍କ ପାଖରେ ପହଞ୍ଚି ପାରି

Source: Author, Digitized by PPRACHIN, SOA

ନାହିଁ । ସେମାନଙ୍କୁ ବୁଝାଇଲି, ''ସରକାର ତୁମମାନଙ୍କ ପାଇଁ ଛେଳି, ମେଣ୍ଢା, ଗାଈ, ଘୁଷୁରି ପ୍ରଭୃତି ଋଣ ଆକାରରେ ଦେଉଛନ୍ତି । ତାହା ଆଣି ତୁମର ଆର୍ଥିକ ଅବସ୍ଥାକୁ ସୁଧାରି ପକାଅ'' । ଏହିଭଳି ବହୁ କଥା ବୁଝାଇଲି ।

ମାତ୍ର ସେମାନେ, ''ସରକାରଙ୍କଠୁ ଋଣ ନେବୁ ନାହିଁ'' କହି ମନା କଲେ । ତଥାପି ବହୁ ଉଦ୍ୟମ କରି ଦୁଇ ଜଣଙ୍କୁ ମନାଇ ପାରିଲି । ସେମାନେ ମୋ' ସହିତ ଆସି ଦରଖାସ୍ତ କରି ସରକାରୀ ସାହାଯ୍ୟ ପାଇ ପାରିଥିଲେ ।

ସେମାନଙ୍କୁ ସରକାର ସାତଦିନ ଖାଇବା ପାଇଁ ଦେଇଥିବା କଥା ମଧ୍ୟ କହିଲେ ।

ଆଦିବାସୀ ବହୁଳ ପାର୍ବତ୍ୟ ଅଞ୍ଚଳରେ ଲୋକଙ୍କ ଅର୍ଥନୈତିକ ଅବସ୍ଥା ଶୋଚନୀୟ । ପାହାଡ ପର୍ବତ ମଧ୍ୟରେ ରାସ୍ତାର ଅବସ୍ଥା ଆହୁରି ଶୋଚନୀୟ । ଶିକ୍ଷାନୁଷ୍ଠାନ କେତୋଟି ହୋଇଛି; ମାତ୍ର, ସେଇଠି ନିୟମିତ ଶିକ୍ଷକ ରହୁ ନାହାନ୍ତି । ତେଣୁ ଛାତ୍ର ଛାତ୍ରୀମାନେ ଉପଯୁକ୍ତ ଶିକ୍ଷା ପାଇବାରୁ ବଞ୍ଚିତ । ସ୍ୱାସ୍ଥ୍ୟ ଅବସ୍ଥା ଅତି ଶୋଚନୀୟ । ଯେ ବେମାର ପଡିଲେ ତାକୁ ଖଟିଆରେ ଚାରିଜଣ ଲୋକ ବୋହି ୨୦/୩୦ କି.ମି. ଅତିକ୍ରମ କରି ଥୁଆମୂଳ-ରାମପୁର ଅବା ଜୟପାଟଣା ନେଇ ପାରିଲେ ଔଷଧ ଟିକକ ପାଇବା ସମ୍ଭବ ହୋଇଥାଏ । ଏହିଭଳି ଦୁର୍ଗମ ଅଞ୍ଚଳରେ ବିକାଶର ସୁଫଳ ସେମାନଙ୍କ ପାଖକୁ ପହଞ୍ଚିବା ସମ୍ଭବ ହୋଇ ନାହିଁ ।

'ପ୍ରଧାନମନ୍ତ୍ରୀ ସଡକ ଯୋଜନା' ହେବା ପରେ ରାସ୍ତାଘାଟର ଉନ୍ନତି ହୋଇଛି; ମାତ୍ର, ସ୍ୱାସ୍ଥ୍ୟ ଅବସ୍ଥାର ଉନ୍ନତି ହୋଇପାରି ନାହିଁ ।

'କେ.ବି.କେ. ଯୋଜନା' ହେଲା । ଏଥିରେ ବହୁ ଅର୍ଥ ବିନିଯୋଗ ହେଲା । ଶାସନକଳର ପରିଚାଳକଗଣ କେ.ବି.କେ. ଅଞ୍ଚଳରେ ରହି ବିକାଶକୁ ତ୍ୱରାନ୍ୱିତ ନକରି ଭୁବନେଶ୍ୱରରେ ଆରାମରେ ବସିରହିଲେ । ତେଣୁ ଯେଉଁ ଉଦ୍ଦେଶ୍ୟରେ ଯୋଜନା ପ୍ରଣୟନ ହୋଇଥିଲା ତାହା ସମ୍ଭବ ହୋଇ ପାରିଲା ନାହିଁ । ଅର୍ଥ ଖର୍ଚ୍ଚ ହେଲା; ମାତ୍ର, ଲୋକେ ତାର ସୁଫଳ ପାଇ ପାରିଲେ ନାହିଁ । ଏହି ଅବସ୍ଥା ବର୍ତ୍ତମାନ ପର୍ଯ୍ୟନ୍ତ ରହିଛି । କେବେ ସୁଧୁରିବ ତାହା ମଧ୍ୟ ଠିକ୍ ନାହିଁ ।

ବୀରେନ୍ ମିତ୍ରଙ୍କ ସହ ଶେଷ ସାକ୍ଷାତ :

ସେ ଦିନ ବିଧାନସଭା ନ ଥାଏ । ଛୁଟିଦିନ । ମୋର କ୍ୱାର୍ଟରରେ ବସି ବନ୍ଧୁମାନଙ୍କ ସହିତ କଥାବାର୍ତ୍ତା ହେଉଛି । ହଠାତ୍ ଜାନକୀ ବାବୁ ଗାଡି ନେଇ ପହଞ୍ଚିଗଲେ । ଗାଡିରୁ ଓହ୍ଲାଇ ଭିତରକୁ ଚାଲିଆସିଲେ । ନମସ୍କାର ଜଣାଇ ବସିବା ପାଇଁ ଚୌକି ବଢ଼ାଇ ଦେଲି । ମୋତେ କହିଲେ, ''ଯାଅ ତୁମେ ପ୍ରସ୍ତୁତ ହୋଇ

Source: Author, Digitized by PPRACHIN, SOA

ଆସ । କଟକ ଯିବା, ବୀରେନ ମିତ୍ରଙ୍କ ଦେହ ବିଶେଷ ଅସୁସ୍ଥ । ତାଙ୍କୁ ଦେଖି ଆସିବା'' ।

ବୀରେନ ମିତ୍ର ଓଡିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ।

ମୁଁ କୋଠରୀ ଭିତରକୁ ଚାଲିଯାଇ ଶୀଘ୍ର ପ୍ରସ୍ତୁତ ହୋଇ ଫେରି ଆସିଲି । ଗାଡି ଆମର କଟକ ଅଭିମୁଖେ ଆଗେଇ ଚାଲିଥାଏ । କଟକରେ ପହଞ୍ଚି ବୀରେନ ମିତ୍ରଙ୍କ ଘରକୁ ଗଲୁ । ସେ ସେତେବେଳେ ଗୋଟିଏ ଖଟରେ ଶୋଇ ରହିଥାନ୍ତି । ପାଖରେ ତାଙ୍କ ନିଜ ଲୋକମାନେ ବସି ରହିଥାନ୍ତି ।

ମୋତେ ଜାନକୀ ବାବୁ ବୀରେନ ମିତ୍ରଙ୍କ ସହିତ ପରିଚୟ କରାଇଦେଲେ । ''କଳାହାଣ୍ଡିର ପ୍ରସନ୍ନ କୁମାର ବେହେରାଙ୍କ ପୁତ୍ର ରାସବିହାରୀ, କୋକସରା ନିର୍ବାଚନ ମଣ୍ଡଳୀର ବିଧାୟକ'' ।

ଏଇ କଥା ଶୁଣି ତାଙ୍କ ମୁହଁରେ ହସ ଚହଟି ଆସିଲା । ମୋତେ ପାଖକୁ ଡାକି ମୁଣ୍ଡରେ ହାତ ରଖି ଆଶୀର୍ବାଦ କରି କହିଲେ, ''ତୋ' ବାପା, ବଡ ବାପା ସଭିଏଁ ରଜା ବିରୁଦ୍ଧରେ ଲଢ଼ି ହାରିଗଲେ, କିଏ ଜିଣି ପାରିଲେ ନାହିଁ । ଏତେଦିନ ପରେ ତୁ' ଜିଣି ଆସିଛୁ । ଜାଣି ବହୁତ ଖୁସି ହେଲି'' ।

ମୋତେ ପୁଣି କହିଲେ, ''ବାପା, ରାଜନୀତି ବଡ ଜଟିଳ । ସାବଧାନତାର ସହ ବୁଝି ବିଚାରି ଲୋକଙ୍କ ସେବା କରୁଥିବୁ'' ।

ମୋର ବାପା, ବଡ ବାପା ତାଙ୍କର ଅତି ଘନିଷ୍ଠ ଥିଲେ । ବାପାଙ୍କ ସହିତ ଅନେକ ଥର ମୁଁ ଆସି ବୀରେନ ମିତ୍ରଙ୍କ ଦରବାର ଦେଖିଛି । ବିଶେଷତଃ, ରିକ୍‌ସାବାଲାମାନେ ତାଙ୍କ ଅଭାବ ଅସୁବିଧା ଜଣାଇଥାନ୍ତି । କାହାର ଝିଅ ବାହାଘର ଅଛି, ଖର୍ଚ୍ଚ ପାଇଁ ସାହାଯ୍ୟ ମାଗୁଥାଏ ତ କିଏ ତାର ରୋଗିଣା ପୁଅପାଇଁ ଡାକ୍ତର ଦେଇଥିବା ଔଷଦ ଚିଟ୍ ଦେଖାଇ ଅର୍ଥ ସାହାଯ୍ୟ ମାଗୁଥାଏ । ପୁଣି କିଏ କଲେଜରେ ନାମ ଲେଖାଇବା ପାଇଁ ସାହାଯ୍ୟ ମାଗୁଥାଏ । ସଭିଙ୍କ ମନ ମୁତାବକ (ବୀରେନ ମିତ୍ରଙ୍କ ଦରବାରରୁ) ସାହାଯ୍ୟ ପାଇ ସମସ୍ତେ ଖୁସି ମନରେ ଫେରିଯାଉଥାନ୍ତି । କିଏ ମଧ୍ୟ ନିରାଶ ହେଉ ନ ଥାନ୍ତି ।

ବାପା, ବଡବାପାଙ୍କ ସମ୍ବନ୍ଧରେ ଭଲ ମନ୍ଦ ପଚାରି ସେ ମୋ'ଠୁ ଜାଣିଲେ । ରୋଗ ଶଯ୍ୟାରେ ପଡି ଦେହ ଶୀର୍ଣ୍ଣ ହୋଇ ଯାଇଥାଏ । ଅନେକ ସମୟ ମଧ୍ୟ କଥା ହୋଇପାରୁ ନ ଥିଲେ । କ୍ଳାନ୍ତ ହୋଇ ପଡୁଥିଲେ । ସେ କିଛି ସମୟ ଆଖି ବୁଜି ନୀରବ ହୋଇ ଶୋଇ ରହୁଥିଲେ ।

କିଛି କ୍ଷଣପରେ ଜାନକୀ ବାବୁ ଭଲ ମନ୍ଦ ବୁଝି ଯିବା ପାଇଁ ପ୍ରସ୍ତୁତ ହେଲେ । ମୁଁ ମଧ୍ୟ ଯିବା ପାଇଁ ବାହାରିଲି ।

ସେ ମୋ' ହାତ ଧରି କହିଲେ, ''ପୁଅ ! ଯାଉଛୁ କିଛି, ଦେଇ ଯା' ।''

Source: Author, Digitized by PPRACHIN, SOA

ବୀରେନ ମିତ୍ରଙ୍କଠୁ ଏହିଭଳି କଥା ଶୁଣି ମୁଁ ଆଶ୍ଚର୍ଯ୍ୟରେ ଚମକି ପଡିଲି । ଯେଉଁ ବୀରେନ ମିତ୍ର ତାଙ୍କ ଦରବାରରେ ଯେ ଯାହା ସାହାଯ୍ୟ ମାଗିଛି ଅକାତରରେ ତାକୁ ଦାନ କରି ଆସିଛନ୍ତି, ସେହି ବିରେନ ମିତ୍ର ଗରିବର ବନ୍ଧୁ, ଆଜି ମୋତେ କିଛି ଦେଇଯିବା ପାଇଁ କହୁଛନ୍ତି ?

ପିତାର ମୁମୂର୍ଷୁ ଅବସ୍ଥାରେ ପୁତ୍ରର କର୍ତ୍ତବ୍ୟ ମୋ' ମନ ହୃଦୟକୁ ସ୍ପର୍ଶ କଲା । ମୁଁ ମୋର ପକେଟରୁ କାଢ଼ି ଯାହା ମୋ' ପାଖରେ ଥିଲା ତାଙ୍କ ଆଡକୁ ବଢ଼ାଇ ଦେଲି । ପୁଣି ସେ କହିଲେ ଯାହା ଦେଇଯାଉଛୁ ତକିଆ ତଳେ ରଖିଦେଇ ଯାଆ ।

ଦେଇଥିବା ଟଙ୍କା ତକିଆ ତଳେ ରଖିଦେଇ କୋହଭରା ହୃଦୟରେ ପାଦ ସ୍ପର୍ଶ କରି ଫେରି ଆସିଲି ।

ଗରିବର ବନ୍ଧୁ ବୀରେନ ମିତ୍ର, ଓଡିଶାର ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ଆର୍ଥିକ ପରିସ୍ଥିତି ଜାଣି ମୋ' ମନ କେଜାଣି କାହିଁକି ଅସ୍ଥିର ହୋଇ ଉଠିଲା । ଏମାନଙ୍କ ବିରୁଦ୍ଧରେ ରାଜନୈତିକ ପ୍ରତିହିଂସାରେ କେତେ କଳଙ୍କର ଛିଟା ବୋଳା ନ ଯାଇଛି । ମାତ୍ର, ଆଜି ସେହି ବ୍ୟକ୍ତି ନିଃସ୍ୱ । ଔଷଧ ଖର୍ଚ୍ଚ ମଧ୍ୟ ତୁଲାଇବା ପାଇଁ କ୍ଷମ ନୁହନ୍ତି ।

କିଛି ଦିନ ପରେ ଖବର ପାଇଲୁ, ବୀରେନ ମିତ୍ର ସମସ୍ତଙ୍କୁ ଶୋକ ସାଗରରେ ଭସାଇ ଇହଧାମ ତ୍ୟାଗ କରିଛନ୍ତି । ଦୁଃସମ୍ବାଦ ଶୁଣି ଜାନକୀ ବାବୁଙ୍କ ସହ କଟକ ଯାଇ ତାଙ୍କ ଶେଷ ଦର୍ଶନ କରିଥିଲି । ଚକ୍ଷୁ ମୋର ଛଳଛଳ ହୋଇ ଉଠିଲା ।

ବିଧାନସଭାରେ ଓଡିଶା ଅଲମ୍ପିକ୍ ଏସୋସିଏସନ୍ ପ୍ରସଙ୍ଗ :

ବିଧାନ୍‌ସଭା ଗୃହରେ ବିରୋଧୀ ଦଳର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ । ଆମେ ସେତେବେଳେ ସଂଖ୍ୟାରେ କମ୍ ଥିଲେ ମଧ୍ୟ (୨୬ଜଣ ସଦସ୍ୟ) ବିଧାନସଭାରେ ଯୁକ୍ତିଯୁକ୍ତ ଭାବରେ ଆମର ମତ ଉପସ୍ଥାପନ କରି ସରକାରଙ୍କୁ ବହୁ ଭାବରେ ପ୍ରଭାବିତ କରିବାରେ କ୍ଷମ ହୋଇଥିଲୁ । କୌଣସି ସଭ୍ୟ ତାଙ୍କର ଅକାଟ୍ୟ ଯୁକ୍ତି, ଉପସ୍ଥାପନ କରିବା ଶୈଳୀ, ଗମ୍ଭୀର ଶବ୍ଦ ସଂଯୋଜନା ମାଧ୍ୟମରେ ସମସ୍ୟାର ଉପସ୍ଥାପନ କଲେ ସରକାର ତାକୁ ଗ୍ରହଣ କରିବା ପାଇଁ ବାଧ୍ୟ ହୋଇଥାନ୍ତି ।

ବିରୋଧୀ ଦଳର କର୍ତ୍ତବ୍ୟ କେବଳ ପ୍ରତ୍ୟେକ କଥାକୁ ବିରୋଧ କରିବା ନୁହେଁ । ଆବଶ୍ୟକ ପଡିଲେ ରାଜ୍ୟର ସ୍ୱାର୍ଥ ଦୃଷ୍ଟିରୁ ସରକାରଙ୍କ ସହ ସହମତ ହୋଇ ସହଯୋଗର ହାତ ବଢ଼ାଇବା ଆବଶ୍ୟକ । ଏହାଦ୍ୱାରା ବିରୋଧୀଦଳର ଗୁରୁତ୍ୱ ବଢ଼ିଥାଏ । ଫଳରେ ଜନସାଧାରଣଙ୍କ ମଧ୍ୟରେ ତାହା ପ୍ରଭାବ ବିସ୍ତାର କରେ ଓ ବିରୋଧୀଦଳ ଉପକୃତ ହୋଇଥାଏ ।

Source: Author, Digitized by PPRACHIN, SOA

ଜନତା ଦଳର ସରକାର ଶାସନରେ ଥାନ୍ତି । ସରକାର ପରିବର୍ତ୍ତନ ହୋଇଥିବାରୁ ଅଲମ୍ପିକ ଏସୋସିଏସନ ଉପରେ ସରକାରଙ୍କ ବକ୍ର ଦୃଷ୍ଟି ପଡିଥାଏ ।

'ଓଡିଶା ଅଲମ୍ପିକ୍ ଏସୋସିଏସନ୍'କୁ ଭାଙ୍ଗିଦେଇ ସରକାର ନିଜ ହାତକୁ ନେବା ପାଇଁ ଚିନ୍ତା କରୁଥାନ୍ତି ।

ଅତୀତରେ ମଧ୍ୟ ସରକାର ପରିବର୍ତ୍ତନ ହେବା ସଙ୍ଗେ ସଙ୍ଗେ ଅଲମ୍ପିକର ବାରବାଟୀ ଲଟେରୀକୁ ବନ୍ଦ କରିଦେବା ଫଳରେ ଅଲମ୍ପିକର ଆର୍ଥିକ କ୍ଷତି ଘଟିଲା । କ୍ରୀଡା କ୍ଷେତ୍ରରେ ଅଲମ୍ପିକ ଯେଉଁ କାର୍ଯ୍ୟକ୍ରମ ଗ୍ରହଣ କରିଛି ତାହା ଧିମେଇ ଗଲା । ସରକାରଙ୍କ ଆର୍ଥିକ ପରିସ୍ଥିତି ଭଲ ନ ଥିବା ଦୃଷ୍ଟିରୁ ସେ ଜିଲ୍ଲା କ୍ରୀଡା ଅନୁଷ୍ଠାନମାନଙ୍କୁ ଆର୍ଥିକ ସାହାଯ୍ୟ ସହଯୋଗ ପ୍ରଦାନ କରିପାରୁ ନ ଥିଲେ । ତେଣୁ ସମୟ ସମୟରେ ସରକାର ମଧ୍ୟ ଦିଅଁ ଗଢୁ ଗଢୁ ମାଙ୍କଡ ଗଢ଼ିବାରେ ଲାଗିଥାନ୍ତି ।

ବର୍ତ୍ତମାନ ନୂତନ ସରକାରଙ୍କ ଆଗମନ ଫଳରେ ସେ ମଧ୍ୟ ଓଡିଶା ଅଲମ୍ପିକ ଉପରେ ଶ୍ୟେନ ଦୃଷ୍ଟି ପକାଇଛନ୍ତି ।

ସରକାରୀ ଦଳର ଜଣେ ମାନ୍ୟବର ସଦସ୍ୟ ଅଧଘଣ୍ଟା (ହାପ୍ ଏନ୍ ଆୱାର) ନୋଟିସ୍ ଦେଇ ଆଲୋଚନା ପାଇଁ ବାଚସ୍ପତିଙ୍କୁ ଲିଖିତ ଭାବରେ ଜଣାଇଲେ । ନିର୍ଦ୍ଦିଷ୍ଟ ଦିନରେ ଆଲୋଚନା ପାଇଁ ବାଚସ୍ପତିଙ୍କ ନିର୍ଦ୍ଦେଶ କ୍ରମେ ତାହା ଦୈନିକ ସୂଚୀରେ ସ୍ଥାନ ପାଇଲା ।

ସରକାରଙ୍କ ଆଭିମୁଖ୍ୟ ଉପରେ ମୁଁ ଆଭାସ ପାଇଥାଏ । ଅଲମ୍ପିକ ଉପରେ ଅଧଘଣ୍ଟା ଆଲୋଚନା ପାଇଁ ସମୟ ନିର୍ଦ୍ଧାରଣ ହୋଇଯାଇଛି । ତେଣୁ କିପରି ଆଲୋଚନାରେ ଭାଗ ନେଇ ପାରିବି ସେଥିପାଇଁ ମଧ୍ୟ ଉଦ୍ୟମ କଲି ।

ବାଚସ୍ପତି ମହାଶୟଙ୍କୁ ତାଙ୍କ ଚେମ୍ବରରେ ଯାଇ ଦେଖାକଲି ଏବଂ ଲିଖିତ ଆକାରରେ ଜଣାଇଲି ।

ସତ୍ୟପ୍ରିୟ ମହାନ୍ତି ବିଧାନ ସଭାର ମାନ୍ୟବର ବାଚସ୍ପତି ଥାଆନ୍ତି । ସେ ମୋର ଦରଖାସ୍ତ ପଢ଼ି କହିଲେ, "ନିୟମ ମୁତାବକ ତୁମେ କହିପାରିବ ନାହିଁ । ଯଦି ମାନ୍ୟବର ସଦସ୍ୟ ତାଙ୍କ ବକ୍ତବ୍ୟ ୧୫ ମିନିଟ୍‌ରୁ କମ୍ ଦେବେ, ସେହି ବଳକା ସମୟ ତୁମକୁ ପ୍ରଶ୍ନ କରିବା ପାଇଁ ସୁଯୋଗ ଦେବି । ଅବଶିଷ୍ଟ ୧୫ ମିନିଟ ବିଭାଗୀୟ ମନ୍ତ୍ରୀ ତାଙ୍କର ଉତ୍ତର ପ୍ରଦାନ କରିବେ" ।

ନିର୍ଦ୍ଦିଷ୍ଟ ଦିନ ଏବଂ ସମୟରେ ଅଧଘଣ୍ଟା ଆଲୋଚନା ଆରମ୍ଭ ହେଲା । ସରକାରୀ ଦଳର ମାନ୍ୟବର ସଦସ୍ୟ ତାଙ୍କ ବକ୍ତବ୍ୟ ଉପସ୍ଥାପନ କଲେ ।

"ବାଚସ୍ପତି ମହାଶୟ, 'ଓଡିଶା ଅଲମ୍ପିକ୍ ଏସୋସିଏସନ୍' କିଛି ଲୋକଙ୍କ

Source: Author, Digitized by PPRACHIN, SOA

ଆଡ୍‌ଡାସ୍ଥଳୀରେ ପରିଣତ ହୋଇଛି । ଅର୍ଥର ଅସଦ୍ ବ୍ୟବହାର କରାଯାଉଛି । ସେଠି ଖେଳର ବିକାଶ ପାଇଁ କୌଣସି କାର୍ଯ୍ୟକ୍ରମ ନାହିଁ । ବର୍ତ୍ତମାନ ବାରବାଟୀ ଷ୍ଟାଡିୟମରେ କେବଳ କାଉ ଉଡୁଛନ୍ତି । ତେଣୁ ତୁରନ୍ତ 'ଓଡିଶା ଅଲମ୍ପିକ୍ ଏସୋସିଏସନ୍'କୁ ଭାଙ୍ଗି, ସରକାର ନିଜ ହାତକୁ ନେଇ ଓଡିଶାରେ କ୍ରୀଡାର ବିକାଶ କରନ୍ତୁ । ସେଥିରେ ହିଁ ଓଡିଶାର ମଙ୍ଗଳ ହେବ''।

ଏତକ କହି ପ୍ରାୟ ସାତ ମିନିଟରେ ସରକାରୀ ଦଳର ସଦସ୍ୟ ତାଙ୍କ ଭାଷଣ ଶେଷ କରିଦେଲେ । ମୁଁ ବାଚସ୍ପତି ମହାଶୟଙ୍କ ଆଡକୁ ଅନାଇ ହାତ ଟେକି ମୋତେ କହିବାକୁ ସୁଯୋଗ ଦେବାପାଇଁ ଦୃଷ୍ଟି ଆକର୍ଷଣ କଲି ।

ସରକାରୀ ଦଳର ସଦସ୍ୟମାନେ ମୋତେ କହିବା ପାଇଁ ବିରୋଧ କଲେ ।

ବାଚସ୍ପତି ମହାଶୟ ''ସାଇଲେନ୍ସ ପ୍ଲିଜ'' କହି ପାଟିତୁଣ୍ଡ ନ କରିବା ପାଇଁ ନିର୍ଦ୍ଦେଶ ଦେଲେ ।

ବାଚସ୍ପତି ମହାଶୟ କହିଲେ, ''ନିୟମ ମୁତାବକ ମାନ୍ୟବର ବିଧାୟକ ମୋତେ ଆଗରୁ ଲିଖିତ ଆକାରରେ ଜଣାଇଛନ୍ତି । ତେଣୁ ମାନ୍ୟବର ବିଧାୟକଙ୍କ ବଳିଥିବା ସମୟ ମଧ୍ୟରେ ସେ ପ୍ରଶ୍ନ ଛଳରେ ତାଙ୍କ ମତ ଉପସ୍ଥାପନ କରିବେ । ତା' ପରେ ମାନ୍ୟବର ମନ୍ତ୍ରୀ ତାଙ୍କ ଉତ୍ତର ରଖିବେ'' ।

ବାଚସ୍ପତି ମହାଶୟଙ୍କଠୁ ଏତକ ଶୁଣିଲାପରେ ସଭିଏଁ ନୀରବ ହୋଇଗଲେ । ମୁଁ ମୋର ବକ୍ତବ୍ୟ ଆରମ୍ଭ କଲି ।

''ବାଚସ୍ପତି ମହାଶୟ... ସରକାରୀ ଦଳର ମାନ୍ୟବର ବିଧାୟକ ତାଙ୍କ ଅଭିଭାଷଣରେ 'ଓଡିଶା ଅଲମ୍ପିକ୍ ଏସୋସିଏସନ୍'କୁ ଭାଙ୍ଗି ସରକାର ହାତକୁ ନେଇଯିବା ଭଳି ଯୁକ୍ତି ପ୍ରକାଶ କରିବା ନିତାନ୍ତ ଅସଙ୍ଗତ ଏବଂ ଦୁର୍ଭାଗ୍ୟ ଜନକ । 'ଓଡିଶା ଅଲମ୍ପିକ୍ ଏସୋସିଏସନ୍' ଏକ 'ଅଟୋନୋମସ ଅର୍ଗାନାଇଜେସନ' ଏବଂ 'ଜାତୀୟ ଅଲମ୍ପିକ୍ ଏସୋସିଏସନ୍' ସହ ସଂଶ୍ଳିଷ୍ଟ । ତେଣୁ ସରକାରଙ୍କ ହସ୍ତକ୍ଷେପ ଏ ରାଜ୍ୟ ପାଇଁ ତଥା ଅଗଣିତ କ୍ରୀଡାପ୍ରେମୀଙ୍କ ପାଇଁ ଦୁର୍ଭାଗ୍ୟ ଜନକ ହେବ । ବାରବାଟୀ ଷ୍ଟାଡିୟମ୍‌ରେ ଖେଳ ହେଉ ନାହିଁ । ତେଣୁ ସେଠି କାଉ' ଉଡୁଥିବା ପ୍ରସଙ୍ଗ ସଂପୂର୍ଣ୍ଣ ଅସତ୍ୟ ଅଟେ । କଟକର ବାରବାଟୀ ଷ୍ଟାଡିୟମରେ ବର୍ତ୍ତମାନ ସର୍ବଭାରତୀୟ ଟେନିସ୍ ପ୍ରତିଯୋଗିତା ଚାଲିଛି । ଦେଶର ବହୁ ରାଜ୍ୟର ଟେନିସ୍ ଖେଳାଳିମାନେ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ୪ଟି ଟେନିସ୍ କୋର୍ଟରେ ପ୍ରତିଯୋଗିତା ଚଳାଇଛନ୍ତି ।

ଓଡିଶା ଅଲମ୍ପିକ ସେକ୍ରେଟାରୀ ଭୈରବ ଚନ୍ଦ୍ର ମହାନ୍ତି, ଏ ରାଜ୍ୟର ମନ୍ତ୍ରୀପଦ ତ୍ୟାଗ କରି ଓଡିଶାରେ ଖେଳ ଓ କ୍ରୀଡାର ବିକାଶରେ ନିଜର ସମସ୍ତ ଶକ୍ତି, ସାମର୍ଥ୍ୟକୁ

Source: Author, Digitized by PPRACHIN, SOA

ବିନିଯୋଗ କରି ଓଡିଶାର ଗର୍ବ ଏବଂ ଗୌରବ ବାରବାଟୀ ଷ୍ଟାଡିୟମ୍ ନିର୍ମାଣ କରିବାରେ ମୁଖ୍ୟ ଭୂମିକା ନିଭାଇଛନ୍ତି । ବାରବାଟୀ ଷ୍ଟାଡିୟମର ଲନ୍ (ସବୁଜ ଘାସ) ଏବେ ମଧ୍ୟ ବିଶ୍ୱର ଶ୍ରେଷ୍ଠ ଲନ୍ ରୂପେ ଗଣ୍ୟ ହେଉଛି । ଲର୍ଡ, କାଳିଚରଣ ପ୍ରଭୃତି ୱେଷ୍ଟ ଇଣ୍ଡିଜ କ୍ରିକେଟ ଖେଳାଳିମାନେ ଆନ୍ତର୍ଜାତିକ କ୍ରିକେଟ୍ ମ୍ୟାଚ ସମୟରେ ବାରବାଟୀର ଭୂୟସୀ ପ୍ରଶଂସା କରିଛନ୍ତି । ସେମାନେ ଭୈରବ ମହାନ୍ତିଙ୍କ ସାଙ୍ଗଠନିକ ଦକ୍ଷତା ଦେଖି, ବାରବାଟୀର ନାମ ପରିବର୍ତ୍ତନ କରି ଭୈରବ ଚନ୍ଦ୍ର ଷ୍ଟାଡିୟମ କରିବା ପାଇଁ ମଧ୍ୟ ପରାମର୍ଶ ଦେଇଥିଲେ ।

ଉତ୍ତରରେ ଭୈରବ ମହାନ୍ତି କହିଥିଲେ, ''ବାରବାଟୀ ଓଡିଶାର ଅତୀତର ଗୌରବ ବହନ କରିଛି । ତେଣୁ ବାରବାଟୀ ଆମ ଜାତୀୟ ଭାବନାର ଅଂଶ ବିଶେଷ । ତେଣୁ ନାମ ପରିବର୍ତ୍ତନ ଆମ ଜାତୀୟ ଭାବନାରେ ଆଘାତ ପହଞ୍ଚାଇବ'' ।

ଏହିଭଳି ଜଣେ ବ୍ୟକ୍ତିତ୍ୱ ସଂପନ୍ନ ଲୋକ, ଯେ କି କ୍ରୀଡା ପାଇଁ ତାଙ୍କର ସମସ୍ତ ଶକ୍ତି ଓ ସମୟକୁ ସମ୍ପୂର୍ଣ୍ଣ ଭାବରେ ବିନିଯୋଗ କରିଛନ୍ତି, ସେଭଳି ବ୍ୟକ୍ତିଙ୍କ ବିରୁଦ୍ଧରେ ଚରିତ୍ର ସଂହାର, ଆମର କଙ୍କଡା ପ୍ରକୃତିକୁ ମନେ ପକାଇ ଦେଉଛି । ଜଣେ ଉପରକୁ ଚଢ଼ିଲେ ତାକୁ ତଳକୁ ଟାଣି ଆଣିବା ପ୍ରକୃତି ହିଁ ଏଠି ପ୍ରତିଫଳିତ ହେଉଛି । ଏହା ଘୋର ଦୁର୍ଭାଗ୍ୟ ଜନକ ।

ମୁଁ ରାଜ୍ୟ ସରକାରଙ୍କୁ ପୁନର୍ବାର ଚେତାଇ ଦେବାକୁ ଚାହୁଁଛି ଯେ, ଅଟୋନୋମସ୍ ଅର୍ଗାନାଇଜେସନ୍‌ରେ ରାଜନୈତିକ ଉଦ୍ଦେଶ୍ୟ ମୂଳକ ହସ୍ତକ୍ଷେପକୁ ଓଡିଶାର ଅଗଣିତ କ୍ରୀଡାପ୍ରେମୀ, ଖେଳାଳି କଦାପି ବରଦାସ୍ତ କରିବେ ନାହିଁ । ଯଦି ସରକାରଙ୍କ 'ଓଡିଶା ଅଲମ୍ପିକ ଏସୋସିଏସନ'ର ଆର୍ଥିକ ବିଶୃଙ୍ଖଳା ଉପରେ କୌଣସି ସନ୍ଦେହ ଅଛି, ତେବେ ସରକାର ସ୍ପେଶାଲ ଅଡିଟ କରି ସ୍ପଷ୍ଟ ଚିତ୍ର ଜାଣି ପାରିବେ ।

ଭାବପ୍ରବଣ ଅବା ଦୂରଭିସନ୍ଧି ରଖି ଗୋଟିଏ କ୍ରୀଡା ଅନୁଷ୍ଠାନକୁ ବଦନାମ କରିବା ଶୋଭନୀୟ ନୁହେଁ'' ।

ମୋର ସମୟ ଶେଷ ହୋଇଯାଇଥାଏ ।

ବାଚସ୍ପତି ମହାଶୟ ମାନ୍ୟବର କ୍ରୀଡା ଓ ଯୁବ କଲ୍ୟାଣ ମନ୍ତ୍ରୀଙ୍କୁ ତାଙ୍କର ଉତ୍ତର ପ୍ରଦାନ ପାଇଁ ଡାକିଲେ ।

ମାନ୍ୟବର ମନ୍ତ୍ରୀ ଉଠି ତାଙ୍କ ଅଭିଭାଷଣରେ ସ୍ପଷ୍ଟ କହିଲେ, ''ସରକାରଙ୍କ କୌଣସି ଆଭିମୁଖ୍ୟ ନାହିଁ, ଅଟୋନୋମସ୍ ଅର୍ଗାନାଇଜେସନ୍‌ରେ ହସ୍ତକ୍ଷେପ କରି ନିଜ ହାତକୁ ନେବାପାଇଁ । ମାନ୍ୟବର କୋକସରା ବିଧାୟକ ଓଡିଶା ଅଲମ୍ପିକ୍ ସମ୍ବନ୍ଧରେ ଅନେକ ସୁଚିନ୍ତିତ ମତାମତ ପ୍ରଦାନ କରିଛନ୍ତି । ମୁଁ ତାଙ୍କ ମତ ସହ ସହମତ । ତାଙ୍କ

Source: Author, Digitized by PPRACHIN, SOA

ପରାମର୍ଶ ଅନୁଯାୟୀ ଆବଶ୍ୟକ ପଡ଼ିଲେ, ଆମେ ସ୍ୱତନ୍ତ୍ର ଅଡିଟ କରିବୁ । ମାତ୍ର, ବର୍ତ୍ତମାନ ସରକାରଙ୍କ ସେହିଭଳି କୌଣସି କାର୍ଯ୍ୟକ୍ରମ ନାହିଁ । ଓଡିଶାର କ୍ରୀଡାର ବିକାଶ ପାଇଁ ସରକାର ସମସ୍ତ ସାହାଯ୍ୟ ସହଯୋଗ ପ୍ରଦାନ କରିବା ପାଇଁ ବଚନବଦ୍ଧ''

ଅଧଘଣ୍ଟା ଆଲୋଚନା ଶେଷ ହୋଇଗଲା । ବିଧାନସଭା କକ୍ଷ ମଧ୍ୟରେ ଏକ ଆଶା ଆକାଂକ୍ଷା, ଉତ୍କଣ୍ଠା ମଧ୍ୟରେ ଅପେକ୍ଷାରତ ବିଧାୟକଗଣ, ଓଡିଶା ଅଲମ୍ପିକ୍ ସମ୍ବନ୍ଧରେ ମୋର ସ୍ପଷ୍ଟ ମତ ଶୁଣି ଏବଂ ମୋର ମତକୁ ସରକାର ଖଣ୍ଡନ ନ କରି ଗ୍ରହଣ କରି ନେଇଥିବା ଯୋଗୁଁ ଅନେକ ସରକାରୀ ଏବଂ ବିରୋଧୀଦଳ ବିଧାୟକ ମୋ' ସହିତ ହାତ ମିଳାଇ ଅଭିନନ୍ଦନ ଜଣାଇଲେ । ଅନେକ ଖେଳପ୍ରେମୀ ବିଧାୟକ ସନ୍ତୋଷ ପ୍ରକାଶ କଲେ ।

ଅନେକେ ଜାଣି ନ ଥିଲେ ଯେ, ମୁଁ ଜଣେ କ୍ରୀଡାବିତ୍, କ୍ରୀଡା ସଂଗଠକ ଏବଂ ଅଲମ୍ପିକ୍ ଏସୋସିଏସନ୍‌ର ଜଣେ ସକ୍ରିୟ ସଦସ୍ୟ ବୋଲି । ଏ କ୍ଷେତ୍ରରେ ମୋର ଅନୁଭୂତି, ଅଭିଜ୍ଞତା ମୋତେ ବାରବାଟୀ ଷ୍ଟାଡିୟମ ଏବଂ ଖେଳ ସମ୍ବନ୍ଧରେ ସ୍ପଷ୍ଟ ମତ ଉପସ୍ଥାପନ କରିବାରେ ସହାୟକ ହୋଇଥିଲା ।

ବିଧାନସଭା କାର୍ଯ୍ୟ ଶେଷ ହେଲା ପରେ, ମୋର କ୍ୱାର୍ଟରକୁ ଫେରିଆସି ଅନ୍ୟମାନଙ୍କ ସହ ଆଲୋଚନାରେ ରତ ଥାଏ । ମୋ' ପାଖରେ ମୋ' ଅଞ୍ଚଳର ତିନିଜଣ ଯୁବକ ରହି ପଢ଼ାପଢ଼ି କରୁଥାନ୍ତି । ଜଣେ କଳମପୁର ବ୍ଲକର ବୀରକିଶୋର ପଣ୍ଡା, ଅନ୍ୟଜଣେ ଅକ୍ଷୟ ମୁଣ୍ଡ, ତୃତୀୟ ଜଣକ ହେଲେ ଯୋଗୀନ୍ଦ୍ର ପଟ୍ଟଯୋଷୀ । ପରେ ବୀର ପଣ୍ଡା ଓ.ଏ.ଏସ୍. ପାଇ ସରକାରୀ ଚାକିରୀରେ ଯୋଗଦେଲେ ଏବଂ ଅନ୍ୟ ଦୁଇଜଣ ଆଇନ କଲେଜର ଅଧ୍ୟାପକ ହେଲେ ।

ରାତ୍ର ଆଠ ଘଣ୍ଟା ହେବ, ମୋର କ୍ୱାର୍ଟର ସମ୍ମୁଖରେ ଏକ ଗାଡି ଅଟକିଲା । ଗାଡିରୁ ଭୈରବ ବାବୁ ଅଲମ୍ପିକ ସେକ୍ରେଟାରୀ, ବିଭୂତି ଭୂଷଣ ଦାସ ଯୁଗ୍ମ ସମ୍ପାଦକ ଏବଂ କୈଳାସ ବାବୁ ଓହ୍ଲାଇ ଆସି ମୋତେ କୁଣ୍ଢାଇ କହିଲେ, ''ରାସବିହାରୀ ! ତୁମେ ଆଜି ଆମ ଅଲମ୍ପିକ୍‌ର ମାନ ସମ୍ମାନ ବଞ୍ଚାଇ ଦେଲ'' ।

ସେତେବେଳେ ଟି.ଭି. ପ୍ରଚଳନ ହୋଇ ନ ଥାଏ । ସନ୍ଧ୍ୟା ଘ.୬.୪୫ମି. ରେ ଆଞ୍ଚଳିକ ସମ୍ବାଦ ରେଡିଓରେ ପରିବେଷଣ ହେଉଥାଏ । ମାନ୍ୟବର ମନ୍ତ୍ରୀ, ବିଧାୟକଙ୍କ ଅକାଟ୍ୟ ଯୁକ୍ତି ଶୁଣିବାପରେ ଅଟୋନୋମସ୍ ଅର୍ଗାନାଇଜେସନ୍‌କୁ ହସ୍ତକ୍ଷେପ କରିବା ପାଇଁ ସରକାରଙ୍କ କୌଣସି ଅଭିପ୍ରାୟ ନାହିଁ ବୋଲି ମତ ପୋଷଣ କରି ବିଧାୟକ ରାସବିହାରୀ ବେହେରାଙ୍କ ମତ ସହ ସହମତ ପ୍ରଦାନ କରିଥିଲେ । ରେଡିଓରୁ ଏଭଳି ମନ୍ତ୍ରୀଙ୍କ ମତ ଏବଂ ମୋର ମତ ଶୁଣିଲାପରେ ଅଲମ୍ପିକ୍ କର୍ମକର୍ତ୍ତାମାନେ ଆସି ମୋତେ

Source: Author, Digitized by PPRACHIN, SOA

ଅଭିନନ୍ଦନ ଜଣାଇଥାନ୍ତି । ମୋର ଯୁବକ ବନ୍ଧୁମାନେ ସମସ୍ତଙ୍କୁ ବସିବା ପାଇଁ କହି, ନମସ୍କାର ଜଣାଇ ସେମାନଙ୍କ ପାଇଁ ଚାହା ବ୍ୟବସ୍ଥା କଲେ ।

ଭୈରବ ବାବୁ କହିଲେ, ଆମେ ତ ଜାଣି ନ ଥିଲୁ, ''ତୁମେ ଆଲୋଚନାରେ ଅଂଶ ଗ୍ରହଣ କରୁଛ ବୋଲି''?

ମୁଁ କହିଲି, ''ଯେଉଁ ବିଧାୟକ ମହାଶୟ ଅଧଘଣ୍ଟା ଆଲୋଚନା ପାଇଁ ନୋଟିସ୍ ଦେଇଥିଲେ, ତାଙ୍କ ୧୫ ମିନିଟ୍ ମଧ୍ୟରୁ ୭ ମିନିଟ ବଳିଗଲା । ସେହି ସମୟ ଟିକକ ମୋତେ ମିଳିଲା । ମୁଁ ଆଗରୁ ବାଚସ୍ପତି ମହାଶୟଙ୍କୁ ଲିଖିତ ଭାବରେ ଜଣାଇ ସାରିଥିଲି ମୁଁ ବି ଆଶା କରି ନ ଥିଲି, ମୋତେ ସମୟ ମିଳିବ ବୋଲି । ମାତ୍ର ଅଲମ୍ପିକ୍ ସମ୍ବନ୍ଧରେ ଯେଉଁ ବିଧାୟକମାନଙ୍କ ସାଧାରଣ ଧାରଣା ନ ଥାଏ, ୧୫ ମିନିଟ କହିବା ସମ୍ଭବ ନୁହେଁ । ସେଥିପାଇଁ ମୋତେ ସୁଯୋଗ ମିଳିଗଲା । ସେହି ବଳକା ସମୟର ମୁଁ ସଦ୍‌ବିନିଯୋଗ କରିପାରିଲି'' ।

ଆମ ଆଲୋଚନା ଚାଲିଥାଏ, ଚାହା ଆସି ପହଞ୍ଚିଗଲା । ମୁଁ ଇସାରା କଲି ଡ୍ରାଇଭରକୁ ମଧ୍ୟ ଚାହା ଦେବାପାଇଁ । ଚାହା ପିଇବା ସମୟରେ ମୁଁ କହିଲି, ''ଅଲମ୍ପିକ୍ ପରିଚାଳନାରେ ସବୁ ଦିଗରୁ ସତର୍କତାର ସହ କାର୍ଯ୍ୟ କରିବାକୁ ପଡିବ'' ।

ଭୈରବ ବାବୁ କହିଲେ, ''ସରକାରଙ୍କ ଆଭିମୁଖ୍ୟ ଥିଲା ଅନ୍ୟ ପ୍ରକାର । ମାତ୍ର ତୁମେ ଅଲମ୍ପିକ୍ ସମ୍ବନ୍ଧରେ ତୁମ ଅନୁଭୂତିକୁ ଯୁକ୍ତିଯୁକ୍ତ ଭାବରେ ଉପସ୍ଥାପନ କରିବା ଫଳରେ ସରକାର ମଧ୍ୟ ତାଙ୍କ କାର୍ଯ୍ୟ ଓ ଚିନ୍ତାରେ ପରିବର୍ତ୍ତନ ଆଣିବା ପାଇଁ ବାଧ ହେଲେ'' ।

ଅନେକ କଥା ଆମ ଆଲୋଚନା ପରିସରକୁ ଆସିଗଲା । ଏମିତି କିଛି ସମୟ ଭଲମନ୍ଦ କଥା ହେବାପରେ ସେମାନେ ପୁଣି କଟକ ଫେରିଗଲେ ।

ଗାଡି ପାଖକୁ ଭୈରବ ବାବୁ ଏବଂ ଅନ୍ୟମାନଙ୍କୁ ଛାଡିବା ପାଇଁ ଗଲାବେଳକୁ, ଡ୍ରାଇଭର ମୋତେ ନମସ୍କାର ଜଣାଇ କହିଲେ, ''ଗତ ଅଲମ୍ପିକ୍ ନିର୍ବାଚନ ସମୟରେ ସାର୍ ଯଦି ଆଗକୁ ବାହାରି ନ ଥାନ୍ତେ, ଇମରଜେନ୍ସି ବେଳରେ କିଏ ବାହାରିବାକୁ ସାହାସ କରି ନ ଥାନ୍ତେ । ମୁଁ ତ ସାର୍‌ମାନଙ୍କୁ ଗାଡିରେ ବସାଇ ବିଭିନ୍ନ ଜିଲ୍ଲାକୁ ଯାଇଛି, ଆଜି ସେହିଭଳି ସାର୍ ଅଲମ୍ପିକ୍‌ର ମହତ ରଖିଦେଲେ'' ।

ବିଭୁତି ବାବୁ, କୈଳାସ ବାବୁ ଡ୍ରାଇଭରକୁ ସମର୍ଥନ ଜଣାଇ ସବୁକଥା ତାଙ୍କୁ ଜଣା କହି, ସଭିଏଁ ଖୁସିରେ ହସି ଉଠିଲେ ।

ଏହିଭଳି କଥାବାର୍ତ୍ତା ହୋଇ ସମସ୍ତଙ୍କୁ ବିଦାୟ ଦେଲି ।

Source: Author, Digitized by PPRACHIN, SOA

ମୁଖ୍ୟମନ୍ତ୍ରୀଙ୍କ ଅନୁରୋଧ ରହିଲା :

ମୁଁ ସି. ଏଲ୍. ପି. (କଂଗ୍ରେସ ଲେଜିସ୍ଲେଟିଭ ପାର୍ଟି)ର ସେକ୍ରେଟାରୀ ଦାୟିତ୍ୱରେ ଥାଏ । ଆମ ଦଳର ହୁଇପ୍ ମହାଶୟ ବିଧାନସଭାକୁ ନିୟମିତ ଆସନ୍ତି ନାହିଁ । ଆସିଲେ କିଛି ସମୟ ବସି ଚାଲିଯାଆନ୍ତି । କୋରାପୁଟ ବିଧାୟକ ଡମ୍ବରୁଧର ମାଝୀ ହୁଇପ୍ ଥା'ନ୍ତି । ହୁଇପ୍ଙ୍କ ଅନୁପସ୍ଥିତିରେ ମୁଁ ମଧ ତାଙ୍କ କାମ ତୁଲାଇ ନେଉଥାଏ । ସରକାରୀ ଦଳର ହୁଇପ୍ଙ୍କୁ 'ଚିଫ୍ ହୁଇପ୍' କହନ୍ତି ଏବଂ ବିରୋଧୀ ଦଳର ହୁଇପ୍ କେବଳ 'ହୁଇପ୍' ପଦବାଚ୍ୟ ହୁଅନ୍ତି । ସେମାନେ ଦଳର ଶୃଙ୍ଖଳା ରକ୍ଷା କରିବା ସହିତ ବାଚସ୍ପତି ମହାଶୟଙ୍କ ସହ ଆଲୋଚନା ପାଇଁ ଉଭୟ ହୁଇପ୍ ସହମତ ହୋଇ କୌଣସି ଅସମ୍ମତ ଘଟଣାର ସମାଧାନ କଲେ ଦୈନିକ କାର୍ଯ୍ୟ ସୂଚୀରେ ସ୍ଥାନ ଦିଆଯାଇଥାଏ । ତେଣୁ ସରକାରୀ ଦଳର ହୁଇପ୍ ଏବଂ ବିରୋଧୀ ଦଳର ହୁଇପ୍ଙ୍କ ଦାୟିତ୍ୱ ଗୁରୁତ୍ୱପୂର୍ଣ୍ଣ । ମାତ୍ର, ମୁଁ ସମୟ ସମୟରେ ସେକ୍ରେଟାରୀ ଦାୟିତ୍ୱ ଏବଂ ହୁଇପ୍ ଦାୟିତ୍ୱ ତୁଲାଇ ନେଉଥାଏ । ବିରୋଧୀ ଦଳର ସଭ୍ୟମାନଙ୍କ ସଭା, ବିରୋଧୀ ଦଳର ନେତାଙ୍କ ପରାମର୍ଶରେ ସେକ୍ରେଟାରୀ ନୋଟିସ ଜାରି କରିବେ । ମିଟିଙ୍ଗର ପ୍ରୋସିଡିଙ୍ଗ୍ସ୍ ଲେଖି ସଭ୍ୟମାନଙ୍କ ଦସ୍ତଖତ ପ୍ରଭୃତି ନେବେ । ବିଧାନସଭାରେ ସଭ୍ୟମାନେ ଉପସ୍ଥିତ ରହିବା ପାଇଁ, ଭୋଟରେ ଅଂଶଗ୍ରହଣ ପାଇଁ ହୁଇପ୍ ଜାରି କରିବା କାମ ହୁଇପ୍ଙ୍କର ।

ବିଧାନସଭାର ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା ।

କୋଣାର୍କ ମନ୍ଦିରର କାରୁକାର୍ଯ୍ୟ ଏବଂ ପଥରରେ ଖୋଦିତ ଚିତ୍ରଶିଳ୍ପର ସୌନ୍ଦର୍ଯ୍ୟର ଆକର୍ଷଣରେ ପୃଥିବୀର ବିଭିନ୍ନ ଦେଶରୁ ଲକ୍ଷ ଲକ୍ଷ ପର୍ଯ୍ୟଟକ ଆକର୍ଷିତ ହୋଇ କୋଣାର୍କ ମନ୍ଦିରକୁ ଦେଖି ବିସ୍ମୟରେ ଅଭିଭୂତ ହୋଇ ଯାଇଥାନ୍ତି । ତ୍ରୟୋଦଶ ଶତାବ୍ଦୀରେ ନିର୍ମିତ ଏହି ପ୍ରସ୍ତର କଳାକୃତି ମଧ୍ୟରେ ଓଡିଆ ଜାତିର ସଂସ୍କୃତି, କଳା, ଧର୍ମଭାବନା ପଥରରେ ଖୋଦିତ ହୋଇ ପ୍ରତିଫଳିତ ହୋଇଛି । ଓଡିଆ ଜାତିର ଗର୍ବ ଏବଂ ଗୌରବ କୋଣାର୍କ ।

ବେଦନାଭରା ହୃଦୟରେ କହିବାକୁ ପଡୁଛି, ମନ୍ଦିର ଆଜି ଜରାଜୀର୍ଣ୍ଣ ଅବସ୍ଥାରେ ପଡି ରହିଛି । ୨୩୦ ଫୁଟ ଉଚ୍ଚତାର ମନ୍ଦିର ଧ୍ୱଂସ ପାଇଯାଇଛି । ବର୍ତ୍ତମାନ କେବଳ ମୁଖଶାଳା ଆଶଙ୍କା ମଧ୍ୟରେ ଛିଡା ହୋଇଛି ।

ଏହାର ସ୍ଥାପତ୍ୟ, ପଥର କାରୁକାର୍ଯ୍ୟ, ସମଗ୍ର ବିଶ୍ୱରେ ବିରଳ । ୧୯୮୪ ମସିହାରେ ଏହା ୟୁନେସ୍କୋଦ୍ୱାରା ବିଶ୍ୱ ଐତିହ୍ୟ ସ୍ଥଳ ରୂପେ ଘୋଷିତ ହୋଇଛି । ୧୯୦୩ ମସିହାରୁ ମୁଖଶାଳାକୁ ବାଲିଦ୍ୱାରା ଭର୍ତ୍ତି କରାଯାଇ ଭୁଷୁଡି ପଡିବା ଅବସ୍ଥାରୁ ରକ୍ଷାକରିବା ପାଇଁ ଉଦ୍ୟମ ଜାରି ରହିଛି ।

Source: Author, Digitized by PPRACHIN, SOA

ପର୍ଯ୍ୟଟକମାନଙ୍କୁ ସୁରକ୍ଷା ଦେବା ସରକାର ତଥା ଓଡିଆମାନଙ୍କ ମୌଳିକ କର୍ତ୍ତବ୍ୟ । କୋଣାର୍କ ଦେଖିବା ପାଇଁ ଆସୁଥିବା ବିଦେଶୀ ପର୍ଯ୍ୟଟକଙ୍କ ଆଗମନ ଆମ ରାଜ୍ୟର ଅର୍ଥନୈତିକ ବିକାଶରେ ସହାୟକ ହୋଇଥାଏ । ସେମାନେ ଆମ ଅତିଥି । ସେମାନଙ୍କୁ ସମ୍ମାନର ସହ ସମସ୍ତ ସୁବିଧା ଯୋଗାଇଦେବା ଆମର ନୈତିକ କର୍ତ୍ତବ୍ୟ ।

ପର୍ଯ୍ୟଟନ ସ୍ଥଳୀମାନଙ୍କ ରାସ୍ତାଘାଟର ଉନ୍ନତି, ଯାନବାହନର ସୁବିଧା, ପର୍ଯ୍ୟଟକ ମାନଙ୍କ ରହିବା ଓ ଖାଦ୍ୟପେୟର ସୁବିଧା ପ୍ରଭୃତି ଯୋଗାଇ ଦିଆଗଲେ ଓଡିଶାକୁ ଆହୁରି ବହୁ ପର୍ଯ୍ୟଟକ ଆକୃଷ୍ଟ ହୋଇ ଆସନ୍ତେ । ଓଡିଶାର ଅର୍ଥନୈତିକ ବିକାଶରେ ଏହା ସହାୟକ ହୋଇ ପାରନ୍ତା । ପର୍ଯ୍ୟଟନକୁ ଏକ ଶିଳ୍ପ ରୂପେ ଆମେ କାଗଜରେ ଘୋଷଣା କରିଛୁ, ମାତ୍ର ବାସ୍ତବରେ ତାକୁ ରୂପାୟିତ କରି ପାରି ନାହୁଁ । ତେଣୁ ଓଡିଶାର ଯେଉଁଭଳି ବିକାଶ ହେବା କଥା ତାହା ସମ୍ଭବ ହୋଇପାରି ନାହିଁ । ଆମର ନିଷ୍କ୍ରିୟତା ଓ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଯୋଗୁଁ, ସମସ୍ତ ସୁବିଧା ସୁଯୋଗ ଥିବା ସତ୍ତ୍ୱେ ଆମ ଅର୍ଥନୈତିକ ପ୍ରଗତି ତ୍ୱରାନ୍ୱିତ ହୋଇପାରୁ ନାହିଁ ।

ଓଡିଶାକୁ ଆସିଥିବା ବିଦେଶୀ ପର୍ଯ୍ୟଟକମାନଙ୍କଠାରୁ କେତେକ ଦୁର୍ବୃତ୍ତ, ସେମାନଙ୍କ ଡଲାର୍ ଏବଂ ଆମ ଭାରତୀୟ ଟଙ୍କା ଛଡାଇନେଇ ମହିଳାମାନଙ୍କୁ ଅସଦ ଆଚରଣ ପ୍ରଦର୍ଶନ କରିଛନ୍ତି । ସେହି ଖବର ଦୈନିକ ଖବରକାଗଜରେ ପ୍ରକାଶ ପାଇଲା ।

ସକାଳର ଖବର ପଢ଼ି ମୁଁ ବିବ୍ରତ ହୋଇପଡିଲି । ତାର କଟିଙ୍ଗ୍ ସହ, ମୋର ସ୍ୱାକ୍ଷରରେ ଏବଂ ଅନ୍ୟ ଦୁଇଜଣ ମାନ୍ୟବର ବିଧାୟକଙ୍କ ସ୍ୱାକ୍ଷରରେ ବାଚସ୍ପତି ମହାଶୟଙ୍କୁ 'ଏଡ୍‌ଜୋର୍ଣ୍ଣମେଣ୍ଟ ମୋସନ୍' ନୋଟିସ ପ୍ରଦାନ କଲି । ଏହା ସକାଳ ଘ.୮.୩୦ମି. ସୁଦ୍ଧା ବାଚସ୍ପତିଙ୍କ ଅଫିସରେ ପହଞ୍ଚିବା ଆବଶ୍ୟକ ।

ବାଚସ୍ପତି ମହାଶୟ ତାହା ପାଠ କରି, ପରିସ୍ଥିତିର ଗୁରୁତ୍ୱ ଦୃଷ୍ଟିରୁ ତାକୁ ଗ୍ରହଣ କଲେ । ଦୈନିକ କାର୍ଯ୍ୟସୂଚୀରେ ତାହା ସ୍ଥାନ ପାଇ ମାନ୍ୟବର ସଦସ୍ୟମାନଙ୍କୁ ଜଣାଇ ଦିଆଗଲା ।

ପ୍ରଶ୍ନୋତ୍ତର ଘ.୧୦.୩୦ମି. ରୁ ଘ.୧୧.୩୦ମି. ପର୍ଯ୍ୟନ୍ତ ଚାଲିବ । ତାପରେ ମୁଲତବି ପ୍ରସ୍ତାବ ଉପରେ ଆଲୋଚନା କରାଯିବ । ଏଗାରଟା ପନ୍ଦର ମିନିଟ୍ ବେଳକୁ ମାନ୍ୟବର ମୁଖ୍ୟମନ୍ତ୍ରୀ ନୀଳମଣି ରାଉତରାୟ ତାଙ୍କ ଆସନରୁ ଉଠିଆସି ଆମ ବିରୋଧୀ ଦଳ ସଭ୍ୟଙ୍କ ଆସନରେ ବସି ପଡିଲେ । ମୁଁ ପାଖରେ ବସିଥାଏ । ଆଶ୍ଚର୍ଯ୍ୟ ହୋଇ ତାଙ୍କ ବସିବାପାଇଁ ସ୍ଥାନ କରି ମୁଁ ଘୁଞ୍ଚିଗଲି ଏବଂ ବସିଲି । କୌତୂହଳରେ ତାଙ୍କ ମୁହଁକୁ ଚାହିଁଲି ।

ସରକାରୀ ଦଳର ସଦସ୍ୟମାନେ ଏବଂ ଉପରେ ପ୍ରେସ୍ ଗ୍ୟାଲେରିରେ ବସିଥିବା ସାମ୍ବାଦିକମାନେ ଆଶ୍ଚର୍ଯ୍ୟରେ ମୁଖ୍ୟମନ୍ତ୍ରୀଙ୍କୁ ଅନାଇ ରହିଥାନ୍ତି । କଥା କଣ ? ମୁଖ୍ୟମନ୍ତ୍ରୀ

Source: Author, Digitized by PPRACHIN, SOA

ବିରୋଧୀ ଦଳ ସଦସ୍ୟଙ୍କ ସହ କଣ କଥା ହେଉଛନ୍ତି ? ସମସ୍ତଙ୍କ ମନରେ କୌତୂହଳ ଭାବନା ଖେଳି ଯାଇଥାଏ ।

ମୋତେ ଦେଖି ମାନ୍ୟବର ମୁଖ୍ୟମନ୍ତ୍ରୀ ପ୍ରଶ୍ନ କଲେ, ''କ'ଣ ରାସବିହାରୀ! ମୁଲତବି ପ୍ରସ୍ତାବ ଉପରେ ଆଲୋଚନା କରିବ''?

ମୁଁ ଆଶ୍ଚର୍ଯ୍ୟ ହୋଇ ଉତ୍ତର ଦେଲି, ''ଏହା ତ ଆଜିର କାର୍ଯ୍ୟସୂଚୀରେ ଅଛି । ପ୍ରଶ୍ନୋତ୍ତରପରେ ଆମେ ଏଡ୍‌ଜର୍ଣ୍ଣମେଣ୍ଟ ମୋସନ୍ ଉପରେ ଆଲୋଚନା କରିବୁ । ବାଚସ୍ପତି ମହାଶୟ ଆମକୁ ଅନୁମତି ଦେଇଛନ୍ତି । ଏଥିରେ ଆପଣ ପଚାରିବାର କଣ ଅଛି''?

ଆମ ସମସ୍ତଙ୍କୁ ଚାହିଁନେଇ ମୁଖ୍ୟମନ୍ତ୍ରୀ ପୁଣି କହିଲେ, ''ମୁଁ ତାହା ଜାଣିଛି... । ମୋର କହିବା କଥା, ତୁମେ ସବୁ ଆଜି ବିଧାନସଭାରେ ଆଲୋଚନା କଲେ ଓଡିଶାର ମାନ ସମ୍ମାନ ତଳେ ପଡିଯିବ । ସମସ୍ତ ଜାତୀୟ ସ୍ତରର ଖବର କାଗଜରେ ତାହା ପ୍ରକାଶ ପାଇବ । ଓଡିଶାକୁ ଆଉ ବିଦେଶୀ ପର୍ଯ୍ୟଟକ ଆସିବେ ନାହିଁ ।

ତେଣୁ ତୁମେ ବିଧାନସଭାରେ ଆଲୋଚନା ନ କରି, ତୁମେ ଯାହା ଚାହୁଁଛ, (ଦୋଷୀକୁ କଠୋର ଦଣ୍ଡ ଦେବା ପାଇଁ, ତୁରନ୍ତ ସେମାନଙ୍କୁ ଏରେଷ୍ଟ୍ କରିବା ପାଇଁ) ମୁଁ ତାର ଦାୟିତ୍ୱ ନେଉଛି, ତୁରନ୍ତ କାର୍ଯ୍ୟକାରୀ କରିବି । ତେଣୁ ରାଜ୍ୟର ସ୍ୱାର୍ଥ ଦୃଷ୍ଟିରୁ ତୁମେ ଆଜି ବିଧାନସଭାରେ ଆଲୋଚନା ନ କରିବା ପାଇଁ କହୁଛି'' ।

ମୋ'ଠୁ ବୟସ୍କ ଏବଂ ମୁଖ୍ୟମନ୍ତ୍ରୀଙ୍କ ସମବୟସ୍କ ସମ୍ବଲପୁରର ମାନ୍ୟବର ବିଧାୟକ ଉପେନ୍ଦ୍ର ଦୀକ୍ଷିତ, ମୁଖ୍ୟମନ୍ତ୍ରୀଙ୍କଠୁ ସମସ୍ତ କଥା ଶୁଣି ତାଙ୍କୁ ଦେଖି କହିଲେ, ''ହଁ ! ମୁଖ୍ୟମନ୍ତ୍ରୀ ମହାଶୟ ତାଙ୍କ ସିଟ୍‌ରୁ ଉଠି ଆସି ଆମ ସିଟ୍‌ରେ ବସିପଡିଲେ ବୋଲି ଆମେ ଗହଗହ ହୋଇଗଲୁ, ଆଉ ଆଲୋଚନା କରିବୁ ନାହିଁ । ଏୟା କେମିତି ହେବ ? ତୁମେ ତୁମ ସିଟ୍‌କୁ ଯାଅ । ଆମେ ଆଲୋଚନା କରିବୁ । ବାଚସ୍ପତି ଆମ ଏଡ୍‌ଜର୍ଣ୍ଣମେଣ୍ଟ ମୋସନ୍ ଗ୍ରହଣ କରିଛନ୍ତି'' ।

ମାନ୍ୟବର ମୁଖ୍ୟମନ୍ତ୍ରୀ ଉପେନ୍ଦ୍ର ବାବୁଙ୍କଠୁ ଏଭଳି ରୋକ୍‌ଠୋକ୍ ଉତ୍ତର ଶୁଣି ମୋତେ ଦେଖି କହିଲେ, ''ରାସବିହାରୀ! ତୁମେ ଉପେନ୍ଦ୍ରକୁ ବୁଝାଅ । ରାଜ୍ୟର ସ୍ୱାର୍ଥ ଦୃଷ୍ଟିରୁ ତୁମକୁ କହୁଛି'' ।

ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କଠୁ ସବୁ କଥା ଶୁଣି ମୁଁ ଚିନ୍ତାକରି ଉପେନ୍ଦ୍ର ବାବୁଙ୍କୁ ଅନୁରୋଧ କଲି, ମୁଖ୍ୟମନ୍ତ୍ରୀ ତାଙ୍କ ସିଟ୍‌ରୁ ଉଠିଆସି ଆମକୁ ଏତକ କହିଲେଣି । ରାଜ୍ୟର ସ୍ୱାର୍ଥ ଦୃଷ୍ଟିରୁ ଆମେ ଆଲୋଚନା ନ କଲେ ମଧ୍ୟ, ଦୋଷୀକୁ ତୁରନ୍ତ ଏରେଷ୍ଟ୍ କରି ଉପଯୁକ୍ତ କାର୍ଯ୍ୟପନ୍ଥା ଗ୍ରହଣ ପାଇଁ ନିର୍ଭର ପ୍ରତିଶ୍ରୁତି ଦେଉଛନ୍ତି । ତେଣୁ ଆଉ ଆଲୋଚନା କରିବା ନାହିଁ'' । ପ୍ରସନ୍ନ ପାଲ କଣ୍ଟାବାଞ୍ଜି ବିଧାୟକ ମଧ ମୋ' ସହିତ

Source: Author, Digitized by PPRACHIN, SOA

ଏକମତ ହୋଇ ଉପେନ୍ଦ୍ର ବାବୁଙ୍କୁ ଅନୁରୋଧ କଲେ ।

ଉପେନ୍ଦ୍ର ବାବୁ ପୁଣି କହିଲେ, ''ହଁ! ତୁମେ ସବୁ କହୁଛ, ଏଣୁ ଆମେ ଆଲୋଚନା ସ୍ଥଗିତ ରଖିବା'' ।

ଏହିଭଳି ସେ ଦିନ ଏଡ୍‌ଜର୍ଣ୍ଣମେଣ୍ଟ୍ ମୋସନ୍ ଆଲୋଚନା ହୋଇ ନ ଥିଲା । ମୁଖ୍ୟମନ୍ତ୍ରୀ ଖୁସି ହୋଇ ତାଙ୍କ ସିଟ୍‌କୁ ଚାଲି ଯାଇଥିଲେ ।

ଥରେ ବିଧାନସଭାରେ ଆଲୋଚନା କାର୍ଯ୍ୟକ୍ରମ ସ୍ଥିର ହେଲା ପରେ ତାହା ଗୃହର ଅଧିକାର ଭୁକ୍ତ ହୋଇ ଯାଇଥାଏ । ହାଉସ ପ୍ରପର୍ଟି ଭୁକ୍ତ ହୋଇଥାଏ । ତେଣୁ ଗୃହର ଅନୁମତି ବିନା ତାହା ରଦ୍ଦ କରାଯାଇ ପାରିବ ନାହିଁ ।

ତେଣୁ ମାନ୍ୟବର ମୁଖ୍ୟମନ୍ତ୍ରୀ ବାଚସ୍ପତିଙ୍କ ଦୃଷ୍ଟିକୁ ଆଣି ଅନୁରୋଧ କରିଥିଲେ, ''ବିରୋଧୀ ଦଳ ସଦସ୍ୟ ରାଜ୍ୟର ବୃହତ ସ୍ୱାର୍ଥ ଦୃଷ୍ଟିରୁ ଆଲୋଚନାକୁ ସ୍ଥଗିତ ରଖିବା ପାଇଁ ସମ୍ମତି ପ୍ରଦାନ କରିଥିବା ଯୋଗୁଁ ମାନ୍ୟବର ବାଚସ୍ପତି ମହାଶୟ ଆଜିକା ଏଜେଣ୍ଡାରୁ ବିରୋଧୀ ଦଳର ମୁଲତବି ପ୍ରସ୍ତାବକୁ ବାଦ୍ ଦିଅନ୍ତୁ'' ।

ବାଚସ୍ପତିଙ୍କ ଘୋଷଣା ପରେ ସମସ୍ତ ମାନ୍ୟବର ସଦସ୍ୟ ଟେବୁଲ ବାଡେଇ ବିରୋଧୀ ଦଳର କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିଥିଲେ ।

ତେଣୁ ବିଧାନସଭାରେ ବିରୋଧୀ ଦଳର ଭୂମିକା ଅତି ଦାୟିତ୍ୱପୂର୍ଣ୍ଣ ଏବଂ ଗୁରୁତ୍ୱପୂର୍ଣ୍ଣ ମଧ୍ୟ । ଏହା ଆମେ ବହୁବାର ପ୍ରମାଣିତ କରିଛୁ । ତେଣୁ ଗଠନମୂଳକ ଆଭିମୁଖ୍ୟ ନେଇ ବିରୋଧୀ ଦଳ ତାର କାର୍ଯ୍ୟ କରିବା ଆବଶ୍ୟକ ।

ବିଧାନସଭାର ଅନେକ ଗୁରୁତ୍ୱପୂର୍ଣ୍ଣ ଆଲୋଚନାରେ ମୁଁ ସକ୍ରିୟ ଭୂମିକା ନିଭାଇଥିଲି । ସରକାରୀଦଳର ବହୁ ଭୁଲଭଟକାକୁ କଠୋର ଶବ୍ଦରେ ସମାଲୋଚନା କରି ସରକାରଙ୍କ ଦୋଷ ଦୁର୍ବଳତାକୁ ଲୋକଲୋଚନକୁ ଆଣିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲି ।

ବିରୋଧୀଦଳ ନେତାଙ୍କ ଦଳ ବଦଳ :

ଦିନେ ହଠାତ୍ ଶୁଣିବାକୁ ମିଳିଲା, ବିରୋଧୀ ଦଳର ନେତା ବୃନ୍ଦାବନ ନାୟକ କଂଗ୍ରେସ ଦଳ ତ୍ୟାଗକରି ସରକାରୀ ଜନତା ଦଳରେ ଯୋଗଦେଇ କ୍ୟାବିନେଟ ମନ୍ତ୍ରୀ ମଧ୍ୟ ହୋଇଗଲେ ।

କଂଗ୍ରେସ ସଦସ୍ୟମାନେ ଏହିଭଳି ଘଟଣାକୁ ସହଜରେ ଗ୍ରହଣ କରି ପାରିଲେ ନାହିଁ । ବିଜୁ ବାବୁଙ୍କ ପରାମର୍ଶରେ ବୃନ୍ଦାବନ ବାବୁ କଂଗ୍ରେସ ଦଳ ତ୍ୟାଗ କରିବା ଠିକ୍ ହେଲା ନାହିଁ । ପଦର ମୋହ ତାଙ୍କୁ ଆକର୍ଷଣ କଲା ।

ବିଧାନସଭାରୁ ବିଷଣ୍ଣ ମନରେ ଫେରି, କ୍ୱାର୍ଟରକୁ ଆସି ତାଙ୍କୁ ଫୋନ୍ କଲି ।

Source: Author, Digitized by PPRACHIN, SOA

ବୃନ୍ଦାବନବାବୁ ତାଙ୍କ ଘରେ ଥା'ନ୍ତି । ମୋ' ଫୋନ୍ ଉଠାଇ ପ୍ରଶ୍ନକଲେ, ''କିଏ କହୁଛ''?

ଉତ୍ତରରେ ମୁଁ କହିଲି, ''ରାସବିହାରୀ ବେହେରା କହୁଛି'' ।

ମୋର ଉତ୍ତର ଶୁଣିଲା ପରେ କହିଲେ, ''ରାସବିହାରୀ! ତୁମେ ଆମ ଘରକୁ ଆସିଲେ ମୁଁ ତୁମକୁ ସବୁକଥା କହିବି'' ।

ତାର ଉତ୍ତରରେ ମୁଁ କହିଲି, ''ମୁଁ ଯିବି କେମିତି? ଆପଣ ଆମର ଗୋଟିଏ ଗାଲରେ କଳା ଓ ଆଉ ଗୋଟିଏ ଗାଲରେ ଚୂନ ବୋଳି ଦେଇଛନ୍ତି । କାହାକୁ ଆଉ ମୁହଁ ଦେଖାଇବୁ''?

ସେ ମୋତେ ଅନେକ କଥା କହିଲେ । ତାଙ୍କ ଜିଲ୍ଲାର ଲୋକସଭା ସଦସ୍ୟ ରାମଚନ୍ଦ୍ର ରଥଙ୍କ ସହିତ ତାଙ୍କର ପଟିଲା ନାହିଁ । ତେଣୁ ସେ କଂଗ୍ରେସ ଦଳ ଛାଡ଼ି ଜନତା ଦଳରେ ମିଶିଗଲେ ।

ମୁଁ ପୁଣି ଯୋର ଦେଇ କହିଲି, ''ଆଉ କିଛି ମାସ ପରେ ଜନତା ଦଳର ବିପର୍ଯ୍ୟୟ ଘଟିବ । ଇନ୍ଦିରା ଗାନ୍ଧୀ ପୁଣି ଶାସନକୁ ଫେରି ଆସିବେ'' ।

ସେ ହସି କହିଲେ, ''ରାସବିହାରୀ! ତୁମେ ଆଉ ସେ ଆଶା ରଖ ନାହିଁ'' । ମୁଁ ପୁଣି କହିଲି, ''ଆପଣ ହିଁ ହତଭାଗା, ଆପଣ ଓଡ଼ିଶା କଂଗ୍ରେସ ଦଳର ନେତୃତ୍ୱ ନେଇଥାନ୍ତେ । ମୁଖ୍ୟମନ୍ତ୍ରୀ ହୋଇଥାନ୍ତେ'' ।

ସେ ପୁଣି କହିଲେ, ''ରାସବିହାରୀ! ଏତେ ଆଶା କରନାହିଁ । କଂଗ୍ରେସ ଦଳର ଆଉ ଭବିଷ୍ୟତ ନାହିଁ । ସ୍ୱପ୍ନ ଦେଖିବା ଛାଡ଼ିଦିଅ'' ।

ମୁଁ ମନେ ମନେ ଭାବିଲି, ସେ ହେଉଛନ୍ତି କଂଗ୍ରେସ ଦଳର ନେତା । ତାଙ୍କର ଏହିଭଳି ହତାଶଭାବ ସୃଷ୍ଟି ହୋଇ କ୍ଷମତା ଆଡ଼କୁ ଆକୃଷ୍ଟ ହେବା ସ୍ୱାଭାବିକ । ସତକୁସତ ମଣିଷକୁ କ୍ଷମତା ଅନ୍ଧ ଓ ମୋହଗ୍ରସ୍ତ କରିଦିଏ । ତେଣୁ ରାଜନୀତିରେ ଏହିଭଳି ଘଟଣା ଅନେକ ଘଟି ଚାଲିଥାଏ ।

ଆମ ଜାତୀୟ ଜୀବନରେ ଦିନକୁ ଦିନ ଅବକ୍ଷୟ ଦେଖିବାକୁ ମିଳୁଛି । ରାଜନୀତିରେ ଶଠତା ବୃଦ୍ଧି ପାଇ ଚାଲିଛି । ଶଠତା, କପଟାଚାରୀ ନେତୃତ୍ୱ ଫଳରେ ସମାଜରେ ଭଣ୍ଡଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଇବାରେ ଲାଗିଛି । ଭୋଟ ରାଜନୀତି ଆମ ଜାତୀୟ ଚରିତ୍ରକୁ ବଦଳାଇ ଦେଇଛି । ଆମର ଆତ୍ମସମ୍ମାନବୋଧ ମଧ୍ୟ ଲୋପ ପାଇବାକୁ ବସିଛି । ସ୍ୱାଭିମାନକୁ ନେଇ ମଣିଷ ନିଜକୁ ପ୍ରତିଷ୍ଠିତ କରିଥାଏ । ସ୍ୱାଭିମାନ ବିହୀନ ମଣିଷ ଅନ୍ୟ ଆଖିରେ ତାଚ୍ଛଲ୍ୟର ପାତ୍ର ହୋଇଥାଏ । ଚୌକି ହାସଲ ପାଇଁ ଆମ୍ଭ ସବଳିଛି ଭୁଲିଯାଉ । ଏହା ଆମ ଭବିଷ୍ୟତ ପାଇଁ ଶୁଭଙ୍କର ନୁହେଁ । ଏହାର ପରିସମାପ୍ତି ଆବଶ୍ୟକ ।

Source: Author, Digitized by PPRACHIN, SOA

ତ୍ରୟୋଦଶ ପରିଚ୍ଛେଦ

କଳାହାଣ୍ଡିର ସାଂସଦ

ଲୋକସଭା ସଦସ୍ୟ ପାଇଁ ପ୍ରାର୍ଥୀ ଚୟନ :

ଦେଶର ରାଜନୀତିରେ ବହୁ ପରିବର୍ତ୍ତନ ଘଟି ଚାଲିଥାଏ । କେନ୍ଦ୍ରରେ ଚରଣ ସିଂହ ପ୍ରଧାନମନ୍ତ୍ରୀ ଥା'ନ୍ତି । ପାର୍ଲିଆମେଣ୍ଟରେ ନିଜର ବହୁମତ ଥିବା ଭୋଟର ସମ୍ମୁଖୀନ ନହୋଇ ସେ ଇସ୍ତଫା ପ୍ରଦାନକଲେ । ନିର୍ବାଚନ କମିଶନ ଦେଶରେ ନିର୍ବାଚନ ପାଇଁ ଦିନ ଘୋଷଣା କଲେ ।

ଲୋକସଭା ନିର୍ବାଚନ ପାଇଁ ସମଗ୍ର ଦେଶରେ ଯୋରସୋର ପ୍ରସ୍ତୁତି ଆରମ୍ଭ ହୋଇ ଯାଇଥାଏ । ଆମ ରାଜ୍ୟର କଂଗ୍ରେସ ନେତୃବୃନ୍ଦ ବିଭିନ୍ନ ଜିଲ୍ଲା ଗସ୍ତକରି କର୍ମୀମାନଙ୍କ ମତ ସଂଗ୍ରହକରି ଉପଯୁକ୍ତ ପ୍ରାର୍ଥୀ ଚୟନ ପାଇଁ ଉଦ୍ୟମ ଆରମ୍ଭ କରିଥାଆନ୍ତି । ରାଜ୍ୟରେ ନିର୍ବାଚନ ପାଇଁ ପ୍ରାର୍ଥୀ ଚୟନ କମିଟି ମଧ୍ୟ ଗଠିତ ହୋଇଥାଏ । ସେହି କମିଟିରେ ମୁଁ ମଧ୍ୟ ଜଣେ ସଦସ୍ୟ ଭାବେ ମନୋନୀତ ହୋଇଥାଏ ।

କଳାହାଣ୍ଡି ଜିଲ୍ଲା ଲୋକସଭା ସଦସ୍ୟ ପ୍ରାର୍ଥୀ ଚୟନ ପାଇଁ ରାଜ୍ୟ ନେତୃବୃନ୍ଦ କଳାହାଣ୍ଡି ଆସି ସର୍କିଟ ହାଉସରେ ରହି କର୍ମୀମାନଙ୍କ ସହିତ ଆଲୋଚନା କଲେ । ଲୋକସଭା ସଦସ୍ୟ ପ୍ରାର୍ଥୀ ପାଇଁ ଅନେକ ଦରଖାସ୍ତ ପ୍ରଦେଶ ସଭାପତିଙ୍କୁ ପ୍ରଦାନ କଲେ । ଜାନକୀ ବାବୁଙ୍କ ସହିତ ବ୍ରଜମୋହନ ମହାନ୍ତି, କାହ୍ନୁଚରଣ ଲେଙ୍କା, ରାମଚନ୍ଦ୍ର ରଥ, ଏମ୍.ପି. ପ୍ରଭୃତି ମଧ୍ୟ ଆସିଥାନ୍ତି ।

କଂଗ୍ରେସ ଦଳ ତରଫରୁ କିଏ ପ୍ରାର୍ଥୀ ହେବ ତାହା ସ୍ଥିର ହୋଇପାରୁନଥାଏ । ଗତ ନିର୍ବାଚନରେ କଳାହାଣ୍ଡି ମହାରାଜା ସ୍ୱାଧୀନପ୍ରାର୍ଥୀ ହୋଇ କଂଗ୍ରେସଦଳର ସମର୍ଥନରେ ଲୋକସଭାକୁ ନିର୍ବାଚିତ ହୋଇଥିଲେ । ଏଥର ମଧ୍ୟ ସେ ସ୍ୱାଧୀନ ପ୍ରାର୍ଥୀ ହୋଇ କଂଗ୍ରେସ ଦଳର ସମର୍ଥନ ପାଇବା ପାଇଁ ଦିଲ୍ଲୀରେ କଥାବାର୍ତ୍ତା ଚଳାଇଥାନ୍ତି ।

ମାତ୍ର, ଏଥିରେ କଳାହାଣ୍ଡି କଂଗ୍ରେସ କର୍ମୀମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରୁଥାନ୍ତି । ସେମାନେ ରାଜ୍ୟ କଂଗ୍ରେସ ନେତୃମଣ୍ଡଳୀକୁ ସ୍ପଷ୍ଟ ଜଣାଇଦେଲେ, କଂଗ୍ରେସ ଦଳର ପ୍ରାର୍ଥୀ ଦିଆଯାଉ ।

Source: Author, Digitized by PPRACHIN, SOA

ଜାନକୀବାବୁ ଦ୍ୱିଧାରେ ପଡିଗଲେ । କଂଗ୍ରେସ ଦଳର ପ୍ରାର୍ଥୀ ଦେଲେ ଜୟଯୁକ୍ତ ହୋଇ ପାରିବେ ନାହିଁ । କଳାହାଣ୍ଡି ମହାରାଜା ମୂଳରୁ ଜୟଯୁକ୍ତ ହୋଇ ଆସୁଛନ୍ତି । ତେଣୁ ନେତୃମଣ୍ଡଳୀ ମଧ୍ୟରେ ଆତ୍ମବିଶ୍ୱାସ ସୃଷ୍ଟି ହୋଇପାରୁ ନଥାଏ ।

ସମୟର ଗତିରେ ପରିସ୍ଥିତିର କେତେ ପରିବର୍ତ୍ତନ ଘଟିଗଲାଣି । ସେତକ ଜାଣିବା ପାଇଁ ନେତୃମଣ୍ଡଳୀଙ୍କ ପାଖରେ ସମୟ କାହିଁ ?

କଂଗ୍ରେସ କର୍ମୀମାନେ ଦୃଢ଼ ସ୍ୱରରେ କହିଲେ, ''ଏଥର କଂଗ୍ରେସ ଦଳର ପ୍ରାର୍ଥୀ ଲୋକସଭାରେ ନିଶ୍ଚୟ ଜୟଯୁକ୍ତ ହେବେ । ଯେଉଁମାନେ ଦରଖାସ୍ତ ଦେଇଛନ୍ତି, ସେମାନଙ୍କ ମଧ୍ୟରୁ ଯିଏ ବି ପ୍ରାର୍ଥୀ ହେଲେ ମହାରାଜାଙ୍କୁ ପରାସ୍ତ କରି ପାରିବେ ନାହିଁ । ଆମେ କଂଗ୍ରେସ କର୍ମୀମାନେ ଜଣକ ନାମ ପ୍ରସ୍ତାବ କରୁଛୁ, ତାହା ଆପଣଙ୍କୁ ଲିଖିତ ଆକାରେ ପ୍ରଦାନ କରିବୁ । ସେ ଯଦି ଛିଡାହୁଅନ୍ତି, ମହାରାଜାଙ୍କୁ ପରାସ୍ତ କରିପାରିବେ'' ।

କଂଗ୍ରେସ ନେତୃମଣ୍ଡଳୀ ଆଶ୍ଚର୍ଯ୍ୟ ହୋଇ କର୍ମୀମାନଙ୍କ ମୁହଁକୁ ଚାହିଁ ରହିଲେ । ସମସ୍ତଙ୍କ ମନରେ ପ୍ରଶ୍ନ ଉଙ୍କି ମାରିଲା, କିଏ ସେ ଜିଣି ପାରିବ ?

ଏ ପଟେ କଂଗ୍ରେସକର୍ମୀମାନଙ୍କ ଦରଖାସ୍ତ ଲେଖାହୋଇ, ଜିଲ୍ଲାର ୧୮ଟି ବ୍ଲକର କର୍ମୀଙ୍କ ସ୍ୱାକ୍ଷର ସଂଗୃହୀତ ହୋଇ କଂଗ୍ରେସ ସଭାପତିଙ୍କୁ ପ୍ରଦାନ କରାଗଲା । ସଭାପତି ତାହା ପାଠ କରି ବିସ୍ମିତ ନୟନରେ ସେମାନଙ୍କ ମୁହଁକୁ ଚାହିଁ ରହିଲେ । ସେମାନଙ୍କ ମୁହଁରୁ ଏକ ସ୍ୱରରେ ବାହାରି ପଡିଲା, ''ଆପଣ ଆମ କଥା ରକ୍ଷାକରି ପ୍ରାର୍ଥୀ ଚୟନ କରିବେ, ଆମେ କଂଗ୍ରେସ କର୍ମୀ ନିର୍ଭର ପ୍ରତିଶ୍ରୁତି ଦେଉଛୁ । କଂଗ୍ରେସ ପ୍ରାର୍ଥୀ ନିଶ୍ଚୟ ଜୟଯୁକ୍ତ ହେବେ''।

ସଭାପତି ପୁଣି କହିଲେ, ''ମୁଁ ତୁମ ଦରଖାସ୍ତ ଗ୍ରହଣକଲି । ଫଏସଲା ଏ.ଆଇ.ସି.ସି (ଅଲ୍ ଇଣ୍ଡିଆ କଂଗ୍ରେସ କମିଟି) ସଭାନେତ୍ରୀ ଶ୍ରୀମତୀ ଇନ୍ଦିରାଗାନ୍ଧୀ କରିବେ । ଆପଣମାନେ ତାଙ୍କ ଫଏସଲା ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ । କଂଗ୍ରେସ ନେତୃମଣ୍ଡଳୀ ଜିଲ୍ଲାର ବରିଷ୍ଠ ନେତାମାନଙ୍କ ସହ ଆଲୋଚନା କରି ଫେରିଗଲେ'' ।

ମୁଁ ଲୋକସଭା ନିର୍ବାଚନ ପାଇଁ ଦରଖାସ୍ତ କରି ନ ଥିଲି । ସେତେବେଳେ ମୁଁ କୋକସରା ବିଧାୟକ ଥାଏ । ଓଡିଶା ପ୍ରଦେଶ କଂଗ୍ରେସ ଦଳର ସାଧାରଣ ସଂପାଦକ ଦାୟିତ୍ୱରେ ମଧ୍ୟ ଥାଏ । ତେଣୁ ଦଳର କାର୍ଯ୍ୟରେ ମୁଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ଅନେକ ସଭ୍ୟ ସଂପାଦକ ଦାୟିତ୍ୱରେ ଥିଲେ । ମାତ୍ର, ସମସ୍ତେ ନିର୍ବାଚନରେ ପରାସ୍ତ ହୋଇଥିଲେ । ତେଣୁ ଜଣେ ନିର୍ବାଚିତ ପ୍ରତିନିଧି ତଥା ସଂଗଠନର ସାଧାରଣ ସଂପାଦକ ହିସାବରେ ଦଳକୁ ସୁସଂଗଠିତ କରିବା ପାଇଁ ବିଭିନ୍ନ ଜିଲ୍ଲା ଗସ୍ତ କରିବାରେ ମୁଁ ସକ୍ରିୟ ଭୂମିକା ନିଭାଇ ଥିଲି । ବିଧାନସଭା ଚାଲିଥିବା ସମୟରେ ମଧ୍ୟ ଛୁଟିଦିନମାନଙ୍କରେ

Source: Author, Digitized by PPRACHIN, SOA

ବିଭିନ୍ନ ଜିଲ୍ଲା ଗସ୍ତକରି, ସଭାପତିଙ୍କ ସହ ସଂଗଠନକୁ ମଜଭୁତ କରିବାରେ ପୂର୍ଣ୍ଣ ସମୟ ବିନିଯୋଗ କରୁଥାଏ । ମୋର କର୍ତ୍ତବ୍ୟରେ ନିଷ୍ଠା ଓ ଆନ୍ତରିକତା ଯୋଗୁଁ ସଭାପତିଙ୍କ ଦୃଷ୍ଟିରେ ମୁଁ ଅତି ବିଶ୍ୱସ୍ତ ହୋଇଥାଏ । ତେଣୁ ଆମେ ବହୁ ସମୟ ରାଜ୍ୟର ଭବିଷ୍ୟତକୁ ନେଇ ଆଲୋଚନା କରିଥାଉ । ଜାନକୀ ବାବୁଙ୍କ 'ସ୍ୱପ୍ନର ଓଡିଶା'ର ବହୁ ସୁନ୍ଦର ଚିତ୍ର ମଧ୍ୟ ତାଙ୍କ ମନରୁ ମୁଁ ଜାଣିପାରିଥାଏ ।

ରାଜ୍ୟ ନିର୍ବାଚନ କମିଟିର ଗୁରୁତ୍ୱପୂର୍ଣ୍ଣ ଅଧିବେଶନ ବସିଲା । ଲୋକସଭା ପାଇଁ ପ୍ରାର୍ଥୀ ଚୟନ ହେବ । ଗୋଟି ଗୋଟି କରି ଜିଲ୍ଲାଓ୍ୱାରି ଆଲୋଚନା ହୋଇ ପ୍ରାର୍ଥୀ ଚୟନ ହେଉଥାଏ । ଦିଲ୍ଲୀରୁ ପର୍ଯ୍ୟବେକ୍ଷକ ଆସି ଆଲୋଚନାରେ ଭାଗ ନେଇଥାନ୍ତି । ପ୍ରତ୍ୟେକ ଲୋକସଭା ପ୍ରାର୍ଥୀ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇ ପ୍ରାର୍ଥିତ୍ୱ ଚୂଡାନ୍ତ ହେଉଥାଏ ।

ଚିନ୍ତାମଣି ପାଣିଗ୍ରାହୀଙ୍କୁ ମୋର ସମର୍ଥନ :

ଭୁବନେଶ୍ୱର ନିର୍ବାଚନ ମଣ୍ଡଳୀ ପାଇଁ ମଧ୍ୟ ପ୍ରାର୍ଥୀଙ୍କ ଉପରେ ଆଲୋଚନା ହେଲା । କଂଗ୍ରେସ ଦଳର ପୂର୍ବତନ ବିରୋଧୀ ଦଳ ନେତା ଚିନ୍ତାମଣି ପାଣିଗ୍ରାହୀ ଶେଷ ମୁହୂର୍ତ୍ତରେ ତାଙ୍କ ମତ ପରିବର୍ତ୍ତନ କରି ଇନ୍ଦିରା କଂଗ୍ରେସ ଦଳରେ ଯୋଗ ଦେଇଥାନ୍ତି ଏବଂ ପ୍ରାର୍ଥୀ ହେବା ପାଇଁ ଦରଖାସ୍ତ କରିଥାନ୍ତି ।

ମାତ୍ର, ଦଳର ବରିଷ୍ଠ ନେତାମାନେ ଚିନ୍ତାମଣି ପାଣିଗ୍ରାହୀଙ୍କ ଦରଖାସ୍ତକୁ ତୀବ୍ର ବିରୋଧ କରୁଥିଲେ । କାରଣ କଂଗ୍ରେସ ବିଧାୟକ ଦଳର ନେତା ହିସାବରେ ସଂଗଠନ କଂଗ୍ରେସକୁ ସମର୍ଥନ ଦେଇ ଆସିଛନ୍ତି । ଇନ୍ଦିରା କଂଗ୍ରେସ ଦଳରେ ବହୁ ବିଧାୟକ ଯୋଗ ଦେବା ଫଳରେ ସେ ନେତା ପଦ ହରାଇ ଥିଲେ । ବର୍ତ୍ତମାନ ଶେଷ ମୁହୂର୍ତ୍ତରେ ସେ ଇନ୍ଦିରା କଂଗ୍ରେସ ଦଳକୁ ଆସି ପ୍ରାର୍ଥୀ ହେବା ପାଇଁ ଦରଖାସ୍ତ ଦେଇଛନ୍ତି । ତେଣୁ ତାଙ୍କୁ ଟିକଟ୍ ଦେବା ଠିକ୍ ହେବ ନାହିଁ । ଏ ଯୁକ୍ତି ମଧ୍ୟ ଯଥାର୍ଥ ।

ମାତ୍ର, ଭୁବନେଶ୍ୱର ନିର୍ବାଚନ ମଣ୍ଡଳୀ ପାଇଁ ଯେଉଁମାନେ ଦରଖାସ୍ତ କରିଛନ୍ତି, ସେମାନଙ୍କ ମଧ୍ୟରୁ କିଏ ମଧ୍ୟ ଜୟଯୁକ୍ତ ହେବା ନିଶ୍ଚିତ ନୁହେଁ । ଆମ ପାଇଁ ଗୋଟିଏ ସିଟ୍‌ର ମଧ୍ୟ ଗୁରୁତ୍ୱ ଅଛି । ମୁଁ କମିଟିରେ ମୋର ମତ ପ୍ରଦାନ କଲି । ଭୁବନେଶ୍ୱର ନିର୍ବାଚନ ମଣ୍ଡଳୀରୁ ଅନ୍ୟ ପ୍ରାର୍ଥୀମାନଙ୍କ ମଧ୍ୟରୁ କିଏ ଜିଣିବା ଏତେ ସହଜ ନୁହେଁ । ଏଠିକା ଶିକ୍ଷିତ, ସଚେତନ ଭୋଟରଙ୍କ ମନୋଭାବକୁ ମଧ୍ୟ ଆମକୁ ବିଚାରକୁ ନେବାକୁ ହେବ । ଆମେ ଭାରତବର୍ଷରେ ଇନ୍ଦିରା ଗାନ୍ଧୀଙ୍କୁ ପ୍ରଧାନମନ୍ତ୍ରୀ ରୂପେ ଦେଖିବାକୁ ଚାହୁଁ । ତେଣୁ ଆମକୁ ସବୁ ଦୃଷ୍ଟିରୁ ବିଚାର କରି ଉଇନିଙ୍ଗ କେଣ୍ଡିଡେଟ ପ୍ରତି ବିଚାର କରିବାକୁ ହେବ । ସେହି ଦୃଷ୍ଟିରୁ ଚିନ୍ତାମଣି ବାବୁଙ୍କୁ ପ୍ରାର୍ଥୀ କରିବା ଯଥାର୍ଥ ହେବ ।

Source: Author, Digitized by PPRACHIN, SOA

ମୋର ସ୍ପଷ୍ଟ ମତ ଶୁଣି ଜାନକୀବାବୁ, ବ୍ରଜମୋହନ ମହାନ୍ତି ପ୍ରଭୃତି ଦ୍ୱନ୍ଦ୍ୱରେ ପଡିଗଲେ । ପର୍ଯ୍ୟବେକ୍ଷକ ମଧ ଗମ୍ଭୀରତା ସହ ସବୁ ଶୁଣୁଥାନ୍ତି ।

ଶେଷରେ ସିଦ୍ଧାନ୍ତ ହେଲା ହାଇକମାଣ୍ଡଙ୍କ ହସ୍ତରେ ଫଏସଲା ଛାଡି ଦିଆଯାଉ । ଦିଲ୍ଲୀରୁ ପର୍ଯ୍ୟବେକ୍ଷକ ଭାବେ ମାନ୍ୟବର ଶଙ୍କର ଦୟାଲ ଶର୍ମା ଆସିଥାନ୍ତି । ପରେ ସେ ଦେଶର ରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଥିଲେ ।

ପର୍ଯ୍ୟବେକ୍ଷକ ମହାଶୟ ଦିଲ୍ଲୀରେ ଆଲୋଚନା ପାଇଁ ସଭିଙ୍କ ମତ ରେକର୍ଡ କରିନେଲେ ।

କଳାହାଣ୍ଡିରେ ମୋର ପ୍ରାର୍ଥିତ୍ୱ :

ଜାନକୀବାବୁ ମୋତେ କହିଲେ, ''ତୁମେ କଳାହାଣ୍ଡିର ଲୋକସଭା ପ୍ରାର୍ଥୀ ହୁଅ । ମୁଁ କହିଲି, ମୁଁ ତ ବିଧାୟକ ଅଛି । ଆଉ କାହାକୁ ବାଛନ୍ତୁ'' ।

''ସେମାନେ ଜିଣି ପାରିବେ ତ''? ଜାନକୀବାବୁ ପ୍ରଶ୍ନକଲେ । ମୁଁ କହିଲି, ''ଯାହାକୁ ଦିଅନ୍ତୁ, ନିଶ୍ଚୟ ସେ ଜିଣି ପାରିବ''।

ତଥାପି କଂଗ୍ରେସ ନେତୃମଣ୍ଡଳୀଙ୍କ ମନରେ ସନ୍ଦେହ ରହିଗଲା । କଳାହାଣ୍ଡି ସାମନ୍ତବାଦୀ ରାଜା ରାଜୁଡାଙ୍କ ଗଡ । ଜିଣିବା କ'ଣ ଏତେ ସହଜ ?

କଂଗ୍ରେସ ନେତୃମଣ୍ଡଳୀ କଳାହାଣ୍ଡି ଗସ୍ତ ସମୟରେ କଂଗ୍ରେସ କର୍ମୀମାନଙ୍କ ମତାମତ ସବୁ ଶୁଣି ଆସିଛନ୍ତି । ଯେଉଁମାନେ ପ୍ରାର୍ଥୀ ହେବା ପାଇଁ ଦରଖାସ୍ତ କରିଛନ୍ତି, ସେମାନଙ୍କ ପାଖରେ ଦଳ ପ୍ରତି ସମର୍ପିତ ମନୋଭାବ ଅବା କର୍ତ୍ତବ୍ୟରେ ନିଷ୍ଠା, ଆନ୍ତରିକତା, କଂଗ୍ରେସ କର୍ମୀମାନେ ଦେଖିବାକୁ ପାଇନାହାନ୍ତି । ତେଣୁ ସେମାନେ ସେହି ପ୍ରାର୍ଥୀମାନଙ୍କୁ ବିଶ୍ୱାସକୁ ନେଇପାରୁ ନାହାନ୍ତି ।

ଶେଷରେ କଳାହାଣ୍ଡି ନିର୍ବାଚନ-ମଣ୍ଡଳୀ ପ୍ରାର୍ଥୀ ପ୍ରସଙ୍ଗ ହାଇକମାଣ୍ଡଙ୍କ ଚୂଡାନ୍ତ ଫଏସଲା ପାଇଁ ଦିଲ୍ଲୀ ପଠାଇ ଦିଆଗଲା ।

ବାକୀ ସମସ୍ତ ଜିଲ୍ଲାର ପ୍ରାର୍ଥୀଙ୍କ ନାମ ପ୍ରାୟ ଏକପ୍ରକାର ନିର୍ଣ୍ଣୀତ ହେଲା । ସମସ୍ତ ରିପୋର୍ଟ ନେଇ ପର୍ଯ୍ୟବେକ୍ଷକ ଦିଲ୍ଲୀ ଚାଲିଗଲେ ।

ଦିଲ୍ଲୀରେ ଷ୍ଟେଟ୍ ୱାଇଜ୍ ପ୍ରାର୍ଥୀ ଚୟନ ଚାଲିଥାଏ ।

ଏ.ଆଇ.ସି.ସି. ଅଫିସ୍ ସରଗରମ ହୋଇ ଉଠିଥାଏ । ବହୁ ଲୋକଙ୍କ ସମାଗମ ଦୃଷ୍ଟିରୁ କଂଗ୍ରେସ ପ୍ରତି ଲୋକଙ୍କ ଆକର୍ଷଣ ସ୍ପଷ୍ଟ ଜଣା ପଡି ଯାଉଥାଏ । ଏମରଜେନ୍ସି ପରେ କଂଗ୍ରେସର ଯେଉଁ ବିପର୍ଯ୍ୟୟ ହେଲା ଏବଂ ଜନତାଦଳ ସରକାର ଗଠନ କରି ଶାସନକୁ ଆସିବା ଫଳରେ ସେମାନଙ୍କ ଭିତରେ କ୍ଷମତା ପାଇଁ ଯେଉଁ ଲଢ଼େଇ ଲାଗି

Source: Author, Digitized by PPRACHIN, SOA

ରହିଲା, ତାହା ଦେଖି ଲୋକଙ୍କ ମୋହ ତୁଟିବାକୁ ଲାଗିଲା । ତେଣୁ ସମଗ୍ର ଦେଶରେ କଂଗ୍ରେସ ସପକ୍ଷରେ ନୂଆ ହାୱା ସୃଷ୍ଟି ହେବାରେ ଲାଗିଥାଏ । ଏଣେ ଜନତା ଦଳ ନିଜ ନିଜ କଳହରେ ବ୍ୟସ୍ତ ଥିବା ସମୟରେ, ଶ୍ରୀମତୀ ଇନ୍ଦିରା ଗାନ୍ଧୀ ବିଭିନ୍ନ ଅଞ୍ଚଳ ଗସ୍ତ କରି ଲୋକଙ୍କ ଦୁଃଖ ସୁଖରେ ଭାଗୀଦାର ହୋଇ ଉଦ୍‌ବୋଧନ ଦେଉଥାନ୍ତି । ଫଳରେ, ଏମରଜେନ୍ସି ରାଗ ସେମାନଙ୍କ ମନରୁ ଅପସରି ଗଲା ।

ନିର୍ଦ୍ଧାରିତ ଦିନରେ ଓଡିଶା ପ୍ରଦେଶ କଂଗ୍ରେସ ପ୍ରାର୍ଥୀଙ୍କ ଚୂଡାନ୍ତ ତାଲିକା ପ୍ରସ୍ତୁତ ହୋଇ ପ୍ରଦେଶ କଂଗ୍ରେସ ସଭାପତିଙ୍କୁ ଜଣାଇ ଦିଆଗଲା । ଓଡିଶାର ୨୧ଟି ନିର୍ବାଚନ ମଣ୍ଡଳୀରୁ ୧୯ଟି ନିର୍ବାଚନ-ମଣ୍ଡଳୀର ପ୍ରାର୍ଥୀ ଚୂଡାନ୍ତ ହୋଇ ସାରିଥିଲା । କେବଳ ଘୋଷଣା ବାକିଥିଲା । ଦୁଇଟି ନିର୍ବାଚନ-ମଣ୍ଡଳୀ ଭୁବନେଶ୍ୱର ଏବଂ କଳାହାଣ୍ଡିର ଫଏସଲା ଇନ୍ଦିରା ଗାନ୍ଧୀଙ୍କ ଉପରେ ଛାଡି ଦିଆଯାଇଥିଲା ।

ଜାନକୀବାବୁ କଟକ ନିର୍ବାଚନ ମଣ୍ଡଳୀ ପାଇଁ ପ୍ରାର୍ଥୀ ହୋଇଥାନ୍ତି । ତାଙ୍କ ନିର୍ବାଚନ ମଣ୍ଡଳୀର 'କଳାପଥର ଗ୍ରାମ'ର ସାଧାରଣ ସଭାରେ ଭାଷଣ ଦେଇ ଆମେ ସମସ୍ତେ ଫେରି ଆସିଲୁ । କିଛି ଦୂର ଆସିଲା ପରେ ରାସ୍ତା କଡରେ ଗାଡିରଖି ଆମେ ଅଳ୍ପ ଦୂର ଚାଲିଯାଇ ଗୋଟିଏ ଗଛ ତଳେ ଛିଡା ହେଲୁ । ଅନେକ ଆଶାୟୀ ପ୍ରାର୍ଥୀ ସେତେବେଳକୁ ଟିକଟ ପାଇବା ଆଶାରେ ଅପେକ୍ଷା କରି ରହିଥାନ୍ତି । ସେମାନେ ମଧ୍ୟ ଆମ ସହିତ ଆସୁଥାନ୍ତି ।

ମୁଁ କହିଲି, ''ଆମେ ଏଠି କାହିଁକି ରହିଲୁ? ଭୁବନେଶ୍ୱର ଯାଇ ମୋ' କ୍ୱାର୍ଟରରେ ବସିଥାନ୍ତୁ । ସେଠି ଆଲୋଚନା ହୋଇଥାନ୍ତା'' । ଇନ୍ଦିରା କଂଗ୍ରେସ ଦଳର କୌଣସି ଅଫିସ୍ ଗୃହ ନଥାଏ । ତେଣୁ କିଛିଦିନ କଂଗ୍ରେସ ଦଳ ସଭ୍ୟ ଯୋଗେଶ ରାଉତଙ୍କ କ୍ୱାର୍ଟରରେ କାମ ଚଳାଇ ନେଲୁ । ପରେ ବିରୋଧୀ-ଦଳ-ନେତା ଭାବେ ହିଞ୍ଜିଳିକାଟୁ ବିଧାୟକ ବୃନ୍ଦାବନ ନାଏକ ନିର୍ବାଚିତ ହେଲାପରେ ତାଙ୍କ କ୍ୱାର୍ଟରରେ ଅଫିସ କାମ ଚଳାଇବା ସହିତ ତାଙ୍କ ଗାଡି ମଧ୍ୟ ଆମେ ବ୍ୟବହାର କଲୁ । ବର୍ତ୍ତମାନ ସେ ମଧ୍ୟ ଇନ୍ଦିରା କଂଗ୍ରେସ ଦଳ ଛାଡି ଜନତା ଦଳରେ ଯୋଗ ଦେଇ ମନ୍ତ୍ରୀ ହୋଇ ସାରିଲେଣି । ତେଣୁ ତାଙ୍କ କ୍ୱାର୍ଟର ମଧ୍ୟ ଆମ୍ଭ ପାଇଁ ନିଷିଦ୍ଧ ହୋଇଗଲା ।

ତେଣୁ ମୋର କ୍ୱାର୍ଟର୍ ହିଁ ଇନ୍ଦିରା କଂଗ୍ରେସ ଦଳ ପାଇଁ ବ୍ୟବହାର ହେଉଥାଏ ।

ଜାନକୀବାବୁ ସେହି ଗଛ ମୂଳରେ ଛିଡା ହୋଇ ସଭିଙ୍କୁ ଥରେ ଦେଖି ନେଇ ହସ ହସ ମୁହଁରେ ପକେଟରୁ ଏକ ଟେଲିଗ୍ରାମ କାଗଜ ବାହାରକରି ଆଣି କହିଲେ, ''ଇନ୍ଦିରା ଗାନ୍ଧୀଙ୍କଠୁ ଟେଲିଗ୍ରାମ୍ ଆସିଛି''। ସମସ୍ତେ ଉତ୍‌କଣ୍ଠାର ସହ ସେହି ଟେଲିଗ୍ରାମ୍ କାଗଜକୁ ଅନାଇ ରହିଲେ ।

Source: Author, Digitized by PPRACHIN, SOA

ଜାନକୀବାବୁ ଟେଲିଗ୍ରାମ୍ କାଗଜକୁ ହାତରେ ଧରି କହିଲେ, ''ରାସବିହାରୀ ! ତୁମେ ଇନ୍ଦିରା କଂଗ୍ରେସ ଦଳରୁ କଳାହାଣ୍ଡି ଲୋକସଭା ପାଇଁ ପ୍ରାର୍ଥୀ ହେବ । କେବଳ ସେତିକି ନୁହେଁ, ଇନ୍ଦିରା ଗାନ୍ଧୀ ଓଡିଶା କଂଗ୍ରେସ ଦଳର ପ୍ରାର୍ଥୀଙ୍କ ପାଇଁ ପ୍ରଚାରରେ ଆସି, ପ୍ରଥମେ କଳାହାଣ୍ଡିରୁ ପ୍ରଚାରର ଶୁଭାରମ୍ଭ କରିବେ''।

ଜାନକୀବାବୁ ଟେଲିଗ୍ରାମ୍ ମୋ' ହାତକୁ ବଢ଼ାଇ ଦେଲେ । ତାହା ନେଇ ପଢ଼ିଲି ଏବଂ ଆଶ୍ଚର୍ଯ୍ୟରେ ତାଙ୍କ ମୁହଁକୁ ଚାହିଁ ରହିଲି ।

ସେ ମୋତେ ଦେଖି ହସି କହିଲେ, ''ଦଳର ନିର୍ଣ୍ଣୟ ହୋଇ ଯାଇଛି । ତୁମେ କଳାହାଣ୍ଡି ଲୋକସଭା ପ୍ରାର୍ଥୀ ହେବ'' । ଏତକ କହି ମୋ'ଠୁ ଟେଲିଗ୍ରାମ୍ ନେଇ ଜାନକୀ ବାବୁ ତାଙ୍କ ପକେଟରେ ରଖିଲେ ।

''ଇନ୍ଦିରା ଗାନ୍ଧୀଙ୍କ ଯାହା ନିର୍ଦ୍ଦେଶ, ଦଳର ଜଣେ ଶୃଙ୍ଖଳିତ କର୍ମୀ ହିସାବରେ ମୁଁ ତାକୁ ଗ୍ରହଣ କରୁଛି''।

ମୋ'ଠୁ ଏତକ ଶୁଣି ଉପସ୍ଥିତ ସମସ୍ତ କଂଗ୍ରେସ ନେତୃମଣ୍ଡଳୀ ମୋ' ସହିତ ହାତ ମିଳାଇ ଶୁଭକାମନା ଜଣାଇଲେ । କେତେବନ୍ଧୁ ମୋତେ କୁଣ୍ଢାଇ ଅଭିନନ୍ଦନ ଜଣାଇଲେ ।

ମୋର ପ୍ରାର୍ଥିତ୍ୱ ନେଇ ଦିଲ୍ଲୀରେ ଆଲୋଚନା ହେଲାପରେ ଚୂଡାନ୍ତ ହେଲା । ଜାନକୀବାବୁ ମୋତେ ପରାମର୍ଶ ଦେଲେ, ''ତୁମେ ତୁରନ୍ତ କଳାହାଣ୍ଡି ଚାଲିଯାଇ ନିର୍ବାଚନ ପ୍ରସ୍ତୁତିରେ ଲାଗିଯାଅ'' । ଅନ୍ୟାନ୍ୟ କିଛି ଆଲୋଚନା କରି ସମସ୍ତେ ମୋ' କ୍ୱାର୍ଟରକୁ ଫେରି ଆସିଲୁ । ସମସ୍ତେ ବସି ଆଲୋଚନାରେ ବ୍ୟସ୍ତ ରହିଲେ ।

ସମସ୍ତଙ୍କ ପାଇଁ ଜଳଯୋଗର ବ୍ୟବସ୍ଥା କରାଗଲା । ନିର୍ବାଚନ ପ୍ରସ୍ତୁତି ଉପରେ ଆଲୋଚନା ହୋଇ ସିଦ୍ଧାନ୍ତ ଗ୍ରହଣ କରାଗଲା । ନିର୍ବାଚନ ପ୍ରଚାରରେ ଇନ୍ଦିରା ଗାନ୍ଧୀ ପ୍ରଥମେ କଳାହାଣ୍ଡି ଆସୁଥିବା ଯୋଗୁଁ ସେଥିପାଇଁ ସବୁ ଦିଗକୁ ବିଚାର କରି ବିସ୍ତୃତ ଆଲୋଚନା ପରେ ତାହା ସ୍ଥିର କରାଗଲା ।

ଭୁବନେଶ୍ୱର ନିର୍ବାଚନ ମଣ୍ଡଳୀ ପ୍ରାର୍ଥୀ ମଧ୍ୟ ଚୂଡାନ୍ତ ହୋଇ ଯାଇଥାଏ । ମୁଁ ଫୋନ କରି ଚିନ୍ତାମଣି ପାଣିଗ୍ରାହୀଙ୍କୁ ଆସିବା ପାଇଁ ଅନୁରୋଧ କଲି ।

ସେ ତୁରନ୍ତ ଆସି ପହଞ୍ଚିଗଲେ । ମୁଁ ତାଙ୍କୁ ସ୍ୱାଗତ କରି ବସିବା ପାଇଁ ଚୌକି ବଢ଼ାଇ ଦେଲି ।

ତାଙ୍କ ପ୍ରାର୍ଥିତ୍ୱ ଚୂଡାନ୍ତ ହୋଇଥିବା ଖବର ଜାନକୀ ବାବୁ ତାଙ୍କୁ ଜଣାଇଦେଲେ । ଆମେ ସମସ୍ତେ ତାଙ୍କୁ ଅଭିନନ୍ଦନ ଜଣାଇଲୁ । ତାଙ୍କ ମୁହଁରୁ ସମସ୍ତ ଆଶା ଆଶଙ୍କା ଦୂର ହୋଇ ଆନନ୍ଦରେ ମୁହଁ ଚହଟି ଉଠିଲା । ଜାନକୀ ବାବୁଙ୍କ ସହ ହାତ ମିଳାଇ ସେ ଆମ ସଭିଙ୍କ ଅଭିନନ୍ଦନ ଗ୍ରହଣ କଲେ ।

Source: Author, Digitized by PPRACHIN, SOA

କଳାହାଣ୍ଡିରୁ ଇନ୍ଦିରା ଗାନ୍ଧୀଙ୍କ ନିର୍ବାଚନ ପ୍ରଚାର :

ଲୋକସଭା ନିର୍ବାଚନ ପାଇଁ ମୋର ପ୍ରସ୍ତୁତି ଆରମ୍ଭ ହୋଇ ଯାଇଥାଏ । ଜିଲ୍ଲାରେ କଂଗ୍ରେସ କର୍ମୀମାନଙ୍କ ମନରେ ବିପୁଳ ଉତ୍ସାହ ଉଦ୍ଦୀପନା ଖେଳି ଯାଇଥାଏ । ମୁଁ ସେମାନଙ୍କ ପାଖରେ ନ ପହଞ୍ଚିବା ପୂର୍ବରୁ ମଧ୍ୟ ସେମାନେ ତାଙ୍କ କାମରେ ଲାଗି ଯାଇଥାନ୍ତି । ମୋର ପ୍ରାର୍ଥିତ୍ୱ ଖବର ସମଗ୍ର ଜିଲ୍ଲାରେ ପ୍ରସାରିତ ହୋଇ ଯାଇଥାଏ । ଇନ୍ଦିରା କଂଗ୍ରେସର ନିର୍ବାଚନ ଶୁଭାରମ୍ଭ ଶ୍ରୀମତୀ ଇନ୍ଦିରା ଗାନ୍ଧୀ କଳାହାଣ୍ଡି ଜିଲ୍ଲାରୁ ଆରମ୍ଭ କରୁଥିବା ଯୋଗୁଁ କଂଗ୍ରେସ କର୍ମୀମାନେ ଉତ୍ସାହିତ ହୋଇ ପଡିଥିଲେ । ଏତେ ଦିନପରେ କଂଗ୍ରେସ କର୍ମୀମାନଙ୍କ ପ୍ରାର୍ଥୀଙ୍କୁ ଟିକଟ ମିଳିଥିବା ଯୋଗୁଁ ସେମାନଙ୍କ ମନରେ ଆତ୍ମସମ୍ମାନ ଭାବ ବୃଦ୍ଧି ପାଇଥାଏ ଯେ, କର୍ମୀମାନଙ୍କ ମତକୁ ଦଳ ସମ୍ମାନ ଦେଇଛି ।

ନିର୍ଦ୍ଦିଷ୍ଟ ଦିନ ହଜାର ହଜାର ସମର୍ଥକଙ୍କ ସହ ଯାଇ ମୁଁ ମୋର ପ୍ରାର୍ଥିତ୍ୱ ଇଲେକସନ୍ ଅଫିସରଙ୍କ ପାଖରେ ପେସ୍ କଲି । ବହୁ ଆଇନଜ୍ଞ ମୋତେ ସହଯୋଗ କରୁଥାନ୍ତି । ପ୍ରାର୍ଥିତ୍ୱ ପତ୍ର ଦାଖଲ ପରେ, ବିଭିନ୍ନ ବ୍ଲକ ଗସ୍ତ କରି କର୍ମୀ ସମ୍ମିଳନୀରେ ଉଦ୍‌ବୋଧନ ଦେଲି । ସାଂଗଠନିକ କାର୍ଯ୍ୟକ୍ରମ ସମ୍ବନ୍ଧରେ ସ୍ଥାନୀୟ ନେତାମାନଙ୍କ ସହ ପରାମର୍ଶ କରି ସତର୍କତା ସହ ନିର୍ବାଚନକୁ ଶୃଙ୍ଖଳିତ ଭାବରେ ପରିଚାଳନା କରିବା ପାଇଁ ମୋର ପରାମର୍ଶ ଦେଲି ।

ଏହି ନିର୍ବାଚନରେ ମୋର ସବୁଠୁ ବଡ ଲାଭ ହେଲା । ଗତ ଲୋକସଭା ନିର୍ବାଚନରେ କଳାହାଣ୍ଡି ମହାରାଜାଙ୍କୁ କଂଗ୍ରେସଦଳ ସମର୍ଥନ ଜଣାଇ ଥିଲା । ସେତେବେଳେ କଂଗ୍ରେସ ଦଳ ତରଫରୁ ମୁଁ ତାଙ୍କୁ ପୂର୍ଣ୍ଣ ସମର୍ଥନ ଦେଇ ତାଙ୍କର ଅତି ଘନିଷ୍ଠ ଲୋକଙ୍କ ସହ ସଂପର୍କରେ ଆସିଥିଲି । ସେମାନେ ମୋର କାର୍ଯ୍ୟ ପ୍ରଣାଳୀ ପ୍ରଭୃତି ଦେଖି ବହୁତ ଖୁସି ହୋଇଥିଲେ । ଏଥର ନିର୍ବାଚନରେ ମୁଁ ସେମାନଙ୍କ ସହଯୋଗ ପାଇ ପାରିଥିଲି । କଂଗ୍ରେସ ଦଳର କର୍ମୀମାନେ ମଧ୍ୟ ତାଙ୍କ ମନଲାଖି ପ୍ରାର୍ଥୀ ପାଇ ପାରିଥିବା ଯୋଗୁଁ ଏହି ନିର୍ବାଚନକୁ ଏକ ସୁବର୍ଣ୍ଣ ସୁଯୋଗ ମନେକରି ମନପ୍ରାଣ ଦେଇ ବିପୁଳ ଉତ୍ସାହରେ ପ୍ରଚାର କାର୍ଯ୍ୟରେ ଲାଗିଯାଇଥାନ୍ତି ।

ନିର୍ଦ୍ଦିଷ୍ଟ ଦିନ ଇନ୍ଦିରା ଗାନ୍ଧୀ କଂଗ୍ରେସ ପ୍ରଚାରର ଶୁଭାରମ୍ଭ କରିବା ପାଇଁ ଭବାନୀପାଟଣା ଆସି ପହଞ୍ଚିଲେ । ଆମେ ତାଙ୍କ ଆଗମନ ପାଇଁ ସମସ୍ତ ପ୍ରସ୍ତୁତି କରିନେଇ ତାଙ୍କ ଅପେକ୍ଷାରେ ଥିଲୁ । ନିର୍ବାଚନ ସଭାରେ ମଧ୍ୟ ବିପୁଳ ସଂଖ୍ୟାରେ ଲୋକଙ୍କ ସମାଗମ ହୋଇଥାଏ । ଏହା ମୋତେ ବହୁ ପରିମାଣରେ ଉତ୍ସାହିତ କଲା ।

ନିର୍ବାଚନ ସଭାରେ ମୁଁ ମୋର ସଂକ୍ଷିପ୍ତ ଭାଷଣ ପ୍ରଦାନ କଲି । ଜନସାଧାରଣଙ୍କ ସହଯୋଗ ସଦିଚ୍ଛା କାମନା କରି ରାଜନୈତିକ ପଟ୍ଟ ପରିବର୍ତ୍ତନ ପାଇଁ ଆହ୍ୱାନ ଦେଲି ।

Source: Author, Digitized by PPRACHIN, SOA

ଜାତୀୟ ସ୍ରୋତ ସହ ସାମିଲ ହେବା ପାଇଁ ସମସ୍ତଙ୍କ ସହଯୋଗ କାମନା କଲି । ପ୍ରଦେଶ କଂଗ୍ରେସ ସଭାପତି ଜାନକୀବାବୁ, ଲୋକଙ୍କୁ କଂଗ୍ରେସ ଦଳକୁ ପୂର୍ଣ୍ଣ ସମର୍ଥନ ଦେବା ପାଇଁ ଆହ୍ୱାନ ଦେଲେ । ଜଣେ ଉତ୍ସାହୀ ଯୁବକଙ୍କୁ ଆଗକୁ ଆଣିବା ପାଇଁ ସମସ୍ତେ ସହଯୋଗର ହାତ ବଢ଼ାଇବା ପାଇଁ ଆହ୍ୱାନ କଲେ ।

ଇନ୍ଦିରା ଗାନ୍ଧୀ ଉଦ୍‌ବୋଧନ ଦେବା ପାଇଁ ଉଠିବା କ୍ଷଣି, କିଛି ଲୋକ କଳା ପତାକା, "ଦେଖାଇ ଗଣତନ୍ତ୍ର ହତ୍ୟାକାରୀ ଇନ୍ଦିରା ଗାନ୍ଧୀ ଫେରିଯାଅ" ବୋଲି ପାଟିକଲେ । ପୁଲିସ ସାଙ୍ଗେ ସାଙ୍ଗେ ସେମାନଙ୍କୁ ସେଠୁ ଘଉଡାଇ ନେଇଗଲା ।

ଇନ୍ଦିରା ଗାନ୍ଧୀ ୧୫ ମିନିଟର ତାଙ୍କ ଅଭିଭାଷଣରେ ବିପୁଳ ଜନତାଙ୍କୁ ସମ୍ବୋଧନ କରି, ଓଡିଶା ରାଜନୀତିରେ ପରିବର୍ତ୍ତନ ଘଟାଇବା ସଙ୍ଗେ ସଙ୍ଗେ ବହୁ ପଛରେ ପଡି ରହିଥିବା କଳାହାଣ୍ଡିକୁ ମଧ୍ୟ ଜାତୀୟ ସ୍ରୋତରେ ସାମିଲ କରାଇ ଜିଲ୍ଲାର ବହୁ ଉନ୍ନୟନ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଆହ୍ୱାନ ଦେଇଥିଲେ । ସେ ମଧ୍ୟ ଇନ୍ଦ୍ରାବତୀ ବହୁମୁଖୀ ଯୋଜନାକୁ ତୁରନ୍ତ କାର୍ଯ୍ୟକାରୀ କରିବାର ପ୍ରତିଶ୍ରୁତି ଦେଇ କଳାହାଣ୍ଡି ଚାଷୀ ଭାଇମାନେ ତାର ସୁଫଳ ପାଇବା ପାଇଁ ଆହ୍ୱାନ ଦେଲେ । ତେଣୁ "ଆପଣମାନଙ୍କ ପ୍ରାର୍ଥୀ ରାସବିହାରୀ ବେହେରାଙ୍କୁ ବିପୁଳ ଭୋଟରେ ଜୟଯୁକ୍ତ କରାଇ ଅଞ୍ଚଳର ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ମୁଁ ଆଜି ଆପଣମାନଙ୍କ ସହଯୋଗ କାମନା କରୁଛି" ବୋଲି ସେ ସ୍ପଷ୍ଟ ବକ୍ତବ୍ୟ ରଖିଥିଲେ । ଏତକ କହି ଇନ୍ଦିରା ଗାନ୍ଧୀ ହାତ ହଲାଇ ହଲାଇ ଜନତାଙ୍କୁ ଆଖି ପୂରାଇ ଦେଖି ନେଲେ ।

ଘନ ଘନ କରତାଳିରେ ସଭା ସ୍ଥଳ କମ୍ପି ଉଠିଲା । 'ଇନ୍ଦିରାକଂଗ୍ରେସ ଜିନ୍ଦାବାଦ', 'ଇନ୍ଦିରା ଗାନ୍ଧୀ ଜିନ୍ଦାବାଦ' ଧ୍ୱନିରେ ସ୍ଥାନଟି ମୁଖରିତ ହୋଇ ଉଠିଲା ।

ହସ ହସ ବଦନରେ ମୋତେ ଥରେ ଦେଖି ନେଇ, ଇନ୍ଦିରା ଗାନ୍ଧୀ ଆଶୀର୍ବାଦ କରି କହିଲେ, "କାମ୍ ମେ ଲଗ୍‌ଯାଓ, ତୁମ୍‌ହାରା ଜିତ୍ ସୁନିଶ୍ଚିତ... ଦିଲ୍ଲୀମେ ମୁଲାକାତ୍ ହୋଗା"।

ତାଙ୍କର ଏହି କଥା ପଦକ ମୋ' ମନରେ ବିପୁଳ ଉତ୍ସାହ ଖେଳାଇ ଦେଲା । ଇନ୍ଦିରା ଗାନ୍ଧୀ ଉଡାଜାହାଜରେ ବିଭିନ୍ନ ଜିଲ୍ଲାକୁ ଯାଇ ନିର୍ବାଚନ ସଭାମାନଙ୍କରେ ଉଦ୍‌ବୋଧନ ଦେଇ ଦିଲ୍ଲୀ ଫେରିଗଲେ ।

ନିର୍ବାଚନ ସମୟରେ ମୋତେ ଯେଉଁ ଭଳି ସ୍ୱାଗତ ସମ୍ବର୍ଦ୍ଧନା ମିଳିଲା ମୁଁ ମଧ୍ୟ ଚକିତ ହୋଇଗଲି । ଲୋକଙ୍କ ଭିତରେ ଏକ ପରିବର୍ତ୍ତନର ଆଭାସ ମିଳୁଥାଏ । ତଥାପି ମନରେ ଆଶଙ୍କା ମଧ୍ୟ ଦେଖା ଦେଉଥାଏ । ସକାଳ ଆଠଟାରୁ ରାତ୍ର ୧୦ଟା ପର୍ଯ୍ୟନ୍ତ ବିଭିନ୍ନ ସଭାସମିତିରେ ଯୋଗଦେଇ ବିଭିନ୍ନ ଲୋକଙ୍କ ସହିତ ପ୍ରତ୍ୟକ୍ଷ ସଂସ୍ପର୍ଶରେ

Source: Author, Digitized by PPRACHIN, SOA

ଆସିଲି । ସେମାନଙ୍କ ବାସ୍ତବ ସମସ୍ୟା ଧୈର୍ଯ୍ୟର ସହିତ ଶୁଣିଲି, ସେମାନଙ୍କ ସହିତ ବସିଲି, ଏକାଠି ଖାଇ ବିଶ୍ରାମ ନେଲି । ସେମାନଙ୍କ ଛୋଟ ଛୋଟ ସମସ୍ୟା, ଯଥା– ଗାଁରେ ସ୍କୁଲ୍ ନାହିଁ, ପିଇବା ପାଣି ଠିକ୍ ଭାବରେ ମିଳୁ ନାହିଁ, ରାସ୍ତା ନାହିଁ, ସ୍କୁଲରେ ଶିକ୍ଷକ ନାହାନ୍ତି–ଏହିଭଳି ଅନେକ କଥା ମୁଁ ଧୈର୍ଯ୍ୟର ସହ ଶୁଣୁଥିଲି । ସଭାରେ ଭାଷଣ ଦେବାଠୁ ବୈଠକ ମାଧ୍ୟମରେ ସେମାନଙ୍କ କଥା ଶୁଣିବା ମୋ' ପାଇଁ ବହୁ ଉପାଦେୟ ହୋଇଥିଲା । ସେମାନେ ମଧ୍ୟ ତାଙ୍କ ଗାଁ ସମସ୍ୟା, ତାଙ୍କ ମନକଥା ଖୋଲା ମନରେ ମୋତେ କହି ପାରିଥିବା ଯୋଗୁଁ ସମସ୍ତେ ଖୁସ୍ ।

ରାଜନେତାମାନେ ବଡ ବଡ କଥା ଚିନ୍ତା କରିବା ସେମାନଙ୍କର ପରିପକ୍ୱତାର ନିଦର୍ଶନ ନୁହେଁ । ପ୍ରକୃତରେ ଛୋଟ ଛୋଟ କଥା ଓ ସମସ୍ୟାଗୁଡିକ ବୁଝିବା ଏବଂ ସେଗୁଡିକର ସମାଧାନ କରିବା ହେଉଛି ପରିପକ୍ୱତାର ନିଦର୍ଶନ । ଏତକ ଆମେ ବୁଝି କାର୍ଯ୍ୟ କଲେ, ଗ୍ରାମାଞ୍ଚଳର ବହୁ ସମସ୍ୟାର ସମାଧାନ ପାଇଁ ବାଟ ଫିଟିଯିବ । ଗାଁମାନଙ୍କୁ ନେଇ ହିଁ ଦେଶ ଗଠିତ ହୋଇଛି । ତେଣୁ ଗ୍ରାମର ସମସ୍ୟା ସମାଧାନ ହୋଇଗଲେ ଦେଶର ଅନେକ ସମସ୍ୟାର ସମାଧାନ ହୋଇଯିବ ।

ପ୍ରଶାସକ ଗ୍ରାମାଞ୍ଚଳକୁ ବିଶେଷ ଗସ୍ତ କରନ୍ତି ନାହିଁ । ଫଳରେ ପ୍ରକୃତ ସମସ୍ୟା ଜାଣି ପାରନ୍ତି ନାହିଁ । ଜନସାଧାରଣଙ୍କ ସହ ସ୍ୱତଃସ୍ଫୂର୍ତ୍ତ ସାକ୍ଷାତରେ ଅଧିକ ଆନ୍ତରିକତା ଥାଏ, ଅଧିକ ଉପଲବ୍ଧି ମିଳିଥାଏ । ଫଳରେ ଶାସନ ଲୋକାଭିମୁଖୀ ହୋଇଥାଏ । ସରକାରୀ କଳର ଉଦାସୀନତା ଏବଂ ସମ୍ବେଦନ ହୀନତା ଯୋଗୁଁ ଅନେକ କାର୍ଯ୍ୟର ସୁଫଳ ମିଳିପାରୁ ନାହିଁ । ତେଣୁ ଆମ ପ୍ରଗତି ତ୍ୱରାନ୍ୱିତ ହୋଇପାରୁ ନାହିଁ । ପ୍ରତ୍ୟେକ ପ୍ରକଳ୍ପର ସ୍ୱଚ୍ଛତା ପାଇଁ ପ୍ରଶାସନକୁ ଉତ୍ତରଦାୟୀ ହେବାକୁ ପଡିବ ।

ନିର୍ବାଚନ ଫଳ : ମୋର ବିଜୟ ଘୋଷଣା :

ନିର୍ଦ୍ଦିଷ୍ଟ ଦିନ ଭୋଟ ଦେବା କାର୍ଯ୍ୟ ଶେଷ ହେଲା । ଭୋଟ ଗଣତି ପାଇଁ ମଧ୍ୟ ଆମ ପ୍ରସ୍ତୁତି ଆରମ୍ଭ ହେଲା । ଗଣତି ପାଇଁ କାଉଣ୍ଟିଙ୍ଗ୍ ଏଜେଣ୍ଟ ଠିକ୍ କରି ସମସ୍ତଙ୍କୁ ଆବଶ୍ୟକ ପରାମର୍ଶ ଦେଲି । ଗଣତି ଦିନ ଧର୍ମଗଡ ଏବଂ ଭବାନୀପାଟଣା ଗଣତି-କେନ୍ଦ୍ରକୁ ଯାଇ କାଉଣ୍ଟିଙ୍ଗ୍ ଏଜେଣ୍ଟମାନଙ୍କୁ ସାକ୍ଷାତ କରି ସେମାନଙ୍କ ସହ ଆଲୋଚନା କରି ଚାଲି ଆସିଲି ।

ମନରେ ଆଶା ଆଶଙ୍କା ଭରି ରହିଥାଏ । ଛାତ୍ର-ଛାତ୍ରୀ ପରୀକ୍ଷା ଦେଇ ପରୀକ୍ଷା ଫଳକୁ ଅପେକ୍ଷା କଲା ଭଳି ମୁଁ ମଧ୍ୟ ଫଳାଫଳକୁ ଉତ୍କଣ୍ଠାର ସହ ଅପେକ୍ଷା କରି ରହିଲି । ମାତ୍ର, ମୋ ଆଖିରେ ଦୃଢ଼ତାର ଆଲୋକ ଉଦ୍ଭାସିତ ହେଉଥାଏ ।

Source: Author, Digitized by PPRACHIN, SOA

ମନରେ ଆତ୍ମବିଶ୍ୱାସ ରହିଥାଏ । ତଥାପି, ସମୟ ସମୟରେ ଆଶଙ୍କା ଉଙ୍କି-ମାରୁଥାଏ, 'ସତେ କଣ କଳାହାଣ୍ଡି ମହାରାଜା ପରାଜୟ ବରଣ କରିବେ'?

ନିର୍ବାଚନ ସମୟରେ ଲୋକଙ୍କ ବିପୁଳ ଉତ୍ସାହ ଏବଂ ମୋ' ପ୍ରତି ସମର୍ଥନ ମନୋଭାବ ମୁଁ ଦେଖିଛି । ତାକୁ ଅନୁଭବ ମଧ୍ୟ କରିଛି । ଏପରିକି ରାତ୍ର ୧୧ଘଣ୍ଟା ପର୍ଯ୍ୟନ୍ତ ଶୀତ କାକରରେ ଲୋକେ ମୋର ନିର୍ବାଚନ ସଭାମାନଙ୍କରେ ବହୁ ସଂଖ୍ୟାରେ ଉପସ୍ଥିତ ରହିବା ଦେଖି ମୁଁ ଅଭିଭୂତ ହୋଇଛି । ତେଣୁ ମୋ' ମନରେ ଆଶା ଉଜ୍ଜୀବିତ ହୋଇ ଚାଲିଥାଏ ।

ଅତୀତରେ ଛଅଟି ଲୋକସଭାରେ କଂଗ୍ରେସ ଦଳ ପରାଜିତ ହୋଇଛି । ମାତ୍ର, ଏଥର ନିଶ୍ଚୟ ପରିବର୍ତ୍ତନ ଘଟିବ ବୋଲି ଦୃଢ଼ବିଶ୍ୱାସ ଆସୁଥାଏ । ତଥାପି କେଜାଣି କାହିଁକି ମନରେ ଆଶଙ୍କା ସୃଷ୍ଟି ହୋଇ ମୋ' ମନକୁ ଦୁର୍ବଳ କରିଦେଉଥାଏ । ପ୍ରତିଦ୍ୱନ୍ଦ୍ୱୀଙ୍କ ପ୍ରତିଷ୍ଠା ପାଇଁ ଭୟଭୀତ ହେବାର କୌଣସି କାରଣ ନ ଥାଏ । ଉଚ୍ଚକୋଟୀର ନେତା ମଧ୍ୟ ସମୟେ ସମୟେ ପରାଜୟ ବରଣ କରିଥାନ୍ତି । ତେଣୁ ସାହସର ସହିତ ପ୍ରତିଦ୍ୱନ୍ଦ୍ୱୀକୁ ମୁକାବିଲା କରିପାରିଲେ ବିଜୟର ଟିକା ନିଶ୍ଚୟ ମିଳିବ । ଭୋଟ-ଗଣତି-କେନ୍ଦ୍ରରେ ଥରେ ବୁଲିଆସି ସବୁ ଠିକଠାକ୍ ଚାଲିଥିବା ଦେଖି ଘରେ ବସି କାଉଣ୍ଟିଙ୍ଗ୍ କେନ୍ଦ୍ରମାନଙ୍କରୁ ଖବରସଂଗ୍ରହ କରୁଥାଏ । ଫୋନ୍‌ରେ ଖବର ପାଉଥିଲି । ନହେଲେ, ଜଣେ ଭବାନୀ ପାଟଣା କେନ୍ଦ୍ରରୁ ମୋଟରସାଇକେଲରେ ଆସି ଖବର ଦେଇ ପୁଣି ଚାଲିଯାଉଥାନ୍ତି । ତିନି ରାଉଣ୍ଡ ଗଣତି ସରିବା ପରେ ମୁଁ ଆଗେଇଥିବା ଖବର ପାଇଲି । ପାଞ୍ଚ ରାଉଣ୍ଡ ବେଳକୁ ଆଗପଛ ଚାଲିଥିବା ଖବର ମିଳିଲା । ନୂଆପଡା ଭୋଟ୍ କେନ୍ଦ୍ରରୁ ଠିକ୍ ଭାବରେ ଖବର ପହଞ୍ଚି ପାରୁନଥାଏ । ତେଣୁ ଠିକ୍ ହିସାବ ନିର୍ଣ୍ଣୟ କରିବା ସମ୍ଭବ ହେଉନଥାଏ ।

ମୁଁ ଆଗେଇଥିବା ଖବର ଆସି ପହଞ୍ଚିଲା ।

ଭବାନୀପାଟଣା ଜିଲ୍ଲାପରିଷଦ ହଲ୍‌ରେ ଗଣତି ହେଉଥାଏ । ବର୍ତ୍ତମାନ ତାହା ମହିଳା କଲେଜରେ ପରିଣତ ହୋଇଛି । ଦୁଇଜଣ ଗାଡିରେ ଆସି ମୋତେ ଯିବା ପାଇଁ କହିଲେ । ସେମାନଙ୍କ ମୁହଁରେ ହସ ଦେଖି ମୋ' ମନରେ ଦମ୍ଭ ଆସିଯାଇଥାଏ । ସେଠି ଯାଇ ପହଞ୍ଚିଲି । ରାସ୍ତା ଉପରେ ଅସଂଖ୍ୟ ଲୋକଙ୍କ ସମାଗମ ହୋଇଥାଏ ।

ନୂଆପଡା, ଧର୍ମଗଡର ଗଣତିର ଶେଷ ପରିସଂଖ୍ୟାନ ବିବରଣୀ ଆସି ପହଞ୍ଚିଲା । ସମସ୍ତ ଭୋଟ ମିଶାଇ ବାରମ୍ବାର ତନଖି କରି ମାଇକ୍‌ରେ ଘୋଷଣା କରାଗଲା "ଇନ୍ଦିରା କଂଗ୍ରେସ ପ୍ରାର୍ଥୀ ରାସବିହାରୀ ବେହେରା କଳାହାଣ୍ଡି ଲୋକସଭା ନିର୍ବାଚନରେ ଜୟଯୁକ୍ତ ହୋଇଛନ୍ତି" ।

Source: Author, Digitized by PPRACHIN, SOA

ବିଜୟ ଉତ୍ସବ :

ଏ ସମ୍ବାଦ ଶୁଣି ଲୋକଙ୍କ ଆନନ୍ଦ ଉତ୍ସାହ କହିଲେ ନସରେ । ଲୋକେ ଜୟ-ଜୟକାର କରି ନାଚି ଉଠିଲେ । କେହି କେହି ବାଣ ଫୁଟାଇବାରେ ଲାଗିଥାନ୍ତି । ରାସ୍ତାରେ ଅନେକେ ଆନନ୍ଦରେ ଫଗୁ ବିଞ୍ଚୁଥାନ୍ତି ଓ ଖୁସିରେ ସାଙ୍ଗମାନଙ୍କ ମୁହଁରେ ରଙ୍ଗ ବୋଳୁଥାନ୍ତି । କେଉଁଠି ପୁଣି ମିଷ୍ଟାନ୍ନ ବଣ୍ଟନ ହେଉଥାଏ । ଏଭଳି ଏକ ଆନନ୍ଦ ମୁଖରିତ ମାହୁଲ ସୃଷ୍ଟି ହୋଇ ଯାଇଥାଏ ।

ନିର୍ବାଚନ ଅଫିସର ମୋତେ ନିର୍ବାଚିତ ହୋଇଥିବା ସାର୍ଟିଫିକେଟ୍ ପ୍ରଦାନ କଲେ । ସମସ୍ତଙ୍କ ସହିତ ହାତ ମିଳାଇ ତାହା ଗ୍ରହଣ କଲି । ନିର୍ବାଚନ ସମ୍ବନ୍ଧୀୟ ଆନୁଷଙ୍ଗିକ କାର୍ଯ୍ୟ ଶେଷ କଲି ।

କର୍ମୀମାନେ ଆନନ୍ଦରେ ବିଭୋର ହୋଇ ମୋତେ କାନ୍ଧରେ ବସାଇ ରାସ୍ତା ଉପରକୁ ନେଇ ଆସିଲେ । କେତେଜଣ ଆନନ୍ଦରେ ଆଖିରୁ ଲୁହ ଗଡାଇ ମୋତେ କୁଣ୍ଢାଇ ପକାଇଲେ ।

ଆଗରୁ ଏକ ଖୋଲା ଜିପ୍‌ଗାଡି ପ୍ରସ୍ତୁତ ହୋଇ ରହିଥାଏ । କର୍ମୀମାନଙ୍କ ଆଗ୍ରହରେ ସହର ପରିକ୍ରମା କରିବା ପାଇଁ ଆମେ ବାହାରି ପଡିଲୁ । ସେତେବେଳକୁ ରାତ୍ର ୧୧ଟା ଉପରେ ହୋଇ ଯାଇଥାଏ ।

ପ୍ରୋସେସନ୍ କିଛି ଦୂର ଆଗେଇବା ପରେ ଏସ୍.ପି. ଆସି ମୋତେ ଧୀରେ ଅନୁରୋଧ କରି କହିଲେ, ‘‘ମହାରାଜାଙ୍କ ଦେହ ହଠାତ୍ ଅସୁସ୍ଥ ହୋଇ ପଡିଛି । ଆପଣଙ୍କ ପ୍ରୋସେସନ୍ ତାଙ୍କ ପାଲେସ୍ ଆଡକୁ ନିଅନ୍ତୁ ନାହିଁ’’ ।

ମୁଁ ସମସ୍ତ ଖବର ତାଙ୍କଠୁ ପାଇ ଏସ୍.ପି.ଙ୍କୁ ନିର୍ଭର ପ୍ରତିଶ୍ରୁତି ଦେଲି । ପ୍ରୋସେସନ୍ ପାଲେସ୍ ଆଡକୁ ଯିବ ନାହିଁ ।

ଜନସାଧାରଣଙ୍କ ଉତ୍ସାହ ଉଦ୍ଦୀପନାରେ ପ୍ରୋସେସନ୍ ଆଗକୁ ଆଗକୁ ମାଡି ଚାଲିଥାଏ । ରାସ୍ତା କଡରେ ହଜାର ହଜାର ଲୋକ ଉତ୍‌କଣ୍ଠାର ସହ ଠିକ୍ ଖବର ଜାଣିବା ପାଇଁ ଅପେକ୍ଷା କରି ରହିଥାନ୍ତି । କଂଗ୍ରେସର ଜୟଧ୍ୱନି ଶୁଣି ସମସ୍ତେ ନିଶ୍ଚିତ ହୋଇ ଯାଉଥାନ୍ତି ।

ପ୍ରୋସେସନ୍ ଷ୍ଟାଚ୍ୟୁ ପର୍ଯ୍ୟନ୍ତ ଆସି ସାରିଥାଏ । ପାଲେସ୍ ପାର୍ଶ୍ୱରେ କଳାହାଣ୍ଡିର ଇଷ୍ଟଦେବୀ ମା’ ମାଣିକେଶ୍ୱରୀଙ୍କ ମନ୍ଦିର । ସେଠାକୁ ଯାଇ ଲୋକେ ଦର୍ଶନ କରିବେ ବୋଲି କହିଲେ । ମାତ୍ର, ମୁଁ ଠିକ୍ ରୂପେ ଜାଣି ଯାଇଥାଏ, ‘‘ଲୋକେ ପାଲେସ୍ ସମ୍ମୁଖରେ ବାଣ ଫୁଟାଇ ବିଜୟ ଉତ୍ସବ ସେଠି ମନାଇବେ’’ ।

Source: Author, Digitized by PPRACHIN, SOA

ମୋର ପ୍ରତିଦ୍ୱନ୍ଦ୍ୱୀ କଳାହାଣ୍ଡି ମହାରାଜାଙ୍କ ହଠାତ୍ ଅସୁସ୍ଥ ସମ୍ବାଦ ଶୁଣିବା ପରେ, ସେଭଳି ସମୟରେ ମୋର ବିଜୟ ପ୍ରୋସେସନ୍ ଯିବା ଠିକ୍ ହେବନାହିଁ ।

ମୁଁ ସମସ୍ତଙ୍କୁ ହାତ ଯୋଡି କହିଲି, ''ରାତ୍ର ଆସି ୧ଟା ପାଖାପାଖି ହେଲାଣି, ମନ୍ଦିର ଗେଟ୍ ବନ୍ଦ ହୋଇଯାଇ ସାରିଛି । ଆମେ ଏତେ ରାତିରେ ଦିଅଁ ଦର୍ଶନ ପାଇଁ ଯିବା ଠିକ୍ ହେବ ନାହିଁ'' ।

ମାତ୍ର, ଲୋକେ ନଛୋଡ ବନ୍ଧା । ପାଲେସ୍ ସାମନାରେ ବାଣ ଫୁଟାଇବା ପାଇଁ ସେମାନଙ୍କ ମନ ବ୍ୟାକୁଳ ହୋଇ ଉଠିଥାଏ । ମାତ୍ର, ମୁଁ ସେମାନଙ୍କୁ ବୁଝାଇବାରେ ଲାଗିଥାଏ । ପରେ ଲୋକମାନେ ମୋ' କଥା ରଖିଲେ । ପ୍ରୋସେସନ୍ ସେଠୁ ଫେରି ଆସିଲା । ମନ ମୋର ଆଶ୍ୱସ୍ତ ହେଲା ।

ସକାଳୁ ଲୋକଙ୍କ ଭିଡ ବଢ଼ି ଚାଲିଥାଏ । ବିଭିନ୍ନ ସ୍ଥାନରୁ ଫୋନ୍ ଆସୁଥାଏ । ଶୁଭେଚ୍ଛା ଅଭିନନ୍ଦନ ଟେଲିଗ୍ରାମ୍ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଥାଏ । ସବୁ ଗୋଟି ଗୋଟି ମୁଁ ଦେଖି ନେଉଥାଏ ।

ମହାରାଜାଙ୍କ ସହ ସାକ୍ଷାତ ଓ ପରାମର୍ଶ ଗ୍ରହଣ :

ପୂର୍ବାହ୍ନ ନଅଟା ପରେ ରାଜବାଟିକୁ ଫୋନ କଲି । ସେପଟୁ କାଶି ବାବୁ ଫୋନ ଉଠାଇଲେ । ଦୀର୍ଘ ଦିନରୁ ସେ ପାଲେସ୍‌ର ଭଲମନ୍ଦ ଦାୟିତ୍ୱରେ ଅଛନ୍ତି । ମୁଁ ତାଙ୍କୁ ନମସ୍କାର କରି କହିଲି, ''ମହାରାଜାଙ୍କ ଦେହ ଅସୁସ୍ଥ ଖବର ଶୁଣିଲି, ମୁଁ ତାଙ୍କୁ ସାକ୍ଷାତ କରିବାକୁ ଚାହେଁ'' । ମୋଠୁ ଏତକ ଶୁଣି ଆଶ୍ଚର୍ଯ୍ୟରେ ସେ କହିଲେ, ''ତୁ' କାହିଁକି ତାଙ୍କୁ ସାକ୍ଷାତ କରିବୁ? ତୋର କ'ଣ ଦରକାର ସାକ୍ଷାତ୍ କରିବାର''?

ମାନ୍ୟରେ ସେ ମୋର ଅଜା, ମୋ' ବାପାଙ୍କ ମାମୁ । ମୋର ମଧ୍ୟ ଅଜାଶ୍ୱଶୁର । ମୁଁ ପୁଣି କହିଲି, ''ଆପଣ ଯାଇ ମହାରାଜାଙ୍କୁ କହନ୍ତୁ, ମୁଁ ଫୋନ କରିଛି ତାଙ୍କୁ ସାକ୍ଷାତ୍ କରିବା ପାଇଁ'' ।

ସେପଟୁ ଉତ୍ତର ଆସିଲା, ''ହଉ ଠିକ୍ ଅଛି, ତୁ' ଫୋନ୍ ଧରିଥା, ମୁଁ ମହାରାଜାଙ୍କୁ ପଚାରି ଆସି ତୋତେ ଫୋନ୍ କରିବି'' ।

ସେ ଫୋନ୍ ରଖି ମହାରାଜାଙ୍କ ପାଖକୁ ଗଲେ ବୁଝିବା ପାଇଁ । କିଛି ସମୟ ପରେ ଆସି ମୋତେ ଜଣାଇଦେଲେ, ''ତାହାହେଲେ ତୁ' ଆ, ମହାରାଜାଙ୍କୁ ସାକ୍ଷାତ କରିବୁ'' ।

ମୁଁ ଫୋନ୍ ରଖି ଦେଲି । ଯଥା ସମୟରେ ଯାଇ ରାଜବାଟିରେ ପହଞ୍ଚିଲି । ମୋ' ସହିତ ଜଣେ ସହଯୋଗୀ ଶ୍ରୀ ଦର୍ଜି ଯାଇଥିଲେ ।

Source: Author, Digitized by PPRACHIN, SOA

ସେଠି ଲୋକଙ୍କ ଭିଡ ନ ଥାଏ । ସଦାବେଳେ ଯେଉଁଠି ଗହଳି ହୋଇ ରହିଥାଏ, ସେଠାରେ ସେ ଦିନ ସେଭଳି ଦେଖିବାକୁ ପାଇଲି ନାହିଁ ।

କାଶୀ ବାବୁଙ୍କୁ ମୋର ନମସ୍କାର ଜଣାଇଲି । ସେ ମୋତେ ନେଇ ମହାରାଜାଙ୍କ ପାଖରେ ପହଞ୍ଚାଇ ଦେଲେ ।

ମୁଁ ମୋର ନମସ୍କାର ଜଣାଇଲି । ସେ ମୋତେ ପାଖରେ ଥିବା ଚୌକିରେ ବସିବା ପାଇଁ କହିଲେ ।

''ଆପଣଙ୍କ ସ୍ୱାସ୍ଥ୍ୟ କିପରି ଅଛି'' ବୋଲି ପଚାରିଲି ।

ସେ ମୋତେ ଚାହିଁ କହିଲେ, ''ରାତିରେ ଛାତି ଦର୍ଦ୍ଦ ହେଲା, ନିଦ ଭଲ ହେଲା ନାହିଁ । ଡାକ୍ତର ଆସି ଔଷଧ ଦେଇ ଯାଇଛନ୍ତି । ବର୍ତ୍ତମାନ ଟିକିଏ ଆରାମ ଲାଗୁଛି'' ।

ମୁଁ କହିଲି, ''ଆପଣଙ୍କ ଦେହ ଅସୁସ୍ଥ ଖବର ଶୁଣିବା ପରେ ଆପଣଙ୍କୁ ସାକ୍ଷାତ କରିବା ପାଇଁ ଚାହିଁଲି । ଆପଣ ଲୋକସଭାରେ ଦୀର୍ଘଦିନ କାର୍ଯ୍ୟ କରିଛନ୍ତି, ମୁଁ ନୂଆ ହୋଇ ଲୋକସଭାକୁ ଯାଉଛି । ଏଣୁ ଆପଣଙ୍କ ପରାମର୍ଶ ନେବାକୁ ମଧ୍ୟ ଚାଲିଆସିଲି'' ।

ମୋଠୁ ଏତକ ଶୁଣି ତାଙ୍କ ମୁହଁରେ ସ୍ମିତ ହାସ୍ୟ ରେଖା ଖେଳିଗଲା । ସେ ମୋ' ମୁହଁକୁ ଚାହିଁ କହିଲେ, ''ତମେ ତ ଛୋଟ କାର୍ଯ୍ୟରେ ଥିଲ, ବର୍ତ୍ତମାନ ବଡ କାର୍ଯ୍ୟରେ ଯୋଗଦେଲ । ବିଧାୟକ ଏକ କ୍ଷୁଦ୍ର ପରିସର ହେଲେ ମଧ୍ୟ, ସେହି ହିସାବରେ ତୁମର ଅଭିଜ୍ଞତା ଅଛି । ପାର୍ଲିଆମେଣ୍ଟ ଏକ ବିଶାଳ କ୍ଷେତ୍ର । ଏଠି ସମଗ୍ର ଦେଶର ବହୁ କଥା ଆଲୋଚନା ହୋଇଥାଏ । ତୁମର ଯେଉଁଥିରେ ବେଶି ଆଗ୍ରହ ସେହି ବିଷୟବସ୍ତୁ ଉପରେ ତୁମର ପ୍ରଶ୍ନ ପଚାରିବ । ଆଲୋଚନା ବେଳେ ମଧ୍ୟ ସେହି ବିଷୟବସ୍ତୁ ଉପରେ ଅଂଶ ଗ୍ରହଣ କରିବ । ଗୋଟିଏ ବିଷୟବସ୍ତୁ ଉପରେ ସୀମିତ ରହିଲେ ତୁମେ ତୁମ କାର୍ଯ୍ୟରେ ସଫଳତା ପାଇବ'' ।

ସେ ଫେରେ କହିଲେ, ''ରେଲୱେ ହେଉ, କୃଷି ହେଉ, ଫାଇନାନ୍ସ ହେଉ, ଶିକ୍ଷା ହେଉ, ସ୍ୱାସ୍ଥ୍ୟ ହେଉ ଅବା ଟୁରିଜମ ହେଉ, ଯେଉଁଥିରେ ତୁମର ଆଗ୍ରହ ସେ ସବ୍‌ଜେକ୍ଟରେ ପାରଦର୍ଶିତା ପାଇବାକୁ ହେଲେ, ସେଥିରେ ମନୋନିବେଶ କରିବାକୁ ହେବ । କେବଳ ଏତିକି ମୋର ପରାମର୍ଶ'' ।

ତାଙ୍କ ପରାମର୍ଶ ପାଇ ମୁଁ ବହୁତ ଉପକୃତ ହୋଇଥିଲି । କୃଷିକୁ ପ୍ରାଧାନ୍ୟ ଦେଇ ପାର୍ଲିଆମେଣ୍ଟରେ ପ୍ରଶ୍ନ କରିବା ସଙ୍ଗେ ସଙ୍ଗେ, କୃଷି କନ୍‌ସଲ୍‌ଟେଟିଭି କମିଟିର ସଦସ୍ୟ ରୂପେ କମିଟିର ସଦସ୍ୟମାନଙ୍କ ସହ ସମଗ୍ର ଦେଶର ବିଭିନ୍ନ ଅଞ୍ଚଳ ବିଭିନ୍ନ ସମୟରେ ଗସ୍ତ କରି ବହୁଜ୍ଞାନ ଆହରଣ କରିବା ସୁଯୋଗ ପାଇଥିଲି । ଋଷିଆ, ବୁଲଗାରିଆ ପ୍ରଭୃତି ବିଦେଶ ଗସ୍ତ ସମୟରେ ମଧ୍ୟ ବିଭିନ୍ନ ଗ୍ରାମାଞ୍ଚଳକୁ ଯାଇ କୃଷକମାନଙ୍କ ଓ କୃଷି

Source: Author, Digitized by PPRACHIN, SOA

ବିଶେଷଜ୍ଞମାନଙ୍କ ସହିତ ସାକ୍ଷାତକରି, କୃଷକମାନଙ୍କ ଫାର୍ମ ପ୍ରଭୃତିକୁ ଯାଇ ଅନେକ ଜ୍ଞାନ ଆହରଣ କରିବା ସୁଯୋଗ ପାଇ ପାରିଥିଲି । ପରେ ଓଡ଼ିଶାର କୃଷି ଏବଂ ସମବାୟ ବିଭାଗର ମନ୍ତ୍ରୀ ଦାୟିତ୍ୱ ନେବା ପରେ ମୋତେ ଏହି ଅନୁଭୂତି ଏବଂ ଜ୍ଞାନ ମୋର ବହୁ ସହାୟକ ହୋଇଥିଲା ।

କଳାହାଣ୍ଡି ମହାରାଜାଙ୍କ ସହିତ ଆଉ କିଛି ସମୟ କଥାବାର୍ତ୍ତା ହୋଇ ଫେରି ଆସିଲି । ମୋତେ ଅପେକ୍ଷା କରିଥିବା ବହୁ ବନ୍ଧୁଙ୍କ ସହ ସାକ୍ଷାତ୍ କଲି ।

କେନ୍ଦ୍ରରେ କଂଗ୍ରେସର ସରକାର ଗଠନ :

ଭୁବନେଶ୍ୱରରୁ ପ୍ଳେନ୍‌ରେ ଦିଲ୍ଲୀ ଅଭିମୁଖେ ଆମେ ନିର୍ବାଚିତ ଲୋକସଭା ସଦସ୍ୟମାନେ ଯାତ୍ରା ଆରମ୍ଭ କଲୁ । ମୋ' ସହିତ ଗୋବିନ୍ଦ ସୁଆର, ହେମଚନ୍ଦ୍ର ସାହୁ, ରାଜେନ୍ଦ୍ର ବାବୁ ମଧ୍ୟ ଯାଇଥିଲେ । କଂଗ୍ରେସ ଦଳରୁ ୨୦ ଜଣ ଲୋକସଭା ସଦସ୍ୟ ପ୍ରାର୍ଥୀ ୧୯୮୦ ନିର୍ବାଚନରେ ଜୟଯୁକ୍ତ ହୋଇଥାନ୍ତି । ଜନତା ଦଳରୁ ଜଣେ ପ୍ରାର୍ଥୀ ବିଜୁ ପଟ୍ଟନାୟକ ଜୟଯୁକ୍ତ ହୋଇଥାନ୍ତି ।

କଂଗ୍ରେସ ଦଳର ସମସ୍ତ ନିର୍ବାଚିତ ସଦସ୍ୟ ଓଡ଼ିଶା ଭବନରେ ରହିଲୁ । ଦିଲ୍ଲୀର ପ୍ରଚଣ୍ଡ ଶୀତରେ ଦେହ ଥରି ଉଠୁଥାଏ ।

ଶ୍ରୀମତୀ ଇନ୍ଦିରା ଗାନ୍ଧୀ କଂଗ୍ରେସ ଦଳର ନିର୍ବାଚିତ ପ୍ରତିନିଧିମାନଙ୍କୁ ପାର୍ଲିଆମେଣ୍ଟର ସେଣ୍ଟ୍ରାଲ ହଲରେ ସ୍ୱାଗତ ଜଣାଇ ନିଜ ନିଜ ନିର୍ବାଚନମଣ୍ଡଳୀର ଜନସାଧାରଣଙ୍କ ଆଶା ଆକାଂକ୍ଷା ପୂରଣ ପାଇଁ ପରାମର୍ଶ ଦେଲେ ।

ଭାରତୀୟ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ବଜାୟ ରଖିବାରେ ସଂସଦୀୟ ବ୍ୟବସ୍ଥା ସହାୟକ ହୋଇଛି । ସଂସଦ ହେଉଛି ଦେଶର ଏକ ମହାନ୍ ଅନୁଷ୍ଠାନ । ସଂସଦକୁ ଆସିବା ପୂର୍ବରୁ ସାଂସଦଙ୍କ ଆଚରଣ ନିୟମାବଳୀ ପାଠ କରିବା ପାଇଁ ସେ ପରାମର୍ଶ ଦେଲେ ।

କିଛି ଦିନ ପରେ ନୂତନ ମନ୍ତ୍ରିମଣ୍ଡଳ ଗଠନ ହେଲା । ୧୯୮୦ ଜାନୁୟାରୀ ୬ ତାରିଖ ଦିନ କଂଗ୍ରେସଦଳ ବିପୁଳ ବିଜୟ ହାସଲ କରିଥିବା ବିଷୟ ଘୋଷଣା ହେଲା । ମାତ୍ର, ଇନ୍ଦିରା ଗାନ୍ଧୀ ବହୁ ସତର୍କତା ସହ କାର୍ଯ୍ୟ କରୁଥିବା ଦୃଷ୍ଟିରୁ, ଜାନୁୟାରୀ ୧୪ତାରିଖ ମକର ସଂକ୍ରାନ୍ତି ପୂର୍ବରୁ ଶପଥ ନେଇନଥିଲେ । ପରେ ସେ ଶପଥ ନେଲେ । ଓଡ଼ିଶାରୁ ଜାନକୀବଲ୍ଲଭ ପଟ୍ଟନାୟକ ମନ୍ତ୍ରିମଣ୍ଡଳରେ ଯୋଗ ଦେଲେ ।

୧୯୭୭ ସାଧାରଣ ନିର୍ବାଚନରେ ଇନ୍ଦିରା ଗାନ୍ଧୀଙ୍କ ଶୋଚନୀୟ ପରାଜୟକୁ "ଭୋଟ ବାକ୍ସରେ ବିପ୍ଳବ" ନାମରେ ଅଭିହିତ କରାଯାଏ । ନିର୍ବାଚନରେ ପରାଜୟ

Source: Author, Digitized by PPRACHIN, SOA

ପରେ ଇନ୍ଦିରା ଗାନ୍ଧୀଙ୍କୁ ଅଟଳବିହାରୀ ବାଜପେୟୀ କହିଥିଲେ, ‘‘ରାଜନୈତିକ ଅଲିଆଗଦାକୁ ତାଙ୍କୁ ଫିଙ୍ଗି ଦିଆଗଲା’’।

ଯେଉଁ ଇନ୍ଦିରା ଗାନ୍ଧୀ ଲୋକଙ୍କଦ୍ୱାରା ବିତାଡିତ ହୋଇଥିଲେ, ସେ ପୁଣି ବିପୁଳ ଭୋଟରେ ଜୟଯୁକ୍ତ ହୋଇ ଶାସନକୁ ଫେରି ଆସିଲେ । ପ୍ରଧାନମନ୍ତ୍ରୀ ଦାୟିତ୍ୱ ଗ୍ରହଣ କଲାପରେ ସେ ପ୍ରଥମ ପଦକ୍ଷେପ ନେଲେ, ଯେପରି ଜନତାପାର୍ଟି ନିର୍ବାଚିତ ହୋଇ ଆସିଲାପରେ ବିଭିନ୍ନ ରାଜ୍ୟର କଂଗ୍ରେସ ସରକାରକୁ ବରଖାସ୍ତ କରିଥିଲେ, ଠିକ୍ ସେହିଭଳି ଯେଉଁ ରାଜ୍ୟରେ ଜନତାଦଳ ପରାସ୍ତ ହୋଇଛି, ସେହି ଯୁକ୍ତି ଆଧାରରେ ସେହି ରାଜ୍ୟର ବିଧାନସଭାମାନଙ୍କୁ ଭାଙ୍ଗି ଦେଇଥିଲେ । ପୁଣି ବିଧାନସଭା ନିର୍ବାଚନ ହେଲା । ଓଡିଶାରେ କଂଗ୍ରେସଦଳ ବିପୁଳ ସଂଖ୍ୟାରେ ଜୟଯୁକ୍ତ ହୋଇ ଆସିଲେ ।

କଂଗ୍ରେସଦଳର ନେତୃତ୍ୱ ନେବା ପାଇଁ ଜାନକୀବଲ୍ଲଭ ପଟ୍ଟନାୟକ, କେନ୍ଦ୍ରମନ୍ତ୍ରି ମଣ୍ଡଳ ତ୍ୟାଗ କରି ଓଡିଶାରେ ମୁଖ୍ୟମନ୍ତ୍ରୀ ହେଲେ । କିଛିଦିନ ପରେ କେନ୍ଦ୍ରରେ ବ୍ରହ୍ମପୁର ଲୋକସଭା ସଦସ୍ୟ ରାମଚନ୍ଦ୍ର ରଥ ଷ୍ଟେଟ୍ ମିନିଷ୍ଟର ରୂପେ ଯୋଗଦେଲେ । ସେହିପରି ପୁରୀ ଲୋକସଭା ସଦସ୍ୟ ବ୍ରଜମୋହନ ମହାନ୍ତି ଆଉ କିଛିଦିନ ପରେ ଡେପୁଟି ମିନିଷ୍ଟର ହେଲେ ।

ସଂସଦରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଅଂଶଗ୍ରହଣ :

ମୁଁ ପାର୍ଲିଆମେଣ୍ଟ କାର୍ଯ୍ୟରେ ମନ ଲଗାଇଦେଲି । ପ୍ରଶ୍ନ ପଚାରିବା, ଆଲୋଚନାରେ ଅଂଶଗ୍ରହଣ କରିବା, ସ୍ପେଶାଲ ମେନ୍‌ସନ୍‌ରେ ଭାଗନେବା ପ୍ରଭୃତି କାର୍ଯ୍ୟରେ ଲାଗିଗଲି ।

ପାର୍ଲିଆମେଣ୍ଟର ୫୪୩ଜଣ ସଦସ୍ୟଙ୍କ ମଧ୍ୟରୁ ଷ୍ଟାର୍ଡ ପ୍ରଶ୍ନରେ ସିଲେକ୍ଟ ହେବା ଏତେ ସହଜ ନୁହେଁ । ଆଲୋଚନା ପାଇଁ ପାର୍ଲିଆମେଣ୍ଟରେ ଅବା ବିଧାନସଭାରେ ପ୍ରଶ୍ନୋତ୍ତର ସମୟ ଏକ ଘଣ୍ଟା । ସେଥିପାଇଁ ଷ୍ଟାର୍ଡ ପ୍ରଶ୍ନ ୨୦ଟି ଲଟେରୀ ମାଧ୍ୟମରେ ମନୋନୀତ ହୋଇଥାଏ । ଯାହା ଆଲୋଚନା ହୋଇପାରେ ନାହିଁ, ତାହା ଅନ୍‌ଷ୍ଟାର୍ଡ ପ୍ରଶ୍ନ ହିସାବରେ କେବଳ ଲିଖିତ ଉତ୍ତର ମିଳିଥାଏ ।

ବହୁ ପ୍ରଶ୍ନ ପଚାରିଲି, ମାତ୍ର; ଷ୍ଟାର୍ଡରେ ଆସି ପାରିଲା ନାହିଁ । ଷ୍ଟାର୍ଡରେ ନ ଆସିଲେ ଆଲୋଚନାକୁ ଆସି ପାରିବ ନାହିଁ । ତାହା ଫେରେ ୧ଘଣ୍ଟା ମଧ୍ୟରେ ୫ଟି ଅବା ୬ଟି ପ୍ରଶ୍ନ ଆଲୋଚନା ହୋଇ ପାରିଥାଏ । ଅନେକ ପ୍ରଶ୍ନ ମୋର ଅନ୍‌ଷ୍ଟାର୍ଡରେ ଆସୁଥାଏ ।

ପ୍ରଶ୍ନ ପଚାରିବାରେ ମୁଁ ଧୈର୍ଯ୍ୟହରା ହୋଇ ନ ଥିଲି । ପ୍ରଶ୍ନ ପଚାରିବା ପାଇଁ ୧୫ଦିନ ଆଗରୁ ଫର୍ମ ପୂରଣ କରି ଲିଖିତ ପ୍ରଶ୍ନ ପଚରା ଯାଇଥାଏ । ତେଣୁ ପାର୍ଲିଆମେଣ୍ଟରେ ଯେଉଁ ଦିନ ଯେଉଁ ବିଷୟବସ୍ତୁ ଉପରେ ଆଲୋଚନା ହେବ, ସେଥିପାଇଁ ୧୫ଦିନ ଆଗରୁ

Source: Author, Digitized by PPRACHIN, SOA

ବିଭାଗୀୟ ମନ୍ତ୍ରୀଙ୍କୁ ଲିଖିତ ଆକାରରେ ଜଣାଇବାକୁ ପଡିଥାଏ । ଯେଉଁ ପ୍ରଶ୍ନ ମନୋନୀତ ହୋଇଥାଏ, ବିଭାଗୀୟ ମନ୍ତ୍ରୀ ତଥ୍ୟ ସଂଗ୍ରହ କରି ନିର୍ଦ୍ଦିଷ୍ଟ ଦିନ ତାର ଉତ୍ତର ଦେଇଥାନ୍ତି ।

ବେହେରା ପ୍ରୋଜେକ୍ଟ ସଂପର୍କରେ :

ମୋ' ମନର ଉତ୍କଣ୍ଠାକୁ ଲାଘବ କରି ଦିନେ ମୋର ପ୍ରଶ୍ନ ଷ୍ଟାର୍ଡରେ ଆସିଲା । ତାହା ପୁଣି ୪ ନମ୍ବରରେ ଆସିଲା । ତେଣୁ ପାର୍ଲିଆମେଣ୍ଟରେ ଆଲୋଚନା ପାଇଁ ସୁଯୋଗ ମିଳିବ । ମୋର ପ୍ରଶ୍ନ ଥିଲା...

(କ) ଓଡିଶାର କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକର 'ବେହେରା ପ୍ରୋଜେକ୍ଟ' କ୍ଷୁଦ୍ର ଜଳସେଚନ ଯୋଜନା ଦୀର୍ଘ ଦିନରୁ କାମ ଆରମ୍ଭ ହୋଇ ଅଧାରୁ ବନ୍ଦ ହୋଇ ଯାଇଥିବା ସରକାର ଜାଣନ୍ତି କି ?

(ଖ) ପ୍ରୋଜେକ୍ଟ କାମ ବନ୍ଦ ହେବାଦ୍ୱାରା ବିନିଯୋଗ ଅର୍ଥ ମୂଲ୍ୟହୀନ ହୋଇଛି ଏବଂ ଏହାଦ୍ୱାରା ଚାଷୀ ଜଳସେଚନରୁ ବଞ୍ଚିତ ହେବା ଫଳରେ ଜାତୀୟ ଉତ୍ପାଦନ ହ୍ରାସ-ପାଇଛି । ଏହା ସରକାରଙ୍କ ଦୃଷ୍ଟିକୁ ଆସିଛି କି ?

(ଗ) ଜଳସେଚନରୁ ଚାଷୀଙ୍କୁ ବଞ୍ଚିତ କରିବା ଫଳରେ ଜାତୀୟ ଉତ୍ପାଦନ ହ୍ରାସ ପାଇଛି । ତେଣୁ ଜଳସେଚନ କାର୍ଯ୍ୟ ପାଇଁ ଆବଶ୍ୟକ ଅର୍ଥ ସରକାର ପ୍ରଦାନକରି ପ୍ରକଳ୍ପକୁ ପୂର୍ଣ୍ଣାଙ୍ଗ କରି ଦେଶର କୃଷି ଉତ୍ପାଦନରେ ସହାୟକ ହେବେ କି ?

'ବେହେରା ପ୍ରୋଜେକ୍ଟ'କୁ ନେଇ ମୋର ପ୍ରଶ୍ନ ଏବଂ ମୁଁ ରାସବିହାରୀ ବେହେରା ହୋଇଥିବା ଯୋଗୁଁ ମାନ୍ୟବର ଜଳସେଚନ ମନ୍ତ୍ରୀଙ୍କ ମନରେ ପ୍ରଥମେ ସନ୍ଦେହ ସୃଷ୍ଟି-ହେଲା ଏବଂ ସେ ମୋତେ ପ୍ରଶ୍ନକଲେ –

''ଆଛା, ଏମ୍.ପି. ବନ୍‌ନେକେ ବାଦ୍ ଆପକେ ନାମ୍ ମେ ପ୍ରୋଜେକ୍ଟ ବନାଦିଆ''।

ମୁଁ ମାନ୍ୟବର ମନ୍ତ୍ରୀଙ୍କ ମନରୁ ସନ୍ଦେହ ଦୂରକରି କହିଲି, 'ବେହେରା' ହେଉଛି ନଦୀର ନାମ । ସେହି ପ୍ରବାହିତ ନଦୀପାର୍ଶ୍ୱରେ ବେହେରା ଏକ ଗ୍ରାମ ଅଛି । ସେହି ନଦୀକୁ ନେଇ 'ବେହେରା ପ୍ରୋଜେକ୍ଟ' ହୋଇଛି''।

''ମୁଁ ଏମ୍.ପି. ହେବା ଆଗରୁ ଏହି ଜଳସେଚନ ପ୍ରୋଜେକ୍ଟର କାମ ଆରମ୍ଭ ହୋଇଛି''। ମୋଠୁ ଏତକ ଶୁଣିବା ପରେ ମନ୍ତ୍ରୀଙ୍କ ମନରୁ ସନ୍ଦେହ ଦୂରହେଲା ।

ମନ୍ତ୍ରୀ ମହାଶୟ ତାଙ୍କ ଉତ୍ତରରେ କହିଲେ, ''ଚାଷୀ ହେଉଛି ଦେଶର ମେରୁଦଣ୍ଡ ସଦୃଶ । ତେଣୁ ଚାଷୀଙ୍କ ଜମିକୁ ଜଳସେଚନ ଯୋଗାଇ ଦେବା ହେଉଛି ସରକାରଙ୍କ ପ୍ରାରମ୍ଭିକ କାର୍ଯ୍ୟ । ଦୀର୍ଘ ଦିନରୁ କାମ ଆରମ୍ଭ ହୋଇ ପୂର୍ଣ୍ଣାଙ୍ଗ ହୋଇ ନ ଥିବା ଯୋଗୁଁ ତୁରନ୍ତ ଆର୍ଥିକ ସାହାଯ୍ୟ ପ୍ରଦାନ କରାଯିବ । ଆଗାମୀ ବର୍ଷ ପ୍ରୋଜେକ୍ଟ ପୂର୍ଣ୍ଣାଙ୍ଗ ହୋଇ

Source: Author, Digitized by PPRACHIN, SOA

ଚାଷୀଙ୍କୁ ଜଳ ଯୋଗାଇ ଦିଆଯିବ'' ।

ତେଣୁ କୌଣସି ପ୍ରଶ୍ନ ପଚାରିବାବେଳେ ପ୍ରଶ୍ନକୁ ରାଜ୍ୟର ଏବଂ ଦେଶର ସମସ୍ୟା ଭାବେ ପ୍ରଭାବଶାଳୀ ଢ଼ଙ୍ଗରେ ଉପସ୍ଥାପନ କରିବାକୁ ପଡିବ ଏବଂ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ହେବ ।

ଯେଉଁଦିନ ପ୍ରଶ୍ନୋତ୍ତରରେ ମୋତେ ସୁଯୋଗ ମିଳିଥାଏ ଅବା ଅନ୍ୟର ପ୍ରଶ୍ନରେ ଭାଗ ନେବାପାଇଁ ଆଗ୍ରହ ଥାଏ, ଆଗରୁ ମୁଁ ପ୍ରସ୍ତୁତ ହୋଇଥାଏ । ପ୍ରଶ୍ନକୁ ଠିକ୍ ଭାବରେ ଉପସ୍ଥାପନ କରିବା ପାଇଁ ଆଗରୁ ଚିନ୍ତା କରି ପ୍ରସ୍ତୁତ ହେବାକୁ ପଡେ ।

ପରୀକ୍ଷାର୍ଥୀ ଆଗରୁ ପଢ଼ି ପରୀକ୍ଷା ଖାତାରେ ଉତ୍ତର ଲେଖିଲା ଭଳି ସାଂସଦଙ୍କୁ ମଧ୍ୟ ପ୍ରସ୍ତୁତ ହୋଇ ଯିବାକୁ ପଡିଥାଏ ।

ମାନ୍ୟବର ଜଳସେଚନ ମନ୍ତ୍ରୀଙ୍କଠୁ ଅନୁକୂଳ ମତାମତ ଶୁଣି ତାଙ୍କଠୁ ପ୍ରତିଶ୍ରୁତି ଆଦାୟ କରିବା ଫଳରେ ମୋର ଉଦ୍ଦେଶ୍ୟ ସଫଳ ହୋଇଥିଲା ।

ଦୀର୍ଘ ଦିନରୁ ଅନିଶ୍ଚିତ ଅବସ୍ଥାରେ ପଡି ରହିଥିବା 'ବେହେରା ପ୍ରୋଜେକ୍ଟ'ର ପୂର୍ଣ୍ଣାଙ୍ଗ ରୂପାୟନ ପାଇଁ ୪କୋଟି ୪୨ ଲକ୍ଷ ଟଙ୍କା କେନ୍ଦ୍ର ସରକାର ରାଜ୍ୟ ସରକାରଙ୍କୁ ପ୍ରଦାନ କରିଥିଲେ ।

ପ୍ରୋଜେକ୍ଟ କାମ ଆରମ୍ଭ ହେଉଥିବା ଜାଣି ହା ହତାଶରେ ପଡି ରହିଥିବା ଚାଷୀକୁଳର ମୁହଁରେ ହସ ଫୁଟି ଉଠିଥିଲା ।

କେନ୍ଦ୍ର ସରକାରଙ୍କଠୁ ଅର୍ଥ ମିଳିବା ପରେ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ 'ବେହେରା ପ୍ରୋଜେକ୍ଟ' ପୂର୍ଣ୍ଣାଙ୍ଗ ହୋଇଥିଲା । ଚାଷୀ ଜଳସେଚନର ସୁବିଧା ପାଇ ଦୁଇ ଫସଲି ଧାନ ଉତ୍ପାଦନ କରିବାରେ ସଫଳ ହୋଇଥିଲେ ।

ମୁଁ ଓଡିଶାର କୃଷି ଓ ସମବାୟ ବିଭାଗର ମନ୍ତ୍ରୀ ଦାୟିତ୍ୱରେ ଥିବା ସମୟରେ ଆହୁରି ୪ କୋଟି ଟଙ୍କା ମଞ୍ଜୁର କରାଇ ପ୍ରୋଜେକ୍ଟର ଉଚ୍ଚତାକୁ ବୃଦ୍ଧି କରିଥିଲି । ଏହାଦ୍ୱାରା ଅଧିକ ଅଞ୍ଚଳକୁ ଜଳ ଯୋଗାଇ ଦେବା ପାଇଁ ବ୍ୟବସ୍ଥା କରାଯିବା ଫଳରେ ଅନେକ ଚାଷୀ ଉପକୃତ୍ ହୋଇପାରିଥିଲେ । 'କୋକସରା,' 'ସିଉନୀ' ଏବଂ 'କାଶୀ ବାହାଲ ପ୍ରୋଜେକ୍ଟ' ପାଇଁ ମଧ୍ୟ ଅଧିକ ଅର୍ଥ ବରାଦ କରି ସେତେବେଳେ କେନାଲ ଏବଂ ପଙ୍କ ଉଦ୍ଧାର କାର୍ଯ୍ୟ କରାଯାଇଥିଲା ।

'ବେହେରା କ୍ଷୁଦ୍ର ଜଳସେଚନ ଯୋଜନା' ଏକ ଉତ୍କୃଷ୍ଟ ଯୋଜନା । ପଙ୍କ ଉଦ୍ଧାର କରାଯାଇ ଅଧିକ ଜଳ ସଂରକ୍ଷଣ ବ୍ୟବସ୍ଥା କରାଗଲେ ବହୁ ଚାଷୀ ଚାଷ ଜମି ପାଇଁ ଜଳ ପାଇପାରିବେ ଏବଂ ଲାଭବାନ ହେବେ ।

Source: Author, Digitized by PPRACHIN, SOA

ଶିକ୍ଷା ସଂପର୍କରେ :

ପାର୍ଲିଆମେଣ୍ଟରେ ମୋର ଅନେକ ପ୍ରଶ୍ନ ଆଲୋଚନା ପରିସରକୁ ଆସିପାରିଥିଲା ।

ମୋର ଅନ୍ୟ ଏକ ପ୍ରଶ୍ନ ଥିଲା, ଭାରତବର୍ଷରେ ଏମିତି କୌଣସି ବ୍ଲକ ଅଛି କି ଯେଉଁ ବ୍ଲକରେ ୧୯୮୨ ସୁଦ୍ଧା ଜଣେ ବି ଛାତ୍ର ମ୍ୟାଟ୍ରିକ୍ ପାସ୍ କରିପାରି ନାହିଁ ? ଯଦି ପ୍ରଶ୍ନର ଉତ୍ତର ହଁ, ତେବେ ସରକାର ଏ କଳଙ୍କ ମୋଚନ ପାଇଁ କି ପଦକ୍ଷେପ ଗ୍ରହଣ କରିଛନ୍ତି ?

ମୋ' ପ୍ରଶ୍ନ, ପ୍ରଶ୍ନ ତାଲିକାର ତିନି ନମ୍ବରରେ ଆସିଥିବା ଯୋଗୁଁ ଆଲୋଚନା ନିଶ୍ଚିତ ।

ପ୍ରଶ୍ନ ଦେଖି ଶିକ୍ଷାମନ୍ତ୍ରୀ ବ୍ୟତିବ୍ୟସ୍ତ ହୋଇପଡିଲେ । ସେ ପ୍ରଶ୍ନକର୍ତ୍ତାଙ୍କୁ ଚାରିଆଡେ ଅନାଇ ଖୋଜୁଥାନ୍ତି ।

ମୁଁ ତାଙ୍କ ଭାବଭଙ୍ଗି ଦେଖି ଜାଣିପାରି, ବାଚସ୍ପତି ମହାଶୟ ଆସିବା ପୂର୍ବରୁ ତାଙ୍କ ପାଖକୁ ଗଲି । ତାଙ୍କୁ ନମସ୍କାର ଜଣାଇ ପ୍ରଶ୍ନ କଲି, ''ମ୍ୟାଡାମ କାହାକୁ ଖୋଜୁଛନ୍ତି'' ?

ସେ ଉଦ୍‌ବିଗ୍ନ ହୋଇ ମୋତେ ଚାହିଁ ପ୍ରଶ୍ନ କଲେ, ''ବେହେରାଜି ମେ ଆପ୍‌କୋ ହିଁ ଢୁଣ୍ଡ୍‌ତା ଥା । ଏ କୈସେ ପ୍ରଶ୍ନ କିଆ ହେ, ଆଜ୍ ମେମ୍ବର୍ ସବ୍ ହଙ୍ଗାମା କରେଙ୍ଗେ''।

ମୁଁ ପୁଣି କହିଲି, ''ମ୍ୟାଡାମ୍ ଜାନ୍‌ବୁଝ୍‌କର ପ୍ରଶ୍ନ କିଆ ହୁଁ'' ।

ଶିକ୍ଷାମନ୍ତ୍ରୀ ଥା'ନ୍ତି ଶ୍ରୀମତୀ ଶୀଲା କୌଲ୍ । ମାନ୍ୟରେ ସେ ଇନ୍ଦିରା ଗାନ୍ଧୀଙ୍କ ମାଇଁ ହୁଅନ୍ତି । ଜଣେ ଧୈର୍ଯ୍ୟଶୀଳା ଜ୍ଞାନୀ ମହିଳା ।

ତାଙ୍କ ଇଚ୍ଛା ମୁଁ ଅନୁପସ୍ଥିତ ରହିଲେ ପ୍ରଶ୍ନ ପାର୍ଲିଆମେଣ୍ଟରେ ଆଲୋଚନା ହୋଇ ପାରିବ ନାହିଁ । ସଭ୍ୟମାନଙ୍କ ପ୍ରଶ୍ନ ବାଣରେ ସେ ଆଉ ଅପଦସ୍ତ ହେବେ ନାହିଁ । ଯଥା ସମୟରେ ମୋର ପ୍ରଶ୍ନର ଉତ୍ତର ମାନ୍ୟବର ମନ୍ତ୍ରୀ ଟେବୁଲରେ ଉପସ୍ଥାପନ କଲେ । ମୁଁ ଆଉ ଦୁଇଟି ଅତିରିକ୍ତ ପ୍ରଶ୍ନ କଲି । ୧୯୫୬ ମସିହାରେ କୋଠାରୀ କମିସନ, ଶିକ୍ଷାରେ ସମଗ୍ର ଭାରତବର୍ଷରେ ସବୁଠୁ ଅନୁନ୍ନତ ଜିଲ୍ଲା ଭାବରେ କଳାହାଣ୍ଡି ଜିଲ୍ଲାକୁ ଦର୍ଶାଇଛନ୍ତି । ସେତେବେଳେ ଜିଲ୍ଲାର ୬ ପ୍ରତିଶତ ଲୋକ ଶିକ୍ଷିତ ଥିଲେ । ସମଗ୍ର ଦେଶରେ ସବୁଠୁ ନିମ୍ନରେ । ସେହି ଜିଲ୍ଲାର ଗୋଟିଏ ବ୍ଲକରେ ଏ ପର୍ଯ୍ୟନ୍ତ; ଅର୍ଥାତ୍, ୧୯୮୨ ମସିହା ସୁଦ୍ଧା ଜଣେ ବି ମ୍ୟାଟ୍ରିକ୍ ପାସ୍ କରିପାରି ନାହାନ୍ତି । ସ୍ୱାଧୀନତାର ୩୫ ବର୍ଷ ଅତିକ୍ରାନ୍ତ ହେଲା ପରେ ଗୋଟିଏ ବ୍ଲକରେ ଜଣେ ହେଲେ ମ୍ୟାଟ୍ରିକ ପାସ୍ କରିଥିବା ଛାତ୍ର ନ ଥିବା ଦୁର୍ଭାଗ୍ୟଜନକ ନିଶ୍ଚୟ ।

କେତେ ପ୍ରଶ୍ନ ଛଳରେ ପାର୍ବତ୍ୟାଞ୍ଚଳରେ ବସବାସ କରୁଥିବା ଆଦିବାସୀମାନେ ଶିକ୍ଷା କ୍ଷେତ୍ରରେ ବହୁ ପଛରେ ପଡିଯାଇଥିବା ଦର୍ଶାଇ ନିଜ ନିଜ ଅଞ୍ଚଳର କଥା ମଧ୍ୟ ଉତ୍‌ଥାପନ କଲେ । ଥୁଆମୂଳ-ରାମପୁର ବ୍ଲକହେଉଛି ଏହାର ଏକ ଜ୍ୱଳନ୍ତ ଉଦାହରଣ ।

Source: Author, Digitized by PPRACHIN, SOA

ଏହା ହେଉଛି ୧୯୮୨ ସୁଦ୍ଧା ଜଣେ ବି ମ୍ୟାଟ୍ରିକ୍ ପାସ୍ କରି ନଥିବା ବ୍ଲକ୍ ।

ଭାତହାଣ୍ଡିରୁ ଗୋଟିଏ ଭାତ ଚିପିଲେ ହାଣ୍ଡିଯାକ ଭାତର ପରିସ୍ଥିତି ଜଣା ପଡ଼ିବା ଭଳି ବଣପାହାଡ ଅଞ୍ଚଳର ଶିକ୍ଷାର ଅବସ୍ଥା କେତେ ଶୋଚନୀୟ ଏହା ସମଗ୍ର ଦେଶ ପାଇଁ ଏକ ଉଦାହରଣ ।

ଏହି ପ୍ରଶ୍ନକୁ ନେଇ ପାର୍ଲିଆମେଣ୍ଟରେ ଝଡ ସୃଷ୍ଟି ହେବା ସଙ୍ଗେସଙ୍ଗେ ସରକାରଙ୍କୁ କଠୋର ସମାଲୋଚନାର ଶିକାର ହେବାକୁ ପଡିଥିଲା । କାରଣ, ମୋର ଏହି ପ୍ରଶ୍ନକୁ କେନ୍ଦ୍ର କରି ସଂସଦର ମାନ୍ୟବର ସଦସ୍ୟମାନେ ସରକାରଙ୍କ ଶିକ୍ଷାନୀତି ଉପରେ ଅନେକ ପ୍ରଶ୍ନ ଉତ୍‌ଥାପନ କରିଥିଲେ ।

ସରକାର ମଧ୍ୟ ନିଜ ଦୋଷ ଦୁର୍ବଳତା ସମ୍ବନ୍ଧରେ ସଚେତନ ହୋଇ ତାର ପ୍ରତିକାର କରିବା ପାଇଁ କାର୍ଯ୍ୟପନ୍ଥା ଗ୍ରହଣ କରି କାର୍ଯ୍ୟାରମ୍ଭ କରିଥାନ୍ତି ।

ସରକାର ଆଦିବାସୀ ଅଞ୍ଚଳରେ ଶିକ୍ଷାର ପ୍ରସାର ପାଇଁ କନ୍ୟାଶ୍ରମ ଏବଂ ଆଶ୍ରମ ସ୍କୁଲ ବ୍ୟାପକ ଭାବରେ ପ୍ରତିଷ୍ଠା କରିବା ପାଇଁ ସ୍ୱତନ୍ତ୍ର ବଜେଟ ପ୍ରଦାନ କରି କାର୍ଯ୍ୟକ୍ରମ ଗ୍ରହଣ କରିଥିଲେ ।

ପାର୍ଲିଆମେଣ୍ଟ ହେଉ ଅବା ବିଧାନସଭା ହେଉ, ପ୍ରଶ୍ନୋତ୍ତର ପାଇଁ ଉଦ୍ଦିଷ୍ଟ ୧ ଘଣ୍ଟା ସମୟ ଅତି ମୂଲ୍ୟବାନ୍ । ସେହି ସମୟ ମଧ୍ୟରେ ଦେଶର ତଥା ରାଜ୍ୟର ମାନ୍ୟବର ସଭ୍ୟମାନେ ଅନେକ କଥା ଜାଣିବାର ସୁଯୋଗ ପାଇଥାନ୍ତି ।

ତେଣୁ ପ୍ରଶ୍ନୋତ୍ତର ସମୟରେ ସଭ୍ୟ ଉପସ୍ଥିତରହି, ନିଜ ପ୍ରଶ୍ନ ଥିଲେ ଆଲୋଚନାରେ ସୁଯୋଗ ପାଇବା ସହିତ ଅନ୍ୟର ପ୍ରଶ୍ନରେ ମଧ୍ୟ ଭାଗ ନେଇ ପ୍ରଶ୍ନ ଛଳରେ ନିଜ ଅଞ୍ଚଳର ସମସ୍ୟା ପ୍ରତି ମାନ୍ୟବର ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରି ପାରିବେ ଏବଂ ତାର ପ୍ରତିକାର ପାଇବା ପାଇଁ ମଧ୍ୟ ଉଦ୍ୟମ କରିବାରେ ପୂର୍ଣ୍ଣ ସୁଯୋଗ ନେଇ ପାରିବେ ।

ମାତ୍ର, ଆଜିକାଲି ଯାହା ଦେଖାଯାଉଛି, ପ୍ରଶ୍ନୋତ୍ତର ସମୟରେ ମାନ୍ୟବର ସଦସ୍ୟବୃନ୍ଦ ପାଟି ତୁଣ୍ଡକରି ସଂସଦକୁ ଅବା ବିଧାନସଭାକୁ ଅଚଳ କରି ଦେବା ଫଳରେ ବହୁ ସମସ୍ୟାର ସମାଧାନର ବାଟକୁ ବନ୍ଦକରି ଜାତୀୟ କ୍ଷତି ଘଟାଉଛନ୍ତି । ପ୍ରଶ୍ନୋତ୍ତର ସମୟରେ ସଂସଦକୁ ଅବା ବିଧାନସଭାକୁ ଅଚଳ କରିବା ପରମ୍ପରାର ପୂର୍ଣ୍ଣଚ୍ଛେଦ ହେବା ଆବଶ୍ୟକ । ଭାରତ ଭଳି ଏକ ବିଶାଳ ଗଣତାନ୍ତ୍ରିକ ରାଷ୍ଟ୍ରରେ ଦଳମତ ନିର୍ବିଶେଷରେ ଏହିଭଳି କାର୍ଯ୍ୟକ୍ରମକୁ ନୀତି ନିୟମ ଦୃଷ୍ଟିରୁ ଶୃଙ୍ଖଳିତ କରିବା ଅତି ଆବଶ୍ୟକ ହୋଇପଡ଼ିଛି । ତେଣୁ ସମସ୍ତେ ବସି ଚିନ୍ତା ପ୍ରକଟ କରି ଏକ ନିର୍ଣ୍ଣୟାତ୍ମକ ନିଷ୍ପତ୍ତି ନେବା ଉଚିତ୍ । ଯେମିତିକି, ପ୍ରଶ୍ନୋତ୍ତର ସମୟରେ କୌଣସି ପରିସ୍ଥିତିରେ ମଧ୍ୟ କୌଣସି ପ୍ରକାରର ବାଧା ନ ଉପୁଜେ ।

Source: Author, Digitized by PPRACHIN, SOA

ଇନ୍ଦ୍ରାବତୀ ବହୁମୁଖୀ ଯୋଜନା ସଂପର୍କରେ :

ଇନ୍ଦ୍ରାବତୀ ବହୁମୁଖୀ ଯୋଜନା ସମ୍ବନ୍ଧରେ ମୋର ଆଉ ଏକ ପ୍ରଶ୍ନ ମଧ୍ୟ ଷ୍ଟାର୍ଡ ପ୍ରଶ୍ନର ତିନି ନମ୍ବରରେ ରହିଥାଏ ।

ଆଲୋଚନାର ଗୁରୁତ୍ୱ ବୃଦ୍ଧି ପାଇଁ ମୁଁ ବିଜୁ ପଟ୍ଟନାୟକ ଓଡିଶାର ବରିଷ୍ଠ ନେତାଙ୍କୁ ଲବିରେ ଭେଟି ମୋର ପ୍ରଶ୍ନରେ ଅଂଶ ଗ୍ରହଣ କରିବା ପାଇଁ ଅନୁରୋଧ କଲି ।

ସେ ଆଶ୍ଚର୍ଯ୍ୟ ହୋଇ ମୋତେ କହିଲେ, ''ମୁଁ ଭାଗନେବା ପାଇଁ ତୁ କାହିଁକି କହୁଛୁ'' ?

ମୁଁ ପୁଣି କହିଲି, ''ଏହା ଆମ ରାଜ୍ୟର ଏକ ବୃହତ ପ୍ରକଳ୍ପ । ଆପଣ ଭାଗନେଲେ ଏହି ପ୍ରଶ୍ନର ଗୁରୁତ୍ୱ ବୃଦ୍ଧି ପାଇବ । ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କ ଉପରେ ପ୍ରଭାବ ପକାଇ ଏହି ଯୋଜନାକୁ ତ୍ୱରାନ୍ୱିତ କରିବା ସଙ୍ଗେ ସଙ୍ଗେ କେନ୍ଦ୍ର ମଧ୍ୟ ଇନ୍ଦ୍ରାବତୀ ଯୋଜନା ପାଇଁ ସ୍ୱତନ୍ତ୍ର ଗୁରୁତ୍ୱ ପ୍ରଦାନ କରିବ'' ।

ବିଜୁ ପଟ୍ଟନାୟକ ମୋ' କଥାରେ ହସି, ଲବିରେ ବସି ସିଗାରେଟ ଟାଣୁଥିବା ଅବସ୍ଥାରେ ମୋତେ କହିଲେ । ''ଠିକ୍ଅଛି ମୁଁ ଭାଗନେବି । ତୋର ଅତିରିକ୍ତ ପ୍ରଶ୍ନର ଉତ୍ତର ଶୁଣିଲା ପରେ ଆବଶ୍ୟକ ପଡିଲେ, ମୁଁ ଅଂଶଗ୍ରହଣ କରିବି । ତୋର ପ୍ରଶ୍ନର ଉତ୍ତର ଶୁଣିବା ପାଇଁ ପାର୍ଲିଆମେଣ୍ଟରେ ବସି ରହିବି'' ।

ନିର୍ଦ୍ଦିଷ୍ଟ ସମୟରେ ପାର୍ଲିଆମେଣ୍ଟରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆରମ୍ଭ ହେଲା ।

ଇନ୍ଦ୍ରାବତୀ ବହୁମୁଖୀ ଯୋଜନା କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଷଷ୍ଠ ପଞ୍ଚବାର୍ଷିକ ଯୋଜନା ସମୟ ଭିତରେ ହିଁ ଏହାର କାର୍ଯ୍ୟାରମ୍ଭ କରିବା ପାଇଁ ମୁଁ ଦୃଢ଼ ଦାବି କଲି ।

ମୋର ପ୍ରଶ୍ନ ମାଧ୍ୟମରେ କହିଲି, ''କଳାହାଣ୍ଡି ଜିଲ୍ଲା ଏକ ମରୁଡି ପ୍ରପୀଡିତ ଜିଲ୍ଲା ରୂପେ ପରିଗଣିତ । ବାରମ୍ବାର ମରୁଡି ଫଳରେ ବିଶେଷତଃ, ୧୯୬୬ ମସିହାର ଭୟଙ୍କର ମରୁଡି ଫଳରେ ଅନେକ ଲୋକ ଅନାହାରରେ ଅକାଳ ମୃତ୍ୟୁର ସମ୍ମୁଖୀନ ହୋଇଥିଲେ । ତତ୍କାଳୀନ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀ କଳାହାଣ୍ଡି ମରୁଡି ପ୍ରପୀଡିତ ଲୋକଙ୍କୁ ଦେଖି ତାର ପ୍ରତିକାର ପାଇଁ ଚିନ୍ତା ଉଦ୍ରେକ କରିଥିଲେ । ବାରମ୍ବାର ମରୁଡି ଫଳରେ ସେଠାରେ ଚାଷୀ ତାର ଗୋଟିଏ ଫସଲ ମଧ୍ୟ ଠିକ୍ ଭାବରେ ଉତ୍ପାଦନ କରିପାରେ ନାହିଁ । ଗତ ନିର୍ବାଚନ ସମୟରେ ମଧ୍ୟ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ଲୋକଙ୍କୁ ପ୍ରତିଶ୍ରୁତି ଦେଇ ଭାଷଣରେ କହିଥିଲେ, ଚାଷୀଙ୍କ ଜମିରେ ଜଳସେଚନ ଯୋଗାଇବା ପାଇଁ ଇନ୍ଦ୍ରାବତୀ ବହୁମୁଖୀ ଯୋଜନା ଶୀଘ୍ର କାର୍ଯ୍ୟକାରୀ କରାଯାଇ ମରୁଡିରୁ ଚାଷୀଙ୍କୁ

Source: Author, Digitized by PPRACHIN, SOA

ରକ୍ଷା କରାଯିବ । ଇନ୍ଦ୍ରାବତୀ ବହୁମୁଖୀ ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଚାଷୀଙ୍କୁ ଜଳ ଯୋଗାଇବା ସଙ୍ଗେ ସଙ୍ଗେ ୬୦୦ ମେଗାୱାଟ ବିଦ୍ୟୁତ ଉତ୍ପାଦନ ହେବ । ତଦ୍ଦ୍ୱାରା ରାଜ୍ୟର ବିଦ୍ୟୁତ ଚାହିଦା ମେଣ୍ଟାଇବା ସହ ଅନ୍ୟ ରାଜ୍ୟକୁ ମଧ୍ୟ ବଳକା ବିଦ୍ୟୁତ ଯୋଗାଇ ଦିଆଯାଇ ପାରିବ । ତେଣୁ ଏହିଭଳି ଗୁରୁତ୍ୱପୂର୍ଣ୍ଣ ବହୁମୁଖୀ ଯୋଜନାକୁ ତ୍ୱରାନ୍ୱିତ କରିବା ପାଇଁ ଷଷ୍ଠ ପଞ୍ଚବାର୍ଷିକ ଯୋଜନା କାଳରେ କାର୍ଯାରମ୍ଭ କରିବା ନିମନ୍ତେ ମୁଁ ମାନ୍ୟବର ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରୁଛି ଏବଂ ରାଜ୍ୟ ସରକାରଙ୍କୁ ଏ ଦିଗରେ ସମସ୍ତ ସାହାଯ୍ୟ ସହଯୋଗ ପ୍ରଦାନ କରି ତୁରନ୍ତ ପଦକ୍ଷେପ ନେବା ପାଇଁ ଦାବି କରୁଛି'' ।

ମୋର ପ୍ରଶ୍ନ ପରେ ମାନ୍ୟବର ଜଳସେଚନ ମନ୍ତ୍ରୀ ତାଙ୍କ ଉତ୍ତରରେ କହିଲେ, ''ଦେଶର ଏହା ଏକ ଉତ୍କୃଷ୍ଟ ପ୍ରକଳ୍ପ । ଏକ ଲକ୍ଷ ୮୨ ହଜାର ହେକ୍ଟର ଜମିକୁ ଜଳସେଚନ ସୁବିଧା ଯୋଗାଇବା ସଙ୍ଗେ ସଙ୍ଗେ ଏହା ଦ୍ୱାରା ୬୦୦ ମେଗାୱାଟ ବିଦ୍ୟୁତ୍ ଉତ୍ପାଦନ ହେବ । ତେଣୁ କେନ୍ଦ୍ର ସରକାର ଏହି ପ୍ରକଳ୍ପର ଗୁରୁତ୍ୱ ଉପଲବ୍ଧି କରି ଷଷ୍ଠ ଯୋଜନା କାଳ ମଧ୍ୟରେ ଏହାର କାର୍ଯ୍ୟାରମ୍ଭ ପାଇଁ ସମସ୍ତ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବେ'' ।

ମାନ୍ୟବର ମନ୍ତ୍ରୀ ଇନ୍ଦ୍ରାବତୀ ଯୋଜନା ଉପରେ ସୁବିସ୍ତୃତ ରିପୋର୍ଟ ପ୍ରଦାନ କଲେ । କିୟଦଂଶ ମାତ୍ର ଏଠି ଉପସ୍ଥାପନ କରୁଛି ।

ଇନ୍ଦ୍ରାବତୀ ନଦୀ ପୂର୍ବଘାଟ ପର୍ବତମାଳାର ପଶ୍ଚିମ ପାର୍ଶ୍ୱସ୍ଥ ଥୁଆମୂଳ-ରାମପୁର ଅଞ୍ଚଳର ମରଡିଗୁଡାରୁ ନିର୍ଗତ ହୋଇ କଳାହାଣ୍ଡି, କୋରାପୁଟ, ମଧ୍ୟପ୍ରଦେଶର ବସ୍ତର ଜିଲ୍ଲା ମଧ୍ୟ ଦେଇ ୫୩୦ କି.ମି. ପଥ ଅତିକ୍ରମ କରି ପୁଣ୍ୟତୋୟା ଗୋଦାବରୀ ନଦୀରେ ମିଳିତ ହୋଇଛି ।

ଆନ୍ତଃରାଜ୍ୟ ଜଳବିବାଦ ୧୯୭୭ ମସିହାରେ ସମ୍ପନ୍ନ ହେବା ଫଳରେ ପ୍ରକଳ୍ପଟି ୧୯୭୮ ମସିହାରେ ଯୋଜନା ଆୟୋଗଙ୍କଦ୍ୱାରା ଅନୁମୋଦିତ ହେଲା । ପ୍ରକଳ୍ପର ଚାରିଗୋଟି ମୁଖ୍ୟବନ୍ଧ (ଡ୍ୟାମ୍) ଆଠଟି ଆଡିବନ୍ଧ (ଡାଇକ୍) ନିର୍ମାଣ ହେବ । ସେଥି ମଧ୍ୟରୁ ଇନ୍ଦ୍ରାବତୀ ଓ ମୁରାନ ବନ୍ଧ ପଥର ଓ କଂକ୍ରିଟରେ ନିର୍ମିତ ହେବ । କପୁର ଓ ପୋଡାଗଡ ଦୁଇଟି ମାଟିବନ୍ଧ । ଏହି ୪ଟି ବନ୍ଧଦ୍ୱାରା ଜଳଭଣ୍ଡାରରେ ୨୩୦ ଲକ୍ଷ କ୍ୟୁସେକ୍ ଜଳଧାରଣ କ୍ଷମତା ରହିବ । ଏହା ୧୧୦ କି.ମି. ଦୈର୍ଘ୍ୟ ଅଞ୍ଚଳରେ ବିସ୍ତୃତ ରହିବ । ଏହି ଜଳକୁ ୪ କି.ମି. ଦୈର୍ଘ୍ୟ ଟନେଲ (ପାହାଡ ମଧ୍ୟଦେଇ ଖୋଦିତ ସୁଡଙ୍ଗ) ସାହାଯ୍ୟରେ କଳାହାଣ୍ଡି ଜିଲ୍ଲାର ମୁଖିଗୁଡାଠାରେ ବିଦ୍ୟୁତ ଗୃହକୁ (ପାୱାର ହାଉସ) ପ୍ରେରଣ କରାଯିବ ।

Source: Author, Digitized by PPRACHIN, SOA

ବିଦ୍ୟୁତ୍ ଉତ୍ପାଦନ ପରେ ବିଦ୍ୟୁତ୍ ଗୃହରୁ ନିଷ୍କାସିତ ଜଳକୁ ଏକ କଂକ୍ରିଟ୍ ଆଚ୍ଛାଦିତ ନାଳ (ଟେଲରେସ ଚ୍ୟାନେଲ) ସାହାଯ୍ୟରେ ନିଆଯାଇ ମହାନଦୀର ଏକ ଉପନଦୀ, ହାତୀ ନଦୀରେ ଛଡାଯିବ । ମଙ୍ଗଳପୁରଠାରେ ହାତୀ ବ୍ୟାରେଜରେ ଜଳକୁ ନିୟନ୍ତ୍ରଣ କରାଯାଇ ଦୁଇଟି ମୁଖ୍ୟ କେନାଲ (ବାମ ଏବଂ ଦକ୍ଷିଣ କେନାଲ) ଦ୍ୱାରା ଅର୍ଥାତ୍ ବାମ କେନାଲଦ୍ୱାରା ଜୟପାଟଣା, କୋକସରା ଓ ଧର୍ମଗଡ ବ୍ଲକର ୪୯,୦୭୬ ହେକ୍ଟର ଓ ଦକ୍ଷିଣ ପାର୍ଶ୍ୱ କେନାଲଦ୍ୱାରା ଜୟପାଟଣା, କଳମପୁର, ଜୁନାଗଡ ବ୍ଲକର ୨୭,୧୯୨ ହେକ୍ଟର ଜମିରେ ଦୁଇଥର ବିଭିନ୍ନ ଫସଲ ଚାଷ କରାଯାଇ ପାରିବ ।

ହାତୀ ବ୍ୟାରେଜ୍‌ର ଜଳକୁ ପମ୍ପ୍ ସାହାଯ୍ୟରେ ପ୍ରାୟ ୪୦ ମିଟର ଉପରକୁ ଉଠାଯାଇ, ୫୬ କି.ମି. ଦୈର୍ଘ୍ୟ ବିଶିଷ୍ଟ ଏକ ଉଠାଜଳସେଚନ ଯୋଜନା (ଲିଫ୍ଟ କେନାଲ) ଦ୍ୱାରା ଲଡୁଗାଁ, ଆମପାଣି, ବେହେରା, କୋକସରା ପ୍ରଭୃତି ଅଞ୍ଚଳକୁ ଜଳ-ସେଚିତ କରାଯିବ ।

୧୯୭୮ ମସିହାରେ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ପାଇଁ ସ୍ଥିର ହୋଇଥିଲା । ମାତ୍ର, ଅର୍ଥର ସ୍ୱଚ୍ଛତା ଦୃଷ୍ଟିରୁ କାମ ଆଗେଇ ପାରି ନ ଥିଲା । ମାନ୍ୟବର ମନ୍ତ୍ରୀ ଏ ସଂପର୍କରେ ତାଙ୍କ ବିଷଦ ବିବରଣୀ ଟେବୁଲରେ ଉପସ୍ଥାପନ କଲେ ।

ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଶେଷ ହେବା ପରେ ମୁଁ ବିଜୁ ବାବୁଙ୍କ ସହିତ ଲବିରେ ପୁଣି ଭେଟ ହେଲି ଏବଂ କହିଲି, ''ଆପଣ ଆଲୋଚନାରେ ଅଂଶଗ୍ରହଣ କଲେ ନାହିଁ''? ସେ ମୋ' ଆଡକୁ ଅନାଇ କହିଲେ, ''ଆରେ ରାସ! ତୋର ପ୍ରଶ୍ନ ଯାହା ଥିଲା, ମନ୍ତ୍ରୀଙ୍କଠୁ ଶୁଣିଲା ପରେ ମୁଁ ଆଉ କାହିଁକି ହସ୍ତକ୍ଷେପ କରିଥାନ୍ତି? ସେ ମଧ୍ୟ ସ୍ୱଷ୍ଟ ଭାବରେ କହିଲେ, ଷଷ୍ଠ ଯୋଜନାରେ ହିଁ କାର୍ଯ୍ୟାରମ୍ଭ କରାଯିବ । ତେଣୁ ସପ୍ତମ ଯୋଜନାକୁ ଗଡିବା ପାଇଁ ଯେଉଁ ଚିନ୍ତାଥିଲା ତାହା ଆଉ ସମ୍ଭବ ନୁହେଁ । ମୁଁ ଯଦି ଭାଗ ନେଇଥାନ୍ତି, ତୁମ ସରକାର ତାକୁ ରାଜନୀତି ରୂପରେଖ ଦେଇଥାନ୍ତେ । ରାଜ୍ୟର ଏକ ଗୁରୁତ୍ୱ ପୂର୍ଣ୍ଣ ଯୋଜନା ତୁରନ୍ତ କାର୍ଯ୍ୟକାରୀ ହେବା ଆମର ଉଦ୍ଦେଶ୍ୟ'' । ସେ ପୁଣି କହିଲେ–

''ମୁଁ କେନ୍ଦ୍ରରେ ମନ୍ତ୍ରୀ ଥିବା ସମୟରେ ପ୍ରଧାନମନ୍ତ୍ରୀ ମୋରାର୍‌ଜୀ ଦେଶାଇଙ୍କୁ ନେଇ ମୁଖିଗୁଡାରେ ଶୁଭ ଦିଆଯାଇଥିଲା । ତୁ' ମଧ୍ୟ କୋକସରା ବିଧାୟକ ହିସାବରେ ତାଙ୍କୁ ସ୍ୱାଗତ କରିଥିଲୁ । ତେଣୁ ତାହା ସେତେବେଳୁ ପଡି ରହିଛି । ତୋ' ପ୍ରଶ୍ନ ପାର୍ଲିଆମେଣ୍ଟରେ ଆଲୋଚନା ହେବା ପରେ କାମ ଆଗେଇବା ପାଇଁ ବାଟ ଫିଟିଲା । ତମ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ବସି ସବୁ ଶୁଣୁଥାନ୍ତି । ତୁ' ମଧ୍ୟ ତାଙ୍କୁ ୧୯୬୬ ମସିହା ମରୁଡି କଥା ମନେ ପକାଇ ଦେଲୁ । ତୋର ଷ୍ଟାର୍ଡ ପ୍ରଶ୍ନ ଠିକ୍ କାମକୁ ଆସିଛି'' ।

Source: Author, Digitized by PPRACHIN, SOA

ରାଜ୍ୟ ସରକାରଙ୍କ ବହୁ ପ୍ରକଳ୍ପ ଯୋଜନାରେ ସାମିଲ ହୋଇଥାଏ । ମାତ୍ର, ଅର୍ଥର ଅଭାବ ଫଳରେ ସେ ସବୁ କାର୍ଯ୍ୟକାରୀ ହେବା ସେହି ନିର୍ଦ୍ଦିଷ୍ଟ ଯୋଜନା କାଳ ମଧ୍ୟରେ ସମ୍ଭବ ହୋଇ ନ ଥାଏ । ପାଞ୍ଚବର୍ଷ ଯୋଜନା କାଳ ମଧ୍ୟରେ ଅନେକ ପ୍ରକଳ୍ପ କାର୍ଯ୍ୟକାରୀ ନ ହୋଇ ପରବର୍ତ୍ତୀ ଯୋଜନାକୁ ଗଡି ଯାଉଥାଏ ।

ଇନ୍ଦ୍ରାବତୀ ବହୁମୁଖୀ ଯୋଜନା ମଧ୍ୟ ଷଷ୍ଠ ଯୋଜନା କାଳ ମଧ୍ୟରୁ ସପ୍ତମ ଯୋଜନାକୁ ଘୁଞ୍ଚିବାର ଯେଉଁ ଆଶଙ୍କା ଥିଲା ତାହା ବର୍ତ୍ତମାନ ଦୂର ହୋଇଛି ।

ମୁଁ ଏତିକିରେ ସନ୍ତୁଷ୍ଟ ନ ହୋଇ ପ୍ରଧାନମନ୍ତ୍ରୀଙ୍କୁ ଭେଟି ଲିଖିତ ଆକାରରେ ଇନ୍ଦ୍ରାବତୀ ଯୋଜନା କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଅନୁରୋଧ କଲି ।

ଇନ୍ଦିରାଗାନ୍ଧୀ ମଧ୍ୟ କଳାହାଣ୍ଡି ପରିସ୍ଥିତି ଭଲ ଭାବରେ ଜାଣିଥାନ୍ତି । ଭୋକିଲା ଜନତାର ଶୁଖିଲା ମୁହଁ ଏବେ ମଧ୍ୟ ତାଙ୍କ ମାନସ ପଟରେ ଲାଖି ରହିଛି । ତେଣୁ ସେମାନଙ୍କ ମୁହଁରେ ହସ ଫୁଟାଇ ପାରିଲେ ସେ ମଧ୍ୟ ମନରେ ଆଶ୍ୱସ୍ତ ହେବେ ।

ପ୍ରଧାନମନ୍ତ୍ରୀଙ୍କଠୁ ସମସ୍ତ ପ୍ରତିଶ୍ରୁତି ପାଇ ମୁଁ ଆଶ୍ୱସ୍ତ ହେଲି । ନୂଆପଡା ଅଞ୍ଚଳର 'ଇନ୍ଦ୍ର ପ୍ରୋଜେକ୍ଟ'ର ଫରେଷ୍ଟ କ୍ଲିଅରେନ୍ସ କାର୍ଯ୍ୟକୁ ମଧ୍ୟ ତ୍ୱରାନ୍ୱିତ କରିବା ପାଇଁ ପୁନଃ ଅନୁରୋଧ କଲି ।

ମୋର ଓଡିଶା ଗସ୍ତ ସମୟରେ ମୁଁ ମାନ୍ୟବର ମୁଖ୍ୟମନ୍ତ୍ରୀ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ସହ ସାକ୍ଷାତ୍‌କରି, ସମସ୍ତ ବିଷୟ ଆଲୋଚନା କଲି । ପୁଣି ପାର୍ଲିଆମେଣ୍ଟର ବ୍ରିଫ୍ ଏବଂ ପ୍ରଧାନମନ୍ତ୍ରୀଙ୍କୁ ମୁଁ ପ୍ରଦାନ କରିଥିବା ଅନୁରୋଧ ପତ୍ର ମଧ୍ୟ ପ୍ରଦାନ କଲି ।

ଜଣେ ଲୋକପ୍ରତିନିଧି ପ୍ରତ୍ୟେକ ବିଷୟ ପ୍ରତି ସଚେତନ ରହି ଠିକ୍ ସମୟରେ ଉପଯୁକ୍ତ କାର୍ଯ୍ୟପନ୍ଥା ଗ୍ରହଣ କଲେ ଅନେକ ସମସ୍ୟାର ସମାଧାନ ପାଇଁ ବାଟ ଫିଟିଯାଏ । ପ୍ରଧାନମନ୍ତ୍ରୀ ଏବଂ ଅନ୍ୟାନ୍ୟ ମନ୍ତ୍ରୀଙ୍କ ପାଖକୁ ମଧ୍ୟ ପତ୍ରଲେଖି ମୋ ଅଞ୍ଚଳର ସମସ୍ୟାର ସମାଧାନ ବିଷୟରେ ଜଣାଇଲି । ତାଙ୍କଠୁ ମଧ୍ୟ ଉତ୍ତର ମିଳିଲା, ତାହା ଯଥା ସ୍ଥାନରେ ଉପସ୍ଥାପିତ ହେବ ।

ଲୋକସଭାର ରୁଲ୍‌ସ ଏବଂ ପ୍ରୋସିଜ୍ୟୋର ଅନୁସାରେ ୩୭୭ ଧାରା ଅନୁଯାୟୀ ସ୍ପେଶାଲ ମ୍ୟାନ୍‌ସନ୍ ବା ସ୍ୱତନ୍ତ୍ର ବକ୍ତବ୍ୟ ପାଇଁ ସୁଯୋଗ ଅଛି । ଜଣେ ସଭ୍ୟ ସପ୍ତାହକ ମଧ୍ୟରେ ଥରେ କେବଳ ଏ ସୁଯୋଗ ପାଇ ପାରିବେ । ତେଣୁ ମୁଁ ଏହାର ପୂର୍ଣ୍ଣ ସୁଯୋଗ ନେଲି । ପ୍ରତି ସପ୍ତାହରେ ମୋତେ ଥରଟିଏ ମୋର ବକ୍ତବ୍ୟ ରଖିବା ପାଇଁ ସୁଯୋଗ ମିଳିଲା । ତେଣୁ ମୋ' ରାଜ୍ୟର ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ମୁଁ ଲୋକସଭାରେ ଉତ୍ଥାପନ କଲି ।

Source: Author, Digitized by PPRACHIN, SOA

ସଂସଦରେ ଓଡିଆ ଇଣ୍ଟରପ୍ରେଟର ନିଯୁକ୍ତି :

ପ୍ରତ୍ୟେକ ଆଞ୍ଚଳିକ ଭାଷା ପାଇଁ ଇଣ୍ଟରପ୍ରେଟର ବା ଦୋ ଭାଷୀ ନିଯୁକ୍ତି ହୋଇଥାନ୍ତି । ଆମ ଲୋକସଭା ସଦସ୍ୟମାନେ ଇଂରାଜୀରେ କହୁଥିବା ଯୋଗୁଁ ଦୋ ଭାଷୀଙ୍କ ପାଇଁ ସେଭଳି ଅଧିକ କାମ ନ ଥାଏ । ଅନ୍ୟାନ୍ୟ ଭାଷା ଯଥା– ଅହମିୟା (ଆସାମୀ), ବଙ୍ଗଳା, ତେଲଗୁ, କର୍ଣ୍ଣାଟକୀ, ଗୁଜରାଟୀ ପ୍ରଭୃତି ଭାଷା ପାଇଁ ଦୁଇ ଅବା ତିନିଜଣ ଇଣ୍ଟରପ୍ରିଟର ନିଯୁକ୍ତି ପାଇଥାନ୍ତି । ମାନ୍ୟବର ସଦସ୍ୟମାନେ ତାଙ୍କ ଆଞ୍ଚଳିକ ଭାଷାରେ ମଧ୍ୟ ପାର୍ଲିଆମେଣ୍ଟରେ ଭାଷଣ ଦେଇଥାନ୍ତି । ତାକୁ ସାଙ୍ଗେ ସାଙ୍ଗେ ଇଣ୍ଟରପ୍ରିଟରମାନେ ଇଂରାଜୀ ଏବଂ ହିନ୍ଦୀରେ ଅନୁବାଦ କରିଥାନ୍ତି । ପାର୍ଲିଆମେଣ୍ଟରେ ଯେଉଁ ସଦସ୍ୟ ଏକକାଳୀନ ଯେଉଁ ଭାଷାରେ ଶୁଣିବାକୁ ଚାହିଁବେ ସେହି ଭାଷାରେ, ଅର୍ଥାତ୍; ମାତୃଭାଷା, ହିନ୍ଦୀ, ଇଂରାଜୀରେ ମଧ୍ୟ ତାହା ଶୁଣି ପାରିବେ । ସେଥିପାଇଁ ସୁଇଚ୍ ଦେଇ କାନ ଫୋନ୍ ମାଧ୍ୟମରେ ଆଞ୍ଚଳିକ ଭାଷା ଅବା ହିନ୍ଦୀ ଅବା ଇଂରାଜୀ ଭାଷାରେ ଶୁଣି ପାରିବାର ସୁଯୋଗ ରହିଛି । ତେଣୁ ସଦସ୍ୟମାନଙ୍କ କୌଣସି ବକ୍ତବ୍ୟ ବୁଝିବାରେ ଅସୁବିଧା ହୋଇ ନ ଥାଏ ।

ଦିନେ ଓଡିଆ ଭାଷାର ଇଣ୍ଟରପ୍ରିଟର ମୋ’ କ୍ୱାର୍ଟରକୁ ଆସି ଅନୁରୋଧ କଲେ, ଅନ୍ତତଃ ସ୍ପେଶାଲ ମେନ୍‌ସନ୍‌ରେ ମୁଁ ଯାହା ବକ୍ତବ୍ୟ ରଖୁଛି ଓଡିଆରେ କହିଲେ ତାହା ହିନ୍ଦୀ ଏବଂ ଇଂରାଜୀରେ ଅନୁବାଦ ହେବ । ଓଡିଆ ଇଣ୍ଟରପ୍ରେଟର୍‌ଙ୍କୁ ମଧ୍ୟ କାମ ମିଳିବ । କାମ ବୃଦ୍ଧି ହେଲେ ଆଉ ଜଣେ ଓଡିଆ ଅନୁବାଦକ ମଧ୍ୟ ନିଯୁକ୍ତି ପାଇ ପାରିବେ ।

ଅନ୍ୟ ପ୍ରଦେଶର ମାତୃଭାଷାରେ ଅନେକ ଅନୁବାଦକ ଥିବାବେଳକୁ ଆମ ଓଡିଆରେ ମୁଁ କେବଳ ଜଣେ କାର୍ଯ୍ୟରତ ।

ମୁଁ ତାଙ୍କ କଥାର ଗୁରୁତ୍ୱ ଉପଲବ୍ଧି କରିପାରି ସ୍ପେଶାଲ ମେନ୍‌ସନ୍ ଓଡିଆରେ ପ୍ରଦାନକଲି । ଫଳରେ ଇଣ୍ଟରପ୍ରେଟରଙ୍କ କାମ ମଧ୍ୟ ବୃଦ୍ଧି ପାଇଲା । ଅନ୍ୟ ସଦସ୍ୟମାନଙ୍କୁ ଅନ୍ତତଃ ଥରେ ଦୁଇଥର ଓଡିଆରେ କହିବା ପାଇଁ ପ୍ରବର୍ତ୍ତାଇ ଓଡିଆ ଇଣ୍ଟରପ୍ରେଟର କାର୍ଯ୍ୟ ବୃଦ୍ଧି କରିବା ଫଳରେ ଆଉ ଜଣେ ଇଣ୍ଟରପ୍ରେଟର ନିଯୁକ୍ତି ପାଇଥିଲେ ।

ଭୈରବ ଚନ୍ଦ୍ର ମହାନ୍ତିଙ୍କ ପରଲୋକ :

ଓଡ଼ିଶା ଅଲମ୍ପିକ୍ ସେକ୍ରେଟାରୀ ଭୈରବଚନ୍ଦ୍ର ମହାନ୍ତି ରାଜ୍ୟସଭା ସଦସ୍ୟ ଥା’ନ୍ତି । ତାଙ୍କ କାର୍ଯ୍ୟକାଳ ଶେଷ ହୋଇ ଆସୁଥାଏ । ଋଷିଆରେ ଅଲମ୍ପିକ୍ ପ୍ରତିଯୋଗିତା ଅନୁଷ୍ଠିତ ହେଉଥାଏ । ଭୈରବବାବୁ ଭାରତୀୟ ପ୍ରତିନିଧି ଦଳର ଅଫିସିଏଲ କର୍ମକର୍ତ୍ତା ଭାବରେ ଋଷିଆ ଅଲମ୍ପିକରେ ଯୋଗ ଦେଇଥାନ୍ତି । ଅଲମ୍ପିକ କ୍ରୀଡା ପ୍ରତିଯୋଗିତା ଦେଖୁଥିବା ଅବସ୍ଥାରେ, ହଠାତ୍ ତାଙ୍କ ହୃଦ୍‌କ୍ରିୟା ବନ୍ଦ ହୋଇଗଲା । ମସ୍କୋରେ ସେ

Source: Author, Digitized by PPRACHIN, SOA

ତାଙ୍କ ଶେଷ ନିଃଶ୍ୱାସ ତ୍ୟାଗ କଲେ ।

ଋଷ ସରକାର ସମ୍ମାନର ସହ ତାଙ୍କ ମର ଶରୀରକୁ କଫିନ୍‌ରେ ଭର୍ତ୍ତିକରି ପ୍ଲେନ୍‌ରେ ଭାରତକୁ ପ୍ରେରଣ କରିଦେଲେ ।

ମୁଁ ଓଡିଶା ଅଲମ୍ପିକ ଏସୋସିଏସନ୍‌ର କୋଷାଧ୍ୟକ୍ଷ ଦାୟିତ୍ୱରେ ଥିଲି । ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କୁ ସାକ୍ଷାତ କରି ସମସ୍ତ ଘଟଣା ଜଣାଇ ଦେଲି । ଏକ ସ୍ୱତନ୍ତ୍ର ପ୍ଲେନ୍‌ରେ ତାଙ୍କ ମର ଶରୀରକୁ ଓଡିଶା ନେବା ପାଇଁ ଅନୁରୋଧ କଲି ।

ଭୈରବ ମହାନ୍ତିଙ୍କ ପ୍ରତି ଇନ୍ଦିରା ଗାନ୍ଧୀଙ୍କ ଅଶେଷ ସମ୍ମାନ ଥାଏ । ଆଗାମୀ ସର୍ବଭାରତୀୟ କ୍ରିକେଟ ଏସୋସିଏସନ୍ ନିର୍ବାଚନରେ ଭୈରବ ମହାନ୍ତି ସଭାପତି ହେବା ଆଶା କ୍ରୀଡାପ୍ରେମୀମାନଙ୍କ ମନରେ ଉଙ୍କି ମାରିଥିଲା । ମାତ୍ର, ତାହା ପୂରଣ ହୋଇପାରିଲା ନାହିଁ । ଆଶା ନିରାଶାରେ ପରିଣତ ହୋଇଗଲା ।

ଶ୍ରୀମତୀ ଇନ୍ଦିରା ଗାନ୍ଧୀ ତାଙ୍କ ଅକାଳ ବିୟୋଗରେ ମର୍ମାହତ ହେଲେ । ମୋର ଅନୁରୋଧ ଏବଂ ସମସ୍ତ ଖବର ଶୁଣି ତୁରନ୍ତ ପ୍ଲେନ ବ୍ୟବସ୍ଥା କରିଦେଲେ ।

ଭୈରବବାବୁଙ୍କ ପରିବାର ଦିଲ୍ଲୀରେ ରହୁଥିଲେ । ତାଙ୍କ ସହଧର୍ମିଣୀ ଏବଂ ପରିବାର ଲୋକଙ୍କୁ ନେଇ କଫିନ ସହ ସେହି ପ୍ଲେନରେ ଭୁବନେଶ୍ୱର ଯାତ୍ରା କଲୁ ।

ଓଡିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଜାନକୀବଲ୍ଲଭ ପଟ୍ଟନାୟକ, ଅଲମ୍ପିକ ଏସୋସିଏସନ୍‌ର କର୍ମକର୍ତ୍ତାବୃନ୍ଦ ଭୁବନେଶ୍ୱର ଉଡାଜାହାଜ ପଡିଆରେ ସମବେତ ହୋଇଥାନ୍ତି । ତାଙ୍କ ମର ଶରୀର ପ୍ଲେନ୍‌ରୁ ଓହ୍ଲାଇବା ସମୟରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହେଲା । ସମସ୍ତଙ୍କ ଆଖିରେ ଲୋତକ ଭରି ଯାଇଥାଏ । ପରିସ୍ଥିତିକୁ ସମ୍ଭାଳି ମାନ୍ୟବର ମୁଖ୍ୟମନ୍ତ୍ରୀ ଆସି କଫିନ୍‌ରେ ପୁଷ୍ପଗୁଚ୍ଛ ପ୍ରଦାନ କଲେ । ପରେ ଅନ୍ୟମାନେ ଆସି ତାଙ୍କ ପ୍ରିୟ କ୍ରୀଡାଜଗତର ଜଣେ ଶ୍ରେଷ୍ଠ ସଂଗଠକ ଭୈରବ ମହାନ୍ତିଙ୍କୁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କଲେ ।

ପରେ ଭୈରବବାବୁଙ୍କ ମର ଶରୀରକୁ କଟକ ବାରବାଟୀ ଷ୍ଟାଡିୟମକୁ ନିଆ ଯାଇଥିଲା । ଯାହାକି, ତାଙ୍କ କର୍ମଭୂମି ରୂପେ ଦୀର୍ଘଦିନ ବ୍ୟାପୀ ରହିଥିଲା । ଆଜି ଶେଷ ବିଶ୍ରାମ ସ୍ୱରୂପ ତାଙ୍କର ମର ଶରୀରକୁ ସେଠି ରଖା ଯାଇଥାଏ । ହଜାର ହଜାର କ୍ରୀଡାପ୍ରେମୀ ତାଙ୍କର ଅନ୍ତିମ ଦର୍ଶନ କଲେ । ସେଠି କଫିନରୁ ବାହାର କରି ଶବକୁ କୋକେଇରେ ରଖି ଫୁଲ, କଦଳୀ ବାହୁଙ୍ଗା ସହ ସଜ୍ଜିତ କରି ନୂଆବସ୍ତ୍ରରେ ତାଙ୍କ ଶରୀରକୁ ଘୋଡାଇ ଦିଆଗଲା ଏବଂ ଚାରିଜଣଙ୍କ କାନ୍ଧରେ ବହନ କରି ବିରାଟ ପଟୁଆରରେ ତାଙ୍କ ଘରକୁ ନିଆଗଲା ।

ସାମାଜିକ ବିଧି ବିଧାନ କାର୍ଯ୍ୟ ଶେଷ କରି ଶବ ସଂସ୍କାର ପାଇଁ ଶ୍ମଶାନ

Source: Author, Digitized by PPRACHIN, SOA

ଅଭିମୁଖେ ଯାତ୍ରା ଆରମ୍ଭ ହେଲା । ଶବାଧାରରେ ହଜାର ହଜାର କ୍ରୀଡାପ୍ରେମୀ, ଜ୍ଞାତି ପରିଜନ, ବିଶିଷ୍ଟ ବ୍ୟକ୍ତିମାନେ ଯୋଗ ଦେଇଥାନ୍ତି । ଏହା ସହିତ ତାଙ୍କ ପ୍ରିୟ କ୍ରୀଡା ସଂଗଠକବୃନ୍ଦ ମଧ୍ୟ କ୍ରୀଡା ଜଗତର ଐତିହ୍ୟ ପୁରୁଷ ଭୈରବ ମହାନ୍ତିଙ୍କୁ ଅନ୍ତିମ ବିଦାୟ ଦେବା ପାଇଁ ଆସିଥାନ୍ତି । ଆଗରୁ ଫୋନ୍ କରି ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ ଶ୍ମଶାନକୁ ଆସି ଶବାଧାରରେ ଯୋଗଦେବା ପାଇଁ ଅନୁରୋଧ କରିଥିଲି । ମାନ୍ୟବର ମୁଖ୍ୟମନ୍ତ୍ରୀ ଯଥା ସମୟରେ ଆସି ପହଞ୍ଚି ଯାଇଥିଲେ ।

ଭୈରବ ବାବୁଙ୍କ ଅକାଳ ବିୟୋଗରେ ବାରବାଟୀ ଷ୍ଟାଡିୟମର ଜ୍ୟୋତି ଲିଭିଗଲା ଭଳି ମନେ ହେଉଥାଏ । ସତେ ଆଜି ବାରବାଟୀ ଷ୍ଟାଡିୟମର ନିର୍ମାତାର ବିୟୋଗରେ ସମସ୍ତେ ମଳିନ ଦେଖାଯାଉଥାନ୍ତି ।

ଶବାଧାର ଆଗକୁ ଆଗକୁ ବଢ଼ି ଚାଲିଥାଏ । ଠିକ୍ ଏହି ସମୟରେ ଜାନକୀବାବୁ ମୋତେ କହିଲେ, ''ରାସବିହାରୀ ! ବର୍ତ୍ତମାନ ଓଡିଶା ଅଲମ୍ପିକ୍ ମୁରବି ଶୂନ୍ୟ ହୋଇଗଲା । ଆଉ ଅଲମ୍ପିକ୍ ଠିକ୍ ଭାବରେ ଚାଲିପାରିବ ନାହିଁ । ତେଣୁ ଓଡିଶା ଅଲମ୍ପିକ୍‌କୁ ଭାଙ୍ଗି ବାରବାଟୀ ଷ୍ଟାଡିୟମ୍‌କୁ ସରକାର ହାତକୁ ନେଇଯିବ'' ।

ମୁଁ ମୁଖ୍ୟମନ୍ତ୍ରୀଙ୍କ ମୁହଁକୁ ଆଶ୍ଚର୍ଯ୍ୟରେ ଚାହିଁ ରହିଲି । ମୋ' ତୁଣ୍ଡରୁ କଥା ସ୍ଫୁରିଲା ନାହିଁ ।

''ରାସବିହାରୀ ! କଣ କହୁଛ'' ? ବୋଲି କହି ସେ ମୋତେ ପୁଣି ପ୍ରଶ୍ନ କଲେ ?

ମୁଁ ତାଙ୍କ ମୁହଁକୁ ଆଶ୍ଚର୍ଯ୍ୟ ନୟନରେ ଚାହିଁ କହିଲି, ''ଆପଣ ଏହିଭଳି ଚିନ୍ତା କଲେ କିପରି'' ?

ଜାନକୀବାବୁ ମୋଠୁ ଏଭଳି ଉତ୍ତର ଶୁଣି, ଆଶ୍ଚର୍ଯ୍ୟ ହୋଇ ମୋ' ମୁହଁକୁ ଚାହିଁ ପୁଣି କହିଲେ, ''କଣ କହୁଛ'' ?

ମୁଁ ଗମ୍ଭୀର ହୋଇଯାଇ କହିଲି, ''ହଁ ସାର୍ ମୁଁ ଠିକ୍ କହୁଛି'' ।

ପଣ୍ଡିତ ଜବାହାରଲାଲ ନେହେରୁ ଚାଲିଗଲେ, ''କଣ ଦେଶ ଆଉ ଚାଲିଲା ନାହିଁ'' ?

''ଜଣକର ମୃତ୍ୟୁରେ କଣ ଅନୁଷ୍ଠାନ ଶେଷ ହୋଇଯାଇଥାଏ ?

ଅଲମ୍ପିକ୍‌କୁ, ସରକାର ହାତକୁ ନେବା ଠିକ ହେବ ନାହିଁ'' ।

ମୋ'ଠୁ ଏହିଭଳି ଉତ୍ତର ଶୁଣି ଜାନକୀବାବୁ ଆଶ୍ଚର୍ଯ୍ୟରେ ମୋ' ମୁହଁକୁ ଚାହିଁ ରହିଲେ ।

ପୁଣି କହିଲି, ''ସାର୍ ! ମୁଁ ଠିକ୍ କହୁଛି । ଗୋଟିଏ ଅଟୋନୋମସ୍ ଅର୍ଗାନାଇଜେସନ୍‌କୁ ସରକାର ନିଜ ହାତକୁ ନେଇଯିବା ସବୁଠୁ ମସ୍ତବଡ ଭୁଲହେବ । ଇଣ୍ଡିଆନ୍

Source: Author, Digitized by PPRACHIN, SOA

ଅଲମ୍ପିକ୍ ଏସୋସିଏସନ୍ ଏହାକୁ ସହଜରେ ଗ୍ରହଣ କରିବ ନାହିଁ । ସର୍ବଭାରତୀୟ ସ୍ତରରେ ସରକାର କଠୋର ସମାଲୋଚନାର ପାତ୍ର ହେବେ ।

ଅତୀତରେ ଜନତା ସରକାର ସମୟରେ ମୁଁ ଏହାକୁ ତୀବ୍ର ବିରୋଧ କରିଥିଲି, ଫଳରେ ସରକାରଙ୍କ ମନୋଭାବ ବଦଳି ଯାଇଥିଲା ।

ଆଜି ଆମରି ସରକାର ଥିବା ସମୟରେ, ସରକାର ପୁଣି ସେହି ହାତକୁ ନେବା ଚିନ୍ତାଧାରାକୁ ମୁଁ କଦାପି ଗ୍ରହଣ କରି ପାରିବି ନାହିଁ'' ।

ମୋ'ଠୁ ଏଭଳି ସ୍ପଷ୍ଟ ମତ ଶୁଣି ଜାନକୀବାବୁ କହିଲେ, ''ତାହାହେଲେ, କାଲି ଏ ସମ୍ବନ୍ଧରେ ଆଲୋଚନା କରିବା'' ।

ଶ୍ମଶାନ ଘାଟରେ ଆମେ ପହଞ୍ଚି ଯାଇଥିଲୁ ।

ହଜାର ହଜାର ଜନତା ଆଶ୍ରୁଳ ନୟନରେ ତାଙ୍କର ପ୍ରିୟ ଭୈରବବାବୁଙ୍କୁ ଶେଷ ବିଦାୟ ଦେଲେ । ଅନ୍ତିମ ଶବଦାହ କରି ଆମେ ଫେରି ଆସିଥିଲୁ ।

ତା' ପରଦିନ ଜାନକୀବାବୁଙ୍କ ସହ ଦୀର୍ଘ ଆଲୋଚନା କରି ସମସ୍ତ ଦିଗ ପ୍ରତି ତାଙ୍କ ଦୃଷ୍ଟି ଆକର୍ଷଣକଲି ଏବଂ ତାଙ୍କ ମତ ପରିବର୍ତ୍ତନ କରିବାରେ ସଫଳ ହୋଇଥିଲି ।

ଓଡିଶା ଅଲମ୍ପିକ ସହ ମୁଁ ଦୀର୍ଘଦିନରୁ ଜଡିତ । ଜଣେ କ୍ରୀଡାକାର, କ୍ରୀଡା ସଂଗଠକ ହିସାବରେ ରାଜ୍ୟର କ୍ରୀଡାକାରମାନଙ୍କ ସ୍ୱାର୍ଥ ଏବଂ କ୍ରୀଡା ସଂଗଠନର ଗୁରୁତ୍ୱ ଦୃଷ୍ଟିରୁ ମୋ' ମତ ତାଙ୍କ ପାଇଁ ଗ୍ରହଣୀୟ ହୋଇଥିଲା । କିଛି ଜଣକୁ ଛାଡିଦେଲେ ବହୁ ବ୍ୟକ୍ତି ମୋ' ମତକୁ ପୂର୍ଣ୍ଣ ସମର୍ଥନ ଦେଇଥିଲେ ।

ଯେଉଁମାନେ ଏଭଳି ଷଡଯନ୍ତ୍ର କରି ଅଲମ୍ପିକ କମିଟିକୁ ଭାଙ୍ଗି ତାର ଏଡ୍‌ମିନିଷ୍ଟ୍ରେଟର ହେବାପାଇଁ ଯୋଜନା କରିଥିଲେ, ସେମାନଙ୍କ ଉଦ୍ଦେଶ୍ୟ ସଫଳ ହୋଇପାରି ନଥିଲା । ତେଣୁ ସେମାନେ ମୋ' ଉପରେ ରକ୍ତ ଚାଉଳ ଚୋବାଇବାରେ ଲାଗିଲେ ।

ଭୈରବବାବୁଙ୍କ ପରିବାର ସହ ସାକ୍ଷାତ କରି ତାଙ୍କ ଭଲମନ୍ଦ ବୁଝି ମୁଁ ଦିଲ୍ଲୀ ଚାଲିଯାଇଥିଲି ।

ସଞ୍ଜୟ ଗାନ୍ଧୀଙ୍କ ମୃତ୍ୟୁ ଓ ରାଜୀବ ଗାନ୍ଧୀଙ୍କ ରାଜନୀତିରେ ଯୋଗଦାନ :

୧୯୮୦ ଜୁନ୍ ୨୩ ତାରିଖ ଦିନ ସଂଜୟ ଗାନ୍ଧୀଙ୍କ ପ୍ଲେନ, ଦିଲ୍ଲୀ ସଫ୍‌ଦରଜଙ୍ଗ୍ ଏରୋଡ୍ରାମ୍‌ରେ କ୍ରାସ୍ ହେବା ଫଳରେ ତାଙ୍କର ଶୋଚନୀୟ ମୃତ୍ୟୁ ହେଲା । ଇନ୍ଦିରା ଗାନ୍ଧୀ, ସଂଜୟ ଗାନ୍ଧୀଙ୍କ ଅକାଳ ବିୟୋଗରେ ମର୍ମାହତ ହୋଇ ପଡିଲେ । ସଂଜୟଙ୍କ ମୃତ୍ୟୁ ତାଙ୍କ ଜୀବନରେ ଶୂନ୍ୟସ୍ଥାନ ସୃଷ୍ଟି କଲା । ସେହି ଶୂନ୍ୟସ୍ଥାନକୁ ପୂରଣ କରିବ କିଏ ?

ସଂଜୟଙ୍କ ବିଧବା ପତ୍ନୀ ମେନକା ଏଥିପାଇଁ ପ୍ରସ୍ତୁତିରେ ଲାଗିଥାନ୍ତି । ସେହିଁ ନିଜକୁ

Source: Author, Digitized by PPRACHIN, SOA

ଉତ୍ତରାଧିକାରିଣୀ ଭାବରେ ମନେ କରୁଥିଲେ । କିନ୍ତୁ ଇନ୍ଦିରା ଗାନ୍ଧୀଙ୍କ ତାଙ୍କ ସାନ ବୋହୂଙ୍କ ସହ ଭଲ ସଂପର୍କ ନ ଥିଲା ।

ରାଜୀବ ଗାନ୍ଧୀ ପାଇଲଟ୍ ଭାବରେ କାର୍ଯ୍ୟରତ ଥିଲେ । ତାଙ୍କୁ ରାଜନୀତିକୁ ଆଣିବା ପାଇଁ ଉଦ୍ୟମ ହେଲା । ମାତ୍ର, ସେ ନିଜେ ଏଥିପାଇଁ ଆଗ୍ରହୀ ନ ଥିଲେ । ଶେଷରେ ବନ୍ଧୁ ହିତାକାଂକ୍ଷୀମାନଙ୍କ ପ୍ରଭାବରେ ସେ ତାଙ୍କ ମତ ପରିବର୍ତ୍ତନ କରି ରାଜନୀତିରେ ଯୋଗଦେଲେ । ସଂଜୟ ଗାନ୍ଧୀଙ୍କ ମୃତ୍ୟୁ ପରେ ଅମେଥି ନିର୍ବାଚନ ହେଲା ଏବଂ ରାଜୀବ ଗାନ୍ଧୀ ପ୍ରାର୍ଥୀ ହୋଇ ବିପୁଳ ଭୋଟରେ ଜୟଯୁକ୍ତ ହେଲେ ।

ଦିନକୁ ଦିନ ଇନ୍ଦିରା ଗାନ୍ଧୀ ଏବଂ ମେନକା ଗାନ୍ଧୀଙ୍କ ମଧ୍ୟରେ ଅସନ୍ତୋଷ ଭାବ ବଢ଼ି ଚାଲିଥାଏ । ଅମେଥି ନିର୍ବାଚନ ସମୟରେ ମେନକାଙ୍କ ବୟସ ୨୫ ବର୍ଷ ହୋଇ ନ ଥିଲା । ତେଣୁ ସେ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରି ପାରିଲେ ନାହିଁ ।

ରାଜୀବ ଗାନ୍ଧୀ ରାଜନୀତିକୁ ଆସିବା ପରେ ଲୋକେ ତାଙ୍କୁ ସହଜରେ ଗ୍ରହଣ କରିନେଲେ । ତାଙ୍କ ସାନଭାଇ ସଂଜୟ ଗାନ୍ଧୀଙ୍କ ଆଚରଣଠୁ ତାଙ୍କ ଆଚରଣ ନମ୍ର ଏବଂ ମଧୁର ଥିଲା । ଫଳରେ ଅଳ୍ପ ସମୟ ମଧ୍ୟରେ ସେ ଲୋକଙ୍କଦ୍ୱାରା ଗ୍ରହଣୀୟ ହୋଇଥିଲେ । ତାଙ୍କର ନିର୍ମଳ ଭାବମୂର୍ତ୍ତି ତାଙ୍କୁ ରାଜନୀତିରେ ପ୍ରତିଷ୍ଠିତ କରିବାରେ ସହାୟକ ହୋଇଥିଲା ।

ରାଜୀବ ରାଜନୀତିକୁ ଆସିବା ପରେ ଇନ୍ଦିରା ଗାନ୍ଧୀଙ୍କ ବିରୁଦ୍ଧରେ ପରିବାରବାଦୀ ରାଜନୀତିର ଆକ୍ଷେପ ହେଲା । ମାତ୍ର, ଆମ ଦେଶରେ ବହୁ ଆଗରୁ ଏହା ପ୍ରଚଳିତ ହୋଇଆସିଛି । ମଧ୍ୟପ୍ରଦେଶର ଶ୍ୟାମାଚରଣ ଶୁକ୍ଲା ପ୍ରଥମେ ତାଙ୍କ ପିତା ରବିଶଙ୍କର ଶୁକ୍ଲାଙ୍କଠାରୁ କ୍ଷମତା ପାଇଛନ୍ତି । ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ, ରାଜେନ୍ଦ୍ର ପ୍ରସାଦ ଏବଂ ରାଜଗୋପାଳଚାରୀଙ୍କ ପୁତ୍ରମାନେ ମଧ୍ୟ ସଂସଦକୁ ନିର୍ବାଚିତ ହୋଇ ଆସିଥିଲେ ।

ଜାମ୍ମୁ କାଶ୍ମୀରର ଶେଖ୍ ଅବ୍‌ଦୁଲ୍ଲାଙ୍କ ପରେ ତାଙ୍କ ପୁତ୍ର ଡ. ଫାରୁକ୍ ଅବ୍‌ଦୁଲ୍ଲା ଓ ଅବଦୁଲାମାନେ ମଧ୍ୟ ଶାସନରେ ରହିଛନ୍ତି । ମୁଫ୍‌ତି ମହମ୍ମଦଙ୍କ କନ୍ୟା ମଧ୍ୟ ଶାସନକୁ ଆସିଛନ୍ତି । ତାମିଲନାଡୁରେ କରୁଣାନିଧିଙ୍କ ପରେ ତାଙ୍କ ପୁତ୍ର କ୍ଷମତାକୁ ଆସିଛନ୍ତି । ଉତ୍ତର ପ୍ରଦେଶ, ବିହାର ପ୍ରଭୃତି ରାଜ୍ୟର ଯାଦବମାନେ ମଧ୍ୟ ଏହାର ଉଦାହରଣ । ମୁଲାୟମ ସିଂହ ଯାଦବଙ୍କ ପରେ ତାଙ୍କ ପୁତ୍ର ଉତ୍ତର ପ୍ରଦେଶର ମୁଖ୍ୟମନ୍ତ୍ରୀ ହୋଇଛନ୍ତି । ଲାଲୁପ୍ରସାଦ ଯାଦବଙ୍କ ପରେ ତାଙ୍କ ସ୍ତ୍ରୀ ରାବ୍‌ଡି ଦେବୀ କ୍ଷମତାକୁ ଆସିଛନ୍ତି । ଓଡିଶାରେ ମଧ୍ୟ ବିଜୁ ପଟ୍ଟନାୟକଙ୍କ ପରେ ତାଙ୍କ ପୁତ୍ର ନବୀନ ପଟ୍ଟନାୟକ କ୍ଷମତାକୁ ଆସିଛନ୍ତି । ବମ୍ବେର ଥାକର ପରିବାର୍ ମଧ୍ୟ ଏହି ଭାବରେ ନିଜ ନିଜ ଅଞ୍ଚଳରେ କ୍ଷମତା ବିସ୍ତାର କରିଛନ୍ତି ।

ବଂଶବାଦ ଭାରତରେ ପ୍ରତିଷ୍ଠିତ ହୋଇ ରହିଥିଲା, ତେଣୁ ସେହି ମାନସିକତା ଏବେ ମଧ୍ୟ ଦୂର ହୋଇ ନାହିଁ ।

Source: Author, Digitized by PPRACHIN, SOA

ଭାରତ ବାହାରେ ମଧ୍ୟ ଲୋକେ ଶାସକମାନଙ୍କ ପୁଅ, ଝିଅଙ୍କୁ ସ୍ୱାଭାବିକ ଭାବରେ ଶାସକ ଭାବରେ ଗ୍ରହଣ କରି ନେଇଛନ୍ତି ।

ଶ୍ରୀଲଙ୍କାର ପ୍ରଥମ ତିନିଜଣ ପ୍ରଧାନମନ୍ତ୍ରୀ ସେନାନାୟକ ବଂଶର । ୧୯୬୦ ମସିହାରେ ବିଶ୍ୱର ପ୍ରଥମ ନିର୍ବାଚିତ ମହିଳା ପ୍ରଧାନମନ୍ତ୍ରୀ ଶ୍ରୀମତୀ ବନ୍ଦର ନାୟକ । ଭାରତର ଇନ୍ଦିରା ଗାନ୍ଧୀ ଦ୍ୱିତୀୟ ମହିଳା ପ୍ରଧାନମନ୍ତ୍ରୀ ।

ତେଣୁ ପାରିବାରିକ ରାଜନୀତି ନେହେରୁ ଓ ଗାନ୍ଧୀ ପରିବାର ପାଇଁ ସେଭଳି କ୍ଷତି ଘଟାଇ ନାହିଁ ।

ରାଜୀବ ନିର୍ବାଚିତ ହୋଇ ଆସିବା ପରେ ଦଳର ସଂଗଠନ ଦାୟିତ୍ୱ ତୁଲାଇବା ପାଇଁ ଏ.ଆଇ.ସି.ସି. ଜେନେରାଲ ସେକ୍ରେଟାରୀ ରୂପେ ମନୋନୀତ ହେଲେ । ରାଜନୀତିରେ ପରିପକ୍ୱ କରାଇବା ଲକ୍ଷ୍ୟରେ ତାଙ୍କ ପାଇଁ ସ୍ୱତନ୍ତ୍ର ତାଲିମ ପ୍ରଦାନ କରାଗଲା । ବିଦେଶୀ ନେତାମାନଙ୍କ ସହିତ କିପରି କୂଟନୈତିକ ଆଲୋଚନା ହେବ, ପାର୍ଲିଆମେଣ୍ଟ୍‌ରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନାରେ ଅଂଶଗ୍ରହଣ କରାଯିବ ପ୍ରଭୃତି ତାଲିମ ପ୍ରଦାନ କରାଗଲା ।

ସେହି ତାଲିମ ପ୍ରଦାନ ସମୟରେ ମୁଁ ମଧ୍ୟ କୌତୂହଳ ବଶତଃ ଯୋଗ ଦେଇଥିଲି । ବ୍ୟକ୍ତିଗତଭାବେ ତାଙ୍କ ସହିତ ସାକ୍ଷାତ ଆଲୋଚନା କରିବା ସୁଯୋଗ ଅନେକଥର ପାଇଛି ।

ମୋ' ସହିତ କଥାବାର୍ତ୍ତା ସମୟରେ ଅଞ୍ଚଳର ପରିସ୍ଥିତି ସମ୍ବନ୍ଧରେ ଜାଣିବାକୁ ପ୍ରବଳ ଆଗ୍ରହ ତାଙ୍କ ମନରେ ସୃଷ୍ଟି ହେଉଥାଏ । ଏହିଭଳି ବିଭିନ୍ନ ବ୍ୟକ୍ତିମାନଙ୍କ ସହିତ ସାକ୍ଷାତ୍ ଆଲୋଚନା କରି ସେ ଦେଶ ସମ୍ବନ୍ଧରେ ଅନେକ କଥା ଜାଣି ପାରିଲେ । ତେଣୁ ସମଗ୍ର ଦେଶକୁ କାର୍ ଯୋଗେ ବୁଲି ପ୍ରତ୍ୟକ୍ଷ ଜ୍ଞାନ ଆହରଣ ପାଇଁ ତାଙ୍କ ମନରେ ପ୍ରବଳ ଆଗ୍ରହ ସୃଷ୍ଟି ହେଲା ।

କଳାହାଣ୍ଡିରେ ରାଜୀବ ଗାନ୍ଧୀ :

ବିଭିନ୍ନ ରାଜ୍ୟ ଗସ୍ତ ସମୟରେ ସେ ଓଡିଶାକୁ ଆସି ଅନେକ ଜିଲ୍ଲା କାର୍‌ରେ ବୁଲି ଗ୍ରାମାଞ୍ଚଳର ପରିସ୍ଥିତି, ଲୋକଙ୍କ ଆର୍ଥିକ ଅବସ୍ଥା ପ୍ରଭୃତି ସ୍ୱଚକ୍ଷୁରେ ଦେଖି ଅନେକ କଥା ଜାଣି ପାରିଥିଲେ । ପଥ ପ୍ରାନ୍ତରର ବିଭିନ୍ନ ସଭା ସମିତିରେ ଭାଷଣ ଦେଉଥିଲେ । ବହୁ ଲୋକଙ୍କ ସଂସ୍ପର୍ଶରେ ଆସି ସେମାନଙ୍କ ସୁଖ, ଦୁଃଖ କଥା ଶୁଣିଥିଲେ ।

ତାଙ୍କର ବିଭିନ୍ନ ଅଞ୍ଚଳ ଗସ୍ତ ସମୟରେ ସେ ଥରେ ବଲାଙ୍ଗିର ଜିଲ୍ଲା ଟିଟିଲାଗଡ ସଭାରେ ଯୋଗଦେଇ ସେଠାରେ ରାତ୍ର ଯାପନ କଲେ । ପରଦିନ ସକାଳୁ ସେ ତେଲ ନଦୀରେ ଡଙ୍ଗା ପାର ହୋଇ କଳାହାଣ୍ଡି ଆସିବା ସ୍ଥିର ହୋଇଥାଏ ।

ମୁଁ କଳାହାଣ୍ଡି ଜିଲ୍ଲା ଲୋକସଭା ସଦସ୍ୟ ହିସାବରେ ନଦୀର ଅପର ପାର୍ଶ୍ୱକୁ

Source: Author, Digitized by PPRACHIN, SOA

ଡଙ୍ଗାରେ ଯାଇ ରାଜୀବ ଗାନ୍ଧୀଙ୍କୁ ସ୍ୱାଗତ ଜଣାଇଲି । ତାଙ୍କ ସହିତ ଓଡିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଜାନକୀବଲ୍ଲଭ ପଟ୍ଟନାୟକ ଏବଂ ବଲାଙ୍ଗିର ଜିଲ୍ଲାର ଲୋକସଭା ସଦସ୍ୟ ତଥା ପ୍ରଦେଶ କଂଗ୍ରେସ ସଭାପତି ନିତ୍ୟାନନ୍ଦ ମିଶ୍ର ମଧ ଆସୁଥାନ୍ତି ।

ତେଲନଦୀର ଉଭୟ ପାର୍ଶ୍ୱରେ ଯୁଗ ଯୁଗ ଧରି ଛିଡା ହୋଇଥିବା ଉଚ୍ଚ ଗିରିଶୃଙ୍ଗର ଦୃଶ୍ୟ ଅତି ମନୋହର । ଦୁଇ ପାହାଡର ମଧ ଦେଇ ତେଲନଦୀ ଖଳ ଖଳ ନାଦରେ ପ୍ରବାହିତ ହେଉଥିବା ଯୋଗୁଁ ଜଳସ୍ରୋତ ମଧ ପ୍ରଖର ଥିଲା ।

ରାଜୀବ ଗାନ୍ଧୀ ଡଙ୍ଗାରେ ବସି ମନଭରି ପ୍ରାକୃତିକ ଶୋଭା ଦେଖି ନେଉଥିଲେ । ଡଙ୍ଗାରେ ନଦୀ ପାର ହେବା ସମୟରେ ନଦୀ ଭିତରେ ଦୁଇଟି ପୋଲ ଦେଖି ମୋତେ ସେ ପ୍ରଶ୍ନକଲେ, ‘‘ବେହେରାଜୀ... ଇଧର କ୍ୟୁଁ... ଦୋ ସେତୁ ହୈ...’’

ମୁଁ ତାଙ୍କୁ ଆମ ଡଙ୍ଗା ପାର୍ଶ୍ୱରେ ଥିବା ଭଙ୍ଗା ପୋଲକୁ ଦେଖାଇ କହିଲି, ‘‘ଏହି ପୋଲ ୧୯୬୬ ମସିହାର ପ୍ରଳୟଙ୍କାରୀ ବନ୍ୟାରେ ଭାଙ୍ଗିଗଲା । ଡକ୍ଟର ହରେକୃଷ୍ଣ ମହତାବ, ପୂର୍ବତନ ମୁଖ୍ୟମନ୍ତ୍ରୀ ଏହାକୁ ଉଦ୍‌ଘାଟନ କରିଥିବା ଯୋଗୁଁ ଏହି ପୋଲର ନାମ ମହତାବ ପୋଲ । ଦୂରକୁ ହାତ ବଢ଼ାଇ କହିଲି, ନୂଆ ପୋଲ ନିର୍ମାଣ କାମ ଚାଲିଛି’’ ।

ମୋ’ଠୁ ଉତ୍ତର ଶୁଣି ଆଶ୍ଚର୍ଯ୍ୟ ହୋଇଯାଇ, ପାଖରେ ବସିଥିବା ମୁଖ୍ୟମନ୍ତ୍ରୀ ଜାନକୀବାବୁଙ୍କ ଆଡକୁ ଦୃଷ୍ଟି ପକାଇ କହିଲେ, ‘‘ପଟ୍ଟନାୟକଜି, କ୍ୟା ଚଲରାହାହୈ ଓଡିଶା ମେ...। ୧୮ ସାଲ ହୋଗ୍ୟା ଡିଷ୍ଟ୍ରିକ କା କନେକଟିଙ୍ଗ ପୋଲ ନିର୍ମିତ ହୁଆ ନେହିଁ’’। ଏହା ଶୁଣି ମୁଖ୍ୟମନ୍ତ୍ରୀଙ୍କ ମୁହଁ ଲାଲ ପଡିଗଲା । କ୍ଷଣିକ ମଧ୍ୟରେ ତାଙ୍କର ସମସ୍ତ ରାଗ ମୋ’ ଆଡକୁ ଢଳି ପଡିଲା । ସେ ମୋତେ ରାଗରେ କଟମଟ କରି ଅନାଇଲେ ।

ମୋ’ର ଉତ୍ତରରେ କୌଣସି ଅଭିପ୍ରାୟ ନ ଥିଲା । ରାଜୀବ ଗାନ୍ଧୀ ପ୍ରଶ୍ନ କଲେ, ମୁଁ ତାର ଉତ୍ତର ଦେଲି । ସେହି ଉତ୍ତର ଛଡା ଅନ୍ୟ କିଛି ଉତ୍ତର ମୋ’ ପାଖରେ ନ ଥିଲା ।

ମାତ୍ର, କଥା ଟା ଯାଇ କେଉଁଠି ପଡିଗଲା । ରାଜୀବ ଗାନ୍ଧୀ ନିଜେ ଜାଣିଗଲେ, ଦୁଇ ଜିଲ୍ଲାର ଯୋଗାଯୋଗ ପାଇଁ ଗମନାଗମନ ପାଇଁ ସେତୁ ଅତି ଗୁରୁତ୍ୱପୂର୍ଣ୍ଣ । ଅଥଚ ୧୮ବର୍ଷ ହେବ ପୋଲ ନିର୍ମିତ ହୋଇ ପାରିଲା ନାହିଁ । ଆମର କାର୍ଯ୍ୟ ପ୍ରଣାଳୀ କେତେ ମନ୍ଥର, ଯାହା ଫଳରେ ରାଜୀବ ଗାନ୍ଧୀଙ୍କୁ ମଧ୍ୟ ଡଙ୍ଗାରେ ନଦୀ ପାର ହୋଇ କଳାହାଣ୍ଡି ଜିଲ୍ଲାକୁ ଆସିବା ପାଇଁ ପଡିଲା । ପ୍ରତିଦିନ ଲୋକେ ନଦୀ ପାର ହୋଇ ଗମନା ଗମନର ଅସୁବିଧା ଯୋଗୁଁ କିପରି ହଇରାଣ ହେଉଛନ୍ତି, ଡଙ୍ଗା ପାଇଁ ଘଣ୍ଟା

Source: Author, Digitized by PPRACHIN, SOA

ଘଣ୍ଟା ଅପେକ୍ଷା କରୁଛନ୍ତି, ତାହା ସେ ପ୍ରତ୍ୟକ୍ଷ ଭାବରେ ଉପଲବ୍ଧି କରି ପାରିଲେ । ତେଣୁ ସେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କଲେ । ରାଜ୍ୟ ସରକାର ମଧ୍ୟ ବ୍ରିଜ୍‌କୁ ଶୀଘ୍ର ସଂପୂର୍ଣ୍ଣ କରିବା ପାଇଁ ତତ୍‌ପର ହୋଇ ଉଠିଲେ । ତେଣୁ କାର୍ଯ୍ୟକ୍ରମର ଶିଥିଳତା ଦୂର କରି ତୁରନ୍ତ ପୂର୍ଣ୍ଣାଙ୍ଗ କରାଗଲା । ଫଳରେ ଲୋକେ ଆଶ୍ୱସ୍ତ ହେଲେ । ଦୁଇ ଜିଲ୍ଲା ମଧ୍ୟରେ ଯାତାୟାତ ବୃଦ୍ଧି ପାଇଲା ।

କେସିଙ୍ଗା ସମ୍ବର୍ଦ୍ଧନା ସଭାରେ ମୁଁ ସ୍ୱାଗତ ଅଭିଭାଷଣ ପ୍ରଦାନ କଲି । ଏଥିରେ ଜିଲ୍ଲା ସମସ୍ୟାର ଏକ ଚିତ୍ର ଉପସ୍ଥାପନ କଲି । ମରୁଡି ପରିସ୍ଥିତିରେ ଚାଷୀ କ୍ଷତିଗ୍ରସ୍ତ ହେବା ଫଳରେ ତାର ଅର୍ଥନୈତିକ ଅଭିବୃଦ୍ଧି କିପରି ଘଟି ପାରୁନାହିଁ, ଆଦିବାସୀ ଅଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ଗମନାଗମନ ପରିସ୍ଥିତି ଉନ୍ନତି ନହେବା ପର୍ଯ୍ୟନ୍ତ ଲୋକଙ୍କ ଅର୍ଥନୈତିକ ବିକାଶ ସମ୍ଭବପର ହୋଇ ପାରିବ ନାହିଁ ବୋଲି ମୋର ମତ ପୋଷଣ କଲି । କଳାହାଣ୍ଡି ଜିଲ୍ଲାରେ ଏବେ ମଧ୍ୟ ଶିଶୁ ମୃତ୍ୟୁହାର, ଗର୍ଭବତୀ ମହିଳା ମୃତ୍ୟୁହାର, ପୁଷ୍ଟିହୀନତାର ପରିମାଣ ଅଧିକ ବୋଲି ଦର୍ଶାଇ ତାର ସଂକ୍ଷିପ୍ତ ମତାମତ ପ୍ରଦାନ କଲି ।

ମୋର ସ୍ୱାଗତ ଭାଷଣ ପରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଅନୁନ୍ନତ ଅଞ୍ଚଳର ବିକାଶ ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରାଯାଉଛି ବୋଲି ଜଣାଇଲେ ଏବଂ ଓଡିଶାକୁ ଏକ ସମୃଦ୍ଧ ରାଜ୍ୟରେ ପରିଣତ କରିବା ପାଇଁ ଉଦ୍ୟମ ଜାରି ରହିଛି ବୋଲି କହିଲେ । ରାଜୀବ ଗାନ୍ଧୀଙ୍କ ମନରେ କଳାହାଣ୍ଡି ତଥା ଓଡିଶା ରାଜ୍ୟ ଉପରେ ଏକ ସାଧାରଣ ଧାରଣା ସୃଷ୍ଟି ହେଲା । ଅନୁନ୍ନତ ଜିଲ୍ଲାମାନଙ୍କ ବିକାଶ ପାଇଁ ସ୍ୱତନ୍ତ୍ର ଧ୍ୟାନ ଦେବା ନିମନ୍ତେ ସରକାର ବଦ୍ଧପରିକର ବୋଲି ସେ ତାଙ୍କ ଅଭିଭାଷଣରେ ପ୍ରକାଶ କଲେ ।

ରାଜିବ ଗାନ୍ଧୀ ଭାଷଣ ଦେଉଥିବା ସମୟରେ ଜାନକୀବାବୁ ମୋତେ କହିଲେ, ''ରାସବିହାରୀ ! ତୁମେ ତ ଏଠି ସ୍ୱାଗତ ଭାଷଣ ଦେଲ । ଭବାନୀପାଟଣାରେ ଆଉ ଜଣେ ସ୍ୱାଗତ ଭାଷଣ ଦେବେ'' ।

ମୁଁ ଆଶ୍ଚର୍ଯ୍ୟ ହୋଇ ତାଙ୍କ ମୁହଁକୁ ଚାହିଁ କହିଲି, ''ମୁଁ କଳାହାଣ୍ଡି ଜିଲ୍ଲାର ଲୋକସଭା ସଦସ୍ୟ । ଜିଲ୍ଲା ହେଡକ୍ୱାର୍ଟରରେ ମୁଁ ସ୍ୱାଗତ ଭାଷଣ ନ ଦେବି କିପରି'' ?

ନଦୀରେ ଡଙ୍ଗାରେ ପାର ହେଉଥିବା ବେଳର ଘଟଣା ତାଙ୍କ ମନରେ ଭୀଷଣ ପ୍ରତିକ୍ରିୟା ସୃଷ୍ଟି କରିଛି । ତାଙ୍କ ମନକୁ ବିବ୍ରତ କରାଇ ପକାଇଛି । ମୋ' ପ୍ରତି ତାଙ୍କ ମନରେ ଛପି ରହିଥିବା ରାଗର ପ୍ରତିଫଳନ ଏଠି ପ୍ରକାଶ ପାଇଲା ।

ରାଜୀବ ଗାନ୍ଧୀଙ୍କ ସଭା ପାଇଁ ଆୟୋଜିତ ହୋଇଥିବା ପୁଲିସ ପଡିଆରେ ସ୍ୱାଗତ ଅଭିଭାଷଣ ପ୍ରଦାନ କଲି । ଲୋକସଭା ସଦସ୍ୟ ହିସାବରେ ଏକ ଦାବିପତ୍ର ମଧ ଉପସ୍ଥାପନ କଲି ।

Source: Author, Digitized by PPRACHIN, SOA

ଭବାନୀପାଟଣାରେ ଦୂରଦର୍ଶନ ଓ ଆକାଶବାଣୀ କେନ୍ଦ୍ର ପ୍ରତିଷ୍ଠା :

କଳାହାଣ୍ଡି ଜିଲ୍ଲା ସମଗ୍ର ଦେଶରେ ଏକ ପଛୁଆ ଅଞ୍ଚଳ । ଲୋକ ସଚେତନତା ପାଇଁ ଏବଂ ସାଂସ୍କୃତିକ, ସାମାଜିକ ତଥା କୃଷିର ବିକାଶ ପାଇଁ ଏବଂ ସର୍ବୋପରି ଗଣମାଧ୍ୟମ ପାଇଁ ରେଡିଓ ଏବଂ ଟି.ଭି.ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ।

ଅନୁନ୍ନତ ଆଦିବାସୀ ବହୁଳ ଅଞ୍ଚଳ କଳାହାଣ୍ଡି ଜିଲ୍ଲାକୁ କେନ୍ଦ୍ର ରୂପେ ଗ୍ରହଣ କରି କାର୍ଯ୍ୟ କରାଗଲେ ଚତୁର୍ଦ୍ଦିଗରେ ଘେରି ରହିଥିବା ବିସ୍ତୀର୍ଣ୍ଣ ପଛୁଆ ଅଞ୍ଚଳରେ ଲୁପ୍ତ ହୋଇ ଯାଉଥିବା ସାଂସ୍କୃତିକ ଚେତନା, ଲୋକବାଦ୍ୟ, ଲୋକଗୀତର ପରିପ୍ରକାଶ ଘଟିବ । ସ୍ଥାନୀୟ ବହୁ କଳାକାର ମଧ୍ୟ ଉପକୃତ ହୋଇ ପାରିବେ ।

ତେଣୁ କଳାହାଣ୍ଡିରେ 'ଟି.ଭି. ସେଣ୍ଟର୍' ଏବଂ 'ରେଡିଓ ଷ୍ଟେସନ୍' ପ୍ରତିଷ୍ଠା ପାଇଁ ଆପଣଙ୍କ ଜରିଆରେ କେନ୍ଦ୍ର ସରକାରଙ୍କୁ ଜିଲ୍ଲାବାସୀଙ୍କ ତରଫରୁ ଅନୁରୋଧ କରୁଛୁ ।

ଏତକ କହି ଲିଖିତ ମାନପତ୍ର ତାଙ୍କ ହସ୍ତକୁ ବଢାଇ ଦେଲି । ଘନ ଘନ କରତାଳି ଦେଇ ଲୋକେ ତାଙ୍କୁ ସ୍ୱାଗତ କଲେ । 'ରାଜୀବ ଗାନ୍ଧୀ ଜିନ୍ଦାବାଦ' କହି ସଭାସ୍ଥଳ କମ୍ପାଇ ଦେଲେ ।

ରାଜୀବ ଗାନ୍ଧୀ ତାଙ୍କ ଅଭିଭାଷଣରେ କହିଲେ, ''କଳାହାଣ୍ଡି ଏକ ପିଛଡା ଇଲାକା ହିସାବରେ ପରିଗଣିତ । ମୁଁ ମଧ୍ୟ କିଛି ଅନୁଭବ କରିପାରୁଛି । ତେଣୁ ତାର ପ୍ରତିକାର ପାଇଁ ସମସ୍ତଙ୍କ ଉଦ୍ୟମ ଆବଶ୍ୟକ । ଆପଣମାନଙ୍କ ଲୋକସଭାସଦସ୍ୟ ବେହେରାଜି ମୋତେ ଦେଇଥିବା ଦାବିପତ୍ର ଏକ ଉତ୍ତମ ପ୍ରସ୍ତାବ । ମୁଁ ପ୍ରଧାନମନ୍ତ୍ରୀଙ୍କ ପାଖରେ ଆପଣମାନଙ୍କ ପ୍ରସ୍ତାବକୁ ଉପସ୍ଥାପନ କରି ତାକୁ ଶୀଘ୍ର କାର୍ଯ୍ୟକାରୀ କରିବା ପାଇଁ ଉଦ୍ୟମ କରିବି'' ।

ତାଙ୍କର ଏହି ଭାଷଣ ଶୁଣି ଉପସ୍ଥିତ ଜନତା ହର୍ଷଧ୍ୱନି କରି କରତାଳି ଦେଇ 'ରାଜୀବ ଗାନ୍ଧୀ ଜିନ୍ଦାବାଦ'ରେ ସଭାସ୍ଥଳ ପ୍ରକମ୍ପିତ କରିଥିଲେ ।

ଉଚ୍ଚ କ୍ଷମତା ସମ୍ପନ୍ନ ଟିଭି ସେଣ୍ଟର ଏବଂ ରେଡିଓ ସେଣ୍ଟର ତୁରନ୍ତ କାର୍ଯ୍ୟକାରୀ ହୋଇ କଳାହାଣ୍ଡିରେ ସ୍ଥାପିତ ହେଲା । ଏହାର ଉଦ୍‌ଘାଟନ ମଧ୍ୟ ପ୍ରଧାନମନ୍ତ୍ରୀ କରିଥାନ୍ତେ, ମାତ୍ର; ନିୟତିର କ୍ରୂର କଟାକ୍ଷରେ ଭାରତର ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଆତତାୟୀ ଗୁଳିରେ ମୃତ୍ୟୁବରଣ କଲେ । ରାଜୀବ ଗାନ୍ଧୀଙ୍କର ମଧ୍ୟ ଅକାଳ ମୃତ୍ୟୁ ହେବା ଫଳରେ ଆମର ଆଶା ପୂରଣ ହୋଇ ପାରିଲା ନାହିଁ । ଏପରିକି ଦୂରସଂଚାର କେନ୍ଦ୍ରମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟନ ପାଇଁ ସ୍ଥିର ହୋଇ ଥିଲେହେଁ ତାହା ବି ସମ୍ଭବ ହେଲା ନାହିଁ । ପରେ ତାହା ତତ୍‌କାଳୀନ କଳାହାଣ୍ଡି ଲୋକସଭାସଦସ୍ୟ ସୁବାଷଚନ୍ଦ୍ର ନାୟକ ଉଦ୍‌ଘାଟନ୍ କରିଥିଲେ ।

ପ୍ରଧାନମନ୍ତ୍ରୀଙ୍କଦ୍ୱାରା ଉଦ୍‌ଘାଟନରେ ଯେଉଁ ଗୁରୁତ୍ୱ ବୃଦ୍ଧି ପାଇଥାନ୍ତା ତାହା

Source: Author, Digitized by PPRACHIN, SOA

ହୋଇପାରିଲା ନାହିଁ । ଏତେ ବଡ ବୃହତ୍ ଅନୁଷ୍ଠାନ ସେହିଭଳି ଗୁରୁତ୍ୱହୀନ ହୋଇ ଆଜି ପର୍ଯ୍ୟନ୍ତ ପଡି ରହିବା ଫଳରେ ରେଡିଓ ଷ୍ଟେସନ୍ ଏବଂ ଟି.ଭି. ସେଣ୍ଟର୍ ତାର ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇ ବାରେ କ୍ଷମ ହୋଇପାରି ନାହିଁ ।

ଏଥି ପାଇଁ ସ୍ଥାନୀୟ ଲୋକପ୍ରତିନିଧି ତଥା କେନ୍ଦ୍ରସରକାରଙ୍କ ଗୁରୁତ୍ୱ ପୂର୍ଣ୍ଣ ଭୂମିକା ରହିଛି । ଟି.ଭି. ଓ ରେଡିଓ କେବଳ ଆମ ପ୍ରମୋଦ ପାଇଁ ବ୍ୟବହୃତ ହୋଇ ନ ଥାଏ । ଆଞ୍ଚଳିକ ସଂସ୍କୃତିର ପ୍ରସାର ତଥା ସ୍ଥାନୀୟ କଳାକାରମାନଙ୍କ ମଧ୍ୟରେ ଛପି ରହିଥିବା କଳା ପରିପ୍ରକାଶ ପାଇବାରେ ସୁଯୋଗ ମିଳିଥାଏ । କୃଷି ଓ ଶିକ୍ଷାର ବିକାଶରେ ଟି.ଭି. ଏବଂ ରେଡିଓର ଗୁରୁତ୍ୱପୂର୍ଣ୍ଣ ଭୂମିକା ଅନସ୍ୱୀକାର୍ଯ୍ୟ ତଥା ଅପରିହାର୍ଯ୍ୟ ।

ପଶ୍ଚିମାଞ୍ଚଳ ଭାରତର ଉଚ୍ଚ କ୍ଷମତା ସମ୍ପନ୍ନ କଳାହାଣ୍ଡି ଟି.ଭି. ଏବଂ ରେଡିଓ ଷ୍ଟେସନକୁ ପୂର୍ଣ୍ଣାଙ୍ଗ କରିବାରେ ସମସ୍ତଙ୍କ ସହଯୋଗ ଆବଶ୍ୟକ । ରାଜୀବ ଗାନ୍ଧୀଙ୍କର ୧୯୯୧ ମସିହା ମେ ମାସରେ ତାମିଲନାଡୁରେ ଏଲ୍.ଟି.ଟି.ଇ.ର ଆତ୍ମଘାତୀ ଉଗ୍ରପନ୍ଥୀମାନଙ୍କ ବିସ୍ଫୋରଣ ରେ ଅକାଳ ମୃତ୍ୟୁ ଘଟିଥିଲା ।

ଭବାନୀପାଟଣାରୁ ରାଜୀବ ଗାନ୍ଧୀ କାର୍‌ରେ ବସି କଳାହାଣ୍ଡିର ଏ ମୁଣ୍ଡରୁ ସେ ମୁଣ୍ଡ ପର୍ଯ୍ୟନ୍ତ ଯାତ୍ରା କରି ବିଭିନ୍ନ ସଭା ସମିତିରେ ଭାଷଣ ଦେଇ କୋରାପୁଟ ଜିଲ୍ଲା ଯାଇଥିଲେ ।

ସେତେବେଳେ କେବଳ ଏମ୍ବାସଡର୍ ଗାଡିର ପ୍ରଚଳନ ଅଧିକ ଏବଂ ସୁବିଧା ଜନକ ଥିଲା । ତେଣୁ ଗାଡିର ସମ୍ମୁଖ ଭାଗରେ ଡ୍ରାଇଭର, ମୁଖ୍ୟମନ୍ତ୍ରୀ ଜାନକୀବାବୁ ଏବଂ ରାଜୀବ ଗାନ୍ଧୀ ବସିଥାନ୍ତି । ପଛ ସିଟ୍‌ରେ ମୁଁ, ଓଡିଶା ପ୍ରଦେଶ କଂଗ୍ରେସ ସଭାପତି ନିତ୍ୟାନନ୍ଦ ମିଶ୍ର ଏବଂ ସେକ୍ୟୁରେଟି ଅଫିସର ବସି ସମଗ୍ର ଜିଲ୍ଲା ଗସ୍ତ କରିଥିଲୁ ।

ଭବନୀପାଟଣା, ଜୁନାଗଡ, ମହିଚଲା, ଚାରବାହାଲ, ମୋଟେର, କୋକସରା, ଆମପାଣିଠାରେ ଲୋକେ ବିପୁଳ ସଂଖ୍ୟାରେ ତାଙ୍କୁ ସ୍ୱାଗତ ଜଣାଇ ଥିଲେ । ମହିଚଲାରେ ସେ ଗାଡିରୁ ଓହ୍ଲାଇ ସମସ୍ତଙ୍କ ଅଭିନନ୍ଦନ ଗ୍ରହଣ କଲେ । ମୋ' ବାପାଙ୍କ ସହିତ ତାଙ୍କୁ ପରିଚିତ କରାଇ ଦେଇଥିଲି । ରାଜୀବ ଗାନ୍ଧୀ ସଭିଙ୍କୁ ହାତ ହଲାଇ ଅଭିବାଦନ ଗ୍ରହଣ କରି ଓଡିଆରେ କହିଲେ, ''ସମସ୍ତଙ୍କୁ ମୋର ନମସ୍କାର'' । ସେ ଓଡିଆ କହୁଥିବା ଶୁଣି, ହଜାର ହଜାର ଦର୍ଶକ କରତାଳି ଦେଇ 'ରାଜୀବ ଗାନ୍ଧୀ ଜିନ୍ଦାବାଦ' ଧ୍ୱନିରେ ପ୍ରକମ୍ପିତ କରି ଦେଇଥିଲେ ।

ରାଜୀବ ଗାନ୍ଧୀଙ୍କୁ କେସିଙ୍ଗାରୁ ଆମପାଣି ପର୍ଯ୍ୟନ୍ତ ଏବଂ ବିଭିନ୍ନ ଛକ ଜାଗାମାନଙ୍କରେ ହଜାର ହଜାର ଦର୍ଶକ ଯେଉଁ ଭଳି ଅଭିନନ୍ଦନ ଜଣାଇଲେ, ସେଥିରେ ସେ ଅଭିଭୂତ ହୋଇ ପଡିଥିଲେ । ଆମପାଣି ସଭା ଶେଷହେବା ପରେ ତାଙ୍କ ସହିତ ହାତ ମିଳାଇ ବିଦାୟ ଦେଲି । ସେଠୁ ସେ କୋରାପୁଟ ଅଭିମୁଖେ ଯାତ୍ରା କଲେ ।

Source: Author, Digitized by PPRACHIN, SOA

କଳାହାଣ୍ଡିର ଭତରାମାନଙ୍କୁ ଆଦିବାସୀ ମାନ୍ୟତା ପ୍ରଦାନ :

କଳାହାଣ୍ଡି ଜିଲ୍ଲାରେ 'ଭତରା ସମାଜ' ଅତି ଅବହେଳିତ ଅବସ୍ଥାରେ ରହିଛନ୍ତି। ଶିକ୍ଷା ଦୃଷ୍ଟିରୁ ସେମାନେ ବହୁ ପଛରେ । ସେମାନଙ୍କର ଅର୍ଥନୈତିକ ଅଭିବୃଦ୍ଧି ମଧ୍ୟ ଅତି ନିମ୍ନମାନର । ସେମାନେ ଆଦିବାସୀ ସଂପ୍ରଦାୟ ଭୁକ୍ତ, ମାତ୍ର; କଳାହାଣ୍ଡି ଜିଲ୍ଲାରେ ସେମାନେ ଆଦିବାସୀ ନୁହନ୍ତି । ପଡୋଶୀ କୋରାପୁଟ ଜିଲ୍ଲାରେ ଭତରା ସମାଜ ଆଦିବାସୀ, ମାତ୍ର କଳାହାଣ୍ଡିର ଭତରାମାନେ ସାଧାରଣ ବର୍ଗର ।

ପ୍ରଥମରୁ ଭତରା ନେତୃମଣ୍ଡଳୀ ମଧ୍ୟରେ ଧାରଣା ସୃଷ୍ଟି ହୋଇଥିଲା, ଆଦିବାସୀ ସଂପ୍ରଦାୟ ଅନୁନ୍ନତ ସମ୍ପ୍ରଦାୟ । ତେଣୁ ସେମାନେ ଆଦିବାସୀ ଶ୍ରେଣୀ ଭୁକ୍ତ ହେବାରେ ଦ୍ୱିଧା ବୋଧ କଲେ । ତାଙ୍କ ମନରେ ଏକ ଭ୍ରାନ୍ତ ଧାରଣା ସୃଷ୍ଟି ହୋଇଥାଏ ।

ଭତରା ସମାଜ ବିଶେଷତଃ କୋକସରା, ଜୟପାଟଣା, ଧର୍ମଗଡ ବ୍ଲକରେ ବ୍ୟାପକ ଭାବରେ ବସବାସ କରନ୍ତି । ଜିଲ୍ଲାର ଅନ୍ୟ ସ୍ଥାନମାନଙ୍କରେ ମଧ୍ୟ କାଁ ଭାଁ ବସବାସ କରିଛନ୍ତି ।

୧୯୭୭ ମସିହାରେ ମୁଁ କୋକସରା ନିର୍ବାଚନ ମଣ୍ଡଳୀର ବିଧାୟକ ନିର୍ବାଚିତ ହେଲା ପରେ ଭତରା ସମାଜର ନେତୃମଣ୍ଡଳୀଙ୍କ ସହ ଆଲୋଚନା କରି ସେମାନେ ମଧ୍ୟ ଆଦିବାସୀ ଶ୍ରେଣୀଭୁକ୍ତ ହେଲେ ଶିକ୍ଷା, କୃଷି ପ୍ରଭୃତିରେ ଆଦିବାସୀମାନଙ୍କୁ ମିଳୁଥିବା ସୁଯୋଗ ଏବଂ ଆଦିବାସୀ ସ୍କୁଲରେ ରହି ପଢିବା ସୁଯୋଗ ପାଇ ପାରିବେ ବୋଲି କହିଲି । ସରକାର ସେହି ଛାତ୍ର ଛାତ୍ରୀମାନଙ୍କର ସମସ୍ତ ଖର୍ଚ୍ଚ ବହନ କରିବେ । ସେମାନେ ଶିକ୍ଷିତ ହୋଇ ସଚେତନ ହେବେ । ଭବିଷ୍ୟତରେ ସେମାନଙ୍କ ଅର୍ଥନୈତିକ ବିକାଶ ତ୍ୱରାନ୍ୱିତ ହୋଇ ପାରିବ । ଭତରା ସମାଜରେ ମଧ୍ୟ ମୋର ଚିନ୍ତାଧାରା ସେମାନଙ୍କ ମନକୁ ଛୁଇଁଲା ।

ମୁଁ ଏ ଦାୟିତ୍ୱ ନିଜ ହାତକୁ ନେଇ, ଜଣେ ବିଧାୟକ ରୂପେ ସ୍କୁଲ ଛାତ୍ରଛାତ୍ରୀମାନଙ୍କୁ ପ୍ରଥମ କରି ଭତରା ସମାଜର ପୁଅଝିଅମାନଙ୍କୁ ଆଦିବାସୀ ଶ୍ରେଣୀଭୁକ୍ତ ପ୍ରମାଣ ପତ୍ର ପ୍ରଦାନ କଲି । ଫଳରେ ସେମାନେ ସ୍କୁଲରେ ଷ୍ଟାଇପେଣ୍ଡ୍ ପାଇଲେ । ଆଦିବାସୀ ବିଭାଗୀୟ ସ୍କୁଲରେ ନାମ ଲେଖାଇ ଛାତ୍ରାବାସରେ ରହି ପାଠ ପଢ଼ିଲେ । ଏହାଦ୍ୱାରା ବହୁ ଛାତ୍ରଛାତ୍ରୀ ପାଠପଢ଼ି ଉପକୃତ ହେଲେ । ମୋର ସାର୍ଟିଫିକେଟ ବଳରେ ଜଣେ ଛାତ୍ର ସ୍କୁଲ ଶିକ୍ଷା ସମାପ୍ତି ପରେ କଲେଜ ଶିକ୍ଷା ପାଇଁ ମଧ ଷ୍ଟାଇପେଣ୍ଡ୍ ପାଇ ଅଧ୍ୟୟନ କଲେ ଏବଂ ପରୀକ୍ଷା ଶେଷ ପରେ 'ଷ୍ଟେଟ୍ ବ୍ୟାଙ୍କ୍ ଅଫ୍ ଇନ୍ଦୋର'ରେ ଚାକିରି ପାଇ ପାରିଥିଲେ ।

Source: Author, Digitized by PPRACHIN, SOA

ଚାକିରି କରିବା ସମୟରେ ଲୋକପ୍ରତିନିଧି, ବିଧାୟକ ଅବା ଏମ୍.ପି.ଙ୍କ ସାର୍ଟିଫିକେଟ୍ କାର୍ଯ୍ୟକାରୀ ହୋଇନଥାଏ ।

ମାତ୍ର, କଳାହାଣ୍ଡି କଲେକ୍ଟର ଭତରା ସମାଜର ଯୁବକଙ୍କୁ ଆଦିବାସୀ ଶ୍ରେଣୀଭୁକ୍ତ ସାର୍ଟିଫିକେଟ ଦେବା ପାଇଁ ମନା କରିଦେଲେ । ତାଙ୍କୁ ସାର୍ଟିଫିକେଟ ନ ମିଳିଲେ ସେ ଚାକିରିରୁ ବଞ୍ଚିତ ହେବେ । ଏତେ ବଡ ଚାକିରିଟିଏ ମିଳିଛି; ଅଥଚ, ସାର୍ଟିଫିକେଟ ବିନା ସେ ଚାକିରିରେ ଯୋଗ ଦେଇ ପାରିବେ ନାହିଁ । ତାଙ୍କ ପରିବାର ମଧ୍ୟରେ ଚଡକ ପଡିଲା । ସେମାନେ ଚିନ୍ତିତହୋଇ ପଡିଲେ । ତାଙ୍କ ପିତା କୋକସରା ବ୍ଲକର କାଉଡୋଲା ଗ୍ରାମର ଜଣେ ଧର୍ମପରାୟଣ ବ୍ୟକ୍ତି, ମାନଗୋବିନ୍ଦ ପୂଝାରୀ । ସେ ମୋ' ପାଖକୁ ଆସି ମୋତେ ସମସ୍ତ ଘଟଣା କହିଲେ । ମୋ' ପୁଅ ସନ୍ତୋଷ କୁମାର ପୂଝାରୀ ଆପଣ ଦେଇଥିବା ଜାତି ସାର୍ଟିଫିକେଟ ବଳରେ ଷ୍ଟାଇପେଣ୍ଡ୍ ପାଇ ବି.ଏ. ପାସ୍ କରି ବ୍ୟାଙ୍କ୍‌ରେ ଚାକିରି ପାଇଛି । ମାତ୍ର, ଜିଲ୍ଲାପାଳ ଜାତି ସାର୍ଟିଫିକେଟ୍ ଦେବାପାଇଁ ମନା କରୁଛନ୍ତି ।

ଭତରା ସମାଜ ସାଧାରଣବର୍ଗର । ତେଣୁ ସେ ଆଦିବାସୀ ସାର୍ଟିଫିକେଟ୍ ଦେଇପାରିବେ ନାହିଁ ବୋଲି ସ୍ପଷ୍ଟ ମନା କରି ଦେଇଛନ୍ତି ।

ମୁଁ ତାଙ୍କ ମନର ଉଦ୍‌ବେଗ ବୁଝିଲି । ଆଶ୍ୱାସନା ଦେଇ ସାଥିରେ ତାଙ୍କୁ ନେଇ ଜିଲ୍ଲାପାଳଙ୍କୁ ଭେଟିଲି ।

ମୋ' ସହିତ ଚାକିରି ପାଇଥିବା ଯୁବକର ପିତା ମାନଗୋବିନ୍ଦ ବାବୁଙ୍କୁ ଦେଖି ଜିଲ୍ଲାପାଳ ସମସ୍ତ ଘଟଣା ବୁଝିଯାଇଥାନ୍ତି ।

ମୁଁ ଜିଲ୍ଲାପାଳଙ୍କୁ କହିଲି, ''ମୋରି ସାର୍ଟିଫିକେଟ୍ ବଳରେ ଯୁବକ କଲେଜ ପର୍ଯ୍ୟନ୍ତ ଷ୍ଟାଇପେଣ୍ଡ୍ ପାଇଛନ୍ତି । ତେଣୁ ଏହା ଯଦି ନିୟମ ବିରୁଦ୍ଧ ତେବେ ମୋ' ବିରୁଦ୍ଧରେ ସାର୍ଟିଫିକେଟ୍ କେସ୍ କରି ଏ ସମସ୍ତ ଷ୍ଟାଇପେଣ୍ଡ୍ ଟଙ୍କା ମୋ'ଠୁ ଆଦାୟ କରିବା ଉଚିତ୍ । ମୋର ଭୁଲ ସାର୍ଟିଫିକେଟ୍ ପାଇଁ ମୋ' ନାଁରେ କ୍ରିମିନାଲ କେସ୍ ମଧ୍ୟ କରାଯିବା ଉଚିତ'' । ମୋର ଯୁକ୍ତି ତାଙ୍କ ମନକୁ ସ୍ପର୍ଶ କଲା ।

ମୁଁ ପୁଣି ଜିଲ୍ଲାପାଳଙ୍କୁ ବୁଝାଇଲି, ''କଳାହାଣ୍ଡି ଭତରା ଏବଂ କୋରାପୁଟ ଜିଲ୍ଲାର ଭତରା ଗୋଟିଏ ସଂପ୍ରଦାୟର । ତାଙ୍କମାନଙ୍କ ଭିତରେ ବିବାହ, ବନ୍ଧୁତା ସ୍ଥାପନ ହୋଇଥାଏ । କଳାହାଣ୍ଡି ଭତରା ସାଧାରଣ ସଂପ୍ରଦାୟ ଏବଂ କୋରାପୁଟ ଭତରା ଆଦିବାସୀ ସଂପ୍ରଦାୟ, ଏହା କିପରି ସମ୍ଭବ ? 'ଭତରା', 'ଭତଡା' ଏକ । ଯେପରି ଓରିଶା, ଓଡିଶା ଶବ୍ଦଗତ ଉଚ୍ଚାରଣରେ ତାରତମ୍ୟ ଥିଲେ ମଧ୍ୟ ଏକ, ସେହିଭଳି ଭତରା, ଭତଡା ଏକ''।

ଜିଲ୍ଲାପାଳ ପରିସ୍ଥିତିର ଗୁରୁତ୍ୱ ଉପଲବ୍ଧି କରିପାରି ଦ୍ୱନ୍ଦ୍ୱରେ ପଡି ଯାଇଥାନ୍ତି ।

Source: Author, Digitized by PPRACHIN, SOA

ମୁଁ ପୁଣି କହିଲି, ‘‘ଆପଣ ଯଦି ସାର୍ଟିଫିକେଟ୍ ପ୍ରଦାନ କରିବେ ନାହିଁ, ତେବେ ସେ ଚାକିରିରେ ଯୋଗ ଦେଇ ପାରିବେ ନାହିଁ । ତାଙ୍କ ଭବିଷ୍ୟତ ଜୀବନ ଅନ୍ଧକାରମୟ ହୋଇଯିବ’’।

ମୁଁ ତାଙ୍କୁ ଅନେକ ଉଦାହରଣ ପ୍ରଦାନ କରି ତାଙ୍କ ମନର ସନ୍ଦେହ ଦୂର କରିବାରେ କ୍ଷମ ହେଲି ।

ଜିଲ୍ଲାପାଳ ମୋ’ କଥାର ଗୁରୁତ୍ୱ ଉପଲବ୍ଧି କରିପାରି ଆଦିବାସୀ ଜାତି ସାର୍ଟିଫିକେଟ୍ ପ୍ରଦାନ କଲେ ଏବଂ ସେହି ଯୁବକ ଚାକିରିରେ ଯୋଗ ଦେଇପାରିଲେ ।

ସେତେବେଳେ ମୀନା ଗୁପ୍ତା କଳାହାଣ୍ଡି ଜିଲ୍ଲାର ଜିଲ୍ଲାପାଳ ଦାୟିତ୍ୱରେ ଥିଲେ । ପରେ ରାଜ୍ୟ ସ୍ୱାସ୍ଥ୍ୟ ସେକ୍ରେଟାରୀ ରୂପେ ଅବସ୍ଥାପିତ ହୋଇଥିଲେ ଏବଂ ଶେଷରେ କେନ୍ଦ୍ରସରକାରଙ୍କ ଅଧୀନରେ କାର୍ଯ୍ୟକରି ଅବସର ଗ୍ରହଣ କରିଥିଲେ ।

ମୁଁ ଲୋକସଭାରେ ଭତରା, ଭତଡା ପ୍ରସଙ୍ଗ ଉତ୍‌ଥାପନ କଲି । ତତ୍‌କାଳୀନ ଗୃହମନ୍ତ୍ରୀ ମକୱାନା ମୋ’ଠୁ ଯୁକ୍ତି ଶୁଣିଲାପରେ କୋରାପୁଟର ତତ୍‌କାଳୀନ ଲୋକସଭା ସଦସ୍ୟ ଖଗପତି ପ୍ରଧାନୀ ଜଣେ ଭତରା ସମାଜର ବ୍ୟକ୍ତି ବୋଲି ଜାଣିଲେ । ଯେହେତୁ ସେ କୋରାପୁଟରେ ଅଛନ୍ତି ତେଣୁ ସେ ଆଦିବାସୀ । ତାଙ୍କ ସହୋଦର ଭାଇମାନେ କଳାହାଣ୍ଡିରେ ରହନ୍ତି । ତେଣୁ ସେମାନେ ସାଧାରଣ ସଂପ୍ରଦାୟର । ଏହା କିପରି ସମ୍ଭବ ହେବ ?

ଓଡିଶା ଓ ଓରିଶା ଶବ୍ଦ ମଧ୍ୟରେ କେବଳ ବନାନ୍‌ଗତ ପାର୍ଥକ୍ୟ, ମାତ୍ର, ସେହି ଓଡିଶାକୁ ହିଁ ବୁଝାଉଛି ।

କୋରାପୁଟ ଜିଲ୍ଲାର ଡାବୁଗାଁ ନିର୍ବାଚନ ମଣ୍ଡଳୀର ବିଧାୟିକା ପରମା ପୁଝାରୀଙ୍କ ନାମରେ କୋର୍ଟରେ ଇଲେକସନ୍ କେସ୍ ହେଲା । ତାଙ୍କ ଜାତିଗତ ସାର୍ଟିଫିକେଟ୍‌ରେ ଜାତିରେ ‘ଭତରା’ ଲେଖାଯାଇଛି । ତେଣୁ ସେ ଆଦିବାସୀ ଶ୍ରେଣୀଭୁକ୍ତ ନୁହନ୍ତି ବୋଲି ତାଙ୍କ ପ୍ରତିଦ୍ୱନ୍ଦ୍ୱୀ କୋର୍ଟରେ କେସ୍ କଲେ ।

ମାନ୍ୟବର ବିଚାରପତି ସମସ୍ତ ତଥ୍ୟ ଶୁଣି ଭତରା ଆଦିବାସୀ ଶ୍ରେଣୀଭୁକ୍ତ ବୋଲି କୋର୍ଟରାୟ ପ୍ରଦାନ କଲେ । ତେଣୁ ସେ ବର୍ତ୍ତମାନ ମଧ୍ୟ ଆଦିବାସୀ ଶ୍ରେଣୀଭୁକ୍ତ ବିଧାୟିକା ଅଛନ୍ତି । ଏହିଭଳି ଯୁକ୍ତି ମୁଁ ଲୋକସଭାରେ ଉପସ୍ଥାପନ କରିଥିଲି । ମୁଁ ଯେତେବେଳେ ଓଡିଶାରେ ଆଦିବାସୀ ବିଭାଗର ମନ୍ତ୍ରୀ ଦାୟିତ୍ୱ ଗ୍ରହଣ କଲି, ଫାଇଲ୍‌ରେ ମୋର ପ୍ରଥମ ସ୍ୱାକ୍ଷରରେ ବିଭାଗୀୟ ଆଦେଶ ଦେଇଥିଲି, ‘କଳାହାଣ୍ଡିର ଭତରା ସମାଜ ଆଦିବାସୀ ଶ୍ରେଣୀଭୁକ୍ତ’ । ବର୍ତ୍ତମାନ ଭତରା ସମାଜ ଆଦିବାସୀ ଶ୍ରେଣୀ ଭୁକ୍ତ ହୋଇ ସମସ୍ତ ସରକାରୀ ସୁବିଧା ପାଇ ପାରୁଛନ୍ତି ।

Source: Author, Digitized by PPRACHIN, SOA

ଯେଉଁମାନେ ମୂଳରୁ ଐତିହାସିକ ଭୁଲ କରିଥିଲେ, ସେହି ତଥ୍ୟଗତ ଭୁଲକୁ ସୁଧାରି ତାକୁ କାର୍ଯ୍ୟକ୍ଷମ କରାଇବା ପାଇଁ ସମ୍ବିଧାନ ସଂଶୋଧନ, ରାଜନୈତିକ ଉଦ୍ୟମର ଆଜି ଆବଶ୍ୟକତା ଥିଲା, ତାହା ବାସ୍ତବରେ ରୂପାୟିତ ହୋଇପାରିଛି । ବିଳମ୍ବ ହେଲେ ମଧ୍ୟ କାର୍ଯ୍ୟରେ ସଫଳତା ମିଳିଥିବା ଯୋଗୁଁ ମନରେ ସନ୍ତୋଷ ପ୍ରାପ୍ତ ହୋଇଥିଲି ।

କୁତବମିନାରରେ ଦୁର୍ଘଟଣା :

ପାର୍ଲିଆମେଣ୍ଟ ଅଧିବେଶନ ଚାଲିଥାଏ । ଦିନ ପ୍ରାୟ ଚାରିଟା ହେବ । ଏକ ଚାଞ୍ଚଲ୍ୟକର ଖବର ଆସି ପହଞ୍ଚିଲା । 'କୁତବମିନାର'ରେ ଷ୍ଟାମ୍ପେଡ୍ (ଆକସ୍ମିକ ଆତଙ୍କ ଜନିତ ଦୁର୍ଘଟଣା ଯୋଗୁଁ) ବହୁ ଲୋକଙ୍କ ମୃତ୍ୟୁ ହୋଇଯାଇଛି ।

ମାନ୍ୟବର ବାଚସ୍ପତି ବଳରାମ ଝାଙ୍କର ମହାଶୟ ପାର୍ଲିଆମେଣ୍ଟକୁ ମୁଲତବି ରଖି ସ୍ଥାନ ପରିଦର୍ଶନ କରି ବିପଦଗ୍ରସ୍ତ ଲୋକଙ୍କୁ ତୁରନ୍ତ ସହାୟତା ପାଇଁ ପରାମର୍ଶ ଦେଲେ । ବହୁ ମନ୍ତ୍ରୀ ସ୍ଥାନ ପରିଦର୍ଶନ ପାଇଁ ତୁରନ୍ତ ଚାଲିଗଲେ ।

ମୁଁ ମଧ୍ୟ କୁତବମିନାର ଅଞ୍ଚଳକୁ ଯାଇ ଯାହା ଦେଖିଲି, ଦୁଃଖ ବିଷାଦରେ ରୋମ ମୋର ଟାଙ୍କୁରି ଉଠିଲା । କୋମଳମତି ଶିଶୁମାନେ ବହୁ ସଂଖ୍ୟାରେ ମୃତ୍ୟୁବରଣ କରିଥାନ୍ତି

କୁତବମିନାର ହେଉଛି ଏକ ଐତିହାସିକ କୀର୍ତ୍ତି । ତେଣୁ ପ୍ରତିଦିନ ହଜାର ହଜାର ଦର୍ଶକ ଏହାକୁ ଦେଖିବା ପାଇଁ ଆସିଥାନ୍ତି । ଏହା ୱାର୍ଲଡ୍ ହେରିଟେଜ୍ ସାଇଟ୍ରୂପେ ୟୁନେସ୍କୋଦ୍ୱାରା ଘୋଷିତ ହୋଇଛି ।

କୁତବମିନାର ଉଚ୍ଚତା ୨୩୭.୮ ଫୁଟ । କୁତବମିନାର ଉପର ପର୍ଯ୍ୟନ୍ତ ୩୭୯ଟି ପାହାଚ ଅଛି । ଅତୀତରେ ବହୁ ଦୁର୍ଘଟଣା, ବହୁ କାରଣ ଯୋଗୁଁ ବର୍ତ୍ତମାନ ଦର୍ଶକମାନଙ୍କ ପାଇଁ କେବଳ ଦୁଇଟି ମହଲା ପର୍ଯ୍ୟନ୍ତ ଯିବା ପାଇଁ ସୁଯୋଗ ପ୍ରଦାନ କରାଯାଇଛି । ୧୧୯୩ ମସିହାରେ କୁତବୁଦ୍ଦିନଙ୍କ ଶାସନ ସମୟରେ ଏହା ପୂର୍ଣ୍ଣାଙ୍ଗ ହୋଇଥିଲା । ବହୁବାର ଭୂମିକମ୍ପ ଯୋଗୁଁ ଏବଂ ବିଜୁଳି ମାରିବା ଯୋଗୁଁ କୁତବ ମିନାରର ବହୁ କ୍ଷତି ହୋଇଛି ।

ଫିରୋଜ ସାହାଙ୍କ ସମୟରେ କେତେ କ୍ଷତି ମରାମତି କରାଯାଇଥିଲା । ସିକନ୍ଦର ଲୋଦିଙ୍କ ସମୟରେ ୧୭୯୪ ମସିହାରେ ମଧ୍ୟ ମରାମତି କରାଯାଇଥିଲା । କୁତବମିନାର ସମ୍ମୁଖରେ ଗୋଟିଏ ଲୌହ ଖମ୍ବ ବହୁ ଦର୍ଶକଙ୍କ ଦୃଷ୍ଟି ଆକର୍ଷଣ କରିଥାଏ । କିମ୍ବଦନ୍ତୀ ଅନୁସାରେ ଯେଉଁ ବ୍ୟକ୍ତି ନିଜ ଦୁଇ ହାତକୁ ପଛକୁ ନେଇ ଏହି ଖମ୍ବକୁ ସଂପୂର୍ଣ୍ଣ ଘୋଡାଇ ଦୁଇ ହାତ ସ୍ପର୍ଶ କରିପାରିବେ, ସେହି ବ୍ୟକ୍ତି ଭଗବାନଙ୍କ ପୂର୍ଣ୍ଣ ଆଶୀର୍ବାଦ

Source: Author, Digitized by PPRACHIN, SOA

ପାଇପାରିବେ। ସେ ଭାଗ୍ୟବାନ୍ ମଣିଷ ରୂପେ ବିବେଚିତ ହେବେ। ମୁଁ ମଧ୍ୟ ଅନେକବାର ଉଦ୍ୟମ କରି ବିଫଳ ହୋଇଛି ।

ଏହିଭଳି ବହୁ କୀର୍ତ୍ତିରାଜି ଦେଖିବା ସଙ୍ଗେ କୁତବମିନାରର ବିଶାଳତାରେ ସ୍ତମ୍ଭୀଭୂତ ହୋଇଛି। ବହୁ ଦର୍ଶକ ଏହାପ୍ରତି ଆକୃଷ୍ଟ ହୋଇ ଆସି ଦେଖି ମନର ତୃଷ୍ଣା ମେଣ୍ଟାଇଥାନ୍ତି। ସେ ଦିନ ମଧ୍ୟ ହଜାର ହଜାର ଦର୍ଶକମାନଙ୍କ ସହ ସ୍କୁଲ ଛାତ୍ରଛାତ୍ରୀମାନେ କୁତବମିନାର ଉପରକୁ ଚଢ଼ି ବାଲକୋନିରେ ଛିଡା ହୋଇ ପ୍ରାକୃତିକ ଶୋଭା ଉପଭୋଗ କରୁଥାନ୍ତି, ନିଜ ନିଜ ଭିତରେ ହସ କୌତୁକରେ ମଜ୍ଜି ଯାଇଥାନ୍ତି । ସେମାନଙ୍କ ହାସ୍ୟ ରୋଳରେ ସ୍ଥାନଟି ମୁଖରିତ ହୋଇ ଉଠିଥାଏ ।

ଏହି ସମୟରେ କିଏ ଜଣେ ପ୍ରଚାର କରିଦେଲା କୁତବ ମିନାର ଢ଼ଳି ପଡୁଛି। ଲୋକେ କିଛି ନ ବୁଝି ଭୟଭୀତ ହୋଇ ଆତଙ୍କ ଜନିତ ଭୟରେ ଅତର୍ଛିଆ ହୋଇ ତଳକୁ ଦୌଡିବାକୁ ଲାଗିଲେ। ଲୋକେ ଠେଲାପେଲାରେ ପାହାଚ ଦେଇ ଓହ୍ଲାଇବାରୁ ସେମାନଙ୍କ ଗତି ତୀବ୍ର ହୋଇ ତଳ ପାହାଚ ପର୍ଯ୍ୟନ୍ତ ଲୋକେ ଜଣକ ଉପରେ ଜଣେ ପଡିଯିବା ଫଳରେ ସବାତଳେ ଥିବା ଦ୍ୱାରର ଦୁଇ କବାଟ ବନ୍ଦ ହୋଇଗଲା। ଲୋକଙ୍କ ଭିଡ ଓ ଦଳାଚକଟାରେ ଶ୍ୱାସରୁଦ୍ଧ ହୋଇ ପ୍ରାୟ ୪୦ଜଣ ଶିଶୁ, ଯୁବକ ମୃତ୍ୟୁମୁଖରେ ପଡିଥିଲେ। କବାଟ ଭାଙ୍ଗି ସେମାନଙ୍କୁ ଉଦ୍ଧାର କଲାବେଳକୁ ସେମାନଙ୍କ ପ୍ରାଣବାୟୁ ଆଉ ନ ଥାଏ। ଏହି ମର୍ମନ୍ତୁଦ ଦୁର୍ଘଟଣା ସମଗ୍ର ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇ ଦେଲା। ହଜାରହଜାର ଲୋକଙ୍କ ସମାଗମରେ ଏବଂ ପରିବାର, ବନ୍ଧୁ ସ୍ୱଜନଙ୍କ ବିକଳ କ୍ରନ୍ଦନରେ ସ୍ଥାନଟି ଶୋକାକୁଳ ପରିବେଶ ସୃଷ୍ଟିକଲା। ପୁଲିସ କର୍ଡନ କରି ଜନତାଙ୍କୁ ନିୟନ୍ତ୍ରଣ କରାଗଲା।

ମୁଁ ମଧ୍ୟ ସେତେବେଳେ ସେଠି ଉପସ୍ଥିତ ରହି ଯଥାସମ୍ଭବ ଶିଶୁ, ଯୁବକମାନଙ୍କୁ ଉଦ୍ଧାର କାର୍ଯ୍ୟରେ ସହାୟତା କରିଥିଲି ।

ସ୍ୱାଧୀନ ଭାରତର ନବନିର୍ମାତା ଗଣ :

ଆଧୁନିକ ନେତାମାନଙ୍କ ମଧ୍ୟରେ ମହାତ୍ମା ଗାନ୍ଧୀ ତୁଙ୍ଗ ନେତା ଭାବରେ ଗଣ୍ୟ ହୁଅନ୍ତି । ସମ୍ପୂର୍ଣ୍ଣ ଅହିଂସା ନୀତି ବଳରେ ଅଧିକ କ୍ଷମତାଶାଳୀ ବ୍ରିଟିଶ ସାମ୍ରାଜ୍ୟଠାରୁ ଭାରତକୁ ସ୍ୱାଧୀନ କରିବା ନିଶ୍ଚିତ ଭାବରେ ଏକ ବିରଳ ଘଟଣା । ସେଣ୍ଟ ହେଲେନା ଦ୍ୱୀପରେ ବନ୍ଦୀ ଥିବା ଅବସ୍ଥାରେ ନେପୋଲିଅନ କହିଥିଲେ, 'ପୃଥିବୀରେ ମାତ୍ର ଦୁଇଟି ଶକ୍ତି ରହିଛି - ଆଧାତ୍ମିକ ଓ ତରବାରୀର ଶକ୍ତି । ସମୟାନୁକ୍ରମେ ତରବାରୀର ଶକ୍ତି ପରାଜୟ ଲାଭ କରିବ' । ("...There are only two powers in the

Source: Author, Digitized by PPRACHIN, SOA

world - the spirit and the sword. In the long run the sword will be conquered by the spirit".)

ଆମେ ଯେଉଁମାନଙ୍କୁ ବିଶ୍ୱର ସବୁଠୁ ଶ୍ରେଷ୍ଠ ସମ୍ମାନ ପ୍ରଦାନ କରୁ ସେମାନେ ହେଲେ ମହାତ୍ମା ଗାନ୍ଧୀ, ମାର୍ଟିନ ଲୁଥର କିଙ୍ଗ, ଦଲାଇଲାମା ଓ ମଦର ଟେରେସା । କାରଣ ସେମାନେ ଉତ୍ତମ ମଣିଷ । ଆମେ ସଦାବେଳେ ଉତ୍ତମ ଗୁଣଗୁଡିକୁ ଗ୍ରହଣ କରିବା ପାଇଁ ଆଗ୍ରହୀ ।

ମହାତ୍ମାଗାନ୍ଧୀ ସ୍ପଷ୍ଟ ଉପଲବ୍ଧି କରି ପାରିଥିଲେ, ମାନବଜାତି ପ୍ରେମ ରଜ୍ଜୁରେ ବନ୍ଧା । ଯଦି ହିଂସା, ଘୃଣା ଆମ ଉପରେ ପ୍ରାଧାନ୍ୟ ବିସ୍ତାର କରିଥାନ୍ତା ତେବେ ମାନବ ସଭ୍ୟତା ବହୁ ଆଗରୁ ଲୋପ ପାଇଯାଇଥାନ୍ତା । ତେଣୁ ସେ ନିଜ ମନକୁ ଦୃଢ଼ କରିନେଇ ଅହିଂସା ଜରିଆରେ ମାନବ ଜାତିକୁ ହିଂସା ମାର୍ଗରୁ ଦୂରେଇ ରଖିବେ । ପ୍ରେମ ଜରିଆରେ ଶତ୍ରୁକୁ ଜୟ କରିବେ । ଶେଷରେ ତାଙ୍କ କାର୍ଯ୍ୟରେ ତାହା ପ୍ରମାଣିତ କରି ଦେଶକୁ ପରାଧୀନତାରୁ ମୁକ୍ତ କଲେ । ତାଙ୍କ ପାଇଁ ସତ୍ୟ ହିଁ ଭଗବାନ । ତେଣୁ ସତ୍ୟ ପଥରେ ଅଟଳ ରହି ସେ ଲକ୍ଷ୍ୟ ହାସଲ କରିଥିଲେ । ସତ୍ୟ ହିଁ ତାଙ୍କୁ ଶକ୍ତି ପ୍ରଦାନ କଲା ।

ଏ ଦେଶକୁ ଗଢ଼ିବାରେ ଯେଉଁମାନଙ୍କ ଭୂମିକା ରହିଛି, ସେମାନେ ହେଲେ ଜବାହାରଲାଲ ନେହେରୁ, ସର୍ଦ୍ଦାର ପଟେଲ, ଶାସ୍ତ୍ରୀଜୀ ଏବଂ ଅନ୍ୟମାନେ । ନେହେରୁ ଦୀର୍ଘ ବର୍ଷ ଧରି ଦେଶର ପ୍ରଧାନମନ୍ତ୍ରୀ ଦାୟିତ୍ୱ ତୁଲାଇ ଦେଶକୁ ଯୋଜନାବଦ୍ଧ ଭାବରେ ସମୃଦ୍ଧ କରିବା ପାଇଁ କାର୍ଯ୍ୟକ୍ରମ ଗ୍ରହଣ କରିଥିଲେ । ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଦେଶୀୟ ରାଜ୍ୟଗୁଡିକୁ ଦେଶ ସହିତ ମିଶ୍ରଣ କରିବାରେ ମୁଖ୍ୟ ଭୂମିକା ନିଭେଇଥିଲେ । ତାଙ୍କ ସହଯୋଗୀ ହିସାବରେ ଡକ୍ଟର ହରେକୃଷ୍ଣ ମହତାବ ମଧ୍ୟ ଏଥିରେ ପୂର୍ଣ୍ଣ ସହଯୋଗ ପ୍ରଦାନ କରିଥିଲେ । ଲାଲବାହାଦୁର ଶାସ୍ତ୍ରୀ ତାଙ୍କର ସ୍ୱଳ୍ପ କାଳୀନ ଶାସନକାଳ ମଧ୍ୟରେ "ଜୟ ଜବାନ, ଜୟ କିଶାନ" ମନ୍ତ୍ରରେ ଦେଶବାସୀଙ୍କୁ ଉଦ୍‌ବୁଦ୍ଧ କରିବା ସଙ୍ଗେ ସଙ୍ଗେ ଦେଶରେ ଖାଦ୍ୟ ଉତ୍ପାଦନ ବୃଦ୍ଧି ପାଇଁ ନୂତନ ଚିନ୍ତାଧାରା ସୃଷ୍ଟି କରିବାରେ ସଫଳ ହୋଇଥିଲେ । ବହୁ ଝଡଝଞ୍ଜା ମଧ୍ୟରେ ଇନ୍ଦିରା ଗାନ୍ଧୀ ଦେଶକୁ ଶାସନ କରିଥିଲେ । ଇତିହାସରେ ସେମାନଙ୍କ କଥା ମଧ୍ୟ ଯଥା ସ୍ଥାନ ଲାଭ କରିଛି ।

ଜନସାଧାରଣ ଇନ୍ଦିରା ଗାନ୍ଧୀଙ୍କ ଏମରଜେନ୍ସିର ଦୁଃଖକୁ ଭୁଲିଯାଇ ତାଙ୍କୁ କ୍ଷମା ପ୍ରଦାନ କଲେ ଏବଂ ପୁନଃ ବିପୁଳ ସଂଖ୍ୟାରେ ଭୋଟ ଦେଇ ଜୟଯୁକ୍ତ କରାଇ ଦେଶର ଶାସନ ଭାର ଅର୍ପଣ କରିଥିଲେ ।

ଲୋକେ ସିନା ଇନ୍ଦିରା ଗାନ୍ଧୀଙ୍କୁ କ୍ଷମା ଦେଇଦେଲେ, ମାତ୍ର; ବିରୋଧୀ ଦଳ

Source: Author, Digitized by PPRACHIN, SOA

ନେତାମାନେ ତାଙ୍କୁ କ୍ଷମା ଦେଇ ପାରିଲେ ନାହିଁ ।

ଜରୁରୀକାଳୀନ ଅବସ୍ଥା ତାଙ୍କ ଜୀବନର ସବୁଠୁ ଦୁଃଖ ଦାୟକ ଘଟଣା । ସେଥିପାଇଁ ସେ ମଧ୍ୟ ମର୍ମାହତ । ଇନ୍ଦିରା ଗାନ୍ଧୀଙ୍କଠାରେ ମଧ୍ୟ ଅନେକ ଭଲ ଗୁଣ ଭରି ରହିଥିଲା ।

୧୯୮୦ ପରେ ଇନ୍ଦିରା ଗାନ୍ଧୀ କ୍ଷମତାକୁ ଫେରି ଆସିବା ପରେ ଦେଶର ଅନେକ ସମସ୍ୟାର ସମ୍ମୁଖୀନ ହେଲେ ।

ତାହା ମୁଁ ଯଥା ସ୍ଥାନରେ ଉପସ୍ଥାପନ କରିବି ।

୧୯୮୨ର ଏସୀୟ କ୍ରୀଡା ପ୍ରତିଯୋଗିତା :

୧୯୮୨ ମସିହାରେ ଏସୀୟ କ୍ରୀଡା ପ୍ରତିଯୋଗିତା ଦିଲ୍ଲୀରେ ଅନୁଷ୍ଠିତ ହୋଇଥିଲା ।

ଏସୀୟ କ୍ରୀଡା ପ୍ରତିଯୋଗିତାର ପରିଚାଳନା ଦାୟିତ୍ୱ ରାଜୀବ ଗାନ୍ଧୀଙ୍କ ଉପରେ ନ୍ୟସ୍ତ ଥାଏ । ଅରୁଣ ନେହେରୁ ତାଙ୍କୁ ପ୍ରତି କ୍ଷେତ୍ରରେ ସହଯୋଗ କରୁଥାନ୍ତି । ସେତେବେଳେ ସେ କେନ୍ଦ୍ର-ଷ୍ଟେଟ-ମନ୍ତ୍ରୀ ରୂପେ ଦାୟିତ୍ୱ ତୁଲାଉଥାନ୍ତି ।

ପାର୍ଲିଆମେଣ୍ଟରେ ମଧ୍ୟ ଏସିୟାଡ୍ ଗ୍ୟାମ୍ସ୍ ଉପରେ ବହୁ ଆଲୋଚନା ହୋଇଥିଲା । ଅନେକ ସଭ୍ୟ ଏହାର ସଫଳତା ନେଇ ସନ୍ଦେହରେ ଥିଲେ । ପାର୍ଲିଆମେଣ୍ଟରେ ସଭ୍ୟ-ମାନେ ମତ ପୋଷଣ କରିଥିଲେ ଯେ, ଦିଲ୍ଲୀର ଟ୍ରାଫିକ୍ ବ୍ୟବସ୍ଥା ଯେଭଳି ଶୋଚନୀୟ ହୋଇଛି, ସେଥିରେ ଖେଳାଳିମାନେ ତାଙ୍କ ନିର୍ଦ୍ଦିଷ୍ଟ ଖେଳପଡିଆରେ ଯଥା ସମୟରେ ପହଞ୍ଚି ପାରିବେ ନାହିଁ ।

ଏସିୟାଡ ଗ୍ୟାମ୍ସ୍ ସମୟରେ ଦେଶରେ ପ୍ରଥମ କରି 'କଲର ଟି.ଭି.' ପ୍ରଚଳନ ପାଇଁ ଆଲୋଚନା ହେଲା । ମାତ୍ର, ବିରୋଧୀ ଦଳ କଲର ଟି.ଭି. ପ୍ରଚଳନକୁ ତୀବ୍ର ବିରୋଧ କଲେ । ସେମାନଙ୍କ ଯୁକ୍ତି ହେଲା, ଯେଉଁ ଦେଶରେ ଏବେ ମଧ୍ୟ ହଜାର ହଜାର ଲୋକ ଦୁଇଓଳି ପେଟପୂରା ଖାଦ୍ୟ ପାଇପାରୁ ନାହାନ୍ତି, ସେହିଭଳି ଗରିବ ଦେଶରେ ଏତେ ଖର୍ଚ୍ଚ କରି କଲର ଟି.ଭି. ଚ୍ୟାନେଲ୍ସ୍ ଯୋଜନା କରିବା କଣ ଆବଶ୍ୟକ ଅଛି ?

ମାତ୍ର, ପ୍ରଧାନମନ୍ତ୍ରୀ ଧୈର୍ଯ୍ୟର ସହ ତାର ସମ୍ମୁଖୀନ ହୋଇ ଉତ୍ତରରେ କହିଲେ, ବିଶ୍ୱରେ ଦିନକୁ ଦିନ ନୂତନ କାର୍ଯ୍ୟ ପ୍ରଣାଳୀର ଚିନ୍ତାଧାରା ଆଗେଇ ଚାଲିଛି । ଆମକୁ ମଧ୍ୟ ନୂତନ ଦୃଷ୍ଟିଭଙ୍ଗୀ ଓ ନୂତନ ବିଶ୍ୱାସର ସହ ତାଳ ଦେଇ ଆଗେଇବାକୁ ପଡିବ । ଟି.ଭି. କେବଳ ଆମୋଦ ପ୍ରମୋଦର ଏକ ମାଧ୍ୟମ ନୁହେଁ । ଜ୍ଞାନ ବିତରଣ ସହ ଏହା ଲୋକଙ୍କୁ ସଚେତନ କରି ବୈଜ୍ଞାନିକ ଦୃଷ୍ଟିଭଙ୍ଗୀର କାର୍ଯ୍ୟକ୍ରମରେ ନିଜକୁ ଜଡିତ

Source: Author, Digitized by PPRACHIN, SOA

କରିବା ପାଇଁ ସୁଯୋଗ ସୃଷ୍ଟି କରିଥାଏ । ତେଣୁ ଟି.ଭି. ନୂତନ ଆଲୋକ ନୂତନ ଦିଗ୍‌ଦର୍ଶନ ଦେବା ପାଇଁ ଅତି ଆବଶ୍ୟକ ।

ଏପରିକି ନୂତନ କରି ନିର୍ମିତ ହେଉଥିବା ତାଲକୋଟରା ଷ୍ଟାଡିୟମରେ ନୂତନ ଟେକ୍‌ନିକ୍‌ଦ୍ୱାରା ସୁଇମିଙ୍ଗ୍ ପୋଲ୍‌ର ଏକ ହେୟାର୍ କ୍ରେକ୍ ପରିମାଣର ଫାଟ ଦେଖାଇ ଦୈନିକ ଇଂରାଜୀ ଖବରକାଗଜରେ ଫଟୋ ପ୍ରକାଶ ପାଇଲା । ଏସିୟାଡ୍ ଗ୍ୟାମ୍‌ସ୍ ହେବା ପୂର୍ବରୁ ସୁଇମିଙ୍ଗ୍ ପୁଲ୍‌ରେ ଫାଟ ସୃଷ୍ଟି ହେଲାଣି । ଏହାର ଜଳଧାରଣ କ୍ଷମତା ରହିବ ନାହିଁ । ପାର୍ଲିଆମେଣ୍ଟରେ ହଇଚଇ ପଡିଗଲା । ସରକାରଙ୍କୁ କଠୋର ସମାଲୋଚନାର ସମ୍ମୁଖୀନ ହେବାକୁ ପଡିଲା ।

ପାର୍ଲିଆମେଣ୍ଟ ସମୟରେ ମୁଁ ରହୁଥିବା ସାଉଥ୍ ଏଭିନ୍ୟୁର ଅତି ନିକଟରେ ତାଲକୋଟରା ଷ୍ଟାଡିୟମ୍ । ମୁଁ ଗଲି ସେଠିକି, ସତରେ ଘଟଣା କଣ ଜାଣିବା ପାଇଁ । ସୁଇମିଙ୍ଗ୍ ପୋଲ୍‌ର ନିର୍ମାଣ କର୍ମକର୍ତ୍ତାମାନେ ମୋତେ ଯାହା କହିଲେ ଏବଂ ମୁଁ ଯାହା ଦେଖିଲି, ସେଥିରୁ ଜାଣିପାରିଲି ଯେ, ଛୋଟ କଥାକୁ କିପରି ବଡ ଆକାରରେ ପ୍ରଚାର କରାଇ ଏସିୟାଡ୍ ଗ୍ୟାମ୍‌ସ୍ କାର୍ଯ୍ୟଧାରାକୁ ରୋକିବା ପାଇଁ ଉଦ୍ୟମ ହେଉଥାଏ ।

ପାର୍ଲିଆମେଣ୍ଟର ଆଲୋଚନାଦ୍ୱାରା ସରକାରଙ୍କୁ ଅଧିକ ସତର୍କ ରହି କାର୍ଯ୍ୟ କରିବା ପାଇଁ ସୂଚାଇ ଦିଆଗଲା । ତେଣୁ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ପ୍ରତ୍ୟେକ କାର୍ଯ୍ୟ ନିଜେ ତଦାରଖ କରି ଏସିୟାଡ୍ ଗ୍ୟାମ୍‌ସ୍‌ର ସଫଳତା ପାଇଁ ମନ ଲଗାଇ ଦେଇଥାନ୍ତି ।

ଦିଲ୍ଲୀରେ ନୂତନ ଷ୍ଟାଡିୟମ ନିର୍ମାଣ ହେଲା । ଏସିୟାଡ୍ ଗ୍ୟାମ୍‌ସ୍‌ର ଉଦ୍‌ଘାଟନ ଓ ଉଦ୍‌ଯାପନ ଉତ୍ସବ 'ଜବାହାରଲାଲ ନେହେରୁ ଷ୍ଟାଡିୟମ୍'ରେ ଅନୁଷ୍ଠିତ ହେବ । ଏହା ଲୋଦି ରୋଡରେ ଅବସ୍ଥିତ । ୧୯୮୨ ଏସୀୟ କ୍ରୀଡା ପାଇଁ ଏହା ନିର୍ମିତ ହେଲା । ଏଥିରେ ୭୦ ହଜାର ଦର୍ଶକ ବସିବାର ବ୍ୟବସ୍ଥା ଅଛି । ଭାରତର ଏହା ହେଉଛି ସବୁଠାରୁ ବଡ ଷ୍ଟାଡିୟମ । ଆଥ୍‌ଲେଟିକ୍ ପ୍ରତିଯୋଗିତା ପାଇଁ ଏଥିରେ ଅତ୍ୟାଧୁନିକ୍ ସିନ୍ଥେଟିକ ଟ୍ରାକ୍ ରହିଛି । ଫୁଟବଲ, ଭାର ଉତ୍ତୋଳନ ପାଇଁ ମଧ୍ୟ ସୁବିଧା ରହିଛି ।

'ଧ୍ୟାନଚାନ୍ଦ ନ୍ୟାସ୍‌ନାଲ ଷ୍ଟାଡିୟମ' ୧୯୫୧ ଏସୀୟ କ୍ରୀଡା ପ୍ରତିଯୋଗିତା ସମୟରେ ନିର୍ମିତ ହୋଇଥିଲା । ଏହା ଭାରତୀୟ ହକିର ପେଣ୍ଠସ୍ଥଳୀ । ୩୭ ଏକର ଜମିରେ ଏହି ଷ୍ଟାଡିୟମ ନିର୍ମିତ ହୋଇଛି । ଏଥିରେ ୩ଟି ଆଷ୍ଟ୍ରୋଟର୍ଫ ରହିଛି । ସେଥିରୁ ଦୁଇଟିରେ ପ୍ରତିଯୋଗିତା ଆୟୋଜିତ ହୋଇଥାଏ ଏବଂ ଅନ୍ୟଟି ଅଭ୍ୟାସ ପାଇଁ ବ୍ୟବହୃତ ହୋଇଥାଏ । ଏଠାରେ ୨୦ ହଜାର ଦର୍ଶକ ଖେଳ ଦେଖିବାର ବ୍ୟବସ୍ଥା ଅଛି ।

ଇନ୍ଦିରା ଗାନ୍ଧୀ ଏରିନା : ଇନ୍ଦ୍ରପ୍ରସ୍ଥ ଅଞ୍ଚଳରେ ଇନ୍ଦିରା ଗାନ୍ଧୀ ଏରିନା ଭାରତର

Source: Author, Digitized by PPRACHIN, SOA

ସର୍ବବୃହତ ଏବଂ ଏସିଆ ତଥା ବିଶ୍ୱର ଦ୍ୱିତୀୟ ସର୍ବବୃହତ ଇନ୍‌ଡୋର ଷ୍ଟାଡିୟମ୍ । ୧୯୮୨ ଏସୀୟ କ୍ରୀଡାରେ ଇନ୍‌ଡୋର କ୍ରୀଡାର ଆୟୋଜନ ପାଇଁ ଏହି ଷ୍ଟାଡିୟମ୍ ନିର୍ମାଣ କରାଯାଇଥିଲା । ୧୦୨ ଏକର ଜମିରେ ଏହି ଷ୍ଟାଡିୟମ୍ ଅଛି । ଏଥିରେ ୨୫ ହଜାର ଦର୍ଶକ ବସିବାର ବ୍ୟବସ୍ଥା ଅଛି ।

କର୍ଣ୍ଣିସିଂହ ସୁଟିଂ ରେଞ୍ଜ : ୧୯୮୨ ଏସୀୟ କ୍ରୀଡା ପାଇଁ ଡଃ. କର୍ଣ୍ଣିସିଂହ ସୁଟିଂ ରେଞ୍ଜ ନିର୍ମିତ ହୋଇଥିଲା ।

ତାଲକୋଟରା ଇନ୍‌ଡୋର ଷ୍ଟାଡିୟମ୍ ୧୯୮୨ ଏସୀୟ କ୍ରୀଡା ପାଇଁ ନିର୍ମିତ ହୋଇଥିଲା ।

ଆର.କେ. ଖାନ୍ନା ଟେନିସ୍ କମ୍ପ୍ଲେକ୍ସ ୧୯୭୦ରେ ନିର୍ମିତ ହୋଇଥିଲା ।

୧୯୮୨ରେ ସାମାନ୍ୟ ଉନ୍ନତି କରାଯାଇ ଏଭିପି ଟେନିସ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଷ୍ଟାଡିୟମରେ ୫୫୦୦ ଦର୍ଶକ ବସିପାରି ଟେନିସ୍ ଖେଳ ଦେଖିପାରିବେ ।

ଖେଳାଳିମାନଙ୍କ ରହିବା ପାଇଁ ମଧ୍ୟ ସ୍ପୋର୍ଟସ୍ ଭିଲେଜ୍ ନିର୍ମିତ ହେଲା ।

ଦିଲ୍ଲୀର ଟ୍ରାଫିକ ସମସ୍ୟାକୁ ଦୂର କରିବା ପାଇଁ ଫ୍ଲାଇ ଓଭର୍ ସବୁ ମଧ୍ୟ ନିର୍ମିତ ହେଲା । ଏସୀୟାଡ୍ ଗ୍ୟାମ୍‌ସ୍ ସମୟରେ ଦୂର ଦୂରାନ୍ତରରୁ ଯେଉଁମାନେ କ୍ରୀଡା ଦେଖିବାକୁ ଆସିଥିଲେ, ସେମାନଙ୍କ ଯାତାୟାତପାଇଁ ମଧ୍ୟ ବହୁସଂଖ୍ୟାରେ ବସ୍‌ର ସୁବିଧା କରାଗଲା । ଜଣେ ବ୍ୟକ୍ତି ଦୈନିକ ସିଜନ୍ ଟିକଟ ବାବଦକୁ ମୂଲ୍ୟ ଟ. ୨ଙ୍କା ମାତ୍ର ପ୍ରଦାନ କରି ଯେମିତି ଷ୍ଟାଡିୟମକୁ ବିଭିନ୍ନ ବସ୍‌ରେ ସହଜରେ ଏବଂ କମ୍ ଖର୍ଚ୍ଚରେ ଯାଇ ଦେଖି ପାରିବେ ତାର ବ୍ୟବସ୍ଥା ମଧ୍ୟ କରାଯାଇଥିଲା । ତେଣୁ ବାହାରୁ ଆସିଥିବା ଦର୍ଶକ ଅଯଥା ଅଟୋ ଖର୍ଚ୍ଚରୁ ରକ୍ଷା ପାଇ ଯାଇଥିଲେ ।

ଖେଳର ସୁପରିଚାଳନା ପାଇଁ ମୂଳରୁ ଏସୀୟାଡ୍ ଗ୍ୟାମ୍‌ସ୍ କମିଟି ଗଠିତ ହେଲା । ରାଜୀବ ଗାନ୍ଧୀ ପରିଚାଳନା ସଭାପତି ମନୋନୀତ ହେଲେ । ତାଙ୍କୁ ପୂର୍ଣ୍ଣ ସହଯୋଗ କଲେ ଅରୁଣ ନେହେରୁ । ସେଥିପାଇଁ ଏକ କମିଟି ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କ ସଭାପତିତ୍ୱରେ ଗଠିତ ହେଲା । ଓଡିଶାରୁ କେ.ପି. ସିଂହଦେଓ ଏମ୍.ପି. ସ୍ଥାନ ପାଇଥିଲେ । କେ.ସି. ପନ୍ଥ, ଏନ୍ କେ.ଭି ସାଲଭେ ପ୍ରଭୃତି ମଧ୍ୟ ମନୋନୀତ ହେଲେ ।

ପ୍ରଥମ ଦିନରେ ମୋ' ନାମ ନଥିବା ଦେଖି ମନ ମୋର ଦୁଃଖରେ ଭାଙ୍ଗିପଡିଲା ।

ଦ୍ୱିତୀୟ ଦିନ ଆଉ ଏକ ଲିଷ୍ଟ ବାହାରିଲା । ମୁଁ ସେହି ଲିଷ୍ଟ ଦେଖି ଆଶ୍ଚର୍ଯ୍ୟ ହେଲି ଏବଂ ଆନନ୍ଦରେ ମନ ମୋର ଉଲ୍ଲସିତ ହୋଇଉଠିଲା । ଏମ୍.ପି. ଏବଂ କ୍ରୀଡା ସଂଗଠକ ଭାବରେ ମୋ' ନାମ ପ୍ରକାଶ ପାଇଛି ।

Source: Author, Digitized by PPRACHIN, SOA

ଇନ୍ଦିରା ଗାନ୍ଧୀ ତନ୍ନ ତନ୍ନ କରି ସମସ୍ତ ବିଷୟ ଅବଗତ ହୋଇ ସଭ୍ୟ ମନୋନୟନ କରୁଥାନ୍ତି ।

ନିର୍ଦ୍ଦିଷ୍ଟ ଦିନ ରାଜୀବ ଗାନ୍ଧୀଙ୍କ ସଭାପତିତ୍ୱରେ ଏସିୟାଡ୍ ଗ୍ୟାମ୍ସ୍ କମିଟିର ଆନୁଷ୍ଠାନିକ ସଭା ଅନୁଷ୍ଠିତ ହେଲା । ସେହି ସଭାରେ ମଧ୍ୟ ମୁଁ ଯୋଗଦେଇ ବିଭିନ୍ନ କ୍ରୀଡାପ୍ରେମୀ, ଏମ୍.ପି. ପ୍ରଭୃତିଙ୍କ ସହ ମିଶିବା ସୌଭାଗ୍ୟ ପାଇଲି ।

ଏସୀୟାଡ୍ ଗ୍ୟାମ୍ସରେ ଲୋକନୃତ୍ୟ ଘୁମୁରା :

ଏସୀୟାଡ୍ ଗ୍ୟାମ୍ସ୍‌କୁ ସର୍ବାଙ୍ଗ ସୁନ୍ଦର ଭାବରେ ପରିଚାଳନା କରିବା ପାଇଁ ବିଭିନ୍ନ କମିଟି ଗଠନ ହେଲା । ଯାତାୟାତ ପାଇଁ, ଖାଦ୍ୟ ପାଇଁ, ସୁରକ୍ଷା ପାଇଁ, ଖେଳପଡିଆର ଆବଶ୍ୟକତା ପୂରଣ ପାଇଁ ବିଶଦ ଆଲୋଚନା ହେଲା । କାର୍ଯ୍ୟକ୍ରମ ସ୍ଥିର କରାଗଲା । ଖେଳ ଉଦ୍‌ଘାଟନ ଦିନକୁ ଆକର୍ଷଣୀୟ କରିବା ପାଇଁ ବିଭିନ୍ନ ରାଜ୍ୟର ଲୋକନୃତ୍ୟକୁ ଯଥାଯଥ ସ୍ଥାନ ଦେବା ପାଇଁ ସ୍ଥିର କରାଗଲା ।

ତେଣୁ ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କୁ ସୂଚାଇ ଦିଆଗଲା ଯେ, ସେମାନେ ପ୍ରତ୍ୟେକ ରାଜ୍ୟରୁ ଗୋଟିଏ ଦଳକୁ ପ୍ରେରଣ କରନ୍ତୁ । ସେଥିପାଇଁ ଏକ କମିଟି ମଧ୍ୟ ଗଠିତ ହେଲା ।

ଏହି ଆଲୋଚନା ପରେ ମୋ' ମନରେ ଏକ ଭାବନା ଉଙ୍କି ମାରୁଥାଏ - ଓଡିଶାରୁ 'ଘୁମୁରା ଦଳକୁ' ଏସିୟାଡ୍ ଗ୍ୟାମ୍ସ୍‌ରେ କିପରି ସ୍ଥାନ ପ୍ରଦାନ କରାଯିବ ।

ଯଥା ସମୟରେ ଓଡିଶାରୁ ଦୁଇଟି ଦଳର ନାମ ଆସି ପହଞ୍ଚିଲା । 'ଘୁମୁରା ଲୋକନୃତ୍ୟ' ଏବଂ 'ଛଉ ନୃତ୍ୟ' । କଳାହାଣ୍ଡି ଜିଲ୍ଲା ଘୁମୁରା ପାଇଁ ପ୍ରସିଦ୍ଧ । ମୟୂରଭଞ୍ଜ ଛଉ ନୃତ୍ୟ ପାଇଁ ପ୍ରସିଦ୍ଧ ।

ସମଗ୍ର ଭାରତବର୍ଷରୁ ବିଭିନ୍ନ ରାଜ୍ୟର ବହୁ ଲୋକନୃତ୍ୟର ପ୍ରସ୍ତାବ ଆସିଲା । ଉଦ୍‌ଘାଟନୀ ଉତ୍ସବରେ ମାତ୍ର ଘଣ୍ଟାଏ ସମୟ କେବଳ ଲୋକନୃତ୍ୟ ପାଇଁ ସ୍ଥିର ହୋଇଥାଏ ।

ତେଣୁ ମୋ' ମନରେ ଦ୍ୱନ୍ଦ୍ୱ ଦେଖା ଦେଇଥାଏ । ଦେଶର ସମସ୍ତ ରାଜ୍ୟର ଲୋକନୃତ୍ୟ ଏଥିରେ ସ୍ଥାନ ପାଇବା ସମ୍ଭବ ନୁହେଁ । ତେଣୁ କେତୋଟି ରାଜ୍ୟକୁ ବାଦ୍‌ଦେବା ବ୍ୟତୀତ ଅନ୍ୟ ଉପାୟ ନାହିଁ ।

ମୋର ଚିନ୍ତା ବଢ଼ି ଚାଲିଥାଏ, ପ୍ରଥମେ ଓଡିଶା କିପରି ତାଲିକାରେ ସାମିଲ ହୋଇ ପାରିବ । ଖୋଲାଖୋଲି କେ.ପି. ସିଂହଦେଓଙ୍କ ସହ ଆଲୋଚନା କଲି । ସେ ସ୍ପଷ୍ଟ ଭାବରେ କହିଲେ, ଇନ୍ଦିରା ଗାନ୍ଧୀଙ୍କ ଉପରେ ଫାଇନାଲ ସିଲେକ୍‌ସନ ନିର୍ଭର କରୁଛି ।

Source: Author, Digitized by PPRACHIN, SOA

ମୁଁ ମନେ ମନେ ଭାବିଲି ଇନ୍ଦିରା ଗାନ୍ଧୀଙ୍କୁ ଭେଟି ଏସବୁ କହିବା ଠିକ୍ ହେବନାହିଁ ।

ଦିନେ ଆମେ ନିର୍ଦ୍ଦିଷ୍ଟ କେତେଜଣ ବସି ଅରୁଣ ନେହୁରଙ୍କ ସହ ଆଲୋଚନାରେ ଥାଉଁ । ଠିକ୍ ସେହି ମୁହୂର୍ତ୍ତରେ କହିଲି, ''ଓଡିଶାର 'ଘୁମୁରାନୃତ୍ୟ' ଏକ ଶ୍ରେଷ୍ଠ ନୃତ୍ୟ । ତାର ବୀରତ୍ୱପୂର୍ଣ୍ଣ ବାଦ୍ୟ ଯୁଦ୍ଧ ସମୟରେ ଯୋଦ୍ଧାଙ୍କ ମନରେ ଉତ୍ସାହ ଭରିଦେବା ପାଇଁ ଯଥେଷ୍ଟ ।

ତେଣୁ ଏସିୟାଡ୍ ଗ୍ୟାମ୍ସର ଉଦ୍‌ଘାଟନୀ ଉତ୍ସବରେ 'ଘୁମୁରା ବାଦ୍ୟ'ର ଯଥାର୍ଥତା ରହିଛି । ଏଥିପ୍ରତି ଆପଣଙ୍କ ଦୃଷ୍ଟି ଆକର୍ଷଣ କରୁଛି । ମୋ' ପାଖରେ ଥିବା ଜାନୁୟାରୀ ତା୨୬ରେ ଦିଲ୍ଲୀ ରାଜପଥରେ ଉଠାଯାଇଥିବା ପ୍ୟାରେଡ ଫଟୋ ସହ ତତ୍‌କାଳୀନ ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହେରୁଙ୍କ ସହ କଳାହାଣ୍ଡି ଘୁମୁରା ଦଳର ଫଟୋକୁ ମଧ୍ୟ ଦେଖାଇଲି । ସେ ଆଗ୍ରହର ସହିତ ଦେଖି ମୋତେ କହିଲେ, ''ତୁମ୍‌ହାରା ଚିପ୍ ମିନିଷ୍ଟର୍ କେ ସାଥ୍ ବାତ୍ କରୋ''। ମୁଁ ଓଡିଶାର ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ସହ ଏବଂ ଡାଇରେକ୍ଟର ଏ.ଏନ୍. ତିୱାରୀଙ୍କ ସହ ମଧ୍ୟ ଫୋନ୍‌ରେ କଥା ହେଲି ।

ମୁଁ ଏସିୟାଡ ଗ୍ୟାମ୍‌ସ୍‌ର ଜଣେ ସଦସ୍ୟ ଏବଂ ମୁଁ କଳାହାଣ୍ଡି ଜିଲ୍ଲାର ଲୋକସଭା ସଦସ୍ୟ । ତେଣୁ ମୋର ଆଲୋଚନା ସେମାନଙ୍କ ପାଇଁ ସିଦ୍ଧାନ୍ତ ନେବାରେ ଅନୁକୂଳ ପ୍ରଭାବ ପଡିବା ସ୍ୱାଭାବିକ । ଅବୋଧ ନାରାୟଣ ତିୱାରୀ ମଧ୍ୟ କଳାହାଣ୍ଡି ଜିଲ୍ଲାର । ଏସିଷ୍ଟାଣ୍ଟ କ୍ୟୁରେଟର୍ ଅର୍ଜୁନ ଯୋଷୀ ମଧ୍ୟ ଆଗ୍ରହୀ । ତେଣୁ ଘୁମୁରା ଓଡିଶାରୁ ମନୋନୀତ ହୋଇ ଏସିୟାଡ ଗ୍ୟାମ୍‌ସ୍ କମିଟିରେ ପହଞ୍ଚିଗଲା ।

ଇନ୍ଦିରା ଗାନ୍ଧୀ ବିଭିନ୍ନ ପ୍ରଦେଶର ଲୋକନୃତ୍ୟ ଦଳର ଲିଷ୍ଟ ଦେଖି ଚୂଡାନ୍ତ ତାଲିକା ପ୍ରସ୍ତୁତ କଲେ । ସେଥିରେ ଓଡିଶାର 'ଘୁମୁରା ଦଳ' ସ୍ଥାନ ପାଇଲା ।

ବିଭିନ୍ନ ରାଜ୍ୟର ଲୋକନୃତ୍ୟକୁ ତାଲିମ ଦେବା ପାଇଁ ବ୍ୟବସ୍ଥା ହେଲା । ଓଡିଶାରୁ ଘୁମୁରା ଦଳକୁ ବିଶିଷ୍ଟ କଳାକାର ସିନେମା ନିର୍ଦ୍ଦେଶକ ଗୋବିନ୍ଦ ତେଜ୍‌ଙ୍କ ଉପରେ ଦାୟିତ୍ୱ ଅର୍ପଣ କରାଗଲା । କଳାହାଣ୍ଡି ଜିଲ୍ଲାରୁ ସର୍ବମୋଟ ପ୍ରାୟ ୪୦୦ଜଣ ଘୁମୁରା ବାଦ୍ୟକାର, ସଙ୍ଗୀତଜ୍ଞ ଯୋଗ ଦେଇଥିଲେ । ଜୟନ୍ତ କୁମାର ବେହେରା ଓ ବଳଭଦ୍ର ମାଝୀ ମଧ୍ୟ ଦଳ ସହିତ ଯୋଗ ଦେଇଥାନ୍ତି ।

ମୁଁ ଲୋକସଭା ସଦସ୍ୟ ଥିବା ସମୟରେ, ଯେଉଁଠି କଳାକାରମାନଙ୍କୁ ନିୟମିତ ତାଲିମ ଦିଆଯାଉଥାଏ, ସେଠାକୁ ଆସି ସେମାନଙ୍କ ସହିତ ସାକ୍ଷାତ କରି ସେମାନଙ୍କ ଘୁମୁରା ନୃତ୍ୟ ଦେଖୁଥିଲି ।

ଶୀତଦିନ ପ୍ରଚଣ୍ଡ ଥଣ୍ଡାରେ ଖାଲିପାଦରେ ଘୁମୁରା ବାଦ୍ୟକାରମାନଙ୍କ ନୃତ୍ୟର

Source: Author, Digitized by PPRACHIN, SOA

ଅସୁବିଧା ବୁଝିପାରି ମୁଖ୍ୟମନ୍ତ୍ରୀଙ୍କ ସଜ୍ଞାନରେ ସେମାନଙ୍କ ପାଇଁ କପଡା ଯୋତାର ବ୍ୟବସ୍ଥା ମଧ୍ୟ କରାଯାଇଥିଲା ।

ଘୁମୁରାର ବାଦ୍ୟକାରମାନେ ପିନ୍ଧିଥିବା ପଗଡିରେ ଥିବା 'ମୟୂର ଟାଇ' ସେମାନଙ୍କ ନୃତ୍ୟର ତାଳେ ତାଳେ ଦୋହଲିବା କଥା, ମାତ୍ର; ତାହା ନଦୋହଲି ଷ୍ଟିଫ୍ ହୋଇ ପଗଡି ସହିତ ଲାଖି ରହିଥିବା ଯୋଗୁଁ ଅସ୍ୱାଭାବିକ ମନେହେଲା । ମୁଁ ଏହାର ପ୍ରତିବାଦ କରି ପଗଡିର ଟାଇ ବଦଳାଇବା ପାଇଁ ନିର୍ଦ୍ଦେଶକ ଗୋବିନ୍ଦ ତେଜଙ୍କୁ କହିଲି ।

ସେ ତାର ଉତ୍ତରରେ କହିଲେ, ''ଏ ନୂଆ ଟାଇ ଆଣିବାକୁ ହେଲେ ସମୟ ଲାଗିବ ଏବଂ ଅଧିକ ଖର୍ଚ୍ଚ ହେବ'' ।

ମୁଁ କିନ୍ତୁ ଦୃଢ଼ ରହିଲି । ଘୁମୁରା ନୃତ୍ୟ ସହ ଟାଇର ମଧ୍ୟ ପୂର୍ଣ୍ଣ ସମନ୍ୱୟ ରକ୍ଷା ହେବା ଆବଶ୍ୟକ । ଘୁମୁରା ବାଦ୍ୟକାରମାନେ ବାଦ୍ୟ ସହ ନାଚିବା ସମୟରେ ଟାଇ ମଧ୍ୟ ଦୋହଲୁଥିବା ଆବଶ୍ୟକ ।

ପରେ ଅର୍ଜୁନ ଯୋଷୀଙ୍କୁ କଳାହାଣ୍ଡି ପଠାଯାଇ ନୂଆ ପଗଡି ସହ ଦୋହଲୁଥିବା ଟାଇ ଅଣାଗଲା ଏବଂ ଘୁମୁରା କଳାକାରମାନେ ନିର୍ଦ୍ଦିଷ୍ଟ ଉଦ୍‌ଘାଟନୀ ଉତ୍ସବ ଦିନ ତାହା ବ୍ୟବହାର କରିଥିଲେ ।

ଜିଲ୍ଲାର ଜଣେ ଲୋକପ୍ରତିନିଧି ହିସାବରେ ମୋ' ଜିଲ୍ଲାର କଳା, ସଂସ୍କୃତି, ଲୋକନୃତ୍ୟ ପ୍ରତି ମୋର କର୍ତ୍ତବ୍ୟ ଓ ଦାୟିତ୍ୱକୁ ଠିକ୍‌ଭାବରେ ଉପଲବ୍‌ଧି କରି ଏସିୟାଡ ଗ୍ୟାମ୍‌ସ୍‌ରେ ସ୍ଥାନ ପାଇବା ପାଇଁ ଉଦ୍ୟମ କରି ସଫଳତା ପାଇଥିଲି ।

ଏସିୟାଡ୍ ଗ୍ୟାମ୍‌ସ୍‌ର ପରିଚାଳନା ଦାୟିତ୍ୱ ରାଜୀବଗାନ୍ଧୀଙ୍କ ଉପରେ ନ୍ୟସ୍ତ ଥାଏ । ତେଣୁ ଆମେ ସମସ୍ତେ ଆନ୍ତରିକତାର ସହ ତାଙ୍କୁ ପ୍ରତ୍ୟେକ କ୍ଷେତ୍ରରେ ସହଯୋଗ ପ୍ରଦାନ କରୁଥାଉ ।

ପଞ୍ଜାବରେ ସେହି ସମୟରେ ଦିନକୁ ଦିନ ପରିସ୍ଥିତି ଜଟିଳ ହୋଇ ଆସୁଥାଏ । ପଞ୍ଜାବର ଅକାଳିମାନେ ଘୋଷଣା କଲେ ସେମାନେ ଏସୀୟାଡ କ୍ରୀଡାର ପ୍ରତ୍ୟେକ ଖେଳପଡିଆରେ ପ୍ରତିଦିନ ବିକ୍ଷୋଭ କରିବେ ।

ଏସୀୟ କ୍ରୀଡା ପ୍ରତିଯୋଗିତା ରାଜୀବ ଗାନ୍ଧୀଙ୍କ ନେତୃତ୍ୱର ପ୍ରଥମ ପରୀକ୍ଷା ସଦୃଶ । ତେଣୁ ସଂଗଠନ କମିଟିର ସଦସ୍ୟମାନେ ମଧ୍ୟ ଉତ୍ସାହିତ ହୋଇ ସେ ଯେପରି ତାଙ୍କ ପରୀକ୍ଷାରେ ସଫଳ ହୁଅନ୍ତୁ ଏଥିପାଇଁ ଲାଗିପଡିଲୁ । ପ୍ରତ୍ୟେକ ସଦସ୍ୟ କ୍ରୀଡା ମନୋଭାବ ନେଇ ଦଳମତ ନିର୍ବିଶେଷରେ ଧୈର୍ଯ୍ୟ ଓ ଶୃଙ୍ଖଳାର ସହ ବିଭିନ୍ନ ଷ୍ଟାଡିୟମରେ ଉପସ୍ଥିତ ରହି ପୂର୍ଣ୍ଣ ସହଯୋଗ ପ୍ରଦାନ କରିଥିଲେ ଏବଂ ବିନା ବାଧା-ବିଘ୍ନରେ ଏସିୟାଡ୍ ଗ୍ୟାମ୍‌ସ୍ ସଫଳ ହୋଇଥିଲା ।

Source: Author, Digitized by PPRACHIN, SOA

ଓଡିଶାର ଯେତେ ଖେଳପ୍ରେମୀ ବିଭିନ୍ନ ଖେଳ ଦେଖିବା ପାଇଁ ଦିଲ୍ଲୀ ଆସିଥିଲେ, ସେମାନଙ୍କଠୁ ଆଗରୁ ଅର୍ଥ ସଂଗ୍ରହ କରି ଓଡିଶା ଅଲମ୍ପିକ୍ ଜରିଆରେ ସମସ୍ତଙ୍କୁ ଷ୍ଟାଡିୟମର ଖେଳ ଟିକଟ ଯୋଗାଇ ଦିଆଯାଇଥିଲା । ତେଣୁ କୌଣସି ବ୍ୟକ୍ତି ମଧ୍ୟ ଟିକଟ ପାଇବାରେ ଅସୁବିଧା ଭୋଗି ନ ଥିଲେ । ମୁଁ କମିଟିର ଜଣେ ସଦସ୍ୟ ଥିବାରୁ ଦର୍ଶକମାନଙ୍କ ପାଇଁ ଟିକଟ ଯୋଗାଇବାରେ ସୁବିଧା ହୋଇଥିଲା ।

ଏମ୍.ପି.ମାନଙ୍କ କ୍ୱାର୍ଟରରେ ସେମାନଙ୍କ ରହିବା ବ୍ୟବସ୍ଥା ମଧ୍ୟ ଜିଲ୍ଲାୱାରୀ କରାଯାଇଥିଲା ।

ମୋ' କ୍ୱାର୍ଟରରେ ମଧ୍ୟ ପ୍ରାୟ ୩୦ଜଣ ଦର୍ଶକ ରହି ଖେଳ ଦେଖିବାର ସୁଯୋଗ ପାଇଥିଲେ ।

ପଞ୍ଜାବ ସମସ୍ୟା :

ସମୟ ହେଉଛି ସବୁଠୁ ବଡ ମୂଲ୍ୟବାନ ଏବଂ ବଳବାନ । ବହୁ ଆଗରୁ ଉପଯୁକ୍ତ ପଦକ୍ଷେପ ନ ନେବା ଫଳରେ ଲେଡିଗୁଡ କହୁଣିକୁ ବୋହିଯିବା ଅବସ୍ଥା ସୃଷ୍ଟି ହେଲା ।

୧୯୮୩ ମସିହା ଏପ୍ରିଲ ତା.୨୩ ଦିନ ସ୍ୱର୍ଣ୍ଣମନ୍ଦିର ପରିସର ଭିତରେ ସ୍ପଷ୍ଟ ଦିବାଲୋକରେ ଅମୃତସରର ସର୍ବୋଚ୍ଚ ପୁଲିସ ଅଧିକାରୀ ଅଟୱାଲଙ୍କୁ, ସେ ପ୍ରାର୍ଥନା ସାରି ମନ୍ଦିରରୁ ଫେରୁଥିବା ସମୟରେ ଉଗ୍ରବାଦୀମାନେ ଗୁଳିକରି ହତ୍ୟା କଲେ ।

ଏହି ଖବର କ୍ଷଣିକ ମଧ୍ୟରେ ସମଗ୍ର ରାଜ୍ୟରେ ବ୍ୟାପିଗଲା । ଲୋକେ ଭୟଭୀତ ହୋଇପଡିଲେ । ଦିଲ୍ଲୀରେ ମଧ୍ୟ ଖବର ପହଞ୍ଚିଗଲା ।

ପଞ୍ଜାବର ମୁଖ୍ୟମନ୍ତ୍ରୀ ଦରବାରା ସିଂ ସ୍ୱର୍ଣ୍ଣମନ୍ଦିରକୁ ପୋଲିସ ପଠାଇ ଭିନ୍ଦ୍ରେଏୱାଲ ଏବଂ ତାଙ୍କ ସହଯୋଗୀ ହତ୍ୟାକାରୀଙ୍କୁ ଗିରଫ କରିବା ପାଇଁ ସ୍ଥିର କରି କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଲେ ।

ମାତ୍ର, କେନ୍ଦ୍ର ଗୃହମନ୍ତ୍ରୀ ଜୈଲ ସିଂହ ହସ୍ତକ୍ଷେପ କରି ଏହି କାର୍ଯ୍ୟକୁ ଅକାମି କରି ଦେଇଥିଲେ । ଫଳରେ ଭିନ୍ଦ୍ରେଏୱାଲର ଗୁରୁତ୍ୱ ଏବଂ ଶକ୍ତି ବୃଦ୍ଧି ପାଇଲା ।

ପଞ୍ଜାବରେ ଆହୁରି ଭୟର ବାତାବରଣ ସୃଷ୍ଟି ହେଲା । ଏହି ଭୁଲର ପରିଣତି ଶେଷକୁ ମହଙ୍ଗା ପଡିଲା । ଇନ୍ଦିରାଗାନ୍ଧୀ ଶେଷଥର ବୁଝାମଣା ପାଇଁ ବୈଠକ ଡାକିଲେ ।

ଅକାଳି ଦଳର ନରମପନ୍ଥୀମାନେ ବୁଝାମଣା ପାଇଁ ପ୍ରସ୍ତୁତ ହେଲେ । ମାତ୍ର, ଭିନ୍ଦ୍ରେଏୱାଲା ସେମାନଙ୍କୁ କଠୋର ଭାଷାରେ ସମାଲୋଚନା କରିବା ଯୋଗୁଁ ଆଉ ଆଲୋଚନା କରିବା ପାଇଁ କିଏ ଆସିଲେ ନାହିଁ ।

Source: Author, Digitized by PPRACHIN, SOA

ସାମରିକ ଶକ୍ତି ପ୍ରୟୋଗ କରିବା ବ୍ୟତୀତ ସେଠାରେ ଅନ୍ୟ କୌଣସି ବିକଳ୍ପ ନ ଥିଲା । ଶିଖ ଧର୍ମପୀଠ ଅମୃତସରର ସ୍ୱର୍ଣ୍ଣମନ୍ଦିର ବିଚ୍ଛିନ୍ନତାବାଦୀ ଉଗ୍ରପନ୍ଥୀମାନଙ୍କ ତାଲିମ ପୀଠ ରୂପେ କାର୍ଯ୍ୟ କରୁଥାଏ । ଏହା ପାକିସ୍ତାନ ସମର୍ଥିତ ଆତଙ୍କବାଦୀମାନଙ୍କ ତାଲିମ ପୀଠ ରୂପେ କାର୍ଯ୍ୟ କରୁଥାଏ । ପାକିସ୍ତାନ ସମର୍ଥିତ ଆତଙ୍କବାଦୀମାନେ ସ୍ୱର୍ଣ୍ଣମନ୍ଦିରକୁ ଏକ ଅଭେଦ୍ୟ ଦୁର୍ଗ ରୂପେ ପରିଣତ କରି ସାରିଥିଲେ । ବିଦେଶରୁ ସଂଗୃହୀତ ବହୁ ଅସ୍ତ୍ରଶସ୍ତ୍ର ଗଚ୍ଛିତ ହୋଇ ସେଠାରେ ରଖା ଯାଇଥାଏ । ଭାରତୀୟ ସେନାର ଜଣେ ବହିଷ୍କୃତ ମେଜର ଜେନେରାଲ ସ୍ୱର୍ଣ୍ଣ ମନ୍ଦିରରେ ଅସ୍ତ୍ରଶସ୍ତ୍ର ଭର୍ତ୍ତି କରିବାରେ ଉଦ୍ୟମ ଜାରି ରଖିଥାନ୍ତି ।

କେତେ ପ୍ରବାସୀ ଶିଖ୍ 'ଖଲିସ୍ଥାନ ରାଷ୍ଟ୍ର' ଗଠନ ପାଇଁ ଉଦ୍ୟମ ଜାରି କରି ଦେଇଥାନ୍ତି । ଜଣେ ଲଣ୍ଡନ ପ୍ରବାସୀ ନିଜକୁ ଖଲିସ୍ଥାନ ରାଷ୍ଟ୍ରପତି ରୂପେ ମଧ୍ୟ ଘୋଷଣା କରିଦେଲେ ।

ଅକାଲିମାନେ ଆନନ୍ଦପୁର ସାହେବ ପ୍ରସ୍ତାବକୁ ମୁଖ୍ୟ ମାଧ୍ୟମ କରି ଇନ୍ଦିରା ସରକାରଙ୍କ ବିରୁଦ୍ଧରେ ଧର୍ମଯୁଦ୍ଧ ଘୋଷଣା କଲେ ।

ଦିନକୁ ଦିନ ପଞ୍ଜାବ ପରିସ୍ଥିତି ଜଟିଳ ହେବାକୁ ଲାଗିଥାଏ ।

ସଦସ୍ୟମାନଙ୍କ ମଧ୍ୟରେ ଉଦ୍‌ବେଗ ବଢ଼ି ଚାଲିଥାଏ । ମୁଁ ପଞ୍ଜାବର ବହୁ ସଦସ୍ୟଙ୍କ ସହ ସମାଧାନର ବାଟ ବାହାର କରିବା ପାଇଁ ଆଗ୍ରହ ପ୍ରକାଶ କରି ଆଲୋଚନା କରିଛି । ଜେନେରାଲ ରାଜେନ୍ଦ୍ର ସିଂହ ସ୍ପୋରୋ ମିଲିଟାରୀରୁ ରିଟାୟାର୍ଡ଼୍‌କରି ଲୋକସଭାକୁ ନିର୍ବାଚିତ ହୋଇ ଆସିଛନ୍ତି । ଆର୍.ଏଲ୍. ଭାଟିଆ ପଞ୍ଜାବର ସାଂସଦ ପରେ ବୈଦେଶିକମନ୍ତ୍ରୀ ମଧ୍ୟ ହୋଇଥିଲେ । ସେମାନଙ୍କ ସହିତ ଆଲୋଚନାରୁ ସ୍ପଷ୍ଟ ଜାଣି ପାରିଲି ଯେ, ମୁଖ୍ୟମନ୍ତ୍ରୀ ଏବଂ କେନ୍ଦ୍ର ଗୃହମନ୍ତ୍ରୀ ଜୈଲ ସିଂହଙ୍କ ବିବାଦ ଯୋଗୁଁ ସମସ୍ୟାର ସମାଧାନ ବାଟ ବନ୍ଦ ହୋଇଯାଇଛି । ଯା'ର ପରିଣତି ପଞ୍ଜାବବାସୀଙ୍କୁ ଏବଂ ଦେଶବାସୀଙ୍କୁ ଭୋଗିବାକୁ ପଡୁଛି ।

ପଞ୍ଜାବର ଲୋକସଭା ସଦସ୍ୟମାନଙ୍କ ସହିତ ଆଲୋଚନା ବେଳେ ସେମାନଙ୍କ ମୁହଁରେ ଗମ୍ଭୀରତା, ପରିସ୍ଥିତିର ଗୁରୁତ୍ୱ ମୁଁ ବେଶ୍ ଉପଲବ୍ଧି କରି ପାରୁଥାଏ । ସଭିଙ୍କ ମନରେ ଏକ ଶଙ୍କିତ ବାତାବାରଣ ଖେଳି ଯାଇଥାଏ ।

ଇନ୍ଦିରା ଗାନ୍ଧୀ କୌଣସି ସିଦ୍ଧାନ୍ତରେ ପହଞ୍ଚିବା ପୂର୍ବରୁ ବିରୋଧୀ ଦଳମାନଙ୍କ ସହିତ ଆଲୋଚନା କରିବା ଆବଶ୍ୟକ ଥିଲା । ମାତ୍ର, ତାଙ୍କ ମନରେ ସଦାବେଳେ ଆଶଙ୍କା ଛାଇ ରହିଥାଏ, ବିରୋଧୀ ଦଳ ତାଙ୍କ କଥା ଗ୍ରହଣ କରିବେ ନାହିଁ । ସେମାନଙ୍କ ସହିତ ଆଲୋଚନା ନ କରିବା ଠିକ୍ ହେଲା ନାହିଁ ।

Source: Author, Digitized by PPRACHIN, SOA

ଶେଷରେ ୧୯୮୪ ମସିହା ଜୁନ୍ ମାସର ପ୍ରଥମ ସପ୍ତାହରେ ସରକାର ପଞ୍ଜାବର ସ୍ୱର୍ଣ୍ଣମନ୍ଦିର ଭିତରକୁ ସୈନ୍ୟ ପ୍ରେରଣ ପାଇଁ ନିର୍ଦ୍ଦେଶ ଦେଲେ । ସାମରିକ ଶକ୍ତି ପ୍ରୟୋଗ ଫଳରେ ଅକଳତଖତ ଭାଙ୍ଗି ନଷ୍ଟ ହୋଇଗଲା । ତେଣୁ ଶିଖ୍ ସମ୍ପ୍ରଦାୟ ଏଥିରେ ଅତ୍ୟନ୍ତ କ୍ରୋଧାନ୍ୱିତ ହୋଇପଡିଲେ । ଭାରତର ମନ୍ଦିର ଇତିହାସରେ ଏହା ଏକ ଭୟାବହ କାହାଣୀ । ଚେସ୍ ଖେଳରେ ଯଦି ଗୋଟି ଚାଳନାରେ ଭୁଲ ହୋଇଯାଏ, ତେବେ ଖେଳର ପରିଣତିରେ ବିପର୍ଯ୍ୟୟ ଘଟିବା ସମ୍ଭାବନା ବୃଦ୍ଧି ପାଇଥାଏ । ଠିକ୍ ସେହିପରି ରାଜନୀତିରେ ମଧ୍ୟ ଠିକ୍ ସମୟରେ ଠିକ୍ ନିଷ୍ପତ୍ତି ନେଇ ନ ପାରିଲେ ଫଳ ବିଷମୟ ହୋଇଥାଏ । ଦେଶ ସେହିଭଳି ଏକ ଅବସ୍ଥାରେ ଆସି ପହଞ୍ଚି ଯାଇଥିଲା ।

ଅନ୍ୟ ଦୃଷ୍ଟିରୁ ବିଚାର କଲେ, ଦେଶର ପ୍ରଧାନମନ୍ତ୍ରୀ ହିସାବରେ ଦେଶର ଏକତା, ଅଖଣ୍ଡତା, ସୀମାନ୍ତ ରକ୍ଷା ଦୃଷ୍ଟିରୁ ସେ ତାଙ୍କ କର୍ତ୍ତବ୍ୟରେ ଅବହେଳା କରି ନାହାନ୍ତି । ସେତକ କରି ନ ଥିଲେ ଭବିଷ୍ୟତରେ ସେ ନିନ୍ଦାର ଭାଗୀଦାର ହୋଇଥାନ୍ତେ ।

ଅପରେସନ ବ୍ଲୁ ଷ୍ଟାର, ସାମରିକ କାର୍ଯ୍ୟାନୁଷ୍ଠାନ ଦେଶ ପାଇଁ ମହଙ୍ଗା ପଡିଲା । ଇନ୍ଦିରା ଗାନ୍ଧୀ ଭଲଭାବରେ ଜାଣି ପାରିଥିଲେ ଯେ, ଅପରେସନ ବ୍ଲୁ ଷ୍ଟାର ପାଇଁ ଆଦେଶ ଦେବା ଦିନଠୁ ସେ ନିଜ ମୃତ୍ୟୁର ପରୱାନା ପାଇଁ ଦସ୍ତଖତ କରି ସାରିଛନ୍ତି । ତାଙ୍କ ମୁଣ୍ଡରେ ଚିନ୍ତାର ଏକ କଳା ବାଦଲ ଘୋଟି ଯାଇଥିଲା ।

ସତକୁ ସତ ଇନ୍ଦିରା ଗାନ୍ଧୀଙ୍କ ଜୀବନ ପ୍ରତି ବିପଦର ଆଶଙ୍କା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଲା । ଆର୍.ଏସ୍. ଭେଙ୍କଟରମଣ ଦେଶର ପ୍ରତିରକ୍ଷା ମନ୍ତ୍ରୀ ପରେ ଉପ-ରାଷ୍ଟ୍ରପତି ଏବଂ ପରେ ଦେଶର ରାଷ୍ଟ୍ରପତି ପଦ ଅଳଙ୍କୃତ କରିଥିଲେ । ସେତେବେଳେ ସେ ଇନ୍ଦିରା ଗାନ୍ଧୀଙ୍କୁ ଅନୁରୋଧ କରିଥିଲେ, ତାଙ୍କ ସୁରକ୍ଷା ଦାୟିତ୍ୱ ସେନାକୁ ହସ୍ତାନ୍ତର କରିବା ପାଇଁ ।

ମାତ୍ର, ଇନ୍ଦିରା ଗାନ୍ଧୀ ସ୍ପଷ୍ଟ ଭାବରେ ମନା କରି ଦେଇଥିଲେ ।

ଆଉ ଏକ ପ୍ରସ୍ତାବ ମଧ୍ୟ ଦିଆଗଲା, ଶିଖ୍ ଦେହରକ୍ଷୀମାନଙ୍କୁ ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷା ବଳୟରୁ ପ୍ରତ୍ୟାହାର କରିନେବାକୁ ।

ସେ ତାର ଉତ୍ତରରେ କହିଲେ, ଭାରତ ହେଉଛି ଏକ ଧର୍ମ ନିରପେକ୍ଷ ରାଷ୍ଟ୍ର !!

ପାର୍ଲିଆମେଣ୍ଟର ଏକ ତର୍କ ଆଲୋଚନା ଚାଲିଥିବା ସମୟରେ ଇନ୍ଦିରା ଗାନ୍ଧୀ ଉତ୍ତେଜିତ ହୋଇ ତାର ଉତ୍ତର ଦେବା ପରେ ମଧୁ ଦଣ୍ଡବତେ ଯିଏକି, ଜନତା ସରକାର ସମୟରେ ରେଳମନ୍ତ୍ରୀ ହିସାବରେ ସୁନାମ ଅର୍ଜନ କରିଥିଲେ ଏବଂ ଜଣେ ଦକ୍ଷ ବରିଷ୍ଠ ପାର୍ଲିଆମେଣ୍ଟାରିଅନ, ସେ ତାଙ୍କ ଅଭିଭାଷଣରେ କହିଲେ, ‘‘ମ୍ୟାଡମ୍ ! ଆପଣ ଯେତେବେଳେ ହସ ହସ ମୁହଁରେ ଟି.ଭି. ପର୍ଦ୍ଦାରେ ଦୃଶ୍ୟମାନ ହୁଅନ୍ତି, ଆମ

Source: Author, Digitized by PPRACHIN, SOA

ମୁହଁରେ ମଧ୍ୟ ହସ ଫୁଟିଉଠେ ମାତ୍ର, ଆଜି ଆମେ ଆପଣଙ୍କ ବିରକ୍ତ ମୁହଁ ଦେଖି ମର୍ମାହତ ହୋଇପଡ଼ିଲୁ'' ।

ସୁବକ୍ତା ମଧୁ ଦଣ୍ଡବତେଙ୍କ ଏହିଭଳି ବକ୍ତବ୍ୟରେ ପାର୍ଲିଆମେଣ୍ଟ ସଭା କକ୍ଷରେ ହସର ଲହରୀ ସୃଷ୍ଟି ହୋଇଥିଲା । ଇନ୍ଦିରା ଗାନ୍ଧୀ ମଧ୍ୟ ସେହି ହସରେ ସାମିଲ ହୋଇ ତାଙ୍କ ମୁହଁରେ ହସ ଫୁଟାଇଥିଲେ । ପାର୍ଲିଆମେଣ୍ଟର ଗମ୍ଭୀରତା ହସରେ ସ୍ୱାଭାବିକ ହୋଇଗଲା । ମୁଁ ମୋର ସିଟ୍‌ରେ ବସି ସବୁ ଶୁଣି ଉପଭୋଗ କରୁଥିଲି ।

ଇନ୍ଦିରା ଗାନ୍ଧୀଙ୍କ ବ୍ୟକ୍ତିତ୍ୱ :

ଇନ୍ଦିରା ଗାନ୍ଧୀଙ୍କ ବ୍ୟକ୍ତିତ୍ୱ ଥିଲା ଅନନ୍ୟ । ସେ ଜଣେ ଦୃଢ଼ମନା ନେତ୍ରୀ । ତାଙ୍କ କଥାରେ ମଧ୍ୟ ବହୁ ଚାତୁର୍ଯ୍ୟ ଭରି ରହିଥାଏ ।

ଆମ ପଡ଼ୋଶୀ ପାକିସ୍ତାନ ଦୀର୍ଘ ଦିନରୁ ମିଲିଟାରୀ ଶାସନାଧୀନ ହୋଇ ଆସିଛି । ବର୍ତ୍ତମାନ ସେଠାରେ ଗଣତନ୍ତ୍ର ପୁନଃ ପ୍ରତିଷ୍ଠିତ ହୋଇଛି । ଜିଆଉଲ ହକ୍ ସେତେବେଳେ ୧୯୭୭ ମସିହାରୁ ୧୯୮୮ ମସିହା ପର୍ଯ୍ୟନ୍ତ ପାକିସ୍ତାନର ସର୍ବମୟ ମିଲିଟାରୀ ଶାସକ ଥିଲେ । ଦୀର୍ଘ ଦିନଧରି ପାକିସ୍ତାନର ମିଲିଟାରୀ ଶାସକ ସଦାବେଳେ ଭାରତ ବିରୁଦ୍ଧରେ ବହୁ କୁତ୍ସା ପ୍ରଚାର କରୁଥାନ୍ତି । ତାହାକୁ ଖବର କାଗଜମାନେ ପ୍ରାଧାନ୍ୟ ଦେଇ ବଡ ବଡ ଅକ୍ଷରରେ ପ୍ରକାଶ କରୁଥାନ୍ତି ଏବଂ ସମୟ ଦେଖି ମିଲିଟାରୀ ଶାସକମାନଙ୍କୁ ମଧ୍ୟ ଅପଦସ୍ତରେ ପକାଇ ଦେଇଥାନ୍ତି ।

ଜିଆଉଲ ହକ୍ ଯେତେବେଳେ ଇନ୍ଦିରା ଗାନ୍ଧୀଙ୍କ ସହ ତାଙ୍କର ପ୍ରଥମ ସାକ୍ଷାତ କରିବାକୁ ଯାଉଛନ୍ତି, ଠିକ୍ ସେହିଦିନ ଇଂରାଜୀ ଖବର କାଗଜମାନଙ୍କରେ ପୂର୍ବରୁ ଇନ୍ଦିରା ଗାନ୍ଧୀଙ୍କ ବିରୁଦ୍ଧରେ ସେ ଦେଇଥିବା କଟୁ ମନ୍ତବ୍ୟମାନ ପ୍ରଥମ ପୃଷ୍ଠାରେ ପ୍ରକାଶ ପାଇଥାଏ । ଜିଆଉଲ ହକ୍ ତାହା ପାଠକରିବାଦ୍ୱାରା ତାଙ୍କ ମନରେ ଅସନ୍ତୋଷ ଭାବ ଖେଳିଗଲା । ତେଣୁ ଇନ୍ଦିରା ଗାନ୍ଧୀଙ୍କ ସହିତ ସାକ୍ଷାତ ସମୟରେ ସେ ତାଙ୍କ ମନର ଭାବ ପ୍ରକାଶ କରି କହିଲେ, ''ମ୍ୟାଡମ୍! ସମ୍ବାଦପତ୍ରରେ ଯାହା ପ୍ରକାଶ ପାଇଥାଏ, ତାହା ସତ ହୋଇ ନ ଥାଏ'' ।

ବାକ୍ ଚାତୁରୀରେ ପଟୁ ଇନ୍ଦିରା ଗାନ୍ଧୀ କଥାର ମର୍ମ ବୁଝିପାରି ଚଟ୍‌କିନା ଉତ୍ତର ଦେଲେ, ''ହଁ ଆପଣ ଯାହା କହିଲେ ତାହା ସତ'' । ଏହି ଉତ୍ତରରେ ଜିଆଉଲ ହକ୍‌ଙ୍କ ମୁହଁରେ ଆନନ୍ଦର ଲହରୀ ଖେଳିଗଲା । ଇନ୍ଦିରା ଗାନ୍ଧୀ ପୁଣି କହିଲେ, ''ସମ୍ବାଦପତ୍ରମାନେ ଲେଖନ୍ତି, ଆପଣ ଜଣେ ଗଣତାନ୍ତ୍ରିକ ଶାସକ, ଅଥଚ; ମୋତେ ଏକଛତ୍ରବାଦୀ ବୋଲି ମଧ୍ୟ ମତ ଦିଅନ୍ତି'' ।

Source: Author, Digitized by PPRACHIN, SOA

ଏହି ଉତ୍ତର ଶୁଣି କିଆଉଲ ହକ୍‌ଙ୍କ ମୁହଁରେ ବିଷାଦର ଛାୟା ଖେଳିଗଲା ।

ଜଣେ ପାକିସ୍ତାନର ସାମ୍ବାଦିକ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କୁ ପ୍ରଶ୍ନ କଲେ, ''ମ୍ୟାଡମ୍ ! ଆପଣ ଏତେ ବିପୁଳ ଭୋଟରେ ପୁଣି ଏତେ ଶୀଘ୍ର କ୍ଷମତାକୁ ଫେରିଆସିଲେ କିପରି'' ?

ଇନ୍ଦିରା ଗାନ୍ଧୀ ତାହା ଶୁଣି, ମୁହଁରେ ସ୍ମିତ ହାସ୍ୟ ରେଖା ଖେଳାଇ କହିଲେ, ''କାରଣ ମୋତେ ଫାଶୀ ଦିଆଯାଇ ନଥିଲା'' ।

ବିଭିନ୍ନ ସମୟରେ ବିଭିନ୍ନ କୌତୂହଳଜନକ ପ୍ରଶ୍ନର ଉପଯୁକ୍ତ ଉତ୍ତର ପ୍ରଦାନ କରି ସେ ତାଙ୍କର ବିଚକ୍ଷଣତାର ପରିଚୟ ଦେଇଛନ୍ତି ।

ଇନ୍ଦିରା ଗାନ୍ଧୀଙ୍କୁ ନେଇ ସମଗ୍ର ଦେଶରେ ବହୁ ସ୍ପର୍ଶକାତର ଏବଂ ବହୁ ବିଭାଜିତ ମତ ରହିଛି । ଏହା ରହିବା ମଧ୍ୟ ସ୍ୱାଭାବିକ । ତାଙ୍କ ଶାସନ ପ୍ରଣାଳୀରେ କେତେ ଲୋକ କ୍ଷତିଗ୍ରସ୍ତ ହୋଇଥିଲେ ମଧ୍ୟ ବହୁ ଲୋକ ଉପକୃତ ହୋଇଛନ୍ତି । ଠିକ୍ ସମୟରେ ଉପଯୁକ୍ତ ସିଦ୍ଧାନ୍ତ ଗ୍ରହଣ କରି ଦେଶରେ ଚାଞ୍ଚଲ୍ୟ ଖେଳାଇଦେବା ସଙ୍ଗେସଙ୍ଗେ, ସମୂହ ଉନ୍ନତିର ଭାବନା ସଦାବେଳେ ତାଙ୍କ ମନରେ ଏବଂ କାର୍ଯ୍ୟ ପ୍ରଣାଳୀରେ ପ୍ରତିଫଳିତ ହୋଇଛି । ଏପରିକି ତାଙ୍କ କଠୋର ସମାଲୋଚକମାନେ ମଧ୍ୟ ଏହା ସ୍ୱୀକାରକରିଥାନ୍ତି ।

'ବ୍ୟାଙ୍କ ଜାତୀୟକରଣ'ଠୁ ଗରିବ ଲୋକଙ୍କୁ ଘର, ବୃଦ୍ଧ ବୃଦ୍ଧାଙ୍କୁ ମାସିକ ଭତ୍ତା ପ୍ରଦାନ ପ୍ରଭୃତି ପର୍ଯ୍ୟନ୍ତ ତାଙ୍କ ମାନବିକ ମୂଲ୍ୟବୋଧ ସମ୍ପନ୍ନ କାର୍ଯ୍ୟ ପ୍ରଣାଳୀକୁ ଅସ୍ୱୀକାର କରାଯାଇ ପାରିବ ନାହିଁ । ଏହା ଥିଲା ତାଙ୍କ ବିଜ୍ଞତାର ପରିଚୟ । ତାଙ୍କ ହୃଦୟ ସଦାବେଳେ ଗରିବ ତଥା ନିଷ୍ପେଷିତ ମାନବ ଜାତିର ଦୁଃଖ ଦୁର୍ଦ୍ଦଶାକୁ ଲାଘବ କରିବା ପାଇଁ ଉଲ୍ଲସିତ ହୋଇ ଉଠୁଥିଲା । ତାଙ୍କର ସେହି ଆନ୍ତରିକ ଉଦ୍ୟମ ପାଇଁ ଏବେ ମଧ୍ୟ ସେ ସାଧାରଣ ଗରିବ ଲୋକଙ୍କ ହୃଦୟରେ ବିଶେଷତଃ, ଅବହେଳିତ ଆଦିବାସୀଙ୍କ ହୃଦୟରେ ମା' ଭଳି ସମ୍ମାନ ପାଇଆସୁଛନ୍ତି । ସେମାନେ ତାଙ୍କୁ ଭୁଲିପାରି ନାହାନ୍ତି । ନିଶ୍ଚିତ ରୂପେ ସେ ଏବେ ମଧ୍ୟ ସର୍ବୋତ୍ତମ ନେତ୍ରୀ ରୂପେ ଲୋକଙ୍କ ମାନସ ପଟ୍ଟରେ ଲାଖି ରହିଛନ୍ତି ।

୨୦୦୫ ମସିହାରେ ଦେଶର ଏକ ବହୁ ପ୍ରସାରିତ ଇଂରାଜୀ ଖବର କାଗଜ 'ହିନ୍ଦୁସ୍ତାନ ଟାଇମ୍‌ସ' ତାର ପାଠକ, ପାଠିକାମାନଙ୍କ ମଧ୍ୟରେ ମତ ସଂଗ୍ରହ କରି ଇନ୍ଦିରା ଗାନ୍ଧୀଙ୍କୁ ଲୋକେ ଏବେ ମଧ୍ୟ ଦେଶର ସର୍ବୋତ୍ତମ ନେତ୍ରୀ ରୂପେ ସ୍ୱୀକାର କରନ୍ତି ବୋଲି ସ୍ପଷ୍ଟ ମତ ପ୍ରକାଶ କରିଥିଲା ।

ଭାରତୀୟ ଜନମାନସରେ ଇନ୍ଦିରା ଗାନ୍ଧୀ ଚିର ଜାଜ୍ୱଲ୍ୟମାନ ହୋଇ ରହିଛନ୍ତି ଏବଂ ସବୁଦିନ ପାଇଁ ମଧ୍ୟ ରହିଥିବେ । ଏହା ମୋର ଦୃଢ଼ ବିଶ୍ୱାସ ।

ପୃଥିବୀ ପୃଷ୍ଠରେ ଯେଉଁ ମହାନ୍ ନେତାମାନଙ୍କ ଆବିର୍ଭାବ ହୋଇଛି ଏବଂ

Source: Author, Digitized by PPRACHIN, SOA

ସେମାନଙ୍କ କାର୍ଯ୍ୟଧାରା ଲୋକଙ୍କୁ ବହୁ ଭାବରେ ପ୍ରଭାବିତ କରି ପାରିଛି, ସେମାନେ ହେଲେ ନେପୋଲିଅନ୍, ଆବ୍ରାହମ୍ ଲିଙ୍କନ, ଲେନିନ୍, ହିଟଲର, ଚର୍ଚ୍ଚିଲ, ରୁଜ୍‌ଭେଲ୍ଟ, ଷ୍ଟାଲିନ୍, ମହାତ୍ମା ଗାନ୍ଧୀ, ଜବାହାରଲାଲ ନେହେରୁ, ମାଓସେତୁଙ୍ଗ, ହୋଚିମିନ୍, ନାସେର, ଜନ୍ କେନେଡି, କାଷ୍ଟ୍ରୋ, ମାର୍ଟିନ ଲୁଥର କିଙ୍ଗ, ଇନ୍ଦିରା ଗାନ୍ଧୀ, ମାର୍ଗାରେଟ୍ ଥାଚର, ନେଲ୍‌ସନ୍ ମାଣ୍ଡେଲା ଏବଂ ଦଲାଇଲାମା । ଏମାନେ ସମସ୍ତେ ତାଙ୍କ ନିଜ ନିଜ ସମୟରେ ଲୋକଙ୍କୁ ପରଂପରାର ବନ୍ଧନରୁ ମୁକ୍ତ କରି ଆଗକୁ ବଢ଼ିବାର ପ୍ରେରଣା ଯୋଗାଇ ଆଗେଇ ନେଇଛନ୍ତି । ଇତିହାସରେ ସେମାନଙ୍କର ନାମସମୂହ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଛି ।

ମଣିଷ ମାତ୍ରକେ ଭୁଲ କରିବା ସ୍ୱାଭାବିକ । ମାତ୍ର, ଭୁଲକୁ ସ୍ୱୀକାର କରିବା ମାନବିକତାର ପରିଚାୟକ । ଇନ୍ଦିରା ଗାନ୍ଧୀ ମଧ୍ୟ ନିଜ ଭୁଲକୁ ସ୍ୱୀକାର କରିଛନ୍ତି ।

X X X

କେନ୍ଦ୍ରମନ୍ତ୍ରୀ ରାମଚନ୍ଦ୍ର ରଥ ଏବଂ ଜାନକୀବାବୁଙ୍କ ମଧ୍ୟରେ ଅସନ୍ତୋଷ ବଢ଼ି ଚାଲିଥାଏ । ତେଣୁ ତାଙ୍କୁ ମନ୍ତ୍ରିମଣ୍ଡଳରୁ ବିତାଡିତ କରିବା ପାଇଁ ଓଡିଶା ଲୋକସଭା ସଦସ୍ୟମାନଙ୍କ ସ୍ୱାକ୍ଷର ସଂଗ୍ରହ ଅଭିଯାନ ଆରମ୍ଭ ହେଲା । ମୁଁ ଜାନକୀବାବୁଙ୍କୁ ଭେଟି ଦଳ ଭିତରେ ଏହିଭଳି କାର୍ଯ୍ୟ ଚାଲିଲେ ଦଳର କ୍ଷତି ଘଟିବ ବୋଲି କହି, ଦୁହିଁଙ୍କ ଭିତରେ ମିଳାମିଶା ପାଇଁ ମଧ୍ୟ ଉଦ୍ୟମ କଲି, ମାତ୍ର; ଫଳ କିଛି ହେଲା ନାହିଁ । ମୋର ଉଦ୍ୟମ ବ୍ୟର୍ଥ ହୋଇଗଲା । ସ୍ୱାକ୍ଷର ସଂଗ୍ରହ ଅଭିଯାନ କାଗଜରେ ମୁଁ ସ୍ୱାକ୍ଷର କଲି ନାହିଁ । ଜାନକୀବାବୁ ମୋ' ଉପରେ ଅସନ୍ତୁଷ୍ଟ ହେଲେ ।

ଏହିଭଳି ଘଟଣାକୁ ନେଇ ଜାନକୀବାବୁଙ୍କ ମନ ମୋ' ପ୍ରତି ଉଣାହୋଇ ଆସୁଥିଏ । ମାତ୍ର, ମୁଁ ସଦାବେଳେ ଉଦ୍ୟମ ଜାରି ରଖିଥାଏ ଦଳ ଭିତରେ ମିଳିମିଶି କାମ କରିବା ପାଇଁ । ଏଭଳି କାର୍ଯ୍ୟକୁ ମୁଁ ପସନ୍ଦ କରୁ ନ ଥାଏ । ମୋର ମତ ଆଜିକା ରାଜନୀତିରେ ଗ୍ରହଣୀୟ ହେବା ସମ୍ଭବ ନୁହେଁ ।

ଜୁନାଗଡ ହାଇସ୍କୁଲର ପାଚେରୀ ଓ ତୋରଣ ନିର୍ମାଣ :

ମୁଁ ଲୋକସଭା ସଦସ୍ୟ ଥିବା ସମୟରେ ଜୁନାଗଡ ହାଇସ୍କୁଲର ଛାତ୍ରମାନେ ତାଙ୍କ ସ୍କୁଲ ବାଉଣ୍ଡ୍ରି ୱାଲ ତଥା ସ୍କୁଲର ଅନ୍ୟାନ୍ୟ ଦାବିକୁ ନେଇ ଧର୍ମଘଟ କରୁଥାନ୍ତି ।

ମୁଁ ମୋର ଜିଲ୍ଲା ଗସ୍ତରେ ଯାଉଥିବା ସମୟରେ ସ୍କୁଲ ଛାତ୍ରମାନେ ମୋର ଗାଡିକୁ ଅଟକାଇ ତାଙ୍କ ସ୍କୁଲକୁ ଯିବା ପାଇଁ କହିଲେ । କୌଣସି ଦ୍ୱିଧା ନକରି ଗାଡିରୁ ଓହ୍ଲାଇ ସ୍କୁଲ ଛାତ୍ରମାନଙ୍କ ସହିତ ଆସି ଦେଖିଲି, ସ୍କୁଲ ଛାତ ଉପରେ କଳା ପତାକା ଉଡୁଛି ।

Source: Author, Digitized by PPRACHIN, SOA

କଳା ପତାକା ଦେଖି ମୋ' ମନରେ ପ୍ରତିକ୍ରିୟା ସୃଷ୍ଟି ହେଲା । ମୁଁ ଗମ୍ଭୀର ହୋଇଗଲି ।

ପିଲାମାନଙ୍କୁ କହିଲି, ''ପିଲାମାନେ ତୁମେ ସବୁ ଏହି ସ୍କୁଲର ଛାତ୍ର । ସ୍କୁଲରେ ତୁମର ପାଠପଢ଼ା ଶେଷ ହେଲାପରେ ମଧ୍ୟ ତୁମମାନଙ୍କ ପୁରାତନ ସ୍କୁଲ ପ୍ରତି ନିଶ୍ଚିତ ଭାବରେ ମମତା ରହିବ । ମୁଁ ମଧ୍ୟ ଏହି ସ୍କୁଲର ପୁରାତନ ଛାତ୍ର । ତେଣୁ ମୋରି ପୁରାତନ ସ୍କୁଲରେ କଳା ପତାକା ଉଡିବା ମୁଁ ପସନ୍ଦ କରିପାରୁ ନାହିଁ । ପ୍ରଥମେ ତୁମେ କଳା ପତାକା ଓହ୍ଲାଇ ଦିଅ ଏବଂ ତୁମର ଯାହା ଦାବି ମୋତେ କହ'' ।

ସ୍କୁଲ ଛାତ୍ରମାନେ ମୋ' କଥା ଶୁଣି ଦ୍ୱିଧାବୋଧ କଲେ । ନିଜ ନିଜ ସାଙ୍ଗମାନଙ୍କୁ ଚାହିଁ ମୋ' ଆଡକୁ ଅବିଶ୍ୱାସ ନୟନରେ ଅନାଇ ରହିଲେ ।

ସ୍କୁଲର ପ୍ରଧାନ ଶିକ୍ଷକ ତ୍ରିଲୋଚନ ସିଂହ, ମୋର ଗାଁର ପିଲାଦିନର ପାଠପଢ଼ା ସାଥୀ । ସେ ମୋର କଥାର ଗୁରୁତ୍ୱ ଉପଲବ୍ଧି କରିପାରି କଳା ପତାକା ଓହ୍ଲାଇଦେବା ପାଇଁ ପିଲାମାନଙ୍କୁ ଇସାରା ଦେଲେ ।

କାଳ ବିଳମ୍ବ ନ କରି ଜଣେ ଛାତ୍ର ସ୍କୁଲ ଛାତ ଉପରକୁ ଚଢ଼ି ଖପର ନ ଭାଙ୍ଗିବା ଭଳି ସ୍ୱତର୍କତାରେ ଯାଇ କଳା ପତାକାକୁ କାଢ଼ି ଆଣିଲେ । ମୁଁ ଖୁସି ହୋଇ କହିଲି, ''ସାବାସ୍ ପିଲାମାନେ! ସାବାସ୍! କହ ଏଥର ତୁମର କ'ଣ କହିବାର ଅଛି''?

ଛାତ୍ରନେତା ଦୁଇ ତିନିଜଣ ମୋ' ସାମନାକୁ ଆସି କହିଲେ, ''ଆପଣ ଆମ ସ୍କୁଲର ପୁରାତନ ଛାତ୍ର ଜାଣି ଆମେ ବହୁତ ଖୁସି । ଆମ ସ୍କୁଲର ବାଉଣ୍ଡ୍ରି ୱାଲ ନାହିଁ । ତେଣୁ ଲୋକେ ଏବଂ ଗାଈ ଗୋରୁମାନେ ପଶିଆସି ପରିବେଶକୁ ଦୂଷିତ କରୁଛନ୍ତି । ଆମ ପଢ଼ାପଢ଼ିରେ କ୍ଷତି ହେଉଛି । ତେଣୁ ବାଉଣ୍ଡ୍ରି ୱାଲ ନିର୍ମାଣ ନ ହେବା ପର୍ଯ୍ୟନ୍ତ ଆମ ଷ୍ଟ୍ରାଇକ୍ ଚାଲୁ ରହିବ'' ।

ଛାତ୍ରମାନଙ୍କ ଦାବିକୁ ଗମ୍ଭୀରତା ସହ ଶୁଣି ଆଶ୍ୱାସନା ଦେଇ କହିଲି, ''ତୁମର ଦାବି ଯଥାର୍ଥ । ମୁଁ ମଧ୍ୟ ଏହି ସ୍କୁଲର ପୁରାତନ ଛାତ୍ର ତେଣୁ ମୋର ମଧ୍ୟ ଏହି ସ୍କୁଲ ପ୍ରତି ଦାୟିତ୍ୱ ଅଛି । ସ୍କୁଲର ବାଉଣ୍ଡ୍ରି ୱାଲ କାର୍ଯ୍ୟ ଶୀଘ୍ର ଆରମ୍ଭ ହୋଇ ପୂର୍ଣ୍ଣାଙ୍ଗ ହେବ, ଏ ଜବାବ୍ ମୁଁ ତୁମକୁ ଦେଉଛି'' ।

ପିଲାମାନେ ଏକ ସ୍ୱରରେ ପାଟିକରି କହିଲେ, ''ଏମିତି ଅନେକ ପ୍ରତିଶ୍ରୁତି ଅନେକ ନେତା ଆମକୁ ଦେଇଛନ୍ତି, ମାତ୍ର; ଆମ ସ୍କୁଲ ବାଉଣ୍ଡ୍ରି ୱାଲ କେବେ ହୋଇ ନାହିଁ'' ।

ମୁଁ ପିଲାମାନଙ୍କୁ ଦୃଢ଼ ଭାବରେ କହିଲି, ''କିଏ କଣ ପ୍ରତିଶ୍ରୁତି ଦେଇଛି ଅବା ଦେଇଥିଲେ, ତାହା ମୁଁ ଜାଣିନାହିଁ । ମୁଁ କେବଳ ପ୍ରତିଶ୍ରୁତି ଦେଉନାହିଁ, ଆଜି ହିଁ ତାର ଫଏସଲା କରି ତୁରନ୍ତ କାର୍ଯ୍ୟ ଆରମ୍ଭହେବ– ଏ ଜବାବ୍ ଦେଉଛି । ଥରେ ମୁଁ ଯାହାକୁ

Source: Author, Digitized by PPRACHIN, SOA

ଯେଉଁ ଜବାବ୍ ଦେଇଥାଏ, କଥାରେ ନୁହେଁ କାର୍ଯ୍ୟରେ ପରିଣତ କରିବା ମୋର ଦାୟିତ୍ୱ । ତୁମେ ନିଶ୍ଚିନ୍ତ ହୋଇ ରହ । ମୋର କଥାମାନି ତୁମେ ସ୍କୁଲ ଉପରୁ କଳା ପତାକା ଓହ୍ଲାଇ ଦେଲାପରେ ମୋ' ଉପରେ ଦାୟିତ୍ୱ ଆସି ଯାଇଛି । ତୁମେ କ୍ଲାସକୁ ଯାଇ ପାଠପଢ଼ । ତୁମକୁ ମୁଁ ଯାହାକହୁଛି, ତାହା ପୂରଣହେବ ବୋଲି ବିଶ୍ୱାସ କର'' ।

ମୋଠୁ ଏହିଭଳି ଦୃଢ଼ ପ୍ରତିଶ୍ରୁତି ଶୁଣି ତାଙ୍କ ପ୍ରଧାନ ଶିକ୍ଷକ ଏବଂ ଅନ୍ୟ ଶିକ୍ଷକମାନେ ମଧ୍ୟ ପିଲାଙ୍କୁ ବୁଝାଇଲେ ।

ପିଲାମାନଙ୍କ ମନରେ ମଧ୍ୟ ବିଶ୍ୱାସ ଜନ୍ମିଲା । ପିଲାମାନେ ନିଶ୍ଚିତ ହୋଇ କ୍ଲାସରେ ଯାଇ ବସିଲେ । ଦୀର୍ଘଦିନରୁ ଚାଲୁଥିବା ଷ୍ଟ୍ରାଇକ ବନ୍ଦ ହୋଇ ସ୍କୁଲରେ ପାଠପଢ଼ା ପୁଣି ଆରମ୍ଭ ହେଲା । ଅଭିଭାବକମାନଙ୍କ ମନରୁ ଉତ୍‌କଣ୍ଠା ଦୂର ହେଲା ।

ପୂର୍ତ୍ତମନ୍ତ୍ରୀ ଦୟାନିଧିବାବୁ ସେତେବେଳକୁ କଳାହାଣ୍ଡି ଗସ୍ତରେ ଥାଆନ୍ତି । ତାଙ୍କୁ ଫୋନଦ୍ୱାରା ଜୁନାଗଡ ଆଇ.ବି.କୁ ଆସିବା ପାଇଁ ଅନୁରୋଧ କଲି । ଛାତ୍ରମାନଙ୍କ ଦୀର୍ଘଦିନର ଆନ୍ଦୋଳନକୁ ସମାପ୍ତ କରି ଆଇ.ବି.କୁ ଗଲି । ଅନେକ ଲୋକ ଅଭିଭାବକ କୌତୂହଳରେ ରୁଣ୍ଡ ହୋଇଥାନ୍ତି । ସେମାନେ ମଧ୍ୟ ଛାତ୍ରମାନଙ୍କ ଦାବିକୁ ପୂର୍ଣ୍ଣ ସମର୍ଥନ କରୁଥାନ୍ତି ।

ଦୟାନିଧିବାବୁ ଜୁନାଗଡ ଆସି ପହଞ୍ଚିଗଲେ । ମୁଁ ତାଙ୍କୁ ସମସ୍ତ ଘଟଣା କହିଲି । ତାଙ୍କ ସହିତ ବିଭାଗୀୟ ଉଚ୍ଚ ଅଫିସରମାନେ ମଧ୍ୟ ଭୁବନେଶ୍ୱରରୁ ଆସିଥାନ୍ତି ।

ମାନ୍ୟବର ମନ୍ତ୍ରୀ ମହାଶୟ ସଭିଙ୍କ ସମ୍ମୁଖରେ କହିଲେ, ''ଆମ ଜିଲ୍ଲା ଲୋକ ସଭା ସଦସ୍ୟ ମହାଶୟ ପିଲାଙ୍କୁ କଥା ଦେଇଛନ୍ତି, କାଲି ହିଁ କାମ ଆରମ୍ଭ ହେବ'' ।

ବିଭାଗୀୟ ଅଫିସରମାନେ ସେଠାରେ ଉପସ୍ଥିତ ଥିଲେ । ମନ୍ତ୍ରୀଙ୍କଠୁ ନିର୍ଦ୍ଦେଶ ପାଇ ସେମାନେ ସାଙ୍ଗେ ସାଙ୍ଗେ ସ୍କୁଲକୁ ଯାଇ ପ୍ରଧାନଶିକ୍ଷକଙ୍କ ସହ ଆଲୋଚନା କଲେ । ସ୍କୁଲର ସୀମା ନିର୍ଦ୍ଧାରଣ ପୂର୍ବକ ବାଉଣ୍ଡ୍ରି ୱାଲ ପାଇଁ ମେଜରମେଣ୍ଟ କରି ଅନ୍ୟାନ୍ୟ ଆନୁଷାଙ୍ଗିକ କାମ ଆରମ୍ଭ କରିଦେଲେ ।

ଛାତ୍ରଛାତ୍ରୀମାନେ, ଶିକ୍ଷକମାନେ ଚକିତ ହୋଇ ଅବିଶ୍ୱାସ ଭାବକୁ ମନରୁ ଅପସାରଣ କରି ମୁହଁରେ ହସ ଫୁଟାଇ ଅଫିସରମାନଙ୍କୁ ଅନାଇ ରହିଥାନ୍ତି । ତହସିଲଦାର, ଆର.ଆଇ., ପୂର୍ତ୍ତ ବିଭାଗର ଅଫିସରମାନଙ୍କୁ ଦେଖି ଏତେ ଶୀଘ୍ର ଯେ କାମ ଆରମ୍ଭ ହୋଇଯିବ ତାହା ସେମାନେ ଭାବିପାରି ନ ଥିଲେ ।

ସମୟ ହେଉଛି ମୂଲ୍ୟବାନ । ସମୟକୁ ଠିକ୍ ବିନିଯୋଗ କରି ପାରିଲେ, ଯଥା ସମୟରେ କାର୍ଯ୍ୟ ସମ୍ପନ୍ନ ହେବାରେ କୌଣସି ଅସୁବିଧା ସୃଷ୍ଟି ହୋଇ ନ ଥାଏ । ଦୀର୍ଘସୂତ୍ରୀତା ସମୟ ଏବଂ ଅର୍ଥର ଅପଚୟ ଛଡା ଅନ୍ୟ କିଛି ନୁହେଁ । ତେଣୁ ମୁଁ

Source: Author, Digitized by PPRACHIN, SOA

ଏଥିପ୍ରତି ସଚେତନ ରହି ଯେଉଁ କାର୍ଯ୍ୟରେ ମନ ଦେଇଛି ତାକୁ ପୂର୍ଣ୍ଣାଙ୍ଗ କରିବାରେ ସଫଳ ହୋଇ ପାରିଛି ।

ଟଙ୍କା ମଞ୍ଜୁର ହୋଇ ତୁରନ୍ତ ସ୍କୁଲ ହତାର ପ୍ରାଚୀର ନିର୍ମାଣ କାମ ଆରମ୍ଭ ହୋଇ ଯଥା ସମୟରେ ଶେଷ ହେଲା ।

ବାଉଣ୍ଡ୍ରି ୱାଲ ପୂର୍ଣ୍ଣାଙ୍ଗ ହୋଇଗଲା; ମାତ୍ର ସ୍କୁଲ ପାଇଁ ଆକର୍ଷଣୀୟ ଗେଟ୍ ନିର୍ମାଣ କାର୍ଯ୍ୟ ହୋଇ ନ ପାରି ଦୀର୍ଘଦିନ ପଡି ରହିଲା ।

ଏହି ସମୟରେ ମୋର ମା' ଘରେ ପଡିଯାଇ ଅଚେତ ହୋଇଗଲେ । ତାଙ୍କୁ ତୁରନ୍ତ ଜୁନାଗଡ ଡାକ୍ତରଖାନାକୁ ଅଣାଗଲା । ଗାଁରୁ ମୋର ଭାଇ କୁଞ୍ଜ, ଗଗନଠୁ ଖବର ପାଇ ମୁଁ ଏବଂ ମୋର ସାନଭାଇ ରାଜେନ୍ଦ୍ର ଦୁହେଁ ଯାଇ ଜୁନାଗଡ ଡାକ୍ତରଖାନାରେ ପହଞ୍ଚିଲୁ । ଡାକ୍ତର ଆମକୁ କହିଲେ କୋମାରେ ଅଛନ୍ତି, ତାଙ୍କ ଚେତା ଫେରାଇ ଆଣିବା ପାଇଁ ଉଦ୍ୟମ କରୁଛି । ମା'ଙ୍କ ଚେତା ଫେରିବା ପାଇଁ ସେଠାରେ ଅପେକ୍ଷା କରି ରହିଲୁ ।

ଜୁନାଗଡ ଡାକ୍ତରଖାନା ସମ୍ମୁଖରେ ହାଇସ୍କୁଲ । ମୁଁ ଆସିଥିବା ଖବର ଶୁଣି ଏବଂ ମୋ' ମା'ଙ୍କ ଅବସ୍ଥା ଜାଣି ଜୁନାଗଡର ବହୁ ବ୍ୟକ୍ତି ଆସି ମୋ' ପାଖରେ ବସିଥାନ୍ତି । ସ୍କୁଲର ପ୍ରଧାନଶିକ୍ଷକ ଥାନ୍ତି ଚନ୍ଦ୍ରଶେଖର ପଣ୍ଡା । ସେ ଜଣେ ଆଦର୍ଶ ଶିକ୍ଷକ, ଜଣେ କଳାକାର । ବସିଥିବା ସମୟରେ ସେ କହିଲେ, ''ଆପଣଙ୍କ ଉଦ୍ୟମରେ ସ୍କୁଲର ବାଉଣ୍ଡ୍ରି ୱାଲ ନିର୍ମିତ ହେଲା, ମାତ୍ର ଗେଟ୍ ହୋଇପାରିଲା ନାହିଁ । କୋଣାର୍କ ମନ୍ଦିର ନିର୍ମାଣ ହେଲା; ମାତ୍ର ମୁଣ୍ଡି ପୂର୍ଣ୍ଣାଙ୍ଗ ହୋଇପାରି ନ ଥିଲା । ଧର୍ମପଦ ଶେଷକୁ ତାକୁ ପୂର୍ଣ୍ଣାଙ୍ଗ କରିଥିଲେ'' ।

ମୁଁ ସବୁ ଶୁଣି ସେଇଠି କହିଲି, ''ଏତେଦିନ କାହିଁକି ପଡି ରହିଲା ? ଆମ ସହିତ ଜୁନାଗଡର ପୂର୍ବତନ ନଗରପାଳ ମାଣିକଚାନ୍ଦ ଅଗ୍ରୱାଲ ମଧ୍ୟ ବସିଥାନ୍ତି । ବର୍ତ୍ତମାନ ସରକାରୀ ଭାବରେ ପୂର୍ଣ୍ଣାଙ୍ଗ ହେବା ସମ୍ଭବ ନୁହେଁ'' ।

ମୁଁ ଫେର୍ କହିଲି, ''ତାହା ହେଲେ ଆମ ସମସ୍ତଙ୍କ ସହଯୋଗରେ ସ୍କୁଲ୍‌ର ଗେଟ ହେବ'' । ମୁଁ ହେଡ୍ ମାଷ୍ଟର୍‌ଙ୍କୁ କହିଲି, ''ଆର୍ଟିଷ୍ଟିକାଲ୍ ଡିଜାଇନ୍ କରନ୍ତୁ'' । ଉପସ୍ଥିତ ସମସ୍ତ ଭଦ୍ର ବ୍ୟକ୍ତିଙ୍କୁ କହିଲି, ''ଜଣେ ଆବଶ୍ୟକ ଲୁହା ରଡ ପ୍ରଦାନ କରନ୍ତୁ, ଜଣେ ଆବଶ୍ୟକୀୟ ବାଲି, ଜଣେ ସିମେଣ୍ଟ, ଜଣେ ଲୁହା ଗେଟ ଏବଂ ଆଉଜଣେ ଆବଶ୍ୟକ ଅର୍ଥ ପ୍ରଦାନ କରନ୍ତୁ । ମାସକ ମଧ୍ୟରେ ଏହା ପୂର୍ଣ୍ଣାଙ୍ଗ ହୋଇଯିବ'' । ସମସ୍ତେ ମୋ' ମତରେ ଏକମତ ହେବାରୁ ମାଣିକଚାନ୍ଦଙ୍କୁ ନିର୍ମାଣ ଦାୟିତ୍ୱ ଅର୍ପଣ କଲି । ତାହା ଯଥା ସମୟରେ ପୂର୍ଣ୍ଣାଙ୍ଗ ହୋଇ ପାରିଥିଲା ।

Source: Author, Digitized by PPRACHIN, SOA

ଭଲ କାମ ପାଇଁ ସଦାବେଳେ ଲୋକଙ୍କ ସହଯୋଗ ମିଳିଥାଏ । ସେଥିପାଇଁ କେବଳ ଉଦ୍ୟମ ଦରକାର । ଆଗ୍ରହ ଏବଂ କର୍ତ୍ତବ୍ୟ ପ୍ରତି ନିଷ୍ଠା ଦରକାର ।

ମାତୃ ବିୟୋଗ :

ରାତ୍ର ୮ଘଣ୍ଟା ସମୟରେ ମୋ' ମା' ତାଙ୍କ ଶେଷ ନିଃଶ୍ୱାସ ତ୍ୟାଗ କଲେ । ଆଶା ଥିଲା ମା' ଆଖି ଖୋଲିବେ, ଆମକୁ ଥରେ ଅନାଇବେ, ମାତ୍ର ତାହା ସମ୍ଭବ ହେଲା ନାହିଁ । ଆମେ ସମସ୍ତେ ପରିବାରଜନ, ବନ୍ଧୁପରିଜନ ଉପସ୍ଥିତ ଥିଲୁ । ଦୁଃଖରେ କୋହଭରା ହୃଦୟରେ ଛଳଛଳ ନୟନରେ ତାଙ୍କ ମରଶରୀରରେ ନୂତନ ବସ୍ତ୍ର ଘୋଡାଇ ଅନ୍ତିମ ସଂସ୍କାର ପାଇଁ ଗାଁକୁ ନେଇ ଶେଷ ବିଦାୟ ଦେଲୁ । ଚାରି ପୁଅ ମାଆକୁ କାନ୍ଧେଇ ବନ୍ଧୁ ପରିଜନଙ୍କ ଗହଣରେ ଶ୍ମଶାନକୁ ନେଇଗଲୁଁ । ଏହି ଶ୍ମଶାନରେ ମୋର ଆଈ, ଅଜାଙ୍କ ମଧ୍ୟ ଦାହ କରାଯାଇଥିଲା । ଗ୍ରାମ୍ୟ ଶ୍ମଶାନରେ ପାରମ୍ପରିକ ରୀତିରେ ସଂସ୍କାର କାର୍ଯ୍ୟ ସଂପନ୍ନ କରାଗଲା। ମୋର ମଧ୍ୟମ ଭ୍ରାତା ଗଗନବିହାରୀ ସୁଦ୍ଧିକ୍ରିୟା କାର୍ଯ୍ୟ ସଂପନ୍ନ କରିଥିଲା । ଶରୀର ଅଗ୍ନିରେ ସମର୍ପିତ ହେବାପରେ ଆମେ ପୋଖରୀରେ ବୁଡ ଦେଇ ଘରକୁ ଫେରି ଆସିଲୁ । ମାତୃ ବିୟୋଗ ମୋ' ମନରେ ନିଃସଙ୍ଗ ବୋଧ ସୃଷ୍ଟି କଲା । ତଥାପି ଜନ୍ମ ମୃତ୍ୟୁର ସଂଘର୍ଷମୟ ଜୀବନକାଳ ମଧ୍ୟରେ ଗତିକରି ମଧ୍ୟ ମଣିଷ ବଞ୍ଚିଛି ।

ଦୟାନିଧି ନାଏକଙ୍କ ବ୍ୟକ୍ତିତ୍ୱ :

ପୂର୍ତ୍ତମନ୍ତ୍ରୀଙ୍କ ସହ ଆଇ.ବି.ରେ ବସି ଅନେକ ଆଲୋଚନା ହେଲା । ତାଙ୍କୁ କହିଲି, ମୋର ପିଲାଦିନେ ମୋ' ଅଜାଙ୍କ ସହିତ ଆମେ ମହିଚଲା ଗ୍ରାମରୁ ଚକୁଳି ଗ୍ରାମଦେଇ ଅମ୍ବାଦୋଲା ଗ୍ରାମକୁ ଯାଉଥିଲୁ । ଚକୁଳି ଗ୍ରାମ ପାଖରେ ଗୋଟିଏ ଯୋର ପାରିହୋଇ ଅମ୍ବାଦୋଲା ଗ୍ରାମକୁ ଯିବାକୁ ପଡୁଥିଲା । ବର୍ଷା ଦିନରେ ଯିବା ସମ୍ଭବ ନ ଥିଲା। ପାଖଆଖ ଗାଁର ବିଶେଷତଃ କଛିମଡୋଲା, ହାବସପୁର, ଅନ୍ତର୍ଲା ଗ୍ରାମର ହଜାର ହଜାର ଲୋକ ଏହି ରାସ୍ତା ଦେଇ ଯିବାଆସିବା କରୁଛନ୍ତି । ତେଣୁ ତୁରନ୍ତ ଏଠାରେ ଏକ ପୋଲ ନିର୍ମାଣ ହେବା ଆବଶ୍ୟକ । କଲମପୁର ବ୍ଲକର ପଣ୍ଡିଗାଁ ପାଖର ପୋଲ ଏବଂ ଜୟପାଟଣା ବ୍ଲକର ବାନେର ଗ୍ରାମର ପାଖ ପୋଲ କାର୍ଯ୍ୟ ମଧ୍ୟ ତୁରନ୍ତ ଆରମ୍ଭ ହେବା ଉଚିତ ।

ମୋ'ଠୁ ଏତକ ଶୁଣିବା ପରେ ମାନ୍ୟବର ମନ୍ତ୍ରୀ, ବିଭାଗୀୟ ଅଫିସରମାନଙ୍କୁ ତୁରନ୍ତ ସ୍ଥାନ ପରିଦର୍ଶନ କରି ପ୍ଲାନ ଏଷ୍ଟିମେଟ କରିବା ପାଇଁ ନିର୍ଦ୍ଦେଶ ଦେଲେ ଏବଂ

Source: Author, Digitized by PPRACHIN, SOA

ତାଗିଦ କଲେ ଯେ, ସେ ଭୁବନେଶ୍ୱରରେ ପହଞ୍ଚିବା ପରେ ଯେମିତି ଆବଶ୍ୟକୀୟ ଟଙ୍କା ମଞ୍ଜୁର କରାଯାଇ ତୁରନ୍ତ କାର୍ଯ୍ୟ ଆରମ୍ଭ ହେବ ।

ମୋ' ପାଖରେ ଜୁନାଗଡ ବିଧାୟକ ମହେଶ୍ୱର ବରାଡ ମଧ୍ୟ ଉପସ୍ଥିତ ଥାନ୍ତି । ଏହିଭଳି ଭାବରେ ପୂର୍ତ୍ତମନ୍ତ୍ରୀ ଦୟାନିଧିବାବୁଙ୍କ ଜରିଆରେ କଳାହାଣ୍ଡିର ଅନେକ ଉନ୍ନୟନ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇଥିଲା । ଅନ୍ୟମାନଙ୍କ ପ୍ରରୋଚନାରେ ଦୟାନିଧିବାବୁଙ୍କଠୁ ପୂର୍ତ୍ତମନ୍ତ୍ରୀ ଦାୟିତ୍ୱ କାଢି ନେଇ, ତାଙ୍କୁ ଅବକାରୀ ମନ୍ତ୍ରୀ ଦାୟିତ୍ୱ ଦେବା ଯୋଗୁଁ ମୁଁ ଦୁଃଖ ପ୍ରକାଶ କରି ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ କହିଲି । ''ଅନୁନ୍ନତ କଳାହାଣ୍ଡି ଜିଲ୍ଲାର ରାସ୍ତା ଘାଟ ଉନ୍ନତି ପାଇଁ ଦୟାନିଧିବାବୁଙ୍କ ଜରିଆରେ ଆମେ ଅନେକ କାର୍ଯ୍ୟ କରି ପାରୁଥିଲୁ, ସେଥିରୁ ଆମକୁ ବଞ୍ଚିତ କରାଗଲା । ଜିଲ୍ଲାର ପ୍ରଗତିରେ ଏହା ଅନ୍ତରାୟ ହେଲା''।

କଂଗ୍ରେସର ଲଜ୍ଜା :

ଦୟାନିଧିବାବୁଙ୍କୁ ପୂର୍ତ୍ତମନ୍ତ୍ରୀ ପଦରୁ କାଢି ତାଙ୍କୁ ଅବକାରୀମନ୍ତ୍ରୀ ପଦ ଦେବା ପରେ, ମୁଁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ କହିଲି, ''ଦିନ ଆସିବ ଯାହାଙ୍କୁ ଆପଣ ପୂର୍ତ୍ତମନ୍ତ୍ରୀ ଦାୟିତ୍ୱ ଦେଇଛନ୍ତି, ସେ ହିଁ ଆପଣଙ୍କ ପ୍ରଗତିରେ ଅନ୍ତରାୟ ସୃଷ୍ଟି କରିବେ'' । ପୂର୍ତ୍ତମନ୍ତ୍ରୀ ଦାୟିତ୍ୱ ମାନ୍ୟବର ବସନ୍ତ କୁମାର ବିଶ୍ୱାଳଙ୍କୁ ଅର୍ପଣ କରାଯାଇଥିଲା । ଦିନକୁ ଦିନ ଓଡିଶା ରାଜନୀତିରେ ବସନ୍ତବାବୁଙ୍କ ଗୁରୁତ୍ୱ ବୃଦ୍ଧି ପାଇ ଚାଲିଥାଏ । ଏପରିକି ବରିଷ୍ଠ ନେତାମାନେ ମଧ୍ୟ ତାଙ୍କଠାରୁ ଅନିଶ୍ଚିତ ଆଶଙ୍କା କରୁଥିଲେ । ସେ ସୁପର ଚିଫ୍‌ମିନିଷ୍ଟର ଭାବେ କାର୍ଯ୍ୟ କରୁଥିଲେ । ଜାନକୀବାବୁଙ୍କ ମନରେ ତାହା ତିକ୍ତ ମନୋଭାବ ସୃଷ୍ଟି କଲା । ବନ୍ଧୁତା ପରିବର୍ତ୍ତେ ସନ୍ଦେହ ଓ ଅବିଶ୍ୱାସ ଭାବ ଖେଳିଗଲା

ଯେଉଁ ଦିନ ବସନ୍ତବାବୁଙ୍କ ଗୋଷ୍ଠୀ ଏବଂ ଜାନକୀବାବୁଙ୍କ ସହଯୋଗୀ ମଧ୍ୟରେ ପ୍ରଦେଶ କଂଗ୍ରେସ୍ ଅଫିସ ଗୃହରେ ସଂଘର୍ଷ ହେଲା ଏବଂ ସେମାନେ ରାଜ ରାସ୍ତାକୁ ଚାଲି ଆସିଲେ, ସେଦିନ କଂଗ୍ରସ ଦଳର ମୁଣ୍ଡ ତଳକୁ ହୋଇଗଲା ।

ମୁଁ ପ୍ରଦେଶ କଂଗ୍ରେସ ଅଫିସ ଗୃହରେ ମୋର ବନ୍ଧୁମାନଙ୍କ ସହ ତିକ୍ତତାକୁ ଏଡାଇବା ପାଇଁ ଉଦ୍ୟମ କରି ବିଫଳ ହୋଇଥିଲି । ତାହା କଂଗ୍ରେସ ଦଳର ଭବିଷ୍ୟତ ପାଇଁ କ୍ଷତି କାରକ ହେଲା ।

ଦୁଃଖ ଏବଂ ବିଷାଦରେ କଂଗ୍ରେସ ଅଫିସ ଗୃହରେ ଆମେ ବସି ରହିଥାଉ । ଜାନକୀବାବୁ ସେଦିନ ମୋର କହିଥିବା କଥା ମନେ ପକାଇଲେ । ଯାହା ଆଜି ସତ୍ୟରେ ପରିଣତ ହୋଇଛି ।

Source: Author, Digitized by PPRACHIN, SOA

ଆଜିଠୁ ତୁମର କାଳ ପୂରିଲା :

ଜଗନ୍ନାଥ ପଟ୍ଟନାୟକ କଂଗ୍ରସ ଦଳର ବିଭାଜନ ସମୟରେ ଆମ ସହିତ ନ ରହି ସଂଗଠନ କଂଗ୍ରେସ ଦଳରେ ରହିଲେ । ତେଣୁ ସେ ଏକୁଟିଆ ହୋଇ ଯାଇଥାନ୍ତି । ସେ ମଧ୍ୟ ବୁଝି ଗଲେଣି ଯେ, ଦିନକୁ ଦିନ ଜିଲ୍ଲାରେ ଇନ୍ଦିରା କଂଗ୍ରେସର ପ୍ରଭାବ ବୃଦ୍ଧି ପାଇବାରେ ଲାଗିଛି । ତେଣୁ ଇନ୍ଦିରା କଂଗ୍ରେସକୁ ଫେରି ଆସିବା ପାଇଁ ତାଙ୍କ ସାଥୀମାନଙ୍କ ଜରିଆରେ ତାଙ୍କ ମନକଥା ପ୍ରକାଶ କଲେ ।

ଏଣେ ଜିଲ୍ଲାର କଂଗ୍ରେସ ନେତୃବୃନ୍ଦ ମଧ୍ୟ ମୋ' ଉପରେ ଚାପ ପକାଇଲେ, ତାଙ୍କୁ ପୁଣି ଇନ୍ଦିରା କଂଗ୍ରେସ ଦଳକୁ ନେଇ ଆସିବା ପାଇଁ । ଜଗନ୍ନାଥବାବୁ ମଧ୍ୟ ତାଙ୍କ ମନକଥା ମୋତେ କହିଲେ । ଦିଲ୍ଲୀରେ ଜାନକୀବାବୁଙ୍କୁ ଜଗନ୍ନାଥବାବୁଙ୍କୁ ଆମ ଦଳ ଭିତରକୁ ନେଇ ଆସିବା ପାଇଁ କହିଲି । ମୋ'ଠୁ ଏତକ ଶୁଣି ଜାନକୀବାବୁ ରାଗି ଯାଇ ମୋତେ ପ୍ରଶ୍ନ କଲେ, ''ଗତ ଲୋକସଭା ନିର୍ବାଚନରେ ସେ ତୁମକୁ ସହଯୋଗ କରିଥିଲେ କି''?

ମୁଁ କହିଲି, ''ନା ସେ ସହଯୋଗ କରି ନ ଥିଲେ'' ।

''ତେବେ ତାଙ୍କ ପାଇଁ ତୁମର ଏତେ ଦରଦ କାହିଁକି ? ସେ ଆସିଲେ ଦଳ ଭିତରେ ବିଭ୍ରାଟ ସୃଷ୍ଟି ହେବ'' । ରୋକ୍‌ଠୋକ୍ ମନା କରି ଦେଲେ ।

ଏହିଭଳି କିଛି ମାସ ଅତିକ୍ରାନ୍ତ ହୋଇଗଲା । ମାତ୍ର, ଜିଲ୍ଲାର କିଛି ନେତା ମୋ' ଉପରେ ଚାପ ପକାଇ ଚାଲିଥାନ୍ତି । ଅନ୍ୟପଟେ ରାଜ୍ୟ ସ୍ତରୀୟ ନେତୃମଣ୍ଡଳୀ ତାଙ୍କୁ ଦଳ ଭିତରକୁ ଆଣିବା ପାଇଁ ବିରୋଧ କରୁଥାନ୍ତି ।

ଏମିତି କିଛି ଦିନ ବିତିଗଲା ପରେ ମୁଁ ପୁଣିଥରେ ଜାନକୀବାବୁଙ୍କୁ ଦିଲ୍ଲୀରେ ପାର୍ଲିଆମେଣ୍ଟର ସେଣ୍ଟ୍ରାଲ ହଲରେ ଜଗନ୍ନାଥବାବୁଙ୍କ କଥା କହିଲି ।

ମୋ' କଥା ଶୁଣି ଜାନକୀବାବୁଙ୍କ ମୁହଁ ଗମ୍ଭୀର ହୋଇଗଲା । ମୋତେ ଚାହିଁ କହିଲେ, ''ତୁମେ ବାର ବାର ତାଙ୍କୁ ନେଇ ଆସିବା ପାଇଁ କହୁଛ । ଠିକ୍ ଅଛି, ତୁମ କଥା ରଖି ଅଣାଯିବ । ମାତ୍ର, ମନେରଖ ଆଜିଠୁଁ ତୁମର କାଳ ପୂରିଲା'' ।

ରାଗରେ ତାଙ୍କ ମୁହଁ ଲାଲ ପଡିଗଲା । ମୁହଁ ଗମ୍ଭୀର ହୋଇଗଲା । ମୁଁ ତାଙ୍କର ଏହି ମନୋଭାବ ଦେଖି ସ୍ପଷ୍ଟ ବୁଝି ପାରିଲି ମୋ' କଥାରେ ସେ ତୀବ୍ର ଅସନ୍ତୁଷ୍ଟ ।

ମୁଁ ନମ୍ରତାର ସହ କହିଲି, ''ମୋର ବ୍ୟକ୍ତିଗତ କ୍ଷତି ହୋଇ ଦଳର ମଙ୍ଗଳ ହେଲେ ମୋର ଦୁଃଖ ନାହିଁ'' ।

ଏତକ ମୋ' ଠୁ ଶୁଣି ଜାନକୀବାବୁ ଅସନ୍ତୋଷର ଭାବନା ନେଇ ସେଠୁ ଉଠି ଚାଲିଗଲେ । ଆମ ଦୀର୍ଘ ଦିନର ଘନିଷ୍ଠତା ଭିତରେ ବିରାଟ ଫାଟ ସୃଷ୍ଟିହେଲା ।

Source: Author, Digitized by PPRACHIN, SOA

ଇନ୍ଦିରା ଗାନ୍ଧୀଙ୍କ ଶେଷ ଭାଷଣ ଓ ଦେହାନ୍ତ :

ଇନ୍ଦିରା ଗାନ୍ଧୀ ଓଡିଶା ଗସ୍ତରେ ଆସି ବିଭିନ୍ନ ସଭାରେ ଭାଷଣ ଦେଇ ଶେଷ ଅଭିଭାଷଣ ଭୁବନେଶ୍ୱର ମଏଦାନରେ ପ୍ରଦାନ କରିଥିଲେ । ସେଠାରେ ଲକ୍ଷାଧିକ ଲୋକଙ୍କ ସମାଗମ ହୋଇଥିଲା । ତାଙ୍କ ଅଭିଭାଷଣରେ କହିଲେ, ‘‘ମୋର ପ୍ରତ୍ୟେକଟି ରକ୍ତ ବିନ୍ଦୁ ଏଦେଶ ମାଟିରେ ମିଶି ଦେଶର ସମୃଦ୍ଧି କରିବ । ମା’ ମାଟିର ଗୌରବ ବୃଦ୍ଧି ପାଇଁ ମୁଁ ମୋର ଶେଷ ରକ୍ତବିନ୍ଦୁ ଥିବା ପର୍ଯ୍ୟନ୍ତ କାର୍ଯ୍ୟକରି ଚାଲିଥିବି । ଜାତୀୟ ସଂହତି ବଜାୟ ରଖି ଦେଶକୁ ଶକ୍ତିଶାଳୀ କରିବ’’ ।

ତାଙ୍କର ଏହିଭଳି ଭାବପୂର୍ଣ୍ଣ ହୃଦୟ ସ୍ପର୍ଶୀ ଭାଷଣ ଶୁଣି ମୋର ରୋମମୂଳ ଟାଙ୍କୁରି ଉଠିଲା । ମୁଁ କିଛି କ୍ଷଣ ଭାବବିହ୍ୱଳ ହୋଇ ପଡିଲି । ତାଙ୍କର ଅନେକ ଭାଷଣ ଶୁଣିଛି । ସେହି ଭାଷଣ, ମନରେ ନବଜାଗରଣ ସୃଷ୍ଟି କରିଥାଏ । ମଣିଷକୁ କର୍ମ ତତ୍‌ପର ହେବା ପାଇଁ ପ୍ରେରଣା ଯୋଗାଇଥାଏ ।

ଆଗକୁ ବଢିବା ପାଇଁ ନୂତନ ଦମ୍ଭ ଓ ଉତ୍ସାହ ସୃଷ୍ଟି କରିଥାଏ । ମାତ୍ର ଆଜି ସେ ଯେଉଁ ଭାଷଣ ଦେଲେ, ଆଗରୁ ଦେଇଥିବା ଭାଷଣଠୁ ବହୁ ଭାବରେ ଭିନ୍ନ । ଆଜିର ଭାଷଣ ଶୁଣି ମୋ’ ମନରେ ଶିହରଣ ଖେଳିଗଲା ।

ଇନ୍ଦିରାଗାନ୍ଧୀ ଭାବବିହ୍ୱଳ ହୋଇ ଦୃଢ କଣ୍ଠରେ ତାଙ୍କ ଭାଷଣ ସମାପ୍ତ କଲେ । ଲୋକେ ମଧ୍ୟ ବିଭୋର ହୋଇ ଇନ୍ଦିରା ଗାନ୍ଧୀଙ୍କର ଜୟଗାନ କଲେ । ସନ୍ଧ୍ୟା ୬ଟା ବେଳକୁ ସ୍ପେଶାଲ୍ ପ୍ଲେନ୍‌ରେ ସେ ଦିଲ୍ଲୀ ଫେରିଯିବେ । ଏରୋଡ୍ରମ୍‌ରେ ରାଜ୍ୟ ମନ୍ତ୍ରିମଣ୍ଡଳର ସଦସ୍ୟବୃନ୍ଦ ଫୁଲତୋଡା ଦେଇ ବିଦାୟ ସମ୍ବର୍ଦ୍ଧନା ଜଣାଉଥାନ୍ତି । ମୁଁ ମଧ୍ୟ ପାଖରେ ଛିଡା ହୋଇଥାଏ । ଦୁଇ ହାତ ଯୋଡି ନମସ୍କାର ଜଣାଇଲି । ସେ ପ୍ଲେନ ଉପରକୁ ଚଢିବା ପାଇଁ ଛିଡା ହେଲେ । ଲୋକସଭା ସଦସ୍ୟମାନେ ଆଗରୁ ପ୍ଲେନରେ ଚଢି ଯାଇଥିଲେ । ମୁଁ ତଳେ ରହି ଯାଇଥାଏ । ମୋତେ ଦେଖି ପ୍ରଶ୍ନକଲେ ‘‘ବେହେରାଜି ଆପ୍ ଜାଏଙ୍ଗେ ନେହିଁ’’ ? ନମ୍ରତାର ସହ ମୁଁ କହିଲି, ‘‘ମୋର କିଛି କାମ କଳାହାଣ୍ଡିରେ ରହି ଯାଇଛି, କାମ ସାରି ଦିଲ୍ଲୀ ଯିବି’’ ।

‘‘ଠିକ୍ ହୈ ଜଲ୍‌ଦି ଚଲିଆନା’’ । ଏତକ କହି ସମସ୍ତଙ୍କୁ ହାତ ହଲାଇ ବିଦାୟ ନେଲେ ।

ଆମେ ସମସ୍ତେ ତଳେ ଛିଡା ହୋଇ ହାତ ହଲାଇ ବିଦାୟ ଦେଲୁ । ପ୍ଲେନର ଗେଟ୍ ପଡିଗଲା । ଆଗରୁ ମୁଁ କେ.ପି. ସିଂହଦେଓଙ୍କୁ କହିଥିଲି, ‘‘ମୁଁ ଯାଇ ପାରିବି ନାହିଁ, ଆପଣ ପ୍ଲେନ୍‌ରେ ଇନ୍ଦିରା ଗାନ୍ଧୀଙ୍କୁ ପଚାରିବେ, ସେ ଏଭଳି ଭାବ ପ୍ରବଣ

Source: Author, Digitized by PPRACHIN, SOA

ଭାଷଣ କାହିଁ କି ଦେଲେ ? ଆପଣଙ୍କ ଭାଷଣ ସଭିଙ୍କ ପାଇଁ ନୂଆ ମନେ ହେଲା'' ।

ସତକୁ ସତ ପ୍ଳେନରେ କେ. ପି. ସିଂହଦେଓ ପ୍ରଶ୍ନ କରିଥିଲେ ଏବଂ କହିଥିଲେ ''ବେହେରାଜି ମୁଝେ ପୁଛନେ କେ ଲିଏ ବୋଲେ ଥେ'' ।

ଇନ୍ଦିରା ଗାନ୍ଧୀ ତାଙ୍କ ମୁହକୁ ଚାହିଁ କେବଳ ହସି ଦେଲେ ସିନା କିଛି କହିଲେ ନାହିଁ ।

ଏରୋଡ୍ରାମରେ ମୁଖ୍ୟମନ୍ତ୍ରୀ ଏବଂ ଅନ୍ୟ ବନ୍ଧୁମାନଙ୍କ ସହ କଥାବାର୍ତ୍ତା କରି ମୁଁ ଭବାନୀପାଟଣା ଫେରି ଆସିଲି ।

ରାତ୍ର ତମାମ ଗାଡିରେ ବସି ଭବାନୀପାଟଣା ପହଞ୍ଚି ଫ୍ରେସ୍ ହୋଇ ମୁଁ ମୋର ବାହାର କୋଠରୀରେ ବସି ବନ୍ଧୁମାନଙ୍କ ସହ ଆଲୋଚନାରେ ବ୍ୟସ୍ତ ଥାଏ । ଠିକ୍ ଏତିକି ବେଳେ ଡକ୍ଟର ମଳୟ ବେହେରା ତର ତର ହୋଇ ଆସି ମୋତେ ଶଙ୍କାକୁଳ ମନରେ କହିଲେ, ''ଇନ୍ଦିରା ଗାନ୍ଧୀଙ୍କୁ ଗୁଳି କରି ଦିଆ ଯାଇଛି'' । ମୁଁ ମୋର ବସିବା ସ୍ଥାନରୁ ଉଠିପଡି ଚିତ୍କାର କଲି, ''କଣ ତୁମେ କହୁଛ ? ଗତ ସନ୍ଧ୍ୟାରେ ମୁଁ ତାଙ୍କୁ ଉଡାଜାହାଜ ପଡିଆରେ ବିଦାୟ ଦେଇ ଆସି ପହଞ୍ଚିଛି । ତୁମେ କହୁଛ, ତାଙ୍କୁ ଗୁଳି ମାରିଦେଲେ । କେଉଁଠୁ ଶୁଣିଲ''?

ମୋର ଏଭଳି ପ୍ରଶ୍ନ ଶୁଣି ସେ ଶଙ୍କି ଯାଇ କହିଲେ, ''ରେଡିଓରୁ, ଠିକ୍ ମୃତ୍ୟୁ ବିଷୟର କିଛି କହି ନାହିଁ । ମାତ୍ର, ଗୁଳି ଫୁଟିବା କଥା କହିଛି'' । ଡକ୍ଟର ମଳୟ ହେଉଛନ୍ତି, ପ୍ରଖ୍ୟାତ ଇଞ୍ଜିନିଅର ଓ ସୁସାହିତ୍ୟିକ ସାରଳା ପୁରସ୍କାର ପ୍ରାପ୍ତ ଲେଖକ ପ୍ରଫେସର, ଭୁବନେଶ୍ୱର ବେହେରାଙ୍କ ପୁତ୍ର । ସେ ମୋ ପଡୋଶୀ । ସମୟ ପ୍ରାୟ ଦିନ ୧୦ଟା ପାଖାପାଖି । ଚଞ୍ଚଳ ଘର ଭିତରକୁ ଯାଇ ରେଡିଓ ଆଣି ବଜାଇଲି । ମାତ୍ର, କୌଣସି ସମ୍ବାଦ ନାହିଁ । ରେଡିଓରେ କେବଳ ବିଷାଦର ଟ୍ୟୁନିଙ୍ଗ ବାଜୁଛି । ମନରେ ମୋର ଆଶଙ୍କା ଜାତ ହେଲା, ପ୍ରକୃତରେ ସତ୍ୟ କଣ ଜାଣିବା ପାଇଁ । ସେତେବେଳେ ଟି.ଭି. ଆମ ପାଖକୁ ଆସି ପହଞ୍ଚି ନ ଥାଏ । ତେଣୁ ରେଡିଓ ଭରସା ନ ହେଲେ ଫୋନ୍ ଭରସା । ତାହା ମଧ୍ୟ ଏତେ ସହଜ ନୁହେଁ ।

ବହୁବିଳମ୍ବରେ ରେଡିଓରୁ ପ୍ରକୃତ ଘଟଣା ସ୍ପଷ୍ଟ ହେଲା । ଦୁଃଖରେ ମୋ' ମନ ଭରିଗଲା । ଆଖିରୁ ଲୁହ ଧାର ଧାର ଗଡି ଆସିଲା । କୋହଭରା ହୃଦୟରେ ସଭିଙ୍କି ଥରେ ଅନାଇ ନେଲି । ଭୁବନେଶ୍ୱରରୁ ପ୍ଳେନ୍‌ରେ ତାଙ୍କ ସହିତ ଯାଇ ପାରି ନ ଥିବା ଯୋଗୁଁ ମୋ' ମନରେ ଆହୁରି ଦୁଃଖ ବଢିଗଲା । ତାହା ଯେ ଆମ ପାଇଁ ତାଙ୍କର ଏହା ଶେଷ ଯାତ୍ରା, ଏ କଥା ଆମେ ଜାଣି ପାରି ନ ଥିଲୁ । ମାତ୍ର ତାଙ୍କ ଭାଷଣ ଶୁଣିବା ପରଠୁ ମନରେ ଆଶଙ୍କା ଭରି ରହିଥାଏ ।

Source: Author, Digitized by PPRACHIN, SOA

ଇନ୍ଦିରା ଗାନ୍ଧୀ ଭଲ ରୁପେ ଜାଣି ଯାଇଥିଲେ, ଯେଉଁ ଦିନ ସ୍ୱର୍ଣ୍ଣମନ୍ଦିର ଅପରେସନ ପାଇଁ ନିର୍ଦ୍ଦେଶ ଦେଲେ, ସେହି ଦିନରୁ ହିଁ ତାଙ୍କୁ କାଳ ଘେରି ଯାଇଛି । ତେଣୁ ତାଙ୍କ ଭୁବନେଶ୍ୱରରେ ଭାଷଣ ଥିଲା ଭାବପୂର୍ଣ୍ଣ ଅନ୍ତିମ ଭାଷଣ । ତୁରନ୍ତ ମୁଁ ଦିଲ୍ଲୀ ଚାଲି ଗଲି । ଯିବା ପୂର୍ବରୁ ଭବାନୀପାଟଣା ଗାନ୍ଧିଚୌକ୍‌ରେ ସର୍ବଧର୍ମ ଶୋକସଭା ଅନୁଷ୍ଠିତ ହୋଇଥିଲା । ସହରର ହଜାର ହଜାର ଜନତା ସମବେତ ହୋଇ ଗଭୀର ଶୋକ ପ୍ରକାଶ କରିଥିଲେ ।

ସମଗ୍ର ଦେଶରେ ଶୋକର ଛାୟା ଖେଳି ଯାଇଥାଏ । ଦେଶର ଚତୁର୍ଦ୍ଦିଗରେ ଧର୍ମଘଟ, ଆନ୍ଦୋଳନ ବ୍ୟାପୀ ଯାଇଥାଏ । ଅନେକ ଟ୍ରେନ୍ ବାତିଲ ହୋଇ ଯାଇଥାଏ । ବିଭିନ୍ନ ଟ୍ରେନ୍ ବଦଳାଇ ବିଳମ୍ବରେ ଦିଲ୍ଲୀରେ ପହଞ୍ଚିଲି । ଦିଲ୍ଲୀର ଅବସ୍ଥା ସାଂଘାତିକ । ଦଙ୍ଗାକୁ ରୋକିବା ପାଇଁ ପୁଲିସ ପଏଁତରା ମାରୁଥାନ୍ତି । ସମଗ୍ର ଦେଶରେ ଏକ ଅଶାନ୍ତ ବାତାବରଣ ଖେଳି ଯାଇଥାଏ ।

ରାଜୀବ ଗାନ୍ଧୀ ନିଜେ ବିଭିନ୍ନ ଦଙ୍ଗାଗ୍ରସ୍ତ ଅଞ୍ଚଳକୁ ଯାଇ ଲୋକଙ୍କୁ ଶାନ୍ତ ରହିବା ପାଇଁ ବୁଝାଉଥାନ୍ତି । ଧୈର୍ଯ୍ୟର ସହ ଲୋକଙ୍କ ସାମନା କରୁଥାନ୍ତି । କିଛି ଦିନ ପରେ ଦିଲ୍ଲୀ ଶାନ୍ତ ପଡ଼ିଲା ।

ଇନ୍ଦିରା ବିହୀନ ଦିଲ୍ଲୀ ମୋତେ ଖାଁ ଖାଁ ଭଳି ଲାଗିଲା । ତାଙ୍କ ସାନ୍ନିଧ୍ୟରେ ଘଟିଥିବା ଅତୀତର ବହୁ ଘଟଣା ମୋର ମାନସ ପଟରେ ଝଲସି ଉଠିଲା । ଆଖିପତା ମୋର ଓଦା ହୋଇ ଆସିଲା । ଇନ୍ଦିରା ଗାନ୍ଧୀ ଇମର୍ଜେନ୍‌ସି ଲଗାଇ ମସ୍ତ ବଡ଼ ଭୁଲ କରିଥିଲେ । ସେଥିପାଇଁ ଜନସାଧାରଣଙ୍କଦ୍ୱାରା ଗାଦିଚ୍ୟୁତ ହୋଇଥିଲେ । ମାତ୍ର, ଅଳ୍ପ କିଛି ବର୍ଷର ବ୍ୟବଧାନରେ ପରିଶ୍ରମ, ଧୈର୍ଯ୍ୟ ଏବଂ ଦୃଢ଼ ମନୋବଳରେ ପୁଣି ଥରେ ଲୋକଙ୍କ ହୃଦୟ ଜୟ କରି ଦେଶର ପ୍ରଧାନମନ୍ତ୍ରୀ ହୋଇ ପାରିଥିଲେ । ଭାରତକୁ ଏକ ଶକ୍ତିଶାଳୀ ସ୍ୱାବଲମ୍ବୀ ରାଷ୍ଟ୍ର ରୂପେ ଗଢ଼ି ତୋଳିବା ପାଇଁ ପ୍ରଗାଢ଼ ଉଦ୍ୟମ କରିଥିଲେ ।

ଇନ୍ଦିରା ଗାନ୍ଧୀଙ୍କ ହତ୍ୟା ସମଗ୍ର ବିଶ୍ୱକୁ ସ୍ତବ୍ଧ କରି ଦେଇଥିଲା । ତାଙ୍କ ଜୀବନ କାଳରେ ଯେଉଁମାନେ ତାଙ୍କର କଟୁ ସମାଲୋଚନା କରୁଥିଲେ ସେମାନେ ମଧ୍ୟ ତାଙ୍କୁ ଶ୍ରଦ୍ଧା ଅର୍ପଣ କରିବାରେ ପଶ୍ଚାତ୍‌ପଦ ହୋଇ ନ ଥିଲେ । ବିଶ୍ୱର ବହୁ ରାଷ୍ଟ୍ରନେତା ତାଙ୍କୁ ଶେଷ ସମ୍ମାନ ଜଣାଇବା ପାଇଁ ଦିଲ୍ଲୀରେ ସମବେତ ହୋଇ ଶେଷ ବିଦାୟ ଜଣାଇଥିଲେ । ଦିଲ୍ଲୀ ନଗରୀରେ ଦେଶର ବିଭିନ୍ନ ପ୍ରାନ୍ତରରୁ ଲକ୍ଷ ଲକ୍ଷ ଜନତା ସମବେତ ହୋଇ ଇନ୍ଦିରା ଗାନ୍ଧୀଙ୍କୁ କୋହଭରା ହୃଦୟରେ ବିଦାୟ ଦେଇଥିଲେ ।

ନିଶ୍ଚିତ ରୂପେ ଇନ୍ଦିରା ଗାନ୍ଧୀ ଏକ ଅସାଧାରଣ ନେତୃତ୍ୱର ଅଧିକାରିଣୀ ଥିଲେ । ଏବେ ମଧ୍ୟ ଇନ୍ଦିରା ଗାନ୍ଧୀଙ୍କୁ ବିଶ୍ୱର କୋଟି କୋଟି ଜନତା ସ୍ମରଣ କରୁଛନ୍ତି ।

Source: Author, Digitized by PPRACHIN, SOA

ମୋର ଆଜିବି ମନେ ପଡୁଛି, ମୁଁ ଯେତେବେଳେ 'ୱାର୍ଲଡ ପାର୍ଲିଆମେଣ୍ଟ ପିସ୍ କନ୍‌ଫରେନ୍ସରେ' ଯୋଗ ଦେବା ପାଇଁ ଋଷିଆ, ବୁଲଗେରିଆ ଯାଇଥିଲି, ସେହି ସମୟରେ ଆମକୁ ସ୍ୱାଗତ କରିବା ପାଇଁ ଉପସ୍ଥିତ ଥିବା ଭଦ୍ରବ୍ୟକ୍ତି ଏବଂ ମହିଳାଗଣ ଆମେ ଭାରତୀୟ ଜାଣି, ସ୍ୱତଃପ୍ରବୃତ୍ତ ଭାବରେ ''ଇଣ୍ଡିଆ, ଇନ୍ଦିରା'' କହି ଆମକୁ ସ୍ୱାଗତ କରିବା ସଙ୍ଗେ ସଙ୍ଗେ ରାଜ କପୁର, ନର୍ଗିସ୍‌ଦ୍ୱାରା ଅଭିନୀତ 'ଆୱାରା' ସିନେମାର ଲୋକପ୍ରିୟ ଗୀତ ''ମେରା ଜୋତା ହୈ ଜାପାନୀ, ମେ ହୁଁ ହିନ୍ଦୁସ୍ତାନୀ ଆୱାରା ହୁଁ...''କୁ ଦୋହରାଇଂ ଥିଲେ । ଏହି ଗୀତକୁ ମିଳିଥିବା ବିଶ୍ୱବ୍ୟାପୀ ସ୍ୱୀକୃତିର ଆଭାସ ପାଇଁ ଆମେ ବିସ୍ମୟାଭିଭୂତ ହୋଇଯାଇଥିଲୁ । ଶଙ୍କର ଜୟ କିଶାନଙ୍କ ସଙ୍ଗୀତ ସଂଯୋଜନାରେ ନିର୍ମିତ ଏହି ଗୀତ ଭାରତ, ସୋଭିଏତ ଋଷ ଏବଂ ଚୀନ୍‌ରେ ବେଶ୍ ଲୋକପ୍ରିୟ ହୋଇପାରିଥିଲା ।

ଏହି ଗୀତ ଗାଇ ନାଚି ନାଚି ସେମାନେ ଆମକୁ ସ୍ୱାଗତ କରିଥିଲେ । ଋଷିଆରେ ଇନ୍ଦିରା ଗାନ୍ଧୀ ଯେପରି ଲୋକପ୍ରିୟ ଥିଲେ, ସିନେମା ଜଗତର ପ୍ରବାଦ ପୁରୁଷ ରାଜ କପୁର, ନର୍ଗିସ୍ ମଧ୍ୟ ଋଷିଆରେ ସେହିଭଳି ଲୋକପ୍ରିୟ ହୋଇ ପାରିଥିଲେ ।

ତେଣୁ ଇନ୍ଦିରା ଗାନ୍ଧୀଙ୍କ ଲୋକପ୍ରିୟତା ଥିଲା ବିଶ୍ୱବିଖ୍ୟାତ । ଆମ ଦେଶର ଅନେକ ଗରିବ ମହିଳା ଏବେ ମଧ୍ୟ ଇନ୍ଦିରା ଗାନ୍ଧୀଙ୍କୁ ଝୁରି ହେଉଛନ୍ତି । ଆଦିବାସୀମାନେ ତାଙ୍କୁ ନିଜର ଲୋକ ଭଳି ମନେ କରନ୍ତି । ସେ ମଧ୍ୟ ତାଙ୍କ ବିଭିନ୍ନ ସଭା ସମିତିରେ ଭାଷଣ ଛଳରେ କହିଛନ୍ତି, ''ମୁଁ ପୂର୍ବ ଜନ୍ମରେ ଆଦିବାସୀ ପରିବାରରେ ଜନ୍ମ ଗ୍ରହଣ କରିଥିବି । ତେଣୁ ଆଦିବାସୀମାନଙ୍କ ପ୍ରତି ମୋର ଆକର୍ଷଣ ଅତ୍ୟଧିକ'' । ତେଣୁ ବହୁବାର ସେ ଅବହେଳିତ ଆଦିବାସୀ ଅଞ୍ଚଳକୁ ଗସ୍ତ କରି ସେମାନଙ୍କ ଅର୍ଥନୈତିକ ବିକାଶ ପାଇଁ ବହୁ ଯୋଜନା କାର୍ଯ୍ୟକାରୀ କରିଥିଲେ ।

ଦରିଦ୍ର ଜନତା ପ୍ରତି ସହାନୁଭୂତିର ଏ ଏକ ନିଦର୍ଶନ । ତେଣୁ ସେ ଥିଲେ କୋଟି କୋଟି ଜନତାର ପ୍ରିୟ ନେତ୍ରୀ ଇନ୍ଦିରା ମା' । ଇନ୍ଦିରା ଗାନ୍ଧୀଙ୍କ ମୃତ୍ୟୁ ପରେ ରାଜୀବ ଗାନ୍ଧୀ ଦେଶର ପ୍ରଧାନମନ୍ତ୍ରୀ ହେଲେ ।

——

Source: Author, Digitized by PPRACHIN, SOA

ଚତୁର୍ଦ୍ଦଶ ପରିଚ୍ଛେଦ

ରାଜନୈତିକ ଷଡଯନ୍ତ୍ରର ଶିକାର ଓ ଅନନ୍ୟ ସଫଳତା

ଟିକଟ ପାଇଁ ଷଡଯନ୍ତ୍ରର ଶିକାର ହେଲି :

ସମଗ୍ର ଦେଶରେ ରାଜନୈତିକ ଉଷ୍ଣତା ବୃଦ୍ଧି ପାଇବାରେ ଲାଗିଲା । ଲୋକସଭା ନିର୍ବାଚନ ପାଇଁ ପ୍ରସ୍ତୁତି ଚାଲିଲା । ଲୋକସଭା ଟିକଟ ପାଇବା ପାଇଁ ନେତାମାନଙ୍କ ମଧ୍ୟରେ ଧାଁ ଦୌଡ ଆରମ୍ଭ ହୋଇଗଲା ।

ଲୋକସଭା ପ୍ରାର୍ଥୀ ପାଇଁ ମୁଁ ମୋର ଦରଖାସ୍ତ ପ୍ରଦାନ କଲି । ମୁଁ କଂଗ୍ରେସ ଟିକଟ ନ ପାଇବା ପାଇଁ ଭିତିରି ଉଦ୍ୟମ ମଧ୍ୟ ଆରମ୍ଭ ହୋଇଗଲା । ଯେଉଁମାନଙ୍କୁ ଏକଜୁଟ କରି ଦଳକୁ ସୁଦୃଢ କରିବା ପାଇଁ ଉଦ୍ୟମ କରିଥିଲି, ସେହିମାନେ ହିଁ ଶେଷକୁ ଏକାଠି ଦଳର ନେତାଙ୍କ ସହ ମିଳିତ ହୋଇ ମୋତେ କଂଗ୍ରେସ ଟିକଟ ଦେବାରୁ ବଞ୍ଚିତ କଲେ ।

ଟିକଟ ପାଇବା ପାଇଁ ଯେଉଁ ତତ୍ପରତା ପୂର୍ବକ ଦିଲ୍ଲୀ ଯାଇ ନେତାଙ୍କୁ ଭେଟି ପ୍ରଭାବିତ କରିବା, ଲବି କରିବା ପ୍ରଭୃତି କରିକର୍ମା ମାନଙ୍କର କାରସାଦି, ତାହା ମୁଁ କେବେ କରିନାହିଁ । ଦିଲ୍ଲୀ ଯାଇ ମୁଁ ମୋ' କଥା ହାଇକମାଣ୍ଡଙ୍କ ପାଖରେ ଉପସ୍ଥାପନ କରିଥିଲେ ନିଶ୍ଚିତ ଭାବରେ ଲୋକସଭା ଟିକଟ ପାଇ ପାରିଥାନ୍ତି । ମାତ୍ର, ଏଭଳି ଟିକଟ ଯୋଗାଡର ମୁଁ ପକ୍ଷପାତୀ ନୁହେଁ । ମୋର ବିବେକ ଏଭଳି କାର୍ଯ୍ୟକୁ ଅନୁମୋଦିତ କରୁ ନ ଥାଏ ।

ଆତତାୟୀଦ୍ୱାରା ଇନ୍ଦିରା ଗାନ୍ଧୀଙ୍କ ମୃତ୍ୟୁ ଫଳରେ ଜନ ସାଧାରଣଙ୍କ ସହାନୁଭୂତି କଂଗ୍ରେସ ଦଳ ପ୍ରତି ବୃଦ୍ଧି ପାଇଥାଏ । ଫଳରେ କଂଗ୍ରେସ ଦଳ ବିପୁଳ ଭୋଟରେ ଜୟଯୁକ୍ତ ହେଲା ଏବଂ ରାଜୀବ ଗାନ୍ଧୀ ପ୍ରଧାନମନ୍ତ୍ରୀ ହେଲେ ।

ଦଳ ଭିତରେ ଗୋଷ୍ଠୀ କନ୍ଦଳ ନ ରଖି ସଭିଙ୍କି ନେଇ ରାଜନୀତି କରିବାର ମୋର ଚିନ୍ତାଧାରା ଅମୂଳକ ହୋଇଗଲା । ନୀତି ଓ ଆଦର୍ଶ ଆଜିର ରାଜନୀତିରେ ମୂଲ୍ୟହୀନ । ସ୍ୱାର୍ଥ ହିଁ ସର୍ବସ୍ୱ । ତେଣୁ ଦିନକୁ ଦିନ ରାଜନୀତି କଳୁଷିତ ହେବାରେ ଲାଗିଛି । ଫଳରେ ସବୁଠୁ ଶ୍ରେଷ୍ଠ ନୀତି ରାଜନୀତି ଆଜି ପଙ୍କିଳ ହୋଇଯାଇଛି ।

Source: Author, Digitized by PPRACHIN, SOA

ଚତୁର୍ଦ୍ଦଶ ପରିଚ୍ଛେଦ

ରାଜନୀତିର ଗୁଣାତ୍ମକ ମାନ ଦିନକୁ ଦିନ ହ୍ରାସ ହେବା ଫଳରେ ସମାଜରେ ଭ୍ରଷ୍ଟାଚାର ବୃଦ୍ଧି ପାଇବାରେ ଲାଗିଛି । ଭ୍ରଷ୍ଟାଚାର ଆମର ନୈତିକ ଅଧୋପତନ ଘଟାଇଛି ।

ଲୋକସଭା ନିର୍ବାଚନ ପରେ ରାଜ୍ୟ ବିଧାନସଭା ନିର୍ବାଚନ ପାଇଁ ଦିନ ଘୋଷଣା ହୋଇଗଲା । ୧୯୮୫ ବିଧାନସଭା ନିର୍ବାଚନ ପାଇଁ ଦୁଇଟି ଆସନ ଜୁନାଗଡ ଏବଂ କୋକସରା ନିର୍ବାଚନ ମଣ୍ଡଳୀର ପ୍ରାର୍ଥୀ ହେବାପାଇଁ ଦରଖାସ୍ତ କଲି । ମାତ୍ର, ବିଧାନସଭା ପାଇଁ ମଧ୍ୟ ମୋତେ ଟିକଟ ମିଳିଲା ନାହିଁ ।

ମୋର ବନ୍ଧୁମାନଙ୍କ ମୁହଁ ଶୁଖି ଯାଇଥାଏ । କାହା ତୁଣ୍ଡରୁ ଭାଷା ସ୍ଫୁରୁ ନ ଥାଏ । ‘‘ଦଳର ଦୁର୍ଦ୍ଦିନ ସମୟରେ ଆପଣ ଯେଉଁଭଳି ଦଳକୁ ସଂଗଠିତ କରିବାରେ ଉତ୍ସର୍ଗୀକୃତ ସେବା ପ୍ରଦାନ କରିଥିଲେ ଏହା କଣ ତା’ର ପୁରସ୍କାର’’? ଜଣେ ବନ୍ଧୁ ତୀବ୍ର ଅସନ୍ତୋଷ ଭାବ ପ୍ରକାଶ କରି କହିଲେ ।

ମୁଁ ଦିଲ୍ଲୀ ଯାଇ ହାଇକମାଣ୍ଡଙ୍କ ପାଖରେ ସମସ୍ତ କଥା କହିବା ପାଇଁ ଅନେକ ବନ୍ଧୁ ମୋ’ ଉପରେ ଚାପ ପ୍ରୟୋଗ କଲେ । ମାତ୍ର, ମୁଁ ସେମାନଙ୍କ ମତ ଶୁଣି ଦିଲ୍ଲୀ ଯିବା ପାଇଁ ଆଗ୍ରହ ପ୍ରକାଶ କରୁ ନ ଥାଏ । ତେଣୁ ମୋର ହିତାକାଂକ୍ଷୀମାନେ ମୋ’ ଉପରେ ତୀବ୍ର ଅସନ୍ତୋଷ ଭାବ ପ୍ରକାଶ କରୁଥାନ୍ତି ।

ଏହିପରି ଗୋଟିଏ ପରେ ଗୋଟିଏ ଘଟଣା ମୋ’ ବିରୁଦ୍ଧରେ ଘଟି ଚାଲିଥାଏ । ପ୍ରତ୍ୟେକଟି ଘଟଣା ମୋ’ ପାଇଁ ଅଗ୍ନିପରୀକ୍ଷା ସଦୃଶ ମନେ ହେଉଥାଏ । ତଥାପି ମୁଁ ବିଚଳିତ ହୋଇ ନ ଥିଲି । ସାହସର ସହିତ ମୋତେ ପଥ ଅତିକ୍ରମ କରିବାକୁ ପଡିବ । ମନରେ ମୋର ଆତ୍ମବିଶ୍ୱାସ ଭରି ରହିଥାଏ ।

ଜୀବନ ସଂଗ୍ରାମରେ ତିଷ୍ଠି ରହିବାକୁ ହେଲେ, ମନକୁ ପ୍ରସନ୍ନ ରଖି କାର୍ଯ୍ୟ କଲେ ଅନେକ ମଙ୍ଗଳ ସାଧିତ ହୋଇଥାଏ । ସକାରାତ୍ମକ ଭାବନା ଭିତରେ ରହି କାର୍ଯ୍ୟ କଲେ ମଣିଷ ପାଖରେ ବିକଳ୍ପ ପନ୍ଥା ଅବଲମ୍ବନ ପାଇଁ ସୁଯୋଗ ସୃଷ୍ଟି ହୋଇଥାଏ । ଦୁଃଖ ସମୟରେ ବିଚଳିତ ନହୋଇ କାର୍ଯ୍ୟ କଲେ ସକାରାତ୍ମକ ଭାବନା ମଣିଷକୁ ବହୁ ଭାବରେ ସହାୟକ ହୋଇଥାଏ । ମୋ’ ମନରେ କେଜାଣି କାହିଁକି କା’ ପ୍ରତି ଅସନ୍ତୋଷ ଭାବନା ସୃଷ୍ଟି ହୋଇନଥାଏ । କିନ୍ତୁ, ମନରେ ବହୁ ପ୍ରଶ୍ନ ଉଙ୍କିମାରୁଥାଏ । ଜାନକୀବାବୁଙ୍କ ପାଖରେ ମୋର ସ୍ୱଷ୍ଟ ମତ ଦେଇ ଆସିଥିବା ଯୋଗୁଁ ସେ ତାକୁ ପରେ ପରେ କେଜାଣି କାହିଁକି ଆଉ ସହଜରେ ଗ୍ରହଣ କଲେ ନାହିଁ ।

ତେଣୁ ତାର ପ୍ରତିଫଳନ ମୋ’ ଉପରେ ଗୋଟି ଗୋଟି ହୋଇ ପଡିବାକୁ ଲାଗିଲା । ଉପଯୁକ୍ତ ବିଚାର ନ କରି ମୋତେ ଗୋଟିଏ ପରେ ଗୋଟିଏ ପ୍ରାର୍ଥିତ୍ୱରୁ ବଂଚିତ କରାଗଲା ।

Source: Author, Digitized by PPRACHIN, SOA

ଆମ ଶାସନ ବ୍ୟବସ୍ଥାର ସବୁଠୁ ବଡ ଦୁର୍ବଳତା ହେଉଛି, ଅଜ୍ଞ ଲୋକଙ୍କ ହାତରେ ପର୍ଯ୍ୟାପ୍ତ କ୍ଷମତା ପ୍ରଦାନ ! ଏହି ବ୍ୟବସ୍ଥାରେ ଫଳାଫଳ ଠିକ୍ ହୋଇନଥାଏ । ମୁଖ୍ୟମନ୍ତ୍ରୀ ଏବଂ ସଂଗଠନ ଭିନ୍ନ ଭିନ୍ନ ଭାବରେ କାର୍ଯ୍ୟ କରିବା ଉଚିତ୍ । ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ମର୍ଜି ଉପରେ ସବୁ ନିର୍ଭର କରୁଥାଏ । ଠିକ୍ ଲୋକଙ୍କୁ ଠିକ୍ ସ୍ଥାନରେ ରଖିବାରେ ସେମାନେ ଉପଯୁକ୍ତ ବିଚାର କରନ୍ତି ନାହିଁ ।

ଦଳ ପାଇଁ ନିଷ୍ଠାପର କର୍ମୀ, ଦିଗ୍‌ଦର୍ଶନ ଦେବା ଭଳି ବ୍ୟକ୍ତିର ମଧ୍ୟ ଆବଶ୍ୟକତା ରହିଛି । ମାତ୍ର, ଆମର ନେତାମାନେ ସଦାବେଳେ ସେମାନଙ୍କର ଚାଟୁକାରଗୋଷ୍ଠୀକୁ ପାଖରେ ରଖିବାପାଇଁ ଆଗ୍ରହୀ । ଫଳରେ ନେତାଙ୍କ ବିଚାରଧାରାରେ ପରିବର୍ତ୍ତନ ଘଟିଥାଏ । ତା' ଦ୍ୱାରା ନେତାଙ୍କର ମଧ୍ୟ କ୍ଷତି ହୋଇଥାଏ । ଦଳ ଭିତରେ ଶଠଲୋକଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଇଲେ ଜଣେ ସଚ୍ଚୋଟ ବ୍ୟକ୍ତି ଭବିତବ୍ୟର ଅନ୍ଧକାର ଆଡକୁ ଠେଲି ହୋଇଯାଏ । "ବୁଡିଗଲା ଲୋକ ତଳକୁ ତଳକୁ" ହେବାଭଳି ତାର ଦୁର୍ଦ୍ଦଶା ବଢ଼ିଚାଲେ ।

ନେତାଙ୍କ ପାଖରେ କ୍ଷମା ଦେବା ମନୋଭାବ ଥିବା ଆବଶ୍ୟକ । ସେମାନଙ୍କ ପାଖରେ ପ୍ରେମ, କରୁଣା ପ୍ରଭୃତି ସକାରାତ୍ମକ ଆବେଗ ଥିବା ଆବଶ୍ୟକ । ଜାନକୀବାବୁ ଜଣେ ବିଜ୍ଞବ୍ୟକ୍ତି । ଅଗାଧ ପାଣ୍ଡିତ୍ୟର ଅଧିକାରୀ ସେ । ସଂସ୍କୃତ ଭାଷାର ଜଣେ ଶ୍ରେଷ୍ଠ ପଣ୍ଡିତ । ତାଙ୍କ ନିର୍ବାଚନମଣ୍ଡଳୀର ଏକ ବିଜ୍ଞ ସଭାରେ ମୁଁ ତାଙ୍କ ସହିତ ଯୋଗଦେବାର ସୁଯୋଗ ପାଇଥିଲି । ସଂସ୍କୃତରେ ଅନର୍ଗଳ ତାଙ୍କ ଭାଷଣ ଶୁଣି ସଭାର ସମସ୍ତେ ଆଶ୍ଚର୍ଯ୍ୟ ହୋଇ ବିସ୍ମୟରେ ତାଙ୍କ ମୁହଁକୁ ଅନାଇ ଭାବ ବିହ୍ୱଳ ହୋଇ ଯାଇଥାନ୍ତି । ମୁଁ ମଧ୍ୟ ତାଙ୍କ ସଂସ୍କୃତ ଭାଷଣ ପ୍ରଥମ ଥର ପାଇଁ ଶୁଣି ଚକିତ ହୋଇ ଯାଇଥିଲି । ତାଙ୍କ ହିନ୍ଦୀ, ଇଂରାଜୀ, ଓଡିଆ ଭାଷଣ ଶୁଣିଥିଲି । ବହୁ ଭାଷାରେ ସେ ପାଣ୍ଡିତ୍ୟ ଲାଭ କରିଛନ୍ତି । ଜଣେ ଦକ୍ଷ ସାମ୍ବାଦିକ ଏବଂ ସଂପାଦକ ।

ଜ୍ଞାନୀ ବ୍ୟକ୍ତିମାନେ ମଧ୍ୟ ଭୁଲ ପରାମର୍ଶରେ ପଡି ସମୟ ସମୟରେ କ୍ଷମତା ମୋହରେ ନକାରାତ୍ମକ ଭାବନାରେ କାର୍ଯ୍ୟ କରି ନିଜର ତଥା ଦଳର ଅଶେଷ କ୍ଷତି ଘଟାଇଥାନ୍ତି ।

ମୁଁ ମଧ୍ୟ ଏକ ରକ୍ତମାଂସଧାରୀ ମଣିଷ । ସବୁକଥା ନିର୍ବିକାର ଭାବରେ ଗ୍ରହଣ କରିବା ସମସ୍ତଙ୍କ ପକ୍ଷରେ ସମ୍ଭବ ହୋଇନଥାଏ । ଏଭଳି ସନ୍ନ୍ୟାସୋପଯୋଗୀ ତିତିକ୍ଷାର ଅଭାବ ମୋ' ପାଖରେ ମଧ୍ୟ ଦେଖାଦେବା ସ୍ୱାଭାବିକ ।

ବିଧାନସଭା ପ୍ରାର୍ଥୀ ଚୟନ ପ୍ରକ୍ରିୟାରେ ପକ୍ଷପାତିତା ମୋ' ମନରେ ଦାରୁଣ ଆଘାତ ପ୍ରଦାନ କଲା । ଦିଲ୍ଲୀରେ ଯାଇ ହାଇକମାଣ୍ଡଙ୍କ ପାଖରେ ଆପତ୍ତି କରିବା ପାଇଁ

Source: Author, Digitized by PPRACHIN, SOA

ମୁଁ ଆଗ୍ରହୀ ନ ଥିଲି । କାରଣ, ଏହାକୁ ମୁଁ ପସନ୍ଦ କରେ ନାହିଁ । ମାତ୍ର ତାହା ହିଁ ଆଜିକାଲି ବ୍ୟାପକଭାବରେ ଚାଲିଛି । ଅନେକେ ଲବିକରି ଟିକଟ ମଧ୍ୟ ପାଇ ଯାଉଛନ୍ତି । ମାତ୍ର ମୁଁ କେବେ ମଧ୍ୟ ଦିଲ୍ଲୀ ଯାଇ ଟିକଟ ପାଇବା ଚିନ୍ତା କରି ନାହିଁ ।

ବିଧାନସଭା ଟିକଟ୍ ନ ପାଇବା ପରେ ମୋ' ମନରେ ଧାରଣା ହୋଇଗଲା, ମୋର ରାଜନୈତିକ ଜୀବନ ଶେଷ ହୋଇଗଲା ।

ଜାନକୀବାବୁ ମୋତେ ଦିଲ୍ଲୀର ସେଣ୍ଟ୍ରାଲ୍ ହଲରେ କହିଥିଲେ, "ତୁମର ଆଜିଠୁ କାଳ ପୂରିଲା" । ସେ ତାଙ୍କ କଥା ରକ୍ଷା କରି ମୋତେ ଲୋକସଭା ଟିକଟ ଦେଲେ ନାହିଁ, ଏବେ ବିଧାନସଭା ଟିକଟ୍ ମଧ୍ୟ ଦେଲେ ନାହିଁ ।

ମୋ' ମନରେ ଦୁଃଖ ହେଲେ ମଧ୍ୟ ତାଙ୍କୁ ସାକ୍ଷାତ୍ କରି ମୋ' କଥା ବିଚାର ପାଇଁ ପୁଣି କହିବାକୁ ମୋର ବିବେକ ବାଧା ଦେଲା ।

ପର୍ଯ୍ୟବେକ୍ଷକ ଶୀଳା ଦୀକ୍ଷିତ ଓ କମଲ ଉଦ୍ଦିନଙ୍କ ଉଦ୍ୟମ :

ଦିଲ୍ଲୀରୁ ଶ୍ରୀମତୀ ଶୀଳା ଦୀକ୍ଷିତ ଲୋକସଭା ସଦସ୍ୟା ଏବଂ କମଲ ଉଦ୍ଦିନ୍ କେନ୍ଦ୍ର କମର୍ସ ମିନିଷ୍ଟର ପର୍ଯ୍ୟବେକ୍ଷକ ହିସାବରେ ଓଡିଶା ପ୍ରଦେଶ କଂଗ୍ରେସ ପ୍ରାର୍ଥୀ ଚୟନ ପ୍ରକ୍ରିୟାରେ ଯୋଗଦେଇଥାନ୍ତି ।

ମୁଁ ଲୋକସଭା ସଦସ୍ୟ ଥିବା ସମୟରେ ସେମାନଙ୍କ ସହିତ ମୋର ସୁ-ସଂପର୍କ ଥିଲା । ତଥାପି ନିର୍ବାଚନ ପ୍ରାର୍ଥୀ ଚୟନ ପୂର୍ବରୁ ତାଙ୍କୁ ସାକ୍ଷାତ କରି ମୋ' କଥା ସେମାନଙ୍କ ଦୃଷ୍ଟିକୁ ଆଣି ନଥିଲି । ପ୍ରାର୍ଥୀ ଚୟନ ଶେଷପରେ ସୌଜନ୍ୟ ଦୃଷ୍ଟିରୁ ସେମାନଙ୍କୁ ଭେଟି ମୋର ସମ୍ମାନ ଜଣାଇବା ପାଇଁ ଭୁବନେଶ୍ୱର ଗେଷ୍ଟ ହାଉସ୍କୁ ଗଲି ।

ମୋତେ ଦେଖୁ ଦେଖୁ କମଲ ଉଦ୍ଦିନ ମହାଶୟ ତାଙ୍କ ବସିଥିବା ଚୌକିରୁ ଉଠି ଆସି, "ଆଇୟେ ଏମ୍.ପି. ସାବ୍ ଆଇୟେ" କହି ମୋତେ କୁଣ୍ଢାଇ ପକାଇଲେ ।

ମୁଁ ଆଶ୍ଚର୍ଯ୍ୟ ହୋଇ ତାଙ୍କ ମୁହଁକୁ ଚାହିଁ କହିଲି, "ମୈ ତୋ ଏମ୍.ପି. ନେହିଁ ହୁଁ, ଆପ ମୁଝେ କୈସେ ଏମ୍.ପି. ବୋଲେ" ? ସେ ମୋଠୁ ଏତକ ଶୁଣି ମୋ' ହାତ ଧରି ନେଇ କହିଲେ, "କ୍ୟା ଆପ୍ ଇଲେକ୍ସନ୍ ମେ ହାର୍ ଗୈ ?" ଏତକ କହି ମୋ' ମୁହଁକୁ ଆଶ୍ଚର୍ଯ୍ୟରେ ଚାହିଁ ରହିଲେ ।

କଳାହାଣ୍ଡି ମହାରାଜାଙ୍କୁ ପରାସ୍ତ କରି ମୁଁ ଲୋକସଭାକୁ ନିର୍ବାଚିତ ହୋଇ ଯାଇଥିବା ଯୋଗୁଁ ଘନିଷ୍ଠ ଭାବରେ ସଭିଁଙ୍କ ସହିତ ପରିଚିତ ହୋଇ ଯାଇଥିଲି । ଏପରିକି ମୋତେ ଦେଖିବାପାଇଁ ଅନେକ ଭିଡ ହୋଇଥିଲା । କିଏ ସେ କଳାହାଣ୍ଡି ମହାରାଜାଙ୍କୁ ହରାଇ ଲୋକସଭାକୁ ନିର୍ବାଚିତ ହୋଇଛନ୍ତି ? କଳାହାଣ୍ଡି ମହାରାଜା ଦ୍ୱିତୀୟ

Source: Author, Digitized by PPRACHIN, SOA

ଲୋକସଭାରୁ ଷଷ୍ଠ ଲୋକସଭାକୁ ନିର୍ବାଚିତ ହୋଇଛନ୍ତି । ପ୍ରଥମ ଲୋକସଭାକୁ ଗିରିଧାରୀ ଭୋଇ ଏବଂ ରାଜେନ୍ଦ୍ର ନାରାୟଣ ସିଂହଦେଓ ନିର୍ବାଚିତ ହୋଇଥିଲେ । ସେତେବେଳେ ଏହା ଯୁଗ୍ମ-ନିର୍ବାଚନମଣ୍ଡଳୀ ରୂପେ କାର୍ଯ୍ୟକରୁଥାଏ । ପ୍ରଥମ ଲୋକସଭା ନିର୍ବାଚନ ୧୯୫୧-୫୨ ମସିହାରେ ଅନୁଷ୍ଠିତ ହୋଇଥିଲା ।

ଦ୍ୱିତୀୟ ଲୋକସଭା ନିର୍ବାଚନ ୧୯୫୭ ମସିହାରେ ହୋଇଥିଲା । ସେତେବେଳେ ମଧ୍ୟ ଯୁଗ୍ମ-ନିର୍ବାଚନମଣ୍ଡଳୀରୁ ଜଣେ ଆଦିବାସୀ ଏବଂ ଜଣେ ସାଧାରଣବର୍ଗରୁ ନିର୍ବାଚିତ ହେଉଥିଲେ । ସେତେବେଳେ ପ୍ରତାପକେଶରୀ ଦେଓ ଏବଂ ବିଜୟ ଚନ୍ଦ୍ର ପ୍ରଧାନ ଲୋକସଭା ସଦସ୍ୟ ରୂପେ ନିର୍ବାଚିତ ହୋଇଥିଲେ ।

ଓଡିଶାରେ ସର୍ବମୋଟ ୧୪ଟି ଲୋକସଭା ନିର୍ବାଚନମଣ୍ଡଳୀ ଥିଲା । ୬ଟି ନିର୍ବାଚନମଣ୍ଡଳୀ ଯୁଗ୍ମ ଏବଂ ୮ଟି ନିର୍ବାଚନମଣ୍ଡଳୀ ପୃଥକ୍ ଥିଲା ।

୬ଟି ଡବଲ ନିର୍ବାଚନମଣ୍ଡଳୀ ହେଲା, ବାଲେଶ୍ୱର, କେଉଁଝର, ଗଞ୍ଜାମ, କୋରାପୁଟ, କଳାହାଣ୍ଡି, ସମ୍ବଲପୁର । ପ୍ରଥମ ନିର୍ବାଚନମଣ୍ଡଳୀରେ ୪ଟି ଯୁଗ୍ମ ଏବଂ ୧୨ଟି ପୃଥକ ନିର୍ବାଚନମଣ୍ଡଳୀ ଥିଲା । କଳାହାଣ୍ଡି, ବଲାଙ୍ଗିର, ଢେଙ୍କାନାଳ ଏବଂ ପଶ୍ଚିମ କଟକ ଜିଲ୍ଲା, ଯାଜପୁର, କେଉଁଝର, ରାୟଗଡା ଏବଂ ଫୁଲବାଣୀ ଦ୍ୱିତୀୟ ନିର୍ବାଚନରେ ସାମିଲ ହେଲା । ୧୯୬୨ ବେଳକୁ ଓଡିଶାରେ ୨୧ଟି ଲୋକସଭା ନିର୍ବାଚନମଣ୍ଡଳୀ ଗଠିତ ହେଲା । ସେହିଭଳି ବିଧାନସଭା ସଂଖ୍ୟା ମଧ୍ୟ ୧୪୦ରୁ ୧୪୭ କୁ ବୃଦ୍ଧି ପାଇଲା ।

ବଲାଙ୍ଗିର ମହାରାଜା ରାଜେନ୍ଦ୍ର ନାରାୟଣ ସିଂହଦେଓ ମଧ୍ୟ ଦିନେ ପଣ୍ଡିତ ଜବହାରଲାଲ ନେହେରୁଙ୍କୁ ଆହ୍ୱାନ ଦେଇଥିଲେ । ଆପଣ ଆସି ବଲାଙ୍ଗିର, କଳାହାଣ୍ଡିରେ ନିର୍ବାଚନ ଲଢନ୍ତୁ ଏବଂ ଜିଣି ଦେଖନ୍ତୁ । କଳାହାଣ୍ଡି, ବଲାଙ୍ଗିର ରାଜାମାନଙ୍କ ଦୁର୍ଗ ଭଳି ଥିଲା । ସେହି ଜିଲ୍ଲାର ମହାରାଜା ଯେ ପରାସ୍ତ ହେବେ, ଏହା କେହି ମଧ୍ୟ ଭାବି ପାରି ନ ଥିଲେ ।

ତେଣୁ ମୁଁ ନିର୍ବାଚିତ ହୋଇ ଗଲାପରେ, ମୋତେ ଦେଖିବାକୁ ସାମ୍ବାଦିକ ତଥା ଅନ୍ୟ ବ୍ୟକ୍ତିମାନେ ମଧ୍ୟ ଆସି ବିଭିନ୍ନ ପ୍ରଶ୍ନ କରିଥିଲେ ।

ମୁଁ ସେମାନଙ୍କୁ ଗୋଟିଏ ଉତ୍ତର ଦେଉଥିଲି, ‘‘ମୁଁ କିଏ ମହାରାଜାଙ୍କୁ ପରାସ୍ତ କରିବା ପାଇଁ ? ଏହା କଳାହାଣ୍ଡି ଲୋକଙ୍କ ବିଜୟ ହୋଇଛି’’ । ସେହିବ୍ୟକ୍ତି ଯେ କଂଗ୍ରେସ ଟିକଟ ପାଇବ ନାହିଁ, ଏହା ସେମାନେ କିପରି ଅବା ବିଶ୍ୱାସ କରିବେ ?

ସପ୍ତମ ଲୋକସଭାର କଂଗ୍ରେସ ଦଳର ସମସ୍ତ ନିର୍ବାଚିତ ପ୍ରାର୍ଥୀ ଟିକଟ ପାଇବା ପାଇଁ ରାଜୀବ ଗାନ୍ଧୀ ଘୋଷଣା କରିଥିଲେ । ଇନ୍ଦିରା ଗାନ୍ଧୀଙ୍କ ଅକାଳ ବିୟୋଗ ଯୋଗୁଁ

Source: Author, Digitized by PPRACHIN, SOA

ନିର୍ବାଚନ ଅଚାନକ ହେଲା । କଂଗ୍ରେସ ଦଳର ସମସ୍ତ ନିର୍ବାଚିତ ପ୍ରତିନିଧିଙ୍କ ମଧ୍ୟରୁ ମୁଁ ଏକା ଲୋକସଭା ପାଇଁ ଟିକଟ ପାଇଲି ନାହିଁ । ଏହା ସେମାନେ ବିଶ୍ବାସ କରିପାରିଲେ ନାହିଁ ।

ମ୍ୟାଡମ୍ ଶୀଳା ଦିକ୍ଷିତ ଗମ୍ଭୀର ହୋଇ ସମସ୍ତ ଘଟଣା ଶୁଣି ମୋତେ ପ୍ରଶ୍ନ କଲେ, ''ଏମ୍.ଏଲ୍. ଏ କେ ଲିଏ କ୍ୟୁଁ ଏପ୍ଲାଏ ନେହି କିୟା''? ମୁହଁରେ ହସ ଖେଳାଇ କହିଲି, ''ଦୁଇଟି ନିର୍ବାଚନମଣ୍ଡଳୀ ଜୁନାଗଡ ଏବଂ କୋକସରା ପାଇଁ ଏପ୍ଲାଇ କରିଥିଲି, ତାହା ମଧ୍ୟ ପାଇଲି ନାହିଁ'' ।

ସେମାନେ ମୋ'ଠୁ ଉତ୍ତର ଶୁଣି ତତ୍‌ପର ହୋଇ ପାଖରେ ରଖିଥିବା ଫାଇଲ ଖୋଲି ମୋର ଦରଖାସ୍ତ ଦେଖି କହିଲେ, ''ଦରଖାସ୍ତ ହୈ, ଫିରବି ଆପ୍ କୋ ଏମ୍.ଏଲ୍.ଏ ଟିକଟ ନେହିଁ ମିଲା'' ?

ଶୀଳା ଦୀକ୍ଷିତ ସମସ୍ତ ଘଟଣା ବୁଝିନେଇ କହିଲେ, ''କ୍ୟା ଚଲ୍ ରହା ହୈ ଓଡିଶା ମେ? ଆପ୍‌କେ ଉପର ଅନ୍ୟାୟ ହୁଆ ହୈ । ଚଲିଏ ହମାରା ସାଥ୍ ଦିଲ୍ଲୀ । ହାମ୍ ଆପକୋ ଏମ୍.ଏଲ୍.ଏ ଟିକଟ ଦିଲାଏଙ୍ଗେ'' ।

ମୁଁ କହିଲି, ''ମୋତେ ଯେତେବେଳେ ଏମ୍.ପି. ଟିକଟ ଦିଆଗଲା ନାହିଁ, ମୁଁ ଦିଲ୍ଲୀ ଯାଇ ଟିକଟ ମାଗି ନ ଥିଲି । ବର୍ତ୍ତମାନ ଏମ୍.ଏଲ୍.ଏ. ଟିକଟ ପାଇଁ ଦିଲ୍ଲୀ ଯାଇ ଟିକଟ ମାଗିବି''?

ମୋଠୁ ଏଭଳି ଉତ୍ତର ଶୁଣି ଶୀଳା ଦୀକ୍ଷିତ ଗମ୍ଭୀର ହୋଇ ମୋ' ମୁହଁକୁ ଚାହିଁ କହିଲେ, ''ବେହେରାଜି ଆପ୍ ସହିବାତ୍ ବୋଲେ । ଏ ଆପକା କାମ୍ ନେହି ହୈ, ଏ ହାମାରା କାମ୍'' ।

ଏତକ କହି ମୋ' ସହିତ କିଛି କ୍ଷଣ ଆଲୋଚନା କଲେ । ମୁଁ ସେମାନଙ୍କ ସହିତ କଥାବାର୍ତ୍ତା କରି ଭବାନୀପାଟଣା ଫେରି ଆସିଲି ।

ଶୀଳା ଦୀକ୍ଷିତଙ୍କ ପରାମର୍ଶକ୍ରମେ ରାଜୀବ ଗାନ୍ଧୀଙ୍କ ହସ୍ତକ୍ଷେପ :

ଟିକଟ ଲବି କରିବା ପାଇଁ ଦିଲ୍ଲୀ ନ ଯାଇ ମୁଁ ଘରକୁ ଫେରି ଆସିଥିବା ଯୋଗୁଁ ମୋର ବନ୍ଧୁମାନେ ମୋ' ଉପରେ ଅସନ୍ତୋଷ ପ୍ରକାଶ କଲେ । ମାତ୍ର, ମୁଁ ଟିକଟ ଲବିର ସପକ୍ଷରେ ନ ଥିଲି ।

ଶ୍ରୀମତୀ ଶୀଳା ଦୀକ୍ଷିତ ମୋ' କଥା ନେଇ ଏ.ଆଇ.ସି.ସି. ନିର୍ବାଚନ କମିଟିରେ ପକାଇଲେ । ମୁଁ ଗତ ଲୋକସଭା ନିର୍ବାଚନ ସମୟରେ ଟିକଟ ପାଇ ନ ଥିବା ଜାଣି ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ ଆଶ୍ଚର୍ଯ୍ୟ ହେଲେ ।

Source: Author, Digitized by PPRACHIN, SOA

ଦଳ ନିଷ୍ପତ୍ତି ନେଇଥିଲା, ସମସ୍ତ ନିର୍ବାଚିତ ସଭ୍ୟଙ୍କୁ ଟିକଟ ପ୍ରଦାନ କରାଯିବ । ବିଶେଷ ଅଭିଯୋଗ ଥିଲେ ତାକୁ ବିଚାରକୁ ନିଆଯିବ । ରାଜୀବ ଗାନ୍ଧୀଙ୍କ ଧାରଣା ଥିଲା ଲୋକସଭା ନିର୍ବାଚନ ପାଇଁ କଂଗ୍ରେସଦଳର ସମସ୍ତ ନିର୍ବାଚିତ ପ୍ରତିନିଧି ଟିକଟ ପାଇଛନ୍ତି । ମାତ୍ର, ମୁଁ ଟିକଟ୍ ପାଇ ନଥିବା ଜାଣି ପାର୍ଲିଆମେଣ୍ଟ ମେମ୍ବରମାନଙ୍କ ଉପରେ ସଂଗୃହୀତ ରିପୋର୍ଟ ମଗାଇ ଦେଖିଲେ । ପାର୍ଲିଆମେଣ୍ଟ ମେମ୍ବର ୫୪୩ ଜଣ ପ୍ରତିନିଧିଙ୍କ ମଧ୍ୟରୁ, ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ମଧ୍ୟରେ ଥିବା ତାଲିକାରେ ୧୦୦ଜଣଙ୍କ ଭିତରେ ମୋର ନାମ ଅଛି । ସ୍ପେଶାଲ୍ ମେନ୍‌ସନ୍‌ରେ ୫୦ଜଣଙ୍କ ମଧ୍ୟରେ ମୋର ନାମ ଅଛି । ୫ବର୍ଷର ପାର୍ଲିଆମେଣ୍ଟ ଉପସ୍ଥାନରେ ମୋର ୯୮ ପ୍ରତିଶତ ଉପସ୍ଥିତି ଅଛି । ସେହିପରି ସମ୍ବିଧାନ ଅବା ପାର୍ଲିଆମେଣ୍ଟର ହୁଇପ୍ ଜାରି ହୋଇଥିବା ଗୁରୁତ୍ୱପୂର୍ଣ୍ଣ ଭୋଟିଙ୍ଗ୍‌ରେ ସେଣ୍ଟ୍ ପରସେଣ୍ଟ୍ ଭୋଟିଙ୍ଗ୍ ହୋଇଛି । ପାର୍ଲିଆମେଣ୍ଟ ଏମ୍.ପି. ମାନଙ୍କ କ୍ରିକେଟ୍ ମ୍ୟାଚ୍ ଅବା ସାଂସ୍କୃତିକ କାର୍ଯ୍ୟକ୍ରମରେ ମୋର ଅଂଶ ଗ୍ରହଣ, ଦିଲ୍ଲୀରେ ଅନୁଷ୍ଠିତ ହୋଇ ଯାଇଥିବା ୧୯୮୨ ଏସିଆଡ୍ ଗ୍ୟାମସ୍ ସଦସ୍ୟ ତଥା ପାର୍ଲିଆମେଣ୍ଟ ପ୍ରତିନିଧି ହିସାବରେ ଓ୍ୱାଲର୍ଡ୍ ପାର୍ଲିଆମେଣ୍ଟ ପିସ୍ କନ୍‌ଫରେନ୍ସରେ ବୁଲଗାରିଆ ରାଜଧାନୀ ସୋଫିଆରେ ଯୋଗଦାନ ପ୍ରଭୃତି ଜାଣି ରାଜୀବ ଗାନ୍ଧୀ ଆଶ୍ଚର୍ଯ୍ୟହୋଇ ଜାନକୀବାବୁଙ୍କୁ ପ୍ରଶ୍ନ କଲେ, ''ବେହେରା ଜି କୋ ଏମ୍.ପି. ଟିକଟ୍ ମିଲ୍‌ନା ହକ୍‌ଥା, କ୍ୟୁଁ ଉନ୍‌କୋ ବଞ୍ଚିତ୍ କିଆ''?

ଇନ୍ଦିରା ଗାନ୍ଧୀଙ୍କ ମୃତ୍ୟୁ ପରେ ରାଜନୀତି ଏତେ ଦ୍ରୁତ ଗତିରେ ଆଗେଇ ଚାଲିଲା ଯେ, କଂଗ୍ରେସ ଟିକଟ୍ ବଣ୍ଟନ ସମୟରେ ରାଜୀବ ଗାନ୍ଧୀ ଏତେ ଭିତରକୁ ଯାଇ ସବୁକଥା ଜାଣିବା ମଧ୍ୟ ସମ୍ଭବ ନଥିଲା ।

ଜାନକୀବାବୁ କହିଲେ, ''ମେ ବେହେରା ଜି କୋ ବିଧାନସଭା ଲେନେ କେ ଲିଏ ଚାହତେ ଥେ...'' ରାଜୀବ ଗାନ୍ଧୀ ଫେରେ ପ୍ରଶ୍ନ କଲେ... ''ବିଧାନସଭା କେ ଲିଏ ଇନ୍ କୋ ଟିକଟ୍ ନେହିଁ ଦିଆ...''?

ଏହାର ଉତ୍ତର ଜାନକୀବାବୁଙ୍କ ପାଖରେ କିଛି ନଥିଲା । ଓଡିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ନିତ୍ୟାନନ୍ଦ ମିଶ୍ର କହିଲେ, ''ବେହେରା ଜି କୋ ବିଧାନସଭା ଟିକଟ୍ ମିଲ୍‌ନା ଚାହି''..। ସଭିଙ୍କ ମତାମତ ଶୁଣିଲା ପରେ (ଗତ ପାର୍ଲିଆମେଣ୍ଟ୍ ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ, କୋକସରା ନିର୍ବାଚନମଣ୍ଡଳୀରେ ପ୍ରାୟ ତିନି ହଜାର ଭୋଟ ପଛରେ ପଡି ଯାଇଥିଲେ) । ତେଣୁ କୋକସରା ନିର୍ବାଚନମଣ୍ଡଳୀରେ କଂଗ୍ରେସର ସ୍ଥିତି ଭଲ ନୁହେଁ ଜାଣିବାପରେ ରାଜୀବ ଗାନ୍ଧୀ କହିଲେ, ''ବେହେରାଜିକୋ ଇଧର ଟିକଟ ଦୋ ଔର ଇନ୍ କା ମେରିଟ୍ ଟେଷ୍ଟ କରୋ'' ।

Source: Author, Digitized by PPRACHIN, SOA

ପରିଶେଷରେ ଟିକଟ ମିଳିଲା :

ଏହି ବିଚାରରେ ମୋତେ କୋକସରା ବିଧାୟକ ଟିକଟ ମିଳିଲା । ଜାନକୀବାବୁଙ୍କଠୁ ଖବର ପାଇଲା ପରେ ଭୁବନେଶ୍ୱର ଯାଇ ସାକ୍ଷାତ କଲି । ସେ ମୋତେ ଦେଖି କହିଲେ, ''ରାସବିହାରୀ! ତୁମକୁ କୋକସରା ଟିକଟ ମିଳିଛି'' । ମୁଁ ତାଙ୍କୁ ସେଥି ପାଇଁ ଧନ୍ୟବାଦ ପ୍ରଦାନ କଲି ।

ସେ ମୋତେ ପ୍ରଶ୍ନ କଲେ, ''କଣ ହେବ କଳାହାଣ୍ଡି ଜିଲ୍ଲାର ନିର୍ବାଚନ ପରିସ୍ଥିତି''?

ମୁଁ ତାଙ୍କ ମୁହଁକୁ ଚାହିଁ ଉତ୍ତର ଦେଲି, ''ଜିଲ୍ଲା କଥା କହିବା ପାଇଁ ମୁଁ ଆଉ କିଏ''? ମୋଠୁ ଏଭଳି ଉତ୍ତର ଶୁଣି ଆଶ୍ଚର୍ଯ୍ୟରେ ମୋତେ ଚାହିଁ କହିଲେ, ''ସମଗ୍ର ଜିଲ୍ଲା ଉପରେ ତୁମର ପୂର୍ଣ୍ଣ ଧାରଣା ଅଛି, ତେଣୁ ତୁମ ମତର ଗୁରୁତ୍ୱ ଅଛି'' । ମୁଁ ଅଳ୍ପହସି କହିଲି, ''ଦିନ ଥିଲା ସମଗ୍ର ରାଜ୍ୟର ଲୋକସଭା ନିର୍ବାଚନରେ ପ୍ରାର୍ଥୀ ଚୟନର ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇ ଥିଲି, ଗତ ବିଧାନସଭା ନିର୍ବାଚନ ବେଳେ ପ୍ରାର୍ଥୀ ଚୟନରେ ମୁଖ୍ୟ ଅଂଶ ଗ୍ରହଣ କରିଥିଲି । ସେହି ବ୍ୟକ୍ତି ଆଜି ଯେତେବେଳେ ଶେଷ ମୁହୂର୍ତ୍ତରେ ଟିକଟ ଟିଏ ପାଇ ପାରିଛି, ସେ ଅବା କି ମତ ଦେଇପାରେ? ମତ ଦେଲେ ମଧ୍ୟ ତାର କିଛି ମୂଲ୍ୟ ଅଛି''?

ଜାନକୀବାବୁ ମୋ' ମନର ଭାବନା, ମନରେ ଲାଗିଥିବା ଆଘାତ ଉପଲବ୍ଧି କରିପାରି କହିଲେ, ''ତୁମେ ନିର୍ବାଚନରେ ଜୟଯୁକ୍ତ ହୋଇ ଆସ...'' ମୁଁ ପୁଣି ଧନ୍ୟବାଦ ଜଣାଇ ଆବଶ୍ୟକ କଂଗ୍ରେସ ଦଳର ସ୍ୱୀକୃତି ପତ୍ର ଏବଂ ଅନ୍ୟାନ୍ୟ କାଗଜ ନେଇ ତୁରନ୍ତ ଭବାନୀପାଟଣା ଫେରି ଆସିଲି । କାରଣ ନୋମିନେସନର ସମୟ ଶେଷ ହୋଇ ଆସୁଥାଏ । ଫେରି ଆସି ଶେଷ ମୁହୂର୍ତ୍ତରେ ପ୍ରାର୍ଥୀପତ୍ର ଦାଖଲ କଲି । ଆଗରୁ ମୋ' ନିର୍ବାଚନମଣ୍ଡଳୀର ଭୋଟର ଲିଷ୍ଟରେ ନାମ ଥିବା ଭୋଟରମାନଙ୍କୁ ସଂଗ୍ରହ କରି ପ୍ରସ୍ତାବକ ଏବଂ ସମର୍ଥକଙ୍କୁ ନେଇ ବିଧିବଦ୍ଧ ଦରଖାସ୍ତ ନିର୍ବାଚନ ଅଫିସରଙ୍କ ପାଖରେ ଦାଖଲ କଲି । ଭୁବନେଶ୍ୱରରୁ ଭବାନୀପାଟଣା ଫେରୁଥିବା ରାସ୍ତାରେ ଯଦି ମୋ' ଗାଡିର କୌଣସି ଅସୁବିଧା ହୋଇ ଯାଇଥାନ୍ତା, ଗାଡି ଚକା ପଙ୍କଚର୍ ହେବା ଅବା ଅନ୍ୟ କିଛି ବିଭ୍ରାଟ ଘଟିଥାନ୍ତା, ଟିକଟ ପାଇ ମଧ୍ୟ ମୁଁ ଯଥାସମୟରେ ନୋମିନେସନ ଦେଇ ପାରିନଥାନ୍ତି । ମନେ ମନେ ମୁଁ ଭାବିଲି ଭାଗ୍ୟ ମୋ' ପାଇଁ ଅନୁକୂଳ ଅଛି । ତେଣୁ ନୋମିନେସନ ଦେଇ ଆଶ୍ୱସ୍ତ ହେଲି ।

ଗତ ଲୋକସଭା ନିର୍ବାଚନ ସମୟରେ କଂଗ୍ରେସ ପଛରେ ପଡି ଯାଇଥିଲା ।

Source: Author, Digitized by PPRACHIN, SOA

ତେଣୁ ମୁଁ ସତର୍କତା ସହ ନିର୍ବାଚନ ପରିଚାଳନା କଲି । ମୁଁ ପ୍ରାର୍ଥୀ ହେବାପରେ କଂଗ୍ରେସ କର୍ମୀମାନଙ୍କ ମଧ୍ୟରେ ବିପୁଳ ଉତ୍ସାହ ଖେଳି ଯାଇଥାଏ । ଅବଶ୍ୟ ଜିଲ୍ଲାର ବହୁ କଂଗ୍ରେସ ନେତା ମୋର ଟିକଟ ପାଇବା ନେଇ ଆଶ୍ଚର୍ଯ୍ୟ ହୋଇ ଯାଇଥାନ୍ତି ।

ପୁଣିଥରେ ଅବହେଳା :

ବହୁ ପରିଶ୍ରମ କରି ନିର୍ବାଚନରେ ବିପୁଳ ଭୋଟରେ ଜୟଯୁକ୍ତ ହେଲି । ଜୁନାଗଡ ନିର୍ବାଚନମଣ୍ଡଳୀର କଂଗ୍ରେସପ୍ରାର୍ଥୀ ଜଗନ୍ନାଥ ମୁଣ୍ଡ ଅଳ୍ପବ୍ୟବଧାନରେ ପରାଜିତ ହେଲେ । ରାଜ୍ୟର କଂଗ୍ରେସ ଦଳ ସଂଖ୍ୟାଗରିଷ୍ଠ ଦଳ ରୂପେ ଉଭା ହେଲା । ଜାନକୀବାବୁ ପୁଣି ମନ୍ତ୍ରିମଣ୍ଡଳ ଗଠନ କଲେ । ମୁଁ ଆଶା କରୁଥିଲି, ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇବି ବୋଲି, ମାତ୍ର ପାଇଲି ନାହିଁ । ଗଭର୍ଣ୍ଣର ହାଉସ୍‌ରେ ମନ୍ତ୍ରିମଣ୍ଡଳର ଶପଥ ଉତ୍ସବ ପାଳନ ହେଲା । ଅନ୍ୟ ବିଧାୟକ ବନ୍ଧୁମାନଙ୍କ ସହ ମୁଁ ମଧ୍ୟ ଉତ୍ସବରେ ଯୋଗଦେଇଥାଏ । ମୁଖ୍ୟମନ୍ତ୍ରୀ ଏବଂ ଅନ୍ୟ ମନ୍ତ୍ରୀମାନଙ୍କ ଶପଥପାଠ ପରେ ଜାତୀୟସଂଗୀତ ଗାନପରେ ମହାମାନ୍ୟବର ରାଜ୍ୟପାଳ ସମସ୍ତଙ୍କ ସହ କରମର୍ଦ୍ଦନ କରି ବିଦାୟ ନେଲେ । ସେତେବେଳେ ମାନ୍ୟବର ବିଶ୍ୱମ୍ଭରନାଥ ପାଣ୍ଡେ ଓଡିଶାର ରାଜ୍ୟପାଳ ଦାୟିତ୍ୱରେ ଥିଲେ ।

ମାନ୍ୟବର ମୁଖ୍ୟମନ୍ତ୍ରୀ ଜାନକୀବଲ୍ଲଭ ପଟ୍ଟନାୟକ ଉତ୍ସବ ମଣ୍ଡପରୁ ତଳକୁ ଓହ୍ଲାଇ ଆସିଲେ । ମୁଁ ତାଙ୍କୁ ଅଭିନନ୍ଦନ ଜଣାଇଲି । ମୋ' ସହିତ କରମର୍ଦ୍ଦନ କରି ମୋତେ ଆଶ୍ୱାସନାଦେବା ଅଭିପ୍ରାୟରେ କହିଲେ । ''ରାସବିହାରୀ ! ଏଥର ତୁମକୁ...''।

ମୋତେ ମାନ୍ୟବର ମୁଖ୍ୟମନ୍ତ୍ରୀ ବୋଧହୁଏ କହିବାକୁ ଚାହୁଁଥିଲେ, ଆରଥରକୁ କ୍ୟାବିନେଟ ରି-ସଫଲ୍ କରି ତୁମକୁ ମନ୍ତ୍ରିମଣ୍ଡଳରେ ଗ୍ରହଣ କରିବି... । ଏହିଭଳି ବିଧାୟକମାନଙ୍କୁ ଆଶ୍ୱାସନା ଦେଇ ମୁଖ୍ୟମନ୍ତ୍ରୀ ଅନେକ ବିଧାୟକଙ୍କ ଉତ୍‌କଣ୍ଠାକୁ ପ୍ରଶମିତ କରି ରଖିଥାନ୍ତି ।

ମୁଁ ସାଙ୍ଗେ ସାଙ୍ଗେ କହିଲି, ''ସେଥିରେ କିଛି ଭାବିବାର ନାହିଁ । ଆପଣ ମୁଖ୍ୟମନ୍ତ୍ରୀ ଥିବେ, ମୁଁ ଆପଣଙ୍କ କ୍ୟାବିନେଟରେ ଛଅ ମାସ ମଧ୍ୟରେ ମନ୍ତ୍ରୀ ହେବି'' । ମୋ'ଠୁ ଏତକ ଶୁଣି ଜାନକୀବାବୁ ଆଶ୍ଚର୍ଯ୍ୟ ହୋଇ ମୋ' ମୁହଁକୁ ଚାହିଁ ରହିଲେ ।

ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା ଦେବା ପାଇଁ ଭିଡ ଜମି ଯାଇଥାଏ । ଭିଡ ଭିତରେ ସେ ଆଗେଇ ଚାଲିଥାନ୍ତି । ସେହି ଠେଲାପେଲା ଭିତରେ ମୁଁ ପଛରେ ପଡି ଯାଇଥାଏ ।

ମୋର କ୍ୱାର୍ଟରକୁ ଫେରି ଏକୁଟିଆରେ ବସି ମୋ' କହିଥିବା କଥାକୁ ହେଜି, ନିଜକୁ ନିଜେ ପ୍ରଶ୍ନ କଲି, ମୁଁ ଏହିଭଳି କିପରି କହି ପାରିଲି ? ମୁଁ ଚାହିଁଲେ କଣ ମନ୍ତ୍ରୀ ହୋଇପାରିବି ?

Source: Author, Digitized by PPRACHIN, SOA

ଚତୁର୍ଦ୍ଦଶ ପରିଚ୍ଛେଦ

ନିର୍ବାଚନରେ ଜିଣି ଗଲାପରେ ଅନେକ ବିଧାୟକ ମନ୍ତ୍ରୀ ହେବାପାଇଁ ଚାହାନ୍ତି । କିନ୍ତୁ ସମସ୍ତେ କଣ ମନ୍ତ୍ରୀ ହୋଇ ପାରନ୍ତି କି ? ଦଳର ନେତା ଯାହାକୁ ଚାହିଁବେ କେବଳ ସେ ହିଁ ମନ୍ତ୍ରୀ ହୋଇପାରିବେ । ତାଙ୍କ ଉପରେ ମୁଖ୍ୟମନ୍ତ୍ରୀଙ୍କ ବିଶ୍ୱାସ ଥିବା ଆବଶ୍ୟକ । ଜାନକୀବାବୁଙ୍କ ମୋ' ଉପରେ ବିଶ୍ୱାସ ତୁଟି ଯାଇଛି । ନେତା ଯାହା ଚାହାନ୍ତି ତାକୁ ବିନା ଦ୍ୱିଧାରେ ଗ୍ରହଣ କରିନେବା ମୋ' ପକ୍ଷରେ ସମ୍ଭବ ହେଲା ନାହିଁ । ତାହା ହିଁ ମୋ' ପାଇଁ ତାଙ୍କ ମନରେ ରୋଷ ଭାବ ସୃଷ୍ଟି କରିଛି । କଂଗ୍ରେସର ଦୁର୍ଦ୍ଦିନ ସମୟରେ ମୋର କର୍ତ୍ତବ୍ୟନିଷ୍ଠା ସବୁ ତୁଚ୍ଛ ହୋଇଗଲା ।

ମାତ୍ର ମୁଁ ମୋ' ମନକୁ ବାରମ୍ବାର ପ୍ରଶ୍ନ କରୁଥାଏ, କିଭଳି ମୋ' ତୁଣ୍ଡରୁ ବାହାରି ପଡିଲା, 'ଛଅମାସ ଭିତରେ ମୁଁ ଆପଣଙ୍କ ମନ୍ତ୍ରିମଣ୍ଡଳରେ ମନ୍ତ୍ରୀ ହେବି' । ଏହି ପ୍ରଶ୍ନହିଁ ମୋ' ମନରେ ବାରମ୍ବାର ଜାଗ୍ରତ ହୋଇ ମୋତେ ଉତ୍ତେଜିତ କରୁଥାଏ ।

କଣ ମା' ସରସ୍ୱତୀ, ମୋ' କଣ୍ଠରେ ବିଜେ କରି ମୋତେ ଇଙ୍ଗିତ କଲେ ? ଉଠ, ଜାଗ, ଉଦ୍ୟମ କର, ନିଜ ହକ୍ ନିଜେ ଆଦାୟ କର । ସେହି ପ୍ରେରଣାରେ ମୁଁ ଏହା କହିଲିକି ? ଯେତେବେଳେ ଯେ ନିଜ ମନକୁ ସତ୍ ସେବାରେ ନିୟୋଜିତ କରିବା ପାଇଁ ଦୃଢ଼ କରିଥାଏ, ସେତେବେଳେ ଏକ ଅଦୃଶ୍ୟ ଶକ୍ତି ସହାୟତାର ହାତ ବଢାଇ ଆଗକୁ ନେଇ ଯାଇଥାଏ । ପ୍ରତ୍ୟେକ ବ୍ୟକ୍ତି ପାଖରେ ଶକ୍ତି ଭରି ରହିଛି, ତାର ସଦ୍-ବିନିଯୋଗ ହିଁ ଲକ୍ଷ୍ୟସ୍ଥଳରେ ପହଞ୍ଚାଇବାରେ ସହାୟକ ହୋଇଥାଏ ।

ସତକୁ ସତ ମୋ' ମନରେ ନୂଆ ଉତ୍ସାହ ଖେଳିଗଲା । ନୀରବତା, ସହିଷ୍ଣୁତା ରାଜନୀତିରେ ମୂଲ୍ୟ ହୀନ । ନିଜ ପାଇଁ ନିଜେ ସଂଗ୍ରାମ କରିବାକୁ ପଡିବ । ନିଜର ହକ୍ ନିଜକୁ ଆଦାୟ କରିବାକୁ ପଡିବ । ନିଜ ପାଖରେ ଥିବା ଶକ୍ତିର ସଦ୍‌ବିନିଯୋଗ ନିଜ ସଂକଳ୍ପ ଉପରେ ନିର୍ଭର କରିଥାଏ । ଯଦି ଜଣେ ଆଗକୁ ବଢିବାର ଅଛି, ମନର ଇଚ୍ଛା ନିଶ୍ଚିତ ରୂପେ ତୀବ୍ର ହେବ । ନିଜର ଉଦ୍ୟମରେ ନିଜର ଦୁର୍ବଳତା ଆପେ ଆପେ ଦୂର ହୋଇଯିବ । ଦୃଢ ସଂକଳ୍ପ ଦ୍ୱାରା ହିଁ ମଣିଷ ଆଗକୁ ବଢିଥାଏ । ରାଜନୀତି ହେଉ, ସାମାଜିକ କ୍ଷେତ୍ର ହେଉ ଅବା ସାହିତ୍ୟ ହେଉ, ନିଷ୍ଠା, ସଂକଳ୍ପ ହିଁ ମନୁଷ୍ୟକୁ ଠିକ୍ ସ୍ଥାନରେ ନେଇ ପହଞ୍ଚାଇ ଦେଇଥାଏ । ଉନ୍ନତିର ଆଶା ପୋଷଣ କରିବା ମଣିଷର ସ୍ୱାଭାବିକ । ସଂକଳ୍ପ ବିନା ମଣିଷର ସଫଳତା ସମ୍ଭବ ହୋଇ ନଥାଏ । ଏହା ମୁଁ ମୋ ଜୀବନର ବହୁ ଅନୁଭୂତି ମଧ୍ୟରେ ସୁସ୍ପଷ୍ଟ ଉପଲବ୍ଧି କରିପାରିଛି । କର୍ତ୍ତବ୍ୟରେ ନିଷ୍ଠା, ଆନ୍ତରିକତା, ଶୁଦ୍ଧତା ମଣିଷକୁ ଆଗେଇ ନେବାରେ ସହାୟକ ହୋଇଥାଏ ।

ମୂଳରୁ ଇନ୍ଦିରା କଂଗ୍ରେସର ସଂଗଠନରେ ରହି ଦଳକୁ ସୁଦୃଢ କରିବାରେ ମୁଖ୍ୟ-ଭୂମିକା ଗ୍ରହଣ କରିଥିଲି । ବିଧାୟକ ଦଳର ସଂପାଦକ ଦାୟିତ୍ୱରେ ରହି ବିଧାନସଭା

Source: Author, Digitized by PPRACHIN, SOA

ଗୃହରେ କଂଗ୍ରେସ ଦଳର ଭୂମିକା ପ୍ରତି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କଲାଭଳି ଆଲୋଚନାରେ ଅଂଶ ଗ୍ରହଣ କରିଥିଲି । ଉପଯୁକ୍ତ ପ୍ରଶ୍ନ ଉତ୍ଥାପନ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିବାରେ ଇନ୍ଦିରା କଂଗ୍ରେସ ଦଳ ସକ୍ରିୟ ରହିବା ଯୋଗୁଁ ସାଧାରଣ ଜନତା ଉପରେ ତାର ଗୁରୁତ୍ୱ ପୂର୍ଣ୍ଣ ପ୍ରଭାବ ପଡିଥିଲା । ତେଣୁ ବିଧାନସଭାରେ ବିରୋଧୀ ଦଳର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ ।

ମୋ' ମନରେ ଏକ ଧାରଣ ସୃଷ୍ଟି ହୋଇ ଯାଇଥିଲା, ମୋତେ ଅଳିଆ ଗଦାକୁ ଫିଙ୍ଗି ଦିଆ ଯାଇଛି । ଶ୍ରୀମତୀ ଶୀଳା ଦୀକ୍ଷିତଙ୍କୁ ସାକ୍ଷାତ କରିବା ମଧ୍ୟ ଏକ ଯୋଗସୂତ୍ର ରୂପେ କାର୍ଯ୍ୟ କରିଛି । ସେ ହିଁ ଯଥାସମୟରେ, ଯଥାସ୍ଥାନରେ ଘଟଣାଟିକୁ ଉପସ୍ଥାପନ କରି ମୋତେ ଟିକଟ ପ୍ରଦାନ କରିବାରେ ସହାୟିକା ହୋଇଛନ୍ତି । ତାହା ମୋର ମନରେ ସ୍ମରଣ ହେବା ମାତ୍ରେ ତାଙ୍କୁ ମଧ ମୁଁ ଅଶେଷ ଧନ୍ୟବାଦ ପ୍ରଦାନ କରୁଥାଏ । ରାଜୀବ ଗାନ୍ଧୀ ମଧ୍ୟ ସ୍ୱଷ୍ଟ ଉପଲବ୍ଧ କରିପାରିଛନ୍ତି, ମୋ' ପ୍ରତି ଅନ୍ୟାୟ କରାଯାଇଛି ।

ଅନେକ ମନ୍ତ୍ରୀ ସହାନୁଭୂତି ଦେଖାଇ କହୁଥାନ୍ତି, ଆପଣ ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇବା କଥା । କଂଗ୍ରେସ ଦଳର ଦୁର୍ଦ୍ଦିନରେ ଦଳର ସାଧାରଣ ସଂପାଦକ, ବିଧାନସଭା ଗୃହରେ ସଂପାଦକ ହିସାବରେ ଆପଣଙ୍କ ଭୂମିକାକୁ ଦଳ ସ୍ୱୀକାର କରିବା ଉଚିତ ।

ମୋ' ମନରେ ଦୃଢ ଧାରଣା ସୃଷ୍ଟି ହୋଇ ଯାଇଥାଏ, ଜାନକୀବାବୁ ମୋତେ ମନ୍ତ୍ରିମଣ୍ଡଳରେ ସ୍ଥାନ ଦେବେ ନାହିଁ । କାରଣ, ମୋର ସମସ୍ତ ଶିକ୍ଷାଗତ ଯୋଗ୍ୟତା, ରାଜନୈତିକ ଅଭିଜ୍ଞତା, ଅନୁଭୂତି ଏବଂ ସାଂଗଠନିକ ଦକ୍ଷତା ସତ୍ତ୍ୱେ ମୁଁ ତାଙ୍କ ଦୃଷ୍ଟିରେ ଯୋଗ୍ୟ ଥାଇ ମଧ୍ୟ ଅଯୋଗ୍ୟ । ତଥାପି, ମୁଁ କହିଥିବା ବାକ୍ୟ କେବେ ଭୁଲ ହେବ ନାହିଁ । ଏ ବିଶ୍ୱାସ ମୋ' ମନରେ ଦିନକୁ ଦିନ ଦୃଢ ହୋଇ ଆସୁଥାଏ । ଅନ୍ଧକାର ଓ ନୈରାଶ୍ୟ ଭିତରେ ଆଶା ଓ ଆଲୋକର ସନ୍ଧାନ ମୋ' ମନରେ ଉଦ୍‌ବେଳିତ ହେବାକୁ ଲାଗିଲା । ମୋର ଦୃଷ୍ଟିଭଙ୍ଗୀରେ ମଧ୍ୟ ପରିବର୍ତ୍ତନ ଘଟିଲା । ସମସ୍ୟା ପ୍ରତି ସଚେତନ ହେଲି, ତାକୁ ଭଲ ଭାବରେ ବୁଝି ପାରିଲି । ତାର ସମାଧାନ ପାଇଁ ମୋ' ମନରେ ପ୍ରଚୁର ଆତ୍ମବିଶ୍ୱାସ ସୃଷ୍ଟି ହେବାରେ ଲାଗିଲା । ତେଣୁ ଆଶା ନିରାଶା ଭିତରେ ମଧ୍ୟ ଆଗକୁ ବଢିବା ପାଇଁ ମନ ମୋର ଦୃଢ ହେଲା ଏବଂ ମନରେ ପ୍ରଶାନ୍ତ ଭାବ ଖେଳି ରହିଲା ।

ରାଜୀବ ଗାନ୍ଧୀଙ୍କ ନୂଆପଡା ଅଞ୍ଚଳ ଗସ୍ତ :

ଓଡିଶା ଚିରକାଳ ବନ୍ୟା, ମରୁଡି, ବାତ୍ୟାଦ୍ୱାରା କବଳିତ ହୋଇ ଆସିଛି । ବିଶେଷତଃ ବନ୍ୟା ଓ ମରୁଡି ଦୁଇ ଭାଇ ଭଳି ପାଳିକରି ଆସିଥାନ୍ତି ।

Source: Author, Digitized by PPRACHIN, SOA

ଚତୁର୍ଦ୍ଦଶ ପରିଛେଦ

୧୯୮୬ ମସିହା ବେଳକୁ ଓଡିଶାର ନୂଆପଡା ଅଞ୍ଚଳରେ ମରୁଡିର ଆଶଙ୍କା ଦେଖା ଦେଇଥାଏ । ଅବିଭକ୍ତ କଳାହାଣ୍ଡି ଜିଲ୍ଲାରେ ବାରମ୍ବାର ମରୁଡି ଯୋଗୁଁ, ସମଗ୍ର ଦେଶରେ ତାର ଚର୍ଚ୍ଚା ହେଉଥାଏ । ପିଲାବିକ୍ରିଠୁ ଭୋକିଲା ଲୋକଙ୍କ ଅସ୍ଥିକଙ୍କାଳସାର ଅବସ୍ଥା ଯାଏଁ ବିଭିନ୍ନ ଖବର କାଗଜରେ ପ୍ରକାଶ ପାଉଥାଏ ।

ତେଣୁ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ଏ ଅଞ୍ଚଳକୁ ୧୯୬୬, ୧୯୭୬ ମସିହାରେ ଆସି ତାର ପ୍ରତିକାର କରି ଯାଇଥିଲେ । ତଥାପି, ପରିସ୍ଥିତି ସେହିଭଳି ପୁଣି ଦେଖା ଦେଇଥାଏ । ତେଣୁ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ ନୂଆପଡା ଅଞ୍ଚଳକୁ ଗସ୍ତରେ ଆସିଲେ । ସେ ଆସିବା ପୂର୍ବରୁ ଏହି ଅଞ୍ଚଳରେ ପ୍ରବଳ ବର୍ଷା ହୋଇ ଯାଇଥାଏ । ନଈ ନାଳରେ ପ୍ରବଳ ପାଣି ଭର୍ତ୍ତି ହୋଇଯାଇଥାଏ । ନଈ ନାଳ ଖଳ ଖଳ ନାଦକରି ବୋହି ଚାଲିଥାନ୍ତି ।

ରାଜୀବ ଗାନ୍ଧୀଙ୍କ ବିଭିନ୍ନ ଅଞ୍ଚଳ ଗସ୍ତ ନିର୍ଦ୍ଧାରିତ ହୋଇଥାଏ । ମୋତେ ବୋଡେନ ବ୍ଲକର 'ଧୋବେନ ଗ୍ରାମ'ରେ ସ୍ୱାଗତ କରିବା ପାଇଁ କୁହାଗଲା । ରାଜ୍ୟ ସରକାରଙ୍କ ଦଳର ଡେପୁଟି ହୁଇପ୍ ଭୁପିନ୍ଦର ସିଂହଙ୍କ ସହ ଭୁବନେଶ୍ୱରରୁ ନୂଆପଡା ସରକାରୀ ଗାଡିରେ ଆସିଲୁ । ନୂଆପଡା ଆସିବା ପରେ କଳାହାଣ୍ଡି ଜିଲ୍ଲାପାଳଙ୍କୁ ବୋଡେନ୍ ଯିବା ପାଇଁ ସରକାରୀ ଗାଡିର ସୁବିଧା ପାଇଁ ଜଣାଇଲି । ସେ ମୋ' ଅନୁରୋଧକୁ ସ୍ପଷ୍ଟ ମନା କରିଦେଲେ । ମୁଁ କୌଣସି ଗାଡି ଦେଇ ପାରିବି ନାହିଁ । ମୁଁ ତାଙ୍କୁ ପୁଣି କହିଲି, ''କୋକସରା ବିଧାୟକ ହିସାବରେ ରାଜ୍ୟ ସରକାରଙ୍କ ତରଫରୁ ମୁଁ ସ୍ୱାଗତ କରିବି, ଅଥଚ; ଆପଣ ମୋତେ ଗାଡି ଦେବାକୁ ମନା କରି ଦେଉଛନ୍ତି !! ଯେଉଁ ଜିଲ୍ଲା-ସ୍ତରୀୟ ଅଫିସର ଯିବେ, ତାଙ୍କ ସହିତ ମଧ୍ୟ ମୁଁ ଯାଇ ପାରିବି । ମୋ' ପାଇଁ ସ୍ୱତନ୍ତ୍ର ଗାଡି ମଧ୍ୟ ଆବଶ୍ୟକ ନାହିଁ''।

ମାତ୍ର ଜିଲ୍ଲାପାଳଙ୍କ ମନୋଭାବ ଭିନ୍ନ । ସେ ଭଲ ଭାବରେ ଜାଣିଥାନ୍ତି, ମୁଖ୍ୟମନ୍ତ୍ରୀଙ୍କ ମୋ' ପ୍ରତି ସହଯୋଗ ମନୋଭାବ ନାହିଁ । ତେଣୁ ସେ ମଧ୍ୟ ତାର ପ୍ରତିକ୍ରିୟା ମୋ' ଉପରେ ପ୍ରୟୋଗ କରୁଥାନ୍ତି । ଅଫିସରମାନେ ଯାହା କର୍ତ୍ତବ୍ୟ ତାହା ନକରି ରାଜନେତାଙ୍କ ମନକୁ ଜାଣି କାମ କରୁଥିବା ଯୋଗୁଁ ଠିକ୍ ନ୍ୟାୟରେ କାମ କରନ୍ତି ନାହିଁ । ଏହା ଆମ ପ୍ରଶାସନର ବଡ ଦୁର୍ବଳତା ।

ଜିଲ୍ଲାପାଳଙ୍କ ଆଚରଣକୁ ମୁଁ ସହଜରେ ଗ୍ରହଣ କରିପାରିଲି ନାହିଁ । ଭୁପିନ୍ଦରବାବୁଙ୍କୁ ସବୁକଥା କହିଲି, ମାତ୍ର; ସେ ମଧ୍ୟ ମୋ' କଥାପ୍ରତି ଉଦାସୀନ ଭାବ ପ୍ରକାଶ କଲେ । ସଭିଙ୍କ ମନୋଭାବ ଜାଣି, ସେ ଦିନ ରାତ୍ରରେ ମୋତେ ନିଦ ହେଲା ନାହିଁ ।

କ୍ଷମତା ମଣିଷକୁ ତାର ନୈତିକ ଦାୟିତ୍ୱରୁ ମଧ୍ୟ କିପରି ଦୂରେଇ ରଖେ, ଏହା ମୁଁ ସେଦିନ ସ୍ପଷ୍ଟ ଉପଲବ୍ଧି କଲି । କଲେକ୍ଟରଙ୍କ ଅସହଯୋଗ ଫଳରେ ମୁଁ ବୋଡେନ

Source: Author, Digitized by PPRACHIN, SOA

ବ୍ଲକକୁ ଯାଇପାରିଲି ନାହିଁ । ମାତ୍ର, ଏହା ମୋ' ପାଇଁ ଲାଭଦାୟକ ହୋଇ ପାରିଥିଲା ।

ରାଜୀବ ଗାନ୍ଧୀଙ୍କ ନୂଆପଡା ଅଞ୍ଚଳ ଗସ୍ତ ସମୟରେ ସେ ବୋଡେନ ବ୍ଲକର ଧୋବେନ ଗାଁକୁ ଯାଇ ପାରିଲେ ନାହିଁ । ଗତିପଥରେ ଏକ ନାଳ ପ୍ରତିବନ୍ଧକ ହେଲା । ଖରସ୍ରୋତା ନାଳରେ ଭୀଷଣ ଜଳ ପ୍ରବାହିତ ହେଉଥାଏ । ତାର ବେଗ ମଧ୍ୟ ଅଧିକ ପ୍ରଖର । ଡଙ୍ଗାରେ ଯିବା ପାଇଁ ଉଦ୍ୟମ ହେଲା, କିନ୍ତୁ; ତାହା ବି ସମ୍ଭବ ହେଲା ନାହିଁ । ରାଜୀବ ଗାନ୍ଧୀ ରବର ଟ୍ୟୁବ୍, ମଟର୍ ଗାଡି ଟ୍ୟୁବ୍‌ରେ ପାର ହେବା ପାଇଁ ଉଦ୍ୟମ କଲେ । ତାହା ମଧ୍ୟ ସମ୍ଭବ ହୋଇ ପାରିଲାନାହିଁ । ଅନେକେ ତାଙ୍କୁ ଏଭଳି ଦୁଃସାହସ ନକରିବା ପାଇଁ ଅନୁରୋଧ କଲେ ।

ରାଜୀବ ଗାନ୍ଧୀ ଆମ ଦେଶର ପ୍ରଧାନମନ୍ତ୍ରୀ । ତାଙ୍କ ସ୍ଥାନ ବହୁ ଉଚ୍ଚରେ । ସାଧାରଣ ଲୋକଙ୍କ ଭଳି ନଦୀ ପାରହୋଇ ଗଲେ ସମଗ୍ର ଦେଶରେ ଭିନ୍ନ ପ୍ରତିକ୍ରିୟା ସୃଷ୍ଟି ହେବ ।

ମାତ୍ର, ବାସ୍ତବରେ ରାଜୀବ ଗାନ୍ଧୀ ଯୁବ ଉତ୍ତେଜନାରେ ତାଙ୍କ ଗନ୍ତବ୍ୟ ସ୍ଥଳକୁ ଯିବା ପାଇଁ ଯେଉଁଭଳି ବ୍ୟଗ୍ରତା ପ୍ରଦର୍ଶନ କଲେ ତାହା ଅସାଧାରଣ । ତାଙ୍କର ଆଗମନକୁ ହଜାର ହଜାର ଲୋକ ଅପେକ୍ଷା କରିଥିବେ, ସେମାନଙ୍କୁ ସେ ନିରାଶ ନକରିବା ପାଇଁ ମନର ବ୍ୟଗ୍ରତାରେ ନାଳ ପାରହେବା ପାଇଁ ଉଦ୍ୟମ କରିଥିଲେ ।

ଆଜିକାଲି ରାଜନୀତିରେ ନିଜକୁ ବଡ କରି, ଅନ୍ୟକୁ ଛୋଟ କରିବା ମନୋଭାବ ଅଧିକ । ତୁମେ ଯଦି ସତରେ ବଡ, ତେବେ ନିଜକୁ ଛୋଟ କରି ଅନ୍ୟ ଆଗରେ ନମ୍ର ହୋଇ ଅନ୍ୟ ସହ ସମାନ ଭାବରେ କାର୍ଯ୍ୟ କରିବା ମଧ୍ୟ ଆବଶ୍ୟକ ।

ବାସ୍ତବିକ ସେତେବେଳେ ରାଜୀବ ଗାନ୍ଧୀଙ୍କ ମନର ଉତ୍କଣ୍ଠା ମୁଁ ଉପଲବ୍ଧି କରି ପାରିଥିଲି । ନିଜ ପ୍ରତିଶ୍ରୁତି ଅନୁଯାୟୀ ଧୋବେନ ଗ୍ରାମରେ ପହଞ୍ଚିବା ପାଇଁ ତାଙ୍କର ବ୍ୟାକୁଳତା ସ୍ପଷ୍ଟ ଜଣା ଯାଉଥାଏ ।

ନୂଆପଡା ସାଧାରଣସଭାରେ ସେ ଯେତେବେଳେ ଉଦ୍‌ବୋଧନ ଦେଲେ, ସେତେବେଳେ ସେ କହିଲେ, "ଆରବ ଦେଶକା ଦୁବାଇ ନେହିଁ, ତୁମାରି କଳାହାଣ୍ଡି କା ଦୁବାଇ, ମେ ନେହିଁ ଯା ସକା" । ଧୋବେଇକୁ ସେ ଦୁବାଇ ସମ୍ବୋଧନ କରି କହିଥିଲେ । ତେଣୁ ସଭାରେ ହାସ୍ୟରୋଳ ହୋଇଥିଲା ।

ମାତ୍ର, ରାଜୀବ ଗାନ୍ଧୀ ଧୋବାଇ ଯାଇ ନ ପାରିଥିଲେ ହେଁ, ଏହି ଅଞ୍ଚଳକୁ ଭୁଲି ଯାଇ ନ ଥିଲେ । କିଛି ମାସପରେ କେନ୍ଦ୍ର ସରକାର ତାଙ୍କର ଯୋଜନାମନ୍ତ୍ରୀ ମାଧବରାଓ ସୋଲାଙ୍କିଙ୍କୁ ଧୋବାଇ ଅଞ୍ଚଳକୁ ସ୍ଥାନୀୟ ସମସ୍ୟା ବୁଝି ଆସିବା ପାଇଁ ପଠାଇଥିଲେ ।

ସେତେବେଳେ ମୁଁ ଓଡିଶାର କ୍ୟାବିନେଟ୍‌ମନ୍ତ୍ରୀ ଭାବରେ ଦାୟିତ୍ୱ ନେଇ

Source: Author, Digitized by PPRACHIN, SOA

ସାରିଥିଲି । ମାନ୍ୟବର ସୋଲାଙ୍କିଙ୍କ ସହିତ ମୁଁ ମଧ୍ୟ ଆସିଥିଲି ।

ରାଜୀବ ଗାନ୍ଧୀ ଆସିପାରି ନ ଥିବା ଯୋଗୁଁ ମାନ୍ୟବର ସୋଲାଙ୍କି ରାଜୀବ ଗାନ୍ଧୀଙ୍କ ସମବେଦନା ଜଣାଇ ଦେଲେ ।

ଗ୍ରାମବାସୀ ରାଜୀବ ଗାନ୍ଧୀଙ୍କୁ ମନେ ପକାଇ ଜୟଧ୍ୱନି କଲେ ଏବଂ ମାନ୍ୟବର ମନ୍ତ୍ରୀ ସୋଲାଙ୍କିଙ୍କୁ ସ୍ୱାଗତ ଜଣାଇଲେ ।

ରାଜୀବ ଗାନ୍ଧୀ ଆସି ପାରି ନ ଥିବା ସ୍ମୃତିକୁ ସ୍ମରଣୀୟ ରଖିବା ପାଇଁ ସୋଲୋକିଙ୍କୁ ରାଜ୍ୟ ସରକାରଙ୍କ ତରଫରୁ ମୁଁ ଅନୁରୋଧ କଲି, ''ଆଦିବାସୀ କଲ୍ୟାଣ ବିଭାଗ ତରଫରୁ ଆପଣ ଏଠାରେ ଆଦିବାସୀ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ପାଇଁ ଘୋଷଣା କରନ୍ତୁ'' ।

ସେ ମୋ' ମୁହଁକୁ ଚାହିଁ ଆଗ୍ରହରେ ତାହା ଘୋଷଣା କରିଥିଲେ । ସେଥିପାଇଁ ବିଧିବଦ୍ଧ ଭାବରେ ସରକାରୀ ସ୍ତରରେ କାଗଜ ପତ୍ର ପ୍ରସ୍ତୁତ କରି ଅର୍ଥ ମଞ୍ଜୁର କରାଯାଇ ତାହା ଘୋଷଣା କରା ଯାଇଥିଲା ।

ମୁଁ ସେତେବେଳେ 'କୃଷି ସମବାୟ ବିଭାଗ' ସହିତ 'ହରିଜନ-ଆଦିବାସୀ କଲ୍ୟାଣ ବିଭାଗ'ର ମନ୍ତ୍ରୀ ଦାୟିତ୍ୱ ତୁଲାଉଥାଏ ।

ଜିଲ୍ଲାପାଳଙ୍କ ପକ୍ଷପାତିତାର ପ୍ରତିବାଦ :

ରାଜୀବ ଗାନ୍ଧୀଙ୍କୁ ନୂଆପଡାରୁ ବିଦାୟ ଦେଇ, ମୁଁ ଭବାନୀପାଟଣା ଫେରି ଆସିଲି । ସରକାର ଭି.ଏ.ଡବ୍ଲୁ ପଦବୀର ଚାକିରି ପାଇଁ ଘୋଷଣା କରିଥାନ୍ତି । ବହୁ ଉଦ୍ୟମ ଫଳରେ ଅନୁନ୍ନତ ଜିଲ୍ଲାମାନଙ୍କରେ ଯୁବକମାନଙ୍କର ଚାକିରିରେ ନିଯୁକ୍ତି ସକାଶେ ଚାକିରି ସର୍ତ୍ତାବଳୀକୁ ଜିଲ୍ଲା କ୍ୟାଡର ଭୁକ୍ତ କରାଯାଇ ପାରିଥିଲା । ତେଣୁ ଜିଲ୍ଲାର ଆଶାୟୀ ଯୁବକମାନେ ଚାକିରି ପାଇବା ପାଇଁ ବ୍ୟଗ୍ର ହୋଇ ପଡିଥାନ୍ତି ।

ଦଳେ ଯୁବକ ଆସି ମୋତେ ସାକ୍ଷାତ କରି କହିଲେ, ''ବାହାର ଜିଲ୍ଲାର ବହୁ ଯୁବକ ଚାକିରି ପାଇ ଯିବେ । ଆମେ ପାଇ ପାରିବୁ ନାହିଁ, ଅଥଚ; ଆପଣମାନେ ଲଢି ଏହି ପୋଷ୍ଟକୁ 'ଜିଲ୍ଲା କ୍ୟାଡର ଭୁକ୍ତ' କଲେ'' । ସେମାନେ ତାଙ୍କ ମନର ଆଶଙ୍କା ମୋତେ ସ୍ପଷ୍ଟ ଭାବରେ ଜଣାଇଲେ ।

ସମସ୍ତ ତଥ୍ୟ ଜାଣିଗଲା ପରେ ଜିଲ୍ଲାପାଳଙ୍କୁ ଫୋନ୍ କରି ଜଣାଇଲି ଯେ, ସ୍ଥାନୀୟ ଯୁବକମାନେ ଯେପରି ଚାକିରି ପାଇ ପାରିବେ ସେଥିପ୍ରତି ସେ ଦୃଷ୍ଟି ଦିଅନ୍ତୁ ।

ଜିଲ୍ଲାପାଳ ଥାନ୍ତି ରାଧାବଲ୍ଲଭ ପଟ୍ଟନାୟକ । ମୁଁ ଜାଣିବାକୁ ପାଇଲି, କିଛି ରାଜ୍ୟମନ୍ତ୍ରୀ ତାଙ୍କ ନିଜ ଲୋକମାନଙ୍କୁ କଳାହାଣ୍ଡି ଜିଲ୍ଲାପାଳଙ୍କୁ ଫୋନ୍ କରି ନାମ

Source: Author, Digitized by PPRACHIN, SOA

ତାଲିକା ପ୍ରଦାନ କରିଛନ୍ତି । ତହସିଲଦାରଙ୍କ ମାଧ୍ୟମରେ ରେସିଡେନ୍‌ସିଆଲ ସାର୍ଟିଫିକେଟ୍ ମଧ୍ୟ ପ୍ରଦାନ କରାଯାଇଛି ।

ନିର୍ଦ୍ଦିଷ୍ଟ ଦିନ ଭି.ଏ.ଡବ୍ଲୁ ପୋଷ୍ଟ ତାଲିକା ଘୋଷଣା ହେଲା । ସେହି ତାଲିକାରେ ବାହାର ଜିଲ୍ଲାର ପ୍ରାୟ ୭ଜଣ ଯୁବକଙ୍କ ନାମ ମଧ୍ୟ କେୟାର ଅଫ୍ ଠିକଣାରେ ଅନ୍ତର୍ଭୁକ୍ତ ହୋଇଛି ।

ଲିଷ୍ଟ୍ ଦେଖିଲା ପରେ ମୁଁ ଏହାର ଦୃଢ ପ୍ରତିବାଦ କଲି । ଜିଲ୍ଲାପାଳ ମୋ’ କଥାକୁ ଭ୍ରୂକ୍ଷେପ କଲେ ନାହିଁ । ସେ ଯୋର ଦେଇ କହିଲେ, ‘‘ସେମାନେ କଳାହାଣ୍ଡି ଜିଲ୍ଲାର ବାସିନ୍ଦା’’ ।

ମୁଁ ତାକୁ ପ୍ରତିବାଦ କରି ଏକ ଖୋଲା ପ୍ରଚାର ପତ୍ର ବଣ୍ଟନ କଲି ଏବଂ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରି ଦୃଢ ପ୍ରତିବାଦ ଜଣାଇଲି । ମୋର ଲିଖିତ ପ୍ରଚାର ପତ୍ର ଏବଂ ଅଭିଯୋଗ ଯୋଗୁଁ ଆଗରୁ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ସହ ପରିସ୍ଥିତିର ଗୁରୁତ୍ୱ ଉପଲବ୍ଧି କରି ମୁଖ୍ୟମନ୍ତ୍ରୀଙ୍କ କଳାହାଣ୍ଡି ଗସ୍ତ ସମୟରେ ବିସ୍ତୃତ ଆଲୋଚନା ହେଲା ।

ତାଙ୍କ ଗସ୍ତ ସମୟରେ ସରକାରୀ କାର୍ଯ୍ୟ ଶେଷ କରି ସେ ମୋତେ ସମୟ ଦେଲେ । ମୁଁ ମୋର ଆପତ୍ତି ଅଭିଯୋଗ ଉପସ୍ଥାପନ କଲି ।

ଭି.ଏ.ଡବ୍ଲୁ ପୋଷ୍ଟ ‘ଜିଲ୍ଲା କ୍ୟାଡରର’ । ମାତ୍ର, ସେହି ନିୟମକୁ ଉଲ୍ଲଂଘନ କରାଯାଇଥିବା ଯୋଗୁଁ ସରକାରଙ୍କ କାର୍ଯ୍ୟର ପ୍ରକୃତ ଉଦ୍ଦେଶ୍ୟ ସଫଳ ହୋଇପାରୁ ନାହିଁ । ଫଳରେ ଅବହେଳିତ ଅନୁନ୍ନତ ଜିଲ୍ଲାର ଯୁବକମାନେ ଚାକିରି ପାଇବାରୁ ବଞ୍ଚିତ ହେଉଛନ୍ତି । ଜିଲ୍ଲା ବାହାରୁ ବହୁଲୋକଙ୍କୁ ମନୋନୀତ କରାଯାଇଛି । ଜିଲ୍ଲାପାଳ ମୋ’ କଥାରେ ପ୍ରତିବାଦ କଲେ ।

ମୁଁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ସମ୍ମୁଖରେ ଦୃଢତାର ସହ କହିଲି, ‘‘ରାଜ୍ୟ ସରକାରଙ୍କ ଜଣେ ମନ୍ତ୍ରୀ ଫୋନ୍ କରି ସେହି ନିର୍ଦ୍ଦିଷ୍ଟ ସାତଜଣ ଯୁବକଙ୍କ ନାମ ଦେଇଥିବା ସତ ନୁହେଁ କି’’ ? ସମସ୍ତ ତଥ୍ୟ ମୁଁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ସମ୍ମୁଖରେ ଉପସ୍ଥାପନ କରି, କେଉଁ ମନ୍ତ୍ରୀ କେତେବେଳେ ଫୋନ୍ କରିଥିଲେ ସେ ସମସ୍ତ ଘଟଣା କହିଲି ।

ଜିଲ୍ଲାପାଳ ମୋ’ଠୁ ସମସ୍ତ ଘଟଣା ଶୁଣି, କଥାର ସତ୍ୟତା ଜାଣି ଗଲେ । ମୁହଁ ତାଙ୍କର ତଳକୁ ହୋଇଗଲା । ତାଙ୍କ ଟାଣପଣ ଆଉ ରହିଲା ନାହିଁ । ପ୍ରକୃତ କଥା ସ୍ପଷ୍ଟ ହୋଇଗଲା । ଘୋଡାଇବା ପାଇଁ ଉଦ୍ୟମ କରି ମଧ୍ୟ ସେ ବିଫଳ ହେଲେ ।

ମାନ୍ୟବର ମୁଖ୍ୟମନ୍ତ୍ରୀ ସବୁକଥା ଉପଲବ୍ଧି କରିପାରି ଜିଲାପାଳଙ୍କୁ ପରାମର୍ଶ ଦେଲେ, ସେହି ସାତଜଣଙ୍କ ନାଁ ବାଦ୍ ଦେଇ ଜିଲ୍ଲାର ଯୁବକମାନଙ୍କୁ ତାଲିକା ଭୁକ୍ତ କରିବାପାଇଁ । ତାପରେ ମୁଖ୍ୟମନ୍ତ୍ରୀ ମୋତେଚାହିଁ କହିଲେ, ‘‘ଏଥର ତୁମେ ଖୁସି ତ’’ ?

Source: Author, Digitized by PPRACHIN, SOA

ମୁଁ ଗମ୍ଭୀର ହୋଇ କହିଲି, ''ନା' ସାର ମୁଁ ଖୁସି ନୁହେଁ'' ।

ଜାନକୀବାବୁ ମୋ' ମୁହଁକୁ ଆଶ୍ଚର୍ଯ୍ୟରେ ଚାହିଁ ରହିଲେ । ମୁଁ ଫେରେ କହିଲି, ''ଜିଲ୍ଲାପାଳ କଳାହାଣ୍ଡି ଜିଲ୍ଲା ପାଇଁ ଯୋଗ୍ୟ ନୁହନ୍ତି । ଜିଲ୍ଲାପାଳଙ୍କ ମନରେ ଏହି ଜିଲ୍ଲା ପ୍ରତି ଦରଦ ନାହିଁ । ତାଙ୍କୁ ଆପଣ ସାତ ଦିନ ଭିତରେ ଏ ଜିଲ୍ଲାରୁ କାଢି ନେଇ ଅନ୍ୟତ୍ର ରଖନ୍ତୁ । ସେ ଥିବା ପର୍ଯ୍ୟନ୍ତ ଏ ଜିଲ୍ଲାର କୌଣସି ଉନ୍ନତି ହୋଇପାରିବ ନାହିଁ । ସଦାବେଳେ ସେ ପକ୍ଷପାତ ବିଚାର କରି କାର୍ଯ୍ୟ କରୁଛନ୍ତି'' । କେତୋଟି ଉଦାହରଣ ମଧ୍ୟ ପ୍ରଦାନ କଲି ।

ଜାନକୀବାବୁ ଗମ୍ଭୀର ହୋଇ ମୋ' ପିଠିରେ ହାତ ମାରି, ''ଠିକ୍ ଅଛି ! ତୁମ କଥାକୁ ବିଚାରକୁ ନିଆ ଯିବ'' ବୋଲି କହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ । ସତକୁ ସତ ସାତ ଦିନ ଭିତରେ ତାଙ୍କୁ ସେକ୍ରେଟାରିଏଟକୁ ବଦଳି ହୋଇଗଲା । ଜଣେ ଲୋକ-ପ୍ରତିନିଧି ନିଃସ୍ୱାର୍ଥପର ଭାବରେ ଅଞ୍ଚଳର ସ୍ୱାର୍ଥ ପାଇଁ କାର୍ଯ୍ୟ କଲେ ଫଳ ନିଶ୍ଚୟ ଶୁଭଙ୍କର ହୋଇଥାଏ ।

ଲୋକପ୍ରତିନିଧିମାନଙ୍କ ମନରେ ଧାରଣା ରହିବା ଆବଶ୍ୟକ ଯେ, ଲୋକଙ୍କ ଆଶା ଓ ବିଶ୍ୱାସକୁ ସମ୍ମାନ ଦେଇ କାର୍ଯ୍ୟ କରିବାକୁ ହେବ । ଲୋକପ୍ରତିନିଧିଙ୍କ ପ୍ରତି ଜନତା କେତେ ଆଶା ବାନ୍ଧି ଭରସାର ସହ ତାଙ୍କ କାର୍ଯ୍ୟକୁ ଅନାଇ ରହିଛନ୍ତି । ନିର୍ବାଚିତ ସଭ୍ୟମାନେ ଅଞ୍ଚଳ ତଥା ଦେଶର ସ୍ୱାର୍ଥକୁ ସର୍ବାଗ୍ରେ ରଖି କାର୍ଯ୍ୟ କରିବା ଉଚିତ । ନିଜ ଦଳର ସରକାରଙ୍କ ଦୋଷ ଦୁର୍ବଳତାକୁ ଘୋଡାଇ ନ ଦେଇ ଜନସାଧାରଙ୍କ ହିତ ପାଇଁ ସରକାରଙ୍କ ସହ ଲଢ଼ି ଲୋକଙ୍କ ଆଶାକୁ ପୂରଣ କରିଥିବା ଯୋଗୁଁ ମନରେ ଶାନ୍ତି ପାଇଲି ।

ଆମେରିକାର ରାଷ୍ଟ୍ରପତି ଆବ୍ରାହମ୍ ଲିଙ୍କନ ବହୁବର୍ଷ ତଳେ କହିଥିଲେ, ଆମ ଗଣତନ୍ତ ଶାସନ ବ୍ୟବସ୍ଥାର ମୂଳ ଉଦ୍ଦେଶ୍ୟ ହେଉଛି, ତାହା ଲୋକଙ୍କ ପାଇଁ, ଲୋକଙ୍କ ଦ୍ୱାରା, ଲୋକଙ୍କ ଶାସନ । ତାର ଆବଶ୍ୟକତାର ଯଥାର୍ଥତା ଏବେ ମଧ୍ୟ ଆମ ପାଇଁ ଅପରିହାର୍ଯ୍ୟ ହୋଇ ପଡିଛି । ଗଣତାନ୍ତ୍ରିକ ଶାସନ ପଦ୍ଧତିରେ ତାହା ସଭିଙ୍କ ମିଳିତ ଉଦ୍ୟମରେ ହିଁ ବାସ୍ତବ ରୂପ ନେଇଥାଏ । ଫଳରେ ସାଧାରଣ ଜନତା ତାର ସୁଫଳ ପାଇବା ସଙ୍ଗେ ସଙ୍ଗେ ସମାଜର ଅଶେଷ କଲ୍ୟାଣ ସାଧିତ ହୋଇ ପାରିଥାଏ ।

ଯେଉଁଠି ଲୋକେ ସାଧୁ, ସଚ୍ଚୋଟ ଏବଂ ନିଷ୍ପାପର ସେଠି ସବୁ ବ୍ୟବସ୍ଥା ଠିକ୍ ରୂପେ କାର୍ଯ୍ୟକାରୀ ହୋଇଥାଏ । ମାତ୍ର, ଆଜିକାଲି ସେଭଳି ଲୋକ ବି କାହାନ୍ତି ? ପରିବେଶ ଏବଂ ପରିସ୍ଥିତି ମଣିଷକୁ ଦୂଷିତ ଭାବନା ଭିତରକୁ ଠେଲି ନେଇଛି । ପ୍ରତ୍ୟେକ ବ୍ୟକ୍ତି ଭିତରେ ଅନ୍ତର୍ନିହିତ ଶକ୍ତି ରହିଛି । ତେଣୁ ନିଜ ଭିତରେ ଛପି

Source: Author, Digitized by PPRACHIN, SOA

ରହିଥିବା ଶକ୍ତିର ସଦ୍‌ବିନିଯୋଗ ଉପରେ ଏହାର ଭବିଷ୍ୟତ ନିର୍ଭର କରିଥାଏ । ତାର ଦୁରୁପଯୋଗ ହେଲେ ସମାଜର ଅଶେଷ କ୍ଷତି ଘଟିଥାଏ । ଆମର ଶକ୍ତିର ସଦୁପଯୋଗ ନ ହୋଇ ବହୁ କ୍ଷେତ୍ରରେ ଦୁରୁପଯୋଗ ହେଉଥିବା ଯୋଗୁଁ ସମାଜରେ ଦୁର୍ନୀତି, ଭ୍ରଷ୍ଟାଚାର ବ୍ୟାପକ ଭାବରେ ବୃଦ୍ଧି ପାଉଛି ।

ପିଲାଟି ଦିନରୁ ଆମ ଭବିଷ୍ୟତ ପ୍ରତି ମନରେ ଆତ୍ମବିଶ୍ୱାସ ସୃଷ୍ଟି କରିବାକୁ ପଡିବ । ସେହିମାନେ ଆମ ଭବିଷ୍ୟତର ପରିବର୍ତ୍ତନରେ ପୂର୍ଣ୍ଣ ସହାୟକ ହୋଇ ଦେଶକୁ ସୁସ୍ଥ, ସମୃଦ୍ଧ ପଥରେ ଆଗେଇ ନେଇ ପାରିବେ । ମଣିଷ ଯେତେବେଳେ ନିଜକୁ ନିଜେ ସଂଶୋଧନ କରି ଚାଲିଥିବ, ସେତେବେଳେ ଐଶ୍ୱରୀୟ ଶକ୍ତି ମଧ୍ୟ ତାକୁ ଆଗେଇ ନେବାରେ ସହାୟକ ହେବେ । ନିଜ ସଂକଳ୍ପ ପଥରେ ଦୃଢ ମନୋବଳ ନେଇ ଆଗେଇଲେ ପ୍ରତ୍ୟେକ ବ୍ୟକ୍ତି ନିଜର ଲକ୍ଷ୍ୟହାସଲ କରିବାରେ ସଫଳ ହୋଇ ପାରିଥାଏ । କର୍ତ୍ତବ୍ୟ ପରାୟଣ ତଥା ନିଷ୍ଠାବାନ ପୁରୁଷ ପକ୍ଷରେ ସବୁ ସମ୍ଭବ ହୋଇଥାଏ । ସାମାଜିକ, ସାଂସ୍କୃତିକ, କ୍ରୀଡା, ରାଜନୈତିକ, ସାମ୍ବାଦିକତା ତଥା ସାହିତ୍ୟ କ୍ଷେତ୍ରରେ ମୁଁ ସାଧ୍ୟ ମତେ ନିଷ୍ଠାର ସହ କାର୍ଯ୍ୟ କରି ଅନେକ ସଫଳତା ପାଇ ପାରିଛି । ଶୁଦ୍ଧ ମନରେ ସଂକଳ୍ପବଦ୍ଧହୋଇ କାର୍ଯ୍ୟ କରିବାଦ୍ୱାରା ମୁଁ ଅନେକ ସଫଳତା ପାଇ ପାରିଛି । ତେଣୁ ମୋ' ମନରେ ଆତ୍ମବିଶ୍ୱାସ ବୃଦ୍ଧି ପାଇପାରିଛି । ଏକ ଗଣତାନ୍ତ୍ରିକ ବ୍ୟବସ୍ଥାରେ ବିଶ୍ୱସନୀୟତା ବଜାୟ ରଖିବା ସବୁଠୁ ବଡ ଆବଶ୍ୟକତା ।

ଡିଷ୍ଟିଲାରୀ ବିଲ୍‌ର ବିରୋଧ :

ବିଧାନସଭାର ବଜେଟ ଅଧିବେଶନ ଆରମ୍ଭ ହୋଇ ଯାଇଥାଏ । ଦିନେ ବିଧାନ ସଭାର କାର୍ଯ୍ୟକ୍ରମରେ ଦେଖିଲି, 'ଡିଷ୍ଟିଲାରୀ' ଉପରେ ଟିକସ ହାର ଯାହା ଥିଲା ତା'ର ଅଧା କମାଇ ଦିଆଯିବ । ସେଥିପାଇଁ ଏକ ସରକାରୀ ବିଲ୍ ଆଣାଯିବା ପାଇଁ ଏଜେଣ୍ଡାରେ ସ୍ଥାନ ପାଇଛି । ସେଥିପାଇଁ ମାନ୍ୟବର ସଭ୍ୟମାନଙ୍କୁ ପ୍ରିଣ୍ଟେଡ୍ ସରକାରୀ ବିଲ୍ ପ୍ରଦାନ କରାଯାଇଥାଏ ।

ମୁଁ ସେହି ବିଲ୍ ପାଠ କଲାପରେ ମୋ' ମନରେ ବହୁ ପ୍ରଶ୍ନ ଦେଖାଦେଲା । ରାଜ୍ୟରେ ଅବକାରୀ ରାଜସ୍ୱ ବୃଦ୍ଧି ପାଇଁ ବିଶେଷତଃ, କ୍ୱାଲିଟି ମଦ ଓ ବିୟର ପ୍ରସ୍ତୁତ କରିବା ପାଇଁ ଉଚ୍ଚ କ୍ଷମତା ସମ୍ପନ୍ନ ଡିଷ୍ଟିଲାରୀ ଉପରେ ସମୟକ୍ରମେ ଅଧିକ ଲାଇସେନ୍ସ ଫି ଅବା ଟିକସ ବୃଦ୍ଧି କରିବା କ୍ଷମତା ମୁତାବକ ଉତ୍ପାଦନକାରୀଙ୍କୁ ଅଧିକ ଉତ୍ପାଦନକୁ ନିରୁତ୍ସାହିତ କରିବା ସଙ୍ଗେ ସଙ୍ଗେ ଅଧିକ ଟିକସକୁ ଦଣ୍ଡବିଧାନ ସହ ସରକାରଙ୍କ ଉଦ୍ଦେଶ୍ୟ କାର୍ଯ୍ୟକାରୀ ହୋଇଥାଏ । ଅଧିକ ଟିକସ ପଡିବା ଫଳରେ ଲୋକଙ୍କୁ ଏ

Source: Author, Digitized by PPRACHIN, SOA

ଦିଗରେ ନିରୁତ୍ସାହିତ କରାଯାଇଥାଏ । ଏହା ହିଁ ଟିକସ ବୃଦ୍ଧିର ଚିନ୍ତାଧାରା ।

ମାତ୍ର, ଓଡ଼ିଶାରେ ତାର ବ୍ୟତିକ୍ରମ ପରିଲକ୍ଷିତ ହେଉଛି । ଟିକସ ବଢ଼ାଇବା ବଦଳରେ କମାଇଦେବା ଯୋଗୁଁ ରାଜକୋଷର କୋଟି କୋଟି ଟଙ୍କା କ୍ଷତି ଘଟୁଛି । ଟିକସ ହାର କମାଇବା ଫଳରେ ନିଶା ସେବନକାରୀମାନଙ୍କୁ କମ୍ ଦରରେ ତାହା ମିଳିବା ସମ୍ଭବପର ହୋଇ ପାରିବ । ଏହା ନିଶା ସେବନକୁ ପ୍ରୋତ୍ସାହିତ କଲାଭଳି ମନେ ହେଉଛି ।

ନିଶା ନିବାରଣ କଂଗ୍ରେସ ଦଳର ଏକ ନୀତିଗତ କାର୍ଯ୍ୟକ୍ରମ । ମାତ୍ର, ଟିକସ୍ ରିହାତି ଦେଇ ନିଶା ସେବନକୁ ଉତ୍ସାହିତ କରିବା କଂଗ୍ରେସ୍ ଦଳର ଏକ ନୀତି ବିରୁଦ୍ଧ କାର୍ଯ୍ୟକ୍ରମ । ଏହି ବିଲ୍ ବିଧାନସଭାରେ ପାସ୍ ହେଲେ ଓଡ଼ିଶା ରାଜକୋଷର ପ୍ରାୟ ୭କୋଟି ଟଙ୍କା ଟିକସ ଆଦାୟରୁ କମି ଯିବ । ରାଜକୋଷର ଅଶେଷ କ୍ଷତି ହେବ । ଏଣେ ଲୋକଙ୍କୁ ନିଶା ସେବନରେ ସରକାର ପ୍ରୋତ୍ସାହନ ଦେଲାଭଳି ହେଉଥିବାରୁ ଆମକୁ ଲୋକେ ନାପସନ୍ଦ କରିବେ । ରାଜନୈତିକ ଦଳମାନେ ଆମ ବିରୁଦ୍ଧ ଲୋକଙ୍କୁ ମତାଇ ବିକ୍ଷୋଭ ପ୍ରଦର୍ଶନ କରିବେ ଏବଂ ଏଥିରୁ ରାଜନୈତିକ ଫାଏଦା ଉଠାଇବେ ।

ମୁଁ ବିଭାଗୀୟ ମନ୍ତ୍ରୀ, ଅର୍ଥମନ୍ତ୍ରୀଙ୍କୁ ସାକ୍ଷାତ କରି ସେମାନଙ୍କ ମନୋଭାବ ଜାଣିବାକୁ ଚେଷ୍ଟାକଲି । ସେମାନେ ମଧ୍ୟ ଏହି ବିଲ୍ ପାଇଁ ସନ୍ତୁଷ୍ଟ ନୁହନ୍ତି । ମାତ୍ର, ସେମାନେ ନାଚାର ।

ବିଲେଇ ବେକରେ ଘଣ୍ଟି ବାନ୍ଧିବ କିଏ ? ସବ୍‌ସେ ଭଲା ଚୁପ୍..... । ନିର୍ଦ୍ଦିଷ୍ଟ ଦିନରେ ବିଲ୍ ଉପରେ ବିଧାନସଭାରେ ଆଲୋଚନା ଆରମ୍ଭ ହେଲା ।

ସେତେବେଳକୁ ଓଡ଼ିଶା ବିଧାନସଭାର ବାଚସ୍ପତି ଥା'ନ୍ତି ପ୍ରସନ୍ନ କୁମାର ଦାସ ଏବଂ ଉପବାଚସ୍ପତି ଥା'ନ୍ତି ଚିନ୍ତାମଣି ଦ୍ୟାନ ସମନ୍ତରାୟ ।

ବାଚସ୍ପତି ମହାଶୟଙ୍କ ଅନୁମତି କ୍ରମେ, ମୁଁ ମୋର ବକ୍ତବ୍ୟ ଆରମ୍ଭ କଲି । "ବାଚସ୍ପତି ମହାଶୟ! ଆମ କଂଗ୍ରେସ ଦଳର ନୀତି ଓ ଆଦର୍ଶ ହେଉଛି ନିଶା ନିବାରଣ ଏବଂ ନିଶା ନିବାରଣକୁ ସହାୟତା କରିବା । ମାତ୍ର, ଆଜି ବିଧାନସଭା ଗୃହରେ ନିଶାଦ୍ରବ୍ୟ ପ୍ରସ୍ତୁତକାରୀ ସଂସ୍ଥାମାନଙ୍କୁ ଡିଷ୍ଟିଲାରୀ ଟିକସ ରିହାତି ଦେଇ ରାଜକୋଷର ଆର୍ଥିକ କ୍ଷତି ଘଟାଇବା ସଙ୍ଗେ ସଙ୍ଗେ, ନିଶା ସେବନ ପାଇଁ ଲୋକଙ୍କୁ ଉତ୍ସାହିତ କଲା ଭଳି ମନେ ହେଉଛି ।

ଜାତିର ପିତା ମହାତ୍ମା ଗାନ୍ଧୀ ଦିନେ କହିଥିଲେ, ମୋତେ ଘଣ୍ଟାକ ପାଇଁ ଦେଶର ଶାସନଭାର ମିଳିଲେ ମୁଁ ପ୍ରଥମେ ନିଶା ନିବାରଣ ପାଇଁ କାର୍ଯ୍ୟ କରିବି । ଆମେ କଂଗ୍ରେସ ଦଳୀୟ ଲୋକ ନିଜକୁ ମହାତ୍ମା ଗାନ୍ଧୀଙ୍କ ଦାୟାଦ ରୂପେ ଗର୍ବ ଏବଂ

Source: Author, Digitized by PPRACHIN, SOA

ଗୌରବାନ୍ୱିତ ମନେ କରୁ । ମାତ୍ର, ଆଜି ସେହି କଂଗ୍ରେସ ଦଳ ସେହି ମହାନ୍ ନୀତି ଆଦର୍ଶରୁ ବିଚ୍ୟୁତ ହୋଇ ଯାଉଛି'' ।

ଜଣେ ଦୂରଦୃଷ୍ଟି ସମ୍ପନ୍ନ ମହାନ୍ ବ୍ୟକ୍ତି କହିଥିଲେ, ''ମଦ ପିଇବା ପାପ ନୁହେଁ, ମଦୁଆଙ୍କୁ କୁମାର୍ଗରୁ ନିବର୍ତ୍ତାଇବା ହିଁ ପାପ'' ।

ମୋ'ଠୁ ଏତକ ଶୁଣି ବିରୋଧୀଦଳର ସଦସ୍ୟମାନେ ହସି, ମୋ' ଆଡକୁ ଆଙ୍ଗୁଠି ଦେଖାଇ କହିଲେ, ''ହେଇଟି କଂଗ୍ରେସ ଦଳର ଜଣେ ଖାଣ୍ଟି ମଦୁଆ ସଦସ୍ୟ, ମଦର ସମର୍ଥନରେ ଯୁକ୍ତି ଦେଉଛନ୍ତି'' ।

ସେମାନଙ୍କ ମନ୍ତବ୍ୟ ଶୁଣି ମୁଁ ଫେର୍ କହିଲି, ''ବନ୍ଧୁଗଣ ! ମୁଁ ମଦ ସ୍ପର୍ଶ କରେ ନାହିଁ । ଆମ ସରକାର ଟିକସ ଲାଘବ କରି ମଦ ବୋତଲର ଦର କମାଇ ଦେଇଛନ୍ତି । ଯେଉଁମାନେ ମଦ ପିଅନ୍ତି, ସେମାନେ ଶସ୍ତାରେ ଏଥର ମଦ ବୋତଲ ପାଇ ପାରିବେ । ଖୋଲମ୍ ଖୋଲା ପିଇ ପାରିବେ'' । ଏଥର ହାସ୍ୟରୋଳ ହେଲା ।

''ମଦ ପିଇବା ପାପ ନୁହେଁ - ଏହାର ଅର୍ଥ, ଏହା ଯଦି ପାପ ହୁଅନ୍ତା, ତେବେ ଆମ ସରକାର ମଦର ପ୍ରସ୍ତୁତ ମାଲର ରେଟ୍ କମାଇ ଦିଅନ୍ତେ ନାହିଁ । ତେଣୁ ଏଇଟା ପାପ ନୁହେଁ...'' ।

ବନ୍ଧୁଗଣ... ଏହାର ଗୂଢ଼ ଅର୍ଥ ଅଛି । ଯେତେଦିନ ପର୍ଯ୍ୟନ୍ତ ଜଣେ ନିଶାସକ୍ତ ମଣିଷ ନିଜେ ବୁଝିପାରି ନାହିଁ, ମଦ ଯୋଗୁଁ ତାର ପରିବାର ବରବାଦ୍ ହୋଇ ଯାଉଛି, ତାର ମାନ ସମ୍ମାନରେ ଆଂଚ ଆସୁଛି, ସେ ତାର ବନ୍ଧୁମାନଙ୍କ ମେଳରେ ନିନ୍ଦିତ ହେଉଛି, ସେତେ ଦିନ ପର୍ଯ୍ୟନ୍ତ ସେ ମଦ ଛାଡି ପାରିବ ନାହିଁ । ଆତ୍ମ ଜ୍ଞାନ ଉଦୟ ନହେବା ପର୍ଯ୍ୟନ୍ତ ମଦୁଆଙ୍କୁ ବୁଝାଇ ମଦ ପିଇବା ପାଇଁ ମନା କରିବା ବୃଥା ।

ମୁଁ କଂଗ୍ରେସଦଳର ସଦସ୍ୟ ହୋଇଥିଲେ ମଧ୍ୟ, ନୀତିଗତ ଭାବେ ମହାତ୍ମା ଗାନ୍ଧୀଙ୍କ ଦାୟାଦ ହିସାବରେ ଏହି ବିଲ୍‌କୁ ବିରୋଧ କରୁଛି'' । ଜଣେ ସରକାରୀଦଳର ସଦସ୍ୟ ସରକାରୀଦଳର ବିଲକୁ ବିରୋଧ କଲେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଶ୍ଚିତ । ଏହା ଜାଣି ସୁଦ୍ଧା 'ନୀତିଗତ ପ୍ରଶ୍ନ ଉଠାଇଲି' । ମୁଁ ବିରୋଧ କରିବା ଶୁଣି ବିଧାନସଭା ଗୃହରେ ଏକ ପ୍ରକାର ଗୁଞ୍ଜରଣ ସୃଷ୍ଟି ହେଲା । କଂଗ୍ରେସ ଦଳ ତଥା ବିରୋଧୀ ଦଳ ସଭ୍ୟମାନେ ଆଶ୍ଚର୍ଯ୍ୟ ହୋଇ ମୋତେ ଅନାଇ ରହିଲେ । କେତେଜଣ ଉତ୍ସାହିତ ହୋଇ ଟେବୁଲ ବାଡେଇଲେ । ମୋର ବକ୍ତବ୍ୟ ଶେଷ ହେବା ପୂର୍ବରୁ ମୁଁ ପୁଣି କହିଲି, ''ବାଚସ୍ପତି ମହାଶୟ ! ସାଧାରଣ ଲୋକଙ୍କ ପାଇଁ ମିଳୁଥିବା ଚାଉଳ, ଔଷଧ ଉପରେ ଆମେ ଟିକସ ବସାଉଛୁ, ମାତ୍ର; ମଦ ଉପରେ ଆମେ ଟିକସ ଛାଡୁଛୁ । ଏହା କେଉଁ ନୀତି ଉପରେ ଆଧାରିତ'' ?

Source: Author, Digitized by PPRACHIN, SOA

ତେଣୁ ନୀତିଗତ ଭାବରେ ମୁଁ ଏହି ବିଲକୁ ଦୃଢ ବିରୋଧ କରୁଛି ଏବଂ ମାନ୍ୟବର ମନ୍ତ୍ରୀଙ୍କୁ ଅନୁରୋଧ କରୁଛି, ରାଜକୋଷର କ୍ଷତି ନ ଘଟାଇ ଏହି ଜନ ବିରୋଧୀ ବିଲକୁ, ତୁରନ୍ତ ପ୍ରତ୍ୟାହାର କରିନିଅନ୍ତୁ'' । ଟେବୁଲ ବାଡେଇ ଘନ ଘନ କରତାଳି ହେଲା ।

ମୋର ବକ୍ତବ୍ୟ ଶେଷ ହୋଇଗଲା ପରେ କିଛି କ୍ଷଣ ସଭାଗୃହ ସ୍ତବ୍ଧ ହୋଇଗଲା । ବିରୋଧୀଦଳର ସଦସ୍ୟମାନେ ମୋତେ ଆଶ୍ଚର୍ଯ୍ୟରେ ଚାହିଁ ରହିଲେ । ମୋ' ଦଳର ସଦସ୍ୟ ମାନେ ମୋ' ମନୋଭାବକୁ ସ୍ପଷ୍ଟ ବୁଝି ପାରିଥିଲେ । ନୀତିଗତ ଭାବେ, ମୁଁ ଏହି ବିଲ୍‌କୁ ବିରୋଧ କରୁଥିବା ଜାଣି ଏବଂ ମୋର ଖୋଲା ମତ ମୁଁ ପ୍ରଦାନ କରିଥିବା ଶୁଣି, ମୋ' ମତ ସହ ସେମାନେ ମଧ୍ୟ ସହମତ ବୋଲି ଜଣାଇଲେ । ଅନେକ ସଦସ୍ୟ ମୋ' ସହିତ କରମର୍ଦ୍ଦନ କଲେ ।

ସେହି ମୁହୂର୍ତ୍ତରେ ଏବଂ ସେହି ପରିବେଶ ମଧ୍ୟରେ ମୁଁ ତୁରନ୍ତ ଦରଖାସ୍ତ ଲେଖି ବିଧାୟକମାନଙ୍କ ସ୍ୱାକ୍ଷର ସଂଗ୍ରହ କରିନେଲି । ସର୍ବମୋଟ ୬୨ଜଣ କଂଗ୍ରେସ ଦଳର ବିଧାୟକ ମୋତେ ସମର୍ଥନ ଜଣାଇ ନିଜ ସ୍ୱାକ୍ଷର ପ୍ରଦାନ କଲେ ।

ମୋର ଲିଖିତ ଦରଖାସ୍ତ ଏବଂ ମାନ୍ୟବର ବିଧାୟକମାନଙ୍କ ସମର୍ଥନ ସ୍ୱାକ୍ଷରକୁ ଜେରେକ୍ସ କରି ବିଧାନସଭା ଗୃହରେ ଗୋଟିଏ କପି ମାନ୍ୟବର ଅର୍ଥମନ୍ତ୍ରୀ ଗଙ୍ଗାଧର ମହାପାତ୍ରଙ୍କୁ ଲଫାପାରେ ଭର୍ତ୍ତିକରି ପ୍ରଦାନକଲି । ସେତେବେଳେ ଅବକାରୀ ମନ୍ତ୍ରୀଥିଲେ ନାଗାର୍ଜୁନ ପ୍ରଧାନ ।

ମୋର ସ୍ୱାକ୍ଷର ସଂଗ୍ରହ ଏବଂ ତାର ଅଳ୍ପ କ୍ଷଣପରେ ତାର ନକଲ ମାନ୍ୟବର ଅର୍ଥମନ୍ତ୍ରୀଙ୍କୁ ପ୍ରଦାନ କରିବା ଦେଖି ବିରୋଧୀ ଦଳର ମାନ୍ୟବର ସଦସ୍ୟମାନେ ପାଟିକଲେ, ''ମାନ୍ୟବର କୋକସରା ବିଧାୟକ ରାସବିହାରୀ ବେହେରା କଣ ଲେଖି ମାନ୍ୟବର ଅର୍ଥମନ୍ତ୍ରୀଙ୍କୁ ପ୍ରଦାନ କରିଛନ୍ତି, ତାହା ଏଠି ସ୍ପଷ୍ଟ କରନ୍ତୁ'' ।

ବିରୋଧୀ ଦଳର ପାଟି ତୁଣ୍ଡ ଶୁଣି ଗଙ୍ଗାଧର ମହାପାତ୍ର ମାନ୍ୟବର ଅର୍ଥମନ୍ତ୍ରୀ ଉଠି କହିଲେ, ''ମାନ୍ୟବର କୋକସରା ବିଧାୟକ ମୋତେ ତାଙ୍କ ଲେଖା ପ୍ରଦାନ କରିଛନ୍ତି । ମାତ୍ର, ତାହା ମୁଁ ପଢି ନାହିଁ । ତେଣୁ ତାର କଣ ଉତ୍ତର ଦେବି''?

ବିରୋଧୀଦଳର ବିଧାୟକମାନେ ପାଟି ତୁଣ୍ଡ କରି ବିଧାନ ସଭାରେ ହୋ-ହଲ୍ଲା ମଚାଇଲେ ।

ମୋର ଭାଷଣ, ଦସ୍ତଖତ ସଂଗ୍ରହ, ତାର ଗୋଟିଏ କପି ମାନ୍ୟବର ଅର୍ଥମନ୍ତ୍ରୀଙ୍କୁ ପ୍ରଦାନ ପ୍ରଭୃତିକୁ ନେଇ ବିଧାନସଭାରେ ଏକ ପ୍ରକାର ବିସ୍ଫୋରଣ ସୃଷ୍ଟି ହୋଇ କିଛି ସମୟ ପାଇଁ ବିଧାନସଭା ଅଚଳ ହୋଇ ପଡିଲା ।

Source: Author, Digitized by PPRACHIN, SOA

ମାନ୍ୟବର ବାଚସ୍ପତି ମହାଶୟ, ବିଧାୟକମାନଙ୍କୁ ଶାନ୍ତ ହେବା ପାଇଁ ଅର୍ଡର, ଅର୍ଡର କହୁଥାନ୍ତି । ମାତ୍ର, କିଏ ଶୁଣିବା ଅବସ୍ଥାରେ ନଥାନ୍ତି । ବିଧାନସଭାରେ ଏକ ପ୍ରକାର ବିଶୃଙ୍ଖଳ ପରିସ୍ଥିତି ସୃଷ୍ଟି ହୋଇ ଯାଇଥାଏ । ସେଦିନ ବିଧାନସଭାରେ 'ଏପ୍ରୋପ୍ରିଏସନ ବିଲ୍' ପାସ୍ ହେବା ପାଇଁ ସ୍ଥିର ହୋଇଛି । ଏହି ଭଳି ଏକ ଜଟିଳ ପରିସ୍ଥିତି ସୃଷ୍ଟି ହୋଇ ଯାଇଥାଏ ।

ମାନ୍ୟବର ମୁଖ୍ୟମନ୍ତ୍ରୀ ବିଧାନସଭା ଗୃହରେ ନଥାନ୍ତି । ସେହି ମୁହୂର୍ତ୍ତରେ ମୁଁ ତାଙ୍କ ବିଧାନସଭା ଅଫିସ ଗୃହକୁ ଯାଇ, 'ଡିଷ୍ଟିଲାରୀର ଟିକସ ଛାଡ ପାଇଁ ଆସିଥିବା ବିଲ୍‌କୁ ଆମେ କଂଗ୍ରେସ ଦଳର ୬୨ ଜଣ ସଦସ୍ୟ ବିରୋଧ କରୁଛୁ' କହି, ମୋର ଲିଖିତ ଦରଖାସ୍ତଟିକୁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ହସ୍ତରେ ଅର୍ପଣ କଲି ।

ସେ ମୋତେ ବିସ୍ମୟ ଚକ୍ଷୁରେ ଦେଖି ପ୍ରଶ୍ନକଲେ, ''ଏ କି ଦରଖାସ୍ତ''? ସେ ଲଫାପା ଖୋଲି ଦରଖାସ୍ତ ପଢି ଗମ୍ଭୀର ହୋଇ ମୋ' ମୁହଁକୁ ଚାହିଁ ସମ୍ଭୀଭୂତ ହୋଇ ଗଲେ । ସେ ଜାଣିଥିଲେ, ଏହି ବିଲ୍‌କୁ ନେଇ ମୁଁ ଅସନ୍ତୁଷ୍ଟ । କିନ୍ତୁ, ୬୨ଜଣ ବିଧାୟକ ମୋ' ମତ ସହ ସହମତ ପ୍ରଦାନ କରି ଦସ୍ତଖତ ଦେଇ ସମର୍ଥନ ଜଣାଇବେ, ଏହା ସେ ସ୍ୱପ୍ନରେ ସୁଦ୍ଧା ଭାବି ନ ଥିଲେ । ମୋତେ ଚାହିଁ ଗମ୍ଭୀର ହୋଇ କହିଲେ, ''ରାସବିହାରୀ! ଏ ତୁମେ କଣ କଲ''?

ମୁଁ ପୁଣି ଯୋର୍ ଦେଇ କହିଲି, ''ସାର୍! ଆପଣ ମାନ୍ୟବର ବିଧାୟକମାନଙ୍କ ସ୍ୱାକ୍ଷରକୁ ଯଦି ସନ୍ଦେହ କରୁଛନ୍ତି, ଆପଣ ଅନୁସନ୍ଧାନ କରନ୍ତୁ । ଯଦି ଗୋଟିଏ ବି ସ୍ୱାକ୍ଷର ଫର୍‌ଜୋରି ହୋଇଥାଏ ତେବେ ମୋର ଇସ୍ତଫା ମଧ୍ୟ ଆପଣ ଗ୍ରହଣ କରି ପାରନ୍ତି । ସେଥିପାଇଁ ମୁଁ ମଧ୍ୟ ଲିଖିତ ଭାବରେ ଆପଣଙ୍କୁ ଜଣାଇ ଦେଉଛି । ମୋର ଇସ୍ତଫା ପତ୍ର ମଧ୍ୟ ଆପଣ ରଖନ୍ତୁ'' ।

ମୋର ଇସ୍ତଫା ପତ୍ର ଦେଖି ସେ ଆହୁରି ବିଚଳିତ ହୋଇ ପଡିଲେ । ପୁଣି ଏଥିଯୋଗୁଁ ତାଙ୍କ ଉପରେ ନୈତିକ ଚାପ ପଡିଲା ।

ମୁଁ ଆହୁରି ଦୃଢ ସ୍ୱରରେ କହିଲି, ''କଂଗ୍ରେସ୍ ଦଳର ଏହା ଏକ ନୀତିଗତ ପ୍ରଶ୍ନ । ନିଶା ନିବାରଣ ଆମର ମୂଳ ନୀତି । ନିଶାକୁ ପ୍ରୋତ୍ସାହନ ଦେବା ଆମ ଦଳର ନୀତି ବିରୁଦ୍ଧ । ଏହି ବିଲ୍ ବିଧାନସଭାଗୃହରେ ପାସ୍ ହେଲେ ରାଜକୋଷର ମଧ୍ୟ ପ୍ରାୟ ସାତ କୋଟି ଟଙ୍କା କ୍ଷତି ହେବ । ଏହିଭଳି ବିଲ୍‌କୁ ଆମେ କଂଗ୍ରେସ ଦଳ କିପରି ଗ୍ରହଣ କରିପାରିବୁ''?

''ଆମରି କଂଗ୍ରେସଦଳ ଶାସନରେ ଥିବା ସମୟରେ ୧୯୫୪-୫୫ ମସିହାରେ ମାନ୍ୟବର ନବକୃଷ୍ଣ ଚୌଧୁରୀଙ୍କ ମୁଖ୍ୟମନ୍ତ୍ରିତ୍ୱ ସମୟରେ ଆମ ରାଜ୍ୟରେ ସଂପୂର୍ଣ୍ଣ ନିଶା

Source: Author, Digitized by PPRACHIN, SOA

ନିବାରଣ ହୋଇଥିଲା । ଆପଣଙ୍କ ମୁଖ୍ୟମନ୍ତ୍ରିତ୍ୱ ସମୟରେ ନିଶାକୁ ପ୍ରୋତ୍ସାହନ ଦେବା ସମ୍ବନ୍ଧରେ ଆମ ବିବେକ ଆମକୁ ଅନୁମୋଦନ କରି ପାରୁନାହିଁ । ତେଣୁ ଆମେ ନୀତିଗତ ଭାବେ ଏହି ବିଲ୍‌କୁ ଦୃଢ଼ ବିରୋଧ କରୁଛୁ'' । ମୋର ଏହିଭଳି ଯୁକ୍ତି ଶୁଣି ଏବଂ ମୋର ଦୃଢତା ଜାଣି, ପିରସ୍ଥିତିର ଗୁରୁତ୍ୱ ଉପଲବ୍ଧି କରି, ଜାନକୀବାବୁ ଆଶ୍ୱାସନା ଦେବା ସ୍ୱରରେ କହିଲେ, ''ତୁମ କଥାକୁ ମୁଁ ବିଚାରକୁ ନେଉଛି । ଅର୍ଥମନ୍ତ୍ରୀଙ୍କ ସହ ଆଲୋଚନା କରି ଆଜି ଆମେ ଏକ ଫଏସଲା ନେବା । ତୁମେ ଯାଇ ବିଧାନସଂଭାରେ ବସ'' ।

ମୁଁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କଠୁ ବିଦାୟ ନେଇ ବିଧାନସଭା ଗୃହକୁ ଚାଲି ଆସିଲି । ମୁଁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ପାଇଁ ଯାଇଥିବା ଯୋଗୁଁ ଆମ ଦଳର ବିଧାୟକମାନେ ଉତ୍‌କଣ୍ଠାର ସହ ମୋତେ ଆପେକ୍ଷା କରିଥାନ୍ତି । ସେମାନେ ମୋଠୁ ସମସ୍ତ କଥା ଶୁଣି ପରବର୍ତ୍ତୀ ଫଳାଫଳ ପାଇଁ ଅପେକ୍ଷା କରି ରହିଲେ ।

ମୁଖ୍ୟମନ୍ତ୍ରୀଙ୍କଠୁ ଖବର ପାଇ ଅର୍ଥମନ୍ତ୍ରୀ ତାଙ୍କ ସହିତ ପରାମର୍ଶ କରିବା ପାଇଁ ଚାଲିଗଲେ । ଜଟିଳ ପରିସ୍ଥିତ ସୃଷ୍ଟି ହୋଇ ବିଧାନସଭା ଅଚଳ ହୋଇ ପଡିଥାଏ । ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଅର୍ଥମନ୍ତ୍ରୀ ସ୍ପଷ୍ଟ ଭାବରେ କହିଲେ, ''ଆଜି ଏହି ବିଲକୁ ପ୍ରତ୍ୟାହାର କରାନଗଲେ ବଜେଟ୍ ପାସ୍ ହୋଇ ପାରିବ ନାହିଁ । ରାସବିହାରୀ ବିଧାନ ସଭାରେ ଯେଉଁ ଭଳି ଭାବରେ ତାଙ୍କ ବକ୍ତବ୍ୟ ଉପସ୍ଥାପନ କଲେ, ଆମ ଦଳ ତଥା ବିରୋଧୀ ଦଳ ଟେବୁଲ ବାଡେଇ ତାଙ୍କୁ ସମର୍ଥନ ଜଣାଇଲେ'' ।

ମାନ୍ୟବର ଅର୍ଥମନ୍ତ୍ରୀ ପୁଣି କହିଲେ, ''ଆପଣ ଜାଣନ୍ତି, ରାସବିହାରୀ ଯାହା ଥରେ ସ୍ଥିର କରି ନିଅନ୍ତି, ତାକୁ ସେ କାର୍ଯ୍ୟକାରୀ କରିଥାନ୍ତି । ଏହାକୁ ସେ 'ଏକ ନୀତିଗତ ପ୍ରଶ୍ନ' ଭାବରେ ଉଠାଇଛନ୍ତି'' ।

ମାନ୍ୟବର ମୁଖ୍ୟମନ୍ତ୍ରୀ ବିବ୍ରତ ହୋଇ ପ୍ରଶ୍ନ କଲେ, ''ତାହା ହେଲେ କଣ କରାଯିବ'' ?

ଅର୍ଥମନ୍ତ୍ରୀ ବିନା ଦ୍ୱିଧାରେ କହିଲେ, ''ବିଲ୍‌କୁ ଉଇଥଡ୍ର କରିବାକୁ ପଡିବ'' । ଦୁହେଁ ଆଲୋଚନା କରି ଏକ ସିଦ୍ଧାନ୍ତରେ ଉପନୀତ ହୋଇ ବିଧାନସଭା ଗୃହକୁ ଆସିଲେ ।

ମାନ୍ୟବର ବାଚସ୍ପତି ମହାଶୟ, ବିଧାୟକମାନଙ୍କୁ ନିଜ ନିଜ ସିଟରେ ବସିବା ପାଇଁ ଅନୁରୋଧ କଲେ ।

ମୁଖ୍ୟମନ୍ତ୍ରୀ ବିଧାନସଭା ଗୃହକୁ ଆସିବା ପରେ ବିରୋଧୀଦଳର ବିଧାୟକମାନେ ତଥା ଅନ୍ୟ ସଦସ୍ୟମାନେ ନିଜ ନିଜ ଆସନକୁ ଚାଲିଗଲେ । ସମସ୍ତେ ନିଜ ନିଜ ଆସନରେ ବସି ମୁଖ୍ୟମନ୍ତ୍ରୀ କଣ କହୁଛନ୍ତି ଜାଣିବାପାଇଁ ଉତ୍‌କଣ୍ଠାର ସହ ଅପେକ୍ଷା କଲେ ।

Source: Author, Digitized by PPRACHIN, SOA

ଥରେ ଗୋଟିଏ ବିଲ୍ ଅଥବା ଯାହା ପ୍ରତିଦିନ ଏଜେଣ୍ଡାନୁସାରେ ବିଧି ବିଧାନ ଆଲୋଚନା ପାଇଁ ଆସିଥାଏ, ତାହା ଗୃହର ପ୍ରପ୍ରର୍ଟି ହୋଇଥାଏ । ତେଣୁ ଗୃହର ଅନୁମତି ନେଇ ହିଁ ପ୍ରତ୍ୟାହାର କରାଯାଇଥାଏ ।

ତେଣୁ ମାନ୍ୟବର ମୁଖ୍ୟମନ୍ତ୍ରୀ ତାଙ୍କ ଆସନରୁ ଉଠି, ମାନ୍ୟବର ବାଚସ୍ପତି ମହାଶୟଙ୍କୁ ସମ୍ବୋଧନ କରି କହିଲେ, ''ଡିଷ୍ଟିଲାରୀ ଉପରେ ଟିକସ ରିହାତି ପାଇଁ ସରକାର ଯେଉଁ ବିଲ୍ ବିଧାନସଭା ଗୃହରେ ଉପସ୍ଥାପନ କରିଥିଲେ, ମାନ୍ୟବର ସଭ୍ୟମାନଙ୍କ ମନୋଭାବ ଜାଣିବା ପରେ ତାକୁ ପ୍ରତ୍ୟାହାର କରି ନିଆଗଲା'' । ମାନ୍ୟବର ସଦସ୍ୟଗଣ ହର୍ଷଧ୍ୱନି ସହ ଟେବୁଲ ବାଡେଇ ତାକୁ ସମର୍ଥନ ଜଣାଇଥିଲେ ।

ମାନ୍ୟବର ବାଚସ୍ପତି ଘୋଷଣାକଲେ, ''ଡିଷ୍ଟିଲାରୀ ଟିକସ୍ ରିହାତି ବିଲ୍ ୧୯୮୬ ପ୍ରତ୍ୟାହାର କରାଗଲା''।

ମାନ୍ୟବର ସଦସ୍ୟଗଣ ଟେବୁଲ୍ ବାଡେଇ ତାହା ଗୃହୀତ କରାଇ ନେଲେ । ଏହାପରେ ବିଧାନସଭାର ଅନ୍ୟାନ୍ୟ କାର୍ଯ୍ୟ ସୁଚାରୁ ରୂପେ ପରିଚାଳିତ ହେଲା ।

ସରକାରୀ ବିଧାୟକଙ୍କ ଚାପରେ ପ୍ରସ୍ତାବିତ ବିଲ୍ ପ୍ରତ୍ୟାହାର ହେବା ଏକ ଅଭୂତ ପୂର୍ବ ଘଟଣା । ତେଣୁ ତାର ପ୍ରଭାବ ସରକାରୀ ଦଳରେ ଏବଂ ବିରୋଧୀ ଦଳରେ ମଧ୍ୟ ଗୁଞ୍ଜରଣ ସୃଷ୍ଟି କରିଥାଏ ।

ଅନେକ ବିଧାୟକ, ଏପରିକି ମନ୍ତ୍ରୀମାନେ ମଧ୍ୟ ମୋତେ ଅଭିନନ୍ଦନ ଜଣାଉଥାନ୍ତି । ବହୁ ସରକାରୀ ଅଫିସର୍ ମଧ୍ୟ ଅଫିସର୍ ଗ୍ୟାଲେରିରେ ବସି ମୁହଁରେ ମୁରୁ ମୁରୁ ହସ ଖେଳାଇ ମୋ' ପ୍ରତି ଅଭିନନ୍ଦନ ଭାବ ପ୍ରକାଶ କରୁଥାନ୍ତି ।

ଏହି ଘଟଣା ମୋ' ମନରେ ଆତ୍ମବିଶ୍ୱାସ ବୃଦ୍ଧି କରିବାରେ ସହାୟକ ହୋଇ ପାରିଥିଲା । ତେଣୁ ଏକ ପ୍ରକାର ସନ୍ତୋଷ ଭାବନା ମୋ' ମନକୁ ଆହୁରି ଶୁଦ୍ଧ କରି ଦେଲା । ମନରେ ମୋର ଦୃଢ ବିଶ୍ୱାସ ହେଲା, ଯିଏ ନିଜର କର୍ତ୍ତବ୍ୟ ବୁଝି ତାହା ପାଳନ କରିବା ପାଇଁ ତତ୍ପର ଭଗବାନ ତାକୁ ମଧ୍ୟ ସହଯୋଗ ଦେଇଥାନ୍ତି । ତେଣୁ ଫଳାଫଳ ସଭିଙ୍କ ପାଇଁ ଅବଶ୍ୟ ମଙ୍ଗଳ ଦାୟକ ହୋଇଥାଏ ।

ମୁଁ ଏଠି କହିବାକୁ ଚାହେଁ, ଯେଉଁ କାର୍ଯ୍ୟ ମୁଁ ସରକାରୀ ଦଳର ସଦସ୍ୟ ଭାବରେ କଲି, ସେହିକାର୍ଯ୍ୟ ବିରୋଧୀ ଦଳ ତରଫରୁ ଉଠିବା କଥା, ମାତ୍ର; ସେମାନେ ତାହା କଲେ ନାହିଁ କାହିଁକି ? ବିରୋଧୀଦଳ ତାଙ୍କ ଭୂମିକା ନିଭାଇବାରେ ବିଫଳତା ପ୍ରଦର୍ଶନ କରିଛନ୍ତି । ମୋ' ମନରେ ବହୁ ପ୍ରଶ୍ନବାଚୀ ସୃଷ୍ଟି କରିଥାଏ । ଆମେ ଲୋକପ୍ରତିନିଧି ହିସାବରେ ଆମର ମୁଖ୍ୟ ଦାୟିତ୍ୱ ତୁଲାଉ ନାହୁଁ କାହିଁକି ?

Source: Author, Digitized by PPRACHIN, SOA

ଡିଷ୍ଟିଲାରୀ ଟିକସ ରିହାତି ବିଲ୍ ସମ୍ପର୍କରେ ପ୍ରଧାନମନ୍ତ୍ରୀଙ୍କ ସହ ଆଲୋଚନା :

କିଛି ବିଧାୟକ ଏହା ଏକ ମାନସିକ ବିଜୟ ବୋଲି ମନେକଲେ । ତେଣୁ ନିର୍ଦ୍ଦିଷ୍ଟ କିଛି ବିଧାୟକ ଏକତ୍ର ହୋଇ ମୋ' କ୍ୱାର୍ଟରରେ ମିଳିତ ହେଲେ । ସରକାରଙ୍କ ଆଇନ୍‌ଗୁଡିକର ଜନବିରୋଧୀ କାର୍ଯ୍ୟକଳାପ ଉପରେ ଆମ ଭିତରେ ଦୀର୍ଘ ସମୟ ଧରି ଆଲୋଚନା ହେଲା । ଶେଷକୁ ସିଦ୍ଧାନ୍ତ ଗ୍ରହଣ କରାଗଲା, ସରକାରଙ୍କ ଅନେକ ଜନ ବିରୋଧୀ କାର୍ଯ୍ୟକ୍ରମ ହାଇକମାଣ୍ଡଙ୍କ ଦୃଷ୍ଟିକୁ ଆଣିବାକୁ ପଡିବ । ନହେଲେ ଭବିଷ୍ୟତରେ କଂଗ୍ରେସ୍‌ଦଳର ନିର୍ବାଚନରେ ବିପର୍ଯ୍ୟୟ ଘଟିବ । ସମସ୍ତେ ଏଥିରେ ସହମତ ହେଲେ । ଦିନ ସମୟ ସ୍ଥିର କରାଗଲା । ଦିଲ୍ଲୀ ଯାଇ ପ୍ରଧାନମନ୍ତ୍ରୀଙ୍କୁ ଭେଟି ସମସ୍ତ କଥା ଜଣାଇବୁ ।

''ପ୍ରତ୍ୟେକ ବିଧାୟକ ନିଜ ଖର୍ଚ୍ଚରେ ରେଳ ଟିକଟ କିଣି, ଦିଲ୍ଲୀରେ ଜଣେ ଲୋକସଭା ସଦସ୍ୟଙ୍କ କ୍ୱାର୍ଟରରେ ରହି, ତାଙ୍କ ଉପରେ ବୋଝ ନହୋଇ ହୋଟେଲରେ ଖାଇ ପ୍ରଧାନମନ୍ତ୍ରୀଙ୍କୁ ଭେଟି ରାଜ୍ୟର ସମସ୍ତ କଥା ଗୋଟି ଗୋଟି ଜଣାଇବୁ । ସେଥି ପାଇଁ ଅନ୍ତତଃ ଦିଲ୍ଲୀରେ ଅତିକମ୍ ରେ ୫, ୬ ଦିନରୁ ଅଧିକ ରହିବାକୁ ପଡିପାରେ । ତେଣୁ ଆମକୁ ପ୍ରସ୍ତୁତ ହୋଇ ଯିବାକୁ ପଡିବ'' । ଏତକ କହି ମୁଁ ସମସ୍ତଙ୍କ ମୁହଁକୁ ଚାହିଁଲି ।

ମୋ' ମତ ସହ ସମସ୍ତେ ସହମତ ହେଲେ । ଜଣେ ବିଧାୟକଙ୍କୁ ଦାୟିତ୍ୱ ଦିଆଗଲା, ଟ୍ରେନ୍ ଟିକଟ କିଣି ରିଜର୍ଭେସନ କରିବା ପାଇଁ । ପୁଙ୍ଖାନୁପୁଙ୍ଖ ଆଲୋଚନା କରି ଲିଖିତ ଡ୍ରାଫ୍ଟ ପ୍ରସ୍ତୁତ କରାଗଲା । ନିର୍ଦ୍ଦିଷ୍ଟ ଦିନ ଯିବା ପୂର୍ବରୁ ପୁଣି ସମସ୍ତେ ଏକାଠି ହେଲୁ ଆଲୋଚନା ପାଇଁ ।

ଜଣେ ବନ୍ଧୁ ଉତ୍ସାହିତ ହୋଇ ଆମ ଆଗରେ ପ୍ରସ୍ତାବ ଉପସ୍ଥାପନ କଲେ, ''ଆମେ ଟ୍ରେନ୍‌ରେ ନ ଯାଇ ଉଡାଜାହାଜରେ ଯିବୁ ଏବଂ ଉଡାଜାହାଜରେ ଫେରି ଆସିବୁ । ଦିଲ୍ଲୀରେ ଏକ ଷ୍ଟାର ହୋଟେଲରେ ରହିବୁ । ଏ ସମସ୍ତ ଖର୍ଚ୍ଚ ଜଣେ ବହନ କରିବେ । ଆମକୁ କୌଣସି ଖର୍ଚ୍ଚ କରିବାକୁ ପଡିବ ନାହିଁ । ଦିଲ୍ଲୀର ଟାକ୍ସି ଖର୍ଚ୍ଚ ମଧ୍ୟ ଆମକୁ ପଡିବ ନାହିଁ'' ।

ମାନ୍ୟବର ବିଧାୟକମାନେ ଏ ପ୍ରସ୍ତାବ ଶୁଣି ଖୁସିରେ ତାଙ୍କୁ କୁଣ୍ଢାଇ ପକାଇଲେ ।

ଜଣେ ବିଧାୟକ କହିଲେ, ''ଆଉ କଣ ପାଇଁ ଚିନ୍ତା !! ଉଡାଜାହାଜରେ ଯିବା, ଉଡାଜାହାଜରେ ଫେରି ଆସିବା, ଷ୍ଟାର ହୋଟେଲରେ ରହିବା । ଏମ୍.ପି. ଘରେ ଯାଇ ଦରିରେ ଶୋଇବା କାହିଁକି ? ଆରାମରେ ଯାଇ ଆରାମରେ ରହି ଆରାମରେ ନ ଫେରିବା କାହିଁକି'' ?

Source: Author, Digitized by PPRACHIN, SOA

ଆଉ ଜଣେ ବନ୍ଧୁ କହିଲେ, ''ଆମ ଷ୍ଟାଟସ୍ ଦୃଷ୍ଟିରୁ ଆମେ ଉଡାଜାହାଜରେ ଯିବା ହିଁ ଉଚିତ ହେବ'' ।

ଆଉ ଜଣେ ବିଧାୟକ ବନ୍ଧୁ କହିଲେ, ''ତାହା ହେଲେ ଟ୍ରେନ୍ ଟିକଟ ଆଜି ହିଁ କେନ୍‌ସଲ କରିଦିଅ । କାଲିକି କେନ୍‌ସଲ କଲେ ଅଧିକ ଟଙ୍କା କଟିଯିବ'' ।

ବନ୍ଧୁମାନଙ୍କ ଉତ୍ସାହ, ମୁଁ ଚୁପ୍ ଚାପ୍ ବସି ଦେଖୁଥାଏ ।

ମୁଁ ମନେ ମନେ ଭାବିଲି, ପ୍ରଲୋଭନ ମଣିଷକୁ କେତେ ସହଜରେ ତଳକୁ ଟାଣି ନେଇଥାଏ । ଆମ ସଂସ୍କାର, ସଂସ୍କୃତି ଓ ପରମ୍ପରା ମହାନ୍ ବୋଲି ଆମେ କହିଥାଉ । ମାତ୍ର ଦିନକୁ ଦିନ ଆମେ ସେହି ମହାନ ପରମ୍ପରାରୁ ଦୂରେଇ ଗଲା ଭଳି ମନେ ହେଉଛି । ଆଜି ଆମଠି ବିବେକର ଦାରିଦ୍ର୍ୟ ଦେଖା ଦେଉଛି । ମାନବିକତାର ସ୍ଖଳନ ଘଟିଛି । ସ୍ୱାର୍ଥ ସର୍ବସ୍ୱ ଦୁନିଆରେ ସମସ୍ତେ ଭୋଗ ବିଳାସ ପ୍ରତି ଆସକ୍ତ । କିଏ ଏତେ ଟଙ୍କା ଆମ ପାଇଁ ଖର୍ଚ୍ଚ କରିବାକୁ ପ୍ରସ୍ତୁତ ? କଣ ପାଇଁ ସେ ଆମ ଦିଲ୍ଲୀ ଯାତ୍ରା ପାଇଁ ଉଡାଜାହଜ ଖର୍ଚ୍ଚ, ତାରକା ହୋଟେଲର ସମସ୍ତ ଖର୍ଚ୍ଚ ବହନ କରିବାକୁ ପ୍ରସ୍ତୁତ ? ତାହା ମାନ୍ୟବର ସଦସ୍ୟମାନେ ଜାଣିବା ପାଇଁ ମଧ ଆଗ୍ରହୀ ନୁହନ୍ତି ।

ଜଣେ ଏତେ ସାହାଯ୍ୟ କରିବା ପାଇଁ ପ୍ରସ୍ତୁତ, ଅଥଚ; ତାକୁ ଆମେ ଛାଡିବା କାହିଁକି ? ଯେଉଁ ବନ୍ଧୁ ଏ ପ୍ରସ୍ତାବ ଦେଇଥିଲେ ତାଙ୍କୁ ସମସ୍ତେ ଘେରି ଯାଇ, ''ଆପଣ ଶୀଘ୍ର ଯାଇ ପ୍ଲେନ ଟିକଟ ଏବଂ ଆନୁଷଙ୍ଗିକ ଖର୍ଚ୍ଚ ଧରି ଆସନ୍ତୁ ବୋଲି କହିଲେ'' ।

ବନ୍ଧୁମାନଙ୍କ ଖୁସି ମିଜାଜ୍ ଦେଖି ମୁଁ ଉଠି ପଡିଲି । ମୋର ଉଠି ପଡିବା ଦେଖି ଜଣେ ବନ୍ଧୁ କହିଲେ, ''ଆପଣ କୁଆଡେ ଯାଉଛନ୍ତି'' ?

ଗମ୍ଭୀର ହୋଇ କହିଲି, ''ମୁଁ ଯାଇ ପାରିବି ନାହିଁ । ଆପଣମାନେ ପ୍ଲେନ୍‌ରେ ଯାଆନ୍ତୁ ଏବଂ ଷ୍ଟାର ହୋଟେଲରେ ରହନ୍ତୁ'' । ଏତକ କହି ମୁଁ ସେଠୁ ଉଠି ନିଜ କ୍ୱାର୍ଟରକୁ ଚାଲି ଆସିଲି ।

ମୁଁ ଉଠି ଚାଲି ଆସିବା ପରେ, କ୍ଷଣିକ ପୂର୍ବରୁ ଆନନ୍ଦ ଉତ୍ସାହରେ ବିଭୋର ହୋଇ ଯାଇଥିବା ବନ୍ଧୁମାନଙ୍କ ମୁହଁ ମଳିନ ପଡିଗଲା ।

ଜଣେ ବନ୍ଧୁ କହିଲେ, ''ରାସବିହାରୀ ବାବୁ ସହଜରେ ଏ ପ୍ରସ୍ତାବକୁ ଗ୍ରହଣ କରି ପାରିବେ ନାହିଁ । ପର ଧନରେ ଆରାମ କରିବା ତାଙ୍କ ପାଇଁ ହାରାମ ମନେ ହେବ''।

ଆଉ ଜଣେ ବନ୍ଧୁ କହିଲେ, ''ରାସବାବୁ ନ ଗଲେ ଆମେ ଯିବା ଠିକ୍ ହେବ ନାହିଁ । ସେ ନ ଗଲେ ଆମ ଦିଲ୍ଲୀ ଯାତ୍ରା ଅନ୍ତଃସାରଶୂନ୍ୟ ହୋଇଯିବ । ଆମେ ସଂଖ୍ୟା ବଢାଇବା ନା ସଂଖ୍ୟା କମାଇବା'' ?

Source: Author, Digitized by PPRACHIN, SOA

ଚତୁର୍ଦ୍ଦଶ ପରିଚ୍ଛେଦ

ସମସ୍ତେ ଏକ ମତ ହେଲେ, ରାସବାବୁଙ୍କୁ ଆମ ସହିତ ଯିବାକୁ ପଡିବ । ପ୍ରକାଶ କରି କହିଲେ, ''ଚାଲ ଆମେ ସମସ୍ତେ ତାଙ୍କ କ୍ୱାର୍ଟରକୁ ଯାଇ ତାଙ୍କ ପ୍ରସ୍ତାବ ମତେ ଦିଲ୍ଲୀ ଯିବା । ଦିଲ୍ଲୀ ଯାଇ ପ୍ରଧାନମନ୍ତ୍ରୀଙ୍କୁ ଭେଟିବା ଆମ ମୁଖ୍ୟକାମ'' ।

ଜଣେ ବନ୍ଧୁ ଗମ୍ଭୀର ହୋଇ କହିଲେ, ''ଆମେ ପରଧନରେ ପ୍ଲେନ୍‌ରେ ଯିବା ନୀତି ବିରୁଦ୍ଧ । ଯିଏ ନୀତି ଏବଂ ଆଦର୍ଶ ପାଇଁ ସଂଗ୍ରାମ କରୁଛନ୍ତି, ତାଙ୍କୁ ଆମେ ନୀତି ବିଚ୍ୟୁତ କଲେ ସେ ତାକୁ କେମିତି ଗ୍ରହଣ କରି ପାରିବେ ? ଆତ୍ମମର୍ଯ୍ୟାଦା ପ୍ରତି ସେ ସଦାବେଳେ ସଚେତନ । ତେଣୁ ସେ ଉଠି ଚାଲିଗଲେ । ଏଣେ ଆମେ ଲୋଭରେ ପଡି ଆନନ୍ଦରେ ଗହ ଗହ ହୋଇ ବନ୍ଧୁଙ୍କୁ କୁଣ୍ଢାଇ ପକାଇଲୁ'' ।

ଉଦାସ ମନ ନେଇ ସମସ୍ତେ ପୁଣି ମୋ' କ୍ୱାର୍ଟରକୁ ଆସିଲେ । ପ୍ଲେନ୍‌ରେ ଯିବା ପ୍ରସ୍ତାବ ଦେଇଥିବା ବନ୍ଧୁ ମୋ' ପାଖକୁ ଆସି କହିଲେ, ''ଆଇ ଏମ୍ ସରି, ମୁଁ ମୋର ପ୍ରସ୍ତାବକୁ ପ୍ରତ୍ୟାହାର କରି ନେଉଛି,'' କହି ଦୁଃଖ ପ୍ରକାଶ କଲେ ।

ଆମର ସମୟ ନିର୍ଦ୍ଦିଷ୍ଟ ଅନୁସାରେ କାଲି ହିଁ ନୀଳାଚଳ ଏକ୍ସପ୍ରେସ୍‌ରେ ଦିଲ୍ଲୀ ଯାତ୍ରା କରିବୁ । ଆପଣଙ୍କୁ ଛାଡି ଆମେ ଯାଇ ପାରିବୁ ନାହିଁ । ଆମେ ସମସ୍ତେ ସାଥୀ ହୋଇ ଦିଲ୍ଲୀ ଯିବୁ ।

ଯଥା ସମୟରେ ସମସ୍ତେ ଆସି ଷ୍ଟେସନରେ ପହଞ୍ଚିଗଲେ । ଆମେ ଦିଲ୍ଲୀ ଯାଉଥିବା ଖବର ସେତେବେଳ ପର୍ଯ୍ୟନ୍ତ କିଏ ଜାଣିନଥାନ୍ତି । କେବଳ ଆମ ୧୦ଜଣଙ୍କ ମଧ୍ୟରେ ସୀମିତ ଥିଲା । ମାତ୍ର, ଆମେ ଟ୍ରେନ୍‌ରେ ଚଢିଲା ପରେ ଖବର ଜଣା ପଡିଗଲା ।

ସେଦିନ ଖବର କାଗଜରେ ପ୍ରକାଶ ପାଇଲା ୧୦ଜଣ ବିଧାୟକ ପ୍ରଧାନମନ୍ତ୍ରୀଙ୍କୁ ଭେଟିବା ପାଇଁ ଦିଲ୍ଲୀ ଯାତ୍ରା କରିଛନ୍ତି । ଖବର କାଗଜରେ ପ୍ରକାଶ ପାଇଲା ପରେ ସମସ୍ତେ ଜାଣିଗଲେ ।

ଟ୍ରେନ୍‌ରେ ବିଭିନ୍ନ ଆଲୋଚନା ମାଧ୍ୟମରେ ସମୟ କଟିଗଲା । ମାନସିକ ଦ୍ୱନ୍ଦ୍ୱ ଭିତରେ ବିଭିନ୍ନ ଭାବନା ବିଭିନ୍ନ ସଭ୍ୟଙ୍କ ମଧ୍ୟରେ ଖେଳି ଯାଇଥାଏ ।

ସାମାନ୍ୟ ବିଳମ୍ବରେ ଟ୍ରେନ୍ ନୂଆଦିଲ୍ଲୀ ରେଳଷ୍ଟେସନରେ ପହଞ୍ଚିଗଲା । କଟକ ଯାଜପୁର ଲୋକସଭା ସଦସ୍ୟ ଅନାଦି ଦାସ ଷ୍ଟେସନ୍ ଆସିଥାନ୍ତି ଆମକୁ ତାଙ୍କ କ୍ୱାର୍ଟରକୁ ପାଛୋଟି ନେବା ପାଇଁ ।

ସମସ୍ତେ ତାଙ୍କ ସହିତ ନମସ୍କାର ବିନିମୟ କରି ଟ୍ୟାକ୍‌ସି ଭଡା କରି ତାଙ୍କ ନର୍ଥ ଏଭେନ୍ୟୁ କ୍ୱାର୍ଟରକୁ ଯାଇ ବିଶ୍ରାମ ନେଲୁ । ଆମ ନିମନ୍ତେ ତାଙ୍କ କ୍ୱାର୍ଟରରେ ଆଗରୁ ଦରି ପକାଇ ପ୍ରତ୍ୟେକଙ୍କ ପାଇଁ ରେଜେଇ, ଚାଦର, ତକିଆ ପକାଇ ଶୋଇବା ବ୍ୟବସ୍ଥା କରିଥାନ୍ତି ।

Source: Author, Digitized by PPRACHIN, SOA

ଆମେ ସମସ୍ତେ, ଜଣ ଜଣ କରି ବାଥ୍‌ରୁମ ଯାଇ ଫ୍ରେସ୍ ହୋଇ ରାତ୍ର ଭୋଜନରେ ଯୋଗଦେଲୁ । ଆମ ସମସ୍ତଙ୍କ ପାଇଁ ରୋଟି, ଡାଲମା ଘାଣ୍ଟ, ସାଲାଡ୍ ଏବଂ ପାପଡ କରିଥାନ୍ତି । ତୃପ୍ତିର ସହ ଖାଇଲୁ । ଡାଇନିଙ୍ଗ ଟେବୁଲରେ ଅନେକ ଆଲୋଚନା ହୋଇଗଲା ।

ଅନାଦିବାବୁ ଆଗରୁ ପ୍ରଧାନମନ୍ତ୍ରୀଙ୍କ ସହ ସାକ୍ଷାତ ପାଇଁ ତାଙ୍କ ଅଫିସକୁ ଆମ ସମସ୍ତଙ୍କ ନାମ ଜଣାଇ ଦେଇଥାନ୍ତି । ସମୟ ସ୍ଥିରକରି ପ୍ରଧାନମନ୍ତ୍ରୀଙ୍କ ସହ ସାକ୍ଷାତ ପାଇଁ ଅନୁରୋଧ କରିଥାନ୍ତି । ତେଣୁ ସେ ଆମକୁ ଜଣାଇ ଦେଲେ, କାଲି ସକାଳ ୯ଟା ସୁଦ୍ଧା ତାଙ୍କ ଅଫିସକୁ ଯାଇ ମାନ୍ୟବର ଏମ୍.ଏଲ୍. ଫତେଦାରଙ୍କୁ ଭେଟିବେ । ଏମ୍.ଏଲ୍ ଫତେଦାର ହେଉଛନ୍ତି ପ୍ରଧାନମନ୍ତ୍ରୀଙ୍କ ପର୍ସନାଲ ସେକ୍ରେଟାରୀ । ସେ ହିଁ ପ୍ରଧାନମନ୍ତ୍ରୀଙ୍କ ସହ ଆଲୋଚନା କରି ସମୟ ନିର୍ଘଣ୍ଟ କରି ଆପଣମାନଙ୍କୁ ସାକ୍ଷାତ କରାଇ ପାରିବେ ।

ଆମ ନାମସବୁ ପ୍ରଧାନମନ୍ତ୍ରୀଙ୍କ ଅଫିସକୁ ଚାଲି ଯାଇଥିବା ଜାଣି ଆମେ ସମସ୍ତେ ଖୁସି ହେଲୁ । ତାଙ୍କ ସହିତ ଆଉ କିଛି ସମୟ ବାର୍ତ୍ତାଳାପ କରି ବିଶ୍ରାମ ପାଇଁ ଆମେ ପ୍ରସ୍ତୁତ ହୋଇଗଲୁ । ଟ୍ରେନରେ ଆସିଥିବା ଯୋଗୁଁ କ୍ଲାନ୍ତ ବୋଧ କରୁଥିଲୁ । ଖାଇ ସାରିଲା ପରେ ବିଶ୍ରାମ ପାଇଁ ମନ ଛଟ ପଟ ହେଲା । ଅନାଦିବାବୁ ମଧ୍ୟ ଆମକୁ ଶୁଭରାତ୍ରି ଜଣାଇ ସେ ତାଙ୍କ ଶୟନ କକ୍ଷକୁ ବିଶ୍ରାମ ନେବା ପାଇଁ ଚାଲିଗଲେ ।

ସକାଳ ଉଠି ନିତ୍ୟ କର୍ମ ଶେଷ କରି ଯିବା ପାଇଁ ପ୍ରସ୍ତୁତ ହେଲୁ । ପାଖ ହୋଟେଲକୁ ଯାଇ ପ୍ରାତଃଜଳଯୋଗ କରି ପ୍ରଧାନମନ୍ତ୍ରୀଙ୍କ ରେସ୍ ଅଫିସ୍ ଅଭିମୁଖେ ଟ୍ୟାକ୍‌ସିରେ ଯାଇ ନିର୍ଦ୍ଦିଷ୍ଟ ସମୟରେ ପହଞ୍ଚି ଗଲୁ ।

ସେକୁରିଟି ଚେକ୍ କରି ଆମକୁ ଭିତରକୁ ଛାଡିଲେ । ଦିନ ପ୍ରାୟ ୧୦ଟା ବେଳକୁ ମାନ୍ୟବର ଏମ୍.ଏଲ୍. ଫତେଦାରଙ୍କୁ ଭେଟିବାର ସୁଯୋଗ ପାଇଲୁ । ସେ ଆମ ସମସ୍ତଙ୍କ ନାଁ ବୁଝିନେଇ ପ୍ରଧାନମନ୍ତ୍ରୀଙ୍କ ଫ୍ରି ସମୟ ଦେଖି ସାକ୍ଷାତର ବ୍ୟବସ୍ଥା କରିବି କହି ସେ ତାଙ୍କ କାର୍ଯ୍ୟରେ ଲାଗିଗଲେ । ଆମକୁ ବସିବା ପାଇଁ କହି ସେ ତାଙ୍କ କାର୍ଯ୍ୟରେ ବ୍ୟସ୍ତ ରହିଲେ ।

ମାନ୍ୟବର ଫତେଦାରଙ୍କ ଦାୟିତ୍ୱ ଗୁରୁତ୍ୱପୂର୍ଣ୍ଣ । ବିଭିନ୍ନ ରାଜ୍ୟର ରାଜନୈତିକ ନେତୃବୃନ୍ଦଙ୍କ ସମସ୍ତ ତଥ୍ୟ ସଂଗ୍ରହ କରି ପ୍ରଧାନମନ୍ତ୍ରୀଙ୍କୁ ଜଣାଇ ସାକ୍ଷାତର ସମୟ ସ୍ଥିର କରିଥାନ୍ତି । ଏଭଳି ତିନିଚାରିଦିନ ପରେ ମଧ୍ୟ ସାକ୍ଷାତ୍ ସମୟର ସୁଯୋଗ ମିଳିନଥାଏ । ପ୍ରଧାନମନ୍ତ୍ରୀଙ୍କର ଦେଶର ସମସ୍ୟା ସହିତ, ଆନ୍ତର୍ଜାତିକ ବ୍ୟାପାର, ବିଶିଷ୍ଟ ବ୍ୟକ୍ତିଙ୍କ ସହ ସାକ୍ଷାତ ଆଲୋଚନା ପ୍ରଭୃତି ଦୃଷ୍ଟିରୁ ପ୍ରତି ମିନିଟ୍‌ର ସଦ୍‌ବିନିଯୋଗ ଉପରେ ଫ୍ରି ସମୟ

Source: Author, Digitized by PPRACHIN, SOA

ବାହାର କରି ଏଭଳି ସାକ୍ଷାତର ସୁଯୋଗ ମିଳିଥାଏ ।

ଏମିତି କିଛି ସମୟ ବସି ରହିବା ପରେ ଜଣେ କର୍ମଚାରୀ ଆମକୁ କଫି ଦେଇଗଲା । ଆମେ ଦଶ ଜଣ ବିଧାୟକ ଗଦି ଚେୟାରରେ ବସି କଫି ପାନ କରି ନିଜ ନିଜ ଭିତରେ ନିମ୍ନ ସ୍ୱରରେ ବାର୍ତ୍ତାଳାପ କରୁଥିଲୁ ।

ସନ୍ଧ୍ୟା ପାଞ୍ଚଟା ପରେ ଫତେଦାର ମହାଶୟ ଆସି ଆମକୁ ଜଣାଇ ଦେଲେ, "ଆଜି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟବ୍ୟସ୍ତତା ମଧ୍ୟରେ ସାକ୍ଷାତ ସମୟ ହୋଇପାରିଲା ନାହିଁ । ଆପଣମାନେ କାଲିକି ଆସନ୍ତୁ, ମୁଁ ଫେର ଚେଷ୍ଟା କରିବି" ।

ଦେଶର ଜଣେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟବ୍ୟସ୍ତତା ଭିତରେ ଏବଂ ପାର୍ଲିଆମେଣ୍ଟ ଚାଲୁଥିବା ସମୟରେ ପାର୍ଲିଆମେଣ୍ଟ ବ୍ୟସ୍ତତା ଭିତରେ ସମୟ ପାଇବା ଏତେ ସହଜ କଥା ନୁହେଁ । ଆମେ ବୁଝି ଯାଇଥାଉ । ତେଣୁ ଆମେ ଫତେଦାରଙ୍କୁ ବିଦାୟ ଦେଇ ଏମ୍.ପି.ଙ୍କ କ୍ୱାର୍ଟରକୁ ଫେରି ଆସିଲୁ । ଦିନ ତମାମ ବସି ବସି କ୍ଳାନ୍ତ ହୋଇ ପଡିଥାଉ । ତେଣୁ ଫ୍ରେସ୍ ହୋଇ ହୋଟେଲକୁ ଗଲୁ ରାତ୍ର ଭୋଜନ ପାଇଁ । ହୋଟେଲ ମଧ୍ୟ ପାଖରେ ଥାଏ ।

ଆଗରୁ ଆମେ ଅନାଦିବାବୁଙ୍କୁ କହିଦେଇଥାଉ, ଆମେ ସମସ୍ତେ ପାଖ ହୋଟେଲରେ ଖାଇନେବୁ । ଅନାଦିବାବୁ ରାତ୍ରରେ ଫେରିଲାପରେ ଆମ ସହିତ କଥାବାର୍ତ୍ତାହୋଇ ବିଭିନ୍ନ ଖବର କାଗଜରେ ବାହାରି ଥିବା ଖବର ଆମକୁ ଶୁଣାଇଲେ ।

ସକାଳ ୯.୩୦ ସୁଦ୍ଧା ପ୍ରଧାନମନ୍ତ୍ରୀଙ୍କ ରେସ୍ ଅଫିସକୁ ଯାଇ ସନ୍ଧ୍ୟା ୬ଟା ରେ ଫେରିବା ଆମର ଦୈନନ୍ଦିନ କାର୍ଯ୍ୟ ହୋଇ ଯାଇଥାଏ । ଆମେ ପ୍ରତିଦିନ ପ୍ରାତଃ-ଜଳଯୋଗ କରି ପ୍ରଧାନମନ୍ତ୍ରୀଙ୍କ ଅଫିସକୁ ଚାଲି ଯାଉଥିଲୁ । ଦିନ ଅତିକ୍ରାନ୍ତ ହୋଇ ଚାଲୁଥାଏ । ଦିନ ବେଳେ ଭୋଜନ କରିବା ସମ୍ଭବ ହେଉ ନଥାଏ । ଥରେ ସେକ୍ୟୁରିଟି ଚେକ୍ ହେଲାପରେ ଭିତରକୁ ଯାଇ ଫେରି ଆସି ଆଉଥରେ ଯିବା ସମ୍ଭବ ହେଉ ନ ଥିଲା । ଆମ ସଭ୍ୟମାନଙ୍କ ଧୈର୍ଯ୍ୟଚ୍ୟୁତି ଘଟିବା ଭଳି ମୋର ମନେ ହେଲା ।

ଜଣେ ବନ୍ଧୁ ଚୁପ୍ ଚୁପ୍ କହିଲେ, ଫତେଦାର ଜାନକୀବାବୁଙ୍କ ଅତି ଘନିଷ୍ଠ ଲୋକ । ଆମକୁ ସେ କେବେ ପ୍ରଧାନମନ୍ତ୍ରୀଙ୍କ ସହ ସାକ୍ଷାତ କରାଇ ଦେବେ ନାହିଁ । ମୁଁ ବନ୍ଧୁମାନଙ୍କୁ ଅଶ୍ୱାସନା ଦେଉଥାଏ, ଧୈର୍ଯ୍ୟଚ୍ୟୁତ ନ ହୋଇ ଆଉ କିଛି ଦିନ ଅପେକ୍ଷା କରିବା ବୋଲି କହୁଥାଏ ।

ଚତୁର୍ଥ ଦିନ ଆମେ ଫତେଦାରଙ୍କ ଅଫିସରେ ବସିଥାଉ । ମୋର ଡାହାଣ ପାଖରେ ଭାଗବତ ମହାନ୍ତି, ବାମପାଖରେ ରାମଚନ୍ଦ୍ର ଉଲ୍ଲାକା, ତାଙ୍କ ପାଖରେ ଅନୁଗୁଳ ବିଧାୟକ ପ୍ରଫୁଲ୍ଲ ମିଶ୍ର, ଅନ୍ୟପଟେ ସୀତାକାନ୍ତ ମହାପାତ୍ର, ତାଙ୍କୁ ଲାଗି କାର୍ତ୍ତିକ

Source: Author, Digitized by PPRACHIN, SOA

ତରିଆ, ଡକ୍ଟର ସୁଶୀଳ କୁମାର ପୃଷ୍ଟି, ଜଗନ୍ନାଥ ରାଉତ, ବୀରେନ ପାଣ୍ଡେ, ଉମାକାନ୍ତ ମିଶ୍ର ପ୍ରଭୃତ ବସିଥାନ୍ତି । ପ୍ରଫୁଲ୍ଲ ବାବୁ ମୋତେ ଦେଖି କହିଲେ, ଚାରିଦିନ ହେଲା ଆମେ ଦଶଜଣ ଏମ୍.ଏଲ୍.ଏ. ଆସି ପ୍ରଧାନମନ୍ତ୍ରୀଙ୍କୁ ସାକ୍ଷାତ ପାଇଁ ଅପେକ୍ଷା କରିଛୁ, ମାତ୍ର; ଦର୍ଶନ ମିଳି ପାରୁନାହିଁ । ଭଗବାନ ଶିବଙ୍କ ପାଖରେ ଏଭଳି ଆମେ ଅଧିଆ ପଡିଥିଲେ ଭଗବାନ ଶିବ ଆମକୁ ଦର୍ଶନ ଦେଇଥାନ୍ତେ ।

ଓଡିଆରେ କହୁଥିଲେ ମଧ୍ୟ ଫତେଦାର ମହାଶୟଙ୍କୁ ବୁଝିବାରେ କିଛି ଅସୁବିଧା ହେଲା ନାହିଁ । ସେ ବହୁ ଭାଷା ଭାଷୀ ଲୋକଙ୍କ ସଂସ୍ପର୍ଶରେ ଆସିଛନ୍ତି । ସେ ସାଙ୍ଗେ ସାଙ୍ଗେ ରାଗିଯାଇ ଆମକୁ ଦେଖି ନେଇ କହିଲେ, ''କ୍ୟା ଚାରଦିନ୍ ହୋଗ୍ୟା, ଯାଦା ହୋଗ୍ୟା । ଆପ୍‌କା ମୁଖ୍ୟମନ୍ତ୍ରୀ ଆ କରଭି ତିନ୍ ଚାର୍‌ଦିନ ଭେଟ୍ ନେହି ପାତେ । ଆପ୍ ଲୋଗ କଂଗ୍ରେସ୍ ଆଦ୍‌ମି ନେହିଁ ହେ । ଆପ୍ କା କଂଗ୍ରେସ୍ କଲ୍‌ଚର ନେହି ହେ । ଆପ୍ କୋ ତକ୍‌ଲିଭ ହୋତେ ତୋ ଆପ୍‌ଲୋଗ ନିକଲ୍ ଯାଇଏ'' ।

ଫତେଦାରଙ୍କ ଏଭଳି ବିସ୍ଫୋରଣରେ ଆମ ଭିତରୁ ଅନେକ ଶଙ୍କି ଗଲେ । କେତେଜଣ ପ୍ରଫୁଲ୍ଲବାବୁଙ୍କୁ 'କାହିଁକି ତୁମେ ଏଭଳି କହିଲ' ବୋଲି ତାଙ୍କ ଉପରେ ଗାଳି ବର୍ଷଣ କରୁଥାନ୍ତି ।

ମୋ' ପାଖରେ ବସିଥିବା କେନ୍ଦ୍ରାପଡା ବିଧାୟକ ଭାଗବତବାବୁଙ୍କୁ କହିଲି, ''ଆମକୁ କ'ଣ ଫତେଦାର ନିକଲ୍ ଯାଇଏ କହିଦେଲେ'' । ମୁଁ ଟିକିଏ ଅସନ୍ତୋଷ ହୋଇ ପଡୁଥିବା ଦେଖି, ମୋର ଡାହାଣ ହାତକୁ ଭାଗବତବାବୁ ଚାପି କହିଲେ. ''ରାସବାବୁ ! ଆପଣ ଉତ୍ତେଜିତ ହୋଇ ପଡୁଛନ୍ତି'' । ବାମହାତକୁ ରାୟଗଡ଼ା ବିଧାୟକ ରାମଚନ୍ଦ୍ର ଉଲ୍ଲାକା ଚାପିଧରି କହିଲେ, ''ରାସବାବୁ ! ଯାହାହେଲା ହୋଇ ଯାଇଛି...''।

ମୁଁ ଆଉ ନିଜକୁ ଧୈର୍ଯ୍ୟ ଧରି ରହିପାରିଲି ନାହିଁ। ମୋର ଦୁଇ ହାତକୁ ସେମାନଙ୍କଠୁ ଟାଣିଆଣି ମୁଁ ଛିଡା ହୋଇ ପଡି କହିଲି, ''କ୍ୟା ବୋଲେ ଫତେଦାର ସାବ୍ ! ହାମାରା କୋଇ କଂଗ୍ରେସ କଲ୍‌ଚର ନେହିଁ ହେ''? ''ମୋର ପିତାଜି ସ୍ୱାଧୀନତା ସଂଗ୍ରାମୀ, ସେ ମଧ୍ୟ ଏ.ଆଇ.ସି.ସି.ର ସଭ୍ୟଥିଲେ । ପ୍ରଦେଶ କାର୍ଯ୍ୟକାରୀ କମିଟିର ସଦସ୍ୟ ଥିଲେ । ଜିଲ୍ଲା କଂଗ୍ରେସ କମିଟିର ସଭାପତି ରୂପେ ଦୀର୍ଘ ୮ବର୍ଷ କାର୍ଯ୍ୟ କରିଥିଲେ । ମୋର ଅଜା କଂଗ୍ରେସ ଦଳକୁ ପୂର୍ଣ୍ଣ ସମର୍ଥନ ଦେଇ ଆସିଛନ୍ତି । ମହାତ୍ମା ଗାନ୍ଧୀ, ନେହେରୁ ଆଦର୍ଶରେ ଅନୁପ୍ରାଣିତ ଥିଲେ ସେ ।

ମୁଁ ସେହି କଂଗ୍ରେସ ପରିବାରର ଜଣେ ସଦସ୍ୟ । କଂଗ୍ରେସର ଦୁର୍ଦ୍ଦିନ ସମୟରେ କଂଗ୍ରେସ ଦଳର ବିଭାଜନରେ ମୁଁ ଜଣେ ବିଧାୟକ ହିସାବରେ ୧୯୭୭ ମସିହାରେ

Source: Author, Digitized by PPRACHIN, SOA

ଚତୁର୍ଦ୍ଦଶ ପରିଚ୍ଛେଦ

ଇନ୍ଦିରା ଗାନ୍ଧୀଙ୍କୁ ପ୍ରଥମେ ସମର୍ଥନ ଜଣାଇ ଥିଲି । ମୋର ନାରା ଥିଲା କଂଗ୍ରେସ ଆଜି ଦୁର୍ଦ୍ଦିନରେ ଗତି କରୁଛି, କ୍ଷମତାରେ ଥିଲା ବେଳକୁ ସମସ୍ତେ କ୍ଷମତା ପାଖରେ ରହନ୍ତି । ଆଜି ଇନ୍ଦିରା ଗାନ୍ଧୀ କ୍ଷମତାରେ ନ ଥିଲେ ମଧ୍ୟ ସେ ଆମ ଦଳର ନେତ୍ରୀ । ତେଣୁ ତାଙ୍କୁ ସମସ୍ତେ ସମର୍ଥନ ଜଣାଇବା ଉଚିତ୍ । ସେ ହିଁ ଆମର ନେତ୍ରୀ । ୧୯୭୮ ଇନ୍ଦିରା ଗାନ୍ଧୀଙ୍କ ଓଡ଼ିଶା ଗସ୍ତ ସମୟରେ ଭୁବନେଶ୍ୱର ଉଡାଜାହାଜ ପଡିଆରୁ କଟକ ବାରବାଟୀ ଷ୍ଟାଡିୟମ; ଯେଉଁଠି କଂଗ୍ରେସ-କର୍ମୀ-ସମ୍ମିଳନୀ ଅନୁଷ୍ଠିତ ହେଉଥାଏ, ସେ ପର୍ଯ୍ୟନ୍ତ ତାଙ୍କ ଗାଡି ଉପରକୁ ପଥର ବୃଷ୍ଟି କରି ଆକ୍ରମଣ କରାଯାଇଥିଲା । କଟକ ବାରବାଟୀ ଷ୍ଟାଡିୟମରେ କଂଗ୍ରେସକର୍ମୀମାନଙ୍କୁ ଉଦ୍‌ବୋଧନ ଦେଇ କଟକ ବାରବାଟୀ କିଲ୍ଲା ମୈଦାନରେ ସାଧାରଣସଭାରେ ଯୋଗ ଦେବା ପାଇଁ ଗାଡିରେ ବସି ଯିବା ସମୟରେ ମୁଁ ତାଙ୍କ ଡାହାଣ ପାର୍ଶ୍ୱରେ ବସି ତକିଆଧରି ପଥର ଆକ୍ରମଣରୁ ରକ୍ଷା-କରୁଥିଲି । ବାମ ପାର୍ଶ୍ୱରେ ଜାନକୀବାବୁ ବସି ପଥର ମାଡରୁ ରକ୍ଷା କରୁଥିଲେ । ମୁଁ ମଧ୍ୟ ଲୋକସଭାରେ ଇନ୍ଦିରା ଗାନ୍ଧୀ, ରାଜୀବ ଗାନ୍ଧୀଙ୍କ ସହ ଏକାଠି ବସିବାର ସୌଭାଗ୍ୟ ଅର୍ଜ୍ଜନ କରିଛି । ଏତେ ସତ୍ତ୍ୱେ ମୋର କ'ଣ କଂଗ୍ରେସ ସଂସ୍କୃତି ନାହିଁ'' ?

''ଆପଣ ରାଜ୍ୟସଭାକୁ ଆସିଛନ୍ତି, ଆଉ ଆଜି ଆମ ଉପରେ ହୁକୁମ୍ ଜାରି କରୁଛନ୍ତି'' ?

ମୋର ଏହିଭଳି ବିସ୍ଫୋରଣ ବାକ୍ୟଶୁଣି ଆମ ବିଧାୟକ ବନ୍ଧୁମାନେ ସ୍ତମ୍ଭୀଭୂତ ହୋଇ କ'ଣ ଘଟିବାକୁ ଯାଉଛି ଏହି ଆଶଙ୍କାରେ ନୀରବରେ ଭୟାର୍ତ୍ତ ଚାହାଣିରେ ବସି ରହିଥାନ୍ତି !

ମୋର ପାଟି ତୁଣ୍ଡ ଶୁଣି ଅଫିସ୍‌ର କର୍ମଚାରୀମାନେ ଗୋଟି ଗୋଟି ହୋଇ ଆସି ଛିଡା ହୋଇ ଆଶ୍ଚର୍ଯ୍ୟରେ ମୋତେ ଅନାଇ ରହିଥାନ୍ତି ।

ଫତେଦାର୍ ମହାଶୟଙ୍କୁ ମୋର ଏହିଭଳି ଅନର୍ଗଳ ବକ୍ତବ୍ୟ ଶୁଣେଇ ଥିବା ଯୋଗୁଁ ସେ ବସିଥିବା ଚୌକିର୍ ଉଠି ପଡି ଛିଡା ହୋଇ କହିଲେ, ''ବେହେରାଜି ! ଆପ୍‌କେ ବାରେମେ ମେନେ ଖବରକାଗଜ ମେ ପଢେଥେ, କଂଗ୍ରେସ୍ କେ ଦୁର୍ଦ୍ଦିନ ମେ ଆପନେ ନାରେ ଦିଏ ଥେ, ଆଜ୍ ମୁଝେ ୟ୍ୟାଦ୍ ଆଗୈ, ଆଜ୍ ଇନ୍ଦିରା ଗାନ୍ଧୀକେ ପାସ୍ କ୍ଷମତା ନେହିଁ ହୈ, ଯବ୍ କ୍ଷମତା ହୋତେ ସବ୍ ଲୋକ୍ ଇନ୍‌କେ ସାଥ୍ ରହେତେ ହେଁ । ଆଜ୍ କ୍ଷମତା ଇନ୍‌କେ ପାସ୍ ନେହିଁ ହୈ ଭି, ୟେ ହମାରା ନେତ୍ରୀ ହେଁ''।

''ଆପ୍‌ନେ ବାରେ ମେ ପଢେ ଥେ, ଲେକିନ୍ ଆଜ୍ ଆପକା ଦର୍ଶନ ମିଲା । ଆପ୍ ସଚ୍ ମୁଚ୍ ଏହି ବେହେରାଜି ହେଁ''।

Source: Author, Digitized by PPRACHIN, SOA

''ମୁଝେ ମାଫ୍ କରିଏ ବେହେରାଜି, ନାରାଜ ମେ, ମେ କୁଛ୍ ବୋଲ ଦିଆ'' । ଜଣେ ଛିଡା ହୋଇ ହାତଯୋଡି ମାଫ୍ କରିବା କଥା କହିଲା ପରେ ମୋ' ମନର ଉତ୍ତେଜନା କମିଗଲା, ମୁଁ ଶାନ୍ତ ହୋଇଗଲି ।

ମୁଁ ପୁଣି ହାତ ଯୋଡି ଶାନ୍ତହୋଇ କହିଲି, ''ଠିକ୍ ହୈ ଠିକ୍ ହୈ ଜି, ଯୋ କୁଛ୍ ହୋ ଗ୍ୟା ହୋଗ୍ୟା'' ।

ଏକ ଶାନ୍ତ ବାତାବରଣ ଫେରି ଆସିଲା। ଆମେ ସମସ୍ତେ ଏକ ସ୍ୱାଭାବିକ ଅବସ୍ଥାକୁ ଫେରି ଆସିଲୁ।

ଫତେଦାର ମହାଶୟ ପୁଣି କହିଲେ, ''ମେ ପ୍ରଧାନମନ୍ତ୍ରୀକେ ସାଥ ବାତ୍ କରନେ କେ ଲିଏ କୋସିସ୍ କରତା ହୁଁ । କିତ୍‌ନା ମିନିଟ୍ କେ ଲିଏ ବାତ୍ କରେ ଗେଁ''। ମୁଁ କହିଲି, ''ହାଫ୍ ଏନ୍ ଆୱାର୍ ଚାହିଏ''।

ସେ ପୁଣି କହିଲେ, ''ବସ୍ ଇତ୍ ନା ହି'' ।

ପୁଣି ମୁଁ କହିଲି, ''ଦେଶ୍ କେ ପ୍ରଧାନମନ୍ତ୍ରୀ କେ ସାଥ୍ ବାତ୍ କରନେ କେ ଲିଏ ହାଫ୍ ଏନ୍ ଆୱାର୍ ହମାରି ଲିଏ କାଫି ହେ'' ।

ଫତେଦାର୍ ଫେର୍ କହିଲେ, ''ବେହେରାଜି ଆପ୍ ଆଜ୍ କ୍ୟା ଲେଙ୍ଗେ''? ମୁଁ ହସି କହିଲି, ''ଯେସୈ ଏକ କପ୍ କଫି ଦେତେ ଥେ ଐସି ଏକ କପ୍ କଫି ଚାହିହେଁ'' ।

''ନେହି ବେହେରାଜି ଆଜ୍ ଆପ୍ କି ଲିଏ ସିର୍ଫ କଫି ନୈ...''।

ମୁଁ ଫେର୍ କହିଲି, ''ଆପ୍ କା ଯୋ ମର୍ଜି'' ।

ଫତେଦାରଙ୍କ ନିର୍ଦ୍ଦେଶ କ୍ରମେ କିଛି ସମୟପରେ ଆମ ପାଇଁ ସ୍ୱତନ୍ତ୍ର ଜଳଯୋଗର ବ୍ୟବସ୍ଥା କରାଗଲା । ସମସ୍ତେ ତୃପ୍ତିରେ ଖାଇ ଗଦିରେ ବସି ରହିଲୁ । ଉତ୍କଣ୍ଠାର ସହ ପ୍ରଧାନମନ୍ତ୍ରୀଙ୍କ ସହ ସାକ୍ଷାତ ସମୟ ଜାଣିବା ପାଇଁ ଅପେକ୍ଷା କରି ରହିଲୁ ।

ଅନବରତ ଫୋନ୍‌ର ଆୱାଜ ଶୁଣା ଯାଉଥାଏ । କିଛି ସମୟ ପରେ ଅନ୍ୟ ଏକ କୋଠରୀରୁ ଚାଲି ଆସି ଫତେଦାର ସାହେବ୍ ହସି ହସି କହିଲେ, ''ବେହେରା.. ଜି ! ପ୍ରଧାନମନ୍ତ୍ରୀ କେ ସାଥ୍ ମୁଲାକାତ୍ କେ ଲିଏ ସାଢେ ତିନ୍ ବଜେ ପାର୍ଲିଆମେଣ୍ଟ କେ ଏକ ରୁମ୍ ମେ ବୈଠ୍ କର ବାତ୍ କରେଙ୍ଗେ । ଅଭି ଚଲିଏ ଔର ପନ୍ଦର ମିନିଟ୍ ବାକି ହେ । ଆପ୍ କେ ଲିଏ ପାର୍ଲିଆମେଣ୍ଟ ପାସ୍‌ଭି ହୋଗ୍ୟା'' ।

ଏତକ ଶୁଣୁ ଶୁଣୁ ଆମ ମନ ଆନନ୍ଦରେ ଉଲ୍ଲସିତ ହୋଇଗଲା । ଦୀର୍ଘ ଦିନର ଅପେକ୍ଷା ପରେ ଆମକୁ ପ୍ରଧାନମନ୍ତ୍ରୀଙ୍କ ସହ ସାକ୍ଷାତ୍ ପାଇଁ ସମୟ ସ୍ଥିର ହୋଇଥିବା

Source: Author, Digitized by PPRACHIN, SOA

ଜାଣି ଖୁସିରେ ଆମେ ଆତ୍ମ ବିଭୋର ହୋଇଗଲୁ । ଦୀର୍ଘ ଦିନର ପ୍ରତୀକ୍ଷା ପରେ ଆମକୁ ସୁଯୋଗ ମିଳିଲା । କଥାରେ ଅଛି 'କୋପେ ବର ନ ହେଲେ ତପେ ବର' । ପ୍ରଫୁଲ୍ଲ ବାବୁଙ୍କୁ ଧନ୍ୟବାଦ ଜଣାଇଲି ।

୧୯୮୬ ମସିହା ଏପ୍ରିଲ ମାସ ୧୨ ତାରିଖ ପାର୍ଲିଆମେଣ୍ଟ ଭିତରକୁ ପ୍ରବେଶ ପାସ୍ ଦେଇ ସିକ୍ୟୁରିଟି ଚେକ୍ ପରେ ଏକ ନିର୍ଦ୍ଦିଷ୍ଟ କୋଠରୀକୁ ଜଣେ ନେଇ ଆମକୁ ବସାଇଲେ । ମୁଁ ମୋର ପାର୍ଲିଆମେଣ୍ଟ ପାସ୍ ସିକ୍ୟୁରିଟି ଅଫିସରଙ୍କୁ ଦେଖାଇଲି । ସେ ମୋତେ ସାଲ୍ୟୁଟ୍ ମାରି ଭିତରକୁ ପାଛୋଟି ନେଲେ । ସେ କହିଲେ, ''ବହୁ ଦିନ୍‌କେ ବାଦ୍ ଆପକା ଦର୍ଶନ୍ ମିଲା''। ବାସ୍ତବିକ ବହୁ ଦିନପରେ ମୁଁ ପାର୍ଲିଆମେଣ୍ଟ ଆସିଥିଲି ।

ଏକ ସୁସଜ୍ଜିତ କୋଠରୀ । ବସିବା ପାଇଁ ଅନେକ ଗଦି ଚୌକି ପଡିଥାଏ । ଆମ ସମ୍ମୁଖ କାନ୍ଥରେ ମହାତ୍ମାଗାନ୍ଧୀଙ୍କ ଫଟୋ ଟଙ୍ଗା ହୋଇଥାଏ । ଭାରତର ପ୍ରଥମ ରାଷ୍ଟ୍ରପତି ଡକ୍ଟର ରାଜେନ୍ଦ୍ର ପ୍ରସାଦ, ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାର ଲାଲ୍ ନେହେରୁ, ଲୌହ ମଣିଷ ସର୍ଦ୍ଦାର ବଲ୍ଲଭଭାଇ ପଟେଲ, ପ୍ରଥମ ଶିକ୍ଷାମନ୍ତ୍ରୀ ମୌଲନା ଅବୁଲ୍ କଲାମ ଆଜାଦ, (ବହୁ ଚର୍ଚ୍ଚିତ 'ଇଣ୍ଡିଆ ଉଇନ୍‌ସ ଫ୍ରିଡମ୍' ପୁସ୍ତକର ଲେଖକ) ହସ ହସ ମୁହଁରେ ବିଶ୍ୱବ୍ୟାପୀ ସ୍ୱୀକୃତି ପାଇଥିବା ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କ ଫଟୋ ମଧ୍ୟ ଶୋଭା ପାଉଥାଏ । ସମସ୍ତଙ୍କୁ ଥରେ ଅନାଇ ନେଇ ମୋର ଚକ୍ଷୁ ଯୁଗଳ ଇନ୍ଦିରା ଗାନ୍ଧୀଙ୍କ ଫଟୋରେ ନିବଦ୍ଧ ରହିଲା ।

ସେତେବେଳେ ପାର୍ଲିଆମେଣ୍ଟ ଅଧିବେଶନ ଚାଲିଥାଏ । ଗୋଟିଏ ପଟେ ଲୋକସଭା ଏବଂ ତାର ବିପରୀତ ପାର୍ଶ୍ୱରେ ରାଜ୍ୟସଭା ସଦନ ମଧ୍ୟରେ 'ସେଣ୍ଟ୍ରାଲ୍ ହଲ୍' । ପାର୍ଲିଆମେଣ୍ଟର ଏକ ଗମ୍ବୁଜାକୃତି ସେଣ୍ଟ୍ରାଲ୍ ହଲ୍ । ସେଣ୍ଟ୍ରାଲ୍ ହଲ୍‌ରେ ଉଭୟ ସଦନର ସଦସ୍ୟମାନେ ଏକତ୍ର ହେଲାପରେ ବଜେଟ୍ ସେଶନରେ ପ୍ରଥମ ଦିନ ରାଷ୍ଟ୍ରପତି ଲୋକସଭା ଏବଂ ରାଜ୍ୟସଭା ସଦସ୍ୟମାନଙ୍କୁ ତାଙ୍କ ଅଭିଭାଷଣ ପ୍ରଦାନ କରନ୍ତି । ଦେଶର ସର୍ବୋଚ୍ଚ ଗଣତାନ୍ତ୍ରିକ ମନ୍ଦିର ହେଉଛି ପାର୍ଲିଆମେଣ୍ଟ ହାଉସ୍ ।

ବହୁ ମହାନ୍ ନିର୍ବାଚିତ ବ୍ୟକ୍ତିମାନଙ୍କ ସମାଗମରେ ଲୋକପ୍ରତିନିଧିମାନେ ବସି ଆଲୋଚନା ମାଧ୍ୟମରେ ଦେଶର ଜଟିଳ ସମସ୍ୟାର ସମାଧାନ କରିଥାନ୍ତି । ଏତଦ୍-ବ୍ୟତୀତ ଦେଶ ପାଇଁ ଆଇନ ପ୍ରଣୟନ କରିଥାନ୍ତି । ତେଣୁ ପାର୍ଲିଆମେଣ୍ଟ ହାଉସ୍ ଆମ ଗଣତାନ୍ତ୍ରିକ ବ୍ୟବସ୍ଥାର ପ୍ରାଣକେନ୍ଦ୍ର ସଦୃଶ ।

ସେହି ପରିସରର ଏକ କୋଠରୀରେ ଦଶ ଜଣ ବିଧାୟକ ବସି ଭାରତର ପ୍ରଧାନମନ୍ତ୍ରୀଙ୍କ ସହ ଆଲୋଚନା ପାଇଁ ଆମେ ଅପେକ୍ଷା କରିଥାଉ ।

Source: Author, Digitized by PPRACHIN, SOA

ପ୍ରଧାନମନ୍ତ୍ରୀଙ୍କ ସହ ସାକ୍ଷାତ୍ ଓ ଆଲୋଚନା :

ନିର୍ଦ୍ଦିଷ୍ଟ ସମୟରେ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ କୋଠରୀ ଭିତରକୁ ହସ ହସ ବଦନରେ ପଶି ଆସିଲେ ।

ଆମେ ସମସ୍ତ ବିଧାୟକ ଛିଡା ହୋଇ ଉଲ୍ଲସିତ ଚିତ୍ତରେ ଅଭିନନ୍ଦନ ଜଣାଇଲୁ । ଆସିବା ସମୟରେ ଦୋକାନରୁ ନେଇ ଆସିଥିବା ସଜ ଫୁଲତୋଡା ତାଙ୍କୁ ପ୍ରଦାନ କଲୁ । ସେ ତାହା ଆନନ୍ଦ ମନରେ ଗ୍ରହଣ କରି ଆମକୁ ବସିବା ପାଇଁ କହିଲେ ।

ସେ ସମଗ୍ର ଓଡିଶାର ବିଭିନ୍ନ ଅଞ୍ଚଳକୁ କାର୍‌ରେ ଗସ୍ତ କରି ବିଭିନ୍ନ ସଭା-ସମିତିରେ ଯୋଗ ଦେଇଛନ୍ତି । ତେଣୁ ତାଙ୍କ ପୂର୍ବ ସ୍ମୃତିକୁ ମନେ ପକାଇବା ପାଇଁ ନିର୍ବାଚନମଣ୍ଡଳୀ ସହ ବ୍ୟକ୍ତିଗତ ପରିଚୟ ଜାଣିବାକୁ ଚାହିଁଲେ । ସମସ୍ତେ ନିଜ ନିଜ ପରିଚୟ ପ୍ରଦାନ କଲୁ ।

ମୁଁ ଆଗରୁ ରାଜୀବ ଗାନ୍ଧୀଙ୍କ ସହ ପାର୍ଲିଆମେଣ୍ଟରେ ଅନେକ ଥର ସାକ୍ଷାତ୍ ଆଲୋଚନା କରିଛି । ଏସିଆଡ୍ ଗ୍ୟାମ୍‌ସ୍ ସମୟରେ ମଧ୍ୟ ଅନେକବାର ଆଲୋଚନା କରିଛି । କଳାହାଣ୍ଡି ଗସ୍ତ ସମୟରେ ବେଲଗାଁରୁ ତେଲନଦୀରେ ଡଙ୍ଗାରେ ନଦୀ ପାର ହେବା ଏବଂ କେସିଙ୍ଗା ସମ୍ବର୍ଦ୍ଧନା ସଭାଠୁ, ଭବାନୀପାଟଣା, ଆମପାଣି ପର୍ଯ୍ୟନ୍ତ ଗୋଟିଏ ଗାଡିରେ ବସି ଯାତ୍ରା କରିବାବେଳେ ଲୋକସଭା ସଦସ୍ୟ ହିସାବରେ ବହୁ ଆଲୋଚନା କରିବା ପାଇଁ ସୁଯୋଗ ପାଇଛି ।

ତେଣୁ ସେହି ପୂର୍ବସ୍ମୃତି ଆଜି ପୁଣି ଦୁଇ ବର୍ଷ ପରେ ଦେଖା ସାକ୍ଷାତ ହେବାରୁ ତାଙ୍କ ମନରେ ମଧ୍ୟ ଜାଗରିତ ହୋଇଛି । ତେଣୁ ସେ ସମସ୍ତଙ୍କ ପରିଚୟ ଜାଣିବା ପରେ ମୋ' ଆଡକୁ ଦୃଷ୍ଟିରଖି କହିଲେ, ''ବୋଲିଏ ବେହେରା ଜୀ...''।

ଇଂରାଜୀରେ ମୁଁ ଆମମାନଙ୍କ ଆଗମନର କାରଣ ଜଣାଇ, ସେ ଆମକୁ ସାକ୍ଷାତ ଆଲୋଚନା ପାଇଁ ସୁଯୋଗ ଦେଇଥିବା ଯୋଗୁଁ ସଭିଙ୍କ ତରଫରୁ ଧନ୍ୟବାଦ ଅର୍ପଣ କଲି । ତାଙ୍କ ମୁହଁରେ ହସ ଖେଳି ଗଲା । ସଭିଙ୍କି ସେ ଅନାଇ ନେଲେ ।

ମୁଁ ପୁଣି କହିଲି, ''ଆମ ସରକାର ସାଧାରଣ ଜନତାଙ୍କ ବ୍ୟବହାର ଉପରେ ଟିକସ ପକାଇ, ଡିଷ୍ଟିଲାରୀ ଯାହା ପାନୀୟ ମଦ ପାଇଁ ବ୍ୟବହୃତ ହୋଇଥାଏ ତା' ଉପରେ ଟିକସ ଛାଡ କରୁଛନ୍ତି । ଆମେ ତାକୁ ବିରୋଧ କରିବା ଫଳରେ ଆମକୁ ଅସନ୍ତୁଷ୍ଟ ବିଧାୟକ କୁହାଯାଉଛି । ଆମ ରାଜ୍ୟରେ ଗଣତାନ୍ତ୍ରିକ ପ୍ରକ୍ରିୟାରେ ଶାସନ ପ୍ରଚଳିତ ନ ହୋଇ ବ୍ୟକ୍ତିଗତ ମର୍ଜିରେ କାର୍ଯ୍ୟ ହେଉଥିବା ଯୋଗୁଁ ବହୁମନ୍ତ୍ରୀ ମଧ୍ୟ ସନ୍ତୁଷ୍ଟ ନୁହନ୍ତି । ଏହାଦ୍ୱାରା ସରକାର ଠିକ୍ ଚାଲିଛି ବୋଲି କୁହାଯାଇ ପାରିବ ନାହିଁ ।

Source: Author, Digitized by PPRACHIN, SOA

ସାଧାରଣଲୋକଙ୍କ ବ୍ୟବହାର୍ଯ୍ୟ ମେଡିସିନ୍ ଉପରେ ଟିକସ୍ ପଡିବା ଏବଂ ଡିଷ୍ଟିଲାରୀ ଉପରେ ଟିକସ ରିହାତି ପ୍ରଦାନ କରିବା କଥା ପ୍ରଧାନମନ୍ତ୍ରୀ ଶୁଣୁ ଶୁଣୁ କହିଲେ, ‘‘ଓଡିଶା ମେ କ୍ୟା ଚଲ୍ ରାହା ହୈ’’?

ପାଖରେ ରଖିଥିବା ଡିଷ୍ଟିଲାରୀ ଟିକସ ରିହାତି ପ୍ରିଣ୍ଟେଡ୍ ବିଲ୍; ଯାହା ବିଧାନ ସଭାରେ ଉପସ୍ଥାପିତ ହୋଇଥିଲା, ତାହା ରାଜୀବ ଗାନ୍ଧୀଙ୍କୁ ପ୍ରଦାନ କଲି । ସେ ତାକୁ ସଂପୂର୍ଣ୍ଣ ପାଠ କରି ଆମମାନଙ୍କ ମୁହଁକୁ ଚାହିଁ କହିଲେ, ‘‘ଏ ସବ୍ କ୍ୟା ଚଲ୍ ରାହା ହୈ...’’?

ପୁଣି ମୁଁ କହିଲି, ‘‘ଆମେ ଯେତେବେଳେ ଏଭଳି ଜନବିରୋଧୀ ବିଲ୍‌କୁ ବିରୋଧ କଲୁ ଆମେ ଅସନ୍ତୁଷ୍ଟ ବିଧାୟକ ଆଖ୍ୟା ପାଇଲୁ’’ ।

ରାଜୀବ ଗାନ୍ଧୀ ସାଙ୍ଗେ ସାଙ୍ଗେ କହିଲେ, ‘‘ନେହିଁ ଆପ୍‌ଲୋକ୍ କଂଗ୍ରେସ୍‌କି ସହି ଆଦ୍‌ମି, ଆପ୍ ଲୋକ୍ ଆଚ୍ଛା କିୟା, ନେହିଁ ତୋ ବିରୋଧୀ ଦଲ୍ ଇନ୍‌କା ଫାଏଦା ଲେତେ ଥେ...’’।

ଏହିଭଳି ରାଜ୍ୟର ବହୁ ସମସ୍ୟା ସହିତ ଦଳର ସାଙ୍ଗଠନିକ ଆଲୋଚନା ଉପରେ ମଧ୍ୟ ସେ ଆମକୁ ପ୍ରଶ୍ନ କଲେ ।

ମୁଁ ଗୋଟି ଗୋଟି କରି ସମସ୍ତ ପ୍ରଶ୍ନର ଉତ୍ତର ଦେଲି । ମୋ’ ସହିତ ଭାଗବତ ବାବୁ, ରାମଚନ୍ଦ୍ର ଉଲ୍ଲାକା ମଧ୍ୟ ମତ ପୋଷଣ କଲେ ।

ମୁଁ ପୁଣି କହିଲି, ଦଳର ସଂଗଠନ ତୃଣମୂଳ ସ୍ତର ପର୍ଯ୍ୟନ୍ତ ପ୍ରସାର କରା ନ ଗଲେ ଭବିଷ୍ୟତରେ ଦଳ ପାଇଁ କ୍ଷତିକାରକ ହେବ । ରାଜ୍ୟସ୍ତରୀୟ ଦଳମାନେ ତାର ପ୍ରଭାବ ବୃଦ୍ଧିକରି ଆମ ପାଇଁ କ୍ଷତିକାରକ ହେବେ । ଆଦିବାସୀ ବହୁଳ ଅଞ୍ଚଳର ବିକାଶ ପାଇଁ ସ୍ୱତନ୍ତ୍ର ଦୃଷ୍ଟି ସରକାର ପ୍ରଦାନ କରିବା ଉଚିତ । ରାଜ୍ୟସରକାରଙ୍କୁ କେନ୍ଦ୍ରୀୟ ଅର୍ଥ ଏଥିପାଇଁ ସ୍ୱତନ୍ତ୍ର ଭାବେ ପ୍ରଦାନ କରିବା ଉଚିତ । ସେମାନଙ୍କ ପାଇଁ ସ୍ୱାସ୍ଥ୍ୟ, ଶିକ୍ଷା, ପାନୀୟ ଜଳ ସହ ରାସ୍ତା ଘାଟର ଉନ୍ନତି ପାଇଁ ରାଜ୍ୟସରକାରଙ୍କ ସୀମିତ ଅର୍ଥ ପର୍ଯ୍ୟାପ୍ତ ନୁହେଁ ।

ଏହିଭଳି ରାଜ୍ୟର ସାମୂହିକ ବିକାଶ ସହ କେ. ବି. କେ ଅଞ୍ଚଳ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ସକାଶେ ପ୍ରଧାନମନ୍ତ୍ରୀଙ୍କ ଭଲ ମନୋଭାବ ଥିବା ଜଣାଗଲା ଓ ଏ ସଂପର୍କରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହେଲା ।

କେ.ବି.କେ ଯୋଜନାର ରୂପାୟନ ପାଇଁ ପ୍ରଧାନମନ୍ତ୍ରୀଙ୍କ ମନରେ ଭରି ରହିଥିବା ବହୁ ପ୍ରଶ୍ନର ଉତ୍ତର ମଧ ସେ ଆମ ଆଲୋଚନାରୁ ପାଇ ପାରିଥିଲେ ।

ଓଡିଶାରେ ପ୍ରାକୃତିକ ସମ୍ପଦ ଭରପୂର । ଓଡିଶା ହେଉଛି ଖଣିଜ ସମ୍ପଦର ଗନ୍ତାଘର ।

Source: Author, Digitized by PPRACHIN, SOA

ଏଠାରେ ଜଳ ସମ୍ପଦ, ଜଙ୍ଗଲ ସମ୍ପଦ ମଧ୍ୟ ଊଣା ନୁହେଁ । ଏତେ ପ୍ରାଚୁର୍ଯ୍ୟରେ ମଧ୍ୟ ଓଡିଶା ଗରିବ ରାଜ୍ୟ, ପଛୁଆ ରାଜ୍ୟରେ ପରିଣତ ହୋଇଛି । ପ୍ରାକୃତିକ ସଂପଦକୁ ନେଇ ଆମେ ଆମ ବିକାଶକୁ ତ୍ୱରାନ୍ୱିତ କରିପାରି ନାହୁଁ । ତାର ସଦ୍‌ବିନିଯୋଗ ହୋଇ ଆର୍ଥିକ ଦୃଷ୍ଟିରୁ ଆମେ ଯେତେ ଲାଭବାନ୍ ହେବାକଥା ତଥା ଆମର ହୋଇପାରି ନାହିଁ । ଖଣିଜ ସମ୍ପଦର ଅସଦ୍ ବିନିଯୋଗ ହୋଇ ରାଜ୍ୟର ପ୍ରଗତିକୁ ରୋକି ଦିଆଯାଇଛି ।

ଓଡିଶାରେ ବୃଷ୍ଟିପାତ ହାରାହାରି ବୃଷ୍ଟିପାତଠୁ ଅଧିକ । ଦକ୍ଷିଣ ପଶ୍ଚିମ ମୌସୁମୀବାୟୁ ଦ୍ୱାରା ଏଠାରେ ବୃଷ୍ଟିପାତ ହୋଇଥାଏ । ବର୍ଷକୁ ପ୍ରାୟ ୧୦୦ ଦିନ ବର୍ଷା ହୋଇଥାଏ । ମାତ୍ର, ବର୍ଷା ଜଳର ୮୦ଭାଗ ଜଳ ନଦୀନାଳଦ୍ୱାରା ବୋହି ଯାଇ ସମୁଦ୍ରରେ ମିଶିଯାଏ । ତେଣୁ ବର୍ଷାଜଳକୁ ଉପଯୁକ୍ତ ଭାବରେ ସଂରକ୍ଷିତ କରି ରଖିବା ଆମର ପ୍ରଥମ କର୍ତ୍ତବ୍ୟ । ବର୍ତ୍ତମାନ ଆମ ରାଜ୍ୟରେ ୪୫ଟି ବୃହତ୍ ଏବଂ ମଧ୍ୟମ ଜଳଭଣ୍ଡାର ଅଛି, ପ୍ରାୟ ୭୦୦ କ୍ଷୁଦ୍ର ଜଳଭଣ୍ଡାର ଅଛି ।

ଦିନକୁ ଦିନ ଶିଳ୍ପର ଅଭିବୃଦ୍ଧି ଫଳରେ ଜଳର ଆବଶ୍ୟକତା ବୃଦ୍ଧି ପାଉଛି । ରାଜ୍ୟର ଭୂତଳ ଜଳର ବ୍ୟବହାର ବୃଦ୍ଧି ଫଳରେ ୩୦ ବର୍ଷ ପରେ ଭୂତଳ ଜଳସ୍ତର କମିଯିବ । ଦିନକୁ ଦିନ ଲୋକସଂଖ୍ୟା ମଧ୍ୟ ବୃଦ୍ଧି ପାଉଛି । ତେଣୁ ଜଳର ଆବଶ୍ୟକତା ବୃଦ୍ଧି ପାଉଛି । ତେଣୁ ଏହାକୁ ଦୃଷ୍ଟିରେ ରଖି ଆଗାମୀ ଭବିଷ୍ୟତ ପାଇଁ ଯୋଜନା ପ୍ରସ୍ତୁତ ହେବା ଆବଶ୍ୟକ ।

ଆମ ଆଲୋଚନାର କଥା ରାଜୀବ ଗାନ୍ଧୀଙ୍କ ମନକୁ ପାଇଲା । ଅନୁନ୍ନତ ଜିଲ୍ଲାର ବିକାଶ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମମାନଙ୍କର ଆବଶ୍ୟକତା ସେ ଉପଲବ୍ଧି କରି ପାରିଥିଲେ । ତେଣୁ କେନ୍ଦ୍ରରେ ଏକ ସେଲ ପ୍ରତିଷ୍ଠାକରି ପ୍ରତ୍ୟକ୍ଷ ଭାବରେ ତାର ଅନୁଧ୍ୟାନ କରି କାର୍ଯ୍ୟପନ୍ଥା ଗ୍ରହଣ କରିଥିଲେ ।

ମାତ୍ର, ଦୁର୍ଭାଗ୍ୟକୁ ନିର୍ବାଚନ ସମୟରେ ସନ୍ତ୍ରାସବାଦୀଙ୍କ ଆତ୍ମଘାତୀ ବିସ୍ଫୋରଣରେ ତାଙ୍କର ଅକାଳ ବିୟୋଗ ହୋଇ ଯାଇଥିଲା । ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ପି. ଭି. ନରସିଂହ ରାଓ କଳାହାଣ୍ଡି ଗସ୍ତ କରି ସ୍ପଷ୍ଟ ଉପଲବ୍ଧ କରି ପାରିଲେ ଯେ, ଏହି ଅନୁନ୍ନତ ଅଞ୍ଚଳର ବିକାଶ ପାଇଁ କେ.ବି.କେ ଯୋଜନା ଅପରିହାର୍ଯ୍ୟ । ତେଣୁ କଳାହାଣ୍ଡି, ବଲାଙ୍ଗିର, କୋରାପୁଟ ପ୍ରଭୃତି ଆଠଟି ଜିଲ୍ଲାକୁ କେ.ବି.କେ ଜିଲ୍ଲା ଭାବେ ଗ୍ରହଣ କରି କାର୍ଯ୍ୟକ୍ରମ ସ୍ଥିର କରାଗଲା ।

ସମସ୍ତ ଆଲୋଚନା ଶୁଣିବା ପରେ ସେ ଗମ୍ଭୀର ହୋଇ ଆମ ସମସ୍ତଙ୍କୁ ଚାହିଁ କହିଲେ, ‘‘ଆପ୍ ସଭିଏଁ କଂଗ୍ରେସକେ ସକ୍ରିୟ ସଦସ୍ୟ । ଆପ୍ ଐସା କୋହିଭି କାମ୍

Source: Author, Digitized by PPRACHIN, SOA

ନେହିଁ କରନା ଚାହିଏ, ଯୈସେ ଦଲ୍‌କା କୋଇ ନୋକସାନ୍ ପହୁଁଚେଗା । ମେ ସବ୍‌କେ ସାଥ୍ ବିଚାର ବିମର୍ଷ କରକେ ଫଏସଲା ଲୁଙ୍ଗା । ମେରେ ଫଏସଲା ମେ ଆପ୍ ଲୋକ୍ ସହମତ ହୋନା ଚାହିଏ'' ।

ଆମେ ସମସ୍ତେ ଏକ ସ୍ୱରରେ କହିଲୁ, ''ଆପଣ ଆମ ଦେଶର ପ୍ରଧାନମନ୍ତ୍ରୀ, ଆପଣ ଆମ ଦଳର ସଭାପତି । ଆପଣଙ୍କ ପରାମର୍ଶ ଆମେ ଗ୍ରହଣ କରିବୁନି କେମିତି ? ଆମେ ସମସ୍ତେ ଜଣେ ଜଣେ ଦଳର ନିଷ୍ଠାପର କର୍ମୀ । ଆମେ ଆପଣଙ୍କ ସିଦ୍ଧାନ୍ତକୁ ସାଦରେ ଗ୍ରହଣ କରିବୁ'' ।

ସମସ୍ତଙ୍କଠୁ ଏହିଭଳି ଉତ୍ସାହପୂର୍ଣ୍ଣ ମତାମତ ଶୁଣି, ରାଜୀବ ଗାନ୍ଧୀ ପୁଣି କହିଲେ, ''ପାର୍ଲିଆମେଣ୍ଟ ସେସନ୍‌କେ ବାଦ୍ ମେ ଆପ୍‌କେ ମୁଖ୍ୟମନ୍ତ୍ରୀ କେ ସାଥ୍ ବାତ୍‌ଚିତ୍ କର୍‌କେ ଫଏସଲା ଲୁଙ୍ଗା । ଆପ୍ ଲୋଗକେ ବାତ୍, ମୈନେ ଶୁନା । ଓଡିଶାକେ ଲିଏ କୁଛ୍ କରେଙ୍ଗେ''।

ଆମର ଆଲୋଚନା ପ୍ରାୟ ୪୫ ମିନିଟ୍ ପର୍ଯ୍ୟନ୍ତ ହୋଇଥିଲା । ରାଜୀବ ଗାନ୍ଧୀଙ୍କ ଦୃଷ୍ଟିକୁ ଆଣିବା ସଙ୍ଗେ ସଙ୍ଗେ ସଂଗଠନର ଦୋଷ ଦୁର୍ବଳତା ଉପରେ ରାଷ୍ଟ୍ରମୁଖ୍ୟଙ୍କ ସହିତ ବିଶଦ ଆଲୋଚନା କରି ପାରିଥିବାରୁ ଏବଂ ସେ ଧୈର୍ଯ୍ୟର ସହ ତାକୁ ଶୁଣିଥିବା ଯୋଗୁଁ ଆମେ ସଭିଏଁ ଖୁସି ମନରେ ଫେରି ଆସିଲୁ ।

ଭୁବନେଶ୍ୱରରେ ରାଜନୈତିକ ଗତିବିଧି ଚଞ୍ଚଳ ହୋଇ ଉଠିଥାଏ । ଆମ ଦିଲ୍ଲୀ ଯାତ୍ରା ପ୍ରଧାନମନ୍ତ୍ରୀଙ୍କୁ ଭେଟିବା ଖବର ମଧ୍ୟ ପ୍ରକାଶ ପାଇଥାଏ । ପ୍ରଧାନମନ୍ତ୍ରୀଙ୍କ ସହ ୪୫ମିନିଟ୍ ଆଲୋଚନା ସମ୍ବାଦ ମଧ୍ୟ ପ୍ରକାଶ ପାଇଲା ।

ଆମେ ଟ୍ରେନ୍‌ରେ ଫେରିବା ସମୟରେ ସ୍ଥିର କରିନେଇଥିଲୁ, ଯାହା ପ୍ରଧାନମନ୍ତ୍ରୀଙ୍କ ସହ ଆଲୋଚନା ହେଲା ପ୍ରେସ୍‌କୁ କିଛି କହିବା ନାହିଁ ।

ତେଣୁ ଆମଠୁ ନିର୍ଦ୍ଦିଷ୍ଟ କୌଣସି ଖବର ନ ପାଇ ଗଣମାଧ୍ୟମ ଅନ୍ଦାଜକରି ଅନେକ କଥା ପ୍ରକାଶ କଲେ । ସାମ୍ବାଦିକମାନଙ୍କ ସମ୍ବାଦ ପରିବେଷଣ କରିବା ଚାତୁରୀ ଅନେକ ପ୍ରକାରର । ଲୋକଙ୍କ ମନକୁ ସ୍ପର୍ଶ କଲା ଭଳି, ଚହଲ ପକାଇବା ଭଳି ବିଭିନ୍ନ ସମ୍ବାଦ କିଛି ଦିନ ପ୍ରକାଶ ପାଇଲା । ତାପରେ ସବୁ ଶାନ୍ତି ହୋଇଗଲା ।

——

Source: Author, Digitized by PPRACHIN, SOA

ପଞ୍ଚଦଶ ପରିଚ୍ଛେଦ

ଓଡିଶା ସରକାରଙ୍କ କ୍ୟାବିନେଟ୍ ମନ୍ତ୍ରୀ

କ୍ୟାବିନେଟ୍ ମନ୍ତ୍ରୀ :

ଦିଲ୍ଲୀରୁ ଫେରି ଆସିବା ପରେ ଜାଣିବାକୁ ପାଇଲି, 'ଓଡିଶା କ୍ରିକେଟ୍ ଏସୋସିଏସନ୍'ର ନୂତନ କର୍ମକର୍ତ୍ତା ନିର୍ବାଚନ ପାଇଁ ତାରିଖ ଘୋଷଣା ହୋଇ ଯାଇଥାଏ । କଟକ ବାରବାଟୀ ଷ୍ଟାଡିୟମ୍ ଯାଇ ବନ୍ଧୁମାନଙ୍କ ସହିତ ପରାମର୍ଶ କରି 'ଓଡିଶା କ୍ରିକେଟ୍ ଏସୋସିଏସନ୍'ର ସଭାପତି ପଦ ପାଇଁ ମୋର ପ୍ରାର୍ଥୀପତ୍ର ଦାଖଲ କଲି । ସଂପାଦକ, ଉପସଭାପତି କୋଷାଧ୍ୟକ୍ଷ ପଦ ପାଇଁ ମଧ ଆଲୋଚନା ହେଲା । ଆମ ପେନାଲ୍‌ରେ କେଉଁମାନେ ସଭ୍ୟ ହେବେ, ତାହା ସୁବିସ୍ତୃତ ଆଲୋଚନା କରି ବିଭିନ୍ନ କ୍ଲବ, ଜିଲ୍ଲା ଏଥ୍‌ଲେଟିକ୍-ଏସୋସିଏସନ୍‌ର ସଭ୍ୟମାନଙ୍କୁ ବିଶ୍ୱାସକୁ ନେଇ ପ୍ରାର୍ଥୀପତ୍ର ଯଥା ସମୟରେ ପ୍ରଦାନ କରାଗଲା । 'ଓଡିଶା କ୍ରିକେଟ୍ ଏସୋସିଏସନ୍' ନିର୍ବାଚନ ପ୍ରସ୍ତୁତିରେ ମୁଁ କିଛି ଦିନ ବ୍ୟସ୍ତ ରହିଲି । ବିଭିନ୍ନ ଜିଲ୍ଲାକୁ ଯାଇ ଏଥ୍‌ଲେଟିକ୍ ଏସୋସିଏସନ୍‌ର ସଂପାଦକ ଏବଂ ଅନ୍ୟ କର୍ମକର୍ତ୍ତାମାନଙ୍କ ସହିତ ମିଶି ସେମାନଙ୍କ ସହମତ ପାଇଁ ଉଦ୍ୟମ ଜାରି ରଖିଲି ।

ପରେ ଜିଲ୍ଲାକୁ ଫେରିଆସି, ମୋର ନିର୍ବାଚନମଣ୍ଡଳୀର ବିଭିନ୍ନ ଅଞ୍ଚଳ ଗସ୍ତକରି ଲୋକଙ୍କ ସମସ୍ୟା ଜାଣି ତାର ସମାଧାନ ପାଇଁ ମଧ୍ୟ ଉଦ୍ୟମ କଲି । ସମୟକୁ ଠିକ୍ ଭାବରେ ବିନିଯୋଗ କରିପାରୁଥିବା ଯୋଗୁଁ ରାଜନୀତି ଅବା କ୍ରୀଡା ଅବା ସାଂସ୍କୃତିକ କାର୍ଯ୍ୟରେ ମୁଁ କେବେ ଅସୁବିଧାରେ ପଡିନାହିଁ ।

ଭବାନୀପାଟଣାକୁ ଫେରି ଆସି ମୋ' ଘର ବାହାର କୋଠରୀରେ ବସି କେତେଜଣଙ୍କ ସହ ଆଲୋଚନା କରୁଥାଏ । ସନ୍ଧ୍ୟା ପ୍ରାୟ ୪ଟା ହେବ । ଘର ସମ୍ମୁଖରେ ଗାଡିଟିଏ ରହିବାର ଶବ୍ଦ ଶୁଣିଲି ।

ଘର ଭିତରକୁ ଜିଲ୍ଲାପାଳ, ଏସ୍.ପି. ଚାଲି ଆସିଲେ । ଏସ୍.ପି. ସାମନାକୁ ଆସି ମୋତେ ସାଲ୍ୟୁଟ୍ ପ୍ରଦାନ କଲେ ।

ମୁଁ ଆଶ୍ଚର୍ଯ୍ୟ ହୋଇ ତାଙ୍କ ମୁହଁକୁ ଚାହିଁ ରହିଲି । ମୋ' ସହିତ ବସି ଆଲୋଚନା

Source: Author, Digitized by PPRACHIN, SOA

କରୁଥିବା ଭଦ୍ର ବ୍ୟକ୍ତିମାନେ ଏସ୍.ପି. ଏବଂ କଲେକ୍ଟର୍ ଆସିବା ଜାଣି, ତାଙ୍କ ବସିବା ପାଇଁ ଆସନ ଛାଡି ଦେଇ ବାହାରକୁ ଚାଲି ଆସିଲେ । ଆମମାନଙ୍କ ମଧ୍ୟରେ କିଛି ଏକ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହେବ ଜାଣି ସେମାନେ ଉଠି ଆସିଲେ ।

ମୁଁ ମନେ ମନେ ଭାବିଲି, କଥା ନିଶ୍ଚୟ କିଛି ଗୁରୁତର । ନ ହେଲେ କଲେକ୍ଟର୍, ଏସ୍. ପି. ଏକା ସାଥିରେ ଅବା ମୋ' ପାଖକୁ ଆସିଥାନ୍ତେ କାହିଁ କି ? ଏସ୍.ପି. ମୋତେ ସାଲ୍ୟୁଟ୍ ଦେବା ଦେଖି ମୁଁ ଆଶ୍ଚର୍ଯ୍ୟ ହୋଇ ପଚାରିଲି, ''କଥା କ'ଣ'' ?

କଲେକ୍ଟର୍ କହିଲେ, ''ସାର୍ କଙ୍ଗ୍ରାଚ୍ୟୁଲେସନ୍ସ୍ । ଆପଣ ଆମ କ୍ୟାବିନେଟ୍ ମିନିଷ୍ଟର୍ । ୱାଇରଲେସ୍ ମେସେଜ୍ ଆସି ପହଞ୍ଚିଛି । ଆପଣଙ୍କୁ ଏସ୍କଟ୍ କରି ଏସ୍.ପି. ଭୁବନେଶ୍ୱର ଯିବେ । ମୁଁ କଲେକ୍ଟର୍ କନ୍‌ଫରେନ୍ସରେ ଯୋଗଦେବା ପାଇଁ ଭୁବନେଶ୍ୱର ବାହାରିଛି''।

ମୁଁ ଆଶ୍ଚର୍ଯ୍ୟ ହୋଇ ପ୍ରଶ୍ନ କଲି, ''କାହିଁ ମୋ' ପାଖରେ ତ ସେଭଳି କୌଣସି ଖବର ନାହିଁ'' !

ଏସ୍. ପି. ତାଙ୍କ ପକେଟ୍‌ରୁ ୱାଇର୍‌ଲେସ୍ ମେସେଜ୍ ବାହାର କରି ମୋତେ ଦେଖାଇଲେ ।

ମୁଁ ତାହା ପଢି ତାଙ୍କୁ ଫେରାଇ ଦେଲି । ମୋତେ ବିଶ୍ୱାସ ହେଉ ନ ଥାଏ ଯେ, ଏହା କିଭଳି ସମ୍ଭବ ? ଜାନକୀବାବୁ ମୋତେ କଂଗ୍ରେସ୍ ଟିକଟ୍ ଦେବାରୁ ବଞ୍ଚିତ କରିଥିଲେ । ପାର୍ଲିଆମେଣ୍ଟ୍ ଟିକଟ୍ ପାଇନଥିଲି । ଏଥର ବିଧାନସଭାକୁ ମଧ୍ୟ ଟିକଟ୍ ପାଇନଥିଲି । ମାତ୍ର, ହାଇକମାଣ୍ଡଙ୍କ ହସ୍ତକ୍ଷେପ ଫଳରେ ମୁଁ ଟିକଟ ପାଇଲି । ଯଥା ସମୟରେ ପର୍ଯ୍ୟବେକ୍ଷକ ଶ୍ରୀମତୀ ଶୀଳା ଦୀକ୍ଷିତ ସମସ୍ତ ଘଟଣା ଅବଗତ ହୋଇ ହାଇକମାଣ୍ଡଙ୍କ ଦୃଷ୍ଟି ଆକର୍ଷଣ କରିବା ଫଳରେ ଟିକଟ ପାଇବା ସମ୍ଭବ ହୋଇଥିଲା । ନିର୍ବାଚନରେ ମଧ୍ୟ ଜିତିଗଲି । ଜଣାଶୁଣା ଅସନ୍ତୁଷ୍ଟ ବିଧାୟକ ହିସାବରେ ମୁଁ ଜାନକୀ ବାବୁଙ୍କ ନଜରରେ ଏବେ ମଧ୍ୟ ଅଛି । ଏଭଳି ପରିସ୍ଥିତିରେ ମୁଁ କିପରି ମନ୍ତ୍ରୀ ହେଲି ? ଆଶ୍ଚର୍ଯ୍ୟ ହୋଇ ମୁଁ କିଛି ଅନୁମାନ କରିପାରୁନଥାଏ ।

ଜିଲ୍ଲାପାଳ ମୋ' ସହିତ କଥାବାର୍ତ୍ତା ହୋଇ ଆସନ୍ତାକାଲି କଲେକ୍ଟର କନ୍‌ଫରେନ୍ସରେ ପୁଣି ଭେଟିବି କହି, ମୋ'ଠୁ ବିଦାୟ ନେଇ ଭୁବନେଶ୍ୱର ଚାଲିଗଲେ । ସେତେବେଳେ ଚିନ୍ମୟ ବସୁ କଳାହାଣ୍ଡିର କଲେକ୍ଟର ଥା'ନ୍ତି ।

'ମୁଁ ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇଛି,' ଏଭଳି କୌଣସି ଖବର ମୁଁ ଭୁବନେଶ୍ୱରରୁ ପାଇନଥାଏ । ତେଣୁ ସନ୍ଧ୍ୟା ରେଡିଓରୁ ସବୁକଥା ଜଣାପଡିବ ।

ଏସ୍.ପି. ମୋତେ ରାତ୍ର ଡିନର୍ ପରେ ଭୁବନେଶ୍ୱର ଅଭିମୁଖେ ଯିବା ପାଇଁ

Source: Author, Digitized by PPRACHIN, SOA

ଅନୁରୋଧ କଲେ । ସେଥିପାଇଁ କାର୍ ଠିକ୍ ହୋଇଛି । ଏତକ କହି ସେ ଫେରିଗଲେ ପ୍ରସ୍ତୁତି ହେବା ପାଇଁ ।

ମୁଁ ଦ୍ୱନ୍ଦ୍ୱରେ ପଡି ଯାଇଥାଏ । ମୁଁ କିପରି ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇଲି ? ଏହା କିପରି ସମ୍ଭବ ହେଲା ? ଘଟଣାରେ ସତ୍ୟତା ନ ଥିଲେ ଏସ୍.ପି.ଙ୍କ ପାଖକୁ ସରକାରୀ ୱାରଲେସ୍ ମେସେଜ୍ କେବେ ଆସି ନ ଥାନ୍ତା । ଏୟା ତ ମିଛ ନୁହେଁ? ତଥାପି ମୋ' ମନ ବୁଝୁ ନ ଥାଏ ।

ସନ୍ଧ୍ୟା ଆଞ୍ଚଳିକ ସମ୍ବାଦରେ ରେଡିଓରୁ ଜାଣିବାକୁ ପାଇଲି, କ୍ୟାବିନେଟ୍ ମନ୍ତ୍ରୀ ରୂପେ ମୋ' ନାମ ଘୋଷଣା ହେବା ସଙ୍ଗେ ସଙ୍ଗେ କୃଷି ଓ ସମବାୟ ବିଭାଗର ମନ୍ତ୍ରୀ ରୂପେ ଆଗାମୀ କାଲି ସକାଳ ୧୦ଘଣ୍ଟା ସମୟରେ ଶପଥ ଗ୍ରହଣ ଉତ୍ସବ ମଧ୍ୟ ରାଜଭବନରେ ଅନୁଷ୍ଠିତ ହେବ । ରାଷ୍ଟ୍ରମନ୍ତ୍ରୀ ରୂପେ ଭୂପିନ୍ଦରସିଂହଙ୍କ ନାମ ମଧ୍ୟ ଘୋଷଣା ହେଲା ।

ରେଡିଓ ସମ୍ବାଦ ଶୁଣିଲା ପରେ ମୋ' ଘରେ ଲୋକଙ୍କ ଭିଡ ଜମିବାକୁ ଲାଗିଲା ।

ମନ୍ତ୍ରିମଣ୍ଡଳରେ ଯୋଗଦେବି କି ନାହିଁ, ମୋ' ମନରେ ଦ୍ୱନ୍ଦ୍ୱ ଦେଖା ଦେଇଥାଏ । ମୁଖ୍ୟମନ୍ତ୍ରୀଙ୍କ ମୋ' ଉପରେ ଭୁଲ ଧାରଣା ରହିଛି । ତାଙ୍କ ସହିତ କାମ କରି ପାରିବି କି ? ମୋର କାମକୁ ସେ ଗ୍ରହଣ କରିବେ କି ? ଏହିଭଳି ବିଭିନ୍ନ ପ୍ରଶ୍ନ ମୋ' ମନରେ ଉଙ୍କି ମାରୁଥାଏ ।

ବନ୍ଧୁମାନଙ୍କ ସହିତ ଖୋଲାଖୋଲି ଆଲୋଚନା କଲି । ସେମାନେ ଦୃଢ ସ୍ୱରରେ କହିଲେ, ''ରାଜ୍ୟ ତଥା ଜିଲ୍ଲାର ସ୍ୱାର୍ଥ ଦୃଷ୍ଟିରୁ ଆପଣଙ୍କୁ ମନ୍ତ୍ରିମଣ୍ଡଳରେ ଯୋଗ ଦେବାକୁ ପଡିବ । ରାଜନୀତି କ୍ଷେତ୍ରରେ ଆପଣଙ୍କ ଦୀର୍ଘ ଦିନର ସଂପର୍କ, ଅନୁଭୂତି, କାର୍ଯ୍ୟଦକ୍ଷତାକୁ ଆପଣଙ୍କୁ ପ୍ରମାଣିତ କରିବାକୁ ପଡିବ''। ଏହିଭଳି ଆମ ଆଲୋଚନା ଚାଲିଥାଏ । ଠିକ୍ ସେତିକିବେଳେ ଭୁବନେଶ୍ୱରରୁ ଫୋନ୍ ଆସିଲା ।

ମାନ୍ୟବର ମୁଖ୍ୟମନ୍ତ୍ରୀ ଜାନକୀବାବୁ ମୋତେ ଅଭିନନ୍ଦନ ଜଣାଇ କହିଲେ, ''ରାତ୍ର ସୁଦ୍ଧା ତୁମେ ଭୁବନେଶ୍ୱରରେ ପହଞ୍ଚ ଯାଅ । ସକାଳ ୧୦ଟାରେ ଶପଥ ଗ୍ରହଣ, ରାଜଭବନରେ ହେବ । ତୁମେ ଆସିଲା ପରେ ଅନ୍ୟାନ୍ୟ କଥାବର୍ତ୍ତା ହେବା''। ଆତ୍ମୀୟତାର ସହ ଫୋନ୍‌ରେ କଥା ହୋଇ ଫୋନ୍ ରଖିଦେଲେ ।

ମୋର ଦ୍ୱନ୍ଦ୍ୱ ଓ ଦୋଳାୟମାନ ଅବସ୍ଥାକୁ ଦେଖି ମୋର ଅନ୍ତରଙ୍ଗ ବନ୍ଧୁମାନେ ମୋ' ସହିତ ଅନ୍ୟ ଏକ ଗାଡିରେ ଭୁବନେଶ୍ୱର ଯିବା ପାଇଁ ବାହାରି ପଡିଲେ । ମୁଣ୍ଡ ଉପରକୁ ଆସୁଥିବା ଏକ ବିରାଟ ଦାୟିତ୍ୱ ଗ୍ରହଣ କରିବା ଭଳି ଦ୍ୱନ୍ଦ୍ୱାତ୍ମକ ତଥା ଦୋଳାୟମାନ ଅବସ୍ଥାରେ ମୋର ଯାତ୍ରା ଆରମ୍ଭ ହେଲା ।

Source: Author, Digitized by PPRACHIN, SOA

ରାତ୍ର ତମାମ ଭୀଷଣ ବର୍ଷା । ବିଜୁଳିର ଚମକ ସହ ଘଡଘଡିର ଭୀଷଣ ଶବ୍ଦରେ ଆମ ଗାଡି ଆଗେଇ ଚାଲିଥାଏ । (ମୋ' ସହିତ ଏସ୍.ପି. ମଧ୍ୟ ବସିଥାନ୍ତି) । ଡ୍ରାଇଭର୍ ସତର୍କତାର ସହ ଗାଡି ଚଳାଇ ନେଉଥାନ୍ତି । ନୟାଗଡରେ ସକାଳ ୫ଟାରେ ପହଞ୍ଚିଗଲୁ ।

ବର୍ଷାର ଅସରା ପିଟୁଥାଏ । ଗାଡିରୁ ବାହାରିବା ମଧ୍ୟ ସମ୍ଭବ ହେଉନଥାଏ । ଉପର ମୁଣ୍ଡରେ କ୍ଷୁଦ୍ର ଜଳସେଚନ ଯୋଜନା ଭାଙ୍ଗି ଯାଇଥିବା ଯୋଗୁଁ ରାଜରାସ୍ତା ଜଳମଗ୍ନ । ଭୁବନେଶ୍ୱର ଯିବା ପାଇଁ ରାସ୍ତା ନାହିଁ । ଆମେ ସ୍ଥିରକଲୁ ନୟାଗଡରୁ ବ୍ରହ୍ମପୁର ଯାଇ ଭୁବନେଶ୍ୱର ପହଞ୍ଚିବୁ । କିଛି ଦୂର ଗଲାପରେ ଗୋଟିଏ ପୋଲ ଭାଙ୍ଗି ଯାଇଥିବା ଯୋଗୁଁ ଆଉ ଆଗକୁ ଯିବା ସମ୍ଭବ ନୁହେଁ । ଭୁବନେଶ୍ୱର ଯିବା ପାଇଁ ଆଉ କୌଣସି ରାସ୍ତା ନାହିଁ । ବର୍ଷା ସେତେବେଳ ପର୍ଯ୍ୟନ୍ତ ଅନବରତ ଲାଗି ରହିଥାଏ । ଗାଡିର ଗ୍ଲାସ୍ ବନ୍ଦ କରି ଆମେ ଗାଡିରେ ବସି ରହିଲୁ ।

ଏସ୍.ପି. ମୋତେ କହିଲେ, ''ସାର୍ ! ଆମେ ନୟାଗଡ ଫେରିଯାଇ ଆଇ.ବି.ରେ ଫ୍ରେସ୍ ହୋଇ ଯିବା''।

''ଫୋନ୍ ବର୍ତ୍ତମାନ କାମ ଦେବ ନାହିଁ । ମୁଁ ୱାରଲେସ୍ ମେସେଜ୍‌ରେ ସମସ୍ତ ଖବର ମୁଖ୍ୟମନ୍ତ୍ରୀଙ୍କ ଅଫିସକୁ ଜଣାଇ ଦେବି''।

ଆଇ.ବି.କୁ ଫେରିଆସି ନିତ୍ୟକର୍ମ ସାରି ମୋ' ସହିତ ଆସୁଥିବା ବନ୍ଧୁମାନଙ୍କୁ ଫ୍ରେସ୍ ହେବା ପାଇଁ କହିଲି । ରାଜେନ୍ଦ୍ର ବାବୁ, ମଳୟ କୁମାର ମୁଣ୍ଡ, ଜନାର୍ଦ୍ଦନ ପଣ୍ଡା, ଜଗ ମୋହନ୍ ପଟ୍ଟନାୟକ, ସତ୍ୟପ୍ରସାଦ ବେହେରା, ଭାଗବତ ପ୍ରସାଦ ଯାଦବ ପ୍ରଭୃତି ଅନ୍ୟ ଏକ କାର୍‌ରେ ଆସୁଥାନ୍ତି ।

ଆଇ.ବି. ଷ୍ଟାଫ୍ ଆମ ପାଇଁ ଚାହା ପ୍ରସ୍ତୁତ କରି ସଭିଙ୍କି ପ୍ରଦାନ କଲେ । ଝିପି ଝିପି ବର୍ଷା ସହ ଥଣ୍ଡା ପାଗରେ ଚାହା ଆମ ପାଇଁ ଆରାମ ଦାୟକ ମନେ ହେଲା ।

କିଛି ସମୟ ପରେ ଏସ୍.ପି. ଆସି କହିଲେ, ''ସାର୍ ! ମୁଖ୍ୟମନ୍ତ୍ରୀଙ୍କ ଅଫିସ୍‌କୁ ସବୁ ଖବର ଜଣାଇ ଦେଇଛି । ରାସ୍ତାରେ ୪ ଫୁଟ ଉଚ୍ଚରେ ପାଣି ବୋହି ଚାଲିଛି । ସନ୍ଧ୍ୟା ସୁଦ୍ଧା ରାସ୍ତା ଖୋଲିବା ସମ୍ଭବ ନୁହେଁ'' ।

ମୁଖ୍ୟମନ୍ତ୍ରୀ ସବୁ ଜାଣି ବ୍ୟସ୍ତ ହୋଇ ପଡିଲେ । ଶପଥ ଗ୍ରହଣ ଉତ୍ସବରେ ସକାଳ ୧୦ଟାରେ ଯୋଗ ଦେବା ସମ୍ଭବ ନୁହେଁ । ସେଦିନ ମାନ୍ୟବର ରାଜ୍ୟପାଳ ମଧ୍ୟ ଛୁଟିରେ ସାତ ଦିନ ପାଇଁ ବାହାରକୁ ଚାଲି ଯାଉଛନ୍ତି । ତାଙ୍କ ପ୍ଲେନ୍ ସନ୍ଧ୍ୟା ୪ଟାରେ ଅଛି । ରାଜ୍ୟ ସରକାରଙ୍କ ହେଲିକେପ୍ଟର୍ ମଧ୍ୟ ନାହିଁ । ପଡୋଶୀ ଆନ୍ଧ୍ର ସରକାରଙ୍କ ହେଲିକେପ୍ଟର୍ ଅଛି । ନ ହେଲେ ପ୍ରାଇଭେଟ୍ କମ୍ପାନୀର ହେଲିକେପ୍ଟର୍ ଅଛି । ତାକୁ ଯୋଗାଡ କରିବା ମଧ୍ୟ ସମୟ ସାପେକ୍ଷ । ବର୍ଷା ଥମି ଥମି ପୁଣି ମୂଷଳ ଧାରରେ

Source: Author, Digitized by PPRACHIN, SOA

ବର୍ଷା ହେଉଥାଏ । ତାର ବିରାମ ନ ଥାଏ । ଆକାଶ ମେଘାଚ୍ଛନ୍ନ । ତେଣୁ ପାଗ ମଧ୍ୟ ହେଲିକେପ୍ଟର୍ ପାଇଁ ଅନୁକୂଳ ନ ଥାଏ। ଦିନ ୧୧ଟା ପରେ ପାଗର ସାମାନ୍ୟ ପରିବର୍ତ୍ତନ ଘଟିଲା ।

୧୦ଟାରେ ଶପଥ ଗ୍ରହଣ ଉତ୍ସବ ରାଜଭବନରେ ଯଥାରୀତିରେ ହୋଇଗଲା । ଅନ୍ୟ ମନ୍ତ୍ରୀମାନେ ଶପଥ ଗ୍ରହଣ କଲେ । ମାତ୍ର, ମୁଁ ଶପଥ ଗ୍ରହଣ କରି ପାରିଲି ନାହିଁ। ମୁଖ୍ୟମନ୍ତ୍ରୀ ଠିକ୍ ଖବର ପ୍ରଧାନମନ୍ତ୍ରୀଙ୍କୁ ଜଣାଇ ଦେଲେ । ମୁଁ ଶପଥ ଗ୍ରହଣ କରିପାରି ନଥିବା କାରଣ ମଧ୍ୟ ସ୍ପଷ୍ଟ କରିଦେଲେ । ତୁରନ୍ତ ହେଲିକେପ୍ଟର୍ ଯୋଗାଡ଼ କରି ମୋତେ ନେବା ପାଇଁ ବ୍ୟବସ୍ଥା କରାଗଲା । ଦିନ ପ୍ରାୟ ତିନିଟା ବେଳକୁ ନୟାଗଡ଼ ଆଇ.ବି. ପାଖ ପଡ଼ିଆରେ ଆକାଶଯାନ ଓହ୍ଲାଇଲା । ଆମେ ପ୍ରସ୍ତୁତ ଥିଲୁ । ବିଳମ୍ବ ନକରି ହେଲିକେପ୍ଟର୍‌ରେ ବାହାରି ପଡ଼ିଲୁ । ୧୫ମିନିଟ ମଧ୍ୟରେ ଭୁବନେଶ୍ୱର ଏରୋଡ୍ରାମ୍‌ରେ ପହଞ୍ଚିଗଲୁ ।

ଏରୋଡ୍ରାମ୍‌ର ଭି.ଆଇ.ପି. ଲନ୍‌ରେ ନିରାଡମ୍ବର ଭାବରେ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହେଲା । ମୁଖ୍ୟମନ୍ତ୍ରୀ, ଚିଫ୍ ସେକ୍ରେଟାରୀ ଏବଂ କିଛି ଅଫିସର ଉପସ୍ଥିତ ରହିଥାନ୍ତି । ସାମ୍ବାଦିକ, କ୍ୟାବିନେଟ୍‌ମନ୍ତ୍ରୀମାନଙ୍କ ମଧ୍ୟରୁ ଜଣେ ଦୁଇ ଜଣ ଥାନ୍ତି । ସେ ଦିନ ଥାଏ ୨୨ ଜୁଲାଇ ୧୯୮୬ ମସିହା ।

ରାଜ୍ୟପାଳ ମୋତେ ଶପଥ ପାଠ କରାଇଲେ । ଓଡ଼ିଆରେ ମୁଁ ଶପଥ ଗ୍ରହଣ କଲି । ରେଜିଷ୍ଟର୍‌ରେ ମୋର ସ୍ୱାକ୍ଷର ପ୍ରଦାନ କଲି । ରାଜ୍ୟପାଳ ହସି ହସି ମୋ' ସହିତ କରମର୍ଦ୍ଦନ କଲେ । ମୁଖ୍ୟମନ୍ତ୍ରୀ ମଧ୍ୟ ହାତ ମିଳାଇ ମୋତେ ଅଭିନନ୍ଦନ ଜଣାଇଲେ । ଚିଫ୍‌ସେକ୍ରେଟେରୀ ଓ ଅନ୍ୟମାନଙ୍କ ସହିତ ହାତ ମିଳାଇଲି । ସେତେବେଳେ ଓଡ଼ିଶାର ରାଜ୍ୟପାଳ ଥା'ନ୍ତି ମହାମାନ୍ୟବର ବି. ଏନ୍. ପାଣ୍ଡେ । ଜଣେ ଗାନ୍ଧିବାଦୀ ଆଦର୍ଶବାନ ଜ୍ଞାନୀ ବ୍ୟକ୍ତି ।

ରାଜ୍ୟପାଳଙ୍କ ପ୍ଲେନ ସମୟ ହୋଇଯାଇଥିବା ଯୋଗୁଁ ଆମ୍ଭେ ତାଙ୍କୁ ବିଦାୟ ଦେଲୁ ।

କ୍ୟାବିନେଟମନ୍ତ୍ରୀ ପଦପ୍ରାପ୍ତିର ରହସ୍ୟ :

ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ମୋ' ମନର ସନ୍ଦେହ ଦୂର କରିବା ପାଇଁ ପ୍ରଶ୍ନ କଲି, ''ମୁଁ ତ ନୋନ୍ ରିସିଡେଣ୍ଟ । ମୋତେ ଆପଣ କିପରି ମନ୍ତ୍ରୀ କଲେ''? ସେଠି ବହୁ ସାମ୍ବାଦିକ ଉପସ୍ଥିତ ଥାନ୍ତି । ଥରେ ସେମାନଙ୍କୁ ଦେଖିନେଇ ମାନ୍ୟବର ମୁଖ୍ୟମନ୍ତ୍ରୀ କହିଲେ, ''ବର୍ତ୍ତମାନ ବହୁତ ସମୟ ହୋଇ ଯାଇଛି । ମୁଁ ଲଞ୍ଚ୍ କରି ନାହିଁ, ତୁମେ ମଧ୍ୟ ଲଞ୍ଚ୍ କରି ନାହଁ । ଚାଲ ଲଞ୍ଚ୍ ଟେବୁଲରେ ମୁଁ ତୁମକୁ ସବୁକଥା କହିବି ।

Source: Author, Digitized by PPRACHIN, SOA

କଲେକ୍ଟର କନ୍‌ଫରେନ୍ସ ଚାଲିଛି । ସେଠି ତୁମେ ଯୋଗ ଦେବ । ସଭିଙ୍କ ସହିତ ତୁମକୁ ପରିଚିତ କରାଇବି'' । ଏତକ କହି ତର ତର ହୋଇ ମୋର ହାତଧରି ତାଙ୍କ ଗାଡିରେ ବସାଇ ଦେଲେ । ଏସ୍. ପି. ଏବଂ ଅନ୍ୟମାନଙ୍କୁ ଧନ୍ୟବାଦ ଜଣାଇଲେ । ସମସ୍ତଙ୍କୁ ହସ ହସ ବଦନରେ ହାତ ହଲାଇ ବିଦାୟ ଦେଲେ ।

ଜାନକୀବାବୁ ଲଞ୍ଚ୍ ଟେବୁଲରେ କହିଲେ, ''ତୁମକୁ ମନ୍ତ୍ରୀ କରିବାରେ ମୁଁ କିଏ ? ହାଇକମାଣ୍ଡଙ୍କ ନିର୍ଦ୍ଦେଶରେ ତୁମେ ମନ୍ତ୍ରୀ ହୋଇଛ'' ।

ସେ ସମସ୍ତ କଥା ଗୋଟି ଗୋଟି ମୋତେ କହିଲେ । ପାର୍ଲିଆମେଣ୍ଟ ଅଧିବେଶନ ଶେଷ ହେବାପରେ ପ୍ରଧାନମନ୍ତ୍ରୀଙ୍କ ଡାକରା ପାଇ ଦିଲ୍ଲୀ ଯାଇ ଭେଟିଲି । ମୋ' ସହିତ ବହୁ କଥା ଆଲୋଚନା ପରେ ସେ କହିଲେ, ''ଦଶ ଜଣ ବିଧାୟକଙ୍କ ମଧ୍ୟରୁ ଜଣେ ମନ୍ତ୍ରୀ ହେବେ'' ।

''ମୁଁ ପ୍ରଥମେ ଜଣକର ନାମ କହିଲି, ତାକୁ ପ୍ରଧାନମନ୍ତ୍ରୀ ସମ୍ମତି ଦେଲେ ନାହିଁ । ଫେର୍ ଆଉ ଜଣକ ନାମ ଦେଲି, ତାକୁ ମଧ୍ୟ ସେ ଗ୍ରହଣ କଲେ ନାହିଁ'' ।

ସେ ହିଁ ମୋତେ ପ୍ରଶ୍ନ କଲେ, ''କଂଗ୍ରେସ ଦଳର ଦୁର୍ଦ୍ଦିନ ସମୟରେ ଆପଣ ଯେତେବେଳେ ସଭାପତି ଥିଲେ, ସେତେବେଳେ ଆପଣଙ୍କ ସହିତ ସଂପାଦକ ଦାୟିତ୍ୱ କିଏ ତୁଲାଉ ଥିଲେ'' ?

ମୁଁ କହିଲି, ''ରାସବିହାରୀ ବେହେରା ଦଳର ସଂପାଦକ ଏବଂ ସି.ଏଲ.ପି.ର ମଧ୍ୟ ସଂପାଦକ ଥିଲେ'' ।

ପୁଣି ପ୍ରଧାନମନ୍ତ୍ରୀ କହିଲେ, ''ସେ ମନ୍ତ୍ରୀ ହେବା ପାଇଁ କଣ ଯୋଗ୍ୟ ନୁହନ୍ତି'' ? ମୁଁ ସମ୍ମତି ଜଣାଇ କହିଲି, ''ଠିକ୍ ଅଛି ! ମୁଁ ତାଙ୍କୁ ଷ୍ଟେଟ୍ ମିନିଷ୍ଟର ରୂପେ ଗ୍ରହଣ କରୁଛି'' ।

ମୋଠୁ ଏତକ ଶୁଣି ପ୍ରଧାନମନ୍ତ୍ରୀ ସ୍ପଷ୍ଟ ମନା କରିଦେଲେ । ସେ ପୁଣି କହିଲେ, ''ରାସବିହାରୀ ବେହେରା ଜୀ ଦୁଇଥର ବିଧାନସଭାକୁ ନିର୍ବାଚିତ ହୋଇ ସାରିଲେଣି । ଥରେ ଲୋକସଭାକୁ ନିର୍ବାଚିତ ହୋଇଛନ୍ତି । ସେ ଜଣେ ଲେଖକ, କ୍ରୀଡା ସଂଗଠକ, ୧୯୮୨ ଏସିୟାଡ୍ ଗ୍ୟାମ୍‌ସ୍‌ର ମଧ୍ୟ ସଂଗଠକ ସଦସ୍ୟ, ୱାଲର୍ଡ୍ ପାର୍ଲିଆମେଣ୍ଟ ପିସ୍ କନ୍‌ଫରେନ୍ସରେ ସୋଫିଆରେ ମଧ୍ୟ ଭାରତର ପ୍ରତିନିଧି ହିସାବରେ ଯୋଗ ଦେବାର ସୁଯୋଗ ପାଇଛନ୍ତି । ବହୁ ବିଦେଶ ଭ୍ରମଣ କରି ବହୁ ଅଭିଜ୍ଞତା ହାସଲ କରିଛନ୍ତି । ବିଧାନସଭାରେ ସି.ଏଲ୍.ପି. ସେକ୍ରେଟାରୀ ଏବଂ ଦଳର ଦୁର୍ଦ୍ଦିନରେ ଆପଣଙ୍କ ସହିତ ଦଳର ସଂପାଦକ ଭାବରେ ଦାୟିତ୍ୱ ତୁଲାଇଛନ୍ତି'' ।

''ଏହିଭଳି ଜଣେ ଅନୁଭବସଂପନ୍ନ ବ୍ୟକ୍ତି, ଆପଣଙ୍କ କ୍ୟାବିନେଟ୍‌ରେ କିଏ

Source: Author, Digitized by PPRACHIN, SOA

ଅଛନ୍ତି ? ତେଣୁ ସେ କ୍ୟାବିନେଟ୍‌ମନ୍ତ୍ରୀ ହେବେ ଏବଂ କୃଷି ସମବାୟ ବିଭାଗର ମନ୍ତ୍ରୀ ହେବେ'' ।

ମୁଁ ପ୍ରଧାନମନ୍ତ୍ରୀଙ୍କ କଥାକୁ ଗ୍ରହଣ କରିନେଲି ଏବଂ ପ୍ରଶ୍ନ କଲି, ''କୃଷି, ସମବାୟ ବିଭାଗ କାହିଁକି'' ?

ସେ ଉତ୍ତର ଦେଲେ, ''ଓଡିଶାରେ କୃଷିର ବିକାଶର ଆବଶ୍ୟକତା ଅତ୍ୟଧିକ । କଳାହାଣ୍ଡି ଜିଲ୍ଲାରେ ମଧ୍ୟ କୃଷିର ବିକାଶର ଆବଶ୍ୟକତା ସର୍ବାଧିକ ରହିଛି'' ।

ଜାନକୀବାବୁ ମୋ' ମୁହଁକୁ ଚାହିଁ କହିଲେ, ''ତୁମର କ୍ୟାବିନେଟ୍ ମନ୍ତ୍ରୀପଦ ଏବଂ ବିଭାଗ ସବୁ ପ୍ରଧାନମନ୍ତ୍ରୀଙ୍କ ଇଚ୍ଛାରେ ହୋଇଛି । ତୁମ ପ୍ରତି ତାଙ୍କ ବିଶ୍ୱାସ ଯୋଗୁଁ ଏହା ତୁମର ପ୍ରାପ୍ୟ...''।

ମୁଁ ମୁଖ୍ୟମନ୍ତ୍ରୀଙ୍କଠୁ ଏତକ ଶୁଣି ଆଶ୍ଚର୍ଯ୍ୟ ହୋଇ ତାଙ୍କୁ କିଛି କ୍ଷଣ ଅନାଇ ରହିଲି । ସଚେତନ ହୋଇ ମୁଁ ହସି କହିଲି ''ରାଜଭବନରେ ଆପଣଙ୍କ ଶପଥ ଗ୍ରହଣ ଉତ୍ସବ ପରେ ମୁଁ ଆପଣଙ୍କୁ କହିଥିଲି, ଛଅମାସ ମଧ୍ୟରେ ଆପଣଙ୍କ କ୍ୟାବିନେଟ୍‌ରେ ମନ୍ତ୍ରୀ ହେବି'' ।

ମାନ୍ୟବର ମୁଖ୍ୟମନ୍ତ୍ରୀ ସେ କଥା ଭୁଲି ଯାଇଥିଲେ । ମନେ ପକାଇ କହିଲେ, ''ହଁ ତ ତୁମେ କହିଥିଲ'' । ଆଶ୍ଚର୍ଯ୍ୟ ହୋଇ ମୋତେ ଚାହିଁଲେ, ତାହା ଆଜି ସତରେ ପରିଣତ ହୋଇ ଯାଇଛି ।

ଖାଇ ସାରି ହାତ ଧୋଇ ଆମେ ତରତର ହୋଇ ଉପରୁ ତଳକୁ ଓହ୍ଲାଇ ଆସି ଗାଡିରେ ବସି ପଡିଲୁ । କଲେକ୍ଟର୍ କନ୍‌ଫରେନ୍ସରେ ଯୋଗ ଦେବା ପାଇଁ ବିଳମ୍ବ ହୋଇ ଯାଇଥାଏ । କନ୍‌ଫରେନ୍ସ ହଲକୁ ମୁଖ୍ୟମନ୍ତ୍ରୀ ଆସି ଘୋଷଣା କଲେ । ରାସବିହାରୀ ବେହେରା କୃଷି ଏବଂ ସମବାୟ ମନ୍ତ୍ରୀ ଭାବେ ଶପଥ ନେଲେ ବୋଲି ସମସ୍ତଙ୍କୁ ସୂଚାଇ ଦେଲେ ।

ଜଣେ ଅଫିସର୍ ଫୁଲ ତୋଡା ଆଣି ମୋତେ ଉପହାର ପ୍ରଦାନ କଲେ । ଛିଡା ହୋଇ ହାତଯୋଡି କ୍ୟାବିନେଟ୍‌ମନ୍ତ୍ରୀ ରୂପେ ଅନ୍ୟ ମନ୍ତ୍ରୀମାନଙ୍କୁ ଏବଂ ଉପସ୍ଥିତ ଅଫିସରବୃନ୍ଦଙ୍କୁ ମୋର ଅଭିବାଦନ ଜଣାଇଲି ।

କଲେକ୍ଟର୍ କନ୍‌ଫରେନ୍ସ ଶେଷ ହେବାପରେ ଉପସ୍ଥିତ ମନ୍ତ୍ରୀମାନେ ସମସ୍ତେ ମୋ' ସହିତ ହାତ ମିଳାଇ ସ୍ୱାଗତ ଜଣାଇଲେ । ସେମାନଙ୍କ ସହିତ କିଛି ସମୟ ଆଳାପ ଆଲୋଚନା କଲି ।

ନିର୍ଦ୍ଦିଷ୍ଟ ସମୟରେ ମୁଁ ମୋର କ୍ୱାର୍ଟରକୁ ଆସିଲି । କୃଷି ବିଭାଗର ଜଣେ ଅଫିସର ମୋ' ପାଇଁ ଗାଡି ଆଣି ମୋର ଅପେକ୍ଷାରେ ଥିଲେ । ଶୁଭେଚ୍ଛୁମାନଙ୍କ ଭିଡ ଜମି-

Source: Author, Digitized by PPRACHIN, SOA

ଯାଇଥାଏ । ସମସ୍ତଙ୍କ ସହ ସାକ୍ଷାତ ହୋଇ ଭାବ ବିନିମୟ ହେଲା ।

ବିଭାଗୀୟ ଅଫିସରମାନଙ୍କ ସହିତ ପରିଚିତ ହୋଇ ଅନେକ କଥା ଜାଣିବାକୁ ପାଇଲି । ମନ୍ତ୍ରୀଙ୍କ ପ୍ରକୋଷ୍ଠ ପୂର୍ଣ୍ଣାଙ୍ଗ ହେବା ପାଇଁ ଆଉ ଦୁଇଦିନ ଲାଗିବ । ମନ୍ତ୍ରୀଙ୍କ କ୍ୱାର୍ଟରରେ ରହିବା ପାଇଁ ଆଉ ସପ୍ତାହେ ଉପରେ ଲାଗିବ ।

ତେଣୁ ସାମୟିକ ଭାବରେ ଏମ.ଏଲ୍.ଏ. କ୍ୱାର୍ଟରରେ ଅଧିକ ଚୌକି ଟେବୁଲ ପକାଯାଇ ଅଫିସ କାମ ଚଳାଇ ନେବାକୁ ପଡ଼ିବ ।

ବିଭାଗୀୟ ସେକ୍ରେଟାରୀ ଓ ଡାଇରେକ୍ଟର୍‌ମାନେ ମଧ୍ୟ ଆସି ମୋତେ ଫୁଲତୋଡା ଦେଇ ଅଭିନନ୍ଦନ ଜଣାଇଲେ । ବିଭାଗୀୟ କାର୍ଯ୍ୟ ପ୍ରଣାଳୀ ଉପରେ ମଧ୍ୟ ସାଧାରଣ ଧାରଣା ଦେଲେ ।

କୃଷି ବିଭାଗ, ଉଦ୍ୟାନ-କୃଷି ବିଭାଗ, ମୃର୍ତ୍ତିକା-ସଂରକ୍ଷଣ ବିଭାଗ, ବିଭିନ୍ନ କର୍ପୋରେସନ୍, କାଡା, (CADA) ପ୍ରଭୃତି ସହ ସମବାୟ ବିଭାଗ, ସମବାୟ ଚିନିକଲ ପ୍ରଭୃତି ବିଭାଗର ଡାଇରେକ୍ଟର୍ ଏମ୍.ଡି. ଭାବରେ କାର୍ଯ୍ୟ କରୁଥାନ୍ତି ।

ତେଣୁ ସମସ୍ତ ବିଭାଗ ଉପରେ ମୋର ଜ୍ଞାନ ଆହରଣ ସହ ଶୃଙ୍ଖଳିତ କାର୍ଯ୍ୟଧାରାକୁ ତ୍ୱରାନ୍ୱିତ କରିବା ଏବଂ ବିଭାଗକୁ ଚଳ ଚଞ୍ଚଳ କରି ସଭିଁଙ୍କି କାର୍ଯ୍ୟରେ ନିୟୋଜିତ କରିବା ପାଇଁ ମୋ' ମନରେ ଧାରଣା ସୃଷ୍ଟି ହେଲା । ଏ ସମସ୍ତ ବିଭାଗର ଅଫିସର୍‌ମାନେ ଆଲୋଚନା ମାଧ୍ୟମରେ ମୋତେ ପୂର୍ଣ୍ଣାଙ୍ଗ ତଥ୍ୟ ପ୍ରଦାନ କଲେ । ମୁଁ ସେମାନଙ୍କଠୁ ଅନେକ କଥା ଜାଣି ମୋର କାର୍ଯ୍ୟକୁ ସୁଚାରୁ ରୂପେ କାର୍ଯ୍ୟକାରୀ କରିବା ପାଇଁ ମନରେ ସ୍ଥିର କରିନେଲି ।

ସମସ୍ତେ ବିଦାୟ ନେଇଗଲେ । ଏତିକିବେଳେ ଜଣେ ଅଫିସର୍ ଗୋଟିଏ ଫାଇଲ୍ ଧରି ମୋ' ପାଖକୁ ଆସି ନମସ୍କାର ଜଣାଇଲେ । ତାଙ୍କ ପରିଚୟ ପ୍ରଦାନକରି କହିଲେ, ''ସାର୍ ! ମୁଁ ସଏଲ୍ କନଜର୍ଭେସନ୍ ଡାଇରେକ୍ଟର୍ ହେବା କଥା । ମୋର କଥାକୁ ବିଚାରକୁ ନ ନେଇ ଜଣେ ଜୁନିୟର୍‌ଙ୍କୁ ଡାଇରେକ୍ଟର୍ କରାଯାଇ ମୋ' ପ୍ରତି ଅନ୍ୟାୟ କରାଯାଇଛି । ଆପଣ ଆମ ବିଭାଗର ମନ୍ତ୍ରୀ, ଆପଣଙ୍କଠୁ ମୁଁ ନ୍ୟାୟ ଚାହୁଁଛି'' ।

ତାଙ୍କୁ ଆଶ୍ଚର୍ଯ୍ୟ ହୋଇ ଚାହିଁ କହିଲି, ''ଯଦି ଏହିଭଳି ଏକ ଗୁରୁତର ଘଟଣା ହୋଇଛି, ଟିକିଏ ଆଗରୁ ମୋତେ ଦେଖା କଲେ ନାହିଁ କାହିଁ କି? ସମସ୍ତ ବିଭାଗୀୟ ଅଫିସର୍ ଥିଲେ । ମୁଁ ସେମାନଙ୍କ ସହିତ ଆପଣଙ୍କ ପ୍ରତି ଅନ୍ୟାୟ ହୋଇଥିବା କଥା ବୁଝି ଜାଣିଥାନ୍ତି'' ?

ମୁଁ ତାଙ୍କୁ ପ୍ରଶ୍ନ କଲି, ''ନୂଆ ଡାଇରେକ୍ଟର୍ ଏପଏଣ୍ଟ୍‌ମେଣ୍ଟ୍ ହୋଇ କାର୍ଯ୍ୟରେ ଯୋଗଦେଇ ସାରିଲେଣି କି ?

Source: Author, Digitized by PPRACHIN, SOA

ସେ ଉତ୍ତରରେ କହିଲେ, "ହଁ ସାର୍! ସେ ଯୋଗ ଦେଇ ସାରିଲେଣି"। "ଜଣେ ଡାଇରେକ୍ଟର ପୋଷ୍ଟରେ ଯୋଗ ଦେଇ ସାରିଲେଣି । ତାଙ୍କୁ ବାହାରକରି ଆପଣଙ୍କୁ ଡାଇରେକ୍ଟର କରାଯିବା କଥା, ଏ ତ ବହୁଆଗରୁ ଫଏସଲା ହୋଇସାରିଛି । ସେଥିରେ ମୁଖ୍ୟମନ୍ତ୍ରୀ, ବିଭାଗୀୟ ସେକ୍ରେଟାରୀ, ଚିଫ୍ ସେକ୍ରେଟେରୀ ପ୍ରଭୃତି ସମସ୍ତଙ୍କ ମତ ନେଇ ସ୍ୱାକ୍ଷର କରିସାରିଛନ୍ତି । ଏତେ ଦିନ ଆପଣ କ'ଣ କରୁଥିଲେ ? ତାକୁ ପରିବର୍ତ୍ତନ କରିବା... । ମୁଁ ମନ୍ତ୍ରୀ ହେବା ଆଗରୁ ଆପଣଙ୍କ ଆପତ୍ତି ଉଠାଇବାର ଥିଲା"।

"ଯାହାତ ହୋଇ ଯାଇଛି, ତଥାପି କ'ଣ କରାଯିବ? ମୁଁ ଆପଣଙ୍କ ଚରିତ୍ର ପଞ୍ଜିକା ଫାଇଲ୍ ଦେଖି ଏବଂ କାର୍ଯ୍ୟପ୍ରଣାଳୀ ପ୍ରଭୃତି ସମସ୍ତ ବିଷୟ ଅନୁଧ୍ୟାନ କରି, କାହିଁକି ଆପଣଙ୍କୁ ଡାଇରେକ୍ଟର କରାଗଲା ନାହିଁ, ସେ ସମସ୍ତ ତଥ୍ୟ ଅବଗତ ହେବାପରେ ଅଳ୍ପ ଦିନ ଭିତରେ ଆପଣଙ୍କ ଦରଖାସ୍ତ ବିଚାରକୁ ନେବି"।

ସେ ମୋଠୁ ଏତକ ଶୁଣି ଟିକିଏ ଆଶ୍ୱସ୍ତ ହୋଇ ବିଦାୟ ନେଇଗଲେ । ରାତ୍ର ଅନେକ ହୋଇ ଯାଇଥାଏ । ମୋର ଷ୍ଟାଫ୍‌ଙ୍କୁ କେତେକ ପରାମର୍ଶ ଦେଲାପରେ ସେମାନେ ମଧ୍ୟ ବିଦାୟ ନେଲେ ।

ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ୧୯୬୨ ମସିହାରୁ ପ୍ରତିଷ୍ଠିତ ହୋଇଛି । ଓଡିଶାରେ କୃଷିର ବିକାଶ ପାଇଁ କୃଷି ବୈଜ୍ଞାନିକ ଶିକ୍ଷା ତାଲିମ୍ ପ୍ରଭୃତି ମୁଖ୍ୟ କାର୍ଯ୍ୟର ଆବଶ୍ୟକତା ରହିଛି । ତେଣୁ କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ଭାଇସ୍‌ଚାନ୍‌ସେଲର୍ ମଧ୍ୟ ଆସି ସାକ୍ଷାତ କଲେ । ମୁଁ କୃଷିମନ୍ତ୍ରୀ ହିସାବରେ ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ପ୍ରୋ-ଚାନ୍ସଲେର୍ ରୂପେ କାର୍ଯ୍ୟ ତୁଲାଇବି । ମାନ୍ୟବର ରାଜ୍ୟପାଳ ଚାନ୍ସଲେର୍ ରୂପେ କାର୍ଯ୍ୟ ତୁଲାଉଛନ୍ତି ।

ତେଣୁ ରାଜ୍ୟର କୃଷି ବିଭାଗ ହେଉଛି ଅତି ଗୁରୁତ୍ୱପୂର୍ଣ୍ଣ ବିଭାଗ । କୃଷିର ବିକାଶ ଦ୍ୱାରା ରାଜ୍ୟର ଅର୍ଥନୈତିକ ବିକାଶ ପାଇଁ ଏହି ବିଭାଗର ଦାୟିତ୍ୱ ଅତି ଗୁରୁତ୍ୱପୂର୍ଣ୍ଣ । ଭାଇସ୍‌ଚାନ୍ସଲେରଙ୍କ ସହ ଆଲୋଚନାକରି ଅନେକ ଉପାଦେୟ ତଥ୍ୟ ଜାଣିବାକୁ ପାଇ ମୁଁ ବିଶେଷ ଉପକୃତ ହେଲି । କଲେଜ ପରିସରକୁ ଆସିବା ପାଇଁ ମୋତେ ସେ ଅନୁରୋଧ ଜଣାଇଲେ ଓ ରାତ୍ର ବହୁତ ହୋଇ ଯାଇଥିବା ଯୋଗୁଁ ଶୁଭରାତ୍ରି ଜଣାଇ ମୋ'ଠାରୁ ବିଦାୟ ନେଲେ ।

ଡକ୍ଟର ହରେକୃଷ୍ଣ ମହତାବଙ୍କ ସହ ସାକ୍ଷାତ ଓ ପରାମର୍ଶ ଗ୍ରହଣ :

ହଠାତ୍ ଦିନେ ବଡି ସକାଳୁ ମୋର ଲ୍ୟାଣ୍ଡ ଫୋନ୍ ବାଜିଉଠିଲା । ଦୁଇ ତିନିଥର ବାଜିଲା ପରେ ମୁଁ ଆସି ଫୋନ୍ ଉଠାଇଲି । "ହାଲୋ..." କହିବା ପରେ ଅପର

Source: Author, Digitized by PPRACHIN, SOA

ପାର୍ଶ୍ୱରୁ ଏକ ପରିଚିତ ସ୍ୱର ଶୁଣିଲି ।

"ମନ୍ତ୍ରୀ କ'ଣ ଅଛନ୍ତି? ତାଙ୍କୁ ଫୋନ୍ ଦିଅ..."।

ଡକ୍ଟର ହରେକୃଷ୍ଣ ମହତାବଙ୍କ ସ୍ୱର । ତାଙ୍କ ସ୍ୱର ଜାଣିବାରେ ମୋର କୌଣସି ଅସୁବିଧା ହେଲା ନାହିଁ । ତାଙ୍କ ସ୍ୱରରେ ଅନ୍ୟମାନଙ୍କ ସ୍ୱରଠୁ ଏକ ସ୍ୱତନ୍ତ୍ରତା ରହିଛି ।

ମୁଁ ଆଶ୍ଚର୍ଯ୍ୟ ହୋଇ କହିଲି, "ସାର୍ ! ନମସ୍କାର । ମୁଁ ରାସବିହାରୀ କହୁଛି" । ପୁଣି ଉତ୍ତର ଆସିଲା, "କ'ଣ ମନ୍ତ୍ରୀ ନିଜେ ଫୋନ୍ ଉଠାନ୍ତି"?

ମୁଁ ଫେର୍ କହିଲି, "ସାର୍ ! ମୋତେ କ୍ୱାର୍ଟର୍ସ୍ ମିଳିନାହିଁ । ଆଉ ଦୁଇ ଦିନ ସମୟ ଲାଗିବ । ଷ୍ଟାଫ୍ ବି ପୂରା ଆସି ନାହାନ୍ତି । ମୁଁ ମୋର ଏମ୍.ଏଲ୍.ଏ କ୍ୱାର୍ଟର୍‌ରେ ରହିଛି" ।

ସେପଟୁ ଉତ୍ତର ଆସିଲା, "ବୁଝିଲି ହୋ.. ବୁଝିଲି" । ଫେର୍ କହିଲେ, "କଣ ମନ୍ତ୍ରୀଙ୍କ ସମୟ ହେବ ହୋ..."?

"ଆପଣ ଏ କଣ କହୁଛନ୍ତି... କେତେବେଳେ କେଉଁ ସମୟରେ ମୁଁ ଆପଣଙ୍କୁ ସାକ୍ଷାତ କରିବି? କହନ୍ତୁ ସାର..."?

"ଠିକ୍ ଅଛି ହୋ ! ମୁଁ ପ୍ରତିଦିନ ପ୍ରଜାତନ୍ତ୍ର ଅଫିସକୁ ଦିନ ତିନିଟାରେ ଯାଇ ସନ୍ଧ୍ୟା ୬ଟାରେ ଫେରେ । ତୁମେ ମୋର ଏକାମ୍ର ନିବାସକୁ ସନ୍ଧ୍ୟା ୭ଟାରେ ଆସ ହୋ... ଆମେ କଥା ହେବା"।

"ଠିକ୍‌ଅଛି ସାର୍ ! ମୁଁ ସନ୍ଧ୍ୟା ୭ଟାରେ ଆପଣଙ୍କୁ ସାକ୍ଷାତ କରିବି" । ଡକ୍ଟର ମହତାବ ପ୍ରଜାତନ୍ତ୍ର ଅଫିସ୍ କଟକରୁ ଫେରି ଫ୍ରେସ୍ ହୋଇ ପୂଜାବିଧି ସାରି ଅଫିସ୍‌କୁ ଚାଲି ଆସିଲେ ।

ଯଥାସମୟରେ ମୁଁ ତାଙ୍କ ଏକାମ୍ର ନିବାସରେ ପହଞ୍ଚି ଯାଇଥିଲି । ମୁଁ ଆଗରୁ ଜାଣିଛି ମହତାବ୍ ବାବୁ ସମୟ ପ୍ରତି ସଚେତନ । ସେ ଆସିବା ପରେ ଚୌକିରୁ ଉଠି ପଡି ମୁଁ ମୋର ନମସ୍କାର ଜଣାଇଲି ।

ମୋତେ ବସିବା ପାଇଁ କହି, ନିଜେ ବସି ପଚାରିଲେ, "ରାସବିହାରୀ ! କେମିତି ଅଛ? ମନ୍ତ୍ରୀ ଦାୟିତ୍ୱ ନେଲାପରେ କାର୍ଯ୍ୟ କିପରି ଚାଲିଛି ହୋ..." ।

"ଆମ ରାଜ୍ୟରେ କୃଷିବିଭାଗ ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗ । ଏ ବିଭାଗ ପ୍ରତି ଯେତେ ଗୁରୁତ୍ୱ ଦେବା କଥା ସେତେ ଦିଆଯାଉ ନଥିବା ଯୋଗୁଁ କୃଷିର ଆଶା ଜନକ ବିକାଶ ହୋଇପାରୁନାହିଁ । ତମେ ଜଣେ ଚାଷୀ ପରିବାରର ଲୋକ । ସେଥିପ୍ରତି ଧ୍ୟାନ ଦେଇ କାର୍ଯ୍ୟ କଲେ ରାଜ୍ୟର ଅନେକ ମଙ୍ଗଳ ହେବ । ତମର ଏ ଦିଗରେ ଅନୁଭୂତି ଅଛି । ତାକୁ ବିନିଯୋଗ କରିବା ସୁଯୋଗ ଅଛି ହୋ...। ଏ ତମପାଇଁ ଏକ ସୁଯୋଗ"।

Source: Author, Digitized by PPRACHIN, SOA

ଏହିଭଳି ଅନେକ ପରାମର୍ଶ ସେ ମୋତେ ପ୍ରଦାନ କଲେ ।

ମୁଁ ଆଗ୍ରହରେ ତାଙ୍କ କଥା ଶୁଣି ଯାଉଥାଏ ।

ଡକ୍ଟର ମହତାବ ହେଉଛନ୍ତି ଜଣେ ସ୍ୱାଧୀନତା ସଂଗ୍ରାମୀ, ପୂର୍ବତନ ପ୍ରଧାନମନ୍ତ୍ରୀ ୧୯୪୬ ରୁ ୧୯୫୦ ପର୍ଯ୍ୟନ୍ତ । ସେତେବେଳେ ମୁଖ୍ୟମନ୍ତ୍ରୀ ବଦଳରେ ପ୍ରଧାନମନ୍ତ୍ରୀ କୁହାଯାଉଥିଲା । ୧୯୫୦ ପରେ ପ୍ରଧାନମନ୍ତ୍ରୀ ବଦଳରେ ମୁଖ୍ୟମନ୍ତ୍ରୀ କୁହାଗଲା । ୧୯୫୬ ରୁ ୧୯୬୧ ପର୍ଯ୍ୟନ୍ତ ପୁଣି ଡକ୍ଟର୍ ମହତାବ ଓଡିଶାର ମୁଖ୍ୟମନ୍ତ୍ରୀ ହୋଇଥିଲେ । କେନ୍ଦ୍ରମନ୍ତ୍ରୀ ଓ ରାଜ୍ୟପାଳ ଦାୟିତ୍ୱ ମଧ୍ୟ ସେ ତୁଲାଇଛନ୍ତି । ପୁଣି ଜଣେ ଅନୁଭୂତି ସମ୍ପନ୍ନ ରାଜନୀତିଜ୍ଞ, ସୁସାହିତ୍ୟିକ, ସୁବକ୍ତା । ବାର୍ଦ୍ଧକ୍ୟ ଏବେ ବି ତାଙ୍କୁ ସ୍ପର୍ଶ କରି ମଧ୍ୟ ସ୍ପର୍ଶ କରିପାରୁ ନାହିଁ । ସେ ସଦା ଚଳଚଞ୍ଚଳ । ପ୍ରତିଦିନ ପ୍ରଜାତନ୍ତ୍ର ଅଫିସ୍‌କୁ ଯାଇ ସମୟ ଦେବା, ସାହିତ୍ୟିକ, ରାଜନୀତିଜ୍ଞମାନଙ୍କ ସହ ବସି କଥାବାର୍ତ୍ତା ହେବା, 'ଗାଁ ମଜଲିସ' ଲେଖା ମାଧ୍ୟମରେ ସରକାର ତଥା ଜନସାଧାରଣଙ୍କୁ ସଚେତନ କରିବା ପ୍ରଭୃତି କାର୍ଯ୍ୟ ଏବେ ମଧ୍ୟ ସେ କରି ଚାଲିଛନ୍ତି । 'ଓଡିଶା ଓଲମ୍ପିକ୍ ଏସୋସିଏସନ୍'ର ସେ ଆଜୀବନ ସଭାପତି । ତେଣୁ ଓଡିଶାର କ୍ରୀଡା, ସଂସ୍କୃତି, ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରେ ତାଙ୍କ ଭୂମିକା ଅନ୍ୟମାନଙ୍କ ପାଇଁ ପ୍ରେରଣା ଦାୟକ ।

ବିଭିନ୍ନ ବିଷୟ ଉପରେ ମୋ' ସହିତ ଆଲୋଚନା କଲାପରେ ସେ ମୋତେ ପ୍ରଶ୍ନ କଲେ, ''ତୁମର ବାପା ବଡବାପା ହାରିକା କେମିତି ଅଛନ୍ତି ହୋ...''? ଘରୋଇ କଥା ପଡିଲା । ଏମିତି ସମସ୍ତ ଆଲୋଚନା ପରେ ମୋତେ ପ୍ରଶ୍ନକଲେ, ''ତୁମେ କ୍ରିକେଟ୍ ଏସୋସିଏସନ୍‌ର ସଭାପତି ପଦ ପାଇଁ କାହିଁକି କଣ୍ଟେଷ୍ଟ୍ କରୁଛ'' ?

କଥା ବଦଳି ମୂଳ ପ୍ରଶ୍ନକୁ ଆମେ ଆସିଛୁ ଭାବି, ମୁଁ ଆଶ୍ଚର୍ଯ୍ୟ ହୋଇ ଡକ୍ଟର ମହତାବଙ୍କ ବିଶାଳ ମୁହଁକୁ ଚାହିଁ କହିଲି, ''ସାର୍ ! ଆପଣ ଜାଣନ୍ତି, ମୁଁ ଜଣେ କ୍ରୀଡାବୀତ୍, କ୍ରୀଡା ସଂଗଠକ । ଦୀର୍ଘ ଦିନରୁ ଜିଲ୍ଲା ଓ ରାଜ୍ୟ କ୍ରୀଡାସଂସ୍ଥା ସହିତ ଜଡିତ ହୋଇ ରହିଛି । ତେଣୁ କ୍ରିକେଟ୍ ଏସୋସିଏସନ୍ ସଭାପତି ପଦ ପାଇଁ ପ୍ରାର୍ଥୀ ହୋଇଛି ।

ସେ ପୁଣି ଗମ୍ଭୀର ହୋଇ କହିଲେ, ''ତମେ ମନ୍ତ୍ରୀ ହୋଇଗଲା ପରେ କ୍ରିକେଟ୍ ପାଇଁ ଆଉ ସମୟ ଦେଇ ପାରିବ କି ? ତମ ବିରୁଦ୍ଧରେ ବସନ୍ତ ବିଶ୍ୱାଳ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି । ତାଙ୍କୁ ତୁମେ ଜିଣିବା ଏତେ ସହଜ ନୁହେଁ ହୋ...''।

ମୁଁ ପୁଣି କହିଲି, ''ଆପଣମାନଙ୍କ ଆଶୀର୍ବାଦ ମୋ' ପ୍ରତି ରହିଲେ, ମୁଁ ନିଶ୍ଚେ ଜିଣିବି''। ଡକ୍ଟର ମହତାବ ମୋ' ମୁହଁକୁ ଚାହିଁ ପୁଣି କହିଲେ, ''ରାସବିହାରୀ ! ତୁମେ ଯାହା ଭାବୁଛ କଥାଟା ଏତେ ସହଜ ନୁହେଁ ହୋ...। ତାଙ୍କ ପାଖରେ ସବୁ ଶକ୍ତି ରହିଛି, ବାହୁବଳ, ଧନବଳ ସବୁ କିଛି । ତୁମେ କ'ଣ ତାଙ୍କୁ ଜିଣିପାରିବ'' ?

Source: Author, Digitized by PPRACHIN, SOA

ପଞ୍ଚଦଶ ପରିଚ୍ଛେଦ

ଡକ୍ଟର ମହତାବଙ୍କ ମନରେ ବିଶ୍ୱାସ ଜନ୍ମାଇବା ପାଇଁ ମୁଁ ପୁଣି କହିଲି, ''ସାର୍ ! ମନେପକାନ୍ତୁ, ଏମରଜେନ୍ସି ସମୟରେ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ନନ୍ଦିନୀଦେବୀଙ୍କ ପରାମର୍ଶରେ ଓଡିଶା 'ଓଲମ୍ପିକ ଏସୋସିଏସନ'ର ସଭାପତି ପଦକୁ ଆପଣଙ୍କ ବିରୁଦ୍ଧରେ, ଅର୍ଥାତ୍; ଆଜୀବନ ସଭାପତି ପଦ ନିୟମକୁ ସଂଶୋଧନ କରି ସଭାପତି ପଦରୁ ହଟାଇବା ପାଇଁ ଉଦ୍ୟମ ହେଲା । ଭୈରବ ମହାନ୍ତିଙ୍କୁ ଅଲମ୍ପିକ ସଂପାଦକ ପଦରୁ ତଡିବା ପାଇଁ କଟକର ଜଣେ ଟ୍ୟାକ୍ସ ପ୍ରାକଟିସନର୍ କାଳିପ୍ରସାଦ ମିଶ୍ରଙ୍କୁ ପ୍ରାର୍ଥୀ କରାଗଲା । ଖୋଦ୍ ମୁଖ୍ୟମନ୍ତ୍ରୀଙ୍କ ଏଥିରେ ସମର୍ଥନ ଥିଲା । ତଥାପି ଆମେ ସଭିଏଁ ଏକାଠି ହୋଇ ତାହା ପଣ୍ଡ କରିଦେଲୁ । ଆପଣ ଆଜି ପର୍ଯ୍ୟନ୍ତ 'ଅଲମ୍ପିକ୍ ଏସୋସିଏସନ୍'ର ସଭାପତି ଅଛନ୍ତି । ଭୈରବ ମହାନ୍ତି ବିପୁଳ ଭୋଟରେ ଜୟଯୁକ୍ତ ହେଲେ ।

ଡକ୍ଟର ମହତାବ ପୂର୍ବକଥା ମନେ ପକାଇ କହିଲେ, ''ରାସବିହାରୀ ! ତୁମେ ବାହାରି ନ ଥିଲେ ସମସ୍ତଙ୍କୁ ଏକାଠି କରିବା ଏତେ ସହଜ ନଥିଲା । ଫେର୍ ଏମରଜେନ୍ସି ସମୟ । ସମସ୍ତଙ୍କ ମନରେ ଏକ ଅଜଣା ଭୟ ଲାଗି ରହିଥାଏ ହୋ...। ତୁମେ ତୁମ ଦଳର ମୁଖ୍ୟମନ୍ତ୍ରୀଙ୍କ ମନୋଭାବ ଜାଣି ସୁଦ୍ଧା କ୍ରୀଡା ପ୍ରତି ତୁମର ଅନୁରକ୍ତି ଯୋଗୁଁ ସଭିଙ୍କି ସାହସ ଦେଇ ସଂଗଠିତ କଲ । କ୍ରୀଡା କ୍ଷେତ୍ରରେ ରାଜନୈତିକ ହସ୍ତକ୍ଷେପକୁ ତୁମେ ବାରମ୍ବାର ପ୍ରତିରୋଧ କରି ଆସିଛ ହୋ.. । ସବୁ ମୋର ମନେ ଅଛି ହୋ'' ।

''ଏମରଜେନ୍ସି ଭଳି ପରିସ୍ଥିତିରେ ମୁଖ୍ୟମନ୍ତ୍ରୀଙ୍କ ଅଖଣ୍ଡ ପ୍ରଭାବ ସତ୍ତ୍ୱେ, ସମସ୍ତ କ୍ଷମତା ଆମ ବିରୁଦ୍ଧରେ ବିନିଯୋଗ କରାଯାଇଥିଲେ ମଧ୍ୟ ଆମେ କ୍ରୀଡାପ୍ରେମୀମାନେ କୌଣସିଥିରେ ପ୍ରଭାବିତ ନହୋଇ କ୍ରୀଡା ଅନୁଷ୍ଠାନର ଗୌରବ ରକ୍ଷା କରି ପାରିଥିଲେ'' ।

ଫେର୍ କହିଲି, ''ଆଜି ତ ସାର୍ ମୁଁ ପ୍ରାର୍ଥୀପତ୍ର ପ୍ରଦାନ ବେଳକୁ ମନ୍ତ୍ରୀ ହୋଇ ନ ଥିଲି । ମୁଁ ମନ୍ତ୍ରୀ ହେବି ବୋଲି ମଧ୍ୟ ଆଶା କରି ନ ଥିଲି । ମାତ୍ର, ଖେଳ ପ୍ରତି ମୋର ଅନୁରକ୍ତି ଛାଡି ପାରିବି ନାହିଁ । ତେଣୁ ମୁଁ କ୍ରିକେଟ ଏସୋସିଏସନ୍‌ର ସଭାପତି ପଦ ପାଇଁ ଜଣେ କ୍ରୀଡା ସଂଗଠକ ହିସାବରେ କେବଳ ପ୍ରାର୍ଥୀ ହୋଇଛି''।

ଡକ୍ଟର ମହତାବ ମୋ' ମୁହଁକୁ ଗଭୀର ଦୃଷ୍ଟିରେ ଚାହିଁ କହିଲେ, ''ତାହା ହେଲେ ତୁମେ ପ୍ରତିଦ୍ୱନ୍ଦ୍ୱିତା କରିବା ପାଇଁ ନିଶ୍ଚିତ କରି ନେଇଛ'' ?

''ସାର୍ ! ଆପଣ ଜାଣନ୍ତି, ମୁଁ ପ୍ରଥମେ ନୋମିନେସନ୍ ଫାଇଲ୍ କଲି । ମୋ' ବିରୁଦ୍ଧରେ ବିଶ୍ୱାଳବାବୁ ନୋମିନେସନ୍ ଫାଇଲ୍ କଲେ । ସେ ଯଦି ଆଗରୁ ନୋମିନେସନ୍ ଫାଇଲ କରିଥାନ୍ତେ, ତାହାହେଲେ ହୁଏତ ମୁଁ ନୋମିନେସନ୍ ଫାଇଲ୍ ନକରିବା ପାଇଁ ଚିନ୍ତା କରିଥାନ୍ତି । ବର୍ତ୍ତମାନ ମୁଁ ଉଇଥ୍‌ଡ୍ର କରିବା ପ୍ରଶ୍ନ ହିଁ ଉଠୁନାହିଁ'' ।

Source: Author, Digitized by PPRACHIN, SOA

ଫେର୍ ମୁଁ କହିଲି, ସାର୍ ! ଆପଣଙ୍କ ଆଶୀର୍ବାଦରେ ମୁଁ ନିଶ୍ଚୟ ଜୟଯୁକ୍ତ ହେବି । ସମସ୍ତ ସଭ୍ୟଙ୍କୁ ବ୍ୟକ୍ତିଗତ ଭାବେ ଭେଟି ସେମାନଙ୍କ ସହଯୋଗ କାମନା କରିଛି'' ।

''ଏତେ ସତ୍ତ୍ୱେ ମଧ୍ୟ ତାହାହେଲେ ତୁମେ 'କ୍ରିକେଟ୍ ଏସୋସିଏସନ୍'ର ସଭାପତି ପଦ ପାଇଁ କଣ୍ଟେଷ୍ଟ କରିବାକୁ ପ୍ରସ୍ତୁତ ହୋ....'' ? ଡକ୍ଟର ମହତାବ ମୋ' ମନର ଭାବନାକୁ ତାଙ୍କ ଅର୍ନ୍ତଦୃଷ୍ଟିରେ ପରଖି ନେଉଥାନ୍ତି ।

ମୋର ଏଭଳି ଦୃଢ ମନୋଭାବ ଦେଖି ଡକ୍ଟର ମହତାବ ହସ ହସ ବଦନରେ ମୋ' ସହିତ ହାତ ମିଳାଇବା ପାଇଁ ହାତ ବଢାଇଦେଲେ ।

ଆଶ୍ଚର୍ଯ୍ୟରେ ମୋର ହାତକୁ ବଢାଇ ଦେଲି । ତାଙ୍କ ଶକ୍ତ ହାତ ମୁଠା ସହ ମୋର ହାତ ପାପୁଲି ମିଳିତ ହେଲା ।

ସେ ପୁଣି ମୋ' ମୁହଁକୁ ଚାହିଁ କହିଲେ, ''ମୁଁ ଭାବୁଥିଲି ତୁମେ ମନ୍ତ୍ରୀ ହେବା ପରେ ଦାୟିତ୍ୱ ବୃଦ୍ଧି ପାଇଥିବା ଯୋଗୁଁ ଏବଂ ତୁମର ପ୍ରତିଦ୍ୱନ୍ଦ୍ୱୀ ଟାଣୁଆ ବ୍ୟକ୍ତି ଭାବି ତୁମେ ଆଉ ପ୍ରତିଦ୍ୱନ୍ଦ୍ୱିତା କରିବ ନାହିଁ । ମାତ୍ର, ତୁମଠି ଏବେ ମଧ୍ୟ ସେହି ଉତ୍ସାହ ଉଦ୍ଦୀପନା ଭରି ରହିଛି ହୋ...'' ।

ସେ ପୁଣି କହିଲେ, ''ଯେକୌଣସି ପ୍ରତିଦ୍ୱନ୍ଦ୍ୱିତା ବା ମୁକାବିଲା ପାଇଁ ଦୃଢ ମନୋବଳ ଦରକାର । ତୁମଠି ତାହା ଦେଖି ମୁଁ ଖୁସି'' । ଡକ୍ଟର ମହତାବ ମୋତେ କେତୋଟି ସୁଚିନ୍ତିତ ପରାମର୍ଶ ଦେଲେ ।

ଫେର୍ କହିଲେ, ''ବର୍ତ୍ତମାନ ତୁମର ଦାୟିତ୍ୱ ବଢ଼ି ଯାଇଛି । ଫାଇଲ୍ କାମରେ ତୁମର ଅନେକ ସମୟ ଚାଲିଯିବ । ରାସବିହାରୀ ! ଗୋଟିଏ କଥା ମନେରଖିଥିବ, ଯେଉଁ ଦିନର ଫାଇଲ୍ ତୁମ ଟେବୁଲକୁ ଆସିବ, ସେହିଦିନ ଦେଖି ପଢି ତାକୁ ସ୍ୱାକ୍ଷର କରି ପଠାଇ ଦେବ । ଗୁରୁତ୍ୱପୂର୍ଣ୍ଣ ଫାଇଲକୁ ତର୍ଜମା କରି ଆବଶ୍ୟକ ସ୍ଥଳେ ବିଭାଗୀୟ ଅଫିସରଙ୍କ ସହ ଆଲୋଚନା କରି ନିଷ୍ପତ୍ତି ନେବ''।

ସେ ଏହିଭଳି ଅନେକ ପରାମର୍ଶ ଦେଲେ । ତାଙ୍କର ସୁଚିନ୍ତିତ ପରାମର୍ଶ ମୋର କର୍ମମୟ ଜୀବନରେ ଅନେକ ସହାୟକ ହୋଇଛି । ତାଙ୍କ ପରାମର୍ଶକୁ ମୋର କାର୍ଯ୍ୟକ୍ଷେତ୍ରରେ ବିନିଯୋଗ କରି ସଫଳତା ପାଇଛି । ଡକ୍ଟର ମହତାବଙ୍କଠୁ ବିଦାୟ ନେଇ ମୋର କ୍ୱାର୍ଟର୍ସକୁ ଫେରି ଆସିଲି ।

ମୃତ୍ତିକା ସଂରକ୍ଷଣ ବିଭାଗୀୟ ବିବାଦୀୟ ନିର୍ଦ୍ଦେଶକ ପ୍ରଦବୀର ପୁନର୍ବିଚାର :

ବିଧିବଦ୍ଧ ଭାବରେ ସେକ୍ରେଟାରିଏଟ୍‌ର ଦ୍ୱିତୀୟ ମହଲାରେ ମୋର ଚେମ୍ବରରେ ବସି ଅଫିସ କାମ ସବୁ କଲି । ସମସ୍ତ କର୍ମଚାରୀ ଯୋଗଦେଇ ସାରିଥାନ୍ତି ।

Source: Author, Digitized by PPRACHIN, SOA

ପ୍ରାଇଭେଟ୍ ସେକ୍ରେଟାରୀ ମିଶ୍ରବାବୁଙ୍କୁ କହିଲି, ‘‘କାଲି ସନ୍ଧ୍ୟା ୪ଟାରେ ଚିଫ୍-ସେକ୍ରେଟାରୀଙ୍କୁ ଆମ ଅଫିସକୁ ଆସିବା ପାଇଁ ଜଣାଇ ଦିଅ । ସଏଲ୍ କନ୍‌ଜର୍ଭେସନ୍ ଡାଇରେକ୍ଟର୍ ପୋଷ୍ଟକୁ ନେଇ ଯେଉଁ ବିବାଦ ହୋଇଛି ତାହା ଆଲୋଚନା କରି ଫଏସଲା ନିଆଯିବ’’।

ଚିଫ୍ ସେକ୍ରେଟାରୀଙ୍କୁ ଡାକିବା ଶୁଣି, ମୋର ଷ୍ଟାଫ୍ ହତ୍‌ବତେଇ ଗଲେ । ସାଧାରଣତଃ ଚିଫ୍ ସେକ୍ରେଟାରୀ ମୁଖ୍ୟମନ୍ତ୍ରୀଙ୍କ ଚେମ୍ବରକୁ ଯାଇ ପରାମର୍ଶ କରିଥାନ୍ତି । ଅନ୍ୟମନ୍ତ୍ରୀଙ୍କ ଚେମ୍ବରକୁ ଯିବା ସେମାନେ ଜାଣନ୍ତି ନାହିଁ । ତେଣୁ ଚିଫ୍‌ସେକ୍ରେଟାରୀ ମୋର ଚେମ୍ବରକୁ ଆସିବା ପାଇଁ କହିବାରୁ ପ୍ରାଇଭେଟ୍ ସେକ୍ରେଟାରୀଙ୍କ ମନରେ ଆଶଙ୍କା ଦେଖାଗଲା ।

ସେ ମୋତେ କହିଲେ, ‘‘ସାର୍ ! ଫୋନ୍‌ରେ କଥାବାର୍ତ୍ତା କରି ଫଏସଲା କଲେ ଚଳିବ’’ ?

ମୁଁ କହିଲି, ‘‘ଏହିଭଳି ଏକ ଗୁରୁତ୍ୱପୂର୍ଣ୍ଣ ବିଷୟକୁ ଫୋନ୍‌ରେ କଥା ହୋଇ କୌଣସି ଫଏସଲା ନିଆଯାଇ ପାରିବ ନାହିଁ । ପ୍ରାଇଭେଟ୍ ସେକ୍ରେଟାରୀଙ୍କୁ କହିଲି, ଚିଫ୍‌ସେକ୍ରେଟାରୀଙ୍କୁ ଫୋନ୍ ଲଗାଅ ମୁଁ କଥା ହେବି ।

ସେ ଫୋନ୍ ଲଗାଇ ଜଣାଇ ଦେଲେ, ‘‘ଏଗ୍ରିକଲ୍‌ଚର୍ ମିନିଷ୍ଟର୍ ଆପଣଙ୍କ ସହିତ କଥା ହେବାକୁ ଚାହୁଁଛନ୍ତି’’। ତାପରେ ଫୋନ୍ ମୋ’ ହାତକୁ ବଢାଇ ଦେଲେ ।

ଫୋନ୍‌ରେ ଯଥାମାନ୍ୟ ବିନିମୟ ପରେ ମୁଁ କହିଲି, ‘‘ଏକ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ଅଛି, କାଲି ଅପରାହ୍ଣ ୪ଟା ପରେ ମୋ’ ଅଫିସକୁ ଆସି ପାରିବେ କି’’ ? ଉତ୍ତର ଆସିଲା, ‘‘ମୁଁ ଠିକ୍ ଚାରିଟାବେଳେ ପହଞ୍ଚି ଯିବି’’ । ଧନ୍ୟବାଦ୍ ଦେଇ ଫୋନ୍ ରଖିଦେଲି ।

ପ୍ରାଇଭେଟ୍ ସେକ୍ରେଟାରୀଙ୍କୁ ଚାହିଁ କହିଲି, ‘‘କାଲି ୪ଟାରେ ଚିଫ୍‌ସେକ୍ରେଟାରୀ ପହଞ୍ଚିବେ । ତୁମେ ସେ ଫାଇଲ୍ ପଢିଛ’’ ?

ଉତ୍ତର ଦେଲେ, ‘‘ହଁ ସାର୍ ! ପଢିଛି’’।

ମୁଁ ଫେର୍ କହିଲି, ‘‘ତାଙ୍କର ସମସ୍ତ ଫାଇଲ୍, ସି.ସି.ଆର୍ (ଗୁପ୍ତ ଚରିତ୍ର ପତ୍ରିକା) ପ୍ରଭୃତି ରେଡି କରି ରଖିଥିବ’’ ।

ବିଧାୟକମାନେ ତାଙ୍କ ସମସ୍ୟା ନେଇ ଆସିଗଲେ । ସେମାନଙ୍କ ସହ ଆଲୋଚନା କରି ତାଙ୍କ ସମସ୍ୟାର ସମାଧାନ ପାଇଁ ଉଦ୍ୟମ କରି ବିଦାୟ ଦେଉଥାଏ । ବିଧାୟକମାନେ ତାଙ୍କ ନିର୍ବାଚନର ସମସ୍ୟା ସମାଧାନ ପାଇଁ ମନ୍ତ୍ରୀଙ୍କ ପାଖକୁ ଆସି ଅନେକ କାର୍ଯ୍ୟ ହାସଲ କରି ନିଅନ୍ତି । ଏ ଦିଗରେ ବିଧାୟକ ସୁରେଶ ରାଉତରାୟ ଧୁରନ୍ଧର । ତାଙ୍କ

Source: Author, Digitized by PPRACHIN, SOA

କାର୍ଯ୍ୟପ୍ରଣାଳୀ ମଧ୍ୟ ସ୍ୱତନ୍ତ୍ର । ସେ ନିର୍ବାଚନମଣ୍ଡଳୀର ସଭ୍ୟମାନଙ୍କ ସହ ଦଳବଳ ଧରି ମନ୍ତ୍ରୀଙ୍କୁ ସାକ୍ଷାତ କରି ତାଙ୍କ ସମସ୍ୟା ଉପସ୍ଥାପନା କରିବେ ଏବଂ ଚଟାପଟ୍ କାମ ସାରି ଅନ୍ୟମନ୍ତ୍ରୀଙ୍କ ପାଖକୁ ଚାଲି ଯିବେ । ତେଣୁ ତାଙ୍କ ଉପରେ ତାଙ୍କ ଅଞ୍ଚଳର କର୍ମୀମାନେ ମଧ୍ୟ ଖୁସ୍ । ସେ ଏହିଭଳି ଅନେକ କାର୍ଯ୍ୟ କରିପାରିଥାନ୍ତି । ଗଦା ଗଦା ଫାଇଲ୍ ଆସି ପହଞ୍ଚିଲା । ଫାଇଲମାନ ପଢି ମୋର ମତାମତ ପ୍ରଦାନ କରି ସ୍ୱାକ୍ଷର ପ୍ରଦାନ କଲି ।

ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଥାଏ, ଫାଇଲ୍ କାମ ସବୁ ଓଡିଆରେ ହେବ । ସେଥିରେ ଓଡିଆରେ ମନ୍ତବ୍ୟ ଲେଖି ଦସ୍ତଖତ ଓଡିଆରେ ଦିଆଯିବ । ମୁଁ ସେଥି ପ୍ରତି ସଚେତନ ହୋଇ ଓଡିଆରେ ମୋର ମତାମତ ପ୍ରଦାନ କରି ଓଡିଆରେ ଦସ୍ତଖତ ଦେଲି ।

ମାନ୍ୟବର ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ସମୟରେ ସେ ଫାଇଲ୍‌ରେ ଓଡିଆରେ ମନ୍ତବ୍ୟ ଲେଖି ଏବଂ ଓଡିଆରେ ଦସ୍ତଖତ ଦେବାପାଇଁ ନିର୍ଦ୍ଦେଶ ଦେଇଥିଲେ । ତାହା ୧୯୫୪ ମସିହାର ଘଟଣା । ମାତ୍ର, ଆଜି ପର୍ଯ୍ୟନ୍ତ ଓଡିଶାରେ ଓଡିଆରେ ମତାମତ ଦେବା ଏବଂ ଓଡିଆରେ ଦସ୍ତଖତ ଦେବା ଏହି ପରମ୍ପରା ପ୍ରଚଳିତ ହୋଇ ପାରିଲା ନାହିଁ । ତେଣୁ ଜାନକୀବାବୁ ମୁଖ୍ୟମନ୍ତ୍ରୀ ଦାୟିତ୍ୱ ନେଲାପରେ ଓଡିଆ ଭାଷାର ପ୍ରସାର ପାଇଁ ଏବଂ ସେ ଜଣେ ସୁସାହିତ୍ୟିକ ଏବଂ ସଂସ୍କୃତ ଭାଷାର ବିଶାରଦ ହୋଇ ଥିବାରୁ ଓଡିଆରେ ଫାଇଲରେ ମତାମତ ଦେବା ପାଇଁ, ଏପରିକି, ଦସ୍ତଖତ ମଧ୍ୟ ଓଡିଆରେ ଦେବା ପାଇଁ କଡା ନିର୍ଦ୍ଦେଶ ଦେଇଛନ୍ତି ।

ଯେଉଁ ବିଭାଗର ଅଫିସରମାନେ ଅଭ୍ୟାସ ବଶତଃ ଇଂରାଜୀରେ ମତାମତ ଦେଉଥିଲେ, ସେହି ଫାଇଲ୍‌କୁ ସେ ଫେରାଇଦେଇ ଓଡିଆରେ ଲେଖିବାକୁ ନିର୍ଦ୍ଦେଶ ଦିଅନ୍ତି । ତେଣୁ ଧୀରେ ଧୀରେ ଅଫିସର୍‌ମାନେ ମଧ୍ୟ ଓଡିଆରେ ମନ୍ତବ୍ୟ ଦେବାରେ ଅଭ୍ୟସ୍ତ ହୋଇଗଲେ ।

କିନ୍ତୁ ପରବର୍ତ୍ତୀ ପର୍ଯ୍ୟାୟରେ ଆଜି ପର୍ଯ୍ୟନ୍ତ ଓଡିଆରେ ବିଭାଗୀୟ ମନ୍ତ୍ରୀ ଏବଂ ଅଫିସର୍‌ମାନେ ଏହି ପରମ୍ପରାକୁ ବଜାୟ ରଖିପାରି ନାହାନ୍ତି ।

ସେତେବେଳେ ଓଡିଶାର ଚିଫ୍‌ସେକ୍ରେଟାରୀ ଥାଆନ୍ତି ଏଲ୍.ଆଇ. ପରିଜା । ସେ ଜଣେ କାର୍ଯ୍ୟଦକ୍ଷ ପ୍ରଶାସକ । ତାଙ୍କ ସୁନାମ ଯଥେଷ୍ଟ ଥାଏ । ଜଣେ ସଚ୍ଚୋଟ ନିର୍ଭୀକ ଅମାୟିକ ବ୍ୟକ୍ତି । ସେ ହେଉଛନ୍ତି ବିଶିଷ୍ଟ ବୈଜ୍ଞାନିକ ପ୍ରାଣକୃଷ୍ଣ ପରିଜାଙ୍କ ସୁପୁତ୍ର । ଏଲ. ଆଇ. ପରିଜା ଜଣେ କ୍ରିକେଟ ଖେଳାଳି । ଓଡିଶା ରଣଜୀ ଟିମ୍‌ର କ୍ୟାପ୍‌ଟେନ ଦାୟିତ୍ୱ ମଧ୍ୟ ତୁଲାଇ ଥିଲେ । ଜଣେ ଶ୍ରେଷ୍ଠ କ୍ରୀଡାବିତ୍ ।

ଚିଫ୍‌ସେକ୍ରେଟାରୀ ଏବଂ ଡେପୁଟି ଚିଫ୍ ସେକ୍ରେଟାରୀ ଠିକ୍ ୪ଟାରେ ଆସି ପହଞ୍ଚିଲେ । ଅନ୍ୟାନ୍ୟ କଥା ହେଲାପରେ ଗୁରୁତ୍ୱପୂର୍ଣ୍ଣ କଥା ଜାଣିବାକୁ ଚାହିଁଲେ ।

Source: Author, Digitized by PPRACHIN, SOA

ମୁଁ ସେହି ବିବାଦୀୟ ଡାଇରେକ୍ଟର୍ ପୋଷ୍ଟ ଫାଇଲ୍ ତାଙ୍କ ହାତକୁ ବଢାଇ ଦେଲି । ଅଭିଯୋଗକାରୀଙ୍କ ଦରଖାସ୍ତ ମଧ୍ୟ ପଢିବାକୁ ଦେଲି । ସବୁ ପଢି ଚିଫ୍ ସେକ୍ରେଟେରୀ କହିଲେ, ''ଜଣେ ଅଲ୍‌ରେଡି ଡାଇରେକ୍ଟର୍ ଭାବେ ନିଯୁକ୍ତି ପାଇ ସାରିଲେଣି'' ।

ମୁଁ କହିଲି, ''ତାଙ୍କ ସି.ସି.ଆର. ଏବଂ ଦୀର୍ଘ କାର୍ଯ୍ୟ ସବୁ ଦେଖି ଜାଣିଲି ଯେ ସେ ଡାଇରେକ୍ଟର୍ ହେବାରେ କୌଣସି ଅସୁବିଧା ନ ଥିଲା'' ।

ମୋର ସବୁ କଥା ଶୁଣି ଚିଫ୍ ସେକ୍ରେଟାରୀ କହିଲେ, ''ଡାଇରେକ୍ଟର ପୋଷ୍ଟ ଏକ କି ପୋଷ୍ଟ । ଆଉ ଦୁଇ ମାସ ପରେ ଏହି ମହାଶୟ ରିଟାୟାର୍ଡ କରିବେ । ତେଣୁ ତାଙ୍କୁ ନିଯୁକ୍ତି ନ ଦେଇ ତାଙ୍କ ପରବର୍ତ୍ତୀ ବ୍ୟକ୍ତିଙ୍କୁ ଡାଇରେକ୍ଟର୍ କରାଗଲା'' ।

ମୁଁ ଫେର୍ କହିଲି, ''ଯେଉଁମାନେ ଚାକିରି କରିଥାନ୍ତି, ସେମାନେ ପ୍ରମୋଶନ୍ ହୋଇ ଉଚ୍ଚ ପୋଷ୍ଟକୁ ଯିବା ପାଇଁ ଆଶା ରଖିଥାନ୍ତି । ଏହି ଦୃଷ୍ଟିରୁ ବିଚାର କଲେ ଏହି ମହାଶୟଙ୍କ ପ୍ରତି ଅନ୍ୟାୟ ହୋଇ ନାହିଁ କି''?

ଚିଫ୍ ସେକ୍ରେଟାରୀ କହିଲେ, ''ହଁ ସେହି ଦୃଷ୍ଟିରୁ ବିଚାର କଲେ ତାଙ୍କ ପ୍ରତି ଅନ୍ୟାୟ ହୋଇଛି'' ।

ମୁଁ ଫେର୍ କହିଲି, ''ଅତୀତରେ କିଏ ମାସେ ଦୁଇମାସ ରିଟାୟର୍ଡ ହେବା ପାଇଁ ଥିବା ସତ୍ତ୍ୱେ ଏହିଭଳି ତାଙ୍କ ପ୍ରାପ୍ୟ ପଦ ପାଇଛନ୍ତି କି ନାହିଁ?

ଚିଫ୍ ସେକ୍ରେଟାରୀ କହିଲେ, ''ଏଭଳି ଅନେକ ନିଯୁକ୍ତି ପାଇଛନ୍ତି'' ।

ମୁଁ ଫେର୍ କହିଲି, ''ସେହି ଦୃଷ୍ଟିରୁ ବିଚାର କଲେ ଏହାଙ୍କୁ ନ୍ୟାୟ ଦେବା ଉଚିତ୍ ହେବ କି ନାହିଁ''?

ଚିଫ୍ ସେକ୍ରେଟାରୀ ସବୁ ଶୁଣି କହିଲେ, ''ଆପଣଙ୍କ ସହ ମୁଁ ଏକ ମତ । ମାତ୍ର ଆମେ ଜଣକୁ ନିଯୁକ୍ତି ଦେଇ ସାରିଲେଣି''।

ମୁଁ ଫେର୍ କହିଲି, ''ଠିକ୍ ଅଛି, ଯେ ସଏଲ୍‌କନ୍‌ଜର୍ଭେସନ୍ ଡାଇରେକ୍ଟର୍ ହୋଇ ସାରିଲେଣି ସେ ରୁହନ୍ତୁ, ମାତ୍ର ଏହାଙ୍କୁ ୱାଟର ମେନେଜମେଣ୍ଟ ଡାଇରେକ୍ଟର ହିସାବରେ ପୋଷ୍ଟିଙ୍ଗ୍ କଲେ ସେ ଡାଇରେକ୍ଟର୍ ପଦରୁ ରିଟାୟର୍ଡ କରନ୍ତେ''।

ସେ ମଧ୍ୟ ମନରେ ଆତ୍ମସନ୍ତୋଷ ପାଇବେ । ତାଙ୍କ ପରିବାରବର୍ଗ ବନ୍ଧୁବାନ୍ଧବ ମଧ୍ୟ ଜାଣିବେ ଡାଇରେକ୍ଟର ହୋଇ ରିଟାୟର୍ଡ କରିଛନ୍ତି'' । ଡେପୁଟି ଚିଫ୍ ସେକ୍ରେଟାରୀ କହିଲେ, ''ସେଥିପାଇଁ ଅଧିକ ଖର୍ଚ୍ଚ ହେବ । ଫାଇନାନ୍ସ ଏପ୍ରୁଭାଲ ଦରକାର''।

ମୁଁ କହିଲି, ''ତାହା ହେଲେ ଫାଏନାନ୍ସ ସେକ୍ରେଟାରୀଙ୍କୁ ଡକାଯାଉ । ତାଙ୍କ ମତାମତ ନିଆଯାଉ'' । ଫୋନ୍ କଲି, ଫାଇନାନ୍ସ ସେକ୍ରେଟାରୀ ଭୁଜବଲ ବାବୁ ମଧ୍ୟ ଆସିଲେ ।

Source: Author, Digitized by PPRACHIN, SOA

ଫାଇନାନ୍ସ ସେକ୍ରେଟାରୀ ତାଙ୍କ ରିଟାୟାର୍ଡ ସମୟକୁ ହିସାବକୁ ନେଇ ହିସାବ କରି କହିଲେ, ''ଆଉ ଅଧିକ ପ୍ରାୟ ୧୨ହଜାର ଟଙ୍କା ଦରକାର ପଡିବ'' । ଚିଫ୍-ସେକ୍ରେଟାରୀ ପୁଣି କହିଲେ, ''ସେଥିପାଇଁ ମୁଖ୍ୟମନ୍ତ୍ରୀଙ୍କ ଏପ୍ରୁଭାଲ୍ ଆବଶ୍ୟକ'' ।

ନିଶ୍ଚୟ...। ମୁଁ ସାଙ୍ଗେ ସାଙ୍ଗେ ଚିଫ୍‌ମିନିଷ୍ଟର୍‌ଙ୍କୁ ଜଣାଇ ଏପ୍ରୁଭାଲ୍ ନେଉଛି । ମାନ୍ୟବର ଚିଫ୍‌ମିନିଷ୍ଟର୍‌ଙ୍କୁ ଫୋନ୍ କରି କହିଲି, ସଏଲ୍‌କନ୍‌ର୍ଜଭେସନ୍ ଡାଇରେକ୍ଟର୍ ପୋଷ୍ଟରେ ଜଣେ ନିଯୁକ୍ତି ପାଇ ସାରିଛନ୍ତି । ଯେଉଁ ସିନିୟର୍ ବ୍ୟକ୍ତି ସେହି ପୋଷ୍ଟ ପାଇବା କଥା ତାଙ୍କ ରିଟାୟାର୍ଡ ପାଇଁ ଆଉ ମାତ୍ର ଦୁଇମାସ ଥିବା ଯୋଗୁଁ ତାଙ୍କୁ ବଞ୍ଚିତ କରାଗଲା । ତେଣୁ ତାଙ୍କୁ ୱାଟର୍ ମେନେଜ୍‌ମେଣ୍ଟ୍ ଡାଇରେକ୍ଟର୍ ରୂପେ ନିଯୁକ୍ତି ଦିଆ-ଯାଉଛି । ମୋଠି ଚିଫ୍‌ସେକ୍ରେଟାରୀ, ଏଡିସ୍‌ନାଲ ଚିଫ୍‌ସେକ୍ରେଟାରୀ ଏବଂ ଫାଇନାନ୍ସ ସେକ୍ରେଟାରୀ ବସିଛନ୍ତି । ସେମାନଙ୍କ ସହ ପରାମର୍ଶ କରି ଅଧିକ ଅର୍ଥ ଏପ୍ରୁଭାଲ୍ ପାଇଁ ଆପଣଙ୍କ ପାଖକୁ ଫାଇଲ ପଠାଉଛି । ମୋ'ଠୁ ସମସ୍ତ ଖବର ଚିଫ୍‌ମିନିଷ୍ଟର ଶୁଣି, ''ଫାଇଲ୍ ତାହା ହେଲେ ପଠାଇ ଦିଅ'' ବୋଲି କହିଲେ ।

ଚିଫ୍‌ମିନିଷ୍ଟରଙ୍କ ସହ ଫୋନ୍ ଆଲୋଚନା ଶୁଣିବା ପରେ ଡ୍ରାଫ୍ଟ ହେଲା । ତାକୁ ସାଙ୍ଗେ ସାଙ୍ଗେ ଟାଇପ୍ କରାଯାଇ ସମସ୍ତଙ୍କ ସ୍ୱାକ୍ଷର ନେଲି ମୋ' ସ୍ୱାକ୍ଷର ମଧ୍ୟ ଓଡିଆରେ ଦେଇ ମୁଖ୍ୟମନ୍ତ୍ରୀଙ୍କ ଏପ୍ରୁଭାଲ୍ ପାଇଁ ପଠାଇ ଦେଲି ।

ଜଣଙ୍କ ବିଚାର ସେଇଠି ଶେଷ ହୋଇ ଅର୍ଡର୍ ପ୍ରଦାନ କରାଗଲା । ସେତେବେଳେ ସେକ୍ରେଟାରୀଏଟ୍‌ରେ ଚିଫ୍‌ସେକ୍ରେଟାରୀ ମୋ' ଅଫିସକୁ ଆସିବା ଏବଂ ଜଣକ ପ୍ରତି ସୁବିଚାର କରିବା ଘଟଣା ସେକ୍ରେଟାରୀଏଟ୍‌ରେ ଗୁଞ୍ଜରଣ ସୃଷ୍ଟି କରିଥିଲା ।

ଜଟିଳ ସମସ୍ୟାକୁ ମଧ୍ୟ ଯଥାସମୟରେ ଶେଷ କରିବା ଆମ ପ୍ରଶାସନର ଏକ ମୁଖ୍ୟ କାର୍ଯ୍ୟ ହେବା ଉଚିତ୍ । ତେଣୁ ସମୟ ନିର୍ଘଣ୍ଟ ମଧ୍ୟରେ ମୁଁ ଅନେକ ଗୁରୁତ୍ୱପୂର୍ଣ୍ଣ ସମସ୍ୟାକୁ ସମାଧାନ କରିବାରେ କ୍ଷମ ହୋଇଛି । କୌଣସି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସ୍ୱଚ୍ଛ ମନରେ କରି ପାରିଲେ ତାହା ଅଟକି ଯାଇ ନ ଥାଏ ।

ବିଭାଗୀୟ ଅଫିସରମାନଙ୍କ ସହିତ ବସି ଆଲୋଚନା କରି ଅନେକ ଗୁରୁତ୍ୱପୂର୍ଣ୍ଣ ଫାଇଲ୍ କାର୍ଯ୍ୟ ମଧ୍ୟ ସଂପନ୍ନ କରୁଥାଏ । ରାତ୍ର ୧୦ଟା ପର୍ଯ୍ୟନ୍ତ ବସି ଅଫିସ ଫାଇଲ୍ କାମ ଶେଷ କରି ଦେଉଥାଏ ।

କୃଷି ବିଭାଗର ସେକ୍ରେଟାରୀଙ୍କ ସହ ମୋ'ର ଅଫିସରେ ବସି ଅନେକ ଗୁରୁତ୍ୱ-ପୂର୍ଣ୍ଣ ଆଲୋଚନା କରି ତାଙ୍କୁ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ପରାମର୍ଶ ଦେଲି ଏବଂ ମୋ'ର କ୍ୱାର୍ଟର୍‌କୁ ୧୦ଟା ପରେ ଫେରିଆସି ରାତ୍ର ଭୋଜନ କରି ବିଶ୍ରାମ ନେଲି ।

Source: Author, Digitized by PPRACHIN, SOA

କର୍ମଚାରୀ ବଦଳିଲେ ବିଭାଗୀୟ ମନ୍ତ୍ରୀ ଜାଣିବା ଉଚିତ :

ସକାଳେ ଅଫିସ୍‌କୁ ଆସି ଜାଣିଲି ସେକ୍ରେଟାରୀ ବଦଳି ହୋଇ ଯାଇଛନ୍ତି । ମୁଁ ଆଶ୍ଚର୍ଯ୍ୟ ହେଲି । ମୋ' ବିଭାଗର ସେକ୍ରେଟାରୀ ବଦଳି ହୋଇଗଲେ; ଅଥଚ, ମୁଁ କିଛି ଜାଣି ପାରିଲି ନାହିଁ । କିଛି ଆଭାସ ମଧ୍ୟ ପାଇ ପାରିଲି ନାହିଁ । ଏହା ମୋ' ମନରେ ଦାରୁଣ ଆଘାତ ଦେଲା । ସେକ୍ରେଟାରୀଙ୍କ ମଧ୍ୟ ମୋ' ପ୍ରତି ଭୁଲ ଧାରଣା ସୃଷ୍ଟି ହୋଇଥିବ । ମନ୍ତ୍ରୀ ମୋ' ସହିତ ଏତେ ରାତି ପର୍ଯ୍ୟନ୍ତ ବସି କଥା ହେଲେ; ଅଥଚ, ଟିକିଏ ବି ସୂଚନା ଦେଲେ ନାହିଁ । ମାତ୍ର, ମୁଁ କିଛି ଜାଣି ନାହିଁ ଏକଥା ସେ ଅବା ବୁଝିବେ କେମିତି ?

ସେହି ମୁହୂର୍ତ୍ତରେ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇ ଦେଲି, "ସେକ୍ରେଟାରୀମାନଙ୍କୁ ବଦଳି କରିବା ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦାୟିତ୍ୱ । ମାତ୍ର, ବିଭାଗୀୟମନ୍ତ୍ରୀଙ୍କୁ ମଧ୍ୟ ଏଥିପାଇଁ ଆଗରୁ ସୂଚାଇ ଦେଲେ ପ୍ରାଶାସନିକ ଦୃଷ୍ଟିରୁ ସୁନ୍ଦର ହେବ" ।

ଏହା ପରେ ମାନ୍ୟବର ମୁଖ୍ୟମନ୍ତ୍ରୀ କାହାରିକି ବଦଳି କରିବା ଆବଶ୍ୟକ ପଡିଲେ ମୋତେ ସୂଚାଇ ଦେଉଥିଲେ ।

ଗଣତାନ୍ତ୍ରିକ ବ୍ୟବସ୍ଥାରେ ନେତା ଓ ଅମଲାଙ୍କ ସମ୍ପର୍କ ଅତି ଗୁରୁତ୍ୱପୂର୍ଣ୍ଣ । କାର୍ଯ୍ୟପାଳିକାର ଦାୟିତ୍ୱ ହେଲା ସରକାରଙ୍କ ଘୋଷିତ କାର୍ଯ୍ୟକ୍ରମକୁ ସୂଚାରୁ ରୂପେ ସମ୍ପନ୍ନ କରିବା । ମନ୍ତ୍ରୀଙ୍କୁ ସାହାଯ୍ୟ ସହଯୋଗ କରିବା ଅମଲାତନ୍ତ୍ରର ମୁଖ୍ୟ କାର୍ଯ୍ୟକ୍ରମ ।

ନୀତି ନିର୍ଦ୍ଧାରଣ କରିବା ବେଳେ ଉପରିସ୍ଥ ଅଧିକାରୀମାନେ ମନ୍ତ୍ରୀଙ୍କୁ ପରାମର୍ଶ ଦେବା ସହ ଆବଶ୍ୟକ ସ୍ଥଳେ ନିୟମାବଳୀ ମଧ୍ୟ ସୂଚାଇ ଦେବା ଆବଶ୍ୟକ । ଉଭୟେ ସୁସ୍ଥମନରେ ବିଚାର ବିମର୍ଷ କରି ସିଦ୍ଧାନ୍ତ ନେବା ଉଚିତ୍ ।

ଶାସନ ପ୍ରଣାଳୀରେ ମନ୍ତ୍ରୀଙ୍କୁ ମଧ୍ୟ ଦାୟିତ୍ୱ ଗ୍ରହଣ କରିବାକୁ ପଡିଥାଏ । ପ୍ରତ୍ୟେକ କଥାକୁ ଅମଲାଙ୍କ ଉପରେ ଛାଡିଦେବା ମଧ୍ୟ ଠିକ୍ ନୁହେଁ । ଉଭୟେ ମିଳିତ ହୋଇ ଦାୟିତ୍ୱ ବହନ କରିବା ଆବଶ୍ୟକ ।

ମନ୍ତ୍ରୀଙ୍କ କାର୍ଯ୍ୟଧାରା, ମନୋଭାବ, ତାଙ୍କ କାର୍ଯ୍ୟର ସ୍ୱଚ୍ଛତା ଜାଣିଗଲା ପରେ ଅମଲାମାନେ ଆଗ୍ରହର ସହିତ ମନ୍ତ୍ରୀଙ୍କ ପ୍ରତ୍ୟେକ କାର୍ଯ୍ୟରେ ପୂର୍ଣ୍ଣ ସହଯୋଗ ପ୍ରଦାନ କରିଥାନ୍ତି । ଫଳରେ, ଅନେକ ଜଟିଳ କାର୍ଯ୍ୟ ମଧ୍ୟ ସହଜ ହୋଇ ଯଥାସମୟରେ କାର୍ଯ୍ୟକାରି ହୋଇଥାଏ । ଫଳରେ ସାଧାରଣଲୋକ ଉପକୃତ ହୋଇ ପାରିଥାନ୍ତି ।

ଭାରତୀୟ କୃଷିର ବିକାଶ :

କୃଷି ବିଭାଗ ଅତି ଗୁରୁତ୍ୱପୂର୍ଣ୍ଣ ବିଭାଗ । ଦେଶର ୭୦ଭାଗରୁ ଊର୍ଦ୍ଧ୍ୱ ଲୋକ

Source: Author, Digitized by PPRACHIN, SOA

ଚାଷକୁ ନିର୍ଭର କରି ଏବେ ମଧ୍ୟ ଚଳୁଛନ୍ତି । ଆମ ଦେଶରେ ଖାଦ୍ୟ ଶସ୍ୟ ଉତ୍ପାଦନ ୧୯୬୫-୬୬ ମସିହାରେ ୭୪ ନିୟୁତ ଟନ୍‌ରୁ ବୃଦ୍ଧି ପାଇ ୧୦ବର୍ଷ ମଧ୍ୟରେ ୧୯୭୫-୭୬ ବେଳକୁ ୧୨୨ ନିୟୁତ ଟନ୍‌ରେ ପହଞ୍ଚ ପାରିଥିଲା । ଫଳରେ, ଭାରତ ଖାଦ୍ୟ ଉତ୍ପାଦନରେ ଆତ୍ମନିର୍ଭରଶୀଳ ହୋଇ ପାରିଥିଲା ।

ଭାରତ ଓ ପାକିସ୍ତାନ ଯୁଦ୍ଧ ସମୟରେ ଭାରତର ପ୍ରଧାନମନ୍ତ୍ରୀ ଲାଲବାହାଦୁର ଶାସ୍ତ୍ରୀ ଦେଶବାସୀଙ୍କୁ ଉଦ୍‌ବୋଧନ ଦେଇ କୃଷି ଉତ୍ପାଦନ ବୃଦ୍ଧି ପାଇଁ ଆହ୍ୱାନ ଦେଲେ । ତାଙ୍କର "ଜୟ ଯବାନ, ଜୟ କିଷାନ" ମନ୍ତ୍ର ସମଗ୍ର ଦେଶରେ ଜନ-ସାଧାରଣଙ୍କ ମଧ୍ୟରେ ବିପୁଳ ଉତ୍ସାହ ସୃଷ୍ଟି କରିଥିଲା । ଯୁଦ୍ଧ ସମୟରେ ଗୋଟିଏ ଓଳି ନ ଖାଇ ଦେଶ ପାଇଁ ଖାଦ୍ୟ ସଂଚୟ ଭାବନା ସୃଷ୍ଟି କରି ବହୁ ଭାରତୀୟଙ୍କ ମନରେ ଜାତୀୟ ଭାବନା ଉଦ୍ରେକ କରିବାରେ ସେ ସଫଳ ହୋଇଥିଲେ ।

ଦେଶର ଖାଦ୍ୟ ଉତ୍ପାଦନରେ ବୃଦ୍ଧି ହାରକୁ ଆମେ 'ସବୁଜ ବିପ୍ଳବ'ର ଆଖ୍ୟା ଦେଲୁ । ୧୯୮୫-୮୬ ମସିହା ବେଳକୁ ଆମର ଖାଦ୍ୟ ଶସ୍ୟ ଉତ୍ପାଦନ ୧୫୬ ନିୟୁତ ଟନ୍‌କୁ ବୃଦ୍ଧି ପାଇସାରିଥିଲା ।

ପ୍ରଥମ ସବୁଜ ବିପ୍ଳବ ବେଳକୁ ଉନ୍ନତମାନର ବିହନ, ଅଧିକ ରସାୟନିକ ସାର ବ୍ୟବହାର, ରୋଗପୋକରୁ ଚାଷକୁ ରକ୍ଷା କରିବା ପାଇଁ ଔଷଧ ବ୍ୟବହାର ଫଳରେ ଉତ୍ପାଦନ ବୃଦ୍ଧି ହେବାରେ ସହାୟକ ହେଲା । ବର୍ତ୍ତମାନ 'ଦ୍ୱିତୀୟ ସବୁଜ ବିପ୍ଳବ' ପାଇଁ ଉଦ୍ୟମ ଆରମ୍ଭ ହୋଇଛି । ଅବଶ୍ୟ କେତେ ଏହି କାର୍ଯ୍ୟକ୍ରମକୁ 'ଦ୍ୱିତୀୟ ସବୁଜ ବିପ୍ଳବ' କହିବା ପାଇଁ ଇଚ୍ଛୁକ ନୁହନ୍ତି ।

ଆମକୁ ଜାଣିବାକୁ ହେବ, 'ସବୁଜ ବିପ୍ଳବ'ର ମୁଖ୍ୟ କର୍ଣ୍ଣଧାର ହେଉଛନ୍ତି, ଡି.ଏମ୍.ଏସ୍ ସ୍ୱାମୀନାଥନ୍ । ୧୯୬୫ ମସିହାରେ ତାଙ୍କ ଉଦ୍ୟମରେ 'ସବୁଜ ବିପ୍ଳବ' ପ୍ରସାରିତ ହେବାକୁ ଲାଗିଲା । ସେ ଭାରତ ଭଳି ଏକ ବିଶାଳ ଦେଶର ଅଗ୍ରଦୂତ ଭଳି କାର୍ଯ୍ୟକଲେ । ଜାତୀୟ ଆତ୍ମବିଶ୍ୱାସ ଭାବନା ସହ ନିଜ କର୍ତ୍ତବ୍ୟରେ ଅଟଳ ରହି 'ସବୁଜ ବିପ୍ଳବ' କାର୍ଯ୍ୟକ୍ରମକୁ ଦୃଢତା ସହ ଆଗେଇ ନେଲେ ।

ସେତେବେଳେ ଆମ ଦେଶ ଥିଲା ଏକ ଖାଦ୍ୟ ନିଅଣ୍ଟିଆ ଦେଶ । ଚାଉଳ, ଗହମ, ଚିନି ପ୍ରଭୃତିର ସର୍ବନିମ୍ନ ଆବଶ୍ୟକତା ପୂରଣ ପାଇଁ ଆମକୁ ସଦାବେଳେ ବିଦେଶୀମାନଙ୍କ ପାଖରେ ହାତ ପାତିବାକୁ ପଡୁଥିଲା । ଆମେରିକା ପି.ଏଲ. ୪୮୦ ଧାରାରେ ଭାରତକୁ ଗହମ, ଚାଉଳ ପ୍ରଦାନ କରୁଥିଲା ।

ଏହା ତତ୍‌କାଳୀନ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କ ଆତ୍ମସମ୍ମାନକୁ ଭୀଷଣ ଆଘାତ ପ୍ରଦାନ କରିଥିଲା । ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ କୃଷିବୈଜ୍ଞାନିକମାନଙ୍କ

Source: Author, Digitized by PPRACHIN, SOA

ସହାୟତାରେ 'ସବୁଜ ବିପ୍ଳବ' କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ପାଇଁ ସବୁପ୍ରକାର ସହଯୋଗ ପ୍ରଦାନ କରି ଉତ୍ସାହିତ କରିବା ଫଳରେ କୃଷିବୈଜ୍ଞାନିକମାନେ ଦ୍ୱିଗୁଣିତ ଉତ୍ସାହରେ କୃଷି ଉତ୍ପାଦନ ବୃଦ୍ଧି ପାଇଁ ଲାଗିପଡିଲେ । ସେମାନେ ଗ୍ରାମାଞ୍ଚଳକୁ ଯାଇ ଗ୍ରାମର ଚାଷୀମାନଙ୍କୁ ଏକାଠି କରି ନୂତନ ବୈଜ୍ଞାନିକ ଜ୍ଞାନକୌଶଳ ପ୍ରୟୋଗ ପ୍ରଣାଳୀ ଶିକ୍ଷା ପ୍ରଦାନ କଲେ । ଆବଶ୍ୟକ ସ୍ଥଳେ ଉଦାହରଣ ଛଳରେ ନିଜେ ପ୍ରତ୍ୟକ୍ଷ ରୂପେ କାର୍ଯ୍ୟକରି ସେମାନଙ୍କୁ ବୁଝାଇଲେ । ଫଳରେ, କୃଷକମାନେ କୃଷି କ୍ଷେତ୍ରରେ ତାକୁ ବିନିଯୋଗ କରି ଉପକୃତ ହେଲେ । ଦେଶରେ ଉତ୍ପାଦନ ଆଶାତୀତ ଭାବରେ ବୃଦ୍ଧି ପାଇବାକୁ ଲାଗିଲା । କୃଷିର ବିକାଶ ପାଇଁ ଜଳସେଚନର ଆବଶ୍ୟକତାକୁ ଦୃଷ୍ଟିରେ ରଖି କ୍ଷୁଦ୍ର, ମଧ୍ୟମ, ବୃହତ୍ ଜଳସେଚନ ଯୋଜନାମାନ ମଧ୍ୟ କାର୍ଯ୍ୟକାରୀ ହେଲା ।

ଇନ୍ଦିରାଗାନ୍ଧୀଙ୍କ ପ୍ରଧାନମନ୍ତ୍ରିତ୍ୱ ସମୟରେ ସ୍ୱାମୀନାଥନ୍‌ଙ୍କ ଉଦ୍ୟମରେ ଗ୍ରାମାଞ୍ଚଳରେ କୃଷିର ବିକାଶ ପାଇଁ ଉଦ୍ୟମ ଜାରି ରହିଲା । କୃଷି ବୈଜ୍ଞାନିକମାନେ ଚାଷୀଙ୍କୁ ନୂତନ ଜ୍ଞାନକୌଶଳ ପ୍ରଦାନ କଲେ । ଉନ୍ନତମାନର ବିହନ ଚାଷୀଙ୍କୁ ଯୋଗାଇ ଦିଆଗଲା । ଫଳରେ କୃଷି କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଦେଖାଦେଲା । କୃଷି ଭିତ୍ତିକ ଶିଳ୍ପମାନ ପ୍ରତିଷ୍ଠିତ ହେଲା । ଏ ସମସ୍ତର ମିଳିତ ଉଦ୍ୟମ ଫଳରେ କୃଷକମାନେ ମନପ୍ରାଣ ଦେଇ ଉତ୍ପାଦନ ବୃଦ୍ଧି କରି ଲାଭବାନ୍ ହେଲେ । ଫଳରେ, ଆମର ଅର୍ଥନୀତିର ଅଭିବୃଦ୍ଧି ଆହୁରି ତ୍ୱରାନ୍ୱିତ ହେଲା । ଭାରତ ଖାଦ୍ୟ ନିଅଣ୍ଟିଆ ଅର୍ଥନୀତିରୁ ଖାଦ୍ୟ ଉନ୍ନତ ଅର୍ଥନୀତିରେ ପହଞ୍ଚି ପାରିଲା ।

ଆମକୁ ଆଗଭଳି ବିଦେଶୀଙ୍କ ପାଖରେ ଖାଦ୍ୟ ପାଇଁ ହାତ ପାତିବାକୁ ପଡିଲା ନାହିଁ । ମାତ୍ର, ତାର ସୁଷମ ବଣ୍ଟନ ହୋଇ ପାରୁନଥିବା ଯୋଗୁଁ ଅନେକ ଅଞ୍ଚଳରେ ଲୋକେ ଠିକ୍ ସମୟରେ ଖାଦ୍ୟ ପଦାର୍ଥ ପାଇପାରୁ ନଥିଲେ । ବିଭାଗୀୟ କର୍ମକର୍ତ୍ତାମାନଙ୍କ ତତ୍ପରତା ବହୁ କ୍ଷେତ୍ରରେ ଆଶାଜନକ ଭାବରେ ବୃଦ୍ଧି ପାଇପାରି ନଥିଲା । କର୍ମଚାରୀ ମାନଙ୍କ କାର୍ଯ୍ୟଦକ୍ଷତା ଉପରେ ଏହାର ଭବିଷ୍ୟତ ନିର୍ଭର କରୁଛି ।

ଓଡିଶାରେ କୃଷିର ବିକାଶ ପାଇଁ ପଦକ୍ଷେପ :

ବୈଶାଖ ଶୁକ୍ଳପକ୍ଷ ତୃତୀୟା ବା ଅକ୍ଷୟ ତୃତୀୟା କୃଷିପାଇଁ ଅନୁକୂଳ ତିଥି । ତେଣୁ ଚାଷୀ ଏହି ଦିନରେ ତା' ଜମିରେ ବିହନ ଅନୁକୂଳ କରିଥାଏ । ତେଣୁ ଏହା କୃଷକର ପ୍ରଧାନ ପର୍ବ । ଏହିଦିନ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ରଥ ନିର୍ମାଣ ଅନୁକୂଳ ହୋଇଥାଏ । କୃଷକମାନେ ଏହି ତିଥିରେ ଭୂମି କର୍ଷଣ କରି ବୀଜ ବପନ ଆରମ୍ଭ କରନ୍ତି । ଏହାକୁ ଓଡିଶାରେ ଅକ୍ଷିମୁଠି କୁହାଯାଏ । ପୁରାଣରେ ବର୍ଣ୍ଣିତ ଅଛି, ମହର୍ଷି ଜନକ କୃଷିକୁଳର

Source: Author, Digitized by PPRACHIN, SOA

ପ୍ରତିନିଧି ରୂପେ ଏହି ତିଥିରେ ଭୂମି କର୍ଷଣ କରି ଶସ୍ୟ ପୂଜା କରି ବୀଜ ବପନ କରିଥିଲେ । ଭୂମି କର୍ଷଣ ବେଳେ ସୀତାଦେବୀଙ୍କୁ ପ୍ରାପ୍ତ ହୋଇଥିଲେ । ଏଣୁ ସୀତା-ମାତାଙ୍କୁ ବୀଜ ଦାତ୍ରୀ କୁହାଯାଏ । ତେଣୁ ଏହି ଦିବସକୁ କୃଷି ଭିତ୍ତିକ ଦିବସ ରୂପେ ଓଡିଶାରେ ତଥା ଦେଶର ବିଭିନ୍ନ ଅଞ୍ଚଳରେ ପାଳନ କରାଯାଏ ।

ମୁଁ କୃଷିବିଭାଗ ମନ୍ତ୍ରୀ ଦାୟିତ୍ୱ ନେଲାପରେ ଏଥିପ୍ରତି ସଚେତନ ଥିଲି । ତେଣୁ ବିଭାଗର କର୍ମକର୍ତ୍ତାମାନଙ୍କୁ ପ୍ରତ୍ୟେକ ଜିଲ୍ଲାରେ ଅକ୍ଷୟ ତୃତୀୟା ପୂର୍ବରୁ ଧାନ ବିହନ ଯୋଗାଇ ଦେବା ପାଇଁ ନିର୍ଦ୍ଦେଶ ଦେଲି । ଏଥିରେ ବ୍ୟତିକ୍ରମ ନ କରିବା ପାଇଁ ତାଗିଦ୍ କରାଗଲା । ଫଳରେ, ଚାଷୀଙ୍କ ପାଖରେ ଯଥାସମୟରେ ବିହନ ପହଞ୍ଚି ପାରିଲା ।

ଆମ ରାଜ୍ୟର ୭୦ଭାଗ ଲୋକ ଚାଷକୁ ନିର୍ଭରକରି ଜୀବିକା ନିର୍ବାହ କରୁଛନ୍ତି । ତେଣୁ ସେମାନଙ୍କୁ ଯଥା ସମୟରେ ବିହନ, ସାର ଓ କୃଷିଋଣ ଆବଶ୍ୟକ । ଜ୍ଞାନ-କୌଶଳ ଠିକ୍ ଭାବରେ ଠିକ୍ ସମୟରେ ଚାଷୀଙ୍କୁ ଯୋଗାଇ ଦେଇ ପାରିଲେ କୃଷିର ବିକାଶ ହେବା ସଙ୍ଗେ ସଙ୍ଗେ କୃଷକମାନେ ମଧ୍ୟ ଉପକୃତ ହେବେ । ତେଣୁ କର୍ମଚାରୀ ମାନଙ୍କ ଚଳଚଞ୍ଚଳତା, କାର୍ଯ୍ୟଦକ୍ଷତା, ନିୟମାନୁବର୍ତ୍ତିତା ଉପରେ ଏହାର କାର୍ଯ୍ୟଧାରା ନିର୍ଭର କରେ । ଓଡିଶାର ଚାଷୀ ପାଣିପାଗ ବିଭାଗ ଉପରେ ବିଶେଷ ନିର୍ଭରକରି ଚାଷ କରିଥାଏ । ତେଣୁ ଅକ୍ଷୟ ତୃତୀୟା ବେଳକୁ ଚାଷୀଙ୍କୁ ବିହନ ଓ କୃଷିଋଣ ଯୋଗାଇବା ପାଇଁ ବିଭାଗୀୟ କର୍ମକର୍ତ୍ତାମାନଙ୍କୁ ପରାମର୍ଶ ଦେଇ ବହୁ ଆଗରୁ କାର୍ଯ୍ୟକ୍ରମ ଗ୍ରହଣ ପାଇଁ ମୁଁ ସତର୍କ ଦୃଷ୍ଟି ରଖିଲି । 'ଚାଷ ତର ତର ବଣିଜ ମଠ'– ଏହି କଥାଟି ମୁଁ ମୋ' ଅଜାଙ୍କଠୁ ପିଲାଟି ଦିନରୁ ଶିଖିଛି । ତେଣୁ ଠିକ୍ ସମୟରେ ଚାଷୀଙ୍କ ପାଖରେ ତାଙ୍କ ଆବଶ୍ୟକ ବିହନ, ସାର ପ୍ରଭୃତି ଯୋଗାଣ ପାଇଁ ମୂଳରୁ ସତର୍କ ରହିଲି ।

ବିହନ ଉତ୍ପାଦନ କ୍ଷେତ୍ରରେ ଓଡିଶାକୁ ସ୍ୱାବଲମ୍ବୀ କରିବାର ପ୍ରୟାସ :

ଚାଷୀଙ୍କ ଆବଶ୍ୟକତା ଅନୁଯାୟୀ ଉନ୍ନତମାନର ବିହନ ଯୋଗାଇବାରେ ରାଜ୍ୟ ବିହନ ନିଗମ କ୍ଷମ ହୋଇପାରି ନ ଥାଏ । ଏହିଭଳି କାର୍ଯ୍ୟ ପାଇଁ ମୁଁ ଅସନ୍ତୋଷ ପ୍ରକାଶ କଲି । ଆମ ରାଜ୍ୟରେ ଉତ୍କୃଷ୍ଟ ବିହନ କାହିଁକି ଉତ୍ପାଦନ କରାଯିବ ନାହିଁ। ସଦାବେଳେ ଆମେ କଣ ବାହାର ରାଜ୍ୟର ବିହନ ଉପରେ ନିର୍ଭର କରିଥିବା ? ମୁଁ ଏହାକୁ ପସନ୍ଦ କଲି ନାହିଁ ।

ରାଜ୍ୟରେ ବିହନ ଉତ୍ପାଦନ ପାଇଁ ଚିନ୍ତାକଲି । ଆବଶ୍ୟକ ପଡିଲେ ଚାଷୀମାନଙ୍କୁ ଉପଯୁକ୍ତ ଜ୍ଞାନକୌଶଳ ଏବଂ ପିଣ୍ଡ ବିହନ ଯୋଗାଇ ଦିଆଗଲା । ଆମ ରାଜ୍ୟରେ ଚାଷୀମାନଙ୍କଠୁ ବିହନ ସଂଗ୍ରହ ପାଇଁ ମଧ ଉଦ୍ୟମ କରାଗଲା । ବିଭିନ୍ନ ଜିଲ୍ଲାର

Source: Author, Digitized by PPRACHIN, SOA

କେତୋଟି ନିର୍ଦ୍ଦିଷ୍ଟ ଗ୍ରାମରେ ତାହା କାର୍ଯ୍ୟକାରୀ କରାଗଲା । ଓଡିଶାର ପ୍ରଥମ ବିହନ ଗ୍ରାମ ହିସାବରେ କଳାହାଣ୍ଡି ଜିଲ୍ଲାର ଧର୍ମଗଡ ବ୍ଲକର 'ତରାପୁର ଗ୍ରାମ'କୁ ମନୋନୀତ କରାଗଲା । ରାଜ୍ୟର ବିଭାଗୀୟ ଅଫିସର, କୃଷିବୈଜ୍ଞାନିକମାନେ ତରାପୁର ଗ୍ରାମରେ ପହଞ୍ଚି ଆଗ୍ରହୀ ଚାଷୀଙ୍କୁ ବିହନ ଓ ସାର ଯୋଗାଇବା, କମ୍ ଖର୍ଚ୍ଚରେ ଘାସ ବାଛିବା, ବିହନ ଉତ୍ପାଦନ ପ୍ରଣାଳୀ, ବ୍ୟବହୃତ ଚାଷ ଜମିକୁ ଉନ୍ନତମାନରେ ପରିଣତ କରିବା ପାଇଁ ଆବଶ୍ୟକ ତାଲିମ ପ୍ରଦାନ କଲେ । ଚାଷୀମାନେ ମଧ୍ୟ ଆଗ୍ରହର ସହିତ ବିହନ ଉତ୍ପାଦନ କରି ସରକାରଙ୍କୁ ଅଧିକ ମୂଲ୍ୟରେ ବିକ୍ରୟ କରି ଅଧିକ ଲାଭବାନ ହୋଇ ପାରିଲେ । ତେଣୁ ଓଡିଶାରେ ଚାରୋଟି ଗ୍ରାମକୁ ପ୍ରଥମବର୍ଷ ବିହନ ଉତ୍ପାଦନ ଗ୍ରାମରୂପେ ଘୋଷିତ କରି ପ୍ରତିବର୍ଷ ଅଧିକ ଗ୍ରାମକୁ ସାମୟିକ ଭାବେ ବିହନ ଉତ୍ପାଦନ ପରିମାଣ ବୃଦ୍ଧି କରିବା ପାଇଁ ସାମିଲ କରାଗଲା । ଏଥିପାଇଁ ଚାଷୀଙ୍କୁ ଯଥାସମୟରେ ବିହନ ଯୋଗାଇ ଦେଇ ଓଡିଶାକୁ ବିହନ ଉତ୍ପାଦନରେ ସ୍ୱାବଲମ୍ବୀ କରିବା ଅଭିପ୍ରାୟରେ କାର୍ଯ୍ୟାରମ୍ଭ କରାଗଲା । କୃଷି ବିଶାରଦମାନେ ମଧ୍ୟ ବିହନ ଉତ୍ପାଦନ ଗ୍ରାମକୁ ପରିଦର୍ଶନରେ ଯାଇ ଚାଷୀଙ୍କ ସମସ୍ୟା ଜାଣି ଉପଯୁକ୍ତ ପରାମର୍ଶ ଓ ତାଲିମ ପ୍ରଦାନ କଲେ । ଫଳରେ, ଚାଷୀମାନେ ଶସ୍ୟକୁ ଉପଯୁକ୍ତ ଭାବରେ ଖରାରେ ଶୁଖାଇ ବିହନର ମାନ ଓ ଗୁଣବତ୍ତା ବଜାୟରଖି ସରକାରଙ୍କୁ ଯୋଗାଇ ଅଧିକ ଲାଭବାନ ହୋଇ ପାରିଲେ । ଏହାଦ୍ୱାରା ସେମାନଙ୍କ ଅର୍ଥନୈତିକ ବିକାଶ ଘଟିଲା ଏବଂ ରାଜ୍ୟ ମଧ୍ୟ ବିହନ ଉତ୍ପାଦନରେ ଆଗେଇ ଚାଲିଲା ।

ସରକାରୀ ଉଦାସୀନତା ଓ ଅନାଗ୍ରହ :

ମାତ୍ର, ଯାହା ଦେଖାଗଲା, ପରବର୍ତ୍ତୀ ପର୍ଯ୍ୟାୟରେ ସରକାର ଆଉ ଚାଷୀମାନଙ୍କଠୁ ବିହନ ସଂଗ୍ରହ କରିବାରେ ଆଗ୍ରହ ନ ଦେଖାଇ ବାହାର ରାଜ୍ୟରୁ ବିହନ ସଂଗ୍ରହ କରିବାରେ ମନ ବଳାଇଲେ । ଫଳରେ, ନିମ୍ନ ମାନର ବିହନ ଚାଷୀଙ୍କୁ ଯୋଗାଇ ଦିଆଗଲା । ପରିଣାମତଃ ଧାନ ଗଜା ହେଲା ନାହିଁ ଏବଂ ଚାଷୀମାନେ କ୍ଷତିଗ୍ରସ୍ତ ହେଲେ । ତେଣୁ ପର୍ଯ୍ୟାୟକ୍ରମେ ଆମ ରାଜ୍ୟକୁ ବିହନ ଦୃଷ୍ଟିରୁ ସ୍ୱାବାଲମ୍ବୀ କରିବା ଉଦ୍ୟମ ଆଜି ପର୍ଯ୍ୟନ୍ତ ପୂରଣ ହୋଇ ପାରିଲା ନାହିଁ । ରାଜନୈତିକ ଇଚ୍ଛା ଶକ୍ତିହିଁ ଲକ୍ଷ୍ୟ ପୂରଣରେ ସହାୟକ ହୋଇଥାଏ । ବର୍ତ୍ତମାନ ତାହାର ଅଭାବ ପରିଲକ୍ଷିତ ହୋଇଛି ।

ଏବେ ମଧ୍ୟ ଆମ ରାଜ୍ୟରେ ବହୁ ଚାଷୀ ନିଜ ବିହନ ସାଇତି ରଖି, ପରବର୍ତ୍ତୀ ଚାଷ ସମୟରେ ନିଜ ବିହନରେ ତଳି ପକାଇଥାନ୍ତି ଅବା ଜମିରେ ବୁଣିଥାନ୍ତି । ତେଣୁ ଏବେ ମଧ୍ୟ ୬୦ଭାଗ ଚାଷୀ ନିଜ ବିହନ ଉପରେ ନିର୍ଭର କରି ଚାଷ କରୁଛନ୍ତି ।

Source: Author, Digitized by PPRACHIN, SOA

ଉଦ୍ୟାନ କୃଷି ବିକାଶ ପ୍ରତିଷ୍ଠା :

ଉଦ୍ୟାନକୃଷି ଉପରେ ମଧ୍ୟ ସ୍ୱତନ୍ତ୍ର ଦୃଷ୍ଟି ଦେଇ ଓଡିଶାରେ ପନିପରିବା ଚାଷର ବୃଦ୍ଧି ଏବଂ ଖାଉଟିମାନଙ୍କର ସହଜଲବ୍ଧ ଆବଶ୍ୟକତା ଉଦ୍ଦେଶ୍ୟରେ ଅଚଳ ହୋଇ-ପଡିଥିବା କୋଲ୍ଡ ଷ୍ଟୋରେଜ୍‌ଗୁଡିକୁ ଆର୍ଥିକ ସାହଯ୍ୟ ପ୍ରଦାନ କରି ସକ୍ରିୟ କରାଗଲା ।

ଆଳୁ ଉତ୍ପାଦନ ବୃଦ୍ଧି ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଗ୍ରହଣ କରାଗଲା । ଫଳରେ, ରାଜ୍ୟରେ ଆଳୁ ଉତ୍ପାଦନ ଆଶାତୀତ ଭାବରେ ବୃଦ୍ଧି ପାଇଲା ।

ମାନ୍ୟବର ମୁଖ୍ୟମନ୍ତ୍ରୀ ଜାନକୀବାବୁ ମୋତେ କହିଲେ, ''ଆମ ରାଜ୍ୟର ବହୁ ନଦୀ ଭିତରେ ଯେଉଁଠି ପାଣିର ସ୍ରୋତ କମି ଯାଇଛି ଓ ବାଲିପଠା ରହିଛି, ସେହି ଅଞ୍ଚଳରେ ଆଳୁ, ତରଭୁଜ ଏବଂ ପନିପରିବା ଚାଷ ପାଇଁ ଆଗ୍ରହୀ ଚାଷୀଙ୍କୁ ଉତ୍ସାହିତ କଲେ ଚାଷୀ ଉପକୃତ ହେବେ'' ।

ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଏହି ପ୍ରସ୍ତାବକୁ ମୁଁ ସ୍ୱାଗତ କରି ଆଗ୍ରହୀ ଚାଷୀଙ୍କୁ ସମସ୍ତ ସହଯୋଗ ପ୍ରଦାନ କରିବା ପାଇଁ ବିଭାଗୀୟ ଅଫିସରମାନଙ୍କୁ ପରାମର୍ଶ ଦେଲି । ଫଳରେ, ବହୁ ନଦୀଶଯ୍ୟାର ବାଲି ପଠାରେ ବୋହି ଯାଉଥିବା ପାଣିକୁ ବ୍ୟବହାର କରି ଚାଷୀ ପନିପରିବା ଓ ତରଭୁଜ ଉତ୍ପାଦନ କଲେ । ତେଣୁ ରାଜ୍ୟରେ ପନିପରିବା ଏବଂ ତରଭୁଜ ଉତ୍ପାଦନ ଆଶାତୀତ ଭାବରେ ବୃଦ୍ଧି ପାଇଲା ।

ଆଳୁ ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ :

ଆଳୁ ଉତ୍ପାଦନ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଗ୍ରହଣ କରାଗଲା । ଆମ ରାଜ୍ୟରେ ଖାଉଟିମାନଙ୍କର ଆବଶ୍ୟକତା ପୂରଣ ପାଇଁ ସେମାନଙ୍କୁ ଉନ୍ନତମାନର ଆଳୁ ବିହନ ଯୋଗାଇଦେଇ ଆଳୁ ଉତ୍ପାଦନ ବୃଦ୍ଧିର କାର୍ଯ୍ୟକ୍ରମମାନ ଗ୍ରହଣ କରାଗଲା ।

ମୋ'ର ଠିକ୍ ମନେ ପଡୁଛି, ଗୋଟିଏ ବର୍ଷ ଚାଷୀଙ୍କୁ ସରକାରୀ ଆଳୁ ବିହନ ଯୋଗାଇ ଦିଆଗଲା । ମାତ୍ର, ତାହା ଚାଷ ପାଇଁ ଉପଯୁକ୍ତ ବିହନ ନ ଥିଲା । ଚାଷୀ ବ୍ୟାଙ୍କଋଣ ନେଇ ଆଳୁ ଚାଷ କଲେ । ମାତ୍ର, ଚାଷ ସଂପୂର୍ଣ୍ଣ ନଷ୍ଟ ହୋଇଗଲା । ଚାଷୀ ମୁଣ୍ଡରେ ହାତମାରି ତାଙ୍କ ସର୍ବସ୍ୱ କ୍ଷତି ହୋଇଯାଇଥିବା ବିଷୟ ସରକାରଙ୍କୁ ଜଣାଇଲେ । ଢେଙ୍କାନାଳ ଜିଲ୍ଲାପାଳ ମଧ୍ୟ ବିହନ ଯୋଗୁଁ ଚାଷୀ କ୍ଷତିଗ୍ରସ୍ତ ହୋଇଛନ୍ତି ବୋଲି ରିପୋର୍ଟ୍ ଦେଲେ ।

ଜିଲ୍ଲାପାଳ ଥିଲେ ମିଷ୍ଟର ଅଗ୍ନିହୋତ୍ରୀ । ଜଣେ ଦକ୍ଷ ଆଇ.ଏ.ଏସ୍ ଅଫିସର । ଜିଲ୍ଲାପାଳଙ୍କ ରିପୋର୍ଟ୍ ପାଇଲା ପରେ ବିଭାଗରେ ତଦନ୍ତ କରି ମୁଁ ସ୍ପଷ୍ଟ ଜାଣି ପାରିଲି, ପ୍ରକୃତରେ ବିହନ ଚାଷ ପାଇଁ ଉପଯୁକ୍ତ ନ ଥିଲା । ସରକାରୀ ଅଫିସର୍ ନିଜ ଦୋଷ-

Source: Author, Digitized by PPRACHIN, SOA

ସ୍ୱୀକାର କରିବା ପାଇଁ ସହଜରେ ପ୍ରସ୍ତୁତ ହୁଅନ୍ତି ନାହିଁ । ଅନ୍ୟ ଉପରେ ଦୋଷ ଲଦି ଖସି ଯାଆନ୍ତି । ସମସ୍ତେ ନିଜ ନିଜ ଦୋଷ ଛଡାଇ ବିଦ୍ୟୁତ ବିଭାଗ ଉପରେ ଦୋଷ ଲଦି ରିପୋର୍ଟ ଦେଲେ । ବିଜୁଳି ବିଭାଗ ମଧ୍ୟ ଉତ୍ତର ଦେଲେ, ଟ୍ରାନ୍ସଫର୍ମର୍ ପୋଡିଯିବା ଫଳରେ ଠିକ୍ ଭାବରେ ଶୀତଳଭଣ୍ଡାରକୁ ବିଜୁଳି ଯୋଗାଇ ଦିଆଯାଇ ପାରିଲା ନାହିଁ । ତେଣୁ କୋଲ୍ଡ ଷ୍ଟୋରେଜ୍‌ରେ ଗଛିତ ପିଣ୍ଡ ଆଳୁ ବିହନର ମାନ ଠିକ୍ ରହିପାରିଲା ନାହିଁ ।

ସମସ୍ତେ ନିଜ ନିଜ ମୁଣ୍ଡରୁ ଦୋଷ ଛଡାଇ ନେଇ ଗଲେ । ମାତ୍ର, ଗରିବ ଚାଷୀ ହିଁ କ୍ଷତିରେ ପଡିଲା । ତାର ସମସ୍ତ ପରିଶ୍ରମ ବୃଥା ହୋଇଗଲା । ଚାଷରୁ ଆୟକରି ଲାଭବାନ୍ ହେବା ଆଶା ସେମାନଙ୍କର ମଉଳି ଗଲା ।

ତେଣୁ ମୁଁ ସିଦ୍ଧାନ୍ତ ନେଲି ଆଳୁ ଚାଷୀଙ୍କ ବ୍ୟାଙ୍କ ଋଣ ସରକାର ବହନ କରିବେ ଏବଂ ଚାଷୀଙ୍କୁ କ୍ଷତିପୂରଣ ଦିଆଯିବ ।

ଚାଷୀଙ୍କ ଆଳୁର କ୍ଷତିକୁ ନେଇ ଜିଲ୍ଲାରେ କୃଷକମାନଙ୍କ ତରଫରୁ ସରକାରଙ୍କ ବିରୁଦ୍ଧରେ ବିକ୍ଷୋଭ ଆରମ୍ଭ ହୋଇଗଲା ।

ଜିଲ୍ଲାର ବିଧାୟିକା ଶ୍ରୀମତୀ ନନ୍ଦିନୀ ଶତପଥୀଙ୍କ ନେତୃତ୍ୱରେ ଚାଷୀମାନେ ଆମ ଅଫିସ୍ ଆସି ଲିଖିତ ଭାବରେ ସେମାନଙ୍କ କ୍ଷତି ଜଣାଇଲେ ଏବଂ ସରକାର ସେମାନଙ୍କ କ୍ଷତିକୁ ଭରଣ କରିବା ସଙ୍ଗେସଙ୍ଗେ ଆର୍ଥିକ ସାହାଯ୍ୟ ପ୍ରଦାନ କରିବାପାଇଁ ଦାବିକଲେ ।

ଶ୍ରୀମତୀ ନନ୍ଦିନୀ ଶତପଥୀ ଆମ ରାଜ୍ୟର ପୂର୍ବତନ ମୁଖ୍ୟମନ୍ତ୍ରୀ । ସେ ଦୃଢ ଭାବରେ କହିଲେ, ‘‘ସରକାରଙ୍କ ଅବହେଳା ଯୋଗୁଁ ଖରାପ ବିହନ ଚାଷୀଙ୍କୁ ଯୋଗାଇବା ଫଳରେ ଚାଷୀ ଆଜି କ୍ଷତିଗ୍ରସ୍ତ’’ ।

ଆଗରୁ ତତ୍କାଳୀନ ଜିଲ୍ଲାପାଳଙ୍କୁ ମଧ୍ୟ ଡକାଇ ଥିଲି, ସେ ମଧ୍ୟ ଉପସ୍ଥିତ ଥିଲେ ।

ମୁଁ ନନ୍ଦିନୀ ଦେବୀଙ୍କୁ କହିଲି, ‘‘ବିହନ ଠିକ୍ ନ ଥିବା ସତ । ତେଣୁ ଯେଉଁ ବିଭାଗୀୟ ଅଧିକାରୀମାନଙ୍କ ଅବହେଳା ପାଇଁ ବିହନ ଖରାପ ହୋଇଛି, ସେମାନଙ୍କ ବିରୁଦ୍ଧରେ ଡିପାର୍ଟମେଣ୍ଟାଲ୍ କାର୍ଯ୍ୟାନୁଷ୍ଠାନ ହେଉଛି’’ ।

ମୋ’ଠୁ ଏତକ ଶୁଣି ଶ୍ରୀମତୀ ନନ୍ଦିନୀ ଦେବୀ କହିଲେ, ‘‘ତମେ ତମ ବିଭାଗର କାର୍ଯ୍ୟାନୁଷ୍ଠାନ ନେବ, କିନ୍ତୁ ଚାଷୀ ନିଶ୍ଚିତ ଭାବରେ କ୍ଷତିଗ୍ରସ୍ତ ହୋଇଛନ୍ତି’’ । ମୁଁ କହିଲି, ‘‘ଚାଷୀଙ୍କ ସମସ୍ତ ବ୍ୟାଙ୍କ ଋଣ ସରକାର ପରିଶୋଧ କରିଦେବେ । ଚାଷୀଙ୍କୁ ମଧ୍ୟ କ୍ଷତି ପୂରଣ ପ୍ରଦାନ କରାଯିବ’’ ।

ମୋ’ଠୁ ଏତକ ଶୁଣି ଢେଙ୍କାନାଳରୁ ଆସିଥିବା ଚାଷୀମାନଙ୍କ ମୁହଁରେ ହସ ଫୁଟି ଉଠିଲା । ନନ୍ଦିନୀ ଦେବୀ ମୋତେ ଦେଖି ଆଶ୍ଚର୍ଯ୍ୟ ହୋଇ କହିଲେ, ‘‘ଚାଷୀ ସିଧା-ସଳଖ କ୍ଷତିପୂରଣ ପାଇବା ଏତ ନୂଆକଥା’’ ।

Source: Author, Digitized by PPRACHIN, SOA

ମୁଁ ହସି କହିଲି, ''ଆଳୁଚାଷୀଙ୍କ କ୍ଷତି ଏବଂ ଆଳୁ ବିହନ ଯୋଗାଣରେ ସରକାରଙ୍କ ଅବହେଳା ସ୍ପଷ୍ଟ ହେଲାପରେ ଚାଷୀଙ୍କୁ କ୍ଷତିପୂରଣ ଦେବାର ଯଥାର୍ଥତା ଅଛି । ମ୍ୟାଡ୍‌ମ! ଆପଣ ଆମ ରାଜ୍ୟର ମୁଖ୍ୟମନ୍ତ୍ରୀ ଥିଲେ । ଆପଣଙ୍କ ଅମଳରେ ନିର୍ଦ୍ଦିଷ୍ଟ ପନିପରିବା ଚାଷର କ୍ଷତି ପାଇଁ ଚାଷୀମାନଙ୍କୁ ସିଧାସଳଖ କ୍ଷତିପୂରଣ ବାବଦରେ କେବେ ଆର୍ଥିକ ସାହାଯ୍ୟ ଦେଇ ଥିଲେ କି ? ଅବଶ୍ୟ ମରୁଡି ଅବା ବନ୍ୟାରେ କ୍ଷତି ହେଲେ ଚାଷୀଙ୍କ ଧାନଚାଷ ପାଇଁ ସାହାଯ୍ୟ ସହଯୋଗ ଦିଆଯାଇଥାଏ । ତାହା ମଧ୍ୟ ସମୁଦ୍ରକୁ ଶଙ୍ଖେ ପାଣି ସଦୃଶ । ଏ ରାଜ୍ୟ ଚାଷୀଙ୍କ ରାଜ୍ୟ । ଚାଷୀଙ୍କର କ୍ଷତି ସରକାରଙ୍କର କ୍ଷତି । ତେଣୁ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ଦେବା ପାଇଁ ସ୍ଥିରକରି ଜିଲ୍ଲାପାଳଙ୍କୁ ମଧ୍ୟ ନିର୍ଦ୍ଦେଶ ଦିଆ ଯାଇଛି'' ।

ଜିଲ୍ଲାପାଳ ମଧ୍ୟ ସମ୍ମତି ପ୍ରଦାନ କରି ନନ୍ଦିନୀ ଦେବୀଙ୍କୁ ସବୁ କଥା ଜଣାଇଲେ । ନନ୍ଦିନୀ ଦେବୀ କହିଲେ, ''ରାସବିହାରୀ! ତୁମେ ଜଣେ ଚାଷୀ ପରିବାରର ଲୋକ । ତେଣୁ ଚାଷୀଙ୍କ ଦରଦ ବୁଝି ଚାଷୀଙ୍କୁ ସିଧା କ୍ଷତିପୂରଣ ଦେବା କଥା ଘୋଷଣା କରୁଛ । ଏହା ଏକ ନୂଆ କଥା ଏବଂ ବାସ୍ତବିକ୍ ପ୍ରଶଂସନୀୟ ପଦକ୍ଷେପ'' ।

ସେ ଉଠି ପଡିବାପରେ ମୁଁ ମଧ୍ୟ ଉଠି ପଡିଲି । ସେ ହିଁ ମୋତେ କହିଲେ, ''ରାସବିହାରୀ! ଲୋକଙ୍କ ପ୍ରତି ଦରଦ ରଖି ତୁମେ ତୁମ କାମରେ ଆଗେଇ ଚାଲ । ମୋ'ର ସମସ୍ତ ଆଶୀର୍ବାଦ ତୁମ ପ୍ରତି ଅଛି'' ।

ମୁଁ ତାଙ୍କୁ ନମସ୍କାର ଜଣାଇ ଗେଟ୍ ପର୍ଯ୍ୟନ୍ତ ଯାଇ ବିଦାୟ ଦେଲି ।

ସମବାୟ ସଂସ୍କାର :

କୃଷି ବିଭାଗ ସହିତ ସମବାୟ ବିଭାଗର ଦାୟିତ୍ୱ ମଧ୍ୟ ଗୁରୁତ୍ୱପୂର୍ଣ୍ଣ । ମାତ୍ର, ଆମ ରାଜ୍ୟରେ ସମବାୟ ବିଭାଗ ଅତି ଶୋଚନୀୟ ଅବସ୍ଥାରେ ପଡି ରହିଥାଏ । ତାର କାର୍ଯ୍ୟ ପ୍ରଣାଳୀରେ ମଧ୍ୟ ମୁଁ ସନ୍ତୁଷ୍ଟ ନ ଥିଲି । ବିଭାଗର ରେଜିଷ୍ଟ୍ରାର୍ ଏଲ. କିଣ୍ଡୋ ଥାନ୍ତି । ସେ ପୂର୍ବରୁ କଳାହାଣ୍ଡି ଜିଲ୍ଲାପାଳ ରୂପେ କାର୍ଯ୍ୟ କରିଛନ୍ତି । ସେ ଜଣେ ସକ୍ରିୟ, ନିଷ୍ଠାବାନ ଓ କର୍ତ୍ତବ୍ୟ ପରାୟଣ ବ୍ୟକ୍ତି ।

ତାଙ୍କୁ ଡାକି ସମବାୟ ବିଭାଗର ସମସ୍ୟା ଶୁଣିଲି । କୃଷି ବିଭାଗର ସେକ୍ରେଟାରୀ ଥା'ନ୍ତି କେ. ବି. ବର୍ମା । ସେ ମଧ୍ୟ ଆଗରୁ କଳାହାଣ୍ଡି ଜିଲ୍ଲାପାଳ ରୂପେ କାର୍ଯ୍ୟ କରିଛନ୍ତି । ସେ ଜିଲ୍ଲାପାଳ ଥିବା ସମୟରେ ଆଦିବାସୀ ବହୁଳ ଥୁଆମୂଳ-ରାମପୁର ବ୍ଲକ୍‌ରେ ବିରାଟକାୟ ଆଳୁ ଉତ୍ପାଦନ କରି ଜିଲ୍ଲା ତଥା ରାଜ୍ୟରେ ଚହଳ ପକାଇ ଦେଇଥିଲେ । ଆଦିବାସୀ ବହୁଳ ପାର୍ବତ୍ୟ ଅଞ୍ଚଳରେ ଆଳୁ ଚାଷ ଉତ୍ପାଦନ ନୂଆ ।

Source: Author, Digitized by PPRACHIN, SOA

ଆଗରୁ ଆଳୁ ଚାଷ କେବେ କରାଯାଇ ନ ଥିଲା । କଳାହାଣ୍ଡି ଜିଲ୍ଲାରେ ମଧ୍ୟ ଆଳୁ ଉତ୍ପାଦନ ପାଇଁ ପୂର୍ଣ୍ଣ ସୁଯୋଗ ଅଛି । ପିଆଜ, ଚିନାବାଦାମ ଉତ୍ପାଦନ ପାଇଁ ମଧ୍ୟ କଳାହାଣ୍ଡି, ବଲାଙ୍ଗିର ଜିଲ୍ଲା ପ୍ରଭୃତି ଉପଯୁକ୍ତ କ୍ଷେତ୍ର ।

ମିଷ୍ଟର୍ ବର୍ମା ମଧ୍ୟ କୃଷି ସମ୍ବନ୍ଧୀୟ ଶିକ୍ଷା ପ୍ରାପ୍ତ ଆଇ.ଏ.ଏସ୍. । ସେ ସମବାୟ ବିଭାଗର ଉତ୍‌ଥାନ ପାଇଁ କେତେ ସୁଚିନ୍ତିତ ମତ ପ୍ରଦାନ କଲେ । ନାବାର୍ଡ ସହ ଆଲୋଚନା କରି ସମବାୟ ବିଭାଗରେ ନୂତନ ଜୀବନ ସଂଚାର କରିବା ପାଇଁ ଉଦ୍ୟମ ଜାରି ରଖିଲି । ଚାଷୀ ସମବାୟ ବିଭାଗର ଋଣ ନେଇ ଆଉ ଋଣ ପରିଶୋଧ କରୁ ନଥାନ୍ତି । ଦିନକୁ ଦିନ ସମବାୟ ବିଭାଗର ଆର୍ଥିକ ପରିସ୍ଥିତି ଅତି ଶୋଚନୀୟ ହୋଇ ପଡିଥାଏ । ତେଣୁ ଚାଷୀ ମଧ୍ୟ ଋଣ ପାଇପାରୁ ନ ଥା'ନ୍ତି । ସୋସାଇଟି ଋଣ ନେଇଥିବା ଚାଷୀମାନଙ୍କ ମଧ୍ୟରୁ ଅଧାରୁ ଅଧିକ ଚାଷୀ ଋଣ ପରିଶୋଧ ନ କଲେ ସେହି ସମବାୟ ବିଭାଗ (ଏଲିଜିବଲ୍) କାର୍ଯ୍ୟକ୍ଷମ ହୋଇ ପାରୁ ନ ଥିଲା । ସମବାୟର ନିୟମ, ''ଜଣେ ସମସ୍ତଙ୍କ ପାଇଁ ଏବଂ ସମସ୍ତେ ଜଣକ ପାଇଁ'' । ସୋସାଇଟି ଋଣ ନେଇଥିବା ଚାଷୀମାନଙ୍କ ମଧ୍ୟରେ ସମବାୟ ବିଭାଗପ୍ରତି ମୋହ ତୁଟିତୁଟି ଆସୁଥାଏ । ଅନେକ ଚାଷୀ ଋଣ ପରିଶୋଧ ପାଇଁ ଆଗ୍ରହୀ ହେଲେ ମଧ୍ୟ ଋଣ ତ ପୁଣି ମିଳିବ ନାହିଁ, ଏହି ଆଶଙ୍କାରେ ଆଉ କାହିଁକି ଋଣ ପରିଶୋଧ କରିବୁ ବୋଲି ଭାବୁଥିଲେ । ଚାଷୀଙ୍କ ମଧ୍ୟରେ ଏହି ଭଳି ମନୋଭାବ ସୃଷ୍ଟି ହୋଇ ସୋସାଇଟି ଋଣ ଆଉ ଆଦାୟ ହୋଇ ପାରୁ ନ ଥିଲା । ସୋସାଇଟି ସବୁ ଅଚଳ ହୋଇ ପଡିଥିଲା ।

ଗୋଟିଏ ସୋସାଇଟିରୁ ଋଣ ନେଇଥିବା ଅଧାରୁ ଅଧିକ ଚାଷୀ ଋଣ ପରିଶୋଧ କଲେ, ସେଇ ସୋସାଇଟି କାର୍ଯ୍ୟକ୍ଷମ ବୋଲି ଧରାଯାଉଥିବା ନିୟମକୁ ମୁଁ ପସନ୍ଦ କରି ପାରିଲି ନାହିଁ । ତେଣୁ ନିୟମର ପରିବର୍ତ୍ତନ ପାଇଁ ମୋ'ର ଦୃଢ଼ ମତ ପ୍ରଦାନ କଲି । ଅବଶ୍ୟ ବିଭାଗୀୟ ଅଫିସର୍‌ମାନେ ସହମତ ହୋଇପାରୁ ନ ଥିଲେ । ମାତ୍ର, ମୋର ସ୍ପଷ୍ଟ ମତ ଜାଣିଲା ପରେ ସମସ୍ତେ ପରୀକ୍ଷା ମୂଳକ ଭାବରେ ମୋ'ର ମତ ସହ ସହମତ ପ୍ରଦାନ କଲେ ।

ଯେଉଁ ଚାଷୀ ଋଣ ପରିଶୋଧ କରିବ, ନିଶ୍ଚିତ ଭାବେ ପୁଣି ଋଣ ପାଇ ପାରିବ । ସମୟର ଆବଶ୍ୟକତା ଦୃଷ୍ଟିରୁ ପୁରୁଣା ନିୟମର ମଧ୍ୟ ପରିବର୍ତ୍ତନ ଆବଶ୍ୟକ । ଆଉ ଏକ ଘୋଷଣା କରାଗଲା, ଯେଉଁ ଚାଷୀ ନିର୍ଦ୍ଦିଷ୍ଟ ସମୟ ସୀମା ପୂର୍ବରୁ ଋଣ ପରିଶୋଧ କରିବ ସେ ୩ ପ୍ରତିଶତ ରିହାତି ପାଇବ ।

ଏହିଭଳି ସଂସ୍କାର ମୂଳକ କାର୍ଯ୍ୟକ୍ରମ ଗ୍ରହଣ କରିବା ଫଳରେ, ବାକି ପଡିଥିବା ବହୁ ଋଣ ଆଦାୟ ହୋଇ ସମବାୟ ବିଭାଗର ଆର୍ଥିକ ପରିସ୍ଥିତି ସୁଧାରିବାକୁ ଲାଗିଲା ।

Source: Author, Digitized by PPRACHIN, SOA

ସେତେବେଳେ ତିନି ପ୍ରତିଶତ ରିହାତି ଚାଷୀଙ୍କୁ ବିଶେଷ ଉତ୍ସାହିତ କଲା ।

ଚାଷୀ ତାର ସୁଯୋଗ ନେଇ ଋଣ ପରିଶୋଧ କରି ଦେଉଥିଲେ ।

ଚାଷୀଙ୍କ ଋଣ ଆଦାୟ ବେଳେ ସମବାୟବିଭାଗର କର୍ମଚାରୀ, ଖିଲାପୀ ଚାଷୀଙ୍କ ଘରକୁ କ୍ରୋକ୍ କରି ତାର ଅସ୍ଥାବର ସମ୍ପତ୍ତି ଯଥା– ଶଗଡ ଗାଡି, ବଳଦ ପ୍ରଭୃତିକୁ ନିଲାମ୍ କରି ଅବା ବିକ୍ରି କରିଦେବା ଭଳି ଅମାନବିକ କାର୍ଯ୍ୟକୁ ମୁଁ ନାପସନ୍ଦ କରି ନିର୍ଦ୍ଦେଶ ଦେଲି । ଯେଉଁ କର୍ମଚାରୀ ଏଭଳି କାର୍ଯ୍ୟ କରିବେ ତାଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ମଧ୍ୟ ଗ୍ରହଣ କରାଗଲା । ଫଳରେ, ଚାଷୀ ଆଶ୍ୱସ୍ତହେଲେ ଏବଂ ସମବାୟ ବିଭାଗର କର୍ମଚାରୀମାନଙ୍କ ଦୌରାତ୍ମ୍ୟ ମଧ୍ୟ ବନ୍ଦହେଲା । ଲୋକଙ୍କ ସମବାୟ ବିଭାଗ ପ୍ରତି ଆସ୍ଥା ବୃଦ୍ଧି ପାଇଲା ।

ସମବାୟ ବିଭାଗରେ ଚାଲି ରହିଥିବା ବିଶୃଙ୍ଖଳା ମନୋଭାବ ବଦଳରେ ସହଯୋଗ ମନୋଭାବ ସୃଷ୍ଟି କରାଗଲା । ଏକ ନୂତନ ବାତାବରଣ ସୃଷ୍ଟି ହେଲା । ଫଳରେ, ଚାଷୀମାନେ ମଧ୍ୟ ସମବାୟ ବିବାଗକୁ ନିଜ ଅନୁଷ୍ଠାନ ବୋଲି ମନେ କଲେ ।

ତଥାପି ମୁଁ ଏତିକିରେ ସନ୍ତୁଷ୍ଟ ହେଲି ନାହିଁ । ମୋତେ ସମବାୟ ବିଭାଗ ପାଇଁ ଅନେକ କାର୍ଯ୍ୟକ୍ରମ ଗ୍ରହଣ କରିବାକୁ ପଡିବ ବୋଲି ଭାବି ବିଭାଗୀୟ କର୍ମକର୍ତ୍ତାମାନଙ୍କୁ କାର୍ଯ୍ୟରେ ନିୟୋଜିତ କରିବାରୁ ଏବଂ ସୋସାଇଟି ଗୁଡିକ ଚଳଚଞ୍ଚଳ ହେବା ଫଳରେ ଅନେକ କ୍ଷେତ୍ରରେ ଆମକୁ ସଫଳତା ମିଳିଥିଲା ।

ଏକ ସ୍ଥାଣୁ, ନିଷ୍କ୍ରିୟ, ଅନୁଷ୍ଠାନକୁ ସକ୍ରିୟ କରିବା କଷ୍ଟସାଧ୍ୟ, ମାତ୍ର ଅସମ୍ଭବ ନୁହେଁ । ତାକୁ ନୂଆ ଦିଶା ଦେବା ପାଇଁ ପ୍ରଗାଢ ଉଦ୍ୟମ ଜାରି ରହିଲା ।

ଦିନକୁ ଦିନ ରାଜ୍ୟର ରାଜନୈତିକ ରୂପରେଖ ମଧ୍ୟ ବଦଳି ଚାଲିଥାଏ । ଭଜମନ ବେହେରା ଅନୁସୂଚିତ ଜାତି ଓ ଜନଜାତି ବିଭାଗର ମନ୍ତ୍ରୀ ଥିଲେ । ସେ ଇସ୍ତଫା ଦେଇ ଜନତା ଦଳରେ ଯୋଗଦେଲେ । ତାର କିଛି ଦିନ ପରେ, ସ୍ୱାସ୍ଥ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳ ମଧ୍ୟ ଇସ୍ତଫା ଦେଲେ । ମୁଖ୍ୟମନ୍ତ୍ରୀଙ୍କ ସହ ତାଙ୍କ ସଂପର୍କ ଭଲ ନଥିବା ଦୃଷ୍ଟିରୁ ଏବଂ ତାଙ୍କ ସହ ଅମେଳ ହେବା ଫଳରେ ସେ ମଧ୍ୟ ଇସ୍ତଫା ଦେଇ ଦେଲେ ।

ତେଣୁ ମୁଖ୍ୟମନ୍ତ୍ରୀ ମୋତେ ଅନୁସୂଚିତ ଜାତି ଓ ଜନଜାତି ବିଭାଗର ଅତିରିକ୍ତ ଦାୟିତ୍ୱ ଅର୍ପଣ କଲେ । ଶିକ୍ଷାମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକଙ୍କୁ ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ଦାୟିତ୍ୱ ଅର୍ପଣ କଲେ । ତା.୦୬. ୦୨.୧୯୮୭ରେ ଏହି ବିଭାଗର ଅତିରିକ୍ତ ଦାୟିତ୍ୱ ମୁଁ ଗ୍ରହଣ କଲି ।

କୃଷି ସମବାୟ ବିଭାଗ ସହିତ ଅନୁସୂଚିତ ଜାତି ଓ ଜନଜାତି ବିଭାଗର ଦାୟିତ୍ୱ ଗ୍ରହଣ କଲାପରେ ମୋ'ର ଦାୟିତ୍ୱ ବୃଦ୍ଧି ପାଇଲା । ମୋତେ ଅଧିକ ସମୟ

Source: Author, Digitized by PPRACHIN, SOA

ଦେବାକୁ ପଡିଲା ।

ଆଦିବାସୀ ବିଭାଗର ସେକ୍ରେଟାରୀଙ୍କ ସହ ବସି ବିଭାଗୀୟ ସମସ୍ୟାମାନ ବୁଝି ସେଗୁଡିକର ପ୍ରତିକାର ପାଇଁ ଉଦ୍ୟମ ଆରମ୍ଭ କଲି ।

ସେମାନଙ୍କ ଆର୍ଥିକ ପରିସ୍ଥିତିର ଉନ୍ନତି ଏବଂ ଶିକ୍ଷାର ବିକାଶ ପାଇଁ ପ୍ରାଧାନ୍ୟଦେଇ ମୁଁ ମୋ'ର କାର୍ଯ୍ୟଧାରାକୁ ସେହି ଦିଗରେ ଆଗେଇନେବା ପାଇଁ ଉଦ୍ୟମ ଜାରି ରଖିଲି ।

ଯେଉଁ ଆଦିବାସୀ ଚାଷୀମାନେ ସମବାୟ ବିଭାଗର 'ଲ୍ୟାମ୍ପସରୁ' ୨୦୦ ଟଙ୍କାରୁ ୧୦୦୦ଟଙ୍କା ପାର୍ଯ୍ୟନ୍ତ ଋଣ ନେଇ ଋଣ ଶୁଝିପାରୁ ନ ଥା'ନ୍ତି ଏବଂ ସେମାନଙ୍କ ନାମରେ ଋଣ ସହ ସୁଧ ବୃଦ୍ଧି ପାଇବାରେ ଲାଗିଥାଏ, ସେମାନେ ଋଣ ପରିଶୋଧ କରି ପାରୁନଥିବା ଯୋଗୁଁ ନୂତନ ଋଣ ମଧ୍ୟ ପାଇପାରୁ ନ ଥା'ନ୍ତି । ଏହିଭଳି ଗରିବ ଚାଷୀମାନଙ୍କ ହିସାବ ବାହାର କରିବା ସଙ୍ଗେ ସଙ୍ଗେ ସେମାନଙ୍କ ଘରର ଆସବାବ ପତ୍ରର ମୂଲ୍ୟାଙ୍କନ କରିବା ପାଇଁ ଆଦିବାସୀ ବିଭାଗ ଏବଂ ସମବାୟ ବିଭାଗକୁ ନିର୍ଦ୍ଦେଶ ଦେଲି । ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ରିପୋର୍ଟ ଆସି ପହଞ୍ଚିଗଲା ।

ପ୍ରାୟ ଦଶହଜାରରୁ ଊର୍ଦ୍ଧ୍ୱ ଚାଷୀ ଋଣ ଖିଲାପୀ ଅଛନ୍ତି । ସେମାନଙ୍କ ଘରର ଆସବାବ ପତ୍ର ଯଥା – ରସର ଡେକ୍‌ଚି, ଥାଳି ପ୍ରଭୃତି ସଂପତ୍ତି ୫୦୦ଟଙ୍କାରୁ ମଧ୍ୟ ଊର୍ଦ୍ଧ୍ୱ ହେବ ନାହିଁ । ଏହିଭଳି ଗରିବ, ନିରୀହ ଚାଷୀମାନଙ୍କ ଋଣ ସରକାର ବହନ କରି ସେମାନଙ୍କ ଋଣ ପରିଶୋଧ କରିଦେଇ ନୂତନ ଋଣ ନେବାର ସୁଯୋଗ ସୃଷ୍ଟି କଲେ ସେମାନେ ଚାଷ କାର୍ଯ୍ୟରେ ନିଜକୁ ବିନିଯୋଗ କରି ନିଜର ଅର୍ଥନୈତିକ ଉନ୍ନତି କରିପାରିବେ । ଋଣ ସୁଧ ମିଶି ପ୍ରାୟ ଛଅକୋଟି ଟଙ୍କା ପରିଶୋଧ କରିବାକୁ ପଡିବ ।

ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ବିଭାଗ, ସମବାୟ ବିଭାଗକୁ ଋଣ ପରିଶୋଧ ପୂର୍ବକ ଗରିବ ଚାଷୀଙ୍କୁ ଋଣମୁକ୍ତ କରି ନୂଆଋଣ ଯୋଗାଇବାରେ ସହାୟକ ହେବାପାଇଁ ନିର୍ଦ୍ଦେଶ ଦିଆଗଲା । ଏହି ମର୍ମରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଜାନକୀବଲ୍ଲଭ ପଟ୍ଟନାୟକଙ୍କୁ ସମସ୍ତ ହିସାବ ସହ ସମସ୍ତ ତଥ୍ୟ ଲିଖିତ ଭାବରେ ଜଣାଇଦେଲି । ମୋ' ସହିତ ତଥା ଉଭୟ ବିଭାଗର କର୍ମକର୍ତ୍ତାମାନଙ୍କ ସହିତ ଆଲୋଚନା କରି ମାନ୍ୟବର ମୁଖ୍ୟମନ୍ତ୍ରୀ ଆମ ପ୍ରସ୍ତାବ ଗ୍ରହଣ କରି ଅନୁମତି ପ୍ରଦାନ କଲେ ।

ଏହିଭଳି କ୍ଷୁଦ୍ର ଏବଂ ନାମମାତ୍ର ଗରିବ ଚାଷୀଙ୍କୁ ଋଣମୁକ୍ତ କରି ପୁନଃ ଋଣ ପାଇବାରେ କ୍ଷମ କରାଯାଇ ପାରିଥିଲା ।

ଏତଦ୍ୱାରା ସମବାୟ ବିଭାଗର ଡେଡ୍ ମନି ଆଦାୟ ହୋଇ ବିଭାଗର ଆର୍ଥିକ ପରିସ୍ଥିତିର ଉନ୍ନତି ଘଟିଲା ଏବଂ ନାମମାତ୍ର ଗରିବ ଆଦିବାସୀ ଚାଷୀମାନେ ଉପକୃତ ହୋଇ ନୂତନ ଉତ୍ସାହରେ ଚାଷ କାର୍ଯ୍ୟରେ ଲାଗି ଯାଇଥିଲେ ।

Source: Author, Digitized by PPRACHIN, SOA

ଚିନିକଳଗୁଡିକୁ ପ୍ରୋତ୍ସାହନ ପ୍ରଦାନ :

ସମବାୟ ବିଭାଗର ଚିନିକଳମାନଙ୍କୁ ମଧ୍ୟ ପ୍ରୋତ୍ସାହନ ଯୋଗାଇ ଦେଇ ଆଖୁ ଉତ୍ପାଦନ ବୃଦ୍ଧି କରିବା ସଙ୍ଗେ ସଙ୍ଗେ ଆଖୁ କଳଗୁଡିକ ଯେମିତି ଆର୍ଥିକ ଦୃଷ୍ଟିରୁ ଲାଭବାନ ହୋଇ ପାରିବେ ସେହିଭଳି ବହୁ କାର୍ଯ୍ୟକ୍ରମ ଗ୍ରହଣ କରାଗଲା । ଓଡିଶାର ସବୁଠୁ ପୁରାତନ ଚିନିକଳ ହେଉଛି ଆସ୍କା ଚିନିକଳ । ବ୍ରିଟିଶ୍ ଅମଳରୁ ଏହି ଚିନିକଳ ପ୍ରତିଷ୍ଠିତ ହୋଇଛି । ମିଚନ ସାହେବ ଏହାର ପରିଚାଳନା ଦାୟିତ୍ୱରେ ଥିଲେ । ତାର ସଂପ୍ରସାରଣ କାର୍ଯ୍ୟ ତ୍ୱରାନ୍ୱିତ କରାଯାଇ ଅଧିକ ଉତ୍ପାଦନକ୍ଷମପାଇଁ ବହୁ କାର୍ଯ୍ୟକ୍ରମ ଗ୍ରହଣ କରାଗଲା ।

(କ) ଆସ୍କା ଚିନିକଳ :

ବିଶେଷତଃ, ଆସ୍କା ଅଞ୍ଚଳରେ ବାମପନ୍ଥୀ ଦଳମାନଙ୍କ ଶ୍ରମିକ ତଥା ଚାଷୀମାନଙ୍କ ଉପରେ ଅଧିକ ପ୍ରଭାବ ଥିବା ଯୋଗୁଁ ସେମାନେ ଧର୍ମଘଟ ଡାକରା ଦେଇ ଆଖୁ କୁଇଣ୍ଟାଲ୍ ଦର ବୃଦ୍ଧି କରିବା ପାଇଁ ଦାବି କରିଥାନ୍ତି । ଆସ୍କାର ପୂର୍ବତନ ଲୋକସଭା ସଦସ୍ୟ ଗତିକୃଷ୍ଣ ପଣ୍ଡାଙ୍କ ଶ୍ରମିକ ଏବଂ ଚାଷୀମାନଙ୍କ ଉପରେ ଅଧିକ ପ୍ରଭାବ ଥିବା ଯୋଗୁଁ ଧର୍ମଘଟ ଡାକରା ଦେଇ ସେ ସରକାରଙ୍କ ଉପରେ ଚାପ ପ୍ରଦାନ କରନ୍ତି ।

ଆଖୁ ଦର ଯାହା ନିର୍ଦ୍ଧିଷ୍ଟ ହୋଇଛି, ଅଧିକ ଟ.୨୦ଙ୍କା କୁଇଣ୍ଟାଲ୍ ପ୍ରତି ଦେବା ପାଇଁ ସେ ସରକାରଙ୍କ ଉପରେ ଚାପ ପକାଇ ଧର୍ମଘଟ ଡାକରା ଦେଇଥାନ୍ତି ।

ମୁଁ ରେଜିଷ୍ଟ୍ରାର୍‌ଙ୍କୁ ଆସ୍କା ପଠାଇ ଆବଶ୍ୟକ ପଡିଲେ କୁଇଣ୍ଟାଲ୍ ପ୍ରତି ୧୦ଟଙ୍କା ବୃଦ୍ଧି କରାଯାଇ ପାରେ ବୋଲି ମୋ'ର ମତ ଦେଲି । ମାତ୍ର, ଆସ୍କା ଚିନିକଳ ମେନେଜିଙ୍ଗ ଡାଇରେକ୍ଟର୍ ମିଷ୍ଟର୍ ଜାମୁଡା ଆଇ.ଏ.ଏସ୍. ଅଫିସର୍, ‘‘ଅଧିକ ଟଙ୍କା ଦେଲେ ଚିନିକଳର ଆର୍ଥିକ କ୍ଷତି ଘଟିବ’’ ବୋଲି ମତ ପୋଷଣ କଲେ ।

ମୁଁ ପୁଣି କହିଲି, ‘‘ଆଖୁ ଚାଷୀମାନେ ଧର୍ମଘଟ ଚାଲୁ ରଖିଲେ, ଚିନିକଳ ଅଚଳ ହୋଇଯିବ ଓ ଚିନିକଳର ମଧ୍ୟ ଆର୍ଥିକ କ୍ଷତି ଘଟିବ । ତେଣୁ ସେମାନଙ୍କ ସହିତ ନେଗୋସିଏସନ୍ କରି ଚାଷୀଙ୍କୁ ଅଧିକ ୧୦ଟଙ୍କା କୁଇଣ୍ଟାଲ୍ ପ୍ରତି ଦେଇ ଚିନିକଳକୁ ଚଳାଇ ରଖିବା ଶ୍ରେୟସ୍କର ହେବ’’ ।

ଧର୍ମଘଟ କରି ଚିନିକଳର ଉପାର୍ଜନକୁ ବନ୍ଦ କରିବା ଧର୍ମଘଟକାରୀମାନଙ୍କ ଉଦ୍ଦେଶ୍ୟ । ଚିନିକଳର ସଂପ୍ରସାରଣ ମଧ୍ୟ ଠିକ୍ ସମୟସୀମା ମଧ୍ୟରେ ହୋଇପାରିବ ନାହିଁ । ତେଣୁ ଆମକୁ ପ୍ରତିହତ କରିବାକୁ ପଡିବ ।

ରେଜିଷ୍ଟ୍ରାର୍ ମିଷ୍ଟର୍ କିଣ୍ଡୋ ଆସ୍କା ଯାଇ ଆଖୁଚାଷୀମାନଙ୍କ ସହିତ ଆଲୋଚନା କରି ସମାଧାନ କରିବା ପାଇଁ ଉଦ୍ୟମ ଜାରି ରଖିଲେ । ବହୁ ଆଲୋଚନା ପରେ

Source: Author, Digitized by PPRACHIN, SOA

କୁଇଣ୍ଟାଲ୍ ପ୍ରତି ଆଉ ଦଶ ଟଙ୍କା ଅଧିକ ପାଇଲା ପରେ ଆଖୁ ଚାଷୀମାନେ ଖୁସି ହୋଇ ଧର୍ମଘଟ ପ୍ରତ୍ୟାହାର କରିନେଲେ । ତାହା ଆଞ୍ଚଳିକ ରେଡିଓରେ ସେହି ଦିନ ଘୋଷଣା ହୋଇଗଲା ।

ତା' ପରଦିନ ମୁଁ ଆସ୍କା ଯାଇ ଚିନିକଳର ସଂପ୍ରସାରଣ କାର୍ଯ୍ୟର ଶୁଭାରମ୍ଭ କଲି । ରାଜନୈତିକ ଫାଏଦା ପାଇଁ ଧର୍ମଘଟ ଡାକରା ଦେଇଥିବା ନେତାମାନଙ୍କ ସମସ୍ତ ଉଦ୍ୟମ ପଣ୍ଡ ହୋଇଗଲା । ଆସ୍କା ଚିନିକଳର ଚାଷୀ, ଶ୍ରମିକ ତଥା ସାଧାରଣ ଜନତାଙ୍କ ବିରାଟ ସମାବେଶରେ ଯୋଗଦେଇ ଚିନିକଳର ସଂପ୍ରସାରଣ କାର୍ଯ୍ୟକ୍ରମର ଶୁଭାରମ୍ଭ କଲି । ସେହି ସଭାରେ ମାନ୍ୟବର ଗତିକୃଷ୍ଣ ପଣ୍ଡା ପୂର୍ବତନ ଲୋକସଭା ସଦସ୍ୟ ମଧ୍ୟ ଉପସ୍ଥିତ ଥିଲେ । ସେ ସଭାରେ ଉଦ୍‌ବୋଧନ ଦେଇ ସରକାର ଠିକ୍ ସମୟରେ ଉପଯୁକ୍ତ ପଦକ୍ଷେପ ନେଇଥିବା ଯୋଗୁଁ ସ୍ୱାଗତ କରିଥିଲେ ।

ମୋ'ର ଅଭିଭାଷଣରେ କହିଲି, ''ଆସ୍କା ଚିନିକଳ ଏ ଅଂଚଳର ଆଖୁ ଚାଷୀ ଏବଂ ଶ୍ରମିକମାନଙ୍କ ଚିନିକଳ । ଏହାର ଲାଭହେଲେ ସେମାନଙ୍କ ଲାଭ, କ୍ଷତି ହେଲେ ସେମାନଙ୍କ କ୍ଷତି ହେବ । ଆସ୍କା ଚିନିକଳର ଆଖୁଚାଷୀମାନେ ଭାରତ ବର୍ଷରେ ସବୁଠାରୁ ଅଧିକ ଆଖୁ ଦର ପାଉଛନ୍ତି'' । ମୁଁ ଏକ ତାଲିକା, କେଉଁ ରାଜ୍ୟରେ କେତେ ଟଙ୍କା ଚାଷୀ ପାଉଛନ୍ତି ତାହା ପ୍ରଦାନ କଲି । ''ଚାଷୀମାନଙ୍କ ଏବଂ ଶ୍ରମିକମାନଙ୍କ ସ୍ୱାର୍ଥ ପାଇଁ ଚିନିକଳ ପ୍ରତିଷ୍ଠା ହୋଇଛି । ତେଣୁ ତାକୁ ସଂପ୍ରସାରଣ କରାଯାଇ ଅଧିକ ଆଖୁ ପେଡିବା ପାଇଁ ଆଜି ଆମେ କାର୍ଯ୍ୟକ୍ରମର ଶୁଭାରମ୍ଭ କରୁଛୁ'' । ମୋ'ର ଭାଷଣ ଶୁଣୁ ଶୁଣୁ ସଭାରେ ଉପସ୍ଥିତ ହଜାର ହଜାର ଚାଷୀ ଶ୍ରମିକ କରତାଳି ଦେଇ ମୋ'ର ଘୋଷଣାକୁ ସ୍ୱାଗତ କଲେ ।

ମୁଁ ପୁଣି କହିଲି, ''ଆଜି ପର୍ଯ୍ୟନ୍ତ ଅଞ୍ଚଳର ଆଖୁ ଚାଷୀମାନେ ଏହି ଚିନିକଳର ସମୃଦ୍ଧିରେ ମୁଖ୍ୟ ଭୂମିକା ନିଭାଇଛନ୍ତି । ତେଣୁ ଚିନିକଳର ସମୃଦ୍ଧିରେ ସେହିମାନେ ହିଁ ପ୍ରଥମ ଭାଗୀଦାର । ସେଥିପାଇଁ ସେମାନଙ୍କ ଆର୍ଥିକ ଉନ୍ନତି ସହ ଚିନିକଳ ଯୋଡି ହୋଇ ରହିଛି ।

ଆଖୁ ଚାଷୀମାନଙ୍କଠୁ ଆଖୁ ସଂଗ୍ରହ କରି ଅଞ୍ଚଳର ହଜାର ହଜାର ଟ୍ରକ୍ ଏବଂ ଶ୍ରମିକମାନେ ମଧ୍ୟ ଆଖୁକଳର ଉତ୍ପାଦନରେ ସହାୟକ ହୋଇଛନ୍ତି । ତେଣୁ ଆଖୁଚାଷୀ, ଶ୍ରମିକ, ଟ୍ରକ୍‌ମାଲିକ, ନିଷ୍ଠାପର କର୍ମକର୍ତ୍ତାବୃନ୍ଦ ସମସ୍ତେ ଚିନିକଳ ସହିତ ଓତଃପ୍ରୋତ ଭାବରେ ଜଡିତ । ତେଣୁ ଏହାର ଭବିଷ୍ୟତ ଉନ୍ନତି ସମସ୍ତଙ୍କ କାମ୍ୟହେବା ଉଚିତ'' ।

ମୋ'ର ଭାଷଣ ଶୁଣି ଉପସ୍ଥିତ ଚାଷୀ, ଶ୍ରମିକ, ଟ୍ରକ୍ ମାଲିକବୃନ୍ଦ, ସାଧାରଣ ଜନତା କରତାଳି ଦେଇ ପ୍ରସ୍ତାବିତ କାର୍ଯ୍ୟକ୍ରମକୁ ସ୍ୱାଗତ କଲେ । ଚିନିକଳ ସଂପ୍ରସାରଣ

Source: Author, Digitized by PPRACHIN, SOA

ଯୋଗୁଁ ସଭିଙ୍କ ମନରେ ଏକ ଆନନ୍ଦ ଉଲ୍ଲାସ ଖେଳି ଯାଇଥାଏ । କିଛି ଦିନ ପୂର୍ବରୁ ଖେଳି ରହିଥିବା ଆଶଙ୍କା ଓ ଅନିଶ୍ଚିତ ବାତାବରଣ ଏହିଭଳି ହର୍ଷଉଲ୍ଲାସ ମଧ୍ୟରେ ଗଡି ଚାଲିଥିବା ଯୋଗୁଁ ଆସ୍କା ଚିନିକଳର କର୍ମଚାରୀମାନଙ୍କ ମଧ୍ୟରେ ବିପୁଳ ଉତ୍ସାହ ଖେଳି ଯାଇଥାଏ ।

ଗେଷ୍ଟ୍ ହାଉସ୍‌ରେ ବସି କଫି ପାନ କରୁଥିବା ସମୟରେ ପୂର୍ବତନ ଲୋକସଭା ସଦସ୍ୟ ଗତିକୃଷ୍ଣ ପଣ୍ଡା ମୋତେ କହିଲେ, ''ରାସବିହାରୀ ବାବୁ ! ଆପଣ ଆମ ସମସ୍ତ ପ୍ଲାନ୍‌କୁ ଫେଲ୍ ମରାଇ ଦେଲେ'' । ମୁଁ ନୀରବରେ ବସି କଫି କପ୍‌ରେ ଓଠ ଲଗାଇ ମୁହଁରେ ହସ ଖେଳାଇ କେବଳ ତାଙ୍କୁ ଅନାଇ ରହିଲି । ରେଜିଷ୍ଟ୍ରାର ଏବଂ ଏମ.ଡି. ମୁଚ୍ ମୁଚ୍ ହସି ତାଙ୍କୁ ଅନାଇ ରହିଥାନ୍ତି ।

(ଖ) ବରଗଡ ଚିନିକଳ :

ବରଗଡ ଚିନିକଳକୁ ମଧ୍ୟ ଅଧିକ ଆର୍ଥିକ ସହାୟତା ପ୍ରଦାନ କରି ଆଖୁ ଚାଷୀଙ୍କ ମୌଳିକ ସମସ୍ୟାର ସମାଧାନ କରାଗଲା । ସେଠାରେ ଅଧିକ ଜଳସେଚନର ସୁବିଧା ଏବଂ ଆବଶ୍ୟକ ସ୍ଥଳେ ଟେଲଏଣ୍ଡ ଚାଷୀଙ୍କ ପାଇଁ ମୋଟର୍ ବସାଇ ଆଖୁ ଚାଷୀଙ୍କୁ ପାଣି ଯୋଗାଇବା ସହ ହୀରାକୁଦ ଜଳଭଣ୍ଡାରର ଜଳ ଚାଷୀଙ୍କୁ ଠିକ୍ ସମୟରେ ମିଳିବା ପାଇଁ ବିଭାଗୀୟ ଇଞ୍ଜିନିୟର୍ ମାନଙ୍କ ସହ ଆଲୋଚନା କରାଗଲା । ସେହି ଆଲୋଚନାରେ ମୁଁ ନିଜେ ଉପସ୍ଥିତ ରହି ମୂଳରୁ ସବୁ କାର୍ଯ୍ୟକ୍ରମ ଗ୍ରହଣ କରିବା ଫଳରେ ଏବଂ ଆବଶ୍ୟକ ସ୍ଥଳେ ଫିଲ୍ଡକୁ ଯାଇ ତଦାରଖ କରିବା ଯୋଗୁଁ ଚାଷୀ ଯଥାସମୟରେ ପାଣି ପାଇ ଉପକୃତ ହୋଇଥିଲେ । ଆଖୁ ଉତ୍ପାଦନ ମଧ୍ୟ ବୃଦ୍ଧି ପାଇଲା । ଆଗ ବର୍ଷ ଯେତେଦିନ ଆଖୁ ପେଡା ଯାଇଥିଲା ଅଧିକ ଆଖୁ ଚିନିକଳକୁ ଆସିବା ଫଳରେ ପୂର୍ବ ତୁଳନାରେ ଆଉ ଏକ ମାସ ଅଧିକ ଆଖୁ ପେଡିବା ସମ୍ଭବ ହୋଇଥିଲା ।

ଚିନିକଳ ପାଇଁ କେଉଁ ଦିନ କେଉଁ କେଉଁ ଚାଷୀଙ୍କ ଆଖୁ ସଂଗ୍ରହ କରାଯିବ, ତାର ବିଧିବଦ୍ଧ ତାଲିକା ପ୍ରସ୍ତୁତ ହୋଇ କାର୍ଯ୍ୟକ୍ରମ ଶୃଙ୍ଖଳାର ସହିତ ଗ୍ରହଣ କରିବା ଫଳରେ, ବରଗଡ ଚିନିକଳର ମଧ୍ୟ ଯଥେଷ୍ଟ ଲାଭ ହୋଇଥିଲା । କର୍ମଚାରୀମାନଙ୍କ ତତ୍‌ପରତା ଏବଂ ରାଜନୈତିକ ଇଚ୍ଛାଶକ୍ତି ବଳରେ ଚିନିକଳମାନଙ୍କୁ ସକ୍ରିୟ କରାଯିବା ଫଳରେ ଆଖୁଚାଷୀ ଏବଂ ଚିନିକଳମାନଙ୍କ ଲାଭ ବୃଦ୍ଧି ପାଇଲା ।

(ଗ) ନୟାଗଡ ଚିନିକଳ :

ନୂତନ କରି ନିର୍ମାଣ କରାଯାଉଥିବା 'ନୟାଗଡ ଚିନିକଳ'ର ସଂପ୍ରସାରଣ

Source: Author, Digitized by PPRACHIN, SOA

କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ବାରମ୍ବାର ନୟାଗଡ ଯିବା ଫଳରେ ଚିନିକଳର ଶୁଭାରମ୍ଭ ଯଥାସମୟରେ ହୋଇ ପାରିଥିଲା । ମାନ୍ୟବର ମୁଖ୍ୟମନ୍ତ୍ରୀ ଜାନକୀବଲ୍ଲଭ ପଟ୍ଟନାୟକ ଏହାର ଶୁଭ ଉଦ୍‌ଘାଟନ କରିଥିଲେ । ସ୍ଥାନୀୟ ଲୋକସଭା ସଦସ୍ୟ ଚିନ୍ତାମଣି ପାଣିଗ୍ରାହୀ, ପୁରୀ ଲୋକସଭା ସଦସ୍ୟ ବ୍ରଜମୋହନ ମହାନ୍ତି, ରାଜ୍ୟ କ୍ୟାବିନେଟ ମନ୍ତ୍ରୀ ହରିହର କରଣ, ବିଧାୟକ ରମାକାନ୍ତ ମିଶ୍ର, ବିଧାୟକ କୈଳାସ ମହାପାତ୍ର ପ୍ରଭୃତି ମଧ୍ୟ ଉପସ୍ଥିତ ରହି ଉଦ୍ ବୋଧନ ଦେଇଥିଲେ । ସେହି ଉଦ୍‌ଘାଟନୀ ଉତ୍ସବରେ କୃଷି ଓ ସମବାୟ ମନ୍ତ୍ରୀ ହିସାବରେ ମୁଁ ସଭାପତିତ୍ୱ କରିଥିଲି । ଏମ୍.ଡି. ରେଜିଷ୍ଟ୍ରାର ମିଷ୍ଟର୍ କିଣ୍ଡୋ, ସେକ୍ରେଟାରୀ ମିଷ୍ଟର୍ ବର୍ମା ନିଜ ନିଜ ରିପୋର୍ଟ ପ୍ରଦାନ କରିଥିଲେ । ଅଞ୍ଚଳର ହଜାର ହଜାର ଚାଷୀ, ଭଦ୍ରବ୍ୟକ୍ତି ସଭାରେ ଯୋଗ ଦେଇଥିଲେ । ଲୋକଙ୍କ ମଧ୍ୟରେ ଚିନିକଳ ଉଦ୍‌ଘାଟନ ପାଇଁ ବିପୁଳ ଉତ୍ସାହ ଖେଳି ଯାଇଥାଏ ।

ନୂତନ ଚିନିକଳ ପ୍ରତିଷ୍ଠା ଉଦ୍ୟମ :

କଟକ ଜିଲ୍ଲା 'ବଡମ୍ବା ଚିନିକଳ'କୁ ମଧ୍ୟ କାର୍ଯ୍ୟକ୍ଷମ କରାଯାଇଥିଲା । କୃଷି-ଭିତ୍ତିକ ଶିଳ୍ପର ପ୍ରସାର ପାଇଁ ବହୁ ଉଦ୍ୟମ କରାଯାଇଥିଲା । ଓଡିଶାରେ ପ୍ରଚୁର ଆଖୁ ଉତ୍ପାଦନ ହୁଏ । ତେଣୁ ଆହୁରି ତିନୋଟି ଚିନିକଳ ପ୍ରତିଷ୍ଠା ପାଇଁ କେନ୍ଦ୍ର ସରକାର ଓଡିଶାକୁ ଚିନିକଳ ଲାଇସେନ୍ସ ପାଇଁ ପତ୍ର ଦେଇଥାନ୍ତି । ମୁଁ ବିଭାଗୀୟ ସଚିବକୁ ଆଖୁ ଉତ୍ପାଦନ ଏରିଆ ଏବଂ ଆଖୁକଳ ପ୍ରତିଷ୍ଠା ପାଇଁ ସ୍ଥାନ ନିରୂପଣ କରି ରିପୋର୍ଟ୍ ୨୦ଦିନ ଭିତରେ ଦେବାକୁ ନିର୍ଦ୍ଦେଶ ଦେଲି । ଯଥାସମୟରେ ସେକ୍ରେଟାରୀ ସମସ୍ତ ଡାଟା ସଂଗ୍ରହ କରି ସ୍ଥାନ ନିରୂପଣ କରି ମୋତେ ପ୍ରଦାନ କଲେ । ମାତ୍ର, ସେଥିରେ କଳାହାଣ୍ଡି ଜିଲାର ନାମ ନ ଥିଲା । କଳାହାଣ୍ଡିରେ ଚିନିକଳ ପ୍ରତିଷ୍ଠାପାଇଁ ମଧ୍ୟ ଦାବି ହୋଇ ଆସୁଛି । ଜିଲ୍ଲାରେ ମଧ୍ୟ ପ୍ରଚୁର ଆଖୁ ଉତ୍ପାଦନ ହୋଇ ତାକୁ ଗୁଡ କରି ବିକ୍ରି କରି ଚାଷୀ ଲାଭବାନ ହୋଇଥାନ୍ତି ।

ମୁଁ ସେକ୍ରେଟାରୀଙ୍କୁ ଡାକି ତାଙ୍କ ପ୍ରଦତ୍ତ ଫାଇଲକୁ ଦେଖାଇଲି । କହିଲି, ''ଏଥିରେ ମୁଁ ଦସ୍ତଖତ ଦେଇଦେଲା ପରେ କଳାହାଣ୍ଡିରେ ଆଉ ଚିନିକଳ ପ୍ରତିଷ୍ଠା ସମ୍ଭବ କି''?

ସେ ମୋ' କଥା ବୁଝିଗଲେ । ''ସାର୍! ମୁଁ ଫାଇଲ ନେଇଯାଉଛି । ପରିବର୍ତ୍ତନ କରି ଲେଖି ପଠାଇ ଦେଉଛି'' ।

ମୁଁ ଫେର କହିଲି, ''ଏହି ତିନୋଟି ରହିବ । ଆପଣ କେବଳ କଳାହାଣ୍ଡିର ସୁଗର କେନ୍ ଏରିଆ ସ୍ଥାନ ନିରୂପଣ କରି ଚାରି ନମ୍ବରରେ କଳାହାଣ୍ଡିର ନାମ ପ୍ରଦାନ କରିବେ''।

Source: Author, Digitized by PPRACHIN, SOA

ସେକ୍ରେଟାରୀ କହିଲେ, ''ସାର୍! ଆମ ଷ୍ଟେଟ୍ ପାଇଁ ତିନୋଟି ଚିନିକଳର ଲାଇସେନ୍ସ ମିଳିବ । ଚାରୋଟି ଲେଖିଦେଲେ ମଧ୍ୟ ସେମାନେ ଗୋଟିଏ କାଟି ଆମକୁ ତିନୋଟି ଲାଇସେନ୍ସ ଦେବେ'' ।

ମୁଁ ଫେର୍ କହିଲି, ''ସେହି ଆଶଙ୍କା ଅଛି, ତଥାପି ଚେଷ୍ଟା କରାଯିବା ଆବଶ୍ୟକ । ମୁଁ ଦିଲ୍ଲୀଯାଇ ବିଭାଗୀୟ ମନ୍ତ୍ରୀମାନଙ୍କ ସହ ସାକ୍ଷାତ କରି ଚାରୋଟି ଲାଇସେନ୍ସ ପାଇଁ ଉଦ୍ୟମ କରିବି'' ।

ଓଡିଶାରେ ଚାରୋଟି ଚିନିକଳ ପ୍ରତିଷ୍ଠା ପାଇଁ ସମସ୍ତ ତଥ୍ୟ କେନ୍ଦ୍ରକୁ ନିର୍ଦ୍ଦିଷ୍ଟ ତାରିଖ ସୁଦ୍ଧା ଜଣାଇ ଦିଆଗଲା ।

ମୁଁ ଦିଲ୍ଲୀ ଯାଇ କେନ୍ଦ୍ର କୃଷିମନ୍ତ୍ରୀ ମାନ୍ୟବର ଭଜନଲାଲଙ୍କ ସହ ସାକ୍ଷାତ କରି ଓଡିଶାରେ ଚାରୋଟି ଚିନିକଳ ପାଇଁ ସେ ରେକୋମଣ୍ଡେସନ୍ କରିବାକୁ ଅନୁରୋଧ କଲି । ସେ ପ୍ରଥମେ ମନା କଲେ । ଓଡିଶାକୁ ତିନୋଟି ଚିନିକଳ ପାଇଁ ଲାଇସେନ୍ସ ମିଳିବ । ମୁଁ ତାଙ୍କୁ ସମସ୍ତ କଥା ଜଣାଇଲି । ମୋ' କଥାରେ ସେ ସମ୍ମତ ହୋଇ ମୋ' ଅନୁରୋଧ ରକ୍ଷା କରି ତାଙ୍କ ମତାମତ ଲେଖି କେନ୍ଦ୍ର ଶିଳ୍ପମନ୍ତ୍ରୀଙ୍କ ପାଖକୁ ଫାଇଲ୍ ପଠାଇ ଦେଲେ ।

ଶିଳ୍ପମନ୍ତ୍ରୀଙ୍କୁ ଭେଟି ସମସ୍ତ କଥା ତାଙ୍କୁ ଜଣାଇ କଳାହାଣ୍ଡି ଭଳି ଅନଗ୍ରସର ଜିଲ୍ଲାରେ କୃଷି ଭିତ୍ତିକ ଶିଳ୍ପର ବିକାଶ ପାଇଁ ଏବଂ ମୋ' ଜିଲ୍ଲାର ସ୍ୱାର୍ଥଦୃଷ୍ଟିରୁ ଚାରୋଟି ଚିନିକଳ ଦେବାକୁ ଲାଇସେନ୍ସ ପାଇଁ ଅନୁରୋଧ କଲି । ସେତେବେଳ ମାନ୍ୟବର ଏନ୍.ଡି. ତିୱାରୀ ଶିଳ୍ପମନ୍ତ୍ରୀ ଦାୟିତ୍ୱରେ ଥାନ୍ତି । ସେ ପ୍ରଥମେ ସ୍ପଷ୍ଟ ମନା କରିଦେଲେ

ମୁଁ ଫେର୍ କହିଲି, ''ତାହା ହେଲେ ମୋ' ଜିଲ୍ଲା ନାମ ଚତୁର୍ଥରେ ଅଛି । ତାହା ବାଦ ପଡିଯିବ । ଶିଳ୍ପ ବିହୀନ ଜିଲ୍ଲା ଭାବେ ଅନଗ୍ରସର କଳାହାଣ୍ଡି ଜିଲ୍ଲାର ଅପବାଦର କଳଙ୍କ ଆଉ ମୋ' ଦ୍ୱାରା ଧୋଇ ହେବାର ସମ୍ଭାବନା ନାହିଁ'' ?

ଏହିଭଳି ବହୁ ଆଲୋଚନା ପରେ ସମସ୍ତ କଥା ମାନ୍ୟବର ମନ୍ତ୍ରୀ ତିୱାରୀ ଉପଲବ୍ଧି କରିପାରି ଚାରୋଟି ଚିନିକଳ ପାଇଁ ଲାଇସେନ୍ସ ପ୍ରଦାନ କଲେ ।

ଫଳରେ କଳାହାଣ୍ଡି ଜିଲ୍ଲାର ଧର୍ମଗଡ ତହସିଲ ଅନ୍ତର୍ଗତ 'ମଥୁରା ଚିନିକଳ' ପ୍ରତିଷ୍ଠା ହେଲା । ନବରଙ୍ଗପୁର ଚିନିକଳ୍, ବଲାଙ୍ଗିର, ଦେଓଗାଁ ଚିନିକଳ ଏବଂ ଢେଙ୍କାନାଳ ଚିନିକଳ ପାଇଁ ଯଥାଯଥ ଲାଇସେନ୍ସ ମିଳିଥିଲା । ତାହା ପରେ ପରେ କାର୍ଯ୍ୟକାରୀ ହୋଇପାରିଛି ।

କଳାହାଣ୍ଡି ଚିନିକଳ ସମବାୟ ବିଭାଗ ତରଫରୁ ହେବା ପାଇଁ ସ୍ଥିର ହୋଇଥିଲା ।

Source: Author, Digitized by PPRACHIN, SOA

କଳାହାଣ୍ଡି-ମଥୁରା ଚିନିକଳର ବିଫଳତା :

ଆମ ସରକାର '୯୦ ସାଧାରଣନିର୍ବାଚନରେ ପରାଜୟ ବରଣକଲା । ମାନ୍ୟବର ବିଜୁ ପଟ୍ଟନାୟକ ୧୫ ମାର୍ଚ୍ଚ ୧୯୯୦ରେ ମୁଖ୍ୟମନ୍ତ୍ରୀ ରୂପେ ଦାୟିତ୍ୱ ଗ୍ରହଣ କଲେ ।

ସରକାରର ପରିବର୍ତ୍ତନ ଘଟିଲା । ପରବର୍ତ୍ତୀ ସରକାର ପ୍ରାଇଭେଟ୍ ଚିନିକଳ ପ୍ରତିଷ୍ଠା ପାଇଁ ଉଦ୍ୟମ କରି, ଉତ୍ତରପ୍ରଦେଶର ଜଣେ ବ୍ୟକ୍ତିଙ୍କୁ କାର୍ଯ୍ୟକାରୀ କରିବାପାଇଁ ନିର୍ଦ୍ଦେଶ ଦେଲେ । ଉପଯୁକ୍ତ ଲୋକଙ୍କ ହସ୍ତରେ ଚିନିକଳ ପ୍ରତିଷ୍ଠା ନ ହେବା ଫଳରେ, କଳାହାଣ୍ଡି ମଥୁରା ଚିନିକଳ ତିନି ଚାରି ବର୍ଷ ଚିନି ଉତ୍ପାଦନ କରିଥିବା ସତ୍ତ୍ୱେ ପରିଚାଳନାଗତ ବିଶୃଙ୍ଖଳା ଯୋଗୁଁ ଧ୍ୱଂସ ପାଇଗଲା ।

ଯେଉଁମାନେ ଚିନିକଳ ପ୍ରତିଷ୍ଠା ପାଇଁ ଆସିଥାନ୍ତି, ସେମାନେ କେବଳ ସରକାରଙ୍କ ସବ୍‌ସିଡି ୧୦କୋଟି ଟଙ୍କାର ମୋହ ଏବଂ କମ୍ ଦରରେ ଜମି ମିଳିବା ଆକର୍ଷଣରେ ଆସିଥାନ୍ତି । ତାହା ସେମାନେ ହାସଲକରି, ମାଛ ତେଲରେ ମାଛ ଭାଜିବା ନୀତିରେ ଶିଳ୍ପ ପ୍ରତିଷ୍ଠା କରନ୍ତି । ଫଳରେ, ସେହିଭଳି ଶିଳ୍ପର ସ୍ଥାୟିତ୍ୱ ନେଇ ସନ୍ଦେହ ସୃଷ୍ଟି ହୋଇଥାଏ । ତାର ଅନିଶ୍ଚିତତାର ଫଳ ସ୍ୱରୂପ, କଳାହାଣ୍ଡିର ମଥୁରା ଚିନିକଳ କ୍ଷତିଗ୍ରସ୍ତ ହୋଇ ସବୁଦିନ ପାଇଁ ବନ୍ଦ ହୋଇଗଲା ।

ଭବାନୀପାଟଣାରୁ ମୋ' ଗ୍ରାମ ମହିଚଲା ଏବଂ କୋକସରା, ଜୟପାଟଣା ପ୍ରଭୃତି ଅଞ୍ଚଳକୁ ଗଲାବେଳେ ମଥୁରା ଚିନିକଳର ଧ୍ୱଂସ ସ୍ତୁପ ଦେଖି ମନରେ ଏବଂ ହୃଦୟରେ ଦୁଃଖ ଜାତହୁଏ । ମୋ'ର ଏତେ ଉଦ୍ୟମ ବୃଥା ହୋଇଯିବା ଯୋଗୁଁ ମନରେ ଦାରୁଣ ଆଘାତ ସୃଷ୍ଟି ହୁଏ ।

କଳାହାଣ୍ଡିର ଆଖୁଚାଷୀମାନେ ଚିନିକଳକୁ ଆଖୁ ବିକ୍ରିକରି ଲାଭବାନ ହୋଇ ପାରୁଥିବା ସ୍ୱପ୍ନ କିଛି ବର୍ଷ ବାସ୍ତବରୂପ ନେଲାବେଳକୁ ପୁଣି ତାହା ସ୍ୱପ୍ନରେ ରହିଯାଇଛି । କେବେ ପୁଣି ସେ ସ୍ୱପ୍ନ ବାସ୍ତବ ରୂପ ନେବ କେଜାଣି ?

ଖୋର୍ଦ୍ଧାର ଅଏଲ୍ କମ୍ପଲେକ୍ସ ଉଦ୍‌ଘାଟନ :

ଖୋର୍ଦ୍ଧାର ଅଏଲ୍ କମ୍ପଲେକ୍ସକୁ ତ୍ୱରାନ୍ୱିତ କରାଯାଇ ଉଦ୍‌ଘାଟନ କରାଗଲା । ମାନ୍ୟବର ମୁଖ୍ୟମନ୍ତ୍ରୀ ଜାନକୀବଲ୍ଲଭ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଡକ୍ଟର କୋରିଏନ୍ ସମ୍ମାନିତ ଅତିଥି ରୂପେ ଯୋଗଦେଲେ । କୃଷିମନ୍ତ୍ରୀ ହିସାବରେ ମୁଁ ସେହି ଉଦ୍‌ଘାଟନୀ ଉତ୍ସବରେ ସଭାପତିତ୍ୱ କରିଥିଲି ।

Source: Author, Digitized by PPRACHIN, SOA

ଭାରତରେ ଶ୍ୱେତ ବିପ୍ଲବ :

'ଡକ୍ଟର କୋରିଏନ୍' ହେଉଛନ୍ତି ସମଗ୍ର ଦେଶରେ ଦୁଗ୍ଧ ବନ୍ୟାର ମୂଳନାୟକ। ଦିନ ଥିଲା ଭାରତରେ ଦୁଗ୍ଧର ଅଭାବ ପରିଲକ୍ଷିତ ହେଉଥିଲା । ମାତ୍ର, ଆଜି ଭାରତ ବିଶ୍ୱରେ ଦୁଗ୍ଧ ଉତ୍ପାଦନରେ ପ୍ରଥମ ସ୍ଥାନରେ ରହିଛି । ଭାରତରେ ଶ୍ୱେତ ବିପ୍ଳବ ଆରମ୍ଭ କରିଥିଲେ ଡ. ଭର୍ଗିଜ କୋରିଏନ । ତାଙ୍କ ଉଦ୍ୟମରେ ୧୦୦ଟି ଦୁଗ୍ଧ ସମବାୟକେନ୍ଦ୍ର ପ୍ରଥମେ ଆରମ୍ଭ ହୋଇଥିଲା । ତାହାଦ୍ୱାରା ଦେଶର ୨୨ଟି ପ୍ରଦେଶରେ ୧୦କୋଟି ଦୁଗ୍ଧ ଚାଷୀ ବିଶେଷ ଭାବେ ଉପକୃତ ହୋଇଥିଲେ । ତାଙ୍କ ଉଦ୍ୟମରେ ଦୁଗ୍ଧ ଚାଷୀମାନେ ଘରେ ଘରେ ଗାଈ ରଖି ଦୁଗ୍ଧ କେନ୍ଦ୍ରକୁ ତାଙ୍କ ଦୁଗ୍ଧ ବିକ୍ରୟ କରି ଲାଭବାନ ହୋଇ ପାରିଛନ୍ତି । ଫଳରେ, ଦେଶରେ ଦୁଗ୍ଧ ଅଭାବ ଦୂର ହୋଇପାରିଛି । ତାଙ୍କର ଉଦ୍ୟମରେ 'ଅମୁଲ୍ ଗୁଣ୍ଡ ଦୁଗ୍ଧ' ସହ ଭାରତ ଦୁଗ୍ଧ ଉତ୍ପାଦନରେ ବିଶ୍ୱରେ ପ୍ରଥମ ସ୍ଥାନ ଅଧିକାର କରିଛି । ଏହାରି ମୂଳରେ ଡକ୍ଟର କୋରିଏନଙ୍କ ନିଷ୍ଠା, ଆନ୍ତରିକତା ଅବିସ୍ମରଣୀୟ ।

କଳାହାଣ୍ଡିରେ ତେଲକଳ ପ୍ରତିଷ୍ଠା ଉଦ୍ୟମ ବ୍ୟର୍ଥ ହେଲା :

ଆଦିବାସୀ ବହୁଳ ଅଞ୍ଚଳରେ ପ୍ରଚୁର ନାଇଜର୍ (ଅଳସୀ) ଆଦିବାସୀ ଚାଷୀମାନେ ଉତ୍ପାଦନ କରିଥାନ୍ତି । ତେଣୁ ସେମାନଙ୍କ ଉତ୍ପାଦିତ ଅଳସୀକୁ ଉଚିତ ମୂଲ୍ୟ ଦେଇ ସଂଗ୍ରହକରି ଏକ ମଧ୍ୟବର୍ତ୍ତୀ ସ୍ଥାନରେ ତେଲକଳ ପ୍ରତିଷ୍ଠା କରାଗଲେ ଅଳସୀ ସଂଗ୍ରହ ଖର୍ଚ୍ଚ କମ୍ ହେବ ଏବଂ ତେଲକଳ ମଧ୍ୟ ଲାଭଜନକ ଭାବରେ ଚାଲି ପାରିବ ।

ଡକ୍ଟର କୁରିଏନ୍‌ଙ୍କ ପ୍ରସ୍ତାବକୁ ମାନ୍ୟବର ମୁଖ୍ୟମନ୍ତ୍ରୀ ଏବଂ ମୁଁ ଅନୁମୋଦନ କଲୁ । ମୁଖ୍ୟମନ୍ତ୍ରୀ କୋରାପୁଟରେ ତେଲକଳଟି ସ୍ଥାପନ ପାଇଁ ମତ ପ୍ରଦାନ କଲେ ।

ମୁଁ କହିଲି, "ଫୁଲବାଣୀ, ବଲାଙ୍ଗିର ଓ କୋରାପୁଟର ମଧ୍ୟ ସ୍ଥଳୀ ହେଉଛି କଳାହାଣ୍ଡି । ତେଣୁ ପରିବହନ ଖର୍ଚ୍ଚ କମ୍ ହେବ । କୋରାପୁଟ ହେଲେ ଫୁଲବାଣୀ, ବଲାଙ୍ଗିରରୁ ଅଳସୀ ସଂଗ୍ରହକରି ଟ୍ରାନ୍ସପୋର୍ଟ୍ କଲେ କଳାହାଣ୍ଡି ଦେଇ କୋରାପୁଟ ଯିବା ଫଳରେ ଯାତାୟାତ ଖର୍ଚ୍ଚ ବୃଦ୍ଧି ପାଇବ ।

ଡକ୍ଟର କୋରିଏନ୍ ମ୍ୟାପଦେଖି ତାକୁ ଅନୁଧ୍ୟାନକରି ମତପୋଷଣ କଲେ, "କୃଷିମନ୍ତ୍ରୀ ସବୁ ଦିଗକୁ ବିଚାର କରି କଳାହାଣ୍ଡି ହିଁ ମଧ୍ୟବର୍ତ୍ତୀ ସ୍ଥାନ ହେବ କହିବାରେ ଯଥାର୍ଥତା ରହିଛି" । ତେଣୁ କଳାହାଣ୍ଡିରେ 'ଅତ୍ୟାଧୁନିକ ତେଲକଳ' ପ୍ରତିଷ୍ଠା ପାଇଁ ସ୍ଥିର କରାଗଲା । ଏଥିପାଇଁ ୧୦୦ କୋଟି ଟଙ୍କାର ଅଟକଳ ହେଲା । ଅଏଲ୍ ସଂସ୍ଥା ଦୁଇ ତୃତୀୟାଂଶ ଖର୍ଚ୍ଚବହନ କରିବ ବୋଲି ଡକ୍ଟର କୋରିଏନ୍ ଘୋଷଣା କଲେ । ଅବଶିଷ୍ଟ ଟଙ୍କା ରାଜ୍ୟ ସରକାର ବହନ କରିବେ ।

Source: Author, Digitized by PPRACHIN, SOA

କଳାହାଣ୍ଡିରେ ମଧ୍ୟ ସ୍ଥାନ ନିରୂପଣ ହୋଇ ପ୍ରାରମ୍ଭିକ କାର୍ଯ୍ୟ ପାଇଁ ୪କୋଟି ଟଙ୍କା ମଧ୍ୟ ମଞ୍ଜୁର ହୋଇ ଆସିଲା । ଜଣେ ଅଫିସର୍ ପରିଚାଳନା ପାଇଁ ନିଯୁକ୍ତି ମଧ୍ୟ ହେଲେ । ସାଇନ୍‌ବୋର୍ଡ ମଧ୍ୟ ଭବାନୀପାଟଣା ବ୍ଲକ୍‌ର କୁଟୁରୁଖମାର ଗ୍ରାମ ପାଖରେ ସ୍ଥାପିତ ହେଲା ।

ମାତ୍ର, ମୁଁ ପରବର୍ତ୍ତୀ ନିର୍ବାଚନରେ (୧୯୯୦ ନିର୍ବାଚନ) ପରାଜିତ ହେବା ପରେ ଏଥିପାଇଁ ଆଉ କିଏ ମଧ୍ୟ ଉଦ୍ୟମ କଲେ ନାହିଁ । 'ଜିଲ୍ଲା ସମବାୟ ସମିତି' ଦୃଢ଼ତାର ସହ ଏଥିପାଇଁ ଆଗେଇବା କଥା, ମାତ୍ର ସେଭଳି ଆଗ୍ରହ ଉତ୍ସାହ ଦେଖାଗଲା ନାହିଁ । ତେଣୁ ଅତ୍ୟାଧୁନିକ ତେଲକଳ ପ୍ରତିଷ୍ଠା ଆଉ ସମ୍ଭବ ହେଲାନାହିଁ ।

ଡକ୍ଟର କୋରିଏନ୍ ମୋତେ ଫୋନଦ୍ୱାରା ମୋ'ର ପରାଜୟରେ ଦୁଃଖ ପ୍ରକାଶ କରି କହିଲେ, ''ତେଲକଳ ପାଇଁ ଆଉ ରାଜ୍ୟରୁ ସେଭଳି ଆଗ୍ରହ ଦେଖିବାକୁ ପାଉ ନାହିଁ। ରାଜନୈତିକ ଇଚ୍ଛାଶକ୍ତି ବିନା ଏଭଳି କାର୍ଯ୍ୟ ସମ୍ଭବ ହେବ ନାହିଁ'' ।

ଏହି ତେଲକଳ ପ୍ରତିଷ୍ଠିତ ହୋଇଥିଲେ ଆଦିବାସୀ ଅଞ୍ଚଳର ଚାଷୀମାନେ ଲାଭବାନ ହୋଇପାରିଥାନ୍ତେ । ଅଞ୍ଚଳରେ କୃଷିଭିତ୍ତିକ ଶିଳ୍ପର ପ୍ରସାର ହେବା ସଙ୍ଗେ ସଙ୍ଗେ ବହୁଲୋକ କର୍ମନିଯୁକ୍ତିର ସୁଯୋଗ ପାଇ ପାରିଥାନ୍ତେ । ସେ ଦୃଷ୍ଟିରୁ ଅଞ୍ଚଳ ବଞ୍ଚିତ ହେଲା । ଏଥିପାଇଁ ମଞ୍ଜୁର ହୋଇଥିବା ଅର୍ଥ କିପରି ବିନିଯୋଗ ହେଲା ତାହା ଅନ୍ଧକାର ମଧ୍ୟରେ ଛପିଗଲା । ସେଥିପାଇଁ କୌଣସି ଉଦ୍ୟମ ଆଜି ପର୍ଯ୍ୟନ୍ତ ଦେଖିବାକୁ ମିଳିଲା ନାହିଁ । କ୍ରମାଗତ ଭାବ୍‌ରେ ୧୯୯୫, ୨୦୦୦, ୨୦୦୪ ନିର୍ବାଚନରେ ମୋତେ ଆଉ ଲଢ଼ିବା ପାଇଁ ଟିକେଟ ମିଳିଲା ନାହିଁ । ଫଳରେ, ସରକାର ଉପରେ ରାଜନୈତିକ ପ୍ରଭାବ ପକାଇବା ସମ୍ଭବ ହେଲାନାହିଁ । ସ୍ଥାନୀୟ ନିର୍ବାଚିତ ଲୋକପ୍ରତିନିଧିମାନଙ୍କୁ କୃଷିଭିତ୍ତିକ ଶିଳ୍ପର ପ୍ରତିଷ୍ଠା ପାଇଁ ସରକାରୀ ସ୍ତରରେ ଉଦ୍ୟମ କରିବା ପାଇଁ ଅନୁରୋଧ କଲି; ମାତ୍ର, ତାହା ଆଉ ଫଳପ୍ରଦ ହୋଇପାରିଲାନାହିଁ । ଯେଉଁ ଆଶା ନେଇ କୃଷିଭିତ୍ତିକ ଶିଳ୍ପର କାର୍ଯ୍ୟ ଆରମ୍ଭ କରିଥିଲି, ତାହା କେବଳ ସ୍ୱପ୍ନରେ ରହିଗଲା ।

ଜଳ-ଅମଳ-ପ୍ରକଳ୍ପର ନିର୍ମାଣ ଓ କାର୍ଯ୍ୟକାରିତାର ପ୍ରଭାବ :

ମୃତ୍ତିକା ସଂରକ୍ଷଣ ବିଭାଗ ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗ । ଚାଷୀଙ୍କ ଜମିରେ ଜଳସେଚନର ସୁବିଧା ପାଇଁ ଚାଷୀଙ୍କୁ ମରୁଡ଼ିରୁ ରକ୍ଷା ପାଇଁ ଜଳ-ଅମଳ-ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରାଗଲା । ଆଗରୁ ନିୟମ ଥିଲା, ଜଳ-ଅମଳ-ପ୍ରକଳ୍ପର ଜଳ ଚାଷୀଙ୍କ ଜମିକୁ ଚାଷର ଜୀବନ ରକ୍ଷା ପାଇଁ ପ୍ରଥମେ ଯୋଗାଇଦେବ । ଫଳରେ,

Source: Author, Digitized by PPRACHIN, SOA

ବହୁ ଜଳ-ଅମଳ-ପ୍ରକଳ୍ପର ପାଣି ଚାଷୀଙ୍କ ଜମିକୁ ଯୋଗାଇଦେଲା ପରେ ତାହା ଶୁଖି ଯାଉଥିଲା । ତେଣୁ ବିଭାଗୀୟ ମନ୍ତ୍ରୀ ହିସାବରେ ବିଶେଷଜ୍ଞମାନଙ୍କ ସହ ପରାମର୍ଶ କରି ମୁଁ ସେହି ନିୟମକୁ ପରିବର୍ତ୍ତନ କଲି । ଯେଉଁଠି କ୍ୟାଚ୍‌ମେଣ୍ଟ ଏରିଆ ଯଥେଷ୍ଟ ଅଛି, ଜଳ ସଂଗ୍ରହ ପାଇଁ ଅଧିକ ଗଭୀର କରି ବୃହତ୍ ଆକାରରେ ଜଳ ସଂରକ୍ଷଣ କରାଯାଇ ପାରିବ । ଚାଷୀଙ୍କ ଜମିକୁ ନିଅଣ୍ଟ ସମୟରେ ଜଳସେଚନର ସୁବିଧା ଯୋଗାଇବା ସହିତ ସେହି ପ୍ରକଳ୍ପର ଜଳ ଲୋକଙ୍କ ଦୈନନ୍ଦିନ ବ୍ୟବହାର ସହ ଗାଈ, ଗୋରୁ, ପଶୁ, ପକ୍ଷୀଙ୍କ ପିଇବା ପାଇଁ ଉପଯୋଗୀ ହେବ । ଜଳ ଦୀର୍ଘଦିନ ସଂଚିତ ହୋଇ ରହିଲେ ଭୂତଳ ଜଳ ସ୍ତର ମଧ୍ୟ ବୃଦ୍ଧିପାଇବ । ତେଣୁ କୂଅ, ପୋଖରୀ, ଟ୍ୟୁବ୍‌ୱେଲ୍ ପ୍ରଭୃତି ଲାଭବାନ ହେବା ସଙ୍ଗେ ସେ ସବୁର ଜଳସ୍ତର ମଧ୍ୟ ବୃଦ୍ଧି ପାଇବ ।

ରାଜ୍ୟର ବିଭିନ୍ନ ଜିଲ୍ଲାରେ ଜଳ ଅମଳ ପ୍ରକଳ୍ପ ବ୍ୟାପକ ଭାବରେ କାର୍ଯ୍ୟକାରୀ ହେଲା ।

କଳାହାଣ୍ଡି ଜିଲ୍ଲାର ନୂଆପଡା ଅଞ୍ଚଳ ଚିର ମରୁଡି ପ୍ରପୀଡିତ ଅଞ୍ଚଳ । ଜଳ-ଅମଳ-ପ୍ରକଳ୍ପ ଏହି ଅଞ୍ଚଳରେ ବ୍ୟାପକ ଭାବରେ କାର୍ଯ୍ୟକାରୀ ହେବା ଫଳରେ ଚାଷୀମାନେ ଉପକୃତ ହେବା ସଙ୍ଗେ ସଙ୍ଗେ ଜଳସ୍ତର ମଧ୍ୟ ବୃଦ୍ଧି ପାଇଥିଲା । ଏଥିପାଇଁ କେନ୍ଦ୍ର ସରକାର ଆମ ରାଜ୍ୟକୁ ଯଥେଷ୍ଟ ଆର୍ଥିକ ସାହାଯ୍ୟ ପ୍ରଦାନ କରିଥିଲେ ।

ନୂଆପଡା ନିବାସୀ ମନ୍ତ୍ରିମଣ୍ଡଳର ପ୍ରତିନିଧି, ପୂର୍ବତନ ମନ୍ତ୍ରୀ ଘାସିରାମ ମାଝୀଙ୍କ ବିୟୋଗ ଫଳରେ ପୁନରାୟ ନିର୍ବାଚନ ହୋଇଥିଲା ।

ମଧ୍ୟବର୍ତ୍ତୀ ନିର୍ବାଚନ ସମୟରେ ୧୨.୦୫.୧୯୯୭ ନୂଆପଡା ନିର୍ବାଚନ ମଣ୍ଡଳୀରେ ପ୍ରଚାର ସମୟରେ ମୁଁ ମୋ'ର ବନ୍ଧୁମାନଙ୍କ ସହିତ ପ୍ରଚାର କାର୍ଯ୍ୟରେ ବ୍ୟସ୍ତ ଥିବା ସମୟରେ ସଭା-ସମିତିରେ ଯୋଗ ଦେଉଥାଏ ।

କୋମନା ବ୍ଲକର ଉଦ୍ୟାନବନ୍ଧ ଗ୍ରାମ ନିର୍ବାଚନ ସଭାରେ ସ୍ଥାନୀୟ ପଞ୍ଚାୟତର ସରପଞ୍ଚ ସମସ୍ତଙ୍କୁ ଫୁଲମାଳ ଦେଇ ସ୍ୱାଗତ କଲେ । ମୁଁ ନେତାଙ୍କ ଭଳି ମୋଟା ତାକଡା ହୋଇ ଲମ୍ବା ଖଦଡ କୁର୍ତ୍ତା ପିନ୍ଧି ନ ଥିଲି । ତେଣୁ ସେ ମୋତେ ଜଣେ ସାଧାରଣକର୍ମୀ ଭାବି ଫୁଲମାଳ ଦେଇ ନ ଥିଲେ । ସେ ମଧ୍ୟ ମୋତେ ଚିହ୍ନି ନ ଥିଲେ । ସଭାରେ କଂଗ୍ରେସ ପ୍ରାର୍ଥୀଙ୍କ ପ୍ରତି ତାଙ୍କ ଅସନ୍ତୋଷଭାବ ପ୍ରକାଶ କଲେ । "ଆପଣଙ୍କୁ ଥରେ ଆମେ ଭୋଟ ଦେଇଥିଲୁ । ଆମ ଭୋଟ ପାଇ ଆପଣ ମନ୍ତ୍ରୀ ହୋଇଥିଲେ । (ଜଗନ୍ନାଥ ପଟ୍ଟନାୟକ ଶ୍ରୀମତୀ ନନ୍ଦିନୀ ଦେବୀଙ୍କ ମୁଖ୍ୟମନ୍ତ୍ରିତ୍ୱ ସମୟରେ ୧୯୭୪ ମସିହାରେ ଡେପୁଟିମନ୍ତ୍ରୀ ହୋଇଥିଲେ । ଶିକ୍ଷା ଏବଂ ଯୁବକଲ୍ୟାଣ ବିଭାଗର ଦାୟିତ୍ୱରେ ସେ ଥିଲେ) । ମାତ୍ର, ଭୋଟ ପାଇଲା ପରେ ଆମ ଅଞ୍ଚଳର କୌଣସି ଉନ୍ନତିମୂଳକ

Source: Author, Digitized by PPRACHIN, SOA

କାମ କଲେ ନାହିଁ । ଜଣେ ପୂର୍ବତନମନ୍ତ୍ରୀ ରାସବିହାରୀ ବେହେରା କୃଷିମନ୍ତ୍ରୀ ଥିବା ସମୟରେ ଆମ ଗ୍ରାମରେ ଗୋଟିଏ ଜଳ-ଅମଳ-ପ୍ରକଳ୍ପ କରି ଆମ ଚାଷ ଜମିରେ ଜଳସେଚନ ସୁବିଧା କରିଦେବା ସଙ୍ଗେ ସଙ୍ଗେ ଆମକୁ ଗାଧୋଇବା ପାଇଁ, ପିଇବା ପାଇଁ ମଧ୍ୟ ପାଣିର ସହଜଲବ୍ଧ ବ୍ୟବସ୍ଥା କରିଥିଲେ । ସେ ଆମ ପାଇଁ ଭଗୀରଥ ସଦୃଶ । ଆପଣ ସେଭଳି କାମ କରିଥିଲେ ଆମେ ମଧ୍ୟ ଆପଣଙ୍କୁ ସ୍ମରଣ କରନ୍ତୁ । ଖାଲି ଆମ ଗ୍ରାମରେ କେବଳ ଜଳ-ଅମଳ-ପ୍ରକଳ୍ପ ହୋଇଥିଲା ତାହା ନୁହେଁ, ଆମ ଅଞ୍ଚଳ ତମାମ ବହୁ ଗ୍ରାମରେ ଜଳ-ଅମଳ-ପ୍ରକଳ୍ପ କରାଇ ସେ ଆମକୁ ଜଳ କଷ୍ଟରୁ ଉଦ୍ଧାର କରିଛନ୍ତି । ମରୁଡି ଅଞ୍ଚଳ ପାଇଁ ଜଳ ହିଁ ଆମ ଜୀବନ'' ।

ଜଳ-ଅମଳ-ପ୍ରକଳ୍ପର ପ୍ରଭାବ ଏହିଭଳି ଲୋକଙ୍କ ମନକୁ ଛୁଇଁ ପାରିଛି, ମୁଁ ସେଦିନ ଉପଲବ୍ଧି କରିପାରିଲି । ସେହି ସଭାରେ ସେ ମୋତେ ଭଗୀରଥ ସହ ମଧ୍ୟ ତୁଳନା କରିଥାନ୍ତି । ମୋତେ ଏହିଭଳି ପ୍ରଶଂସା କରିବା ଶୁଣି, ସଭାରେ ସଭାପତିତ୍ୱ କରୁଥିବା ପ୍ରେମକୁମାର ଆଜାଦ୍, ଭାନୁପ୍ରକାଶ ଯୋଷୀ ପୂର୍ବତନ ବିଧାୟକ, ଜଗନ୍ନାଥ ପଟ୍ଟନାୟକ କଂଗ୍ରେସ ପ୍ରାର୍ଥୀ, ଭୁପିନ୍ଦ୍ର ସିଂହ ପ୍ରଭୃତି ନିଜ ନିଜ ଭିତରେ ଆଲୋଚନା କରି ପ୍ରଥମେ ମୋତେ କହିବା ପାଇଁ ସ୍ଥିର କରିଥିଲେ । ଏହାପରେ ସଭାପତି ଶ୍ରୀ ଆଜାଦ୍ କହିଲେ –

''ବର୍ତ୍ତମାନ ମୁଁ ପୂର୍ବତନ ଆଦିବାସୀ ହରିଜନ କଲ୍ୟାଣ ମନ୍ତ୍ରୀ ରାସବିହାରୀ ବେହେରାଙ୍କୁ ଭାଷଣ ଦେବା ପାଇଁ ଅନୁରୋଧ କରୁଛି'' ।

ସଭାପତିଙ୍କଠୁ ଏତକ ଶୁଣି, ପ୍ରତିବାଦ କରି ସରପଞ୍ଚ କହିଲେ, ''ରାସବିହାରୀ ବେହେରା କୃଷି ମନ୍ତ୍ରୀ । ସେ ଆମ ଗ୍ରାମରେ ଜଳ-ଅମଳ-ପ୍ରକଳ୍ପ କରି ଆମ ଜୀବନ ରକ୍ଷା କରିଛନ୍ତି''?

ପ୍ରେମ ଆଜାଦ୍ ପୁଣି କହିଲେ, ''ଶେଷ ମୁଣ୍ଡରେ ଯିଏ ବସିଛନ୍ତି ସେ ପୂର୍ବତନ ଏମ୍.ପି., ପୂର୍ବତନ ହରିଜନ ଆଦିବାସୀ କଲ୍ୟାଣ ମନ୍ତ୍ରୀ, ପୂର୍ବତନ କୃଷି ସମବାୟ ମନ୍ତ୍ରୀ...'' ।

ତାଙ୍କଠୁ ଏତକ ଶୁଣି ମୋତେ ଭଲଭାବରେ ଦେଖିନେଇ ସରପଞ୍ଚ ଅନୁତପ୍ତ ହୃଦୟରେ କହିଲେ, ''ଏ ମା'ମାନେ ଆମର ଅନ୍ନଦାତା କୃଷିମନ୍ତ୍ରୀ ରାସବିହାରୀ ବାବୁ ଆମ ଗାଁକୁ ଆସିଛନ୍ତି । ହଳଦୀ-ଚାଉଳ ଆଣ, ଆମେ ତାଙ୍କୁ ଫୁଲମାଳଟିଏ ମଧ୍ୟ ଦେଇ ପାରିଲୁ ନାହିଁ । କେଡେ କଥା କଲୁଁ...'' ।

କିଛି ମହିଳା ଥାଳିରେ ହଳଦୀ-ଚାଉଳ ଆଣି ମୋ' କପାଳରେ ଟିକା ଦେଇ ହୁଳହୁଳି ପ୍ରଦାନ କଲେ । ସଭାରେ ଆନନ୍ଦ ଲହରୀ ଖେଳିଗଲା ।

Source: Author, Digitized by PPRACHIN, SOA

ମୁଁ ଉଠିପଡି ସମସ୍ତଙ୍କୁ ନମସ୍କାର ଜଣାଇ କହିଲି, ''ତୁମେ ମୋତେ ଫୁଲମାଳ ଦେଇ ନ ଥିଲେ ମଧ୍ୟ ତୁମେ ମୋତେ ଭଗୀରଥଙ୍କ ସହ ତୁଳନା କଲ । ସେଥିପାଇଁ ମୁଁ ଯୋଗ୍ୟ ନୁହେଁ । ମୋତେ ଯେଉଁ ତୁଳନା କଲ, ଏହାଠୁ ବଡ ସମ୍ମାନ ମୋ' ପାଇଁ ଆଉ କଣ ଅଛି ? ମୁଁ ତୁମ ଗ୍ରାମରେ ତଥା ଏ ଅଞ୍ଚଳରେ ଅନେକ ଜଳ-ଅମଳ-ପ୍ରକଳ୍ପ କରିପାରିଲି । ମାତ୍ର, ଜଗନ୍ନାଥବାବୁ କିଛି କରିପାରିଲେ ନାହିଁ । ତେଣୁକରି ତୁମ ମନରେ ଅସନ୍ତୋଷ ରହିଛି । ସେତେବେଳେ ଜଗନ୍ନାଥବାବୁ ଡେପୁଟି ମନ୍ତ୍ରୀ ଥିଲେ । ତେଣୁ ସେ ବିଶେଷ କିଛି କରିପାରିଲେ ନାହିଁ । ଏଥର ଆପଣମାନେ ଭୋଟ ଦିଅନ୍ତୁ ସେ ମୋ' ଭଳି କ୍ୟାବିନେଟ ମନ୍ତ୍ରୀ ହୋଇ ତୁମ ଅଞ୍ଚଳର ଅନେକ କାମ କରିବେ'' । ଏହିଭଳି ଭାଷଣ ଦେଇ ସେମାନଙ୍କ ମନର ଅସନ୍ତୋଷକୁ ଲାଘବ କରିଥିଲି ।

ତରବୋଡ ଗ୍ରାମରେ ମଧ୍ୟ ଜଳ ଅମଳ ପ୍ରକଳ୍ପର ପ୍ରଭାବ ଥାଏ । ସେଠି ମଧ୍ୟ ରାଜ୍ୟମନ୍ତ୍ରୀ ରିପୁନାଥ ସେଠ୍‌ଙ୍କ ଦୀର୍ଘ ଭାଷଣରେ ଅସନ୍ତୋଷ ପ୍ରକାଶ କରି ଲୋକେ ଉଠି ଚାଲି ଯାଉଥିଲେ । ମୁଁ ତାଙ୍କୁ ମୋ'ର ପରିଚୟ ଦେଇ ପୂର୍ବତନ କୃଷିମନ୍ତ୍ରୀ ରାସବିହାରୀ ବେହେରା କହିବା କ୍ଷଣି ଫେରି ଯାଉଥିବା ଲୋକେ, ମୋ' କଥା ଶୁଣି ଆସି ସଭାରେ ବସିଲେ । ସେଠାରେ ସେମାନଙ୍କ ମନର ଅସନ୍ତୋଷକୁ ବୁଝାଇବାରେ ମଧ୍ୟ ସଫଳ ହୋଇଥିଲି । ସେତେବେଳକାର ତରବୋଡ ଅଞ୍ଚଳର 'ସ୍ୱାଧୀନତା ସଂଗ୍ରାମୀ ଅହମ୍ମଦ ଭାଇ' ଆଉ ଇହ ଜଗତରେ ନଥାନ୍ତି । ସେ ଆମଠୁ ବିଦାୟନେଇ ଯାଇଥାନ୍ତି । ଜଗନ୍ନାଥବାବୁ ନିର୍ବାଚନରେ ଜୟଯୁକ୍ତ ହୋଇ କ୍ୟାବିନେଟ ମନ୍ତ୍ରୀ ହୋଇଥିଲେ ।

ଲୋକେ ନିଜ ଅଞ୍ଚଳର ବିକାଶ ପାଇଁ ପାଣି, ରାସ୍ତା, ସ୍କୁଲଘର, ସ୍କୁଲରେ ଶିକ୍ଷକ, ବିଜୁଳିବତୀ ଏବଂ ଠିକ୍ ସମୟରେ ଚାଉଳ, କିରାସିନି, ଚିନି ପାଇ ପାରିଲେ ସନ୍ତୁଷ୍ଟ ହୁଅନ୍ତି । ଲୋକପ୍ରତିନିଧିମାନେ ଗ୍ରାମାଞ୍ଚଳରେ ଏହି ମୌଳିକ ସମସ୍ୟା ପ୍ରତି ସଚେତନ ହେଲେ ପ୍ରଶାସନର ଶିଥିଳତା ମଧ୍ୟ କମିଯିବ । ପ୍ରଶାସନ ସଦାବେଳେ ଲୋକ ସମସ୍ୟାର ସମାଧାନ ପାଇଁ ଉଦାସୀନ ରହିଥାଏ । ତେଣୁ ପ୍ରତିନିଧି ତତ୍ପର ହେଲେ ପ୍ରଶାସନ ମଧ୍ୟ ତତ୍ପର ହୋଇଥାଏ ।

ଉଦ୍ୟାନବନ୍ଧ, ତରବୋଡ, ସିଆଲଟି, ସିନାପାଲି ବ୍ଲକର ଗୋଡାଲ ପ୍ରଭୃତି ଅନେକ ଅଞ୍ଚଳରେ ଜଳ-ଅମଳ-ପ୍ରକଳ୍ପ ପ୍ରତିଷ୍ଠିତ ହେବା ଫଳରେ, ସେଥିରେ ଆଜି ପର୍ଯ୍ୟନ୍ତ ଲୋକେ ଉପକୃତ ହେଉଛନ୍ତି । ନୂତନ ନୂଆପଡା ଜିଲ୍ଲାରେ ଜଳ-ଅମଳ-ପ୍ରକଳ୍ପ, ଅଞ୍ଚଳର ଜଳଧାରଣ ଶକ୍ତି ବୃଦ୍ଧି କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଛି ।

କୋକସରା ବ୍ଲକର ଆମପାଣି, ଗୋଟୋମୁଣ୍ଡା, ଧଅଁରପୁର, ପୋଡାଗୁଡାର ରଜାମୁଣ୍ଡା ପ୍ରଭୃତି ଜଳ-ଅମଳ-ପ୍ରକଳ୍ପ, ଲାଞ୍ଜିଗଡ ବ୍ଲକର କୁଟେଇଯୋର, ଜୁନାଗଡ

Source: Author, Digitized by PPRACHIN, SOA

ବ୍ଲକର କନ୍ଧବ୍ରାହ୍ମଣୀଗୁଡା ଶିବସାଗର, ଥୁଆମୁଳ ରାମପୁର ବ୍ଲକର ମାଲିଗାଁ ଜଳ-ଅମଳ-ପ୍ରକଳ୍ପ ପ୍ରଭୃତି ଏବେ ମଧ୍ୟ ଚାଷୀଙ୍କୁ ଜଳ ପ୍ରଦାନରେ ମୁଖ୍ୟ ଭୂମିକା ନିଭାଇବା ସହ ଜଳସ୍ତର ବୃଦ୍ଧି କରି ପଶୁ, ପକ୍ଷୀ, ବନ୍ୟପ୍ରାଣୀଙ୍କ ପାଇଁ ଜଳର ଆବଶ୍ୟକତା ମେଣ୍ଟାଇବାରେ କ୍ଷମ ହୋଇଛି । ଜୁନାଗଡ ବ୍ଲକର କନ୍ଧବ୍ରାହ୍ମଣୀଗୁଡା ଶିବସାଗର ଜଳ-ଅମଳ-ପ୍ରକଳ୍ପ ଜଳରେ ପ୍ରାୟ ୩୦ ରୁ ଊର୍ଦ୍ଧ୍ୱ ହାତୀ ଆସି ଗାଧୋଇ ପରିଆ ଡଙ୍ଗରକୁ ଚାଲି ଯାଉଥିଲେ । ଗାଁଲୋକ ହାତୀ ଗାଧୋଇବା ଦେଖିଥିଲେ । ତେଣୁ ପାର୍ବତ୍ୟାଞ୍ଚଳରେ ଜଳ-ଅମଳ-ପ୍ରକଳ୍ପ ବନ୍ୟ ପ୍ରାଣୀଙ୍କ ପାଇଁ ପାନୀୟ ଜଳର ଆବଶ୍ୟକତା ପୂରଣ କରିପାରିଛି । ଏହିଭଳି ମୋ' ଜିଲ୍ଲାରେ ଏବଂ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଅନେକ ପ୍ରକଳ୍ପ କାର୍ଯ୍ୟକାରୀ ହୋଇପାରିଛି ।

ରାଜ୍ୟ-ସ୍ତରୀୟ କୃଷକ ସମ୍ମେଳନ :

କୃଷକମାନଙ୍କ ମନରେ ଉତ୍ସାହ ସୃଷ୍ଟି ପାଇଁ ଓଡିଶାର ସମସ୍ତ ପଞ୍ଚାୟତର କୃଷକମାନଙ୍କୁ ସମବେତ କରାଇ ସେମାନଙ୍କ ସମସ୍ୟା ଜାଣିବା ସଙ୍ଗେ କୃଷି ବୈଜ୍ଞାନିକମାନଙ୍କଦ୍ୱାରା ନୂତନ ଜ୍ଞାନକୌଶଳ ପ୍ରଦାନ କରାଯାଇଥିଲା । ଏହାଦ୍ୱାରା ଚାଷୀମାନଙ୍କ ମଧ୍ୟରେ ଉତ୍ସାହ ଓ ଆତ୍ମବିଶ୍ୱାସ ବୃଦ୍ଧି ପାଇଥିଲା । ଏଥିପାଇଁ ପ୍ରତି ପଞ୍ଚାୟତରୁ ୧୦ଜଣ ଚାଷୀଙ୍କ ସହିତ ଜଣେ କୃଷି କର୍ମଚାରୀ ଆସିବା ପାଇଁ ଦିନ ଧାର୍ଯ୍ୟ କରି ପ୍ରାୟ ୪୦ ହଜାର ଚାଷୀଙ୍କ ଏକ ବିରାଟ ସମାବେଶ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ରେ କରାଯାଇଥିଲା । ପ୍ରତି ବ୍ଲକ୍‌ର ଜଣେ ଉନ୍ନତ ଆଦର୍ଶ ଚାଷୀଙ୍କୁ ମାନପତ୍ର, ଉପଢ଼ୌକନ ସହ ଏକ ହଜାର ଟଙ୍କା ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥିଲା । ଓଡିଶାର ୩୧୪ଟି ବ୍ଲକ୍‌ର ଚାଷୀଙ୍କୁ ସମ୍ମାନିତ କରାଯାଇଥିଲା । ପ୍ରତି ଜିଲ୍ଲାର ଜଣେ ଚାଷୀଙ୍କୁ ମାନ୍ୟବର ମୁଖ୍ୟମନ୍ତ୍ରୀ ସମ୍ମାନିତ କଲେ । ଅବଶିଷ୍ଟ ଚାଷୀଙ୍କୁ ବ୍ଲକରେ ସ୍ୱତନ୍ତ୍ର ସଭାରେ ସମ୍ମାନିତ କରାଗଲା । ଫଳରେ, ସେମାନଙ୍କ ମନରେ ଆତ୍ମସମ୍ମାନ ବୃଦ୍ଧି ପାଇବାରୁ ସେମାନେ ଉତ୍ସାହିତ ହେଲେ ।

ଚାଷୀମାନେ ଏକତ୍ର ହୋଇ ଛୋଟ ଛୋଟ ଦଳରେ ବିଭକ୍ତ ହୋଇ କୃଷିବୈଜ୍ଞାନିକମାନଙ୍କ ସହିତ ଆଲୋଚନା ମାଧ୍ୟମରେ ପରାମର୍ଶ ଗ୍ରହଣ କରି ମତ ବିନିମୟ କରିବା ସଙ୍ଗେ ସଙ୍ଗେ ସେମାନଙ୍କର ଅଭିଜ୍ଞତା ମଧ୍ୟ ଆମ ଆଗରେ ଉପସ୍ଥାପନ କଲେ । ଦ୍ୱିତୀୟ ବର୍ଷ ମଧ୍ୟ ଦୁଇଦିନ ଧରି ଚାଷୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ୧୯୮୭-୮୮ରେ କୃଷି ଉତ୍ପାଦନର ଅଭିବୃଦ୍ଧି ମଧ୍ୟ ପୂର୍ବ ରେକର୍ଡ ଅତିକ୍ରମ କରି ପାରିଥିଲା ।

Source: Author, Digitized by PPRACHIN, SOA

ଶସ୍ୟବୀମା କ୍ଷେତ୍ରରେ ପଞ୍ଚାୟତ ସ୍ତରୀୟ ୟୁନିଟ୍ ଗଠନ :

ବିଧାନସଭା ଗୃହରେ କୃଷି ସମ୍ବନ୍ଧୀୟ ଆଲୋଚନାରେ ଭାଗ ନେଇ ଚାଷୀମାନଙ୍କ 'ଶସ୍ୟବୀମା' ପାଇଁ ପ୍ରତି ବ୍ଲକ୍‌କୁ ଏକ ୟୁନିଟ୍ ରୂପେ ଗ୍ରହଣ କରାଯାଇଥିବା ଯୋଗୁଁ ଚାଷୀ ବୀମା କରି ମଧ୍ୟ ଉପଯୁକ୍ତ କ୍ଷତି ପାଇପାରୁ ନାହିଁ ବୋଲି ଦର୍ଶାଇଥିଲି । ମୁଁ ମଧ୍ୟ ଏହା ଉପଲବ୍ଧି କରିପାରି ଚାଷୀଙ୍କ ସୁବିଧା ପାଇଁ ବିଧାନସଭାରେ ଘୋଷଣା କଲି ଯେ, ''ଆମେ ଏ ବର୍ଷ 'ପଞ୍ଚାୟତ ୟୁନିଟ୍' କରିବା ପାଇଁ ଦୃଢ଼ ପଦକ୍ଷେପ ନେବୁ । ସେଥିପାଇଁ ପଞ୍ଚାୟତ ୱାରି ୟୁନିଟ୍‌ର ହିସାବ ରେକର୍ଡ ପ୍ରସ୍ତୁତ କରି କାର୍ଯ୍ୟକ୍ରମ ଗ୍ରହଣ କରିବୁ । ପଞ୍ଚାୟତ ୟୁନିଟ୍ ହେଲେ ଚାଷୀ ଶସ୍ୟବୀମା ଜନିତ କ୍ଷତିର ଉପଯୁକ୍ତ ଭରଣ ପାଇପାରିବ । ତେଣୁ ଆମ କୃଷି ସମବାୟ ବିଭାଗ ଏ ଦିଗରେ ଦୃଢ଼ ପଦକ୍ଷେପ ନେବ''।

ମୋ'ଠୁ ଏଭଳି ମତାମତ ଶୁଣି ବିରୋଧୀଦଳର ଜଣେ ମାନ୍ୟବର ସଦସ୍ୟ ଉଠିପଡି ତାଚ୍ଛଲ୍ୟ କରି ମନ୍ତବ୍ୟ ଦେଲେ, ''ବହୁ ମନ୍ତ୍ରୀ ଏ ବିଧାନସଭା ଗୃହରେ ବହୁ ପ୍ରତିଶ୍ରୁତି ଦେଇ ଯାଇଛନ୍ତି । ପ୍ରତିଶ୍ରୁତି ଦେବାରେ ଅସୁବିଧା କଣ ଅଛି''?

''ପୂର୍ବ ପ୍ରତିଶ୍ରୁତି ସଂଖ୍ୟା ୪୦ ହେଲେ କୃଷିମନ୍ତ୍ରୀଙ୍କ ପ୍ରତିଶ୍ରୁତିକୁ ମିଶାଇଲେ ୪୧ରେ ପରିଣତ ହେବ । ମନ୍ତ୍ରୀ ପ୍ରତିଶ୍ରୁତି ଦେବାରେ କିଛି ଅସୁବିଧା ହୋଇଥାଏ କି''?

ଏହିଭଳି ମନ୍ତବ୍ୟ ଶୁଣି ମୁଁ ଉଠିପଡି କହିଲି, ''କୃଷି ବିଭାଗ ହେଉଛି ଏକ ସମୟ ନିର୍ଘଣ୍ଟ ବିଭାଗ । ଏଥିରେ ଠିକ୍ ସମୟରେ ବିହନ ଯୋଗାଇବା, ଠିକ୍ ସମୟରେ ସମବାୟ ଋଣ ଚାଷୀଙ୍କୁ ଯୋଗାଇବା, ଠିକ୍ ସମୟରେ ସାର ଯୋଗାଇବାକୁ ପଡେ । ଆପଣମାନଙ୍କୁ ଯେଉଁ ପ୍ରତିଶ୍ରୁତି ଆଜି ଏହି ପବିତ୍ର ଗୃହରେ ମୁଁ ଦେଉଛି, ଆଗାମୀ ବିଧାନସଭା ଅଧିବେଶନ ବେଳକୁ ମୋ'ର ପ୍ରତିଶ୍ରୁତି କେତେଦୂର କାର୍ଯ୍ୟକାରୀ ହୋଇଛି ଆପଣମାନେ ଜାଣି ପାରିବେ । ଅସମ୍ଭବକୁ ସମ୍ଭବ କରିବା ପାଇଁ ଆମେ ଉଦ୍ୟମ ଜାରି ରଖିଛୁ'' ।

ମୋ'ଠୁ ଏହିଭଳି ଦୃଢ଼ ଉତ୍ତର ଶୁଣିଲା ପରେ ଆଉ ଜଣେ ବିଧାୟକ ଉଠିପଡି କହିଲେ, ''ବଚନେକି ଦାରିଦ୍ରତା''?

ମୋ'ର ମତାମତ ମାନ୍ୟବର ବିଧାୟକମାନଙ୍କ ବିଶ୍ୱାସଯୋଗ୍ୟ ହୋଇ ପାରିଲା ନାହିଁ । ଯାହା ଦୀର୍ଘ ବର୍ଷରୁ ହୋଇ ପାରି ନାହିଁ ତାହା ଅବା ସେମାନେ ଏତେ ଶୀଘ୍ର କିପରି ଗ୍ରହଣ କରିପାରିବେ ?

ସେ ଦିନର ବିଧାନସଭା କାର୍ଯ୍ୟକ୍ରମ ଶେଷ ହେଲା ପରେ କୃଷି ବିଭାଗର ସେକ୍ରେଟାରୀ, ଡାଇରେକ୍ଟର, ରେଜିଷ୍ଟ୍ରାର୍ ପ୍ରଭୃତି ମୋ'ର ବିଧାନସଭା କକ୍ଷରେ ବସି

Source: Author, Digitized by PPRACHIN, SOA

ଚିନ୍ତିତ ହୋଇପଡିଥାନ୍ତି । ସେମାନଙ୍କ ଚିନ୍ତାର କାରଣ ମୋ'ର ପ୍ରତିଶ୍ରୁତି ।

ଥରେ ସମସ୍ତଙ୍କୁ ଅନାଇ ନେଇ କହିଲି, ''ବିଧାନସଭା ଗୃହରେ ମୁଁ ମୋ'ର ପ୍ରତିଶ୍ରୁତି ଦେଇସାରିଛି । ଏହାକୁ ଆମ ବିଭାଗ ପାଇଁ ଏକ ଚ୍ୟାଲେଞ୍ଜ ବୋଲି ମନେ କରିବାକୁ ପଡିବ । ମନରେ ଦୃଢ଼ତା ସହ ଆମକୁ ଆମ କାର୍ଯ୍ୟରେ ଆଗେଇବାକୁ ପଡିବ । ଏହାର ପ୍ରାଥମିକ କାର୍ଯ୍ୟ ପାଇଁ ବିଭାଗୀୟ କର୍ମଚାରୀମାନଙ୍କୁ, ଜିଲ୍ଲା କୃଷି ଅଧିକାରୀ, ସମବାୟ ବିଭାଗର ଡେପୁଟି ରେଜିଷ୍ଟ୍ରାର୍, ସେକ୍ରେଟାରୀ ପ୍ରଭୃତିଙ୍କୁ ପଞ୍ଚାୟତ-ୱାରୀ ୟୁନିଟ୍ ରେକର୍ଡ୍ ପ୍ରସ୍ତୁତ କରିବା ପାଇଁ ସମୟ ନିର୍ଘଣ୍ଟ କରି କାଲି ହିଁ ଚିଠି ପ୍ରେରଣ କରିଦିଅନ୍ତୁ । ଏହାକୁ ଯୁଦ୍ଧକାଳୀନ ଭିତ୍ତିରେ ପ୍ରସ୍ତୁତ କରିବା ପାଇଁ ଜରୁରୀ ନିର୍ଦ୍ଦେଶ ଦିଅନ୍ତୁ'' ।

ସେମାନଙ୍କ ମନୋଭାବକୁ ଲକ୍ଷ୍ୟକରି ମୋ'ର ବିଭାଗର ଊର୍ଦ୍ଧ୍ୱ ଅଫିସରମାନଙ୍କୁ କହିଲି, ''ଶସ୍ୟବୀମାର ମୂଳକର୍ତ୍ତା 'ବମ୍ବେ ଇନ୍‌ସ୍ୟୁରେନ୍ସ କମ୍ପାନୀ'କୁ ଆଲୋଚନା ପାଇଁ ସମୟ ସ୍ଥିରକରି ସେମାନଙ୍କୁ ସୂଚାଇ ଦିଅନ୍ତୁ'' ।

''ଆମ ରାଜ୍ୟର ଡେଲିଗେଟ୍‌ରେ କୃଷି ବିଭାଗର ସେକ୍ରେଟାରୀ, ସମବାୟ ବିଭାଗର ରେଜିଷ୍ଟ୍ରାର୍ ସହ କୃଷି ଓ ସମବାୟ ବିଭାଗର ମନ୍ତ୍ରୀ ଟିମ୍‌ର ନେତୃତ୍ୱ ନେଇ ଆଲୋଚନାରେ ଅଂଶଗ୍ରହଣ କରିବେ'' ।

ଉପସ୍ଥିତ ସମସ୍ତ ଅଫିସର ମୋ' କଥା ଶୁଣି ଆଶ୍ଚର୍ଯ୍ୟରେ ମୋତେ ଅନାଇ ରହିଲେ ।

ସେକ୍ରେଟାରୀ ମିଷ୍ଟର ବର୍ମା, ରେଜିଷ୍ଟର୍ ମିଷ୍ଟର୍ କିଣ୍ଡୋ ପ୍ରଭୃତି ଆଶ୍ଚର୍ଯ୍ୟ ହୋଇ ମୋ' ମୁହଁକୁ ଚାହିଁ କହିଲେ, ''ସାର୍! ଆପଣ ଟିମ୍‌କୁ ଲିଡ୍ କରିବେ''?

ଗମ୍ଭୀର ହୋଇ କହିଲି, ''ହଁ, ମୁଁ ଯିବି''!

କୃଷି ବିଭାଗର ଡାଇରେକ୍ଟର ଡକ୍ଟର ମହାନ୍ତି ମଧ୍ୟ ବସିଥାନ୍ତି । ସମସ୍ତେ ଉତ୍ସାହିତ ହୋଇ କହିଲେ, ''ଆମେ ଯିବା ଆଉ ଆପଣ ଯିବା ମଧ୍ୟରେ ବହୁତ ତଫାତ ରହିଛି । ଆପଣ ଗଲେ ତାର ଭିନ୍ନ ପ୍ରଭାବ ପଡିବ । ଇନ୍‌ସ୍ୟୁରେନ୍ସ କମ୍ପାନୀ ମଧ୍ୟ ଅଧିକ ଗୁରୁତ୍ୱ ପ୍ରଦାନ କରିବ'' ।

ସମସ୍ତ କାର୍ଯ୍ୟକ୍ରମ ଚୂଡାନ୍ତ ହୋଇଗଲା ।

ସମସ୍ତ ଜିଲ୍ଲା ଅଫିସରଙ୍କ ପାଖକୁ ଅର୍ଜେଣ୍ଟ ଚିଠିସବୁ ଚାଲିଗଲା ।

କର୍ମଚାରୀମାନଙ୍କ ମଧ୍ୟରେ ନୂତନ ଜାଗରଣ ଖେଳି ଯାଇଥାଏ । ଜିଲ୍ଲା ଅଫିସରମାନେ ମଧ୍ୟ ତତ୍‌ପର ହୋଇ କାର୍ଯ୍ୟରେ ମନଦେଇ ଲାଗିଗଲେ ।

ମୁଁ ମଧ୍ୟ ସମୟେ ସମୟେ କାର୍ଯ୍ୟ କେତେ ଦୂର ଆଗେଇଛି ତାର ସମୀକ୍ଷା କରୁଥାଏ । ରେଜିଷ୍ଟ୍ରାର୍ ମଧ୍ୟ ବିଭିନ୍ନ ଜିଲ୍ଲା ଗସ୍ତ କରି କାମ କେତେଦୂର ଆଗେଇଲା,

Source: Author, Digitized by PPRACHIN, SOA

ପଞ୍ଚାୟତ ୱାରି ତାଲିକା ଠିକ୍ ହୋଇଛି କି ନାହିଁ ପ୍ରଭୃତି ବିଷୟମାନ ତଦାରଖ କଲେ । ଶସ୍ୟବୀମାଭୁକ୍ତ ଚାଷୀଙ୍କ ତାଲିକା ମଧ୍ୟ ପଞ୍ଚାୟତ ୱାରି ପ୍ରସ୍ତୁତ ହେଲା ।

ନିର୍ଦ୍ଦିଷ୍ଟ ଦିନ ଆମେ ଯାଇ ବମ୍ବେର ଇନ୍‌ସ୍ୟୁରେନ୍ସ କମ୍ପାନୀର ଉଚ୍ଚ କର୍ମକର୍ତ୍ତାଙ୍କ ସହ ଆଲୋଚନାରେ ଯୋଗ ଦେଲୁ । ଇନ୍‌ସ୍ୟୁରେନ୍ସ କମ୍ପାନୀର ଏକ ସୁନ୍ଦର ସୁସଜ୍ଜିତ କୋଠରୀରେ ଯାଇ ବସିଲୁ । ମୋତେ ସେମାନେ ଫୁଲତୋଡାଦେଇ ସ୍ୱାଗତ ଜଣାଇଲେ । ସଭିଙ୍କ ସହ କରମର୍ଦ୍ଦନ କରାଇ ସଭା କକ୍ଷକୁ ମୋତେ ପାଛୋଟି ନେଲେ ।

ଆଲୋଚନାରେ ଅଂଶଗ୍ରହଣ ପାଇଁ ମୁଁ ନିଜେ ମନ୍ତ୍ରୀ ହିସାବରେ ଯୋଗ ଦେଇଥିବା ଯୋଗୁଁ ଇନ୍‌ସ୍ୟୁରେନ୍ସ କମ୍ପାନୀର କର୍ମକର୍ତ୍ତାମାନଙ୍କ ମନରେ ମଧ୍ୟ ବିପୁଳ ଉତ୍ସାହ ଖେଳିଯାଇଥାଏ । କଥାଟାର ଗୁରୁତ୍ୱ ମଧ୍ୟ ବୃଦ୍ଧି ପାଇଥାଏ । ଜଣେ କ୍ୟାବିନେଟ୍ ପାହ୍ୟାର ମନ୍ତ୍ରୀ ବମ୍ବେ ଯାଇ ଇନ୍‌ସ୍ୟୁରେନ୍ସ କମ୍ପାନୀ କର୍ମକର୍ତ୍ତାମାନଙ୍କ ସହ ଆଲୋଚନା କରିବା, ଏହା ତାଙ୍କ ପାଇଁ ପ୍ରଥମ ଘଟଣା । କେବଳ ବିଭାଗୀୟ ଅଫିସରମାନଙ୍କ ସହିତ ସେମାନେ ଆଲୋଚନା କରିଥାନ୍ତି । ଅବା ରାଜ୍ୟକୁ ଯାଇ ସୌଜନ୍ୟମୂଳକ ଭାବେ ବିଭାଗୀୟ ମନ୍ତ୍ରୀଙ୍କୁ ସାକ୍ଷାତ କରିଥାନ୍ତି । ତେଣୁ ଗୋଟିଏ ରାଜ୍ୟର ମନ୍ତ୍ରୀ ବମ୍ବେର ତାଙ୍କ ଅଫିସକୁ ଯାଇ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ବିଷୟବସ୍ତୁ ଉପରେ ଆଲୋଚନା କରିବା ସେମାନଙ୍କ ପାଇଁ ନୂଆ ।

ଇନ୍‌ସ୍ୟୁରେନ୍ସ କମ୍ପାନୀର ଡାଇରେକ୍ଟର୍ ଯୁକ୍ତି କଲେ, ‘‘ପଞ୍ଚାୟତକୁ ୟୁନିଟ ରୂପେ କୌଣସି ପ୍ରଦେଶ ଏ ପର୍ଯ୍ୟନ୍ତ ଗ୍ରହଣ କରି ନାହିଁ । ଏହିଭଳି ପରିସ୍ଥିତିରେ କେଉଁଭଳି ଓ କେଉଁ ହିସାବରେ ଆମେ ଓଡିଶାକୁ ପଞ୍ଚାୟତ ୟୁନିଟ୍ ରୂପେ ଗ୍ରହଣ କରିବୁ’’ ?

ସେମାନଙ୍କ ସମସ୍ତ ଆପତ୍ତି ଶୁଣିବା ପରେ ମୁଁ କହିଲି, ‘‘ଶସ୍ୟବୀମାକୁ ପଞ୍ଚାୟତ ୟୁନିଟ ରୂପେ ଗ୍ରହଣ କରିବା ପାଇଁ ଆପଣଙ୍କ ନୀତି ନାହିଁ କି’’ ?

ଜଣେ କହିଲେ, ‘‘ଆବଶ୍ୟକ ହେଲେ ପ୍ରତି ଗ୍ରାମକୁ ମଧ୍ୟ ଆମର ୟୁନିଟ୍ ରୂପେ ଆମେ ଗ୍ରହଣ କରିବାର ନୀତିରେ ରହିଛି । ଯେମିତି ଲାଇଫ୍ ଇନ୍‌ସ୍ୟୁରେନ୍ସରେ ପ୍ରତ୍ୟେକ ବ୍ୟକ୍ତିକୁ ନେଇ ଜୀବନବୀମା ହୋଇଥାଏ, ସେହିଭଳି ଆମେ ପଞ୍ଚାୟତ ୟୁନିଟ୍ ନେବାରେ ଆମର ନୀତି ଅଛି । ମାତ୍ର, ସେଥିପାଇଁ ପଞ୍ଚାୟତ ୱାଇଜ୍ ରେକର୍ଡ଼ ପ୍ରସ୍ତୁତ ହେବା ଦରକାର’’ ।

ମୁଁ ଫେର୍ କହିଲି, ‘‘ପଞ୍ଚାୟତ ୟୁନିଟ ପାଇଁ ଆଉ କଣ କଣ ଆବଶ୍ୟକ ଅଛି ଆମକୁ କହନ୍ତୁ’’ ?

ଉତ୍ତରରେ କହିଲେ, ‘‘ଋଣ ନେଇଥିବା ପ୍ରତ୍ୟେକ ଚାଷୀଙ୍କ ପଞ୍ଚାୟତ ୱାରି

Source: Author, Digitized by PPRACHIN, SOA

ରେକର୍ଡ୍ ସହ ବିଗତ ତିନିବର୍ଷର କ୍ରପ୍ କଟିଙ୍ଗ୍ ରିପୋର୍ଟ୍ ମଧ୍ୟ ଆବଶ୍ୟକ'' ।

ମୁଁ ଫେର୍ କହିଲି, ''ଆପଣମାନଙ୍କୁ ମୋ' ରାଜ୍ୟ ଓଡିଶାକୁ ଆସିବା ପାଇଁ ନିମନ୍ତ୍ରଣ କରୁଛି । ପଞ୍ଚାୟତ ୟୁନିଟ୍ କରିବା ପାଇଁ ଯାହା ଯାହା ଆବଶ୍ୟକ, ଆପଣମାନେ ନିଜେ ବିଭିନ୍ନ ଜିଲ୍ଲା ଗସ୍ତ କରି ଆମର ପ୍ରସ୍ତୁତ ରେକର୍ଡ୍ ତଦାରଖ କରିବେ । ଏଥିରେ ସନ୍ତୁଷ୍ଟ ହେଲାପରେ, ଆପଣମାନେ ପଞ୍ଚାୟତ ୟୁନିଟ୍ ଘୋଷଣା କରିବା ଠିକ୍ ହେବ ବୋଲି ବିଚାର କରି ଘୋଷଣା କରିବେ । ତେଣୁ ଆପଣମାନେ ଯେତେ ଶୀଘ୍ର ସମ୍ଭବ ଓଡିଶା ଗସ୍ତରେ ଆସି ତଦନ୍ତ କରନ୍ତୁ'' ।

ମୋ'ଠୁ ଏହିଭଳି ଦୃଢ଼ ନିଶ୍ଚିତ ଉତ୍ତର ଶୁଣି ଏବଂ ଓଡିଶାକୁ ଆସିବା ପାଇଁ ମୋ' ନିମନ୍ତ୍ରଣ ଶୁଣିଲା ପରେ ସେମାନେ ମଧ୍ୟ ଆଗ୍ରହର ସହିତ ଓଡିଶା ଆସିବା ପାଇଁ ସମ୍ମତି ପ୍ରଦାନ କଲେ ।

ବିଭାଗୀୟ ଅଫିସରମାନଙ୍କ ସହିତ ବସି କାଗଜପତ୍ର ଫାଇଲ୍ ସବୁ ଦେଖି ସେମାନଙ୍କ ମନରେ ବିଶ୍ୱାସ ଜନ୍ମିଲା, ଓଡିଶା ଏ ଦିଗରେ ବହୁ ଆଗେଇ ଯାଇଛି । ପୁଣି ସେମାନେ ଯେତେବେଳେ ଜାଣିଲେ, ମାନ୍ୟବର କୃଷିମନ୍ତ୍ରୀ ବିଧାନସଭା ଗୃହରେ ଆଗାମୀ ଅଧିବେଶନ ସମୟରେ 'ଚାଷୀଙ୍କ ଶସ୍ୟବୀମା ବ୍ଲକ ସ୍ତରୀୟ ୟୁନିଟ୍‌ରୁ ପଞ୍ଚାୟତ ସ୍ତରୀୟ ୟୁନିଟ୍‌କୁ ରୂପାନ୍ତରିତ କରିବା ପାଇଁ ଦୃଢ଼ ଉଦ୍ୟମ କରିବେ' ସେତେବେଳେ ଅତ୍ୟନ୍ତ ଆନନ୍ଦିତ ହେଲେ ।

ଏ ସମସ୍ତ ଘଟଣା ଜାଣି, ଇନ୍‌ସ୍ୟୁରେନ୍ସ କମ୍ପାନୀ ମଧ୍ୟ ତାଙ୍କ କାର୍ଯ୍ୟରେ ତତ୍ପର ହୋଇ ଉଠିଲେ । ଇନ୍‌ସ୍ୟୁରେନ୍ସ କମ୍ପାନୀର ବରିଷ୍ଠ ଅଫିସର୍‌ଗଣ ନିର୍ଦ୍ଦିଷ୍ଟ ଦିନ ଓଡିଶା ଆସି ମୋ' ସହିତ ସେକ୍ରେଟାରୀଏଟ୍ ଚେମ୍ବରରେ ସାକ୍ଷାତ କଲେ । ହାତ ମିଳାଇ ସେମାନଙ୍କୁ ସ୍ୱାଗତ ଜଣାଇଲି ।

ମୁଁ ସ୍ପଷ୍ଟ ଭାବରେ କହିଲି, ''ଆପଣମାନେ ନିଜ ଇଚ୍ଛାମତେ ଯେଉଁ ଜିଲ୍ଲାକୁ ଯିବାକୁ ଚାହାଁନ୍ତି ଯାଇ ରେକର୍ଡ୍ ଚେକ୍ କରି ପାରିବେ''।

ସେମାନେ ଚାରୋଟି ଜିଲ୍ଲା ଗସ୍ତ କରି ପଞ୍ଚାୟତ ୟୁନିଟ୍ ଭାବେ ଶସ୍ୟବୀମା କାର୍ଯ୍ୟ କରିବା ପାଇଁ ହୋଇଥିବା ସମସ୍ତ କାଗଜପତ୍ର ପୁଙ୍ଖାନୁପୁଙ୍ଖ ଦେଖି ସନ୍ତୋଷ ପ୍ରକାଶ କଲେ ଏବଂ ଆସି ମୋତେ ସାକ୍ଷାତ କରି ତାଙ୍କ ମତ ପ୍ରଦାନ କଲେ ।

''ରେକର୍ଡ୍ ପ୍ରସ୍ତୁତି ଯଥାଯଥ ଭାବରେ ହୋଇଛି । ଓଡିଶା ପଞ୍ଚାୟତ ୟୁନିଟ୍ ହିସାବରେ ଶସ୍ୟବୀମା ପାଇବା ପାଇଁ ହକ୍‌ଦାର ହୋଇଛି ।

ଆମ୍ଭେ ବମ୍ବେ ଫେରିଗଲା ପରେ ଏହା ଲିଖିତ ଭାବରେ ଜଣାଇଦେବୁ'' ।

ବମ୍ବେରୁ ଆସିଥିବା ଇନ୍‌ସ୍ୟୁରେନ୍ସ କମ୍ପାନୀର ସଦସ୍ୟବୃନ୍ଦ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ

Source: Author, Digitized by PPRACHIN, SOA

ସହ ସାକ୍ଷାତ୍ କରି ମତ ବିନିମୟ ପୂର୍ବକ ପଞ୍ଚାୟତ ୟୁନିଟ୍ କାର୍ଯ୍ୟକ୍ରମ ଓଡିଶାରେ ସନ୍ତୋଷ ଜନକ ହୋଇଥିବା ପ୍ରକାଶ କଲେ । ନିର୍ଦ୍ଦିଷ୍ଟ ଦିନରେ ବମ୍ବେ ଇନ୍ସ୍ୟୁରେନ୍ସ କମ୍ପାନୀର ଲିଖିତ ଚିଠି ଆମର ହସ୍ତଗତହେଲା । ବ୍ଲକ ପରିବର୍ତ୍ତେ ପଞ୍ଚାୟତକୁ ୟୁନିଟ୍ ରୂପେ ଘୋଷଣା କରିଥିବା ଜାଣି ମୁଁ ଏବଂ ମୋ'ର ବିଭାଗର କର୍ମକର୍ତ୍ତାବୃନ୍ଦ ଆନନ୍ଦିତ ହେଲୁ । ଆମର ଉଦ୍ୟମ, ପରିଶ୍ରମ ସାର୍ଥକ ହେଲା ବୋଲି ମନରେ ସନ୍ତୋଷ ଭାବ ଖେଳିଗଲା ।

ନିର୍ଦ୍ଦିଷ୍ଟ ଦିନ ବିଧାନସଭା ଅଧିବେଶନ ବସିଲା । ସଭାଗୃହରେ କୃଷି ବିଷୟବସ୍ତୁ ଆଲୋଚନା ଦିନ ଘୋଷଣା କଲି, "ଗତ ବିଧାନସଭା ଅଧିବେଶନ ସମୟରେ ମାନ୍ୟବର ବିଧାୟକମାନଙ୍କୁ ଗୃହରେ ପ୍ରତିଶ୍ରୁତି ଦେଇଥିଲି, ଶସ୍ୟ ବୀମା ଯାହା 'ବ୍ଲକ ୟୁନିଟ୍' ରୂପେ କାର୍ଯ୍ୟ କରାହୋଇ ଆସୁଥିଲା, ତାହା ଏହି ବର୍ଷ 'ପଞ୍ଚାୟତ ୟୁନିଟ୍' ରୂପେ କାର୍ଯ୍ୟକାରୀ କରାଯିବ । ସମଗ୍ର ଭାରତ ବର୍ଷରେ ଓଡିଶା ହିଁ ଏ କ୍ଷେତ୍ରରେ ପ୍ରଥମ ରାଜ୍ୟ । ବିଗତ ବର୍ଷ ଯେଉଁ ଚାଷୀମାନେ ସମବାୟ ବିଭାଗରୁ କୃଷିଋଣ ନେଇ ଶସ୍ୟବୀମା କରିଥିବେ, ଅବା ଗ୍ରାମ୍ୟବ୍ୟାଙ୍କରୁ ଋଣ ନେଇଥିବେ, ସେମାନଙ୍କର ମରୁଡି ଜନିତ ଚାଷ କ୍ଷତି ହୋଇଥିଲେ, ମରୁଡି ଘୋଷଣା ପରେ ପଞ୍ଚାୟତ ୟୁନିଟ୍ ମୁତାବକ ସେହି ପଞ୍ଚାୟତର ଚାଷୀ କ୍ଷତିପୂରଣ ପାଇବା ପାଇଁ ହକ୍‌ଦାର ହେବେ" ।

ମୋ'ର ଏହି ଘୋଷଣା ଶୁଣିଲା ପରେ ଆମ ସରକାରୀ ଦଳର ମାନ୍ୟବର ସଦସ୍ୟମାନେ ଟେବୁଲ ବାଡେଇ ସ୍ୱାଗତ କଲେ । ବିରୋଧୀ ଦଳର ସଦସ୍ୟମାନେ ଆଶ୍ଚର୍ଯ୍ୟ ହୋଇ ମୋତେ ଚାହିଁ ଟେବୁଲ ବାଡେଇ ଅଭିନନ୍ଦନ ଜଣାଇଲେ ।

ପଞ୍ଚାୟତ ୟୁନିଟ୍ ହେଲାପରେ ଓଡିଶାର ଚାଷୀମାନେ ଶସ୍ୟ ବୀମା ଆକାରରେ ସେହି ବର୍ଷ ଅର୍ଥାତ୍ ୧୯୮୭-୮୮ ମସିହାରେ ୨୨କୋଟି ୪୫ ଲକ୍ଷ ଟଙ୍କା କ୍ଷତି ପୂରଣ ପାଇଥିଲେ ।

ପଞ୍ଚାୟତ ୟୁନିଟ୍‌କୁ ନେଇ ଶସ୍ୟବୀମା କାର୍ଯ୍ୟକାରୀ କରିବା ପାଇଁ ମୁଁ ମୂଳରୁ ଦୃଢ଼ ନିଶ୍ଚିତ ହୋଇ କାର୍ଯ୍ୟ କରିବା ଫଳରେ ଏବଂ ବିଭାଗୀୟ ସମସ୍ତ କର୍ମଚାରୀ ତତ୍‌ପର ହୋଇ ଉଠିବା ଦ୍ୱାରା ଏହା ସମ୍ଭବ ହେଲା । ଦୃଢ଼ ରାଜନୈତିକ ଇଚ୍ଛାଶକ୍ତି ହିଁ ଯେକୌଣସି ସଫଳତାର ମୂଳ । ଏହି ସଫଳତା ମୋ'ର ଆତ୍ମବିଶ୍ୱାସକୁ ବୃଦ୍ଧି କରିବାରେ ସହାୟକ ହୋଇଥିଲା ।

ରାସାୟନିକ ସାର ପ୍ରସଙ୍ଗରେ କେନ୍ଦ୍ରସରକାରଙ୍କ ସହ ଆଲୋଚନା :

ବିଭିନ୍ନ ରାଜ୍ୟର ଯୋଜନା ସମ୍ବନ୍ଧରେ ରାଜ୍ୟ ସରକାରଙ୍କ ସହ ଆଲୋଚନା କରି କେନ୍ଦ୍ରସରକାର ପଞ୍ଚବାର୍ଷିକ ଯୋଜନା ପ୍ରସ୍ତୁତ କରିଥାନ୍ତି । କୃଷି ସମ୍ବନ୍ଧୀୟ

Source: Author, Digitized by PPRACHIN, SOA

ଆଲୋଚନାରେ ମୁଖ୍ୟମନ୍ତ୍ରୀଙ୍କ ସହିତ କୃଷିମନ୍ତ୍ରୀ ହିସାବରେ ମୁଁ ଯୋଗ ଦେଇଥିଲି । ଦିଲ୍ଲୀ କୃଷି ଭବନରେ ଆଲୋଚନାରେ ଅଂଶଗ୍ରହଣ କଲି ।

ଚାଷ କାର୍ଯ୍ୟରେ ସାର ବ୍ୟବହାର ଆମ ରାଜ୍ୟରେ ସର୍ବଭାରତୀୟ ସ୍ତରରେ ଅତି ନିମ୍ନରେ ରହିଥାଏ । ତେଣୁ ସାର ବ୍ୟବହାର ବୃଦ୍ଧି ନିମିତ୍ତ କେନ୍ଦ୍ରସରକାର ଆମ ରାଜ୍ୟ ପାଇଁ ସ୍ୱତନ୍ତ୍ର ଭାବେ ୧୦ କେ.ଜି, ୨୦ କେ.ଜି ସାର ପ୍ୟାକେଟ୍ ପ୍ରଦାନ କରିବାକୁ ପ୍ରାଧାନ୍ୟ ଦେଇ ଆଲୋଚନା ପ୍ରସଙ୍ଗରେ ରାଜ୍ୟସ୍ତରରୁ ପ୍ରସ୍ତାବ ଦେଇଥିଲୁ ।

ସାଧାରଣତଃ ସାର ଉତ୍ପାଦନକାରୀ କମ୍ପାନୀମାନେ ୫୦ କେ.ଜି ସାର ପ୍ୟାକେଟ୍ ପ୍ରସ୍ତୁତ କରିଥାନ୍ତି । ଆମ ରାଜ୍ୟପାଇଁ ୧୦ କେ.ଜି, ୨୦ କେ.ଜି ସାର ପ୍ୟାକେଟ୍‌ର ପ୍ରସ୍ତାବ ଶୁଣି କେନ୍ଦ୍ର କୃଷିମନ୍ତ୍ରୀ ମାନ୍ୟବର ଭଜନଲାଲ ତାଚ୍ଛଲ୍ୟରେ ହସି ମୋତେ ଦେଖି କହିଲେ... ।

''ବେହେରାଜି ଆପ୍ ଓଡିଶାକେ କୃଷିମନ୍ତ୍ରୀ...'' ଏତକ କହିବା କ୍ଷଣି ମୁଁ ଉଠି କହିଲି, ''ହାଁ ଜି ମେ ଓଡିଶାକା କୃଷିମନ୍ତ୍ରୀ ହୁଁ...'' ।

ସେ ମୋତେ ଦେଖି କହିଲେ... ''୧୦ କେ.ଜି, ୨୦ କେ.ଜି ଖାଦ୍ କୋଇ ସବ୍‌ଜି ଖେତ୍‌ମେ ଡାଲ୍‌ନେକିଏ ଲିଏ ପ୍ରସ୍ତାବ ଦିଏଁ ହେଁ... । ଆପ୍ କୈସେ କୃଷି ମନ୍ତ୍ରୀ...'' । ଏତକ କହି ମାନ୍ୟବର ମନ୍ତ୍ରୀ ଠୋ ଠୋ ହସିଦେଲେ । ମନ୍ତ୍ରୀ ହସିଦେବା ଫଳରେ ସଭାରେ ଉପସ୍ଥିତ କେନ୍ଦ୍ରସରକାରଙ୍କ ଉଚ୍ଚ ଅଫିସରବୃନ୍ଦ ମଧ୍ୟ ହସି ପକାଇଲେ ।

ଆମ ମୁଖ୍ୟମନ୍ତ୍ରୀ ମାନ୍ୟବର ଜାନକୀବଲ୍ଲଭ ପଟ୍ଟନାୟକ ଏହିଭଳି ତାଚ୍ଛଲ୍ୟ ମନ୍ତବ୍ୟ ଶୁଣିବାରୁ ତାଙ୍କ ମୁହଁ ରାଗରେ ନାଲି ପଡିଗଲା । ମୋତେ ଦେଖି ବିରକ୍ତହୋଇ କହିଲେ, ''ତୁମକୁ ମୁଁ ମନା କରୁଥିଲି, କେନ୍ଦ୍ର ସରକାର ଏହାକୁ ସହଜରେ ଗ୍ରହଣ କରିବେ ନାହିଁ । ହେଲା ଏଥର... । ଓଡିଶାକୁ କେବଳ ବଦନାମ କଲ... ଆଉ କ'ଣ କଲ...''

ମୁଁ ମଧ୍ୟ କେନ୍ଦ୍ର କୃଷିମନ୍ତ୍ରୀଙ୍କ ତାଚ୍ଛଲ୍ୟ ମନ୍ତବ୍ୟ ଶୁଣି ଏବଂ ଆମ ମୁଖ୍ୟମନ୍ତ୍ରୀଙ୍କ ରାଗ ଦେଖି ଶଙ୍କି ଗଲି । ତଥାପି ମୁଁ ଧୈର୍ଯ୍ୟ ହରାଇ ନ ଥାଏ ।

ମୁଁ ଟିକିଏ ଚିନ୍ତା କରି ମୁଖ୍ୟମନ୍ତ୍ରୀଙ୍କୁ କହିଲି, ''ମୁଁ ତାର ଉତ୍ତର ଦେବି, ମୋତେ କହିବାକୁ ସୁଯୋଗ ଦିଅନ୍ତୁ'' ।

ମୁଖ୍ୟମନ୍ତ୍ରୀ ମୁହଁକୁ ଗମ୍ଭୀର କରି ମୋତେ ସ୍ପଷ୍ଟ ମନା କଲେ । ମୁଁ ଟିକିଏ ନରମି ପୁଣି କହିଲି, ''ପ୍ଲିଜ୍ ମୋତେ କହିବାକୁ ସୁଯୋଗ ଦିଅନ୍ତୁ'' । ମୋ'ର ଜିଦ୍ ଦେଖି ଏବଂ ମୋ'ରେ ପ୍ଲିଜ୍ ଅନୁରୋଧ ସ୍ୱର ଶୁଣି ତାଙ୍କ ହୃଦୟରେ ମଧ୍ୟ ଆଶା ସଂଚାର ହେଲା, ମୁଁ କଣ କହିବାକୁ ଚାହୁଁଛି ଜାଣିବା ପାଇଁ । ସେଥିପାଇଁ ସେ ତାଙ୍କ ସମ୍ମତି ଜଣାଇ ନିର୍ଦ୍ଦେଶ ଦେଲେ, ''କହ ! କ'ଣ କହିବାକୁ ଚାହୁଁଛ'' ।

Source: Author, Digitized by PPRACHIN, SOA

ମୁଁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଚାହିଁ, ମୁହଁରେ ହସ ଖେଳାଇ ଛିଡା ହୋଇ କେନ୍ଦ୍ର କୃଷି ମନ୍ତ୍ରୀଙ୍କୁ ଚାହିଁ କହିଲି –

''ମୁଁ ଓଡିଶାର କୃଷି ମନ୍ତ୍ରୀ ହିସାବରେ ୧୦ କେଜି, ୨୦ କେ.ଜି. ସାର ପ୍ୟାକେଟ୍ ପାଇଁ ପ୍ରସ୍ତାବ ଦେଇଛି'' । ଯୋର ଦେଇ କହିଲି, ''କାହିଁକି ଦେଇଛି, ତାହା ଆପଣ ଜାଣିବା ଉଚିତ'' । ବିଭିନ୍ନ ରାଜ୍ୟର ଏକ ତୁଳନାତ୍ମକ ସାର ବ୍ୟବହାର ଚିତ୍ର ପ୍ରଦାନ କରି କହିଲି, ''ଆନ୍ଧ୍ର ହେକ୍ଟର ପିଛା ୮୦ କେ.ଜି ସାର ବ୍ୟବହାର କରୁଛି । ପଞ୍ଜାବ ୮୫ କେ.ଜି ସାର ବ୍ୟବହାର କରୁଛି, ହରିୟାନା ୭୫ କେ.ଜି ସାର ବ୍ୟବହାର କରୁଛି, ଓଡିଶା ମାତ୍ର ୧୬ କେ.ଜି ହେକ୍ଟର ପିଛା ସାର ବ୍ୟବହାର କରୁଛି'' ।

କେନ୍ଦ୍ର ସରକାରଙ୍କ ବିଭାଗୀୟ ଅଫିସରମାନେ ମୋ' ମତ ସହ ସହମତ ହେଲେ । ମୁଁ ପୁଣି କହିଲି, ''ମାନ୍ୟବର ଭଜନଲାଲ ଜି, ଆପ୍ କଭି କଲାହାଣ୍ଡି କେ ନାମ ଶୁନେ ହେଁ...'' ?

ମୋର ପ୍ରଶ୍ନ ଶୁଣି ଟିକିଏ ଚିନ୍ତାକରି ଭଜନଲାଲ ଜି କହିଲେ.. ''ହାଁ... ହାଁ... ଯାହାଁ ଭୁକ୍ ମରିକେ ବାତ୍ ଉଠତା ହେ... ଯାହାଁ ରାଜୀବଜି ବାର ବାର ଯାତେ ହେଁ...'' ।

ମୁଁ ପୁଣି କହିଲି,... ''ଆପଣ ଠିକ୍ ଅନୁମାନ କରିଛନ୍ତି... ମୁଁ ହେଉଛି ସେହି କଳାହାଣ୍ଡି ଜିଲ୍ଲାର ପ୍ରତିନିଧି, ଆଜି ଓଡିଶାର କୃଷିମନ୍ତ୍ରୀ । ଆପଣ ଯେପରି ହରିୟାନାରୁ ଆସି କେନ୍ଦ୍ର କୃଷିମନ୍ତ୍ରୀ ହୋଇଛନ୍ତି...'' ।

''ମୋ'ର ସେହି କଳାହାଣ୍ଡି ଜିଲ୍ଲାରେ ସାର ବ୍ୟବହାର ହେକ୍ଟର ପ୍ରତି ସିର୍ଫ ୨ କେ.ଜି...''।

ମୋ'ର ଏହି ଉତ୍ତର ଶୁଣି କେନ୍ଦ୍ର ସରକାରଙ୍କ କର୍ମଚାରୀମାନେ ଫାଇଲ୍ ଖୋଲି ଓଡିଶାର ଜିଲ୍ଲାଓ୍ୱାରି ରିପୋର୍ଟ ଦେଖି ଜାଣିଲେ ଯେ, କଳାହାଣ୍ଡି ଜିଲ୍ଲାର ସାର ବ୍ୟବହାର ସମଗ୍ର ଦେଶରେ ସବୁଠୁ ନିମ୍ନରେ । କେବଳ ମାତ୍ର ହେକ୍ଟର ପ୍ରତି ୨ କେ.ଜି ଅଛି ।

ମୁଁ, ପୁଣି କହିଲି, ''ଏହା ଆପଣଙ୍କ କେନ୍ଦ୍ରସରକାରଙ୍କ ରିପୋର୍ଟ୍ । ମୋ' ନିଜ ମତ ନୁହେଁ । ମୋର ଜିଲ୍ଲାର ଚାଷୀମାନେ ଏତେ ଗରିବ, ଏକା ସାଙ୍ଗେ ୩୦୦ ଟଙ୍କା, ୪୦୦ ଟଙ୍କା ଦେଇ ସାର ପ୍ୟାକେଟ କିଣିବା ପାଇଁ ତାଙ୍କ ସାମର୍ଥ୍ୟ ନାହିଁ । ସେହି କ୍ଷୁଦ୍ର ଏବଂ ନାମମାତ୍ର ଗରିବ ଚାଷୀଙ୍କ ପାଇଁ ୧୦ କେ.ଜି, ୨୦ କେ.ଜି. ସାର ପ୍ୟାକେଟ ପାଇଁ ପ୍ରସ୍ତାବ ଦେଉଛି । ସେମାନେ ଟଙ୍କା ଯୋଗାଡ କରି କମ୍ ମୂଲ୍ୟରେ ୧୦ କେ.ଜି, ୨୦ କେ.ଜି ପ୍ୟାକେଟ୍ କିଣି ତାଙ୍କ ଚାଷ ଜମିରେ ସହଜରେ ବ୍ୟବହାର କରି ପାରିବେ। କୌଣସି ପନିପରିବା କ୍ଷେତରେ ପକାଇବା

Source: Author, Digitized by PPRACHIN, SOA

ପାଇଁ ନୁହେଁ । କ୍ଷୁଦ୍ର ଏବଂ ନାମମାତ୍ର ଗରିବ ଧାନ ଚାଷୀଙ୍କ ଆବଶ୍ୟକତା ପାଇଁ ଏହା ଅତି ଜରୁରୀ । ଯେତେଦିନ ପର୍ଯ୍ୟନ୍ତ କ୍ଷୁଦ୍ର ଏବଂ ନାମମାତ୍ର ଚାଷୀଙ୍କ ଉତ୍ପାଦନ ବୃଦ୍ଧି ହୋଇନାହିଁ, ଓଡିଶାରୁ ଦାରିଦ୍ର୍ୟ ଦୂର ହେବା ସମ୍ଭବ ନୁହେଁ । ଏଥିପାଇଁ ରାଜ୍ୟର ତଥା ଦେଶର କୃଷି ଉତ୍ପାଦନ ବୃଦ୍ଧି ମଧ ସମ୍ଭବ ନୁହେଁ'' ।

ମୋ'ଠୁ ଏହିଭଳି ଉତ୍ତର ଶୁଣିବା ପରେ କେନ୍ଦ୍ରକୃଷିମନ୍ତ୍ରୀ ଆଶ୍ଚର୍ଯ୍ୟ ହୋଇ ମୁହଁରେ ଗମ୍ଭୀରତା ଫୁଟାଇ କହିଲେ...

''ବେହେରାଜି ଆଜ୍ ଆପ୍ ହମାରା ଆଖ୍ ଖୋଲ ଦିଏ । ମୁଝେ ମାଲୁମ ନେହି ଥା, ଆପକେ ଇଲାକାମେ ହେକ୍ଟର କେ ପିଛା ସିର୍ଫ ୨ କେ.ଜି ଖାଦ୍ ବ୍ୟବହାର ହୋତେ ହେଁ । ଓଡିଶା ମେ ଯାଦା ଛୋଟେ ଚାଷୀ ହେଁ... ଇନ୍‌କେଲିଏ ଯାଦା ଧାନ୍ ଦେନା ଚାହିଏ...'' ।

ଓଡିଶା ଏବେ ମଧ ସାର ବ୍ୟବହାର ନେଇ ସର୍ବଭାରତୀୟ ସ୍ତରରେ ନିମ୍ନରେ ଅଛି । କେନ୍ଦ୍ର କୃଷିମନ୍ତ୍ରୀ ମୁହଁରେ ହସ ଫୁଟାଇ କହିଲେ - ''ଠିକ୍ ହେ ବେହେରାଜି ! ଓଡିଶାକେ ଲିଏ ୧୦ କେ.ଜି, ୨୦ କେ.ଜି ସାର ପ୍ୟାକେଟ୍ ମଞ୍ଜୁର ହୋଗ୍ୟା'' ।

ଏଥିପାଇଁ ମୁଁ ମାନ୍ୟବର କେନ୍ଦ୍ର କୃଷିମନ୍ତ୍ରୀଙ୍କୁ ଗରିବ ଚାଷୀମାନଙ୍କ ତରଫରୁ ଧନ୍ୟବାଦ ଅର୍ପଣ କଲି ।

ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଦେଖି ମୁହଁରେ ହସ ଫୁଟାଇ କହିଲି, ''ସାର ମଞ୍ଜୁର ହୋଇଗଲା'' ।

ସେ ମୁହଁରେ ହସ ଖେଳାଇ ମୋ' ମୁହଁକୁ ଅନାଇ ସମ୍ମତି ଜଣାଇଲେ ।

ମୁଁ ପୁଣି ଭଜନଲାଲ ମହାଶୟଙ୍କୁ ଆଉ ଦୁଇ ମିନିଟ୍ କହିବା ପାଇଁ ଅନୁରୋଧ କଲି ।

ସେ ଉତ୍ସାହିତ ହୋଇ ମୋତେ କହିଲେ, ''ବେହେରାଜି ଆଜ୍ ଆପ୍‌କେ ଦିନ୍... ଯୋ ବୋଲନା ହେ ବୋଲୋ'' ।

ମୁଁ ପୁଣି କହିଲି, ''ଆପଣ ମଞ୍ଜୁର କରିଥିବା ୧୦ କେ.ଜି, ୨୦ କେ.ଜି ପ୍ୟାକେଟ୍ ସାର ରାଜ୍ୟର ବିଭିନ୍ନ ଅନୁନ୍ନତ ଜିଲ୍ଲାକୁ (ମୋବାଇଲ ଭ୍ୟାନ୍) ଭ୍ରାମ୍ୟମାଣ ଗାଡିରେ ପଠାଇ ପ୍ରତ୍ୟେକ ଅଞ୍ଚଳରେ ବିକ୍ରି କରାଯିବ । ଚାଉଳ, ଚିନି, ଗହମ ଯେପରି ପ୍ରତ୍ୟେକ ଅଞ୍ଚଳରେ ମିଳିଥାଏ, ହାଟ ବଜାରରେ ମିଳିଥାଏ ଠିକ୍ ସେହିଭଳି ଜିଲ୍ଲା, ବ୍ଲକ୍, ପଞ୍ଚାୟତ ପର୍ଯ୍ୟନ୍ତ ପ୍ରୋଗ୍ରାମ୍ କରି ଚାଷୀଙ୍କ ପାଖରେ ପହଞ୍ଚାଇ ସାର ବିକ୍ରି ବ୍ୟବସ୍ଥା କରାଯିବ । ଫଳରେ, ରାଜ୍ୟରେ ସାର ବ୍ୟବହାର ବୃଦ୍ଧି ପାଇବ । ଏ ବର୍ଷ ଓଡିଶାରେ ୧୬ କେ.ଜିରୁ ୨୨ କେ.ଜି ସାର ହେକ୍ଟର ପ୍ରତି ବୃଦ୍ଧି ପାଇବ । କଳାହାଣ୍ଡି

Source: Author, Digitized by PPRACHIN, SOA

ଜିଲ୍ଲାରେ ମଧ୍ୟ ୨ କେ.ଜିରୁ ୧୨ କେ.ଜିକୁ ବୃଦ୍ଧି ପାଇବ ।

ମୋ'ଠୁ ଏହିଭଳି ଯୋଜନାବଦ୍ଧ କାର୍ଯ୍ୟକ୍ରମ ଏବଂ ସାର ବ୍ୟବହାର ବୃଦ୍ଧି କାର୍ଯ୍ୟକ୍ରମ ଶୁଣି ଆଶ୍ଚର୍ଯ୍ୟ ହୋଇ ମୋତେ ଚାହିଁ ମାନ୍ୟବର ମନ୍ତ୍ରୀ କହିଲେ, ''ବେହେରାଜି ସଚ୍‌ମୁଚ୍ ଚାଷ କେ ଲିଏ ଆପକା ପ୍ଲାନ୍ ପ୍ରୋଗ୍ରାମ୍, ବହୁତ ଆଚ୍ଛା ହେ... ଆପ୍ ଆଗେ ବଢ଼ୋ...'' ।

ଏହିଭଳି କେନ୍ଦ୍ର ସରକାରଙ୍କୁ ବୁଝାଇ ଆମ ରାଜ୍ୟ ପାଇଁ ବିଶେଷତଃ, କ୍ଷୁଦ୍ର ଏବଂ ନାମମାତ୍ର ଚାଷୀଙ୍କ ପାଇଁ ୧୦ କେ.ଜି, ୨୦ କେ.ଜି ସାର ପ୍ୟାକେଟ୍ ସେମାନଙ୍କ ପାଖରେ ପହଞ୍ଚାଇ ଦେବା ଫଳରେ ଜମିରେ ଅଧିକ ସାର ବ୍ୟବହୃତ ହେଲା । ଫଳରେ ଉତ୍ପାଦନ ମଧ୍ୟ ବୃଦ୍ଧି ପାଇଲା । ବର୍ତ୍ତମାନ କଳାହାଣ୍ଡି ଜିଲ୍ଲା ସାର ବ୍ୟବହାର କ୍ଷେତ୍ରରେ ରାଜ୍ୟରେ ତୃତୀୟ ସ୍ଥାନରେ ଅଛି । ଚାଷୀ ବର୍ତ୍ତମାନ ୫୦ କେ.ଜିରୁ ଉର୍ଦ୍ଧ୍ୱ ସାର ହେକ୍ଟର ପ୍ରତି ବ୍ୟବହାର କରୁଛନ୍ତି । ଜଳ-ଅମଳ-ପ୍ରକଳ୍ପ ପାଇଁ ମଧ୍ୟ କେନ୍ଦ୍ର ସରକାରଙ୍କ ସହିତ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଥିଲା ।

ଏହିଭଳି କୃଷି କ୍ଷେତ୍ରରେ ବହୁ ପରିବର୍ତ୍ତନ ଅଣାଯାଇ ପାରିଥିଲା । ଶୁଦ୍ଧ ମନରେ ରାଜ୍ୟର ଚାଷୀମାନଙ୍କ ଉନ୍ନତି ପାଇଁ କେତୋଟି କାର୍ଯ୍ୟକ୍ରମରେ ଦୃଢ଼ ନିଶ୍ଚିତ ରହି ଯଥାସ୍ଥାନରେ ତାର ଉପସ୍ଥାପନ କରି କେନ୍ଦ୍ରମନ୍ତ୍ରୀଙ୍କୁ ପ୍ରଭାବିତ କରିବା ପାଇଁ କ୍ଷମ ହୋଇଥିଲି । କେବଳ ସମାଜର ଅବହେଳିତ ଚାଷୀଙ୍କ ସ୍ୱାର୍ଥ ପାଇଁ ମୋ'ର ଦାୟିତ୍ୱ ଓ ନୈତିକ କର୍ତ୍ତବ୍ୟ ସଂପାଦନ କରିଥିଲି ।

ସମାଜରେ କୌଣସି କାମ ଛୋଟ ନୁହେଁ । ଛୋଟରୁ ବିରାଟ ପରିକଳ୍ପନା କରାଯାଇଥାଏ । ଛୋଟ ମଞ୍ଜିରୁ ବିରାଟ ଦ୍ରୁମ ସୃଷ୍ଟି ହୋଇଥାଏ । ତେଣୁ ଛୋଟ ଛୋଟ କାମରୁ ବିରାଟ ପରିକଳ୍ପନା ସଦାବେଳେ ଫଳପ୍ରଦ ହୋଇଥାଏ ।

ସେଦିନର ସେହି ଛୋଟ ପରିକଳ୍ପନା ୧୦ କେ.ଜି, ୨୦ କେ.ଜି ସାର ପ୍ୟାକେଟ୍‌ର ଚିନ୍ତାଧାରା ଆଜି ଆମ ରାଜ୍ୟରେ କୃଷି କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବାରେ କ୍ଷମ ହୋଇଛି ।

ଯେଉଁ ଚାଷୀମାନେ ସମବାୟ ବିଭାଗର ଋଣ ସହ ସାର ପ୍ୟାକେଟ୍ ପାଉଥିଲେ, ସେହି ଋଣୀ ଚାଷୀମାନେ ସେହି ୪୦୦ ଟଙ୍କାର ସାରକୁ ୧୦୦ ଟଙ୍କାରେ ଜଣେ ବଡଚାଷୀକୁ ବିକ୍ରି କରିଦେଇ କ୍ଷତିରେ ପଡୁଥିଲେ । ସେହି ଚାଷୀମାନେ ମଧ୍ୟ ଛୋଟ ପ୍ୟାକେଟ୍ ସାର ବ୍ୟବହାର କରି ଉନ୍ନତ ବିହନ ସହ ସାରର ଆବଶ୍ୟକତା ଧୀରେ ଧୀରେ ଉପଲବ୍ଧି କଲେ । ଏହାଦ୍ୱାରା ସେମାନେ ଚାଷର ଉନ୍ନତି କରି ଲାଭବାନ ହୋଇଥିଲେ । ଚାଷୀଙ୍କ ଗୋଟିଏ ଧାରଣା ଥିଲା, ସାର ବ୍ୟବହାର କଲେ ଜମିର

Source: Author, Digitized by PPRACHIN, SOA

ଉର୍ବରତା କମିଯିବ ଓ ଜମି ନଷ୍ଟ ହୋଇଯିବ । ଜମିର ମାଟି ପରୀକ୍ଷା କରି କେଉଁ ମାଟି ପାଇଁ କେଉଁ ସାରର ଆବଶ୍ୟକତା ଅଛି, ସେହି ସାର ଆବଶ୍ୟକତା ଅନୁସାରେ ବ୍ୟବହାର କଲେ ଜମି ନଷ୍ଟ ହେବ ନାହିଁ । ଚାଷୀଙ୍କ ଜମିର ମାଟି ପରୀକ୍ଷା ଅତି ଆବଶ୍ୟକ । ଚାଷ ପାଇଁ ଜୈବିକ ସାରର ମଧ୍ୟ ଆବଶ୍ୟକତା ରହିଛି । ଧୀରେ ଧୀରେ ଚାଷୀମାନେ ମଧ୍ୟ ଏ କ୍ଷେତ୍ରରେ ସଚେତନ ହେଲେଣି । ତେଣୁ ଆବଶ୍ୟକତାଠୁ ଅଧିକ ସାର ବ୍ୟବହାର ନ କରିବା ପାଇଁ ସେମାନେ ପ୍ରାୟ ସଚେତନ ।

ଛୋଟଧାନ ବିହନ ଯୋଗାଣ :

ଓଡିଶାରେ ବିଶେଷତଃ କଳାହାଣ୍ଡି, ବଲାଙ୍ଗିର, କୋରାପୁଟ, ଫୁଲବାଣି ପ୍ରଭୃତି ଜିଲ୍ଲାରେ ଢ଼ିପ ଜମି ଅଧିକ । ତେଣୁ ବର୍ଷା ଜଳ ଉପରେ ଚାଷ ନିର୍ଭର କରେ । ସୁତରାଂ, କମ୍ ଦିନରେ ଆଦାୟ ହେଉଥିବା ଧାନ 'କଲଚର ୱାନ' ଆନ୍ଧ୍ର ସରକାରଙ୍କଠୁ କେବଳ ୧୦୦ କୁଇଣ୍ଟାଲ ଆଣି ତାହା ଚାଷୀଙ୍କୁ ପ୍ରଦାନ କରାଯାଇଥିଲା । ପରବର୍ତ୍ତୀ କାଳରେ ସେମାନଙ୍କଠୁ ବିହନ କିଣି ଚାଷୀଙ୍କୁ ବ୍ୟାପକ ଭାବରେ ଯୋଗାଇ ଦିଆ ଯାଇଥିଲା । ଏହି ଧାନ ୬୦ ରୁ ୬୫ ଦିନ ମଧ୍ୟରେ ଅମଳ ହୋଇଥାଏ । ଚାଷୀ ମଧ୍ୟ ଢ଼ିପ ଜମିରୁ ଅଧିକ ଆୟ ପାଇ ଲାଭବାନ ହୋଇଥାଏ ।

କପା ଚାଷ ପାଇଁ ପ୍ରୋତ୍ସାହନ ପ୍ରଦାନ :

ସେହିପରି ଅର୍ଥକାରୀ ଫସଲ ରୂପେ କପା ଚାଷକୁ ପ୍ରାଧାନ୍ୟ ଦେଇ କାର୍ଯ୍ୟକ୍ରମ ଗ୍ରହଣ କରାଗଲା । କପାଚାଷ ବିଶେଷତଃ ରାୟଗଡା, କଳାହାଣ୍ଡି ଜିଲ୍ଲାର କେସିଙ୍ଗା ବ୍ଲକର ଉକ୍ରେଲା, କିକିଆ ପ୍ରଭୃତି ଅଞ୍ଚଳରେ, ଭବାନୀପାଟଣା ବ୍ଲକର କାମଠଣା, କର୍ଲାପଡା, ବୋର୍ଡା ପ୍ରଭୃତି ଅଞ୍ଚଳରେ ବ୍ୟାପକ ଭାବରେ କରାଯାଏ । ଅଧିକ ଚାଷୀଙ୍କୁ ଉତ୍ସାହିତ କରି ବିହନରେ ସବ୍‌ସିଡି ପ୍ରଦାନ କରି, ପୋକ ଦାଉରୁ କପା ଚାଷକୁ ରକ୍ଷା କରିବା ପାଇଁ ଛଅଥର ବିନା ମୂଲ୍ୟରେ ଔଷଧ ସିଞ୍ଚନ ପାଇଁ ସରକାରୀ ସାହାଯ୍ୟ ଯୋଗାଇ ଦିଆଯିବା ଫଳରେ ଚାଷୀ ଉପକୃତ ଏବଂ ଉତ୍ସାହିତ ହୋଇ କପା ଚାଷରେ ମନ ବଳାଇଲେ ।

ପୋକମରା ଔଷଧର ମୂଲ୍ୟ ଅଧିକ ହୋଇଥିବାରୁ ସରକାର କପାଚାଷୀଙ୍କୁ ବିନା ମୂଲ୍ୟରେ ଏହା ଯୋଗାଇ ଦେବା ଫଳରେ ଚାଷୀ ଉପକୃତ ହେଲେ । ତେଣୁ ଦିନକୁ ଦିନ କପାଚାଷ ବ୍ୟାପକ ହେଲା ।

ଏପରିକି ପଡି ରହିଥିବା ଅନାବାଦି ଜମିକୁ ମଧ୍ୟ ଚାଷୀମାନେ ଲିଜ୍ ସୂତ୍ରରେ ନେଇ କପା ଚାଷକୁ ସଂପ୍ରସାରଣ କରି ଅଧିକ ଲାଭବାନ ହୋଇ ପାରିଥିଲେ ।

Source: Author, Digitized by PPRACHIN, SOA

କଳାହାଣ୍ଡି ଜିଲ୍ଲାର ଗୋଲାମୁଣ୍ଡା ବ୍ଲକ, ଜୁନାଗଡ ବ୍ଲକ, ନର୍ଲା ବ୍ଲକ, ଲାଞ୍ଜିଗଡ ବ୍ଲକରେ ମଧ୍ୟ ବ୍ୟାପକ କପାଚାଷ ହେଉଅଛି ।

ଆଜି କଳାହାଣ୍ଡି, ରାୟଗଡା, ସୋନପୁର, ବଲାଙ୍ଗିର, କୋରାପୁଟ ପ୍ରଭୃତି ଅଞ୍ଚଳର ଚାଷୀ ଆର୍ଥିକ ଦୃଷ୍ଟିରୁ କପା ଚାଷ କରି ବିଶେଷ ଲାଭବାନ ହୋଇ ପାରିଛନ୍ତି । କୃଷ୍ଣ କାର୍ପାସ ମୃତ୍ତିକା କପା ଉତ୍ପାଦନ ପାଇଁ ଅନୁକୂଳ । ନୂତନ ପ୍ରଣାଳୀରେ ବିହନ, ଉପଯୁକ୍ତ ସାର ପ୍ରୟୋଗ କରି ଅନ୍ୟାନ୍ୟ ମୃତ୍ତିକାରେ ମଧ୍ୟ କପା ଚାଷ ବ୍ୟାପକ ଭାବରେ ବୃଦ୍ଧି ପାଇବାରେ ଲାଗିଛି । ଏଥିପାଇଁ ଗଡାଣିଆ ଜମି ବିଶେଷ ଅନୁକୂଳ । କପା ଆଜି ଓଡିଶାର ଧଳା ସୁନା ରୂପେ ପରିଗଣିତ ।

କପା ଉତ୍ପାଦନ ସହ ଉପଯୁକ୍ତ ମାର୍କେଟର ସୁବିଧା ମଧ୍ୟ ଯୋଗାଇ ଦିଆଗଲା । ବାହାରୁ ବ୍ୟବସାୟୀମାନେ କଳାହାଣ୍ଡି, ରାୟଗଡା ପ୍ରଭୃତି ଅଞ୍ଚଳକୁ ଆସି ନିଲାମରେ ଅଧିକ ମୂଲ୍ୟ ଦେଇ କପା ଚାଷୀଙ୍କଠୁ କପା କିଣିନେଲେ । ମଣ୍ଡିର ବ୍ୟବସ୍ଥା ହେବା ଫଳରେ ଚାଷୀ ଲାଭବାନ ହେଲେ । ବ୍ୟାଙ୍କ ସହିତ ଦେଣଲେଣ ଟ୍ୟାଗ୍ କରିବା ଫଳରେ ସେମାନଙ୍କୁ ଠକାମିର ଶିକାର ହେବାକୁ ପଡିଲା ନାହିଁ ।

ରାୟଗଡା ଓ କଳାହାଣ୍ଡିର କପା ଦେଶର ସବୁଠାରୁ ଉତ୍କୃଷ୍ଟ ଧରଣର କପା । ତେଣୁ ତାର ଚାହିଦା ମଧ୍ୟ ଅତ୍ୟଧିକ । ଚାଷୀ ତାର ଉତ୍ପାଦିତ କପାରୁ ଉପଯୁକ୍ତ ମୂଲ୍ୟ ପାଇ ପାରିଲେ । ଫଳରେ, ସେମାନଙ୍କର ଆର୍ଥିକ ଅଭିବୃଦ୍ଧି ଘଟିବାରୁ ଅଧିକ ଉତ୍ପାଦନ ପାଇଁ ଆଗ୍ରହ ବୃଦ୍ଧି ପାଇଲା ।

ମୁଁ କୃଷି ବିଭାଗର ମନ୍ତ୍ରୀ ଥିବା ସମୟରେ ପ୍ରତ୍ୟେକ ଅଞ୍ଚଳ ଗସ୍ତ କରି ଚାଷୀମାନଙ୍କ ଜମିକୁ ଯାଇ ସେମାନଙ୍କ ସହ ପରାମର୍ଶ ମଧ୍ୟ କରୁଥିଲି । କଳାହାଣ୍ଡି ଜିଲ୍ଲାର କେସିଙ୍ଗା ବ୍ଲକ ଅନ୍ତର୍ଗତ କିକିଆ ଗ୍ରାମକୁ ଯାଇ ଶହଶହ ଏକର କପା ଚାଷକୁ ଦେଖି ଭାବିଲି, ସତେ କଣ କଳାହାଣ୍ଡିର ଚାଷୀ ଭାଇମାନେ ମହାରାଷ୍ଟ୍ରର କପା ଚାଷୀଙ୍କ ଭଳି ଶହ ଶହ ଏକର କପା ଚାଷରେ ଲାଗି ଯାଇଛନ୍ତି ? ଆଖିକୁ ବିଶ୍ୱାସ ନ ହେଲା ଭଳି ଚାଷୀମାନେ ସତରେ କପା ଚାଷରେ ମନ ଲଗାଇ ଦେଇଥାନ୍ତି । ଯେଉଁ ଢ଼ିପ ଜମିଠୁ ଧାନ ଆଦାୟ କରି କ୍ଷତିରେ ପଡୁଥିଲେ, ସେହି ଜମିରେ କପା ଚାଷ କରି ଉପକୃତ ହେବା ଫଳରେ ସେମାନେ ଆଜି କପା ଚାଷରେ ମନ ପ୍ରାଣ ଦେଇ ଲାଗି ଯାଇଛନ୍ତି । ମୋ'ର ଗସ୍ତ ସମୟରେ ଜିଲ୍ଲାପାଳ, କୃଷି ବିଭାଗର ଅଫିସର୍ ତଥା ସ୍ୱତନ୍ତ୍ର ଭାବରେ ନିୟୋଜିତ କପା ଉତ୍ପାଦନ ଅଫିସର୍‌ମାନେ ଚାଷୀଙ୍କ ସହିତ ସଂପର୍କ ରକ୍ଷାକରି ଯଥାଯଥ ପରାମର୍ଶ ଦେଉଥିଲେ । ଫଳରେ, ପରାମର୍ଶ ପାଇ ଚାଷୀମାନେ ଉପକୃତ ହେଉଥିଲେ । ଓଡିଶାରେ କପା ଉତ୍ପାଦନ ଆଶାତୀତ ଭାବରେ

Source: Author, Digitized by PPRACHIN, SOA

ବୃଦ୍ଧି ପାଇଲା । ଆଜି ରାଜ୍ୟରେ କପା ଚାଷୀମାନେ ୧୦୦୦ କୋଟି ଟଙ୍କାରୁ ଉର୍ଦ୍ଧ୍ୱ କପା ଉତ୍ପାଦନ କରିବାରେ କ୍ଷମ ହୋଇଛନ୍ତି । ସେମାନଙ୍କୁ ପ୍ରୋତ୍ସାହନ ମିଳିଲେ ଏହା ଆହୁରି ବୃଦ୍ଧି ପାଇବ । ମାତ୍ର, ଦିନକୁ ଦିନ ମଧ୍ୟସ୍ଥିମାନେ ଚାଷୀଙ୍କୁ ଠକି ଫାଏଦା ଉଠାଇ ନେଉଛନ୍ତି । ଏ ଦିଗରେ ସରକାରଙ୍କ ହସ୍ତକ୍ଷେପ ନିତାନ୍ତ ଆବଶ୍ୟକ । ଜିଲ୍ଲା ପ୍ରଶାସକ ଚାଷୀଙ୍କ କପା ଉତ୍ପାଦନ ସମୟରେ ସଚେତନ ହୋଇ କାର୍ଯ୍ୟପନ୍ଥା ଗ୍ରହଣ କଲେ କପାଚାଷୀ ଲାଭବାନ ହୋଇପାରିବେ ।

ଓଡିଶାରେ କୃଷିଭିତ୍ତିକ ଶିଳ୍ପର ଅବସ୍ଥା :

ଓଡିଶାର ବିଭିନ୍ନ ଅଞ୍ଚଳରେ ସୂତାକଳମାନ ପ୍ରତିଷ୍ଠିତ ହେଲା । ଫଳରେ, ବହୁ କୁଶଳୀ ଶ୍ରମିକ ସୂତାକଳରେ ନିୟୋଜିତ ହେଲେ । ସେମାନଙ୍କ ଅର୍ଥନୈତିକ ବିକାଶ ସହ କପା ବିନିଯୋଗ ହୋଇ ସୂତା ଉତ୍ପାଦନ ବୃଦ୍ଧି ପାଇଲା ।

ମାତ୍ର, ଆମ ରାଜ୍ୟରେ ବହୁ ସୂତାକଳ ଉପଯୁକ୍ତ ପରିଚାଳନାର ଅଭାବ ଫଳରେ ବନ୍ଦ ହୋଇଯାଇଛି । କଳାହାଣ୍ଡି ଜିଲ୍ଲାର 'ମାଣିକେଶ୍ୱରୀ ସୂତାକଳ' ମଧ୍ୟ ବନ୍ଦ ହୋଇଗଲା । ଜାନକୀବାବୁଙ୍କ ମୁଖ୍ୟମନ୍ତ୍ରିତ୍ୱ ସମୟରେ ତାଙ୍କ ସ୍ଲୋଗାନ ଥିଲା ''ହଜାରେ ଦିନରେ ହଜାର ଶିଳ୍ପ'' । ଏହା ଶସ୍ତା ସ୍ଲୋଗାନ ନୁହେଁ । ଆମ ରାଜ୍ୟର ବହୁ ଶ୍ରମିକ ବାହାର ରାଜ୍ୟକୁ ଯାଇ କର୍ମରତ; ଅଥଚ ଆମଠି ଶିଳ୍ପ ପ୍ରତିଷ୍ଠା ହୋଇ ଓଡିଶା ଉପକୃତ ହେବ ନାହିଁ କାହିଁକି ?

ଓଡିଶାର ବହୁ ଶ୍ରମିକ ଗୁଜରାଟର ସୁରଟ ପ୍ରଭୃତି ଅଞ୍ଚଳକୁ ଯାଇ ସୂତାକଳମାନଙ୍କୁ ଚଲାଇ ରଖିଛନ୍ତି । ବିଶେଷତଃ, ଗଞ୍ଜାମ ଜିଲ୍ଲାର ବହୁ ଶ୍ରମିକ ସୁରଟରେ କାର୍ଯ୍ୟରତ । ଅଥଚ, ଆମ ରାଜ୍ୟରେ ସୂତାକଳମାନ ଅଚଳ ହୋଇ ପଡି ନଷ୍ଟ ହୋଇଯାଉଛି । ତେଣୁ ଓଡିଶାରେ ଶିଳ୍ପର ପ୍ରସାର ପାଇଁ ଗୁରୁତ୍ୱ ସହ କାର୍ଯ୍ୟକ୍ରମ ଆରମ୍ଭ ହେଲା । କିନ୍ତୁ ବିଡମ୍ବନା ଯେ, ଅନେକ ଚିନିକଳ ଆଜି ଅଚଳ ହୋଇଗଲା । ସେହିପରି ସୂତାକଳ ଗୁଡିକର ମଧ୍ୟ ଶୋଚନୀୟ ପରିଣତି ଘଟିଲା ।

ତେଣୁ ଆମ ରାଜ୍ୟରେ କୃଷିଭିତ୍ତିକ ଶିଳ୍ପର ସଂପ୍ରସାରଣ, ପରବର୍ତ୍ତୀ ସମୟରେ ବନ୍ଦ ହୋଇଯିବା ଫଳରେ ଓଡିଶାର ଅର୍ଥନୈତିକ ଅଭିବୃଦ୍ଧି ଯଥାଯଥ ଭାବରେ ସାଧିତ ହୋଇପାରିଲା ନାହିଁ ।

କୃଷି ଉତ୍ପାଦନ ସହ, କୃଷି ଭିତ୍ତିକ ଶିଳ୍ପର ସଂପ୍ରସାରଣରେ ଓଡିଶାର ଅର୍ଥନୈତିକ ଅଭିବୃଦ୍ଧି ସମ୍ଭବ । ରାଜ୍ୟର ୭୦ ଭାଗରୁ ଅଧିକ ଲୋକ ଚାଷକୁ ନିର୍ଭର କରି ଜୀବିକା ନିର୍ବାହ କରୁଛନ୍ତି । ବେକାର ସମସ୍ୟାର ସମାଧାନ ପାଇଁ କୃଷି ଭିତ୍ତିକ ଶିଳ୍ପ

Source: Author, Digitized by PPRACHIN, SOA

ପ୍ରତି ପ୍ରାଧାନ୍ୟ ଦେଇ କାର୍ଯ୍ୟକ୍ରମ ଗ୍ରହଣର ଗୁରୁତ୍ୱ ଅତ୍ୟଧିକ ରହିଛି ଏବଂ ଏହା ହିଁ ସମୟର ଆବଶ୍ୟକତା ।

ରାଜ୍ୟରେ ଖଣି ଭିତ୍ତିକ ଶିଳ୍ପର ଆବଶ୍ୟକତା ରହିଛି । ଏତଦ୍ୱାରା ଅର୍ଥନୈତିକ ବିକାଶ ତ୍ୱରାନ୍ୱିତ ହୋଇଥାଏ । ମାତ୍ର, କୃଷିଭିତ୍ତିକ ଶିଳ୍ପର ଗୁରୁତ୍ୱ ମଧ୍ୟ ଅତ୍ୟଧିକ । ଏହା ରାଜ୍ୟର ଦାରିଦ୍ର୍ୟ ଦୂରୀକରଣରେ ମୁଖ୍ୟ ଭୂମିକା ନିଭାଇବା ସହିତ ବେକାର ସମସ୍ୟା ମଧ୍ୟ ସମାଧାନ କରିପାରିବ । ଏଥିରେ ବହୁ ଯୁବକ କର୍ମନିଯୁକ୍ତି ସୁଯୋଗ ପାଇବା ଫଳରେ ରାଜ୍ୟର ଅର୍ଥନୈତିକ ବିକାଶ ଆହୁରି ଦ୍ରୁତତର ହୋଇପାରିବ । ମାତ୍ର, ଆଜି ଏ ଦିଗରେ ଉଦ୍ୟମ ଯଥାଯଥ ଭାବରେ ହୋଇପାରୁ ନାହିଁ । କୃଷି ଆଜି ଅବହେଳିତ ଅବସ୍ଥାରେ ଅଛି । ତେଣୁ ଚାଷୀ ପରିଶ୍ରମକାତର ନହୋଇ ଉତ୍ପାଦନ କରି ମଧ୍ୟ ଉପଯୁକ୍ତ ମଣ୍ଡିର ଅଭାବ ଏବଂ ବିଶୃଙ୍ଖଳିତ ପରିଚାଳନା ଯୋଗୁଁ 'ଅଭାବୀ-ଧାନ-ବିକ୍ରି'ର ଶିକାର ହୋଇ ହା' ହତାଶରେ ଦିନ ଅତିବାହିତ କରୁଛି । ଶେଷକୁ ଆତ୍ମହତ୍ୟାର ପନ୍ଥା ଧରି ନେଉଛି । ଏହା ହିଁ ଆମ ରାଜ୍ୟ ପାଇଁ ଏକ ଗୁରୁତର ବିଡମ୍ବନା ।

ଚିନାବାଦାମ ଉତ୍ପାଦନରେ ମଧ୍ୟ ଓଡିଶା ଏକ ଅଗ୍ରଣୀ ରାଜ୍ୟ ରୂପେ ପରିଗଣିତ ହୋଇପାରିଛି । ଓଡିଶା ସମଗ୍ର ଦେଶରେ ହେକ୍ଟର ପ୍ରତି ଚିନାବାଦାମ ଉତ୍ପାଦନରେ ସର୍ବାଧିକ । ବିଶେଷତଃ, କଳାହାଣ୍ଡି ଜିଲ୍ଲାର କଛାର ଜମିରେ (ନଦୀତଟ ଜମିରେ) ଚିନାବାଦାମ ଯଥେଷ୍ଟ ଉତ୍ପାଦିତ ହୋଇଥାଏ । କଛାର ଜମିକୁ ଭଲ ଭାବରେ ଚାଷ କରି ଚିନାବାଦାମ ରୋପଣ କରାଯାଏ । ଏହାକୁ ନିପାଣିଆ ଚିନାବାଦାମ ଚାଷ କୁହାଯାଏ । ଜମିକୁ ଅଧିକଥର ହଳ ଲଙ୍ଗଳ ଚଳାଇ ଚାଷ କରିବା ଦ୍ୱାରା ଜମିର ଆର୍ଦ୍ରତା ମାଟି ତଳେ ସଂଚିତ ହୋଇ ରହେ । ଫଳରେ, ତାହା ଚିନାବାଦାମ ଚାଷପାଇଁ ଜଳର ଆବଶ୍ୟକତା ମେଣ୍ଟାଇ ଥାଏ ।

ସମ୍ବଲପୁର, ବରଗଡ ପ୍ରଭୃତି ଅଞ୍ଚଳରେ ଜଳସେଚିତ ଜମିରେ ମଧ୍ୟ ଚିନାବାଦାମ ଚାଷ କରାଯାଇ ଚାଷୀ ଯଥେଷ୍ଟ ଲାଭବାନ ହୋଇପାରିଥାନ୍ତି । ଏହା ଆମ ରାଜ୍ୟର ଏକ ଅର୍ଥକାରୀ ଫସଲ ।

ପିଆଜ ମଧ୍ୟ କଳାହାଣ୍ଡି, ବଲାଙ୍ଗିର ଜିଲ୍ଲାରେ ପ୍ରଚୁର ଉତ୍ପାଦନ ହୁଏ । ମାତ୍ର, ଉତ୍ପାଦିତ ପିଆଜକୁ ଗଚ୍ଛିତ କରି ରଖିବାର ସୁଯୋଗ ନ ଥିବା ଯୋଗୁଁ ଚାଷୀ ବାଧ୍ୟ ହୋଇ କମ୍ ଦରରେ ବିକ୍ରି କରିଦିଏ । ରାୟପୁର ଅଞ୍ଚଳର ପିଆଜ ବ୍ୟବସାୟୀ ସେହି ପିଆଜକୁ କିଣିନେଇ କିଛି ମାସପରେ ଓଡିଶାକୁ ଅଧିକ ଦରରେ ଯୋଗାଇ ଦେଇଥାନ୍ତି ।

ରାଜ୍ୟ ସରକାର ରାଜ୍ୟର ସ୍ୱାର୍ଥ ତଥା ଚାଷୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ପିଆଜ ଗଚ୍ଛିତ କରି ରଖିବା ପାଇଁ ଷ୍ଟୋରେଜ୍ ବ୍ୟବସ୍ଥା କରିବା ଆବଶ୍ୟକ । ପିଆଜ ଏକ ଲାଭଜନକ

Source: Author, Digitized by PPRACHIN, SOA

ବ୍ୟବସାୟ । ମାତ୍ର, ଆମ ରାଜ୍ୟରେ ଚାଷୀ ଷ୍ଟୋରେଜ୍ ଅଭାବ ଯୋଗୁଁ ଲାଭବାନ ହୋଇପାରୁ ନାହାନ୍ତି । ଉତ୍ପାଦିତ ପିଆଜକୁ ଚାଷୀ କମ୍ ଦାମରେ ବିକ୍ରିକରି କ୍ଷତିରେ ପଡୁଛନ୍ତି ।

ମୁଁ ପ୍ରତିବର୍ଷ ମୋ'ର ନିଜର ବ୍ୟବହାର ପାଇଁ ପିଆଜ ଚାଷ କରେ । ମୋ' ଜାଣିବାରେ ଆଜକୁ ଦୀର୍ଘ ୨୫ ବର୍ଷ ହେବ ମୁଁ ବଜାରରୁ ପିଆଜ କିଣି ନାହିଁ । ପନିପରିବା ମଧ୍ୟ ମୋ'ର ଘରର ଆବଶ୍ୟକତା କିଛି ପୂରଣ କରିଥାଏ । ପିଆଜ, ରସୁଣ, ମରିଚ ମୁଁ ମୋ'ର ଚାଷ ଜମିରୁ ପାଇଥାଏ । ସୋରିଷ, କୁସୁମୀ, ସୂର୍ଯ୍ୟମୁଖୀ ଚାଷ କରି ମଧ୍ୟ ସେହି ତେଲଗୁଡ଼ିକର ଆବଶ୍ୟକତା ମେଣ୍ଟାଇଥାଏ । ଚିନାବାଦାମ ଚାଷ ମଧ୍ୟ ଯଥେଷ୍ଟ ଉତ୍ପାଦନ କରିଥାଏ । ରାଶିତେଲର ଆବଶ୍ୟକତା ମଧ୍ୟ ମୁଁ ମୋ'ର ଚାଷରୁ ମେଣ୍ଟାଇଥାଏ । ତେଣୁ ପ୍ରତ୍ୟେକ ଧାନଚାଷୀ ନିଜ ଘରର ଆବଶ୍ୟକ ପନିପରିବା ଉତ୍ପାଦନ ପାଇଁ ଧ୍ୟାନ ଦେଲେ ବଜାରର ମହଙ୍ଗା ତଥା ରାସାୟନିକ ସାର ବ୍ୟବହୃତ ପନିପରିବା କିଣିବା ଦରକାର ପଡିବ ନାହିଁ । ମୁଁ ଯେଉଁ ପନିପରିବା ଚାଷକରେ ଏବଂ ତୈଳବୀଜ ଉତ୍ପାଦନ କରେ ସେଥିରେ ରାସାୟନିକ ସାର ପ୍ରୟୋଗ କରେ ନାହିଁ । ଗୋବର ଖତ ଅବା ଛେଳିଲେଣ୍ଡି ଅବା ପୋଖରୀର ପଙ୍କ କାଢ଼ି ତାକୁ ଶୁଖାଇ ପ୍ରୟୋଗ କରି ପନିପରିବା ଉତ୍ପାଦନ କରିଥାଏ । ଫଳରେ ରାସାୟନିକ ସାର ବିହୀନ ନିଜ ବାଡିର ପନିପରିବା ଖାଇବାରେ ଅଶେଷ ତୃପ୍ତି ମିଳିଥାଏ । ମୁଗ, ବିରି, ମସୁର ପ୍ରଭୃତି ମଧ୍ୟ ଭାଗଚାଷ କରି ମୋ'ର ଘରର ଆବଶ୍ୟକତା ପୂରଣ କରିଥାଏ ।

କଫି ଚାଷ :

ରାଜ୍ୟରେ କଫି ଉତ୍ପାଦନ ବୃଦ୍ଧି ପାଇଁ ଉଦ୍ୟମ କରାଗଲା । ବିଶେଷତଃ କୋରାପୁଟ, କଳାହାଣ୍ଡି ଜିଲ୍ଲାର ଥୁଆମୂଳ-ରାମପୁର ବ୍ଲକରେ ଏଥିପାଇଁ ଗୁରୁତ୍ୱ ଦେଇ କାର୍ଯ୍ୟକ୍ରମ ଗ୍ରହଣ କରାଗଲା । କଫି ଉତ୍ପାଦନରେ ପ୍ରୋସେସିଙ୍ଗ ପାଇଁ ଥୁଆମୂଳ-ରାମପୁର ବ୍ଲକରେ ପ୍ରୋସେସିଙ୍ଗ ମେସିନ୍ ପ୍ରତିଷ୍ଠା ହୋଇଥିଲା । ତାହା ନଷ୍ଟ ହୋଇଯିବା ପରେ ବର୍ତ୍ତମାନ ଏଠାକାର ଉତ୍ପାଦିତ କଫିର ପ୍ରୋସେସିଙ୍ଗ ପାଇଁ ବାଙ୍ଗାଲୋରକୁ ନିଆଯାଉଛି । ଷାଠିଏ ଦଶକରୁ ଦକ୍ଷିଣ ପଶ୍ଚିମ ଓଡିଶାର କୋରାପୁଟ, କଳାହାଣ୍ଡିରେ କଫିଚାଷ ହୋଇ ଆସୁଛି । ଓଡିଶା ଏ କ୍ଷେତ୍ରରେ ମଧ୍ୟ ପଛରେ ନ ଥିଲା ।

ଦେଓମାଳି ପର୍ବତର ପାଦ ଦେଶରେ ଥିବା ସେମିଳିଗୁଡା, ମୁନିଧୁପୁଟ ଓ ନୂଆପୁଟ ଅଞ୍ଚଳରେ ପ୍ରଥମ ପର୍ଯ୍ୟାୟରେ କଫି ଚାଷ ଆରମ୍ଭ ହୋଇଥିଲା । ଏହି ଅଞ୍ଚଳର ମାଟି ଲାଲ । ତାହା କଫି ଚାଷ ପାଇଁ ଉତ୍କୃଷ୍ଟ । କଫି ଚାଷ ପାଇଁ ପ୍ରାରମ୍ଭରେ ଅଧିକ ଅର୍ଥ

Source: Author, Digitized by PPRACHIN, SOA

ବ୍ୟୟ କରାଯାଇଥାଏ । ମଞ୍ଜି ଲଗାଇବାର ୫ ବର୍ଷ ପରେ କଫି ଉତ୍ପାଦନ କରାଯାଇଥାଏ । ତେଣୁ ଏହି ଦୀର୍ଘ ସମୟର ବ୍ୟବଧାନ ବେଳେ ଅନ୍ୟ ଉପାର୍ଜ୍ଜନ ନ ଥିଲେ ଚାଷୀ ଅସୁବିଧା ଭୋଗିଥାଏ । ତେଣୁ ସାଧାରଣ ଚାଷୀ ବିଶେଷତଃ, କ୍ଷୁଦ୍ର ଏବଂ ନାମମାତ୍ର ଚାଷୀ କଫି ଚାଷ ପାଇଁ ବୀତସ୍ପୃହ । କଫି ଚାଷ କରିଥିବା ଜମିରେ ମଧ୍ୟ ଚାଷୀମାନେ ହଳଦି, ଅଦା, ଚାଷ କରି ଉପାର୍ଜ୍ଜନ କରି ପାରିବେ ।

କଫି ଏକ ଅର୍ଥକାରୀ ଫସଲ । ତେଣୁ କଫି ଚାଷ କରି ଚାଷୀ ଲାଭବାନ ହୋଇପାରିବ । ମାତ୍ର, ଛୋଟ ଚାଷୀମାନେ ସରକାରୀ ପ୍ରୋତ୍ସାହନ ବିନା ଏହି ଚାଷ ପାଇଁ ସାହସ କରିପାରୁ ନାହାନ୍ତି ।

କୋରାପୁଟ, କଳାହାଣ୍ଡି, କେଉଁଝର, ରାୟଗଡା, ଫୁଲବାଣୀ ଓ ଗଜପତି ପ୍ରଭୃତି ଜିଲ୍ଲାରେ କଫି ଚାଷ ପାଇଁ ସୁଯୋଗ ରହିଛି । କୋରାପୁଟ ଜିଲ୍ଲାରେ ବର୍ତ୍ତମାନ ପ୍ରାୟ ୧୫୦୦ ହେକ୍ଟର ଜମିରେ କଫି ଚାଷ ହେଉଛି ।

ଥୁଆମୁଲ ରାମପୁର ବ୍ଲକରେ ପ୍ରାୟ ୧୦୦ ହେକ୍ଟର ଜମିରେ କଫି ଚାଷ କରାଯାଉଥିଲା । କଫି ଗଛରୁ ମଞ୍ଜି ସଂଗ୍ରହ କରାଯାଇ ତାକୁ ପ୍ରୋସେସିଙ୍ଗ କରି ବିକ୍ରି କରା ଯାଉଥିଲା । ପ୍ରତିବର୍ଷ କଫି ମଞ୍ଜି ସଂଗ୍ରହ କରି ନିଲାମ କରାଯିବାରୁ ଚାଷୀ ଆର୍ଥିକ ଦୃଷ୍ଟିରୁ ଲାଭବାନ ହେଲା । ମୋ' ଜାଣିବାରେ ୧୯୮୮ ମସିହାରେ 'ଭାଇଜାଗ କଫି ବୋର୍ଡ' ନିଲାମରେ ପ୍ରାୟ ୧୨ ଲକ୍ଷ ଟଙ୍କାର କଫି କଳାହାଣ୍ଡି ଜିଲ୍ଲାରୁ ସଂଗ୍ରହ କରିଥିଲା । ଅଞ୍ଚଳର ପ୍ରାୟ ୮୦ ଜଣ ଶ୍ରମିକ କାର୍ଯ୍ୟରେ ନିୟୋଜିତ ହୋଇଥିଲେ । ସଏଲ୍ କନ୍‌ଜର୍ଭେସନ୍ ବିଭାଗରେ ଏହା କାର୍ଯ୍ୟକାରୀ ହେଉଥିଲା ।

ମାତ୍ର, ବର୍ତ୍ତମାନ ସମୟରେ ସେହି କଫି ଜମି ସମୂହକୁ ଭୂମିହୀନ ଚାଷୀଙ୍କୁ ପ୍ରଦାନ କରାଗଲା । ସେମାନେ କଫି ଉତ୍ପାଦନ ପାଇଁ ଯେଉଁ ପ୍ରାରମ୍ଭିକ ଖର୍ଚ୍ଚ ତୁଲାଇବା କଥା ତାହା ସେମାନଙ୍କଦ୍ୱାରା ସମ୍ଭବ ହେଲା ନାହିଁ । ସରକାର ମଧ୍ୟ ସେମାନଙ୍କୁ ଏଥିପାଇଁ ଆର୍ଥିକ ସାହାଯ୍ୟ ଠିକ୍ ସମୟରେ ପ୍ରଦାନ ନ କରିବା ଫଳରେ କଫି ଚାଷ ସମ୍ପୂର୍ଣ୍ଣ ନଷ୍ଟ ହୋଇଗଲା । ସେମାନେ ଆର୍ଥିକ ଦୃଷ୍ଟିରୁ ଲାଭବାନ ହୋଇପାରିଲେ ନାହିଁ ।

ଦୂରଦୃଷ୍ଟିର ଅଭାବ ଫଳରେ ଯୋଜନାର ବିଫଳତା ଏହିଭଳି ଗୋଟିଏ ପରେ ଗୋଟିଏ ଦେଖା ଦେଇଥାଏ । ଆମେ ଦିଅଁ ଗଢୁ ଗଢୁ ମାଙ୍କଡ ଗଢ଼ିବାରେ ସମୟ ଅତିବାହିତ କରିଥାଉ ।

କୃଷି, ସମବାୟ ବିଭାଗ ସହ ଅନୁସୂଚିତ ଜାତି ଦାୟିତ୍ୱ :

ମୁଁ ତା.୦୬.୦୨.୧୯୮୭ରେ ଅନୁସୂଚିତ ଜାତି, ଜନଜାତି ବିଭାଗର ମନ୍ତ୍ରୀ

Source: Author, Digitized by PPRACHIN, SOA

ଦାୟିତ୍ୱ ବହନ କଲାପରେ ବିଭାଗୀୟ ଅଫିସରମାନଙ୍କୁ ଡାକି ସେମାନଙ୍କ ସହିତ ଆଲୋଚନା କରି ଅନେକ କଥା ଜାଣିପାରିଲି । ବିଭାଗର ଅନେକ ସମସ୍ୟା ରହିଛି । ତାର ସମାଧାନ କରାଯାଇ ପାରି ନାହିଁ । ଆର୍ଥିକ ସଂକଟ ନ ଥିବା ସତ୍ତ୍ୱେ ଅନେକ ସମସ୍ୟାର ସମାଧାନ ହୋଇ ପାରି ନାହିଁ । ଶିକ୍ଷାନୁଷ୍ଠାନମାନଙ୍କର ମ୍ୟାଟ୍ରିକ୍ ଫଳାଫଳ ମଧ୍ୟ ତଦ୍ରୂପ ଅତି ନୈରାଶ୍ୟଜନକ ।

ବିଧାନସଭାରେ ଆଲୋଚନା ସମୟରେ ମଧ୍ୟ ଏହି ବିଭାଗର ବହୁ ଦୋଷ ଦୁର୍ବଳତା ବାହାରକୁ ଆସିଯାଇଛି । ଅନେକ ହାଇସ୍କୁଲ୍ ଅଛି, ଯେଉଁ ସ୍କୁଲ୍‌ରେ ୫/୭ ବର୍ଷ ମଧ୍ୟରେ ଜଣେ ବି ମ୍ୟାଟ୍ରିକୁଲେଟ୍ ହୋଇ ବାହାରିପାରି ନାହାନ୍ତି । ସରକାର ଅନୁସୂଚିତ ଜାତି, ଜନଜାତି କଲ୍ୟାଣ ପାଇଁ ବହୁ ଅର୍ଥ ଖର୍ଚ୍ଚ କରୁଛନ୍ତି । ଶିକ୍ଷକ ନିଯୁକ୍ତ ହୁଅନ୍ତି, ମାତ୍ର ଫଳାଫଳ ଅତି ନିମ୍ନମାନର । ନାରୀଶିକ୍ଷା କ୍ଷେତ୍ରରେ ଏହା ଆହୁରି ଅଧିକ ଶୋଚନୀୟ ।

ଏ ସମସ୍ତ ବିଷୟ ବିଭାଗୀୟ ଅଫିସରମାନଙ୍କଠୁ ଜାଣିବା ପରେ ମୁଁ ସ୍ଥିରକଲି, ଶିକ୍ଷାର ଗୁଣାତ୍ମକ ବିକାଶ ପାଇଁ ମୋତେ କେତୋଟି ଦୃଢ଼ ପଦକ୍ଷେପ ନେବାକୁ ପଡିବ । ଶିକ୍ଷା କ୍ଷେତ୍ରରେ ଅନୁସୂଚିତ ଜାତି, ଜନଜାତିର ଛାତ୍ରଛାତ୍ରୀମାନଙ୍କୁ ଉପଯୁକ୍ତ ଶିକ୍ଷା ବ୍ୟବସ୍ଥା ପ୍ରତି ସଚେତନ ନ କଲା ପର୍ଯ୍ୟନ୍ତ ଏହି ସଂପ୍ରଦାୟର ଉନ୍ନତି ସମ୍ଭବ ନୁହେଁ । ଶିକ୍ଷା କ୍ଷେତ୍ରରେ ସେମାନେ ବହୁ ପଛରେ ପଡି ଯାଇଛନ୍ତି ।

ବିଭାଗର ସେକ୍ରେଟାରୀଙ୍କୁ ନିର୍ଦ୍ଦେଶ ଦେଲି, ପ୍ରଧାନଶିକ୍ଷକ, ଶିକ୍ଷୟିତ୍ରୀଙ୍କ କନ୍‌ଫରେନ୍ସ ଏକ ଆଦିବାସୀ ସ୍କୁଲ ପରିସରରେ ଅନୁଷ୍ଠିତ ହେଉ । ସେଠି ବିଭିନ୍ନ ସ୍କୁଲର ପ୍ରଧାନଶିକ୍ଷକ, ଶିକ୍ଷୟିତ୍ରୀମାନେ ଆସି ଯୋଗ ଦେବେ । ସେମାନଙ୍କ ସମସ୍ୟା ଉପରେ ସେମାନଙ୍କର ମତାମତ ଜାଣିଲା ପରେ ସେଗୁଡିକର ସମାଧାନ ପାଇଁ ତୁରନ୍ତ ଉଦ୍ୟମ କରାଯିବ । ବିଭାଗୀୟ ଅଫିସରମାନେ ମଧ୍ୟ ସେଠି ଯୋଗ ଦେବେ । ମୁଁ ମଧ୍ୟ ସେଠି ଉପସ୍ଥିତ ରହି ସେମାନଙ୍କ ମତାମତ ଶୁଣିବି ଏବଂ ସେଇଠି ହିଁ ତାର ପ୍ରତିକାର କରାଯିବ ।

ନିର୍ଦ୍ଦିଷ୍ଟ ଦିନ ଏବଂ ସମୟରେ ଏହି କନ୍‌ଫରେନ୍‌ସ୍‌ର ସ୍ଥିର ହୋଇଥିଲା ।

କୋରାପୁଟ ଜିଲ୍ଲାର ଆଦିବାସୀ ବିଭାଗର ହାଇସ୍କୁଲ୍ ପ୍ରାଙ୍ଗଣରେ କନ୍‌ଫରେନ୍ସ ଆରମ୍ଭ ହେଲା ।

ଆଗ୍ରହର ସହିତ ପ୍ରଧାନଶିକ୍ଷକ, ଶିକ୍ଷୟିତ୍ରୀମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କଲେ ।

ମୁଁ ମଧ୍ୟ ମୂଳରୁ ସେଠି ଉପସ୍ଥିତ ରହି ସେମାନଙ୍କ ମତାମତ ଶୁଣିଲି । ମୁଁ ମୋ'ର

Source: Author, Digitized by PPRACHIN, SOA

ଉଦ୍‌ଘାଟନୀ ଭାଷଣ ଦେଇ ଚାଲି ନ ଯାଇ ସେଠି ଦୀର୍ଘ ସମୟ ବସିରହି ପ୍ରତ୍ୟେକଙ୍କ ମତାମତ ଶୁଣୁଥିବାଯୋଗୁଁ ସେମାନଙ୍କ ମନରେ ମଧ୍ୟ ଉତ୍ସାହ ଉଦ୍ଦୀପନା ଖେଳିଯାଇଥାଏ ।

ବିଭାଗୀୟ ସେକ୍ରେଟାରୀ କହିଲେ, ‘‘ସରକାର ଗୋଟିଏ ହାଇସ୍କୁଲ ପିଛା ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରୁଛନ୍ତି । ଶିକ୍ଷକମାନଙ୍କ ଦରମା, ଛାତ୍ରଛାତ୍ରୀମାନଙ୍କ ଷ୍ଟାଇପେଣ୍ଡ ବାବଦକୁ ଏତେ ଟଙ୍କା ଖର୍ଚ୍ଚ ହେଉଥିବା ସତ୍ତ୍ୱେ ଅନେକ ହାଇସ୍କୁଲର ରେଜଲ୍ଟ ଦୀର୍ଘ ୫ ବର୍ଷ ହେବ ନିଲ୍ ହୋଇଛି । ଏଥିପାଇଁ ଦାୟୀ କିଏ’’ ?

ସେକ୍ରେଟାରୀଙ୍କଠୁ ଏହିଭଳି ରୋକ୍‌ଠୋକ୍ ଉତ୍ତର ଶୁଣି ପ୍ରଧାନଶିକ୍ଷକ, ଶିକ୍ଷୟିତ୍ରୀମାନେ ପ୍ରମାଦ ଗଣିଲେ । ଉପସ୍ଥିତ ଅଭିଭାବକମାନେ କରତାଳି ଦେଇ ଏହାକୁ ସ୍ୱାଗତ କଲେ ।

ଯେଉଁ ସ୍କୁଲର ରେଜଲ୍ଟ ନିଲ, ସେହି ସ୍କୁଲର ପ୍ରଧାନଶିକ୍ଷକମାନଙ୍କ ମନରେ ଆଶଙ୍କା ବଢ଼ିବାରେ ଲାଗିଲା ।

ସେକ୍ରେଟାରୀ ବିଭାଗୀୟ ଜିଲ୍ଲା ସ୍ତରୀୟ ଅଫିସରମାନଙ୍କୁ ତାଗିଦ୍ କରି ତାଙ୍କ ଅଭିଭାଷଣ ଶେଷ କରି ବସି ପଡିଲେ ।

ଉପସ୍ଥିତ ଶିକ୍ଷକମାନଙ୍କ ମଧ୍ୟରୁ ଜଣେ ଉଠିପଡି କହିଲେ, ‘‘ସାର୍ ! ଆପଣ ଅନୁମତି ଦେଲେ ମୁଁ ଦୁଇପଦ କହିବି’’ । ଜଣେ ବୟସ୍କ ଶିକ୍ଷକ ଉଠି ଅନୁମତି ଚାହିଁଲେ । ମୁଁ କହିଲି, ‘‘ନିଶ୍ଚୟ, କହ, କଣ କହିବାକୁ ଚାହୁଁଛ’’ ?

‘‘ସାର୍ ! ସ୍କୁଲ୍‌ର ରେଜଲ୍ଟ ଭଲ ନ ହେଲେ, ସ୍କୁଲ୍‌ର ଶିକ୍ଷକ ଶିକ୍ଷୟିତ୍ରୀ ନିଶ୍ଚିତ୍ ଭାବେ ଦାୟୀ । ମାତ୍ର, ଏବେବି ଆମର ଅନେକ ସ୍କୁଲ୍‌ରେ ବିଜ୍ଞାନ ଶିକ୍ଷକ, ସଂସ୍କୃତ ଶିକ୍ଷକ, ହିନ୍ଦୀ ଶିକ୍ଷକ ନିଯୁକ୍ତି ପାଇପାରି ନାହାନ୍ତି । ଫଳରେ, ଛାତ୍ରଛାତ୍ରୀମାନେ ସେହି ବିଷୟରେ ଜ୍ଞାନ ପାଇପାରୁ ନାହାନ୍ତି । ତେଣୁ ପରୀକ୍ଷାରେ ଅନେକ ଅକୃତକାର୍ଯ୍ୟ ହେଉଛନ୍ତି । ଦ୍ୱିତୀୟତଃ, ଆମେ ସ୍କୁଲରେ ପାଠ ପଢ଼ାଉଛୁ । ମାତ୍ର, ଶିକ୍ଷକମାନଙ୍କୁ ଯେଉଁ ତାଲିମ ଦେବା ଏବଂ ନୂତନ ଶିକ୍ଷା ସମ୍ବନ୍ଧୀୟ ଜ୍ଞାନ ପ୍ରଦାନ କରିବା କଥା, ତାହା ହୋଇପାରୁ ନାହିଁ । ତେଣୁ ଗୁଣାତ୍ମକ ଶିକ୍ଷା ଛାତ୍ରଛାତ୍ରୀମାନଙ୍କୁ ଦେବା ସମ୍ଭବ ହେଉ ନାହିଁ । ତୃତୀୟତଃ, ଶିକ୍ଷକ କ୍ଲାସରେ ପାଠ ପଢ଼ାଉଛି, ତାହା ଠିକ୍ କି ନୁହେଁ ଆମର କେହି ପରିଦର୍ଶକ ନ ଥିବା ଯୋଗୁଁ ଜଣାପଡୁ ନାହିଁ ଏବଂ ସ୍କୁଲ ମଧ୍ୟ ପରିଦର୍ଶନ ହୋଇପାରୁ ନାହିଁ । ସ୍କୁଲ ପରିଦର୍ଶନ ହେଲେ, ସ୍କୁଲ୍‌ରେ ଏକ ପ୍ରକାର ଉତ୍ସାହର ବାତାବରଣ ଖେଳିଯାଏ । ଶିକ୍ଷକ, ଛାତ୍ରଛାତ୍ରୀ ପରିଦର୍ଶକଙ୍କୁ ଦେଖି ତାଙ୍କଠୁ ନୂଆକଥା ଶୁଣି, ସଭିଏଁ ଉତ୍ସାହିତ ହୋଇଥାନ୍ତି । ମାତ୍ର, ସେଭଳି ଆମ ଆଦିବାସୀ ବିଭାଗର ସ୍କୁଲମାନଙ୍କରେ କିଛି ହୋଇପାରୁ ନାହିଁ’’ ।

Source: Author, Digitized by PPRACHIN, SOA

ମୁଁ ବସି ସବୁ ଶୁଣୁଥାଏ । ଶିକ୍ଷକଙ୍କ ମତାମତ ଅତି ଯୁକ୍ତିସଙ୍ଗତ ମନେହେଲା ।

ଆଉ ଜଣେ ଶିକ୍ଷକ ଉଠି କହିଲେ, ‘‘ଆମକୁ ଆଜକୁ ୫/୬ ବର୍ଷ ହେଲା କୁହାଯାଉଛି, ଆମ କଲ୍ୟାଣ ବିଭାଗର ଇନ୍‌ସପେକ୍‌ସନ ଉଇଙ୍ଗ୍‌ସ ଖୋଲାଯିବ । ସ୍କୁଲ୍ ସବୁ ଅଛି, ମାତ୍ର ତାର ଇନ୍‌ସ୍‌ପେକ୍‌ସନ ହେଉ ନାହିଁ । ଯାହା ଫଳରେ ଆମ ଶିକ୍ଷା ବିଭାଗ ଏକ ସ୍ଥାଣୁ ଏବଂ ନିର୍ଜୀବ ଅବସ୍ଥାରେ ଥିବାଯୋଗୁଁ ଶିକ୍ଷାର ମାନ ମଧ୍ୟ ନିମ୍ନଗାମୀ ହେଉଛି’’।

ମୁଁ ସମସ୍ତଙ୍କ କଥା ଗମ୍ଭୀର ହୋଇ ଶୁଣୁଥାଏ । ବିଭାଗୀୟ ଅଫିସରମାନଙ୍କ ମତାମତ ଜାଣିଲି । ଶିକ୍ଷକମାନଙ୍କ ବିଭିନ୍ନ ମତ ମଧ୍ୟ ଜାଣିଲି । ଅଭିଭାବକଙ୍କ ମତ ମଧ୍ୟ ଜାଣିଲି । ବିଭାଗୀୟ ମନ୍ତ୍ରୀ ହିସାବରେ ମୋ’ର ଉତ୍ତର ପ୍ରଦାନ କଲି ।

ମନ୍ତ୍ରୀମାନେ କେବେ କୌଣସି ସ୍କୁଲ୍ ପରିଦର୍ଶନରେ ଆସନ୍ତି ଅବା ପୁରସ୍କାର ବିତରଣ ଉତ୍ସବରେ ଯୋଗ ଦିଅନ୍ତି ଏବଂ ଭାଷଣ ଦେଇ ପୁରସ୍କାର ବାଣ୍ଟି ଚାଲିଯାଆନ୍ତି । ତେଣୁ ସ୍କୁଲ୍‌ମାନଙ୍କ ବାସ୍ତବ ସମସ୍ୟା ସେଭଳି ଜାଣିବାର ସୁଯୋଗ ସେମାନେ ପାଆନ୍ତି ନାହିଁ। ସେଠାରେ ମୁଁ ଦୀର୍ଘ ସମୟ ବସି ଅଭିଭାବକମାନଙ୍କଠୁ ମଧ୍ୟ ଅନେକ କଥା ଜାଣିବାର ସୁଯୋଗ ପାଇଲି । ସ୍ଥାନୀୟ ଛାତ୍ରଛାତ୍ରୀମାନେ ମଧ୍ୟ ତାଙ୍କ ସମସ୍ୟା ମୋ’ର ଦୃଷ୍ଟିକୁ ଆଣିଲେ । ସମସ୍ତ କଥା ଜାଣିଲା ପରେ ସେମାନଙ୍କ ସମସ୍ୟାର ସମାଧାନ ପାଇଁ ମନ ମୋ’ର ତତ୍‌ପର ହୋଇ ଉଠିଲା । ଅତୀତରେ ସମସ୍ୟାର ସମାଧାନ ପାଇଁ ଅନେକ ପ୍ରତିଶ୍ରୁତି ଦିଆଯାଇଛି । ମନ୍ତ୍ରୀ ଚାଲିଗଲା ପରେ ପ୍ରତିଶ୍ରୁତି ମଧ୍ୟ ସେଇଠି ଅଟକି ରହି ଯାଇଛି । ପ୍ରତିଶ୍ରୁତି ନୁହେଁ, ତାର ତୁରନ୍ତ ପ୍ରତିକାର କଲେ ଅନେକ ସମସ୍ୟାର ସମାଧାନ ହୋଇଥାଏ ।

ମୁଁ ସେହି ସଭାରେ ଘୋଷଣା କଲି, ‘‘ମାସକ ଭିତରେ ଶିକ୍ଷକମାନଙ୍କ ଗ୍ରେଡେସନ ଲିଷ୍ଟ ତିଆରି ହୋଇ ସିନିୟର ମୋଷ୍ଟ ଶିକ୍ଷକଙ୍କ ମଧ୍ୟରୁ ତିନୋଟି ଆର୍.ଡି.ସି. ଜୋନ୍‌ରେ ତିନିଜଣ ସି.ଆଇ. ଅଫ୍ ସ୍କୁଲ୍‌ସ୍ ନିଯୁକ୍ତି ପାଇବେ । ୯ଜଣ ଡି.ଆଇ. ଅଫ୍ ସ୍କୁଲ୍‌ସ୍ ନିଯୁକ୍ତି ପାଇବେ ଏବଂ ୨୭ଜଣ ଏସ୍.ଆଇ. ଅଫ୍ ସ୍କୁଲ୍‌ସ୍ ନିଯୁକ୍ତି ପାଇବେ’’ ।

ମୋ’ର ଏହି ଘୋଷଣା ଶୁଣିଲା ପରେ ଉପସ୍ଥିତ ଥିବା ପ୍ରଧାନଶିକ୍ଷକ, ଶିକ୍ଷୟିତ୍ରୀ, ଅଭିଭାବକବୃନ୍ଦ କରତାଳି ଦେଇ ସମର୍ଥନ କଲେ ।

ମୋ’ର ଅଭିଭାଷଣରେ କହିଲି, ‘‘ଯେଉଁ ଶିକ୍ଷକମାନେ ବିଭାଗୀୟ ଇନ୍‌ସ୍‌ପେକ୍‌ସନ୍ ଉଇଙ୍ଗସ୍‌କୁ ଚାଲି ଆସିବେ, ସେହି ସ୍ଥାନରେ ଖାଲିଥିବା ଶିକ୍ଷକ ପୋଷ୍ଟ ଏବଂ ଯେଉଁ ସ୍କୁଲ୍‌ରେ ବିଜ୍ଞାନ, ହିନ୍ଦୀ ଏବଂ ସଂସ୍କୃତ ଶିକ୍ଷକ ନିଯୁକ୍ତି ପାଇପାରି ନାହାନ୍ତି, ତୁରନ୍ତ

Source: Author, Digitized by PPRACHIN, SOA

ବିଭାଗୀୟ ଉଦ୍ୟମ କରି ଏପଏଣ୍ଟମେଣ୍ଟ ପ୍ରଦାନ କରାଯିବ । ସ୍କୁଲ୍ ଛାତ୍ରଛାତ୍ରୀମାନେ ପାଠ୍ୟ ପୁସ୍ତକ ପଢ଼ିବା ସଙ୍ଗେ ସଙ୍ଗେ ଉପାଦେୟ ଜୀବନୀ ପୁସ୍ତକ, ଭ୍ରମଣ କାହାଣୀ, ପିଲାଙ୍କ ମନଲାଖି ଗପବହି, ପ୍ରବନ୍ଧ ବହି ପଢ଼ିବା ଉଚିତ । ଏହାଦ୍ୱାରା ପିଲାଙ୍କ ଜ୍ଞାନର ବିକାଶ ଘଟିବ । ତେଣୁ ସ୍କୁଲ ପାଠାଗାର ପ୍ରତିଷ୍ଠା କରାଯିବ ଏବଂ ପ୍ରତ୍ୟେକ କ୍ଲାସ୍ ପାଇଁ ପାଠାଗାରରୁ ପୁସ୍ତକ ଅଧ୍ୟୟନ ପାଇଁ ନିର୍ଦ୍ଦିଷ୍ଟ କାର୍ଯ୍ୟ ନିର୍ଘଣ୍ଟ ରହିବ । ସେଥିପାଇଁ ପ୍ରତ୍ୟେକ ହାଇସ୍କୁଲ୍ ପାଠାଗାର ପାଇଁ ବାର୍ଷିକ ୧୦ ହଜାର ଟଙ୍କା ଏବଂ ଏମ୍.ଇ. ସ୍କୁଲ ପାଇଁ ୫ ହଜାର ଟଙ୍କା ଲାଇବ୍ରେରୀ ଗ୍ରାଣ୍ଟ୍ ପ୍ରଦାନ କରାଯିବ । ସେହିପରି ସ୍କୁଲରେ ଛାତ୍ରଛାତ୍ରୀଙ୍କୁ ଖେଳପ୍ରତି ଆକୃଷ୍ଟ କରିବା ପାଇଁ ସ୍ୱତନ୍ତ୍ର ଭାବେ ହାଇସ୍କୁଲକୁ ୧୦ ହଜାର ଟଙ୍କା ଏବଂ ଏମ୍.ଇ. ସ୍କୁଲକୁ ୫ ହଜାର ଟଙ୍କା ଗ୍ରାଣ୍ଟ୍ ପ୍ରଦାନ କରାଯିବ'' ।

କ୍ରୀଡା କ୍ଷେତ୍ରରେ ଆଦିବାସୀ ପୁଅ ଝିଅମାନଙ୍କୁ ତାଲିମ ଦେଇ ଜିଲ୍ଲା ତଥା ରାଜ୍ୟ-ସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ସୁଯୋଗ ସୃଷ୍ଟି କରାଗଲେ, ସେମାନଙ୍କ ପାଖରେ ଛପି ରହିଥିବା ପ୍ରତିଭା ବିକଶିତ ହୋଇପାରିବ । ଗୋଟିଏ ଗୋଟିଏ ସ୍କୁଲକୁ ଗୋଟିଏ ଖେଳ ପାଇଁ, ତାହା ଫୁଟବଲ୍ ହେଉ, କି ହକି ହେଉ, ବାସକେଟ୍ ବଲ ହେଉ, କି ଭଲିବଲ୍ ହେଉ; ଯେଉଁଥିପାଇଁ ସେମାନେ ବିଶେଷ ଆଗ୍ରହ ପ୍ରଦର୍ଶନ କରିବେ, ସେହି ଖେଳ ପ୍ରତି ପ୍ରାଧାନ୍ୟ ଦେଇ ଉପଯୁକ୍ତ ତାଲିମ ପ୍ରଦାନ କରାଗଲେ ଏବଂ ଏହା ସହ ଉପଯୁକ୍ତ ପୁଷ୍ଟିକର ଖାଦ୍ୟ ପ୍ରଦାନ କଲେ କ୍ରୀଡା କ୍ଷେତ୍ରରେ ମାନ ବୃଦ୍ଧିପାଇ ତାହା ରାଜ୍ୟ ତଥା ଜାତୀୟ-ସ୍ତର ପର୍ଯ୍ୟନ୍ତ ବିକଶିତ ହୋଇପାରିବ । ସେହି ଖେଳାଳିମାନଙ୍କ ମଧ୍ୟରୁ ଏଥ୍‌ଲେଟିକ୍ସ କ୍ରୀଡାକାରମାନଙ୍କୁ ମଧ୍ୟ ମନୋନୀତ କରାଯାଇ ସ୍ୱତନ୍ତ୍ର ତାଲିମ ଦେଲେ ରାଜ୍ୟସ୍ତର ତଥା ଜାତୀୟ ସ୍ତରରେ କ୍ରୀଡାର ବିକାଶ ତ୍ୱରାନ୍ୱିତ ହୋଇପାରିବ । ଆଦିବାସୀ ଯୁବକମାନଙ୍କ ବଳିଷ୍ଠ ଶାରୀରିକ ଗଠନର ସୁଯୋଗ ଆମେ ନେଇ ପାରି ନାହୁଁ ।

ପିଲାଟି ଦିନରୁ ଖେଳାଳି ଚୟନ କରାଗଲେ ଭାରତ ଭଳି ଏକ ବିଶାଳ ଦେଶରେ କ୍ରୀଡା କ୍ଷେତ୍ରରେ ପଛରେ ପଡିଯିବା ଗ୍ଲାନି ଆମକୁ ଆଉ ବାଧିବ ନାହିଁ । ତେଣୁ ସ୍କୁଲ ହିଁ ଉପଯୁକ୍ତ କ୍ଷେତ୍ର । ସେ ଦିଗରେ ସରକାର ଅଧିକ ଧ୍ୟାନ ଦେଲେ ଦେଶର ଅଶେଷ ଉପକାର ହୋଇପାରିବ ।

ମୋର ବକ୍ତବ୍ୟରେ କହିଲି, ''ସ୍କୁଲ୍ ପରିସରରେ ଥିବା ବଗିଚା ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବା ଆବଶ୍ୟକ । ବଗିଚାରୁ ଉତ୍ପାଦିତ ପନିପରିବା ତାଙ୍କର ଦୈନନ୍ଦିନ ଖାଦ୍ୟରେ ବ୍ୟବହୃତ ହୋଇଥାଏ । ତେଣୁ ବଗିଚାର ବାଉଣ୍ଡ୍ରି ୱାଲ୍ ଅବା କଣ୍ଟାବାଡ ପାଇଁ ଅର୍ଥ ପ୍ରଦାନ କରିବା ସଙ୍ଗେ ସଙ୍ଗେ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଆଯିବ'' ।

Source: Author, Digitized by PPRACHIN, SOA

ପୁଣି କହିଲି, ''ଭାଷଣ ଦେବା ଛଳରେ ମୁଁ ଏହା କହୁନାହିଁ, ଆଲୋଚନାରୁ ଯାହା ଉପଲବ୍ଧି କଲି, ତାକୁ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ବିଭାଗୀୟ ଅଫିସର୍ ମାନଙ୍କୁ ମଧ୍ୟ ନିର୍ଦ୍ଦେଶ ଦେଉଛି । ସମସ୍ତ କାର୍ଯ୍ୟକ୍ରମକୁ ସମୟ ନିର୍ଘଣ୍ଟ ମଧ୍ୟରେ ସମ୍ପନ୍ନ କରାଯିବ'' ।

ଏହିଭଳି କେତୋଟି କାର୍ଯ୍ୟକ୍ରମ ଗ୍ରହଣ କରିବା ଫଳରେ ସମସ୍ତ ଶିକ୍ଷକ, ଅଭିଭାବକମାନଙ୍କ ମନରେ ନୂତନ ଆଶାର ଆଲୋକ ସଞ୍ଚାର ହେଲା । ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ସି.ଆଇ., ଡି.ଆଇ., ଏସ୍.ଆଇ. ନିଯୁକ୍ତି ହୋଇଗଲେ । ଶିକ୍ଷକମାନଙ୍କ ପ୍ରମୋସନ୍ ହେବା ଫଳରେ ସେମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ଫେରି ଆସିଲା । ଖାଲିଥିବା ଶିକ୍ଷକ, ଶିକ୍ଷୟିତ୍ରୀ ପୋଷ୍ଟମାନଙ୍କରେ ମଧ୍ୟ ଇଣ୍ଟର୍ଭ୍ୟୁ ହୋଇ ଯୋଗ୍ୟ ଶିକ୍ଷକ, ଶିକ୍ଷୟିତ୍ରୀ ଚୟନ କରି ସେମାନଙ୍କୁ ତୁରନ୍ତ ନିଯୁକ୍ତି ଦିଆଗଲା ।

ସ୍କୁଲ୍‌ମାନଙ୍କ ମଧ୍ୟରେ ନୂତନ ବାତାବରଣ ସୃଷ୍ଟିହେଲା । ପ୍ରତ୍ୟେକ ସ୍କୁଲ୍‌ରେ ମଧ୍ୟ ପ୍ରତିବର୍ଷ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ, କ୍ରୀଡ଼ା ଉତ୍ସବ (ପ୍ରତିଯୋଗିତା) ପ୍ରଭୃତି ହୋଇ ଛାତ୍ରଛାତ୍ରୀମାନେ ପୁରସ୍କୃତ ହେଲେ । ଖେଳପଡିଆମାନଙ୍କର ମଧ୍ୟ ଉନ୍ନତି କରାଗଲା । କେତୋଟି ସ୍କୁଲ୍‌ର ବଗିଚାମାନଙ୍କ ବାଉଣ୍ଡ୍ରିଓ୍ୱାଲ୍ ନିର୍ମାଣ ହେଲା । ଆଉ କେତୋଟି ସ୍କୁଲ୍‌ର ବଗିଚାରେ କଣ୍ଟାବାଡ ପ୍ରଦାନ କରିବା ଫଳରେ ବଗିଚା ସୁରକ୍ଷିତ ହେଲା ।

ଏହିଭଳି ଏକ ବାତାବରଣ ସୃଷ୍ଟିହେବାଦ୍ୱାରା, ଶିକ୍ଷକ, ଶିକ୍ଷୟିତ୍ରୀ ତଥା ଛାତ୍ରଛାତ୍ରୀ ମାନେ ଚଳଚଞ୍ଚଳ ହୋଇଉଠିଲେ । ଫଳରେ ସ୍କୁଲ୍ ଫଳାଫଳରେ ମଧ୍ୟ ଉନ୍ନତି ପରିଲକ୍ଷିତ ହେଲା । ସି.ଆଇ., ଡି.ଆଇ., ଏସ୍.ଆଇ. ପ୍ରଭୃତି ବିଭିନ୍ନ ସ୍କୁଲ୍ ଗସ୍ତ କରିବା ଫଳରେ ଶିକ୍ଷକ, ଛାତ୍ରଛାତ୍ରୀମାନେ ମଧ୍ୟ ଉତ୍ସାହିତ ହେଲେ । ଶିକ୍ଷାନୁଷ୍ଠାନମାନଙ୍କରେ ଏକ ନୂଆ ଜୀବନ ସଂଚାର ହେଲା ।

ସମୟେ ସମୟେ ବିଭିନ୍ନ ସି.ଆଇ. ଅଫ୍ ସ୍କୁଲ୍‌ମାନଙ୍କ ମତାମତ ମଧ୍ୟ ସଂଗ୍ରହ କରୁଥିଲି । ମୋ'ର ବିଭିନ୍ନ ଜିଲ୍ଲା ଗସ୍ତ ସମୟରେ ସେମାନଙ୍କଠୁ ଅନେକ ତଥ୍ୟ ଜାଣିବାକୁ ପାଉଥିଲି ।

କେନ୍ଦ୍ର ଆଦିବାସୀ କଲ୍ୟାଣ ମନ୍ତ୍ରୀଙ୍କୁ ନିମନ୍ତ୍ରଣ ଓ କନ୍ୟାଶ୍ରମ ପ୍ରତିଷ୍ଠା :

ମୁଁ ଦିଲ୍ଲୀ ଯାଇ କେନ୍ଦ୍ର ଆଦିବାସୀ କଲ୍ୟାଣ ମନ୍ତ୍ରୀଙ୍କୁ ଓଡିଶା ପରିଦର୍ଶନରେ ଆସିବା ପାଇଁ ଅନୁରୋଧ କଲି । ଦିଲ୍ଲୀ ଯିବା ପୂର୍ବରୁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ ଅନୁରୋଧ କଲି, ''କେନ୍ଦ୍ରମନ୍ତ୍ରୀ ଶ୍ରୀମତୀ ରାଜେନ୍ଦ୍ର କୁମାରୀ ବାଜପେୟୀଙ୍କୁ ଓଡିଶା ଆସିବା ପାଇଁ ଆପଣ ଅନୁରୋଧ କଲେ ଭଲ ହେବ''।

Source: Author, Digitized by PPRACHIN, SOA

ଆମ ଅନୁରୋଧ ରକ୍ଷାକରି କେନ୍ଦ୍ରମନ୍ତ୍ରୀ ପ୍ଲେନ୍‌ରେ ଓଡିଶା ଆସିଲେ । ରାଜ୍ୟ ସରକାରଙ୍କ ପ୍ଲେନ୍‌ରେ ଭୁବନେଶ୍ୱର ଏରୋଡ୍ରମରୁ ଉକ୍ରେଲା ଆସି ଏରୋଡ୍ରମରେ ଓହ୍ଲାଇ ଥୁଆମୂଳ-ରାମପୁର ଆଦିବାସୀ ଅଞ୍ଚଳର ସ୍କୁଲ୍‌ମାନଙ୍କୁ ପରିଦର୍ଶନ କଲେ । ଆଦିବାସୀମାନଙ୍କ ସହିତ ମିଶି ସେ ସେମାନଙ୍କ ଦୟନୀୟ ପରିସ୍ଥିତି ସ୍ୱଚକ୍ଷୁରେ ଦେଖି ବହୁକଥା ଜାଣି ପାରିଥିଲେ ।

ସ୍ଥାନୀୟ ଆଦିବାସୀ ମହିଳା, ପୁରୁଷମାନେ ତାଙ୍କୁ ଭେଟି ସେମାନଙ୍କ ସମସ୍ୟା ଓ ତାଙ୍କ ଦୁଃଖ ଜଣାଇଥିଲେ । ଫଳରେ ଶ୍ରୀମତୀ ବାଜପେୟୀ ସେମାନଙ୍କର ସବୁକଥା ଉପଲବ୍ଧି କରିପାରିଥିଲେ ।

ଗାଡିରେ ଆସୁଥିବା ସମୟରେ ରାସ୍ତାରେ ମୁଁ ତାଙ୍କୁ ପାର୍ଲିଆମେଣ୍ଟରେ ମୋ'ର ଗୋଟିଏ ଷ୍ଟାର୍ଡ ପ୍ରଶ୍ନକୁ ନେଇ ଯେଉଁ ଝଡ ସୃଷ୍ଟିହୋଇଥିଲା ଏବଂ ୧୯୮୨ସୁଦ୍ଧା ଜଣେ ବି ମ୍ୟାଟ୍ରିକୁଲେଟ୍ ଗୋଟିଏ ବ୍ଲକ୍‌ରେ ପାସ୍ କରିନଥିବା ବିଷୟ ତାଙ୍କ ସ୍ମରଣକୁ ଆଣିଲି ।

ଶ୍ରୀମତୀ ବାଜପେୟୀ ମନେପକାଇ ମୋତେ କହିଲେ, ''ଉସି ଦିନ୍ ପାର୍ଲିଆମେଣ୍ଟ ମେ ବିରୋଧୀଦଲ୍ ହମାରୀ ସରକାରକୋ କଠୋର ସମାଲଚନା କିଏ ଥେ'' । ସ୍ୱାଧୀନତାର ୩୫ ବର୍ଷ ପରେ ମଧ୍ୟ ଗୋଟିଏ ବ୍ଲକ୍‌ରେ ଜଣେ ବି ମ୍ୟାଟ୍ରିକୁଲେସନ୍ ପାସ୍ ନକରିବା ଦୁର୍ଭାଗ୍ୟଜନକ ।

ମୁଁ ଶ୍ରୀମତୀ ବାଜପେୟୀଙ୍କୁ କହିଲି, ''ଏହି ସେହି ବ୍ଲକ୍''. । ଆଶ୍ଚର୍ଯ୍ୟରେ ମୋ' ମୁହଁକୁ ଚାହିଁ କହିଲେ, ''ମେ ତୁହ୍ମାରେଲିଏ କ୍ୟା କର ସକ୍‌ତେ ବୋଲୋ...'' ।

ମୁଁ କହିଲି, ''ମ୍ୟାଡମ୍ ଆଦିବାସୀମାନଙ୍କ ଶିକ୍ଷାର ବିକାଶ ନ ହେବା ପର୍ଯ୍ୟନ୍ତ ସେମାନଙ୍କ ଅର୍ଥନୈତିକ ବିକାଶ ହୋଇପାରିବ ନାହିଁ । ବିଶେଷତଃ, ନାରୀଶିକ୍ଷାରେ ଆଦିବାସୀମାନେ ବହୁ ପଛରେ ପଡି ରହିଛନ୍ତି । ତେଣୁ ସେମାନଙ୍କୁ ଶିକ୍ଷିତ କରିବାକୁ ହେଲେ ରେସିଡେନ୍‌ସିଆଲ୍ କନ୍ୟାଶ୍ରମ ପ୍ରତିଷ୍ଠା ଅତି ଆବଶ୍ୟକ । ତେଣୁ କେନ୍ଦ୍ର ସରକାର ଆମକୁ କନ୍ୟାଶ୍ରମ ପ୍ରତିଷ୍ଠା ପାଇଁ ମଞ୍ଜୁରକରି ଆମକୁ ଆବଶ୍ୟକ ଅର୍ଥ ପ୍ରଦାନ କରନ୍ତୁ'' ।

ମୋ' କଥା ଶୁଣି ମାନ୍ୟବର ମନ୍ତ୍ରୀ ଶ୍ରୀମତୀ ବାଜପେୟୀ କହିଲେ, ''ବେହେରାଜି... ଓଇ ସ୍କିମ ଅଭି ବନ୍ଦ ହୋଗୟି ହେ...'' ।

ମୁଁ ଫେର୍ କହିଲି ''ଆଦିବାସୀମାନଙ୍କ ବିକାଶ କରିବାକୁ ହେଲେ କନ୍ୟାଶ୍ରମ ଅତି ଆବଶ୍ୟକ । ତେଣୁ କେନ୍ଦ୍ର ସରକାର ଏହି ସ୍କିମକୁ ପୁନଃ କାର୍ଯ୍ୟକାରୀ କରିବା ଆବଶ୍ୟକ'' ।

Source: Author, Digitized by PPRACHIN, SOA

ଶ୍ରୀମତୀ ବାଜପେୟୀ ପରିସ୍ଥିତିକୁ ଉପଲବ୍ଧି କରି ବାଳିକାମାନଙ୍କୁ ଶିକ୍ଷିତ ନ କଲା ପର୍ଯ୍ୟନ୍ତ ଆଦିବାସୀମାନଙ୍କ ଚିନ୍ତା ଓ ଚେତନାର ବିକାଶ ପୂର୍ଣ୍ଣାଙ୍ଗ ହୋଇ ପାରିବ ନାହିଁ ବୋଲି ଜାଣିପାରିଲେ । ଟିକିଏ ଚିନ୍ତାକରି ମୋତେ ସେ କହିଲେ, ‘‘ବେହେରାଜୀ ଠିକ୍ ହେ, ଆପକେ ଷ୍ଟେଟ କେ ଲିଏ କିତନା କନ୍ୟାଶ୍ରମ ଚାହିଏ, ପୁରା ସ୍କିମ୍ ବନାକର ହାମକୋ ଭେଜିଏ’’ । ମୁଁ ତାଙ୍କୁ ଧନ୍ୟବାଦ ଜଣାଇ ତାଙ୍କ ସହୃଦୟତା ପାଇଁ ଅଭିନନ୍ଦନ ଜଣାଇଲି ।

ପ୍ରଥମ ପର୍ଯ୍ୟାୟରେ ୧୪ଟି କନ୍ୟାଶ୍ରମ ପ୍ରତିଷ୍ଠା ପାଇଁ ପୂର୍ଣ୍ଣାଙ୍ଗ ସ୍କିମ ପ୍ରସ୍ତୁତ କରି ଯଥାସମୟରେ କେନ୍ଦ୍ରକୁ ପଠାଇଲି । ତାହା ତୁରନ୍ତ ମଞ୍ଜୁର ହୋଇ ଚାଲିଆସିଲା ।

ଥୁଆମୂଳ-ରାମପୁର ଅଞ୍ଚଳର ଆଦିବାସୀମାନେ ସେମାନଙ୍କ ପାରମ୍ପରିକ ନୃତ୍ୟ ସହ ମଧୁର କଣ୍ଠସ୍ୱରରେ ଗୀତ ଗାଇ ଆମକୁ ପାଛୋଟି ନେଇଥିଲେ । ଶ୍ରୀମତୀ ବାଜପେୟୀ ସେମାନଙ୍କ ସହିତ କିଛି ସମୟ ପାଇଁ ଏକାକାର ହୋଇଯାଇଥିଲେ । ତାଙ୍କର ଅଭାବ ଅସୁବିଧା ବୁଝିଥିଲେ । ସେମାନେ ତାଙ୍କ ଭାଷାରେ କହୁଥିଲେ । ତାଙ୍କୁ ମୁଁ ହିନ୍ଦୀ, ଇଂରାଜୀରେ ବୁଝାଇ ଦେଉଥିଲି । ସେମାନଙ୍କ ପେଟରେ ଭୋକର ଜ୍ୱାଳା ଥିବା ସତ୍ତ୍ୱେ ମୁହଁରେ ଫୁଟି ଉଠିଥିବା ହସ ଓ ତାଙ୍କ ସରଳ ମନ ଓ ହୃଦୟ ଶ୍ରୀମତୀ ବାଜପେୟୀଙ୍କ ହୃଦୟକୁ ସ୍ପର୍ଶକଲା । ସେ କିଛି ସମୟ ଭାବବିହ୍ୱଳ ହୋଇ ପଡିଲେ । ସେମାନଙ୍କ ସହିତ ମିଶି, ସେମାନଙ୍କ ଘର ଭିତରକୁ ଯାଇ ସବୁ ଦେଖି ଫେରି ଆସିଲେ । କୋହଭରା ହୃଦୟରେ ସେମାନଙ୍କଠୁ ବିଦାୟ ନେଇ ଆସିଲେ ।

ଆମେ ଫେରି ଆସିବା ସମୟରେ ସେହି ଅଞ୍ଚଳର ଶାନ୍ତ, ସବୁଜ ବନାନୀ, ଉଚ୍ଚ ନୀଳ ପାହାଡର ଭରପୂର ବୃକ୍ଷରାଜି, ପ୍ରାଚୀର ସଦୃଶ ଘେରି ରହିଥିବା ଉଚ୍ଚ ପାହାଡ, ଜଙ୍ଗଲ ଓ ଝରଣାର ସୁମଧୁର କୁଳୁ କୁଳୁ ନାଦ ଶ୍ରୀମତୀ ବାଜପେୟୀଙ୍କୁ ସ୍ୱପ୍ନଭଳି ମନେ ହେଉଥାଏ । ମନଲୋଭା ପ୍ରାକୃତିକ ଶୋଭାକୁ ଆଖି ପୂରାଇ ସେ ଦେଖି ନେଉଥାନ୍ତି ।

ଉଠାଣିଆ, ଗଡାଣିଆ, ପାହାଡିଆ ଘାଟି ରାସ୍ତାରେ ଆମ ଗାଡି ତଳକୁ ତଳକୁ ଦ୍ରୁତ ଗତିରେ ଗଡି ଚାଲିଥାଏ । ଦିନ ଥିଲା ଏହି ରାସ୍ତାରେ ବାଘ ନିର୍ଭୟରେ ଯାତାୟାତ କରୁଥିଲା । ବାଘ ଭୟରେ ଲୋକେ ଏକୁଟିଆ ରାସ୍ତାରେ ଯିବାକୁ ସାହାସ କରୁ ନ ଥିଲେ । ତେଣୁ ଦଳ ଦଳ ହୋଇ, ଟାଙ୍ଗି, ଟାଙ୍ଗିଆ ଧରି ଯାତାୟାତ କରୁଥିଲେ । ପୂର୍ବଭଳି ଭରପୂର ଥିବା ଘଞ୍ଚ ଜଙ୍ଗଲ ଆଉ ସେତେ ନାହିଁ । ଏବେ ମଧ୍ୟ ପାହାଡ ଘେରା ରାସ୍ତାରେ ଯାତାୟାତ କଲେ ତାର ପ୍ରାକୃତିକ ଶୋଭାରେ ମନ ରୋମାଞ୍ଚିତ ହୋଇଉଠେ ।

Source: Author, Digitized by PPRACHIN, SOA

ପାହାଡ, ନଦୀ, ଝରଣାରେ ପରିପୂର୍ଣ୍ଣ କଳାହାଣ୍ଡି, କୋରାପୁଟ, ବଲାଙ୍ଗିର ଆଜି ଦିନକୁ ଦିନ ଜଙ୍ଗଲ ଶୂନ୍ୟ ହୋଇଯାଉଛି । ଲାଞ୍ଜିଗଡ ପାହାଡ ଅଞ୍ଚଳରେ ବସିଛି ବିରାଟ କ୍ରସର । ନିୟମିତ ଭଙ୍ଗା ଚାଲିଛି ପାହାଡର ଛାତି । ପାହାଡର ଉପର ଅଂଶରୁ ନାଚିନାଚି ଝରି ଆସୁଥିବା ଝରଣାର ନୃତ୍ୟ ଭଙ୍ଗୀ ସତେ ଯେପରି ଆଜି ଥକି ପଡିଛି ।

କଳାହାଣ୍ଡି ମାଟି ତଳେ ଭରି ରହିଛି ବହୁ ମୂଲ୍ୟବାନ ରତ୍ନ, ନିଲମ୍, ରୁବି, ପାନ୍ନା ପ୍ରଭୃତି । ପାହାଡରେ ପୂର୍ବରୁ ଭରି ରହିଥିବା ଜୀବଜନ୍ତୁ ଦିନକୁ ଦିନ ଶୂନ୍ୟ ହେବାରେ ଲାଗିଛି । ଆଗର ହିଂସ୍ରଜନ୍ତୁ ପରିପୂର୍ଣ୍ଣ କଳାହାଣ୍ଡି ଜଙ୍ଗଲରେ ଆଉ କୌଣସି ଜୀବଜନ୍ତୁ ଦେଖିବାକୁ ମିଳୁ ନାହାନ୍ତି । ସବୁଜ ସୁନ୍ଦର ମନୋହର ପାହାଡ ଦିନକୁ ଦିନ ଶ୍ରୀହୀନ ହୋଇଯାଉଛି । ଅନେକ ଚିରସ୍ରୋତା ଝରଣାର ସ୍ରୋତ ଚିର ବିଶ୍ରାମ କରି ନେଇଛନ୍ତି ।

ଥୁଆମୂଳ-ରାମପୁର ଓଡିଶାର କାଶ୍ମୀର ରୂପେ ପରିଗଣିତ ହେଉଥିଲା । ଚମ୍ପାଫୁଲ ବାସନାରେ ଅଞ୍ଚଳଟି ମହକୁଥିଲା ଏବଂ ଏଠାରେ ଶୀତଦିନରେ ବରଫ ପଡୁଥିଲା । ଚନ୍ଦନ ବୃକ୍ଷରେ ଭରପୂର ଥିଲା ଏ ଅଞ୍ଚଳ । ମାତ୍ର, ଆଜି ତାହା ସ୍ୱପ୍ନ ଭଳି ମନେହେଉଛି । ପ୍ରାକୃତିକ ପର୍ଯ୍ୟଟନ ସ୍ଥଳୀ ଶ୍ରୀହୀନ ହୋଇ ଆସୁଛି ।

କଳାହାଣ୍ଡି ମାଟିତଳେ ପ୍ରଚୁର ମାଙ୍ଗାନିଜ, ଚୂନପଥର, ବକ୍‌ସାଇଟ୍, ରତ୍ନ ପଥର ଗଚ୍ଛିତ ହୋଇରହିଛି । ଦିନକୁ ଦିନ ଜଙ୍ଗଲ ଶୂନ୍ୟ ହୋଇଆସୁଛି । ତାର କୁପ୍ରଭାବ ମଧ୍ୟ ପଡିବାରେ ଲାଗିଛି । ଘଞ୍ଚ ଜଙ୍ଗଲ ମେଘ ସୃଷ୍ଟିକରିଥାଏ । ପରିବେଶକୁ ଶୀତଳ କରିଥାଏ ।

ଜଙ୍ଗଲ ଧ୍ୱଂସ ହେବା ଫଳରେ ଠିକ୍ ସମୟରେ ମୌସୁମୀ ବର୍ଷା ମଧ୍ୟ ହେଉ ନାହିଁ । କେତେବେଳେ ବହୁ ବର୍ଷା ଅବା ଦୀର୍ଘଦିନ ଅନାବୃଷ୍ଟି ପଡିବା ଫଳରେ ମରୁଡି ଦେଖା ଦେଉଛି । ଚାଷ ଉପରେ ତାର କୁପ୍ରଭାବ ପଡୁଛି । ଜଙ୍ଗଲ ଶୂନ୍ୟ ହେବା ଫଳରେ ଆଦିବାସୀମାନଙ୍କ ଜୀବନ ଓ ଜୀବିକା ଉପରେ ମଧ୍ୟ ତାର କୁପ୍ରଭାବ ପଡୁଛି ।

ଏ ସଂସାରରେ ଦୁଃଖ କଷ୍ଟ, ରୋଗ, ଶୋକ, ଦରିଦ୍ରତା, କୁସଂସ୍କାର ଭରି ରହିଛି । ଲୋକେ ଦୁଃଖରେ କାଳାତିପାତ କରୁଛନ୍ତି । ବିଶେଷତଃ, ଆଦିବାସୀମାନଙ୍କ ଅବସ୍ଥା ଆହୁରି ଶୋଚନୀୟ । ସେମାନଙ୍କ ପାଖକୁ ଯାଇ ତାଙ୍କ ଦୁଃଖରେ ଭାଗୀଦାର ହୋଇ ତାର ନିରାକରଣ ପାଇଁ ଉଦ୍ୟମ କଲେ ମନରେ ଶାନ୍ତି ମିଳିବ । ସେତକ ହୋଇପାରିଲେ ଅନେକ ପରିବର୍ତ୍ତନ ଘଟିବ । ଏଭଳି ଭାବନା ଭିତରେ ଶ୍ରୀମତୀ ବାଜପେୟୀଙ୍କ ମନ ଆଚ୍ଛନ୍ନ ହୋଇରହିଲା ।

କେନ୍ଦ୍ର ଆଦିବାସୀ କଲ୍ୟାଣମନ୍ତ୍ରୀ ଶ୍ରୀମତୀ ବାଜପେୟୀ ଆମ ମୁଖ୍ୟମନ୍ତ୍ରୀଙ୍କ ସହ ସାକ୍ଷାତ କରି ଆଦିବାସୀମାନଙ୍କ ଉନ୍ନତି ପାଇଁ କେତୋଟି କାର୍ଯ୍ୟ ପ୍ରତି ଗୁରୁତ୍ୱ ଦେଇ ରାଜ୍ୟ ସରକାର କେନ୍ଦ୍ରକୁ ପ୍ରସ୍ତାବ ପଠାଇବା ପାଇଁ ପରାମର୍ଶ ଦେଲେ । ବିଶେଷତଃ,

Source: Author, Digitized by PPRACHIN, SOA

ଝିଅମାନଙ୍କୁ ଶିକ୍ଷିତ କରିବା ପାଇଁ ବ୍ୟାପକ ଭାବରେ ବିଭିନ୍ନ ଆଦିବାସୀ ବହୁଳ ବ୍ଲକରେ କନ୍ୟାଶ୍ରମ ପ୍ରତିଷ୍ଠା ପାଇଁ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଲେ ।

ମୁଖ୍ୟମନ୍ତ୍ରୀଙ୍କୁ କହିଲେ "ଆପକେ ମନ୍ତ୍ରୀକା ପ୍ରସ୍ତାବ ହମନେ ଗ୍ରହଣ କିଆ" । ରାସ୍ତାଘାଟର ଉନ୍ନତି, ସ୍ୱଚ୍ଛ ପିଇବା ପାଣି ଏବଂ ଜଙ୍ଗଲରୁ ଗଛ କଟାକୁ ରୋକିବା ପାଇଁ ଆଦିବାସୀମାନଙ୍କୁ କାମରେ ନିୟୋଜିତ କରି ସେମାନଙ୍କ ଦୈନିକ ଉପାର୍ଜ୍ଜନ ବୃଦ୍ଧି କରିପାରିଲେ ଓ ତାଙ୍କ ଚାଷ ଜମିର ଉନ୍ନତିକରଣ କରାଗଲେ, ପୋଡୁଚାଷରୁ ସେମାନଙ୍କୁ ନିବୃତ୍ତ କରାଯାଇ ପାରିବ ।

ସେ ଏହିଭଳି କେତୋଟି ସୁଚିନ୍ତିତ ମତାମତ ପ୍ରଦାନ କଲେ ।

ଆମ ରାଜ୍ୟର ଆର୍ଥିକ ସ୍ୱଚ୍ଛଳତାକୁ ଦେଖି, ମ୍ୟାଚିଙ୍ଗ ଅର୍ଥ ପ୍ରଦାନର ସାମର୍ଥ୍ୟ ରଖି ମୁଁ କେନ୍ଦ୍ରକୁ ଦୁଇଟି ରାସ୍ତା ଯଥା- ଲାଞ୍ଜିଗଡ-ବିଶ୍ୱନାଥପୁର ବ୍ଲକର ବିଶ୍ୱନାଥପୁର ବେନଗାଁ ରାସ୍ତା ୪୫ କିମି ଏବଂ କୋରାପୁଟ ଜିଲ୍ଲାର ବଣ୍ଡା ଅଞ୍ଚଳର ରାସ୍ତା ପାଇଁ ପ୍ରଥମ ପର୍ଯ୍ୟାୟରେ ପ୍ରସ୍ତାବ ପ୍ରଦାନ କଲି । ବିଶ୍ୱନାଥପୁର ବେନଗାଁ ରାସ୍ତା ପାଇଁ କେନ୍ଦ୍ରରୁ ୧୦ କୋଟି ୮୦ ଲକ୍ଷ ଟଙ୍କା ମଞ୍ଜୁର ହୋଇ ଆସିଲା । ବଣ୍ଡା ହିଲ୍ ପାଇଁ ୧୨ କୋଟି ଟଙ୍କା ମଞ୍ଜୁର ହୋଇ ଆସିଲା । ଅଧିକ ରାସ୍ତା ପାଇଁ ଆମ ରାଜ୍ୟ ସରକାରଙ୍କ ତରଫରୁ କେନ୍ଦ୍ରକୁ ସ୍କିମ ପଠାଇଥିଲେ ମଧ୍ୟ ମଞ୍ଜୁର ହୋଇ ଆସିପାରିଥାନ୍ତା । ମାତ୍ର, ଆମର ଆର୍ଥିକ ପରିସ୍ଥିତି ତଥା କାର୍ଯ୍ୟକାରୀ କରିବା ପାଇଁ ବିଭାଗୀୟ ତତ୍ପରତା ଉପରେ ଏହା ନିର୍ଭର କରୁଥାଏ । ତେଣୁ ଆମ ସମ୍ବଳ ଏବଂ ଶକ୍ତିକୁ ନେଇ ଦୁଇଟି ରାସ୍ତା ପାଇଁ ପ୍ରସ୍ତାବ ପଠାଇ ପାରିଥିଲୁ ।

କନ୍ୟାଶ୍ରମ ପ୍ରତିଷ୍ଠା ପାଇଁ ଓଡିଶାକୁ ୧୪ଟି କନ୍ୟାଶ୍ରମ ମଞ୍ଜୁର ହୋଇଆସିଲା । ଅତୀତରେ ଏକାଥରକେ ଏତେ କନ୍ୟାଶ୍ରମ କେବେ ମଞ୍ଜୁର ହୋଇପାରି ନଥିଲା । ସେଥି ମଧ୍ୟରୁ କଳାହାଣ୍ଡି ଜିଲ୍ଲାର ଧର୍ମଗଡ ବ୍ଲକ୍‌ର ଜୟନ୍ତପୁର, କୋକସରା ବ୍ଲକ୍‌ର ଧନସରା, ଜୟପାଟଣା ବ୍ଲକ୍‌ର ଉଛଳା, କଳମପୁର ବ୍ଲକ୍‌ର ଦୁଲକିବନ୍ଧ, ଥୁଆମୂଳ-ରାମପୁର ବ୍ଲକ୍‌ର ଗୋପାଳପୁର, ବିଶ୍ୱନାଥପୁର ଲାଞ୍ଜିଗଡ ବ୍ଲକ୍‌ର ମଧୁପୁର ପ୍ରଭୃତି ଅଞ୍ଚଳରେ କନ୍ୟାଶ୍ରମମାନ ପ୍ରତିଷ୍ଠିତ ହେଲା ।

ହାଇସ୍କୁଲ ଓ ଛାତ୍ରାବାସ ପ୍ରତିଷ୍ଠା :

ଆଦିବାସୀ ବିଭାଗର ହାଇସ୍କୁଲ ପାଇଁ ମଧ୍ୟ କୋକସରା ବ୍ଲକ୍‌ର ଆମ୍ବପାଣି, ଥୁଆମୂଳ-ରାମପୁର ବ୍ଲକ୍‌ର ଗୋପାଳପୁର, ବିଶ୍ୱନାଥପୁର-ଲାଞ୍ଜିଗଡ ବ୍ଲକ୍‌ର କାଉଗୁଡା ଏବଂ ପରେ ମଧୁପୁରରେ ପ୍ରତିଷ୍ଠା ସକାଶେ ପ୍ରସ୍ତାବ ପଠାଗଲା ଏବଂ ଏସବୁ ପ୍ରତିଷ୍ଠିତ

Source: Author, Digitized by PPRACHIN, SOA

ହେବା ସହିତ ନୂଆପଡା ଅଞ୍ଚଳର ସିଆଲଟି ଆଶ୍ରମ ସ୍କୁଲ ମଧ୍ୟ ପ୍ରତିଷ୍ଠିତ ହୋଇଥିଲା ।

ଆଦିବାସୀ ପୁଅ, ଝିଅମାନଙ୍କ ପାଠ ପଢ଼ିବା ସମୟରେ ରହିବା ପାଇଁ ଅନେକ ଛାତ୍ର ଏବଂ ଛାତ୍ରୀନିବାସ ନିର୍ମାଣ କରାଗଲା ।

କଳାହାଣ୍ଡିର ଅନେକ କଲେଜ ଜନସାଧାରଣଙ୍କ ଉଦ୍ୟମରେ ପ୍ରତିଷ୍ଠିତ ହୋଇଛି । ମାତ୍ର, ଛାତ୍ରବାସର ଅସୁବିଧାକୁ ଦୃଷ୍ଟିରେ ରଖି ସେମାନଙ୍କ ପାଇଁ ମଧ୍ୟ ଛାତ୍ରାବାସ ନିର୍ମାଣ କରାଗଲା ।

ଜୟପାଟଣାର ଇନ୍ଦ୍ରାବତୀ କଲେଜ, କୋକସରା କଲେଜ, ସିନାପାଲି କଲେଜ, ଖଡିଆଳ କଲେଜ, ଧର୍ମଗଡ କଲେଜ, ମଦନପୁର ରାମପୁର କଲେଜ, କେସିଙ୍ଗା କଲେଜ ପ୍ରଭୃତିରେ ଛାତ୍ରାବାସ ନିର୍ମାଣ କରାଗଲା । କଲେଜରେ ପଢୁଥିବା ଆଦିବାସୀ ପୁଅ, ଝିଅମାନଙ୍କ ପାଇଁ ଏହା ଉଦ୍ଦିଷ୍ଟ ଥିଲା ।

ହାଇସ୍କୁଲ୍‌ମାନଙ୍କରେ ମଧ୍ୟ ଆଦିବାସୀ ବିଭାଗ ତରଫରୁ ଛାତ୍ରାବାସ ନିର୍ମାଣ ହେଲା । କୋକସରା ହାଇସ୍କୁଲ୍, ମହିଚଲା ବାଲାଜୀ ଉଚ୍ଚ ବିଦ୍ୟାପୀଠ, ଭବାନୀପାଟଣା ମାଣିକେଶ୍ୱରୀ ହାଇସ୍କୁଲ୍, ନୂଆପଡା ଗୋପବନ୍ଧୁ ହାଇସ୍କୁଲ୍, ଡମ୍ଫର ହାଇସ୍କୁଲ ପ୍ରଭୃତିରେ ମଧ୍ୟ ଛାତ୍ରାବାସ ନିର୍ମାଣ ହେଲା । ଏହିଭଳି ବହୁ କନ୍ୟାଶ୍ରମ ଏବଂ ବିଭିନ୍ନ ଜିଲ୍ଲାରେ ବହୁ ଆଶ୍ରମ ହାଇସ୍କୁଲ୍ ଓ ଛାତ୍ରାବାସ ପ୍ରଭୃତି ପ୍ରତିଷ୍ଠିତ ହୋଇଥିଲା ।

ଆଦିବାସୀଙ୍କୁ ପୋଡୁଚାଷରୁ ନିବର୍ତ୍ତାଇବା ପ୍ରଚେଷ୍ଟା :

ଆଦିବାସୀ ଅଞ୍ଚଳର ପୋଡୁଚାଷୀଙ୍କୁ ପୋଡୁଚାଷରୁ ନିବର୍ତ୍ତାଇବା ପାଇଁ ସେମାନଙ୍କ ଦୈନିକ ଉପାର୍ଜ୍ଜନ ବୃଦ୍ଧିକରି କର୍ମ ନିଯୁକ୍ତି ସୃଷ୍ଟିକରିବା ଆବଶ୍ୟକ । ସେଥିପାଇଁ ସେମାନଙ୍କ ଜମିର ଉନ୍ନତି କରାଇବା ସହିତ ସେମାନଙ୍କୁ ହଳ, ବିହନ ପ୍ରଭୃତି ଯୋଗାଇଦେବା ପାଇଁ ବିଶ୍ୱନାଥପୁର-ଲାଞ୍ଜିଗଡ ବ୍ଲକ୍ ଏବଂ ଥୁଆମୂଳ-ରାମପୁର ବ୍ଲକ୍‌ର ୧୦ଟି ଲେଖାଏଁ ଗ୍ରାମକୁ ପ୍ରଥମେ ନିଆଯାଇ ପ୍ରତି ବ୍ଲକ୍‌ରେ ୨ କୋଟି ଲେଖାଏଁ ଟଙ୍କା ଖର୍ଚ୍ଚପାଇଁ ମଞ୍ଜୁର କରାଗଲା ।

ଆଦିବାସୀମାନେ ଥରେ ଗୋଟିଏ ଅଞ୍ଚଳରେ ପୋଡୁଚାଷ କଲାପରେ ତାକୁ ଛାଡି ଅନ୍ୟ ଗୋଟିଏ ଅଞ୍ଚଳରେ ପୋଡୁଚାଷ କରିଥାନ୍ତି । ସ୍ଥାନ ପରିବର୍ତ୍ତନ କରି ଚାଷ କରୁଥିବା ଯୋଗୁଁ ତାକୁ ସିପ୍‌ଟିଙ୍ଗ କଲ୍‌ଟିଭେସନ୍ ମଧ୍ୟ କୁହାଯାଏ ।

କେନ୍ଦ୍ର ସରକାରଙ୍କୁ ଆମ ରାଜ୍ୟ ତରଫରୁ ଆମେ ସେତେବେଳେ ପ୍ରସ୍ତାବ- ଦେଇଥିଲୁ, ଜଙ୍ଗଲରେ ବ୍ୟାପକ ଭାବରେ ଫଳ ଚାଷ ପାଇଁ ଫଳଗଛ ଯଥା– ପଣସ, ଆମ୍ବ, କାଜୁ, କମଳା ପ୍ରଭୃତି ରୋପଣ କରାଯାଇ ସେହି ଗଛର ପଟ୍ଟା ଆଦିବାସୀମାନଙ୍କୁ ପ୍ରଦାନ କରାଯାଉ । ତାହା ଦ୍ୱାରା ସେମାନେ ନିଜକୁ ସେ ଗଛର ମାଲିକ ମନେ କଲେ

Source: Author, Digitized by PPRACHIN, SOA

ଗଛର ରକ୍ଷଣାବେକ୍ଷଣ କରିବା ସହ ତାର ଫଳ ଭୋଗ କରି ଉପକୃତ ହେବେ । ସାଧାରଣତଃ ଫଳ ଗଛକୁ ଆଦିବାସୀମାନେ କାଟନ୍ତି ନାହିଁ । ଗଛପ୍ରତି ସେମାନଙ୍କ ମମତା ବଢ଼ିବ, ତାକୁ ଯତ୍ନ ସହ ବଢ଼ାଇବେ ।

ସେତେବେଳେ ସରକାର ଗଛର ପଟ୍ଟା ଦେବା ପାଇଁ ମନାକଲେ । ମାତ୍ର, ଆଜି ଆଦିବାସୀମାନଙ୍କୁ ଜଙ୍ଗଲର ଅଧିକାର ମିଳି ଜମିର ପଟ୍ଟା ମିଳୁଛି ।

ବଣ୍ଡା ଆଦିବାସୀଙ୍କ ଜୀବନ ଓ ସଂସ୍କୃତି :

ଅବିଭକ୍ତ କୋରାପୁଟ ଜିଲ୍ଲାର ବଣ୍ଡା ସଂପ୍ରଦାୟ ଏକ ଆଦିମ ଅଧିବାସୀ ଗୋଷ୍ଠୀର । ସେମାନେ ଏବେ ବି ମାଟିକୁ ମା' ରୂପେ ପୂଜା କରନ୍ତି ବୃକ୍ଷକୁ ମଧ୍ୟ ପୂଜା କରନ୍ତି ।

ସେହି ଆଦିମ ଜନଜାତି ବଣ୍ଡା ସଂପ୍ରଦାୟ ହିଁ ମାଟି ମା'ର ପୂଜା, ବୃକ୍ଷର ପୂଜା ଆରମ୍ଭ କରିଥିଲେ । ସେମାନେ ପ୍ରଥମ ଆଦିବାସୀ ରୂପେ ଗଣ୍ୟ ହୁଅନ୍ତି । ସେମାନଙ୍କୁ ଆଦିମ ଜନଜାତିର ମାନ୍ୟତା ପ୍ରଦାନ କରାଯାଇଛି । ଖଇରପୁଟ ମଣ୍ଡଳ ଅଧୀନ ମହୁଲିପଦା ଓ ଆଣ୍ଡାହାଲ ଗ୍ରାମପଞ୍ଚାୟତର ୧୫ଟି ଗ୍ରାମ ଓ ୧୨ଟି ପଦା ମଧ୍ୟରେ ମୋଟ ୮,୦୦୦ ବଣ୍ଡା ବାସ କରନ୍ତି ।

୧୯୭୭ ମସିହାରେ ମୁଁ ବିଧାନସଭାର ବିରୋଧୀଦଳର ସଦସ୍ୟ ଥିବା ସମୟରେ ଏହି ଅଞ୍ଚଳକୁ ଗସ୍ତରେ ଯାଇଥିଲି । ୧୯୮୭ ମସିହାରେ ଆଦିବାସୀ ବିଭାଗର ମନ୍ତ୍ରୀ ହେବା ପରେ ଏହି ଅଞ୍ଚଳକୁ ଗସ୍ତରେ ଯାଇ ସେମାନଙ୍କ ସହିତ ମିଶିଥିଲି । ପରିବର୍ତ୍ତନର ଆଭାସ ଜଣାପଡିଲା । ମାତ୍ର, ଦୀର୍ଘ ଦଶବର୍ଷ ମଧ୍ୟରେ ଆଶାଜନକ ପରିବର୍ତ୍ତନ ହୋଇପାରି ନଥିଲା ।

ବଣ୍ଡା ଅଞ୍ଚଳର ମୁଖ୍ୟ ରାସ୍ତାଠୁ ଟିକିଏ ଦୂରରେ ବହୁ ଯୁଗରୁ ଗୋଟିଏ ବିଶାଳ ବଟବୃକ୍ଷ ସଗର୍ବେ ଛିଡା ହୋଇ ରହିଛି । ସେହି ବଟବୃକ୍ଷକୁ ସେମାନେ 'ପାଟଖଣ୍ଡା ମହାପ୍ରଭୁ' ଭାବେ ପୂଜା କରନ୍ତି । ଏହି ଗ୍ରାମକୁ ଚତୁର୍ଦ୍ଦିଗରେ ପର୍ବତ ଘେରି ରହିଛି । ତେଣୁ ସେହି ପାହାଡ ଘେର ଭିତରେ ସେମାନଙ୍କ ଜୀବନ ଶୈଳୀ ଛନ୍ଦି ହୋଇ ରହିଛି ।

ସରକାରୀ ହିସାବରେ ଓଡିଶାରେ ୬୨ ପ୍ରକାର ଜନଜାତି ବସବାସ କରୁଛନ୍ତି । ସେ ମଧ୍ୟରୁ କେବଳ କୋରାପୁଟରେ ନିମ୍ନୋକ୍ତ କେତେକ ଆଦିମ ଜନଜାତି ବାସ କରୁଛନ୍ତି । ସେହି ଆଦିମ ଜନଜାତି ହେଲେ ବଣ୍ଡା, ଡିଡାୟ, ଲାଞ୍ଜିଆ, ସଉରା, ଶବର, ଡଙ୍ଗରିଆକନ୍ଧ, କୁଟିଆ କନ୍ଧ, ଝରଣିଆ କନ୍ଧ, ବୁଟକିଆ ଭୁଞ୍ଜିଆ, ମାଙ୍କଡିଆ, ଲୋଧା, ଜୁଆଙ୍ଗ, ପାଉଡି ଭୂୟାଁ, ଚିରହୋର ଏବଂ ହିଲଖିରିଆ ପ୍ରଭୃତି ।

ଏମାନଙ୍କ ମଧ୍ୟରୁ ବଣ୍ଡା ଜନଜାତି ଏବେ ମଧ୍ୟ ସେହି ଆଦିମ ଯୁଗର ମଣିଷ ଭଳି

Source: Author, Digitized by PPRACHIN, SOA

ବସବାସ କରୁଛନ୍ତି । ବହୁ ଅବହେଳିତ ଅବସ୍ଥାରେ ସେମାନେ ଅଛନ୍ତି । ବଣ୍ଡା ସଂପ୍ରଦାୟର ଉନ୍ନତି ପାଇଁ ସ୍ୱତନ୍ତ୍ର ଭାବରେ ବଣ୍ଡା ଉନ୍ନୟନ କର୍ମଚାରୀମାନେ ନିୟୋଜିତ ହୋଇଛନ୍ତି । ମାତ୍ର, ଆଶାଜନକ ଉନ୍ନତି ହୋଇପାରି ନାହିଁ । ଶିକ୍ଷାର ସର୍ବନିମ୍ନ ମାନ ମଧ୍ୟ ସେମାନଙ୍କ ପାଖରେ ପହଞ୍ଚି ପାରି ନାହିଁ । ଶିକ୍ଷା ପ୍ରତି ମଧ୍ୟ ସେମାନଙ୍କ ଆଗ୍ରହ ସୃଷ୍ଟି ହୋଇ ପାରି ନାହିଁ ।

ବଣ୍ଡା ମହିଳାମାନେ ନିଜ ହାତରେ ନିର୍ମିତ ଏକ କ୍ଷୁଦ୍ରବସ୍ତ୍ର ଅଣ୍ଟାରେ ଘୋଡାଇ ପିନ୍ଧିଥାନ୍ତି । ଛାତିରେ ବିଭିନ୍ନ ପଥରମାଳା ଅବା ବୃକ୍ଷର ପାଉଲା ପିନ୍ଧିଥାନ୍ତି । ବିଶ୍ୱାସ ଅଛି, ବଣ୍ଡା ମହିଳାମାନେ ପୁରାଣଯୁଗର ଏକ ଅଭିଶାପକୁ ଗ୍ରହଣ କରି ଲୁଗା ପିନ୍ଧନ୍ତି ନାହିଁ । ପୁରାଣ ପ୍ରସିଦ୍ଧ ମାଲ୍ୟବନ୍ତ ଅଞ୍ଚଳରେ ପିତୃସତ୍ୟ ରକ୍ଷାକରି ରାମ, ଲକ୍ଷ୍ମଣ ଓ ସୀତାମାତାଙ୍କ ସହ ବନବାସ ସମୟରେ ଏହି ପାର୍ବତ୍ୟ ଅଞ୍ଚଳରେ କୁଟୀର ନିର୍ମାଣକରି ବାସ କରୁଥିଲେ । ମାତା ସୀତା ଦେବୀ ସ୍ନାନ କରିବା ସମୟରେ ଆଦିମ ମହିଳାମାନେ ତାଙ୍କ ଗାଧୋଇବା ଦେଖି ହସି ଦେଇଥିଲେ । ମାତା ସୀତା ଲଜ୍ଜିତ ହୋଇ ଅଭିଶାପ ଦେଇଥିଲେ । ତୁମେ ସବୁଦିନ ଅର୍ଦ୍ଧନଗ୍ନ ଅବସ୍ଥାରେ ରହିବ । ସେହି ଦିନରୁ ସୀତାମାତାଙ୍କ ଅଭିଶାପକୁ ଆଶୀର୍ବାଦ ସଦୃଶ ଗ୍ରହଣ କରି ସେମାନେ ଅର୍ଦ୍ଧ ଉଲଗ୍ନ ଅବସ୍ଥାରେ ଜୀବନ ଅତିବାହିତ କରୁଛନ୍ତି । ତେଣୁ ଲୁଗା ପିନ୍ଧିଲେ ସୀତାମାତାଙ୍କ ପ୍ରତି ଅନ୍ୟାୟ ହେବ, ଏହା ତାଙ୍କର ବିଶ୍ୱାସ ।

ଘଞ୍ଚ ଜଙ୍ଗଲରେ ରହିବା ଫଳରେ ବସ୍ତ୍ର ମିଳିବା ମଧ୍ୟ ସମ୍ଭବ ନ ଥିଲା । ସେଥିପାଇଁ ମଧ୍ୟ ଲୁଗା ପିନ୍ଧିବା ସୁଯୋଗ ସେମାନେ ପାଇ ନାହାନ୍ତି ଅବା ଆର୍ଥିକ ପରିସ୍ଥିତି ସେମାନଙ୍କୁ ବସ୍ତ୍ର ପରିଧାନ ପାଇଁ ସୁଯୋଗ ଆଣିଦେଇ ପାରି ନାହିଁ ।

ମୁଁ ଆଦିବାସୀ କଲ୍ୟାଣ ମନ୍ତ୍ରୀ ଥିବା ସମୟରେ ସେମାନଙ୍କୁ ଲୁଗା ପରିଧାନ କରିବା ପାଇଁ ବହୁ ପ୍ରକାର ବୁଝାଇଲି । ମାତ୍ର, ଲୁଗା ପିନ୍ଧାଇ ପାରିବା ସମ୍ଭବ ହେଲା ନାହିଁ । ସେଠି କାର୍ଯ୍ୟରତ ଜିପ୍ ଡ୍ରାଇଭର ପଣ୍ଡାବାବୁ ଯେକି ଜୁନାଗଡ ଅଞ୍ଚଳର, ସେ ମଧ୍ୟ ବଣ୍ଡା ଭାଷାରେ ମୋ' କଥା ତାଙ୍କୁ ବୁଝାଇଲେ । ମାତ୍ର, କିଛି ଫଳପ୍ରଦ ହେଲା ନାହିଁ । ମୋ'ରି କଥାରେ ଯେଉଁ ମହିଳା ସାହସ କରି ଲୁଗା ପିନ୍ଧିଲା ତାକୁ ସମାଜରୁ ବାସନ୍ଦ କରି ଦିଆଗଲା । ଅବଶ୍ୟ ପରେ ସେ ଲୁଗା ପନ୍ଧିବା ଛାଡ଼ିଦେବା ପରେ ତାକୁ ସମାଜରେ ଗ୍ରହଣ କରାଯାଇଥିଲା ।

ମୁଁ ଫେର୍ ସେମାନଙ୍କୁ ବୁଝାଇଲି, ସମସ୍ତେ ଯଦି ଲୁଗା ପିନ୍ଧିବେ କିଏ ଆଉ ତୁମକୁ ବାସନ୍ଦ କରିବ ?

ସେମାନେ ମୋ' ମୁହଁକୁ ଆବାକାବା ହୋଇ ଚାହିଁ ରହିଲେ । ''ମୁଁ ସମସ୍ତଙ୍କ

Source: Author, Digitized by PPRACHIN, SOA

ପାଇଁ ଦୁଇଖଣ୍ଡ ଲୁଗା, ପ୍ରତିବର୍ଷ ଯୋଗାଇଦେବି । ତୁମ ପୁଅଝିଅ ଓ ପୁରୁଷମାନଙ୍କୁ ମଧ୍ୟ ବସ୍ତ୍ର ଯୋଗାଇଦେବି’’ । ଏହି ଭାବରେ ମଧ୍ୟ ବୁଝାଇଲି ।

ସେମାନଙ୍କ ପାଖରେ ଲୁଗା, ଧୋତି, ପିଲାଙ୍କ ପାଇଁ ପେଣ୍ଟ, ସାର୍ଟ, ଫ୍ରକ ପ୍ରଭୃତି ସହଜରେ ମିଳି ପାରିଲେ ଧୀରେଧୀରେ ସେସବୁ ପିନ୍ଧିବାରେ ସେମାନେ ଅଭ୍ୟସ୍ତ ହେବେ, ଏହି ଆଶାରେ ସରକାରୀ ନିର୍ଦ୍ଦେଶ ଦେଲି । ପ୍ରତ୍ୟେକ ବଣ୍ଡା ପରିବାରର ପ୍ରତ୍ୟେକ ମହିଳାଙ୍କୁ ଦୁଇଖଣ୍ଡ ଶାଢ଼ୀ ଏବଂ ପୁରୁଷମାନଙ୍କ ପାଇଁ ଧୋତି, ପିଲାଙ୍କ ପାଇଁ ପେଣ୍ଟ, ସାର୍ଟ ଏବଂ ଝିଅଙ୍କ ପାଇଁ ପେଣ୍ଟ ଫ୍ରକ୍ ପ୍ରଦାନ କରାଯିବ । ତାହା କାର୍ଯ୍ୟକାରୀ ହୋଇ ସେମାନଙ୍କୁ ଯୋଗାଇ ଦିଆଯାଇଥିଲା । ମାତ୍ର, ମୁଁ ମନ୍ତ୍ରିତ୍ୱରୁ ବିଦାୟ ନେବାପରେ ତାହା ଆଉ କାର୍ଯ୍ୟକାରୀ ହେଲାନାହିଁ । ସେମାନଙ୍କ ପାଇଁ ବସ୍ତ୍ର ଯୋଗାଇଦେବାର ଆବଶ୍ୟକତା ଏବେ ମଧ୍ୟ ରହିଛି । ପିନ୍ଧିବା ବସ୍ତ୍ର ପାଖରେ ରହିଲେ, ଧୀରେ ଧୀରେ ସେମାନେ ତାହା ପିନ୍ଧିବା ପାଇଁ ଅଭ୍ୟସ୍ତ ହୋଇପଡିବେ । ମନରେ ଛପି ରହିଥିବା ଆଶଙ୍କା, ଭାବନାକୁ ଦୂର କରିବା ସମୟ ସାପେକ୍ଷ, ତଥାପି ଉଦ୍ୟମ ଅବ୍ୟାହତ ରହିବା ଉଚିତ୍ ।

ବଣ୍ଡାମାନଙ୍କ ସରଳତାର ଅବା ତାଙ୍କ ଅଜ୍ଞତାର ସୁଯୋଗ ନେଇ ଯେଉଁମାନଙ୍କ ଉପରେ ଉନ୍ନୟନ ଦାୟିତ୍ୱ ରହିଛି, ସେମାନଙ୍କ କାର୍ଯ୍ୟପ୍ରଣାଳୀ ଆଶାଜନକ ନ ହେବା ଫଳରେ ବିକାଶ ସମ୍ଭବ ହେଉ ନାହିଁ । ଯୁଗ ଯୁଗ ଧରି ସେମାନେ ଯେଉଁ ସଂସ୍କୃତି ସହ ଯୋଡି ହୋଇ ରହିଛନ୍ତି, ତାକୁ ଦୂରେଇ ଦେବା ମଧ୍ୟ ଏତେ ସହଜ ନୁହେଁ । ମାତ୍ର, ସେମାନଙ୍କୁ ଶିକ୍ଷିତ ଓ ସଚେତନ କରାଯାଇ ପାରିଲେ ସେମାନଙ୍କ ଚିନ୍ତାଧାରାର ପରିବର୍ତ୍ତନ ନିଶ୍ଚିତ ରୂପେ ଘଟିବ ।

ବଣ୍ଡାମାନଙ୍କ ପ୍ରାଚୀନ ମାତୃଭାଷା ‘ରେମୋ’ । ବଣ୍ଡାମାନେ ନିଜକୁ ରେମୋ ବା ଆଦିମ ମଣିଷ ବୋଲି ପରିଚୟ ଦିଅନ୍ତି । ମାତ୍ର, ଦିନକୁ ଦିନ ଏହି ପ୍ରାଚୀନ ଭାଷା ବିଲୁପ୍ତ ହେବାକୁ ବସିଛି । ବଣ୍ଡାମାନଙ୍କ ସାମାଜିକ ବିଧିବିଧାନରେ ବିବାହ ଏକ ମୁଖ୍ୟ ଆକର୍ଷଣ । ତାଙ୍କ ସମାଜରେ ତିନି ପ୍ରକାର ବିବାହ ପ୍ରଚଳିତ ଅଛି ।

ଗୋଟିଏ ପ୍ରକାର ବିବାହରେ ବରପକ୍ଷରୁ କନ୍ୟାପକ୍ଷକୁ ପ୍ରସ୍ତାବ ପ୍ରଦାନ କରାଯାଇ ବିବାହ ସ୍ଥିରହୋଇଥାଏ । ଅନ୍ୟଏକ ପ୍ରକାରହେଲା, ପୁଅ ଯେଉଁ ଝିଅ ପ୍ରତି ଆକୃଷ୍ଟଥାଏ ତାକୁ ଟାଣି ଅବା ଝିଙ୍କି ବଳପୂର୍ବକ ନେଇଯିବାପାଇଁ ଉଦ୍ୟମ କରେ । କନ୍ୟାପକ୍ଷ ସେଥିରେ ହସ୍ତକ୍ଷେପ କରି, ତାହାକୁ ସମାଜରେ ପକାନ୍ତି । ସମାଜରେ ଏହା ମୀମାଂସା ହେଲା ପରେ ସେମାନେ ବିବାହ କରିଥାନ୍ତି । ଏମାନଙ୍କ ମଧ୍ୟରେ ବିଧବା ବିବାହର ମଧ୍ୟ ପ୍ରଚଳନ ଅଛି ।

ବଣ୍ଡାମାନେ ପ୍ରକୃତି କୋଳରେ ବଢ଼ି ଆସିଛନ୍ତି । ତେଣୁ ଏମାନେ ପ୍ରକୃତିର ଉପାସକ । ସେମାନଙ୍କ ବାର ମାସରେ ତେର ପର୍ବ ଲାଗି ରହିଥାଏ । ଚାଷ କାର୍ଯ୍ୟ

Source: Author, Digitized by PPRACHIN, SOA

ଆରମ୍ଭଠାରୁ ଅମଳ ପର୍ଯ୍ୟନ୍ତ ମାଟି ମା' ପ୍ରତି ସେମାନଙ୍କ ଆତ୍ମସମର୍ପଣ ଭକ୍ତି ଭାବନା ଅବ୍ୟାହତ ରହିଥାଏ । ନୃତ୍ୟ-ଗୀତ-ବାଦ୍ୟର ତାଳେ ତାଳେ ଭାବ ବିହ୍ୱଳ ହୋଇ ନିଜ ମନର ଆବେଗକୁ ସେମାନେ ମାଟି ମା'ଙ୍କୁ ଅର୍ପଣ କରିଥାନ୍ତି ।

ଆଗାମୀ ଭବିଷ୍ୟତ ଅନିଶ୍ଚିତ । ତେଣୁ ବର୍ତ୍ତମାନ ହିଁ ସବୁକିଛି, ଏହି ଭାବନା ସେମାନଙ୍କ ମନ ଭିତରେ ଭରି ରହିଥାଏ । ସେମାନଙ୍କ ମନରେ ଦୃଢ଼ ବିଶ୍ୱାସ ରହିଛି, ଆମକୁ ସର୍ବମୟ ଭଗବାନ ଏ ସୃଷ୍ଟିକୁ ଆଣିଛନ୍ତି । ତେଣୁ ଭଗବାନ ହିଁ ସୃଷ୍ଟିକର୍ତ୍ତା । ଦିନ, ରାତି, ଚନ୍ଦ୍ର, ସୂର୍ଯ୍ୟ ଏସବୁ ତାଙ୍କରି ସୃଷ୍ଟି ।

ବଣ୍ଡାମାନେ ଅତି ସରଳ ପ୍ରକୃତିର ଲୋକ । ମାତ୍ର, ରାଗିଲେ ଅତି ନୃଶଂସ ହୋଇ ଉଠନ୍ତି । ତେଣୁ ସମୟ ସମୟରେ ନିଜ ମଧ୍ୟରେ ହଣାକଟା ହୋଇ ଅନେକ ମୃତ୍ୟୁବରଣ କରିଥାନ୍ତି । ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇ ମଧ୍ୟ ସେମାନଙ୍କ ମନ ଭିତରେ ଭରି ରହିଥିବା ଅନ୍ଧବିଶ୍ୱାସ ଯୋଗୁଁ ସେମାନେ ଔଷଧ ସେବନ କରନ୍ତି ନାହିଁ । ଫଳରେ ଅକାଳ ମୃତ୍ୟୁ ବରଣ କରନ୍ତି । ତେଣୁ ଦିନକୁ ଦିନ ବଣ୍ଡା ସଂଖ୍ୟା ବୃଦ୍ଧି ନ ପାଇ କମିବାରେ ଲାଗିଛି । ଏହା ଆମ ସଭିଙ୍କ ପାଇଁ ଉଦ୍‌ବେଗର କାରଣ । ତେଣୁ ଏହାର ପ୍ରତିକାର ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆବଶ୍ୟକ ।

ପାହାଡ ତଳରେ ରହୁଥିବା ବଣ୍ଡାମାନେ ହାଟ, ବଜାରରେ ଅନେକ ଲୋକଙ୍କ ସଂସ୍ପର୍ଶରେ ଆସି ଆଧୁନିକତା ପ୍ରତି ଆକୃଷ୍ଟ ହେଉଛନ୍ତି ।

ବଣ୍ଡା ଅଞ୍ଚଳକୁ ଯିବାପାଇଁ ପର୍ଯ୍ୟଟକମାନଙ୍କୁ ସରକାରଙ୍କ ଅନୁମତି ଆବଶ୍ୟକ । ଏହା ବିନା ଯିବା ଆଇନ ବିରୁଦ୍ଧ । ସେମାନଙ୍କ ସରଳତାର ସୁଯୋଗ ନେଇ କିଛି ଅର୍ଥ ପ୍ରଦାନ କରି ପ୍ରଲୋଭିତ କରି ବିଭିନ୍ନ ଫଟୋ ଉଠାଇବା ଧର୍ତ୍ତବ୍ୟ ଅପରାଧ । ଏ ଦିଗରେ କଠୋର କାର୍ଯ୍ୟାନୁଷ୍ଠାନର ଆବଶ୍ୟକତା ରହିଛି ।

ବଣ୍ଡାମାନେ ଗ୍ରାମ ପୂଜା ବିଧିରେ ବ୍ୟସ୍ତ ରହି ବଣରୁ ଶିକାର କରି ନ ଫେରିବା ପର୍ଯ୍ୟନ୍ତ ଅନ୍ୟ ଅଞ୍ଚଳର ଲୋକ, ଗ୍ରାମ ଭିତରକୁ ଯିବା ନିଷିଦ୍ଧ । ମୁଁ ବିଧାୟକ ଥିବା ସମୟରେ ୧୯୭୮ ମସିହାରେ ଏହିଭଳି ଏକ ଉତ୍ସବ ମୁଖର ଦିବସରେ ଆମ ବିଧାୟକ ବୃନ୍ଦଙ୍କୁ ଗ୍ରାମ ଭିତରକୁ ପଶିବା ପାଇଁ ଦୀର୍ଘ ସମୟ ଅପେକ୍ଷା କରିବାକୁ ପଡିଥିଲା । ସେମାନେ ବଣରୁ ଶିକାର କରି ଫେରିବା ପରେ ପୂଜା ଶେଷ କରିବାରୁ ଆମକୁ ଗ୍ରାମ ଭିତରକୁ ଯିବା ପାଇଁ ଅନୁମତି ମିଳିଥିଲା ।

ଆଦିବାସୀ ଭାଷା ଗବେଷଣାକେନ୍ଦ୍ର :

ଆଦିବାସୀ ବିଭାଗର ମନ୍ତ୍ରୀ ଦାୟିତ୍ୱ ନେବାପରେ ଆଦିବାସୀ ସଂପ୍ରଦାୟର

Source: Author, Digitized by PPRACHIN, SOA

ଅର୍ଥନୈତିକ ଉନ୍ନତି, ସେମାନଙ୍କ ସାମାଜିକ ଚାଲିଚଳନ ପ୍ରଭୃତିକୁ ଖାପଖୁଆଇ ତାଙ୍କ ନିଜ ଭାଷାରେ ପ୍ରାରମ୍ଭିକ ଶିକ୍ଷା ଅତି ଆବଶ୍ୟକ ବୋଲି ମୁଁ ମନେକଲି ।

ଆଦିବାସୀମାନଙ୍କ ଭାଷା ଉପରେ ଗବେଷଣା କରିବା ପାଇଁ ବିଭାଗୀୟ ଗବେଷଣାକେନ୍ଦ୍ର ମଧ ପ୍ରତିଷ୍ଠିତ ହୋଇଛି । ମାତ୍ର, ଉପଯୁକ୍ତ ଗବେଷକଙ୍କ ଅଭାବ ଫଳରେ ଗବେଷଣାକେନ୍ଦ୍ର ଠିକ୍ ଭାବରେ କାର୍ଯ୍ୟକାରୀ ହୋଇପାରୁ ନାହିଁ । ତେଣୁ ଜଣେ ଉପଯୁକ୍ତ ଗବେଷକଙ୍କ ତଲାସରେ ଆମେ ଥାଉଁ ।

ଶାନ୍ତିନିକେତନର ଓଡିଆ ଭାଷା ଓ ସାହିତ୍ୟ ବିଭାଗୀୟ ପ୍ରଫେସର ଡ. ଖଗେଶ୍ୱର ମହାପାତ୍ର ତାଙ୍କ ଓଡିଶା ଗସ୍ତ ସମୟରେ ମୁଖ୍ୟମନ୍ତ୍ରୀଙ୍କ ସହ ସାକ୍ଷାତ କଲେ । ମୁଖ୍ୟମନ୍ତ୍ରୀ ମଧ ଏ ଦିଗରେ ତାଙ୍କ ଉଦ୍ୟମ ଜାରିରଖିଥାନ୍ତି । ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶକ୍ରମେ ସେ ମୋ' ସହିତ ମଧ ସାକ୍ଷାତ କରି ଆଲୋଚନା କଲେ । ଗବେଷଣା କେନ୍ଦ୍ରର ଦାୟିତ୍ୱ ନେବା ପାଇଁ ମୁଁ ତାଙ୍କୁ ପରାମର୍ଶ ଦେଲି । ସେ ଦ୍ୱନ୍ଦ୍ୱରେ ଥାନ୍ତି । ଗବେଷଣା କେନ୍ଦ୍ର-ମାନଙ୍କରେ ରାଜନୈତିକ ହସ୍ତକ୍ଷେପ ଫଳରେ ଜଣେ ସ୍ୱଚ୍ଛନ୍ଦରେ କାମ କରିବା ଏତେ ସହଜ ନୁହେଁ ବୋଲି ତାଙ୍କ ଧାରଣା । 'ଓଡିଶା ସାହିତ୍ୟ ଏକାଡେମୀ'ରେ ମଧ ରାଜନୈତିକ ହସ୍ତକ୍ଷେପ ଫଳରେ ଓଡିଶାରେ ଯେଉଁଭଳି ସାହିତ୍ୟିକ ବାତାବରଣ ସୃଷ୍ଟି ହେବାକଥା ସେହିଭଳି ହୋଇପାରୁ ନ ଥିବା ସଭିଏଁ ଉପଲବ୍ଧି କରିପାରୁଛନ୍ତି ।

ସେହିଭଳି 'ଆଦିବାସୀ ଗବେଷଣା ଏକାଡେମୀ'ର ମଧ ସେହି ଦୁରବସ୍ଥା ଯେ ନ ହେବ... ଏହିଭଳି ତାଙ୍କ ମନକୁ ଘାରି ରଖିଥାଏ ।

ମୁଁ ତାଙ୍କ ସହିତ ଆଲୋଚନା କରିବା ଦ୍ୱାରା ସ୍ପଷ୍ଟ ଉପଲବ୍ଧି କରି କହିଲି, ''ଆପଣ ନିଶ୍ଚିନ୍ତ ରହନ୍ତୁ । ଗବେଷଣା କାର୍ଯ୍ୟରେ ସରକାର ଅଯଥା ହସ୍ତକ୍ଷେପ କରିବେ ନାହିଁ'' । ମୁଁ ତାଙ୍କୁ ନିର୍ଭର ପ୍ରତିଶ୍ରୁତି ପ୍ରଦାନ କଲି । ଗବେଷଣା ପୁସ୍ତକ ପ୍ରକାଶନରେ କୌଣସି ପ୍ରତିବନ୍ଧକ ହେବ ନାହିଁ ।

''ଆପଣ ନିଶ୍ଚିନ୍ତ ରହନ୍ତୁ । ଦ୍ୱିଧା ନ କରି ଗବେଷଣାକେନ୍ଦ୍ରର ଦାୟିତ୍ୱ ଗ୍ରହଣ କରନ୍ତୁ'' ।

ସେ ମୋ'ଠୁ ଏହିଭଳି ନିର୍ଭର ପ୍ରତିଶ୍ରୁତି ପାଇବା ପରେ ଏବଂ ମୁଖ୍ୟମନ୍ତ୍ରୀ ମଧ ଜଣେ ଜ୍ଞାନୀ ବ୍ୟକ୍ତି ହୋଇଥିବାରୁ ତାଙ୍କର ମଧ ପୂର୍ଣ୍ଣ ସହଯୋଗ ପାଇ ପାରିବେ ବୋଲି ଦୃଢ଼ ବିଶ୍ୱାସ ହେବା ପରେ ଶାନ୍ତିନିକେତନରୁ ପ୍ରଫେସର ପଦ ଛାଡି ଆସି ଆଦିବାସୀ ବିଭାଗର ଗବେଷଣା କେନ୍ଦ୍ରରେ ଯୋଗଦେଇ ଅନେକ ଗବେଷଣା ପୁସ୍ତକ ପ୍ରକାଶନ କରିବାରେ ସଫଳ ହୋଇଥିଲେ ।

Source: Author, Digitized by PPRACHIN, SOA

କୋୟା :

କୋୟା ହେଉଛି ଦ୍ରାବିଡ ଭାଷା ଗୋଷ୍ଠୀର ଜନଜାତି । ଏମାନେ ବିଶେଷତଃ ମାଲକାନଗିରି ଅଞ୍ଚଳରେ ବସବାସ କରନ୍ତି । ଏମାନଙ୍କ ବିଶେଷତ୍ୱ ହେଲା, ଗୟଳ ଶିଙ୍ଗ, ପଗଡି ପରିଧାନ କରି କଉଡି ଖଚିତ ମାଳା ଧାରଣ କରି ଏକ ଲମ୍ବା ଢ଼ୋଲକୁ ବାଦ୍ୟ ରୂପେ ବଜାନ୍ତି । ମହିଳାମାନେ ମୁଣ୍ଡରେ ପିତ୍ତଳର ମୁକୁଟ ଓ ଘୁଙ୍ଗୁର ଯୁକ୍ତ ଲୁହାର ବାଡି ଧରି ଢ଼ୋଲ ବାଦ୍ୟସହ ସର୍ପିଳ ଗତିରେ ଅପୂର୍ବ ଭଙ୍ଗୀରେ ନୃତ୍ୟ କରନ୍ତି । ସେ ନୃତ୍ୟ ଦେଖିବା ଅତି ଆକର୍ଷଣୀୟ ।

ମୁଁ ବିଧାନସଭାର ଏଷ୍ଟିମେଟ୍ କମିଟିର ସଦସ୍ୟ ଥିବା ସମୟରେ ଏହି ଅଞ୍ଚଳକୁ ୧୯୭୮ ମସିହାରେ ସାନଖେମୁଣ୍ଡି ବିଧାୟକ ଉଦୟ ନାରାୟଣ ଦେବଙ୍କ ସଭାପତିତ୍ୱରେ କେତେଜଣ ବିଧାୟକଙ୍କ ଗହଣରେ ଗସ୍ତରେ ଯାଇଥିଲି ଏବଂ ସେତେବେଳେ ଏହି ନୃତ୍ୟ ଦେଖିବାର ସୁଯୋଗ ପାଇଥିଲି । ମୁଁ ଖଲ୍ଲିକୋଟ କଲେଜରେ ପଢ଼ିବା ସମୟରେ ମୋ'ଠୁ ସେ ଉପର ଶ୍ରେଣୀରେ ପଢୁଥିଲେ । ତାଙ୍କ ଭଉଣୀ ବ୍ରଜେଶ୍ୱରୀ ଏବଂ ବଡ-ଖେମୁଣ୍ଡି ରାଜପରିବାର ଝିଅ ରମାଦେବୀ ମୋ' ସହିତ ପଢୁଥିଲେ । ତେଣୁ ତାଙ୍କ ସହିତ ମୋ'ର କଲେଜ ପଢିବା ସମୟରୁ ସଂପର୍କ ରହିଆସିଛି । ସେ ଜଣେ ପକ୍ଷୀ ବିଶାରଦ । ଏ ଦିଗରେ ସେ ଅନେକ ଗବେଷଣା କରିଛନ୍ତି ଏବଂ ଡକ୍ଟରେଟ୍ ପାଇଛନ୍ତି । 'ବିଜୁ ପଟ୍ଟନାୟକ ୱାଇଲ୍ଡ ଲାଇଫ୍ କନ୍‌ଜରଭେସନ୍ ସମ୍ମାନ' ୨୦୦୯ରେ ସେ ପାଇଛନ୍ତି ।

ଚୁକୁଟିଆ ଭୁଞ୍ଜିଆ :

ଅବିଭକ୍ତ କଳାହାଣ୍ଡି ଜିଲ୍ଲା ଭାଗ ହୋଇ ବର୍ତ୍ତମାନ ନୂଆପଡା ଜିଲ୍ଲା ସ୍ୱତନ୍ତ୍ର ଭାବେ ପ୍ରତିଷ୍ଠିତ ହୋଇଛି । ଓଡିଶା ୧୩ଟି ଜିଲ୍ଲାରୁ ୩୦ଟି ଜିଲ୍ଲାରେ ପରିଣତ ହୋଇଛି । ପ୍ରଶାସନକୁ ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ ବିଜୁ ପଟ୍ଟନାୟକ ନିଜ ମୁଖ୍ୟମନ୍ତ୍ରିତ୍ୱ ସମୟରେ ଜିଲ୍ଲା ସଂଖ୍ୟା ବୃଦ୍ଧି କରିଥିଲେ ୧୯୯୧ ମସିହାରେ ।

ନୂଆପଡା ଜିଲ୍ଲାର ସୁନାବେଡା ଉପତ୍ୟକାରେ ପ୍ରାଚୀନ ଜନଜାତି ଚୁକଟିଆ ଭୁଞ୍ଜିଆମାନେ ବସବାସ କରନ୍ତି । ଏମାନଙ୍କର ମଧ୍ୟ ଶିକ୍ଷା, ସଭ୍ୟତା ଆଶାଜନକ ଭାବରେ ଉନ୍ନତି ହୋଇପାରି ନାହିଁ । ଏମାନଙ୍କ ନୃତ୍ୟ ମଧ୍ୟ ନିଆରା । ଏମାନଙ୍କ ଉପରେ ଛତିଶଗଡର ପ୍ରଭାବ ପଡିଛି । ବିବାହ ଉତ୍ସବରେ ଏମାନେ ନୃତ୍ୟ କରିଥାନ୍ତି । ଏମାନଙ୍କ ନୃତ୍ୟରେ ଏକ ସ୍ୱତନ୍ତ୍ରତା ରହିଛି । ପୁରୁଷ ଏବଂ ମହିଳାଙ୍କ ବାକ୍‌ଚାତୁରୀ ସଂଳାପ ସଂଯୋଜନା ନୃତ୍ୟକୁ ଅଧିକ ମନମୁଗ୍ଧକର କରିଥାଏ ।

Source: Author, Digitized by PPRACHIN, SOA

ସାନ୍ତାଳ :

ସାନ୍ତାଳ, ମୁଣ୍ଡା, ନୀଳଗିରିର ଭୂମିଆମାନଙ୍କ ନୃତ୍ୟ ମଧ୍ୟ ନିଆରା । ଓଡିଶାର ପ୍ରାଚୀନତମ ଜନଜାତି ସାନ୍ତାଳଙ୍କୁ ନେଇ ଲୋକ ସାହିତ୍ୟ ଗବେଷଣା ପୁସ୍ତକ ପ୍ରକାଶ ପାଇଲା । ସଉରାମାନଙ୍କ ଉପରେ ଆଧାରିତ ପୁସ୍ତକ ମଧ୍ୟ ଉନ୍ମୋଚିତ ହୋଇଥିଲା । (୧୯୮୯-୯୦) ସାନ୍ତାଳୀ ଭାଷାର 'ଅଲଚିକି ଲିପି'ର ସ୍ରଷ୍ଟା ହେଉଛନ୍ତି ପଣ୍ଡିତ ରଘୁନାଥ ମୁର୍ମୁ । ଏହି ଭାଷା ସାମ୍ବିଧାନିକ ମାନ୍ୟତା ପାଇଛି । ସାନ୍ତାଳୀ ଭାଷା ଶିକ୍ଷା ପାଇଁ ଶିକ୍ଷକ ନିଯୁକ୍ତି କରି ଏହାର ପ୍ରସାର ପାଇଁ ପ୍ରୟାସ ଚାଲିଛି ।

ଲାଞ୍ଜିଆ ସଉରା :

ପ୍ରାଚୀନ ସଉରା ସମ୍ପ୍ରଦାୟର ଏକ ଗୋଷ୍ଠୀ ହେଉଛନ୍ତି ଲାଞ୍ଜିଆ ସଉରା । ଏମାନେ ବିଶେଷତଃ, ରାୟଗଡା ଜିଲ୍ଲାର ଗୁଣପୁର ସନ୍ନିବେଷ୍ଟିତ ପଟ୍ଟାଙ୍ଗି ଅଞ୍ଚଳରେ ବସବାସ କରନ୍ତି । ଏମାନଙ୍କ ପରିଧାନରେ ଲାଞ୍ଜ ଲାଗିଥାଏ ବୋଲି, ଏମାନେ ଲାଞ୍ଜିଆ ସଉରା ନାମରେ ନାମିତ ।

ଆମୋଦ ପ୍ରମୋଦର ଉପାଦାନ ବହନ କରିବା ସହ ପ୍ରାଚୀନ ସଂସ୍କୃତିର ପ୍ରଭାବ ମଧ୍ୟ ତାଙ୍କ ନୃତ୍ୟ ଗୀତରେ ଗଭୀର ଭାବରେ ପ୍ରତିଫଳିତ ହୋଇଥାଏ । ସେମାନେ ତାଙ୍କ ପ୍ରାଚୀନ ସଂସ୍କୃତି, ସଭ୍ୟତାକୁ ଛାଡିବା ପାଇଁ ପ୍ରସ୍ତୁତ ନୁହନ୍ତି ।

ସାଉଁତି :

କେନ୍ଦୁଝର ଜିଲ୍ଲାରେ ସାଉଁତିମାନେ ବ୍ୟାପକ ଭାବରେ ବସବାସ କରନ୍ତି । ଏମାନେ ଚାଙ୍ଗୁ ବଜାଇ ନୃତ୍ୟ କରନ୍ତି । ଜୁଆଙ୍ଗ ଓ ଭୂୟାଁଙ୍କ ଚାଙ୍ଗୁ ଅପେକ୍ଷା ଏମାନଙ୍କ ଚାଙ୍ଗୁ ବାଦ୍ୟ ଶୈଳୀ ଭିନ୍ନ । ଜୁଆଙ୍ଗମାନଙ୍କ ଝୋଟି ଚିତ୍ରକଳା ତାଙ୍କ କଳା ନୈପୁଣ୍ୟର ପରିଚୟ ପ୍ରଦାନ କରେ ।

ଜୁଆଙ୍ଗ :

ଜୁଆଙ୍ଗମାନଙ୍କ ପାନିଆ ତିଆରି କୌଶଳ ଅତି ଆକର୍ଷଣୀୟ । ଆଗକାଳରେ ଜୁଆଙ୍ଗମାନେ ପ୍ରତ୍ୟେକ ପ୍ରକାରର ପାନିଆ ତିଆରି କରୁଥିଲେ । ମୁଣ୍ଡବାଳକୁ ଯତ୍ନର ସହିତ କୁଣ୍ଡାଇବା ପାଇଁ ସେମାନେ ପଶୁ ପକ୍ଷୀଙ୍କ ଶିଙ୍ଗ, ବାଉଁଶ ବା କାଠ ନିର୍ମିତ ପାନିଆ ବ୍ୟବହାର କରିଥାନ୍ତି । ଏହି ପାନିଆ ତିଆରି କରିବାରେ ମଧ୍ୟ ସେମାନଙ୍କ କଳାନୈପୁଣ୍ୟ ସ୍ପଷ୍ଟ ବାରିହୋଇଥାଏ । ସୂକ୍ଷ୍ମ ଖୋଦନକଳା ଜୁଆଙ୍ଗମାନଙ୍କୁ ଅନ୍ୟମାନଙ୍କ

Source: Author, Digitized by PPRACHIN, SOA

ଠାରୁ ସ୍ୱତନ୍ତତାର ପରିଚୟ ଦେଇଥାଏ । ହରିଣ, ସମ୍ବର ଭଳି ପଶୁମାନଙ୍କ ଶିଙ୍ଗରେ ସେମାନେ ପାନିଆ ପ୍ରସ୍ତୁତ କରିଥାନ୍ତି । ମାତ୍ର, ଆଜି ଆଉ ତାର ସେ ପୂର୍ବ ଆକର୍ଷଣୀୟ ଆଦର ଲୋକଙ୍କ ମନକୁ ଆକୃଷ୍ଟ କରିପାରୁ ନାହିଁ । ଜୁଆଙ୍ଗମାନଙ୍କ ଗାଁ ମଝିରେ ଥିବା 'ମଜାଙ୍ଗ' ତାଙ୍କ ସାମାଜିକ ଜୀବନର ପ୍ରାଣକେନ୍ଦ୍ର । ଏହା ଓଡିଆମାନଙ୍କ ଭାଗବତ ଟୁଙ୍ଗୀ ସଦୃଶ । 'ମଜାଙ୍ଗ' ବା ମଣ୍ଡଘର ତାଙ୍କ ଗୋଷ୍ଠୀ ଜୀବନର କେନ୍ଦ୍ରବିନ୍ଦୁ ସଦୃଶ । ଜୁଆଙ୍ଗମାନେ ତାଙ୍କ ଘରକୁ ନାନା ପ୍ରକାର ଚିତା ଓ ଝୋଟିରେ ସଜାଇଥାନ୍ତି ।

ଜୁଆଙ୍ଗମାନଙ୍କ ମଣ୍ଡଘରେ (ମଜାଙ୍ଗ) ବ୍ୟବହୃତ କାଠ ଖୁଣ୍ଟରେ ଖୋଦେଇ ଚିତ୍ର କଳା ଅତି ଚିତ୍ତାକର୍ଷକ । ସେହି ଖୋଦେଇ ଏକ ସାଙ୍କେତିକ ତନ୍ତର ଚିନ୍ତା ଉଦ୍ରେକ କରେ ।

ଜୁଆଙ୍ଗ ରମଣୀମାନେ ଶରୀରର ବିଭିନ୍ନ ଅଙ୍ଗରେ ଚିତା କୁଟାଇଥାନ୍ତି । ତାହା ଦେଖିବାକୁ ଅତି ଆକର୍ଷଣୀୟ । ସ୍ତ୍ରୀଲୋକମାନେ ନାକରେ, ହାତରେ, ବାହୁରେ ଚିତା କୁଟାଇଥାନ୍ତି । ସେମାନଙ୍କର ବିଶ୍ୱାସ ଯେ, ଏହାଦ୍ୱାରା ଅନ୍ୟର କୁଦୃଷ୍ଟି ପଡିବ ନାହିଁ, ଭୂତପ୍ରେତ ଡରି ପାଖକୁ ଆସିବେ ନାହିଁ । ଜୁଆଙ୍ଗମାନେ ପୋହଳା ମାଳିକୁ ସୁନ୍ଦର ଭାବରେ ଗୁନ୍ଥି ହାର ପ୍ରସ୍ତୁତ କରି ପିନ୍ଧିଥାନ୍ତି ।

ଜୁଆଙ୍ଗମାନେ ପର୍ବତରେ କାଙ୍ଗୁ (ସୁଆଁ) ଗଙ୍ଗେଇ (ବାଜରା), ରାମତିଳା (ରାଶି), ମାଣ୍ଡିଆ, ମକା, ଧାନ, ବରୁଗୁଡି, ସୋରିଷ ପ୍ରଭୃତି ଉତ୍ପାଦନ କରି ବଜାରରେ ବିକ୍ରି କରି ଘର ଚଳାଇଥାନ୍ତି ।

ଦିନକୁଦିନ ସାମାଜିକ ପରିବର୍ତ୍ତନ ଫଳରେ ସେମାନଙ୍କ ପାରମ୍ପରିକ ଚିତ୍ରକଳା ଲୁପ୍ତ ହେବାକୁ ବସିଛି । ତେଣୁ ଏ ଦିଗରେ ସ୍ୱତନ୍ତ୍ର ଦୃଷ୍ଟି ଦେବାର ସମୟ ଆସିଛି ।

ଓଡିଶାର ଅନ୍ୟାନ୍ୟ ଆଦିବାସୀ :

ମୟୂରଭଞ୍ଜ, କେନ୍ଦୁଝର ଜିଲ୍ଲାରେ ସାନ୍ତାଳମାନେ ବ୍ୟାପକ ଭାବରେ ବସବାସ କରନ୍ତି । ସୁନ୍ଦରଗଡ ଜିଲ୍ଲାରେ ପାହାଡି ଭୂୟାଁମାନେ ମାହାନ ଭୂୟାଁଜାତିର ଏକ ଉପଗୋଷ୍ଠୀ । ଚାଙ୍ଗୁ ନାଚ ଏମାନଙ୍କ ମୁଖ୍ୟ ନାଚ । ବିବାହ ସମୟରେ ଏମାନେ ଢୋଲ, ନିଶାଣ ବଜାଇ ବାଦ୍ୟର ତାଳେ ତାଳେ ଅପୂର୍ବ ଭଙ୍ଗୀରେ ନୃତ୍ୟ କରିଥାନ୍ତି ।

ଆଦିବାସୀମାନଙ୍କ ବିଶେଷତ୍ୱ ହେଲା, ଘରକୁ ସୁନ୍ଦର ଓ ପରିଷ୍କାର କରି ସଜାଇ ରଖିବା । ତେଣୁ ପ୍ରତ୍ୟେକ ଆଦିବାସୀ ନିଜ ଘରେ ଚିତା ପକାଇ ଘରକୁ ସୁନ୍ଦର ଭାବେ ଚିତ୍ରିତ କରିଥାନ୍ତି ।

Source: Author, Digitized by PPRACHIN, SOA

କଳାହାଣ୍ଡିର ଆଦିବାସୀ ଓ ନିୟମଗିରି ପ୍ରସଙ୍ଗ :

କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ-ବିଶ୍ୱନାଥପୁର ବ୍ଲକ୍‌ର ନିୟମଗିରି ଅଞ୍ଚଳରେ ଡଙ୍ଗରିଆ କନ୍ଧ, ଝରଣିଆ କନ୍ଧ, କୁଟିଆ କନ୍ଧ ପ୍ରଭୃତି ଆଦିମ ଅଧିବାସୀଗଣ ବାସ କରନ୍ତି । ନିୟମଗିରିକୁ ଖଣି ଖୋଦନ ପାଇଁ ବେଦାନ୍ତକୁ ପ୍ରଦାନ କଲେ, ଏହି ଆଦିମ ଅଧିବାସୀମାନଙ୍କ ଅଶେଷ କ୍ଷତି ଘଟିବ । ନିୟମଗିରି ପର୍ବତରେ ବସବାସ କରୁଥିବା ବିରଳ ଜୀବଜନ୍ତୁଙ୍କର ସୁରକ୍ଷା ପାଇଁ ଏବଂ ବିଶେଷତଃ, ହାତୀ ଅଭୟାରଣ୍ୟ ଘୋଷଣା କରିବାକୁ ଓଡିଶା ସରକାର କେନ୍ଦ୍ର ସରକାରଙ୍କୁ ଅନୁମତି ଦେବା ପାଇଁ ଆଗରୁ ପତ୍ର ପ୍ରଦାନ କରି ସାରିଛନ୍ତି ।

ନିୟମଗିରି ଅଞ୍ଚଳରେ ବହୁ ସଂଖ୍ୟକ ହାତୀ ଓ ଅନ୍ୟାନ୍ୟ ବହୁ ଜୀବଜନ୍ତୁ ବାସ କରୁଛନ୍ତି । ବହୁଳ ଖଣି ଖନନ ହେଲେ ସେମାନଙ୍କ ବାସସ୍ଥଳୀ ଧ୍ୱଂସ ପାଇଯିବ । ତେଣୁ ପରିବେଶ ସଂପୂର୍ଣ୍ଣରୂପେ ବିପର୍ଯ୍ୟସ୍ତ ହୋଇଯିବ ।

ମୋ'ର ପିଲାଦିନେ ପ୍ରାଥମିକ ସ୍କୁଲରେ ପଢୁଥିବା ସମୟରେ 'କଳାହାଣ୍ଡି ଭୂଗୋଳ' ପଢ଼ା ଯାଉଥିଲା । ଏହା କଳାହାଣ୍ଡି ବା କାରୁଣ୍ଡ ଭୂଗୋଳ ନାମରେ ପ୍ରକାଶ ପାଇଥିଲା । ଶ୍ରୀ ଜଗନ୍ନାଥ ମିଶ୍ର ଏହାକୁ ୧୯୧୭ ସାଲରେ ଲେଖିଥିଲେ । ଏହା ପରେ ପରେ ଦୁଷ୍ପ୍ରାପ୍ୟ ହୋଇଗଲା । ମୁଁ ତାକୁ ଖୋଜୁଥିଲି । ସୌଭାଗ୍ୟ ବଶତଃ ରୁପ୍ରାରୋଡର ଏକ ସାମ୍ବାଦିକ ସମ୍ମିଳନୀରେ ମୋ'ର ମତ ପ୍ରକାଶ ସମୟରେ 'କଳାହାଣ୍ଡି ଭୂଗୋଳ' କଥାଟି ଉଠାଇଲି । ଜଣେ ମହାଶୟ ଉଠି କହିଲେ, ତାହା ତାଙ୍କ ପାଖରେ ଅଛି । ମୁଁ ଏତକ ଜାଣିଲା ପରେ ମୋ'ର ଅନେକ ଦିନର ତଲାସ ଆଜି ସାର୍ଥକ ହୋଇଛି ମନେ କରି ତାଙ୍କୁ ଅଶେଷ ଧନ୍ୟବାଦ ଦେଇ ମୋତେ ତାହାର ପୁନଃ ପ୍ରକାଶନ ପାଇଁ ସୁଯୋଗ ଦେବା ପାଇଁ ଅନୁରୋଧ କଲି । ଏହି ପୁରାତନ ପୁସ୍ତକ ମିଳିବା ପରେ ଜନସାଧାରଣଙ୍କ ଅବଗତି ନିମନ୍ତେ ତା. ୦୧.୦୨.୨୦୦୯ରେ ମୁଁ ତାକୁ ଅବିକଳ ସେହି ଭାବରେ ପୁନଃ ପ୍ରକାଶ କରିଥିଲି ।

ସେହି ପୁସ୍ତକରେ ଲେଖା ହୋଇଛି, ଲାଞ୍ଜିଗଡ କମଳା ଲେମ୍ବୁ ପାଇଁ ପ୍ରସିଦ୍ଧ । ପିଲାଦିନରୁ ମୋ'ର ଧାରଣା ରହିଛି, ମୌସୁମୀ ବାୟୁ ପ୍ରଥମେ ନିୟମଗିରି ପର୍ବତରେ ପିଟିହେଲା ପରେ କଳାହାଣ୍ଡି, ବଲାଙ୍ଗିର, ରାୟଗଡା, କୋରାପୁଟ ପ୍ରଭୃତି ଅଞ୍ଚଳରେ ବର୍ଷା ହୋଇଥାଏ । ଚାଷ ପାଇଁ ମୌସୁମୀ ବର୍ଷାର ଆବଶ୍ୟକତା ଅତ୍ୟଧିକ ।

ଜଣେ ଚାଷୀ ଘରର ପୁଅ ହିସାବରେ ମୁଁ ବର୍ଷା ଜଳକୁ ସ୍ୱାଗତ କରିବା ସ୍ୱାଭାବିକ । ତେଣୁ ପିଲାଟି ଦିନରୁ ନିୟମଗିରି ପର୍ବତ ପ୍ରତି ଆକର୍ଷଣ ରହିଛି । ସେହି ଆକର୍ଷଣ ବଳରେ ବର୍ତ୍ତମାନର ଶିଳ୍ପ ପ୍ରସାର ପାଇଁ ନିୟମଗିରୁ ବକ୍‌ସାଇଟ ଖନନକୁ

Source: Author, Digitized by PPRACHIN, SOA

ମୁଁ ସହଜରେ ଗ୍ରହଣ କରିପାରୁ ନାହିଁ।

କଳାହାଣ୍ଡିରେ ସୁପ୍ରିମକୋର୍ଟଙ୍କଦ୍ୱାରା ନିଯୁକ୍ତ ଉଚ୍ଚ କ୍ଷମତା ସମ୍ପନ୍ନ କମିଟି ଆଗରେ ମୁଁ ମୋ'ର ସ୍ପଷ୍ଟ ମତ ଉପସ୍ଥାପନ କରିଥିଲି । ସେମାନେ ବିଭିନ୍ନ ବ୍ୟକ୍ତି ବିଶେଷ, ରାଜନୈତିକ ଦଳମାନଙ୍କ ମତ ମଧ୍ୟ ସଂଗ୍ରହ କରିଥିଲେ । ପରିବେଶ ଏବଂ ଅନ୍ୟାନ୍ୟ ପ୍ରାକୃତିକ ସମ୍ପଦର ସୁରକ୍ଷା ଦୃଷ୍ଟିରୁ ଏବଂ ସେଠି ଯୁଗ ଯୁଗ ଧରି ବାସ କରି ଆସୁଥିବା ଡଙ୍ଗରିଆ କନ୍ଧ, ଆଦିମ ଅଧିବାସୀଙ୍କ ଜୀବନ ଦୁର୍ବିସହ ହେବାର ଆଶଙ୍କା ଥିବାରୁ ବକ୍‌ସାଇଟ୍ ଉତ୍ତୋଳନ ପାଇଁ ବେଦାନ୍ତ କମ୍ପାନୀକୁ ନିୟମଗିରି ଲିଜ୍ ଦେବା ଯଥାର୍ଥ ହେବ ନାହିଁ । ଏ ପର୍ଯ୍ୟନ୍ତ ବେଦାନ୍ତକୁ ବକ୍‌ସାଇଟ୍ ଉତ୍ତୋଳନ ପାଇଁ ଲିଜ୍ ମିଳିନାହିଁ ।

ଭୂତତ୍ତ୍ୱବିତ୍‌ମାନଙ୍କ ମତରେ ନିୟମଗିରି ପର୍ବତରେ ଯେତେ ବକ୍‌ସାଇଟ୍ ଗଚ୍ଛିତ ଅଛି ତାର ଆନୁମାନିକ ମୂଲ୍ୟ ଏକ ଲକ୍ଷ କୋଡିଏ ହଜାର କୋଟି ଟଙ୍କାରୁ ମଧ୍ୟ ଊର୍ଦ୍ଧ୍ୱ ହେବ । ମାତ୍ର, ସରକାର ବକ୍‌ସାଇଟ୍ ଖନନ ପାଇଁ ବେଦାନ୍ତକୁ ତାହା ହସ୍ତାନ୍ତର କଲେ ରୟଲ୍‌ଟି ବାବଦକୁ ମାତ୍ର ପ୍ରାୟ ୧୦ ହଜାର କୋଟି ଟଙ୍କା ପାଇବେ । ଏତେ ସମ୍ପତ୍ତିକୁ ଏହିଭଳି ଭାବରେ ଦେବା ଯଥାର୍ଥ ହେବ ନାହିଁ ।

ଜଳ, ଜମି, ଜଙ୍ଗଲ ଧ୍ୱଂସ କରି ଶିଳ୍ପ ପ୍ରସାରର ଯଥାର୍ଥତା ନାହିଁ । ଏହିଭଳି ଭାବରେ ମୋ' ମତପ୍ରଦାନ କରିବା ସହିତ ଏକ ଲିଖିତ ସ୍ମାରକପତ୍ର ମଧ୍ୟ ପ୍ରଦାନ କଲି ।

ମାନ୍ୟବର ସଦସ୍ୟମାନେ ମୋ'ଠୁ ଏଭଳି ଉତ୍ତର ଶୁଣି ମୋତେ ପ୍ରଶ୍ନ କଲେ, ''ଆପଣ କ'ଣ ଶିଳ୍ପର ବିରୋଧୀ''?

ମୁଁ ଫେର୍ କହିଲି, ''ମୁଁ ଶିଳ୍ପ ପ୍ରସାରର ବିରୋଧୀ ନୁହେଁ । ବକ୍‌ସାଇଟ ଉତ୍ତୋଳନ ପାଇଁ ନିୟମଗିରିକୁ ନ ଦେଇ ଅନ୍ୟଠୁ ବକ୍‌ସାଇଟ୍ ଆଣି ବର୍ତ୍ତମାନ ଯେପରି ବେଦାନ୍ତ କମ୍ପାନୀ ତାର କାର୍ଯ୍ୟ ଚାଲୁ ରଖିଛି, ସେହିଭଳି କାର୍ଯ୍ୟ କଲେ କାହାର ଆପତ୍ତି ରହିବ ନାହିଁ। ନିୟମଗିରି ସହିତ ଭାବଗତ ତଥା ଆଦିବାସୀମାନଙ୍କ ଧର୍ମଗତ ସମ୍ପର୍କ ଯୋଡି ହୋଇ ରହିଛି । ନିୟମଗିରିକୁ ସେମାନେ ତାଙ୍କ ଦେବତା ରୂପେ ପୂଜା କରି ଆସୁଛନ୍ତି । ଏହି ପର୍ବତକୁ ଧ୍ୱଂସ ନ କରି ମଧ୍ୟ ବେଦାନ୍ତ ତାର କାର୍ଯ୍ୟ କରି ପାରିବ । ନିୟମଗିରିରୁ ୩୬ଟି ଝରଣା ଉତ୍ପତ୍ତି ହୋଇଛି । ବଂଶଧାରା, ନାଗାବଳୀ ନଦୀ ମଧ୍ୟ ନିୟମଗିରିରୁ ଉତ୍ପତ୍ତି ହୋଇଛି । ଏହି ନଦୀକୁ ନେଇ ଅଞ୍ଚଳର ଲୋକେ ନିଜ ଚାଷ କାର୍ଯ୍ୟ ସହିତ ପାନୀୟ ଜଳର ଆବଶ୍ୟକତା ପୂରଣ କରିଥାନ୍ତି ତଥା ଅନ୍ୟାନ୍ୟ ବ୍ୟବହାରୋପଯୋଗୀ କାର୍ଯ୍ୟମାନ କରିଥାନ୍ତି । ନିୟମଗିରିଠୁ ବକ୍‌ସାଇଟ୍ ଉତ୍ତୋଳନ ହେଲେ ଏହି ସବୁ ନଦୀ, ଝରଣା ଧ୍ୱଂସ ପାଇଯିବ । ସେହି ଦୃଷ୍ଟିରୁ ମୁଁ ବିରୋଧ କରୁଛି, ଆମ ଦଳ ମଧ୍ୟ ବିରୋଧ କରୁଛି'' ।

Source: Author, Digitized by PPRACHIN, SOA

କଳାହାଣ୍ଡିର କୁଇ କନ୍ଧ ବା କୁଟିଆ କନ୍ଧ :

କଳାହାଣ୍ଡି ଜିଲ୍ଲାର ଦୁର୍ଗମ ଅଞ୍ଚଳମାନଙ୍କରେ ଯଥା, ମଦନପୁର-ରାମପୁର, ଥୁଆମୂଳ-ରାମପୁର, ଲାଞ୍ଜିଗଡ ପ୍ରଭୃତି ଅଞ୍ଚଳରେ କୁଇ ସମ୍ପ୍ରଦାୟର ଆଦିବାସୀମାନେ ବସବାସ କରନ୍ତି । କନ୍ଧମାଳର ଭାଷା ମଧ୍ୟ କୁଇ । କଳାହାଣ୍ଡିରେ ଏମାନେ କୁଟିଆ କନ୍ଧ ନାମରେ ମଧ୍ୟ ପରିଚିତ । ଏମାନଙ୍କ ସାମାଜିକ ଚାଲିଚଳନ ନିଆରା । ଯୁଗ ଯୁଗ ଧରି ଏମାନେ ପ୍ରକୃତି କୋଳରେ ଲାଳିତ ପାଳିତ ହୋଇ ଆସିଛନ୍ତି । ତେଣୁ ଏମାନେ ପ୍ରାକୃତିକ ପରିବେଶରୁ ସହଜରେ ଦୂରେଇ ରହି ପାରନ୍ତି ନାହିଁ । ପ୍ରାକୃତିକ ପରିବେଶରୁ ସେମାନଙ୍କୁ ବଞ୍ଚିତ କରିବା ପାଇଁ ଉଦ୍ୟମ ହେଲେ ସେମାନେ ତାର ଦୃଢ଼ ବିରୋଧ କରନ୍ତି । ନିୟମଗିରି ସୁରକ୍ଷା ପାଇଁ ସେମାନେ ସଂଗ୍ରାମ ଜାରି ରଖିଛନ୍ତି । ଯାହା ଆଜି ସମଗ୍ର ବିଶ୍ୱର ଜନସାଧାରଣଙ୍କର ଦୃଷ୍ଟିକୁ ଆସିପାରିଛି ।

ଏମାନଙ୍କ ବିବାହପ୍ରଥା ଅତି ମାର୍ଜିତ ଏବଂ ଉଚ୍ଚମାନର । ଯୁବକ ଯୁବତୀ ମଧ୍ୟରେ ବିବାହ ପ୍ରସ୍ତାବ ପଡିଲେ ଉଭୟ ପକ୍ଷର ଅଭିଭାବକମାନେ ମିଳିତ ହୋଇ କଥାବାର୍ତ୍ତା କରି ବିବାହ ସ୍ଥିର କରନ୍ତି । ସେମାନେ ଏକତ୍ର ହୋଇ ଇଷ୍ଟଦେବୀଙ୍କୁ ସ୍ମରଣ କରି ସେହି ଉପଲକ୍ଷେ ଦେବୀଙ୍କୁ ମହୁଲିମଦ ପ୍ରଦାନ କରି, ସାମୂହିକ ଭାବରେ ମଦ ପାନ କରନ୍ତି । ବନ୍ଧୁମାନଙ୍କୁ ସ୍ୱାଗତ କରିବା ପାଇଁ ପ୍ରଥମ ପର୍ଯ୍ୟାୟରେ ମଦ ପରିବେଷଣ କରାଯାଏ । ତା' ପରେ ପରେ ପୁଅ, କନ୍ୟା ଘରକୁ ଯାଇ ସେଠି ରହି ତାଙ୍କ ପରିବାର ଲୋକଙ୍କ ସହ ତଥା କନ୍ୟାପକ୍ଷର ଅନ୍ୟ ବନ୍ଧୁବାନ୍ଧବଙ୍କ ସହ ପରିଚିତ ହୋଇ ଭାବର ଆଦାନ ପ୍ରଦାନ କରିଥାଏ । ଫଳରେ ସେମାନଙ୍କ ମଧ୍ୟରେ ଆତ୍ମୀୟଭାବ ବୃଦ୍ଧି ପାଇଥାଏ ।

ଝିଅ ମଧ୍ୟ ଜଣେ ବୟସ୍କା ଅଭିଭାବିକା ସହ ପୁଅ ଘରକୁ ଯାଇ ତାଙ୍କ ପରିବାର ସହିତ ରହି ମିଶି ଆତ୍ମୀୟତା ଓ ଘନିଷ୍ଠତା ବୃଦ୍ଧି କରିଥାଏ ।

ଏହିଭଳି କିଛି ଦିନ ସଂପର୍କ ଏବଂ ଘନିଷ୍ଠତା ବୃଦ୍ଧି ପାଇଲା ପରେ ଉଭୟେ ଉଭୟ ପରିବାର ସମ୍ବନ୍ଧରେ ଜ୍ଞାନ ଆହରଣ କରି ନିଜ ମନକୁ ବିବାହ ପାଇଁ ସ୍ଥିର କରି ନିଅନ୍ତି । ପରେ ଉଭୟ ପକ୍ଷର ଅଭିଭାବକମାନେ ଏକତ୍ର ହୋଇ ଉଭୟ ବର ଓ କନ୍ୟାକୁ ପରିଣୟ ସୂତ୍ରରେ ଛନ୍ଦି ଦେଇଥାନ୍ତି ।

କୁଟିଆ କନ୍ଧମାନେ ତାଙ୍କ ସମାଜର ପରମ୍ପରାକୁ ଛାଡିବା ପାଇଁ ପ୍ରସ୍ତୁତ ନୁହନ୍ତି । ସେଥିପାଇଁ ସେମାନେ ଏକାଠି ରହିବା ଏକାଠି କାର୍ଯ୍ୟକରିବା ପ୍ରତି ପ୍ରାଧାନ୍ୟ ଦେଇଥାନ୍ତି ।

କୁଇ ବା କନ୍ଧ ସଂସ୍କୃତିରେ କନ୍ଧମାଳ ଅଞ୍ଚଳ ଏବଂ କଳାହାଣ୍ଡି ଅଞ୍ଚଳରେ ବିଶେଷ କିଛି ପାର୍ଥକ୍ୟ ପରିଲକ୍ଷିତ ହୁଏ ନାହିଁ । କୁଇ ଭାଷା ଓ ସଂସ୍କୃତିର ପ୍ରଚାର ଓ ପ୍ରସାର

Source: Author, Digitized by PPRACHIN, SOA

ପାଇଁ ଅଧିକ ଉଦ୍ୟମ ଆବଶ୍ୟକ । ଏହି ପ୍ରାଚୀନ ଭାଷାକୁ ସବୁ ଦିଗରୁ ସୁରକ୍ଷା ଦେବା ଆବଶ୍ୟକ । ଏହି ଭାଷାରେ ମଧ ଖୁବ୍ ସୁନ୍ଦର ମୌଖିକ ସାହିତ୍ୟ ରହିଛି ।

ଏସ୍.ଟି. ଓ ଏସ୍.ସି. ବିଧାୟକମାନଙ୍କ ପ୍ରତିବାଦ :

ମୁଁ ଆଦିବାସୀ ବିଭାଗର ମନ୍ତ୍ରୀ ଦାୟିତ୍ୱ ନେବାପରେ ବହୁ ବିଳମ୍ବରେ ଏସ୍.ସି. ଏବଂ ଏସ୍.ଟି. ବିଧାୟକମାନେ ଜାଣିଲେ, ମୁଁ ଏସ୍.ସି. କିମ୍ବା ଏସ୍.ଟି. ସମ୍ପ୍ରଦାୟର ଲୋକ ନୁହେଁ; ଅଥଚ, ମୁଁ ଏ ବିଭାଗର ଅତିରିକ୍ତ ଦାୟିତ୍ୱ ବହନ କରିଛି । ଆଗରୁ କେବଳ ଏସ୍.ସି. ସଦସ୍ୟ ଅବା ଏସ୍.ଟି. ସଦସ୍ୟ ଏ ବିଭାଗର ମନ୍ତ୍ରୀ ଦାୟିତ୍ୱ ନେଇଥିବା ଯୋଗୁଁ ସେମାନେ ତାର ପ୍ରତିବାଦ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ସେମାନଙ୍କ ଭିତରୁ ଜଣକୁ ମନ୍ତ୍ରୀ କରିବାକୁ ଦାବି କଲେ ।

ମାନ୍ୟବର ମୁଖ୍ୟମନ୍ତ୍ରୀ ସେମାନଙ୍କ ଅଭିଯୋଗ ଶୁଣି କହିଲେ, ‘‘ଆଗରୁ ଭଜମନ ବେହେରା ମନ୍ତ୍ରୀ ଥିଲେ, ବର୍ତ୍ତମାନ ରାସବିହାରୀ ବେହେରା ମନ୍ତ୍ରୀ ଅଛନ୍ତି । ସେ ବି ବେହେରା ଏ ବି ବେହେରା । ତାହାହେଲେ ଭୁଲ ରହିଲା କେଉଁଠି’’? ଏତକ କହି ମୁହଁରେ ହସ ଖେଳାଇ ସେମାନଙ୍କୁ ଅନାଇ ରହିଲେ ।

ସେମାନେ ଏକ ସ୍ୱରରେ କହିଲେ, ‘‘ଭଜମନ ବେହେରା ଏସ୍.ସି. । ମାତ୍ର, ରାସବିହାରୀ ବେହେରା ଜେନେରାଲ । ତେଣୁ ଆପଣ ଆମ ଏସ୍.ସି. ଏସ୍.ଟି. ବିଧାୟକ ମାନଙ୍କ ଭିତରୁ ଜଣକୁ ମନ୍ତ୍ରୀ କରି ଏ ବିଭାଗକୁ ତାଙ୍କ ହସ୍ତରେ ଅର୍ପଣ କରନ୍ତୁ’’ ।

ମୋତେ ମୁଖ୍ୟମନ୍ତ୍ରୀ ଡକାଇଲେ । ମୁଁ ଆସି ତାଙ୍କୁ ସାକ୍ଷାତ୍ କଲି ।

ମୋତେ କହିଲେ, ‘‘ବିଧାୟକମାନେ ତୁମ ଆଦିବାସୀ, ହରିଜନ କଲ୍ୟାଣ ବିଭାଗ କାର୍ଯ୍ୟ ଉପରେ ଅସନ୍ତୋଷ ପ୍ରକାଶ କରୁଛନ୍ତି’’ ।

ସମସ୍ତ ଉପସ୍ଥିତ ବିଧାୟକମାନଙ୍କୁ ଦେଖି କହିଲି, ‘‘ମୁଁ ଦାୟିତ୍ୱ ନେଲା ପରେ ବିଭାଗର କାର୍ଯ୍ୟକୁ ତ୍ୱରାନ୍ୱିତ କରିଛି । ଛାତ୍ର ଛାତ୍ରୀମାନଙ୍କ ଷ୍ଟାଇପେଣ୍ଡ ବୃଦ୍ଧି କରାଯାଇଛି । ତଥାପି ଯଦି ମାନ୍ୟବର ବିଧାୟକମାନେ ମୋ’ର କାର୍ଯ୍ୟରେ ସନ୍ତୁଷ୍ଟ ନୁହନ୍ତି, ତେବେ ଆପଣ ତାର ଉଚିତ ପଦକ୍ଷେପ ନେବା ଆବଶ୍ୟକ’’ ।

ବିଧାୟକମାନଙ୍କୁ ଦେଖି ଜଣ ଜଣକୁ ପ୍ରଶ୍ନ କଲି, ‘‘ଭାଇ! ଆପଣଙ୍କ ଅଞ୍ଚଳରେ ଏ ବର୍ଷ ଏକ ହାଇସ୍କୁଲ ପ୍ରତିଷ୍ଠା ହୋଇଛି’’ ।

ଉତ୍ତର ଦେଲେ, ‘‘ଆଜ୍ଞା ହଁ’’ ।

ଆଉ ଜଣେ ବିଧାୟକଙ୍କୁ ପ୍ରଶ୍ନ କଲି, ‘‘ଭାଇ! ଏ ବର୍ଷ ଆପଣଙ୍କ ଅଞ୍ଚଳରେ ନୂଆକରି ଗୋଟିଏ କନ୍ୟାଶ୍ରମ ପ୍ରତିଷ୍ଠା ହୋଇଛି’’ । ଉତ୍ତର ମିଳିଲା, ‘‘ଆଜ୍ଞା ହଁ ।

Source: Author, Digitized by PPRACHIN, SOA

ଆମର ବହୁ ଦିନର ଆଶା ପୂରଣ ହୋଇଛି । ସେଥିପାଇଁ ମୋ' ଅଞ୍ଚଳବାସୀ ବହୁତ ଖୁସ୍'' । ଆଉ ଜଣକୁ କହିଲି, ''ଆପଣଙ୍କ ଅଞ୍ଚଳରେ ଏ ବର୍ଷ ଗୋଟିଏ ଛାତ୍ରାବାସ ନିର୍ମାଣ ପାଇଁ ପାଞ୍ଚଲକ୍ଷ ଟଙ୍କା ମଞ୍ଜୁର ହୋଇ କାମ ଆରମ୍ଭ ହୋଇଛି'' । ସେ ଉତ୍ତରରେ କହିଲେ, ''ଆଜ୍ଞା ! କାମ ଚାଲିଛି''।

ମୁଁ ଫେର୍ କହିଲି, ''ଯେଉଁ ବିଧାୟକମାନେ ଯେତେବେଳେ ମୋ'ର ଦୃଷ୍ଟିକୁ ଯାହା ଆଣିଛନ୍ତି, ମୁଁ ତାକୁ ସାଙ୍ଗେ ସାଙ୍ଗେ ସମାଧାନ ପାଇଁ ଉଦ୍ୟମ କରିଛି'' ।

ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଚାହିଁ କହିଲି, ''ଏ ବର୍ଷ ରାଜ୍ୟରେ ସର୍ବାଧିକ କନ୍ୟାଶ୍ରମ, ଆଶ୍ରମ ସ୍କୁଲ ପ୍ରତିଷ୍ଠା ହୋଇଛି । ପ୍ରତ୍ୟେକ ଆଦିବାସୀ ବହୁଳ ପଞ୍ଚାୟତ ପାଇଁ ସେବାଶ୍ରମ, ରେସିଡେନ୍‌ସିଆଲ୍ ସ୍କୁଲ୍ ପ୍ରତିଷ୍ଠା ପାଇଁ ମଧ କାର୍ଯ୍ୟ ଆରମ୍ଭ ହୋଇଛି । ତା' ସତ୍ତ୍ୱେ ବି ମାନ୍ୟବର ବିଧାୟକମାନେ ଯଦି ସନ୍ତୁଷ୍ଟ ନୁହନ୍ତି, ତାହାହେଲେ ଆପଣ ବିକଳ୍ପ ଚିନ୍ତା କରିବା ଆବଶ୍ୟକ'' ।

ଯେଉଁ ବିଧାୟକମାନେ ତାଙ୍କ ଅଞ୍ଚଳରେ କନ୍ୟାଶ୍ରମ, ହାଇସ୍କୁଲ, ଛାତ୍ରାବାସ ପ୍ରଭୃତି କାର୍ଯ୍ୟ କରି ପାରିଛନ୍ତି, ସେମାନେ କହିଲେ, ''ଅନେକ ବର୍ଷ ହେବ ଆମର ସ୍କୁଲ, କନ୍ୟାଶ୍ରମ ହୋଇ ନ ଥିଲା, ଏଥର ହୋଇଛି । ଆଗରୁ ଯେଉଁ ସ୍କୁଲମାନଙ୍କରେ ଶିକ୍ଷକ ନଥାଇ ପାଠ ପଢ଼ା ହୋଇପାରୁ ନଥିଲା, ସେହି ସ୍କୁଲମାନଙ୍କରେ ସ୍କୁଲ ଶିକ୍ଷକ ନିଯୁକ୍ତି ହୋଇଛନ୍ତି''। ଆଉ ଜଣେ ବିଧାୟକ କହିଲେ, ''ସବୁଠୁ ବଡ କଥାଟିଏ ହେଉଛି, ଆଦିବାସୀ ସ୍କୁଲମାନଙ୍କ ପରିଦର୍ଶନ ପାଇଁ ଇନ୍‌ସପେକ୍‌ସନ୍ ବିଭାଗ ପ୍ରତିଷ୍ଠା ହୋଇ ସି.ଆଇ., ଡି.ଆଇ., ଏସ୍.ଆଇ. ନିଯୁକ୍ତି ଦେବାଦ୍ୱାରା ଶିକ୍ଷା କ୍ଷେତ୍ରରେ ଏକ ବୈପ୍ଲବିକ ପରିବର୍ତ୍ତନ ଆସିଛି । ପୁଅ, ଝିଅମାନଙ୍କ ପାଇଁ ଖେଳ ସାମଗ୍ରୀ, ଫୁଟବଲ୍, ଭଲିବଲ୍, ରିଙ୍ଗବଲ୍ ପ୍ରଭୃତି ମିଳିଛି । ପିଲାମାନେ ମଧ ଆନନ୍ଦରେ ସ୍କୁଲ୍ ପାଠପଢ଼ା ପରେ ଖେଳରେ ମଧ ଆଗ୍ରହ ଦେଖାଉଛନ୍ତି । ଏକ ନୂଆ ବାତାବରଣ ସୃଷ୍ଟି ହୋଇଛି । ଏହା ଆମେ ସ୍ୱୀକାର କରୁଛୁ । ସେଥିପାଇଁ ଆମେ ଆପଣଙ୍କୁ ଦୋଷ ଦେଉନାହୁଁ'' ।

ମୁଁ ସେମାନଙ୍କ ଏହିଭଳି ଉତ୍ତର ଶୁଣି ଆଶ୍ଚର୍ଯ୍ୟରେ ସେମାନଙ୍କ ମୁହଁକୁ ଅନାଇ ରହିଲି ।

ମାନ୍ୟବର ମୁଖ୍ୟମନ୍ତ୍ରୀ ସେମାନଙ୍କର ସମସ୍ତ କଥା ଶୁଣି, ସେମାନଙ୍କ ମନରେ ବିଶ୍ୱାସ ଦେଇ, ''ଠିକ୍ ଅଛି । ତୁମ କଥା ଶୁଣିଲି, ମୁଁ ତାକୁ ବିଚାର କରିବି'' କହି ସେମାନଙ୍କୁ ବିଦାୟ ଦେଲେ ।

ମୋତେ କହିଲେ, ଏସ୍.ସି. ଏସ୍.ଟି.ମାନଙ୍କ ମଧରୁ ଜଣେ ଏ ବିଭାଗର ମନ୍ତ୍ରୀ ହୁଅନ୍ତୁ । ତମେ ଜଣେ ଏସ୍.ସି. ବୋଲି ସେମାନଙ୍କ ଧାରଣା ଥିଲା । କିନ୍ତୁ ତମେ

Source: Author, Digitized by PPRACHIN, SOA

ଏସ୍.ସି. ନୁହଁ ବୋଲି ଜାଣିଲା ପରେ ସେମାନଙ୍କ ଭିତରୁ ଜଣକୁ ମନ୍ତ୍ରୀ କରିବା ପାଇଁ ଆପତ୍ତି କରିଛନ୍ତି । ଏହିଭଳି କହି ମୋ' ମୁହଁକୁ ଚାହିଁଲେ ।

କଥାଟା ଏତିକିରେ ଶେଷ ହେଲା ନାହିଁ । କେତେଜଣ ବିଧାୟକ ଦିଲ୍ଲୀ ଯାଇ କେନ୍ଦ୍ରମନ୍ତ୍ରୀ ଗିରିଧାରୀ ଗମାଙ୍ଗୋଙ୍କୁ ଭେଟି ତାଙ୍କୁ ସବୁକଥା ଜଣାଇଲେ । ଗିରିଧାରୀ ଗମାଙ୍ଗୋ କୋରାପୁଟ ଜିଲ୍ଲା ଆଦିବାସୀ ସଂପ୍ରଦାୟର ନେତା । ସେ ଦୀର୍ଘଦିନରୁ ଲୋକସଭାକୁ ନିର୍ବାଚିତ ହୋଇ କେନ୍ଦ୍ରରେ ମନ୍ତ୍ରୀ ହୋଇଛନ୍ତି । କେନ୍ଦ୍ରରେ ମଧ୍ୟ ତାଙ୍କ ପ୍ରଭାବ ଯଥେଷ୍ଟ ଅଛି ।

ବିଧାୟକମାନଙ୍କଠୁ ସମସ୍ତ ଆପତ୍ତି ଶୁଣି ସେ ହସି ହସି କହିଲେ ''ଆଦିବାସୀ ବିଭାଗର ମନ୍ତ୍ରୀ ତୁମ ଅଞ୍ଚଳରେ କାମ କରୁଛନ୍ତି କି ନାହିଁ ସେହି କଥା ମୋତେ କହ'' ।

ଜଣେ ବିଧାୟକ କହିଲେ, ''କାମ ଦୃଷ୍ଟିରୁ ଅନେକ କାମ ହେଉଛି । ଆମେ କହିବା କଥା ସେ ତ କୃଷି, ସମବାୟ ବିଭାଗର ମନ୍ତ୍ରୀ । ଆଉ ଜଣେ ଆମ ଭିତରୁ ମନ୍ତ୍ରୀ ହେଲେ ସବୁ ଦିଗରୁ ଭଲ ହେବ'' ।

ଗିରିଧାରୀ ବାବୁ ବିଧାୟକମାନଙ୍କୁ ବୁଝାଇଲେ, ''ଏସ୍.ସି. ଭିତରୁ ଯିଏ ମନ୍ତ୍ରୀ ହେଲେ ସିଏ କେବଳ ଏସ୍.ସି.ମାନଙ୍କ ସମସ୍ୟା ବୁଝୁଥିଲେ । ଫଳରେ ଏସ୍.ଟି.ମାନେ ଅବହେଳିତ ମନେକରୁଥିଲେ । ସେହିପରି ଏସ୍.ଟି.ମାନଙ୍କ ଭିତରୁ ଜଣେ ମନ୍ତ୍ରୀ ହେଲେ ଏସ୍.ସି.ମାନଙ୍କ ସମସ୍ୟା ବଢ଼ି ଯାଉଥିଲା ।

ଏଥର ଯେ ମନ୍ତ୍ରୀ ହୋଇଛନ୍ତି, ସେ ଏସ୍.ଟି. ଏସ୍.ସି. ଉଭୟଙ୍କ ପ୍ରତି ଦୃଷ୍ଟି ରଖି ଠିକ୍ ବୁଝୁଥିବା ଯୋଗୁଁ ଅନେକ କାର୍ଯ୍ୟ ହୋଇପାରୁଛି ।

ସେ ପୂର୍ବରୁ ଲୋକସଭା ସଦସ୍ୟ ଥିଲେ । କେନ୍ଦ୍ରର ସମସ୍ତ ମନ୍ତ୍ରୀମାନଙ୍କ ସହ ତାଙ୍କର ଘନିଷ୍ଠ ସମ୍ପର୍କ ରହିଛି । ତେଣୁ କେନ୍ଦ୍ରରୁ ମଧ୍ୟ ଅଧିକ ଅର୍ଥ ନେଇ ପାରୁଛନ୍ତି । ଯେଉଁଠି ଅସୁବିଧା ହେଲେ ମୋ' ସହିତ ମଧ୍ୟ ପରାମର୍ଶ କରି କାମ ହାସଲ କରି ପାରୁଛନ୍ତି । ତେଣୁ ତାଙ୍କୁ କାମ କରିବାକୁ ସୁଯୋଗ ଦିଅ ।

ତୁମମାନଙ୍କ କଥା ଶୁଣିଲି, ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରି ଯାହା ଠିକ୍ ମନେହେବ କାର୍ଯ୍ୟ କରାଯିବ'' ।

ଏମିତି କହି ସେମାନଙ୍କୁ ବୁଝାଇ ବିଦାୟ ଦେଲେ । ଏସ୍.ସି., ଏସ୍.ଟି. ବିଧାୟକମାନଙ୍କ ତରଫରୁ ପରମା ପୁଝାରୀ ଡେପୁଟି ମିନିଷ୍ଟର୍ ହୋଇଥିଲେ । ମୁଁ କ୍ୟାବିନେଟମନ୍ତ୍ରୀ ଭାବରେ କାମକଲି । ସେ ଆଦିବାସୀ ସମାଜର ଜଣେ ପୁରାତନ ବିଧାୟିକା ।

Source: Author, Digitized by PPRACHIN, SOA

ରାଜନୈତିକ ଚାପ ଓ ନୀତି ନିୟମର ଆଦର୍ଶ :

ବିଧାନସଭା ନ ଥିବା ସମୟରେ ପ୍ରତିଦିନ ଦଶଟା ପରେ ସେକ୍ରେଟାରିଏଟ୍‌କୁ ଯାଇ ବିଧାୟକମାନଙ୍କ ସମସ୍ୟା ପ୍ରତି ଗୁରୁତ୍ୱ ଦେଇ ତାର ସମାଧାନ କରୁଥିଲି । କର୍ମଚାରୀମାନଙ୍କ ବଦଳି ନେଇ ଅନେକ ସମୟରେ ବହୁ ସମସ୍ୟା ସୃଷ୍ଟି ହେଉଥାଏ । ବିଧାୟକମାନେ ମଧ୍ୟ ଏଥିରେ ବହୁ ସମୟ ବିନିଯୋଗ କରୁଥାନ୍ତି । କର୍ମଚାରୀମାନେ ମଧ୍ୟ ନିଜ କାର୍ଯ୍ୟ ହାସଲ ପାଇଁ ନିଜ ଅଞ୍ଚଳର ବିଧାୟକମାନଙ୍କୁ ପ୍ରଭାବିତ କରି ନିଜ ସୁବିଧା ସ୍ଥାନରେ ରହିବା ପାଇଁ ଉଦ୍ୟମ କରିଥାନ୍ତି । କର୍ମଚାରୀମାନଙ୍କ ବଦଳିର ଏକ ସ୍ୱତନ୍ତ୍ର ନିୟମ ରହିଛି । ମାତ୍ର, ରାଜନୈତିକ ହସ୍ତକ୍ଷେପ ଫଳରେ ନୀତି ନିୟମର ବିରୁଦ୍ଧାଚରଣ ଅନେକ କ୍ଷେତ୍ରରେ ହେବା ଦେଖା ଦେଉଛି ।

ନୀତି ନିୟମରେ କାର୍ଯ୍ୟ କଲାବେଳକୁ ଅନେକ ଅସୁବିଧାର ସମ୍ମୁଖୀନ ମଧ୍ୟ ହୋଇଛି । କୌଣସି ଅଫିସର ବିଧାୟକମାନଙ୍କ କଥା ନ ଶୁଣିଲେ, ବିଧାୟକ ସିଧା ମନ୍ତ୍ରୀଙ୍କ ପାଖକୁ ଆସି ବଦଳି କରିବା ପାଇଁ ଜିଦ୍ ଧରିବେ ।

ଅସମୟରେ ବିଶେଷତଃ, ବର୍ଷର ମଧ୍ୟ ଭାଗରେ ବଦଳି କରିବାର ଯଥାର୍ଥତା ନ ଥାଏ । ଏହିଭଳି କେତୋଟି ନୀତି ନିୟମ ପ୍ରତି ଦୃଷ୍ଟିରଖି କାର୍ଯ୍ୟ କଲେ, ବିଧାୟକମାନଙ୍କ କଥାକୁ ରଖି ନ ପାରିଲେ ସେମାନେ ଅସନ୍ତୁଷ୍ଟ ହେବା ସ୍ୱାଭାବିକ । ମୁଁ ସେହିଭଳି ଅବସ୍ଥାର ମଧ୍ୟ ସମ୍ମୁଖୀନ ହୋଇଛି । ମାତ୍ର, ନୀତି ନିୟମରୁ ବିଚ୍ୟୁତ ହୋଇ ନାହିଁ । ଏଥିପାଇଁ କେତେ ବିଧାୟକ ବୁଝିଲେ, ଆଉ କେତେ ବିଧାୟକ ଅବୁଝା ହେଲେ ।

ତିନି ଉଚ୍ଚ ପ୍ରଶାସନିକ ଅଧିକାରୀଙ୍କ ଲାଇଟ୍ ଟକ୍ :

ମୋ' ପାଖକୁ ବିଭାଗରୁ ଯେତେ ଫାଇଲ ଆସିଥାଏ, ରାତ୍ର ନଅ ଘଣ୍ଟା ସୁଦ୍ଧା ସେ ସମସ୍ତ ଶେଷ କରିବା ପାଇଁ ଚେଷ୍ଟା କରେ । ସରି ନ ପାରିଲେ ରାତ୍ର ଦଶଟା ପର୍ଯ୍ୟନ୍ତ ରହିବାକୁ ପଡେ । ମୋ' ସହିତ କର୍ମଚାରୀମାନେ ବିଳମ୍ବିତ ରାତ୍ର ପର୍ଯ୍ୟନ୍ତ ରହନ୍ତି । ତେଣୁ ସେମାନଙ୍କୁ ଏତେ ରାତ୍ର ପର୍ଯ୍ୟନ୍ତ ରଖିବାକୁ ମୋ' ବିବେକ ମାନୁ ନ ଥାଏ । ମାତ୍ର, ମୋତେ କାର୍ଯ୍ୟ ଶେଷ କରିବାକୁ ପଡିବ ! !

ଦିନେ ମୁଁ ଅଫିସ୍ କାର୍ଯ୍ୟରେ ବ୍ୟସ୍ତ ଅଛି, ହଠାତ୍ କୃଷିବିଭାଗ ସେକ୍ରେଟାରୀ ମିଷ୍ଟର କେ.ବି. ବର୍ମା, ଏସ୍.ସି. ଏସ୍.ଟି. କଲ୍ୟାଣ ବିଭାଗ ସେକ୍ରେଟାରୀ ମିଷ୍ଟର୍ ରବିନ୍ଦ୍ର ମୋହନ ସେନାପତି ଏବଂ ସମବାୟ ବିଭାଗର ରେଜିଷ୍ଟ୍ରାର୍ ମିଷ୍ଟର୍ ଏଲ୍.କିଣ୍ଡୋ ଆସି ମୋତେ ଅଭିବାଦନ ଜଣାଇଲେ । ସେମାନଙ୍କୁ ଦେଖି ବସିବା ପାଇଁ କହିଲି । ବସି ସେନାପତି ବାବୁ ମୁହଁରେ ହସ ଖେଳାଇ କହିଲେ, ''ସାର୍ ! ଆମେ ଚାଲି ଆସିଲୁ,

Source: Author, Digitized by PPRACHIN, SOA

ଆପଣଙ୍କ ସହିତ କିଛି ଲାଇଟ୍ ଟକ୍ କରିବା ପାଇଁ'' ।

ହାତରେ ଧରିଥିବା କଲମଟାକୁ ଟେବୁଲ ଉପରେ ରଖି ସେମାନଙ୍କ ମୁହଁକୁ ଟିକିଏ ଆଶ୍ଚର୍ଯ୍ୟ ହୋଇ ଚାହିଁ ରହିଲି ।

ମୁହଁରେ ହସ ଖେଳାଇ କହିଲି, ''ଅନ୍ୟ ଦିନମାନଙ୍କରେ କଣ ମୋ' ସହିତ ସିରିୟସ୍ କଥା ହେଉଥିଲେ ? ଆଜି ହଠାତ୍ ଲାଇଟ୍ ଟକ୍ କଣ'' ?

ସେମାନେ ତିନିଜଣ ଏକେ ଆରେକ ମୁହଁକୁ ଚାହିଁଲେ, କିଏ କଥା ଆରମ୍ଭ କରିବ ? ସେନାପତି ବାବୁ ହେଉଛନ୍ତି ଓଡିଆ ସାହିତ୍ୟର ପ୍ରବାଦ ପୁରୁଷ ଫକୀରମୋହନ ସେନାପତିଙ୍କ ନାତି । ତେଣୁ ତାଙ୍କ ଉପରେ ହାସ୍ୟରସାତ୍ମକ ସାହିତ୍ୟିକ ପ୍ରଭାବ ପଡିଛି । ତେଣୁ ସେ ମୁହଁରେ ହସ ଖେଳାଇ କଥା ଆରମ୍ଭ କଲେ ।

ଏତିକିବେଳେ କଫି ଆସିଗଲା । ସେମାନେ ନିଜ ନିଜ କପ୍ ଉଠାଇ ନେଇ ପିଇବା ଆରମ୍ଭ କଲେ । ମୁଁ ମଧ୍ୟ ଗୋଟିଏ କପ୍ ନେଇ କଫି ପିଇବା ସଙ୍ଗେ କୌତୂହଳ ହୋଇ ସେମାନଙ୍କ ଲାଇଟ୍ ଟକ୍ ଜାଣିବା ପାଇଁ ଅପେକ୍ଷା କଲି ।

ମନେ ମନେ ମଧ୍ୟ ଆଶ୍ଚର୍ଯ୍ୟ ହେଉଥାଏ, ତିନିଜଣ ବରିଷ୍ଠ ଅଫିସର ଏକାଠି ହୋଇ ଲାଇଟ୍ ଟକ୍ କରିବା ପାଇଁ ଚାଲି ଆସିଲେ ? ସେତେବେଳେ ଟେବୁଲ୍‌ରେ ଫାଇଲ୍ ଗଦା ହୋଇ ରହିଥାଏ । ସେମାନେ ମଧ୍ୟ ତାହା ଦେଖିଲେଣି ।

ମିଷ୍ଟର୍ ସେନାପତି ହସି କହିଲେ, ''ଆମେ କହିବା ପାଇଁ ଆସିଥିଲୁ, ଆପଣ ଯେଉଁଦିନ ଆମ ବିଭାଗର ଦାୟିତ୍ୱ ଗ୍ରହଣ କଲେ, ସେ ଦିନ ଆମେ ଭାବିଥିଲୁ ଆମ ବିଭାଗର କାମ ଧିମେଇ ଯିବ । ମାନ୍ୟବର ମନ୍ତ୍ରୀ କୃଷି, ସମବାୟ ବିଭାଗ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗ ସହ ଏସ୍.ସି. ଏସ୍.ଟି ବିଭାଗ ଦାୟିତ୍ୱତୁଲାଇବା ସମ୍ଭବ ହେବ ନାହିଁ'' ।

ଠିକ୍ ସେତିକିବେଳେ କୃଷି ବିଭାଗ ସେକ୍ରେଟାରୀ ମିଷ୍ଟର୍ ବର୍ମା କହିଲେ, ''ସାର୍ ! ଆମେ ବି ଭାବି ନେଇଥିଲୁ, ମାନ୍ୟବର ମନ୍ତ୍ରୀ ଆଦିବାସୀ କଲ୍ୟାଣ ବିଭାଗ ଦାୟିତ୍ୱ ନେଲା ପରେ ଆମ ବିଭାଗର କାମ ମଧ୍ୟ ଆଗଭଳି ଆଗେଇ ପାରିବ ନାହିଁ । ମାତ୍ର, ଯାହା ଦେଖିଲୁ, କୌଣସି କାମ ଅଟକି ରହୁ ନାହିଁ । ସବୁ ଠିକ୍ ଠାକ୍ ଦ୍ରୁତଗତିରେ ଆଗେଇ ଚାଲିଛି । ତେଣୁ ଆମେ ଏକାଠି ଆପଣଙ୍କ କାର୍ଯ୍ୟଧାରାକୁ ଦେଖି ନିଜ ଭିତରେ ଆଲୋଚନା କରି ଆମେ ଆମ ଅଫିସ୍‌ରୁ ଆପଣଙ୍କୁ ସାକ୍ଷାତ ପାଇଁ ଚାଲି ଆସିଲୁ'' ।

ମିଷ୍ଟର କିଣ୍ଡୋ ହସି କହିଲେ, ''ସାର୍ ! ଆପଣ ଏବେ ବି ଜଣେ ସ୍ପୋର୍ଟ୍ସମ୍ୟାନ୍ ଭଳି ଠିକ୍ ଟାଇମରେ ସବୁ କାମକୁ ସାରି ଦେଉଛନ୍ତି । ଫାଇଲ୍ ଆପଣଙ୍କ ଟେବୁଲ୍‌ରେ ପଡି ରହୁ ନାହିଁ । ଆପଣ ଏବେ ବି 'ଓଡିଶା କ୍ରିକେଟ୍ ଏସୋସିଏସନ୍'ର ସଭାପତି ହିସାବରେ ଆର୍ନ୍ତଦେଶୀୟ କ୍ରିକେଟ ମ୍ୟାଚ୍ ପରିଚାଳନା କରୁଛନ୍ତି । ଏଥିପାଇଁ ମଧ୍ୟ

Source: Author, Digitized by PPRACHIN, SOA

ସମୟ ଦେଉଛନ୍ତି । ଦିଲ୍ଲୀରେ ଆପଣଙ୍କ ଉପନ୍ୟାସ 'ବିଜୟୀ' ହିନ୍ଦୀରେ ଅନୁବାଦ ହୋଇ ଗୋଟିଏ ଆର୍ନ୍ତଜାତୀୟ ପ୍ରକାଶକ 'ବାଣୀ ପ୍ରକାଶିନୀ' ଦ୍ୱାରା ପ୍ରକାଶ ପାଉଛି । ତେଣୁ ଏତେ ସବୁ ଦେଖି ଆମେ ବସି ଆଲୋଚନା କଲୁ । ସାର୍ ଏତେ ସମୟ ଦେଇ ପାରୁଛନ୍ତି କେମିତି'' ?

ମୁଁ ସେମାନଙ୍କ ଏହିଭଳି ଲାଇଟ୍ ଟକ୍ ଶୁଣି ହସି କହିଲି, ''ସମୟ ପ୍ରତି ସଚେତନ ହୋଇ ମୁଁ ମୋ'ର କାମକୁ ଠିକ୍‌ଠାକ୍ ଚଳାଇ ନେଉଛି । କୌଣସି ଅସୁବିଧା ହେଉ ନାହିଁ'' ।

ଏମିତି କଥାବାର୍ତ୍ତା ଚାଲିଥିବା ସମୟରେ ପ୍ରାଇଭେଟ୍ ସେକ୍ରେଟାରୀ ରବି ନାରାୟଣ ମିଶ୍ର ଆଲମିରାରୁ ଦୁଇଟି ଫାଇଲ ଆଣି ଟେବୁଲ୍‌ରେ ରଖି କହିଲେ, ''ଆପଣ ସେକ୍ରେଟାରୀ ସହ କଥା ହେବାପାଇଁ ଚାହିଁଥିଲେ'' ।

କୃଷି ବିଭାଗ ସେକ୍ରେଟାରୀ କହିଲେ, ''କାଲି ଯେତେବେଳେ ଫାଇଲ୍ ଫେରିଲା ନାହିଁ, ମୁଁ ଭାବିନେଲି, ଆପଣ ନିଶ୍ଚୟ ଆଲୋଚନା ପାଇଁ ଫାଇଲ ରଖି ନେଇଛନ୍ତି'' ।

ମୁଁ କହିଲି, ''ସେଥିପାଇଁ କାଲି ଫାଇଲ୍ ପଠାଇ ପାରିଲି ନାହିଁ, ଆଲୋଚନା ପାଇଁ ରଖିନେଲି'' । ଫାଇଲ ସମ୍ବନ୍ଧରେ ଆଲୋଚନା କରି ମୋ' ମନର ପ୍ରଶ୍ନର ଉତ୍ତର ଜାଣିନେଇ ଫାଇଲ୍ ଉପରେ ମୋ'ର ମତାମତ ଦେଇ ଦସ୍ତଖତ କରିଦେଲି ।

ସେ ମୋ'ର ମତାମତ ପଢ଼ି, ମୋତେ ଦେଖି କିହିଲେ, ତାହାହେଲେ ସାର୍! ମୁଁ ଫାଇଲ ନେଇଯାଉଛି''!

ମନ୍ତ୍ରୀଙ୍କ କାର୍ଯ୍ୟପ୍ରଣାଳୀ ବିଭାଗୀୟ ଅଫିସରମାନଙ୍କୁ ସମୟେ ସମୟେ ପ୍ରଭାବିତ କରିଥାଏ । ଅନେକ ଗୁରୁତ୍ୱପୂର୍ଣ୍ଣ ବିଷୟବସ୍ତୁ ଉପରେ ବିଭାଗୀୟ ସେକ୍ରେଟାରୀମାନଙ୍କ ସହ ଆଲୋଚନା ମାଧ୍ୟମରେ ଫାଇଲ୍‌କାର୍ଯ୍ୟ ସମ୍ପନ୍ନ କରି ପାରିଲେ କାର୍ଯ୍ୟ ତ୍ୱରାନ୍ୱିତ ହୋଇଥାଏ । ଫାଇଲ୍ ସବୁ ମନ୍ତ୍ରୀମାନଙ୍କ ପାଖରେ ଦୀର୍ଘଦିନ ପକାଇ ରଖିବା, ଆବଶ୍ୟକତା ନ ଥାଇ ଟେବୁଲରେ ପଡି ରହିବା ଯୋଗୁଁ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଥାଏ । କାମ ମଧ୍ୟ ଧିମେଇ ଯାଇଥାଏ ।

ଆଦିବାସୀ କଲ୍ୟାଣ ବିଭାଗ, କୃଷି ବିଭାଗ, ସମବାୟ ବିଭାଗର ଉଚ୍ଚ ପ୍ରଶାସକମାନେ ଆସି ଖୋଲା ମନରେ ନିଜ ନିଜ ମନୋଭାବ ପ୍ରକାଶ କରିବାରୁ ମୁଁ ସେମାନଙ୍କ ସହିତ ମୋ'ର ମତ ବିନିମୟ ପୂର୍ବକ ଖୋଲା ହୃଦୟରେ କର୍ତ୍ତବ୍ୟ କରି ଚାଲିଥାଏ । ଫଳରେ, ଅନେକ କାର୍ଯ୍ୟ ସୁଚାରୁ ରୂପେ ଆଗେଇ ଚାଲିଥାଏ । ମୋ'ର ଅଧୀନ କର୍ମଚାରୀମାନଙ୍କ ଯୋଗ୍ୟତା ଉପରେ ମୋ'ର ଦୃଢ଼ ବିଶ୍ୱାସ ରହିଥାଏ ।

Source: Author, Digitized by PPRACHIN, SOA

ମହିଳାଙ୍କ ଚିଠି ଓ ଅବସରପ୍ରାପ୍ତ କର୍ମଚାରୀଙ୍କ ପେନ୍‌ସନ୍ ପ୍ରସଙ୍ଗ :

ଅଫିସ୍‌ରେ ବସି ନିୟମିତ କାର୍ଯ୍ୟ କରିବା ସଙ୍ଗେ ସଙ୍ଗେ ମୋ' ପାଖକୁ ଆସିଥିବା ବିଭିନ୍ନ ଚିଠିପତ୍ର ପଢ଼ି ଅନେକ ସମସ୍ୟା ଜାଣିପାରି ସେଗୁଡ଼ିକର ପ୍ରତିକାର କରୁଥିଲି । ଏହିଭଳି ଏକ ଚିଠି ଡାକ ଯୋଗେ ଜଣେ ମହିଳାଙ୍କଠୁ ଆସିଥାଏ ।

ସେ ଲେଖିଥିଲେ, ''ଆପଣ କୃଷି ବିଭାଗର ମୁଖ୍ୟ । ଆପଣ ହିଁ ଏହି ବିଭାଗର ମା' ବାପା । କୃଷି ବିଭାଗରେ ମୋ'ର ସ୍ୱାମୀ ଚାକିରି କରୁଥିଲେ । ବର୍ତ୍ତମାନ ସେ ଅବସର ଗ୍ରହଣ କରିବାର ଦୀର୍ଘ ଆଠବର୍ଷ ବିତି ଗଲାଣି । ମାତ୍ର, ଏ ପର୍ଯ୍ୟନ୍ତ ତାଙ୍କ ପେନ୍‌ସନ୍ ଟଙ୍କା ମିଳି ପାରିଲା ନାହିଁ । ଘରେ ମୋ'ର ଦୁଇ ଝିଅ ବିବାହ ଯୋଗ୍ୟା । ମାତ୍ର, ଆର୍ଥିକ ଅନଟନ ଯୋଗୁଁ ମୋତେ କିଛି ବୁଦ୍ଧି ଦିଶୁ ନାହିଁ । ପେନ୍‌ସନ୍ ଟଙ୍କା ମିଳିବ ବୋଲି ଅପେକ୍ଷା କରି କରି ମୋ' ସ୍ୱାମୀ ଗତ ବର୍ଷ ଆମକୁ ଅଥଳ ସାଗର ଭିତରେ ଭସାଇ ଦେଇ ସ୍ୱର୍ଗାରୋହଣ କଲେଣି ।

ଏଣୁ ମୁଁ ଅଭାଗିନୀ ଆପଣଙ୍କ ଦୃଷ୍ଟିକୁ ଆଣିବା ପାଇଁ ଏ ଚିଠି ଲେଖୁଛି । ଆପଣ ହିଁ ଆମ ମା' ବାପା । ଆପଣ ହିଁ ଆମ ସାହା ଭରସା । ମୋ' ସ୍ୱାମୀଙ୍କ ପେନ୍‌ସନ୍ ଟଙ୍କା ପାଇବା ପାଇଁ ଆପଣ ଚେଷ୍ଟା କଲେ ଆମେ ସେହି ଟଙ୍କା ପାଇଯାଆନ୍ତୁ ଏବଂ ଆମ ପରିବାର ବଞ୍ଚି ଯାଆନ୍ତା । ତେଣୁ ଆପଣଙ୍କୁ ଏ ପତ୍ରଦ୍ୱାରା ଅନୁରୋଧ କରି ଜଣାଇଲି । ଭୁଲଥିଲେ ଏ ଅଭାଗିନୀକୁ କ୍ଷମା ଦେବେ । ଇତି...'' ।

ଚିଠି ପଢିବା ପରେ ସେହି ପରିବାରର ଦୟନୀୟ ଅବସ୍ଥା ମୋ' ଆଖି ଆଗରେ ଝଲ୍ ଝଲ୍ ହୋଇ ଉଠିଲା । ସତେ ଆଜି ସେମାନେ ସାହା ଭରସା ଶୂନ୍ୟ ହୋଇ ପଡିଛନ୍ତି । ମନ ମୋ'ର ବିଷାଦରେ ଭରିଗଲା ।

ମୋ'ର ପ୍ରାଇଭେଟ ସେକ୍ରେଟାରୀ ମିଶ୍ରବାବୁଙ୍କୁ ଡାକି ଚିଠି ପଢିବା ପାଇଁ ଦେଲି । ସେ ପଢି ମୋ' ମୁହଁକୁ ଅନାଇ ରହିଲେ... ।

ଅନେକ କର୍ମଚାରୀ ରିଟାୟାର୍ଡ ପରେ ବର୍ଷ ବର୍ଷ ବିତିଗଲେ ମଧ୍ୟ ପେନସନ ଟଙ୍କା ଗଣ୍ଡିକ ପାଇ ପାରୁ ନାହାନ୍ତି । ବିଭାଗୀୟ କର୍ମଚାରୀମାନଙ୍କ ଅବହେଳା ଯୋଗୁଁ ଏହିଭଳି ପରିସ୍ଥିତି ଦେଖା ଦେଉଛି । ସେହି ଚିଠି ଫାଇଲରେ ରେକର୍ଡ ଆକାରରେ ରଖି ନୋଟ୍‌ସିଟ୍ ସହ ସେକ୍ରେଟାରୀଙ୍କୁ ନିର୍ଦ୍ଦେଶ ଦେଲି । ଯେଉଁ ବ୍ୟକ୍ତିଙ୍କ ପେନ୍‌ସନ୍ ଦୀର୍ଘ ଦିନରୁ ପଡି ରହିଛି, ତୁରନ୍ତ ତାଙ୍କ ପେନ୍‌ସନ୍ କାଗଜପତ୍ର ଠିକ୍ କରି ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ (ଏକ ମାସ ଭିତରେ) ମୋ' ପାଖରେ ଉପସ୍ଥାପନ କର । ମୋ'ର ସ୍ୱାକ୍ଷର ସହ ବିଭାଗୀୟ ସିଲ୍ ପଡି ଉପରେ ''ମୋଷ୍ଟ୍ ଅର୍ଜେଣ୍ଟ୍'' (ଅତି-

Source: Author, Digitized by PPRACHIN, SOA

ଜରୁରୀ) ଲେଖା ହୋଇ ଫାଇଲଟି ବିଭାଗୀୟ ସେକ୍ରେଟାରୀଙ୍କ ପାଖରେ ପହଞ୍ଚି ଗଲା ।

ସମସ୍ତେ ତତ୍‌ପର ହୋଇ ଉଠିଲେ । ନିର୍ଦ୍ଦେଶ ମତେ ସମୟସୀମା ଭିତରେ ସେହି କର୍ମଚାରୀଙ୍କ ବିଭିନ୍ନ ସ୍ଥାନରେ କର୍ମରତ ଥିବା ରେକର୍ଡ ସହ ତାଙ୍କ ପେନ୍‌ସନ୍‌ର ସମସ୍ତ କାଗଜପତ୍ର ପ୍ରସ୍ତୁତ ହୋଇ ମୋ' ଟେବୁଲକୁ ଚାଲି ଆସିଲା ।

ମୁଁ ସମସ୍ତ କାଗଜ ପତ୍ର ଦେଖି ଜାଣିଲି, ''ପେନ୍‌ସନ୍ ପାଇବା ପାଇଁ ହକ୍ ଯେ, ସେ ବର୍ତ୍ତମାନ ସ୍ୱର୍ଗବାସୀ । ଏଭଳି ସ୍ଥିତିରେ ତାଙ୍କର ସମସ୍ତ ପେନ୍‌ସନ୍ ପ୍ରାପ୍ୟ ମଞ୍ଜୁର କରାଗଲା...। ମଞ୍ଜୁର ଅର୍ଥ ତାଙ୍କ ଉତ୍ତରାଧିକାରିଣୀ ତାଙ୍କ ସ୍ତ୍ରୀଙ୍କୁ ବିଧିବିଧାନ ଅନୁସାରେ ପ୍ରଦାନ କରାଯାଉ'' ବୋଲି ମୋ'ର ମନ୍ତବ୍ୟ ଦେଲି ।

ପେନ୍‌ସନ୍ ଟଙ୍କା ତାଙ୍କ ପରିବାର ପାଇଲେ, ତାଙ୍କ ଆତ୍ମା ସନ୍ତୁଷ୍ଟ ହୋଇ ଏହି ବିଭାଗକୁ ସ୍ୱର୍ଗରୁ ଆଶୀର୍ବାଦ ପ୍ରଦାନ କରିବେ ।

ଏହା ପରେ ସମସ୍ତ ରିଟାୟର୍ଡ କର୍ମଚାରୀଙ୍କ ପେନ୍‌ସନ୍ କାଗଜ ପତ୍ର, ମୋ' ପାଖରେ (ବିଭାଗୀୟ ମନ୍ତ୍ରୀ) ଉପସ୍ଥାପନ କରିବା ପାଇଁ ନିର୍ଦ୍ଦେଶ ଦେଲି ।

ଏହିଭଳି ନିର୍ଦ୍ଦେଶ ଜାଣି ବିଭାଗରେ ଚହଳ ପଡିଗଲା । ସାଧାରଣତଃ ମନ୍ତ୍ରୀମାନେ କେବେ ପେନ୍‌ସନ୍ କାଗଜ ତଦାରଖ କରୁ ନ ଥିଲେ କିମ୍ବା ମନ୍ତ୍ରୀ ମଞ୍ଜୁର କରୁନଥିଲେ । ତାହା କେବଳ ବିଭାଗୀୟ ସେକ୍ରେଟାରୀମାନେ କାର୍ଯ୍ୟକାରୀ କରୁଥିଲେ ।

ଦୀର୍ଘ ଦିନରୁ ପଡି ରହିଥିବା ବହୁ ପେନ୍‌ସନ୍ ଫାଇଲ ମୋ' ପାଖକୁ ଆସିଲା । ମୋ'ର କାମ ମଧ୍ୟ ବଢିଗଲା । ତାକୁ ଗୋଟି ଗୋଟି କରି ମଞ୍ଜୁର କଲି । କର୍ମଚାରୀ-ମାନେ ମଧ୍ୟ ପେନ୍‌ସନ୍ କାଗଜକୁ ଆଉ ପକାଇ ରଖିବା ପାଇଁ ସାହସ କଲେ ନାହିଁ । ସମୟ ନିର୍ଘଣ୍ଟ ଭିତରେ ନ ଆସିପାରିଲେ ତାଗିଦ୍ ଦିଆଗଲା । ଏପରିକି ଦରମା ମଧ୍ୟ ବନ୍ଦ କରାଗଲା ।

ମୁଁ ଯେତେବେଳେ ବିଭିନ୍ନ ଜିଲ୍ଲା ଗସ୍ତ କରି 'ଜିଲ୍ଲା ସମୀକ୍ଷା ବୈଠକ'ରେ ଯୋଗ ଦେଉଥିଲି, ସେହି ସମୟର ଏକ ଘଟଣା । ଆଲୋଚନା ସମାପ୍ତି ପରେ ବିଭାଗୀୟ ଅନ୍ୟାନ୍ୟ କର୍ମଚାରୀମାନଙ୍କୁ ବିଦାୟ ଦେଲାପରେ, ଜିଲ୍ଲା କୃଷି ଉପନିର୍ଦ୍ଦେଶକ ମୋ' ପାଖକୁ ଚାଲି ଆସି ହାତ ଯୋଡି କହିଲେ, ''ସାର୍! ମୁଁ ଆମ ଜିଲ୍ଲାର ବିଭାଗୀୟ ମୁଖ୍ୟ କୃଷି ଅଫିସର । ମୋ'ର ଦରମା ବନ୍ଦ ହୋଇ ଯିବା ଯୋଗୁଁ, ମୋ' ଅଧସ୍ତନ କର୍ମଚାରୀଙ୍କ ପାଖରେ ମୁଁ ଅପଦସ୍ତ ହେଉଛି'' ।

ସେ ହେଉଛନ୍ତି ଢେଙ୍କାନାଳ ଜିଲ୍ଲାର ଡେପୁଟି ଡାଇରେକ୍ଟର ଅଫ୍ ଏଗ୍ରିକଲଚର୍ । ମୁଁ ତାଙ୍କ କଥା ଶୁଣିବା ପରେ ପ୍ରଶ୍ନକଲି, ''କଣ ଅସୁବିଧା ହେଲା ଆପଣଙ୍କର? ଦରମା ବନ୍ଦ ହେଲା କାହିଁ କି''?

Source: Author, Digitized by PPRACHIN, SOA

ସେ ମୁଣ୍ଡ ତଳକୁ କରି କହିଲେ, "ସାର୍! ପେନ୍‌ସନ୍ କାଗଜପତ୍ର ଠିକ୍ ସମୟରେ ଦେଇ ପାରିଲି ନାହିଁ" ।

ମୁଁ ଗମ୍ଭୀର ହୋଇ କହିଲି, "ଆପଣ ବିଭାଗୀୟ ନିର୍ଦ୍ଦେଶ ଜାଣିଛନ୍ତି କି ନାହିଁ ? ଠିକ୍ ସମୟରେ ପେନ୍‌ସନ୍ କାଗଜପତ୍ର ପ୍ରଦାନ କରିବା ପାଇଁ ସୂଚାଇ ଦିଆ ଯାଇଛି । ବିଶେଷ ସ୍ଥଳେ ଆହୁରି ୧୫ଦିନ ଅଧିକା ସମୟ ଦିଆ ଯାଇଛି । ଆପଣ ନିଜେ ଯେତେବେଳେ ରିଟାୟାର୍ଡ କରିବେ, ଆପଣଙ୍କ ପେନ୍‌ସନ୍ କାଗଜପତ୍ର ଏମିତି ଅଯଥା ମାସ ମାସ ବର୍ଷ ବର୍ଷ ପଡି ରହିଲେ, ଆପଣ କିଭଳି ଅସୁବିଧା ଭୋଗିବେ ତାହା ଆପଣ ବୁଝିପାରୁ ନାହାନ୍ତି କାହିଁକି ? ସମସ୍ତ କର୍ମଚାରୀଙ୍କ ସୁବିଧା ପାଇଁ ପ୍ରଶାସନର ଶୃଙ୍ଖଳା, ନିୟମାନୁବର୍ତ୍ତିତା, କର୍ମଚାରୀମାନଙ୍କ କାର୍ଯ୍ୟ ଦକ୍ଷତାକୁ ତ୍ୱରାନ୍ୱିତ କରାଯାଉଛି । ବିଭାଗୀୟ ନିର୍ଦ୍ଦେଶ କେବଳ କାଗଜ ପତ୍ରରେ ନରହି ବାସ୍ତବରେ କାର୍ଯ୍ୟକାରୀ କରାଯାଉଛି । ଆପଣଙ୍କ ଅବହେଳା ଯୋଗୁଁ ଆପଣଙ୍କ ଦରମା ବନ୍ଦଅଛି । ଆପଣ କାମ ଶେଷ କରି ଫାଇଲ ତୁରନ୍ତ ପଠାଇଲେ ଆପଣଙ୍କ ଦରମା ପାଇ ଯିବେ" ।

ଅମଲାଙ୍କ ଅପାରଗତା ପାଇଁ ଦଣ୍ଡବିଧାନ ଏକ ଉତ୍ତମ ପରମ୍ପରା । ଦରମା ବନ୍ଦ ହେବାର ଯଥାର୍ଥତା ରହିଛି । ଅମଲାମାନେ ସାଧାରଣ ନାଗରିକ, କର୍ମଚାରୀଙ୍କ ବାସ୍ତବ ସମସ୍ୟା ପ୍ରତି ଉଦାସୀନ ରହନ୍ତି । ଫାଇଲ୍‌କୁ ଚାପିରଖି ଲୋକଙ୍କୁ ଅସୁବିଧାରେ ପକାନ୍ତି । ମନ୍ଦ ଉଦ୍ଦେଶ୍ୟ ରଖି ଆଗକୁ ବଢାନ୍ତି ନାହିଁ । ଏହା ସେମାନଙ୍କ ହକ୍ ବୋଲି ମନେ ମନେ ଭାବନ୍ତି । ଏହା ହିଁ ସେମାନଙ୍କ ମସ୍ତବଡ ଭୁଲ ।

ବର୍ତ୍ତମାନ ସୂଚନା ଅଧିକାର ଆଇନ ପ୍ରଣୟନ ହେବା ପରେ ମଧ୍ୟ ତାର ପ୍ରଭାବ ପଡିଲା ଭଳି ମନେ ହେଉ ନାହିଁ । ଆଇନ ବଳରେ ସବୁ କିଛି ଆଶାଜନକ ଫଳ ମିଳିଯିବ ଏହା ଭାବିବା ମଧ୍ୟ ଭୁଲ୍ । ଯେତେଦିନ ପର୍ଯ୍ୟନ୍ତ କର୍ତ୍ତବ୍ୟ ପ୍ରତି ନିଷ୍ଠା ଆନ୍ତରିକତା ଦେଖା ଦେଇ ନାହିଁ, କର୍ମଚାରୀ ନିଜ ଦାୟିତ୍ୱ ପ୍ରତି ସଚେତନ ହୋଇ ନାହିଁ, ସେତେଦିନ ପର୍ଯ୍ୟନ୍ତ ଆଶାଜନକ ଫଳ ମିଳିପାରିବ ନାହିଁ ।

ବିଭାଗୀୟ ମନ୍ତ୍ରୀ ଦାୟିତ୍ୱ ନେବାପରେ ଅନେକ କ୍ଷେତ୍ରରେ କର୍ମଚାରୀମାନଙ୍କ ତତ୍‌ପରତା ଉପଲବ୍ଧି କରି ପାରିଥିଲି । ତେଣୁ ସମୟ ନିର୍ଘଣ୍ଟ ମଧ୍ୟରେ ଅନେକ କାର୍ଯ୍ୟ ସମ୍ପନ୍ନ ହୋଇ ପାରିଥିଲା ।

ଏହିଭଳି ଭାବରେ ବିଭାଗୀୟ କର୍ମଚାରୀମାନଙ୍କୁ ଶୃଙ୍ଖଳିତ କରିବା ସଙ୍ଗେ ସଙ୍ଗେ ସେମାନଙ୍କୁ ନିଜ ଦାୟିତ୍ୱ ପ୍ରତି ସଚେତନ କରିବାରୁ ଅନେକ ଅବସରପ୍ରାପ୍ତ କର୍ମଚାରୀଙ୍କ ପେନ୍‌ସନ୍ ଯଥା ସମୟରେ ମିଳିବା ସମ୍ଭବ ହୋଇଥିଲା ।

ଯେଉଁମାନଙ୍କ ନାଁରେ କୋର୍ଟ କଚେରୀ ମାମଲା ଅଛି, ଭିଜିଲାନ୍ସ କେସ୍ ଅଛି,

Source: Author, Digitized by PPRACHIN, SOA

ସେହିଭଳି କେତେକ କର୍ମଚାରୀଙ୍କ ପେନ୍‌ସନ୍ ଯଥାସମୟରେ ପ୍ରଦାନ କରାଯାଇ ପାରି ନ ଥିଲା । ଜଣେ ମହିୟସୀ ମହିଳାଙ୍କ ପତ୍ର ମୋ' ମନରେ ମୋ'ର କର୍ତ୍ତବ୍ୟ ଏବଂ ଦାୟିତ୍ୱ ପ୍ରତି ସଚେତନ ଭାବ ଜାଗ୍ରତ କରିଦେବା ଫଳରେ ଏହା ସମ୍ଭବ ହୋଇଥିଲା । ତେଣୁ ସେହି ମହିଳାଙ୍କ ପ୍ରତି ମୁଁ କୃତଜ୍ଞ ।

ବିଭିନ୍ନ ବିଭାଗର ପେନ୍‌ସନ୍ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ସ୍ୱତନ୍ତ୍ର ପେନ୍‌ସନ୍ ମନ୍ତ୍ରୀ ମଧ୍ୟ ନିଯୁକ୍ତି ହୋଇଥିଲେ । ଓଡିଶାର ଜନତା ସରକାରଙ୍କ ଶାସନକାଳରେ କବି, ସୁବକ୍ତା ପ୍ରସନ୍ନ ପାଟ୍ଟଶାଣୀ ପେନ୍‌ସନ୍ ମନ୍ତ୍ରୀ ରୁପେ ନିଯୁକ୍ତି ପାଇଥିଲେ । ମାତ୍ର, ବିଭାଗୀୟ ମନ୍ତ୍ରୀଙ୍କର ତତ୍‌ପରତା ଫଳରେ ମୋ' ସମୟରେ ଯେଭଳି ଅନେକ ପେନ୍‌ସନ୍ ଫାଇଲ୍ କାର୍ଯ୍ୟକାରୀ ହୋଇ ପାରିଥିଲା ତାହା ମାନ୍ୟବର ପାଟ୍ଟଶାଣୀଙ୍କ ସମୟରେ ସମ୍ଭବ ହୋଇ ପାରିବାରେ ଅସୁବିଧା ସୃଷ୍ଟି ହୋଇଥିଲା ।

ଥରେ ଆଲୋଚନା ପ୍ରସଙ୍ଗରେ ତାଙ୍କ ବିଭାଗର କାର୍ଯ୍ୟକୁ ନେଇ ପ୍ରଶ୍ନ କରିଥିଲି । ମନ୍ତ୍ରୀ ପାଟ୍ଟାଶାଣୀ କହିଲେ, ''ମୁଁ ସିନା ପେନ୍‌ସନ୍ ମନ୍ତ୍ରୀ । ଫାଇଲ୍‌ତକ ବିଭାଗୀୟ ମନ୍ତ୍ରୀ ମୋ' ପାଖକୁ ପଠାଇଲେ ତ ମୁଁ ତାକୁ କାର୍ଯ୍ୟକାରୀ କରିବି'' ।

ବିଭାଗୀୟ କର୍ମକର୍ତ୍ତା ଶୀଘ୍ର ପୂର୍ଣ୍ଣାଙ୍ଗ କରି ଫାଇଲ ମୋ' ପାଖକୁ ପଠାଇବା କଥା । ତାହା ହେଉ ନ ଥିବା ଯୋଗୁଁ ଅନେକ ପେନସନ୍ ଫାଇଲ୍ ପଡି ରହିଛି ।

ବିଭାଗୀୟ ମନ୍ତ୍ରୀ, କର୍ମଚାରୀଙ୍କ ତତ୍‌ପରତା ଉପରେ ପେନ୍‌ସନ୍ ପାଇବା ସହଜ ହୋଇଥାଏ । ଆଇନ୍‌ରେ ଅଛି, ରିଟାୟର୍ଡର ପରଦିନ ପେନ୍‌ସନ୍ ଯୋଗାଇ ଦିଆଯିବ । ମାତ୍ର, ବହୁ କ୍ଷେତ୍ରରେ ତାର ବ୍ୟତିକ୍ରମ ଦେଖା ଯାଉଛି ।

ସରକାରଙ୍କ ତ୍ରୁଟି ସଂଶୋଧନ :

ଦିନେ ମୁଁ ଅଫିସରେ ବସି ମୋ' କାର୍ଯ୍ୟ କରି ଚାଲିଛି । ହଠାତ୍ ଚିଫ୍‌ସେକ୍ରେଟାରୀ ଏବଂ ଡେପୁଟି ଚିଫ୍‌ସେକ୍ରେଟାରୀ ମୋ' ଅଫିସକୁ ଆସି ମୋ' ସହିତ କେତୋଟି ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରି ଚାଲିଗଲେ ।

ସନ୍ଧ୍ୟାରେ କ୍ୟାବିନେଟ୍ ମିଟିଙ୍ଗ । ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ସଭାପତିତ୍ୱରେ ବିଭିନ୍ନ ଏଜେଣ୍ଡା ଉପରେ ଆଲୋଚନା ହୋଇ ପ୍ରୋସିଡିଙ୍ଗ୍‌ରେ ଲିପିବଦ୍ଧ ହେଉଥାଏ । ସମସ୍ତ କ୍ୟାବିନେଟ୍ ମନ୍ତ୍ରୀ, ଚିଫ୍‌ସେକ୍ରେଟାରୀ, ଡେପୁଟି ଚିଫ୍‌ସେକ୍ରେଟାରୀ ଏବଂ ଆବଶ୍ୟକ ସ୍ଥଳେ ବିଭାଗୀୟ ଷ୍ଟେଟ୍ ମନ୍ତ୍ରୀ ବିଭାଗୀୟ ସେକ୍ରେଟାରୀ ଆଲୋଚନାରେ ଅଂଶ ଗ୍ରହଣ କରି ତାଙ୍କ ବିଭାଗର କାର୍ଯ୍ୟ ଶେଷ ହେଲା ପରେ ଚାଲି ଯାଉଥାନ୍ତି । ଏଜେଣ୍ଡା ମୁତାବକ ଆଲୋଚନା ଶେଷ ପରେ ଅନ୍ୟାନ୍ୟ ଆଲୋଚନା ହେଉଥାଏ ।

Source: Author, Digitized by PPRACHIN, SOA

ମାନ୍ୟବର ମୁଖ୍ୟମନ୍ତ୍ରୀ ଅନ୍ୟାନ୍ୟ ଏଜେଣ୍ଡାରେ କହିଲେ, ହର୍ଟିକଲ୍‌ଚର୍ ଡାଇରେକ୍ଟର୍ ମିଷ୍ଟର୍ ମଲ୍ଲିକ ଜଣେ ଭଲ ଅଫିସର୍ । ତାଙ୍କ ସମୟରେ ବିଭିନ୍ନ ଉନ୍ନୟନ କାର୍ଯ୍ୟ ସୁଚାରୁ ରୂପେ କାର୍ଯ୍ୟକାରୀ ହୋଇଛି । ତେଣୁ ବିଭାଗର ଆବଶ୍ୟକତା ଦୃଷ୍ଟିରୁ ଆହୁରି ଦୁଇ ବର୍ଷ ତାଙ୍କ କାର୍ଯ୍ୟକାଳକୁ ବୃଦ୍ଧି କରାଯାଉ ।

ଚିଫ୍ ସେକ୍ରେଟାରୀ ଏବଂ ଡେପୁଟି ଚିଫ୍ ସେକ୍ରେଟାରୀ ସମ୍ମତି ଜଣାଇ ''ୟେସ୍ ସାର୍'' କହି ମୁଣ୍ଡ ଟୁଙ୍କାରିଲେ ।

ବିଭାଗୀୟ ମନ୍ତ୍ରୀ ହିସାବରେ ମୁଁ ବସିଥାଏ । ଚିଫ୍ ସେକ୍ରେଟାରୀଙ୍କ ''ୟେସ୍ ସାର'' ଶୁଣିଲା ପରେ ମୁଁ ଆଶ୍ଚର୍ଯ୍ୟ ହୋଇ ସେମାନଙ୍କ ମୁହଁକୁ ଚାହିଁ ରହିଲି । ଯେଉଁ ଚିଫ୍ ସେକ୍ରେଟାରୀ ଏବଂ ଡେପୁଟି ଚିଫ୍‌ସେକ୍ରେଟାରୀ ମୋ' ଚେମ୍ବରକୁ ଯାଇ ଦୁଇ ଘଣ୍ଟା ପୂର୍ବରୁ ମୋତେ କହିଲେ, ''ଏହି ନିଯୁକ୍ତି ଠିକ୍ ହେବ ନାହିଁ'' ବୋଲି, ସେମାନେ କିପରି ଏତେ ଶୀଘ୍ର ଏହାକୁ ସମ୍ମତି ପ୍ରଦାନ କରିଦେଲେ ?

ମାନ୍ୟବର ମୁଖ୍ୟମନ୍ତ୍ରୀ କ୍ୟାବିନେଟ୍ ମିଟିଙ୍ଗ ଶେଷ କରି ତାଙ୍କ ଚେମ୍ବର୍‌କୁ ଚାଲି ଗଲେ । ଅନ୍ୟ ବିଭାଗର ମନ୍ତ୍ରୀମାନେ ମଧ୍ୟ ଚାଲିଗଲେଣି । ମୁଁ ମୋ'ର ସ୍ଥାନରୁ ଉଠି ଚିଫ୍‌ସେକ୍ରେଟାରୀଙ୍କୁ ପ୍ରଶ୍ନ କଲି ''ଆପଣ ଏଥିରେ କେମିତି ସମ୍ମତି ପ୍ରଦାନ କଲେ'' ? ଚିଫ୍‌ସେକ୍ରେଟାରୀ କହିଲେ, ''ସାର୍! ଆପଣ କିଛି କହିଲେ ନାହିଁ, ତେଣୁ ଆମେ ମୁଖ୍ୟମନ୍ତ୍ରୀଙ୍କୁ କ'ଣ ଆଉ କହନ୍ତୁ । ତେଣୁ ତାଙ୍କ କଥାରେ ହଁ କରିଦେଲୁ'' ।

ମୁଁ ପୁଣି କହିଲି, ''କ୍ୟାବିନେଟକୁ ଉଚିତ ପରାମର୍ଶ ଦେବା ପାଇଁ, ଆଇନଗତ ବିଷୟ ଦୃଷ୍ଟିକୁ ଆଣିବା ପାଇଁ ଆପଣମାନେ ଉପସ୍ଥିତ ରହନ୍ତି । ଏଇଟା କଣ ଉପଯୁକ୍ତ ପରାମର୍ଶ ହେଲା'' ?

ମୁଁ ଫେର୍ କହିଲି, ''ଭୁଲକୁ ଭୟ କରିବା ଅନୁଚିତ । ଅବସର ପରେ ଜଣଙ୍କୁ ଦୁଇବର୍ଷ ପାଇଁ ଅଧିକ ଚାକିରି ପ୍ରଦାନ କରାଯିବ, ଏହା ଏକ ମସ୍ତବଡ ଭୁଲ । ତେଣୁ ତାର ସଂଶୋଧନ ଆବଶ୍ୟକ । ଭୁଲ କାମରୁ ଶିକ୍ଷା ପାଇଲେ ଯାଇ ଠିକ୍ କାମ ପାଇଁ ଚିନ୍ତା ଉଦ୍ରେକ ହେବ । ଆପଣମାନେ ଜାଣି ରଖନ୍ତୁ, ଏଥିରେ ଅନେକ ଆଇନଗତ ତ୍ରୁଟି ରହିଯାଇଛି । ତ୍ରୁଟିକୁ ଜାଣି ମଧ ଆମେ ପ୍ରଶ୍ରୟ ଦେବା ଉଚିତ ହେବକି'' ?

ମୋ'ଠୁ ଏହିଭଳି କଥା ଶୁଣି ସେମାନଙ୍କ ମନରେ ଆଶଙ୍କା ସୃଷ୍ଟି ହେଲା । ସେମାନେ ଉଦ୍‌ବିଗ୍ନ ହୋଇ ପଡିଲେ । ଫେର୍ କହିଲି, ''ମୁଁ ବର୍ତ୍ତମାନ ମୁଖ୍ୟମନ୍ତ୍ରୀଙ୍କ ଚେମ୍ବରକୁ ଯାଉଛି...'' ।

ଚିଫ୍‌ସେକ୍ରେଟାରୀ ଏବଂ ଡେପୁଟି ଚିଫ୍‌ସେକ୍ରେଟାରୀ ବ୍ୟସ୍ତ ହୋଇ ମୋତେ କହିଲେ, ''ସାର୍! ଆପଣ ଆଉ ଚିଫ୍ ମିନିଷ୍ଟରଙ୍କୁ କିଛି କହନ୍ତୁ ନାହିଁ''

Source: Author, Digitized by PPRACHIN, SOA

ମୁଁ ଦୁହିଁଙ୍କୁ ଦେଖି କହିଲି, ''ଏ ଏକ ମସ୍ତବଡ ବ୍ୟତିକ୍ରମ ହେବ, ତାର ସଂଶୋଧନ ଆବଶ୍ୟକ'' । ଏତକ କହି କ୍ୟାବିନେଟ୍ ହଲରୁ ଚାଲିଆସି, ଚିଫ୍ ମିନିଷ୍ଟରଙ୍କ ଚେମ୍ବରକୁ ଯାଇ ତାଙ୍କ ସମ୍ମୁଖ ଚେୟାର୍‌ରେ ବସିଲି । ସେ ଫାଇଲ୍ କାର୍ଯ୍ୟରେ ବ୍ୟସ୍ତ ଥିଲେ । ତାହା ସାରି ମୋତେ ପ୍ରଶ୍ନ କଲେ, ''କଣ କିଛି କହିବାର ଅଛି''? ''ହଁ ସାର୍... ! ଜଣେ ଅଫିସର ରିଟାୟାର୍ଡ କରି ପାଖାପାଖି ଦୁଇବର୍ଷ ହେଲାଣି, ପୁଣି ହଠାତ୍ ତାଙ୍କୁ ଦୁଇବର୍ଷ ଡାଇରେକ୍ଟର ରହିବା ପାଇଁ କ୍ୟାବିନେଟ୍‌ରେ ପାସ୍ କରି...''

ମାନ୍ୟବର ମୁଖ୍ୟମନ୍ତ୍ରୀ ଗମ୍ଭୀର ହୋଇ ମୋ' ମୁହଁକୁ ଚାହିଁ କହିଲେ, ''ହଁ କ୍ୟାବିନେଟ୍‌ରେ ପଡିଲା, ତୁମେ ସେଠି ଥିଲ''?

ହଁ ସାର୍! ମୁଁ ସେଠି ଥିଲି । ଏଥିରେ ଚିଫ୍‌ସେକ୍ରେଟାରୀ, ଡେପୁଟି ଚିଫ୍-ସେକ୍ରେଟାରୀଙ୍କ ମଧ୍ୟ ସମ୍ମତି ନାହିଁ । ମାତ୍ର, ସେମାନେ କିଛି କହିପାରୁ ନାହାନ୍ତି'' ।

''ଏଥିରେ ଫେର୍ ଆଇନଗତ ଅସୁବିଧା ସୃଷ୍ଟି ହୋଇପାରେ । ସେମାନଙ୍କୁ ଡକାନ୍ତୁ ସବୁ ଆପଣ ବୁଝିବେ'' ।

ପ୍ରୋସିଡିଙ୍ଗ ରଦ୍ଦ କରିବା ପାଇଁ ଚିଫ୍ ସେକ୍ରେଟାରୀଙ୍କ ଉପସ୍ଥିତି ଆବଶ୍ୟକ । ସେହି ଦୃଷ୍ଟିରୁ ଚିଫ୍ ମିନିଷ୍ଟରଙ୍କ ସହ ତାଙ୍କ ଉପସ୍ଥିତି ଚାହୁଁଥିଲି ।

ମୋ'ଠୁ ଏତକ ଶୁଣିଲାପରେ ମୁଖ୍ୟମନ୍ତ୍ରୀ ଚିଫ୍‌ସେକ୍ରେଟାରୀଙ୍କୁ ଫୋନ୍‌କଲେ, ଆସିବା ପାଇଁ କହିଲେ । ସେମାନେ ସାଙ୍ଗେସାଙ୍ଗେ ଆସି, ମୋତେ ଚିଫ୍ ମିନିଷ୍ଟରଙ୍କ ସହ ବସିଥିବା ଦେଖି ସବୁକଥା ବୁଝିଯାଇଥାନ୍ତି । ସେମାନେ ଚିଫ୍-ମିନିଷ୍ଟରଙ୍କ ସମ୍ମୁଖ ଚୌକିରେ ବସିଲେ ।

ସେମାନଙ୍କ ଆଡକୁ ଦେଖି ଚିଫ୍ ମିନିଷ୍ଟର କହିଲେ, ''କୃଷିମନ୍ତ୍ରୀ କହୁଛନ୍ତି, କଣ ଏହି ନିଯୁକ୍ତି ଠିକ୍ ହେବ ନାହିଁ ବୋଲି ଆପଣମାନେ ମଧ୍ୟ ମତ ଦେଇଛନ୍ତି''? ସେମାନେ ଦୁହେଁ ନୀରବ ରହିଲେ ଏବଂ ମୋ' ଆଡକୁ ଚାହିଁଲେ ।

ମୁଁ ହିଁ ଉତ୍ତରରେ କହିଲି, ''ସାର୍ ! ଜଣେ ଡାଇରେକ୍ଟର୍ ରିଟାୟାର୍ଡ କରି ଘରେ ଦୁଇବର୍ଷ ବସି ରହିଲା ପରେ, ପୁଣି ତାଙ୍କୁ ସେହି ଡାଇରେକ୍ଟର୍ ପୋଷ୍ଟରେ ନିଯୁକ୍ତି ଦେବା ଠିକ୍ ହେବ ନାହିଁ । ତାଙ୍କ ରିଟାୟାର୍ଡ ହେବା ପୂର୍ବରୁ କଣ୍ଟିନ୍ୟୁଟି କରି ସେତେବେଳେ ଆଉ ଦୁଇବର୍ଷ ଏକ୍ସଟେନ୍‌ସନ୍ କରିଥିଲେ କୌଣସି ଅସୁବିଧା ନ ଥିଲା'' ।

ଦ୍ୱିତୀୟତଃ, ଆମେ ଗତ କ୍ୟାବିନେଟରେ ରେଜ୍ୟୁଲେସନ୍ କରିଛୁ, କୌଣସି ରିଟାୟାର୍ଡ କର୍ମଚାରୀଙ୍କୁ ପୁନଃ ନିଯୁକ୍ତି ଦିଆଯିବ ନାହିଁ । ଆମର ଏହି ରେଜ୍ୟୁଲେସନ୍‌ର ତିନିମାସ ମଧ୍ୟ ହୋଇ ନାହିଁ । ସାଧାରଣତଃ ଗୋଟିଏ ରେଜ୍ୟୁଲେସନ୍ ଛଅମାସ ପର୍ଯ୍ୟନ୍ତ ବଳବତ୍ତର ରହିଥାଏ । ଏହି ଦୃଷ୍ଟିରୁ ଆମେ ଆଜି ଆମ କ୍ୟାବିନେଟ୍

Source: Author, Digitized by PPRACHIN, SOA

ରେଜ୍ୟୁଲେସନ୍ ବିରୁଦ୍ଧରେ କିଭଳି ପୁନଃ ନିଯୁକ୍ତି ଦେଇପାରିବା'' ?

ଆଇନଗତ ଏବଂ ନୀତିଗତ ପ୍ରଶ୍ନ ଉଠାଇବା ପରେ ଚିଫ୍‌ସେକ୍ରେଟାରୀ ଏବଂ ଡେପୁଟି ଚିଫ୍‌ସେକ୍ରେଟାରୀ ଆଶ୍ୱସ୍ତ ହେଲେ ।

ଚିଫ୍-ମିନିଷ୍ଟର ମଧ୍ୟ ଆମ ପୂର୍ବ ରେଜ୍ୟୁଲେସନ୍ ମନେ ପକାଇ କହିଲେ, ''ଠିକ୍ ଅଛି । ସେହି ରେଜ୍ୟୁଲେସନ୍‌କୁ ପ୍ରୋସିଡିଙ୍ଗରୁ ବାଦ୍ ଦେଇଦେବ'' ।

ଏହିଭଳି ଜଟିଳ ପରିସ୍ଥିତିରେ ସରକାରଙ୍କ ଭୁଲକୁ ଠିକ୍ କରିବାରେ ମୁଁ ମୋ'ର ସାମ୍ବିଧାନିକ ଦାୟିତ୍ୱ ତୁଲାଇଥିଲି । ଚିଫ୍ ମିନିଷ୍ଟରଙ୍କ ସହ ଅପ୍ରିୟ ହେବା ଆଶଙ୍କାରେ ମୁଁ ନୀରବ ରହିଯାଇଥିଲେ ମୋ'ର ବିବେକ ମୋତେ କଦାପି କ୍ଷମା ଦେଇ ନ ଥାନ୍ତା । ବିଭାଗୀୟ ଅଫିସରମାନେ ମଧ୍ୟ ଉତ୍‌କଣ୍ଠାର ସହ ଫଳାଫଳକୁ ଅପେକ୍ଷା କରି ରହିଥିଲେ । ପରେ ସମସ୍ତେ ଆଶ୍ୱସ୍ତ ହେଲେ ।

ମନ୍ତ୍ରୀପଦର ଶପଥ ନେଲାବେଳେ ସମ୍ବିଧାନର ସଂରକ୍ଷକ ଭୂମିକା ନିଭାଇବି ବୋଲି ଶପଥନେଇଥିଲି । କେବଳ ତାକୁ ପାଳନକରି ମୋ'ର ସାମ୍ବିଧାନିକ କର୍ତ୍ତବ୍ୟ ତୁଲାଇଥିଲି ।

ସରକାରୀ କଳ ଭିତରେ ନେତା ଅମଲା ଦ୍ୱନ୍ଦ୍ୱ :

ବର୍ତ୍ତମାନ ନେତା ଓ ଅମଲା ମଧ୍ୟରେ ବହୁ ଦ୍ୱନ୍ଦ୍ୱ ଦେଖା ଦେଉଛି । ବହୁ ଆଇ.ଏ.ଏସ୍. ଅଫିସରଙ୍କ ବିରୁଦ୍ଧରେ ମଧ୍ୟ ତଦନ୍ତ ଚାଲିଛି । ମନ୍ତ୍ରୀ ଏବଂ ବିଭାଗୀୟ ସେକ୍ରେଟାରୀ ଜଣେ ଆର ଜଣକ ବିରୁଦ୍ଧରେ ମତ ପୋଷଣ କରି ଏକେ ଆରେକକୁ ଦାୟୀ କରୁଛନ୍ତି ।

ଅମଲା ଅଫିସରଙ୍କ ଯୁକ୍ତି ହେଲା, ମନ୍ତ୍ରୀ ନିଷ୍ପତ୍ତି ନିଅନ୍ତି । ଅଫିସର୍ ତାକୁ କେବଳ କାର୍ଯ୍ୟକାରୀ କରେ । ଏଣୁ ଭୁଲ ନିଷ୍ପତ୍ତି ଯୋଗୁଁ କେବଳ ମନ୍ତ୍ରୀ ହିଁ ଦାୟୀ ରହିବେ । ମନ୍ତ୍ରୀମାନେ ମଧ୍ୟ କହୁଛନ୍ତି, ସେମାନେ କେବଳ ନିର୍ଦ୍ଦିଷ୍ଟ ସ୍ଥାନରେ ଦସ୍ତଖତ କରିଦିଅନ୍ତି । ଏତେ ଭିତରକୁ ଯିବା ପାଇଁ ସେମାନଙ୍କ ପାଖରେ ସମୟ କାହିଁ? ଅମଲାମାନେ ପୁଣି କହୁଛନ୍ତି, ଉପରୁ ଆଦେଶ ଆସିଲେ ତାକୁ ଆମେ କାର୍ଯ୍ୟକାରୀ କରୁ । ଏଥିରେ ଆମର ଦୋଷ ରହିଲା କେଉଁଠି ?

ରାଜନେତା ଏବଂ ଅମଲା ମଧ୍ୟରେ ଏହିଭଳି ଦୋଷାରୋପ ଅନେକ ରାଜ୍ୟରେ ବର୍ତ୍ତମାନ ଦେଖିବାକୁ ମିଳୁଛି । ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଳାସରାଓ ଦେଶମୁଖ ମଧ୍ୟ କୋର୍ଟରେ ସତ୍ୟପାଠ କରିଛନ୍ତି । ତାଙ୍କ ପାଖକୁ ଅଣାଯାଇଥିବା ଫାଇଲ୍‌ରେ ସେ ଗୁଡ୍‌ଫେଥ୍‌ରେ ବିଶ୍ୱାସରେ ଦସ୍ତଖତ କରିଛନ୍ତି ।

ଅନେକ ମନ୍ତ୍ରୀ ଗୁଡ୍‌ଫେଥ୍‌ରେ ଦସ୍ତଖତ କରିଥିବା ବହୁ ଉଦାହରଣ ରହିଛି ।

Source: Author, Digitized by PPRACHIN, SOA

ବିଳାସରାଓ ଦେଶମୁଖ କେନ୍ଦ୍ରମନ୍ତ୍ରୀ ଥିବା ସମୟରେ ଚେନ୍ନାଇ ହସ୍‌ପିଟାଲ୍‌ରେ ତାଙ୍କର ଦେହାନ୍ତ ହୋଇଯାଇଛି ୨୦୧୨ରେ ।

ଗଣତାନ୍ତ୍ରିକ ବ୍ୟବସ୍ଥାରେ ମନ୍ତ୍ରୀ ଓ ଅମଲା ସମ୍ପର୍କ ଅତି ଗୁରୁତ୍ୱପୂର୍ଣ୍ଣ । ରାଜନେତା ଏବଂ ଅମଲା ମଧ୍ୟରେ ସୁସଂପର୍କ ରହିବା ସହ ଉଭୟେ ଉଭୟଙ୍କୁ ବିଶ୍ୱାସକୁ ନେବା ଆବଶ୍ୟକ । ମନ୍ତ୍ରୀଙ୍କ କାର୍ଯ୍ୟକଳାପ, ଆଚରଣ ପ୍ରତି ସେକ୍ରେଟାରୀମାନେ ସତର୍କତା ସହ ଅନୁଧ୍ୟାନ କରି ମନ୍ତ୍ରୀଙ୍କ ଦକ୍ଷତା ଏବଂ କର୍ତ୍ତବ୍ୟପ୍ରତି ନିଷ୍ଠା ଉପଲବ୍ଧି କଲାପରେ ତାଙ୍କୁ ପୂର୍ଣ୍ଣ ସମର୍ଥନ ଜଣାଇଥାନ୍ତି ।

ଯେଉଁଠି ରାଜନେତା ଏବଂ ବିଭାଗୀୟ ସେକ୍ରେଟାରୀଙ୍କ ମଧ୍ୟରେ ବିବାଦ ଦେଖା ଦେଇଥାଏ, ସେଇଠି କାର୍ଯ୍ୟ ସୁଚାରୁ ରୂପେ ପରିଚାଳିତ ହେବାରେ ଅନେକ ବିଶୃଙ୍ଖଳା ଦେଖା ଦେଇଥାଏ । ନିକଟରେ ଓଡିଶାର ଶିକ୍ଷା ବିଭାଗର ମନ୍ତ୍ରୀ ଏବଂ ସଚିବଙ୍କ ମଧ୍ୟରେ ଏହିଭଳି ପରିସ୍ଥିତି ସୃଷ୍ଟି ହୋଇ ଶିକ୍ଷା ବିଭାଗର ଅଶେଷ କ୍ଷତି ହୋଇଥିଲା ୨୦୧୨-୧୩ରେ ।

ସଫଳତାର ଶ୍ରେୟ ନେବା ପାଇଁ ରାଜନେତାମାନେ ଆଗଭର ହୋଇଥାନ୍ତି । କିନ୍ତୁ ବିଫଳତାର ଉତ୍ତରଦାୟିତ୍ୱ ନେବାକୁ ସେମାନେ କୁଣ୍ଠାବୋଧ କରିଥାନ୍ତି । ସେତେବେଳେ ଅମଲାତନ୍ତ୍ର ଓ ରାଜନେତାଙ୍କ ମଧ୍ୟରେ ଅବିଶ୍ୱାସ ବୃଦ୍ଧି ପାଇଥାଏ । ଶାସନ ପ୍ରଣାଳୀରେ କୌଣସି ଭୁଲ୍‌ଭଟକା ଦେଖାଦେଲେ ମନ୍ତ୍ରୀ ନିଜ ଉପରକୁ ଦାୟିତ୍ୱ ନେଇଯିବା ଉଚିତ । ଏଥିରେ ଅମଲା ଅଫିସରଙ୍କ ମନ୍ତ୍ରୀଙ୍କ ପ୍ରତି ବିଶ୍ୱାସ ଏବଂ ସମ୍ମାନ ବୃଦ୍ଧି ପାଇଥାଏ ।

ମୁଁ ବହୁ ଗୁରୁତ୍ୱପୂର୍ଣ୍ଣ ବିଭାଗର ଦାୟିତ୍ୱରେ ଥିଲେ ମଧ୍ୟ ବିଭାଗୀୟ କର୍ମଚାରୀମାନେ ମୋ'ର ପ୍ରତ୍ୟେକ କାର୍ଯ୍ୟରେ ଆନ୍ତରିକତା ସହ ମୋତେ ସହଯୋଗ କରିବା ଫଳରେ ଅନେକ ଜଟିଳ ସମସ୍ୟା ସହଜରେ ସମାଧାନ ହୋଇଯାଉଥିଲା । କାର୍ଯ୍ୟ ମଧ୍ୟ ତ୍ୱରାନ୍ୱିତ ହେଉଥିଲା । ତେଣୁ ପ୍ରତ୍ୟେକ ବିଭାଗ ଚଳଚଞ୍ଚଳ ହୋଇପାରିଥିଲା ।

ଦୀର୍ଘସୂତ୍ରୀ ମନୋଭାବ ପ୍ରଗତିର ବାଧକ :

ମୁଁ ଅନେକ ବିଦେଶ ଭ୍ରମଣରେ ଯାଇଛି । ସେମାନଙ୍କ କାର୍ଯ୍ୟଧାରା ଦେଖିଛି । ବିଦେଶୀମାନେ ସବୁ କ୍ଷେତ୍ରରେ ସିଦ୍ଧାନ୍ତ ଖୁବ୍ ଶୀଘ୍ର ନେଇ ପାରନ୍ତି । ସେମାନଙ୍କ ସାଫଲ୍ୟର ମୂଳ କାରଣ ହେଲା, ଠିକ୍ ସମୟରେ ଠିକ୍ ସିଦ୍ଧାନ୍ତ ଗ୍ରହଣ କରି ସମୟ ନିର୍ଘଣ୍ଟ ମଧ୍ୟରେ କାର୍ଯ୍ୟ ଶେଷ କରିବା ।

ଫାଇଲ୍‌କୁ ଦୀର୍ଘଦିନ ପକାଇ ରଖିବା ଏବଂ କୌଣସି ସିଦ୍ଧାନ୍ତରେ ଉପନୀତ ନ

Source: Author, Digitized by PPRACHIN, SOA

ହେବା ପାଇଁ ଆମେ କାଳକ୍ଷେପଣ ନୀତି ଗ୍ରହଣ କରିଥାଉ । ଆଜି ଥାଉ, କାଲି କରିବା । ସେହି କାଲି କେବେ ଆସିବ ତାହା ମଧ୍ୟ ଠିକ୍ ନ ଥାଏ । ଯେଉଁ ସିଦ୍ଧାନ୍ତ ଯେତେବେଳେ ନେବା କଥା ନେଉ ନ ଥିବା ଯୋଗୁଁ ଆମ ରାଜ୍ୟରେ ଅବା ଆମ ଦେଶରେ ଅନେକ କାମ ଯଥାସମୟରେ ହୋଇପାରୁ ନାହିଁ । ନିଜ ଦାୟିତ୍ୱ ପ୍ରତି ଆମେ ସଚେତନ ନୋହୁ । ଆମର ଦାୟିତ୍ୱ ଜ୍ଞାନ ରହିବା ଆବଶ୍ୟକ ।

ମୁଁ ସଦାବେଳେ ଏଥିପ୍ରତି ସଚେତନ ରହୁଥିବା ଯୋଗୁଁ ଅନେକ ଜଟିଳ ସମସ୍ୟାକୁ ଯଥାସମୟରେ ସମାଧାନ କରିପାରିଥିଲି । ଫଳରେ, ଅନେକ କାର୍ଯ୍ୟ ସମ୍ଭବପର ହୋଇପାରିଥିଲା ।

ମୁଁ ପିଲାଦିନେ ପଢ଼ିଥିଲି, ଦୀର୍ଘସୂତ୍ରୀ ମନୋଭାବର ବ୍ୟକ୍ତି ଜୀବନରେ ସଫଳତା ପାଇବା ସମ୍ଭବ ହୋଇ ନ ଥାଏ । ତେଣୁ ମୁଁ ସଦାସର୍ବଦା ସେଥିପ୍ରତି ସଚେତନ ରହି ଆସିଛି । ନୈତିକତା ଏବଂ କରୁଣା ଭଳି ମାନବୀୟ ଗୁଣ ରାଜନେତାଙ୍କ ପାଖରେ ଥିବା ଆବଶ୍ୟକ । ମାନବୀୟ ମୂଲ୍ୟବୋଧକୁ ପ୍ରଭାବିତ କରିବା ଶକ୍ତି, ସାମର୍ଥ୍ୟ ରାଜନେତା ପାଇଁ ଅପରିହାର୍ଯ୍ୟ ।

ସମବାୟ ମନ୍ତ୍ରୀଙ୍କ କୋର୍ଟ ଓ ଡେଡ୍ ମନି ଆଦାୟ :

ସେକ୍ରେଟାରୀଏଟ୍‌ରେ ମୋ'ର ଅଫିସରେ ବସି କାର୍ଯ୍ୟ କରୁଥିବା ସମୟରେ ଜଣେ ଯୁବକଙ୍କ ସହିତ ଜଣେ ଆଇନଜ୍ଞ ଆସି ମୋତେ ସାକ୍ଷାତ କଲେ । ଦରଖାସ୍ତ ଖଣ୍ଡିକ ମୋ' ହାତକୁ ବଢ଼ାଇ ଦେଇ କହିଲେ, ''ମୋ'ର ଅଜା ପ୍ରାୟ ୩୫ ବର୍ଷ ତଳେ ସମବାୟ ବିଭାଗରୁ ଋଣ ନେଇଥିଲେ । ସେ ଋଣ ପରିଶୋଧ କରି ନ ପାରି ମୃତ୍ୟୁବରଣ କଲେ । ତାଙ୍କ ପରେ ମୋ' ବାପାଙ୍କ ନାମରେ ସେହି ଋଣ ଗଡ଼ୁଛି । ଏ ଭିତରେ ମୋ' ବାପାଙ୍କ ମଧ୍ୟ ମୃତ୍ୟୁ ହୋଇଗଲାଣି । ବର୍ତ୍ତମାନ ସେହି ଋଣ ମୋ' ନାମରେ ଉଠିଛି । ଅଜା ମୋ'ର ତାଙ୍କ ବ୍ୟବସାୟ ପାଇଁ ଋଣ ନେଇଥିଲେ ଷାଠିଏ ହଜାର ଟଙ୍କା । ତାହା ବଢ଼ି ମୂଳ, ସୁଧ ମିଶି ପାଞ୍ଚ ଲକ୍ଷରୁ ଊର୍ଦ୍ଧ୍ୱ ହୋଇସାରିଲାଣି । ମୁଁ ଏତେ ଟଙ୍କା ଦେଇ ପାରିବି ନାହିଁ । ମୋ' ଅଜା, ବାପା ନେଇଥିବା ଋଣ ଶୁଝିଦେବା ପାଇଁ ମୁଁ ପ୍ରସ୍ତୁତ । ମାତ୍ର, ଏତେଟଙ୍କା ମୋ' ପକ୍ଷେ ଦେବା ସମ୍ଭବ ନୁହେଁ'' ।

ମୁଁ କହିଲି, ''ଦୀର୍ଘ ଦିନ ହେବ ଟଙ୍କା ନ ଦେଲ କାହିଁକି''? ସେମାନଙ୍କ ମୁହଁକୁ ଚାହିଁ ରହିଲି ଉତ୍ତର ଶୁଣିବା ଆଶା ନେଇ ।

ଓକିଲବାବୁ କହିଲେ, ''ଯେଉଁଥିପାଇଁ ତାଙ୍କ ଅଜା ଋଣ ନେଇଥିଲେ, ତାହା କ୍ଷତି ହେଲା । ତେଣୁ ଠିକ୍ ସମୟରେ ଋଣ ଶୁଝି ପାରିଲେ ନାହିଁ । ହଠାତ୍ ତାଙ୍କ କାଳ ହୋଇଗଲା । ଫଳରେ, ମୂଳ, ସୁଧ ଚକ୍ରବୃଦ୍ଧି ହାରରେ ବଢ଼ି ଚାଲିଲା । ପିତୃ ଋଣ

Source: Author, Digitized by PPRACHIN, SOA

ଶୁଝିବା ପାଇଁ ଆପତ୍ତିକାରୀ ପ୍ରସ୍ତୁତ । ମାତ୍ର, ଏତେ ଟଙ୍କା ତାଙ୍କ ପକ୍ଷରେ ଶୁଝିବା ସମ୍ଭବ ନୁହେଁ । ତେଣୁ ଆପଣ ବିଚାର କରି ସୁଧ କମାଇଦେଲେ ସେ ଋଣ ପରିଶୋଧ କରି ଋଣମୁକ୍ତ ହୋଇଯିବେ'' ।

ମୁଁ ସେମାନଙ୍କ କଥା ଶୁଣି କହିଲି, ''ଠିକ୍ ଅଛି, ଆପଣଙ୍କ ଆପତ୍ତି ଗ୍ରହଣ କଲି । ସବୁ ଦିଗରୁ ବିଚାର କରି ଆପଣଙ୍କୁ ଜଣାଇ ଦିଆଯିବ'' ।

ସେମାନେ ମୋ'ଠୁ ବିଦାୟ ନେଇଗଲେ । ମୁଁ ସାଙ୍ଗେ ସାଙ୍ଗେ କୋ ଅପରେଟିଭ ରେଜିଷ୍ଟ୍ରାରଙ୍କୁ ଫୋନକଲି, ଶୀଘ୍ର ଆସିବା ପାଇଁ । ତୁରନ୍ତ ସେ ଚାଲି ଆସିଲେ । ତାଙ୍କୁ ଦରଖାସ୍ତ ଦେଲି ପଢ଼ିବା ପାଇଁ । ପଢ଼ି ସେ କହିଲେ; ''ଏଇଟା ଅତି ପୁରୁଣା କେସ୍ । ଗତ ବର୍ଷ ମୋତେ ମଧ୍ୟ ସାକ୍ଷାତ କରି ସେମାନେ କେସ୍‌ର ସମାଧାନ ପାଇଁ ଅନୁରୋଧ କରିଥିଲେ । ଆଗରୁ ମଧ୍ୟ ଏହି ଦରଖାସ୍ତକାରୀଙ୍କ ବାପାଙ୍କ ଦରଖାସ୍ତ ମଧ୍ୟ ଆମ ଅଫିସ୍‌ରେ ଅଛି । ମୁଁ ଏ କେସ୍‌କୁ ଠିକ ଭାବରେ ଜାଣିଛି । ଆଗରୁ କେହି ଏହି କେସ୍‌କୁ ସମାଧାନ କରିବା ପାଇଁ ଉଦ୍ୟମ କରି ନାହାନ୍ତି । ତେଣୁ ଦୀର୍ଘ ଦିନରୁ ଏହା ଗଡି ଆସୁଛି'' ।

ମୁଁ ରେଜିଷ୍ଟ୍ରାର୍‌ଙ୍କ ମୁହଁକୁ ଚାହିଁ କହିଲି, ''ଡିପାର୍ଟମେଣ୍ଟରେ ଏମିତି କେସ୍‌ମାନ ପଡି ରହିଛି । ତାର ସମାଧାନ ନ ହେଲେ ଡିପାର୍ଟମେଣ୍ଟର କ୍ଷତି ହେଉଅଛି । ସମାଧାନ ହୋଇ ନ ପାରି ବର୍ଷ ବର୍ଷ ଚକ୍ରବୃଦ୍ଧି ହାରରେ ଟଙ୍କା ବଢ଼ି ଚାଲିଛି । ମାତ୍ର, କିଛି ଲାଭ ହେଉ ନାହିଁ'' ।

''ତେବେ କ'ଣ ତାର ସମାଧାନ ବାଟ କିଛି ନାହିଁ? ସମସ୍ତେ ଏମିତି ଦରଖାସ୍ତ ଗ୍ରହଣ କରୁଥିବେ; ଅଥଚ, ଫଏସଲା ନ କରି ଛାଡି ଚାଲିଯାଉଥିବେ ? ଏମିତି କେତେ ବର୍ଷ ଚାଲିବ ? ସେମାନେ ଋଣ ଶୁଝିବା ପାଇଁ ପ୍ରସ୍ତୁତ, ମାତ୍ର ଆମକୁ ଗ୍ରହଣ କରିବା ପାଇଁ ବାଟ ଦିଶୁ ନାହିଁ'' ।

ରେଜିଷ୍ଟ୍ରାର କହିଲେ, ''ସାର୍ ! ମିନିଷ୍ଟର୍ ଚାହିଁଲେ ଏହି ପୁରୁଣା କେସ୍ ସମାଧାନ ହୋଇପାରିବ'' ।

ମୁଁ ଫେର୍ କହିଲି, ''ଆଗରୁ ମଧ୍ୟ ମିନିଷ୍ଟର ଥିଲେ ସେମାନେ ମଧ୍ୟ ସମାଧାନ କରିପାରିଥାନ୍ତେ ? ଅଥଚ ସେମାନେ ସମାଧାନ କଲେ ନାହିଁ କିହିଁକି'' ?

ରେଜିଷ୍ଟ୍ରାର କିଛି କହିବା ପାଇଁ ଚାହୁଁଥିଲେ, ମାତ୍ର କିଛି କହିଲେ ନାହିଁ । କଥାଟାକୁ ରୋକିନେଲେ ।

ମୁଁ କହିଲି, ''କ'ଣ କହିବାକୁ ଚାହୁଁଛନ୍ତି, କହୁ ନାହନ୍ତି କାହିଁକି ? କହନ୍ତୁ'' । ତାଙ୍କ ମନରେ ବିଶ୍ୱାସ ସ୍ଥାପନ କଲି ।

''ସାର୍ ! ବହୁ ଆଗରୁ ଏହି କେସ୍‌କୁ ସମାଧାନ କରାଯାଇ ପାରିଥାନ୍ତା ।

Source: Author, Digitized by PPRACHIN, SOA

ସେତେବେଳେ ହେଲା ନାହିଁ । ବର୍ତ୍ତମାନ ମିନିଷ୍ଟର ତାଙ୍କ ଜୁଡିସିଆଲ୍ ପାୱାର୍ ବଳରେ କେସ୍‌ର ସମାଧାନ କରିଦେଇ ପାରିବେ'' ।

ମୁଁ ଆଶ୍ଚର୍ଯ୍ୟରେ ତାଙ୍କ ମୁହଁକୁ ଚାହିଁଲି ?

ସେ କହିଲେ, ''କୋ-ଅପରେଟିଭ ମିନିଷ୍ଟରଙ୍କୁ ଜୁଡିସିଆଲ୍ ପାୱାର୍ ପ୍ରଦାନ କରାଯାଇଛି । ମାନ୍ୟବର ମନ୍ତ୍ରୀ ଜୁଡିସିଆଲ୍ ପାୱାର୍ ବଳରେ ଯେଉଁ ଜଜ୍‌ମେଣ୍ଟ ଦେବେ ତାହା କୋର୍ଟରେ ମଧ୍ୟ ଚ୍ୟାଲେଞ୍ଜ ହୋଇପାରିବ ନାହିଁ'' ।

ଆମ ଡିପାର୍ଟମେଣ୍ଟର ଲ' ଅଫିସରଙ୍କୁ ଡକାଗଲା । ଆଇନର ଠିକ ତର୍ଜମା କରାଗଲା । ସେକ୍ରେଟାରୀଙ୍କୁ ଡକାଗଲା ତାଙ୍କ ମତାମତ ନିଆଗଲା ।

ଚକ୍ରବୃଦ୍ଧି ହାରରେ ସୁଧ ଆଦାୟକୁ ମୁଁ ନାପସନ୍ଦ କଲି । ଏହା ଏକ ମଧ୍ୟଯୁଗୀୟ ଆଇନ । ତା' ଉପରେ ମଧ୍ୟ ଆଲୋଚନା କରାଗଲା । ମିଳିତ ଆଲୋଚନା ପରେ ଆମେ ଏକ ସିଦ୍ଧାନ୍ତରେ ଉପନୀତ ହେଲୁ ।

ଋଣ ନେଇଥିବା ବ୍ୟକ୍ତି ଜଣକ ବ୍ରହ୍ମପୁରର । ତେଣୁ ବ୍ରହ୍ମପୁରରେ ସର୍କିଟ ହାଉସ୍‌ରେ ଅସ୍ଥାୟୀ ଭାବରେ କୋର୍ଟ କାର୍ଯ୍ୟ କରାଯିବ ।

ଉଭୟ ପକ୍ଷଙ୍କୁ ଏବଂ ଓକିଲଙ୍କୁ ନୋଟିସ୍ ଦିଆଗଲା ।

ନିର୍ଦ୍ଦିଷ୍ଟ ଦିନ ଏବଂ ସମୟରେ ଉପସ୍ଥିତ ରହି ନିଜ ନିଜ ବୟାନ ପ୍ରଦାନ ପାଇଁ ଜଣାଇ ଦିଆଗଲା ।

ଯଥାସମୟରେ କୋର୍ଟ କାର୍ଯ୍ୟ ଆରମ୍ଭ ହେଲା । ଉଭୟ ପକ୍ଷଙ୍କୁ କୋର୍ଟରେ ହାଜର ହେବା ପାଇଁ ଡାକ ପଡିଲା ।

ଏକ ଗମ୍ଭୀର ପରିବେଶ ମଧ୍ୟରେ ନବନିର୍ମିତ କୋର୍ଟ ମଂଚରେ ମୁଁ ଏକ ଉଚ୍ଚ ଗଦି ଚେୟାରରେ ଗମ୍ଭୀର ହୋଇ ବସିଥାଏ ।

ଅର୍ଡର୍ ଅର୍ଡର୍ କହି କୋର୍ଟ କାର୍ଯ୍ୟ ଆରମ୍ଭ ପାଇଁ ନିର୍ଦ୍ଦେଶ ଦେଲି । ଗୀତା ପୁସ୍ତକ ସ୍ପର୍ଶ କରି ଶପଥ ନିଆଗଲା ।

ମୁଁ ବିଚାରକ ଆସନରେ ବସି ଉଭୟ ପକ୍ଷଙ୍କ ବୟାନ ଶୁଣିଲି ।

କୋର୍ଟ କର୍ମଚାରୀ ଉଭୟପକ୍ଷଙ୍କ ବୟାନ ରେକର୍ଡ କଲେ । ସରକାରୀ ଓକିଲ ମଧ୍ୟ ତାଙ୍କ ଯୁକ୍ତି ଉପସ୍ଥାପନ କରି କହିଲେ, ସମସ୍ତ ଟଙ୍କା ଋଣ ନେଇଥିବା ପ୍ରତିପକ୍ଷଙ୍କଠୁ ଆଦାୟ ହେବା ଆବଶ୍ୟକ । ନ ହେଲେ ସମବାୟ ବିଭାଗର ଆର୍ଥିକ କ୍ଷତି ଘଟିବ ।

କୋର୍ଟ ଗଡାରେ ଛିଡା ହୋଇ ପକ୍ଷଭୁକ୍ତ ବ୍ୟକ୍ତି ମୋ' ଆଡକୁ ଅନାଇ ରହିଥାନ୍ତି । ତାଙ୍କ ତରଫରୁ ତାଙ୍କ ଓକିଲ ଯୁକ୍ତି କଲେ, ''ମୂଳ, ସୁଧ ଚକ୍ରବୃଦ୍ଧି ହାରରେ ବୃଦ୍ଧି ପାଇବା ଫଳରେ ମୋ'ର କ୍ଲାଏଣ୍ଟ ଏତେ ଟଙ୍କା ଦେବା ପାଇଁ କ୍ଷମନୁହନ୍ତି । ତାଙ୍କ ଅଜା

Source: Author, Digitized by PPRACHIN, SOA

ନେଇଥିବା ଟଙ୍କା ସେ ସୁଝିବା ପାଇଁ ପ୍ରସ୍ତୁତ । ତାଙ୍କର ବିଶ୍ୱାସ ଅଜା, ବାପାଙ୍କ ଅମଳର ଋଣ ବା ପିତୃ ଋଣ ଶୁଝିବା ପୁଅର ଧର୍ମ । ସେହି ବିଶ୍ୱାସରେ ସେ ଋଣ ମୁକ୍ତ ହେବାକୁ ଚାହାଁନ୍ତି । ତାଙ୍କୁ ଋଣମୁକ୍ତ କଲେ, ତାଙ୍କ ଅଜା, ବାପାଙ୍କ ଆତ୍ମା ଶାନ୍ତି ପାଇ ପାରିବ'' ।

''ତେଣୁ ମାନ୍ୟବର ବିଚାରକ ମହାଶୟଙ୍କୁ ପ୍ରାର୍ଥନା କରୁଛି, ସମବାୟ ବିଭାଗର ଚକ୍ରବୃଦ୍ଧି ହାରରେ ଋଣ ଶୁଝିବା ମୋ' କ୍ଲାଏଣ୍ଟ ପକ୍ଷରେ ସମ୍ଭବ ନୁହେଁ'' ।

ସମସ୍ତଙ୍କ ବୟାନ ଶୁଣିଲା ପରେ ମୁଁ ମୋ'ର ନିର୍ଦ୍ଦେଶକୁ ଲିପିବଦ୍ଧ କରି ଶୁଣାଇ ଦେଲି ।

ଉଭୟ ପକ୍ଷଙ୍କ ବୟାନ ଶୁଣିବା ପରେ ସମବାୟ ବିଭାଗର ଆର୍ଥିକ କ୍ଷତିକୁ ମଧ୍ୟ ବିଚାରକୁ ନେଲି । ଏହି ପୁରାତନ ଋଣ ଦୀର୍ଘଦିନ ଗଡିଯିବା ଫଳରେ ଚକ୍ରବୃଦ୍ଧି ହାରରେ ଏହାର ସୁଧ ଆଦାୟ ଯଥାର୍ଥ ହେଉ ନାହିଁ । ଋଣ, ସୁଧ ଚକ୍ରବୃଦ୍ଧି ହାରରେ ବୃଦ୍ଧି ପାଇ ସୁଧ ଉପରେ ସମୂଳ ସୁଧକୁ ବାଦ୍ ଦେଇ, ସୁଧକୁ ମୂଳ ସହିତ ସୀମିତ ରଖି ଏକ ସଙ୍ଗେ ମୂଳ, ସୁଧ ଆଦାୟ କରି ପକ୍ଷଭୁକ୍ତ ବ୍ୟକ୍ତି ସମସ୍ତ ଅର୍ଥ ଏକ ସଙ୍ଗେ ଆଜିଠାରୁ ମାସକ ମଧ୍ୟରେ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦେଲି । କୋର୍ଟ କାର୍ଯ୍ୟ ଏଇଠି ଶେଷ କରିଦିଆଗଲା ।

ମୁଁ ଉଠି ଅନ୍ୟ କୋଠରୀକୁ ଚାଲି ଯାଇଥିଲି ।

ଦୀର୍ଘ ଦିନରୁ ପଡି ରହିଥିବା କେସ୍‌ର ସମାଧାନ ହୋଇଯାଇଥିବା ଯୋଗୁଁ ଉଭୟ ପକ୍ଷଙ୍କ ମନରେ ଉତ୍ସାହ ଖେଳି ଯାଇଥିଲା । ସମବାୟ ବିଭାଗର ମଧ୍ୟ ଏକ ସଙ୍ଗେ ପଡି ରହିଥିବା ଡେଡ୍ ମନି ମୂଳ, ସୁଧ ସହ ଆଦାୟ ହୋଇଯିବ ।

ଋଣ ନେଇଥିବା ପରିବାର ମଧ୍ୟ ସମସ୍ତ ଋଣ ଟଙ୍କା ପରିଶୋଧ କରି ଋଣ ମୁକ୍ତ ହୋଇ ନିଃଶ୍ୱାସ ମାରିଥିଲେ ।

ସମବାୟ ବିଭାଗର ମନ୍ତ୍ରୀଙ୍କ ଜୁଡିସିଆଲ କ୍ଷମତା ଅତୀତରେ ଅନେକ ମନ୍ତ୍ରୀ ବ୍ୟବହାର କରି ନ ଥିଲେ । ତେଣୁ ଏଭଳି ଅନେକ ଜଟିଳ କେସ୍ ପଡିରହି ବିଭାଗର ଅଶେଷ ଆର୍ଥିକ କ୍ଷତି ଘଟିଛି । ବହୁ ଅର୍ଥ ଅନାଦେୟ ହୋଇ ପଡିରହିଛି, ଯାହା ଆଦାୟ ହେବାର ଆଉ ସମ୍ଭବନା ନାହିଁ । ଅନେକ ଋଣ ଗ୍ରହିତା ମୃତ୍ୟୁବରଣ କରି ଗଲେଣି ।

ଏହା ପରେ କୋଅପରେଟିଭ ବିଭାଗର ଟ୍ରିବ୍ୟୁନାଲ ପ୍ରତିଷ୍ଠା ହେଲା ।

ଏହିଭଳି ଜଟିଳ ଓ ପୁରାତନ କେସ୍ ସବୁ ଟ୍ରିବ୍ୟୁନାଲ୍ ପରିସର ଭୁକ୍ତ ହେଲା ।

ମିଷ୍ଟର ପୁରୁକାଏତ ଆଇ.ଏ.ଏସ୍. ପ୍ରଥମ ଟ୍ରିବ୍ୟୁନାଲ୍ ଚେୟାରମ୍ୟାନ୍ ହୋଇଥିଲେ ।

ମିଷ୍ଟର୍ ପୁରୁକାଏତ କଳାହାଣ୍ଡି ଜିଲ୍ଲାର ମଧ୍ୟ ଜିଲ୍ଲାପାଳ ଥିଲେ । ସେ ଜଣେ ସଚ୍ଚୋଟ, କାର୍ଯ୍ୟଦକ୍ଷ ଏବଂ ଧୀରସ୍ଥିର ମିଜାଜ୍‌ର ବ୍ୟକ୍ତି ।

Source: Author, Digitized by PPRACHIN, SOA

ଡକ୍ତର ହରେକୃଷ୍ଣ ମହତାବଙ୍କ ଦେହାନ୍ତ :

ମୁଁ ସେକ୍ରେଟାରୀଏଟ୍ ଅଫିସରେ ବସି ମୋ' କାର୍ଯ୍ୟରେ ବ୍ୟସ୍ତ ଥାଏ, ହଠାତ୍ ଫୋନ୍ ବାଜି ଉଠିଲା ।

ମାନ୍ୟବର ଚିଫ୍ ମିନିଷ୍ଟର ଫୋନ୍ କରିଥାନ୍ତି ! ''ରାସବିହାରୀ...! ଡକ୍ଟର ମହତାବ ଚାଲିଗଲେ । ତମେ ଶୀଘ୍ର ତଳକୁ ଓହ୍ଲାଇ ଆସ, ତାଙ୍କ ଘରକୁ ଯିବା...'' ।

ଉତ୍ତର ଦେଲି, ''ହଁ ସାର୍! ମୁଁ ସାଙ୍ଗେ ସାଙ୍ଗେ ଚାଲି ଆସୁଛି'' କହି ଫୋନ୍ ରଖିଦେଲି । ଷ୍ଟାଫ୍ ଉତ୍କଣ୍ଠାର ସହ କଥା କ'ଣ ଜାଣିବାପାଇଁ ମୋତେ ଚାହିଁ ରହିଥାନ୍ତି ।

ଦୁଃଖରେ ମୋ' ମୁହଁ ନିଷ୍ପ୍ରଭ ହୋଇଯାଇଥାଏ । ଦୁଃସମ୍ବାଦ ସମସ୍ତଙ୍କୁ ଜଣାଇ ତରତରରେ ତଳକୁ ଓହ୍ଲାଇ ଆସିଲି ।

ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ସହ ଡକ୍ଟର ମହତାବଙ୍କ 'ଏକାମ୍ର ନିବାସ' ବାସଭବନକୁ ଗଲୁ । ସେତେବେଳେ ତାଙ୍କ ବାସଭବନରେ ଲୋକଙ୍କ ଭିଡ ଜମିଯାଇଥାଏ । ତୁଣ୍ଡ-ବାଇଦ ସହସ୍ର କୋଶ, ଲୋକେ ଖବର ଶୁଣି ତାଙ୍କ ପ୍ରିୟନେତାଙ୍କ ଶେଷ ଦର୍ଶନ ପାଇଁ ରୁଣ୍ଡ ହୋଇଥାନ୍ତି । ଆମେ ଗାଡିରୁ ଓହ୍ଲାଇବା କ୍ଷଣି ଉଚ୍ଚ ପୁଲିସ ଅଫିସରମାନେ ଭିଡ ଭିତରୁ ବାଟ କଢ଼ାଇ ଆମକୁ ଆଗକୁ ନେଇଗଲେ ।

ଡକ୍ଟର ମହତାବଙ୍କ ମର ଶରୀରରେ ନୂଆ ଧଳା ଚାଦର ଘୋଡାଇ ଦିଆ ଯାଇଥାଏ । ପ୍ରଥମେ ମୁଖ୍ୟମନ୍ତ୍ରୀ ତାଙ୍କ ମର ଶରୀରରେ ପୁଷ୍ପଗୁଚ୍ଛ ପ୍ରଦାନ କରି ପ୍ରଣତି ଜଣାଇଲେ । ମୁଁ ମଧ୍ୟ ପୁଷ୍ପଗୁଚ୍ଛ ପ୍ରଦାନ କରି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କଲି । ବିଶିଷ୍ଟ ବ୍ୟକ୍ତିମାନେ ଜଣ ଜଣ କରି ଆସି ତାଙ୍କ ମର ଶରୀରରେ ଫୁଲ ପ୍ରଦାନ ପୂର୍ବକ ଶେଷ ଦର୍ଶନ କରି କୋହଭରା ହୃଦୟରେ ବିଦାୟ ନେଉଥାନ୍ତି । ଅନ୍ୟମାନେ ଆସି ଦର୍ଶନ କରିବା ପାଇଁ ସୁଯୋଗ ନେଉଥାନ୍ତି ।

ପୁଲିସ ଆଗରୁ କର୍ଡନ କରି ଭିଡକୁ ନିୟନ୍ତ୍ରଣ କରୁଥାନ୍ତି ।

ଡକ୍ଟର ମହତାବଙ୍କ ପୋଷ୍ୟପୁତ୍ର ଉତ୍ତୁହରି ମହତାବ ଦୁଃଖ ଶୋକରେ ଭାଙ୍ଗି ପଡିଥାନ୍ତି । ମୁହଁରେ ବିଷାଦର ଛାୟା ଭରି ରହିଥାଏ ।

ମୁଖ୍ୟମନ୍ତ୍ରୀ ତାଙ୍କ ପାଖକୁ ଯାଇ ତାଙ୍କୁ ସାନ୍ତ୍ୱନା ଦେଲେ । ମୁଁ ମଧ୍ୟ ତାଙ୍କୁ ଏହିଭଳି ଦାରୁଣ ମୁହୂର୍ତ୍ତରେ ଧୈର୍ଯ୍ୟ ଧରିବା ପାଇଁ କହିଲି ।

ଆମର ଆଶ୍ୱାସନାରେ ତାଙ୍କର ଅଧିକ କୋହ ଜାତ୍ ହେଲା । ସେ ଭୋ ଭୋ କାନ୍ଦି ଉଠିଲେ । ମୁଖ୍ୟମନ୍ତ୍ରୀ ତାଙ୍କ ପିଠିରେ ହାତ ମାରି କହିଲେ, ''ଉତ୍ତୁହରି! ଧୈର୍ଯ୍ୟ ଧର । ତୁମେ ଏପରି ଭାଙ୍ଗିପଡିଲେ କିପରି ହେବ? ଏ ଦୁଃଖ ଭିତରେ ମଧ୍ୟ ତୁମକୁ ଅନେକ କାର୍ଯ୍ୟ କରିବାର ଅଛି'' ।

Source: Author, Digitized by PPRACHIN, SOA

ଭର୍ତ୍ତୃହରି ଟିକିଏ ପରେ ଶାନ୍ତ ହେଲେ । ଗାମୁଛାରେ ମୁହଁକୁ ପୋଛି ନେଲେ ।

ସେତେବେଳେ ସେ ଖବର ପାଇଲେ, ଡକ୍ଟର ମହତାବଙ୍କ ପ୍ରିୟ ଅନୁଷ୍ଠାନ 'ପ୍ରଜାତନ୍ତ୍ର ପ୍ରଚାର ସମିତି' ଅନ୍ୟ ଜଣଙ୍କ କର୍ତ୍ତୃତ୍ୱକୁ ଚାଲିଯିବା ପାଇଁ ଯୋଜନା ପ୍ରସ୍ତୁତ ହୋଇ ଚାଲିଛି । ସେହି ଖବର ପାଇ ସେ ଆହୁରି ବିଚଳିତ ହୋଇପଡିଥାନ୍ତି ।

'ପ୍ରଜାତନ୍ତ୍ର' ସହିତ ଜାନକୀବାବୁ ଦୀର୍ଘଦିନରୁ ସଂପୃକ୍ତ ଥିଲେ । ମୁଁ ମଧ୍ୟ 'ପ୍ରଜାତନ୍ତ୍ର' ସହିତ ସଂପୃକ୍ତ ଥିଲି । ତେଣୁ ତାହା ମହତାବଙ୍କ ପରିବାରଠୁ ଅନ୍ୟତ୍ର ଚାଲିଗଲେ ତାଙ୍କ ଆତ୍ମା କଦାପି ଶାନ୍ତି ପାଇପାରିବ ନାହିଁ ।

ଆମ ଭିତରେ ମଧ୍ୟ ଚିନ୍ତା ଉଦ୍ରେକ ହୋଇଥାଏ । ଜାନକୀବାବୁ ଏଥିପାଇଁ ଉପାୟ ଚିନ୍ତା କରୁଥାନ୍ତି ।

ମୁଁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କଲି, ''ଆପଣ ଭର୍ତ୍ତୃହରିଙ୍କୁ ଆଶ୍ୱାସନା ଦିଅନ୍ତୁ, 'ପ୍ରଜାତନ୍ତ୍ର' ତାଙ୍କ ହାତରେ ହିଁ ରହିବ । ସେଥିପାଇଁ ସେ ବ୍ୟସ୍ତ ହୁଅନ୍ତୁନାହିଁ''। ଜାନକୀ ବାବୁ ମଧ୍ୟ ତାହା ଚାହୁଁଛନ୍ତି । ସେ ମୋତେ ଦେଖିନେଇ ଭର୍ତ୍ତୃହରିଙ୍କୁ ଆଶ୍ୱାସନା ଦେଇ କହିଲେ, ''ତୁମେ ଆଦୌ ବ୍ୟସ୍ତ ହୁଅନାହିଁ । 'ପ୍ରଜାତନ୍ତ୍ର' ତୁମ ହାତରେହିଁ ରହିବ'' ।

ଏହିଭଳି ଦୁର୍ଦ୍ଦିନ ସମୟରେ ମୁଖ୍ୟମନ୍ତ୍ରୀଙ୍କଠୁ ନିର୍ଭର ପ୍ରତିଶ୍ରୁତି ସହ ଆଶ୍ୱସ୍ତବାଣୀ ଘନ ଅନ୍ଧକାର ମଧ୍ୟରେ ବିଜୁଳିର ଚମକ ଭଳି ତାଙ୍କ ମଳିନ ମୁହଁରେ ଆଶାର ଆଲୋକ ସଂଚାରିତ କଲାଭଳି ମନେ ହେଲା ।

ଆମେ ତାଙ୍କ ସହିତ କିଛି ସମୟ କଥା ହୋଇ ଆଗନ୍ତୁକମାନଙ୍କୁ ପାଖକୁ ଯିବା ପାଇଁ ପରାମର୍ଶ ଦେଇ ପ୍ରିୟନେତାଙ୍କ ଅନ୍ତିମ ଯାତ୍ରା ପ୍ରସ୍ତୁତ କରିବାକୁ ଉଦ୍ୟୋକ୍ତାମାନଙ୍କ ସହିତ କଥାବାର୍ତ୍ତା କରି ଫେରି ଆସିଲୁ ।

ଭାରତ ଶ୍ରୀଲଙ୍କା ଟେଷ୍ଟ ମ୍ୟାଚ ଦିନକ ପାଇଁ ସ୍ଥଗିତ ହେଲା :

ସେତେବେଳେ ମୁଁ 'ଓଡିଶା କ୍ରିକେଟ ଏସୋସିଏସନ'ର ସଭାପତି ଦାୟିତ୍ୱରେ ଥାଏ । ସେଦିନ ବାରବାଟୀ ଷ୍ଟାଡିୟମରେ ଭାରତ ସହ ଶ୍ରୀଲଙ୍କାର ୫ଦିନିଆ ଟେଷ୍ଟ ମ୍ୟାଚ୍ ଆରମ୍ଭ ହେବ । ମାନ୍ୟବର ମୁଖ୍ୟମନ୍ତ୍ରୀ ମୋତେ ପରାମର୍ଶ ଦେଲେ, ଡକ୍ଟର ମହତାବଙ୍କ ବିୟୋଗରେ ତାଙ୍କ ସମ୍ମାନ ନିମନ୍ତେ ଟେଷ୍ଟ ସ୍ଥଗିତ ରଖିବା ପାଇଁ । ସେଥି-ପାଇଁ ଶୀଘ୍ର ମୋତେ କଟକ ଯାଇ କ୍ରିକେଟ ଏସୋସିଏସନର ଅନ୍ୟ କର୍ମକର୍ତ୍ତାମାନଙ୍କ ସହ ପରାମର୍ଶ କରି 'ଅଲ୍ ଇଣ୍ଡିଆ କ୍ରିକେଟ୍-କଣ୍ଟ୍ରୋଲ୍-ବୋର୍ଡ' ସହ ଆଲୋଚନା କରିବାକୁ ପଡିବ । କଟକରେ ସମସ୍ତେ ମୋ'ର ଅପେକ୍ଷାରେ ରହିଥିଲେ । ତୁରନ୍ତ ଭାରତୀୟ 'କ୍ରିକେଟ-କଣ୍ଟ୍ରୋଲ-ବୋର୍ଡ' (ବିସିସିଆଇ)କୁ ସମସ୍ତ ବିଷୟ ଜଣାଇ

Source: Author, Digitized by PPRACHIN, SOA

ଦେଲୁ । ସମଗ୍ର ରାଜ୍ୟରେ ଶୋକ ଦିବସ ପାଳନ କରାଯାଉଛି । ଏକାଧାରରେ ବାରବାଟୀ ଷ୍ଟାଡିୟମ୍‌ର କର୍ଣ୍ଣଧାର, 'ଅଡିଶା ଓଲମ୍ପିକ୍ ଏସୋସିଏସନ୍'ର ସଭାପତି, ପୂର୍ବତନ ମୁଖ୍ୟମନ୍ତ୍ରୀ, ପୂର୍ବତନ ରାଜ୍ୟପାଳ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଏବଂ ଜଣେ ସୁସାହିତ୍ୟିକଙ୍କ ବିୟୋଗ ରାଜ୍ୟବାସୀଙ୍କ ପାଇଁ ଏକ ଦାରୁଣ ସମ୍ବାଦ ।

ତେଣୁ କ୍ରିକେଟ୍ ମ୍ୟାଚ୍‌କୁ ଆଜି ଦିନକ ପାଇଁ ସ୍ଥଗିତ ରଖିବାକୁ ବି.ସି.ସି.ଆଇ. ସଭାପତିଙ୍କୁ ମୁଁ ଅନୁରୋଧ ଜଣାଇଲି । ସେକ୍ରେଟାରୀ ବିଭୂତିଭୂଷଣ ଦାସ ମଧ୍ୟ ଫୋନ୍‌ରେ ଅନୁରୋଧ କଲେ, ମ୍ୟାଚ୍ ଦିନକ ପାଇଁ ସ୍ଥଗିତ ରଖିବାକୁ ।

ବି.ସି.ସି.ଆଇ. ସଭାପତି ମ୍ୟାଚ୍ ସ୍ଥଗିତ ହୋଇପାରିବ ନାହିଁ ବୋଲି ସ୍ପଷ୍ଟ ମନା କରିଦେଲେ । ଶେଷରେ 'ଓଡିଶା କ୍ରିକେଟ୍ ଏସୋସିଏସନ୍'ର ସଭାପତି ତଥା ରାଜ୍ୟର ଜଣେ କ୍ୟାବିନେଟ୍ ମନ୍ତ୍ରୀ ହିସାବରେ କହିଲି, ''ଆମ ରାଜ୍ୟର ମାନ୍ୟବର ମୁଖ୍ୟମନ୍ତ୍ରୀ ମଧ୍ୟ ଖେଳ ସ୍ଥଗିତ ରଖିବା ପାଇଁ ଆପଣଙ୍କୁ ଜଣାଇବାକୁ ମୋତେ କହିଛନ୍ତି । ଲୋକଙ୍କ ଭାବନାକୁ ସମ୍ମାନ ଜଣାଇ ଖେଳକୁ ଦିନକ ପାଇଁ ଘୁଞ୍ଚାଇ ଦିଆଯାଉ''

୧୯୮୭ ଫେବୃୟାରୀ ୩ତାରିଖ ଦିନ ଡକ୍ଟର ମହତାବଙ୍କ ବିୟୋଗ ଜନିତ କାରଣ ଯୋଗୁଁ ମ୍ୟାଚ୍‌କୁ ଦିନକ ପାଇଁ ଘୁଞ୍ଚାଇ ଦିଆଯାଇଥିଲା । କ୍ରିକେଟ୍ ଇତିହାସରେ ଏହା ପ୍ରଥମ ଘଟଣା । 'ଭାରତୀୟ କ୍ରିକେଟ୍-କଣ୍ଟ୍ରୋଲ୍-ବୋର୍ଡ' ସହଜରେ ଦିନ ଘୁଞ୍ଚାଇବା ସପକ୍ଷରେ ନ ଥାନ୍ତି ।

ଆମେ ବହୁ ଅନୁରୋଧ କରି କ୍ରିକେଟ-କଣ୍ଟ୍ରୋଲ-ବୋର୍ଡ କର୍ମକର୍ତ୍ତାଙ୍କୁ ବୁଝାଇବାରେ କ୍ଷମ ହୋଇଥିଲୁ ।

ଓ.ସି.ଏ. କର୍ମକର୍ତ୍ତାମାନେ ମଧ୍ୟ ସମସ୍ତ ଆନ୍ତରିକତା ସହ ମୋତେ ପୂର୍ଣ୍ଣ ସମର୍ଥନ ପ୍ରଦାନ କରିଥିଲେ । କ୍ରିକେଟ୍ ଏସୋସିଏସନ୍‌ର କୋଷାଧ୍ୟକ୍ଷ ପ୍ରଭାତ ମିଶ୍ର ପୂର୍ଣ୍ଣ ସହଯୋଗ ପ୍ରଦାନ କରିଥିଲେ । ସେ ରେଭେନ୍ସା କଲେଜର ପ୍ରିନ୍ସିପାଲ୍ ତଥା ଶିକ୍ଷା ବିଭାଗର ଡି.ପି.ଆଇ. କାର୍ଯ୍ୟ ମଧ୍ୟ ସୁଚାରୁ ରୂପେ ତୁଳାଇ ଥିଲେ । ବିଶିଷ୍ଟ ଅର୍ଥନୀତିଜ୍ଞ ସଦାଶିବ ମିଶ୍ରଙ୍କ ସେ ସୁପୁତ୍ର । ଜଣେ କ୍ରୀଡାପ୍ରେମୀ ତଥା କ୍ରୀଡା ସଂଗଠକ ମଧ୍ୟ ।

ଶ୍ରୀଲଙ୍କାର ରାଜନେତାଙ୍କ ଓଡିଆ ଭାଷା ଶିକ୍ଷା ଆଗ୍ରହ :

ତା' ଆରଦିନ ଖେଳ ଯଥାସମୟରେ ଆରମ୍ଭ ହେଲା । ଖେଳ ସୁନ୍ଦର ଭାବରେ ପରିଚାଳିତ ହୋଇଥିଲା । ଶ୍ରୀଲଙ୍କା ସରକାରଙ୍କ ଜଣେ ମନ୍ତ୍ରୀ ଶ୍ରୀ ରଣତୁଙ୍ଗ ତାଙ୍କ ସହଧର୍ମିଣୀଙ୍କ ସହ ଆସି ଆମ ରାଜ୍ୟ ସରକାରଙ୍କ ଅତିଥି ରୂପେ ଯୋଗ ଦେଇଥାନ୍ତି

ମୁଁ ରାଜ୍ୟର କ୍ୟାବିନେଟ୍‌ମନ୍ତ୍ରୀ ତଥା 'ଓଡିଶା କ୍ରିକେଟ୍ ଏସୋସିଏସନ୍'ର ସଭାପତି ।

Source: Author, Digitized by PPRACHIN, SOA

ତେଣୁ ତାଙ୍କ ପ୍ରତି ମୋ'ର ଗୁରୁ ଦାୟିତ୍ୱ ରହିଥାଏ । ସେ ମଧ୍ୟ ଜଣେ ଖେଳପ୍ରିୟ ବ୍ୟକ୍ତି ଏବଂ ମେଳାପୀ । ତେଣୁ ମୋ' ସହିତ ତାଙ୍କର କ୍ଷଣିକ ମଧ୍ୟରେ ବନ୍ଧୁତା ସ୍ଥାପନ ହେଲା । ଓଡିଶାକୁ ଭଲଭାବରେ ଜାଣିବା ପାଇଁ ତାଙ୍କର ଆଗ୍ରହ ବୃଦ୍ଧି ପାଇଲା । ସେ ଓଡିଆ ଭାଷା ଶିକ୍ଷା କରିବା ପାଇଁ ଆଗ୍ରହ ପ୍ରକାଶ କରିବାରୁ ତାଙ୍କୁ ଇଂରାଜୀ ଓଡିଆର ଏକ ଡିକ୍‌ସ୍‌ନାରୀ ତଥା ଓଡିଆ ସହଜ ଶିକ୍ଷା ପୁସ୍ତକ ଉପହାର ସ୍ୱରୂପ ପ୍ରଦାନ କରିଥିଲି ।

ପରବର୍ତ୍ତୀ କାଳରେ ସେ ଶ୍ରୀଲଙ୍କାରେ ଲାଗି ରହିଥିବା ସନ୍ତ୍ରାସବାଦର ଶିକାର ହୋଇ ତାଙ୍କର ଜୀବନ ହରାଇଲେ । ପରେ ମୁଁ ଟିଭିରୁ ଏହା ଶୁଣି ମର୍ମାହତ ହୋଇଥିଲି । ଜଣେ ବିଦେଶୀ ବନ୍ଧୁଙ୍କୁ ହରାଇଥିଲି ।

ମ୍ୟାଚ୍‌ରେ ଭାରତର କୃତିତ୍ୱ :

ମ୍ୟାଚ୍‌ରେ ଭାରତୀୟ ଦଳ ଟସ୍ ଜିଣି ପ୍ରଥମେ ବ୍ୟାଟିଙ୍ଗ କରିଥିଲେ । ସୁନିଲ୍ ଗାଭାସ୍କର ଓ ଶ୍ରୀକାନ୍ତ ଓପ୍‌ନିଙ୍ଗ୍ ଯୋଡି । ଖେଳ ଆରମ୍ଭ ହେଲା ପରେ ସେମାନେ ଗୋଟିଏ ପରେ ଗୋଟିଏ ବିଦାୟ ନେଇଗଲେ । ବାରବାଟୀ ଷ୍ଟାଡିୟମ୍‌ର ଦର୍ଶକ ଗ୍ୟାଲେରୀରେ ବିଷାଦର ଛାୟା ଖେଳି ଯାଇଥାଏ । କିଛିକ୍ଷଣ ସମସ୍ତେ ନୀରବରେ ବସି ରହିଲେ । ମାତ୍ର, ପରେପରେ ଖେଳର ଗତି ବଦଳିବାକୁ ଲାଗିଲା । ସେଦିନ ଭ୍ୟାଙ୍ଗ ସରକାର ତାଙ୍କ କ୍ୟାରିୟରର ଶ୍ରେଷ୍ଠ ୧୬୬ ରନ୍ ସଂଗ୍ରହ କରିଥିଲେ । ଷ୍ଟାଡିୟମ୍‌ରେ ଘନ ଘନ କରତାଳିରେ ଦର୍ଶକ ତାଙ୍କୁ ସ୍ୱାଗତ କରିଥିଲେ । ଏହି ଟ୍ୟାଷ୍ଟ-ମ୍ୟାଚ୍‌ରେ ଭାରତୀୟ ଦଳର କ୍ୟାପ୍‌ଟେନ୍ କପିଳଦେବ ଥା'ନ୍ତି ।

ଦ୍ୱିତୀୟ ଦିବସରେ ଭାରତୀୟ ଦଳ ସମସ୍ତ ୱିକେଟ୍ ହରାଇ ୪୦୦ ରନ୍ ସଂଗ୍ରହ କରିନେଇଥିଲେ । ଶ୍ରୀଲଙ୍କା ଦଳ ମାତ୍ର ୧୯୨ ରନ୍‌ରେ ଅଲ୍ ଆଉଟ୍ ହୋଇଥିଲା ।

ଶ୍ରୀଲଙ୍କା ଦ୍ୱିତୀୟ ଓଭର୍ ଖେଳି ୬୭ ରନ୍‌ରେ ଇନିଂସ୍ ପରାଜୟ ବରଣ କରିଥିଲା । ଭାରତ ଖେଳାଳି ରବି ଶାସ୍ତ୍ରୀ ୪ଟି ଉଇକେଟ୍ ନେଇଥିଲେ । କପିଳଦେବ ଶ୍ରୀଲଙ୍କାର ଖେଳାଳି ରମେଶରତ୍ନଙ୍କୁ ବୋଲ୍ଡ କରି ସେ ଟେଷ୍ଟ କ୍ରିକେଟ୍‌ରେ ପ୍ରଥମ ଭାରତୀୟ ବୋଲର୍ ଭାବେ ୩୦୦ ୱିକେଟ୍ କ୍ଲବ୍‌ରେ ସାମିଲ ହୋଇଥିଲେ ।

ଏହି ଖବର ମାଇକ୍‌ରେ ଘୋଷଣା ହେବାକ୍ଷଣି ମୁଁ ଏବଂ ମୋ'ର ସାଥୀ ତଥା ଷ୍ଟାଡିୟମ୍‌ର ୩୦ହଜାର ଦର୍ଶକ ଛିଡାହୋଇ ତାଳିମାରି କପିଳ୍‌ଙ୍କୁ ଅଭିନନ୍ଦନ ଜଣାଇଥିଲୁ ।

ଏହି ମ୍ୟାଚ୍‌ରେ କପିଳଦେବ ୫ ୱିକେଟ ନେଇ ୬୦ ରନ୍ କରି 'ମ୍ୟାନ୍ ଅଫ୍ ଦି' ମ୍ୟାଚ୍' ପୁରସ୍କାର ପାଇଥିଲେ । ଭେଙ୍ଗସରକାର ସିରିଜ୍‌ରେ ଭଲ ଖେଳ ପ୍ରଦର୍ଶନ କରିଥିବା ଯୋଗୁଁ 'ମ୍ୟାନ୍ ଅଫ୍ ଦି ସିରିଜ୍' ପୁରସ୍କାର ପାଇଥିଲେ । ତେଣୁ ବାରବାଟୀ

Source: Author, Digitized by PPRACHIN, SOA

ଷ୍ଟାଡିୟମ୍ ସେମାନଙ୍କ ପାଇଁ ଏକ ଅଭୁଲା ସ୍ମୃତି ହୋଇ ରହିଯାଇଛି ।

ଖେଳ ସରିବା ପରେ ମୁଁ କ୍ରିକେଟ୍ ଏସୋସିଏସନ୍‌ର ସଭାପତି ହିସାବରେ ଏବଂ ବିଭୂତିବାବୁ ସେକ୍ରେଟାରୀ ହିସାବରେ ସେମାନଙ୍କୁ ବ୍ୟକ୍ତିଗତ ଭାବରେ ଭେଟି ଅଭିନନ୍ଦନ ଜଣାଇଥିଲୁ ।

କପିଳଦେବ ମୋତେ କୁଣ୍ଢାଇ 'ଲକି ପ୍ରେସିଡେଣ୍ଟ', 'ଲକି ସେକ୍ରେଟାରୀ' କହି ହାତ ମିଳାଇଥିଲେ ।

ମୋ' ସମୟର ଅନ୍ୟାନ୍ୟ କ୍ରିକେଟ୍ ମ୍ୟାଚ୍ :

ମୋ'ର ସଭାପତିତ୍ୱ ସମୟରେ ଚାରୋଟି ଆନ୍ତର୍ଜାତିକ କ୍ରିକେଟ୍ ମ୍ୟାଚ୍ ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଥିଲା ।

୧୯୮୭ରେ ଅଷ୍ଟ୍ରେଲିଆ, ଜିମ୍ବାୱେ ମଧ୍ୟରେ ଖେଳ ହୋଇଥିଲା । ଅଷ୍ଟ୍ରେଲିଆ ଏହି ମ୍ୟାଚ୍‌ରେ ବିଜୟୀ ହୋଇଥିଲା ।

୧୯୮୮ ମସିହାରେ ଭାରତ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ଏକ ଦିବସୀୟ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ଏଥିରେ ଭାରତ ୫ ଓ୍ୱିକେଟରେ ବିଜୟୀ ହୋଇଥିଲା । ୧୯୮୯ ମସିହାରେ ଡିସେମ୍ବର ୧୨ତାରିଖ ଦିନ ଇଂଲଣ୍ଡ, ପାକିସ୍ତାନ ଦଳ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ଏହି ମ୍ୟାଚ୍‌ରେ ଇଂଲଣ୍ଡ ୪ ଓ୍ୱିକେଟରେ ବିଜୟୀ ହୋଇଥିଲା ।

ଭାରତ, ଶ୍ରୀଲଙ୍କା ମଧ୍ୟରେ ୧୯୯୦ ମସିହାରେ ଡିସେମ୍ବର ୨୮ ତାରିଖ ଦିନ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ଏହି ଦିନିକିଆ ମ୍ୟାଚ୍‌ରେ ଶ୍ରୀଲଙ୍କା ବିଜୟୀ ହୋଇଥିଲା ।

ବାରବାଟୀ ଷ୍ଟାଡିୟମ୍‌ର ଲନ୍ ସମଗ୍ର ବିଶ୍ୱରେ ଏକ ଉତ୍କୃଷ୍ଟ ଲନ୍ ରୂପେ ପରିଗଣିତ ହୋଇଥିଲା । ପଡିଆକୁ ପ୍ରସ୍ତୁତ କରିବାରେ କୃଷ୍ଣ ମାଳିର ଅବଦାନକୁ ମୁଁ ସ୍ମରଣ କରୁଛି । ପଡିଆର ସବୁଜିମାକୁ ବଞ୍ଚାଇ ରଖିବାକୁ ତାଙ୍କରି ଉଦ୍ୟମ ବାସ୍ତବିକ୍ ପ୍ରଶଂସନୀୟ ।

ବାରବାଟୀ ଓ ଓଡିଶାର ଅନ୍ୟାନ୍ୟ ଷ୍ଟାଡିୟମ୍ ନିର୍ମାଣ :

ଡକ୍ଟର ହରେକୃଷ୍ଣ ମହତାବ ଓଡିଶାର ମୁଖ୍ୟମନ୍ତ୍ରୀ ଥିବା ସମୟରେ ୧୯୫୨ ମସିହାରେ ବାରବାଟୀ ଷ୍ଟାଡିୟମ୍‌ର ପରିକଳ୍ପନା କରିଥିଲେ । ସେତେବେଳେ ଓଡିଶାର ରାଜ୍ୟପାଳ ଥିଲେ ଏମ୍.ଅସଫ୍ ଅଲ୍ଲୀ । ସେ ମଧ୍ୟ ଷ୍ଟାଡିୟମ୍ ନିର୍ମାଣର ଆବଶ୍ୟକତାକୁ ଗୁରୁତ୍ୱ ପ୍ରଦାନ କରିଥିଲେ । କଟକର ଖାସମାଲ ଜମିର ୨୦ ଏକର, ଷ୍ଟାଡିୟମ୍ ନିର୍ମାଣ ପାଇଁ ପ୍ରଦାନ କରାଯାଇଥିଲା । ରାଜ୍ୟସରକାର ପ୍ରାରମ୍ଭିକ କାର୍ଯ୍ୟ ପାଇଁ ଏକଲକ୍ଷ ଟଙ୍କା ପ୍ରଦାନ କଲେ । ମାତ୍ର, ଷ୍ଟାଡିୟମ୍ ନିର୍ମାଣ ପାଇଁ ବହୁ ଅର୍ଥର ଆବଶ୍ୟକତା ରହିଛି । ଡକ୍ଟର ମହତାବଙ୍କ ପରାମର୍ଶରେ, ଭୈରବଚନ୍ଦ୍ର ମହାନ୍ତି ମନ୍ତ୍ରିମଣ୍ଡଳରୁ ଇସ୍ତଫା ଦେଇ

Source: Author, Digitized by PPRACHIN, SOA

ଓଡିଶା ଅଲମ୍ପିକ୍‌ର ସଂପାଦକ ଦାୟିତ୍ୱ ଗ୍ରହଣ କଲେ । ବହୁ ବିଚାର ବିମର୍ଷ ପରେ ବାରବାଟୀ ଲଟେରୀ ଉଠାଯାଇ ସେହି ଲାଭାଂଶରୁ ଷ୍ଟାଡିୟମ୍ ନିର୍ମାଣ କରାଯିବା ସଙ୍ଗେ ସଙ୍ଗେ ରାଜ୍ୟରେ କ୍ରୀଡାର ବିକାଶକୁ ତ୍ୱରାନ୍ୱିତ କରାଯିବା ଉଦ୍ଦେଶ୍ୟରେ ବିଭିନ୍ନ ଜିଲ୍ଲାରେ ପର୍ଯ୍ୟାୟକ୍ରମେ ଷ୍ଟାଡିୟମ୍ ନିର୍ମାଣ ପାଇଁ ଆର୍ଥିକ ସାହାଯ୍ୟ ପ୍ରଦାନ କରାଯିବାର ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ତତ୍‌କାଳୀନ ଓଡିଶା ପୁଲିସ୍‌ର ମୁଖ୍ୟ ସି.ଏମ୍.ରାଇଟ ମଧ୍ୟ ପୂର୍ଣ୍ଣ ସହଯୋଗ ପ୍ରଦାନ କଲେ । ଲଟେରୀ ଉଠାଣରୁ ଆଶାଜନକ ଲାଭ ମିଳିଲା । ସେହି ଅର୍ଥରେ ଷ୍ଟାଡିୟମ୍ ନିର୍ମାଣ କାମ ମଧ୍ୟ ଦ୍ରୁତ ଗତିରେ ଆଗେଇ ଚାଲିଲା ।

ଓଡିଶାରେ କ୍ରୀଡା କ୍ଷେତ୍ରରେ ଉନ୍ନୟନ ପାଇଁ ଡକ୍ଟର ହରେକୃଷ୍ଣ ମହତାବ, ଭୈରବଚନ୍ଦ୍ର ମହାନ୍ତି, ଶୈଳେନ ରାୟ, କେ.ଏମ୍.ହାଇଡ, ଏସ୍.କେ. ରାୟ, ଏନ୍.ଏନ୍. ମହାପାତ୍ର, ଡକ୍ଟର ଜର୍ଜ ପଟ୍ଟନାୟକ, ବ୍ରଜେନ ଦତ୍ତ, ଏସ୍.କେ. ବିଶ୍ୱାସ ପ୍ରଭୃତିଙ୍କ ଅବଦାନ ଭୁଲି ହେବ ନାହିଁ । ଏମାନଙ୍କ ସହିତ ମୋ'ର ଘନିଷ୍ଠତା ବୃଦ୍ଧିପାଇ ଥିବାରୁ ସେମାନଙ୍କଠୁ ମୁଁ ଅନେକ କଥା ଜାଣିବାକୁ ପାଇଥିଲି । ସେମାନଙ୍କଠୁ ମଧ୍ୟ ଅନେକ ପ୍ରେରଣା ପାଇଛି । ସେହି ଦିନଠାରୁ ମୋ' ମନରେ ମଧ୍ୟ କଳାହାଣ୍ଡି ଜିଲ୍ଲାରେ କ୍ରୀଡାର ବିକାଶ ପାଇଁ ଷ୍ଟାଡିୟମ୍ ନିର୍ମାଣର ପରିକଳ୍ପନା ସୃଷ୍ଟି ହେଲା । ପରବର୍ତ୍ତୀକାଳରେ ତାହା 'ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ୍' ଭାବରେ ପ୍ରତିଷ୍ଠିତ ହେଲା । ମୁଁ ସେତେବେଳେ 'କଳାହାଣ୍ଡି ଏଥ୍‌ଲେଟିକ୍ ଏସୋସିଏସନ୍'ର ସଂପାଦକ ଦାୟିତ୍ୱରେ ଥିଲି । ଷ୍ଟାଡିୟମ୍ ନିର୍ମାଣ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଥାଏ । ଏ ଦିଗରେ ମୟୁରଭଞ୍ଜ ଜିଲ୍ଲାର ବାରିପଦା ଠାରେ ମଧ୍ୟ ଷ୍ଟାଡିୟମ ନିର୍ମାଣକାମ ଆରମ୍ଭ ହୋଇଯାଇଥାଏ । ମୁଁ ବାରିପଦା ଯାଇ ଷ୍ଟାଡିୟମ୍‌ର ଅଗ୍ରଗତି ଦେଖିଆସି କଳାହାଣ୍ଡିରେ ଷ୍ଟାଡିୟମ୍ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ସଂକଳ୍ପ ନେଇଥିଲି ।

ରାଜନୈତିକ ପଟ୍ଟ ପରିବର୍ତ୍ତନ ଘଟିବା ପରେ ରାଜେନ୍ଦ୍ର ନାରାୟଣ ସିଂହଦେଓଙ୍କ ମୁଖ୍ୟମନ୍ତ୍ରିତ୍ୱ କାଳରେ ବାରବାଟୀ ଲଟେରୀକୁ ବନ୍ଦ କରି ଦିଆଗଲା । ଫଳରେ, ଜିଲ୍ଲାମାନଙ୍କୁ ଷ୍ଟାଡିୟମ ନିର୍ମାଣ ପାଇଁ 'ଓଡିଶା ଅଲମ୍ପିକ ଏସୋସିଏସନ' ତରଫରୁ ଅର୍ଥ ପ୍ରଦାନ କରାଯାଇ ପାରିଲା ନାହିଁ । ନିଜ ଉଦ୍ୟମରେ ସେମାନେ ନିଜ ଜିଲ୍ଲାରେ ଷ୍ଟାଡିୟମ୍ ନିର୍ମାଣ କରିବେ ।

ଯେତେବେଳେ ଯେଉଁ ସରକାର ଓଡିଶାର ଶାସନ ଗାଦିକୁ ଆସିଛନ୍ତି ସେତେବେଳେ ସେମାନେ ବାରବାଟୀ ଷ୍ଟାଡିୟମ୍ ଉପରେ ଦୃଷ୍ଟି ନିକ୍ଷେପ କରିଥାନ୍ତି । ସରକାରଙ୍କ ଆର୍ଥିକ ସମ୍ବଳ ଯଥେଷ୍ଟ ନ ଥିବା ଯୋଗୁଁ, ସରକାର ଜିଲ୍ଲାମାନଙ୍କୁ କ୍ରୀଡାର ବିକାଶ ପାଇଁ ଅବା ଷ୍ଟାଡିୟମ୍ ନିର୍ମାଣ ପାଇଁ ଆବଶ୍ୟକ ଆର୍ଥିକ ସାହାଯ୍ୟ ଦେଇପାରୁ

Source: Author, Digitized by PPRACHIN, SOA

ନ ଥିଲେ । ଅଥଚ, ବାରବାଟୀ ଲଟେରୀର ଲାଭାଂଶରୁ ପ୍ରତ୍ୟେକ ଜିଲ୍ଲାର କ୍ରୀଡ଼ା ବିକାଶ ପାଇଁ ଅର୍ଥ ପ୍ରଦାନ କରୁଥିବା ଯୋଗୁଁ ସେମାନଙ୍କ ମନରେ ସନ୍ଦେହ, ଅସନ୍ତୋଷ ବୃଦ୍ଧିପାଇଲା । ତେଣୁ ସେମାନେ ଏଥିରେ ବାଧା ସୃଷ୍ଟିକଲେ । ତାଙ୍କ ଅନୁସାରେ ଲଟେରୀ ଉଠାଣର ଲାଭାଂଶରୁ କ୍ରୀଡ଼ାର ବିକାଶ ନୈତିକତା ଦୃଷ୍ଟିରୁ ଯଥାର୍ଥ ନୁହେଁ, ତେଣୁ ଲଟେରୀକୁ ବନ୍ଦ କରିଦିଆଗଲା ।

ପାରାଦ୍ୱୀପ ବନ୍ଦର ଭ୍ରମଣ ଓ ଅତୀତ ଓଡିଶାର ସ୍ମୃତି ଚାରଣ :

ଓଡିଶାର ମନ୍ତ୍ରୀ ଦାୟିତ୍ୱରେ ଥିବା ସମୟରେ ବିଭିନ୍ନ ଜିଲ୍ଲା ଗସ୍ତ ବେଳେ ସରକାରୀ କାର୍ଯ୍ୟରେ ବ୍ୟସ୍ତତା ଥିବା ସତ୍ତ୍ୱେ ବିଭିନ୍ନ ଦର୍ଶନୀୟ ସ୍ଥାନ ମଧ୍ୟ ଦେଖି ବହୁ କଥା ଜାଣି ପାରିଥିଲି । ଏହିଭଳି ଗସ୍ତ ସମୟରେ ଓଡିଶାର ଗର୍ବ ଓ ଗୌରବ ପାରାଦ୍ୱୀପ ବନ୍ଦର ଦେଖି ବିଭାଗୀୟ ଅଫିସରମାନଙ୍କ ସହିତ ଆଲୋଚନା କରିବାରୁ ମୋ' ମନରେ ଅନେକ ଆଗ୍ରହ ବୃଦ୍ଧି ପାଇଥିଲା । ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହେରୁ ଓଡିଶାର ଅଗଣିତ ଜନତା ପାଇଁ ଏହି ଯୋଜନାର ପରିକଳ୍ପନା କରିଥିଲେ ।

ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ଏହି ବନ୍ଦର ନିର୍ମାଣ ସମୟରେ ବିରୋଧୀ ଦଳର ବହୁ କଟୁ ସମାଲୋଚନାର ସମ୍ମୁଖୀନ ହୋଇଥିଲେ । ପାରାଦ୍ୱୀପ ହାଇୱେ ଏବଂ ପାରାଦ୍ୱୀପ ବନ୍ଦର ପାଇଁ ତାଙ୍କ ଅବଦାନ ଚିରସ୍ମରଣୀୟ । ବର୍ତ୍ତମାନ ଚରିତ୍ର ସଂହାର ହିଁ ରାଜନୀତିର ମୂଳମନ୍ତ୍ର ହେବା ଯୋଗୁଁ ଆମେ ପ୍ରତ୍ୟେକ କ୍ଷେତ୍ରରେ ଅସହିଷ୍ଣୁ ହୋଇପଡୁଛୁ । ତେଣୁ ଉନ୍ନୟନ କାର୍ଯ୍ୟରେ ଅନେକ ସମୟରେ ବାଧା ସୃଷ୍ଟି ହେଉଅଛି ।

ଓଡିଶାର ବିଶାଳ ସାମୁଦ୍ରିକ ତଟ ଯୋଗୁଁ ଓଡିଶାର ପ୍ରଗତିକୁ ତ୍ୱରାନ୍ୱିତ କରିବା ପାଇଁ ପାରାଦ୍ୱୀପ ଏକ ମାଇଲଖୁଣ୍ଟ ରୂପେ କାର୍ଯ୍ୟ କରୁଛି । ଓଡିଶାର ପୂର୍ବରେ ବଙ୍ଗୋପସାଗର ଘେରି ରହିଛି । ଦୀର୍ଘ ସୁନ୍ଦର ବେଳାଭୂମି ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ । ତେଣୁ ଦେଶ ବିଦେଶରୁ ହଜାର ହଜାର ପର୍ଯ୍ୟଟକ ଏହି ସମୁଦ୍ର କୂଳକୁ ଆସି ଓଡିଶାର ଅର୍ଥନୈତିକ ପ୍ରଗତିରେ ସହାୟକ ହୋଇଥାନ୍ତି । ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ପୂର୍ଣ୍ଣ ସୁଯୋଗ ଥିବା ସତ୍ତ୍ୱେ ଆମେ ସେ ଦିଗରେ ବିଶେଷ ଧ୍ୟାନ ଦେଇ ପାରି ନାହୁଁ । ପର୍ଯ୍ୟଟନକୁ ଏକ ଶିଳ୍ପ ରୂପେ ଗ୍ରହଣ କରି ଆନ୍ତରିକତା ସହ କାର୍ଯ୍ୟକଲେ ଓଡିଶାର ପ୍ରଗତି ତ୍ୱରାନ୍ୱିତ ହୋଇପାରିବ ।

ପାରାଦ୍ୱୀପ ପୋର୍ଟ ନିକଟରେ ସାମୁଦ୍ରିକ ମାଛ ସଂଗ୍ରହ କରାଯାଇ ସେଗୁଡିକୁ ଶୀତଳ ଭଣ୍ଡାରରେ ଗଚ୍ଛିତ ରଖି ବିଦେଶକୁ ରପ୍ତାନୀ କରାଯାଇଥାଏ ଏବଂ ଓଡିଶା କୋଟି କୋଟି ଟଙ୍କା ମତ୍ସ୍ୟ ଉତ୍ପାଦନରୁ ଲାଭ ପାଇଥାଏ । ମତ୍ସ୍ୟଜୀବୀମାନଙ୍କଦ୍ୱାରା

Source: Author, Digitized by PPRACHIN, SOA

ସମୁଦ୍ରରୁ ସଂଗୃହୀତ ମାଛ ସବୁ ପରିଷ୍କାର ପରିଚ୍ଛନ୍ନ କରି ପେକ୍ କରାଯାଇ ବିଦେଶକୁ ରପ୍ତାନୀ ହେଉଥିବା ଦେଖିଲି ।

ପାରାଦ୍ୱୀପ ବନ୍ଦରର ଚଳଚଞ୍ଚଳତା ଦେଖିଲା ପରେ ମୋ' ମନରେ ଅତୀତର ଅନେକ କଥା ଉଦ୍‌ଭାସିତ ହୋଇ ଉଠିଲା ।

ଅତୀତରେ ଓଡିଶାର ପୂର୍ବ ଉପକୂଳରେ ତାମ୍ରଲିପ୍ତି, ପାଲୁର, ଚିଲିକା, କାକଟପୁର (ଅସ୍ତରଙ୍ଗ), ବାଲିପାଟଣା ପ୍ରଭୃତି ବନ୍ଦରର ଖ୍ୟାତି ଦେଶ ବିଦେଶରେ ମଧ୍ୟ ବିସ୍ତାର ଲାଭ କରିଥିଲା । ଅବଶ୍ୟ କର୍ପୂର ଉଡି ଯାଇଛି; ମାତ୍ର, ଏବେ କେବଳ କନା ପଡି ରହିଛି ।

ଓଡିଆ ସାଧବପୁଅମାନେ ବୋଇତ ନେଇ ନୀଳ ସମୁଦ୍ରରେ ଜାଭା, ସୁମାତ୍ରା, ବୋର୍ଣ୍ଣିଓ, ବାଲିଦ୍ୱୀପ ପ୍ରଭୃତିକୁ ଯାଇ ବାଣିଜ୍ୟ କରି ପ୍ରଚୁର ଧନ ଅର୍ଜନ କରିଥିଲେ ଏବଂ ସେଠିକାର ସାମଗ୍ରୀ ଓଡିଶାକୁ ଆଣି ତାଙ୍କ ବ୍ୟବସାୟ ବୃଦ୍ଧି କରୁଥିଲେ ।

'ବାଣିଜ୍ୟେ ବସତେ ଲକ୍ଷ୍ମୀ' ଏହା ସେମାନେ ତାଙ୍କ କାର୍ଯ୍ୟଧାରାରେ ପ୍ରମାଣିତ କରି ଓଡିଶାକୁ ସମୃଦ୍ଧ କରିବା ସଙ୍ଗେ ସଙ୍ଗେ ଦେଶ ବିଦେଶରେ ଓଡିଶାକୁ ଗୌରବାନ୍ୱିତ କରିଥିଲେ ।

ଅତୀତର ସାଧବ ପୁଅମାନଙ୍କ ନୌବାଣିଜ୍ୟକୁ ଆମେ ସ୍ମରଣ କରି କାର୍ତ୍ତିକ ପୂର୍ଣ୍ଣିମା ଦିନ ବୋଇତ ବନ୍ଦାଣ ଉତ୍ସବ ମହା ସମାରୋହରେ ପାଳନ କରିଥାଉ ।

ଓଡିଶାର ଅନ୍ୟତମ ଖ୍ୟାତନାମା ଔପନ୍ୟାସିକ କାହ୍ନୁଚରଣ ମହାନ୍ତି ପୂର୍ବଖ୍ୟାତିକୁ ମନେ ପକାଇ ତାଙ୍କର 'ବାଲିରାଜା' ଉପନ୍ୟାସ ସୃଷ୍ଟି କରିଛନ୍ତି । ସେହିପରି ମଧ୍ୟଯୁଗୀୟ ଓଡିଆ ସାହିତ୍ୟର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମଧ୍ୟ ଏହି ନୌବାଣିଜ୍ୟକୁ ସ୍ମରଣକରି ତାଙ୍କର 'ଲାବଣ୍ୟବତୀ' କାବ୍ୟରେ ଲେଖିଛନ୍ତି –

''ବହିତ୍ର ଲାଗିଲା ଯାଇ ସିଂହଳ ଦ୍ୱୀପରେ
ସାଧବ ଯୁବତୀମାନେ ଅତି ପ୍ରମୋଦରେ,
ଗଲେ, ବହିତ୍ର ବନ୍ଦାଇ
ଅର୍ଘ୍ୟ ଥାଳିମାନ କରେ ହୁଳହୁଳି ଦେଇ ।'' ୧୭/୧

ଏହାର ପ୍ରସଙ୍ଗ ଭିନ୍ନ ଥିଲେହେଁ ସିଂହଳ ଦ୍ୱୀପ ସହିତ ମଧ୍ୟ ଓଡିଆ ସାଧବ ମାନଙ୍କର ନୌବାଣିଜ୍ୟ କାରବାର ଥିବାର ପରୋକ୍ଷ ସୂଚନା ଏଥିରୁ ମିଳୁଛି । ଉଲ୍ଲେଖ ନିଷ୍ପ୍ରୟୋଜନ ଯେ, ବୋଇତ ବନ୍ଦାଣର ଏ ପରମ୍ପରା ହେଉଛି ଉତ୍କଳୀୟ ସାଧବ ମାନଙ୍କର । ପାରାଦ୍ୱୀପ ବନ୍ଦର ଦେଖିବା ପରେ ମୋ' ମନରେ ପ୍ରାଚୀନ ଉତ୍କଳର ଏ ଚିତ୍ର ସଜାଗ ହୋଇ ଉଠିଲା ।

ଅବଶ୍ୟ ରାଜ୍ୟ ସରକାର ବାଣିଜ୍ୟ ପ୍ରସାର ଲକ୍ଷ୍ୟରେ ବହୁ ନୂତନ ବନ୍ଦର ପ୍ରତିଷ୍ଠା

Source: Author, Digitized by PPRACHIN, SOA

ପାଇଁ ଉଦ୍ୟମ ଜାରି ରଖିଛନ୍ତି । ଆମର ରପ୍ତାନୀ ଏବଂ ଆମଦାନୀ ପାଇଁ ବନ୍ଦରର ଆବଶ୍ୟକତା ରହିଛି । ଆମର ଚାହିଦାକୁ ଚାହିଁ ବନ୍ଦର ନିର୍ମାଣ ହେବା ଆବଶ୍ୟକ । ଯେତେ ସଂଖ୍ୟକ ବନ୍ଦର ପାଇଁ ରାଜ୍ୟ ସରକାର ସ୍ଥାନ ନିରୂପଣ କରିଛନ୍ତି, ପରିବେଶ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ରଖି ସେଗୁଡ଼ିକର କାର୍ଯ୍ୟ କରିବା ଉଚିତ ।

ମୁହାଣରେ କଇଁଛଙ୍କ ଅଣ୍ଡାଦାନ :

ଓଡ଼ିଶା ଉପକୂଳକୁ ପ୍ରତିବର୍ଷ ଲକ୍ଷଲକ୍ଷ ଅଲିଭ୍ ରିଡ଼୍‌ଲେ କଇଁଛ ସାମୂହିକ ଅଣ୍ଡା ଦେବା ପାଇଁ ଆସିଥାନ୍ତି । ବଙ୍ଗୋପସାଗର ବେଷ୍ଟିତ ପୂର୍ବ ଉପକୂଳହିଁ କଇଁଛମାନଙ୍କ ପାଇଁ ଉପଯୁକ୍ତ ସ୍ଥାନ । ଓଡ଼ିଶା ଉପକୂଳରେ ଏକତ୍ର ୧୦ ଲକ୍ଷରୁ ୧୨ ଲକ୍ଷ କଇଁଛ ଅଣ୍ଡା ପ୍ରଦାନ କରିଥାନ୍ତି । ରାଜ୍ୟ ତଟରକ୍ଷୀ ବାହିନୀ ସଜାଗ ପ୍ରହରୀ ରୂପେ ସେମାନଙ୍କୁ ହିଂସ୍ର ଜୀବଜନ୍ତୁ, କୁକୁର, ବିଲୁଆ ଏବଂ ଦୁର୍ବୃତ୍ତମାନଙ୍କ କବଳରୁ ସୁରକ୍ଷା ଦେବା ପାଇଁ କାର୍ଯ୍ୟ କରିଥାନ୍ତି ।

ମାତ୍ର ଦୁର୍ଭାଗ୍ୟର କଥା, ସମୁଦ୍ରରେ ଇଞ୍ଜିନ ଚାଳିତ ଟ୍ରଲର, ମତ୍ସ୍ୟଜୀବୀଙ୍କ ବୋଟ୍ ପ୍ରଭୃତି ଦ୍ୱାରା ବହୁ କଇଁଛଙ୍କ ସାମୂହିକ ଅଣ୍ଡାଦାନ ସମୟରେ ବାଧା ସୃଷ୍ଟି ହୋଇଥାଏ । ସମୁଦ୍ର ଭିତରକୁ ଇଞ୍ଜିନ ଚାଳିତ ବୋଟ୍ ଯିବାପାଇଁ ନିଷିଦ୍ଧ ହୋଇଛି । ତଥାପି ଟ୍ରଲରମାନେ ଏଥିପ୍ରତି ଦୃଷ୍ଟି ନ ଦେଇ ସମୁଦ୍ର ଭିତରକୁ ମାଛ ମାରିବା ପାଇଁ ଚାଲି ଯାଉଥିବା ଯୋଗୁଁ କଇଁଛମାନଙ୍କ ପ୍ରତି ବିପଦ ଦେଖାଦେଇଛି ।

କଇଁଛମାନେ ଜନ୍ମ ହୋଇ କିଛି ଦିନ ପରେ ପୁଣି ସମୁଦ୍ର ଭିତରକୁ ଚାଲି ଯାଆନ୍ତି । ଛୁଆ ହୋଇ ଫେରିଯାଇ ମାଆ ହୋଇ ପୁଣି ନିଜ ଜନ୍ମସ୍ଥାନକୁ ଆସି ଅଣ୍ଡା ଦେଇ ପୁଣି ସମୁଦ୍ରକୁ ଚାଲି ଯାଆନ୍ତି ।

ଏହିଭଳି ଭାବରେ ଅଣ୍ଡାଦାନ ପ୍ରକ୍ରିୟା ଚାଲୁ ରହିଛି । ଅଣ୍ଡାଦାନ ସମୟରେ ବହୁ ଦର୍ଶକ ସମୂହ ଅଣ୍ଡାଦାନ ଦେଖିବାର ସୁଯୋଗ ପାଇଥାନ୍ତି ।

ଏହିଭଳି ଏକ ସମୟରେ ମୁଁ ମଧ୍ୟ ଉପସ୍ଥିତ ରହି କଇଁଛମାନେ କିପରି ବାଲିକୁ ଉଖାରି, ଗାତ କରି ଗୋଟିଏ ପରେ ଗୋଟିଏ ଅଣ୍ଡାଦେଇ ଚାଲିଥାନ୍ତି ତାହା ଦେଖିଛି । ଗୋଟିଏ କଇଁଛ ୧୦ରୁ ୧୫ଟି ପର୍ଯ୍ୟନ୍ତ ଅଣ୍ଡା ଦେବାବେଳେ ଆଉକିଛି କଇଁଛ ଅଧିକ ମଧ୍ୟ ଅଣ୍ଡା ଦେଇଥାନ୍ତି ।

ଅଣ୍ଡାକୁ ବାଲିରେ ଘୋଡାଇ ସେମାନେ ସମୁଦ୍ର ଭିତରକୁ ଚାଲି ଯାଇଥାନ୍ତି । ଓଡ଼ିଶାର କେତୋଟି ନିର୍ଦ୍ଦିଷ୍ଟ ଉପକୂଳ କଇଁଛମାନଙ୍କ ପାଇ ଭୂ-ସ୍ୱର୍ଗ ।

——

Source: Author, Digitized by PPRACHIN, SOA

ଷୋଡଶ ପରିଚ୍ଛେଦ

ଅପ୍ରୀତିକର ରାଜନୈତିକ ଚାପକୁ ଅସ୍ୱୀକାର

ମୁଁ ମନ୍ତ୍ରୀଥିବା ସମୟରେ ଏକ ଅପ୍ରୀତିକର ପରିସ୍ଥିତିର ସମ୍ମୁଖୀନ ହୋଇଥିଲି । ତଥାପି ସେଦିନ ମୁଁ ଧୈର୍ଯ୍ୟର ସହିତ ତାକୁ ସମ୍ଭାଳି ନେଇଥିଲି । ଆମେ ସାଧାରଣତଃ ଯେତେବେଳେ ଚାପର ସମ୍ମୁଖୀନ ହେଉ, ସେତେବେଳେ ଆମେ କହିଥାଉ, ମୁଁ ଟେନ୍‌ସନ୍‌ରେ ଅଛି, ପରେ ଦେଖିବା । ଯଦି କାମ ଅତ୍ୟଧିକ ବୃଦ୍ଧି ପାଇଲା, ତେବେ ଆମେ କହୁ, ଆଜି ୱାର୍କଲୋଡ୍ ବଢ଼ିଯାଇଛି, ପରେ ସମୟ ଦେଖି କରିବା ।

ଉପର ଅଫିସର୍ ତାଙ୍କ ତଳିଆ କର୍ମଚାରୀ ଉପରେ କାମ ଶୀଘ୍ର ହାସଲ କରି ନେବାପାଇଁ ଚାପ ପ୍ରୟୋଗ କରିଥାନ୍ତି ।

ପୁଲିସ୍ ଉପରେ ନେତାମାନେ ମଧ୍ୟ ଚାପ ପକାଇ ନିଜ କାମ ଅବା ନିଜ ପାଖ ଲୋକର କାମ ହାସଲ କରି ନେଇଥାନ୍ତି । ସରକାରୀ କର୍ମଚାରୀଙ୍କ ବଦଳି ସମୟରେ, ମନ୍ତ୍ରୀଙ୍କ ଉପରେ ବିଧାୟକମାନେ ମଧ୍ୟ ଚାପ ପକାଇଥାନ୍ତି । ନିଜ ଲୋକଙ୍କୁ ସୁବିଧା ଜାଗାରେ ରଖିବା ପାଇଁ ଅବା କୌଣସି ଅଫିସର୍ ତାଙ୍କ କଥା ନ ଶୁଣିଲେ ରାଗି ତାଙ୍କୁ ତଡିବା ପାଇଁ ଚାପ ପକାଇଥାନ୍ତି ।

ଜଣେ କୌଣସି ଚାପ ଆଗରେ ମୁଣ୍ଡ ନୁଆଇଁବେ କି ନାହିଁ, ତାହା ତାଙ୍କର ବ୍ୟକ୍ତିତ୍ୱ ଉପରେ ନିର୍ଭର କରେ ।

ମୁଁ ମଧ୍ୟ ଏମିତି ଏକ ଚାପର ସମ୍ମୁଖୀନ ହୋଇଥିଲି । ରାତ୍ର ୧୦ଟା ପରେ ସେକ୍ରେଟାରିଏଟ୍‌ରୁ କାମ ଶେଷ କରି ମୁଁ କ୍ୱାର୍ଟରକୁ ଆସି ପେଣ୍ଟ, ସାର୍ଟ ବଦଳାଇ ଫ୍ରେସ୍ ହୋଇ ରାତ୍ର ଭୋଜନ କରି ଶୋଇବା ପାଇଁ ପ୍ରସ୍ତୁତ ହେଉଛି । ଠିକ୍ ଏତିକିବେଳେ ଗେଟ୍ ଖୋଲିବା ଶବ୍ଦ ଶୁଣି ପାରିଲି । ଆମ୍ବାସଡର୍ ଗାଡି ଆସି ପୋର୍ଟିକୋରେ ଛିଡା ହେଲା ।

ବିଶିଷ୍ଟ ବ୍ୟକ୍ତି ନ ହେଲେ ପୋର୍ଟିକୋକୁ ଗାଡି ଆଣି ନଥାନ୍ତି । ଗାଡିରୁ ଧଡ୍ ଧଡ୍ ଓହ୍ଲାଇ, ଜଣେ ମନ୍ତ୍ରୀ ଘର ଭିତରକୁ ତାଙ୍କ ପାଖ ଲୋକମାନଙ୍କ ସହ ଆସି ଆସନରେ ବସିଗଲେ । ମୁଁ ସେମାନଙ୍କୁ ଦେଖି ଆଶ୍ଚର୍ଯ୍ୟରେ ଅନାଇ କହିଲି, "ହଠାତ୍ ରାତ୍ରରେ... ।"

Source: Author, Digitized by PPRACHIN, SOA

ସମୟ ବ୍ୟୟ ନ କରି ମନ୍ତ୍ରୀ ମହାଶୟ କହିଲେ, "କଟକ ସେଣ୍ଟ୍ରାଲ୍ ବ୍ୟାଙ୍କର୍ ସେକ୍ରେଟାରୀଙ୍କୁ ଆଜି ରାତ୍ର ସୁଧା ବଦଳି କରିବାକୁ ପଡିବ"। ପୁଣି ଜୋର୍ ଦେଇ କହିଲେ, "ବର୍ତ୍ତମାନ ଏହି ମୁହୂର୍ତ୍ତରେ"।

ମୁଁ ଆଶ୍ଚର୍ଯ୍ୟ ହୋଇ କହିଲି, "କ'ଣ ହେଲା? ବଦଳି ପାଇଁ ଏତେ ରାତ୍ରରେ, କାରଣ କଅଣ"?

ସେତେବେଳକୁ ରାତ୍ର ୧୧ଟା ପାଖାପାଖି ହୋଇ ଯାଇଥାଏ। ମନ୍ତ୍ରୀ ଟିକିଏ ଉତ୍ତେଜିତ ସ୍ୱରରେ କହିଲେ, "ରାତି ଆଉ କ'ଣ? ଆଜି ରାତି ୧୨ଟା ସୁଦ୍ଧା ବଦଳି କରିବାକୁ ପଡିବ"।

ମୁଁ ତାଙ୍କ ମୁହଁକୁ ଚାହିଁ ଟିକିଏ ନରମ ସ୍ୱରରେ କହିଲି, "ମୁଁ ତ ୧୦ଟା ପର୍ଯ୍ୟନ୍ତ ଅଫିସ୍‌ରେ ବସି ଫାଇଲ୍ କାମ ସାରି ଏଇନେ ଫେରୁଛି। କିଏ ତ ମୋତେ କିଛି କହି ନାହାନ୍ତି। ହଠାତ୍ ଏତେ ରାତିରେ ଜଣକୁ ବଦଳି ପାଇଁ ଫାଇଲ ମୋ ପାଖକୁ ଆସିବା କଥା"।

ମନ୍ତ୍ରୀ ମହାଶୟ ମୋତେ ଦେଖି କହିଲେ, "ଆମେ ସେ ସବୁ କିଛି ଶୁଣିବାକୁ ଚାହୁଁନୁ। ଆପଣ ଆପଣଙ୍କ ବିଭାଗର ସେକ୍ରେଟାରୀ, ରେଜିଷ୍ଟ୍ରାର୍‌ଙ୍କୁ ଏବଂ ଷ୍ଟାଫ୍‌କୁ ଡାକନ୍ତୁ ଏବଂ ରାତ୍ର ୧୨ଟା ସୁଦ୍ଧା ଟ୍ରାନ୍ସଫର୍ ଅର୍ଡର ଦିଅନ୍ତୁ। କଟକ ସେଣ୍ଟ୍ରାଲ୍ ବ୍ୟାଙ୍କ୍ ସେକ୍ରେଟାରୀର ବଦଳି ରାତ୍ର ପାଇବା ପୂର୍ବରୁ ହୋଇ ଯାଇଥିବ"।

ମୋ ଜାଣିବାରେ ବ୍ୟାଙ୍କ୍ ସେକ୍ରେଟାରୀ ବିରୁଦ୍ଧରେ ସେଭଳି କୌଣସି ଅଭିଯୋଗ ଆଗରୁ କିଏ ମଧ୍ୟ କରିନାହାନ୍ତି। ସେ ଜଣେ ଦକ୍ଷ କର୍ମଚାରୀ।

ମୁଁ କହିଲି, "ଆସନ୍ତାକାଲି ଅଫିସ୍‌କୁ ଗଲାପରେ ବିଭାଗୀୟ ଅଫିସର୍‌ଙ୍କୁ ଡକାଇ ଟ୍ରାନ୍ସଫର୍ କାମ କରିବି। ମାତ୍ର, ଅସମୟରେ ଏଭଳି ଟ୍ରାନ୍ସଫର୍ କରିବା ମୋ' ପକ୍ଷେ ସମ୍ଭବ ନୁହେଁ"।

ମୁଁ ଯେତେବେଳେ ସ୍ପଷ୍ଟ ଭାବରେ ମନା କରିଦେଲି, ମନ୍ତ୍ରୀ ମହାଶୟ ମୋ' ଉପରେ ବିରକ୍ତ ହୋଇ କହିଲେ, "ଆପଣ ଏପରି କ'ଣ କହୁଛନ୍ତି? ସମୟ ଅସମୟ ଗୋଟିଏ କ'ଣ"?

"ଆମେ ଯେତେବେଳେ ଚାହିଁବୁ ଯାହାକୁ ଯେଉଁଠି ମଧ୍ୟ ବଦଳି କରିଦେଇ ପାରିବୁ। ଦେଖନ୍ତୁ ଉପରୁ ମଧ୍ୟ ନିର୍ଦ୍ଦେଶ ଅଛି। ଆପଣ ଆଜି ରାତି ସୁଦ୍ଧା ବଦଳି କରିବାକୁ ପଡିବ"।

ମୁଁ ସ୍ପଷ୍ଟ ଭାବରେ କହିଲି, "ମୋର ବିବେକ ବିରୁଦ୍ଧରେ କୌଣସି କାର୍ଯ୍ୟ ମୁଁ କରି ନାହିଁ କିମ୍ବା କରି ପାରିବି ନାହିଁ ମଧ୍ୟ"।

Source: Author, Digitized by PPRACHIN, SOA

ମୋ'ଠୁ ନାସ୍ତିବାଣୀ ଶୁଣି ରାଗ ତମ୍ ତମ୍ ହୋଇ ସେମାନେ ଚାଲିଗଲେ । ସ୍ଥାନ, କାଳ, ପାତ୍ରର ବିଚାର ନ ଥିବା ବିବେକଶୂନ୍ୟ ତଥା ଅମଣିଷ ପଣିଆ କାର୍ଯ୍ୟ ପାଇଁ କିପରି ଚାପର ସମ୍ମୁଖୀନ ହେବାକୁ ପଡିଥାଏ ତାହା ମୁଁ ଅଙ୍ଗେ ନିଭାଇଛି । କ୍ଷମତାରେ ଥିଲେ ପ୍ରତିଦିନ ଚାପ ଆସିବ । ମାତ୍ର, ନିଜେ ହିଁ ନିଜର ବିବେକ ଅନୁସାରେ କାର୍ଯ୍ୟ କଲେ କୌଣସି ଅସୁବିଧାର ସମ୍ମୁଖୀନ ହେବାକୁ ପଡିନଥାଏ । ଏଥିପାଇଁ ବିଭାଗୀୟ ଅଫିସରମାନଙ୍କୁ ମଧ୍ୟ ଫୋନ୍ କରି ଚାପ ପ୍ରୟୋଗ କରାଯାଇଥିଲା ।

ସେମାନେ ମୋ କାର୍ଯ୍ୟପ୍ରଣାଳୀ ଆଗରୁ ଜାଣି ଯାଇଥାନ୍ତି । ତେଣୁ ସେମାନେ ଗୋଟିଏ ଉତ୍ତର ଦେଇଥିଲେ, "ବିଭାଗୀୟ ମନ୍ତ୍ରୀ ଆମକୁ ଡକାଇଲେ ଅବା କହିଲେ ଆମେ ଆମ କାମ କରିଦେବୁ । ଆମେ ମାନ୍ୟବର ମନ୍ତ୍ରୀଙ୍କ ସହ ରାତ୍ର ୯.୩୦ ମି. ରୁ ପ୍ରାୟ ୧୦ଟା ପର୍ଯ୍ୟନ୍ତ ତାଙ୍କ ଅଫିସରେ ଥିଲୁ, ମାତ୍ର, ଏ ବିଷୟରେ ତାଙ୍କଠୁଁ କିଛି ସୂଚନା ପାଇ ନ ଥିଲୁ'' ।

ମୁଁ ଯେତେବେଳେ ବିଳମ୍ବିତ ରାତିରେ ସେମାନଙ୍କୁ ଫୋନ୍ କଲି ନାହିଁ ସେମାନେ ବୁଝିଗଲେ, ମନ୍ତ୍ରୀ ଚାପକୁ ଆଡେଇ ଦେଇଛନ୍ତି । ସକାଳୁ ଆସି ମୋତେ ସାକ୍ଷାତ୍ କରି ସମସ୍ତ କଥା ଖୋଲି କହିଲେ । ମୁଁ ମଧ୍ୟ ମୋର ନିଜସ୍ୱ ସ୍ୱାଧୀନ ବିଚାରବୋଧକୁ ଛାଡି ପାରି ନ ଥିଲି ।

ମୋ' ବିରୁଦ୍ଧରେ ରାଜନୈତିକ ଷଡଯନ୍ତ୍ର :

ପ୍ରତିକୂଳ ପରିସ୍ଥିତି ମଣିଷକୁ ଗଭୀର ଚିନ୍ତା କରିବା ପାଇଁ ସୁଯୋଗ ଦେବା ସହ ନୂଆ ରାସ୍ତା ଦେଖାଇବା ପାଇଁ ସାହାଯ୍ୟ କରେ । ତେଣୁ ବହୁସମୟରେ ଚାପର ବଶବର୍ତ୍ତୀ ହୋଇ ମଧ୍ୟ ବିବେକ ଅନୁମୋଦିତ କାର୍ଯ୍ୟ କରିବାରେ ମୁଁ ସଫଳ ହୋଇଛି । ମାତ୍ର, ରାଜନୈତିକ ବ୍ୟକ୍ତି ପାଇଁ ଏହା ଭବିଷ୍ୟତରେ ବିପଦର କାର୍ଯ୍ୟ ହୋଇଥାଏ ।

ଯେଉଁମାନଙ୍କ କାର୍ଯ୍ୟ ହାସଲ ହୋଇପାରେ ନାହିଁ, ସେମାନଙ୍କ ମନରେ ରାଗ, ଈର୍ଷା, ଅସହିଷ୍ଣୁତା ବୃଦ୍ଧି ପାଇଥାଏ । ଅସହିଷ୍ଣୁତା ମଣିଷ ମନରେ ପ୍ରତିଶୋଧ ମୂଳକ ଭାବନା ଜାଗ୍ରତ କରିଥାଏ । ଥରେ ଏହା ଜଣକ ମନରେ ସଞ୍ଚାରିତ ହେଲେ ତାହା ଅନ୍ୟ ପାଇଁ ଦୁଃଖର କାରଣ ସୃଷ୍ଟି କରିଥାଏ ।

ମୋର ରାଜନୈତିକ ଜୀବନରେ ଏହିଭଳି ଅନେକ ଘଟଣାର ସମ୍ମୁଖୀନ ହୋଇଛି । ମୋ ସହିତ ଏକାଠି ରହି କାମ କରୁଥିବା ସେହିମାନେ, ଅନ୍ୟର ପ୍ରରୋଚନାରେ ମୋ ବିରୁଦ୍ଧରେ ଷଡଯନ୍ତ୍ର ରଚନା କଲେ; ନିର୍ବାଚନରେ ମୋତେ ପରାସ୍ତ କରିବା ପାଇଁ ।

Source: Author, Digitized by PPRACHIN, SOA

ଯେଉଁ ନିର୍ବାଚନ ମଣ୍ଡଳୀରୁ ମୁଁ ଦୁଇଥର ବିଧାନସଭାକୁ ନିର୍ବାଚିତ ହୋଇସାରିଛି, ସେହି ନିର୍ବାଚନ ମଣ୍ଡଳୀରେ "ମୁଁ ଜଣେ ବାହାର ଲୋକ" (ଆଉଟ୍ ସାଇଡ଼ର) ବୋଲି ମୋ ବିରୁଦ୍ଧରେ ପ୍ରଚାର କରାଗଲା ।.ମୋର ସହଯୋଗୀମାନେ ମୋ'ଠୁ ଦୂରେଇ ଯାଇ ମୋ ବିରୁଦ୍ଧରେ ଜଣକୁ ଛିଡା କରାଇ ଦଳରେ ଅଶାନ୍ତି, ବିଶୃଙ୍ଖଳା ସୃଷ୍ଟି କଲେ । ଫଳରେ ଭୋଟ୍ ବିଭାଜିତ ହେବାରୁ ମୁଁ ନିର୍ବାଚନରେ ପରାଜିତ ହେଲି । ଅଥଚ, ଯେ ନିର୍ବାଚିତ ହେଲେ ସେ ମଧ୍ୟ ସେହି ନିର୍ବାଚନ ମଣ୍ଡଳୀର ସଭ୍ୟ ନଥିଲେ ।

ଜଣକୁ ଜିତାଇବା କଷ୍ଟସାଧ୍ୟ, ମାତ୍ର; ଜଣକୁ ହରାଇବା ଅତି ସହଜ ହୋଇଥାଏ ।

ନିର୍ବାଚନରେ ମଦ, .ମାଂସ, ଅର୍ଥର ପ୍ରଭାବ ବୃଦ୍ଧି ପାଇବାକୁ ଲାଗିଲା । ନୀତି, ନିୟମ ଆଦର୍ଶ କର୍ମ ପରାୟଣତା ମୂଲ୍ୟହୀନ ହୋଇଗଲା । ଫଳରେ ୧୯୯୦ ନିର୍ବାଚନରେ ରାଜ୍ୟରେ କଂଗ୍ରେସ ଦଳର ଶୋଚନୀୟ ପରାଜୟ ହେଲା । ମାତ୍ର, ୧୦ଟି ଆସନରେ କଂଗ୍ରେସ ଜୟଯୁକ୍ତ ହେଲା ।

ଭଲ ଏବଂ ମନ୍ଦ ଭିତରେ ଦ୍ୱନ୍ଦ୍ୱ ଲାଗି ରହିଛି । ତାହା ମୁଁ ଜାଣି ମଧ୍ୟ ରାଜନୀତିକୁ ଆସିଲି । ସବୁଠୁ ଶ୍ରେଷ୍ଠ ନୀତି ହେଉଛି ରାଜନୀତି । ମାତ୍ର, ଦିନକୁ ଦିନ ରାଜନୀତିକୁ ଆମେ ହିଁ କଳୁଷିତ କରି ଦେଉଛୁ । ତେଣୁ ତା'ର କୁପ୍ରଭାବ ଜନସାଧାରଣଙ୍କ ଉପରେ ପଡୁଛି ।

ମୁଁ ମୋର ଦାୟିତ୍ୱକୁ ଆନ୍ତରିକତା ସହ ମୋର ସାଧମତେ ତୁଲାଇ ଅନେକ କ୍ଷେତ୍ରରେ ସଫଳତା ପାଇଛି । ସବୁ ଯେ ସଫଳ ହୋଇଛି ତାହା ନୁହେଁ, କେତେକ କ୍ଷେତ୍ରରେ ବିଫଳ ମଧ୍ୟ ହୋଇଛି ।

ବିଫଳତାରୁ ମଣିଷକୁ ଶିକ୍ଷା ମିଳିଥାଏ । ସେହି ବିଫଳତା ମନରେ ଅନେକ ଅନୁଭବ ସୃଷ୍ଟି କରିଥାଏ । ମାତ୍ର, ସେହି ଅନୁଭବକୁ ପୁନଃ କାର୍ଯ୍ୟରେ ବିନିଯୋଗ ପାଇଁ ଆଉ ମୋତେ ସୁଯୋଗ ମିଳିଲା ନାହିଁ । କ୍ରମାନ୍ୱୟରେ ତିନୋଟି ବିଧାନସଭା ନିର୍ବାଚନରେ ମୋତେ ଆଉ ଆମ ଦଳ ତରଫରୁ ପ୍ରାର୍ଥୀ କରାଗଲା ନାହିଁ । ଯେଉଁ ତଥାକଥିତ ଯୋଗ୍ୟ ବ୍ୟକ୍ତିମାନେ ପ୍ରାର୍ଥୀ ହେଲେ, ସେମାନେ ମଧ୍ୟ ଜୟଯୁକ୍ତ ହୋଇପାରିଲେ ନାହିଁ ।

ତେଣୁ ମୋର ଦୀର୍ଘ ଅନୁଭବକୁ ବାସ୍ତବରେ କାର୍ଯ୍ୟକାରୀ କରିବା ପାଇଁ ଯେଉଁ ରାଜନୈତିକ କ୍ଷମତା ବିନିଯୋଗର ଆବଶ୍ୟକତା ଥିଲା ତାହା ନ ମିଳିବାରୁ ଆଉ ସମ୍ଭବ ହେଲା ନାହିଁ । ତାହା ମୋ ପାଇଁ ଆକାଶ କୁସୁମରେ ପରିଣତ ହୋଇଗଲା ।

Source: Author, Digitized by PPRACHIN, SOA

ଉଠା ଜଳସେଚନ ଯୋଜନାର ବିଫଳତା :

ଇନ୍ଦ୍ରାବତୀ ବହୁମୁଖୀ ଯୋଜନାରେ ଉଠା ଜଳସେଚନ ପାଇଁ ୬୨ କୋଟି ଟଙ୍କା ମଞ୍ଜୁର ହୋଇଥିଲା । କଲମପୁର ବ୍ଲକର 'ବିଜମରା' ଗ୍ରାମ ପାଖରେ 'ଉଠା ଜଳସେଚନ ଡିଭିଜନ ଅଫିସ' ପ୍ରତିଷ୍ଠିତ ହେଲା । ସେଠାରେ ଜଣେ ଇଞ୍ଜିନିୟର ନିଯୁକ୍ତ ହୋଇ, ବିଭାଗୀୟ କର୍ମଚାରୀ କାର୍ଯ୍ୟରତ ହେଲେ । ନୂତନ ଅଫିସ୍ ଗୃହ, ବାସସ୍ଥଳୀ, କୋଠାସବୁ ନିର୍ମିତ ହେଲା । ତାର ଏକ ସବ୍ ଅଫିସ୍ କୋକସରା ବ୍ଲକ୍‌ର ଲଡୁଗାଁରେ ପ୍ରତିଷ୍ଠିତ ହେଲା । କର୍ମଚାରୀ ମଧ୍ୟ ନିଯୁକ୍ତି ହେଲେ ।

ଉଠା ଜଳସେଚନ ଯୋଜନା କାର୍ଯ୍ୟକାରୀ ହେଲା । ଇନ୍ଦ୍ରାବତୀ ଜଳକୁ ଉତ୍ତୋଳନ କରି ଉଚ୍ଚ ଅଞ୍ଚଳର ଜମିକୁ ଯଥା– ଲଡୁଗାଁ, ଆମପାଣି, ବେହେରା ପ୍ରଭୃତି ଅଞ୍ଚଳକୁ ଜଳସେଚନର ସୁବିଧା ଯୋଗାଇ ଦିଆଯିବାର ଯୋଜନା ହେଲା । ଏଥି ସହିତ ଇନ୍ଦ୍ରାବତୀ ବହୁମୁଖୀ ଯୋଜନା ଦ୍ୱାରା କ୍ଷତିଗ୍ରସ୍ତ ନବରଙ୍ଗପୁର ଜିଲ୍ଲାର ଚାଷୀମାନଙ୍କୁ କ୍ଷତିପୂରଣ ସ୍ୱରୂପ ସେମାନଙ୍କ ଜମିକୁ ଉଠା ଜଳସେଚନ ଯୋଜନା ମାଧ୍ୟମରେ ଜଳ ଯୋଗାଇ ଦିଆଯାଇ ଦୁଇ ଫସଲି ଉତ୍ପାଦନର ସୁଯୋଗ ସୃଷ୍ଟି କରାଯିବା ନିଷ୍ପତ୍ତି ନିଆଗଲା । ଏହିଭଳି ମହତ୍ ଉଦ୍ଦେଶ୍ୟ ରଖି ଉଠା ଜଳସେଚନ ଯୋଜନା କାର୍ଯ୍ୟକାରୀ ହେଉଥିଲା ।

ମାତ୍ର, ମୋତେ ରାଜ୍ୟ ନେତୃବୃନ୍ଦଙ୍କ ଦ୍ୱାରା ଅଞ୍ଚଳର ଠିକାଦାର ନେତା ତଥା ଜିଲ୍ଲା ନେତାମାନଙ୍କ ସହଯୋଗରେ ଷଡଯନ୍ତ୍ର କରି ରାଜନୀତିରୁ ହଟାଇ ଦିଆଗଲା । କେନ୍ଦ୍ରରେ ମଧ୍ୟ ଇନ୍ଦିରା ଗାନ୍ଧୀ ଏବଂ ରାଜୀବ ଗାନ୍ଧୀଙ୍କ ଅକାଳ ବିୟୋଗରେ ମୋ ରାଜନୈତିକ ଭାଗ୍ୟଲିପି ମଧ୍ୟ ବଦଳିଗଲା । ମୁଁ ଅସହାୟ ହୋଇ ପଡିଲି ।

ରାଜନୀତିରୁ ମୋତେ ଦୂରେଇ ଦେବା ଫଳରେ ତା'ର ସୁଯୋଗ ନେଇ ଉଠା ଜଳସେଚନ ପାଇଁ ମଞ୍ଜୁର ହୋଇଥିବା ଅର୍ଥକୁ ରାଜ୍ୟର ଅନ୍ୟ କାର୍ଯ୍ୟରେ ବିନିଯୋଗ କରାଗଲା । କଳାହାଣ୍ଡି ଏବଂ ନବରଙ୍ଗପୁର ଅଞ୍ଚଳର ଚାଷୀଙ୍କ ଆଶା ମଉଳି ଗଲା ।

ମୁଁ ଲୋକ ପ୍ରତିନିଧି ହିସାବରେ ଜଣେ ସତର୍କ ପ୍ରହରୀ ଭଳି ଜଗିରଖି ଅଞ୍ଚଳର ସ୍ୱାର୍ଥପାଇଁ କାର୍ଯ୍ୟ କରୁଥିଲି । ମାତ୍ର, ମୁଁ ଲୋକ ପ୍ରତିନିଧିତ୍ୱରୁ ବଞ୍ଚିତ ହେଲାପରେ ତାହା ସେମାନଙ୍କ ପାଇଁ ସହଜ ହୋଇଗଲା । ମୁଁ ଅନେକବାର ପ୍ରତିବାଦ କରିଛି; କିନ୍ତୁ ତାହା ସରକାରଙ୍କୁ ପ୍ରଭାବିତ କଲାନାହିଁ । ଲୋକପ୍ରତିନିଧିର ପ୍ରତିବାଦ ଏବଂ ଜଣେ ସାଧାରଣ ଲୋକର ପ୍ରତିବାଦ ମଧ୍ୟରେ କେତେ ପାର୍ଥକ୍ୟ ଥାଏ, ମୁଁ ସେଦିନ ଉପଲବ୍ଧି କଲି ।

ମୁଁ ଯେଉଁମାନଙ୍କ ସହିତ ମିଶି କାମ କରୁଥିଲି, ସେମାନଙ୍କୁ ସାକ୍ଷାତ୍ ପାଇଁ ଗଲେ ମୋତେ ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡିଲା । ରାଜନୀତିରେ କ୍ଷମତା ମଣିଷକୁ କିପରି ଅନ୍ଧ କରିଦିଏ ଏବଂ କ୍ଷମତାହୀନ ବ୍ୟକ୍ତି କିପରି ଉପହସିତ ହୋଇଥାଏ, ତାହା

Source: Author, Digitized by PPRACHIN, SOA

ମଧ୍ୟ ଅଙ୍ଗେ ନିଭାଇଛି । ଅଞ୍ଚଳର ସ୍ୱାର୍ଥ ପାଇଁ ଲଢ଼ି ଯାହା କରିପାରୁଥିଲି ଲୋକ-ପ୍ରତିନିଧିତ୍ୱରୁ ହଟିଗଲା ପରେ ସତେ ଯେପରି ମୁଁ ପିତ୍ତଳ ହୋ' ଅଣି ପରି ଅଚଳ ହୋଇ ଶ୍ରୀହୀନ ହୋଇଯାଇଛି ।

ସ୍ଥାନୀୟ ଲୋକପ୍ରତିନିଧିମାନେ ମଧ୍ୟ ଏତେ ଭିତରକୁ ଯାଇ ଏତେ କଥା ଜାଣିବା ସେମାନଙ୍କ ପକ୍ଷେ ସମ୍ଭବ ହେଲା ନାହିଁ ଅବା ଉପର ଠାଉରିଆ କାମ ଯୋଗୁଁ ସେମାନେ ଜାଣି ପାରିଲେ ନାହିଁ । ଏ ଦିଗରେ ସେମାନଙ୍କ ଅଜ୍ଞତା ହେତୁ ହେଉ ଅବା ପରିସ୍ଥିତିର ଗୁରୁତ୍ୱ ଉପଲବ୍ଧି କରିବାରେ ମାନସିକ ପ୍ରସ୍ତୁତିର ଅଭାବ ହେତୁ ହେଉ, ଆଉ ସେମାନଙ୍କର ପ୍ରତିବାଦ ସ୍ୱର ଉଠିଲା ନାହିଁ ।

ଆଜି ପର୍ଯ୍ୟନ୍ତ ୧୯୯୦ରୁ ୨୦୧୩ ଯାଏ ବହୁ ମୁଖ୍ୟମନ୍ତ୍ରୀ ଉଠା ଜଳସେଚନକୁ ଶୀଘ୍ର କାର୍ଯ୍ୟକାରୀ କରାଯିବ ବୋଲି ନିର୍ବାଚନ ସମୟରେ ଘୋଷଣା କରନ୍ତି । ଲୋକେ ତାଳି ମାରି ଆନନ୍ଦରେ କୁରୁଳି ଉଠନ୍ତି । ସେଥିରେ ସମସ୍ତେ ଖୁସ୍ । କିନ୍ତୁ ନିର୍ବାଚନ ସରିଗଲେ ଆଉ କାହାର ମନେ ପଡେ ନାହିଁ । ଆଉ ଗୋଟିଏ ନିର୍ବାଚନ ପର୍ଯ୍ୟନ୍ତ କାହା ମୁଣ୍ଡରେ ମଧ୍ୟ ଉଠା ଜଳସେଚନ ଚିନ୍ତା ଉଦ୍ରେକ ହୁଏ ନାହିଁ ।

ଯେଉଁ ହୀନ ଷଡ଼ଯନ୍ତ୍ରଦ୍ୱାରା ଅଞ୍ଚଳର ଉଠା-ଜଳସେଚନର କାର୍ଯ୍ୟ ଆରମ୍ଭ ବେଳକୁ ପଛରୁ ଛୁରିକା ଘାତ କରାଗଲା, ତାହାରି ଫଳରେ ଅଞ୍ଚଳର ଚାଷୀ ଆଜି ପର୍ଯ୍ୟନ୍ତ ଜଳସେଚନରୁ ବଞ୍ଚିତ ହୋଇ ରହିଛନ୍ତି । ଗୋଟିଏ ଭୁଲର ପରିଣତି କେତେ ଭୟାବହ ହୋଇଥାଏ, ଏହା ଏକ ଉଦାହରଣ ମାତ୍ର । ଉଠା-ଜଳସେଚନ ଯୋଜନା ପାଇଁ ମୋ ସଫଳତା ସତ୍ତ୍ୱେ ତାହା ବିଫଳତାରେ ପରିଣତ ହେବା ମୋତେ ବାରବାର ମର୍ମାହତ କରେ, ମାତ୍ର ମୁଁ ନାଚାର ।

ଜଳସେଚନ ପାଇଁ ସରକାର ଯେଉଁଭଳି ପ୍ରାଧାନ୍ୟ ଦେବାକଥା, ତାହା ଆଜି ହୋଇ ପାରିଲା ନାହିଁ । ତେଣୁ ଓଡିଶାରେ କୃଷି ଉତ୍ପାଦନ ଆଶାତୀତ ଭାବରେ ବୃଦ୍ଧି-ପାଉନାହିଁ । ଓଡିଶାର ଅର୍ଥନୈତିକ ବିକାଶ ସେତେବେଳେ ତ୍ୱରାନ୍ୱିତ ହୋଇ-ପାରିବ, ଯେତେବେଳେ ଆମେ କୃଷକମାନଙ୍କ ମୌଳିକ ସମସ୍ୟା, ଚାଷ ଜମିକୁ ଜଳସେଚନର ସୁବିଧା ଯୋଗାଇ ଦେଇପାରିବା । ଓଡିଶାର ୭୦ ଭାଗ ଲୋକ ଚାଷକୁ ନିର୍ଭର କରି ଜୀବିକା ନିର୍ବାହ କରିଥାନ୍ତି । ସେମାନଙ୍କ ମଧ୍ୟରୁ ୬୦ ଭାଗ ଲୋକ କ୍ଷୁଦ୍ର ଏବଂ ନାମମାତ୍ର ଚାଷୀ । ତେଣୁ ସେମାନଙ୍କ ଚାଷର ଉନ୍ନତି ନ ହେବା ପର୍ଯ୍ୟନ୍ତ ଓଡିଶାର ଅର୍ଥନୈତିକ ବିକାଶ ତ୍ୱରାନ୍ୱିତ ହୋଇପାରିବ ନାହିଁ । ଓଡିଶା ସମଗ୍ର ଭାରତ ବର୍ଷରେ ଦାରିଦ୍ର୍ୟ କ୍ଷେତ୍ରରେ ବହୁ ନିମ୍ନରେ ରହିଛି । ତେଣୁ ଚାଷୀଙ୍କ ମୌଳିକ ସମସ୍ୟା ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ରଖି କାର୍ଯ୍ୟ କଲେ, ଓଡିଶାର ଦାରିଦ୍ର୍ୟ ଦୂର ହୋଇପାରିବ ।

Source: Author, Digitized by PPRACHIN, SOA

ଓଡିଶାରେ ନଦୀ ସଂଯୋଗୀକରଣ ଓ ଜଳ ପରିଚାଳନା :

ଊନବିଂଶ ଶତାବ୍ଦୀରେ ଇଂରେଜ ଶାସନ କାଳରେ ରେଳପଥ ନିର୍ମାଣ ପାଇଁ ଅନେକ କାର୍ଯ୍ୟକ୍ରମ ହାତକୁ ନିଆଗଲା । ସେତେବେଳେ ଇଞ୍ଜିନିୟରମାନେ ଦେଶର ନଦୀଗୁଡିକୁ ପରସ୍ପର ସହିତ ସଂଯୋଗ କରି ଜଳପଥ ବିସ୍ତାର ପାଇଁ ଯୋଜନା କରିଥିଲେ । ଏହାର କର୍ଣ୍ଣଧାର ଥିଲେ ଅର୍ଥର୍ କଟନ୍ । ସେ ମଧ୍ୟ ଗୋଦାବରୀ ଆନିକଟ ନିର୍ମାଣ କରି ଜଳସେଚନ ପାଇଁ ମଧ୍ୟ ପରିକଳ୍ପନା କରିଥିଲେ ।

ଓଡିଶାର ମହାନଦୀ ତ୍ରିକୋଣଭୂମିରେ ଜଳସେଚନ ପ୍ରକଳ୍ପ ପାଇଁ ମଧ୍ୟ ପରିକଳ୍ପନା କରିଥିଲେ । ତାହା ସେତେବେଳେ କାର୍ଯ୍ୟକାରୀ ହୋଇପାରି ନ ଥିଲା । ୧୯୬୦ ମସିହାରେ ଇଞ୍ଜିନିୟର ଡ. କେ. ଏଲ୍. ରାଓ ଏହିଭଳି ଏକ ପରିକଳ୍ପନାକୁ ବାସ୍ତବରୂପ ଦେବାପାଇଁ ଉଦ୍ୟମକଲେ । ପରେ ସେ କେନ୍ଦ୍ର ସରକାରଙ୍କ ଜଳସେଚନ ମନ୍ତ୍ରୀ ଦାୟିତ୍ୱ ଗ୍ରହଣ କଲାପରେ ତାଙ୍କ ପରିକଳ୍ପନାକୁ ବାସ୍ତବ ରୂପ ଦେବାରେ ଉଦ୍ୟମ କରିଥିଲେ । ୧୯୭୦ ମସିହାରେ କେନ୍ଦ୍ର-ଜଳସେଚନ-ମନ୍ତ୍ରୀ ହିସାବରେ ସେ ଯୋଜନା ପ୍ରସ୍ତୁତ କରିଥିଲେ ।

କେନ୍ଦ୍ରମନ୍ତ୍ରୀ ଥିବା ସମୟରେ କଳାହାଣ୍ଡି ଗସ୍ତରେ ଆସି ସେ ଇନ୍ଦ୍ରାବତୀ ବହୁମୁଖୀ ଯୋଜନାର ବାସ୍ତବତା ଉପଲବ୍ଧି କରିଥିଲେ ଏବଂ ଏହା ତାଙ୍କ ମନକୁ ପ୍ରଭାବିତ କରିଥିଲା । ସେ ଭବାନୀପାଟଣା ସହରର 'ହୁଇଲରସ୍ କ୍ଲବ' ପ୍ରାଙ୍ଗଣରେ ଏକ ସାଧାରଣ ସଭାରେ ମଧ୍ୟ ଉଦ୍‌ବୋଧନ ଦେଇଥିଲେ । ସେତେବେଳେ କଳାହାଣ୍ଡି ଲୋକସଭା ସଦସ୍ୟ ମହାରାଜା ପ୍ରତାପ କେଶରୀ ଦେଓ ମଧ୍ୟ ଉଦ୍‌ବୋଧନ ଦେଇଥିଲେ ।

ମୁଁ ସେହି ସଭାରେ ଜଣେ ଶ୍ରୋତା ହିସାବରେ ଉପସ୍ଥିତ ଥିଲି ଏବଂ କେନ୍ଦ୍ର-ଜଳସେଚନ-ମନ୍ତ୍ରୀଙ୍କ ଚିନ୍ତାଧାରାକୁ ପ୍ରଶଂସା କରିଥିଲି ।

ମହାନଦୀ ଉପର ମୁଣ୍ଡରେ ଅନେକ ଛୋଟବଡ ଜଳଭଣ୍ଡାର ନିର୍ମାଣ ହେଲାଣି । ପଡୋଶୀ ରାଜ୍ୟମାନେ ତାର ଜଳ ବିନିଯୋଗ କରି ଉପକୃତ ହେଲେଣି । ଦିନକୁଦିନ ଓଡିଶାରେ ମହାନଦୀର ଜଳପ୍ରବାହ ହ୍ରାସ ପାଇବାରେ ଲାଗିଛି । ମହାନଦୀ ଓଡିଶାର ବୃହତ୍ ନଦୀ । ଏଥିରେ ଯେତିକି ପରିମାଣର ଜଳ ପ୍ରବାହିତ ହୋଇଥାଏ ରାଜ୍ୟର ଅନ୍ୟ ବୃହତ୍ ନଦୀ ବ୍ରାହ୍ମଣୀ, ଋଷିକୁଲ୍ୟା, ବଂଶଧାରା, ବୁଢାବଳଙ୍ଗ, କୋଲାବ, ଇନ୍ଦ୍ରାବତୀ, ସୁବର୍ଣ୍ଣରେଖା, ତେଲନଦୀ ପ୍ରଭୃତିରେ ମଧ୍ୟ ସମପରିମାଣରେ ଜଳ ପ୍ରବାହିତ ହୋଇଥାଏ ।

ଓଡିଶାରେ ଅନେକ ଜଳ ନିଅଣ୍ଟିଆ ଅଞ୍ଚଳ ରହିଛି । ୧୯୮୧ ମସିହାରେ ଗୋଟିଏ ମାଷ୍ଟର ପ୍ଲାନ ପ୍ରସ୍ତୁତ ହୋଇଥିଲା । ମହାନଦୀକୁ ବ୍ରାହ୍ମଣୀ, ବୈତରଣୀ

Source: Author, Digitized by PPRACHIN, SOA

ଓ ଋଷିକୁଲ୍ୟା ସହିତ, ବୈତରଣୀକୁ ବୁଢାବଳଙ୍ଗ ସହିତ, ବୁଢାବଳଙ୍ଗକୁ ସୁବର୍ଣ୍ଣରେଖା ସହିତ, ବଂଶଧାରାକୁ ଋଷିକୁଲ୍ୟା ସହିତ ଏବଂ ଇନ୍ଦ୍ରାବତୀକୁ ମହାନଦୀ ସହିତ ସଂଯୋଗ କରି ଜଳ ଅପସାରିତ କରିହେବ ।

ଇନ୍ଦ୍ରାବତୀ ଜଳକୁ ହାତୀ ବ୍ୟାରେଜ୍ ଜରିଆରେ ମହାନଦୀର ଉପନଦୀ ତେଲ ନଦୀ ସହିତ ସଂଯୋଗ କରି, ମହାନଦୀରେ ପ୍ରବାହିତ କରାଇ କଟକ ଅଞ୍ଚଳକୁ ଅନଟନ ସମୟରେ ଜଳ ଯୋଗାଇ ଦିଆଯାଉଛି । ତେଣୁ ବହୁ ସମୟରେ କଳାହାଣ୍ଡିର ଚାଷୀମାନେ ଇନ୍ଦ୍ରାବତୀ ଜଳରୁ ବଞ୍ଚିତ ହେଉଛନ୍ତି । ହାତୀ ନଦୀରେ ବିପୁଳ ପରିମାଣ ଜଳ ପ୍ରବାହିତ ହୋଇ ଚାଲି ଯାଉଥିବା ଯୋଗୁଁ ଚାଷର କ୍ଷତି ହେବା ଫଳରେ କୃଷକମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଥାନ୍ତି ।

ସ୍ଥାନୀୟ ଅଞ୍ଚଳର ଚାଷୀଙ୍କ ସମସ୍ୟା ପ୍ରତି ପ୍ରାଧାନ୍ୟ ଦେଇ ହାତୀନଦୀରେ ବଳକା ଜଳ ପ୍ରବାହିତ ହେଲେ ସବୁ ଦିଗରୁ ମଙ୍ଗଳ ଦାୟକ ହେବ । ତେଣୁ ଜଳ ପରିଚାଳନା ଦାୟିତ୍ୱରେ ଯେଉଁମାନେ ଥାଆନ୍ତି, ସେମାନେ ସ୍ଥାନୀୟ ସମସ୍ୟା ପ୍ରତି ଗୁରୁତ୍ୱ ଦେଇ ସେମାନଙ୍କର ଦୃଷ୍ଟି ଭଙ୍ଗୀର ପରିବର୍ତ୍ତନ କରିବା ଉଚିତ୍ । ମାତ୍ର, ଉପରୁ ଗୁପ୍ତ ନିର୍ଦ୍ଦେଶ ମିଳିଲେ ନୀତିନିୟମ ପରିବର୍ତ୍ତନ ହୋଇ ଯାଇଥାଏ ।

ଅନ୍ୟ ଏକ ଯୋଜନା ବଂଶଧାରା, ହରଭଙ୍ଗୀ ପ୍ରକଳ୍ପ ଜରିଆରେ ଋଷିକୁଲ୍ୟା ସହିତ ସଂଯୋଗ କରାଯାଇଛି । ଗଞ୍ଜାମ ଜିଲ୍ଲା ଚାଷୀଙ୍କୁ ପାଣି ଯୋଗାଇବା ସହିତ ଲୋକଙ୍କ ପିଇବା ପାଣି ସମସ୍ୟା ମଧ୍ୟ ଆଂଶିକ ସମାଧାନ କରାଯାଉଛି ।

ଗଜପତି ଓ ଗଞ୍ଜାମ ଜିଲ୍ଲାର ଜଳ ଚାହିଦା ମେଣ୍ଟାଇବା ପାଇଁ ବଂଶଧାରା ନଦୀରେ ଗୋଟିଏ ବନ୍ଧ ନିର୍ମାଣ କରି ବଂଶଧାରା ଋଷିକୁଲ୍ୟା ସଂଯୋଗ ପ୍ରକଳ୍ପ ତୁରନ୍ତ କାର୍ଯ୍ୟକାରୀ କରିବା ଅତି ଆବଶ୍ୟକ । କାରଣ ଏହି ଅଞ୍ଚଳର ଲୋକେ ଖରାଦିନରେ ଜଳକଷ୍ଟର ସମ୍ମୁଖୀନ ହୋଇ ନାହିଁ ନଥିବା ଦୁଃଖ ଦୁର୍ଦ୍ଦଶା ଭୋଗିଥାନ୍ତି । ବ୍ରହ୍ମପୁର ଖଲ୍ଲିକୋଟ କଲେଜରେ ମୁଁ ପଢୁଥିବା ସମୟରୁ ଏହା ମୁଁ ଅନୁଭବ କରିଆସିଛି ।

ଆମ ରାଜ୍ୟରେ ତଥା ଦେଶରେ ବହୁ ଅଞ୍ଚଳ ମରୁଡିର ଶିକାର ହୋଇଥାଏ । ବନ୍ୟା ଓ ମରୁଡିକୁ ନିୟନ୍ତ୍ରଣରେ ଆଣିବାକୁ ହେଲେ ନଦୀ ସଂଯୋଗୀକରଣ ଅତି ଆବଶ୍ୟକ । ଦିନ ଏବଂ ସମୟ ଯେତେ ଅତିକ୍ରାନ୍ତ ହୋଇଯାଉଛି ସମସ୍ୟା ସମାଧାନର ପନ୍ଥା ସେତେ ଜଟିଳ ହୋଇଚାଲିଛି । ଜଳ ବହୁଳ ଅଞ୍ଚଳରୁ ଜଳକ୍ଲିଷ୍ଟ ଅଞ୍ଚଳ ଚିହ୍ନଟ କରି ଜଳ ଯୋଗାଇବା କାର୍ଯ୍ୟ ପ୍ରତି କେନ୍ଦ୍ର ଓ ରାଜ୍ୟ ସରକାର ଗୁରୁତ୍ୱ ଦେଇ ପର୍ଯ୍ୟାୟକ୍ରମେ ଗୋଟିଏ ପରେ ଗୋଟିଏ କାର୍ଯ୍ୟ ହାତକୁ ନେବା ଆବଶ୍ୟକ ।

Source: Author, Digitized by PPRACHIN, SOA

ବ୍ୟାପକ ଭାବରେ ବର୍ଷାଜଳ ନଦୀରେ ବୋହିଯାଇ ସମୁଦ୍ରରେ ପଡୁଛି ଅଥଚ, ପ୍ରତିବର୍ଷ ଜଳର ଅଭାବରେ ଧନ ଓ ଜୀବନର ଅଶେଷ କ୍ଷତି ଘଟୁଛି । ମରୁଡି ଓ ବନ୍ୟା ଫଳରେ ମଧ୍ୟ ଦେଶର ଧନ ଜୀବନର କ୍ଷତି ଘଟୁଛି । ମରୁଡି ଏବଂ ବନ୍ୟା ଫଳରେ ଦେଶର ଯେତେ ଧନ ଜୀବନ ଏବଂ ଆର୍ଥିକ କ୍ଷତି ଘଟିଲାଣି ତାକୁ ଆକଳନ କରି ପର୍ଯ୍ୟାୟକ୍ରମେ ନଦୀ ସଂଯୋଗୀକରଣକୁ ଗୁରୁତ୍ୱ ଦେଇ କାର୍ଯ୍ୟକାରୀ କରାଗଲେ କ୍ଷତି ଅପେକ୍ଷା ଲାଭ ଅଧିକ ହେବ । ଏଥିପାଇଁ ରାଜନୈତିକ ଇଚ୍ଛା ଶକ୍ତି ଉପରେ ଭବିଷ୍ୟତ ପରିକଳ୍ପନା କାର୍ଯ୍ୟକାରୀ ହେବା ନିର୍ଭର କରୁଛି ।

୧୯୬୨ ମସିହାରେ ଧର୍ମଗଡ ହାଇସ୍କୁଲର "ମକ୍ ପାର୍ଲିଆମେଣ୍ଟ"ରେ ମୁଁ ଯେଉଁ ସମସ୍ୟା ଉତ୍‌ଥାପିତ କରିଥିଲି ତାହା ଆଂଶିକ ଭାବରେ କାର୍ଯ୍ୟକାରୀ ହୋଇପାରିଛି । ତେଣୁ ପୂର୍ଣ୍ଣାଙ୍ଗ କାର୍ଯ୍ୟକ୍ରମର ଆଶା ଏବେ ମଧ୍ୟ ମନରେ ଛପି ରହିଛି ।

— —

Source: Author, Digitized by PPRACHIN, SOA

ସପ୍ତଦଶ ପରିଚ୍ଛେଦ

ମୋର ସ୍ୱାଭିମାନ ସହ ସମ୍ପୃକ୍ତ କେତୋଟି ରାଜନୈତିକ ଘଟଣା

କୋକସରାରେ କଂଗ୍ରେସ କାର୍ଯ୍ୟାଳୟ ନିର୍ମାଣ :

ଥରେ ମୋ'ର ନିର୍ବାଚନମଣ୍ଡଳୀ କୋକସରା ବ୍ଲକ୍‌ର ଆଇ.ବି.ରେ ବସି ସ୍ଥାନୀୟ ଲୋକଙ୍କ ସହିତ କେତେକ ସମସ୍ୟା ନେଇ ଆଲୋଚନା କରୁଥାଏ । ବ୍ଲକ ସ୍ତରୀୟ ଅଫିସରମାନେ ଆସି ସେମାନଙ୍କ ସମସ୍ୟା ସମ୍ବନ୍ଧରେ ଆଲୋଚନା କରି ତା'ର ସମାଧାନ ପାଇଁ କାର୍ଯ୍ୟପନ୍ଥା ଗ୍ରହଣ କରିବାକୁ ମତ ଦେଉଥାନ୍ତି ।

ଅଞ୍ଚଳର କିଛି ଲୋକ ତାଙ୍କ ନିଜ ନିଜ ସମସ୍ୟା ସମ୍ବନ୍ଧରେ ମୋତେ ଗୋଟି ଗୋଟି କହୁଥାନ୍ତି । ମୁଁ ନୀରବରେ ଶୁଣି ସେମାନଙ୍କୁ ଆଶ୍ୱାସନା ଦେଇ ବିଦାୟ କରୁଥାଏ ।

ସନ୍ଧ୍ୟା ଆଗତ ପ୍ରାୟ । ଦୂର ଦୂରାନ୍ତରୁ ଆସିଥିବା ଲୋକେ ମଧ ନିଜ ନିଜ ଗାଁକୁ ଫେରିଯିବ ପାଇଁ ତତ୍ପର ହୋଇ ଉଠୁଥାନ୍ତି । ବିଳମ୍ବ ହେଲେ ଗାଁରେ ପହଞ୍ଚିବାକୁ ଅନ୍ଧାର ହୋଇଯିବ । କାଶୀବାହାଲ ଗ୍ରାମର ଗାନ୍ଧିବାଦୀ ନେତା କୃଷ୍ଣମୋହନ ବେହେରା ଉଠିବା ପରେ ତାଙ୍କୁ ମଧ ବିଦାୟ ଦେଲି । ମଣିଭଦ୍ର ପଣ୍ଡା ମଧ୍ୟ ତାଙ୍କ ସହିତ ବିଦାୟ ନେଲେ ।

ଧୀରେ ଧୀରେ ଆଇ.ବି. ପରିସରରୁ ଲୋକ ଗହଳି କମି ଆସିଲା । ସ୍ଥାନୀୟ କିଛିବ୍ୟକ୍ତି ବସି ରହିଲେ । କିଛି ସମୟ ମୋ' ସହିତ ଆଲୋଚନା କରିବା ପରେ ସେମାନେ ମଧ ନିଜ ନିଜ ଘରକୁ ଫେରିଯିବେ ।

ସ୍ଥାନୀୟ ବ୍ୟକ୍ତିଗଣ ମଧ ସେମାନଙ୍କର ସମସ୍ୟାମାନ କହି ଚାଲିଥାନ୍ତି । ମୁଁ ଧୈର୍ଯ୍ୟର ସହିତ ଶୁଣୁଥାଏ । ସମସ୍ୟା ଅଧିକ ଓ ଅସରନ୍ତି ମଧ । ତଥାପି ପ୍ରତ୍ୟେକ ସମସ୍ୟାର ସମାଧାନ ପନ୍ଥା ରହିଛି । ତେଣୁ ତାର ସମାଧାନ ପାଇଁ ଉଦ୍ୟମ କଲେ କିଛି ସଫଳତା ନିଶ୍ଚୟ ମିଳିବ ।

Source: Author, Digitized by PPRACHIN, SOA

ସବୁବେଳେ ଯେ ସମସ୍ତଙ୍କ ସମସ୍ୟାର ପୂର୍ଣ୍ଣାଙ୍ଗ ସମାଧାନ ହୋଇ ପାରିବ ତାହା ନୁହେଁ । ତଥାପି ସମାଧାନ ପାଇଁ ବାଟ ଫିଟିବ । ସମସ୍ୟାର ସମାଧାନ ନିଜ ଉପରେ ନିର୍ଭର କରିଥାଏ । ତେଣୁ ସମାଧାନ ଯେ ନାହିଁ ସେ କଥା ଆଦୌ କୁହାଯାଇ ପାରିବ ନାହିଁ ।

ସେମାନେ ବିଭିନ୍ନ ସମସ୍ୟା ମୋ' ଆଗରେ ଥୋଉଥାନ୍ତି, ମୁଁ ମଧ ତାକୁ ଶୁଣୁଥାଏ । ଜଣେ ବନ୍ଧୁ ମୋ' ଆଗକୁ ଚାଲି ଆସି କହିଲେ, "ଆମେ ଏମିତି ଆଇ.ବି.ରେ ବସି ଆଉ କେତେ ଦିନ ଆଲୋଚନା କରୁଥିବା, ଏ ତ ସରକାରୀ ଜାଗା" ।

ମୁଁ ବନ୍ଧୁଙ୍କ ମନୋଭାବ ବୁଝି ପାରିଲି ନାହିଁ । ତାଙ୍କ ମୁହଁକୁ କୌତୂହଳରେ ଅନାଇ ରହିଲି । ତାଙ୍କୁ କହିଲି ତୁମେ କଣ କହିବାକୁ ଚାହୁଁଛ ?

ବନ୍ଧୁ ଜଣକ ମୋ'ର ପିଲାଦିନର ସାଥୀ । ଚାରବାହାଲ ଏମ୍.ଇ. ସ୍କୁଲ୍‌ରେ ଆମେ ପାଠ ପଢୁଥିଲୁ । ତାଙ୍କ ପାଟି ଟିକେ ଖନିମାରେ । ସଦାବେଳେ ରୋକ୍‌ଠୋକ୍ କଥା କହିବାରେ ସେ ଧୁରନ୍ଧର । ପିଲାଟି ଦିନରୁ ସେ ଖଦୀ ବସ୍ତ୍ର ପରିଧାନ କରି ଆସିଛନ୍ତି । ଜଣେ ଗାନ୍ଧିବାଦୀ ନେତା । ସମାଜ ସଂସ୍କାର କାର୍ଯ୍ୟରେ ସେ ଆଗ ଧାଡିଆ ନେତା । ତାଙ୍କରି ଉଦ୍ୟମରେ କୋକସରା ହାଇସ୍କୁଲ୍ ପ୍ରତିଷ୍ଠିତ ହୋଇଥିଲା । କଲେଜ ପ୍ରତିଷ୍ଠାରେ ସେ ଅଗ୍ରଣୀ ଭୂମିକା ନିଭାଇଛନ୍ତି । ସେ ହେଉଛନ୍ତି କ୍ଷୀରାବ୍ଧି ନାଥ ପ୍ରଧାନୀ ।

ସେ ପାଖରେ ପଡିଥିବା ଚୌକିଟାକୁ ଟାଣି ନେଇ ବସି ପଡ଼ି କହିଲେ, "ଭାଇନା... ! ମୁଁ କ'ଣ କହୁଥିଲି କି... ଆମେ ସବୁ ଏଠି ଆମ ଦଳର କର୍ମୀମାନେ ବର୍ତ୍ତମାନ ଅଛୁ । ତମେ ଆସିବା ଆଗରୁ ଆମ ଭିତରେ ଅନେକ ଆଲୋଚନା ହୋଇ ଯାଇଛି । ଆମ ଦଳୀୟ କାର୍ଯ୍ୟ ପାଇଁ 'କଂଗ୍ରେସ ଭବନ' ଟିଏ ନିତାନ୍ତ ଆବଶ୍ୟକ" । ତାଙ୍କ ତୁଣ୍ଡରୁ କଥା ନ ସରୁଣୁ ସମସ୍ତେ ଉତ୍ସାହରେ କରତାଳି ଦେଇ ତାଙ୍କ କଥାକୁ ସମର୍ଥନ ଜଣାଇଲେ ।

ମୁଁ ସମସ୍ତଙ୍କୁ ଥରେ ଦେଖି ନେଇ କହିଲି, "ସଙ୍ଗଠନ ପାଇଁ ଅଫିସ୍ ଗୃହଟିଏ ଆବଶ୍ୟକ । ସମସ୍ତଙ୍କ ସହଯୋଗ ମିଳିଲେ କାମ ଅଟକି ରହିବ ନାହିଁ । ତେଣୁ ତୁମେମାନେ ସମସ୍ତେ ମିଳିମିଶି କିଏ ଦାୟିତ୍ୱ ନେବ, କିପରି କରିବ, ସେଥିପାଇଁ କେଉଁ ସ୍ଥାନରେ କଂଗ୍ରେସ ଅଫିସ୍ ଗୃହ ହେବ, ସେ ସ୍ଥାନ କିପରି ମିଳିବ, ସେ ସବୁ ଠିକ୍ କରି ମୋତେ କହ । ମୋ'ଦ୍ୱାରା ଯାହା ସାହାଯ୍ୟ ଦରକାର ମୁଁ ତାହା ପ୍ରଦାନ କରିବ" ।

ସେ ପୁଣି କହିଲେ..., "ଭାଇନା... ! ଶିବ ମନ୍ଦିର ସାମ୍ନା ଜାଗା ସୀତାରାମ

Source: Author, Digitized by PPRACHIN, SOA

ଶର୍ମାଙ୍କର । ସେ ଆମକୁ ୨ ଡେସିମିଲ୍ ଜାଗା ଦେଲେ କଂଗ୍ରେସ ଅଫିସ୍ ଗୃହ ତିଆରି ହୋଇଯିବ । ସବୁ ଦୃଷ୍ଟିରୁ ସେ ସ୍ଥାନଟି ଉପଯୁକ୍ତ ହେବ । ମେନ୍‌ରୋଡ୍‌ର ପାଖ ଜାଗା । ଖାଲି ତମେ ଟିକିଏ ଶର୍ମାଙ୍କୁ କହିଲେ ସେ ତୁମକଥା ଆଡେଇ ଦେବ ନାହିଁ "। ଆଉ ଜଣେ ସମର୍ଥନ କରି କହିଲେ, "ପ୍ରଧାନୀ ଆଜ୍ଞା ଠିକ୍ କଥା କହିଛନ୍ତି" ।

ମୁଁ କହିଲି, "ଠିକ୍ ଅଛି, ତାହା ହେଲେ ଜଣେ ସୀତାରାମ ବାବୁଙ୍କ ପାଖକୁ ଯାଇ ତାଙ୍କୁ ଡାକି ଆଣ, କଥା ବାର୍ତ୍ତା କରିବା" ।

ମୋ'ଠୁ କଥା ଶୁଣୁ ଶୁଣୁ ଜଣେ ସାଇକେଲ୍ ନେଇ ଚାଲିଗଲେ ତାଙ୍କୁ ଖବର ଦେବାପାଇଁ, ଶୁଭସ୍ୟ ଶୀଘ୍ରମ୍ ।

କିଛି କ୍ଷଣପରେ ସୀତାରାମ ବାବୁ ଆସି ପହଞ୍ଚି ଗଲେ । ସେ ତାଙ୍କ ସାଇକେଲ୍ ଷ୍ଟାଣ୍ଡ ଦେଇ ବଙ୍ଗଳା ଉପରକୁ ଚଢି ଆସିଲେ ।

ମୋ'ର ଇଙ୍ଗିତରେ ଜଣେ ଉଠିପଡି ତାଙ୍କୁ ଚୌକି ଦେଲେ ବସିବା ପାଇଁ । ସେ ଆସି ବସିଲା ପରେ ସଭିଙ୍କି ଦେଖି ନେଇ କହିଲେ, "ଭାଇ... ମୁଝେ କ୍ୟୁଁ ବୁଲାଏ..." ।

"ହଁ, ଆଜି ଆମେ ସଭିଏଁ ଆମ ଦଳର କର୍ମୀମାନେ ଏକାଠି ବସିଛୁ । ଦୀର୍ଘ ଆଲୋଚନା ପରେ ସ୍ଥିର ହେଲା କୋକସରା ବ୍ଲକରେ କଂଗ୍ରେସ ଅଫିସ୍ ଗୃହ ନିର୍ମାଣ ପାଇଁ" ।

ସେ ପୁଣି ହସି କହିଲେ... "ଭାଇ ! ଏ ତୋ ବହୁତ୍ ଆଚ୍ଛା ବାତ୍ ହୈ..."। ମୁଁ କହିଲି, "କଥାଟା ବହୁତ ଆଚ୍ଛା, ମାତ୍ର ଘର ତିଆରି ପାଇଁ ଜାଗା ଦରକାର । ଶିବ ମନ୍ଦିର ସାମ୍ନା ଜାଗାଟା ତୁମର । ଆମକୁ ୨ ଡେସିମିଲ୍ ଜାଗା ଦେଲେ ଆମେ ସେଠି କଂଗ୍ରେସ୍ ଭବନ ନିର୍ମାଣ କରିବୁ" ।

ମୋଠୁ ଏତକ ଶୁଣି ସେ ଗମ୍ଭୀର ହୋଇ ସଭିଙ୍କ ମୁହଁକୁ ଅନାଇଲେ । ପାଖରେ କ୍ଷୀରାବ୍ଧି ନାଥ ବସିଥାନ୍ତି । ସେ ନିଜ ପିନ୍ଧିଥିବା ଧୋତି, କୁର୍ତ୍ତାକୁ ସଜାଡି ନେଇ ଉଠି କହିଲେ, "ଦେଖ ସୀତାରାମ ଭାଇ... ସମସ୍ତଙ୍କ ଅନୁରୋଧ ରକ୍ଷା କରି ତମେ ଆମକୁ ୨ ଡେସିମିଲ୍ ଜମି ଦେଲେ ଆମ କାମ ଆରମ୍ଭ ହେଲା ବୋଲି ଜାଣ । ସବୁକଥା ତୁମ ଉପରେ ନିର୍ଭର କରୁଛ" ।

ତାଙ୍କ ସ୍ୱର ସହ ସ୍ୱର ମିଳାଇ ରଘୁ ପାଣିଗ୍ରାହୀ, ଲକ୍ଷ୍ମଣ ଦୁର୍ଗା, ସୁରେଶ ପ୍ରଧାନୀ, ବୁଟୁ ଧଙ୍ଗଡାମାଝୀ ପ୍ରଭୃତି ମଧ୍ୟ ସୀତାରାମକୁ ଘେରି ଯାଇ ଅନୁରୋଧ କଲେ । ଟିକିଏ ଦୂରରେ ପୁରୁଷୋତ୍ତମ ଗୁପ୍ତା, ଛବିନାଗ ଛିଡା ହୋଇଥାନ୍ତି ।

ସମସ୍ତଙ୍କ ଅନୁରୋଧ ଶୁଣି ସେ କହିଲେ... "ଦେବି.... ୨ ଡେସିମିଲ୍ ଜମି

Source: Author, Digitized by PPRACHIN, SOA

ଦେବି । ମାତ୍ର, ସେହି ଜମି କଂଗ୍ରେସ୍ ଅଫିସ୍ ନାଁରେ ରେଜିଷ୍ଟ୍ରେସନ୍ ନ ହୋଇ ଭାଇଙ୍କ ନାଁରେ ରେଜିଷ୍ଟ୍ରେସନ୍ ହେବ" ।

ସମସ୍ତେ ତାଙ୍କ କଥା ଶୁଣି ତାଙ୍କ ମୁହଁକୁ ଚାହିଁ ରହିଲେ । ସେ ଜମିଦେବା ପାଇଁ ମଙ୍ଗିଥିବା କଥା ଶୁଣି ସଭିଏଁ ଖୁସି ମନରେ ଅନାଇ ରହିଲେ । ଶାରଳା ପାଢୀ, ରାମୁ ଅଗ୍ରୱାଲ, ସୁବାଷ ବେହେରା, ପଦ୍ମନ ବେସରା, ବଳ ବେସରା, ଲୋଚନ ନାଏକ, ପ୍ରଫୁଲ୍ଲ ମାଝୀ, କେଦାର ଶର୍ମା, ଭବାନୀ ଶଙ୍କର ବେହେରା କହିଲେ "ଶର୍ମା ଠିକ୍ କହିଛନ୍ତି'' ।

ମୁଁ ଫେର୍ କହିଲି, "ଜମି ତ ଦେବ, ସିଧା କଂଗ୍ରେସ୍ ଅଫିସ୍ ନାଁରେ ରେଜିଷ୍ଟ୍ରେସନ୍ ନ କରି ଦେବ କାହିଁକି ? ମୋ'ର ନାଁରେ ରେଜିଷ୍ଟ୍ରେସନ୍ କରିବ, ମୁଁ ଫେର୍ କଂଗ୍ରେସ ଅଫିସ୍ ନାଁରେ ରେଜିଷ୍ଟ୍ରେସନ୍ କରିବି । ଡବଲ ଖର୍ଚ୍ଚ ହେବ" !

ମୋ'ଠୁ ଏତକ ଶୁଣୁ ଶୁଣୁ ଶର୍ମା କହିଲେ... "ଭାଇ... ! ତମ ବିରୁଦ୍ଧରେ କିଛି ଲୋକ କହି ବୁଲୁଛନ୍ତି, ତମେ ଜଣେ ବାହାରର ଲୋକ । ତେଣୁ ତମ ନାଁରେ ଜମି ରେଜିଷ୍ଟ୍ରେସନ୍ ହେଲେ ଘର ତମେ କରିବ । ଜମି, ଘର ତମର ହେଲେ ଲୋକେ ତୁମକୁ ଆଉ ବାହାରର ଲୋକ ବୋଲି କହି ପାରିବେ ନାହିଁ" ।

ମୁଁ ତାଙ୍କଠୁ ଏହିଭଳି ଯୁକ୍ତି ଶୁଣି ହସିଲି । "କିଏ କଣ କହୁଛନ୍ତି, ତମେ ସେଥିରେ କାହିଁକି ଭାବୁଛ । ଯିଏ ଯାହା କହିବା କଥା କହନ୍ତୁ । ଆମେ ଆମ କାମ କରିବା" ।

ରଘୁ ପାଣିଗ୍ରାହୀ ଆଉ ଜଣେ କଂଗ୍ରେସ କର୍ମୀ କହିଲେ "ସୀତାରାମ ବାବୁ ଯାହା କହୁଛନ୍ତି ଠିକ୍ କହୁଛନ୍ତି । ମୁଁ ମଧ୍ୟ ମୋ' ଗାଁର ଅଧ ଏକର ଜମି ଆଜ୍ଞାଙ୍କୁ ଦେବାକୁ ବହୁ ଆଗରୁ କହିଛି । ଆମ ଅଞ୍ଚଳରେ ଆପଣଙ୍କ ଘର, ଜମି ଅଛି । ତେଣୁ ଆପଣ ବାହାର ଲୋକ ନୁହଁନ୍ତି । ଆପଣ ଆମ ଅଞ୍ଚଳର ଲୋକ । ମାତ୍ର, ଆଜ୍ଞା ମୋ' କଥା ମଧ୍ୟ ଶୁଣିଲେ ନାହିଁ, ହସରେ ଉଡାଇ ଦେଲେ । ଖାଲି ମୁଁ ନୁହେଁ, ବହୁ ଲୋକ ଆଜ୍ଞାଙ୍କ ନାଁରେ ଜମି ଲେଖି ଦେବାପାଇଁ ଏବେ ମଧ୍ୟ ପ୍ରସ୍ତୁତ" ।

"ଜମି ଘର ହୋଇଗଲେ ଲୋକେ କେବଳ ଅଞ୍ଚଳର ହୋଇଯାଏ ଆଉ ନ ହେଲେ ସେ ବାହାର ଲୋକ ହୋଇଯାଏ ମୁଁ ଏହାକୁ ଗ୍ରହଣ କରୁନାହିଁ" ।

ସୀତାରାମ ବାବୁ ପୁଣି କହିଲେ, "ଭାଇ... ! ତମେ କଥାଟାକୁ ହାଲକାରେ ନିଅ ନାହିଁ । ବିରୋଧୀ ଦଳ ପାଇଁ ଏଇଟା ଗୋଟିଏ ମୌକା ମିଳିଯାଇଛି" । ଆଉ ଜଣେ କହିଲେ, "ବିରୋଧୀ ଦଳ ସହ ଆମ ଲୋକ ମଧ୍ୟ ଏଥିରେ ସାମିଲ ହୋଇ ଯାଇଛନ୍ତି" ।

ଏହିଭଳି କଥାଟା ବଢି ବଢି ଚାଲିଲା... ।

Source: Author, Digitized by PPRACHIN, SOA

ଅନେକ କଂଗ୍ରେସ କର୍ମୀଙ୍କ ମନରେ ଦାରୁଣ ଆଘାତ ହୋଇଛି । ତେଣୁ ସେମାନେ ତାଙ୍କ ମନର ପ୍ରତିକ୍ରିୟା ପ୍ରକାଶ କରୁଥାନ୍ତି ।

ମୋ' ନିର୍ବାଚନ ମଣ୍ଡଳୀର ବହୁ ଯୁବକଙ୍କୁ ଚାକିରିରେ ନିଯୁକ୍ତି କରି ଦେଇଛି । ଅନେକଙ୍କୁ ଭୁବନେଶ୍ୱରରେ ମଧ୍ୟ ଚାକିରି କରାଇ ଦେଇଛି । ବହୁ ଅସହାୟ ଲୋକଙ୍କୁ "ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠି"ରୁ ଆର୍ଥିକ ସହାୟତା ପ୍ରଦାନ କରିବା ଫଳରେ ବହୁ ଲୋକ ଡାକ୍ତରଖାନାରେ ଔଷଧ ପ୍ରଭୃତି କିଣି ପାରି ରୋଗମୁକ୍ତ ହୋଇଛନ୍ତି । ତେଣୁ ସେହି ପରିବାରର ଲୋକଙ୍କର ମୋ' ପ୍ରତି ଶ୍ରଦ୍ଧା ବୃଦ୍ଧି ପାଇଥାଏ ।

ରାତ୍ର ବଢି ବଢି ଚାଲିଥାଏ । ସମସ୍ତଙ୍କୁ କହିଲି ନିଜ ନିଜ ଘରକୁ ଯିବା ପାଇଁ । କାଲି ଫେର୍ ଦେଖା ହେବା କହି, ସୀତାରାମ ବାବୁଙ୍କୁ କହିଲି, "ତମେ ଘରେ କଥାବାର୍ତ୍ତା କରି କାଲି ମୋତେ କହିବ" ।

ସମସ୍ତେ ଗୋଟି ଗୋଟି ହୋଇ ବିଦାୟ ନେଇଗଲେ ।

ସୀତାରାମ ବାବୁ ମୋ' ନାଁରେ ଜମି ରେଜିଷ୍ଟ୍ରେସନ୍ ପାଇଁ କହୁଥାନ୍ତି, ମୁଁ ତାଙ୍କୁ ବୁଝାଇବା ପାଇଁ ଚେଷ୍ଟା କରୁଥାଏ ।

ତାଙ୍କ ମନରେ ଲାଗିଥିବା ଆଘାତ, ଏକା କେବଳ ତାଙ୍କରି ନୁହେଁ ଅନେକ କର୍ମୀଙ୍କ ମନରେ ଲାଗିଥାଏ । ମୁଁ କିନ୍ତୁ ନିର୍ବିକାର ଥାଏ ।

ଅନେକଙ୍କ ମନରେ ଆଘାତ ସୃଷ୍ଟି କରିବା ଅନ୍ୟର ନିନ୍ଦା କରି କ୍ଷତି ଘଟାଇବା, କୁତ୍ସାରଟନା କରି ରାଜନୈତିକ ପ୍ରଭାବ କମାଇବା, ଆବଶ୍ୟକ ସ୍ଥଳେ କିଛି ଲୋକଙ୍କୁ ପ୍ରଲୋଭନରେ ପକାଇବା ଏ ତ ରାଜନୀତିରେ ଅହରହ ଚାଲିଛି ।

ମୁଁ ଯେତେବେଳେ ନିରୋଳାରେ ବସି ମୋ'ର ରାଜନୈତିକ ଜୀବନକୁ ଅନୁଶୀଳନ କରେ ସେତେବେଳେ ବିଭିନ୍ନ ପ୍ରଶ୍ନ ମୋ' ମନରେ ଉଙ୍କିମାରେ । ମନ ଆଘାତପ୍ରାପ୍ତ ହୁଏ । ସତ କହିବାକୁ ଗଲେ, ଯନ୍ତ୍ରଣା ହିଁ ଜୀବନର ଏକ ସତ୍ୟ ରୂପେ ପ୍ରତୀୟମାନ ହୋଇଥାଏ । ମଣିଷ ନିଜ ମନର ଯନ୍ତ୍ରଣା ଅନ୍ୟକୁ ବାଣ୍ଟି ପାରିଲେ ମନର କଷ୍ଟ କିଛି ପରିମାଣରେ ଲାଘବ ହୋଇଥାଏ ।

ମାତ୍ର, ଆଉ କିଛି ଲୋକ ଅଛନ୍ତି ନିଜର ଯନ୍ତ୍ରଣାରେ ଆଉ କାହାକୁ ଭାଗୀଦାର କରିବାକୁ ଚାହାଁନ୍ତି ନାହିଁ । ନିଜେ ହିଁ ଏକାକୀ ନିଜ ଯନ୍ତ୍ରଣାକୁ ଭୋଗିବାକୁ ନିଜ ମନକୁ ପ୍ରସ୍ତୁତ କରି ନେଇଥାନ୍ତି । ଅନ୍ୟର ସହାନୁଭୂତିକୁ ମଧ୍ୟ ଗ୍ରହଣ କରିବାକୁ କୁଣ୍ଠାବୋଧ କରିଥାନ୍ତି । ମୁଁ ମଧ୍ୟ ସେହି ପ୍ରକୃତିର ଅନ୍ତର୍ଭୁକ୍ତ । ତେଣୁ ଅନେକ ସମୟରେ ମୋତେ ବହୁ କଷ୍ଟ ଉଠାଇବାକୁ ପଡିଛି । ଲୋକେ ମୋ' ନାଁରେ ଜମି ଲେଖିଦେବା ପାଇଁ ପ୍ରସ୍ତୁତ, ମାତ୍ର ମୋ'ର ବିବେକ ତାକୁ ଅନୁମୋଦନ କରିପାରୁ ନ ଥାଏ ।

Source: Author, Digitized by PPRACHIN, SOA

ପରିଶେଷରେ ସୀତାରାମ ବାବୁଙ୍କୁ ବୁଝାଇ କୋକସରା ବ୍ଲକ କଂଗ୍ରେସ୍ ଅଫିସ୍ ନାଁରେ ଜମି ରେଜିଷ୍ଟ୍ରେସନ୍ କରିବା ପାଇଁ କ୍ଷମ ହେଲି ।

ଯଥାସମୟରେ ସେ ୨ ଡେସିମିଲ୍ ଜମି କଂଗ୍ରେସ ଅଫିସ୍ ନାଁରେ ରେଜିଷ୍ଟ୍ରେସନ୍ କରିଦେଲେ । ମୁଁ ମଧ୍ୟ ମୋ' କଥା ରକ୍ଷା କରି ପ୍ରତିମାସରେ ଅଫିସ୍ ଘର ପାଇଁ ମୋର "ଟି.ଏ'' ଅର୍ଥ ସହ କିଛି ଅର୍ଥ ମିଶାଇ ପ୍ରଦାନ କଲି । ଘରର ଛାତ ପଡିଗଲା ।

୧୯୯୦ ନିର୍ବାଚନରେ ପରାଜିତ ହେଲାପରେ ମଧ୍ୟ ଚାଷ ଜମିରୁ ଧାନ ବିକ୍ରି କରି କବାଟ, ଝରକା, ପଲସ୍ତରା, ଫ୍ଲୋରିଙ୍ଗ କରାଇ ଦେଲି । କଂଗ୍ରେସର ବିରାଟ ସମାରୋହରେ କଂଗ୍ରେସ୍ ଅଫିସ୍ ଗୃହ ଉଦ୍‌ଘାଟିତ ହେଲା । ନାମ ରହିଲା "ଗାନ୍ଧୀ ଭବନ" ।

ଏ ଉପଲକ୍ଷେ ଏକ 'ସ୍ମରଣିକା' ମଧ୍ୟ ଉନ୍ମୋଚିତ ହୋଇଥିଲା । ଗୃହ ନିର୍ମାଣ କାର୍ଯ୍ୟରେ ସୁରେଶ ପ୍ରଧାନୀ, ମାର୍କଣ୍ଡ ବେମାଲ, ସୁବାଷ ବେହେରା, ଲକ୍ଷ୍ମଣ ଦୁର୍ଗା ପ୍ରଭୃତିଙ୍କ ସହଯୋଗ ସ୍ମରଣୀୟ ।

ଯେଉଁ ଦଳର ବିଧାୟକ ତଥା ଲୋକସଭାର ସଦସ୍ୟ ହୋଇଥିଲି ସେହି ଦଳ ପ୍ରତି ମଧ୍ୟ ମୋ'ର ଗୁରୁଦାୟିତ୍ୱ ରହିଛି । ତେଣୁ ଦଳକୁ ସଙ୍ଗଠିତ କରିବା ପାଇଁ ବିଧାୟକ ଥିବା ସମୟରେ ୧୯୭୭ ମସିହାରେ ଜୟପାଟଣାରେ ମଧ୍ୟ କଂଗ୍ରେସ ଅଫିସ୍ ଗୃହ ନିର୍ମାଣ ହୋଇଥିଲା । ଏଥିପାଇଁ ରାଧେଶ୍ୟାମ ମୁଣ୍ଡ ଜମି ପ୍ରଦାନ କରିଥିଲେ । ସ୍ୱାଧୀନତା ସଂଗ୍ରାମୀ ବିଜମରା ଗ୍ରାମର ଚୈତନ୍ୟ ପଣ୍ଡା ଅଫିସ୍ ଗୃହ ନିର୍ମାଣ ଦାୟିତ୍ୱ ତୁଲାଇଥିଲେ । କୃତ୍ତିବାସ ପୂଝାରୀ ସହଯୋଗ ପ୍ରଦାନ କରିଥିଲେ ।

ଜିଲ୍ଲା କଂଗ୍ରେସ କମିଟିର ସଂପାଦକ ଦାୟିତ୍ୱରେ ଥିବା ସମୟରେ କଳମପୁର ବ୍ଲକର ପାତ୍ରବସା ଗ୍ରାମର ମୋ'ର ସ୍କୁଲ ସାଥୀ ନରସିଂହ ପଣ୍ଡା ମୋ'ର କଂଗ୍ରେସ ସଙ୍ଗଠନ ପାଇଁ ନିଃସ୍ୱାର୍ଥ କାର୍ଯ୍ୟ ଦେଖି ଖୁସିରେ ତାଙ୍କ ଘରକୁ କଂଗ୍ରେସ୍ ଅଫିସ ପାଇଁ ଦାନ କରି ଦେଇଥିଲେ । ସ୍ଥାନୀୟ କଂଗ୍ରେସ କର୍ମୀମାନେ ୧୨ ବର୍ଷରୁ ଉର୍ଦ୍ଧ୍ୱ ସମୟ ତାହା ବ୍ୟବହାର କଲେ । ମାତ୍ର, କଂଗ୍ରେସ ଅଫିସ୍ ନାଁରେ ରେଜିଷ୍ଟ୍ରେସନ୍ କଲେ ନାହିଁ କିମ୍ୱା ଘରର ଖପର ଭାଙ୍ଗିଗଲା ପରେ ମରାମତି ମଧ୍ୟ କଲେ ନାହିଁ । ହଠାତ୍ ନରସିଂହ ପଣ୍ଡାଙ୍କ ଅକାଳ ବିୟୋଗ ହୋଇଗଲା । ତାଙ୍କ ମୃତ୍ୟୁ ପରେ ତାଙ୍କ ପୁଅ ସେହି ଘର ନିଜ ହାତକୁ ନେଇ ନୂଆ ତିଆରି କରି ବ୍ୟାଙ୍କକୁ ଭଡା ଆକାରରେ ପ୍ରଦାନ କଲେ । ଯଥା ସମୟରେ କଂଗ୍ରେସ ଦଳ ତାହା ରେଜିଷ୍ଟ୍ରେସନ୍ ନ କରିବା ଫଳରେ ତାହା କଂଗ୍ରେସ ହାତରୁ ଚାଲିଗଲା ।

Source: Author, Digitized by PPRACHIN, SOA

ମୁଖ୍ୟମନ୍ତ୍ରୀଙ୍କ କଳାହାଣ୍ଡି ଗସ୍ତ :

ମାନ୍ୟବର ମୁଖ୍ୟମନ୍ତ୍ରୀ କଳାହାଣ୍ଡି ଗସ୍ତରେ ଆସିଥାନ୍ତି । ବିଶେଷତଃ, ମୋ'ର କୋକସରା ନିର୍ବାଚନମଣ୍ଡଳୀକୁ ତାଙ୍କ ଗସ୍ତ ଥାଏ । ମାନ୍ୟବର ମୁଖ୍ୟମନ୍ତ୍ରୀ କଳାହାଣ୍ଡି ଆସିବା ପୂର୍ବରୁ ମୁଁ ଗସ୍ତ କରି ଜୟପାଟଣା, ଲଡୁଗାଁ, କୋକସରା ବ୍ଲକ୍‌ର କଂଗ୍ରେସ କର୍ମୀମାନଙ୍କ ସହିତ ଆଲୋଚନା ଓ ପରାମର୍ଶ କରି ତିନୋଟି ସାଧାରଣ ସଭାରେ ମୁଖ୍ୟମନ୍ତ୍ରୀଙ୍କ ଭାଷଣ ଦେବା କାର୍ଯ୍ୟକ୍ରମ ସ୍ଥିର କରାଇଲି ।

ସେଥିପାଇଁ କଂଗ୍ରେସ କର୍ମୀମାନଙ୍କ ମଧ୍ୟରେ ବିପୁଳ ଉତ୍ସାହ ଉଦ୍ଦୀପନା ଖେଳି ଯାଇଥାଏ । ପୋଷ୍ଟର, ପ୍ରଚାର ପତ୍ର ପ୍ରସ୍ତୁତ ହେଲା । ମାଇକ୍ ସେଟ୍‌ର ବ୍ୟବସ୍ଥା କରାଗଲା । ପେଣ୍ଡାଲ୍ ପ୍ରସ୍ତୁତ କରାଗଲା । ସେଥିପାଇଁ ଦାୟିତ୍ୱ ମଧ୍ୟ ଅର୍ପଣ କରାଗଲା । ସଭାରେ ଶୃଙ୍ଖଳା ରକ୍ଷା ପାଇଁ କର୍ମୀମାନଙ୍କୁ ଯଥାଯଥ ପରାମର୍ଶ ଦିଆଗଲା ।

ନିର୍ଦ୍ଦିଷ୍ଟ ଦିନ ମୁଖ୍ୟମନ୍ତ୍ରୀ ଆସି ତାଙ୍କର ପ୍ରଥମ ସାଧାରଣସଭା ଜୟପାଟଣାରେ ଉଦ୍‌ବୋଧନ ଦେଲେ । ସ୍ଥାନୀୟ ଲୋକପ୍ରତିନିଧି ହିସାବରେ ମୁଁ ସ୍ୱାଗତ ଜଣାଇଲି । ବ୍ଲକ୍ କଂଗ୍ରେସ କମିଟି ତରଫରୁ ତାଙ୍କୁ ମାନପତ୍ର ସହ ଦାବିପତ୍ର ପ୍ରଦାନ କରାଗଲା ।

ମାନ୍ୟବର ମୁଖ୍ୟମନ୍ତ୍ରୀ ତାଙ୍କ ସାରଗର୍ଭକ ଭାଷଣ ପ୍ରଦାନ କରି ଚାଲିଥାନ୍ତି । ଇନ୍ଦ୍ରାବତୀ ବହୁମୁଖୀ ଯୋଜନା ଏହି ଅଞ୍ଚଳର ରୂପ ବଦଳାଇ ଦେଇ ପାରିବ ବୋଲି ମତପୋଷଣ କରୁଥାନ୍ତି । ଏହି ସମୟରେ କୋକସରା ବ୍ଲକ୍‌ର କେତେ ଜଣ କଂଗ୍ରେସକର୍ମୀ ଆସି ମୋତେ ସାକ୍ଷାତ କରି କହିଲେ, "ପୁଲିସ୍ ଆମ କଂଗ୍ରେସ ଲୋକମାନଙ୍କୁ ଥାନାରେ ଅଟକାଇ ରଖିଛନ୍ତି" ।

ମୁଁ ଆଶ୍ଚର୍ଯ୍ୟ ହୋଇ ସେମାନଙ୍କ ମୁହଁକୁ ଚାହିଁ ପ୍ରଶ୍ନ କଲି, "କେଉଁମାନଙ୍କୁ ପୁଲିସ୍ ଅଟକାଇ ରଖିଛି ? କ'ଣ ପାଇଁ ରଖିଛି" ?

ସେମାନେ କହିଲେ, "ମୁଖ୍ୟମନ୍ତ୍ରୀ ଆସିବା ସମୟରେ ଏମାନେ ଗଣ୍ଡଗୋଳ କରିବେ । ତେଣୁ ପୁଲିସ୍ ସେମାନଙ୍କୁ ଅଟକାଇ ରଖିଛି" ।

ମୁଁ ପୁଣି କହିଲି, "ଏମାନେ ପରା ଆମ କଂଗ୍ରେସ ଦଳର ମୁଖ୍ୟ କର୍ମୀମାନେ ? ମୋ'ର ଅତି ପାଖ ଲୋକ । ଏମାନେ କିପରି ମୋ' ସହିତ ମୁଖ୍ୟମନ୍ତ୍ରୀ ଥିବା ସମୟରେ ଗଣ୍ଡଗୋଳ କରିବେ" ?

କୋକସରାରୁ ଆସିଥିବା କଂଗ୍ରେସ ବନ୍ଧୁମାନେ ମୋତେ କହିଲେ, "ଆମେ ପୁଲିସକୁ ଯେତେ ବୁଝାଇଲେ ମଧ୍ୟ ସେମାନେ ବୁଝିବା ଅବସ୍ଥାରେ ନାହାନ୍ତି । ସେମାନେ କେବଳ ଉପର ଆଦେଶ ପାଳନ କରୁଛନ୍ତି" ।

Source: Author, Digitized by PPRACHIN, SOA

କଂଗ୍ରେସ ବନ୍ଧୁମାନଙ୍କୁ ବୁଝାଇ କୋକସରା ଫେରିଯିବା ପାଇଁ କହିଲି । ସେମାନେ ସାଙ୍ଗେସାଙ୍ଗେ ଗାଡି ନେଇ କୋକସରା ଫେରିଗଲେ ।

ମୁଖ୍ୟମନ୍ତ୍ରୀ ତାଙ୍କ ଭାଷଣ ଦେଇ ଚାଲିଥାନ୍ତି । ମୁଁ ସେତେବେଳେ ମୁଖ୍ୟମନ୍ତ୍ରୀଙ୍କ ଭାଷଣ ଶୁଣିବାର ମାନସିକ ସ୍ଥିତିରେ ନ ଥିଲି । ମୋ' ମନରେ ବହୁ ପ୍ରଶ୍ନ ଖେଳି ଯାଇଥାଏ । ମୋ' ନିର୍ବାଚନମଣ୍ଡଳୀର ସର୍ବସାଧାରଣଙ୍କ ସମ୍ମୁଖରେ ମୋ'ର ସମ୍ମାନ କ୍ଷୁଣ୍ଣ କରିବା ପାଇଁ ଏକ ଯୋଜନାବଦ୍ଧ ଷଡଯନ୍ତ୍ର ଆରମ୍ଭ ହୋଇ ଯାଇଥାଏ । ମୋ'ର ଆତ୍ମସମ୍ମାନ ପାଇଁ ଏହା ଏକ ଚ୍ୟାଲେଞ୍ଜ ସଦୃଶ ମୁଁ ମନେ କଲି । ଅଞ୍ଚଳର ଜଣେ ଠିକାଦାର-ନେତା ପ୍ରଭାବଶାଳୀ ନେତାମାନଙ୍କ ସହ ମିଶି ଏ ଚକ୍ରାନ୍ତ ରଚନା କରିଥାନ୍ତି । ଏହା ମୋତେ ବୁଝିବାକୁ ବିଳମ୍ବ ହେଲା ନାହିଁ ।

ମାନ୍ୟବର ମୁଖ୍ୟମନ୍ତ୍ରୀ ତାଙ୍କ ଅଭିଭାଷଣ ଶେଷ କଲେ । ଉପସ୍ଥିତ ଜନତା କରତାଳି ଦେଇ ଜାନକୀବାବୁ ଜିନ୍ଦାବାଜ୍ ସ୍ୱରରେ ସ୍ଥାନଟିକୁ କଂପାଇ ଦେଲେ । ସ୍ଥାନୀୟ କର୍ମୀମାନଙ୍କଠୁ ବିଦାୟ ନେଇ ଲଡୁଗାଁ ଅଭିମୁଖେ ଆମ ଯାତ୍ରା ଆରମ୍ଭ ହେଲା । ଗାଡିରେ ବସିଲା ପରେ ମୁଁ ସମସ୍ତ ଘଟଣା ମୁଖ୍ୟମନ୍ତ୍ରୀଙ୍କୁ କହିଲି । କଂଗ୍ରେସ କର୍ମୀମାନେ ଆମ ଦଳର ସକ୍ରିୟ ବ୍ୟକ୍ତି । ସେମାନଙ୍କୁ ପୁଲିସ୍ ଅଟକାଇ ରଖିବା ଠିକ୍ ହେଲା ନାହିଁ ।

ଜାନକୀବାବୁ କଥାଟା ଠିକ୍ ବୁଝିଗଲେ, ମାତ୍ର ପଦଟିଏ ମଧ୍ୟ କିଛି କହିଲେ ନାହିଁ । ଯଥା ସମୟରେ ଆମେ ଲଡୁଗାଁରେ ପହଞ୍ଚି ଗଲୁ । ହଜାରହଜାର ଜନତା ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ ଜଣାଇଲେ । ଫୁଲମାଳରେ ପୋତି ପକାଇଲେ । ଚାଲିଚାଲି ସଭିଙ୍କ ସହିତ ମୁଖ୍ୟମନ୍ତ୍ରୀ ସଭାସ୍ଥଳକୁ ଆସିଲେ । ସଭାସ୍ଥଳୀରେ ତାଙ୍କର ଜୟ ଜୟ ଧ୍ୱନି କରାଗଲା ।

ସ୍ୱାଗତ ଅଭିଭାଷଣ ସ୍ଥାନୀୟ କଂଗ୍ରେସ ନେତା ରାମୁ ଅଗ୍ରୱାଲ ପ୍ରଦାନ କଲେ । ସତ୍ୟ ଚୌଧୁରୀ ଅଞ୍ଚଳର ଦାବି ଉପସ୍ଥାପନା କଲେ । ସେହି ସଭାରେ ମୁଁ ମୋ'ର ଭାଷଣ ପ୍ରଦାନ କଲି ନାହିଁ । କେବଳ ବସି ରହିଲି । ପ୍ରଫୁଲ୍ଲ ମାଝୀ ଧନ୍ୟବାଦ ଅର୍ପଣ କଲେ ।

ଜାନକୀବାବୁ କଥାଟାର ଗୁରୁତ୍ୱ ଉପଲବ୍ଧି କରିବାକୁ ଲାଗିଲେ । ସଭା ଶେଷ ପରେ ଆମେ କୋକସରା ଅଭିମୁଖେ ବାହାରିଲୁ । ଲଡୁଗାଁରୁ ମହାଜନଗୁଡା ଛକ, ମେନ୍ ରୋଡ ପହଞ୍ଚି ଗଲାପରେ ମୁଁ ଡ୍ରାଇଭରଙ୍କୁ କହିଲି ଗାଡି ରୋକିବା ପାଇଁ । ଡ୍ରାଇଭର୍ ସାଙ୍ଗେ ସାଙ୍ଗେ ଗାଡି ରୋକିନେଲେ । ପଛରେ ଥିବା ସମସ୍ତ ଗାଡି ଛିଡା ହୋଇଗଲା ।

ମୁଁ ଗାଡିରୁ ଓହ୍ଲାଇ ମୁଖ୍ୟମନ୍ତ୍ରୀଙ୍କୁ କହିଲି, "ଏଠୁ କୋକସରା ମାତ୍ର ୧୦ ମିନିଟ୍ ସମୟର ରାସ୍ତା । ଆପଣ କୋକସରା ପୁଲିସକୁ ନିର୍ଦ୍ଦେଶ ଦିଅନ୍ତୁ, କଂଗ୍ରେସ ଲୋକଙ୍କୁ

Source: Author, Digitized by PPRACHIN, SOA

ଥାନାରେ ନ ବସାଇ ସଭାସ୍ଥଳକୁ ଆଣନ୍ତୁ । ତାହା ଯଦି ନ ହୁଏ, ମୁଁ ମୋ'ର କୋକସରା ନିର୍ବାଚନମଣ୍ଡଳୀ ସଭାରେ ମନ୍ତ୍ରୀପଦ ତ୍ୟାଗ କରିବି"।

ହାତରୁ ତୀର ଖସିଗଲେ ତାହା ଯେପରି ଅଣ ଲେଉଟା, ତୁଣ୍ଡରୁ କଥା ବାହାରି ପଡିଲେ ତାହା ମଧ ସେହିପରି । ତାକୁ ଆଉ ଫେରାଇ ଅଣାଯାଇ ପାରେ ନାହିଁ ।

ମୋ'ର ମନ୍ତ୍ରୀପଦ ତ୍ୟାଗ କରିବା ଶୁଣି ଜାନକୀବାବୁ ଚମକି ପଡିଲେ । ଆତ୍ମସମ୍ମାନ ଅପେକ୍ଷା, ମନ୍ତ୍ରୀପଦ ମୋ' ପାଖରେ କିଛି ନୁହେଁ । ତାହା ସେ ସ୍ପଷ୍ଟ ଉପଲବ୍ଧି କରି ପାରିଲେ । କଂଗ୍ରେସ କର୍ମୀମାନଙ୍କ ପ୍ରତି ମଧ ମୋ' ମନର ଦରଦ ସେ ସ୍ପଷ୍ଟ ବୁଝିପାରିଲେ ।

ସେ ଭଲଭାବରେ ଜାଣନ୍ତି, ମୁଁ ମନ୍ତ୍ରୀ ହୋଇଛି ଭାରତର ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ପରାମର୍ଶ କ୍ରମେ । ଅତୀତରେ ମୋ'ପ୍ରତି ବହୁ ଅନ୍ୟାୟ ହୋଇଥିବା ତାଙ୍କୁ ସୂଚାଇ ମଧ ଦେଇଛନ୍ତି । ତେଣୁ ମୁଁ ମନ୍ତ୍ରୀପଦ ତ୍ୟାଗ କଲେ କଥାଟାର ଅନେକ ଗୁମର ଖୋଲିଯିବ ।

ମୁଁ ଗାଡିରୁ ଓହ୍ଲାଇ ପଡିବା କ୍ଷଣି ପଛରୁ ଏସ୍.ପି. ଦୌଡି ଆସିଲେ । ମୁଖ୍ୟମନ୍ତ୍ରୀ ଗାଡିରୁ ଓହ୍ଲାଇ ଏସ୍.ପି.ଙ୍କୁ କହିଲେ, "କୋକସରା ଥାନାକୁ ଫୋନ୍ ଲଗାଅ"। ଏସ୍.ପି. ସଙ୍ଗେ ସଙ୍ଗେ ଥାନାକୁ ଫୋନ୍ ଲଗାଇ ମୁଖ୍ୟମନ୍ତ୍ରୀଙ୍କୁ ଧରାଇ ଦେଲେ ।

ମୁଖ୍ୟମନ୍ତ୍ରୀ ଫୋନ୍ ହାତକୁ ନେଇ ଥାନାବାବୁଙ୍କୁ କହିଲେ, "କଂଗ୍ରେସକର୍ମୀମାନଙ୍କୁ କାହିଁକି ଅଟକାଇ ରଖିଛ"? କଠୋର ସ୍ୱରରେ କହିଲେ, "ତୁରନ୍ତ ସେମାନଙ୍କୁ ଆଣି ତିନୋଟି ଚୌକିରେ ପେଣ୍ଡାଲ୍ ପାଖରେ ସଭା ଆଗରେ ବସାଅ''।

ଦଶ ମିନିଟ୍ ପରେ ଆମେ ସଭା ସ୍ଥଳରେ ପହଞ୍ଚିବା ବେଳକୁ ଅଟକ ରହିଥିବା କଂଗ୍ରେସକର୍ମୀମାନେ, ହସ ହସ ମୁହଁରେ ତିନୋଟି ଚୌକିରେ ସମ୍ମାନର ସହ ବସି ରହିଥାନ୍ତି । ଚକ୍ରାନ୍ତକାରୀମାନଙ୍କ ମୁହଁ ଶୁଖି ଯାଇଥାଏ ।

ବିପୁଳ ଜନସମାଗମ ଦେଖି ଏବଂ କଂଗ୍ରେସକର୍ମୀମାନଙ୍କ ଅଭିନନ୍ଦନରେ ସେ ଅଭିଭୂତ ହୋଇଗଲେ ।

ମୁଁ ମୋ'ର ସ୍ୱାଗତ ଅଭିଭାଷଣରେ, ଅଞ୍ଚଳର ଚାଷ ଓ ଚାଷୀଙ୍କ ସମସ୍ୟା ଉପରେ ମ'ତ ପ୍ରଦାନ କଲି । ଅଞ୍ଚଳର ବିକାଶ ପାଇଁ ତଥା ଲୋକଙ୍କ ଅର୍ଥନୈତିକ ଉନ୍ନତି ପାଇଁ କୃଷକମାନଙ୍କ ମୌଳିକ ସମସ୍ୟାର ସମାଧାନ ପାଇଁ ଉପଯୁକ୍ତ ପଦକ୍ଷେପ ଆବଶ୍ୟକ । ଶତକଡା ଅଶୀ ଭାଗ ଚାଷୀ କ୍ଷୁଦ୍ର ଏବଂ ନାମମାତ୍ର ଚାଷୀ । ତେଣୁ ସେମାନଙ୍କ ଜମିକୁ ଜଳସେଚନର ସୁବିଧା ଯୋଗାଇବାକୁ ପଡିବ । ଇନ୍ଦ୍ରାବତୀ ଯୋଜନାର ଉଠା ଜଳସେଚନ ମାଧ୍ୟମରେ ହିଁ ସେମାନେ ଉପକୃତ ହୋଇପାରିବେ ।

Source: Author, Digitized by PPRACHIN, SOA

ସମବାୟ ବିଭାଗର ଋଣ ଚାଷୀଙ୍କୁ ଯଥାସମୟରେ ଯୋଗାଇ ଦେବା ପାଇଁ ଆମ ସରକାର "ନାବାର୍ଡ"ର ସହଯୋଗରେ କାର୍ଯ୍ୟ ଆରମ୍ଭ କରି ଦେଇଛନ୍ତି । ବିହନ, ସାର ମଧ୍ୟ ଠିକ୍ ସମୟରେ ଚାଷୀଙ୍କ ପାଖକୁ ବ୍ୟାପକ ଭାବରେ ପହଞ୍ଚାଇବା ପାଇଁ ବ୍ୟବସ୍ଥା କରାଯାଇଛି । ଉଠା ଜଳସେଚନ ଯୋଜନାକୁ ତ୍ୱରାନ୍ୱିତ କରିବା ପାଇଁ ଦୃଢ ପଦକ୍ଷେପ ନିଆଯାଇ ବିଜମରା ଏବଂ ଲଡୁଗାଁ ଠାରେ ଅଫିସ୍ କାର୍ଯ୍ୟ କାର୍ଯ୍ୟକାରୀ ହୋଇଛି ।

"ମାନ୍ୟବର ମୁଖ୍ୟମନ୍ତ୍ରୀ ଆମ ଅଞ୍ଚଳକୁ ଆସି ଅଞ୍ଚଳର ଅଗଣିତ ଜନତାଙ୍କ ସହ ମିଶି ସେମାନଙ୍କ ମୌଳିକ ସମସ୍ୟା ଜାଣିପାରି ଥିବାରୁ ତା'ର ପ୍ରତିକାର କରି ଲୋକଙ୍କ ଆଶା ପୂରଣ କରନ୍ତୁ । ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଅଞ୍ଚଳବାସୀଙ୍କ ତରଫରୁ ଏ ଅନୁରୋଧ ଜଣାଉଛି" କହିଲି ।

ମୋର ଭାଷଣ ଶେଷ ହେବା ପରେ ମାନ୍ୟବର ମୁଖ୍ୟମନ୍ତ୍ରୀ ତାଙ୍କ ଦୀର୍ଘ ଅଭିଭାଷଣ ମାଧ୍ୟମରେ ସରକାରଙ୍କ କାର୍ଯ୍ୟକଳାପ ଉପରେ ସଂକ୍ଷିପ୍ତ ଧାରଣା ପ୍ରଦାନ କରି ଅଞ୍ଚଳର ଏକ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ଇନ୍ଦ୍ରାବତୀ ବହୁମୁଖୀ ଯୋଜନାର 'ଉଠା ଜଳସେଚନ ଯୋଜନା'କୁ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ଯୋର ଦେଇ ତାଙ୍କ ଅଭିଭାଷଣ ପ୍ରଦାନ କଲେ ।

ଉପସ୍ଥିତ ଜନତା ଉତ୍କଣ୍ଠାର ସହ ତାଙ୍କ ଅଭିଭାଷଣକୁ ମନ ଦେଇ ଶୁଣୁଥାନ୍ତି । ମୁଖ୍ୟମନ୍ତ୍ରୀ କହିଲେ, "ଉଠା ଜଳସେଚନ ପାଇଁ ଏକ 'ସ୍ୱତନ୍ତ୍ର ଡିଭିଜନ' ପ୍ରତିଷ୍ଠିତ ହୋଇଛି । ସେଥିପାଇଁ ବିଭାଗୀୟ ଇଞ୍ଜିନିୟରମାନେ ମଧ୍ୟ ଯୋଗଦେଇ କାର୍ଯ୍ୟ ଆରମ୍ଭ କରି ଦେଲେଣି । ଆମ ସରକାର ୬୨ କୋଟି ଟଙ୍କା ମଧ୍ୟ ଡିଭିଜନ ପାଇଁ ମଞ୍ଜୁର କରି ସାରିଛନ୍ତି । ଡିଭିଜନ ଅଫିସ୍, ସବ୍ ଅଫିସ୍ ମଧ୍ୟ ଯଥାବିଧି ପ୍ରତିଷ୍ଠିତ ହୋଇସାରିଛି ।

ଉଠା ଜଳସେଚନ ମାଧ୍ୟମରେ ଏହି ଅଞ୍ଚଳର ଚାଷୀମାନେ ଉପକୃତ ହେବେ । ଫଳରେ ଚାଷୀ ଦୁଇ ଫସଲ ଉତ୍ପାଦନ କରି ଲାଭବାନ ହୋଇ ପାରିବ । ଶସ୍ୟ ଶ୍ୟାମଳାରେ ଏହି ଅଞ୍ଚଳ ଭରି ଉଠିବ । କୋକସରା ହସି ଉଠିବ" ।

ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଏହିଭଳି ଉତ୍ସାହପୂର୍ଣ୍ଣ ଭାଷଣ ଶୁଣି ହଜାର ହଜାର ଜନତା ଭାବୋଚ୍ଛ୍ୱାସରେ ହର୍ଷ ଧ୍ୱନି କରି ଘନ ଘନ କରତାଳିରେ ସଭା ସ୍ଥଳକୁ କମ୍ପେଇ ଦେଲେ । ଜାନକୀ ପଟ୍ଟନାୟକ ଜିନ୍ଦାବାଦରେ ସ୍ଥାନଟି ମୁଖରିତ ହୋଇ ଉଠିଲା ।

ଓଡିଶା ରାଜନୀତିରେ ବିଶୃଙ୍ଖଳିତ ବାତାବରଣ :

ରାଜ୍ୟ ରାଜନୀତିରେ ଅନେକ ନ ଶୁଣିବା କଥାସବୁ ଶୁଣିବାକୁ ମିଳିଲା । ପଲ୍ଲୀଠୁ ଦିଲ୍ଲୀ ପର୍ଯ୍ୟନ୍ତ ଆଲୋଚନା ସରଗରମ ହୋଇ ଉଠିଲା । ଗଳିକନ୍ଦି ସବୁଆଡେ ଲୋକେ ରାଜନୀତି ବିଷୟରେ ପୁଟୁରପାଟୁର ହେଉଥିବା ଶୁଣିବାକୁ ମିଳୁଥିଲା ।

Source: Author, Digitized by PPRACHIN, SOA

ରାଜ୍ୟରେ ବିରାଟ ପରିବର୍ତ୍ତନ ଘଟି ଚାଲିଥାଏ । କ'ଣ କରିବା ଉଚିତ୍, କ'ଣ ନ କରିବା କଥା, କାହାର କଥା ଶୁଣିବା ଉଚିତ୍, ଏ ବିଷୟରେ ରାଜ୍ୟରେ ଏକ ଅସ୍ପଷ୍ଟ ବାତାବରଣ ସୃଷ୍ଟି ହୋଇଥାଏ । ନୈତିକତାର ଅବକ୍ଷୟ ଘଟି ଚାଲିଥାଏ । ନାରୀକୁ କେନ୍ଦ୍ର କରି ଭ୍ରଷ୍ଟାଚାରର ସୁଅ ଛୁଟି ଚାଲିଥାଏ ।

ରୋମ୍ ନଗରୀ ଜଳୁଥିବା ବେଳେ ନିରୋଙ୍କ ବଂଶୀବାଦନ ପରି ଆମ ନେତୃମଣ୍ଡଳୀ "ଏହା ବିରୋଧୀଙ୍କ ଚାଲ୍" କହି କଥାଟାକୁ ଟାଳି ଦେବାପାଇଁ ଉଦ୍ୟମ କରୁଥାନ୍ତି ।

ରାଜନୀତିରେ ଅପରାଧୀକରଣ, ଦୁର୍ନୀତି, ଆଦି ଆମକୁ ଆମର ମୌଳିକ କର୍ତ୍ତବ୍ୟରୁ ଏକ ଅନ୍ଧକାର ଗହ୍ୱର ମଧ୍ୟକୁ ଠେଲି ଦେଲା ଭଳି ମନେ ହେଉଥାଏ । ଖବରକାଗଜ ଓଲଟାଇଲେ ଓଡିଶାର କେଳେଙ୍କାରୀ ଉପରେ ଲେଖାସବୁ ପଢିବାକୁ ମିଳୁଥାଏ । ତାର କୌଣସି ଉପଯୁକ୍ତ ପ୍ରତିବାଦ ମଧ୍ୟ ଯଥାଯଥ ଭାବରେ ହେଉ ନ ଥାଏ । ମନ୍ତ୍ରୀମାନଙ୍କ ଭିତରେ ମଧ୍ୟ ଗଭୀର ଚିନ୍ତା ଉଦ୍ରେକ ହେଉଥାଏ ।

ଛବିରାଣୀଠୁ ଏଡଭୋକେଟ୍ ଜେନେରାଲ୍‌ଙ୍କ ପର୍ଯ୍ୟନ୍ତ ନେଇ ବହୁ ଘଟଣା ଗୋଟିଏ ପରେ ଗୋଟିଏ ଘଟି ଓଡିଶା ରାଜନୀତିକୁ କଳୁଷିତ କରି ଦେଇଥାଏ । କଂଗ୍ରେସ ଦଳକୁ କେଳେଙ୍କାରୀ ଅପବାଦ ଧୀରେ ଧୀରେ ଗ୍ରାସ କରି ଚାଲିଥାଏ ।

ମୋ' ମନରେ ନାନା ପ୍ରଶ୍ନ ଉଙ୍କି ମାରିଲା । ମୁଁ ଗଭୀର ଚିନ୍ତାରେ ମଗ୍ନ ରହିଲି । ସେତେବେଳେ ମୋ' ମନରେ ଗୋଟିଏ କଥା ବାରମ୍ବାର ପ୍ରତିଧ୍ୱନିତ ହେବାକୁ ଲାଗିଲା ।

ମହାତ୍ମାଗାନ୍ଧୀ ଆମମାନଙ୍କୁ ଏକ ମର୍ମସ୍ପର୍ଶୀ ଉପଦେଶ ପ୍ରଦାନ କରି ଯାଇଛନ୍ତି - "ତୁମେ ଯେତେବେଳେ ସନ୍ଦେହରେ ପଡିଯାଇଛ, ଅବା ନିଜକଥା ନିଜକୁ ଦୋଳାୟମାନ ଅବସ୍ଥାକୁ ଟାଣି ନେଉଛି, ସେତେବେଳେ ନିମ୍ନ କଥାଟାକୁ ପ୍ରୟୋଗ କରନ୍ତୁ, ଗଭୀର ଭାବରେ ଚିନ୍ତା କରନ୍ତୁ । ତମେ ଯାହା କରିବାକୁ ଯାଉଛ, ତାହା ସେହି ଲୋକଟିର କିଛି ଉପକାର କରିବ କି? ତୁମର କାର୍ଯ୍ୟଧାରାଦ୍ୱାରା ତାହାର କିଛି ଲାଭ ହେବ କି?"

ଗାନ୍ଧୀଙ୍କ ଏହି ମର୍ମବାଣୀକୁ ବିବେକୀ ମଣିଷ ଏହିଭଳି ଦୁର୍ଦ୍ଦିନରେ ସ୍ମରଣ କରି ତାକୁ କାର୍ଯ୍ୟକାରୀ କରି ପାରିଲେ ଉପକୃତ ହୋଇଥାଏ ।

ରାଜ୍ୟର ଅଗଣିତ ଲୋକ ଭୋକିଲା । ସେମାନଙ୍କ ମୁହଁରେ ଆଧାର ଯୋଗାଇବା ଆମର ପ୍ରଥମ କର୍ତ୍ତବ୍ୟ । ମାତ୍ର, ଆମେ ଆଜି ଏକ ବିଶୃଙ୍ଖଳିତ ପରିବେଶ ମଧ୍ୟରେ ଆମର ଶାସନ ପ୍ରଣାଳୀକୁ ନିଷ୍କ୍ରିୟ କରି କିଂ କର୍ତ୍ତବ୍ୟ ବିମୂଢ଼ ହୋଇ ବସି ରହିଛୁ ।

Source: Author, Digitized by PPRACHIN, SOA

ହଠାତ୍ ଆକାଶରୁ ସୂର୍ଯ୍ୟ ଛପି ଯାଇ ଅମା ଅନ୍ଧକାର ମାଡି ଆସିଲା ଭଳି ମନେ ହେଉଥାଏ । ପରିସ୍ଥିତି ଦେଖି ଶୁଣି ଆମମାନଙ୍କ ମୁହଁରୁ ହସ ଟିକକ ଲିଭିଗଲା ଭଳି ମନେ ହେଉଥାଏ ।

ଦୀର୍ଘ ମିଆଦି ସ୍ୱପ୍ନକୁ ବାସ୍ତବ ରୂପ ଦେବା ପାଇଁ ଉଦ୍ୟମ ଜାରି ରହିଥିବା ସମୟରେ ଏହି ବିଭ୍ରାନ୍ତିକର ପରିସ୍ଥିତି ସମସ୍ତ କାମକୁ ଓଲଟପାଲଟ କରିଦେବା ଭଳି ମନେ ହେଉଥାଏ ।

ରାଜନୀତି ପ୍ରତି ମୋ'ର ଆଗ୍ରହ ଥିଲା । ରାଜନୀତି ମାଧ୍ୟମରେ ସମାଜର କେତେକ ଉନ୍ନୟନମୂଳକ କାର୍ଯ୍ୟକ୍ରମ ହାତକୁ ନେଇ ଅନେକ କ୍ଷେତ୍ରରେ ସଫଳତା ମଧ୍ୟ ଅର୍ଜନ କରିଛି । ତେଣୁ ରାଜନୀତି ମୋ' ପାଇଁ ଏକ ମାଧ୍ୟମ ମାତ୍ର ।

ମାତ୍ର, ଆଜି ଏହି ଯେଉଁ ପରିସ୍ଥିତି ସବୁ ଦେଖିବାକୁ ପାଇଲି, ସେଥିପାଇଁ ମନରେ ବିଷାଦଭାବ ଖେଳି ଯାଇଥାଏ । ଏହା ଅବଶ୍ୟ ସାମୟିକ । ସମୁଦ୍ରରେ ଜୁଆର, ଭଟ୍ଟା ଆସିଲା ଭଳି ମଣିଷ ମନରେ ମଧ୍ୟ ସେଭଳି କିଛି ପରିସ୍ଥିତି ଆସିଥାଏ ।

ଆମ ମନ୍ତ୍ରିମଣ୍ଡଳର ବୟସ୍କ ଗଙ୍ଗାଧର ମହାପାତ୍ରଙ୍କୁ ଭେଟି କହିଲି, "ଆପଣ ମୁଖ୍ୟମନ୍ତ୍ରୀଙ୍କୁ ଆମ ମନର ଉଦ୍‌ବେଗ ପ୍ରକାଶ କରନ୍ତୁ । ନୂତନ ଆଡଭୋକେଟ୍ ଜେନେରାଲ୍ ତୁରନ୍ତ ନିଯୁକ୍ତି କରନ୍ତୁ । ଆମ ସରକାର ବିରୁଦ୍ଧରେ ସାଧାରଣରେ ଯାହାସବୁ ପ୍ରକାଶ ପାଉଛି ତା'ର ସେ ସ୍ପଷ୍ଟୀକରଣ ଦିଅନ୍ତୁ" ।

ମାତ୍ର ଗଙ୍ଗାଧର ମହାପାତ୍ର କହିଲେ, "ରାସବିହାରୀ! ତମେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଏସବୁ କହିଲେ ସବୁ ଦିଗରୁ ଭଲ ହେବ" ।

ପରିଶେଷରେ ଦିନେ ମୁଖ୍ୟମନ୍ତ୍ରୀଙ୍କୁ ତାଙ୍କ ବାସଭବନରେ ଭେଟି ସବୁକଥା କହିଲି । ସେତେବେଳେ ଲେଡିଗୁଡ କହୁଣିକୁ ବୋହି ଯାଇଥାଏ । ମାତ୍ର, ଏତେ ଶୀଘ୍ର ପ୍ରତିକାର କରିବା ସମ୍ଭବ ହେଲା ନାହିଁ ।

ମୁଖ୍ୟମନ୍ତ୍ରୀ ଜାନକୀବାବୁଙ୍କ ଇସ୍ତଫା :

ହଠାତ୍ ଦିଲ୍ଲୀରୁ ଡାକରା ପାଇ ଜାନକୀବାବୁ ରାଜ୍ୟ ସରକାରଙ୍କ ପ୍ଲେନ୍‌ରେ ଦିଲ୍ଲୀ ଚାଲିଗଲେ । ରାଜ୍ୟରେ ଏକ ପ୍ରକାର ଅନିଶ୍ଚିତ ବାତାବରଣ ଖେଳି ଯାଇଥାଏ । ଗୁଜବ ପ୍ରଚାର ହୋଇ ଚାଲିଥାଏ । ଗୁଜବ ସହରର ଅଜବ କଥା ସବୁ ଶୁଣିବାକୁ ମିଳୁଥାଏ । କିଏ କେତେ ପ୍ରକାର କହୁଥାନ୍ତି । ଦିଲ୍ଲୀରେ ମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀଙ୍କ ପାଖରେ ଇସ୍ତଫା ପ୍ରଦାନ କରି ଫେରି ଆସିବେ ।

ମାତ୍ର, ସେଭଳି କୌଣସି ଘଟଣା ନ ଘଟି ଦିଲ୍ଲୀରୁ ସେ ଫେରି ଆସିଲେ । ଏମିତି କିଛିଦିନ ଗଡିଗଲା ।

ଦିନେ ହଠାତ୍ ତାଙ୍କ ସରକାରୀ ବାସଭବନରେ ଅନୌପଚାରିକ ଭାବରେ

Source: Author, Digitized by PPRACHIN, SOA

କ୍ୟାବିନେଟ୍ ମନ୍ତ୍ରୀମାନଙ୍କୁ ଡକାଇ ସେ ରାଜ୍ୟ ରାଜନୀତି ନେଇ ବିଶଦ ଆଲୋଚନା କରିଥିଲେ ।

ଜାନକୀବାବୁଙ୍କ ମୁହଁରେ ଏକପ୍ରକାର ବିଷାଦର ଛାୟା ଖେଳି ଯାଇଥାଏ । ଆମେ ଆଶା ଆଶଙ୍କା ମଧ୍ୟରେ ତାଙ୍କ ମୁହଁକୁ ଅନାଇ ରହିଥିଲୁ ।

ପରିଶେଷରେ ସେ ଗମ୍ଭୀର ସ୍ୱରରେ କହିଲେ, ମୁଖ୍ୟମନ୍ତ୍ରୀ ପଦରୁ ସେ ଇସ୍ତଫା ଦେଉଛନ୍ତି । ତେଣୁ ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ କିଏ ହେବ ଅବା ବିକଳ୍ପ ବ୍ୟବସ୍ଥା ଗ୍ରହଣ କରାଯିବ ସେଥିପାଇଁ ମୁଁ ଆପଣମାନଙ୍କୁ ଡାକିଛି ମତାମତ ଜାଣିବା ପାଇଁ ।

ମୁଖ୍ୟମନ୍ତ୍ରୀ ଇସ୍ତଫା ଦେଉଥିବା ଜାଣି ଆମ ସଭିଙ୍କ ମନରେ ଭରି ରହିଥିବା ଆଶା ଆଶଙ୍କା ବର୍ତ୍ତମାନ ସ୍ପଷ୍ଟ ହୋଇଗଲା ।

ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ କିଏ ହେବ, ନା ଅନ୍ୟ ବିକଳ୍ପ ଚିନ୍ତା କରାଯିବ, ନା ରାଷ୍ଟ୍ରପତି ଶାସନ ରାଜ୍ୟରେ ପ୍ରଚଳିତ ହେବ, ତାହା ଆଲୋଚ୍ୟ ବିଷୟ ହୋଇଥାଏ । ଭାବ ଗମ୍ଭୀର ପରିବେଶ ମଧ୍ୟରେ ଦୀର୍ଘ ଆଲୋଚନା ମଧ୍ୟରେ ଆମେ କୌଣସି ସିଦ୍ଧାନ୍ତରେ ଉପନୀତ ହୋଇପାରିଲୁ ନାହିଁ ।

ମୁଁ ମୋ'ର ମତ ପ୍ରଦାନ କରି କହିଲି, "ବର୍ତ୍ତମାନ ନୂତନ ମନ୍ତ୍ରିମଣ୍ଡଳ ଗଠନ ନ କରି ନିର୍ବାଚନର ସମ୍ମୁଖୀନ ହେବା ଯଥାର୍ଥ ହେବ'' । ମୋ'ର ମତ ସେଠି ଏକ ବିସ୍ଫୋରକ ପରିସ୍ଥିତି ସୃଷ୍ଟିକଲା ।

କେତେ ଜଣ ଉଠିପଡି ମୋ' ମୁହଁକୁ ଚାହିଁ କହିଲେ, "କଣ କହୁଛନ୍ତି ଆପଣ..."? ମୋ' ମତ ଶୁଣିବା ପରେ ଅନେକ ମନ୍ତ୍ରୀ ଯୋର ଦେଇ କହିଲେ, "ବିଧାନସଭାରେ ଆମର ଏବେ ମଧ୍ୟ ବହୁମତ ଥିବା ସତ୍ତ୍ୱେ, ଆମର ସଂଖ୍ୟା ଗରିଷ୍ଠତା ଥିବା ସତ୍ତ୍ୱେ, ନୂତନ ମନ୍ତ୍ରିମଣ୍ଡଳ ଗଠନ କରା ନ ଯାଇ ନିର୍ବାଚନର ସମ୍ମୁଖୀନ ହେବା ବିଜ୍ଞତାର କାମ ହେବ ନାହିଁ । ତେଣୁ ନୂତନ ମୁଖ୍ୟମନ୍ତ୍ରୀ ମନୋନୀତ କରି ନୂତନ ମନ୍ତ୍ରିମଣ୍ଡଳ ଗଠନ ହେବା ଉଚିତ୍ । ହାଇକମାଣ୍ଡ ଏ ଦିଗରେ ବିଚାର କରି ପଦକ୍ଷେପ ନେବା ଉଚିତ୍" ।

ମୋ' ମତ ସହ କୌଣସି ମନ୍ତ୍ରୀ ସହମତ ହୋଇ ପାରିଲେ ନାହିଁ । କ୍ଷମତା ଛାଡିବା ପାଇଁ କିଏ ମଧ୍ୟ ପ୍ରସ୍ତୁତ ନ ଥିଲେ । ମୋ' ମତ ଜାନକୀବାବୁଙ୍କ ମନକୁ ସ୍ପର୍ଶ କରିଥାଏ । ସେ ମଧ୍ୟ ତାଙ୍କ ପରେ ଆଉ ଜଣେ ମୁଖ୍ୟମନ୍ତ୍ରୀଙ୍କ ଦାୟିତ୍ୱ ଗ୍ରହଣକୁ ସହଜରେ ଗ୍ରହଣ କରିପାରୁ ନ ଥାନ୍ତି ।

ତେଣୁ ମୋ' ମତ ତାଙ୍କ ମନକୁ ସ୍ପର୍ଶ କରିପାରିଛି । ମୋ' ଆଡକୁ ଦୃଷ୍ଟି ପକାଇ ପୁଣି ପ୍ରଶ୍ନ କଲେ, "ନିର୍ବାଚନ ସମ୍ମୁଖୀନ ହେବାପାଇଁ ତୁମର କାରଣ ସ୍ପଷ୍ଟ କର"?

Source: Author, Digitized by PPRACHIN, SOA

ମୁଁ ସମସ୍ତଙ୍କୁ ଥରେ ଦେଖି ନେଇ କହିଲି, "ବର୍ତ୍ତମାନ ନିର୍ବାଚନର ସମ୍ମୁଖୀନ ହେଲେ ଆମେ ଅନ୍ତତଃ ଏକ ଦୃଢ଼ ବିରୋଧୀ ଦଳ ଗଠନ କରିବାରେ କ୍ଷମ ହେବୁ । ଯଦି ଆଉ ଜଣେ ମୁଖ୍ୟମନ୍ତ୍ରୀ ଦାୟିତ୍ୱ ଗ୍ରହଣ କରି ଯଥାରୀତି ନିର୍ଦ୍ଦିଷ୍ଟ ସମୟରେ ନିର୍ବାଚନର ସମ୍ମୁଖୀନ ହେବୁ, ତେବେ ଜରୁରୀ ପରିସ୍ଥିତି ପରେ କଂଗ୍ରେସ ଦଳର ଯେଉଁଭଳି ଶୋଚନୀୟ ପରାଜୟ ହେଲା ତା'ଠୁ ମଧ୍ୟ ଅତି ଶୋଚନୀୟ ହୋଇ ପଡ଼ିବ'' ।

୧୯୭୫ ମସିହା ଜୁନ୍ ୨୫ ତାରିଖ ଦିନ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ଦେଶରେ ଜରୁରୀ ପରିସ୍ଥିତି ଘୋଷଣା କରିଥିଲେ । ୧୯୭୭ ମସିହାରେ ନିର୍ବାଚନ ହୋଇଥିଲା । କଂଗ୍ରେସ ଦଳର ବିଧାନସଭାକୁ ୨୬ ଜଣ ବିଧାୟକ ନିର୍ବାଚିତ ହୋଇ ଆସିଥିଲେ । ମୁଁ ମଧ୍ୟ କୋକସରା ନିର୍ବାଚନମଣ୍ଡଳୀରୁ କଂଗ୍ରେସ ବିଧାୟକ ହିସାବରେ ନିର୍ବାଚିତ ହୋଇ ଆସିଥିଲି । ମାତ୍ର, ୧୯୯୦ ନିର୍ବାଚନରେ କଂଗ୍ରେସ ଦଳର ଶୋଚନୀୟ ପରାଜୟ ହେଲା । ସେତେବେଳେ କେବଳ ୧୦ ଜଣ ବିଧାୟକ କଂଗ୍ରେସ ଦଳ ତରଫରୁ ନିର୍ବାଚିତ ହୋଇ ଆସିଥିଲେ ।

ମୋ'ଠୁ ଏହିଭଳି ମତାମତ ଶୁଣି କିଛି ସମୟ ପରିବେଶ ଗମ୍ଭୀର ହୋଇ ଉଠିଲା । ମାତ୍ର, ବହୁ ମନ୍ତ୍ରୀ ନୂତନ ମନ୍ତ୍ରୀମଣ୍ଡଳ ଗଠନ ସପକ୍ଷରେ ମତ ପ୍ରଦାନ କଲେ । ତେଣୁ ବହୁ ମତରେ ତାହା ଗ୍ରହଣ ହେଲା ।

ମୁଖ୍ୟମନ୍ତ୍ରୀ ଦିଲ୍ଲୀ ଯାଇ ଔପଚାରିକ କ୍ୟାବିନେଟ୍ ମିଟିଙ୍ଗର ମତାମତ ମାନ୍ୟବର ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କୁ ପ୍ରଦାନ କଲେ । ସେ ମୋ'ର ମତକୁ ମଧ୍ୟ ପ୍ରଦାନ କରିଥିଲେ ।

ପ୍ରଧାନମନ୍ତ୍ରୀ ଆଶ୍ଚର୍ଯ୍ୟ ହୋଇ କହିଲେ, "ବେହେରା ଜୀ କ୍ୟୁଁ ଇଲେକସନ୍ କେ ଲିଏ ବୋଲେ'' ?

ମୁଖ୍ୟମନ୍ତ୍ରୀ ସ୍ପଷ୍ଟ ଭାବରେ କହିଲେ, "ବର୍ତ୍ତମାନ ନିର୍ବାଚନର ସମ୍ମୁଖୀନ ହେଲେ କଂଗ୍ରେସଦଳ ଏକ ସୁଦୃଢ଼ ବିରୋଧୀ ଦଳ ଗଠନ କରିପାରିବ । ମାତ୍ର, ପରେ ନିର୍ବାଚନର ସମ୍ମୁଖୀନ ହେଲେ କଂଗ୍ରେସ ଦଳ ଶୋଚନୀୟ ପରାଜୟ ବରଣ କରିବ । ଜରୁରୀକାଳୀନ ପରିସ୍ଥିତି ପରେ ଓଡ଼ିଶାରେ ଯେଉଁଭଳି ଶୋଚନୀୟ ପରାଜୟ ହୋଇଥିଲା ତାଠୁ ମଧ୍ୟ ଫଳାଫଳ ଖରାପ ହେବ'' ।

ପ୍ରଧାନମନ୍ତ୍ରୀ ଆଶ୍ଚର୍ଯ୍ୟ ହୋଇ କହିଲେ, "ଇସ୍‌କା ମତଲବ ଓଡ଼ିଶା, କଂଗ୍ରେସ ଶାସନ ମେଁ ନେହି ଆଏଗା" ? ଓଡ଼ିଶାରେ କଂଗ୍ରେସ ଦଳ ଶାସନକୁ ଫେରି ଆସି ପାରିବ ନାହିଁ-ଏହି ଭାବନା ତାଙ୍କ ମନରେ ଉଙ୍କି ମାରିଲା ।

ଅବଶ୍ୟ ଆଗାମୀ ନିର୍ବାଚନରେ କଂଗ୍ରେସର ପରାଜୟ ପ୍ରସଙ୍ଗ ପ୍ରଧାନମନ୍ତ୍ରୀ

Source: Author, Digitized by PPRACHIN, SOA

ଜାଣିବା ଆଉ ସମ୍ଭବ ହେଲା ନାହିଁ । ରାଜୀବ ଗାନ୍ଧୀ ନିର୍ବାଚନ ସଭାରେ ଯୋଗଦେବା ପାଇଁ ଯାଉଥିବା ସମୟରେ ସନ୍ତ୍ରାସବାଦୀଙ୍କ ଆତ୍ମଘାତୀ ଆକ୍ରମଣରେ ଶିକାର ହୋଇ ମୃତ୍ୟୁବରଣ କରିଥିଲେ ।

ସେ ଯଦି ବଞ୍ଚିଥାନ୍ତେ, ନିର୍ବାଚନର ବହୁ ଆଗରୁ ମୋ'ର ସ୍ପଷ୍ଟ ମତର ଫଳାଫଳ ଜାଣିବାର ସୁଯୋଗ ପାଇ ପାରିଥାନ୍ତେ । କଂଗ୍ରେସ ଦଳର ଶୋଚନୀୟ ପରାଜୟ ହୋଇଥିଲା । କେବଳ ୧୦ଟି ଆସନରେ କଂଗ୍ରେସ୍ ଜୟଯୁକ୍ତ ହୋଇ ପାରିଥିଲା ।

ଆମ ପାଇଁ, କଂଗ୍ରେସ ଦଳ ପାଇଁ ଏବଂ ଦେଶର ଭବିଷ୍ୟତ ଯୁବ ପିଢିଙ୍କ ପାଇଁ ତାଙ୍କ ବିୟୋଗ ଘୋର ଦୁଃଖ ଦାୟକ । ଭାରତୀୟ ଜନମାନସରେ ତାଙ୍କର ଚିନ୍ତା ଓ କାର୍ଯ୍ୟଧାରା ବିଶେଷତଃ ଦେଶକୁ କମ୍ପ୍ୟୁଟର କ୍ଷେତ୍ରରେ ଆଗେଇ ନେବାରେ ଯେଉଁ ଆନ୍ତରିକ ପ୍ରୟାସ, ତାହା ଏବେ ମଧ୍ୟ ଲୋକଙ୍କ ମନରେ ପ୍ରତିଫଳିତ ହୋଇଛି ।

ରାଜନୈତିକ ବ୍ୟବସ୍ଥାରେ ବ୍ୟକ୍ତି ସ୍ୱାର୍ଥ ଅପେକ୍ଷା ଦଳୀୟ ସ୍ୱାର୍ଥ ଅଧିକ ଗୁରୁତ୍ୱପୂର୍ଣ୍ଣ । ବ୍ୟକ୍ତି ନୁହେଁ ଦଳ ହିଁ ଅଧିକ ଗୁରୁତ୍ୱପୂର୍ଣ୍ଣ । ଯେଉଁଠି ଦଳ ଗୌଣ ହୋଇଯାଇ ବ୍ୟକ୍ତି ପ୍ରାଧାନ୍ୟ ବୃଦ୍ଧି ପାଏ, ସେହି ସମୟରେ ଦଳର ଚରମ ବିପର୍ଯ୍ୟୟ ଘଟିଥାଏ । ସେହିଭଳି ଏକ ବିପର୍ଯ୍ୟୟର ସମ୍ମୁଖୀନ ହେଲା ୧୯୯୦ ନିର୍ବାଚନ ।

ମଣିଷ ଜୀବନର ଗତି ଏକ ଅମାନିଆ ନଈର ଗତି ଭଳି । କେତେବେଳେ କେଉଁ ଦିଗକୁ ବୋହିଯିବ କହି ହେବ ନାହିଁ । ନଈ କିନ୍ତୁ ତାରି ଗତିରେ ଅଙ୍କା ବଙ୍କା ହୋଇ ଆଗକୁ ଆଗକୁ ବୋହି ଚାଲିଥାଏ ।

ଦିଲ୍ଲୀରୁ ଜାନକୀବାବୁ ଫେରି ଆସି ତାଙ୍କ ଇସ୍ତଫା ରାଜ୍ୟପାଳଙ୍କୁ ପ୍ରଦାନ କଲେ । ହେମାନନ୍ଦ ବିଶ୍ୱାଳ ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ରୂପେ ଦାୟିତ୍ୱ ଗ୍ରହଣ କଲେ । ତାଙ୍କ କ୍ୟାବିନେଟ୍‌ରେ, ମୁଁ କୃଷି ଏବଂ ସମବାୟ ମନ୍ତ୍ରୀ ରୂପେ ଦାୟିତ୍ୱ ଗ୍ରହଣ କଲି ତା. ୦୭/୧୨/୧୯୮୯ରେ ।

ନିର୍ବାଚନ ଓ ଓଡିଶାର ରାଜନୈତିକ ପରିବର୍ତ୍ତନ :

ଯଥାସମୟରେ ନିର୍ବାଚନ ଘୋଷଣା ହେଲା । ନିର୍ବାଚନରେ ମୁଁ ପ୍ରତିଦ୍ୱନ୍ଦ୍ୱିତା କରି ପରାଜୟ ବରଣ କଲି । ମୋ' ବିରୁଦ୍ଧରେ ଜଣକୁ ସ୍ୱାଧୀନ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରାଇ ଭୋଟ ବିଭାଜନ କରି ଦଳକୁ ପରାଜିତ କରାଗଲା । ସେଥିପାଇଁ ଉପରୁ ସମସ୍ତ ସହଯୋଗ ପାଉଥିବା କଥା ପ୍ରଚାର ହେଲା ।

ଦଳ ଭିତରେ ଗୋଷ୍ଠୀକନ୍ଦଳ ତୀବ୍ର ହେଲା । ନିର୍ବାଚନ ସମୟରେ ଜାନକୀବାବୁ ବିଭିନ୍ନ ଜିଲ୍ଲା ଗସ୍ତ କରି କଂଗ୍ରେସର ବିଜୟ ପାଇଁ କାର୍ଯ୍ୟକଲେ ନା କଂଗ୍ରେସର

Source: Author, Digitized by PPRACHIN, SOA

ପରାଜୟ ପାଇଁ ଭିତିରି ସହଯୋଗ କଲେ ତାହା ଅନେକଙ୍କ ମନରେ ଏକ ପ୍ରଶ୍ନ ଭଳି ଉଙ୍କି ମାରିଲା । ମୋ' ନିର୍ବାଚନ ସମୟରେ ମଧ୍ୟ ମୋ'ର ବିରୋଧୀମାନେ ତାଙ୍କୁ ବାଟରେ ଭେଟିଥିଲେ ।

ତେଣୁ ନିର୍ବାଚନ ପରେ ହାଇକମାଣ୍ଡଙ୍କ ପାଖରେ ବହୁ ଅଭିଯୋଗ ପ୍ରଦାନ କରାଯାଇଥିଲା ।

ମଣିଷର ସବୁଠୁ ବଡ ଶତ୍ରୁ ହେଲା ଈର୍ଷା । ଏହା ଜାତ ହେଲେ ନିଜ ଭିତରେ ଜଳି ପୋଡି ମାରେ । ମଣିଷକୁ ଅସ୍ତବ୍ୟସ୍ତ କରି ପକାଏ, ଧୀର ସ୍ଥିର ଚିନ୍ତା ଆଉ ଉଦ୍ରେକ ହୁଏ ନାହିଁ ।

ସେତେବେଳେ ବହୁ ସମ୍ବାଦ ପ୍ରକାଶ ପାଉଥାଏ । ଏମିତି ଅନେକ ସମ୍ବାଦ ସେତେବେଳେ ପ୍ରକାଶ ପାଉଥାଏ, ଯାହାର କିଛି ସତ୍ୟତା ମଧ୍ୟ ନ ଥାଏ । ଏହାକୁ 'ଗସିପ୍ କଲମ୍' କୁହାଯାଏ ।

ଏହିଭଳି ସମ୍ବାଦ ପରିବେଷଣ କରି ଜନମାନସରେ ନାନା ସନ୍ଦେହର ବାତାବରଣ ସୃଷ୍ଟିକରି ଲୋକମତକୁ ବିଭ୍ରାନ୍ତ କରାଯାଇଥାଏ । ଲୋକଙ୍କୁ ସତ୍ୟଠୁ ଦୂରେଇ ନିଆ ଯାଇଥାଏ । ତଥାପି ଏହିଭଳି ସମ୍ବାଦ ପଢିବା ପାଇଁ ଲୋକଙ୍କ ଆଗ୍ରହ ମଧ୍ୟ ଅଧିକ । ତାର କାଟତି ମଧ୍ୟ ଅଧିକ । ଲେଖକ, ପାଠକଙ୍କ କୌତୂହଳୀ ମନୋଭାବକୁ ବୁଝି ଏହିଭଳି ସମ୍ବାଦ ପରିବେଷଣ କରିଥାନ୍ତି ।

କଥାର ସତ୍ୟତା ନ ଥାଇ ସମ୍ବାଦ ପରିବେଷଣ କରିବାକୁ 'କାମଳ ସାମ୍ବାଦିକତା' କୁହାଯାଇଥାଏ । ସତ୍ୟତା ନ ଥାଇ କୌଣସି ବ୍ୟକ୍ତିକୁ ଆକ୍ଷେପ କରି ଖବର ପ୍ରକାଶ ପାଇଲେ ତା' ବିରୁଦ୍ଧରେ କୋର୍ଟରେ କେଶ୍ ମଧ୍ୟ ହୋଇଥାଏ ।

ସମୟ ଅତିକ୍ରାନ୍ତ ହେବା ସଙ୍ଗେ ସଙ୍ଗେ ଧୀରେ ଧୀରେ ପରିସ୍ଥିତିର ପରିବର୍ତ୍ତନ ଘଟିବାକୁ ଆରମ୍ଭ କଲା ।

--

Source: Author, Digitized by PPRACHIN, SOA

ଅଷ୍ଟାଦଶ ପରିଚ୍ଛେଦ

ସାହିତ୍ୟ ସାଧନା, କୃଷି ଓ ପର୍ଯ୍ୟଟନ

ସାହିତ୍ୟ ସାଧନା :

ମୁଁ ସକ୍ରିୟ ରାଜନୀତିଠୁ ଦୂରେଇ ରହି ସାହିତ୍ୟ ସାଧନାରେ ମନ ବଳାଇଲି । ଏହି ସମୟ ମଧ୍ୟରେ ମୋ'ର ରଚିତ ସାମାଜିକ ଉପନ୍ୟାସ 'ଅଧିକାର' ଆଞ୍ଚଳିକ ଉପନ୍ୟାସ 'ସେଇ ପାହାଡ଼ ତଳ' ଓ ଐତିହାସିକ 'ରକ୍ତତୀର୍ଥ' ଉପନ୍ୟାସ ପ୍ରକାଶ ପାଇଲା । 'ପ୍ରବନ୍ଧ ମଞ୍ଜରୀ'ର ମଧ୍ୟ ନୂତନ ସଂସ୍କରଣ ପ୍ରକାଶ ପାଇଲା ।

ସାହିତ୍ୟ କୃତି ଗୁଡିକ ସମ୍ବନ୍ଧରେ ସାଧାରଣ ଧାରଣା ଦେବା ଆବଶ୍ୟକ ମନେକରି ମୁଁ ଏଠି ପ୍ରକାଶକରୁଛି । ମୋ' ଲେଖାମାନଙ୍କରେ ମୋ'ଜୀବନର ଅନୁଭବ, ଅଙ୍ଗେନିଭା କଥା ପ୍ରକାଶ ପାଇଛି । ମଣିଷ ଜୀବନର ଉଠାଣି, ଗଡାଣି, ଦୁଃଖ ଦୁର୍ଦ୍ଦଶାକୁ ନେଇ ଅନେକ କଥା ଲେଖା ଯାଇଥାଏ ।

ମୋର ପ୍ରଥମ ରଚନା ''ପ୍ରବନ୍ଧ ମଞ୍ଜରୀ'' ୧୯୫୯ମସିହାରେ ଛାତ୍ରାବସ୍ଥାରେ ପ୍ରକାଶ ପାଇଥିଲା । ଖଲ୍ଲିକୋଟ କଲେଜର ବି.ଏ. ଛାତ୍ର ଥିବା ସମୟରେ ଏହା ଛାତ୍ରମାନଙ୍କଦ୍ୱାରା ବିଶେଷ ଆଦୃତ ହୋଇଥିଲା ।

ସଂଗ୍ରାମୀ ଭୂମିକାରେ ନ ଥାଇ ମଧ୍ୟ ଜଣେ ଜିଜ୍ଞାସୁ ଛାତ୍ର ହିସାବରେ ଅନ୍ୟାୟ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା ସମୟରେ ମୁଁ ନିଶ୍ଚିତ ଭାବରେ ଆଗ ଧାଡିରେ ଛିଡା ହୋଇ ପଡିଥାଏ । ସେହି ଅନୁଭୂତିକୁ ନେଇ କଲେଜ ପରିସରରେ ଘଟୁଥିବା ଅନୀତିକୁ ଆଧାରକରି ''ବିଜୟୀ'' ଉପନ୍ୟାସ ୧୯୬୧ରେ ପ୍ରକାଶିତ ହୋଇଥିଲା । ସେହି ଉପନ୍ୟାସରେ କଲେଜ ଜୀବନର ବାସ୍ତବ ଘଟଣା ସବୁକୁ ଉପସ୍ଥାପନ କରିଥିବା ଯୋଗୁଁ ଛାତ୍ର ମହଲରେ ତଥା ଶିକ୍ଷିତ ସମାଜରେ ତା'ର ଗୁରୁତ୍ୱ ବୃଦ୍ଧି ପାଇଥିଲା । ଓଡିଆ ସାହିତ୍ୟର ଜଣେ ପ୍ରବୀଣ ସମାଲୋଚକ ଅଧ୍ୟାପକ ଡକ୍ଟର କୃଷ୍ଣଚରଣ ବେହେରା ତା'ର ପୂର୍ଣ୍ଣାଙ୍ଗ ସମୀକ୍ଷା କରି ବିଭିନ୍ନ ସାହିତ୍ୟ ସଭା, ପ୍ରଜାତନ୍ତ୍ର ପ୍ରଚାର ସମିତି ବିଷୁବମିଳନ, ଓଡିଆ ଯୁବଲେଖକ ସମ୍ମିଳନୀରେ ବହୁ ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ ।

ତାଙ୍କ ଅନୁସାରେ ଦେଶରେ ନିର୍ବାଚନ ସର୍ବସ୍ୱ ରାଜନୀତିକୁ ନେଇ କେତେକ ଉତ୍କୃଷ୍ଟ କଥା ସାହିତ୍ୟ ସୃଷ୍ଟି ହୋଇଛି । ରାସବିହାରୀ ବେହେରାଙ୍କ ''ବିଜୟୀ'' ଉପନ୍ୟାସ

Source: Author, Digitized by PPRACHIN, SOA

ସେହି ନିର୍ବାଚନ ରାଜନୀତି ପୁଣି ଛାତ୍ର ସମାଜ ସଂପର୍କିତ । ସ୍ୱାଧୀନତା ଲାଭ ସଙ୍ଗେ ସଙ୍ଗେ ଆମର ଉଚ୍ଚଶିକ୍ଷାନୁଷ୍ଠାନମାନଙ୍କରେ ଛାତ୍ର ରାଜନୀତିର ସ୍ୱରୂପ ପ୍ରକୃତି ସମ୍ପର୍କରେ ଏକ ଚମତ୍କାର ଚିତ୍ର ଏଥିରେ ଲେଖକ ପରିବେଷଣ କରିଛନ୍ତି । କଥାବସ୍ତୁର ଅଭିନବତ୍ୱରେ, ବକ୍ତବ୍ୟର ଉପାଦେୟତାରେ, ଶୈଳୀର କଳାତ୍ମକତାରେ "ବିଜୟୀ" ଆମ ସାହିତ୍ୟର ଏକ ଉଲ୍ଲେଖଯୋଗ୍ୟ ଉପନ୍ୟାସ" ।

ବିଜୟୀ ଉପନ୍ୟାସର ହିନ୍ଦୀ ଅନୁବାଦ ଅଧ୍ୟାପକ ଶଙ୍କର ଲାଲ ପୁରୋହିତ କରିଛନ୍ତି । ତାହା ନୂଆଦିଲ୍ଲୀର ବାଣୀ ପ୍ରକାଶନୀଦ୍ୱାରା ପ୍ରକାଶିତ ହୋଇଛି ।

ମୋର ଦ୍ୱିତୀୟପ୍ରବନ୍ଧ ପୁସ୍ତକ "ପ୍ରବନ୍ଧମଞ୍ଜରୀ" ୧୯୯୦ରେ ପ୍ରକାଶ ପାଇଥିଲା । ବିରାଟ ଜୀବନ ଗ୍ରନ୍ଥର ପାଦଟୀକା ସ୍ୱରୂପ ହେଉଛି ପ୍ରବନ୍ଧ । ପ୍ରାଧ୍ୟାପକ ନୃସିଂହପ୍ରସାଦ ରଥଙ୍କ ମତରେ "ପ୍ରାବନ୍ଧିକ ଶ୍ରୀ ବେହେରାଙ୍କ ବିସ୍ତାରିତ ଜୀବନ ଦୃଷ୍ଟି ଓ ଆତ୍ମଦର୍ଶନ ତାଙ୍କ ପ୍ରବନ୍ଧ ମଞ୍ଜରୀରେ ସନ୍ନିବେଶିତ ପ୍ରବନ୍ଧ ସମୂହରେ ପ୍ରକାଶିତ, ହୋଇଅଛି । ନଅଗୋଟି ମୂଲ୍ୟବାନ୍ ପ୍ରବନ୍ଧ ନବରତ୍ନ ଭଳି 'ପ୍ରବନ୍ଧ ମଞ୍ଜରୀ'ରେ ରହିଛି"।

"ଅଧିକାର" ଉପନ୍ୟାସ ୧୯୯୪ରେ ପ୍ରକାଶ ପାଇଲା । ମଣିଷକୁ ମଣିଷର ଦୁଃଖ ଦୁର୍ଦ୍ଦଶାକୁ ସଚେତନ କରାଇ ଦେଇ ପାରିଲେ ମଣିଷ ତାର ମଣିଷ ଭଳି ବଞ୍ଚି ରହିବା ଅଧିକାର ଫେରି ପାଇବ । ଏଥିରେ ସ୍ୱାଧୀନତା ପରବର୍ତ୍ତୀ ଭାରତୀୟ ଗ୍ରାମୀଣ ବିକାଶର ରୂପରେଖ ସମ୍ବନ୍ଧରେ ଏକ ଆଶାବାଦୀ ଦୃଷ୍ଟିଭଙ୍ଗୀ ପ୍ରତିଫଳିତ ହୋଇଛି । ଲୋକଙ୍କ ମଧ୍ୟରେ ଜାଗରଣ ସୃଷ୍ଟିକରାଇବା ଏବଂ ମଣିଷର ଅଧିକାର ପ୍ରଦାନ କରିବା ହେଉଛି "ଅଧିକାର" ଉପନ୍ୟାସର ମୂଳ ଭାବନା ।

ମୋର ତୃତୀୟ ଉପନ୍ୟାସ "ସେଇ ପାହାଡ ତଳ" ୧୯୯୮ରେ ପ୍ରକାଶିତ ହୋଇଛି । କିଶୋର ଜୀବନର ଦୁଇ ବାଳକ ବାଳିକା ମଧ୍ୟରେ ଅଙ୍କୁରିତ ପ୍ରେମ ପରବର୍ତ୍ତୀ ଜୀବନରେ ଦୁଇ ସଂପ୍ରଦାୟକୁ ବିବାହ ସ୍ୱୀକୃତି ଦେଇ ନାହିଁ । ସାମାଜିକ ଚାଲି ଚଳଣକୁ ମଧ୍ୟ ଗ୍ରାମ୍ୟ ଜୀବନରେ ଆଡେଇ ଦେଇ ଆଗେଇ ଯିବା ଏତେ ସହଜ ସାଧ୍ୟ ନୁହେଁ । ସେହି ଆଧାରରେ ଉପନ୍ୟାସ ରଚିତ ହୋଇଛି । ସାମାଜିକ ବନ୍ଧନ ସବୁଠୁ ବଡ ବନ୍ଧନ । ଉପନ୍ୟାସର ନାୟକ ନବୀନ ଗୋଟିଏ ଜାତିର ଏବଂ କିଆ ଅନ୍ୟ ଜାତିର । ତେଣୁ ସେମାନଙ୍କ ବିବାହକୁ ସମାଜ ସ୍ୱୀକୃତି ଦେଲା ନାହିଁ । ପାହାଡିଆ ପ୍ରାକୃତିକ ପରିବେଶରେ ରହିଥିବା ନିକାଞ୍ଚନ ପଲ୍ଲୀ ବାସିନ୍ଦାର ସରଳ ଜୀବନ ଗାଥାକୁ ନେଇ "ସେଇ ପାହାଡ ତଳ" ଉପନ୍ୟାସ ସୃଷ୍ଟି ହୋଇଛି । ଯୁବକ ନବୀନ ଓ କିଆ ମଧ୍ୟରେ ଗଢି ଉଠିଥିବା ପ୍ରେମ ପ୍ରଣୟ ତଥା ମିଳନ ବିଚ୍ଛେଦରେ ଉପନ୍ୟାସର କଥାବସ୍ତୁ ଗତିଶୀଳ । ପଲ୍ଲୀ ଅଞ୍ଚଳର ସରଳତା ଭିତରୁ ସାଂସ୍କୃତିକ ଆତ୍ମାକୁ ଉଦଘାଟିତ କରାଯାଇ ଏହି ଲେଖା ପ୍ରସ୍ତୁତ ହୋଇଛି ।

Source: Author, Digitized by PPRACHIN, SOA

ମୋର ଚତୁର୍ଥ ଉପନ୍ୟାସ ''ରକ୍ତତୀର୍ଥ'' ଏକ ଐତିହାସିକ ଉପନ୍ୟାସ । ୨୦୦୪ରେ ଏହା ପ୍ରକାଶିତ ହୋଇଛି । ଏଥିରେ ଉନବିଂଶ ଶତାବ୍ଦୀର ମଧ୍ୟଭାଗରେ କଳାହାଣ୍ଡି ଜିଲ୍ଲା ମଦନପୁର-ରାମପୁର ଜମିଦାରୀ ଅନ୍ତର୍ଗତ ଉର୍ଲାଦାନୀରେ ବିଦ୍ରୋହୀ ଆଦିବାସୀ ନେତା ରିଣ୍ଡୋ ମାଝୀଙ୍କ ବ୍ରିଟିଶ ସରକାରଙ୍କ ସହ ସଂଗ୍ରାମର ଚିତ୍ର ପରିବେଷିତ ହୋଇଛି । ରିଣ୍ଡୋ ପରେ ବନ୍ଦୀ ହୋଇ ଫାଶୀ ପାଇଥିବା ବର୍ଣ୍ଣନା ପ୍ରଦତ୍ତ ହୋଇଛି । ୧୮୫୭ ସିପାହୀ ବିଦ୍ରୋହ ଯାହାକୁ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ କୁହାଯାଏ ତାହା ଇତିହାସ ପୃଷ୍ଠାରେ ଲିପିବଦ୍ଧ ହୋଇଛି ।

...ମାତ୍ର, ବଣ ପାହାଡ ଘେରା ଘଂଚ ଜଙ୍ଗଲ ମଧ୍ୟରେ ରିଣ୍ଡୋ ମାଝୀଙ୍କ ନେତୃତ୍ୱରେ ଆଦିବାସୀମାନେ ଏକ ଜୁଟ ହୋଇ ସିପାହୀ ବିଦ୍ରୋହ ପୂର୍ବରୁ ୧୮୫୫ ମସିହାରେ କମ୍ପାନୀ ସରକାରଙ୍କ ଅନ୍ୟାୟ ଆଦେଶ (ବଣ ଜଙ୍ଗଲରୁ ମହୁଲ, ହରିଡା, ବାହାଡା ସଂଗ୍ରହ କରିବା କଟକଣା ମାନିବୁ ନାହିଁ ବୋଲି ମେଳି କରିଥିଲେ । ସେହି ବୀରତ୍ୱପୂର୍ଣ୍ଣ ଗାଥାକୁ ନେଇ ''ରକ୍ତତୀର୍ଥ'' ଉପନ୍ୟାସ ସୃଷ୍ଟି ହୋଇଛି । ଯୁଦ୍ଧ ପରେ ବନ୍ଦୀ ହୋଇ, ପକ୍ଷପାତ ବିଚାର କରି 'ରସୁଲକୁଣ୍ଡା' ଜେଲ୍‌ରେ (ବର୍ତ୍ତମାନ ଭଞ୍ଜନଗର ଜେଲ୍) ସେ ଫାଶୀ ପାଇଥିଲେ । ରିଣ୍ଡୋ ହସି ହସି ଫାଶୀ ଖୁଣ୍ଟରେ ଝୁଲି ପଡିଥିଲେ । ବୀରମାନେ ମାଟିରେ ମିଶି ଗଲେଣି...ମାତ୍ର, ଏବେବି ଏ ଜାତି ସେମାନଙ୍କୁ ସ୍ମରଣ କରୁଛି...। ଆଦିବାସୀ ଯୋଦ୍ଧାମାନେ ଇଷ୍ଟଇଣ୍ଡିଆ କମ୍ପାନୀ ଗୋରା ସୈନିକମାନଙ୍କ ସହ ମୁକାବିଲା କରିଥିବା କଥା ମଧ୍ୟ କମ୍ ଗୌରବର କଥା ନୁହେଁ । ସେମାନେ ମଧ୍ୟ ଇତିହାସ ପୃଷ୍ଠାରେ ସ୍ଥାନ ପାଇବା ଉଚିତ । 'ରକ୍ତତୀର୍ଥ' ଉପନ୍ୟାସ ଗୋଟିଏ ବର୍ଷରେ ଦୁଇଟି ସଂସ୍କରଣ ପ୍ରକାଶ ପାଇଥିବା ଯୋଗୁଁ ଏହାର ଲୋକ ପ୍ରିୟତା, ଜନସାଧାରଣଙ୍କ ପାଠକୀୟ ଅନୁମୋଦନ ପ୍ରମାଣିତ ।

ଜଣେ ସଂଗ୍ରାମୀ ବିପ୍ଳବୀକୁ ଫାଶି ଦେଇ ଦେଲେ, ତା'ର ଚିନ୍ତା ଚେତନାର ପରିସମାପ୍ତି ଘଟିବ ଏହିଭଳି ଭାବିବା ଭୁଲ୍ । ତା'ର ମର ଶରୀର ଧ୍ୱଂସ ହୋଇ ଯାଇପାରେ, ମାତ୍ର ତା'ର ଆତ୍ମା ଅମର ହୋଇ ରହିଥାଏ । ତାର ଭାବ ଭାଷା ପ୍ରତିଧ୍ୱନିତ ହୋଇ ଉଠେ, ଅଗଣିତ ଜନମାନସରେ ଜନ ହୃଦୟରେ...। ତେଣୁ ସେ ମୃତ୍ୟୁଞ୍ଜୟୀ । 'ରକ୍ତତୀର୍ଥ' ଉପନ୍ୟାସ ପ୍ରକାଶ ପାଇଲା ପରେ, ସମ୍ବଲପୁର ସାଂସ୍କୃତିକ ଅନୁଷ୍ଠାନର ସାହିତ୍ୟାନୁରାଗୀ ଶ୍ର ଭାଗବତ ପ୍ରସାଦ ନନ୍ଦଙ୍କ ଅନୁରୋଧ କ୍ରମେ ତାଙ୍କଦ୍ୱାରା ଅନୁଷ୍ଠିତ ଏକ ବିଜ୍ଞ ସମାବେଶରେ ମୋ'ର ଅଭିଭାଷଣ ପ୍ରଦାନ କରିଥିଲି ୨୦୧୧ରେ । ବୌଦ୍ଧିକ ଆଲୋଚନା ଚକ୍ରରେ ବକ୍ତୃତା ଅପେକ୍ଷା ପ୍ରଶ୍ନୋତ୍ତର ମାଧ୍ୟମରେ ଅନେକ ଜିଜ୍ଞାସୁ ବ୍ୟକ୍ତିଙ୍କ ପ୍ରଶ୍ନର ଠିକ୍ ଉତ୍ତର ପ୍ରଦାନ କରିବାର ସୁଯୋଗ ପାଇଥିଲି । ତେଣୁ

Source: Author, Digitized by PPRACHIN, SOA

ସମସ୍ତ ଉଦ୍ୟୋକ୍ତା ଏବଂ କର୍ମ କର୍ତ୍ତାମାନଙ୍କୁ ମୋର ଅଶେଷ ଧନ୍ୟବାଦ ଅର୍ପଣ କରୁଛି। କଳାହାଣ୍ଡି ଲେଖକ କଳାପରିଷଦ' ଭବାନୀପାଟଣା ଦ୍ୱାରା ପ୍ରକାଶିତ କଳାହାଣ୍ଡିର ସାହିତ୍ୟ-ବୈଭବ (ଉପନ୍ୟାସ-ବିଶେଷ) ଡକ୍ଟର ଦାଶରଥି ଆଚାର୍ଯ୍ୟଙ୍କଦ୍ୱାରା ଲିଖିତ ହୋଇଛି। ମୋର ଏବଂ ଅନ୍ୟ ଔପନ୍ୟାସିକମାନଙ୍କ ଲେଖା ଉପରେ ସେ ବ୍ୟାପକ ମତାମତ ପ୍ରଦାନକରିଛନ୍ତି।

ମୋର ଏକ ଉପନ୍ୟାସ ଦାଦନ ସଂପର୍କୀୟ ଲେଖା ବର୍ତ୍ତମାନ ଅପ୍ରକାଶିତ। ନିକଟ ଭବିଷ୍ୟତରେ ତାହା ଲୋକ ଲୋଚନକୁ ଆସିବ। ''ପ୍ରବନ୍ଧ ସମାରୋହ'' ମଧ୍ୟ ପ୍ରକାଶ ଅପେକ୍ଷାରେ।

ବିଭିନ୍ନ ସମୟରେ ବିଭିନ୍ନ ଦେଶ ଭ୍ରମଣରେ ଯାଇଛି, ୧୯୮୦ ଲୋକସଭା ସଦସ୍ୟ ଥିବା ସମୟରେ ''ୱ୍ୟାର୍ଲ୍ଡ ପାର୍ଲିଆମେଣ୍ଟ ପିସ୍ କନ୍‌ଫରେନ୍ସ''ରେ ଯୋଗ ଦେବା ପାଇଁ ଭାରତର ପ୍ରତିନିଧି ହିସାବରେ ବୁଲଗେରିଆ ରାଜଧାନୀ ଶୋଫିଆରେ ଯୋଗ ଦେଇଛି। ସେହି ସମୟରେ ରୋମାନିଆ ଦେଖିବାର ସୁଯୋଗ ପାଇଛି। ଋଷିଆର ବିଭିନ୍ନ ସହର, ଗ୍ରାମାଞ୍ଚଳମାନ ବୁଲି ଚାଷୀର ଚାଷ କ୍ଷେତମାନ ବୁଲି, ବହୁ ଅନୁଭୂତି ଅର୍ଜ୍ଜନ କରିବାର ସୁଯୋଗ ପାଇଛି। ସେମାନଙ୍କ ସହିତ ମିଳିତ ହୋଇ ଅପାର ଆନନ୍ଦ ସହ ବହୁକଥା ଜାଣିବାର ସୁଯୋଗ ମିଳିଛି। ସେହିଭଳି ମୋର ବଡ ବାପାଙ୍କ ପୁଅ ସରୋଜର ଏକମାତ୍ର ପୁଅ ସଂଜୀବର ବାହାଘର ସମୟରେ ମୋ' ସ୍ତ୍ରୀ ଓ ଅନ୍ୟ ଜ୍ଞାତିଜନଙ୍କ ସହ ଆମେରିକା ଯାଇ ବିଭନ୍ନ ଅଞ୍ଚଳ ବୁଲିବାର ସୁଯୋଗ ପାଇଛି। ଆମେରିକାରୁ ଭାରତ ପ୍ରତ୍ୟାବର୍ତ୍ତନ ସମୟରେ ''ସିଙ୍ଗାପୁର'' ଦେଖିବାର ସୁଯୋଗ ପାଇଛି। ମୋର ସାନ ଜ୍ୱାଇଁ ସୁବୋଧ ନେଗୀ ଏବଂ ମୋର ସାନଝିଅ ସ୍ମିତାର ଅନୁରୋଧ ରକ୍ଷା କରି କାନାଡା ଯାଇ ସେଠି ରହି ବିଭିନ୍ନ ଅଞ୍ଚଳ ବୁଲି ବହୁ ଦର୍ଶନୀୟ ସ୍ଥାନ ଦେଖିବାର ସୁଯୋଗ ପାଇଛି ୨୦୦୭ମସିହାରେ। ଠିକ୍ ତାର ସାତବର୍ଷ ପରେ ପୁଣି କାନାଡା ଯାଇ ବୁଲିଆସିଛି। ମୋର ପ୍ରଥମ କାନାଡା ଗସ୍ତକୁ ନେଇ ଭ୍ରମଣ କାହାଣୀ 'ଅନନ୍ୟ ସୃଷ୍ଟି କାନାଡା' ୨୦୧୦ରେ ପ୍ରକାଶିତ ହୋଇ ପାଠକୀୟ ଆଦର ପାଇ ପାରିଛି। ଦ୍ୱିତୀୟ କାନାଡା ଅନୁଭୂତିକୁ ନେଇ ଅନ୍ୟ ଏକ ଭ୍ରମଣ କାହାଣୀ ଲେଖିବାର ଚିନ୍ତାରେ ଅଛି।

ମୋର ଲିଖିତ ତୃତୀୟଗ୍ରନ୍ଥ ''ପ୍ରବନ୍ଧ ମଞ୍ଜୁଳ'' ୨୦୧୨ରେ ପ୍ରକାଶିତ ହୋଇଛି। ସାମ୍ବାଦିକତା ପ୍ରତି ଭରି ରହିଥିବା ଆଗ୍ରହକୁ ଭିତ୍ତିକରି ''ଅର୍ଜି'' ସାପ୍ତାହିକ ପତ୍ରିକା ୧୯୯୯ ମସିହାରୁ ନିୟମିତ ପ୍ରକାଶିତ ହୋଇ ଆସୁଛି। ସମ୍ବାଦ ପରିବେଷଣର ସହ ବିଭିନ୍ନ ଲେଖକ, ଲେଖିକାଙ୍କ ଗଳ୍ପ, କବିତା, ପ୍ରବନ୍ଧ ପ୍ରଭୃତି ମଧ୍ୟ ''ଅର୍ଜି''ରେ

Source: Author, Digitized by PPRACHIN, SOA

ପ୍ରକାଶିତ ହେବା ଫଳରେ ବହୁ ଲେଖକ ଲେଖିକାଙ୍କ ଲେଖା ପ୍ରତି ଆଗ୍ରହ ବୃଦ୍ଧି ପାଇଛି । ଅର୍ଜି ପତ୍ରିକାର ଗୋଟିଏ ସପ୍ତାହ ପତ୍ରିକାରେ ଶିଶୁ ଲେଖକ, ଲେଖିକାମାନଙ୍କ ଲେଖା ପ୍ରକାଶ ପାଇଥାଏ । ଅନ୍ୟ ସପ୍ତାହରେ ମହିଳାମାନଙ୍କ ଲେଖା ପ୍ରକାଶ ପାଇଥାଏ । ନୂତନ ଲେଖକ ଲେଖିକାଙ୍କୁ ଉତ୍ସାହିତ କରିବା ଅଭିପ୍ରାୟରେ ''ଅର୍ଜି''ପତ୍ରିକା ସୁଯୋଗ ସୃଷ୍ଟି କରିଥାଏ । ଅଭିଜ୍ଞ କବି, କବୟିତ୍ରୀ ମାନଙ୍କୁ ମଧ୍ୟ ପୂର୍ଣ୍ଣ ସୁଯୋଗ ପ୍ରଦାନ କରାଯାଏ । ଅର୍ଜିର ଅନ୍ୟ ଏକ ବିଶେଷତ୍ୱ ହେଉଛି ପ୍ରତି ସଂଖ୍ୟାରେ ଆଇନ ସ୍ତମ୍ଭ ମାଧ୍ୟମରେ ଆଇନ ଜ୍ଞାନ ଆହରଣ ପାଇଁ ପ୍ରଶ୍ନ ମାଧ୍ୟମରେ ଜଣେ ଆଇନ ବିଶାରଦ ସତ୍ୟନାରୟଣ ସେଠଙ୍କଦ୍ୱାରା ଉତ୍ତର ପ୍ରଦାନ କରାଯାଇଥାଏ । ଏକ ସୁସ୍ଥ ସଂସ୍କୃତି ସଂପନ୍ନ ସମାଜ ଗଠନ କରିବା ତଥା ଜନସଚେତନ ଭାବ ସୃଷ୍ଟି କରିବା ଅଭିପ୍ରାୟରେ ଅର୍ଜି ପ୍ରକାଶିତ ହୋଇ ସେ ତାରି କାର୍ଯ୍ୟରେ ଆଗେଇ ଚାଲିଛି । ଏଥିରେ ନୀଳକଣ୍ଠ ବେହେରା, ସଞ୍ଜୟ କୁମାର, ବିରଞ୍ଚି ନାରାୟଣ ମୁଣ୍ଡ, ଜୟନ୍ତ କୁମାର ବେହେରା ପ୍ରମୁଖଙ୍କ ପୂର୍ଣ୍ଣ ସହଯୋଗ ପାଇବା ବିଭିନ୍ନ ଅଞ୍ଚଳର ସାମ୍ବାଦିକମାନେ ସକ୍ରିୟ ଭାବରେ ପୂର୍ଣ୍ଣ ସହଯୋଗ କରିବା ସଙ୍ଗେ ପାଠକ, ପାଠିକାଙ୍କ ସଂଖ୍ୟା ବୃଦ୍ଧି ଅର୍ଜିର ଗୁରୁତ୍ୱ ବୃଦ୍ଧି କରିବାରେ ସହାୟକ ହେଉଛି ।

ସମ୍ମାନ ଓ ପୁରସ୍କାର :

କଳାହାଣ୍ଡି ଜିଲ୍ଲା କ୍ରୀଡା ସଂସ୍ଥା ଜରିଆରେ ମୋତେ 'କ୍ରୀଡାରତ୍ନ' ସମ୍ମାନ ପ୍ରଦାନ କରାଯାଇଛି ୨୦୦୩ମସିହାରେ । ବିଦ୍ୟାଭୂଷଣ ଏକାଡେମୀ ଜୟପୁର ଏବଂ କଳାହାଣ୍ଡି ଲେଖକ କଳା ପରିଷଦର ମିଳିତ ଉଦ୍ୟମରେ ୨୦୦୫ରେ ମୋର ଲିଖିତ 'ସେଇ ପାହାଡ ତଳ' ଉପନ୍ୟାସ ଉପରେ ''ବିଦ୍ୟାଭୂଷଣ'' ସମ୍ମାନ ୨୦୦୫ରେ ପ୍ରଦାନ କରାଯାଇଛି । ଏହା ଓଡିଶାର ଜଣେ ସ୍ୱନାମଧନ୍ୟ କଥାକାର ଗାଳ୍ପିକ, ଅଧ୍ୟାପକ ଚନ୍ଦ୍ରଶେଖର ରଥଙ୍କଦ୍ୱାରା ସମ୍ମାନିତ କରାଯାଇଛି । ଓଡିଶା ସାହିତ୍ୟ ଏକାଡେମୀଦ୍ୱାରା ସାରସ୍ୱତ ସମ୍ବର୍ଦ୍ଧନା ମୋର ଜୀବନ ବ୍ୟାପୀ ନିଷ୍ପାପର ସାରସ୍ୱତ ସାଧନା ନିମନ୍ତେ ପ୍ରଦାନ କରାଯାଇଛି । ଏହି ଅନନ୍ୟ ଶାଶ୍ୱତ ସିଦ୍ଧିର ସ୍ୱୀକୃତି ସ୍ୱରୂପ ଓଡିଶା ସାହିତ୍ୟ ଏକାଡେମୀ, ବରେଣ୍ୟ ସୃଜନ ସ୍ରଷ୍ଟା ଭାବେ ସମ୍ମାନିତ କରିଥିଲେ । ଏହି ଉତ୍ସବରେ ମାନ୍ୟବର ସଂସ୍କୃତି ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ତଥା ଏକାଡେମୀର ସଭାପତି ରାମଚନ୍ଦ୍ର ବେହେରା, ବିଜୟ ନାୟକ ସଂପାଦକ, ଉପସଭାପତି, ଏବଂ ବିଶିଷ୍ଟ ସାହିତ୍ୟିକ 'ଶ୍ରୀ ରାଧା' କବିତା ଗ୍ରନ୍ଥ ନିମିତ୍ତ ସରସ୍ୱତୀ ସମ୍ମାନ ପ୍ରାପ୍ତ ରମାକାନ୍ତ ରଥ, ଡକ୍ଟର ବାସୁଦେବ ସାହୁ, ପ୍ରମୁଖଙ୍କ ଉପସ୍ଥିତିରେ ଭୁବନେଶ୍ୱର ଭଞ୍ଜ ମଣ୍ଡପରେ ୨୦୧୦ ମସିହାରେ

Source: Author, Digitized by PPRACHIN, SOA

ମୋତେ ସମ୍ମାନିତ କରାଯାଇଥିଲା ।

ସେହିପରି କଳାହାଣ୍ଡି ଶିକ୍ଷା ବିକାଶ ପରିଷଦ, କଳାହାଣ୍ଡି ଲେଖକ କଳା ପରିଷଦ, ସର୍ବଶ୍ରୀ ସବାଖିଆ ସାହିତ୍ୟ ସଂସଦ ଭବାନୀପାଟଣା, ମହାବୀର ସାଂସ୍କୃତିକ ଅନୁଷ୍ଠାନ ତରଫରୁ ମଧ୍ୟ ମୋତେ ସମ୍ମାନିତ କରାଯାଇଥିଲା ।

ଉତ୍କଳ ସାହିତ୍ୟ ସମାଜ, କଟକ ମୋର ସାହିତ୍ୟକୃତି ପାଇଁ ୨୦୦୧ରେ ସମ୍ମାନିତ କରିଥିଲେ । ଖଡିଆଳ ସାହିତ୍ୟ ସମିତି ତାଙ୍କର ସର୍ବୋଚ୍ଚ ବ୍ରଜରାଜ ସାହିତ୍ୟ ସମ୍ମାନ ୨୦୦୧ରେ ମୋତେ ପ୍ରଦାନ କରାଯାଇଥିଲା ।

ରାଜ୍ୟସ୍ତରୀୟ କବି, ଲେଖକ, ସାହିତ୍ୟ ସମ୍ମେଳନ ସୁଲେଖା ସାହିତ୍ୟ ସଂସ୍କୃତି ପରିଷଦ, ପୁରୀ ଦ୍ୱାରା ଲେଖକ ସ୍ୱୀକୃତି ୨୦୧୦ରେ ମୋତେ ପ୍ରଦାନ କରିଥିଲେ । ବାଲେଶ୍ୱରଠାରେ ଅନୁଷ୍ଠିତ ସର୍ବ ଭାରତୀୟ କ୍ଷୁଦ୍ର ଏବଂ ମଧ୍ୟମ ସମ୍ବାଦ ପତ୍ର ସମ୍ମେଳନରେ ମୋତେ ସାମ୍ବାଦିକତା କ୍ଷେତ୍ରରେ ମୋର ଉତ୍ସର୍ଗୀକୃତ କାର୍ଯ୍ୟପାଇଁ ସମ୍ମାନିତ କରିଥିଲେ ।

ଏଥିରେ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ।

ଇଣ୍ଟରନେସ୍‌ନାଲ୍ ପବ୍ଲିକେସନ୍ ହାଉସ୍ ନିୟୁଦିଲ୍ଲୀ, ମୋତେ ବେଷ୍ଟ ସିଟିଜନ୍ ଅଫ୍ ଇଣ୍ଡିଆ, ଅୱାର୍ଡ୍ ୨୦୧୦ମସିହାରେ ପ୍ରଦାନ କରିଥିଲେ । ଏହା ବ୍ୟତୀତ ବହୁ ସାଂସ୍କୃତିକ, କ୍ରୀଡାଅନୁଷ୍ଠାନ ମଧ୍ୟ ସମ୍ମାନ ପ୍ରଦାନ କରିଥିଲେ । ଏସବୁ ବ୍ୟକ୍ତିଗତ ବିବରଣୀ ଦେଇ ପାଠକମାନଙ୍କୁ ଭାରାକ୍ରାନ୍ତ କରିବା ମୋର ଉଦ୍ଦେଶ୍ୟ ନୁହେଁ । ଯାହା ତାତ୍ପର୍ଯ୍ୟ ପୂର୍ଣ୍ଣ ତାହା ହେଉଛି, ଯେ କୌଣସି ଆତ୍ମପ୍ରେରଣା ତାଡିତ ତଥା ବିବେକାନୁମୋଦିତ ଅନାସକ୍ତ ସାରସ୍ୱତ ସାଧନା ପଛରେ ଯେ ସମାଜର ସତର୍କ ଦୃଷ୍ଟିଟିଏ ରହିଥାଏ ଓ ତାର ସ୍ୱୀକୃତି ତାକୁ ଉତ୍ସାହିତ କରେ, ଏହାହିଁ ମୋର ଅନୁଭବକୁ ଆସିଛି ।

ଭୀମ ଭୋଇଙ୍କ ସମାଧିପୀଠ ଭ୍ରମଣ :

ବଲାଙ୍ଗୀରରେ ମୋ'ର ଜଣେ ବନ୍ଧୁଙ୍କ ଝିଅ ବାହାଘରେ ଯୋଗ ଦେବା ପାଇଁ ଯାଇଥାଏ । ସାମ୍ବାଦିକ, କବି ରାମକୁମାର ଅଗ୍ରୱାଲ ମୋ'ର ଅତି ଘନିଷ୍ଠ ବନ୍ଧୁ । ତେଣୁ ତାଙ୍କ ଝିଅ ବାହାଘରେ ଯୋଗଦେଇ ଝିଅକୁ ଆଶୀର୍ବାଦ କରି ମୋ'ର ଭବାନୀପାଟଣା ଫେରି ଆସିବା କଥା । ହାତରେ ଯଥେଷ୍ଟ ସମୟ ଥାଏ । ଭୋଜିରେ ବନ୍ଧୁମାନଙ୍କ ସହ ଯୋଗଦେଲି ।

ଭୀମ ଭୋଇଙ୍କ ସାଧନା ପୀଠ ଓ ସମାଧି ମନ୍ଦିର ଦର୍ଶନ କରିବା ପାଇଁ ମନରେ ଆଗ୍ରହ ସୃଷ୍ଟି ହେଲା । ସ୍ଥାନୀୟ ବନ୍ଧୁମାନଙ୍କ ସହିତ 'ଖଲିଆ ପାଲି' ଗ୍ରାମକୁ ଯିବାପାଇଁ

Source: Author, Digitized by PPRACHIN, SOA

ବାହାରି ପଡ଼ିଲୁ । ସେଠି ପହଞ୍ଚି ସମାଧିପୀଠ ବୁଲି ଦେଖିବାର ସୁଯୋଗ ମିଳିଲା ।

ସ୍ଥାନୀୟ ପରିଚାଳନା କମିଟିର କର୍ମକର୍ତ୍ତାମାନଙ୍କ ସହ ସାକ୍ଷାତ କଲୁ । ସେମାନେ ମୋତେ ପୂର୍ବତନ କୃଷିମନ୍ତ୍ରୀ ତଥା କଳାହାଣ୍ଡି ଜିଲ୍ଲାର ପୂର୍ବତନ ଲୋକସଭାସଦସ୍ୟ ରୂପେ ଜାଣିଲା ପରେ ଆହୁରି ତତ୍ପର ହୋଇ ପଡ଼ିଲେ । ମୋତେ ଡାକିନେଇ ତାଙ୍କ ଅଫିସ୍ ଗୃହରେ ବସାଇ ସବିଶେଷ ବିବରଣୀ ପ୍ରଦାନ କଲେ ।

ଖଲିଆପାଲିରେ କୃତଜ୍ଞ କୃଷକଙ୍କ ସାନ୍ନିଧ :

ଆଖ ପାଖର କିଛି ଚାଷୀ ପୂର୍ବତନ କୃଷିମନ୍ତ୍ରୀ ଆସିଥିବା ଖବର ଜାଣି ଆଗ୍ରହରେ ସେମାନେ ମଧ୍ୟ ଗୋଟି ଗୋଟି ଆସି ଜମିଗଲେ । ହଠାତ୍ ଏତେ ଲୋକଙ୍କୁ ସାମ୍ନାରେ ଦେଖି କୌତୂହଳରେ ମୁଁ ସେମାନଙ୍କ ସହିତ ପ୍ରଥମେ ଆଲୋଚନା କଲି ।

ଜଣେ ଚାଷୀ ମୋତେ ନମସ୍କାର ଜଣାଇ କହିଲେ, "ପୂର୍ବତନ କୃଷିମନ୍ତ୍ରୀ ଆସିଥିବା ଜାଣି ଆମେ ଭେଟିବା ପାଇଁ ଚାଲି ଆସିଲୁ । ଆପଣ କୃଷିମନ୍ତ୍ରୀ ଥିବା ସମୟରେ ଭୁବନେଶ୍ୱରରେ ଯେଉଁ "ଚାଷୀ ମେଳା" କରିଥିଲେ ସେଥିରେ ମୁଁ ଦୁଇବର୍ଷ ଯୋଗ ଦେଇ ଅନେକ କଥା ଶିଖିଲି । ଆପଣ ଆମ ଚାଷୀମାନଙ୍କ ସମ୍ମାନ ବଢ଼ାଇ ଦେଲେ । ଆମ ମନରେ ଆତ୍ମବିଶ୍ୱାସ ସୃଷ୍ଟି କଲେ'' ।

ସେମାନଙ୍କ କଥା ଏବଂ ଆଗ୍ରହ ଦେଖି ମୋ' ମନରେ ସନ୍ତୋଷ ଭାବ ଖେଳିଗଲା । ସେହି ଚାଷୀ ଫେର୍ କହିଲେ, "ମୁଁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କଠୁ ଆମ ବ୍ଲକ୍‌ର ଆଗୁଆ ଚାଷୀ ହିସାବରେ ଗୋଟିଏ ମାନପତ୍ର ଗୋଟିଏ ସାଲ ଏବଂ ଏକ ହଜାର ଟଙ୍କା ମଧ୍ୟ ପୁରସ୍କାର ପାଇଥିଲି'' ।

ମୁଁ ଆଗ୍ରହରେ ତାଙ୍କ ସହ ହାତ ମିଳାଇ ଅଭିନନ୍ଦନ ଜଣାଇଲି । ମୁଁ ହସି ହସି କହିଲି, "ଯାହା ହେଉ, ଆପଣମାନଙ୍କୁ ଦେଖି ମୁଁ ବହୁତ ଆନନ୍ଦିତ । ଆପଣମାନେ ଚାଷୀମେଳା କଥା ମନେ ରଖିଥିବା ଯୋଗୁଁ ମୁଁ ବହୁତ ଖୁସି'' ।

ସେହି ଚାଷୀ ଜଣକ ପୁଣି କହିଲେ, "କି କଥା କହୁଛନ୍ତି ଆଜ୍ଞା, ଯେଉଁ ଚାଷୀ ୧୯୮୭-୮୮ ସାଲର କୃଷକ ସମାବେଶରେ ଯୋଗ ଦେଇଛି, ସେ ତାଙ୍କ ଜୀବନ କାଳ ଭିତରେ ମଧ୍ୟ ତାହା ଭୁଲି ପାରିବେ ନାହିଁ । ଚାଷୀଙ୍କ କଥା କିଏ ଚିନ୍ତା କରୁ ନ ଥିଲେ । ଆପଣ କୃଷିମନ୍ତ୍ରୀ ହେଲାପରେ ଆମ କଥା ଚିନ୍ତାକଲେ । ଆମ ଭଳି ଛୋଟ ଚାଷୀମାନଙ୍କ ପାଇଁ ୧୦ କେଜି, ୨୦ କେଜି ସାର ପ୍ୟାକେଟ୍ ଯୋଗାଇ ଦେଲେ । "ଶସ୍ୟବୀମା" ପଞ୍ଚାୟତ ୟୁନିଟ୍ କରି ଚାଷୀର କ୍ଷତିପୂରଣ ପାଇବା ପାଇଁ ବାଟ ଫିଟାଇ ଦେଲେ । ଆମେ ତାର ସୁଫଳ ପାଇଛୁ । ଏତେ କଥା, ଏତେ ସୁବିଧା ଆମେ ପାଇ

Source: Author, Digitized by PPRACHIN, SOA

ପାରିଥିଲୁ । ତେଣୁ ଆମେ ଚାଷୀକୁଳ ସେତେବଳର କଥା ଭୁଲି ପାରିବୁ ନାହିଁ ଆଜ୍ଞା'' ।

"ଆପଣ ମନ୍ତ୍ରୀ ପଦରୁ ବିଦାୟ ନେଇ ପାଖାପାଖି ୧୫ ବର୍ଷରୁ ଊର୍ଦ୍ଧ୍ୱ ହେଲାଣି, ମାତ୍ର, କାହିଁ କିଏତ ଆଉ ଆମ କଥା ମନେ ପକାଇ ଆମ ଦୁଃଖ ଜାଣିବା ପାଇଁ ଚାଷୀମେଳା କଥା ଚିନ୍ତା କରୁ ନାହାଁନ୍ତି" ?

"ଆପଣ ଜଣେ ଚାଷୀ । ତେଣୁ ଚାଷୀର ସମସ୍ୟା ଜାଣିଛନ୍ତି । କ୍ଷୁଦ୍ର ଏବଂ ନାମମାତ୍ର ଚାଷୀଙ୍କ ସମସ୍ୟା ଓ ତାର ପ୍ରତିକାର ପାଇଁ ଆପଣ ଯେଉଁଭଳି ଉଦ୍ୟମ କଲେ ଆମେ ତାକୁ ଭୁଲି ପାରିନାହୁଁ'' ।

"ଆପଣ ଆମ ଏହି ଧର୍ମପୀଠକୁ ଆସିଥିବା ଜାଣି ଆମେ ଆପଣଙ୍କୁ ଭେଟିବା ପାଇଁ ଆଶା କରି ଆସିଲୁ । ଜଣେ ପୂର୍ବତନ ମନ୍ତ୍ରୀଙ୍କୁ ଭେଟି ପାରିଥିବାରୁ ଏହା ଆମ ପାଇଁ ନିଶ୍ଚିତ ଭାବେ ଏକ ସୌଭାଗ୍ୟର କଥା'' ।

ଭୀମ ଭୋଇ ଏକ ବିସ୍ମୟ ପ୍ରତିଭା :

ମୁଁ ସେମାନଙ୍କ ସହ ବୁଲି ବାର୍ତ୍ତାଳାପ କରି ବହୁତ ଖୁସି ହେଲି । ସମାଧି ପୀଠ ବୁଲି ଦେଖିଲି । ଭୀମ ଭୋଇଙ୍କୁ ଆମେ କେବଳ ଧର୍ମ·ପ୍ରଚାରକ ରୂପେ ଗ୍ରହଣ କଲେ ତାହା ଯଥେଷ୍ଟ ହେବ ନାହିଁ । ସାହିତ୍ୟ ଜଗତରେ ଭୀମଭୋଇ ଏକ ବିସ୍ମୟ ପ୍ରତିଭା । ତାଙ୍କ ସାହିତ୍ୟକୃତି ଅନନ୍ୟ ।

ମୁଁ ଆଗରୁ ଶୁଣିବାକୁ ପାଇଥିଲି, ଭୀମ ଭୋଇଙ୍କ ବାଣୀ ଆମେରିକା ରାଷ୍ଟ୍ରପତିଭବନ କାନ୍ଥରେ ଲିପିବଦ୍ଧ ହୋଇଛି ।

ମୋ'ର ଆମେରିକା ଗସ୍ତ ସମୟରେ ଆମେରିକାର ରାଜଧାନୀ ୱାସିଂଟନ୍ ସହରର ରାଷ୍ଟ୍ରପତିଭବନ 'ହ୍ୱାଇଟ ହାଉସ' କାନ୍ଥରେ ଲିଖିତ ଥିବା "ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ ଦେଖୁ ଦେଖୁ କେବା ସହୁ । ମୋ' ଜୀବନ ପଛେ ନର୍କେ ପଡିଥାଉ ଜଗତ ଉଦ୍ଧାର ହେଉ'' ଖୋଜିବାକୁ ଲାଗିଲି ।

ମହିମାଧର୍ମର ବିଶିଷ୍ଟ ଭୀମ ଭୋଇଙ୍କ ଏହି ଅମର ପଂକ୍ତି ମଣିଷ ସମାଜ ପାଇଁ ଆଲୋକର ବାର୍ତ୍ତା ବହନ କରେ । ସକଳ ବେଦନାକୁ ହୃଦୟରେ ଚାପି ରଖି ମାନବ ସମାଜର କଲ୍ୟାଣ ପାଇଁ ତାଙ୍କ ଚିନ୍ତା ଚେତନାକୁ ସେ ଅର୍ପଣ କରି ଦେଇଛନ୍ତି ।

ମୁଁ ରାଷ୍ଟ୍ରପତି ଭବନର ପାଠାଗାର ପ୍ରଭୃତି ବୁଲି ଦେଖିବା ଭିତରେ ଏହି ପଂକ୍ତି କେଉଁଠି ଲେଖା ହୋଇଛି ଖୋଜି ପାଇ ପାରି ନ ଥିଲି । ନିର୍ଦ୍ଦିଷ୍ଟ ସ୍ଥାନକୁ ଯାଇ ନ ପାରିଲେ ଖୋଜି ପାଇବା ସମ୍ଭବ ନୁହେଁ ।

Source: Author, Digitized by PPRACHIN, SOA

ଭୀମଭୋଇଙ୍କ ସାଧନା ପୀଠରେ ପ୍ରତିବର୍ଷ ମାଘ ମେଳା ପାଳିତ ହୋଇ ଆସୁଛି । ମହା ଶିବରାତ୍ରି ଦିନ ଭୀମ ଭୋଇ ଦେହତ୍ୟାଗ କରିଥିଲେ । ଏଇଟା ଥିଲା ୧୮୯୫ ମସିହା ମାଘ ମାସ କୃଷ୍ଣପକ୍ଷ ଚତୁର୍ଦ୍ଦଶୀ ଦିନ । ୧୮୯୭ ମସିହାରେ ତାଙ୍କ ଶିଷ୍ୟମାନଙ୍କ ପ୍ରଗାଢ଼ ଉଦ୍ୟମରେ ସମାଧି ମନ୍ଦିର ନିର୍ମିତ ହୋଇଥିଲା । ପରିଚାଳନା କମିଟିର କର୍ମକର୍ତ୍ତାମାନେ ମୋତେ ସମାଧୀ ପୀଠ ବୁଲାଇ ସମସ୍ତ ଘଟଣା ବର୍ଣ୍ଣନା କରୁଥାନ୍ତି । ମୁଖ୍ୟ ସମାଧି ପୀଠ ସନ୍ନିକଟରେ ସନ୍ଥ କବିଙ୍କ ଆଧାତ୍ମିକ ସଙ୍ଗିନୀ ଅନ୍ନପୂର୍ଣ୍ଣା ଦେବୀଙ୍କ ସମାଧି ମଧ୍ୟ ରହିଛି । ପ୍ରାଚୀନ ମନ୍ଦିର ନିର୍ମାଣ ଶୈଳୀରେ ମନ୍ଦିର ନିର୍ମିତ ହୋଇଛି । କବିଙ୍କ ସଦା ବ୍ୟବହୃତ କଠଉକୁ ରୂପା ଛାଉଣୀରେ ବେଷ୍ଟନ କରି ସ୍ୱତନ୍ତ୍ର "ପାଦୁକା ମନ୍ଦିର" ନିର୍ମାଣ କରାଯାଇ ସେଠାରେ ସ୍ଥାପିତ କରି ରଖାଯାଇଛି ।

ଭୀମ ଭୋଇ ବିଭିନ୍ନ ସ୍ଥାନ ଭ୍ରମଣ କରି ୧୮୭୭ ମସିହାରେ ଖଲିଆପାଲି ଗ୍ରାମକୁ ଆସି ରହି ଯାଇଥିଲେ । ତାଙ୍କ ବହୁ ଶିଷ୍ୟ ମହିମା ଧର୍ମରେ ଦୀକ୍ଷିତ ହୋଇ ମହିମା ଧର୍ମର ପ୍ରଚାର କରିଥିଲେ । ଶେଷ ସମୟରେ ଭୀମ ଭୋଇ ସାହିତ୍ୟ ସାଧନାରେ ତାଙ୍କ ସମସ୍ତ ସମୟ ବିନିଯୋଗ କରିଥିଲେ । ସେ କୌଣସି ସ୍କୁଲରେ ବାଲ୍ୟ ଶିକ୍ଷା ପାଇ ନ ଥିଲେ । 'ସ୍ତୁତି ଚିନ୍ତାମଣି', 'ଅଷ୍ଟ ବିହାରୀ ଗୀତା', 'ଭଜନମାଳା' ୧ ଓ ୨ୟ 'ଚଉତିଶା ମଧୁଚକ୍ର', 'ସ୍ତୁତି ନିଷେଧ ଗୀତା', 'ନିର୍ବେଦ ସାଧନ' ପ୍ରଭୃତି ଗ୍ରନ୍ଥ ତାଙ୍କର ପ୍ରକାଶ ପାଇଛି । ତାହା ତାଙ୍କ ସମାଧି ପୀଠରେ ଗଚ୍ଛିତ ଅଛି । ଆଗ୍ରହୀ ପାଠକମାନେ ତାହା କିଣି ନେଉଥାନ୍ତି । ମୁଁ ମଧ୍ୟ ପ୍ରତ୍ୟେକରୁ ଖଣ୍ଡିଏ ଲେଖାଏଁ କିଣି ଆଣିଲି । ପରେ ମୁଁ ତାକୁ ପାଠ କରିଥିଲି । ପାଠ କରି ତାଙ୍କ ସାହିତ୍ୟ ପ୍ରତିଭାକୁ ହୃଦୟରେ ଉପଲବ୍ଧି କରି ପାରିଥିଲି ।

ଆମ ଜାଣିବାରେ ଭୀମ ଭୋଇଙ୍କ ଘନିଷ୍ଠ ବନ୍ଧୁ ହର ପଣ୍ଡା, ବସୁ ପଣ୍ଡା, ମାର୍କଣ୍ଡ, ଧର୍ମାନନ୍ଦ ପ୍ରଭୃତି ତାଙ୍କ ପାଖରେ ବସି କବିଙ୍କ ମୁଖ ନିସୃତ ବାଣୀକୁ ତାଳପତ୍ରରେ ଲିପିବଦ୍ଧ କରି ରଖୁଥିଲେ ।

ଭୀମ ଭୋଇ ହେଉଛନ୍ତି ମହିମା ଧର୍ମର ଆଦିକବି । ମହିମା ଧର୍ମର ଆରାଧ୍ୟ ଦେବ "ଅଲେଖ ନିରଞ୍ଜନ" ହେଉଛନ୍ତି ସର୍ବ ମଙ୍ଗଳମୟ ।

ମହିମାଧର୍ମାବଲମ୍ବୀମାନେ ଦୁଇ ପ୍ରକାର ଅଛନ୍ତି । ସନ୍ନ୍ୟାସୀ ମହିମା ଧର୍ମ ଏବଂ ଗୃହସ୍ଥୀ ମହିମା ଧର୍ମ । ସନ୍ନ୍ୟାସୀମାନଙ୍କ ମଧ୍ୟରେ ବଳକଧାରୀ ମଧ୍ୟ ଅଛନ୍ତି । ମହିମାଧର୍ମୀମାନେ କଷା କଉପିନ ପରିଧାନ କରିଥାନ୍ତି । ସନ୍ଥମାନେ ସୂର୍ଯ୍ୟୋଦୟ ପୂର୍ବରୁ ଶୌଚ ହୋଇ ସୂର୍ଯ୍ୟ ଦର୍ଶନ କରନ୍ତି । ସନ୍ଧ୍ୟା ପୂର୍ବରୁ ଅନ୍ନ ଭକ୍ଷଣ କରନ୍ତି ।

Source: Author, Digitized by PPRACHIN, SOA

ସମାଧି ପୀଠର ସ୍ୱରୂପ :

ମୁଁ ଭୀମ ଭୋଇଙ୍କ ସମାଧି ପୀଠ ବୁଲି ଅନେକ କଥା ଜାଣିବା ପରେ ଏବଂ ବୁଲି ଦେଖିବା ସମୟରେ ସମାଧି ମନ୍ଦିର ବନ୍ଦ ଥିବା ଯୋଗୁଁ ପ୍ରଶ୍ନ କଲି । ମୋ' ମନର ସନ୍ଦେହ ଦୂର କରି ଜଣେ କହିଲେ, "ସମାଧି ମନ୍ଦିର ବର୍ଷକ ଥରେ ମାତ୍ର ଖୋଲାଯାଏ ଏବଂ ସଭିଙ୍କୁ ଥରେ ଦର୍ଶନ ମିଳିଥାଏ । ସେହି ନିର୍ଦ୍ଦିଷ୍ଟ ଦିନରେ ହିଁ ମନ୍ଦିର ଖୋଲା ଯାଇଥାଏ"।

ସମାଧି ପୀଠ ଟ୍ରଷ୍ଟ ବୋର୍ଡ ଗଠନ କରାଯାଇଛି । ଟ୍ରଷ୍ଟ ବୋର୍ଡ ଗଠନ ହେବାପରେ ଅନେକ ଉନ୍ନୟନମୂଳକ କାର୍ଯ୍ୟ ମଧ୍ୟ ହାତକୁ ନିଆଯାଇଛି ।

ଭଜନ ପାଇଁ ସ୍ୱତନ୍ତ୍ର ଭଜନ ମଣ୍ଡପ ନିର୍ମିତ ହୋଇଛି । ବର୍ଷ ତମାମ୍ ଅତିଥି ଅଭ୍ୟାଗତମାନେ ସମାଧି ପୀଠ ଦର୍ଶନ ପାଇଁ ଆସୁଥିବା ଯୋଗୁଁ ସ୍ୱତନ୍ତ୍ର ଭାବେ ଅତିଥିଶାଳା, ସଂଗ୍ରହାଳୟ, ନିର୍ମିତ ହୋଇଛି । ଦିନକୁ ଦିନ ସ୍ଥାନର ସୌନ୍ଦର୍ଯ୍ୟ ବୃଦ୍ଧି ପାଇ ଆକର୍ଷଣୀୟ ହୋଇ ପାରିଛି ।

ବିଶ୍ୱ ଚେତନାର କବି :

ଭୀମଭୋଇ ମଣିଷର ମନ ଏବଂ ହୃଦୟରେ ଗଭୀର ରେଖାପାତ କରିବାରେ କ୍ଷମ ହୋଇଛନ୍ତି । ବିଶ୍ୱମାନବୀୟ ଭାବନା ଖେଳାଇବା ସହିତ ସେ 'ବସୁଧୈବ କୁଟୁମ୍ବକମ୍' ଭାବନା ସୃଷ୍ଟି କରାଇବାରେ ମଧ୍ୟ ସମର୍ଥ ହୋଇଛନ୍ତି । ସମସ୍ତଙ୍କୁ ନିଜର କରିନେବା କ'ଣ କମ୍ କଥା ! ବାଲ୍ୟ ଜୀବନର ଦୁଃଖ, କଷ୍ଟ ତାଙ୍କ ମନରେ ବିଷାଦ ଭାବନା ଜାଗ୍ରତ କରିଥିବା ସତ୍ତ୍ୱେ ସେ ବିଶ୍ୱପ୍ରେମ ଭାବନା ସୃଷ୍ଟି କରିବାରେ କ୍ଷମ ହୋଇଥିଲେ । ତେଣୁ ତାଙ୍କ ଦୃଷ୍ଟିରେ ସମଗ୍ର ମାନବ ସମାଜ ଅତି ଆପଣାର । ସେଥିପାଇଁ ତ 'ସ୍ତୁତି ଚିନ୍ତାମଣି'ରେ ସେ ଗାଇଛନ୍ତି -

"ଏକା ଖଡଗକେ ଦଶ-ପାଞ୍ଚ ମୁଣ୍ଡ ଛିଡଇ ଭାରତ ଯୁଦ୍ଧେ
ଆରେକ ଅଙ୍ଗକୁ ପାଦେ ପ୍ରହାରିଲେ ଏ ଅଙ୍ଗକୁ ମୋର ବାଧେ" ।

ଏହା ତାଙ୍କର ବିଶ୍ୱଭାବନା । ତାଙ୍କ ବିଶ୍ୱଭାବନା, ବିଶାଳ ହୃଦୟବତ୍ତା ପ୍ରଭୃତି ତାଙ୍କୁ ମହାମାନବିକ ଗୁଣର ବହୁ ଉର୍ଦ୍ଧ୍ୱକୁ ନେଇଯାଇଛି । ତାଙ୍କର ମହନୀୟ ଭାବନା ମାନବ ସମାଜକୁ ନୂତନ ପ୍ରେରଣା ଯୋଗାଉଛି । ତେଣୁ ସେ ମୃତ୍ୟୁଞ୍ଜୟୀ ଅଟନ୍ତି ।

ସମାଧିପୀଠ ବୁଲି ମନରେ ଅପାର ଆନନ୍ଦ ପାଇଲି । ସମସ୍ତଙ୍କଠୁ ବିଦାୟ ନେଇ ମୁଁ ଭବାନୀପାଟଣା ଫେରି ଆସିଲି ।

——

Source: Author, Digitized by PPRACHIN, SOA

ଊନବିଂଶ ପରିଚ୍ଛେଦ

ବ୍ୟକ୍ତିଗତ ପଠନ ରୁଚି ଓ ପାଠାଗାର

ପିଲାଟି ଦିନରୁ ବହି ପ୍ରତି ମୋ'ର ଆକର୍ଷଣ ରହି ଆସିଛି । ସ୍କୁଲ ପାଠ୍ୟପୁସ୍ତକ ପଢ଼ିବା ଛଡା ଛୋଟ ଛୋଟ ଗପ ବହି, ମହାପୁରୁଷମାନଙ୍କ ଜୀବନୀ ପୁସ୍ତକ, ଡିଟେକ୍‌ଟିଭ୍ ବହି, ଉପନ୍ୟାସ ପୁସ୍ତକ, ଭ୍ରମଣକାହାଣୀ ପ୍ରଭୃତି ପଢ଼ିବାରେ ମୋ'ର ଅନେକ ସମୟ ବିତି ଯାଉଥିଲା ।

ସ୍କୁଲ୍‌ରେ ପଢ଼ିବା ସମୟରେ ଅନେକ ବହି ଲୁଚାଇ ଲୁଚାଇ ପଢ଼ିଥିଲି । କାରଣ ସ୍କୁଲ୍ ଶିକ୍ଷକମାନେ ସେହି ବହି ପଢ଼ିବାକୁ ବାରଣ କରୁଥିଲେ । ବହି ପଢ଼ିବା ସମୟରେ ଅନେକ ଚରିତ୍ର ଏବଂ ପରିବେଶ ମୋ' ମନରେ ଗଭୀର ପ୍ରଭାବ ପକାଇଥିଲା ।

ମୋ'ର ଲେଖା ମାଧ୍ୟମରେ ଅନେକ ସ୍ଥଳରେ ତାହା ପ୍ରତିଫଳିତ ହୋଇଛି । ଲିଓଟଲଷ୍ଟଇଙ୍କ ଲେଖା ମୋ' ମନରେ ଅନେକ ପ୍ରଭାବ ପକାଇଛି । ହିନ୍ଦୀ ଜଗତର ଜଣେ ଶ୍ରେଷ୍ଠ ଲେଖକ ପ୍ରେମଚାନ୍ଦଙ୍କ ବହୁ ପୁସ୍ତକ ପଢ଼ିବାରେ ସୁଯୋଗ ପାଇଛି । 'ଗୋଦାନ' ପୁସ୍ତକ ଅନେକବାର ପଢ଼ିଛି । କାହ୍ନୁଚରଣ ମହାନ୍ତିଙ୍କ ଉପନ୍ୟାସ ଅନେକବାର ପଢ଼ିଛି । କଣ୍ଢୁରି ଚରଣଙ୍କ ଡିଟେକ୍‌ଟିଭ୍ ଉପନ୍ୟାସକୁ ମଧ୍ୟ ପଢ଼ିଛି ।

ତେଣୁ ମୋ'ର ପିଲାଦିନର ଅଭ୍ୟାସ ପୁସ୍ତକ ପଢ଼ିବା ପ୍ରତି ଆଗ୍ରହ ବୃଦ୍ଧି କରିବାରେ ସହାୟକ ହୋଇଛି । 'ରବୀନ ସିରିଜ୍', 'ମୀରା ସିରିଜ୍', 'ନରବଳି ସିରିଜ୍' ପ୍ରଭୃତି ଡିଟେକ୍‌ଟିଭ୍ ପିଲାଦିନେ ମୋ'ର ବହି ପଢ଼ିବାର ଆଗ୍ରହ ସୃଷ୍ଟି କରିଛି ।

ବହି ପଢ଼ିବା ଏକ ଅଭ୍ୟାସରେ ପରିଣତ ହେବା ଉଚିତ୍ । ନିଜେ ବାଛି ଯେଉଁ ବହି କିଣିଥିବ, ତାକୁ ନେଇ ପଢ଼ିବା ଏବଂ ଅନ୍ୟଠୁ ମାଗି ଆଣି ପଢ଼ିବା ଭିତରେ ମଧ୍ୟ ଅନେକ ତଫାତ୍ ଅଛି । ମାଗି ଆଣିଥିବା ବହି ପଢ଼ିବା ସମୟରେ ନିଜ ମନକୁ ଯେଉଁଠି ସ୍ପର୍ଶ କରିବ, ସେଠି ଗାର ଅବା ଚିହ୍ନ ଦେଇ ପାରିବ ନାହିଁ । ଯେହେତୁ ତାହା ମାଗି ଆଣିଥିବା ବହି ।

ସୌଜନ୍ୟ ଦୃଷ୍ଟିରୁ ପର ବହିରେ ଗାର ଟାଣିବା ସୁନ୍ଦର ହେବ ନାହିଁ । ନିଜେ କିଣି

Source: Author, Digitized by PPRACHIN, SOA

ଥିବା ବହି ପଢିବା ସମୟରେ ନିଜ ମନଲାଖି ରେଖା ଟାଣି ଅବା ଚିହ୍ନ ଦେଇ ପଢିବାରେ ମୋତେ ବେଶି ଆଗ୍ରହ ମିଳିଥାଏ । ତେଣୁ ନିୟମିତ ମୁଁ ବହି କିଣିଥାଏ । ନିଜେ କିଣିଥିବା ବହି ପ୍ରତି ମୋ'ର ଆଗ୍ରହ ବଢି ଚାଲିଥାଏ । ଦିନକୁ ଦିନ ବହିପ୍ରତି ମୋ'ର ଅନ୍ତରଙ୍ଗତା ବୃଦ୍ଧି ପାଇବାରେ ଲାଗିଥାଏ । ତେଣୁ ସେହି ବହିମାନଙ୍କୁ ପରିଷ୍କାର ପରିଚ୍ଛନ୍ନ କରି ରଖୁଥାଏ । ଧୂଳି, ମଳିରୁ ରକ୍ଷା ପାଇଁ ଆଲମିରା ଭିତରେ ରଖି ପୋକ ଦାଉରୁ ରକ୍ଷା କରିବା ପାଇଁ ନିୟମିତ ଗନ୍ଧକ ଗୁଳି ଦେଉଥାଏ । ଏ ଦିଗରେ ମୋ'ର ସହଧର୍ମିଣୀ ସହଯୋଗ କରୁଥାନ୍ତି । ପ୍ରତିବର୍ଷ ନୂଆନୂଆ ବହି କିଣିବାରୁ ମୋ'ର ପାଠାଗାର କଳେବର ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି ।

ପାଠାଗାରରେ ବହି ସାଇତି ରଖିବା ପାଇଁ ମୁଁ କିଣି ନ ଥାଏ । ମୋ'ର ପଢିବା ସମୟରେ ଯେଉଁଠି ମୁଁ ଚିହ୍ନ ଦେଇଥାଏ, ସେହି ବହିକୁ କିଛି ଦିନ ବାଦ୍ ପଢିଲେ, ସେହି ଚିହ୍ନ ଦେଇଥିବା ବାକ୍ୟରେ ନୂଆ ଭାବନା ଦେଖା ଦେଇଥାଏ ।

ବହି ନିର୍ଜୀବ । ମାତ୍ର, ମୋତେ କେଜାଣି କାହିଁକି ମନେ ହୁଏ, ପୁସ୍ତକ ମାତ୍ରେ ସମସ୍ତେ ଜୀବନ୍ତ । ମୁଁ ଯେତେବେଳେ ନିରୋଳାରେ ମୋ'ର ପାଠାଗାରରେ ବସି ସେମାନଙ୍କୁ ଅନାଏ ଅବା ବହି ଟାଣି ଆଣି ସଫା କରିଦିଏ ସେତେବେଳେ ମୋତେ ମନେହୁଏ ସେମାନେ ମୋ' ସହିତ ମଧୁର ଆଳାପ କରୁଛନ୍ତି । ହସହସ ମୁହଁରେ ଚାହିଁ ମୋତେ କହୁଥିବା ଭଳି ମୁଁ ସେମାନଙ୍କୁ ଅନାଇରହେ ଏବଂ ଅପାର ଆନନ୍ଦ ପାଏ ।

ମୋ' ପାଖକୁ ବିଭିନ୍ନ ସମୟରେ ଅନେକ ବନ୍ଧୁ ଆସନ୍ତି । ବସି ମୋ' ସହିତ ଖୁସିଗପ କରନ୍ତି । କଥା ପ୍ରସଙ୍ଗରେ ମୋତେ ପ୍ରଶ୍ନ କରନ୍ତି, ଆପଣ ଏତେ ବହି ସଂଗ୍ରହ କରି ରଖିଛନ୍ତି । କ'ଣ ସମସ୍ତ ବହି ପଢିଛନ୍ତି ?

ସେମାନଙ୍କ ମନର ସନ୍ଦେହ ଦୂର କରିବା ପାଇଁ କହେ, ଏ ଭିତରୁ ଅନେକ ବହି ଅଛି, ଯାହାକୁ ଥରେ ନୁହେଁ ଅନେକବାର ପଢିଛି । ଯେତେ ପଢିଲେ ସେତେ ନୂଆ କଥା ଜାଣିପାରୁଛି ।

ମୋ'ର ପଠନ ଉଦ୍ୟମ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଲା । ଅବଶ୍ୟ ଆଜିକାଲି ଅଧିକ ସମୟ ପଢିଲେ ଆଖିକୁ କଷ୍ଟ ହେଉଛି । ତେଣୁ ଆଖିକୁ ଜଗି ପଢିବା ସମୟ କମାଇ ଦିଏ । ବହି ପଢିବା ସମୟରେ ମୁଁ ଏହିଭଳି ମଜ୍ଜି ଯାଉଥିଲି ଯେ ମୋ'ର ଚତୁଃପାର୍ଶ୍ୱରେ କଣ ଘଟୁଛି ମୁଁ ଜାଣିପାରୁ ନଥାଏ ।

ବହି ପଢିବାରେ ଗୋଟିଏ ପ୍ରକାର ଆନନ୍ଦ ଏବଂ ତୃପ୍ତି ମିଳିଥାଏ । ମଣିଷ ମନର କଥା, ମଣିଷ ହୃଦୟର କଥା, ବହିରୁ ହିଁ ପଢିବା ପାଇଁ ମିଳିଥାଏ ।

ବହୁ ମହାମାନବ ଆଜି ଆମ ଗହଣରେ ନାହାନ୍ତି । ମାତ୍ର, ସେମାନେ ତାଙ୍କ

Source: Author, Digitized by PPRACHIN, SOA

ଜୀବନକାଳ ମଧ୍ୟରେ ଯେଉଁ ଚିନ୍ତା ଚେତନା ଓ କାର୍ଯ୍ୟାବଳୀ ଆମକୁ ଦେଇ ଯାଇଛନ୍ତି, ସେ ସମ୍ବନ୍ଧରେ ଆମେ ସେହି ପୁସ୍ତକ ପଢ଼ି ଜାଣି ପାରିଥାଉ । ସେହି ମହାପୁରୁଷମାନଙ୍କ ସହିତ ବହି ମାଧ୍ୟମରେ ବାର୍ତ୍ତାଳାପ କରିବାର ସୁଯୋଗ ମିଳିଥାଏ । ସେମାନେ ଆମ ଆଗରେ ସଶରୀରରେ ନ ଥିଲେ ମଧ୍ୟ ସେମାନଙ୍କ ଆତ୍ମା ଏବେ ମଧ୍ୟ ଆମ ଗହଣରେ ଚଲାବୁଲା କରୁଥିବା ଭଳି ମନେ ହୁଏ ।

ମହାତ୍ମାଗାନ୍ଧୀ, ଜବାହାରଲାଲ ନେହେରୁ, ରବୀନ୍ଦ୍ରନାଥ ଠାକୁର, ଉତ୍କଳମଣି ଗୋପବନ୍ଧୁ ଦାସ, ଉତ୍କଳଗୌରବ ମଧୁସୂଧନ ଦାସ, ଗଙ୍ଗାଧର ମେହେର, କାହ୍ନୁଚରଣ ମହାନ୍ତି, କାଳିନ୍ଦୀଚରଣ ପାଣିଗ୍ରାହୀ, ଗୋପିନାଥ ମହାନ୍ତି, ବିଭୂତି ପଟ୍ଟନାୟକ, ଜଗନ୍ନାଥ ପ୍ରସାଦ ଦାସ ପ୍ରଭୃତିଙ୍କ ମନୋଭାବ ଆମେ ଏହି ବହି ମାଧ୍ୟମରୁ ହିଁ ଜାଣିଥାଉ ।

ଅନ୍ତରଙ୍ଗ ବନ୍ଧୁ ପୁସ୍ତକ :

ମୋ' ପାଠାଗାରରେ ରହିଥିବା ବହି ମୋ'ର ଅନ୍ତରଙ୍ଗ ବନ୍ଧୁ ଭଳି ମୋତେ ମନେ ହୁଅନ୍ତି । ଜଣେ ଘନିଷ୍ଠ ବନ୍ଧୁଙ୍କ ସାକ୍ଷାତ୍ ଦୀର୍ଘ ଦିନ ପରେ ହଠାତ୍ ମିଳିଗଲେ ମନରେ ଯେଉଁଭଳି ଆନନ୍ଦ ମିଳେ, ଠିକ୍ ସେହିଭଳି ଅନେକ ଦିନପରେ ମୋ' ପାଠାଗାର ଭିତରକୁ ଆସି ବହିମାନଙ୍କୁ ମନଭରି ଦେଖିନେଲେ ସେହି ପରି ଆନନ୍ଦ ମିଳେ । ସେଥିପାଇଁ ମୁଁ ମୋ'ର ପାଠାଗାରରେ ରଖିଥିବା ପୁସ୍ତକ ଅନ୍ୟ କାହାକୁ ତାଙ୍କ ଘରକୁ ନେବାକୁ ଦେଇ ନ ଥାଏ । ଯଦିବା କୌଣସି ବହି କାହାକୁ ଦେଇଥାଏ ତାକୁ ଫେରାଇ ଆଣି ଯଥାସ୍ଥାନରେ ସାଇତି ରଖିଲେ ମନ ଆଶ୍ୱସ୍ତ ହୁଏ । ସ୍କୁଲ କଲେଜରେ ପଢ଼ିବା ଦିନଠୁ ମ୍ୟାଗାଜିନ୍ ପୁସ୍ତକ ସବୁ ସଂଗୃହୀତ ହୋଇ ମୋ' ପାଠାଗାରରେ ରହିଛନ୍ତି । ମ୍ୟାଗାଜିନ୍‌ମାନଙ୍କୁ ବର୍ଷକର ଏକାଠି କରି ତାକୁ ବନ୍ଧାଇ ରଖିଥାଏ । ବନ୍ଧାଇ ରଖିଲେ କୌଣସି କପି ନଷ୍ଟ ହୋଇଯିବା ଆଶଙ୍କା ନଥାଏ ।

ମୋ' ପାଠାଗାର ମୋ' ଜୀବନ ସହିତ ସଂପର୍କିତ ଏବଂ ତାହା ମୋ'ର ବଡ ଆବଶ୍ୟକତା ମଧ୍ୟ । ପାଠାଗାର ହେଉଛି ଜ୍ଞାନର ଭଣ୍ଡାର ଘର । ପାଠାଗାର ମଣିଷକୁ ଶିଖିବାରେ, ଜ୍ଞାନ ବଢ଼ାଇବାରେ, ଅନେକ ତଥ୍ୟ ଜାଣିବାରେ ସହାୟକ ହୋଇଥାଏ ।

ପଠନ ବିନା ଆମେ ଅତୀତ ସହିତ ପରିଚିତ ହୋଇ ପାରିବା ନାହିଁ କି ଭବିଷ୍ୟତ ପାଇଁ ଯୋଜନା ପରିକଳ୍ପନା କରି ପାରିବା ନାହିଁ ।

ପାଠାଗାର ପ୍ରତ୍ୟେକଙ୍କ ଘରେ ରହିବା ଆବଶ୍ୟକ । ପାଠାଗାର କୌଣସି ବିଳାସ ପାଇଁ ସୃଷ୍ଟି ହୋଇନଥାଏ । ପାଠାଗାର ନ ଥିବା ସହର ଆତ୍ମା ନ ଥିବା ଶରୀର ପରି ।

Source: Author, Digitized by PPRACHIN, SOA

ବିଶ୍ୱର ବୃହତ୍ତମ ପାଠାଗାର :

ବିଶ୍ୱର ସବୁଠାରୁ ବୃହତ ପାଠାଗାର ରହିଛି ଯୁକ୍ତରାଷ୍ଟ୍ର ଆମେରିକାର ଓ୍ୱାସିଂଟନ ଡି.ସି.ରେ । ଏହାର ନାମ 'ଲାଇବ୍ରେରୀ ଅଫ୍ କଂଗ୍ରେସ' । ୧୮୦୦ ମସିହାରେ ଏହା ସ୍ଥାପିତ ହୋଇଥିଲା । ୧୮୦୪ ମସିହାରେ ବ୍ରିଟିଶ୍ ସେନା ଆକ୍ରମଣକରି ଏହି ଲାଇବ୍ରେରୀ ବିଲ୍‌ଡିଙ୍ଗ୍‌ରେ ନିଆଁ ଲଗାଇ ଦେଇଥିଲେ । ସେଠାରେ ଥିବା ପାଠାଗାରର ସମସ୍ତ ପୁସ୍ତକ ପୋଡି ପାଉଁଶ ହୋଇ ଯାଇଥିଲା । ଏଥିରେ ହତୋତ୍ସାହ ନହୋଇ ଆମେରିକୀୟମାନଙ୍କ ଦ୍ୱାରା ପୁନଃ ପାଠାଗାର ପ୍ରତିଷ୍ଠା ପାଇଁ ଉଦ୍ୟମ ଆରମ୍ଭ ହୋଇ ଯାଇଥିଲା । ତା' ପରବର୍ତ୍ତୀ ରାଷ୍ଟ୍ରପତି 'ଟମାସ୍ ଜେଫରସନ୍' ତାଙ୍କ ଘରେ ଗଚ୍ଛିତ ଥିବା ସମସ୍ତ ପୁସ୍ତକ ଜାତୀୟ ପାଠାଗାରକୁ ବିକ୍ରି କରି ଦେଇଥିଲେ । ବର୍ତ୍ତମାନ ସେହି ପାଠାଗାରରେ ୧୪ କୋଟି ୭୦ଲକ୍ଷ ୯୪ ହଜାର ପୁସ୍ତକ, ପତ୍ରପତ୍ରିକା ଗଚ୍ଛିତ ଅଛି । ପାଠକମାନଙ୍କ ପଢିବା ପାଇଁ ବିରାଟ ବିରାଟ ୨୫ଟି ପ୍ରକୋଷ୍ଠ ରହିଛି । ସେଠାରେ ୩୫୭୯ ଜଣ କର୍ମଚାରୀ କାର୍ଯ୍ୟରତ ଅଛନ୍ତି ।

ମୁଁ ମୋ'ର ଆମେରିକା ଭ୍ରମଣ ସମୟରେ (୨୦୦୦ ମସିହାରେ ମୋ'ର ଭାଇ ଗଗନର ମଧ୍ୟମ ପୁତ୍ର ଭୃଙ୍ଗରାଜ ଏବଂ ବୋହୂ (ମାନି) ଅନୀତାଙ୍କ ସହ ଓ୍ୱାସିଂଟନ୍ ଯାଇଥିବା ସମୟରେ) ଏହି ବିଶ୍ୱ ବିଖ୍ୟାତ ପାଠାଗାର ଦେଖିବାର ସୁଯୋଗ ପାଇଥିଲି ।

ମୋ'ର ବଡବାପାଙ୍କ ପୁଅ ସରୋଜ ଏବଂ ତା' ସ୍ତ୍ରୀ ସୁନୀତି ଆମେରିକାରେ ଚାକିରି କରି ସେଠି ରହି ଯାଇଛନ୍ତି । ତାର ଏକମାତ୍ର ପୁଅ ସଞ୍ଜୀବର ବାହାଘରକୁ ସେ ଆମକୁ ପ୍ଲେନ୍ ଟିକେଟ୍ ଦେଇ ବାହାଘରରେ ଯୋଗ ଦେବା ପାଇଁ ସମସ୍ତ ବ୍ୟବସ୍ଥା କରିଥିଲା । ଅନ୍ୟମାନଙ୍କ ସହିତ ମୁଁ, ମୋ'ର ସ୍ତ୍ରୀ ଏଥିରେ ଯୋଗ ଦେଇଥିଲୁ । ସେହି ସମୟରେ ଆମେରିକାରେ ଅନେକ ଅଞ୍ଚଳ ବୁଲିବାର ସୁଯୋଗ ପାଇଥିଲୁ । ସରୋଜ ସହିତ ବିଭିନ୍ନ ପାଠାଗାର ଯାଇ ସେଠି ପାଠାଗାର ପ୍ରତି ଲୋକଙ୍କ ଆକର୍ଷଣ ଉପଲବ୍ଧି କରି ପାରିଥିଲି । ହଜାର ହଜାର ପାଠକ ପାଠିକା ବସି ବହିରେ ମଜ୍ଜି ଯାଇଥାନ୍ତି ।

ଦାଶରଥି ପଟ୍ଟନାୟକଙ୍କ ପାଠାଗାର ଆନ୍ଦୋଳନ :

ଓଡିଶାରେ ପାଠାଗାର ଆନ୍ଦୋଳନର ପୁରୋଧା ଦାଶରଥି ପଟ୍ଟନାୟକ । ସଭିଙ୍କଦ୍ୱାରା ସେ 'ଦାଶିଆ ଅଜା' ହିସାବରେ ପରିଚିତ । ନୟାଗଡ ଦଶପଲ୍ଲାର ଉଦୟପୁରଠାରେ ସେ ଜନ୍ମ ଗ୍ରହଣ କରିଥିଲେ । ଚତୁର୍ଥ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢିଥିଲେ । ପରିବାର ପରିଚାଳନା ପାଇଁ ସରକାରୀ ଚାକିରି କରିଥିଲେ । ମାତ୍ର, ପରେ ତାହା ତ୍ୟାଗ କରି ଗାଁକୁ ଫେରି ଆସି ଚାଷ କାର୍ଯ୍ୟରେ ଲାଗିଗଲେ । ଯେତେବେଳେ ସେ ସମୟ

Source: Author, Digitized by PPRACHIN, SOA

ପାଆନ୍ତି, ସେତେବେଳେ କିଛି ନା କିଛି ବହିଟିଏ ଧରି ପଢିବାରେ ମନଲଗାଇ ଦିଅନ୍ତି । ଦିନକୁ ଦିନ ତାଙ୍କର ବହି ପଢିବା ଝୁଙ୍କ ବଢି ଚାଲିଲା । ତେଣୁ ଖୋଜାଖୋଜି କରି ବହି-ପତ୍ର, ପତ୍ରିକା ସଂଗ୍ରହ କରି ପଢନ୍ତି । ଏହିଭଳି ବହି, ମ୍ୟାଗାଜିନ୍ ସଂଗ୍ରହ କରି ପଢିବା ସଙ୍ଗେ ସଙ୍ଗେ ତାଙ୍କ ମନରେ ଧାରଣା ହେଲା, ଲୋକେ ପଢି ଫିଙ୍ଗି ଦେଉଥିବା ପୁସ୍ତକ, ମ୍ୟାଗାଜିନ୍‌ଗୁଡିକ ସଂଗ୍ରହ କରି ସେ ଗଚ୍ଛିତ ରଖିବେ । ଲୋକେ ମଧ୍ୟ ଆଗ୍ରହରେ ତାଙ୍କୁ ତାଙ୍କ ପଢିଥିବା ପୁସ୍ତକ, ମ୍ୟାଗାଜିନ୍ ପ୍ରଦାନ କଲେ । ସେ ବିଭିନ୍ନ ଗ୍ରାମାଞ୍ଚଳକୁ ଯାଇ ବହୁ ପୁସ୍ତକ, ମ୍ୟାଗାଜିନ୍ ସଂଗ୍ରହ କରି ଆଣି ତାକୁ ସାଇତି ରଖିଲେ । ହାତରେ ଗୋଟିଏ ଠେଙ୍ଗା, କାନ୍ଧରେ ଗୋଟିଏ ଝୁଲାମୁଣି ଏବଂ ମୁଣ୍ଡରେ ଠେକା ପକାଇ ବିଭିନ୍ନ ଅଞ୍ଚଳକୁ ଯାଇ ବହି ସଂଗ୍ରହ କରି ଆସିଲେ । ସେ କଳାହାଣ୍ଡି ଆସି 'ମହାବୀର ସାଂସ୍କୃତିକ ଅନୁଷ୍ଠାନ'ରେ ଯୋଗଦେଇ ମୋ' ସହିତ ସାକ୍ଷାତ୍ କରି ମୋ'ଠୁ ମଧ୍ୟ ଅନେକ ବହି ଓ ମ୍ୟାଗାଜିନ୍ ସଂଗ୍ରହ କରି ନେଇଥିଲେ ।

ତାଙ୍କ ମନରେ ଅନେକ ଭାବନା ଅନେକ ସଂକଳ୍ପ ରହିଥାଏ । ଭବାନୀପାଟଣାରେ ମୋ' ସହିତ ସାକ୍ଷାତ ସମୟରେ, ଚାରି ଅଣା ଟିକଟ ବିକ୍ରି କରି ଆନ୍ତଃଜିଲ୍ଲା ଫୁଟବଲ ଟୁର୍ଣ୍ଣାମେଣ୍ଟରୁ ସଂଗୃହୀତ ଅର୍ଥରେ 'ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ୍' ଆମେ ନିର୍ମାଣ କରିଛୁ ଜାଣି ସେ ଆନନ୍ଦରେ ମୋତେ କୁଣ୍ଢାଇ ପକାଇ କହିଥିଲେ, "ରାସ ବାବୁ ! ତୁମମାନଙ୍କ ଉଦ୍ୟମ ମୁଁ ଆଖିରେ ଦେଖି ବହୁତ ଆନନ୍ଦିତ । ଜଣକର ଉଦ୍ୟମରେ ନିଷ୍ଠା ଥାଇ ଆନ୍ତରିକତାର ସହ କାର୍ଯ୍ୟକଲେ କାର୍ଯ୍ୟର ଫଳ ମିଳିଥାଏ । ପଣ୍ଡିତ ମଦନମୋହନ ମାଲବ୍ୟ ମୁଷ୍ଟି ଭିକ୍ଷା କରି 'ବନାରସ ହିନ୍ଦୁ ବିଶ୍ୱ ବିଦ୍ୟାଳୟ' ପ୍ରତିଷ୍ଠା କରିବାରେ କ୍ଷମ-ହୋଇଥିଲେ''।

ସେହି ଅଦମ୍ୟ ଉତ୍ସାହ ଓ ପ୍ରେରଣା ତାଙ୍କ ମନରେ ପ୍ରବଳ ଆଗ୍ରହ ସୃଷ୍ଟି-କରିଥିଲା ।

ତେଣୁ ସେ ମଧ୍ୟ ଏକ ଉଚ୍ଚକୋଟୀର ପାଠାଗାର, ସଂଗ୍ରହାଳୟ ତଥା ଗବେଷଣାଗାର ପ୍ରତିଷ୍ଠା କରିବାରେ କ୍ଷମ ହୋଇଥିଲେ । ତାଙ୍କର ନିଷ୍ଠା ଓ ଆନ୍ତରିକତା ବଳରେ ଏହା ସମ୍ଭବ ହୋଇଥିଲା ।

ମୁଁ ମନ୍ତ୍ରୀ ଥିବା ସମୟରେ ତାଙ୍କର ଏହି ପାଠାଗାର ଦେଖି ବହୁତ ଆନନ୍ଦିତ ହୋଇଥିଲି । ପାଠାଗାରର ସ୍ଥାନ, ନୂତନ ଗୃହ ନିର୍ମାଣ ପାଇଁ ସରକାରୀ ଆର୍ଥିକ ସାହାଯ୍ୟ ପ୍ରଦାନ କରିବାରେ ସଫଳ ହୋଇଥିଲି । ସେହି ଅଞ୍ଚଳରେ ନୂତନ କୋଠା ନିର୍ମିତ ହୋଇଥିଲା ।

ଏହି ପାଠାଗାରରେ ପ୍ରାୟ ୧ଲକ୍ଷ ପୁସ୍ତକ, ପତ୍ର-ପତ୍ରିକା, ଶତାଧିକ ତାଳପତ୍ର

Source: Author, Digitized by PPRACHIN, SOA

ପୋଥି ପ୍ରଭୃତି ସଂଗୃହୀତ ହୋଇ ରହିଛି । ଏହି ପାଠାଗାରକୁ ଦେଖିବା ପାଇଁ ବିଭିନ୍ନ ଅଞ୍ଚଳରୁ ବହୁ ଲୋକଙ୍କ ସମାଗମ ହୋଇଥାଏ । କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ବହୁ ରେଖା ଚିତ୍ର ମଧ୍ୟ ଏହି ପାଠଗାରରେ ଗଚ୍ଛିତ ହୋଇ ରହିଛି ।

ଓଡିଶାରେ ପାଠାଗାର ଆନ୍ଦୋଳନର ମୁଖ୍ୟ କର୍ଣ୍ଣଧାରଙ୍କ ପ୍ରେରଣା ନୂତନ ପିଢିଙ୍କ ମନରେ ପାଠାଗାର ପ୍ରତି ଆକର୍ଷଣ ସୃଷ୍ଟି କଲେ ତାଙ୍କ ଶ୍ରମସାର୍ଥକ ହେଲା ଭଳି ମନେହେବ ।

ଓଡିଶାରେ ଏକ ସାଂସ୍କୃତିକ ଚେତନା ସୃଷ୍ଟି କରିବାରେ ତାଙ୍କ ଭୂମିକା ଚିର ସ୍ମରଣୀୟ । ତାଙ୍କ ନିଷ୍ଠା, କର୍ତ୍ତବ୍ୟ ପରାୟଣ ମନୋଭାବ ଏବେ ମଧ୍ଧ ମୋ' ମନରେ ଗଭୀର ପ୍ରଭାବ ପକାଇଛି ।

ବାଡ଼ ଚାଷ :

ପିଲାଟି ଦିନରୁ ବଗିଚାରେ ପନିପରିବା ଚାଷ ପ୍ରତି ମୋ'ର ଆଗ୍ରହ ଅଧିକ । ମୋ'ର କାକା ରାଜକିଶୋର ବେହେରା ବଗିଚା ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ଶୀତ ଦିନରେ କୋବି, ପାତଳ ଘଣ୍ଟା, ବାଇଗଣ, ଭେଣ୍ଡି ପ୍ରଭୃତି ଚାଷ କରି ଘରର ଆବଶ୍ୟକ ପନିପରିବା ଯୋଗାଇ ଦେଉଥିଲେ । ସେହି ଅଭ୍ୟାସ ମୋ'ର ମଧ୍ଧ ରହିଛି ।

ତେଣୁ ପନିପରିବା ବାଡିରୁ ଉତ୍ପାଦନ କରି ଘରର ଆବଶ୍ୟକତା ମେଣ୍ଟାଇବା ପ୍ରତି ମୁଁ ବିଶେଷ ଗୁରୁତ୍ୱ ଦେଇଥାଏ । ବର୍ଷକର ୮ ମାସ ମୋ'ର ବାଡିର ପନିପରିବାରେ ଆମ ଘର ଖର୍ଚ୍ଚ ଚଳିଯାଏ ।

ଗଛ ଲଗାଇବା ମଧ୍ଧ ସେହିଭଳି ଏକ ସଉକ । ମୋ'ର ବାଡିରେ ନଡିଆ ଗଛ, ଲେମ୍ବୁ ଗଛ, ପିଜୁଳି ଗଛ, ଡାଳିମ୍ବ ଗଛ, ସପେଟା ଗଛ, ଆମ୍ବ ଗଛ ପ୍ରଭୃତି ଲାଗିଛି । ଚାଷ ଜମିରେ ୬୦୦ ଶାଗୁଆନ୍ ଗଛ ଏବଂ ୫୦୦୦ ୟୁକାଲିପଟ୍ସ୍ ଗଛ ଲଗାଇଥିଲି । ୨୦ଟି ଆମ୍ବ ଗଛ ମଧ୍ଧ ଲଗାଇଥିଲି । ଟଙ୍କାର ଆବଶ୍ୟକତା ପଡିବାରୁ ସେହି ଜମି ସବୁ ବିକ୍ରି କରି ଦେଲି । ଜମି ବିକ୍ରି କଲାବେଳେ ଶାଗୁଆନ୍ ଗଛ ସବୁ ୨ ବର୍ଷର ହୋଇଥିଲା । ତେଣୁ ବିକ୍ରି କଲାବେଳେ ସର୍ତ୍ତ ଥିଲା, "ଜମି ବିକ୍ରି କରୁଛି; ମାତ୍ର, କୌଣସି ଗଛ ବିକ୍ରି କରୁନାହିଁ । ଶାଗୁଆନ ଗଛ ପୂର୍ଣ୍ଣାଙ୍ଗ ହେବା ପାଇଁ ଅନ୍ତତଃ ୩୦ ବର୍ଷ ସମୟ ଲାଗିବ । ୩୦ ବର୍ଷ ପରେ ଗଛ ଲାଗିଥିବା ଜମିର କ୍ଷତି କିଛି ଅର୍ଥ ଭରଣ କରି ଗଛ ମୋ'ର ହେବ । ଅନ୍ୟ ଗଛମାନେ ତୁମର ଆବଶ୍ୟକତା ଓ ମୋ'ର ଆବଶ୍ୟକତା ପୂରଣ କରିବ"। ଯାହାକୁ ଜମି ବିକ୍ରି କଲି ସେ ମୋ' କଥାରେ ସମ୍ମତି ପ୍ରଦାନ କରିଛନ୍ତି । ମଣିଷ ବିଶ୍ୱାସ ଉପରେ ସବୁକିଛି କରିଥାଏ ।

Source: Author, Digitized by PPRACHIN, SOA

ଏବେ ମଧ୍ୟ ଭବାନୀପାଟଣାର ମୋ'ର ଘର ଛାତ ଉପରେ ଡାଳିମ୍ବ ଫଳୁଛି । ବର୍ଷ ତମାମ୍ ପାଚିଲା ଡାଳିମ୍ବ ଖାଇବାକୁ ମିଳିଥାଏ । ମୋ'ର ଘର ତିଆରି ବେଳକୁ ପିଚୁ ଡ୍ରମ୍ ସବୁ ପାଣି ପାଇଁ ବ୍ୟବହାର ହୋଇଥିଲା । ଘରକାମ ଶେଷ ହେବା ପରେ ସେହି ଡ୍ରମ୍‌ସବୁ ବାହାରେ ଫିଙ୍ଗି ନ ଦେଇ ମୁଁ ମୋ'ର ଚାଷ ଗ୍ରାମ ବ୍ରାହ୍ମଣୀଗୁଡାରୁ ମାଟି ଆଣି ସେହି ଡ୍ରମରେ ଭର୍ତ୍ତି କରି ଏବଂ କେତୋଟି କୁଣ୍ଡ କରି ମାଟି ଭର୍ତ୍ତି କରି ଗଛ ସବୁ ଲଗାଇଛି । ଏଥିପାଇଁ ମୋ' ସ୍ତ୍ରୀଙ୍କ ଉଦ୍ୟମ ଅଧିକ । ମୁଁ କେବଳ ସହଯୋଗ ଦେଇଛି । ଡାଳିମ୍ବ ଗଛ ୭-୮ ବର୍ଷ ହେବ ଫଳୁଛି । କଲରା, ଟମାଟୋ, ଜହ୍ନି, ଶିମ୍ବ ମଧ୍ୟ ଆମେ ଛାତରେ ଲଗାଇଥିବା କୁଣ୍ଡମାନଙ୍କରୁ ପାଉ ଏବଂ ଘର ଖର୍ଚ୍ଚ ଚଳାଇ ନେଉ । ଲଙ୍କା ଆମକୁ ବଜାରରୁ କିଣିବାକୁ ପଡି ନ ଥାଏ । ବାରମାସ ଯାକ କଂଚା ଲଙ୍କା ମିଳିଥାଏ ।

ମୋ'ର ସ୍ତ୍ରୀ ଏଥି ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ପ୍ରତିଦିନ ପାଣି ଦେବା କାମ କରିଥାନ୍ତି । ତାଙ୍କ ପୂଜା ପାଇଁ ଗୋଲାପ ଫୁଲ, ତରାଟ ଫୁଲ, ମନ୍ଦାର ଫୁଲ, ଶୀତ ଦିନରେ ସେବତୀ, ଗେଣ୍ଡୁଫୁଲ ଯଥେଷ୍ଟ ପାଇଥାନ୍ତି । କୁଣ୍ଡମାନଙ୍କରୁ ସଂଗୃହୀତ ଫୁଲରୁ ଘରର ଆବଶ୍ୟକତା ମେଣ୍ଟିଯାଏ ।

ଗୋଟିଏ ଲେମ୍ବୁଗଛ ମଧ୍ୟ ଡ୍ରମରେ ବଢିଥିଲା । ମାତ୍ର, ଲେମ୍ବୁଗଛ ବଡ ହେଲେ ତା'ର ଚେର ଡ୍ରମରେ ବିସ୍ତାର କରି ପାରିବ ନାହିଁ ଜାଣି ତାକୁ ମାଟି ସହିତ କାଢି ଆଣି ତଳେ ପୋତା ଯାଇଛି । ଘରେ ବ୍ୟବହାର ହେଉଥିବା ପନିପରିବା ଚୋପା ଗଛ ମୂଳରେ ପକାଇ ମାଟି ଘୋଡାଇ ପାଣି ଦେଲେ, ତାହା ସବୁଜ ସାର ରୂପେ ଭଲ କାମ ଦେଇଥାଏ ।

ପ୍ରତ୍ୟେକ ବ୍ୟକ୍ତି ଟିକିଏ ଆଗ୍ରହ ଦେଖାଇ ନିଜ ବାଡିରେ ଅନ୍ତତଃ ପପେୟା (ଅମୃତଭଣ୍ଡା), ମୁନିଗା ଗଛ (ସଜନା) ଲଗାଇଲେ ସେ ତାର ଫଳ ପାଇ ଘରର ପନିପରିବାର ଆବଶ୍ୟକତା ମଧ୍ୟ ମେଣ୍ଟାଇ ପାରିବ । ସଜନା ଶାଗ ଉତ୍କୃଷ୍ଟ ଖାଦ୍ୟ । ଦୈନନ୍ଦିନ ଘରେ ହାତ ଗୋଡ ଧୋଇବା ଏବଂ ଖାଇ ସାରିଲା ପରେ ହାତ ଧୋଇବା ପାଣିରେ ଏହି ଗଛମାନେ ତାଙ୍କ ଆବଶ୍ୟକ ଜଳ ପାଇ ପାରିବେ । ସେଥିପାଇଁ ସ୍ୱତନ୍ତ୍ର ଜଳ ଦେବାର ବିଶେଷ ଆବଶ୍ୟକତା ମଧ୍ୟ ପଡିବ ନାହିଁ ।

ଆମର ସମସ୍ତ ସୁଯୋଗ ସୁବିଧା ଥିବା ସତ୍ତ୍ୱେ ମନୋବୃତ୍ତିର ଅଭାବ ଯୋଗୁଁ ମଣିଷ ନିଜର ଆବଶ୍ୟକତା ପ୍ରତି ମଧ୍ୟ ସଚେତନ ନୁହେଁ । ତେଣୁ ଅଧିକ ଅର୍ଥ ଖର୍ଚ୍ଚକରି ପନି-ପରିବାକିଣିଥାଏ । କଞ୍ଚା ମରିଚ ଗଛ ଦୁଇଟି ଲାଗିଲେ, ପ୍ରତ୍ୟେକେ ନିଜ ଘରେ ନିଜର ଆବଶ୍ୟକତା ମେଣ୍ଟାଇ ପାରିବେ । ମାତ୍ର, ଆମେ ଏଥିପ୍ରତି ମଧ୍ୟ ସଚେତନ ନୋହୁ ।

Source: Author, Digitized by PPRACHIN, SOA

ବୃକ୍ଷ ହିଁ ଜୀବନ :

ଆମର ପୂର୍ବ ପୁରୁଷମାନେ ଆମକୁ ସୂଚାଇ ଦେଇ ଯାଇଛନ୍ତି, ବୃକ୍ଷରୁ ଜଳ, ଜଳରୁ ଅନ୍ନ ଏବଂ ଅନ୍ନରୁ ଜୀବନ । ଅର୍ଥାତ୍, ବୃକ୍ଷ ଥିଲେ ବର୍ଷା ସୁନିଶ୍ଚିତ । ବର୍ଷା ହେଲେ ଚାଷ କାର୍ଯ୍ୟ ମଧ୍ୟ ଯଥାରୀତି ହେବ । ଚାଷ କାର୍ଯ୍ୟ ହେଲେ ଦେଶର ଖାଦ୍ୟ ଉତ୍ପାଦନ ବୃଦ୍ଧି ପାଇବ । ତେଣୁ ଗଛ ହିଁ ମାନବ ସମାଜର ଜୀବନ ସଦୃଶ । ଏହି କଥାଟାକୁ ଆମ ସମସ୍ତଙ୍କୁ ହୃଦୟଙ୍ଗମ କରିବାକୁ ହେବ ।

ଆମ ପୂର୍ବପୁରୁଷମାନେ ଗଛ ବାହାଘର କରି ଗଛ ପ୍ରତି ସେମାନଙ୍କ ଆଦର ଆମକୁ ଜଣାଇ ଦେଇଛନ୍ତି । ମଣିଷ ଯେତେବେଳେ କୌଣସି ବିପଦରେ ପଡିଯାଏ ସେତେବେଳେ ତାର ଚେତନା ଜାଗ୍ରତ ହୁଏ, ସେଥିରୁ ମୁକ୍ତି ପାଇବା ପାଇଁ ।

ମରୁଡିରୁ ରକ୍ଷା ପାଇବା ପାଇଁ ଆମେ ବର୍ଷା ଦେବତା ଇନ୍ଦ୍ରଙ୍କୁ ପୂଜା ଆରାଧନା କରିଥାଉ । ଫସଲକୁ ରୋଗପୋକ ଦାଉରୁ ରକ୍ଷା ପାଇଁ ପୂଜାବିଧି କରିଥାଉ । ଗାଁମାନଙ୍କରେ 'ରୋଗ ବୋହଲେନ୍' କରନ୍ତି । କନ୍ଧ ବ୍ରାହ୍ମଣୀଗୁଡା ମୋ' ଚାଷ ଗ୍ରାମରେ ମୁଁ ମଧ୍ୟ ସେହି ସମୟରେ ଗାଁଲୋକଙ୍କ ସହିତ ସାମିଲ୍ ହୋଇଛି । ରୋଗପୋକରୁ ରକ୍ଷା ପାଇଁ ବୃକ୍ଷ ବିବାହ ଅନେକ ଗ୍ରାମାଞ୍ଚଳରେ ହୋଇଥାଏ । ମଣିଷ ମନର ଏହା ଏକ ବିଶ୍ୱାସ । ତାକୁ ଅନ୍ଧବିଶ୍ୱାସ କହି କଥାଟାର ଗୁରୁତ୍ୱକୁ କମାଇଦେବା ଉଚିତ୍ ହେବନାହିଁ ।

ଅଶ୍ୱତ୍ଥ ଏବଂ ବରଗଛ ମଧ୍ୟରେ ବର-କନ୍ୟା ରୂପେ ବିବାହ ସଂପନ୍ନ କରାଯାଏ । ସେଥିପାଇଁ ଯଥାବିଧି ପୂଜାବିଧି ମଧ୍ୟ କରାଯାଏ । ଗଛକୁ ବିପଦ ଆପଦରୁ ରକ୍ଷା କରିବା ପ୍ରତ୍ୟେକ ଗ୍ରାମବାସୀଙ୍କ ଦାୟିତ୍ୱ ହୋଇ ଯାଇଥାଏ । ବରଗଛ ଏବଂ ଅଶ୍ୱତ୍ଥ ଗଛକୁ ବଞ୍ଚାଇ ରଖିବା ପାଇଁ ବିଶେଷତଃ, ମହିଳାମାନେ ଗାଧୋଇ ଗଛ ମୂଳରେ ପାଣି ଢାଳି ଗଛକୁ ପ୍ରଣାମ କରିଥାନ୍ତି । ଗଛ ମଧ୍ୟ ଭଲ ଭାବରେ ବଢିଥାଏ ।

ଆଜିକାଲି ରକ୍ଷା ବନ୍ଧନ ଦିନ ଛାତ୍ରଛାତ୍ରୀମାନେ ଗଛକୁ ରାକ୍ଷୀ ବାନ୍ଧିଥାନ୍ତି । ଗଛ ପ୍ରତି ସେମାନଙ୍କ ମନୋଭାବ ଭଳି ସମାଜର ପ୍ରତ୍ୟେକ ବ୍ୟକ୍ତି ଦରଦ ରଖିଲେ ଗଛ ସମୂହ ବୃଦ୍ଧି ପାଇ ସମାଜର ଅଶେଷ କଲ୍ୟାଣ ସାଧନ ହୋଇପାରିବ ।

ଗୋଟିଏ ପୂର୍ଣ୍ଣ ବୟସ୍କ ବରଗଛ ଘଣ୍ଟାଏରେ ହାରାହାରି ୫୦୦ ଲୋକଙ୍କ ଦୈନିକ ଅମ୍ଳଜାନର ଆବଶ୍ୟକତା ପୂରଣ କରିଥାଏ । ୫୬ ପାଉଣ୍ଡ ଅଙ୍ଗାରକାମ୍ଳ ବାୟୁମଣ୍ଡଳରୁ ଗ୍ରହଣ କରିଥାଏ । ଗୋଟିଏ ୪୦ ବର୍ଷ ବୟସ୍କ ବରଗଛ ବର୍ଷକୁ ୧ ଟନ୍‌ରୁ ଊର୍ଦ୍ଧ୍ୱ ଅଙ୍ଗାରକାମ୍ଳକୁ ଅଙ୍ଗାରରେ ପରିଣତ କରି ନିଜ ଗଣ୍ଡିରେ ଆବଦ୍ଧ କରି ରଖିଥାଏ । ବରଗଛ ଛାଇ ଶୀତଳତା ପ୍ରଦାନ କରିଥାଏ । ଖରାଦିନରେ ଗ୍ରାମବାସୀ

Source: Author, Digitized by PPRACHIN, SOA

ବରଗଛ ତଳେ ଖରା ଦାଉରୁ ରକ୍ଷା ପାଇବା ପାଇଁ ଆଶ୍ରୟ ନେଇଥାନ୍ତି ।

ଗୋଟିଏ ଅଶ୍ୱତ୍‌ଥ ଗଛ ୨୦୦ ପାଉଣ୍ଡ ଅମ୍ଳଜାନ ବାର୍ଷିକ ପ୍ରଦାନ କରିଥାଏ । ହାରାହାରି ୧୦୦ ଜଣ ଲୋକ ଗୋଟିଏ ଦିନ ପାଇଁ ଆବଶ୍ୟକ କରୁଥିବା ଅମ୍ଳଜାନ ଏହି ଗଛ ଗୋଟିଏ ଘଣ୍ଟାରେ ପ୍ରଦାନ କରେ । ଅଶ୍ୱତ୍‌ଥଗଛ ବର୍ଷକୁ ପ୍ରାୟ ୫୨ ପାଉଣ୍ଡ ଅଙ୍ଗାରକାମ୍ଳ ବାୟୁମଣ୍ଡଳରୁ ଗ୍ରହଣ କରିନିଏ । ଏହି ବୃକ୍ଷ ମଧ୍ୟ ବର୍ଷକୁ ପ୍ରାୟ ୧ ଟନ୍ ଅଙ୍ଗାରକାମ୍ଳକୁ ଅଙ୍ଗାରରେ ପରିଣତ କରି ନିଜ ଗଣ୍ଡି ମଧ୍ୟରେ ଆବଦ୍ଧ କରି ରଖେ ।

ବର ଓ ଅଶ୍ୱତ୍‌ଥ ଗଛ ନିଜ ଚାରିପଟେ ପ୍ରାୟ ଏକ ହଜାର ବର୍ଗ ମିଟର ଅଞ୍ଚଳରେ ପ୍ରଚୁର ଅମ୍ଳଜାନ ପ୍ରଦାନ କରିଥାନ୍ତି । ଭୂତଳ ଜଳସ୍ତର ବୃଦ୍ଧି କରିବାରେ ମଧ୍ୟ ଏମାନେ ସହାୟକ ହୋଇଥାନ୍ତି ।

ତେଣୁ ଗଛର ମହିମା ଯେ କେତେ ଅଧିକ, ତାହା ଜାଣି ସଚେତନ ହୋଇ ଆମକୁ ଗଛ ଲଗାଇ ବଞ୍ଚାଇବାକୁ ହେବ । ସେଥିପାଇଁ ଆମେ ଆଜି ଅଧିକ ସଚେତନ ରହି ଗଛ ପ୍ରତି ମମତା ବୃଦ୍ଧି କରି ପାରିଲେ ହିଁ ମାନବ ସମାଜର ଅଶେଷ କଲ୍ୟାଣ ସାଧିତ ହେବ ।

ଆମ ପୂର୍ବ ପୁରୁଷମାନେ ବୃକ୍ଷ ବିବାହ କେବଳ ଆମୋଦ ପ୍ରମୋଦ ପାଇଁ କରୁ ନଥିଲେ । ଆମର ଆବଶ୍ୟକତା ଏବଂ ଗଛ ପ୍ରତି ଅଧିକ ସମ୍ବେଦନଶୀଳ ହେବା ପାଇଁ ସେମାନେ ଆମକୁ ସଦାସର୍ବଦା ସଚେତନ କରି ଆସିଛନ୍ତି । ତେଣୁ ଆମର ପ୍ରାକୃତିକ ବିପର୍ଯ୍ୟୟକୁ ରକ୍ଷା କରିବାକୁ ହେଲେ, ପ୍ରତ୍ୟେକ ବ୍ୟକ୍ତି ଗଛ ଲଗାଇବାରେ ଆଗ୍ରହ ରଖନ୍ତୁ । ପ୍ରତ୍ୟେକ ବ୍ୟକ୍ତି ଅନ୍ତତଃ ଦଶଟି ଗଛ ଲଗାଇ ବଞ୍ଚାଇବା ଆବଶ୍ୟକ ।

ମୁଁ ଯେଉଁ ୬୦୦ଟି ଶାଗୁଆନଗଛ କନ୍ଧବ୍ରାହ୍ମଣୀଗୁଡା ଗ୍ରାମରେ ଲଗାଇଛି, ସେଥିରୁ ଗୋଟିଏ ଗଛ ମଧ୍ୟ ମରି ନାହିଁ । ଥରେ ଶାଗୁଆନ୍ ଗଛ ଲାଗି ଗଲାପରେ ପ୍ରଥମ ବର୍ଷ ଚାରାରେ ଖରାଦିନେ ପାଣି ଦେଲେ ସେ ଆଉ ସହଜରେ ମରେ ନାହିଁ । ବର୍ଷାଦିନ ଆସିଗଲେ ସାର ସହ କୋଡା ଦେଲେ ଗଛ ଆପେ ଆପେ ବଢି ଚାଲେ ।

ଅଥଚ ଆମ ସରକାର ଶାଗୁଆନ ଗଛ ଲଗାଇବା ସତ୍ତ୍ୱେ ୬୦ ପ୍ରତିଶତ ଚାରା ମରି ଯାଉଥିବା ବାସ୍ତବିକ ଦୁଃଖଦାୟକ ।

ଚାରା ଲଗାଇ ବନ ମହୋତ୍ସବ ପାଳନ କରିବାର କିଛି ଦିନ ପରେ ସେହି ଚାରାସବୁ ନଷ୍ଟ ହୋଇ ଯାଉଥିବା ଯୋଗୁଁ ଆଜି ନୂତନ ଗଛ ଆଶାଜନକ ଭାବରେ ବୃଦ୍ଧି ପାଇପାରୁ ନାହିଁ ।

ପ୍ରଶାସନର ଏହା ଦାୟିତ୍ୱ ହୀନତାର ଏକ ଉଦାହରଣ ମାତ୍ର । ଯେତେଦିନ ପର୍ଯ୍ୟନ୍ତ କର୍ମଚାରୀମାନଙ୍କ ମଧ୍ୟରେ ଦାୟିତ୍ୱବୋଧ ଜାଗ୍ରତ ହୋଇ ନାହିଁ, ସେତେଦିନ

Source: Author, Digitized by PPRACHIN, SOA

ପର୍ଯ୍ୟନ୍ତ ବୃକ୍ଷରୋପଣ ଉତ୍ସବ ଏକ ପ୍ରହସନ ରୂପେ ପରିଗଣିତ ହେଉଥିବ ।

ସାଧାରଣ ଲୋକଙ୍କ ମଧ୍ୟ ଏଥିପ୍ରତି ଗୁରୁ ଦାୟିତ୍ୱ ଅଛି । ବୃକ୍ଷରୋପଣ ହୋଇଥିବା ଅଞ୍ଚଳରେ ଗାଈ, ଗୋରୁ, ଛେଳି, ମେଣ୍ଢା ଚରାଇବା ଅନୁଚିତ୍ ।

ଆମର କାର୍ଯ୍ୟ ପ୍ରଣାଳୀରେ ଏକ ସୁନ୍ଦର ପୃଥିବୀ ଦିନକୁ ଦିନ ବୃକ୍ଷଶୂନ୍ୟ ହେବାରେ ଲାଗିଛି । ଦିନକୁଦିନ ବହୁ ଉଦ୍ଭିଦ, ଜୀବଜନ୍ତୁ ବିଲୁପ୍ତ ହୋଇ ବସିଲେଣି ।

ତେଣୁ ଆମକୁ ହିଁ ସାବଧାନତାର ସହ ନିଜ ବସତି ପାଇଁ ଗଛକୁ ସୁରକ୍ଷିତ ରଖିବାକୁ ପଡିବ । ନୂତନ ଗଛ ପ୍ରତି ଯତ୍ନ ନେବାକୁ ପଡିବ । ପୃଥିବୀ ପୃଷ୍ଠରେ ପରିବେଶ ବଞ୍ଚିଲେ ଆମେ ବଞ୍ଚିବା । ସେଥିପାଇଁ ସଭିଙ୍କ ଆନ୍ତରିକ ଉଦ୍ୟମ ଆବଶ୍ୟକ । ଉଦ୍ୟମରେ ନିଷ୍ଠା, ଆନ୍ତରିକତା ରହିଲେ ସବୁକିଛି ସଫଳ ହୋଇଥାଏ ।

ବୃକ୍ଷ ପ୍ରତି ମମତାର ବାତାବରଣ ସୃଷ୍ଟି କରି କାର୍ଯ୍ୟପନ୍ଥା ଗ୍ରହଣ କରିବାକୁ ପଡିବ । ସେଥିରେ ହିଁ ମାନବ ସମାଜର ଅଶେଷ କଲ୍ୟାଣ ସାଧିତ ହୋଇପାରିବ ।

ସିମ୍‌ଲା ଓ ମନାଲୀ ପର୍ଯ୍ୟଟନ :

ମୁଁ ଲୋକସଭା ସଦସ୍ୟ ଥିବା ସମୟରେ ଯେଉଁ ଦିନ ପାର୍ଲିଆମେଣ୍ଟ ବନ୍ଦ ରହେ ସେହି ଛୁଟି ଦିନମାନଙ୍କରେ ବିଭିନ୍ନ ପର୍ଯ୍ୟଟନ ସ୍ଥଳୀକୁ ବୁଲିବା ପାଇଁ ଚାଲିଯାଏ । ପରେ ମଧ୍ୟ ଅନେକବାର ଯାଇଛି । ଏପରି ଥରେ ମୁଁ ଦେବତାତ୍ମା ଗିରିରାଜ ହିମାଳୟର ପାଦ ଦେଶରେ ଅବସ୍ଥିତ ଭାରତର ଅନ୍ୟତମ୍ ମନୋରମ ଶୈଳନିବାସ ସିମଲାକୁ ବୁଲି ଯାଇଥିଲି । ଦେଶର ସବୁ ଅଞ୍ଚଳର ଲୋକଙ୍କ ସମାଗମରେ ସିମଲା ସଦା ଭରପୂର । ବିଦେଶୀ ପର୍ଯ୍ୟଟକମାନେ ମଧ୍ୟ ଏଠାକୁ ଆସିଥାନ୍ତି ଏବଂ ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରିଥାନ୍ତି ।

ଅସଂଖ୍ୟ ଗିରିମାଳା ଶୋଭିତ 'ସିମଳା'ର ଶୋଭା ଅତ୍ୟନ୍ତ ଚିତ୍ତାକର୍ଷକ ଏବଂ ବିଶେଷତଃ ଗ୍ରୀଷ୍ମ ଦିନରେ ଏହାର ଆକର୍ଷଣ ଅତ୍ୟଧିକ । ପ୍ରଚଣ୍ଡ ରୌଦ୍ରତାପରୁ ନିଜକୁ ରକ୍ଷା କରିବା ପାଇଁ ବହୁ ପର୍ଯ୍ୟଟକ ସିମଳା ଶୈଳ ନିବାସକୁ ଛୁଟି ଆସିଥାନ୍ତି । ତେଣୁ ଗ୍ରୀଷ୍ମ ସମୟରେ ସିମଳା, ମସୋରୀରେ ପର୍ଯ୍ୟଟକଙ୍କ ଭିଡ ଜମି ଯାଇଥାଏ ।

୩୨ ବର୍ଷ ତଳେ ସିମଳାର ଶୈଳନିବାସର ଯେଉଁ ଗୁରୁତ୍ୱ ଥିଲା, ଆଜି ୨୦୧୩ ବେଳକୁ ଆଉ ତାହା ନ ଥିବା ଭଳି ମୋ'ର ମନେ ହେଲା । ପରିବେଶର ଏ ଯେଉଁ ବିରାଟ ପରିବର୍ତ୍ତନ ଘଟିଛି, ମୁଁ ତାକୁ ସ୍ପଷ୍ଟ ଉପଲବ୍ଧି କଲି । ଶୈଳନିବାସର ଶୀତଳ ଜଳବାୟୁ ଉପଭୋଗ କରିବା ପାଇଁ ପର୍ଯ୍ୟଟକ ଯେଉଁ ଆଶା ନେଇ ଆସିଥାନ୍ତି ସେମାନେ ନିରାଶ ହୋଇ ଫେରି ଯାଇଥାଆନ୍ତି । ସିମଳାର ଆଗ ଭଳି ଥଣ୍ଡା ଆଉ

Source: Author, Digitized by PPRACHIN, SOA

ବର୍ତ୍ତମାନ ନାହିଁ । ଝାଞ୍ଜିପବନ ଦିନ ୯ଟାରେ ବୋହିବାକୁ ଆରମ୍ଭ କରେ । ସନ୍ଧ୍ୟା ୪ଟା ପରେ ଶୀତଳତା ଅନୁଭବ ହୁଏ ।

ହିମାଳୟର ବରଫ ରାଜ୍ୟରେ ଗ୍ରୀଷ୍ମର ପ୍ରବାହ ପର୍ଯ୍ୟଟକଙ୍କ ମନରେ ବିସ୍ମୟଭାବ ସୃଷ୍ଟି କରିଥାଏ । ଆକାଶକୁ ମୁହଁ କରି ସଦର୍ପେ ଛିଡା ହୋଇଥିବା ଗିରିଶୃଙ୍ଗର ଧଳା ବରଫ ଆଉ ଦେଖିବାକୁ ମିଳୁ ନାହିଁ । ଧଳା ବରଫରେ ଯେଉଁ ଅଞ୍ଚଳ ସଦାସର୍ବଦା ଢାଙ୍କି ହୋଇ ରହିଥାଏ, ସେହି ଅଞ୍ଚଳ ଆଜି ବରଫ ଶୂନ୍ୟ ହୋଇ ଯାଇଛି ।

ପର୍ବତର ଉପର ପାର୍ଶ୍ୱରୁ ବିଭିନ୍ନ ଭଙ୍ଗୀରେ ନୃତ୍ୟରତା ଝରଣା ଦର୍ଶକର ମନକୁ ମୋହି ନେଉଥିଲା । ବର୍ତ୍ତମାନ ସେମାନେ ଲାଜରେ କେଉଁଠି ଛପି ଗଲାଭଳି ମୋତେ ମନେ ହେଲା । ଝରଣାର ଚିହ୍ନବର୍ଣ୍ଣ ମଧ ଦେଖିବାକୁ ମିଳିଲା ନାହିଁ । ମୁଁ ଏ ପରିବର୍ତ୍ତନ ଦେଖି ଅତୀତ ଓ ବର୍ତ୍ତମାନର ପରିସ୍ଥିତିକୁ ଅନୁଭବ କରୁଥାଏ । ବର୍ତ୍ତମାନ ପରିସ୍ଥିତିକୁ ସୁଧାରିବାକୁ ଉଦ୍ୟମ ନ କଲେ ଭବିଷ୍ୟତ ଆହୁରି ଦୁଃଖମୟ ହୋଇ ଉଠିବ ବୋଲି ମୁଁ ଅନୁଭବ କରୁଛି ।

ଅଞ୍ଚଳର ସ୍ଥାୟୀ ବାସିନ୍ଦା ଜଳ କଷ୍ଟରେ ତ୍ରାହି ତ୍ରାହି ଡାକିଲେଣି । ସମଗ୍ର ପାହାଡ ମୂଳରୁ ଚୂଳ ପର୍ଯ୍ୟନ୍ତ ବିରାଟ ବିରାଟ କୋଠାରେ ଭରପୂର । ସତେ ଯେପରି ନିଜ ନିଜ ଭିତରେ ପ୍ରତିଯୋଗିତା କରି ସେମାନେ ନିର୍ମାଣରେ ଲାଗି ଯାଇଛନ୍ତି । ପର୍ବତରେ ଭରି ରହିଥିବା ଅସଂଖ୍ୟ ସବୁଜ ବୃକ୍ଷ; ଯାହା, ମୁଁ ୧୯୮୧ରେ ଦେଖିଥିଲି, ବର୍ତ୍ତମାନ ତାର ଚିହ୍ନବର୍ଣ୍ଣ ମଧ ଦେଖିବାକୁ ମିଳିଲା ନାହିଁ । ପିଇବା ପାଣି 'ସତଲେଜ୍ ନଦୀରୁ' ପାଇପ୍ ସାହାଯ୍ୟରେ ଲୋକଙ୍କୁ ଯୋଗାଇ ଦିଆଯାଉଛି ।

'ମନାଲୀ' ଅନ୍ୟ ଏକ ପର୍ଯ୍ୟଟନ ସ୍ଥଳୀ । ତାର ଅବସ୍ଥା ମଧ ଶୋଚନୀୟ । ହିମାଳୟ ପର୍ବତମାଳା ମଧ୍ୟରେ ମନାଲୀ ଅବସ୍ଥିତ । ୧୯୮୧ ମସିହାରେ ଗ୍ରୀଷ୍ମ ସମୟରେ ମଧ ମୁଁ ସେଠାରେ ସୁଇଟର ପିନ୍ଧି ବୁଲୁଥିଲି । ମାତ୍ର, ଆଜି ପତଳା ସାର୍ଟଟିଏ ପିନ୍ଧିଲେ ମଧ ଚଳି ଯାଉଛି । ଗ୍ରୀଷ୍ମ କାଳରେ ଲୋକେ ବରଫ ଦେଖିବା ପାଇଁ ଆସିଥାନ୍ତି; ତଥାପି, ପର୍ଯ୍ୟଟକଙ୍କୁ ପ୍ରକୃତି ନିରାଶ କରି ନ ଥାଏ । ସକାଳୁ ସକାଳୁ କେତୋଟି ପର୍ବତ ଶିଖରରେ ଧଳା ବରଫ ପଡିଥାଏ । ତାକୁ ଦେଖି ପର୍ଯ୍ୟଟକ କିଛି ପରିମାଣରେ ଆଶ୍ୱସ୍ତ ହୋଇଥାନ୍ତି । ସୂର୍ଯ୍ୟକିରଣ ପଡିବା ମାତ୍ରେ ତାହା ମିଳାଇ ଯାଇଥାଏ ।

ପ୍ରାକୃତିକ ବିପର୍ଯ୍ୟୟ ଆଜି ସାରା ବିଶ୍ୱକୁ ଗ୍ରାସି ଯାଇଛି । ଆମେ ମଧ ସେଥିରୁ ବାଦ୍ ପଡି ନାହୁଁ । ସେଥିରୁ ବଞ୍ଚିବା ପାଇଁ ଆମର ନିଷ୍ଠାପର ଉଦ୍ୟମ ଆବଶ୍ୟକ । କଥାରେ ନୁହେଁ, କାର୍ଯ୍ୟରେ ପରିଣତ କରିବାକୁ ପଡିବ ।

Source: Author, Digitized by PPRACHIN, SOA

ଓଡିଆ ସାହିତ୍ୟର ସଂକ୍ଷିପ୍ତ ପରିଚୟ :

ଉପନ୍ୟାସ, ଗଳ୍ପ ବହି ପଢିବା ସହ ଅନେକ ସମାଲୋଚନା, ପ୍ରବନ୍ଧ, ଓଡିଆ ସାହିତ୍ୟର ଇତିହାସ ପୁସ୍ତକ ମଧ୍ୟ ପଢିବାକୁ ମନୋନିବେଶ କଲି । ପଢି ଅନେକ କଥା ଜାଣି ପାରିଲି ।

ଓଡିଆ ସାହିତ୍ୟର ଇତିହାସ ସମ୍ବନ୍ଧରେ ଏ ପର୍ଯ୍ୟନ୍ତ ଗବେଷଣା ପୂର୍ଣ୍ଣାଙ୍ଗ ହୋଇ ପାରି ନାହିଁ । ମୂଳରୁ ଆମ ଓଡିଆ ସାହିତ୍ୟର ଲିପିଗତ ରୂପ ନ ଥିଲା । ଢଗ, ଡମାଳି, ହଳିଆ ଗୀତ, ଶଗଡିଆ ଗୀତ, କାନ୍ଦଣା ପ୍ରଭୃତି ଲୋକ ମୁଖରେ ପ୍ରଚଳିତ ଥିଲା । ଏସବୁ ଗୀତ ଉତ୍କଳୀୟ ଜନଜୀବନ ସହିତ ପୂର୍ଣ୍ଣ ଭାବରେ ଜଡିତ । ଏହା ନିଶ୍ଚିତ ଭାବରେ ଉତ୍କଳ ସାହିତ୍ୟ ପର୍ଯ୍ୟାୟଭୁକ୍ତ ।

କେତେକଙ୍କ ମତରେ "ବୌଦ୍ଧ-ଗାନ"କୁ ଓଡିଆ ପଦ୍ୟ ସାହିତ୍ୟର ପ୍ରଥମ ରଚନା ଭାବେ ଗ୍ରହଣ କରାଯାଏ । ଏଥିରେ ସହଜଯାନ ବୌଦ୍ଧ ଧର୍ମ ସମ୍ବନ୍ଧରେ ଦୋହାମାନ ସନ୍ନିବେଶିତ ହୋଇଛି । କେତେକଙ୍କ ମତରେ ଏହା ଓଡିଆ ସାହିତ୍ୟର ଆଦିମତମ ରଚନା ।

ବୌଦ୍ଧଗାନ ଓ ଦୋହାର ପରବର୍ତ୍ତୀ କାଳରେ 'ନାଥ ସଂପ୍ରଦାୟ'ର ଅଭ୍ୟୁଦୟ ଘଟିଥିଲା । ଗୋରେଖନାଥ ଏମାନଙ୍କ ମଧ୍ୟରେ ଶ୍ରେଷ୍ଠ କବି । ଓଡିଆ ସାହିତ୍ୟର ଲିଖିତ ରୂପ 'ତାଳପତ୍ର ପୋଥି'ରେ ଥିବା ଜଣାଯାଏ ।

ଏହିପରି କ୍ରମାନ୍ୱୟରେ ଓଡିଆ ସାହିତ୍ୟର ବିକାଶ ଆରମ୍ଭ ହୋଇଥିଲା । ପଞ୍ଚଦଶ ଶତାବ୍ଦୀ ବେଳକୁ ସୂର୍ଯ୍ୟବଂଶୀୟ ଗଜପତି କପିଳେନ୍ଦ୍ର ଦେବଙ୍କ ସମୟରେ ମହାକବି ସାରଳାଦାସ 'ମହାଭାରତ' ରଚନାକରିଥିଲେ । ସାରଳା 'ମହାଭାରତ' ହେଉଛି ଓଡିଆର ଜାତୀୟ ମହାକାବ୍ୟ । ଏହା ବ୍ୟାସକୃତ ମହାଭାରତର ଅବିକଳ ଅନୁବାଦ ନୁହେଁ । ସାରଳା ମହାଭାରତର ପ୍ରତ୍ୟେକ କ୍ଷେତ୍ରରେ କବିଙ୍କ ମୌଳିକତା ପରିସ୍ଫୁଟ ହୋଇଛି ।

ମହାଭାରତ ବ୍ୟତୀତ 'ବିଲଙ୍କା ରାମାୟଣ', 'ଚଣ୍ଡୀପୁରାଣ' ପ୍ରଭୃତି ତାଙ୍କ ଉଲ୍ଲେଖ ଯୋଗ୍ୟ ସୃଷ୍ଟି ।

ମାର୍କଣ୍ଡ ଦାସଙ୍କ 'କେଶବ କୋଇଲି' ମଧ୍ୟ ଲୋକଙ୍କଦ୍ୱାରା ବ୍ୟାପକ ଭାବେ ଆଦୃତ ହେଲା । ପିଲାଦିନେ ମୁଁ ମଧ୍ୟ ପଢିବାର ସୁଯୋଗ ପାଇଥିଲି ।

ସାରଳା ଦାସଙ୍କ ପରେ ପଞ୍ଚସଖା ଗୋଷ୍ଠୀଙ୍କ ଆବିର୍ଭାବ ହେଲା । ବଳରାମ ଦାସ, ଜଗନ୍ନାଥ ଦାସ, ଅଚ୍ୟୁତାନନ୍ଦ ଦାସ, ଅନନ୍ତ ଦାସ ଓ ଯଶୋବନ୍ତ ଦାସ ପ୍ରଭୃତି । ଜଗନ୍ନାଥ ଦାସଙ୍କ 'ଭାଗବତ', ବଳରାମ ଦାସଙ୍କ 'ଦାଣ୍ଡିରାମାୟଣ', 'ଅଚ୍ୟୁତାନନ୍ଦଙ୍କ 'ହରିବଂଶ ପୁରାଣ' ପ୍ରଭୃତି ଏହି ସମୟର ଉଲ୍ଲେଖ ଯୋଗ୍ୟ ସୃଷ୍ଟି ।

Source: Author, Digitized by PPRACHIN, SOA

ପଞ୍ଚସଖା ଯୁଗର ସମକାଳରେ ଓଡିଆ ସାହିତ୍ୟରେ ପରିବର୍ତ୍ତନ ଦେଖାଗଲା । ପୁରାଣ ରଚନା ଶୈଳୀରୁ କବିମାନେ କ୍ରମଶଃ କାବ୍ୟ ରଚନା ଶୈଳୀଦ୍ୱାରା ପ୍ରଭାବିତ ହେଲେ । ଫଳରେ, ବହୁ କବି ସଂସ୍କୃତ ଷଟ୍ କାବ୍ୟାନୁସାରେ କାବ୍ୟ ରଚନା କରି ସାହିତ୍ୟର ବିକାଶ ଘଟାଇଲେ । ଏହି କାଳକୁ ଓଡିଆ ସାହିତ୍ୟର ଇତିହାସରେ ମଧ୍ୟଯୁଗ, ରୀତିଯୁଗ, ଭଞ୍ଜଯୁଗ ଓ କାବ୍ୟଯୁଗ ଆଦି ନାମରେ ନାମିତ କରାଯାଇଥାଏ । ଏହି କାଳର କେତେ ଜଣ ବିଶିଷ୍ଟ କବି ହେଉଛନ୍ତି ଅର୍ଜୁନ ଦାସ, ବିଷ୍ଣୁ ଦାସ, ବନମାଳୀ ଦାସ, ପୁରୁଷୋତ୍ତମ ଦାସ, ଦେବଦୁର୍ଲଭ ଦାସ, ନରସିଂହ ସେଣ, ଧନଞ୍ଜୟ ଭଞ୍ଜ, ଭକ୍ତକବି ଦୀନକୃଷ୍ଣ ଦାସ, କବିସମ୍ରାଟ ଉପେନ୍ଦ୍ର ଭଞ୍ଜ, ଭକ୍ତକବି ଅଭିମନ୍ୟୁ ସାମନ୍ତ ସିଂହାର, କବିସୂର୍ଯ୍ୟ ବଳଦେବ ରଥ, କବି ଯଦୁମଣି, ଗୋପାଳକୃଷ୍ଣ, ବ୍ରଜନାଥ ବଡଜେନା ପ୍ରଭୃତି । ଏହି ସମୟ ମଧ୍ୟରେ ଭୀମ ଭୋଇଙ୍କ ଅନେକ କାବ୍ୟ ଲୋକଲୋଚନକୁ ଆସି ସାରିଥାଏ ।

ଓଡିଆ ସାହିତ୍ୟର ବିକାଶ ଦିଗରେ ଏମାନେ ଚିର ସ୍ମରଣୀୟ । ଏମାନଙ୍କ ବ୍ୟତୀତ ଅନେକ ଚିର ସ୍ମରଣୀୟ କବି ଅଛନ୍ତି, ଯେଉଁମାନଙ୍କ ଅବଦାନରେ ଓଡିଆ ସାହିତ୍ୟ ସମୃଦ୍ଧ ହୋଇଛି । ଏଠାରେ, କେବଳ ମୋ' ମନକୁ ଯାହା ସ୍ପର୍ଶ କରିଛି ସେହିମାନଙ୍କୁ ମନେ ପକାଇ ମୁଁ ଲେଖିଛି । ଓଡିଆ ସାହିତ୍ୟର କ୍ରମବିକାଶରେ ମୋ' ମନର ଭାବନାକୁ ମୁଁ ଲିପିବଦ୍ଧ କରିଛି ।

ରୀତିଯୁଗର ଅବସାନ ପରେ ଆଧୁନିକତାର ବାର୍ତ୍ତା ନେଇ ରାଧାନାଥ ରାୟଙ୍କ ଲିଖିତ କାବ୍ୟ କବିତା ଓଡିଆ ସାହିତ୍ୟକୁ ସମୃଦ୍ଧ କଲା । ରାଧାନାଥ ଆଧୁନିକତା ଓ ପ୍ରାଚୀନତାର ସଂଯୋଗର ସେତୁ ରୂପେ କାର୍ଯ୍ୟ କଲେ ।

୧୮୦୩ ମସିହାରେ ଇଂରେଜମାନେ ଓଡିଶା ଅଧିକାର କଲେ । ୧୮୫୭ ମସିହାରେ ସିପାହୀ ବିଦ୍ରୋହ ହେଲା । ତାହାକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମ ରୂପେ ଇତିହାସରେ ସ୍ୱୀକୃତି ମିଳିଛି ।

ଏହି ସମୟରେ ମହିମାଧର୍ମର ପ୍ରସାର ଘଟିଲା । ୧୮୬୬ ମସିହାରେ ହୋଇଥିବା ଓଡିଶାର ନ'ଅଙ୍କ ଦୁର୍ଭିକ୍ଷର କରାଳ ଗ୍ରାସରେ ବହୁ ଲୋକଙ୍କ ପ୍ରାଣବାୟୁ ଉଡିଗଲା । ବ୍ରିଟିଶ୍ ସରକାରଙ୍କ ଅବହେଳା ତଥା ଉଦାସୀନତା ଯୋଗୁଁ ଲୋକେ ଅକାଳରେ ମୃତ୍ୟୁ-ବରଣ କଲେ ।

ସମୟର ପରିବର୍ତ୍ତନ ସହ ଓଡିଶାରେ ସାହିତ୍ୟିକମାନଙ୍କ ମନରେ ଜାତୀୟ ଭାବନା ସହ ନୂଆ ଆଶାର ଜାଗରଣ ସୃଷ୍ଟି ହୋଇଥାଏ । ସାହିତ୍ୟ ସାଧନା ସହ ଅନ୍ୟମାନଙ୍କ ମନରେ ପ୍ରେରଣା ଯୋଗାଇବା ପାଇଁ 'ଉତ୍କଳ ଦୀପିକା' 'ସମ୍ବାଦ

Source: Author, Digitized by PPRACHIN, SOA

ବାହିକା’ ‘ଉତ୍କଳ ପୁତ୍ର’ ‘ଉତ୍କଳ ମଧୁପ’ ‘ସମ୍ବଲପୁର ହିତୈଷିଣୀ’ ‘ଉତ୍କଳ ସାହିତ୍ୟ’ ‘ଇନ୍ଦ୍ରଧନୁ’ ‘ବିଜୁଳି’ ପ୍ରଭୃତି ସାହିତ୍ୟ ପତ୍ରିକା ଓ ସମ୍ବାଦ ପତ୍ରମାନ ପ୍ରକାଶ ପାଇଲା । ଏହି ପତ୍ରପତ୍ରିକାଗୁଡିକ ଓଡିଆ ସାହିତ୍ୟର ବିକାଶରେ ସହାୟକ ରୂପେ କାର୍ଯ୍ୟ କରିବା ସହିତ ଓଡିଆ ସାହିତ୍ୟିକ ଏବଂ ପାଠକଙ୍କ ମନରେ ନବୀନ ଉତ୍ସାହ ଓ ପ୍ରେରଣା ଯୋଗାଇ ପାରିବାରେ କ୍ଷମ ହୋଇଥିଲେ ।

ଯୁଗସ୍ରଷ୍ଟା ରାଧାନାଥ ରାୟ, ବ୍ୟାସକବି ଫକୀରମୋହନ ସେନାପତି, ସ୍ୱଭାବକବି ଗଙ୍ଗାଧର ମେହେର, ପଲ୍ଲୀକବି ନନ୍ଦକିଶୋର ବଳ, ଭକ୍ତକବି ମଧୁସୂଦନ ରାଓ ପ୍ରଭୃତିଙ୍କ ଉଦ୍ୟମ ଏହି କାଳରେ ବାସ୍ତବିକ ପ୍ରଶଂସନୀୟ ।

ଫକୀରମୋହନ ଓଡିଆ ଉପନ୍ୟାସ ସାହିତ୍ୟର ସମ୍ରାଟ ରୂପେ ପରିଚିତ ହେଲେ । ରଙ୍ଗାଜୀବ ଗଙ୍ଗାଧର ତାଙ୍କ ବିଭିନ୍ନ କାବ୍ୟ କବିତାରେ ନୂତନ ଭାବ ଉଦ୍ରେକ କରିବା ସହ ଜୀବନ୍ତ ପ୍ରକୃତି କିଭଳି ତାଙ୍କ ପାଇଁ ଭାବମୟୀ, ଲାସ୍ୟମୟୀ, ହାସ୍ୟମୟୀ ଥିଲେ ତାହା ସେ ତାଙ୍କର କାବ୍ୟ କବିତା ମାଧମରେ ପ୍ରଦର୍ଶିତ କରିଗଲେ । ମଣିଷର ସୁଖ ଦୁଃଖରେ ପ୍ରକୃତି ହେଉଛି ସମଭାଗିନୀ ।

ତାଙ୍କ ରଚିତ “ବିଶ୍ୱ ଦେଖ ମଧୁମୟ ରେ ଜୀବନ, ବିଶ୍ୱ ଦେଖ ମଧୁମୟ, ମଧୁର ଝରଣ କରିବ ହରଣ, ତୋ ପାପ ମରଣ ଭୟ’’ ଗଙ୍ଗାଧରଙ୍କ ଏକ ଅନବଦ୍ୟ ସୃଷ୍ଟି । ସେହିଭଳି ତାଙ୍କ ସୃଷ୍ଟିରେ ସେ ମାତୃଭାଷାର ବିକାଶ ପାଇଁ ଉତ୍କଳବାସୀଙ୍କୁ ଆହ୍ୱାନ ଦେଇଛନ୍ତି, “ମାତୃଭୂମି ମାତୃଭାଷାରେ. ମମତା ଯା’ ହୃଦେ ଜନମି ନାହିଁ, ତାକୁ ଯେବେ ଜ୍ଞାନୀ ଗଣରେ ଗଣିବା ଅଜ୍ଞାନ ରହିବେ କାହିଁ” ?

କବିବର ରାଧାନାଥ ଥିଲେ ସୌନ୍ଦର୍ଯ୍ୟର ପିପାସୁ ଏବଂ ସତ୍ୟ, ଶିବ, ସୁନ୍ଦରର ପୂଜାରୀ । ତାଙ୍କ ମତରେ “ସୁନ୍ଦର ତୃପ୍ତିର ଅବସାଦ ନାହିଁ ଯେତେ ଦେଖୁଥିଲେ ନୂଆ ଦିଶୁ ଥାଇ” (ଚିଲିକା) ।

ସେ କେବଳ ସୌନ୍ଦର୍ଯ୍ୟର ଉପାସକ ନ ଥିଲେ, ସେ ମଧ ଥିଲେ ଜଣେ ଜାତୀୟତାବାଦୀ କବି । ତାଙ୍କ ‘ଚିଲିକା’ କାବ୍ୟ ଓଡିଆ ସାହିତ୍ୟର ଶ୍ରୀ ବୃଦ୍ଧି କରିଛି । “ଉତ୍କଳ କମଳା ବିଳାସ ଦୀର୍ଘିକା, ମରାଳ ମାଳିନୀ ନୀଳାମ୍ବୁ ଚିଲିକା”ର ଦର୍ଶନରେ ସେ ଭାବ ବିହ୍ୱଳ ହୋଇ ପଡିଛନ୍ତି ।

ଚିଲିକା ଭ୍ରମଣ :

‘ଚିଲିକା’ କାବ୍ୟ କଲେଜରେ ପଢିବା ପରେ ଖଲ୍ଲି କୋଟ କଲେଜରେ ପଢୁଥିବା ସମୟରେ ଆମ ଛାତ୍ରାବାସର ଛାତ୍ରମାନେ ମିଳିତ ହୋଇ ଚିଲିକାର ଅପୂର୍ବ ସୌନ୍ଦର୍ଯ୍ୟ

Source: Author, Digitized by PPRACHIN, SOA

ଉପଭୋଗ କରିବା ପାଇଁ ମନ ବଳାଇଲୁ । ବ୍ରହ୍ମପୁର ଷ୍ଟେସନରୁ ରମ୍ଭା ଷ୍ଟେସନ ପର୍ଯ୍ୟନ୍ତ ଟ୍ରେନରେ ଯାଇ ସେଠୁ ଚିଲିକା କୂଳକୁ ଯାଇ ଡଙ୍ଗାରେ 'କାଳିଜାଈ' ପାହାଡ ପର୍ଯ୍ୟନ୍ତ ଯାଇଥିଲୁ । ଅନ୍ୟ ଏକ ଛୋଟ ଡଙ୍ଗାରେ ଯେଉଁମାନେ ଆମ ପାଇଁ ରନ୍ଧାବଢା କରିବେ ସେମାନଙ୍କ ସହ ଆଉ କେତେ ଜଣ ଛାତ୍ର ଯାତ୍ରା କଲେ । ତାଙ୍କ ଡଙ୍ଗା ଛୋଟ ହୋଇଥିବା ଯୋଗୁଁ ଆମରି ଡଙ୍ଗାଠୁ ଦ୍ରୁତଗତିରେ ଯାଇ ପାରୁଥିଲା । ତେଣୁ ସେମାନେ ସେହି ଛୋଟ ଡଙ୍ଗାରେ ଯାତ୍ରା କରି ବହୁ ଆଗରୁ ପହଞ୍ଚି କାଳିଜାଈ ପର୍ବତରେ ଆମ ପାଇଁ ଖାଦ୍ୟପେୟ ବ୍ୟବସ୍ଥା କରିଥିଲେ ।

ରାତ୍ର ତମାମ୍ ଆମ ଡଙ୍ଗା ଧୀର ମନ୍ଥର ଗତିରେ ଚିଲିକା ହ୍ରଦ ଭିତରେ ଦୋହଲି ଦୋହଲି ଆଗକୁ ବଢି ଚାଲିଥାଏ । ରାତ୍ରର ଚନ୍ଦ୍ର କିରଣରେ ଚିଲିକାର ରୂପ ଆହୁରି ସୌନ୍ଦର୍ଯ୍ୟମୟୀ ହୋଇ ଯାଇଥାଏ । ଚିଲିକାର ଜଳରାଶିରେ ଚନ୍ଦ୍ରକିରଣ ପଡି ପାଣି ଚକ୍ ଚକ୍ କରି ଆମ ମନକୁ ଟାଣି ନେଉଥାଏ । ଚନ୍ଦ୍ରର ଶୀତଳ କିରଣ ଏବଂ ଚିଲିକାର ସୁଲୁସୁଲିଆ ପବନରେ ଦେହ ଓ ମନ ରୋମାଞ୍ଚିତ ହୋଇ ଉଠୁଥାଏ ।

ଆକାଶର ନୀଳିମାରେ ଅସଂଖ୍ୟ ତାରାଙ୍କ ଝିଲିମିଲି ଦୃଶ୍ୟ । ସେଥି ମଧ୍ୟରେ ସ୍ୱଚ୍ଛ ଗୋଲାକାର ଚାନ୍ଦର ଦୁଧିଆ ରଙ୍ଗର ଶୀତଳ କିରଣ ଚିଲିକାର ଶୁଭ୍ର ଜଳରାଶିକୁ ଅପୂର୍ବ ଶୋଭାମୟୀ କରିଥିଲା । ସେହି ଜଳରାଶି ମଧ୍ୟରେ ମନ ମୋ'ର ତରଙ୍ଗାୟିତ ହୋଇ ସନ୍ତରଣ କରି ଚାଲିଥାଏ । ଚିଲିକାର ସେହି ଅପୂର୍ବ ରୂପକୁ ମନଭରି ଦେଖି ନେଉଥାଏ । ସେହି କ୍ଷଣିକ ମୁଁ ଭାବ ବିହ୍ୱଳ ହୋଇ ଯାଇଥାଏ ।

ଚିଲିକା ଭିତରେ ଅନେକ ଗଣ୍ଡ ରହିଛି । ଚିର ଅଭ୍ୟସ୍ତ ନାଉରିଆମାନେ ଡଙ୍ଗା ବାହିବା ବେଳକୁ ସାବଧାନତାର ସହ ସେହି ଗଣ୍ଡ ଆଡେଇ ଡଙ୍ଗା ବାହି ନେଇଥାନ୍ତି । "ଜାଈ" ତାର ଶାଶୁଘର ଯିବା ସମୟରେ ଚିଲିକାରେ ଅଚାନକ ଝଡ ବତାସର ସମ୍ମୁଖିନ ହେବାଦ୍ୱାରା ଡଙ୍ଗା ସହିତ ବୁଡି ସେହି ଗଣ୍ଡରେ ସଲିଳ ସମାଧି ନେଇଥିଲେ । ତାକୁ କବି ଗୋଦାବରୀଶ ମିଶ୍ର ଅତି ସୁନ୍ଦର ରୂପଦାନ କରିଛନ୍ତି 'କାଳିଜାଈ' ଗାଥା ଗୀତିକରେ । ସେ ନାଉରୀକୁ ସମ୍ବୋଧନ କରି ଲେଖିଛନ୍ତି –

"ଭଲକରି ନାଆ ବୁହାରେ ନାଉରି ଝିଅକୁ ମାଡୁଛି ଡର,
ଗଡେ ଗଡ ଲୋକ ଚାହିଁ ଜଗି ରହିଥିବେ...
ଝିଅ ଯିବ ଶାଶୁଘର..." ।

ସେହି ଗଣ୍ଡକୁ ଏବେ ମଧ୍ୟ ନାଉରିମାନେ ଦୂରୁ ଜୁହାର କରି "ଜାଈ" ସ୍ମୃତିକୁ ମନେ ପକାଇଥାନ୍ତି ।

ନାଉରି ଆମକୁ ସେହି ଗଣ୍ଡକୁ ଦୂରରୁ ହାତ ବଢାଇ ଦେଖାଇ ଦେଲା । ଦୂରରେ

Source: Author, Digitized by PPRACHIN, SOA

ଥିବା ଘଣ୍ଟଶିଳା ପାହାଡକୁ ମଧ୍ୟ ହାତ ନିର୍ଦ୍ଦେଶରେ ଦେଖାଇ ଦେଲା । ରାତ୍ରର ଶେଷ ଅନ୍ଧକାରକୁ ଚିରି ଆଲୁଅ ଉଦ୍‌ଭାସିତ ହେବା ପାଇଁ ଉଦ୍ୟମରତ । ପୂର୍ବାକାଶରେ ସିନ୍ଦୂରା ଫାଟିବା ଆରମ୍ଭ ହୋଇ ଯାଇଥାଏ । ଦଳଦଳ ପକ୍ଷୀ କଳରବ କରି ନଳ ବଣ ମଧ୍ୟରୁ ଡେଣା ଝାଡି ଆକାଶକୁ ସମାନ୍ତରାଳ ଭାବରେ ଉଡି ଯାଉଥାନ୍ତି । କ୍ଳାନ୍ତ ଡେଣା ଝାଡି ପୁଣି ଚିଲିକାକୁ ଫେରି ଆସୁଥାନ୍ତି । ଚିଲିକାର ଅସଂଖ୍ୟ ଚଢେଇ କଳରବ କରି ଉଡି ବୁଲିବାରେ ଲାଗିଥାନ୍ତି ।

ସୂର୍ଯ୍ୟଦେବ ଦୂର ଦିଗ୍‌ବଳୟରେ ଚିଲିକା ହ୍ରଦରେ ଧୀରେ ଧୀରେ ଉଇଁ ଆସୁଥାନ୍ତି । ମୁଁ ଆଖି ପୂରାଇ ବାଳ ସୂର୍ଯ୍ୟଙ୍କୁ ଦେଖି ନେଉଥାଏ । ଦୂରରୁ ପକ୍ଷୀମାନଙ୍କ କାକଳି ଶୁଣିବାକୁ ମିଳୁଥାଏ ।

ଆମକୁ ନୂତନ ଅତିଥି ମନେ କରି ସତେ ଯେପରି ସେମାନେ ତାଙ୍କ ଭାଷାରେ ସ୍ୱାଗତ କରୁଥାନ୍ତି । ଚିଲିକା ସେମାନଙ୍କ ବାସସ୍ଥଳୀ, କେତେ ମୁହୂର୍ତ୍ତ ପାଇଁ ଆମେ ତାଙ୍କର ଅତିଥି । ଏହି ଭାବନା ମୋ' ମନରେ ଖେଳି ଯାଇଥାଏ । କେଇଟା ହଂସରାଳୀ ଆମ ମୁଣ୍ଡ ଉପରେ ଚକ୍ର କାଟି ଉଡୁଥିଲେ । ଚିଲିକାର ଶାନ୍ତ ଊର୍ମିମାଳା ନାଚି ନାଚି ଭାସି ଯାଉଥାଏ ।

ଚିଲିକାର ନୀଳ ଜଳରାଶିରେ ଆମ ଡଙ୍ଗା ଭାସି ଭାସି ଆସି କାଳିଜାଈ ପାହାଡ କୂଳରେ ଲାଗିଲା । ସଭିଏଁ ଚଟାପଟ ଡଙ୍ଗାରୁ ଓହ୍ଲାଇ ପଡିଲୁ । ମୋତେ ମନେ ହେଲା, ଚିଲିକା କୂଳର ଝାଉଁ ଗଛସବୁ ପବନରେ ଦୋହଲି ଦୋହଲି ନୃତ୍ୟ ଭଙ୍ଗୀରେ ଆମକୁ ସ୍ୱାଗତ ଜଣାଉଛନ୍ତି ।

ଚିଲିକା ହେଉଛି ଏସିଆ ମହାଦେଶର ସର୍ବବୃହତ୍ କ୍ଷାରୀୟ ଜଳ ବିଶିଷ୍ଟ ଆର୍ଦ୍ର ଭୂମି ଅଞ୍ଚଳ । ପୃଥିବୀର ବିରଳ ଡଲଫିନ୍ ଚିଲିକାରେ ଦେଖିବାକୁ ମିଳେ । ଧୀବରମାନେ ଏହାକୁ 'ଭୁଆସୁଣୀ ସାଧବ ବୋହୂ'କହନ୍ତି । କେତେକ 'ଶିଶୁମାର' ନାମରେ ସମ୍ବୋଧନ କରନ୍ତି । ଏଠାରେ ଦେଖା ଯାଉଥିବା ଡଲଫିନ୍ 'ଇରାୱାଡି' ପ୍ରଜାତିର ଏବଂ ଅତ୍ୟନ୍ତ ବିରଳ । ଏହା ଭାରତର ଅନ୍ୟତ୍ର ଦେଖିବାକୁ ମିଳେ ନାହିଁ । ଚିଲିକାରେ 'ବଟଲ୍ ନୋଜ୍' ଡଲ୍‌ଫିନ୍ ମଧ୍ୟ ଦେଖାଯାନ୍ତି । ୨୦୧୦ ମସିହାରେ ଭାରତ ସରକାର ବନ୍ୟଜାତ ସଂରକ୍ଷଣ ନିୟମ ଅନୁସାରେ ଡଲ୍‌ଫିନ୍‌କୁ ଲୁପ୍ତ ପ୍ରାୟ ଆଖ୍ୟା ଦେଇ 'ରାଷ୍ଟ୍ରୀୟ ଜଳୀୟ ଜୀବ' ଘୋଷଣା କରିଛନ୍ତି ।

ତେଣୁ ଡଲ୍‌ଫିନ୍ ସଂରକ୍ଷଣ ନିୟମକୁ କଡାକଡି ଭାବରେ ପାଳନ କରି ପୃଥିବୀ ପୃଷ୍ଠରୁ ଏହି ବିରଳ ଜୀବକୁ ଲୋପ କରିବାରୁ ରକ୍ଷା କରିବାକୁ ଉଦ୍ୟମ ଜାରି ରହିଛି ।

କାଠଡଙ୍ଗା ବଦଳରେ ଆଜିକାଲି ମେସିନ୍ ଚାଳିତ ଡଙ୍ଗା ବହୁଳ ଭାବରେ

Source: Author, Digitized by PPRACHIN, SOA

ବ୍ୟବହାର ହେଉଛି । ବିଶେଷତଃ, କେଉଟମାନେ ଚିଲିକାରେ ମାଛ ମାରିବା ପାଇଁ ଏହି ଡଙ୍ଗା ବ୍ୟବହାର କରିଥାନ୍ତି । ମେସିନ୍ ଡଙ୍ଗାରେ ବହୁ ଡଲଫିନ୍ ଆଘାତ ପ୍ରାପ୍ତ ହୋଇ ଅକାଳରେ ମୃତ୍ୟୁବରଣ କରୁଛନ୍ତି । ବିଭାଗୀୟ କର୍ମକର୍ତ୍ତାମାନଙ୍କ ଦ୍ୱାୟିତ୍ୱ ହୀନତା ଯୋଗୁଁ ଏହିଭଳି ପରିସ୍ଥିତି ସୃଷ୍ଟି ହେଉଛି ।

ଚିଲିକା ଏକ ପ୍ରାକୃତିକ ହ୍ରଦ । ଏହାର ଆର୍ଦ୍ରଭୂମିର ବିଶାଳତା ବହୁ କବି, ଲେଖକ ଓ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଛି । ସାଇବେରିଆ ପ୍ରଭୃତି ଥଣ୍ଡା ଅଞ୍ଚଳରୁ ହଜାର ହଜାର ପକ୍ଷୀ ଉଡିଆସି ଏଠି ଶୀତ ଦିନ ଅତିବାହିତ କରି ପୁଣି ନିଜ ନିଜ ସ୍ଥାନକୁ ଫେରି ଯାଇଥାନ୍ତି ।

ଏହି ଅଞ୍ଚଳର ନାତିଶୀତୋଷ୍ଣ ଜଳବାୟୁ ପକ୍ଷୀମାନଙ୍କ ପାଇଁ ଅନୁକୂଳ ଏବଂ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ହିତକର । ସମୁଦାୟ ୫୨ଟି ନଦୀ ଚିଲିକାରେ ମିଶିଛି । ଦୟା, ଭାର୍ଗବୀ, ମୁଲାଗୁଣି, ସାଲିଆ, ମକରା, ଲୁଣା, ରତ୍ନଚିରା, ମନ୍ଦାକିନୀ, ବଡଶଙ୍କ ପ୍ରଭୃତି । ଉର୍ବର ପଟୁମାଟି ବ୍ୟାପକ ଭାବରେ ଥିବା ଯୋଗୁଁ ଗେଣ୍ଡା, ଶାମୁକା, ପୋକଜୋକ, ସନ୍ତସନ୍ତିଆ କାଦୁଅରୁ ଉତ୍ପତ୍ତି ହୋଇ ପକ୍ଷୀମାନଙ୍କ ଆହାର ହୋଇଥାନ୍ତି । ପକ୍ଷୀମାନଙ୍କ ମଳରୁ ନିର୍ଗତ ଫସ୍‌ଫରସ୍, ନାଇଟ୍ରୋଜେନ୍ ସାର ରୂପେ ଚିଲିକାର ଜଳଜାତ ଗୁଳ୍ମାଦି ଉଭିଦର ଅଭିବୃଦ୍ଧି ଘଟାଇବାରେ ସହାୟକ ହୋଇଥାଏ ।

ଏହା ଚିଲିକାର କଙ୍କଡାମାନଙ୍କ ପ୍ରିୟ ଖାଦ୍ୟ । ତେଣୁ ସେମାନଙ୍କ ଦ୍ରୁତ ଅଭିବୃଦ୍ଧି ଘଟିଥାଏ । ଚିଲିକାର କଙ୍କଡା, ଆମ ବ୍ରହ୍ମପୁର ଛାତ୍ରାବାସରେ ପ୍ରତି ସପ୍ତାହରେ ଥରେ ଖାଇବାକୁ ମିଳୁଥିଲା । ଚିଲିକାର କଙ୍କଡା, ଚିଙ୍ଗୁଡି, ବିଦେଶକୁ ରପ୍ତାନୀ ହୋଇ ବହୁ ବୈଦେଶିକ ମୁଦ୍ରା ଉପାର୍ଜିତ ହୋଇଥାଏ । ଚିଲିକାର ଦୈର୍ଘ୍ୟ ୬୪.୫ କି.ମି. ପ୍ରସ୍ଥ ୫ କି. ମି.ରୁ ବର୍ଷାଦିନେ ୧୮ କି.ମି. ପର୍ଯ୍ୟନ୍ତ ବୃଦ୍ଧି ପାଇଥାଏ । ବନ୍ୟା ସମୟରେ ଚିଲିକା ସମୁଦ୍ର ସହିତ ମିଶିଯାଇ ଏକାକାର ହୋଇ ଯାଇଥାଏ । ସମୁଦ୍ରର ନୀଳ ଜଳରାଶି ଏବଂ ଚିଲିକାର ଗୋଳିଆ ପାଣି ସେମାନଙ୍କ ଭିନ୍ନତା ସୂଚାଇ ଦେଉଥାଏ । ସାରା ବିଶ୍ୱରେ ଜଳବାୟୁର ବିରାଟ ପରିବର୍ତ୍ତନ ଘଟି ଚାଲିଛି । ଚିଲିକା ମଧ୍ୟ ସେଥିରୁ ବାଦ୍ ଯାଇପାରି ନାହିଁ । ଏହାଦ୍ୱାରା ଦିନକୁ ଦିନ ବିଭିନ୍ନ ପ୍ରଜାତିର ପ୍ରାଣୀ ବିଲୁପ୍ତ ହେବାରେ ଲାଗିଛନ୍ତି । ତେଣୁ ସମସ୍ତେ ସଚେତନ ହେଲେ ଏହାର ପ୍ରତିକାର ସମ୍ଭବ । ପ୍ରାକୃତିକ ପରିବେଶକୁ ରକ୍ଷା କରିବା ଆମର ସଭିଙ୍କ ମୌଳିକ ଦାୟିତ୍ୱ ।

ରମ୍ଭାରେ ପର୍ଯ୍ୟଟକଙ୍କ ରହିବା ଏବଂ ଖାଦ୍ୟ ପେୟର ସୁବିଧା ପାନ୍ଥ ନିବାସରେ ମିଳିବା ଫଳରେ ବହୁ ପର୍ଯ୍ୟଟକ ଚିଲିକା ଦେଖିବା ପାଇଁ ଦୂର ଦୂରାନ୍ତରରୁ ଚାଲି ଆସିଥାନ୍ତି । ଚିଲିକାର ସୌନ୍ଦର୍ଯ୍ୟ ସଭିଙ୍କି ଆକୃଷ୍ଟ କରି ରଖିଛି । ବିଶେଷତଃ, ଡଲ୍‌ଫିନ୍

Source: Author, Digitized by PPRACHIN, SOA

ଦେଖିବା ପାଇଁ ପର୍ଯ୍ୟଟକଙ୍କ ଆଗ୍ରହ ବେଶୀ । ତେଣୁ ସେମାନେ ସାତପଡା ଅଞ୍ଚଳ ପର୍ଯ୍ୟନ୍ତ ବୋଟ୍‌ରେ ଯାଇ ଡଲ୍‌ଫିନ୍ ଦେଖିବାର ସୌଭାଗ୍ୟ ପାଇଥାନ୍ତି ।

ଦିଗନ୍ତ ବିସ୍ତୃତ ଚିଲିକାର କମନୀୟ ପରିବେଶ ପର୍ଯ୍ୟଟକଙ୍କୁ ସଦା ଆକୃଷ୍ଟ କରି ପାରିଛି । ଏହାକୁ ଯେତେ ଦେଖୁଥିଲେ ମଧ୍ୟ ସତରେ ସେତେ ନୂଆ ଦିଶୁଥାଏ । ତେଣୁ ମୁଁ ଅନେକବାର ଚିଲିକା ବୁଲି ଦେଖିବାର ଆନନ୍ଦ ପାଇପାରିଛି । ପକ୍ଷୀମାନଙ୍କ କାକଳି ଶବ୍ଦ ଏବେ ମଧ୍ୟ ମୋ' ମନକୁ ଉଲ୍ଲସିତ କରି ଦେଇଥାଏ । ଏଇଠି ରାଧାନାଥ ରାୟଙ୍କ ଅନୁଭବଟି ମନକୁ ଆସେ –

"ପାଶୋରିବ ଦେଖି କହ କେଉଁ ଜନ
ଏ ଶୋକ ପାଶୋରା ଅପ୍‌ସରା ଭୁବନ"

ପ୍ରକୃତରେ ଚିଲିକା ହେଉଛି ଶୋକ ପାଶୋରା ଅପ୍‌ସରା ଭୁବନ ।

କୋଣାର୍କ ଭ୍ରମଣ :

କୋଣାର୍କକୁ ମଧ୍ୟ ଅନେକବାର ବୁଲି ଦେଖିବାର ସୁଯୋଗ ପାଇଛି । କୋଣାର୍କ ମନ୍ଦିରର କାରୁକାର୍ଯ୍ୟରେ ଆକୃଷ୍ଟ ହୋଇ ବିଭିନ୍ନ ଦେଶରୁ ଲକ୍ଷ ଲକ୍ଷ କଳାପ୍ରେମୀ ପର୍ଯ୍ୟଟକ ବିସ୍ମୟରେ ଅଭିଭୂତ ହୋଇ ଯାଇଥାନ୍ତି । ମୁଁ ମଧ୍ୟ ଯେତେଥର ଏହି ବିଶାଳ କଳାବୈଭବକୁ ଦେଖିଛି ମୋ'ମନରେ ବିସ୍ମୟ ଭାବର ସଞ୍ଚାର ହୋଇଛି । ସେତେବେଳେ ମନେପଡିଯାଇଛି ପ.ନୀଳକଣ୍ଠ ଦାସଙ୍କ ପ୍ରସିଦ୍ଧ 'କୋଣାର୍କ' କାବ୍ୟର ପଂକ୍ତି-କିଏ ଗଢିଥିଲା ଏଭୂମେ ଏଡେ କଳା ବିଶାଳ । କି.ସାହସେ ନଦୀ ଗରଭେ ପୋତି ଏତେ ପଥର'' କେଉଁ ତୁଙ୍ଗ ଗିରି କାଟି ସେ ଏଡେ ବିଶାଳ ଶିଳା । କେସନେ ବୋହିଲେ ଏ ଭୂମେ ଏ ତ ସିକତା ମାଳା'' ।

ତ୍ରୟୋଦଶ ଶତାବ୍ଦୀରେ ନିର୍ମିତ ଏହି ପ୍ରସ୍ତର କଳାକୃତି ମଧ୍ୟରେ ଓଡିଆ ଜାତିର ସଂସ୍କୃତି, କଳା, ଧର୍ମଭାବନା ପ୍ରତିଫଳିତ ହୋଇଛି । ପଥରରେ ଖୋଦିତ ଚିତ୍ର ଜୀବନ୍ତ ରୂପ ଧାରଣ କରି ଦର୍ଶକ ମନକୁ ଆକୃଷ୍ଟ କରି ଭାବବିହ୍ୱଳ କରିବା ସହିତ ବିସ୍ମିତ କରି ଦେଇଥାଏ ।

ପୁରାଣରେ ବର୍ଣ୍ଣିତ ଅଛି, ଦ୍ୱାପର ଯୁଗରେ ଭଗବାନ ଶ୍ରୀକୃଷ୍ଣଙ୍କ ପୁତ୍ର ଶାମ୍ବ କୁଷ୍ଠ ରୋଗରେ ଆକ୍ରାନ୍ତ ହୋଇ ଚନ୍ଦ୍ରଭାଗା ନଦୀ କୂଳରେ ମୈତ୍ରେୟ ବନରେ ୧୨ ବର୍ଷ ସୂର୍ଯ୍ୟ ଉପାସନା କରି କୁଷ୍ଠରୋଗରୁ ଆରୋଗ୍ୟ ହୋଇଥିଲେ । ସେହିଦିନରୁ ସୂର୍ଯ୍ୟ ଉପାସନା ଏଠାରେ ଏକ ପରମ୍ପରାରେ ପରିଣତ ହୋଇଛି ଏବଂ ବିଶ୍ୱାସର ସହିତ ପୂଜା ଆରାଧନା କରାଯାଉଛି ।

Source: Author, Digitized by PPRACHIN, SOA

ପୁରାତନ ମନ୍ଦିରର ଜରାଜୀର୍ଣ୍ଣ ଅବସ୍ଥା ଦେଖି ଗଙ୍ଗବଂଶ ନରପତି ନରସିଂହ ଦେବ ୧୨୩୮ ମସିହାରେ ତାଙ୍କ ଶାସନ କାଳରେ ସୂର୍ଯ୍ୟଦେବଙ୍କ ଉପାସନା ପାଇଁ ଏକ ଦିବ୍ୟମନ୍ଦିର ନିର୍ମାଣ କରି ୧୨୫୬ ମସିହାରେ ବିଗ୍ରହ ସ୍ଥାପନକରି ପୂଜା ଆରାଧନା କରିଥିଲେ । ନରସିଂହ ଦେବ ଲାଙ୍ଗୁଳା ନରସିଂହ ଦେବ ନାମରେ ପରିଚିତ ।

୧୨ଶହ କାରିଗରଦ୍ୱାରା ୧୨ ବର୍ଷ ପର୍ଯ୍ୟନ୍ତ ଏହି ନିର୍ମାଣ କାର୍ଯ୍ୟ ଚାଲିଥିଲା । ଶିବେଇ ସାନ୍ତରାଙ୍କ ଦାୟିତ୍ୱରେ ମନ୍ଦିର ନିର୍ମିତ ହୋଇଥିଲା । ୧୨ ବର୍ଷର ବାଳକ ଧର୍ମପଦ ଏହାର ମୁଣ୍ଡି ମାରିଥିବା ପ୍ରବାଦ ଅଛି ।

ମନ୍ଦିରଟି ବଙ୍ଗୋପସାଗର କୂଳରେ ଅବସ୍ଥିତ । କେତେକଙ୍କ ମତରେ କୋଣାର୍କ ମନ୍ଦିରର ଚୂଳରେ ଏକ ଚୁମ୍ବକ ଖଞ୍ଜା ଯାଇଥିଲା । ଫଳରେ, ସମୁଦ୍ରରେ ଯାତାୟାତ କରୁଥିବା ଜାହାଜ ଚୁମ୍ବକଦ୍ୱାରା ଟାଣି ହୋଇ ଯାଉଥିବାରୁ ଗତି ପଥରେ ବାଧା ସୃଷ୍ଟି କରୁଥିଲା । ଏଥିପାଇଁ ବହୁ ଅଭିଯୋଗ ଜାହାଜ କମ୍ପାନୀମାନଙ୍କଦ୍ୱାରା ହେବା ଫଳରେ ଇଂରେଜ ସରକାର କୋଣାର୍କ ମନ୍ଦିର ଚୂଳରୁ ଚୁମ୍ବକ କାଢିଦେଲେ । ଫଳରେ, ମନ୍ଦିରର ସନ୍ତୁଳନ ଆଉ ରକ୍ଷା ହୋଇପାରିଲା ନାହିଁ । ଏଥିରୁ ଧୀରେ ଧୀରେ ପଥର ଖଣ୍ଡମାନ ଖସିବାରେ ଲାଗିଲା ଏବଂ ମନ୍ଦିରର ଅଶେଷ କ୍ଷତି ଘଟାଇଲା । ପରିଶେଷରେ ମନ୍ଦିରଟି ଭାଙ୍ଗି ପଡିଲା ।

ବର୍ତ୍ତମାନ ମନ୍ଦିରଟି ଏକ ଜରାଜୀର୍ଣ୍ଣ ଅବସ୍ଥାରେ ପଡି ରହିଛି । ୨୩୦ ଫୁଟ୍ ଉଚ୍ଚତାର ମୁଖ୍ୟମନ୍ଦିର ସଂପୂର୍ଣ୍ଣ ଧ୍ୱଂସ ପାଇ ଯାଇଛି । ବର୍ତ୍ତମାନ କେବଳ ମୁଖଶାଳାଟି ଦଣ୍ଡାୟମାନ ହୋଇ ରହିଛି ।

କୋଣାର୍କର ସ୍ଥାପତ୍ୟ, ପଥର କାରୁକାର୍ଯ୍ୟ ସମଗ୍ର ବିଶ୍ୱରେ ବିରଳ ତଥା ଆକର୍ଷଣୀୟ । କୋଣାର୍କ ମନ୍ଦିର ରଥାକୃତିର ହୋଇଥିବାରୁ ଏହାର ଚକସଂଖ୍ୟା ଚବିଶ । ଏଥିରେ ପୌରାଣିକ ମତ ପ୍ରତିଫଳିତ ହୋଇଛି ।

ଶ୍ରୀବିଷ୍ଣୁପୁରାଣରେ ଉଲ୍ଲେଖ ଅନୁସାରେ ଏହି ଚକ ବାର୍ଷିକ ଚବିଶ ପକ୍ଷ ବା ପର୍ବର ପ୍ରତୀକ । ପ୍ରତି ଚକରେ ଆଠଟି ଅର ଅଛି । ଏହା ଦିନରାତି ମିଶି ଆଠ ପ୍ରହରର ସୂଚନା ଦେଉଛି । କୋଣାର୍କର ଘୋଡାର ସଂଖ୍ୟା ସାତ । ଏହା ସୂର୍ଯ୍ୟଙ୍କ ରଶ୍ମି ସପ୍ତରଙ୍ଗକୁ ଦର୍ଶାଉଛି ।

ସାର୍ ସି. ଭି. ରମଣ ବିଶିଷ୍ଟ ବୈଜ୍ଞାନିକ ୧୯୩୬ ମସିହାରେ ଏହି ସାତପ୍ରକାର ସୂର୍ଯ୍ୟ ରଶ୍ମି ଉପରେ ବିଶ୍ଳେଷଣ କରି ନୋବେଲ୍ ପୁରସ୍କାର ପାଇଥିଲେ । ଋଗ୍‌ବେଦରେ ମଧ୍ୟ ସୂର୍ଯ୍ୟଙ୍କ ରଶ୍ମି ଓ ସାତଟି ଘୋଡାଥିବା ବର୍ଣ୍ଣନା ଅଛି । ବେଦରେ ମଧ୍ୟ କେଉଁ ରଶ୍ମି ବା ବର୍ଣ୍ଣରେ କେଉଁ ରୋଗ ଭଲ ହେବ ତାର ନିଦାନ ଦର୍ଶାଯାଇଛି ।

ମାତ୍ର, ସ୍ଥାନୀୟ ଗାଇଡ୍‌ମାନେ ଭିନ୍ନ ଭାବରେ ଏହାକୁ ବର୍ଣ୍ଣନାକରି ପର୍ଯ୍ୟଟକମାନଙ୍କୁ

Source: Author, Digitized by PPRACHIN, SOA

ବୁଝାଇଥାନ୍ତି । ସେମାନଙ୍କ ମତରେ ଚକଗୁଡିକ ୨୪ ଘଣ୍ଟାର ପ୍ରତୀକ, ଘୋଡାଗୁଡ଼ିକ ସପ୍ତାହର ଦିନର ପ୍ରତୀକ । ତେଣୁ ଏହି ମତକୁ ମଧ୍ୟ କିଛି ଲୋକ ଗ୍ରହଣ କରିଥାନ୍ତି ।

୧୯୩୯ ମସିହାରୁ କେନ୍ଦ୍ର ପ୍ରତ୍ନତତ୍ତ୍ୱ ବିଭାଗ ମନ୍ଦିରର ରକ୍ଷଣାବେକ୍ଷଣ ଦାୟିତ୍ୱ ଗ୍ରହଣ କରିଛନ୍ତି । ୧୯୮୪ ମସିହାରେ 'ୟୁନୋସ୍କୋ'ଦ୍ୱାରା ଏହା ବିଶ୍ୱ ଐତିହ୍ୟ ସ୍ଥଳ ରୂପେ ଘୋଷିତ ହୋଇଛି ।

୧୯୦୩ ମସିହାରୁ ମୁଖଶାଳା (ଜଗମୋହନ)କୁ ବାଲିଦ୍ୱାରା ଭର୍ତ୍ତି କରାଯାଇ ଭୁଷୁଡି ପଡିବା ଅବସ୍ଥାରୁ ରକ୍ଷା କରାଯାଇଛି । ବର୍ଷା ଦିନରେ ମନ୍ଦିର ବେଢାରେ ଦୀର୍ଘ ସମୟ ଧରି ବର୍ଷା ଜଳ ନିଷ୍କାସିତ ହୋଇ ପାରୁନଥିବା ଯୋଗୁଁ ମୁଖଶାଳା ତଥା ଯେଉଁ କୀର୍ତ୍ତି ସବୁ ବଞ୍ଚି ରହିଛି ତା ପ୍ରତି ବିପଦ ଘନେଇ ଆସୁଛି ।

ବିଭିନ୍ନ ସମୟରେ ମନ୍ଦିରର କାରୁକାର୍ଯ୍ୟ ଖଚିତ ପଥର ଖସି ପଡୁଥିବା ସମ୍ବାଦ ଖବରକାଗଜରୁ ପଢି ଲୋକଙ୍କ ମନରେ ଦାରୁଣ ଆଘାତ ସୃଷ୍ଟି କରୁଛି । ସେହି ଖସି ପଡିଥିବା ସ୍ଥାନରେ ସାଧା ପଥର ଖଞ୍ଜା ଯାଉଥିବା ଯୋଗୁଁ ମନ୍ଦିରର ସୌନ୍ଦର୍ଯ୍ୟରେ ଆଞ୍ଚ ଆସୁଛି ।

କୋଣାର୍କ ମନ୍ଦିରର ସୁରକ୍ଷା ଅତି ଆବଶ୍ୟକ । ଓଡିଆ ଜାତିର ଗର୍ବ ଏବଂ ଗୌରବ ହେଉଛି କୋଣାର୍କ ମନ୍ଦିର । ଏହା ଏକ ଅସାଧାରଣ କୃତି । ତେଣୁ ତାର ସୁରକ୍ଷା ପାଇଁ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ପଡିବ । ଦେଶର ଭୌଗୋଳିକ, ପାରିପାର୍ଶ୍ୱିକ, ସାଂସ୍କୃତିକ ପଟ୍ଟଭୂମିକୁ ନେଇ ସଂରକ୍ଷଣ ନୀତି ପ୍ରଣୟନ ହେବା ଆବଶ୍ୟକ ।

ଢେଙ୍କାନାଳ ଲୋକସଭା ନିର୍ବାଚନ ସମୟରେ କେ.ପି. ସିଂହ ଦେଓଙ୍କ ପ୍ରାର୍ଥୀତ୍ୱକୁ ସମର୍ଥନ କରି ସିନେମା ଷ୍ଟାର୍ ସୁନୀଲ ଦତ୍ତ ନିର୍ବାଚନ ପ୍ରଚାର ପାଇଁ ଓଡିଶା ଆସିଥିଲେ ୧୯୯୧ ମସିହାରେ । ତାଙ୍କ ଦାୟିତ୍ୱରେ ମୁଁ ଥିଲି । ନିର୍ବାଚନ ପ୍ରଚାର ସରିବା ପରେ ପ୍ଲେନ୍‌ରେ ବମ୍ବେ ଫେରିଯିବା ପାଇଁ ଟିକଟ ହୋଇ ସାରିଥାଏ । ମାତ୍ର, ଲୋକେ ତାଙ୍କୁ ଦେଖିବା ଏବଂ ତାଙ୍କଠୁ ପଦଟିଏ ଶୁଣିବା ପାଇଁ ରାସ୍ତାରେ ଅଟକାଇବା ଫଳରେ ବିଳମ୍ବ ଯୋଗୁଁ ପ୍ଲେନରେ ଯାଇ ପାରିଲେ ନାହିଁ । ତାଙ୍କ ମନ ଦୁଃଖରେ ଭରିଗଲା ।

ମୁଁ ତାଙ୍କୁ ବୁଝାଇଲି । "ଆପଣ ଓଡିଶା ଆସି ପୁରୀ ଶ୍ରୀ ଜଗନ୍ନାଥଙ୍କୁ ଦର୍ଶନ ନ କରି ଚାଲିଯିବା ଠିକ୍ ହେଉ ନାହିଁ । ଆପଣ କାଲି ପୁରୀ ଶ୍ରୀଜଗନ୍ନାଥ ଦର୍ଶନ କରି ବିଶ୍ୱ ବିଖ୍ୟାତ କୋଣାର୍କ ମନ୍ଦିର ମଧ୍ୟ ଦର୍ଶନ କରନ୍ତୁ" । ଏହିଭଳି ତାଙ୍କ ମନକୁ ବୁଝାଇ ଭୁବନେଶ୍ୱରରେ ତାଙ୍କ ରହିବା ବ୍ୟବସ୍ଥା କରି ପୁରୀ, କୋଣାର୍କ ଦର୍ଶନ କରିବାର ସୁଯୋଗ ଦିଆଯାଇଥିଲା ।

କୋଣାର୍କ ମନ୍ଦିରର କାରୁକାର୍ଯ୍ୟ ଦେଖି ସେ ବିସ୍ମୟରେ ଅଭିଭୂତ ହୋଇ

Source: Author, Digitized by PPRACHIN, SOA

ଯାଇଥିଲେ । ତାଙ୍କୁ ପିପିଲିର ଆକର୍ଷଣୀୟ "ଗାର୍ଡେନ ଅମ୍ବ୍ରେଲା" ଏବଂ "ପିପିଲି ବେଡ୍‌ସିଟ୍" ଉପହାର ସ୍ୱରୂପ ପ୍ରଦାନ କରିଥିଲି । ତାଙ୍କୁ ସେତେବେଳେ କହିଥିଲି, "ଏହି ଗାର୍ଡେନ ଅମ୍ବ୍ରେଲା, ଆମେ ନବନିର୍ବାଚିତ ଲୋକସଭା ସଦସ୍ୟବୃନ୍ଦ ୧୯୮୦ ମସିହାରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କୁ ଉପହାର ସ୍ୱରୂପ ଦେଇଥିଲୁ । ଦିଲ୍ଲୀର ଓଡିଶା ଭବନରେ ଆମ ସମସ୍ତଙ୍କ ତରଫରୁ ଜାନକୀବଲ୍ଲଭ ପଟ୍ଟନାୟକ ତାଙ୍କୁ ଏହା ପ୍ରଦାନ କରିଥିଲେ'' । ସେ ଏତକ ଜାଣି ବହୁ ଆଗ୍ରହରେ ଆମ ଉପହାର ଗ୍ରହଣ କରି ଆନନ୍ଦିତ ହୋଇଥିଲେ ।

ସୋମନାଥ ମନ୍ଦିର ପ୍ରସଙ୍ଗରୁ କୋଣାର୍କର ପୁନଃ ନିର୍ମାଣ ସ୍ୱପ୍ନ :

ଗୁଜରାଟରେ ଥିବା 'ସୋମନାଥ ମନ୍ଦିର' ମଧ୍ୟ ଏକ ଅସାଧାରଣ କୃତି । ଇତିହାସ ପୃଷ୍ଠାରୁ ଆମେ ଜାଣିବାକୁ ପାଉ ଗଜନୀର ସୁଲତାନ ମାମୁଦଙ୍କଦ୍ୱାରା ଚାରିଥର ସୋମନାଥ ମନ୍ଦିର ବିଧ୍ୱସ୍ତ ହୋଇଥିଲା ।

ଭାରତ ସ୍ୱାଧୀନ ହେଲାପରେ କେନ୍ଦ୍ରମନ୍ତ୍ରୀ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ପ୍ରଗାଢ଼ ଉଦ୍ୟମରେ ପୁନଃ ମନ୍ଦିର ନିର୍ମାଣ କାର୍ଯ୍ୟ ଆରମ୍ଭ ହେଲା । କେନ୍ଦ୍ର ପାର୍ଲିଆମେଣ୍ଟ ମଧ୍ୟ ଏହାକୁ ଅନୁମୋଦନ ପ୍ରଦାନ କରିଥିଲା । ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହେରୁଙ୍କ ଅଧ୍ୟକ୍ଷତାରେ ପୂର୍ଣ୍ଣାଙ୍ଗ ଆଲୋଚନା ହୋଇ ପୁନଃ ନିର୍ମାଣ କାର୍ଯ୍ୟ ପାଇଁ ବିଧିବଦ୍ଧ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା । ମହାତ୍ମା ଗାନ୍ଧୀଙ୍କ ପରାମର୍ଶରେ, ଜନସାଧାରଣଙ୍କ ଆର୍ଥିକ ସହାୟତାରେ ମନ୍ଦିର ନିର୍ମାଣ କରାଯାଇଥିଲା । ୧୯୫୦ ମସିହାରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ବିୟୋଗ ହୋଇଥିଲା । ତାଙ୍କ ପରେ କେ.ଏମ୍.ମୁନସି, ଏମ୍.ଭି. ଗଡଗିଲ କେନ୍ଦ୍ରମନ୍ତ୍ରୀଙ୍କ ତତ୍ତ୍ୱାବଧାନରେ ମନ୍ଦିର କାର୍ଯ୍ୟ ପୂର୍ଣ୍ଣାଙ୍ଗ କରାଗଲା । ଭାରତର ରାଷ୍ଟ୍ରପତି ଡ.'ରାଜେନ୍ଦ୍ର ପ୍ରସାଦ ମନ୍ଦିରର ପ୍ରାଣ ପ୍ରତିଷ୍ଠା କରିଥିଲେ । ଅତୀତର କୀର୍ତ୍ତିରାଜିକୁ ସୁରକ୍ଷିତ ରଖିବା ଆମର ପ୍ରଧାନ କାର୍ଯ୍ୟ ।

ପ୍ରଖ୍ୟାତ ବୈଜ୍ଞାନିକ ଆଲବର୍ଟ୍ ଆଇନଷ୍ଟାଇନ୍ କହିଥିଲେ "ଜ୍ଞାନ ଅପେକ୍ଷା କଳ୍ପନା ଗୁରୁତ୍ୱପୂର୍ଣ୍ଣ ।"

ତେଣୁ ସୋମନାଥ ମନ୍ଦିରର ପୁନଃ ନିର୍ମାଣ ସମ୍ଭବପର ହୋଇଥିଲା, ସେହି ମହାନ୍ ବ୍ୟକ୍ତିମାନଙ୍କ ସମୂହ ନିଷ୍ଠା ଏବଂ ଆନ୍ତରିକତା ଯୋଗୁଁ ।

ସେହିଭଳି କୋଣାର୍କର ପୁନଃ ନିର୍ମାଣର ସ୍ୱପ୍ନ ଆମକୁ ଦେଖିବାକୁ ପଡିବ । ରାଜନୈତିକ ଇଚ୍ଛାଶକ୍ତି, ଜନସାଧାରଣଙ୍କ ସହଯୋଗରେ ଏହା ସମ୍ଭବ ହୋଇପାରିବ । ସେଥିପାଇଁ ଆନ୍ତରିକ ଉଦ୍ୟମ ଆବଶ୍ୟକ ।

Source: Author, Digitized by PPRACHIN, SOA

ପୁରୀ ଓ ଭୁବନେଶ୍ୱର ଭ୍ରମଣ :

ମୋ'ର ଅଜାଙ୍କ ସହିତ ସପରିବାର ପୁରୀ ଶ୍ରୀଜଗନ୍ନାଥ ଦର୍ଶନ କରିଛି । ଭୁବନେଶ୍ୱର ଶ୍ରୀ ଲିଙ୍ଗରାଜ ମନ୍ଦିର ଦର୍ଶନ କରିଛି । ଧର୍ମଶାଳାରେ ରହିଛି । ବିନ୍ଦୁସାଗରରେ ସ୍ନାନ କରିଛି । ଅଜାଙ୍କ ସହିତ ପଣ୍ଡାମାନଙ୍କ ଗହଣରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ ଗର୍ଭ ଗୃହରେ ଦର୍ଶନ କରି ଚତୁର୍ଦ୍ଦିଗ ପରିକ୍ରମା କରିଛି । ସେ ସବୁ ମନେ ପଡିଯାଉଛି । ଜଣେ ତୀର୍ଥ ଯାତ୍ରୀ ହିସାବରେ ଶ୍ରୀଜଗନ୍ନାଥ ଦର୍ଶନ, ଶ୍ରୀଲିଙ୍ଗରାଜ ଦର୍ଶନର ଅନୁଭୂତି ନିଆରା ।

ପୁରୀ କୋଣାର୍କ ବେଳାଭୂମି ରାସ୍ତାରେ ଗାଡି ଚଲାଇ ଯିବାରେ ଅପାର ଆନନ୍ଦ ମିଳୁଥିଲା । ଚାରିଆଡେ ସବୁଜ ବୃକ୍ଷ ଲତାରେ ଭରପୂର ହୋଇ ବେଳାଭୂମି ରାସ୍ତାର ଉଭୟ ପାର୍ଶ୍ୱ ଘଞ୍ଚ ଜଙ୍ଗଲର ପରିବେଶ ସୃଷ୍ଟି କରି ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଥିଲା । ବୁଦୁବୁଦୁକିଆ ଜଙ୍ଗଲ, ହରିଣମାନଙ୍କ ଧାଁ ଦୌଡ ସହ ତରଙ୍ଗାୟିତ ଚାହାଣି ପର୍ଯ୍ୟଟକଙ୍କ ମନ ମୋହି ନେଉଥିଲା । ଏ ସବୁ ଦୃଶ୍ୟ ଦେଖି ମନ ମୋ'ର କୌତୂହଳରେ କୁରଳି ଉଠୁଥିଲା । ଗାଡିର ଗତିକୁ କମାଇ ହରିଣମାନଙ୍କ ଡିଆଁ ଡେଇଁ କରୁଥିବା ଦୃଶ୍ୟକୁ ମନଭରି ଦେଖି ନେଉଥିଲି । ଛୁଆମାନେ ନିଜ ଭିତରେ ଦୌଡା ଦୌଡି କରି ଝପଟି ଯାଇ ମା'ପେଟ ତଳେ ଛପି ଯାଇ ମା'ର ଚିରରୁ ଚର୍ ଚର୍ ଦୁଧ ପିଇ ନେଉଥିଲେ । ଆତ୍ମ ତୃପ୍ତିରେ ବାତ୍ସଲ୍ୟ ମମତାରେ ସେ ତାର ଛୁଆମାନଙ୍କୁ ଅନାଇ ଚାଲିଥାଏ ।

କାଜୁ, ଡାଳିମ୍ବଗଛ ଭରପୂର ହୋଇ ରହିଥିଲା । ଧୀରେ ଧୀରେ ଗଛ ସବୁ ଉଭାନ ହୋଇଗଲା । ବର୍ତ୍ତମାନ ଆଗ ଭଳି ଗଛ ଆଉ ନାହିଁ । ହରିଣ ଠେକୁଆମାନେ ମଧ୍ୟ ଆଉ ଦେଖିବାକୁ ମିଳୁ ନାହାନ୍ତି । ସବୁ ଶୁନ୍ ଶାନ୍ ।

ସେହି ସମୁଦ୍ର କୂଳ ରାସ୍ତାରେ ଗଲେ "ମେରାଇନ୍ ଡ୍ରାଇଭ"ର ଆରାମ ଦାୟକ ଯାତ୍ରା ଆଉ ସମ୍ଭବ ହେଉ ନାହିଁ । ଦିନ ଦଶଟା ପରେ ଝାଞ୍ଜି ପବନ ପିଟୁଥାଏ । ସମୁଦ୍ରର ଶୀତଳ ବାୟୁ ଆଉ ସ୍ପର୍ଶ କରି ମନକୁ ଉଲ୍ଲସିତ କରିବା ସମ୍ଭବ ହେଲା ନାହିଁ । ପ୍ରାକୃତିକ ଜଙ୍ଗଲ ଆଜି ଧ୍ୱଂସ ପାଇ ଯାଇଛି ।

କୋଣାର୍କ ବେଳାଭୂମି ଦେଇଗଲେ ସମୁଦ୍ରର ଗର୍ଜ୍ଜନ ମନକୁ ଆଉ ଆଗ ଭଳି କେଜାଣି କାହିଁକି ଆକୃଷ୍ଟ କଲା ନାହିଁ । ତେଣୁ ପୂର୍ବ ସ୍ମୃତିକୁ ମନେ ପକାଇ ବେଳାଭୂମିର ପରିବେଶକୁ ପୁନଃ ଜୀବନ୍ତ କରିବା ପାଇଁ ମନ ଛଟପଟ ହେଲା । ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉଦ୍ୟମ ଆରମ୍ଭ ହୋଇଥିବା ମୁଁ ଅନୁଭବ କଲି ।

Source: Author, Digitized by PPRACHIN, SOA

ପୁରୀ ବେଳାଭୂମି ସବୁଠୁ ଉତ୍କୃଷ୍ଟ ବେଳାଭୂମି । ମହୋଦଧିର ବିସ୍ତୀର୍ଣ୍ଣ ବେଳାଭୂମି ପର୍ଯ୍ୟଟକଙ୍କ ପାଇଁ ଖୁବ୍ ଆକର୍ଷଣୀୟ । ସନ୍ଧ୍ୟା ସମୟରେ ଦୂର ଦିଗ୍‌ବଳୟରେ ସୂର୍ଯ୍ୟାସ୍ତ କାଳୀନ ଅରୁଣିମାର ଶୋଭା ବହୁ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରି ଟାଣି ଆଣିଥାଏ । ମୁଁ ମଧ୍ୟ ଏହି ଦୃଶ୍ୟ ଦେଖିବାର ସୁଯୋଗ ପାଇଛି । ସୂର୍ଯ୍ୟର ରକ୍ତିମ ଛିଟା ଆକାଶରେ ପ୍ରତିଫଳିତ ହୋଇ ଅତି ଚମତ୍କାର ଦେଖାଯାଉଥାଏ । ସେହି ସୂର୍ଯ୍ୟାସ୍ତ ଦେଖି ମନ ମୋ'ର କ୍ଷଣିକ ପାଇଁ ବିଭୋର ହୋଇ ଯାଇଥାଏ । ଧୀରେ ଧୀରେ ସୂର୍ଯ୍ୟ ସମୁଦ୍ର ଗର୍ଭରେ ଲୀନ ହୋଇ ଯାଉଥାନ୍ତି ।

ବେଳାଭୂମିରେ ଦର୍ଶକଙ୍କ ଭିଡ ସନ୍ଧ୍ୟା ସମୟରେ ବଢି ଚାଲିଥାଏ । ଅସଂଖ୍ୟ ଠେଲା ଗାଡି, ଷ୍ଟଲ, ବେଳାଭୂମିରେ ଭରି ରହିଥାଏ । ପର୍ଯ୍ୟଟକମାନେ ସେଗୁଡିକରୁ ଖାଦ୍ୟ ଓ ପାନୀୟ କିଣି ଖାଇ ମଜା ନେଉଥାନ୍ତି ।

ସମୁଦ୍ରର ଲୁଣିଆ ଶୀତଳ ପବନ ଦେହରେ ପିଟି ହୋଇ ଚାଲି ଯାଉଥାଏ । ସନ୍ଧ୍ୟା ହୋଇଗଲା ପରେ ଟିକିଏ ନିରୋଳାରେ ବସି ସମୁଦ୍ରର ଶବ୍ଦ ଶୁଣିବାର ନୂଆ ଆନନ୍ଦ ମିଳିଥାଏ । ଏହି ଶବ୍ଦ ଶୁଣିବାକୁ ମୁଁ ଟିକିଏ ଦୂରକୁ ଚାଲିଯାଇ ନିରୋଳାରେ କିଛି ସମୟ ବସି ରହିଲି ଏବଂ ତାହା ଶୁଣିବାରୁ ମୋ' ମନରେ ନୂଆ ଭାବନା ସୃଷ୍ଟିହେଲା ।

ସନ୍ଧ୍ୟା ହୋଇଗଲା ପରେ ସମୁଦ୍ର ଧୀରେ ଧୀରେ ଅନ୍ଧକାର ମଧ୍ୟରେ ବୁଡିଯାଏ । ଅନ୍ଧକାର ଗଭୀର ହୋଇଯାଏ । ସେହି ଗଭୀର ଅନ୍ଧକାର ଭିତରେ ସମୁଦ୍ର ଗର୍ଜନ ମୋ' ମନକୁ ଅଚ୍ଛନ୍ନ କରି ମୋତେ ଭାବବିହ୍ୱଳ କରି ଦେଉଥାଏ ।

ଦୀର୍ଘ ସମୟ ବସି ରହି ଗଭୀର ଚିନ୍ତାରେ ବୁଡି ଯାଇଥାଏ । ସମୁଦ୍ରର ଜୁଆର ଶବ୍ଦ କାନରେ ପ୍ରତିଧ୍ୱନିତ ହୋଇ ସତେ ଯେମିତି ମନ୍ତ୍ରଣା ଦେଉଥାଏ, "ତୁମେ ତୁମ କାମ କରି ଚାଲ । କାମ କରିବାରେ ହିଁ ସାର୍ଥକତା ରହିଛି । କାମରେ ମଜ୍ଜି ଯାଅ... । ଦେଖିବ କେତେ ତୃପ୍ତି, କେତେ ଶାନ୍ତି ପାଇବ" ।

ଶ୍ରୀଜଗନ୍ନାଥ :

ଶ୍ରୀମନ୍ଦିରରେ ପ୍ରତିଦିନ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥାଏ । ଆନନ୍ଦ ବଜାରରେ ମହାପ୍ରସାଦ କିଣି ଭକ୍ତମାନେ ଘରକୁ ଫେରି ଆସୁଥାନ୍ତି । ମହିଳାମାନେ ବଡଦାଣ୍ଡ ପାର୍ଶ୍ୱରେ ବସି ରହିଥିବା ଉଠା ଦୋକାନୀମାନଙ୍କଠାରୁ ନିର୍ମାଲ୍ୟ, ସଳିତା କିଣିଥାନ୍ତି । ପ୍ରତିଦିନ ସକାଳ ଓ ସନ୍ଧ୍ୟାରେ ସାହାଣମେଳା ବା ସମସ୍ତ ଭକ୍ତଙ୍କ ପାଇଁ ଖୋଲା ଦର୍ଶନ ମିଳିଥାଏ । ଅନ୍ୟ ସମୟରେ ଟିକଟ କରି ଦର୍ଶନ କରିଥାନ୍ତି ।

ଜଗତର ନାଥ ଜଗନ୍ନାଥ । ତାଙ୍କ ଲୀଳା ଅପାର । ପୁରାଣରେ ବର୍ଣ୍ଣିତ ଅଛି,

Source: Author, Digitized by PPRACHIN, SOA

ଦାରୁବ୍ରହ୍ମ ନୀଳ ସମୁଦ୍ରରେ ଭାସି ଭାସି ମହୋଦଧି କୂଳରେ ଲାଗିଥିଲେ । ମହାରାଜା ଇନ୍ଦ୍ରଦ୍ୟୁମ୍ନ ବିଗ୍ରହ ନିର୍ମାଣ କରାଇଥିଲେ । ବିଶ୍ୱକର୍ମା ସେହି ଦାରୁବ୍ରହ୍ମଙ୍କୁ ଜଗନ୍ନାଥଙ୍କ ରୂପ ଦେଇଥିଲେ । ଆଜି ତାଙ୍କ ଲୀଳା ଖେଳା ଚାଲିଛି । ସେ ହିଁ ଅନାଦି ଅନନ୍ତ । ସେ ହିଁ ସର୍ବଶକ୍ତିମାନ୍ ।

ଶ୍ରୀଜଗନ୍ନାଥ କେବଳ ଭାରତବର୍ଷର ପ୍ରସିଦ୍ଧ ଦେବତା ନୁହଁନ୍ତି ଅନନ୍ୟ ଦେବତା ମଧ୍ୟ । ଭାରତବର୍ଷର ଯେତେ ସ୍ଥାନରେ ମୂର୍ତ୍ତି ପୂଜା ହେଉଅଛି କେଉଁଠାରେ ମଧ୍ୟ ନବକଳେବର ପ୍ରଥା ଥିବା ଜଣା ନାହିଁ ।

ଶ୍ରୀମଦ୍ ଭଗବତ୍‌ଗୀତାରେ ଭଗବାନ ଶ୍ରୀକୃଷ୍ଣ ଅର୍ଜ୍ଜୁନଙ୍କୁ ଅମରତ୍ୱ କଥା କହିଛନ୍ତି । ଆତ୍ମା ନିତ୍ୟ ଆଉ ଦେହ ଅନିତ୍ୟ । ଶ୍ରୀଜଗନ୍ନାଥ ସ୍ୱୟଂ ପରଂବ୍ରହ୍ମ ହେଲେ ହେଁ ମାନବ ଲୀଳା ପ୍ରକଟ ପାଇଁ ଶ୍ରୀକ୍ଷେତ୍ରରେ ଦାରୁରୂପ ଧାରଣ କରିଛନ୍ତି ।

ତେଣୁ ଶ୍ରୀ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଓ ସୁଦର୍ଶନ ଚତୁର୍ଦ୍ଧାମୂର୍ତ୍ତି ରୂପେ ନୂତନ ଦେହ ଧାରଣ କରିଥାନ୍ତି । ଏହାକୁ ନବକଳେବର କୁହାଯାଏ ।

ଶ୍ରୀଜଗନ୍ନାଥ ପ୍ରଥମେ ନୀଳକନ୍ଦରରେ ପ୍ରସ୍ତର ବିଗ୍ରହ ନୀଳମାଧବ ରୂପେ ପୂଜା-ପାଉଥିଲେ । ପରେ ସେ ଦାରୁବିଗ୍ରହ ରୂପେ ପୂଜା ପାଇଲେ ।

୧୯୭୭ ମସିହାରେ ନବକଳେବର ରଥଯାତ୍ରା ହୋଇଥିଲା । ମୁଁ ସେତେବେଳେ ଓଡିଶା ବିଧାନସଭାର ଜଣେ ବିରୋଧୀ ଦଳର ସଦସ୍ୟ ଥିଲି । ଶ୍ରୀଯୁକ୍ତ ନୀଳମଣି ରାଉତରାୟ ଓଡିଶାର ମୁଖ୍ୟମନ୍ତ୍ରୀ ଥିଲେ । ଜୁଲାଇ ୧୮ ତାରିଖ ଦିନ ନବକଳେବର ରଥଯାତ୍ରା ହୋଇଥିଲା । ଏହି ରଥଯାତ୍ରା ସମୟରେ ବହୁ ବିଭ୍ରାଟ ହୋଇଥିଲା । ସନ୍ଧ୍ୟା ପର୍ଯ୍ୟନ୍ତ ଛେରାପହରା ହୋଇ ପାରି ନ ଥିଲା । ବିଧି ରକ୍ଷା ପାଇଁ କେବଳ ବଳଭଦ୍ରଙ୍କ ରଥକୁ କିଛି ଦୂର ଟଣା ଯାଇଥିଲା ।

ଲକ୍ଷ ଲକ୍ଷ ଯାତ୍ରୀ ଭୋକ ଉପବାସରେ ରହି ହତାଶ ହୋଇ ବାହୁଡି ଗଲେ । ତା' ପରଦିନ ରଥଟଣା ହେଲା । ରଥଟଣା ହେବା ପରେ ପରେ ରଥର ଛଅଟି ଚକ ଭାଙ୍ଗିଗଲା । ଲୋକେ ଭୟଭୀତ ହୋଇ ଦୌଡା ଦୌଡି କରିବା ଫଳରେ ଅନେକ କ୍ଷତ ବିକ୍ଷତ ହୋଇଥିଲେ ।

ବିଧାନସଭା ଗୃହରେ ବିରୋଧୀ ଦଳ, ସରକାରଙ୍କୁ ଆନ୍ତରିକତାହୀନ ଓ ଉଦାସୀନ ଭାବ ପାଇଁ ତୀବ୍ର ସମାଲୋଚନା କରିଥିଲେ । ଏ ଘଟଣାର ବିଚାର ବିଭାଗୀୟ ତଦନ୍ତ ପାଇଁ ଦାବି କରିଥିଲେ ।

ସରକାର ବାଧ୍ୟ ହୋଇ ଜନମତ ଆଗରେ ମୁଣ୍ଡ ନୁଆଁଇ ଅବସର ପ୍ରାପ୍ତ ବିଚାରପତି ଶ୍ରୀଯୁକ୍ତ ବାଳକୃଷ୍ଣ ପାତ୍ରଙ୍କୁ ଜଣକିଆ କମିଶନ ରୂପେ ନିଯୁକ୍ତି ଦେଇଥିଲେ ।

Source: Author, Digitized by PPRACHIN, SOA

ପରବର୍ତ୍ତୀ ନବକଳେବର ୧୯୯୬ ମସିହାରେ ଶ୍ରୀଯୁକ୍ତ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରିତ୍ୱ ସମୟରେ ଶୃଙ୍ଖଳାର ସହ ଅନୁଷ୍ଠିତ ହୋଇଥିଲା । ମୁଖ୍ୟମନ୍ତ୍ରୀ ପୁରୀ ମନ୍ଦିରର ବେଢା ଭିତରେ ବସି ରହି ସମସ୍ତ କାର୍ଯ୍ୟ ତଦାରଖ କରି ନବକଳେବର ରଥଯାତ୍ରା ସଂପନ୍ନ କରି ସଭିଙ୍କ ପ୍ରିୟ ଭାଜନ ହୋଇପାରିଥିଲେ । ମନ୍ଦିରର ସେବାୟତମାନଙ୍କୁ ବିଶ୍ୱାସକୁ ନେଇ କାର୍ଯ୍ୟକୁ ସୁରୁଖୁରୁରେ ପରିଚାଳନା କରି ପାରିଥିଲେ ।

୧୯୭୭ ମସିହାର ବିଶୃଙ୍ଖଳାକୁ ଅନୁଧ୍ୟାନ କରି ୧୯୯୬ ମସିହାରେ ନବକଳେବରକୁ ପାରୁ ପର୍ଯ୍ୟନ୍ତ ଶୃଙ୍ଖଳା ସହିତ ପରିଚାଳନା ପାଇଁ ମୂଳରୁ ଉଦ୍ୟମ କରି ବେଶ୍ ସଫଳତା ପାଇ ପାରିଥିଲେ ।

ଗଜପତି ମହାରାଜା ଶ୍ରୀଜଗନ୍ନାଥଙ୍କ ପ୍ରଥମ ସେବକ ଅଟନ୍ତି । ଦେଶରୁ ରାଜପଦ ଲୋପ ହୋଇଥିଲେ ମଧ୍ୟ ଏକମାତ୍ର ଉତ୍କଳର ଗଜପତି ମହାରାଜା ଶ୍ରୀଜଗନ୍ନାଥଙ୍କ ଚଳନ୍ତି ପ୍ରତିମା ଭାବେ ସମ୍ମାନ ପାଉଛନ୍ତି ।

ଉତ୍କଳ ପୁଣ୍ୟଭୂମି । ଏ ମାଟି ଜଗନ୍ନାଥ ଧର୍ମ ଓ ମହିମାଧର୍ମ ଭଳି ଦୁଇଟି ଅନନ୍ୟ ଉଦାର ଧର୍ମକୁ ସୃଷ୍ଟି କରିଛି । ବିଶ୍ୱକୁ ଏହା ହିଁ ଦୁଇଟି ମହନୀୟ ଦାନ । ଏହି ଧର୍ମର ଗୁଣାବଳୀ ବିଶ୍ୱସାରା ବିଚ୍ଛୁରିତ ହେବାରେ ଲାଗିଛି ।

ପୁରୀ ଜଗନ୍ନାଥ ମନ୍ଦିରର ସମସ୍ୟା ଦିନକୁ ଦିନ ବଢିବାରେ ଲାଗିଛି । ବାରମ୍ବାର ପଥର ଖସିବା ଏବଂ ଗର୍ଭ ଗୃହରେ ପାଣି ଗଳିବା ପ୍ରଭୃତି ଗୁରୁତର ସମସ୍ୟା ଦେଖା ଦେଇଛି ।

ମନ୍ଦିରର ପରିଚାଳନା କମିଟିଦ୍ୱାରା ଏହାର ପ୍ରତିକାର ସମ୍ଭବ ନୁହେଁ । ତେଣୁ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ ଏହି ଦାୟିତ୍ୱ ବହନ କରିଛନ୍ତି ।

୧୯୭୫ ମସିହାରେ ଶ୍ରୀମନ୍ଦିରକୁ କେନ୍ଦ୍ର ସଂରକ୍ଷିତ ମନ୍ଦିର ଭାବେ ଘୋଷଣା କରାଯାଇଛି । ମନ୍ଦିର ଉପରୁ ଫୁଟେ ବହଳର ପଲସ୍ତରା ଛଡାଇ ମନ୍ଦିରର ସୁରକ୍ଷା ପାଇଁ କାର୍ଯ୍ୟ କରିବା ଏତେ ସହଜ ନୁହେଁ । ତଥାପି ପ୍ରତ୍ନତତ୍ତ୍ୱ ବିଭାଗ ଏ ଦାୟିତ୍ୱ ଗ୍ରହଣ କରି କାର୍ଯ୍ୟାରମ୍ଭ କରିଛନ୍ତି ।

ରତ୍ନ ସିଂହାସନରୁ ଶ୍ରୀଜଗନ୍ନାଥଙ୍କୁ ନ ଉଠାଇଲେ ଗର୍ଭଗୃହ ମରାମତି ସମ୍ଭବ ନୁହେଁ । ମୁଖ୍ୟମନ୍ତ୍ରୀ ଜାନକୀବଲ୍ଲଭ ପଟ୍ଟନାୟକ ସେବାୟତମାନଙ୍କୁ ବୁଝାଇବାରେ ସଫଳ ହୋଇଥିଲେ । ଗର୍ଭଗୃହ ମରାମତି କାର୍ଯ୍ୟ ହେଲା । ସମସ୍ତେ ଆଶ୍ୱସ୍ତ ହେଲେ । ମାତ୍ର ମରାମତି ପରେ ପୁଣି ପଥର ଖସିବା ସମସ୍ତଙ୍କ ପାଇଁ ଉଦବେଗ୍ର କାରଣ ହୋଇଛି ।

ଆନ୍ଧ୍ରପ୍ରଦେଶର "ତିରୁପତି ମନ୍ଦିର"ର ପ୍ରଶାସନ ପ୍ରଣାଳୀ ଶ୍ରୀମନ୍ଦିର ପ୍ରଶାସନରେ

Source: Author, Digitized by PPRACHIN, SOA

ମଧ୍ୟ ପଡିଛି । ଶ୍ରୀମନ୍ଦିରରେ ପ୍ରଥମକରି "ହୁଣ୍ଡି" ସ୍ଥାପନ ୦୭.୦୮.୧୯୮୩ ମସିହାରେ ହୋଇଥିଲା । ପ୍ରଥମେ ହୁଣ୍ଡି ସ୍ଥାପନକୁ ଅନେକ ଭକ୍ତ ଦୃଢ ବିରୋଧ କରିଥିଲେ । ସେବାୟତମାନେ ପ୍ରଥମେ ବିରୋଧ କରିଥିଲେ, ପରେ କିନ୍ତୁ ସହଯୋଗ କରିଥିଲେ ।

"ହୁଣ୍ଡି" ଭକ୍ତମାନଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି କରିଛି । ଦିନକୁ ଦିନ ହୁଣ୍ଡିରେ ମଧ୍ୟ ଭକ୍ତମାନେ ବହୁ ଅର୍ଥ ସ୍ୱେଚ୍ଛାରେ ଦାନ କରୁଛନ୍ତି । ସେହି ଅର୍ଥ ମନ୍ଦିର ପରିଚାଳନାରେ ବିନିଯୋଗ ହେଉଛି ।

ପୁରୀକୁ ପ୍ରତିଦିନ ହଜାର ହଜାର ଭକ୍ତ ଶ୍ରୀଜଗନ୍ନାଥ ଦର୍ଶନ ପାଇଁ ଆସିଥାନ୍ତି । ଶ୍ରୀମନ୍ଦିର ସମ୍ପତ୍ତିରେ ଅନେକ ଜମି ରହିଛି । ସରକାର ଶ୍ରୀମନ୍ଦିର ଜମିକୁ ବିକ୍ରି କରିବା ଉଦ୍ୟମକୁ ଲୋକେ ତୀବ୍ର ବିରୋଧ କରୁଛନ୍ତି ।

ବହୁ ମୂଲ୍ୟ ଅଳଙ୍କାର ଏବଂ ବହୁ ଅର୍ଥ, ଦୈନିକ ଭକ୍ତମାନଙ୍କଠୁ ଦାନ ସ୍ୱରୂପ ମିଳିଥାଏ । ସୁନାବେଶ ସମୟରେ ଠାକୁରଙ୍କୁ ପିନ୍ଧା ଯାଉଥିବା ମୂଲ୍ୟବାନ୍ ରତ୍ନ ପଥରର ମୂଲ୍ୟ ଏ ପର୍ଯ୍ୟନ୍ତ କଳନା କରାଯାଇ ପାରି ନାହିଁ । ଠାକୁରଙ୍କ ସୁନାବେଶ ସମୟରେ ଯେତିକି ଅଳଙ୍କାର ପିନ୍ଧିବା ପାଇଁ ଆସିଥାଏ, ତା'ଠୁ ଅଧିକ ପରିମାଣ ସୁନା, ରୂପା, ହୀରା, ମୋତି ତଥା ଅନ୍ୟାନ୍ୟ ମୂଲ୍ୟବାନ ଧାତୁ ମନ୍ଦିରର ଗୁପ୍ତ ସ୍ଥାନରେ ଗଚ୍ଛିତ ହୋଇ ରହିଛି ।

ଏଲ୍ଲାହାବାଦ୍ ତ୍ରିବେଣୀ ସଙ୍ଗମରେ ସ୍ନାନ :

ମୁଁ ମୋ'ର ପରିବାର ସହିତ ଭାରତର ବହୁ ସ୍ଥାନ ଭ୍ରମଣ କରିବା ସୁଯୋଗ ପାଇଛି ।

ଆଈଙ୍କ ମୃତ୍ୟୁ ପରେ ଅଜାଙ୍କ ମୃତ୍ୟୁ ହେଲା । ସେମାନଙ୍କ ଅସ୍ଥି ବିସର୍ଜନ ସମୟରେ ମୁଁ ମଧ୍ୟ ମୋ'ର ବାପା, କାକାଙ୍କ ସହିତ ଯାଇଛି । ମୋ'ର ମା' ବାପାଙ୍କ ମୃତ୍ୟୁପରେ ମଧ୍ୟ ଜ୍ୟେଷ୍ଠ ପୁଅ ହିସାବରେ ମୋ'ର ସ୍ତ୍ରୀ, ଭାଇ, ଭାଇବୋହୂମାନଙ୍କ ସହ ଏଲ୍ଲାହାବାଦର ତ୍ରିବେଣୀ ଘାଟକୁ ଯାଇ ଅସ୍ଥି ବିସର୍ଜନ କରି ଆସିଛି ।

ଭାରତୀୟମାନେ ଧର୍ମଭୀରୁ ବୋଲି ବିଦେଶୀମାନେ ଆମକୁ ଅନେକ ସମୟରେ ଆକ୍ଷେପ କରିଥାନ୍ତି । ମାତ୍ର, ତାହା ସତ୍ୟ ନୁହେଁ । ଆମ ପୂର୍ବପୁରୁଷଠୁ ଚଳି ଆସୁଥିବା ପୂଜାବିଧି, ଆମ ସଂସ୍କୃତି, ଆମ ଗଭୀର ଚେତନା ସହ ମିଶି ଯାଇଛି । ତେଣୁ ତାକୁ ଏତେ ସହଜରେ ଛାଡିବା ସମ୍ଭବ ନୁହେଁ ।

ଆମେ ପୂଜାକରୁ ଭକ୍ତିରେ । ଦେବ-ଦେବୀଙ୍କୁ ଆମ ମନ ଅର୍ପଣ କରୁ । ପୂଜାବିଧିରେ ଭକ୍ତର ମନୋବାଂଛା ପୂରଣ ହେଲେ ଭକ୍ତିରେ ଶ୍ରଦ୍ଧାର ସହ ତାର ଉପାର୍ଜିତ

Source: Author, Digitized by PPRACHIN, SOA

କିଛି ଅର୍ଥ ଭଗବାନଙ୍କୁ ପ୍ରଦାନ କରେ ।

ଜଗତର ସବୁ ସଂପତ୍ତିର ମାଲିକ ହେଉଛନ୍ତି ଭଗବାନ । ତେଣୁ ଭକ୍ତ ତାର ଉପାର୍ଜିତ ଅର୍ଥ ଭଗବାନଙ୍କୁ ଅର୍ପଣ କରି ମାନସିକ ଶାନ୍ତି ପାଇଥାଏ । ଏହିପରି ଲକ୍ଷ ଲକ୍ଷ ଭକ୍ତଙ୍କ ଅର୍ପିତ ଧନରେ ଦିଅଁ ଦେବତାଙ୍କ ସମ୍ପତ୍ତି ବୃଦ୍ଧି ପାଇ ଚାଲିଛି । ତେଣୁ ଭାରତବର୍ଷ ହେଉଛି ପୁଣ୍ୟଭୂମି ।

ଏ ଦେଶର ଜଣେ ମହାନ୍ ବ୍ୟକ୍ତି ତପସ୍ୟା କରି କୀର୍ତ୍ତି ଅର୍ଜ୍ଜି ଯାଇଛନ୍ତି । ଭଗୀରଥ ସଗର ବଂଶର ଷାଠିଏ ହଜାର ସନ୍ତାନଙ୍କୁ ପାପରୁ ମୁକ୍ତ କରିବା ପାଇଁ ସ୍ୱର୍ଗରୁ ଗଙ୍ଗାଙ୍କୁ ପୃଥିବୀପୃଷ୍ଠକୁ ଆଣିଥିଲେ । ପବିତ୍ର ଗଙ୍ଗାନଦୀ ସ୍ୱର୍ଗରୁ ଅବତରଣ କରିଥିଲେ । ଏହି ଅବତରଣର ଶକ୍ତିଶାଳୀ ବେଗ କାଳେ ପୃଥିବୀ ସହ୍ୟ କରି ନପାରିବେ ଭାବି ଭଗବାନ ଶିବ ନିଜେ ତାଙ୍କ ଜଟାଜୁଟ ମଧ୍ୟରେ ଗଙ୍ଗାର ଜଳକୁ ଧାରଣ କରିଥିଲେ ଏବଂ ଶାନ୍ତ, ନମ୍ର, କମନୀୟ ଧାରାରେ ପ୍ରବାହିତ ହେବାକୁ ସୁଯୋଗ ସୃଷ୍ଟି କରିଥିଲେ ।

ସୂର୍ଯ୍ୟବଂଶର ପ୍ରସିଦ୍ଧ ରାଜା ଭଗୀରଥଙ୍କର ଉଦ୍ୟମରେ ସଗର ବଂଶର ପୂର୍ବଜମାନେ ପାପରୁ ମୁକ୍ତ ହୋଇଥିଲେ । ଏହା ସହିତ ଦେବୀ ଗଙ୍ଗା ନଦୀ ରୂପରେ ଅଗଣିତ ମଣିଷ ଓ ଜୀବଜନ୍ତୁଙ୍କର ଜୀବନ ଧାରଣ ପାଇଁ ଆବଶ୍ୟକୀୟ 'ଜଳ' ଯୋଗାଇ ଦେବା ସଙ୍ଗେ ସଙ୍ଗେ ଧରିତ୍ରୀ ମାତାଙ୍କ କୋଳରୁ ଶସ୍ୟ ଉତ୍ପାଦନ କରି ପ୍ରାଣୀର ଅଶେଷ କଲ୍ୟାଣ ସାଧନ କରି ପାରିଛନ୍ତି । ସେହି ଦିବ୍ୟ ପୁରୁଷ ଭଗୀରଥ ଏ ପର୍ଯ୍ୟନ୍ତ ମଣିଷ ମନରେ ଚିର ଜୀବନ୍ତ ହୋଇ ବଞ୍ଚି ରହିଛନ୍ତି । ମଣିଷ ସମାଜର କଲ୍ୟାଣ ପାଇଁ ଯେଉଁମାନଙ୍କ ତ୍ୟାଗ ଓ ନିଷ୍ଠା ବଳରେ ସମାଜ ଉପକୃତ ହୋଇଥାଏ ସେମାନେ ସଦାବେଳେ ମାନବ ସମାଜର ପ୍ରାତଃ ସ୍ମରଣୀୟ ।

ଏହି ସେହି ସ୍ଥାନ ତ୍ରିବେଣୀ ଘାଟ । ହଜାର ହଜାର ଭକ୍ତ ଡଙ୍ଗାରେ ଆସି ସ୍ନାନ କରି ପୁଣ୍ୟ ଅର୍ଜ୍ଜନ କରିଥାନ୍ତି । ଏହି ସ୍ଥାନ ହେଉଛି ଯମୁନା, ଗଙ୍ଗା, ସରସ୍ୱତୀଙ୍କ ସଙ୍ଗମ ସ୍ଥାନ । ସରସ୍ୱତୀ ଏଠାରେ ଗୁପ୍ତ ହୋଇ ଯାଇଛନ୍ତି ।

ଗଙ୍ଗାନଦୀ ଦେବ ନିବାସ ହିମାଳୟରୁ ପ୍ରବାହିତ ହୋଇ ଆସୁଛନ୍ତି ଅନନ୍ତ ଶାଶ୍ୱତ କାଳରୁ । ଯମୁନାର ଧାର ମଧ୍ୟ କେଉଁ ଅନନ୍ତ କାଳରୁ ପ୍ରବାହିତ ହୋଇ ଆସୁଛି ।

ଯମୁନାର ନୀଳ ଜଳ ତରଙ୍ଗମାନ ବୋହି ଆସି ଗଙ୍ଗାର ସୁନେଲି ରଙ୍ଗର ତରଙ୍ଗାୟିତ ସ୍ରୋତ ପାଖେ ପାଖେ ବୋହି ଚାଲି ଯାଉଛି । ନିଜର ସ୍ୱତନ୍ତ୍ରତା ବଜାୟ ରଖିବା ପାଇଁ ଉଦ୍ୟମ କରିଛି । ଏକାବେଳକେ ତାହା ମିଶିଯାଇ ନାହିଁ ।

ତ୍ରିବେଣୀ ଘାଟରେ ସତର୍କତାର ସହ ସ୍ନାନ କଲାବେଳେ ଏହି ଜଳରାଶି ଦେଖିଲେ ସ୍ପଷ୍ଟ ଭାବରେ ଯମୁନା ଏବଂ ଗଙ୍ଗାର ଜଳ ଧାରାକୁ ଚିହ୍ନି ହୋଇଯାଏ ।

Source: Author, Digitized by PPRACHIN, SOA

ସେହି ସ୍ଥାନରେ ସ୍ନାନ କରିବା ସମୟରେ ମୋତେ ଯେପରି ଅନ୍ୟ ଏକ ନୂତନ ପୃଥିବୀରେ ପହଞ୍ଚିଲା ପରି ମନେ ହେଉଥାଏ । ମନରେ ଶୁଦ୍ଧ ଭାବନା ଖେଳି ଯାଉଥାଏ । ମୋ'ର ପୂର୍ବ ପୁରୁଷମାନଙ୍କୁ ପାଖରେ ଦେଖିଲା ଭଳି ମନେ ହେଉଥାଏ । ସେମାନେ ମଧ୍ୟ ଏହି ତ୍ରିବେଣୀ ଘାଟରେ ସ୍ନାନ କରି ଆମକୁ ଆଶୀର୍ବାଦ ପ୍ରଦାନ କରୁଛନ୍ତି ।

ମୋ' ସହିତ ମୋ'ର ସ୍ତ୍ରୀ ରାଜେଶ୍ୱରୀ, ମୋ' ଭାଇ କୁଞ୍ଜ, ତାର ସ୍ତ୍ରୀ ବାଳା, ସାନ ଭାଇ ରାଜେନ୍ଦ୍ର, ତାର ସ୍ତ୍ରୀ ପାର୍ବତୀ ପ୍ରଭୃତି ମଧ୍ୟ ଆସି ତ୍ରିବେଣୀରେ ସ୍ନାନ କରିଛନ୍ତି ।

ଆମ ଆଗରୁ ମୋ'ର ଅନ୍ୟ ଭାଇ ଗଗନ ଏବଂ ତାର ସ୍ତ୍ରୀ ସୁରମା ମଧ୍ୟ ତୀର୍ଥଯାତ୍ରୀମାନଙ୍କ ସହ ଆସି ସ୍ନାନ କରି ଯାଇଛନ୍ତି ।

ଗୟା ତୀର୍ଥରେ ପିଣ୍ଡଦାନ :

ତ୍ରିବେଣୀରେ ଅସ୍ଥି ବିସର୍ଜନ ପରେ ମଧ୍ୟ ଗୟାରେ ପିଣ୍ଡଦାନ କରିବାକୁ ପଡିଥାଏ । ଭଗବାନ ରାମଚନ୍ଦ୍ର ମଧ୍ୟ ତାଙ୍କ ବନବାସ ସମୟରେ ତାଙ୍କର ସ୍ୱର୍ଗତ ପିତା ଦଶରଥଙ୍କ ଉଦ୍ଦେଶ୍ୟରେ ପିଣ୍ଡଦାନ କରିଥିବା କଥା ପୁରାଣରୁ ଜାଣିଥାଉ । ପିଣ୍ଡଦାନ ସମୟ ଅତିକ୍ରାନ୍ତ ହୋଇ ଯାଉଥିବା ଯୋଗୁଁ କ୍ଷୁଧାର୍ତ୍ତ ଶ୍ୱଶୁର ଦଶରଥଙ୍କୁ ମା' ସୀତା ଦେବୀ ବାଲି ପିଣ୍ଡ ପ୍ରଦାନ କରିଥିବା ପୁରାଣରେ ବର୍ଣ୍ଣିତ ଅଛି । ତେଣୁ ପ୍ରତ୍ୟେକ ଦିନ ଏହି ପୁଣ୍ୟ କାମ କରିବା ପାଇଁ ଗୟାରେ ପିତୃ ପୁରୁଷଙ୍କୁ ପିଣ୍ଡ ଦାନ ଦିଆ ଯାଇଥାଏ ।

ଆମେ ଗୟା ଅଭିମୁଖେ ଟ୍ରେନ୍‌ରେ ଯାଉଥିବା ସମୟରେ ହଠାତ୍ ଟ୍ରେନ୍‌ରେ ନିରଞ୍ଜନ ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀଙ୍କ ସହ ସାକ୍ଷାତ୍ ହେଲା । ଦୁହେଁ ଦୁହିଁଙ୍କୁ ଦେଖି ଆଶ୍ଚର୍ଯ୍ୟ ହେଲୁ ।

ମୁଁ ପ୍ରଶ୍ନ କଲି, "ଆପଣ କୁଆଡେ ଯାଉଛନ୍ତି" ? ସେ ହସି କହିଲେ, "'ଗୟା, ପିଣ୍ଡଦାନ ପାଇଁ ଯାଉଛି" । "ମୁଁ ମଧ୍ୟ ଗୟା ଯାଉଛି, ମୋ' ପରିବାର ସହିତ" ।

ଦୁହେଁ ଏକାଠି ବସି ଅନେକ କଥାବାର୍ତ୍ତା ହେଲୁ । ଗୟାରେ କେଉଁଠି ରହିବା କଥା ସେ ମୋତେ ପ୍ରଶ୍ନ କଲେ ।

ମୁଁ କହିଲି, "ସେଠି ପହଞ୍ଚିଲା ପରେ ସବୁ ଠିକ୍ କରିବି" । ସେ ମୋତେ ସେମାନଙ୍କ ପାଇଁ ଆଗରୁ ବୁକ୍ ହୋଇ ହୋଟେଲ୍ ରିଜର୍ଭ ହୋଇଥିବା କଥା କହିଲେ । ଯେତେଟି ରୁମ୍ ବୁକ୍ ହୋଇଛି ଆମେ ସେତେ ଲୋକ ଆସି ପାରି ନାହୁଁ । ତୁମର କୌଣସି ଅସୁବିଧା ହେଲେ ଆମର ବୁକ୍ ହୋଇଥିବା ରୁମ୍ ଦୁଇଟି ତୁମକୁ ପ୍ରଦାନ କରିବୁ ବୋଲି ମଧ୍ୟ ଜଣାଇଲେ ।

Source: Author, Digitized by PPRACHIN, SOA

ବାସ୍ତବିକ୍ ଆମେ ପହଞ୍ଚି ହୋଟେଲ୍‌ରେ ରୁମ୍ ପାଇବା ସମ୍ଭବ ହେଲା ନାହିଁ । ରାତ୍ର ଅନେକ ହୋଇଯାଇଥାଏ । ସେତେବେଳେ ନିରଞ୍ଜନବାବୁ ଆସି ଆମକୁ ଦୁଇଟି ରୁମ୍ ପ୍ରଦାନ କରିବା ଫଳରେ ଆମର ରାତ୍ର ଯାପନ ସମ୍ଭବ ହେଲା । ସେ ରୁମ୍ ଭଡା ମୁଁ ଦେଇ ଦେବାକୁ ଚାହିଁଲି, ମାତ୍ର ସେ ମନା କଲେ ।

ସେ କହିଲେ, "ଆଗରୁ ଆମର ପେମେଣ୍ଟ ହୋଇସାରିଛି । ତୁମେ ରହି ନ ଥିଲେ ମଧ୍ୟ ଆମ ଟଙ୍କା ହୋଟେଲ ମାଲିକ କେବେ ଫେରସ୍ତ କରି ନ ଥାନ୍ତେ, ତେଣୁ ତୁମ ବ୍ୟବହାରରେ ଆସିଲା" ।

ମୁଁ ତାଙ୍କୁ ଅଶେଷ ଧନ୍ୟବାଦ ଦେଲି । ଦୁଇଟି ରୁମ୍ । ଗୋଟିକରେ ଆମେ ତିନିଭାଇ ରହିଲୁ, ଅନ୍ୟ ରୁମ୍‌ରେ ମୋ'ର ସ୍ତ୍ରୀ ଏବଂ ଭାଇ ବୋହୂମାନେ ରହିଲେ । କୌଣସି ଅସୁବିଧା ହୋଇନଥିଲା ।

ଭୋର୍‌ରୁ ଉଠି ଶୌଚ ସ୍ନାନ କରି ପ୍ରସ୍ତୁତ ହୋଇ ଅଟୋରେ ବସି ପଣ୍ଡାଙ୍କୁ ଭେଟିବା ପାଇଁ ତାଙ୍କ ବାସଭବନକୁ ଗଲୁ ।

ହଜାର ହଜାର ଲୋକ ଗୟା ଆସିଥାନ୍ତି ପିଣ୍ଡ ଦାନ କରିବା ପାଇଁ । ଭାଇମାନେ ପଣ୍ଡାଙ୍କ ସହ ସାକ୍ଷାତ କରି ଆମ ନାମ ତାଙ୍କ ତାଲିକା ଭୁକ୍ତ କରି, ସେମାନଙ୍କ ପ୍ରାପ୍ୟ ପ୍ରଦାନ କଲୁ । ସେ ଜଣେ ପଣ୍ଡାଙ୍କୁ ଦାୟିତ୍ୱ ଅର୍ପଣ କଲେ । ପଣ୍ଡାଙ୍କ ସହ ନଦୀ ଘାଟକୁ ଗଲୁ ପିଣ୍ଡ ପ୍ରଦାନ ପାଇଁ ।

'ଫଲଗୁନଦୀ' ଭିତରେ ପିଣ୍ଡ ପ୍ରଦାନ କରି ନଦୀ ଆରପଟ ଯାଇ ଅନ୍ୟ ଏକ ଦର୍ଶନୀୟ ସ୍ଥାନ ଦେଖି ପୂଜାବିଧି କରି ଫେରି ଆସିବା କଥା । ମାତ୍ର, ହଠାତ୍ ମାଇକ୍‌ରେ ଘୋଷଣା ହେଲା, ନଦୀରେ ପାଣି ବୃଦ୍ଧି ପାଇବାରେ ଲାଗିଛି । ନଦୀ ପାର ହେବା ପାଇଁ ଉଦ୍ୟମ କରନ୍ତୁ ନାହିଁ । ତୁରନ୍ତ ନଦୀରୁ ବାହାରି ଆସନ୍ତୁ ।

ଏହିପରି ଘୋଷଣା ଶୁଣି ଆମେ ବିଚଳିତ ହୋଇପଡିଲୁ । ପଣ୍ଡା ମଧ୍ୟ ଆମକୁ ତୁରନ୍ତ ନଦୀ ତଟକୁ ଚାଲିଯିବା ପାଇଁ ପରାମର୍ଶ ଦେଲେ ।

ସତକୁ ସତ ଫଲଗୁନଦୀର ଜଳ ଧାରା ବୃଦ୍ଧି ପାଇବାରେ ଲାଗିଥାଏ । ଆମେ ଡର ଡର ହୋଇ ନଦୀ ତଟକୁ ଆସିବା ପାଇଁ ଉଦ୍ୟମ କଲୁ । ମାତ୍ର, ନଦୀର ଜଳ ଧାରା ଦ୍ରୁତ ଗତିରେ ବୃଦ୍ଧି ପାଇବାରେ ଲାଗିଥାଏ । ମୋ'ର ସ୍ତ୍ରୀଙ୍କ ହାତକୁ ଧରି ଶୀଘ୍ର ନଦୀ ଭିତରୁ କୂଳକୁ ଚାଲି ଆସିଲୁ । ଆମର ସମସ୍ତ ଲୁଗା ତିନ୍ତି ଯାଇଥାଏ । ଏକ ସୁନିଶ୍ଚିତ ବିପଦରୁ ସେଦିନ ରକ୍ଷା ପାଇଗଲୁ । ଠିକ୍ ସମୟରେ ମାଇକରେ ଘୋଷଣା ହେବା ଯୋଗୁଁ ଆମେ ତଥା ଅନେକ ଲୋକେ ରକ୍ଷା ପାଇବା ସମ୍ଭବ ହେଲା ।

Source: Author, Digitized by PPRACHIN, SOA

ବଦ୍ରିନାଥ ଯାତ୍ରା :

ଗୟାରେ ପିଣ୍ଡଦାନ ଶେଷକରି ଆମର ବଦ୍ରିନାଥ ଯିବା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଗଲା । ସାନଭାଇ ରାଜେନ୍ଦ୍ର ଓ ତା'ର ସ୍ତ୍ରୀ ପାର୍ବତୀ ଦୁହେଁ ପୁରୀ ଶ୍ରୀଜଗନ୍ନାଥ ଦର୍ଶନ କରି ଘରକୁ ଫେରିଯିବାର ଥିଲା । ସେମାନେ ସେହିଦିନ ଟ୍ରେନରେ ପୁରୀ ଚାଲିଗଲେ ।

ମୁଁ, ମୋର ସ୍ତ୍ରୀ ଏବଂ ମୋ'ର ଭାଇ କୁଞ୍ଜ ଏବଂ ତା'ର ସ୍ତ୍ରୀ, ଆମେ ଚାରିଜଣ ହରିଦ୍ୱାର ଟ୍ରେନରେ ଆସି ଗୋଟିଏ ହୋଟେଲରେ ରହି ବଦ୍ରିନାଥ ଯିବା ପାଇଁ ଗାଡି ଠିକ୍ କରି ତା' ପରଦିନ ଆମ ଯାତ୍ରା ଆରମ୍ଭ କଲୁ ।

ବଦ୍ରିନାଥ ଦର୍ଶନ ଭିତରେ ଗାଡିଚାଳକ ସହ ଆଗରୁ ଭଡା ଚୁକ୍ତି କରି ବିଭିନ୍ନ ଦର୍ଶନୀୟ ସ୍ଥାନ ମଧ୍ୟ ଦର୍ଶନ କରିବା ଠିକ୍ କଲୁ । ତେଣୁ ଅନ୍ତତଃ ଚାରିଦିନ ସମୟ ଆବଶ୍ୟକ । ଆମେ ସେହିଭଳି ପ୍ରସ୍ତୁତ ହୋଇ ଯାତ୍ରା ସମୟରେ ସନ୍ଧ୍ୟା ହୋଇଗଲେ କୌଣସି ଧର୍ମଶାଳା ଅବା ହୋଟେଲରେ ବିଶ୍ରାମ ନେଇ ପୁଣି ସକାଳୁ ଯାତ୍ରା କରୁଥିଲୁ ।

ସେହି ପାର୍ବତ୍ୟ ଅଞ୍ଚଳ ହିମାଳୟ ରାସ୍ତାରେ ସନ୍ଧ୍ୟା ପରେ ଗାଡିରେ ଯାତ୍ରା ମନା । ଅଙ୍କାବଙ୍କା ପାର୍ବତ୍ୟାଞ୍ଚଳରେ ରାତ୍ରକାଳୀନ ଗାଡି ଚାଳନା କରିବା ବିପଦ୍‌ଜନକ ।

ବଦ୍ରିନାଥ ଯିବା ରାସ୍ତାରେ 'ଯୋଗୀମଠ' ଠାରେ ଆମେ ରାତ୍ର ଯାପନ କଲୁ । ହୋଟେଲ ମାଲିକ ଆମ ରହିବା ପାଇଁ ସମସ୍ତ ବ୍ୟବସ୍ଥା କରି ଗରମ ପାଣି ଏବଂ ରାତ୍ରରେ ଘୋଡାଇ ହେବା ପାଇଁ ରେଜେଇ ମଧ୍ୟ ବ୍ୟବସ୍ଥା କରି ଦେଇଥିଲେ । ପ୍ରଚଣ୍ଡ ଥଣ୍ଡା ହେଉଥାଏ ।

ଆମେ ପାଖ ହୋଟେଲରେ ଭୋଜନ କରି ବିଶ୍ରାମ ନେବା ପାଇଁ ଚାଲି ଆସିଲୁ । ହିମାଳୟର ତୁଷାରାଚ୍ଛନ୍ନ ଶୀତଳ ପବନ ଆମ ଦେହରେ ବାଜି ଆମକୁ ଥରାଇ ଦେଉଥିଲା । ନିଜ ନିଜ ରୁମ୍ ଭିତରକୁ ସମସ୍ତେ ଚାଲିଗଲୁ ।

ରାତ୍ର ଗଭୀର ହୋଇ ଆସୁଥିଲା । ଚାରିଆଡେ ଘନ ଅନ୍ଧକାର । ଭୀଷଣ ଥଣ୍ଡା ପବନ ସୁ ସୁ ହୋଇ ଦେହରେ ବାଜି ବହି ଯାଉଥାଏ ।

ଶ୍ରୀମତୀ ରେଜେଇ ଘୋଡାଇ ହୋଇ ବିଶ୍ରାମ ନେଇଥାନ୍ତି । ମୁଁ ଏତେ ଥଣ୍ଡାରେ ମଧ୍ୟ ରୁମ୍ ବାହାରକୁ ଚାଲି ଆସିଲି ।

ନିଶୂନ୍ ରାତିର ସେହି ନୀରବତା ସେଠାରେ ପ୍ରତିଧ୍ୱନିତ ହେଉଥିଲା । ଗଛରୁ ଶୁଖିଲା ପତ୍ର ସବୁ ପବନରେ ଉଡି ଆଉ ଏକ ସ୍ଥାନରେ ପଡି ଖସ୍ ଖସ୍ ଶବ୍ଦ ସୃଷ୍ଟି କରି ଚାଲିଥାନ୍ତି । ମୁଁ ସେହି ଶବ୍ଦ ଶୁଣିବାକୁ ପାଇଲି । ପାଖରେ ବୋହି ଯାଉଥିବା

Source: Author, Digitized by PPRACHIN, SOA

ନଦୀର କଳକଳ ଧ୍ୱନି ଏବଂ ଘନ ଅନ୍ଧକାର ମଧ୍ୟରେ ଜଙ୍ଗଲର ବିରାଟକାୟ ଗଛମାନେ ଭୂତ ଆକୃତି ଧାରଣା କଲାଭଳି ମୋ' ମନରେ ଭ୍ରମ ସୃଷ୍ଟି କରୁଥାଏ । ଏତେ ଶୀତରେ ମଧ୍ୟ ସୁଇଟର୍, ଟୋପି ପିନ୍ଧି ଦେହରେ ଗୋଟିଏ ଗରମଶାଲ ଘୋଡାଇ ହୋଇ ମୁଁ ସେହି ଅନ୍ଧକାରର ରୂପକୁ ଦେଖିବାକୁ ଚେଷ୍ଟା କରୁଥାଏ । ଶିରି ଶିରି ପବନରେ ଦେହ ମୋ'ର ଥରି ଉଠୁଥାଏ ।

ହିମାଳୟ କେବଳ ଅସରନ୍ତି ପର୍ବତମାଳାର ସମାରୋହ ନୁହେଁ ଅସରନ୍ତି ରହସ୍ୟର ଗନ୍ତାଘର ମଧ୍ୟ । କେତେ ଯୋଗୀ, ସାଧକ, ତାନ୍ତ୍ରିକ ହିମାଳୟର ଗୁମ୍ଫା ଭିତରେ ବସି ସାଧନା କରି ବରପ୍ରାପ୍ତ ହୋଇଛନ୍ତି । ଏହା ହେଉଛି ସେହି ପର୍ବତରାଜ, ସାଧୁ ସନ୍ଥଙ୍କ ବାସସ୍ଥଳୀ ହିମର ଆଳୟ ହିମାଳୟ ।

ପିଲାଦିନରୁ ଏ ନାମ ଶୁଣି ଆସିଛି । ଭୂଗୋଳ ବହିରେ ପଢିଛି । ଏ ନାମ ଶୁଣିଥିଲି, କୌତୂହଳରେ ମନରେ ଅନେକ ଭାବନା ଖେଳି ରହିଥାଏ । ଆଜି ଆସି ମୁଁ ତାରି ପାଦ ଦେଶରୁ ଉପର ସ୍ତର ପର୍ଯ୍ୟନ୍ତ ଯାତ୍ରା ପଥରେ ଆଗେଇ ଚାଲିଛି ।

ହିମାଳୟକୁ ନେଇ କେତେ କାହାଣୀ ଶୁଣିଛି । ଆଜି ମୁଁ ସେହି ହିମାଳୟ ଭିତରେ ଛିଡା ହୋଇଥିବା ଯୋଗୁଁ ମୋ'ର ହୃଦୟ ଶ୍ରଦ୍ଧାରେ, ଭକ୍ତିରେ ପରିପୂର୍ଣ୍ଣ ହୋଇ ଯାଇଥାଏ । କେତେ ମହାପୁରୁଷ ସଂସାରର ମାୟା ମମତା ତ୍ୟାଗ କରି ହିମାଳୟକୁ ସନ୍ନ୍ୟାସୀ ହୋଇ ଆସିବା କାହାଣୀ ମୁଁ ଶୁଣିଛି । ଆଜି ମୁଁ ସେହି ହିମାଳୟ ଦର୍ଶନ କରୁଛି ।

ଛିଡା ହୋଇ ମୁଁ ଅନ୍ଧକାରର ରୂପକୁ ଦେଖିବାକୁ ଚେଷ୍ଟା କରୁଥାଏ । ହିମାଳୟର ନିର୍ଜ୍ଜନତା ମଧ୍ୟରେ ଯୋଗୀ, ଋଷିମାନଙ୍କ ବାଣୀ ମୋ' ମନରେ ପ୍ରତିଧ୍ୱନିତ ହେଉଥିବା ଭଳି ଧାରଣା ସୃଷ୍ଟି ହେଲା । ଅତୀତର ବହୁ ଘଟଣା ମୋ' ମନରେ ଉଙ୍କି ମାରିଲା । ଭାବାବେଗରେ ମୁଁ ସେହି ଅତୀତକୁ ମନରେ ଉପଲବ୍ଧି କଲି ।

ମୋ'ର ଅଜା, ଆଈ ପ୍ରଭୃତି ୬୦-୭୦ ବର୍ଷ ପୂର୍ବରୁ ମଧ୍ୟ ଚାଲି ଚାଲି ବଦ୍ରିନାଥ ଯାଇଛନ୍ତି । ଏହିଭଳି ଆମେ ରହିଥିବା ଯୋଗୀମଠ ଧର୍ମଶାଳାରେ ମଧ୍ୟ ରାତ୍ରି ଯାପନ କରିଥିବା ଘଟଣା ମୁଁ ପିଲାଦିନେ ତାଙ୍କଠୁ ଶୁଣିଥିଲି । ଆଜି ମୁଁ ମଧ୍ୟ ସେଇଠି ଆସି ପହଞ୍ଚି ଯାଇଛି । ଆଜିକାଲି ଗାଡି ମଟର ପ୍ରଭୃତି ବଦ୍ରିନାଥ ପର୍ଯ୍ୟନ୍ତ ଯିବାରେ ଆଉ ଅସୁବିଧା ନାହିଁ । ମାତ୍ର, ମୋ' ଅଜା ଆଈ ଦ୍ୱାରିକା କିପରି କଷ୍ଟ ସହି ବିପଦ ସଙ୍କୁଳ ଜଙ୍ଗଲ ରାସ୍ତାରେ ପାଦରେ ଚାଲି ବଦ୍ରିନାଥ ଯାଇଥିବେ ତାହା ମୁଁ ଆଜି ସ୍ପଷ୍ଟ ଉପଲବ୍ଧ କରି ପାରୁଛି ।

ମୋ' ଅଜା ଆଈଙ୍କ ଦ୍ୱାରିକା, ବଦ୍ରିନାଥ ଯାତ୍ରା ସମୟରେ ସେମାନଙ୍କୁ ଖୋଳ,

Source: Author, Digitized by PPRACHIN, SOA

ଗିନି ବାଦ୍ୟ ବଜାଇ ବିଦାୟ ଦେଉଥିଲୁ ଏବଂ ଦୁଇ ମାସରୁ ଊର୍ଦ୍ଧ୍ୱ ସମୟ ତୀର୍ଥଯାତ୍ରା କରି ଫେରି ଆସିଲା ପରେ ମହା ଆନନ୍ଦ ଉଲ୍ଲାସରେ ସେହିଭଳି ବାଦ୍ୟ ବଜାଇ ସ୍ୱାଗତ ଜଣାଉଥିଲୁ । ତାହା ସବୁ ଆଜି ମୋ' ଆଖିରେ ଝଲସି ଉଠୁଥାଏ । ସେହି ଭାବନା ଆଜି ମୋତେ ଭାବ ବିହ୍ୱଳ କରି ଦେଉଥାଏ ।

ପ୍ରାଚୀନ ଯୁଗର ମୁନି ଋଷିମାନେ ଆଧ୍ୟାତ୍ମିକ ଜୀବନ ଯାପନ ପାଇଁ ଯେଉଁ ପ୍ରଣାଳୀ ସବୁ ବ୍ୟବସ୍ଥା କରି ଯାଇଛନ୍ତି, ତାହାର ମୂଳୋତ୍ପାଟନ ସମ୍ଭବ ନୁହେଁ । ତେଣୁ ଦେଶର ଚାରି ଦିଗରେ ଚାରିଧାମ ଯଥା– ଦ୍ୱାରକା ଧାମ, ରାମେଶ୍ୱର ଧାମ, ବଦ୍ରିନାଥ ଧାମ, ପୁରୀ ଧାମ ପ୍ରତିଷ୍ଠିତ ହୋଇଛି । ତୀର୍ଥାଟନର ବ୍ୟବସ୍ଥା ଦ୍ୱାରା ସମଗ୍ର ଭାରତ ବର୍ଷକୁ ଏକ ସାଂସ୍କୃତିକ ଧର୍ମଭାବନା ମଧ୍ୟରେ ଏକାଠି ରଖିବାରେ ସମ୍ଭବ ହୋଇଛି । ସେମାନଙ୍କ ପ୍ରାଚୀନ ନୀତିବାକ୍ୟ ଆଜି ମଧ୍ୟ ଏ ଦେଶ ପାଇଁ ତଥା ମାନବ ସମାଜ ପାଇଁ ଶାନ୍ତି ଓ ସଦ୍‌ଭାବ ଆଣି ଦେଇଥାଏ । ଭୌତିକ ଦୃଷ୍ଟିରୁ ଭାରତ ଦୁର୍ବଳ ନୁହେଁ, ମାତ୍ର ସଦ୍‌ବିନିଯୋଗର ଅଭାବ ଯୋଗୁଁ ଆମେ ଆଗେଇ ନାହୁଁ । ଆମେ ଆଧ୍ୟାତ୍ମିକ ଶକ୍ତିର ଅସରନ୍ତି ଭଣ୍ଡାରର ଅଧିକାରୀ । ଏହା ଶୂନ୍ୟ ହେବା ଏତେ ସହଜ ନୁହେଁ ।

ଏହା କେବଳ ମୋ' ମନର ଭ୍ରମ ନୁହେଁ, ବାସ୍ତବ ସତ୍ୟ । କେବଳ ମୋ' ମନ କାହିଁକି ବହୁ ଚିନ୍ତାଶୀଳ ବ୍ୟକ୍ତିଙ୍କ ମନରେ ଏହି ଭାବନା ଏବେ ମଧ୍ୟ ଜୀବନ୍ତ ହୋଇ ବଞ୍ଚି ରହିଛି ।

ତେଣୁ ହିମାଳୟର ନିର୍ଜ୍ଜନତା ମଧ୍ୟରେ ମଧ୍ୟ ଯୋଗୀ ଋଷିମାନଙ୍କ ବାଣୀ ଶୁଣିବା ଭଳି ମନେ ହେଉଥାଏ । ଏବେ ମଧ୍ୟ ବହୁ ତ୍ୟାଗୀ ମହାମାନବମାନେ ଲୁପ୍ତକ୍ରିୟା କୌଶଳକୁ ପୁନର୍ଜ୍ଜୀବିତ କରି ମାନବ ଜାତିର ପଥପ୍ରଦର୍ଶକ ରୂପେ କାର୍ଯ୍ୟ କରୁଛନ୍ତି ।

ଏ ଦିଗରେ "ପରମହଂସ ଯୋଗାନନ୍ଦ" ହେଉଛନ୍ତି ଭାରତବର୍ଷର ଗୌରବ ତଥା ପ୍ରାଚୀନ ମୁନି ଋଷିମାନଙ୍କର ଏକ ଆଦର୍ଶ ପ୍ରତିନିଧି । ତାଙ୍କଦ୍ୱାରା ପ୍ରଚାରିତ 'କ୍ରିୟାଯୋଗ ଅନୁଷ୍ଠାନ' ଏ ଦିଗରେ ସେହି ମହତ୍ ଲକ୍ଷ୍ୟ ପୂରଣ କରିବାରେ ମୁଖ୍ୟ ଭୂମିକା ନିଭାଉଛି । 'କ୍ରିୟା ଯୋଗ' ମାଧ୍ୟମରେ ଆଧ୍ୟାତ୍ମିକ ବିପ୍ଳବ ଆଣିବାରେ ସେ ସଫଳ ହୋଇଛନ୍ତି ।

ଚତୁର୍ଦ୍ଦିଗ ଶାନ୍ତ ଓ ସ୍ଥିର । କେଉଁଠି ହେଲେ ସୋର ଶବ୍ଦ କିଛି ଶୁଣିବାକୁ ମିଳୁନାହିଁ । କେବଳ ନିଶାକାଳର ନୀରବତାହିଁ ସାଇଁସାଇଁ ଗର୍ଜ୍ଜନ କରିବାରେ ଲାଗିଛି । ତା' ସହିତ ଝିଙ୍କାରିର ଝିଁ ଝିଁ ଶବ୍ଦରେ କାନ ମୋ'ର ଅତଡ଼ା ପଡି ଯାଉଥାଏ । ନୀରବରେ ଛିଡା ହୋଇ କିଛି ଶୁଣିବାକୁ ଚେଷ୍ଟା କରୁଥାଏ ।

କେଉଁଠି ହେଲେ କିଛି ଶୁଣିବାକୁ ମିଳୁ ନାହିଁ । ବୃକ୍ଷ ଶିଖରରେ ପବନର ମର୍ମର ଶବ୍ଦ ଏହି ନିର୍ଜ୍ଜନତା ମଧ୍ୟରେ ମୁଁ ସ୍ପଷ୍ଟ ଶୁଣି ପାରୁଥାଏ । ଉଚ୍ଚ ପର୍ବତମାଳାର ଅଣ୍ଡା

Source: Author, Digitized by PPRACHIN, SOA

ପବନ ମୋ' ଦେହକୁ ଥରାଇ ଦେଲା । ମୁଁ ପ୍ରକୃତିସ୍ଥ ହୋଇ ଉଠିଲି, କିଛି କ୍ଷଣ ପୂର୍ବର ଆତ୍ମ ବିସ୍ମୃତିରୁ ।

ଆଉ ବେଶୀ ସମୟ ବାହାରେ ଛିଡା ହୋଇ ରହିବା ସମ୍ଭବ ହେଲା ନାହିଁ । କୋଠରି ଭିତରକୁ ଫେରି ଆସିଲି । ମୋ'ର ସ୍ତ୍ରୀ ରେଜେଇ ଘୋଡାଇ ହୋଇ ଆରାମରେ ଶୋଇ ଯାଇଥାନ୍ତି ।

ମୁଁ ସନ୍ତର୍ପଣରେ ଚାଲିଆସି କବାଟ ବନ୍ଦ କରି ରେଜେଇ ଭିତରେ ନିଜକୁ ନିକ୍ଷେପ କରି ନିଦ୍ରାଦେବୀଙ୍କ କୋଳରେ ଆଶ୍ରୟ ନେଲି ।

ବଡି ଭୋରରୁ ଉଠି ଆମେ ପ୍ରସ୍ତୁତ ହୋଇଗଲୁ ବଦ୍ରିନାଥ ଯାତ୍ରା ପାଇଁ । ବଡି ସକାଳୁ ଗାଡିମାନଙ୍କ ଲାଇନ୍ ଲାଗି ଯାଇଥାଏ । ଆମେ ମଧ୍ୟ ତର ତର ହୋଇ ଗାଡିରେ ବସି ପଡିଲୁ ବଦ୍ରିନାଥ ଯାତ୍ରା ପାଇଁ । ହିମାଳୟର ଶୀତଳ ପବନରୁ ନିଜକୁ ରକ୍ଷା କରିବା ପାଇଁ ଗାଡିର କାଚ ଉଠାଇ ଆମେ ବସି ପଡିଲୁ । ଗାଡି ଉଠାଣି ଗଡାଣି ମଧ୍ୟରେ ଆଗେଇ ଚାଲିଥାଏ । ଗାଡିରେ ବସି ହିମାଳୟର ପ୍ରାକୃତିକ ଦୃଶ୍ୟକୁ ମନଭରି ଦେଖି ନେଉଥାଏ ।

ଚତୁର୍ଦ୍ଦିଗ ବିରାଟ ପର୍ବତମାଳାରେ ଭରପୂର । ଆମ ଯାଉଥିବା ରାସ୍ତା ପାର୍ଶ୍ୱରେ ଗଙ୍ଗାନଦୀ ଖଳଖଳ ନାଦରେ ବୋହି ଯାଉଥାଏ । ତେଣୁ ଚାଳକ ସତର୍କତାର ସହ ଗାଡି ଚଳାଇ ନେଉଥାଏ । ଟିକିଏ ଅସାବଧାନ ହେଲେ ବିପଦ ସୁନିଶ୍ଚିତ । ମାତ୍ର, ଆମେ ସେଭଳି କୌଣସି ବିପଦର ସମ୍ମୁଖୀନ ହୋଇ ନ ଥିଲୁ । ପର୍ବତର ଉଚ୍ଚ ଶିଖରରେ ଧଳା ବରଫ ପଡିଥିବା ଦେଖିଲୁ । ମାତ୍ର, ସୂର୍ଯ୍ୟକିରଣ ପଡିବାପରେ ତାହା ମିଳାଇ ଯାଉଥାଏ । ବେଶୀ ସମୟ ବରଫ ଦେଖିବାକୁ ମିଳୁ ନ ଥାଏ । ଗାଡି ଆଗକୁ ଆଗକୁ ଗଡି ଚାଲିଥାଏ ।

ସନ୍ଧ୍ୟା ହୋଇ ଯାଇଥିବା ଯୋଗୁଁ ଆଉ ଗୋଟିଏ ସ୍ଥାନରେ ରାତ୍ର ବିଶ୍ରାମ ନେଇ ସକାଳୁ ବଦ୍ରିନାଥ ଅଭିମୁଖେ ବାହାରି ପଡିଲୁ ।

ଯଥାସମୟରେ ବଦ୍ରିନାଥରେ ପହଞ୍ଚି ପଣ୍ଡାଙ୍କୁ ଭେଟି ପୂଜାବିଧି ପାଇଁ ତାଙ୍କ ପରାମର୍ଶ ଗ୍ରହଣ କଲୁ । ଉଷ୍ମ ପ୍ରସବଣରେ ଆରାମରେ ଗାଧୋଇ ପ୍ରସ୍ତୁତ ହୋଇଗଲୁ ।

ହିମାଳୟର ପାଦଦେଶରେ ଥିବା ବଦ୍ରିନାଥର ପରିବେଶ ଅଶେଷ ଥଣ୍ଡା ମନେ ହେଉଥାଏ । ତେଣୁ ତୀର୍ଥ ଯାତ୍ରୀମାନଙ୍କ ପାଇଁ ପ୍ରକୃତି ଉଷ୍ମ ପ୍ରସବଣ ସୃଷ୍ଟି କରି ଗାଧୋଇବାର ପରିବେଶ ସୃଷ୍ଟି କରି ଦେଇଛି । ଭଗବାନଙ୍କ ଲୀଳା ଅପାର । ସେ ତାଙ୍କ ପ୍ରିୟ ଭକ୍ତଙ୍କ କାର୍ଯ୍ୟ ସଂପନ୍ନ ପାଇଁ, ବିଧିବିଧାନ ଯଥାରୀତିରେ ପାଳନ କରିବା ପାଇଁ, ପରିବେଶକୁ ଦୃଷ୍ଟିରେ ରଖି ସବୁ ବ୍ୟବସ୍ଥା କରି ଦେଇଛନ୍ତି । ତେଣୁ ଏତେ ଥଣ୍ଡା

Source: Author, Digitized by PPRACHIN, SOA

ସତ୍ତ୍ୱେ ତୀର୍ଥ ଯାତ୍ରୀମାନେ କୌଣସି ଅସୁବିଧା ତୀର୍ଥସ୍ଥାନରେ ଭୋଗୁ ନ ଥାନ୍ତି ।

ପୂଜାବିଧି ସାରି ମନ୍ଦିର ଦର୍ଶନ ପାଇଁ ପଣ୍ଡାଙ୍କ ସହ ଯାଇ ଲାଇନରେ ଛିଡା ହୋଇଗଲୁ । କିଛିକ୍ଷଣ ପରେ ଦର୍ଶନ କରିବାର ସୁଯୋଗ ପାଇଲୁ ।

ବଦ୍ରିନାଥରେ ପାଞ୍ଚଟି ବିଗ୍ରହ ସ୍ଥାପିତ ହୋଇଛନ୍ତି । ନର ନାରାୟଣ, ଉଦ୍ଧବ, ଗରୁଡ, ନାରଦ । ଭଗବାନ ତାଙ୍କ ଭକ୍ତମାନଙ୍କ ଗହଣରେ ପୂଜା ପାଉଛନ୍ତି । ଭକ୍ତଙ୍କୁ ଛାଡି ଭଗବାନଙ୍କ ସ୍ଥିତି ନାହିଁ । ଉଭୟେ ଉଭୟଙ୍କ ପରିପୂରକ । ଦୀର୍ଘ ପଥ ଅତିକ୍ରମ କରି ବଦ୍ରିନାଥ ଦର୍ଶନର ଚିନ୍ତା, ମନର ଉତ୍କଣ୍ଠା ଏବଂ ଶ୍ରମ ସାର୍ଥକ ହେଲା ବୋଲି ମନ ବିହ୍ୱଳ ହୋଇ ଉଠିଲା ।

ବଦ୍ରିନାଥର ଅଖଣ୍ଡ ଦୀପ ସଦା ପ୍ରଜ୍ୱଳିତ ହୋଇ ଆସୁଛି । ମନ୍ଦିର ଛଅ ମାସ ପାଇଁ ଯେତେବେଳେ ବନ୍ଦ ହୋଇଯାଏ, ସେତେବେଳେ ମଧ୍ୟ ଏହା ଜଳୁଥାଏ । ପ୍ରବଳ ଥଣ୍ଡା ଏବଂ ବରଫପାତ ଯୋଗୁଁ ମନ୍ଦିର ବନ୍ଦ ହୋଇଯାଏ । କାର୍ତ୍ତିକମାସ ଦୀପାବଳୀ ଅମାବାସ୍ୟାଦିନ ମନ୍ଦିର କବାଟ ପଡିଯାଏ । ଏହି ସମୟରୁ ଭୀଷଣ ବରଫ ପାତ-ହୋଇଥାଏ । ଜନମାନବ ବାସ କରିବା ସମ୍ଭବ ହୋଇ ନ ଥାଏ । ପଣ୍ଡା ପଡିହାରୀ କିଏ ମଧ୍ୟ ରହନ୍ତି ନାହିଁ । ଅସହ୍ୟ ବରଫପାତ ଯୋଗୁଁ ସେବାକାରୀମାନେ ମଧ୍ୟ ରହିବା ସମ୍ଭବ ହୋଇନଥାଏ । ସମସ୍ତେ ତଳକୁ ଚାଲି ଆସନ୍ତି । ଜନମାନବ ଶୂନ୍ୟ ହୋଇଯାଏ ।

ବଦ୍ରିନାଥ ନର-ନାରାୟଣଙ୍କ ତପସ୍ଥଳୀ । ବଦ୍ରିନାଥଙ୍କ କବାଟ ପଡିଯିବା ପରେ ଦେବତାମାନେ ଆସି ପୂଜା କରନ୍ତି ବୋଲି ଏବେ ମଧ୍ୟ ବିଶ୍ୱାସ ରହିଛି । ବୈଶାଖ ଶୁକ୍ଳପକ୍ଷ ଅକ୍ଷୟ ତୃତୀୟା ଦିନ ମନ୍ଦିର ଖୋଲାଯାଏ । ମନ୍ଦିର ଛଅମାସ ବନ୍ଦ ହେବା ପରେ ପ୍ରଥମ ଖୋଲିବା ଦିନ ତୀର୍ଥ ଯାତ୍ରୀମାନେ ଅଖଣ୍ଡ ଦୀପ ଜଳୁଥିବା ଦେଖିଥାନ୍ତି । ଏତେ ଥଣ୍ଡାରେ ଏତେ ବରଫପାତ ସତ୍ତ୍ୱେ "ମାନା ମିଲିଟାରୀ କ୍ୟାମ୍ପ"ରେ ଭାରତର ଯବାନ୍‌ମାନେ ସତର୍କ ପ୍ରହରୀ ରୂପେ କାର୍ଯ୍ୟ କରିଥାନ୍ତି । ଏହା ଭାରତର ଶେଷ ସୀମା । ତା' ପରେ ଚାଇନା ବର୍ଡର ଆସିଯାଏ । ବଦ୍ରିନାଥ ଅଞ୍ଚଳର ଲୋକେ ବଡ ପରିଶ୍ରମୀ । ସ୍ଥାନୀୟ ଲୋକେ ବହୁ ଓଜନର ଜିନିଷ ମଧ୍ୟ ପିଠିରେ ଲଦି ଅକ୍ଳେଶରେ ଉପରକୁ ଚଢି ଯାଉଥିବା ଦେଖିଲି । ଅସହାୟ ଲୋକଙ୍କୁ ଭାରରେ ବସାଇ ଉପରକୁ ଚଢୁଥାନ୍ତି । କେତେ ଲୋକ ମୁଣ୍ଡରେ ଠେକା ପକାଇ ଓଜନ ବୋହି ନେଉଥାନ୍ତି । ପ୍ରକୃତି ସେମାନଙ୍କୁ ଶକ୍ତ ଓ କର୍ମଠ କରିଛି ।

ତୀର୍ଥଯାତ୍ରା ସମୟରେ ଅନେକ ତୀର୍ଥ ସ୍ଥଳକୁ ଦର୍ଶନ କରିବାର ସୁଯୋଗ ମିଳିଥିଲା । ଅଳକାନନ୍ଦା ଏବଂ ମନ୍ଦାକିନୀ ନଦୀର ମିଳନ ସ୍ଥଳୀରେ ରୁଦ୍ରପ୍ରୟାଗ ଅବସ୍ଥିତ । ଅଳକାନନ୍ଦା ସେଠାରୁ ଦେବପ୍ରୟାଗ ଆଡକୁ ଗତିକରି ଭାଗୀରଥୀରେ ମିଶି

Source: Author, Digitized by PPRACHIN, SOA

ଗଙ୍ଗାନାମ ଧାରଣ କରିଛନ୍ତି । ରୁଦ୍ରପ୍ରୟାଗରେ ଦେବଦେବ ମହାଦେବଙ୍କ ପୂଜା ଆରାଧନା ହୋଇଥାଏ । ହିନ୍ଦୁମାନଙ୍କ ଏହା ଏକ ପବିତ୍ର ତୀର୍ଥସ୍ଥଳୀ ।

ହିମାଳୟର କନ୍ୟା ସତୀ ଏଠାରେ ଘୋର ତପସ୍ୟା କରି ଭଗବାନ ଶିବଙ୍କୁ ଲାଭ କରିଥିବା ପୁରାଣରେ ବର୍ଣ୍ଣିତ ହୋଇଛି ।

ଅନ୍ୟ ଏକ ମତରେ ସତୀ ତାଙ୍କ ପିତାଙ୍କ ନିମନ୍ତ୍ରଣ ପାଇ ନ ଥିଲେ ମଧ୍ୟ ପିତା ପ୍ରଜାପତି କରୁଥିବା ଯଜ୍ଞସ୍ଥଳୀକୁ ଆସିଥିଲେ । ପିତାଙ୍କ ଭର୍ତ୍ସନା ଏବଂ ତାଙ୍କ ଭଉଣୀମାନଙ୍କ କଟୁ ବାକ୍ୟ ଶୁଣି ସ୍ୱାମୀଙ୍କ ନିନ୍ଦା ତାଙ୍କ ପାଇଁ ଅସହ୍ୟ ହୋଇ ଉଠିଲା । ତେଣୁ ସେ ଯଜ୍ଞକୁଣ୍ଡରେ ଆତ୍ମବିସର୍ଜନ କରିଥିଲେ ।

ଭଗବାନ ଶିବ ସତୀଙ୍କ ଦେହତ୍ୟାଗ ସମ୍ବାଦ ଶୁଣି କ୍ରୋଧାନ୍ୱିତ ହୋଇ ଦକ୍ଷଯଜ୍ଞକୁ ଧ୍ୱଂସ କରି ତାଙ୍କର ଶିରଚ୍ଛେଦନ କରିଥିଲେ । ଶିବ କ୍ରୋଧାନ୍ୱିତ ହୋଇ ତାଣ୍ଡବ ନୃତ୍ୟ ପ୍ରଦର୍ଶନ କରିଥିଲେ । ପୁଣି ଶିବ ସେହିଠାରେ ରୁଦ୍ରବୀଣା ବାଦନଦ୍ୱାରା ଭଗବାନ ବିଷ୍ଣୁଙ୍କୁ ମଧ୍ୟ ଭାବବିହ୍ୱଳ କରି ଦେଇଥିଲେ ।

ରୁଦ୍ରପ୍ରୟାଗ ସମ୍ବନ୍ଧରେ ଆଉ ଏକ ମତ ହେଲା, ବୀଣା ବାଦନକୁ ନେଇ ନାରଦ ମୁନିଙ୍କ ମନରେ ଅହଂଭାବ ଭରି ରହିଥିଲା । ସେ ନିଜକୁ ସର୍ବଶ୍ରେଷ୍ଠ ବୀଣା ବାଦକ ମନେକରୁଥିଲେ । ତାଙ୍କ ଗର୍ବ ଭାବନା ଦେଖି ଭଗବାନ ବିଷ୍ଣୁ ନାରଦଙ୍କୁ ଶିବଙ୍କ ନିକଟରେ ବୀଣା ବାଦନ ପାଇଁ ପରାମର୍ଶ ଦେଲେ ।

ନାରଦ ଶିବଙ୍କୁ ଭେଟିବା ପାଇଁ ମନ ଯାନରେ ବାହାରି ପଡିଲେ । ଶିବଙ୍କୁ ଦର୍ଶନ କରିବା ପୂର୍ବରୁ ପଥ ମଧ୍ୟରେ ରୁଦ୍ରପ୍ରୟାଗଠାରେ ରାଗିଣୀମାନଙ୍କ ସହ ତାଙ୍କର ଭେଟ ହେଲା । ସେମାନଙ୍କ ଅପରୂପ ସୌନ୍ଦର୍ଯ୍ୟ ଦେଖି ନାରଦ ବିସ୍ମିତ ହେଲେ । ଏତେ ସୌନ୍ଦର୍ଯ୍ୟ ଭରା ସୁକୁମାରୀ ରମଣୀମାନେ, ମାତ୍ର ସମସ୍ତେ ବିକଳାଙ୍ଗ । ଶରୀରର କୌଣସି ନା କୌଣସି ଅଂଶ ବିକୃତ । ନାରଦ ଆଶ୍ଚର୍ଯ୍ୟ ହୋଇ ପ୍ରଶ୍ନ କଲେ, "ହେ ଦେବୀ ଗଣ! ଆପଣମାନଙ୍କ ସୌନ୍ଦର୍ଯ୍ୟରେ ଭରପୂର ଶରୀର କାହିଁକି ବିକଳାଙ୍ଗ ହୋଇଛି ? କାହାର ଅଭିଶାପର ଫଳ ଆପଣମାନେ ଭୋଗୁଛନ୍ତି" ?

ରାଗିଣୀମାନେ ନାରଦଙ୍କଠୁ ଏହିଭଳି ପ୍ରଶ୍ନ ଶୁଣି ନମ୍ରତା ସହ ଉତ୍ତର ଦେଲେ, "ହେ ମହାମୁନି! ନାରଦଙ୍କ ତାଳହୀନ ବୀଣା ବାଦନ ଯୋଗୁଁ ଆଜି ଆମ୍ଭମାନଙ୍କ ଏହି ଅବସ୍ଥା" । ନାରଦ ସେମାନଙ୍କଠୁ ଏହିଭଳି ଉତ୍ତର ଶୁଣି ବିସ୍ମିତ ହୋଇ ଲଜ୍ଜାରେ ମୁଣ୍ଡ ତଳକୁ କଲେ । ଶ୍ରେଷ୍ଠ ବୀଣା ବାଦକ ସତ୍ତ୍ୱେ ତାଙ୍କ ଅଜାଣତରେ ଏତେ ବଡ ଭୁଲ ପାଇଁ ସେ ଲଜ୍ଜିତ ଓ ଅନୁତପ୍ତ । ନିଜ ମନରେ ଭରି ରହିଥିବା ଗର୍ବ ତାଙ୍କର ଚୂନା ହୋଇଗଲା ।

Source: Author, Digitized by PPRACHIN, SOA

ତତ୍‌କ୍ଷଣାତ୍ ସେ ଶିବଙ୍କୁ ପ୍ରାର୍ଥନା କଲେ । ନିଜର ଭୁଲ ପାଇଁ ସେ ଅନୁତପ୍ତ। "ମୋ'ର ଭୁଲ ପାଇଁ ମୋତେ କ୍ଷମା କରନ୍ତୁ ପ୍ରଭୁ"!!

ଶିବ ସନ୍ତୁଷ୍ଟ ହୋଇ ନାରଦଙ୍କୁ ପରାମର୍ଶ ଦେଲେ, ବିଷ୍ଣୁଙ୍କ ସମ୍ମୁଖରେ ରୁଦ୍ରବୀଣା ବାଦନ କରନ୍ତୁ । ତାହାହେଲେ ଆପଣଙ୍କ ପ୍ରାୟଶ୍ଚିତ ହେବ । ନାରଦ ଭଗବାନ ବିଷ୍ଣୁଙ୍କ ସମ୍ମୁଖରେ ରୁଦ୍ରବୀଣା ବାଦନ କଲେ । ସେହି ରୁଦ୍ରବୀଣା ଝଙ୍କାରରେ ରାଗିଣୀମାନଙ୍କ ଅଙ୍ଗ ସୌନ୍ଦର୍ଯ୍ୟର ପ୍ରକୃତ ରୂପ ଫୁଟି ଉଠିଲା ।

ରାଗିଣୀମାନେ ଭଗବାନ ବିଷ୍ଣୁଙ୍କ ଜୟଗାନ କଲେ । ଶିବ ନାରଦଙ୍କୁ ବୀଣା ବାଦନ ଶିକ୍ଷା ପ୍ରଦାନ କଲେ । ଏହା ସବୁ ପୁରାଣରେ ବର୍ଣ୍ଣିତ ହୋଇରହିଛି । ଏହି ପୌରାଣିକ କୀର୍ତ୍ତିସମୂହ ରୁଦ୍ରପ୍ରୟାଗରେ ଏବେ ମଧ୍ୟ ଜୀବନ୍ତ ଭାବରେ ପରିସ୍ଫୁଟ ହୋଇଛି । ନାରଦଶିଳା, ଚାମୁଣ୍ଡାଦେବୀ ମନ୍ଦିର ପ୍ରଭୃତି ଅଗଣିତ ଭକ୍ତଙ୍କ ମନମୋହି ନେଉଛନ୍ତି ।

ମନ୍ଦାକିନୀ ଏବଂ ଅଳକାନନ୍ଦାର ମିଳନ ସ୍ଥଳୀରେ ପ୍ରସିଦ୍ଧ ତୀର୍ଥ ସ୍ଥଳୀ ନନ୍ଦପ୍ରୟାଗ ଅବସ୍ଥିତ ।

ନନ୍ଦରାଜା ଦେବତାମାନଙ୍କ ଆଶୀର୍ବାଦ ପାଇବା ପାଇଁ ସେଠାରେ ଯଜ୍ଞ ଓ ପୂଜା ଆରାଧନା କରିଥିଲେ । ଠିକ୍ ସେହି ସମୟରେ ବସୁଦେବ ମଧ୍ୟ ପୁତ୍ର କାମନା କରିଥିଲେ ।

ଭଗବାନ ବିଷ୍ଣୁ ଦୁହିଁଙ୍କ ମନସ୍କାମନା ପୂର୍ଣ୍ଣ କରିଥିଲେ । ଭଗବାନ ବିଷ୍ଣୁ, କୃଷ୍ଣ ରୂପେ ବସୁଦେବଙ୍କ ଔରସରୁ ଦେବକୀଙ୍କ ଗର୍ଭରୁ ଜାତ ହୋଇ ନନ୍ଦରାଜାଙ୍କ ଘରେ ବଢିଥିଲେ ।

ନନ୍ଦଙ୍କ ପତ୍ନୀ ଯଶୋଦା ତାଙ୍କୁ ଲାଳନପାଳନ କରିଥିଲେ । ଏହିଭଳି ଭାବେ ସେ ଦୁହିଁଙ୍କ ମନସ୍କାମନା ପୂରଣ ହୋଇଥିଲା । ନନ୍ଦପ୍ରୟାଗଠାରେ ଗୋପାଳକୃଷ୍ଣ ମନ୍ଦିର ପ୍ରତିଷ୍ଠିତ ହୋଇଛି । ପ୍ରତିବର୍ଷ ଏଠି ବହୁ ଭକ୍ତଙ୍କ ସମାଗାମ ହୋଇଥାଏ ।

ଶିବାନନ୍ଦ ଆଶ୍ରମରେ ଦୁଇଦିନ :

ବଦ୍ରିନାଥରୁ ଫେରି ଋଷିକେଶ ଶିବାନନ୍ଦ ଆଶ୍ରମରେ ସନ୍ନ୍ୟାସୀମାନଙ୍କ ଗହଣରେ ଦୁଇଦିନ ଆମେ ଅତିବାହିତ କରିଥିଲୁ ।

ସ୍ୱାମୀ ଧର୍ମନିଷ୍ଠାନନ୍ଦ ସରସ୍ୱତୀଙ୍କୁ ସାକ୍ଷାତ କରିବା ପରେ ସେ ଆମକୁ ଜାଣି ଆଶ୍ରମରେ ରହିବା ଏବଂ ଭୋଜନ ବ୍ୟବସ୍ଥା କରିଦେଲେ । ସ୍ୱାମୀ ଧର୍ମନିଷ୍ଠାନନ୍ଦ ସରସ୍ୱତୀ କଳାହାଣ୍ଡି ଜିଲ୍ଲାର ଚାରବାହାଲ ଗ୍ରାମ ନିକଟବର୍ତ୍ତୀ ଝାରବନ୍ଧ ଗ୍ରାମର ।

Source: Author, Digitized by PPRACHIN, SOA

ସ୍ୱାମୀ ଚିଦାନନ୍ଦ ସରସ୍ୱତୀଙ୍କ ମହାପ୍ରୟାଣ ହୋଇଯାଇଥାଏ । ତେଣୁ ଆଶ୍ରମ ପରିଚାଳନା ନୂତନ ପିଢିଙ୍କ ଉପରେ ଅର୍ପିତ ହୋଇଥାଏ ।

ସ୍ୱାମୀ ନିର୍ଲିପ୍ତାନନ୍ଦ ସରସ୍ୱତୀଙ୍କୁ ମଧ୍ୟ ତାଙ୍କ ବାସ ଭବନରେ ସାକ୍ଷାତ୍ କଲୁ । ଭାରତୀୟ ଶାସନସେବା ଆଇ.ଏ.ଏସ୍. ପାଇବା ପରେ କଳାହାଣ୍ଡି ଜିଲ୍ଲା ଧର୍ମଗଡ ସବ୍ ଡିଭିଜନରେ ଏସ୍.ଡି.ଓ ହୋଇ ଯୋଗ ଦେଇଥିଲେ । ତାଙ୍କରି ଉଦ୍ୟମରେ କଳାହାଣ୍ଡି ଜିଲ୍ଲାରେ 'ଦିବ୍ୟଜୀବନ ସଂଘ'ର ବିରାଟ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ସେ ଆମକୁ ଚିହ୍ନିପାରି ଆମ ସହିତ ଆଳାପ କରିଥିଲେ । ତାଙ୍କ ବଡଭାଇ ନଳିନୀ ଖଲ୍ଲିକୋଟ କଲେଜରେ ମୋ'ର ସହପାଠୀ ଥିଲେ ।

ସ୍ୱାମୀ ଚିଦାନନ୍ଦଙ୍କ ପବିତ୍ର ସ୍ମୃତି-ପୀଠ

ମୁଁ ଯେତେବେଳେ ରାଜ୍ୟ ସରକାରଙ୍କ କୃଷି ସମବାୟ ବିଭାଗରେ କ୍ୟାବିନେଟ୍ ମନ୍ତ୍ରୀ ଦାୟିତ୍ୱରେ ଥିଲି ୧୯୮୬-୮୭ ମସିହା ବେଳକୁ ସ୍ୱାମୀ ଚିଦାନନ୍ଦ ରାଜ୍ୟ ସରକାରଙ୍କ ସମ୍ମାନନୀୟ ଅତିଥି ରୂପେ ଓଡିଶାକୁ ଆଗମନ କରିଥାନ୍ତି । ତାଙ୍କୁ ମୁଁ ରାଜ୍ୟ ସରକାରଙ୍କ ପ୍ଲେନରେ ବ୍ରହ୍ମପୁର, ଜୟପୁର ଏବଂ ଭବାନୀପାଟଣା ଦିବ୍ୟଜୀବନ ସଂଘ ସଭାରେ ଯୋଗଦେବା ପାଇଁ ନେଇଥିଲି । ତାଙ୍କ ସହିତ ଯିବାର ସୁଯୋଗ ମୋତେ ମିଳିଥିଲା । ସେହି ସମୟରେ ତାଙ୍କର ସାନ୍ନିଧ ଲାଭକରି ଥିଲି । ତାଙ୍କ ଚିନ୍ତା ଚେତନାର ପ୍ରଭାବ ମୋ' ଉପରେ ପଡିଥିଲା ।

କିଛିବର୍ଷ ପରେ ମୁଁ ମନ୍ତ୍ରିତ୍ୱରୁ ବିଦାୟ ନେଇ ସାରିଥାଏ । ଋଷିକେଶ ଦିବ୍ୟଜୀବନ ସଂଘର ଡାକ୍ତରଙ୍କ ଭ୍ରାତା ପ୍ରଭଞ୍ଜନବାବୁଙ୍କ ବିବାହ ଉତ୍ସବ ଋଷିକେଶ ଆଶ୍ରମରେ ହୋଇଥିଲା ।

ଡାକ୍ତର ସନ୍ନ୍ୟାସ ଧର୍ମ ଗ୍ରହଣ କରିଥିବା ଯୋଗୁଁ ଗ୍ରାମକୁ ଯାଇ ତାଙ୍କ ଭାଇଙ୍କ ବିବାହ ଉତ୍ସବରେ ଯୋଗଦେବା ସମ୍ଭବ ନ ହେବା ଯୋଗୁଁ ତାଙ୍କ ଭାଇଙ୍କ ବିବାହ ଋଷିକେଶ ଆଶ୍ରମରେ ଅନୁଷ୍ଠିତ ହୋଇଥିଲା ।

ମୋ'ର ସମ୍ବନ୍ଧୀ ଡ. ଆଦିତ୍ୟ ପ୍ରସାଦ ପାଢୀ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଭାଇସଚାନ୍ସଲେର ରୂପେ କାର୍ଯ୍ୟକରି ଅବସର ଗ୍ରହଣ କରିଥାନ୍ତି । ତାଙ୍କ କନିଷ୍ଠା କନ୍ୟାଙ୍କ ସହିତ ଏହି ବିବାହ ଅନୁଷ୍ଠିତ ହେଉଥାଏ ।

ତେଣୁ ଏହି ଉତ୍ସବରେ ମୁଁ ଏବଂ ମୋ' ସ୍ତ୍ରୀ ରାଜେଶ୍ୱରୀ, ମୋ'ର ଝିଅ ଅଞ୍ଜଳି, ଜ୍ୱାଇଁ ଅଶ୍ୱିନୀ ପାଢ଼ୀ, ନାତି ଅର୍ପଣ, ନାତୁଣୀ ସ୍ମୃତି ପ୍ରଭୃତିଙ୍କ ସହିତ ଯୋଗ ଦେଇଥିଲୁ ।

Source: Author, Digitized by PPRACHIN, SOA

ଊନବିଂଶ ପରିଚ୍ଛେଦ

ସେତେବେଳେ ସ୍ୱାମୀ ଚିଦାନନ୍ଦ ସରସ୍ୱତୀ ମହାରାଜଙ୍କ ସହିତ ଆଶ୍ରମରେ ସାକ୍ଷାତ ହୋଇଥିଲା ।

ମୋତେ ଚିହ୍ନିପାରି ପ୍ରଶ୍ନ କଲେ, "ଆପ୍ ଓଡିଶାକେ କୃଷି-ମନ୍ତ୍ରୀ ମିଷ୍ଟର ବେହେରା... ? ଆପ୍ ଇଧର କୈସେ" ?

ମୁଁ ତାଙ୍କୁ ମୋ'ର ଭକ୍ତିପୂତ ପ୍ରଣାମ ଜଣାଇ ସମସ୍ତ ତଥ୍ୟ ପ୍ରଦାନ କଲି । ସ୍ୱାମୀଜୀ ବିବାହ ଉତ୍ସବରେ ଦୀର୍ଘ ସମୟ ବସି ରହି ବିବାହ ହସ୍ତ ଗଣ୍ଠି ପରେ ବରକନ୍ୟାଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ ।

ସେ ଦିନର ସେହି ମୁହୂର୍ତ୍ତର ସାନ୍ନିଧ ମୁଁ ଋଷିକେଶକୁ ଆସିଲା ପରେ ମୋ' ଆଖି ସାମ୍ନାରେ ଗୋଟି ଗୋଟି ଝଲସି ଉଠିଲା ।

ଦୀର୍ଘ ସମୟ ସ୍ୱାମୀଜୀଙ୍କ ସାନ୍ନିଧ ଲାଭ କରିବା ଏବଂ ଆଲୋଚନା ମାଧ୍ୟମରେ ମୋ' ପ୍ରତି ତାଙ୍କ ଶୁଭାଶିଷ ପ୍ରଭୃତି ମୋ' ଆଖିରେ ଉଦ୍‌ଭାଷିତ ହୋଇ ମୋତେ କ୍ଷଣିକ ପାଇଁ ଭାବବିହ୍ୱଳ କରି ପକାଇଲା ।

ମୋ' ଜୀବନକାଳ ମଧ୍ୟରେ ଏହା ଏକ ଅବିସ୍ମରଣୀୟ ଘଟଣା ହୋଇ ରହିଛି । ସେହି ଦିବ୍ୟ ମହାପୁରୁଷ ଆଜି ଆମ ଗହଣରେ ସଶରୀରରେ ନାହାନ୍ତି । ତଥାପି ଆଖି ଆଗରେ ତାଙ୍କ ହସ ହସ ମୁହଁ, ମଧୁର ବଚନ ଏବେ ମଧ୍ୟ ମନକୁ ଭାବବିହ୍ୱଳ କରି ପକାଉଛି ।

ତାଙ୍କ ଚାହାଣିରେ ସଦାବେଳେ ଭରି ରହିଥାଏ ସରଳତାର ସ୍ୱତଃସ୍ଫୂର୍ତ୍ତ ଆକର୍ଷଣ । ତାଙ୍କ ହସରେ ଭରି ରହିଥାଏ ବିଶ୍ୱାସର ହସ । ସେହି ହସ ଟିକକ ଅନ୍ୟ ମନରେ ଭରି ଦେଉଥାଏ ଉତ୍ସାହ ଉଦ୍ଦୀପନାର ଭାବ ।

ତେଣୁ ତାଙ୍କର ହସ ହସ ମୁହଁ ଏବେ ମଧ୍ୟ ମୋ' ମନରେ ଲାଖି ରହିଛି । ମଣିଷ ମନରେ ଆଶା ବିଶ୍ୱାସ ଉଦ୍ରେକ କରିବାରେ ସେ ସଫଳ ହୋଇଛନ୍ତି । ମଣିଷ ମନରେ ଦୁଃଖ ଯନ୍ତ୍ରଣା ସତ୍ତ୍ୱେ ଆଶାର ଆଲୋକ ଆମକୁ ଜୀବନ ପଥରେ ଆଗେଇବାରେ ସାହାଯ୍ୟ କରିଥାଏ । ସେହି ଆଶା ଟିକକ ହିଁ ଆମକୁ ନୂଆ ରାହା ଦେଖାଇଥାଏ ।

ଯେଉଁ ବ୍ୟକ୍ତି ସତ୍ୟକୁ ଅନୁସରଣ କରି ଆଗେଇ ଚାଲିଥାଏ, ସେ ହିଁ ଉପଯୁକ୍ତ ଭାବେ ଜୀବନ ଅତିବାହିତ କରିଥାଏ । କାରଣ ସତ୍ୟର ଆଲୋକରେ ଭୟ ରୂପକ ଅନ୍ଧକାର ଅପସରି ଯାଇଥାଏ ।

ତେଣୁ ସତ୍ୟ ପଥରେ ଆଗେଇବା ପାଇଁ ସ୍ୱାମୀଜୀ ମାନବ ସମାଜର ମନରେ ପ୍ରେରଣା ଯୋଗାଇଛନ୍ତି ।

Source: Author, Digitized by PPRACHIN, SOA

ଠିକ୍ ସେହିଭଳି ଗାନ୍ଧିଜୀ ମଧ୍ୟ ମାନବ ସମାଜକୁ ଦିଗ୍‌ଦର୍ଶନ ଦେଇଛନ୍ତି । କାହାର କ୍ଷତି ନ କରିବା, ଅହିଂସା, ଗାନ୍ଧିବାଦର ମୂଳଭିତ୍ତି । ଗାନ୍ଧୀଜୀ ଜୈନମାନଙ୍କ ଦ୍ୱାରା ବିଶେଷ ଭାବରେ ପ୍ରଭାବିତ ହୋଇଥିଲେ । ଖ୍ରୀ.ପୂ. ଷଷ୍ଠ ଶତାବ୍ଦୀରେ ଭଗବାନ ବୁଦ୍ଧଙ୍କ ସମସାମୟିକ ମହାବୀରଙ୍କଦ୍ୱାରା ହିନ୍ଦୁ ଧର୍ମର ଏକ ସଂପ୍ରଦାୟ ଜୈନ ଧର୍ମ, ଭାରତରେ ବ୍ୟାପକ ଭାବରେ ପ୍ରସାରିତ ହୋଇଥିଲା । ତେଣୁ ମହାବୀରଙ୍କ ପ୍ରଭାବ ଗାନ୍ଧିଜୀଙ୍କ ଉପରେ ପଡିଥିଲା ।

ଗାନ୍ଧିଜୀଙ୍କ ମତରେ ଈଶ୍ୱର ପ୍ରତି ମଣିଷର ବିଶ୍ୱାସ ରହିବା କଥା । ଈଶ୍ୱର ସହାୟତା ବିନା ଆମେ ଅସହାୟ । ମଣିଷ କିଛି ସମୟ ମଧ୍ୟ ପ୍ରାର୍ଥନା କରିବା ଆବଶ୍ୟକ । ଈଶ୍ୱରଙ୍କ ଆଶୀର୍ବାଦ ବିନା ମଣିଷର ସମସ୍ତ ଉଦ୍ୟମ ମୂଲ୍ୟହୀନ ହୋଇ ଯାଇଥାଏ । ପ୍ରାର୍ଥନା ହେଉଛି ନମ୍ରତା ଓ ଭାବୋଦ୍ଦୀପକ ଆବେଗ । ଏହା ଆତ୍ମ ଶୁଦ୍ଧି କରିବାରେ ସହାୟକ ହୋଇଥାଏ ।

ଏ ସଂସାରରେ ଦୁଃଖ କଷ୍ଟ, ରୋଗ, ଶୋକ, ଦାରିଦ୍ର୍ୟ ପ୍ରଭୃତି କୁସଂସ୍କାର ଭରି ରହିଛି । ବହୁ ଲୋକ ଏବେ ମଧ୍ୟ ଦୁଃଖରେ କାଳାତିପାତ କରୁଛନ୍ତି । ସେମାନଙ୍କ ପାଖକୁ ଯାଇ ତାଙ୍କ ଦୁଃଖରେ ଭାଗୀଦାର ହୋଇ ତାର ନିରାକରଣ ପାଇଁ ଉଦ୍ୟମ କରିବାକୁ ପଡିବ । ସେତକ ହୋଇ ପାରିଲେ ଏ ସଂସାର ମଧୁମୟ ହୋଇପାରିବ । ହିଂସା ଆଚରଣର ପରିସମାପ୍ତି ଘଟିବ ।

ଆମେ ଶିକ୍ଷିତ ଲୋକମାନେ ମଧ୍ୟ ନିଜ କର୍ତ୍ତବ୍ୟ ପ୍ରତି ସଚେତନ ହୋଇ ପାରୁ ନ ଥିବା ଯୋଗୁଁ ଠିକ୍ ସମୟରେ ଠିକ୍ କାର୍ଯ୍ୟ କରିବାରେ ବିଫଳ ହେଉଛୁ ।

ମଣିଷର ଆଚରଣ ତାର ସଂକଳ୍ପରୁ ହିଁ ସ୍ଥିର ହୋଇଥାଏ । ସଂକଳ୍ପ ମନରେ ସୃଷ୍ଟି ହୋଇଥାଏ । ତେଣୁ ମନକୁ କଦାପି ଉପେକ୍ଷା କରାଯାଇ ପାରିବ ନାହିଁ । ମଣିଷର ଯେପରି କାମନା ରହିବ, ତାର ସଂକଳ୍ପ ସେହିପରି ହେବ । ଯେପରି ସଂକଳ୍ପ ହେବ ସେ ସେପରି କର୍ମ କରିବ ।

ଦୁଃଖୀ ଲୋକଙ୍କ ଦୁଃଖ ଦୂର କରିବା ପ୍ରକୃତ କାର୍ଯ୍ୟ । ଏହା ହିଁ ଆମ କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ । ଆମ ସାଧନା ସେତେବେଳେ ସାର୍ଥକ ହେବ, ଯେତେବେଳେ ଦୁଃଖୀ ଲୋକମାନଙ୍କ ଦୁଃଖ ଦୂର କରିବାରେ ଆମେ ଆନ୍ତରିକତା ସହିତ ଉଦ୍ୟମ କରି ସେମାନଙ୍କ ଦୁଃଖ ଦୂର କରିପାରିବା ।

କର୍ତ୍ତବ୍ୟରେ ନିଷ୍ଠା ଆନ୍ତରିକତା ଥିଲେ ଏହା ସମ୍ଭବ ହୋଇଥାଏ । ଋଷିକେଶ ଆଶ୍ରମରେ ଦୁଇଦିନ ରହି ଭଜନ, କୀର୍ତ୍ତନ, ପ୍ରବଚନ ଶୁଣି ଅଶେଷ ଶାନ୍ତି ମିଳିଲା ।

Source: Author, Digitized by PPRACHIN, SOA

ପୁରୀ ପ୍ରତ୍ୟାବର୍ତ୍ତନ :

ସେମାନଙ୍କଠୁ ବିଦାୟ ନେଇ ଟେକ୍ସିରେ ହରିଦ୍ୱାର ଫେରି ଆସିଲୁ । ଦେବପୁରୀର ତୋରଣ ହରିଦ୍ୱାର । ପ୍ରତି ଦିନର ସୂର୍ଯ୍ୟୋଦୟ ଭୂପୃଷ୍ଠରେ ହରିଦ୍ୱାରରେ ହିଁ ପ୍ରଥମେ ପଡିଥାଏ ବୋଲି ଆମର ବିଶ୍ୱାସ । ହରିଦ୍ୱାରକୁ ବହୁବାର ଦର୍ଶନ କରିବାର ସୁଯୋଗ ପାଇଛି ।

ଷ୍ଟେସନକୁ ଆସି ପୁରୀ ଅଭିମୁଖେ ଆମ ଯାତ୍ରାରମ୍ଭ କଲୁ । ରେଳଗାଡିରେ ବସିଥିବା ସମୟରେ ଝରକା ଦେଇ ଧାବମାନ ପ୍ରାକୃତିକ ଦୃଶ୍ୟ ଦେଖି ବହୁ ଆନନ୍ଦ ଉପଲବ୍ଧ କଲି । ହରିଦ୍ୱାରକୁ ବିରାଟ ପର୍ବତମାଳା ଘେରି ରହିଥାଏ । ତାହା ଅତି ଆକର୍ଷଣୀୟ । ଛାଡି ଆସିଥିବା ଋଷିକେଶ ବହୁ ସାଧୁ ସନ୍ଥଙ୍କ ବାସସ୍ଥଳୀ । ସେଠି ସେମାନଙ୍କ ଗହଣରେ ଦୁଇଦିନ କିପରି କଟିଗଲା ଜାଣି ପାରିଲି ନାହିଁ ।

ଟ୍ରେନ୍ ଆଗକୁ ଛୁଟି ଚାଲିଥାଏ । ଟ୍ରେନରେ ବସି ପ୍ରାକୃତିକ ଦୃଶ୍ୟକୁ ଆଖି ପୁରାଇ ଦେଖି ନେଉଥାଏ । ଶୂନଶାନ୍ ଘନଜଙ୍ଗଲ । କେଉଁଠି ଝଙ୍କାଳିଆ ଗଛ ଛିଡା ହୋଇଛି । କେଉଁଠି ଛାଡି ଛାଡି ରହିଛି । ମଝିରେ ଚଲାପଥ, କଚ୍ଚା ସଡକ, କଚ୍ଚା ରାସ୍ତା ଏକ ଦୃଷ୍ଟିରେ ଚାହିଁ ରହିଥାଏ । ମୁଣ୍ଡ ଉପରେ କେତେବେଳେ ବତକ ଦଳ, ପୁଣି କେତେବେଳେ ବଗଦଳ ଡେଣା ମେଲାଇ ଉଡି ଯାଉଥାନ୍ତି । ସତେ ଯେପରି ସେମାନେ ନୀଳ ଆକାଶରେ ପହଁରିଲା ଭଳି ମନେ ହେଉଥାଏ । ଘାସ ପଡିଆରେ ଚରୁଥିବା ଗାଈଗୋରୁମାନେ ନିର୍ଭୟରେ ଥରଟିଏ ଅନାଇ ନିଜ କାମରେ ଲାଗିଯାଉଥାନ୍ତି । ଟ୍ରେନର ଗତି ଏବଂ ଶବ୍ଦ ସେମାନଙ୍କ ଉପରେ କୌଣସି ପ୍ରଭାବ ପକାଉ ନ ଥାଏ । ସେମାନେ ଏଥିପାଇଁ ଚିର ଅଭ୍ୟସ୍ତ । ଧୀରେ ଧୀରେ ଅନ୍ଧାର ଘୋଟି ଆସିଲା । ମୁଁ ମଧ୍ୟ କ୍ଲାନ୍ତ ହୋଇ ବିଶ୍ରାମ ନେଲି ।

ତିରୁପତି ବାଲାଜୀ ଦର୍ଶନ :

ମୁଁ ଯେତେବେଳେ ରାଜନୀତି କାର୍ଯ୍ୟରୁ ନିଜକୁ ଦୂରେଇ ନେଇଯାଏ ସେତେବେଳେ ବିଭିନ୍ନ ଦର୍ଶନୀୟ ସ୍ଥାନ ବୁଲି ଅନେକ ଜ୍ଞାନ ଆହରଣ କରିବା ସୁଯୋଗ ପାଇଥାଏ । ଦିଅଁ ଦର୍ଶନ ସହ ବିଭିନ୍ନ ଅଞ୍ଚଳ ଉପରେ ବ୍ୟାପକ ଧାରଣା ମଧ୍ୟ ପାଇଥାଏ ।

ଆନ୍ଧ୍ରପ୍ରଦେଶର ତିରୁପତି ତିରୁମାଳା ଭେଙ୍କଟେଶ୍ୱର ମନ୍ଦିର ଏକ ପୁଣ୍ୟ ମନ୍ଦିର । ମୁଁ ଏବଂ ମୋ'ର ସ୍ତ୍ରୀ ଏହି ମନ୍ଦିର ଦର୍ଶନ କରିବାର ସୁଯୋଗ ପାଇଛୁ । ମୋ'ର ସାନ ପୁଅ ଶିତିକଣ୍ଠ, ବୋହୂ ସୁନିତା (ଝିନା) ଏବଂ ନାତୁଣୀ ସ୍ନେହା ସହ ମଧ୍ୟ ଏହି ପବିତ୍ର

Source: Author, Digitized by PPRACHIN, SOA

ସ୍ଥଳକୁ ଆସିଛୁ । ସ୍ନେହାର ପ୍ରଥମ ବାଳ କଟା ହୋଇ ଏଠି ପକା ହୋଇଥିଲା । ପୁଅ ଝିଅଙ୍କ ମୁଣ୍ଡର ବାଳ ପ୍ରଥମେ ଦିଅଁଙ୍କୁ ଅର୍ପଣ କରାଯାଇଥାଏ । ସାନ ନାତୁଣୀ ଶିକ୍ଷାର ବେଙ୍ଗୁଲର ନିକଟବର୍ତ୍ତି ଚିକ୍କା ତିରୁପତିରେ ହୋଇଥିଲା ।

ମୋ'ର ବଡପୁଅ ନୀଳକଣ୍ଠ ଏବଂ ବୋହୂ ମମତାର ଜ୍ୟେଷ୍ଠ ପୁତ୍ର ପ୍ରତ୍ୟୁଷ ଏବଂ ସାନ ପୁଅ ପ୍ରତୀକ୍‌ର ବାଳକଟା ମଧ୍ୟ ବିଭିନ୍ନ ସମୟରେ ବିଭିନ୍ନ ସ୍ଥାନରେ ହୋଇଛି । ପ୍ରତ୍ୟୁଷର ବାଳ ଭୁବନେଶ୍ୱର ବିନ୍ଦୁସାଗରରେ ପକା ଯାଇଥିଲା । ବ୍ରହ୍ମପୁର ନିକଟବର୍ତ୍ତୀ ତାରାତାରିଣୀ ମନ୍ଦିରରେ ପ୍ରତୀକ୍‌ର ବାଳ କଟା ଯାଇଥିଲା ।

ଆନ୍ଧ୍ର ପ୍ରଦେଶର ତିରୁପତି ମନ୍ଦିର ପ୍ରତି ଲୋକଙ୍କ ଅଚଳାଚଳ ଭକ୍ତି ଭରି ରହିଛି । ଶ୍ରୀ ତିରୁପତି ବାଲାଜୀ ସବୁଠାରୁ ପ୍ରତ୍ୟକ୍ଷ ଠାକୁର ବୋଲି ସଭିଙ୍କ ବିଶ୍ୱାସ ରହିଛି ।

ବାଲାଜୀ ମନ୍ଦିର ଦର୍ଶନ କରିବାକୁ ହେଲେ ଲମ୍ବା ଧାଡ଼ିରେ ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡିଥାଏ । କେତେକ ସ୍ୱତନ୍ତ୍ର ବ୍ୟବସ୍ଥା ମଧ୍ୟ ଅଛି । ଅଧିକ ଅର୍ଥ ପ୍ରଦାନକରି ଟିକଟ ଯୋଗେ ସ୍ୱତନ୍ତ୍ର ବ୍ୟବସ୍ଥା ମାଧ୍ୟମରେ ଅଳ୍ପ ସମୟ ମଧ୍ୟରେ ମଧ୍ୟ ଦର୍ଶନ କରିବାର ସୁଯୋଗ ରହିଛି । ଏଥିପାଇଁ ମନ୍ଦିରର ଆୟ ବୃଦ୍ଧି ପାଉଛି ।

ମୁଁ ଲୋକସଭା ସଦସ୍ୟ ଥିବା ସମୟରେ ଏହିଭଳି ଏକ ସ୍ୱତନ୍ତ୍ର ସୁଯୋଗ ପାଇ ପାରିଥିଲି । ପରେ ମୁଁ ଯେତେବେଳେ ଦର୍ଶନ ପାଇଁ ଆସିଛି ସର୍ବସାଧାରଣଙ୍କ ଭଳି ଲମ୍ବା କ୍ୟୁରେ ଆସି ଦର୍ଶନ କରିଛି । ମହିଳାମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି । ପ୍ରତିଦିନ ୫୦ ହଜାର ଭକ୍ତଙ୍କ ସମାଗମ ହୋଇଥାଏ । ମାତ୍ର, କେବେହେଲେ ବିଶୃଙ୍ଖଳା ମଧ୍ୟ ହୋଇ ନ ଥାଏ ।

ଭକ୍ତ ଶ୍ରଦ୍ଧାର ସହିତ ଭଗବାନ ଶ୍ରୀ ବାଲାଜୀଙ୍କଠାରେ ଭେଟି ପ୍ରଦାନ କରିଥାନ୍ତି । ହୁଣ୍ଡିରେ ପ୍ରତିଦିନ ଲକ୍ଷ ଲକ୍ଷ ଟଙ୍କା ସଂଗୃହିତ ହୋଇଥାଏ । ସେହି ସଞ୍ଚିତ ଅର୍ଥ ଯୋଗୁଁ ଆଜି ବାଲାଜୀ ଧନାଢ୍ୟ ଭଗବାନ ରୂପେ ପରିଗଣିତ ହୋଇଛନ୍ତି ।

ବାଲାଜୀ ମନ୍ଦିରର ଲଡୁ ପ୍ରସିଦ୍ଧ । ପ୍ରଭୁ ବାଲାଜୀଙ୍କ ନାମରେ ବିଭିନ୍ନ ବ୍ୟାଙ୍କରେ ପ୍ରାୟ ଏକ ହଜାର କୋଟି ଟଙ୍କା ଜମାଖାତାରେ ଗଚ୍ଛିତ ଅଛି । ଗହଣା, ସୁନା ଅଳଙ୍କାର ଏବଂ ଦାନ ସ୍ୱରୂପ ମିଳିଥିବା ଅର୍ଥକୁ ମିଶାଇ ବାଲାଜୀ ମହାପ୍ରଭୁଙ୍କ ୫୦ ହଜାର କୋଟି ଟଙ୍କା ଗଚ୍ଛିତ ଥିବା ଆକଳନ କରାଯାଇଛି ।

ଶ୍ରୀମଦ୍‌ଭାଗବତ ମହାପୁରାଣରେ 'ବେଙ୍କଟେଶ୍ୱର ତୀର୍ଥ' ବର୍ଣ୍ଣନା :

କୌରବ ଓ ପାଣ୍ଡବମାନଙ୍କ ମଧ୍ୟରେ ଯୁଦ୍ଧ ସୁନିଶ୍ଚିତ ଜାଣି ଭଗବାନ ବଳରାମ ନିଜେ କୌଣସି ପକ୍ଷରେ ଯୁଦ୍ଧ ନ କରିବାକୁ ସ୍ଥିର କରି ତୀର୍ଥାଟନରେ ବହାରି ଦ୍ୱାରକା

Source: Author, Digitized by PPRACHIN, SOA

ପରିତ୍ୟାଗ କଲେ । ସେତେବେଳେ ସେ ବିଭିନ୍ନ ତୀର୍ଥ ବୁଲି ବୁଲି ଯେତେବେଳେ ନୈମିଷାରଣ୍ୟରେ ପହଞ୍ଚିଲେ, ସେ ଦେଖିଲେ ଯେ, ରୋମହର୍ଷଣ ନାମଧେୟ ସୂତ ବ୍ୟାସାସନରେ ବସି ସକଳ ମୁନିମାନଙ୍କୁ ପୁରାଣ ପ୍ରସଙ୍ଗ ବୁଝାଉ ଥାନ୍ତି । ମୁନିମାନେ ବଳରାମଙ୍କ ଆଗମନ ଜାଣି ଆସନରୁ ଉଠି ତାଙ୍କୁ ସ୍ୱାଗତ ସତ୍କାର କଲେ । ମାତ୍ର ସୂତ କୌଣସି ସମ୍ମାନ ପ୍ରଦର୍ଶନ କଲେ ନାହିଁ ।

ଏ ଘଟଣାରେ ରୁଷ୍ଟହୋଇ ବଳରାମ ନିଜେ ଧରିଥିବା କୁଶର ଅଗ୍ରଭାଗରେ ରୋମହର୍ଷଣଙ୍କୁ ଫୋଡିଦେଲେ । ଏହାଦ୍ୱାରା ସେଠାରେ ତାଙ୍କର ପ୍ରାଣତ୍ୟାଗ ହେଲା । ଏହି ବ୍ରହ୍ମହତ୍ୟା ପାପର ପ୍ରାୟଶ୍ଚିତ ପାଇଁ ବଳରାମ ପୁଣି ମୁନିମାନଙ୍କ ପରାମର୍ଶ କ୍ରମେ ସମସ୍ତ ତୀର୍ଥ ପର୍ଯ୍ୟଟନ କରିବାକୁ ବାହାରିଲେ । ଏହି କ୍ରମରେ ସେ ଭ୍ରମଣ କରିଥିବା ବିଭିନ୍ନ ତୀର୍ଥ ସହିତ ଦ୍ରାବିଡ ଦେଶର ବେଙ୍କଟେଶ୍ୱର ତୀର୍ଥ ଦର୍ଶନ କରିଥିବା ପ୍ରସଙ୍ଗ ଭାଗବତର ନିମ୍ନୋକ୍ତ ଶ୍ଳୋକରେ ବର୍ଣ୍ଣିତ ହୋଇଛି ।

ସ୍କନ୍ଦଂ ଦୃଷ୍ଟ୍ୱା ଯଯୌରାମଃ ଶ୍ରୀ ଶୈଳଂ ଗିରିଶାଳୟମ୍
ଦ୍ରବିଡେଷୁ ମହାପୁଣ୍ୟଂ ଦୃଷ୍ଟ୍ୱାଦ୍ରି ବେଙ୍କଟଂ ପ୍ରଭୁଃ ।

(ଭାଗବତ/ ୧୦ମ ସ୍କନ୍ଧ/ ୭୯ ଅଧ୍ୟାୟ/ ୧୩ ଶ୍ଳୋକ ।)

'ଭାଗବତ'ର ରଚନାକାଳକୁ ଖ୍ରୀଷ୍ଟୀୟ ଚତୁର୍ଥ ଶତକ ବୋଲି ଗ୍ରହଣ କରିଥିବାରୁ ଏବଂ ଏହି ଗ୍ରନ୍ଥରେ ସେହି ସମୟଠାରୁ ବହୁ ପୁରାତନ ଘଟଣାର ବର୍ଣ୍ଣନା ରହିଥିବାରୁ ଏ ପ୍ରସଙ୍ଗରେ ଦ୍ରାବିଡ ଦେଶର ବେଙ୍କଟେଶ୍ୱର ତୀର୍ଥ(ତିରୁପତି ବାଲାଜୀ)ର ବର୍ଣ୍ଣନା ତାତ୍ପର୍ଯ୍ୟପୂର୍ଣ୍ଣ । ଏଥିରୁ ଏହାର ଐତିହାସିକତା ତଥା ପ୍ରାଚୀନତା ଅନୁମିତ ହୁଏ ।

ଶିରିଡ଼ି ସାଇ :

ବାଲାଜୀ ମନ୍ଦିର ଦର୍ଶନ ପରେ ମହାରାଷ୍ଟ୍ରରେ ଥିବା ଶିରିଡି ସାଇ ମନ୍ଦିର ମଧ୍ୟ ମୁଁ ଏବଂ ମୋ'ର ସ୍ତ୍ରୀ ଦର୍ଶନ ପାଇଁ ଯାଇଥିଲୁ । ଶିରିଡି ସାଇ ମନ୍ଦିର ଭକ୍ତଙ୍କ ସମାଗମରେ ସଦା ଭରପୂର । ସାଇବାବାଙ୍କ ଦର୍ଶନ ପାଇଁ କେବଳ ହିନ୍ଦୁମାନେ ଆସିଥାନ୍ତି ତାହା ନୁହେଁ, ଅନ୍ୟାନ୍ୟ ଧର୍ମର ଲୋକମାନେ ମଧ୍ୟ ଦର୍ଶନ ପାଇଁ ଆସିଥାନ୍ତି । ଭକ୍ତମାନେ ମଧ୍ୟ ଶ୍ରଦ୍ଧାର ସହିତ ମନ୍ଦିରକୁ ଅର୍ଥ ପ୍ରଦାନ କରିଥାନ୍ତି । ଏହି ଅର୍ଥ ବୃଦ୍ଧି ପାଇ ପ୍ରାୟ ୪୫୦ କୋଟି ଟଙ୍କାରେ ପହଞ୍ଚିଛି ।

ସାଇବାବା ହିନ୍ଦୁ ନା ମୁସଲମାନ ନା ଖ୍ରିଷ୍ଟିଆନ ସେ ବିଷୟରେ କୌଣସି ସୂଚନା ନାହିଁ । ତେଣୁ ସବୁ ଧର୍ମର ଲୋକେ ତାଙ୍କର ଭକ୍ତ । ବିଭିନ୍ନତା ମାଧ୍ୟମରେ ଏକତାର ସେତୁ ରୂପେ ସାଇବାବା ଧାର୍ମିକ ମତବାଦର ଏକ ପ୍ରତୀକ ।

Source: Author, Digitized by PPRACHIN, SOA

ସିଦ୍ଧ ବିନାୟକ :

ମହାରାଷ୍ଟ୍ର ରାଜଧାନୀ ମୁମ୍ବାଇର ଦାଦର ଅଞ୍ଚଳରେ ସିଦ୍ଧ ବିନାୟକ ମନ୍ଦିର ପ୍ରତିଷ୍ଠିତ ହୋଇଅଛି । ମରାଠାମାନଙ୍କ କୁଳଦେବତା ଶ୍ରୀ ଗଣେଶ ଏଠାରେ ପୂଜା ପାଆନ୍ତି। ଠାକୁର ଶ୍ରୀ ଗଣେଶ ଖୁବ୍ ପ୍ରତ୍ୟକ୍ଷ ଏବଂ ଭକ୍ତଙ୍କ ମନସ୍କାମନା ପୂରଣ କରିବାରେ ସଦୟ ବୋଲି ଭକ୍ତଙ୍କ ଦୃଢ଼ ବିଶ୍ୱାସ ରହିଛି । ଶ୍ରୀ ବିନାୟକଙ୍କ ମୂର୍ତ୍ତିକୁ ସୁନାରେ ଛାଉଣି କରାଯାଇଛି।

ଆମ ଦିଅଁ ଦର୍ଶନ ସମୟରେ ସାନବୋହୂ ଝିନା ମଧ୍ୟ ଆମ ସହିତ ମାତା ବୈଷ୍ଣୋଦେବୀ ମନ୍ଦିର ଦର୍ଶନ ପାଇଁ ଯାଇଥିଲେ । ପୁଅ ଶିତିକଣ୍ଠର ବେଙ୍ଗଲୋରରେ ଅଫିସ୍ କାମ ଥିବା ଯୋଗୁଁ ସେ ଆମ ସହିତ ଆସି ପାରି ନ ଥିଲା ।

ମାତା ବୈଷ୍ଣୋଦେବୀ ଦର୍ଶନ :

ମାତା ବୈଷ୍ଣୋଦେବୀଙ୍କ ମନ୍ଦିର ଜାମ୍ମୁ କାଶ୍ମୀର ଶିବାଲିକା ପାର୍ବତ୍ୟାଞ୍ଚଳରେ ପ୍ରତିଷ୍ଠିତ ହୋଇଅଛି । ବର୍ଷକୁ ପ୍ରାୟ ୮୦ ଲକ୍ଷ ଭକ୍ତଙ୍କ ସମାଗମ ସେଠାରେ ହୋଇଥାଏ। ପାହାଡର ଶିଖର ଦେଶରେ ମନ୍ଦିର ନିର୍ମିତ ହୋଇଛି । ତେଣୁ ଅନେକ ଭକ୍ତ ପାଦଚଲା ରାସ୍ତାରେ ପାହାଚ ଚଢ଼ି ମନ୍ଦିରକୁ ଯାଇ ଦର୍ଶନ କରିଥାନ୍ତି । କେତେ ଭକ୍ତ ଘୋଡାରେ ଚଢି ଦର୍ଶନ ସ୍ଥଳୀକୁ ଯାଇଥାନ୍ତି । ଆଉ ବିଶେଷତଃ ଯେଉଁମାନେ ଘୋଡା ଚଢି ପାରିବେ ନାହିଁ ବୁଢାବୁଢୀ ଲୋକ ମଣିଷ ପିଠିରେ ଏକ ଝୋଲାରେ ବସି ପିଠିରେ ଓହଳି ମନ୍ଦିର ଦର୍ଶନ ପାଇଁ ଯାଇଥାନ୍ତି ।

ଘୋଡା ସହ ଜଣେ ଲୋକ ଘୋଡାକୁ ଧରି ବାଟ କଢାଇ ନେଇଥାନ୍ତି । ମୁଁ ମୋ'ର ସ୍ତ୍ରୀ, ବୋହୂ ଝିନା ସମସ୍ତେ ଘୋଡାରେ ଚଢି ଦର୍ଶନ କରିବା ପାଇଁ ଯାଇଥିଲୁ। ବହୁ ଆଗରୁ ମୁଁ ଥରେ ପାଦରେ ଚାଲି ଚାଲି ମନ୍ଦିର ଦର୍ଶନ ପାଇଁ ଯାଇଥିଲି । ମୋ'ର ବଡପୁଅ ନୀଳକଣ୍ଠ ମଧ୍ୟ ବୈଷ୍ଣୋଦେବୀ ମନ୍ଦିର ଦର୍ଶନ କରି ଆସିଛି।

ଶ୍ରୀମତୀ ବୈଷ୍ଣୋଦେବୀ ବୋର୍ଡଦ୍ୱାରା ଏହି ମନ୍ଦିର ପରିଚାଳିତ ହେଉଛି । ଆମେ ଯାତ୍ରା କଲାବେଳେ ବାଟରେ ବର୍ଷା ହେଲା । ତେଣୁ ଆମେ ଆଗରୁ ପ୍ରସ୍ତୁତ ହୋଇ କମ୍ ଦାମର ପ୍ଲାଷ୍ଟିକ ବର୍ଷାତି କୋଟ୍ ମଧ୍ୟ କିଣି ନେଇଥିଲୁ । ତାହା ଆମ କାମରେ ଆସିଲା । ଯେଉଁମାନେ ଏଥିପ୍ରତି ସାବଧାନ ହୋଇପାରି ନ ଥିଲେ ସେମାନେ ବର୍ଷାରେ ତିନ୍ତିଲେ । ଲୁଗାପଟା ଓଦା ହୋଇଗଲା ।

ହଜାର ହଜାର ଭକ୍ତ ବୈଷ୍ଣୋଦେବୀଙ୍କ ଜୟଗାନ କରି ମହା ଆନନ୍ଦ ଉଲ୍ଲାସରେ ସୁନ୍ଦର ଭାବରେ ନିର୍ମିତ ସିମେଣ୍ଟ ରାସ୍ତାରେ ଘୋଡା ଉପରେ, ପାଦରେ ଏବଂ ପିଠିରେ

Source: Author, Digitized by PPRACHIN, SOA

ବୁହା ହୋଇ, ଦେବୀଙ୍କ ଦର୍ଶନ ପାଇଁ ଉତ୍ସାହର ସହିତ ଆଗକୁ ଆଗକୁ ବଢ଼ି ଚାଲିଥାନ୍ତି । ରାତ୍ରିରେ ମଧ୍ୟ ରାସ୍ତା ତମାମ୍ ବିଜୁଳିବତୀ ଝଲମଲ କରି ଭକ୍ତଙ୍କୁ ରାସ୍ତା କଡାଇ ନେଉଥାଏ । ଦିନ, ରାତି ତମାମ୍ ଭକ୍ତଙ୍କ ସମାଗମ ଲାଗି ରହିଥାଏ ।

ମନ୍ଦିର ଦର୍ଶନ ସାରି ଆମେ ରାତ୍ରରେ ଘୋଡା ପିଠିରେ ବସି ତଳକୁ ଓହ୍ଲାଇ ଆସିଲୁ । ଓହ୍ଲାଇବା ସମୟରେ ସାବଧାନତା ସହ ଘୋଡାକୁ ଧୀର ମନ୍ଥର ଗତିରେ ଓହ୍ଲାଇବାକୁ ପଡିଥାଏ । ଟିକିଏ ଅସାବଧାନ ହୋଇଗଲେ ଘୋଡା ପିଠିରୁ ଆରୋହୀ କଚାଡି ହୋଇ ପଡିବା ସମ୍ଭାବନା ଯଥେଷ୍ଟ ଥାଏ । ଉପରକୁ ଚଢ଼ିବା ସମୟରୁ ଓହ୍ଲାଇବା ସମୟରେ ବିଶେଷ ସତର୍କତା ଅବଲମ୍ବନ ଆବଶ୍ୟକ ।

ପଦ୍ମନାଭ ସ୍ୱାମୀ ମନ୍ଦିର :

ମୋ'ର ବିଶ୍ୱାସ ଥିଲା ଯେ, ତିରୁପତି ଭେଙ୍କଟଶ୍ୱର ମନ୍ଦିର ଆନ୍ଧ୍ରପ୍ରଦେଶର ସବୁଠାରୁ ଧନାଢ଼୍ୟ ମନ୍ଦିର ଏବଂ ଧନାଢ଼୍ୟ ଠାକୁର । ମାତ୍ର, ମୋ'ର ଭ୍ରମ ପରେ ଦୂର ହେଲା । କେରଳର ଶ୍ରୀ ପଦ୍ମନାଭ ସ୍ୱାମୀ ଭଗବାନଙ୍କ ସଂପତ୍ତି ସର୍ବାଧିକ । ପ୍ରାୟ ଏକଲକ୍ଷ କୋଟି ଟଙ୍କାରୁ ମଧ୍ୟ ଉର୍ଦ୍ଧ୍ୱ । ମନ୍ଦିରର ଯେତେ ସଂପତ୍ତି ଅଛି କେରଳ ରାଜ୍ୟର ସମସ୍ତ କରଜ ଶୁଝି ଅନେକ ଉନ୍ନୟନମୂଳକ କାର୍ଯ୍ୟ ସେଥିରେ କରାଯାଇ ପାରିବ ।

କେରଳ ରାଜ୍ୟର ତିରୁଅନନ୍ତପୁରମରେ ଏହି ମନ୍ଦିର ପ୍ରତିଷ୍ଠିତ ହୋଇଛି । ମନ୍ଦିରର ଗହଣାଗାଣ୍ଠି, ହୀରା ତଥା ବହୁ ମୂଲ୍ୟବାନ ଧାତୁ ପଥର ଲୋକଲୋଚନକୁ ଆସିବା ପରେ ତାର ଆକଳନ କରାଯାଇଛି । ମନ୍ଦିରରୁ ମିଳିଥିବା ଶ୍ରୀ ବିଷ୍ଣୁଙ୍କ ୧ ଫୁଟ ଉଚ୍ଚ ସଂପୂର୍ଣ୍ଣ ସୁବର୍ଣ୍ଣ ପ୍ରତିମାର ମୂଲ୍ୟ ୫୦୦ କୋଟି ଟଙ୍କା ହେବ । ଏହି ମନ୍ଦିରର ପୂଜାବିଧି ମଧ୍ୟ ସ୍ୱତନ୍ତ୍ର । ମୁଁ ଲୋକସଭା ସଦସ୍ୟ ଥିବା ସମୟରେ ୧୯୮୨ ମସିହାରେ ଏହି ମନ୍ଦିର ଦର୍ଶନ କରିବା ସୁଯୋଗ ପାଇଥିଲି ।

--

Source: Author, Digitized by PPRACHIN, SOA

ବିଂଶ ପରିଚ୍ଛେଦ

ଭାରତୀୟ ଗଣତନ୍ତ୍ରର ବିକାଶଧାରା

ସର୍ବୋଦୟ ଆନ୍ଦୋଳନ :

ଗାନ୍ଧିଜୀ ସତ୍ୟ, ଅହିଂସା ନୀତି ପ୍ରୟୋଗ କରି ଆମ ଦେଶ ଭାରତର ସ୍ୱାଧୀନତା ଆଣିଥିଲେ । ମହାତ୍ମାଗାନ୍ଧୀ ଭାରତୀୟମାନଙ୍କ ମନରେ ଅନେକ ପ୍ରଭାବ ପକାଇଛନ୍ତି । ସେ କେବଳ ଦେଶକୁ ସ୍ୱାଧୀନ କରିବା କାର୍ଯ୍ୟକୁ ତ୍ୱରାନ୍ୱିତ କରିଥିଲେ ତାହା ନୁହେଁ, ଦେଶର ଅର୍ଥନୈତିକ ସମୃଦ୍ଧି ପାଇଁ ତଥା ଜମିର ସମବଣ୍ଟନ ପାଇଁ ମଧ୍ୟ ଚିନ୍ତା ଉଦ୍ରେକ କରିଥିଲେ ।

ଭାରତ ହେଉଛି ଗାଁର ଦେଶ । ଗ୍ରାମର ଉନ୍ନତି ହେଲେ ଦେଶର ଉନ୍ନତି ଘଟିବ । ତେଣୁ ଗ୍ରାମ୍ୟ ଉନ୍ନତି ପାଇଁ ବହୁ ସମାଜସେବୀ ମଧ୍ୟ ନିଜର ଶକ୍ତି ସାମର୍ଥ୍ୟ ବିନିଯୋଗ କରିବାରେ ଲାଗି ପଡିଲେ । ବହୁ ଘାତ ପ୍ରତିଘାତ ମଧ୍ୟରେ ଅସତ୍ୟ ଉପରେ ସତ୍ୟର ବୈପ୍ଳବିକ ବିଜୟ ଘଟିଲା । ବିଂଶଶତାବ୍ଦୀର ଶ୍ରେଷ୍ଠ ନେତା, ସମାଜ ସଂସ୍କାରକ ହେଉଛନ୍ତି ମୋହନଦାସ କରମଚାନ୍ଦ ଗାନ୍ଧୀ । ଲକ୍ଷ ଲକ୍ଷ ଜନତାଙ୍କ ପ୍ରିୟ ମହାତ୍ମା ଗାନ୍ଧୀ ।

ଗାନ୍ଧୀ ଯେତେବେଳେ ଦକ୍ଷିଣ ଆଫ୍ରିକାରେ କାର୍ଯ୍ୟରତ ଥିଲେ ସେତେବେଳେ ସେ ଜନ୍ ରସ୍କିନ୍‌ଙ୍କ ରାଜନୈତିକ ଅର୍ଥନୀତି ଉପରେ ଲିଖିତ ପୁସ୍ତକ "ଅନ୍ ଟୁ ଦିସ୍ ଲଷ୍ଟ" ବହିକୁ ପଢିଥିଲେ । ଏହି ପୁସ୍ତକ ତାଙ୍କ ମନରେ ଗଭୀର ପ୍ରଭାବ ପକାଇଥିଲା । ତାଙ୍କ ଚିନ୍ତା ଚେତନାରେ ମଧ୍ୟ ପରିବର୍ତ୍ତନ ଘଟିଲା ।

ଗୋଟିଏ ଉଚ୍ଚକୋଟୀର ପୁସ୍ତକ ଅନେକ ସମୟରେ ପାଠକ ମନରେ ଗଭୀର ପ୍ରଭାବ ପକାଇବାରେ କ୍ଷମ ହୋଇଥାଏ । ତେଣୁ ଯେତେବେଳେ ପାଠକ ପୁସ୍ତକ ପାଠ କରନ୍ତି ଉପଯୁକ୍ତ ପୁସ୍ତକ ଚୟନ କରି ପାଠ କରିବା ଉଚିତ୍ । ପୁସ୍ତକ ମଣିଷର ଜ୍ଞାନ ବିକାଶ କରିବା ସହିତ ମନକୁ ପ୍ରସାରିତ କରିବାରେ ସହାୟକ ହୋଇଥାଏ ।

ତେଣୁ ଗାନ୍ଧୀଙ୍କ ଉପରେ ଏହି ପୁସ୍ତକର ପ୍ରଭାବ ପଡିଥିଲା । ସେ ତାଙ୍କ ଜୀବନକାଳ ମଧ୍ୟରେ ପୁସ୍ତକର ନିର୍ଯାସକୁ ବାସ୍ତବ ଜୀବନରେ କାର୍ଯ୍ୟକାରୀ କରିବା ପାଇଁ ଉଦ୍ୟମ କରି ବହୁ କ୍ଷେତ୍ରରେ ସଫଳତା ମଧ୍ୟ ଅର୍ଜ୍ଜନ କରିଥିଲେ ।

Source: Author, Digitized by PPRACHIN, SOA

ସେ ଯେତେବେଳେ ୧୯୦୮ ମସିହାରେ ଦକ୍ଷିଣ ଆଫ୍ରିକାରୁ ଭାରତକୁ ଫେରି ଆସିଲେ ସେହି ପୁସ୍ତକକୁ ଗୁଜରାଟୀ ଭାଷାରେ ଅନୁବାଦ କରିଥିଲେ । ନାମ ରଖିଥିଲେ 'ସର୍ବୋଦୟ' । ସର୍ବୋଦୟ ଦୁଇ ସଂସ୍କୃତ ଶବ୍ଦ । 'ସର୍ବ' ଅର୍ଥାତ୍ ସମସ୍ତେ ଏବଂ 'ଉଦୟ' ଅର୍ଥ ଉନ୍ନତିକୁ ନେଇ ପୁସ୍ତକର ଶୀର୍ଷକ 'ସର୍ବୋଦୟ' । ତେଣୁ ତାହା ସମସ୍ତଙ୍କ ଉନ୍ନତି ପାଇଁ ଚିନ୍ତା ଉଦ୍ରେକ ହୋଇଥିଲା ।

ଏହି ପୁସ୍ତକ ପାଠ କଲାପରେ ତାଙ୍କ ଭାବନାଶକ୍ତି ବିଶାଳ ଭାବନା ଆଡକୁ ପ୍ରସାରିତ ହେଲା । ନୂତନ ସୂର୍ଯ୍ୟୋଦୟରେ ଜଗତ ଆଲୋକିତ ହେଲାପରି ତାଙ୍କ ଦୈନନ୍ଦିନ ଜୀବନଶୈଳୀରେ ମଧ୍ୟ ନୂତନ ଚେତନା ପ୍ରସାରିତ ହେବାକୁ ଲାଗିଲା ।

ରସ୍କିନଙ୍କ ସିଦ୍ଧାନ୍ତ ହେଉଛି, ଶ୍ରମର ଉଚିତ୍ ମୂଲ୍ୟାଙ୍କନ, ପୁଞ୍ଜିର ସମବଣ୍ଟନ ଏବଂ ବ୍ୟକ୍ତି ସ୍ୱାଧୀନତା ଉପରେ ପ୍ରାଧାନ୍ୟ ତଥା ସାଂପ୍ରଦାୟିକ ସାର୍ବଭୌମତ୍ୱ ଉପରେ ଗୁରୁତ୍ୱ ପ୍ରଦାନ ।

ଗାନ୍ଧିଜୀଙ୍କ ପ୍ରଧାନ ସହଯୋଗୀ ଏବଂ ଅନୁଗାମୀ ବିନୋବା ଭାବେ ଏହି ପରିକଳ୍ପନାକୁ ସାକାର କରିବା ପାଇଁ ମନପ୍ରାଣ ଢାଳି ଲାଗିପଡିଲେ । ପରିଶେଷରେ ଏହା 'ସର୍ବୋଦୟ ଆନ୍ଦୋଳନ'ରେ ପରିଣତ ହେଲା ।

ବିନୋବା ଭାବେ, ଜୟପ୍ରକାଶ ନାରାୟଣ ପ୍ରଭୃତି 'ଭୂଦାନ ଆନ୍ଦୋଳନ' ମାଧ୍ୟମରେ ଲୋକଙ୍କୁ ଜମି ପ୍ରଦାନ କରିବା ପାଇଁ କାର୍ଯ୍ୟକ୍ରମ ଗ୍ରହଣ କଲେ । ଉଭୟେ ବିନୋବା ଭାବେ ଏବଂ ଜୟପ୍ରକାଶ ନାରାୟଣ ଭୂଦାନର ନେତୃତ୍ୱ ନେଇ କାର୍ଯ୍ୟକ୍ରମକୁ ସଂପ୍ରସାରଣ କରିବାରେ ଲାଗିପଡିଲେ । ବିଶେଷତଃ, ବିନୋବା ଭାବେ ଭୂଦାନ ଆନ୍ଦୋଳନର ନେତୃତ୍ୱ ନେଇ କାର୍ଯ୍ୟକ୍ରମ ଗ୍ରହଣ କଲେ ।

୧୯୪୮ ଜାନୁୟାରୀ ୩୦ ତାରିଖ ଦିନ ଗାନ୍ଧୀଜୀ ଆତତାୟୀଦ୍ୱାରା ଗୁଳିବିଦ୍ଧ ହେଲାପରେ ସମଗ୍ର ବିଶ୍ୱ ସ୍ତବ୍ଧ ହୋଇ ଯାଇଥିଲା । ଲୋକଙ୍କ ମଧ୍ୟରେ ସେ ଯେଉଁ ଆଲୋକ ପ୍ରଜ୍ୱଳିତ କରିଥିଲେ ତାହା ସାଧାରଣ ଆଲୋକ ନ ଥିଲା । ସେହି ଆଲୋକ ଏ ପୁଣ୍ୟ ଭାରତବର୍ଷରେ ତଥା ସମଗ୍ର ବିଶ୍ୱରେ ପ୍ରତିଫଳିତ ହେଉଛି ଏବଂ ଯୁଗ ଯୁଗ ଧରି ମଧ୍ୟ ପ୍ରତିଫଳିତ ହେଉଥିବ ।

ମହାପୁରୁଷମାନେ ସାଧାରଣତଃ ତାଙ୍କ ଜୀବନର ଶେଷ ମୁହୂର୍ତ୍ତକୁ ଜାଣି ପାରିଥାନ୍ତି । ଯେଉଁଦିନ ତାଙ୍କୁ ହତ୍ୟା କରାଗଲା ତାଙ୍କ ନାତୁଣୀ ଆଭାକୁ କହିଥିଲେ, "ଆଭା ଜରୁରୀ କାଗଜ ପତ୍ର ଆଣ, ଆଜି ମୁଁ ତାର ଉତ୍ତର ଦେବି । କାଲି ହୁଏତ ଆଉ ସେ ଉତ୍ତର ଲେଖିବା ସମ୍ଭବ ହୋଇ ନ ପାରେ" । ଏହି ଉତ୍ତରରୁ ଆମେ ତାଙ୍କ ଶେଷ ପରିଣତିର ସୂଚନା ପାଇ ପାରୁଛୁ ।

Source: Author, Digitized by PPRACHIN, SOA

ସେହି ମହାପୁରୁଷ ମହାତ୍ମା ଗାନ୍ଧୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ପୃଥିବୀର ଜଣେ ବୈଜ୍ଞାନିକ ଆଲ୍‌ବର୍ଟ୍ ଆଇନଷ୍ଟାଇନ୍ କହିଛନ୍ତି, "ଲୋକମାନେ ବିଶ୍ୱାସ କରିବେ ନାହିଁ ଯେ ରକ୍ତ ମାଂସ ଦେହ ଧାରୀ ଏଭଳି ଜଣେ ଲୋକ ପୃଥିବୀ ପୃଷ୍ଠରେ ବାସ କରିଥିଲେ" ।

ଅହିଂସା ଲୋକମାନଙ୍କ ମନରେ ଗଭୀର ପ୍ରଭାବ ପକାଇଛି, ଆଗକୁ ମଧ୍ୟ ପକାଉଥିବ । ତେଣୁ ମାନବ ସମାଜରେ ଶାନ୍ତି ପ୍ରତିଷ୍ଠା ପାଇଁ ଏହା ହିଁ ଆଶା ଭରସା । ପୃଥିବୀ ପୃଷ୍ଠରେ ଶାନ୍ତି ପ୍ରତିଷ୍ଠା ପାଇଁ ମହାତ୍ମା ଗାନ୍ଧୀଙ୍କ ଅହିଂସା ମାର୍ଗ ହିଁ ଶ୍ରେଷ୍ଠ ମାର୍ଗ । ତେଣୁ ତାଙ୍କ ଚିନ୍ତା ଓ କାର୍ଯ୍ୟପ୍ରଣାଳୀ ଏବେ ମଧ୍ୟ ମାନବ ସମାଜରେ ଅଗ୍ରଦୂତ ଭାବରେ ଦିଗ୍‌ଦର୍ଶନ ଦେଇ ଚାଲିଛନ୍ତି ।

ସେତେବେଳେ ଭାରତର ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହେରୁ ଜନସାଧାରଣଙ୍କୁ ସୂଚନା ଦେଇ କହିଥିଲେ, "ଅନ୍ଧକାରରୁ ଆଲୋକକୁ ପଥ ପ୍ରଦର୍ଶନ କରୁଥିବା ଜ୍ୟୋତି ଆଜି ଲିଭିଯାଇଛି" ।

ଗାନ୍ଧିଜୀଙ୍କ ମୃତ୍ୟୁପରେ ବିନୋବା ଭାବେ ମତପୋଷଣ କରିଥିଲେ, "ଗାନ୍ଧିଜୀଙ୍କ ନେତୃତ୍ୱରେ ସ୍ୱରାଜ ହାସଲ ହେଲା । ଏଣିକି ଭାରତୀୟମାନେ ନିଜକୁ ସର୍ବୋଦୟରୂପୀ ଜନକଲ୍ୟାଣ ପାଇଁ ଉତ୍ସର୍ଗ କରନ୍ତୁ" ।

ଏହାପରେ ଗାନ୍ଧିବାଦୀ ଆନ୍ଦୋଳନ, ସର୍ବୋଦୟ ଆନ୍ଦୋଳନରେ ପରିଣତ ହେଲା । "ବହୁ ଜନ ସୁଖାୟ, ବହୁଜନ ହିତାୟ"କୁ ବଦଳାଇ ନୂଆ ସ୍ଲୋଗାନ ଦିଆଗଲା । "ସର୍ବଜନ ସୁଖାୟ ସର୍ବଜନ ହିତାୟ" । ଏହାପରେ ଆନ୍ଦୋଳନ ହେଲା "ଅନ୍ତ୍ୟୋଦୟ" । ସମାଜରେ ସବୁଠାରୁ ତଳେ ପଡି ରହିଥିବା ଲୋକଙ୍କ ପାଇଁ ରଚନାତ୍ମକ କାର୍ଯ୍ୟକ୍ରମ ଗ୍ରହଣ କରାଗଲା ।

୧୯୫୧ ମସିହାରେ ହାଇଦ୍ରାବାଦର ସର୍ବୋଦୟ ସମ୍ମିଳନୀରେ ବିନୋବା ଭାବେ ଯୋଗ ଦେଇଥିଲେ । ସେତେବେଳେ ତେଲେଙ୍ଗାନାର ସାମ୍ୟବାଦୀ ଓ ଉଗ୍ରବାଦୀ ମାନେ ମିଳିତ ହୋଇ ଜମି ମାଲିକମାନଙ୍କ ବିରୁଦ୍ଧରେ ହିଂସାତ୍ମକ ଆନ୍ଦୋଳନ କରି ବହୁ ଗ୍ରାମ ନିଜ ଅଧିକାରକୁ ନେଇ ଯାଇଥିଲେ । ଜମି ମାଲିକମାନେ ମଧ୍ୟ ତାର ଦୃଢ ପ୍ରତିବାଦ କରିଥିଲେ । ଫଳରେ ପରିସ୍ଥିତି ହିଂସାତ୍ମକ ହୋଇଥିଲା । ବିନୋବା ଭାବେ ସେହି ସମୟରେ ସେହି ଅଞ୍ଚଳରେ ସଦ୍‌ଭାବନା ଯାତ୍ରା ଆରମ୍ଭ କଲେ । ଯାତ୍ରା ସମୟରେ ପୋଚକାପଲ୍ଲୀ ଗ୍ରାମରେ ପହଞ୍ଚିଲେ । ସେଠାରେ ବହୁ ସଂଖ୍ୟାରେ ଦଳିତମାନେ ତାଙ୍କୁ ସାକ୍ଷାତ୍ କରି ତାଙ୍କ ଆପତ୍ତି ଜଣାଇଥିଲେ ।

ସେମାନେ ସମସ୍ତେ ଭୂମିହୀନ । ସେମାନେ ବିନୋବାଜୀଙ୍କୁ କହିଲେ ଜମି

Source: Author, Digitized by PPRACHIN, SOA

ମାଲିକମାନଙ୍କ ଜମି ଛଡାଇ ଆଣି ଆମକୁ ପ୍ରଦାନ କରିବା ପାଇଁ କମ୍ୟୁନିଷ୍ଟମାନେ ଆମକୁ ଆଶ୍ୱାସନା ଦେଇଛନ୍ତି । ତେଣୁ ଆମେ ତାଙ୍କୁ ସମର୍ଥନ କରୁଛୁ ।

ବିନୋବା ଭାବେ ପରିସ୍ଥିତି ଉପଲବ୍ଧି କରି ଜମି ମାଲିକମାନଙ୍କୁ ଡାକି ବୁଝାଇଲେ, "ଭାଇ ତୁମମାନଙ୍କ ଭିତରୁ କିଏ ଅଛ ଏମାନଙ୍କୁ ଜମି ପ୍ରଦାନକରି ସାହାଯ୍ୟ କରିବ" । ଜଣେ ଚାଷୀ ଠିଆ ହୋଇ କହିଲେ, "ମୁଁ ମୋ'ର ୧୦୦ ଏକର ଜମି ପ୍ରଦାନ କରିବା ପାଇଁ ପ୍ରସ୍ତୁତ" । ବିନୋବା ଭାବେ ପ୍ରଥମେ ଶୁଣି ଆଶ୍ଚର୍ଯ୍ୟ ହୋଇଗଲେ । ଜଣେ ସ୍ୱତଃ ପ୍ରବୃତ୍ତ ଭାବେ ୧୦୦ ଏକର ଜମି ଦେବା ପାଇଁ ପ୍ରସ୍ତୁତ । ଭୂମିହୀନ ଦଳିତମାନେ କହିଲେ, "ଆମକୁ କେବଳ ୮୦ ଏକର ଆବଶ୍ୟକ । ବାକି ୨୦ ଏକର ଜମି ଆପଣ ଅନ୍ୟ ଜମିହୀନଙ୍କୁ ପ୍ରଦାନ କରନ୍ତୁ" ।

ସେହି ପରିସ୍ଥିତି, ବିନୋବା ଭାବେଙ୍କ ମନରେ ଗଭୀର ପ୍ରଭାବ ପକାଇଲା । ତାଙ୍କ ମନରେ ବହୁ ଭାବନା ଖେଳିଗଲା । ଏହି ପୋଚକାପଲ୍ଲୀ ଗାଁରେ ଭୂଦାନ ଆନ୍ଦୋଳନର ଭିତ୍ତି ପଡିଲା । ବିନୋବା ଭାବେ ଏହି ଗାଁରୁ ହିଁ ଭୂମିହୀନମାନଙ୍କ ପାଇଁ ଜମି ପ୍ରଦାନର ବାଟ ପାଇଥିଲେ । ଏହାପରେ ସେ ବହୁ ଭାବରେ ଉତ୍ସାହିତ ହୋଇ ଗାଁକୁ ଗାଁ ବୁଲି ଭୂମି ସଂଗ୍ରହ କରିଥିଲେ ।

ସେ ଯେଉଁଠିକୁ ଯାଉଥିଲେ କହୁଥିଲେ, "ମୁଁ ତୁମର ପଞ୍ଚମ ପୁତ୍ର" । ମୋତେ ତୁମ ଜମିର ଏକ ପଞ୍ଚମାଂସ ଜମି ପ୍ରଦାନ କର । ତାହା ମୁଁ ଭୂମିହୀନମାନଙ୍କୁ ପ୍ରଦାନ କରିବି । ତିନି ସପ୍ତାହ ମଧ୍ୟରେ ସେ ତେଲେଙ୍ଗାନା ଅଞ୍ଚଳରେ ପାଖାପାଖି ଦୁଇ ଶହ ଗ୍ରାମକୁ ଯାଇ ଭୂମି ସଂଗ୍ରହ କରିଥିଲେ । ଏହାପରେ ଗ୍ରାମ ଦାନ, ଜିଲ୍ଲା ଦାନ, ମଧ୍ୟ ହୋଇଥିଲା ।

୪୦ ଲକ୍ଷ ହେକ୍ଟର ଜମି ସେ ଦାନରେ ପାଇଥିଲେ । ଜମି ଦାନ ଆକାରରେ ମିଳିଲା; ମାତ୍ର, ସେହି ଜମିକୁ ଠିକ୍ ଭାବରେ ବଣ୍ଟନ ହୋଇ ପାରିଲା ନାହିଁ ।

ଓଡିଶାରେ ଭୂଦାନ ଆନ୍ଦୋଳନ :

ବିନୋବା ଭାବେ ଓଡିଶାରେ ମଧ୍ୟ ଭୂଦାନ ଆନ୍ଦୋଳନରେ ସକ୍ରିୟ ଭୂମିକା ନିଭାଇଥିଲେ । ୧୯୬୪-୬୫ ମସିହାରେ କଳାହାଣ୍ଡି ଜିଲ୍ଲାର ନୂଆପଡା ଅଞ୍ଚଳକୁ ବିନୋବା ଭାବେ ଭୂଦାନ ଆନ୍ଦୋଳନ ପାଇଁ ଆସିଥିଲେ ।

ମୁଁ କଳିଙ୍ଗ ଖବର କାଗଜର ସାମ୍ବାଦିକ ହିସାବରେ ତାଙ୍କ ସହିତ ଦୁଇଦିନ ବିତାଇବାର ସୁଯୋଗ ପାଇଥିଲି । ମୋ' ଜୀବନର ଏହା ଏକ ସ୍ମରଣୀୟ ଘଟଣା ।

ନୂଆପଡା ଅଞ୍ଚଳର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ଉଗ୍ରମାଧବ ଯୋଷୀ, ପୂର୍ଣ୍ଣଚନ୍ଦ୍ର

Source: Author, Digitized by PPRACHIN, SOA

ଯୋଷୀ, ଜଗଦୀଶ ପ୍ରସାଦ ଯୋଷୀ (ଭେଲା) ଅହମ୍ମଦ ଭାଇ (ତରବୋର୍ଡ) ପ୍ରଭୃତି ଏବଂ ସେମାନଙ୍କର ସହଯୋଗୀମାନଙ୍କ ଉଦ୍ୟମରେ ସେ ପଦଯାତ୍ରା କରିଥିଲେ । ଭେଲା ଗ୍ରାମର ବହୁ ଜମି ମଧ୍ୟ ଭୂମିହୀନମାନଙ୍କୁ ବଣ୍ଟନ କରାଯାଇଥିଲା ।

ବିନୋବା ଭାବେ ଏବଂ ତାଙ୍କ ସହଯୋଗୀମାନେ ଆସି ନୂଆପଡା ହାଇସ୍କୁଲରେ ବିଶ୍ରାମ ନେଇଥିଲେ । ତା' ପରଦିନ ପ୍ରାତଃ ୪ ଘଣ୍ଟାରୁ "ଖରିଆର ରୋଡ୍" ପଦଯାତ୍ରା କରିଥିଲେ । ସେହି ସମୟରେ ମୁଁ ମଧ୍ୟ ତାଙ୍କ ଗହଣରେ ପଦଯାତ୍ରା କରିଥିଲି । ରାସ୍ତାର ଏକ ପାର୍ଶ୍ୱରେ ବସି ପ୍ରାତଃ ପ୍ରାର୍ଥନା ମଧ୍ୟ ହୋଇଥିଲା ।

୧୯୬୨ ଚୀନ୍ ଆକ୍ରମଣରେ ଭାରତୀୟ ସୈନ୍ୟଙ୍କ ପରାଜୟ ଏବଂ ତାର ପ୍ରଭାବ ଦେଶର ବହୁଲୋକଙ୍କ ମନରେ ଆଘାତ ଦେଇଥିଲା ।

ଦେଶରେ ଦିନକୁ ଦିନ ଦୁର୍ନୀତି ବୃଦ୍ଧି ପାଉଥିବା ଯୋଗୁଁ ତତ୍କାଳୀନ ଗୃହମନ୍ତ୍ରୀ ଗୁଲଜାରିଲାଲ ନନ୍ଦା ତାର ମୁକାବିଲା ପାଇଁ ନେତୃତ୍ୱ ନେଇଥିଲେ । ସେ ଦୁର୍ନୀତି ବିରୁଦ୍ଧରେ ସ୍ୱର ଉତ୍ତୋଳନ କରି ଦୁର୍ନୀତିଗ୍ରସ୍ତ ଲୋକଙ୍କୁ କଠୋର ଶାସ୍ତି ପ୍ରଦାନ ପାଇଁ ଦାବି କରି ତାକୁ କାର୍ଯ୍ୟକାରୀ କରିବା ପାଇଁ ଉଦ୍ୟମ ଜାରି ରଖିଥାନ୍ତି ।

ତେଣୁ ସାଧାରଣ ଜନତା ନନ୍ଦାଙ୍କ କାର୍ଯ୍ୟକୁ ପ୍ରଶଂସା କରୁଥାନ୍ତି । ବିନୋବା ଭାବେଙ୍କ ପଦଯାତ୍ରା ସମୟରେ ମୁଁ ତାଙ୍କୁ ପ୍ରଶ୍ନ କଲି, "ସତରେ କଣ ଆମେ ଦେଶକୁ ଦୁର୍ନୀତି ମୁକ୍ତ କରିପାରିବା କି" ?

ବିନୋବା ଭାବେ ମୋ'ର ପ୍ରଶ୍ନ ଶୁଣି ଉତ୍ତର ଦେଇଥିଲେ "ଏ ନନ୍ଦାକା ଧନ୍ଦା ହେ ଉନ୍‌କୋ ପୁଛୋ" । ଭାରତୀୟମାନଙ୍କ ଉପରେ ଚୀନ୍‌ର ଆକ୍ରମଣ ଓ ତାର ବିଶ୍ୱାସଘାତକତା ସହ ଆମର ଶୋଚନୀୟ ପରାଜୟ ପାଇଁ ବିନୋବା ଭାବେ ମଧ୍ୟ ଗଭୀର ମର୍ମାହତ ହୋଇଥିଲେ ।

ଦେଶରୁ ହିଂସାତ୍ମକ ଆନ୍ଦୋଳନକୁ ପ୍ରତିହତ କରିବାକୁ ହେଲେ ଜମି ସମସ୍ୟାର ସମାଧାନ ଅତି ଆବଶ୍ୟକ । ଯେଉଁମାନଙ୍କ ପାଖରେ ଅଧିକ ଜମି ଅଛି ସେମାନଙ୍କଠୁ ପ୍ରେମପୂର୍ଣ୍ଣ ଭାବରେ ତାହା ସଂଗ୍ରହ କରି ଭୂମିହୀନଙ୍କୁ ବାଣ୍ଟି ଦେଇ ପାରିଲେ, ଦେଶର ଅଶାନ୍ତ ବାତାବରଣକୁ ରୋକାଯାଇ ପାରିବ । ତେଣୁ ଭୂସଂସ୍କାର ଅତି ଆବଶ୍ୟକ ।

ସେତେବେଳେ ଓଡିଶାରେ ମଧ୍ୟ ଶ୍ରୀମତୀ ନନ୍ଦିନୀ ଶତପଥୀଙ୍କ ମୁଖ୍ୟମନ୍ତ୍ରିତ୍ୱ ସମୟରେ ୧୯୭୪ ମସିହାରେ ଜଣେ ପରିବାର ପାଇଁ ୧୦ ଷ୍ଟାଣ୍ଡାର୍ଡ ଏକର ଜମି ସ୍ଥିର କରି ଅବଶିଷ୍ଟ ଜମିକୁ ସରକାର ନିଜ ଅଧୀନକୁ ନେଇ ଜମି ମାଲିକଙ୍କୁ ଅଳ୍ପ କ୍ଷତି ପୂରଣ ଦେଇ ତାହା ଭୂମିହୀନମାନଙ୍କୁ ବାଣ୍ଟି ଦେଇଥିଲେ ।

ମାତ୍ର, ତାଙ୍କ ପରେ ଭୂସଂସ୍କାରକୁ ଯେଉଁଭଳି ଗୁରୁତ୍ୱ ଦେବା କଥା ସେଥିପ୍ରତି

Source: Author, Digitized by PPRACHIN, SOA

ନା କେନ୍ଦ୍ର ସରକାର ନା ରାଜ୍ୟସରକାର କେହିହେଲେ ସେଭଳି ଗୁରୁତ୍ୱ ଆଉ ଦେଲେ ନାହିଁ । ବିନୋବା ଭାବେ ୧୯୬୫-୬୬ ମସିହାରେ କୋରାପୁଟ ଗସ୍ତ କରି ଭୂଦାନ ଆନ୍ଦୋଳନରେ ଗ୍ରାମକୁଗ୍ରାମ ଯାଇ ଜମି ସଂଗ୍ରହ କରିଥିଲେ । ଭୂଦାନ କର୍ମୀମାନେ "ଗୋତି ପ୍ରଥା ଉଚ୍ଛେଦ" ବନ୍ଧକ ଜମି ଚାଷ କରିବା ପ୍ରଭୃତି ବୈପ୍ଳବିକ କାର୍ଯ୍ୟ ଅହିଂସା ମାର୍ଗରେ ଆରମ୍ଭ କରି ବହୁ କ୍ଷେତ୍ରରେ ସଫଳତା ପାଇଥିଲେ । ମାତ୍ର, ସରକାରଙ୍କଠୁ ପୂର୍ଣ୍ଣ ସହଯୋଗ ପାଇପାରିଲେ ନାହିଁ ।

ଭୂଦାନ, ଗ୍ରାମଦାନ ଆନ୍ଦୋଳନରେ ଗରିବ ଭୂମିହୀନମାନଙ୍କୁ ଦିଆ ଯାଇଥିବା ଜମି, ରେଭେନ୍ୟୁ ଅଧିକାରୀମାନେ ମ୍ୟୁଟେସନ୍ କଲେ ନାହିଁ ।

ଗ୍ରାମଦାନ ଆଇନ ଅନୁସାରେ ସ୍ୱୀକୃତୀପ୍ରାପ୍ତ ଗ୍ରାମର ଜମି ବିକ୍ରି କିମ୍ୱା ବନ୍ଧକ ରଖିପାରିବେ ନାହିଁ । ଏହା ଲୋକଙ୍କ ଚାଷର ଅଧିକାରଭୁକ୍ତ ହୋଇଯିବ । କୋରାପୁଟ ଜିଲ୍ଲା, ଜିଲ୍ଲା ଦାନ ହୋଇଥିଲା । ୧୯୮୨ ମସିହା ନଭେମ୍ବର ୧୫ ତାରିଖ ଦିନ ବିନୋବା ଭାବେଙ୍କ ମୃତ୍ୟୁ ହେଲା । ତାଙ୍କ ପୂର୍ବରୁ ଜୟପ୍ରକାଶ ନାରାୟଣଙ୍କ ମଧ୍ୟ ୮ ଅକ୍ଟୋବର ୧୯୭୯ରେ ମୃତ୍ୟୁ ହୋଇ ଯାଇଥିଲା ।

ଓଡିଶାରେ ସର୍ବୋଦୟ ଆନ୍ଦୋଳନର କର୍ଣ୍ଣଧାର ନବକୃଷ୍ଣ ଚୌଧୁରୀଙ୍କ ମଧ୍ୟ ଦେହାନ୍ତ ହୋଇଗଲା ୨୪.୦୬.୧୯୮୪ ମସିହାରେ । ସର୍ବୋଦୟ ଆନ୍ଦୋଳନର ମହାରଥୀମାନେ ଗୋଟିଏ ପରେ ଗୋଟିଏ ସଂସାରରୁ ବିଦାୟ ନେଇଗଲେ । ଫଳରେ ସର୍ବୋଦୟ ଆନ୍ଦୋଳନ ଦୁର୍ବଳ ହୋଇଗଲା । ବର୍ତ୍ତମାନ ନାରାୟଣପାଟଣା ଅଞ୍ଚଳରେ ଥିବା କୋରାପୁଟ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ନକ୍ସଲ ଆନ୍ଦୋଳନ ନାଁରେ ଯାହାସବୁ ଘଟୁଛି ତା' ଉପରେ ଗଭୀର ଚିନ୍ତାର ଆବଶ୍ୟକତା ରହିଛି ।

ଭୂମିହୀନ ଆଦିବାସୀଙ୍କ ସମସ୍ୟା :

ଅତୀତର ଭୂଦାନ ଆନ୍ଦୋଳନକୁ ଆଖି ଆଗରେ ରଖି କୋରାପୁଟ ଜିଲ୍ଲାର ଜମି ସେଟେଲ୍‌ମେଣ୍ଟର ଆବଶ୍ୟକତା ରହିଛି । ଯେଉଁମାନେ ଜମି ବନ୍ଧକ ରଖି ପରେ ନିଜ ଅଧୀନକୁ ନେଇଛନ୍ତି ତାର ପୂର୍ଣ୍ଣାଙ୍ଗ ସମୀକ୍ଷା ହେବା ଆବଶ୍ୟକ । ଯେଉଁଠି ବାହାର ଲୋକ ଆସି ସ୍ଥାନୀୟ ଲୋକଙ୍କଠୁ ଜମି ନେଇଛନ୍ତି ତାର ମଧ୍ୟ ତଦନ୍ତ ହୋଇ ନିୟମ ମୁତାବକ ଜମି ସମସ୍ୟାର ସମାଧାନ ହେବା ଉଚିତ୍ ।

ଜମିକୁ କେନ୍ଦ୍ର କରି ଏହି ଅଞ୍ଚଳମାନଙ୍କରେ ଅସନ୍ତୋଷ ଖେଳି ଯାଇଛି । ତେଣୁ ଭୂଦାନ ଆନ୍ଦୋଳନର ନୀତିନିୟମ ପ୍ରତି ଦୃଷ୍ଟି ରଖି ଜମି ସମସ୍ୟାର ସମାଧାନ କରାଯାଇ ପାରିବ ।

Source: Author, Digitized by PPRACHIN, SOA

ଅଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ, ରାସ୍ତାଘାଟ ପ୍ରଭୃତି ପ୍ରତି ପ୍ରାଧାନ୍ୟ ଦେଇ ଗ୍ରାମବାସୀଙ୍କୁ ସାମିଲ କରି ଯୋଜନାବଦ୍ଧ ଭାବରେ କାର୍ଯ୍ୟକ୍ରମ ଗ୍ରହଣ କରାଗଲେ ଏକ ନୂତନ ବାତାବରଣ ସୃଷ୍ଟି ହେବ ।

ଆଦିବାସୀ ଅଞ୍ଚଳରେ ନିଶା ନିବାରଣ ପ୍ରତି ମଧ୍ୟ ଗୁରୁତ୍ୱ ଦେଇ କାର୍ଯ୍ୟକ୍ରମ ଗ୍ରହଣ କରିବା ଦରକାର । ଏହିଭଳି କେତୋଟି ବୈପ୍ଳବିକ କାର୍ଯ୍ୟକ୍ରମ ହାତକୁ ନିଆଯାଇ ପାରିବ ।

ଗ୍ରାମସଭାକୁ ଗୁରୁତ୍ୱ ଦେଇ ସମସ୍ତଙ୍କୁ ସାମିଲ କରି କାର୍ଯ୍ୟକ୍ରମ ଗ୍ରହଣ କଲେ ଲୋକଙ୍କ ମଧ୍ୟରେ ସରକାରଙ୍କ ପ୍ରତି ବିଶ୍ୱାସ ବୃଦ୍ଧି ପାଇବ । ଲୋକପ୍ରତିନିଧି, ସ୍ଥାନୀୟ ଅଧିବାସୀ ଏବଂ ସରକାରୀ କର୍ମଚାରୀ ମିଳିତ ହୋଇ କାର୍ଯ୍ୟକ୍ରମ ଗ୍ରହଣ କଲେ ଫଳ ମଙ୍ଗଳମୟ ହେବ । ଲୋକଙ୍କ ସହଯୋଗରେ ହିଁ ଏହା ସମ୍ଭବ ।

କିଛି ବର୍ଷ ତଳେ ଗଞ୍ଜାମ ମାଳ ଅଞ୍ଚଳରେ ସୌରା ଓ ପାଣମାନଙ୍କ ମଧ୍ୟରେ ସଂଘର୍ଷ ହୋଇଥିଲା । ବର୍ତ୍ତମାନ ନାରାୟଣପାଟଣା ଅଞ୍ଚଳରେ ସେହିଭଳି ସଙ୍ଘର୍ଷ ଲାଗି ରହିଛି ।

ଆସାମରେ ମଧ୍ୟ ଠିକ୍ ସେହିଭଳି ଜମିକୁ ନେଇ ସ୍ଥାନୀୟ ବୋଡୋ ଆଦିବାସୀ ମାନଙ୍କ ସହିତ ବାହାରୁ ଆସି ବସବାସ କରୁଥିବା ଲୋକଙ୍କ ମଧ୍ୟରେ ସଙ୍ଘର୍ଷ ଘଟି ଏକ ରକ୍ତାକ୍ତ ପରିସ୍ଥିତି ସୃଷ୍ଟି ହୋଇଥିଲା । ତେଣୁ ସରକାର ସମସ୍ତ ଦିଗ ପ୍ରତି ଦୃଷ୍ଟି ରଖି ତାର ଏକ ସ୍ଥାୟୀ ପ୍ରତିକାର କରିବା ଆବଶ୍ୟକ ।

ଅତୀତରେ ଲୋକଙ୍କ ଜମି ପ୍ରତି ଆଗ୍ରହ ନ ଥିଲା । ଜଙ୍ଗଲରେ ପ୍ରଚୁର ବନ୍ୟ ସଂପଦ ଭରି ରହିଥିଲା । ସେଥିରୁ ଲୋକେ ସଂଗ୍ରହ କରି ଚଳି ଯାଉଥିଲେ । ଜଙ୍ଗଲରେ ରହୁଥିବା ଆଦିବାସୀମାନେ ଜଙ୍ଗଲ ଉପରେ ନିର୍ଭର କରି ଚଳୁଥିଲେ । କିଛି ଆଦିବାସୀ ଚାଷ କରି ଚଳନ୍ତି । ପାହାଡକୁ ସଫା କରି ଗଛ ବୁଦା କାଟି ତାକୁ ପୋଡି ପୋଡୁଚାଷ କରନ୍ତି । ପୋଡୁ ଚାଷଦ୍ୱାରା ଜଙ୍ଗଲ ନଷ୍ଟ ହେଉଥିବା ଯୋଗୁଁ ସରକାର ଆଦିବାସୀମାନଙ୍କୁ ପୋଡୁଚାଷରୁ ନିବର୍ତ୍ତାଇବା ଉଚିତ । ସେଥିପାଇଁ ସେମାନଙ୍କ ଜମିକୁ ଉନ୍ନତି କରିବା ପାଇଁ ଅନେକ ଲୋକଙ୍କୁ କାମ ଯୋଗାଇ ଅର୍ଥଉପାର୍ଜନକ୍ଷମ କରି ସେମାନଙ୍କର ଘରର ଆବଶ୍ୟକତା ମେଣ୍ଟାଇ ପାରିବାର ସୁଯୋଗ ସୃଷ୍ଟି କଲେ, ସେମାନେ ଆଉ ପୋଡୁଚାଷ କରିବା ପାଇଁ ମନ ବଳାଇବେ ନାହିଁ ।

ମାତ୍ର, ସରକାରୀ ସାହାଯ୍ୟଦ୍ୱାରା ସେମାନେ ଉପକୃତ ନ ହେବା ଫଳରେ ପୁଣି ପୋଡୁଚାଷରେ ମନ ବଳାଇଲେ । ତେଣୁ ସରକାରୀ ଯୋଜନା ବିଫଳ ହୋଇଗଲା । ବ୍ରିଟିଶ ସରକାର ଜଙ୍ଗଲ ଉପରେ କଟକଣା ଲଗାଇଲେ । ଏଥିରେ ବହୁ ଆଦିବାସୀ ଅସନ୍ତୋଷ ପ୍ରକାଶ କଲେ । ବହୁ ଆଦିବାସୀ ବ୍ରିଟିଶ ଶାସନ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଥିଲେ ।

Source: Author, Digitized by PPRACHIN, SOA

ରାଜୁଡା ଜୁଲମ୍, ପୋଲିସ୍ ଜୁଲମ୍, ଜଙ୍ଗଲ ବିଭାଗର ଜୁଲମ୍‌କୁ ଆଖି ଆଗରେ ରଖି ଲକ୍ଷ୍ମଣ ନାଏକ କୋରାପୁଟ ଅଞ୍ଚଳରେ ବ୍ରିଟିଶ ସରକାର ବିରୁଦ୍ଧରେ ସ୍ୱର ଉତ୍ତୋଳନ କରି ଜେଲ୍ ଯାଇ ଫାଶୀ ପାଇଥିଲେ ।

ସେହିଭଳି ବିଭିନ୍ନ କାରଣରୁ ବ୍ରିଟିଶ୍ ସରକାରଙ୍କ ବିରୁଦ୍ଧରେ ସମ୍ବଲପୁର ଅଞ୍ଚଳରେ ସୁରେନ୍ଦ୍ର ସାଏଙ୍କ ନେତୃତ୍ୱରେ ବିଦ୍ରୋହ ଦାବାଗ୍ନି ଚତୁର୍ଦ୍ଦିଗରେ ଖେଳି ଯାଇଥିଲା । ଦୀର୍ଘ ବର୍ଷ ବ୍ରିଟିଶ ସରକାରଙ୍କ ସହ ସଂଘର୍ଷ କରି ସେ ପ୍ରାଣ ବଳି ଦେଇଥିଲେ ।

କଳାହାଣ୍ଡିରେ ମଧ୍ୟ ୧୮୫୫ ମସିହାରେ ରେଣ୍ଡୋ ମାଝୀଙ୍କ ନେତୃତ୍ୱରେ ମଦନପୁର-ରାମପୁରର ଉର୍ଲାଦାନୀ ଅଞ୍ଚଳରେ ବିଦ୍ରୋହର ଅଗ୍ନି ପ୍ରଜ୍ୱଳିତ ହୋଇଥିଲା । ପରେ ସେ ବନ୍ଦୀ ହୋଇ ରସୁଲକୁଣ୍ଡା (ବର୍ତ୍ତମାନର ଭଞ୍ଜନଗର) ଜେଲରେ ଫାଶୀ ପାଇଥିଲେ । ମୋ'ର ଐତିହାସିକ ଉପନ୍ୟାସ ରକ୍ତ ତୀର୍ଥରେ ବିସ୍ତୃତ ଭାବରେ ଏହା ବର୍ଣ୍ଣନା କରାଯାଇଛି ।

ଏମାନେ ସମସ୍ତେ ଶହୀଦ୍ ହୋଇ ଯାଇଛନ୍ତି । ଏ ସମସ୍ତ ଘଟଣା ଇତିହାସର କଥାବସ୍ତୁରେ ପରିଣତ ହୋଇ ଯାଇଥିଲେ ମଧ୍ୟ ସେମାନଙ୍କ ଚିନ୍ତା-ଚେତନାର ପ୍ରଭାବ ଆଜି ମଧ୍ୟ ଆଦିବାସୀମାନଙ୍କ ତଥା ସାଧାରଣ ଜନତାଙ୍କ ମଧ୍ୟରେ ପୁଞ୍ଜିଭୂତ ହୋଇ ମନରେ ଆଲୋଡନ ସୃଷ୍ଟି କରୁଛି । ସେମାନଙ୍କ ସାହସ, ବୀରତ୍ୱ ଏ ଜାତିର ମନରେ ଉତ୍ସାହ ପ୍ରେରଣା ସୃଷ୍ଟି କରିଥାଏ ।

ତେଣୁ ପ୍ରଶାସନ ଆଦିବାସୀ ଅଞ୍ଚଳର ଲୋକଙ୍କ ମନୋଭାବ ପ୍ରତି ସତର୍କତାର ସହ ଦୃଷ୍ଟି ନିକ୍ଷେପ କରି କାର୍ଯ୍ୟକ୍ରମ ଗ୍ରହଣ କଲେ ସଭିଙ୍କ ମଙ୍ଗଳ ହେବ ।

ମା' ମାଟି ପ୍ରତି ମୋହକୁ ଆଡେଇ ପ୍ରଶାସନ କାର୍ଯ୍ୟକ୍ରମ ଗ୍ରହଣ କଲେ ତାହା ସଫଳ ହେବା ସମ୍ଭବ ହେବ ନାହିଁ । ତେଣୁ ଅତୀତ ସହିତ ବର୍ତ୍ତମାନ ପରିସ୍ଥିତିକୁ ମଧ୍ୟ ଦୃଷ୍ଟିକୁ ନେବାକୁ ପଡିବ । ଯେହେତୁ ଅତୀତର କାର୍ଯ୍ୟଧାରା ବର୍ତ୍ତମାନକୁ ପ୍ରଭାବିତ କରୁଛି । ତେଣୁ ଅତୀତର ଚିନ୍ତା ଓ କାର୍ଯ୍ୟପ୍ରଣାଳୀକୁ ବାଦ୍ ଦେଇ ବର୍ତ୍ତମାନର ସମସ୍ୟାର ସମାଧାନ କରିବା ସମ୍ଭବ ନୁହେଁ । ସେଥିପ୍ରତି ସରକାର ସତର୍କତାର ସହ କାର୍ଯ୍ୟ ପ୍ରଣାଳୀ ଗ୍ରହଣ କରିବା ଉଚିତ୍ ।

ପ୍ରଥମେ ଜମି ସବୁ ରାଜାଙ୍କର ଥିଲା । ପ୍ରଜାମାନେ ଜମି ଚାଷ କରୁଥିଲେ । ଚାଷୀମାନେ କେଉଠି ଗାଁ ମୁଖିଆଙ୍କୁ, କେଉଁଠି ମୁଠାଦାରମାନଙ୍କୁ କର ଦେଉଥିଲେ । ଲୋକଙ୍କ ଜମି ପ୍ରତି ସେତେ ମୋହ ନ ଥିଲା ।

ବ୍ରିଟିଶ୍ ଅମଳରେ ମାଡ୍ରାସ ପ୍ରେସିଡେନ୍ସିରେ ଗଞ୍ଜାମ ଏବଂ କୋରାପୁଟ ଜିଲ୍ଲା ଶାସନାଧୀନ ଥିଲା । ୧୯୫୬ ସେଟଲ୍‌ମେଣ୍ଟ ସମୟରେ ଘର ବାଡିର ବ୍ୟକ୍ତିଗତ

Source: Author, Digitized by PPRACHIN, SOA

ପଟ୍ଟା କାହାରି ନାମରେ କରାଗଲା ନାହିଁ । ତାହା ଗ୍ରାମକଣ୍ଠ ହୋଇ ରହିଲା ।

ରେକର୍ଡରୁ ଜଣାପଡିଛି ତାହା ଗ୍ରାମବାସୀ ଘର କରି ରହିବା ପାଇଁ ଉଦ୍ଦିଷ୍ଟ । ମାତ୍ର, ଆଜି ଯାହା ପରିସ୍ଥିତି ସୃଷ୍ଟି ହୋଇଛି, ନୀତି ନିୟମକୁ ଆଖି ବୁଜି ଦେଇ ବାହାରୁ ବହୁ ଲୋକ ଆସି ସରକାରୀ କର୍ମଚାରୀମାନଙ୍କୁ ହାତ କରି ଜମି ସବୁ ନିଜ ଅଧୀନକୁ ନେଇ ଯାଇଛନ୍ତି । ଫଳରେ, ସ୍ଥାନୀୟ ଆଦିବାସୀମାନଙ୍କ ମନରେ ଅସନ୍ତୋଷ ସୃଷ୍ଟି ହୋଇଛି ।

ଯେଉଁସବୁ ଜମି ରେକର୍ଡ ହେଲା, ସେତେବେଳେ ଯେଉଁମାନେ ଜମି ଚାଷ କରୁଥିଲେ, ତାଙ୍କ ନାଁରେ ନ ହୋଇ ଗାଁର ପ୍ରମୁଖ ଜାନି, ଦିସାରୀ ପ୍ରଭୃତିଙ୍କ ନାଁରେ ରେକର୍ଡ ଥିଲା । ସେତେବେଳେ ଲୋକଙ୍କ ମନରେ ଭୟ ଥାଏ, ଜମି ରେକର୍ଡ ହେଲେ ସରକାରଙ୍କୁ ପ୍ରତିବର୍ଷ ଖଜଣା ଦେବାକୁ ପଡିବ ।

ଏହିଭଳି ପରିସ୍ଥିତିର ସୁଯୋଗ ନେଇ ଗାଁର ସାହୁକାରମାନେ ତାର ଫାଏଦା ଉଠାଇଲେ । ସେମାନେ ତାଙ୍କ ନାଁରେ ଶହଶହ ଏକର ଜମି ରେକର୍ଡ କରାଇନେଲେ ।

ତେଣୁ ଆଜି ଏହି ଆଦିବାସୀ ଅଞ୍ଚଳରେ ଯେଉଁ ସଂଘର୍ଷ ହେଉଛି ତାକୁ ଗଭୀର ଭାବରେ ଅନୁଧ୍ୟାନ କରି ମୂଳରୁ ସମାଧାନ ପନ୍ଥା ନିର୍ଣ୍ଣୟ କରି କାର୍ଯ୍ୟପନ୍ଥା ଗ୍ରହଣ କରିବା ଆବଶ୍ୟକ । ମନ ଭିତରେ ଭରି ରହିଥିବା ଅସନ୍ତୋଷ ଆଜି ବିସ୍ଫୋରକ ରୂପ ଧାରଣ କରିଛି ।

ଆମ ଓଡିଆ ସାହିତ୍ୟର ଜଣେ ବୈପ୍ଳବିକ କବି, ଦୈନିକ କଳିଙ୍ଗ ଖବର କାଗଜର ପୂର୍ବତନ ସଂପାଦକ, ମନମୋହନ ମିଶ୍ର ସେତେବେଳେ ଏକ କବିତା ମାଧ୍ୟମରେ ବିନୋବା ଭାବେଙ୍କ ଭୂଦାନ ଆନ୍ଦୋଳନର ବିଫଳତାକୁ ଲକ୍ଷ୍ୟ କରି ପ୍ରକାଶ କରିଥିଲେ–"ଯାଅ ହେ ବିନୋବା ଆଶ୍ରମେ ଫେରି, ଧରିଣ ତୁମ ଭିକ୍ଷା ଥାଳ,
ଏ ଦେଶର ମହା ଇତିହାସ ଲେଖି କୋଟି କଙ୍କାଳର ଅସ୍ଥିମାଳ ।"

ଆଦିବାସୀ ବହୁଳ ଅଞ୍ଚଳରେ ମାଓବାଦୀମାନେ ସକ୍ରିୟ ରହିଥିବା ଯୋଗୁଁ ଏ ଅଞ୍ଚଳର ବିକାଶଧାରା ଧିମେଇ ଯାଇଛି । ମାଓବାଦୀଙ୍କ ଆତଙ୍କରେ ସରକାରୀ କର୍ମଚାରୀ ମାନେ ତଥା ସାଧାରଣ ଜନତା ଭୀତତ୍ରସ୍ତ । ତେଣୁ ଆଦିବାସୀ ଅଞ୍ଚଳରେ ବିକାଶ ବାଧାପ୍ରାପ୍ତ ହୋଇଛି ।

ନକ୍ସଲବାଦ ଓ ମାଓବାଦର ସମାଧାନ :

ନକ୍ସଲବାଦ ମାଓବାଦ କ୍ରମେ ଆତଙ୍କବାଦରେ ପରିଣତ ହୋଇଛି । କମ୍ୟୁନିଷ୍ଟ ପାର୍ଟି ଅଫ୍ ଇଣ୍ଡିଆ (ମାର୍କସିଷ୍ଟ, ଲେନିନିଷ୍ଟ)ର ଆଦର୍ଶରୁ ଏହାର ଜନ୍ମ । ଏହାର ପ୍ରଥମ ବୈଠକ ପଶ୍ଚିମବଙ୍ଗର ଉତ୍ତର ଭାଗରେ ଅବସ୍ଥିତ "ନକ୍ସଲବାରି" ନାମକ

Source: Author, Digitized by PPRACHIN, SOA

ଏକ ଗ୍ରାମରେ ଅନୁଷ୍ଠିତ ହୋଇଥିଲା । ତେଣୁ ସେହି ଆଦର୍ଶର ଅନୁଗାମୀମାନଙ୍କୁ "ନକ୍ସଲବାଦୀ" କୁହାଗଲା ।

ଆଜି ନକ୍‌ସଲବାଦ ଦିନକୁ ଦିନ ବ୍ୟାପକ ହେବାରେ ଲାଗିଛି । ଭାରତର ସାମାଜିକ ସ୍ଥିତି, ଆମ ସଂସ୍କୃତି, ଧର୍ମଧାରଣା ହିଂସାକୁ କେବେ ଉତ୍ସାହିତ କରି ପାରିବ ନାହିଁ । ସାମୟିକ ଭାବେ ଭାବପ୍ରବଣ ହୋଇ ଏଥିରେ ସାମିଲ ହେଲେ ମଧ୍ୟ ଯେତେବେଳେ ସେମାନେ ସଚେତନ ହୋଇଯାଆନ୍ତି, ସେତେବେଳେ ତାଙ୍କ ମନ, ବିବେକ, ହିଂସାଠୁ ଦୂରେଇ ଯାଇଥାଏ । ତେଣୁ ସେମାନେ ଆସି ପୁଲିସ୍ ପାଖରେ ଆତ୍ମସମର୍ପଣ କରିଥାନ୍ତି ।

ତେଣୁ ଭାରତରେ ନକ୍‌ସଲବାଦ ସଫଳ ହୋଇ ପାରିବ ନାହିଁ । ଆଦିବାସୀମାନଙ୍କୁ ନ୍ୟାୟ ଦେବାରେ ନକ୍‌ସଲବାଦ ପ୍ରଭାବ ବିସ୍ତାର କରିଥିଲେ ମଧ୍ୟ ତାର ସୁଫଳ କେତେ ଦୂର ସମ୍ଭବ ସମୟ କହିବ ।

ମାଓବାଦର ଜନ୍ମପୀଠ ଚୀନରେ ମଧ୍ୟ ଆଉ ମାଓବାଦର ପ୍ରଭାବ ନାହିଁ । ସମୟ ସହିତ ତାଳ ଦେଇ ସେମାନଙ୍କ ଚିନ୍ତା ଚେତନାର ପରିବର୍ତ୍ତନ ଘଟି ନୂତନ ଦୃଷ୍ଟି-ଭଙ୍ଗୀରେ ଆଜି ସେମାନେ କର୍ମ କ୍ଷେତ୍ରରେ ଆଗେଇ ଚାଲିଛନ୍ତି ।

ସମୟର ଆବଶ୍ୟକତା ଦୃଷ୍ଟିରୁ ନକ୍‌ସଲ ସଙ୍ଗଠନ ଅବା ମାଓ ସଙ୍ଗଠନର ନେତାମାନେ ଏ ସମ୍ବନ୍ଧରେ ଗଭୀର ଚିନ୍ତା କରିବା ସମୟ ଆସି ପହଞ୍ଚି ଯାଇଛି ।

ନକ୍‌ସଲବାଦ ସମାଜ ମଧ୍ୟରେ ଜନସଚେତନ ଭାବ ସୃଷ୍ଟି କରିଥିଲେ ମଧ୍ୟ ସେମାନଙ୍କ ଲକ୍ଷ୍ୟଚ୍ୟୁତି ଘଟିଥିବା ଯୋଗୁଁ ଏବଂ ବ୍ୟାପକ ହିଂସାତ୍ମକ କାର୍ଯ୍ୟ ଯୋଗୁଁ ନୀତି ଆଦର୍ଶ ଛପି ଯାଇଛି । ସାମାଜିକ ବିକାଶର ପୁନଃ ନିର୍ମାଣରେ ଏହା କଦାପି ସହାୟକ ହୋଇପାରିବ ନାହିଁ ।

ଏଥିପାଇଁ ରାଷ୍ଟ୍ରନାୟକମାନେ ମଧ୍ୟ ସେମାନଙ୍କର କାର୍ଯ୍ୟଧାରାର ପୁନଃ ସମୀକ୍ଷା କରିବା ଆବଶ୍ୟକ ।

ଅହିଂସା ଗାନ୍ଧୀବାଦର ମୂଳ ଭିତ୍ତି । ଆମେ ସମସ୍ତେ ମହାତ୍ମା ଗାନ୍ଧୀଙ୍କ ଦାୟାଦ । ତେଣୁ ଜନନାୟକମାନେ ମିଳିତ ହୋଇ ଦେଶରୁ ହିଂସାତ୍ମକ କାର୍ଯ୍ୟକଳାପକୁ ନିବର୍ତ୍ତାଇବା ପାଇଁ ନୂତନ ଦୃଷ୍ଟିଭଙ୍ଗୀରେ କାର୍ଯ୍ୟକ୍ରମ ଗ୍ରହଣ କଲେ ନକ୍‌ସଲବାଦୀମାନଙ୍କ ମନ ଏବଂ ହୃଦୟର ପରିବର୍ତ୍ତନ ଘଟିବ । ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତକୁ ଫେରାଇ ଆଣିବାକୁ ପଡିବ ।

ଆମକୁ ଇତିହାସ ପୃଷ୍ଠାରୁ ଅନେକ କଥା ଶିକ୍ଷା କରିବାକୁ ମିଳିଛି । ପାଶବିକ ବଳ ମନୁଷ୍ୟର ସମସ୍ୟାମାନ ସମାଧାନ କରିପାରି ନାହିଁ । ବାଦବିବାଦର ସମାଧାନ

Source: Author, Digitized by PPRACHIN, SOA

ପାଇଁ ବୁଦ୍ଧି ପ୍ରୟୋଗ କରି ହିଂସା ମାର୍ଗରେ ପରିଚାଳିତ ମଣିଷମାନଙ୍କୁ ଅହିଂସା ମାର୍ଗରେ ଆଣିବାକୁ ପଡିବ । ଏହା ଏତେ ସହଜ ନ ହେଲେ ମଧ୍ୟ ଅସମ୍ଭବ ନୁହେଁ । ଗାନ୍ଧିଜୀଙ୍କ ଅହିଂସାବାଣୀ ମାନବ ହୃଦୟର ବିବେକକୁ ସ୍ପର୍ଶ କରିଥାଏ । ତେଣୁ ଏହିଭଳି ଏକ ପରିସ୍ଥିତି ସୃଷ୍ଟି କରି ଏକ ମିଳନର ବାତାବରଣ ମାଧ୍ୟମରେ ଦେଶରେ ଘଟି ଚାଲିଥିବା ହିଂସାର ପରିସମାପ୍ତି କରାଯାଇ ପାରିବ । ସେଥିପାଇଁ ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ଆବଶ୍ୟକ ।

ରାଜନୈତିକ ଇଚ୍ଛାଶକ୍ତି ସହ ନିଷ୍ଠାପର ଉଦ୍ୟମରେ ଏହିଭଳି ଏକ ବାତାବରଣର ଆବଶ୍ୟକତା ଉପଲବ୍ଧ କରାଯାଇଛି । ତେଣୁ ଦଳମତ ନିର୍ବିଶେଷରେ ଏକ ଗଠନମୂଳକ କାର୍ଯ୍ୟକ୍ରମର ଆବଶ୍ୟକତା ଉପଲବ୍ଧ କରାଯାଉଛି । ସେଥିରେ ହିଁ ଦେଶର ମଙ୍ଗଳ ସାଧିତ ହୋଇପାରିବ ।

ଦୁର୍ନୀତି ବିରୋଧୀ ସଚେତନତା :

ଏ ସଂସାରରେ ସଦାବେଳେ ଭଲ ମଣିଷମାନେ ହିଁ ଦୁଃଖ ଭୋଗିଛନ୍ତି । ଭୁଲ୍ ନକରି ମଧ୍ୟ ଭଲ ମଣିଷମାନେ କଷ୍ଟ ଭୋଗିଥାନ୍ତି । ଦିନେ ଯୀଶୁ ମଧ୍ୟ ବିନା ଦୋଷରେ କ୍ରୁଶବିଦ୍ଧ ହୋଇଥିଲେ । ଯୀଶୁ ସର୍ବସାଧାରଣଙ୍କୁ ପ୍ରେମର ବାଣୀ ଶୁଣାଇଥିଲେ । ମାତ୍ର ତାଙ୍କୁ କ୍ରୁଶବିଦ୍ଧ କରାଯାଇଥିଲା ।

ମହାତ୍ମାଗାନ୍ଧୀ ମଧ୍ୟ ଗୁଳିବିଦ୍ଧ ହୋଇଥିଲେ । ଯେତେବେଳେ ସେ ଟଳି ପଡିଲେ, ସେତେବେଳେ ସେ ଅଣ୍ଟ ହାତ ଟେକି ଆତତାୟୀକୁ କ୍ଷମା ପ୍ରଦାନ କରିଥିଲେ । ସେ କଦାପି ସତ୍ୟ ପଥରୁ ଟଳି ଯାଇ ନାହାନ୍ତି । ସେ ଚିରକାଳ ସତ୍ୟର ସନ୍ଧାନରେ ରହିଥିଲେ । ଅଙ୍ଗୀକାର ବଦ୍ଧତା ହିଁ ତାଙ୍କ ମୂଳ କାର୍ଯ୍ୟକ୍ରମ ଥିଲା । ତେଣୁ ତାଙ୍କ ପଥ ସଦା କଣ୍ଟକିତ ଥିଲା । ତଥାପି ଦୃଢ ମନୋବଳ ନେଇ ସେ ସେଇ ପଥରେ ଗତି କରିଛନ୍ତି ।

ସେହିଭଳି ସକ୍ରେଟିସ୍ ମଧ୍ୟ ସତ୍ୟ ପାଇଁ ବିଷ ପାନ କରିବାକୁ ବାଧ୍ୟ ହୋଇଛନ୍ତି । ଭଲ ମଣିଷମାନେ ବେଶି ଦୁଃଖ ଭୋଗିଥାନ୍ତି ।

ସାଧନାରୁ ହିଁ ସିଦ୍ଧି ମିଳିଥାଏ । ସାଧନାଦ୍ୱାରା ଅସମ୍ଭବକୁ ସମ୍ଭବ କରାଯାଇଥାଏ । ସେ ପଥ ସଦାବେଳେ ଦୁର୍ଗମ । ତଥାପି ସେମାନେ ସେହି ପଥରେ ଗତିକରି ଆଗେଇ ଚାଲିଥାନ୍ତି । ଶେଷରେ ସତ୍ୟର ହିଁ ଜୟ ହୋଇଥାଏ ।

ଏ ପୃଥିବୀ ତାରି କକ୍ଷ ପଥରେ ଆଗେଇ ଚାଲିଛି । ଅନନ୍ତ କାଳରୁ ଆଗେଇ ଚାଲିଛି । ସତ୍ୟ ସଦାବେଳେ ଅବିଚଳିତ ହୋଇ ରହିବ । ତେଣୁ ସତ୍ୟ ପଥର

Source: Author, Digitized by PPRACHIN, SOA

ଅନୁଗାମୀମାନଙ୍କ ଯାତ୍ରା ଅନନ୍ତ । ଏମାନେ ସଭିଏଁ ମୃତ୍ୟୁଞ୍ଜୟୀ । ଘନଘୋର ଅନ୍ଧକାର ମଧ୍ୟରେ ଏମାନେ ଏବେ ମଧ୍ୟ ମାନବ ସମାଜକୁ ଆଲୋକ ପ୍ରଦାନକରି ଆମକୁ ବାଟ କଢାଇ ନେଉଛନ୍ତି ।

ଦୁର୍ନୀତିକ୍ କେବେ ଆନ୍ଦୋଳନ ମାଧ୍ୟମରେ ରୋକାଯାଇ ପାରିବ ନାହିଁ । ଦୁର୍ନୀତି ଉପରେ ଗଣଚେତନା ସୃଷ୍ଟି ହୋଇଛି, ଲୋକମତ ପ୍ରତିଫଳିତ ହୋଇଛି । ଆମର ବ୍ୟକ୍ତିଗତ ଚରିତ୍ରକୁ ନେଇ ଜାତୀୟ ଚରିତ୍ର ସୃଷ୍ଟି ହୋଇଥାଏ । ଚୋରିକୁ ରୋକିବା ପାଇଁ କଣ ଆମେ ଆନ୍ଦୋଳନ କରିବା ଆବଶ୍ୟକ? କେବଳ ନିଷ୍କ୍ରିୟ ସରକାରକୁ ଚେତାଇବା ପାଇଁ ଆନ୍ଦୋଳନ ଆବଶ୍ୟକ ।

ପ୍ରତ୍ୟେକ ବ୍ୟକ୍ତି ନିଜ ଘର ସମ୍ପତ୍ତିକୁ ରକ୍ଷା କରିବା ପାଇଁ ସଜାଗ ରହେ । ସେହିଭଳି ଜାତୀୟ ସମ୍ପତ୍ତି ମଧ୍ୟ ଆମ ନିଜ ସଂପତ୍ତି । ତେଣୁ ତାର ସୁରକ୍ଷା କରିବା ଆମ ସମସ୍ତଙ୍କର ଦାୟିତ୍ୱ ।

ମାତ୍ର ଆମ ଭିତରେ ଅନେକଙ୍କ ମନୋବୃତ୍ତି ହୋଇଯାଇଛି, "ସରକାର୍‌କା ମାଲ୍, ଦରିଆମେ ଡାଲ୍" ଏହି ଭାବନାରେ ଜାତୀୟ ସଂପତ୍ତିର ଅନିଷ୍ଟ କରି ଚାଲିଛୁ । କୌଣସି ଆନ୍ଦୋଳନ ବିକ୍ଷୋଭ ହେଲା ମାତ୍ରେ ଜାତୀୟ ସଂପତ୍ତିର ବହୁ କ୍ଷତି ଘଟାଯାଉଛି । ଗଣତାନ୍ତ୍ରିକ ଶାସନ ପ୍ରଣାଳୀରେ ଆନ୍ଦୋଳନ ବିକ୍ଷୋଭ ହେବାରେ କିଛି ଅସୁବିଧା ନାହିଁ, ମାତ୍ର, ଜାତୀୟ ସଂପତ୍ତିକୁ ସୁରକ୍ଷା ଦେଇ ବିକ୍ଷୋଭ କରାଯାଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବାର ଯଥାର୍ଥତା ରହିଛି । ଏ ଦିଗ ପ୍ରତି ରାଜନୈତିକ ଦଳମାନେ ସଚେତନ ହୋଇ କାର୍ଯ୍ୟପନ୍ଥା ଗ୍ରହଣ କରିବା ଆଜି ଅପରିହାର୍ଯ୍ୟ ହୋଇପଡିଛି ।

ଏବେ ମଧ୍ୟ ଆମ ସମାଜରେ ଅନେକ ଭଲଲୋକ ଅଛନ୍ତି । ଦୁର୍ନୀତି କରି ନାହାନ୍ତି । ଅବା ଦୁର୍ନୀତି କରିବାକୁ ପ୍ରଶୟ ଦେଇ ନାହାନ୍ତି । ପ୍ରତ୍ୟେକ ମଣିଷ ଯଦି ଦୁର୍ନୀତି ପ୍ରତି ସଚେତନ ହୋଇପାରିବେ ତାହା ହେଲେ ଦୁର୍ନୀତିର ବିଲୋପ ହେବ । ଦୁର୍ନୀତି ସମାଜ ପାଇଁ କଳଙ୍କ । ଆମ ଚରିତ୍ରରେ ମଧ୍ୟ ଏହି କଳଙ୍କର ପ୍ରଭାବ ପଡୁଛି, ଏହି ଭାବନା ମନରେ ରହିଲେ ହିଁ ଦୁର୍ନୀତିଠୁ ମଣିଷ ଦୂରେଇ ରହିପାରିବ ।

ଏଥିପାଇଁ ସଂସ୍କାର ଆବଶ୍ୟକ । ଆମେ ଯଦି ପିଲାଙ୍କୁ ବାଲ୍ୟକାଳରୁ ସେହିଭଳି ସଂସ୍କାର ମାଧ୍ୟମରେ ଶିକ୍ଷା ଦେଇ ପାରିବା, ତାହା ହେଲେ ସେମାନଙ୍କର ମାନସିକ ପରିବର୍ତ୍ତନ ଘଟି ବଡ ହେଲେ, ଦୁର୍ନୀତି ମୁକ୍ତ ହୋଇପାରିବେ । ସଭିଏଁ ସଚେତନ ହୋଇ କାର୍ଯ୍ୟକଲେ ଦୁର୍ନୀତି ଆଉ କରିବ କିଏ?

ସାମାଜିକ ସଚେତନତାର ସହ, ସଂସ୍କାର ମୂଳକ ଶିକ୍ଷା ଉପରେ ସବୁକିଛି

Source: Author, Digitized by PPRACHIN, SOA

ନିର୍ଭର କରୁଛି ।

ସାମୟିକ ଭାବରେ ଏହା କଷ୍ଟସାଧ ହୋଇପାରେ, ମାତ୍ର ଅସମ୍ଭବ ନୁହେଁ । ଏ ଦିଗରେ ପ୍ରାଥମିକ ଶିକ୍ଷାରୁ କାର୍ଯ୍ୟକ୍ରମ ଆରମ୍ଭ ହେବା ଉଚିତ୍ । ଦେଶର ଚିନ୍ତାଶୀଳ ବ୍ୟକ୍ତିମାନେ ଏ ଦିଗରେ ଗଭୀର ଚିନ୍ତା କରି ଏକ ଗଠନମୂଳକ କାର୍ଯ୍ୟକ୍ରମ ଗ୍ରହଣ କରିବା ଆବଶ୍ୟକ । ଆଗାମୀ ଯୁବ ପିଢି ହିଁ ଏ ଦେଶର ଭବିଷ୍ୟତ । ତେଣୁ ସେମାନଙ୍କ ମନରେ ସଂସ୍କାରମୂଳକ ଭାବନା ସହ ନିଷ୍ଠାପର କର୍ତ୍ତବ୍ୟ, ଅଙ୍ଗୀକାରବଦ୍ଧତା ରହିଲେ ସମାଜ ସୁଦୃଢ ହୋଇ ଦେଶ ଶକ୍ତିଶାଳୀ ହେବ-ଏଥିରେ ସନ୍ଦେହ ନାହିଁ । ବାପ ମା'ମାନଙ୍କୁ ମଧ ନିଜ ପରିବାରର କୋମଳମତି ପୁଅ ଝିଅଙ୍କୁ ସେହିଭଳି ସଂସ୍କାର-ମୂଳକ ଭାବନାରେ ଗଢିବା ପାଇଁ ସେମାନଙ୍କର ଗୁରୁଦାୟିତ୍ୱ ନିର୍ବାହ କରିବାକୁ ପଡିବ ।

ଦେଶକୁ ନେତୃତ୍ୱ ଦେଉଥିବା ସରକାର ତଥା ଅନ୍ୟ ରାଜନୈତିକ ଦଳମାନଙ୍କ ଇଚ୍ଛା ଶକ୍ତି ଉପରେ ଆମ ଭବିଷ୍ୟତ ନିର୍ଭର କରୁଛି । ସମୟର ଆବଶ୍ୟକତା ଦୃଷ୍ଟିରୁ ଆମ ଶିକ୍ଷା ପ୍ରଣାଳୀର ପରିବର୍ତ୍ତନର ଆବଶ୍ୟକତା ରହିଛି ।

ସବୁ ରାଜନୈତିକ ଦଳର ଲକ୍ଷ୍ୟ ହେଲା, କେବଳ ନିର୍ବାଚନରେ ଜୟଯୁକ୍ତ ହେବା । ସାମାଜିକ ସଂସ୍କାର ପାଇଁ ସେମାନଙ୍କ କାର୍ଯ୍ୟ ପ୍ରଣାଳୀର ଛାପ ସମାଜରେ ପ୍ରତିଫଳିତ ହେବା ଆବଶ୍ୟକ ।

ମୁଁ ଏଠି ଗୋଟିଏ ଛୋଟ ଉଦାହରଣ ଦେବାକୁ ଚାହୁଁଛି । କଳାହାଣ୍ଡି ଜିଲ୍ଲା କେସିଙ୍ଗା ଏନ୍.ଏ.ସି.ର ଏକ ୱାର୍ଡର ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ ହେଉଥାଏ । ସେହି ୱାର୍ଡରେ କଂଗ୍ରେସ ଦଳ କେବେ ମଧ ଜୟଯୁକ୍ତ ହୋଇ ନାହିଁ । ତେଣୁ ସ୍ଥାନୀୟ ନେତାମାନେ ଫଳାଫଳ ତାଙ୍କ ସପକ୍ଷରେ ଯିବ ଏକଥା ଆଶା କରି ନଥାନ୍ତି । ସେହି ଅଞ୍ଚଳର ଜଣେ ପ୍ରଭାବଶାଳୀ ବ୍ୟକ୍ତିଙ୍କ ଅକାଳ ବିୟୋଗ ଫଳରେ ମଧ୍ୟବର୍ତ୍ତୀ ନିର୍ବାଚନ ହେଉଛି । ମୁଁ କଂଗ୍ରେସ ଦଳର ସଭାପତି ଦାୟିତ୍ୱରେ ଥାଏ । ତେଣୁ ମୋ' ପାଇଁ ଏହା ଏକ ଚ୍ୟାଲେଞ୍ଜ ବୋଲି ଗ୍ରହଣ କରିଥାଏ । ସ୍ଥାନୀୟ ନେତୃମଣ୍ଡଳୀଙ୍କ ଉପରେ ସମସ୍ତ ଦାୟିତ୍ୱ ଦେଇ ଜିଲ୍ଲାସ୍ତରୀୟ ନେତାମାନଙ୍କୁ ନିର୍ବାଚନ ପ୍ରଚାର ପାଇଁ ବାରଣ କରିଥାଏ । ଆଜିକାଲି ନେତାମାନେ ଗୋଷ୍ଠୀରେ ବିଭକ୍ତ ହୋଇ ଯାଇଛନ୍ତି । ତେଣୁ ସେମାନେ ସେଠିକି ଗଲେ, ତାର ପ୍ରତିଫଳନ ଘଟିବ । ତେଣୁ ସଭାପତିଙ୍କ ନିର୍ଦ୍ଦେଶ ମାନି କୌଣସି ନେତା ନିର୍ବାଚନ ପ୍ରଚାରକୁ ଯାଇ ନ ଥିଲେ ।

ନିର୍ବାଚନର ଦିନକ ଆଗରୁ ୱାର୍ଡରେ ମଦ ଦେଇ ଭୋଟରଙ୍କ ମନକୁ କିଣିବା ପାଇଁ ସ୍ଥାନୀୟ ନେତାମାନେ ମୋ' ଉପରେ ପ୍ରଭାବ ପକାଇଲେ । ସେମାନଙ୍କ ପ୍ରଭାବ ମୋ' ଉପରେ ନ ପଡିବା ଦେଖି ଜିଲ୍ଲାସ୍ତରର ନେତାମାନଙ୍କ ମାଧ୍ୟମରେ ମୋ'

Source: Author, Digitized by PPRACHIN, SOA

ଉପରେ ପ୍ରଭାବ ପକାଇବା ପାଇଁ ଚେଷ୍ଟା କଲେ । ଭୋଟରଙ୍କୁ ମଦ ଦେବାକୁ ପଡିବ । ଜିଲ୍ଲାସ୍ତରୀୟ ନେତାମାନେ ମୋ' ଉପରେ ଅସନ୍ତୁଷ୍ଟ ହୋଇ କହିଲେ ଭୋଟରଙ୍କ ମନ ଜିଣି ନ ପାରିଲେ ହାରିବା ସୁନିଶ୍ଚିତ ।

ମୁଁ ତାର ଉତ୍ତରରେ କହିଲି, "ଅତୀତରେ କୌଣସି ନିର୍ବାଚନରେ କଂଗ୍ରେସ ଦଳ ସେହି ୱାର୍ଡରେ ଜୟ ଯୁକ୍ତ ହୋଇ ନାହିଁ । ଏଥର ମଧ୍ୟ ସେହିଭଳି ଫଳାଫଳ ହେଲେ ଏଥିରେ ଦୁଃଖ କରିବାର କିଛି ନାହିଁ । ମାତ୍ର, ମୁଁ କୌଣସି ମତେ ଭୋଟରଙ୍କୁ ମଦ ଦେଇ ପ୍ରାର୍ଥୀ ଜୟଯୁକ୍ତ ହେବା ଚାହେଁ ନାହିଁ । ବରଂ, ମୁଁ ପରାଜୟକୁ ଶ୍ରେୟ ମନେ କରିବି'' ।

ମୋ'ଠୁ ଏହିଭଳି ରୋକ୍‌ଠୋକ୍ ଉତ୍ତର ଶୁଣି ସ୍ଥାନୀୟ ନେତାମାନେ ମଧ୍ୟ ପ୍ରମାଦ ଗଣିଲେ । ମାତ୍ର, ମୁଁ ନିର୍ବାଚନ ସମୟରେ ଭୋଟରଙ୍କୁ ମଦ ଦେବାକୁ ମନା କରିବା କଥା ୱାର୍ଡରେ ଚର୍ଚ୍ଚାର ବିଷୟ ହୋଇ ଯାଇଥାଏ ।

ନିର୍ବାଚନ ଦିନ ମୁଁ ବ୍ରହ୍ମପୁର ଯିବାପାଇଁ ଆଗରୁ ଟିକଟ୍‌କରି କେସିଙ୍ଗା ଯାଇଥାଏ । ବ୍ଲକ ସଭାପତି ପର୍ଶୁ ପାଢ଼ୀ ଷ୍ଟେସନରେ ମୋତେ ଦେଖି ଟ୍ରେନ ଆସିବା ବିଳମ୍ବ ଥିବା ଜାଣି ଦଳୀୟନେତାମାନଙ୍କ ପାଖକୁ ତାଙ୍କ ମୋଟର ସାଇକେଲରେ ମୋତେ ନେଇଯାଉଥିଲେ । ଏହି ସମୟରେ ବାଟରେ ଜଣେ ଶିକ୍ଷକ ମୋତେ ଦେଖି ଗାଡି ରଖିବା ପାଇଁ ଅନୁରୋଧ କରି କହିଲେ, "ଆଜ୍ଞା ! ଆପଣ ଭୋଟରଙ୍କୁ ମଦ ନ ଦେବା ପାଇଁ ସ୍ଥିର କରି ନେଇଥିବା ଜାଣି ଆମେ ବହୁତ ଖୁସି । ଆମ ପରିବାରର ସମସ୍ତେ ଯାଇ ଭୋଟ ଦେଇ ଆସିଲୁ''। ଠିକ୍ ସେହିଭଳି ଜଣେ ଡାକ୍ତର ମଧ୍ୟ କହିଲେ, "କଂଗ୍ରେସ ଦଳର ସଭାପତି, ଭୋଟରଙ୍କୁ ମଦ ନଦେବା ପାଇଁ ଦୃଢ଼ ରହିବା, ଆମକୁ ବହୁତ ଖୁସି ଲାଗିଲା । ତେଣୁ ମୁଁ ଏବଂ ମୋର ସ୍ତ୍ରୀ ଯାଇ ଭୋଟ ଦେଇ ଆସିଲୁ" । ଫଳାଫଳ ଶେଷକୁ ଆମ ସପକ୍ଷରେ ଯାଇ କଂଗ୍ରେସ ପ୍ରାର୍ଥୀ ଜୟଯୁକ୍ତ ହୋଇଥିଲେ ।

ଭୋଟରଙ୍କୁ ମଦ ନଦେବା ନିଷ୍ପତ୍ତି ଫଳରେ ବହୁ ଶିକ୍ଷିତ, ସଚେତନ ଭୋଟର ଆମକୁ ଭୋଟ ଦେଲେ । ତେଣୁ ପ୍ରଥମ ଥର ପାଇଁ କଂଗ୍ରେସ ଦଳ ସେହି ୱାର୍ଡରେ ଜୟଯୁକ୍ତ ହୋଇଥିଲା ।

ତେଣୁ ରାଜନୈତିକ ଦଳମାନେ ନୀତି ନିୟମକୁ କଥାରେ ନୁହେଁ କାର୍ଯ୍ୟରେ ପରିଣତ କରି ପାରିଲେ ସମାଜରେ ତାର ସୁଫଳ ନିଶ୍ଚେ ପଡିବ ।

ସମାଜରେ ଦୁର୍ନୀତି ଆଜି ମହାମାରୀ ପରି ବ୍ୟାପି ଯାଇଛି । ଉପରୁ ତଳସ୍ତର ପର୍ଯ୍ୟନ୍ତ ଦୁର୍ନୀତି ଭରି ଯାଇଛି । ପ୍ରତିଦିନ ଅନେକ ଲୋକ ଭିଜିଲାନ୍ସ ଜାଲରେ

Source: Author, Digitized by PPRACHIN, SOA

ଛନ୍ଦି ହୋଇ ପଡୁଛନ୍ତି । ଅନେକ ରାଜନେତା ଜେଲରେ ସଡୁଛନ୍ତି । ତଥାପି ମଣିଷର ଚେତା ପଶୁ ନାହିଁ ।

ଉପଯୁକ୍ତ ସଂସ୍କାରମୂଳକ ଚିନ୍ତାଧାରା ମାଧ୍ୟମରେ ଆମେ ଯଦି ସଚେତନ ହେବା ନିଜକୁ ଶୃଙ୍ଖଳିତ କରି ପାରିବା, ନିଜ କର୍ତ୍ତବ୍ୟ ପ୍ରତି ସଚେତନ ହେବା, ତାହାହେଲେ ଦୁର୍ନୀତି ଆମକୁ ସ୍ପର୍ଶ କରି ପାରିବ ନାହିଁ । ଆତ୍ମସମ୍ମାନର ସହ ବଞ୍ଚି ରହିବାର ଇଚ୍ଛା ପୋଷଣ କରିବା ପ୍ରତ୍ୟେକ ବ୍ୟକ୍ତିର ମୌଳିକ କର୍ତ୍ତବ୍ୟ । ନିଜର ସାମାଜିକ ପରିବେଶ ପ୍ରତି ଆମର ଦାୟିତ୍ୱ ରହିଛି । ମା' ମାଟି ପାଇଁ ଆମକୁ କର୍ତ୍ତବ୍ୟ କରିବାକୁ ପଡିବ । ଜନ୍ମମାଟିର ମଙ୍ଗଳ ଆମର କାମ୍ୟ ହେବା ଆବଶ୍ୟକ । ଥରେ ଆମେ ଆମ ଦାୟିତ୍ୱ ପ୍ରତି ସଚେତନ ହୋଇଗଲେ ଆମେ ହିଁ ଏହି ସମାଜକୁ ବଦଳାଇ ଦେଇ ପାରିବା । ସେହି ଆତ୍ମବିଶ୍ୱାସର ସହ ଆମକୁ ଆମ କର୍ତ୍ତବ୍ୟ ପଥରେ ଆଗେଇବାକୁ ପଡିବ ।

ଆମ ଜୀବନ ଯାପନ ପ୍ରଣାଳୀ ଅତି ସରଳ । ମାତ୍ର, ଆମେ ହିଁ ତାକୁ ଜଟିଳ କରି ପକାଉଛୁ । ଜନନେତାମାନେ ଗଠନମୂଳକ ମନୋଭାବ ନେଇ ଦେଶର ଭବିଷ୍ୟତ ପାଇଁ ଚିନ୍ତା କଲେ, ସେହିମାନେ ହିଁ ମାର୍ଗଦର୍ଶନ ଦେଇ ପାରିବେ । ଦେଶର ଦୁର୍ନୀତି ରାକ୍ଷସକୁ ମୂଳୋତ୍ପାଟନ କରି ପାରିବେ ।

ଏତକ କରି ପାରିଲେ ଦେଶରୁ ଦାରିଦ୍ର୍ୟ ଲୋପ ପାଇବ । ଆମର ଅର୍ଥନୀତି ବହୁଗୁଣରେ ବିକଶିତ ହେବ ।

ଭାରତୀୟ ଗଣତନ୍ତ୍ରର ବିକାଶ :

ଆମ ଗଣତାନ୍ତ୍ରିକ କାର୍ଯ୍ୟ ପ୍ରଣାଳୀରେ ବହୁ ପ୍ରତିବନ୍ଧକ ଥିବା ସତ୍ତ୍ୱେ ଆମ ଗଣତନ୍ତ୍ର ଆଗେଇଛି । ଏହାରି ମୂଳରେ ଅଛି ଆମ ସଂସ୍କୃତି ଓ ଆମର ଅଭିଜ୍ଞତା ।

ଆମେରିକାର ଜଣେ ବିଶିଷ୍ଟ ଲେଖକ ଫାଉଜ ଆଦାସିଙ୍କ ମତରେ "ଭାରତୀୟ ଗଣତନ୍ତ୍ରରେ ରହିଛି ଅନନ୍ୟ ଶକ୍ତି", ଯାହା ବହୁ ବିଭାଜିତ ରେଖା ସତ୍ତ୍ୱେ ଦେଶକୁ ଅସ୍ଥିର କରିପାରେ ନାହିଁ ।

ବର୍ତ୍ତମାନ ଆମ ଗଣତନ୍ତ୍ର ପାଇଁ ଏକ ନୂଆ ବିପଦ ଦେଖା ଦେଇଛି । ତାହା ହେଉଛି, 'ଆନ୍ତର୍ଜାତିକ ଆତଙ୍କବାଦ' । ଏହା କୌଣସି ଗୋଟିଏ ଅଞ୍ଚଳରେ ସୀମିତ ନରହି ଚତୁର୍ଦ୍ଦିଗରେ ବ୍ୟାପିବାରେ ଲାଗିଛି ।

ମୁମ୍ବାଇରେ ଘଟି ଯାଇଥିବା ଆତଙ୍କବାଦ ସମଗ୍ର ବିଶ୍ୱର ଦୃଷ୍ଟି ଆକର୍ଷଣ କରିଥିଲା । ଭାରତ ବହୁବାର ଆନ୍ତର୍ଜାତିକ ଆତଙ୍କବାଦର ଶିକାର ହୋଇଛି ।

Source: Author, Digitized by PPRACHIN, SOA

ବିଂଶ ପରିଚ୍ଛେଦ

୨୦୦୮ ମୁମ୍ବାଇ ଆକ୍ରମଣ ସହ, ଆମ ଧର୍ମପୀଠ, ମେଟ୍ରୋ ସିଟି, ଜନଗହଳିପୂର୍ଣ୍ଣ ଅଞ୍ଚଳରେ ଆତଙ୍କବାଦୀଙ୍କ ଆକ୍ରମଣରେ ବହୁ ଧନଜୀବନ ନଷ୍ଟ ହୋଇଛି ।

୨୦୦୧ ମସିହାରେ ମଧ୍ୟ ଆମେରିକା ଏହାର ସମ୍ମୁଖୀନ ହୋଇଥିଲା । ୯/୧୧ରେ ଉଡାଜାହାଜ ମାଧ୍ୟମରେ ଏଠାକାର ବହୁ ପ୍ରାସାଦ ବିଶିଷ୍ଟ ବିଶ୍ୱ ବାଣିଜ୍ୟ-କେନ୍ଦ୍ରକୁ' ଧ୍ୱଂସ ସ୍ତୁପରେ ପରିଣତ କରି ଦିଆ ଯାଇଥିଲା । ଏତଦ୍‌ଜନିତ ହଜାର ହଜାର ଲୋକଙ୍କ ମୃତ୍ୟୁ ଘଟଣା ସମଗ୍ର ବିଶ୍ୱକୁ ଚକିତ ଏବଂ କିଛି ମୁହୂର୍ତ୍ତ ପାଇଁ ସ୍ତମ୍ଭୀଭୂତ କରି ଦେଇଥିଲା ।

ମାତ୍ର, ଆଜି ସେମାନଙ୍କ ସତର୍କତା ଯୋଗୁଁ ସେମାନେ ଆଗଭଳି ଆତଙ୍କବାଦୀଙ୍କର ଶିକାର ହେଉ ନାହାନ୍ତି ।

ଭାରତକୁ ମଧ୍ୟ ନୂତନ ଜ୍ଞାନକୌଶଳ ଅବଲମ୍ବନ କରି ଆତଙ୍କବାଦକୁ ପରାହତ କରିବାକୁ ପଡିବ । ଭାରତକୁ ବର୍ତ୍ତମାନ ଦୁର୍ନୀତି, ଦାରିଦ୍ର୍ୟ ଓ ଆତଙ୍କବାଦର ଘେର ଭିତରୁ ମୁକ୍ତ କରିବାକୁ ପଡିବ ।

ସଂପ୍ରତି ଭାରତର ନ୍ୟାୟପାଳିକା ସତର୍କ ପ୍ରହରୀ ସଦୃଶ ବହୁ କାର୍ଯ୍ୟପନ୍ଥା ଗ୍ରହଣ କରିଥିବା ଯୋଗୁଁ ସଭିଙ୍କ ବିଶ୍ୱାସ ଭାଜନ ହୋଇ ପାରିଛନ୍ତି । ତେଣୁ ଆମ ଗଣତନ୍ତ୍ର ପଥହରା ହେବା ପ୍ରଶ୍ନ ଉଠୁ ନାହିଁ ।

ଭାରତର ନାଗରିକ ସମାଜ (ସିଭିଲ ସୋସାଇଟି) ସମଗ୍ର ଦେଶରେ ସଚେତନଭାବ ସୃଷ୍ଟି କରିବାରେ ସଫଳ ହୋଇଛନ୍ତି । ଫଳରେ ଭାରତୀୟ ଗଣତନ୍ତ୍ର ଆହୁରି ସୁଦୃଢ ହେବାରେ ଲାଗିଛି ।

ବିଶ୍ୱର ଅନ୍ୟତମ ମହାମାନବ ଦଲାଇଲାମା ଓଡିଶା ଆଗମନ ସମୟରେ ମତ ପୋଷଣ କରିଥିଲେ, "ଭାରତର ଗଣତନ୍ତ୍ର ଚୀନର ଅର୍ଥନୀତିଠାରୁ ମଧ୍ୟ ଅଧିକ ଶକ୍ତିଶାଳୀ" ।

ସମୟର ପରିବର୍ତ୍ତନ ସହ ଗଣତାନ୍ତ୍ରିକ ଚିନ୍ତାଧାରାରେ ମଧ୍ୟ ପରିବର୍ତ୍ତନର ଆବଶ୍ୟକତା ରହିଛି । ଲୋକେ ଆଜି ଶିକ୍ଷିତ ଏବଂ ସଚେତନ ହେଲେଣି । ତେଣୁ ପ୍ରଶାସନ ମଧ୍ୟ ସକ୍ରିୟ ହୋଇ ଲୋକଙ୍କ ସମସ୍ୟାର ନ୍ୟାୟପୂର୍ଣ୍ଣ ସମାଧାନ ପାଇଁ ତତ୍ପର ହେବା ଉଚିତ୍ ।

ଭାରତୀୟ ସଂସଦୀୟ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ତିନି ପ୍ରମୁଖ ଅଙ୍ଗ ହେଲେ ବ୍ୟବସ୍ଥାପକସଭା, କାର୍ଯ୍ୟନିର୍ବାହୀ ଏବଂ ନ୍ୟାୟପାଳିକା । ତିନି ପ୍ରମୁଖ ଅଙ୍ଗ ମଧ୍ୟରେ କ୍ଷମତାର ବିଭାଜନ ସମ୍ବିଧାନରେ ଲିପିବଦ୍ଧ ହୋଇ ରହିଛି । ପ୍ରତ୍ୟେକ ଅଙ୍ଗର କ୍ଷମତାର ପରିସର ଏବଂ ସୀମା ନିର୍ଦ୍ଧାରିତ ।

Source: Author, Digitized by PPRACHIN, SOA

ଯେତେବେଳେ ଶାସନର ଗୋଟିଏ ଅଙ୍ଗ ନିଜର ମୌଳିକ ଦାୟିତ୍ୱ ତୁଲାଇବାରେ ବିଫଳ ହୋଇଛି ସେତେବେଳେ ଆଉ ଏକ ଅଙ୍ଗ କ୍ଷମତାଶାଳୀ ହୋଇଉଠିଛି ।

କଳାଧନ ପ୍ରସଙ୍ଗରେ ଏକ ସ୍ୱତନ୍ତ୍ର ଅନୁସନ୍ଧାନକାରୀ ଦଳକୁ ସର୍ବୋଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଛନ୍ତି । କାର୍ଯ୍ୟନିର୍ବାହୀ ସରକାର ନିଜ କାର୍ଯ୍ୟ ସଂପାଦନରେ ବିଫଳ ହୋଇଛନ୍ତି । ଫଳରେ ନ୍ୟାୟପାଳିକା ହସ୍ତକ୍ଷେପ କରିଛନ୍ତି ।

ଏପରିକି ନାଳ, ନର୍ଦ୍ଦମା, ଟାଉନ ବସ୍ ଚଳାଚଳ ବିଷୟରେ ମଧ୍ୟ କୋର୍ଟଙ୍କୁ ନିର୍ଦ୍ଦେଶ ଦେବାକୁ ପଡୁଛି । ଏହା କିନ୍ତୁ ଗଣତାନ୍ତ୍ରିକ କାର୍ଯ୍ୟଧାରାରେ ଏକ ସୁସ୍ଥ ପରମ୍ପରା ନୁହେଁ । ଗୋଟିଏ ଅଙ୍ଗର ନିଷ୍କ୍ରିୟତା ଫଳରେ ଆଉ ଏକ ଅଙ୍ଗ ତାକୁ ପୂରଣ କରିବା ଗଣତାନ୍ତ୍ରିକ ପରମ୍ପରା ପାଇଁ ଶୁଭଙ୍କର ନୁହେଁ ।

ଶାସନର ତିନି ସ୍ତମ୍ଭ ନିଜ ନିଜର ଦାୟିତ୍ୱବୋଧ ପ୍ରତି ସଚେତନ ରହିବା, ସମୟର ଆବଶ୍ୟକତା ଦୃଷ୍ଟିରୁ ଅତି ଜରୁରି । ଆମ ପ୍ରଶାସନ ଏ ପର୍ଯ୍ୟନ୍ତ ଏକବିଂଶ ଶତାବ୍ଦୀର ପ୍ରଗତିଶୀଳ ଚିନ୍ତାଧାରା, କାର୍ଯ୍ୟପ୍ରଣାଳୀ ସହ ସମତାଳରେ ଗତି କରିବା ସମ୍ଭବ ହୋଇ ପାରି ନାହିଁ । ପ୍ରଗତିଶୀଳ ମନୋଭାବର କାର୍ଯ୍ୟ ପ୍ରଣାଳୀ ସହିତ ତାଳ ଦେଇ ପ୍ରଶାସନ ଜନହିତକର କାର୍ଯ୍ୟରେ ଅଗ୍ରସର ହେବା ଅନିବାର୍ଯ୍ୟ ହୋଇ ପଡିଲାଣି ।

ରାଜନୈତିକ ଇଚ୍ଛାଶକ୍ତି ବଳରେ ଏହିଭଳି ସ୍ଥାଣୁତାକୁ ଦୂର କରିବା ସମ୍ଭବ ହୋଇଥାଏ । ବେଗହିଁ ଉନ୍ନତିର ଲକ୍ଷଣ । ସ୍ଥାଣୁତା ମନୁଷ୍ୟକୁ ନିଷ୍କ୍ରିୟ କରି ଦେଇଥାଏ ।

ତେଣୁ ଦେଶର ପ୍ରଗତି ଯେଉଁ ଭାବରେ ହେବା କଥା, ସାଧାରଣ ଜନତା, ଯେଉଁ ଭାବରେ ଉପକୃତ ହେବା କଥା, ତାହା ଆଜି ସମ୍ଭବ ହୋଇପାରିନାହିଁ । ତେଣୁ ଆମର ଅର୍ଥନୈତିକ ବିକାଶ, ଆଶାଜନକ ଅଭିବୃଦ୍ଧି ଘଟାଇବାରେ ସମ୍ଭବ ହୋଇପାରୁ ନାହିଁ ।

ଜଗତଗୁରୁ ଶଙ୍କରାଚାର୍ଯ୍ୟ ସଦାସର୍ବଦା ଲୋକଙ୍କୁ ପରାମର୍ଶ ଦେଇଛନ୍ତି, "ଯେତେ ସମୟ ପାଇଛ, ତାହା ସତ୍ କାର୍ଯ୍ୟରେ ବିନିଯୋଗ କର ।"

ମାତ୍ର, ଆମେ ସଦାବେଳେ ଅନ୍ୟକୁ କହିଥାଉ ସମୟ ଅଭାବରୁ ସେ ଦୈନନ୍ଦିନ ପ୍ରାର୍ଥନା ଅବା ପ୍ରାଣାୟମ ମଧ୍ୟ କରିପାରୁ ନାହିଁ ।

ଅନ୍ୟ ଜଣେ କହନ୍ତି, ଖବର କାଗଜଟିଏ ମଧ୍ୟ ପଢିବା ପାଇଁ ସମୟ ପାଉ ନାହିଁ । ଏହା କ'ଣ ସତରେ ସମୟର ଅଭାବ, ନା ନିଜ ଦୈନନ୍ଦିନ ଜୀବନରେ ସମୟର ସଦ୍‌ବିନିଯୋଗ କରୁନଥିବା ମନୋଭାବର ପରିପ୍ରକାଶ ।

ଯାହା ଫଳରେ, ସେମାନେ ନିଜ କର୍ତ୍ତବ୍ୟ ମଧ୍ୟ ଠିକ୍ ଭାବରେ କରିପାରୁ ନାହାନ୍ତି । ଯାହାକୁ ମଣିଷ ସମୟର ଅଭାବ କହୁଛି, ବାସ୍ତବରେ ତାହା ମଣିଷ

Source: Author, Digitized by PPRACHIN, SOA

ଜୀବନର ଅବ୍ୟବସ୍ଥିତ ଜୀବନଶୈଳୀର ପରିପ୍ରକାଶ ମାତ୍ର ।

ଯିଏ ପିଲାଟି ଦିନରୁ ଶୃଙ୍ଖଳିତ ତା' ପାଖରେ ଜୀବନଶୈଳୀ ଶୃଙ୍ଖଳିତ ହୋଇଥାଏ। ଏହି ସଂସାରରେ ମଣିଷ ଯେତେ ସମୟ ରହିବେ ସେହି ସମୟର ସଦ୍‌ବିନିଯୋଗ କରିବା ହିଁ ମଣିଷର ମୂଳକାର୍ଯ୍ୟ । ଈଶ୍ୱରଙ୍କ ନିର୍ଦ୍ଦେଶରେ ଏ ସଂସାର ପରିଚାଳିତ ହେଉଛି । ମନକୁ ଦୃଢ କରିନେଲେ ଅନିଶ୍ଚିତ ଭବିଷ୍ୟତକୁ ନେଇ ଆଶଙ୍କା କରୁଥିବା ମଣିଷ ନିଶ୍ଚିତ ଭାବରେ ଲକ୍ଷ୍ୟ ସ୍ଥଳରେ ପହଞ୍ଚି ପାରିବ ।

ଅସମାହିତ ସମସ୍ୟାଗୁଡ଼ିକୁ ନୂତନ ଦୃଷ୍ଟିକୋଣରୁ ପରଖି ନୂତନ ସମ୍ଭାବନା ସୃଷ୍ଟି କରିବାକୁ ହେଲେ, ଏକ ସୃଜନଶୀଳ ଉଦ୍‌ଯୋଗ ଆବଶ୍ୟକ । ନିଜର ଜୀବନକାଳ ମଧ୍ୟରେ ଆମେ ସମୟର କେତେ ସଦ୍‌ବିନିଯୋଗ କରି ପାରିଛୁ ତା' ଉପରେ ଆମର ଭବିଷ୍ୟତ ନିର୍ଭର କରୁଛି ।

ପ୍ରତିଦିନ ସମୟର ସଦ୍ ବ୍ୟବହାର ହିଁ ମଣିଷକୁ ଠିକ୍ ମାର୍ଗରେ ନେଇ ଯାଇଥାଏ। ନିଷ୍ଠାପର ଭାବରେ ନିଜ କର୍ତ୍ତବ୍ୟ ପ୍ରତି ସଚେତନ ହୋଇ କାର୍ଯ୍ୟ କରିବା ହିଁ ମଣିଷର ଶ୍ରେଷ୍ଠ ଗୁଣ ।

କର୍ମ ହିଁ ଧର୍ମ ! ନିଜ କର୍ତ୍ତବ୍ୟରେ ନିଷ୍ଠା, ଆନ୍ତରିକତା ଥିଲେ କାର୍ଯ୍ୟ ସଂପାଦନ କରିବାରେ ସୁଫଳ ମିଳିଥାଏ। ବିଶୃଙ୍ଖଳିତ ଜୀବନ ମଣିଷର ଅନେକ କ୍ଷତି ଘଟାଇ ଥାଏ। ଶୃଙ୍ଖଳା ପ୍ରତି ସଚେତନ ରହି କାର୍ଯ୍ୟ କଲେ ସବୁ କ୍ଷେତ୍ରରେ ସଫଳତା ମିଳିଥାଏ। ତେଣୁ ବିଜ୍ଞ ବ୍ୟକ୍ତିଗଣ ଆମକୁ ପରାମର୍ଶ ଦେଇଛନ୍ତି, 'ସଦା ସତ୍ୟଂବ୍ରୁୟାତ୍' । ସତ୍ୟପ୍ରତି ଅନୁରକ୍ତି ରହି ଆଗେଇ ଚାଲିଲେ ସଫଳତା ମିଳିବା ସୁନିଶ୍ଚିତ।

ଏ ବିଶାଳ ସଂସାରରେ ଈଶ୍ୱର ଅନନ୍ତ ଅସୀମ । ଈଶ୍ୱରଙ୍କ ଅନ୍ତ ନାହିଁ କି ଶେଷ ନାହିଁ। କୌଣସି ବିଷୟରେ ତାଙ୍କର ସୀମା ନାହିଁ। ଈଶ୍ୱର ଆମକୁ ଜ୍ଞାନ ପ୍ରଦାନ କରିଛନ୍ତି। ଜ୍ଞାନ କାହାକୁ ପ୍ରଦାନ କଲେ ତାହା କମିଯାଏ ନାହିଁ। ପଶୁ ପକ୍ଷୀକୁ ମଣିଷ ଦୟା ଦେଖାଏ। ସେହି ଦୟାଭାବ ପ୍ରଦର୍ଶନ କଲେ ତାର ହୃଦୟରୁ ତାହା କମି ଯାଇନଥାଏ। ତାର ହୃଦୟ ପ୍ରସାରିତ ହୋଇଥାଏ।

ପରମେଶ୍ୱର ହେଉଛନ୍ତି ଜ୍ଞାନର ଭଣ୍ଡାର, ଭାବର ଭଣ୍ଡାର। ସେ ସଭିଙ୍କି ତାହା ଅର୍ପଣ କରି ଚାଲିଛନ୍ତି। ତେଣୁ ତାଙ୍କର କ୍ଷୟ ନାହିଁ। ଯେଉଁ ଈଶ୍ୱର ବିଦ୍ୟମାନ ତାଙ୍କୁ ହୃଦୟରେ ଅନୁଭବ କରିବାକୁ ପଡିବ। ଈଶ୍ୱର ଅନନ୍ତ ଆକାଶରେ ବିଦ୍ୟମାନ, ଈଶ୍ୱର ଗ୍ରହ ନକ୍ଷତ୍ରରେ ବିଦ୍ୟମାନ। ସେହି ଈଶ୍ୱର ମନୁଷର ହୃଦୟରେ ବିଦ୍ୟମାନ, ପ୍ରତ୍ୟେକ ଅଣୁରେ ବିଦ୍ୟମାନ, ପ୍ରତି ଜିନିଷରେ ବିଦ୍ୟମାନ। ତାଙ୍କୁ ଆମେ ଯତ୍ନର ସହ ଆମ ହୃଦୟ କନ୍ଦରରେ ଅନୁଭବ କରିବାକୁ ହେବ। ଗୀତାରେ ମଧ୍ୟ ଏକଥା ଉକ୍ତ ହୋଇଛି

Source: Author, Digitized by PPRACHIN, SOA

ଯେ, 'ଅହମାତ୍ମା ଗୁଡାକେଶଃ ସର୍ବଭୂତାଶ୍ରୟ ସ୍ଥିତଃ' (୧୦ମ ଅଧ୍ୟାୟ) ଏବଂ 'ଈଶ୍ୱରଃ ସର୍ବ ଭୂତାନାଂ ହୃଦ୍ଦେଶେଽର୍ଜୁନ ତିଷ୍ଠତି' (୧୮ମ ଅଧ୍ୟାୟ)। ମନୋନିବେଶ କରି ଦେଖିବାକୁ ହେଲେ ଅଧିକ ଦେଖିବାକୁ ମନ ବଳିବ। ତଥାପି ତାଙ୍କ ଆଦି ବା ଅନ୍ତ ମିଳିବ ନାହିଁ। ମନରେ ପ୍ରଶ୍ନ ଉଠିବ, ଅନ୍ତ କେଉଁଠି ?

ମହାଭାରତ ଯୁଦ୍ଧ ସମୟରେ ଅର୍ଜୁନ ମଧ୍ୟ ଭ୍ରମରେ ପଡି ଭଗବାନଙ୍କ ଅନ୍ତ ଖୋଜି ପାଇ ନ ଥିଲେ। ଋଷିମାନେ ତେଣୁ ସେହି ଭଗବାନଙ୍କୁ ବର୍ଷବର୍ଷ ତପସ୍ୟା, ଆରାଧନା କରି ଯେଉଁ ଜ୍ଞାନ ପାଇ ପାରିଛନ୍ତି, ସେହିଜ୍ଞାନ ହେଉଛି 'ଓଁ ସତ୍ୟଂ ଜ୍ଞାନ ମନନ୍ତଂ ବ୍ରହ୍ମ'। ତେଣୁ ସେ ସତ୍ୟସ୍ୱରୂପ, ଜ୍ଞାନସ୍ୱରୂପ, ଅନନ୍ତ ସ୍ୱରୂପ ପରମ ବ୍ରହ୍ମ। ତେଣୁ ମୁନି ଋଷିମାନେ ଏହି ମନ୍ତ୍ରକୁ ହୃଦୟରେ ସଦାସର୍ବଦା ଧାରଣ କରି ଅପାର ଶାନ୍ତି ପାଇପାରିଛନ୍ତି, ଏବଂ ମାନବ ସମାଜକୁ ଦିଗ୍ ଦର୍ଶନ ଦେଇଯାଇଛନ୍ତି।

ମୁଁ ମୋ'ର ମନର ଭାବନାକୁ ହିଁ ପରିପ୍ରକାଶ କରୁଛି। ଯାହା ଅଙ୍ଗେ ନିଭାଇଛି ତାହାକୁ ହିଁ ଉଲ୍ଲେଖ କରିଛି। ଯାହା ମୋତେ ପ୍ରଭାବିତ କରିଛି, ଯେଉଁ ଭାବନା ଉଦ୍ରେକ ହୋଇଛି ତାକୁ ହିଁ ଆପଣମାନଙ୍କ ପାଖରେ ଉପସ୍ଥାପନ କରୁଛି।

--

Source: Author, Digitized by PPRACHIN, SOA

ଏକବିଂଶ ପରିଚ୍ଛେଦ

ମାତୃସ୍ମୃତି

ମୁଁ ମୋ'ର ପଢା କୋଠରିରେ ବସି ଅନେକ କଥା ଭାବି ଚାଲିଥାଏ । ମୋ'ର ସ୍ମୃତିର ଦିଗନ୍ତରେ ମୋ'ର ମା'ର ମୁହଁ ଝଲସି ଉଠୁଥାଏ । ମୁଁ ଅତୀତ ଭିତରେ ମଜ୍ଜି-ଯାଇଥାଏ । ମା' ମୋ'ର ଅଚେତ ହୋଇ ଡାକ୍ତରଖାନାରେ ଶୋଇ ରହିଛନ୍ତି । ମା'ର ମୁହଁ ଦେଖି ଦୁଃଖରେ ମନ ମୋ'ର ଭରି ଗଲା । ବିଷାଦରେ ମୁହଁ ଶେତା ପଡିଗଲା । କିଛିକ୍ଷଣ ଏକ ଦୁଃଖ ସମୁଦ୍ର ଭିତରେ ବୁଡି ଯାଉଛି, ପୁଣି ମନେ ହେଲା, ଏକ ଢେଉ ଆସି ମୋତେ ଦୁଃଖ ସମୁଦ୍ରର ବେଳାଭୂମିରେ ଫିଙ୍ଗି ଦେଇ ଚାଲିଗଲା । ମନ ଭିତରେ ଖେଳି ଚାଲିଥିବା ଆଶା ଓ ଆଶଙ୍କା ଭିତରେ ମା'କୁ ଅନାଇ ରହିଥାଏ । ସବୁଦିନ ସେ କେବଳ ଆମକୁ ସ୍ନେହ ମମତା ଅଜାଡି ଦେଇ ଯାଇଛନ୍ତି । ମା'ର ସେହି ମାତୃତ୍ୱର ସ୍ନେହ ମମତା ଆଜି ମୋ' ହୃଦୟରେ ଉଦ୍‌ବେଳିତ ହୋଇ ଉଠୁଛି । ଆମେ ସମସ୍ତେ ନିଜନିଜ ସଂସାର ନେଇ ବ୍ୟସ୍ତ । ମିଛ ମାୟାରେ ସଭିଏଁ ଘୂରି ବୁଲୁଛୁ । ପୁଣି ଦେଖିଲି ଅଜାଙ୍କ ମୁଖମଣ୍ଡଳରେ ଏକ ତୃପ୍ତିର ଭାବ ଖେଳି ଯାଇଥାଏ । ସେହି ଭାବନା ମଧ୍ୟରେ ସମୟେ ସମୟେ ଆତ୍ମବିଭୋର ହୋଇ ଯାଉଥାଏ ।

ସୂର୍ଯ୍ୟ ପଶ୍ଚିମଦିଗରେ ଅସ୍ତ ହୋଇଗଲେଣି । ଆକାଶ ଲାଲ୍‌ରଙ୍ଗରେ ରଞ୍ଜିତ ହୋଇ ଯାଇଛି । ସେହି ସୁନ୍ଦର ଆକର୍ଷଣୀୟ ଲୋହିତ ରଙ୍ଗରେ ମୋ'ର ଆଖି ଲାଖି ରହିଥାଏ ।

ବିହଙ୍ଗମାନେ ଦଳ ଦଳ ହୋଇ ନିଜ ନିଜ ନୀଡକୁ ଫେରି ଆସୁଥାନ୍ତି । ଧଳା ବଗ ଦଳ ଆକାଶରେ ଡେଣା ମେଲାଇ ଚାରି ଆଡକୁ ଆଖି ପକାଇ ଉଡି ଆସୁଥାନ୍ତି ।

ସୂର୍ଯ୍ୟଦେବ ଦୂର ଦିଗବଳୟର ପାହାଡ କୋଳରେ ଲୁଚି ଗଲେଣି । ଅନ୍ଧାର ମାଡି ଆସିଲାଣି । ରାତ୍ରର ଛାୟା ଘନିଭୂତ ହୋଇ ଆସୁଥାଏ ।

ଅନ୍ଧାରରେ ବସି ରହି ମୁଁ ମୋ'ର କଳ୍ପନା ଭିତରେ ବୁଡି ରହିଥାଏ । ଏମିତି କେତେ ସମୟ ବସି ରହିଲି ମୁଁ ଜାଣି ପାରିଲି ନାହିଁ । ହଠାତ୍ ବିଜୁଳି ଆଲୁଅରେ କୋଠରି ଝଲସି ଉଠିଲା ।

ଚମକି ପଡି ଦେଖିଲି ପାଖରେ ଶ୍ରୀମତୀ ଛିଡା ହୋଇ ମୋତେ ଆଶ୍ଚର୍ଯ୍ୟ ନୟନରେ ଚାହିଁ କହିଲେ, ଅନ୍ଧାରରେ ବସିଛ... ବିଜୁଳି ଲଗାଇ ଦେଲି... ।

ମୁଁ ଜାଗ୍ରତ ସ୍ୱପ୍ନର ଇନ୍ଦ୍ରଜାଲରୁ ନିଜକୁ ମୁକ୍ତ କରି ଶ୍ରୀମତୀଙ୍କୁ ଅନାଇ ରହିଲି...

——

Source: Author, Digitized by PPRACHIN, SOA

ପରିଶିଷ୍ଟାବଳୀ –

ବିଭିନ୍ନ ସମୟରେ ପ୍ରଦତ୍ତ ପତ୍ରାବଳୀ –

(୧)

D.O.No.26/1613/73-EF EZ IT

HOME MINISTER
INDIA

New Delhi,
2nd May , 1980

Dear Shri Behera,

Please refer to your letter dated **25th march**, 1980 regarding transfer of freedom fighter **pension** to Smt. Hemalata Mohapatra W/o Late Gangadhar Mohapatra of District Balasore.

You will be glad to know that a famiily pension of Rs.200/- p.m (Rupes 100/- for widow and Rs.50/- each to her unmarried two daughters) has since been sanctioned in favour of Smt. Hemalata Mohapatra. and all concerned have been informed accordingly.

With kind regards,

yours sincerely,

(ZAIL SINGH)

Shri Rasa behari Behera
Member of Parliament,
224 V.P. House, Rafi Marg,
New Delhi

Source: Author, Digitized by PPRACHIN, SOA

(୨)

No.A-2-1/10/Sept.1/83-TC&T.

MINISTER OF STATE
FOR COMMUNICATIONS
INDIA

New Delhi-110 001,
November, 14. 1983

Dear Shri Behera,

Kindly refer to Your letter dated 29th August, 1983 regarding mismanagement of telecommunication system in your constituency Bhawanipatna, Orissa.

Investigations made in the matter reveal that trunk circuits between Bhubaneswar and Bhawanipatna are built up on multi-link basis involving coaxial, micro-wave and over-head carrier systems. It has been reported that incessant rains in August 1983 frequently affected over-head alignment, affecting communication to Bhawanipatna. Lines are being upgraded in that region which will improve circuit efficiency. However, suitable instructions have been issued to concerned officers to keep a special watch on the circuits to Bhawanipatna. As regards indifferent attitude of Mr.Aggarwal, Director Telecom, Sambalpur, he has been transferred from Sambalpur.

With regards,

Your's sincerely
(V. N. Gadgil)

Shri Rasa behari Behera
Member of Parliament,
206, North Avenue,
New Delhi.

Source: Author, Digitized by PPRACHIN, SOA

(୩)

PRIME MINISTER

No.649-PMO/80

New Delhi,
April 20,1980

Dear Shri Behera,

I have received your letter of March 10.

I am asking the authorities concerned to look into the transport, communications and other problems of Kalahandi constituency to which you have drawn attention.

Yours sincerely,

(Indira Gandhi)

Shri Rasbehari Behera, MP
224 V.P.House,
New Delhi.

Source: Author, Digitized by PPRACHIN, SOA

(୪)

No. 272-PMO/84

PRIME MINISTER
INDIA

New Delhi
March 13, 1984

Dear Shri Behera,

I have received your letter of February 28.

The Ministry of Communications is being asked to look into your request regarding a postal division in Kalahandi.

Yours sincerely,

(Indira Gandhi)

Shri R.B. Behera, MP
206, North Avenue,
New Delhi-110 001

Source: Author, Digitized by PPRACHIN, SOA

(୪)

No.82/Chg.I/18/SE/4/7

MINISTER FOR RAILWAYS
INDIA, NEW DELHI-110001

Date 26.3.1983

Dear Shri Behera,

Please refer to your letter dated 4.10.82 regarding attaching of bogies for western Orissa people at Tatanagar by Steel Express etc.

I have had the matter examined. The 89/90 Bokaro-Tatanagar-Madras-Express trains provide convenient connection in both directions with 13up/14Dn Howrah-Tata-nagar Steel Express at Tatanagar. This service is available for all important stations on Jharsuguda-Titlagarh-Vizianagaram route serving the districts mentioned in your letter. Besides, Bolangir and Sambalpur area is also directly served by way of a slip coach betwen Titlagarh and Hawrah worked by 5up/6Dn Hawrah Rourkela Express and 331Up/332Dn Rourkela- Titlagarh Passengers. The occupation of the coach is not sufficient to Justify any additional accommo-dation. The suggestion for transfer of the Tatanagar-Madras compostition on to 13Up/14Dn is not operationally feasible as 13Up/14Dn is not operationually feasible as 13up/14Dn runs with vestibuled coaches.

I hope You will appreciate the position.

With regards,
yours sincerely

(A.B.A. Ghani Khan Choudhury)

Shri Rasa behari Behera
Member of Parliament,
206, North Avenue,
New Delhi-110 001

Source: Author, Digitized by PPRACHIN, SOA

(୨)

D.O.No.17011/6/82-TD(N)

गृह मंत्री, भारत
HOME MINISTER
INDIA

New Delhi-110001
March ,1982.

Dear Shri Behera,

Kindly refer to your letter dated 25th January, 1982 addressed to the Prime Minister, regarding provision of special facilities for higher education in the tribal dominated areas of Kalahandi district. We are having the matter examined in consultation with the State Government.

With kind regards,

Yours sincerely,

Zail Singh

(Zail Singh)

Shri Rasabehari Behera,
Member of Parliament,
206, North Avenue,
New Delhi-110001.

Source: Author, Digitized by PPRACHIN, SOA

(୭)

D.O.No.17011/6/82-TDN

HOME MINISTER
INDIA

New Delhi-110 001,
August 27, 1982

Dear Shri Behera,

Kindly refer to your letter dated 25th January, 1982 addressed to the Prime Minsister, regarding the Government High School set up in Thuamul Rampur in Kalahandi District in Orissa. We had taken up the matter with the Goverment of Orissa who have intimated that proposal is under consideration in the Education & Youth Services Department of the state Government. In this matter, action is primarily to be taken by the Government of Orissa. They have been asked to keep you apprised of the developments.

With kind regards,

yours sincerely,

(R.VENKATARAMAN)

Shri Rasa behari Behera,
Member of Parliament,
206, North Avenue,
New Delhi-110 001,

Source: Author, Digitized by PPRACHIN, SOA

(୮)

No.MR-264-A-80

MINISTER FOR RAILWAYS
INDIA

New Delhi,
November 29, 1980

My Dear Behera,

I am in receipt of your letter dated 21st November, 1980 regarding provision of reservation quota at Kesinga Railway station.

I am having the matter looked in to and shall write to you again.

With kind regards,

yours sincerely,

(Kedar Panday)

Shri Rasa behari Behera
Member of Parliament,
206 North Avenue,
New Delhi

Source: Author, Digitized by PPRACHIN, SOA

(୯)

D.O.No.1(11)/83-Met.I-58

MINISTER OF STEEL AND MINES
INDIA

New Delhi,
March 31,1983

My dear Shri Behera,

Subject : Matter under Rule 377-Raised in Lok Sabha on 2.3. 1983 and 22.3.83-Need to open the headquarters of Gandhamardan Bauxite Project in Harishankar or Paikmal in Orissa, further to my D.O letter of even number dated 21st March, 1983, I Would like to inform you that recruitment to posts required for the Gandhamardan Project, carrying pay scales with maximum exceeding Rs.800/-, will be made by BALCO from amongst the candidates sponsored by the local employment exchange. This is the standard procedure laid down by Goverment.

With kind regards,

yours sincerely,

(N. K. P Salve)

Shri Rasa behari Behera
Member of Parliament,
206, North Avenue,
New Delhi-110 001,

Source: Author, Digitized by PPRACHIN, SOA

(୧୦)

RAS BEHARI BEHERA
[illegible]
[illegible]
Kalahandi (Orissa)

206, North Avenue,
New Delhi-110001.

24.7.1981

Respected Madam,

With due regards and humble submission, I have been privileged to put forth before you the following grievances of my Constituency Kalahandi (Orissa) for your kind ~~confirmation~~ consideration and sympathetic action.

That Kalahandi District in Orissa is one of the most backward, unprivileged in all respect, most neglected area in India. It has been century long supressed, economically crippled and socially handicapped.

In Kalahandi District, eighty percent of the people are dependent upon agriculture. Most of them are of labourer class who have not a roof over their head and they don't even get a square meal per day. Somehow rather, they manage to live from agriculture. Natural rainfall is the only source for yielding crops. There is no irrigation facility at all. Farmers solely depend upon natural rainfall for procurement. This year when the rainy season is more than half way through, there is no rainfall in this area. As a result of which drought is assumed alarmingly. There is no further hope of yield. Most part of these area is badly affected by drought. Most of the year, natural calamities is prevailing in this area either by flood or by drought. As there is no facilities of irrigation and necessary projects, in this context, I may draw your attention to the year 1966, when it was severely affected by drought. At that time, your visit to this drought-prone area had created a confidence on people for their existence.

I request ~~you~~, you may kindly look into this matter for necessary arrangements. Apart from this, I may present from other difficulties for your information. The district is industrially most backward in Orissa. There is no other means of livelihood except agriculture. The labour class people remain idle throughout the year except four months of agricultural working season. Though vast natural resources are present here and seventy percent of the forest products i.e. Bamboo, Timber, Sal seeds are coming out from this place. In this context, may I request you to set up atleast one Paper Mill, one Plywood Factory in this District for the proper utilisation of the natural resources. The Centre's initiation in projecting some industries in this

Source: Author, Digitized by PPRACHIN, SOA

RAS BEHARI BEHERA
MEMBER PARLIAMENT
LOK SABHA
Kalahandi (Orissa)

206, North Avenue,
New Delhi-110001.

-2-

24.7.1981

area may help those poor people in getting their bread. Further, I am privileged to say that, though these people are down trodden poor, they are politically concious and has confidence on your leadership. It is well proved beyond doubt that in 1977 when the whole of the country was under the sway of Janata rule's victim in the election, my district represented Congress in five out of eight Constituencies in State Assembly. Again, after the split in the Congress, I was the first person in the Orissa Assembly who was flying the banner of Congress (I).

Further, the District was suppressed continuously by the feudal Lords from independence till today. For the first time, in the history of Kalahandi, people have given their verdict conciously and freely and voted myself to the Parliament having much faith and confidence on Congress (I) and your Leadership. They are looking for a despair and despondency to the rising sun for their betterment after the prolonged darkness of thirty years.

Therefore, I appeal on behalf of 12 lakhs poor people to have a glance for the upliftment of these masses in every field.

I remain with great hope and your blessing to this backward area and obliged.

Yours sincerely,

24.7.81

(R.B. BEHERA)

Mrs. Indira Gandhi,
Hon'ble Prime Minister of India
New Delhi.

Source: Author, Digitized by PPRACHIN, SOA

(୧୧)

UNDER RULE 377

The emotional integration of Orissa and economic development of the State suffered mostly due to lack of direct communication between district headquarters and nearby states. It is an undisputed fact that road communication is an important need for socio economic development of a State.

Against an all India average of 16K.Ms. surface road per hundred square K.M of area, Orissa has only 8.60K.Ms. roads and also only 61 K.M of surface road against an all India average of 90 K.M per lakh of population. Certain part of the state mainly KALAHANDI District. Phulbani District suffer from isolation from the main stream due to lack of communication and geogrphical remoteness.

Due to inadequate plan allocation it was not possible to complete even the on going works of the 4th plan. Unless adequate funds are allocated during the remaining period of the 6th plan, it would not be possible on the part of the State to achive all India average of road communication.

According to the Present Policy of Government all the villages having population of 1500 and above and half of the villages within the population range of 1000 to 1500 are to be connected with all weather roads.

Considering all aspects and the need for rapid development of a backward state mostly predominantly tribal and backward region, I urge upon the Govt. of India to allocate more funds for road Communication of Orissa.

Rasabehari Behera, M.P

D.N.145

25.11.1981

Source: Author, Digitized by PPRACHIN, SOA

ଧାରା ୩୭୭ ନିୟମରେ ଲୋକସଭାରେ ପ୍ରଦତ୍ତ (ଲୋକସଭା ସଦସ୍ୟ)ର ନକଲ

U/Rule 377

The entire country is very proud of the world famous Sri Jagannath temple of Puri which symbolises our great Indian culture. During car festival lakhs of people from different parts of the country avail of the opportunity and feel proud to have a glimpse of the ~~Goddess~~ Lord Jagannath and take part in the world-famous festival. The sun temple of Konark, situated a few miles away from Puri near the sea shore, is also famous for its fine arts depicted on the walls of the temple by the Oriya artists in the ancient days.

The tourists from abroad call this temple Black Pagoda and thousands of them visit this temple every day. Both the Government of Orissa and India earn foreign exchange worth lakhs of rupees every year from the tourists who visit Konark and Sri Jagannath temple of Puri. But it is a matter of great concern that both these temples are on the verge of extinction due to lack of proper maintenance by the Archaeological Department. The more shocking is this that the stone slabs have been falling down from the domes of these temples. Efforts are made by the archaeologists three times to plaster the temples with a specially designed ~~lime~~ cement paster. The idea of removing the old-lime plaster from the temples of olden days and providing a new chemically treated lime plaster was opposed by the local people. But providing a chemically treated lime plaster is the only way to preserve these two temples. Steps should also be taken for clearing the water from the inner circle of these temples which accumulates in huge quantity during rainy season inside the temples.

I, therefore, want to invite the attention of the Government of India towards the urgent need of preserving these two ancient temples as they are of national and historic importance. I urge upon the Government to take immediate steps to preserve these two temples lest they should get destroyed through the vagaries of nature.

Sd/- RASABEHARI BEHRA, M.P.

Source: Author, Digitized by PRACHIN, SOA

Matter Under Rule 377

The stocks of about 1,50,000 tonnes of saleable steel, pig iron and calcium ammonia nitrate are lying accumulated in Rourkela steel plant and have not been transported so far due to shortage of rail wagons. Many of the wagons supplied are sick ones and are unfit for moving on rails. Thus, the transport facility available at present is quite inadequate. Therefore, the plant is incurring heavy loss.

There is not enough space available at present at the plant site for storing day to day production as much of the available space has been occupied by the accumulated stock. Due to this the production of the saleable steel has come down in the plant.

I am afraid the situation may further worsen if more wagons are not supplied immediately to lift the accumulated stocks from this plant. Therefore, I urge upon the Minister of Steel and Mines to get in touch with Railway Ministry immediately for augmenting the supply of railway wagons to Rourkela Steel Plant before clearing the accumulation.

Shri Rasa Behari Behera, M.P.

D.N. 145

Source: Author, Digitized by PPRACHIN, SOA

(୧୪)

D.O.No.28-30/78-PE.I.

MINISTER OF STATE FOR COMMUNICATIONS
INDIA

New Delhi-110 001
May 5 1983

Dear Shri Behera,

Kindly refer to the matter raised by you under rule 377 in Lok Sabha on 15.4.1983 regarding creation of a new Postal Division for Kalahandi District in Orissa.

I have had the matter looked into. I find that new Postal Divisions are sanctioned by bifurcation of the Jurisdiction of existing Postal Divisions on the basis of approved norms prescribed for the purpose. According to these norms, bifurcation of Bolangir Postal Division and consequent creation of the Kalahandi Postal Division is not Justified at present. The proposal will, however, be considered at the appropriate time. This also disposes off your D.O letter number nil dated 25th march, 1983 on the same subject.

With regards,

yours sincerely,

(V.N.GADGIL)

Shri Rasa behari Behera
Member of Parliament,
206, North Avenue,
New Delhi

Source: Author, Digitized by PPRACHIN, SOA

(୧୪)

Ref-No.-7-TPL/78

GOVERNMENT OF INDIA
DEPARTMENT OF TOURISM

New Delhi,
9.4.1980.

The Director of Tourism
Government of Orissa,
BHUBANESWAR

Sir,

I am to forward herewith a copy of letter dated the 10th March, 1980 addressed to the Minister of Tourism and Civil Aviation by Shri Rasabehari Behera, M.P regarding development of certain places around Bhawanipatna in Orissa.

As the places are of local importance, the matter may kindly be examined at your end under intimation to the Department. Shri Rasabehari Behera may also be informed accordingly.

yours faithfully,
sd/-
(Miss Kanta Thakur)
Dy. Director General(Planning)

EncL : 1
Copy to :- **Shri Rasabehari Behera**, M.P, V. & P.O Bhawanipatna, District Kalahandi (Orissa) for Information

(Miss Kanta Thakur)
Dy. Director General (Planning)

-୪୪୪-

Source: Author, Digitized by PPRACHIN, SOA

No.451-PMO/84

PRIME MINISTER
INDIA

New Delhi
April 30, 1984

Dear Shri Behera,

I have received your letter of April 25, regarding the waiver of ban on the creation of new posts to facilitate the establishment of a separate postal division in Kalahandi district.

The Communications and Finance Ministers are being asked to have the suggestion looked into.

Yours sincerely,

Indira Gandhi

(Indira Gandhi)

Shri Rasabehari Behera, MP
206 North Avenue,
New Delhi - 110 001

Source: Author, Digitized by PPRACHIN, SOA

କଳାହାଣ୍ଡି ଲୋକସଭା ସଦସ୍ୟ (ଲେଖକ)ପ୍ରଧାନମନ୍ତ୍ରୀଙ୍କୁ ପ୍ରଦତ୍ତ ପତ୍ର

RASA BEHARI BEHERA
[illegible]
[illegible]

206, North Avenue,
New Delhi

Respected Madam,

I put forward below some of the persistently strong felt economic grievances of the people of my constituency, the district of Kalahandi in Orissa.

Thirty six years ago at the time of independence my district with a large tribal belt was rated as one of the most backward districts of the country. Agriculture was poorly developed with very low productivity. There was a complete absence of any industrial establishment - small or big. Education and medical establishment were relatively negligible. There was practically no dependable transport network causing movement of men and material extremely difficult. Inter and intra-district links were few and far between and the district had remained isolated from the national mainstream.

Thirty-six years after independence the economic position of the district remains practically the same. Kalahandi continues to remain extremely backward both by certain absolute standards as well as in comparison with other districts of the State, which by themselves are not of high standard. The district does not account for even 005 per cent of industrial output of Orissa, though it accounts for five percent of the population. Industrial employment is practically non-existent in the district. To remove this sorry state of affairs, some small efforts were initiated after the last general election to establish a spinning mill, a paper mill and vaniyar wood factory. Foundation stones for them were ~~twoyearsback~~ laid by the Chief Minister about two years back. But ~~there hasbeen~~ absolutely no work has been started ~~them~~ on the ground of scarcity of fund. It is very much necessary to immediately start the setting up of these three medium scale industries to ~~paucity~~ pacify the growing dissatisfaction of the people of the district.

Source: Author, Digitized by PPRACHIN, SOA

RASA BEHARI BEHERA
MEMBER OF PARLIAMENT
(LOK SABHA)

206, North Avenue,
New Delhi

The transportation system continues to remain very poor. There is no thorough fare even now between one of the three sub-divisional headquarters (Nawapara) with the other two. A sizeable proportion of the population of the district is tribal who live in far off interior regions within the forests and it is necessary to expose them to forces of economic development. In the absence of an intra-district road network many areas have remained unopened for ages. In this connection may I draw your attention to another long standing demand of the district for a separate postal division, which all other districts of Orissa already have. This matter needs an urgent attention of the Post and Telegraph department.

Since opportunities for gainful work in non-agriculture are going to be extremely limited in near future, the economy of the district will continue to be heavily dependent on a agriculture and allied activities. Thus the primary means of improvement in per capita income of the district will be through a well developed agricultural system for which untapped resources exist in plenty. It is with this in mind that last year the Government of India under your guidance, Madam, finalised a deal with the World Bank for a loan of $220 million for construction of the Indravati multi-purpose river dam in the boarder of Kalahandi and Koraput. Even after this loan, however, efforts of the State Government to speed up the construction work of the dam and the irrigation system have been lukewarm and inadequate.

The standard of living in the district had long been bad even by the average standard of Orissa. Recently a strong feeling is growing among the people that the gap between the position of this District and that of others is growing still further year after year.

Cd 3

Source: Author, Digitized by PPRACHIN, SOA

RASA BEH..I BEHERA

206, North Avenue,
New Delhi

A large section of the people have started feeling deprived of their due share in the prosperity of the State. To arrest thistrend of growing isolation, it isurgently necesssry to immediately take the following few steps :-

(a) Work on the three medium scale industries for which the Chief Minister had laid the foundation stone should be immediately started.

(b) The State Government should speed up the construction of the Indravati river dam and the associated irrigation system wholeheartedly to complete it in time.

(c) The Central Government should set up a separate postal division for the district of Kalahandi.

The people of the district have overwhelmingly put their faith in you in the last general election ending their political isolation since independence. I hope, Madam, you would give proper attention to the above points to end their economic isolation and bring them to the national main stream.

With warm regards,

Yours Sincerely,

21.4.83

(RASA BEHARI BEHERA)

Hon'ble Smt. Indira Gandhi,
Prime Minister,
India,
New Delhi.

Source: Author, Digitized by PPRACHIN, SOA

କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ, ମହିଚଲା ଗ୍ରାମରେ ୧୯୩୮ ମସିହାରେ ରାସବିହାରୀ ବେହେରାଙ୍କ ଜନ୍ମ। ତାଙ୍କର ପ୍ରଥମ ପୁସ୍ତକ ପ୍ରବନ୍ଧ ମଞ୍ଜରୀ କଲେଜ ଛାତ୍ର ଥିବା ସମୟରେ ପ୍ରକାଶ ପାଇଥିଲା। 'ବିଜୟୀ' ଉପନ୍ୟାସ ପ୍ରକାଶ ପାଇ ପାଠକୀୟ ଆଦର ପାଇଥିଲା। ସାହିତ୍ୟ ବ୍ୟତୀତ, ସମାଜସେବା, ରାଜନିତୀ ତଥା କ୍ରୀଡ଼ା ପ୍ରତି ଆକୃଷ୍ଟ ହୋଇ ବିଭିନ୍ନ କ୍ରୀଡ଼ା ଓ ସାଂସ୍କୃତିକ ଅନୁଷ୍ଠାନ ଗଠନ କରିବାରେ ସକ୍ରିୟ ଭୂମିକା ଗ୍ରହଣ କରିଥିବା ସହ ଅନେକ ଅନୁଭୂତି ଅର୍ଜନ କରିଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ୨୦୧୦ ମସିହାରେ ତାଙ୍କ ସାହିତ୍ୟ କୃତୀପାଇଁ ସମ୍ବର୍ଦ୍ଧିତ ହୋଇଛନ୍ତି। ଅଙ୍ଗ ଲିଭା କଥାକୁ ସରଳ ଭାବ, ଭାଷାରେ ପ୍ରକାଶ କରି ପାଠକୀୟ ଆର୍ଦର ପାଇଛନ୍ତି। ଜଣେ ସଫଳ କଥାକାର, ଉପନ୍ୟାସକାର, ପ୍ରାବନ୍ଧିକ ତଥା ସାଧାରଣ ମଣିଷ ପ୍ରତି ମଣିଷ ଭାବେ କାଳକାଳକୁ ତାଙ୍କର ବ୍ୟକ୍ତିତ୍ୱ ଓ କୃତିତ୍ୱ ସ୍ମରଣୀୟ ହୋଇ ରହିଥିବ।

ଏକ ଗଭୀର ମାନବିକମୂଲ୍ୟବୋଧ ସହ ତାଙ୍କ ମନରେ ରହିଥିବା ସିଦ୍ଧାନ୍ତକୁ ଆଧାର କରି 'ମୂଲ୍ୟବୋଧର ସନ୍ଧାନ' ଆତ୍ମଜୀବନୀ ରଚିତ ହୋଇଛି। ଓଡ଼ିଆ ଗଦ୍ୟ ସାହିତ୍ୟରେ ରାସବିହାରୀ ବେହେରା ଏକ ପ୍ରତିଷ୍ଠିତ ଉଚ୍ଚାରଣ। ଶ୍ରୀ ବେହେରାଙ୍କ ପ୍ରକାଶିତ ରଚନା ମଧ୍ୟରେ, ପ୍ରବନ୍ଧ ମଞ୍ଜରୀ, ପ୍ରବନ୍ଧ ମଞ୍ଜୁଷା, ପ୍ରବନ୍ଧ ମଞ୍ଜୁଳା, ପ୍ରବନ୍ଧ ସମାରୋହ, ବିଜୟୀ (ଉପନ୍ୟାସ), ଅଧିକାର (ଉପନ୍ୟାସ), ସେଇ ପାହାଡ଼ ତଳ (ଉପନ୍ୟାସ), ରକ୍ତ ତୀର୍ଥ ଐତିହାସିକ ଉପନ୍ୟାସ ବହୁ ଚର୍ଚ୍ଚିତ। ଲେଖକଙ୍କ ସମ୍ପାଦନାରେ 'ସାଗର' ସାହିତ୍ୟ ପତ୍ରିକା ଦୀର୍ଘ ଦିନ ପ୍ରକାଶିତ ହୋଇ ପାଠକୀୟ ଶ୍ରଦ୍ଧା ଅର୍ଜନ କରି ପାରିଥିଲା। ତାଙ୍କ ସମ୍ପାଦନାରେ ଦୀର୍ଘ ୧୭ ବର୍ଷ ଧରି ସାପ୍ତାହିକ ସମ୍ବାଦ ପତ୍ରିକା 'ଅର୍ଚ୍ଚି' ନିୟମିତ ପ୍ରକାଶ ପାଉଛି। ସେ ବହୁଦେଶ ରଷିଆ, ବୁଲଗାରିଆ, ରୋମାନିଆ, ଆମେରିକା, ସିଙ୍ଗାପୁର, କାନାଡ଼ା ପ୍ରଭୃତି ଭ୍ରମଣ କରି ବିଦେଶର ବହୁ ଅନୁଭୂତି ଅର୍ଜନ କରିଛନ୍ତି। ଯାହା ତାଙ୍କ ରଚିତ ଭ୍ରମଣ କାହାଣୀ 'ଅନନ୍ୟ ସୃଷ୍ଟି କାନାଡ଼ା' ପୁସ୍ତକରେ ପ୍ରତିଫଳିତ ହୋଇଛି।

Source: Author, Digitized by PPRACHIN, SOA